'oaob.nitrkl.ac.in' images reprocessed

# ଶ୍ରୀମା

ଜନ୍ମଗ୍ରହଣ

ଫେବୃଆରୀ ୨୧, ୧୮୭୮

ଭାରତବର୍ଷରେ ପଦାର୍ପଣ

ମାର୍ଚ୍ଚ ୨୯, ୧୯୧୪

ମହାପ୍ରୟାଣ

ନଭେମ୍ବର ୧୭, ୧୯୭୩

ଜନ୍ମଶତବାର୍ଷିକୀ

ଫେବୃଆରୀ ୨୧, ୧୯୭୮

'oaob.nitrkl.ac.in' images reprocessed



ଶ୍ରୀମା'ଙ୍କ 'ବୁଧବାର କ୍ଲାସ'

'oaob.nitrkl.ac.in' images reprocessed



# ପ୍ରଶ୍ନ ଓ ଉତ୍ତର

୧୯୫୩

'oaob.nitrkl.ac.in' images reprocessed

# ମାତୃ ରଚନାବଳୀ : ୫ମ ଖଣ୍ଡ

ଶ୍ରୀମା'ଙ୍କର "Questions and Answers 1953" ଗ୍ରନ୍ଥର
ଓଡ଼ିଆ ଅନୁବାଦ ।

ଅନୁବାଦ :
ଶ୍ରୀ ଚିତ୍ତରଞ୍ଜନ ଦାସ

ପ୍ରଥମ ମୁଦ୍ରଣ : ଅଗଷ୍ଟ ୧୫, ୧୯୮୩

ସର୍ବସ୍ୱତ୍ୱ ସଂରକ୍ଷିତ
© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ପଣ୍ଡିଚେରୀ-୬୦୫୦୦୨

ପ୍ରକାଶକ :
ନବଜ୍ୟୋତି କାର୍ଯ୍ୟାଳୟ
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୬୦୫୦୦୨

Printed at Navajyoti Press,
Sri Aurobindo Ashram, Pondicherry-605002, India.

'oaob.nitrkl.ac.in' images reprocessed

# ପ୍ରକାଶକଙ୍କ ଟିପ୍‌ପଣୀ

ଜୁନ ୧୯୫୧ ଏବଂ ମାର୍ଚ୍ଚ ୧୯୫୩ ଭିତରେ କୌଣସି "ପ୍ରଶ୍ନ ଓ ଉତ୍ତର" ହୋଇ ନଥିଲା, ମାତ୍ର ଯାହାକୁ "ଅନୁବାଦ କ୍ଲାସ୍" ବୋଲି କୁହା ହୋଇ ଆସୁଛି, ସେତକ ହୋଇଥିଲା । ଏହିସବୁ କ୍ଲାସ୍‌ରେ ମା' ଶ୍ରୀଅରବିନ୍ଦଙ୍କର କେତୋଟି ଗ୍ରନ୍ଥର ଫରାସୀ ଅନୁବାଦ କରୁଥିଲେ । ଏଥିରେ ସେ 'ମାନବ-ଏକତାର ଆଦର୍ଶ', 'ମାନବ-ଯୁଗଚକ୍ର', 'ଦିବ୍ୟ ଜୀବନ'ର ଶେଷ ଛଅଟିଯାକ ଅଧ୍ୟାୟ ଓ 'ଯୋଗ-ସମନ୍ୱୟ'ର କେତେକ ଅଂଶର ଅନୁବାଦ କରିଥିଲେ । ଏହି ଅବଧିଟି ମଧ୍ୟରେ ମା' ଅବଶ୍ୟ ପିଲାମାନଙ୍କ ସହିତ କଥୋପକଥନ କରୁଥିଲେ ସତ, ମାତ୍ର ସେଗୁଡ଼ିକୁ ଧାରାବାହିକ ଭାବରେ ଲିପିବଦ୍ଧ କରାଯାଇ ନଥିଲା ।

ଶାରୀରିକ ଶିକ୍ଷା ବିଭାଗର କାପ୍‌ଟେନ୍‌ମାନଙ୍କୁ ତାଲିମ୍ ଦିଆ ଯାଉଥିବା ସମୟରେ ମା' ସନ୍ଧ୍ୟାବେଳେ ଆଶ୍ରମ ଖେଳ ପଡ଼ିଆରେ ଉପସ୍ଥିତ ରହୁଥିଲେ । ସିଏ କସରତ ଓ ପ୍ରଦର୍ଶନଗୁଡ଼ିକୁ ଦେଖୁଥିବା ସମୟରେ ତାଙ୍କ ପାଖରେ କେତେକ ପିଲା ବି ଆସି ବସୁଥିଲେ । ଏମାନେ ହେଉଛନ୍ତି ଏକ ନୂତନ ଯୁଗର ପିଲା, ପୂର୍ବରୁ ୧୯୫୦-୫୧ର କଥୋପକଥନ ବେଳେ ଉପସ୍ଥିତ ରହୁଥିବା ଗୋଷ୍ଠୀଟିଠାରୁ ବୟସରେ ଅନେକ ସାନ । ଏହି ପିଲାମାନେ ମା'ଙ୍କୁ ନାନା ପ୍ରଶ୍ନ ପଚାରୁଥିଲେ । ସେମାନଙ୍କର ସଂଖ୍ୟା କ୍ରମେ ବୃଦ୍ଧି ପାଇବାରୁ ମା' ସେମାନଙ୍କୁ ପ୍ରତ୍ୟେକ ବୁଧବାର ଦିନ ଗୋଟିଏ କ୍ଲାସ୍‌ରୂପେ ଏକତ୍ର କରାଇଲେ । ପରେ ଶିକ୍ଷକ ଓ ସାଧକମାନେ ମଧ୍ୟ ପିଲାମାନଙ୍କ ସହିତ ଆସି ଯୋଗ ଦେଲେ; ଏବଂ ଯେତେବେଳେ କ୍ଲାସ୍‌ଘରଟି ଭିତରେ ଆଉ ଜାଗା ଅଣ୍ଟିଲା ନାହିଁ, ଖୋଲା ଖେଳପଡ଼ିଆରେ ବୈଠକଗୁଡ଼ିକ ବସିଥିଲା । ଏହିପରି ଭାବରେ, "ବୁଧବାର କ୍ଲାସ୍"ଗୁଡ଼ିକ ମାର୍ଚ୍ଚ, ୧୯୫୩ରୁ ଆରମ୍ଭ ହେଲା ଓ ନଭେମ୍ବର, ୧୯୫୮ ପର୍ଯ୍ୟନ୍ତ ଚାଲିଥିଲା ।

୧୯୫୩ର ପ୍ରଥମ ଆଠୋଟି କଥୋପକଥନକୁ ସାଧକମାନେ ଟିପି ରଖିଥିଲେ; ଏବଂ ପରବର୍ତ୍ତୀ କଥୋପକଥନଗୁଡ଼ିକ ଟେପ୍ ଦ୍ୱାରା ଗୃହୀତ ହୋଇଥିଲା ।

୧୯୫୩ର କଥୋପକଥନ ସମୟରେ ମା' ସାଧାରଣତଃ ତାଙ୍କର କୌଣସି ରଚନାରୁ ଅଂଶଟିଏ ପାଠ କରୁଥିଲେ, ତା'ପରେ ସେଇଟି ବିଷୟରେ ମନ୍ତବ୍ୟମାନ

'oaob.nitrkl.ac.in' images reprocessed

ଦେଉଥିଲେ ବା ସେହି ସମ୍ପର୍କୀୟ ପ୍ରଶ୍ନଗୁଡ଼ିକର ଉତ୍ତର ଦେଉଥିଲେ । ଏହି ଖଣ୍ଡଟିର ଅନ୍ତର୍ଗତ ଅଧିକାଂଶ ଉଦ୍ଧୃତ ୧୯୨୯ ମସିହାରେ ତାଙ୍କର ପ୍ରବଚନରୁ ନିଆଯାଇଛି; ଆଗରୁ ସେଗୁଡ଼ିକ "ମା'ଙ୍କ ସହିତ କଥୋପକଥନ", "ମା'ଙ୍କ ବାଣୀ" ଓ ଶେଷରେ "କଥୋପକଥନ"ର ଶୀର୍ଷକରେ ପ୍ରକାଶ ପାଇଥିଲା; ମାତ୍ର ଏଠାରେ ସେଗୁଡ଼ିକୁ 'ପ୍ରଶ୍ନ ଓ ଉତ୍ତର ୧୯୨୯' ବୋଲି କୁହାଯାଇଛି ଏବଂ ମା'ଙ୍କ ରଚନାବଳୀରେ ସେଗୁଡ଼ିକୁ ସେହିପରି ଭାବରେହିଁ ନାମିତ କରାଯାଇଛି ।

ଏହି ଗ୍ରନ୍ଥରେ ସନ୍ନିବେଶିତ ଉଦ୍ଧରଣଗୁଡ଼ିକର ନିମ୍ନରେ ମୂଳ ଇଂରାଜୀ ଗ୍ରନ୍ଥର ପୃଷ୍ଠସଂଖ୍ୟା ଦିଆଯାଇଛି ।

'oaob.nitrkl.ac.in' images reprocessed

# ବିଷୟସୂଚୀ


## ୧୮ ମାର୍ଚ୍ଚ

ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ମୁହୂର୍ତ୍ତ, ଯେଉଁଗୁଡ଼ିକ ଖୁବ୍ କ୍ୱଚିତ୍ ଆସେ :
ଚୈତ୍ୟ ସହିତ ସଂଯୋଗ ସ୍ଥାପନ ... ୧

"ଅନେକ ବ୍ୟକ୍ତିସତ୍ତାଙ୍କର ପରିବାର" : ପରସ୍ପର ସହଯୋଗ
କରିବା ଲାଗି ଲୋକେ କାହିଁକି ପରସ୍ପରକୁ ଭେଟନ୍ତି ... ୨

ଯେଉଁ ଭଦ୍ରମହିଳା ଆଶ୍ରମ ଦେଖି ଆସିଥିଲେ : ବାହାରର
ଅଭିପ୍ରାୟଗୁଡ଼ିକ ହେଉଛି ଚୈତ୍ୟ ଲାଗି ଗୋଟିଏ ଗୋଟିଏ ଛଳନା... ୪

## ୨୫ ମାର୍ଚ୍ଚ

ବାସନାଗୁଡ଼ିକୁ ଲୁଚାଇ ରଖିବାର ଏକ ଆବରଣରୂପେ
ଭଗବାନଙ୍କୁ ବ୍ୟବହାର କରିବା ୭

ନିଷ୍ଠା : କଷ୍ଟକର ମାତ୍ର ଫଳଦାୟକ ୭

ଅସଲ ଶିକ୍ଷା ୧୦

## ୧ ଏପ୍ରିଲ

ମହତ୍ୱାକାଙ୍କ୍ଷା : ଏକ ବିନାଶକାରୀ ରୋଗ ୧୦

"ଆମ ସତ୍ତାରେ ସମଶୀଳତା" ଏବଂ ବିଭିନ୍ନ ବ୍ୟକ୍ତିତ୍ୱ ୧୧

ସଙ୍କେତକ ବା ଚୈତ୍ୟ ଦର୍ପଣ ୧୩

## ୮ ଏପ୍ରିଲ

ମନୁଷ୍ୟଜାତିର ସେବା କରିବା ଓ ଭଗବାନଙ୍କ ପାଖରେ
ଆପଣାକୁ ଦେଇଦେବା ୧୫

"ମୁଁ ନିଜେ" ବୋଲି ମୁଁ କାହାକୁ କହେ ? ୨୩

ବାସନା ଓ ସେଗୁଡ଼ିକର ଗଠନ ୨୭


'oaob.nitrkl.ac.in' images reprocessed

ଭାବନାର ଶକ୍ତି, ପ୍ରାର୍ଥନାର ଶକ୍ତି — ୨୮

"ତୁମେ ହାସଲ କରୁଥିବା ବିଜୟ" ସମଗ୍ର ପୃଥିବୀର ଲାଭ — ୨୯

**୧୫ ଏପ୍ରିଲ**

ଭଗବାନ୍‌ଙ୍କ ଶକ୍ତିଗୁଡ଼ିକୁ ଟାଣିକରି ନିଜ ଆଡ଼କୁ ଆଣିବା — ୩୦

ନିଷ୍କାମତା,—ସିଏ ନିଜେ ନିଜର ଶାନ୍ତି — ୩୧

"ସମତାର ଭିତ୍ତି" — ୩୨

**୨୨ ଏପ୍ରିଲ**

ନିଦ୍ରା ଓ ସ୍ୱପ୍ନ : ମନକୁ ସ୍ଥିର କରି ଆଣିବା — ୩୪

**୨୯ ଏପ୍ରିଲ**

ନିଜର ସ୍ୱପ୍ନଟିକୁ ସଗଠିତ କରିବା — ୩୬

ପ୍ରାଣିକ ସତ୍ତ୍ୱର ଝଡ ଏବଂ ଶାରୀରିକ ଅସୁସ୍ଥତା — ୩୭

ସ୍ୱପ୍ନଗୁଡ଼ିକର ପ୍ରତୀକ — ୩୮

ବ୍ୟକ୍ତିଗତ ସ୍ୱପ୍ନ-ପ୍ରତିରୂପ — ୩୯

ନିର୍ବୋଧତା ଏବଂ ଦାମ୍ଭିକତା — ୪୦

ଧର୍ମ, ସତ୍ୟ, ଚେତନା — ୪୩

**୬ ମେ**

ଚୈତ୍ୟ ସ୍ମୃତି — ୪୭

ପୁନର୍ଜନ୍ମ : ପୁନର୍ଜନ୍ମ ବିଷୟରେ ନାନା କାହାଣୀ — ୪୯

ସ୍ୱୟଂକ୍ରିୟ ଲିଖନ, ପ୍ରେତମାନଙ୍କ ସହିତ ସଂଯୋଗସ୍ଥାପନ — ୫୦

ସ୍ୱପ୍ନ — ୫୧

ଭଗବତ୍ ସମ୍ପର୍କ : ଆଉ ସବୁକିଛିର ମୂଳ କଥା — ୫୬

**୧୩ ମେ**

ମିଥ୍ୟା-ଧ୍ୟାନ — ୫୯

ପଳାୟନବାଦ ଓ ପ୍ରକୃତରେ ପରିବର୍ତ୍ତନ-ସାଧନ — ୬୩


'oaob.nitrkl.ac.in' images reprocessed

ପ୍ରକୃତ ଧ୍ୟାନ, ପ୍ରକୃତ ବିନମ୍ର ୬୫

ଇଚ୍ଛାଶକ୍ତି, ଅଭିନିବେଶ, ଉଦ୍ୟମ : ସକ୍ରିୟ ସମର୍ପଣ ୬୭

ନିଜକୁ ପରିପୂର୍ଣ୍ଣ ଯନ୍ତ୍ରରେ ପରିଣତ କରିବା; ଅଗ୍ରଗତି ୬୯

ନୀରବସତ୍ତାବୋଧ ୭୩


## ୧୦ ମେ


ଆତ୍ମ-ନିବେଦନ ଓ ସମର୍ପଣ ୭୭

ଭୁଲ୍ ଏବଂ ନିଷ୍ଠାହୀନତା ୭୯

ଅଭୀପ୍ସାର ଅଗ୍ନି, ଆତ୍ମ-ଦାନ ୮୧

ଆଜି ଏକ ପରମଶକ୍ତିର ଯନ୍ତ୍ରରୂପେ ଦୈହିକ ସତ୍ତା ୮୩

ଜଣେ ସୁଫି ତତ୍ତ୍ୱଦ୍ରଷ୍ଟାଙ୍କ କାହାଣୀ, ଜଣେ ସଙ୍ଗୀତଜ୍ଞଙ୍କ କାହାଣୀ ୮୩

ଶରୀରର ରୂପାନ୍ତର : ରୂପାନ୍ତର : ଉନ୍ନତିର ବର୍ଷ ୮୫

ଶାରୀରିକ ଅଙ୍ଗଗୁଡ଼ିକ ସ୍ଥାନରେ ଶକ୍ତିର ନାନା କେନ୍ଦ୍ର ୮୭

ଭଗବାନଙ୍କ କାର୍ଯ୍ୟରେ ସହଯୋଗ ୯୦

ପ୍ରକୃତ ଚେତନା ମଧ୍ୟରେ ଜୀବନ ବଞ୍ଚିବା; ପଛକୁ ଫେରିଆସିବା ୯୪


## ପରିଶିଷ୍ଟ


ଜଣେ ସନ୍ନ୍ୟାସୀ ବୈଜ୍ଞାନିକ ସାଧକଙ୍କ ସହିତ ଶ୍ରୀଅରବିନ୍ଦଙ୍କର କଥାବାର୍ତ୍ତା ୯୭


## ୧୧ ମେ


ସଙ୍ଗୀତ : ଏହାର ମୂଳ ଓ ପ୍ରକାର ୧୦୦

ପ୍ରେରଣା ଏବଂ ଟେକ୍‌ନିକ୍ ୧୦୧

ବ୍ୟକ୍ତି-ରୂପାୟନ, ବିଚ୍ଛିନ୍ନତା, ଅଚେତନା ୧୦୩

ପ୍ରତିକାର : ପୁନର୍ବାର ସଚେତନ ହେବା ୧୦୫

ସବୁକିଛି ସେହି ପରମବସ୍ତୁକୁ ସ୍ପର୍ଶ କରିଛି ୧୦୬

ଅନ୍ୟମାନଙ୍କୁ ବୁଝିବା : (ଶବ୍ଦର ଅତୀତ ସ୍ତରରେ) ୧୦୭

ସଙ୍ଗୀତର ଉତ୍ସ୍ରଚୟ; ପ୍ରତିଭା ୧୦୯

ଭାରତୀୟ ଓ ଇଉରୋପୀୟ ସଙ୍ଗୀତ ୧୧୧


'oaob.nitrkl.ac.in' images reprocessed

ଶୁଦ୍ଧ ଭଗବଦ୍‌ବୋଧ ଏବଂ ମାନସିକ ବିରଚନା ୧୧୬
ବିଷୟଗୁଡ଼ିକର ବ୍ୟାଖ୍ୟା : ସେଥିଲାଗି ସମଗ୍ର ବିଶ୍ୱର ପ୍ରୟୋଜନ ୧୧୮
ଭଗବାନହିଁ ଏକମାତ୍ର ଅସ୍ତିତ୍ୱ ୧୨୧
କଳାର ମୂଲ୍ୟ ୧୨୨
କର୍ମ ଏବଂ ଉପଲବ୍ଧି ୧୨୩

୩ ଜୁନ୍

ନିୟନ୍ତ୍ରଣବାଦ ଓ ସ୍ୱାଧୀନତା ୧୨୪
ବିଭିନ୍ନ ଭୂମିରୁ ବିରଚନା ୧୨୬
ପ୍ରାର୍ଥନା ବିଷୟଚୟର ପୂର୍ବନିର୍ଦ୍ଧାରିତ ଗତିପଥକୁ ବଦଳାଇ ଦିଏ ୧୨୯
ଆମକୁ ସଚିନ୍ତ କରିବା ଲାଗି ପ୍ରକୃତିହିଁ ସ୍ୱାଧୀନତାବୋଧର
ଉଦ୍‌ଭାବନ କରେ ୧୩୨
ଭଗବତ୍‌-ପରମକରୁଣା ଓ କର୍ମ ୧୩୩
ଅଭୀପ୍‌ସା ଓ ପ୍ରାର୍ଥନାର ଏକ ଯାଦୁଶକ୍ତି ରହିଛି ୧୩୬

୧୦ ଜୁନ୍

ପ୍ରତିକୂଳ ଶକ୍ତିଚୟର ଆକ୍ରମଣ ଓ ସେଥିଲାଗି ବ୍ୟକ୍ତିର ଅନୁସ୍ପନ୍ଦନ ୧୩୭
ଅଧିକୃତ ହେବାର କେତୋଟି ଦୃଷ୍ଟାନ୍ତ; ବଦଳିବାକୁ
ଅସମ୍ମତ ହେବା ୧୪୨
ମିଥ୍ୟାର ଅସୁର : "ସକଳ ଜାତିର ପ୍ରଭୁ" ୧୪୪
ପ୍ରାଣିକ ଭୂମିର ସତ୍ତା ୧୪୫
ମନୁଷ୍ୟ ତା'ର ପୃଥିବୀକୁ ବଦଳାଇବ ୧୪୬
ମନ ଏବଂ ପ୍ରାଣର ପ୍ରକୃତ କାର୍ଯ୍ୟ ୧୪୮
ପ୍ରତିକୂଳ ଆକ୍ରମଣଗୁଡ଼ିକୁ ଜାଣିବା : ଆନ୍ତରିକତା,
ଆତ୍ମ-ଅବଲୋକନ ··· ୧୫୦
ଶିଖିବା ବୁଝିବା ୧୫୪
ଶିକ୍ଷା ଦେବା : ପାଠ୍ୟବିଷୟ ପ୍ରସ୍ତୁତ କରିବା, ଶିକ୍ଷାଦାନର
ପଦ୍ଧତି ··· ୧୫୬


'oaob.nitrkl.ac.in' images reprocessed

### ୧୭ ଜୁନ୍


ବୁଦ୍ଧିର କାର୍ଯ୍ୟ : ଧାରଣା ଏବଂ ଭାବନାର ନାନା ରୂପ ୧୫୯
ମୃତ୍ୟୁର କାରଣ । ପରିପୂର୍ଣ୍ଣତାରେ ବିକାଶ ୧୬୫


### ୨୪ ଜୁନ୍


ପ୍ରାଣର ଶକ୍ତି ୧୬୨
ଭୟର କାରଣ, ଭୟର ଦୂରୀକରଣ ୧୬୪
ଶରୀରର ସହଜାତ ପ୍ରବୃତ୍ତି ୧୬୬
ଆଳସ୍ୟ ଏବଂ କର୍ମ ବିଷୟରେ ୧୬୭
ଅସୁସ୍ଥତା : କାରଣ ଓ ଆରୋଗ୍ୟ ୧୬୯
ସମୟର ସଞ୍ଚୟନ ପାଇଁ ଏକାଗ୍ରତା ୧୮୪
ବିଦ୍ୟାଳୟରେ କାର୍ଯ୍ୟ : ମନର ସଂଗଠନ କରିବା ୧୮୭
ବିଜ୍ଞାନ ଓ କଳା ୧୮୯


### ୧ ଜୁଲାଇ


ସ୍ୱର୍ଗ, ନରକ, ଶାଶ୍ୱତ ନରକ ୧୯୩
କଳ୍ପନା, ଏକ ରୂପାୟନକାରୀ ୧୯୫
ଉତ୍ତମ ବିରଚନାଗୁଡ଼ିକର ଶକ୍ତି; ଆରୋଗ୍ୟବିଧାନ ୧୯୭
ମୃତ୍ୟୁପରେ କେଉଁଠି ? ସତ୍ତାର ଏକତ୍ରୀକରଣ ୧୯୯
ମୃତ୍ୟୁର "ପ୍ରେତାତ୍ମା" ଓ ଅଗ୍ନିର "ପ୍ରେତାତ୍ମା" ୨୦୨
ମରିବା ଲାଗି "ସମ୍ମତ ଦେବା" ୨୦୫


### ୮ ଜୁଲାଇ


ପ୍ରାର୍ଥନା ଏବଂ ଅଭୀପ୍ସା ୨୦୮
ଅସଦିଚ୍ଛା : ମନ୍ଦ ଭାବନା ହେଉଛି ଏକ ମନ୍ଦ କାର୍ଯ୍ୟ ୨୧୭
ମନ୍ଦର କାରଣ, ପ୍ରତିକାର ୨୧୮
ପଶୁ; ପତଙ୍ଗମାନଙ୍କର ପ୍ରାଣିକ ସ୍ତରରୁ ଉତ୍ପତ୍ତି ୨୨୦
ଗିଳି ପକାଇବାର ଇଚ୍ଛା, "ପ୍ରେମ"ର ଏକ ଅଭିବ୍ୟକ୍ତି ୨୨୩


'oaob.nitrkl.ac.in' images reprocessed

ସହଜାତ ପ୍ରବୃତ୍ତି; ପ୍ରକୃତି ମଧ୍ୟରେ ଥିବା ଚେତନା ୨୨୬
ଚେତନାକୁ ପ୍ରସାରିତ କରିବା ୨୨୭

୧୫ ଜୁଲାଇ

ଅନ୍ଧବିଶ୍ୱାସ ୨୨୯
ଧର୍ମର ନାନା ବିଧାନ ଓ ସ୍ୱାସ୍ଥ୍ୟରକ୍ଷା ୨୩୧
ପ୍ରତିକୂଳ ଶକ୍ତିଗୁଡ଼ିକୁ ଚିହ୍ନିବା; ସେମାନଙ୍କର ଆକ୍ରମଣ ୨୩୨
ଆନ୍ତରିକ ଅଗ୍ନିପରୀକ୍ଷା ଏବଂ ପରୀକ୍ଷା ୨୩୬
ଭଗବାନଙ୍କ ଉପରେ ମନର କଳ୍ପନାଗୁଡ଼ାକୁ ନେଇ ଲଦିଦେବା ୨୩୭
ଭଗବାନଙ୍କ କାର୍ଯ୍ୟ ଲାଗି ଅର୍ଥଦାନ ୨୩୯
ଭଗବାନ ଓ ତାଙ୍କର ସୃଷ୍ଟି ୨୪୩
ପରିବର୍ତ୍ତନ ଲାଗି ପ୍ରାର୍ଥନା ୨୪୫

୨୨ ଜୁଲାଇ

ସୁରକ୍ଷା ପ୍ରତିକୂଳ ଶକ୍ତି ଓ ଦୁର୍ଘଟଣା ପ୍ରଭୃତିକୁ ନିବୃତ୍ତ କରି ରଖେ ··· ୨୪୭
ଭୟରୁ ଅସୁସ୍ଥତା ଆସେ, ଦୁର୍ଘଟଣା ଘଟେ ୨୪୯
ମାନସିକ ଭୟ, ପ୍ରାଣିକ ଭୟ, ଭୌତିକ ଭୟ ୨୫୦
ପ୍ରତ୍ୟେକ ପରୀକ୍ଷାକୁ ଭଗବାନଙ୍କ କରୁଣାର ପ୍ରମାଣରୂପେ ଗ୍ରହଣ କରିବା ୨୫୩
ଅସୁସ୍ଥତା : ନୈତିକ ପରିବେଶଠୁଁ ଅଧିକ ମହତ୍ତ୍ୱପୂର୍ଣ୍ଣ ··· ୨୫୬
ଅସୁସ୍ଥତା : କାରଣମାନ : ଅସମତାବସ୍ଥା ୨୫୭
କାର୍ଯ୍ୟିକ ଓ କ୍ରିୟାଗତ ସ୍ୱରସାମ୍ୟହୀନତା ୨୫୮
ସତ୍ତାର ସକଳ ଅଂଶରେ ସମତାବସ୍ଥା ରହିବା ଆବଶ୍ୟକ ୨୬୪
ଗ୍ରହଣଶୀଳତାର ଅଭାବ—"କଣାଏ ବାଲି" ୨୬୫
ଅସୁସ୍ଥତାର ଜୀବାଣୁକୁ ନୁହେଁ, ଅନ୍ତର୍ଗତ କାରଣଗୁଡ଼ିକୁ ଜାଣିବା ୨୬୭
ଅସୁସ୍ଥତାର ବାହ୍ୟ କାରଣ : ଧ୍ୱଂସାତ୍ମକ ସ୍ପନ୍ଦନ ଇତ୍ୟାଦି ୨୬୮
ଆକ୍ରମଣ; ଯାଦୁଗିରି ୨୭୦
ପୃଥିବୀ-ପରିବେଶର କ୍ଷୁଦ୍ର ପ୍ରାଣିକ ସତ୍ତା ୨୭୧
ଜୀବାଣୁଙ୍କର ପ୍ରକୃତି : ବିଘଟନର ଶକ୍ତି ୨୭୨


'oaob.nitrkl.ac.in' images reprocessed

ଜାପାନରେ ସଂକ୍ରାମକ ରୋଗ ୨୭୩
ଭୂତ ୨୭୫
ଅସୁସ୍ଥତାକୁ ଭଲ କରିବା ୨୭୭
ଆଧ୍ୟାତ୍ମିକ ବିଶୁଦ୍ଧୀକରଣ ୨୮୧
ଜୀବନ ଉପରେ ବିଶ୍ୱାସ : ପିଲାମାନେ ୨୮୨

୨୯ ଜୁଲାଇ

ଭିନ୍ନ ଭିନ୍ନ ସୋପାନର ଘଟଣାବଳୀ ୨୮୩
"ଭାରତ ସ୍ୱାଧୀନ" : ମାଆଙ୍କର ପୂର୍ବଦୃଷ୍ଟି ୨୮୫
ସମ୍ଭାବନାତତ୍ତ୍ୱ; ପରିବର୍ତ୍ତିତ ହୋଇ ଯାଉଥିବା ଘଟଣାବଳୀ; ଅନାଗତ ଘଟଣାଗୁଡ଼ିକ ବିଷୟରେ ସ୍ୱପ୍ନ ୨୮୭
ସମ୍ଭାବ୍ୟ ପରିବର୍ତ୍ତନର ମାତ୍ରା; ହସ୍ତକ୍ଷେପ ୨୯୦
ଯଥାର୍ଥ ବୁଝିବା ଲାଗି ଏକ ବିଶ୍ୱାତ୍ମକ ଚେତନାର ପ୍ରୟୋଜନ ୨୯୨
"ବ୍ୟକ୍ତିର ଉଦ୍ୟମ" ୨୯୪
ଗୋଟିଏ ପରଦା ଉପରେ ନିଜର ପ୍ରକ୍ଷେପଣ ଓ ପର୍ଯ୍ୟବେକ୍ଷଣ, ନିଜକୁ ସଂଗଠିତ କରିଆଣିବା ୨୯୯
"ଆପଣାକୁ ଜାଣ"; ଶିଖିବା, ନିଜକୁ ଆବିଷ୍କାର କରିବା ୩୦୩
ଜୀବନର କାରଣ; ନିଜ ନିୟତିର ନିୟନ୍ତ୍ରଣକାରୀ ହୋଇପାରିବା ୩୦୫

୫ ଅଗଷ୍ଟ

ଚୈତ୍ୟ ସତ୍ତାର ଅଗ୍ରଗତି; ପୁନର୍ଜନ୍ମ ୩୦୭
ନିଜ ଚୈତ୍ୟ ବିଷୟରେ ସଚେତନ ଥିବା ବ୍ୟକ୍ତିମାନଙ୍କର ଅଗ୍ରଗତି··· ୩୦୯
ରୂପପ୍ରକାଶ ଓ ଅଗ୍ରଗତି ୩୧୧
ଅନୁପ୍ରେରଣା; ଗ୍ରହଣଶୀଳତା; ଆଦାନପ୍ରଦାନ ୩୧୩
ମନ, ପ୍ରାଣ ଓ ଶରୀରର ଅଗ୍ରଗତି ୩୧୭
ମନ ସବୁକିଛିକୁ ଉଚିତ ବୋଲି ପ୍ରମାଣ କରିବାକୁ ଚାହେଁ; ଚୈତ୍ୟହିଁ ସବୁକିଛି ଜାଣେ ··· ୩୨୦
ଇଚ୍ଛାଶକ୍ତି ଓ ସହସାବେଗ । "ଏଇ ଶେଷ ଥରକ ପାଇଁ" ୩୨୦
ସହସାବେଗ ଓ କ୍ରିୟାରେ ତାହାର ଅଭିବ୍ୟକ୍ତି ୩୨୨


'oaob.nitrkl.ac.in' images reprocessed

ଚୈତ୍ୟ ସତ୍ତ୍ୱର ଅବତୀର୍ଣ୍ଣ ହେବା ୩୨୪
ଚୈତ୍ୟ ଅଭିବୃଦ୍ଧି; କର୍ମ ୩୨୮

୧୨ ଅଗଷ୍ଟ

ଏକାତ୍ମକତା ଦ୍ୱାରା ଅନ୍ୟମାନଙ୍କୁ ଜାଣିବା ୩୨୯
ଜ୍ଞାନଲାଭର ପଦ୍ଧତି; ସଙ୍କେନ୍ଦ୍ରଣ; ଅତିକ୍ରମ କରିଯିବା ୩୩୧
ଚେତନାର ପ୍ରସାରଣ, ଅଗ୍ରଗତି ୩୩୪
ଏକାତ୍ମକତାର ଘଟଣା; ପାରିସ୍ ଥିଏଟରର କାହାଣୀ ୩୩୬
ଭଗବାନଙ୍କୁ ଜାଣିବା : ଏକାତ୍ମକତାହିଁ ଏକମାତ୍ର ପଥ ୩୩୯
ସଙ୍କେନ୍ଦ୍ରଣ, ଏକାଗ୍ରତା ୩୪୦
ପ୍ରକୃତିରେ ଯାବତୀୟ ସମ୍ଭାବନା ରହିଛି : କୌଣସି ଦୁଇଟି ବସ୍ତୁ ବି ଏକାଭଳି ନୁହେଁ ୩୪୨

୧୯ ଅଗଷ୍ଟ

ବୃକ୍ଷଲତା ଓ ଇତର ପ୍ରାଣୀଙ୍କ ଭିତରେ ଅଭୀପ୍ସା ୩୪୫
ସକଳ ବସ୍ତୁରେ ଭଗବତ୍ ଉପସ୍ଥିତ ୩୪୬
ପଥରମାନେ ବି ଶକ୍ତିକୁ ଜମା କରିପାରନ୍ତି; ସେସବୁର ପରିଣାମ ୩୪୬
ଆଦାନପ୍ରଦାନ : ପାଇବାର ଇଚ୍ଛା, ଅଧିକାର କରିବାର ଇଚ୍ଛା, —ଏସବୁ ସୀମାବଦ୍ଧତା ପାଇଁ ୩୫୧
ଯେତିକି ବେଶୀ ଦେବା, ସେତିକି ବେଶୀ ଅଭିବୃଦ୍ଧି ହେବ ୩୫୨
ପ୍ରତିକୂଳ ଶକ୍ତିମାନଙ୍କର ପ୍ରଭାବ ହେତୁ ଧ୍ୱଂସ କରିବାର ଓ ନଷ୍ଟ କରିଦେବାର ପ୍ରବୃତ୍ତି ··· ୩୫୩
ଯଥାର୍ଥ ବୀର ହୋଇ ବଞ୍ଚିବା ୩୫୫
ଭଗବତ୍ କରୁଣାରେ ବିଶ୍ୱାସ ଆଲୋକ ମଧ୍ୟକୁ ଫେରି ଆସିବାକୁ ସହଜ କରିଦିଏ ୩୫୬

୨୬ ଅଗଷ୍ଟ

ଭଲ ପାଇବାର ଉତ୍ସ ୩୫୬
ଯଥାର୍ଥ ଭଲ ପାଇବା ଓ ତାହାର ନାନା ବିକୃତି ୩୬୦


'oaob.nitrkl.ac.in' images reprocessed

ପଶୁମାନଙ୍କର ମଣିଷଙ୍କୁ ଭଲପାଇବା ୩୬୩
ଚୈତ୍ୟ ଚେତନା; ବୁଦ୍ଧି ଏବଂ ହିସାବ କରିବାର ପ୍ରବୃତ୍ତି ୩୬୫
ଫୁଲମାନଙ୍କ ଭିତରେ "ଭଲ ପାଇବାର ଗୁଣ", ପଥର ଓ
ଇତରପ୍ରାଣୀଙ୍କ ଭିତରେ ଭଲପାଇବା ··· ୩୬୭

୨ ସେପ୍ଟେମ୍ବର

ଧର୍ମ ଓ ଅଧ୍ୟାତ୍ମ ଜୀବନ ୩୭୧
ଜାତି ୩୭୫
ବିବର୍ତ୍ତନର ଧାରା; ସଭ୍ୟତାସମୂହର ଇତିହାସ ୩୭୭
ପ୍ରକୃତିର ଲୀଳା; ତା'ର ସହଯୋଗ ଆବଶ୍ୟକ ୩୭୯

୯ ସେପ୍ଟେମ୍ବର

ଭଗବତ୍ ଶକ୍ତି ନିଜ ନିମିତ୍ତକୁ ନିଜେ ବାଛିନିଏ ୩୮୨
ମନ ଏବଂ ପ୍ରାଣର ଅଗ୍ରଗତି ୩୮୪
ପ୍ରାଣକୁ ନୂତନ ଭାବରେ ଦୀକ୍ଷିତ କରାଇବା ୩୮୫
ଚୈତ୍ୟ ସତ୍ତା ସହିତ ସମ୍ପର୍ଶଲାଭ; ବୀରମାନେ ୩୮୭
ପ୍ରାଣ—ଏକ ସର୍ବଶକ୍ତିମାନ୍ ସାଧନ ୩୮୮
ନୈରାଶ୍ୟବୋଧ; ପ୍ରାଣହିଁ ଅଧିକାଂଶ ଅନୁଚିତ ଗତିସ୍ପନ୍ଦନର
ଉତ୍ପତ୍ତିସ୍ଥଳ ··· ୩୯୦
ପ୍ରାଣର ଶକ୍ତି ୩୯୧

୧୬ ସେପ୍ଟେମ୍ବର

ଶରୀରର ଗ୍ରହଣଶୀଳତା ୩୯୪
ଭୌତିକ ଜଗତରେ ସ୍ଥିର ନିର୍ଦ୍ଧାରିତତା ୩୯୫
ମୃତ୍ୟୁ ପରେ କେତେକ ବିକଶିତ ସାମର୍ଥ୍ୟ ପୃଥିବୀର ବାୟୁମଣ୍ଡଳରେ
ରହିଯାଏ ୩୯୭
ଚୈତ୍ୟର ନବଜନ୍ମ; ଅଧିମାନସ ସତ୍ତା ଭିତରେ ବାଲ୍ୟ ୪୦୧
ଅଗ୍ରଗତି ଓ ସଂଗ୍ରାମ; ଅସୁର ଶକ୍ତି ୪୦୪
ଯୋଗଶକ୍ତି ଶରୀରକାଠିନ୍ୟ ଦୂର କରେ ୪୦୬


'oaob.nitrkl.ac.in' images reprocessed

ଚେତନାର ବିକାଶ : ପୁନର୍ଜନ୍ମ ୪୦୮
ଚେତନା ଓ ସ୍ମୃତି ୪୦୯
ପ୍ରତିରୋଧ ଓ ଗ୍ରହଣଶୀଳତା ୪୦୯
ତୁମେ ସମସ୍ତେ ନାନା ଶକ୍ତିଶାଳୀ ସ୍ପନ୍ଦନ ମଧ୍ୟରେ ରହିଛ ୪୧୧

୨୩ ସେପ୍‌ଟେମ୍ବର

ଭୌତିକ ଜଗତ, ବିଶ୍ୱଗତ ଗତିସ୍ପନ୍ଦନଗୁଡ଼ିକର ଏକ ପ୍ରତୀକ ୪୧୩
ଇତରପ୍ରାଣୀଙ୍କର ଅସୁସ୍ଥତା ୪୧୫
ଏହି ବିଶ୍ୱ : ଲାଙ୍ଗୁଡ଼କୁ କାମୁଡ଼ି ଧରିଥିବା ଏକ ସର୍ପ ୪୧୭
ଏହି ପୃଥିବୀ : ବିଶ୍ୱବ୍ରହ୍ମାଣ୍ଡର ଏକ ସଂକେନ୍ଦ୍ରିତ ପ୍ରତୀକ ୪୧୮
"ଅନର୍ଥକାରୀ ବ୍ୟକ୍ତିତ୍ୱାବରଣ" ୪୧୯
ଜ୍ୟୋତିର୍ମୟୀ ପୃଥିବୀ ବିଷୟରେ ମା'ଙ୍କର ଅଭିଜ୍ଞତା ୪୨୦

୩୦ ସେପ୍‌ଟେମ୍ବର

ପୃଥିବୀ-ସ୍ମୃତି ୪୨୦
ଅତିମାନସର ଶାସନ ୪୨୮
ଅନ୍ୟସବୁ ଯୋଗର ଶେଷ, ଶ୍ରୀଅରବିନ୍ଦଙ୍କ ଯୋଗର ଆରମ୍ଭ ୪୩୦
ସିଦ୍ଧିଲାଭ କରିଥିବା ବ୍ୟକ୍ତି ଅନେକ ସମୟରେ ଗୋଟିଏ ଜାଗାରେ
ଲାଗି ରହିଯାଇଥାନ୍ତି, ଅନମନୀୟ ହୋଇ ରହିଥା'ନ୍ତି ... ୪୩୨
ପିଲାମାନେ ହେଉଛନ୍ତି ରୂପାନ୍ତର ଲାଗି ଅନୁକୂଳ ଉପାଦାନ ୪୩୪
ସାରା ଜୀବନ ପିଲା ହୋଇ ରହିବା ୩୩୬
ଆଶ୍ରମରେ ପିଲାମାନେ ଓ ଅନ୍ୟମାନେ ୪୩୭
ମନେ ପକାଇବା ଓ ସ୍ମରଣ କରିବା ୪୩୯

୭ ଅକ୍‌ଟୋବର

ଏକ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭର ଚେତନା ୪୪୨
ମାନସ, ପ୍ରାଣିକ, ଭୌତିକ ଓ ଆଧ୍ୟାତ୍ମିକ ଅଭୀପ୍ସା ୪୪୩
ଶରୀର-ଚେତନା ୪୪୫
ଶରୀରର ନିର୍ଭୁଲ୍ ପ୍ରବୃତ୍ତି ୪୪୭


'oaob.nitrkl.ac.in' images reprocessed

| | |
|---|---|
| ଜୀବନ ଉପରେ ବିଶ୍ୱାସ | ୪୪୯ |
| ସଚଳ ବିଶ୍ୱାସ | ୪୫୨ |
| କେତେକ ପିଲା ଆଶ୍ରମରେ କାହିଁକି ଅଛନ୍ତି ? | ୪୫୩ |
| ଏକାତ୍ମକତା ଦ୍ୱାରା ଅନ୍ୟମାନଙ୍କୁ ଜାଣି ଶିଖିବା | ୪୫୫ |
| ଦାୟିତ୍ୱସମ୍ପନ୍ନ ବ୍ୟକ୍ତି; ରାଷ୍ଟ୍ର, ଶିକ୍ଷକ | ୪୫୫ |
| ଅଧିମାନସର କ୍ରିୟା : ରୂପାନ୍ତର | ୪୫୭ |
| ନିଜକୁ ଜାଣିବା : ନିଜର କର୍ମକ୍ଷେତ୍ର | ୪୫୯ |
| ଅଗ୍ରଗତି : ବ୍ୟକ୍ତିଗତ ଓ ସାମୂହିକ ଅଗ୍ରଗତି | ୪୬୨ |
| ପ୍ରତିକୂଳ ପ୍ରାଣିକ ଶକ୍ତିମାନଙ୍କର ଅବତରଣ ଓ ତା'ର ପରିଣାମ | ୪୬୪ |

## ୧୪ ଅକ୍ଟୋବର

| | |
|---|---|
| ଜଗତର ସୃଜନରେ ଭାଗ ନେଉଥିବା "ଗଠନକାରୀମାନେ" | ୪୬୭ |
| ଏକ ବିଶୃଙ୍ଖଳାରୂପେ ମନ; ଭଗବାନଙ୍କଠାରୁ ଅଲଗା ହୋଇ ଆସିବା; ସ୍ୱାଧୀନ ନିର୍ବାଚନ | ୪୬୯ |
| ବିଶ୍ୱବୋଧ । "ସର୍ବଂ ଭଦ୍ରଂ" । ଭଗବାନ୍ ଓ ସୃଷ୍ଟି | ୪୭୦ |
| ଭଗବାନଙ୍କ ସହିତ ଏକାତ୍ମ ହେବା : ସମସ୍ୟାଗୁଡ଼ିକର ବିଲୋପ | ୪୭୩ |
| ସାମୂହିକ ସଙ୍କେତଗୁଡ଼ିକୁ ଗ୍ରହଣ ନକରିବା; ମୃତ୍ୟୁଭୟ | ୪୭୪ |
| ମୃତ୍ୟୁଭୟ ଦୂରୀକରଣର ଉପାୟ | ୪୭୮ |
| ଚୈତ୍ୟ ସତ୍ତାର ଅମରତ୍ୱବୋଧ; ମୃତ୍ୟୁ ଉପରେ ବିଜୟ | ୪୮୦ |
| ଭୟ ଭୟାସ୍ପଦକୁ ଆକର୍ଷିତ କରିଆଣେ | ୪୮୨ |
| ଭୟ ସଂକ୍ରାମିତ ହୁଏ; ଏଥିଲାଗି ଚକ୍ଷୁଦ୍ରଷ୍ଟାର ପ୍ରତିକାର | ୪୮୩ |

## ୨୧ ଅକ୍ଟୋବର

| | |
|---|---|
| "କଲାବନ୍ତୁ", ରଙ୍ଗକାଚଖଚିତ ଗବାକ୍ଷ | ୪୮୫ |
| କଳା ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ଭଗବାନଙ୍କୁହିଁ ପ୍ରତିଫଳିତ କରିବା··· | ୪୮୭ |
| ଭଗବାନଙ୍କ ସହିତ ସମ୍ବନ୍ଧ | ୪୮୮ |
| ରାମାୟଣ ଓ ମହାଭାରତ ସମ୍ବନ୍ଧରେ | ୪୯୦ |
| ଜାପାନର ଉଦ୍ୟାନ | ୪୯୧ |
| ଦକ୍ଷିଣର ବୌଦ୍ଧଧର୍ମ, ଉତ୍ତରର ବୌଦ୍ଧଧର୍ମ | ୪୯୩ |


'oaob.nitrkl.ac.in' images reprocessed

ରାବଣ ଓ ସୀତା; ଅସୁର ଯାହା ବାଛନ୍ତି ୪୯୬
ସୌନ୍ଦର୍ଯ୍ୟବୋଧ, କଳାତ୍ମକ ରୁଚି ଭିନ୍ନ ଭିନ୍ନ ହୁଏ ୪୯୮
ଯଥାର୍ଥ ସୌନ୍ଦର୍ଯ୍ୟର ପରିଚୟ···ସକଳ ରୂପର ଊର୍ଦ୍ଧ୍ୱକୁ ଯିବା ୫୦୦

## ୨୮ ଅକ୍ଟୋବର

ପ୍ରକୃତ କଳା; ଦିବ୍ୟ ସୌନ୍ଦର୍ଯ୍ୟର ଉପଲବ୍ଧି ୫୦୧
ବିବର୍ତ୍ତନ କୁଣ୍ଡଳୀ ଆକାରରେ ଗତି କରୁଛି; ଆଧୁନିକ କଳା ୫୦୨
ବିଶ୍ୱର ଅଗ୍ରଗତି; ଗୋଲକାକୃତି କୁଣ୍ଡଳୀ; ପ୍ରକୃତିର "ଯୋଜନା"··· ୫୦୬
କଳା ଓ ବାଣିଜ୍ୟିକତା; ନିର୍ବୋଧତା ୫୦୯
"ଛିରୁ ପରି ଫୁଟି ଉଠିଥିବା" କଳା ଓ ପ୍ରକୃତ କଳା ୫୧୨
ଭାରତବର୍ଷରେ କଳା ୫୧୬
ପ୍ରକୃତିର ବିଶାଳତାରୁ କଡ଼ାଇ ୫୨୦

## ୪ ନଭେମ୍ବର

"ଗୋଲକାକାର କୁଣ୍ଡଳୀ" ବିଷୟରେ ୫୨୧
ବଳି ଦେବା ୫୨୪
ଭଗବତ୍ ଉପସ୍ଥିତିର ଅନୁଭୂତି; ମଣିଷ ହେଉଛି ମିତବାଦୀ, ଭଗବାନ୍ ମିତବାଦୀ ନୁହନ୍ତି ୫୨୬
ଦିବ୍ୟ ଜୀବନ ଲାଗି ଆନ୍ତରିକ ଅଭୀପ୍ସା ଓ ନୈତିକ ସମର୍ଥତା ୫୨୯
ମୂଲମୂଲ କରିବା ଓ "ତ୍ୟାଗ" ୫୩୦
ଜୀବନର ପ୍ରକୃତ ଉଦ୍ଦେଶ୍ୟ : ଭଗବାନଙ୍କ ବିଷୟରେ ସଚେତନତା-ଲାଭ ··· ୫୩୧

## ୧୧ ନଭେମ୍ବର

"କେତେକ ଉକ୍ତି" ପୁସ୍ତକରୁ ପାଠ : ହାସଲ କରିବାକୁ ରହିଥିବା ଉଦ୍ଦେଶ୍ୟ ··· ୫୩୨
ସପ୍ତମ ସୃଷ୍ଟି : ସମତାବସ୍ଥାର ୫୩୩
"ଶାଶ୍ୱତ ଶବ୍ଦ" : ମାଆ କାର୍ଯ୍ୟକାରୀ କରୁଥିବା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ··· ୫୩୪

'oaob.nitrkl.ac.in' images reprocessed

ମନୁଷ୍ୟର ଅଭିବ୍ୟକ୍ତି ମଧ୍ୟରେ ସତ୍ୟର ନାନା ବିକୃତି (ଉଦାରତା ଓ ନୈଷ୍ଠିକତା)··· ୫୩୯

ଅର୍ଥ : ଏକ ଶକ୍ତି; "ମଧ୍ୟବର୍ତ୍ତୀ ମାର୍ଗ" ୫୪୦

## ୧୮ ନଭେମ୍ବର

ଚୈତ୍ୟକୁ କେନ୍ଦ୍ର କରି ସଂଗଠିତ ହୋଇଥିଲେ ମନ ବା ପ୍ରାଣ ପରବର୍ତ୍ତୀ ଜନ୍ମରେ ମଧ୍ୟ ରହିପାରେ ୫୪୨

ପ୍ରକୃତିର ଅଗ୍ରଗତି : ସତତ ପରିବର୍ତ୍ତନ ଓ ଧୀର ପରିବର୍ତ୍ତନ ୫୪୪

ନ୍ୟାସ୍ୟ (ନିୟନ୍ତ୍ରଣବାଦ) ଓ ଭଗବତ୍ କରୁଣା ୫୪୫

ଅତୀତର ଅଭିଜ୍ଞତାଗୁଡ଼ିକରୁ ମନୁଷ୍ୟ ଶିକ୍ଷାକରେ ୫୫୧

ଭଗବତ୍ କରୁଣାର ହସ୍ତକ୍ଷେପ ୫୫୫

ବିଶ୍ୱାସ; ଅପରିହାର୍ଯ୍ୟ ଆବଶ୍ୟକତାର ବୋଧ ୫୫୬

## ୨୫ ନଭେମ୍ବର

ଶତ୍ରୁ ସମକ୍ଷରେ ବି ହସିବା ୫୫୯

ଭଗବାନଙ୍କଠାରେ ଆସ୍ଥା ଓ ଗ୍ରହଣଶୀଳତା; "ମୂଲ୍ୟମୂଲ୍ କରିବା" ୫୬୧

ଆନ୍ତରିକତା ଓ ଭଗବତ୍ ସହାୟତା ୫୬୨

ସୃଷ୍ଟିର କାହାଣୀ (ପୁରାତନ ପରମ୍ପରା) ୫୬୨

ପ୍ରଥମ ସ୍ୱରୂପଟି ନିଃସୃତ, ସେଗୁଡ଼ିକର ବିରୋଧୀ ତତ୍ତ୍ୱ ଓ ଦେବତାମାନେ ୫୬୩

ସ୍ୱତନ୍ତ୍ର ନିର୍ବାଚନର ଜଗତ ୫୬୫

ଅସୁରମାନେ; ସେମାନଙ୍କୁ ଦୀକ୍ଷିତ କରାଇ ଆଣିବା ୫୬୬

ଷ୍ଟାଲିନ୍ ଓ ହିଟଲର୍ ୫୭୧

ରାବଣ; ଅସୁରମାନଙ୍କର ବିଲୋପ ୫୭୩

## ୯ ଡିସେମ୍ବର

ଆଧ୍ୟାତ୍ମିକ ଅହଂ ୫୭୯

ପ୍ରକୃତି-ଶକ୍ତିର ପଛରେ ରହିଥିବା ସତ୍ତ୍ୱମାନେ ୫୮୦

ରାଧାଙ୍କର ପ୍ରାର୍ଥନା; ସବୁକିଛି ହେଉଛି ଦିବ୍ୟ ୫୮୨


'oaob.nitrkl.ac.in' images reprocessed

ଦୁଃଖଭୋଗ ଓ ଆନନ୍ଦ; ସ୍ପନ୍ଦନ ଓ ପ୍ରତିକ୍ରିୟା ୫୮୩
“ଆମେ ଯେପରି ଭାବିବା, ଆମର ପରିବେଶ ସେହିପରି ହେବ” ୫୮୪
ଦିବ୍ୟ ଜନନୀଙ୍କର ତ୍ୟାଗ; ଅବତାର ସମ୍ପର୍କରେ ୫୮୭
ସାବିତ୍ରୀ ବିଷୟରେ ପ୍ରଶ୍ନ ୫୮୯

## ୧୭ ଡିସେମ୍ବର

ଏକାତ୍ମକତା ଏବଂ ଆତ୍ମ-ପରିଚୟର ନାନା ବାଟ ୫୯୧
ଜୀବନର ଉଦ୍ଦେଶ୍ୟ ୫୯୨
ଚୈତ୍ୟ ମାର୍ଗ ଦର୍ଶକ; ସେମାନେ ପରିସ୍ଥିତିଗୁଡ଼ିକ ସଂଗଠିତ କରିଦିଅନ୍ତି ୫୯୫
“ବିଶ୍ରାମ ହେଉଛି କର୍ମ”; ନୀରବ ବିଶ୍ୱାସ; ଅପେକ୍ଷା କରି ଜାଣିବା ··· ୫୯୯

## ୨୩ ଡିସେମ୍ବର

ଜ୍ଞାନ ଓ ମନ ୬୦୦
ଅଭିନିବେଶ : ତାହାର ଶକ୍ତି ୬୦୧
ସତ୍ତାର ବିଭିନ୍ନ ଅଂଶ ମଧ୍ୟରେ ସଚେତନ ସମ୍ପର୍କ ସ୍ଥାପନ ୬୦୪
ଶିକ୍ଷା ନପାଇଥିବା ଲୋକଙ୍କଠାରେ ରହିଥିବା ବୁଦ୍ଧିସାମର୍ଥ୍ୟ ୬୦୫
ଅସୁସ୍ଥତା : ଅସମତାବସ୍ଥା ୬୦୬
ମନ ଓ ଦେହ; ଆରୋଗ୍ୟବିଧାନ କରୁଥିବା ମାନସିକ ସଂରଚନାମାନ ୬୦୭
ଆକସ୍ମିକ ଦୁର୍ଘଟଣା : ନିର୍ବାଚନର ମୁହୂର୍ତ୍ତ ୬୦୮
ସ୍ଥିର, ଜାଗରୂକ ଚେତନା ଓ ବିପଦକୁ ଏଡ଼ାଇଦେବା ୬୧୦
ସାମୂହିକ ଦୁର୍ଘଟଣା : ମିଶ୍ରିତ ପରିବେଶ ୬୧୪
ଯେଉଁମାନେ ଦୁର୍ଭାଗ୍ୟକୁ ଡାକି ଆଣନ୍ତି ୬୧୬

## ୩୦ ଡିସେମ୍ବର

ପିଲାମାନେ : ଅନ୍ତର୍ଗତ ଗ୍ରହଣଶୀଳତା; ବିଭିନ୍ନ ଶକ୍ତି ଦ୍ୱାରା ପ୍ରଭାବିତ ୬୧୭
ଚୈତ୍ୟସତ୍ତା ଆପଣାର ପରବର୍ତ୍ତୀ ଜନ୍ମଟିକୁ ବାଛିନିଏ ୬୨୦

'oaob.nitrkl.ac.in' images reprocessed

ପିଲଙ୍କ ଭିତରେ ଦୁଷ୍ଟତା; ଏହାର କାରଣ ଗର୍ଭାଧାନ ସମୟରେ ପିତାମାତାଙ୍କର ଚେତନା ୭୧୧

ତମଃ ଓ ଉତ୍ତେଜନାର ଆବଶ୍ୟକତା ୭୧୪

ଆଶ୍ରମ ବିଦ୍ୟାଳୟରେ ଶିକ୍ଷା ୭୧୭

ଆଶ୍ରମର ପିଲାମାନେ ୭୧୮

"କଥାରେ କିଛି ନାହିଁ, କାର୍ଯ୍ୟ କରି ଦେଖାଅ" ୭୨୦

# ପ୍ରଶ୍ନ ଓ ଉତ୍ତର

ଘୋଷଣା

'oaob.nitrkl.ac.in' images reprocessed

"ଆମେ ଆମ ସତ୍ତାର ଯେତିକି ଅଂଶ ବିଷୟରେ ସଚେତନ ହୋଇଥାଉ, ତାହା ହେଉଛି ତାହାର କେବଳ ଏକ ଅତି ଗୌଣ ଅଂଶ ।"

ପ୍ରଶ୍ନ ଓ ଉତ୍ତର, ୧୯୨୯ (୭ ଏପ୍ରିଲ୍)*

**ଏହି ଗୌଣ ଅଂଶଗୁଡ଼ିକ କ'ଣ ?**

ପ୍ରାୟ ସବୁଯାକ । ପ୍ରାୟ ସବୁଗୁଡ଼ିକ ଅଂଶ ।

ଏପରି ମାତ୍ର କେତୋଟି ବସ୍ତୁ ଅଛି, ଯାହାକୁ କି ଗୌଣ ବୋଲି କୁହାଯିବ ନାହିଁ; ତୁମ ସାଧାରଣ ଜୀବନରେ ଯେତେଯାହା ପ୍ରତିକ୍ରିୟା ହେଉଛି, ଯେତେଯାହା ଭାବନା ଆସୁଛି, ଇନ୍ଦ୍ରିୟବୋଧ, କର୍ମ ଓ ଗତିଶୀଳତା ଯାହାକିଛି,—ଏହି ସବୁଯାକ ହେଉଛନ୍ତି ଅତ୍ୟନ୍ତ ଗୌଣ । କେବଳ ବେଳେବେଳେ, ଯେତେବେଳେ ଚୈତ୍ୟ ଦ୍ୱାର ଦେଇ ଉଚ୍ଚତର ଚେତନାର ହୁଏତ ଗୋଟାଏ ଝଲକ ଆସି ବାଜିଯାଏ, ସତେଅବା ଆଉକିଛି ଅନ୍ୟ ଆଡ଼କୁ ଦୁଆର ଖୋଲିଯାଏ, ଚୈତ୍ୟ ସତ୍ତା ସହିତ ଏକ ସଂସ୍ପର୍ଶ ଘଟେ (ଏହା ହୁଏତ କେବଳ ମୁହୂର୍ତ୍ତିକ ପାଇଁହିଁ ସ୍ଥାୟୀ ହୋଇପାରେ), ଠିକ୍ ସେହି ମୁହୂର୍ତ୍ତରେ ତାହାକୁ ଆମେ କଦାପି ଗୌଣ ବୋଲି କହିବା ନାହିଁ । ତା' ନହେଲେ, ବାକି ଯେତେଯାହା ହେଉଥାଏ, ସେସବୁ ନିୟୁତ ନିୟୁତ ସଂଖ୍ୟାରେ କେବଳ ଅନୁଲିପିବଦ୍ଧ ହେଉଥାଏ, କେବଳ ଏକ ପୁନରାବୃତ୍ତି ହେବାରେ ଲାଗିଥାଏ । ତୁମେ ଯେପରି ଭାବରେ ଯାହାକିଛି ଦେଖ, ଯାହାକିଛି କରୁଥାଅ, ତୁମ ଭିତରେ ଯାହାକିଛି ପ୍ରତିକ୍ରିୟା ହୁଏ, ଭାବନା ଆସେ ବା ଅନୁଭବ ହୁଏ,—ଏ ସବୁଯାକ ହେଉଛନ୍ତି ଅତି ସାଧାରଣ । ଏବଂ ତୁମେ ଆପଣାକୁ ଅସାଧାରଣ ବୋଲି ଭାବିବାରେ ଲାଗିଥାଅ; ବିଶେଷ କରି ଯେତେବେଳେ ଅସାଧାରଣ କେତୋଟା ବୋଧ ଏବଂ ଅନୁଭୂତି ତୁମକୁ ଆସି ଅଧିକାର କରିନିଅନ୍ତି,—ଯେଉଁଗୁଡ଼ାକୁ ତୁମେ ଭାରି ଅସାଧାରଣ ବୋଲି ଭାବୁଥାଅ,—ସେତିକିବେଳେ ତୁମେ ନିଜକୁ ଭାରି ଅସାଧାରଣ ବୋଲି ଭାବିବାରେ ଲାଗିଥାଅ । ତୁମେ ବିଶ୍ୱାସ କରୁଥାଅ, ତୁମେ ଯେପରି

---

* 'ପ୍ରକାଶକଙ୍କ ଟିପ୍ପଣୀ' ଦେଖନ୍ତୁ ।

'oaob.nitrkl.ac.in' images reprocessed

ଭାବ ଉପରକୁ ଉଠିଯାଇଛ, ସତେଅବା ଉତ୍ତର-ମାନସୀୟ ଆଉକିଛିର ନିକଟବର୍ତ୍ତୀ ହେବାରେ ଲାଗିଛ; ମାତ୍ର ତୁମେ ଏପରି ଭାବ ଭୁଲ୍‌ହିଁ କରୁଥାଅ । ଏକ ଅତିସାଧାରଣ ଅବସ୍ଥା ବ୍ୟତୀତ ଏସବୁ ଆଉ କିଛି ନୁହେଁ,—ବଡ଼ ଦୟନୀୟ ଭାବରେ ଅତିସାଧାରଣ ବ୍ୟତୀତ ଆଉ କିଛି ନୁହେଁ । ତେଣୁ ଆହୁରି ଗଭୀର ଭିତରକୁ ଯିବାକୁ ହେବ; ଗୌଣ ବୋଲି କୁହାଯାଇ ନପାରୁଥିବା କୌଣସି କିଛିର ଆବିଷ୍କାର କରିବାକୁ ହେଲେ ତୁମକୁ ନିଜ ଭିତରେହିଁ ଅନାଇ ଦେଖିବାକୁ ଚେଷ୍ଟା କରିବାକୁ ପଡ଼ିବ ।

**ଏକ ପୂର୍ବବର୍ତ୍ତୀ ଜନ୍ମରେ ଆମେ ସମସ୍ତେ ଏକାଠି ଥିଲୁ ବୋଲି ଆପଣ କହିଛନ୍ତି; ମାତ୍ର ସେତେବେଳେ ଯୋଗସାଧନା କରି ନଥିଲେ ମଧ୍ୟ କ'ଣ ତଥାପି ପରସ୍ପର ସହିତ ଆମର ଭେଟ ହୋଇ ନଥାନ୍ତା ?**

ହୋଇଥାନ୍ତା ବୋଲି ନିଶ୍ଚିତ ଭାବରେ କଦାପି କହିହେବ ନାହିଁ ।

ମୁଁ ଯେଉଁ ସନ୍ଦର୍ଭରେ ସେହି କଥାଟି କହିଥିଲି, ତାହା ମୋର ବେଶ୍ ମନେଅଛି; ଜଣେ ମହିଳା, ଯିଏକି ଏଠାକୁ ଆସିଥିଲେ ଏବଂ ସେ ପ୍ରକୃତରେ ଏଠାକୁ କିପରି ଆସିଲେ ବୋଲି ମୋତେ ପଚାରିଥିଲେ, ମୁଁ ତାଙ୍କୁ ଏହି କଥାଟି କହିଥିଲି । ···ଏକ ସାଧାରଣ ଅର୍ଥରେ ଆମେ ଏହି କଥାଟିକୁ ସତ ବୋଲି କହିବା; ଯେତେବେଳେ ପରସ୍ପରଠାରୁ ଅନେକ ଦୂରବର୍ତ୍ତୀ ହୋଇ ଏହି ପୃଥିବୀର କେତେ କେତେ ଜାଗାରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିମାନେ ଘଟଣାଚକ୍ର ଦ୍ୱାରା ଚାଳିତ ହୋଇ ଅଥବା ଭିତରୁ ଏକ ବଳବତୀ ଇଚ୍ଛା ଦ୍ୱାରା ତାଡ଼ିତ ହୋଇ ଏଠାକୁ ଆସନ୍ତି ଓ ଏଠାରେ ଆସି ସମବେତ ହୁଅନ୍ତି, ସେତେବେଳେ ପ୍ରାୟ ସର୍ବଦା କୁହାଯାଇ ପାରିବ ଯେ ସେମାନେ ପରସ୍ପରକୁ କୌଣସି ନା କୌଣସି ଜୀବନରେ ଭେଟିଥାଆନ୍ତି (ସମସ୍ତେ କେବଳ ଗୋଟିଏ ଜୀବନରେ ସମସ୍ତଙ୍କୁ ଭେଟି ନଥାନ୍ତି) ବୋଲି ସେପରି ଘଟିଥାଏ । ସେମାନେ ଯେ ଏକଦା ଗୋଟିଏ ପରିବାରର ଅନ୍ତର୍ଭୁକ୍ତ ହୋଇ ରହିଥିଲେ, ସେମାନଙ୍କର ଚୈତ୍ୟ ସତ୍ତା ସେକଥାଟିକୁ ଅନୁଭବ କରିଥାଏ ବୋଲି ସେମାନେ ଏଠାରେ ଆସି ଏକଜୁଟ ହୁଅନ୍ତି; ତେଣୁ, ସେମାନେ ଅବଶ୍ୟମ ଭାବରେ ଏକତ୍ର କାର୍ଯ୍ୟ କରିବେ ଓ ପରସ୍ପରର ସହଯୋଗୀ ହୋଇ ରହିବେ ବୋଲି ଅନ୍ତର ଭିତରେ ଏକ ଶପଥ ନେଇଛନ୍ତି । ସେଇଥି ସକାଶେହିଁ, ସେମାନେ ପରସ୍ପରଠାରୁ ଏତେ ଦୂରବର୍ତ୍ତୀ ହୋଇ ଜନ୍ମଗ୍ରହଣ କରିଥିଲେ ମଧ୍ୟ, ସେମାନଙ୍କ ଭିତରେ ଏପରି ଏକେ ବସ୍ତୁ ଥାଏ, ଯାହାକି ସେମାନଙ୍କୁ ଏକଜୁଟ ହେବାକୁ ବାଧ୍ୟ କରିଆଣେ । ଏହାକୁ

'oaob.nitrkl.ac.in' images reprocessed

ଆମେ ଚୈତ୍ୟ ସତ୍ତା ବୋଲି କହୁବା, ଏହି ଚୈତ୍ୟ ଚେତନାଟିହିଁ ପଛରେ ରହି କାର୍ଯ୍ୟ କରୁଥାଏ । ଏବଂ, କେବଳ ଯେଉଁ ପରିମାଣରେ ପରିସ୍ଥିତିଗୁଡ଼ିକୁ ଅଥବା ଜୀବନକୁ ଶୃଙ୍ଖଳିତ ଓ ସଂଗଠିତ କରି ପାରିବା ଲାଗି ଚୈତ୍ୟ ଚେତନାର ଯଥେଷ୍ଟ ଶକ୍ତି ରହିଥାଏ, ଅର୍ଥାତ୍, ବାହ୍ୟ ଶକ୍ତିଗୁଡ଼ିକର ବିରୁଦ୍ଧାଚରଣ ଲାଗି କୌଣସି ପ୍ରକାର ଅନୁମତି ନଦେବାକୁ ଯେତେବେଳେ ତାହା ଯଥେଷ୍ଟ ପରିମାଣରେ ଶକ୍ତ ହୋଇ ରହିଥାଏ, କେବଳ ସେହି ପରିମାଣରେହିଁ ବ୍ୟକ୍ତିମାନେ ପରସ୍ପର ସହିତ ଆସି ମିଳିତ ହୋଇଥାନ୍ତି ।

ବାସ୍ତବତଃ ଆମେ ଏହାକୁ ଗଭୀର ଭାବରେ ସତ୍ୟ ବୋଲି କହିବା; "ଅନେକ ବ୍ୟକ୍ତିସତ୍ତାଙ୍କର ଏପରି କେତେକେତେ ପରିବାର" ରହିଛି, ଯେଉଁମାନେ କି ଗୋଟିଏ ଆଦର୍ଶ ଲାଗି କାର୍ଯ୍ୟ କରୁଛନ୍ତି, ଯେଉଁମାନେ ଅଳ୍ପବହୁତ ଅନେକ ସଂଖ୍ୟାରେ ଏକତ୍ର ହୋଇଛନ୍ତି ଓ ଯେଉଁମାନେ ସତେଅବା ବଡ଼ ବଡ଼ ଦଳରେ ଆସି ପହଞ୍ଚୁଥାନ୍ତି । ଏଥିରୁ ମନେହୁଏ, ସତେ ଯେପରି ବେଳେବେଳେ ଚୈତ୍ୟ ଜଗତରେ ନାନା ଜାଗରଣର ସଂଘଟନା ହୁଏ, ସତେ ଯେପରି, "ସମୟ ହୋଇଗଲା, ଶୀଘ୍ର, ଶୀଘ୍ର ଏଥର ଓହ୍ଲାଇ ଆସ" ବୋଲି କିଏ ଜଣେ ଡାକ ଦେଇ କେତେ ନା କେତେ ସୁପ୍ତ ଶିଶୁଙ୍କୁ ନିଦରୁ ଉଠାଇ ଦେବାରେ ଲାଗିଥାଏ । ଏବଂ ସେହି ଡାକ ଶୁଣି ସେମାନେ ଧଡ଼ପଡ଼ ହୋଇ ଓହ୍ଲାଇ ଆସନ୍ତି । ଏବଂ ବେଳେବେଳେ ସେମାନେ ସମସ୍ତେ ଗୋଟିଏ ଜାଗାକୁହିଁ ଓହ୍ଲାଇ ଆସନ୍ତି ନାହିଁ, ସେମାନେ ବିକ୍ଷିପ୍ତ ଭାବରେ କେତେ କେତେ ଜାଗାକୁ ଆସନ୍ତି; ତଥାପି ସେମାନଙ୍କ ଭିତରେ ଏପରି କିଛି ରହିଥାଏ, ଯାହା ସେମାନଙ୍କୁ ସ୍ଥିର କରି ରଖାଇ ଦିଏ ନାହିଁ, ସେମାନଙ୍କୁ ଠେଲିବାରେ ଲାଗିଥାଏ । କୌଣସି ନା କୌଣସି କାରଣରୁ ସେମାନେ ପରସ୍ପରର ନିକଟତର ହୋଇ ଆସନ୍ତି ଏବଂ ଏହିପରି ଭାବରେ ପରସ୍ପର ସହିତ ଆସି ମିଳିତ ହୁଅନ୍ତି । ମାତ୍ର ପ୍ରେରକ ଶକ୍ତିଟି ସେମାନଙ୍କର ସତ୍ତା ମଧ୍ୟରେ ଅନେକ ଗଭୀରରେ ଯାଇ ରହିଥାଏ, ଉପରିଭାଗରେ ମୋଟେ ନଥାଏ; ତା' ନହେଲେ, ସେହି ଲୋକମାନଙ୍କର ପରସ୍ପର ସହିତ ଭେଟ ହେଉଥିଲେ ମଧ୍ୟ ସେମାନେ ସମ୍ଭବତଃ ସେମାନଙ୍କୁ ଏକାଠି ଗୁନ୍ଥି ରଖିଥିବା ଡୋରିଟି ବିଷୟରେ ଆଦୌ ସଚେତନ ବି ହୋଇ ପାରନ୍ତେ ନାହିଁ । ଲୋକେ ଯେତିକି ପରିମାଣରେ ଆପଣାର ଚୈତ୍ୟ ସତ୍ତାଟି ବିଷୟରେ ସଚେତନ ହୋଇ ପାରିଥାନ୍ତି, ଆପଣାର ଚୈତ୍ୟ ସତ୍ତାଟିର ନିର୍ଦ୍ଦେଶ ମାନୁଥାନ୍ତି ଓ ତାହାରି ଦ୍ୱାରାହିଁ ପରିଚାଳିତ ହେଉଥାନ୍ତି, କେବଳ ସେତିକି ପରିମାଣରେହିଁ ସେମାନେ ପରସ୍ପରକୁ ଭେଟି ଚିହ୍ନି ପାରନ୍ତି; ତା' ନହେଲେ ଯାବତୀୟ ବିରୋଧ ଆସି ପହଞ୍ଚିବାରେ ଲାଗିଥାଏ, ଯାହାକିଛି ଢାଙ୍କି ପକାଏ, ଜଡ଼ ପଥର ପରି କରି ରଖିଥାଏ, ଆପଣାର ଗଭୀରରେ ଆପଣାକୁ ଆବିଷ୍କାର କରି ପାରିବାକୁ ଓ କାର୍ଯ୍ୟଟିରେ ଯଥାର୍ଥ ପ୍ରକାରେ

'oaob.nitrkl.ac.in' images reprocessed

ସହଯୋଗ କରିବାକୁ ଯେଉଁସବୁ ପ୍ରତିବନ୍ଧକ ତୁମକୁ ନିବୃତ୍ତ କରି ରଖିବାରେ ଲାଗିଥାଏ, ସେହି ସବୁଯାକ ଆସି ବାଟ ଓଗାଳି ବସନ୍ତି । ପ୍ରକୃତିର ଶକ୍ତିଗୁଡ଼ିକ ଦ୍ୱାରା କେବଳ ଏପାଖକୁ ଓ ସେପାଖକୁ ଟଳମଟଳ ହେବାହିଁ ସାର ହୁଏ ।

ସମାଧାନ କେବଳ ଗୋଟିଏ; ନିଜର ଚୈତ୍ୟ ସତ୍ତାଟିକୁ ଆବିଷ୍କାର କରିବାକୁ ହେବ, ଏବଂ ତାହାର ଆବିଷ୍କାର କରି ପୂର୍ଣ୍ଣ ନିର୍ଭର ସହିତ ତଦବଲମ୍ବିତ ହୋଇ ରହିବାକୁ ପଡ଼ିବ; ପ୍ରତିବନ୍ଧକ ଯାହାକିଛି ଥାଉ ପଛକେ, କେବଳ ତାହାହିଁ ଯେ ପାଦ ପାଦ କରି ଆଗକୁ ବାଟ ଦେଖାଇ ନେଇଯିବ, ସେଥିଲାଗି ବାଟ ଛାଡ଼ିଦେବାକୁ ପଡ଼ିବ । ତାହାହିଁ ହେଉଛି ଏକମାତ୍ର ସମାଧାନ ।

ଏସବୁ କଥା ମୁଁ ଲେଖି ନଥିଲି, ମାତ୍ର ସେହି ମହିଳାଙ୍କୁ ବୁଝାଇ କହି ଦେଇଥିଲି । "ମୁଁ ଏଠାକୁ କପରି ଆସିଲି ?" ବୋଲି ସେ ମୋତେ ପଚାରିଥିଲେ । ମୁଁ ଉତ୍ତର ଦେଇ କହିଥିଲି ଯେ ବାହ୍ୟ ଚେତନାର କୌଣସି କାରଣବଶତଃ ଯେ ତାହା ଘଟିଲା, ସେକଥା ଆଦୌ ନୁହେଁ, ତାଙ୍କ ଅନ୍ତଃସତ୍ତା ମଧ୍ୟରେ ପ୍ରକୃତରେ କୌଣସି ଏକ ବସ୍ତୁ ରହିଥିଲା, ଯାହାକି ତାଙ୍କୁ ଏଠାକୁ ଟାଣି ଆଣିଥିଲା । ଏହି କ୍ଷେତ୍ରରେ ମୁଁ କେବଳ ଏତିକି କହିବି ଯେ ଆଉ ସବୁକିଛିକୁ ଅତିକ୍ରମ କରିଯାଇ ପାରିବାକୁ ଜାଗରଣଟି ଯଥେଷ୍ଟ ଶକ୍ତିବନ୍ତ ହୋଇ ନଥିଲା ଓ ଜୀବନ ଅତିବାହିତ କରିବାର କେତୋଟି ଅତି ସାଧାରଣ କାରଣ ଲାଗି ସିଏ ପୁନର୍ବାର ତାଙ୍କର ସାଧାରଣ ଜୀବନଟି ମଧ୍ୟକୁ ଫେରି ଯାଇଥିଲେ ।

ବାହାରକୁ ଦେଖିବାକୁ ବେଶ୍ ଏକ କୌତୁକପ୍ରଦ ଘଟଣା ତାଙ୍କୁ ପ୍ରକୃତରେ ଏଠାକୁ ଆଣିଥିଲା । ଅନ୍ୟ ଅନେକ ଯୁବତୀଙ୍କ ପରି ସିଏ ମଧ୍ୟ ଜଣେ ଯୁବତୀ ଥିଲେ, ତାଙ୍କର ବିବାହ ଠିକ୍ ହୋଇ ଯାଇଥିଲା, ମାତ୍ର ବିବାହ ହୋଇ ନଥିଲା; ବରପକ୍ଷରୁ ପ୍ରସ୍ତାବଟି ଭାଙ୍ଗିଗଲା । ସେ ଏଥିରେ ଅତ୍ୟନ୍ତ ଦୁଃଖୀ ହୋଇ ପଡ଼ିଥିଲେ, କେତେ କାନ୍ଦିଲେ ଏବଂ କାନ୍ଦି କାନ୍ଦି ନିଜର ସୁନ୍ଦର ମୁହଁଟିକୁ ଅବନିଆଁ କରି ପକାଇଥିଲେ, ତାଙ୍କ ମୁହଁ ଉପରେ ରେଖାମାନ ପଡ଼ିଗଲା । ଏବଂ ଦୁଃଖର ଭାରଟା ଦୂର ହୋଇଯିବାବେଳକୁ ତାଙ୍କର ପୂର୍ବ ସୌନ୍ଦର୍ଯ୍ୟ ମଧ୍ୟ ଆଉ ଫେରି ଆସିଲା ନାହିଁ । ଏଣୁ ସେ ଅତିଶୟ ବିରକ୍ତ ହୋଇ ପଡ଼ିଲେ; ମୁହକୁ ସୁନ୍ଦର କରି ପାରୁଥିବା ବ୍ୟବସାୟୀ କେତେ ବିଶେଷଜ୍ଞଙ୍କ ସହିତ ଯାଇ ପରାମର୍ଶ କଲେ । ସେମାନେ ମୁହଁରେ ପାରଫିନ୍ ଇଞ୍ଜେକ୍ସନ୍ ନେବା ଲାଗି ପରାମର୍ଶ ଦେଲେ : "ଏହି ଇଞ୍ଜେକ୍ସନଟି ନେବା ପରେ ଆପଣଙ୍କ ମୁହଁ ଉପରେ ଆଉ ଗୋଟିଏ ବୋଲି ଗାର ରହିବ ନାହିଁ ।" ତାଙ୍କର ମୁହଁରେ ସେହି ତୈଳାକ୍ତ ଜିନିଷଟିକୁ ଇଞ୍ଜେକ୍ସନ୍ ଦ୍ୱାରା ଫୋଡ଼ି ଦିଆଗଲା; ମାତ୍ର ଅଭିଳଷିତ ପରିଣାମଟି ନଫଳି ତାଙ୍କ ମୁହଁ ଉପରେ ଏଠି ସେଠି ଟେଲିଆ ଟେଲିଆ ହୋଇ ଭାରୁରମାନ ଫଳିଗଲା । ଏଥର କ'ଣ କରିବେ, ସିଏ

'oaob.nitrkl.ac.in' images reprocessed

ଆଉ କିଛି ସାହା ପାଇଲେ ନାହିଁ; କାରଣ ଆଗ ତୁଳନାରେ ତାଙ୍କର ମୁହଁ ଆହୁରି ଅବଜିଆଁ ଦିଶିବାକୁ ଲାଗିଲା । ତା'ପରେ ଜଣେ ନାମକୁ ମାତ୍ର ବୈଦ୍ୟଙ୍କ ସହିତ ତାଙ୍କର ଭେଟ ହେଲା, ଯିଏ ତାଙ୍କୁ କହିଲେ ଯେ ତାଙ୍କର ସୁନ୍ଦର ମୁହଁଟିକୁ ଫେରାଇ ଆଣିବାକୁ ଇଂଲଣ୍ଡରେ ଆଉ କୌଣସି ଉପାୟ କରି ହେବ ନାହିଁ । ସିଏ ତାଙ୍କୁ କହିଲେ "ଭାରତ ବର୍ଷକୁ ଯାଅ; ସେଠି ବଡ଼ ବଡ଼ ଯୋଗୀମାନେ ଅଛନ୍ତି ଯେଉଁମାନେ କି ତୁମ ଲାଗି ଏକଥାଟିକୁ କରିଦେଇ ପାରିବେ !" ସେହି କାରଣରୁହିଁ ସିଏ ଏଠାକୁ ଆସିଥିଲେ । "ଆପଣ ଦେଖୁଛନ୍ତି ମୋ ମୁହଁଟାଯାକ କିପରି ଖିନଖରାପ ହୋଇଯାଇଛି, ଆପଣ ମୋ ମୁହଁର ପୂର୍ବ ସୌନ୍ଦର୍ଯ୍ୟଟିକୁ ଫେରାଇ ଆଣି ପାରିବେ କି ?" ମୁଁ କହିଲି, ମୁଁ ପାରିବି ନାହିଁ ! ତା'ପରେ ସେ ମୋତେ ଯୋଗ ବିଷୟରେ ନାନା ପ୍ରଶ୍ନ ପଚାରିବାକୁ ଆରମ୍ଭ କଲେ ଏବଂ ସତେ ଅବା ବିହ୍ୱଳ ହୋଇ ପଡ଼ିଲେ । ସେଇଦିନ ମୋତେ ସେ କହିଥିଲେ, "ମୋ ମୁହଁର ଗାରଗୁଡ଼ାକୁ ଭଲ କରିବା ଲାଗି ମୁଁ ଭାରତବର୍ଷକୁ ଆସିଥିଲି; ମାତ୍ର ବର୍ତ୍ତମାନ ଆପଣ ମୋତେ ଯେଉଁସବୁ କଥା କହୁଛନ୍ତି, ସେସବୁ ମୋତେ ଭାରି ଭଲ ଲାଗୁଛି । କିନ୍ତୁ ତା'ହେଲେ ମୁଁ ଏଠାକୁ ପ୍ରକୃତରେ କେଉଁଟି ସକାଶେ ଆସିଥିଲି ? ପ୍ରକୃତରେ ଏହି ଉଦ୍ଦେଶ୍ୟଟିକୁ ନେଇ ମୁଁ ତ ଏଠାକୁ ଆଦୌ ଆସି ନଥିଲି ।" ମୁଁ ତାଙ୍କୁ ବୁଝାଇ କହିଲି ଯେ ତାଙ୍କର ସେହି ବାହ୍ୟ ସତ୍ତାଠାରୁ ଏକାନ୍ତ ଭିନ୍ନ ଆଉକିଛି ଏକ ପଦାର୍ଥ ଅବଶ୍ୟ ରହିଛି ଏବଂ ତାଙ୍କର ଚୈତ୍ୟ ସତ୍ତାଟିହିଁ ତାଙ୍କୁ ଏଠାକୁ ଚାଳିତ କରି ନେଇ ଆସିଥିଲା । ବାହାରର ଉଦ୍ଦେଶ୍ୟଗୁଡ଼ାକ ହେଉଛନ୍ତି କେବଳ ଗୋଟିଏ ଗୋଟିଏ ଉପଲକ୍ଷ, ଏବଂ ଆପଣାର ଉପଲବ୍ଧି କରିବା ଲାଗି ଚୈତ୍ୟ ସତ୍ତା ସେଗୁଡ଼ିକୁ ସବୁବେଳେ କାମରେ ଲଗାଉଥାଏ ।

ମାତ୍ର ସେହି ଭଦ୍ରମହିଳା ବେଶ୍ ଜଣେ ବଢ଼ିଆ ମଣିଷ ଥିଲେ । ଆରମ୍ଭରୁହିଁ ପ୍ରତ୍ୟେକ ବସ୍ତୁ ଓ ପ୍ରତ୍ୟେକ ମନୁଷ୍ୟ ଲାଗି ତାଙ୍କର ଏକ ଉଦାର ଏବଂ ସଦିଚ୍ଛାପୂର୍ଣ୍ଣ ଦୃଷ୍ଟିକୋଣ ରହିଥିଲା, ଏପରିକି ସବୁଠାରୁ ଦୁଷ୍ଟ ଓ ଦୁର୍ବୃତ୍ତ ଲୋକମାନଙ୍କ ପ୍ରତି ମଧ୍ୟ ସେ ସେହି ଦୃଷ୍ଟି ରଖିଥିଲେ । ସିଏ ସର୍ବଦା କେବଳ ଭଲ ଦିଗଟିକୁହିଁ ଦେଖୁଥିଲେ । ତା'ପରେ ସେ ଏଠାରେ କିଛିଦିନ ରହିଲେ ଓ ତାଙ୍କର ଚେତନା ବିକାଶଲାଭ କରିବାକୁ ଲାଗିଲା; କିଛିଦିନ ପରେ, ଯୋଉ ମଣିଷ ପ୍ରକୃତରେ ଯେପରି, ସେମାନଙ୍କୁ ସେ ସେହିପରି ଦେଖିବାକୁ ଆରମ୍ଭ କଲେ । ତେଣୁ, ଦିନେ ସେ ମୋତେ ଆସି କହିଲେ, "ଆଗେ, ଯେତେବେଳେ ମୋର ଚେତନା ହୋଇ ନଥିଲା, ସେତେବେଳେ ମଣିଷ ମାତ୍ରକେ ସମସ୍ତଙ୍କୁ ମୁଁ ଭଲ ବୋଲି ଭାବୁଥିଲି । ସେତେବେଳେ ଲୋକମାନେ ମୋତେ ଭାରି ଭଲ ବୋଲି ମନେ ହେଉଥିଲେ । ଆପଣ ମୋତେ ଏପରି ସଚେତନ କରି ପକାଇଲେ କାହିଁକି ?" ମୁଁ ଉତ୍ତର ଦେଇ ତାଙ୍କୁ କହିଲି, "ବାସ୍ ଏଇଠି

'oaob.nitrkl.ac.in' images reprocessed

ଅଧବାଟରେ କଦାପି ଅଟକ ଯାଆନ୍ତୁ ନାହିଁ । ଆଉଟିକିଏ ଆଗକୁ ଯିବାକୁ ଚେଷ୍ଟା କରନ୍ତୁ ।"

ଯୋଗମାର୍ଗରେ ଚାଲିବା ଥରେ ଆରମ୍ଭ କରି ଦେଇଥିଲେ ଶେଷ ପର୍ଯ୍ୟନ୍ତ ଯିବାହିଁ ସର୍ବଦା ଶ୍ରେୟସ୍କର ।

## ୨୫ ମାର୍ଚ୍ଚ, ୧୯୫୩

**ଆପଣ କହିଛନ୍ତି, "ତୁମେ ସବୁବେଳେ ସତର୍କ ହୋଇ ରହିଥିବ, ଏବଂ, ନିଜ ବାସନାଗୁଡ଼ିକର ପୂରଣ ଲାଗି ତୁମେ ଯେପରି ଭଗବାନଙ୍କୁ ସତେଅବା ଏକ ପରିଚ୍ଛଦ ଓ ଆଚ୍ଛାଦନରୂପେ କେବେହେଲେ ବ୍ୟବହାର ନକରୁଛ, ତୁମକୁ ସେହି କଥା ଦେଖିବାକୁହିଁ ପଡ଼ିବ ।"**

ପ୍ରଶ୍ନ ଓ ଉତ୍ତର, ୧୯୨୯ (୧୪ ଏପ୍ରିଲ)

ଅନେକ ଲୋକ ଅଛନ୍ତି, ଯେଉଁମାନେ କି କେତୋଟି ସିଦ୍ଧାନ୍ତକୁ ସ୍ୱୀକାର କରି ନେଇଥାନ୍ତି । ସେଥିମଧ୍ୟରୁ କେତୋଟି ସିଦ୍ଧାନ୍ତ ବେଶ୍ ସୁବିଧାର ହୋଇ ରହିଥାଏ । ଏବଂ ସେମାନେ କହନ୍ତି, "ଯାହାକିଛି ହେଉଛି, କେବଳ ଭଗବାନଙ୍କ ଇଚ୍ଛା ଫଳରେ ହେଉଛି ।" ଅନ୍ୟମାନେ କହନ୍ତି, "ସେହି ଭଗବାନହିଁ ସବୁଠାରେ ରହିଛନ୍ତି, ସବୁ ପଦାର୍ଥରେ ଅଛନ୍ତି ଓ ସବୁ କରୁଛନ୍ତି ।" ପୁଣି ଆହୁରି ଅନ୍ୟମାନେ ବି ଥାଆନ୍ତି, ଯେଉଁମାନେ କହନ୍ତି "ମୋ ଇଚ୍ଛା ଓ ଭଗବାନଙ୍କ ଇଚ୍ଛାର ଆଉ କୌଣସି ପ୍ରଭେଦ ନାହିଁ, ମୋର ସବୁ କାର୍ଯ୍ୟରେ ମୋତେ ସେଇ ପ୍ରେରଣା ଦେଉଛନ୍ତି ।" ହଁ, ଏପରି ଅନେକ ସିଦ୍ଧାନ୍ତ ରହିଛି ଓ ଲୋକେ ଏପରି କଥାମାନ କହିଥାନ୍ତି । ବଡ଼ ସ୍ୱାଭାବିକ କଥା ଯେ ସେମାନଙ୍କର ଅହଂ ସେହିପରି ସଜୀବ ହୋଇ ରହିଥାଏ । ସେମାନେ ଯାହାକିଛି କରିବାକୁ ଇଚ୍ଛା କରୁଥାନ୍ତି, ସବୁକିଛି କରିବାରେ ଲାଗିଥାନ୍ତି ଏବଂ ଏଣେ କହୁଥାନ୍ତି, "ସେହି ଭଗବାନହିଁ ମୋ ଭିତରେ ରହି ଏହି କାର୍ଯ୍ୟଟିକୁ କରୁଛନ୍ତି । ସେମାନଙ୍କର ମସ୍ତିଷ୍କ ସେମାନଙ୍କ ଆଗରେ ଯାହାକିଛି ଆଣି ଜୁଟାଇ ଦେଉଥାଏ, ତାହାକୁ ସେମାନେ "ଭଗବାନଙ୍କ ଇଚ୍ଛା" ବୋଲି ଧରିନିଅନ୍ତି । ସେଇଟାକୁ ସେମାନେ ବ୍ୟକ୍ତିଗତ ପ୍ରେରଣା ବୋଲି ଆଦୌ କହନ୍ତି ନାହିଁ "ସବୁ ହେଉଛି

'oaob.nitrkl.ac.in' images reprocessed

କେବଳ ସେହି ଭଗବାନଙ୍କ ଇଚ୍ଛାର ଫଳ ।" "ମୁଁ ପ୍ରକୃତରେ କୌଣସି ପ୍ରକାରେ କାର୍ଯ୍ୟ କରୁ ନାହିଁ, ମୋର ମଧ୍ୟଦେଇ ଭଗବାନହିଁ ସବୁକିଛି କରୁଛନ୍ତି ।" ସେମାନେ ଯାହା ଯେତେବେଳେ କରିବାକୁ ଇଚ୍ଛା କରନ୍ତି, ସବୁ କରିବାରେ ଲାଗିଥାନ୍ତି । ଏପରି କିସମର ଅନେକ ଲୋକ ଅଛନ୍ତି । ସେଇଥିପାଇଁ ମୁଁ କହିଥିଲି, "ନିଜ କାମନାଗୁଡ଼ିକୁ ଢାଙ୍କି ରଖିବା ଲାଗି ଭଗବାନଙ୍କୁ ଏକ ସୁନ୍ଦର ପରିଚ୍ଛଦରୂପେ ବ୍ୟବହାର କରିବାକୁ କେବେହେଲେ ମନ କରିବ ନାହିଁ ।"

**"ନିଷ୍ଠାପର ହେବା ହେଉଛି ଅସଲ କଥା । ଯଦି ନିଷ୍ଠା ନଥାଏ, ତେବେ ଯୋଗ ଆରମ୍ଭ କରିବା ଆଦୌ ଉଚିତ ନୁହେଁ ।"**

**ତଦେବ**

ସମ୍ଭବତଃ ନିଷ୍ଠା ହେଉଛି ସବୁଠାରୁ ଅଧିକ କଷ୍ଟକର କଥା ଏବଂ ସମ୍ଭବତଃ ଏହି ନିଷ୍ଠା ଦ୍ୱାରା ମଧ୍ୟ ସବୁଠାରୁ ଅଧିକ କାର୍ଯ୍ୟ ସାଧିତ ହୋଇ ଯାଇଥାଏ ।

ତୁମଠାରେ ଯଦି ସମ୍ପୂର୍ଣ୍ଣ ନିଷ୍ଠା ରହିଥାଏ, ତେବେ ତୁମର ବିଜୟ ସୁନିଶ୍ଚିତ । ଏହା ଯେ କେତେ କଷ୍ଟକର, ତାହାର କୌଣସି ଅନ୍ତ ନାହିଁ । ଆମ ସତ୍ତାର ସବୁଯାକ ଉପାଦାନକୁ, ସବୁଯାକ ଗତିଶୀଳତା(ବାହ୍ୟ ହେଉ ବା ଅନ୍ତରସ୍ଥ ହେଉ)କୁ, ସବୁଯାକ ଅଂଶକୁ, ଅର୍ଥାତ୍ ସେଗୁଡ଼ିକୁ ସବୁଗୁଡ଼ିକୁ ଆମେ ଏପରି ଭାବରେ ଧରାଇ କରିବା ଯେ ସେମାନେ କେବଳ ସେହି ଭଗବାନଙ୍କର ହୋଇ ରହିବେ, କେବଳ ସେହି ଭଗବାନଙ୍କ ସକାଶେ ବଞ୍ଚିବେ, ଭଗବାନ ଯାହାକିଛି ଇଚ୍ଛା କରୁଛନ୍ତି, କେବଳ ତାହାହିଁ ଇଚ୍ଛା କରିବେ; ସେମାନେ କେବଳ ଭଗବାନଙ୍କ ଇଚ୍ଛାକୁହିଁ ଅଭିବ୍ୟକ୍ତ କରିବେ;—ସେମାନଙ୍କର ଏତକ ବ୍ୟତୀତ ଆଉ କୌଣସି ଇଚ୍ଛା ନଥିବ ଓ କେବଳ ଭଗବାନଙ୍କୁ ଛାଡ଼ିଦେଲେ ଶକ୍ତିଲାଭ କରିବାର ଆଉ କୌଣସି ଉତ୍ସ ମଧ୍ୟ ନଥିବ । ଏହାହିଁ ହେଉଛି ନିଷ୍ଠା ।

ଏହିପରି ଭାବରେ ତୁମେ ନିଶ୍ଚୟ ଦେଖିବାକୁ ପାଇବ ଯେ, ତୁମ ଜୀବନରେ ଏପରି କୌଣସି ଗୋଟିଏ ଦିନ, ଗୋଟିଏ ଘଣ୍ଟା ବା ଗୋଟିଏ ମିନିଟ ବି ନଥିବ ଯେତେବେଳେ କି ତୁମର ନିଷ୍ଠାକୁ ଆହୁରି ଅଧିକ ପ୍ରଗାଢ଼ ଓ ଆହୁରି ଅଧିକ ଶୁଦ୍ଧ କରିବା ଲାଗି ତୁମର ଆଦୌ କୌଣସି ଆବଶ୍ୟକତା ନଥିବ;—ଅର୍ଥାତ୍, ଭଗବାନଙ୍କୁ ପ୍ରବଞ୍ଚନା କରିବା ଲାଗି ସମ୍ପୂର୍ଣ୍ଣ ଭାବରେ ମନାହିଁ କରିଦେବାକୁ ପଡ଼ିବ । ନିଜକୁ କୌଣସି ପ୍ରକାରେ ପ୍ରବଞ୍ଚନା ନକରିବା ହେଉଛି ପ୍ରଥମ କଥା । ମଣିଷ ଭଲକରି ଜାଣିଥାଏ ଯେ ସେ ଭଗବାନଙ୍କୁ କଦାପି ପ୍ରବଞ୍ଚନା କରି ପାରିବ ନାହିଁ; ଏପରିକି, ଚତୁରତମ ଅସୁର ମଧ୍ୟ ଭଗବାନଙ୍କୁ କଦାପି ପ୍ରବଞ୍ଚନା କରି ପାରିବ ନାହିଁ । ମାତ୍ର

'oaob.nitrkl.ac.in' images reprocessed

ଜଣେ ମଣିଷ ସେହି କଥାଟିକୁ ଖୁବ୍ ଭଲ କରି ବୁଝିଥିଲେ ମଧ୍ୟ, ନିଜ ଜୀବନରେ ଓ ଅନ୍ୟମାନଙ୍କ ମଧ୍ୟରେ ସେ ବେଶ୍ ଅନେକ ସମୟରେ ଠିକ୍ ସେହି କଥାଟି କରୁଥିବାରହିଁ ଦେଖିବାକୁ ପାଇବ । ଆପଣାର ଅଜାଣତରେ ମଧ୍ୟ ଜଣେ ଆପଣାକୁ ଠକିବା ଲାଗି ଚେଷ୍ଟା କରିବାରେ ଲାଗିଥାଏ;—ବଡ଼ ସ୍ୱତଃସ୍ଫୂର୍ତ୍ତ ଭାବରେ ଓ ପ୍ରାୟ ଯନ୍ତ୍ରଚାଳିତ ଭାବରେ ସେ ଏହା କରିବାରେ ଲାଗିଥାଏ । ଏବଂ ଜଣେ ବିଭିନ୍ନ ସମୟରେ ଯାହାକିଛି କରୁଥାଏ, ଯାହାକିଛି କହୁଥାଏ ଓ ଯାହାକିଛି ଆଚରୁଥାଏ, ସେଥିଲାଗି ଅନୁକ୍ଷଣ କେତେ କ'ଣ ଅନୁକୂଳ କାରଣ ଓ କୈଫିୟତ ଦେବାରେ ଲାଗିଥାଏ । ପ୍ରଥମରେ ଏହିପରି ଘଟେ । ଜିଜିଆ କରିବା ବା "ଏଇଟା ହେଉଛି ତା'ର ଦୋଷ" ବୋଲି କହିବା ପ୍ରଭୃତି ଯେଉଁସବୁ ଅତି ସ୍ପଷ୍ଟ କଥା ରହିଛି, ମୁଁ ଏଠାରେ ସେଗୁଡ଼ିକ ବିଷୟରେ ଆଦୌ କହୁ ନାହିଁ । ଦୈନନ୍ଦିନ ଜୀବନରେ ଯେଉଁସବୁ ସାନ ସାନ କଥା ଘଟିଥାଏ, ମୁଁ ସେଗୁଡ଼ିକ ବିଷୟରେ କହୁଛି ।

ମୁଁ ଏପରି ଗୋଟିଏ ପିଲାକୁ ଜାଣିଛି, ଯିଏକି କବାଟରେ ଯାଇ ଝୁଣ୍ଟିକରି ପଡ଼ିଗଲା ଓ ତା'ପରେ କବାଟକୁ ଆଚ୍ଛାକରି ଗୋଇଠାଟିଏ ବି ପକାଇଲା ! ଏଇଟି ବି ସେହି ଏକା କଥା । ସବୁବେଳେ ସେଇ ଅନ୍ୟ ଜଣକରହିଁ ଭୁଲ ହୁଏ, ସେହି ଅନ୍ୟଜଣେହିଁ ଭୁଲ କରିଥାଏ । ଏପରିକି, ପିଲାଟୁ ବଡ଼ ହୋଇଗଲା ପରେ ମଧ୍ୟ ଓ ବେଶ୍ କଈଁତ୍ ହେତୁ ହୋଇଯିବା ପରେ ମଧ୍ୟ ମଣିଷ ତଥାପି ସେହି ନିର୍ବୋଧତମ କୈଫିୟତଗୁଡ଼ାକୁ ଦେବାରେ ଲାଗିଥାଏ । "ସିଏ ଏପରି କରି ନଥିଲେ ମୁଁ ବି କଦାପି ସେପରି କରି ନଥାନ୍ତି ।" ମାତ୍ର ଏହି କ୍ଷେତ୍ରରେ ଠିକ୍ ଓଲଟା କଥାଟି ହୋଇ ପାରିବା ଉଚିତ ।

ଏହାକୁହିଁ ମୁଁ ନିଷ୍ଠାପର ହେବା ବୋଲି କହିବି । ଯଦି ତୁମେ ଆଉ କାହା ସାଙ୍ଗରେ ଅଛ ଏବଂ ଯଦି ତୁମ ଭିତରେ ନିଷ୍ଠା ରହିଛି, ତେବେ ତୁମ ସାଙ୍ଗରେ ଥିବା ମଣିଷଟି ତାହା ନକରୁଥିଲେ ମଧ୍ୟ ତୁମର ଅକୁଣ୍ଠିତ ଭାବରେ ଉଚିତ କଥାଟିକୁହିଁ କରିବା ଉଚିତ, ତାହାହିଁ ତୁମର ସ୍ୱଭାବ ହୋଇ ରହିବା ଉଚିତ । ଗୋଟିଏ ଅତି ସାଧାରଣ ଦୃଷ୍ଟାନ୍ତ ନିଆଯାଉ : ମନେକର, ଜଣେ ମଣିଷ ହଠାତ୍ ରାଗିଯାଉଛି; ଆଘାତ ଦେଲାଭଳି ଆଦୌ କୌଣସି କଥା କହିବା ପରିବର୍ତ୍ତେ ତୁମେ ସେଠାରେ କିଛି ହେଲେ କହିବ ନାହିଁ, ସ୍ଥିର ଓ ଶାନ୍ତ ହୋଇ ରହିବ, ସେହି ରାଗ ଯେପରି ତୁମ ଭିତରକୁ ମୋଟେ ସଂକ୍ରାମିତ ହୋଇ ଆସି ପାରିବ ନାହିଁ । ଏ କଥାଟି କରିବା ପ୍ରକୃତରେ ସହଜ କି ନୁହେଁ, ସେହି କଥାଟିକୁ ଜାଣିବା ଲାଗି କେବଳ ନିଜ ଭିତରକୁ ଅନାଇ ଦେଖିବାକୁ ପଡ଼ିବ । ଏଇଟାକୁ ଆମେ ବେଶ୍ ଏକ ପ୍ରାଥମିକ କଥା ବୋଲି କହିବା; ତୁମର ପ୍ରକୃତରେ ନିଷ୍ଠା ରହିଛି କି ନାହିଁ; ତାହା ଜାଣିବା ଲାଗି ଏକ ଅତି କ୍ଷୁଦ୍ର ଆରମ୍ଭ ବୋଲିହିଁ କହିବା । ଏବଂ ଏଠାରେ ମୁଁ ଆଦୌ ସେଭଳି ମଣିଷଙ୍କର

'oaob.nitrkl.ac.in' images reprocessed

କଥା କହୁ ନାହିଁ, ଯେଉଁମାନେ ପ୍ରତ୍ୟେକ ପଦେମଣରେହିଁ ଶିକାର ହୋଇ ପଡ଼ନ୍ତି, ଏପରିକି ଅତି ସ୍ଥୂଳ ଉପହାସ ଓ ବ୍ୟଙ୍ଗଗୁଡ଼ାକ ଦ୍ୱାରା ବି ପରାଜିତ ହୋଇ ପଡ଼ନ୍ତି । ଯେଉଁମାନେ ଠିକ୍ ଅନ୍ୟମାନଙ୍କ ଭଳି ସେହି ଏକା ନିର୍ବୋଧତାଟିକୁ ଆଚରି ବସନ୍ତି, ମୁଁ ସେମାନଙ୍କର କଥା ବି କହୁ ନାହିଁ ।

ମୁଁ ତୁମକୁ କହୁଛି : ଯଦି ତୁମେ ତୀକ୍ଷ୍ଣ ଦୃଷ୍ଟିପାତ କରି କେବେ ନିଜ ଆଡ଼କୁ ଅନାଇ ଦେଖିବ, ତେବେ ନିଜ ଭିତରେ ଶହ ଶହ ନିଷ୍ଠାହୀନତା ଆସି ତୁମ ଆଖିରେ ପଡ଼ିବାକୁ ଲାଗିବ; ନିଜର ସାଧାରଣ ମନୋଦୃଷ୍ଟିଟିରେ ନିଷ୍ଠାପର ହୋଇ ରହିବା ଲାଗି ସର୍ବଦା ଚେଷ୍ଟା କରୁଥିଲେ ମଧ୍ୟ ତୁମେ ସେହିପରି ଦେଖିବାକୁ ପାଇବ । ଏହା ପ୍ରକୃତରେ କେଡ଼େ କଷ୍ଟକର, ସେତେବେଳେ ଯାଇ ହୃଦୟଙ୍ଗମ କରିପାରିବ ।

ମୁଁ କହୁଛି : ଯଦି ତୁମେ ଆପଣା ସତ୍ତାର ଯାବତୀୟ ଉପାଦାନରେ ଓ ଏପରିକି ତୁମ ଶରୀରର ଗୋଟିଏ ଗୋଟିଏ ଅଣୁର କ୍ଷେତ୍ରରେ ମଧ୍ୟ ପ୍ରକୃତରେ ନିଷ୍ଠାପର ହୋଇଥାଅ, ଯଦି ତୁମର ସମଗ୍ର ସତ୍ତା ଅଖଣ୍ଡିତ ଭାବରେ କେବଳ ଭଗବାନଙ୍କୁହିଁ ଚାହୁଁଥାଏ, ତେବେ ତୁମେ ନିଶ୍ଚୟ ବିଜୟଲାଭ କରିପାରିବ, ମାତ୍ର ତା'ଠାରୁ କମ୍ ହେଲେ କଦାପି କରି ପାରିବ ନାହିଁ । ଏହାକୁହିଁ ମୁଁ ନିଷ୍ଠାପର ହେବା ବୋଲି କହିବି ।

ନିଜ ଭିତରୁ ଆସୁଥିବା ଆବେଗଗୁଡ଼ାକର ଅଥବା ଖିଆଲଗୁଡ଼ାକର ବୋଲ ମାନି ତା'ପରେ ତୁମେ ଯେତେବେଳେ, "ମୁଁ ତ ଆଉ ମୋର ହୋଇ ନାହିଁ, ମୁଁ ଭଗବାନଙ୍କର ହୋଇଗଲାଣି; ସେହି ଭଗବାନହିଁ ମୋ ଭିତରେ ସବୁ କଥା କରୁଛନ୍ତି, ମୋ ଭିତରେ ସେଇ କ୍ରିୟାଶୀଳ ହୋଇ ରହିଛନ୍ତି" ବୋଲି କହିବାରେ ଲାଗିଥାଅ, ଏଠାରେ ମୁଁ ସେସବୁ ଅତି ସ୍ପଷ୍ଟ ବିଷୟଗୁଡ଼ିକ ଉପରେ କିଛି କହୁ ନାହିଁ । ସେସବୁ କଥା ଯେ ପ୍ରକୃତରେ ଏକାନ୍ତ ଅବିଶୋଧିତ, ସେଥିରେ କୌଣସି ସନ୍ଦେହ ନାହିଁ । ଏଠାରେ ମୁଁ ଅପେକ୍ଷାକୃତ ଅଧିକ ବିଶୋଧିତ ମନୁଷ୍ୟମାନଙ୍କ କଥା କହୁଛି, ଯେଉଁମାନେ କି ଆପଣାକୁ କିଞ୍ଚିତ୍ ପରିମାଣରେ ଅଧିକ ଉନ୍ନତ କରି ରଖିଥାନ୍ତି ଏବଂ ଆପଣାର କାମନାଗୁଡ଼ିକୁ ଢାଙ୍କି ରଖିବା ଲାଗି ଏକ ସୁଦୃଶ୍ୟ ଆବରଣ ପରିଧାନ କରିଥାନ୍ତି ।

ଆମ ଦିନମାନ ଭିତରେ, ପ୍ରକୃତରେ କେତୋଟି କଥା, କେତୋଟି ଭାବନା, କେତୋଟି ଇନ୍ଦ୍ରିୟବୋଧ ଓ ଜୀବନର କେତୋଟି ଇଙ୍ଗିତ ଐକାନ୍ତିକ ଭାବରେ ଏକ ଅଭୀପ୍ସାର ମାର୍ଗରେ ସେହି ଭଗବାନଙ୍କ ଆଡ଼କୁହିଁ ଉଦ୍ଦିଷ୍ଟ ହୋଇ ରହିଥାଏ ? ପ୍ରକୃତରେ କେତୋଟି ? ମୁଁ ଭାବୁଛି, ଯଦି ତମାମ ଦିନଟି ଭିତରେ ଏପରି ଗୋଟିଏ କଥା ବି ରହିଥାଏ, ତେବେ ତୁମେ ହୁଏତ ତାହାକୁ ନାଲି ଅକ୍ଷର ଦ୍ୱାରା ସ୍ୱତନ୍ତ୍ରରୂପେ ଚିହ୍ନିତ କରି ରଖିପାର ।

'oaob.nitrkl.ac.in' images reprocessed

"ନିଷ୍ଠାପର ହୋଇ ରହିଥିଲେ ବିଜୟ ନିଶ୍ଚିତ" ବୋଲି ଯେତେବେଳେ ମୁଁ କହୁଛି, ସେତେବେଳେ ମୁଁ ଯଥାର୍ଥ ନିଷ୍ଠାର କଥା କହୁଛି; ଯେଉଁ ଶିଖାଟି ଅବିରାମ ଭାବରେ ସତେଅବା ଏକ ଅର୍ଘ୍ୟ ଓ ନୈବେଦ୍ୟ ପରି ଜଳିବାରେ ଲାଗିଥାଏ, ନିଜକୁ ସେହିପରି ଗୋଟିଏ ଶିଖାରେ ପରିଣତ କରିଦେବା ବିଷୟରେ କହୁଛି । କେବଳ ସେହି ଭଗବାନଙ୍କ ଦ୍ୱାରା ବଞ୍ଚିବା ଏବଂ ଭଗବାନଙ୍କ ପାଇଁ ବଞ୍ଚିବା, ତାଙ୍କ ବ୍ୟତୀତ ଯେ କିଛିହେଲେ ତିଷ୍ଠି ରହି ପାରିବ ନାହିଁ, ସେହି କଥାଟିକୁ ଅନୁଭବ କରିବା, ମୁଁ ସେହି ଗଭୀର ଆନନ୍ଦଟିର କଥା କହୁଛି । ସେହି ଯେଉଁ ସର୍ବୋଚ୍ଚ ପରମ ସତ୍ତାଙ୍କୁ ଆମେ ଭଗବାନ ବୋଲି କହୁଛୁ (କାରଣ ତାଙ୍କୁ କୌଣସି ନା କୌଣସି ଶବ୍ଦ ଦେଇହିଁ କହିବାକୁ ପଡ଼ିବ), ତାହାର ଡାକ ଶୁଣି, ତାହାର ଅଭୀପ୍ସାରେ ତାହାର ଲାଗି ଆପଣାକୁ ଉନ୍ମୋଚିତ କରି ନରଖି ପାରିବା ପର୍ଯ୍ୟନ୍ତ ଏହି ଜୀବନର ଆଉ କୌଣସି ଅର୍ଥ ନାହିଁ, କାହାର ଆଉ କୌଣସି ଉଦ୍ଦେଶ୍ୟ ଅଥବା ମୂଲ୍ୟ ନାହିଁ, କୌଣସି ତାତ୍ପର୍ଯ୍ୟହିଁ ନାହିଁ । ଏବଂ କେବଳ ସେଇଥି ସକାଶେହିଁ ଏହି ବିଶ୍ୱବ୍ରହ୍ମାଣ୍ଡ ଅସ୍ତିତ୍ୱ ଧରି ରହିଛି । ଯଦି ସେତିକକୁ ଅପସାରି ନିଆଯାଏ, ତେବେ ତା'ପରେ ଆଉ କିଛିହେଲେ ରହିବ ନାହିଁ, ସବୁକିଛି ଅନ୍ତର୍ହିତ ହୋଇଯିବ ।

## ୧ ଏପ୍ରିଲ, ୧୯୫୩

"ମହତ୍ୱାକାଙ୍‌କ୍ଷାହିଁ ଅନେକ ଯୋଗୀଙ୍କର ଯୋଗକୁ ନିଷ୍ଫଳ କରି ଦେଇଛି । ଏହି ବ୍ୟାଧିଟି ଆପଣାକୁ ପ୍ରକୃତରେ ଅନେକ ଦିନ ପର୍ଯ୍ୟନ୍ତ ଲୁଚାଇ କରି ବେଶ୍ ରଖିପାରେ । ମହତ୍ୱାକାଙ୍‌କ୍ଷା ବିଷୟରେ କୌଣସି ସଚେତନ ବୋଧ ନଥାଇ ମଧ୍ୟ ଅନେକ ବ୍ୟକ୍ତି ଯୋଗସାଧନା ଆରମ୍ଭ କରିଦିଅନ୍ତି । ମାତ୍ର ବିଭିନ୍ନ ଶକ୍ତିର ଅଧିକାରୀ ହେବା ସଙ୍ଗେ ସଙ୍ଗେ ସେମାନଙ୍କର ମହତ୍ୱାକାଙ୍‌କ୍ଷା ମଧ୍ୟ ଆହୁରି ଉପରକୁ ଉଠିଯାଏ; ଆରମ୍ଭରୁ ପ୍ରକାଶ୍ୟ ହୋଇ ପଦାକୁ ବାହାରି ପାରି ନଥିବାରୁ ତାହା ଅଧିକ ତୀବ୍ର ହୋଇହିଁ ଉପରକୁ ଉଠିଥାଏ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୪ ଏପ୍ରିଲ)

ଏହାକୁ ଆପଣ ଏକ ବ୍ୟାଧି ବୋଲି କାହିଁକି କହୁଛନ୍ତି ?

'oaob.nitrkl.ac.in' images reprocessed

ଏଇଟି ହେଉଛି ଗୋଟିଏ ପ୍ରତିରୂପ; ମନେକର ଗୋଟିଏ ବଢ଼ିଆ ଆମ୍ବ, ଉପରକୁ ଭାରି ସୁନ୍ଦର ଦେଖାଯାଉଛି, ମାତ୍ର କାଟି ଦେଲାବେଳକୁ ଭିତରେ ଗୋଟିଏ ପୋକ ରହିଥିବାର ଜଣାଯାଉଛି। ଏପରି ହେଲା, କାରଣ ଫଳଟି ଧରିବା ଆଗରୁହିଁ ମାଛି ସେଥିରେ ଗୋଟିଏ ଡିମ୍ବ ପାଡ଼ି ଦେଇଥିଲା; ମାତ୍ର ବାହାରୁ ତାହାର ଆଦୌ କୌଣସି ସୂଚନା ବି ମିଳୁ ନଥିଲା। ଠିକ୍ ସେମିତି, ହୁଏତ ସବୁ ଭାରି ନିଷ୍କପଟ ଓ ସ୍ୱାର୍ଥମୁକ୍ତ ବୋଲି ମନେ ହେଉଥାଏ। ମାତ୍ର ଭିତରେ, ଠିକ୍ ତଳଭାଗରେ, ଏକ ବୃହତ୍ ମହତ୍ୱାକାଙ୍କ୍ଷା ଅବସ୍ଥାନ କରୁଥାଏ, କୌଣସି ଏକ ଅସାଧାରଣ ବିଶେଷ ସ୍ଥାନ ହାସଲ କରିବା ଲାଗି ଓ ସମସ୍ତଙ୍କର ସମ୍ମାନ ଲାଭ କରିବା ଲାଗି ଏକ ବାସନା ରହିଥାଏ···ଅର୍ଥାତ୍, ଅହଂଟି ରହିଥାଏ। ଏଇଟିକୁ ମୁଁ ବ୍ୟାଧି ବୋଲି କହୁଛି; ସେଇଟି ଭାରି ଚୁପ୍‌ଚାପ୍ ହୋଇ ରହିଥାଏ, ମାତ୍ର ନିଃସନ୍ଦେହ ଭାବରେ ରହିଥାଏ। ଯେତେବେଳେ ଶକ୍ତି ଉପଲବ୍ଧ ହୁଏ, ସେତେବେଳେ, ମୁଁ ଯେ ପ୍ରକୃତରେ କିଛି ନୁହେଁ, କିଛି ଲାଗି ଯୋଗ୍ୟ ନୁହେଁ, ଏବଂ ମୋର କେବଳ ଯଥାସମ୍ଭବ ଉଦାସୀନ ଓ ରାଗମୁକ୍ତ ହୋଇ ରହିବା ଉଚିତ, ଏହି କଥାଟିକୁ ଉପଲବ୍ଧି ନକରି ଜଣେ ଆପଣାକୁ ଠକିବାକୁହିଁ ବାହାରିପଡ଼େ, ଅନ୍ୟମାନେ ବି ମୋର ଏହି ସାମର୍ଥ୍ୟଟିକୁ ଜାଣନ୍ତୁ ବୋଲି ଏକ ଆବଶ୍ୟକତା ରହିଥିବାର ଅନୁଭବ କରେ। ଏହିଟିକୁହିଁ ମୁଁ ବ୍ୟାଧି ବୋଲି କହୁଛି। ଭିତରେ ଯାହାକିଛି ଥାଏ, ସେହି ବ୍ୟାଧି ସବୁକିଛିକୁ ଖାଇପକାଏ ଏବଂ ତଥାପି ଉପରର ରୂପଟି ଯେପରି ଥିଲା, ଠିକ୍ ସେହିପରି ହୋଇ ରହିଥାଏ।

**"ଆମ ସତ୍ତା ଭିତରେ ସମଶୀଳତାର ପ୍ରତିଷ୍ଠା" କରିବା ଆବଶ୍ୟକ ବୋଲି ଆପଣ କହୁଛନ୍ତି ?**

ତଦୈବ

କୌଣସି ସମାଙ୍ଗ ବା ସମଶୀଳ ବସ୍ତୁ କହିଲେ କ'ଣ ବୁଝାଏ, ତୁମେ କ'ଣ ଜାଣି ନାହଁ ? ଆପଣାର ସବୁଯାକ ସତ୍ତ୍ୱଗତ ଭାଗଗୁଡ଼ିକୁ ନେଇହିଁ ଏକ ସମାଙ୍ଗ ପଦାର୍ଥର ଗଠନ ହୋଇଥାଏ। ତାହାର ଅର୍ଥ ହେଉଛି ଯେ ସମଗ୍ର ସତ୍ତାଟିକୁହିଁ ସେହି ଗୋଟିଏ ପ୍ରଭାବ, ଗୋଟିଏ ଚେତନା, ଗୋଟିଏ ପ୍ରବୃତ୍ତି ଏବଂ ଗୋଟିଏ ଇଚ୍ଛାର ଅଧୀନ ହୋଇ ରହିବାକୁ ପଡ଼ିବ। କେତେ ନା କେତେ ପ୍ରକାରର ବିଭିନ୍ନ ଖଣ୍ଡ ବା ଅଂଶ ଦେଇ ଆମର ଗଠନ ହୋଇଛି। ସେଗୁଡ଼ିକ ଗୋଟିକ ପରେ ଗୋଟିଏ କରି ସକ୍ରିୟ ହୋଇଥାନ୍ତି। କାହା ଭିତରେ ପ୍ରକୃତରେ କେଉଁ ଅଂଶଟି ସକ୍ରିୟ ହୋଇ ରହିଛି, ସେହି ଅନୁସାରେହିଁ ଜଣେ ପୃଥକ୍ ମଣିଷ ହୋଇ ଗଢ଼ିହୋଇ ରହିଥାଏ ଓ ପୃଥକ୍ ମଣିଷ ହିସାବରେ ବିଚରଣ କରୁଥାଏ। ଉଦାହରଣସ୍ୱରୂପ, ଜଣକ ମନରେ

'oaob.nitrkl.ac.in' images reprocessed

ପ୍ରଥମେ ଏପରି ଏକ ଅଭୀପ୍ସା ଜାତ ହେଲା ଯେ ସବୁକିଛି କେବଳ ଭଗବାନଙ୍କ ପାଇଁହିଁ ରହିଛି; ତା'ପରେ ତାହାର ଫଳରେ କିଛି ନା କିଛି ଘଟେ, କେହିଜଣେ ଆସି ପହଞ୍ଚିଗଲା ପରି ଲାଗେ, କିଛି ନା କିଛି କରିବାକୁ ହୁଏ, ଏବଂ ତା'ପରେ ସବୁକିଛି କୁଆଡ଼େ ଉଭେଇଯାଏ । ତା'ପରେ ସେ ସେହି ଅନୁଭୂତିଟିକୁ ଆଉ ଥରେ ଲାଭ କରିବାକୁ କେତେ ନା କେତେ ଚେଷ୍ଟା କରେ, ମାତ୍ର ସେହି ଅନୁଭୂତିର ସ୍ମୃତି ମଧ୍ୟ ରହିପାରେ ନାହିଁ । ଆଉଜଣେ ସମ୍ପୂର୍ଣ୍ଣ ଆଉ ଏକ ଅନୁଭୂତି ଭିତରେ ରହିଥାଏ, ଏପରି ଯେ କିପରି ହୋଇ ପାରିଲା, ଭାବିଲେ ବେଶ୍ ଆଶ୍ଚର୍ଯ୍ୟ ବି ଲାଗେ । ଏପରି ମଣିଷ ଅଛନ୍ତି, ଯେଉଁମାନେ କି ଏକାବେଳକେ ଦୁଇଟା, ତିନୋଟା ବା ଏପରିକି ଚାରିଟା ବ୍ୟକ୍ତିତ୍ୱ ହୋଇ ବଞ୍ଚିଛନ୍ତି ଏବଂ ଗୋଟିଏ ବ୍ୟକ୍ତିତ୍ୱ ଆଉ ଗୋଟିଏ ବ୍ୟକ୍ତିତ୍ୱ ବିଷୟରେ ସମ୍ପୂର୍ଣ୍ଣ ଅଚେତନ ହୋଇ ରହିଛି ।······ମାତ୍ର ବର୍ତ୍ତମାନ ମୁଁ ଏସବୁ ବିଷୟରେ କିଛି କହିବାକୁ ଯାଉ ନାହିଁ । ତୁମମାନଙ୍କ ସମସ୍ତଙ୍କ ଜୀବନରେ ଯେଉଁ ଘଟଣାଟି ଘଟିଛି, ମୁଁ ସେହି ବିଷୟରେ କହୁଛି ତୁମମାନଙ୍କର ଏକଦା ଏକ ଅନୁଭୂତି ହୋଇଛି ଏବଂ ବେଶ୍ କିଛି ସମୟ ଲାଗି ତୁମେମାନେ ଅନୁଭବ କରିଛ ଓ ବୁଝିଛ ଯେ କେବଳ ଏହି ଅନୁଭୂତିଟିରହିଁ ଯାହାକିଛି ମହତ୍ତ୍ୱ ରହିଛି, ଯାହାର କି ସବୁଯାକ ମୂଲ୍ୟ ରହିଛି······ତା'ପରେ ଅଧ ଘଣ୍ଟାକ ପରେ ତୁମେ ସେହି ଅନୁଭୂତିଟିକୁ ମନେ ପକାଇବାକୁ ଚେଷ୍ଟା କରୁଛ, ସତେ ଅବା ଧୂଆଁ ପରି ତାହା କୁଆଡ଼େ ମିଳାଇ ଯାଉଛି । ଅନୁଭୂତିଟି କୁଆଡ଼େ ମନ କୁଆଡ଼େ ଚାଲିଯାଇଛି । ମାତ୍ର ଅଧ ଘଣ୍ଟାକ ପୂର୍ବେ ସେଇଟି ତୁମ ପାଖେ ରହିଥିଲା ଓ ଏତେ ଶକ୍ତିଶାଳୀ ହୋଇ ରହିଥିଲା······ ଏହାର କାରଣ ହେଉଛି ଯେ ଭିନ୍ନ ଭିନ୍ନ ଯାବତୀୟ ବସ୍ତୁ ଦେଇ ମଣିଷର ଗଠନ ହୋଇଛି । ମଣିଷର ଶରୀର ହେଉଛି ଗୋଟିଏ ମୁଣା ପରି, ଯାହା ଭିତରେ ଗୋଡ଼ି ରହିଛି, ମଣିମୁକ୍ତା ବି ରହିଛି, ସବୁ ମିଶାମିଶି ହୋଇ ରହିଛି ଏବଂ କେବଳ ସେହି ମୁଣାଟାହିଁ ସେସବୁକୁ ଏପରି ଏକାଠି କରି ରଖିଛି । ଏଇଟିକୁ ଆମେ କଦାପି ଏକ ସମଶୀଳ ଓ ସମରୂପ ଚେତନା ବୋଲି କହିବା ନାହିଁ, ଏଇଟିକୁ ଆମେ ଏକ ଅସମଶୀଳ ଚେତନା ବୋଲି କହିବା ।

ଆପଣାର ଜୀବନରେ ମଣିଷ ଭିନ୍ନ ଭିନ୍ନ ସମୟରେ ବେଶ୍ ଭିନ୍ନ ଭିନ୍ନ ମଣିଷ ହୋଇ ରହିପାରିବ । ମୁଁ ଏପରି ଲୋକଙ୍କୁ ଜାଣେ, ଯେଉଁମାନେ କୌଣସି ନିର୍ଦ୍ଦିଷ୍ଟ 'ନିଷ୍ପତ୍ତି ଗ୍ରହଣ କରିଥିଲେ, ସେମାନଙ୍କର ଇଚ୍ଛା ମଧ୍ୟ ଶକ୍ତିଶାଳୀ ହୋଇ ରହିଥିଲା; ସେମାନେ କ'ଣ ଯେ ଚାହୁଁଥିଲେ, ସେହି କଥାଟିକୁ ଭଲ କରି ଜାଣିଥିଲେ ଏବଂ ତାହା କରିବାକୁ ପ୍ରସ୍ତୁତ ବି ଥିଲେ । ତା'ପରେ ସେମାନଙ୍କ ସତ୍ତା ଭିତରେ କ'ଣ ଟିକିଏ ଏପାଖସେପାଖ ହୋଇଗଲା; ଆଉ ଗୋଟିଏ ଅଂଶ ଉପରେ ଆସି ଆବିର୍ଭୂତ ହେବାକୁ ଲାଗିଲା ଏବଂ ଦଶଟା ମିନିଟ ଭିତରେ ସବୁକିଛି ନଷ୍ଟ କରିଦେଲା । ଯାହା

'oaob.nitrkl.ac.in' images reprocessed

ହାସଲ କରିବା ଲାଗି ଦୁଇ ମାସ ଲାଗିଥିଲା, ତାହା ସମୂଳେ କୁଆଡ଼େ ନଷ୍ଟ ହୋଇ ଗଲା । ଏହାପରେ ଯେତେବେଳେ ପ୍ରଥମ ଅଂଶଟି ପୁନର୍ବାର ଫେରିଆସେ, ସେତେବେଳେ ଏସବୁ ଦେଖି ତାହା ଖୁବ ବ୍ୟାକୁଳ ହୋଇପଡ଼େ ଓ "କ'ଣ ହେଲା !" ବୋଲି କହିବାକୁ ଲାଗେ । ତା'ପରେ ପୁନର୍ବାର ଧୀରେ ଧୀରେ ସବୁ କଥାଟିକୁ ମୂଳରୁହିଁ ଆରମ୍ଭ କରିବାକୁ ପଡ଼େ । ତେଣୁ, ଚୈତ୍ୟ ସତ୍ତାଟି ବିଷୟରେ ସଚେତନ ରହିବା ପ୍ରକୃତରେ କେତେ ଯେ ମହତ୍ତ୍ୱପୂର୍ଣ୍ଣ, ଏଥିରୁ ସେହି କଥାଟି ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି । ଆମ ଭିତରେ ଏପରି ଏକ ସଙ୍କେତକ ଅଥବା ଦର୍ପଣ ରହିଥିବ, ଯେଉଁଥିରେ କି ସବୁକିଛି ପ୍ରତିଫଳିତ ହୋଇ ପାରୁଥିବ ଏବଂ ଆମ ଭିତରର ସବୁକିଛି ବସ୍ତୁର ପ୍ରକୃତ ସ୍ୱରୂପଟି ସ୍ପଷ୍ଟ ଭାବରେ ଦିଶି ଯାଉଥିବ । ଏବଂ ତା'ପରେ, ସେଗୁଡ଼ିକ ପ୍ରକୃତରେ ଯାହା, ସେହି ଅନୁସାରେ ଆମେ ସେଗୁଡ଼ିକୁ ପ୍ରକୃତରେ ଯଥା ସ୍ଥାନରେ ନେଇ ରଖିଦେଇ ପାରିବା; ସେଗୁଡ଼ିକୁ ଆମେ ଯଥାର୍ଥ ଭାବରେ ବୁଝିବାକୁ ଆରମ୍ଭ କରିବା ଏବଂ ସଂଗଠିତ ବି କରିପାରିବା । ସେଥିପାଇଁ ବେଶ୍ ସମୟ ଲାଗିବ । ସେହି ଗୋଟିଏ ଅଂଶ ହୁଏତ ଧନ ବା ଗୃରଥର ପାଇଁ ଲେଉଟି କରି ଆସିବ, ଏବଂ ଯେତେବେଳେ ଯେଉଁ ଅଂଶଟି ଆସୁଥିବ, ସେଇଟି କହୁଥିବ, "ତୁମେ ମୋତେ ସୁନାପାଗ ସବାଆଗ କରି ରଖ; ଅନ୍ୟ ଅଂଶଗୁଡ଼ାକ କ'ଣ କରୁଛନ୍ତି, ସେଇଟାରେ ଆଦୌ କୌଣସି ମହତ୍ତ୍ୱ ନାହିଁ, ମୋଟେ କିଛିହେଲେ ମହତ୍ତ୍ୱ ନାହିଁ; କେବଳ ମୁଁ ଯାହାକିଛି ନିଷ୍ପତ୍ତି କରିବି;—କାରଣ ମୁଁ ହେଉଛି ସବୁଠାରୁ ଅଧିକ ମହତ୍ତ୍ୱର, ସବୁଠାରୁ ଅଧିକ ମୂଲ୍ୟର ।" ମୋର ଆଦୌ କୌଣସି ସନ୍ଦେହ ନାହିଁ ଯେ ଯଦି ତୁମେ ଆପଣା ଆଡ଼କୁ ଅନାଇ ଦେଖିବ, ତେବେ ବେଶ୍ ଦେଖି ପାରିବ ଯେ ତୁମମାନଙ୍କ ଭିତରୁ ଏପରି ଜଣେ କେହିହେଲେ ନାହାନ୍ତି, ଯାହାଙ୍କର କି ଏପରି ଅନୁଭୂତ ହୋଇ ନାହିଁ । ତୁମେ ସଚେତନ ହେବାକୁ ଇଚ୍ଛା କରୁଛ, ସଦିଚ୍ଛା ଅର୍ଜନ କରିବାକୁ ଚାହୁଁଛ, ତୁମେ ସବୁ କଥା ବୁଝିଛ, ତୁମ ଅଭୀପ୍ସାର ଦୀପ୍ତି ଝଲଝଲ ହେବାରେ ଲାଗିଛି—ସବୁକିଛି ଦୀପ୍ତ ହୋଇ ଉଠିଛି, ଦେଦୀପ୍ୟମାନ ହେବାରେ ଲାଗିଛି । ମାତ୍ର ତା'ପରେ ହଠାତ୍ କ'ଣ ଗୋଟାଏ ଘଟୁଛି, କୋଉଠି ତୁମେ କୌଣସି ଏକ ନିରର୍ଥକ କଥାବାର୍ତ୍ତାରେ ଯାଇ ପଶିଯାଉଛ, ଦୁର୍ଭାଗ୍ୟବଶତଃ କ'ଣ ଗୋଟାଏ ଘଟୁଛି; ଏବଂ ସେଇଥିରେ ସବୁକିଛି ଓଲଟପାଲଟ ହୋଇଯାଉଛି । ତା'ପରେ ତୁମେ ଭାବୁଛ ଯେ ଆଗରୁ ତୁମେ କେବଳ ଗୋଟାଏ ଭ୍ରମ ଭିତରେହିଁ ରହିଥିଲ, ଏବଂ କେବଳ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣରୁହିଁ ସକଳ ବସ୍ତୁକୁ ଦେଖିବାରେ ଲାଗିଥିଲ ।

ଏଇ ହେଉଛି ଜୀବନ ! ସର୍ବପ୍ରଥମ ଅବସରଟିରେହିଁ ମଣିଷ ଝୁଣ୍ଟି କରି ତଳେ ପଡ଼ିଯାଏ । ସେତେବେଳେ ସେ ମନେମନେ କହିବାକୁ ଲାଗେ, "ଓଃ,

'oaob.nitrkl.ac.in' images reprocessed

ସବୁବେଳେ କିପରି ଏତେବେଶୀ ସତର୍କ ଓ ଗମ୍ଭୀର ହୋଇ ରହିହେବ କହିଲ !”,—ଏବଂ ତା’ପରେ ଯେତେବେଳେ ଅନ୍ୟ ଭାବଟି ପୁନର୍ବାର ବାହାରିଆସି ପହଞ୍ଚିଯାଏ, ସେତେବେଳେ ସେ ଅତ୍ୟନ୍ତ ବିକଳ ଭାବରେ ଅନୁତାପ କରି କହିବାକୁ ଲାଗେ, “ମୁଁ ସତେ କେଡ଼େ ନିର୍ବୋଧ ହୋଇ ରହିଥିଲି, ସମସ୍ତଗୁଡ଼ାକୁ କେବଳ ନଷ୍ଟହିଁ କରିଦେଲି ! ନା, ଏଥର ପୁଣି ମୂଳରୁହିଁ ଆରମ୍ଭ କରିବାକୁ ହେବ······।” ଏପରି ଗୋଟିଏ ଗୋଟିଏ ବେଳ ଆସେ, ଯେତେବେଳେ କି ଆମ ଭିତରେ ଥିବା ଗୋଟିଏ ଭାଗ ବଡ଼ ଅପ୍ରସନ୍ନ ହୋଇ ରହିଥାଏ, ବିଦ୍ରୋହ ଘୋଷଣା କରିଥାଏ, କେତେ ନା କେତେ ଚକ୍ରାନ୍ତରେ ଘାରିହୋଇ ରହିଥାଏ; ଏବଂ ଅନ୍ୟ ଗୋଟିଏ ଭାଗ ଆଗକୁ ଯିବା ଲାଗି ସଜ ଓ ସମ୍ମତ ହୋଇ ରହିଥାଏ, ସମର୍ପଣଭାବ ଦ୍ଵାରା ପରିପୂର୍ଣ୍ଣ ହୋଇ ରହିଥାଏ । ଗୋଟିକ ପରେ ଗୋଟିଏ ହୋଇ ଏହିପରି ହେବାରେ ଲାଗିଥାଏ ।

ଏ ସବୁଥିରୁ ବାହାରି ଆସିବା ଲାଗି କେବଳ ଗୋଟିଏ ବାଟ ରହିଛି ଯାହା ହେଉନା କାହିଁକି, ସଙ୍କେତସ୍ତମ୍ଭଟି ଅବଶ୍ୟ ରହିଥିବ; ମନୁଷ୍ୟର ଯାବତୀୟ ଅନୁଭୂତ, ଆବେଗ ଏବଂ ଇନ୍ଦ୍ରିୟବୋଧ ଭିତରେ ସେହି ଦର୍ପଣଟି ଯେପରି ସୁସ୍ଥାପିତ ହୋଇ ରହିଥିବ । ଏହି ଦର୍ପଣଟି ଉପରେ ସେ ସବୁକିଛିକୁ ଦେଖିବାକୁ ପାଉଥିବ । ଏସବୁଥିରୁ କେତେକଙ୍କ ଆଡ଼କୁ ଅନାଇ ଦେଖିବା ଲାଗି ମୋଟେ ସୁଖ ଲାଗିବ ନାହିଁ, ସେଗୁଡ଼ାକ ମୋଟେ ସୁନ୍ଦର ଦିଶିବ ନାହିଁ; ଅନ୍ୟ କେତୋଟି ସୁନ୍ଦର ଦିଶୁଥିବେ, ସୁଖକର ଲାଗୁଥିବେ,—ଏବଂ ଏଗୁଡ଼ିକୁ ସାଇତି ରଖିବାକୁ ପଡ଼ିବ । ଦରକାର ହେଲେ ଏହି କଥାଟିକୁ ଦିନକୁ ଶହେ ଥର କରିବାକୁ ପଡ଼ିବ । ଏବଂ ଏପରି କରିବାକୁ ଭାରି ଚମତ୍କାର ବି ଲାଗିବ । ଚୈତ୍ୟ ଦର୍ପଣଟିର ଦ୍ଵାର ପାଖରେ ଆମେ ଗୋଟାଏ ବୃହତ୍ତ୍ର ବୃକ୍ଷ କାଟି ରଖିଥିବା ଏବଂ ଯାବତୀୟ ଉପାଦାନକୁ ସେଇଟିର ଦ୍ଵାର ପାଖରେ ସଜାଇ ରଖିଥିବା । ସେଗୁଡ଼ିକ ଭିତରେ ଯଦି କୌଣସିଟି ଉଚିତ ବା ଯଥାର୍ଥ ହୋଇ ନଥିବ, ତେବେ ଦର୍ପଣଟି ଉପରେ ସେଥିରୁ ଏକ ମଳିନ ଧୂସର ଛାୟାର ପ୍ରତିଫଳନ ହେବାରେ ଲାଗିଥିବ । ସେହି ଉପାଦାନଟିକୁ ଘୁଞ୍ଚାଇ ନେବାକୁ ପଡ଼ିବ, ତାକୁ ନେଇ ଆଉ ଏକ ଉଚିତ ଜାଗାରେ ରଖିବାକୁ ପଡ଼ିବ । ସେଇଟି ସହିତ କଥାବାର୍ତ୍ତା କରିବାକୁ ପଡ଼ିବ, ସବୁ କଥା ବୁଝାଇଦେବାକୁ ପଡ଼ିବ ଏବଂ ଆପଣାକୁ ସେହି ଅନ୍ଧାର ଭିତରୁ ବାହାରି ଆସିବାକୁ ପଡ଼ିବ । ସେପରି କରି ପାରୁଥିଲେ ତୁମକୁ କେବେହେଲେ କ୍ଲାନ୍ତ ବା ନୀରସ ଲାଗିବ ନାହିଁ । ଯେତେବେଳେ ଅନ୍ୟ ଲୋକମାନେ କୌଣସି ସହାନୁଭୂତି ଦେଖାଉ ନଥିବେ, ଯେତେବେଳେ ମୁଣ୍ଡ ଭିତରେ ସର୍ଦ୍ଦି ଜମି ରହିଥିବ, ଯେତେବେଳେ ପାଠଗୁଡ଼ାକ ଆୟତ୍ତ ହୋଇ ପାରି ନଥିବ ବା ସେହିପରି କିଛି ନା କିଛି ଘଟିଥିବ, ସେତେବେଳେ ତୁମେ ଏହି ଦର୍ପଣଟିକୁ ଅନାଇ

'oaob.nitrkl.ac.in' images reprocessed

ଦେଖିବାକୁ ଆରମ୍ଭ କରିବ । ଏହି ଅନୁଭୂତିଟି ହେଉଛି ଏକ ଅଦ୍‌ଭୁତ ଅନୁଭୂତି,— ଏବଂ ବିକାର ବା ରୋଗଟି ମଧ୍ୟ ଦେଖାଯିବାକୁ ଆରମ୍ଭ କରିବ । "ମୁଁ ଖୁବ ନିଷ୍ଠାର ସହିତ ସବୁ କରୁଥିଲି ବୋଲି ଆଗରୁ ଭାବିବାରେ ଲାଗିଥିଲି !"—ସେକଥାଟି ଯେ ଆଦୌ ସତ୍ୟ ନଥିଲା, ସେହି କଥାଟି ପ୍ରମାଣିତ ହୋଇଯିବ ।

ଜୀବନରେ ଏପରି କିଛିହେଲେ ଘଟେ ନାହିଁ, ଯାହାକୁ କି ଆମେ ଆଦୌ ଆକର୍ଷକ ନୁହେଁ ବୋଲି କହି ପାରିବା । ଏହି ଯେଉଁ ଦର୍ପଣଟି କଥା ମୁଁ କହିଲି, ସେଇଟି ଖୁବ ଦୃଢ଼ ହୋଇ ତିଆରି ହୋଇ ରହିଛି । ତୁମେ ଦୁଇ ବର୍ଷ ପର୍ଯ୍ୟନ୍ତ ଏପରି କରିବ, ତିନି ବା ଚାରି ବର୍ଷ ପାଇଁ କରିବ, ବେଳେବେଳେ ହୁଏତ କୋଡ଼ିଏ ବର୍ଷ ପର୍ଯ୍ୟନ୍ତ କରିବାକୁ ପଡ଼ିବ । ଏହିପରି ଅଳ୍ପ କେତେ ବର୍ଷ କରିବା ପରେ ତୁମେ ଯଦି ପଛକୁ ଅନାଇ ଦେଖିବ, ତିନି ବର୍ଷ ପୂର୍ବେ ତୁମେ କ'ଣ ଥିଲ, ଯଦି ତାହାରି ଉପରେ ଦୃଷ୍ଟିପାତ କରିବ, ତେବେ କହିବାକୁ ଆରମ୍ଭ କରିବ, "ଆରେ, ମୁଁ ଏହା ଭିତରେ କେତେ ବଦଳି ଯାଇଛି !...ସେତେବେଳେ କ'ଣ ମୁଁ ପ୍ରକୃତରେ ସେହିପରି ଥିଲି ? ..." ଏପରି ଅନୁଭବ କରିବାକୁ ସେତେବେଳେ କେଡ଼େ ଭଲ ଲାଗିବ, କେତେ ଉତ୍ସାହ ମିଳିବ । "ଆରେ, ମୁଁ ସେତେବେଳେ ସତରେ ସେପରି କହିପାରୁଥିଲି ? ସେପରି କହିପାରୁଥିଲି, ସେପରି ଭାବି ମଧ୍ୟ ପାରୁଥିଲି ?...ମାତ୍ର, ତା'ହେଲେ ସେତେବେଳେ ପ୍ରକୃତରେ କେଡ଼େ ନିର୍ବୋଧ ନଥିଲି ! ଏବଂ ଏହା ଭିତରେ ମୁଁ ପ୍ରକୃତରେ କେତେ ବଦଳି ନଗଲି !" ଏଇଟା କ'ଣ ପ୍ରକୃତରେ ଏକ ଖୁବ ଆକର୍ଷକ କଥା ନୁହେଁ କି, ଖୁବ ଆଗ୍ରହୋଦ୍ଦୀପକ ନୁହେଁ କି ?

## ୮ ଏପ୍ରିଲ, ୧୯୫୩

**"ମନୁଷ୍ୟଜାତିର ସେବା କରିବା ବିଷୟରେ ଯେଉଁ ଧାରଣାଟି ଅନେକ ସମୟରେ ମନ ଭିତରେ ରହିଥାଏ, ସେଇଟିକୁ ଆମେ ମହଦାକାଙ୍‌କ୍ଷାର ସବୁଠାରୁ ଅଧିକ ସାଧାରଣ କିସମଟି ବୋଲି କହିବା । ଏହିସବୁ ସେବା ଅଥବା କାର୍ଯ୍ୟ ପ୍ରତି ରହିଥିବା ଆସକ୍ତିକୁ ଆମେ ବ୍ୟକ୍ତିଗତ ମହଦାକାଙ୍‌କ୍ଷାର ଏକ ସଙ୍କେତ ବୋଲି କହିବା ।"**

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୪ ଏପ୍ରିଲ)

'oaob.nitrkl.ac.in' images reprocessed

**ଆପଣ ଏଇଟାକୁ ଏକ ମହଦାକାଙ୍‌କ୍ଷା ବୋଲି କାହିଁକି କହୁଛନ୍ତି ?**

ତୁମେ ମନୁଷ୍ୟଜାତିର କାହିଁକି ସେବା କରିବାକୁ ଇଚ୍ଛା କରୁଛ, କହିଲ ! ଏହିବିଷୟରେ ତୁମ ମନରେ ପ୍ରକୃତରେ କି ଅଭିପ୍ରାୟ ରହିଛି ? ଏଇଟା ହେଉଛି ଏକ ମହଦାକାଙ୍‌କ୍ଷା, ମଣିଷମାନଙ୍କ ଭିତରେ ଜଣେ ବଡ଼ ମଣିଷ ହେବାର ଆକାଙ୍‌କ୍ଷା । ଏକଥାଟି ବୁଝିବାକୁ ଭାରି କଷ୍ଟ ଲାଗୁଥିବ, ନୁହେଁ ?···ମୁଁ ସେକଥା ବେଶ୍ ଠଉରାଇ ପାରୁଛି !

**ଭଗବାନ ତ ସବୁ ସ୍ଥାନରେ ରହିଛନ୍ତି । ତେଣୁ ମନୁଷ୍ୟସମାଜର ସେବା କରି ମନୁଷ୍ୟ ସେହି ଭଗବାନଙ୍କରହିଁ ତ ସେବା କରିବ, ନୁହେଁ କି ?**

ବଡ଼ ଚମତ୍କାର ଯୁକ୍ତି ! ଏହି ବ୍ୟାପାରଟିରେ ସବୁଠାରୁ ଅଧିକ ପରିଷ୍କାର ହୋଇଯାଇ ଜଣେ ବେଶ୍ କହିପାରିବ ! "ମୋ ଭିତରେ ତ ଭଗବାନ ରହିଛନ୍ତି । ତେଣୁ ମୁଁ ଯଦି ନିଜର ସେବା କରିବ, ତେବେ ତଦ୍ୱାରା ଭଗବାନଙ୍କରହିଁ ତ ସେବା କରିବ ।" (ସମସ୍ତେ ହସି ଉଠିଲେ) ଭଗବାନ ପ୍ରକୃତରେ ସବୁଠାରେ ଅଛନ୍ତି । ତେଣୁ ତୁମର ସାହାଯ୍ୟ ବିନା ମଧ୍ୟ ଭଗବାନ ଅତି ଉତ୍ତମ ଭାବରେ ତାଙ୍କର କାର୍ଯ୍ୟଟିକୁ କରିପାରିବେ ।

ମୁଁ ବେଶ୍ ଭଲ ଭାବରେ ଦେଖି ପାରୁଛି ଯେ ତୁମେ କଥାଟିକୁ ମୋଟେ ବୁଝି ପାରୁ ନାହଁ । ମାତ୍ର ଯଦି ଭଗବାନ ସକଳ ବସ୍ତୁରେ ରହିଛନ୍ତି ବୋଲି ତୁମେ ଯଥାର୍ଥରେ ବୁଝୁଥାଅ, ତେବେ ମନୁଷ୍ୟଜାତିର ସେବା କରିବାକୁ ଯାଇ ତୁମେ ପୁଣି ଆଉ କୋଉଠି କ'ଣ କରିବାକୁ ଯାଉଛ ? ମନୁଷ୍ୟଜାତିର ସେବା କରିବାକୁ ହେଲେ, ସେଥିଲାଗି ଯାହାସବୁ କରିବାକୁ ପଡ଼ିବ, ଭଗବାନଙ୍କ ଅପେକ୍ଷା ତୁମର ସେହି ବିଷୟରେ ଅଧିକ ଜ୍ଞାନ ରହିଥିବା ଦରକାର । ମନୁଷ୍ୟଜାତିର କପରି ସେବା କରିବାକୁ ହେବ, ଏହି ବିଷୟରେ ଭଗବାନଙ୍କଠାରୁ ତୁମେ ବେଶୀ ଜାଣିଛ କି ?

ଭଗବାନ ସର୍ବତ୍ର ଅଛନ୍ତି । ହଁ, ଅଛନ୍ତି । ବସ୍ତୁଗୁଡ଼ିକୁ ଦେଖିଲେ ସେଗୁଡ଼ିକ ଭିତରେ ସେ ଅଛନ୍ତି ବୋଲି ଆଦୌ ବୋଧ ହେଉ ନାହିଁ···ଏହି କ୍ଷେତ୍ରରେ ମୋ ପାଖରେ କେବଳ ଗୋଟିଏ ସମାଧାନ ରହିଛି : ଯଦି ତୁମେ ମନୁଷ୍ୟଜାତିର କୌଣସି କାମରେ ଆସିବା ଲାଗି ପ୍ରକୃତରେ ଇଚ୍ଛା କରୁଛ, ତେବେ ସେଥିଲାଗି କେବଳ ଗୋଟିଏ କଥା କରିବାର ଅଛି; ଏଥିଲାଗି ତୁମକୁ ଯଥାସମ୍ଭବ ଅଧିକରୁ ଅଧିକ ସମଗ୍ର

'oaob.nitrkl.ac.in' images reprocessed

ଭାବରେ ଆପଣାକୁ ନେଇ ଭଗବାନଙ୍କ ପାଖରେ ସମର୍ପି ଦେବାକୁ ହେବ । ତାହାହିଁ ସମାଧାନ । କାରଣ, ଏହିପରି ଭାବରେହିଁ ତୁମେ ଯେଉଁ ଭୌତିକ ସତ୍ୟଟିର ପ୍ରତିନିଧି ହୋଇ ରହିଛ, ତାହା ଭଗବାନଙ୍କ ଭଳି ହୋଇ ଅନ୍ତତଃ ଆଉ ଟିକିଏ ଅଧିକ ବିକଶିତ ହେବା ଲାଗି ସମର୍ଥ ହୋଇ ପାରିବ ।

ଭଗବାନ ସକଳ ବସ୍ତୁରେ ବିଦ୍ୟମାନ ଅଛନ୍ତି ବୋଲି ଆମକୁ କୁହା ଯାଇଥାଏ । ତେବେ ବସ୍ତୁଗୁଡ଼ିକ ବଦଳନ୍ତି ନାହିଁ କାହିଁକି ? କାରଣ ଭଗବାନ ଅନୁରୂପ ସ୍ପନ୍ଦନଟିଏ ପାଇ ପାରନ୍ତି ନାହିଁ, ସବୁକିଛି ବସ୍ତୁ ଭଗବାନଙ୍କ ଲାଗି ଆଦୌ ସ୍ପନ୍ଦନ ଦେଇ ପାରେ ନାହିଁ । ଏହି କଥାଟିକୁ ଦେଖି ପାରିବାକୁ ହେଲେ ଚେତନାର ଗଭୀର ଭିତରେ ଅନୁସନ୍ଧାନ କରି ପାରିବାକୁ ହେବ । ତୁମେ ମନୁଷ୍ୟଜାତିର ସେବା କରିବା ଲାଗି ପ୍ରକୃତରେ କ'ଣ କରିବାକୁ ଚାହୁଁଛ ? ଗରିବମାନଙ୍କୁ ଖାଦ୍ୟ ଦେବାକୁ ଇଚ୍ଛା କରୁଛ ?—ଇଚ୍ଛା କଲେ ତୁମେ ଲକ୍ଷ ଲକ୍ଷ ମଣିଷଙ୍କୁ ଖାଇବାକୁ ଦେଇପାର । ମାତ୍ର ତାହାକୁ କଦାପି ଏକ ସମାଧାନ ବୋଲି କୁହାଯିବ ନାହିଁ, ଏହି ସମସ୍ୟାଟି ଯେମିତି ଥିଲା, ତଥାପି ସେମିତି ରହିବ । ମଣିଷମାନଙ୍କ ଲାଗି ନୂଆ ଆଉ ଅଧିକ ବସତି ଯୋଗାଇ ଦେବ ?—ସେମାନଙ୍କ ଭିତରେ ଯେତେବେଳେ ଭଗବାନ ରହିଛନ୍ତି, ତେବେ ଅବସ୍ଥାଗୁଡ଼ାକ ବଦଳି ପାରୁ ନାହିଁ କାହିଁକି ? ମନୁଷ୍ୟଜାତିର ଅବସ୍ଥା ବିଷୟରେ ତୁମ ଅପେକ୍ଷା ଭଗବାନଙ୍କର ନିଶ୍ଚୟ ଅଧିକ ଜ୍ଞାନ ରହିଥିବ । ତୁମେ ପ୍ରକୃତରେ କ'ଣ କରିଛ ? ତୁମେ ହେଉଛ କେବଳ ଏତେ ଧାପେ ବୋଲି ଚେତନା ଏବଂ ଏତେଟିକିଏ ମାତ୍ର ବସ୍ତୁ; ଏହି କଥାଟିକୁହିଁ ତୁମେ "ମୁଁ" ବୋଲି କହୁଛ । ଯଦି ତୁମେ ମନୁଷ୍ୟଜାତିର ସାହାଯ୍ୟ କରିବାକୁ ଇଚ୍ଛା କରୁଥିବ, ଅଥବା ପୃଥିବୀ ବା ବିଶ୍ୱବ୍ରହ୍ମାଣ୍ଡକୁ ସାହାଯ୍ୟ କରିବାକୁ ଚାହୁଁଥିବ, ତେବେ ସେଥିଲାଗି ସେହି କ୍ଷୁଦ୍ର ଅଂଶଟିକୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଭଗବାନଙ୍କୁହିଁ ଦେଇ ଦେବାକୁ ପଡ଼ିବ । ପୃଥିବୀ ଆଜି ଦିବ୍ୟ ହୋଇ ପାରି ନାହିଁ କାହିଁକି ?···ପୃଥିବୀରେ ଯେ ସବୁକିଛି ଏକ ଉଚିତ ବ୍ୟବସ୍ଥା ଧରି ଚାଲୁ ନାହିଁ, ଏକଥାଟି ନିଶ୍ଚୟ ସ୍ପଷ୍ଟ ହୋଇ ଯାଉଥିବ । ତେଣୁ ତୁମର ନିଜର ବୋଲି ଯାହା ରହିଛି, ତାହାକୁ ଦେଇଦେବା ହେଉଛି ଏକମାତ୍ର ସମାଧାନ । ତୁମେ ତାହାକୁ ସମ୍ପୂର୍ଣ୍ଣ ଭାବରେ ଦେଇଦିଅ, ଭଗବାନଙ୍କ ପାଖରେ ନେଇ ସମର୍ପି ଦିଅ; କେବଳ ନିଜ ପାଇଁ ନୁହେଁ, ମାତ୍ର ମାନବଜାତି ପାଇଁ ଏବଂ ସମସ୍ତ ବିଶ୍ୱ ଲାଗି ସମର୍ପି ଦେଇ ଆସ । ଏହାଠାରୁ ଅଧିକ ଭଲ ସମାଧାନ ଆଉ କିଛି ନାହିଁ । ତୁମେ କିପରି ଭାବରେ ମନୁଷ୍ୟଜାତିର ସେବା କରିବାକୁ ଇଚ୍ଛା କରୁଛ ? ମନୁଷ୍ୟଜାତିର ପ୍ରକୃତରେ କ'ଣସବୁ ଦରକାର, ତୁମେ ସେକଥା ମଧ୍ୟ ଜାଣି ନାହଁ । ତୁମେ ପ୍ରକୃତରେ କେଉଁ ଶକ୍ତିଟିର ଯେ ପରିଚର୍ଯ୍ୟା କରୁଛ, ସେବିଷୟରେ ତୁମର



'oaob.nitrkl.ac.in' images reprocessed

ହୁଏତ ଆହୁରି କମ୍ ଜ୍ଞାନ ରହିଛି । ବସ୍ତୁତଃ ନିଜକୁ ନବଦଳାଇ ତୁମେ କେଉଁଠି କିଛି ହେଲେ କିପରି ବା ବଦଳାଇ ପାରିବ ?

ସେ କଥା ଯାହା ହେଉ ପଛକେ, ମନୁଷ୍ୟଜାତିର ସେବା କରିବା ଲାଗି ତୁମ ଭିତରେ ଯଥେଷ୍ଟ ସାମର୍ଥ୍ୟ ନାହିଁ । ଯେଉଁ ବ୍ୟକ୍ତିକୁ ତୁମେ ସାହାଯ୍ୟ କରିବାକୁ ଯାଉଛ, ତା' ଅପେକ୍ଷା ଏକ ଉଚ୍ଚତର ଚେତନାର ଅଧିକାରୀ ନହୋଇଥିବା ପର୍ଯ୍ୟନ୍ତ ତୁମେ ତାକୁ ପ୍ରକୃତରେ ସାହାଯ୍ୟ କରିବ ବୋଲି କିପରି ଆଶା କରି ପାରୁଛ ? ଏଇଟା କେତେ ପିଲାଳିଆ କଥା ଟିକିଏ ଚିନ୍ତା କରି ଦେଖିଲ ! "ମୁଁ ଗୋଟାଏ ଚିକିତ୍ସାଳୟ ଖୋଲିବାକୁ ଯାଉଛି, ମୁଁ ଏକ ଶିଶୁବିହାର ତିଆରି କରିବାକୁ ଯାଉଛି, ଗରିବମାନଙ୍କୁ ଭୋଜନ ଦେବାକୁ ଯାଉଛି, ଏହି ଜ୍ଞାନର ପ୍ରଚାର କରିବାକୁ ଯାଉଛି, ଏହି ଧର୍ମର ପ୍ରସାର କରିବାକୁ ଯାଉଛି···,"—ବୋଲି ଯେଉଁମାନେ କହୁଥାନ୍ତି, ସେମାନଙ୍କୁ ଆମେ ପିଲା ବୋଲିହିଁ ଜାଣିବା । ତୁମେ ନିଜକୁ ଅନ୍ୟମାନଙ୍କଠାରୁ ଅଧିକ ଭଲ ବୋଲି ବିଚାରୁଛ ବୋଲିହିଁ ତୁମେ ଏପରି କହୁଛ । ସେମାନେ କ'ଣ ହେବା ଉଚିତ ବା କ'ଣସବୁ କରିବା ଉଚିତ, ସେମାନଙ୍କଠାରୁ ତୁମେ ସେବିଷୟରେ ଅଧିକ ଜାଣିଛ ବୋଲି ଭାବୁଛ ବୋଲି ଏପରି କହୁଛ । ମନୁଷ୍ୟଜାତିର ସେବା କରିବା କହିଲେ ବର୍ତ୍ତମାନ ଏହାହିଁ ବୁଝାଉଛି । ତୁମେ ଏହିସବୁ କଥା କରିବାକୁ ଚାହୁଁଛ, ନା ? ଏସବୁ କାର୍ଯ୍ୟ ଦ୍ୱାରା କୌଣସି ସ୍ଥାନରେ ଖୁବ୍ ବେଶୀ ପରିବର୍ତ୍ତନ ହୋଇ ନାହିଁ । ମନୁଷ୍ୟଜାତିର ସାହାଯ୍ୟ କରିବା ଲାଗିହିଁ ଯେ କେହି ଏକ ଡାକ୍ତରଖାନା ବସାଏ ବା ସ୍କୁଲ୍ ଉଦ୍‌ଘାଟନ କରେ, ସେକଥା ଆଦୌ ନୁହେଁ ।

**ତଥାପି ତାହା ଦ୍ୱାରା କ'ଣ କୌଣସି ସାହାଯ୍ୟ ହୋଇ ନାହିଁ ?,— ନିଶ୍ଚୟ ହୋଇଛି । ଯଦି ସବୁଯାକ ସ୍କୁଲକୁ ଉଠାଇ ଦିଆଯାନ୍ତା···**

ମନୁଷ୍ୟସମାଜ ଆଗେ ଯେତେ ସୁଖୀ ଥିଲା, ବର୍ତ୍ତମାନ ତାହାଠାରୁ ଅଧିକ ପରିମାଣରେ ସୁଖୀ ଅଛି ଓ ଆଗ ଅପେକ୍ଷା ସେ ଖୁବ୍ ଅଧିକ କୌଣସି ଭଲ ଅବସ୍ଥାରେ ଅଛି ବୋଲି ମୁଁ ମୋଟେ ବିଚାରୁ ନାହିଁ । ଏସବୁ ଭାବିଲା ବେଳକୁ ଅଧିକାଂଶ ସମୟରେ "ମୁଁ ନିଶ୍ଚୟ ଗୋଟିଏ କିଛି" ବୋଲି ଏକ ଅନୁଭୂତି ଆସୁଛି । ମୁଁ ସେଇଆକୁହିଁ ମହଦାକାଙ୍‌କ୍ଷା ବୋଲି କହୁଛି ।

ସ୍କୁଲ୍ ବସାଇବା ସକାଶେ ପ୍ରସ୍ତୁତ ଥିବା ଏହି ଲୋକମାନଙ୍କୁ ଯଦି ଭଗବାନଙ୍କର କୌଣସି ଏକ ନିର୍ଦ୍ଦିଷ୍ଟ କର୍ମ ରହିଛି ଓ ଭଗବାନ ତାହାକୁ ଏହିପରି ଏକ ନିର୍ଦ୍ଦିଷ୍ଟ ଉପାୟରେ କରିବା ଲାଗି ନିଷ୍ପତ୍ତି କରିଛନ୍ତି ବୋଲି ବୁଝାଯାଏ, ତେବେ,

'oaob.nitrkl.ac.in' images reprocessed

ଏହି କାର୍ଯ୍ୟଟି ପ୍ରକୃତରେ ଭଗବାନଙ୍କର କାର୍ଯ୍ୟ ବୋଲି ସେମାନଙ୍କର ସମ୍ପୂର୍ଣ୍ଣ ହୃଦ୍‌ବୋଧ ହେଉଥିଲେ ମଧ୍ୟ ସେମାନେ ତଥାପି ସେଥିଲାଗି କିଛି ଦେବାକୁ ସିଧା ନାହିଁ କରିଦେବେ, କାରଣ ଏହି ପରୋପକାରିତାକୁ ସେମାନେ ଏକ ସ୍ୱୀକୃତ ପରୋପକାରିତା ନୁହେଁ ବୋଲି ବିଚାର କରିବେ,—ଅର୍ଥାତ୍ କୌଣସି ଗୋଟିଏ ଭଲ କାମ କରିଥିବାର ସନ୍ତୋଷଟି ଏଥିରୁ ମୋଟେ ମିଳିବ ନାହିଁ । ଏହି କଥାଟିକୁହିଁ ମୁଁ ମହଦାକାଙ୍‌କ୍ଷା ବୋଲି କହୁଥାଏ । ମୋ ପାଖରେ ଏପରି ଅନେକ ଲୋକଙ୍କର ଦୃଷ୍ଟାନ୍ତ ରହିଛି, ଯେଉଁମାନେ କି ଗୋଟାଏ ଡାକ୍ତରଖାନା ଖୋଲିବା ଲାଗି ହୁଏତ ଲକ୍ଷ ଲକ୍ଷ ଦେବାକୁ ରାଜି ହୋଇଯିବେ, କାରଣ ସେପରି କରି ସେମାନେ ଗୋଟାଏ କିଛି ବଡ଼, ମହତ୍ ଓ ଉଦାର କାମ କଲେ ବୋଲି ସନ୍ତୋଷ ଅନୁଭବ କରି ପାରିବେ । ଏସବୁ କରି ସେମାନେ ଆପଣାକୁ ମହିମମଣ୍ଡିତ କରି ରଖିବାକୁ ଇଚ୍ଛା କରୁଥାନ୍ତି, ଏବଂ ମୁଁ ତାହାକୁହିଁ ମହଦାକାଙ୍‌କ୍ଷା ବୋଲି କହୁଥାଏ ।

ମୁଁ ଏପରି ଜଣେ ବିନୋଦପ୍ରିୟ ବ୍ୟକ୍ତିଙ୍କୁ ଜାଣିଥିଲି ଯିଏକି ସବୁବେଳେ କହୁଥିଲେ : "ଭଗବାନଙ୍କର ସାମ୍ରାଜ୍ୟ କଦାପି ଏତେ ଶୀଘ୍ର ଏହି ପୃଥିବୀକୁ ଆସିଯିବ ନାହିଁ; କାରଣ ତା'ହେଲେ ବିଚାରି ସେହି ପରୋପକାରୀ ବ୍ୟକ୍ତିମାନଙ୍କ ଲାଗି ପୁଣି ଆଉ କ'ଣ କରିବାକୁ ରହିବ କହିଲେ ! ଯଦି ମନୁଷ୍ୟଜାତିର ଆଉ କୌଣସି ଦୁଃଖକଷ୍ଟ ରହିବ ନାହିଁ, ତେବେ ଲୋକଉପକାରୀମାନେ ପ୍ରକୃତରେ ନିକମା ହୋଇପଡ଼ିବେ ।" ଏସବୁ ମଧ୍ୟରୁ ମୁକୁଳି ବାହାରି ଆସିପାରିବା ପ୍ରକୃତରେ ବଡ଼ କଷ୍ଟକର । ଏବଂ, ଏକଥା ମଧ୍ୟ ପ୍ରକୃତରେ ଠିକ୍ ଯେ ବର୍ତ୍ତମାନ ପୃଥିବୀ ଯେଉଁଭଳି ଅବସ୍ଥାରେ ଅଛି, ଭଗବାନଙ୍କ ପାଖରେ ଆପଣାକୁ ସମର୍ପିଦେଇ ନପାରିଲେ ତାହା କଦାପି ସେହି ଅବସ୍ଥା ମଧ୍ୟରୁ ମୁକ୍ତ ହୋଇ ଆସି ପାରିବ ନାହିଁ । ତୁମେ ସେଗୁଡ଼ାକର ଯେତେ ଗୁଣଗାନ କରି ପଛକେ, ଏହିସବୁ ଯେତେଯେତେ ସଦ୍‌ଗୁଣ ରହିଛି, ସେଗୁଡ଼ାକ ତୁମ ଆତ୍ମ-ସନ୍ତୋଷଟାକୁହିଁ ବଢ଼ାଇବାରେ ସାହାଯ୍ୟ କରିଥାନ୍ତି, ଅର୍ଥାତ୍ ତୁମର ଅହଂକାରହିଁ ବୃଦ୍ଧିସାଧନ କରିଥାନ୍ତି; ଯଥାର୍ଥ ଭାବରେ ଭଗବତ୍-ସଚେତନତା ଲାଭ କରିବାରେ ସେମାନେ ଆଦୌ କୌଣସି ସାହାଯ୍ୟ କରନ୍ତି ନାହିଁ । ସଂସାରର ଏହି ଉପକାରୀ ଏବଂ ଭାଲ ବ୍ୟକ୍ତିମାନଙ୍କୁ ବଦଳାଇ ପାରିବାହିଁ ସବୁଠାରୁ ଅଧିକ କଷ୍ଟକର ହୋଇ ରହିଥାଏ । ଆପଣାର ଜୀବନକୁ ନେଇ ସେମାନେ ଭାରି ସନ୍ତୁଷ୍ଟ ହୋଇ ରହିଥାନ୍ତି । ଯେଉଁ ଅଭାଗ୍ୟ ମନୁଷ୍ୟଟି ତା' ଜୀବନଯାକ ଯାବତୀୟ ନିର୍ବୋଧ କାର୍ଯ୍ୟ କରି ଆସିଛି, ସିଏ ସଙ୍ଗେ ସଙ୍ଗେ ଦୁଃଖିତ ହୋଇ "ମୁଁ କିଛି ନୁହେଁ, ମୁଁ କିଛିହେଲେ କରି ପାରିବ ନାହିଁ । ମୋତେ ତୁମେ ଯେଉଁପରି ଇଚ୍ଛା କରୁଛ, ସେହିପରି ତିଆରି କର" ବୋଲି ବଡ଼ ସହଜରେ କହିପାରେ । ଏହିପରି ଜଣେ ବ୍ୟକ୍ତି ଅଧିକ ପରିମାଣରେ ଉଚିତ ମାର୍ଗରେ ରହିଥାଏ, ଆପଣାର ଜ୍ଞାନ ଓ ଗରିମା ଦ୍ୱାରା ପୂର୍ଣ୍ଣ

'oaob.nitrkl.ac.in' images reprocessed

ହୋଇ ରହିଥିବା ଆଉଜଣେ ବିଜ୍ଞବ୍ୟକ୍ତି ତୁଳନାରେ ସେ ଭଗବାନଙ୍କର ଅଧିକ ନିକଟବର୍ତ୍ତୀ ହୋଇ ରହିଥାଏ । ସିଏ ଯଥାର୍ଥରେ ଯେଉଁଟି ଥାଏ, ଆପଣାକୁ ଠିକ୍ ସେହିପରି ଦେଖିବାକୁ ସମର୍ଥ ହେଉଥାଏ ।

ମାତ୍ର, ମନୁଷ୍ୟସମାଜ ଲାଗି ଅନେକ କିଛି କାର୍ଯ୍ୟ କରିଥିବା ଜଣେ ଉଦାର ଏବଂ ବିଜ୍ଞ ବ୍ୟକ୍ତି ଆପଣାକୁ ନେଇ ଏତେ ସନ୍ତୁଷ୍ଟ ହୋଇ ରହିଥାଏ ଯେ ଆପେ ବଦଳିବା ବିଷୟରେ ତା'ର ଆଉ ପ୍ରାୟ କୌଣସି ଧାରଣା ନଥାଏ । ସାଧାରଣତଃ ଏହିପରି ଲୋକମାନେ କହିଥାନ୍ତି : "ଯଦି ମୁଁ ଏହି ସଂସାରକୁ ତିଆରି କରିଥାନ୍ତି, ତେବେ ମୁଁ କଦାପି ଏହାକୁ ଏଭଳି କରି ତିଆରି କରି ନଥାନ୍ତି, ମୁଁ ତାହାଠାରୁ ନିଶ୍ଚୟ ଅଧିକ ଭଲ କରି ତିଆରି କରିଥାନ୍ତି," ଏବଂ ଭଗବାନ ଯେଉଁ ସଂସାରଟାକୁ ଏତେ ଖରାପ କରି ତିଆରି କରିଛନ୍ତି, ସେମାନେ ସେଇଟାକୁ ଠିକ୍ କରିବା ଲାଗି ଚେଷ୍ଟା କରନ୍ତି ! ସେମାନଙ୍କର ମାନସିକ ଚରିତ୍ର ଅନୁସାରେ ଏହି ସବୁକିଛି ସେମାନଙ୍କୁ ନିରର୍ଥକ ଓ ଅନାବଶ୍ୟକ ବୋଲିହିଁ ଦେଖା ଯାଉଥାଏ······ଏପରି ଗୋଟିଏ ଦୃଷ୍ଟିକୋଣ ନେଇ ତୁମେ କଦାପି ଭଗବାନଙ୍କର ହୋଇ ପାରିବ ନାହିଁ । କାରଣ ସେହି କ୍ଷେତ୍ରରେ ତୁମ ଆଉ ଭଗବାନଙ୍କ ଭିତରେ ତୁମ ବୁଦ୍ଧିଗତ ଦମ୍ଭଟିର ସଚେତନ ଅହଂଟି ସର୍ବଦା ଏକ ଅନ୍ତରାୟରୂପେ ଅବଶ୍ୟ ଠିଆହୋଇ ରହିଥିବ, ସେହି ଦମ୍ଭ ଭଗବାନଙ୍କର ବିଚାର କରିବାରେ ଲାଗିଥିବ ଏବଂ ଏପରି କରି ସିଏ ଯେ ଆଦୌ କୌଣସି ଭୁଲ କରୁ ନାହିଁ, ସେ ବିଷୟରେ ଦୃଢ଼ନିଶ୍ଚୟ ହୋଇ ରହିଥିବ । କାରଣ ସେହିଭଳି ବ୍ୟକ୍ତିମାନେ ଏହି କଥାଟି ଉପରେ ଦୃଢ଼ପ୍ରତ୍ୟୟ ହୋଇ ରହିଥିବେ ଯେ ଯଦି ସେମାନେ ଏହି ପୃଥିବୀଟିକୁ ତିଆରି କରିଥାନ୍ତେ, ତେବେ ଭଗବାନ ଏହି ସଂସାରରେ ଯେଉଁସବୁ ନିର୍ବୋଧତା ଓ ନିରର୍ଥକତାକୁ ସ୍ଥାୟୀ କରି ରଖିଛନ୍ତି, ସେମାନେ କଦାପି ସେଗୁଡ଼ାକ ଭିଆଇ ନଥାନ୍ତେ । ଏବଂ ଏହିସବୁ କଥା ଗର୍ବରୁ ଆସେ, ଦମ୍ଭରୁ ଆସେ, ଆତ୍ମ-ଅଭିମାନରୁ ଆସେ; ଏବଂ ଯେଉଁ ବ୍ୟକ୍ତିମାନେ ମନୁଷ୍ୟଜାତିର ସେବା କରିବାକୁ ଚାହୁଁଥାନ୍ତି, ସେମାନଙ୍କ ଭିତରେ ଠିକ୍ ତାହାରି ବୀଜଟିହିଁ ନିହିତ ହୋଇ ରହିଥାଏ ।

ସେମାନେ ମନୁଷ୍ୟଜାତିକୁ ପ୍ରକୃତରେ କ'ଣସବୁ ଆଣି ଦେଇପାରିବେ ? ସେମାନେ କିଛି ଦେଇ ପାରିବେ ନାହିଁ । ଯଦି ସେମାନେ ନିଜ ରକ୍ତର ପ୍ରତ୍ୟେକ ବିନ୍ଦୁଟିକୁ ବି ଦାନ କରିଦେଇ ପାରିବେ, ସେମାନଙ୍କ ମୁଣ୍ଡରେ ଥିବା ସବୁଯାକ ବିଚାରକୁ ଆଣି କାମରେ ଲଗାଇବେ ଓ ନିଜ ପକେଟରେ ଥିବା ସବୁଯାକ ପଇସାକୁ ଆଣି ଗଦା କରି-ଦେବେ, ସେମାନେ ଶାଶ୍ୱତ କାଳ ମଧ୍ୟରେ ପ୍ରାୟ ଗୋଟିଏ ସେକେଣ୍ଡ୍ ପରି ହୋଇ ରହିଥିବା ଜଣେ ବ୍ୟକ୍ତିକୁ ମଧ୍ୟ ବଦଳାଇବାକୁ ସମର୍ଥ ହେବେ ନାହିଁ । ସେମାନେ ଶାଶ୍ୱତ ସତ୍ୟର ସେବା କରୁଛନ୍ତି ବୋଲି ବିଶ୍ୱାସ କରୁଛନ୍ତି କି ? ମନୁଷ୍ୟଠାରୁ ଆହୁରି ଉଚ୍ଚ

'oaob.nitrkl.ac.in' images reprocessed

ସନ୍ତମାନେ ବି ଏହି ସଂସାରକୁ ଆସିଛନ୍ତି, ଆପଣା ସହିତ ଆଲୋକକୁ ବହନ କରି ଆଣିଛନ୍ତି, ଜୀବନକୁ ଉତ୍ସର୍ଗ କରି ଦେଇଛନ୍ତି; ତଥାପି ତଦ୍ୱାରା ସଂସାରର ବସ୍ତୁଗୁଡ଼ିକ ଖୁବ୍ ବେଶୀ ବଦଳି ନାହିଁ । ତେଣୁ କ୍ଷୁଦ୍ରାତିକ୍ଷୁଦ୍ର ସନ୍ତ ଏହି ବିକଟେନାକୁ ମଣିଷ ଉପରି ଯଥାର୍ଥରେ କୌଣସି ସାହାଯ୍ୟ କରିପାରିବ ? ତେଣୁ ଏହା ହେଉଛି କେବଳ ଗର୍ବ, "ଯଦି ପ୍ରତ୍ୟେକ ବ୍ୟକ୍ତି ଯଥୃସ୍ରେନାସ୍ତି ଉଦ୍ୟମ କରିବ, ତେବେ ସବୁ ବଦଳି ଯିବ ଓ ଭଲ ହୋଇଯିବ,"—ଏହି କ୍ଷେତ୍ରରେ ଏହିଭଳି ଏକ ଯୁକ୍ତି ଦିଆ ଯାଇଥାଏ । ସେପରି ହେବ ବୋଲି ମୁଁ ଆଦୌ ଭାବେ ନାହିଁ ଏବଂ ଏପରିକି ଏହା କଦାପି ସମ୍ଭବ ହୋଇ ପାରିବ ନାହିଁ ବୋଲି ମଧ୍ୟ ବିଶ୍ୱାସ କରିଥାଏ । ଏବଂ ଗୋଟିଏ ଦୃଷ୍ଟିରୁ ବିଚାର କରି ଦେଖିଲେ ଏହି ବିଶ୍ୱର ପ୍ରତ୍ୟେକ ବସ୍ତୁ ଆପଣାର ଯଥୃସ୍ରେନାସ୍ତି ଉଦ୍ୟମ କରୁ ଥାଏ । ମାତ୍ର ସେହି ଯଥୃସ୍ରେନାସ୍ତି ଚେଷ୍ଟା ଦ୍ୱାରା କେବେହେଲେ କିଛି ହୋଇ ପାରେ ନାହିଁ । ଯେପର୍ଯ୍ୟନ୍ତ ସବୁକିଛି ନବଦଳିଛି, ସେପର୍ଯ୍ୟନ୍ତ କିଛିହେଲେ ବଦଳି ପାରିବ ନାହିଁ । ଏହି ଯଥୃସ୍ରେନାସ୍ତି ଉଦ୍ୟମଟିକୁ ମଧ୍ୟ ବଦଳିବାକୁ ପଡ଼ିବ । ଅଜ୍ଞାନର ସ୍ଥାନରେ ଜ୍ଞାନ, ଶକ୍ତି ଏବଂ ଚେତନାକୁ ଜନ୍ମ ଗ୍ରହଣ କରିବାକୁ ପଡ଼ିବ; ତା' ନହେଲେ ଆମେ ସବୁବେଳେ ସେହି ଗୋଟିଏ ନିର୍ବୋଧତାର ଘୂରି ପାଖରେ ଏକ ବୃତ୍ତ ପରି ବୁଲିବାରେହିଁ ଲାଗିଥିବା ।

ତୁମେ ଇଚ୍ଛା କଲେ ଲକ୍ଷ ଲକ୍ଷ ଡାକ୍ତରଖାନା ଖୋଲିପାର, ମାତ୍ର ତଦ୍ୱାରା ଲୋକଙ୍କର ରୋଗରେ ପଡ଼ିବା କେବେହେଲେ ବନ୍ଦ ହେବ ନାହିଁ । ଓଲଟି ଏପରି ହେବ ଯେ ସେତେବେଳେ ରୋଗରେ ପଡ଼ିବା ଲାଗି ସେମାନଙ୍କ ଆଗରେ ଯାବତୀୟ ପ୍ରକାରର ସୁବିଧା ଓ ଅନୁକୂଳତା ଉନ୍ମୁକ୍ତ ହୋଇ ରହିଥିବ । ଏହିସବୁ ଧାରଣା ଭିତରେ ଆମେ ପୋତିହୋଇ ରହିଛୁ । ତୁମେ ଏହିପରି ଭାବି ନିଜର ବିବେକକୁ ଶାନ୍ତ କରି ରଖିଦେଇ ପାରୁଛ : "ଯେତେବେଳେ ମୁଁ ଏହି ସଂସାରକୁ ଆସିଛି, ସେତେବେଳେ ଅନ୍ୟମାନଙ୍କୁ ସାହାଯ୍ୟ କରିବା ମୋର ଅବଶ୍ୟ କର୍ତ୍ତବ୍ୟ ।" ଆମେ ମନେ ମନେ କହିବାରେ ଲାଗିଛୁ : "ମୋ ଭିତରେ ଏତେ଼ ଟିକିଏ ହେଲେ ସ୍ୱାର୍ଥ ନାହିଁ । ମୁଁ ସାରା ମନୁଷ୍ୟଜାତିର ସାହାଯ୍ୟ କରିବାକୁ ଯାଉଛି ।" ଏଗୁଡ଼ାକ କେବଳ ଅହଂକାର ବ୍ୟତୀତ ଆଉ କିଛି ନୁହେଁ ।

ବସ୍ତୁତଃ, ଯେଉଁ ମନୁଷ୍ୟଟି ବିଷୟରେ ତୁମର ସର୍ବପ୍ରଥମେ ଚିନ୍ତା କରିବାର କଥା, ସେଇଟି ହେଉଛି ତୁମେ ନିଜେ । ତୁମେ ସଂସାରରୁ ଦୁଃଖର ହ୍ରାସ କରିବାକୁ ଇଚ୍ଛା କରୁଛ, ମାତ୍ର ତୁମେ ଯେପର୍ଯ୍ୟନ୍ତ ଦୁଃଖ ସହିବାର ସାମର୍ଥ୍ୟକୁ ସୁଖ ଅନୁଭବ କରିବାର ଏକ ନିଶ୍ଚିତରେ ପରିବର୍ତ୍ତିତ କରି ଦେଇ ନପାରିଛ, ସେପର୍ଯ୍ୟନ୍ତ ଏହି ପୃଥିବୀ ବଦଳି ପାରିବ ନାହିଁ । ଏହା ଯେପରି ଅଛି, ସବୁବେଳେ ଠିକ୍ ସେହିପରି ହୋଇ ରହିଥିବ,—ଆମେ ଗୋଟିଏ ବୃତ୍ତ ମଝିରେ ବର୍ତ୍ତମାନ ବେଶ୍ ଭଉଁରି

ତୁଳବାରେ ଲଗିଛୁ—ଗୋଟିଏ ସଭ୍ୟତା ପରେ ଆଉ ଗୋଟିଏ ସଭ୍ୟତା ଆସୁଛି, ଗୋଟିଏ ବିପର୍ଯ୍ୟୟ ପରେ ଆଉ ଗୋଟିଏ ବିପର୍ଯ୍ୟୟ ଆସି ପହଞ୍ଚି ଯାଉଛି । ମାତ୍ର ଅସଲ ବସ୍ତୁଟି ଆଦୌ ବଦଳୁ ନାହିଁ; କାରଣ ଏହି କ୍ଷେତ୍ରରେ ଗୋଟିଏ ପଦାର୍ଥର ଅଭାବ ରହିଛି, ଗୋଟିଏ ଜିନିଷ ସବୁବେଳେ ଅନୁପସ୍ଥିତ ରହିଆସିଛି, ସେଇଟି ହେଉଛି ଚେତନା । ଏବଂ ତାହାହିଁ ଅସଲ ପରିବର୍ତ୍ତନ ଘଟାଇ ପାରନ୍ତା ।

ଅନ୍ତତଃ, ତାହାହିଁ ହେଉଛି ମୋର ମତ । ଏହି କଥାଟିର ପ୍ରକୃତ ମୂଲ୍ୟ ଯେତକ, ମୁଁ ତାହାର ସହିତ ତୁମକୁ ପରିଚିତ କରାଇ ଦେବାକୁ ଚାହୁଁଛି । ତୁମେ ଯଦି ଡାକ୍ତରଖାନା ଓ ସ୍କୁଲ ପ୍ରଭୃତି ବସାଇବାକୁ ଇଚ୍ଛା କରୁଛ, ତେବେ ନିଶ୍ଚୟ ତାହା କରି ପାରିବ । ସେଥିରେ ଯଦି ତୁମକୁ ସନ୍ତୋଷ ମିଳୁଛି, ତେବେ ତାହା ତ ଆହୁରି ଭଲ କଥା । ମାତ୍ର ସେଥିରେ ଖୁବ୍ ବେଶୀ ମହତ୍ତ୍ୱ ନାହିଁ । ଯେତେବେଳେ ମୁଁ Monsieur Vincent ଫିଲ୍‌ମ୍‌ଟି ଦେଖିଥିଲି, ସେତେବେଳେ ସେଇଟି ବିଷୟରେ ମୋର ଭାରି ଆଗ୍ରହ ଜାତ ହୋଇଥିଲା । ଶ୍ରୀଯୁକ୍ତ ଭେଁ ସାଁ ଏକଥା ଜାଣିପାରିଲେ ଯେ ଯେତେବେଳେ ସେ ଦଶଜଣ ଦରିଦ୍ରଙ୍କୁ ଖାଇବାକୁ ଦେଲେ, ସେତେବେଳେ ଆହୁରି ହଜାରେ ଦରିଦ୍ର ଖାଇବା ଲାଗି ଆସି ପହଞ୍ଚିଲେ । ଏବଂ କଲ୍‌ବେଆର୍ ଆସି ତାଙ୍କୁ ଏହି କଥାଟି କହିଲା : "ମନେ ହେଉଛି, ସତେ ଯେପରି ତୁମେ ନିଜେହିଁ ତୁମର ଏହି ଦରିଦ୍ରମାନଙ୍କୁ ସୃଷ୍ଟି କରିବାରେ ଲାଗିଛ, ସେମାନଙ୍କୁ ଖାଇବାକୁ ଦେଇହିଁ ତୁମେ ସେମାନଙ୍କୁ ସୃଷ୍ଟି କରୁଛ ।" ଏବଂ ଏହି କଥାଟିକୁ ଆମେ କଦାପି ସମ୍ପୂର୍ଣ୍ଣ ଭୁଲ ବୋଲି କହି ପାରିବା ନାହିଁ । ସିଏ ଯାହା ହେଉ ପଛକେ ସ୍କୁଲ ବସାଇ ଶିକ୍ଷା ଦେବା ଏବଂ ରୁଗ୍‌ଣ ବ୍ୟକ୍ତିମାନଙ୍କର ଶୁଶ୍ରୂଷା କରିବା ଓ ଡାକ୍ତରଖାନା ବସାଇବା ଲାଗି ଯଦି ତୁମେ ଅଭିପ୍ରେତ ହୋଇ ରହିଛ, ତେବେ ବେଶ୍ ଭଲ କଥା, ତୁମେ ଏହିସବୁ କାମହିଁ କର । ମାତ୍ର ସେହି କାର୍ଯ୍ୟଟା ଏତେ ବେଶୀ ମହତ୍ତ୍ୱପୂର୍ଣ୍ଣ ବୋଲି ତୁମର ଆଦୌ ଭାବିବା ଉଚିତ ନୁହେଁ । ତୁମେ ନିଜର ଖୁସି ଲାଗି ବେଶ୍ ଆଡ଼ମ୍ବରପୂର୍ଣ୍ଣ ଭାବରେ ଗୋଟାଏ କିଛି କରୁଛ, ଏହାର କେବଳ ଏତିକି ଅର୍ଥ ହେବ । ତେଣୁ ଏହିପରି କହ : "ମୁଁ ଏକାମ କରୁଛି, କାରଣ ଏଥିରୁ ମୋତେ ଆନନ୍ଦ ମିଳୁଛି ।" ମାତ୍ର ଏହି କ୍ଷେତ୍ରରେ ଯୋଗ ବିଷୟରେ ଆଦୌ କିଛି କହି ନାହିଁ । ଏସବୁ କରି ତୁମେ କଦାପି ଯୋଗ କରୁ ନାହଁ । ଗୋଟାଏ କିଛି ବଡ଼ କାମ କରୁଛ ବୋଲି ତୁମେ ବିଶ୍ୱାସ କରୁଛ,—ବାସ, ଏ ବିଷୟରେ କେବଳ ଏତିକି ବୁଝାଯିବ ଏବଂ ତୁମର ବ୍ୟକ୍ତିଗତ ଆତ୍ମ-ପରିତୋଷ ଲାଗିହିଁ ତୁମେ ତାହା କରୁଛ ।

**କଥିତ ଅଛି ଯେ ଋଷି ବିଶ୍ୱାମିତ୍ର ମଧ୍ୟ ଏକ ନୂତନ ଜଗତର ସୃଷ୍ଟି କରିଥିଲେ ।**

'oaob.nitrkl.ac.in' images reprocessed

ସିଏ ପ୍ରକୃତରେ କ'ଣ କରିଥିଲେ ? ମୋତେ ଭଲ କରି କହ । ସିଏ ଏହି ଜଗତଟି ବିଷୟରେ ସୁଖୀ ହୋଇ ପାରିଲେ ନାହିଁ ବୋଲି ଆଉ ଗୋଟିଏ ଜଗତ ସୃଷ୍ଟି କରିବାକୁ ମନ କଲେ କି ? ଏହି ଜଗତଟି କେଉଁଠି ଅଛି ?

ସ୍ୱଭାବତଃ ପ୍ରଥମ ବିଷୟଟି ହେଉଛି ଯେ ସିଏ ଏହି ଜଗତଟିକୁ ତିଆରି କରିଛି, ଆମକୁ ତା'ଠାରୁ ଅଧିକ ବଡ଼ ହେବାକୁ ପଡ଼ିବ । କାରଣ ଜଣେ ଏପରି ଭାବୁଛି ଯେ ଏହି ଜଗତଟିକୁ ବଡ଼ ଅକୁଶଳ ଭାବରେ ତିଆରି କରାଯାଇଛି । ଏକଥା ବେଶ୍ ସମ୍ଭବ ଯେ ତୁମେ ଏହି ଜଗତଟି ବଡ଼ ଅକୁଶଳ ଭାବରେ ତିଆରି ହୋଇଛି ବୋଲି କହିବାକୁ ବାହାରିବ । ଭଗବାନ ଯେତିକି କରିଛନ୍ତି, ତୁମେ ତାହାଠାରୁ ଅଧିକ ଭଲ କରି କରିବ ବୋଲି ଯଦି ପ୍ରକୃତରେ ବିଶ୍ୱାସ କରୁଥାଅ, ତେବେ ସେପରି ବିଶ୍ୱାସ କରି ତୁମେ କୌଣସି ଭୁଲ୍ କରୁଛ ବୋଲି ମୁଁ କଦାପି କହିବି ନାହିଁ । ମୁଁ କେବଳ ଏତିକି କହୁଛି ଯେ ତୁମର କୌଣସି ମହଦାକାଙ୍କ୍ଷା ନାହିଁ ବୋଲି ତୁମେ କଦାପି କହି ପାରିବ ନାହିଁ । ଯେଉଁମାନେ ଏପରି କରିଛନ୍ତି, ମୁଁ ସେମାନଙ୍କୁ କଦାପି ଭୁଲ ବୋଲି କହୁ ନାହିଁ, ମୁଁ ସେମାନଙ୍କୁ କେବଳ ମହଦାକାଙ୍କ୍ଷୀ ବୋଲି କହୁଛି । ମହଦାକାଙ୍କ୍ଷା ବ୍ୟତୀତ ଏହା ଆଉ କିଛି ନୁହେଁ । ଏହାର ପ୍ରମାଣ ହେଉଛି ଯେ, ଏହି ଯେଉଁ ଲୋକମାନେ ଭଲ କାମ କରି ବାହାରିଛନ୍ତି, ଯେଉଁମାନଙ୍କୁ ଆମେ ଉଦାର, ଭଲ ଓ ନିଃସ୍ୱାର୍ଥପର ବୋଲି କହୁଛୁ, ସେମାନଙ୍କୁ ବଦଳାଇବାହିଁ ସବୁଠାରୁ ଅଧିକ କଷ୍ଟକର ହୋଇ ରହିଥାଏ । ସେମାନଙ୍କର ଅହଂ ପ୍ରାୟ ଦୁର୍ଜେୟ ହୋଇ ରହିଥାଏ । ନ୍ୟାୟ ଓ ଉଦାରତା ପ୍ରଭୃତି ବିଷୟରେ ସେମାନଙ୍କର ଧାରଣା ଏଡ଼େ ବୃହଦାକାର ହୋଇ ରହିଥାଏ ଯେ ସେଠି ଆଉ ଅନ୍ୟ କୌଣସି କଥା ଲାଗିହିଁ ସ୍ଥାନ ନଥାଏ, ଭଗବାନଙ୍କ ପାଇଁ ମଧ୍ୟ ସ୍ଥାନ ନଥାଏ ।

ତେଣୁ, ହିତ କରିବା ଲାଗି ସମର୍ଥ ହୋଇପାରିବା ପୂର୍ବରୁ ଆମକୁ ନିଜ ଭିତରେ ଅନେକ ଗଭୀର ଯାଏ ଯାଇ ପାରିବାକୁ ହେବ ଏବଂ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଆବିଷ୍କାର କରି ପାରିବାକୁ ହେବ । ସେହି ଆବିଷ୍କାରଟି ହେଉଛି ଯେ ଆମର ନିଜର ସ୍ୱତନ୍ତ୍ର କୌଣସି ଅସ୍ତିତ୍ୱ ନାହିଁ । କେବଳ ଗୋଟିଏ ବସ୍ତୁ ରହିଛି, ସିଏ ହେଉଛନ୍ତି ଭଗବାନ । ଏବଂ ଯେପର୍ଯ୍ୟନ୍ତ ଏହି ଆବିଷ୍କାରଟି ସମ୍ଭବ ହୋଇ ନପାରିଛି, ସେପର୍ଯ୍ୟନ୍ତ ତୁମେ କେବେହେଲେ ଅସଲ ମାର୍ଗଟିରେ ଆଗକୁ ଯାଇ ପାରିବ ନାହିଁ । କିନ୍ତୁ ଆମ ଉପରେ ଯେଉଁ କଞ୍ଚୁପପିଠିଟି ରହିଛି, ତାହା ପ୍ରକୃତରେ କେଡ଼େ କଠିନ ହୋଇ ନରହିଛି !···ଯଦି ତୁମର ମନଟା ଭିତରେ ଦର୍ଶନ ଆଡ଼କୁ ଏକ ପ୍ରବୃତ୍ତି ରହିଥାଏ, ତେବେ ତୁମେ ନିଜକୁ ଏହି ପ୍ରଶ୍ନଟି ପଚାରି ବସିବ : "ଯାହାକୁ ମୁଁ 'ମୁଁ' ବୋଲି କହୁଛି, ସେଇଟି ପ୍ରକୃତରେ କ'ଣ ? ଏଇଟା କ'ଣ ମୋର ଶରୀର ?—ମାତ୍ର ଶରୀରଟା ତ ସବୁବେଳେ ବଦଳିବାରେ ଲାଗିଛି, କେତେବେଳେ

'oaob.nitrkl.ac.in' images reprocessed

ହେଲେ ସେହି ଗୋଟିଏ ଶରୀର ହୋଇ ରହି ନାହିଁ । ମୋର ଏହି ଅନୁଭୂତିଗୁଡ଼ାକୁ କ'ଣ ଆଉ 'ମୁଁ' ବୋଲି କୁହାଯିବ ?—ସେଗୁଡ଼ାକ ମଧ୍ୟ ଏତେ ମୁହୁର୍ମୁହୁଃ ବଦଳି ଯାଉଛନ୍ତି । 'ମୁଁ' କହିଲେ ତେବେ କ'ଣ ମୋର ଭାବନାଗୁଡ଼ାକୁ ବୁଝାଇବ ? ଏହି ଭାବନାଗୁଡ଼ାକ ତ ଅବଚ୍ଛିନ୍ନ ଭାବରେ ଉଠୁଆର ହୋଇ ପୁଣି ଅବଚ୍ଛିନ୍ନ ଭାବରେ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଯାଉଛନ୍ତି । ତେଣୁ ସେଇଟା କଦାପି 'ମୁଁ' ନୁହେଁ । ଅସଲ ଆତ୍ମସତ୍ତାଟି କେଉଁଠାରେ ରହିଛି ? ମୋ ଭିତରେ ଏପରି ଏକ ବସ୍ତୁ କ'ଣ ରହିଛି ଯାହାକି ମୋତେ ଏହି ଅବଚ୍ଛିନ୍ନତାର ବୋଧଟିକୁ ଆଣି ଦେଇଯାଉଛି ?" ନିଷ୍ଠାର ସହିତ ଏହିପରି ଭାବରେ ପଚାରିବାରେ ଲାଗିଥିଲେ ତୁମେ ଆହୁରି କେତୋଟି ବର୍ଷ ପଛକୁ ବି ଚାଲିଯିବ । ସମସ୍ୟାଟି ଅଧିକରୁ ଅଧିକ ଜଟିଳ ହେବାରେ ଲାଗିଥିବ, ଅଧିକରୁ ଅଧିକ ଅଡ଼ୁଆରେ ଆଣି ପକାଇ ଦେଉଥିବ । ତୁମେ ସେହିପରି ପର୍ଯ୍ୟବେକ୍ଷଣ କରିବାରେ ଲାଗିଥିବ ଏବଂ ନିଜକୁ କହୁଥିବ : "ହଁ, 'ମୁଁ' କହିଲେ ମୋର ଏହି ସ୍ମୃତିଗୁଡ଼ାକୁହିଁ ବୁଝାଇବ ।" ମାତ୍ର ଏହି ସ୍ମୃତିଟି ଯେତେବେଳେ ହଜି ଯାଉଛି, ସେତେବେଳେ ମଧ୍ୟ ମଣିଷ ସେହି ଏକା ମଣିଷ ହୋଇ ରହୁଛି । ଗଭୀରରୁ ଗଭୀରକୁ ଏବଂ ନିଷ୍ଠାର ସହିତ ଏହି ଅନୁସନ୍ଧାନଟି ଲାଗି ରହିଥିଲେ, ପରିଶେଷରେ ଏପରି ଏକ ବେଳ ଆସିବ, ଯେତେବେଳେ କି ସବୁକିଛି କୁଆଡ଼େ ଅନ୍ତର୍ଦ୍ଧାନ ହୋଇଯିବ ଏବଂ କେବଳ ଗୋଟିଏ ବସ୍ତୁହିଁ ରହିଥିବ; ସେଇଟି ହେଉଛି ଆମ ଭିତରେ ରହିଥିବା ଭଗବାନ, ଆମ ଭିତରର ଦିବ୍ୟ ଉପସ୍ଥିତି । ସବୁକିଛି ଅନ୍ତର୍ହିତ ହୋଇଯିବ, ମିଳେଇଯିବ, ଖରାପଡ଼ି ଲହୁଣି ମିଳେଇଗଲା ପରି ମିଳେଇଯିବ··· । ଥରେ ଏହିପରି ଏକ ଅବସ୍ଥାର ସମ୍ଭବ ହୋଇଗଲେ ଆମେ ବେଶ୍ ଜାଣିପାରିବା ଯେ ଆଗରୁ ଆମେ କେତେଟା ଅଭ୍ୟାସର କେବଳ ଏକ ସମାହାର ବ୍ୟତୀତ ଆଉ ପ୍ରକୃତରେ କିଛି ନଥିଲୁ । ଏହି ସମାହାରଟାହିଁ କେତେବେଳେ ହେଲେ ଭଗବାନଙ୍କୁ ଜାଣି ପାରେ ନାହିଁ ଏବଂ ଆମର ଭିତରେ ରହି କଥା କହୁଥିବା ଭଗବାନଙ୍କ ବିଷୟରେ ଆଦୌ ସଚେତନ ହୋଇ ପାରେ ନାହିଁ । ପ୍ରତ୍ୟେକଙ୍କ ଭିତରେ ଏହିପରି ଶହ ଶହ 'ମୁଁ' ରହିଛନ୍ତି, ଯେଉଁଗୁଡ଼ାକ କି ତାକୁ ନାନା କଥା କହିବାରେ ଲାଗିଛନ୍ତି, ସେଗୁଡ଼ାକ ଶହ ଶହ ଭିନ୍ନ ଭିନ୍ନ ମାର୍ଗରେ କଥା କହିବାରେ ଲାଗିଛନ୍ତି—; ଏହି 'ମୁଁ'ଗୁଡ଼ାକ ଅଚେତନ ହୋଇ ରହିଛନ୍ତି, କେତେ କେତେ ପ୍ରକାରେ ବଦଳିବାରେ ଲାଗିଛନ୍ତି, ଭାରି ତରଳ ଅବସ୍ଥାରେ ରହିଛନ୍ତି । କାଲି ଯେଉଁ 'ମୁଁ' କଥା କହୁଥିଲା, ଆଜିକୁ ସିଏ କଥା କହୁ ନାହିଁ, ସିଏ ବଦଳି ଯାଇଛି; ଏବଂ ଆଉ ଟିକଏ ଅଧିକ ଭିତରକୁ ଅନାଇ ଦେଖିଲେ ଆମେ ଜାଣିବାକୁ ପାଇବା ଯେ ସେହି 'ମୁଁ'ଟି କୁଆଡ଼େ ଅନ୍ତର୍ହିତ ହୋଇଯାଇଛି । କେବଳ ଗୋଟିଏ ବସ୍ତୁ ଅପରିବର୍ତ୍ତିତ ରହିଛି, କେବଳ ଜଣେ ରହିଛି । ସେଇ ହେଉଛି ଦିବ୍ୟ ସତ୍ତା, ଭଗବାନ । ସେଇ ଗୋଟିଏ ବସ୍ତୁ

'oaob.nitrkl.ac.in' images reprocessed

ଅନୁକ୍ଷଣ ସେହି ଏକାଭଳି ହୋଇ ରହିଛନ୍ତି, ଅବିକୃତ ରହିଛନ୍ତି । ଏବଂ ଯଦି ତୁମେ ଏତେ ଅଧିକ ଦୂରକୁ ଯାଇ ନଥାଅ…

**ଯାହାକିଛି ଆସୁଛି, ଯଦି ସବୁକିଛି ସେହି ଭଗବାନଙ୍କ ପାଖରୁ ଆସୁଛି, ତେବେ ଏଠି ଏତେବେଶୀ ଭୁଲ କାହିଁକି ରହିଛି ?**

ତୁମର ଏପରି କଦାପି ବିଶ୍ୱାସ କରିବା ଉଚିତ ନୁହେଁ ଯେ ତୁମ ଜୀବନରେ ଯାହାକିଛି ଘଟୁଛି, ସବୁକିଛି ସ୍ୱଭାବତଃ ସେହି ଭଗବାନଙ୍କ ପାଖରୁହିଁ ତୁମ ପାଖକୁ ଚାଲିଆସୁଛି । ଅର୍ଥାତ୍ କେବଳ ସେହି ପରମ ସତ୍ୟ-ଚେତନାହିଁ ତୁମ ଜୀବନର ପରିଚାଳନା କରିବାରେ ଲାଗିଛନ୍ତି । କାରଣ, ଯଦି ସବୁ କଥା କେବଳ ତାଙ୍କରି ପାଖରୁ ଆସୁଥା'ନ୍ତା, ତେବେ ତୁମ ପକ୍ଷରେ କୌଣସି ଭୁଲ କରିବା କଦାପି ସମ୍ଭବ ହେଉ ନଥାନ୍ତା ।

ପୃଥିବୀରେ ସବୁ ସ୍ଥାନରେ ଏତେ ଭୁଲ କିପରି ପୂର୍ଣ୍ଣ ହୋଇ ରହିଛି ? ଯାହାସବୁ ବସ୍ତୁ ରହିଛି ବା ଘଟଣା ଘଟୁଛି, ସେଗୁଡ଼ାକ ଭଗବାନଙ୍କର ବିରୋଧ ମାର୍ଗରେ କାହିଁକି ଗତି କରିବାରେ ଲାଗିଛନ୍ତି ଏବଂ ସେଗୁଡ଼ିକ ପ୍ରକୃତରେ କାହା ମାର୍ଗରେ ଗତି କରିବା ଉଚିତ ?……କାରଣ ପୃଥିବୀରେ ଅନେକ ସଂଖ୍ୟକ ନାନା ଉପାଦାନ ରହିଛି, ଯେଉଁଗୁଡ଼ିକ କି ପରସ୍ପରକୁ ଛେଦ କରି ଚାଲିଯାଇଛନ୍ତି ଓ ପରସ୍ପରର ବାଟ ଓଗାଳି ରହିଛନ୍ତି । କେତେକେତେ ଇଚ୍ଛା ପରସ୍ପରକୁ ଛେଦ କରୁଛନ୍ତି, ଏବଂ ସବୁଠାରୁ ଅଧିକ ଶକ୍ତିଶାଳୀ ଇଚ୍ଛାଟିହିଁ ଜିତୁଛି । ଏବଂ ନାନା ମାର୍ଗ ଓ ନାନା ଔଚିତ୍ୟର ଏହି ଜଟିଳ ଗହନଟିହିଁ ଏକ ନିଯୁକ୍ତିକରଣବାଦର ଭିଆଣ କରି ରଖିଛି । ଏହି ନାନା ବସ୍ତୁର ଗହନଟାହିଁ ଭଗବତ୍ ଇଚ୍ଛାକୁ ଗୋଟାସୁଦ୍ଧା ଆବରଣ ଦେଇ ଘୋଡ଼ାଇ ରଖିଛି । ତେଣୁ ମୁଁ ଏହି ବହିଟିରେ କହିଛି (ମା'ଆ ତାଙ୍କ ବହିଟିକୁ ହାତରେ ଉଠାଇ ଧରିଲେ) ଯେ, "ତୁମକୁ ସବୁକିଛି ଗ୍ରହଣ କରିବାକୁ ପଡ଼ିବ…… ଏବଂ କେବଳ ସେହି କଥାଗୁଡ଼ିକୁ ……ଯେଉଁଗୁଡ଼ିକ କି ଭଗବାନଙ୍କଠାରୁ ପ୍ରେରିତ ହୋଇଆସୁଛି । କାରଣ ଗୁପ୍ତ ହୋଇ ରହିଥିବା ନାନା ବାସନା ମଧ୍ୟରୁ ବି କୌଣସି କୌଣସି କଥା ଆସିପାରେ । ବାସନା ଓ କାମନାଗୁଡ଼ାକ ଅବଚେତନାରେ ରହି କାର୍ଯ୍ୟ କରିବାରେ ଲାଗିଥାନ୍ତି ଏବଂ ତୁମକୁ ଏପରି ନାନା ବସ୍ତୁ ଆଡ଼କୁ ଆକୃଷ୍ଟ କରି ନେଇଯା'ନ୍ତି, ସମ୍ଭବତଃ ଯାହାର ଉତ୍ପତ୍ତି ବିଷୟରେ ତୁମର ପ୍ରକୃତରେ କୌଣସି ଜ୍ଞାନ ନଥାଏ, ମାତ୍ର ଯେଉଁଗୁଡ଼ିକ କି ଭଗବାନଙ୍କଠାରୁ ପ୍ରେରିତ ହୋଇ ଆସି ନଥାନ୍ତି, ସେଗୁଡ଼ିକ ଛଦ୍ମବେଶୀ କାମନାଗୁଡ଼ିକରୁହିଁ ଉଦ୍ଭୂତ ହୋଇଥାନ୍ତି ।"

'oaob.nitrkl.ac.in' images reprocessed

ଯେତେବେଳେ କୌଣସି ଗୋଟିଏ ବସ୍ତୁ ଲାଗି ତୁମ ଭିତରେ ପ୍ରବଳ ବାସନା ରହିଥାଏ ଓ ତୁମେ ସେହି ବସ୍ତୁଟିକୁ ପାଇ ପାରୁ ନଥାଅ, ସେତେବେଳେ ଆପଣାର ବାସନାଟିକୁ ତୁମେ ନିଜ ବାହାରେ ମଧ୍ୟ ପ୍ରକ୍ଷେପିତ କରି ରଖିବା ଲାଗି ଇଚ୍ଛା କରୁଥାଅ । ସେହି ବାସନାଟି ସତେଅବା ଗୋଟିଏ ସାନ ବ୍ୟକ୍ତିଭଳି ପରି ତୁମଠାରୁ ଅଲଗା ହୋଇଯାଇ ସଂସାରଯାକ ବୁଲିବାରେ ଲାଗିଥାଏ । ସାନ ଯେଉଁଟାଏ ବୁଲି ଆସୁଥାଏ, ଅଳ୍ପବହୁତ ଅଧିକଆଡ଼େ ମାଡ଼ି ଯିବାକୁ ଚେଷ୍ଟା କରୁଥାଏ, ଏବଂ ଯେତେବେଳେ ତୁମେ ହୁଏତ ସେଇଟି ବିଷୟରେ ସବୁକିଛୁ ଭୁଲି ଯାଇଥାଅ, ସେଇଟି ଫେରିଆସି ସେତିକିବେଳେ ତୁମ ପାଖରେ ପହଞ୍ଚେ । ଯେଉଁସବୁ ବ୍ୟକ୍ତିଙ୍କ ମଧ୍ୟରେ କୌଣସି ପ୍ରବଳ ଇଚ୍ଛା ରହିଥାଏ, ଯେଉଁମାନେ କିଛି ନା କିଛି ପଦାର୍ଥକୁ ପାଇବା ଲାଗି ଇଚ୍ଛା କରୁଥାନ୍ତି,—ସେହି ଇଚ୍ଛାଟି ସତେଅବା ଗୋଟିଏ ସାନ ଜୀବଟିଏ ହୋଇ ସେମାନଙ୍କଠାରୁ ବାହାରି ବୁଲିବାରେ ଲାଗିଥାଏ, ସତେଅବା ଗୋଟିଏ ସାନ ଅଗ୍ନିଶିଖା ପରି ଚାରିଆଡ଼େ ଲାଗି ଲାଗି ଯାଉଥାଏ । ଏହି ସାନ ଜୀବଟିର ମଧ୍ୟ ଏକ ନିଜସ୍ୱ ରହିଥାଏ । ଏହା ପୃଥିବୀଯାକ କେତେଆଡ଼େ ଘୂରିବୁଲେ, ହୁଏତ ଆହୁରି ଅନ୍ୟ କେତେକେତେ କଥା ଦ୍ୱାରା ଏଣେତେଣେ ଆନ୍ଦୋଳିତ ହେବାରେ ଲାଗିଥାଏ । ତୁମେ ସିନା ସେଇଟିକୁ ଭୁଲି ଯାଇଥାଅ, ମାତ୍ର ସେଇଟି କଦାପି ଭୁଲି ନଥାଏ ଯେ ତୁମେ ଏକଦା ଯେଉଁ ଫଳଟିକୁ ଆଶା କରି କାମନାଟିକୁ କରିଥିଲ, ତାହା ତୁମକୁ ନିଶ୍ଚୟ ଠିକ୍ ସେହି ଫଳଟିକୁ ଆଣିଦେବ······କେତେ କେତେ ଦିନ ଧରି ତୁମେ ମନେ ମନେ କହିବାରେ ଲାଗିଥାଅ : "ସେହି ସ୍ଥାନଟିକୁ ଯିବାକୁ, ଉଦାହରଣସ୍ୱରୂପ, ଜାପାନକୁ ଯିବାକୁ ମୋର କେଡ଼େ ମନ ନହେଉଛି, ସେଠି ରହିଥିବା କେତେ କେତେ ଜିନିଷ ଦେଖିବାକୁ କେଡ଼େ ମନ ନହେଉଛି !", ଏବଂ ତା'ପରେ ତୁମର ସେହି ଇଚ୍ଛାଟି ତୁମଠାରୁ ବାହାରି ଚାଲିଯିବ; ମାତ୍ର କାମନାଗୁଡ଼ାକ ତ ସବୁବେଳେ ବାହାରକୁ ଗୋଡ଼ କାଢ଼ି ରହିଥାନ୍ତି, ତେଣୁ ଯେଉଁ କାମନାଟିକୁ ତୁମେ ଏତେ ଶକ୍ତିର ସହିତ ବାହାରକୁ ନିକ୍ଷିପ୍ତ କରି ଦେଇଥିଲ, ସେଇଟି ବିଷୟରେ ତୁମେ ସମ୍ପୂର୍ଣ୍ଣ ଭାବରେ ସବୁ ଭୁଲି ଯାଇଥାଅ । ଏଇଟିକୁ ଛାଡ଼ି ଆଉ ଅନ୍ୟ ବିଷୟ ଭାବିବା ଲାଗି ନାନା କାରଣ ମଧ୍ୟ ରହିଥାଏ । ଏବଂ ପ୍ରାୟ ଦଶ ବର୍ଷ ପରେ,—ଏହାଠାରୁ ଅଧିକ ସମୟ ପରେ ହୋଇପାରେ, କମ୍ ସମୟ ପରେ ବି ହୋଇପାରେ, ଏବଂ ତା'ପରେ ସେଇଟା ତୁମ ପାଖକୁ ପୁନର୍ବାର ଫେରିଆସେ, ସଦ୍ୟ ବଢ଼ାହୋଇଥିବା ଖାଇବାଥାଳୀ ପରି ସେଥିରୁ ସତେଅବା ଦହଗ ବାହାରୁଥାଏ । ହଁ, ଠିକ୍ ଗୋଟିଏ ଦହଗ ଖାଇବାଥାଳୀ ପରି,—ବେଶ୍ ସଗୁଣା ହୋଇ ସଜା ହୋଇ ବଢ଼ା ହୋଇ ଆସିଥାଏ । ତୁମେ କହିବାକୁ ଆରମ୍ଭ କର : "ଏଇଟା ପାଇଁ ଆଉ ମୋର ମୋଟେ ମନ ନାହିଁ ।" ଦଶ ବା କୋଡ଼ିଏ ବର୍ଷ ପରେ ଏଇଟି ଲାଗି ପ୍ରକୃତରେ ତୁମର ମନ ନଥାଏ ।

'oaob.nitrkl.ac.in' images reprocessed

ସେଇଟି କେବଳ ସାନ ଆକୃତିଟିଏ ହୋଇ ତୁମ ପାଖରୁ ବାହାରି ଯାଇଥିଲା ଏବଂ ଯଥାଶକ୍ତି ଆପଣାର କାର୍ଯ୍ୟଟିକୁ କରିବାରେ ଲାଗିଥିଲା······। ତୁମର ବାସନାଟି ଯେତେ କ୍ଷୁଦ୍ର ହୋଇଥାଉ ପଛକେ, ଥରେ ସେହି ବାସନାଟିକୁ ପୋଷଣ କରି ସେଇଟିର ଚରିତାର୍ଥ ନକରିବା ଏକାବେଳେ ଅସମ୍ଭବ । ବାସନାର ସେହି ଆକୃତିଟି ଯେତିକି ପାରିଲା, ଆପଣାର କାର୍ଯ୍ୟଟିକୁ କଲା; କେତେ କେତେ କଷ୍ଟ ସହିଲା, ହରକତ କଲା ଏବଂ ବହୁବର୍ଷ ପରେ ପୁନର୍ବାର ତୁମ ପାଖକୁ ଫେରିଆସିଲା । ସତେ ଯେପରି ତୁମର ଜଣେ ଭୃତ୍ୟ ପରି ତୁମରି ଆଦେଶରେ ତାହା କୁଆଡ଼କୁ ଯାଇଥିଲା ଓ ଯଥାସମ୍ଭବ ଭଲଭାବରେ ଆପଣାର କାର୍ଯ୍ୟଟିକୁ କଲା । ଯେତେବେଳେ ସେଇଟି ତୁମ ପାଖକୁ ଫେରି ଆସିଲା, ସେତେବେଳେ ତୁମେ ତାକୁ କହିଲ : "ତୁ କ'ଣ କଲୁ ?"—"ଆପଣ ଇଏ କ'ଣ କହୁଛନ୍ତି ଆଜ୍ଞା ! ଆପଣ ଚାହିଁଥିଲେ ବୋଲି ସିନା ମୁଁ କଲି !"

ଯେକୌଣସି ଭାବନା, ଯଦି ତୁମେ ସେଇଟିକୁ ପ୍ରବଳ ଭାବରେ ଭାବିଥିବ, ତେବେ ସେଇଟି ନିଶ୍ଚୟ ସତେଅବା ଗୋଟିଏ ବେଲୁନ୍ ପରି ତୁମ ପାଖରୁ ବାହାରି ଚାଲିଯିବ । ଆମେ ଏପରି ଅନେକ ଗପ ଜାଣିଛୁ, ଯାହାକି ଆଦୌ ସମ୍ପୂର୍ଣ୍ଣ ଅବିଶ୍ୱାସ୍ୟ ନୁହେଁ; ଉଦାହରଣସ୍ୱରୂପ, ସେହି କୃପଣ ବ୍ୟକ୍ତିଟିର କଥା, ଯିଏକି ଆପଣାର ଟଙ୍କା ପଇସା ବ୍ୟତୀତ ଆଉ କିଛିହେଲେ ଭାବିପାରୁ ନଥିଲା । ନିଜର ଟଙ୍କାପଇସା ତକ ସିଏ କୌଣସି ଗୋଟିଏ ଜାଗାରେ ଲୁଚାଇ କରି ରଖିଥିଲା ଏବଂ ସେଗୁଡ଼ିକୁ ଦେଖିବା ଲାଗି ସବୁବେଳେ ସେହି ଜାଗାକୁ ଯାଉଥିଲା । ମୃତ୍ୟୁ ପରେ ମଧ୍ୟ ସିଏ ପ୍ରେତ (ଅର୍ଥାତ୍ ତା'ର ପ୍ରାଣିକ ଶରୀର) ହୋଇ ସେଠାକୁ ଆସୁଥିଲା ଏବଂ ସେଇଠି ପହରା ଦେଉଥିଲା । ଯିଏ ସେହି ଜାଗାକୁ ଯାଉଥିଲା, ତାକୁ କୌଣସି ନା କୌଣସି ବିପତ୍ତିର ସମ୍ମୁଖୀନ ହେବାକୁ ପଡ଼ୁଥିଲା । ଏକଥାଟି ମଧ୍ୟ ଠିକ୍ ସେହିପରି; ଯଦି କିଛି ଉଆଇବା ସକାଶେ ତୁମେ କିଛି କାର୍ଯ୍ୟ କରିଥିବ, ତେବେ ସେଇଟି ଶେଷରେ ଅବଶ୍ୟ ସମ୍ଭବ ହୋଇ ଆସିବ । ତୁମର ମୃତ୍ୟୁ ପରେ ହୁଏତ ତାହା ସମ୍ଭବ ହେବ । ହଁ, କାରଣ ଯେତେବେଳେ ଏହି ଶରୀରଟି ଆଉ ରହିବ ନାହିଁ, ସେତେବେଳେ ସ୍ପନ୍ଦନଗୁଡ଼ାକ କଦାପି ଅବଲୁପ୍ତ ହୋଇଯିବ ନାହିଁ । ସେଗୁଡ଼ିକ ହୁଏତ ଆଉ କେଉଁଠାରେ ବି ଉପଲବ୍ଧ ହେବ । ବୁଦ୍ଧ ଠିକ୍ ସେହି କଥାଟିହିଁ କହିଥିଲେ ସ୍ପନ୍ଦନଗୁଡ଼ିକ ଲୁପ୍ତ ହୋଇ ଯାଆନ୍ତି ନାହିଁ, ସେଗୁଡ଼ିକ ସ୍ଥାୟୀ ହୋଇ ରହିଥାନ୍ତି । ସେଗୁଡ଼ିକ ସଂକ୍ରାମକ ପରି କାର୍ଯ୍ୟ କରୁଥାନ୍ତି । ଅନ୍ୟମାନଙ୍କ ଭିତରେ ରହିଥାନ୍ତି, ଅନ୍ୟମାନଙ୍କ ଭିତରକୁ ଚାଲିଯାଆନ୍ତି ଏବଂ ପ୍ରତ୍ୟେକର ସେଗୁଡ଼ିକରେ କିଛି ନା କିଛି ଅବଦାନ ରହିଥାଏ ।

'oaob.nitrkl.ac.in' images reprocessed

## ସଦିଚ୍ଛାର ଏକ ସ୍ପନ୍ଦନ ସୃଷ୍ଟି କରି କେହି ଜଗତର ସହାୟତା କରି ପାରିବ କି ?

ସଦିଚ୍ଛା ଦ୍ୱାରା ଜଣେ ଅନେକ କିଛି ବଦଳାଇ ଦେଇ ପାରିବ । ଅବଶ୍ୟ ଏକଥା ସତ ଯେ ସେହି ସଦିଚ୍ଛାଟି ସମ୍ପୂର୍ଣ୍ଣ ଭାବରେ ଶୁଦ୍ଧ ହୋଇଥିବ, ଅବିମିଶ୍ର ହୋଇଥିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ କୌଣସି ଏକ ଭାବନା, ସମ୍ପୂର୍ଣ୍ଣ ଭାବରେ ଶୁଦ୍ଧ ଏବଂ ଯଥାର୍ଥ କୌଣସି ପ୍ରାର୍ଥନାକୁ ଯଦି ଏହି ପୃଥିବୀ ମଧ୍ୟକୁ ପ୍ରସାରିତ କରି ଦିଆଯାଏ, ତେବେ ତାହା ନିଶ୍ଚୟ ଆପଣାର କାର୍ଯ୍ୟ କରିବ । ମାତ୍ର ଏହି ଭାବନାଟି ଯେତେବେଳେ ମଣିଷର ମସ୍ତିଷ୍କଟା ଭିତରେ ଯାଇ ପଶିବାକୁ ଆରମ୍ଭ କରିବ, ସେତେବେଳେ ତାହାର ସେହି ସମ୍ପୂର୍ଣ୍ଣ ଶୁଦ୍ଧତା ଓ ଯଥାର୍ଥତା ଆଉ କେଉଁଠି ରହିବ ? ଏଥିରେ ନିଶ୍ଚୟ କେତେକେତେ ସ୍ଖଳନ ଆସି ଘଟିବ । ମାତ୍ର, ଅନ୍ତର୍ଗତ ଚେତନା ଏବଂ ଅନ୍ତର୍ଗତ ଜ୍ଞାନର ଏକ ଉଦ୍ୟମ ଦ୍ୱାରା ତୁମେ ଯଦି ଆପଣା ଭିତରେ କୌଣସି ବାସନା ଉପରେ ପ୍ରକୃତ ବିଜୟ ହାସଲ କରି ପାରିବ, ଅର୍ଥାତ୍, ଯଦି ତୁମେ ସେଇଟିକୁ ବିଲୁପ୍ତ ଓ ଅନ୍ତର୍ହିତ କରାଇଦେଇ ପାରିବ, ଏବଂ, ଅନ୍ତର୍ଗତ ସଦିଚ୍ଛା, ଚେତନା, ଆଲୋକ ଓ ଜ୍ଞାନ ଦ୍ୱାରା ତୁମେ ସେହି ବାସନାଟିକୁ ଚୂର୍ଣ୍ଣ କରିଦେଇ ପାରିବ, ତେବେ ସର୍ବପ୍ରଥମେ ନିଜ ଭିତରେ ବ୍ୟକ୍ତିଗତ ଭାବରେ ବାସନାଟିକୁ ଚରିତାର୍ଥ କରିଥିଲେ ତୁମେ ଯେତିକି ସୁଖୀ ହୋଇ ପାରିଥାନ୍ତ, ତା'ଠାରୁ ଶହେଗୁଣ ଅଧିକ ସୁଖୀ ହୋଇ ପାରିବ, ଏବଂ ତା'ପରେ ବାହାରେ ମଧ୍ୟ ତାହାର ଏକ ଚମତ୍କାର ପ୍ରଭାବ ପଡ଼ିବ । ପୃଥିବୀ ଉପରେ ତାହାର ଏପରି ପ୍ରତିକ୍ରିୟାମାନ ପଡ଼ିବ, ଯାହା ବିଷୟରେ ତୁମର ଆଗରୁ କୌଣସି ଧାରଣାହିଁ ନଥିଲା । ସେଇଟି ଅଧିକରୁ ଅଧିକ ବ୍ୟାପ୍ତ ହୋଇଯିବାକୁ ଲାଗିବ । କାରଣ, ତୁମେ ଯେଉଁ ସ୍ପନ୍ଦନଗୁଡ଼ିକର ସୃଷ୍ଟି କରିଥିବ, ସେଇଟି ପ୍ରସାରିତ ହୋଇ ଯାଉଥିବ । ବରଫର ପିଣ୍ଡୁଳାଟିଏ ପରି ଏହିସବୁ ବ୍ୟାପାର ଏହିପରି ବୃଦ୍ଧିପ୍ରାପ୍ତ ହେବାରେ ଲାଗିଥାଏ । ନିଜ ଜୀବନର ଆଚରଣକ୍ଷେତ୍ରରେ ତୁମେ ଅର୍ଜନ କରିଥିବା ଏହି ବିଜୟଟି ଯେତେ କ୍ଷୁଦ୍ର ହୋଇଥାଉ ପଛକେ, ସେଇଟି ସମଗ୍ର ପୃଥିବୀର ଏକ ବିଜୟ ହୋଇ ମଧ୍ୟ ରହିପାରିବ । ବର୍ତ୍ତମାନ ମୁଁ ଯାହା କହୁଥିଲି, ତଦ୍ଦ୍ୱାରା ଠିକ୍ ଏହି କଥାଟିକୁହିଁ କହିବାକୁ ଚାହୁଁଥିଲି : ଆନ୍ତର ପ୍ରକୃତିରେ କୌଣସି ପରିବର୍ତ୍ତନ ନଘଟାଇ କେବଳ ବାହାରେ କରାଯାଉଥିବା ଯାବତୀୟ କଥା,—ଅର୍ଥାତ୍ ଡାକ୍ତରଖାନା, ସ୍କୁଲ ପ୍ରଭୃତି ବସାଇବାର ସବୁ କଥା କେବଳ ଆତ୍ମଗରିମା ଦ୍ୱାରା କରାଯାଏ, ନିଜକୁ ବଡ଼ ବୋଲି ଅନୁଭବ କରିବାର ଅଭିପ୍ରାୟରେ କରାଯାଏ; ମାତ୍ର, ନିଜ ଭିତରେ ଯେଉଁ ସାନ ସାନ ବିଷୟଗୁଡ଼ିକ ଉପରେ ବିଜୟ ହାସଲ କରାଯାଏ, ସେଗୁଡ଼ିକ କାହାରି ଆଖିରେ ପଡ଼ୁ ନଥିଲେ ମଧ୍ୟ ତଦ୍ଦ୍ୱାରା ଅକଳଣ କେତେକେତେ

'oaob.nitrkl.ac.in' images reprocessed

ଗୁଣ ବଡ଼ ବିଜୟମାନ ସମ୍ଭବ ହୁଏ । ମାତ୍ର ଏଗୁଡ଼ିକର ଫଳସବୁ ମଧ୍ୟ ସେହିପରି ଲୁକ୍‌କାୟିତ ହୋଇ ରହିଥାଏ । ମିଛକୁ ଅବଲମ୍ବନ କରି ଓ ସତ୍ୟର ବିରୋଧୀ ହୋଇ ତୁମ ଭିତରେ ଯାହାକିଛି କିମ୍ବା ଯେତେବେଳେ ହୁଏ, ସେଗୁଡ଼ିକ ଦିବ୍ୟଜୀବନର ଖଣ୍ଡନ କରିବାରେହିଁ ଲାଗିଥାଏ । ତୁମର ସାନସାନ ଚେଷ୍ଟାରୁ ଅନେକ ସମୟରେ ଏପରି ବୃହତ୍ ସୁପରିଣାମମାନ ଉପୁଜିଥାଏ, ଯାହାକୁ ଜାଣିବାର ସନ୍ତୋଷଟି ମଧ୍ୟ ତୁମ ଭାଗ୍ୟରେ ନଥାଏ, ମାତ୍ର ଯେଉଁଗୁଡ଼ିକ ଗୋଟିଏ ଗୋଟିଏ ଯଥାର୍ଥ ଚେଷ୍ଟା ହୋଇ ରହିଥାଏ ଏବଂ ଠିକ୍ ସେହିଗୁଡ଼ିକରହିଁ ବ୍ୟକ୍ତିସୀମାର ବାହାରେ ସାଧାରଣ କ୍ଷେତ୍ରରେ କୌଣସି ପ୍ରଭାବ ପଡ଼ିଥାଏ ।

ଯଦି ତୁମେ ଯଥାର୍ଥରେ କୌଣସି ଭଲ କାମ କରିବାକୁ ଇଚ୍ଛା କରୁଛ, ତେବେ ସବୁଠାରୁ ଉତ୍ତମ କଥା ହେବ, ତୁମେ ପୂର୍ଣ୍ଣ ନିଷ୍ଠାର ସହିତ ତୁମର ସାନ ବିଜୟଗୁଡ଼ିକୁ ହାସଲ କରିବା ଲାଗି ସମର୍ଥ ହେବ, ଗୋଟି ଗୋଟି କରି ଏହିଗୁଡ଼ିକୁ ହାସଲ କରିବାରେ ଲାଗିଥିବ; ଏବଂ ଏହିପରି ଭାବରେ ତୁମେ ପୃଥିବୀ ଲାଗି ତୁମ ଦ୍ୱାରା ସମ୍ଭବ ସର୍ବାଧିକ କାର୍ଯ୍ୟ କରିବାକୁ ସମର୍ଥ ହେବ ।

### ଆମ ବିଜୟଗୁଡ଼ିକ ସମଗ୍ର ସଂସାର ଲାଗି କାର୍ଯ୍ୟ କରି ପାରିବ କି ?

ନା—ତୁମର ବିଜୟଟି ସାରା ସଂସାରକୁ ବଦଳାଇ ପାରିବ ନାହିଁ ସତ, କାରଣ ତୁମର ବିଜୟ ସମଗ୍ର ପୃଥିବୀ ଲାଗି ଅତ୍ୟନ୍ତ କ୍ଷୁଦ୍ର ହୋଇ ରହିଥିବ । ସେଥିଲାଗି ଏହିପରି ଲକ୍ଷ ଲକ୍ଷ ବିଜୟ ଦରକାର ହେବ । ସମଗ୍ର ସହିତ ତୁଳନା କରି ଦେଖିଲେ ତୁମର ବିଜୟଟିକୁ ଅତ୍ୟନ୍ତ କ୍ଷୁଦ୍ର ବୋଲି କୁହାଯିବ ସତ, ମାତ୍ର ତାହା ଆହୁରି ଅନେକ ଜିନିଷ ସହିତ ସମ୍ମିଳିତ ହୋଇଯାଇ ପାରିବ । ··· ହୁଏତ ଏହି କ୍ଷେତ୍ରରେ ଏଭଳି କୁହାଯାଇ ପାରିବ ଯେ ଏହାଦ୍ୱାରା ପୃଥିବୀକୁ ଏକ କାର୍ଯ୍ୟ କରିବାର **ସାମର୍ଥ୍ୟଟିକୁ** ନେଇ ଆସିଲା ପରି ହେବ । ମାତ୍ର ଏଇଟି ପ୍ରଭାବଯୁକ୍ତ ଭାବରେ କାର୍ଯ୍ୟ କରିପାରିବା ଲାଗି ଅନେକ ସମୟରେ କେତେ ନା କେତେ ଶତାବ୍ଦୀ ଲୋଡ଼ା ହେବ । ଏଇଟି ହେଉଛି ଆନୁପାତିକତାର ଏକ ପ୍ରଶ୍ନ । ତୁମ ଗୃହ ପାଖରେ ଯେଉଁମାନେ ଅଛନ୍ତି, ସେମାନଙ୍କୁ ନେଇ ମଧ୍ୟ ତୁମେ ସେହି କଥାଟି ଚେଷ୍ଟା କରି ଦେଖିପାର (ଏବଂ ଏହି କ୍ଷେତ୍ରରେ ତାହା ଆହୁରି ଅଧିକ କଷ୍ଟକର ହୋଇପଡ଼ିବ ।) । ତୁମକୁ ଏକାନ୍ତ ନିଷ୍ଠାପର ଭାବରେ ଏହି କଥାଟି କରିବାକୁ ପଡ଼ିବ, ଗୋଟାଏ ଫଳ ହାସଲ କରିବାର ଧାରଣା ରଖି କଲେ ଆଦୌ ଚଳିବ ନାହିଁ; ତୁମକୁ ଏକ ବିଜୟ ହାସଲ କରିବାକୁ ହେବ ବୋଲି ଏକ ଉଦ୍ଦେଶ୍ୟ ରଖି କରିବାକୁ ପଡ଼ିବ । ଏବଂ ତୁମ ଦ୍ୱାରା ସେହି ବିଜୟଟି ହାସଲ ହୋଇ ପାରିଲେ, ନିଶ୍ଚୟତଃ ତୁମ ଗୃହ ପାଖରେ ଥିବା ଅନ୍ୟମାନଙ୍କ ଉପରେ ମଧ୍ୟ ତାହାର ପ୍ରଭାବ ପଡ଼ିବ । ମାତ୍ର ଯଦି ତାହା

'oaob.nitrkl.ac.in' images reprocessed

ଭିତରେ ମୂଲଚାଲ କରିବାର ଗୋଟିଏ ଉପାଦାନ ଜଡ଼ିତ ହୋଇ ରହିଥିବ, ସେହି ଅନ୍ୟ ଜିନିଷଟି ପାଇବ ବୋଲି ଯଦି ତୁମେ କାର୍ଯ୍ୟଟି କରୁଥିବ : "ମୁଁ ନିଶ୍ଚୟ ମୋର ଦୋଷଗୁଡ଼ିକ ସଂଶୋଧନ କରିବାକୁ ଇଚ୍ଛା କରୁଛି, ମାତ୍ର ସେହି ଅନ୍ୟ ଲୋକଟିର ମଧ୍ୟ ତା' ଦୋଷଗୁଡ଼ିକୁ ଅବଶ୍ୟ ସଂଶୋଧନ କରିନେବା ଉଚିତ ।"—ତେବେ ସେକଥା ଆଉ ମୋଟେ କାମ ଦେବ ନାହିଁ । ଏଇଟା ହେଉଛି ବଣିକର ମନୋଭାବ : "ମୁଁ ଏଇଟି ଦେବି ସତ, ମାତ୍ର ତା' ବଦଳରେ ସେଇଟିକୁ ନେବି ।"—ଏପରି ହେଲେ ସବୁକିଛି ନଷ୍ଟ ହୋଇଯାଏ । ଏଥିରେ ନିଷ୍ଠା ନଥାଏ କି ଶୁଦ୍ଧତା ମଧ୍ୟ ନଥାଏ । କେବଳ ସଉଦା କରିବାର ମତଲବଟା ରହିଥାଏ ।

ତୁମର ନିଷ୍ଠା ଓ ଅଭୀପ୍ସା ସହିତ ଆଉ କିଛିହେଲେ ମିଶି କରି ରହିବା ଆଦୌ ଉଚିତ ନୁହେଁ । ତୁମ ଅଭିପ୍ରାୟରେ ମଧ୍ୟ କୌଣସି ମିଶ୍ରଣ ହେବା ଉଚିତ ନୁହେଁ । ଭଗବାନଙ୍କୁ ତୁମେ ଭଲ ପାଉଛ, କେବଳ ସେଇଥି ଲାଗିହିଁ ସବୁକିଛି କରୁଛ; ସତ୍ୟ ପାଇଁ କରୁଛ, ପରିପୂର୍ଣ୍ଣତା ପାଇଁ କରୁଛ; ଏତକ ବ୍ୟତୀତ ତୁମର କର୍ମ ପଛରେ ଆଉ କୌଣସି ମତଲବ ନାହିଁ, ଆଉ କୌଣସି ଲକ୍ଷ୍ୟ ନାହିଁ । ଏବଂ, ଯାହା ଫଳ ଫଳିବ, କେବଳ ତାହାରି ଦ୍ୱାରାହିଁ ଫଳିବ ।

## ୧୫ ଏପ୍ରିଲ, ୧୯୫୩

**ଆପଣ ଲେଖିଛନ୍ତି : "ଭଗବତ୍ ଶକ୍ତିଗୁଡ଼ିକୁ ତୁମେ ନିଜ ଆଡ଼କୁ ଟାଣି କରି ନେଇ ଆସିବାକୁ ଚେଷ୍ଟା କରିବ ନାହିଁ ।"**

ପ୍ରଶ୍ନ ଓ ଉତ୍ତର, ୧୯୨୯ (୧୪ ଏପ୍ରିଲ)

**ଜଣେ ଇଚ୍ଛା କଲେ କ'ଣ ଭଗବତ୍ ଶକ୍ତିଗୁଡ଼ିକୁ ଜୋର୍ କରି ନିଜ ଆଡ଼କୁ ଟାଣି ନେଇଆସି ପାରିବ ?**

ହଁ, ଯଦି ତୁମେ ଅତ୍ୟନ୍ତ ଉତ୍କଟ ଭାବରେ ଡାକିବ, ଯଦି ଉତ୍କଟ ଭାବରେ ଆକାଙ୍କ୍ଷା ରଖିବ, ତେବେ ତୁମେ ବେଶ୍ କେତୋଟି ଶକ୍ତିକୁ ନିଜ ଆଡ଼କୁ ନିଶ୍ଚୟ ଟାଣି ଆଣିପାରିବ, ମାତ୍ର ସେଗୁଡ଼ିକୁ ହଜମ କରି ପାରିବାକୁ ତୁମର ଆଦୌ ଶକ୍ତି ନଥିବ, ତୁମେ ସେଗୁଡ଼ିକୁ କଦାପି ନିଜସ୍ୱ କରିପାରିବ ନାହିଁ । ଖାଇବାବେଳେ ଯେପରି ହୁଏ, ଏଇଟି ମଧ୍ୟ ଠିକ୍ ସେହିପରି କଥା; ଆଗରେ ଯାହା ଥୁଆହୋଇଛି,

'oaob.nitrkl.ac.in' images reprocessed

ଯଦି ତୁମେ ସବୁଯାକକୁ ଗୋଟାଏ ଗିଲାରେ ଗିଳିଦେବାକୁ ବାହାରିବ, ତେବେ ତଦ୍ଦ୍ୱାରା ତୁମେ ଅଜୀର୍ଣ୍ଣ ଭୋଗିବ, ତାହା ତୁମକୁ ଏକାବେଳକେ ରୁନ୍ଧି ପକାଇବ । ଏତେଗୁଡ଼ାଏ ଗିଳିପକାଇ ତୁମେ କେବେହେଲେ ସହ୍ୟ କରି ପାରିବ ନାହିଁ । ସେହିପରି, ଯଦି ତୁମେ ତରତର ହୋଇ ଆଗକୁ ମାଡ଼ିଯିବାକୁ ଇଚ୍ଛା କରିବ, ଯଦି ତରବର ହେବ, ତେବେ ତୁମେ ଏପରି ଏକ ଦାବିକୁ ପ୍ରେରଣ କରିଦେବ, ଯାହାଫଳରେ କି ଅତିରିକ୍ତ ସଂଖ୍ୟାରେ ଅନେକ ଶକ୍ତିକୁ ତୁମେ ଆପଣା ଆଡ଼କୁ ଟାଣି ନେଇ ଆସିବ; ଯେଉଁ ଶକ୍ତିଗୁଡ଼ିକ ସାଧାରଣ ସ୍ଥିତିରେ ତୁମ ପାଖକୁ ଧୀରେ ଧୀରେ ଆସିଥାନ୍ତେ, ତୁମେ ସେଗୁଡ଼ିକୁ ଏକାବେଳକେ ଟାଣି ନେଇ ଆସିବ ।

ବାସ୍, ଭିତରେ ଯଦି ଏତେଟିକିଏ ମହଦାକାଂକ୍ଷା ପ୍ରଚ୍ଛନ୍ନ ହୋଇ ରହିଥାଏ, ତେବେ...... । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଯୋଗ ପାଇଁ ଯୋଗ କରନ୍ତି ନାହିଁ, ମାତ୍ର କୌଣସି ଗୋଟିଏ ଫଳଲାଭ ପାଇଁ ଯୋଗ କରନ୍ତି; କେତେଗୁଡ଼ାଏ ଶକ୍ତି ହାସଲ କରିବାକୁ, ଅଥବା ଏଇଟା ବା ସେଇଟା ଜାଣିବା ଲାଗି ଯୋଗ କରନ୍ତି ।

**ମାତ୍ର, ତାହାର ଅର୍ଥ ହେଉଛି ଯେ ସେମାନେ ଯଥାର୍ଥ ନିଷ୍ଠାବାନ୍ ହୋଇ ତାହା କରନ୍ତି ନାହିଁ । ତେବେ ଭଗବାନ ତାଙ୍କ ଡାକର ଜବାବ ଦିଅନ୍ତି କିପରି, ସେମାନଙ୍କର କାମନାଗୁଡ଼ିକୁ ପୂରଣ କରନ୍ତି କିପରି ?**

ତୁମେ ଭାବୁଛ ଯେ ଠିକ୍ ମଣିଷ ପରି ଭଗବାନଙ୍କର ମଧ୍ୟ ଗୋଟିଏ ଅତି କ୍ଷୁଦ୍ର ବିଚାରଶକ୍ତି ରହିଛି ! ମଣିଷର ଧାରଣା ଓ ଅନ୍ଦାଜଗୁଡ଼ାକୁ ନେଇ କଦାପି ଭଗବାନଙ୍କଠାରେ ଆରୋପ କରିଦେବା ଉଚିତ ହେବ ନାହିଁ ।

ଯଦି ତୁମଠାରେ ପ୍ରକୃତ ନିଷ୍ଠା ନଥାଏ, ତେବେ ଏହିପରି ଘଟେ ଯେ ତୁମର ନିଜ ଚେତନାଟି ଆବରଣ ତଳେ ରହିଯାଏ । ଉଦାହରଣସ୍ୱରୂପ, ଜଣେ ମଣିଷର କଥା ବିଚାର କରାଯାଉ, ସିଏ କି ମିଛକଥା କହୁଛି; ତା'ର ଚେତନା ଏହିପରି ଭାବରେ ଆଚ୍ଛନ୍ନ ହୋଇ ପଡ଼ିବାରେ ଲାଗିଥାଏ ଏବଂ ଶେଷରେ ଏପରି ଗୋଟିଏ ବେଳ ଆସେ ଯେତେବେଳେ କି ସିଏ ସତମିଛ ଅଲଗା କରି ଆଦୌ ବାରିପାରେ ନାହିଁ । ସିଏ ପ୍ରତିରୂପଗୁଡ଼ାକୁ ଦେଖି ତାହାକୁହିଁ ସତ୍ୟ ବୋଲି କହିବାକୁ ଲାଗେ । ଭ୍ରଷ୍ଟ ମଣିଷ ଆପଣାର ଅଭୀପ୍ସାଟିକୁ ହରାଇ ବସେ, ଉପଲବ୍ଧିର ସାମର୍ଥ୍ୟଟିକୁ ହରାଇ ପକାଏ, ବୁଝିବାର, ଅନୁଭବ କରିବାର ଏବଂ ଉପଲବ୍ଧି କରିବାର ସକଳ ସମ୍ଭାବନାକୁ ହରାଇବସେ । ସେଇଟା ହେଉଛି ତା'ର ଶାସ୍ତି ।

'oaob.nitrkl.ac.in' images reprocessed

ନିଜ ଆଉ ଭଗବାନଙ୍କ ମଧ୍ୟରେ ମଣିଷ ପରଦା ରଖିଥାଏ, ପ୍ରତିବନ୍ଧକ ଠିଆ କରି ରଖିଥାଏ । ସେହିପରି ଭାବରେହିଁ ସିଏ ଆପଣାକୁ ଶାସ୍ତି ଦେବାରେ ଲାଗିଥାଏ । ମାତ୍ର ଭଗବାନ କଦାପି ଅପସରି ଘୁଞ୍ଚି ଯାଆନ୍ତି ନାହିଁ; ମଣିଷହିଁ ତାଙ୍କୁ ଗ୍ରହଣ କରିବାର ସାମର୍ଥ୍ୟଟିକୁ ହରାଇ ବସେ । ଏହିପରି ଭାବରେ, ଭଗବାନ କେବେହେଲେ ପୁରସ୍କାର ଓ ଦଣ୍ଡର ବିତରଣ କରୁ ନଥାନ୍ତି, ଏପରି କେବେହେଲେ ହୁଏ ନାହିଁ ।

ଯେତେବେଳେ ମଣିଷର ନିଷ୍ଠା ନଥାଏ, ଯେତେବେଳେ ଇଚ୍ଛା ମଧ୍ୟରେ ଦୁଷ୍ଟତା ଭରି ରହିଥାଏ, ଯେତେବେଳେ ସେ ବିଶ୍ୱାସଘାତକତା କରୁଥାଏ, ସେତେବେଳେ ସିଏ ସେହିପରି ପ୍ରାୟ ଯୁଗପତ୍ ଭାବରେହିଁ ଆପଣାକୁ ଶାସ୍ତି ଦେବାରେ ଲାଗିଥାଏ । ସେମାନେ ଦୁଷ୍ଟ ବୋଲି ଜାଣିବା ଲାଗି ମଧ୍ୟ ଯେତିକି ଚେତନା ରହିଥିବା ଉଚିତ, ନିଷ୍ଠାହୀନ ବ୍ୟକ୍ତିମାନେ ସେହି ଯତ୍କିଞ୍ଚିତ୍ ଚେତନାକୁ ମଧ୍ୟ ହରାଇ ବସିଥାନ୍ତି; ସେମାନେ ସତେଅବା ନିଜକୁ ଅଚେତନ କରି ପକାଇଥାନ୍ତି । ପରିଶେଷରେ ଦଶା ଏପରି ହୁଏ ଯେ ସେମାନେ ଆଉ କିଛିହେଲେ ଜାଣିପାରନ୍ତି ନାହିଁ ।

**ଆପଣ "ବାହ୍ୟ ସତ୍ତାରେ ସମଚିତ୍ତ ହେବାର ଭିତ୍ତି" ବୋଲି ଯାହା କହୁଛନ୍ତି, ତାହାର ଅର୍ଥ କ'ଣ ?**

ତଦୈବ

ଏହି ଭିତ୍ତି ବା ମୂଳଦୁଆଟି ହେଉଛି ଉତ୍ତମ ସ୍ୱାସ୍ଥ୍ୟ, ଶକ୍ତି ଓ ସନ୍ତୁଳିତ ଶରୀର; ଯେତେବେଳେ ତୁମର ସ୍ନାୟୁଶକ୍ତି ଏପରି ଯଥେଷ୍ଟ ଭାବରେ ଶକ୍ତିଯୁକ୍ତ ହୋଇ ରହିଥାଏ ଯେ କୌଣସି ସାନ ଝିଅଟି ପରି ଏତେଟିକିଏ କଥାରେ କାତର ବା ବିଚଳିତ ହୋଇ ପଡ଼େ ନାହିଁ; ଯେତେବେଳେ ତୁମେ ଭଲ ଶୋଇପାର, ଭଲ ଖାଇପାର……। ଯେତେବେଳେ ତୁମେ ଧୀର ଓ ଶାନ୍ତ ହୋଇ ରହିପାର, ଭାରସମତା ରଖିପାର, ଖୁବ୍ ସ୍ଥିର ହୋଇ ରହିପାର, ସେତେବେଳେ କୁହାଯାଇ ପାରିବ ଯେ ତୁମର ମୂଳଦୁଆଟି ବେଶ୍ ଟାଣ ହୋଇ ରହିଛି ଏବଂ ବେଶ୍ ଅନେକ ସଂଖ୍ୟକ ଶକ୍ତିକୁ ନିଜ ଭିତରେ ଗ୍ରହଣ କରି ପାରିବା ଲାଗି ତୁମେ ସମର୍ଥ ବି ହୋଇ ରହିଛ ।

ତୁମମାନଙ୍କ ଭିତରୁ ଯଦି କେହି କେବେ ଆଧ୍ୟାତ୍ମିକ ଶକ୍ତି ଗ୍ରହଣ କରିଥିବ, ଭଗବାନଙ୍କ ଶକ୍ତି, ଉଦାହରଣସ୍ୱରୂପ, ଆନନ୍ଦ ଗ୍ରହଣ କରିଥିବ, ତେବେ ସେ ନିଜର ଅଭିଜ୍ଞତାରୁ ନିଶ୍ଚୟ ଜାଣିଥିବ ଯେ ତା' ପାଖରେ ଯଦି ଉତ୍ତମ ସ୍ୱାସ୍ଥ୍ୟ ନଥାଏ, ତେବେ ସେ ସେହି ଶକ୍ତିଗୁଡ଼ିକୁ କଦାପି ଧାରଣ କରି ରଖିପାରିବ ନାହିଁ, ଆଦୌ

'oaob.nitrkl.ac.in' images reprocessed

ବହନ କରି ରଖିପାରିବ ନାହିଁ । ସିଏ କାନ୍ଦିବାକୁ, ରୋଦନ କରିବାକୁ ଆରମ୍ଭ କରିବ, ସିଏ ଯାହା ଗ୍ରହଣ କରିଛି, ତାହାକୁ କାର୍ଯ୍ୟରେ ଲଗାଇବାକୁ ସେ ବଡ଼ ଅଧୀର ଓ ଚଞ୍ଚଳ ହୋଇ ପଡ଼ୁଥିବ । କଥା ନକହିଲେ, ଗୁଡ଼ାଏ ନହସିଲେ ଏବଂ ହାତଗୋଡ଼ ନହଲାଇଲେ ସିଏ ସେଗୁଡ଼ିକୁ ମୋଟେ ରଖିବାକୁ ସମର୍ଥ ହେଉ ନଥିବ, ତା'ର ନିଃଶ୍ୱାସ ରୁଦ୍ଧ ହୋଇଗଲା ପରି ଲାଗୁଥିବ । ଏବଂ ତେଣୁ, ଏହିପରି ଭାବରେ ହସି, କାନ୍ଦି ଓ ଏଣେ ତେଣେ ଦଉଡ଼ଧାପଡ଼ କରି ସିଏ ଯାହାକିଛି ପାଇଥିବ, ତାହାକୁ ଫୋପାଡ଼ି ଦେବାରେ ଲାଗିଥିବ ।

ଉଚିତ ଭାରସାମ୍ୟ ରଖି ପାରିବାକୁ ହେଲେ, ଆମେ ଯାହା ଗ୍ରହଣ କରୁଛୁ, ତାହାକୁ ନିଜସ୍ୱ କରିବା ଲାଗି ସମର୍ଥ ହେବାକୁ ହେଲେ, ଆମକୁ ଅତି ଧୀର ଓ ଅତି ଶାନ୍ତ ହୋଇ ରହିବାକୁ ପଡ଼ିବ । ଆମର ମୂଳଦୁଆଟି ପକ୍କା ହୋଇ ରହିଥିବ, ସ୍ୱାସ୍ଥ୍ୟ ଭଲ ରହିଥିବ । ମୂଳଦୁଆଟି ଭାରି ପକ୍କା ହୋଇଥିବ । ସେଇଟି ଭାରି ମହତ୍ତ୍ୱପୂର୍ଣ୍ଣ କଥା ।

## ବାହ୍ୟ ସମତା ଓ ଆତ୍ମାର ସମତା ଭିତରେ ଫରକ କ'ଣ ?

ଆତ୍ମାର ସମତା ହେଉଛି ମନୋଭୂମିର କଥା । ଏହି ସମତା ହେଉଛି ଏପରି ଏକ ଶକ୍ତି, ଯାହାକି ଭଲ ମନ୍ଦ ସବୁ ଘଟଣାକୁ କୌଣସି ପ୍ରକାରେ ଦୁଃଖୀ, କରୁଣ, ହତାଶ ଅଥବା କାତର ନହୋଇ ସହିନେଇ ପାରୁଥିବ । ଯାହାକିଛି ଘଟୁ ନା କାହିଁକି, ଆମେ ତଥାପି ଶାନ୍ତ ଓ ଅବିକ୍ଷୁବ୍ଧ ହୋଇ ରହି ପାରୁଥିବା ।

ଆଉଟି ହେଉଛି ଶରୀରରେ ଅର୍ଜନ କରା ଯାଇଥିବା ସମତା । ଏଇଟି ମାନସଭୂମିର ସମତା ନୁହେଁ, ଆମେ ଏହାକୁ ବାହ୍ୟ ବାସ୍ତବ ସ୍ତରର ଏକ ସମତା ବୋଲି କହିପାରିବା; ଆମ ଶରୀରର ସ୍ଥିତିଟି ସନ୍ତୁଳିତ ହୋଇ ରହିଥିବ, କୌଣସି ପ୍ରକାରେ ଅଶାନ୍ତ ବା ଉତ୍ତେଜିତ ହୋଇ ନପଡ଼ି ଶକ୍ତିଗୁଡ଼ିକୁ ଗ୍ରହଣ କରି ପାରୁଥିବ ।

ମାର୍ଗଟିରେ ଅଗ୍ରଗତି କରି ପାରିବାକୁ ହେଲେ ଦୁଇଟି ଯାକ ସମାନ ଭାବରେ ଆବଶ୍ୟକ । ଏହା ବ୍ୟତୀତ ଆହୁରି ଅନ୍ୟ ଅନେକ କଥା ବି ଆବଶ୍ୟକ । ଉଦାହରଣସ୍ୱରୂପ, ମନର ସ୍ତରରେ ମଧ୍ୟ ଏକ ସନ୍ତୁଳିତ ଅବସ୍ଥା ରହିଥିବା ଆବଶ୍ୟକ; ଯେପରିକି, ସମ୍ଭାବ୍ୟ ଯାବତୀୟ ବିଚାର, ସେଗୁଡ଼ାକ ପରସ୍ପରର ଏକାନ୍ତ ବିରୋଧୀ ହୋଇଥିଲେ ମଧ୍ୟ, ସବୁଆଡ଼ୁ ବେଶ୍ ଆସିବାକୁ ସମର୍ଥ ହେଉଥିବ, ଅଥଚ ଏଣେ ଆମେ କୌଣସି ପ୍ରକାରେ ଅଶାନ୍ତ ବା ଉତ୍ତେଜିତ ହୋଇ ପଡ଼ୁ ନଥିବା । ଆମେ ସେଗୁଡ଼ିକୁ ଦେଖି ପାରୁଥିବା ଓ ସେଗୁଡ଼ିକୁ ନେଇ ଯଥାସ୍ଥାନରେ ରଖିଦେଇ ପାରୁଥିବା । ମନର ସନ୍ତୁଳିତ ଅବସ୍ଥା କହିଲେ ତାହାକୁହିଁ ବୁଝାଇବ ।

'oaob.nitrkl.ac.in' images reprocessed

## ୨୨ ଏପ୍ରିଲ, ୧୯୫୩

ନିଦ୍ରା ଏବଂ ସ୍ୱପ୍ନ ବିଷୟରେ ଏଠାରେ ଯେଉଁ ସଂକ୍ଷିପ୍ତ ଅଂଶଟି ଦିଆଯାଇଛି, ତାହା ହେଉଛି ଏକ ଅଧିକ ଦୀର୍ଘ ପ୍ରବଚନର ଗୋଟିଏ ଭାଗ ମାତ୍ର; ସମୁଦାୟ ପ୍ରବଚନଟି ଲିପିବଦ୍ଧ ହୋଇ ପାରି ନଥିଲା ।

**ଶୋଇଲାବେଳେ ଆମକୁ ଯାହାସବୁ ଦୃଶ୍ୟ ହୁଏ, ଆମେ କିପରି ଭାବରେ ସେଗୁଡ଼ିକର ପ୍ରକୃତି ମଧ୍ୟରେ ରହିଥିବା ପ୍ରଭେଦଗୁଡ଼ିକୁ ଜାଣିବା ଲାଗି ସମର୍ଥ ହେବା ?**

ସେହିସବୁ ଦୃଶ୍ୟ ଆମ ଉପରେ କଦାପି ସମାନ ଛାପ ପକାନ୍ତି ନାହିଁ ।

ଏହିସବୁ କଥାକୁ ଭଲ ଭାବରେ ଜାଣିବାକୁ ହେଲେ ଆମେ ନିଜକୁ ଆଗ ପ୍ରଶିକ୍ଷିତ କରି ରଖିବା, ଆମ ଚେତନ ସତ୍ତାଟିର ବିକାଶ ଘଟାଇବା । ମାତ୍ର ଏହି କ୍ଷେତ୍ରରେ ଭିନ୍ନ ଭିନ୍ନ ଯାବତୀୟ ପ୍ରକାରର ବ୍ୟାପାର ରହିଛି; ଠିକ୍ ସିନେମାରେ ଯେପରି ହୋଇଥାଏ, ଏହି କ୍ଷେତ୍ରରେ ମଧ୍ୟ ମାନସ ଏବଂ ପ୍ରାଣିକ କେତେ କେତେ ପ୍ରକ୍ଷେପଣ ରହିଛି; ଏବଂ, ଯଦି ତୁମେ ଆପଣାର ମାନସ ତଥା ପ୍ରାଣିକ ଭାଗଗୁଡ଼ିକରେ ସର୍ବଦା ବାହ୍ୟ ମୂର୍ତ୍ତି ରୂପମାନ ଦେଖିବାରେ ଅଭ୍ୟସ୍ତ ହୋଇ ରହିଥିବ, ତେବେ ତୁମେ ଆହୁରି ଅନ୍ୟ ପ୍ରକାରର ଦୃଶ୍ୟମାନ ବି ଦେଖିବାକୁ ପାଉଥିବ । ଏହି କ୍ଷେତ୍ରରେ ସବୁଠାରୁ ବଡ଼ ପ୍ରଭେଦ ହେଉଛି ଯେ ଏହି ସ୍ୱପ୍ନଗୁଡ଼ାକ ତୁମ ଉପରେ ସତେଅବା ଲଦି ହୋଇ ପଡ଼ିବାରେ ଲାଗିଥାନ୍ତି, ତୁମକୁ ଜାଲ ଭିତରେ ପକାଇ ଦିଅନ୍ତି, ବାଉଳା କରିଦିଅନ୍ତି··· । (ଏଠାରେ ପୂରା ଗୋଟାଏ ପାରା ଛାଡ଼ିହୋଇ ଯାଇଛି ।) ତା'ପରେ ଅଗଣିତ ଆହୁରି ଅନେକ ସ୍ୱପ୍ନ ରହିଛି, ଯେଉଁଗୁଡ଼ାକର କି କୌଣସି ପ୍ରକାର ସଂଯୋଗ ନଥାଏ, କୌଣସି ଉଦ୍ଦେଶ୍ୟ ମଧ୍ୟ ନଥାଏ । କାରଣ ଆମ ମସ୍ତିଷ୍କକୁ ଆମେ ଏପରି ଏକ ଯନ୍ତ୍ର ସହିତ ତୁଳନା କରିପାରିବା, ଯାହାକି ସବୁ କଥାକୁ ସର୍ବଦା ରେକର୍ଡ଼ କରିବାରେ ଲାଗିଛି । ବାହାରୁ କୌଣସି ବିଷୟ ଆସି ଶତ ଶତ କୋଷରେ ଆଘାତ କରିଦେଇ ଯାଉଥାଏ ଏବଂ ପ୍ରତ୍ୟେକ ବିଷୟ ଅବଶ୍ୟ ଏକ କ୍ଷୁଦ୍ର ଶବ୍ଦାଘାତ ଉତ୍ପନ୍ନ କରି ଯାଉଥାଏ । ବହିର୍ବିଷୟଗୁଡ଼ିକ ମସ୍ତିଷ୍କର କୁଣ୍ଡଳଗୁଡ଼ିକରେ ଆସି ବାଜିବାରେ ଲାଗିଥାଏ,—କେତେବେଳେ ଗୋଟାଏ ପୁରୁଣା କଥା ମନେ ପଡ଼ିଯାଏ;

'oaob.nitrkl.ac.in' images reprocessed

ପୁଣି କେତେବେଳେ ଆଉ କୋଉ କଥାର ଛୁପ ଆସି ବାଜିଯାଏ, ଯାବତୀୟ ପ୍ରକାରର ସାନ ସାନ ସ୍ମୃତି ଆସି ଆନ୍ଦୋଳିତ ହୋଇଯାଏ । ତୁମ ନିଜ ସ୍ଥିତି ଉପରେହିଁ ଏସବୁ ନିର୍ଭର କରେ । ମାତ୍ର ନିୟନ୍ତ୍ରଣଟି ତୁମ ହାତରେ ରହିଥାଏ, ଏକ ନିର୍ଦ୍ଦିଷ୍ଟ ନ୍ୟାୟ୍ୟାନୁକ୍ରମରେ ଗୋଟିକ ପରେ ଗୋଟିଏ ବସ୍ତୁର ଆସିବାରେ ଲାଗିଥାଏ; ଏବଂ ସେଠାରେ ଆଉ ଗୋଟିଏ ଏପରି ଯାନ୍ତ୍ରିକ ନିୟମ ବି କାର୍ଯ୍ୟ କରୁଥାଏ, ଯାହାକି ସଂକ୍ରାମଣ ଦ୍ୱାରା କେତେକେତେ ସ୍ମୃତିକୁ ସଞ୍ଚାଳିତ ଓ ଗତିଶୀଳ କରାଇଦେଇଯାଏ ଏବଂ ସଂକ୍ରାମଣ ଦ୍ୱାରା ଏହି ଗତିଶୀଳତାଟି ମଧ୍ୟ ନ୍ୟାୟ୍ୟାନୁକ୍ରମରେ (ଯାହାକୁ ତୁମେ ନ୍ୟାୟ୍ୟାନୁକ୍ରମ ବୋଲି କହ) ହେବାରେ ଲାଗିଥାଏ । ମାତ୍ର ତୁମେ ଶୋଇବାକୁ ଯିବା ସମୟରେ ତୁମର ଏହି କ୍ରିୟାବୃତ୍ତିଟି ମଧ୍ୟ ସାଧାରଣତଃ ଶୋଇବାକୁ ଯାଏ, ତେଣୁ ସେହିସବୁ ସାନ ସାନ କୋଷ ଅନାହୂତ ହୋଇ ରହିଯାଆନ୍ତି ଏବଂ ସଂଯୋଗଗୁଡ଼ିକ ମଧ୍ୟ, ଇଲେକ୍‌ଟ୍ରିକ୍ ତାରର ସଂଯୋଗଗୁଡ଼ିକ ପରି, ଆଉ କ୍ରିୟାଶୀଳ ହୋଇ ରହି ପାରନ୍ତି ନାହିଁ । ସେତେବେଳେ ବ୍ୟାପାରଗୁଡ଼ାକ ଓଲଟା ବାଟ ଦେଇ ବୁଲି ବାଙ୍କି ଆସିବାରେ ଲାଗେ ଅଥବା ଯେତେବେଳେ ଯେଉଁ ଦିଗରୁ ଇଚ୍ଛା, ସେହି ଦିଗରୁ ମଧ୍ୟ ଆସିବାକୁ ଲାଗେ । ଏହି କ୍ଷେତ୍ରରେ ତୁମେ ସବୁ ବ୍ୟାପାରର କୌଣସି ନା କୌଣସି ଅର୍ଥ ରହିଛି ବୋଲି କାହିଁକି ଖୋଜିବାକୁ ଯିବ ? ଏହା କେବଳ ଏକ ସଂକ୍ରାମଣ ପରିହିଁ କାର୍ଯ୍ୟ କରୁଥିଲା : ଏଇଟି ସ୍ପନ୍ଦିତ ହେଉଥିବାରୁ ସେଇଟି ମଧ୍ୟ ସ୍ପନ୍ଦିତ ହେବାରେ ଲାଗିଥିଲା, ଗୋଟିଏ ସ୍ପନ୍ଦନ ଆଉ ଗୋଟିଏ ସ୍ପନ୍ଦନର ସୃଷ୍ଟି କରୁଥିଲା । ଏଠି ତୁମର ନ୍ୟାୟ୍ୟାନୁକ୍ରମ ମଧ୍ୟ ଆଉ କୌଣସି କାମ ଦେବ ନାହିଁ । ଏବଂ ତୁମେ ଅଦ୍ଭୁତ ଅଦ୍ଭୁତ ସ୍ୱପ୍ନମାନ ଦେଖିବାରେ ଲାଗିବ, ଅସମ୍ଭବ ସ୍ୱପ୍ନମାନ ଦେଖିବାରେ ଲାଗିଥିବ ।

ନିଜର ମନକୁ ପୂର୍ଣ୍ଣ ବିଶ୍ରାମର ସ୍ଥିତିରେ ଆଣି ରଖିପାରିବା ଭାରି କଷ୍ଟକର । ଅଧିକାଂଶ ମଣିଷ ନିଦରୁ ଉଠିଲାବେଳେ ଭାରି କ୍ଲାନ୍ତ ହୋଇ ଉଠନ୍ତି; ଶୋଇବାକୁ ଗଲାବେଳେ ସେମାନେ ଯେତିକି କ୍ଲାନ୍ତ ଥିଲେ, ତା'ଠାରୁ ଅଧିକ କ୍ଲାନ୍ତ ହୋଇ ବିଛଣାରୁ ଉଠନ୍ତି । ତେଣୁ ମନକୁ କିପରି ଶାନ୍ତ କରି ଆଣିବାକୁ ହେବ, ସେହି କଥାଟିକୁ ଶିଖିବାକୁ ପଡ଼ିବ, ମନଟାକୁ ସମ୍ପୂର୍ଣ୍ଣ ଭାବରେ ଶୂନ୍ୟ କରି ଶିଖିବାକୁ ପଡ଼ିବ । ସେକଥା ହୋଇପାରିଲେ, ବିଛଣାରୁ ଉଠିବା ସମୟରେ ସତେଜ ଅନୁଭବ କରିହେବ, ନୂଆ ହୋଇ ଉଠିଲା ପରି ଲାଗିବ । ସମସ୍ତ ମନଟିକୁ ନେଇ ସେହି ଶୁଦ୍ଧ ଓ ଶୁଭ୍ର ନୀରବତା ମଧ୍ୟରେ ଗୋଟାସୁଦ୍ଧା ମୁକୁଳା କରିଦେବାକୁ ପଡ଼ିବ, ତେବେ ସ୍ୱପ୍ନଗୁଡ଼ିକର ସଂଖ୍ୟା ମଧ୍ୟ ସର୍ବନିମ୍ନ ହୋଇଯିବ ।

'oaob.nitrkl.ac.in' images reprocessed

## ୨୯ ଏପ୍ରିଲ ୧୯୫୩

**ମା'ଆ, ଆପଣ କହିଛନ୍ତି ଯେ ଆମେ ଇଚ୍ଛା କଲେ ଆମର ଚେତନ ଇଚ୍ଛାକୁ କାମରେ ଲଗାଇ ପାରିବା ଏବଂ ନିଜ ସ୍ୱପ୍ନଗୁଡ଼ିକର ଗତିପଥଟିକୁ ବଦଳାଇ ଦେଇ ପାରିବା ।**

ହଁ, ହଁ, ସେହି କଥା ମୁଁ ତୁମମାନଙ୍କୁ ଥରେ ଆଗରୁ କହିଛି । ମନେକର, ତୁମେ କୌଣସି ଏକ ସ୍ୱପ୍ନର ଅଧାରେ ଯାଇ ପହଞ୍ଚିଛ ଏବଂ ତା'ପରେ ଏପରି କିଛି ଗୋଟାଏ ଘଟୁଛି, ଯାହାକି ତୁମକୁ ଭଲ ଲାଗୁ ନାହିଁ (ଉଦାହରଣସ୍ୱରୂପ, ତୁମକୁ ହତ୍ୟା କରିବ ବୋଲି କେହି ଜଣେ ବଡ଼ ପାଟିରେ କହୁଛି) । ସେତେବେଳେ ତୁମେ କହୁଛ "ନା, ନା, ସେପରି କେବେ ହେବା ଉଚିତ ନୁହେଁ, ମୋର ସ୍ୱପ୍ନ ଏପରି ହେଉ ବୋଲି ମୁଁ କଦାପି ଇଚ୍ଛା କରୁ ନାହିଁ," ଏବଂ ତା'ପରେ ତୁମେ ସେହି ଘଟଣାଟିକୁ ବା ଘଟଣାର ଶେଷ ଭାଗଟିକୁ ବେଶ୍ ବଦଳାଇ ଦେଇ ପାରିବ । ତୁମେ ଯେପରି ଇଚ୍ଛା କରିବ, ତୁମ ସ୍ୱପ୍ନର ଗଠନଟିକୁ ସେପରି ଭାବରେ ତିଆରି କରିପାରିବ । ପ୍ରତ୍ୟେକ ମଣିଷ ଏହିପରି ନିଜ ନିଜ ସ୍ୱପ୍ନଗୁଡ଼ିକୁ ତିଆରି କରିନେଇ ପାରିବେ । ମାତ୍ର ଏଥିଲାଗି ଏକାନ୍ତ ଆବଶ୍ୟକ ଯେ, ତୁମେ ଯେ ସ୍ୱପ୍ନ ଦେଖୁଛ, ସେବିଷୟରେ ତୁମର ସଚେତନ ରହିବା ଦରକାର; ତୁମେ ଯେ ସ୍ୱପ୍ନ ଦେଖୁଛ, ସେକଥା ଜାଣିବା ଦରକାର ।

**ମାତ୍ର ଏହିସବୁ ସ୍ୱପ୍ନର ସେପରି କୌଣସି ମହତ୍ତ୍ୱ ନାହିଁ, ଅଛି କି ?**

ହଁ, ମହତ୍ତ୍ୱ ଅଛି, ଏବଂ କ'ଣସବୁ ଘଟିବାର ସମ୍ଭାବନା ରହିଛି, ଆମକୁ ସେହି ବିଷୟରେ ସଚେତନ ରହିବାକୁ ପଡ଼ିବ । ମନେକର, ତୁମେ ପ୍ରାଣିକ ଜଗତ ଭିତରେ କୁଆଡ଼େ ଟିକିଏ ବୁଲି ଆସିବାକୁ ଯାଇଛ; ସେଠାରେ ତୁମେ ଏପରିସବୁ ସତ୍ତ୍ୱଙ୍କୁ ଭେଟୁଛ, ଯେଉଁମାନେ କି ତୁମକୁ ଆକ୍ରମଣ କରିବାକୁ ଆସୁଛନ୍ତି (ଏପରି ଦୃଶ୍ୟ ସାଧାରଣତଃ ଦେଖିବାକୁ ମିଳିଥାଏ) । ଏଇଟା କେବଳ ଏକ ସ୍ୱପ୍ନ ବୋଲି ଯଦି ତୁମର ଜ୍ଞାନ ରହିଥାଏ, ତେବେ ତୁମେ ବଡ଼ ସହଜରେ ଆପଣାର ପ୍ରାଣକ୍ଷେତ୍ରୀୟ ଶକ୍ତିଗୁଡ଼ିକୁ ଏକାଠି କରି ଆଣିପାରିବ ଏବଂ ସେମାନଙ୍କୁ ଜୟ କରି ପାରିବ । ସେଇଟା ହେଉଛି ଏକ ପ୍ରକୃତ କଥା; ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ଦ୍ୱାରା, ଏକ ନିର୍ଦ୍ଦିଷ୍ଟ ଶବ୍ଦଟିର ପ୍ରୟୋଗ କରି ଏବଂ ଜୀବନର ଏକ ନିର୍ଦ୍ଦିଷ୍ଟ ଭାବ ବଜାୟ ରଖି ତୁମେ ଏପରିସବୁ

'oaob.nitrkl.ac.in' images reprocessed

କଥା ସମ୍ଭବ କରିପାରିବ, କେବଳ ସ୍ୱପ୍ନ ଦେଖି ଯାଉଥିଲେ ତୁମେ ଯାହାକୁ କଦାପି କରି ପାରି ନଥାନ୍ତ ।

**ସ୍ୱପ୍ନବେଳେ ଯଦି ଆମକୁ କେହି ପ୍ରାଣରୁ ମାରିଦିଏ, ତେବେ ସେଥିରେ କ'ଣ ବା କ୍ଷତି ହୋଇଯିବ ? କାରଣ, ସ୍ୱପ୍ନରେହିଁ ତ ସେସବୁ ଘଟୁଥିବ !**

ନା, ସେପରି ନୁହେଁ । ସାଧାରଣତଃ ତା' ପରଦିନ ଏପରି ହୁଏ ଯେ ତୁମେ ଅସୁସ୍ଥ ହୋଇପଡ଼, ବା ଅଳ୍ପଦିନ ପରେ ଅସୁସ୍ଥ ହୁଅ । ତେଣୁ ସେଇଟା ହେଉଛି ଏକ ସତର୍କବାଣୀ । ମୁଁ ଏପରି ଜଣେ ବ୍ୟକ୍ତିକୁ ଜାଣିଛି ଯିଏକି କୌଣସି ସ୍ୱପ୍ନ ଭିତରେ ଆଖି ଉପରେ ଆଘାତ ପାଇଲେ ଏବଂ କିଛିଦିନ ପରେ ପ୍ରକୃତରେ ଆଖିଟିକୁ ହରାଇ ବସିଲେ । ହଁ, ମୁଁ ମଧ୍ୟ ଥରେ ମୋ ମୁହଁ ଉପରେ ମୁଥସବୁ ଆସି ବାଜୁଥିବାର ସ୍ୱପ୍ନ ଦେଖିଥିଲି । ଏବଂ ତା' ଆରଦିନ ମୁଁ ଯେତେବେଳେ ବିଛଣାରୁ ଉଠିଲି, ମୁହଁର ଠିକ୍ ସେହି ଜାଗାରେ ଗୋଟାଏ ନାଲି ଦାଗ ହୋଇ ଯାଇଥିଲା, କପୋଳ ଉପରେ ଓ ଗାଲରେ ଦାଗ ବସି ଯାଇଥିଲା······। ପ୍ରାଣିକ ସତ୍ତ୍ୱରେ ହୋଇଥିବା କ୍ଷତ ପ୍ରାୟ ସୁନିଶ୍ଚିତ ଭାବରେ ବାହ୍ୟ ଶରୀର ଉପରେ ମଧ୍ୟ ପ୍ରତିଫଳିତ ହୋଇଯାଏ ।

**କିନ୍ତୁ ଏଭଳି ଘଟେ କିପରି ? ମଝିରେ ଏପରି କୌଣସି ନିମିତ୍ତ ଅବଶ୍ୟ ରହିଥିବ, ଯାହାକି ଏସବୁ ଘଟାଉଥିବ ।**

ମୁଁ ଯେଉଁ ମାଡ଼ଟି ଖାଇଥିଲି, ନିଜର ପ୍ରାଣିକ ସତ୍ତ୍ୱ ଉପରେହିଁ ଖାଇଥିଲି । ଏସବୁ କଥା ଭିତରୁହିଁ ଆସି ଘଟିଥାଏ । ବାହାରୁ କୌଣସି କଥା ବା କୌଣସି ଲୋକ ମୋତେ ସ୍ପର୍ଶହିଁ କରି ନଥିଲେ । ଯଦି ପ୍ରାଣିକ ଭୂମିରେ ତୁମ ଉପରେ ଏକ ଆଘାତ ଆସି ବାଜେ, ତେବେ ଶରୀରକୁହିଁ ତା'ର ପରିଣାମ ଭୋଗିବାକୁ ପଡ଼େ ! ଆମେ ଯେଉଁସବୁ ଅସୁସ୍ଥତା ଭୋଗ କରୁ, ତା'ର ଅଧାରୁ ଅଧିକ ଭାଗ ଏହିସବୁ ଆଘାତର ପରିଣାମସ୍ୱରୂପହିଁ ଉପୁଜିଥାଏ, ଏବଂ ଆମେ ଯେତିକି ବିଶ୍ୱାସ କରିବାକୁ ପ୍ରସ୍ତୁତ ଥାଉ, ତାହାଠାରୁ ଅଧିକ ମୁହୁର୍ମୁହୁଃ ଭାବରେ ଏହି କଥାଟି ଘଟିଥାଏ । କେବଳ ଲୋକେ ଆପଣାର ପ୍ରାଣିକ କ୍ଷେତ୍ରଟି ବିଷୟରେ ସଚେତନ ନଥାନ୍ତି; ଏବଂ ସଚେତନ ହୋଇ ରହି ନଥିବାରୁହିଁ ସେମାନେ ଏହି କଥାଟି ଜାଣି ନଥାନ୍ତି ଯେ ସେମାନେ ଭୋଗୁଥିବା ଅଧା ଅସୁସ୍ଥତା ପ୍ରାଣିକ କ୍ଷେତ୍ରରେ ଘଟୁଥିବା ଘଟଣାଗୁଡ଼ିକର ପରିଣାମସ୍ୱରୂପହିଁ

'oaob.nitrkl.ac.in' images reprocessed

ଘଟିଥାଏ : ସେଇଠି ଘଟୁଥିବା ଧକ୍କା, ଦୁର୍ଘଟଣା, ଯୁଦ୍ଧକଳହ ଏବଂ ଦୁଷ୍ଟ-ଇଚ୍ଛା ଫଳରେହିଁ ତାହା ଘଟେ······। ବାହାରେ ସେସବୁ ଏକ ଅସୁସ୍ଥତାର ରୂପ ଧରି ପ୍ରକଟ ହୁଏ । ଭିତରର ସେହି ଆଘାତଟି ବାହାରେ କପରି ପ୍ରତିକ୍ରିୟାମାନ ଉତ୍ପନ୍ନ କରୁଛି, ସେ କଥାଟିକୁ ଜାଣିପାରିଲେ ଜଣେ ତା'ର ପ୍ରକୃତ ଉତ୍ପତ୍ତିସ୍ଥଳରେ ଯାଇ ପହଞ୍ଚିପାରେ ଏବଂ ମାତ୍ର କେତେ ଘଣ୍ଟା ମଧ୍ୟରେ ଆପଣାର ଆରୋଗ୍ୟବିଧାନ ବି କରିପାରେ ।

**ଏପରି କପରି ହୁଏ ଯେ ପରମ୍ପରା, ପ୍ରଜାତି ଓ ଧର୍ମଗୁଡ଼ିକ ଅନୁସାରେ ସ୍ୱପ୍ନର ପ୍ରତୀକଗୁଡ଼ିକରେ ମଧ୍ୟ ପରିବର୍ତ୍ତନ ହୋଇଥାଏ ।**

ସ୍ୱପ୍ନ ଯେଉଁ ରୂପଟି ଧାରଣ କରେ, ତାହା ମାନସିକ ହୋଇଥିବାରୁ ଏଭଳି ଘଟେ । ଅମୁକ ଅମୁକ ଆକୃତି ପୁରାଣର ଅମୁକ ଅମୁକ ବ୍ୟକ୍ତିଙ୍କର ପ୍ରତିନିଧିତ୍ୱ କରିଥାଏ ବୋଲି ଯଦି ତୁମକୁ ଆଗରୁ ଜଣାଥାଏ, ତେବେ ସ୍ୱପ୍ନରେ ତୁମେ ସେହି ଆକୃତିଟିକୁ ଦେଖି ଓ "ହେଇ, ସେଇଟି" ବୋଲି କହିଥାଅ, ତୁମର ମନ ଭିତରେ କେତୋଟି ନିର୍ଦ୍ଦିଷ୍ଟ ଧାରଣା ଏବଂ କେତୋଟି ନିର୍ଦ୍ଦିଷ୍ଟ ଆକୃତି ମଧ୍ୟରେ ଏକ ସମ୍ବନ୍ଧ ରହିଥାଏ ଏବଂ ସ୍ୱପ୍ନବେଳେ ମଧ୍ୟ ସେହି ସମ୍ବନ୍ଧଟି ଲାଗି ରହେ । ଯେତେବେଳେ ତୁମେ ସ୍ୱପ୍ନଟିକୁ ପ୍ରକାଶ କରିବାକୁ ଯାଅ, ସେତେବେଳେ, ତୁମେ ଆଗରୁ ଯାହାସବୁ ଶିଖିଛ, ଯାହାସବୁ ତୁମକୁ ଶିଖାଇ ଦିଆଯାଇଛି, ତାହାରି ଅନୁସାରେହିଁ ତୁମେ ତାହାର ଏକ ବ୍ୟାଖ୍ୟା ଦେବାକୁ ଚେଷ୍ଟା କରିଥାଅ; ଏବଂ ତୁମ ମୁଣ୍ଡ ଭିତରେ ଯେଉଁ ମାନସ ପ୍ରତିରୂପଗୁଡ଼ିକ ଥାଏ, ତାହାରି ସାହାଯ୍ୟରେହିଁ ତୁମେ ଯାହାକିଛି ଜାଣିଥାଅ । ପୁନଶ୍ଚ, କେତେଦିନ ପରେ ଜୋନ୍ ଅଫ ଆର୍କଙ୍କର ଅଲୌକିକ ଦୃଷ୍ଟିଗୁଡ଼ିକ ବିଷୟରେ କହିବା ସମୟରେ ମୁଁ ଏହି କଥାଟିକୁ ତୁମମାନଙ୍କୁ ବୁଝାଇ ଦେଇଥିଲି । (ମାଆ ତାଙ୍କ ବହିଟିକୁ ହାତରେ ଧରି ପଢ଼ିବାକୁ ଆରମ୍ଭ କଲେ)

> **"ଜୋନ୍ ଅଫ୍ ଆର୍କଙ୍କ ଆଗରେ ଯେଉଁ ସନ୍ଥମାନ ସର୍ବଦା ଆସି ଦେଖା ଦେଉଥିଲେ ଓ ତାଙ୍କ ସହିତ କଥାବାର୍ତ୍ତା କରୁଥିଲେ, ଯଦି ଜଣେ ଭାରତୀୟ ସେଗୁଡ଼ିକୁ ଦେଖିଥାନ୍ତା, ତେବେ ସେଗୁଡ଼ିକୁ ନିଶ୍ଚେ ଏକ ଭିନ୍ନ ରୂପରେ ଦେଖିଥାନ୍ତା । କାରଣ ଆମେ ଯାହାକିଛି ଦେଖୁ, ସେତେବେଳେ ଆମେ ଆମ ମନ ଭିତରେ ରହିଥିବା ଆକାରଗୁଡ଼ିକରହିଁ ପ୍ରକ୍ଷେପଣ କରିଥାଉ······**

'oaob.nitrkl.ac.in' images reprocessed

ଭାରତବର୍ଷରେ ଲୋକେ ଏପରି ଜଣଙ୍କର ରୂପ ଦେଖିଥାନ୍ତି, ଯାହାଙ୍କୁ ସେମାନେ ଦିବ୍ୟଜନନୀ ବୋଲି କହନ୍ତି, କାଥୋଲିକ୍‌ମାନେ ତାଙ୍କୁ ଭର୍ଜିନ୍ ମେରୀ ବୋଲି ଡାକନ୍ତି, ଜାପାନର ଅଧିବାସୀମାନେ କ୍ୱା-ନନ୍ ଅର୍ଥାତ୍ କରୁଣାମୟୀ ଦେବୀ ବୋଲି କହନ୍ତି; ଏହି କ୍ଷେତ୍ରରେ ଅନ୍ୟମାନେ ମଧ୍ୟ ସେମାନଙ୍କର ଭିନ୍ନ ଭିନ୍ନ ନାମ ଦେଇ ତାଙ୍କୁ ଡାକୁଥିବେ। ଏଇ ସବୁଯାକ ସେହି ଗୋଟିଏ ଶକ୍ତି, ସେଇ ଗୋଟିଏ ସାମର୍ଥ୍ୟ; ମାତ୍ର ତାଙ୍କୁ ନେଇ ଯେଉଁସବୁ ମୂର୍ତ୍ତିର କଳ୍ପନା କରାଯାଏ, ସେଗୁଡ଼ିକ ବିଭିନ୍ନ ଧର୍ମରେ ଭିନ୍ନ ଭିନ୍ନହିଁ ହୋଇଥାନ୍ତି।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୧ ଏପ୍ରିଲ)

ଓ ତା'ପରେ ? ଆଜି ତ କାହିଁକି କେହି ବେଶୀକିଛି କହୁ ନାହିଁ। ଆଜି କ'ଣ ସେତିକି ପ୍ରଶ୍ନ ଥିଲି ?

ଆପଣ କହିଛନ୍ତି ଯେ "ପ୍ରତ୍ୟେକ ମଣିଷର ସ୍ୱପ୍ନ-ପ୍ରତିରୂପଗୁଡ଼ିକର ଏକ ସ୍ୱତନ୍ତ୍ର ନିଜସ୍ୱ ଜଗତ ରହିଛି।"

ତତ୍ରୈବ

ପ୍ରତ୍ୟେକ ମଣିଷର ଆପଣାର ଭାବ ପ୍ରକାଶ କରିବାର, ଭାବିବାର, କହିବାର, ଅନୁଭବ କରିବାର ଏବଂ ବୁଝିବାର ଆପଣା ରୀତି ରହିଛି। ଜୀବନର ଏହିସବୁ ବିଭିନ୍ନ ରୀତିଗୁଡ଼ିକ ଏକାଠି ମିଶିହିଁ ଜଣେ ବ୍ୟକ୍ତିକୁ ତିଆରି କରିଥାନ୍ତି। ତେଣୁ ପ୍ରତ୍ୟେକ ବ୍ୟକ୍ତି କେବଳ ନିଜର ପ୍ରକୃତି ଅନୁସାରେହିଁ ଯାହାକିଛି ବୁଝିବାକୁ ସମର୍ଥ ହୁଏ। ଯେତେବେଳଯାଏ ତୁମେ ନିଜର ପ୍ରକୃତି ମଧ୍ୟରେ ବନ୍ଦ ହୋଇ ରହିଥାଅ, ସେତେବେଳଯାଏ ତୁମ ନିଜ ଚେତନାଟି ମଧ୍ୟରେ ଯାହା ରହିଛି, କେବଳ ସେତିକି ସେତିକି ଜାଣିବାକୁ ସମର୍ଥ ହୁଅ। ତୁମ ଚେତନାର ପ୍ରକୃତିଟି ଯେତିକି ଉପରକୁ ଯାଇପାରିଛି, ସବୁ ତାହାର ଉପରେ ନିର୍ଭର କରୁଥାଏ। ତୁମର ଚେତନା ଭିତରେ ଯାହା ଥାଏ, ତୁମ ପୃଥିବୀଟି ତାହାରି ମଧ୍ୟରେହିଁ ସୀମାବଦ୍ଧ ହୋଇ ରହିଥାଏ। ତୁମ ଚେତନାଟି ଯଦି ଅତ୍ୟନ୍ତ କ୍ଷୁଦ୍ରାୟତନ ହୋଇ ରହିଥାଏ, ତେବେ ତୁମେ କେବଳ ଅଳ୍ପ କେତୋଟି କଥା ବୁଝିବାକୁ ସମର୍ଥ ହୁଅ। ଯେତେବେଳେ ତୁମର ଚେତନା

'oaob.nitrkl.ac.in' images reprocessed

ବହୁବ୍ୟାପୀ ଓ ବିଶ୍ୱାତ୍ମକ ହୋଇ ରହିଥାଏ, ସେତେବେଳେ ତୁମେ ବିଶ୍ୱକୁ ବୁଝିବା ଲାଗି ସମର୍ଥ ହୁଅ । ତୁମ ଚେତନା ଯଦି ତୁମର କ୍ଷୁଦ୍ର ଅହଂଟି ମଧ୍ୟରେ ସୀମାବଦ୍ଧ ହୋଇ ରହିଥାଏ, ତେବେ ସେତିକ ବ୍ୟତୀତ ଆଉ ସବୁକିଛି ତୁମଠାରୁ ଖସି ଚାଲିଯାଏ ।···ଏପରି କେତେକ ଲୋକ ଅଛନ୍ତି, ଯେଉଁମାନଙ୍କର ମସ୍ତିଷ୍କ ଓ ଚେତନା ଗୋଟିଏ ଅଖରୋଟଠାରୁ ବି ଛୋଟ ହୋଇ ରହିଥାଏ । ତୁମେ ଜାଣିଛ, ଆମର ମସ୍ତିଷ୍କ ଆକାରରେ ଗୋଟିଏ ଅଖରୋଟ ପରି ଦେଖାଯାଏ; ଏହି ଭଳି ମଣିଷମାନେ ସବୁ କଥାକୁ ଦେଖୁ ଥାଆନ୍ତି, ମାତ୍ର ସେଗୁଡ଼ିକୁ ବୁଝି ପାରନ୍ତି ନାହିଁ । ସେମାନଙ୍କର ଇନ୍ଦ୍ରିୟଗୁଡ଼ିକ ସହିତ ଯାହାକିଛି ପ୍ରତ୍ୟକ୍ଷ ସଂସ୍ପର୍ଶରେ ରହିଥାଏ, ସେତିକ ବ୍ୟତୀତ ସେମାନେ ଆଉ କିଛି ହେଲେ ବୁଝି ପାରନ୍ତି ନାହିଁ । ସେମାନେ କେବଳ ଯେତିକ ଚାଖନ୍ତି, ଯେତିକ ଦେଖନ୍ତି, ଶୁଣନ୍ତି ବା ସ୍ପର୍ଶ କରି ପାରନ୍ତି, ସେତିକରହିଁ କୌଣସି ବାସ୍ତବତା ରହିଥାଏ ଏବଂ ସେତିକକୁ ଛାଡ଼ି ଆଉ ଯାହାକିଛି ଅଛି, ସେସବୁର କୌଣସି ଅସ୍ତିତ୍ୱ ନଥାଏ ଏବଂ ଆମେ ବିଚିତ୍ର ଭାବରେ କଥା କହୁଛୁ ବୋଲି ସେମାନେ ଆମକୁ ଦୋଷ ଦେବାରେ ଲାଗିଥାନ୍ତି । "ଯାହାକୁ ମୁଁ ସ୍ପର୍ଶ କରି ପାରୁ ନାହିଁ, ତାହାର କୌଣସି ଅସ୍ତିତ୍ୱ ନାହିଁ" ବୋଲି ସେମାନେ କହୁଥାନ୍ତି । ମାତ୍ର ସେମାନଙ୍କୁ କେବଳ ଏହି ଗୋଟିଏ ଉତ୍ତରହିଁ ଦିଆଯାଇ ପାରିବ : "ତୁମ ଲାଗି ଏହାର କୌଣସି ଅସ୍ତିତ୍ୱ ନାହିଁ ସତ, ମାତ୍ର ଅନ୍ୟମାନଙ୍କ ପାଇଁ ଯେ ତାହାର କାହିଁକି କୌଣସି ଅସ୍ତିତ୍ୱ ନ ରହିବ, ତାହାର ମଧ୍ୟ କୌଣସି କାରଣ ନାହିଁ । ଏଭଳି ଲୋକଙ୍କ ସହିତ ତୁମେ ଯୁକ୍ତି କରିବାକୁ ଆଦୌ କୌଣସି ଚେଷ୍ଟା କରିବ ନାହିଁ, ଏବଂ କେବେ ଏକଥାଟିକୁ ମଧ୍ୟ ଭୁଲିଯିବ ନାହିଁ ଯେ, ସେମାନେ ଯେତିକ କ୍ଷୁଦ୍ର ଆତ୍ମଚେତନ ମଠରେ ବିଚରଣ କରୁଥିବେ, ନିଜର ଦାବିଗୁଡ଼ିକରେ ସେମାନେ ସେତିକ ଅନମନୀୟତା ଦେଖାଇବାରେ ଲାଗିଥିବେ ।

ଜଣେ ବ୍ୟକ୍ତି ଭିତରେ ଯେତିକ ବେଶୀ ଅଚେତନା ରହିଥାଏ, ନିଜର ଧାରଣାଗୁଡ଼ିକ ବିଷୟରେ ସେ ସେହି ଅନୁପାତରେହିଁ ଅଧିକ ସୁନିଶ୍ଚିତ ହୋଇ ରହିଥାଏ । ଜଣେ ଯେତିକ ଅଧିକ ଅଚେତନ ହୋଇ ରହିଥାଏ, ନିଜ ବିଷୟରେ ସିଏ ସେତିକ ବେଶୀ ନିଶ୍ଚିତ ହୋଇ ରହିଥାଏ । ସବୁଠାରୁ ଅଧିକ ନିର୍ବୋଧ ବ୍ୟକ୍ତିମାନେ ସବୁଠାରୁ ଅଧିକ ଦମ୍ଭଯୁକ୍ତ ହୋଇ ରହିଥାନ୍ତି । ଜଣେ ଯେତିକ ଅଧିକ ଜାଣିଥାଏ··· । ବସ୍ତୁତଃ ଜୀବନରେ ଏପରି ଗୋଟିଏ ସମୟ ଆସେ ଯେତେବେଳେକି ଆମର ପୂର୍ଣ୍ଣ ହୃଦ୍‌ବୋଧ ହୋଇଯାଏ ଯେ ଆମେ ଆଦୌ କିଛିହେଲେ ଜାଣୁ ନାହିଁ । ପୃଥିବୀରେ ଏପରି ଗୋଟିଏ ହେଲେ ମୁହୂର୍ତ୍ତ ନାହିଁ, ଯାହାକି ଆମ ଲାଗି କୌଣସି ନା କୌଣସି ନୂତନ ଜିନିଷ ବହନ କରି ନ ଆଣିଥାଏ । କାରଣ ଏହି ପୃଥିବୀ ଅନୁକ୍ଷଣ ବିକାଶ ଲାଭ କରିବାରେ ଲାଗିଛି । ଯଦି ଆମେ ସେହି ବିଷୟରେ ସଚେତନ ହୋଇପାରୁ,

'oaob.nitrkl.ac.in' images reprocessed

ତେବେ ଆମ ଆଗରେ ସର୍ବଦା ହିଁ କିଛି ନା କିଛି ନୂତନ କଥା ଶିଖିବା ପାଇଁ ରହିଥାଏ । ମାତ୍ର କେବଳ ଆସ୍ତେ ଆସ୍ତେହିଁ ଆମେ ସେହି ବିଷୟରେ ସଚେତନ ହୋଇ ପାରିବା । ମୁଁ ଯେତିକି ବେଶୀ ଅଜ୍ଞାନ ଓ ନିର୍ବୋଧତା ଭିତରେ ବୁଡ଼ି ରହିଥିବି, ଠିକ୍ ସେହି ଅନୁପାତରେ ମୁଁ ଜାଣିଛି ବୋଲି ମୋ ଭିତରେ ଏକ ଦୃଢ଼ ପ୍ରତ୍ୟୟ ମଧ୍ୟ ରହିଥିବ ।

**ମାଆ, ତେବେ ବୈଜ୍ଞାନିକମାନଙ୍କର ଚେତନାକୁ କ'ଣ ଆମେ ଏକ କ୍ଷୁଦ୍ର ଚେତନା ବୋଲି କହିବା ?**

କାହିଁକି ? ସବୁ ବୈଜ୍ଞାନିକ କଦାପି ସେପରି ନୁହନ୍ତି । ନିଜର କ୍ଷେତ୍ରରେ କଠିନ ପରିଶ୍ରମ କରିଥିବା ଜଣେ ବୈଜ୍ଞାନିକଙ୍କ ସହିତ ଯଦି ତୁମର ଭେଟ ହୁଏ ତେବେ ସିଏ ତୁମକୁ କହିବେ : "ଆମେ ଯାହା ଜାଣିଛୁ, ତାହା କିଛି ନୁହେଁ । ଆଗକୁ ଆମକୁ ଆହୁରି ଯାହା ଜାଣିବାକୁ ହେବ, ଆମର ବର୍ତ୍ତମାନର ଜ୍ଞାନ ତାହା ତୁଳନାରେ ଆଦୌ କିଛି ନୁହେଁ । ଏବର୍ଷ ଆମେ ଯେଉଁସବୁ ଉଦ୍ଭାବନ କରୁଛୁ, ପରବର୍ତ୍ତୀ ବର୍ଷକୁ ସେସବୁ କୁଆଡ଼େ ପଛରେ ପଡ଼ି ରହିବ ।" ଜଣେ ଯଥାର୍ଥ ବୈଜ୍ଞାନିକ ଏହି କଥାଟିକୁ ଭଲ୍ କରି ଜାଣିଥିବ ଯେ ସେ ଯେତିକି ବିଷୟ ଜାଣିଛି, ସିଏ ନଜାଣିଥିବା ବିଷୟ ତା'ଠାରୁ ଅନେକ ଅଧିକ ରହିଛି । ଏବଂ ମନୁଷ୍ୟର କ୍ରିୟାଶୀଳ ଜୀବନର ସବୁ କ୍ଷେତ୍ରରେ ମଧ୍ୟ ଠିକ୍ ଏହି କଥା । ପ୍ରକୃତ ବୈଜ୍ଞାନିକ୍ କୁହାଯାଇ ପାରିବା ଭଳି ଏପରି କୌଣସି ବୈଜ୍ଞାନିକ ମୁଁ ଭେଟି ନାହିଁ, ଯାହାଙ୍କୁ କି ଗର୍ବୀ ବୋଲି କୁହାଯାଇ ପାରିବ । କୌଣସି ପ୍ରକୃତ ଯୋଗ୍ୟତା ରହିଥିବା ଜଣେ ଲୋକ ବି ମୁଁ ଦେଖି ନାହିଁ, ସିଏ କି ମୋତେ କହିଛନ୍ତି : "ମୁଁ ସବୁକିଛି ଜାଣିଛି ।" ମୁଁ ଯେଉଁମାନଙ୍କୁ ଦେଖିଛି, ସେମାନେ ସବୁବେଳେ ସ୍ୱୀକାର କରି କହିଛନ୍ତି, "ସଂକ୍ଷେପରେ କହିବାକୁ ଗଲେ ମୁଁ ପ୍ରକୃତରେ କିଛି ଜାଣି ନାହିଁ ।" ସିଏ ଯାହାକିଛି କରିଛନ୍ତି, ଯାହାକିଛି ସଫଳତା ହାସଲ କରିଛନ୍ତି, ସବୁକିଛି କହିସାରିବା ପରେ ସିଏ କହିଛନ୍ତି : "ସିଏ ଯାହାହେଉ ପଛକେ, ମୁଁ ପ୍ରକୃତରେ କିଛିହେଲେ ଜାଣି ନାହିଁ ।"

**ଏପରି ଲୋକ ଅଛନ୍ତି, ଯେଉଁମାନେ କେତେବେଳେ କହନ୍ତି ଯେ ସେମାନେ କିଛି ଜାଣି ନାହାନ୍ତି; କେବଳ ବାହାରକୁ ବିନମ୍ର ବୋଲି ଦେଖାଇବାକୁ ସେମାନେ ଏଭଳି କହନ୍ତି, ମାତ୍ର ଯାହା କହୁଥାନ୍ତି, ସେଥିରେ ସେମାନଙ୍କର ଆଦୌ କୌଣସି ବିଶ୍ୱାସ ନଥାଏ ।**

'oaob.nitrkl.ac.in' images reprocessed

ପୃଥିବୀରେ ସବୁ ଜାଗାରେ ଅସଚ୍ଚୋଟ ଏବଂ କପଟୀ ଲୋକମାନେ ରହିଛନ୍ତି । ସେହିମାନଙ୍କ ସକାଶେହିଁ ପୃଥିବୀର ଏପରି ଦଶା ହୋଇଛି । ଏହିମାନେହିଁ ସକଳ ଅଗ୍ରଗତି ଲାଗି କବାଟ ବନ୍ଦ କରି ବସିଛନ୍ତି । ସେମାନଙ୍କ ବିଷୟରେ ମୁଁ ଏତିକି କହି ପାରିବି ।

**ତେବେ, ଆମେ ଯେଉଁମାନେ କ୍ଲାସରେ ଯୋଗ ଦେବାକୁ ଆସୁଛୁ, ଆମ ଲାଗି ଅଧ୍ୟୟନ କରିବାକୁ କ'ଣ ବିପଜ୍ଜନକ ବୋଲି ବୁଝାଯିବ ?**

ନା-ନା—ଏକାବେଳକେ ଓଲଟା କଥା ! କାରଣ, ତୁମର ଅଧ୍ୟୟନ ଭଲ ହେବାକୁ ଆରମ୍ଭ କରିବା ସଙ୍ଗେ ସଙ୍ଗେ ତୁମର ଚେତନା ମଧ୍ୟ ଜାଗ୍ରତ ହେବାରେ ଲାଗିଥିବ, ଏବଂ ତୁମ ଭିତରେ ଏପର୍ଯ୍ୟନ୍ତ ଯାହାସବୁ ଅଭାବ ରହିଛି, ତୁମେ ସେ ବିଷୟରେ ଅଧିକ ସଜ୍ଞାନ ହୋଇ ପାରୁଥିବ । ଏକଥା କହୁଥିବାବେଳେ ମୋର ଜଣେ ଭଦ୍ରମହିଳାଙ୍କ କଥା ମନେ ପଡ଼ୁଛି, ଯିଏକି କ୍ରମଶଃ ସଚେତନ ହୋଇ ଆସିବା ପରେ ମୋତେ ଆସି କହିଲେ : "ଆପଣଙ୍କର କଥା ଶୁଣିବା ପୂର୍ବରୁ, ମନୁଷ୍ୟମାନଙ୍କ ଉପରେ ମୋର ବିଶ୍ୱାସ ରହିଥିଲା, ସମସ୍ତେ ଭାରି ସଦସ୍ୟ ପରି ଲାଗୁଥିଲେ, ମୁଁ ବଡ଼ ଖୁସୀ ହୋଇ ରହିଥିଲି । ମାତ୍ର ବର୍ତ୍ତମାନ ମୁଁ ସବୁ କଥା ପରିଷ୍କାର ଭାବରେ ଦେଖିବାକୁ ଓ ସଚେତନ ହେବାକୁ ଆରମ୍ଭ କରିବା ସଙ୍ଗେସଙ୍ଗେ ମୋ ଭିତରେ ଥିବା ସକଳ ଶାନ୍ତିକୁ ମୁଁ ହରାଇ ବସିଛି । ସଚେତନ ହେବା ପ୍ରକୃତରେ ଏକ ସାଙ୍ଘାତିକ କଥା ।"

ଏହି ସ୍ଥଳରେ କ'ଣ କରିବାକୁ ହେବ ?—ଆମକୁ ଆହୁରି ଅଧିକ ସଚେତନ ହେବାକୁ ପଡ଼ିବ । ଅଳପ ଜ୍ଞାନ ହାସଲ କରି ସେଇଠି ଅଟକି ରହିଯିବା ଏକ ବଡ଼ ଖରାପ କଥା । ଆମକୁ ଅଧିକରୁ ଅଧିକ ଜ୍ଞାନ ହାସଲ କରିବାର ପ୍ରବୃତ୍ତି ରଖିବାକୁ ହେବ, ଯେପରି କି, ଏହିପରି ଅଗ୍ରସର ହୋଇ ଆମେ ଏପରି ଗୋଟିଏ ପର୍ଯ୍ୟାୟକୁ ଆସିଯିବା ଯେତେବେଳେ କି ଆମେ ପ୍ରକୃତରେ କିଛି ଜାଣି ନାହୁଁ ବୋଲି ଜଳଜଳ କରି ଦେଖିବାକୁ ପାଇବା ।··· ମୁଁ ତୁମକୁ ସେହି ନୂଆ ଶିଖାଳିଟି ବିଷୟରେ କହିଥିଲି, ଯିଏକି, ସିଏ ଯାହାକିଛି ଜ୍ଞାନ ହାସଲ କରୁଥାଏ, ତାହାକୁ ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ଦେଇଦେବାକୁ ଇଚ୍ଛା କରୁଥାଏ,—ଏବଂ ଶେଷରେ ଏପରି ଗୋଟିଏ ଦିନ ଆସି ପହଞ୍ଚେ ଯେତେବେଳେ ସେ ଦେଖିବାକୁ ପାଏ ଯେ ଅନ୍ୟକୁ ଦେବାଭଳି ତା' ପାଖରେ ପ୍ରକୃତରେ ଆଦୌ ବେଶୀ କିଛି ନାହିଁ । ସାଧାରଣତଃ ଯାବତୀୟ ଧର୍ମଶିକ୍ଷା ଏଇଟି ଉପରେହିଁ ଦଣ୍ଡାୟମାନ ହୋଇ ରହିଛି । ଜ୍ଞାନ କହିଲେ

'oaob.nitrkl.ac.in' images reprocessed

ଆଦୌ ବେଶୀ କଷ୍ଟ ନଥିବ, ମାତ୍ର ତାହାକୁ କେତୋଟି ନର୍ଦ୍ଦିଷ୍ଟ ସୂତ୍ର ଦେଇ ଉତ୍ତମରୂପେ (ଅନେକ ସମୟରେ ବେଶ୍ ଉତ୍ତମରୂପେ) ଲିପିବଦ୍ଧ କରି ରଖାଯାଇ ଥିବ ଏବଂ ତେଣେ ମସ୍ତିଷ୍କ ଭିତରେ ମଧ୍ୟ ସେହି ସୂତ୍ରଗୁଡ଼ାକ ପ୍ରାୟ ଦାନାବାନ୍ଧି ଯାଇଥିବ,—ଏବଂ ତାହା ଆସି ସମସ୍ତଙ୍କ ଆଗରେ ଦାବି କରିବାରେ ଲାଗିଥିବ : "ବସ୍ତୁତଃ ଏଇଟିହିଁ ହେଉଛି ସତ୍ୟ ।" ବହିରେ କ'ଣ ଲେଖା ହୋଇଛି, ତୁମକୁ କେବଳ ସେତିକି ଅଧ୍ୟୟନ କରିବାକୁ ପଡ଼ିବ । ଏଇଟା କେଡ଼େ ସହଜ କହିଲ ! ପ୍ରତ୍ୟେକ ଧର୍ମରେ ଏହିପରି ଗୋଟିଏ ଗୋଟିଏ ଶାସ୍ତ୍ର ରହିଛି;—ତାହା ଖ୍ରୀଷ୍ଟିଆନ୍ ଧର୍ମର ଧର୍ମସୂତ୍ରଗୁଡ଼ିକ ହୋଇଥାଉ, ହିନ୍ଦୁମାନଙ୍କର ଶାସ୍ତ୍ର ହୋଇଥାଉ ଅଥବା କୋରାନ୍ ହୋଇଥାଉ,—ସଂକ୍ଷେପରେ କହିଲେ ସବୁଯାକ ଧର୍ମଶାସ୍ତ୍ରରେ ଯାହା ରହିଛି, ସେଗୁଡ଼ିକ ତୁମକୁ ଖାଲି ପଇଠାଇ ରଖିବାକୁ ପଡ଼ିବ । ତୁମକୁ "ଏହାହିଁ-ସତ୍ୟ" ବୋଲି କୁହା ଯାଉଥିବ, ତାହାହିଁ ସତ୍ୟ ବୋଲି ତୁମେ ମଧ୍ୟ ଦୃଢ଼ନିଶ୍ଚିତ ହୋଇଯିବ ଓ ତା'ପରେ ନିଶ୍ଚିନ୍ତ ହୋଇ ରହିବ । ଏଇଟା ଖୁବ ସହଜ କଥା, କାରଣ ଏଥିରେ ନିଜେ ବୁଝିବାକୁ ଚେଷ୍ଟା କରିବାର ଆଦୌ କୌଣସି ଆବଶ୍ୟକତା ନାହିଁ । ଏବଂ ତୁମେ ଯାହାକୁ ସତ୍ୟ ବୋଲି ଜାଣିଛ, ଯେଉଁମାନେ ଠିକ୍ ସେହି ବସ୍ତୁଗୁଡ଼ିକୁ ଜାଣନ୍ତି ନାହିଁ, ସେମାନେ କେବଳ ମିଥ୍ୟା ଭିତରେହିଁ ରହିଛନ୍ତି; ଏବଂ ଯେଉଁମାନେ "ସତ୍ୟ"ର ବାହାରେ ରହିଛନ୍ତି, ତୁମେ ଅନେକ ସମୟରେ ସେମାନଙ୍କ ଲାଗି ପ୍ରାର୍ଥନା ମଧ୍ୟ କରିବାକୁ ବାହାରିବ ! ସବୁ ଧର୍ମରେ ଆମେ ଏହି ସାଧାରଣ କଥାଟିକୁ ଦେଖିବାକୁ ପାଇବା । ମାତ୍ର ସବୁ ଧର୍ମରେ ଏପରି କେତେକ ବ୍ୟକ୍ତି ମଧ୍ୟ ଅଛନ୍ତି, ଯେଉଁମାନେ ଅଧିକ ଉତ୍ତମରୂପେ ଜାଣିଛନ୍ତି ଏବଂ ଯେଉଁମାନେ ଏଗୁଡ଼ାକରେ ଆଦୌ ବିଶ୍ୱାସ କରନ୍ତି ନାହିଁ । ମୁଁ ନିର୍ଦ୍ଦିଷ୍ଟ ଭାବରେ ଜଣକ କଥା କହିବି, ଯାହାଙ୍କ ସହିତ ମୋର ଦେଖା ହୋଇଥିଲା; ସିଏ କାଥୋଲିକ୍ ଧର୍ମର ଜଣେ ଅନୁଗାମୀ ଥିଲେ । ସେ ଜଣେ ମହାନ୍ ବ୍ୟକ୍ତି ଥିଲେ । ମୁଁ ଯାହା ଜାଣିଥିଲି, ତାଙ୍କୁ କହିଲି ଓ ପଚାରିଲି : "ଆପଣ ଏଭଳି ଏକ ପ୍ରଣାଳୀ କାହିଁକି ଅନୁସରଣ କରୁଛନ୍ତି, ଅଜ୍ଞାନଗୁଡ଼ାକୁ ଆପଣମାନେ କାହିଁକି ସ୍ଥାୟୀ କରି ରଖୁଛନ୍ତି ?" ସିଏ ଉତ୍ତର ଦେଲେ : "ଇଏ ହେଉଛି ମାନସିକ ଶାନ୍ତିର ଗୋଟିଏ ପ୍ରଣାଳୀ । ଯଦି ଆମେ ସେପରି ନ କରିବୁ, ତେବେ ଲୋକମାନେ ଆମ କଥା ଆଦୌ ଶୁଣିବେ ନାହିଁ । ବସ୍ତୁତଃ ଏହାହିଁ ହେଉଛି ସବୁ ଧର୍ମର ଅସଲ ଓ ଗୋପନ କଥା ।" ମୋତେ ସେ କହିଲେ : "ପ୍ରାଚୀନ ଦୀକ୍ଷା-ଧର୍ମଗୁଡ଼ିକରେ ଯେପରି ଥିଲା, ଆମ ଧର୍ମରେ ମଧ୍ୟ ଏଭଳି ଲୋକ ଅଛନ୍ତି, ଯେଉଁମାନେ ଯଥାର୍ଥ କଥାଟିକୁ ଜାଣିଛନ୍ତି । ଏପରି ଧର୍ମପନ୍ଥାମାନ ରହିଛି ଯେଉଁଠାରେକି ପୁରାତନ ପରମ୍ପରାଟିର ଶିକ୍ଷା ଦିଆଯାଉଛି । ମାତ୍ର ସେସବୁ ବିଷୟରେ କହିବା ଲାଗି ଆମକୁ ବାରଣ କରାଯାଇଛି । ଧର୍ମ ଭିତରେ ରହିଥିବା ଏହିସବୁ

'oaob.nitrkl.ac.in' images reprocessed

ଯାବତୀୟ ପ୍ରତିରୂପକୁ ଆମେ ଗୋଟିଏ ଗୋଟିଏ ପ୍ରତୀକ ବୋଲି କହିବା, ଯେଉଁଗୁଡ଼ିକକୁ ଯାହାକିଛି ସାଧାରଣରେ ଶିକ୍ଷା ଦିଆଯାଉଛି, ତାହାଠାରୁ ଅଧିକ କିଛିର ପ୍ରତିନିଧିତ୍ୱ କରୁଛନ୍ତି । ମାତ୍ର ସେଇଟିକୁ ବାହାରେ ଶିକ୍ଷା ଦିଆଯାଉ ନାହିଁ ।”

ଏହା ପଛରେ (ସେମାନଙ୍କ ମତରେ) ଏକ ବଡ଼ ଉଦାର ଓ ସଦସ୍ତୁ କାରଣ ନିହିତ ହୋଇ ରହିଛି : “ଯେଉଁ ମଣିଷଙ୍କର ସାନ ସାନ ମୁଣ୍ଡ ଅଛି—ଏବଂ ଏହିପରି ମଣିଷ ଅନେକ ସଂଖ୍ୟାରେ ରହିଛନ୍ତି—ଯଦି ଆମେ ସେମାନଙ୍କ ଆଗରେ ଏଭଳି କଥାମାନ ଯାଇ କହିବା, ଯାହାକି ସେମାନଙ୍କ ଲାଗି ଅନେକ ଊର୍ଦ୍ଧ୍ୱ ଓ ଅନେକ ବିଶାଳ ହୋଇ ରହିଥିବ, ତେବେ ସେମାନେ ବଡ଼ ଅଡ଼ୁଆରେ ପଡ଼ିଯିବେ, ବିଚଳିତ ହୋଇ ପଡ଼ିବେ ଏବଂ ତଦ୍ୱାରା ସେମାନଙ୍କର ସୁଖଟି ନଷ୍ଟ ହୋଇଯିବାହିଁ ସାର ହେବ । ସେମାନେ କଦାପି ବୁଝି ପାରିବେ ନାହିଁ । ତେବେ ଅକାରଣରେ ସେମାନଙ୍କୁ ସନ୍ତ୍ରସ୍ତ କରିବାର କି ପ୍ରୟୋଜନ ରହିଛି ? ସତ୍ୟର ସନ୍ଧାନ କରି ପାରିବା ଲାଗି ସେମାନଙ୍କ ଭିତରେ ଉପଯୁକ୍ତ ସାମର୍ଥ୍ୟଟି ନାହିଁ । ତେଣୁ, ‘ଏଥିରେ ବିଶ୍ୱାସ ରଖି ପାରିଲେ ତୁମେ ନିଶ୍ଚୟ ସ୍ୱର୍ଗକୁ ଯିବ’ ବୋଲି ସେମାନଙ୍କୁ କହିଲେ ସେମାନେ ଶୁଣି ବେଶ୍ ସୁଖୀ ହୋଇଯିବେ ।” ବୁଝିଲ ତ ? ଏହି ବାଟଟି ଖୁବ୍ ସୁବିଧାଜନକ । ସେଇଥିଲାଗି ଏଇଟିକୁହିଁ ଚିରସ୍ଥାୟୀ ଓ ଦୋରସ୍ତ କରି ରଖାଯାଏ; କାରଣ ଏଇଟି ନଥିଲେ ଧର୍ମ ବୋଲି ଆଉ କେଉଁଠିହେଲେ କିଛି ରହନ୍ତା ନାହିଁ ।

ଗୋଟିଏ ଧର୍ମକୁ ଛାଡ଼ି ଆଉ ଗୋଟିଏ କୌଣସି ନିର୍ଦ୍ଦିଷ୍ଟ ଧର୍ମକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ମୁଁ ତୁମମାନଙ୍କୁ ମୋଟେ ଏହିସବୁ କଥା କହୁ ନାହିଁ । ମାତ୍ର ଏଇଟି ଏପରି ଗୋଟିଏ ପ୍ରଣାଳୀ ଯାହାକି ବେଶ୍ ଉଦାର ଓ ପ୍ରଶସ୍ତ ପରି **ବୋଧ** ହେଉଛି ।······ଏଇଟି କରାଯାଉ ନଥିଲେ ଧର୍ମଗୁଡ଼ାକ ମୋଟେ ରହି ପାରୁ ନଥାନ୍ତା; ସେତେବେଳେ କେବଳ ଗୁରୁମାନେ ରହନ୍ତେ ଓ ଶିଷ୍ୟମାନେ ରହନ୍ତେ; ଯେଉଁମାନେ ଉଚ୍ଚତର ସତ୍ୟର ଶିକ୍ଷା ଦେଇପାରନ୍ତେ ଓ ଯେଉଁମାନଙ୍କର ଏକ ଅସାଧାରଣ ଅନୁଭୂତି ମଧ୍ୟ ଥାଆନ୍ତା । ତାହା ପ୍ରକୃତରେ ଖୁବ୍ ଭଲ କଥା ହୁଅନ୍ତା । ମାତ୍ର ଗୁରୁ ଯେମିତି ବିଦାୟ ନେଇ ଯାଉଛନ୍ତି, ସିଏ ଯେଉଁ ଜ୍ଞାନଟିକୁ ପ୍ରଦାନ କରି ଯାଇଥିଲେ, ସେଇଟିକୁ ଏକ ଧର୍ମରେ ପରିଣତ କରି ଦିଆଯାଉଛି । ଅତି ଅଦମ୍ୟ କେତେଟା ସିଦ୍ଧାନ୍ତର ପ୍ରତିଷ୍ଠା ହେଉଛି, ଧର୍ମସମ୍ବନ୍ଧୀୟ କେତେଟା ନିୟମକୁ ଆଣି ବାନ୍ଧି ଦିଆଯାଉଛି ଏବଂ ଧର୍ମବିଧାନଗୁଡ଼ିକର ପିଣ୍ଡିଟି ପାଖରେ ମସ୍ତକ ନତ କରିବା ବ୍ୟତୀତ ଆଉ କୌଣସି ବାଟହିଁ ରହୁ ନାହିଁ । ମାତ୍ର, ଆରମ୍ଭରେ ସେସବୁ କଦାପି ସେପରି ହୋଇ ନଥିଲା । ତୁମକୁ ଆସି କୁହାଯାଉଛି : “ଏଇଟା ସତ, ଏଇଟା ମିଛ; କୁହାଯାଇଛନ୍ତି······।” କିଛି କାଳ ଅନ୍ତେ ଗୁରୁ ଗୋଟିଏ ଭଗବାନରେ

'oaob.nitrkl.ac.in' images reprocessed

ପରଣତ ହୋଇ ଯାଉଛନ୍ତି ଏବଂ ତୁମକୁ ସେତେବେଳେ କୁହାଯାଉଛି : "ଭଗବାନ ଏକଥା କହି ଯାଇଛନ୍ତି ।"

ଗୋଟିଏ କଥା ମନେ ରଖିଥିବ ଯେ, ମୁଁ ତୁମମାନଙ୍କୁ ଏସବୁ କଥା କହୁଛି, କାରଣ ମୁଁ ଜାଣିଛି ଯେ ଏଠାରେ ତୁମେ ସମସ୍ତେ ଯାବତୀୟ ଧର୍ମରୁ ମୁକ୍ତ ହୋଇ ରହୁଛ । ମୋ ଆଗରେ ଯଦି କୌଣସି ଜଣେ ବ୍ୟକ୍ତି ଆଅନ୍ତା ଯିଏକି କୌଣସି ଗୋଟିଏ ଧର୍ମରେ ବିଶ୍ୱାସ କରୁଥାନ୍ତା, ତେବେ ମୁଁ ତାକୁ କହନ୍ତି : "ଏଇଟି ଖୁବ ଭଲ କଥା, ତୁମେ ତୁମର ଧର୍ମକୁ କଦାପି ଛାଡ଼ ନାହିଁ, ଧର୍ମଟିକୁ ରଖିଥାଅ ।" ମାତ୍ର ତୁମମାନଙ୍କ ଲାଗି ଅତ୍ୟନ୍ତ ସୁଖର କଥା ଯେ ତୁମମାନଙ୍କର ସେଭଳି ଗୋଟିଏ ବିଶେଷ ଧର୍ମ ନାହିଁ । ଏବଂ ମୋର ପୂର୍ଣ୍ଣ ଆଶା ରହୁଛି ଯେ କେବେହେଲେ ମଧ୍ୟ ତୁମେ ଏଭଳି କୌଣସି ଧର୍ମକୁ ଗ୍ରହଣ କରିନେବ ନାହିଁ । କାରଣ ସେପରି ହେଲେ ତାହା ଆଗକୁ ଯିବାର ସକଳ ବାଟକୁ ଦୁଆର ବନ୍ଦ କରି ରଖିଦେବ ।

## ୭ ମେ ୧୯୫୩

"ପୃଥିବୀରେ ଭେଟ ହେବା ପୂର୍ବରୁ ଲୋକମାନେ ଅନେକ ସମୟରେ ଏହିସବୁ ଭୂମିରେ ପରସ୍ପରକୁ ଭେଟିଥାନ୍ତି । ସେମାନେ ପରସ୍ପରକୁ ବେଶ୍ ଭେଟିପାରନ୍ତି, ପରସ୍ପର ସହିତ କଥାବାର୍ତ୍ତା କରିପାରନ୍ତି ଏବଂ ପୃଥିବୀରେ ଯେପରି ହେଉଛି, ପରସ୍ପର ସହିତ ଯାବତୀୟ ସମ୍ବନ୍ଧ ମଧ୍ୟ ସ୍ଥାପନ କରିପାରନ୍ତି । ଏହିସବୁ ସମ୍ବନ୍ଧ ବିଷୟରେ ଅନେକଙ୍କୁ ଜଣାଥାଏ, କେତେକଙ୍କୁ ଜଣା ମଧ୍ୟ ନଥାଏ । କେତେକ ଲୋକ, ବସ୍ତୁତଃ ଅଧିକ ସଂଖ୍ୟକ ଲୋକ, ଭିତରେ ରହିଥିବା ସତ୍ତାଟି ବିଷୟରେ ଅଚେତନ ହୋଇ ରହିଥାନ୍ତି, ଭିତରର ଯାବତୀୟ ସମ୍ପର୍କ ବିଷୟରେ ବି ଅଚେତନ ହୋଇ ରହିଥାନ୍ତି; ମାତ୍ର ତଥାପି ଏପରି ବି ଘଟିଥାଏ ଯେ, ଯେତେବେଳେ ସେମାନେ ବାହ୍ୟ ପୃଥିବୀରେ ସେହି ନୂତନ ମୁହଁଟିକୁ ଦେଖନ୍ତି, ସେମାନେ ସେଇଟିକୁ ଖୁବ ପରିଚିତ ବୋଲି ଜାଣନ୍ତି, ବେଶ୍ ଚହ୍ଲା ମୁହଁଟିଏ ବୋଲି ଅନୁଭବ କରନ୍ତି ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୧ ଏପ୍ରିଲ)

'oaob.nitrkl.ac.in' images reprocessed

ଆମର ଅନ୍ତଃସତ୍ତାରେ ଆମେ ଚେତନାର ଯେଉଁ ସ୍ତରଟିରେ ରହୁଥାଉ, ସେହି କଥାଟି ଅନେକ ପରିମାଣରେ ତାହାର ଉପରେହିଁ ନିର୍ଭର କରିଥାଏ । ଅଧିକାଂଶ ଲୋକଙ୍କ କ୍ଷେତ୍ରରେ ତାହା ମାନସିକ, ପ୍ରାଣିକ ଏବଂ ଭୌତିକ କ୍ଷେତ୍ରର ଏକ ମିଶ୍ରଣ ପରି ହୋଇ ରହିଥାଏ । ତେଣୁ, ଯାହାକିଛି ଘଟୁଛି, ସେବିଷୟରେ ସେମାନେ ଆଦୌ ସଚେତନ ନଥାନ୍ତି । କେତେକ ଲୋକ ବେଶ୍ ସଚେତନ ଥାଆନ୍ତି, ଏବଂ ଯେତେବେଳେ ସେମାନଙ୍କୁ କେହି, "କାହିଁକି, ମୁଁ ତ ତୁମକୁ ଅବଶ୍ୟ ଜାଣିଥିଲି, ଆଗରୁ ଅତି ଅନ୍ତରଙ୍ଗ ଭାବରେ ଜାଣିଥିଲି; ବର୍ତ୍ତମାନ ମଧ୍ୟ ମୋତେ ଠିକ୍ ସେହିପରି ଅନୁଭବ ହେଉଛି, ମାତ୍ର ଚ୍ଛବିଟି ବଡ଼ ଅସ୍ପଷ୍ଟ ହୋଇ ରହିଛି" ବୋଲି କହେ, ତେବେ ସେମାନେ ମଧ୍ୟ ସାଧାରଣତଃ ଠିକ୍ ସେହିପରି ଅନୁଭବ କରିଥାନ୍ତି । "ହଁ, ଏହିପରି ଏକ ପରିସ୍ଥିତିରେ ତୁମ ସହିତ ମୋର ଭେଟ ହୋଇଥିଲା" ବୋଲି କହିପାରିବା ଲାଗି ଖୁବ୍ କମ୍ ବ୍ୟକ୍ତିଙ୍କର ଯଥେଷ୍ଟ ବିକାଶ ହୋଇଥାଏ । ତଥାପି, ଏପରି କଥା ମଧ୍ୟ ଘଟିଛି ।

ଏବଂ ତା'ପରେ, ଆହୁରି ଏଭଳି ଲୋକ ମଧ୍ୟ ଅଛନ୍ତି, ଯେଉଁମାନଙ୍କର କିଛିଭି ଶିକ୍ଷା ରହିଛି, ଯେଉଁମାନଙ୍କୁ ଅଳ୍ପବହୁତ ଗୁପ୍ତବିଦ୍ୟା ବି ଜଣାଅଛି ବା ଯେଉଁମାନଙ୍କର ପୁନର୍ଜନ୍ମ ବିଷୟରେ ଏକ ପିଲାଳିଆ ଜ୍ଞାନ ଅଛି; ତାହାକୁ ସେମାନେ ସତେଅବା ଏକ କ୍ଷୁଦ୍ର ବ୍ୟକ୍ତି ବୋଲି ବିଶ୍ୱାସ କରନ୍ତି, ଯିଏକି ଶରୀରରୂପୀ ଗୋଟିଏ ବସ୍ତ୍ର ଧାରଣ କରିଛି, ଏବଂ ଯେତେବେଳେ ପରିଧାନଟି ଖସିପଡ଼ୁଛି, ସେତେବେଳେ ସିଏ ଏଇଟି ଭିତରୁ ବାହାରି ଚାଲିଯାଉଛି, ତା'ପରେ ଆଉଗୋଟିଏ ଧାରଣ କରୁଛି, ତା'ପରେ ଆଉ ଗୋଟିଏ··· ଗୋଟିଏ କଣ୍ଢେଇର ପରିଧାନଗୁଡ଼ିକ ଯେପରି ବଦଳା ହେଉଥାଏ, ଠିକ୍ ସେହିପରି । ସେମାନେ ଠିକ୍ ସେହିପରି ଭାବୁଥା'ନ୍ତି : ଜଣେ ମଣିଷ ଯେମିତି ଆପଣାର ପରିଧାନଟିକୁ ବଦଳାଏ, ଆମେ ସେମିତି ଆମର ଶରୀରଟିକୁ ବଦଳାଇଥାଉ । ଏପରିକି କେତେକ ବ୍ୟକ୍ତି ଏବିଷୟରେ ଗ୍ରନ୍ଥମାନ ଲେଖିଛନ୍ତି ଓ ଭାରି ଗମ୍ଭୀର ଭାବରେ, ସେମାନେ ବାନର ହୋଇ ଜନ୍ମ ନେଇଥିବା ପରଠାରୁ ଯେତେ ଯେତେ ଜନ୍ମ ଗ୍ରହଣ କରିଛନ୍ତି, ସେସବୁ ବିଷୟରେ ବର୍ଣ୍ଣନା କରି କହିଛନ୍ତି ! ଏଇଟାକୁ ତୁଚ୍ଛା ପିଲାଳିଆ ଖେଳ ବୋଲିହିଁ କୁହାଯିବ । କାରଣ ହଜାରକରେ ନଅଶହ ଅନେଶତ କ୍ଷେତ୍ରରେ ସତ୍ତାର କେନ୍ଦ୍ରସ୍ଥଳରେ ରହିଥିବା ସେହି ସାନ ଚୈତ୍ୟ ଗଠନଟିହିଁ ମୃତ୍ୟୁ ପରେ ତଥାପି ଅବିଲୁପ୍ତ ହୋଇ ରହେ, ଆଉ ସବୁକିଛି କୁଆଡ଼େ ମିଳାଇଯାଏ, ଖଣ୍ଡଖଣ୍ଡ ହୋଇଯାଏ, ଏଠି ସେଠି ବିକ୍ଷିପ୍ତ ହୋଇଯାଏ ଏବଂ ବ୍ୟକ୍ତି ଅର୍ଥରେ ତାହାର ଆଉ କୌଣସି ସତ୍ତା ରହେ ନାହିଁ । ବର୍ତ୍ତମାନ ପ୍ରଶ୍ନ ହେଉଛି, ଆମ ଭୌତିକ ଜୀବନରେ ଭୌତିକ ସତ୍ତାଟି ଯାହାକିଛି କ୍ରିୟାକଳାପରେ ବ୍ୟାପୃତ ହୋଇ ରହିଥାଏ, ଆମର ଚୈତ୍ୟ ସତ୍ତା ସେଥିରେ ସଚେତନ ଭାବରେ କେତେ ଅଧିକ ବା କେତେ କମ୍

'oaob.nitrkl.ac.in' images reprocessed

ଅଂଶଗ୍ରହଣ କରିଥାଏ ?······ଯେଉଁମାନେ ଯୋଗସାଧନା କରନ୍ତି ଓ କେତେକ ପରିମାଣରେ ଶୃଙ୍ଖଳା ଭିତରେ ରହିଥା'ନ୍ତି ମୁଁ ସେମାନଙ୍କ କଥା କହୁ ନାହିଁ; ମୁଁ ସାଧାରଣ ଲୋକଙ୍କ ବିଷୟରେ କହୁଛି, ଯେଉଁମାନଙ୍କର ଚୈତ୍ୟ ଅଂଶଟି ଅନ୍ତତଃ ଏତିକ ବିକଶିତ ହୋଇସାରିଛି ଯେ ତାହା ସେମାନଙ୍କର ପ୍ରାଣକ୍ଷେତ୍ରରେ ଆସି ପହଞ୍ଚି ପାରୁଛି ଓ ସେଇଟିକୁ ବାଟ ଦେଖାଇ ପାରୁଛି ଏବଂ ସେଇ ଅର୍ଥରେହିଁ ସେମାନଙ୍କର ଏକ ଚୈତ୍ୟ ସାମର୍ଥ୍ୟ ରହିଛି;—ଅନେକଙ୍କର ଜୀବନରେ ତ ବର୍ଷ ବର୍ଷ ଅତିବାହିତ ହୋଇଯାଉଛି ପଛକେ, ମାତ୍ର ସେମାନଙ୍କର ଚୈତ୍ୟସତ୍ତା ସେମାନଙ୍କର ପ୍ରାଣର କ୍ଷେତ୍ରରେ ଆଦୌ କୌଣସି ପ୍ରଭାବ ପକାଇ ପାରୁ ନାହିଁ । ଏବଂ ସେମାନେ ତୁମ ପାଖକୁ ଆସି ସେମାନେ ଆଗରୁ କେଉଁ ଦେଶରେ ଜନ୍ମ ହୋଇଥିଲେ, ସେମାନଙ୍କର ପିତାମାତା ଦେଖିବାକୁ କିପରି ଥିଲେ, ସେମାନେ କେଉଁ ଘରେ ବାସ କରୁଥିଲେ, ଘର ପାଖରେ ଥିବା ଗୀର୍ଜାଟିର ଉପରିଭାଗ କିପରି ଥିଲା, ଉପକଣ୍ଠର ଜଙ୍ଗଲଟି କିପରି ଦିଶୁଥିଲା, ଏହିପରି କେତେ କ'ଣ କଥା କହିଥା'ନ୍ତି, ସେମାନଙ୍କ ଜୀବନର ଏହିପରି ନିତ୍ୟନୈମିତ୍ତିକ କେତେ ଘଟଣାମାନ ଆସି ବର୍ଣ୍ଣନା କରିଥାନ୍ତି । ଏଗୁଡ଼ାକୁ ଆମେ ତୁଚ୍ଛା ନିର୍ବୋଧତା ବୋଲି କହିବା, କାରଣ ଏଗୁଡ଼ାକ ପ୍ରକୃତରେ ସବୁକିଛି ଲିଭିଯାଇ ପୋଛି ହୋଇଯାଏ, ଏଗୁଡ଼ାକ ଆଉ କଦାପି ଅସ୍ତିତ୍ୱରେ ନଥାଏ; ହୁଏତ ଏପରି କିଛି ସ୍ମୃତି ରହିଯାଇଥାଏ, ଯାହାକି କୌଣସି ବିଶେଷ ପରିସ୍ଥିତିର ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତ ବିଷୟରେ କିଛିତ୍ ଆଭାସକୁ ବହନ କରି ରହିଥାଏ, ଅର୍ଥାତ୍ କେତୋଟି "ପ୍ରାଣିକ" ମୁହୂର୍ତ୍ତକୁ ବହନ କରି ରହିଥାଏ, ଯେଉଁଥିରେ କି କୌଣସି ଅନ୍ତର୍ଗତ ଆବଶ୍ୟକତା ଅଥବା ଅନିବାର୍ଯ୍ୟ ପ୍ରୟୋଜନ ହେତୁ ଚୈତ୍ୟ ଅଂଶଟିକୁ ହଠାତ୍ ଆସି କୌଣସି ଭାଗ ନେବାକୁ ପଡ଼ିଥାଏ, ହଠାତ୍ ଆସି ହସ୍ତକ୍ଷେପ କରିବାକୁ ପଡ଼ିଥାଏ;—ଏବଂ ତେବେ ତାହାହିଁ ଚୈତ୍ୟ ସ୍ମୃତିଟି ମଧ୍ୟରେ ଖୋଦିତ ହୋଇ ରହିଯାଏ । ଯେତେବେଳେ ତୁମର ଏହି ଚୈତ୍ୟ ସ୍ମୃତିଟି ରହିଥାଏ, ସେତେବେଳେ ଜୀବନରେ କୌଣସି ଏକ **ମୁହୂର୍ତ୍ତରେ** ଘଟିଥିବା କେତେଗୁଡ଼ିଏ ସ୍ଥିତି ତୁମର ମନରେ ଆସି ପଡ଼ିଯାଏ; ବିଶେଷ କରି ସେହି ମୁହୂର୍ତ୍ତରେ ସଚ୍ଚିତ୍ ହୋଇଥିବା ଅନ୍ତର୍ଗତ ସଂବେଗ ତଥା ଚେତନାର କେତୋଟି ପରିସ୍ଥିତି ମନେ ପଡ଼ିଯାଏ । ଏବଂ ତା'ପରେ କେତୋଟି ସମ୍ବନ୍ଧିତ ଘଟଣା ସହିତ ଚେତନା ମଧ୍ୟକୁ ତାହାର ପରିବହନ ହୋଇଆସେ, ସେତେବେଳେ ଯାହାକିଛି ତୁମର ଚତୁର୍ଦ୍ଦିଗରେ ଅବସ୍ଥିତ ଥିଲା, ହୁଏତ କିଏ କ'ଣ ପଦେ କହିଥିଲା, କ'ଣ ଗୋଟାଏ କାନକୁ ଶୁଣିବାକୁ ମିଳିଥିଲା, ସେହିଗୁଡ଼ିକର ପରିବହନ ହୋଇଆସେ । ମାତ୍ର, ସେତେବେଳେ ତୁମେ ଆତ୍ମାର ଯେଉଁ ଅବସ୍ଥାଟିରେ ରହିଥିଲ, ତାହାହିଁ ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା : କାରଣ ବସ୍ତୁତଃ ତାହାହିଁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଅପରିବର୍ତ୍ତିତ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

ଆମେ ଏହିଗୁଡ଼ିକୁହିଁ ଚୈତ୍ୟଜୀବନର ସଙ୍କେତ ବୋଲି କହିବା, ଏହିସବୁ କଥା ଜୀବନରେ ଏକ ଗଭୀର ଛାପ ପକାଇ ଯାଇଥାନ୍ତି ଏବଂ ଜୀବନର ଗଠନଟିରେ ଅଂଶଗ୍ରହଣ କରିଥାନ୍ତି । ତେଣୁ ଯେତେବେଳେ ଅତ୍ୟନ୍ତ ବାରଂବାର ହୋଇ, ଅବିରାମ ଓ ସ୍ପଷ୍ଟ ଭାବରେ ତୁମେ ନିଜ ଭିତରେ ସେହି ଚୈତ୍ୟ ସତ୍ତାକୁ ପୁନର୍ବାର ଦେଖିବାକୁ ପାଉଛ, ସେତେବେଳେ ତୁମେ ଏଭଳି କଥାଗୁଡ଼ିକୁହିଁ ସ୍ମରଣ କରି ପାରୁଛ । ଏସବୁ ସଂଖ୍ୟାରେ ଅନେକ କମ୍ ହୋଇପାରେ, ମାତ୍ର ଏଗୁଡ଼ିକୁ ଆମ ଜୀବନରେ ଗୋଟିଏ ଗୋଟିଏ କ୍ଷଣକ୍ଷଣର ଝଲକ ବୋଲି ନିଶ୍ଚୟ କୁହାଯିବ । ଜଣେ ଏପରି କଦାପି କହିପାରିବ ନାହିଁ "ମୁଁ ପୂର୍ବ ଜନ୍ମରେ ଅମୁକ ବା ସମୁକ ବ୍ୟକ୍ତି ଥିଲି । ମୁଁ ଏହି ଏହି କାର୍ଯ୍ୟ କରିଥିଲି । ମୋତେ ସମସ୍ତେ ଏହି ନାମରେ ଡାକୁଥିଲେ ଏବଂ ମୁଁ ଏହିସବୁ କଥା କରୁଥିଲି ।" ବା, ତା' ନହେଲେ ଏହାର ଏହିପରି ଅର୍ଥ ହେବ ଯେ ସେହି ମୁହୂର୍ତ୍ତିଟିରେ (ଏକ ଅତ୍ୟନ୍ତ ବିରଳ ମୁହୂର୍ତ୍ତି) ନାନା ପରିସ୍ଥିତି ଏଭଳି ଭାବରେ ଏକତ୍ର ହୋଇ ରହିଥିଲେ, ଯାହା ବଳରେ କି ଜଣେ ତାରିଖ ବା ସ୍ଥାନଟିକୁ, ଦେଶ ଏବଂ କାଳଟିକୁ ନିର୍ଦ୍ଦିଷ୍ଟ କରି କହିଦେଇ ପାରିଲା । ସେପରି ଅବଶ୍ୟ ଘଟିପାରେ ।

ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ ଚୈତ୍ୟ ଅଂଶଟି ଅଧିକରୁ ଅଧିକ ଭାଗକୁ ଅଧିକାର କରିବାରେ ଲାଗିଥାଏ ଓ ସ୍ମରଣର ଗୁଚ୍ଛଗୁଡ଼ିକ ମଧ୍ୟ କ୍ରମଶଃ ବୃହତ୍ତର ହେବାରେ ଲାଗିଥାଏ । ଏବଂ ସେତେବେଳେ ଜଣେ ଆପଣାର ଜୀବନର ପଛଆଡ଼କୁ ବିଚରଣ କରି ଆସିବାରେ ବେଶ୍ ସମର୍ଥ ହୋଇପାରେ, ମାତ୍ର ସମୁଦାୟ ଟିକିନିଖିଗୁଡ଼ିକୁ ମନେ କରିବା ଲାଗି କଦାପି ସମର୍ଥ ହୁଏ ନାହିଁ । କେବଳ କେତୋଟି ମୁହୂର୍ତ୍ତିରେହିଁ ଜଣେ "ମୁଁ ଏହିପରି ଥିଲି" ବା "ମୁଁ ସେହିପରି ଥିଲି" ବୋଲି କହିପାରେ । ହଁ, କେବଳ କେତୋଟି ମୁହୂର୍ତ୍ତିରେ, କୌଣସି ଏକ ଜୀବନର କେତୋଟି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ମୁହୂର୍ତ୍ତିରେ··· । ଏଥିଲାଗି ଏକାନ୍ତ ଆବଶ୍ୟକ ଯେ ଆମର ସତ୍ତା ଆମର ଚୈତ୍ୟ ଅଂଶଟି ସହିତ ସମ୍ପୂର୍ଣ୍ଣ ଭାବରେ ଏକାତ୍ମ ହୋଇ ରହିଥିବ ଏବଂ ତାହାକୁହିଁ ବେଷ୍ଟନ କରି ଆପଣାର ସମଗ୍ର ଅସ୍ତିତ୍ୱଟିକୁ ସଂଗଠିତ କରି ରଖିଥିବ । ଆପଣାର ସମଗ୍ର ସତ୍ତାଟିକୁ ଏକତ୍ର ସଂବଦ୍ଧ କରି ରଖିଥିବ—ସାନ ସାନ ସବୁ ଅଂଶଗୁଡ଼ିକୁ, ସବୁଯାକ ଉପାଦାନକୁ ଏବଂ ସତ୍ତାର ଯାବତୀୟ ଗତିଶୀଳତାକୁ ଚୈତ୍ୟ କେନ୍ଦ୍ରଟିର ଚାରି ପାଖରେ ସଂଗଠିତ କରି ରଖିଥିବ—ସେଇଟି ସତେଅବା ଗୋଟିଏ ଏକକରେହିଁ ପରିଣତ ହୋଇ ଯାଇଥିବ, ଭଗବାନଙ୍କ ଆଡ଼କୁ ସମ୍ପୂର୍ଣ୍ଣ ନିର୍ଦ୍ଦେଶିତ ହୋଇ ରହିଥିବ । ତେବେ, ଯେତେବେଳେ ଶରୀରଟା ଖସିପଡ଼ିବ, ସେଇଟା ତଥାପି ଅବିଲୁପ୍ତ ହୋଇ ରହିବ । ସମ୍ପୂର୍ଣ୍ଣ ଭାବରେ ଆକୃତ ହୋଇ ଉଠିଥିବା ଏକ ଚେତନ ସତ୍ତାହିଁ ପୂର୍ବର ଆଉ ଗୋଟିଏ ଜୀବନରେ ଯାହାକିଛି ଘଟିଥିଲା, ସେହି ସବୁ

କଥାକୁ ସ୍ମରଣ କରି ପାରିବ । ଏପରିକି, ଅତ୍ୟନ୍ତ ସଚେତନ ଭାବରେ ତାହା ଗୋଟିଏ ଜୀବନରୁ ଆଉ ଗୋଟିଏ ଜୀବନ ଭିତରକୁ ବିଚରଣ କରି ଯାଇପାରିବ ଏବଂ ତଥାପି ସେଥିଲାଗି ତାକୁ ଆପଣା ଚେତନାର ଆଦୌ କୌଣସି ଅଂଶକୁ ହରାଇବାକୁ ପଡ଼ିବ ନାହିଁ । ଏହି ପୃଥିବୀର କେତେଜଣ ବ୍ୟକ୍ତି ସେହି ଅବସ୍ଥାରେ ଯାଇ ପହଞ୍ଚି ପାରିଛନ୍ତି ? ···ମୋର ବିଶ୍ୱାସ, ସେମାନଙ୍କର ସଂଖ୍ୟା ଆଦୌ ବେଶୀ ନୁହେଁ । ଏବଂ, ସାଧାରଣତଃ ଆପଣାର ପୂର୍ବଜନ୍ମର କଥାଗୁଡ଼ାକୁ ବର୍ଣ୍ଣନା କରି କହିବା ଲାଗି ଏଭଳି ବ୍ୟକ୍ତିଙ୍କର କ୍ୱଚିତ୍ କୌଣସି ଉତ୍ସାହ ହୋଇଥାଏ ।

**ଏପରି ଲୋକ ଅଛନ୍ତି, ଯେଉଁମାନେ କି ଅନ୍ୟମାନଙ୍କର ଜୀବନ-କଥାମାନ କହିଦେଇଥାନ୍ତି ।**

ହଁ, ମୁଁ ସେକଥା ଜାଣିଛି । ମୁଁ ଅନେକ କଥା ଜାଣିଛି, ଜଣେ ଲୋକ ଯାହା କିଛି ଶୁଣିପାରିବ, ମୁଁ ସେହି ସବୁଯାକ କଥା ଶୁଣିଛି । ସେମାନେ କଥା ପରେ କଥା କହିବାରେ ଲାଗିଥାନ୍ତି ।······ସେମାନେ ତୁମ ଆଡ଼କୁ ଅନାଇ ତା'ପରେ କହିବାକୁ ଆରମ୍ଭ କରିବେ : "ସେହି ଜୀବନରେ ତୁମେ ଅମୁକ ହୋଇ ଅମୁକ କାମସବୁ କରିଥିଲ ।" ମୁଁ ନିର୍ଭରଭାବରେ କହିବି ଯେ ଏସବୁ ଆଦୌ ସତ୍ୟ ନୁହେଁ । କାରଣ, ଜଣେ ମଣିଷକୁ ଆଉଜଣେ କେଉଁଠାରେ ଦେଖିଛି ଓ ସିଏ ସେତେବେଳେ କ'ଣ ହୋଇଥିଲା, ସେକଥା କପରି ଜାଣିବାକୁ ହୁଏ, ମୁଁ ସେକଥା ଜାଣିଛି; ଏବଂ ଏକଥା ଜାଣିବା କପରି ସମ୍ଭବ, ମୋତେ ସେକଥା ମଧ୍ୟ ଜଣାଅଛି ।—ଏଇଟା ଆଦୌ ଏକ ଗ୍ରେଟିଆ ଗପ ପରି ନୁହେଁ ଯେ ତୁମେ ତାକୁ ଗୋଟିଏ ବହି କରି ଲେଖିଦେଇ ପାରିବ । ଯେତେବେଳେ ତୁମେ ଆଉଜଣେ ମଣିଷର ଭିତରକୁ ଅନାଇ ଦେଖୁଛ, ଯେତେବେଳେ ତୁମର ଠିକ୍ ସେହି ଚୈତ୍ୟ ଜଗତଟି ବିଷୟରେ କୌଣସି ବୋଧ ହୋଇପାରୁଛି, ଏବଂ ତାହା ସାହାଯ୍ୟରେ ଯେତେବେଳେ ତୁମେ ଚୈତ୍ୟ ଅଂଶଟି ଯେଉଁଠାରେ ଥିଲା, ତାହା ଦେଖିବାକୁ ସମର୍ଥ ହେଉଛ, ସେତେବେଳେ ତୁମେ ହଠାତ୍ ଏକ ଦୃଶ୍ୟ, ଏକ ପ୍ରତିରୂପ, ଏକ ଆକୃତି ବା ଏକ ଶବ୍ଦ ଦେଖିବାକୁ ପାଇବ; ଏହି କ୍ଷେତ୍ରରେ ଏପରି ଏକ ସମ୍ମିଳିକରଣ ଘଟିଥିବ, ଯାହା ଫଳରେ ଏହି ବ୍ୟକ୍ତିଟିର ବର୍ତ୍ତମାନ ସତ୍ତାରେ ମଧ୍ୟ ଏପରି କେତେଗୁଡ଼ିଏ ସଂବେଦନଶୀଳତା ଏବଂ ଆକର୍ଷଣ ରହିଥିବ, ଯାହାକି ପୂର୍ବଜନ୍ମରୁ ଆସି ଏଠାରେ ଉପସ୍ଥିତ ହୋଇ ଯାଉଥିବ । ମାତ୍ର, ମୁଁ ଯେପରି କହୁଥିଲି, ଏଗୁଡ଼ିକ ହେଉଛି ଜୀବନର କେବଳ କେତୋଟି ମାତ୍ର ମୁହୂର୍ତ୍ତ । ଏବଂ ଏହିପରି ଭାବରେହିଁ ଜଣେ ଦେଖିପାରୁଛି, ଏହି କେତୋଟି ମୁହୂର୍ତ୍ତକୁହିଁ ଦେଖିବାକୁ ସମର୍ଥ ହେଉଛି; ମାତ୍ର ତା' ବୋଲି ଗୋଟିଏ ସମୁଦାୟ ଜୀବନକୁ ବର୍ଣ୍ଣନା କରି କହିବାକୁ ସେ କଦାପି ସମର୍ଥ ହେବ ନାହିଁ ।



'oaob.nitrkl.ac.in' images reprocessed

ମୋର ମନେ ହେଉଛି, ଏହି ବିଷୟଟି ଉପରେ ଶ୍ରୀଅରବିନ୍ଦ ବେଶ୍ ମଜାଦାର କେତୋଟି କଥା ଲେଖିଛନ୍ତି; ଜଣେ ଲୋକ କେତୋଟି ସିଜର୍‌ଙ୍କୁ ଜାଣିଥିଲା, ବଡ଼ ବଡ଼ ବ୍ୟକ୍ତିମାନଙ୍କ ମଧ୍ୟରୁ ସେ କେତେଜଣଙ୍କୁ ଜାଣିଥିଲା, ଯେଉଁ ନେପୋଲିଅନ୍‌ମାନଙ୍କୁ, ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତିମାନଙ୍କୁ, ସେକ୍‌ସ୍‌ପିଅର୍‌ମାନଙ୍କୁ, ଅର୍ଥାତ୍ ଇତିହାସରେ ଅମର ହୋଇ ରହିଥିବା ସବୁଯାକ ମଣିଷଙ୍କୁ ସେ ଯେପରି ଜାଣିଥିଲା, ଶ୍ରୀଅରବିନ୍ଦ ତାହାର ବିଷୟରେ ଲେଖିଛନ୍ତି । ସିଏ ପ୍ରକୃତରେ କେତେ ଲୋକଙ୍କୁ ଜାଣି ନଥିଲା ! ସେମାନଙ୍କ ଭିତରୁ ବେଶ୍ କେତେ ଶହଙ୍କୁ ଜାଣିଥିଲା । ଏବଂ ସେମାନଙ୍କ ମୁହଁରୁ ତୁମକୁ କେତେ କାହାଣୀ ଶୁଣିବାକୁ ମିଳିବ ; "ମୁଁ ଏହା ଥିଲି, ମୁଁ ତାହା ଥିଲି, ମୁଁ ଏକଥା କରିଥିଲି;" ଅଥବା ଏପରି ନାନା ଅବସର ସୃଷ୍ଟି କରାହେବ, ଯେତେବେଳେ ତଥାକଥିତ ବିଭୂତିମାନେ ତୁମ ଆଗକୁ ଆସିବେ ଓ ତୁମ ସହିତ କଥା କହିବେ । ଏଭଳି ଅନେକ ଲୋକ ଅଛନ୍ତି, ଯେଉଁମାନେ "ପ୍ରେତବିଭୂତି"ମାନଙ୍କୁ ନେଇ କେତେ କ'ଣ ଖେଳ ଖେଳିଥାନ୍ତି । ସେମାନେ ସ୍ୱୟଂଚଳ ଲିଖନ ସମ୍ଭବ କରାଇ ପାରିବେ, ଏବଂ ବିଶେଷକରି ପ୍ରେତମାନଙ୍କ ସହିତ ସଂଯୋଗ ବି ସ୍ଥାପନ କରିପାରିବେ । ହଁ, ପୁଣି ଏପରି ପ୍ରେତ ବି ଅଛନ୍ତି, ଯେଉଁମାନେ କି ଗୁଡ଼ାଏ କଥା କହିବାକୁ ଭଲପାଆନ୍ତି । ସେମାନେ ଏକାବେଳକେ ଅନେକ ଜାଗାକୁ ଆସିପାରନ୍ତି, ଏହିସବୁ ଦୃଷ୍ଟାନ୍ତରେ ନେପୋଲିଅନ୍‌ଙ୍କ କଥା ବିଶେଷକରି ଶୁଣା ଯାଇଥାଏ (ନେପୋଲିଅନ୍‌ଙ୍କ ପ୍ରତି ସେମାନଙ୍କର କାହିଁକି ଏପରି ପକ୍ଷପାତିତା ରହିଥାଏ, ମୁଁ କହିପାରିବି ନାହିଁ); ସେହି ନେପୋଲିଅନ ସବୁ ସ୍ଥାନରେ ଆସି ପହଞ୍ଚି ଯାଆନ୍ତି ଏବଂ ତାଙ୍କ ଜୀବନର ଅସାଧାରଣ କାହାଣୀଗୁଡ଼ିକୁ ତୁମ ଆଗରେ କହିବାକୁ ଲାଗନ୍ତି । ସାଧାରଣତଃ ଅତ୍ୟନ୍ତ ବିରୋଧପୂର୍ଣ୍ଣ କାହାଣୀଗୁଡ଼ିକୁ ଆସି କହନ୍ତି ଓ ଏକାବେଳକେ ସମ୍ଭବତଃ ସବୁଗୁଡ଼ାକ କହିବାକୁ ଆସନ୍ତି । ସେମାନଙ୍କୁ ପ୍ରକୃତରେ ଖୁବ କ୍ରିୟାଶୀଳ ଜଣେ ଜଣେ ମନୁଷ୍ୟ ବୋଲି କହିବାକୁ ପଡ଼ିବ । ସେକଥା ଯାହାହେଉ, ଏସବୁ ଅତିମାତ୍ରାରେ ହାସ୍ୟଜନକ କଥା,—ଏବଂ ଏହା କଦାପି ସମ୍ଭବ ନୁହେଁ ।

ଏହି କ୍ଷେତ୍ରରେ ସତକଥା ହେଉଛି ଯେ ଏସବୁ ହେଉଛନ୍ତି ଗୋଟିଏ ଗୋଟିଏ ସାନ ସାନ ପ୍ରାଣସ୍ତରୀୟ ଶରୀର ଏବଂ ମନୁଷ୍ୟର ମୃତ୍ୟୁପରେ ତଥାପି ରହି ଯାଇଥିବା ବାସନାଗୁଡ଼ିକର ଏକନିଷ୍ଠ ଚଳନ ଫଳରେ ଏଗୁଡ଼ିକ ତିଆରି ହୋଇଥାନ୍ତି ଓ ସେହିଗୁଡ଼ିକର ଆକାର ଧାରଣ କରିଥାନ୍ତି । ଯେଉଁ କଳ୍ପନାଗୁଡ଼ିକ ଏକନିଷ୍ଠ ଗାଢ଼ ହୋଇ ବସି ଯାଇଥାନ୍ତି, ସେଗୁଡ଼ିକ ଆପଣାକୁ ପ୍ରକଟ କରିବା ଲାଗି ଚେଷ୍ଟା କରନ୍ତି ଓ ପୁନରାବିର୍ଭୂତ ହୁଅନ୍ତି । ବେଳେବେଳେ ସେଗୁଡ଼ିକ ପ୍ରାଣିକ ପୃଥିବୀର ଗୋଟିଏ ଗୋଟିଏ ସାନ ସାନ ସତ୍ତା ହୋଇ ମଧ୍ୟ ରହିଥାନ୍ତି ଓ ସେମାନଙ୍କର ମିଜାଜଟା ଖୁବ ଅପକର୍ମପ୍ରବଣ ହୋଇ ରହିଥାଏ । ସେମାନେ ଯେଉଁ ମୁହୂର୍ତ୍ତରେ ଲୋକମାନଙ୍କୁ

'oaob.nitrkl.ac.in' images reprocessed

ସ୍ୱୟଂଚଳ ଲିଖନ ଏବଂ ପ୍ରେତମାନଙ୍କ ସହିତ ସମ୍ପର୍କ ସ୍ଥାପନ ପ୍ରଭୃତି ପ୍ରକରଣ ନେଇ ଖେଳୁଥିବାର ଦେଖିବାକୁ ପାଆନ୍ତି, ସେମାନେ ତତ୍‌କ୍ଷଣାତ୍ ସେଠାରେ ଆସି ପହଞ୍ଚି ଯାଆନ୍ତି ଓ ଖେଳିବାକୁ ଆରମ୍ଭ କରନ୍ତି । ଏବଂ ସେମାନେ ଯେଉଁ ଲୋକରେ ଅବସ୍ଥାନ କରୁଥାନ୍ତି, ସେଠାରୁ ମନୁଷ୍ୟର ଭାବନାଗୁଡ଼ିକୁ ଜାଣିପାରିବା ସହଜ ହୋଇଥିବାରୁ, ତୁମ ମୁଣ୍ଡରେ ଯାହାକିଛି ଭାବନା ରହିଥାଏ, ସେମାନେ ବଡ଼ ନିପୁଣ ଭାବରେ ସେସବୁ କଥା କହିଦେଇ ପାରନ୍ତି । ତୁମେ ଯାହାକିଛି ପ୍ରତ୍ୟାଶା କରୁଥାଅ, ସେମାନେ ସେହି ଅନୁସାରେ ଜବାବ ଦେଇପାରନ୍ତି । ତୁମେ ଏକ ନିର୍ଦ୍ଦିଷ୍ଟ ଉତ୍ତର ପାଇବ ବୋଲି ଇଚ୍ଛା କରୁଥାଅ : ତୁମେ ପ୍ରଶ୍ନଟି ପଚାରିବା ପୂର୍ବରୁ ମଧ୍ୟ ସେମାନେ ପ୍ରଶ୍ନଟିର ଉତ୍ତର ତୁମକୁ କହିଦେଇ ପାରନ୍ତି । ସେମାନେ ବଡ଼ ନିର୍ଭୁଲ ଭାବରେ ଠିକ୍‌ଠିକ୍ କଥାଗୁଡ଼ାକ ବି କହିଦେଇ ପାରନ୍ତି, ଅମୁକ ବା ଅମୁକ ଘଟଣା ତୁମ ଜୀବନରେ ଘଟିଥିଲା ଅଥବା ତୁମ ପରିବାରର ଅମୁକ ଲୋକର ଅମୁକ ବା ଅମୁକ ହୋଇଥିଲା ବୋଲି କହିଦେଇ ପାରନ୍ତି ।···ସେମାନେ କେଡ଼େ ଭଲ ଭାବରେ ସବୁ କଥା ଜାଣିଥାଆନ୍ତି ! ସେମାନେ ଭାରି ଚମତ୍କାର ଭାବରେ ତୁମର ଭାବନାକୁ ଅଧ୍ୟୟନ କରିନିଅନ୍ତି ଏବଂ ପୁରାପୁରି ନିର୍ଭର ଦେଲାଭଳି ତୁମକୁ କଥାଗୁଡ଼ାକୁ ଆସି କହନ୍ତି । "ମୁଁ ବାହା ହୋଇଛି ଓ ମୋର ତିନି ପୁଅ ଓ ଚାରି ଝିଅ ଅଛନ୍ତି ବୋଲି ତ ତାଙ୍କୁ କହି ନଥିଲି,—ତେବେ ସେ ସେକଥା କିପରି ଜାଣିଲେ ?"—ସିଏ ଜାଣିଲେ, କାରଣ ସେଗୁଡ଼ାକ ତୁମ ମୁଣ୍ଡ ଭିତରେ ରହିଥିଲା !

ଚୈତ୍ୟ ସ୍ମୃତିଗୁଡ଼ିକର ଏକ ବିଶେଷ ପ୍ରକୃତି ରହିଛି ଏବଂ ଏକ ଅଦ୍ଭୁତ ପ୍ରଗାଢ଼ତା ମଧ୍ୟ ରହିଛି । ମାତ୍ର ସେହି ବିଷୟଟିକୁ ଆମେ ଏପରି ଭାବରେ ବର୍ଣ୍ଣନା କରି ଆଦୌ କହି ପାରିବା ନାହିଁ··· । ସେଗୁଡ଼ିକୁ ଆମେ ଆମ ଜୀବନର ଗୋଟିଏ ଗୋଟିଏ ଅବିସ୍ମରଣୀୟ ମୁହୂର୍ତ୍ତ ବୋଲି କହି ପାରିବା, ଯେତେବେଳେ କି ଆମର ଚେତନା ପ୍ରଗାଢ଼ ହୋଇ ରହିଥାଏ, ଭାସ୍ୱର ହୋଇ ରହିଥାଏ, କାର୍ଯ୍ୟବନ୍ତ, ସକ୍ରିୟ ଏବଂ ଶକ୍ତିଶାଳୀ ହୋଇ ରହିଥାଏ; ଏହିଗୁଡ଼ିକହିଁ ବେଳେବେଳେ ଆମ ଜୀବନର ଗୋଟିଏ ଗୋଟିଏ ମୀମାଂସକ ମୁହୂର୍ତ୍ତ ପରି କାର୍ଯ୍ୟ କରେ ଯାହାକି ଜୀବନର ଧାରାଟିକୁହିଁ ବଦଳାଇ ଦେଇଯାଏ । ମାତ୍ର ତା' ବୋଲି ଏକଥା ଆଦୌ ଠିକ୍ ନୁହେଁ ଯେ, ଜଣେ କେଉଁ ପୋଷାକଟି ପିନ୍ଧିଥିଲା, ଯେଉଁ ଭଦ୍ରଲୋକଙ୍କ ସହିତ କଥାବାର୍ତ୍ତା କରୁଥିଲା, ଅଥବା ଯେଉଁମାନେ ପଡ଼ୋଶୀ ହୋଇ ରହିଥିଲେ ବା ସିଏ ଯେଉଁଭଳି ଗୋଟିଏ ପଡ଼ିଆରେ ଠିଆ ହୋଇଥିଲା, ସେକଥାଗୁଡ଼ାକୁ ମଧ୍ୟ ଜଣେ ନିର୍ଭୁଲ ଭାବରେ କହିଦେଇ ପାରିବ ।

## ଆମ ସ୍ୱପ୍ନଗୁଡ଼ାକୁ ଆମେ ଭୁଲିଯାଉ କାହିଁକି ?

'oaob.nitrkl.ac.in' images reprocessed

କାରଣ ତୁମେ ସବୁବେଳେ ସେହି ଗୋଟିଏ ଜାଗାରେ ସ୍ୱପ୍ନଗୁଡ଼ିକୁ ମୋଟେ ଦେଖ ନାହିଁ । ସବୁ ସମୟରେ ତୁମ ସତ୍ତାର ସେହି ଗୋଟିଏ ଅଂଶହିଁ ସ୍ୱପ୍ନ ଦେଖେ ନାହିଁ ଏବଂ ସେହି ଗୋଟିଏ ଜାଗାରେହିଁ ତୁମେ କଦାପି ସ୍ୱପ୍ନ ଦେଖ ନାହିଁ । ଯଦି ସେତେବେଳେ ନିଜ ସତ୍ତାର ସବୁଗୁଡ଼ିକ ଅଂଶ ସହିତ ତୁମର ସଚେତନ, ପ୍ରତ୍ୟକ୍ଷ ଓ ଅବିଚ୍ଛିନ୍ନ ସମ୍ପର୍କ ରହି ପାରୁଥାନ୍ତା, ତେବେ ତୁମେ ନିଜର ସବୁଯାକ ସ୍ୱପ୍ନକୁ ନିଶ୍ଚୟ ମନେରଖି ପାରନ୍ତ । ମାତ୍ର ପ୍ରକୃତ କ୍ଷେତ୍ରରେ ସତ୍ତାର କେବଳ ମାତ୍ର ଅଳ୍ପକେତୋଟି ଅଂଶରହିଁ ସମ୍ପର୍କ ରହିଥାଏ ।

ଉଦାହରଣସ୍ୱରୂପ, ତୁମେ ତୁମର ସୂକ୍ଷ୍ମ-ଭୌତିକ ସ୍ତରରେ ସ୍ୱପ୍ନଟିଏ ଦେଖିଲ, ଅର୍ଥାତ୍, ଭୌତିକ ସ୍ତରଟିର ବେଶ୍ ନିକଟରେ ଅବସ୍ଥିତ ରହି ସ୍ୱପ୍ନଟିକୁ ଦେଖିଲ । ଏହିସବୁ ସ୍ୱପ୍ନଗୁଡ଼ିକ ସାଧାରଣତଃ ପାହାନ୍ତିଆ ପହରକୁ ଦେଖିବାକୁ ମିଳିଥାଏ, ଅର୍ଥାତ୍ ଭୋର ଚାରିଟାରୁ ପାଞ୍ଚଟା ଭିତରେ । ସେତେବେଳକୁ ତୁମର ନିଦ ଶେଷ ହୋଇ ଆସିଥାଏ । ଯଦି ନିଦ ଭାଙ୍ଗିବା ମାତ୍ରକେ ତୁମେ ଧଡ଼ପଡ଼ ହୋଇ ତତ୍‌କ୍ଷଣାତ୍ ଉଠି ନପଡ଼, ଯଦି ତୁମେ ସ୍ଥିର ହୋଇ ରହ, ଖୁବ ସ୍ଥିର ହୋଇ ରହ ଏବଂ କିଛିତ୍ ପରିମାଣରେ ମନକୁ ମଧ୍ୟ ସ୍ଥିର ରଖିଥାଅ,—ଚୁପ୍‌ଚାପ୍ ମନଟିକୁ ନିଶ୍ଚଳ ହୋଇ ଦେଇ ରଖିଥାଅ,—ଏବଂ ଏକାଗ୍ର ସକେନ୍ଦ୍ରିତ ହୋଇ ରହିଥାଅ, ତେବେ ତୁମେ ସେହି ସ୍ୱପ୍ନଗୁଡ଼ିକୁ ବେଶ୍ ମନେ ରଖି ପାରିବ, କାରଣ ସେତେବେଳେ ତୁମର ସୂକ୍ଷ୍ମଭୌତିକ ଓ ଭୌତିକ ମଧ୍ୟରେ ବେଶ୍ ଏକ ସମ୍ପର୍କ ସ୍ଥାପିତ ହୋଇ ରହିଥିବ; ଏପରି ଖୁବ୍ କ୍ୱଚିତ୍ ଅବସର ଥିବ, ଯେତେବେଳେ ଏହି ଦୁଇଟି ମଧ୍ୟରେ ଆଦୌ କୌଣସି ସମ୍ପର୍କ ନଥିବ ।

ପୁନଶ୍ଚ, ଆମେ ଅଧିକାଂଶ ସ୍ୱପ୍ନକୁ ପାସୋରି ପକାଇଥାଉ, କାରଣ ଏକ ନିର୍ଦ୍ଦିଷ୍ଟ ଅବସ୍ଥାରେ ରହିଥିବା ସମୟରେ ତୁମେ ସ୍ୱପ୍ନଟିଏ ଦେଖ ଏବଂ ତା'ପରେ ଆଉ ଗୋଟିଏ ଅବସ୍ଥା ମଧ୍ୟକୁ ଚାଲିଯାଅ । ଉଦାହରଣସ୍ୱରୂପ, ତୁମେ ଶୋଇଥିବା ସମୟରେ ତୁମର ଶରୀର ମଧ୍ୟ ଶୋଇଥାଏ, ତୁମର ପ୍ରାଣସ୍ତରଟି ମଧ୍ୟ ଶୋଇ ପଡ଼ିଥାଏ; ମାତ୍ର ମନଟା ତଥାପି କ୍ରିୟାଶୀଳ ହୋଇ ରହିଥାଏ । ତେଣୁ ତୁମର ମନ ସ୍ୱପ୍ନ ଦେଖିବାକୁ ଆରମ୍ଭ କରେ, ଅର୍ଥାତ୍, ତା'ର କ୍ରିୟାଗୁଡ଼ିକ ଅଳ୍ପବହୁତ ପରିମାଣରେ ପରସ୍ପର ସହିତ ସମନ୍ୱିତ ହୋଇ ରହିଥାନ୍ତି । କଳ୍ପନାଶକ୍ତି ଖୁବ୍ ସକ୍ରିୟ ହୋଇ ରହିଥାଏ ଏବଂ ତୁମେ ଯାବତ ପ୍ରକାରର ବସ୍ତୁ ଦେଖିବାକୁ ଆରମ୍ଭ କର, ଅସାଧାରଣ ନାନା ଘଟଣାରେ ଅଂଶ ଗ୍ରହଣ କରିବାରେ ଲାଗ ।··· କେତେ ସମୟ ପରେ, ସେହି ସବୁକିଛି କ୍ରମଶଃ ଶାନ୍ତ ହୋଇ ଆସେ ଏବଂ ମନଟା ବି ଢ଼ୁଳାଇବାକୁ ଆରମ୍ଭ କରେ । ଏପର୍ଯ୍ୟନ୍ତ ବିଶ୍ରାମ କରୁଥିବା ପ୍ରାଣିକ ଭାଗଟି ଉଠିବସେ; ଶରୀରରୁ ବାହାର ହୋଇଯାଏ, ବେଶ୍ ଏଣେତେଣେ ବୁଲିବାକୁ ଲାଗେ, ଏଠାକୁ

'oaob.nitrkl.ac.in' images reprocessed

ଯାଏ, ସେଠାକୁ ଯାଏ, ଯାବତ ପ୍ରକାରର କାର୍ଯ୍ୟ କରେ, ନାନା ପ୍ରତିଦ୍ୱନ୍ଦ୍ୱୀ ବ୍ୟକ୍ତି କରିବାରେ ଲାଗେ; କେତେବେଳେ ଯୁଦ୍ଧ ବି କରେ, ଏବଂ ଶେଷରେ ଭୋଜନ କରି ବସେ । ତାହା ସବୁ ପ୍ରକାରର କାର୍ଯ୍ୟ କରିବାରେ ଲାଗିଥାଏ । ପ୍ରାଣିକ ଭାଗଟି ଅନେକ ଦୁଃସାହସ କରିପାରେ । ତାହା ଅନାଇ ଅନାଇ ଦେଖୁଥାଏ । ବୀରତ୍ୱର ନିଶା ଲାଗିଥିବା ବେଳେ ବନ୍ଦୀଶାଳାରୁ ବନ୍ଦୀମାନଙ୍କୁ ମୁକୁଳାଇ ଆଣିବାକୁ ଦଉଡ଼ିଯାଏ, ଶତ୍ରୁମାନଙ୍କର ବିନାଶ କରିବାକୁ ଯାଏ ବା କେତେ କେତେ ଅଦ୍‌ଭୁତ ଆବିଷ୍କାରମାନ କରିବାରେ ଲାଗିଥାଏ । ମାତ୍ର ଏସବୁ କଥା ମାନସସ୍ତରର ସମୁଦାୟ ସ୍ୱପ୍ନଗୁଡ଼ିକୁ କେତେ ପଛକୁ ଠେଲି ଦେଇଥାଏ । ସେହି ସ୍ତରର ସ୍ୱପ୍ନଗୁଡ଼ିକ କୁଆଡ଼େ ଘୋରି ହୋଇ ଲିଭିଯାଏ, ଭୁଲି ହୋଇଯାଏ । ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ ତୁମେ ସେଗୁଡ଼ିକୁ କଦାପି ମନେରଖି ପାରିବ ନାହିଁ, କାରଣ ପ୍ରାଣସ୍ତରର ସ୍ୱପ୍ନଟି ଆସି ତାହାର ସ୍ଥାନକୁ ଅଧିକାର କରି ନେଇଥାଏ । ମାତ୍ର ଯଦି ତୁମେ ଠିକ୍ ସେହି ମୁହୂର୍ତ୍ତରେ ହଠାତ୍ ଉଠିପଡ଼ି ପାରିବ, ତେବେ ତୁମେ ସେହି ସ୍ୱପ୍ନକୁ ବେଶ୍ ସ୍ମରଣ କରି ପାରିବ । ଅନେକ ଲୋକ ଅଛନ୍ତି, ଯେଉଁମାନେ ଏହି କଥାଟିକୁ ପ୍ରୟୋଗ କରି ଦେଖିଛନ୍ତି; ସେମାନେ ରାତିର ଏକ ନିର୍ଦ୍ଦିଷ୍ଟ ସମୟରେ ନିଦରୁ ଉଠିଛନ୍ତି, ଏବଂ ଯେତେବେଳେ ସେମାନେ ହଠାତ୍ ଉଠିଛନ୍ତି, ସେତେବେଳେ ସ୍ୱପ୍ନଗୁଡ଼ିକୁ ନିଶ୍ଚୟ ମନେ କରି ପାରିଛନ୍ତି । ଅସଲ କଥା ହେଉଛି, ତୁମେ ହୁ' କରି ଉଠି ପଡ଼ିବ ନାହିଁ, ମାତ୍ର ସ୍ୱାଭାବିକ ଭାବରେ ଉଠିବ, ତେବେ ସ୍ୱପ୍ନକୁ ମନେ କରି ପାରିବ ।

ବେଶ୍ କିଛି ସମୟ ବୁଲିଆସି ସାରିବା ପରେ ପ୍ରାଣିକ ଅଂଶଟିର ମଧ୍ୟ ବିଶ୍ରାମ ଦରକାର ହୁଏ, ତେଣୁ ସେଇଟି ବିଶ୍ରାମ ନେବାକୁ ଚାଲିଯାଏ, ସ୍ଥିର ହୋଇଯାଏ, ଯାବତୀୟ ପ୍ରକାରର ସାହସ ଓ ଦୁଃସାହସ କରିବା ପରେ ସିଏ ଭାରି କ୍ଳାନ୍ତ ହୋଇ ପଡ଼ିଥାଏ । ତା'ପରେ ଆଉ ଅନ୍ୟ ଗୋଟିକର ଉଠିବାର ବେଳ ଆସି ପହଞ୍ଚେ । ଆମେ ଅନୁମାନ କରିନେବା ଯେ ଏଥର ସୂକ୍ଷ୍ମ-ଭୌତିକ ଅଂଶଟିହିଁ ବୁଲି ବାହାରେ । ତାହା ଚାଲିବାକୁ ଆରମ୍ଭ କରେ, ବୁଲିବାକୁ ଲାଗେ, କୋଠରିଗୁଡ଼ିକୁ ବୁଲି ଦେଖେ ଏବଂ ··· ହଁ, ଏହି ଯେଉଁ ଜିନଷଟି ସେଠାରେ ରହିଥିଲା, ସେଇଟି ଏଠିକି ଚାଲି ଆସିଥାଏ, ଏବଂ ସେହି ଅନ୍ୟ ଜିନଷଟି, ଯେଉଁଟି ସେ ଘରେ ଥିଲା, ସେଇଟି ବର୍ତ୍ତମାନ ଏଘରକୁ ଆସି ଯାଇଥାଏ । ଏହିପରି ଭାବରେ ଘଟଣାମାନ ଘଟିବାରେ ଲାଗେ । କୌଣସି ପ୍ରକାର ଧଡ଼ପଡ଼ ନହୋଇ ଯଦି ତୁମେ ନିଦରୁ ଉଠି ଯାଇପାର, ତେବେ ତୁମେ ସେଗୁଡ଼ିକୁ ବେଶ୍ ମନେ କରି ପାରିବ । ମାତ୍ର ଏଇଟି ଆମ ପ୍ରାଣିକ ଅଂଶଟିର ସବୁଯାକ କାହାଣୀକୁ ଚେତନାର କେତେ ପଛକୁ, କେତେ ନା କେତେ ଦୂରକୁ ଠେଲି ଦେଇ ସାରିଥାଏ । ସେଗୁଡ଼ିକ କୁଆଡ଼େ ଭୁଲିହୋଇ ଯାଇଥାନ୍ତି ଏବଂ ତେଣୁ ତୁମେ ତୁମର ସ୍ୱପ୍ନଗୁଡ଼ିକୁ ଆଉ ଆଦୌ ମନେ କରି ପାର ନାହିଁ । ମାତ୍ର, ଯଦି

'oaob.nitrkl.ac.in' images reprocessed

ଭାଙ୍ଗି ଉଠିବା ସମୟରେ ଯଦି ତୁମେ କୌଣସି ପ୍ରକାରେ ତରତର ନହୁଅ, ସଙ୍ଗେ ସଙ୍ଗେ ବିଛଣାରୁ ଉଠି ପଡ଼ିବା ଲାଗି ଯଦି କୌଣସି ବାଧ୍ୟବାଧକତା ନଥାଏ, ଓଲଟି, ଯେତେ ସମୟ ଖୁସୀ, ବିଛଣାରେ ସେତେ ସମୟ ଯାଏ ରହିବା ଲାଗି ଯଦି ତୁମର କୌଣସି ବାଧା ନଥାଏ, ତେବେ ତୁମେ ଆଖି ବୁଜି ବି ବେଶ୍ ଆଉ କିଛି ସମୟ ସକାଳେ ବିଛଣାରେ ପଡ଼ି ରହିପାରିବ । ତୁମର ମୁଣ୍ଡ ଯେଉଁଠି ରହିଥିଲା, ତାକୁ ତୁମେ ଠିକ୍ ସେଇଠି ରଖିବ, ନିଜ ଭିତରେ ଆପଣାକୁ ସଚେତଅବା ଏକ ଶାନ୍ତ ଦର୍ପଣରେ ପରିଣତ କରି ଆଣିବ ଏବଂ ସେଇଠି ଆପଣାକୁ ସଂକେନ୍ଦ୍ରିତ କରି ଆଣିବ । ତେବେ ନିଜ ସ୍ୱପ୍ନର ଲାଞ୍ଜଟିରୁ ଏକ କ୍ଷୁଦ୍ର ଅଗ୍ରଭାଗ ଆସି ତୁମ ହାତରେ ବାଜିଗଲା ପରି ମନେହେବ । ସେଇଟିକୁ ହାତରେ ଧରି ତୁମେ ଧୀରେ ଧୀରେ ଲାଞ୍ଜଟିକୁ ନିଜ ଆଡ଼କୁ ଟାଣି ଆଣିବ, ଆଦୌ କୌଣସି ହଲଚଲ୍ ହେବ ନାହିଁ । ତାପରେ ତାହାର ଗୋଟିଏ ଭାଗ ଆସି ତୁମ ପାଖରେ ପହଞ୍ଚିଯିବ, କିଛି ସମୟ ପରେ ଆଉ ଗୋଟିଏ ଭାଗ ଆସି ପହଞ୍ଚିବ । ତୁମେ ପ୍ରକୃତରେ ପଛକୁ ପଛକୁ ଯାଉଥିବ; ସବାଶେଷ ଭାଗଟି ସବାଆଗ ଆସିବ । ସବୁକିଛି ଯେପରି ଧୀରେ ଧୀରେ ପଶ୍ଚାଦ୍‌ଗତ ହେବାରେ ଲାଗିଥିବ ଏବଂ ଥିବ ଥିବ, ହଠାତ୍ ତୁମର ସମୁଦାୟ ସ୍ୱପ୍ନଟି ମନେ ପଡ଼ିଯିବ : "ଆରେ,—ମୁଁ ତ ଠିକ୍ ଏହି ସ୍ୱପ୍ନଟିକୁ ବର୍ତ୍ତମାନ ଦେଖିଥିଲି !" ସବୁଠାରୁ ବଡ଼ କଥା ହେଉଛି, ତୁମେ କଦାପି ଡେଇଁ ପଡ଼ିବ ନାହିଁ, ହଲଚଲ ହେବ ନାହିଁ; ବେଶ୍ ଏକାଧିକ ବାର ତୁମେ ସ୍ୱପ୍ନଟିକୁ ନିଜ ପାଇଁ ପୁନରାବୃତ୍ତି କରି ଦେଖିବାକୁ ପାଇବ,—ଥରେ ଦେଖିବ, ଦୁଇଥର ଦେଖିବ—ଶେଷକୁ ତାହା ସମ୍ପୂର୍ଣ୍ଣ ଭାବରେ ସବୁଯାକ ଟିକିନିଖି ସହିତ ଗୋଟାସୁଦ୍ଧା ସ୍ପଷ୍ଟ ହୋଇଆସିବ । ସେହି ସ୍ୱପ୍ନଟିକୁ ଦେଖି ସାରିବା ପରେ ମଧ୍ୟ ତୁମେ ହଲଚଲ୍ ହେବ ନାହିଁ, ଆହୁରି ଭିତରକୁ ଯିବାକୁ ଚେଷ୍ଟା କରିବ, ଏବଂ ଥିବ ଥିବ, ହଠାତ୍ ତୁମ ହାତରେ ଆଉ ଅନ୍ୟ ଗୋଟାଏ କିଛିର ଲାଞ୍ଜ ଆସି ବାଜିଯିବ । ତାହା ଅଧିକ ଦୂରବର୍ତ୍ତୀ ହୋଇ ରହିଥିବ, ଅଧିକ ଅସ୍ପଷ୍ଟ ହୋଇ ରହିଥିବ, ମାତ୍ର ତୁମେ ତଥାପି ସେଇଟିକୁ ମଧ୍ୟ ବେଶ୍ ଧରିପାରିବ । ଏବଂ ବର୍ତ୍ତମାନ ମଧ୍ୟ ତୁମକୁ ଠିକ୍ ଆଗ ପରି ସେହି ଲାଞ୍ଜଟିକୁ ହାତରେ ଧରି ଟାଣିବାକୁ ପଡ଼ିବ । ତୁମେ ଦେଖିବ ଯେ ସବୁ କଥା ହଠାତ୍ ବଦଳିଯିବାରେ ଲାଗିବ ଏବଂ ତୁମେ ଆଉ ଗୋଟିଏ ପୃଥିବୀରେ ଯାଇ ପ୍ରବେଶ କରିବ; ହଠାତ୍ ତୁମେ ସଚେତଅବା ଏକ ଅସାଧାରଣ ଦୁଃସାହସିକତା ମଧ୍ୟରେ ଯାଇ ପ୍ରବିଷ୍ଟ ହୋଇଯିବ,—ତୁମେ ଆଉ ଗୋଟିଏ ସ୍ୱପ୍ନ ଭିତରେ ଯାଇ ପ୍ରବେଶ କରିଥିବ । ତୁମକୁ ଠିକ୍ ସେହି ପୂର୍ବର ପ୍ରକ୍ରିୟାଟିକୁ ଅନୁସରଣ କରିବାକୁ ପଡ଼ିବ । ତୁମେ ଥରକ ପାଇଁ, ଦ୍ୱିତୀୟ ଥର ପାଇଁ ନିଜ ଲାଗି ସ୍ୱପ୍ନଟିର ପୁନରାବୃତ୍ତି କରିବ,—ପରିଶେଷରେ ସେଇଟି ସ୍ମୃତିରେ ପୂର୍ଣ୍ଣ ନିଶ୍ଚିତ ହୋଇଯିବ । ଏହି ସବୁଯାକ ସମୟ ତୁମେ ଅତ୍ୟନ୍ତ ସ୍ଥିର ହୋଇ ରହିଥିବ ।

'oaob.nitrkl.ac.in' images reprocessed

ତା'ପରେ ତୁମେ ନିଜ ଭିତରେ ଆହୁରି ଅଧିକ ଗଭୀର ସ୍ତରରେ ଭେଦିବାକୁ ଆରମ୍ଭ କରିବ; ସତେ ଯେପରି ଭିତରକୁ ଅନେକ ଦୂରକୁ ଯାଉଛ, ଠିକ୍ ସେହିପରି,—ସତେ ଯେପରି ଅନେକ ଦୂରକୁ ଯାଉଛ । ଏବଂ ତୁମେ ପୁନର୍ବାର ଏକ ଅସ୍ପଷ୍ଟ ଆକାର ଦେଖିବାକୁ ପାଇବ,—ତୁମର ଗୋଟାଏ ଅନୁଭବ ପରି କିଛି ହେବ, କିଛି ଗୋଟାଏ ବୋଧ ବି ହେବାକୁ ଲାଗିବ······ସତେଯେପରି ଦମ୍କାଏ ପବନ ପଶି ଆସିଲା, ଫୁଲ୍‌ଫୁଲ୍ ହୋଇ ପବନ ବୋହିଗଲା, ସାନ ନିଃଶ୍ୱାସଟିଏ ଆସି ବାଜିଗଲା, ଠିକ୍ ସେହିପରି । ଏବଂ ତୁମେ କହିବାକୁ ଆରମ୍ଭ କରିବ, "ହଁ, ହଁ, ଦେଖିଲି···" । ତା'ପରେ ତାହା ଏକ ଆକାର ଗ୍ରହଣ କରିବ, ସ୍ପଷ୍ଟ ହୋଇ ଆସିବ—ଏବଂ ବୃତ୍ତାନ୍ତ ପ୍ରକରଣଟି ଆସି ଉପସ୍ଥିତ ହେବ । ଏସବୁ ସକାଶେ ତୁମ ପାଖରେ ଅନେକ ସମୟ ରହିଥିବା ଦରକାର, ଅନେକ ଧୈର୍ଯ୍ୟ ରହିଥିବା ଦରକାର, ମନ ଓ ଶରୀରରେ ତୁମକୁ ଅତ୍ୟନ୍ତ ଶାନ୍ତ ହୋଇପାରିବା ଦରକାର, ହଁ, ଅନେକ ଶାନ୍ତ ଓ ସ୍ଥିର ହୋଇ ରହିଥିବା ଦରକାର । ଏବଂ ତା'ହେଲେ ଶେଷରୁ ମୂଳଯାଏ ତୁମେ ତୁମ ସମସ୍ତ ରାତିଟିର ସ୍ୱପ୍ନକାହାଣୀଗୁଡ଼ିକୁ ଗୋଟିଗୋଟି କରି କହିଦେଇ ପାରିବ ।

ଏହି କସରତଟି ପ୍ରକୃତରେ ଅନେକ ସମୟ ଲାଗିବ ଓ କରିବା ଭାରି କଷ୍ଟକର ହେବ; ତୁମେ ଦେଖିଥିବା ସର୍ବଶେଷ ସ୍ୱପ୍ନଟି ହେଉ ଅଥବା ମଝିରେ ଦେଖିଥିବା ସ୍ୱପ୍ନ ହେଉ, ଯାହାକି ତୁମର ସତ୍ତା ଉପରେ ଏକ ଗଭୀର ଛାପ ପକାଇଦେଇ ଯାଇଥିବ; ସେଭଳି କୌଣସି କସରତ ନକରି ମଧ୍ୟ ଯଦି ତୁମେ ସେଇଟିକୁ ମନେ ପକାଇବା ଲାଗି ଇଚ୍ଛା କରିବ, ତେବେ ନିଦ ଭାଙ୍ଗି ଆସିବା ପରେ ଯାହା କରିବା ଉଚିତ ବୋଲି ମୁଁ କହୁଛି, ତୁମକୁ ଅବଶ୍ୟ ସେହି କଥା କରିବାକୁ ପଡ଼ିବ : ତକିଆ ଉପରେ ମଧ୍ୟ ମୁଣ୍ଡଟି ଯେପରି ଏପାଖ ସେପାଖ ନହେବ, ସେଥିଲାଗି ତୁମେ ଅତ୍ୟନ୍ତ ଯତ୍ନଶୀଳ ହୋଇ ରହିଥିବ, ସମ୍ପୂର୍ଣ୍ଣ ସ୍ଥିର ହୋଇ ପଡ଼ି ରହିବାକୁ ପଡ଼ିବ ଏବଂ ସ୍ୱପ୍ନଟିକୁ ଲେଉଟି ଆସିବା ଲାଗି ବାଟ ଛାଡ଼ିଦେବାକୁ ପଡ଼ିବ ।

ଗୋଟିଏ ଅବସ୍ଥା ଓ ଆଉ ଗୋଟିଏ ଅବସ୍ଥା ମଧ୍ୟରେ କେତେକ ଲୋକଙ୍କର ଆଦୌ କୌଣସି ମଧ୍ୟମାର୍ଗ ନଥାଏ । କେବଳ ଏକ ଟିକିଏ ଫାଙ୍କ ରହିଥାଏ ଏବଂ ତେଣୁ ସେମାନେ ସତେଅବା ଏକ ଲମ୍ଫ ଦେଇ ଗୋଟିଏ ଅବସ୍ଥାରୁ ଆଉ ଗୋଟିଏ ଅବସ୍ଥା ମଧ୍ୟରେ ପ୍ରବେଶ କରିଥାନ୍ତି । ସେମାନଙ୍କ ସତ୍ତାର ବିଭିନ୍ନ ଅବସ୍ଥା ଦେଇ କୌଣସି ପ୍ରକାର ମାର୍ଗ ଅତିକ୍ରମ କରି ଯାଇ ନଥାଏ, ଚେତନାରେ ମଧ୍ୟ କୌଣସି ବିଶ୍ରାମ ବା ବିରତି ନଥାଏ । କେବଳ ଏକ ଛିଦ୍ର, ତମସାଚ୍ଛନ୍ନ ରନ୍ଧ୍ରଟିଏ ରହିଥାଏ, ଏବଂ ସେଇଟି ତୁମର ଆଦୌ ସ୍ମରଣ ନଥାଏ । ଏହି କ୍ଷେତ୍ରରେ ଯେପରି ଏକ ଅତିକାୟ ପ୍ରସ୍ତରଖଣ୍ଡ ଠିଆହୋଇ ରହିଥାଏ, ଯାହା ଉପରେ କି ଆପଣାର ଚେତନାକୁ ଡିଆଁଇ ନେବାକୁ ହୁଏ । ତା' ଉପରେ ସେତୁଟିଏ ନିର୍ମାଣ କରି

'oaob.nitrkl.ac.in' images reprocessed

ପାରିବା ଅନେକ ସମସ୍ୟାସାପେକ୍ଷ ହୋଇ ରହିଥାଏ, ଭୌତିକ ଜଗତରେ ପ୍ରକୃତରେ ଗୋଟିଏ ସେତୁ ତିଆରି କରିବା ଲାଗି ଯେତେ ସମୟ ଲାଗିଥାଏ, ଏଥିପାଇଁ ତା' ଅପେକ୍ଷା ଅଧିକ ସମୟ ଲାଗେ···। ଖୁବ୍ ଅଳ୍ପସଂଖ୍ୟକ ଲୋକ ଏପରି ଏକ ସେତୁ ନିର୍ମିତ କରି ରଖିବାକୁ ଇଚ୍ଛା କରନ୍ତି, ତା'ର ଉପାଦେୟତିକୁ ବି ଜାଣିଥାନ୍ତି । ସେମାନେ ହୁଏତ ଭବ୍ୟ କେତେ ପ୍ରକାର କ୍ରିୟାକଳାପରେ ବ୍ୟାପୃତ ଥାନ୍ତି, ମାତ୍ର ସେଗୁଡ଼ିକୁ ସେମାନେ ଆଦୌ ମନେରଖି ପାରନ୍ତି ନାହିଁ; ଅଥବା ବେଳେ ବେଳେ କେବଳ ଶେଷଭାଗଟିକୁହିଁ ମନେ ରଖିଥାନ୍ତି, ଯେଉଁଟି ସବୁଠାରୁ ଅଧିକ ନିକଟବର୍ତ୍ତୀ ହୋଇ ରହିଥାଏ; ସବୁଠାରୁ ଅଧିକ ଭୌତିକ ସ୍ତରର କ୍ରିୟାଗୁଡ଼ିକୁ ମନେ ରଖି ପାରନ୍ତି । ମାତ୍ର ସେଥିଭିତରେ କୌଣସି ସମନ୍ୱିତ ଗତିଶୀଳତା କେବେହେଲେ ନଥାଏ,—ସେହି ସ୍ୱପ୍ନଗୁଡ଼ିକର ଆଦୌ କୌଣସି ଅର୍ଥ ନଥାଏ ।

ଯେମିତି ଆମର ଦିନ ଓ ଆମର କ୍ରିୟାକଳାପଗୁଡ଼ିକର ନାନା ବିଭିନ୍ନ ପ୍ରକାର ରହିଛି, ଠିକ୍ ସେହିପରି ଆମ ରାତିଗୁଡ଼ିକର ଓ ନିଦ୍ରାର ମଧ୍ୟ ସର୍ବଦା ବିଭିନ୍ନ ପ୍ରକାର ରହିଛି । ଆମ ଜୀବନରେ ଏକାଭଳିଆ ଦିନ ଆଦୌ ଅଧିକ ସଂଖ୍ୟାରେ ଆସେ ନାହିଁ, ପ୍ରତ୍ୟେକଟି ଦିନ ଆଉଗୋଟିଏଠାରୁ ଅଲଗା ପ୍ରକାରର ହୋଇ ରହିଥାଏ । ଦିନଗୁଡ଼ିକ ଏକାଭଳି ଆସେ ନାହିଁ, ରାତିଗୁଡ଼ିକ ମଧ୍ୟ ଏକାଭଳି ଆସେ ନାହିଁ । ତୁମେ ଓ ତୁମର ବନ୍ଧୁମାନେ ବାହାରୁ ଦେଖିବାକୁ ହୁଏତ ସେହି ଗୋଟିଏ କାମ କରୁଥାଅ, ମାତ୍ର ପ୍ରତ୍ୟେକଙ୍କ ଲାଗି ସେହି କାମଟି ପ୍ରକୃତରେ ଅଲଗା ହୋଇ ରହିଥାଏ । ଏବଂ ପ୍ରତ୍ୟେକ ବ୍ୟକ୍ତିକୁ ଅନିବାର୍ଯ୍ୟ ଭାବରେ ତା' ନିଜ ରୀତିରେହିଁ ଅଗ୍ରସର ହେବାକୁ ହୋଇଥାଏ ।

## ଦୁଇଟା ସ୍ୱପ୍ନ କେବେହେଲେ ଏକାଭଳି ହୁଏ ନାହିଁ କାହିଁକି ?

କାରଣ ସବୁ କଥା ପରସ୍ପରଠାରୁ ଭିନ୍ନ ପ୍ରକାରର ହୋଇ ରହିଥାଏ । ଏହି ବିଶ୍ୱଜଗତରେ ଦୁଇଟି ମିନିଟ୍ ମଧ୍ୟ ଏକାଭଳି ଆସେ ନାହିଁ ଏବଂ ବିଶ୍ୱଜଗତର ଅବସାନ ହୋଇଯିବା ପର୍ଯ୍ୟନ୍ତ ମଧ୍ୟ ତାହା ଠିକ୍ ଏହିପରି ହୋଇ ରହିଥିବ; ଦୁଇଟି ମିନିଟ୍ କେବେହେଲେ ଏକାଭଳି ହୋଇ ଅସିବେ ନାହିଁ । ଏବଂ ଲୋକମାନେ ତଥାପି ବଡ଼ ଅନମନୀୟ ଭାବରେ ନିୟମମାନ କରି ରଖିବାକୁ ଇଚ୍ଛା କରୁଥାନ୍ତି । ସେମାନେ କହନ୍ତି, ପ୍ରତ୍ୟେକକୁ ଏପରି କରିବାକୁ ହେବ ଓ ସେପରି କରିବାକୁ ହେବ ନାହିଁ । ······ଅବଶ୍ୟ ଏକଥା ବି ସତ ଯେ ଆମକୁ ପ୍ରତ୍ୟେକ ବ୍ୟକ୍ତିକୁ ସେପରି କରି ସନ୍ତୋଷଲାଭ କରିବା ସକାଶେ ଅବଶ୍ୟ ଛାଡ଼ି ଦେବାକୁ ହେବ ।

ତୁମେ ମୋତେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ଏହି ପ୍ରଶ୍ନଟି ବି ପଚାରି ପାରିଥାନ୍ତ, "ମୋତେ ଆଜି କାହିଁକି ଚଉଦବର୍ଷ ବୟସ ହେଲା" ବୋଲି ପଚାରି ପାରିଥାନ୍ତ ।

'oaob.nitrkl.ac.in' images reprocessed

ବୁଦ୍ଧିମାନ୍ ଲୋକମାନେ ଉତ୍ତର ଦେଇ କହିବେ, "କାରଣ ତୁମେ ଜନ୍ମ ହେବା ପରେ ଆଜିଠାରୁ ଚଉଦବର୍ଷ ପୂରିଲା ।" ଯିଏ ନିଜକୁ ଭାରି ବୁଦ୍ଧିଆ ବୋଲି ଭାବେ, ହୁଏତ ସେହିପରି ଜଣେ ମନୀଷୀ ତୁମକୁ ଏହି ଉତ୍ତରଟି ଦେବ । ମାତ୍ର ଏହି ପ୍ରଶ୍ନଟିର ଆଉ ଗୋଟିଏ ବି ଉତ୍ତର ରହିଛି । ସେଇଟି ମୁଁ ତୁମକୁ ଏକୁଟିଆ କହିବି ··· ତୁମକୁ ମୁଁ ଆଜିଯାଏ ବେଶ୍ ଉତ୍ତମ ଭାବରେ ବୁଡ଼ାଇ ବୁଡ଼ାଇ ଆଣିଲିଣି ! ଏଥର ତୁମମାନଙ୍କୁ ପହଁରି ଶିଖିବା ଆରମ୍ଭ କରିବାକୁ ପଡ଼ିବ !

**ଯଦି ଜଣେ ବସ୍ତୁଗୁଡ଼ିକର ସତ୍ୟକୁ ଜାଣିବାକୁ ପାଏ, ତେବେ ସେ ଭଗବାନଙ୍କୁ ମଧ୍ୟ ଜାଣିବାକୁ ପାଇଲା ବୋଲି କୁହାଯାଇ ପାରିବ କି ?**

ନିଶ୍ଚୟ କୁହାଯାଇ ପାରିବ । ଗୋଟିଏ ପଦାର୍ଥ ଯାହାକିଛି ହୋଇଥାଉ ନା କାହିଁକି, ତାହାର ସତ୍ୟଟିକୁ ଜାଣିବା ଲାଗି ସେଇ ହେଉଛି ଏକମାତ୍ର ଉପାୟ । ଏପରି କୌଣସି ପଦାର୍ଥ ନାହିଁ, ଯାହାକି ଆପଣା ଭିତରେ ଏକ ଶାଶ୍ୱତ ସତ୍ୟକୁ ମଧ୍ୟ ବହନ ନକରୁଛି, ତା' ନହେଲେ ସେହି ପଦାର୍ଥଟି କଦାପି ତିଷ୍ଠି ପାରନ୍ତା ନାହିଁ । ବିଶ୍ୱଜଗତ ମଧ୍ୟରେ ଏକ ସତ୍ୟ ନିହିତ ହୋଇ ରହି ନଥିଲେ ଏହି ଜଗତ ଗୋଟିଏ ସେକେଣ୍ଡର ହଜାରେ ଭାଗରୁ ଭାଗେ ସମୟ ଲାଗି ମଧ୍ୟ କଦାପି ତିଷ୍ଠି ରହି ପାରନ୍ତା ନାହିଁ ।

**ଯଦି ଜଣେ ଭଗବାନଙ୍କ ସହିତ ସମ୍ପର୍କ ସ୍ଥାପନ କରି ପାରିଲା, ତେବେ ତାହାର ଫଳସ୍ୱରୂପ କ'ଣ ସବୁ ଘଟିବ ?**

ପ୍ରତ୍ୟେକ ବ୍ୟକ୍ତି ଲାଗି ଏହି ଫଳ ଅଲଗା ଅଲଗା ପ୍ରକାରର ହେବ । କାରଣ ଆମେ ଏକ ବସ୍ତୁସତ୍ୟର ସମକ୍ଷରେହିଁ ବିଦ୍ୟମାନ ରହିଛୁ : ଆମ ଆଗରେ ଗୋଟିଏ ବିଶ୍ୱଜଗତ ରହିଛି, ଅନ୍ତତଃ ଏହି ପୃଥିବୀଟି ରହିଛି,—ସେଇଟି ବିଷୟରେ ଆମେ ପ୍ରାୟ ଗୋଟାପୁରା ନିଶ୍ଚିତ ହୋଇ ରହିଛୁ । ତୁମେ ଏହି କଥାଟିକୁ ଅସ୍ୱୀକାର କରି ପାରିବ ନାହିଁ, ନୁହେଁ କି ?······ ଏପରି ଗୋଟିଏ ପୃଥିବୀ କାହିଁକି ରହିଛି, ତୁମେ ସେକଥା କେବେ ନିଜକୁ ପଚାରିଛ କି ? ନା—ପଚାରି ନାହଁ ! ସମ୍ଭବତଃ ନପଚାରିବାହିଁ ବେଶ୍ ବିଜ୍ଞତାର କାର୍ଯ୍ୟ ହୋଇଛି । ଏକଦା ମୋର ପରିଚିତ ସେହି ଗୁପ୍ତବିଦ୍ୟାକାମୀଙ୍କ କଥା ମୁଁ ଦିନେ ତୁମମାନଙ୍କୁ କହୁଥିଲି । ତାଙ୍କ ନିଜ ଦୃଷ୍ଟିରୁ

'oaob.nitrkl.ac.in' images reprocessed

ସିଏ ଅବଶ୍ୟ ଜଣେ ବଙ୍କ ବ୍ୟକ୍ତି ଥିଲେ । ଲୋକେ ତାଙ୍କ ପାଖକୁ ଆସୁଥିଲେ ଓ ପଚାରୁଥିଲେ

ସର୍ବପ୍ରଥମ କଥା ହେଉଛି, ବିଶ୍ୱଜଗତ ବୋଲି ଗୋଟାଏ ଜିନିଷ କାହିଁକି ରହିଛି ? ଉତ୍ତର : ସେଥିରେ ତୁମର କ'ଣ ଗଲା ?

ଦ୍ୱିତୀୟରେ, ବିଶ୍ୱଜଗତ ଯେପରି ଭାବରେ ଅଛି, ତାହା ସେପରି କାହିଁକି ରହିଛି ? ଉତ୍ତର ସେଥିରେ ତୁମର କ'ଣ ହୋଇଯାଉଛି ?

ତୃତୀୟତଃ, ବିଶ୍ୱଜଗତ ଯେପରି ଅଛି, ସେଇଟା ମୋତେ ଆଦୌ ସନ୍ତୋଷଜନକ ବୋଲି ବୋଧ ହେଉ ନାହିଁ ।

ଭାରି ଭଲ କଥା । ଏହା ଦ୍ୱାରା ଆମେ ବାସ୍ତବ ସ୍ଥିତିଟିକୁ ସ୍ପର୍ଶ କରିବାକୁ ଆରମ୍ଭ କରୁଛୁ । ଯେଉଁମାନଙ୍କୁ ଏହି ବିଶ୍ୱଜଗତ ମୋଟେ ସନ୍ତୋଷଜନକ ବୋଲି ବୋଧ ହେଉ ନାହିଁ, ମୁଁ ସେମାନଙ୍କୁ କହିବି ଏହି କ୍ଷେତ୍ରରେ କେବଳ ଗୋଟିଏ କଥା କରିବାକୁ ଅଛି,—ଯଦି ତୁମେ ଏହାକୁ ସନ୍ତୋଷଜନକ ବୋଲି ନଭାବୁଛ, ତେବେ ଏହାର ପରିବର୍ତ୍ତନ କରିବା ଲାଗି ଚେଷ୍ଟା କର । ପୃଥିବୀ ଯେପରି ଅନ୍ୟ ପ୍ରକାର ହୋଇପାରିବ ଓ ଅଧିକ ଭଲ ହୋଇପାରିବ, ସେଥିଲାଗି ଏକ ଉପାୟ ବାହାର କର । ବସ୍ତୁଗୁଡ଼ିକ ଯେପରି ରହିଛି, ଠିକ୍ ସେହିପରିହିଁ ରହିଛି । ସେପରି କାହିଁକି ରହିଛି ? ···ଜଣେ ହୁଏତ ଏହାର କାରଣ ଜାଣିବାକୁ ସମର୍ଥ ହୋଇପାରେ, —ମାତ୍ର ସେକଥା ନିଶ୍ଚୟ କରି କହି ହେବ ନାହିଁ । ସେ ଯାହାହେଉ ପଛକେ, ସ୍ଥିତିଗୁଡ଼ିକ ସେହିପରି ହୋଇ ରହିଛନ୍ତି । ସବୁଠାରୁ ଅଧିକ ଉଲ୍ଲେଖଯୋଗ୍ୟ କଥା ହେଉଛି ଯେ ଯଦି ତୁମେ ନିସ୍ତାର ସହିତ ଭାବି ପାରିବ, ତେବେ ସ୍ଥିତିଗୁଡ଼ିକ କାହିଁକି ଓ କିପରି ଏଭଳି ହୋଇ ରହିଛନ୍ତି, ସେକଥା ତୁମେ ନିଶ୍ଚୟ ଜାଣିପାରିବ । ଏଗୁଡ଼ିକର କାରଣ, ଉତ୍ପତ୍ତି ଏବଂ ପ୍ରକ୍ରିୟାଟିକୁ ଜାଣିବାକୁ ପାଇବ । କାରଣ, ଏହି ତନୋଟିଯାକ ହେଉଛି ସେଇ ଗୋଟିଏ କଥା । ପ୍ରଥମେ ଯାହାକୁ ଆମେ ପରମସତ୍ୟ ବୋଲି କହୁଛୁ, ସେଇଟି ରହିଛି, ସକଳ ବସ୍ତୁର ଭିତ୍ତି ହୋଇ ରହିଛି; କାରଣ, ଯଦି ସେଇଟି ନଥାନ୍ତା, ତେବେ କୋଉଠି କିଛିହେଲେ ନଥାନ୍ତା । ଏହି ପରମସତ୍ୟର ସନ୍ଧାନ ପାଇବା ଅର୍ଥ ତୁମେ ମୂଳଟିକୁ ବି ପାଇଲ ଓ ତେଣୁ କାରଣଟିରେ ପରିବର୍ତ୍ତନ ଘଟାଇ ପାରିବାର ଉପାୟଟିକୁ ମଧ୍ୟ ପାଇଗଲ,—ସ୍ଥିତିଟି କାହିଁକି ଏପରି ହୋଇଛି, କିପରି ହୋଇଛି ଓ କେଉଁ ଉପାୟରେ ସେଇଟିକୁ ବଦଳାଇ ଦିଆଯାଇ ପାରିବ, ସବୁଗୁଡ଼ିକର ସନ୍ଧାନ ତୁମେ ପାଇଗଲ । ଯଦି ତୁମେ ଭଗବାନଙ୍କର ସ୍ପର୍ଶଲାଭ କରିଥିବ, ତେବେ ତୁମେ ସବୁକିଛି ମଧ୍ୟରେ ପ୍ରବେଶ କରିବାର ଗୁପ୍ତକାଠି ମଧ୍ୟ ପାଇ ଯାଇଥିବ । ପରିବର୍ତ୍ତନଟିର କିପରି, କାହିଁକି ତୁମର ଜଣା ହୋଇଯିବ, ପ୍ରକ୍ରିୟାଟି ମଧ୍ୟ ଜ୍ଞାତ ହୋଇଆସିବ ।

'oaob.nitrkl.ac.in' images reprocessed

ଆମକୁ କିଛି କରିବାକୁ ରହିଛି, ଆମ ଆଗରେ କିଛି କାମ ରହିଛି,—ଏହା ପ୍ରକୃତରେ କେଡ଼େ ବଡ଼ କଥା ନୁହେଁ, କେତେ ଆଗ୍ରହୋଦ୍ଦୀପକ ନୁହେଁ ! ତୁମେ ଯେଉଁ କ୍ଷୁଦ୍ର ଏକଘିଆକାର ଉପାଦାନଟିର ପ୍ରତିନିଧିତ୍ୱ କରୁଛ, ସେଇଟିହିଁ ତୁମକୁ ନିର୍ମାଣ କରି ରଖିଛି । ତାହାର ଭିତରେ ପ୍ରବେଶ କର ଓ ଗୁପ୍ତକାଠିଟିକୁ ହାତକୁ ନିଅ । କେବଳ ଭିତରକୁ ପ୍ରବେଶ କରି ସେତିକିପର୍ଯ୍ୟନ୍ତ ଯାଇ ପାରିବାକୁ ହେବ । "ସେକଥାଟି ମୋ ସାଧ୍ୟର ଅତୀତ, ମୋ ଲାଗି ଅନେକ ବଡ଼, ଅନେକ ଦୂରରେ" ବୋଲି ତୁମେ କଦାପି କହି ପାରିବ ନାହିଁ । ତୁମର ସେହି କ୍ଷୁଦ୍ର ବ୍ୟକ୍ତିସତ୍ତାଟିର ଭିତରକୁ ଯାଅ ଏବଂ ସେଠାରେ ପ୍ରବେଶ କରି ତୁମେ ଏପରି ଏକ ଗୁପ୍ତକାଠିର ସନ୍ଧାନ ପାଇବ, ଯାହାକି ସବୁ ଦୁଆର ଖୋଲିଦେଇ ପାରିବ !

## ୧୩ ମେ ୧୯୫୩

"କେତେକ ଲୋକ ଅଛନ୍ତି, ଯେଉଁମାନେ କି ଧ୍ୟାନରେ ବସିଥିବା ସମୟରେ ଏପରି ଏକ ଅବସ୍ଥାରେ ଯାଇ ପହଞ୍ଚନ୍ତି, ଯାହାକୁ କି ସେମାନେ ଭାରି ଚମତ୍କାର ଓ ଆନନ୍ଦଦାୟକ ଏକ ଅବସ୍ଥା ବୋଲି ଭାବିଥାନ୍ତି ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୧ ଏପ୍ରିଲ)

ଏଇଟି ପ୍ରକୃତରେ କେଉଁ ଅବସ୍ଥା ?

ସେହି ଅବସ୍ଥାଟି ଯାହା ହୋଇଥାଏ ପଛକେ, ସେଇଟିକୁ ସେମାନେ ଭାରି ଆନନ୍ଦଦାୟକ ଏବଂ ଚମତ୍କାର ବୋଲି ଭାବନ୍ତି । ନିଜ ବିଷୟରେ ସେମାନଙ୍କର ଭାରି ଉଚ୍ଚ ମତ ରହିଥାଏ । ସେମାନେ ନିଜକୁ ଜଣେ ଜଣେ ଭାରି ଅସାଧାରଣ ବ୍ୟକ୍ତି ବୋଲି ଭାବିଥାନ୍ତି, କାରଣ ସେମାନେ ଟିକିଏ ବି ହଲଚଲ ନହୋଇ ଶାନ୍ତ ହୋଇ ବସିପାରୁଛନ୍ତି । ଏବଂ ସେତେବେଳେ ଯଦି ସେମାନେ କୌଣସି ପ୍ରକାର ବସ୍ତୁର ଭାବନାରୁ ମୁକ୍ତ ରହି ପାରିଲେ, ତେବେ ସେଇଟାକୁ ସେମାନେ ବିଲକୁଲ ଅସାଧାରଣ ବୋଲି ମନେ କରୁଛନ୍ତି । ମାତ୍ର ପ୍ରକୃତ କଥା ହେଉଛି ଯେ ଏହି କ୍ଷେତ୍ରରେ ସେମାନଙ୍କର ମୁଣ୍ଡ ଭିତରେ ସାଧାରଣତଃ ଗୋଟାଏ ପ୍ରକାରର

'oaob.nitrkl.ac.in' images reprocessed

କାଲିଡୋସ୍କୋପ୍ ବୁଲି ବୁଲି ଯାଉଥିଲା ପରି ହେଉଥାଏ ଏବଂ ସେମାନେ ସେଇଟାକୁ ଦେଖିବାକୁ ବି ପାଆନ୍ତି ନାହିଁ । ତଥାପି, କିଛି ହଲଚଲ ନହୋଇ ଯେଉଁମାନେ ଗୋଟିଏ ମୁହୂର୍ତ୍ତି ସକାଶେ ନିଶ୍ଚଳ ରହିପାରନ୍ତି, କୌଣସି କଥା ନକହି ଓ ଭାବନା ନଭାବି ରହିପାରନ୍ତି, ସେମାନଙ୍କର ନିଜ ବିଷୟରେ ନିଶ୍ଚିତ ଭାବରେ ଏକ ଭାରି ଉଚ୍ଚମତ ରହିଥାଏ । କେବଳ ମୁଁ ଯେପରି କହୁଛି ଯଦି ସେମାନଙ୍କୁ ସେହି ଅବସ୍ଥାଟି ଭିତରୁ ବାହାରକୁ ଟାଣି ଅଣାଯାଏ, ଯଦି ସେତିକିବେଳେ କେହି ଆସି କବାଟରେ ଖଡ଼ଖଡ଼ ଶବ୍ଦ କରେ ଏବଂ "ଆପଣଙ୍କୁ କିଏ ଡାକୁଛନ୍ତି" ବା "ମାଆ, ଆପଣଙ୍କର ପିଲା କାନ୍ଦୁଛି" ବୋଲି କହେ, ତେବେ ସେମାନେ ତତ୍କ୍ଷଣାତ ଅତିଶୟ ପ୍ରଚଣ୍ଡ ହୋଇ ଉଠନ୍ତି ଓ କହନ୍ତି, "ଦେଖିଲ, ମୋ ଧ୍ୟାନଟାକୁ ତୁମେ କିପରି ଆସି ଭାଙ୍ଗିଦେଲ, ସତ୍ୟାନାଶ କରିଦେଲ !" ମୁଁ ନିଜ ଆଖିରେ ଯାହା ଦେଖିଛି, କେବଳ ସେହିସବୁ କଥାହିଁ ତୁମମାନଙ୍କୁ କହୁଛି । ଯେଉଁ ଲୋକମାନେ ଭାରି ଗମ୍ଭୀର ହୋଇ ଧ୍ୟାନରେ ବସିଥିଲେ ଏବଂ ନିଜେ ଅତିଶକ୍ତ ନିଦ୍ରା ହୋଇ ନପଡ଼ିବା ପର୍ଯ୍ୟନ୍ତ ଯେଉଁମାନଙ୍କର ଧ୍ୟାନରେ କୌଣସି ବ୍ୟାଘାତ ପଡ଼ିନଥିବାର ଆଦୌ ଆଶଙ୍କା ନଥିଲା...... । ଅତି ସ୍ୱାଭାବିକ କଥା ଯେ ଏଥିରୁ ଜଣେ ଖୁବ୍ ବେଶୀ ଆଧ୍ୟାତ୍ମିକ ଅଗ୍ରଗତି କରିପାରିଛି ବୋଲି ମୋଟେ ସୂଚନା ମିଳୁ ନାହିଁ । ଅନ୍ୟମାନେ ଆସି ସେମାନଙ୍କୁ ସେମାନଙ୍କର ଆନନ୍ଦପ୍ରଦ ଧ୍ୟାନାବସ୍ଥାରୁ ସ୍ଖଳିତ କରିଦେଲେ ବୋଲି ସେମାନେ ସେମାନଙ୍କ ଉପରେ ଗର୍ଜନତର୍ଜନ କରି ଉଠିଲେ ।

ଯେଉଁ ବ୍ୟକ୍ତିମାନଙ୍କର ଧ୍ୟାନ କରିବାର ଅଭ୍ୟାସ ରହିଛି, ସେମାନଙ୍କ ଭିତରେ ଏପରି ଲୋକ ଅଛନ୍ତି ଯେଉଁମାନେ କିପରି ଧ୍ୟାନ କରିବାକୁ ହୁଏ, ସେକଥା ଜାଣିଛନ୍ତି, ଯେଉଁମାନେ କି ଆଦୌ ଏକ ଧାରଣା ଉପରେ ଆପଣାକୁ ଏକାଗ୍ରତା କରି ରଖନ୍ତି ନାହିଁ; ସେମାନେ ନୀରବତା ମଧ୍ୟରେ, ଏକ ଅନ୍ତର୍ଗତ ଚିନ୍ତନ ମଧ୍ୟରେ ସଂକେନ୍ଦ୍ରିତ ହୋଇ ରହିଥାନ୍ତି, ଏବଂ ସେହି ଅବସ୍ଥାରେ ସେମାନେ ଏପରିକି ଭଗବାନଙ୍କ ସହିତ ଯାଇ ସଂଯୁକ୍ତ ହୋଇଥାନ୍ତି ବୋଲି କହନ୍ତି । ଏବଂ ସେମାନେ ଯାହା କହନ୍ତି, ସମ୍ପୂର୍ଣ୍ଣ ଯଥାର୍ଥରେ କହନ୍ତି । ଆଉ ଅନ୍ୟମାନେ ଅଛନ୍ତି, ଏମାନଙ୍କର ସଂଖ୍ୟା ଖୁବ୍ କମ୍,—ଯେଉଁମାନେ କି ଅତ୍ୟନ୍ତ ନିବିଡ଼ ଭାବରେ କୌଣସି ଏକ ଧାରଣା ବା ବିଚାରର ଅନୁସରଣ କରିଥାନ୍ତି ଏବଂ ତାହାର ଯଥାର୍ଥ ଅର୍ଥଟିକୁ ଆବିଷ୍କାର କରିବାକୁ ଚେଷ୍ଟା କରୁଥାନ୍ତି । ସେଇଟିକୁ ମଧ୍ୟ ମୁଁ ଠିକ୍ ବୋଲି କହିବି । ଅଧିକାଂଶ ସମୟରେ ଲୋକେ ଚିନ୍ତନ ଲାଗି ପ୍ରୟାସ କରୁଥାନ୍ତି ଏବଂ ଏକ ପ୍ରକାରର ଅର୍ଦ୍ଧସୁପ୍ତ ଓ ସର୍ବଥା ଏକ ତାମସିକ ସ୍ଥିତିରେ ଯାଇ ପ୍ରବିଷ୍ଟ ହୁଅନ୍ତି । ସେମାନେ ସତେଅବା ଏକ ନିର୍ଜୀବ ବସ୍ତୁରେ ପରିଣତ ହୋଇଯାଆନ୍ତି;—ମନ ନିର୍ଜୀବ ହୋଇ ରହିଥାଏ, ଅନୁଭୂତି ନିର୍ଜୀବ ହୋଇ ରହେ ଏବଂ ଶରୀରଟା ଅଚଳ ହୋଇ

'oaob.nitrkl.ac.in' images reprocessed

ରହିଥାଏ । ସେହିପରି ଭାବରେ ସେମାନେ ଘଣ୍ଟା ଘଣ୍ଟା ଧରି ରହିପାରନ୍ତି, କାରଣ ଜଡ଼ତାର ଏହି ଅବସ୍ଥାଟିର ତୁଳନାରେ ଅଧିକ ସ୍ଥାୟୀ ଅବସ୍ଥା ପ୍ରକୃତରେ ଆଉ କ'ଣ ଅଛି ? ବର୍ତ୍ତମାନ ତୁମମାନଙ୍କୁ ମୁଁ ଯାହା କିଛି କହୁଛି, ମୁଁ ଭେଟିଥିବା ଅନେକ ବ୍ୟକ୍ତିଙ୍କର ନାନା ଅଭିଜ୍ଞତାରୁହିଁ ତାହା କହୁଛି । ଏବଂ ଏହି ବ୍ୟକ୍ତିମାନେ ଯେତେବେଳେ ଧ୍ୟାନ ଭିତରୁ ବାହାରକୁ ଆସନ୍ତି, ସେମାନେ ସତେଅବା ଗୋଟାଏ ବଡ଼ କ'ଣ କରି ପକାଇଲେ ବୋଲି ଅତ୍ୟନ୍ତ ନିଷ୍ଠାର ସହିତ ବିଶ୍ୱାସ କରିଥାନ୍ତି । ମାତ୍ର ବସ୍ତୁତଃ ସେମାନେ କେବଳ ଏକ ଜଡ଼ତା ଏବଂ ଅଚେତନା ମଧ୍ୟକୁହିଁ ଖସି ଯାଇଥାନ୍ତି । ଧ୍ୟାନ କରି ଜାଣିଥିବା ବ୍ୟକ୍ତି ଜଗତରେ ଭାରି କମ୍ ସଂଖ୍ୟାରେ ଅଛନ୍ତି । ପୁନଶ୍ଚ, ଅନେକ ଶୃଙ୍ଖଳା ଏବଂ ବର୍ଷବର୍ଷର ପ୍ରୟାସ ଫଳରେ ତୁମେ ଯେ ଆପଣାର ଧ୍ୟାନରେ ଭଗବତ୍ ପରମସାନ୍ନିଧ୍ୟ ସହିତ ଏକ ସଚେତନ ସମ୍ବନ୍ଧ ସ୍ଥାପନ କରିବାରେ ସଫଳତା ଅର୍ଜନ କରିପାରିଛ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହାକୁ ମଧ୍ୟ ଏକ ବଡ଼ ଫଳଲାଭ ବୋଲି କୁହାଯାଇ ପାରିବ ଏବଂ ତୁମର ଚରିତ୍ର ଉପରେ ଓ ଜୀବନକ୍ଷେତ୍ରରେ ମଧ୍ୟ ଏହି ଫଳଲାଭଟିର ନିଶ୍ଚୟ ଏକ ପ୍ରଭାବ ପଡ଼ିବ । ମାତ୍ର ଏହି ପ୍ରଭାବଟି ବ୍ୟକ୍ତିବିଶେଷ ଅନୁସାରେ ଭିନ୍ନ ଭିନ୍ନ ହେବାକୁ ବାଧ୍ୟ ହେବ । ଏପରି କେତେକ ଦୃଷ୍ଟାନ୍ତ ରହିଛି, ଯେଉଁଠି କି ସଂପୃକ୍ତ ବ୍ୟକ୍ତିଟି ଏତେ ମୌଳିକ ଭାବରେ ନିଜ ଭିତରେ ଦୁଇ ଭାଗ ହୋଇ ରହିଥିବ ଯେ, ଧ୍ୟାନସ୍ଥ ହେବା ସମୟରେ ଏହି ଲୋକମାନେ ଭଗବାନଙ୍କର ସଂସ୍ପର୍ଶ ମଧ୍ୟରେ ପ୍ରବିଷ୍ଟ ହୋଇ ପାରୁଥିଲେ ମଧ୍ୟ ଓ ଏକାତ୍ମକ ହୋଇ ରହିବାର ଏହି ସର୍ବୋଚ୍ଚ ପ୍ରସାଦକୁ ଲାଭ କରୁଥିଲେ ମଧ୍ୟ, ସେମାନେ ଯେତେବେଳେ ଏହି ଅବସ୍ଥାଟି ମଧ୍ୟରୁ ବାହାରକୁ ବାହାରି ଆସିବେ ଏବଂ ଆପଣାର ସାଧାରଣ ଜୀବନଟିକୁ ବଞ୍ଚିବାକୁ ଆରମ୍ଭ କରିବେ, ଯେତେବେଳେ ସେମାନେ ଏହି ସାଧାରଣ ସଂସାରରେ ଜୀବନଯାପନ କରିବାକୁ ଆସିବେ ଓ କର୍ମ କରିବେ, ସେତେବେଳେ ସେମାନେ ଅତ୍ୟନ୍ତ ସାଧାରଣ ମଣିଷଙ୍କ ପରି ହୋଇ ରହିଥିବେ ଏବଂ ଏପରିକି ବେଳେବେଳେ ଅତ୍ୟନ୍ତ ଅଭଦ୍ର ଓ ଅଶୋଧିତ ପ୍ରତିକ୍ରିୟାମାନ ଦେଖାଇବାରେ ଲାଗିଥିବେ । ବସ୍ତୁତଃ, ମୁଁ ଏପରି କେତେକ ଲୋକଙ୍କୁ ଜାଣିଛି, ଯେଉଁମାନେ କି ଧ୍ୟାନରୁ ବାହାରି ସଂପୂର୍ଣ୍ଣ ଭାବରେ ଅତି ସାଧାରଣ ମଣିଷଙ୍କ ସ୍ତରକୁ ଖସି ଆସନ୍ତି, ଏବଂ ସେତେବେଳେ, ଉଦାହରଣସ୍ୱରୂପ, ସେମାନେ ଏପରିସବୁ କାର୍ଯ୍ୟ କରିବସନ୍ତି, ଯାହାକି ଜଣେ ମନୁଷ୍ୟର ଆଦୌ କରିବା ଉଚିତ ନୁହେଁ । ସେମାନେ ହୁଏତ ଅନ୍ୟମାନଙ୍କ ବିଷୟରେ ନାନା ଚର୍ଚ୍ଚାରେ ସମୟ ଅତିବାହିତ କରିଦିଅନ୍ତି, କେବଳ ନିଜ ବିଷୟରେହିଁ ଭାବିବାରେ ଲାଗିଥାନ୍ତି, ସବୁପ୍ରକାରର ସ୍ୱାର୍ଥକେନ୍ଦ୍ରିତ ପ୍ରତିକ୍ରିୟାଗୁଡ଼ିକୁହିଁ ପ୍ରଶ୍ରୟ ଦେଇଥାନ୍ତି ଏବଂ ଆପଣାର କ୍ଷୁଦ୍ର ବ୍ୟକ୍ତିଟି ତୁଷ୍ଟ ଲାଗିହିଁ ଅପଣା ଜୀବନର ବ୍ୟବସ୍ଥା କରିବାକୁ ମନ କରୁଥାନ୍ତି ।

'oaob.nitrkl.ac.in' images reprocessed

ଅନ୍ୟମାନଙ୍କ ବିଷୟରେ ସେମାନେ ଆଦୌ କିଛିହେଲେ ଭାବନ୍ତି ନାହିଁ, କାହାରି ଲାଗି କିଛି କରନ୍ତି ନାହିଁ, ସେମାନଙ୍କ ମନରେ କୌଣସି ଉଦାର ଭାବନା ଲାଗି କୌଣସି ସ୍ଥାନ ନଥାଏ । କିନ୍ତୁ ତଥାପି, ଧ୍ୟାନସ୍ଥ ହୋଇ ବସିଥିବା ସମୟରେ ସେମାନେ ଠିକ୍ ଏହି ସଂସ୍ପର୍ଶଟିକୁହିଁ ଲାଭ କରି ପାରିଥିଲେ । ତେଣୁ, ଶରୀର ସହିତ ଯେଉଁ ବାହ୍ୟ ପ୍ରକୃତିଟିକୁ ଆମେ ଏକାଠି ବହନ କରିବାକୁ ବାଧ୍ୟ ହେଉଛୁ, ସେଇଟିକୁ ବଦଳାଇ ପାରିବା ଯେ କେଡ଼େ କଷ୍ଟକର, ଆପଣାର ଏହି ସୋପାନର ସୀମାଗୁଡ଼ିକୁ ଅତିକ୍ରମ କରିଯିବା ଯେ ପ୍ରକୃତରେ କେଡ଼େ ଆୟାସସାଧ୍ୟ, ନିଜର ଗତିବୃତ୍ତିଗୁଡ଼ିକୁ ବଦଳାଇ ପାରିବା କେଡ଼େ କଷ୍ଟର କଥା ବୋଲି ଯେଉଁ ଲୋକମାନେ ଜାଣି ପାରିଥାନ୍ତି, ସେମାନେ କହନ୍ତି, "ନା—ଏହା ଆଦୌ ସମ୍ଭବ ନୁହେଁ; ଏଦିଗରେ ଚେଷ୍ଟା କରିବାରେ ମଧ୍ୟ କୌଣସି ଲାଭ ନାହିଁ । ଏହି ସଂସାରକୁ ଆସି ତୁମକୁ ମାଟିର ଗୋଟାଏ ଶରୀର ନେଇ ଆସିବାକୁ ହୋଇଛି, ତେଣୁ ଏହି ଦେହଟିକୁ ଖସିଯିବାକୁ ଦେଇ, ପୃଥିବୀ ଯେପରି ରହିଛି, ତାକୁ ସେହିପରି ରହିବାକୁ ଦେଇ ଏଠାରୁ ଚାଲିଯିବା ଲାଗି ପ୍ରସ୍ତୁତ ହେବା ବ୍ୟତୀତ ଏଠାରେ ଆଉ କୌଣସି ଉପାୟ ନାହିଁ । ଏବଂ ଆମର ଏକମାତ୍ର କାର୍ଯ୍ୟ ହେଉଛି ଯେ ଆମେ ଯେତେ ଶୀଘ୍ର ପାରିବା, ସେତେ ଶୀଘ୍ର ଏଠୁ ଅନ୍ୟତ୍ର ଦଉଡ଼ି ପଳାଇଯିବା । ଏବଂ ଯଦି ସମସ୍ତେ ଏହିପରି ଭାବରେ ପଳାଇ ଯାଇ ପାରିବେ, ତେବେ ଗୋଟାଏ ପୃଥିବୀ ବୋଲି ଆଉ କିଛି ହେଲେ ରହିବ ନାହିଁ ଏବଂ ତେଣୁ ଆଉ କୌଣସି ଦୁଃଖ ବି ରହିବ ନାହିଁ ।" ଏଇଟିକୁ ଅବଶ୍ୟ ନ୍ୟାୟସଙ୍ଗତ ବୋଲି କୁହାଯିବ । ଯଦି ସେମାନଙ୍କୁ ଏପରି କୁହାଯିବ : "ମାତ୍ର ତୁମେ ଯାହା କରିବ ବୋଲି ପ୍ରସ୍ତାବ କରୁଛ, ସମ୍ଭବତଃ ସେଇଟା ଭାରି ସ୍ୱାର୍ଥପର; ନିଜେ ଏଠୁ ଖସି ଚାଲିଯିବାକୁ ଏବଂ ଅନ୍ୟମାନଙ୍କୁ ଏଇଠି ଛଟପଟ ହେବା ଲାଗି ଛାଡ଼ିଯିବାକୁ କହିଲାବେଳେ ତୁମେ କେବଳ ନିଜର କଥାଟିହିଁ ଭାବୁଛ, ନୁହେଁ କି ?"—ତେବେ ସେମାନେ ଉତ୍ତର ଦେଇ କହିବେ, "ମୁଁ ଯେପରି କରିବି ବୋଲି ଠିକ୍ କରୁଛି, ସେମାନେ ମଧ୍ୟ ସେହିପରି ନକରିବେ କାହିଁକି । ମୁଁ ଯାହା କରୁଛି, ଯଦି ସେମାନେ ସେହିପରି କରିବେ, ତେବେ ସେମାନେ ମଧ୍ୟ ଏଠୁ ବାହାରି ଚାଲିଯିବେ, ତାପରେ ଆଉ ସଂସାର ବୋଲି କିଛି ନଥିବ, ଦୁଃଖଭୋଗ ବୋଲି କିଛି ନଥିବ ।" ଏହି ପୃଥିବୀର ନିର୍ମାଣ ହେଲାବେଳେ ଯେଉଁମାନେ ଏଥିରେ କୌଣସି ଅଂଶ ଗ୍ରହଣ କରି ନଥିଲେ, ସତେଯେପରି ସେହିଭଳି କେତେଜଣ ବ୍ୟକ୍ତିଙ୍କ ଇଚ୍ଛା ଉପରେହିଁ ଏହି କଥାଟି ନିର୍ଭର କରି ରହିଛି ! ତେଣୁ ଏସବୁ ବନ୍ଦ ହୋଇଯିବ ବୋଲି ସେମାନେ ଆଶା କରୁଛନ୍ତି କିପରି ? ଅନ୍ତତଃ, ଯଦି ସେମାନେହିଁ ସଂସାରଟିକୁ ସୃଷ୍ଟି କରିଥାନ୍ତେ, ତେବେ ତାହା କିପରି ତିଆରି ହୋଇଛି, ସେମାନେ ସେକଥା ଜାଣି ପାରନ୍ତେ ଏବଂ ତାହାକୁ ଓଲଟାଇ ଦେବାକୁ ଚେଷ୍ଟା କରିପାରନ୍ତେ (ଜଣେ କରିଥିବା

'oaob.nitrkl.ac.in' images reprocessed

କାର୍ଯ୍ୟଟିକୁ ଓଲଟାଇ ଦେବା ଯେ ମୋଟେ ସହଜ ନୁହେଁ, ଆମେ ସେକଥାଟିକୁ ମଧ୍ୟ ମନେରଖିବା ।); ମାତ୍ର ସେମାନେ ତ ଏହି ସଂସାରକୁ ତିଆରି କରି ନାହାନ୍ତି, ସଂସାର କିପରି ତିଆରି ହୋଇଛି, ସେମାନେ ସେକଥାଟିକୁ ମଧ୍ୟ ଜାଣି ନାହାନ୍ତି ଏବଂ ବର୍ତ୍ତମାନ ସେମାନେ ଏଇଟିକୁ ବଦଳାଇ ଦେବାକୁ ଇଚ୍ଛା କରିବାକୁ ମଧ୍ୟ ଭାବି ପାରୁଛନ୍ତି, କାରଣ ସେମାନେ କଳ୍ପନା କରୁଛନ୍ତି ଯେ ସେମାନେ ନିଜେ ଏହି ସଂସାରକୁ ଛାଡ଼ି ଆଉ କେଉଁଠାକୁ ପଳାଇଯାଇ ପାରିବେ ।… …ଏଇଟା କେବେ ସମ୍ଭବ ହେବ ବୋଲି ମୁଁ ଆଦୌ ଭାବିପାରୁ ନାହିଁ । ଜଣେ ଚେଷ୍ଟାକଲେ ମଧ୍ୟ କଦାପି ଏଠାରୁ ପଳାଇଯାଇ ପାରିବ ନାହିଁ । ଅବଶ୍ୟ ସେଇଟା ହେଉଛି ଆଉ ଗୋଟିଏ ବିଷୟ । ସିଏ ଯାହାହେଉ ପଛକେ, ମୁଁ କେବଳ ମୋ ଅଭିଜ୍ଞତାଟି କଥାହିଁ କହିବି (ଏହି ଅଭିଜ୍ଞତା ବେଶ୍ ଏକ ଦୀର୍ଘ ଅଭିଜ୍ଞତା, କାରଣ ଗତ ପ୍ରାୟ ତେପନ ବର୍ଷ ହେଲା ମୁଁ ଲୋକମାନଙ୍କ ସହିତ ସମ୍ପର୍କରେ ରହିଛି, ସେମାନଙ୍କର ଯୋଗ ସାଧନା ଓ ଅନ୍ତର୍ଗତ ପ୍ରୟାସଗୁଡ଼ିକୁ ନେଇ କାର୍ଯ୍ୟ କରୁଛି; ମୁଁ ଏଠି ଅନେକ ଦେଖିଛି, ସେଠି ମଧ୍ୟ ଅନେକ ଦେଖିଛି, ପୃଥିବୀର ସର୍ବତ୍ର କିଛି ନା କିଛି ଦେଖିଛି ।); ମୁଁ କଦାପି ବିଶ୍ୱାସ କରିପାରୁ ନାହିଁ ଯେ ତୁମେ ଧ୍ୟାନ ଦ୍ୱାରା ଆପଣାକୁ ବଦଳାଇ ଦେଇପାରିବ । ବରଂ ଏହି କ୍ଷେତ୍ରରେ ଠିକ୍ ଓଲଟା କଥାଟି ଘଟିବ ବୋଲି ମୋର ସମ୍ପୂର୍ଣ୍ଣ ପ୍ରତ୍ୟୟ ରହିଛି ।

ତୁମର ଯାହାକିଛି କରିବାକୁ ଅଛି,—ତାହା ଯାହା ହୋଇଥାଉ ପଛକେ, ଯାହାକିଛି କାର୍ଯ୍ୟ ହୋଇଥାଉ ପଛକେ,—ସେହି କାର୍ଯ୍ୟଟିକୁ କଲାବେଳେ ଯଦି ତୁମେ ଭଗବାନଙ୍କୁ କେବେହେଲେ ଭୁଲି ନଯିବାକୁ ସର୍ବଦା ମନେ ରଖିଥାଅ, ତୁମର ସକଳ କାର୍ଯ୍ୟକୁ ତାଙ୍କର ପାଖରେ ନେଇ ସମର୍ପଣ କରିଦେବାକୁ ଏବଂ ସିଏ ଯେପରି ତୁମର ଯାବତୀୟ ପ୍ରତିକ୍ରିୟାରେ ଏକ ପରିବର୍ତ୍ତନ ଆଣିପାରିବେ, ସେଥିଲାଗି ଆପଣାକୁ ତାଙ୍କର ହାତରେ ଉତ୍ସର୍ଗ କରିଦେବାକୁ ଚେଷ୍ଟା କରୁଥାଅ, ତେବେ ସେହିପରି ଭାବରେହିଁ ତୁମେ ଅଗ୍ରଗତି କରିପାରିବ । କେବଳ ତୁମେ ଯେ ସ୍ୱୟଂ ଅଗ୍ରଗତି କରିବ ତା’ ନୁହେଁ, ସାଧାରଣ ଅଗ୍ରଗତିଟିରେ ମଧ୍ୟ ତୁମେ ଯଥେଷ୍ଟ ପରିମାଣରେ ସାହାଯ୍ୟ କରିପାରିବ । ମୁଁ ଏପରି ଲୋକ କେବେହେଲେ ଦେଖି ନାହିଁ, ଯେଉଁମାନେ କି ଅଳ୍ପ ଅଥବା ବହୁତ ପରିମାଣରେ ନିର୍ମୁକ୍ତ ହୋଇ ରହିଥିବା ଏକ ଚନ୍ଦ୍ରନରେ ଯାଇ ବସି ପାରିବାକୁ ପ୍ରକୃତରେ ସବୁକିଛି ଛାଡ଼ି ଯାଇ ପାରିଛନ୍ତି (ବସ୍ତୁତଃ ସେହି ଚନ୍ଦ୍ରନଟା ମଧ୍ୟ ଅଳ୍ପ ବା ବହୁତ ପରିମାଣରେ ପ୍ରାୟ ଫୋପଲା ହୋଇ ରହିଥାଏ); ଏଭଳି ଲୋକେ କେବେ କୌଣସି ଅଗ୍ରଗତି କରିଥିବାର ମୁଁ କେବେହେଲେ ଜାଣି ନାହିଁ, ଅଥବା, ଅନ୍ତତଃ ଯେତିକି ଅଗ୍ରଗତି କରିପାରିଛନ୍ତି ତାହା ନିଶ୍ଚିତ ଭାବରେ ବଡ଼ ସ୍ୱଳ୍ପ ଓ ନଗଣ୍ୟ ହୋଇ ରହିଛି । ଅନ୍ୟ ପକ୍ଷରେ ମୁଁ ଏପରି ଅନେକ ଲୋକଙ୍କୁ ଦେଖିଛି, ଯେଉଁମାନେ

'oaob.nitrkl.ac.in' images reprocessed

କ ଯୋଗସାଧନା କରୁଛନ୍ତି ବୋଲି ଆଦୌ କୌଣସି ଛଳନା ବା ପ୍ରଦର୍ଶନ କରନ୍ତି ନାହିଁ, ପାର୍ଥିବ ରୂପାନ୍ତର ଏବଂ ଏହି ପୃଥିବୀ ଉପରେ ଭଗବାନଙ୍କର ଅବତରଣର କଳ୍ପନାଟି ଦ୍ୱାରା ଉତ୍ସାହରେ ପରିପୂର୍ଣ୍ଣ ହୋଇ ରହିଥାନ୍ତି ଏବଂ ହୃଦୟରେ ସେହି ଉତ୍ସାହଟିକୁ ଧାରଣ କରି ରଖି ଆପଣା କାର୍ଯ୍ୟର କ୍ଷୁଦ୍ରାଂଶଟିକୁ କରିବାରେ ଲାଗିଥା'ନ୍ତି; ସେହି କାର୍ଯ୍ୟରେହିଁ ସେମାନେ ନିଜକୁ ପୂର୍ଣ୍ଣଭାବରେ ସମର୍ପଣ କରିଦେଇଥାନ୍ତି, ଭିତରେ କୌଣସି ପ୍ରକାରର କୁଣ୍ଠା ରଖି ନଥାନ୍ତି, ବ୍ୟକ୍ତିଗତ ମୁକ୍ତିଲାଭ କରିବାର କୌଣସି ସ୍ୱାର୍ଥପର ଭାବନା ବି ସେମାନଙ୍କ ମଧ୍ୟରେ ନଥାଏ । ମୁଁ ଏହିମାନଙ୍କୁ ଅତ୍ୟନ୍ତ ଗୌରବମୟ ଭାବରେ ଅଗ୍ରସର ହୋଇଯିବାର ଦେଖିଛି, ତାହାକୁ ପ୍ରକୃତରେହିଁ ଗୌରବମୟ ବୋଲି କହିବାକୁ ପଡ଼ିବ । ଏବେ ବେଳେ ବେଳେ ସେମାନେ ବଡ଼ ଅଦ୍ଭୁତ ସାମର୍ଥ୍ୟର ପରିଚୟ ଦେଇଛନ୍ତି । ମୁଁ ସନ୍ନ୍ୟାସୀ-ମାନଙ୍କୁ ଦେଖିଛି, ଯେଉଁମାନେ ମଠମାନଙ୍କରେ ନିର୍ଭୋଳ ହୋଇ ରହନ୍ତି ଏବଂ ଯେଉଁମାନେ ଆପଣାକୁ ଜଣେ ଜଣେ ଯୋଗୀ ବୋଲି କହୁଥାନ୍ତି, ମୁଁ ସେମାନଙ୍କୁ ବି ଦେଖିଛି; ମୁଁ ସ୍ପଷ୍ଟ ଭାବରେ କହିଦେଇ ପାରିବି ଯେ ପ୍ରଥମୋକ୍ତ ସେହି ଜଣକ ବଦଳରେ ମୁଁ କଦାପି ଏମାନଙ୍କ ମଧ୍ୟରୁ ଡଜନେ ଲୋକଙ୍କୁ ମଧ୍ୟ ଆଣିବାକୁ ଇଚ୍ଛା କରିବି ନାହିଁ (ପାର୍ଥିବ ରୂପାନ୍ତରର ଏବଂ ବିଶ୍ୱପ୍ରଗତି ଦୃଷ୍ଟିରୁ ମୁଁ ଏହି କଥାଟି କହୁଛି; ଅର୍ଥାତ୍, ଆମେ ପ୍ରକୃତରେ ଯାହା କରିବାକୁ ଇଚ୍ଛା କରୁଛୁ, ବର୍ତ୍ତମାନ ଏହି ପୃଥିବୀ ଯେପରି ହୋଇ ରହିଛି, ସିଏ ଯେପରି ଆଉ କଦାପି ସେପରି ହୋଇ ରହିବ ନାହିଁ ଏବଂ ଭଗବତ୍ ପରମଇଚ୍ଛା ଓ ଭଗବତ୍ ପରମଚେତନାର ଯଥାର୍ଥରେ ଏକ ନିମିତ୍ତ ଓ ସାଧନ ହୋଇ ରହିବ ବୋଲି ଆମେ ଯେପରି ପ୍ରୟାସ କରୁଛୁ, ମୁଁ ସେହି ଦୃଷ୍ଟିରୁ ଏପରି କହୁଛି) । ପୃଥିବୀରୁ ପଳାଇଯାଇ ତୁମେ ପୃଥିବୀକୁ କଦାପି ବଦଳାଇ ପାରିବ ନାହିଁ । ତୁମକୁ ସେହି ପୃଥିବୀରେହିଁ କାର୍ଯ୍ୟ କରିବାକୁ ହେବ, ଅତ୍ୟନ୍ତ ନମ୍ର ଏବଂ ବିନୀତ ଭାବରେ କାର୍ଯ୍ୟ କରିବାକୁ ହେବ, ମାତ୍ର ତେଣେ ହୃଦୟ ଭିତରେ ଏକ ଅଗ୍ନି ଦପଦପ ହୋଇ ଜଳୁଥିବ, ସତେଅବା ଅର୍ଘ୍ୟରୂପେ ସମର୍ପିତ ହୋଇ ରହିଥିବା ଏକ ସାମଗ୍ରୀ ପରି ଦପଦପ ହୋଇ ଜଳୁଥିବ । ତାହାରି ଦ୍ୱାରାହିଁ ଏହି ପୃଥିବୀରେ ପରିବର୍ତ୍ତନ ସମ୍ଭବ ହେବ ।

### ତେବେ, ଧ୍ୟାନ କରିବାରେ କ'ଣ କୌଣସି ଲାଭ ହେବ ନାହିଁ ?

ନାହିଁ, ଏବଂ ଜୀବନରେ ଯୋଉ ପରିମାଣରେ ଧ୍ୟାନର ଆବଶ୍ୟକତା ରହିଛି, ତାହା ସ୍ୱତଃସ୍ଫୁର୍ତ୍ତ ଭାବରେ ଆସିବ । ଥିବ ଥିବ, ହଠାତ୍ ତୁମକୁ ଏପରି କ'ଣ ଏକ ସାମଗ୍ରୀ ଆସି ସମାବିଷ୍ଟ କରି ଧରିବ, ଯାହାଫଳରେ କି ତୁମେ ସ୍ଥିର ହୋଇଯିବ,

'oaob.nitrkl.ac.in' images reprocessed

କୌଣସି ଏକ ଭାବନା ବା କୌଣସି ମନୋଭୂମିଗତ ସ୍ଥିତର ଦୃଷ୍ଟିଟି ମଧ୍ୟରେ ତୁମକୁ ସଂକେନ୍ଦ୍ରିତ କରି ଦେଇପରିବ । ତାହାହିଁ ତୁମକୁ ଗୋଟାସୁଦ୍ଧା ଅଧିକାର କରିନେବ । ତୁମେ ସେତେବେଳେ କୌଣସି ପ୍ରତିରୋଧ କରିବ ନାହିଁ । ତେବେ ତୁମେ ଆବଶ୍ୟକ ଅଗ୍ରଗତିଟିକୁ ସମ୍ଭବ କରି ପାରିବ । ଏହିଭଳି ଏକ ମୁହୂର୍ତ୍ତରେ ତୁମେ ଯଥାର୍ଥରେ ଦେଖିବାକୁ ପାଇବ, ଯଥାର୍ଥରେ ବୁଝିବାକୁ ସମର୍ଥ ହେବ; ଏବଂ ତା'ପରେ ପରବର୍ତ୍ତୀ ମୁହୂର୍ତ୍ତିଟିରେ ତୁମରି ମଧ୍ୟରେ ଉପଲବ୍ଧ ହୋଇଥିବା ସେହି ସମ୍ପଦଟିକୁ ସାଥିରେ ଧରି ତୁମେ ପୁନର୍ବାର ନିଜର କାର୍ଯ୍ୟ ଆରମ୍ଭ କରିଦେବ, ମାତ୍ର ତେଣେ କୌଣସି ପ୍ରକାରର ଛଳନା କରୁ ନଥିବ । ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଘଣ୍ଟାଏ ବସିପଡ଼ି ଧ୍ୟାନ କରି ପାରୁଛନ୍ତି ବୋଲି ଆପଣାକୁ ଭାରି ଅସାଧାରଣ ବୋଲି ମନେ କରୁଛନ୍ତି । ଏହିଭଳି ଲୋକମାନଙ୍କୁହିଁ ମୋର ସବୁଠାରୁ ଅଧିକ ଭୟ । ଏହିଟାହିଁ ପ୍ରକୃତରେ ସବୁଠାରୁ ଅଧିକ ବିପଜ୍ଜନକ, କାରଣ ସେମାନେ ଏହିପରି ଭାବରେ ଏତେଦୂର ଶୂନ୍ୟଗର୍ଭ ହୋଇପଡ଼ନ୍ତି ଏବଂ ଏକ ଦମ୍ଭ ଓ ଆତ୍ମସନ୍ତୋଷରେ ଏଭଳି ପୂର୍ଣ୍ଣ ହୋଇ ରହିଥାନ୍ତି ଯେ ସେମାନେ ଏହି ସ୍ଥିତରେ ଅଗ୍ରଗତିର ସକଳ ଦ୍ୱାରକୁ ବନ୍ଦ କରି ରଖିଦିଅନ୍ତି । ··· ଗୋଟିଏ କଥା ସବୁବେଳେ କୁହାହୋଇ ଆସିଛି, ମାତ୍ର ସମସ୍ତେ ତାହାକୁ କେବଳ ଭୁଲହିଁ ବୁଝିଛନ୍ତି;—ସେଇଟି ହେଉଛି ବିନମ୍ରର ଆବଶ୍ୟକତା । ଏହାକୁ ବଡ଼ ଭୁଲ ଭାବରେ ଗ୍ରହଣ କରାଯାଏ, ଭୁଲ ଅର୍ଥରେ ବୁଝାଯାଏ ଏବଂ ଭୁଲ ଭାବରେ ବ୍ୟବହାର ମଧ୍ୟ କରାଯାଏ । ଯଦି ତୁମେ ଉଚିତ ରୀତିରେ ବିନୀତ ହୋଇ ପାରୁଛ, ତେବେ ନିଶ୍ଚୟ ବିନୀତ ହୁଅ; ଅସଲ କଥା ହେଉଛି, ଅନୁଚିତ ମାର୍ଗରେ କଦାପି ବିନୀତ ହେବାକୁ ଚେଷ୍ଟା କର ନାହିଁ, କାରଣ ସେପରି କରି ତୁମେ ଆଦୌ କୋଉଠି ହେଲେ ପହଞ୍ଚି ପାରିବ ନାହିଁ । ମାତ୍ର ଗୋଟିଏ କଥା ଅବଶ୍ୟ ମନେ ରଖିଥିବ : ବୃଥା ଗର୍ବ ବୋଲି କୁହା ଯାଉଥିବା ଏହି ବାଳୁଙ୍ଗାଗଛଟିକୁ ଯଦି ତୁମେ ନିଜ ଭିତରୁ ଉପାଡ଼ି ଫିଙ୍ଗିଦେଇ ପାରିବ, ତେବେ ତୁମେ ପ୍ରକୃତରେ କିଛି କରିପାରିଲ ବୋଲି ନିଶ୍ଚୟ କୁହାଯାଇ ପାରିବ । ମାତ୍ର ସେଇଟି କରିବା ଯେ କେତେ କଷ୍ଟକର, ସେକଥାଟି ମଧ୍ୟ ଜାଣିଥିବା ଉଚିତ । ଯଦି ତୁମ ଭିତରେ କେବଳ ବୃଥାଗର୍ବଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ଏକ ଆତ୍ମ-ସନ୍ତୋଷହିଁ ଥାଏ, ତେବେ ତୁମେ କଦାପି ଗୋଟିଏ କାର୍ଯ୍ୟକୁ ଭଲ ଭାବରେ କରି ପାରିବ ନାହିଁ, କଦାପି ଏକ ଉତ୍ତମ ବିଚାରକୁ ହୃଦୟରେ ପୋଷଣ କରି ପାରିବ ନାହିଁ, କଦାପି ଯଥୋଚିତ ଭାବରେ କୌଣସି କାର୍ଯ୍ୟରେ ଅଗ୍ରସର ହୋଇ ପାରିବ ନାହିଁ, ଭିତରେ ମିଛଟାରେ ଫୁଲେଇ ନହୋଇ (ଏପରିକି ତୁମର ଅଜାଣତରେ ମଧ୍ୟ) କଦାପି ଏତେଟିକିଏ ବି ଆଗକୁ ଯାଇ ପାରିବ ନାହିଁ । ଏବଂ ସେତେବେଳେ ସେଇଟିକୁ ଭାଙ୍ଗି ଦେବା ଲାଗି ତୁମକୁ କଠୋର ଭାବରେ ପିଟିବା ଲାଗି

'oaob.nitrkl.ac.in' images reprocessed

ବାଧ୍ୟ ହେବାକୁ ପଡ଼ିବ । ତଥାପି ଭଙ୍ଗା ଖଣ୍ଡଗୁଡ଼ାକ ତୁମ ଭିତରେ ରହିଯିବ ଏବଂ ସେଗୁଡ଼ାକ ପୁନର୍ବାର କଅଁଳ ଉଠିବାକୁ ଲାଗିବ । ତେଣୁ ଏଥିଲାଗି ଜୀବନସାରା ପ୍ରୟାସ କରିବାକୁ ପଡ଼ିବ, ଏବଂ ବାରବାର ଚେର ଧରି ଘାତକ ହୋଇ ମାଡ଼ି ଯାଉଥିବା ଏହି ବାଲୁଙ୍ଗାଗଛଟିକୁ ଉପାଡ଼ି ଫିଙ୍ଗିଦେବାକୁ କଦାପି ଭୁଲି ଯିବ ନାହିଁ; କାରଣ ତୁମେ ହୁଏତ ବିଶ୍ୱାସ କରୁଥିବ ଯେ ଏଇଟି ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇ ଗଲାଣି, ମାତ୍ର ସେଇଟିର ମୂଳ ତଥାପି ରହି ଯାଇଥିବ । ଏବଂ ତୁମେ ଅତ୍ୟନ୍ତ ବିନୟ ସହକାରେ କହିବାକୁ ଲାଗିବ : "ମୁଁ ଯେ ଏହି କାର୍ଯ୍ୟଟିକୁ ସାଧି କରିପାରିଲି, ସେକଥା ଆଦୌ ଠିକ୍ ନୁହେଁ । ମୁଁ ଭାବୁଛି, ଭଗବାନହିଁ ତାହା କଲେ । ସିଏ ନଥିଲେ ମୋର ଆଉ ପ୍ରକୃତରେ କି ସାମର୍ଥ୍ୟ ରହିଥାନ୍ତା ?" ଏବଂ ତା'ପରେ, ଠିକ୍ ପରବର୍ତ୍ତୀ ମୁହୂର୍ତ୍ତିଟିରେ କେବଳ ଏଭଳି କଥାଟିଏ ଭାବି ପାରିଲି ବୋଲି ତୁମେ ଭାରି ଆତ୍ମସନ୍ତୋଷ ଅନୁଭବ କରିବାରେ ଲାଗିଯିବ !

## ବିନୀତ ହେବାର ଉଚିତ ଓ ଅନୁଚିତ ମାର୍ଗଗୁଡ଼ିକ କ'ଣ ?

ଏଇଟି ଭାରି ସରଳ କଥା । ଯେତେବେଳେ ଲୋକମାନଙ୍କୁ "ବିନୀତ ହୁଅ" ବୋଲି କୁହାଯାଏ, ସେତେବେଳେ ତଦ୍ଦ୍ୱାରା ସେମାନେ "ଅନ୍ୟମାନଙ୍କ ଆଗରେ ବିନୀତ ହେବା" ବୋଲିହିଁ ଭାବନ୍ତି । ସେହି ବିନୟ ଏକ ଭୁଲ ବିନୟ । ଅସଲ ବିନୟ ହେଉଛି ଭଗବାନଙ୍କ ସମ୍ମୁଖରେ ବିନୟ; ତାହାର ଅର୍ଥ ହେଉଛି ଯେ ଏହା ଏପରି ଏକ ସୁନିଶ୍ଚିତ, ଯଥାର୍ଥ ଏବଂ ଜୀବନ୍ତ ଭାବ, ଯାହାକି, ଭଗବାନଙ୍କ ବ୍ୟତୀତ ମୁଁ ଆଦୌ କିଛି ନୁହେଁ, ମୁଁ ଆଦୌ କିଛି କରି ପାରିବି ନାହିଁ ଏବଂ କିଛିହେଲେ ବୁଝି ପାରିବି ନାହିଁ ବୋଲି ଅନୁଭବ କରୁଥାଏ । ତାହା ଏପରି ଅନୁଭବ କରୁଥାଏ ଯେ, ଜଣେ ଅସାଧାରଣ ଭାବରେ ବୁଦ୍ଧିମାନ୍ ଏବଂ ପାରଙ୍ଗମ ହୋଇଥିଲେ ସୁଦ୍ଧା, ଭଗବତ୍-ପରମଚେତନାର ତୁଳନାରେ ସେସବୁ ପ୍ରକୃତରେ ଆଦୌ କିଛି ନୁହେଁ । ଏବଂ ଆମ ଭିତରେ ଏହି ଭାବଟି ଅନୁକ୍ଷଣ ରହିଥିବ, କାରଣ, ତେବେଯାଇ ଆମେ ଆପଣାର ଦୃଷ୍ଟିରେ ଯଥାର୍ଥରେ ଗ୍ରହଣଶୀଳ ହୋଇ ରହିଥିବା; ତାହା ଏପରି ଏକ ବିନୟପୂର୍ଣ୍ଣ ଗ୍ରହଣଶୀଳତା ହୋଇ ରହିଥିବ ଯାହାକି ଭଗବାନଙ୍କର ବିରୋଧ କରି କୌଣସି ପ୍ରକାର ବ୍ୟକ୍ତିଗତ ଛଳନାକୁ ଉପସ୍ଥାପିତ କରିବା ଲାଗି ଆଦୌ ଇଚ୍ଛା କରୁ ନଥିବ ।

ଆପଣ କହିଛନ୍ତି : "ଆପଣାକୁ ସମର୍ପିତ କରି ରଖିବାକୁ ହେଲେ ଯାବତୀୟ ଚେଷ୍ଟାକୁ ମଧ୍ୟ ବର୍ଜନ କରି ଆସିବାକୁ ହେବ;

'oaob.nitrkl.ac.in' images reprocessed

**ମାତ୍ର ତାହାର ଅର୍ଥ ନୁହେଁ ଯେ ତୁମକୁ ଇଚ୍ଛାଦ୍ୱାରା ପ୍ରେରିତ ସକଳ କର୍ମର ପରିତ୍ୟାଗ କରିବାକୁ ପଡ଼ିବ ।"**

**ପ୍ରଶ୍ନ ଓ ଉତ୍ତର ୧୯୨୯ (୨୧ ଏପ୍ରିଲ)**

**ମାତ୍ର ଯେତେବେଳେ ଜଣେ କୌଣସି କାର୍ଯ୍ୟ କରିବାକୁ ଯାଉଛି, ସେତେବେଳେ ତ ବ୍ୟକ୍ତିଗତ ପ୍ରଚେଷ୍ଟା ରହିବହିଁ ରହିବ, ନୁହେଁ କି ? ତେବେ ଏହି ଇଚ୍ଛାଟି ପୁଣି କ'ଣ ?**

ଗୋଟିଏ ପାଖରେ ଇଚ୍ଛା ଓ ଅନ୍ୟ ପାଖରେ ଏହି ଦ୍ୱନ୍ଦ୍ୱବୋଧ ଏବଂ ଚେଷ୍ଟା,—ଦୁଇଟି ମଧ୍ୟରେ ଏକ ପ୍ରଭେଦ ଅବଶ୍ୟ ରହିଛି । ଆମେ ଚେଷ୍ଟା କଲାବେଳେ କେବଳ ନିଜ ଉପରେହିଁ ନିର୍ଭର କରୁଥିବା, କେବଳ ଆପଣାରହିଁ ସାହାଯ୍ୟ ଗ୍ରହଣ କରୁଥିବା, ଯାହାକୁ କି ବ୍ୟକ୍ତିଗତ ଚେଷ୍ଟା ବୋଲି କୁହା ଯାଇଥାଏ । ଅର୍ଥାତ୍ ଭିତରେ ଏହିପରି ଟଣାଟଣି ଓ ସଂଘର୍ଷ ଲାଗି ରହିଥିବ, ବେଳେବେଳେ ତାହା ବଡ଼ ଉତ୍କଟ ଓ ଯନ୍ତ୍ରଣାଦାୟକ ହୋଇ ପଡ଼ୁଥିବ । ତୁମେ କେବଳ ନିଜ ଉପରେ ଭରସା ରଖିଥିବ ଏବଂ ଏପରି ଅନୁଭବ କରୁଥିବ ଯେ ଯଦି ତୁମେ ପ୍ରତ୍ୟେକ ମୁହୂର୍ତ୍ତରେ ଏକ ଚେଷ୍ଟା ନକରିବ, ତେବେ ସବୁକିଛି ବ୍ୟର୍ଥ ହୋଇଯିବ । ଏହାକୁହିଁ ମୁଁ ବ୍ୟକ୍ତିଗତ ଚେଷ୍ଟା ବୋଲି କହିବି ।

ମାତ୍ର ଇଚ୍ଛା କହିଲେ ସମ୍ପୂର୍ଣ୍ଣ ଭିନ୍ନ କଥାକୁ ବୁଝାଇବ । ଆମେ ଯାହାକିଛି କରୁଛୁ, ତାହାରି ଉପରେ ଆପଣାକୁ ସକେନ୍ଦ୍ରିତ କରି ରଖିବା, ସେହି କାର୍ଯ୍ୟଟିକୁ ଯଥୋତ୍ତମ ଭାବରେ କରିବା ଏବଂ ଏଇଟି ପ୍ରକୃତରେ ସମାପ୍ତ ହୋଇଗଲା ବୋଲି ଏକ ଅତ୍ୟନ୍ତ ନିର୍ଭୁଲ ସୂଚନା ନପାଇଥିବା ପର୍ଯ୍ୟନ୍ତ କାର୍ଯ୍ୟଟିକୁ କଦାପି ବନ୍ଦ କରି ନଦେବା, —ଇଚ୍ଛା କହିଲେ ଆମେ ସେହି ସାମର୍ଥ୍ୟଟିକୁ ବୁଝିବା । ଏହି କଥାଟିକୁ ବୁଝାଇ କହିବା ପ୍ରକୃତରେ ବଡ଼ କଷ୍ଟକର । ମାତ୍ର, ଉଦାହରଣସ୍ୱରୂପ, ଅନୁମାନ କରାଯାଉ ଯେ କେତେକ ପରିସ୍ଥିତିର ଏକତ୍ର ସଂଯୋଗରେ ଗୋଟିଏ କାମ ତୁମ ହାତକୁ ଆସିଲା । ଜଣେ କଳାକାରର କଥା ବିଚାର କରାଯାଉ ସିଏକି କୌଣସି ନା କୌଣସି ପ୍ରକାରେ ଏକ ପ୍ରେରଣା ପାଇ ଗୋଟିଏ ଚିତ୍ର ଆଙ୍କିବାକୁ ସଂକଳ୍ପ କରିଛି । ସିଏ ଏକଥା ଭଲ କରି ଜାଣିଛି ଯେ ଯଦି ତା' ଭିତରେ କୌଣସି ପ୍ରେରଣା ନଥାଏ ଏବଂ ତା' ନିଜ ଶକ୍ତିର ଅତିରିକ୍ତ ଅନ୍ୟ ଶକ୍ତିଗୁଡ଼ିକ ଯଦି ତାକୁ ଅନୁପ୍ରେରିତ କରି ନରଖନ୍ତି, ତେବେ ସେ ଏହି କ୍ଷେତ୍ରରେ ଆଦୌ ଖୁବ୍ ବେଶୀ କିଛି କରି ପାରିବ ନାହିଁ । ତେବେ ସେ ଯାହା କରିବ, ତାହା ପ୍ରକୃତରେ ଗୋଟିଏ ଚିତ୍ର ବୋଲି ଦେଖା

'oaob.nitrkl.ac.in' images reprocessed

ନଯାଇ ଆବୁରୁଜାବୁରୁ ପରିହିଁ ଦେଖାଯିବ । ଏକଥାଟି ସେ ଭଲ କରି ଜାଣିଛି । ମାତ୍ର ଯେତେବେଳେ ଚିତ୍ର କରିବାଟାହିଁ ଠିକ୍ ହୋଇଯାଇଛି, ସେତେବେଳେ ଚିତ୍ରଟିକୁ ତାକୁ କରିବାକୁହିଁ ପଡ଼ିବ; ସେଥିଲାଗି ହୁଏତ ଅନେକ କାରଣ ଥାଇପାରେ, ମାତ୍ର ଚିତ୍ରଟିକୁ କରିବାକୁହିଁ ପଡ଼ିବ । ତା'ପରେ, ତା'ର ଦୃଷ୍ଟିଟି ଯଦି ଏକ ଅଭିପ୍ସୁ ଦୃଷ୍ଟି ହୋଇ ରହିଥାଏ, ତେବେ ସେ ନିଜର ତୂଳୀ ଓ ରଙ୍ଗ ପ୍ରଭୃତି ଚିତ୍ର କରିବାର ଯାବତୀୟ ସରଞ୍ଜାମକୁ ଆଣି ଯଥା ସ୍ଥାନରେ ରଖିବ, ସାମନାରେ ଆସି ବସିବ ଏବଂ ଭଗବାନଙ୍କୁ କହିବ : "ବର୍ତ୍ତମାନ ଆପଣଙ୍କୁ ଏହି ଚିତ୍ରଟି କରିବାକୁ ପଡ଼ିବ ।" ମାତ୍ର ଭଗବାନ କଦାପି ଏପରି ଭାବରେ କୌଣସି କାର୍ଯ୍ୟ କରନ୍ତି ନାହିଁ । ସ୍ୱୟଂ ଚିତ୍ରକରକୁହିଁ ସବୁକିଛି ଆଣି ରଖିବାକୁ ପଡ଼ିବ, ସଜାଡ଼ି ରଖିବାକୁ ପଡ଼ିବ, ଆପଣାର ବିଷୟଟି ଉପରେ ସଂକେନ୍ଦ୍ରିତ ହୋଇ ଆସିବାକୁ ପଡ଼ିବ, ଆକାରଗୁଡ଼ିକୁ ଆବିଷ୍କାର କରିବାକୁ ପଡ଼ିବ, ସେହି ଛବିଟିକୁ ପ୍ରକାଶ କରି ପାରିବା ଭଳି ରଙ୍ଗଗୁଡ଼ିକୁ ମଧ୍ୟ ବାଛି ନେବାକୁ ହେବ, କାର୍ଯ୍ୟଟିକୁ ଅଧିକରୁ ଅଧିକ ନୈପୁଣ୍ୟର ସହିତ କରିବା ଲାଗି ସକଳ ଇଚ୍ଛାଶକ୍ତିକୁ ନିଯୁକ୍ତ କରି ରଖିବାକୁ ହେବ । ଏହି କ୍ଷେତ୍ରରେ ତା'ର ଇଚ୍ଛାଟି ସତତ ମଜଭୁତ ରହିଥିବ । ମାତ୍ର ତାକୁ ଯେ ପ୍ରେରଣା ଲାଗି ଉନ୍ମୁକ୍ତ ହୋଇ ରହିବାକୁ ହେବ, ସେହି ବୋଧଟିକୁ ଆପଣା ଭିତରେ ବଜାୟ ରଖିବାକୁ ପଡ଼ିବ; ଟେକ୍‌ନିକ୍ ବିଷୟରେ ତା'ର ରହିଥିବା ସକଳ ଜ୍ଞାନ ସତ୍ତ୍ୱେ, ନିଜର ରଙ୍ଗକୁ, ଆକାରଗୁଡ଼ିକୁ, ଡିଜାଇନ୍‌ଟିକୁ ସଜାଡ଼ି, ସଂଗଠିତ କରି ପ୍ରସ୍ତୁତ କରି ରଖିବା ଲାଗି ତାହାର ଯାବତୀୟ ଯତ୍ନଶୀଳତା ସତ୍ତ୍ୱେ, ଏହି ସବୁଗୁଡ଼ିକ ସତ୍ତ୍ୱେ ସିଏ କଦାପି ଭୁଲି ଯିବ ନାହିଁ ଯେ, ଯଦି ତା' ଭିତରେ କୌଣସି ପ୍ରେରଣା ନଥାଏ, ତେବେ ତା'ର ଚିତ୍ରଟି ହଜାରେ ସଦୃଶ ଚିତ୍ର ମଧ୍ୟରେ କେବଳ ଗୋଟିଏହିଁ ହୋଇ ରହିବ ଏବଂ ସେଥିରେ ଆଗ୍ରହ ଜନ୍ମାଇବା ଭଳି ଆଉ ଖୁବ୍ ବେଶୀ କିଛି ରହିବ ନାହିଁ । ଏହି କଥାଟିକୁ ସେ ଆଦୌ ଭୁଲି ଯାଏ ନାହିଁ । ସିଏ ଚେଷ୍ଟା କରେ, ଦେଖିବାକୁ ଚେଷ୍ଟା କରେ, ତା'ର ଛବିଟି ଜରିଆରେ ସିଏ ପ୍ରକୃତରେ କ'ଣ ପ୍ରକାଶ କରିବାକୁ ଚାହିଁଛି ଏବଂ କିପରି ଭାବରେ ତାହା ପ୍ରକାଶ କରିପାରିବା ସମ୍ଭବ ହେବ, ସେହି କଥାଟିକୁ ସେ ଅନୁଭବ କରିବାକୁ ଚେଷ୍ଟା କରେ । ତା' ପାଖରେ ତା'ର ରଙ୍ଗସବୁ ଥାଏ, ତୂଳୀଗୁଡ଼ିକ ରହିଥାଏ, ମଡେଲ୍ ବି ଥାଏ; ଯେଉଁ ପ୍ରଥମ ଚିତ୍ରଟିକୁ ବିକଶିତ କରାଇଆଣି ସେ ପ୍ରକୃତ ଚିତ୍ରଟି ପ୍ରସ୍ତୁତ କରିଦେଇ ପାରିବ, ସେଇଟି ମଧ୍ୟ ମହଜୁଦ ରହିଥାଏ । ତା'ପରେ ସେ ଆପଣାର ପ୍ରେରଣାଟିର ଆବାହନ କରେ । ଏପରିକି, ଏଭଳି କେତେକ ଶିଳ୍ପୀ ରହିଥାନ୍ତି, ଯେଉଁମାନେ କି ସେମାନଙ୍କୁ କ'ଣ କରିବାକୁ ହେବ, ସେହି ବିଷୟରେ ଏକ ସ୍ପଷ୍ଟ ଓ ନିର୍ଭୁଲ ଦୃଷ୍ଟି ବେଶ୍ ଅର୍ଜନ କରି ନେଇଥା'ନ୍ତି । ମାତ୍ର, ତା'ପରେ, ଦିନ ପରେ

'oaob.nitrkl.ac.in' images reprocessed

ଦିନ ଓ ଘଣ୍ଟା ପରେ ଘଣ୍ଟା ସେମାନଙ୍କ ଭିତରେ କାର୍ଯ୍ୟ କରିବାର, ଅଧ୍ୟୟନ କରିବାର, ଯାହାସବୁ କରିବାକୁ ପଡ଼ିବ, ତାହାକୁ ଯତ୍ନଶୀଳ ହୋଇ କରିବାର ଏହି ଇଚ୍ଛାଟି ମଧ୍ୟ ରହିଥାଏ ଏବଂ ଏହିପରି ଭାବରେ, ସେମାନେ ସର୍ବପ୍ରଥମ ଅନୁପ୍ରେରଣାଟିକୁ ଯଥାସମ୍ଭବ ଅଧିକ ନିର୍ଦ୍ଦୋଷ ଭାବରେ ଅଭିବ୍ୟକ୍ତ କରାଇ ଆଣିଥାନ୍ତି । ···ସେହି ବ୍ୟକ୍ତିଟି ପ୍ରକୃତରେ ଭଗବାନଙ୍କ ଲାଗିହିଁ କାର୍ଯ୍ୟ କରିଛନ୍ତି, ତାଙ୍କର ସହିତ ସଂଯୁକ୍ତ ରହି କାର୍ଯ୍ୟ କରିଛନ୍ତି । ମାତ୍ର ସେହି କାର୍ଯ୍ୟଟି ଆଦୌ ଅକ୍ରିୟ ଭାବରେ କରି ଯାଇ ନାହିଁ, କେବଳ ଏକ ଅକ୍ରିୟ ସମର୍ପଣ ଦ୍ୱାରା କରି ଯାଇ ନାହିଁ; ଏକ ସକ୍ରିୟ ସମର୍ପଣ ଦ୍ୱାରା ଏହା କରାଯାଇଛି, ଏକ ଗତିସଚଳ ଇଚ୍ଛା ଦ୍ୱାରା କରାଯାଇଛି । ଏବଂ ଏଥିରେ ଯେଉଁ ଫଳଟି ମିଳେ, ତାହା ସାଧାରଣତଃ ଅତ୍ୟନ୍ତ ଭଲହିଁ ହୋଇଥାଏ । ହିଁ, ଜଣେ ଶିଳ୍ପୀଙ୍କ ବିଷୟରେ ମୁଁ ଯେଉଁ ଦୃଷ୍ଟାନ୍ତ ଦେଲି, ସେଇଟି ପ୍ରକୃତରେ ଭାରି ରୋଚକ ଦୃଷ୍ଟାନ୍ତ । କାରଣ ଯେଉଁ ଶିଳ୍ପୀ ବା ଚିତ୍ରକର ଜଣେ ପ୍ରକୃତ କଳାକାର ହୋଇଥିବ, ସିଏ ପ୍ରକୃତରେ କ'ଣ କରିବାକୁ ଯାଉଛି, ତାହା ଦେଖିବା ଲାଗି ନିଶ୍ଚୟ ସମର୍ଥ ହେବ; ଯେଉଁ ଭଗବତ୍ ପରମଶକ୍ତି ସକଳ ଅଭିବ୍ୟକ୍ତିକୁ ଅତିକ୍ରମ କରି ରହିଛନ୍ତି ଓ ଯାବତୀୟ ପ୍ରେରଣାର ପ୍ରେରକ ହୋଇ ରହିଛନ୍ତି, ଜଣେ ପ୍ରକୃତ କଳାକାର ଆପଣାକୁ ସେଇଟି ସହିତ ଗଅଁଠାଇ ଦେଇ ପାରିବାର କଳାଟିକୁ ନିଶ୍ଚୟ ଶିଖିଛି । କବି ଓ ଲେଖକ ବିଷୟରେ ମଧ୍ୟ ଆମେ ଠିକ୍ ସେହି କଥାଟିକୁ କହିପାରିବା; ଏବଂ ସବୁ ମନୀଷୀ, ଯେଉଁମାନେ କି କିଛି ନା କିଛି କରୁଛନ୍ତି, ସେମାନଙ୍କ କ୍ଷେତ୍ରରେ ମଧ୍ୟ ତାହା ଅବଶ୍ୟ ଲାଗୁ ହେବ ।

ନିଜର ପାଠ ପଢ଼ାଇବା ବିଷୟରେ ମଧ୍ୟ ଯଦି ତୁମେ ସେହି କଥାଟିକୁ ଚେଷ୍ଟା କରି ଦେଖିବ, ତେବେ ସେଥିରୁ ସଫଳତା ମିଳିବ ବୋଲି ତୁମେ କ'ଣ ଭାବୁ ନାହିଁ ?

ତା'ର ଦୁଇ ଦିନ ପରେ "ଶୁକ୍ରବାର କ୍ଲାସ୍"ରେ ମାଆ ସେହି ବିଷୟଟି ଉପରେ ପୁନର୍ବାର ଚର୍ଚ୍ଚା କରିଥିଲେ ।

ପିଲାଏ, ଯଦି ତୁମେ ମନେ ମନେ ଏପରି କହିବ, "ପୃଥିବୀରେ ଭଗବତ୍ ପରମ ଇଚ୍ଛାର ପ୍ରକାଶ ଲାଗି ଯଥାସମ୍ଭବ ଗୋଟିଏ ଗୋଟିଏ ସୁଯୋଗ୍ୟ ନିମିତ୍ତ ହୋଇ ପାରିବା ଲାଗି ଆମର ଇଚ୍ଛା ରହିଛି ।" ତେବେ ଏହି ନିମିତ୍ତଟି ଯେପରି ପରିପୂର୍ଣ୍ଣ ଭାବରେ ଯଥାର୍ଥ ହୋଇ ଗଢ଼ାହୋଇ ପାରିବ, ତେବେ ତାହାର ଅନୁଶୀଳନ କରିବାକୁ ହେବ, ନିଜକୁ ଶିକ୍ଷିତ ଓ ପ୍ରଶିକ୍ଷିତ କରି ଆଣିବାକୁ ପଡ଼ିବ । ଏହାକୁ ଆମେ କଦାପି ଏକ ଆକାରହୀନ ପ୍ରସ୍ତରଖଣ୍ଡ ପରି ପକାଇରଖି ପାରିବା ନାହିଁ ।

'oaob.nitrkl.ac.in' images reprocessed

ଯିଏ ଖଣ୍ଡେ ପଥରକୁ ନେଇ କିଛି ଗଢ଼ିବାକୁ ଇଚ୍ଛା କରେ, ସେ ତା' ଉପରେ ନିହାଣ ଲଗାଏ; କୌଣସି ଆକାର ନଥିବା ମୁଣ୍ଡାଏ ଧାତୁକୁ ଯଦି ତୁମେ ଖଣ୍ଡେ ସୁନ୍ଦର ସ୍ୱରୂପରେ ପରିଣତ କରିବାକୁ ଇଚ୍ଛା କରିବ, ତେବେ ତା' ଉପରେ ତୁମକୁ ନିହାଣ ମାରିବାକୁହିଁ ପଡ଼ିବ । ହଁ, ଏହି ସବୁଯାକ ସେହି ଗୋଟିଏ କଥା । ଏବଂ ଯେତେବେଳେ ଆପଣାର ମସ୍ତିଷ୍କ ଏବଂ ଶରୀରକୁ ଲଗାଇ ଭଗବାନଙ୍କ ସକାଶେ ତୁମେ ଏକ ସୁନ୍ଦର ନିମିତ୍ତ ତିଆରି କରିବାକୁ ଇଚ୍ଛା କରୁଥାଅ, ସେତେବେଳେ ତୁମକୁ ମଧ୍ୟ ସେଇଟିର ଅନୁଶୀଳନ କରିବାକୁ ପଡ଼ିବ, ସେଇଟିକୁ ଶାଣିତ ଓ ପରିଶୋଧିତ କରି ଆଣିବାକୁ ହେବ; ସେଥିରେ ଯାହାକିଛି ଅଭାବ ରହିଛି, ସେଗୁଡ଼ିକର ପୂରଣ କରିବାକୁ ପଡ଼ିବ; ଯାହା ରହିଛି, ତାହାକୁ ସର୍ବୋତ୍କୃଷ୍ଟ କରି ଗଢ଼ି ଆଣିବାକୁ ପଡ଼ିବ ।

ଉଦାହରଣସ୍ୱରୂପ, ତୁମେ ତୁମ କ୍ଲାସକୁ ଗଲ । ସେଦିନ ଯଦି ତୁମ ମନର ଅବସ୍ଥା ଖୁବ୍ ବେଶୀ ଭଲ ନଥାଏ, ତେବେ ତୁମେ କ୍ଲାସକୁ ଯିବାବେଳକୁ କହିଲ, "ବର୍ତ୍ତମାନ କେତେ ବିରକ୍ତିକର ସେ ଲାଗିବ, ମୁଁ କ'ଣ କହିବି !" ହୁଏତ ସେତେବେଳେ ଏପରି ଜଣେ ଅଧ୍ୟାପକଙ୍କର କ୍ଲାସ ଅଛି, ଯିଏକି ତୁମର ମନକୁ ସରସ କରି ରଖି ପାରନ୍ତି ନାହିଁ (ଜଣେ ହୁଏତ ଭଲ ଅଧ୍ୟାପକ ହୋଇପାରିବ, ମାତ୍ର ତଥାପି ତୁମ ମନକୁ ଖୁସୀ କରି ଜାଣି ନଥିବ, କାରଣ ସେଇଟା କରି ପାରିବା ସର୍ବଦା ଆଦୌ ସହଜ ନୁହେଁ......ଏମିତି ବି ଗୋଟାଏ ଗୋଟାଏ ଦିନ ଥାଏ, ଯେତେବେଳେ ବିନୋଦ କରି ଅନ୍ୟକୁ ଖୁସୀ କରାଇବାକୁ ମୋଟେ ଭଲ ଲାଗେ ନାହିଁ ।), ତେଣୁ ସେଦିନ ସ୍କୁଲରେ ନବସି ବରଂ ଆଉ କେଉଁଠାରେ ଯାଇ ରହିବାକୁ ଇଚ୍ଛା ହୁଏ । ତଥାପି, ତୁମେ କ୍ଲାସକୁ ଗଲ, ତୁମକୁ ଯିବାକୁ ହେବ ବୋଲି ତୁମେ ଗଲ; କାରଣ ନିଜର ଖିଆଲଗୁଡ଼ାକ ଅନୁସାରେ ଯଦି ତୁମେ ଯୁଆଡ଼େ ଇଚ୍ଛା ତେଣେ ଯିବାକୁ ଆରମ୍ଭ କର, ତେବେ ନିଜ ଉପରେ ତୁମର କେବେହେଲେ କୌଣସି ନିୟନ୍ତ୍ରଣହିଁ ଆସିବ ନାହିଁ; ତୁମର ଖିଆଲଗୁଡ଼ାକହିଁ ତୁମକୁ ନିୟନ୍ତ୍ରଣ କରିବାକୁ ଆରମ୍ଭ କରିବେ, ତୁମେ ନିଜେ ଆଉ ନିଜର ନିୟନ୍ତ୍ରଣ କରି ପାରିବ ନାହିଁ । ତେଣୁ ତୁମେ କ୍ଲାସକୁ ଗଲ । ମାତ୍ର ସେତେବେଳେ, କ୍ଲାସ ଭିତରକୁ ଯାଉଥିବା ବେଳେ, "ସେଠି ନିଶ୍ଚୟ ଭାରି ବିରକ୍ତିକର ଲାଗିବ; ହେ ଭଗବାନ, ବର୍ତ୍ତମାନ କେତେଗୁଡ଼ାଏ ସମୟ ମୋଟେ ଭଲ ଲାଗିବ ନାହିଁ,"—ଏପରି କହିବା ପରିବର୍ତ୍ତେ ଯଦି ତୁମେ କହିପାରିବ, "ଜୀବନରେ ଏପରି ଗୋଟିଏ ବି ମିନଟ ନାହିଁ, ଏପରି ଗୋଟିଏ ମଧ୍ୟ ପରିସ୍ଥିତି କେବେହେଲେ ଆସେ ନାହିଁ, ଯାହାକି ଆମକୁ ଆଗକୁ ଯାଇ ପାରିବାର ଏକ ସୁଯୋଗ ଆଣି ନଦିଏ; ତେବେ ଆଜି ମୁଁ ପ୍ରକୃତରେ କେଉଁ ଅଗ୍ରଗତିଟି କରିବା ଲାଗି ଯାଉଛି ? ···ମୋ ଭିତରର ସ୍ଥାନ ବ୍ୟକ୍ତିଟିକୁ

'oaob.nitrkl.ac.in' images reprocessed

ମୁଁ ଭଗବାନଙ୍କ ହାତରେ ଦେଇ ଦେଉଛି । ତାଙ୍କର ସକାଶେ ମୁଁ ଗୋଟିଏ ଉତ୍ତମ ଯନ୍ତ୍ରରୂପେ ତିଆର ହେବା ଲାଗି ଇଚ୍ଛା କରୁଛି, ଯେପରିକି ମୋର ଭିତରଦେଇ ସେ ଆପଣାକୁ ଅଭିବ୍ୟକ୍ତ କରିଦେଇ ପାରିବେ, ଯେପରିକି ମୁଁ ହିନେ ରୂପାନ୍ତରିତି ଲାଗି ପ୍ରସ୍ତୁତ ହୋଇଯାଇ ପାରିବି । ତେବେ ମୁଁ ଆଜି କ'ଣ କରିବାକୁ ଯାଉଛି ? ମୁଁ ବର୍ତ୍ତମାନ ସେହି କ୍ଲାସଟିକୁ ଯାଉଛି, ସେଠି ଏପରି ଗୋଟିଏ ବିଷୟ ପଢ଼ାହେବ, ଯେଉଁଥିରେ କି ମୋ'ର ମୋଟେ ଉତ୍ସାହ ନାହିଁ; ମାତ୍ର ମୋ କାମରେ କପରି ଯେ ଆଗ୍ରହ ଲଗାଇବାକୁ ହୁଏ, ଯଦି ମୋତେ ସେହି କଥାଟି ଜଣା ନଥାଏ, ତେବେ ସମ୍ଭବତଃ ସେପରି ହେଉଛି, କାରଣ ମୋ ଭିତରେ କିଛି ନା କିଛିର ନିଶ୍ଚୟ ଅଭାବ ରହିଛି, କାରଣ ମୋ ମସ୍ତିଷ୍କରେ କୌଣସି ନା କୌଣସି ସ୍ଥାନରେ କେତୋଟି କୋଷର ଅଭାବ ରହିଛି । ମାତ୍ର ତା'ହେଲେ, ଯଦି ତାହାହିଁ ହୋଇଥାଏ, ଆଜି ମୁଁ ସେହି ଅଭାବଟିକୁ ଖୋଜି ବାହାର କରିବାକୁ ଚେଷ୍ଟା କରିବି; ମୁଁ ଯଥୋଚିତ ଭାବରେ ସବୁ ଶୁଣିବି, ଯଥୋଚିତ ଭାବରେ ମନକୁ ଅଭିନିବିଷ୍ଟ କରି ରଖିବି, ଏବଂ ସର୍ବୋପରି, ମୋ ମୁଣ୍ଡ ଭିତରୁ ଏହି ପ୍ରକାରର ଚପଳତାଟିକୁ ବାହାର କରି ଫିଙ୍ଗିଦେବି, ମୁଁ ପ୍ରକୃତରେ ବୁଝି ନପାରୁଥିବା କୌଣସି ଜିନିଷକୁ ଶୁଣିବା ସମୟରେ ବାହାରର ଏହି ଯେଉଁ ଚିତ୍ତଗ୍ଳାନି ମୋ ଲାଗି ସେହି ଜିନିଷଟିକୁ ଏପରି ବିରକ୍ତିକର କରିପକାଉଛି, ମୁଁ ସେଇଟିକୁ ମୋ ଭିତରୁ ବାହାର କରିଆଣିବି । ମୁଁ ପ୍ରକୃତରେ କାହିଁକି ବିରକ୍ତିକର ଅନୁଭବ କରୁଛି ?······କାରଣ, ମୁଁ କୌଣସି ଅଗ୍ରଗତି କରୁ ନାହିଁ ।" ଯେତେବେଳେ ଆଗକୁ ଯିବା ବନ୍ଦ ହୋଇଯାଏ, ସେତିକିବେଳେହିଁ ସବୁ ବିରକ୍ତିକର ମନେହେବାକୁ ଲାଗେ ।—ପିଲା ଓ ବଡ଼ ସମସ୍ତଙ୍କର କ୍ଷେତ୍ରରେ ଏପରି ହୁଏ । କାରଣ ଅଗ୍ରଗତି କରିବା ଲାଗିହିଁ ଆମେ ସମସ୍ତେ ଏହି ପୃଥିବୀରେ ଜନ୍ମଗ୍ରହଣ କରିଛୁ । ଯଦି ପ୍ରତ୍ୟେକ ମୁହୂର୍ତ୍ତରେ ମଧ୍ୟ ଆମେ ଆଗକୁ ଯିବାର ସମର୍ଥ ନହେଉ, ତେବେ ପ୍ରକୃତରେ ସବୁକିଛି ବଡ଼ ବିରକ୍ତିକର ଲାଗେ, ବଡ଼ ନୀରସ ଲାଗେ । ସବୁବେଳେ ଯେ ସବୁ ଖାଲି ସୁଖକର ଲାଗିବ, ତାହାର ଆଦୌ କୌଣସି କାରଣ ନାହିଁ, ସବୁକଥା ବଢ଼ିଆ ଲାଗିବା ତ ଆହୁରି ଦୂରର କଥା । "ତେଣୁ, ଏହି କ୍ଲାସରେ ମୁଁ ପ୍ରକୃତରେ ଅଗ୍ରଗତି କରିପାରିବି, ଆଜି ମୋତେ ସେକଥା ଖୋଜି ବାହାର କରିବାକୁ ହେବ; ଏହି କ୍ଷେତ୍ରରେ ନିଶ୍ଚୟ ଏପରି କିଛି ରହିଛି, ଯାହା ମୁଁ ଜାଣି ନାହିଁ ଓ ମୁଁ ସେହି କଥାଟିକୁ ଅବଶ୍ୟ ଶିଖିପାରିବି ।"

ଶିକ୍ଷା କରିବା ଲାଗି ଯଦି ତୁମର ଇଚ୍ଛା ରହିଥାଏ, ତେବେ ତୁମେ ପ୍ରତ୍ୟେକ ମୁହୂର୍ତ୍ତରେ ଶିକ୍ଷା କରିପାରିବ । ମୋ ବିଷୟରେ କହିବାକୁ ଗଲେ, ସାନସାନ ପିଲାମାନଙ୍କର ଏଣୁତେଣୁ କଥାବାର୍ତ୍ତାସବୁ ଶୁଣି ମଧ୍ୟ ମୁଁ କେତେ କଥା ଶିଖିଛି । ପ୍ରତ୍ୟେକ ମୁହୂର୍ତ୍ତରେ ମଧ୍ୟ କିଛି ନା କିଛି ଘଟିବାର ସମ୍ଭାବନା ରହିଛି; କେହି ତୁମ

'oaob.nitrkl.ac.in' images reprocessed

ଆଗରେ କୌଣସି କଥା ଆସି କହିପାରେ, ଏପରିକି ଜଣେ ନିର୍ବୁଦ୍ଧିଆ ବୋକା ଲୋକ ମଧ୍ୟ ଏପରି ଗୋଟିଏ କ'ଣ କହି ଦେଇପାରେ, ଯାହାକି ତୁମକୁ ଏପରି ଆଉ କୌଣସି ମଧ୍ୟକୁ ଉନ୍ମୁକ୍ତ କରି ଦେଇପାରିବ ଏବଂ ତଦ୍ୱାରା ତୁମେ ଅଗ୍ରଗତି କରିବାକୁ ସମର୍ଥ ହେବ । ଏବଂ ତା'ପରେ, ଜୀବନଟା ଯେ ପ୍ରକୃତରେ କେଡ଼େ ଆଗ୍ରହୋଦ୍ଦୀପକ ହୋଇପାରେ, ଯଦି ତୁମେ ସେକଥା ଜାଣିପାରିବ, ତେବେ ତୁମେ ଆଉ କଦାପି ବିରକ୍ତିକର ଅନୁଭବ କରିବ ନାହିଁ, ସକଳ ବିରକ୍ତିକରତା କୁଆଡ଼େ ଅନ୍ତର୍ହିତ ହୋଇଯିବ, ସବୁକିଛି ଉତ୍ସାହପ୍ରଦ ମନେହେବ, ସବୁକିଛି ଅଦ୍ଭୁତ ଲାଗିବ,—କାରଣ ତୁମେ ପ୍ରତି ମୁହୂର୍ତ୍ତରେ ଶିକ୍ଷା କରୁଥିବ ଏବଂ ପଦେ ପଦେ ଅଗ୍ରଗତି କରିବାରେ ଲାଗିଥିବ । ଉଦାହରଣସ୍ୱରୂପ, ତୁମେ ଯେତେବେଳେ ରାସ୍ତାରେ ଯାଉଛ, ସେତେବେଳେ କେବଳ ରାସ୍ତାରେ ଯାଉଥିବ ଓ ତୁମେ ଯେ କ'ଣ କରୁଛ, ସେକଥା ନଜାଣିବା ପରିବର୍ତ୍ତେ ଯଦି ତୁମେ ଚାରିଆଡ଼କୁ ଅନାଇ ଦେଖିବ, ଯଦି ଦୃଷ୍ଟିପାତ କରିପାରିବ,······ମୋର ବେଶ୍ ମନେପଡ଼ୁଛି, ମୁଁ ଏହିପରି କେତେଥର କ'ଣସବୁ କିଣିବା ଲାଗି ରାସ୍ତାକୁ ଯିବାକୁ ବାଧ୍ୟ ହୋଇଥିଲି, କାହା ସହିତ ସାକ୍ଷାତ କରିବାକୁ ଯାଇଥିଲି ବା କ'ଣ ସଉଦା କରିବାକୁ ଯାଇଥିଲି;—ସେଇଟା ଆଦୌ ବଡ଼ ବା ମହତ୍ତ୍ୱପୂର୍ଣ୍ଣ କଥା ନୁହେଁ; ବଜାରକୁ ଯିବା ପ୍ରକୃତରେ ଯେ ସର୍ବଦା ଆନନ୍ଦଦାୟକ ହୋଇଥାଏ, ସେକଥା ମୋଟେ ନୁହେଁ; ମାତ୍ର ଯଦି ତୁମେ ଚତୁର୍ଦ୍ଦିଗକୁ ଦୃଷ୍ଟିପାତ କରିବାକୁ ଆରମ୍ଭ କରିବ, ଏ ଲୋକଟି କିପରି ବାଟ ଚାଲୁଛି, ସେ ଲୋକଟି କିପରି ଯାଉଛି, ଏହି ଆଲୁଅଟି କିପରି ସେହି ଜିନିଷଟି ଉପରେ କ୍ରୀଡ଼ା କରିବାରେ ଲାଗିଛି, ସେଠାରେ କୁନି ଗଛଟିଏ ଥିବାରୁ ଭୂଦୃଶ୍ୟଟି ହଠାତ୍ କେଡ଼େ ପ୍ରୀତିକର ବୋଧ ହେଉଛି, କିପରି ଶହ ଶହ କେତେ ଜିନିଷ ଚକଚକ ହେବାରେ ଲାଗିଛି,—ତୁମେ ଯଦି ଏହିଗୁଡ଼ିକୁ ଦେଖିବାରେ ଲାଗିବ, ତେବେ ତୁମେ ପ୍ରତ୍ୟେକ ମିନିଟରେ ବି କିଛି ନା କିଛି ଶିଖିପାରିବ । କେବଳ ଯେ ଶିଖିପାରିବ ତା' ନୁହେଁ, ମାତ୍ର ମୋର ବେଶ୍ ମନେଅଛି,—ଥରେ ମୁଁ ରାସ୍ତାରେ ଚାଲିଚାଲି କୁଆଡ଼େ ଗୋଟିଏ ସ୍ଥାନକୁ ଯାଉଥିଲି—ସତେଯେପରି ମୋ ଆଗରେ କ'ଣସବୁ ପ୍ରଦୀପିତ ହୋଇଉଠିଲା;—କାରଣ ମୋ ଆଗରେ ଜଣେ ସ୍ତ୍ରୀ ଲୋକ ଯାଉଥିଲେ ଏବଂ କିପରି ଚାଲିବାକୁ ହୁଏ, ସିଏ ସେଇ କଥାଟି ଯଥାର୍ଥରେ ଜାଣିଥିଲେ । କେଡ଼େ କମନୀୟ ତାଙ୍କର ଚାଲି ! ତାଙ୍କର ପାଦଗୁଡ଼ିକ ପ୍ରକୃତରେ କେଡ଼େ ଭବ୍ୟ ଭାବରେ ପଡ଼ିବାରେ ଲାଗିଥିଲା ! ମୁଁ ସେହି କଥାଟିକୁ ଦେଖିଲି ଏବଂ ତତ୍‌କ୍ଷଣାତ୍ ଗ୍ରୀକ୍ ସଂସ୍କୃତିର ସମଗ୍ର ଉଦ୍ଭବଟି ମୋ ସମକ୍ଷରେ ଏକାବେଳକେ ସ୍ପଷ୍ଟ ହୋଇ ଉଠିଲା, ଏହିସବୁ ରୂପ ପୃଥିବୀ ଆଡ଼କୁ ଅବତୀର୍ଣ୍ଣ ହୋଇଆସି କିପରି ସୌନ୍ଦର୍ଯ୍ୟର ଅଭିବ୍ୟକ୍ତି ଘଟାଇଆନ୍ତି, ସେହି ସତ୍ୟଟି ମୋ ଆଗରେ ଉଦ୍‌ଘାଟିତ ହୋଇଗଲା । ମୋ ଆଗରେ ଠିକ୍

'oaob.nitrkl.ac.in' images reprocessed

ଭାବରେ ଚାଲିଜାଣିଥିବା ଜଣେ ସ୍ତ୍ରୀ ଲୋକଙ୍କୁ ମୁଁ ଦେଖିପାରିଲି ବୋଲିହିଁ ଏହା ସମ୍ଭବ ହେଲା । ଦେଖିଲ ତ, ସବୁ କଥା କିପରି ଆଗ୍ରହୋଦ୍ଦୀପକ ହୋଇପାରେ ! ଏବଂ ସେଥିଲାଗି, କ୍ଲାସ୍ ଭିତରକୁ ଯାଇ ନିର୍ବୋଧଙ୍କ ପରି ଯାହା ତାହା କରିବା ଅପେକ୍ଷା (ତୁମ ଭିତରୁ କେହି ସେପରି କଦାପି କରିବେ ନାହିଁ ବୋଲି ମୁଁ ଆଶା କରୁଛି; ମୁଁ ଭଲ କରି ଜାଣେ ଯେ ଏଠାକୁ ଯେଉଁମାନେ ମୋ କ୍ଲାସ୍‌କୁ ଆସିବେ, ସେମାନେ କଦାପି ଚାଲିଯିବେ ନାହିଁ ଏବଂ ସ୍କୁଲରେ ମଧ୍ୟ କୌଣସି ନିର୍ବୋଧ କାର୍ଯ୍ୟ କରିବେ ନାହିଁ; ହଁ, କେବଳ ବ୍ୟତିକ୍ରମଗୁଡ଼ାକହିଁ ଏହି କ୍ଷେତ୍ରରେ ନିୟମଟିର ପ୍ରତିପାଦନ କରିବେ;—ମାତ୍ର, ମୁଁ ଜାଣିଛି ଯେ ଦୁର୍ଭାଗ୍ୟବଶତଃ ଅନେକେ ସେଠାକୁ ଯାଆନ୍ତି ଏବଂ ଉଦ୍ଭାବନ କରାଯାଇ ପାରୁଥିବା କେତେ କ'ଣ ନିର୍ବୋଧ କଥା କରିବାରେ ଲାଗିଆ'ନ୍ତି) ଯଦି ଅଗ୍ରଗତି କରିବା ଲାଗି, ଅର୍ଥାତ୍ ପ୍ରତ୍ୟେକ ଦିନ କିଛି ଆଗକୁ ଯାଇ ପାରିବା ଲାଗି ତୁମେ ସେଠାକୁ ଯାଅ,—ଏପରିକି, ତୁମର ଅଧ୍ୟାପକଙ୍କ ପାଠପଢ଼ା କାହିଁକି ତୁମକୁ ଏପରି ବିରକ୍ତିକର ବୋଧ ହେଉଛି, ତାହାର କାରଣଟିକୁ ବୁଝିବା ଲାଗି ବି ତୁମେ କ୍ଲାସକୁ ଯାଅ, ତାହା ପ୍ରକୃତରେ ଏକ ଭାରି ବଢ଼ିଆ କଥା ହେବ; କାରଣ ସତେଅବା ହଠାତ୍ ତୁମେ ଆବିଷ୍କାର କରିବାକୁ ଆରମ୍ଭ କରିବ ଯେ ତୁମ ଅଧ୍ୟାପକ ପ୍ରକୃତରେ ଖରାପ ନୁହନ୍ତି, ଏବଂ ତା'ପରେ ତୁମକୁ ଆଉ କିଛିହେଲେ ବିରକ୍ତିକର ଲାଗିବ ନାହିଁ । କଥାଟି ଠିକ୍ ସେହିପରିହିଁ ଘଟିଥାଏ । ଯଦି ଜୀବନ ପ୍ରତି ତୁମର ଏହିଭଳି ଗୋଟିଏ ଦୃଷ୍ଟି ରହିଥିବ, ତେବେ ଜୀବନ ବଞ୍ଚିବା ଏକ ଚମତ୍କାର ଅପୂର୍ବ ଘଟଣାରେ ପରିଣତ ହୋଇଯିବ । ଜୀବନକୁ ଆଗ୍ରହୋଦ୍ଦୀପକ କରିବା ଲାଗି ଏହି ହେଉଛି ଗୋଟିଏ ଉପାୟ, କାରଣ ପୃଥିବୀପୃଷ୍ଠର ଏହି ଜୀବନ ପ୍ରଗତି ପାଇଁ ଏକ କ୍ଷେତ୍ରରୂପେ ତିଆରି ହେବା ଲାଗିହିଁ ଅଭିପ୍ରେତ ହୋଇ ରହିଛି, ଏବଂ ଯଦି ଆମେ ଯଥାସମ୍ଭବ ସର୍ବାଧିକ ଅଗ୍ରଗତି କରିବାକୁ ସମର୍ଥ ହେଉ, ତେବେ ଆମ ପାର୍ଥିବ ଜୀବନରୁ ଆମେ ସର୍ବାଧିକ ଉପକାର ଆହରଣ କରିପାରିବା । ଏବଂ ତା'ପରେ ଦୁଃଖ ଲାଗିବାର ଆଉ କୌଣସି କାରଣ ରହିବ ନାହିଁ । ଯେତେବେଳେ ଜଣେ ତା'ର ପାରୁପର୍ଯ୍ୟନ୍ତ ସର୍ବୋତ୍ତମ ଭାବରେ କାର୍ଯ୍ୟ କରିପାରିବ, ସେତେବେଳେ ସେ ସେଇଥିରୁହିଁ ସୁଖ ପାଇବ ।

**ମାଆ, ଯେତେବେଳେ ସବୁ ନୀରସ ଓ ବିରକ୍ତିକର ଲାଗେ, ତାହାର କ'ଣ ଏହାହିଁ ଅର୍ଥ ହେବ ଯେ ଜଣେ ପ୍ରକୃତରେ ମୋଟେ ଆଗକୁ ଯାଉ ନାହିଁ ?**

ହଁ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେହି ସମୟରେ ତାକୁ ଠିକ୍ ସେହିପରି ଲାଗିବ । ଯେତେବେଳେ ଜଣେ କେବଳ ଯେ ଆଦୌ ଅଗ୍ରସର ହୋଇ

'oaob.nitrkl.ac.in' images reprocessed

ପାରୁ ନଥିବ, ତା' ନୁହେଁ, ମାତ୍ର ଅଗ୍ରସର ହେବା ଲାଗି ଏକ ସୁଯୋଗ ମଧ୍ୟ ହରାଇବାରେ ଲାଗିଥିବ । କେତେଗୁଡ଼ିଏ ପରିସ୍ଥିତି ଏକାଠି ହୋଇ ପରିବେଶଟିକୁ ଏପରି ତିଆରି କରି ରଖିଥିଲେ ଯେ ସେତେବେଳେ ତୁମକୁ ସବୁକିଛି ବିରକ୍ତିକର ଓ ନୀରସ ଲାଗୁଥିଲା, ସବୁ ଖାଲି ଅର୍ଥହୀନ ମନେ ହେଉଥିଲା ଏବଂ ତୁମେ ସେହିଗୁଡ଼ାକର ମଝିରେହିଁ ଛନ୍ଦିହୋଇ ରହିଥିଲ । ହଁ, ଯଦି ତୁମକୁ କେତେବେଳେ ନୀରସ ଓ ବିରକ୍ତିକର ଲାଗୁଥାଏ, ତେବେ ତା'ର ଅର୍ଥ ହେଉଛି ଯେ ତୁମ ପରିବେଶ ଓ ପରିସ୍ଥିତିଗୁଡ଼ାକ ଯେତିକି ବିରକ୍ତିକର, ତୁମେ ନିଜେ ମଧ୍ୟ ଠିକ୍ ସେତିକି ବିରକ୍ତିକର । ଏବଂ ତାହାହିଁ ଅତି ସ୍ପଷ୍ଟ କରି ପ୍ରମାଣ କରିଦେଉଛି ଯେ ତୁମେ ପ୍ରକୃତରେ ଆଗକୁ ଯିବା ଲାଗି ଆଦୌ ସମର୍ଥ ହେଉ ନାହିଁ । ବିରକ୍ତିକରତାର ଏହି ସାମୟିକ ପ୍ରବାହ-ମୁହୂର୍ତ୍ତିଟି ଅପେକ୍ଷା ଜୀବନ ବଞ୍ଚିବାର ମୂଳ କାରଣଗୁଡ଼ିକର ଅଧିକ ବିରୋଧ କରୁଥିବା କୌଣସି ତତ୍ତ୍ୱ ସଂସାରରେ ନାହିଁ । ସେହି ସମୟରେ ଆପଣା ଭିତରେ ତୁମେ ଯଦି ଏତେ ଟିକିଏ ବି ଉଦ୍ୟମ କରିପାରି, ଯଦି ତୁମେ ମନେମନେ ଏକଥା କହିପାରି "ଟିକିଏ ରହିଥା',—ମୋର ପ୍ରକୃତରେ କ'ଣ ଶିଖିବାର କଥା ? ସେସବୁ ମୋତେ ପ୍ରକୃତରେ କ'ଣ ଆଣିଦେବେ ଯାହା ଦ୍ୱାରା କି ମୁଁ ନୂଏତ କିଛି ଶିକ୍ଷା କରିପାରିବି ? ଆପଣା ଉପରେ ବିଜୟଲାଭ କରିବା ଲାଗି ମୋତେ କେଉଁ ଅଗ୍ରଗତିଟିକୁ ହାସଲ କରିବାକୁ ପଡ଼ିବ ? ମୋତେ ଠିକ୍ କେଉଁ ଦୁର୍ବଳତାଟିକୁ ଜୟ କରିବାକୁ ହେବ ? କେଉଁ ଜଡ଼ତାଟିକୁ ଅତିକ୍ରମ କରି ଯିବାକୁ ପଡ଼ିବ ?" ଯଦି ତୁମେ ଆପଣା ପାଖରେ ଯାଇ ସେତିକି କହିପାରିବ, ତେବେ ତା'ର ପର ମୁହୂର୍ତ୍ତିଟିରେ ମଧ୍ୟ ତୁମେ ଦେଖିବାକୁ ପାଇବ ଯେ ତୁମକୁ ଆଉ କିଛି ବିରକ୍ତିକର ଲାଗୁ ନାହିଁ । ସଙ୍ଗେସଙ୍ଗେ ତୁମ ଭିତରେ ନୂଆ ଆଗ୍ରହ ଆସିବ ଏବଂ ତୁମେ ଅଗ୍ରଗତି କରିପାରିବ ! ଏଇଟି ହେଉଛି ଚେତନାର ଏକ ଅତି ସାଧାରଣ କଥା ।

ଏବଂ ତା'ପରେ, ଆମେ ସମସ୍ତେ ଜାଣିଛୁ, ସବୁକିଛି ନୀରସ ଓ ବିରକ୍ତିକର ବୋଧ ହେଉଥିବା ସମୟରେ ଅଧିକାଂଶ ମନୁଷ୍ୟ ଗୋଟିଏ ପାହାଚ ଉପରକୁ ଯିବା ପରିବର୍ତ୍ତିରେ ଗୋଟିଏ ପାହାଚ ତଳକୁ ଖସି ଆସିଥାନ୍ତି; ସେମାନେ ଆଗରୁ ଯାହା ଥିଲେ, ତା'ଠାରୁ ଆହୁରି ଅଧିକ ଶୋଚନୀୟ ହୋଇପଡ଼ନ୍ତି ଏବଂ ତା'ପରେ ଅନ୍ୟମାନେ କରୁଥିବା ନିର୍ବୋଧତାଗୁଡ଼ାକୁ ନିଜେ ବି କରିବସନ୍ତି, ସବୁପ୍ରକାର ମୂର୍ଖତା ଭିତରେ ଯାଇ ପଶିଯାନ୍ତି; ନିଜକୁ ଟିକିଏ ସରସ କରିବେ ବୋଲି ସବୁପ୍ରକାରର ନୀଚତା ଭିତରକୁ ଗୋଡ଼ ବଢ଼ାଇ ଦିଅନ୍ତି । ସେମାନେ ନିଶାଦ୍ରବ୍ୟ ସେବନ କରନ୍ତି, ବିଷପାନ କରନ୍ତି, ନିଜର ସ୍ୱାସ୍ଥ୍ୟ ଖରାପ କରନ୍ତି, ମୁଣ୍ଡ ଖରାପ କରନ୍ତି ଏବଂ ଅସଭ୍ୟତାଗୁଡ଼ାକୁ ତୁଣ୍ଡରେ ଧରନ୍ତି । ସେମାନଙ୍କୁ ସବୁକିଛି ବିରକ୍ତିକର ବୋଧ ହେଉଥାଏ ବୋଲି ସେମାନେ ଯାଇ ଏଗୁଡ଼ାକୁ କରନ୍ତି । ମାତ୍ର, ଏପରି ତଳକୁ

'oaob.nitrkl.ac.in' images reprocessed

ନଯାଇ, ଯଦି ଜଣେ ଉପରକୁ ଉଠି ପାରିଥାନ୍ତା, ତେବେ ପରିସ୍ଥିତିଗୁଡ଼ାକ ଦ୍ୱାରା ସେ ଅତ୍ୟନ୍ତ ଲାଭବାନ୍ ହୋଇ ପାରିଥାନ୍ତା । ମାତ୍ର ଏହି କ୍ଷେତ୍ରରେ କୌଣସି ପ୍ରକାର ଲାଭବାନ୍ ନହୋଇ, ଜଣେ ଆଗରୁ ଯେଉଁଠାରେ ଥିଲା, ସେଠାରୁ କିଛିଟା ତଳକୁ ସ୍ଖଳିତ ହୋଇ ଆସିଲା । ଜୀବନରେ ଯେତେବେଳେ ଏକ ବିଷମ ଆଘାତ ସହିବାକୁ ପଡ଼େ, ଯେତେବେଳେ କୌଣସି ଦୁର୍ଭାଗ୍ୟ(ଯାହାକୁ ଲୋକେ ଦୁର୍ଭାଗ୍ୟ ବୋଲି କହନ୍ତି; ଅବଶ୍ୟ ଏପରି ଲୋକ ନିଶ୍ଚୟ ଅଛନ୍ତି, ଯେଉଁମାନେ ପ୍ରକୃତରେ ଦୁର୍ଭାଗ୍ୟର ସମ୍ମୁଖୀନ ହୁଅନ୍ତି,)ର ସମ୍ମୁଖୀନ ହେବାକୁ ପଡ଼େ, ଲୋକେ ସର୍ବପ୍ରଥମେ ସେଇଟିକୁ ଭୁଲିଯିବାକୁ ଚେଷ୍ଟା କରନ୍ତି; ଯଦି ସେପରି କଥାଗୁଡ଼ାକ ମୋଟେ ଶୀଘ୍ର ଭୁଲି ହୁଏ ନାହିଁ, ସେମାନେ ସେହିପରି ଭୁଲିଯିବାକୁ ଚେଷ୍ଟା କରନ୍ତି । ଏବଂ ଏହିପରି ଭୁଲିଯିବା ଲାଗି ସେମାନେ ଯାହାକିଛି କରିବାକୁ ମଧ୍ୟ ପ୍ରସ୍ତୁତ ହୋଇଯାନ୍ତି । ଯେତେବେଳେ ଦୁଃଖଦାୟକ କିଛି ବିଷୟର ସମ୍ମୁଖୀନ ହେବାକୁ ପଡ଼େ, ସେମାନେ ସେତେବେଳେ ଜାଣିଶୁଣି ଅନ୍ୟଆଡ଼େ ମନ ଦେବାକୁ ଚେଷ୍ଟା କରନ୍ତି,—ଅର୍ଥାତ୍ ଯାହାକୁ ସେମାନେ ଅନ୍ୟଆଡ଼େ ମନ ଦେବା ବୋଲି କହନ୍ତି, ସେହିପରି କେତୋଟା କାର୍ଯ୍ୟ କରନ୍ତି,—ନିର୍ବୋଧ କାର୍ଯ୍ୟମାନ କରନ୍ତି, ଅର୍ଥାତ୍ ଚେତନା କ୍ଷେତ୍ରରେ ନିମ୍ନକୁ ଖସିପଡ଼ନ୍ତି, ଉପରକୁ ଉଠିବା ପରିବର୍ତ୍ତେ କିଛିଟା ତଳକୁ ଖସିପଡ଼ନ୍ତି । ···ତୁମ ଜୀବନରେ କେବେ ଅତ୍ୟନ୍ତ ଦୁଃଖଦାୟକ କିଛି ଘଟିଛି, ଅତ୍ୟନ୍ତ ଦାରୁଣ କିଛି ଘଟିଛି ? ତୁମେ ସେତେବେଳେ ଆପଣାକୁ କଦାପି ସଂବେଦନଶୂନ୍ୟ କରି ଦେବ ନାହିଁ, ବିସ୍ମରଣ ଭିତରେ ଆପଣାକୁ ହଜାଇ ଦେବାକୁ ବି ଇଚ୍ଛା କରିବ ନାହିଁ, ଅଚେତନା ଭିତରକୁ ଖସି ପଡ଼ିବ ନାହିଁ; ତୁମକୁ ସର୍ବଶେଷ ପର୍ଯ୍ୟନ୍ତ ଯାଇ ପଛରେ ଅବସ୍ଥିତ ରହିଥିବା ଆଲୋକଟିର ସନ୍ଧାନ ପାଇବାକୁ ପଡ଼ିବ; ପଛରେ ଯେଉଁ ସତ୍ୟ, ଯେଉଁ ଶକ୍ତି ଓ ଯେଉଁ ଆନନ୍ଦ ଅବସ୍ଥିତ ରହିଛି, ତାହାର ଆବିଷ୍କାର କରିବାକୁ ପଡ଼ିବ । ଏବଂ ସେଥିଲାଗି ତୁମକୁ ଯଥେଷ୍ଟ ଟାଣ ହୋଇ ରହିବାକୁ ପଡ଼ିବ ଓ ତଳକୁ ଖସି ପଡ଼ିବାକୁ ସିଧା ମନା କରିବାକୁ ପଡ଼ିବ । ମାତ୍ର ପିଲାଏ, ତୁମେମାନେ ଯେତେବେଳେ ଆଉ ଟିକିଏ ବଡ଼ ହୋଇଯିବ, ସେତେବେଳେ ଆମେ ସେସବୁ ବିଷୟରେ ଆଲୋଚନା କରିବା ।

## ୨୦ ମେ ୧୯୫୩

**ଆପଣ କହିଛନ୍ତି : "ଏବଂ ଯେଉଁମାନଙ୍କର ପ୍ରକୃତିରେ ପଳାଇ ଯିବାକୁ ଇଚ୍ଛା ରହିଥାଏ, ସେମାନେ ମଧ୍ୟ ଯେତେବେଳେ ଅନ୍ୟ ପାଖରେ ଯାଇ ପହଞ୍ଚନ୍ତି, ସବୁ ଦୃଷ୍ଟିରୁ ବିଚାର କରି ଦେଖିଲେ ଏହି ଯୁକ୍ତିଟିର ଯେ ଖୁବ୍ ବେଶୀ ଉପଯୋଗିତା ନଥିଲା, ସେମାନେ ହୁଏତ ସେହି କଥାଟିକୁ ଆବିଷ୍କାର କରନ୍ତି ।"**

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୮ ଏପ୍ରିଲ)

**"ଅନ୍ୟ ପାଖ" ବୋଇଲେ ଆପଣ କେଉଁଟିର କଥା କହୁଛନ୍ତି ?**

ଏଠାରେ ପରଦାର ଅନ୍ୟ ପାଖଟି କଥା କୁହାଯାଇଛି, ଆମ ଜୀବନର ଅନ୍ୟ ପାଖଟିର କଥା ।

ଅର୍ଥାତ୍ ଆମେ ଯେତେବେଳେ ଆମର ଶାରୀରିକ ଅସ୍ତିତ୍ୱ ମଧ୍ୟରେ ନଥାଉ, ସେହି ବିଷୟରେ : ଉଦାହରଣସ୍ୱରୂପ, ପ୍ରାଣିକ ଅସ୍ତିତ୍ୱଟି ବିଷୟରେ, ବା ପ୍ରାଣର ଚେତନ ଅଂଶଟିରେ ଅବସ୍ଥାନ କରିବାର ଅବସ୍ଥାଟି ବିଷୟରେ । ସେତେବେଳେ ଆମେ ଦୁଇଟିଯାକ ପାଖ ବିଷୟରେ ସଚେତନ ହୋଇ ରହିଥାଉ ଓ ତେଣୁ ଯାହାସବୁ ଘଟୁଛି, ଯେସବୁ ଜାଣିବାକୁ ପାଇଥାଉ । ଅନେକ ମନୁଷ୍ୟ ଅଛନ୍ତି ଯେଉଁମାନେ ସଂପୂର୍ଣ୍ଣ ପଦ୍ଧତିବଦ୍ଧ ଭାବରେ ନିଜ ଶରୀରଟି ଛାଡ଼ି ଯାଆନ୍ତି ଏବଂ ଦୁଇ ଶରୀର ମଧ୍ୟରେ ଘଟୁଥିବା ଏହି ବିଚ୍ଛିନ୍ନତାକୁ ଭଲ କରି ଅନୁଭବ କରିପାରନ୍ତି । ମାତ୍ର ସେଇଟି ବିଷୟରେ ମୁଁ ଏତିକି କହିବି ଯେ, ସେଇଟି କିପରି ଜାଣିବାକୁ ହୁଏ, ଆମର ସେଇଟିକୁ ଜାଣିବା ଉଚିତ ଏବଂ ଏକୁଟିଆ ହୋଇ ସେଇଟି କଦାପି କରିବା ଉଚିତ ନୁହେଁ । ଏଗୁଡ଼ିକୁ ଭଲ କରି ଦେଖିବା ଲାଗି ଓ ଶରୀରଟିକୁ ଲକ୍ଷ୍ୟ କରିବା ଲାଗି ଆଉ ଜଣେ ବିଶ୍ୱସ୍ତ ପାଖରେ ରହିଥିବା ଦରକାର ।

**ଭଗବାନଙ୍କୁ ଅର୍ପଣ ଓ ଭଗବାନଙ୍କ ପାଖରେ ସମର୍ପଣ, ଏହି ଦୁଇଟିଯାକ ଗୋଟିଏ କଥା ନୁହେଁ କି ?**

'oaob.nitrkl.ac.in' images reprocessed

ସେଗୁଡ଼ିକୁ ଆମେ ଗୋଟିଏ କଥାର ଦୁଇଟି ଭାଗ ବୋଲି କହିବା, ମାତ୍ର ତଥାପି ଦୁଇଟିଯାକ ଗୋଟିଏ କଥା ବୋଲି କହିବା ନାହିଁ । ଗୋଟିଏ ଆରଟିଠାରୁ ଅଧିକ ସକ୍ରିୟ । ଏବଂ ସେଗୁଡ଼ିକ ଜୀବନର ସେହି ଗୋଟିଏ ଭୂମିରେ ଆଦୌ ଅବସ୍ଥାନ କରୁ ନଥାନ୍ତି ।

ଉଦାହରଣସ୍ୱରୂପ, ଭଗବାନଙ୍କୁ ନିଜର ଜୀବନଟିକୁ ଅର୍ପଣ କରିଦେବ ବୋଲି ତୁମେ ଠିକ୍ କରି ସାରିଛ, ତୁମେ ସେପରି ଏକ ନିଷ୍ପତ୍ତି ଗ୍ରହଣ କରିଛ । ମାତ୍ର ହଠାତ୍, ତା'ପରେ ସମ୍ପୂର୍ଣ୍ଣ ଅସୁଖକର ଓ ଅପ୍ରତ୍ୟାଶିତ ଭାବରେ କିଛି ଗୋଟାଏ ଘଟୁଛି ଏବଂ ତୁମେ ସଙ୍ଗେସଙ୍ଗେ ସେଇଟି ଉଦ୍ଦେଶ୍ୟରେ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରୁଛ ଓ ପ୍ରତିବାଦ କରୁଛ । ତଥାପି ତୁମେ ଭଗବାନଙ୍କ ପାଖରେ ଅର୍ପଣ କରି ସାରିଛ, ତୁମେ ସବୁ ଦିନ ଲାଗି କହିସାରିଛ "ମୋର ଜୀବନ ହେଉଛି ଭଗବାନଙ୍କର,"—ଏବଂ ତା'ପରେ ହଠାତ୍ ଏକ ଅତିଶୟ ଅସୁଖକର ଘଟଣା ଆସି ଘଟୁଛି (ଏପରି ଘଟିବାର ନିଶ୍ଚୟ ସମ୍ଭାବନା ରହିଛି), ଏବଂ ତୁମ ଭିତରେ ରହିଥିବା ଗୋଟାଏ କିଛି ସେଇଟି ଉଦ୍ଦେଶ୍ୟରେ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରୁଛି, ତାହା ସେଇଟିକୁ ମୋଟେ ଗ୍ରହଣ କରିପାରୁ ନାହିଁ । ମାତ୍ର ଏହି କ୍ଷେତ୍ରରେ, ଯଦି ତୁମେ ଅର୍ପଣଟି ବିଷୟରେ ଯଥାର୍ଥରେ ସଙ୍ଗତ ରଖି କାର୍ଯ୍ୟ କରିବାକୁ ଇଚ୍ଛା କରୁଥିବ, ତେବେ ତୁମକୁ ସେଇ ଅସୁଖକର ଘଟଣାଟିକୁ ମଧ୍ୟ ଆଗକୁ ନେଇ ଆସିବାକୁ ହେବ ଏବଂ ସେଇଟିକୁ ମଧ୍ୟ ଭଗବାନଙ୍କ ପାଖରେ ଅର୍ପଣ କରିବାକୁ ପଡ଼ିବ । ଭଗବାନଙ୍କ ପାଖରେ ଅତ୍ୟନ୍ତ ନିଷ୍ଠା ସହକାରେ କହିବାକୁ ହେବ "ଆପଣଙ୍କର ଇଚ୍ଛାହିଁ ପୂର୍ଣ୍ଣ ହେଉ; ଯଦି ଆପଣ ଏଇଟିକୁ ସେହିଭଳି ହେବାକୁ ନିଷ୍ପତ୍ତି କରିଛନ୍ତି, ତେବେ ତାହା ସେହିଭଳିହିଁ ହେବ ।" ଏବଂ ନିଷ୍ଠାଟି ଇଚ୍ଛାକୃତ ଓ ସ୍ୱତଃସ୍ଫୂର୍ତ୍ତ ହୋଇଥିବା ଦରକାର । ତେଣୁ ଏଇଟି ବଡ଼ କଷ୍ଟକର କଥା ।

ଏପରିକି, କ୍ଷୁଦ୍ରତମ ବିଷୟଗୁଡ଼ିକର ବ୍ୟାପାରରେ ମଧ୍ୟ, ତୁମର ପ୍ରତ୍ୟାଶା ଅନୁସାରେ ଯାହା ଘଟୁ ନାହିଁ, ତୁମେ ଯାହା ପାଇବ ବୋଲି କାର୍ଯ୍ୟ କରୁଛ, ଯଦି ତାହାର ଅନୁରୂପ ହୋଇ କିଛି ଘଟୁ ନାହିଁ,—ତେବେ ସେହି କ୍ଷେତ୍ରରେ ବିପରୀତ ପ୍ରତିକ୍ରିୟାଟି ଆସି ପହଞ୍ଚିବା ପରିବର୍ତ୍ତେ, ତୁମେ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ, ଅତ୍ୟନ୍ତ ଅପ୍ରତିରୋଧ୍ୟ ଭାବରେ ପଛକୁ ଘୁଞ୍ଚିଯାଉଛ "ନାହିଁ ନାହିଁ, ସେପରି ଆଦୌ ନୁହେଁ,"—ଯଦି ତୁମେ ସମ୍ପୂର୍ଣ୍ଣ ଓ ସମଗ୍ରଭାବେ ଆପଣାକୁ ସମର୍ପିତ କରି ରଖିଛ, ହଁ, ତେବେ କୌଣସି ବିପରୀତ ପ୍ରତିକ୍ରିୟା ଘଟିବ ନାହିଁ; ତୁମେ ପୂର୍ବରୁ ଯେପରି ଥିଲ, ଠିକ୍ ସେହିପରି ଶାନ୍ତ ହୋଇ ରହିଥିବ, ଅନ୍ୟ ମୁହୂର୍ତ୍ତଟି ପରି ବର୍ତ୍ତମାନ ମଧ୍ୟ ସ୍ଥିର ଓ ନିଶ୍ଚଳ ହୋଇ ରହିଥିବ । ଏବଂ ହୁଏତ ଏପରି ହୋଇପାରେ ଯେ, ଏକ ନିର୍ଦ୍ଦିଷ୍ଟ ଭାବରେ ଘଟଣାଟି ଘଟିଥିଲେ ଅଧିକ ଭଲ ହୋଇଥାନ୍ତା ବୋଲି ତୁମ ମନରେ ଏକ

'oaob.nitrkl.ac.in' images reprocessed

ଧାରଣା ରହିଥିଲା; ମାତ୍ର ଯଦି ସେଇଟି ଅନ୍ୟପ୍ରକାରେ ଘଟିଲା, ତେବେ ତୁମେ ସେଇଟିକୁ ମଧ୍ୟ ଉଚିତ ବୋଲି ଗ୍ରହଣ କରିବ । ଉଦାହରଣସ୍ୱରୂପ, କୌଣସି ଏକ କାର୍ଯ୍ୟ ସାଧନ କରିବ ବୋଲି ତୁମେ ଆଗରୁ କେତେ କଠିନ ପରିଶ୍ରମ କରିଥିଲ, କିଛି ଗୋଟାଏ ଘଟିବ ବୋଲି ତୁମେ ସେସବୁ କରିଥିଲ, ସେଥିଲାଗି ହୁଏତ ଅନେକ ସମୟ ଦେଇଥିଲ, ଶକ୍ତି ଦେଇଥିଲ, ନିଜର ଅନେକ ଇଚ୍ଛାକୁ ଆଣି ଏଥିରେ ଖଟାଇ ଥିଲ; ଏବଂ ଏଗୁଡ଼ାକୁ ତୁମେ ଖାସ ନିଜ ସକାଶେ ଆଦୌ କରି ନଥିଲ, ମାତ୍ର, ମନେ କରାଯାଉ, ଭଗବାନଙ୍କ କାର୍ଯ୍ୟ ଲାଗିହିଁ କରିଥିଲ । (ଏଇଟି ହେଉଛି ଅର୍ପଣ) । ଏବଂ, ବର୍ତ୍ତମାନ ମନେ କରାଯାଉ ଯେ, ଏହିସବୁ କଷ୍ଟ କରି ସାରିବା ପରେ, ଏହି ସବୁ କିଛି କାର୍ଯ୍ୟ ଏବଂ ପ୍ରୟାସ କରି ସାରିବା ପରେ, ପରିଣାମରେ ସବୁକିଛି ଠିକ୍ ଓଲଟା ବାଟରେ ଗଲା ଏବଂ ସଫଳ ହୋଇପାରିଲା ନାହିଁ । ଯଦି ତୁମର ସମର୍ପଣ ପ୍ରକୃତ ସମର୍ପଣ ହୋଇଥିବ, ତେବେ ତୁମେ କହିବ : "ଇଏ ବି ଭଲ, ଇଏ ସବୁଯାକ ବି ଭଲ, ସବୁଯାକ ଠିକ୍; ମୁଁ ଯାହା ପାରିଲି କଲି, ଯେତେ ଭଲ ଭାବରେ ପାରିଲି କଲି; ବର୍ତ୍ତମାନ ମୋ ନିଷ୍ପତ୍ତିରେ ତ କିଛି ହେବ ନାହିଁ, ତାହା ଭଗବାନଙ୍କର ନିଷ୍ପତ୍ତିରେ ହେବ; ତେଣୁ ସେଇ ଯାହା ନିଷ୍ପତ୍ତି କଲେ, ମୁଁ ସେଇଟିକୁ ଗ୍ରହଣ କରି ନେବି ।" ମାତ୍ର ସେଭଳି ନହୋଇ ଯଦି ତୁମ ଭିତରେ ସେହି ଗଭୀର ଏବଂ ସ୍ୱତଃସ୍ଫୂର୍ତ୍ତ ସମର୍ପଣଭାବ ନଥାଏ, ତୁମେ ନିଜ ପାଖରେ ଆସି କହ : "ଇଏ ପୁଣି କିପରି ହେଲା ? ଗୋଟିଏ କାର୍ଯ୍ୟ କରିବା ଲାଗି ମୁଁ ଏତେ କଷ୍ଟ କଲି, ନିଜର ସ୍ୱାର୍ଥ ପାଇଁ କିଛି ନକରି ଭଗବାନଙ୍କ କାର୍ଯ୍ୟ ଲାଗି ବି କଲି,—ଏବଂ ଶେଷକୁ ଫଳ ଏଇଆ ଫଳିଲା । ତେବେ ଆଉ କୋଉଠି କି ସଫଳତା ମିଳିଲା ?" ଶହେରେ ପ୍ରାୟ ଅନେଶତ ଥର ଏହିଭଳି ଘଟିଥାଏ ।

ଯଥାର୍ଥ ସମର୍ପଣ ଭାରି କଷ୍ଟକର କଥା ।

**ଯଦି ନିଜକୁ ସମର୍ପିତ କରିଦେବାକୁ ହୁଏ, ତେବେ ଆମର ଯାହାସବୁ କରିବା କଥା, ସେଗୁଡ଼ିକୁ କ'ଣ ଆମେ ତଥାପି କରୁଥିବା ?**

ଯାହା କରିବା **ଉଚିତ**, ସେଗୁଡ଼ିକ ତୁମେ ନିଶ୍ଚୟ କରୁଥିବ; ଯାହାକୁ କର୍ତ୍ତବ୍ୟ ବୋଲି ସ୍ପଷ୍ଟ ଭାବରେ ଦର୍ଶାଇ ଦିଆଯାଇଛି, ଯାହା ଅବଶ୍ୟ କରିବାକୁ ହେବ,—ତୁମକୁ ତାହା କରି ସଫଳତା ମିଳୁ ବା ନମିଳୁ ପଛକେ, ତୁମର ଭାବନା ବା ପ୍ରତ୍ୟାଶା ଅନୁସାରେ ଫଳ ଫଳୁ ବା ନଫଳୁ,—ଏଠାରେ ସେସବୁର ଆଦୌ କୌଣସି ମହତ୍ତ୍ୱ ନାହିଁ । ତୁମେ କେବଳ କାର୍ଯ୍ୟ କରିବାରେ ଲାଗିଥିବ ।

'oaob.nitrkl.ac.in' images reprocessed

ମାତ୍ର, ଚେଷ୍ଟା କରୁଥିବା ବେଳେ, ଯଦି ଅସଚେତ ଭାବରେ କୌଣସି ଭୁଲ ହୋଇଗଲା, ତେବେ ସେଇଟିକୁ ଜାଣିବା କିପରି ସମ୍ଭବ ହେବ ?

ଯଦି ଭିତରେ ପୂର୍ଣ୍ଣ କର୍ମନିଷ୍ଠା ରହିଥିବ, ତେବେ ତୁମେ ଜାଣିପାରିବ । ଯେତେବେଳେ ନିଜର ଦୋଷ ନିଜେ ଜାଣିପାରିବ ନାହିଁ, ସେତେବେଳେ ତାହାକୁ କେଉଁଠି ନା କେଉଁଠି ନିଷ୍ଠାର ଅଭାବ ରହିଛି ବୋଲି ଏକ ସଙ୍କେତ ବୋଲି ସର୍ବଦା ଜାଣିବାକୁ ହେବ । ଏବଂ ସାଧାରଣତଃ, ସେଇଟି ପ୍ରାଣିକ କ୍ଷେତ୍ରରେ ଲୁକ୍‌କାୟିତ ହୋଇ ରହିଥିବ । ସେହି ପ୍ରାଣ ଯେତେବେଳେ ସାଙ୍ଗରେ ଯିବା ଲାଗି ସମ୍ମତି ଦେବ (ଏତକ ହୋଇପାରିଲେ ତାହାକୁ ଏକ ବୃହତ୍ତ୍ ପଦକ୍ଷେପ ବୋଲି କୁହାଯିବ), ଯେତେବେଳେ ପ୍ରାଣ ମଧ୍ୟ କାର୍ଯ୍ୟ କରିବାକୁ ଯାଉଛି ବୋଲି ନିଷ୍ପତ୍ତି କରିବ, କାର୍ଯ୍ୟଟିକୁ ସାଧନ କରିବା ଲାଗି ଆପଣାର ସକଳ ଚେଷ୍ଟା ଓ ସକଳ ଶକ୍ତି ଲଗାଇବାକୁ ରାଜି ହୋଇ ଯାଇଥିବ, ସେତେବେଳେ ତଥାପି କୋଉଠି ତଳେ ଲୁଚି କରି— ଏଇଟିକୁ ଠିକ୍ କ'ଣ ବୋଲି କୁହାଯିବ ?—ଏପରି ଏକ ପ୍ରତ୍ୟାଶା ରହିଥିବ ଯେ ସବୁ କଥା ଭଲରେ ଭଲରେ ହୋଇଯିବ ଏବଂ ତେଣୁ ଫଳଟି ମଧ୍ୟ ଅନୁକୂଳ ହୋଇ ଫଳିବ । ଏବଂ ତାହାରି ଦ୍ୱାରାହିଁ ଅସଲ ବା ସମ୍ପୂର୍ଣ୍ଣ ନିଷ୍ଠାଟି ଆଚ୍ଛାଦିତ ହୋଇ ରହିଯିବ । କାରଣ ଏହି ପ୍ରତ୍ୟାଶାଟିକୁ ଆମେ ଅହଂ ଦ୍ୱାରା ପ୍ରେରିତ ଏକ ବ୍ୟକ୍ତିଗତ ବ୍ୟାପାର ବୋଲିହିଁ କହିବା ଏବଂ ତାହାହିଁ ସମ୍ପୂର୍ଣ୍ଣ ନିଷ୍ଠାଟିକୁ ଘୋଡ଼ାଇ କରି ରଖିଦେଇ ଥାଏ । ଏବଂ ସେତେବେଳେ ତୁମେ ଅଜ୍ଞାନ ଭିତରେ ରହିଯାଅ ।

ମାତ୍ର ଯଦି ଜଣେ ସମ୍ପୂର୍ଣ୍ଣ ଓ ଏକାନ୍ତ ଭାବରେ ନିଷ୍ଠା ରଖିଥାଏ, ତେବେ ଯାହା ପ୍ରକୃତରେ କରିବା ଉଚିତ, ଯେତେବେଳେ ତୁମେ ଠିକ୍ ତାହାହିଁ କରୁ ନଥିବ, ସେତେବେଳେ ତୁମେ ସଙ୍ଗେ ସଙ୍ଗେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ସେହି କଥାଟିକୁ ଅନୁଭବ କରିପାରିବ;—ଆଦୌ ତୀବ୍ର ଭାବରେ ନୁହେଁ, ମାତ୍ର ଭାରି ସ୍ପଷ୍ଟ ଭାବରେ ଓ ନିର୍ଭୁଲ ଭାବରେ ଅନୁଭବ କରିପାରିବ : "ନା—ନା—ଏପରି ମୋଟେ ହେବା ଉଚିତ ନୁହେଁ ।" ଯଦି ତୁମର ଏହି କ୍ଷେତ୍ରରେ ଆଦୌ କୌଣସି ଆସକ୍ତି ନଥାଏ, ତେବେ ତାହା ସଙ୍ଗେ ସଙ୍ଗେ ବନ୍ଦ ହୋଇଯିବ, ଅଚିରେ ବନ୍ଦ ହୋଇଯିବ ।

ମାତ୍ର ପ୍ରକୃତ କଥା ହେଉଛି ଯେ ତୁମର ସବୁବେଳେ ଆସକ୍ତି ରହିଥାଏ, ଏପରିକି ଏକ ନିଃସ୍ୱାର୍ଥପର କାର୍ଯ୍ୟ ପାଇଁ ମଧ୍ୟ ଆସକ୍ତି ରହିଥାଏ । ଏହି କଥାଟିକୁ ବୁଝିବାକୁହିଁ ପଡ଼ିବ । ତୁମେ ଏପରି ଗୋଟିଏ କାର୍ଯ୍ୟ ଲାଗି ଜୀବନକୁ ଉତ୍ସର୍ଗ କରି ରଖିଛ ଓ ଅହଂ ଦ୍ୱାରା ପ୍ରେରିତ ହୋଇ ତୁମେ ଆଦୌ ଏପରି କରି ନାହିଁ, ମାତ୍ର

'oaob.nitrkl.ac.in' images reprocessed

ତଥାପି ଅହଂ ସର୍ବଦାହିଁ ସେଇଠି ପ୍ରଚ୍ଛନ୍ନ ହୋଇ ରହିଛି । ଏବଂ ତୁମେ ଏପରି ଭାବରେ କାର୍ଯ୍ୟଟିକୁ କରୁଛ, ଯାହାକୁ କି ତୁମର ଏକ ବିଶେଷ ବା ବ୍ୟକ୍ତିଗତ ସ୍ୱାର୍ଥ ବୋଲି କୁହାଯାଇ ପାରିବ ଏବଂ ତୁମ ଭିତରେ ତୁମେ ଏପରି ଗୋଟିଏ ଆଶା ପୋଷଣ କରି ରଖିଛ (ଏଠାରେ ବାସନାର କଥା କାହିଁକି ବା କୁହାଯିବ ?) ଯେ ଫଳଟି ନିଶ୍ଚୟ ଏହି ପ୍ରକାରେ ଫଳିବ, ତୁମେ ସେହି ଫଳଟି ନିଶ୍ଚୟ ପାଇବ ଏବଂ କାର୍ଯ୍ୟଟି ସାଧିତ ହୋଇଯିବ । ଏପରିକି, ଯେଉଁ କାର୍ଯ୍ୟଟି ତୁମ ଲାଗି ମୋଟେ ହେଉ ନାହିଁ ଏବଂ ତୁମେ ଯେଉଁଟିକୁ ହାତକୁ ନେଇଛ, ସେଇଟି ସଫଳ ହେବ ଓ ତୁମକୁ ସେଥିରେ ସଫଳତା ମିଳିବ ବୋଲି ମଧ୍ୟ ତୁମ ଭିତରେ ଏକ ଆଶା ରହିଛି—ତାହା ବ୍ୟକ୍ତିଗତ ସାଫଲ୍ୟ ଆଦୌ ନୁହେଁ,—ଯେଉଁ କାର୍ଯ୍ୟଟିକୁ ତୁମେ କରୁଛ, ସେଇଟି ନିଶ୍ଚୟ ସଫଳ ହେବ ବୋଲି ତୁମେ ଆଶା ରଖିଛ । ଏବଂ, ତାହାର ଫଳରେ, ଏପରି ବକଟେ ଆକାର ଧରି ଏପରି ଗୋଟିଏ ଜିନିଷ, ତଳେ ତଳେ, ବେଶ୍ ପ୍ରଚ୍ଛନ୍ନ ରହି, ଆସି ପହଞ୍ଚିବ, ଯାହାକି ପୂରା ସିଧା ହୋଇ ନଥିବ, ଯେଉଁଥିରେ କି ଟିକିଏ ବଙ୍କା ରହି ଯାଇଥିବ । ଏବଂ ସେତେବେଳେ ତୁମେ କିଛି ଜାଣି ପାରିବ ନାହିଁ । ମାତ୍ର ଯଦି ସେଇଟି ସେହି କ୍ଷେତ୍ରରେ ନଥାଏ, ତେବେ, ଯାହା ଉଚିତ, ସେଇଟି କରିବାକୁ ତୁମେ ଅସମର୍ଥ ହେବା ମାତ୍ରକେହିଁ ତୁମେ ନିଶ୍ଚୟ ସେକଥାଟି ଜାଣିପାରିବ । ସମ୍ପୂର୍ଣ୍ଣ ନିର୍ଭୁଲ ଭାବରେ ତୁମେ ସେଇଟି ଜାଣିପାରିବ । ଏହି କ୍ରିୟାଟି ଏକ ଅତ୍ୟନ୍ତ ସୂକ୍ଷ୍ମ କ୍ରିୟା,—ଗୋଟିଏ ମିଲିମିଟରର ହଜାରେ ଭାଗରୁ ଭାଗେ ପରି ସୂକ୍ଷ୍ମ । ହଁ, ସେଇଟି ସେହିଠାରେ ରହିଥିବ ଏବଂ ତାହାହିଁ ଯଥେଷ୍ଟ ହେବ, "ମୁଁ ଭୁଲ କରି ପକାଇଲି" ବୋଲି ତୁମେ ନିଶ୍ଚୟ ଜାଣିବାକୁ ପାଇବ । ମାତ୍ର ସେଥିଲାଗି ତୁମ ଭିତରେ ସେହି ଏକାନ୍ତ ନିଷ୍ଠାଭାବଟି ରହିଥିବା ଦରକାର, ଯାହାକି, ଯାହାକିଛି ଘଟିଲେ ମଧ୍ୟ କଦାପି କୌଣସି ଭୁଲ କରିବାକୁ ଇଚ୍ଛା କରୁ ନାହିଁ, ଯାହାକି କୌଣସି ପ୍ରକାର ଭ୍ରମ ଭିତରେ ପଡ଼ିରହିବା ଅପେକ୍ଷା ବରଂ ଯାହାକିଛି କରିବା ଲାଗି ଏବଂ ଯାହାକିଛି ଛାଡ଼ିପାରିବା ଲାଗି ସବୁବେଳେ ପ୍ରସ୍ତୁତ ହୋଇ ରହିଥିବ । ମାତ୍ର ଏଇଟି ଭାରି କଷ୍ଟକର କଥା; ଏଥିଲାଗି ସମୟ ଦରକାର ହୁଏ, ଅନେକ ଚେଷ୍ଟା ଦରକାର ହୁଏ । ତୁମେ ଯେତେବେଳେ କୌଣସି କାର୍ଯ୍ୟ କରୁଥାଅ, ସେତେବେଳେ ମନ ଏବଂ ପ୍ରାଣ ସବୁବେଳେ ସେହି କ୍ଷେତ୍ରରେ ଉପସ୍ଥିତ ରହିଥାନ୍ତି, ତୁମେ କରୁଥିବା କାର୍ଯ୍ୟଟିରୁ କୌଣସି ନା କୌଣସି ଲାଭ ଉଠାଇବାକୁ ଇଚ୍ଛା କରୁଥାନ୍ତି; ବ୍ୟକ୍ତିଗତ ସନ୍ତୋଷର ଲାଭ, ସୁଖ ପାଇବାର ଲାଭ ଏବଂ ତୁମ ନିଜ ବିଷୟରେ ତୁମର ଯେଉଁ ଭଲ ମତ ରହିଛି, ସେଇଟିର ବି ଲାଭ ଉଠାଇବାକୁ ଇଚ୍ଛା କରୁଥାନ୍ତି । ନିଜକୁ କୌଣସି ପ୍ରକାରେ ଧୋକା ନଦେବା,—ଏଇଟା ଭାରି କଷ୍ଟକର କଥା ।

'oaob.nitrkl.ac.in' images reprocessed

**ଆମେ ଯେ ଭଗବାନଙ୍କର, ଏବଂ ଭଗବାନ ଯେ ଆମ ଭିତରେ ରହି କାର୍ଯ୍ୟ କରୁଛନ୍ତି, ସେକଥା ଅନୁଭବ କରିବାର ଠିକ୍ ଉପାୟଟି କ'ଣ ?**

ଉପାୟ ହେଉଛି ଯେ ତୁମେ କଦାପି ତୁମର ମୁଣ୍ଡ ଦ୍ୱାରା କିଛି ଅନୁଭବ କରିବ ନାହିଁ (କାରଣ, ତୁମେ ଇଚ୍ଛା କଲେ ଏପରି ଭାବି ପାରିବ ସତ, ମାତ୍ର ସେହି ଭାବନାରେ କୌଣସି ପ୍ରକୃତ ଅର୍ଥହିଁ ନଥିବ), ତୁମର ଇନ୍ଦ୍ରିୟ-ଅନୁଭୂତି ଦ୍ୱାରାହିଁ ତୁମେ ସବୁକିଛି ଅନୁଭବ କରିବ । ସାଧାରଣତଃ, ମସ୍ତିଷ୍କର ଏକ ଇଚ୍ଛା ଦ୍ୱାରାହିଁ ଏହା ଆରମ୍ଭ ହୋଇଥାଏ, କାରଣ ସେଇଟାକୁହିଁ ପ୍ରଥମେ ବୁଝି ହେଉଥାଏ । ଏବଂ ତା'ପରେ, ପ୍ରତ୍ୟେକ ମନୁଷ୍ୟର ଏଇଠାରେ (ହୃଦୟ ଆଡ଼କୁ ନିର୍ଦ୍ଦେଶ କରି) ଏକ ଆକାଙ୍‌କ୍ଷା ରହିଛି ଏବଂ ଗୋଟିଏ ଅଗ୍ନିଶିଖା ସେହି ଆକାଙ୍‌କ୍ଷାଟିର ଉପଲବ୍ଧି ଆଡ଼କୁ ତୁମକୁ ଅଗ୍ରସର କରାଇ ନେଇ ଯାଉଥିବ । ମାତ୍ର ଯଦି ତୁମେ ସେଇଟିକୁ ଯଥାର୍ଥରେ ସେହି ଜିନିଷଟିରୂପେ ଇଚ୍ଛା କରୁଥିବ, ତେବେ, ତୁମେ ସେଇଟିକୁ ନିଶ୍ଚୟ ଅନୁଭବ କରି ପାରିବ ।

ମନେକର ତୁମେ କିଛି ଗୋଟାଏ କାର୍ଯ୍ୟ କରୁଛ, ଉଦାହରଣସ୍ୱରୂପ ବ୍ୟାୟାମ କରୁଛ, ଭାରୋତ୍ତୋଳନ କରୁଛ । ଏହି ସମୟରେ, ତୁମର ସମ୍ପୂର୍ଣ୍ଣ ଅଜାଣତରେ ହଠାତ୍ କ'ଣ ହେଲା କେଜାଣି, ତୁମେ ଅନୁଭବ କରିବାକୁ ଲାଗିଲ ଯେ ତୁମଠାରୁ ଅନନ୍ତଗୁଣ ଅଧିକ ବଡ଼ ଆଉ ଗୋଟିଏ ଶକ୍ତି ରହିଛି, ଅଧିକ ବଡ଼ ଓ ଅଧିକ ଶକ୍ତିଶାଳୀ ଆଉ ଗୋଟିଏ ଶକ୍ତି ରହିଛି, ଏବଂ ସେହି ଶକ୍ତିହିଁ ତୁମ ଲାଗି ଯାବତୀୟ ଭାରକୁ ଉତ୍ତୋଳନ କରି ନେଉଛି । ତୁମର ଶରୀର ସତେ ଅବା ଆଦୌ କୌଣସି ଅସ୍ତିତ୍ୱରେ ନଥିଲା ପରି ହୋଇଯାଉଛି ଏବଂ ଏହି 'ଅନ୍ୟଶକ୍ତି'ଟିହିଁ ଭାରଗୁଡ଼ିକୁ ଉତ୍ତୋଳନ କରିନେଉଛି । ଏବଂ ତା'ପରେ ତୁମେ ସ୍ପଷ୍ଟ ଅନୁଭବ କରିବାକୁ ଆରମ୍ଭ କରିବ, ଯେତେବେଳେ ତୁମ କ୍ଷେତ୍ରରେ ସେହି କଥାଟି ଘଟିବ, ସେତେବେଳେ ସେହି କାର୍ଯ୍ୟଟି କିପରି କରାଯିବା ଉଚିତ ବୋଲି ତୁମେ ଆଉ ମୋଟେ ପଚାରିବ ନାହିଁ, ତୁମେ ଜାଣିବାକୁ ଆରମ୍ଭ କରିବ । ଏପରି ଅବଶ୍ୟ ଘଟିବ ।

ଏହି କଥାଟି ଘଟିବା ଲୋକମାନଙ୍କ ଉପରେ ନିର୍ଭର କରିବ, ସେମାନଙ୍କ ଭିତରେ କୋଉଟି ସବୁଠାରୁ ଅଧିକ ପ୍ରଭାବଶାଳୀ ହୋଇ ରହିଛି, ତାହାରି ଉପରେ ନିର୍ଭର କରିବ । ଯେଉଁମାନେ ଭାବୁଥିବେ, ସେମାନେ ହଠାତ୍ ଅନୁଭବ କରିବାକୁ ଆରମ୍ଭ କରିବେ ଯେ ସେମାନେ ନିଜେ ଆଉ କୌଣସି କଥା ଭାବୁ ନାହାନ୍ତି; ମାତ୍ର ଆଉ ଏପରି ଏକ ତତ୍ତ୍ୱ ରହିଛି, ଯାହା କି ଅଧିକ ଭଲ ଭାବରେ ସବୁ କଥା ଜାଣିଛି,

'oaob.nitrkl.ac.in' images reprocessed

ଅଧିକ ସ୍ପଷ୍ଟଭାବରେ ସବୁ ଦେଖୁଛ, ଯାହାକି ଅନନ୍ତଗୁଣ ଅଧିକ ଜ୍ୟୋତିର୍ମୟ ହୋଇ ରହିଛି, ସେମାନଙ୍କ ଭିତରେ ଅଧିକ ସଚେତନ ହୋଇ ରହିଛି, ଯିଏକି ସକଳ ଭାବନା ଓ ସକଳ ଶବ୍ଦକୁ ସଜାଡ଼ି ସଂଗଠିତ କରି ନେଉଛି; ଏବଂ ତା'ପରେ ଯାଇ ସେମାନେ ଲେଖି ପାରୁଛନ୍ତି । ମାତ୍ର ଯଦି ଏହି ଅନୁଭୂତିଟି ସଂପୂର୍ଣ୍ଣ ଭାବରେ ଉପଲବ୍ଧ ହୋଇଯାଏ, ତେବେ ସେମାନେ ନିଜେ ପ୍ରକୃତରେ କିଛି ଲେଖୁଛନ୍ତି ବୋଲି ଆଦୌ ଅନୁଭବ କରିବେ ନାହିଁ, ସେମାନେ ଅନୁଭବ କରିବେ ଯେ ସେହି ପରମ ବସ୍ତୁଟିହିଁ ସେମାନଙ୍କର ହାତକୁ ଧରି ସବୁକିଛି ଲେଖାଇ ନେଉଛି । ଏବଂ, ସେହି ମୁହୂର୍ତ୍ତରେ ଜଣେ ବେଶ୍ ଜାଣିବାକୁ ପାଏ ଯେ କ୍ଷୁଦ୍ର ଶରୀରର ବ୍ୟକ୍ତିଟି ସେତେବେଳେ ଏକ ସ୍ଥାନ ଅଥଚ ତାତ୍ପର୍ଯ୍ୟପୂର୍ଣ୍ଣ ଜମିଭିରେ ପରିଣତ ହୋଇଯାଏ, ଯାହାକି ଯଥାସମ୍ଭବ ସଂପୂର୍ଣ୍ଣ ଶାନ୍ତ ହୋଇ ରହିବା ଲାଗି ଚେଷ୍ଟା କରେ ଓ ସେହି ଅନୁଭୂତିଟିକୁ କୌଣସି ପ୍ରକାରେ ବ୍ୟାହତ କରି ନଦେବାକୁହିଁ ଚେଷ୍ଟା କରୁଥାଏ ।

ହଁ, ସେହି ଅନୁଭୂତିଟିକୁ ତୁମେ କଦାପି ବ୍ୟାହତ କରି ପକାଇବ ନାହିଁ । ଯଦି ତୁମେ ହଠାତ୍ କହିପାରିବ "ଦେଖିଲ, ଏଇଟି ପ୍ରକୃତରେ କେଡ଼େ ଅଦ୍ଭୁତ !"......

### ଆମେ କିପରି ସେହି ଅବସ୍ଥାରେ ପହଞ୍ଚି ପାରିବା ?

ସେଇଟି ଲାଗି ଅଭୀପ୍ସା ରଖ, ସେଇଟି ପାଇବ ବୋଲି ଇଚ୍ଛା କର । ଅଧିକରୁ ଅଧିକ କମ୍ ସ୍ୱାର୍ଥପର ହେବା ଲାଗି ଚେଷ୍ଟା କର; ମାତ୍ର ଅନ୍ୟମାନଙ୍କୁ ଭଲ ଦେଖାଯିବ ବୋଲି ବା ଆପଣାକୁ ଭଲ ରହିବାର ଅର୍ଥରେ କଦାପି ସେପରି ଚେଷ୍ଟା କର ନାହିଁ । ମୁଁ ନିଜେ ଜଣେ ସ୍ୱତନ୍ତ୍ର ବ୍ୟକ୍ତି ବୋଲି ନିଜ ଭିତରେ ଯଥାସମ୍ଭବ କମ୍ ଅନୁଭବ କର; ତୁମେ ଜଣେ ଅଲଗା ମଣିଷ, ଯାହାକି ଆପେ ଆପେ ଅସ୍ତିତ୍ୱ ଧରି ରହିଛି ଓ ଅନ୍ୟମାନଙ୍କଠାରୁ ଅଲଗା ହୋଇ ରହିଛି, ନିଜକୁ ସେପରି ଭାବିବାକୁ ଯଥାସମ୍ଭବ କମ୍ ଚେଷ୍ଟା କର ।

ଏବଂ ତା'ପରେ, ସବୁଠାରୁ, ସବୁଠାରୁ ବଡ଼ କଥା ହେଉଛି ସେଇ ଅନ୍ତର୍ଗତ ଶିଖାଟି, ସେଇ ଅଭୀପ୍ସାଟି, ଆଲୋକ ଲାଗି ସେହି ପ୍ରୟୋଜନଟି । ଏଇଟି ହେଉଛି,—ସେଇଟିକୁ ମୁଁ କିପରି ବର୍ଣ୍ଣନା କରି କହିବ ?,—ଏକ ପ୍ରକାରର ଜ୍ୟୋତିର୍ମୟ ଉତ୍ସାହ, ଯାହାକି ତୁମକୁ ସଂପୂର୍ଣ୍ଣ ଭାବରେ ଅଧିକାର କରି ନେଇଥିବ । ଏଇଟି ହେଉଛି ଏକ ଅପ୍ରତିରୋଧ୍ୟ ଆବଶ୍ୟକତା, ସଂପୂର୍ଣ୍ଣରୂପେ ବିଗଳିତ ହୋଇ ଯିବା ଲାଗି, ନିଜକୁ ଦେଇ ଦେବା ଲାଗି ଏବଂ କେବଳ ଭଗବାନଙ୍କ ଲାଗିହିଁ ଜୀବନ ବଞ୍ଚିବାର ଏକ ଆବଶ୍ୟକତା ।

'oaob.nitrkl.ac.in' images reprocessed

ସେହି ମୁହୂର୍ତ୍ତରେ ତୁମେ ଆପଣାର ଅଭୀପ୍ସାଟିକୁ ଅନୁଭବ କରିପାରିବ ।

ମାତ୍ର ସେହି ମୁହୂର୍ତ୍ତଟି ମଧ୍ୟରେ ତୁମଠାରେ ଏକାନ୍ତ ନିଷ୍ଠା ରହିଥିବ, ଯଥାସମ୍ଭବ ଅଧିକ ସମଗ୍ରତା ରହିଥିବ । ଏବଂ ଏସବୁ କେବଳ ମସ୍ତିଷ୍କର କ୍ଷେତ୍ରରେ ଘଟିବ ନାହିଁ, କେବଳ ଏଇ ଗୋଟାଏ ଜାଗାରେ ଘଟିବ ନାହିଁ, ଏହା ସବୁ ଜାଗାରେ ସବୁ କ୍ଷେତ୍ରରେ ମଧ୍ୟ ଘଟିବ । ଶରୀରର ପ୍ରତ୍ୟେକ କୋଷରେ ତାହା ଘଟିବ । ଆମର ଚେତନା ସମଗ୍ର ଭାବରେ ଏହି ଅପ୍ରତିରୋଧ୍ୟ ଆବଶ୍ୟକତାଟିକୁ ଅବଶ୍ୟ ଅନୁଭବ କରୁଥିବ ।······ଏହି କଥାଟି କିଛି ସମୟ ସକାଶେ ରହିବ, ତା'ପରେ ହ୍ରାସ ହୋଇଯିବ, ନିଭିଯିବ । ଏସବୁ କଥାକୁ ତୁମେ ଅଧିକ ସମୟ ପର୍ଯ୍ୟନ୍ତ ଧରି ରଖି ପାରିବ ନାହିଁ । ମାତ୍ର ହୁଏତ ଏପରି ହେବ ଯେ ଆଉ କ୍ଷଣକ ପରେ ଅଥବା, ତା' ଆରଦିନ କିଂବା କିଛିଦିନ ପରେ, ତୁମର ହଠାତ୍ ତାର ଠିକ୍ ବିପରୀତ ଅନୁଭୂତିଟି ହେବାକୁ ଲାଗିବ । ଏହି ଆରୋହଣ ବା ଆଉସବୁ ବିଷୟରେ କିଛି ଅନୁଭବ କରିବା ପରିବର୍ତ୍ତେ, ବର୍ତ୍ତମାନ ସେସବୁ ଆଉ କିଛିହେଲେ ନଥିବ ଏବଂ ସତେଯେପରି ଏକ ଅବତରଣର ଅନୁଭୂତ ହେବ, ସତେଯେପରି କେହି ତୁମର ଅଭୀପ୍ସାଟିକୁ ପୂର୍ତ୍ତି କରିଦେଇ ଯାଉଥିବ । ସେହି ପୂର୍ତ୍ତିକାରୀ ଉତ୍ତରଟିହିଁ ରହିଛି ଓ ଆଉ କିଛିହେଲେ କେଉଁଠି ନାହିଁ ବୋଲି ଅନୁଭୂତ ହେବ । କେବଳ ସେହି ଭଗବଦ୍ ଭାବନା, ଭଗବଦ୍ ଇଚ୍ଛା, ଭଗବତ୍ ଶକ୍ତି ଏବଂ ଭଗବତ୍ କ୍ରିୟାଟି ବ୍ୟତୀତ ଆଉ କିଛିହେଲେ ଅସ୍ତିତ୍ୱରେ ନଥିବ । ଏବଂ ତୁମେ, ତୁମେ ନିଜେ ମଧ୍ୟ ଆଉ ଅସ୍ତିତ୍ୱରେ ନଥିବ ।

ଅର୍ଥାତ୍, ଏଇଟି ହେଉଛି ଆମ ଅଭୀପ୍ସାର ଉତ୍ତର । ଏଇଟି ତା'ପରେ ସଙ୍ଗେ ସଙ୍ଗେ ଘଟିପାରେ,—ଏପରି ଅତ୍ୟନ୍ତ କ୍ୱଚିତ୍ ହୋଇଥାଏ, ମାତ୍ର ତଥାପି ଘଟିପାରେ । ଯଦି ତୁମ ପାଖରେ ଯୁଗପତ୍ ଦୁଇଟିଯାକ କଥା ରହିଥିବ, ତେବେ ଅବସ୍ଥାଟିକୁ ଏକ ପରିପୂର୍ଣ୍ଣ ଅବସ୍ଥା ବୋଲି କୁହାଯାଇ ପାରିବ । ସାଧାରଣତଃ ଏହି ଦୁଇଟି ଅବସ୍ଥା ପାଳି କରି ଆସନ୍ତି, କ୍ରମଶଃ ଅଳ୍ପ ଅଳ୍ପ ବ୍ୟବଧାନ ରଖି ଆସୁଥାନ୍ତି ଏବଂ ପରିଶେଷରେ ଦୁହିଁଙ୍କ ମଧ୍ୟରେ ଏକ ସମଗ୍ର ବିଲୟନ ସମ୍ଭବ ହୋଇଯାଏ । ତା'ପରେ ଆଉ କୌଣସି ବ୍ୟବଧାନ ରହେ ନାହିଁ । ଜଣେ ଭାରତୀୟ ସୁଫି, ଯିଏକି ଜଣେ ସଙ୍ଗୀତଜ୍ଞ ମଧ୍ୟ ଥିଲେ, ଥରେ ମୁଁ ତାଙ୍କଠାରୁ ଶୁଣିଥିଲି ଯେ ଭଗବାନଙ୍କୁ ଭଲପାଇବା ଓ ଭଗବତ୍‌ସମର୍ପିତ ହୋଇ ରହିବାଠାରୁ ସୁଫିମାନଙ୍କ ଧର୍ମରେ ଆଉ ଏକ ଉଚ୍ଚତର ଅବସ୍ଥା ମଧ୍ୟ ରହିଛି, ଭକ୍ତର ଅବସ୍ଥାଠାରୁ ଉଚ୍ଚତର ଆଉ ଏକ ଅବସ୍ଥା ରହିଛି ଏବଂ ଭକ୍ତ କଦାପି ସର୍ବଶେଷ ଅବସ୍ଥା ନୁହେଁ । ଯେତେବେଳେ ଆଉ କୌଣସି ଭେଦ ନରହେ, ପ୍ରକୃତ ପଥରେ ସେହିକବେଳେ ସର୍ବଶେଷ ଅବସ୍ଥାଟି ଉପଲବ୍ଧ ହୋଇଯାଏ । ସେତେବେଳେ ଏହି ପ୍ରକାରର ଭଲ

'oaob.nitrkl.ac.in' images reprocessed

ପାଇବା, ସମର୍ପିତ ହେବା ଅଥବା ଆପଣାକୁ ଉତ୍ସର୍ଗ କରିବାର ଆଉ କୌଣସି ଅବକାଶ ରହେ ନାହିଁ । ଏହି ଅବସ୍ଥାଟି ହେଉଛି ଏକ ଅତି ସରଳ ଅବସ୍ଥା, ଯେତେବେଳେ କି ନିଜ ଓ ଭଗବାନଙ୍କ ମଧ୍ୟରେ ଆଉ କୌଣସି ଭେଦ କରିବାକୁ ପଡ଼େ ନାହିଁ । ସୁଫିମାନେ ଏହି ଅବସ୍ଥାଟିକୁ ଜାଣନ୍ତି । ଏକଥାଟି ସେମାନଙ୍କର ଶାସ୍ତ୍ରରେ ବି ଲେଖା ହୋଇ ରହିଛି । ଏହି ସୁଜ୍ଞାତ ଅବସ୍ଥାଟିରେ ସବୁ କଥା ବେଶ୍ ସହଜ ହୋଇଯାଏ । ଆଉ କୌଣସି ପାର୍ଥକ୍ୟ ରହେ ନାହିଁ, ଅତି ଉଲ୍ଲସିତ ଭାବରେ ଆପଣାକୁ ନେଇ କୌଣସି 'ବସ୍ତୁ' ପାଖରେ ସମର୍ପିତ କରି ଦେବା ଲାଗି କୌଣସି ଅବକାଶ ରହେ ନାହିଁ, ଯେଉଁ 'ବସ୍ତୁ'ଟି ତୁମଠାରୁ ସର୍ବଥା ବାହାରେ ଏବଂ ଦୂରରେ ରହିଛି, ଯାହାକୁ କି ତୁମେ ଛୁଇଁ ପାରୁ ନାହଁ, ଯାହାକି କେବଳ ତୁମ ଅଭୀପ୍ସା ଏବଂ ଭକ୍ତିର ଫଳସ୍ୱରୂପହିଁ ଲବ୍ଧ ହୋଇ ପାରିଛି, ତାହାରି ପାଖରେ ଆପଣାକୁ ନେଇ ସମର୍ପିତ କରିଦେବାର କୌଣସି ଅବକାଶ ରହେ ନାହିଁ । ସେତେବେଳେ ଆଉ କୌଣସି ପାର୍ଥକ୍ୟ ରହେ ନାହିଁ । ଯେତେବେଳେ ମିଳନଟି ପରିପୂର୍ଣ୍ଣ ହୋଇଯାଏ, ସେତେବେଳେ ଆଉ କୌଣସି ପାର୍ଥକ୍ୟ ରହେ ନାହିଁ ।

### ଆତ୍ମ-ପ୍ରଗତିରେ କ'ଣ ଏଇଠି ଶେଷ ?

ପ୍ରଗତିର ମାର୍ଗରେ ଶେଷ ବୋଲି କେଉଁଠି କିଛି ନାହିଁ ।—ଆଦୌ କୌଣସି ଶେଷ ନାହିଁ । ସେହି ମାର୍ଗରେ ତୁମେ କେଉଁଠିହେଲେ ଗୋଟିଏ ପୂର୍ଣ୍ଣଚ୍ଛେଦ ପକାଇ ପାରିବ ନାହିଁ ।

### ଶରୀରର ରୂପାନ୍ତର ଘଟିବା ପୂର୍ବରୁ ସେହି ଉପଲବ୍ଧି ସମ୍ଭବ କି ?

ଶରୀରର ରୂପାନ୍ତର ଘଟିବା ପୂର୍ବରୁ ?······ଏଇଟି ହେଉଛି ଚେତନାର ଏକ ବ୍ୟାପାର । ଉଦାହରଣସ୍ୱରୂପ, ଶରୀରର କୋଷଗୁଡ଼ିକ ବଦଳିବା ପୂର୍ବରୁ ଶାରୀର ଚେତନାରେ ମଧ୍ୟ ସେହି ଅନୁଭୂତିଟି ବେଶ୍ ସମ୍ଭବ ହୋଇପାରେ । ଶାରୀର ଚେତନା (ଶରୀରର ଚେତନା) ଏବଂ ଭୌତିକ ଶରୀର ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି । ଏଇଟି ସକାଶେ ପ୍ରକୃତରେ ଅନେକ ସମୟ ଲାଗେ, କାରଣ ଏଇଟି ଏପରି ଗୋଟିଏ ଜିନିଷ ଯାହାକି ଏପର୍ଯ୍ୟନ୍ତ କେବେହେଲେ ସାଧ ହୋଇ ନାହିଁ । ଯେପରି ମୁଁ ତୁମକୁ ଆଗରୁ କହିଛି, ସେହି ଅବସ୍ଥାଟି ହେଉଛି ସାଧାରଣତଃ ସମସ୍ତେ ଜାଣିଥିବା ଗୋଟିଏ ଅବସ୍ଥା, ଯାହାକୁ କି କେତେକ ବ୍ୟକ୍ତି,—ସର୍ବାଧିକ ଅଗ୍ରସର ହୋଇ ପାରିଥିବା ବ୍ୟକ୍ତିମାନେ, ତତ୍ତ୍ୱଦ୍ରଷ୍ଟାମାନଙ୍କ ମଧ୍ୟରୁ ସର୍ବୋଚ୍ଚ ସ୍ଥାନରେ

'oaob.nitrkl.ac.in' images reprocessed

ଯାଇ ପହଞ୍ଚି ପାରିଥିବା କେତେଜଣ ଉପଲବ୍ଧି ବି କରିଛନ୍ତି । ମାତ୍ର ସେମାନଙ୍କ ମଧ୍ୟରୁ କେହିହେଲେ ଶରୀରର ରୂପାନ୍ତରଟିକୁ ସମ୍ଭବ କରି ନାହାନ୍ତି ।

ଏବଂ ଏଥିଲାଗି ଅନେକ ଅଧିକ କାଳ ପ୍ରୟାସ ଦରକାର । ଶ୍ରୀଅରବିନ୍ଦ କହିଥିଲେ—ମୁଁ ତାଙ୍କୁ ଥରେ ପଚାରିଲି : "ଶରୀରର ରୂପାନ୍ତର-ସାଧନ କରାଇବାକୁ କେତେ ସମୟ ଲାଗିବ ?" କୌଣସି ପ୍ରକାର କୁଣ୍ଠା ପ୍ରକାଶ ନକରି ସେ କହିଲେ : "ହଁ, ପ୍ରାୟ ତିନିଶହ ବର୍ଷ ସରିକି ଲାଗିବ ।"

## କେବେଠାରୁ ତିନିଶହ ବର୍ଷ ?

ମୁଁ ଟିକିଏ ଆଗରୁ ଯେଉଁ ଚେତନାଟି ବିଷୟରେ କହୁଥିଲି, ସେଇଠୁ ତିନିଶହ ବର୍ଷ । (ସମସ୍ତେ ହସିଲେ ।)

ନାହିଁ,—ମୁଁ ସେହି ସିଦ୍ଧାନ୍ତଟି ବିଷୟରେ କହୁଥିଲି ଏବଂ ତୁମ ସମସ୍ତଙ୍କୁ ପ୍ରଥମେ ସେଇଥିରେ ସଫଳତା ହାସଲ କରିବାକୁ ପଡ଼ିବ । ସେହି ସିଦ୍ଧାନ୍ତଟି ହେଉଛି ଯେ ଆମେ ନିଜ ଇଚ୍ଛା ଅନୁସାରେ ଜୀବନକାଳକୁ ପ୍ରଲମ୍ବିତ କରିଦେଇ ପାରିବା,—ଅର୍ଥାତ୍, ଇଚ୍ଛା ନକରୁଥିବା ପର୍ଯ୍ୟନ୍ତ ଏହି ଶରୀରଟିକୁ ତ୍ୟାଗ ନକରିବାକୁ ସମର୍ଥ ହେବା ।

ତେଣୁ, ଯଦି ଆମେ ଶରୀରର ରୂପାନ୍ତର ଘଟାଇବା ଲାଗି ସଂକଳ୍ପବଦ୍ଧ ହୋଇଥାଉ, ତେବେ ସକଳ ଧୈର୍ଯ୍ୟର ସହିତ ସେଥିଲାଗି ଅପେକ୍ଷା କରିବାକୁ ପଡ଼ିବ,—ତିନିଶହ ବର୍ଷ, ପାଞ୍ଚଶହ ବର୍ଷ ଅଥବା ହଜାରେ ବର୍ଷ,—ସେଥିରେ କିଛି ଯାଏଆସେ ନାହିଁ; ପରିବର୍ତ୍ତନଟି ଲାଗି ଯେତିକି ଅବଧି ଦରକାର ସେହି ଅବଧିଟି ଲାଗି ଅପେକ୍ଷା କରିବାକୁ ପଡ଼ିବ । ମୋ' ବିଷୟରେ ତ ମୁଁ ଏତିକି କହିବି ଯେ ତିନିଶହ ବର୍ଷ ହେଉଛି ମୋର ସର୍ବନିମ୍ନ ସମୟ । ମୋର ବିଷୟଗୁଡ଼ିକ ସମ୍ବନ୍ଧରେ ଯେଉଁ ଅଭିଜ୍ଞତା ରହିଛି, ମୁଁ ସେହି ଅନୁସାରେ ପ୍ରକୃତ କଥାଟି କହୁଛି ଯେ ତିନିଶହ ବର୍ଷ ହେଉଛି ଏକ ସର୍ବନିମ୍ନ ଅବଧି ।

ଟିକିଏ କଳ୍ପନା କରି ଦେଖ । ଏହାର ପ୍ରକୃତ ଅର୍ଥଟି ଯେ କ'ଣ, ସେକଥାଟିକୁ ତୁମେ କଦାପି ଚିନ୍ତା କରି ଦେଖି ନାହଁ, ଦେଖିଛ କି ? ତୁମର ଶରୀରଟି କିପରି ଭାବରେ ତିଆରି ହୋଇଛି ? ଠିକ୍ ପ୍ରାଣୀର ଶରୀର ପରି,—ସେଥିରେ ପ୍ରାଣୀର ସବୁପ୍ରକାର ଅବୟବ ରହିଛି, ପ୍ରାଣୀ-ଶରୀରର ସବୁ ପ୍ରକାର କାର୍ଯ୍ୟ ରହିଛି । ତୁମେ ଏସବୁ ଉପରେ ଏକାନ୍ତ ନିର୍ଭରଶୀଳ ହୋଇ ରହିଛ : ତୁମର ହୃତ୍‌ପିଣ୍ଡ ଯଦି ଗୋଟାଏ ମିନିଟ୍‌ର ଏକ-ସହସ୍ରାଂଶ ଭାଗ ସମୟ ଲାଗି ବନ୍ଦ ହୋଇ ଯାଉଛି, ତେବେ ତୁମର ମୃତ୍ୟୁ ଘଟୁଛି ଓ ସବୁ ଶେଷ ହୋଇ ଯାଉଛି । ତୁମ

'oaob.nitrkl.ac.in' images reprocessed

ଚେତନ ଶକ୍ତିର କୌଣସି ସାହାଯ୍ୟ ନନେଇ ସମସ୍ତ ବସ୍ତୁଟି ସତେଅବା ଯନ୍ତ୍ରବତ୍ କାର୍ଯ୍ୟ କରିବାରେ ଲାଗିଛି । (ତୁମମାନଙ୍କ ଲାଗି ସେଇଟା ଭାରି ଭଲ ହୋଇଛି, କାରଣ ସେହି କାର୍ଯ୍ୟଟିକୁ ଯଦି ତୁମକୁ ତତ୍ତ୍ୱାବଧାନ କରିବାକୁ ପଡ଼ୁଥାନ୍ତା, ତେବେ ସେଇଟି ଅନେକ ଦିନ ପୂର୍ବରୁହିଁ ବିଗିଡ଼ି ଯାଇ ସାରନ୍ତାଣି ।) ଏହି ସବୁକିଛି ଏହିପରି ରହିଛି । ଏହି ସବୁଯାକ ତୁମ ଲାଗି ଆବଶ୍ୟକ, କାରଣ ତାହାକୁ ଠିକ୍ ସେହି ପ୍ରକାରେହିଁ ସଂଗଠିତ କରି ରଖା ଯାଇଥିଲା । ଶରୀରର କୌଣସି ଗୋଟିଏ ଅଙ୍ଗକୁ ବାଦ୍ ଦେଇ ତୁମେ ମୋଟେ ଚଳି ପାରିବ ନାହିଁ । ଏହି ଅଙ୍ଗଟିର ପ୍ରତିନିଧିତ୍ୱ କରିବା ଲାଗି ତୁମ ଭିତରେ ଅବଶ୍ୟ କିଛି ନା କିଛି ରହିଥିବ ।

ରୂପାନ୍ତରର ଅର୍ଥ ହେଉଛି ଯେ, ଶରୀରଟିକୁ ନେଇ ଏହି ଯେଉଁ ସମ୍ପୂର୍ଣ୍ଣ ଭୌତିକ ବ୍ୟବସ୍ଥାଟି ରହିଛି, ଏହାର ପରିବର୍ତ୍ତରେ ଶକ୍ତି-ସଂକେନ୍ଦ୍ରଣର ଏକ ବ୍ୟବସ୍ଥା ପ୍ରବର୍ତ୍ତିତ ହେବାକୁ ଆରମ୍ଭ କରିବ, ଯେଉଁଥିରେ କି ବିଭିନ୍ନ ସ୍ପନ୍ଦନର କେତୋଟି ନିର୍ଦ୍ଦିଷ୍ଟ ପ୍ରକାର ରହିଥିବ, ତାହାରି ଫଳରେ ଶରୀରର ପ୍ରତ୍ୟେକ ଅଙ୍ଗଟି ସ୍ଥାନରେ ଚେତନ ଶକ୍ତିର ଏକ କେନ୍ଦ୍ର ସଂଗଠିତ ହୋଇ ଆସିବ; ସେହି କେନ୍ଦ୍ରଗୁଡ଼ିକ ଏକ ଚେତନ ଇଚ୍ଛା ଦ୍ୱାରା ସଞ୍ଚାଳିତ ହେଉଥିବ ଏବଂ ଊର୍ଦ୍ଧ୍ୱରୁ ଅର୍ଥାତ୍ ଊର୍ଦ୍ଧ୍ୱାଞ୍ଚଳଗୁଡ଼ିକରୁ ଆସୁଥିବା ଏକ ଗତିସ୍ପନ୍ଦନ ଦ୍ୱାରା ସେଗୁଡ଼ିକର ପରିଚାଳନା ହେଉଥିବ । ସେତେବେଳେ ଆଉ ପାକସ୍ଥଳୀ ନଥିବ, ହୃଦ୍‌ଯନ୍ତ୍ର ନଥିବ, ରକ୍ତସଞ୍ଚାଳନ ନଥିବ କି ଫୁସ୍‌ଫୁସ୍‌ଗୁଡ଼ାକ ନଥିବେ,...ହଁ, କିଛି ନଥିବେ ।...ଏହି ସବୁଯାକ ଅନ୍ତର୍ହିତ ହୋଇଯିବେ । ମାତ୍ର ଏହି ବ୍ୟବସ୍ଥାଟି ସ୍ଥାନରେ ନାନା ସ୍ପନ୍ଦନର ଗୋଟିଏ ସମଗ୍ର ବ୍ୟବସ୍ଥା ପ୍ରବର୍ତ୍ତିତ ହେବ, ଏବଂ ସେହିଗୁଡ଼ିକହିଁ ପ୍ରତୀକାତ୍ମକ ଭାବରେ ଗୋଟିଏ ଗୋଟିଏ ଶରୀରାଙ୍ଗର ପ୍ରତିନିଧିତ୍ୱ କରୁଥିବେ । କାରଣ ବର୍ତ୍ତମାନ ଯାହାକୁ ଆମେ ଶରୀରର ଅଙ୍ଗ ବୋଲି କହୁଛୁ, ସେଗୁଡ଼ିକ କେତେଗୁଡ଼ିଏ ଶକ୍ତି-କେନ୍ଦ୍ରର ଶରୀରୀକୃତ ପ୍ରତୀକ ବ୍ୟତୀତ ଆଉ କିଛି ନୁହନ୍ତି । ସେଗୁଡ଼ିକ ପ୍ରକୃତ ସତ୍ୟ ମୋଟେ ନୁହନ୍ତି; କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ସେମାନେ ସେହି ଶକ୍ତିଟିକୁହିଁ କେବଳ ଏକ ଆକାର ବା ଏକ ଅବଲମ୍ବନ ଦେଇ ରଖିଛନ୍ତି । ସେତେବେଳେ ରୂପାନ୍ତରିତ ଶରୀରଟି ଆପଣାର ପ୍ରକୃତ ଶକ୍ତିକେନ୍ଦ୍ରଗୁଡ଼ିକର ସାହାଯ୍ୟରେ ଚାଲିବ; ପ୍ରାଣୀ-ଶରୀରର ସ୍ତରରେ ସେହି କେନ୍ଦ୍ରଗୁଡ଼ିକର ଯେଉଁସବୁ ପ୍ରତୀକାତ୍ମକ ପ୍ରତିନିଧି ବିକଶିତ ହୋଇ ରହିଥିଲେ, ଆଉ ସେଗୁଡ଼ିକ ସାହାଯ୍ୟରେ ଚାଲିବାକୁ ବାଧ୍ୟ ହେବ ନାହିଁ । ତେଣୁ, ବିଶ୍ୱ-ଶକ୍ତିର ବ୍ୟବସ୍ଥାଟି ମଧ୍ୟରେ ତୁମର ହୃଦ୍‌ଯନ୍ତ୍ରଟି କାହାର ପ୍ରତିନିଧିତ୍ୱ କରୁଛି, ରକ୍ତସଞ୍ଚାଳନ କେଉଁଟିର ପ୍ରତିନିଧିତ୍ୱ କରୁଛି ଓ ସେହିପରି ତୁମର ପାକସ୍ଥଳୀ ଓ ମସ୍ତିଷ୍କ କେଉଁସବୁର ପ୍ରତିନିଧିତ୍ୱ କରୁଛନ୍ତି, ସର୍ବପ୍ରଥମେ ତୁମକୁ ସେହି କଥାଟିକୁ ଜାଣି ରଖିବାକୁ ହେବ । ସର୍ବପ୍ରଥମେ ତୁମକୁ ସେହିସବୁ ବିଷୟରେହିଁ ସଚେତନ ରହିବାକୁ

'oaob.nitrkl.ac.in' images reprocessed

ପଡ଼ିବ । ଏବଂ ତା'ପରେ, ଏହିସବୁ ଅଙ୍ଗପ୍ରତ୍ୟଙ୍ଗ ଯେଉଁ ମୂଳ ସ୍ପନ୍ଦନଗୁଡ଼ିକର ପ୍ରତୀକ ହୋଇ ରହିଛନ୍ତି, ସେଗୁଡ଼ିକୁ ନିଜର ଅଧୀନକୁ ଆଣିବାକୁ ପଡ଼ିବ । ତୁମକୁ କ୍ରମଶଃ ଏହି ଶକ୍ତିଗୁଡ଼ିକୁ ନିଜର ଶରୀର ମଧ୍ୟରେ ଏକତ୍ର କରି ଆଣିବାକୁ ପଡ଼ିବ ଏବଂ ଶରୀରର ପ୍ରତ୍ୟେକ ଅଙ୍ଗକୁ ଚେତନ ଶକ୍ତିର ଗୋଟିଏ ଗୋଟିଏ କେନ୍ଦ୍ରରୂପେ ପରିବର୍ତ୍ତିତ କରିଦେବାକୁ ପଡ଼ିବ ଏବଂ ସେହି କେନ୍ଦ୍ରଗୁଡ଼ିକହିଁ ବର୍ତ୍ତମାନର ପ୍ରତୀକାତ୍ମକ ଗତିସ୍ପନ୍ଦନଟି ସ୍ଥାନରେ ପ୍ରକୃତ ଗତିସ୍ପନ୍ଦନଟିର ପ୍ରବର୍ତ୍ତନ କରି ଆଣିବେ ।...ତୁମେ ଭାବୁଛ ଯେ ଏକଥାଟି ସମ୍ଭବ କରିବା ଲାଗି ମୋଟେ ତିନିଶହ ବର୍ଷ ଲାଗିବ ? ବର୍ତ୍ତମାନ ଗୁଣ ବୋଲି ଆମେ ଯେଉଁ କେତୋଟିକୁ ଜାଣିଛୁ, ସେଗୁଡ଼ିକରୁ ଏକାନ୍ତ ଭିନ୍ନ ଉତ୍କୃଷ୍ଟତର ଗୁଣବିଶିଷ୍ଟ ଗୋଟିଏ ଶରୀର ଅର୍ଜନ କରିବାକୁ ଆହୁରି ଅଧିକ ସମୟ ଲାଗିବ ବୋଲି ମୁଁ ଭାବୁଛି; ଏହି ଶରୀରଟି ଯେତିକି ନମନୀୟ ହେବା ଉଚିତ ବୋଲି ଆମେ ଇଚ୍ଛା କରୁଛୁ ଓ କଳ୍ପନା କରୁଛୁ, ସେତେବେଳେ ଶରୀରଟି ସେହି ନମନୀୟତାକୁ ଅର୍ଜନ କରି ପାରିବ । ଆମ ଅନୁଭୂତିଗୁଡ଼ିକ ସହିତ ଆମ ମୁଖର ଅଭିବ୍ୟକ୍ତି ଯେପରି ବଦଳି ଯାଉଛି, ଠିକ୍ ସେହିପରି, ଆମ ଶରୀରଟି ଦେଇ ଆମେ ଯାହାକିଛି ପ୍ରକାଶ କରିବାକୁ ଇଚ୍ଛା କରୁଛୁ, ସେତେବେଳେ ଆମ ଶରୀରଟି ମଧ୍ୟ ସେହିପରି ବଦଳିଯିବ (ଶରୀରର ରୂପଟି ବଦଳିବ ନାହିଁ, ମାତ୍ର ଏହି ରୂପଟି ଭିତରେହିଁ ସବୁ ବଦଳିଯିବ ।) । ଏହି ଶରୀର ସେତେବେଳେ ଅତ୍ୟନ୍ତ ସଚେତନ୍ତ୍ରିତ ହୋଇପାରିବ, ଅତ୍ୟନ୍ତ ବିକଶିତ ଓ ଜ୍ୟୋତିର୍ମୟ ହୋଇ ଉଠିବ, ସୁସ୍ଥ ଓ ସନ୍ତୁଳିତ ହୋଇ ରହିବ, ପରିପୂର୍ଣ୍ଣ ଭାବରେ ନମନୀୟତାଯୁକ୍ତ ହେବ, ସ୍ଥିତିସ୍ଥାପକ ହୋଇପାରିବ ଏବଂ ଇଚ୍ଛାମତେ ଏହାକୁ ହାଲୁକା ବି କରିଯାଇ ପାରିବ ।...ତୁମେ କେବେ କଳ୍ପନା କରିଛ ଯେ ମାଟି ଉପରେ ଗୋଟାଏ ଗୋଇଠା ମାରିବା ମାତ୍ରକେ ତୁମେ ଉପରକୁ ଉଠିଯାଇ ପାରିବ, ଉଡ଼ିବାକୁ ଆରମ୍ଭ କରିପାରିବ ? ତୁମେ ଏଣେତେଣେ ଯାଇପାରିବ । କାନ୍ଧ ଦେଇ ଟିକିଏ ଠେଲିଦେବ ତ ଏଆଡ଼େ ଯାଇପାରିବ; ପୁଣି ଟିକିଏ ଠେଲିଦେବ ତ ସେଆଡ଼େ ଯାଇପାରିବ । ଏବଂ ଯେଉଁଆଡ଼କୁ ଇଚ୍ଛା କରିବ, ସେଆଡ଼କୁ ଯାଇପାରିବ, ଅବଳୀଳାକ୍ରମେ ଯାଇପାରିବ । ଏବଂ ତା'ପରେ ସବୁ ସାରି ତୁମେ ଫେରିଆସି ପୁଣି ନିଜର ଶରୀର ମଧ୍ୟରେ ପ୍ରବେଶ କରି ପାରିବ । ହଁ, ତୁମ ଶରୀର ସାହାଯ୍ୟରେ ସେହି କଥାଟି କରିବା ଲାଗି ତୁମେ ଅବଶ୍ୟ ସମର୍ଥ ହେବ, ନିଃଶ୍ୱାସ ପ୍ରଶ୍ୱାସର ବିଶ୍ରାନ୍ତି ଅବସ୍ଥାରେ ମଧ୍ୟ କେତେକ କଥା କରିବାକୁ ସମର୍ଥ ହେବ, ମାତ୍ର ସେତେବେଳେ ଆଉ ଏହି ଫୁସ୍‌ଫୁସ୍‌ଗୁଡ଼ାକ ନଥିବ । ଏହି ପ୍ରତୀକାତ୍ମକ ଗତିସ୍ପନ୍ଦନ ପଛରେ ଏକ ପ୍ରକୃତ ଗତିସ୍ପନ୍ଦନ ମଧ୍ୟ ରହିଛି, ଯାହାଫଳରେ କି ତୁମେ ହାଲୁକା ହେବାର ଏହି ଶକ୍ତିଟିକୁ ଅର୍ଜନ କରି ପାରିବ । ସେତେବେଳେ ତୁମେ ଆଉ ଏହି ମାଧ୍ୟାକର୍ଷଣ-ଶକ୍ତି ଉପରେ ନିର୍ଭର କରି ରହୁଥିବା ବ୍ୟକ୍ତିଟିର

'oaob.nitrkl.ac.in' images reprocessed

ଅଧୀନ ହୋଇ ରହିବ ନାହିଁ, ତୁମେ ଏଇଟି ମଧ୍ୟରୁ ବାହାରି ଚାଲିଯାଇ ପାରିବ।* ଏବଂ ଶରୀରର ପ୍ରତ୍ୟେକ ଅଙ୍ଗ ବିଷୟରେ ସେହିପରି ଘଟିବ।

ଏହି ଧାରାରେ କଳ୍ପନା କରି ବସିଲେ ସେଥିରେ କୌଣସି ଅନ୍ତ ରହିବ ନାହିଁ। ଆମେ ଯେତେବେଳେ ଇଚ୍ଛା କରିବା ଭାସ୍ୱର ହୋଇ ଉଠିପାରିବା, ସ୍ୱଚ୍ଛ ଓ ସୁଭେଦ୍ୟ ହୋଇ ଦେଖାଯାଇ ପାରିବା। ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ ସେତେବେଳେ ଆଉ ଦେହରେ ଏହି ହାଡ଼ଗୁଡ଼ାକର କୌଣସି ଆବଶ୍ୟକତା ରହିବ ନାହିଁ, ଦେହ କହିଲେ ସେତେବେଳେ ଚମଡ଼ା ଓ ଅସ୍ଥିଗୁଡ଼ାକ ରହିଥିବା ଏକ କଙ୍କାଳକୁ ବୁଝାଇବ ନାହିଁ, ଏହା ଏକ ଅନ୍ୟ ଦେହ ହୋଇଯିବ। ସେତେବେଳେ ସଂକେନ୍ଦ୍ରିତ ଏକ ଶକ୍ତିହିଁ ଇଚ୍ଛାର ଆଦେଶ ପାଳନ କରିବ। ଏହାର ଅର୍ଥ ନୁହେଁ ଯେ ଆଉ କାହାରି କୌଣସି ନିର୍ଦ୍ଦିଷ୍ଟ ଦେହାକୃତି ରହିବ ନାହିଁ ବା ସେଗୁଡ଼ିକୁ ମୋଟେ ଚିହ୍ନି ହେବ ନାହିଁ। ସେତେବେଳେ ସେହି ଆକୃତି ଘନ ଅଣୁଗୁଡ଼ିକ ଦ୍ୱାରା ତିଆରି ନହୋଇ କେତୋଟି ଗୁଣ ଦ୍ୱାରାହିଁ ତିଆରି ହୋଇ ରହିବ। ଆମେ ହୁଏତ ଏପରି କହିପାରିବା ଯେ ତାହା ସେତେବେଳେ ଏକ ବ୍ୟାବହାରିକ ଅର୍ଥାତ୍ ପରିଣାମଧର୍ମୀ ହୋଇ ରହିବ; ଦେହ ସେତେବେଳେ ନମନୀୟ ହେବ, ଗତିଶୀଳ ହେବ, ଇଚ୍ଛାମତେ ହାଲୁକା ହୋଇପାରିବ; ବର୍ତ୍ତମାନର ସ୍ଥୂଳ ଜଡ଼ଦେହଟି ଯେପରି ପ୍ରସ୍ତରପ୍ରାୟ ହୋଇ ରହିଛି, ସେତେବେଳେ ତାହା ଆଉ କଦାପି ହେବ ନାହିଁ।

ତେଣୁ, ମୁଁ ଯାହାସବୁ ବର୍ଣ୍ଣନା କଲି, ଏହି ଦେହକୁ ସେହିପରି ଏକ ଅବସ୍ଥାରେ ଆଣି ପହଞ୍ଚାଇବାକୁ ହେଲେ ତିନିଶହ ବର୍ଷକୁ ମୁଁ ଅତି କମ୍ ସମୟ ବୋଲି ଭାବୁଛି। ଏହି ପରିବର୍ତ୍ତନ ଲାଗି ଯେତେ ବର୍ଷ ଦରକାର ହୁଅନ୍ତୁ, ଏହି

---

* ଶ୍ରୀଅରବିନ୍ଦଙ୍କ କହିବା ଅନୁସାରେ, ଯେଉଁ ଗତିସ୍ପନ୍ଦନଟି ବିଦ୍ୟୁତ୍‌ଶକ୍ତି ଓ ଚୁମ୍ବକଶକ୍ତିର କ୍ଷେତ୍ରଗୁଡ଼ିକରେ କାର୍ଯ୍ୟ କରୁଛି, ଆମ ଶ୍ୱାସ-ପ୍ରଶ୍ୱାସ କ୍ରିୟାଟି ପଛରେ ମଧ୍ୟ ସେହି ପ୍ରକୃତ ଗତିସ୍ପନ୍ଦନ କାର୍ଯ୍ୟକାରୀ ହୋଇ ରହିଛି। ପ୍ରାଚୀନ ଯୋଗୀମାନେ ତାହାକୁହିଁ ବାୟୁ ବା ପ୍ରାଣ-ଶକ୍ତି ବୋଲି କହିଥିଲେ। ଏହି ବାୟୁ ଉପରେ କର୍ତ୍ତୃତ୍ୱ ହାସଲ କରିବା ଲାଗି ପ୍ରାଣାୟାମ ହେଉଛି ଗୋଟିଏ (ଅବଶ୍ୟ ଅନେକ ମଧ୍ୟରେ) ସାଧନ। ପ୍ରାଣାୟାମ ଦ୍ୱାରା ମନୁଷ୍ୟ ମାଧ୍ୟାକର୍ଷଣର ଅଧୀନତା ଭିତରୁ ବାହାରି ଯିବାକୁ ସମର୍ଥ ହୁଏ ଏବଂ ପ୍ରାଚୀନମାନଙ୍କୁ ଜ୍ଞାତ ହୋଇ ରହିଥିବା କେତେକ ନିର୍ଦ୍ଦିଷ୍ଟ ଶକ୍ତିର ଅଧିକାରୀ ହୋଇଥାଏ। ଗରିମା, ଲଘିମା, ମହିମା ଓ ଅଣିମା ପ୍ରଭୃତିକୁ ଆମେ ଏହିପରି କେତୋଟି ଶକ୍ତି ବୋଲି ଜାଣିବା। ଏହି ପ୍ରବଚନର ଏକ ପରିଶିଷ୍ଟରୂପେ ଆମେ ଏଠାରେ ଜଣେ ଫରାସୀ ବୈଜ୍ଞାନିକ-ଶିଷ୍ୟଙ୍କ ସହିତ ଶ୍ରୀଅରବିନ୍ଦଙ୍କର ହୋଇଥିବା କଥୋପକଥନର କିୟଦଂଶ ପ୍ରକାଶ କରୁଛୁ। ସେଥିରେ ଏହି "ପ୍ରକୃତ ଗତିସ୍ପନ୍ଦନକୁ କେତୋଟି ବିଷୟରେ ଚର୍ଚ୍ଚା ହୋଇଛି ଏବଂ ସେହି ପ୍ରକୃତ ଗତିସ୍ପନ୍ଦନଗୁଡ଼ିକ ଜଡ଼ଜଗତର ବାହ୍ୟ ଗତିସ୍ପନ୍ଦନଗୁଡ଼ିକର ପଛରେ ଅବସ୍ଥିତ ରହିଛନ୍ତି।

'oaob.nitrkl.ac.in' images reprocessed

ଅବଧିଟି ତାହାଠାରୁ ଅନେକ ଅଧିକ ବୋଲି ଲାଗୁଥିବ, ସମ୍ଭବତଃ, ଯଦି ଅତ୍ୟନ୍ତ ପରିମାଣରେ କାର୍ଯ୍ୟଟିକୁ ସଂକେନ୍ଦ୍ରିତ କରି ଯାଇପାରେ······

### ଆମ ବର୍ତ୍ତମାନ ଶରୀରରେ ତିନିଶହ ବର୍ଷ ?

ନାହିଁ,—ପରିବର୍ତ୍ତିତ ତ ହେବାରେ ଲାଗିଛି । ଶରୀରଟି ଯେପରି ଅଛି, କଦାପି ସେହିପରି ହୋଇ ରହୁ ନାହିଁ ।

ମାତ୍ର ତୁମେ ନିଶ୍ଚୟ ଦେଖି ପାରୁଥିବ ଯେ, ଏହି ବର୍ତ୍ତମାନ ଶରୀରରେ ତିନିଶହ ବର୍ଷ ସମୟ ଲାଗିବ ବୋଲି ତୁମ ଭିତରର ସାନ ମଣିଷଟି ଯେତେବେଳେ କହିବାକୁ ବାହାରୁଛି, ସେତେବେଳେ ତୁମେ କହି ଉଠୁଛ "କ'ଣ ହେଲା ! ମୋତେ ତ ପଚିଶବର୍ଷ ହେଲା ବେଳକୁ ଏହି ଶରୀର ଜୀର୍ଣ୍ଣ ହେବାକୁ ଆରମ୍ଭ କରୁଛି, ତେବେ ତିନିଶହ ବର୍ଷ ହେଲା ବେଳକୁ ଏହା ତ ଏକ ବୀଭତ୍ସ ବ୍ୟାପାରରେ ପରିଣତ ହୋଇଥିବ !" ମାତ୍ର ଏପରି ଭାବିବା ଠିକ୍ ନୁହେଁ । ଯେଉଁ ଦେହ ବର୍ଷ ପରେ ବର୍ଷ ଆପଣାକୁ ଅଧିକରୁ ଅଧିକ ଯୋଗ୍ୟ ଓ ପ୍ରସ୍ତୁତ କରିବାରେ ଲାଗିଛି, ଯଦି ସେହି ଶରୀରଟିକୁ ସାଙ୍ଗରେ ନେଇ ତିନିଶହ ବରଷ ଲାଗିବାର କଥା ହୁଏ, ତେବେ ଯେଉଁଦିନ ତିନିଶହ ବରଷରୁ ସର୍ବଶେଷ ବର୍ଷଟି ଆସି ପହଞ୍ଚିବ, ସେତେବେଳେ ସମ୍ଭବତଃ ଆମେ କହିବା : "ନାହିଁ;—ମୁଁ ଯାହା ହେବାକୁ ଇଚ୍ଛା କରୁଛି, ସେଥିପାଇଁ ତ ମୋତେ ଆହୁରି ତିନି ବା ଚାରିଶହ ବରଷ ସମୟ ଲାଗିବ !" ଅତିବାହିତ ହୋଇ ଯାଉଥିବା ପ୍ରତ୍ୟେକଟି ବର୍ଷରେ ଯଦି ପ୍ରକୃତରେ ଅଗ୍ରଗତି ହେବାରେ ଲାଗିଥାଏ, ଏକ ରୂପାନ୍ତର ସାଧିତ ହେଉଥାଏ, ତେବେ ନିଜକୁ ଅଧିକରୁ ଅଧିକ ରୂପାନ୍ତରିତ କରିପାରିବା ସକାଶେ ଅଧିକରୁ ଅଧିକ ବର୍ଷ ହାତକୁ ଆସୁ ବୋଲି ଆମେ ନିଶ୍ଚୟ ଇଚ୍ଛା କରୁଥିବା । ଆମେ ଠିକ୍ ଯାହା ହେବାକୁ ଚାହୁଁଛୁ, ସେତେବେଳେ କୌଣସି କଥା ଠିକ୍ ତାହାରି ଭଳି ହୋଇ ପାରି ନଥିବ, ଅର୍ଥାତ୍, ବର୍ତ୍ତମାନ ମୁଁ ଯେଉଁସବୁର ବର୍ଣ୍ଣନା କରୁଥିଲି, ତାହା ଭିତରୁ କେବଳ ଗୋଟିକର ଦୃଷ୍ଟାନ୍ତ ନେଇ କହିଲେ, ଅର୍ଥାତ୍, ନମନୀୟତା, କୋମଳତା, ସ୍ଥିତିସ୍ଥାପକତା ଅଥବା ସ୍ଥିରତା ମଧ୍ୟରୁ କୌଣସି ଗୋଟିଏ ଦୃଷ୍ଟାନ୍ତ ନେଇ କହିଲେ,—ଏବଂ ଏକଥା ସତ ଯେ ତୁମେ ଏଗୁଡ଼ିକୁ ଯେପରି ହେବାକୁ ଇଚ୍ଛା କରୁଛ, ଏଗୁଡ଼ିକରୁ କୌଣସିଟି ବି ସେହି ଅବସ୍ଥାରେ ପହଞ୍ଚି ପାରି ନାହାନ୍ତି,—ତେବେ ସେହି ଅବସ୍ଥାରେ ଯାଇ ପହଞ୍ଚି ପାରିବାକୁ ହେଲେ ତୁମେ ଆହୁରି ଅନ୍ତତଃ ଦୁଇଶହ ବର୍ଷ ଦରକାର କରିବ । ମାତ୍ର ତୁମେ ଏକଥା କଦାପି ଭାବ ନାହିଁ : "ଏପରି କିପରି ହେବ ? ଏହା କ'ଣ ସତରେ ଆହୁରି ଦୁଇଶହ ବର୍ଷ ସମୟ ନେବ ?" ସେପରି ନକହି ତୁମେ ବରଂ ଏପରି କହିବ : "ଏହି କଥାଟିକୁ

'oaob.nitrkl.ac.in' images reprocessed

ପ୍ରକୃତିରେ ସମ୍ଭବ କରି ପାରିବାକୁ ହେଲେ ଦୁଇଶହ ବର୍ଷ ନିଶ୍ଚୟ ଲାଗିବ ।" ଏବଂ ତା'ହେଲେ, ଯେତେବେଳେ ସବୁକିଛି କରା ହେଉଥିବ, ସବୁକିଛି ନିର୍ଭୁଲ ଓ ପରିପୂର୍ଣ୍ଣ ଭାବରେ ଚାଲୁଥିବ, ସେତେବେଳେ ବରଷର ଆଉ କୌଣସି ପ୍ରଶ୍ନହିଁ ରହିବ ନାହିଁ, କାରଣ ତୁମେ ପ୍ରକୃତରେ ଅମର ହୋଇ ଯାଇଥିବ ।

ମାତ୍ର ଏହି କ୍ଷେତ୍ରରେ ହୁଏତ ଅନେକ ଆପତ୍ତି ବି ଉଠିବ । କେହି ହୁଏତ ଏପରି କହିବେ ଯେ ପରିପାର୍ଶ୍ୱରେ କିଛି ନା କିଛି ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ ଶରୀରର କ୍ଷେତ୍ରରେ କୌଣସି ପରିବର୍ତ୍ତନ ଅସମ୍ଭବହିଁ ହୋଇ ରହିବ । ତୁମେ ଯେତେବେଳେ ଏତେ ଅଧିକ ବଦଳିଯିବ, ସେତେବେଳେ ଅନ୍ୟବସ୍ତୁଗୁଡ଼ିକ ସହିତ ତୁମର ସମ୍ବନ୍ଧ କ'ଣ ହେବ ? ଅନ୍ୟ ସତ୍ତ୍ୱମାନଙ୍କ ସହିତ ବି ସମ୍ବନ୍ଧ କ'ଣ ହେବ ? ଏହି କଥାଟି ବେଶ୍ ଆବଶ୍ୟକ ବୋଲି ମନେହେଉଛି ଯେ ବସ୍ତୁଗୁଡ଼ିକର ଏକ ସମଗ୍ର ସମୂହ ମଧ୍ୟ ବଦଳିଯିବ, ଅନ୍ତତଃ ଆପେକ୍ଷିକ ଅନୁପାତରେ ବଦଳିଯିବ, ଯେପରିକି ଜଣେ ବଞ୍ଚିରହି ପାରିବ, ଜୀବନଧାରଣ କରିପାରିବ । ଏଥିରୁ ଅନେକ ଜଟିଳତା ଓ ବହୁସାପେକ୍ଷତା ଆସି ପହଞ୍ଚିବ, କାରଣ ସେତେବେଳେ ଆଉ ଜଣେ ବ୍ୟକ୍ତିର ଚେତନାହିଁ କାର୍ଯ୍ୟ କରିବ ନାହିଁ, ତାହା ଏକ ସମୂହ ଚେତନାରେ ପରିଣତ ହେବ । ଏବଂ ତେଣୁ ଏହା ଅପେକ୍ଷାକୃତ ତଥାପି ଆହୁରି ଅଧିକ କଷ୍ଟକର ହୋଇଯିବ ।

(ନୀରବତା)

**ଭଗବତ୍ ପରମସତ୍ତ୍ୱା ଆମ ଲାଗି ଯାହା କରୁଛି, ସେଗୁଡ଼ିକ ବିଷୟରେ ଆମେ ସଚେତନ ହୋଇ ରହି ନଥିଲେ ମଧ୍ୟ ଆମେ ଆଜି ଅଗ୍ରସର ହୋଇ ପାରିବା ନାହିଁ କି ?**

ହଁ, ଅଗ୍ରସର ହୋଇପାରିବ, ମାତ୍ର ନିଜର ଏହି ଅଗ୍ରସର ହେବା ବିଷୟରେ ଆଉ କୌଣସି ସଚେତନତା ରହିବ ନାହିଁ । ଅର୍ଥାତ୍, ଏହା ଏପରି ଏକ ଅଗ୍ରଗତି ହେବ, ଯାହାକୁ କି ଭଗବାନ ତୁମ ଭିତରେ ଘଟାଉଥିବେ, ମାତ୍ର ସେଥିରେ ତୁମର ସହଯୋଗ ନଥିବ । ସେଥିରେ ଅନେକ ଅଧିକ ସମୟ ଲାଗିବ । ଏହା ଘଟିବ, ମାତ୍ର ଅନେକ ଅଧିକ ସମୟ ଲାଗିବ । ମାତ୍ର ଯେତେବେଳେ ତୁମେ ସଚେତନ ଥିବ, ସହଯୋଗ କରୁଥିବ, ଯାହା କରିବା ଉଚିତ ବସ୍ତୁତଃ ସଚେତନ ହୋଇ ତାହା କରି ପାରୁଥିବ, ତେବେ କାର୍ଯ୍ୟଟି ଅନେକ ଅଧିକ ଶୀଘ୍ର ହୋଇଯିବ ।

ଅନେକ ଲୋକ ଅଛନ୍ତି, ଏପରିକି ବିପୁଳ ଅଧିକସଂଖ୍ୟାରେ ରହିଥିବା ଏହିପରି ଅନେକ ସଂଖ୍ୟାରେ ରହିଛନ୍ତି, ଯେଉଁମାନେ କି ଭଗବତ୍ ପରମଶକ୍ତି ସେମାନଙ୍କ

'oaob.nitrkl.ac.in' images reprocessed

ମଧ୍ୟରେ କରୁଥିବା କାର୍ଯ୍ୟଟି ବିଷୟରେ ଆଦୌ କୌଣସି ପ୍ରକାରେ ସଚେତନ ନଥାନ୍ତି । ଯଦି ତୁମେ ସେମାନଙ୍କୁ ଏହି ବିଷୟରେ କିଛି କହିବାକୁ ଯାଅ, ସେମାନେ ଆଶ୍ଚର୍ଯ୍ୟ ହୋଇ ଏଡ଼େ ଏଡ଼େ ଆଖି କରି ତୁମ ଆଡ଼କୁ ଅନାଇବାରେ ଲାଗନ୍ତି, ସେମାନେ ତୁମକୁ ସତେଅବା ଅଧାପାଗଳ ବୋଲି ଭାବନ୍ତି, ତୁମେ ଯେ କୋଉ ବିଷୟରେ କଥା କହୁଚ, ସେମାନେ ସେହି ବିଷୟରେ କିଛି ଜାଣନ୍ତି ନାହିଁ । ମନୁଷ୍ୟଜାତିର ବିପୁଳ ଅଧିକ ସଂଖ୍ୟାର ଲୋକ ଏହିପରି କରନ୍ତି । ତଥାପି ପରମଚେତନା କାର୍ଯ୍ୟ କରିବାରେ ଲାଗିଥାଏ, ସତତ କାର୍ଯ୍ୟ କରିବାରେ ଲାଗିଥାଏ । ସେମାନେ ଇଚ୍ଛା କରନ୍ତୁ ବା ନକରନ୍ତୁ, ତାହା ଭିତରୁହିଁ ସେମାନଙ୍କୁ ଗଢ଼ି ଆଣିବାରେ ଲାଗିଥାଏ । ମାତ୍ର ତା'ପରେ ଯେତେବେଳେ ସେମାନେ ଏହି ବିଷୟରେ ସଚେତନ ହୁଅନ୍ତି, ସେତେବେଳେ ଅନେକ ଲୋକ ଅଛନ୍ତି, ସେମାନେ କି ଏକଥା ଜାଣି ଆତଙ୍କିତ ହୋଇଉଠନ୍ତି, ଏବଂ ଆହୁରି କେତେକ ଏପରି ନିର୍ବୋଧ ହୋଇ ରହିଥାନ୍ତି ଯେ ସେମାନେ ସତେଅବା ବିଦ୍ରୋହ କଲାପରି କହିବାରେ ଲାଗନ୍ତି : "ନାହିଁ, ନାହିଁ—ମୁଁ ନିଜେ କେବଳ ନିଜେ ହୋଇ ରହିବାକୁ ଚାହେଁ ! ନିଜେହିଁ ସବୁ କରିବାକୁ ଚାହେଁ ।" ହଁ ନିଜେ,—ଅର୍ଥାତ୍ ଜଣେ ମୂଢ଼, ଯିଏ କି କିଛିହେଲେ ଜାଣି ନାହିଁ । ଏବଂ ତା'ପରେ, ସେହି ଅବସ୍ଥାଟି ମଧ୍ୟ ଗତ ହୋଇଯାଏ । ଏବଂ ତା'ପରେ ଏକ ମୁହୂର୍ତ୍ତ ଆସି ପହଞ୍ଚେ, ଯେତେବେଳେ କି ଜଣେ ସହଯୋଗ କରିବାକୁ ଆରମ୍ଭ କରେ ଏବଂ କହେ : "ଆଃ—ପ୍ରକୃତରେ କେଡ଼େ ଆନନ୍ଦର କଥା ।" ଏବଂ ତା'ପରେ ତୁମେ ନିଜକୁ ଅର୍ପଣ କରିଦିଅ, ଭଗବାନ୍ ପରମଇଚ୍ଛାର ମାର୍ଗରେ ଯେପରି ଆଦୌ ଏକ ଅନ୍ତରାୟ ହୋଇ ଠିଆ ନହୁଅ, ସେଥିଲାଗି ଯଥାସମ୍ଭବ ଅକ୍ରିୟ ଏବଂ ଗ୍ରହଣଶୀଳ ହୋଇ ରହିବାକୁ ଇଚ୍ଛା କର, ତୁମ ଭିତରେ କାର୍ଯ୍ୟ କରୁଥିବା ଦିବ୍ୟଚେତନାଟିକୁ ବାଟ ଛାଡ଼ିଦେବାକୁ ଇଚ୍ଛା କର । ତୁମର ମନୋନିବେଶ କ୍ରମଶଃ ବୃଦ୍ଧିପ୍ରାପ୍ତ ହୁଏ, ତୁମର ନିଷ୍ଠା ମଧ୍ୟ ବୃଦ୍ଧିପାଏ । ଦିବ୍ୟ ପରମଚେତନା ତୁମକୁ କେଉଁ ଆଡ଼କୁ ଓ କିପରି ଗତିଚ୍ଛନ୍ଦରେ ପରିଚାଳିତ କରି ନେଉଛି ସେକଥା ତୁମେ ଅନୁଭବ କରିବାକୁ ଆରମ୍ଭ କର ଏବଂ ଆପଣାକୁ ପରିପୂର୍ଣ୍ଣ ଭାବରେ ତାହାରି ପାଖରେ ଦେଇଦିଅ । ପରିପକ୍ୱ ହେବାର ଏହି ପ୍ରକ୍ରିୟାଟି ଅଧିକ ସତ୍ୱର ହୋଇଯାଏ । ଏବଂ ଏହିପରି ଭାବରେ ତୁମେ ମାତ୍ର କେତୋଟି ମିନିଟରେ ଯାହା କରିବାକୁ ଯଥାର୍ଥରେ ସମର୍ଥ ହୁଅ, ତାହା ଅନ୍ୟଭାବରେ କରିବାକୁ ତୁମକୁ ହୁଏତ ବର୍ଷ ବର୍ଷ ସମୟ ଲାଗିଥାନ୍ତା । ଏବଂ ତାହାହିଁ ହେଉଛି ଯୋଗର ଉଦ୍ଦେଶ୍ୟ । ଜଣେ ନିଜର ସାଧନା ଦ୍ୱାରା କାର୍ଯ୍ୟଟିକୁ ଅଳ୍ପ କେତେ ଘଣ୍ଟା ଭିତରେ କରିପାରିବ, ଏକ ସକେନ୍ଦ୍ରିତ ସଂକ୍ଷିପ୍ତ ଅବଧି ମଧ୍ୟରେ ସାଧନ କରିପାରିବ; ପ୍ରକୃତି ଯାହା କରୁଛି, ଜଣେ ଆଉ ଗୋଟିଏ ମାର୍ଗରେ ସେଇଟିକୁ କରିପାରିବ । ପ୍ରକୃତି ନିଶ୍ଚୟ ଏହା କରିବ, ଏହି ସବୁକିଛିରେ ରୂପାନ୍ତର

'oaob.nitrkl.ac.in' images reprocessed

ଘଟାଇବାରେ ପ୍ରକୃତି ଅବଶ୍ୟ ସଫଳ ହେବ; ମାତ୍ର ପ୍ରକୃତି ଏପର୍ଯ୍ୟନ୍ତ ଯେତେଯାଏ କରିଛି, ତାହା କରିବାକୁ ତାକୁ କେତେ ଯେ ସମୟ ଲାଗିଛି, ସେହି କଥାଟି ଉପରେ ଆମେ ଯେତେବେଳେ ଦୃଷ୍ଟିପାତ କରି ବସିବା ଓ ଯଦି ସେହିସବୁ କଥାକୁ ଆମେ ଅନ୍ୟ ମାର୍ଗରେ କରିବାକୁ ଇଚ୍ଛା କରିବା...... । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଦିବ୍ୟ ପରମଚେତନା ଲାଗି ସମୟର ପ୍ରାୟ କୌଣସି ମହତ୍ତ୍ୱ ବା ଅର୍ଥ ନାହିଁ, ମାତ୍ର ଏଠାରେ ଯେଉଁ ଚେତନାଟି ରହିଛି, ସେଇଟି ଲାଗି ଏଇଟି ପ୍ରକୃତରେ ଅତ୍ୟନ୍ତ ଦୀର୍ଘ । ଆଉଗୋଟିଏ ଦୃଷ୍ଟିରୁ ମଧ୍ୟ ତୁମେ କହିପାରିବ : "ବାଃ, ସେଇ କଥାଟି ତ ନିଶ୍ଚୟ ହେବ, ନିଶ୍ଚୟ ଘଟିବ; ତେବେ ଏ ବିଷୟରେ ଆଉ କିଛି କରିବାର ନାହିଁ, କେବଳ ଘଟଣାଗୁଡ଼ିକୁ ତା' ଆପଣା ବାଟରେ ଯିବା ଲାଗି ଛାଡ଼ିଦେବାକୁ ପଡ଼ିବ ।" ମାତ୍ର ଏହି କ୍ଷେତ୍ରରେ ବାହ୍ୟ ମନୁଷ୍ୟ-ଚେତନାଟି ପ୍ରକୃତରେ କିଛି କରେ ନାହିଁ, କୌଣସି ପ୍ରକାରେ ଅଂଶ ଗ୍ରହଣ କରେ ନାହିଁ; କାରଣ ଏହି ଶରୀରଟି ଯେଉଁ କ୍ଷୁଦ୍ର ଚେତନାକୁ ଆକାର ଦେଇ ଆଣିଛି (ଏଠାରେ ସେହି ଶରୀର କଥା କୁହାଯାଉଛି ଯାହାକି ଯେପରି ଅଛି, ସେହିପରି ଭାବରେ ତିଆରି ହୋଇ ରହିଛି), କାର୍ଯ୍ୟଟି ସାଧିତ ହେବାର ବହୁ ପୂର୍ବରୁହିଁ ସେହି ଶରୀର ଏଠାରୁ ବିଦାୟ ନେଇ ଯାଇଥିବ, କାରଣ ଏକଥା ସତ ଯେ ଗୋଟିଏ ଶତାବ୍ଦୀ ପରେ ଆଉ ଗୋଟିଏ ଶତାବ୍ଦୀ କ୍ରମରେ ପ୍ରକୃତି ଆପଣାର କାର୍ଯ୍ୟଟିକୁ ଆଦୌ ସାଧନ କରୁ ନାହିଁ । ଯେତେବେଳେ ଆମେ ପଛକୁ ଅନାଇଁ ଚାହିଁବା, ସେତେବେଳେ ଅବଶ୍ୟ ଦେଖିବାକୁ ପାଇବା ଯେ ମନୁଷ୍ୟ ପ୍ରାୟ ତିନି ହଜାର ବର୍ଷ ତଳେ ଯେଉଁଠାରେ ଥିଲା, ତାହା ତୁଳନାରେ ସେ ଇତି ମଧ୍ୟରେ ଆଦୌ ଖୁବ୍ ବେଶୀ ଯଥାର୍ଥ ଅଗ୍ରଗତି କରିପାରି ନାହିଁ । ମନୁଷ୍ୟ ଖୁବ୍ କମ୍ ଅଗ୍ରଗତି କରିଛି, ଅଳ୍ପ କେତେକ ପରିମାଣରେହିଁ ଅଗ୍ରଗତି କରିଛି । ଅପେକ୍ଷାକୃତ ଟିକିଏ ବେଶୀ ବୁଝିପାରୁଥିବା ମୁଣ୍ଡଟିରେ ଯାହା ଅଗ୍ରଗତି ବୋଲି ନିର୍ଦ୍ଦିଷ୍ଟ ଭାବରେ କିଛି ଘଟିଛି; ତା'ପରେ ପ୍ରକୃତି ଯାହାକିଛି କାର୍ଯ୍ୟ କରୁଛି, ତାହାର ଉପରେ ଏକ ପ୍ରକାରର କିଞ୍ଚିତ୍ ନିୟନ୍ତ୍ରଣ ବି ଆସିଛି, ତା'ର ପ୍ରକ୍ରିୟାଟିକୁ କିଞ୍ଚିତ୍ ପରିମାଣରେ ବୁଝିବା ସମ୍ଭବ ହୋଇଛି, ମଣିଷ ତା'ର କୌଶଳଗୁଡ଼ିକୁ ବୁଝିବାକୁ ଆରମ୍ଭ ମାତ୍ର କରୁଛି । ତା'ପରେ, ପ୍ରକୃତିର କୌଶଳଗୁଡ଼ିକୁ ଶିଖିବାକୁ ଆରମ୍ଭ କରୁ କରୁ ସେ ସେଥିରେ ହସ୍ତକ୍ଷେପ କରିବାକୁ ଆରମ୍ଭ କରୁଛି । ମାତ୍ର ତା' ପାଖରେ ସେ ବିଷୟରେ ଯଥାର୍ଥ ଜ୍ଞାନଟି ରହି ନଥିବାରୁ, ହସ୍ତକ୍ଷେପ କରିବା ସମୟରେ ବଡ଼ ସହଜରେ ଅନେକ ଭୁଲ କରି ପକାଇବାର ସମ୍ଭାବନା ମଧ୍ୟ ରହିଛି......ବସ୍ତୁତଃ, ଗୋଟିଏ ଉଦାହରଣ ଦେଇ କହିଲେ, ଜଡ଼ର ଗଠନ ବିଷୟରେ ଯେତେବେଳେ ମନୁଷ୍ୟ ସମଗ୍ର ରହସ୍ୟ ଜାଣିବାକୁ ସମର୍ଥ ହେବ, ସେତେବେଳେ କ'ଣ ସବୁ ଯେ ଘଟିବ, ମୁଁ ସେକଥା ଜାଣି ନାହିଁ । ନିଜକୁ ନଷ୍ଟ ଓ ଧ୍ୱସ୍ତ କରିଦେବାର ଏକ

'oaob.nitrkl.ac.in' images reprocessed

ଚମତ୍କାର ଉପାୟ ଏବେ ମନୁଷ୍ୟମାନେ ବାହାର କରିଛନ୍ତି । ଏହାପରେ କ'ଣ ଘଟିବାକୁ ଯାଉଛି, ସେକଥା ଦେଖିବାକୁ ଆହୁରି ବାକି ରହିଛି । ମାତ୍ର ଏଇଟାକୁ କେବଳ ଏକ ଅତି କ୍ଷୁଦ୍ର ପଦକ୍ଷେପ ବୋଲିହିଁ ବୁଝାଯିବ । ଏସବୁ ଯାହା ଘଟୁଛି, କେବଳ ଏଇଠାରେ (ମାଆ ନିଜ ମୁଣ୍ଡ ଆଡ଼କୁ ନିର୍ଦ୍ଦେଶ କରି ଦେଖାଇ ଦେଲେ ।) ହିଁ ଘଟୁଛି, ଏବଂ ସେଥିରୁ ଯେଉଁ ଭୌତିକ ଫଳମାନ ମିଳୁଛି, ତାହା ମଧ୍ୟ ଅତ୍ୟନ୍ତ ସାପେକ୍ଷିକ ହୋଇ ରହିଛି ।

## ଏହି ଚେତନାଟିର ଅନୁଶୀଳନ କରିବାର ଉପାୟ ?

ତୁମେ ଏହି ଇଚ୍ଛାଶକ୍ତିକୁ ଏପରି ପ୍ରତିଷ୍ଠିତ କରି ରଖିବ, ଯେପରିକି ତାହା ସତତ ଚେତନ ହୋଇ ରହିବ । ଏବଂ ତା'ପରେ ତାହା ଆମ ମନୋଭୂମିର ଇଚ୍ଛାଟିକୁ ବଦଳାଇ ଏକ ଅଭୀପ୍ସାରେ ପରିଣତ କରିଦେବ । ତୁମକୁ ଏହି ପରିବର୍ତ୍ତନଟିକୁ ସମ୍ଭବ କରିବାକୁହିଁ ପଡ଼ିବ । ଏବଂ ତା'ପରେ କଦାପି ପାସୋରି ପକାଇବ ନାହିଁ । ତୁମକୁ ନିରୀକ୍ଷଣ କରି ଦେଖିବାକୁ ହେବ, ନିଜକୁ ନିରୀକ୍ଷଣ କରି ଦେଖିବାକୁ ହେବ, ମୁଁ କୌଣସି ଭୁଲ୍ କରିବି ନାହିଁ ଓ ଆପଣାକୁ କଦାପି ପ୍ରବଞ୍ଚିତ କରିବି ନାହିଁ,—ଏହିପରି ଏକ ନିଷ୍ଠାର ସହିତ ନିଜ ଜୀବନ ଆଡ଼କୁ ଚାହିଁ ଦେଖିବାକୁ ପଡ଼ିବ । ମାତ୍ର ଏଇଟା ପ୍ରକୃତରେ କେଡ଼େ କଷ୍ଟକର କଥା ନୁହେ କହିଲ !

କେବେ ସ୍ୱତଃସ୍ଫୂର୍ତ୍ତି ଭାବରେ, କୌଣସି ଚେଷ୍ଟା ନଥାଇ ସମ୍ପୂର୍ଣ୍ଣ ସ୍ୱତଃସ୍ଫୂର୍ତ୍ତି ଭାବରେ ତୁମେ ଏପରି ବୋଧ କରିପାରିଛ ଯେ ତୁମେ ପ୍ରକୃତରେ ଗୋଟିଏ ଭୁଲ୍ କରି ପକାଇଲ ? ଏଠାରେ ମୁଁ କୌଣସି ବାହ୍ୟ ପ୍ରତିକ୍ରିୟା ବିଷୟରେ କହୁ ନାହିଁ, ଯାହାକି ତୁମକୁ ସତେଅବା ବିଧାଟାଏ ମାରି ହଠାତ୍ ନିଦରୁ ଉଠାଇଦିଏ ଏବଂ ତା'ପରେ ତୁମେ କହୁଥାଅ : "ହେ ଭଗବାନ୍, ମୁଁ ପ୍ରକୃତରେ କ'ଣ କରିବସିଲି !" ମୁଁ ସେବିଷୟରେ କହୁ ନାହିଁ । ଯେତେବେଳେ ତୁମେ କାର୍ଯ୍ୟଟିଏ କରୁଛ, କିଛି ଅନୁଭବ କରୁଛ ବା କଥାଟିଏ କହୁଛ,—ଏଠାରେ ଆମେ ସେହି ସାନସାନ କଥାଗୁଡ଼ିକ ବିଷୟରେ ବିଚାର କରିପାରିବା, ଯାହାକୁ କି ମୁଁ ଦିନକୁ ପ୍ରାୟ ଦଶ ବାର ଥର (ଅନ୍ତତଃ) ଶୁଣିବାକୁ ପାଇଥାଏ, ଏକାବେଳେକେ ନିର୍ବୋଧ (ମୁଁ ଭାବେ, ନିଜର ଏକ ବିସ୍ମରଣଶକ୍ତି ଥାଉଥାଉ ଜଣେ କିପରି ସେଇଗୁଡ଼ାକୁ ନେଇ ଗୋଟାଏ କଳିଆ ଲଗାଇ ପାରିବ,) କଲିହିଗୁଡ଼ାକ ବିଷୟରେ ଆମେ ବିଚାର କରି ପାରିବା,—ଯେତେବେଳେ ତୁମେ ଏପରିସବୁ କଥା କହିପକାଅ, ଯାହା ତୁମର ଆଦୌ କହିବା ଉଚିତ ନୁହେଁ,—ଯେଉଁ କଥାଗୁଡ଼ିକୁ କି ସମ୍ପୂର୍ଣ୍ଣ ନିର୍ବୋଧ ବୋଲିହିଁ ବୁଝାଯିବ,

'oaob.nitrkl.ac.in' images reprocessed

ତୁମେ ପ୍ରକୃତରେ ଏତେ ବୋକା ବୋଲି ହୃଦୟଙ୍ଗମ କର କି ? ଆଉ ଅଧିକ କିଛି ଖରାପ ବୋଲି ନକହି ମୁଁ ପଚାରୁଛି, ତୁମେ ମନକୁ ମନ ସ୍ୱତଃସ୍ଫୂର୍ତ୍ତ ଭାବରେ ନିଜକୁ ପ୍ରକୃତରେ ନିର୍ବୋଧ ବୋଲି ହୃଦୟଙ୍ଗମ କରିଥାଅ କି ?......ନା — ତୁମେ ସବୁବେଳେ କୁଆଡ଼ୁ ନା କୁଆଡ଼ୁ ଗୋଟାଏ କୈଫିୟତ ଆଣି ଦିଅ । ତୁମେ ସବୁବେଳେ ଅନୁଭବ କରୁଥାଅ ଯେ ତୁମର ଭୁଲ ହୋଇ ନାହିଁ, ସେହି ଅନ୍ୟ ଜଣକରହିଁ ସବୁ ଭୁଲ ଏବଂ ତା'ର ଯେ ସବୁଯାକ ଭୁଲ ହୋଇଛି, ସେକଥା ତାକୁ କହିଦେବାକୁହିଁ ପଡ଼ିବ;—ନୁହେଁ ? କାରଣ ତାକୁ କୁହା ନଗଲେ ନିଜର ଭୁଲ ବୋଲି ସେ କଦାପି ଜାଣିବ ନାହିଁ ! ନୁହେଁ କି ? ସତେଅବା ଗୋଟାଏ ଅଣୁବୀକ୍ଷଣ ଯନ୍ତ୍ର ତଳେ ରଖି ଦେଖୁଥିଲା ପରି ମୁଁ କଥାଟିକୁ ସ୍ପଷ୍ଟ କରି କହିଦେଉଛି, ଯେପରିକି ସେଇଟି ଟିକିଏ ଅଧିକ ବଡ଼ ହୋଇ ଦେଖାଯାଇ ପାରିବ । ମାତ୍ର, ଏକଥା ପ୍ରକୃତରେ ଠିକ୍ ସେହିପରିହିଁ ହୋଇଥାଏ । ଏବଂ କଥାଟା ଏପରି ହୋଇ ରହିଥିବା ପର୍ଯ୍ୟନ୍ତ ଯଥାର୍ଥ ଚେତନାଠାରୁ ତୁମେ ଯୋଜନ ଯୋଜନ ଦୂରରେ ରହିଥାଅ । ଯେତେବେଳେ ସଙ୍ଗେସଙ୍ଗେ ବା ତତ୍‌କ୍ଷଣାତ୍ ପଛକୁ ଫେରିଯିବାକୁ ଓ ନିଜକୁ ଅନ୍ୟ ଲୋକଟିର ସ୍ଥାନରେ ନେଇ ରଖିବାକୁ ତୁମର ଆଦୌ ସାମର୍ଥ୍ୟ ନଥାଏ, ସେ ଲୋକଟି କାହିଁକି ଏପରି ଅନୁଭବ କରୁଛି, ସେକଥା ଜାଣିବାକୁ ଓ ନିଜର ଦୁର୍ବଳତା ଉପରେ ଦୃଷ୍ଟିପାତ କରିବାକୁ କୌଣସି ସାମର୍ଥ୍ୟ ନଥାଏ, ଯେତେବେଳେ ଦୁହିଁଙ୍କ ମଧ୍ୟରେ ତୁଳନା କରି "ହଁ, ହଁ, ଏଥର ଜାଣିଲି, ସେଇଟି ହେଉଛି ପ୍ରକୃତରେ ସତ କଥା" ବୋଲି ଏକ ସିଦ୍ଧାନ୍ତରେ ଆସି ପହଞ୍ଚିବା ତୁମ ପକ୍ଷରେ ସମ୍ଭବ ହୁଏ ନାହିଁ, ସେତେବେଳେ ତାହାର ଏହି ଅର୍ଥ ହେବ ଯେ ତୁମେ ତଥାପି ଅନେକ ପଛରେ ପଡ଼ିରହିଛ । ମାତ୍ର ଯେତେବେଳେ ଅନ୍ୟ ପକ୍ଷରେ ତୁମେ ସେହି କଥାଟିକୁ କୌଣସି କାଳବିଳମ୍ବ ନକରି ସଙ୍ଗେସଙ୍ଗେ କରିପାର, ଯେତେବେଳେ ଏଥିରେ ଆଦୌ ବେଶୀ ସମୟ ଯାଏ ନାହିଁ ଓ ଏକ ସ୍ୱାଭାବିକ ଘଟଣାରୂପେ ତାହା ହୁଏ, ସେତେବେଳେ ତୁମେ ଅବଶ୍ୟ ସନ୍ତୋଷ ଅନୁଭବ କରିପାରିବ ଯେ ତୁମେ ନିଶ୍ଚୟ କିଛି ନା କିଛି ଅଗ୍ରଗତି କରିପାରିଛ ।......ପ୍ରତିଦିନ ଏଭଳି ଅଭିଜ୍ଞତା ତୁମକୁ କେତେଥର ମିଳେ ? ଏପରିକି ତୁମେ ଯଦି କୌଣସି ଖୋଲା କଳହ ଭିତରେ ଆସି ପଶି ନଯାଅ, ତେବେ ସେତେବେଳେ ମଧ୍ୟ ସେହି ପ୍ରତିକ୍ରିୟାଟି ତୁମର ମୁଣ୍ଡରେ କେତେଥର ହୋଇଥାଏ ? ସେହି ମୁଣ୍ଡ ଭିତରେ ସତେ ଯେପରି କ'ଣ ଗୋଟାଏ ଡିଆଁ ଟାଏ ଦେଇ ଉପରକୁ ଉଠିଆସେ, ସବୁ କଥା ଘଟୁଥିବା ସମୟରେ ଆମ ଭିତରର ଯେଉଁ ପ୍ରଜ୍ଞାଶକ୍ତି ସେଗୁଡ଼ିକୁ ଅବଲୋକନ କରି ଦେଖୁଥାଏ, ସମତାବୋଧର ସେହି ଯେଉଁ ପ୍ରଜ୍ଞାଟି ସେଗୁଡ଼ିକ କିପରି ଘଟୁଛି ଓ କାହିଁକି ଏସବୁ ଘଟୁଛି ବୋଲି ବୁଝିପାରୁଥାଏ, ଯିଏ ଯଥେଷ୍ଟ ନୈର୍ବ୍ୟକ୍ତିକଭାବରେ ସବୁବେଳେ ହସିଦେଇ ପାରିବାକୁ ସମର୍ଥ ହୁଏ

'oaob.nitrkl.ac.in' images reprocessed

ଓ କଦାପି କୌଣସି ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରେ ନାହିଁ, ତାହାର ପରବର୍ତ୍ତିରେ ଘଟେଥିବା ଆଉଗୋଟିଏ କ'ଣ ଉପରକୁ ଡିଆଁ ମାରି ଗ୍ରହିଆସେ ।

ଏବଂ ଏପରିକି ଯଦି ତୁମେ ସେହି ସତ୍ୟଟିର କଳ୍ପନା ବି କରିପାର, ଯାହାକି ଏସବୁ ସୀମାର କେତେ ସେପାଖରେ କେତେ ଊର୍ଦ୍ଧ୍ୱରେ ରହିଛି, ଯେଉଁ ପରମସତ୍ୟ ଉପଲବ୍ଧ ହୋଇ ନାହିଁ ମାତ୍ର ତୁମେ ଯାହାକୁ ଉପଲବ୍ଧି କରିବା ଲାଗି ଇଚ୍ଛା କରୁଛ, ଯଦି ନିଜ ଦୃଷ୍ଟିରେ ତୁମେ ସତ୍ୟକୁ ସ୍ପଷ୍ଟ ଭାବରେ ଦେଖିପାର, କ'ଣ ସତ୍ୟ ଓ କ'ଣ ହେବା ଉଚିତ ଏବଂ କ'ଣ ପ୍ରକୃତରେ ବଡ଼ ମିଥ୍ୟାମୟ ଏବଂ ବିକୃତ ହୋଇ ରହିଛି ଏବଂ ଅନ୍ୟଟିକୁ ସ୍ଥାନ ଛାଡ଼ିଦେଇ ତାହାର ଅପସରିଯିବା ଉଚିତ, ଯଦି ଏହି ଦୁହିଁଙ୍କ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ତୁମେ ପ୍ରତ୍ୟକ୍ଷ କରିପାର, ଏସବୁକୁ ଯଦି ତୁମେ ସ୍ପଷ୍ଟ ଭାବରେ ଦେଖିବାକୁ ସମର୍ଥ ହୁଅ, ତେବେ ଆଉ କୌଣସି ପ୍ରତିକ୍ରିୟା ସମ୍ଭବ ହେବ ନାହିଁ, ଏବଂ ଏପରିକି, ଯେଉଁସବୁ ବସ୍ତୁ ବର୍ତ୍ତମାନ ତୁମକୁ ଅତ୍ୟନ୍ତ ନିର୍ବୋଧତାପୂର୍ଣ୍ଣ, ନିରର୍ଥକ, ଅତ୍ୟନ୍ତ ଅସ୍ପଷ୍ଟ, ଅଜ୍ଞାନତାମୟ ଏବଂ ଅତିରିକ୍ତ ପରିମାଣରେ ଅଶିଷ୍ଟ ଓ ଅଶୋଧିତ ବୋଲି ବୋଧ ହେଉଛି, ସେଗୁଡ଼ିକୁ ଦେଖି ମଧ୍ୟ ତୁମେ ହସିଦେଇ ପାରିବ, କାରଣ, ଯେପରିକି ଯେଉଁ ପରମ ତତ୍ତ୍ୱ ବର୍ତ୍ତମାନ ସେଠାରେ ଯାଇ ରହିଛି, ତାହା ଏଠାରେ ଅବତୀର୍ଣ୍ଣ ହୋଇ ପାରିବ, ସେଥିଲାଗି ତୁମକୁ ଅତିକ୍ରମ କରିବାକୁ ରହିଥିବା ଦୀର୍ଘ ସମସ୍ତ ପଥଟିକୁ ତୁମେ ବେଶ୍ ଦେଖି ପାରୁଥିବ । ଏବଂ ଯଦି ଆଗରୁ ମଧ୍ୟ ତୁମେ କେବଳ ତୀବ୍ର ପ୍ରତିକ୍ରିୟାମାନ ଦେଖାଇ ଆସିଥାନ୍ତ, ତେବେ କେଉଁ ଦିନରୁ ଏହି ସକଳ ପୃଥିବୀ କୁଆଡ଼େ ଅନ୍ତର୍ହିତ ହୋଇ ସାରନ୍ତାଣି । କାରଣ, ଅସଲ କଥା ହେଉଛି ଯେ, ଯଦି ଏହି ସଂସାର କେବଳ ସତ ହୋଇହିଁ ସୃଷ୍ଟି ପାଇଥାନ୍ତା, ତେବେ ବର୍ତ୍ତମାନ ଯାହାକୁ ଆମେ ସଂସାର ବୋଲି କହୁଛୁ, ସେଇଟି କେଉଁଦିନରୁ ବିଲୟ ଲଭି ସାରନ୍ତାଣି । କାରଣ ଆଜି ପର୍ଯ୍ୟନ୍ତ ମଧ୍ୟ ସେହି ସଂସାର ସତ୍ୟ ଉପରେ ଆସି ପ୍ରତିଷ୍ଠିତ ହୋଇପାରି ନାହିଁ ।

ମାତ୍ର ଯଦି ତୁମେ ସେହି ଚେତନାରେ ଅବସ୍ଥିତ ରହି ସେହିଠାରୁ ଅବଲୋକନ କରିବାକୁ ଲାଗିବ, ତେବେ ତୁମେ ସତ୍ୟର କେତେକାଂଶକୁ ବୁଝିବା ଲାଗି ସମର୍ଥ ହେବ । ଏବଂ ଏହି ଚେତନାକୁ ଏପରି ଏକ ସମଗ୍ର ଚେତନାରେ ପରିଣତ କରି ରଖିବାକୁ ହେବ ଯେ, ଯଦି ଏପରିକି ବସ୍ତୁତଃ ସିଧା ତୁମର ବିରୋଧୀ ହୋଇ ଆସନ୍ତି, ଏପରିକି ଯଦି କେହି ପ୍ରକୃତରେ ତୁମକୁ ମାଡ଼ ମାରିବାକୁ ବି ଆସୁଥାଏ (ତୁମକୁ ସେ ହତ୍ୟା କରିବ, ଏକଥା ତୁମେ କଦାପି ହେବାକୁ ଦେବ ନାହିଁ, ନା,—; ତୁମକୁ ଯେପରି ସେ କଦାପି ହତ୍ୟା କରି ନପାରିବ, ସମ୍ଭବତଃ ସେଥିଲାଗି ତୁମକୁ ଆବଶ୍ୟକ ସକଳ ଉପାୟକାର୍ଯ୍ୟ କରିବାକୁ ପଡ଼ିବ ।), ମାତ୍ର ଯଦି ତୁମେ ନିଜେ ଏହି ପରିପୂର୍ଣ୍ଣ ଚେତନା ମଧ୍ୟରେ ରହିପାର ଏବଂ ତୁମ ଭିତରେ କୌଣସି ପ୍ରକାର ବ୍ୟକ୍ତିଗତ

'oaob.nitrkl.ac.in' images reprocessed

ପ୍ରତିକ୍ରିୟାର ଉତ୍ତେଜନା ସୃଷ୍ଟି ନହୁଏ, ତେବେ ମୁଁ ତୁମକୁ ନିର୍ଭର ପ୍ରତିଶ୍ରୁତି ଦେଇ କହିବି ଯେ ଅନ୍ୟ ଜଣେ ତୁମକୁ କଦାପି ହତ୍ୟା କରି ପାରିବ ନାହିଁ । ସିଏ ଚେଷ୍ଟା କଲେ ମଧ୍ୟ ତୁମକୁ କଦାପି ହତ୍ୟା କରି ପାରିବ ନାହିଁ । ସିଏ ଚେଷ୍ଟା କଲେ ମଧ୍ୟ କଦାପି ମାଡ଼ ଦେଇ ପାରିବ ନାହିଁ । କେବଳ ଏତିକ କଥା ଯେ, ତୁମ ଭିତରେ ଗୋଟିଏ ହେଲେ ଖରାପ ବା ଅନୁଚିତ କୌଣସି ପ୍ରତିକ୍ରିୟା ହେଉ ନଥିବ, ବୁଝିପାରିଲ ? ଏପରିକି ଯଦି ଏହିଭଳି ସାନ ସ୍ପନ୍ଦନଟିଏ ବି ଜାତ ହୁଏ, ତେବେ ତାହାହିଁ ଦ୍ୱାର ଖୋଲିଦେବା ସକାଶେ ଯଥେଷ୍ଟ ହେବ ଏବଂ ସେହି ବାଟଦେଇ ବସ୍ତୁଟି ତୁମ ଭିତରକୁ ପଶିଆସିବ ଓ ତା'ପରେ ସବୁ ଗଡ଼ବଡ଼ ହୋଇଯିବ । ତେଣୁ ତୁମେ ପୂର୍ଣ୍ଣଭାବରେ ସଚେତନ ରହିଥିବ, ପୂର୍ଣ୍ଣ ଜ୍ଞାନର ଅଧିକାରୀ ହୋଇଥିବ, ପ୍ରତ୍ୟେକ ବସ୍ତୁ ଉପରେ ତୁମର ପୂର୍ଣ୍ଣ ନିୟନ୍ତ୍ରଣ ରହିଥିବ; ଏବଂ ପରମ ସତ୍ୟ ବିଷୟରେ ସ୍ପଷ୍ଟ ଦୃଷ୍ଟି ରହିଥିବ, ଏବଂ ପୂର୍ଣ୍ଣ ଶାନ୍ତି ବିରାଜମାନ କରୁଥିବ ।

ଏଥିଲାଗି ତୁମକୁ ଅନବରତ ଏକ ଉଦ୍ୟମ କରିବାକୁ ପଡ଼ିବ ।

ତେବେଯାଇ ହେବ ।

## ପରିଶିଷ୍ଟ

(ଜଣେ ଫରାସୀ ବୈଜ୍ଞାନିକ ଶିଷ୍ୟଙ୍କ ସହିତ ଶ୍ରୀଅରବିନ୍ଦଙ୍କର ଯେଉଁ କଥୋପକଥନ ହୋଇଥିଲା, ତାହାର କିୟଦଂଶ)

### ୮ ମେ, ୧୯୨୬

ପାଶ୍ଚାତ୍ୟ ଦେଶମାନଙ୍କରେ ସବୁଠାରୁ ଅଧିକ ବିଚକ୍ଷଣ ମଥାଗୁଡ଼ିକ ଆଧ୍ୟାତ୍ମିକ ସତ୍ୟର ଆବିଷ୍କାର ଦିଗରେ ଆପଣାକୁ ନିୟୋଜିତ କରି ରଖି ନାହାନ୍ତି, ସେମାନେ ଭୌତିକ ବିଜ୍ଞାନ ଆଡ଼କୁହିଁ ଅଧିକ ମନ ଦେଇଛନ୍ତି । ଏହି ବିଜ୍ଞାନର ପରିସର ଅତ୍ୟନ୍ତ ସଙ୍କୀର୍ଣ୍ଣ, ଅତ୍ୟନ୍ତ ସୀମାବଦ୍ଧ; ଭୌତିକ ଭୂମିଟିର କେବଳ ସବୁଠାରୁ ବାହ୍ୟ ହୋଇ ରହିଥିବା ଅଂଶଟିକୁହିଁ ତାହା ସ୍ପର୍ଶ କରିବାକୁ ସମର୍ଥ ହୋଇଥାଏ ।

ଏବଂ ସେତିକ କ୍ଷେତ୍ରରେ ମଧ୍ୟ ବିଜ୍ଞାନ ପ୍ରକୃତରେ କେତେଦୂର ପ୍ରକୃତ ଜ୍ଞାନ ହାସଲ କରେ ? ତାହା ନିୟମଗୁଡ଼ିକର କାର୍ଯ୍ୟ ବିଷୟରେ ଅଧ୍ୟୟନ କରେ, ସର୍ବଦା ନୂଆ ନୂଆ ସିଦ୍ଧାନ୍ତ ତିଆରି କରିବାରେ ଲାଗିଥାଏ ଏବଂ ସେହି ସିଦ୍ଧାନ୍ତଗୁଡ଼ିକୁ ସବୁବେଳେ ସତ୍ୟ ବିଷୟରେ ସର୍ବଶେଷ କଥା ବୋଲି କହି ପ୍ରଶଂସା

'oaob.nitrkl.ac.in' images reprocessed

କରି ଯାଉଥାଏ । ଏବେ ଆମେ ଆଣବିକ ବିଜ୍ଞାନର ସିଦ୍ଧାନ୍ତଟିକୁ ଶୁଣିଥିଲୁ, ଏବେ ଇଲେକ୍‌ଟ୍ରୋନିକ ସିଦ୍ଧାନ୍ତଟି ଆସି ପହଞ୍ଚିଗଲାଣି ।

ଉଦାହରଣସ୍ୱରୂପ, ଆଧୁନିକ ବିଜ୍ଞାନରେ ଏପରି ଦୁଇଟି ବିବୃତି ରହିଛି, ଯାହାକି ଜଣେ ଗୁପ୍ତବିଦ୍ୟାବିତ୍ ଲାଗି ଅଧିକ ଗମ୍ଭୀର କେତେକେତେ ଅଧ୍ୟୟନ-ଭୂମିର ଉଦ୍‌ଘାଟନ କରି ଆଣିବ :

୧. ଠିକ୍ ସୌରମଣ୍ଡଳ ପରି ଅଣୁଗୁଡ଼ିକ ମଧ୍ୟ ଗୋଟିଏ ଗୋଟିଏ ମଣ୍ଡଳ ହୋଇ ଆବର୍ତ୍ତିତ ହେବାରେ ଲାଗିଛନ୍ତି ।

୨. ଯାବତୀୟ ଉପାଦାନର ଅଣୁଗୁଡ଼ିକ ସେହି ଏକ ସଂଘଟକଗୁଡ଼ିକରୁ ତିଆରି ହୋଇଛନ୍ତି । ସେହି ସଂଘଟକଗୁଡ଼ିକ ବିଭିନ୍ନ ପ୍ରକାରେ ସଂଯୋଜିତ ହୋଇ ରହିଥିବାରୁହିଁ ଉପାଦାନଗୁଡ଼ିକର ମୌଳିକ ଗୁଣରେ ମଧ୍ୟ ଭିନ୍ନତା ରହିଛି ।

ଏହି ବିବୃତିଗୁଡ଼ିକୁ ଯଦି ଆମେ ସେଗୁଡ଼ିକର ଯଥାର୍ଥ ବିସ୍ତୃତି ଦେଇ ବିସ୍ତୃତ କରିପାରିବା, ତେବେ ସେଥିରୁ ବିଜ୍ଞାନର କ୍ଷେତ୍ରରେ ଏପରି ନାନା ନୂତନ ଆବିଷ୍କାର ସମ୍ଭବ ହେବ, ଯାହା ବିଷୟରେ କି ବର୍ତ୍ତମାନ ଆଦୌ କୌଣସି ଧାରଣା ନାହିଁ ଏବଂ ଯାହାର ତୁଳନାରେ ବର୍ତ୍ତମାନ ଜ୍ଞାନକୁ ଅତ୍ୟନ୍ତ ଦରିଦ୍ର ବୋଲି କୁହାଯିବ ।

ପ୍ରାଚୀନ ଯୋଗୀମାନେ ହାସଲ କରିଥିବା ଅଭିଜ୍ଞତାଗୁଡ଼ିକ ଅନୁସାରେ, ଇନ୍ଦ୍ରିୟଲଭ୍ୟ ବସ୍ତୁ ପାଞ୍ଚଗୋଟି ଉପାଦାନ ଦେଇ ତିଆରି ହୋଇଛି : ପୃଥିବୀ, ଅପଃ, ଅଗ୍ନି (ତେଜଃ), ବାୟୁ ଓ ଆକାଶ ।

ଅଗ୍ନି ତିନୋଟି

୧. ସାଧାରଣ ଅଗ୍ନି ବା ଜଡ଼ ଅଗ୍ନି,

୨. ବିଦ୍ୟୁତ୍‌ଶକ୍ତିସ୍ଥ ଅଗ୍ନି ବା ବୈଦ୍ୟୁତ ଅଗ୍ନି

୩. ସୌର ଅଗ୍ନି ।

ବିଜ୍ଞାନ କେବଳ ପ୍ରଥମ ଜାତୀୟ ଓ ଦ୍ୱିତୀୟ ଜାତୀୟ ଅଗ୍ନିର କ୍ଷେତ୍ରରେ ପ୍ରବେଶ କରି ପାରିଛି । ଅଣୁର ଗଠନ ଠିକ୍ ସୌରମଣ୍ଡଳର ଗଠନ ପରି, ଏହି ସତ୍ୟଟିରୁ ଆମେ ତୃତୀୟ ଅଗ୍ନିଟିର ଜ୍ଞାନ ମଧ୍ୟକୁ ହୁଏତ ଅଗ୍ରସର ହୋଇଯାଇ ପାରନ୍ତେ ।*

* [ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ଯେ ସେହି କଥୋପକଥନଟି ପରେ (୧୯୨୬), ଆମେ ପ୍ରକୃତରେ ଏକ ତୃତୀୟ 'ଅଗ୍ନି'ର ଆବିଷ୍କାର କରିବାକୁ ସମର୍ଥ ହୋଇଛୁ; ଆଣବିକ ପ୍ରତିକ୍ରିୟା ସହିତ ଯେଉଁ ଅଗ୍ନି ସମ୍ବନ୍ଧିତ ହୋଇ ରହିଛି, ସେହି ଅଗ୍ନି । ଏବଂ ଏହି ଅଗ୍ନି ହେଉଛି ପ୍ରକୃତରେ ସୌର ଅଗ୍ନି, ଏବଂ ହାଇଡ୍ରୋଜେନର ନାଭିକଗୁଡ଼ିକର ହେଲିଅମ୍ ମଧ୍ୟକୁ ସମ୍ମିଶ୍ରଣ



'oaob.nitrkl.ac.in' images reprocessed

ଅଗ୍ନି ପଛକୁ ବାୟୁ, ଯାହା ବିଷୟରେ କି ବିଜ୍ଞାନ ଆଦୌ କିଛି ହେଲେ ଜାଣି ନାହିଁ। ପୃଥିବୀରେ ଯାହାକିଛି ସଂସ୍ପର୍ଶ ଏବଂ ଆଦାନପ୍ରଦାନ ଘଟୁଛି, ବାୟୁହିଁ ତାହାର ଅବଲମ୍ବନରୂପେ ଅବସ୍ଥିତ ରହିଛି, ମାଧ୍ୟାକର୍ଷଣ ଶକ୍ତି ଏବଂ ମାଗ୍ନେଟିକ୍ ଓ ଇଲେକ୍ଟ୍ରିକ୍ ଫିଲ୍ଡ୍‌ଗୁଡ଼ିକର କାରଣରୂପେ ଅବସ୍ଥିତ ରହିଛି। ଏବଂ ଏହାରି ଦ୍ୱାରାହିଁ ଆକାଶିକ ଉପାଦାନ, ଅର୍ଥାତ୍ ଯାହାକି ସକଳ ଆକାର ତିଆରି କରୁଛି, ସେହି ଅଗ୍ନି ସମ୍ଭବ ହୋଇ ପାରୁଛି।

ଏବଂ ବାୟୁ ପଛକୁ ଆକାଶ ରହିଛି।

ମାତ୍ର ଏହି ପାଞ୍ଚୋଟି ଉପାଦାନ ଭୌତିକ ଭୂମିଟିର କେବଳ ସ୍ଥୂଳତମ ଅଂଶଟିକୁହିଁ ଗଠିତ କରିଛନ୍ତି। ତା'ର ଠିକ୍ ପଛକୁ ଭୌତିକ-ପ୍ରାଣିକ ସ୍ତର ରହିଛି, ଅର୍ଥାତ୍ ଏହି ସ୍ତରରେ ପ୍ରାଣର ଉପାଦାନଟି ଜଡ଼ ମଧ୍ୟରେ ପୋତହୋଇ ରହିଛି। ଜଗଦୀଶ ଚନ୍ଦ୍ର ବୋଷ୍ ଆପଣାର ପ୍ରୟୋଗଗୁଡ଼ିକରେ ଏହି ଉପାଦାନଟିର ସନ୍ଧାନ କରୁଛନ୍ତି। ତା' ପଛକୁ ଭୂତସ୍ଥ ମନ। ମନୁଷ୍ୟ-ମନଠାରୁ ଏହି ମନ ଅନେକ ଅନ୍ୟ ପ୍ରକାରର, ତଥାପି ଆମେ ଏହାକୁ ସେହି ଗୋଟିଏ ସଂଗଠନ-ବିଧାନର ଏକ ପରିପ୍ରକାଶ ବୋଲିହିଁ ଜାଣିବା। ତେବେ ତା'ପରେ ଆନ୍ତର ଶରୀରକୁ ନିମ୍ନଭାଗକୁ ଅନ୍ତର ଦୁଇଟି ସ୍ତର ପ୍ରଚ୍ଛନ୍ନ ଭାବରେ ରହିଛନ୍ତି...

କେବଳ ଭୌତିକ ସ୍ତରଟି ବିଷୟରେହିଁ ଏଗୁଡ଼ିକ ହେଉଛି ଗୁପ୍ତବିଦ୍ୟାର ଉପଲବ୍ଧ ଜ୍ଞାନ। ବିଜ୍ଞାନ ଏହି ଜ୍ଞାନଟିର ଅନେକ ପଛରେ ପଡ଼ିରହିଛି।

ଭାରତର ଯେଉଁ ଯୋଗୀମାନେ ଏହି ସତ୍ୟଗୁଡ଼ିକର ଉପଲବ୍ଧି କରିଥିଲେ, ସେମାନେ ବିସ୍ତାରିତ ଭାବରେ ସେଗୁଡ଼ିକୁ କହି ଦେଇ ନଥିଲେ ଓ ତେଣୁ ସେଗୁଡ଼ିକୁ ବିଜ୍ଞାନଲବ୍ଧ ଜ୍ଞାନରୂପେ ପରିବେଷଣ କରି ନଥିଲେ। କର୍ମ ଓ ଜ୍ଞାନର ଅନ୍ୟାନ୍ୟ କ୍ଷେତ୍ରମାନ ସେମାନଙ୍କର ଦୃଷ୍ଟି-ସମ୍ମୁଖରେ ଉଦ୍‌ଘାଟିତ ହୋଇ ରହିଥିବାରୁ, ଯାହାକୁ ସେମାନେ ସୃଷ୍ଟିର ବାହ୍ୟତମ ବିଭାବଟି ବୋଲି ଗ୍ରହଣ କରୁଥିଲେ, ସେଇଟିରେ ଆଉ ଅଧିକ ଗବେଷଣା କରି ନଥିଲେ।

---

ଘଟିଲେ (ଦେଖ ଟୀକା) ଏହି ବିପୁଳ ତେଜସ୍କ୍ରିୟତା ମୁକ୍ତିଲାଭ କରିଥାଏ। ପ୍ରଥମ ଅଗ୍ନିଟି ରାସାୟନିକ ପ୍ରତିକ୍ରିୟାଗୁଡ଼ିକରୁ ସମ୍ଭବ ହୁଏ, ଯେଉଁଥିରେ କି ଅଣୁଗୁଡ଼ିକର ବିନାଶ ଘଟି ଏକ ପୁନଃସଂଗଠନ ସଂଘଟିତ ହୁଏ, ମାତ୍ର ସଂଘଟକ ଅଣୁଗୁଡ଼ିକରେ ଆଦୌ କୌଣସି ପରିବର୍ତ୍ତନ ଘଟେ ନାହିଁ। ଆଟମ୍ ବା ଅଣୁ ଭିତରେ ରହିଥିବା ଇଲେକ୍‌ଟ୍ରନ୍‌ଗୁଡ଼ିକର ସୀମାନ୍ତ ସ୍ତରଗୁଡ଼ିକରେ ପରିବର୍ତ୍ତନ ଘଟିଲେ ସେଇଥିରୁ ଦ୍ୱିତୀୟ ଅଗ୍ନିଟି ସମ୍ଭୂତ ହୋଇଥାଏ। ଇଲେକ୍‌ଟ୍ରୋ-ମାଗ୍ନେଟିକ୍ ବସ୍ତୁଜଗତ ବୋଲି ଆମେ ଯାହାକିଛି ଜାଣୁଛୁ, ସେଗୁଡ଼ିକର ଉତ୍ସସ୍ଥାନରେ ଏହି ପରିବର୍ତ୍ତନଗୁଡ଼ିକହିଁ କାରଣରୂପେ ଅବସ୍ଥିତ ରହିଛି।]

'oaob.nitrkl.ac.in' images reprocessed

ବୈଜ୍ଞାନିକର ମନ ଏବଂ ଗୁପ୍ତବିଦ୍ୟାବିତ୍‌ର ମାନସିକ ଗଠଣ ମଧ୍ୟରେ ଏକ ଅନ୍ତର ଅବଶ୍ୟ ରହିଛି । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଯିଏ ଜ୍ଞାନକ୍ଷେତ୍ରର ଏହି ଉଭୟ ବିଷୟସମୂହକୁ ଏକତ୍ର ସଂଯୁକ୍ତ କରି ଆଣିପାରିବ, ସିଏ ନିଶ୍ଚୟ ବିଜ୍ଞାନର କ୍ଷେତ୍ରରେ ଏକ ବୃହତ୍ ଅଗ୍ରଗତି ସମ୍ଭବ କରି ପାରିବ ।

## ୧୭ ମେ, ୧୯୫୩

"ପରମ ଦିବ୍ୟସତ୍ତାଙ୍କ ସହିତ ସମ୍ମିଳିତ ହୋଇ ଚେତନାର ଏପରି ଗୋଟିଏ ଅବସ୍ଥା ରହିଛି, ଯେଉଁ ଅବସ୍ଥାରେ କି ତୁମେ ଯାହାକିଛି ପଢ଼ିବ, ସେଗୁଡ଼ିକ ସବୁଯାକ ଉପଭୋଗ କରିପାରିବ; ଯାହାକିଛି ଆଖିରେ ଦେଖିବ, ସବୁଗୁଡ଼ିକରୁ ରସ ଗ୍ରହଣ କରିପାରିବ, ଏପରିକି ଯେଉଁସବୁ ବିଷୟ ଆଦୌ ଆଗ୍ରହୋଦ୍ଦୀପକ ହୋଇ ନଥିବ ବା ଯେଉଁସବୁ ବସ୍ତୁ କୌଣସି ଆଗ୍ରହର ଉଦ୍ରେକ କରୁ ନଥିବ, ସେଥିରୁ ମଧ୍ୟ ତୁମେ ରସଗ୍ରହଣ କରିପାରିବ । ତୁମେ ଅତି ନିକୃଷ୍ଟ ପ୍ରକାରର ସଂଗୀତ ବି ଶୁଣି ପାରିବ, ଏପରିକି ଯେଉଁ ସଂଗୀତ ଶୁଣିଲେ ଆଜି କେଉଁଠାକୁ ପଳାଇ ଯିବାକୁ ମନ ହୁଏ, ସେହି ସଂଗୀତକୁ ମଧ୍ୟ ଶୁଣି ପାରିବ । ଏବଂ ତଥାପି, ତାହାର ସେହି ବାହ୍ୟ ପ୍ରକୃତିଟି ସକାଶେ ନୁହେଁ, ମାତ୍ର ଯାହା ପଛରେ ଅନ୍ତର ଭିତରେ ରହିଛି, ତୁମେ ସେଥିରୁ ରସଗ୍ରହଣ କରିପାରିବ । ଉତ୍ତମ ସଂଗୀତ ଏବଂ ଖରାପ ସଂଗୀତ ମଧ୍ୟରେ ଯେଉଁ ପ୍ରଭେଦ ରହିଛି, ସେଇଟିକୁ ଜାଣି ପାରିବାର ସାମର୍ଥ୍ୟଟିକୁ ତୁମେ କଦାପି ହରାଇ ବସିବ ନାହିଁ ସତ, ମାତ୍ର ଦୁଇଟିକୁ ମାଧ୍ୟମରୂପେ ବ୍ୟବହାର କରି ସଂଗୀତ ଯାହା ପ୍ରକୃତରେ ପ୍ରକାଶ କରୁଥାଏ, ତାହାରି ମଧ୍ୟରେ ଯାଇ ପ୍ରବେଶ କରି ପାରିବ । କାରଣ ପୃଥିବୀରେ ଏପରି କୌଣସି ପଦାର୍ଥ ନାହିଁ ଯାହାର କି ପରମ ସତ୍ୟ ବୋଲି ଆଦୌ କିଛିହେଲେ ନାହିଁ, ଯାହାକି ପରମ ଦିବ୍ୟସତ୍ତାଙ୍କୁ ଆଶ୍ରୟ କରି ରହି ନାହିଁ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୮ ଏପ୍ରିଲ)

'oaob.nitrkl.ac.in' images reprocessed

## ସଙ୍ଗୀତର ବାହ୍ୟ ଗଠନଟି "ପଛରେ" କ'ଣ ଅବସ୍ଥିତ ରହିଛି ?

ସଙ୍ଗୀତର ମାଧ୍ୟମରେ ଆମେ କେତେକ ଭାବନା, ଅନୁଭୂତ, ସଂବେଗ ଏବଂ ଅଭିପ୍ସାକୁ ପ୍ରକାଶ କରିବାକୁ ଚେଷ୍ଟା କରିଥାଉ । ଏପରିକି ଏପରି ଏକ କ୍ଷେତ୍ର ଅବସ୍ଥିତ ରହିଛି, ଯେଉଁଠାରେ କି ଏହିସବୁ ଗତିସ୍ପନ୍ଦନ ଅବସ୍ଥାନ କରୁଥାନ୍ତି ଏବଂ ସେଇଠାରୁ ସଂଦୋଳିତ ହୋଇ ଆସିବା ବେଳେ ସେଗୁଡ଼ିକର ଏକ ସଙ୍ଗୀତମୟ ରୂପ ଧାରଣ କରିଥାନ୍ତି । ଯିଏ ସଙ୍ଗୀତ ରଚନାରେ ଯଥେଷ୍ଟ କୁଶଳତା ଅର୍ଜନ କରିଥାନ୍ତି, ସେ କଳ୍ପିତ ଅନୁପ୍ରେରଣା ପାଇଲେ ଅତ୍ୟନ୍ତ ସୁନ୍ଦର କେତେ କେତେ ସଙ୍ଗୀତର ରଚନା କରନ୍ତି; କାରଣ ସିଏ ସଙ୍ଗୀତ ରଚନାରେ ନିପୁଣତା ଲାଭ କରିଥାନ୍ତି । ଯିଏ ସଙ୍ଗୀତରେ ଯଥେଷ୍ଟ କୁଶଳତା ଅର୍ଜନ କରି ନାହାନ୍ତି, ସେହି ସଙ୍ଗୀତଜ୍ଞ ମଧ୍ୟ ନିଶ୍ଚୟ ଅତ୍ୟନ୍ତ ଉଚ୍ଚକୋଟିର ଅନୁପ୍ରେରଣା ଅନୁଭବ କରିପାରନ୍ତି, ତାଙ୍କ ପାଖକୁ ମଧ୍ୟ ଭଲ ସଙ୍ଗୀତ ମୂର୍ଚ୍ଛନାରୂପେ ଭାସି ଆସିପାରେ, ମାତ୍ର ତାଙ୍କଠାରେ ସଙ୍ଗୀତ ରଚନାର ଉପଯୁକ୍ତ ସାମର୍ଥ୍ୟ ନଥିବାରୁ ସିଏ ଯାହା ସୃଷ୍ଟି କରନ୍ତି, ତାହା ଅତ୍ୟନ୍ତ ଭୟଙ୍କର ଭାବରେ ବଡ଼ ସାଧାରଣ ଓ ବୈଚିତ୍ର୍ୟହୀନ ହୋଇ ରହେ, ମୋଟେ ଆଗ୍ରହୋଦ୍ଦୀପକ ହୋଇ ପାରେ ନାହିଁ । ମାତ୍ର ଯଦି ତୁମେ ଆହୁରି ଦୂରକୁ ଯାଇପାରିବ, ଯେଉଁଠାରୁ ସକଳ ସଙ୍ଗୀତ ଉତ୍ପନ୍ନ ହୋଇ ଆସେ, ତୁମେ ଯଦି ଠିକ୍ ସେହି ଥାନରେ ଯାଇ ପହଞ୍ଚି ପାରିବ, ସଙ୍ଗୀତର ଭାବନା, ସଂବେଗ ଏବଂ ପ୍ରେରଣାର ସେହି ମୂଳସ୍ଥାନରେ ଯାଇ ପହଞ୍ଚି ପାରିବ, ଆକାରଗୁଡ଼ିକ ଦ୍ଵାରା ପ୍ରାୟ କୌଣସି ପ୍ରକାରେ ବ୍ୟାହତ ନହୋଇ ତୁମେ ସେହିସବୁ ବସ୍ତୁର ସ୍ଵାଦ ଲାଭ କରିପାରିବ; ଯାହା ବାହାରକୁ ଅତ୍ୟନ୍ତ ସାଧାରଣ ଲାଗୁଛି, ସଙ୍ଗୀତର ସେହି ଆକାରଟି ନିଶ୍ଚୟ ପୁଣି ସେଇଟି ସହିତ ଯୋଡ଼ି ଦିଆଯାଇ ପାରିବ, କାରଣ ଯିଏ ସଙ୍ଗୀତଟିର ରଚନା କରିଛନ୍ତି, ସିଏ ଠିକ୍ ସେହିଠାରୁହିଁ ପ୍ରେରଣା ଲାଭ କରିଥିଲେ । ଅତ୍ୟନ୍ତ ସ୍ଵଭାବତଃ ଏପରି ଅନେକ ଦୃଷ୍ଟାନ୍ତ ରହିଛି, ଯେଉଁଠାରେ କି ଆଦୌ କୌଣସି ଅନୁପ୍ରେରଣା ନଥାଏ, ଯେଉଁଠି ମୂଳଟି ମଧ୍ୟ କେବଳ ଏକ ଯାନ୍ତ୍ରିକ ସଙ୍ଗୀତ ଗଠନ ହୋଇ ରହିଥାଏ । ସକଳ କ୍ଷେତ୍ରରେ ତାହା ଆଦୌ ଆଗ୍ରହୋଦ୍ଦୀପକ ହୋଇ ପାରେ ନାହିଁ । ମାତ୍ର ମୋ କଥାର ଅର୍ଥ ହେଉଛି ଯେ ଏପରି ଏକ ଅନ୍ତର୍ଗତ ଅବସ୍ଥା ରହିଛି, ଯେଉଁଠାରେ କି ବାହ୍ୟ ଆକାରଟି ଆଦୌ ସବୁଠାରୁ ଅଧିକ ମହତ୍ତ୍ଵପୂର୍ଣ୍ଣ ବସ୍ତୁ ହୋଇ ରହି ନଥାଏ; ସେଇଟି ହେଉଛି ସଙ୍ଗୀତର ଉତ୍ସସ୍ଥାନ, ସକଳ ସୀମାରୁ ଆସୁଥିବା ଏକ ପ୍ରେରଣା,—ଏହିଗୁଡ଼ିକରହିଁ ପ୍ରକୃତ ମହତ୍ତ୍ଵ ରହିଛି । ଖାଲି ଶବ୍ଦଗୁଡ଼ିକ ଆଦୌ ମହତ୍ତ୍ଵପୂର୍ଣ୍ଣ ନୁହେଁ, ମାତ୍ର ଶବ୍ଦ ବା ଧ୍ୱନିଗୁଡ଼ିକ ଯାହା ଅଭିବ୍ୟକ୍ତ କରିଦିଏ, ତାହାହିଁ ମହତ୍ତ୍ଵପୂର୍ଣ୍ଣ ।

'oaob.nitrkl.ac.in' images reprocessed

**ତେଣୁ ପ୍ରେରଣାଠାରୁ ଅଭିବ୍ୟକ୍ତି କଦାପି ଅଧିକ ଭଲ ହେବ ନାହିଁ ବୋଲି ଆପଣ କହୁଛନ୍ତି ?**

ଏପରି ଗୋଟିଏ ଗୋଟିଏ ସଂଗୀତ ଅଛି, ଯେଉଁଥିରେ କି ଆଦୌ କୌଣସି ପ୍ରେରଣା ନଥାଏ, ସେଗୁଡ଼ାକ ସତେଅବା କୌଣସି ଯାନ୍ତ୍ରିକ ରଚନା ହୋଇ ରହିଥାନ୍ତି । ଏପରି ଅନେକ ସଂଗୀତଜ୍ଞ ମଧ୍ୟ ଅଛନ୍ତି, ଯେଉଁମାନେ ସଂଗୀତବିଦ୍ୟାରେ ଅତିଶୟ ପ୍ରବୀଣତା ହାସଲ କରିଛନ୍ତି, ଅର୍ଥାତ୍ ଯେଉଁମାନେ କୌଶଳଟି ଉପରେ ପରିପୂର୍ଣ୍ଣ ବ୍ୟୁତ୍ପତ୍ତି ଲାଭ କରିଥାନ୍ତି; ଉଦାହରଣସ୍ୱରୂପ, ଯେଉଁମାନେ କି କେଉଁଠି ଗୋଟିଏମାତ୍ର ଭୁଲ୍ ନକରି ଦ୍ରୁତତମ ଏବଂ ସବୁଠାରୁ ଅଧିକ କଷ୍ଟକର ସଂଗୀତଗୁଡ଼ିକର ପରିବେଷଣ କରିଦେଇ ପାରୁଥାନ୍ତି । ସେମାନେ ସଂଗୀତ ପରିବେଷଣ କରି ପାରୁଥିବେ ସତ, ମାତ୍ର ତାହା କିଛିହେଲେ ପ୍ରକାଶ କରୁ ନଥିବ, ତାହା କେବଳ ଗୋଟାଏ ଯନ୍ତ୍ର ପରି ଶୁଭୁଥିବ । ସେମାନେ ଯେ ପ୍ରଭୂତ କୌଶଳ ଅର୍ଜନ କରିଛନ୍ତି, ସେତିକି ବ୍ୟତୀତ ସେମାନଙ୍କ ସଂଗୀତରୁ ଆଉ କିଛିହେଲେ ପ୍ରକାଶ ପାଉ ନଥିବ । କାରଣ, ପ୍ରେରଣା ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ; ଆମେ ଯାହାକିଛି କରୁଛୁ, ମନୁଷ୍ୟ ଯାହାକିଛି ସୃଷ୍ଟି କରୁଛି, ସବୁଥିରେ ପ୍ରେରଣା ହେଉଛି ସବୁଠାରୁ ବଡ଼ କଥା । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ପ୍ରେରଣା ଯେଉଁ ସ୍ତରର, ସଂଗୀତର ପରିବେଷଣଟି ମଧ୍ୟ ଠିକ୍ ସେହି ସ୍ତରର ହେବା ଆବଶ୍ୟକ । ଉଚ୍ଚତମ କଥାଗୁଡ଼ିକୁ ନିପୁଣ ଭାବରେ ଅଭିବ୍ୟକ୍ତ କରି ପାରିବାକୁ ହେଲେ ଟେକ୍‌ନିକ୍‌ଟି ମଧ୍ୟ ଖୁବ୍ ଭଲ ହେବା ଏକାନ୍ତ ପ୍ରୟୋଜନ । ଟେକ୍‌ନିକ୍‌ର କୌଣସି ଆବଶ୍ୟକତା ନାହିଁ ବୋଲି ମୁଁ ଆଦୌ କହୁ ନାହିଁ; ମୁଁ କେବଳ ଏତିକି କହୁଛି ଯେ ତାହା ଏକମାତ୍ର ଅପରିହାର୍ଯ୍ୟ ପଦାର୍ଥ ନୁହେଁ, ଏହା ଅନୁପ୍ରେରଣାଠାରୁ ଅବଶ୍ୟ କମ୍ ମହତ୍ତ୍ୱପୂର୍ଣ୍ଣ ।

ସଂଗୀତ ପ୍ରକୃତରେ କେଉଁଠାରୁ ଧ୍ୱନିତ ହୋଇ ଆସୁଛି, କେଉଁଠାରେ ତା'ର ମୂଳସ୍ଥାନଟି ରହିଛି, ତାହାରି ଉପରେହିଁ ସଂଗୀତର ଅସଲ ଗୁଣାତ୍ମକତା ନିର୍ଭର କରିବ ।

**ଏହି "ମୂଳସ୍ଥାନ"ଟି କହିଲେ କ'ଣ ବୁଝାଉଛି ?**

ତାହା ଯେଉଁଠାରୁ ଆରମ୍ଭ ହୁଏ । ଝରଣା ଯେପରି ନଦୀର ମୂଳସ୍ଥାନ, ସେହିପରି ।

'oaob.nitrkl.ac.in' images reprocessed

**ଏବଂ ପ୍ରତ୍ୟେକ ବସ୍ତୁର ଏକାବେଳେକେ ଅନେକ "ମୂଳସ୍ଥାନ" ରହିଛି କି ?**

ଭୌତିକ ଜୀବନ ବୋଲି ଆମେ ଯାହାକୁ ଦେଖୁଛେଁ, ପ୍ରାଣିକ ଏବଂ ମାନସିକ ଜୀବନରୁହିଁ ତା'ର ଉତ୍ପତ୍ତି ହୋଇଛି । ମାନସିକ ଏବଂ ପ୍ରାଣିକ ଭୂମିଗୁଡ଼ିକର ଆଉ ଗୋଟିଏ ଉତ୍ପତ୍ତିସ୍ଥଳ ରହିଛି, ଏବଂ ଏମିତି ଏହିପରି ଆଗକୁ ଆଗକୁ ଯାଇଛି । ଉତ୍ପତ୍ତିସ୍ଥଳରେ ଏକ ଉଚ୍ଚତର ସତ୍ୟକୁ ବହନ କରି ନଥିଲେ ପୃଥିବୀରେ ଭୌତିକ ସ୍ତରରେ କୌଣସି ପଦାର୍ଥ ଆପଣାକୁ ରୂପାୟିତ କରି ପାରିବ ନାହିଁ; ତା' ନହେଲେ ଏହି ଜଗତର କୌଣସି ଅସ୍ତିତ୍ୱ ରହିବ ନାହିଁ । ଯଦି କୌଣସି ପଦାର୍ଥ କେବଳ ସେହି ପଦାର୍ଥଟି ହୋଇ ରହିଥାନ୍ତା ଓ ତାହାରି ଭିତରେହିଁ ତାହାର ଉତ୍ପତ୍ତିସ୍ଥଳ ରହିଥାନ୍ତା, ତେବେ ଅଚିରେ ତାହାର ଅସ୍ତିତ୍ୱହିଁ ନଷ୍ଟ ହୋଇ ଯାଆନ୍ତା । ମାତ୍ର ସବୁ କ୍ଷେତ୍ରରେ ଏକ ଶକ୍ତି ବିଦ୍ୟମାନ ରହିଛି, ଯାହା କି ପଦାର୍ଥଟିକୁ ଆଗକୁ ଠେଲୁଛି; ଏକ ଶକ୍ତି ରହିଛି, ଯାହା କି ପ୍ରକାଶିତ ହେବା ଲାଗି ଆଗକୁ ଆଗକୁ ଠେଲିହୋଇ ଆସୁଛି; ଏବଂ ସେଇଥି ସକାଶେହିଁ ଜୀବନ ତିଷ୍ଠି ରହି ପାରୁଛି । ତା' ନହେଲେ ତାହା ଅତିଶୀଘ୍ର ଆପଣାକୁ ନିଃଶେଷ କରି ଦେଇଥାନ୍ତା ।

**ଭୌତିକ ଜଗତରେ ରୂପାୟିତ ହୋଇଥିବା ପ୍ରତ୍ୟେକ ପଦାର୍ଥର ଉତ୍ସମୂଳରେ ଯଦି ଉଚ୍ଚତର ପରମସତ୍ୟ ନିହିତ ହୋଇ ରହିଥାଏ, ତେବେ ତାହା ପ୍ରକାଶଲାଭ କରି ଏପରି କୁତ୍ସିତ ହୋଇପଡ଼ୁଛି କିପରି ? ଏହି କ୍ଷେତ୍ରରେ କୌଣସି କୁତ୍ସିତ ପଦାର୍ଥ ରହିବାର କାରଣ ବି କ'ଣ ଅଛି ?**

କାରଣ ଏଭଳି ଏକାଧିକ ଶକ୍ତି ରହିଛନ୍ତି, ଯେଉଁମାନେ କି ମୂଳଉତ୍ସ ଏବଂ ପ୍ରକାଶିତ ରୂପଟି ମଧ୍ୟରେ ଅନ୍ତରାୟ ହୋଇ ରହିଛନ୍ତି ।

ଯଦି ମୁଁ ତୁମକୁ ପଚାରିବି, "ତୁମେ ତୁମର ସତ୍ତାଟିର ସତ୍ୟକୁ ଜାଣିଛ କି ?" ତେବେ ତୁମେ ତା'ର କି ଉତ୍ତର ଦେବ ?...ତୁମେ ସେହି ସତ୍ୟଟିକୁ ଜାଣିଛ ? ଏବଂ ସବୁ କ୍ଷେତ୍ରରେ ସେହି ନିୟମଟି ଲାଗୁ ହୋଇପାରିବ । ଏବଂ ତଥାପି ଏକ ଭାବନାକ୍ଷମ ସତ୍ତାରୂପେ ତୁମେ ଯଥେଷ୍ଟ ପରିମାଣରେ ବିକାଶ ଲାଭ କରି ସାରିଛ ଏବଂ ଯାବତୀୟ ପ୍ରକାରର ବିଶୋଧନ ମଧ୍ୟଦେଇ ଗତି କରି ଆସିଛ । ଉଦାହରଣସ୍ୱରୂପ, କାନ୍ଥ ଉପରେ ଯେଉଁ ଝିଟିପିଟି ଖସ୍ ଖସ୍ ହୋଇ ବୁଲୁଯାଉଛି,

'oaob.nitrkl.ac.in' images reprocessed

ତୁମେ ବର୍ତ୍ତମାନ କଦାପି ସେହି ଝିଟିପିଟି ହୋଇ ରହି ନାହିଁ; ଏବଂ ତୁମ ସତ୍ତାଟିର ପ୍ରକୃତ ସତ୍ୟଟି ବିଷୟରେ ତୁମେ ହୁଏତ କିଛି କହି ପାରିବ ନାହିଁ । ଏହି ଜଗତରେ ଯେତେବେଳେ ବିକାର ଓ ବିକୃତି ରହିଛି, ତାହା ପଛରେ ଠିକ୍ ଏହି ଗୁପ୍ତ କାରଣଟି ନିହିତ ହୋଇ ରହିଛି । ପରମ ଉତ୍ପତ୍ତିସ୍ଥାନଟିରୁ ବିଚ୍ଛିନ୍ନ ହୋଇ ପଡ଼ିବା ଫଳରେ ଯେଉଁ ସକଳ ଅଚେତନା ଜନ୍ମଲାଭ କରୁଛି, ସେଇଥିଲାଗି ହିଁ ଏହି ବିକୃତି-ମାନ ଘଟୁଛି । ଏହି ଅଚେତନାଟି ସବାଶେଷରେ ଅସଲ ମୂଳଟି ଅନୁକ୍ଷଣ ବିଦ୍ୟମାନ ରହିଥିଲେ ମଧ୍ୟ ଆପଣାକୁ ତଥାପି ଅଭିବ୍ୟକ୍ତ କରି ପାରୁ ନାହିଁ । ମୂଳଟି ରହିଛି, ତେଣୁ ସଂସାର ରହିଛି । ମାତ୍ର ଆପଣାକୁ ଅଭିବ୍ୟକ୍ତ କରିବାର ପ୍ରକ୍ରିୟାରେ ତାହା ବିକୃତ ହୋଇ ଯାଉଛି, କାରଣ ତାହା କେବଳ ଅଚେତନା, ଅଜ୍ଞାନ ଏବଂ ଅସ୍ପଷ୍ଟତା ମଧ୍ୟଦେଇ ହିଁ ଆପଣାକୁ ପ୍ରକଟ କରି ପାରୁଛି ।

ଏହି ବିଷୟରେ ମୁଁ ବୁଲେଟିନ୍‌ର ଆଗାମୀ ସଂଖ୍ୟାରେ* ଭଲକରି ବୁଝାଇ କହିବାକୁ ଚେଷ୍ଟା କରିବି । ତଥାପି, ଅତ୍ୟନ୍ତ ସଂକ୍ଷେପରେ, ତାହାର ସାରାଂଶ ଏହିପରି ହେବ :

ବର୍ତ୍ତମାନ ବିଶ୍ୱଜଗତକୁ ଆମେ ଯେପରି ଭାବରେ ଦେଖୁଛୁ, ତାହାକୁ ସୃଷ୍ଟି କଲାବେଳେ ପରମ ଇଚ୍ଛାଶକ୍ତି ଆପଣାକୁ ଏକ ବ୍ୟକ୍ତି-ଆକୃତି ପ୍ରକ୍ଷେପଣରେ ପରିଣତ କରିଥିଲା; ଅର୍ଥାତ୍, ସବୁକିଛିକୁ ଏକତ୍ର ଧରି ରଖିଥିବା ଏକ ସମଗ୍ରତା ହେବା ପରିବର୍ତ୍ତରେ ତାହା ବ୍ୟକ୍ତିରୂପ ହୋଇଥିଲା, ଏକ ବିକ୍ଷେପଣର ସ୍ୱଭାବ ଧାରଣ କରିଥିଲା । ଗୋଟିଏ ଗୋଟିଏ ବ୍ୟକ୍ତି ଏକକରେ ପରିଣତ ହୋଇଥିବା କ୍ଷୁଦ୍ର ଅଗଣିତ ଏକତ୍ୱଦ୍ୱାରା ଗଠିତ ଏକ ଏକତ୍ୱ ହୋଇ ରହିଥିଲା; ଅର୍ଥାତ୍ ନିଜକୁ ବିଚ୍ଛିନ୍ନ ବୋଲି ଅନୁଭବ କରୁଥିବା ଅନେକ ଏକତ୍ୱ ଦ୍ୱାରା ଗଠିତ ଏକ ସମଗ୍ର ହୋଇ ରହିଥିଲା । ଏବଂ ଅନ୍ୟ ସମସ୍ତଙ୍କଠାରୁ ଏହିପରି ବିଚ୍ଛିନ୍ନ ହୋଇ ରହିଥିବାରୁ ହିଁ ତୁମେ ନିଜକୁ ଜଣେ ବ୍ୟକ୍ତି ବୋଲି ଅନୁଭବ କରିପାରୁଛ । ତା' ନହୋଇଥିଲେ ତୁମେ ଆପଣାକୁ ସତେ ଅବା ଗୋଟିଏ ତରଳ ସମୂହପିଣ୍ଡ ବୋଲି ଅନୁଭବ କରୁଥା'ନ୍ତ । ଉଦାହରଣସ୍ୱରୂପ, ତୁମର ଏହି ବାହ୍ୟ ରୂପ ଏବଂ ତୁମ ସତ୍ତାରେ ଥିବା ଯାହାକିଛି ତୁମକୁ ଏକ ସ୍ୱତନ୍ତ୍ର ବ୍ୟକ୍ତି ସତ୍ତାରେ ପରିଣତ କରି ରଖିଛି, ସେଇଟି ବିଷୟରେ ସଚେତନ ନହୋଇ ଯଦି ଆପଣାକୁ ସର୍ବତ୍ର ସଞ୍ଚାଳିତ କରି ରଖିଥିବା ପ୍ରାଣିକ ଶକ୍ତିଗୁଡ଼ିକ ବିଷୟରେ ଅଥବା ସବୁକିଛିର ଭୂମି ହୋଇ ରହିଥିବା ଅଚେତନାଟି ବିଷୟରେ ତୁମେ ସଚେତନ ହୋଇ ରହିଥା'ନ୍ତ, ତେବେ ତୁମେ ସବୁ ପ୍ରକାରର ପରସ୍ପରବିରୋଧୀ ଗତିସ୍ପନ୍ଦନକୁ ବହନ କରି ଅଗ୍ରସର ହେଉଥିବା ଏକ ସମୂହପିଣ୍ଡର

* ଦେଖନ୍ତୁ : ତପସ୍ୟା-ଚତୁଷ୍ଟୟ (ପ୍ରେମର ତପସ୍ୟା)

'oaob.nitrkl.ac.in' images reprocessed

ଅନୁଭୂତ ଲାଭ କରୁଥା'ନ୍ତ, ସେହି ଗତିସ୍ପନ୍ଦନଗୁଡ଼ିକ ପରସ୍ପରଠାରୁ ଆଦୌ ଅଲଗା ହୋଇ ପାରୁ ନଥା'ନ୍ତେ । ଆପଣାକୁ ତୁମେ ଜଣେ ବ୍ୟକ୍ତି ବୋଲି ଆଦୌ ଅନୁଭବ କରିପାରୁ ନଥା'ନ୍ତ । ସତେ ଅବା କୌଣସି ସମଗ୍ର ମଧ୍ୟରେ ଗୋଟାଏ ପ୍ରକାରର ସ୍ପନ୍ଦନ ହୋଇ ଘୂରିଲା ପରି ମନେ ହେଉଥା'ନ୍ତା । ହଁ, ମୂଳ ପରମ ଇଚ୍ଛାର ବ୍ୟକ୍ତିସତ୍ତାଗୁଡ଼ିକୁ ଏପରି ଭାବରେ ଗଢ଼ିବାକୁ ଥିଲା, ଯେପରି କି ସେଗୁଡ଼ିକ ପୁନର୍ବାର ସେଗୁଡ଼ିକର ଦିବ୍ୟ ଉତ୍ପତ୍ତିସ୍ଥଳ ବିଷୟରେ ସଚେତନ ହୋଇ ପାରିବେ । ଏକ ବ୍ୟକ୍ତିରୂପେ ଗଢ଼ାହେବାର ପ୍ରକ୍ରିୟାଟିରେ ଯାହା ଘଟିଲା, ତାହାର ଅନୁସାରେ ଜଣେ ବ୍ୟକ୍ତି ହୋଇ ଅବସ୍ଥାନ କରିବାକୁ ହେଲେ ଆମକୁ ଅନ୍ୟମାନଙ୍କଠାରୁ ଅଲଗା ବୋଲି ଅନୁଭବ କରିବାକୁହିଁ ପଡ଼ିଲା । ଅଲଗା ହୋଇଯିବା ମାତ୍ରକେହିଁ ତୁମେ ଅନ୍ତତଃ ପ୍ରାତିଭାସିକ ଦୃଷ୍ଟିରୁ ମୂଳଚେତନାଟିରୁ ବିଚ୍ଛିନ୍ନ ହୋଇ ପଡ଼ୁଛ ଏବଂ ତା'ପରେ ତୁମେ ଅଚେତନା ମଧ୍ୟରେ ପତିତ ହୋଇ ରହୁଛ । କାରଣ, ଯେଉଁ ବସ୍ତୁଟିକୁ ଆମେ ସକଳ ଜୀବନର ପରମ ଜୀବନ ବୋଲି କହୁବା, ସେଇ ହେଉଛନ୍ତି ଆଦିମୂଳ, ଏବଂ ଯଦି ତୁମେ ସେଇଟିଠାରୁ ନିଜକୁ ବିଚ୍ଛିନ୍ନ କରି ରଖିଲ, ତେବେ ଅତ୍ୟନ୍ତ ସ୍ୱାଭାବିକ ଭାବରେହିଁ ଚେତନା ଅଚେତନାରେ ପରିବର୍ତ୍ତିତ ହୋଇଯିବ । ଏବଂ ତା'ପରେ, କେବଳ ସେହି ଅଚେତନାଟି ହେତୁହିଁ ତୁମେ ଆଉ ତୁମ ସତ୍ତାର ପ୍ରକୃତ ସତ୍ୟଟି ବିଷୟରେ ସଜ୍ଞାନ ହୋଇ ରହି ପାରିବ ନାହିଁ···ଏଇଟି ପ୍ରକୃତରେ ଏକ ପ୍ରକ୍ରିୟା । ଏଇ ପ୍ରକ୍ରିୟାଟି କେତେଦୂର ଅବଶ୍ୟମ୍ଭାବୀ ଅଥବା ଅବଶ୍ୟମ୍ଭାବୀ ନୁହେଁ, ତୁମେ ସେବିଷୟରେ କୌଣସି ଯୁକ୍ତି କରି ପାରିବ ନାହିଁ; ଏଇଟି ଯେ ସେହିପରି, ତାହାହିଁ ବସ୍ତୁସତ୍ୟ । ଶୁଦ୍ଧତା ତା'ର ପ୍ରକଟ ରୂପରେ କାହିଁକି ଆଉ ତାହାର ସେହି ସାର ଓ ଶୁଦ୍ଧରୂପକୁ ନେଇ ରହି ପାରୁ ନାହିଁ, ମାତ୍ର କେବଳ ଅଚେତନା ଏବଂ ଅଜ୍ଞାନର ବିକୃତି ମଧ୍ୟଦେଇହିଁ ତାକୁ ଗତି କରିବାକୁ ପଡ଼ୁଛି, ସୃଷ୍ଟିଗଠନ ଏବଂ ସୃଷ୍ଟିସର୍ଜନାର ପ୍ରକ୍ରିୟାଟି ହେଉଛି ତା'ର କାରଣ । ······ଅବଶ୍ୟ ତୁମେ ଯଦି "ହଁ, ମୁଁ ମୋ ସତ୍ତାଟିର ସତ୍ୟଟିକୁ ଅବଶ୍ୟ ଜାଣିଛି !" ବୋଲି ଉତ୍ତର ଦେଇ ପାରିଥା'ନ୍ତ, ତେବେ କଥାଟି ତ ସେହିଠାରେହିଁ ସରି ଯାଇଥାନ୍ତା ଏବଂ ସେହି କ୍ଷେତ୍ରରେ ଆଉ କଦାପି କୌଣସି ସମସ୍ୟା ରହି ନଥାନ୍ତା ।

ସେହି କାରଣରୁ ଏଠି ଏତେ ଏତେ କୁତ୍ସିତତା ରହିଛି, ଏଠି ମୃତ୍ୟୁ ରହିଛି; ସେଇଥିପାଇଁ ଅସୁସ୍ଥତା ରହିଛି; ଦୁଷ୍ଟତା ମଧ୍ୟ ରହିଛି ଏବଂ ଦୁଃଖଭୋଗ ରହିଛି । ଏହାର ଆଉ କୌଣସି ପ୍ରତିକାର ନାହିଁ, ଏହି ସବୁକିଛି ସକାଶେ କେବଳ ଗୋଟିଏ ମାତ୍ର ଉପାୟ ରହିଛି । ଏହି ସବୁଯାକ ବିଭିନ୍ନ କ୍ଷେତ୍ରରେ ରହିଛନ୍ତି, ବିଭିନ୍ନ ସ୍ପନ୍ଦନ ସହିତ ରହିଛନ୍ତି; ମାତ୍ର ସମସ୍ତେ ସେହି ଗୋଟିଏ କାରଣରୁହିଁ ରହିଛନ୍ତି । ବ୍ୟକ୍ତିସତ୍ତାର ନିର୍ମାଣ ଲାଗି ଯେଉଁ ଅଚେତନାର ଉତ୍ପତ୍ତି ଘଟିବା ଆବଶ୍ୟକ ହୋଇଛି, ତାହାହିଁ

'oaob.nitrkl.ac.in' images reprocessed

ହେଉଛି କାରଣ । ମୁଁ ଆଉଥରେ କହୁଛି ଯେ ଏପରି ହେବା ଆଦୌ ଅପରିହାର୍ଯ୍ୟ ନଥିଲା । ସେଇଟି ହେଉଛି ଆଉ ଗୋଟିଏ ସମସ୍ୟା, ଏବଂ ସମ୍ଭବତଃ ଆମେ ପରେ କେବେ ସେଇଟିର ସମାଧାନ କରିପାରିବା, ମାତ୍ର ବର୍ତ୍ତମାନ ପାଇଁ ଆମେ କେବଳ ଏତିକି କହିବାକୁ ବାଧ୍ୟ ହେବା ଯେ ବ୍ୟାପାରଟି ଏହିପରି ହୋଇ ରହିଛି ।

ତେବେ, ଏହାର ପ୍ରତିକାର ? ଯଦି କାରଣଟି ଏହିପରି ହେଲା, ତେବେ ପୁନର୍ବାର ସଚେତନତା ମଧ୍ୟକୁ ଲେଉଟି ଆସିବା ହେଉଛି ସବୁକିଛିକୁ ସଜାଡ଼ି ଠିକ୍ କରି ଆଣିବାର ଏକମାତ୍ର ଉପାୟ । ଏବଂ ସେହି ଉପାୟଟି ଭାରି ସରଳ, ଭାରି ସରଳ ।

ମନେ କରାଯାଉ ଯେ, କେତେକ ଧର୍ମ ଯେପରି ପ୍ରଚାର କରିଛନ୍ତି, ଏହି ବିଶ୍ୱ ଜଗତରେ ପରସ୍ପରର ବିରୋଧ କରୁଥିବା ବିପରୀତ ଦୁଇଟି ଶକ୍ତି ବିଦ୍ୟମାନ ରହିଛନ୍ତି : ଭଲ ବି ଅଛି, ମନ୍ଦ ବି ଅଛି; ଏବଂ ଏହି ଭଲ ଆଉ ମନ୍ଦ ସବୁଦିନ ଲାଗି ଏହିପରି ରହିଥିବେ । ଦୁହିଁଙ୍କ ମଧ୍ୟରେ ସବୁଦିନେ ଦ୍ୱନ୍ଦ୍ୱ ଲାଗିଥିବ, ଯୁଦ୍ଧ ଲାଗିଥିବ, ଏକ ସଂଗ୍ରାମ ଲାଗିଥିବ । ଦୁହିଁଙ୍କ ଭିତରୁ ଯାହାର ବଳ ଅଧିକ ହେଉଥିବ, ସେଇଟି ଭଲ ହେଉ ଅଥବା ମନ୍ଦ ହେଉ, ସେଇଟିହିଁ ଜୟଲାଭ କରୁଥିବ । ଯଦି ଭଲ ଅଧିକ ମାତ୍ରାରେ ଥାଏ, ତେବେ ଭଲ ଜୟଲାଭ କରିବ; ଏବଂ ଯଦି ମନ୍ଦ ଅଧିକ ମାତ୍ରାରେ ଥାଏ, ତେବେ ମନ୍ଦ ଜୟଲାଭ କରିବ । ମାତ୍ର ଦୁହେଁଯାକ ସବୁବେଳେ ଏହିପରି ସହାବସ୍ଥିତ ହୋଇ ରହିଥିବେ । ଯଦି ପ୍ରକୃତରେ ସେହିପରି ଏକ ଅବସ୍ଥା ରହିଥାଏ, ତେବେ ତାହାକୁ ପ୍ରକୃତରେ ଅତ୍ୟନ୍ତ ନିରାଶାଜନକ ବୋଲି କହିବାକୁ ହେବ : ସେତେବେଳେ ଆଉ ଏଇଟା କଷ୍ଟକର ଅଥବା ସହଜ ବୋଲି କହିବାର ଅବକାଶ ନଥିବ, ତାହା ସଂପୂର୍ଣ୍ଣ ଭାବରେ ଅସମ୍ଭବ ହୋଇପଡ଼ିବ । ସେତେବେଳେ ତାହା ମଧ୍ୟରୁ ନିଷ୍କୃତି ପାଇବାର ବି ଆଉ ବାଟ ନଥିବ । ମାତ୍ର ପ୍ରକୃତ ଅବସ୍ଥାଟି ଆଦୌ ସେପରି ନୁହେଁ ।

ପ୍ରକୃତ କଥା ହେଉଛି ଯେ ଅସଲ ମୂଳ କେବଳ ଗୋଟିଏ ରହିଛି ଏବଂ ଏହି ମୂଳକୁ ଆମେ ପରମ ସତ୍ୟର ପୂର୍ଣ୍ଣ ଶୁଦ୍ଧ ଅବସ୍ଥା ବୋଲି କହିବା; କାରଣ କେବଳ ସେହି ଗୋଟିଏ ବସ୍ତୁହିଁ ଯଥାର୍ଥରେ ରହିଛି । ଏବଂ ତାହା ଯେତେବେଳେ ଆପଣାକୁ ବାହ୍ୟରୂପରେ ପ୍ରକଟ କରି ଆଣୁଛି, ଆପଣାକୁ ପ୍ରକ୍ଷେପିତ କରିଦେଉଛି ବା ବିକ୍ଷିପ୍ତ କରିଦେଉଛି, ସେତେବେଳେ ତାହାର ଫଳରେହିଁ ଆମେ ଦେଖୁଥିବା ଏହି ସୃଷ୍ଟି ସମ୍ଭବ ହେଉଛି । ସେଇଥିରୁ ସାନ ସାନ ମୂର୍ତ୍ତିର ଏହି ପୃଥିସଂସାରଟି ନିଷ୍ପନ୍ନ ହୋଇ ଆସୁଛି, ଏହି ମୂର୍ତ୍ତିଗୁଡ଼ିକ କେତେ ଭବ୍ୟ ଓ କେତେ ବିଚକ୍ଷଣ ହୋଇ ରହିଛନ୍ତି । ସେମାନେ ଏପରି ଏକ ବିଷୟର ସନ୍ଧାନ କରୁଛନ୍ତି, ଯାହାକି ସେମାନେ ଏପର୍ଯ୍ୟନ୍ତ ଲାଭ କରି ପାରି ନାହାନ୍ତି; ମାତ୍ର ସେମାନେ ଏଇଟିକୁ ନିଶ୍ଚୟ ପାଇ ପାରିବେ, କାରଣ ସେମାନେ ଯେଉଁଟିର ସନ୍ଧାନ କରୁଛନ୍ତି, ସେଇଟି ସେମାନଙ୍କର

'oaob.nitrkl.ac.in' images reprocessed

ଭିତରେହିଁ ରହିଛି । ଏଇଟି ଏକ ସୁନିଶ୍ଚିତ କଥା । ଏଥିଲାଗି ବହୁତ ସମୟ ଲାଗିପାରେ, ଅଳ୍ପ ସମୟ ବି ଲାଗିପାରେ; ମାତ୍ର ଏହା ନିଶ୍ଚିତ ଭାବରେହିଁ ସମ୍ଭବ ହେବାକୁ ଯାଉଛି । ତେଣୁ ଏହି ମନର ଅନ୍ତଭିତରେହିଁ ମନକୁ ଅତିକ୍ରମ କରିବାର ପ୍ରତିକାରଟି ଅବସ୍ଥିତ ରହିଛି, ତାହା ସେଇଠି ଅଛି ।

ଏହାକୁ ନାନା ନାମ ଦେଇ ବର୍ଣ୍ଣନା କରାଯାଇଛି, ସମସ୍ତେ ଆପଣା ଆପଣା ବାଟରେ ତାହାର ଉପସ୍ଥାପନା କରିଛନ୍ତି । ଯିଏ ଯେଉଁ କୋଣରୁ ଦେଖିବାକୁ ଆସୁଛି, ସେହି ଅନୁସାରେହିଁ ତା'ର ଦେଖିବା ଭିନ୍ନ ହୋଇଯାଉଛି । ଯେଉଁମାନେ ପରମ ଦିବ୍ୟସତ୍ୟଙ୍କୁ ଆପଣା ଭିତରେହିଁ ଦେଖିବାକୁ ପାଇଛନ୍ତି, ସେମାନେ ତାହାଙ୍କୁ ଏକ ନିର୍ଦ୍ଦିଷ୍ଟ ପ୍ରକାରେ ଦେଖିଛନ୍ତି, ଏକ ନିର୍ଦ୍ଦିଷ୍ଟ ଅନୁଭୂତି ମାର୍ଗରେ ଏକ ନିର୍ଦ୍ଦିଷ୍ଟ କୋଣରୁ ଅଗ୍ରସର ହୋଇ ସେମାନେ ତାଙ୍କୁ ଦେଖିଛନ୍ତି ଏବଂ ସେହି କୋଣଟି ସେମାନଙ୍କୁ ଅତ୍ୟନ୍ତ ସ୍ପଷ୍ଟ ଓ ପ୍ରାମାଣିକ ବୋଲି ବୋଧ ହୋଇଛି । ମାତ୍ର ତା'ପରେ, ସେମାନେ ଯେତେବେଳେ ସୁସଚେତନ ହୋଇ ରହି ପାରୁ ନାହାନ୍ତି, ସେତେବେଳେ ସେମାନେ କହୁଛନ୍ତି, "ପରମ ଦିବ୍ୟସତ୍ୟ ବା ଭଗବାନଙ୍କୁ ପାଇବାକୁ ହେଲେ ଏପରି କରିବାକୁ ହେବ ବା ସେପରି କରିବାକୁ ହେବ । ସେହିପରି କରିବାକୁ ହେବ ଏବଂ ସେହି ବାଟରେ ଯିବାକୁ ପଡ଼ିବ ।" ସେମାନେ ଏପରି କହୁଛନ୍ତି, କାରଣ ସେହି ବାଟରେ ଆସି ସେମାନେ ସଫଳତା ଲାଭ କରିଛନ୍ତି । ଯେତେବେଳେ ଆମେ ଆଉ ଟିକିଏ ଆଗକୁ ଯାଇପାରୁଛୁ, ଆଉ ଟିକିଏ ଅଧିକ ଅଭିଜ୍ଞତା ଅର୍ଜନ କରୁଛୁ, ସେତେବେଳେ ଆମେ ବେଶ୍ ଜାଣି ପାରୁଛୁ ଯେ ବିଷୟଟି ଯେ ସବୁବେଳେ ଏହିପରି ହେବାକୁ ବାଧ୍ୟ ହେବ, ତାହାର କୌଣସି କାରଣ ନାହିଁ । ଆମେ ଲକ୍ଷ ଲକ୍ଷ ଅନେକ ବାଟରେ ଯାଇ ଭଗବାନଙ୍କୁ ପାଇ ପାରିବା...... । ଏହି କ୍ଷେତ୍ରରେ କେବଳ ଗୋଟିଏ କଥା ନିଶ୍ଚିତ ହୋଇ ରହିଥିବ; ଆମ ଅନେକ ବାଟରେ ଯାଇ ଆମେ ଯେଉଁ ପରମ ଧନଟିକୁ ପାଇବା, ତାହା ସର୍ବଦା ସେହି ଗୋଟିଏ ଧନ ହୋଇ ରହିଥିବ । ଏବଂ ତାହାହିଁ ପ୍ରକୃତରେ ବଡ଼ ଚମତ୍କାର କଥା, —ଅର୍ଥାତ୍ ଆମେ ଯେଉଁ ବାଟରେ ଅଗ୍ରସର ହେବା ଓ ସେଇଟିକୁ ଯେପରି ରୂପଦେବା ପଛକେ, ଆମ ସମସ୍ତଙ୍କୁ ସେହି ଗୋଟିଏ ଫଳ ମିଳିବ । ସେମାନଙ୍କର ଅନୁଭୂତି ଓ ଅନ୍ୟ ପ୍ରତ୍ୟେକଙ୍କର ଅନୁଭୂତି ସେହି ଗୋଟିଏ ହୋଇ ରହିବ । ଯେତେବେଳେ ସେମାନେ ଅସଲ ପରମ ବସ୍ତୁଟିର ସ୍ପର୍ଶ ଲାଭ କରିବେ, ସେତେବେଳେ ସମସ୍ତେ ସେହି ଗୋଟିଏ ସମ୍ପଦକୁହିଁ ଲାଭ କରିବେ । ଏବଂ ସେମାନେ ଯେ ପ୍ରକୃତରେ ସେହି ପରମ ବସ୍ତୁର ସ୍ପର୍ଶ ଲାଭ କରିଛନ୍ତି, ଠିକ୍ ଏହାହିଁ ତାର ପ୍ରମାଣ ହୋଇ ରହିବ; କାରଣ ପ୍ରାପ୍ତ ବସ୍ତୁଟି ସମସ୍ତଙ୍କ ଲାଗି ସେହି ଗୋଟିଏ ବସ୍ତୁ ହୋଇ ରହିଥିବ । ଯଦି ଗୋଟିଏ ବସ୍ତୁ ହୋଇ ରହି ନଥିବ, ତେବେ ସେମାନେ ଯେ ତଥାପି

'oaob.nitrkl.ac.in' images reprocessed

ସେହି ପରମ ବସ୍ତୁର ସ୍ପର୍ଶ ପାଇ ନାହାନ୍ତି, ସେଥିରୁ ତାହାହିଁ ପ୍ରମାଣିତ ହେବ । ସେମାନେ ଯେତେବେଳେ ସେଇଟିକୁ ଯାଇ ଛୁଇଁ ପାରିବେ, ସେତେବେଳେ ତାହା ସେହି ଗୋଟିଏ ବସ୍ତୁ ବୋଲିହିଁ ଆବିଷ୍କୃତ ହେବ । ଏବଂ ସେହି ପରମବସ୍ତୁଟିକୁ ବର୍ଣ୍ଣନା କରିବାକୁ ଯାଇ ତୁମେ ଯେପରି ଖୁସୀ ସେପରି ନାମ ମଧ୍ୟ ଦେଇ ପାରିବ, ଏବଂ ସେଥିରେ କଦାପି କୌଣସି ଅନ୍ତର ଘଟିବ ନାହିଁ ।

ଶବ୍ଦଗୁଡ଼ାକ କେବଳ ଶବ୍ଦ । ବସ୍ତୁତଃ, ଯଦି ସେଗୁଡ଼ିକର ପଛରେ ଆଉ କିଛି ନଥାଏ, ତେବେ ସେହି ଶବ୍ଦଗୁଡ଼ିକର ପ୍ରକୃତରେ କୌଣସି ଅର୍ଥହିଁ ହୁଏ ନାହିଁ । ତୁମେ କ'ଣ କେବେହେଲେ ଏକଥା ଲକ୍ଷ୍ୟ କରି ନାହିଁ ଯେ, ଯେତେବେଳେ ତୁମେ କେତେକ ଲୋକଙ୍କ ସହିତ କଥା କହୁଛ, ସେତେବେଳେ ତୁମେ ବେଶ୍ ସ୍ପଷ୍ଟଭାବରେ ନିଜର ଭାବଟିକୁ ବ୍ୟକ୍ତ କରିପାରୁଛ ସତ, ମାତ୍ର ତଥାପି ସେମାନେ କିଛିହେଲେ ବୁଝି ପାରୁ ନାହାନ୍ତି । ଏବଂ ଆଉ କେତେ ଏପରି ଲୋକ ଅଛନ୍ତି, ଯେଉଁମାନଙ୍କୁ କି ତୁମେ ମାତ୍ର ଦୁଇ ପଦ କଥା କହିଲା ମାତ୍ରକେ ସେମାନେ ତତ୍‌କ୍ଷଣାତ୍ ସବୁ ବୁଝି ପାରୁଛନ୍ତି ! ତୁମର କ'ଣ କେବେ ଏପରି ଅଭିଜ୍ଞତା ହୋଇ ନାହିଁ ? ହୋଇ ନାହିଁ ? ମୋର ଅନେକ ସମୟରେ ଏହି ଅଭିଜ୍ଞତା ହୋଇଛି । ତେଣୁ କେଉଁ ବାହ୍ୟରୂପ ଦେଇ ଅର୍ଥାତ୍ କେଉଁ ଶବ୍ଦ ଦେଇ ଜଣେ ଗୋଟିଏ କଥା କହୁଛି, ତା' ଉପରେ ପ୍ରକୃତରେ କିଛି ନିର୍ଭର କରୁ ନାହିଁ; ମାତ୍ର ସେହି ଶବ୍ଦଗୁଡ଼ିକ ମଧ୍ୟରେ ଆମେ ଭାବନାର ଯେଉଁ ଶକ୍ତିଟିକୁ ଭରିଦେଇ ପାରୁଛୁ, ସବୁ ତାହାରି ଉପରେ ନିର୍ଭର କରୁଛି । ଭାବନାଶକ୍ତି ଯେତିକି ଅଧିକ ବୃହତ୍, ଅଧିକ ଶକ୍ତିଶାଳୀ ଏବଂ ଅଧିକ ଯଥାର୍ଥ ଓ ସ୍ପଷ୍ଟ ହୋଇ ପାରୁଛି, ତେବେ, ତୁମେ ଯାହାକିଛି କହୁଛ, ଯେଉଁ ଲୋକମାନେ ସେଥିରେ ଥିବା ଶକ୍ତିଟିକୁ ଗ୍ରହଣ କରି ପାରୁଛନ୍ତି, ସେମାନେ ସେଇଟିକୁ ବୁଝି ପାରିବାର ମଧ୍ୟ ଅଧିକ ସମ୍ଭାବନା ରହିଛି । ମାତ୍ର ଯେତେବେଳେ ଜଣେ ଆଦୌ କିଛି ନଭାବି ଗୋଟାଏ କିଛି କହି ଦେଉଛି, ସେତେବେଳେ ସିଏ କ'ଣ କହୁଛି, ସାଧାରଣତଃ ତାହାକୁ ବୁଝିବା ମଧ୍ୟ ଅସମ୍ଭବ ହୋଇ ପଡ଼ୁଛି । ସେହି କଥାଟା ଯାହା କେବଳ ଏକ କୋଳାହଳ ବୋଲିହିଁ ଶୁଭୁଛି । ଉଦାହରଣସ୍ୱରୂପ, ଯେତେବେଳେ ତୁମର ଆଉ ଜଣକ ସହିତ କଥାବାର୍ତ୍ତା କରିବାର ଅଭ୍ୟାସ ଅଛି, ତା' ସହିତ ତୁମେ ବହୁତ ଦିନମଧ୍ୟ କରି ଆସିଛ, ଯେତେବେଳେ ତୁମ ଦୁହିଁଙ୍କ ମଧ୍ୟରେ କେତେକ ପରିମାଣରେ ଏକ ମାନସିକ ଅନୁକୂଳନ ହୋଇ ପାରିଛି, ଅର୍ଥାତ୍ ତୁମେ ଆଗରୁ ସତର୍କତା ଅବଲମ୍ବନ କରି ଯେତେବେଳେ "ମୁଁ ଯେତେବେଳେ ଏହି ଶବ୍ଦଟି ବ୍ୟବହାର କରିବି, ତାହାକୁ ଏହି ଅର୍ଥରେ ବ୍ୟବହାର କରିବି" ବୋଲି ଆରଜଣଙ୍କୁ କହିସାରିଛ, ଏବଂ ଆରଜଣକ ମଧ୍ୟ ତୁମକୁ "ମୁଁ ଯେତେବେଳେ ସେହି ଶବ୍ଦଟିକୁ ବ୍ୟବହାର କରିବି, ତାହାକୁ ସେତେବେଳେ ସେହି ଅର୍ଥରେ ବ୍ୟବହାର କରିବି" ବୋଲି କହିସାରିଛି,

'oaob.nitrkl.ac.in' images reprocessed

ଯେତେବେଳେ ତୁମ ଭିତରେ ଆଗରୁ ଅନେକ ପାରସ୍ପରିକ ଭାବ ବିନିମୟ ହୋଇଛି, ଯେତେବେଳେ ମସ୍ତିଷ୍କ ମସ୍ତିଷ୍କ ଭିତରେ ତୁମେ ଏକ ପ୍ରକାର ସମ୍ପର୍କ ସ୍ଥାପନ କରି ପାରିଛ,—ତାହା କେବଳ ଏତିକ ମଧ୍ୟରେ ସୀମାବଦ୍ଧ ହୋଇ ଥାଉ ପଛକେ, ସେତେବେଳେ ତୁମେ ଦୁହେଁ ପରସ୍ପରକୁ ବେଶ୍ ସହଜରେ ନିଶ୍ଚୟ ବୁଝିପାରିବ । ମାତ୍ର ଯେଉଁ ଲୋକମାନେ ସମ୍ପୂର୍ଣ୍ଣ ଭିନ୍ନ ଜାଗାରୁ ଆସିଛନ୍ତି, ଯେଉଁମାନଙ୍କ ସହିତ ତୁମେ କେବେହେଲେ କଥାବାର୍ତ୍ତା କରି ନାହୁଁ, ସେମାନେ ବ୍ୟବହାର କରୁଥିବା ଶବ୍ଦଗୁଡ଼ିକ ଦ୍ୱାରା ସେମାନେ ପ୍ରକୃତରେ କ'ଣ କହିବାକୁ ଇଚ୍ଛା କରୁଛନ୍ତି, ସେ କଥା ବୁଝିପାରିବା ଲାଗି ନିଜକୁ ଯଥୋଚିତ ଭାବରେ ଅଭ୍ୟସ୍ତ ଓ ଅନୁକୂଳିତ କରିବା ସକାଶେ ନିଶ୍ଚୟ କିଛି ସମୟ ଆବଶ୍ୟକ ହେବ । ···ତୁମେ ଯାହା ବୁଝୁଛ, ତାହାକୁ ପ୍ରକୃତରେ କିପରି ବୁଝୁଛ ? ଶବ୍ଦଗୁଡ଼ିକ ପଛରେ ଯେଉଁ ମାନସିକ ବୋଧଟି ରହିଛି, ତୁମେ ଠିକ୍ ତାହାରି ସାହାଯ୍ୟରେ ସବୁ କଥା ବୁଝୁଛ । ଯେତେବେଳେ ଆମେ ଯଥେଷ୍ଟ ଶକ୍ତି ଦେଇ ଏକ ଭାବନାକୁ ଭାବୁଛୁ, ସେତେବେଳେ ସେଥିରୁ ଏକ ଶକ୍ତିଶାଳୀ ସ୍ପନ୍ଦନର ସୃଷ୍ଟି ହେଉଛି ଏବଂ ସେଇଟିହିଁ ପ୍ରକୃତରେ ବୋଧ ହେଉଛି; ଏହି କ୍ଷେତ୍ରରେ ଶବ୍ଦ କେବଳ ଅନ୍ତର୍ବର୍ତ୍ତୀ ଏକ ସାଧନରୂପେହିଁ କାର୍ଯ୍ୟ କରୁଛି । ତୁମେ ଏହି ବୋଧଟିକୁ କ୍ରମଶଃ ଏପରି ଅଧିକ ଆଗକୁ ବିକଶିତ କରି ଆଣିପାରିବ ଯେ ସର୍ବନିମ୍ନ ଶବ୍ଦ କୁହାହେଲେ ମଧ୍ୟ ବା ଏପରିକି ଆଦୌ କୌଣସି ଶବ୍ଦ ଉଚ୍ଚାରିତ ନହେଲେ ମଧ୍ୟ ତୁମେ ଏକ ପ୍ରତ୍ୟକ୍ଷ ମାନସିକ ସମ୍ପର୍କ ସ୍ଥାପନ କରିବାରେ ନିଶ୍ଚୟ ସମର୍ଥ ହୋଇପାରିବ । ମାତ୍ର ସେଥିଲାଗି ତୁମକୁ ବିସ୍ତର-ସଂକେନ୍ଦ୍ରଣର ପ୍ରଭୂତ ଶକ୍ତି ହାସଲ କରିବାକୁ ପଡ଼ିବ । ଏବଂ ଆମେ ଯାହାକିଛି କରୁଛେଁ, ପ୍ରତ୍ୟେକ କ୍ଷେତ୍ରରେ ମଧ୍ୟ ଠିକ୍ ଏହି କଥା ଲାଗୁ ହେବ । ଯେତେବେଳେ ପଶ୍ଚାଦ୍‌ଭାଗରେ ଏକ ସୁବିକଶିତ ଚେତନା ରହିଥିବ, ଯେତେବେଳେ ସେହି ଚେତନାଟିକୁ ସଂକେନ୍ଦ୍ରିତ କରି ଆଣିବାର ଶକ୍ତି ରହିଥିବ, ସେତେବେଳେ ଜଣେ ସବୁକିଛି କରିପାରିବ, ସେତେବେଳେ ଏହି ଚେତନାଟିହିଁ କାର୍ଯ୍ୟ କରିବ ।* ଏକଥା ଏକାନ୍ତ ସୁନିଶ୍ଚିତ ଯେ ଶରୀରର ଯାନ୍ତ୍ରିକ ପ୍ରଯୋଜନଟା ଦ୍ୱାରା ଆମେ କେତେବେଳେ କିଛି ହେଲେ କରିବାକୁ ସମର୍ଥ ହେଉ ନାହିଁ; ଏହି ପ୍ରଯୋଜନାଟା

---

* ୧୯୬୮ ମସିହାରେ ଯେତେବେଳେ ଏହି ପ୍ରବଚନଟି ପ୍ରଥମ ଥର ପାଇଁ ପ୍ରକାଶିତ ହେଲା, ସେତେବେଳେ ସେଥିରେ ମାଆ ନିମ୍ନଲିଖିତ ଟିପ୍ପଣୀଟିକୁ ଯୋଡ଼ି ଦେଇଥିଲେ : "ଅସଲ କଥା ହେଉଛି ଯେ ପରମ ଉପସ୍ଥିତିର ଚେତନାଟିକୁ ଧରି ରଖିବାକୁ ହେବ; ଅର୍ଥାତ୍, ସେହି ଉପସ୍ଥିତିଟି ମୂର୍ତ୍ତ ହୋଇ ରହିଥିବ, ଏବଂ ତା'ହେଲେ ଜଣେ ଯାହାକିଛି କହିବ କିଂବା ଯାହାକିଛି କହିବ,—ସିଏ ଯାହା କରୁଥାଉ ଅଥବା ଯାହା କହୁଥାଉ ପଛକେ, ସର୍ବଦା ସେହି ପରମ ଉପସ୍ଥିତିହିଁ ଆପଣାକୁ ଅଭିବ୍ୟକ୍ତ କରି ଦେଉଥିବ ।

'oaob.nitrkl.ac.in' images reprocessed

ତ କେବଳ ଏକ ସାଧନ, ତା'ଠାରୁ ଅଧିକ କିଛି ନୁହେଁ । ଯେଉଁ ଦିନ ତୁମେ ସେହି ଅସଲ କଥାଟିକୁ ଧରିବାକୁ ସମର୍ଥ ହେବ (ଏହା ଅଦୃଶ୍ୟ, ମାତ୍ର ତୁମେ ତାକୁ ଧରି ପାରିବ), ଏବଂ ଯେତେବେଳେ ତୁମେ ସେଇଟିକୁ ଧରିପାରିବ ଏବଂ ନିଜର ଗତିସ୍ପନ୍ଦନଟି ସହିତ ସଂଯୁକ୍ତ କରି ରଖିବ, ସେତେବେଳେ ସେହି ଗତିସ୍ପନ୍ଦନଟି ମଧ୍ୟ ସଚେତନ ହୋଇ ଉଠିବ, ଏବଂ ତା'ପରେ ତୁମେ ଯାହାକିଛି କରିବ, ତାହାକୁ ଉତ୍ତମରୂପେ କରିପାରିବ । ଯେଉଁ ଦିନ ସେଇଟିକୁ ଧରି ପାରି ନଥିବ, ଆଙ୍ଗୁଠିର ସନ୍ଧି ଦେଇ ପାଣି ଗଳିଗଲା ପରି ସେଇଟି ମଧ୍ୟ ସେଦିନ ତୁମ ପାଖରୁ ଖସି ବାହାରିଯିବ; ଏବଂ ତାହା ଫଳରେ ତୁମେ ସେଦିନ ଭାରି ଅଢଙ୍ଗ ଓ ଅସୁନ୍ଦର ହୋଇ ରହିବ, ସେଦିନ ତୁମେ କିଛି ବୁଝିବ ନାହିଁ, କ'ଣ କରିବାକୁ ହେବ କିଛି ଜାଣି ପାରିବ ନାହିଁ । ତେଣୁ, ଉପରକୁ ଯେଉଁ ଭୌତିକ ସାଧନାଟି କାର୍ଯ୍ୟ କରୁଥାଏ, ସେଇଟି ଦ୍ୱାରା କିଛି ହୁଏ ନାହିଁ; ଯାହା ପଛରେ ଥାଏ, ତାହାର ଦ୍ୱାରାହିଁ କାର୍ଯ୍ୟ ହୁଏ ।

## ସାଧାରଣତଃ କେଉଁ ଭୂମିରୁ ସଙ୍ଗୀତର ଉନ୍ମେଷ ଘଟିଥାଏ ?

ସେଥିରେ ମଧ୍ୟ ଅନେକ ସ୍ତର ରହିଛି, ଅନେକ ଭୂମି ରହିଛି । ଉଚ୍ଚତର ପ୍ରାଣିକ ସ୍ତରରୁ ଉତ୍ସାରିତ ହୋଇ ଆସୁଥିବା ସଙ୍ଗୀତର ଏକ ସମ୍ପୂର୍ଣ୍ଣ ଶ୍ରେଣୀ ରହିଛି; ସେହି ସଙ୍ଗୀତ ଭାରି ଆକର୍ଷଣ କରେ, ମାତ୍ର କେତେକ ପରିମାଣରେ (ମୋଟାମୋଟି ଭାବରେ କହିଲେ) ଟିକିଏ ଅଶୋଧିତ ହୋଇ ବି ରହିଥାଏ, ତାହା ତୁମର ସ୍ନାୟୁଗୁଡ଼ିକୁ ସତେଅବା ମୋଡ଼ିମାଡ଼ି ଦେଲାପରି ଲାଗୁଥାଏ । ଏହି ସଙ୍ଗୀତ ଆଦୌ ଅସୁଖକର ଲାଗେ ନାହିଁ, ମାତ୍ର ସାଧାରଣତଃ ତୁମର ସ୍ନାୟୁଗୁଡ଼ିକ ମଧ୍ୟରେହିଁ ତୁମକୁ ଜାବୁଡ଼ି ଧରେ । ଅର୍ଥାତ୍, ଏପରି ଗୋଟିଏ କିସମର ସଙ୍ଗୀତ ରହିଛି, ଯାହାର ଉତ୍ପତ୍ତିସ୍ଥଳକୁ ଆମେ ପ୍ରାଣିକ ବୋଲି କହିପାରିବା । ଚୈତ୍ୟ ଉତ୍ସରୁ ବି ଉନ୍ମେଷିତ ହେଉଥିବା ଆଉ ଏକ ପ୍ରକାରର ସଙ୍ଗୀତ ରହିଛି,—ତାହା ପ୍ରଥମଟିଠାରୁ ଏକାବେଳେକେ ଭିନ୍ନ । ଏବଂ ତା'ପରେ ଏକ ତୃତୀୟ ପ୍ରକାରର ସଙ୍ଗୀତର ଉତ୍ସସ୍ଥାନକୁ ଆମେ ଆଧ୍ୟାତ୍ମିକ ବୋଲି କହିପାରିବା । ଏହି ସଙ୍ଗୀତ ଆପଣାର ଭାସ୍ୱରତାରେ ତୁମକୁ ଏକାବେଳେକେ କୁଆଡ଼େ ମନ କୁଆଡ଼େ ଭସାଇନେଇ ଚାଲିଯାଏ, ତୁମକୁ ସମ୍ପୂର୍ଣ୍ଣ ଭାବରେ ବଶୀଭୂତ କରିଦିଏ । ମାତ୍ର ସମ୍ପୂର୍ଣ୍ଣ ନିର୍ଭୁଲ ଭାବରେ ଏହି ସଙ୍ଗୀତଟିକୁ ପରିବେଷଣ କରି ପାରିବାକୁ ହେଲେ ତୁମକୁ ତାକୁ ପ୍ରାଣିକ ପଥଟି ଦେଇ ଆସିବା ଲାଗି ଅନୁମତି ଦେବାକୁହିଁ ପଡ଼ିବ । ଯଦି ତୁମଠାରେ ପ୍ରାଣିକ ସ୍ପନ୍ଦନର ସେହି ପ୍ରଗାଢ଼ତା ନଥାଏ ଏବଂ ତାହା ଫଳରେ ତୁମର ସଙ୍ଗୀତ

'oaob.nitrkl.ac.in' images reprocessed

ତା'ର ମହିମା ଏବଂ ଶକ୍ତିଟିକୁ ହରାଇ ବସିଥାଏ, ତେବେ ଊର୍ଦ୍ଧ୍ୱରୁ ଆସୁଥିଲେ ମଧ୍ୟ ତୁମର ସଙ୍ଗୀତ ଏକାନ୍ତ ନୀରସ ହୋଇ ପଡ଼ିବାର ଏକ ଆଶଙ୍କା ରହିଥିବ । ମୁଁ ଏପରି ଲୋକଙ୍କୁ ଜାଣିଥିଲି, ଯେଉଁମାନଙ୍କ ଭିତରେ କି ଏକ ଉଚ୍ଚ ପ୍ରେରଣା ରହିଥିଲା, ମାତ୍ର ସେମାନଙ୍କ ଦ୍ୱାରା ପରିବେଷିତ ସଙ୍ଗୀତ ଆଦୌ କୌଣସି ପ୍ରଭାବ ପକାଇ ପାରିଲା ନାହିଁ, କାରଣ ପ୍ରାଣିକ ସ୍ତରରେ କୌଣସି ସ୍ପନ୍ଦନହିଁ ନଥିଲା । ମୋତେ ଏଠାରେ ସ୍ୱୀକାର କରିବାକୁ ପଡ଼ିବ ଯେ ଆପଣାର ଆଧ୍ୟାତ୍ମିକ ସାଧନା ଦ୍ୱାରା ସେମାନେ ଆପଣାର ପ୍ରାଣିକ ସ୍ତରର ସାମର୍ଥ୍ୟଟିକୁ ସମ୍ପୂର୍ଣ୍ଣ ଭାବରେ ଶୁଖାଇ ପକାଇଥିଲେ—ଆକ୍ଷରିକ ଅର୍ଥରେ ମଧ୍ୟ ଶୁଖାଇ ପକାଇଥିଲେ ବୋଲି କହିବାକୁ ହେବ, କାରଣ ସେଇଟି ପ୍ରକୃତରେ ଆଦୌ ସକ୍ରିୟ ହୋଇ ରହି ନଥିଲା,—ଏବଂ ସଙ୍ଗୀତ ସିଧା ଭୌତିକ ସ୍ତରରେ ଆସି ପ୍ରବେଶ କରୁଥିଲା; ଏବଂ, ସେହି ସଙ୍ଗୀତର ଉତ୍ପତ୍ତି ସହିତ ସମ୍ବନ୍ଧିତ ହୋଇ ରହିଥିଲେ ଜଣେ ଏକଥାଟିକୁ ବେଶ୍ ଦେଖି ପାରୁଥିଲା ଯେ ତାହା ପ୍ରକୃତରେ ଏକ ଅତି ଚମତ୍କାର ସର୍ଜନା ଥିଲା, ମାତ୍ର ବାହାରେ ତାହାର କୌଣସି ଶକ୍ତିମନ୍ତତା ନଥିଲା, ସେଥିରେ ଲୟସ୍ୱରଗ ଖୁବ୍ କମ୍ ପରିମାଣରେ ରହିଥିଲା, ବଡ଼ କ୍ଷୀଣ ଓ ବିଭବହୀନ ମନେ ହେଉଥିଲା, ସେଥି ଭିତରେ ଐକ୍ୟତାନର ଆଦୌ କୌଣସି ଶକ୍ତିମତ୍ତା ନଥିଲା । କେବଳ ପ୍ରାଣିକ ସ୍ତରଟିକୁ ଏହି କ୍ଷେତ୍ରରେ କାମରେ ଲଗାଇ ପାରୁଥିଲେହିଁ ସ୍ପନ୍ଦନର ଯାବତୀୟ ବଳ ଉପଲବ୍ଧ ହୋଇଥାଏ । ଏବଂ ତାହାରି ମଧ୍ୟକୁ ଏହି ଉଚ୍ଚତର ଉନ୍ମେଷସ୍ଥାନଟିକୁ ବହନ କରି ନେଇଆସିଲେ ତାହା ଏକ ପ୍ରତିଭାଶାଳୀ ସଙ୍ଗୀତକାରର ପ୍ରତିଭାରେ ପରିଣତ ହୋଇଯାଏ ।

ସଙ୍ଗୀତର କ୍ଷେତ୍ରରେ ଏହା ବିଶେଷ ଭାବରେ ଘଟିବା ଉଚିତ; ଏପରି ସମ୍ଭବ କରିବା ପ୍ରକୃତରେ କଷ୍ଟକର, ସେଥିଲାଗି ଏକ ମଧ୍ୟବର୍ତ୍ତୀର ଆବଶ୍ୟକତା ରହିଥାଏ । ଏବଂ ଅନ୍ୟ ସବୁ ବିଷୟର କ୍ଷେତ୍ରରେ ମଧ୍ୟ ସେହିପରି ଆବଶ୍ୟକତା ଥାଏ, ସାହିତ୍ୟ, କବିତା, ଚିତ୍ରବିଦ୍ୟା, ଆମେ ଯାହାକିଛି କରୁନା କାହିଁକି, ସେହିପରି ଏକ ଆବଶ୍ୟକତା ରହିଥାଏ । ମୋ ପ୍ରେରଣାର ଉତ୍ପତ୍ତି ଉପରେହିଁ ମୋର ଯାବତୀୟ ସୃଜନର ଅସଲ ମୂଲ୍ୟଟି ନିର୍ଭରଶୀଳ ହୋଇ ରହିବ; ଯେଉଁ ସୋପାନରେ ବା ସ୍ତରରେ ମୁଁ ସେହି ପ୍ରେରଣାଟିକୁ ପାଉଛି, ତାହାରି ଉପରେ ନିର୍ଭର କରିବ । ମାତ୍ର ସଙ୍ଗୀତର ପ୍ରକୃତ ପରିବେଷଣଟି ସେଇଟିକୁ ଅଭିବ୍ୟକ୍ତ କରୁଥିବା ପ୍ରାଣିକ ଶକ୍ତିମନ୍ତତା ଉପରେ ନିର୍ଭର କରୁଥିବ । ଏବଂ ପ୍ରତିଭାଟିକୁ ସର୍ବାଙ୍ଗସୁନ୍ଦର କରିବା ଲାଗି ଦୁଇଟିଯାକ ରହିଥିବା ଏକାନ୍ତ ଆବଶ୍ୟକ ହେବ । ଏପରି ଖୁବ୍ କ୍ୱଚିତ୍ ଦେଖିବାକୁ ମିଳେ । ସାଧାରଣତଃ ଏଇଟି ଥାଏ ତ ସେଇଟି ନଥାଏ, ଏବଂ ଅଧିକତର କ୍ଷେତ୍ରରେ ପ୍ରାଣିକ ଦିଗଟି ବିଦ୍ୟମାନ ଥାଏ । ଏବଂ ଏସବୁ ବ୍ୟତୀତ ଆମେ ଆହୁରି ଅନ୍ୟପ୍ରକାର ସଙ୍ଗୀତଗୁଡ଼ିକ ବିଷୟରେ ମଧ୍ୟ ବିଚାର

'oaob.nitrkl.ac.in' images reprocessed

କରିପାରିବା; ହୋଟେଲମାନଙ୍କରେ ବାଜୁଥିବା ସଙ୍ଗୀତ ଏବଂ ସିନେମାରେ ଥିବା ସଙ୍ଗୀତ ବିଷୟରେ ବିଚାର କରି ପାରିବା । ଏଗୁଡ଼ିକରେ ଏକ ଅସାଧାରଣ କୌଶଳ ଅଭିବ୍ୟକ୍ତ ହୋଇ ରହିଥାଏ, ମାତ୍ର ତାହା ସଙ୍ଗେ ସଙ୍ଗେ ଏକ ବିଶେଷ ଅତିସାଧାରଣତା ମଧ୍ୟ ଦୃଷ୍ଟିଗୋଚର ହୁଏ, ଏକ ଅସାଧାରଣ ଅଶିଷ୍ଟତା ମଧ୍ୟ ଦେଖିବାକୁ ମିଳିଥାଏ । ମାତ୍ର ଏଥିରେ ଏକ ଅସାଧାରଣ କୌଶଳ ରହିଥିବାରୁ ତୁମର ସ୍ନୌର ତନ୍ତ୍ରୀରେ ତାହା ତୁମକୁ ବଶୀଭୂତ କରିନିଏ ଏବଂ ଏହି ସଙ୍ଗୀତଟିକୁହିଁ ତୁମେ ସାଧାରଣତଃ ମନେ ରଖିପାର । ତାହା ତୁମକୁ ତତ୍କ୍ଷଣାତ୍ ଜାବୁଡ଼ି ଧରିପାରେ, ଗୋଟାସୁଦ୍ଧା ବାନ୍ଧି ପକାଏ ଏବଂ ତାହାର ପ୍ରଭାବଟି ମଧ୍ୟରୁ ମୁକ୍ତ ହୋଇ ଆସିବା ଭାରି କଷ୍ଟକର ହୋଇପଡ଼େ । କାରଣ ଏହି ସଙ୍ଗୀତଟିର ଗଢ଼ଣରେ କେଉଁଠି କୌଣସି ତ୍ରୁଟି ନଥାଏ, ଆଦୌ କୌଣସି ତ୍ରୁଟି ନଥାଏ । ପ୍ରାଣିକ ସ୍ତରରେ ପ୍ରାଣିକ ସ୍ପନ୍ଦନଗୁଡ଼ିକ ଦ୍ୱାରା ଏହା ତିଆରି ହୋଇଥାଏ; ମାତ୍ର ତାହା ପଛରେ ଯାହା ନିହିତ ହୋଇ ରହିଥାଏ, ତାହାର ସନ୍ଧାନ କରିବାକୁ ଗଲେ ଉତ୍ସୁକିତ ହେବାକୁ ପଡ଼େ ।

ମାତ୍ର ଆମେ ବର୍ତ୍ତମାନ ଏପରି ଏକ ଦୃଷ୍ଟାନ୍ତର କଳ୍ପନା କରିବା, ଯେଉଁଠିକି ସଙ୍ଗୀତର ଅଭିବ୍ୟକ୍ତିଗତ ପ୍ରାଣିକ ଶକ୍ତିମନ୍ତତା ବଳବତ୍ତର ରହିଥିବ ଏବଂ ତେଣେ ପ୍ରେରଣାଟି ମଧ୍ୟ ଊର୍ଦ୍ଧ୍ୱରୁ ଆସୁଥିବ,—ଯଥାସମ୍ଭବ ଉଚ୍ଚତମ ପ୍ରେରଣାଟି ଉପଲବ୍ଧ ହେଉଥିବ, ସେତେବେଳେ ଆମ ସମ୍ମୁଖରେ ସତେଅବା ସବୁଯାକ ସ୍ୱର୍ଲୋକ ଉନ୍ମୋଚିତ ହୋଇ ଯାଉଥିବ—ସେତେବେଳେ ଯେଉଁ ସଙ୍ଗୀତର ସୃଷ୍ଟି ହେବ, ତାହାର ପ୍ରକୃତିରେ କୌଣସି ପରିଣାମର ନାହିଁ । ସେଜାର୍ ଫ୍ରାଙ୍କ୍, ବିଥୋଭେନ୍ ଏବଂ ବାଖଙ୍କର କେତୋଟି ସଙ୍ଗୀତାଂଶ ରହିଛି, ତଦ୍‌ବ୍ୟତୀତ ଅନ୍ୟମାନଙ୍କର ମଧ୍ୟ କେତୋଟି ସୃଷ୍ଟି ରହିଛି, ଯାହା ଭିତରେ କି ଆମେ ଏହି ପ୍ରେରଣା ଏବଂ ଏହି ଶକ୍ତିମତ୍ତା ଉଭୟର ନିଦର୍ଶନ ପାଇପାରିବା । ମାତ୍ର ଏହା କେବଳ ଗୋଟିଏ ମୁହୂର୍ତ୍ତର କଥା, ଏହା କେବଳ ଗୋଟିଏ ମୁହୂର୍ତ୍ତରୁପେହିଁ ଆସିଥାଏ । ଆଦୌ ସ୍ଥାୟୀ ହୋଇ ରହେ ନାହିଁ । କୌଣସି ସଙ୍ଗୀତକାରଙ୍କର ସମ୍ପୂର୍ଣ୍ଣ କୃତିଟିକୁ ତୁମେ କଦାପି ସେହି ସ୍ତରର ବୋଲି କହି ପାରିବ ନାହିଁ । ପ୍ରେରଣା ସତେଅବା ଏକ ଝଲକ ପରି ଆସି ଉପସ୍ଥିତ ହୋଇଯାଏ; ସମସ୍ତ ସମୟରେ ତାହା ବେଶ୍ କିଛି ସମୟ ଲାଗି ଆମ ପାଖରେ ରହେ ଏବଂ ତେଣୁ କୃତିଟି ମଧ୍ୟ ବର୍ଦ୍ଧିତ ହୋଇ ରହିଥାଏ; ଏବଂ ସେଇଟି ରହିଥିବା ପର୍ଯ୍ୟନ୍ତ ସେହି ପ୍ରଭାବଟିହିଁ ପଡ଼ିବାରେ ଲାଗିଥାଏ; ଅର୍ଥାତ୍ ତୁମେ ଯଦି ମନୋଯୋଗୀ ଏବଂ ସକେନ୍ଦ୍ରିତ ହୋଇ ରହିପାର, ତେବେ ତାହା ତୁମକୁ ହଠାତ୍ ସତେଅବା ଉତ୍ତୋଳିତ କରି ନେଇ ଯାଉଥାଏ, ତୁମର ସବୁଯାକ ଶକ୍ତିକୁ ତାହା ଉତ୍ତୋଳିତ କରି ନେଉଥାଏ, ସତେ ଯେପରି କିଏ ଆସି ତୁମର

ମସ୍ତିଷ୍କର ଦ୍ୱାରଟିକୁ ଖୋଲିଦେଇ ଯାଇଥାଏ ଏବଂ ତୁମେ ବାୟୁମଣ୍ଡଳ ଭିତରେ କେତେବେଳେ ଊର୍ଦ୍ଧ୍ୱକୁ ଓ କେତେବେଳେ ଆଲୋକ ମଧ୍ୟକୁ ନିକ୍ଷିପ୍ତ ହେବାରେ ଲାଗିଥାଅ । ମାତ୍ର ଅଳ୍ପ କେତେକ୍ଷଣ ମଧ୍ୟରେ ତାହା ଏପରି ପରିଣାମମାନ ଘଟାଇପାରେ ଓ ଏପରିସବୁ ଫଳ ଦେଇଯାଏ, ଯାହାକି ବର୍ଷ ବର୍ଷ ଯୋଗସାଧନା ଦ୍ୱାରା ଅତ୍ୟନ୍ତ କଷ୍ଟରେ ସହିତହିଁ ଉପଲବ୍ଧ ହୋଇଥାଏ । କେବଳ, ସାଧାରଣତଃ ଯାହା ଘଟେ, ପରେ ସେହି ଊର୍ଦ୍ଧ୍ୱରୁ ଖସି ପଡ଼ିବାର ଆଶଙ୍କା ରହିଥାଏ, କାରଣ ଆଧାରରୂପେ ସେଠାରେ କୌଣସି ଚେତନା ଅବସ୍ଥିତ ନଥାଏ; ତେଣୁ ଅନୁଭୂତିଟି ଉପଲବ୍ଧ ହୁଏ, ଏବଂ ତା'ପରେ, କ'ଣସବୁ ଯେ ପ୍ରକୃତରେ ଘଟିଗଲା, ସେହି ବିଷୟରେ ଆଦୌ କୌଣସି ଜ୍ଞାନ ରହେ ନାହିଁ । ମାତ୍ର ଯଦି ତୁମେ ଉପଯୁକ୍ତ ପ୍ରକାରେ ପ୍ରସ୍ତୁତ ହୋଇ ରହିଥାଅ, ଯଦି ଯୋଗ ସାହାଯ୍ୟରେ ତୁମେ ଆପଣାର ଚେତନାକୁ ବସ୍ତୁତଃ ପ୍ରସ୍ତୁତ କରି ରଖିଥାଅ, ଏବଂ ତା'ପରେ ଯଦି ଏହି ଅନୁଭୂତିଟି ମିଳେ, ତେବେ ତାହା ପ୍ରାୟ ସୁନିର୍ଦ୍ଦିଷ୍ଟ ଓ ଚୂଡ଼ାନ୍ତ ହୋଇ ରହିଯାଏ ।

> ଇଉରୋପୀୟ ଏବଂ ଭାରତୀୟ ସଂଗୀତ ମଧ୍ୟରେ ଯେ ଏତେ ଅଧିକ ପାର୍ଥକ୍ୟ ରହିଛି, ତା'ର କାରଣ କ'ଣ ? ଏହି କ୍ଷେତ୍ରରେ ଉତ୍ପତ୍ତିସ୍ଥଳରେ ପାର୍ଥକ୍ୟ ରହିଛି ନା ଅଭିବ୍ୟକ୍ତିରେ ପାର୍ଥକ୍ୟ ରହିଛି ?

ଉଭୟ କ୍ଷେତ୍ରରେ ପାର୍ଥକ୍ୟ ରହିଛି, ମାତ୍ର ଏକ ବିପରୀତ ଅର୍ଥରେ ପାର୍ଥକ୍ୟ ରହିଛି ।

ଇଉରୋପୀୟ ସଂଗୀତରେ ଏହି ଅତ୍ୟନ୍ତ ଊର୍ଦ୍ଧ୍ୱ ସ୍ତରୀୟ ପ୍ରେରଣାଟି କେବଳ ଖୁବ୍ କ୍ୱଚିତ୍ ଆସିଥାଏ । ଚୈତ୍ୟ ଉନ୍ମେଷସ୍ଥାନଟି ମଧ୍ୟ ବିରଳ ହୋଇ ରହିଥାଏ, ଅତ୍ୟନ୍ତ ବିରଳ ହୋଇ ରହିଥାଏ । ତାହା ହୁଏତ ଉପରିଷ୍ଠ ଉଚ୍ଚରୁ ଆସିଥାଏ ଅଥବା ପ୍ରାଣିକ ସ୍ତରରୁ ଆସିଥାଏ । କେବଳ କେତୋଟି ବିରଳ ଦୃଷ୍ଟାନ୍ତକୁ ଛାଡ଼ିଦେଲେ, ଅଭିବ୍ୟକ୍ତିଟି ପ୍ରାୟ ସର୍ବଦା ପ୍ରାଣିକ ସ୍ତରର ଅଭିବ୍ୟକ୍ତି ହୋଇ ରହିଥାଏ,—ଭାରି ଆଗ୍ରହୋଦ୍ଦୀପକ ଓ ଭାରି ଶକ୍ତିଶାଳୀ ହୋଇ ରହିଥାଏ । ଅଧିକାଂଶ ସମୟରେ ଉତ୍ସଟି ସମ୍ପୂର୍ଣ୍ଣଭାବରେ ପ୍ରାଣିକ ସ୍ତରରେ ଥାଏ । ବେଳେବେଳେ ତାହା ଅତ୍ୟନ୍ତ ଉଚ୍ଚରୁ ଉନ୍ମେଷିତ ହୋଇ ଆସୁଥାଏ ଓ ସେତେବେଳେ ଆମେ ଅତ୍ୟନ୍ତ ଉଚ୍ଚକୋଟୀର ସଂଗୀତ ଶୁଣିବାକୁ ପାଉ । ବେଳେବେଳେ ଏହି ଉନ୍ମେଷ ଚୈତ୍ୟ-ସ୍ତରରୁ ଆସିଥାଏ; ବିଶେଷତଃ ଯାହାକୁ ଧର୍ମଭାବାପନ୍ନ ସଙ୍ଗୀତ ବୋଲି

'oaob.nitrkl.ac.in' images reprocessed

କୁହାଯାଇ ଆସିଛୁ, ସେଥିରେ ଏପରି ହୋଇଥାଏ; ମାତ୍ର ତାହା ଆଦୌ ଅଧିକ ସମୟରେ ଘଟି ନଥାଏ ।

ଉଚ୍ଚକୋଟୀର ସଙ୍ଗୀତକାରଙ୍କ କୃତିଗୁଡ଼ିକରେ ଭାରତୀୟ ସଙ୍ଗୀତ ପ୍ରାୟ ସବୁ କ୍ଷେତ୍ରରେ ଏକ ଚୈତ୍ୟ ଆଧାରରୁହିଁ ଉତ୍ସାରିତ ହୋଇ ଆସିଛି; ଉଦାହରଣସ୍ୱରୂପ ରାଗଗୁଡ଼ିକର ଏକ ଚୈତ୍ୟ ମୂଳୋନ୍ମେଷ ରହିଛି, ସେଗୁଡ଼ିକ ଚୈତ୍ୟ ସ୍ତରରୁ ଉତ୍ସାରିତ ହୋଇ ଆସିଛନ୍ତି । ପ୍ରେରଣାଟି ସବୁବେଳେ ଉପରୁ ଆସିଥାଏ ବୋଲି ଆଦୌ କୁହାଯାଇ ପାରିବ ନାହିଁ । ମାତ୍ର ଖୁବ୍ କ୍ୱଚିତ୍ କ୍ଷେତ୍ରରେହିଁ ଭାରତୀୟ ସଙ୍ଗୀତର ଗଠନ ଭିତରେ ଏକ ଶକ୍ତିଶାଳୀ ପ୍ରାଣିକ ଆବେଦନ ରହିଥାଏ । ବରଂ କହିବାକୁ ହେବ ଯେ ଏହାର ମୂଳଟି ସର୍ବଦା ଏକ ଅନ୍ତର୍ଗତ ଏବଂ ଅନ୍ତରଙ୍ଗ ସ୍ତରରେ ରହିଥାଏ । ମୁଁ ଅନେକ ଭାରତୀୟ ସଙ୍ଗୀତ ଶୁଣିଛି, ଅନେକ ଶୁଣିଛି । କିନ୍ତୁ ପ୍ରାଣିକ ଶକ୍ତିମନ୍ତତା ରହିଥିବା ଭାରତୀୟ ସଙ୍ଗୀତ କ୍ୱଚିତ୍, ଅତି କ୍ୱଚିତ୍ ଶୁଣିଛି । ସମ୍ଭବତଃ ଖୁବ୍ ବେଶୀ ହେଲେ ଚାରି ବା ପାଞ୍ଚଥର ଶୁଣିଛି । ମାତ୍ର ଅଧିକାଂଶ ସମୟରେ ମୁଁ ଏପରି ଭାରତୀୟ ସଙ୍ଗୀତ ଶୁଣିଛି, ଯାହାର ମୂଳ କି ଚୈତ୍ୟ ସ୍ତରରେ ରହିଛି ଏବଂ ସେହିଠାରୁହିଁ ତାହା ପ୍ରାୟ ପ୍ରତ୍ୟକ୍ଷ ଭାବରେହିଁ ଆପଣାକୁ ଭୌତିକ ସ୍ତରକୁ ଅଭିବ୍ୟକ୍ତ କରି ଆଣିଛି । ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଭାରତୀୟ ସଙ୍ଗୀତ ଶୁଣିବାବେଳେ ଆମକୁ ସଂକେନ୍ଦ୍ରିତ ହୋଇ ରହିବାକୁ ପଡ଼ିବ, ଏବଂ ତାହା,—ଏହାକୁ ମୁଁ କିପରି ଯଥାର୍ଥ ଶବ୍ଦ ଦେଇ କହି ପାରିବି,—ଭାରି କୋମଳ ଓ ସୂକ୍ଷ୍ମ ହୋଇଥିବାରୁ ଏବଂ ତା' ଭିତରେ କୌଣସି ପ୍ରଗାଢ଼ ପ୍ରାଣିକ ସ୍ପନ୍ଦନ ରହି ନଥିବାରୁ, ତାହାକୁ ଶୁଣୁଥିବାବେଳେ ଅତି ସହଜରେ ତା' ଭିତରକୁ ଥିର କରି ଖସି ଯାଇହେବ ଏବଂ ପୁନର୍ବାର ସେହି ସଙ୍ଗୀତର ଚୈତ୍ୟ ମୂଳଟି ପାଖକୁ ଆରୋହଣ କରି ଆସି ମଧ୍ୟ ହେବ । ଭାରତୀୟ ସଙ୍ଗୀତ ଶୁଣୁଥିବା ସମୟରେ ଠିକ୍ ଏହିପରି ପ୍ରଭାବ ପଡ଼ିବ, ସତେଯେପରି କୌଣସି ମାଦକ ଦ୍ୱାରା ପ୍ରଭାବିତ ହୋଇ ରହିଥିଲେ ପରି ଏକ ଉଲ୍ଲାସମୟ ମଗ୍ନଅବସ୍ଥା ଅନୁଭୂତ ହେଉଥିବ । ତାହା ଆମକୁ କେତେକ ପରିମାଣରେ ଏକ ସମାଧିସ୍ଥ ମଗ୍ନ ଅବସ୍ଥା ମଧ୍ୟରେ ନେଇ ପ୍ରବିଷ୍ଟ କରାଇଦେବ । ତା'ପରେ ତୁମେ ଯଦି ତାହାକୁ ଠିକ୍ ଭାବରେ ଶୁଣି ପାରିବ ଓ ନିଜକୁ ଯିବାକୁ ଛାଡ଼ିଦେବ, ତେବେ ତୁମେ ଖସି ଖସି କେବଳ ଚାଲିଯିବାରେ ଲାଗିଥିବ, ଖସି ଖସି ଏକ ଚୈତ୍ୟ ଚେତନାର ସ୍ତରରେ ଯାଇ ପହଞ୍ଚିଯିବ । ମାତ୍ର ଯଦି କେବଳ ବାହ୍ୟ ଚେତନାଟି ମଧ୍ୟରେ ଅବସ୍ଥିତ ରହିଥିବ, ତେବେ ସଙ୍ଗୀତଟି ଏତେ ସୂକ୍ଷ୍ମ ଓ କୋମଳ ଲାଗିବ ଯେ ପ୍ରାଣିକ ସ୍ତରରୁ ଆଦୌ କୌଣସି ଅନୁସ୍ପନ୍ଦନ ମିଳୁ ନଥିବ, ତାହା ତୁମକୁ ସମ୍ପୂର୍ଣ୍ଣ ଭାବରେ ସତେଅବା ଏକ ସମତଳରେହିଁ ପକାଇ ଦେଇଯିବ । ସମସ୍ତ ସମୟରେ ଯେତେବେଳେ ସେଥିରେ ଏକ ପ୍ରାଣିକ ଶକ୍ତିମୟ ଆବେଦନ ରହିଥାଏ,

'oaob.nitrkl.ac.in' images reprocessed

ସେତେବେଳେ ତାହା ଶୁଣିବାକୁ ମୋତେ ଖୁବ ଭଲ ଲାଗୁଥିଲା । ସେତେବେଳେ ସେହି ସଂଗୀତ ବେଶ୍ ଭଲ ଶୁଣା ଯାଉଥିଲା । ସଂଗୀତ ମଧ୍ୟଦେଇ କୌଣସି ବିଷୟ ସତେଅବା ଏକ ନାଟକ ଆକାରରେ ବିକଶିତ ହୋଇ ଆସୁଥିଲା । ବିଷୟଟି ମୂଳତଃ ଖୁବ ସଙ୍ଗୀତମୟ ହୋଇ ରହିଥାଏ ଏବଂ ତା'ପରେ ସେଇଟିକୁ ନାନା ଅଗଣିତ ପରିବର୍ତ୍ତିତ ରୂପ ସାହାଯ୍ୟରେ ବିକଶିତ କରି ଅଣାଯାଏ; ଏବଂ ସର୍ବଦା ସେହି ଗୋଟିଏ ସଂଗୀତ-ବିଷୟକୁହିଁ ନାନା ଉପାୟରେ ବିକଶିତ କରାଇ ଆଣିବାର ପ୍ରୟାସ ହେଉଥାଏ । ଇଉରୋପରେ ଏପରି ଅନେକ ସଂଗୀତକାର ଥିଲେ, ଯେଉଁମାନଙ୍କୁ କି ଆମେ ଯଥାର୍ଥରେ ଜଣେ ଜଣେ ସଂଗୀତକାର ବୋଲି କହିପାରିବା ଏବଂ ସେମାନଙ୍କ କ୍ଷେତ୍ରରେ ମଧ୍ୟ ସେହି କଥା ଦେଖିବାକୁ ମିଳିବ । ବାଖ୍ ଠିକ୍ ଏହି କଥା କରିଥିଲେ, ମୋତ୍‌ସାର୍ଟ ସେହି କଥା କରିଥିଲେ; ତାଙ୍କର ସଂଗୀତକୁ ଶୁଦ୍ଧ ଭାବରେ ସଙ୍ଗୀତମୟ ବୋଲି କୁହାଯିବ, ସଂଗୀତ ବ୍ୟତୀତ ସେ ଆଉ କିଛିହେଲେ ଅଭିବ୍ୟକ୍ତ କରିବାକୁ ଇଚ୍ଛା କରୁ ନଥିଲେ । ସିଏ ସଂଗୀତର ଅଭିବ୍ୟକ୍ତି ଲାଗିହିଁ ସଂଗୀତର ରଚନା କରୁଥିଲେ । ମାତ୍ର, କେତେକ ନିର୍ଦ୍ଦିଷ୍ଟ ସଂଖ୍ୟାର ସ୍ୱରକୁ ଏକ ନିର୍ଦ୍ଦିଷ୍ଟ ପରସ୍ପର-ସମ୍ବନ୍ଧିତତାରେ ଏକାଠି ବାନ୍ଧିଦେବାର ଯେଉଁ ପଦ୍ଧତି ରହିଛି (ସେଗୁଡ଼ିକୁ ଆମେ ଅଗଣିତ କେତେକେତେ ପରିବର୍ତ୍ତିତ ରୂପର ସମତୁଲ୍ ବୋଲି ବିଚାର କରିପାରିବା), ଆପଣାକୁ ଏକ ଶାନ୍ତ ଅବସ୍ଥାକୁ ଆଣିବାକୁ ହେଲେ ବା ଆପଣା ଭିତରେ ଅନେକ ଗଭୀରଯାଏ ପ୍ରବେଶ କରିବାକୁ ହେଲେ, ବ୍ୟକ୍ତିଗତ ଭାବରେ ମୋତେ ସେହି ରୀତିଟି ଖୁବ ଚମତ୍କାର ବୋଲି ମନେ ହୋଇଥାଏ । ଏବଂ ତା'ପରେ, ଯଦି ତୁମେ ଅନୁରୂପ ଭାବରେ ପ୍ରସ୍ତୁତ ହୋଇ ରହିଥାଅ, ତେବେ ତାହା ତୁମକୁ ଚୈତ୍ୟ ଚେତନାର ମଧ୍ୟକୁ ବି ପ୍ରବିଷ୍ଟ କରାଇ ଆଣେ, ଯାହା ଫଳରେ କି ତୁମେ ସକଳ ବାହ୍ୟ ଚେତନାରୁ ନିଜକୁ ପ୍ରତ୍ୟାହୃତ କରିଆଣ, ସତେଅବା ଆଉ କୋଉଠି ଯାଇ ପ୍ରବେଶ କର, ଆପଣାର ଅନ୍ତର-ଗଭୀରରେ ଯାଇ ପ୍ରବେଶ କର ।

ବଡ଼ ବଡ଼ ସଂଗୀତକାରମାନଙ୍କ ପାଖକୁ ସଂଗୀତ ପ୍ରକୃତରେ କେଉଁ ଆକାର ଗ୍ରହଣ କରି ଆସେ ? ଅର୍ଥାତ୍, ତାହା କେବଳ ସ୍ୱରମାଧୁର୍ଯ୍ୟ ରୂପରେ ଆସେ, ନା ଆମେ ତାହାକୁ ଯେପରି ଭାବରେ ଶୁଣିଥାଉ, ତାହା ଠିକ୍ ସେହି ରୂପରେ ଆସେ ?

ମାତ୍ର ସେଇଟା ସେହି ସଂଗୀତକାରଙ୍କ ଉପରେହିଁ ନିର୍ଭର କରିବ । ବର୍ତ୍ତମାନ ମୁଁ ଠିକ୍ ସେହି କଥା କହୁଥିଲି । ଉଦାହରଣସ୍ୱରୂପ, ଏଠାରେ ଭାରତବର୍ଷରେ, ଏଠି ସମସ୍ୱରତାର ବନ୍ଧନଟି ଖୁବ୍ ବେଶୀ ଦେଖିବାକୁ ମିଳ

'oaob.nitrkl.ac.in' images reprocessed

ନଥାଏ, ତେଣୁ ସ୍ୱରମାଧୁର୍ଯ୍ୟ ସାହାଯ୍ୟରେହିଁ ବିଷୟଟିକୁ ବିକଶିତ ଓ ଅଭିବ୍ୟକ୍ତ କରି ଅଣାଯାଏ । ଏହି କ୍ଷେତ୍ରରେ ପ୍ରାଣ ଆସି ପହଞ୍ଚିବା ପରେ ସଙ୍ଗୀତ ମଧ୍ୟରେ ଏକ ସମସ୍ୱରମିଶ୍ରତା ଆସି ପହଞ୍ଚିଯାଏ । ତାହାହିଁ ସଙ୍ଗୀତ ଭିତରେ ଏକ ଐଶ୍ୱର୍ଯ୍ୟ ଆଣିଦିଏ, ତାକୁ ଏପରି ଏକ ବିପୁଳତା ଆଣିଦିଏ, ଯାହାକି ତା' ଭିତରେ ଆଗରୁ ଆଦୌ ରହି ନଥିଲା ।

ମାତ୍ର ଏହି କ୍ଷେତ୍ରରେ ତେବେ ସ୍ୱରମାଧୁର୍ଯ୍ୟଟି ଆସିଥାଏ ବୋଲି କୁହାଯାଇ ପାରିବ କି ?

ନା, ଏହି କ୍ଷେତ୍ରରେ ସଙ୍ଗୀତଟିହିଁ ଆସିଥାଏ; ଏବଂ ସଙ୍ଗୀତ ଯେ ସର୍ବଦା ସ୍ୱରମାଧୁର୍ଯ୍ୟ ରୂପରେ ଆସିବ, ତାହାର କୌଣସି କାରଣ ନାହିଁ । ସଙ୍ଗୀତ ହେଉଛି କେତେକ ଧ୍ୱନିର ଏକ ପରସ୍ପର-ସମ୍ବନ୍ଧିତତା, ଯେଉଁଥିରେ କି ସ୍ୱରମାଧୁର୍ଯ୍ୟ ଥାଇପାରେ, ନଥାଇ ବି ପାରେ । ଧ୍ୱନିଗୁଡ଼ିକ ମଧ୍ୟରେ ଏହି ଯେଉଁ ସମ୍ବନ୍ଧଟି ରହିଛି, ସ୍ୱରମାଧୁର୍ଯ୍ୟ ହେଉଛି ତାହାର ଗୋଟିଏ ଅଂଶ ।

"ଯେତେବେଳେ ସଂକଳ୍ପଟି ନିଆଯାଇ ସାରିଛି, ତୁମର ସମଗ୍ର ଜୀବନ କେବଳ ଭଗବାନଙ୍କ ଲାଗି ଅର୍ପିତ ହୋଇ ରହିବ ବୋଲି ତୁମେ ଯେତେବେଳେ ନିଷ୍ପତ୍ତି ଗ୍ରହଣ କରି ସାରିଛ, ସେତେବେଳେ ତୁମକୁ ସକଳ ମୁହୂର୍ତ୍ତରେ ତଥାପି ସେହି କଥାଟିକୁ ସ୍ମରଣ ରଖିବାକୁ ପଡ଼ିବ ଏବଂ ତୁମ ଜୀବନର ଠିକଣଠି ସମସ୍ତ କ୍ଷେତ୍ରରେ ଏହାକୁ ବହନ କରି ରହିବାକୁ ପଡ଼ିବ । ପ୍ରତ୍ୟେକ ପଦରେ ହିଁ ତୁମେ ଅନୁଭବ କରୁଥିବ ଯେ ତୁମେ ହେଉଛ କେବଳ ଭଗବାନଙ୍କର; ତୁମର ସତତ ଏହିପରି ଅନୁଭୂତି ହେଉଥିବ ଯେ, ତୁମେ ଯାହା କିଛି ଭାବୁଛ ଅଥବା କରୁଛ, ତୁମରି ମଧ୍ୟଦେଇ ସେହି ପରମ ଭଗବତ୍ ଚେତନାହିଁ କାର୍ଯ୍ୟ କରିବାରେ ଲାଗିଛି ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୮ ଏପ୍ରିଲ)

ଜଣେ ଯେତେବେଳେ ସଚେତନ ହୋଇ ରହିଥାଏ, ସେତେବେଳେ କ'ଣ ସିଏ ପ୍ରତ୍ୟେକ ବସ୍ତୁରେହିଁ ଭଗବାନଙ୍କର ରୂପକୁ ଦେଖିବାକୁ ପାଏ ?

'oaob.nitrkl.ac.in' images reprocessed

କ'ଣ ହେଲା ! ତେବେ ତୁମେ ପ୍ରତ୍ୟେକ ବସ୍ତୁରେହିଁ ଭଗବାନଙ୍କର ରୂପ ଦେଖିବାକୁ ପ୍ରତ୍ୟାଶା କରୁଛ ! ···ହୁଏତ ତାହା ସମ୍ଭବ ହୋଇ ପାରେ, କିନ୍ତୁ ମୋତେ ସେକଥା ଜଣା ନାହିଁ । ମୁଁ ଭାବୁଛି ଯେ ଏହି କ୍ଷେତ୍ରରେ ଅନେକ ପରିମାଣରେ ଆମର କଳ୍ପନା ଆସି ଆମକୁ ଅଧିକାର କରି ନେଇଥାଏ, କାରଣ କଥାଟି ପ୍ରକୃତରେ ସେପରି ନୁହେଁ । ତୁମେ ଚେତନାଟିକୁ ବଦଳାଇ ଦିଅ, ଚେତନାର ସ୍ଥିତିଟିକୁ ବଦଳାଇ ଦିଅ ଏବଂ ସ୍ୱ-ବୋଧର ସ୍ଥିତିଗୁଡ଼ିକୁ ମଧ୍ୟ ବଦଳାଇ ଦିଅ ।

ଯଦି ମୁଁ ତୁମ କଥାର ଅର୍ଥଟିକୁ ଠିକ୍ ଭାବରେ ବୁଝିଥାଏ, ମୁଁ ଭାବୁଛି ଯେ ତୁମେ ସବୁଠାରେ କୌଣସି ନା କୌଣସି ରୂପ ଦେଖିବ ବୋଲି ଆଶା କରୁଛ, ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଉଦାହରଣସ୍ୱରୂପ କୃଷ୍ଣଙ୍କର, ଖ୍ରୀଷ୍ଟଙ୍କର କିଂବା ବୁଦ୍ଧଙ୍କର ରୂପ ଦେଖିବ ବୋଲି ଆଶା କରୁଛ କି ? ଏଇଟା ମୋତେ ତୁଚ୍ଛା ପିଲାଳିଆ କଥା ପରି ମନେ ହେଉଛି । ମାତ୍ର ତଥାପି ମୁଁ କହିବି ନାହିଁ ଯେ ତାହା ଆଦୌ ଘଟି ପାରିବ ନାହିଁ । ମୁଁ ଭାବୁଛି, ଏହା ଅବଶ୍ୟ ଘଟି ପାରିବା ଉଚିତ । ମାତ୍ର ଏଥିରେ ଏହି କ୍ଷେତ୍ରରେ ଅନେକ କିଛି ମନୁଷ୍ୟ-ଚେତନାକୁ ମଧ୍ୟ ମିଶାଇ ଦିଆଯାଇଥାଏ, କାରଣ ତା' ହେଲେ, ବର୍ତ୍ତମାନ ତୁମକୁ ଯାହା କହିଲି, ସେଇଟି ଆଉ କଦାପି ଠିକ୍ ସେହିପରି ହୋଇ ପାରିବ ନାହିଁ । କାରଣ, ଯେଉଁମାନଙ୍କ ମଧ୍ୟରେ ଭଗବତ୍ ଚେତନା ରହିଛି, ଏବଂ ଯେତେବେଳେ ସେମାନେ ଭଗବାନଙ୍କର ସମ୍ପର୍କରେ ଆସୁଛନ୍ତି, ସେହି ବ୍ୟକ୍ତିମାନେ ଯିଏ ହୋଇଥାନ୍ତୁ ପଛକେ, ଯେଉଁ ବୟସର ବା ଯେଉଁ ଦେଶର ହୋଇଥାନ୍ତୁ ପଛକେ, ସେମାନଙ୍କୁ ସମସ୍ତଙ୍କୁ ସେହି ଏକା ଅନୁଭୂତିହିଁ ମିଳିଥାଏ । ମାତ୍ର ଯେପରି ତୁମେ କହୁଛ, ଯଦି ସେପରି ହେଉଥାନ୍ତା, ତେବେ ଭଗବାନଙ୍କର ରୂପ ଦେଖିଲାବେଳେ ଭାରତୀୟମାନେ ସେମାନଙ୍କ ଦେବତାମାନଙ୍କ ମଧ୍ୟରୁ ଜଣକ ରୂପରେ ଭଗବାନଙ୍କୁ ଦେଖନ୍ତେ, ଇଉରୋପୀୟମାନେ ସେମାନଙ୍କର କୌଣସି ଦେବତାଙ୍କୁ ଦେଖନ୍ତେ, ଜାପାନର ଲୋକେ ସେମାନଙ୍କର ନିଜ ଦେବତାଙ୍କ ଭିତରୁ କାହାରି ଦର୍ଶନ କରନ୍ତେ; ଏହିପରି ହେବାରେ ଲାଗିଥାନ୍ତା । ସେହି କ୍ଷେତ୍ରରେ ଏହା ଆଦୌ ଏକ ଶୁଦ୍ଧବୋଧ କଦାପି ହୁଅନ୍ତା ନାହିଁ, ସେମାନଙ୍କର ମାନସିକ ରୂପ ରଚନାରେ କେବଳ ଆଉ ଗୋଟିଏ ରୂପର ସଂଯୋଜନହିଁ ହୁଅନ୍ତା । ତାକୁ ଆମେ ଆଉ ସାରତଃ ଏବଂ ଶୁଦ୍ଧତଃ ସେହି ପରମ ସାମଗ୍ରୀ ବୋଲି କହି ପାରନ୍ତେ ନାହିଁ; କାରଣ ସେହି ପରମ ସାମଗ୍ରୀ ହେଉଛନ୍ତି ସକଳ ରୂପର ଅତୀତ ।

ମାତ୍ର ତଥାପି ଭଗବତ୍ ରୂପଦର୍ଶନ ନିଶ୍ଚୟ ସମ୍ଭବ, ସେହି ପରମ ଉପସ୍ଥିତିର ଏକ ମୂର୍ତ୍ତି ଦର୍ଶନ ଅବଶ୍ୟ ସମ୍ଭବ । ଜଣେ ଭଗବାନଙ୍କ ସହିତ ଏକ

'oaob.nitrkl.ac.in' images reprocessed

ବ୍ୟକ୍ତିଗତ ସମ୍ପର୍କ ମଧ୍ୟ ଲାଭ କରିପାରିବ । ମାତ୍ର ତାହା କଦାପି ଏପରି ଭାବରେ ନୁହେଁ । ଏବଂ ସେହି କଥାଟିକୁ ଆଦୌ କଥାରେ ପ୍ରକାଶ କରି ହେବ ନାହିଁ; କେବଳ ଯେଉଁମାନେ ସେହି ଅନୁଭୂତିଟିକୁ ଲାଭ କରିଛନ୍ତି, ସେହିମାନଙ୍କୁହିଁ କହିଦେଇ ହେବ । ଯଦି ତୁମର କୌଣସି ଅନୁଭୂତି ନଥିବ, ତେବେ ଘଣ୍ଟା ଘଣ୍ଟା ଧରି ମୁଁ ଏହି ବିଷୟରେ ତୁମକୁ ଯେତେ ବୁଝାଇ କହିଲେ ମଧ୍ୟ ତୁମେ ତଥାପି ଆଦୌ କିଛୁ ହେଲେ ବୁଝି ପାରିବ ନାହିଁ । ବୁଝାଇବାର ସକଳ ପ୍ରଚେଷ୍ଟା ଏହି କ୍ଷେତ୍ରରେ କେବଳ ବିଫଳ ହୋଇଯିବ । କେବଳ ତୁମର ସେହି ଅନୁଭୂତିଟି ରହିଥିଲେ ଯାଇ ତୁମେ କିଛୁ ବୁଝିପାରିବ । ଏବଂ ତୁମେ ପ୍ରକୃତରେ କ'ଣ ଜାଣିବାକୁ ଇଚ୍ଛା କରୁଛ ? ତୁମେ ଯେତେବେଳେ କୌଣସି ବିଷୟରେ କିଛି କହୁଛ ବା ଲେଖୁଛ, ସେତେବେଳେ ତୁମର ମନଃକ୍ଷେତ୍ରରେ ଅବଶ୍ୟ ଏକ ସଂଯୋଜନ ହେବାରେ ଲାଗିଛି, ତା' ନହେଲେ ତୁମେ କିଛିହେଲେ କହି ପାରନ୍ତ ନାହିଁ, କିଛିହେଲେ ଲେଖି ପାରନ୍ତ ନାହିଁ । ତେଣୁ, ଏହି ମାନସିକ ସଂଯୋଜନଟି ବଳରେହିଁ ଲୋକେ ଆପଣାର ଅନୁଭୂତିଗୁଡ଼ିକୁ ବୁଝାଇ କହିବା ଲାଗି ଚେଷ୍ଟା କରିଥାନ୍ତି, ଏବଂ ସେତେବେଳେ ସେମାନେ "ମୁଁ ଭଗବାନଙ୍କର ରୂପ ଦେଖିବାକୁ ପାଉଛି" ଭଳି କଥାମାନ କହୁଛନ୍ତି ଅଥବା ଲେଖିଛନ୍ତି । ସେମାନେ ଏହିପରି ଭାବରେହିଁ କହୁଛନ୍ତି । ଏକଥା ବେଶ୍ ସମ୍ଭବ ଯେ ତୁମେ ଯେଉଁ ବିଷୟରେ ଏଠାରେ କହୁଛ, ସେହି କଥାଟି ହୁଏତ ବେଶ୍ ଘଟିପାରେ । ହୁଏତ ତୁମେ ହଠାତ୍ ଏକ ନିର୍ଦ୍ଦିଷ୍ଟ ଅବସ୍ଥାକୁ ପ୍ରାପ୍ତ ହେଲ ଏବଂ ଭଗବାନଙ୍କର ଏକ ଉପସ୍ଥିତିକୁ ଦର୍ଶନ କରି ପାରିଲ; ସେହି ଉପସ୍ଥିତି ଏପରି ଏକ ରୂପ ବା ଆକାର ଗ୍ରହଣ କଲା, ଯାହା ସହିତ କି ତୁମେ ପୂର୍ବରୁ ପରିଚିତ ରହିଥିଲ । ଆମର ଶିକ୍ଷା ଓ ପରମ୍ପରା ଯେପରି ହୋଇ ରହିଥାଏ, ଆମେ ସେହି ଅନୁସାରେହିଁ ଭଗବାନଙ୍କ ସହିତ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ରୂପକୁ ଯୋଡ଼ିଦେବାରେ ଭାରି ଅଭ୍ୟସ୍ତ ହୋଇ ରହିଥାଉ ଏବଂ ତାହାରି ବଳରେହିଁ ଏକ ବାହ୍ୟ ରୂପ ସମ୍ଭବିଥାଏ । ମାତ୍ର ଏହାକୁ କଦାପି ଭଗବଦ୍‌ଅନୁଭୂତିର ସର୍ବୋଚ୍ଚ ସାର ବୋଲି କୁହାଯିବ ନାହିଁ, ଏଇଟି ହେଉଛି ତା'ର ରୂପ; ଏବଂ ତାହା ଅନୁଭୂତିଟିକୁ ଗୋଟାଏ ପ୍ରକାରର ସୀମା ଭିତରେ ବାନ୍ଧି ଦେଇଯାଏ, ତାହା ଅନୁଭୂତିଟି ମଧ୍ୟରୁ ତାହାର ବିଶ୍ୱାତ୍ମକତାକୁ ହରଣ କରି ନେଇଯାଏ, ସେଥିରୁ ଅନେକ ଶକ୍ତି ମଧ୍ୟ ହରଣ କରିନିଏ ।

"ସ୍ପଷ୍ଟତଃ, ଯାହା ଘଟିବା ଅବଶ୍ୟମ୍ଭାବୀ ଥିଲା, ତାହାହିଁ ଘଟିଲା; ଯଦି ସେଇଟି ଅଭିପ୍ରେତ ହୋଇ ରହି ନଥାନ୍ତା, ତେବେ ତାହା କଦାପି ଘଟି ନଥାନ୍ତା, ଏପରିକି ଆମେ ଯେଉଁ ଭୁଲଗୁଡ଼ିକୁ ବି କରିଛୁ ଏବଂ ଆମ ଉପରେ ଯେଉଁ ବିପଦମାନ ଆସି ପଡ଼ୁଛି,

'oaob.nitrkl.ac.in' images reprocessed

ସେଗୁଡ଼ିକ ଘଟିବାକୁହିଁ ରହିଥିଲା, କାରଣ ସେଗୁଡ଼ିକ ଲାଗି ଅବଶ୍ୟ କିଛି ପ୍ରୟୋଜନ ରହିଥିଲା, ଆମ ଜୀବନ ଲାଗି ସେଗୁଡ଼ିକର କିଛି ଆବଶ୍ୟକତା ମଧ୍ୟ ଥିଲା । ମାତ୍ର ସତ କଥା ହେଉଛି ଯେ ଏହିସବୁ କଥାକୁ ଆମେ ମାନସିକ ସ୍ତରରେ କଦାପି ବୁଝାଇ କହି ପାରିବା ନାହିଁ, ସେଗୁଡ଼ିକୁ ସେହି ସ୍ତରରେ ବୁଝାଇବାକୁ ଯିବା ମଧ୍ୟ ଉଚିତ ନୁହେଁ । ମାତ୍ର ଯାହାକିଛି ଘଟିଲା, କୌଣସି ମାନସିକ କାରଣରୁ ଯେ ତାହାର ଏକ ପ୍ରୟୋଜନୀୟତା ରହିଥିଲା, ସେକଥା ଆଦୌ ନୁହେଁ; ଆମର ମନ ଯେତିକି ବାଟ କଳ୍ପନା କରି ପାରୁଛି, ଆମକୁ ତାହାର ଆହୁରି ସେପାଖକୁ ପରିଚାଳିତ କରି ନେଇଯିବାକୁହିଁ ତାହା ଘଟିଲା, ମାତ୍ର, ତଥାପି ଏସବୁକୁ ବୁଝାଇ କହିବାର କୌଣସି ପ୍ରୟୋଜନ ଅଛି କି ? ସମଗ୍ର ବିଶ୍ୱହିଁ ସକଳ ମୁହୂର୍ତ୍ତରେ ସକଳ ବିଷୟକୁ ବୁଝାଇ ଦେଇ ଯାଉଛି, ଏବଂ, କୌଣସି ଏକ ନିର୍ଦ୍ଦିଷ୍ଟ ଘଟଣା ଘଟୁଛି, କାରଣ ବିଶ୍ୱଜଗତ ଯେପରି ଅଛି, ସେହିପରି ଭାବରେହିଁ ଗଢ଼ାହୋଇ ରହିଛି ।”

(ଡିସେମ୍ବର)

**ଏହି ବିଶ୍ୱଜଗତ କପରି ପ୍ରତ୍ୟେକ ମୁହୂର୍ତ୍ତରେ ଏହି ବିଶ୍ୱଜଗତର ଯାବତୀୟ କଥାକୁ ବୁଝାଇଦେଇ ଯାଉଛି ?**

ମୁଁ ତ ସେକଥା କହି ନାହିଁ । ଯଦି ତୁମେ କୌଣସି କଥାର ସ୍ପଷ୍ଟ ବ୍ୟାଖ୍ୟା ଇଚ୍ଛା କରୁଥିବ, ତେବେ ଏହି ବିଶ୍ୱଜଗତହିଁ ତୁମକୁ ଏହି କଥାଟିର ବ୍ୟାଖ୍ୟା ଦେଇଯିବ । ଏବଂ ପ୍ରତ୍ୟେକଟି କଥାକୁ ଆମେ ପ୍ରତ୍ୟେକଟି କଥା ସାହାଯ୍ୟରେ ବ୍ୟାଖ୍ୟା କରି ପାରିବା; ଏବଂ ସମଗ୍ର ବିଶ୍ୱଜଗତକୁ ବାଦ୍‌ ଦେଇ କୁ ନଆଣି ତୁମେ କଦାପି କିଛିର ବ୍ୟାଖ୍ୟା କରି ପାରିବ ନାହିଁ ଏବଂ ପ୍ରତ୍ୟେକଟି ଦ୍ୱାରା ଆମେ ସମଗ୍ର ବିଶ୍ୱଜଗତରହିଁ ଏକ ବ୍ୟାଖ୍ୟା ପାଇ ଯାଉଥିବା...... । ଦେଖ ସବୁଯାକ ବିଜ୍ଞାନରେ ଦିଆ ଯାଇଥିବା ବ୍ୟାଖ୍ୟାଗୁଡ଼ିକୁ ତୁମେ ଯଦି ପଢ଼ିବାକୁ ଯାଅ, ମାନବୀୟ ଜ୍ଞାନର ଯାବତୀୟ ଶାଖାର ବ୍ୟାଖ୍ୟାଗୁଡ଼ିକୁ ପାଠ କର, ତେବେ ତୁମେ ଜାଣିବାକୁ ପାଇବ ଯେ ସର୍ବଦା ଗୋଟିଏ ବିଷୟର ବ୍ୟାଖ୍ୟା ଆଉଗୋଟିଏ ବିଷୟ ଦ୍ୱାରା ହେବାରେ ଲାଗିଛି; ଏବଂ ଯଦି ତୁମେ ଏହି ଆଉ ଗୋଟିଏ ବିଷୟକୁ ବୁଝିବାକୁ ଇଚ୍ଛା

'oaob.nitrkl.ac.in' images reprocessed

କରିବ, ତେବେ ପୁଣି ଏକ ତୃତୀୟ ବିଷୟର ସାହାଯ୍ୟ ନେଇ ତୁମେ ତାକୁ ବୁଝିବାକୁ ଚାହାଁରିବ; ଏବଂ ଏଇଟିକୁ ବୁଝିବାକୁ ଇଚ୍ଛା କରୁଥିଲେ ତଥାପି ଆଉ ଗୋଟିଏର ସାହାଯ୍ୟ ନେଉଥିବ । ଏହିପରି ଭାବରେ ଗୋଟିକୁ ବୁଝିବା ଲାଗି ଆଉ ଗୋଟିକର ସାହାଯ୍ୟ ନେଇ ନେଇ ଗୋଟିଏ ଜିନିଷର ବ୍ୟାଖ୍ୟା ପାଇବା ସକାଶେ ତୁମେ ବିଶ୍ୱଜଗତଯାକ ବୁଲି ଆସିବ । ଅବଶ୍ୟ ଏକଥା ସତ ଯେ, ଲୋକମାନେ ଏହିପରି କେତେ ବାଟ ଯିବା ପରେ କ୍ଲାନ୍ତ ହୋଇପଡ଼ନ୍ତି, ସେମାନେ ଲବ୍ଧ, ଶେଷ ବ୍ୟାଖ୍ୟାଟିକୁ ଗ୍ରହଣ କରିନଅନ୍ତି ଓ ସେଇଟିକୁ କାମୁଡ଼ି ରହିଯାଆନ୍ତି । ମାତ୍ର ଯଦି ତାହା ନକରି ସେମାନେ ବ୍ୟାଖ୍ୟାଟିଏ ଖୋଜି ପାଇବାର ମାର୍ଗରେ ଅଗ୍ରସର ହେବାରେ ଲାଗିଥାଆନ୍ତି, ତେବେ ଯାବତୀୟ ବିଷୟ ମଧ୍ୟରେ ଗୋଟିଏ ସଂପୂର୍ଣ୍ଣ ବୃତ୍ତ ବୁଲିଆସି ସେମାନଙ୍କୁ ପୁଣି ସେହି ଗୋଟିଏ ଜାଗାକୁ ଫେରି ଆସିବାକୁ ପଡ଼ୁଥା'ନ୍ତା । ବିଷୟ-ଗୁଡ଼ିକ ଏପରି ହୋଇ ରହିଛନ୍ତି, କାରଣ ସେଗୁଡ଼ିକ ସେହିପରି ଭାବରେହିଁ ତିଆରି ହୋଇଛନ୍ତି, କାରଣ ସେଗୁଡ଼ିକ ସେହିପରି ଭାବରେ ତିଆରି ହୋଇ ରହିବା ଦରକାର ଥିଲା; ନଚେତ୍ ଅନ୍ୟ କୌଣସି ପ୍ରକାରରେ ସେଗୁଡ଼ିକ କଦାପି ତିଷ୍ଠି ରହି ନଥାନ୍ତେ । ବସ୍ତୁଗୁଡ଼ିକ ଏପରି ହୋଇ ରହିଛନ୍ତି, କାରଣ ସେଗୁଡ଼ିକ ଯାହା, ତାହାହିଁ ହୋଇ ରହିଛନ୍ତି । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଏବଂ ସେଇଆକୁ ଜାଣିବାକୁ ସର୍ବୋଚ୍ଚ ପ୍ରଜ୍ଞା ବୋଲି କୁହାଯିବ ।

ଭୌତିକ ଜଗତର ଏପରି କୌଣସି ବିଧାନ ନାହିଁ, ଯାହାଦ୍ୱାରା କି ଆମେ ବିଶ୍ୱଜଗତର ସବୁ କିଛିକୁ ବ୍ୟାଖ୍ୟା କରିଦେଇ ପାରିବା ?

ତୁମେ ଗୋଟିଏ ଖୋଜିକରି ବାହାର କରିପାରିଲେ ମୁଁ ବି କମ୍ ଖୁସୀ ହୁଅନ୍ତି ନାହିଁ ।

ବିଜ୍ଞାନ ଦ୍ୱାରା ସେହି ନିୟମଟି ବାହାର କରିଯାଇ ପାରିବ କି ?

ହଁ, ଯଦି ବିଜ୍ଞାନ ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ଗତି କରିପାରେ, ଯଦି ତାହା ଯଥେଷ୍ଟ ଅଗ୍ରସର ହୁଏ, ଯଦି ବାଟରେ କେଉଁଠି ହେଲେ ଅଟକି ନଯାଏ, ତେବେ ତତ୍ତ୍ୱଦ୍ରଷ୍ଟାମାନେ ଯେଉଁଟିର ସନ୍ଧାନ ପାଇଛନ୍ତି, ବୈଜ୍ଞାନିକମାନେ ମଧ୍ୟ ତାହାର ସନ୍ଧାନ ପାଇ ପାରନ୍ତେ । ଧର୍ମକ୍ଷେତ୍ରରେ ରହିଥିବା ସବୁ ମଣିଷ ଓ ପ୍ରତ୍ୟେକ ବ୍ୟକ୍ତି ମଧ୍ୟ ତାହାର ସନ୍ଧାନ ପାଇ ପାରନ୍ତେ, କାରଣ ଏହି କ୍ଷେତ୍ରରେ ଆବିଷ୍କାର କରିବା ଲାଗି

'oaob.nitrkl.ac.in' images reprocessed

କେବଳ ଗୋଟିଏ କଥାହିଁ ରହିଛି। କେବଳ ଗୋଟିଏ କଥା ରହିଛି, ଗୋଟିକରୁ ଦୁଇଟି କେଉଁଠି ନାହିଁ। ତେଣୁ ଜଣେ ସମସ୍ତ ଦୀର୍ଘ ପଥଟିକୁ ଅବଶ୍ୟ ଅତିକ୍ରମ କରି ପାରିବ, ବାରବାର ମୁଣ୍ଡଳା ବୁଲି ଆସିବାରେ ଲାଗିଥିବ ଏବଂ କୌଣସି ଜାଗାରେ ଅଟକି ନଯାଇ ଯଦି ସେ ତଥାପି ଖୋଜିବାରେ ଲାଗିଥିବ, ତେବେ ଶେଷକୁ ସେହି ଗୋଟିଏ ଜାଗାରେ ଆସି ପହଞ୍ଚିବାକୁ ବାଧ୍ୟ ହେବ। ସେଠାରେ ଆସି ଥରେ ପହଞ୍ଚିଯାଇ ପାରିଲେ ସିଏ ଅନୁଭବ କରିବ, ସତେ ଯେପରି ଏହାପରେ ଆଉ କିଛି ବାହାର କରିବାକୁ ବାକି ନାହିଁ। ବର୍ତ୍ତମାନ ମୁଁ ତୁମମାନଙ୍କୁ ଯେପରି କହିଲି, ଏହି କ୍ଷେତ୍ରରେ ଖୋଜି ବାହାର କରିବା ଲାଗି ପ୍ରକୃତରେ କିଛି ନାହିଁ। ଏଇଟି କେବଳ ସେଇ ଗୋଟିଏ କଥା, କେବଳ ସେଇ ଶକ୍ତି।* କେବଳ ସେଇଟି, ଆଉ କିଛି ନାହିଁ। ଆମେ ଏହାକୁ ଏହିପରି ଜାଣି ରଖିବା। ଆଉ କିଛି ପ୍ରଶ୍ନ ଅଛି କି ?

---

* "ଏଇଟି କେବଳ ସେଇ ଗୋଟିଏ କଥା, କେବଳ ସେଇ ଶକ୍ତି" ବୋଲି କହି ମାଆ ପ୍ରକୃତରେ କ'ଣ କହିବାକୁ ଚାହୁଁଛନ୍ତି, ପରେ ଜଣେ ସାଧକ ସେକଥା ତାଙ୍କୁ ପଚାରିଥିଲେ। ମାଆ ଉତ୍ତର ଦେଇ କହିଥିଲେ, "ହଁ, ତତ୍ତ୍ୱଦ୍ରଷ୍ଟାମାନେ ଯେଉଁ ସତ୍ୟଟିର ଆବିଷ୍କାର କରି-ଅଛନ୍ତି, ସେମାନେ ବି ସେହି ସତ୍ୟଟିର ଆବିଷ୍କାର କରିବେ। ଧର୍ମିଷ୍ଠ ବ୍ୟକ୍ତିମାନେ, ଏପରିକି ପ୍ରତ୍ୟେକ ବ୍ୟକ୍ତି ମଧ୍ୟ ତାହାକୁହିଁ ଆବିଷ୍କାର କରିଛନ୍ତି। ଏଇଟି କେବଳ ସେଇ ଗୋଟିଏ କଥା, କେବଳ ସେଇ ଶକ୍ତି। ସମସ୍ତେ ସେହି ପରମ ଶକ୍ତିକୁହିଁ ଆବିଷ୍କାର କରିବେ। ଏବଂ ସେହି ପରମ ତତ୍ତ୍ୱଙ୍କୁ ତୁମେ ସାରତଃ କୌଣସି ନାମ ବା ସଂଜ୍ଞା ଦେଇ ବର୍ଣ୍ଣନା କରିପାରିବ ନାହିଁ। ...ବର୍ତ୍ତମାନ ଅରୋଭିଲକୁ ନେଇ ମଧ୍ୟ ସେଇ ଝଗଡ଼ାଟି ଉଠିଛି : ଅରୋଭିଲ 'ସନନ୍ଦ'ରେ ମୁଁ 'ଭଗବତ୍ ପରମ ଚେତନା' ବୋଲି ଲେଖିଥିଲି (ଅରୋଭିଲରେ ଯିଏ ବାସ କରିବ, ତା' ମଧ୍ୟରେ ଭଗବତ ପରମ ଚେତନାର ସେବକ ହେବା ଲାଗି ସ୍ୱତଃ ଇଚ୍ଛା ରହିଥିବା ଉଚିତ)। ଏହାକୁ ପଢ଼ି ସେମାନେ କହିଲେ, ଏକଥା ପଢ଼ିଲାବେଳେ ଭଗବାନଙ୍କର ଗୋଟିଏ ଧାରଣା ମନ ଭିତରକୁ ଆସି ଯାଉଛି। ମୁଁ କହିଲି (ମାଆ ହସି କହୁଥାନ୍ତି) ଏକଥା ପଢ଼ିଲାବେଳେ ମୁଁ କିନ୍ତୁ ମୋଟେ ଭଗବାନଙ୍କ କଥା ଭାବୁ ନାହିଁ ! ତେଣୁ କେତେ ଲୋକ 'ସର୍ବୋଚ୍ଚ ଚେତନା' ବୋଲି ଏହାର ଅନୁବାଦ କରିଛନ୍ତି, ଅନ୍ୟମାନେ ଅନ୍ୟକିଛି ଲେଖିଛନ୍ତି। ଏହି ସ୍ଥାନରେ 'ପରିପୂର୍ଣ୍ଣ ଚେତନା' ଲେଖିବା ପାଇଁ ମୁଁ ଋଷୀନ୍ଦ୍ରମାନଙ୍କ ସହିତ ସହମତ ହୋଇଥିଲି, ମାତ୍ର ତଦ୍ଦ୍ୱାରା କେବଳ ପ୍ରାନ୍ତୋପକଥନହିଁ ସମ୍ଭବ ହେଉଛି···। ତେଣୁ ଏହା କେବଳ ସେହି ପରମ ତତ୍ତ୍ୱଙ୍କୁ ବୁଝାଇବ— ଯାହାଙ୍କୁ କି ତୁମେ ଆଦୌ କୌଣସି ନାମ ବା ସଂଜ୍ଞା ଦେଇ ପାରିବ ନାହିଁ,—ସେଇ ସର୍ବୋଚ୍ଚ ପରମ ଶକ୍ତି। ଆମେ ଏହି ପରମ ଶକ୍ତିକୁ ଆବିଷ୍କାର କରିବା। ଏବଂ ଏହି ପରମ ଶକ୍ତି ମଧ୍ୟ କେବଳ ଗୋଟିଏ ବିଭବ ମାତ୍ର ଏଇଟି ତାଙ୍କର ସୃଜନସମ୍ବନ୍ଧୀ ବିଭବ।"

ଦେଖନ୍ତୁ "ମାର୍ଗର ଟିପ୍ପଣୀ" (୧୩ ଓ ୧୬ ମାର୍ଚ୍ଚ ୧୯୬୮), ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ବୁଲେଟିନ୍, ଏପ୍ରିଲ ୧୯୬୮।

'oaob.nitrkl.ac.in' images reprocessed

**ଭଗବାନ ଆମ ପାଖରୁ ନିଜକୁ ପ୍ରତ୍ୟାହୃତ କରିନେଇ ପାରିବେ କି ?**

ଅସମ୍ଭବ । କାରଣ ଯେତେବେଳେ ଭଗବାନ ଆପଣାକୁ କୌଣସି ବସ୍ତୁରୁ ପ୍ରତ୍ୟାହୃତ କରି ନେଇଯିବେ, ତେବେ ସେହି ବସ୍ତୁଟି ତତ୍‌କ୍ଷଣାତ୍ ବିଲୁପ୍ତ ହୋଇଯିବ, ଆଉ ତିଷ୍ଠି ରହି ପାରିବ ନାହିଁ । ଆହୁରି ଅଧିକ ସ୍ପଷ୍ଟ କରି କହିବାକୁ ଗଲେ : ସେହି ଭଗବାନ ହେଉଛନ୍ତି ଏକମାତ୍ର ଅସ୍ତିତ୍ୱ ।*

ଯଦି ଭଗବାନ ନିଜକୁ ଅପସରାଇ ନେଉଥାନ୍ତେ, ତେବେ ତାହାର ଅର୍ଥ ହୁଅନ୍ତା ଯେ ସିଏ ଆପଣାକୁ ବିଶ୍ୱଜଗତରୁ ଅପସରାଇ ନେଇଗଲେ : ତା’ ପରେ ଆଉ ବିଶ୍ୱଜଗତ ବୋଲି କିଛୁ ରହନ୍ତା ନାହିଁ । (ତୁମକୁ କଥାଟିକୁ ବୁଝାଇ କହିବା ଲାଗିହିଁ ମୁଁ ଏହି ରୂପକଟିକୁ ବ୍ୟବହାର କରୁଛି; ମୁଁ ପ୍ରକୃତରେ ଏକ ଅସମ୍ଭବ କଥା କହୁଛି) । ମଣିଷମାନେ ଇଚ୍ଛାକଲେ ଭଗବାନଙ୍କଠାରୁ ନିଜକୁ ଅପସରାଇ ନେଇଯାଇ ପାରନ୍ତି, ଏବଂ ସେମାନେ ଅନେକ ସମୟରେହିଁ ସେପରି କରିଥାନ୍ତି । ମାତ୍ର ଭଗବାନ ମନୁଷ୍ୟମାନଙ୍କଠାରୁ ଅପସରି ଯିବେ, ତାହା ଏକ ଅସମ୍ଭବ କଥା ।

**ସଙ୍ଗୀତ, କଳା ବା ଆଉ ଅନ୍ୟ କୌଣସି ବାଟରେ ଯାଇ ଭଗବତ୍ ଉପଲବ୍ଧି ଏବଂ ଅଭିଳଷିତ ରୂପାନ୍ତରରେ ଉପନୀତ ହେବା କାହିଁକି ସମ୍ଭବ ନହେବ ?**

ତୁମକୁ ସେକଥା କିଏ କହିଲା ? ତୁମ ଭିତରେ ପ୍ରକୃତରେ ଯାହାସବୁ ଘଟୁଛି, ତୁମେ କ’ଣ ସେସବୁ ଜାଣିଛ ? ତୁମେ କ’ଣ ଭାବି ପାରୁ ନାହଁ ଯେ ଏପରି ଅନେକ ମନୁଷ୍ୟ ଅଛନ୍ତି, ଯେଉଁମାନେ କି ପରମ ଦିବ୍ୟସତ୍ତାର ଉପଲବ୍ଧି କରିଛନ୍ତି,

---

* ଏହି ପ୍ରବଚନଟିକୁ ପ୍ରକାଶ କରିବାକୁ ଗଲାବେଳେ ମାଆ ଏଥିରେ ଯୋଡିଥିଲେ : “ବର୍ତ୍ତମାନ ମୁଁ ଏହିପରି ଉତ୍ତର ଦେଇଥାନ୍ତି : ଭଗବାନ ତାଙ୍କ ନିଜ ପାଖରୁ ଅପସରି ଯିବେ ନାହିଁ, ତୁମେ ଯତେଥିବା ଏହି ପ୍ରଶ୍ନଟି ପଚାରିଥିବା ପରି ମନେହେଉଛି । (ମାଆ ହସିଲେ) ହଁ, ଅସଲ ଅଡୁଆଟି ସେଇଠାରେ : ତୁମେ ଯେତେବେଳେ ‘ପରମ ଦିବ୍ୟତା’ ବା ଭଗବାନ ବୋଲି କହ, ସେତେବେଳେ ସେମାନେ ବ୍ୟକ୍ତିରୂପ କୌଣସି ‘ଈଶ୍ୱର’ ବା ‘ଠାକୁର’ଙ୍କୁ ବୁଝନ୍ତି ।… କେବଳ ପରମ ତତ୍ତ୍ୱ ରହୁଛି, କେବଳ ସେଇ ରହୁଛି । ସିଏ, କିଏ ସେ ? କେବଳ ସେଇ ରହିଛନ୍ତି ।”

'oaob.nitrkl.ac.in' images reprocessed

ଯେଉଁମାନେ ଏହି ଉପଲବ୍ଧିଟି ବିଷୟରେ କିଛି ହେଲେ କହି ନାହାନ୍ତି, ଏହି ବିଷୟରେ କିଛି ହେଲେ ଜାଣି ନାହାନ୍ତି ?* ଏବଂ ଏପରି ବି ମନୁଷ୍ୟ ଅଛନ୍ତି, ଯେଉଁମାନେ କି ଏବିଷୟରେ ଅନେକ କଥା କହିଛନ୍ତି,—ଦାର୍ଶନିକମାନେ ଅନେକ କଥା କହିଛନ୍ତି, କାରଣ ସେମାନଙ୍କ ଜୀବନରେ କ'ଣ ସବୁ ଘଟିଲା, ସେଇଗୁଡ଼ାକ କହିବା ତ ହେଉଛି ସେମାନଙ୍କର ଧନ୍ଦା—! ମାତ୍ର ଏପରି ଲୋକ ଅଛନ୍ତି, ଯେଉଁମାନେ କି ଅନୁଭୂତି ଲାଭ କରିଛନ୍ତି, କିନ୍ତୁ କିଛିହେଲେ କହି ନାହାନ୍ତି । ଏବଂ ମୁଁ ଏପରି କେତେକ କଳାବିତ୍‌ଙ୍କୁ ଜାଣେ, ଯେଉଁମାନେ କି ସେମାନଙ୍କର କଳାଦ୍ୱାରାହିଁ ଭଗବାନ୍ ଉପଲବ୍ଧି ସମ୍ଭବ କରିପାରିଛନ୍ତି ।

ତା'ପରେ, ରୂପାନ୍ତର ବିଷୟରେ । ତୁମେ ଯଦି ଏପରି ଗୋଟିଏ ଦୃଷ୍ଟାନ୍ତ ଆଣି ଦେଖାଇପାରନ୍ତ, ତେବେ ମୁଁ ଭାରି ଖୁସୀ ହୁଅନ୍ତି । ସେଇଟିକୁ ଦେଖିଲେ ମୁଁ ଭାରି ଖୁସୀ ହୁଅନ୍ତି । କେବଳ ଗୋଟିଏ ମାତ୍ର ଦୃଷ୍ଟାନ୍ତ । ଜଣେ ବ୍ୟକ୍ତି ଯେଉଁ ବାଟରେ ଯାଆନ୍ତୁ, ତାହା ଧର୍ମର ବାଟ ହେଉ, ଦର୍ଶନର ବାଟ ହେଉ, ଯୋଗ ବା ତତ୍ତ୍ୱଦର୍ଶନ ଯେଉଁ ମାର୍ଗ ହୋଇଥାଉ ପଛକେ, ସେ କେବେହେଲେ ରୂପାନ୍ତରର ଉପଲବ୍ଧି କରି ପାରି ନାହାନ୍ତି ।

ଯଦି କଳା ଦ୍ୱାରା ରୂପାନ୍ତର-ସିଦ୍ଧି ନହେଲା, ତେବେ ତାହାର ଆଉ ସେପରି କୌଣସି ମୂଲ୍ୟ ନାହିଁ ବୋଲି ବୁଝାଯିବ କି ?

ମାତ୍ର, ସେହି ବାଟରେ ଯାଇ କିଏ ସେପର୍ଯ୍ୟନ୍ତ ପହଞ୍ଚି ପାରିଛି, ମୋତେ ତୁମେ କହିବ କି ? ଦର୍ଶନ, ଧର୍ମ, ଏପରିକି ଯୋଗ ମଧ୍ୟ ସେଯାଏ ଯାଇ ପାରି ନାହାନ୍ତି । ଯଦି ତୁମେ ଏଠାରେ ଅସଲ ମୂଲ୍ୟ କହିଲେ ଉପଲବ୍ଧି ଏବଂ ଜଗତର ରୂପାନ୍ତର ଘଟାଇବାକୁ ବୁଝିବ, ଉଦାହରଣସ୍ୱରୂପ ସମ୍ଭବ ହେଲେ ଜଣେ ବ୍ୟକ୍ତିର

---

* ଭଗବତ୍ ସତ୍ତାର ଉପଲବ୍ଧି କରି ତଥାପି ତାହାକୁ ପ୍ରକାଶ ନକରିବା କିପରି ସମ୍ଭବ ହେବ, ଜଣେ ସାଧକ ମାଆଙ୍କୁ ସେକଥା ପଚାରି ଥିଲେ । ମାଆ ଉତ୍ତର ଦେଇ କହିଲେ : 'ଏଠାରେ ମଧ୍ୟ ପୁଣି ଠିକ୍ ସେହି କଥା । ଏବଂ ଆମେ ଏଥିରେ ଆଉ ପଦେ ବି ଯୋଡ଼ିଦେଇ ପାରିବା : 'ଏବଂ ମନରେ ସେହି ଉପଲବ୍ଧିଟି ବିଷୟରେ କିଛିହେଲେ ଜାଣିବାକୁ ନପାଇବା ।' 'ମୁଁ ଭଗବାନଙ୍କୁ ପାଇଛି' ବୋଲି ସେମାନେ ଆଦୌ କହି ନଥିଲେ, କାରଣ ସେମାନଙ୍କର ଉପଲବ୍ଧି ଆପଣାକୁ ପ୍ରକାଶ ପାଇବା ଲାଗି ସେମାନଙ୍କର ମନ ଭିତରେ ଅନୁରୂପ କୌଣସି ପ୍ରତିକଳ୍ପହିଁ ପାଇ ନଥିଲା ।''

ଜୀବନରେ ମଧ୍ୟ ତାହା ଯଦି ଏହି କଥାଟିକୁ ବୁଝାଇବ,—ମୁଁ ତ ତାହା ସମ୍ଭବ ବୋଲି ମୋଟେ ବିଶ୍ୱାସ କରୁ ନାହିଁ,—ତେବେ ଏଗୁଡ଼ିକରେ ପ୍ରକୃତରେ କୌଣସି ମୂଲ୍ୟ ନାହିଁ, କାରଣ ଏପର୍ଯ୍ୟନ୍ତ କେହିହେଲେ ସେଠାରେ ଯାଇ ପହଞ୍ଚି ପାରି ନାହାନ୍ତି ।

ହଁ, ମୁଁ ବୁଝୁଛି ।

ତେବେ, ତୁମେ କାହିଁକି ହଠାତ୍ ଏକଥା କହିବାକୁ ଯାଉଛ ଯେ କଳାର ଆଦୌ କୌଣସି ମୂଲ୍ୟ ନାହିଁ ? ପ୍ରକୃତରେ କୌଣସି କଥାରହିଁ କୌଣସି ମୂଲ୍ୟ ନାହିଁ, କାରଣ କେହି ଆମକୁ ସେଯାଏ ନେଇ ପହଞ୍ଚାଇ ପାରି ନାହାନ୍ତି,—କ'ଣ ଏଇଥିଲାଗି ? ମାତ୍ର ସବୁକିଛି ସହାୟକ ହୋଇପାରିବ । ସମଗ୍ର ବିଶ୍ୱଜଗତ ମଧ୍ୟ ସେହି ରୂପାନ୍ତରର ସହାୟକରୂପେ କାର୍ଯ୍ୟ କରୁଛି ।

> ମାତ୍ର, ଏପରି ବି ତ ଘଟିପାରେ ଯେ, ଜଣେ କଳାକାର ଯେତେବେଳେ ଅଗ୍ରସର ହୋଇ ଶେଷକୁ ଏକ ନିର୍ଦ୍ଦିଷ୍ଟ ସୋପାନରେ ଯାଇ ପହଞ୍ଚି ପାରୁଛି, ଆପଣାର ବିଦ୍ୟାରେ ତା'ର ପୂର୍ଣ୍ଣ ଦଖଲ ଆସିଯାଉଛି, ସେତେବେଳେ ରୂପାନ୍ତର ଦିଗରେ ଯାଇ ପାରିବାକୁ ହେଲେ ତାକୁ ତା'ର କଳାଧନ୍ଦାଟିକୁ ବନ୍ଦ କରିଦେବାକୁ ପଡ଼ିବ ।

କାହିଁକି ବନ୍ଦ କରିଦେବାକୁ ପଡ଼ିବ ? ତା' ଜୀବନର ରୂପାନ୍ତର-ସାଧନ କରିବା ଲାଗି ? ସେକଥା ତୁମକୁ କିଏ କହିଲା ? ଯଦି ତୁମେ କୌଣସି ଶାରୀରିକ ଶ୍ରମ କରୁଥିବ, ତେବେ ତୁମକୁ ମୁଁ କହିବି ଯେ କେତେ କେତେ ସଂଖ୍ୟାର ଏପରି କାରିଗରମାନେ ଅଛନ୍ତି, ଯେଉଁମାନଙ୍କ ଜୀବନରେ ଅଦ୍‌ଭୁତ ପରିବର୍ତ୍ତନମାନ ଘଟିଛି । ଜଣେ ମୋଚିର ଦୃଷ୍ଟାନ୍ତଟି ଆମ ଆଗରେ ରହିଛି, ଯିଏ କି ପୃଥିବୀର ଅଗ୍ରଗଣ୍ୟ ଯୋଗୀମାନଙ୍କ ମଧ୍ୟରୁ ଜଣେ ହୋଇ ପାରିଥିଲା । ଅତ୍ୟନ୍ତ ସୁଖର କଥା ଯେ ଜଣେ ପ୍ରକୃତରେ କେଉଁ କାର୍ଯ୍ୟ କରୁଛି, ତା'ର ଉପଲବ୍ଧି ସେଇଟି ଉପରେ ଆଦୌ ନିର୍ଭର କରେ ନାହିଁ । ଭଗବତ୍ ସତ୍ୟର ଉପଲବ୍ଧି କରିବାକୁ ହେଲେ ତୁମକୁ ଧ୍ୟାନରେ ଯାଇ ବସିବାକୁ ହେବ, ଗେରୁଆବସ୍ତ୍ର ପିନ୍ଧି କୌଣସି ଗଛମୂଳେ ଯାଇ ବସିବାକୁ ହେବ, ସେଇଆ ତ ?

ତେଣୁ ତୁମେ ଯାହାସବୁ କହୁଛ, ମୁଁ ତାହାର କୌଣସି ଅର୍ଥ ପାଇ ପାରୁ ନାହିଁ ।

'oaob.nitrkl.ac.in' images reprocessed

ହୁଏତ ଏପରି ଏକ ସମୟ ଆସି ପହଞ୍ଚିପାରେ, ଯେତେବେଳେ ଜଣ ନିଜର କାର୍ଯ୍ୟରେ ଏକ ପରିବର୍ତ୍ତନ ଘଟାଇବା ଏକାନ୍ତ ପ୍ରୟୋଜନ ହୋଇପାରେ ।

ମାତ୍ର ତୁମେ ଯେକୌଣସି ବାଟରେ ଯାଉଥାଅ ପଛକେ, ଯଦି ତୁମେ ଯଥେଷ୍ଟ ନିଷ୍ଠାପରତା ସହିତ ସେହି ବାଟରେ ଯାଉଥାଅ, ତେବେ ଯେଉଁ ବାଟରେ ଗଲେ ମଧ୍ୟ ତୁମେ ସର୍ବଦା ନିଶ୍ଚିତ୍ତ ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚି ପାରିବ । ତୁମକୁ ମୁଁ କହିବି ଯେ ତୁମେ ଜୋତା ତିଆରି କରିବାର କାମ କରି ମଧ୍ୟ ଭଗବାନଙ୍କର ଉପଲବ୍ଧି କରିପାରିବ । ଏହି ବିଷୟରେ ସନ୍ଦୀପନକାରୀ କେତେକେତେ ଉଦାହରଣ ରହିଛି ଏବଂ କେହି ସେଗୁଡ଼ିକର ଖଣ୍ଡନ କରି ପାରିବ ନାହିଁ । ତେଣୁ ଜଣେ କେଉଁ କାମ କରୁଛି, ତାହାର ଆଦୌ କୌଣସି ମହତ୍ତ୍ୱ ନାହିଁ । ଏପରି ଅନେକସଂଖ୍ୟକ ବ୍ୟକ୍ତିଙ୍କର ଦୃଷ୍ଟାନ୍ତ ରହିଛି, ଯେଉଁମାନେ ହୁଏତ ବଗିଚାକାମ କରୁଥିଲେ ବା ଚୁପ କରୁଥିଲେ, ଏବଂ ଦୈହିକ ପରିଶ୍ରମ କରୁଥିବା ସମୟରେ ମଧ୍ୟ ସେମାନେ ଭଗବାନଙ୍କୁ ପାଇପାରିଲେ । ଏଇଥି ଲାଗି ସେମାନଙ୍କୁ ସେମାନଙ୍କର କାର୍ଯ୍ୟଟିକୁ ମୋଟେ ବନ୍ଦ କରିବାକୁ ପଡ଼ି ନଥିଲା । ତୁମେ ବୁଝି ପାରୁ ନାହଁ ? ସେଥିଲାଗି କ'ଣ ରହିଥିବା ଦରକାର ବୋଲି ତୁମେ ବିଶ୍ୱାସ କରୁଛ ?—ଦର୍ଶନଜ୍ଞାନ ?

ନା—ମୁଁ ସେପରି ଭାବୁ ନାହିଁ,—ମାତ୍ର ମୋ ଭାବଟିକୁ ବ୍ୟକ୍ତ କରିବା ଲାଗି ମୁଁ ଉପଯୁକ୍ତ ଶବ୍ଦ ପାଉ ନାହିଁ ।

ନା, ତୁମେ ଯାହା କହିବାକୁ ମନ କରୁଛ, ମୁଁ ତାହା ଖୁବ୍ ଭଲ କରି ବୁଝୁଛି । ମାତ୍ର ସେଇଟିକୁ ମୁଁ ଏକ ନିର୍ବୋଧ କଥା ବୋଲି କହୁଛି,—ଏବଂ ସେଥିଲାଗି ତୁମେ ଯେପରି ଖରାପ ନଭାବ !

## ୩ ଜୁନ୍, ୧୯୫୩

"ସ୍ୱାଧୀନତା ଏବଂ ଭାଗ୍ୟାଧୀନତା, ସ୍ୱତନ୍ତ୍ରତା ଏବଂ କର୍ମାଧୀନତା, —ଏଗୁଡ଼ିକ ହେଉଛନ୍ତି ଭିନ୍ନ ଭିନ୍ନ ଚେତନାସ୍ତରରେ ଉପଲବ୍ଧ ହେଉଥିବା ଗୋଟିଏ ଗୋଟିଏ ସତ୍ୟ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୮ ଏପ୍ରିଲ)

ଚେତନାର ଏହି ଭିନ୍ନ ଭିନ୍ନ ସ୍ତରଗୁଡ଼ିକ କ'ଣ ?

'oaob.nitrkl.ac.in' images reprocessed

କିନ୍ତୁ ମୁଁ ତ ପରେ ସେଇଟିକୁ ବୁଝାଇ ଦେଉଛି । ସେଇ କଥାଟି କହିବା ପରେ ମୁଁ ଯାହାସବୁ କହୁଛି, ସେଇଟି ତା'ର ବ୍ୟାଖ୍ୟା ।

ଚେତନାର ବିଭିନ୍ନ ଭୂମିଗୁଡ଼ିକ ସମ୍ବନ୍ଧରେ ମୁଁ ତୁମକୁ ପୂର୍ବରୁ କହିଛି । ହଁ, ସଂପୂର୍ଣ୍ଣ ଭାବରେ ଜଡ଼ର ଭୂମିରେ (ଯେତେବେଳେ ତାହା ପ୍ରାଣର ଭୂମିରୁ ବିଚ୍ଛିନ୍ନ ହୋଇ ରହିଥାଏ ) ଏକ ନିରଙ୍କୁଶ ଯାନ୍ତ୍ରିକତା ମଧ୍ୟରେହିଁ ଯାବତୀୟ ବସ୍ତୁ ପରିଣାମତଃ ପରସ୍ପର ସହିତ ଏକତ୍ର ଯୋଡ଼ାହୋଇ ରହିଥାନ୍ତି । ଏବଂ, ମୁଁ ଏହା ପୂର୍ବରୁ ଆଉ ଥରେ ଯେପରି କହିଥିଲି, ତୁମେ ଯଦି ସେହି କ୍ଷେତ୍ରରେ କୌଣସି ବସ୍ତୁର କାରଣ ବା ଆଉ କୌଣସି ବସ୍ତୁର ପରିଣାମଟିକୁ ଜାଣିବାକୁ ଇଚ୍ଛା କରିବ, ତେବେ ତୁମେ ଆଉ ଗୋଟିଏ ବସ୍ତୁରେ ଆସି ଉପନୀତ ହେବ, ତା'ପରେ ଆଉ ଗୋଟିକରେ ଯାଇ ଉପନୀତ ହେବ ଏବଂ ଏହିପରି ଭାବରେ ତୁମେ ସମସ୍ତ ବିଶ୍ୱ-ଜଗତରେ ପୂର୍ଣ୍ଣ ଭାବରେ ଗୋଟିଏ ଘେରା ବୁଲିଆସି ପାରିବ । ଏବଂ ସେହି କ୍ଷେତ୍ରରେ ତାହା ଠିକ୍ ସେହିପରି ହୋଇଥାଏ, ସବୁକିଛି ସଂପୂର୍ଣ୍ଣ ଭାବରେ ଏକ ଯାନ୍ତ୍ରିକତାର ବିଧାନରେ ଖଞ୍ଜା ହୋଇ ରହିଥାଏ । କେବଳ ଏତିକି ବାଟ ଖୋଲା ରହିଥାଏ ଯେ ସଂପୂର୍ଣ୍ଣ ଭାବରେ ଜଡ଼ତ୍ୱଗ୍ରସ୍ତ ହୋଇ ରହିଥିବା ଏହି ଭୂମିରେ ପ୍ରାଣର ଭୂମିଟି ଆସି ପ୍ରବିଷ୍ଟ ହେବାର ଏକ ସମ୍ଭାବନା ଥାଏ ଏବଂ ଉଦ୍ଭିଦର ରାଜ୍ୟକୁ ଆସି ସେହି ଅନୁପ୍ରବେଶ ବାସ୍ତବତଃ ଘଟିଥାଏ । ପ୍ରାଣର ଭୂମିରେ ଏକ ସଂପୂର୍ଣ୍ଣ ଭିନ୍ନ ନିୟନ୍ତ୍ରଣବାଦ କାର୍ଯ୍ୟ କରୁଥାଏ, ସେଠାରେ ସେହି କ୍ଷେତ୍ରର ସ୍ୱତନ୍ତ୍ର ନିୟନ୍ତ୍ରଣବାଦଟି କାର୍ଯ୍ୟ କରୁଥାଏ । ମାତ୍ର, ଆମେ ଯେତେବେଳେ ଜଡ଼କ୍ଷେତ୍ରର ନିୟନ୍ତ୍ରଣବାଦ ମଝରେ ପ୍ରାଣକ୍ଷେତ୍ରର ନିୟନ୍ତ୍ରଣବାଦକୁ ଆଣି ଭର୍ତ୍ତି କରୁ, ସେତେବେଳେ ସେହି ମିଶ୍ରଣ ସବୁକିଛିକୁ ଅନ୍ୟପ୍ରକାର କରିଦିଏ । ଏବଂ ପ୍ରାଣର ଭୂମି ଉପରକୁ ପୁଣି ମନର ଭୂମିଟି ବି ରହିଛି । ମାନସଭୂମିର ବି ଆପଣାର ଏକ ସ୍ୱକୀୟ ନିୟନ୍ତ୍ରଣବାଦ ରହିଛି, ଯେଉଁଠାରେ କି ସକଳ ବସ୍ତୁ ଭରି ଶକ୍ତି ହୋଇ ପରସ୍ପର ସହିତ ଗଣ୍ଠାହୋଇ ରହିଥାଏ ।

ମାତ୍ର ଏହି ଗତିସ୍ପନ୍ଦନକୁ ଆମେ ଏକ ଅନୁପ୍ରସ୍ଥ ବା ସମତଳୀୟ ଗତିସ୍ପନ୍ଦନ ବୋଲି କହିପାରିବା । ଯଦି ଆମେ ତାହାକୁ ଏକ ଅନୁଲମ୍ବ ବା ଉର୍ଦ୍ଧ୍ୱୀୟ ଗତିସ୍ପନ୍ଦନରେ ପରିଣତ କରିବାକୁ ଯିବା, ଅର୍ଥାତ୍ ଯେତେବେଳେ ମନ ପ୍ରାଣର କ୍ଷେତ୍ରକୁ ଅବତରଣ କରି ଆସିବ ଏବଂ ପ୍ରାଣ ଜଡ଼ ମଧ୍ୟକୁ ଅବତରଣ କରି ଆସିବ, ସେତେବେଳେ ଆମେ ଆମ ସମକ୍ଷରେ ଆସି ଠିଆ ହେଉଥିବା ତିନୋଟି ଭିନ୍ନ ଭିନ୍ନ ନିୟନ୍ତ୍ରଣବାଦର ସମ୍ମୁଖୀନ ହେବା ଏବଂ ସ୍ୱଭାବତଃ ସେଥିରୁ ଏକ ସଂପୂର୍ଣ୍ଣ ଭିନ୍ନ ପରିଣାମହିଁ ଉପୁଜିବ । ଏବଂ ଯେଉଁଠାରେ ମନର ପ୍ରବେଶ ଘଟିଛି, ସେଠାରେ, ଯେଉଁଠି ମନର ପ୍ରବେଶ ଘଟି ନାହିଁ, ଅନିବାର୍ଯ୍ୟତଃ ତାହାଠାରୁ ଭିନ୍ନ ଏକ ନିୟନ୍ତ୍ରଣବାଦ ଦେଖିବାକୁ ମିଳିବ;

'oaob.nitrkl.ac.in' images reprocessed

ଅର୍ଥାତ୍, ଉଚ୍ଚତର ପ୍ରାଣିସ୍ତରରେ ବି ଆମେ ଏକ ମାନସକ୍ଷେତ୍ରୀୟ ନିୟନ୍ତ୍ରଣବାଦ ଦେଖିବାକୁ ପାଇବା ଏବଂ ସେଠାରେ ପ୍ରବିଷ୍ଟ ସେହି ନିୟନ୍ତ୍ରଣବାଦଟି ଉଦ୍ଭିଦ-ଭୂମିରେ ଦୃଷ୍ଟିଗୋଚର ହେଉଥିବା ନିୟନ୍ତ୍ରଣବାଦଠାରୁ ଏକାନ୍ତ ଭିନ୍ନ ହୋଇ ରହିଥିବ ।

ଏସବୁ ଭୂମିର ଊର୍ଦ୍ଧ୍ୱରେ ବି ଅନ୍ୟ ଭୂମି ରହିଛି,—ପ୍ରତ୍ୟେକ ଭୂମିର ଊର୍ଦ୍ଧ୍ୱରେ ଅନ୍ୟ ଭୂମି ରହିଛି । ଗୋଟିକ ପରେ ଗୋଟିଏ ହୋଇ ସେଗୁଡ଼ିକ ଉଚ୍ଚତମ ଭୂମି ପର୍ଯ୍ୟନ୍ତ ବିସ୍ତରି ରହିଛନ୍ତି । ସର୍ବୋଚ୍ଚ ଭୂମିଟି ହେଉଛି ପରିପୂର୍ଣ୍ଣ ସ୍ୱାଧୀନତାର ଭୂମି । ଯଦି ନିଜର ଚେତନା ମଧ୍ୟରେ ତୁମେ ଏହି ସବୁଯାକ ଭୂମିକୁ ଅତିକ୍ରମି ଯାଇ ପାରିବ, ଅର୍ଥାତ୍ ଏକ ଅନୁଲମ୍ବ ପଦ୍ଧତିରେ ସୋପାନକୁ ସୋପାନ ଉଠିଯାଇ ପାରିବ ଏବଂ ସର୍ବୋଚ୍ଚ ସୋପାନଟିରେ ଯାଇ ପହଞ୍ଚି ପାରିବ, ଏବଂ ସୋପାନକୁ ସୋପାନ ଲାଗି ରହିଥିବାର ଅନୁକୂଳତାଟି ଦ୍ୱାରା ପୂର୍ଣ୍ଣ ସ୍ୱାଧୀନତାର ସେହି ଭୂମିଟିକୁ ତୁମେ ଜଡ଼ସ୍ତରୀୟ ନିୟନ୍ତ୍ରଣବାଦଗୁଡ଼ିକର ସ୍ତର ଯାଏ ଅବତୀର୍ଣ୍ଣ କରି ଆଣିପାରିବ, ତେବେ ତୁମେ ସବୁକିଛିକୁ ବଦଳାଇ ଦେଇ ପାରିବ । ଏବଂ ଏହି କ୍ଷେତ୍ରରେ ମଧ୍ୟବର୍ତ୍ତୀ ସବୁକିଛି ସବୁକିଛିକୁ ବଦଳାଇ ଦେବେ । ଏବଂ ସୋପାନକୁ ସୋପାନ ଅନୁକ୍ରମରେ ଯେଉଁ ପରିବର୍ତ୍ତନମାନ ହେବାରେ ଲାଗିଥିବ, ସେହିଗୁଡ଼ିକର ଫଳରେହିଁ ସଚେତଅବା ସମ୍ପୂର୍ଣ୍ଣ ସ୍ୱାଧୀନତା ଉପଲବ୍ଧ ହୋଇ ଯାଉଥିବା ପରି ସମ୍ପୂର୍ଣ୍ଣ ଭାବରେ ପ୍ରତୀତ ହେବାରେ ଲାଗିଥିବ । କାରଣ ଯେତେବେଳେ ଗୋଟିଏ ସୋପାନ ଆଉ ଗୋଟିଏ ସୋପାନ ଭିତରକୁ ପ୍ରବେଶ କରେ ବା ଅବତୀର୍ଣ୍ଣ ହୁଏ, ସେତେବେଳେ ନିମ୍ନତର ସେହି ଅନ୍ୟ ସୋପାନଟି ମଧ୍ୟରେ ଅଭୂତପୂର୍ବ ପରିବର୍ତ୍ତନମାନ ଘଟିଥାଏ । ଏ ବିଷୟରେ ଉଚ୍ଚତର ସୋପାନଟିର ଅବଶ୍ୟ ପୂର୍ବଦୃଷ୍ଟି ରହିଥାଏ, ମାତ୍ର ନିମ୍ନତର ସୋପାନଗୁଡ଼ିକ ସେଇଟି କରି ପାରନ୍ତି ନାହିଁ । ତେଣୁ, ଏହି ପରିଣାମଗୁଡ଼ିକ ଅଦୃଷ୍ଟପୂର୍ବ ହୋଇ ରହିବାରୁ, ତାହାହିଁ ସଚେତଅବା ଅପ୍ରତ୍ୟାଶିତର ଏବଂ ସ୍ୱାଧୀନତାର ଏକ ପ୍ରତୀତି ଆଣି ଦେଇ ଯାଉଥାଏ । ଏବଂ, ଯଦି ତୁମେ ସେହି କ୍ଷେତ୍ରରେ ସଚେତନ ଓ ସତତ ଭାବରେ ସର୍ବୋଚ୍ଚ ସୋପାନଟିରେ ରହି ପାରିବା ଲାଗି ସମର୍ଥ ହୁଅ, ଅର୍ଥାତ୍, ଯଦି ତୁମେ ସର୍ବୋଚ୍ଚ ପରମ ଚେତନାଟିରେହିଁ ଅବସ୍ଥାନ କରିପାର, ତେବେ ସେହିଠାରେ ତୁମେ ଏକଥାଟିକୁ ଅବଶ୍ୟ ଦେଖିବା ଲାଗି ସମର୍ଥ ହେବ ଯେ ସବୁକିଛି ସମ୍ପୂର୍ଣ୍ଣ ଭାବରେ ନିୟନ୍ତ୍ରିତ ହୋଇ ରହିଛି ସତ, ମାତ୍ର ଏହିସବୁ ନିୟନ୍ତ୍ରଣବାଦ ପରସ୍ପର ସହିତ ଯୋଡ଼ି ହୋଇ ରହିଥିବାର ଜଟିଳତା ହେତୁ ସବୁକିଛି ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇ ରହିଛନ୍ତି । ଏହି ସର୍ବୋଚ୍ଚ ପରମଭୂମିଟିରେହିଁ ଆଉ କେଉଁଠିହେଲେ କୌଣସି ବିରୋଧ ନଥାଏ, ଯେଉଁଠାରେ ସକଳ ବସ୍ତୁ ଯଥାର୍ଥତରେ ବିଦ୍ୟମାନ ଥାଆନ୍ତି, ଏବଂ ପରସ୍ପରର କୌଣସି ବିରୋଧିତା ନକରି ସୌଷମ୍ୟ ମଧ୍ୟରେ ରହିଥାନ୍ତି ।

'oaob.nitrkl.ac.in' images reprocessed

ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ପ୍ରକୃତରେ କ'ଣସବୁ ଘଟିବାକୁ ଯାଉଛି, ନିମ୍ନତର ଭୂମିଗୁଡ଼ିକରେ ଅବସ୍ଥିତ ରହି ଜଣେ କ'ଣ ସେବିଷୟରେ କିଛିହେଲେ କହି ପାରିବ ନାହିଁ ?

ତାହା ଏକ ଆପେକ୍ଷିକ ବ୍ୟାପାର । କେତେକ ନିର୍ଦ୍ଦିଷ୍ଟ ଭୂମିରେ ଏଭଳି ଚେତନାମାନ ରହିଛନ୍ତି, ଯେଉଁମାନେ କି ରୂପାୟିତ ହୁଅନ୍ତି, ରୂପଗ୍ରହଣ କରନ୍ତି ଓ ନିମ୍ନରେ ଥିବା ପୃଥିବୀକୁ ସେଗୁଡ଼ିକୁ ପଠାଇ ପ୍ରକଟ କରିଦିଅନ୍ତି । ଏହିସବୁ ଭୂମିରେ ବୃହତ୍ତ୍ୱ ଶକ୍ତିଚୟ କାର୍ଯ୍ୟକାରୀ ହୋଇ ରହିଥାନ୍ତି, ବସ୍ତୁଗୁଡ଼ିକୁ ଏଭଳି ଅଥବା ସେଭଳି ସଂଗଠିତ କରି ରଖିପାରିବା ସକାଶେ ପରସ୍ପର ସହିତ ସଂଗ୍ରାମ କରୁଥାନ୍ତି । ଏହିସବୁ ଭୂମିରେ ଯାବତୀୟ ସମ୍ଭାବନା ବିଦ୍ୟମାନ ରହିଥାଏ, ଆପଣାକୁ ଉପସ୍ଥାପିତ କରୁଥିବା ଯାବତୀୟ ସମ୍ଭାବନା ବିଦ୍ୟମାନ ରହିଥାଏ, ମାତ୍ର ଠିକ୍ କେଉଁ ସମ୍ଭାବନାଟି ତଳକୁ ଓହ୍ଲାଇ ଆସିବ, ସେବିଷୟରେ ସେମାନେ କୌଣସି ନିଷ୍ପତ୍ତିରେ ଉପନୀତ ହୋଇ ନଥାନ୍ତି ।...ବର୍ତ୍ତମାନ ଆମେ ଏପରି ଗୋଟିଏ ଭୂମିର ଅନୁମାନ କରିବା, ଯେଉଁଟି କି ପୃଥିବୀପୃଷ୍ଠରେ କେତୋଟି ନିର୍ଦ୍ଦିଷ୍ଟ କଥା ସଂଘଟିତ ହେଉ ବୋଲି ଇଚ୍ଛା କରୁଥିବା ବ୍ୟକ୍ତିମାନଙ୍କର କଳ୍ପନା ଦ୍ୱାରା ପୂର୍ଣ୍ଣ ହୋଇ ରହିଥାଏ । ସେହି ବ୍ୟକ୍ତିମାନେ ଗୋଟିଏ ଉପନ୍ୟାସ ଉଦ୍‌ଭାବନ କରନ୍ତି, ନାନା କାହାଣୀର ବର୍ଣ୍ଣନା କରନ୍ତି ଏବଂ ଯାବତୀୟ ପ୍ରକାରର କଥାକୁ ସଂଘଟିତ କରାଇ ଆଣନ୍ତି । ଏସବୁ କରିବାରେ ସେମାନଙ୍କୁ ଭାରି ଖୁସି ଲାଗୁଥାଏ । ଏହି ଭୂମିଟି ସତେ ଅବା ରୂପାୟନ-ନିର୍ମାତାମାନଙ୍କର ଭୂମି ହୋଇ ରହିଥାଏ ଓ ସେଠାରେ ସେମାନେ ସକଳ ପ୍ରକାରର ପରିସ୍ଥିତି ଏବଂ ଘଟଣାର କଳ୍ପନା କରିବାରେ ଲାଗିଥାନ୍ତି । ଶକ୍ତିଗୁଡ଼ିକୁ ନେଇ ସେମାନେ କ୍ରୀଡ଼ା କରିବାରେ ଲାଗିଥାନ୍ତି । କୌଣସି ଏକ ନାଟକର ନିର୍ମାତାମାନଙ୍କ ପରି ସେମାନେ ସେଠାରେ ସବୁକିଛି ପ୍ରସ୍ତୁତ କରି ରଖୁଥାନ୍ତି ଏବଂ କ'ଣ ଘଟିବାକୁ ଯାଉଛି, ସେକଥା ଦେଖିବା ଲାଗି ଅପେକ୍ଷା କରିଥାନ୍ତି । ଏହିସବୁ ରୂପାୟନ ପରସ୍ପରର ସମ୍ମୁଖୀନ ହୋଇ ରହିଥାନ୍ତି; ଏବଂ ଏଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ସବୁଠାରୁ ଅଧିକ ଶକ୍ତିଶାଳୀ ହୁଅନ୍ତି, ସବୁଠାରୁ ଅଧିକ ସଫଳ ହୁଅନ୍ତି, ସବୁଠାରୁ ଅଧିକ ପୁନଃ ପୁନଃ ଭାବରେ ଆବିର୍ଭୂତ ହୁଅନ୍ତି ଅଥବା ଯେଉଁଗୁଡ଼ିକ ପକ୍ଷରେ ଅନୁକୂଳ ଅନେକ ପରିସ୍ଥିତି ବିଦ୍ୟମାନ ରହିଥାଏ, ସେହିଗୁଡ଼ିକରହିଁ ଅପେକ୍ଷାକୃତ ଅଧିକ ପ୍ରଭାବ ରହିଥାଏ । ସେଗୁଡ଼ିକ ପରସ୍ପର ସହିତ ମିଳିତ ହୁଅନ୍ତି ଏବଂ ସେହି ପରସ୍ପର ସଂଘାତଟିରୁ ପରିଣାମସ୍ୱରୂପ ତଥାପି ଆଉ ଗୋଟିଏ ନୂତନ କଥାର ଉଦୟ ହୁଏ । ତୁମକୁ ଗୋଟିଏକୁ ହରାଇ ଆଉ ଗୋଟିକୁ ଗ୍ରହଣ କରିବାକୁ ପଡ଼େ, ଏକ ନୂତନ ସଂଯୋଜନ ବି କରିବାକୁ ପଡ଼େ ଏବଂ ତା'ପରେ

'oaob.nitrkl.ac.in' images reprocessed

ତୁମେ ତାହାକୁ ଅବତୀର୍ଣ୍ଣ ହୋଇ ଆସୁଥିବାର ଦେଖିବାକୁ ଲାଗ । ଏବଂ, ଯଦି ତାହା ଯଥେଷ୍ଟ ଶକ୍ତିକୁ ବହନ କରି ଅବତୀର୍ଣ୍ଣ ହେଉଥାଏ, ତେବେ ତାହା ଜାଗତିକ ପରିବେଶଟିକୁ ମଧ୍ୟ ସଞ୍ଚାଳିତ କରିବାକୁ ଆରମ୍ଭ କରେ ଏବଂ ତା' ଫଳରେ ପୁଣି ବସ୍ତୁଗୁଡ଼ିକ ପରସ୍ପର ସହିତ ଏକାଠି ହେବାକୁ ଆରମ୍ଭ କରନ୍ତି । ଉଦାହରଣସ୍ୱରୂପ, ଯେତେବେଳେ ତୁମେ ଗୁଡ଼ାଏ କରତଗୁଣ୍ଡି ଭିତରକୁ ମୁଥାଟାଏ ମାରିବାକୁ ବସ ତେବେ ତାହାର ପରିଣାମ କ'ଣ ହେବ, ସେକଥା ତୁମେ ନିଶ୍ଚୟ ଜାଣିଥାଅ; ନୁହେଁ କି ? ତୁମେ ହାତକୁ ଉଠାଅ, ଟାଣ କରି ଗୋଟାଏ ମୁଥାମାର; ଏବଂ ଧୂଳିଗୁଡ଼ାକ ତୁମର ହାତମୁଠା ଚାରିପାଖରେ ଆସି ଲାଗିଯାଆନ୍ତି । ହଁ, ସେକଥା ଠିକ୍ ସେହିପରି ଘଟେ । ସେହି ଶକ୍ତିଟି ବଳରେହିଁ ଏହିସବୁ ରୂପାୟନ ସମ୍ଭବ ହୁଏ ଏବଂ ତା'ପରେ ସବୁକିଛି ସତେ ଅବା ସ୍ୱୟଂଚାଳିତ ହେଲାପରି, କରତଗୁଣ୍ଡିଗୁଡ଼ାକ ଯେପରି ଭାବରେ ତୁମ ହାତମୁଠା ଚାରି ପାଖରେ ଆସି ଲାଗିଯାଉଥିଲା, ପ୍ରାୟ ସେହିପରି ଯନ୍ତ୍ରବତ୍ ସଙ୍ଗଠିତ ହୋଇ ଆସେ । ଏବଂ ସେହି କ୍ଷେତ୍ରରେ ତୁମର ଅଭିଳଷିତ ଲକ୍ଷ୍ୟଟି ଉପଲବ୍ଧ ହେବା ଲାଗି ଅପେକ୍ଷାକରି ରହିଥାଏ, ପ୍ରତିରୋଧଟି ହେତୁ ଏଥିରେ ସମୟ ସମୟରେ କିଞ୍ଚିତ୍ ବିକୃତି ଆସି ପଶିଯାଏ ସତ, ମାତ୍ର ପରିଶେଷରେ ସୁନିଶ୍ଚିତ ଭାବରେହିଁ ତାହା ଉପଲବ୍ଧ ହେବାକୁ ଯାଉଥାଏ । ଉପରେ କାହାଣୀଟିକୁ ବର୍ଣ୍ଣନା କରି କହୁଥିବା ବ୍ୟକ୍ତିଟି ତାହାକୁ ଅଳ୍ପ ବହୁତ ଯେପରି ଉପଲବ୍ଧ ହେବାକୁ ଇଚ୍ଛା କରୁଥିଲା, ତାହା ସେହିପରି ଭାବରେ ଉପଲବ୍ଧ ହେବାକୁ ଯାଉଥାଏ । ଏବଂ, କୌଣସି ନା କୌଣସି କାରଣରୁ ଯଦି ତୁମେ କାହାଣୀଟିକୁ ରଚନା କରୁଥିବା ବ୍ୟକ୍ତିର ଗୁପ୍ତ କଥାଟିକୁ ଜାଣିଥାଅ, ଏବଂ ତାହାର ପଥରଚନାଟିର ଅନୁଧାବନ କରି ଯଦି ତୁମେ ଏହି ପୃଥିବୀପୃଷ୍ଠ ପର୍ଯ୍ୟନ୍ତ ଆସିପାର ଏବଂ ହାତମୁଠାର ମାଡ଼ ଦ୍ୱାରା ପାର୍ଥିବ ଜଡ଼ ଭୂମିଟି ଉପରେ କିପରି ପ୍ରତିକ୍ରିୟା ହେଲା, ଯଦି ତୁମେ ସେହି କଥାଟିକୁ ଦେଖିବା ଲାଗି ସମର୍ଥ ହେଉଥାଅ, ତେବେ ପ୍ରକୃତରେ କ'ଣ ଯେ ଘଟିବାକୁ ଯାଉଛି, ତୁମେ ସେକଥା ମଧ୍ୟ କହିବା ଲାଗି ସମର୍ଥ ହୋଇପାର, କାରଣ, ତୁମେ ସେଇଟିକୁ ଊର୍ଦ୍ଧ୍ୱଲୋକରେ ଦେଖିଛ, ଏବଂ ଯାହାଟିକୁ ସମାପ୍ତ କରିବାରେ ଯେହେତୁ ତାକୁ ନିଶ୍ଚୟ କିଛି ସମୟ ଲାଗୁଛି, ତୁମେ ସେଇଟିକୁ ଆଗତୁରା ବି ଦେଖି ପାରୁଛ । ଏବଂ ତୁମେ ଏହି କ୍ଷେତ୍ରରେ ଯେତିକି ଅଧିକ ଉପରକୁ ଯାଇପାରିବ, ତୁମେ ଆଗତୁରା ଭାବରେ, ଯାହା ଘଟିବାକୁ ଯାଉଛି, ତାହାକୁ ସେତିକି ଅଧିକ ପରିମାଣରେ ଜାଣିପାରିବ । ଏବଂ ଯଦି ତୁମେ ଆହୁରି ସେପାଖକୁ ଯାଇପାରିବ, ଆହୁରି ଦୂରକୁ ଯାଇପାରିବ, ତେବେ ସବୁ କଥା ନିଶ୍ଚୟ ସମ୍ଭବ ହୋଇଯିବ ।

ଆମେ ଏହାକୁ ତୁମ ଲାଗି ଅଜ୍ଞେୟ ହୋଇ ରହିଥିବା ମାର୍ଗରେ ସଙ୍ଘଟିତ ଗୋଟିଏ ଉଦ୍‌ଘାଟନ ବୋଲି କହିପାରିବା; କାରଣ ଏହି ବିଶ୍ୱଜଗତରେ ତ ସବୁକିଛି

'oaob.nitrkl.ac.in' images reprocessed

ଦିନେ ନା ଦିନେ ଉଦ୍‌ଘାଟିତ ହେବ, ମାତ୍ର କେଉଁ ଅନୁକ୍ରମରେ ହେବ, କେଉଁ ପ୍ରଣାଳୀରେ ହେବ ? ସେହି କ୍ଷେତ୍ରରେ ଏଭଳି ଅନେକ ନିଷ୍ପତ୍ତି ଗ୍ରହଣ କରାଯାଏ ଯାହାକୁ କି ଆମର ସାଧାରଣ ଚେତନାଟି ଦ୍ୱାରା ଆଦୌ ଧରି ହୁଏ ନାହିଁ ଏବଂ ତେଣୁ ସେ ବିଷୟରେ ଆଗରୁ କିଛି ଦେଖିପାରିବା ଅତ୍ୟନ୍ତ କଷ୍ଟକର ହୋଇ ରହିଥାଏ । ମାତ୍ର ସେସବୁ ସ୍ଥଳରେ ମଧ୍ୟ, ଯଦି ତୁମେ ସଚେତନ ଭାବରେ ତା' ଭିତରେ ପ୍ରବେଶ କରିପାର ଏବଂ ଯଦି ତୁମେ ସେଠାରେ ଉପସ୍ଥିତ ବି ରହିପାର······ସେହି କଥାଟିକୁ ମୁଁ ତୁମକୁ କିପରି ବୁଝାଇ କହି ପାରିବି ? ସେଠାରେ ସବୁକିଛି ରହିଛି; ସୁନିଶ୍ଚିତ, ସ୍ଥିର ଏବଂ ଶାଶ୍ୱତଭାବରେହିଁ ରହିଛି : ମାତ୍ର ସେହି ସବୁଗୁଡ଼ିକ ଏହି ଜଡ଼ଜଗତରେ ଦିନେ ନା ଦିନେ ଉଦ୍‌ଘାଟିତ ହେବାକୁ ଯାଉଛି, ଅତ୍ୟନ୍ତ ସ୍ୱାଭାବିକ ଯେ ସେଗୁଡ଼ିକ ପରସ୍ପରର ଅଲ୍ପବହୁତ ଅନୁକ୍ରମରେ ଉଦ୍‌ଘାଟିତ ହେବାକୁ ଯାଉଛି । କାରଣ, ସ୍ଥିରତାର ସ୍ଥିତିରେ ସେଠାରେ ସବୁକିଛି ରହିପାରିବ ସିନା, ମାତ୍ର ଯେତେବେଳେ ସେଗୁଡ଼ିକର ସମ୍ମୂର୍ତ୍ତି ଘଟିବ, ସେତେବେଳେ କେବଳ କାଳର ଆଧାର ଉପରେହିଁ ତାହା ଘଟିବ; ଅର୍ଥାତ୍, ସେଗୁଡ଼ିକ କେବଳ ଗୋଟିକ ପରେ ଗୋଟିଏ ହୋଇ ଘଟିବ । ତେବେ, ଏହି ଉଦ୍‌ଘାଟନ ପ୍ରକୃତରେ କିପରି ମାର୍ଗଧରି ଗତି କରିବ ? ସେଠି ଊର୍ଦ୍ଧ୍ୱରେ ପରମ ସ୍ୱାଧୀନତାର ସାମ୍ରାଜ୍ୟ ଅବସ୍ଥିତ ରହିଛି··· ତୁମକୁ କିଏ କହିଲା ଯେ, ଯେଉଁ ଅଭୀପ୍‌ସା ଯଥେଷ୍ଟ ପରିମାଣରେ ନିଷ୍ଠାବାନ୍ ହୋଇ ପାରିବ ଓ ଯେଉଁ ପ୍ରାର୍ଥନା ଯଥେଷ୍ଟ ପରିମାଣରେ ପ୍ରଗାଢ଼ ହୋଇ ପାରିବ, ତାହା ଉଦ୍‌ଘାଟନର ସେହି ମାର୍ଗକୁ ଆଦୌ ବଦଳାଇ ଦେଇ ପାରିବ ନାହିଁ ?

ଏହାର ଅର୍ଥ ହେଉଛି ଯେ ସବୁକିଛି ସମ୍ଭବ ହୋଇ ପାରିବ ।

ଅସଲ କଥା ହେଲା ଯେ ଯଥେଷ୍ଟ ପରିମାଣରେ ଅଭୀପ୍‌ସା ରହିଥିବା ଦରକାର ଓ ଆମର ପ୍ରାର୍ଥନା ମଧ୍ୟ ଯଥେଷ୍ଟ ପ୍ରଗାଢ଼ ହୋଇଥିବା ଦରକାର । ମାତ୍ର ସେଇଟି ତ ମନୁଷ୍ୟ-ପ୍ରକୃତି ଲାଗି ପ୍ରଦତ୍ତ ହୋଇ ରହିଛି । ମନୁଷ୍ୟ-ପ୍ରକୃତିକୁ ପ୍ରଦତ୍ତ ସେହି ଅତି ଚମତ୍କାର କରୁଣାଦାନ ମଧ୍ୟରୁ ଏଇଟିକୁ ଆମେ ଅବଶ୍ୟ ଗୋଟିଏ ବୋଲି କହିବା । କେବଳ ଏତିକି କଥା ଯେ, ସେଇଟିକୁ କିପରି କାମରେ ଲଗାଇବାକୁ ହୁଏ, ସେକଥାଟି ଆମକୁ ଜଣା ନାହିଁ ।

ତାତ୍ପର୍ଯ୍ୟ ହେଲା ଯେ, ଅନୁପ୍ରସ୍ଥ ସମତଳଟି ମଧ୍ୟରେ ଯେଉଁସବୁ ନିରଙ୍କୁଶ ନାନା ନିୟନ୍ତ୍ରଣବାଦ ରହିଛି, ସେଗୁଡ଼ିକ ରହିଥିଲେ ମଧ୍ୟ, ଏହି ଗାରଗୁଡ଼ାକୁ ଅତିକ୍ରମ କରିଯାଇ ଚେତନାର ସେହି ସର୍ବୋଚ୍ଚ ପରମ ବିନ୍ଦୁରେ କିପରି ପହଞ୍ଚିବାକୁ ହୁଏ, ଯଦି ଆମକୁ ସେହି କଥାଟି ଜଣାଥାଏ, ତେବେ ଜଣେ ଅବଶ୍ୟ ଏହି ବସ୍ତୁଗୁଡ଼ିକୁ ବଦଳାଇ ଦେଇ ପାରିବ; ଯେଉଁ ବସ୍ତୁଗୁଡ଼ିକ ବାହାରକୁ ସତେ ଅବା ସମ୍ପୂର୍ଣ୍ଣ ଭାବରେ ନିୟନ୍ତ୍ରଣବଶ ହୋଇ ରହିଥିବା ପରି ପ୍ରତୀତ ହେଉଛନ୍ତି, ସେଗୁଡ଼ିକୁ



'oaob.nitrkl.ac.in' images reprocessed

ବଦଳାଇ ଦେଇ ପାରିବ । ତେଣୁ ଏଇଟିକୁ ତୁମେ ଯେଉଁ ନାମ ମନ ସେହି ନାମ ଦେଇ କହୁଥାଅ ପଛକେ, ଏଠାରେ ନିରଙ୍କୁଶ ନିୟନ୍ତ୍ରଣବାଦ ସହିତ ଏକ ପରିପୂର୍ଣ୍ଣ ସ୍ୱାଧୀନ-ଇଚ୍ଛାର ଗୋଟାଏ ପ୍ରକାର ସମନ୍ବୟ ହୋଇ ରହିଛି । ତୁମେ ଯେପରି ଭାବରେ ଇଚ୍ଛା କରିବ, ସେଇଟି ଭିତରୁ ନିଜକୁ ବାହାର କରି ଆଣିପାରିବ ସତ, ମାତ୍ର ସେଇଟି ସେଇପରି ହୋଇ ରହିଛି ।

ସେହି ବିଷୟରେ ମୁଁ ଏକଥାଟି କହିବାକୁ ଭୁଲିଗଲି (ବୋଧହୁଏ ମୁଁ ଭୁଲି ନଥିଲି, ମାତ୍ର ଭାବିଲି ଯେ ଏକଥାଟିକୁ କହିବାର କୌଣସି ଆବଶ୍ୟକତା ନାହିଁ ।) ଯେ ଏହିସବୁ ସିଦ୍ଧାନ୍ତ କେବଳ ଗୋଟିଏ ଗୋଟିଏ ସିଦ୍ଧାନ୍ତ ମାତ୍ର; ଅର୍ଥାତ୍ ସେଗୁଡ଼ିକ ହେଉଛନ୍ତି କେବଳ ଗୋଟିଏ ଗୋଟିଏ ମାନସିକ କଳ୍ପନା, ଯାହାକି ଅଳ୍ପ ବହୁତ ପ୍ରତୀକରୂପଗୁଡ଼ିକର ସାହାଯ୍ୟ ନେଇ ବାସ୍ତବ ସତ୍ୟଟିର ଉପସ୍ଥାପନା କରିବା ଲାଗି କେବଳ ଏକ ପ୍ରୟାସ କରିଥାନ୍ତି; ମାତ୍ର ଆମେ ସେଗୁଡ଼ିକୁ କଦାପି ବାସ୍ତବ ସତ୍ୟ ବୋଲି କହିପାରିବା ନାହିଁ । ଯେତେବେଳେ ତୁମେ "ନିୟନ୍ତ୍ରଣବାଦ" ବୋଲି କହୁଛ ଓ ଯେତେବେଳେ "ସ୍ୱାଧୀନତା" ବୋଲି କହୁଛ, ସେତେବେଳେ ତୁମେ କେତେଗୁଡ଼ିଏ ଶବ୍ଦହିଁ ଉଚ୍ଚାରଣ କରି କହୁଛ; ଏବଂ ଯାହା ତୁମ ଭିତରେ ପ୍ରକୃତ ସତ୍ୟ ବୋଲି ଅବସ୍ଥିତ ରହିଛି, ତୁମର ଚତୁର୍ଦ୍ଦିଗରେ ତଥା ସବୁଠାରେ ଯାହା ସତ୍ୟରୂପେ ଅବସ୍ଥିତ ରହିଛି, ସେଇ ଶବ୍ଦଗୁଡ଼ିକ ଦ୍ୱାରା ସେହି ସତ୍ୟଟିର କେବଳ ଏକ ଅପୂର୍ଣ୍ଣ ଏବଂ ସ୍ଥୂଳ ବର୍ଣ୍ଣନାହିଁ ସମ୍ଭବ ହୋଇ ପାରୁଛି । ଏବଂ, ବିଶ୍ୱଜଗତ ବାସ୍ତବତଃ ଯେପରି, ସେକଥା ବୁଝିବାକୁ ଆରମ୍ଭ କରିବା ଲାଗି ସମର୍ଥ ହେବାକୁ ହେଲେ ତୁମକୁ ତୁମ ମନର ଏହି ସୂତ୍ରରଚନାଗୁଡ଼ିକ ମଧ୍ୟରୁ ବାହାରି ଚାଲି ଆସିବାକୁ ପଡ଼ିବ, ତା' ନହେଲେ ତୁମେ ପ୍ରକୃତରେ କେବେ କିଛିହେଲେ ବୁଝି ପାରିବ ନାହିଁ ।

ପ୍ରକୃତ କଥା କହିବାକୁ ଗଲେ, ଯଦି ତୁମେ ସମ୍ପୂର୍ଣ୍ଣ ଭାବରେ ନିଷ୍ଠା ଦ୍ୱାରା ପ୍ରେରିତ ଏହି ଅଭୀପ୍ସାକୁ ଅଥବା ଯଥେଷ୍ଟ ଭାବରେ ପ୍ରଗାଢ଼ ହୋଇ ପାରିଥିବା ଏହି ପ୍ରାର୍ଥନାକୁ ନିଜର ଜୀବନରେ ଗୋଟାଏ ମୁହୂର୍ତ୍ତ, ଗୋଟାଏ କ୍ଷୁଦ୍ର ମୁହୂର୍ତ୍ତ ଲାଗି ବି ବଞ୍ଚିପାରିବ, ତେବେ ଘଣ୍ଟା ଘଣ୍ଟା ଧରି ଧ୍ୟାନରେ ବସିବା ଅପେକ୍ଷା ତାହାରି ଦ୍ୱାରାହିଁ ତୁମେ ଅଧିକ ବସ୍ତୁକୁ ଜାଣିବା ଲାଗି ସମର୍ଥ ହୋଇଯିବ ।

"ସର୍ବୋଚ୍ଚ ପରମ ଚେତନା······ବ୍ୟକ୍ତିକୁ ପୃଥିବୀର ଏହି ସକ୍ରିୟ ଜୀବନରେ ତା'ର ସ୍ୱାଧୀନତାଟିର ବୋଧଟିକୁ ଆଣି ଦେଇଯାଏ, ସିଏ ଯେ ପ୍ରକୃତରେ ସ୍ୱତନ୍ତ୍ର ରହିଛି ଓ ତା'ର ଯେ ଅଭିକ୍ରମ-ଶକ୍ତି ଅଛି, ସେଇ ବୋଧଟିକୁ ଆଣି ଦେଇଯାଏ । ତା' ଭିତରେ କାର୍ଯ୍ୟ କରୁଥିବା ଏହି ବସ୍ତୁଗୁଡ଼ିକ ହେଉଛନ୍ତି ପରମା ପ୍ରକୃତିଙ୍କଙ୍କ

ଗୋଟିଏ ଗୋଟିଏ ବ୍ୟାବହାରିକ ସାଧନ ପରି ବା କୌଶଳ ପରି; ଏବଂ ଏହି ସାଧନଗୁଡ଼ିକ ସାହାଯ୍ୟରେହିଁ ଅନ୍ୟସବୁ ଯେଉଁ ଗଣ୍ଠିବନ୍ଧନ ତଥା ପରିଣାମଗୁଡ଼ିକର ଯୋଜନା କରାଯାଇଛି ଓ ପୂର୍ବଦୃଷ୍ଟି ଲାଭ କରାଯାଇଛି, ସେଗୁଡ଼ିକୁ ଏଠାରେ ଉପଲବ୍ଧି କରାଯାଇ ପାରୁଛି ।”

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୮ ଏପ୍ରିଲ)

ଏହି “ତା’ ଭିତରେ କାର୍ଯ୍ୟ କରୁଥିବା ବସ୍ତୁଗୁଡ଼ିକ” ଅର୍ଥାତ୍ ବ୍ୟକ୍ତି ମଧ୍ୟରେ କାର୍ଯ୍ୟ କରୁଥିବା ବସ୍ତୁଗୁଡ଼ିକ ହେଉଛନ୍ତି : ସ୍ୱାଧୀନତାର ବୋଧ, ସ୍ୱତନ୍ତ୍ର ରହି କାର୍ଯ୍ୟ କରିବାର ବୋଧ ଏବଂ ଅଭିକ୍ରମର ବୋଧ । ସ୍ୱାଧୀନତା କହିଲେ କ’ଣ ବୁଝାଏ ତୁମେ ଜାଣିଛ ତ ? ସ୍ୱାଧୀନତାର ପ୍ରକୃତ ଅର୍ଥ ହେଉଛି ବାଛିନେବାର ସ୍ୱାଧୀନତା । ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରିବାର ଅର୍ଥ ମଧ୍ୟ ସେହି ବାଛିନେବାର ସ୍ୱାଧୀନତା ଏବଂ ଅଭିକ୍ରମର ଅର୍ଥ ହେଉଛି ପ୍ରକୃତରେ ବାଛିନେବା । ପ୍ରଥମତଃ, ଜଣେ ଆପଣାକୁ ସ୍ୱାଧୀନ ବୋଲି ଅନୁଭବ କରେ, ଏବଂ ତାପରେ ଅନୁଭବ କରେ ଯେ ନିଜ ଲାଗି କିଛି ବାଛିନେବାକୁ ତାକୁ କେହି ନିବୃତ୍ତ କରି ରଖିପାରିବ ନାହିଁ, ଏବଂ ପରିଶେଷରେ, ସେ ବାଛି ପାରିବାର ସେହି ସ୍ୱାଧୀନତାକୁ ପ୍ରକୃତରେ କାର୍ଯ୍ୟରେ ଲଗାଏ ଏବଂ ନିଷ୍ପତ୍ତି ଗ୍ରହଣ କରେ । ଏଗୁଡ଼ିକ ହେଉଛି ତିନୋଟି ପର୍ଯ୍ୟାୟ । ତେଣୁ ଏହି ତିନୋଟି ପର୍ଯ୍ୟାୟ—ମୁଁ ଯେ ସ୍ୱାଧୀନ, ସେହି କଥାଟିକୁ ଅନୁଭବ କରିବା, ବାଛି ନେବା ଲାଗି ମୁଁ ଯେ ନିଜର ସେହି ସ୍ୱାଧୀନତାଟିକୁ କାମରେ ଲଗାଇବାକୁ ଯାଉଛି, ସେହି ଧାରଣା, ଏବଂ ସର୍ବଶେଷରେ ସେହି ବାଛିନେବା—କୁ ମୁଁ ବ୍ୟାବହାରିକ ତିନୋଟି ସାଧନା ଏବଂ କୌଶଳ ବୋଲି କହୁଛି ।

ପିଲାଏ, ତୁମେ କିଛି ଭାବିବ ନାହିଁ ଯେ ଏହିସବୁ କଥାକୁ ତୁମ ଆଗରେ ଟିକିଏ ଅଧିମାତ୍ରାରେ ଦାର୍ଶନିକ ରୂପ ଦେଇ କୁହାଯାଉଛି, ଏପରି କହିବା ମୋତେ ଆଜିକାଲି ଆଦୌ ଖୁବ୍‌ବେଶୀ ଭଲ ଲାଗୁ ନାହିଁ । ଯେପରି ଭାଷାରେ କଥାଟିକୁ ମୋତେ କହିବାକୁ ପଡ଼ିଲା, ବର୍ତ୍ତମାନ ସେଇଟି ମୋତେ ଟିକିଏ ଅଧିକ ଜଟିଳ ହୋଇଥିଲା ପରି ବୋଧ ହେଉଛି । କିନ୍ତୁ ଜଟିଳ ତ ହୋଇଗଲା, ଆଉ ବର୍ତ୍ତମାନ ସେବିଷୟରେ କ’ଣ କରିବା ? ମୁଁ କହୁଥିଲି ଯେ ଏହି ତିନୋଟି କଥା, ସ୍ୱାଧୀନତାର ବୋଧ, ବାଛିନେବାର ଇଚ୍ଛା ଏବଂ ବାଛିନେବାର କାର୍ଯ୍ୟ,—ଏହି ତିନୋଟି ହେଉଛନ୍ତି ଗୋଟିଏ ଗୋଟିଏ ଉପାୟ ଏବଂ ଆମକୁ କ୍ରିୟାଶୀଳ କରି ରଖିବା ଲାଗି ପ୍ରକୃତି ଆମ ଭିତରେ ସେହି ତିନୋଟି ଉପାୟକୁ କାର୍ଯ୍ୟରେ ଲଗାଉଛି । ତା’ ନହେଉଥିଲେ ଆମେ ସ୍ଥାଣୁ ହୋଇ ରହି ଯାଉଥା’ନ୍ତେ ।

'oaob.nitrkl.ac.in' images reprocessed

ଆମେ ସ୍ୱାଧୀନ, ଆମର ବାଟ ବାଛି ନେବାବେଳେ ଆମେ ଆମର ଏହି ସ୍ୱାଧୀନତାକୁ କାମରେ ଲଗାଇ ପାରିବା ଏବଂ ଆମର ବାଟଟିକୁ ପ୍ରକୃତରେ ବାଛିନେବା,—ଏହି ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ, ଏପରି ତିନୋଟି ଭ୍ରମର ବଶ ହୋଇ ରହି ନଥିଲେ ଆମେ ପ୍ରକୃତରେ କିଛି କରି ପାରୁ ନଥାନ୍ତୁ, ଏକାବେଳକେ ସ୍ଥାଣୁ ହୋଇ ରହି ଯାଉଥାନ୍ତୁ । ତେଣୁ ପ୍ରକୃତି ଏହି ତିନୋଟି ଭ୍ରମ ଦେଇ ଆମକୁ ସକ୍ରିୟ କରି ରଖିଛି, କାରଣ ଆମେ ସକ୍ରିୟ ହୋଇ ରହୁ ବୋଲି ସେ ଇଚ୍ଛା କରୁଛି ।

ସେହି ଯେଉଁ କର୍ତ୍ତୃଙ୍କ ପଛରେ ମୁଁ ପରମା ଲଗାଇ କହିଲି, ସେତେବେଳେ ପରମ ସର୍ବୋଚ୍ଚ ଚେତନାର ଅର୍ଥରେ ମୁଁ ସେପରି କହିଥିଲି; ମାତ୍ର ବସ୍ତୁତଃ ଆମେ ତାକୁ ପ୍ରକୃତି ବୋଲି ଜାଣିବା ଓ ପ୍ରକୃତିରହିଁ କୌଶଳ ବୋଲି ଜାଣିବା । କାରଣ ସର୍ବୋଚ୍ଚ ପରମ ଚେତନାଙ୍କର ପ୍ରକୃତରେ କୌଣସି କୌଶଳ ନାହିଁ, କେବଳ ପ୍ରକୃତିରହିଁ କୌଶଳ ରହିଛି । ସେହି ପ୍ରକୃତର ଚେତନାକୁ ଗ୍ରହଣ କରିହିଁ ସର୍ବୋଚ୍ଚ ପରମଚେତନା ବଡ଼ ସହଜ ଭାବରେ ସକଳ ବସ୍ତୁ ମଧ୍ୟରେ ଆସି ପ୍ରବିଷ୍ଟ ହୁଏ, କାରଣ ସେହି ପ୍ରକୃତିର ଚେତନା ହେଉଛି ଏକମାତ୍ର ଚେତନା । ଏବଂ ସେହି ଚେତନାଟି ବଳରେ ପରମା ପ୍ରକୃତି ଏହି ଯାବତୀୟ ଅଚେତନାକୁ ଚେତନା ଅଭିମୁଖରେ ସଞ୍ଚାଳିତ କରି ଆଣିବାର ଚେଷ୍ଟା କରିଥାଏ, ବଡ଼ ସହଜ ଭାବରେ ଓ କୌଣସି କୌଶଳ ପ୍ରୟୋଗ ନକରି ସେ ତାହା କରିଥାଏ । କୌଶଳ ଲାଗି ତା'ର ଆଦୌ କୌଣସି ଆବଶ୍ୟକତା ନଥାଏ । ସିଏ ସର୍ବତ୍ର ବିଦ୍ୟମାନ ରହିଛି । ସର୍ବତ୍ର କାର୍ଯ୍ୟ କରୁଛି ଏବଂ ଅଚେତନା ମଧ୍ୟରେ ଚେତନାକୁ ଭରିଦେଉଛି । ତୁମେ ଯେତେବେଳେ କୌଣସି ଅନ୍ଧାରଘରେ ଦୀପଟିଏ ଜଳାଉଛ, ଯେତେବେଳେ ବିଜୁଳିବତୀଟିକୁ ଜାଳିଦେଉଛ, ସେତେବେଳେ ଘରଟି ଆଉ ଅନ୍ଧାର ହୋଇ ନରହି ସଙ୍ଗେ ସଙ୍ଗେ ଆଲୁଅ ହୋଇଯାଉଛି । ଯେତେବେଳେ ତୁମେ ଚେତନାକୁ ଆଣି ଭରିଦେଉଛ, ତା' ପରେ ଅଚେତନା ଆଉ କୌଣସି ମତେ ରହି ପାରୁ ନାହିଁ । ତେଣୁ ପରମା ପ୍ରକୃତି ତାହାହିଁ କରୁଛନ୍ତି । ଯେଉଁଠାରେ ଅଚେତନା ରହିଛି ବୋଲି ଦେଖୁଛନ୍ତି, ସିଏ ସେଠାରେ ପ୍ରବେଶ କରିବା ଲାଗି ଚେଷ୍ଟା କରୁଛନ୍ତି । ଯେତେବେଳେ ଦୁଆରଗୁଡ଼ାକ ବନ୍ଦ ହୋଇ ତାଲା ଦିଆହୋଇ ରହିଛି, ସେତେବେଳେ ଏହି କାର୍ଯ୍ୟଟିରେ ଟିକିଏ ଅଧିକ ସମୟ ଲାଗୁଛି; ମାତ୍ର ଯେତେବେଳେ ଦୁଆରଗୁଡ଼ିକ ଖୋଲାହୋଇ ରହିଛି, ସେତେବେଳେ ସେ ତତ୍‌କ୍ଷଣାତ୍ ଆସି ଭିତରେ ପଶି ଯାଉଛନ୍ତି, ତା'ପରେ ଅଚେତନା ଅପସରି ଯାଉଛି ଓ ଚେତନାର ପ୍ରବେଶ ଘଟୁଛି;—ସେତେବେଳେ ଆଉ କୌଣସି କୌଶଳ ଆବଶ୍ୟକ ହେଉ ନାହିଁ, ଅନ୍ତର୍ବର୍ତ୍ତୀ କୌଣସି ନିମିତ୍ତର ବି ପ୍ରୟୋଜନ ହେଉ ନାହିଁ । ସିଏ ସଚେତନ

'oaob.nitrkl.ac.in' images reprocessed

ହେଉଛନ୍ତି । ମାତ୍ର ଜଡ଼ ବା ଭୌତିକ ପ୍ରକୃତି ସେପରି ହୋଇ ରହି ନାହିଁ,— ସିଏ କେତେ କୌଶଳର ପ୍ରୟୋଗ କରୁଛି । ସିଏ ତୁମକୁ ସତତ ସଞ୍ଚାଳିତ କରିନେବାରେ ଲାଗିଛି, ରଜ୍ଜୁଗୁଡ଼ିକୁ ଟାଣି ପୁତୁଳିଗୁଡ଼ିକୁ ନଚାଉଛି; କାରଣ ତୁମେସବୁ ଏତେଗୁଡ଼ିଏ ସାନ ସାନ ପୁତୁଳି ପରି ହୋଇ ରହିଛ । ସିଏ ରଜ୍ଜୁଟିକୁ ଟାଣିଦେଇ ସେମାନଙ୍କୁ ସଞ୍ଚାଳିତ କରିବାରେ ଲାଗିଛି । ସିଏ ଯାବତୀୟ ପ୍ରକାରର ଭ୍ରମକୁ ଆଣି ତୁମ ମୁଣ୍ଡରେ ପୂରାଇ ଦେଉଛି, ଯେପରିକି ତୁମେ ତାହାର ଅଭିପ୍ରେତ କାର୍ଯ୍ୟଗୁଡ଼ିକୁ ସମ୍ପନ୍ନ କରିପାରିବ, ତୁମେ ନିଜେ ଇଚ୍ଛା କରୁ ନଥିଲେ ମଧ୍ୟ ଯେପରିକି ସେଗୁଡ଼ିକୁ କରିପାରିବ । ତୁମର ସେଗୁଡ଼ିକ ଇଚ୍ଛା କରିବା ଉଚିତ ବୋଲି ମଧ୍ୟ ପ୍ରକୃତି ଇଚ୍ଛା କରୁ ନାହିଁ; ସିଏ କେବଳ ଦଉଡ଼ିଟିକୁ ଟାଣିଦେଉଛି ଏବଂ ତୁମେ କାର୍ଯ୍ୟଟିକୁ କରିବାରେ ଲାଗିଛ ।

ସେଇଥିଲାଗି ଆମେ ବେଳେବେଳେ ଲଜ୍ଜା ମଧ୍ୟ କରୁଛୁ, ମାତ୍ର ସେହି କଥାଟିକୁ ଆମେ ଆଦୌ ପ୍ରକାଶ କରୁ ନାହିଁ ।

ଆପଣ ଏଠାରେ କହିଛନ୍ତି ଯେ ଆମେ ସମସ୍ତେ "କର୍ମବନ୍ଧନରେ ବାନ୍ଧି ହୋଇ" ରହିଛୁ, ମାତ୍ର ଯେତେବେଳେ ସମସ୍ତ ସମୟରେ ଦିବ୍ୟ ପରମ କରୁଣା କାର୍ଯ୍ୟ କରିବାକୁ ଆରମ୍ଭ କରୁଛି, ସେତେବେଳେ ସେଇଟିରେ ବ୍ୟାଘାତ ଓ ବିରୋଧ ଘଟୁଛି ।…

ହଁ, ସମ୍ପୂର୍ଣ୍ଣ ଭାବରେ; ଦିବ୍ୟ ପରମଚେତନା କର୍ମକୁ ଏକାବେଳେକେ ଓଲଟପାଲଟ କରିଦେଇ ଯାଉଛି; ତୁମେ ଜାଣିଛ ଯେ ଖରା ବାଜି ଜହ୍ନୁଣି ତରଳିଗଲା ପରି ପରମ କରୁଣା କର୍ମର ସକଳ ବନ୍ଧନକୁ କୁଆଡ଼େ ତରଳାଇ ଦେଉଛି ।

ବର୍ତ୍ତମାନ ମୁଁ ଠିକ୍ ସେହି କଥାଟିକୁ କହୁଥିଲି । ବର୍ତ୍ତମାନ ତୁମେ ମୋତେ ଯାହା କହିଲ, କେବଳ ଏକ ଅନ୍ୟ ଭାଷାରେ ପ୍ରକାଶ କରି ତାହା କହିଲ । ମୁଁ ମୋତେ ତୁମମାନଙ୍କ ସ୍ଥାନରେ ରଖି ପଚାରୁଥିଲି : ପ୍ରକୃତ ସତ କଥା ହେଉଛି ଯେ ଯଦି ତୁମ ଭିତରେ ଯଥେଷ୍ଟ ନିଷ୍ଠା ଦ୍ୱାରା ପ୍ରେରିତ ଅଭୀପ୍ସା ରହିଛି, ଯଦି ତୁମର ପ୍ରାର୍ଥନା ଯଥେଷ୍ଟ ପ୍ରଗାଢ଼ ହୋଇ ପାରିଛି, ତେବେ ତୁମେ ଆପଣା ମଧ୍ୟରେ ଏପରି ଏକ ପରମବସ୍ତୁକୁ ଆବାହନ କରି ଆଣିପାରିବ, ଯାହାକି ସବୁକିଛି ବଦଳାଇ ଦେବ, ହଁ ସବୁକିଛି,—ସବୁକଥାକୁ ପ୍ରକୃତରେ ବଦଳାଇ ଦେବ । ଏଠାରେ ମୁଁ ଗୋଟିଏ ଉଦାହରଣ ଦେବି, ଯେଉଁଟିର ପରିସର ଅତି ସୀମାବଦ୍ଧ ଓ ଅତି କ୍ଷୁଦ୍ରାୟତନ; ମାତ୍ର ଏଇଟି ଦ୍ୱାରା ତୁମେ କଥାଗୁଡ଼ିକୁ ବେଶ୍ ଭଲଭାବରେ ବୁଝିପାରିବ । କୌଣସି ସ୍ଥାନରେ ବେଶ୍ ଯନ୍ତ୍ରବତ୍ ଖଣ୍ଡେ ପଥର ଖସିପଡ଼ିଲା; ମନେ କର, ଖଣ୍ଡେ ଟାଇଲ୍

'oaob.nitrkl.ac.in' images reprocessed

ଖସିପଡ଼ିଲା; ଯଦି ତାହା ଢିଲା ହୋଇ ଯାଇଥିବ, ତେବେ ନିଶ୍ଚୟ ଖସିପଡ଼ିବ, ନୁହେଁ କି ? ମାତ୍ର, ଯଦି ଉଦାହରଣସ୍ୱରୂପ, ସେହି ବାଟରେ ଚାଲି ଯାଉଥିବା ଜଣେ ଲୋକ ସେଇଟି ପଡ଼ୁ ବୋଲି ଇଚ୍ଛା କରୁ ନଥିବ ଏବଂ ସେଥିଲାଗି ଆପଣାର ପ୍ରାଣିକ ଅଥବା ମାନସ ନିୟନ୍ତ୍ରଣବାଦକୁ ପ୍ରୟୋଗ କରି ଯଦି ସେ ନିଜର ହାତଟିକୁ ବଢ଼ାଇଦେବ, ତେବେ ଟାଇଲ୍ ଆଉ ତଳେ ନପଡ଼ି ତା' ହାତରେ ଆସି ପଡ଼ିବ । ଅର୍ଥାତ୍, କହିବାକୁ ହେବ ଯେ ସିଏ ଏପରି କରି ପଥର ବା ଟାଇଲ୍‌ଟିର ନିୟତିଟିକୁହିଁ ବଦଳାଇ ଦେଇ ପାରିଲା । ଏଠାରେ ଏକ ଅନ୍ୟ ପ୍ରକାରର ନିୟନ୍ତ୍ରଣବାଦ ଆପଣାକୁ କାର୍ଯ୍ୟକାରୀ କଲା; ଏବଂ ପଥରଖଣ୍ଡିକ କାହାର ମୁଣ୍ଡ ଉପରେ ନପଡ଼ି ତାହା ହାତ ଉପରେ ପଡ଼ିଲା ଓ ତେଣୁ ଦୁର୍ଭାଗ୍ୟ କାହାର ପ୍ରାଣହାନି ଘଟିଲା ନାହିଁ । ଏହି ନିୟନ୍ତ୍ରଣବାଦ ଆଉ ଗୋଟିଏ ସ୍ତରରୁ ଆସିଲା, ତାହା ଏପରି ଗୋଟିଏ ଚେତନାଶୀଳ ଇଚ୍ଛାର ସ୍ତରରୁ ଆସିଲା, ଯାହାକି ଅଳ୍ପବହୁତ ଅଚେତନ ଅବସ୍ଥାରେ ରହିଥିବା ଏହି ଯାନ୍ତ୍ରିକତାଟି ମଧ୍ୟରେ ପ୍ରବେଶ କରି ପାରିଲା ।

## ତେଣୁ କର୍ମବନ୍ଧନର ପରିଣାମ କଦାପି ଅବଶ୍ୟମ୍ଭାବୀ ନୁହେଁ ?

ନା, ମୋଟେ ନୁହେଁ । ସକଳ ଧର୍ମରେ ଅନେକ ଲୋକ ଅଛନ୍ତି, ଯେଉଁମାନେ କି ସେକଥା କହିଛନ୍ତି, ଯେଉଁମାନେ ଏପରି ଅଖଣ୍ଡନୀୟ ନିୟମମାନ ଜାରି କରି ଦେଇଛନ୍ତି; ମାତ୍ର ମୁଁ ଭାବୁଛି ଯେ, ପ୍ରକୃତିର ସ୍ଥାନରେ ନିଜକୁ ଏକ ବିକଳ୍ପରୂପେ ବସାଇ ରଖିବାକୁ ଓ ନିଜ ହାତରେହିଁ ରଜ୍ଜୁଗୁଡ଼ିକୁ ଟାଣିବାକୁହିଁ ସେମାନେ ଏପରି କରିଛନ୍ତି । ଏହିପରି ଏକ ପ୍ରବୃତ୍ତିକୁ ଆମେ ପ୍ରାୟ ସବୁବେଳେ ଦେଖିବାକୁ ପାଉ, ଯାହାକି ପ୍ରକୃତିର ସ୍ଥାନରେ ନିଜକୁ ନେଇ ବସାଇବାକୁ ମନ କରୁଥାଏ ଏବଂ ଅପେ ମଣିଷଙ୍କର ରଜ୍ଜୁଗୁଡ଼ିକୁ ଟାଣିବା ଲାଗି ଚାହୁଥାଏ । ତେଣୁ ଲୋକମାନଙ୍କୁ କୁହାହେବାରେ ଲାଗିଥାଏ : "ତୁମେ ଯାହାସବୁ କରୁଛ, ତାହାର ସବୁବେଳେହିଁ ଏକ ଅଖଣ୍ଡନୀୟ ପରିଣାମ ରହିଛି······" ଲୋକମାନେ ଯେପରି ସମ୍ପୂର୍ଣ୍ଣ ଭାବରେ ଏକ ଅଚେତନ ଅହଂବାଦିତା ମଧ୍ୟରେହିଁ ପଡ଼ି ନରହିବେ, ସେମାନେ କରୁଥିବା କର୍ମର ପରିଣାମଗୁଡ଼ିକ ବିଷୟରେ ଯେପରି ସମ୍ପୂର୍ଣ୍ଣ ଭାବରେ ଅଚେତନ ହୋଇ ନଯିବେ, ସେମାନଙ୍କୁ ସେଥିରୁ ନିବୃତ୍ତ କରି ରଖିବା ଲାଗି ବିବର୍ତ୍ତନର କୌଣସି ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଏପରି ଏକ ବିଚାରର ଏକ ଆବଶ୍ୟକତା ନିଶ୍ଚୟ ରହିଛି । ବର୍ତ୍ତମାନ ମଧ୍ୟ ଏହିଭଳି ହୋଇ ରହିଥିବା ଲୋକମାନଙ୍କର ଆଦୌ କୌଣସି ଅଭାବ ନାହିଁ; ମୁଁ ଭାବୁଛି ଯେ ସଂଖ୍ୟାଧିକ ଲୋକମାନେହିଁ ସେହିପରି ହୋଇ ରହିଛନ୍ତି । ସେମାନେ କେବଳ ନିଜର ଆବେଗଗୁଡ଼ିକରହିଁ ବୋଲି ମାନିଥାନ୍ତି,

'oaob.nitrkl.ac.in' images reprocessed

ଏବଂ ସେମାନେ ଯାହାକିଛି କଲେ, ସେମାନଙ୍କ ଲାଗି ତଥା ଅନ୍ୟମାନଙ୍କ ଲାଗି ସେଗୁଡ଼ିକର ପ୍ରକୃତରେ କୌଣସି ପରିଣାମ ପଡ଼ିବାକୁ ଯାଉଛି କି ନାହିଁ, ସେ ବିଷୟରେ ସେମାନେ ନିଜକୁ କିଛିହେଲେ ପଚାରନ୍ତି ନାହିଁ । ତେଣୁ ଏବିଷୟରେ ଯେ ତୁମକୁ ଆଉଜଣେ ଆସି ସିଧା କହିଦେଉଛି, ତୁମ ଆଡ଼କୁ କଠୋର ଭାବରେ ଅନାଇ "ତୁମେ ସାବଧାନ ହୋଇଯାଅ; ସେହି କାର୍ଯ୍ୟଟିର ଏପରି ପରିଣାମମାନ ରହିଛି, ଯାହାକି ଦୀର୍ଘକାଳ ପର୍ଯ୍ୟନ୍ତ ସ୍ଥାୟୀ ହୋଇ ରହିଛି" ବୋଲି କହୁଛି, ସେଇଟି ନିଶ୍ଚୟ ଏକ ଭଲ କଥା । ଏବଂ ସେତେବେଳେ ଆଉରି ଅନ୍ୟମାନେ ବି ଆସି କହୁଛନ୍ତି : "ତୁମେ ଯାହା କଲ, ଆଉ ଗୋଟିଏ ଜନ୍ମରେ ତୁମକୁ ତାହାର ପ୍ରତିଦାନ ଦେବାକୁ ପଡ଼ିବ ।" ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏପରି ଅଦ୍ଭୁତ କଳ୍ପନାଯୁକ୍ତ କେତେକେତେ କାହାଣୀ ରହିଛି······ମାତ୍ର ସେଥିରେ କିଛି ଯାଏ ଆସେ ନାହିଁ; ଏଇଟି ଦ୍ୱାରା ମଧ୍ୟ ଲୋକମାନଙ୍କର କେବଳ ଉପକାରହିଁ ହେବ । ଏପରି ଅନ୍ୟ ନାନା ଧର୍ମ ବି ଅଛନ୍ତି, ଯେଉଁମାନେ ତୁମକୁ କହୁଛନ୍ତି, "କିନ୍ତୁ ଯଦି ତୁମେ ସେହି ପାପଟିକୁ କରିବ, ତେବେ ସବୁ ଦିନ ଲାଗି ତୁମେ ନରକରେହିଁ ପଡ଼ିବ ।" ଏହିପରି ଭାବରେ କେତେ କ'ଣ କଳ୍ପନା କରାଯାଇ ପାରିବ ।···ଏବଂ ଅନେକ ଲୋକଙ୍କର ଏସବୁ ବିଷୟରେ ଏତେବେଶୀ ଭୟ ରହିଥାଏ ଯେ ଏସବୁ ଶୁଣି ସେମାନେ ପାପାଚରଣରୁ କିଛିତ୍ ନିବୃତ୍ତ ହୋଇ ରହନ୍ତି, ନିଜ ଆବେଗଟିର ବୋଲ ମାନି ତେଉଁ ପଡ଼ିବା ପୂର୍ବରୁ ଆଉଥରେ ଭାବିବା ଲାଗି ତାହା ସେମାନଙ୍କୁ ମୁହୂର୍ତ୍ତେ ଅବସର ବି ଦେଇଯାଏ;—ମାତ୍ର ସେକଥା ସବୁବେଳେ ହୋଇ ପାରେ ନାହିଁ । ଅନେକ ସମୟରେ ଆମେ କାମଟି କରିସାରିବା ପରେ ସେଇଟି ବିଷୟରେ ଭାବୁ, ଠିକଏ ବିଳମ୍ବରେହିଁ ଭାବିଥାଉ ।

ତେଣୁ ଏଇଟି ଆଦୌ ଅଖଣ୍ଡନୀୟ ନୁହେଁ । ଆମେ ଏଗୁଡ଼ିକୁ ତଥାପି ଏହି ମନରହିଁ ନାନା ବିରଚନା ବୋଲି କହିବା,—ଏଗୁଡ଼ିକ ଅଳ୍ପବହୁତ ପରିମାଣରେ ନିଷ୍ଠାପର ଭାବରେ ଉଦ୍ଦିଷ୍ଟ ହୋଇ ରହିଥାନ୍ତି; ଏଗୁଡ଼ିକ ସବୁ ବିଷୟକୁ ସେହିପରି ସାନ ସାନ ଖଣ୍ଡରେ କାଟି ପକାନ୍ତି, ବେଶ୍ ସୁନିପୁଣ ଭାବରେ କାଟି ଦେଇଥାନ୍ତି ଏବଂ ତୁମକୁ "ଏହି କଥାଟିକୁ କର ନଚେତ୍ ସେଇ କଥାଟିକୁ କର, ଏଇଟି ଯଦି ଏପରି ନହୁଏ, ତେବେ ସେପରି ହେବ" ବୋଲି କହିବେ । ଓଃ, ଏପରି ଏକ ଜୀବନ ପ୍ରକୃତରେ କେଡ଼େ ସନ୍ତାପିତ ହୋଇ ନରହିଥାଏ ! ଏବଂ ଏହିପରି ଭାବରେ ଲୋକେ ପାଗଳ ହୋଇଯାଆନ୍ତି, ସେମାନେ ଭୟଭୀତ ହୋଇ ପଡ଼ନ୍ତି । "ଏଇଟି କ'ଣ ପ୍ରକୃତରେ ସେହିପରି ନା ଏହିପରି ?" ଏବଂ ସେମାନେ ସେଇଟି ଏପରି ହେଉ ବୋଲି ଇଚ୍ଛା ନଥାନ୍ତି ବା ସେପରି ହେଉ ବୋଲି ବି ଇଚ୍ଛା ନଥାନ୍ତି;—ତେଣୁ ସେମାନଙ୍କର କ'ଣ କରିବା ଉଚିତ ?—ସେମାନଙ୍କୁ ଏହି କ୍ଷେତ୍ରରେ କେବଳ ଏକ ଉଚିତର

'oaob.nitrkl.ac.in' images reprocessed

ସୋପାନକୁ ଯାଇପାରିବାକୁ ହେବ । ଦୁଆରଟିକୁ ଖୋଲି ପାରିବା ଲାଗି ସେମାନଙ୍କ ହାତରେ ଚାବିଟିକୁ ନେଇ ଧରାଇ ଦେବାକୁ ପଡ଼ିବ । ଶିଢ଼ି ଦେଇ ଉପର ମହଲାକୁ ଯିବା ଲାଗି ଦୁଆରଟିଏ ରହିଛି, ସେଥିଲାଗି ଗୋଟିଏ ଚାବିର ଆବଶ୍ୟକତା ରହିଛି । ବର୍ତ୍ତମାନ ମୁଁ ତୁମମାନଙ୍କୁ ଯେପରି କହିଲି, ସେହି ଚାବିଟି ହେଉଛି ଯେ ଆମର ଅଭୀପ୍ସା ଯଥେଷ୍ଟ ପରିମାଣରେ ନିଷ୍ଠା ଦ୍ୱାରା ପ୍ରେରିତ ହୋଇ ରହିବ ବା ଆମର ପ୍ରାର୍ଥନା ଯଥେଷ୍ଟ ପରିମାଣରେ ପ୍ରଗାଢ଼ ହୋଇ ରହିଥିବ । ଏଠାରେ ମୁଁ "ବା" ବୋଲି କହିଲି, ମାତ୍ର ଏହା "ବା" ବୋଲି ମୁଁ କଦାପି ଭାବୁ ନାହିଁ । ଅନେକ ଲୋକ ଅଛନ୍ତି, ଯେଉଁମାନେ ଏଇଟିକୁ ଅଧିକ ଭଲ ପାଆନ୍ତି, ଅନ୍ୟମାନେ ଅନ୍ୟଟିକୁ ଅଧିକ ଭଲ ବୋଲି କହନ୍ତି । ମାତ୍ର ଦୁଇଟିଯାକରେହିଁ ଏକ ଅଦ୍ଭୁତ ଯାଦୁଶକ୍ତି ରହିଛି; ସେହି ଶକ୍ତିଟିକୁ କିପରି କାର୍ଯ୍ୟରେ ଲଗାଇବାକୁ ହୁଏ, ତୁମକୁ ସେଇଟିକୁ ଶିକ୍ଷା କରିବାକୁ ପଡ଼ିବ ।

ଦୁଇଟିଯାକରେ ଅତୀବ ସୁନ୍ଦର ଗୋଟିଏ କଥା ରହିଛି; ମୁଁ ଆଉଦିନେ ତୁମମାନଙ୍କୁ ସେଇଟି ବିଷୟରେ କହିବି; ଅଭୀପ୍ସାରେ କ'ଣ ରହିଛି ଓ ପ୍ରାର୍ଥନା ଭିତରେ କ'ଣ ରହିଛି । ଦିନେ ସେହି ବିଷୟରେ କହିବି; ଅଭୀପ୍ସା ଓ ପ୍ରାର୍ଥନା ଦୁଇଟିଯାକ କାହିଁକି ଏପରି ସୁନ୍ଦର, ସେକଥା ତୁମ୍ଭମାନଙ୍କୁ ବୁଝାଇ କହିଦେବି···। ଅନେକଙ୍କୁ ପ୍ରାର୍ଥନା ଭଲଲାଗେ ନାହିଁ; ଯଦି ସେମାନେ ନିଜ ହୃଦୟର ଆହୁରି ଗଭୀରକୁ ଯାଇପାରନ୍ତେ, ତେବେ ଅବଶ୍ୟ ଜାଣିପାରନ୍ତେ ଯେ ଏହାର ମୂଳରେ ଏକ ଗର୍ବ ହିଁ କାରଣ ହୋଇ ରହିଛି,—ନା, ତା'ଠାରୁ ଆହୁରି ନିକୃଷ୍ଟ ଏକ ଦମ୍ଭ ହିଁ କାରଣ ହୋଇ ରହିଛି । ଏବଂ ପୁଣି ଏପରି ଲୋକମାନେ ବି ଅଛନ୍ତି, ଯେଉଁମାନଙ୍କର ଆଦୌ କୌଣସି ଅଭୀପ୍ସା ନାହିଁ; ସେମାନେ ଖୁବ୍ ଚେଷ୍ଟା କରନ୍ତି, ମାତ୍ର ତଥାପି କୌଣସି ଅଭୀପ୍ସାକୁ ସମ୍ଭବ କରି ପାରନ୍ତି ନାହିଁ । ତାହାର କାରଣ ହେଉଛି ଯେ ସେମାନଙ୍କ ଭିତରେ ଇଚ୍ଛାଶକ୍ତିର କୌଣସି ଅଗ୍ନି ପ୍ରଜ୍ୱଳିତ ନଥାଏ, ବିନୟର କୌଣସି ଅଗ୍ନି ମଧ୍ୟ ଜଳୁ ନଥାଏ ।

ଦୁଇଟିଯାକର ପ୍ରୟୋଜନ ରହିଛି । ଏଣେ ଅତୀବ ବିନୟୀ ରହିଥିବା ଦରକାର ଓ ତେଣେ ଆପଣାର କର୍ମଟିକୁ ବଦଳାଇ ଦେଇ ପାରିବା ପାଇଁ ପ୍ରବଳ ଇଚ୍ଛା ମଧ୍ୟ ରହିଥିବ ।

ତା'ହେଲେ ଯାଇ ହେବ । ଆଜି ଏଇଠି ଥାଉ, ପିଲାଏ !

'oaob.nitrkl.ac.in' images reprocessed

## ୧୦ ଜୁନ, ୧୯୫୩

"ପ୍ରତିକୂଳ ଶକ୍ତିଗୁଡ଼ିକର ତରଫରୁ ଆକ୍ରମଣ ଅବଶ୍ୟମ୍ଭାବୀ ସେହି ଆକ୍ରମଣଗୁଡ଼ିକୁ ତୁମେ ଆପଣା ପଥର ପରୀକ୍ଷା ବୋଲି ଗ୍ରହଣ କରିବ ଏବଂ ସାହସର ସହିତ ସେହି ପରୀକ୍ଷାଟିକୁ ଅତିକ୍ରମ କରିଯିବ । ଏହି ସଂଗ୍ରାମ କଠିନ ହୋଇପାରେ, ମାତ୍ର ଯେତେବେଳେ ତୁମେ ସେଥିରୁ ଉତ୍ତୀର୍ଣ୍ଣ ହୋଇ ବାହାରି ଆସିବ, ସେତେବେଳେ ତୁମେ ନିଶ୍ଚୟ ଲାଭବାନ୍ ହୋଇଥିବ, ତୁମେ ଗୋଟିଏ ପାହାଚ ଅଗ୍ରଗତି କରିଥିବ । ପ୍ରତିକୂଳ ଶକ୍ତିମାନେ ଯେ ରହିବେ, ତାହାର ଏକ ଆବଶ୍ୟକତା ମଧ୍ୟ ରହିଛି । ସେମାନେ ତୁମର ସଂକଳ୍ପକୁ ଦୃଢ଼ତର କରନ୍ତି, ତୁମର ଅଭୀପ୍ସାକୁ ଅଧିକ ସ୍ପଷ୍ଟ କରିଦିଅନ୍ତି ।

"ଅବଶ୍ୟ ଏକଥା ସତ ଯେ ସେମାନଙ୍କର ରହିବା ଲାଗି ତୁମେ ସ୍ୱୟଂ କାରଣଟି ଯୋଗାଇ ଦେଇଥାଅ ବୋଲି ସେମାନେ ରହିଥାଆନ୍ତି, ସେମାନଙ୍କର ସ୍ପନ୍ଦନରେ ଅନୁସ୍ପନ୍ଦନ ଜଣାଇବା ଭଳି ତୁମ ଭିତରେ ଯେତେବେଳେ କିଛି ହେଲେ ରହିଥାଏ, ସେପର୍ଯ୍ୟନ୍ତ ସେମାନଙ୍କର ଅନୁପ୍ରବେଶ ଓ ହସ୍ତକ୍ଷେପ ସଂପୂର୍ଣ୍ଣ ଭାବରେ ବିଧିସଙ୍ଗତ ହୋଇ ରହିଥାଏ । ତୁମ ଭିତରେ ଅନୁସ୍ପନ୍ଦନ ଜଣାଇବାକୁ ଯଦି ଆଦୌ କିଛି ନଥାନ୍ତା, ତୁମ ପ୍ରକୃତିର କୌଣସି ଭାଗଟି ଉପରେ ସେଗୁଡ଼ିକର ଯଦି କୌଣସି ଆଧିପତ୍ୟ ନଥାନ୍ତା, ତେବେ ସେଗୁଡ଼ିକ ତୁମକୁ ଛାଡ଼ି ନିଶ୍ଚୟ ଅପସରି ଯାଇଥାନ୍ତେ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୫ ମେ)

ଯେତେବେଳେ କୌଣସି ପ୍ରତିକୂଳ ଶକ୍ତି ଆମକୁ ଆକ୍ରମଣ କରିବାକୁ ଆସେ ଏବଂ ଆମେ ସେହି ଆକ୍ରମଣରେ ବିଜୟ ଲାଭ

'oaob.nitrkl.ac.in' images reprocessed

**କରି ବାହାରିଆସୁ, ସେତେବେଳେ ପୁଣି ସେହି ଶକ୍ତିଟି ଦ୍ୱାରା କାହିଁକି ଆକ୍ରାନ୍ତ ହେବାକୁ ପଡ଼ିଥାଏ ?**

କାରଣ, ତୁମ ଭିତରେ ତଥାପି କିଛି ରହି ଯାଇଥାଏ । ଆମେ କହୁଛୁ ଯେ, ଯେତେ କମ୍ ପରିମାଣରେ ହେଲେ ମଧ୍ୟ ଆମ ଭିତରେ ପ୍ରକୃତିର ଭୂମିରେ ଅନୁସ୍ପନ୍ଦନ କଲାଭଳି କୋଉଠି କିଛି ରହିଥାଏ ବୋଲିହିଁ ପ୍ରତିକୂଳ ଶକ୍ତି ଆକ୍ରମଣ କରିବାକୁ ସମର୍ଥ ହୁଏ । କୌଣସି ନା କୌଣସି ପ୍ରକାର ସାଦୃଶ୍ୟ ଓ ଅନୁରୂପତା ରହିଥାଏ, ହୁଏତ ଏକ ବିଶୃଙ୍ଖଳା ବା ଏକ ଅପୂର୍ଣ୍ଣତା ରହିଥାଏ, ଯାହାକି ଅନୁସ୍ପନ୍ଦନ ଦ୍ୱାରା ପ୍ରତିକୂଳ ଶକ୍ତିଟିକୁ ଆକୃଷ୍ଟ କରିଆଣେ । ତେଣୁ, ଯେତେବେଳେ ସେହି ଆକ୍ରମଣଟି ଆସି ପହଞ୍ଚିଯାଏ, ସେତେବେଳେ ତୁମେ ସମ୍ପୂର୍ଣ୍ଣ ସ୍ଥିର ହୋଇ ରହିବ ଓ ସେଇଟିକୁ ଲେଉଟାଇ ଦେବ; ମାତ୍ର ତା'ର ଅର୍ଥ ସର୍ବଦା କଦାପି ଏପରି ହେବ ନାହିଁ ଯେ ଆକ୍ରମଣଟିକୁ ଆସିବା ଲାଗି ଅନୁମତି ଦେଇଥିବା ତୁମ ଭିତରର ସେହି କ୍ଷୁଦ୍ର ଭାଗଟି ତଦ୍ୱାରା ତୁମକୁ ସମ୍ପୂର୍ଣ୍ଣ ଭାବରେ ଛାଡ଼ି ଚାଲିଗଲା ।

ତୁମ ଭିତରେ ଏପରି କିଛି ରହିଥାଏ ଯାହାକି ସେହି ଶକ୍ତିଟିକୁ ଆକୃଷ୍ଟ କରି ଆଣେ; ଏଠାରେ ଆମେ ନୈରାଶ୍ୟରୂପୀ ପ୍ରତିକୂଳ ଶକ୍ତିଟିର ଉଦାହରଣ ନେବା (ଏହା ପ୍ରାୟ ଅଧିକାଂଶ ସମୟରେ ଆମ ପାଖକୁ ଆସିଥାଏ); ସେତେବେଳେ ନୈରାଶ୍ୟର ଏକ ତରଙ୍ଗ ଆକ୍ରମଣ କଲାଭଳି ସତେଅବା ଆସି ଅଜାଡ଼ି ହୋଇ ପଡ଼ିବାକୁ ଲାଗେ : ତୁମର ବିଶ୍ୱାସ ହଜିଯାଏ, ଆଶା ବିଲୁପ୍ତ ହୋଇଯାଏ, ତୁମେ ଆଉ କେବେହେଲେ କିଛି କରିପାରିବ ନାହିଁ ବୋଲି ଅନୁଭବ କରିବାକୁ ଆରମ୍ଭ କର, ତୁମେ ଗୋଟାପୁରା ଭାଙ୍ଗିପଡ଼ । ତା'ର ଅର୍ଥ ହେଉଛି ଯେ ତୁମର ପ୍ରାଣିକ ଭୂମିରେ ତୁମ ଭିତରେ ଏପରି କିଛି ରହିଥାଏ, ଯାହାକୁ ସ୍ୱଭାବତଃ ଅହଂବାଦୀ ବୋଲି କୁହାଯାଇ ପାରିବ, ଯାହାକି ନିଃସନ୍ଦେହ ଭାବରେ କିଞ୍ଚିତ୍ ଦମ୍ଭଯୁକ୍ତ ହୋଇ ରହିଥାଏ । ଏବଂ ତାହାକୁହିଁ ଠିକ୍ ମିଜାଜରେ ରଖିବା ଲାଗି କିଞ୍ଚିତ୍ ପ୍ରୋତ୍ସାହନ ଆବଶ୍ୟକ ହେଉଥାଏ । ତେଣୁ, ଏହି କ୍ଷେତ୍ରରେ ସେହିସବୁ ଶକ୍ତି ଲାଗି ଏକ କ୍ଷୁଦ୍ର ସଙ୍କେତ ଦିଆଯାଏ ଯାହାକି ସେମାନଙ୍କୁ କହିଦେଇ ଯାଉଥାଏ : "ତୁମେସବୁ ନିଶ୍ଚିନ୍ତ ଆସିପାରିବ, ଦୁଆର ଖୋଲା ଅଛି ।" ମାତ୍ର ସତ୍ତା ଭିତରେ ଆଉ ଗୋଟିଏ ଭାଗ ବି ରହିଥାଏ, ଯିଏ କି ଏହିସବୁ ଶକ୍ତି ଆସି ପହଞ୍ଚିଲାବେଳେ ତାହା ବେଶ୍ ଦେଖି ପାରୁଥାଏ; ଏହି ଯେଉଁ ଭାଗଟି ସ୍ପଷ୍ଟ ଭାବରେ ଦେଖି ପାରୁଥାଏ, ଯିଏ ପ୍ରକୃତରେ ଜାଣେ, ଯାହାର ଶକ୍ତି ରହିଥାଏ, ସେଇଟି ସେହି ପ୍ରତିକୂଳ ଶକ୍ତିଗୁଡ଼ିକୁ ଭିତରେ ପ୍ରବେଶ କରିବା ଲାଗି ଅନୁମତି ଦେବା ପରିବର୍ତ୍ତରେ ସେଗୁଡ଼ିକର ପ୍ରତିରୋଧ କରେ ଓ କହେ "ମୁଁ ମୋଟେ ସେକଥା ଚାହେଁ ନାହିଁ, ଏହା ଆଦୌ

'oaob.nitrkl.ac.in' images reprocessed

ଠିକ୍ ନୁହେଁ, ମୁ ମୋଟେ ତାହା ଗ୍ରହେ ନାହିଁ ।"—ଏକଥା କହି ସିଏ ସେମାନଙ୍କୁ ଲେଉଟାଇ ଦିଏ । ମାତ୍ର ତୁମ ଭିତରେ ରହିଥିବା ଯେଉଁ ସାନ ବସ୍ତୁଟି ସେମାନଙ୍କୁ ଆସିବା ଲାଗି ଅନୁମତି ଦେଇଥିଲା, ଏହାଦ୍ୱାରା ସେଇଟିରୁ ଯେ ତୁମକୁ ନିଷ୍ଟୟ ନିଷ୍କୃତି ମିଳିଯାଏ, ସେକଥା ଆଦୌ ନୁହେଁ । ତେଣୁ ତୁମକୁ ଆପଣା ଭିତରେ ଅନେକ ଗଭୀରକୁ ଯିବାକୁ ପଡ଼ିବ, ସେମାନଙ୍କୁ ଆବାହନ କରି ଆଣିବାର ଯାବତୀୟ ସମ୍ଭାବନାକୁ ଏକାବେଳେକେ ପୋଛି ପକାଇ ପାରିବାକୁ ତୁମକୁ ବାର ବାର ଉଦ୍ୟମ କରିବାକୁ ହେବ । ଏବଂ ସେଇଟିକୁ ସଂପୂର୍ଣ୍ଣ ଭାବରେ ପୋଛି ନପକାଇ ଥିବା ପର୍ଯ୍ୟନ୍ତ, ସେହି ଆକ୍ରମଣଟି ପ୍ରାୟ ଅପ୍ରତ୍ୟାଶିତ ଭାବରେ ପୁନଃ ପୁନଃ ଆସୁଥିବ । ତୁମେ ତାକୁ ପଛକୁ ଠେଲି ଦେଉଥିବ,—କାନ୍ଥକୁ ଗୋଟାଏ ବଲ୍ ମାରିଲେ ତାହା ଯେପରି ପୁନର୍ବାର ଫେରିଆସେ, ଠିକ୍ ସେହିପରି; ତୁମେ ତାକୁ ପୁଣିଥରେ ମାରି ଓ ତାହା ପୁଣି ତୁମ ପାଖକୁ ଫେରି ଆସୁଥାଏ;—ପରିଶେଷରେ ହୁଏତ ଏପରି ଏକ ମୁହୂର୍ତ୍ତ ଆସିବ, ଯେତେବେଳେ କି ତାକୁ ଆକୃଷ୍ଟ କରି ଆଣିବାକୁ ତୁମ ଭିତରେ ଆଉ କିଛିହେଲେ ରହିବ ନାହିଁ । ତା'ପରେ ସିଏ ଆଉ କଦାପି ଫେରି ଆସିବ ନାହିଁ ।

ତେଣୁ, ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଯେ, ଯେତେବେଳେ କୌଣସି ପ୍ରତିକୂଳ ଶକ୍ତି ତୁମକୁ ଆକ୍ରମଣ କରିବାକୁ ଆସୁଥିବ, ସେତେବେଳେ ତୁମେ ଆପଣାକୁ କହିବ : "ହଁ, ଏହି ଶକ୍ତିଟି ବାହାରୁ ଆସି ମୋ ଉପରେ ଆକ୍ରମଣ କରୁଛି ସତ, ମାତ୍ର ମୋ ନିଜ ପ୍ରକୃତିରେ ମଧ୍ୟ ସେଥିଲାଗି ନିଷ୍ଟୟ ଏକ ଅନୁରୂପ ଉପାଦାନ ରହିଥିବ; ତା' ନହେଲେ ତାହା ମୋତେ କଦାପି ଆକ୍ରମଣ କରିବାକୁ ଆସି ନଥାନ୍ତା । ତେବେ ମୁଁ ବର୍ତ୍ତମାନ ଅନୁସନ୍ଧାନ କରି ଦେଖିବି ଏବଂ ସେହି ଶକ୍ତିଟିକୁ କିଏ ଆସିବା ଲାଗି ଅନୁମତି ଦେଉଛି, ସେଇଟିକୁ ବାହାର କରିବି; ଏବଂ ତା'ପରେ ମୁଁ ସେଇଟିକୁ ଲେଉଟାଇ ଦେବି, ସେଇଟିରେ ଏକ ରୂପାନ୍ତର ଘଟାଇବି, ବା ତାହା ଉପରେ ଚେତନାର ଆଲୋକଟିକୁ ଉତ୍ତୋଳିତ କରି ଧରିବି, ଯେପରିକି ସେଇଟି ଆଉ ମୋ ଭିତରେ ଆଦୌ ରହି ପାରିବ ନାହିଁ··· ।" ତେଣୁ ଉପାୟ ରହିଛି, ନୁହେଁ କି ? ଯେତେବେଳେ ସେହି ପ୍ରତିକୂଳ ଶକ୍ତିଟି ଆକ୍ରମଣ କରିବାକୁ ଆସୁଛି, ଭିତରେ ତାହାର ଅନୁକୂଳ ହୋଇ ରହିଥିବା ଅଂଶଟି ତାକୁ ଭେଟିବା ଲାଗି ଧାଇଁ ଯାଉଛି, ସିଧା ଆଗକୁ ବାହାରି ପଡ଼ୁଛି । ଦୁହିଁଙ୍କ ମଧ୍ୟରେ ଏକ ପ୍ରକାର ଭେଟାଭେଟି ଘଟୁଛି । ଏବଂ ଯଦି ସେହି ସମୟରେ, ସେଇଟି ଦ୍ୱାରା ଏକାବେଳେକେ ଅଭିଭୂତ ହୋଇ ନପଡ଼ି ବା ଅସତର୍କ ଭାବରେ ସେଇଟି ଦ୍ୱାରା ଆଦୌ ଅଧିକୃତ ନହୋଇ ତୁମ ନିଜ ଭିତରେ ଅନୁସ୍ପନ୍ଦନ ଜଣାଉଥିବା ସେହି ପଦାର୍ଥଟି କ'ଣ ଥିଲା, ତୁମେ ସେଇଟିକୁ ଅତ୍ୟନ୍ତ ଏକାଗ୍ର ଭାବରେ ଅବଲୋକନ କରିପାରିବ (ସେହି ପଦାର୍ଥଟି ତତ୍, ତତ୍, ତତ୍ ବୋଲି ଶବ୍ଦ କରିବାରେ ଲାଗିଥାଏ, ଅର୍ଥାତ୍ ଆଉଗୋଟିଏ ଜିନିଷ ପ୍ରବେଶ କଲା

ବୋଲି ସଙ୍କେତ ଦେଉଥାଏ ।), ତେବେ ତୁମେ ସେଇଟିକୁ ନିଶ୍ଚୟ ଧରି ପାରିବ । ଠିକ୍ ସେହି ସମୟରେ ତୁମେ ତାକୁ ଧରିବ ଓ ପଚାରିବ : "ତୋ ବନ୍ଧୁବାନ୍ଧବଙ୍କୁ ସାଙ୍ଗରେ ଧରି ତୁ ଏଠାରୁ ଶୀଘ୍ର ଗଲୁ;—ମୁଁ ତୋତେ ଆଉ ଗୋଟିଏ ମୁହୂର୍ତ୍ତ ବି ରହିବୁ ନାହିଁ ।" ତୁମେ ଦୁଇଟି ଯାକଙ୍କୁ ଏକତ୍ର ବାହାର କରିଦେବ । ତୁମର ଯେଉଁ ଭାଗଟି ଆକର୍ଷଣ କରି ଆଣିଥିଲା ଓ ସିଏ ଯେଉଁଟିକୁ ଆକର୍ଷଣ କରି ଆଣିଥିଲା, ତୁମେ ଦୁହିଁଙ୍କୁ ବିଦା କରିଦେବ । ଏବଂ ସେମାନେ ବିଦା ହୋଇଗଲେ ତୁମେ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇ ରହିବ ।

ସେଥିଲାଗି ତୁମକୁ ଭାରି ସତର୍କ ରହିବାକୁ ପଡ଼ିବ, ଟିକିଏ ସାହସ ମଧ୍ୟ ରଖିବାକୁ ପଡ଼ିବ, ଯେପରିକି ଆବଶ୍ୟକ ହେଲେ ତୁମେ ସେଇଟିକୁ ଦୃଢ଼ଭାବରେ ହାତରେ ଧରି ଟାଣି ବାହାର କରିଦେଇ ପାରିବ । ଏଥିରେ ଟିକିଏ ନା ଟିକିଏ ଆଘାତ ଯେ ଅବଶ୍ୟ ପାଇବାକୁ ହୋଇଥାଏ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଏବଂ ତା'ପରେ ତୁମେ ଯେଉଁ ପ୍ରତିକୂଳ ଶକ୍ତିଗୁଡ଼ିକୁ ଲେଉଟାଇ ଦେଉଥିବ, ତାହାରି ସହିତ ଏଇଟିକୁ ମଧ୍ୟ ଫିଙ୍ଗି ବାହାର କରିଦେବ । ତା'ପରେ ସେଇଟିର ଆଉ କୌଣସି ସତ୍ତା ରହିବ ନାହିଁ । ଏବଂ ଏହି କଥାଟି କରି ନଥିବା ପର୍ଯ୍ୟନ୍ତ ତାହା ବାରବାର ଲେଉଟି ଆସିବାରେ ଲାଗିଥିବ; ଏବଂ ଯଦି ତୁମେ ଏହି କ୍ଷେତ୍ରରେ ଯଥେଷ୍ଟ ପରିମାଣରେ ମୋଟେ ସାହସଯୁକ୍ତ, ସତର୍କ ବା ଉଦ୍ୟମଶୀଳ ହୋଇ ରହି ନପାର, ତେବେ ଚତୁର୍ଥ ବା ପଞ୍ଚମ ଥର ପାଇଁ ମଧ୍ୟ ତୁମକୁ ହାରମାନି ଶେଷକୁ କହିବାକୁ ପଡ଼ିବ : "ନା—ଆଉ ହୋଇ ପାରିବ ନାହିଁ । ଅନେକ ହୋଇ ଗଲାଣି, ମୁଁ ଆଉ ପାରିବ ନାହିଁ !" ଏହିପରି ଭାବରେ ସେହି ଶକ୍ତିଟି ତୁମ ଭିତରେ ଆସ୍ଥାନ ମାଡ଼ି ରହିଯିବ, ଆପଣାର କାର୍ଯ୍ୟଟିରେ ସନ୍ତୁଷ୍ଟ ଓ ପରିତୁଷ୍ଟ ହୋଇ ରହିଯିବ ଏବଂ ତା'ପରେ ତୁମେ ତା'ର ଅଟ୍ଟହାସ ଶୁଣିବାକୁ ପାଇବ, ତାହା ସତେଅବା ବିପୁଳ ଆମୋଦ ଅନୁଭବ କରୁଥିବ, ଆପଣାର ବ୍ୟାପାରଟିରେ ତାହା ବିଜୟ ହାସଲ କରି ସାରିଥିବ । ଏବଂ ତା'ପରେ ତାକୁ ଲେଉଟାଇ ପାରିବା ପ୍ରକୃତରେ କାଠିକର ପାଠ ହୋଇଯିବ । ମାତ୍ର ଯଦି ତୁମେ ଅନ୍ୟ ପଦ୍ଧତିଟିକୁ ଗ୍ରହଣ କରିପାର, ଯଦି ଏହିପରି ଭାବରେ ତୁମେ ଏକାଗ୍ର ହୋଇ ଦୃଷ୍ଟିପାତ କରିପାର ଏବଂ "ଆଚ୍ଛା, ସେହି ପ୍ରତିକୂଳ ଶକ୍ତିଟିକୁ ଯିଏ ଆସିବା ଲାଗି ଅନୁମତି ଦେଲା, ମୁଁ ଏଥର ସେଇଟିକୁ ନିଶ୍ଚୟ ବାହାରକୁ ବାହାର କରି ଫିଙ୍ଗିଦେବି" ବୋଲି କହିପାର, ତେବେ ତୁମେ ନିଜ ଭିତରେହିଁ କୌଣସି ଏକ ସ୍ଥାନରେ ତୁମର ପାଖକୁ ପାଖକୁ ମାଡ଼ି ଆସୁଥିବା ଅନର୍ଥକାରୀ ଶକ୍ତିଟି ଲାଗି ଅନୁସ୍ପନ୍ଦନ ଜଣାଇ ଏକ ଉପାଦାନକୁ ଉତ୍ଥିତ, ସଞ୍ଚାଳିତ ଓ ଉପଗତ ହୋଇ ଆସୁଥିବାର ପ୍ରତ୍ୟକ୍ଷ କରି ପାରିବ । ଠିକ୍ ସେହି ମୁହୂର୍ତ୍ତରେହିଁ ତାକୁ ଧରି ପକାଇବା କଥା ଏବଂ ଅନ୍ୟ ସବୁକିଛି ସହିତ ଏକତ୍ର କରି ବାହାରକୁ ଫୋପାଡ଼ିଦେବା କଥା ।

'oaob.nitrkl.ac.in' images reprocessed

ମାତ୍ର ସେଇଟିକୁ ଫିଙ୍ଗି ଦେଲେ ମଧ୍ୟ ସେଇଟି ତଥାପି ମରି ଯାଏ ନାହିଁ । ତା'ପରେ ସେଇଟି ହୁଏତ ଆଉ କେଉଁଠାକୁ ଚାଲି ଯାଇପାରେ, କାରଣ ସେଇଟି ପୃଥିବୀ ଭିତରେହିଁ ରହିଥାଏ ।

ଠିକ୍ । ସେଇଟି ଏହି ପୃଥିବୀରେ ରହିଥାଏ ଏବଂ ତୁମଠାରୁ ବାହାରି ସିଏ ଯେ ଆଉ ଗୋଟିଏ ଜାଗାକୁ ଚାଲିଯିବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ତାହାକୁ ସମାପ୍ତ କରି ଦେବା ଲାଗି ଯଥେଷ୍ଟ ଅଧ୍ୟାତ୍ମ ଶକ୍ତି ଓ ଗୁପ୍ତବିଦ୍ୟା ହାସଲ କରିଥିବା ଆଉଜଣେ ବ୍ୟକ୍ତିର ସମ୍ମୁଖୀନ ହେବା ପର୍ଯ୍ୟନ୍ତ ତାହା ସେହିପରି ରହିଥିବ; ···ମାତ୍ର ସେପରି କରିବା ପ୍ରକୃତରେ ଭାରି କଷ୍ଟକର ।···ସେଥିଲାଗି ଭିତରେ ଭାରି ଶକ୍ତି ରହିଥିବା ଦରକାର, ପୃଥିବୀରେ ସୃଷ୍ଟି ରହିବା ସକାଶେ ଯଥେଷ୍ଟ କାରଣ ରହିଥିବା (ସେହିଟି ବିଷୟରେ ସବୁକଥା ବି ଏଠିକ କୁହାଯାଇ ପାରିବ ।) ଏକ ଗତିଷ୍ପନ୍ଦନକୁ ସମାପ୍ତ ଓ ବିଲୁପ୍ତ କରିଦେବା ସକାଶେ ପ୍ରକୃତରେ ପ୍ରଭୂତ ଜ୍ଞାନ ଓ ପ୍ରଭୂତ ଶକ୍ତି ରହିଥିବା ଦରକାର । ସେହି ଗତିଷ୍ପନ୍ଦନଟି ରହିବା ଲାଗି କୌଣସି ଯୁକ୍ତିଯୁକ୍ତତା ରହିଛି ବୋଲି ମୁଁ କହୁ ନାହିଁ, ମାତ୍ର ତଥାପି ତାହାର ସୃଷ୍ଟି ରହିବା ଲାଗି କୌଣସି ନା କୌଣସି କାରଣ ରହିଛି ବୋଲି ତାହା ସୃଷ୍ଟି ରହିଛି । ଅବଶ୍ୟ ଏପରି ଅନେକ ବସ୍ତୁ ରହିଛି, ଯାହାରକ ନିଷ୍ଟସ୍ଥ ସମାପ୍ତି ଘଟାଯାଇ ପାରିବ; ମାତ୍ର ଯଦି ସେଇଟି ପୃଥିବୀର କୌଣସି ସ୍ଥାନରେ କାହାରି ଭିତରେ ରହିଥିବ, ତେବେ ସେ ନିଷ୍ଟସ୍ଥ ସେଇଟିକୁ ପୁଣିଥରେ ଗଢ଼ିନେଇ ପାରିବ । ପ୍ରାଣିକ ପୃଥିବୀର ସାନ ସାନ ସତ୍ତ୍ୱଗୁଡ଼ିକ ଆସି ଲୋକମାନଙ୍କୁ ଆକ୍ରମଣ କଲାବେଳେ ମଧ୍ୟ ଠିକ୍ ସେହି କଥାଟି ଘଟିଥାଏ; ପ୍ରତିକୂଳ ସତ୍ତ୍ୱଗୁଡ଼ିକ ଆସି ସେମାନଙ୍କୁ ଆକ୍ରମଣ କରନ୍ତି, ସେମାନଙ୍କର ପରିବେଶଟି ମଧ୍ୟରେ ଆପଣାକୁ ନେଇ ଅବସ୍ଥାପିତ କରି ରଖନ୍ତି, ସେମାନଙ୍କୁ କବଳିତ କରିବା ଲାଗି ଚେଷ୍ଟା କରନ୍ତି, ଅର୍ଥାତ୍ ସେମାନଙ୍କ ଭିତରେ ପଶିଯାଆନ୍ତି ଏବଂ ସେମାନଙ୍କର ଶରୀରକୁ ଓ ଆଉ ସବୁକିଛିକୁ ଆପଣାର କାମରେ ଆଣି ଲଗାନ୍ତି । ଏହି ସତ୍ତ୍ୱଗୁଡ଼ିକ,—ବ୍ୟକ୍ତି ଲାଗି ଏଗୁଡ଼ିକର ହାତରୁ ନିଷ୍କୃତି ପାଇବା ବଡ଼ ଦୁଷ୍କର ହୋଇ ପଡ଼େ : ସେଥିଲାଗି ଏକ ଅତିଶୟ କଠିନ, କଠିନ ଯୋଗର ଆବଶ୍ୟକତା ପଡ଼େ । ମାତ୍ର ଯାହାଠାରେ ଆବଶ୍ୟକ ଜ୍ଞାନ ଓ ଶକ୍ତି ରହିଛି ଏବଂ ସିଏ ସେଗୁଡ଼ାକୁ ବେଶ୍ ଦେଖି ପାରୁଛି, ସିଏ ନିଷ୍ଟସ୍ଥ ସେଗୁଡ଼ିକୁ ପରିବେଶଟି ମଧ୍ୟରୁ ନିକାଲି ବାହାର କରିଦେଇ ପାରେ ଏବଂ ସେଗୁଡ଼ିକୁ ନଷ୍ଟ ବି କରିଦେଇ ପାରେ । ମାତ୍ର ସେହି ସତ୍ତ୍ୱଗୁଡ଼ିକ ଆସି ଯାହା ଉପରେ ଆକ୍ରମଣ କରନ୍ତି, ଯଦି ସିଏ ଆପଣା ଭିତରେ ସେଗୁଡ଼ିକୁ ତା' ଭିତରେ ପ୍ରବେଶ କରିବାକୁ ଅନୁମତି ଦେବାଭଳି ଏହି ସାନ ସଦୃଶାନୁଭବଟିକୁ ସାଇତି ରଖିଥାଏ, ତେବେ ସିଏ ପୁନର୍ବାର ସେଗୁଡ଼ିକୁ ଆପଣା ପାଖକୁ ଡାକି ଆଣିପାରିବ । ମୋ

'oaob.nitrkl.ac.in' images reprocessed

ପାଖରେ ସେହିଭଳି କେତେକେତେ, ହଁ, ପ୍ରକୃତରେ କେତେ କେତେ ଉଦାହରଣ ରହିଛି ।

ମୁଁ ଏପରି ଜଣେ ଲୋକର ଦୃଷ୍ଟାନ୍ତଟିକୁ ଜାଣେ, ଯିଏ କି ପ୍ରାୟ ବାରପଣ ପର୍ଯ୍ୟନ୍ତ ସେହି ଶକ୍ତିଗୁଡ଼ିକ ଦ୍ୱାରା ଅଧିକୃତ ହୋଇ ରହିଥିଲା ଏବଂ ସେହି ସମୟରେ ଏପରି ଗୋଟାଏ ପ୍ରକାରର ଶକ୍ତିମତ୍ତା ବା ସମର୍ଥତାର ପ୍ରଦର୍ଶନ କରୁଥିଲା, ଯାହାକୁକି ଆଦୌ ଭଲ ବୋଲି କୁହାଯାଇ ପାରିବ ନାହିଁ ସତ, ମାତ୍ର ତଥାପି ତାହା ଏକ ସମର୍ଥତା, ଶକ୍ତିମତ୍ତା ବା ବଳର ଧାରଣା ଦେଇ ଯାଉଥିଲା । କେବଳ ସିଏ ସେଇଟିକୁ ଏକ ମନ୍ଦଶକ୍ତି ବୋଲି ବେଶ୍ ଅନୁଭବ କରୁଥିଲା, ସେଥିରୁ ଯେ ଅନର୍ଥ ଘଟିବ ସେକଥା ବି ଜାଣୁଥିଲା ଏବଂ ସେଇଟିର କବଳରୁ ମୁକ୍ତି ପାଇବା ଲାଗି ପ୍ରାର୍ଥନା କରୁଥିଲା । ଏହି କ୍ଷେତ୍ରରେ ଯଥାର୍ଥ ସୁଯୋଗଟି ଅବଶ୍ୟ ଆସେ, ସତ୍ତ୍ୱଟି ଯେଉଁ ବ୍ୟକ୍ତିଟିକୁ କବଳିତ କରି ରଖିଥାଏ, ତାହା ସେହି ବ୍ୟକ୍ତିଠାରୁ ଆପଣାକୁ ଅଲଗା ବୋଲି ବେଶ୍ ଦର୍ଶାଇ ଦେଇଥାଏ; ତେଣୁ ସେଇଟିକୁ ଧରିପାରିବା ବେଶ୍ ସମ୍ଭବ ହୋଇ ରହିଥାଏ, ସେଇଟିକୁ ଯେ ବାହାରକୁ ଟାଣି ଆଣି ସମାପ୍ତ କରି ଦିଆଯାଇ ପାରିବ, ସେକଥା ବେଶ୍ ସମ୍ଭବ ହୋଇ ରହିଥାଏ । ଏବଂ ସେତିକବେଳେ, ଯେଉଁ ବ୍ୟକ୍ତି ସେଇଟି ଦ୍ୱାରା ଅଧିକୃତ ହୋଇ ରହିଥାଏ, ସିଏ ହଠାତ୍ ଅନୁଭବ କରିବାକୁ ଲାଗେ ଯେ ସିଏ କ୍ରମଶଃ ଯେକୌଣସି ଅନ୍ୟ ବ୍ୟକ୍ତି ପରି ଜଣେ ସାଧାରଣ ବ୍ୟକ୍ତିରେ ସତେ ଅବା ପରିଣତ ହେବାରେ ଲାଗିଛି । ତା' ମଧ୍ୟରେ ଶକ୍ତିର ଯେଉଁ ଅନୁଭୂତିଟି ରହିଥିଲା, ସେଇଟି ବର୍ତ୍ତମାନ ହଜି ଯିବାପରି ମନେ ହୁଏ ଏବଂ ସେ ସତେ ଅବା କେବଳ ଜଣେ ସାଧାରଣ ବ୍ୟକ୍ତି ହୋଇଯାଇଛି ବୋଲି ଅନୁଭବ କରେ । ସେତିକବେଳେ ସେ କହିବାକୁ ଲାଗେ "ମୋର ଆଉ ବିଶେଷ ସାମର୍ଥ୍ୟ ବୋଲି କ'ଣ ରହିଲା, ବିଶେଷ ମୂଲ୍ୟ ଅଥବା ବିଶେଷ ପାରଙ୍ଗମତା ବୋଲି ବା କ'ଣ ରହିଲା ? ମୁଁ ତ ଜଣେ ଅତି ସାଧାରଣ ମନୁଷ୍ୟରେ ଆସି ପରିଣତ ହେଲି, ସମ୍ଭବତଃ ସାଧାରଣରୁ ବି ଆହୁରି କମ୍ ହୋଇଗଲି,—ସତେ ଅବା ଏକ ବ୍ୟାଧିତ ଅତି ସାଧାରଣତାର ସ୍ତରକୁ ଖସି ଆସିଲି ।" ଏବଂ ବର୍ତ୍ତମାନ ସିଏ କ'ଣ କରେ କହିଲ ? ତାକୁ ଯେଉଁ ଶକ୍ତିଟି କବଳିତ କରି ରଖିଥିଲା, ସିଏ ପୁନର୍ବାର ସେଇ ଶକ୍ତିଟିକୁ ଫେରି ପାଇବା ଲାଗି ପ୍ରାର୍ଥନା କରେ । ଏବଂ ଏହିପରି ଭାବରେ, ଅଳ୍ପଦିନ ପରେ ମୁଁ ଦେଖିବାକୁ ପାଏ ଯେ ସିଏ ଆଗରୁ ଯେପରି ଅଧିକୃତ ହୋଇ ରହିଥିଲା, ବର୍ତ୍ତମାନ ମଧ୍ୟ ପୁଣି ସେହିପରି ଅଧିକୃତ ହୋଇ ରହିଲାଣି ।

ଏବଂ, ଏହିସବୁ କ୍ଷେତ୍ରରେ ଆଉ କିଛି କରିବାରେ କୌଣସି ଲାଭ ହୁଏ ନାହିଁ । ତେଣୁ ସେହି ବ୍ୟକ୍ତିମାନଙ୍କୁ କେବଳ ସେମାନଙ୍କର ଭାଗ୍ୟ ହାତରେହିଁ ଛାଡ଼ିଦେବାକୁ ହୁଏ । ଏପରି ଏକାଧିକ ବାର ଘଟିଛି । ତୁମେ ବେଶ୍ ଜାଣିପାରୁଥିବ

'oaob.nitrkl.ac.in' images reprocessed

ଯେ ଏଭଳି ଲୋକଙ୍କ ଭିତରେ ଏପରି ଗୋଟାଏ ପ୍ରକାରର ଦାମ୍ଭିକତା ରହିଥାଏ ଯାହାକି ସାଧାରଣତଃ ସେହି ଶକ୍ତିଗୁଡ଼ିକ ଲାଗି କବାଟଟିକୁ ଖୋଲି ଦେଇଯାଏ; ସେମାନେ ବଡ଼ ହେବାକୁ ଇଚ୍ଛା କରିଥାନ୍ତି, ଶକ୍ତିମନ୍ତ ହୋଇ ରହିବାକୁ ଇଚ୍ଛା କରିଥାନ୍ତି, କୌଣସି ଏକ ବୃହତ୍ତ୍ର ଭୂମିକା ଗ୍ରହଣ କରିବେ, ଜଣେ କେହି ଅବଶ୍ୟ ହେବେ ବୋଲି ଚାହିଁଥାନ୍ତି; ତାହାହିଁ ସେହି ଶକ୍ତିଟିକୁ ଆକୃଷ୍ଟ କରି ଆଣେ, ଏବଂ ତେଣୁ ସେମାନେ ସେହିପରି ହୋଇଯାଆନ୍ତି, ଅଧିକୃତ ହୋଇ ରହନ୍ତି । ସେମାନଙ୍କ ଭିତରୁ ସେଇଟିକୁ କାଢ଼ି ନିଆଯାଏ; ସେହି ସଙ୍ଗେ ସଙ୍ଗେ ସେମାନଙ୍କର ସବୁଯାକ ଚମତ୍କାର ଶକ୍ତି ମଧ୍ୟ ଅନ୍ତର୍ହିତ ହୋଇଯାଏ ଏବଂ ସେମାନଙ୍କର ଆତ୍ମ-ପରିତୁଷ୍ଟ ଦାମ୍ଭିକତାଟି ମଧ୍ୟ ଚାଲିଯାଏ । ସେମାନେ ଅନୁଭବ କରନ୍ତି, ସତେ ଯେପରି ସେମାନେ ଏସବୁ ଫଳରେ ବେଶ୍ ଜଣେ ସାଧାରଣ ମନୁଷ୍ୟର ସ୍ତରକୁ ଖସି ଆସିଲେ ଏବଂ ସେତିକବେଳେ ସେମାନଙ୍କ ଭିତରେ ଥାଇ ଏଡ଼େ ବଡ଼ଟେ ବୋଲି ଗୋଟିଏ ବସ୍ତୁ ସତେ ଅବା କହିବାକୁ ଲାଗେ : "ଆରେ, ପୂର୍ବରୁ ଯାହା ଥିଲି, ତାହା ତ କେଡ଼େ ଭଲ ଥିଲି···"! ଏବଂ ଯେଉଁଠି ଗୋଟିକୁ ନଷ୍ଟକରି ଦିଆଯାଇଥାଏ, ସେଠାରେ ବର୍ତ୍ତମାନ ଦଶଟି ପଶି ଆସିବେ ବୋଲି ପ୍ରସ୍ତୁତ ହୋଇ ରହିଥାନ୍ତି । ଏକଥାଟି ଏହିପରି ଘଟେ, ପ୍ରକୃତରେ ବଡ଼ ଅଦ୍ଭୁତ ଭାବରେ ଘଟେ ।

ତୁମେ ସବୁ ଦୁର୍ଗାଙ୍କର କାହାଣୀ ଜାଣିଛ, ନୁହେଁ କି ? ଦୁର୍ଗାଙ୍କୁ ପ୍ରତ୍ୟେକ ବର୍ଷ ତାଙ୍କ ଅସୁରଟିକୁ ସଂହାର କରିବାକୁ ପଡ଼େ, ଏବଂ ତାଙ୍କୁ ସର୍ବଦାହିଁ ବାରବାର ପୁଣି ଆରମ୍ଭ କରିବାକୁ ପଡ଼ୁଥାଏ । ରାଜତ୍ୱ କରିବା ଲାଗି ଦୈତ୍ୟମାନଙ୍କୁ ଯେତିକି ସମୟ ଦିଆ ଯାଇଥାଏ, ସେହି ସମୟଟି ସମାପ୍ତ ହୋଇଆସିବା ପର୍ଯ୍ୟନ୍ତ ଏହିପରି ଚାଲିଥାଏ । ସେମାନେ ଏହି ସଂସାର ଭିତରୁ ବହିଷ୍କୃତ ହୋଇ ଗଲେ ଯାଇ ଏସବୁର କୌଣସି ଅନ୍ତ ହୁଏ । ମାତ୍ର ସେପର୍ଯ୍ୟନ୍ତ, ଅର୍ଥାତ୍, ଅଗ୍ନିପରୀକ୍ଷାଟିକୁ ଆହୁରି ପ୍ରଗାଢ଼ କରିବା ପାଇଁ (ଏହି ପୁସ୍ତକରେ ମୁଁ ଯେଉଁ ଅଗ୍ନିପରୀକ୍ଷା ବିଷୟରେ କହୁଛି), ଚେତନାକୁ ସ୍ୱଚ୍ଛ ଓ ନିର୍ମଳ କରିଦେବା ପାଇଁ, ଲୋକମାନଙ୍କର ନିଷ୍ଠାର ପରୀକ୍ଷା ନେବା ପାଇଁ ସେଗୁଡ଼ିକର ଯେତେବେଳ ଯାଏ ପ୍ରୟୋଜନ ରହିଥାଏ, ସେଗୁଡ଼ିକ ସେତେବେଳ ଯାଏ ଅବଶ୍ୟ ରହିଥାନ୍ତି । ଯେଉଁ ଦିନ ଆଉ ସେହି ପରୀକ୍ଷାର କୌଣସି ଆବଶ୍ୟକତା ନରହିବ, ଯେଉଁ ଦିନ ନିଷ୍ଠାରେ ଆଉ କୌଣସି ଅଶୁଦ୍ଧି ନରହିବ ଏବଂ ନିଷ୍ଠା ମନକୁ ମନ ବିରାଜମାନ କରିବାକୁ ସମର୍ଥ ହେବ, ସେଦିନ ଯାଇ ସେଗୁଡ଼ିକ ଅନ୍ତର୍ହିତ ହୋଇଯାଇ ପାରିବେ । ତା'ହେଲେ ସେଦିନ ଆଉ ଦୁର୍ଗାଙ୍କୁ ପ୍ରତ୍ୟେକ ବର୍ଷ ଆପଣାର ସମରଟିକୁ ପୁନର୍ବାର ନୂତନ କରି ଆଦୌ ଆରମ୍ଭ କରିବାକୁ ପଡ଼ିବ ନାହିଁ ।

'oaob.nitrkl.ac.in' images reprocessed

ସେମାନଙ୍କୁ ବଦଳାଇ ଦେଲେ ତାହା ଅଧିକ ଭଲ ହେବ ନାହିଁ କି ?

ହଁ, ହଁ, ତାହା ନିଶ୍ଚୟ ଅଧିକ ଭଲ ହେବ, ଅନେକ ଅଧିକ ଭଲ ହେବ । ମାତ୍ର ତା'ହେଲେ···

ଏସବୁ କଥା ଏପରି ଏକ ରାଜ୍ୟର ବ୍ୟାପାର, ଯେଉଁଟି ବିଷୟରେ କି ମୋର ଏକ ପରିପୂର୍ଣ୍ଣ ଅନୁଭବ ରହିଛି । ଚଉଦ ବର୍ଷ ଯାବତ୍ ଅନବରତ ଉଦ୍ୟମ କରି ମୁଁ ଏହି କଥାଟି ଜାଣିବାକୁ ପାଇଛି ଯେ, ଜଣେ ପ୍ରକୃତରେ ନିଷ୍ଠାର ସହିତ ବଦଳି-ଯିବାକୁ ନଚାହିଲା ପର୍ଯ୍ୟନ୍ତ ତାକୁ ବଦଳାଇ ପାରିବା ଏକାନ୍ତ ଅସମ୍ଭବ । ଯଦି ଅବିଚଳ ନିଷ୍ଠା ସହିତ ସିଏ ନିଜେ କାର୍ଯ୍ୟଟିକୁ ହାତକୁ ନନିଏ,—ମୁଁ ଏହି ଦିଗରେ ଚଉଦ ବର୍ଷ ଚେଷ୍ଟା କରିଛି, ତୁମେ ଚଉଦ ଶହ ବର୍ଷ ଚେଷ୍ଟା କରିପାର, ମାତ୍ର ଫଳ ନିଶ୍ଚୟ ସେଇଆ ହେବ;—ତେବେ ସିଏ ଯେଉଁଠି ଅଛି, ଠିକ୍ ସେଇଠି ରହିଥିବ, ଟିକିଏ ହେଲେ ଘୁଞ୍ଚିବ ନାହିଁ । ଆପଣାକୁ ନେଇ ସମ୍ପୂର୍ଣ୍ଣ ଭାବରେ ସନ୍ତୁଷ୍ଟ ହୋଇ ରହିବାହିଁ ଏହି ସତ୍ତ୍ୱମାନଙ୍କର ସ୍ୱଭାବ ହୋଇ ରହି ଯାଇଥାଏ, ଏବଂ ସେମାନେ ଆଦୌ ବଦଳିବାକୁ ଚାହିଁ ନଥାନ୍ତି, ବଦଳିବା ଲାଗି ସେମାନଙ୍କ ଭିତରେ ଏତେ ଟିକିଏହିଁ ମତଲବ ନଥାଏ ! ଏପରିକି ବର୍ତ୍ତମାନ ମଧ୍ୟ, ଯେଉଁ ଆସୁର ସତ୍ତ୍ୱଗୁଡ଼ିକ ବର୍ତ୍ତମାନ ସଂସାରକୁ ନେଇ ସକ୍ରିୟ ହୋଇ ରହିଛନ୍ତି, ସେମାନଙ୍କ ମଧ୍ୟରୁ ଯେଉଁ ବଡ଼ ଅସୁରଟି ବର୍ତ୍ତମାନ ମଧ୍ୟ ପୃଥିବୀକୁ ନେଇ ବ୍ୟସ୍ତ ହୋଇ ରହିଛି, ମିଥ୍ୟାର ସେହି ଯେଉଁ ଅସୁରଟି ଆପଣାକୁ "ସକଳ ଜାତିର ପ୍ରଭୁ" ବୋଲି କହୁଛି,—ସିଏ ଆପଣା ଲାଗି ବେଶ୍ ବଢ଼ିଆ ନାଆଁଟିଏ ବାଛି ନେଇଛି, ଆପଣାକୁ ସେ ସକଳ ଜାତିର ପ୍ରଭୁ ବୋଲି କହୁଛି,—ପୃଥିବୀର ଯେତେ ଯେଉଁଠି ଯାହାକିଛି ଭୁଲ ବାଟରେ ଗତି କରୁଛି, ସେହି ଅସୁରଟି ସେଠାରେ ଅବଶ୍ୟ ବିଦ୍ୟମାନ ରହିଛି । ତୁମେ ନିଶ୍ଚିତ ଭାବରେ ଜାଣି ରଖ ଯେ ସବୁଯାକ ସ୍ଥାନରେ ସେଇ ରହିଛି ନଚେତ୍ ତା'ର କୌଣସି ପ୍ରତିନିଧି ନିଏତ ରହିଛି । ଏବଂ ଏକଥାଟି ମଧ୍ୟ ସମ୍ପୂର୍ଣ୍ଣ ଭାବରେ ସୁନିଶ୍ଚିତ ହୋଇ ରହିଛି ଯେ ତା'ବେଳଟି ମଧ୍ୟ ଖୁବ୍ ଶୀଘ୍ର ଆସି ପହଞ୍ଚି ଯାଉଛି, ଯେତେବେଳେ କି ତା' ଲାଗି ସବୁକିଛି ଅବଶ୍ୟ ସମାପ୍ତ ହୋଇଯିବ ଏବଂ ତାକୁ ଏଠାରୁ ଚାଲିଯିବାକୁ ପଡ଼ିବ । ଏବଂ କୌଣସି ପରିବର୍ତ୍ତନ ସ୍ୱୀକାର ନକରିବାକୁ ସିଏ ବିଲକୁଲ ଜିଦ୍ ଧରି ବସିଛି ! ପରିବର୍ତ୍ତିତ ହେବା ଲାଗି ତା'ର କୌଣସି ଇଚ୍ଛା ମଧ୍ୟ ନାହିଁ, କାରଣ ତଦ୍ୱାରା ତାକୁ ସଙ୍ଗେ ସଙ୍ଗେ ଆପଣାର ସକଳ ଶକ୍ତିକୁ ହରାଇ ବସିବାକୁ ପଡ଼ିବ । ଏବଂ ତାହା ଆଦୌ ସମ୍ଭବ ହୋଇ ପାରିବ ନାହିଁ । ଏବଂ ସିଏ ଭଲ କରି ଜାଣିଛି ଯେ ତାକୁ ଅନ୍ତର୍ହିତ ହୋଇ ଯିବାକୁ ପଡ଼ିବ । ମାତ୍ର ସିଏ କୌଣସି ଲୁଣ୍ଠା ନରଖି

'oaob.nitrkl.ac.in' images reprocessed

ଏକଥା ଘୋଷଣା କରିବାରେ ଲାଗିଛି ଯେ ଅନ୍ତର୍ହିତ ହୋଇଯିବା ପୂର୍ବରୁ ସିଏ ନଷ୍ଟପ୍ରାୟ ସବୁ କିଛିକୁ ଧ୍ୱଂସ କରିଦେଇ ଯିବ ।···ତା' ସହିତ ଏଠି ସବୁକିଛି ଅନ୍ତର୍ହିତ ହୋଇ ନଯିବା ପର୍ଯ୍ୟନ୍ତ ଆପଣାର ଅନ୍ତର ଭିତରେ ସିଏ ଅନ୍ତର୍ହିତ ହୋଇଯିବା ଲାଗି କଦାପି ସମ୍ମତ ହେବ ନାହିଁ । ମାତ୍ର ତା' ଲାଗି ପ୍ରକୃତରେ ବଡ଼ ଦୁର୍ଭାଗ୍ୟର ବିଷୟ ଯେ ସେଇଟି ଆଦୌ ସମ୍ଭବ ନୁହେଁ । ମାତ୍ର, ତା' ପାଖରେ ଯେତେଯାହା ଶକ୍ତି ରହିଛି, ସବୁଯାକକୁ ଖଟାଇ ସିଏ ଯେତେ ପାରିବ, ସେତେ ବେଶୀ ବସ୍ତୁକୁ ଧ୍ୱସ୍ତ, ନଷ୍ଟ ଓ ଖଣ୍ଡ ଖଣ୍ଡ କରିଦେବ । ଏବଂ ତାହା ଅବଶ୍ୟମ୍ଭାବୀ ହୋଇ ରହିଛି । ଏବଂ ସେହି ଧ୍ୱଂସଗୁଡ଼ିକୁ ଘଟାଇ ସାରିବା ପରେ ତା'ର ପତନ ଘଟିବ । କେବଳ ଏହି ସର୍ତ୍ତିରେହିଁ ତାହା ଏହି ପତନଟିକୁ ସ୍ୱୀକାର କରିନେଇଛି । ଏକଥାଟି କଦାପି ତା' ମୁଣ୍ଡରେ ପଶି ନାହିଁ ଯେ ହୁଏତ ତାକୁ ଅନ୍ୟଭାବରେ ବଦଳାଇ ବି ଦିଆଯାଇ ପାରିବ । ତୁମେମାନେ କ'ଣ ବେଶ୍ ଦେଖି ପାରୁ ନାହଁ ଯେ ତାହା ଯେପରି ରହି ଆସିଥିଲା, ଏଥର ଆଉ କଦାପି ସେପରି ହୋଇ ରହି ପାରିବ ନାହିଁ, ସିଏ ଆଉ ଆପଣାର ସେହି ପୂର୍ବ ସ୍ୱଭାବଟିକୁ କଦାପି ରଖି ରହି ପାରିବ ନାହିଁ ।

ଜଣେ ମନୁଷ୍ୟ ଏବଂ ପ୍ରାଣିକ ସ୍ତରର ଏହି ସତ୍ତାଗୁଡ଼ିକ ମଧ୍ୟରେ ପ୍ରକୃତରେ ଅନେକ ପ୍ରଭେଦ ରହିଛି । ଏହି କଥାଟିକୁ ତୁମମାନଙ୍କୁ ମୁଁ ଆଗରୁ ଅନେକ ଥର କହିଛି, ଏବଂ ବର୍ତ୍ତମାନ ମଧ୍ୟ ସେଇଟିର ପୁନରାବୃତ୍ତି କରିବାକୁ ଯାଉଛି :

ମଣିଷ ଭିତରେ ଦିବ୍ୟ ପରମସତ୍ତା ରହିଛି ଏବଂ ଚୈତ୍ୟସତ୍ତା ମଧ୍ୟ ରହିଛି— ପ୍ରଥମ ଅବସ୍ଥାରେ ତାହା ପ୍ରାୟ ଏକ ଭ୍ରୂଣ ପରି ରହିଛି, ମାତ୍ର ପରିଶେଷରେ ତାହା ସମ୍ପୂର୍ଣ୍ଣ ଭାବରେ ଗଠିତ ହୋଇ ଆସୁଛି, ସଚେତନ ଓ ସ୍ୱାଧୀନ ହୋଇ ଆସୁଛି, ଗୋଟିଏ ବ୍ୟକ୍ତିସତ୍ତାରେ ପରିଣତ ହୋଇ ପାରୁଛି । ପ୍ରାଣିକ ପୃଥିବୀରେ ଏସବୁ କିଛିହେଲେ ନାହିଁ । ଜଡ଼ ମଧ୍ୟରେ ଏହି ପୃଥିବୀରେ ବାସ କରୁଥିବା ମନୁଷ୍ୟ ଲାଗି ଏହାକୁ ଏକ ବିଶେଷ କରୁଣାର ଦାନ ବୋଲି କୁହାଯାଇ ପାରିବ । ଏବଂ ସେହି କାରଣରୁହିଁ, ଏଠାରେ ଏପରି ଜଣେ କେହି ମନୁଷ୍ୟ ନାହିଁ, ଯାହା ଭିତରେ କି ଆଦୌ କୌଣସି ପରିବର୍ତ୍ତନ ଘଟାଯାଇ ପାରିବ ନାହିଁ । ଯଦି ଜଣେ ସ୍ୱୟଂ ସେହି ପରିବର୍ତ୍ତନଟିକୁ ଇଚ୍ଛା କରେ, ତେବେ ତାହା ଅବଶ୍ୟ ହେବ । ଅର୍ଥାତ୍, ମନୁଷ୍ୟ ଯେ ଏହି ପରିବର୍ତ୍ତନଟିକୁ ପ୍ରକୃତରେ ଇଚ୍ଛା କରିବ, ତାହାର ଏକ ସମ୍ଭାବନା ରହିଛି; ଏବଂ ସେ ଯେଉଁ ମୁହୂର୍ତ୍ତିରେ ଏହି କଥାଟିକୁ ସ୍ୱୟଂ ଇଚ୍ଛା କରିବ, ସେତେବେଳେ ସେ ଇପ୍‌ସିତ ପରିବର୍ତ୍ତନଟିକୁ ଘଟାଇ ପାରିବ । ଯେଉଁ ମୁହୂର୍ତ୍ତିରେ ସିଏ ଏଇଟିକୁ ଇଚ୍ଛା କରିବ, ସେତେବେଳେ ସିଏ ନିଶ୍ଚିତ ଭାବରେ ସଫଳତା ହାସଲ କରିପାରିବ । ମାତ୍ର, ଅନ୍ୟ ପକ୍ଷରେ, ପ୍ରାଣିକ ଭୂମିର ସେହି ସତ୍ତାମାନଙ୍କ ଭିତରେ ଏକ ଚୈତ୍ୟ ସତ୍ତା ବୋଲି ଆଦୌ କିଛି ନାହିଁ, ସେମାନଙ୍କ ଭିତରେ ପରମ ଦିବ୍ୟ ଶକ୍ତିର କୌଣସି

ପ୍ରତ୍ୟକ୍ଷ ବର୍ତ୍ତମାନତା ନାହିଁ (ଏକଥା ସ୍ୱାଭାବିକ ଯେ, ସେଇଟି ମୂଳରେ ଅବଶ୍ୟ ରହିଛି, ସେଗୁଡ଼ିକ ସିଧା ସେହି ପରମ ଦ୍ରବ୍ୟ ଉତ୍ସରୁହିଁ ଅବତରଣ କରି ଆସିଛନ୍ତି; ମାତ୍ର ତାହା ଏକାବେଳେକେ ମୂଳରେ ଯାଇ ଘଟିଛି, ତାହା ବର୍ତ୍ତମାନ ଅନେକ ଦୂରବର୍ତ୍ତୀ ହୋଇ ରହିଛି) । ସେମାନଙ୍କର ଆପଣା ଭିତରେ ଦ୍ରବ୍ୟ ପରମସତ୍ତା ସହିତ କୌଣସି ପ୍ରତ୍ୟକ୍ଷ ଯୋଗାଯୋଗ ନାହିଁ ଏବଂ ସେମାନଙ୍କ ଭିତରେ କୌଣସି ଚୈତ୍ୟ ସତ୍ତା ମଧ୍ୟ ନାହିଁ । ଏବଂ ସେମାନଙ୍କ ଭିତରେ ଯଦି ଏକ ପରିବର୍ତ୍ତନ ଘଟେ, ତେବେ ସେମାନଙ୍କର ନିଜସ୍ୱ ଆଉ କୌଣସି ପଦାର୍ଥର ଅବଶେଷ ରହିବ ନାହିଁ । କାରଣ ସେମାନେ ସଂପୂର୍ଣ୍ଣ ଭାବରେ ଠିକ୍ ବିପରୀତ ଗତିସ୍ପନ୍ଦନଟି ଦ୍ୱାରାହିଁ ତିଆରି ହୋଇଛନ୍ତି : ସେମାନେ ବ୍ୟକ୍ତିଗତ ଆତ୍ମ-ପ୍ରତିଷ୍ଠା, ସ୍ୱେଚ୍ଛାଗ୍ରସ୍ତ କର୍ତ୍ତୃତ୍ୱ ଦେଇ ତିଆରି ହୋଇଛନ୍ତି, ପରମ ମୂଳଟିରୁ ବିଚ୍ଛିନ୍ନ ହୋଇ ପଡ଼ିଛନ୍ତି; ଯାହାକିଛି ଶୁଦ୍ଧ, ସୁନ୍ଦର ଏବଂ ଉଦାର, ସେଗୁଡ଼ିକ ପ୍ରତି ଏକ ଘୃଣାଭାବ ଦ୍ୱାରାହିଁ ସେଗୁଡ଼ିକ ତିଆରି ହୋଇ ରହିଛନ୍ତି । ମଣିଷଭଳି ସେମାନଙ୍କ ଭିତରେ ଏହି ଚୈତ୍ୟ ଉପାଦାନଟି କିଛିହେଲେ ନାହିଁ; ମଣିଷ ଭିତରେ ସେହି ଉପାଦାନଟି ରହିଛି ବୋଲି, ସବୁଠାରୁ ଅଧଃପତିତ ମଣିଷ ଭିତରେ ତାହା ଅବଶ୍ୟ ରହିଛି ବୋଲି, ଯାହାକିଛି ସୁନ୍ଦର ଓ ଯାହାକିଛି ଶୁଦ୍ଧ, ମନୁଷ୍ୟ ତାହାକୁ ସମ୍ମାନ ଦେଖାଇ ପାରୁଛି; ଏବଂ ସବୁଠାରୁ ଅଧିକ ଅଧମ ହୋଇ ରହିଥିବା ଜଣେ ମଣିଷ ମଧ୍ୟ ତା'ର ଅନ୍ତରସ୍ଥ ସବୁ ଅନନୁକୂଳତା ସତ୍ତ୍ୱେ ଓ ଆପଣା ଇଚ୍ଛାର ସଂପୂର୍ଣ୍ଣ ବିରୁଦ୍ଧରେ ଯାହାକିଛି ଶୁଦ୍ଧ, ଉଦାର ଏବଂ ସୁନ୍ଦର, ସେଗୁଡ଼ିକୁ ସମ୍ମାନ ଦେଖାଇ ପାରୁଛି, ମାତ୍ର ଅନ୍ୟ ଶକ୍ତିଗୁଡ଼ିକରେ ସେହି ସାମର୍ଥ୍ୟ ନାହିଁ । ସେମାନେ ସଂପୂର୍ଣ୍ଣ ଭାବରେ ଏକାବେଳେକେ ଅନ୍ୟ ପାଖରେ ଯାଇ ଅଛନ୍ତି,— ଗୋଟାସୁଦ୍ଧା ଅନ୍ୟ ପାଖରେ ରହିଛନ୍ତି । ଏହି କଥାଟି ସେମାନଙ୍କୁ ଯାବତୀୟ ପ୍ରକାରରେ ବିରକ୍ତିହିଁ ଆଣି ଦେଉଛି । ଏଇଟିକୁ ସେମାନେ ପ୍ରାୟ ଅସ୍ପୃଶ୍ୟ କରି ରଖିଛନ୍ତି, କାରଣ ସେଇଟି ସେମାନଙ୍କୁ ଧ୍ୱଂସ କରିଦେଉଛି । ସେହି ବସ୍ତୁଟିହିଁ ସେମାନଙ୍କୁ ଅନ୍ତର୍ହିତ ହୋଇଯିବା ଲାଗି ବାଧ୍ୟ କରୁଛି, ସଦିଚ୍ଛା, ନିଷ୍ଠା, ବିଶୁଦ୍ଧତା ଏବଂ ସୌନ୍ଦର୍ଯ୍ୟ,—ଏହିଗୁଡ଼ିକହିଁ ସେମାନଙ୍କୁ ଅନ୍ତର୍ହିତ ହୋଇ ଯିବା ଲାଗି ବାଧ୍ୟ କରୁଛନ୍ତି । ତେଣୁ ସେମାନେ ଏସବୁ ବିଷୟକୁ ଘୃଣା କରୁଛନ୍ତି ।

ଏବଂ କେଉଁ କାରଣରୁ ଯେ ସେମାନଙ୍କୁ ବଦଳାଇ ଦେବା ପାଇଁ ଚେଷ୍ଟା କରିଯିବ, ମୁଁ ସେହି ବିଷୟରେ କିଛି ଜାଣି ପାରୁ ନାହିଁ । ଏହି ପରିବର୍ତ୍ତନ ପ୍ରକୃତରେ କେଉଁଟିକୁ ଅବଲମ୍ବନକରି ବିନ୍ଦୁରୂପେ ଗ୍ରହଣ କରିବ ? ମୁଁ ସେପରି କିଛି ଦେଖିପାରୁ ନାହିଁ । ଏପରିକି, ସେମାନଙ୍କ ମଧ୍ୟରୁ ଯେଉଁଗୁଡ଼ିକ ବୃହତ୍ତମ, ମୁଁ ସେଗୁଡ଼ିକ ମଧ୍ୟରେ ବି କିଛି ଦେଖିପାରୁ ନାହିଁ । ଅର୍ଥାତ୍, ପୃଥିବୀପୃଷ୍ଠରୁ ଯେପର୍ଯ୍ୟନ୍ତ ଘୃଣା ନଯାଇଛି, ସେପର୍ଯ୍ୟନ୍ତ ଏଗୁଡ଼ିକ ମଧ୍ୟରୁ କେତୋଟି ବସ୍ତୁ ଆଦୌ ଅନ୍ତର୍ହିତ

'oaob.nitrkl.ac.in' images reprocessed

ହୋଇ ପାରବେ ନାହିଁ ।...... ଆମେ ଏହି କଥାଟିକୁ ଅନ୍ୟ ଭାବରେ ମଧ୍ୟ କହି ପାରିବା । ଆମେ ହୁଏତ କହିପାରିବା ଯେ ସେହିସବୁ ସତ୍ତା ଏହି ପୃଥିବୀରୁ ଦୂର ହୋଇଗଲା ମାତ୍ରକେହିଁ ପୃଥିବୀରୁ ଘୃଣା ମଧ୍ୟ ଦୂର ହୋଇଯିବ । ମାତ୍ର, ଠିକ୍ ବର୍ତ୍ତମାନ ମୁଁ ଯେଉଁ କାରଣଟି ଦର୍ଶାଇଲି, କେବଳ ମନୁଷ୍ୟ ଭିତରେହିଁ ଅନ୍ଧକାର ସ୍ଥାନରେ ଆଲୋକର ଉତ୍ସ୍ଫୁରଣ ଘଟାଇବାର ଶକ୍ତି ରହିଛି, ଅସୁନ୍ଦର ଜାଗାରେ ସୁନ୍ଦରକୁ ଫୁଟାଇ ଆଣିବାର ଶକ୍ତି ରହିଛି, ଅଶିବ ଭିତରେ ଶିବର ପ୍ରବର୍ତ୍ତନ କରାଇ ଆଣିବାର ଶକ୍ତି ରହିଛି । ମନୁଷ୍ୟର ସେହି ଶକ୍ତି ରହିଛି, ଅସୁରର କଦାପି ନାହିଁ । ତେଣୁ, ମନୁଷ୍ୟକୁହିଁ ଏହି କାର୍ଯ୍ୟଟିକୁ କରିବାକୁ ପଡ଼ିବ; ସେଇ ମନୁଷ୍ୟହିଁ ବଦଳିବ । ସେଇ ତା'ର ଏହି ପୃଥିବୀରେ ଏକ ରୂପାନ୍ତର ସମ୍ଭବ କରିବ ଏବଂ ସେଇ ମନୁଷ୍ୟହିଁ ଆଉ ଅନ୍ୟ ପୃଥିବୀଗୁଡ଼ିକୁ ପଳାଇ ଯିବା ପାଇଁ ଅଥବା ବିଲୁପ୍ତ ହୋଇଯିବା ପାଇଁ ଅସୁରକୁ ବାଧ୍ୟ କରିପାରିବ । ଏବଂ ତା'ପରେ ସବୁ ସ୍ଥିର ହେବ । ଏହିପରି ଭାବରେହିଁ ହେବ ।

ଆଉ କିଛି ପଚାରିବ ?

ମନ ବିଷୟରେ ଆପଣ ଏଠାରେ କହୁଛନ୍ତି "ସତ୍ତାର ଯେକୌଣସି ଭାଗ ଆପଣାର ନିରୂପିତ ସ୍ଥାନରେ ରହି କାର୍ଯ୍ୟ କରୁଥିବ ଏବଂ ଆପଣାର ନିର୍ଦ୍ଦିଷ୍ଟ ଭୂମିକାଟିକୁ ଗ୍ରହଣ କରି ରହିଥିବ, ତାହା ନିଶ୍ଚୟ ସହାୟକ ହୋଇପାରିବ । ମାତ୍ର ତାହା ଯିଧାସଳଖ ଆପଣାର କ୍ଷେତ୍ରଟିର ସୀମାଲଙ୍ଘନ କରି ଚାଲିଯାଏ, ବକ୍ର ଏବଂ ବିକୃତ ହୋଇଯାଏ ଏବଂ ତେଣୁ ଏକ ମିଥ୍ୟାରେହିଁ ପରିଣତ ହୁଏ । କେବଳ ପରମ ଦିବ୍ୟ ଉଦ୍ଦେଶ୍ୟର ପୂରଣ ଲାଗି ଆପଣାର ଯାବତୀୟ କ୍ରିୟାଶୀଳତାକୁ ଉଦ୍ଦିଷ୍ଟ କରି ରଖିପାରିଲେ ଯାଇ କୌଣସି ଶକ୍ତି ନିଜକୁ ଯଥାର୍ଥ ମାର୍ଗରେ ସଞ୍ଚାଳିତ କରିପାରିବ; ଏବଂ, ଅନ୍ୟପକ୍ଷରେ, କେବଳ ସ୍ୱସନ୍ତୋଷ-ବିଧାନ ଲାଗିହିଁ ଯାବତୀୟ କ୍ରିୟାଶୀଳତାକୁ ଲଗାଇ ରଖିଥିବା ପର୍ଯ୍ୟନ୍ତ ତାହା କେବଳ ଭୁଲ ମାର୍ଗରେହିଁ ଗତି କରୁଥିବ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୫ ମେ)

କେଉଁ ଅବସ୍ଥାରେ ସତ୍ତାର କୌଣସି ଭାଗ ପ୍ରକୃତରେ ଆପଣା

'oaob.nitrkl.ac.in' images reprocessed

କ୍ଷେତ୍ରର ସୀମାଟିକୁ ଅତିକ୍ରମ କରିଯାଏ, ଏବଂ କେଉଁ କାରଣରୁ ତାହା ବିକୃତ ହୋଇପଡ଼େ ଓ ବିକୃତି ଘଟାଇବାକୁ ଲାଗେ ?

ମୁଁ ଏଠାରେ ସ୍ଥାନ ଅର୍ଥରେହିଁ 'କ୍ଷେତ୍ର' ଶବ୍ଦଟିର ବ୍ୟବହାର କରିଛି, ଏବଂ ଜଣେ ତା'ର ଜୀବନରେ ଯେଉଁ ଭୂମିକାଟିକୁ ଗ୍ରହଣ କରୁଛି, ସେହି ଅର୍ଥରେ ମଧ୍ୟ ମୁଁ 'କ୍ଷେତ୍ର' ଶବ୍ଦଟିକୁ ଏଠାରେ ଲଗାଇଛି । ସତ୍ତାର ପ୍ରତ୍ୟେକ ଭାଗଟିର ସମଗ୍ରଟି ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ରହିଛି ଏବଂ ଏକ ନିର୍ଦ୍ଦିଷ୍ଟ ଭୂମିକା ଗ୍ରହଣ କରିବାକୁ ରହିଛି । ଯଦି, ସେହି ଭୂମିକାଟିକୁ ଗ୍ରହଣ କରିବା ପରିବର୍ତ୍ତେ ତାହା ଆଉ ଅନ୍ୟ ଏକ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଇଚ୍ଛା କରିବ, ତେବେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ତାହା ଆପଣାର ଯଥାର୍ଥ ଭୂମିକାଟିକୁ ଗ୍ରହଣ କରିବା ଲାଗି ଆବଶ୍ୟକ ହେଉଥିବା ଗୁଣ ଓ ସାମର୍ଥ୍ୟଗୁଡ଼ିକୁ ହରାଇ ବସିବ । ଏବଂ ଅତ୍ୟନ୍ତ ସୁନିଶ୍ଚିତ ଭାବରେ ତାହା ବିକୃତ ହୋଇ ପଡ଼ିବ, ନାନା ବିକାରର ଅବତାରଣା କରିବାକୁ ଲାଗିବ । ଉଦାହରଣସ୍ୱରୂପ, ଆମେ ଏଠାରେ କହିବା ଯେ କର୍ମ କରିବାର ଭୂମି ଉପରେ ଏକ ସ୍ଥିତିସ୍ଥାପକ ଭୂମିକା ଗ୍ରହଣ କରିବା ହେଉଛି ମନର ଯଥାର୍ଥ କାର୍ଯ୍ୟ । ମନ ଭିତରେ ସର୍ବପ୍ରଥମେ କୌଣସି ଧାରଣା ଆସି ପ୍ରବେଶ କରେ, ମନ ତାହାକୁ ହାତରେ ଧରେ ଓ ତାହାକୁ ଉପଲବ୍ଧି କରିବା ଉଦ୍ଦେଶ୍ୟରେ ତାହାକୁ ଗୋଟିଏ ନିର୍ଦ୍ଦିଷ୍ଟ ରୂପ ଦିଏ, ତାହାକୁ କର୍ମଗତ ଏକ ଉଦ୍ଦେଶ୍ୟ ରୂପେ ପରିଣତ କରାଇ ଆଣେ, ଏବଂ ତା'ପରେ ତାକୁ ଜଡ଼ଜଗତର କ୍ଷେତ୍ର ଅଭିମୁଖରେ ପ୍ରେରଣ କରିଥାଏ । ମନ ସେହି ବସ୍ତୁଟିକୁ ସଙ୍ଗଠିତ କରି ଆଣିବାକୁ ଚେଷ୍ଟା କରେ, ଯେପରିକି ସେଇଟି କର୍ମରୂପେ ଆପଣାକୁ ଉପଲବ୍ଧି କରିପାରିବ । ଏହାହିଁ ହେଉଛି ମନର ଯଥାର୍ଥ ଭୂମିକା, ଏବଂ ମନ ଯେପର୍ଯ୍ୟନ୍ତ ସେହି ଭୂମିକାଟିକୁ ଗ୍ରହଣ କରି ରହିଥାଏ ଓ ସଯତ୍ନ ହୋଇ ତାହା କରୁଥାଏ, ସେପର୍ଯ୍ୟନ୍ତ ତାହା ଆପଣାର ଭୂମିକାଟିକୁ ଯଥାର୍ଥରେ ପରିପୂର୍ଣ୍ଣ କରୁଛି ବୋଲି ନିଶ୍ଚୟ କୁହାଯିବ; ସେପର୍ଯ୍ୟନ୍ତ ମନ ଆପଣାର ଯଥାସ୍ଥାନରେ ରହିଥାଏ ଓ ବେଶ୍ ବେଶ୍ ଉପଯୋଗୀ ଭାବରେ କାର୍ଯ୍ୟ କରୁଥାଏ । ମାତ୍ର ଯଦି ସେହି ମନ ସ୍ୱୟଂ ସବୁକିଛି ଜାଣିଛି ବୋଲି କଳ୍ପନା କରିବସେ, ସତ୍ତାର ଆଉ ଗୋଟିଏ ଭାଗରୁ—ଏକ ଉଚ୍ଚତର ଭାଗରୁ,—ଜ୍ଞାନ ଓ ଯାବତୀୟ ବସ୍ତୁର ଗ୍ରହଣ କରିବା ଲାଗି ତାହାର ଆଦୌ କୌଣସି ପ୍ରୟୋଜନ ନାହିଁ ବୋଲି ଯଦି ତାହା ଭାବିବାକୁ ଆରମ୍ଭ କରେ, ଯଦି ତାହାକୁ ସବୁକିଛି ଜଣା ଅଛି ବୋଲି କଳ୍ପନା କରେ ଏବଂ ଅନ୍ତର୍ଗତ ନାନା ଗତିସ୍ପନ୍ଦନ ସହିତ ସଂଗ୍ରଥିତ ହୋଇ ରହି ଯଦି ତାହା କିଛି ଜ୍ଞାନ ପ୍ରକୃତରେ ଲାଭ କଲା ବୋଲି ବିଶ୍ୱାସ କରେ,—ଏହାକୁ ତ ଜ୍ଞାନ କୁହାଯିବ ନାହିଁ, ବରଂ ଆଉ କୌଣସି ବିଷୟର ମନ ଉପରେ ଏକ ପ୍ରତିଫଳନ

'oaob.nitrkl.ac.in' images reprocessed

ବୋଲି କୁହାଯିବ,—ଏବଂ ଯଦି ତା'ପରେ ମନ ସେହି ଜ୍ଞାନକୁ ପାର୍ଥିବ ଜୀବନ ଉପରେ ଲଦିଦେବ ବୋଲି ବାହାରେ, ତେବେ ତଦ୍ଦ୍ୱାରା ସେ ଆପଣର ପ୍ରକୃତ ଭୂମିକାଟିକୁ ଛାଡ଼ି ସତେ ଅବା ଏକ ଉତ୍ପୀଡ଼ନକାରୀ ହେବାକୁ ଆରମ୍ଭ କରେ—; ମନର ଜୀବନରେ ଏହି କଥାଟି ଅଧିକାଂଶ ସମୟରେ ଘଟେ ଏବଂ ସେତେବେଳେ ତାହା ସଂପୂର୍ଣ୍ଣ ଭାବରେ ବିକୃତ ହୋଇପଡ଼େ ଏବଂ ସାଧନାରେ ସହାୟକ ହୋଇ ରହିବା ପରିବର୍ତ୍ତରେ ତାହା ସାଧନାକୁ ନିମ୍ନଗତି କରାଏ । ଆମେ ଭାରି ସହଜରେ ମନ ବିଷୟରେ ଏହିପରି ମନ୍ତବ୍ୟଟିଏ କରିପାରିବା । ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ ଆମକୁ ଅବଶ୍ୟ ଯଥାର୍ଥ କାର୍ଯ୍ୟଟିର ଅନୁସରଣ କରି ଶିଖିବାକୁ ପଡ଼ିବ, ନିଜ ଭିତରେ ସଂଘଟିତ ହେଉଥିବା କାର୍ଯ୍ୟଗୁଡ଼ିକର ଅନୁସରଣ କରି ପାରିବାକୁ ହେବ ।

ପ୍ରାଣିକ ସ୍ତର ବିଷୟରେ ମଧ୍ୟ ଠିକ୍ ସେହି କଥା । ମନ ଯେଉଁ ବିଘ୍ନରଟିକୁ ଏକ ନିର୍ଦ୍ଦିଷ୍ଟ ରୂପ ଦେଉଛି, ସେଇଟି ଯେପରି ଶରୀରର ଭୂମିକୁ ପ୍ରେରିତ ହୋଇ ଆସିପାରିବ ଏବଂ କର୍ମରୂପେ ଉପଲବ୍ଧ ହେବ, ସେଥିଲାଗି ତାହାକୁ ଆବଶ୍ୟକ ଚାଳିକା ଶକ୍ତି, ଆପଣାକୁ ଉପଲବ୍ଧି କରିବାର ସାମର୍ଥ୍ୟ, ଉତ୍ସାହ ତଥା ତେଜସ୍ୱିତା ଆଣି ଯୋଗାଇଦେବା ହେଉଛି ପ୍ରାଣର କାର୍ଯ୍ୟ । ଏବଂ ଯେତେବେଳଯାଏ ପ୍ରାଣ ଆପଣାକୁ ଏହି କାର୍ଯ୍ୟଟିକୁ ସମ୍ପନ୍ନ କରିବା ମଧ୍ୟରେ ସୀମାବଦ୍ଧ କରି ରଖିଥାଏ, ଅର୍ଥାତ୍, ଯେତେବେଳ ଯାଏ ତାହା ବିଘ୍ନରଟିକୁ କାର୍ଯ୍ୟାନ୍ୱିତ କରିବାରେ ସହଯୋଗ କରି ଆପଣାର ସକଳ ଶକ୍ତି, ଉତ୍ସାହ ଏବଂ ବଳକୁ କାର୍ଯ୍ୟରେ ଲଗାଉଥାଏ, ସେତେବେଳଯାଏ ସବୁକିଛି ଭାରି ଭଲ ଭାବରେ ଚାଲିଥାଏ । ମାତ୍ର, ଯଦି ସେପରି ନକରି ହଠାତ୍ ପ୍ରାଣକୁ ଆଉ ଗୋଟାଏ ବାସନା ଆସି ମାଡ଼ିବସେ,—ଏବଂ ଏହି କଥାଟି ବେଶ୍ ଅନେକ ସମୟରେ ହୁଏ,—ଏବଂ ତା'ପରେ, ଯେଉଁ ଉଚ୍ଚତର ଭାବନାଟି ଆପଣାକୁ ଅଭିବ୍ୟକ୍ତ କରିବାକୁ ଇଚ୍ଛା କରିଥିଲା, ସେଇଟିକୁ ନୁହେଁ, ମାତ୍ର ଖାସ୍ ଆପଣାର କୌଣସି ବାସନାକୁ ଉପଲବ୍ଧ କରିବା ଲାଗି ନିଜର ଯାବତୀୟ ସାମର୍ଥ୍ୟକୁ ଆଣି କାର୍ଯ୍ୟରେ ଲଗାଇ ଦିଏ, ତେବେ ସେଇକିବେଳେ ତାହା ଆପଣା କର୍ମପରିସରର ଗାରଗୁଡ଼ିକୁ ଡେଇଁ ସେପାଖକୁ ଚାଲିଯାଏ । ସେତେବେଳେ ତାହା ବିକୃତ ହୋଇପଡ଼େ, ସବୁକିଛିକୁ ବିକୃତ କରିପକାଏ ଏବଂ ନାନା ବିପର୍ଯ୍ୟୟ ଘଟାଇବାରେ ବେଶ୍ ସାଫଲ୍ୟ ଲାଭ କରେ ।

> ପ୍ରତିକୂଳ ଅନର୍ଥ ଶକ୍ତିଗୁଡ଼ିକ ଆମକୁ ଆକ୍ରମଣ କରୁଛନ୍ତି ବୋଲି ବେଳେବେଳେ ଆମେ ମୋଟେ ଦେଖି ପାରୁ ନାହିଁ; ଏପରି କାହିଁକି ହୁଏ ?

'oaob.nitrkl.ac.in' images reprocessed

ତୁମେମାନେ ପ୍ରକୃତରେ ଦେଖି ପାର ନାହିଁ ! ତୁମେ ସତର୍କ ନଥିବା ସମୟରେ ସେହିପରି ଘଟେ; ଯେତେବେଳେ ତୁମର ମନ ଉଚିତ ସ୍ଥାନରେ ନଥାଏ, ଯେତେବେଳେ ତୁମେ ସମ୍ପୂର୍ଣ୍ଣ ବାହ୍ୟ କେଉଁ କ'ଣ ଭିତରେ ବ୍ୟସ୍ତ ହୋଇ ରହିଥାଅ, ଦୈନନ୍ଦିନ ବ୍ୟାବହାରିକ ଜୀବନର ସାନ ସାନ କୁଟାକାଠିଗୁଡ଼ିକ ଭିତରେ ଛନ୍ଦି ହୋଇ ଯାଇଥାଅ, ସେତିକିବେଳେ ସେଇ କଥା ହୁଏ । ସେତିକିବେଳେହିଁ ସେହି ଶକ୍ତିଗୁଡ଼ିକ ତୁମକୁ ଆକ୍ରମଣ କରିବାକୁ ସମର୍ଥ ହୁଅନ୍ତି, ତୁମ ଭିତରେ ପ୍ରବେଶ କରନ୍ତି, ତୁମର ଅଦେଖାରେ ମଧ୍ୟ ଆସି ତୁମ ଭିତରେ ଅବସ୍ଥାନ କରିବାକୁ ଲଗନ୍ତି । ଅଧିକାଂଶ ସମୟରେ, ସେମାନେ ତୁମକୁ ଏହିପରି ସିଧାଭାବରେ ଆଦୌ ଆକ୍ରମଣ କରିବାକୁ ଆସନ୍ତି ନାହିଁ; କାରଣ ଯଦି ସେମାନେ ତୁମକୁ ସିଧା ଆକ୍ରମଣ କରିବାକୁ ଆସିବେ, ତେବେ ତୁମେ ସେହି ଆକ୍ରମଣଟିକୁ ଅନୁଭବ କରିବାର ଏକ ସମ୍ଭାବନା ମଧ୍ୟ ନିଶ୍ଚୟ ରହିଥିବ (ତୁମେ ହୁଏତ ହଠାତ ବଡ଼ ଅସ୍ୱସ୍ତିକର ଅନୁଭବ କରିବାକୁ ଲଗିବ ଏବଂ ତାହାହିଁ ତୁମର ଦୃଷ୍ଟିଟିକୁ ଜାଗ୍ରତ କରି ଆଣିବା ପାଇଁ ଯଥେଷ୍ଟ ହେବ ।) । ତେଣୁ ସେମାନେ ତୁମର ଅଚେତନ ଭିତରେ ଯାଇ ପଶିଯାଆନ୍ତି ଏବଂ ସେଇଠାରୁହିଁ ଅତି ଧୀର ଓ ନିଃଶବ୍ଦ ଭାବରେ ଉପରକୁ ଉଠି ଆସନ୍ତି । ତେଣୁ, ତୁମ ଭିତରେ ଯେ ପ୍ରକୃତରେ କ'ଣସବୁ ଘଟୁଛି, ସେବିଷୟରେ ତୁମର ଆଦୌ କୌଣସି ଜ୍ଞାନ ନଥାଏ । ଯେତେବେଳେ ଜ୍ଞାନ ଆସେ, ସେତେବେଳେ ଆକ୍ରମଣଟି ହୋଇ ସାରିଥାଏ, ପ୍ରତିକୂଳ ଶକ୍ତିଟି ତୁମ ଭିତରେ ଦୃଢ଼ ହୋଇ ଅବସ୍ଥାପିତ ହୋଇ ସାରିଥାଏ ଏବଂ ବେଶ୍ ଆରାମରେ ସେଠାରେ ଅବସ୍ଥାନ କରୁଥାଏ ।

> ଅନେକ ସମୟରେ ପ୍ରତିକୂଳ ଶକ୍ତିଗୁଡ଼ିକୁ ଅନ୍ୟ ଶକ୍ତିଗୁଡ଼ିକଠାରୁ ଅଲଗା କରି ଆଦୌ ବାରି ହୁଏ ନାହିଁ ।

ଆମେ ଅଚେତନା ଭିତରେ ବେଶ୍ ବୁଡ଼ି ରହିଥିଲେ ସେକଥା ଘଟେ ।

କେବଳ ଦୁଇଟି କ୍ଷେତ୍ରରେ ତାହା ସମ୍ଭବ ହୋଇପାରେ, ତୁମେ ନିଜ ସତ୍ତାର ଗତିସ୍ପନ୍ଦନଗୁଡ଼ିକ ବିଷୟରେ ହୁଏତ ଅତିମାତ୍ରାରେ ଅଚେତନ ହୋଇ ରହିଥାଅ,—ତୁମେ ନିଜକୁ ଆଦୌ ଅଧ୍ୟୟନ କରି ନଥାଅ, ନିଜ ଉପରେ ଦୃଷ୍ଟିପାତ କରି ନଥାଅ ଏବଂ ତୁମ ଭିତରେ କ'ଣସବୁ ଘଟୁଛି, ସେହି ବିଷୟରେ କିଛି ବି ଜାଣି ନଥାଅ;—ଅଥବା, ତୁମ ଭିତରେ ନିଷ୍ଠାର ଏକାନ୍ତ ଅଭାବ ରହିଥାଏ, ଅର୍ଥାତ୍, ବସ୍ତୁଗୁଡ଼ିକର ସତ୍ୟକୁ ନଦେଖିବାର ମତଲବରେ ତୁମେ ଏଣେତେଣେ ଲୁଚି

'oaob.nitrkl.ac.in' images reprocessed

ଭୁଲିବାରେ ଲାଗିଥାଅ । ତୁମେ ନିଜର ମୁଣ୍ଡଟିକୁ ଲୁଗ୍ଭାଇ ରଖ, ତୁମ ଦୃଷ୍ଟିପାତଟିକୁ ଲୁଗ୍ଭାଇ ରଖ, ନିଜର ଜ୍ଞାନଟିକୁ ମଧ୍ୟ ଲୁଗ୍ଭାଇ ରଖ, ଏବଂ କହିବାରେ ଲାଗିଥାଅ : "ଏଇଟି ସେଠାରେ କଦାପି ନାହିଁ ।" ମାତ୍ର ମୁଁ ଆଶା କରୁଛି ଯେ ଏଠାରେ ଶେଷୋକ୍ତ ବିଷୟଟି ଉପରେ ଆଦୌ କୌଣସି ପ୍ରଶ୍ନ ଉଠୁ ନାହିଁ, ତେଣୁ ଏଇଟି କେବଳ ଏଇଥିପାଇଁ ଘଟେ ଯେ ଆପଣା ଆଡ଼କୁ ଦୃଷ୍ଟିପାତ କରି ଦେଖିବାକୁ ଆମର ଆଦୌ କୌଣସି ଅଭ୍ୟାସ ନଥାଏ, ଆମ ଭିତରେ ଯେ କ'ଣସବୁ ଘଟୁଛି, ସେହି ବିଷୟରେ ଯେ ଆମେ ଏତେଦୂର ଅଚେତନ ହୋଇ ରହିଛୁ, ସେକଥାଟିକୁ ଦେଖିବାକୁ ଆମେ ପ୍ରାୟ ଅଭ୍ୟସ୍ତ ଭାବରେ ଭୁଲି ଯାଇଥାଉ ।

ତୁମର ମନ ଭିତରୁ କ'ଣ ଆସୁଛି, ତୁମ ପ୍ରାଣକ୍ଷେତ୍ରରୁ କ'ଣ ଆସୁଛି ଏବଂ ତୁମର ଜଡ଼ ସ୍ତରରୁ କ'ଣ ଆସୁଛି, ଏଗୁଡ଼ିକ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଜାଣି ପାରିବା ଲାଗି ତୁମେ କେବେହେଲେ ଅଭ୍ୟାସ କରିଛ କି ?...କାରଣ ଏହି ତିନୋଟି ଯାକ ପରସ୍ପର ସହିତ ବଡ଼ ମିଶାମିଶି ହୋଇ ରହିଥାନ୍ତି, ବାହାରର ପ୍ରାତିଭାସିକ ରୂପରେ ଏମାନେ ପରସ୍ପର ସହିତ ବଡ଼ ମିଶାମିଶି ହୋଇ ରହିଥାନ୍ତି । ଏଗୁଡ଼ିକ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଜାଣିବା ଲାଗି ଯଦି ତୁମେ ଆଦୌ ମନ ନଦିଅ, ତେବେ ସେଗୁଡ଼ିକ ସତେଅବା ଝୋଲପରି ଏକତ୍ର ମିଶି ରହିଯାଆନ୍ତି । ତେଣୁ ବଡ଼ ଅସ୍ପଷ୍ଟ ହୋଇ ପଡ଼ନ୍ତି ଓ ସେମାନଙ୍କୁ ବାରି ଠିକ୍ କରିବା ଭାରି କଷ୍ଟକର ହୋଇପଡ଼େ । ମାତ୍ର ଯଦି ତୁମେ ନିଜକୁ ପର୍ଯ୍ୟବେକ୍ଷଣ କରି ଦେଖ, ତେବେ କିଛି ସମୟ ପରେ ତୁମେ କେତେକ ନିର୍ଦ୍ଦିଷ୍ଟ କଥା ଦେଖିବାକୁ ପାଇବ, ସେଗୁଡ଼ିକୁ ତୁମେ ସେହିଠାରେ ରହିଥିବାର ଅନୁଭବ କରି ପାରିବ, ସତେଯେପରି ସେମାନେ ତୁମ ଚମଡ଼ାତଳେ ରହିଛନ୍ତି, ସେହିପରି ଅନୁଭବ କରିବାକୁ ଲାଗିବ । ତୁମେ ଅନୁଭବ କରୁଥିବା ଆଉ କେତେଗୁଡ଼ିଏ ବସ୍ତୁ ଲାଗି ତୁମକୁ ନିଜ ଭିତରେ ଆହୁରି ଭିତରକୁ ଯିବାକୁ ପଡ଼ିବ, ସେଗୁଡ଼ିକ ପ୍ରକୃତରେ କେଉଁଠାରୁ ଆସୁଛନ୍ତି, ତାହା ଆବିଷ୍କାର କରିବା ଲାଗି ଅଧିକ ଭିତରକୁ ଯିବାକୁ ହେବ । ଏବଂ ଆହୁରି ଅନ୍ୟ ବସ୍ତୁଗୁଡ଼ିକ ଲାଗି ତା'ଠାରୁ ମଧ୍ୟ ଅଧିକ ଭିତରକୁ ଯିବାକୁ ପଡ଼ିବ । ଅଥବା, ଆଉ ଟିକିଏ ଉପରକୁ ଉଠିଯିବାକୁ ପଡ଼ିବ । କାରଣ ତାହା ତୁମର ଅଚେତନା ଭିତରୁ ଆସିଥିବ । ଏବଂ, ଏମାନଙ୍କ ବ୍ୟତୀତ ଆହୁରି ଅନେକ ବି ରହିଛନ୍ତି, ଏବଂ ସେଥିଲାଗି ଅର୍ଥାତ୍ ସେମାନେ କେଉଁଠାରୁ ଯେ ଆସୁଛନ୍ତି, ତାହା ଜାଣିବା ଲାଗି ତୁମକୁ ପ୍ରକୃତରେ ଅନେକ, ଅନେକ ଗଭୀରକୁ ଯାଇ ପାରିବାକୁ ହେବ । ଏହାକୁ ଆମେ କେବଳ ଆରମ୍ଭ ମାତ୍ର କହିବା ।

ତୁମେ କେବଳ ଦୃଷ୍ଟିପାତ କରୁଥିବ । ତୁମେ ଏକ ନିର୍ଦ୍ଦିଷ୍ଟ ଅବସ୍ଥାରେ ରହିଥିବ, ଏପରି ଏକ ଅବସ୍ଥାରେ ଥିବ, ଯାହାର ସଂଜ୍ଞା ନିରୂପଣ କରି ପାରୁ ନଥିବ । ତା'ପରେ ଅନାଇ ଦେଖିବ : "ଆରେ ! ମୁଁ ସେପରି ପୁଣି କିପରି ହେଲି ?" ତୁମକୁ

ପ୍ରକୃତରେ ଜ୍ୱର ହୋଇଛି ବା ଅନ୍ୟ କୌଣସି ଅସୁସ୍ଥତା ଅଛି, ପ୍ରଥମେ ଦେଖିବାକୁ ଚେଷ୍ଟା କରିବ । ମାତ୍ର ସବୁ ଠିକ୍ ଥିବ, ତୁମ ଦେହ ବିଲକୁଲ ଠିକ୍ ଥିବ, ମୁଣ୍ଡବ୍ୟଥା ନଥିବ କି ଜ୍ୱର ନଥିବ, ପେଟରେ କୌଣସି ଗୋଳମାଳ ନଥିବ, ହୃଦ୍‌ଯନ୍ତ୍ର ଠିକ୍ ଭାବରେ ପଡ଼ୁଥିବ, ବସ୍ତୁତଃ ତୁମେ ସମ୍ପୂର୍ଣ୍ଣ ଭଲ ଥିବ, ସମ୍ପୂର୍ଣ୍ଣ ସୁସ୍ଥ ରହିଥିବ । "ତେବେ ମୋତେ ଏପରି ଅସ୍ୱସ୍ତିକର ବୋଧ ହେଉଛି କାହିଁକି ?"...... ଏହିପରି ଭାବରେ ତୁମେ ଆପଣା ଭିତରେ ଆଉଟିକିଏ ଅଧିକ ଦୂରକୁ ଯିବ । ବ୍ୟକ୍ତି ଅନୁସାରେ ତାହା ନିଶ୍ଚୟ ଭିନ୍ନଭିନ୍ନ ହେବ । ବେଳେବେଳେ ତୁମେ ତତ୍‌କ୍ଷଣାତ୍ ଦେଖିବାକୁ ପାଇବ : ହଁ, ଏପରି ଏକ ସାନ ଘଟଣାଟିଏ ଘଟିଲା, ଯାହା କି ଆଦୌ ସୁଖକର ନଥିଲା, କେହି ଏପରି କଥାଟିଏ କହିଲା ଯାହାକି ମୋଟେ ସୁଖକର ନଥିଲା; ବା ଆଉଜଣେ ତା'ର କାର୍ଯ୍ୟରେ ସଫଳ ହୋଇ ପାରିଲା ନାହିଁ, ନିଜର ପାଠଟିକୁ ଭଲକରି ପଢ଼ାଇ ପାରି ନଥିଲା ଏବଂ ସେଥିଲାଗି ଶିକ୍ଷକ କୌଣସି ମନ୍ତବ୍ୟ ପ୍ରକାଶ କରିଥିଲେ, ସେତେବେଳେ ସେହି କଥାଟି ପ୍ରତି ଭଲ ଭାବରେ ଧ୍ୟାନ ଦିଆ ହୋଇ ପାରି ନଥିଲା, ମାତ୍ର ପରେ, ତାହା ସତେଅବା କାମ କରିବାକୁ ଆରମ୍ଭ କଲା ଏବଂ ତା' ଫଳରେ ଦୁଃଖ ଜାତ ହେଲା ପରି ଅନୁଭବ ହେଲା । ସେଇଟି ହେଉଛି ଦ୍ୱିତୀୟ ପର୍ଯ୍ୟାୟ । ତା'ପରେ ଯଦି ଆଉକିଛି ନଘଟିଲା : "ତେବେ ସବୁ ଭଲ ହୋଇଗଲା, ସବୁକିଛି ସାଧାରଣ ଓ ଯେପରି ହେବାର କଥା ହୋଇଗଲା; ମୋତେ ଆଉ କିଛି ଉଲ୍ଲେଖ କରି ରଖିବାକୁ ପଡ଼ିବ ନାହିଁ, ପ୍ରକୃତରେ କିଛିହେଲେ କେଉଁଠି ଘଟି ନାହିଁ : ତେବେ ମୋତେ ସେପରି କାହିଁକି ଲାଗୁଛି ?" ଏଣିକି ଏହା ବେଶ୍ ଆଗ୍ରହୋଦ୍ଦୀପକ ହେବାକୁ ଆରମ୍ଭ କରିବ, କାରଣ ଏହାପରେ ଆପଣା ଭିତରେ ଆହୁରି ଅଧିକ ଗଭୀରକୁ ପ୍ରବେଶ କରିବାକୁ ହୋଇଥାଏ । ଏବଂ ତା'ପରେ ତାହା ଯାବତୀୟ ପ୍ରକାରର କେତେ କ'ଣ ହୋଇପାରେ : ଏହା ଠିକ୍ ସତେଅବା ଏକ ଆକ୍ରମଣର ଅଭିବ୍ୟକ୍ତି ପରି ହୋଇପାରେ, ଯାହାକି ତୁମ ଉପରେ ଘଟିବା ଲାଗି ସଜବାଜ ହେଉଛି; ଏହା ଅନ୍ତର୍ଗତ କୌଣସି ଉଦ୍‌ବିଗ୍ନତା ହୋଇପାରେ ଯାହାକି ବାକି ରହିଥିବା ଅଗ୍ରଗତିଟିକୁ ସମ୍ପନ୍ନ କରିବା ଲାଗି ବାଟ ଖୋଜିବାରେ ଲାଗିଛି, ବା ଏହା ଏପରି କୌଣସି ପୂର୍ବବୋଧ ବି ହୋଇପାରେ ଯାହା ଆଭାସ ଦେଇ ଯାଉଥାଏ ଯେ ଆପଣା ଭିତରେ କୌଣସି ସ୍ଥାନରେ ଏପରି କିଛି ନିଜକୁ ସ୍ପର୍ଶ କରି ରହିଛି ଯାହାକି ଆଦୌ ସମ୍ପୂର୍ଣ୍ଣ ଭାବରେ ସୌଷମ୍ୟଯୁକ୍ତ ହୋଇ ରହି ନାହିଁ ଓ ଯାହାକୁ ଯେକୌଣସି ମତେ ବଦଳାଇବାକୁହିଁ ପଡ଼ିବ; ଏପରି କୌଣସି ବସ୍ତୁ, ଯାହାକୁ କି ଦେଖିବାକୁ ପଡ଼ିବ, ଖୋଜି ବାହାର କରିବାକୁ ହେବ ଏବଂ ବଦଳାଇ ଦେବାକୁ ହେବ; ଯାହା ଉପରେ ଆଲୋକପାତ କରିବାକୁ ହେବ, ଯାହାକି ଏପର୍ଯ୍ୟନ୍ତ ଭିତରେ ରହିଛି, ଅନେକ ଗଭୀରରେ କେତେ ତଳେ ଯାଇ ରହିଛି, ଏବଂ ଯାହା ସେଠାରେ ଆଉ ଅଧିକ କ୍ଷଣ

'oaob.nitrkl.ac.in' images reprocessed

ଆଦୌ ରହିବା ଉଚିତ ନୁହେଁ । ତା'ପରେ ତୁମେ ଯଦି ଖୁବ୍ ସାବଧାନତା ସହିତ ଆପଣା ଆଡ଼କୁ ଅନାଇ ଦେଖିବ, ତେବେ ତୁମେ ଦେଖିବାକୁ ପାଇବ : "ହଁ, ହଁ,—ତେବେ ମୁଁ ଏବେ ମଧ୍ୟ ସେହିପରି ରହିଛି, ସେହି ଛୋଟିଆ କଣଟିରେ ଯାଇ ପଡ଼ିଛି, ଏବେ ମଧ୍ୟ ସେଠି ସେହିପରି କିଛି ରହିଛି, ବଡ଼ ଅସ୍ପଷ୍ଟ ହୋଇ ରହିଛି : ଗୋଟିଏ କ୍ଷୁଦ୍ର ସ୍ୱାର୍ଥପର ଭାବ, ଏକ କ୍ଷୁଦ୍ର ଅସଦ୍-ଇଚ୍ଛା, ଏପରି କିଛି, ଯାହାକି ବଦଳିବା ଲାଗି ଆଦୌ ସମ୍ମତ ହେଉ ନାହିଁ ।" ଏହିପରି ଭାବରେ ତୁମେ ଏହାକୁ ଦେଖିବାକୁ ପାଇବ, ତୁମେ ତା'ର ନାକଅଗକୁ ଧରି ଉପରକୁ ବାହାର କରି ଆଣିବ, କିଂବା କାନ ଧରି ଟାଣି ଆଣିବ, ଗୋଟାସୁଦ୍ଧା ଆଲୁଅ ଭିତରେ ସେଇଠିକି ଉତ୍ତୋଳିତ କରି ଧରିବ : "ଆଚ୍ଛା, ତେବେ ତୁଇ ଏପର୍ଯ୍ୟନ୍ତ ଲୁଚି କରି ରହିଥିଲୁ ! ତୁଇ ଲୁଚି କରି ରହିଛୁ, ନାହିଁ ? ମାତ୍ର ତୁ ଆଉ ଅଧିକ କାଳ ସେହିପରି ରହିବୁ ବୋଲି ମୁଁ ଆଦୌ ଇଚ୍ଛା କରୁ ନାହିଁ ।" ଏବଂ ତା'ପରେ, ତୁମ ଭିତରୁ ବାହାରି ନଯାଇ ତା'ର ଆଉ ଅନ୍ୟ ଉପାୟ ନଥିବ ।

ଏହାକୁ ଏକ ବୃହତ୍ତ ଅଗ୍ରଗତି ବୋଲି ନିଶ୍ଚୟ କୁହାଯିବ ।

ଯଦି ଶ୍ରେଣୀରେ ବସିଥିବା ସମୟରେ ଏହିପରି କିଛି ଘଟେ, ଯଦି ଭାରି ଅସ୍ୱସ୍ତିକର ବୋଧ ହୁଏ···

ତୁମେ ଶ୍ରେଣୀ ଭିତରେ ବସିଥିବା ସମୟରେ ଯଦି ସେହିପରି ଘଟେ ? ତା'ର ଅର୍ଥ ହେଉଛି ଯେ ଶିକ୍ଷକ ଯାହା କହୁଛନ୍ତି, ତୁମେ ସେସବୁକୁ ମୋଟେ ଶୁଣୁ ନାହଁ, କାରଣ ତା'ହେଲେ ସେପରି କଦାପି ଘଟୁ ନଥାନ୍ତା । ଯଦି ତୁମେ ଶ୍ରେଣୀରେ ଖୁବ୍ ମନୋଯୋଗୀ ହୋଇ ରହିଥିବ ଏବଂ ପଢ଼ା ହେଉଥିବା ପାଠରେହିଁ ତୁମର ମନ ଲାଗିଯାଇଥିବ, ତେବେ ତୁମେ କଦାପି ଏପରି ଅନୁଭବ କରିବ ନାହିଁ । ଶ୍ରେଣୀ ଭିତରେ ପଢ଼ାକୁ ଆସିବା ପରେଯାଇ ତୁମେ ସେପରି ଅନୁଭବ କରିବ, ମାତ୍ର ଶ୍ରେଣୀ ଭିତରୁ କଦାପି ନୁହେଁ । ତେଣୁ ଏଥିରୁ ବୁଝାଯାଉଛି ଯେ ତୁମେ ହୁଏତ ସ୍ୱପ୍ନ ଦେଖିଲା ପରି କ'ଣ ମନ କ'ଣ ଭାବୁଥିଲ, ବା କେବଳ ନିଜ ଭିତରେହିଁ ବନ୍ଦ ହୋଇ ରହିଥିଲ ଅଥବା ନିଜର କଳ୍ପନା ପଛରେ ଭାସି ଭାସି ବୁଲୁଥିଲ, ମାତ୍ର ପଢ଼ା ହେଉଥିବା ପାଠକୁ ଆଦୌ ଶୁଣୁ ନଥିଲ··· । ମାତ୍ର ପିଲାଏ, ଏହାହିଁ ଏହି କ୍ଷେତ୍ରରେ ପ୍ରକୃତରେ ଭାରି ଚମତ୍କାର କଥା ଯେତେବେଳେ ତୁମେ ପ୍ରକୃତରେ କିଛି ଶିକ୍ଷା କରୁଛ, ଯେତେବେଳେ ଅଧ୍ୟୟନ କରୁଛ, ଯେତେବେଳେ ପଢ଼ା ହେଉଥିବା ପାଠ ଉପରେ ତୁମେ ଏକାଗ୍ର ହୋଇ ରହିଛ, ତୁମମାନଙ୍କର କେବେହେଲେ ଏଭଳି ଅଭିଜ୍ଞତା ହୁଏ ନାହିଁ । ସେ ସବୁ ଅଭିଜ୍ଞତା ପୂର୍ବରୁ

'oaob.nitrkl.ac.in' images reprocessed

ହୋଇ ପାରେ, ପରେ ବି ହୋଇପାରେ; ମାତ୍ର ଖାସ୍ ସେହି ସମୟଟିରେ କଦାପି ହୁଏ ନାହିଁ । କାରଣ, ଯଦି ତୁମେ ଆପଣାକୁ ଯଥେଷ୍ଟ ଭାବରେ ସକେନ୍ଦ୍ରିତ କରି ରଖିଥାଅ, ତେବେ ତୁମର ସମୁଦାୟ ଶକ୍ତି ତୁମର ଅଧ୍ୟୟନ ଉପରେହିଁ ସକେନ୍ଦ୍ରିତ ହୋଇ ରହିଥାଏ ଏବଂ ସେତେବେଳେ ସେଠି କିଛିହେଲେ ତୁମକୁ ଆଦୌ ଅପ୍ରୀତିକର ବୋଲି ମନେ ହୁଏ ନାହିଁ । ତୁମେ ଯାହା ପଢୁଥାଅ, ସବୁ ଭଲକରି ବୁଝିପାର ଏବଂ ଯାହା ପଢୁଥାଅ, ସେଥିରେ ତୁମର ଆଗ୍ରହ ମଧ୍ୟ ରହିଥାଏ ।

ବେଳେ ବେଳେ ଏକାଗ୍ର ରହିବାକୁ ଚେଷ୍ଟା କରି ମଧ୍ୟ ଏକାଗ୍ରତା ସମ୍ଭବ ହୁଏ ନାହିଁ ।

ଯଦି ପ୍ରକୃତରେ ହେଉ ନଥିବ, ତେବେ ସେତେବେଳେ ଆଉକିଛି ନକରି କାହିଁକି ସେହି ଏକାଗ୍ରତା ନଆସୁଛି, ନିଜ ଭିତରେ ତାହାର କାରଣଟିକୁ ଅନୁସନ୍ଧାନ କରିବା ଉଚିତ । ଏବଂ ସେତେବେଳେ ଶିକ୍ଷକ ଯଦି ତୁମକୁ କୌଣସି ପ୍ରଶ୍ନ କରନ୍ତି, ତେବେ କହିଦେବା ଉଚିତ "ଆଜ୍ଞା, ମୁଁ ଆପଣ ଯାହା କହୁଥିଲେ, କିଛି ଶୁଣି ନାହିଁ ।"

ଶିକ୍ଷା କରିବା ଲାଗି କ'ଣ ତୁମର ଇଚ୍ଛା ନାହିଁ ?

ହଁ, ଅଛି ।

ତେବେ ଏପରି କେବେ ଘଟି ପାରିବ ନାହିଁ ।

ମାତ୍ର କେତେକ ଶ୍ରେଣୀରେ ମୁଁ କିଛି ହେଲେ ବୁଝିପାରେ ନାହିଁ ।

ତେବେ କେତେକ ଶ୍ରେଣୀରେ ତୁମକୁ ପଢ଼ିବାକୁ ଭଲ ଲାଗେ ନାହିଁ, ପଢ଼ିବା ଲାଗି ଇଚ୍ଛା ନଥାଏ । ସେମିତି ସାଧାରଣ ଭାବରେ "ହଁ, ହଁ, ମୁଁ ପଢ଼ିବାକୁ ନିଶ୍ଚୟ ଇଚ୍ଛା କରୁଛି" ବୋଲି ତୁମେ ନିଶ୍ଚୟ କହିପାର; ମାତ୍ର ଯଦି ପଢ଼ିବା ଲାଗି ପ୍ରକୃତରେ ଇଚ୍ଛା ଥାଏ, ତେବେ ଏପରି କୌଣସି ଶ୍ରେଣୀ ନାହିଁ, ଯେଉଁଥିରୁକି ତୁମେ କିଛି ହେଲେ ଶିକ୍ଷା କରିପାରିବ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଶ୍ରେଣୀରେ ଯାହା ଯେପରି ପଢ଼ା ହେଉଥାଉ ପଛକେ, ସେଥିରେ ନିଶ୍ଚୟ ଏପରି କେତେକ ଜିନିଷ ଥାଏ, ଯାହାକି ଆମକୁ ଜଣା ନଥାଏ, ତେଣୁ ଆମେ ସର୍ବଦା କିଛି ନା କିଛି ନିଶ୍ଚୟ ଶିଖି ପାରିବା । ତୁମେ ତ ଆଉ ଗୋଟିଏ ଜୀବନ୍ତ ଜ୍ଞାନକୋଷ ନୁହଁ

'oaob.nitrkl.ac.in' images reprocessed

ଯେ ତୁମ ଭିତରେ ସବୁଜ୍ଞାନ ମହଜୁଦ ହୋଇ ରହିଛି ! ଏପରକି, ସେହି ପୁରୁଣା ବହିକୁ ଆଉଥରେ ପଢ଼ିବା ସମୟରେ ମଧ୍ୟ, (ମୁଁ ଭାବୁଛି, କେତେକ ଶ୍ରେଣୀରେ ମଧ୍ୟ ଏପରି ଘଟିଥାଏ), ତୁମେ ହୁଏତ କହିପାର; "ଏ ବହିଟାକୁ ତ ମୁଁ ଆଗରୁ ପଢ଼ିଛି, ଏଇଟା ଖୁବ ନୀରସ ଲାଗିବ,"—ମାତ୍ର ତୁମେ ଏପରି କଥା କହ, କାରଣ ଶିକ୍ଷା କରିବାକୁ ତୁମର ପ୍ରକୃତରେ କୌଣସି ମନ ନଥାଏ କାରଣ, ସେହି ପୁରୁଣା ବହିଟିକୁ ଆଉଥରେ ପଢ଼ିବାକୁ ଯାଉଥିଲେ ମଧ୍ୟ, ସେତେବେଳେ ତାହା ଏଇଥି ସକାଶେ ହୁଏ ଯେ ପ୍ରଥମ ଥର ପଢ଼ିଲାବେଳେ ତୁମେ ସେଇଟିକୁ ଯଥାର୍ଥ ଭାବରେ ପଢ଼ି ନଥିଲ; ଏବଂ ସେଥର ଯାହାସବୁ ବାକୀ ରହି ଯାଇଛି, ବର୍ତ୍ତମାନ ସେସବୁକୁ ଶିକ୍ଷା କରିବା ଲାଗି ତୁମକୁ ବିଶେଷ ଯତ୍ନ ନେବାକୁ ହେବ । ଏପରକି, ଗୋଟାଏ ବ୍ୟାକରଣ ବହିର ଦୃଷ୍ଟାନ୍ତ ବି ନିଆ ଯାଇପାରେ । ବ୍ୟାକରଣ ବହିଗୁଡ଼ାକ ଖୁବ ଚିତ୍ତାକର୍ଷକ ବୋଲି ମୁଁ କଦାପି କହିବି ନାହିଁ; ମାତ୍ର, ଶିଖିବାର ମନ ନେଇ ଅଧ୍ୟୟନ କରି ବସିଲେ ଖଣ୍ଡେ ବ୍ୟାକରଣ ବହି ମଧ୍ୟ ନିଶ୍ଚୟ ଆଗ୍ରହୋଦ୍ଦୀପକ ହୋଇପାରେ । ବ୍ୟାକରଣର ସବୁଠାରୁ ଅଧିକ ପରିମାଣରେ ଶୁଷ୍କ ହୋଇ ରହିଥିବା ନିୟମଗୁଡ଼ାକ ମଧ୍ୟ ଆଗ୍ରହୋଦ୍ଦୀପକ ହୋଇପାରେ । ତୁମେ ଯେତେବେଳେ ଶିଖିବା ଲାଗି ପ୍ରକୃତ ଇଚ୍ଛା ପ୍ରକାଶ କରିବ, ଯେତେବେଳେ କୌଣସି ବିଷୟକୁ ପ୍ରକୃତରେ ବୁଝିବାକୁ ଚାହାଁବ, ଯଦି କେବଳ ମୁଖସ୍ଥ କରି ନପକାଇ ଓ ଘୋଷି ନପକାଇ ତୁମେ ପ୍ରକୃତରେ ବୁଝିବା ଲାଗି ଆଗ୍ରହ ପ୍ରକାଶ କରିବ : ଏଠାରେ କେଉଁସବୁ ଶବ୍ଦର ପ୍ରୟୋଗ କରାଯାଇଛି ? ପ୍ରକୃତରେ କେଉଁ ବିଚାର ବା ଜ୍ଞାନଟିକୁ ପ୍ରକାଶ କରିବା ଲାଗି ସେଗୁଡ଼ିକର ପ୍ରୟୋଗ ହୋଇଛି ? ସେହି ଶବ୍ଦଗୁଡ଼ିକ ପ୍ରକୃତରେ କ'ଣ ସୂଚାଇ ଦେବାକୁ ଚାହୁଁଛନ୍ତି ?··· ତେବେ ତୁମର ଅଧ୍ୟୟନ ପ୍ରକୃତରେ ଯେ କେତେ ଆମୋଦଦାୟକ ହୋଇ ଉଠିବ, ସେକଥା ତୁମେ କଳ୍ପନା ହିଁ କରିପାରିବ ନାହିଁ ।··· ଆମେ ଯାହାକୁ ନିୟମ ବୋଲି କହୁଛୁ, ତାହା ଯେଉଁ ନିୟମ ହୋଇ ଥାଉ ପଛକେ, ସ୍ୱୟଂ ଅବସ୍ଥାନ କରୁଥିବା କୌଣସି ବିଷୟକୁ ମଣିଷ ମନର ଏକ ସୂତ୍ର ଦେଇ ତାକୁ ସେହିପରି ଭାବରେ ଅଭିବ୍ୟକ୍ତ କରିବା ଲାଗି ହିଁ ଚେଷ୍ଟା କରିଛି । ତୁମେ ଯେକୌଣସି ନିୟମକୁ ବିଚାର କରି ଦେଖ, ସେଥିରୁ କେବଳ ଏତିକି ଅର୍ଥ ପ୍ରକାଶ ପାଏ ଯେ କେତେଗୋଟି ମସ୍ତିଷ୍କ କୌଣସି ଏକ ସ୍ୱତଃ ବର୍ତ୍ତମାନ ବିଚାରକୁ ଯେପରି ସବୁଠାରୁ ଅଧିକ ସ୍ପଷ୍ଟଭାବରେ ବୁଝିଛନ୍ତି, ତାହାକୁ ଯଥାସମ୍ଭବ ଅଧିକ ସଂକ୍ଷିପ୍ତ ଏକ ପ୍ରକାଶ-ରୂପ ଦେଇ ବ୍ୟକ୍ତ କରିବା ଲାଗି ଏକ ପ୍ରୟାସ କରିଛନ୍ତି । ତେଣୁ, ଯଦି ଆମେ ଶବ୍ଦଗୁଡ଼ିକର ପଛକୁ ଯାଇ ସେହି ମୂଳ ଅସଲ କଥାଟିକୁ ଖୋଜି ବାହାର କରିବାକୁ ଆରମ୍ଭ କରିବା,—ଯେଉଁଟି ସ୍ୱତଃ ଅବସ୍ଥିତ ଥାଏ, ସେଇଟି ଶବ୍ଦଗୁଡ଼ିକର ପଛରେହିଁ ରହିଥାଏ,—ତେବେ ତାହା ପ୍ରକୃତରେ କେଡ଼େ

'oaob.nitrkl.ac.in' images reprocessed

ଆଗ୍ରହୋଦ୍ଦୀପକ ହେବାକୁ ଆରମ୍ଭ ନକରେ ! ଏହା ପ୍ରକୃତରେ ଉତ୍ସାହର ଏକ ସ୍ପନ୍ଦନ ସୃଷ୍ଟି କରିବାକୁ ଲାଗେ, ସତେଅବା କେଡ଼େ ରୋମାଞ୍ଚକ ହୋଇଉଠେ ! ମନେହୁଏ, ସତେଯେପରି ଏକ ନୂତନ ଭୂଭାଗର ଆବିଷ୍କାର କରିବା ଲାଗି ଆମେ ସମସ୍ତେ କୌଣସି ଏକ ଜଙ୍ଗଲ ଭିତର ଦେଇ ଆଗେଇ ଆଗେଇ ଚାଲିଛୁ, ସତେଅବା ଉତ୍ତର ମେରୁକୁ ଏକ ଅଭିଯାନରେ ବାହାରିଛୁ ! ତେଣୁ, ବ୍ୟାକରଣର ନିୟମଗୁଡ଼ିକୁ ଶିକ୍ଷା କଲାବେଳେ ମଧ୍ୟ ଯଦି ତୁମେ ସେପରି କରିପାରିବ, ତେବେ ତୁମକୁ ମୁଁ ନିର୍ଭର ଜବାବ ଦେଇ କହିବି ଯେ ତା'ପରେ ସଂସାରରେ କୌଣସି କଥା ତୁମକୁ କଦାପି ନୀରସ ଲାଗିବ ନାହିଁ ।

ତେଣୁ ପାଠକୁ ପଢ଼ିବା ପରିବର୍ତ୍ତିରେ ବୁଝିବାକୁ ଚେଷ୍ଟା କର ।

ମୁଁ ଭଲ କରି ଜାଣିଛି ଯେ ଏଥିଲାଗି ଅନେକ ସଂକେନ୍ଦ୍ରଣ-ଶକ୍ତି ଆବଶ୍ୟକ । ଏହା ଏପରି ଏକ ସଂକେନ୍ଦ୍ରଣ ଦାବି କରୁଛି, ଯାହାକି ଭିତରକୁ ଭେଦ କରି ଯାଇପାରିବ, ମନର ଗମ୍ଭୀର ଭିତରକୁ ସତେଅବା ଗୋଟାଏ ଗଛ ଖୋଲ ପଶିଯାଇ ପାରିବ, ଏବଂ ମନ ଭିତର ଦେଇ ଅନ୍ୟ ପାଖକୁ ଚାଲିଯାଇ ପାରିବ । ଏବଂ ତା'ପରେ ଆମର ଏତେ ଲାଭ ହେବ ଯେ ଆମେ ସେଥିଲାଗି ବୃଥା ଏତେ ଚେଷ୍ଟା କଲୁ ବୋଲି ଆଉ କଦାପି ବୋଧ ହେବ ନାହିଁ ।··· ତୁମକୁ ବୋଧହୁଏ ବାଧ୍ୟ କଲାପରି କିଛି ନା କିଛି ଶୀତଳ, କଠିନ ଏବଂ ଅନମନୀୟ କୌଣସି ଏକ ବିଷୟ ମଧ୍ୟରେ ଟାଣିଟାଣି ନିଆଯାଇଛି । ସେହି କ୍ଷେତ୍ରରେ ତୁମେ ଆପଣାକୁ ସଂକେନ୍ଦ୍ରିତ କରି ଆଣିବାକୁ ଚେଷ୍ଟାକର, ସଂକେନ୍ଦ୍ରିତ ହୁଅ, ଆହୁରି ସଂକେନ୍ଦ୍ରିତ ହୁଅ, ଯେତେବେଳଯାଏ କି··· ତୁମେ ହଠାତ୍ ସେପାଖକୁ ଚାଲି ଯାଇପାରିବ । ଏବଂ ତା'ପରେ ତୁମେ ଆଲୁଅ ଭିତରକୁ ପ୍ରବେଶ କରିବ ଏବଂ ତୁମେ କହିବ : "ଅଃ —ଏଇଟି ପ୍ରକୃତରେ କେତେ ଚମତ୍କାର ! ବର୍ତ୍ତମାନ ଯାଇ ମୁଁ ବୁଝିପାରିଲି ।" ସେତେବେଳେ ଗୋଟାଏ ଅତି କ୍ଷୁଦ୍ର କଥା ମଧ୍ୟ ତୁମ ଲାଗି କେତେ ନା କେତେ ଆନନ୍ଦର କାରଣ ହୋଇ ରହିବ !

ତେଣୁ ତୁମେ ବେଶ୍ ଦେଖିପାରୁଥିବ ଯେ ଏକଥା ଅବଶ୍ୟ ସମ୍ଭବ ଯେ ସ୍କୁଲରେ କେବେହେଲେ ନୀରସ ଲାଗିବ ନାହିଁ ।

**ସ୍କୁଲରେ ବର୍ଷକ ଭିତରେ ଗୋଟାଏ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମକୁ ସାରିବାକୁ ପଡ଼େ । ତେଣୁ ବେଳେବେଳେ ବେଶ୍ ଟାଉଟାଉ ହୋଇ ଚାଲିଯିବାକୁ ପଡ଼େ । କୌଣସି ଗୋଟିଏ ବିଷୟକୁ ଭଲ କରି ବୁଝିସାରିବା ପୂର୍ବରୁ ମଧ୍ୟ ହୁଏତ ପରବର୍ତ୍ତୀ ଅଧ୍ୟାୟଟିକୁ ଆରମ୍ଭ କରିବାକୁ ପଡ଼େ ।**

'oaob.nitrkl.ac.in' images reprocessed

## ୧୦ ଜୁନ୍, ୧୯୫୩

ଏକଥାରେ ମୁଁ ତୁମ ସହିତ ସଂପୂର୍ଣ୍ଣ ଏକମତ, ଏପରି ହେବା ଆଦୌ ଉଚିତ ନୁହେଁ । ମାତ୍ର ଆମେ ସେସବୁ ବଦଳାଇ ଦେବାକୁ ଚେଷ୍ଟା କରିବା; କାରଣ, ଗୋଟାଏ ବହିକୁ ଠିକ୍ ବରଷକ ଭିତରେ କାହିଁକି ଯେ ସାରିବାକୁ ପଡ଼ିବ, ମୁଁ ସେକଥାର ଆଦୌ କୌଣସି କାରଣ ଦେଖି ପାରୁ ନାହିଁ । ଏଇଟା ପଛରେ ଆଦୌ କୌଣସି ଯୁକ୍ତି ନାହିଁ । ପୂର୍ବ ବୁଝି ନସାରିବା ଯାଏ ଗୋଟିଏ ଅଧ୍ୟାୟରୁ ଆଉଗୋଟିଏ ଅଧ୍ୟାୟକୁ ଡେଇଁ ପଡ଼ିବା ଆଦୌ ଉଚିତ ନୁହେଁ; ବୁଝି ସାରିଲେ ଯାଇ ଆଉଗୋଟିକୁ ଯିବା ଉଚିତ, ସେଇଟି ବୁଝି ସାରିଲେ ପୁଣି ତା'ପର ଅଧ୍ୟାୟକୁ ଯିବା ଉଚିତ । ଏବଂ ଗୋଟିଏ ଅଧ୍ୟାୟ ଯେତେବେଳେ ସରିଯାଉଛି, ସେତେବେଳେ ତାହା ପ୍ରକୃତରେ ସରିଯିବା ଉଚିତ, ଏବଂ ଯେତେବେଳଯାଏ ନସରିଛି, ସେତେବେଳ ଯାଏ ଆଦୌ ସରିବା ଉଚିତ ନୁହେଁ ।

ପ୍ରକୃତ କଥା ହେଉଛି ଯେ କୌଣସି ଏକ ପାଠ୍ୟପୁସ୍ତକ ଉପରେ ତା'ର ପାଠ୍ୟକ୍ରମକୁ ଆଧାରିତ କରି ରଖିବା ପରିବର୍ତ୍ତେ ଜଣେ ଶିକ୍ଷକ ଆବଶ୍ୟକ କଷ୍ଟ ସ୍ୱୀକାର କରି ପାଠ୍ୟକ୍ରମଟିକୁ ନିଜେ ତିଆରି କରିବ । ତାକୁ ଯଥେଷ୍ଟ ପରିମାଣରେ ଜାଣିବାକୁ ପଡ଼ିବ ଏବଂ ସିଏ ଦିନକୁ ଦିନ ତା'ର ପାଠ୍ୟକ୍ରମଟିକୁ ପ୍ରସ୍ତୁତ କରିବା ଲାଗି ଯେତେ କଷ୍ଟ ହେଲେ ମଧ୍ୟ ଅବଶ୍ୟ ଚେଷ୍ଟା କରିବ; ଏବଂ, ଏହିପରି ଭାବରେ, ସେ ସେତେବେଳେ ଯାଇ ଗୋଟିଏ ବିଷୟକୁ ଶେଷ କରିବ, ଯେତେବେଳେ କି,—ମୁଁ କଦାପି କହିବି ନାହିଁ ଯେ ଯେତେବେଳେ ସବୁ ପିଲା ବୁଝି ସାରିଥିବେ, କାରଣ ତାହା କଦାପି ସମ୍ଭବ ନୁହେଁ,—ମାତ୍ର ଯେତେବେଳେ କି, ସେ ଯେଉଁମାନଙ୍କୁ ତା' କ୍ଲାସ ଭିତରେ ଯଥେଷ୍ଟ ଆଗ୍ରହସମ୍ପନ୍ନ ପିଲା ବୋଲି ବିଚାରୁଛି, ସେମାନେ ବିଷୟଟିକୁ ବୁଝି ପାରିଥିବେ । ତା'ପରେ ସିଏ ପରବର୍ତ୍ତୀ ବିଷୟଟିକୁ ଆରମ୍ଭ କରିବ । ଏବଂ ଯଦି ସେହିପରି ଭାବରେ କାର୍ଯ୍ୟ ଚାଲେ, ଯଦି ଗୋଟିଏ ନିର୍ଦ୍ଦିଷ୍ଟ ପ୍ରକାରର ବିଷୟ ଗୋଟିଏ ବର୍ଷ ଜାଗାରେ ଦୁଇବର୍ଷ ପର୍ଯ୍ୟନ୍ତ ପଢ଼ାହୁଏ ଅଥବା ଦୁଇବର୍ଷ ଜାଗାରେ ସେଇଟିକୁ ଦେଢ଼ବର୍ଷରେ ଶେଷ କରାଯାଏ, ତେବେ ସେଥିରେ ଆଦୌ କୌଣସି କ୍ଷତି ହୋଇଯିବ ନାହିଁ । କାରଣ, ସିଏ ତ ନିଜେ ପାଠ୍ୟକ୍ରମଟିକୁ ତିଆରି କରିଥିବ, ସିଏ ଯାହା ଯାହା ପଢ଼ାଇବ, ସେଇଟିକୁ ନିଜେ ଲେଖିଥିବ, ଏବଂ ନିଜ କ୍ଲାସର ଆବଶ୍ୟକତା ଅନୁସାରେହିଁ ସିଏ ସେଇଟିକୁ ଲେଖିଥିବ । ପାଠ ପଢ଼ାଇବା କହିଲେ ମୁଁ ଠିକ୍ ଏହିପରି ଭାବିଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ବାଟରେ ଅନେକ ଅସୁବିଧା ରହିଛି । ମାତ୍ର ସେଇ ହେଉଛି ଏହି କ୍ଷେତ୍ରରେ କାର୍ଯ୍ୟ କରିବାର ଯଥାର୍ଥ ପ୍ରଣାଳୀ, କାରଣ ଯଦି ଆମେ ଗୋଟିଏ ବହିକୁ ପାଠ୍ୟପୁସ୍ତକ ବୋଲି ଗ୍ରହଣ କରି ସେଇଟିକୁହିଁ ପାଠ୍ୟପୁସ୍ତକରୂପେ ପଢ଼ାଇବା, ବିଶେଷତଃ ଏପରି ଏକ ବହିକୁ ପାଠ୍ୟପୁସ୍ତକରୂପେ ଗ୍ରହଣ କରିବା, ଯାହାକି

'oaob.nitrkl.ac.in' images reprocessed

ପିଲାମାନଙ୍କ ସକାଶେ ଆଦୌ ଉପଯୁକ୍ତ ହୋଇ ନଥିବ······ମୁଁ କଦାପି ଏକଥା ମଧ୍ୟ କହିବ ନାହିଁ ଯେ ଗୋଟିଏ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ ସବୁ ପିଲାଙ୍କର ମନଲାଖି ଓ ସବୁ ପିଲାଙ୍କ ଲାଗି ଉପଯୁକ୍ତ ହୋଇଥିବ, କାରଣ ଗୋଟିଗୋଟି କରି ସମସ୍ତଙ୍କୁ କଦାପି ସନ୍ତୁଷ୍ଟ କରି ହେବ ନାହିଁ । ମାତ୍ର ଏପରି ଅନେକେ ଅଛନ୍ତି, ଯେଉଁମାନେ କି ଏହିଦିଗରେ ଏକ ପ୍ରୟାସ କରିବାକୁ ଚାହାନ୍ତି; ଏବଂ ତୁମେ ସେହିମାନଙ୍କ କଥାହିଁ ଏଠି ଧ୍ୟାନରେ ରଖିବ । ଯେଉଁମାନେ ଆଳସ୍ୟପରାୟଣ, ଯେଉଁମାନେ ସତେଅବା ଶୋଇଶୋଇ ସବୁକିଛି କରୁଥା'ନ୍ତି ବା ଅକର୍ମଣ୍ୟ ହୋଇ ରହିବାକୁ ଭଲ ପାଆନ୍ତି,—ବସ୍ତୁତଃ ତୁମେ ସେମାନଙ୍କୁ ସେମାନଙ୍କର ଆଳସ୍ୟପରାୟଣତା, ନିଦ୍ରାଳୁତା ଏବଂ ନିଷ୍କ୍ରିୟତା ଭିତରେହିଁ ପଡ଼ି ରହିବାକୁ ଛାଡ଼ିଦେବ । ଯଦି ସେମାନେ ଜୀବନଯାକ ଶୋଇ ରହିବାକୁ ଚାହାନ୍ତି ତେବେ ସେମାନଙ୍କ ଜୀବନରେ କିଛିଗୋଟାଏ ଆସି ସେମାନଙ୍କୁ ଦୋହଲାଇ ଦେଇ ନିଦରୁ ଉଠାଇଦେବା ପର୍ଯ୍ୟନ୍ତ ସେମାନେ ସେହିପରି ଶୋଇ ରହିଥାନ୍ତୁ । ମାତ୍ର ଗୋଟିଏ ଶ୍ରେଣୀରେ ଯେଉଁମାନେ ପ୍ରକୃତରେ ଶିକ୍ଷା କରିବାକୁ ଇଚ୍ଛା କରୁଥାନ୍ତି, ଯେଉଁମାନେ ପ୍ରକୃତରେ ପଢ଼ିବାର ମନ ରଖିଥାନ୍ତି, ସେଇ ଭାଗଟିହିଁ ସର୍ବଦା ପ୍ରାୟ ସବୁଯାକ ଆଗ୍ରହର ଉଦ୍ରେକ କରିଥାଏ ଏବଂ ସେହିମାନଙ୍କ ଲାଗିହିଁ ଶ୍ରେଣୀରେ ପାଠ ପଢ଼ାଯିବା ଉଚିତ । ତୁମେ ନିଶ୍ଚୟ ଦେଖିପାରିବ ଯେ, ବର୍ତ୍ତମାନ୍ ଯେଉଁ ପଦ୍ଧତିଟିର ଅନୁସରଣ କରି ଶିକ୍ଷା ଦିଆଯାଉଛି, ତଦ୍ୱାରା ସମସ୍ତଙ୍କ ଉପରେ ଗୋଟାଏ ପ୍ରକାର ମଇ ଚଲାଇ ଦିଆ ହେଉଛି, ସମସ୍ତଙ୍କୁ ଗୋଟିଏ ସ୍ତରର କରି ଦିଆଯାଉଛି । ସମସ୍ତେ ସେହି ଗୋଟିଏ ସ୍ତରରେ ଆସି ରହିବେ ବୋଲି ବାଧ୍ୟ କରାଯାଉଛି । ତେଣୁ ଯେଉଁମାନଙ୍କର ମୁଣ୍ଡ ଅନ୍ୟମାନଙ୍କ ତୁଳନାରେ ଟିକିଏ ଅଧିକ ଉଚ୍ଚ ଦେଖାଯାଉଛି, ସେମାନଙ୍କର ମୁଣ୍ଡକୁ ଅନ୍ୟମାନଙ୍କର ସମାନ କରି କାଟି ଦିଆଯାଉଛି, ଏବଂ ଯେଉଁମାନଙ୍କର ମୁଣ୍ଡ ଅତି ସାନ ହୋଇ ରହିଛି, ସେମାନଙ୍କୁ ତଳୁ ଉପରକୁ ଜୋର୍ କରି ଉଠାଇ ଦିଆଯାଉଛି । ମାତ୍ର ତାହା ଦ୍ୱାରା କୌଣସି ଭଲ ହେଉ ନାହିଁ । ଯେଉଁମାନେ ଆଗ୍ରହର ସହିତ ଆସିବେ, ଆମେ କେବଳ ସେହିମାନଙ୍କୁ ଆଗ ଗ୍ରହଣ କରିନେବା; ଏମାନଙ୍କୁ ଛାଡ଼ି ଆଉ ଯେଉଁମାନେ ରହିଲେ, ସେମାନେ ଯେତିକି ପାରିବେ, ସେତିକି ଗ୍ରହଣ କରୁଥିବେ । ଏବଂ ସମସ୍ତେ ଯେ କାହିଁକି ସେହି ଏକା ବିଷୟକୁ ଜାଣିବେ, ମୁଁ ତାହାର କୌଣସି ପ୍ରୟୋଜନ ରହିଛି ବୋଲି ଦେଖି ପାରୁ ନାହିଁ । କାରଣ ସେଇଟା ଆଦୌ ସ୍ୱାଭାବିକ ନୁହେଁ । କାରଣ, ଯେଉଁମାନେ ଜାଣିବା ଲାଗି ପ୍ରକୃତରେ ଇଚ୍ଛା କରୁଛନ୍ତି, ଯେଉଁମାନଙ୍କ ଭିତରେ ଜାଣିବାର ଶକ୍ତି ରହିଛି, ଯେଉଁମାନେ ନିଃସନ୍ଦେହ ଭାବରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି, ସେମାନଙ୍କୁ କାର୍ଯ୍ୟ କରିବା ଲାଗି ଯଥାସମ୍ଭବ ସବୁ ସାଧନ ଯୋଗାଇ ଦିଆଯିବା ଉଚିତ,

'oaob.nitrkl.ac.in' images reprocessed

ସେହିମାନଙ୍କୁ ଯଥାସମ୍ଭବ ଆଗେଇ ନଆସିବା ଉଚିତ, ସେହିମାନଙ୍କ ଲାଗି ସର୍ବଦା ନୂତନ ଖାଦ୍ୟ ବାଢ଼ି ଦିଆଯାଇ ପାରିବା ଉଚିତ । ସେହିମାନଙ୍କର ପ୍ରକୃତ କ୍ଷୁଧା ରହିଛି, ସେମାନଙ୍କୁ ଆହାର ଯୋଗାଇ ଦେବାକୁହିଁ ପଡ଼ିବ ।......ହାୟ, ଯଦି ମୋର ସମସ୍ତ ଆଆନ୍ତା, ତେବେ ମୁଁ ବି ଗୋଟିଏ କ୍ଲାସ ନଅନ୍ତି, ତୁମମାନଙ୍କୁ ପଢ଼ାନ୍ତି । ସେଥିରେ ମୋର ନିଶ୍ଚୟ ଖୁବ ଆଗ୍ରହ ରହନ୍ତା, କିପରି ପାଠ ପଢ଼ାଇବା ଉଚିତ, ତାହା ଦେଖାଇଦେବା ଲାଗି ମୋର ନିଶ୍ଚୟ ଅନେକ ଆଗ୍ରହ ରହନ୍ତା । ମାତ୍ର, ପ୍ରକୃତ କଥା ହେଉଛି ଯେ ଜଣେ ଇଚ୍ଛା କଲେ ମଧ୍ୟ କଦାପି ଏକା ସମୟରେ ସବୁଠାରେ ଉପସ୍ଥିତ ହୋଇ ପାରିବ ନାହିଁ ।

ଆଚ୍ଛା ପିଲାଏ, ଆଜି ଏଇଠି ଥାଉ । ଅନେକ ରାତି ହୋଇଗଲାଣି । ସୁନିଦ୍ରା, ଶୁଭରାତ୍ରି !

## ୧୭ ଜୁନ୍, ୧୯୫୩

"ବୁଦ୍ଧିର କ୍ଷେତ୍ରରେ ଏକ ଠିକ୍ ଗତିସ୍ପନ୍ଦନ ରହିଛି, ଏକ ଭୁଲ୍ ଗତିସ୍ପନ୍ଦନ ମଧ୍ୟ ରହିଛି : ଗୋଟିଏ ସହାୟକ ହୁଏ, ଆଉ ଗୋଟିଏ ବାଧା ଦିଏ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୫ ମେ)

ବୁଦ୍ଧିର ଠିକ୍ ଗତିସ୍ପନ୍ଦନ କହିଲେ ପ୍ରକୃତରେ କ'ଣ ବୁଝାଏ ?

ବୁଦ୍ଧି କହିଲେ ତୁମେ ପ୍ରକୃତରେ କ'ଣ ବୁଝୁଛ କହିଲ ? ବୁଦ୍ଧି କ'ଣ ଏହି ମନରହିଁ ଗୋଟାଏ ସାମର୍ଥ୍ୟ ନା ମନୁଷ୍ୟସତ୍ତାର ଗୋଟିଏ ଅଂଶ ? ତୁମେ ବୁଦ୍ଧି କହିଲେ କ'ଣ ବୁଝୁଛ ?

ଆମ ମନର ଗୋଟାଏ ସାମର୍ଥ୍ୟ ।

ଆମ ମନର ଗୋଟାଏ ସାମର୍ଥ୍ୟ ? ତେବେ ଆମେ ଏହାକୁ ମନର ସେହି ଭାଗଟି ବୋଲି ଜାଣିବା, ଯାହାକି ବସ୍ତୁରାଶିକୁ ନେଇ କାରବାର କରେ; ତୁମେ ସେହି କଥା ବୁଝୁଛ କି ?

'oaob.nitrkl.ac.in' images reprocessed

ନାଇଁ ମାଆ, ବିଗ୍ଭର ନୁହେଁ ।

ବିଗ୍ଭର ନୁହେଁ ? ତେବେ ଆଉ କ'ଣ ?

ହଁ ବିଗ୍ଭର, ମାତ୍ର······

ଆମ ମନ ଭିତରେ ଏପରି ଏକ ଭାଗ ରହିଛି, ଯାହାକି ବିଗ୍ଭରଗୁଡ଼ିକୁ ଗ୍ରହଣ କରେ; ଉଚ୍ଚତର ମନର ସ୍ତରରେ ତିଆରି ହେଉଥିବା ବିଗ୍ଭରଗୁଡ଼ିକୁ ଗ୍ରହଣ କରେ । ତଥାପି, ମୁଁ ଠିକ୍ ଜାଣି ନାହିଁ, ଏଇଟା ସମ୍ଭବତଃ ସଙ୍କେତିଏ ଦେବାରହିଁ ଏକ ପ୍ରଶ୍ନ ଏବଂ ଏଇଟି ଦ୍ୱାରା ତୁମେ ଠିକ୍ କ'ଣ ବୁଝୁଛ, ସେକଥା ଆଉ ଜଣକର ଅବଶ୍ୟ ଜାଣିପାରିବା ଉଚିତ ।

ଆମର ବୁଦ୍ଧି ଆମ ବିଗ୍ଭରଗୁଡ଼ିକୁ ଭାବନାର ରୂପ ଦେଇଥାଏ ଏବଂ ଯୁଗପତ୍ ଭାବରେ ତାହା ଭାବନାଗୁଡ଼ିକର ସଂଗ୍ରହ କରୁଥାଏ, ସେଗୁଡ଼ିକୁ ସଂଗଠିତ କରି ବି ରଖୁଥାଏ । ଏପରି ଅନେକ ବୃହତ୍ ବିଗ୍ଭରମାନ ରହିଛି, ଯାହାକି ମନୁଷ୍ୟର ସାଧାରଣ ମନୋଭୂମିଠାରୁ ଆହୁରି ସେପାଖରେ ରହିଛି ଓ ସେଗୁଡ଼ିକ ନାନାବିଧ ରୂପରେ ଆପଣାକୁ ପ୍ରକଟ କରିବାର ପୂର୍ଣ୍ଣ ସମ୍ଭାବନା ରହିଛି । ଏହି ବୃହତ୍ ବିଗ୍ଭର ବା ଧାରଣାଗୁଡ଼ିକର ନିମ୍ନକୁ ଅବତରଣ କରିବା ଲାଗି ଏକ ପ୍ରବୃତ୍ତି ରହିଥାଏ, ସେଗୁଡ଼ିକ ସବୁବେଳେ ଏକ ନିର୍ଭୁଲ ରୂପରେ ଆପଣାକୁ ପ୍ରକଟ କରି ଦେବା ଲାଗି ଇଚ୍ଛା କରୁଥାନ୍ତି । ଏହି ନିର୍ଭୁଲ ରୂପଗୁଡ଼ିକ ହେଉଛନ୍ତି ଭାବନା; ଏବଂ ମୁଁ ଭାବୁଛି, ବୁଦ୍ଧି ବୋଇଲେ ଆମେ ସାଧାରଣତଃ ଏହିପରିହିଁ ବୁଝିବା : ବୁଦ୍ଧିହିଁ ଧାରଣାଗୁଡ଼ିକୁ ଭାବନାର ଗୋଟିଏ ଗୋଟିଏ ରୂପ ଯୋଗାଇ ଦେଇଥାଏ ।

ଏବଂ ତା'ପରେ, ଏହି ଭାବନାଗୁଡ଼ିକ ଆପଣା ଭିତରେ ଆପଣାକୁ ସଂଗଠିତ କରି ରଖିବାର ମଧ୍ୟ ଗୋଟିଏ ପ୍ରସଙ୍ଗ ରହିଛି । ସେହି ସବୁଯାକ ଭାବନାକୁ ଏକ ନିର୍ଦ୍ଦିଷ୍ଟ କ୍ରମ ଓ ଶୃଙ୍ଖଳା ଭିତରେ ସଜାଇ ରଖିବାକୁ ପଡ଼େ, କାରଣ, ତା' ନହେଲେ ଆମର ଭାବନାରେ ଆଉ କୌଣସି ସଂଗତି ରହି ପାରେ ନାହିଁ । ଏବଂ ତା'ପରେ, କାର୍ଯ୍ୟକ୍ଷେତ୍ରରେ ବ୍ୟବହାର କରି ପାରିବା ଲାଗି ଏହିସବୁ ଭାବନାକୁ ପ୍ରସ୍ତୁତ କରି ରଖିବାକୁ ପଡ଼େ; ସେଇଟିକୁ ଆମେ ଆଉଗୋଟିଏ ଗତିସ୍ପନ୍ଦନ ବୋଲି ଜାଣିବା ।

ଯଥାର୍ଥ ବା ଠିକ୍ ଗତିସ୍ପନ୍ଦନ କହିଲେ ପ୍ରକୃତରେ ଯେ କ'ଣ ବୁଝାଏ, ସେହି କଥାଟି ଜାଣି ପାରିବାକୁ ହେଲେ, କେଉଁ ଗତିସ୍ପନ୍ଦନଟି ସମ୍ବନ୍ଧରେ ପ୍ରକୃତରେ କଥା ପଡ଼ୁଛି, ଆମକୁ ସର୍ବପ୍ରଥମେ ସେକଥା ଜାଣି ରଖିବାକୁ ହେବ ।

'oaob.nitrkl.ac.in' images reprocessed

ଉଦାହରଣସ୍ୱରୂପ, ତୁମର ଗୋଟିଏ ଶରୀର ରହିଛି, ଏବଂ ଏହି ଶରୀର ମୁଣ୍ଡ ତଳକୁ ଓ ଗୋଡ଼ ଉପରକୁ କରି ଚାଲୁ, ହାତ ସାହାଯ୍ୟରେ ଚାଲୁ ଅଥବା ପେଟରେ ଭରାଦେଇ ଘୁଷୁରି ଘୁଷୁରି ଚାଲୁ ବୋଲି ତୁମେ କଦାପି ଇଚ୍ଛା କର ନାହିଁ । ଏବଂ ବସ୍ତୁତଃ ମୁଣ୍ଡଟା ତଳ ଆଡ଼କୁ ହୋଇ ଗୋଡ଼ଗୁଡ଼ାକ ଉପରେ ପବନ ଭିତରେ ରହୁ ବୋଲି ତ କଦାପି ଇଚ୍ଛା କରିବ ନାହିଁ । ତୁମେ ଶରୀରର ପ୍ରତ୍ୟେକ ଅବୟବକୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ଦେଇ ରଖିଥାଅ; ଯେଉଁଟି ତା'ର ପ୍ରକୃତିରେ ସ୍ୱକୀୟ କାର୍ଯ୍ୟ, ତାହାକୁ ସେହି କାର୍ଯ୍ୟଟି ଦେଇ ରଖିଥାଅ । ଏଇଟା ତୁମକୁ ଅତ୍ୟନ୍ତ ସ୍ୱାଭାବିକ ବୋଲି ବୋଧହୁଏ, କାରଣ ତୁମେ ଠିକ୍ ସେହିପରି ଭାବରେହିଁ ଅଭ୍ୟସ୍ତ ହୋଇ ଆସିଛ; ତା' ନହେଲେ, ଯେଉଁମାନେ ଅତି ସାନ, ସେମାନେ ସେମାନଙ୍କର ଗୋଡ଼, ହାତ ଅଥବା ମୁଣ୍ଡକୁ ନେଇ ପ୍ରକୃତରେ କ'ଣ କରିବେ, ସେକଥା ଆଦୌ ଜାଣି ପାରିବେ ନାହିଁ; ସେମାନେ କେବଳ ଅଳ୍ପ ଅଳ୍ପ କରିହିଁ ସେସବୁ କଥା ଶିକ୍ଷାକରି ପାରିବେ । ଏବଂ, ମନର ସାମର୍ଥ୍ୟ ଓ କାର୍ଯ୍ୟଗୁଡ଼ିକର ବିଚାର କଲାବେଳେ ମଧ୍ୟ ଠିକ୍ ସେହିପରି । ମନର ଠିକ୍ କେଉଁ ଭାଗଟି ବିଷୟରେ ତୁମେ ଆଲୋଚନା କରୁଛ, ତୁମର ସେହି କଥାଟିକୁ ଅବଶ୍ୟ ଜାଣିବା ଉଚିତ । ମନର ନିଜର କାର୍ଯ୍ୟ କହିଲେ କ'ଣ ବୁଝାଏ, ସେହି କଥାଟିକୁ ଅବଶ୍ୟ ଜାଣିବା ଉଚିତ । ଏବଂ, କେଉଁଟି ମନର ଠିକ୍ ଗତିସ୍ପନ୍ଦନ ଓ କେଉଁଟି ଠିକ୍ ଗତିସ୍ପନ୍ଦନ ନୁହେଁ, ତୁମେ ତା'ପରେ ଯାଇ ସେକଥା ବିଚାର କରି କହିପାରିବ । ଉଦାହରଣ ସ୍ୱରୂପ, ମନର ଯେଉଁ ଭାଗଟି ଊର୍ଦ୍ଧ୍ୱରୁ ପ୍ରଧାନ ପ୍ରଧାନ ବିଚାରଗୁଡ଼ିକ ଗ୍ରହଣ କରି ସେଗୁଡ଼ିକୁ ଭାବନାରେ ପରିବର୍ତ୍ତିତ କରିଦେଉଛି, ପ୍ରଧାନ ଓ ବୃହତ୍ ବିଚାରଗୁଡ଼ିକ ଆଡ଼କୁ ଉନ୍ମୋଚିତ ହୋଇ ରହିବା ହେଉଛି ସେହି ଭାଗଟିର ପ୍ରକୃତ ଗତିସ୍ପନ୍ଦନ; ସେହି ବିଚାରଗୁଡ଼ିକୁ ଗ୍ରହଣ କରି ସେଗୁଡ଼ିକୁ ଯଥାସମ୍ଭବ ଅଧିକ ନିର୍ଭୁଲ, ଅଧିକ ଯଥାର୍ଥ ଓ ଅଧିକ ଅଭିବ୍ୟକ୍ତିସମର୍ଥ ଏକ ଭାବନାରେ ପରିବର୍ତ୍ତିତ କରି ଦେଇପାରିବା ହେଉଛି ସେହି ଭାଗଟିର ପ୍ରକୃତ କାର୍ଯ୍ୟ । ଏହିସବୁ ଭାବନା ଯେପରି ଏକ ସଙ୍ଗତ ଏବଂ ଶ୍ରେଣୀବଦ୍ଧ ସମଗ୍ରର ରଚନା କରିପାରିବେ ଏବଂ କେବଳ ଏକ ଅରାଜକତା ମଧ୍ୟରେ ଅପହୃତ ହୋଇ ରହିବେ ନାହିଁ, ସେଥିଲାଗି ଏହି ଯାବତୀୟ ଭାବନାଗୁଡ଼ିକୁ ସଂଗଠିତ କରି ରଖିବାର ଦାୟିତ୍ୱରେ ମନର ଯେଉଁ ଭାଗଟି ରହିଥାଏ, ସେହି କ୍ଷେତ୍ରରେ ଏକ ଉଚିତର ନ୍ୟାୟଯୁକ୍ତ ଏବଂ ଏକ ସମ୍ପୂର୍ଣ୍ଣ ସ୍ପଷ୍ଟ, ନିର୍ଭୁଲ ଏବଂ ଅଭିବ୍ୟକ୍ତିକ୍ଷମ ପ୍ରଣାଳୀରେ ସେହି ଶ୍ରେଣୀ ବିଭାଗଟିକୁ ସୁଚାରୁରୂପେ ସମ୍ପନ୍ନ କରିପାରିବା ହେଉଛି ସେହି ଭାଗଟିର ପ୍ରକୃତ କାର୍ଯ୍ୟ; କୌଣସି ଭାବନାର ସନ୍ଦର୍ଭ ଆସି ପହଞ୍ଚିବା ମାତ୍ରକେ, ଯେପରିକି ତାହାର ଅର୍ଥ ଲାଗି ଠିକ୍ କେଉଁଠାରେ ଅନ୍ୱେଷଣ କରିବାକୁ ହେବ ଓ ବେଶ୍ ପରସ୍ପରବିରୋଧୀ ହୋଇ ରହିଥିବା ଗୁଡ଼ାଏ ଜିନିଷକୁ ଏକାଠି ଆଣି ଗଦା



'oaob.nitrkl.ac.in' images reprocessed

କରି ଦେବାକୁ ପଡ଼ିବ ନାହିଁ, ସେଥିଲାଗି ସେହି ପ୍ରଣାଳୀଟି ଯେପରି ପ୍ରକୃତରେ କାର୍ଯ୍ୟରେ ଲାଗିପାରିବ, ସେହି ଦୃଷ୍ଟିରୁ ଶ୍ରେଣୀ ବିଭାଗଟିକୁ ସମ୍ପନ୍ନ କରିବା ହେଉଛି ତାହାର ପ୍ରକୃତ କାର୍ଯ୍ୟ । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କର ମୁଣ୍ଡ ଏପରି ମୋଟେ କାର୍ଯ୍ୟ କରିପାରେ ନାହିଁ; ସେମାନଙ୍କର ମୁଣ୍ଡକୁ ଯେତେଯାହା ଧାରଣା ଆସୁଥାଏ, ସେଗୁଡ଼ିକ ଅସଲ ସମଗ୍ର ଧାରଣାଟି ବିଷୟରେ ହୁଏତ ଆଦୌ ସଚେତନ ନଥାନ୍ତି, ସେଗୁଡ଼ିକ ନାନା ଭଳି ଅତି ଗୋଳମାଳିଆ ଭାବନାରେ ତର୍ଜମା ହୋଇଯିବାରେ ଲାଗିଥାନ୍ତି ଏବଂ ସେଗୁଡ଼ିକ ସତେ ଅବା ଏକ ଅନ୍ତର୍ଗତ ଅବନ୍ୟସ୍ତତା ମଧ୍ୟରେହିଁ ପଡ଼ି ରହିଥାନ୍ତି । ମୁଁ ଏପରି ଲୋକଙ୍କୁ ଜାଣିଛି, ଯେଉଁମାନେକି ଏକ ଦାର୍ଶନିକ ଦୃଷ୍ଟିକୋଣରୁ—ପ୍ରସଙ୍ଗଟି ମଧ୍ୟରେ ଦାର୍ଶନିକ ଆଦୌ କିଛିହେଲେ ନଥିଲେ ମଧ୍ୟ,—ଅତିରିକ୍ତ ପରିମାଣରେ ପରସ୍ପର ବିରୋଧୀ ହୋଇ ରହିଥିବା ବିଷୟଗୁଡ଼ିକୁ ପରସ୍ପରର ପାର୍ଶ୍ୱବର୍ତ୍ତୀ କରି ସଜାଇ ଦେଇ ପାରନ୍ତି, ଏକ ସୋପାନ-କ୍ରମର ଧାରଣାଗୁଡ଼ିକୁ ଓ ଅନ୍ୟ ପକ୍ଷରେ ପୂର୍ଣ୍ଣ ବ୍ୟକ୍ତି ସ୍ୱାଧୀନତା ଏବଂ ନୈରାଜ୍ୟବାଦର ଧାରଣାଗୁଡ଼ିକୁ ଏକାଠି କରି ସଜାଇ ଦେଇ ପାରନ୍ତି; ଦୁଇଟିଯାକ ପ୍ରକାରର ଧାରଣାକୁ ସମାନ ସହାନୁଭୂତି ସହିତ ଗ୍ରହଣ କରି ନଅନ୍ତି ଏବଂ ସେଗୁଡ଼ିକ ସତେ ଅବା ଏକ ନିୟମଶୂନ୍ୟ ବିଶୃଙ୍ଖଳା ମଧ୍ୟରେ ପରସ୍ପରର ମୁଣ୍ଡ ଲଢ଼ାଇ କରିବାରେ ଲାଗିଥାନ୍ତି । ଏବଂ ଏହି ଲୋକମାନେ ସେହି ବିଷୟରେ ଆଦୌ ସଜ୍ଞାନ ହୋଇ ରହି ନଥାନ୍ତି !··· ତୁମେମାନେ ତ ଏହି କଥାଟିକୁ ନିଶ୍ଚୟ ଜାଣିଥିବ : "ଯେଉଁ ପ୍ରଶ୍ନଟିକୁ ଯଥାର୍ଥ ଭାବରେ ପଚରା ଯାଇଥାଏ, ସେହି ପଚାରିବାରେହିଁ ତାହାର ବାରପଣ ସମାଧାନ କରି ଦିଆ ଯାଇଥାଏ ।" ଆଚ୍ଛା, ତେବେ ବର୍ତ୍ତମାନ ତୁମର ପ୍ରଶ୍ନଗୁଡ଼ିକ ପଚାର । ତୁମେ ପ୍ରକୃତରେ ଠିକ୍ କେଉଁ ବିଷୟରେ କହିବାକୁ ଇଚ୍ଛା କରୁଛ ? ଏଥିରେ ତୁମକୁ ସାହାଯ୍ୟ କରିବା ଲାଗି ମୁଁ ହାତଟିକୁ ବଢ଼ାଇ ଦେଉଛି, ତୁମେ ସେହି ହାତଟିକୁ କେବଳ ଧରିପାରିଲେ ହେଲା ! ତୁମେ ପ୍ରକୃତରେ କେଉଁ ବିଷୟରେ କହୁଛ, ତୁମେ ପ୍ରକୃତରେ କେଉଁ ବିଷୟଟିକୁ ବୁଦ୍ଧି ବୋଲି କହୁଛ ? ଏକ ଧାରଣା ଓ ଏକ ଭାବନା ମଧ୍ୟରେ ରହିଥିବା ଫରକଟିକୁ ତୁମେ ଭଲ କରି ଜାଣିଛ କି ?

ନା—ଠିକ୍ ଜାଣି ନାହିଁ ।

ଆଚ୍ଛା, ତେବେ ସେଇଟି ହେଉଛି ସର୍ବପ୍ରଥମ ବାଧା । ଏଠାରେ ଯେଉଁ-ମାନେ ଅଛନ୍ତି, ସେମାନଙ୍କ ଭିତରୁ କେହି କହି ପାରିବେ କି ? (ଜଣେ ପିଲାକୁ ଲକ୍ଷ୍ୟ କରି) ତୁମେ କହ, ଗୋଟିଏ ଧାରଣା ଓ ଗୋଟିଏ ଭାବନା ମଧ୍ୟରେ ରହିଥିବା ପ୍ରଭେଦଟିକୁ ତୁମେ ଜାଣିଛ ?

'oaob.nitrkl.ac.in' images reprocessed

ଭାବନା କହିଲେ ଅସ୍ପଷ୍ଟ ହୋଇ ରହିଥିବା ଏକ ବିଷୟକୁ ବୁଝାଏ,—ଧାରଣାଠାରୁ ତାହା ଅଧିକ ଅସ୍ପଷ୍ଟ ହୋଇ ରହିଥାଏ ।

ନାହିଁ, ଏଠାରେ ଏକ ଅସ୍ପଷ୍ଟ ମନ ଭିତରେ ରହିଥିବା ଏକ ଅସ୍ପଷ୍ଟ ଭାବନା ଏବଂ ମନ ପରିଷ୍କାର ରହିଥିବା ବେଳେ ଏକ ପରିଷ୍କାର ଭାବନାର କୌଣସି ପ୍ରଶ୍ନ ଉଠୁ ନାହିଁ । କଥାଟା ମୋଟେ ସେପରି ନୁହେଁ ।

ଆପଣ ତ ବର୍ତ୍ତମାନ କହିଲେ ଯେ ଧାରଣାସବୁ ଊର୍ଦ୍ଧ୍ୱରୁ ଆସନ୍ତି ଏବଂ ଭାବନାରେ ପରିଣତ ହୋଇଯାଆନ୍ତି ।

ହଁ, ମାତ୍ର ସେଗୁଡ଼ିକ ଊର୍ଦ୍ଧ୍ୱରୁ କିପରି ଆସନ୍ତି ?

ଆମ ମନର ଉଚ୍ଚତର ଭାଗଗୁଡ଼ିକରୁ ।

ହଁ, ମାତ୍ର ତୁମେ ମୋତେ ଗୋଟିଏ ଧାରଣା ଓ ଗୋଟିଏ ଭାବନାର ଉଦାହରଣ ଦେଇପାରିବ, ଯେଉଁଥିରେ କି ସେହି କଥାଟି ପ୍ରକଟ ହୋଇଯାଇ ପାରୁଥିବ ? ମୁଁ ଠିକ୍ ସେହି କଥାଟି ପଚାରୁଛି । ତୁମ ଭିତରୁ କେହି ମୋତେ ଉଦାହରଣଟିଏ ଦେଇ ପାରିବ ? (ଜଣେ ସାଧକଙ୍କୁ ଲକ୍ଷ୍ୟ କରି) ସିଏ କ'ଣ କହିବେ ବୋଲି ସ୍ଥିର ଇଚ୍ଛା କରୁଛନ୍ତି । ତେବେ ଆପଣ କିଛି କହନ୍ତୁ, ଆମେ ଶୁଣିବା ।

ପୃଥିବୀପୃଷ୍ଠରେ ପରମ ଦିବ୍ୟସତ୍ତାର ପ୍ରକାଶ ହେଉଛି ଏକ ଧାରଣା, ଏବଂ ରୂପାନ୍ତର ହେଉଛି ଏକ ଭାବନା ।

ଆଚ୍ଛା, ତେବେ ତୁମେ ଜଣେ ଅଦ୍ୱୈତବାଦୀ ? ଯଦି ମୁଁ ଭୁଲ ଭାବରେ ବୁଝି ନଥାଏ, ଏହାହିଁ ହେଉଛି ଅଦ୍ୱୈତବାଦର ସିଦ୍ଧାନ୍ତ ।

ପରମେଶ୍ୱରଙ୍କର ଏକ ଭାବନାହିଁ ଏହି ବିଶ୍ୱଜଗତର ନିର୍ମାଣ କରିଛି; ମାତ୍ର ଆମେ ବର୍ତ୍ତମାନ ଏହାକୁ ଏକ ଭାବନା ବୋଲି ନକହି ଧାରଣା ବୋଲି କହୁଛୁ ।

ଅଧିକ ଆଗ୍ରହ ଉଦ୍ରେକ କଲାଭଳି କାହାର କିଛି କହିବାକୁ ଅଛି କି ?

'oaob.nitrkl.ac.in' images reprocessed

(ଜଣେ ଶିକ୍ଷକ) ନ୍ୟାୟଶାସ୍ତ୍ରରେ କୁହାଯାଇଛି ଯେ "ମରଣଶୀଳତା" ହେଉଛି ଗୋଟିଏ ଧାରଣା, ଏବଂ "ମନୁଷ୍ୟ ମରଣଶୀଳ",— ଏଇଟି ହେଉଛି ଗୋଟିଏ ଭାବନା ।

ଠିକ୍ । ଧାରଣା ଏବଂ ଭାବନା ମଧ୍ୟରେ ରହିଥିବା ପ୍ରଭେଦଟିକୁ ତୁମେ ତେବେ ବର୍ତ୍ତମାନ ବୁଝି ପାରିଲ ତ ? ଏଥର ଏଇଟି ବେଶ୍ ପରିଷ୍କାର ହୋଇଗଲା । କୌଣସି ଧାରଣା ଆପଣାକୁ ନାନାବିଧ ଭାବନାରେ ଭଳନ୍ମା କରି ଆଣିଥାଏ । ସେହି ଭାବନାଗୁଡ଼ିକ ହୁଏତ ଏକାନ୍ତ ପରସ୍ପରବିରୋଧୀ ହୋଇ ପାରନ୍ତି ଏବଂ ସେଗୁଡ଼ିକୁ ଏକ ସଙ୍ଗତ ଉପାୟରେ ସଂଗଠିତ କରି ରଖିବା ହେଉଛି ସମଗ୍ର ଅସଲ୍ କାର୍ଯ୍ୟ । ମୁଁ ତୁମମାନଙ୍କୁ ଆଗରୁ ଅନେକ ଥର ଏକଥା କହିଛି ଯେ ଯଦି ଆମେ ଯଥେଷ୍ଟ ଊର୍ଦ୍ଧ୍ୱକୁ ଉଠିଯାଇ ପାରିବା, ଧାରଣାଟି ଆଡ଼କୁ ଆରୋହଣ କରି ଯାଇପାରିବା, ତେବେ ବିରୋଧୀ ଭାବନାଗୁଡ଼ିକୁ ମଧ୍ୟ ଆମେ ହୁଏତ ପରସ୍ପର ସହିତ ସମ୍ମିଳିତ ହୋଇ ରହିଥିବାର ଅନୁଭବ କରି ପାରିବା ।······ଆମେ ହୁଏତ ଏହି ବ୍ୟାପାରଟିକୁ ନେଇ ଗୋଟିଏ ଖେଳ ବି ଖେଳିପାରିବା, ଏବଂ ତାହାନିଶ୍ଚୟ ଭାରି ଆଗ୍ରହୋଦ୍ଦୀପକ ହେବ । ମନେକର ଆମ ପାଖରେ ଏକ ମତ ବା ଅନୁମାନ ରହିଛି, ଆମେ ତାହାର ଏକ ପ୍ରତିମତ ବା ପ୍ରତ୍ୟନୁମାନ ବାହାର କରିବାକୁ ଯାଉଛୁ, ଏବଂ ସେଠୁ ତା'ପରେ ଆମକୁ ସମନ୍ୱୟରେ ପହଞ୍ଚିବାକୁ ପଡ଼ିବ ।

ତେବେ ତୁମ ଭିତରୁ କିଏ ଅନୁମାନଟିକୁ କହିବ ?······ ହଁ, ମୋ ପାଖରେ ସଙ୍ଗେ ସଙ୍ଗେ ଏକ ପ୍ରସ୍ତାବ ରହିଛି : "ମନୁଷ୍ୟ ମରଣଶୀଳ ।" ଏହାର ପ୍ରତିମତଟି ହେଉଛି "ମନୁଷ୍ୟ ମରଣଶୀଳ ନୁହେଁ ।" ତେବେ ବର୍ତ୍ତମାନ ଆମେ ସମନ୍ୱୟଟିକୁ ବାହାର କରିବା; ଯେଉଁ ସ୍ଥାନରେ ଦୁଇଟିଯାକର ସହମତି ରହିଛି, ସେହି ସ୍ଥଳଟିକୁ ବାହାର କରିବା ।

ମନୁଷ୍ୟର ଅଜ୍ଞାନହିଁ ତାକୁ ଅମୃତତ୍ୱ ସହିତ ଯୁକ୍ତ ହୋଇ ରହିବାରୁ ନିବୃତ୍ତ କରି ରଖେ ।

ତୁମେ କଥାଟିକୁ ବେଶ୍ ଅସ୍ପଷ୍ଟ ଭାବରେ କହିଲ । ଆହୁରି ଅଧିକ ବୁଦ୍ଧିମତ୍ତା ସହିତ ବି ସେଇଟି କୁହାଯାଇ ପାରନ୍ତା । ଜଣେ ହୁଏତ କହିପାରନ୍ତା : ପ୍ରକୃତ ସତ୍ୟର କ୍ଷେତ୍ରରେ ମନୁଷ୍ୟ ହେଉଛି ଅମର; ମାତ୍ର ଅଜ୍ଞାନ ଅଥବା ଅଚେତନା ହେତୁହିଁ ସିଏ ଏକ ମରଣଶୀଳ ଜୀବ ହୋଇ ରହିଛି । ଏପରି କହିବା ଠିକ୍ ଏ

'oaob.nitrkl.ac.in' images reprocessed

ଅଧିକ ଭଲ ହେବ ନାହିଁ କି ? ଏବଂ ତା'ପରେ ଆଉଟିକିଏ ଅଧିକ ଦୂରକୁ ମଧ୍ୟ ବେଶ୍ ଯାଇହେବ : ମଣିଷ କାହିଁକି ଅମର ? ସେ କାହିଁକି ମରଣଶୀଳ ? ଏବଂ ମରଣଶୀଳ ହୋଇ ରହିଥିବା ମନୁଷ୍ୟ କିପରି ପୁଣି ଅମର ହୋଇ ପାରିବ ?

ସତ୍ତାର ଯେଉଁ ଭାଗଟି ବିଷୟରେ ଆଲୋଚନା ହେଉଥାଉ ପଛକେ, ସେହି ଭାଗଟି ଗୁଡ଼ିକ ହୋଇଥାଉ ଓ ଆଉ ଯାହାକିଛୁ ହୋଇଥାଉ ପଛକେ, ତାହା ମନ-ସ୍ତରର, ପ୍ରାଣ-ସ୍ତରର ଅଥବା ଆଉ ଯେଉଁ ସ୍ତରର ହୋଇଥାଉ ପଛକେ, ପ୍ରକୃତ ଗତିସ୍ପନ୍ଦନଟି ହେଉଛି ଏକ ଦ୍ୱିସମ୍ମିଳିତ ଗତିସ୍ପନ୍ଦନ : ପ୍ରଥମତଃ, ଦିବ୍ୟ ପରମ ସତ୍ୟର ଅଭିବ୍ୟକ୍ତିରେ ତାହା କୌଣସି ଅବରୋଧ ସୃଷ୍ଟି କରିବ ନାହିଁ; ଏବଂ ଦ୍ୱିତୀୟତଃ, ସେହି ଅଭିବ୍ୟକ୍ତିରେ ତାହା ଅବଶ୍ୟ ସହାୟତା ହିଁ କରୁଥିବ । ଗୋଟିଏ ହେଉଛି ନକାରାତ୍ମକ ପାଖ,—ସେଠାରେ ତାହା ଆଦୌ ଏକ ଆବରଣ ହୋଇ ରହିବ ନାହିଁ, କୌଣସି ଅବରୋଧ ସୃଷ୍ଟି କରିବ ନାହିଁ । ଆପଣାକୁ ଅଭିବ୍ୟକ୍ତ କରିବାକୁ ବାଟ ଖୋଜୁଥିବା ଦିବ୍ୟ ଶକ୍ତିର ମାର୍ଗଟିକୁ ସିଏ କଦାପି ଉଗାଳି ରଖିବ ନାହିଁ; ଏବଂ ଅନ୍ୟ ପକ୍ଷରେ, ତାହା ଯଥେଷ୍ଟ ପରିମାଣରେ ଏପରି ସ୍ୱଚ୍ଛ ଏବଂ ଶୁଦ୍ଧ ହୋଇ ରହିବ, ଯେପରିକି ତାହା ଏହି ଅଭିବ୍ୟକ୍ତିରେ ସହାୟତା କରି ପାରିବ ।

ଏହି ସୂତ୍ରଟିକୁ ସବୁଠାରେ ପ୍ରୟୋଗ କରିହେବ, ଏଇଟି ଭାରି ସୁବିଧାଜନକ ।

ବାସ୍, ଠିକ୍ ସେହିପରି ।

ବର୍ତ୍ତମାନ ଆଉ କିଛି ପ୍ରଶ୍ନ ରହିଛି କି ?

**ଯଦି ମନୁଷ୍ୟମାନେ କମରି ବଞ୍ଚି ରହିବେ, ତେବେ ବୟସ ହୋଇଯିବା ସଙ୍ଗେସଙ୍ଗେ ସେମାନଙ୍କର ଶରୀର ମଧ୍ୟ କ୍ରମଶଃ ଅକାମୀ ହୋଇ ଯିବ ନାହିଁ କି ?**

ନା—ଆଦୌ ନୁହେଁ । ତୁମେ ଭୁଲ ଦିଗଟିରୁ ହିଁ କଥାଟିକୁ ଦେଖୁଛ । ଯଦି ସେମାନଙ୍କର ଶରୀର କ୍ଷୟପ୍ରାପ୍ତ ହେଉ ନଥାନ୍ତା, ତେବେ ସେମାନେ ମୃତ୍ୟୁକୁ ନିଶ୍ଚୟ ଏଡ଼ାଇଦେଇ ପାରନ୍ତେ । ମାତ୍ର ବର୍ତ୍ତମାନ ସେମାନଙ୍କର ଶରୀର କ୍ଷୟପ୍ରାପ୍ତ ହୋଇ ଯାଉଛି ବୋଲି ହିଁ ସେମାନେ ମୃତ୍ୟୁର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କର ଶରୀର ଅକାମୀ ହୋଇପଡ଼ୁଛି ବୋଲି ସେମାନେ ମରୁଛନ୍ତି । ତେଣୁ ଅମର ହୋଇ ରହିବାକୁ ହେଲେ, ସେମାନଙ୍କର ଶରୀର ମଧ୍ୟ ଆଦୌ କ୍ଷୟପ୍ରାପ୍ତ ହେବା ବା ଅକାମୀ ହେବା ଉଚିତ ନୁହେଁ । ଠିକ୍ ଓଲଟା କଥାଟାହିଁ ସତ କଥା । ଯେହେତୁ ଶରୀର କ୍ଷୟପ୍ରାପ୍ତ ହୋଇଯାଉଛି, କ୍ରମଶଃ ଗଳିତ ହୋଇ ଶେଷକୁ ସମ୍ପୂର୍ଣ୍ଣ ଭାବରେ ଅପକର୍ଷ ଲାଭ କରୁଛି, ଖାସ୍ ସେହି କାରଣରୁ ହିଁ ମୃତ୍ୟୁ ଆବଶ୍ୟକ ହୋଇପଡ଼ୁଛି ।

'oaob.nitrkl.ac.in' images reprocessed

ମାତ୍ର ଯଦି ଆମର ଶରୀର ଆମ ଅନ୍ତର୍ଗତ ସତ୍ତାଟିର ଊର୍ଦ୍ଧ୍ୱଗାମୀର ପ୍ରଗତିମନଟିର ଅନୁଧାବନ କରି ପାରୁଥାନ୍ତା, ଚୈତ୍ୟସତ୍ତା ପରି ଯଦି ଶରୀର ଭିତରେ ମଧ୍ୟ ପ୍ରଗତି ତଥା ପରିପୂର୍ଣ୍ଣତାର ଏକ ଅନୁରୂପ ବୋଧ ରହିଥାନ୍ତା, ତେବେ ତା' ଲାଗି ଆଉ ମରଣର ଆଦୌ କୌଣସି ଆବଶ୍ୟକତା ନଥାନ୍ତା । ବର୍ଷକ ପରେ ବର୍ଷକ ବୟସ ବୃଦ୍ଧିପ୍ରାପ୍ତ ହେଉଛି ବୋଲି ଯେ ସେଥିରୁ ଏକ ବିକୃତି ବା ଅଧୋଗତି ଘଟିବ, ତାହାର ଆଦୌ କୌଣସି କାରଣ ନାହିଁ । ଏଇଟା ହେଉଛି ପ୍ରକୃତିର ଏକ ଅଭ୍ୟସ୍ତତା । ଏହି ମୁହୂର୍ତ୍ତରେ ସଂସାରରେ ଯାହା ଘଟୁଛି, ଏଇଟି କେବଳ ତାହାର ଏକ ସଂସ୍କାର । ଏବଂ ଠିକ୍ ସେଇଟିହିଁ ମରଣର କାରଣ ହୋଇ ରହିଛି । ଏବଂ ଅନ୍ୟ ପକ୍ଷରେ, ଏକ ଦୂରଦୃଷ୍ଟି ଲାଭ କଲାପରି ଆମେ ବେଶ୍ ଦେଖିବାକୁ ସମର୍ଥ ହେବା ଯେ ପ୍ରାଣର ଉତ୍ସମୂଳରେ ପରିପୂର୍ଣ୍ଣତା ଅଭିମୁଖରେ ଯେଉଁ ଊର୍ଦ୍ଧ୍ୱଗାମୀର ଗତି ସଂଗୋପିତ ହୋଇ ରହିଛି, ହୁଏତ ଆଉ ଏକ ଆଧାରର ମାଧ୍ୟମରେ ସେଇଟି ବେଶ୍ ଅବିଚ୍ଛିନ୍ନ ହୋଇ ରହିପାରିବ । ମୁଁ ତୁମମାନଙ୍କୁ ଆଗରୁ କହିସାରିଛି ଯେ ଆମେ ଆଗରୁଗ୍ରା କଦାପି ଏକ ଅବାଧ ଅଭିବୃଦ୍ଧିର ପ୍ରତ୍ୟକ୍ଷ କରି ପାରିବା ନାହିଁ, କାରଣ ସେପରି ହେଲେ କେତେକ ସମୟ ପରେ ଗୃହଗୁଡ଼ିକର ଉଚ୍ଚତାରେ ପରିବର୍ତ୍ତନ ସମ୍ଭବ କରିବା ମଧ୍ୟ ଆବଶ୍ୟକ ହେବ ! ମାତ୍ର ଉଚ୍ଚତାର ଏହି ଅଭିବୃଦ୍ଧିକୁ ପରିପୂର୍ଣ୍ଣତା ଦିଗରେ ଏକ ଅଭିବୃଦ୍ଧି ରୂପେ ଆମେ ନିଶ୍ଚୟ ବଦଳାଇ ଦେଇ ପାଇବା । ଅର୍ଥାତ୍ ରୂପର ପରିପୂର୍ଣ୍ଣତାରେ ଏକ ଅଭିବୃଦ୍ଧି ରୂପେ ବଦଳାଇ ଦେଇ ପାରିବା । ବର୍ତ୍ତମାନ ରୂପାୟନର କ୍ଷେତ୍ରରେ ଯେଉଁ ଅପୂର୍ଣ୍ଣତାମାନ ରହିଛି, ସେଗୁଡ଼ିକରେ ହୁଏତ କ୍ରମଶଃ ଏକ ସଂଶୋଧନ କରାଯାଇ ପାରିବ; ବର୍ତ୍ତମାନ ରହିଥିବା ଦୁର୍ବଳତାଗୁଡ଼ିକର ସ୍ଥାନରେ ବଳଶାଳିତାର ବିକାଶଟିକୁ ସମ୍ଭବ କରିହେବ, ସବୁପ୍ରକାରର ଅସମର୍ଥତାକୁ ସାମର୍ଥ୍ୟରୂପେ ବଦଳାଇ ଦିଆଯାଇ ପାରିବ । ଏପରି କାହିଁକି କରାଯାଇ ନପାରିବ ? ଏସବୁ କିପରି କରାଯାଇ ପାରିବ, ସେବିଷୟରେ ତୁମେମାନେ କିଛି ଭାବ ନାହିଁ, କାରଣ ବସ୍ତୁଗୁଡ଼ିକ ଅନ୍ୟପ୍ରକାରେ ଦେଖିବାରେ ତୁମେ ସମ୍ପୂର୍ଣ୍ଣ ଅଭ୍ୟସ୍ତ ହୋଇ ରହିଛ । ମାତ୍ର ଏଇଟି ଯେ କାହିଁକି ଘଟିବ ନାହିଁ, ସେପରି ଭାବିବା ଲାଗି ପ୍ରକୃତରେ କୌଣସି କାରଣ ନାହିଁ ।

ତୁମେ କେବେ ଗଛଟିଏ ବଢ଼ୁଥିବାର ଦେଖିଛ ?—ଉଦାହରଣସ୍ୱରୂପ ଗୋଟିଏ ତାଳଗଛକୁ ବଢ଼ୁଥିବାର ଦେଖିଛ ? ଆଶ୍ରମର ପ୍ରାଙ୍ଗଣରେ ସେହିପରି ଗୋଟିଏ ତାଳଗଛ ଅଛି, ସମାଧି-ପ୍ରାଙ୍ଗଣରେ ଅଛି; ଯେଉଁ ଦୁଆରଟି ଦେଇ ତୁମେ ପ୍ରତିଦିନ ଯା'ଆସ କରୁଛ, ସେହି ଦୁଆରଟିକୁ ପ୍ରାୟ ଲାଗି କରି ତାଳଗଛଟି ରହିଛି । ସେଇଟି କିପରି କ୍ରମଶଃ ବଢ଼ିବାରେ ଲାଗିଛି, ତୁମେ କ'ଣ ସେକଥା କେବେହେଲେ ଦେଖି ନାହଁ ? ତୁମେ ସମସ୍ତେ ଜାଣିଛ, ଏହି ଗଛଟିକୁ ପ୍ରାୟ ଶୁଖିଲାଣି, ପଡ଼ିଗଲାଣି

'oaob.nitrkl.ac.in' images reprocessed

ବା ହୁଏତ ପନ୍ଦରବର୍ଷ ହୋଇଗଲାଣି । ତୁମେ ଦେଖିଥିବ, ସେଇଟି କେଡ଼େ ସ୍ଥୂଳ ହୋଇ ରହିଛି । ଏହିସବୁ ଗଛ ବଢ଼ିଲେ ଆମ ଘରଠାରୁ ମଧ୍ୟ ଅଧିକ ଉଚ୍ଚା ହୋଇ ପାରିବେ । ଆପଣାର ପ୍ରାକୃତିକ ଅବସ୍ଥାରେ ଏବଂ ମଝିରେ କୌଣସି ଆକସ୍ମିକ ଦୁର୍ଘଟଣା ନପଡ଼ିଲେ ସେମାନେ ବଡ଼ ସହଜରେ ବେଶ୍ କେତେଶହ ବର୍ଷ ବଞ୍ଚି ପାରିବେ । ଆମର ଏଇ ତାଳଗଛଟି କ'ଣ କରେ ତୁମେ ଦେଖି ନାହଁ ? ମୁଁ ଉପର ମହଲାରୁ ଏଇଟିକୁ ଦେଖେ । ପ୍ରକୃତରେ ଖୁବ ସୁନ୍ଦର ଦେଖାଯାଏ । ବରଷକରେ ଥରେ ଏପରି ଘଟେ । ପ୍ରଥମେ ତୁମକୁ ଗୋଟାଏ ପ୍ରକାରର ସାନ ବାଦାମୀ ରଙ୍ଗର ପେଣ୍ଡୁ ପରି କ'ଣ ଦେଖାଯାଏ । ତା'ପରେ ଏହି ସାନ ବାଦାମୀ ରଙ୍ଗର ପେଣ୍ଡୁଟି ଉଚ୍ଚ ହୋଇ ଆସିବାକୁ ଆରମ୍ଭ କରେ, ତା'ର ରଙ୍ଗଟି ମଧ୍ୟ କ୍ରମେ ଟିକିଏ ଅଧିକ ହାଲୁକା ହୋଇଆସେ, ପ୍ରଥମ ପରି ଆଉ ଏତେ ଗାଢ଼ ହୋଇ ରହେ ନାହିଁ । ଧୀରେ ଧୀରେ, ତୁମେ ଦେଖିବାକୁ ପାଅ ଯେ କେତେଗୁଡ଼ିଏ ଜଟିଳ ସାନ ଗାର ପଡ଼ିଥିବା ଗୋଟାଏ କ'ଣ ବସ୍ତୁର ଏକ ପିଣ୍ଡ ଦେଇ ସେଇଟି ତିଆରି ହୋଇଛି, ସେଗୁଡ଼ିକର ଅଗମାନ ଭିତର ଆଡ଼କୁ ବଙ୍କେଇ ହୋଇ ଯାଇଛି, ସେଗୁଡ଼ିକ ସତେଅବା ଆପଣା ଉପରକୁହିଁ ମୋଡ଼ିମୋଡ଼ି ହୋଇ ଆସିଛନ୍ତି । ସେଇଟି ମଧ୍ୟ କ୍ରମେ ବଢ଼ିବାକୁ ଆରମ୍ଭ କରେ, ବାହାରକୁ ବାହାରିଆସେ, ଅଧିକରୁ ଅଧିକ ସୁସ୍ପଷ୍ଟ ହୋଇଯାଏ; ତା'ପରେ ଦିନେ ଶାଗୁଆ ହେବାକୁ ଆରମ୍ଭ କରେ, ଗୋଟିଏ ସାନ ଫିକା ଶୁଆପଖିଆ କ'ଣଟିରେ ପରିଣତ ହୋଇଯାଏ ଏବଂ ତା'ପରେ ସତେଅବା ଜଣେ ବିଶପ୍‌ଙ୍କର କ୍ରସ୍‌ର ଆକାର ଧାରଣ କରେ । ତା'ପରେ ସେଗୁଡ଼ିକର ସଂଖ୍ୟା ବଢ଼େ, ସେଗୁଡ଼ିକ ପରସ୍ପରଠାରୁ ଅଲଗା ହୋଇଯାନ୍ତି; ସେତେବେଳେ ତାହା ତଥାପି ଈଷତ୍ ବାଦାମିରଙ୍ଗ ହୋଇ ରହିଥାଏ, ଦେଖିଲା ବେଳକୁ ଟିକିଏ ବିଚିତ୍ର ବିଚିତ୍ର ବ ଲାଗୁଥାଏ (ପ୍ରାୟ ତୁମରିମାନଙ୍କ ପରି), ସତେଅବା ଗୋଟାଏ ବହୁପଦୀ ପୋକ ପରି ମନେ ହେଉଥାଏ । ଏବଂ ତା'ପରେ ହଠାତ୍, ସତେଯେପରି ତାହା ତେଡ଼ି ପଡ଼ିବାକୁ ଲାଗେ, ଡିଆଁମାରି ବାହାରିଆସେ । ତା'ର ରଙ୍ଗ ଫିକା ସବୁଜ ହୋଇ ରହିଥାଏ, ଭାରି ଶୀର୍ଣ୍ଣ ଓ ଦୁର୍ବଳ ଦେଖା ଯାଉଥାଏ । ତା'ର ସେହି ରଙ୍ଗଟି କେଡ଼େ ମନୋରମ ନଦିଶୁଥାଏ ! ଏହା କ୍ରମଶଃ ଆପଣାକୁ ପ୍ରସାରିତ କରି ଆଣେ । ଦିନେ ଦୁଇଦିନ ପର୍ଯ୍ୟନ୍ତ ଏହିପରି ହୁଏ, ତା'ପରଦିନ ତା' ଦେହରେ ପତ୍ରମାନେ ଦୃଷ୍ଟିଗୋଚର ହୁଅନ୍ତି । ମୁଁ ଏହି ପତ୍ରଗୁଡ଼ିକୁ କେବେହେଲେ ଗଣି ନାହିଁ, ତେଣୁ ପ୍ରକୃତରେ ସେଥିରେ କେତୋଟି ପତ୍ର ଥାଏ, ମୋତେ ଜଣା ନାହିଁ । ଯେତେବେଳେ ଦେଖେ, ସେତେବେଳେ ଗୋଟିଏ ନୂଆପତ୍ର ଦେଖେ । ସେଗୁଡ଼ିକ ଖୁବ ଫିକା ହୋଇ ଦିଶୁଥାନ୍ତି, ଖୁବ ସୁନ୍ଦର ଦିଶୁଥାନ୍ତି । ସତେଅବା ସାନ ପିଲାଟି ପରି ଦିଶୁଥାନ୍ତି, କେଡ଼େ କୋମଳ, ସୁନ୍ଦର ଏବଂ ଶିଶୁଟି ପରି କମନୀୟ ଦେଖା ଯାଉଥାନ୍ତି । ଏବଂ

'oaob.nitrkl.ac.in' images reprocessed

ତଥାପି ତୁମେ ଅନୁଭବ କରୁଥାଅ ଯେ ସେଗୁଡ଼ିକ ଖୁବ ଦୁର୍ବଳ ଓ ସୁକୁମାର ଦେଖା ଯାଉଥାନ୍ତି; ଏବଂ ପ୍ରକୃତରେ ମଧ୍ୟ, ସେଥିରେ ଯଦି କଏ ବାଧାଟିଏ ବସାଏ, ତେବେ ତାହା ଏକାବେଳେକେ ନଷ୍ଟ ହୋଇ ଯିବାର ଅବସ୍ଥାରେହିଁ ରହିଥାଏ । ତାହା ଖୁବ୍ ଦୁର୍ବଳ ହୋଇଥାଏ, ତଥାପି ଆନନ୍ଦଦାୟକ ଭାବରେ ଖୁବ କୋମଳ ମଧ୍ୟ ହୋଇଥାଏ । ତା'ର ନିଜର ଏକ ସମ୍ମୋହକ ଶକ୍ତି ରହିଥାଏ ଓ ତୁମେ କହିବାକୁ ଲାଗ : "ମାତ୍ର ପ୍ରକୃତି ସର୍ବଦା ଠିକ୍ ଏହିପରି ହୋଇ ରହୁ ନାହିଁ କାହିଁକି ?" ଏବଂ ତା' ଆରଦିନ ସକାଳେ······ଦେଖ, ପତ୍ରଗୁଡ଼ିକ ଅଲଗା ହୋଇ ଯାଇଥାନ୍ତି, ଉଜ୍ଜ୍ୱଳ ସବୁଜ ରଙ୍ଗ ଧାରଣ କରିଥାନ୍ତି, ଯୌବନର ସକଳ ବଳଶାଳିତା ଓ ଶକ୍ତିମନ୍ତତା ସହିତ ଅଦ୍‌ଭୁତ ଦେଖା ଯାଉଥାନ୍ତି । ଏକ ଉଜ୍ଜ୍ୱଳ ସୁନ୍ଦର ସବୁଜବର୍ଣ୍ଣ ଧାରଣ କରିଥାନ୍ତି । ମନେହୁଏ, ଏଥର ତାହା ସେହିପରିହିଁ ରହିବ—ମୋଟେ ନୁହେଁ । ତଥାପି ବୃଦ୍ଧି ଲାଗି ରହିଥାଏ । ତା'ପରେ ଧୂଳି ଆସେ, ସେହି ବାଟ ଦେଇ ଚାଲି ଯାଉଥିବା ମଣିଷମାନେ ତାକୁ କେତେପ୍ରକାରେ ନଷ୍ଟ କରି ଦିଅନ୍ତି । ତେଣୁ ପତନ ଆରମ୍ଭ ହୋଇଯାଏ, ପତ୍ରଗୁଡ଼ାକ ହଳଦିଆ ପଡ଼ିଆସେ, ଏକାବେଳେକେ ଭିନ୍ନ ପ୍ରକାରର ଏକ ହଳଦିଆ ରଙ୍ଗ ଧାରଣ କରେ । ଏହି ହଳଦିଆ ହେଉଛି ଶୁଷ୍କ ହୋଇ ଆସିବାର ହଳଦିଆ; ଏବଂ ଶେଷରେ ତାହା ସମ୍ପୂର୍ଣ୍ଣରୂପେ କ୍ଷୟପ୍ରାପ୍ତ ହୋଇ ତଳକୁ ଖସିପଡ଼େ । ତା'ପରେ କେବଳ ଥୁଣ୍ଟା ଗଣ୍ଡିଟା ପଡ଼ିଥାଏ । ପ୍ରତିବର୍ଷ ଗଣ୍ଡିଟି ଧାପେ ଧାପେ କରି ବଢ଼ୁଥାଏ ଏବଂ ସର୍ବଶେଷ ପରିଣତିରେ ଆସି ପହଞ୍ଚିବା ଲାଗି ବେଶ୍ କେତେ ଶହ ବର୍ଷ ଅଭିପ୍ରେତ ହୋଇ ରହିଥାଏ । ମାତ୍ର ପ୍ରତ୍ୟେକ ବର୍ଷ, ତାହା ସେହି ସମାନ ପ୍ରକ୍ରିୟାଟିର ପୁନରାବୃତ୍ତି କରିବାରେ ଲାଗିଥାଏ; ସୌନ୍ଦର୍ଯ୍ୟ, ମନୋହରତା ଓ ଆକର୍ଷକତାର ସେହି ପର୍ଯ୍ୟାୟଗୁଡ଼ିକ ମଧ୍ୟଦେଇ ଗତି କରୁଥାଏ ଏବଂ ତୁମେ କହିବାକୁ ଲାଗ : "ମାତ୍ର ଏହିସବୁ ବୃଦ୍ଧି ଏଠିକିଯାଏ ଆସି ବନ୍ଦ ହୋଇ ଯାଉ ନାହିଁ କାହିଁକି ?" ଏବଂ ପରବର୍ତ୍ତୀ ମୁହୂର୍ତ୍ତଟିରେ ତାହା ଅନ୍ୟରି କ'ଣ ହୋଇଯାଏ । ଏହା ଅଧିକ ଭଲ ହୁଏ ବୋଲି କଦାପି କହି ହେବ ନାହିଁ, ମାତ୍ର ଅଲଗା ପ୍ରକାରର ହୋଇଯାଏ । ତେଣୁ ଆପଣା କୁସୁମପର୍ବର ପ୍ରତ୍ୟେକ ପର୍ଯ୍ୟାୟ ଦେଇ ତାହା ଗୋଟିକରୁ ଆଉ ଗୋଟିକୁ ଅତିକ୍ରମ କରିବାରେ ଲାଗିଥାଏ । ତା'ପରେ ଦୁର୍ଘଟଣାଗୁଡ଼ିକ ଘଟିବାକୁ ଆରମ୍ଭ କରେ, ଦୁର୍ଘଟଣାଗୁଡ଼ିକ ସହିତ ଦୁର୍ଗତି ଓ କ୍ଷୟ ଆସି ପହଞ୍ଚେ ଏବଂ ତା'ପରେ ମୃତ୍ୟୁ ଉପଗତ ହୁଏ ।

ଠିକ୍ ଏହିପରି ହୁଏ । ମାତ୍ର ଦୁର୍ଘଟଣାଗୁଡ଼ାକୁ ଆମେ କଦାପି ଅପରିହାର୍ଯ୍ୟ ବୋଲି କହି ପାରିବା ନାହିଁ । ଏବଂ ଏପରିକି, ଯାହା ବାହାରକୁ ମୃତ୍ୟୁ ବୋଲି ଦେଖାଯାଏ, ସେଇଟି ମଧ୍ୟ ବୃକ୍ଷଟିର ବୃଦ୍ଧିରେ ସହାୟକ ହୋଇଥାଏ । ଆପଣା

ଦେହରୁ କିଛି ତଳକୁ ଖସିପଡ଼େ ସତ, ମାତ୍ର ପୁନର୍ବାର ଅଭିବୃଦ୍ଧି ଲାଭ କରିବାକୁ ଏବଂ ଆଉକିଛି ଅଧିକର ଅଧିକାରୀ ହେବାକୁହିଁ ତାହା ଘଟେ । ସର୍ବଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମଧ୍ୟ ସେହି ସୌଷମ୍ୟ ଓ ସେହି ସୌନ୍ଦର୍ଯ୍ୟଟିକୁ ରକ୍ଷା କରି ପାରିବା ଉଚିତ । ଯେଉଁ ଶରୀରର ଆଉ ବଞ୍ଚି ରହିବା ଲାଗି କୌଣସି ଉଦ୍ଦେଶ୍ୟହିଁ ରହିବ ନାହିଁ, ସେହିଭଳି ଗୋଟିଏ ଶରୀରକୁ ବହନ କରି ରହିବାର ଆଦୌ କୌଣସି କାରଣ ନାହିଁ । କାରଣ ସେହି ଶରୀର ରହି ଆଉ ପ୍ରକୃତରେ କୌଣସି କାମରେହିଁ ଲାଗିବ ନାହିଁ । ଆଉ କୌଣସି କାମରେ ଲାଗିବ ନାହିଁର ଅର୍ଥ ହେଉଛି ଯେ ସେଇଥି ପାଇଁହିଁ ତାହାର ଅସ୍ତିତ୍ୱଟି ମଧ୍ୟ ଆଉ ରହିବ ନାହିଁ । ଆମର ହୁଏତ ଏପରି ଗୋଟାଏ ଶରୀର ରହିପାରନ୍ତା, ଯାହାକି ପରିପୂର୍ଣ୍ଣରୁ ପରିପୂର୍ଣ୍ଣତର ହେବାରେ ଲାଗିଥାନ୍ତା । ଶରୀରଟି ମଧ୍ୟରେ ଏପରି ଅନେକ ବସ୍ତୁ ଅଛନ୍ତି, ଯେଉଁମାନେକି ଆମକୁ କହୁଥାନ୍ତି : "ଓଃ, ଯଦି ମୁଁ ସେପରି ହୋଇଥାନ୍ତି, ମୁଁ ଠିକ୍ ଏହିପରି ହୋଇ ରହିବାକୁହିଁ ଇଚ୍ଛା କରିଥାନ୍ତି !" (ଏଠାରେ ମୁଁ ତୁମର ଚରିତ୍ର ବିଷୟରେ କିଛି କହୁ ନାହିଁ; କାରଣ ତୁମ ଭିତରେ ଏପରି ଅନେକ ଜିନିଷ ରହିଛି, ଯାହାରକି ବଦଳି ଯିବାର ଆବଶ୍ୟକତା ରହିଛି; ମୁଁ କେବଳ ତୁମ ଶରୀରଟି ବିଷୟରେହିଁ କହୁଛି ।) ତୁମେ କେଉଁଠାରେ ସୌଷମ୍ୟର କୌଣସି ଅଭାବ ଦେଖି କହିବାକୁ ଆରମ୍ଭ କର : "ଯଦି ଏହି ଅଭାବଟି ଦୂର ହୋଇ ଯାଇ ପାରନ୍ତା, ତେବେ ତାହା କେତେ ଅଧିକ ଭଲ ନ ହୁଅନ୍ତା !" ମାତ୍ର ଏକଥାଟିକୁ ଯେ ସମ୍ଭବ କରାଯାଇ ପାରିବ, ତୁମେ ସେକଥା କାହିଁକି ଭାବୁ ନାହିଁ ? ଯଦି କେବେ ବିଷୟନିଷ୍ଠ ହୋଇ ତୁମେ ନିଜ ଆଡ଼କୁ ଅନାଇ ଦେଖିବ, —ନିଜର ଏହି କ୍ଷୁଦ୍ର ବ୍ୟକ୍ତି-ଅସ୍ତିତ୍ୱଟି ପ୍ରତି ରହିଥିବା କୌଣସି ପ୍ରକାର ଆସକ୍ତି ବା ମମତା ରଖି ନୁହେଁ, ମାତ୍ର ଯଥାସମ୍ଭବ ଅଧିକ ବିଷୟନିଷ୍ଠ ଓ ଆସକ୍ତିମୁକ୍ତ ହୋଇ ଯଦି ଦେଖିପାରିବ, ଅନ୍ୟଜଣେ ମଣିଷ ଆଡ଼କୁ ଅନାଇଲା ବେଳେ ତୁମେ ଯେପରି ଦେଖ, ଯଦି ସେହିପରି ଏକ ଦୃଷ୍ଟି ନେଇ ନିଜ ଆଡ଼କୁ ଅନାଇ ଦେଖିବ, ଏବଂ କହିବ : "ମାତ୍ର ଏହି ବସ୍ତୁଟି ସେଇଟି ସହିତ ଆଦୌ ସୌଷମ୍ୟ ରଖିପାରି ନାହିଁ", ଏବଂ ତା'ପରେ ଯଦି ଅଧିକ ଅନ୍ତରଙ୍ଗ ଓ ନିକଟ ଭାବରେ ପୁଣି ଦେଖିବାକୁ ଆରମ୍ଭ କରିବ, ତେବେ ତାହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ହେବାକୁ ଆରମ୍ଭ କରିବ । ତୁମେ ଆବିଷ୍କାର କରି ପାରିବ ଯେ ଏହି ଯେଉଁ ସୌଷମ୍ୟର ଅଭାବଟି ତୁମ ଭିତରେ ରହିଛି, ତାହା ହେଉଛି ତୁମ ଚରିତ୍ରରେ ରହିଥିବା କୌଣସି ଏକ ଦୋଷ ବା ଅଭାବରହିଁ ଅଭିବ୍ୟକ୍ତି । ଏପରି ଘଟିଛି, କାରଣ ତୁମର ଚରିତ୍ର ଭିତରେ କେଉଁଠି କ'ଣ ଟିକିଏ ବକ୍ର ହୋଇଯାଇଛି, ଠିକ୍ ସୌଷମ୍ୟ ରକ୍ଷାକରି ପାରି ନାହିଁ ଏବଂ ତୁମର ଶରୀରର କେଉଁଠି ନା କେଉଁଠି ତାହାରହିଁ ପ୍ରତିଚ୍ଛବି ପ୍ରକାଶ ପାଇଛି । ତୁମ ଶରୀରସ୍ଥ ଏହି ଅବ୍ୟବସ୍ଥାଟିକୁ ତୁମେ ପୁଣି ସଜାଡ଼ି ଆଣିବାକୁ ଚେଷ୍ଟା କର ଏବଂ

'oaob.nitrkl.ac.in' images reprocessed

ତୁମେ ବେଶ୍ ଦେଖିବାକୁ ସମର୍ଥ ହୁଅ ଯେ ଶରୀରସ୍ଥ ଏହି ସୌଷମ୍ୟହୀନତାର ମୂଳକୁ ଫେରି ଯିବାକୁ ହେଲେ ତୁମକୁ ନିଜ ଅନ୍ତର୍ଗତ ସତ୍ତାଟିରେ ରହିଥିବା ଅସଲ ଦୋଷଟିକୁ ଖୋଜି ବାହାର କରିବାକୁ ହେବ । ଏବଂ ତା'ପରେ ତୁମେ ସେହି ଦିଗରେ କାର୍ଯ୍ୟ ଆରମ୍ଭ କରିଦିଅ, ଏବଂ ତା'ର ଫଳଟି ମଧ୍ୟ ତୁମକୁ ପ୍ରାପ୍ତ ହେବାକୁ ଲାଗେ ।

ତୁମ ଶରୀରଟି ମଧ୍ୟରେ ଯେ କେତେ ଅଧିକ ପରିମାଣରେ ନମନୀୟତା ରହିଛି, ସେ ବିଷୟରେ ତୁମେ କିଛି ଜାଣି ନାହଁ । ଆଉ ଗୋଟିଏ ଦୃଷ୍ଟିକୋଣରୁ ବିଚାର କରି ମୁଁ କହିବି ଯେ ତୁମର ଶରୀର ଅତ୍ୟନ୍ତ ଭୟଙ୍କର ଭାବରେ କଠିନ ହୋଇ ରହିଛି, ଅନମନୀୟ ହୋଇ ରହିଛି, ଏବଂ ସେହି କାରଣରୁହିଁ ତୁମର ଶରୀର କ୍ଷୟପ୍ରାପ୍ତ ହୋଇ ପାରୁଛି । ଯେତେବେଳେ ଆମେ ତଥାପି ସାନ ସାନ ପଶୁ ପରି ସଦ୍ୟ ଓ ଜୀବନମୟ ହୋଇ ରହିଥାଉ, ସେତେବେଳେ କିପରି ଏକ ପ୍ରବୃଦ୍ଧିକ୍ଷମ, ଭବ୍ୟ ଓ ନିର୍ଦ୍ଦୋଷ କୁସୁମ ପବ ଲାଗି ଇଚ୍ଛା କରିବାକୁ ହୁଏ, ସେବିଷୟରେ ଆମର କୌଣସି ଜ୍ଞାନ ନଥାଏ ବୋଲି ସେପରି ହୁଏ । "କେଡ଼େ ଦୁର୍ଭାଗ୍ୟର କଥା ଯେ ମୋର ହାତଗୁଡ଼ାକ ଖୁବ ସରୁ ବା ମୋର ଗୋଡ଼ଗୁଡ଼ାକ ଖୁବ ଲମ୍ବା ବା ମୋ ପିଠିଟା କେଡ଼େ କୁଜା ବା ମୁଣ୍ଡଟା ମଧ୍ୟ କେଡ଼େ ଆବୁଡ଼ା ଖାବୁଡ଼ା" ବୋଲି ପ୍ରାୟ ଏକ କାତର ଦୟନୀୟ ଅଭିମାନ କରି ଏକଥା କହିବା ପରିବର୍ତ୍ତେ, ଯଦି ତୁମେ କହି ପାରୁଥାନ୍ତ "ନା— ଏହି କଥାଟି ନିଶ୍ଚୟ ଅନ୍ୟ ପ୍ରକାର ହେବ, ମୋର ହାତଗୁଡ଼ାକ ଅନୁପାତ ଅନୁସାରେ ହେବ, ମୋ ଶରୀର ସୌଷମ୍ୟଯୁକ୍ତ ହେବ, ମୋର ଯାବତୀୟ ଗଢ଼ଣ ଅବଶ୍ୟ ଏକ ଉଚ୍ଚତର ସୌନ୍ଦର୍ଯ୍ୟକୁହିଁ ବ୍ୟକ୍ତ କରି ପାରୁଥିବ,"—ତେବେ ଯାଇ ସଫଳତା ମିଳିବ । ଏବଂ ଏକ ଅଦମ୍ୟ, ଶାନ୍ତ, ଧୃତିମାନ୍ ଯଥାର୍ଥ ଇଚ୍ଛା, ଯାହାକି ବାହାରର କୌଣସି ପରାଜୟ ଲାଗି ଅନୁଶୋଚନା କରୁ ନଥିବ, ଶାନ୍ତ, ଅତ୍ୟନ୍ତ ଶାନ୍ତ ଭାବରେ ଆପଣାର କାର୍ଯ୍ୟଟିକୁ କରିଯାଉଥିବ, ଏହିପରି ହେଉ ବୋଲି ଇଚ୍ଛା କରି ପାରୁଥିବ, ଅନ୍ତରସ୍ଥ କାରଣଟିର ସନ୍ଧାନ କରି ପାରୁଥିବ, ତାହାକୁ ଆବିଷ୍କାର କରୁଥିବ ଓ ଶକ୍ତିମନ୍ତ ଭାବରେ ଆବଶ୍ୟକ ସବୁକିଛି କରି ପାରୁଥିବ, ସେହିପରି ଏକ ଇଚ୍ଛା ଦ୍ୱାରା ଏହି କାର୍ଯ୍ୟଟିକୁ କିପରି କରିବାକୁ ହୁଏ, ସେକଥାଟାକୁ ଜାଣିଥିଲେ ଯାଇ ସଫଳତା ମିଳିବ । କେଉଁଠି ଏଡ଼େ ଟିକିଏ ଅସୁନ୍ଦର କାଳିଆ ପୋକ ଦେଖିଲେ ତୁମେ ତତ୍‌କ୍ଷଣାତ୍ ଏକ ଅସୁଖକର ଓ ବିରକ୍ତିକର ଦାଗ କରିଦେବାରେ ଲାଗିଥିବା ସେଇଟିକୁ ଉଠାଇ ଆଣ, ସେଇଟି ଯେଉଁଠାରେ ଲାଗିଥାଏ, ତାକୁ ସେଠାରୁ ଟାଣି ବାହାର କରିଆଣ ଏବଂ ବାହାରକୁ ଫୋପାଡ଼ି ଦିଅ ଓ ତା' ଜାଗାରେ ଗୋଟିଏ ମନୋହର ବର୍ତ୍ତି ନେଇ ଜାଳିଦିଅ । ଏବଂ ତା'ପରେ ତୁମେ ଜାଣିବାକୁ ଆରମ୍ଭ କର ; "ଏକଥା କିପରି

'oaob.nitrkl.ac.in' images reprocessed

ହେଲ ! ମୋ ମୁହଁ ଉପରେ ସୌଷମ୍ୟର ଯେଉଁ ଅଭାବଟି ରହିଥିଲା, ସେଇଟି ତ ବର୍ତ୍ତମାନ ଦୂର ହୋଇ ଯାଉଛି; ମୋ ଚେହେରା ଉପରେ ଯେଉଁ ନୃଶଂସତା ଓ ଅଚେତନାର ସଙ୍କେତ ରହିଥିଲା, ସେଇଟି ଅପସରି ଯାଉଛି ।" ଏବଂ ତା'ପରେ ଦଶବର୍ଷ ପରେ ତୁମେ ନିଜକୁ ଆଉ ଚିହ୍ନି ବି ପାର ନାହିଁ ।

ତୁମେ ସମସ୍ତେ, ଯେଉଁମାନେ ଏଠି ବସିଛ, ତୁମେମାନେ ହେଉଛ ଯୌବନମସ୍ତ, ତାରୁଣ୍ୟର ଉପାଦାନରେ ତିଆରି; ଏଥିରୁ କପରି ଲାଭବାନ୍ ହେବା ସମ୍ଭବ, ସେକଥାଟି ତୁମମାନଙ୍କର ଅବଶ୍ୟ ଜାଣିବା ଉଚିତ;—ମାତ୍ର କ୍ଷୁଦ୍ର, ସ୍ୱାର୍ଥପର ଓ ନିର୍ବୋଧ କେତେକ ଉଦ୍ଦେଶ୍ୟର ପୂରଣ ଲାଗି ଯେ ତୁମେ ଏସବୁ ଜାଣିବ, ସେକଥା ଆଦୌ ନୁହେଁ; ସୌନ୍ଦର୍ଯ୍ୟ ଲାଗି ତୁମ ଭିତରେ ଯେଉଁ ଶ୍ରଦ୍ଧା ରହିଛି, ସୌଷମ୍ୟ ଲାଗି ଯେଉଁ ଆବଶ୍ୟକତା ରହିଛି, ତୁମେମାନେ ସେହିସବୁ କାରଣରୁହିଁ ଏସବୁ ଜାଣିବ ।

ଯଦି ଶରୀରକୁ ସ୍ଥାୟୀ ହୋଇ ରହିବାକୁ ହୁଏ, ତେବେ ତାହା ଆଉ କ୍ଷୟପ୍ରାପ୍ତ ହେବାରେ ଲାଗିଥିଲେ କଦାପି ହେବ ନାହିଁ । ତେଣୁ କ୍ଷୟପ୍ରାପ୍ତି ହେବାକୁ କଦାପି ଦିଆଯିବ ନାହିଁ । ଏକ ପକ୍ଷରେ ଏହି ଶରୀରକୁ ଏକ ବିଜୟ ହାସଲ କରିବାକୁ ହେବ : ଶରୀର ରୂପାନ୍ତରିତ ହେବ, ଏହା କଦାପି କ୍ଷୟପ୍ରାପ୍ତ ହେବ ନାହିଁ । କ୍ଷୟପ୍ରାପ୍ତ ହେଉଥିବା ପର୍ଯ୍ୟନ୍ତ ଅମରତ୍ୱର ଆଉ କୌଣସି ସମ୍ଭାବନା ନଥିବ ।

## ମୃତ୍ୟୁ ପରେ ମନୁଷ୍ୟ କେଉଁଠାକୁ ଯାଏ ?

ଆରେ ବାବା, ସେଥିଲାଗି ତ ଗୋଟାଏ ବହି ଦରକାର ହେବ ! ଏଇଟି କ'ଣ ଗୋଟିଏ ପ୍ରଶ୍ନ ହୋଇଛି ? ଆଚ୍ଛା, ଆସନ୍ତା ଥରକୁ ଏକଥା ହେବ । ଏବଂ ମୁଁ ଭାବୁଛି, ମୋର ଯେତେଦୂର ମନେ ଅଛି, ଏହି ବିଷୟଟି ଉପରେ ଆଲୋଚନା କରାଯାଇଥିବା ଗୋଟିଏ ସମ୍ପୂର୍ଣ୍ଣ ଅଧ୍ୟାୟ ମଧ୍ୟ ରହିଛି । ଏବିଷୟରେ ଆଲୋଚନା କରିବା ଲାଗି ଆମେ ନିଶ୍ଚୟ ଅବସର ପାଇବା··· । ଏବଂ ବର୍ତ୍ତମାନ ସଙ୍ଗେ ସଙ୍ଗେ ଗୋଟିଏ କଥା ନିଶ୍ଚୟ କହିବ : ତୁମେ ଯେତେବେଳେ ଏହି ପୃଥିବୀରେ ଜନ୍ମଗ୍ରହଣ କରୁଛ, ତୁମେ ଜାଣିଛ କି ତା'ପରେ ତୁମେ କୁଆଡ଼େ ଯାଉଛ ? ଏବଂ ଏହି ପୃଥିବୀର ସବୁଯାକ ମଣିଷ କ'ଣ ସେହି ଗୋଟିଏ ଜାଗାକୁ ଯାଆନ୍ତି ? ତୁମେ କ'ଣ ଭାବୁଛ କହିଲ ?

ପ୍ରତ୍ୟେକ ପ୍ରତ୍ୟେକର ବାଟରେ ଯାଆନ୍ତି । ପ୍ରତ୍ୟେକର ଅଲଗା ଅଲଗା ନିୟତି । ମଲାବେଳେ ସମସ୍ତଙ୍କର କାହିଁକି ଗୋଟିଏ ଗତି ହେବ ? ଆମ ପ୍ରତ୍ୟେକଙ୍କ ଲାଗି ଏହି ଗତି ଭିନ୍ନ ଭିନ୍ନ ।

ସୁନନ୍ଦା, ଶୁଭରାତ୍ରି ।

'oaob.nitrkl.ac.in' images reprocessed

## ୨୪ ଜୁନ୍, ୧୯୫୩

"ପ୍ରାଣିକ ଜଗତର ସତ୍ତ୍ୱମାନେ ସେମାନଙ୍କର ସ୍ୱଭାବକୁ ଅନୁସାରେହିଁ ବଳଶାଳୀ ହୋଇ ରହିଥା'ନ୍ତି; ଏବଂ ଯେତେବେଳେ ସେମାନଙ୍କର ଶକ୍ତି ସହିତ ସେମାନେ ଜ୍ଞାନକୁ ମଧ୍ୟ ଆଣି ମିଶାଇ ଦେଇ ପାରନ୍ତି, ସେତେବେଳେ ସେମାନେ ଦୁଇଗୁଣ ବିପଜ୍ଜନକ ହୋଇ ଉଠନ୍ତି । ଏହି ପ୍ରାଣୀମାନଙ୍କ ବିଷୟରେ ଆଉ ପ୍ରକୃତରେ କିଛିହେଲେ କରିବାର ନଥାଏ । ସେମାନଙ୍କୁ ପରାଭୂତ କରି ନଷ୍ଟ କରିଦେବାର କ୍ଷମତାଟି ଯଦି ତୁମ ପାଖରେ ନଥାଏ, ତେବେ ସେମାନଙ୍କ ସହିତ ଆଦୌ କୌଣସି ସମ୍ପର୍କ ଓ କାରବାର ରଖିବା ଉଚିତ ନୁହେଁ । ଯଦି ଅଗତ୍ୟା ସେମାନଙ୍କ ସହିତ କୌଣସି ନା କୌଣସି ସମ୍ପର୍କ ରଖିବାକୁହିଁ ହୁଏ, ତେବେ ସେମାନଙ୍କର ଯାଦୁଜାଲଟି ବିଷୟରେ ତୁମେ ସର୍ବଦା ସତର୍କ ରହିଥିବ । ଏହି ପ୍ରାଣିକ ସତ୍ତ୍ୱମାନେ ଯେତେବେଳେ ଜଡ଼ଭୂମିରେ ରୂପ ଧାରଣ କରନ୍ତି, ସେତେବେଳେ ସେମାନଙ୍କଠାରେ ପ୍ରଭୂତ ସମ୍ମୋହନ-ଶକ୍ତି ରହିଥାଏ; କାରଣ ସେମାନଙ୍କର ଚେତନାକେନ୍ଦ୍ରଟି ପ୍ରାଣିକ ଜଗତରେହିଁ ଥାଏ; ତାହା ଭୌତିକ ଜଗତରେ ଆଦୌ ନଥାଏ । ସେମାନଙ୍କ ଉପରେ ଆଦୌ କୌଣସି ଆବରଣ ନଥାଏ, ଏବଂ ମନୁଷ୍ୟମାନଙ୍କର କ୍ଷେତ୍ରରେ ଯେପରି ହୁଏ, ଭୌତିକ ଚେତନା ଦ୍ୱାରା ସେମାନେ କୌଣସି ପ୍ରକାରେ ଖର୍ବ ହୋଇ ପଡ଼ନ୍ତି ନାହିଁ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୨ ମେ)

ମାଆ, ଆପଣ କହିଛନ୍ତି : "ଏହି ସତ୍ତ୍ୱଗୁଡ଼ିକର ପ୍ରଭୂତ କ୍ଷମତା ରହିଛି ।" ସେମାନଙ୍କର ପ୍ରକୃତରେ କେଉଁଭଳି କ୍ଷମତା ଅଛି ?

'oaob.nitrkl.ac.in' images reprocessed

ଜଡ଼ ଉପରେ ପ୍ରାଣର ଯେଉଁ କ୍ଷମତା ରହିଛି, ସେହି କ୍ଷମତା । ଏବଂ, ପ୍ରକୃତ କଥା ହେଉଛି ଯେ ପ୍ରାଣିକ ଶକ୍ତି ବ୍ୟତୀତ ତୁମେ ଆଦୌ କିଛି ହେଲେ କରି ପାରିବ ନାହିଁ । ଯଦି ପ୍ରାଣିକ ଶକ୍ତି ନଥାନ୍ତା, ତେବେ ଜଡ଼ୋପାଦାନ ଜୀବନହୀନ ଓ ଅଚେତନ ହୋଇ ରହିଥାନ୍ତା । ଏହି ପ୍ରାଣିକ ଶକ୍ତିକୁହିଁ ଲୋକେ "ଶକ୍ତି" ବୋଲି କହିଥାନ୍ତି ।

**ପ୍ରାଣିକ ଶକ୍ତି ସ୍ଥାନରେ ଆଉ କୌଣସି ଉଚ୍ଚତର ଶକ୍ତିକୁ କ'ଣ ସ୍ଥାନାପନ୍ନ ଭାବରେ ରଖି ହେବ ନାହିଁ ?**

ନା—ହେବ ନାହିଁ । ପ୍ରାଣିକ ଶକ୍ତିରେ ରୂପାନ୍ତର ଘଟାଇବାକୁହିଁ ପଡ଼ିବ । ମୁଁ ସବୁବେଳେ କହିଆସିଛି ଯେ ପ୍ରାଣିକ ଶକ୍ତି ନହେଲେ ଆଦୌ କୌଣସି କାର୍ଯ୍ୟ କରି ହେବ ନାହିଁ, ମାତ୍ର ପ୍ରାଣିକ କ୍ଷେତ୍ରଟିକୁ ଏକ ଅନ୍ୟ ଦୀକ୍ଷାରେ ଦୀକ୍ଷିତ କରି ନେବାକୁ ପଡ଼ିବ । ଅର୍ଥାତ୍, ସେହିସବୁ ବସ୍ତୁ ହାତରେ ଏକ ସାଧନ ହୋଇ ନରହି ପ୍ରାଣ ଭଗବତ୍ ଇଚ୍ଛାରହିଁ ସାଧନ ହୋଇ ରହିବ । ପ୍ରାଣ ବ୍ୟତୀତ ଜଡ଼ପୃଥିବୀରେ କେହି କିଛି ହେଲେ କରି ପାରିବ ନାହିଁ । ବୈରାଗୀ ସଂସାରତ୍ୟାଗୀମାନେ ଠିକ୍ ଏହିଠାରେହିଁ ଭୁଲ କରନ୍ତି । ସେମାନେ ପ୍ରାଣକୁ ବାସନାରେ ପରିପୂର୍ଣ୍ଣ ହୋଇ ରହିଥିବା ଏକ ଶକ୍ତି ବୋଲି ଜାଣନ୍ତି, ଆପଣାକୁ ଚରିତାର୍ଥ କରିବାର ଇଚ୍ଛାଟି ଦ୍ୱାରାହିଁ ପରିପୂର୍ଣ୍ଣ ହୋଇ ରହିଥିବା ଏକ ଶକ୍ତି ବୋଲି ଜାଣନ୍ତି ଓ ତେଣୁ ତାହାକୁ ବିଲୁପ୍ତ କରି ଦିଅନ୍ତି; ତାହାକୁ ଏପରି ମୃତପ୍ରାୟ କରି ଦିଅନ୍ତି ଯେ ତା'ର ଆଉ କୌଣସି ଅସ୍ତିତ୍ୱହିଁ ରହେ ନାହିଁ । ଏହି ପ୍ରାଣଶକ୍ତିକୁ ବିଲୁପ୍ତ ଏବଂ ମୃତପ୍ରାୟ କରି ରଖିବାକୁହିଁ ବୈରାଗ୍ୟର ଯାବତୀୟ ପଦ୍ଧତିର ଉଦ୍ଭାବନ କରାଯାଇଛି । କାରଣ ସ୍ପଷ୍ଟତଃ ତାହାର ଦ୍ୱାରାହିଁ ସବୁଠାରୁ ଅଧିକ ସୁବିଧାଜନକ ଭାବରେ ଜଡ଼ଜଗତର ଜୀବନ ସହିତ ସମସ୍ତ ସମ୍ପର୍କକୁ କାଟିଦେବା ସମ୍ଭବ ହୁଏ । ସେତେବେଳେ ଜଣେ ଉଦ୍ଭିଜ୍ଜ ବସ୍ତୁଗୁଡ଼ିକ ତୁଳନାରେ ଆହୁରି ତଳକୁ ଖସିଯାଏ ।

ଏହି କ୍ଷେତ୍ରରେ ଏକାନ୍ତ ଆବଶ୍ୟକ ଯେ ଆପଣାର ନିଜ ଅଭିପ୍ରାୟଗୁଡ଼ିକର ଚରିତାର୍ଥ ନକରି ବା ଅଦିବ୍ୟ ଭଗବଦ୍‌ବିରୋଧୀ ଶକ୍ତିଗୁଡ଼ିକ ହାତରେ ଏକ ସାଧନ ହୋଇ ନରହି ପ୍ରାଣକୁ ଦିବ୍ୟ ପରମସତ୍ୟ ହାତରେହିଁ ଏକ ସାଧନରୂପେ କାର୍ଯ୍ୟ କରି ପାରିବାକୁ ହେବ ଏବଂ ଆପଣାର ଯାବତୀୟ ଶକ୍ତିକୁ ସେହି ଭଗବାନଙ୍କ ସେବାରେହିଁ ସମର୍ପିତ କରି ରଖିବାକୁ ପଡ଼ିବ । ଏକଥା ଆଦୌ ଅସମ୍ଭବ ନୁହେଁ ।

**ଆମେ ଯେତେବେଳେ ଭୟ କରୁଥାଉ, ସେତେବେଳେ ଏହି ସତ୍ତ୍ୱଗୁଡ଼ିକର କୁଚକ୍ରାନ୍ତ ହେତୁହିଁ ତାହା କରୁଥାଉ କି ?**

'oaob.nitrkl.ac.in' images reprocessed

ହଁ, ତାହାହିଁ ଠିକ୍ । ଭୟ ହେଉଛି ଏହି ସତ୍ତାଗୁଡ଼ିକ ବିଶ୍ୱଭୁବନ ଲାଗି ଦେଇଥିବା ସବୁଠାରୁ ଅଧିକ ସୁନ୍ଦର ଦାନ । ଏଇଟି ହେଉଛି ସେମାନଙ୍କର ସର୍ବପ୍ରଥମ ଉପହାର, ଏବଂ ସବୁଠାରୁ ଅଧିକ ଶକ୍ତିଶାଳୀ ଉପହାର । ଏହି ଭୟ ଦ୍ୱାରାହିଁ ସେମାନେ ମଣିଷମାନଙ୍କୁ ଧରନ୍ତି, କବଳଗତ କରନ୍ତି । ସର୍ବପ୍ରଥମେ ସେମାନେ ଭୟର ଏକ ଗତିସ୍ପନ୍ଦନ ସୃଷ୍ଟି କରନ୍ତି, ସେହି ଗତିସ୍ପନ୍ଦନଟି ତୁମକୁ ଦୁର୍ବଳ କରି ପକାଏ, ତା'ପରେ ଧୀରେ ଧୀରେ ତୁମକୁ ସେହିମାନଙ୍କ କ୍ଷମତା ପାଖରେ ଆଣି ସମର୍ପି ଦିଏ । ଏବଂ ଏହି ଭୟ ପଛରେ କୌଣସି ଯୁକ୍ତିଯୁକ୍ତ କାରଣ ବି ନଥାଏ; ଏହି ପ୍ରକାର ଭୟ ତୁମକୁ କବଳଗତ କରି ରଖେ, ତୁମେ ତାହାର କୌଣସି କାରଣ ଜାଣି ପାର ନାହିଁ,—ତାହା ତୁମ ଭିତରେ କମ୍ପନ ଜାତ କରାଏ, ତୁମ ଭିତରେ ଉଦ୍‌ବେଗ ଆଣି ଭରିଦିଏ । ଏସବୁ କାହିଁକି ହୁଏ, ତୁମେ ସେକଥା କିଛି ଜାଣି ପାର ନାହିଁ, ବାହାରକୁ ଜଣା ପଡ଼ିଲା ପରି ଏହାର କୌଣସି କାରଣ ନଥାଏ । ସେହିମାନଙ୍କର କାର୍ଯ୍ୟଟିରୁହିଁ ଏପରି ହୁଏ ।

ଭୟଗ୍ରସ୍ତ ହୋଇ ପଡ଼ିବାବେଳେ ଆମର କ'ଣ କରିବା ଉଚିତ ?

ତୁମେ କିଏ, ତାହାର ଉପରେହିଁ ସେହି କଥାଟି ନିର୍ଭର କରିବ । ନିଜକୁ ଭୟମୁକ୍ତ କରିବା ପାଇଁ ଅନେକ ଉପାୟ ରହିଛି ।

ଯଦି ନିଜ ଚୈତ୍ୟସତ୍ତା ସହିତ ତୁମର କିଛିହେଲେ ଯୋଗସୂତ୍ର ରହିଥାଏ, ତେବେ ତୁମେ ତତ୍‌କ୍ଷଣାତ୍ ସେଇଟିକୁ ଆବାହନ କରି ଆଣିବ ଏବଂ ଚୈତ୍ୟ ଆଲୋକଟି ମଧ୍ୟରେ ସକଳ ବସ୍ତୁକୁ ପୁନର୍ବାର ସଜାଇ ରଖିବ । ଏଇଟି ହେଉଛି ସବୁଠାରୁ ଅଧିକ ଶକ୍ତିଶାଳୀ ଉପାୟ ।

ଯେତେବେଳେ ଏହି ଯୋଗସୂତ୍ରଟି ସମ୍ଭବ ହୋଇ ପାରି ନଥାଏ, ମାତ୍ର ତଥାପି ବୁଦ୍ଧିସାମର୍ଥ୍ୟରୁ କାର୍ଯ୍ୟ ନେବାର ଶକ୍ତି ରହିଥାଏ, ଅର୍ଥାତ୍ ତୁମର ବୁଦ୍ଧି ଓ ଯୁକ୍ତି ଦ୍ୱାରା ପ୍ରେରିତ ମନ ଯଦି ସକ୍ରିୟ ହୋଇ ରହିଥାଏ, ତେବେ ତାହାର ସାହାଯ୍ୟରେ ଯୁକ୍ତି ଦ୍ୱାରା ବିଚାର କରାଯାଇପାରେ, ସତେଅବା କୌଣସି ପିଲାକୁ କହିବା ପରି ନିଜ ସହିତ କଥାବାର୍ତ୍ତା କରାଯାଇପାରେ, ଏହି ଭୟଟି ଯେ ସ୍ୱତଃ ଏକ ମନ୍ଦ ଜିନିଷ, ସେକଥାଟି ନିଜକୁ ବୁଝାଇ ଦିଆଯାଇପାରେ; ଏବଂ ଯଦି ଏହି କ୍ଷେତ୍ରରେ ବିପଦର ଆଶଙ୍କା ରହିଥାଏ, ତେବେ ଭୟର ସହିତ ସେହି ବିପଦର ସମ୍ମୁଖୀନ ହେବା ଯେ ସବୁଠାରୁ ବଡ଼ ନିର୍ବୋଧତା ହେବ, ସେହି କଥାଟି ବିଷୟରେ ହୃଦ୍‌ବୋଧ କରାଇ ଦିଆଯାଇପାରେ । ଯଦି ବାସ୍ତବରେ ଏକ ବିପଦ ରହିଥାଏ, କେବଳ ସାହସଶକ୍ତି ଦ୍ୱାରାହିଁ ତାହାକୁ ଅତିକ୍ରମ କରିବାର ସମ୍ଭାବନା ଥାଏ; ଯଦି

'oaob.nitrkl.ac.in' images reprocessed

ଭିତରେ ଏତେ ଟିକିଏ ବି ଭୟ ରହିଥାଏ, ତେବେ ସବୁକଥା ସରିଯାଏ । ତେଣୁ ଏହିପରି ନିଜକୁ ନାନା ଯୁକ୍ତି ଦେଇ ବୁଝାଇ, ତୁମ ଭିତରେ ଯେଉଁ ଭାଗଟି ଭୟ କରୁଛି, ତାହାର ହୃଦ୍‌ବୋଧ କରାଇବାକୁ ପଡ଼ିବ ଏବଂ ତାହାର ସକଳ ଭୟକୁ ପରିତ୍ୟାଗ କରିବା ଉଚିତ ବୋଲି ତାକୁ କହିବାକୁ ହେବ ।

ତୁମଠାରେ ଯଦି ବିଶ୍ୱାସ ରହିଥାଏ ଓ ତୁମେ ଭଗବାନଙ୍କ ପାଖରେ ନିଜକୁ ଅର୍ପିତ କରି ରଖିଥାଅ, ତେବେ ଏକ ସହଜ ଉପାୟ ରହିଛି; ତୁମେ କେବଳ ଏତିକି କହିବ : "ଆପଣଙ୍କର ଇଚ୍ଛାହିଁ ପୂର୍ଣ୍ଣ ହେଉ । ମୋତେ କୌଣସି ବସ୍ତୁ ଭୟ ଦେଖାଇ ପାରିବ ନାହିଁ, କାରଣ ଆପଣହିଁ ମୋତେ ଜୀବନରେ ପରିଚାଳିତ କରି ନେଉଛନ୍ତି । ମୁଁ ଆପଣଙ୍କର ହୋଇ ରହିଛି ଓ ଆପଣ ମୋର ଜୀବନକୁ ପରିଚାଳିତ କରୁଛନ୍ତି ।" ଏହାର ଫଳ ତତ୍‌କ୍ଷଣାତ୍ ଫଳିଥାଏ । ଯେତେ ଉପାୟ ରହିଛି, ଏଇଟି ହେଉଛି ସବୁଠାରୁ ଅଧିକ ଫଳପ୍ରଦ : ଏଇଟି ବସ୍ତୁତଃ ସବୁଠାରୁ ଅଧିକ ଫଳପ୍ରଦ । ଅର୍ଥାତ୍, ଆମେ ନିଜକୁ ଭଗବାନଙ୍କ ପାଖରେ ଯଥାର୍ଥ ଭାବରେ ଅର୍ପଣ କରି ରଖିବା । ଯଦି ସେଇଟି ରହିଥାଏ, ତେବେ ତାହା ତୁରନ୍ତ କାର୍ଯ୍ୟ କରିବାକୁ ଆରମ୍ଭ କରେ । ସଚେତନ ସ୍ୱପ୍ନ ପରି ସକଳ ଭୟ ଅପସାରିତ ହୋଇଯାଏ; ଏବଂ ଭୟଟି ଚାଲିଯିବା ସଙ୍ଗେ ସଙ୍ଗେ ମନ୍ଦ ପ୍ରଭାବବିଶିଷ୍ଟ ସେହି ସନ୍ତ୍ରଟି ମଧ୍ୟ ସ୍ୱପ୍ନ ପରି ଅନ୍ତର୍ହିତ ହୋଇଯାଏ । ସେହି ଭୟ ତୁମଠାରୁ ଭାଗି ପଳାଇ ଯାଉଥିବା ପରି ତୁମର ପ୍ରତ୍ୟକ୍ଷ କରିପାରିବା ଉଚିତ । ତାହାହିଁ ଉପାୟ ।

ହଁ, ଏପରି ଲୋକ ଅଛନ୍ତି, ଯେଉଁମାନଙ୍କ ଭିତରେ ଖୁବ୍ ଶକ୍ତିଶାଳୀ ଭାବରେ ପ୍ରାଣିକ ସାମର୍ଥ୍ୟ ରହିଛି ଓ ସେମାନେ ହେଉଛନ୍ତି ଯୋଦ୍ଧା, ଯେଉଁମାନେ କି ତତ୍‌କ୍ଷଣାତ୍ ମସ୍ତକ ଉତ୍ତୋଳନ କରି କହିବାକୁ ଲାଗନ୍ତି : "ଆରେ ! ଇଏ ତ ଗୋଟାଏ ଶତ୍ରୁ ଆସି ପହଞ୍ଚିଲାଣି, ଆମେ ବର୍ତ୍ତମାନ ଯିବା ଓ ତା' ସହିତ ଲଢ଼ାଇ କରି ତାକୁ ପରାସ୍ତ କରିଦେବା ।" ମାତ୍ର ସେଥିଲାଗି ତୁମ ପାଖରେ ଆବଶ୍ୟକ ଜ୍ଞାନ ରହିଥିବା ଉଚିତ ଏବଂ ପ୍ରଭୂତ ପ୍ରାଣିକ ଶକ୍ତି ମଧ୍ୟ ରହିଥିବା ଉଚିତ । ପ୍ରାଣିକ କ୍ଷେତ୍ରରେ ସଚେତନ ଏକ ଦୈତ୍ୟ ପରି ବଳ ରହିଥିବା ଉଚିତ । ମାତ୍ର ସମସ୍ତଙ୍କ କ୍ଷେତ୍ରରେ ସେକଥା ମୋଟେ ସମ୍ଭବ ହୁଏ ନାହିଁ ।

ତେଣୁ ଭିନ୍ନ ଭିନ୍ନ ଉପାୟ ରହିଛି । ସେଗୁଡ଼ିକ ପ୍ରତ୍ୟେକେ ଗୋଟିଏ ଗୋଟିଏ ଉପାଦେୟ ବାଟ; ତୁମ ପ୍ରକୃତିର ଅନୁକୂଳ ଖାସ୍ ବାଟଟିକୁ ତୁମେ ଖାଲି କାର୍ଯ୍ୟରେ ଲଗାଇ ପାରିବାର ଉପାୟ ଜାଣିଥିଲେ ହେଲା !

**ଜିମ୍‌ନାଷ୍ଟିକ୍ କରୁଥିବା ସମୟରେ, ଯେତେବେଳେ ମୁଁ ଡେଇଁବାକୁ ବାହାରେ, ମୋତେ ସେତେବେଳେ ଡର ମାଡ଼େ; କାହିଁକି ?**

ହଁ, ହଁ, ସେଇଟା ନିର୍ଭର କରେ……ତୁମକୁ ଦୁଇଟି ଅତ୍ୟନ୍ତ ଭିନ୍ନଭିନ୍ନ ଜିନିଷ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଠଉରାଇ ପାରିବାକୁ ହେବ ଏବଂ ଅତ୍ୟନ୍ତ ଭିନ୍ନଭିନ୍ନ ଭାବରେହିଁ ସେଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିବ ।

ଯଦି ବସ୍ତୁଟି ପ୍ରାଣିକ ହୋଇଥିବ, ତେବେ ନିଜ ସହିତ ସେଇଟିକୁ ନେଇ ଆଲୋଚନା କରିବାକୁ ହେବ, ଏବଂ ନିରନ୍ତର ସେହିପରି କରୁଥିବ । ମାତ୍ର ଯଦି ସେଇଟି ଗୋଟିଏ ଦେହଗତ ମୂଳପ୍ରବୃତ୍ତି ହୋଇଥିବ (ସେପରି ହେବା ବେଶ୍ ସମ୍ଭବ, ଏପରି ଅନେକ ସମୟରେ ଘଟେ ଯେ ଏହି କ୍ଷେତ୍ରରେ ଏକ ଦେହଗତ ମୂଳପ୍ରବୃତ୍ତି କାର୍ଯ୍ୟ କରୁଥାଏ ।), ତେବେ ତାହାର କଥାଟିକୁ ଶୁଣିବାକୁ ପଡ଼ିବ, କାରଣ ଶରୀରର କୌଣସି ମୂଳପ୍ରବୃତ୍ତିଟି ଯଦି ଭାବନା ଅଥବା ପ୍ରାଣିକ ଇଚ୍ଛା ଦ୍ୱାରା କୌଣସି ପ୍ରକାରେ ବ୍ୟାହତ ହେଉ ନଥାଏ, ତେବେ ତୁମେ ଅତ୍ୟନ୍ତ ନିଶ୍ଚିତ ଭାବରେ ତାହାକୁ ଜାଣିନେଇ ପାରିବ । ଯେଉଁ ଶରୀରକୁ ଆପଣାର କର୍ତ୍ତୃତ୍ୱାଧୀନରେ ଛାଡ଼ି ଦିଆ ହୋଇଥାଏ, ତାହା ପ୍ରକୃତରେ କ'ଣ କରିପାରିବ ଓ କ'ଣ କରି ନପାରିବ, ସେକଥାଟିକୁ ସିଏ ଖୁବ୍ ଭଲ ଭାବରେ ଜାଣିଥାଏ । ଏବଂ କେବଳ ସେତିକ ନୁହେଁ, ମାତ୍ର ଯେଉଁ କାର୍ଯ୍ୟଟିକୁ ଜଣେ ବେଶ୍ କରିପାରିବ ଓ ସାଧାରଣତଃ କରିବାରେ ଅଭ୍ୟସ୍ତ ହୋଇଥାଏ, ଅର୍ଥାତ୍, ଯଦି କୌଣସି କାର୍ଯ୍ୟ କରିବାକୁ ଗୋଟାଏ ପ୍ରକାରର ଅନିଚ୍ଛା ଆସୁଥିବ, ସତେଯେପରି ପଛକୁ ଘୁଞ୍ଚି ଚାଲି ଆସିବାକୁ ଇଚ୍ଛା ହେଉଥିବ, ତେବେ ସେହି କ୍ଷେତ୍ରରେ ସେହି କାର୍ଯ୍ୟଟି ତୁମେ କଦାପି କରିବାକୁ ଯିବ ନାହିଁ । ତୁମକୁ ସତେଯେପରି ଏକ ସଙ୍କେତ ମିଳି ଯାଉଥିବ ଯେ, କୌଣସି ନା କୌଣସି କାରଣରୁ,—ଉଦାହରଣସ୍ୱରୂପ, ଶରୀରର କାର୍ଯ୍ୟ କରିବାରେ ବିଶୃଙ୍ଖଳାର ଏକ ସମ୍ପୂର୍ଣ୍ଣ ଭୌତିକ କାରଣ ରହିଥିବା ହେତୁ,—ସେହି ସମୟରେ ସେହି କାର୍ଯ୍ୟଟି କରିବାକୁ ତୁମେ ମୋଟେ ଉପଯୁକ୍ତ ହୋଇ ନଥିବ । ତେବେ, ତୁମେ ସେହି କାର୍ଯ୍ୟଟିକୁ ଆଦୌ କରିବ ନାହିଁ । ସେହି କ୍ଷେତ୍ରରେ ତାହାକୁ ଏକ ଭୟ ବୋଲି ବି କୁହାଯିବ ନାହିଁ; ତାହା ହେଉଛି ଏପରି ଏକ ବସ୍ତୁ, ଯାହା ସଙ୍କୁଚିତ ହୋଇ ପଡ଼ୁଥିବ, ଆପଣାକୁ ପଛକୁ ଘୁଞ୍ଚାଇ ଆଣୁଥିବ, ସେତେବେଳେ ମୁଣ୍ଡରେ କିଛି ନଥିବ, "ବର୍ତ୍ତମାନ କ'ଣ ଘଟିବାକୁ ଯାଉଛି" ବା ତଦ୍ରୂପ କୌଣସି ଭାବନା ସହିତ ତାହାର କୌଣସି ସାମଞ୍ଜସ୍ୟ ନଥିବ । ଯେତେବେଳେ ମୁଣ୍ଡ କାମ କରିବାକୁ ଆରମ୍ଭ କରେ ଓ ତୁମେ "ବର୍ତ୍ତମାନ କ'ଣ ଘଟିବାକୁ ଯାଉଛି" ବୋଲି କହିପାର, ସେତେବେଳେ ତୁମେ ତାହାକୁ ନିଜ ଭିତରୁ ପୋଛି ବାହାର କରିଦେବ, କାରଣ ତାହାର ପ୍ରକୃତରେ ଆଦୌ କୌଣସି ମୂଲ୍ୟ ନଥିବ । ସେଇଟିକୁ ନିକାଲି ବାହାର କରି ଦେବାକୁ ଆପଣା ବୁଦ୍ଧିଯୁକ୍ତ ଏବଂ ବୋଧଶକ୍ତିର ସକଳ ସାଧନକୁ ତୁମେ କାର୍ଯ୍ୟରେ ଲଗାଇବ । ମାତ୍ର ଯଦି ତାହା ସମ୍ପୂର୍ଣ୍ଣ ଭାବରେ ଏକ ଦୈହିକ ବୋଧହିଁ ହୋଇ ରହିଥିବ, ଯଦି

'oaob.nitrkl.ac.in' images reprocessed

ସତେଅବା କ'ଣ ଗୋଟାଏ ସଙ୍କୁଚିତ ହୋଇ ଯାଇଥିବ, ଗୋଟାଏ ପ୍ରକାରର ଦୈହିକ ଅନିଚ୍ଛା ଅନୁଭୂତ ହେଉଥିବ, ସେପରି କହିବାକୁ ଗଲେ ଯେତେବେଳେ ଦେହଟାହିଁ ନାହିଁ କରିବାରେ ଲାଗିଥିବ, ତେବେ ତୁମେ ତାକୁ କଦାପି ବାଧ୍ୟ କରିବ ନାହିଁ, କଦାପି କରିବ ନାହିଁ; କାରଣ ଯେତେବେଳେ ତୁମେ ସେହିପରି ବାଧ୍ୟ କରିବାକୁ ଯାଅ, ସାଧାରଣତଃ ସେତିକିବେଳେହିଁ ଦୁର୍ଘଟଣା ଘଟିଥାଏ । ଏକ ଦୁର୍ଘଟଣା ଘଟିବାକୁ ଯାଉଛି ବୋଲି ହୁଏତ ଏକ ପ୍ରକାରର ପୂର୍ବସଜ୍ଞାନତା ମଧ୍ୟ ହୋଇପାରେ; ଅର୍ଥାତ୍, ଯଦି ସେହି କାର୍ଯ୍ୟଟିକୁ କରିବାକୁ ଯାଅ, ତେବେ କଦାପି ବେଶୀ ବାଟ ଯାଇ ପାରିବ ନାହିଁ । ଏବଂ ଏପରି କ୍ଷେତ୍ରରେ ତୁମେ କଦାପି ସେକଥା କରିବ ନାହିଁ । ଏହି କାର୍ଯ୍ୟଟି ଲାଗି ତୁମେ କଦାପି କୌଣସି ଅଭିରୁଚି ଦେଖାଇବ ନାହିଁ । ତୁମେ ଭଲ କରି ଜାଣି ରଖିବ : "ଆଜି ମୁଁ ମୋଟେ ଭଲ ଅବସ୍ଥାରେ ନାହିଁ ।"

ମାତ୍ର ଯଦି ତାହା ଏକ ପ୍ରାଣଗତ ଭୟ ହୋଇଥିବ, ଉଦାହରଣସ୍ୱରୂପ, ଯଦି ପ୍ରତିଯୋଗିତା ବା କୌଣସି କ୍ରୀଡ଼ା-ପ୍ରତିଦ୍ୱନ୍ଦ୍ୱିତାରେ ଯୋଗ ଦେବାକୁ ଥିବ, ଏବଂ ଯଦି ସେତିକିବେଳେ ତୁମେ ନିଜ ଭିତରେ ସେହିପରି ଗୋଟାଏ ଭୟ ଅନୁଭବ କରିବ, ଏବଂ, "ବର୍ତ୍ତମାନ କ'ଣ ହେବ କେଜାଣି" ବୋଲି ଭାବୁଥିବ, ତେବେ ଯେତେ ଶୀଘ୍ର ପାରିବ, ସେଇଟିକୁ ନିଜ ଭିତରୁ ପୋଛି ବାହାର କରିଦେବ, କାରଣ ସେହି ଭୟର ପ୍ରକୃତରେ କୌଣସି ଅର୍ଥହିଁ ନଥିବ ।

> **ମାତ୍ର କେତେବେଳେ ଆମର ଆଳସ୍ୟହିଁ ଆମକୁ କୌଣସି ଏକ କାର୍ଯ୍ୟ କରାଇ ଦିଏ ନାହିଁ ।**

ହଁ, ଯଦି ତୁମେ ତାମସିକ ସ୍ୱଭାବର ହୋଇଥିବ, ତେବେ ତାହା ତଥାପି ଏକ ଭିନ୍ନ କଥା ହେବ । ସ୍ୱଭାବ ତାମସିକ ହୋଇଥିଲେ ଅନ୍ୟପ୍ରକାର ଉପାୟ ଅବଲମ୍ବନ କରିବାକୁ ହେବ । ସେହି କ୍ଷେତ୍ରରେ ତୁମେ ନିଜର ଚେତନାକୁ କାମରେ ଲଗାଇବ, ତୁମର ଇଚ୍ଛାଶକ୍ତି ଓ ତୁମର ଶକ୍ତିକୁ କାମରେ ଲଗାଇବ, ତୁମର ଶକ୍ତିକୁ ଏକତ୍ର କରି ଅଣାଇବ, ନିଜକୁ ଟିକିଏ ଦୋହଲାଇ ଦେଇ ପାହାରଟାଏ ବସାଇ କହିବ : "ଚାଲ୍, ଚାଲ୍, ଆଗକୁ ଚାଲ୍ ।" ଯଦି ତୁମର ଆଳସ୍ୟହିଁ ତୁମକୁ ଦୌଡ଼ିବାକୁ ନିବୃତ୍ତ କରି ରଖୁଛି, ତେବେ ତୁମକୁ ଯଥାଶୀଘ୍ର ଆହୁରି ଅଧିକ କଷ୍ଟକର ଏକ କାର୍ଯ୍ୟ କରିବାକୁ ପଡ଼ିବ ଏବଂ କହିବାକୁ ହେବ : "ଆଚ୍ଛା, ଏହି କାମଟି କରିବାକୁ ତୋର ମୋଟେ ମନ ନାହିଁ ? ତେବେ ବର୍ତ୍ତମାନ ପନ୍ଦରଶହ ମିଟର ଦଉଡ଼ିବୁ, ଚାଲ ।" କିଂବା : "ଆଜି ଭାରୋତ୍ତୋଳନ କରିବା ଲାଗି ମୋର ଇଚ୍ଛା ହେଉ ନାହିଁ; ଆଜି



'oaob.nitrkl.ac.in' images reprocessed

ସିଆଡ଼କୁ ମୋଟେ ମନ ହେଉ ନାହିଁ : ତେବେ ଭଲ ହେଲା, ଆଜି ମୁଁ ଲଗାତାର ଚାରିହଜାର ଥର ଦଉଡ଼ିରେ ଡେଇଁବି ।"

ପାଠ ବେଳକୁ କ'ଣ ସେହି ପଦ୍ଧତି ?

ହଁ, ଠିକ୍ ସେହି ପଦ୍ଧତି । ଯଦି ଦିଆ ହୋଇଥିବା ପାଠଟି ତିଆରି କରିବାକୁ ମନ ହେଉ ନଥାଏ, ତେବେ ଦଶଗୁଣ ଅଧିକ କଷ୍ଟକର ଓ ଶୁଷ୍କ ବହିଟିଏ ହାତକୁ ନେବ ଏବଂ ମନ ଦେଇ ସେଇଟିକୁ ପଢ଼ିବା ଲାଗି ଆପଣାକୁ ବାଧ୍ୟ କରିବ । ଏପରି ପ୍ରକାରର ବହି ଅନେକ ରହିଛି,—ଭାରି ଶୁଷ୍କ, ଖାଲି ଶୁଖିଲା ଜ୍ଞାନମାନ ସେଥିରେ ଭର୍ତ୍ତି ହୋଇ ରହିଛି । ......ହଁ, ଯଦି ନିଜର ଇତିହାସ ବା ଭୂଗୋଳ ବହି ପଢ଼ିବାକୁ ମୋଟେ ମନ ହେଉ ନଥିବ,—ଯାହା କହି ପଛକେ, ଏସବୁ ବହି ଅପେକ୍ଷାକୃତ ଅନେକ ଅଧିକ ସହଜ ଏବଂ ଅଧିକ ରୋଚକ,—ତେବେ ସେଇଟିକୁ ନନେଇ ତୁମକୁ ଦିଆ ଯାଉଥିବା ବହିଗୁଡ଼ିକରୁ ଖଣ୍ଡିଏ ହାତକୁ ନେବ, (ମାଆ ଜଣେ ଶିକ୍ଷକଙ୍କ ଆଡ଼କୁ ଅନାଇଲେ),—ମୋର କୌଣସି କଥା କହିବାକୁ ସାହସ ହେଉ ନାହିଁ, କାରଣ ତୁମର ଜଣେ ଶିକ୍ଷକ ବି ଏଠାରେ ଅଛନ୍ତି;—ଯୋଉ ବହିଖଣ୍ଡକ କି ଭାରି ଶୁଖିଲା ହୋଇଥିବ, ଏବଂ ବହିଟିର ଅନ୍ତତଃ ଅଧ୍ୟାୟଏ ପଢ଼ିବା ଲାଗି ତୁମେ ନିଜକୁ ବାଧ୍ୟ କରିବ । ତା'ପରେ, ତୁମକୁ ଆଉ ସବୁକିଛି ଚିତ୍ତାକର୍ଷକ ବୋଧ ହେବ ।

ଅଳସୁଆ ଲାଗୁଥିଲେ ମଧ୍ୟ, ତଥାପି ସେହି କାର୍ଯ୍ୟଟିକୁ କରିବାରେ ଲାଗିଥିବା ତା'ଠାରୁ ଅଧିକ ଭଲ ହେବ ନାହିଁ କି ?

ସେକଥା ତୁମ କାମଟି ଉପରେ ନିର୍ଭର କରିବ; ସେଠାରେ ଆମେ ସମ୍ପୂର୍ଣ୍ଣ ଅନ୍ୟ ଏକ ରାଜ୍ୟରେ ଆସି ପ୍ରବେଶ କରୁଛୁ ।

ଯଦି ଏହା ଏପରି ଗୋଟିଏ କାମ ହୋଇଥାଏ, ଯାହାକୁ କି ତୁମେ ସମୂହ ପାଇଁ କରୁଛ, ବ୍ୟକ୍ତିଗତ ଭାବରେ ନିଜ ପାଇଁ ଆଦୌ କରୁ ନାହଁ, ତେବେ, ଯାହାକିଛି ଘଟୁ ପଛକେ, ତୁମକୁ ତାହା କରିବାକୁହିଁ ହେବ । ଏଇଟା ହେଉଛି ଏକ ପ୍ରାଥମିକ ଶୃଙ୍ଖଳା । ତୁମେ ଏହି କାର୍ଯ୍ୟଟି କରିବାକୁ ସମ୍ମତ ହୋଇଛ, ଅର୍ଥାତ୍ ତୁମକୁ ସେହି କାର୍ଯ୍ୟଟି ଦିଆଯାଇଛି ଓ ତୁମେ ସେଇଟିକୁ ହାତକୁ ନେଇଛ, ତେଣୁ କୁହାଯାଇ ପାରିବ ଯେ ତୁମେ ତାହା ସ୍ୱୀକାର କରି ନେଇଛ, ଏବଂ ସେହି କ୍ଷେତ୍ରରେ ତୁମକୁ ସେହି କାର୍ଯ୍ୟଟିକୁ କରିବାକୁହିଁ ପଡ଼ିବ । ଯଦି ତୁମର ଦେହ ଭାରି ଖରାପ ନଥାଏ, ଯଦି

'oaob.nitrkl.ac.in' images reprocessed

ତୁମେ ଏପରି ଅସୁସ୍ଥ ହୋଇ ପଡ଼ି ନଥାଅ ଯେ ବିଛଣାରୁ ଉଠିବା ଲାଗି ମଧ୍ୟ ତୁମର ଶକ୍ତି ପାଉ ନଥାଏ, ତେବେ ତୁମକୁ ସର୍ବଦାହିଁ ସେହି କାର୍ଯ୍ୟଟିକୁ କରିବାକୁ ପଡ଼ିବ । ଏବଂ ଏପରିକି ଅସୁସ୍ଥ ହୋଇ ପଡ଼ିଥିଲେ ମଧ୍ୟ ତଥାପି କାର୍ଯ୍ୟଟିକୁ କରିବାକୁ ହେବ । ଏକ ନିଃସ୍ୱାର୍ଥପର କାର୍ଯ୍ୟକୁ ସମ୍ପନ୍ନ କରି ପାରିଲେ ତଦ୍ୱାରା ତୁମର ସାନ ବ୍ୟକ୍ତିଗତ ଅସୁସ୍ଥତାଗୁଡ଼ିକ ସବୁବେଳେହିଁ ଭଲ ହୋଇ ଯାଇଥାଏ । ଅବଶ୍ୟ, ଯଦି ତୁମେ ଏପରି ଅସୁସ୍ଥ ହୋଇ ପଡ଼ିଥିବ ଯେ ବିଛଣାରୁ ମଧ୍ୟ ଉଠି ପାରୁ ନଥିବ, ତୁମକୁ ଖୁବ ଭୟଙ୍କର ଜର ହୋଇଥିବ ଅଥବା ତୁମେ ଆଉ କୌଣସି ସାଂଘାତିକ ଅସୁସ୍ଥତା ଭୋଗୁଥିବ, ତେବେ ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ ତାହା ଏକ ଭିନ୍ନ କଥା ହେବ । ମାତ୍ର, ତା' ନହେଲେ, ଯଦି ଦେହ ଟିକିଏ ଖରାପ ଲାଗୁଥିବ : "ମୋତେ ପୂରାପୂରି ମୋଟେ ଭଲ ଲାଗୁ ନାହିଁ, ମୁଣ୍ଡଟା କାହିଁକି ବିନ୍ଧୁଛି ବା ଭଲକରି ହଜମ ହୋଇ ନାହିଁ, ବା, ମୋତେ ଖୁବ ସର୍ଦ୍ଦି ହୋଇଛି, ମୁଁ ଖୁଁ ଖୁଁ ହୋଇ କାଶୁଛି,"— ଯଦି ଏହିପରି କିଛି ହୋଇଥିବ,·· ତେବେ ଯଦି ତୁମେ ନିଜର କାମଟିକୁ କରିବ, ନିଜ ବିଷୟରେ ଆଦୌ କୌଣସି କଥା ଭାବିବ ନାହିଁ, କେବଳ କାମଟି କଥା ଭାବିବ, ସେଇଟିକୁ ଯଥାଶକ୍ତି ଭଲ କରି କରିବ, ତେବେ ତାହାହିଁ ତୁମର ଅସୁସ୍ଥତାକୁ ସଙ୍ଗେ ସଙ୍ଗେ ଭଲ କରିଦେବ ।

ବସ୍ତୁତଃ, ଅସୁସ୍ଥତାକୁ ଆମେ ଅସମତାରହିଁ ଏକ ଅବସ୍ଥା ବୋଲି କହିବା । ତେଣୁ, ଯଦି ତୁମେ ଆଉଗୋଟିଏ ସମତାର ପ୍ରତିଷ୍ଠା କରିବାକୁ ସମର୍ଥ ହୁଅ, ତେବେ ସେହି ଅସମତାଟି କୁଆଡ଼େ ଅନ୍ତର୍ହିତ ହୋଇଯିବ । ସବୁବେଳେ, ସବୁ କ୍ଷେତ୍ରରେ, ଏପରିକି ଯେତେବେଳେ ରୋଗକାରୀ ଜୀବାଣୁ ରହିଛନ୍ତି ବୋଲି ନିଜେ ଡାକ୍ତର କହୁଛନ୍ତି, ସେତେବେଳେ ମଧ୍ୟ, ଅର୍ଥାତ୍ ଯାବତୀୟ କ୍ଷେତ୍ରରେ ଆମେ ଅସୁସ୍ଥତାକୁ କେବଳ ସତ୍ତା ଭିତରେ ଘଟିଥିବା ଏକ ଅସମତା ବୋଲିହିଁ କହିବା । ତାହାକୁ ଆମର ବିଭିନ୍ନ କାର୍ଯ୍ୟ ଭିତରେ ସୃଷ୍ଟି ହୋଇଥିବା ଏକ ଅସମତା ବୋଲି କହିବା, ଶକ୍ତିଗୁଡ଼ିକ ମଧ୍ୟରେ ସୃଷ୍ଟି ହୋଇଥିବା ଏକ ଅସମତା ବୋଲି କହିବା ।

ଏହା ଦ୍ୱାରା, କୌଣସି ରୋଗବାହୀ ଜୀବାଣୁ ନାହାନ୍ତି ବୋଲି କେହି କଦାପି କହୁ ନାହାନ୍ତି । ରୋଗବାହୀ ଜୀବାଣୁ ଅବଶ୍ୟ ଅଛନ୍ତି,—ସେମାନେ ଯେତିକି ଅଛନ୍ତି ବୋଲି ଆମକୁ ଜଣା ଅଛି, ତା'ଠାରୁ ଅନେକ ଅଧିକ ସଂଖ୍ୟାରେ ଅଛନ୍ତି । ମାତ୍ର ସେଇଗୁଡ଼ାକ ସକାଶେ ଯେ ତୁମେ ରୋଗରେ ପଡ଼, ସେକଥା ଆଦୌ ନୁହେଁ, କାରଣ ସେମାନେ ତ ସବୁବେଳେ ଦେହ ଭିତରେ ଅଛନ୍ତି । ଏପରି ସତରାଚର ହୁଏ ଯେ ସେମାନେ ତୁମ ଭିତରେ ସବୁବେଳେ ରହିଥା'ନ୍ତି ଏବଂ ଦୀର୍ଘକାଳ ଧରି ସେମାନେ ତୁମର ଆଦୌ କିଛିହେଲେ କରନ୍ତି ନାହିଁ, ଏବଂ ତା'ପରେ ଦିନେ ହଠାତ୍ ଗୋଟିଏ ଜୀବାଣୁ ତୁମକୁ ଆସି ଧରିପକାଏ ଏବଂ ତୁମକୁ ଅସୁସ୍ଥ କରି

'oaob.nitrkl.ac.in' images reprocessed

ପଚାରେ;—ଏପରି କାହିଁକି ହୁଏ ? ଏହାର ଏକମାତ୍ର କାରଣ ହେଉଛି ଯେ ତୁମ ଭିତରେ ସାଧାରଣତଃ ଯେଉଁ ପ୍ରତିରୋଧଶକ୍ତିଟି ରହିଥିଲା, ସେହି ଶକ୍ତିଟି କୌଣସି କାରଣରୁ ଆଉ ରହି ପାରିଲା ନାହିଁ, ଦେହର କୌଣସି ଅଂଶରେ ଅସମତା ଆସି ଉପସ୍ଥିତ ହେଲା ଏବଂ ସେହି ଅଂଶର କାର୍ଯ୍ୟଟି ଆଉ ସୁସ୍ଥ ହୋଇ ରହି ପାରିଲା ନାହିଁ । ମାତ୍ର, ଯଦି ତୁମେ କୌଣସି ଅନ୍ତର୍ଗତ ଶକ୍ତି ପ୍ରୟୋଗ କରି ସେହି ସମତାଟିର ପୁନଃପ୍ରତିଷ୍ଠା କରି ପାରିବ, ତେବେ ତାହାର ଦ୍ୱାରାହିଁ ସବୁ ଭଲ ହୋଇଯିବ, ଆଉ କୌଣସି ଗୋଳମାଳ ରହିବ ନାହିଁ ଏବଂ ଅସମତାଟି ଅନ୍ତର୍ହିତ ହୋଇଯିବ ।

ଲୋକମାନଙ୍କୁ ଭଲ କରିବା ଲାଗି ଆଉ କୌଣସି ଉପାୟ ନାହିଁ । କେବଳ ଏତିକି ଯେ, ଯେତେବେଳେ ଜଣେ ଏହି ଅସମତାଟିକୁ ଦେଖି ପାରିବ ଏବଂ ସମତାଟିର ପୁନଃପ୍ରତିଷ୍ଠା କରିବା ଲାଗି ସମର୍ଥ ହେବ, ସେତେବେଳେ ଜଣେ ନିଶ୍ଚୟ ଭଲ ହୋଇଯିବ । ଅବଶ୍ୟ ଏଠାରେ ଏତିକି କଥା ମନେ ରଖିବାକୁ ହେବ ଯେ ଆମେ ଏହି କ୍ଷେତ୍ରରେ ଦୁଇ ପ୍ରକାରର ମଣିଷ ଦେଖିବାକୁ ପାଇବା··· । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେକି ଅସମତାଟିକୁ ଜାବୁଡ଼ି ଧରି ପଡ଼ି ରହିଥାନ୍ତି,— ସେମାନେ ଜାବୁଡ଼ି ଧରି ପଡ଼ି ରହିଥାନ୍ତି, କାମୁଡ଼ି କରି ପଡ଼ିଥାନ୍ତି । ସେଇଟି ଚାଲିଯାଉ ବୋଲି ମୋଟେ ଇଚ୍ଛା କରନ୍ତି ନାହିଁ । ସେପରି କ୍ଷେତ୍ରରେ ତୁମେ ଯେତେ ମନ ହେଲେ ଚେଷ୍ଟା କରୁଥିବ ପଛକେ, ଏପରିକି ସମତାଟିର ପୁନଃପ୍ରତିଷ୍ଠା କରି ଦେଇପାରିଲେ ମଧ୍ୟ ସେମାନେ ପୁଣି ଅସମତା ମଧ୍ୟରେ ଆସି ପ୍ରବିଷ୍ଟ ହୋଇଯିବେ, କାରଣ ସେମାନେ ସେହି ଅସମତାଟିକୁହିଁ ଭାରି ଭଲ ପାଉଥିବେ । ସେମାନେ କହୁଥିବେ : "ନାଇଁ, ନାଇଁ, ମୁଁ ମୋଟେ ଅସୁସ୍ଥ ହେବାକୁ ଇଚ୍ଛା କରୁ ନାହିଁ;" ମାତ୍ର ସେମାନଙ୍କ ଭିତରେ ଏପରି କିଛି ରହିଥିବ, ଯାହାକି କୌଣସି ନା କୌଣସି ଅସମତାକୁ ଜାବୁଡ଼ି କରି ଧରିଥିବ, ଯାହାକି ସେଇଟିକୁ ଆଦୌ ଚାଲିଯିବା ଲାଗି ଦେଉ ନଥିବ । ଅନ୍ୟ ପକ୍ଷରେ, ଏପରି ଆଉ ଗୋଟିଏ ପ୍ରକାରର ମଣିଷ ଅଛନ୍ତି, ଯେଉଁମାନେକି ସମତାବସ୍ଥାକୁ ପ୍ରକୃତରେ ଭଲ ପାଆନ୍ତି, ଏବଂ ସେମାନଙ୍କର ସମତାବସ୍ଥାଟି ଫେରି ପାଇବା ଲାଗି ସେମାନଙ୍କୁ ତୁମେ ସିଧା ଆବଶ୍ୟକ ଶକ୍ତିଟି ଦେଇ ପାରିବାକୁ ସମର୍ଥ ହୁଅ ଏବଂ ସମତାଟିର ପୁନଃ ପ୍ରତିଷ୍ଠା ହୋଇଯାଏ ଏବଂ ସେମାନେ ମାତ୍ର କେତୋଟି ମୁହୂର୍ତ୍ତ ମଧ୍ୟରେହିଁ ଆରୋଗ୍ୟଲାଭ କରନ୍ତି । ହୁଏତ ଏପରି ହୋଇଥିଲା ଯେ ସମତାବସ୍ଥାର ଶୃଙ୍ଖଳାଟିକୁ ପୁନଃ ପ୍ରତିଷ୍ଠା କରିବା ଲାଗି ସେମାନଙ୍କ ଭିତରେ ଯଥେଷ୍ଟ ପରିମାଣରେ ଜ୍ଞାନ ନଥିଲା ବା ହୁଏତ ସେମାନଙ୍କର ସେଥିପାଇଁ ଶକ୍ତି ପାଉ ନଥିଲା । ଅସମତାର ଅର୍ଥ କେବଳ ଏକ ବିଶୃଙ୍ଖଳା ବ୍ୟତୀତ ଆଉ କିଛି ନୁହେଁ । ଏହି କ୍ଷେତ୍ରରେ ଯଦି ତୁମେ ସେଠି ଯାଇ ପହଞ୍ଚି ପାରିବ, ତୁମର ଯଦି ଆବଶ୍ୟକ ଜ୍ଞାନ ରହିଥିବ ଓ ତୁମେ ସମତାଟିକୁ

'oaob.nitrkl.ac.in' images reprocessed

ପୁନଃପ୍ରତିଷ୍ଠିତ କରିଦେଇ ପାରିବ, ତେବେ ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ ଅସୁସ୍ଥତାଟି କୁଆଡ଼େ ଅନ୍ତର୍ହିତ ହୋଇଯିବ; ଏବଂ ଏହା କରିବା ଲାଗି ତୁମକୁ ଯେଉଁମାନେ ଅନୁମତି ଦେବେ, ସେମାନେ ନିଶ୍ଚୟ ଭଲ ହୋଇଯିବେ। କେବଳ ଯେଉଁମାନେ ଏଥିଲାଗି ଅନୁମତି ଦେଉ ନଥିବେ, ସେଇମାନେହିଁ ଅସୁସ୍ଥ ହୋଇ ରହିଥିବେ; ଏବଂ ଏକଥାଟି ପ୍ରକୃତରେ ଜଳ ଜଳ ହୋଇ ଦେଖା ବି ଯାଉଥିବ, ତୁମକୁ କାର୍ଯ୍ୟ କରିବା ଲାଗି ସେମାନେ ଅନୁମତି ଦେଉ ନଥିବେ ଓ ନିଜର ଅସୁସ୍ଥତାକୁ କାମୁଡ଼ି ଧରି ପଡ଼ି ରହିଥିବେ। ମୁଁ ସେହିଭଳି ଲୋକଙ୍କୁ କହିଥାଏ : "ଆଚ୍ଛା, ତୁମର ଦେହ ମୋଟେ ଭଲ ହେଉ ନାହିଁ ? ତେବେ ଡାକ୍ତରଙ୍କ ପାଖକୁ ଯିନା ଯିବାକୁ ହେବ !" ଏବଂ ଏହି କ୍ଷେତ୍ରରେ ସବୁଠାରୁ ଅଧିକ ହାସ୍ୟକର କଥା ହେଉଛି ଯେ ସେହିପରି ଲୋକ ଅଧିକାଂଶ ସମୟରେ ଡାକ୍ତରମାନଙ୍କ ଉପରେହିଁ ବିଶ୍ୱାସ କରନ୍ତି; ଏସବୁ ବିଷୟରେ ଅସଲ କାର୍ଯ୍ୟଟି ସେହିପରି ହୋଇ ରହିଥିଲେ ମଧ୍ୟ ସେମାନେ ଡାକ୍ତର ଉପରେ ବିଶ୍ୱାସ କରନ୍ତି। ଯଦି ଡାକ୍ତର କିଛି ଅଂଶରେ ଜଣେ ଦାର୍ଶନିକ ହୋଇଥିବେ, ତେବେ ତୁମକୁ ସେ ନିଶ୍ଚୟ କହିବେ : ଅସଲ କଥାଟି ହେଉଛି ଠିକ୍ ଏହିପରି; ଆମେ ଡାକ୍ତରମାନେ କେବଳ ସୁଯୋଗ ଯୋଗାଇ ଦେଉ, ଅବସର ଆଣି ଦେଉ; ମାତ୍ର ସ୍ୱୟଂ ଶରୀରହିଁ ଆପେ ଆପଣାର ଆରୋଗ୍ୟ ବିଧାନ କରିବ। ଯେତେବେଳେ ଆରୋଗ୍ୟଲାଭ କରିବାକୁ ଶରୀରର ଇଚ୍ଛା ଥିବ, ସେତେବେଳେ ତାହା ନିଶ୍ଚୟ ଆରୋଗ୍ୟଲାଭ କରିବ।" ହଁ, ଏପରି ଅନେକ ଶରୀର ଅଛନ୍ତି, ଯେଉଁମାନେକି କେତେଗୁଡ଼ାଏ ଔଷଧ ଖୁଆଇ ଦିଆ ନହେବା ପର୍ଯ୍ୟନ୍ତ ଅଥବା ସେହିପରି କିଛି ଗୋଟାଏ ନିର୍ଦ୍ଦିଷ୍ଟ ବନ୍ଦୋବସ୍ତ ନହେବା ପର୍ଯ୍ୟନ୍ତ ସମତାର ପୁନଃ ପ୍ରତିଷ୍ଠା ଲାଗି ଆଦୌ ଅନୁମତି ଦେବାକୁ ରାଜି ହୁଅନ୍ତି ନାହିଁ। ସେମାନଙ୍କ ପ୍ରତି ଯେ ପ୍ରକୃତରେ ଯତ୍ନ ନିଆଯାଉଛି, ଔଷଧ ଖାଇଲେ ବା ସେହିପରି କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ହେଲେ ଯାଇ ସେମାନଙ୍କ ଭିତରେ ସେହି ପ୍ରତ୍ୟୟଟି ଆସିବା ସମ୍ଭବ ହୋଇଥାଏ। ମାତ୍ର, ଯଦି ତୁମେ ସେମାନଙ୍କୁ ଅତ୍ୟନ୍ତ ସୁନିର୍ଦ୍ଦିଷ୍ଟ ଏକ ଚିକିତ୍ସା ମଧ୍ୟରେ ନେଇ ରଖିପାରିବ, ଯାହାର ବ୍ୟବସ୍ଥା କରିବା କି ପ୍ରକୃତରେ ଭାରି କଷ୍ଟକର ହୋଇଥିବ, ତେବେଯାଇ ସେମାନଙ୍କ ମନରେ ହୁଏତ ବିଶ୍ୱାସ ଆସିବ ଯେ ସମତାଟିକୁ ଫେରି ପାଇବା ନିମନ୍ତେ ଆଉ ପ୍ରକୃତରେ ଅଧିକ ଫଳପ୍ରଦ ଭାବରେ କିଛି କରିବାକୁ ନାହିଁ ଏବଂ ସେତିକିବେଳେହିଁ ସେମାନେ ସମତାବସ୍ଥାକୁ ଆସି ଯାଆନ୍ତି !

ମୁଁ ଏକଦା ଏପରି ଜଣେ ଡାକ୍ତରଙ୍କୁ ଜାଣିଥିଲି, ଯିଏ କି ପ୍ରାକୃତିକ ଚିକିତ୍ସା କରୁଥିଲେ ଓ ପେଟର ବେମାରିମାନ ଭଲ କରୁଥିଲେ। ସିଏ ସବୁବେଳେ ଏକଥା କହୁଥିଲେ ଯେ ପେଟର ଯେତେ ଯାହା ଗୋଳମାଳ ହୁଏ, ସେସବୁ ଅଲ୍ପବହୁତ ଏକ ଅନୁଚିତ ସ୍ନାୟୁଶ୍ଚିତିରୁହିଁ ଉତ୍ପନ୍ନ ହୋଇଥାଏ। ସିଏ

'oaob.nitrkl.ac.in' images reprocessed

ଧନୀମାନଙ୍କର ଚକିତ୍ସା କରୁଥିଲେ, ଯେଉଁମାନେ କେବେ କୌଣସି କାମ କରନ୍ତି ନାହିଁ, ସେହିମାନଙ୍କର ଚିକିତ୍ସା କରୁଥିଲେ । ସେହିଭଳି ଲୋକମାନେହିଁ ଚିକିତ୍ସା ଲାଗି ତାଙ୍କ ପାଖକୁ ଯାଉଥିଲେ । ତେଣୁ ସେମାନେ ସେହି ଡାକ୍ତରଙ୍କ ପାଖକୁ ଆସି କହୁଥିଲେ : "ମୋ ପେଟ ଖୁବ ପଗ୍ରସ ଲାଗୁଛି, ମୋର କିଛି ହଜମ ହେଉ ନାହିଁ ।" —ଏହିପରି ଏଇଟା ନହେଲେ ସେଇଟା କହିବାରେ ଲାଗୁଥିଲେ । ସେମାନେ ଉତ୍କଟ ଯନ୍ତ୍ରଣାମାନ ଭୋଗୁଥିଲେ, ମୁଣ୍ଡବଥାରୁ କଷ୍ଟ ପାଉଥିଲେ, ସେମାନେ ଯେତେଯାହା ସବୁକିଛି ଭୋଗୁଥିଲେ । ଡାକ୍ତର ଗମ୍ଭୀର ହୋଇ ସେମାନଙ୍କର ସବୁକଥା ଶୁଣୁଥିଲେ । ମୁଁ ଜଣେ ଭଦ୍ରମହିଳାଙ୍କୁ ଜାଣିଛି ଯିଏକି ତାଙ୍କ ପାଖକୁ ଥରେ ଯାଇଥିଲେ ଓ ଡାକ୍ତର ତାଙ୍କୁ କହିଲେ : ହିଁ, ହିଁ, ଆପଣଙ୍କର ଅସୁସ୍ଥତା ପ୍ରକୃତରେ ଏକ ଖୁବ ଗମ୍ଭୀର ପ୍ରକାରର ଅସୁସ୍ଥତା । ମାତ୍ର ଆପଣ କେଉଁ ମହଲରେ ବାସ କରୁଛନ୍ତି କହିଲେ ? ତଳ ମହଲରେ, ନୁହେଁ ? ଭଲ କଥା । ପେଟର ଅସୁସ୍ଥତାଟିକୁ ଭଲ କରିବାକୁ ହେଲେ ଆପଣଙ୍କୁ ଏହିପରି କରିବାକୁ ପଡ଼ିବ । ପୂରା ପାଚିଥିବା ଗୋଟାଏ ଅଙ୍ଗୁର ପେନ୍ଥା (ଆପଣ ସକାଳୁ କୌଣସି ଜଳଖିଆ ଖାଇବେ ନାହିଁ, କାରଣ ସକାଳ ଜଳଖିଆଟାହିଁ ଆପଣଙ୍କର ପେଟକୁ ଗଡ଼ବଡ଼ କରିଦେଉଛି) ଆପଣ ସକାଳୁ ହାତରେ ନେବେ, ଠିକ୍ ଏହିପରି ଭାବରେ ଖୁବ୍ ସାବଧାନ ହୋଇ ହାତରେ ଧରିବେ । ତା'ପରେ ବାହାରକୁ ବାହାରିବେ, —କବାଟ ବାଟେ ନୁହେଁ, କବାଟ ବାଟେ ମୋଟେ ବାହାରିବେ ନାହିଁ । ଆପଣ ଝରକା ବାଟ ଦେଇହିଁ ବାହାରକୁ ଯିବେ । ଗୋଟିଏ ଟୁଲ ପକାଇ ଝରକା ଉପରକୁ ଉଠିଯିବେ ଓ ତା'ପରେ ବାହାରକୁ ବାହାରିଯିବେ । ସେଠୁ ରାସ୍ତା ଉପରକୁ ଯିବେ, ଚାଲିବା ଆରମ୍ଭ କରିବେ ଏବଂ ପ୍ରତି ଦୁଇପଦରେ ଗୋଟିଏ ଲେଖାଏଁ ଅଙ୍ଗୁର ପାଟିରେ ପକାଉଥିବେ । ଗୋଟିକରୁ କେବେ ଅଧିକ ଖାଇବେ ନାହିଁ, କେବେ ନୁହେଁ । ଆପଣଙ୍କର ପେଟ ବଥା କରିବ ବୋଲି ଭାବୁଛନ୍ତି, ନା ! ଆପଣ ପ୍ରତି ଦୁଇପାଦରେ ଗୋଟିଏ କରି ଅଙ୍ଗୁର ଖାଇବେ । ପ୍ରଥମେ ଦୁଇ ପାଦ ଯିବେ, ତା'ପରେ ଗୋଟିଏ ଅଙ୍ଗୁରୁ ଖାଇବେ, ଏବଂ ଅଙ୍ଗୁରତକ ସରିବା ପର୍ଯ୍ୟନ୍ତ ଏହିପରି କରିବେ । ଗୋଟିଏ ବଡ଼ ପେନ୍ଥା ଦେଖିକରି ନେଇଥିବେ । ଏବଂ ଯେତେବେଳେ ଅଙ୍ଗୁରତକ ସରିଯିବ, ସେତେବେଳେ ଆପଣ ଥିର ହୋଇ ଘରକୁ ଫେରିଆସିବେ । ମାତ୍ର କୌଣସି ଯାନବାହନ ବ୍ୟବହାର କରିବେ ନାହିଁ ! ଚାଲି ଚାଲି ଫେରିବେ, ନହେଲେ ପୁଣି ସେହି ଅସୁସ୍ଥତା ଆରମ୍ଭ ହୋଇଯିବ । ଆପଣ ଚୁପ୍ ହୋଇ ଘରକୁ ଫେରିଆସିବେ, ଏବଂ ମୁଁ ଆପଣଙ୍କୁ ନିର୍ଭର ଜବାବ ଦେଇପାରିବି ଯେ ଯଦି ଆପଣ ପ୍ରତିଦିନ ସେହିପରି କରନ୍ତି, ତେବେ ତିନିଦିନ ପରେ ଆପଣଙ୍କର ସବୁକିଛି ଭଲ ହୋଇଯିବ ।" ଏବଂ ସେହି ଭଦ୍ରମହିଳା ପ୍ରକୃତରେ ଭଲ ହୋଇ ଯାଇଥିଲେ ।

'oaob.nitrkl.ac.in' images reprocessed

(ଜଣେ ପିଲା) ବେଳେ ବେଳେ ଅନେକ କାମ କରିବାକୁ ଥାଏ । ଏବଂ କପରି କ'ଣ କରିବାକୁ ହେବ, କିଛି ଜାଣି ହୁଏ ନାହିଁ ।

ଅନେକ କାମ······ ପ୍ରକୃତରେ ଅନେକ କାମ ?

ଅନେକ ପ୍ରକାରର କାମ । ଉଦାହରଣସ୍ୱରୂପ, ଆମ ପାଠପଢ଼ା ଭିତରେ ଆମକୁ ଅନେକ ବିଷୟ ପଢ଼ିବାକୁ ହୁଏ ।

ତୁମେ ଦିନ ଗୋଟାକଯାକ,— ସକାଳୁ ସଞ୍ଜ ପର୍ଯ୍ୟନ୍ତ,—କ'ଣ କରୁଥାଅ ? ଶୌଚସ୍ନାନାଦି ସାରିବାକୁ ଓ ଲୁଗାପଟା ପିନ୍ଧିବାକୁ ତୁମର କେତେ ସମୟ ଯାଏ ? ମୋଟାମୋଟି ଅନୁମାନ କରି କହ, ଘଣ୍ଟା ମିନିଟ ହିସାବ କରି କହିବା ଦରକାର ନାହିଁ ।

ପ୍ରାୟ ପଇଁଚାଳିଶି ମିନିଟ ।

ଆଉ ଖାଇବାରେ ?

ପନ୍ଦର ମିନିଟ ।

ପ୍ରତ୍ୟେକ ଥର ପନ୍ଦର ମିନିଟ ? ତେବେ ଦିନକୁ ଏହିପରି କେତେଥର ? ଚାରିଥର ? ଭଲ କଥା । ଏବଂ ଗପସପରେ କେତେ ସମୟ ଯାଏ ?······ ସେକଥା ତୁମେ କହି ପାରିବ ନାହିଁ !

ମୁଁ ମୋଟେ ଗପସପ କରେ ନାହିଁ ।

ମୋଟେ ଗପସପ କର ନାହିଁ ! ତା'ହେଲେ ତୁମେ ପ୍ରକୃତରେ ଜଣେ ଖୁବ ଚମତ୍କାର ପିଲା । ତୁମକୁ ତ ନେଇ ପୀଢ଼ା ଉପରେ ଠିଆ କରିଦେବା କଥା ! ସତ କହିଲ, ତୁମେ ମୋଟେ ଗପସପ କର ନାହିଁ ?

ହଁ, କରେ; କିନ୍ତୁ କାମ ଥିଲାବେଳେ ମୋଟେ କରେ ନାହିଁ ।

'oaob.nitrkl.ac.in' images reprocessed

ଆଚ୍ଛା । ଏବଂ ନିଜର ସବୁ ପାଠ କରିପାରିବା ସକାଶେ ତୁମେ ଦିନକୁ କେତେ ଘଣ୍ଟା ସମୟ ଦରକାର କର ?

ସକାଳେ ମୁଁ ଦିନେ ଦିନେ ସାଢ଼େ ଗୃହିଟାବେଳୁ ଉଠିଯାଏ ।

ଘରକୁ ଦିଆ ଯାଇଥିବା ପାଠସବୁ କରିବାକୁ ? ସେତେବେଳକୁ ତ ପୂରା ନିଦ ଭାଙ୍ଗି ନଥିବ, ନୁହେଁ ? ସକାଳ ସାଢ଼େ ଗୃହିଟାରୁ ? ପ୍ରକୃତରେ ନିଦ ଭାଙ୍ଗିଥାଏ ?...... ନାହିଁ ! ଓଃ— ଆଉ ତା'ପରେ ତୁମେ ସଙ୍ଗେସଙ୍ଗେ ନିଜ କାମରେ ଲାଗିଯାଅ ?

ହଁ, ଦିନେ ଦିନେ ସଙ୍ଗେ ସଙ୍ଗେ ।

ମୁଁ ବ ଠିକ୍ ସେହି କଥାଟି ପଚାରିବାକୁ ଯାଉଥିଲି......। ତୁମେ ଯେତେବେଳେ କାମ କରୁଛ, ସେତେବେଳେ ନିଜକୁ ଯଦି ଏକାଗ୍ର କରି ରଖି ପାରିବ, ତେବେ ଏକାଗ୍ର ନହୋଇଥିଲେ ଯାହା କରିବା ପାଇଁ ତୁମକୁ ଘଣ୍ଟାଏ ସମୟ ଲାଗିଥାନ୍ତା, ତୁମେ ମୋଟେ ଦଶମିନିଟ ସମୟରେ ନିଶ୍ଚୟ ତାହା କରିଦେଇ ପାରିବ । ତେଣୁ ସମୟ ବଞ୍ଚାଇବାକୁ ଇଚ୍ଛା କରୁଥିଲେ ତୁମେ ଏକାଗ୍ର ହୋଇ ଶିଖିବ । ମନୋଯୋଗ ରହିଲେ ଆମେ ଆମ କାମଟିକୁ ଅଧିକ ଶୀଘ୍ର କରିପାରିବା, ଅଧିକ ଭଲଭାବରେ ମଧ୍ୟ କରି ପାରିବା । ଯଦି ଅଧଘଣ୍ଟାଏ ସମୟ ନେଲାଭଳି କୌଣସି ପାଠ କରିବାକୁ ଅଛି,—ଅବଶ୍ୟ ମୁଁ କହୁ ନାହିଁ ଯେ ଅଧଘଣ୍ଟା ଲାଗି ତୁମର କିଛି ଲେଖିବାକୁ ରହିଛି—ମାତ୍ର ଯଦି ତୁମର କିଛି ଭାବିବାକୁ ରହିଛି ଏବଂ ତୁମର ମନ ଏଣେତେଣେ ଭାସି ବୁଲିବାରେ ଲାଗିଛି, ତୁମେ ଯେଉଁ କାମଟିକୁ ବର୍ତ୍ତମାନ କରୁଛ, କେବଳ ସେହି କାର୍ଯ୍ୟଟି ବିଷୟରେ ନୁହେଁ, ମାତ୍ର ଯାହାସବୁ ତୁମେ ପୂର୍ବରୁ କରିସାରିଛ, ଯାହାସବୁ ପରେ କରିବ ଏବଂ ତୁମର ଆହୁରି ଯାବତୀୟ ଅନ୍ୟାନ୍ୟ ବିଷୟରେ ମଧ୍ୟ ଯଦି ତୁମେ ଭାବିବାରେ ଲାଗିଛ, ତେବେ, କାର୍ଯ୍ୟଟିକୁ କରିବାରେ ପ୍ରକୃତରେ ଯେତିକି ସମୟ ଲାଗିଥାନ୍ତା, ଏହିସବୁ କରି ତୁମକୁ ସେଥିଲାଗି ତିନିଗୁଣ ସମୟ ହରାଇବାକୁ ପଡ଼ିବ । ତୁମର ଯେତେବେଳେ ଅନେକ ବେଶୀ କାମ କରିବାକୁ ଥିବ, ତେବେ ତୁମେ ଯାହାକିଛି କରୁଛ, ସେଇଟି ବିଷୟରେହିଁ ତୁମକୁ ସମ୍ପୂର୍ଣ୍ଣ ଏକାଗ୍ର ରହି ଶିଖିବାକୁ ପଡ଼ିବ, ମନୋଯୋଗରେ ପ୍ରଗାଢ଼ତା ରଖିବାକୁ ହେବ, ଏବଂ ତା'ହେଲେ ଏକାଗ୍ର ନରହି ଯାହାକୁ ତୁମେ ଘଣ୍ଟାକରେ କରିଥାନ୍ତ, ବର୍ତ୍ତମାନ ତାହାକୁ ମାତ୍ର ଦଶ ମିନିଟରେ ଶେଷ କରିଦେଇ ପାରିବ ।

'oaob.nitrkl.ac.in' images reprocessed

ତେଣୁ, ମୁଁ ପ୍ରକୃତରେ କିଛି ଜାଣି ନାହିଁ, ସମ୍ପୂର୍ଣ୍ଣ ଜ୍ଞାନ ନଥାଇ ମୁଁ ତୁମକୁ କୌଣସି ନିଷ୍ପତ୍ତି ଦେଇପାରୁ ନାହିଁ । ଯଦି ତୁମର ଅନେକ କାର୍ଯ୍ୟ କରିବାକୁ ଥାଏ, ତେବେ ତୁମର ପ୍ରକୃତରେ କ'ଣସବୁ କରିବାକୁ ରହିଛି, ସେକଥା ନଜାଣିବା ପର୍ଯ୍ୟନ୍ତ, ମୁଁ କୌଣସି ସମାଧାନ ଦେଇ ପାରିବି ନାହିଁ । ମାତ୍ର ତୁମ ଉପରେ ପ୍ରକୃତରେ ଏତେଗୁଡ଼ାଏ କାମର ବୋଝ ରହିଛି ବୋଲି ମୁଁ ଆଦୌ ବିଶ୍ୱାସ କରି ପାରୁ ନାହିଁ । ମୁଁ ଏତିକି ମାତ୍ର କହୁଛି ଯେ ମୁଁ ବିଶ୍ୱାସ କରିପାରୁ ନାହିଁ । ଏବଂ ମୁଁ ଜୋର୍ କରି କିଛି କହିପାରୁ ନାହିଁ, କାରଣ ଶିକ୍ଷକମାନେ ସମସ୍ତେ କିପରି କ'ଣ କରନ୍ତି, ସେବିଷୟରେ ମୁଁ କିଛି ଜାଣି ନାହିଁ, ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ଯଦି ତୁମର ଅନେକ କାର୍ଯ୍ୟ କରିବାକୁ ରହିଥାଏ, ତେବେ ତୁମକୁ ଅନେକ ସମୟ ପର୍ଯ୍ୟନ୍ତ ଏକାଗ୍ରତା ରଖି ଶିଖିବାକୁ ହେବ । ଅଧିକ ଏକାଗ୍ରତା ରଖି ଶିଖିବାକୁ ହେବ । ଏବଂ ଯେତେବେଳେ ତୁମେ କୌଣସି କଥାଟିଏ କରୁଛ, ତୁମେ ସେତେବେଳେ କେବଳ ସେହି କାମଟିକୁ ଭାବିବ ଏବଂ ନିଜର କାର୍ଯ୍ୟଟି ଉପରେହିଁ ତୁମର ସକଳ ଶକ୍ତିକୁ ଠୁଳ କରି ରଖିବ । ଏହାଦ୍ୱାରା ତୁମେ ଅନ୍ତତଃ ଅଧେ ସମୟ ଅଧିକ ପାଇଯିବ । ତେଣୁ ଯଦି, "ମୋର ଅନେକ କାମ କରିବାକୁ ଅଛି" ବୋଲି ତୁମକୁ କହିବାକୁ ହେବ, ତେବେ, "ତୁମେ ଯଥେଷ୍ଟ ପରିମାଣରେ ଏକାଗ୍ର ହୋଇ ପାରୁନା" ବୋଲି ମୁଁ ଉତ୍ତର ଦେଇ କହିବି ।

(ଆଉ ଜଣେ ପିଲା) ଅଙ୍କଟିଏ କଷୁଥିବା ସମୟରେ ବେଳେବେଳେ ସମାଧାନଟି ଖୁବ୍ ଶୀଘ୍ର ଆସିଯାଏ, ବେଳେବେଳେ ଭାରି ସମୟ ଲାଗେ ।

ହଁ, ଠିକ୍ ସେହିପରି ହୁଏ । ସେକଥାଟି ମଧ୍ୟ ଏକାଗ୍ରତାର ମାତ୍ରା ଉପରେ ନିର୍ଭର କରେ । ନିଜକୁ ପର୍ଯ୍ୟବେକ୍ଷଣ କରି ଦେଖିଲେ ତୁମେ ଏହି କଥାଟିକୁ ଭଲ କରି ବୁଝି ପାରିବ । ଯେତେବେଳେ ଶୀଘ୍ର ସମାଧାନଟି ହୁଏ ନାହିଁ, ସେତେବେଳେ ମସ୍ତିଷ୍କ ଭିତରେ ଏକ ପ୍ରକାରର ଆଳସ୍ୟ ରହିଥାଏ, ସତେଅବା ମେଘ ପରି କେଉଁଟି କ'ଣ ରହିଥାଏ, ଏକ କୁହୁଡ଼ି ପରି ବସି ରହିଥାଏ ଏବଂ ତୁମେ ସତେଅବା ଏକ ସ୍ୱପ୍ନ ଦେଖୁଥିଲା ପରି ତାହାର ମଧ୍ୟରେ ରହିଥାଅ । ସମାଧାନଟି ପାଇବା ଲାଗି ତୁମେ ଆଗକୁ ଯିବାକୁ କେତେ ଚେଷ୍ଟା କରୁଥାଅ, ସତେଅବା ଗୁଡ଼ାଏ ତୁଳା ଭିତରକୁ ତୁମେ ପଶିପଶି ଯାଉଥାଅ, ତୁମେ ତା' ଭିତରେ କିଛି ସ୍ପଷ୍ଟ ଭାବରେ ଦେଖିପାରି ନାହିଁ । ଏବଂ ତେଣୁ କୌଣସି ସମାଧାନ ମିଳିପାରୁ ନଥାଏ । ଏହିପରି ଭାବରେ ଘଣ୍ଟା ଘଣ୍ଟା ବିତି ଯାଇପାରେ ।

'oaob.nitrkl.ac.in' images reprocessed

ଏକାଗ୍ରତାର ଯଥାର୍ଥ ତାତ୍ପର୍ଯ୍ୟଟି ହେଉଛି ଏହି ମେଘଟିକୁ ଦୂର କରିଦେବା । ତୁମେ ତୁମ ବୁଦ୍ଧିର ଯାବତୀୟ ଉପାଦାନକୁ ଏକତ୍ର କରି ଆଣ, ସେଗୁଡ଼ିକୁ ଗୋଟିଏ ବିନ୍ଦୁରେ ଲଗାଇରଖ, ଏବଂ ତା'ପରେ ସମାଧାନଟିକୁ ପାଇବା ଲାଗି ସକ୍ରିୟ ଭାବରେ ଆଉ କୌଣସି ଚେଷ୍ଟା ମଧ୍ୟ କରିବାକୁ ପଡ଼େ ନାହିଁ । ତୁମେ କେବଳ ନିଜକୁ ଏପରି ଏକାଗ୍ର କରି ରଖ ଯେ ତୁମ ଆଗରେ କେବଳ ସେହି ଗଣିତର ସମସ୍ୟାଟିହିଁ ଦେଖା ଯାଉଥାଏ,— ମାତ୍ର ତୁମେ କେବଳ ସମସ୍ୟାଟିର ଉପରିଭାଗଟିକୁ ଦେଖ ନାହିଁ, ମାତ୍ର ତା'ର ଗଭୀର ମଧ୍ୟକୁ ବି ଦେଖ, ଯାହାକିଛି ତାହାକୁ ପ୍ରଚ୍ଛନ୍ନ କରି ରଖିଛି, ସେଇଟିକୁ ମଧ୍ୟ ଦେଖ । ଆପଣାର ଯାବତୀୟ ଶକ୍ତିକୁ ଠୁଳ କରି ଆଣିବାରେ ଯଦି ତୁମେ ସମର୍ଥ ହୋଇଯାଅ, ସମସ୍ୟାଟିକୁ ବ୍ୟକ୍ତ ଓ ନିରୂପିତ କରି ଦେଉଥିବା ଏକ ବିନ୍ଦୁ ଉପରକୁ ଯଦି ତୁମେ ତାହାକୁ ନେଇ ଆସିପାର, ଏବଂ ସତେଅବା କାନ୍ଥରେ ଗୋଟିଏ ଛିଦ୍ର କରିବାକୁ ଯାଉଥିବା ପରି ଯଦି ତୁମେ ସେଇଠି ଆସି ଦୃଢ଼ ହୋଇ ରହ, ତେବେ ସମାଧାନଟି କେଉଁଠି ଥାଏ, ହଠାତ୍ ଆସି ହାବୁଡ଼ିଯାଏ । ଏବଂ ଏଥିଲାଗି ଏହାହିଁ ଏକମାତ୍ର ଉପାୟ । ଯଦି ତୁମେ ଖାଲି ଏହିପରି ଚେଷ୍ଟା କର : ଏଇଟି ସେହିପରି କି, ଏଇଟି ଏହିପରି କି, ବା ସେହିପରି କି ? ବୋଲି ଚେଷ୍ଟା କରୁଥାଅ···, ତେବେ ତୁମେ ହୁଏତ କିଛିହେଲେ ପାଇ ପାରିବ ନାହିଁ ଅଥବା ସମାଧାନଟି ପାଇବାକୁ ତୁମକୁ ଘଣ୍ଟା ଘଣ୍ଟା ସମୟ ଲାଗିବ । ତେଣୁ ତୁମକୁ ଆପଣାର ମାନସିକ ସାମର୍ଥ୍ୟଗୁଡ଼ିକୁ ଏଭଳି ଯଥେଷ୍ଟ ପରିମାଣରେ ଗୋଟିଏ ବିନ୍ଦୁକୁ ସଂକେନ୍ଦ୍ରିତ କରି ଆଣିବାକୁ ପଡ଼ିବ ଯେ ତାହା ଶବ୍ଦଗୁଡ଼ିକର ବାଡ଼ଟିକୁ ସମ୍ପୂର୍ଣ୍ଣ ଭାବରେ ଭେଦ କରି ଯାଇପାରିବ ଓ ଯେଉଁ ଅସଲ ବସ୍ତୁଟି ପଶ୍ଚାତରେ ରହିଛି, ତାହାରି ଉପରେ ଯାଇ ବାଜିପାରିବ । ଏକ ଯଥାର୍ଥ ବସ୍ତୁର ସନ୍ଧାନ ଲାଭ କରିବାକୁ ହେବ । ସତେଅବା ଝାମ୍ପ ଦେଇ ସେଇଠି ପହଞ୍ଚିବାକୁ ପଡ଼ିବ ।

ଏବଂ, ଯେଉଁ ଦିନଗୁଡ଼ିକରେ ତୁମେ କାହିଁକି ଅସ୍ପଷ୍ଟ ହୋଇ ରହିଥିବ, ସେହି ଦିନଗୁଡ଼ିକରେହିଁ ଏପରି କରିପାରିବା ପ୍ରକୃତରେ ଭାରି କଷ୍ଟକର ହେବ । ତୁମେ ସ୍ପଷ୍ଟ କରି କିଛି ଦେଖି ପାରୁ ନଥିବ ମନେ ହେଉଥିବ, ସତେ ଯେପରି ତୁମେ କିଛି ଧରିବାକୁ ଇଚ୍ଛା କରୁଛ ଓ ସେହି ପଦାର୍ଥଟି ତୁମ ହାତରୁ ଖସିଖସି ପିଛିଳିଯିବାରେ ଲାଗିଛି ।

ଏକଥା ଏକାନ୍ତ ସ୍ୱାଭାବିକ ଯେ, ଯଦି ବାସ୍ତବ କ୍ଷେତ୍ରରେ ତାହା ସମ୍ଭବ ନହୁଏ,— ତୁମେସବୁ ଯାଇ କୌଣସି ଭ୍ରମାତ୍ମକ ବସ୍ତୁର ସମ୍ମୁଖୀନ ହୁଅ ବୋଲି ତୁମକୁ କେହି କଦାପି କହିବ ନାହିଁ । ତୁମ ଶିକ୍ଷକମାନେ ଅବିବେକୀ ହୋଇଥିବେ ବୋଲି ମୁଁ ଆଦୌ ବିଶ୍ୱାସ କରୁ ନାହିଁ; ଏବଂ ଯଦି ତୁମେମାନେ ସେମାନଙ୍କ ପାଖକୁ ଯାଇ "ଶୁଣନ୍ତୁ ଆଜ୍ଞା, ମୁଁ ଏଇଟିକୁ କରି ପାରିଲି ନାହିଁ, ସେଥିଲାଗି ମୋତେ ସମୟ

'oaob.nitrkl.ac.in' images reprocessed

ପାଇଲି ନାହିଁ; ଯାହା ପାରିଲି କଲି, କିନ୍ତୁ ଆଉ ଅଧିକ କରିବାକୁ ମୋର ସମୟ ନଥିଲା ।” ବୋଲି କହିବ, ତେବେ ସେମାନେ ତୁମମାନଙ୍କୁ କଦାପି ଗାଳି ଦେବେ ନାହିଁ । ମୁଁ କଦାପି ଭାବୁ ନାହିଁ ଯେ ସେମାନେ ଏଥିଲାଗି ତୁମମାନଙ୍କୁ ଗାଳିଦେବେ । ମାତ୍ର ମନେ ରଖିବାକୁ ହେବ ଯେ ଏହି କ୍ଷେତ୍ରରେ ଶହେରେ ଅନେକଶତ ବାର ଏହିପରି ହୋଇଥାଏ ଯେ ମନ ଭିତରେ ରହିଥିବା ଏକ ପ୍ରକାରର ଅର୍ଦ୍ଧଜଡ଼ତାହିଁ ତୁମର ଅନେକ ଗୁଡ଼ାଏ କାମ ରହିଛି ବୋଲି ତୁମକୁ ଭାବିବା ଲାଗି ପ୍ରବର୍ତ୍ତିନା ଦେଇଥାଏ । ଯଦି ତୁମେ ନିଜକୁ ପର୍ଯ୍ୟବେକ୍ଷଣ କରି ଦେଖିବ ତେବେ ନିଶ୍ଚୟ ଦେଖିବାକୁ ପାଇବ ଯେ ସେଠାରେ ଏପରି ଏକ ଜିନିଷ ନିରନ୍ତର ଅବସ୍ଥାନ କରୁଛି, ଯାହାକି ତୁମକୁ ଏଆଡ଼େ ଟାଣିବାରେ ଲାଗିଛି, ପୁଣି ଆଉ ଗୋଟିଏ ଜିନିଷ ବି ନିରନ୍ତର ଅବସ୍ଥାନ କରୁଛି ଯାହାକି ତୁମକୁ ସେଆଡ଼େ ମଧ୍ୟ ଟାଣିବାରେ ଲାଗିଛି; ଏବଂ ତା’ପରେ ଏପରି ଏକ ଅସ୍ପଷ୍ଟତା ଆସି ପହଞ୍ଚୁଛି, ଯେତେବେଳେ ମନେ ହେବାକୁ ଲାଗୁଛି ଯେ ତୁମେ ଯେତେଅବା ପୁଳାଏ ତୁଳା ଭିତରେହିଁ ଆଚ୍ଛାଦିତ ହୋଇ ରହିଛ, ସତେଅବା ମେଘଗୁଡ଼ାକ ଭିତରେ ରହି ଯାଇଛ; ତୁମ ଆଗରେ କିଛିହେଲେ ସ୍ପଷ୍ଟ ହୋଇ ଦିଶୁ ନାହିଁ ।

ଖାସ୍ ସେଇଟି ଲାଗିହିଁ କର୍ମର ଉପଯୋଗିତା ରହିଛି  କର୍ମ ଏହି ମାନସିକ ଶକ୍ତିଟିକୁ ଠୁଳ ଓ ଏକତ୍ର କରି ଆଣିଥାଏ । କାରଣ, ବର୍ତ୍ତମାନ ତୁମେ ଯାହାସବୁ ପଢ଼ୁଛ, (ଅନୁରୂପ କୌଣସି ଏକ କାର୍ଯ୍ୟ ବା ଅଧିକ ଗଭୀର ଅଧ୍ୟୟନ ଦ୍ୱାରା ତୁମେ ସେଗୁଡ଼ିକୁ କାର୍ଯ୍ୟରେ ନଲଗାଇ ପାରିଲେ) ତୁମେ ଯାହାସବୁ ପଢ଼ୁଛ, ଅନ୍ତତଃ ତାହାର ଅର୍ଦ୍ଧେକ ଅଂଶ କାଳକ୍ରମେ କୁଆଡ଼େ ଲୁପ୍ତ ଏବଂ ଅନ୍ତର୍ହିତ ହୋଇଯିବ । ମାତ୍ର ତାହା ପଛରେ ଗୋଟିଏ କଥା ଅବଶ୍ୟ ରହି ଦେଇଯିବ : ତୁମର ଭାବନାଟାକୁ ଏକତ୍ର ଠୁଳ କରି ଆଣିବାର ସାମର୍ଥ୍ୟଟି ତୁମ ପାଖରେ ସ୍ଥାୟୀ ହୋଇ ରହିଯିବ, ନିଜ ଭାବନାରୁ କିଛି ନା କିଛି ସ୍ପଷ୍ଟ, ନିର୍ଭୁଲ, ଯଥାର୍ଥ ଏବଂ ସୁସଂଗଠିତରୂପେ ତିଆରି କରି ପାରିବାର ଶକ୍ତିଟି ସ୍ଥାୟୀ ହୋଇ ରହିବ । ଏବଂ ତାହାକୁହିଁ ଆମେ କୌଣସି କାର୍ଯ୍ୟ କରିବାର ଯଥାର୍ଥ ଉପଯୋଗିତା ବୋଲି କହିବା; ତୁମ ମସ୍ତିଷ୍କଶକ୍ତିର ସୁସଂଗଠନକୁହିଁ ତାହାର ଯଥାର୍ଥ ଉପଯୋଗିତା ବୋଲି କହିବା । ସେହି ମେଘବତ୍ ତରଳତା ମଧ୍ୟରେ ଯଦି ତୁମେ କେବଳ ଅସ୍ପଷ୍ଟ ଭାବରେହିଁ ଗତି କରିବାରେ ଲାଗିଥିବ, ତେବେ ବର୍ଷ ବର୍ଷ ଧରି ଉଦ୍ୟମ କଲେ ମଧ୍ୟ ତାହା ହୁଏତ ତୁମ ଲାଗି କେବଳ ନିରର୍ଥକହିଁ ହୋଇଯିବ । ତା’ ଭିତରେ ପ୍ରବେଶ କଲାବେଳେ ତୁମେ ଯେତିକି ବୁଦ୍ଧିମାନ୍ ଥିଲ, ତା’ ମଧ୍ୟରୁ ବାହାରି ଆସିଲା ବେଳକୁ ତୁମର ବୁଦ୍ଧି କଦାପି ତାହା ତୁଳନାରେ ବୃଦ୍ଧିପ୍ରାପ୍ତ ହୋଇ ନଥିବ । ମାତ୍ର ଯଦି ତୁମେ ଅଧଘଣ୍ଟାଏ ସକାଶେ ମଧ୍ୟ, ତୁମ ଭିତରେ ଖୁବ୍ ବେଶୀ ଆଗ୍ରହ ସୃଷ୍ଟି କରିପାରୁ

'oaob.nitrkl.ac.in' images reprocessed

ନଥିବା ପରି ବୋଧ ହେଉଥିବା ବସ୍ତୁଗୁଡ଼ିକ ଉପରେ ନିଜର ମନକୁ ଅଭିନିବେଶିତ କରି ରଖିପାରିବ, ଉଦାହରଣସ୍ୱରୂପ ବ୍ୟାକରଣର କୌଣସି ଏକ ସୂତ୍ରକୁ ଜାଣିବାକୁ ଗଲାବେଳେ ଯଦି ତୁମେ ତାହା କରିପାରିବ (ହଁ, ବ୍ୟାକରଣର ସୂତ୍ରଗୁଡ଼ାକୁ ମୁଁ ବର୍ତ୍ତମାନ କହୁଥିବା ଶୁଷ୍କ ବିଷୟଗୁଡ଼ିକ ମଧ୍ୟରୁ କେତୋଟି ବୋଲି ହୁଏତ କୁହାଯିବ; ଏହା ଅପେକ୍ଷା ଅଧିକ ଶୁଷ୍କ ଆହୁରି ଅନେକ କଥା ରହିଛି ସତ, ମାତ୍ର ବ୍ୟାକରଣର ସୂତ୍ରଗୁଡ଼ାକୁ ଯଥେଷ୍ଟ ପରିମାଣରେ ଶୁଷ୍କ ବୋଲି ନିଶ୍ଚୟ କୁହାଯାଇ ପାରିବ), ଯଦି ସେହିପରି ଗୋଟିଏ ସୂତ୍ରକୁ ତୁମେ ବୁଝିବା ଲାଗି ଚେଷ୍ଟା କରିବ, — ସେଇଟାକୁ କଦାପି କଣ୍ଠସ୍ଥ କରି ପକାଇବ ନାହିଁ ଓ କଣ୍ଠସ୍ଥ କରି ରଖିଥିବା କୌଣସି କଥାକୁ ଯନ୍ତ୍ରବତ୍ ପ୍ରୟୋଗ କରିବା ଲାଗି ବି ମନ କରିବ ନାହିଁ, ମାତ୍ର ଶବ୍ଦଗୁଡ଼ିକ ପଛରେ ରହିଥିବା ଭାବନାଟିକୁ ବୁଝିବାକୁ ଚେଷ୍ଟା କରିବ,—"ଏହି ସୂତ୍ରଟିକୁ ଏପରି ଭାବରେ କାହିଁକି ଉଆରି କରି ଯାଇଥିଲା ?" ବୋଲି ପଚାରି ପାରିବ, ଏବଂ ସେହି ବସ୍ତୁଟି ଲାଗି ତୁମ ନିଜର ସୂତ୍ରଟିଏ ବାହାର କରିବାକୁ ଚେଷ୍ଟା କରିବ, ତେବେ ତାହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ହେବାକୁ ଲାଗିବ। "ଯେଉଁ ଭଦ୍ରଲୋକ ଏହି ସୂତ୍ରଟିର ପ୍ରଣୟନ କରିଛନ୍ତି, ସିଏ ତାକୁ ପ୍ରକୃତରେ କାହିଁକି ଏପରି କରିଛନ୍ତି ? ମାତ୍ର ମୁଁ ତ ଏଇଟିକୁ ଅଧ୍ୟୟନ କରିବାକୁ ଯାଉଛି, ତାହାର କାରଣଟିକୁ ବୁଝିବା ଲାଗି ଚେଷ୍ଟା କରୁଛି। ସିଏ ସେହି ଶବ୍ଦଟି ପରେ କାହିଁକି ଏହି ଶବ୍ଦଟିକୁ ବ୍ୟବହାର କରିଛନ୍ତି ଏବଂ ସେଇ ଶବ୍ଦଟି ପରେ ସେଇଟିକୁ ବି କାହିଁକି ବ୍ୟବହାର କରିଛନ୍ତି ? ଏବଂ ସୂତ୍ରଟିକୁ ବି କାହିଁକି ଏପରି ଭାବରେ ବର୍ଣ୍ଣନା କରିଛନ୍ତି ? ସିଏ ଏପରି କରିଛନ୍ତି, କାରଣ ଏହିଟିକୁହିଁ ସେ ବସ୍ତୁଟିକୁ ବ୍ୟକ୍ତ କରି ପାରିବା ଲାଗି ସବୁଠାରୁ ଅଧିକ ସମ୍ପୂର୍ଣ୍ଣ ଓ ସବୁଠାରୁ ଅଧିକ ସ୍ପଷ୍ଟ ରୀତି ବୋଲି ବିଚାର କରିଛନ୍ତି।" ଏବଂ ଏହିପରି ଭାବରେ ତୁମକୁ ସେହି କଥାଟିକୁ ଆବିଷ୍କାର କରିବାକୁ ପଡ଼ିବ। ଏବଂ ଯେତେବେଳେ ପ୍ରକୃତରେ ଆବିଷ୍କାର କରିବ, ସେତେବେଳେ ତୁମେ ସଙ୍ଗେ ସଙ୍ଗେ ଆନନ୍ଦରେ ପାଟିକରି କହିଉଠିବ : "ତାହାହିଁ ଏହାର ପ୍ରକୃତ ଅର୍ଥ। ଏଇଟିକୁ ଆମେ ଏହିପରି ଭାବରେ ଅବଲୋକନ କରିବା, ତେବେ ତାହା ଅତ୍ୟନ୍ତ ସ୍ପଷ୍ଟ ହୋଇଯିବ।"

ବର୍ତ୍ତମାନ ମୁଁ ଏହି କଥାଟିକୁ ତୁମକୁ ବୁଝାଇ କହିଦେବି : ଯେତେବେଳେ ତୁମେ ସେଇଟିକୁ ବୁଝିପାରୁଛ, ସେତେବେଳେ ତାହା ତୁମ ଭିତରେ ସଚେତନ ଗୋଟିଏ ସାନ ଦାନା ବାନ୍ଧିଯାଉଛି, ସଚେତନ ଆଲୋକ ବିକିରଣ କରୁଥିବା ବିନ୍ଦୁଟିଏ ହୋଇ ରହୁଛି। ଏବଂ ଯେତେବେଳେ ତୁମେ ଏହିପରି ଅନେକ, ଅନେକ, ଅନେକକୁ ବୁଝିବା ଲାଗି ସମର୍ଥ ହୋଇଯିବ, ସେତେବେଳେ ତୁମେ ନିଶ୍ଚୟ ଅଧିକ ବୁଦ୍ଧିମନ୍ତ ହେବାକୁ ଆରମ୍ଭ କରିବ। ତାହାହିଁ ହେଉଛି କାର୍ଯ୍ୟ କରିବାର ପ୍ରକୃତ

'oaob.nitrkl.ac.in' images reprocessed

ଉପଯୋଗିତା; ତୁମ ଆଗରେ ପ୍ରାୟ କୌଣସି ରାସ୍ତାକୁ ଉନ୍ମୋଚିତ କରିଦେଇ ପାରୁନଥିବା ଗଦାଏ କଥା ବା ବିଷୟବସ୍ତୁରେ ମୁଣ୍ଡ ଭିତରଟାକୁ କେବଳ ଗହଳ କରି ରଖିବାହିଁ ଆଦୌ ଉପଯୋଗିତା ନୁହେଁ ।

ଏପରି କାହିଁକି ହୁଏ ଯେ ଯେଉଁ ବ୍ୟକ୍ତିମାନେ ବିଜ୍ଞାନର ଅଧ୍ୟୟନ ଭିତରେ ବ୍ୟସ୍ତ ହୋଇ ରହିଥାନ୍ତି, ସେମାନଙ୍କ ମଧ୍ୟରେ କାହିଁକି କଳାତ୍ମକ କଳ୍ପନାର ଅଭାବ ରହିଥାଏ ? ଏହି ଦୁଇଟି କଥା କ'ଣ ପରସ୍ପରର ବିପରୀତ କି ?

ଅନିବାର୍ଯ୍ୟତଃ ଆଦୌ ନୁହେଁ ।

ତେବେ ସେଇଟା କ'ଣ ସାଧାରଣତଃ ଠିକ୍ ?

ସେହି ଦୁଇଟିଯାକ କ୍ଷେତ୍ର ଦୁଇଟି ଭିନ୍ନ ଭିନ୍ନ ରାଜ୍ୟ । ତୁମ ପାଖରେ ଗୋଟିଏ "ଟର୍ଚ୍ଚ ଲାଇଟ୍" ଥିଲେ ଯାହା ହୁଅନ୍ତା, ଏହା ଠିକ୍ ସେହିପରି । ଅର୍ଥାତ୍ ତୁମର ମୁଣ୍ଡରେ ପର୍ଯ୍ୟବେକ୍ଷଣର ସ୍ଥାନଟିରେ ଗୋଟିଏ ସଙ୍କେତକ ଆଲୋକ ଲାଗିଥିଲେ ଯାହା ହୁଅନ୍ତା, ଠିକ୍ ସେହିପରି । ଯେଉଁ ବୈଜ୍ଞାନିକମାନେ କୌଣସି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ଇଚ୍ଛା କରୁଥାନ୍ତି, ସେମାନେ ଆଲୋକଟିକୁ ଏକ ବିଶେଷ ଦିଗରେ ବୁଲାଇକରି ରଖନ୍ତି; ସେମାନେ ସର୍ବଦା ତାହାକୁ ସେହିପରି ରଖିଥାନ୍ତି ଏବଂ ସଙ୍କେତକଟି ଠିକ୍ ସେହିପରି ରହିଥାଏ : ସେମାନେ ସେହି ଆଲୋକଟିକୁ ଜଡ଼ବସ୍ତୁ ଆଡ଼କୁ ବୁଲାଇ କରି ରଖିଥାନ୍ତି, ଜଡ଼ବସ୍ତୁର ଯାବତୀୟ ଟିକିନିଖି ଆଡ଼କୁ ବୁଲାଇ କରି ରଖିଥାନ୍ତି । ମାତ୍ର ଯେଉଁମାନଙ୍କଠାରେ କଳ୍ପନାଶକ୍ତି ରହିଥାଏ, ସେମାନେ ତାହାକୁ ଊର୍ଦ୍ଧ୍ୱ ଆଡ଼କୁ ମୁହାଁଇ ରଖିଥାନ୍ତି, କାରଣ ଆମେ ଜାଣିଛୁ ଯେ ସେହି ଊର୍ଦ୍ଧ୍ୱଭାଗରେହିଁ ସବୁକିଛି ରହିଥାଏ, କଳାତ୍ମକ ଏବଂ କାବ୍ୟିକ ବିଷୟଗୁଡ଼ିକର ଯାବତୀୟ ପ୍ରେରଣା ସେହିଠାରେହିଁ ରହିଥାଏ : ସେସବୁ ପ୍ରକୃତରେ ଆଉ ଗୋଟିଏ ରାଜ୍ୟରୁ ଉତ୍ସାରିତ ହୋଇ ଆସୁଥାଏ । ତାହା ଏକ ଅଧିକ ସୂକ୍ଷ୍ମ ଏବଂ ଅପେକ୍ଷାକୃତ କମ୍ ଜଡ଼ ରାଜ୍ୟରୁ ଉତ୍ସାରିତ ହୋଇ ଆସୁଥାଏ । ତେଣୁ ଏଗୁଡ଼ିକ ଊର୍ଦ୍ଧ୍ୱାଭିମୁଖୀ ହୋଇ ଗତି କରନ୍ତି ଏବଂ ସେହି ଊର୍ଦ୍ଧ୍ୱରୁହିଁ ଆଲୋକ ପାଇବା ଲାଗି ଇଚ୍ଛା କରୁଥାନ୍ତି । ମାତ୍ର ଏହି କ୍ଷେତ୍ରରେ ସେହି ଗୋଟିଏ ସାଧନହିଁ କାର୍ଯ୍ୟ କରୁଥାଏ । ଅନ୍ୟମାନେ ଏଇଟିକୁ ନିମ୍ନାଭିମୁଖ କରି ରଖନ୍ତି, ଏବଂ ଏହାକୁ କ୍ରୀଡ଼ାର ଏକ ସ୍ୱତନ୍ତ୍ର କୌଶଳର ଅଭାବ ବୋଲିହିଁ କୁହାଯାଇ ପାରିବ । ଏହି କ୍ଷେତ୍ରରେ ମଧ୍ୟ ସେହି

'oaob.nitrkl.ac.in' images reprocessed

ଗୋଟିଏ ସାଧନ କାର୍ଯ୍ୟ କରୁଥାଏ । ଏଠାରେ ମଧ୍ୟ ସେହି ଗୋଟିଏ ଧାତ୍ରିମସ୍ତି କରଣର ଶକ୍ତିଟି ଆସି ଭୂମି ଉପରେ ସଂପଚ୍ଚିତ ହେଉଥାଏ । ମାତ୍ର ଏକ ନିର୍ଦ୍ଦିଷ୍ଟ ଦିଗରେହିଁ ତାହାକୁ ସଂକେନ୍ଦ୍ରିତ କରି ରଖିବାରେ ଅଭ୍ୟସ୍ତ ହୋଇ ଯାଇଥିବାରୁ ଆମେ ଆଉ ସମୁଚିତ ଭାବରେ ଗ୍ରହଣଶୀଳ ହୋଇ ରହି ପାରୁ ନାହିଁ ଏବଂ ଅନ୍ୟପ୍ରକାରେ କାର୍ଯ୍ୟ କରିବାର ଅଭ୍ୟାସଟିକୁ ମଧ୍ୟ ହରାଇ ବସିଥାଉ ।

ମାତ୍ର ତୁମେ ଯେକୌଣସି ସମୟରେ ଇଚ୍ଛା କଲେ ଦୁଇଟିଯାକ କଥାକୁ ନିଶ୍ଚୟ କରିପାରିବ । ବିଜ୍ଞାନମାର୍ଗରେ କାର୍ଯ୍ୟ କରୁଥିବାବେଳେ ଏହି ସାଧନଟିକୁ ତୁମେ ଗୋଟିଏ ଆଡ଼କୁ ମୁହାଁଇ ରଖିପାରିବ ଏବଂ ସାହିତ୍ୟ ବା କଳା ଦିଗରେ ଯାଉଥିବାବେଳେ ଆଉ ଗୋଟିଏ ଦିଗକୁ ମୁହାଁ କରି ଗଢ଼ି କରିପାରିବ; ମାତ୍ର ସାଧନ ହେଉଛି ସେହି ଗୋଟିଏ : ତୁମେ କେଉଁ ଅଭିମୁଖରେ ଯିବା ଲାଗି ସ୍ଥିର କରିଛ, ସବୁ କେବଳ ତାହାରି ଉପରେ ନିର୍ଭର କରିବ । ଯଦି ତୁମ ପାଖରେ ସଂକେନ୍ଦ୍ରଣର ସାମର୍ଥ୍ୟଟି ରହିଥାଏ, ତେବେ ଏହି ଶକ୍ତିଟିକୁ ତୁମେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ବଦଳାଇ ଦେଇପାରିବ ଏବଂ ପ୍ରତ୍ୟେକଟି ମାର୍ଗରେ ତାହା ସମାନ ଭାବରେ ଫଳପ୍ରଦ ହୋଇପାରିବ । ଯଦି ତୁମେ ବିଜ୍ଞାନ ନେଇ କିଛି କରୁଥିବ, ତେବେ ତୁମେ ସେଇଟିକୁ ବୈଜ୍ଞାନିକ ଢଙ୍ଗରେ ବ୍ୟବହାର କରିପାରିବ, ଏବଂ ଯଦି କଳାତ୍ମକ ଦିଗରେ କିଛି କରିବାକୁ ଚାହୁଁଥିବ, ତେବେ କଳାତ୍ମକ ଢଙ୍ଗରେ ମଧ୍ୟ ବ୍ୟବହାର କରିପାରିବ । ମାତ୍ର ସାଧନଟି ସେହି ଗୋଟିଏ ହୋଇ ରହିଥିବ ଏବଂ ଉଭୟ କ୍ଷେତ୍ରରେ ସେହି ଗୋଟିଏ ସଂକେନ୍ଦ୍ରଣଶକ୍ତିହିଁ କାର୍ଯ୍ୟରେ ଲାଗୁଥିବ । ଅନେକ ଲୋକ ଏହି କଥାଟିକୁ ଜାଣନ୍ତି ନାହିଁ ବୋଲି ଆପଣାକୁ ଦୁଇଟିରୁ କେବଳ ଗୋଟିଏ ଆଡ଼େ ନେଇ ବାନ୍ଧି ରଖିଥାନ୍ତି । ତେଣୁ କବଜାଗୁଡ଼ାକରେ କଳଙ୍କି ଲାଗିଯାଏ ଏବଂ ଆଉ ଅନ୍ୟ ଆଡ଼କୁ ମୋଟେ ବୁଲି ପାରେ ନାହିଁ । ମାତ୍ର, ସେଗୁଡ଼ିକୁ ଦୁଇ ଆଡ଼କୁ ବୁଲାଇବାର ଅଭ୍ୟାସଟିକୁ ଜାରି ରଖିଥିଲେ ସେଗୁଡ଼ିକ ଯେକୌଣସି ସମୟରେ ମଧ୍ୟ ବୁଲିଯାଇ ପାରନ୍ତି । ଏବଂ, ସାଧାରଣ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ମଧ୍ୟ, ବେଶ୍ ଅନେକ ସମୟରେ ଏପରି ଜଣେ ଜଣେ ବୈଜ୍ଞାନିକ ବି ଥାଆନ୍ତି, ଯିଏ କି କୌଣସି ନା କୌଣସି କଳାତ୍ମକ କାର୍ଯ୍ୟକୁ ନିଜ ଫୁରସତ ସମୟର ଆଗ୍ରହରେ ପରିଣତ କରି ରଖିଥାନ୍ତି ।— ଏହାର ଓଲଟା କଥାଟି ମଧ୍ୟ ଅନେକ ସମୟରେ ଦେଖିବାକୁ ମିଳିଥାଏ । ଏପରି ସମ୍ଭବ ହୁଏ, କାରଣ ସେମାନେ ଆବିଷ୍କାର କରି ସାରିଥାନ୍ତି ଯେ ଗୋଟିଏ ଆଉଗୋଟିଏ ଲାଗି କଦାପି କୌଣସି ପ୍ରକାରେ କ୍ଷତିକାରକ ହେଉ ନାହିଁ ଏବଂ ସେହି ଗୋଟିଏ ସାମର୍ଥ୍ୟହିଁ ଉଭୟ କ୍ଷେତ୍ରରେ କାମରେ ଲଗାଇ ହେଉଛି ।

ଅସଲ କଥା ହେଉଛି ଯେ, ସାଧାରଣ ଦୃଷ୍ଟିରୁ ଓ ବିଶେଷତଃ ବୁଦ୍ଧିର ଦୃଷ୍ଟିକୋଣଟିରୁ ବିଚାର କରି ଦେଖିଲେ ମନୋଯୋଗ ଏବଂ ସଂକେନ୍ଦ୍ରଣର ସାମର୍ଥ୍ୟଟି

'oaob.nitrkl.ac.in' images reprocessed

ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା; ଆମେ ସେଇଟିକୁହିଁ କାର୍ଯ୍ୟରେ ଲଗାଇବାକୁ ସମର୍ଥ ହେବା, ସେଇଟିରହିଁ ବିକାଶ କରିବା । କାର୍ଯ୍ୟ କରିବାର (ଶାରୀରିକ କାର୍ଯ୍ୟ) ଦୃଷ୍ଟିକୋଣରୁ ଏଇଟିକୁ ଇଚ୍ଛାଶକ୍ତି ବୋଲି କୁହାଯିବ : ଆମକୁ ଏକ ଅବିଚଳ ଇଚ୍ଛାଶକ୍ତିର ସାଧନା କରିବାକୁ ହେବ, ଏକ ଅବିଚଳ ଇଚ୍ଛାଶକ୍ତିର ନିର୍ମାଣ କରିବାକୁ ହେବ । ବୁଦ୍ଧିର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, କୌଣସି ପ୍ରକାରେ ବି ବିଚଳିତ ହୋଇ ପଡ଼ୁ ନଥିବା ଏକ ସଂକେନ୍ଦ୍ରଣ ଶକ୍ତି ଲାଗି କାର୍ଯ୍ୟ କରିବାକୁ ହେବ ଓ ତାହାର ନିର୍ମାଣ କରିବାକୁ ହେବ । ଏବଂ ଯଦି ତୁମ ପାଖରେ ଇଚ୍ଛା ଓ ସଂକେନ୍ଦ୍ରଣ ଦୁଇଟିଯାକ ଶକ୍ତି ମହଜୁଦ ରହିଥାଏ, ତେବେ ତୁମେ ଏକ ପ୍ରତିଭାବାନ୍ ବ୍ୟକ୍ତିରେ ପରିଣତ ହୋଇପାରିବ ଓ ଆଉ କୌଣସି ପ୍ରକାର ବାଧା ତୁମକୁ ଅଟକାଇ ରଖି ପାରିବ ନାହିଁ ।

## ୧ ଜୁଲାଇ, ୧୯୫୩

"ଜଡ଼ଶରୀର ଭିତରେ ଆମର ଏହି ମାନବସତ୍ତାଟି ବେଶ୍ ଖୁସୀ ଏବଂ ନିରାପଦ ହୋଇ ରହିଛି; ଶରୀର ତାର ରକ୍ଷାପ୍ରାଚୀର ପରି କାର୍ଯ୍ୟ କରୁଛି । ଏଭଳି କେତେକ ଲୋକ ଅଛନ୍ତି, ଯେଉଁମାନେ କି ନିଜର ଶରୀର ପ୍ରତି ଏକ ଘୃଣାଭାବରେ ପୂର୍ଣ୍ଣ ହୋଇ ରହିଥାନ୍ତି । ଏବଂ ମୃତ୍ୟୁ ହୋଇଯିବା ପରେ ଯେତେବେଳେ ଏହି ଶରୀରଟା ନରହିବ, ସେତେବେଳେ ସବୁ କଥା ଅଧିକ ଭଲ ଏବଂ ଅଧିକ ସହଜ ହୋଇଯିବ ବୋଲି ଭାବିବାରେ ଲାଗିଥାନ୍ତି । ମାତ୍ର ବସ୍ତୁତଃ ଏହି ଶରୀର ଠିକ୍ ଏକ ଦୁର୍ଗ ପରି କାର୍ଯ୍ୟ କରୁଥାଏ, ଏକ ଆଶ୍ରୟ ପରି କାର୍ଯ୍ୟ କରୁଥାଏ । ଆମେ ଯେତେବେଳେ ଶରୀରର ଏହି ରକ୍ଷାମାଡ଼ିଟି ମଧ୍ୟରେ ବାସ କରୁଥାଉ, ସେତେବେଳେ ଅନିଷ୍ଟକାରୀ ପୃଥିବୀର ଶକ୍ତିଗୁଡ଼ିକ ପକ୍ଷରେ ଆମ ଉପରେ କୌଣସି ପ୍ରତ୍ୟକ୍ଷ ଆଧିପତ୍ୟ ଜାରି କରି ରଖିବା ପ୍ରକୃତରେ ଭାରି କଷ୍ଟକର ହୋଇ ରହିଥାଏ,······ତୁମେ ଏହି ପ୍ରାଣିକ ଜଗତର ଯେକୌଣସି ଭାଗରେ ସିଧା ଯାଇ ପ୍ରବେଶ କରିପାର, ତୁମ ଭିତରେ ରହିଥିବା ଯାବତୀୟ ବସ୍ତୁକୁ ତୁମ ଭିତରୁ ବାହାର କରି

'oaob.nitrkl.ac.in' images reprocessed

ନେବା ପାଇଁ ସେହି ପ୍ରାଣିକ ଜଗତର ସତ୍ତାମାନେ ତୁମ ଶରୀରପାଖରେ ଆସି ଘେରିଯାନ୍ତି; ତୁମ ଭିତରୁ ଯାହାକିଛି ପାରିବେ ଟାଣିନେଇ ତାହାକୁ ଆପଣାର ଖାଦ୍ୟ ତଥା ଶିକାରରେ ପରିଣତ କରି ରଖିବେ ବୋଲି ସେମାନେ ଆସି ତୁମ ଶରୀରପାଖରେ ଘେରିଥାନ୍ତି । ତୁମ ଭିତରୁ ଯଦି କୌଣସି ଶକ୍ତିଶାଳୀ ଆଲୋକ ଓ ଶକ୍ତି ବିକୀର୍ଣ୍ଣ ହୋଇ ପାରୁ ନଥାଏ, ତେବେ ତୁମେ ତୁମ ଶରୀରଟିକୁ ସାଙ୍ଗରେ ନନେଇ ସେଠାରେ ବିଚରଣ କରିବାରେ ଲାଗିଥାଅ; ଯତେଯେପରି ବାହାରର ଥଣ୍ଡା ଆଉ ଜାଡ଼ରୁ ରକ୍ଷା କରିବା ଲାଗି ତୁମ ଦେହରେ କୌଣସି କୋଟ୍ ନଥାଏ, ତୁମକୁ ଆଶ୍ରୟ ଦେଇ ରଖିବାକୁ କୌଣସି ଘର ନଥାଏ, ଏପରିକି ଆଚ୍ଛାଦନଟିଏ ଯୋଗାଇ ଦେବାକୁ କୌଣସି ଚମ ବି ନଥାଏ । ତୁମର ସ୍ନାୟୁଗୁଡ଼ିକ ଯତେଅବା ସେହିପରି ଖୋଲା ଓ ମୁକୁଳା ହୋଇ ରହିଥାନ୍ତି । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି କହନ୍ତି : 'ଏହି ଶରୀର ଭିତରେ ମୁଁ ପ୍ରକୃତରେ କେଡ଼େ ଦୁଃଖୀ ହୋଇ ନ ରହିଛି !' ଏବଂ ସେମାନେ ମୃତ୍ୟୁକୁହିଁ ଏକମାତ୍ର ନିଷ୍କୃତିପଥ ବୋଲି ବିଚାର କରୁଥାନ୍ତି । ମାତ୍ର, ମୃତ୍ୟୁ ହେବା ପରେ ମଧ୍ୟ ତୁମର ପ୍ରାଣିକ ବାତାବରଣଟି ଠିକ୍ ସେହିପରି ଅପରିବର୍ତ୍ତିତ ହୋଇ ରହିଥାଏ, ଏବଂ ତୁମର ଏହି ଜୀବନରେ ଯାହାକିଛି ତୁମ କଷ୍ଟର କାରଣ ହୋଇ ରହିଛି, ତୁମେ ସେତେବେଳେ ମଧ୍ୟ ସେହି ଶକ୍ତିଗୁଡ଼ିକ ଦ୍ୱାରା ବିପନ୍ନ ହୋଇ ରହିଥାଅ ।

"ଏଇଠି ଏହି ପୃଥିବୀ ଉପରେ, ଏହି ଶରୀରରେହିଁ ତୁମକୁ ଏକ ପୂର୍ଣ୍ଣ ଜ୍ଞାନର ଅର୍ଜନ କରିବାକୁ ହେବ ଏବଂ ଏକ ପରିପୂର୍ଣ୍ଣ ଏବଂ ସମଗ୍ର ଶକ୍ତିକୁ କାମରେ ଲଗାଇ ଶିଖିବାକୁ ପଡ଼ିବ । ଯେତେବେଳେ ତୁମେ ଏହି କଥାଟିକୁ ସମ୍ଭବ କରିପାରିବ, ତେବେଯାଇ ତୁମେ ଯେକୌଣସି ଲୋକରେ ମଧ୍ୟ ପୂର୍ଣ୍ଣ ନିରାପତ୍ତା ସହିତ ମୁକ୍ତ ହୋଇ ବିଚରଣ କରିପାରିବ ।"

ପ୍ରଶ୍ନ ଓ ଉତ୍ତର ୧୯୬୧ (୧୬ ମେ)

'oaob.nitrkl.ac.in' images reprocessed

(ଗୋଟିଏ ପିଲା) ମଲାପରେ ମଣିଷମାନେ ପ୍ରାଣିକ ପୃଥିବୀରେ ଯାଇ ପ୍ରବେଶ କରନ୍ତି; ମାତ୍ର ଯେଉଁମାନେ ଭଲ କାମ କରିଥାନ୍ତି, ସେମାନେ ସ୍ୱର୍ଗକୁ ଯାଆନ୍ତି, ନୁହେଁ ?

ତୁମର ସେହି ସ୍ୱର୍ଗଟି କେଉଁଠି କହିଲ ? ସେପରି ହୁଏ ବୋଲି କିଏ ତୁମକୁ ଶିକ୍ଷା ଦେଲା ? ସେମାନେ ତୁମକୁ ସ୍ୱର୍ଗ, ନର୍କ ଏବଂ ପାପଫଳଭୋଗର ସ୍ଥାନ ବିଷୟରେ କହିଛନ୍ତି ନା ?······କହି ନାହାନ୍ତି ? ଏହି ସବୁକିଛି ବିଷୟରେ କହିଛନ୍ତି, ନୁହେଁ ? ତୁମ ସ୍ୱର୍ଗର ଧାରଣାଟି ତୁମେ କେଉଁଠାରୁ ପାଇଲ କହିଲ ? କେଉଁ ବହିରୁ ପାଇଲ ?

ମୁଁ ଏହିବିଷୟରେ ଶୁଣିଛି ।

କାହାଠାରୁ ଶୁଣିଛ ?

ମନେ ନାହିଁ ।

ସାଧାରଣତଃ ଧର୍ମଯାଜକମାନେ ଧର୍ମଭୀରୁମାନଙ୍କୁ ଏସବୁ କହିଥାନ୍ତି, ସେମାନେ ଯେପରି ଭଲ କାମ କରିବେ, ସେମାନଙ୍କୁ ଏଥିଲାଗି ଉତ୍ସାହିତ କରିବା ଲାଗି ସେମାନେ ଏସବୁ କହିଥାନ୍ତି । କାରଣ ଏହି ବାସ୍ତବ କଥାଟି ସର୍ବଜନବିଦିତ ହୋଇ ରହିଛି ଯେ ଦୁଷ୍ଟ ବ୍ୟକ୍ତିମାନଙ୍କ ତୁଳନାରେ ଶିଷ୍ଟମାନଙ୍କ ଲାଗି ଜୀବନ କଦାପି ଅଧିକ ସହଜ ହୋଇ ରହି ନଥାଏ; ସାଧାରଣତଃ ଠିକ୍ ଓଲଟା କଥାଟିହିଁ ଦେଖିବାକୁ ମିଳେ; କାରଣ ଶିଷ୍ଟମାନଙ୍କ ତୁଳନାରେ ଦୁଷ୍ଟମାନେହିଁ ଅଧିକତର କ୍ଷେତ୍ରରେ ସଫଳତା ହାସଲ କରିଥାନ୍ତି । ତେଣୁ ଖୁବ୍ ଆଧ୍ୟାତ୍ମିକ ମନୋବୃତ୍ତି ନଥିବା ଲୋକମାନେ ମନେ ମନେ କହିଥାନ୍ତି : “ମୁଁ ପୁଣି ଭଲ ହେବାକୁ କାହିଁକି ଚେଷ୍ଟା କରିବ ? ଦୁଷ୍ଟ ହୋଇ ରହିବା ତ ଶିଷ୍ଟ ହେବାଠାରୁ ଅଧିକ ଭଲ ଏବଂ ଦୁଷ୍ଟ ହୋଇପାରିଲେ ମୁଁ ଏକ ଅଧିକ ସହଜ ଜୀବନ ଯାପନ କରିପାରିବ ।” ସେମାନଙ୍କୁ ଏହି କଥାଟି ବୁଝାଇ କହିବା ପ୍ରକୃତରେ ବଡ଼ କଷ୍ଟକର ହୋଇପଡ଼େ ଯେ ସଂସାରରେ ଅନେକ ପ୍ରକାରର ଭଲ ରହିଛି ଓ ବେଳେବେଳେ ଭଲ ହେବା ପାଇଁ ଏକ ଉଦ୍ୟମ କରିବାରେ ମଧ୍ୟ ସମ୍ଭବତଃ ଅଧିକ ଲାଭ ମିଳିଥାଏ । ତେଣୁ ଅତ୍ୟନ୍ତ ଅଳ୍ପବୁଦ୍ଧିସମ୍ପନ୍ନ-ମାନଙ୍କର ବୋଧଗମ୍ୟ କରାଇବା ଲାଗି ସେମାନଙ୍କୁ ଏପରି କୁହା ଯାଇଥାଏ : “ଦେଖ, ଏପରି କରିବା ଭାରି ସହଜ । ଯଦି ତୁମେ ନିୟମଗୁଡ଼ିକ ପ୍ରତି ଅବାଧ୍ୟ ନହେବ, ଭଲ



'oaob.nitrkl.ac.in' images reprocessed

ହେବ, ଗୋଟାପୁଣ୍ଡା ସ୍ୱାର୍ଥପର ନହେବ, ଯଦି ସବୁବେଳେ ଭଲ କାମ କରିବ ଏବଂ ଆମେ ଶିଖାଉଥିବା ଧର୍ମନିୟମଗୁଡ଼ାକୁ ବିଶ୍ୱାସ କରିବ, ତେବେ, ତୁମେ ଯେତେବେଳେ ଏହି ସଂସାରରୁ ଯିବାକୁ ବାହାରିବ, ସେତେବେଳେ ଭଗବାନ ତୁମକୁ ନିଶ୍ଚୟ ସ୍ୱର୍ଗକୁ ପଠାଇଦେବେ । ଯଦି ତୁମର ବେଳେବେଳେ ସଦିଚ୍ଛା ହେଉଥିବ ଓ ବେଳେବେଳେ ହେଉ ନଥିବ, ଯଦି ତୁମେ ବେଳେବେଳେ ଭଲ କାମ କରୁଥିବ ଓ ବେଳେବେଳେ କରୁ ନଥିବ ଏବଂ ଯଦି ତୁମେ ନିଜ ବିଷୟରେ ଅତି ବେଶୀ ଭାବି ଅନ୍ୟମାନଙ୍କ ବିଷୟରେ ଅତ୍ୟନ୍ତ କମ୍ ଭାବୁଥିବ, ତେବେ ମୃତ୍ୟୁ ବେଳକୁ ଆଉଥରେ କଷ୍ଟଭୋଗ କରିବା ଲାଗି ତୁମକୁ ନର୍କକୁ ପଠାଇ ଦିଆଯିବ । ଏବଂ ଯଦି ତୁମେ ଗୋଟାପୁଣ୍ଡା କେବଳ ଦୁଷ୍ଟ ହୋଇ ରହିଥିବ, ଯଦି ନିରନ୍ତର ଅନ୍ୟମାନଙ୍କର ଅନିଷ୍ଟହିଁ କରୁଥିବ, ଯାବତୀୟ ପ୍ରକାରର ଖରାପ କାର୍ଯ୍ୟ କରୁଥିବ, କାହାରି ଭଲ ବିଷୟରେ ଭାବୁ ନଥିବ, ଏବଂ ବିଶେଷତଃ, ଆମେ ତୁମକୁ ଶିକ୍ଷା ଦେଉଥିବା ଧର୍ମନୀତିଗୁଡ଼ିକ ବିଷୟରେ ଯଦି ତୁମର କୌଣସି ବିଶ୍ୱାସ ନଥିବ, ତେବେ ତୁମେ ସିଧା ଯାଇ ନର୍କରେ ପଡ଼ିବ ଓ ଚିରକାଳ ଲାଗି ସେହିଠାରେହିଁ ରହିବ ।”

ମୁଁ ମୋ ଜୀବନରେ ଯେତେଗୁଡ଼ିଏ ଅତିସୁନ୍ଦର ମନଗଢ଼ା କଥାମାନ ଶୁଣିଛି, ଏଇଟି ସେଗୁଡ଼ିକ ମଧ୍ୟରୁ ଗୋଟିଏ : ସେମାନେ ଏକ ଚିରନ୍ତନ ନର୍କର ଉଦ୍ଭାବନ କରିଛନ୍ତି । ଅର୍ଥାତ୍, ଯଦି ତୁମେ ଥରେ ଯାଇ ନର୍କରେ ପଡ଼ିବ, ତେବେ ଚିରକାଳ ପାଇଁ କେବଳ ସେହିଠାରେହିଁ ପଡ଼ିଥିବ । ······ତୁମେ ବୁଝିଲ ତ ? —ଚିରକାଳ ପାଇଁ ନର୍କରେ ପଡ଼ିବାକୁ ହେବ । ତୁମକୁ କେତେପ୍ରକାରେ ଯନ୍ତ୍ରଣା ଦିଆଯିବ, ନିଆଁ ଭିତରକୁ ପକାଇ ଦିଆଯିବ (ଗ୍ରୀଷ୍ମପ୍ରଧାନ ଦେଶମାନଙ୍କରେ ନିଆଁରେ ପକାଇ ଦିଆଯିବ ବୋଲି କୁହାଯାଏ, ଶୀତପ୍ରଧାନ ଦେଶମାନଙ୍କରେ ତୁମକୁ ବରଫ ଭିତରେ ନେଇ ରଖାଯିବ ।) ଏବଂ ଚିରକାଳ ପାଇଁ ସେହିପରି ହେବ । ଏହିପରି କୁହାଯାଇ ଥାଏ । ତେଣୁ ତୁମକୁ ଏହି ସୁନ୍ଦର ବିଷୟଗୁଡ଼ିକ କିଏ ଶିଖାଇଲା, ମୁଁ ଜାଣେ ନାହିଁ; ମାତ୍ର ସେଗୁଡ଼ିକ ଇଚ୍ଛା ମନରୁ ଗଢ଼ା ହୋଇଛି, ମଣିଷମାନେ ଯେପରି ନିୟମ ମାନି ରହିବେ, ନିୟନ୍ତ୍ରଣରେ ରହିବେ, ସେଇଥିଲାଗିହିଁ ସେସବୁର ଉଦ୍ଭାବନ ହୋଇଛି ।

ଆହୁରି ଅନ୍ୟ ଶିକ୍ଷା ରହିଛି, ଯେଉଁଗୁଡ଼ିକ କି ଏପରି କଥା ମୋଟେ କହିନ୍ତି ନାହିଁ । ଏପରି ଧର୍ମମାନ ରହିଛି, ଯେଉଁମାନେ କି ମୋଟେ ସେଭଳି ନୁହନ୍ତି । ମାତ୍ର ତଥାପି, କାବ୍ୟିକ ଚିତ୍ରମୟ ଏବଂ ବର୍ଣ୍ଣନାତ୍ମକ ଭାବରେ ଆମେ ଅବଶ୍ୟ ଏକ ସ୍ୱର୍ଗର କଥା କହିପାରିବା । କାରଣ, ସେତେବେଳେ ଏହି ସ୍ୱର୍ଗ କହିଲେ ଏପରି ଏକ ଚମତ୍କାର ସ୍ଥାନକୁ ବୁଝାଇବ, ଯେଉଁଠାରେ କି ଆନନ୍ଦ, ସୁଖ ଓ ଆରାମ ଭରପୂର ହୋଇ ରହିଛି······ଏବଂ ତଥାପି, ତୁମେ କେଉଁ ଧର୍ମରେ ବିଶ୍ୱାସ କରୁଛ, ସବୁକଥା

'oaob.nitrkl.ac.in' images reprocessed

ତାହାର ଉପରେହିଁ ନିର୍ଭର କରୁଛି । କାରଣ, ଏପରି କେତେକ ସ୍ୱର୍ଗ ରହିଛି, ଯେଉଁଠାରେ କି ତୁମକୁ କିଛିହେଲେ କରିବାକୁ ପଡ଼େ ନାହିଁ, କେବଳ ଭଗବାନଙ୍କୁ ସ୍ତୁତି କରିହିଁ ସମସ୍ତ କଟିଯାଏ । ମାତ୍ର ସେଭଳି ଏକ ଅଭିଜ୍ଞତା ପରିଶେଷରେ ପ୍ରକୃତରେ ଭାରି କ୍ଳାନ୍ତିକର ବୋଧ ହେଉଥିବ; ସେକଥା ଯାହା ହୋଇଥାଉ ପଛକେ, ସେଠାରେ ସଙ୍ଗୀତ ଗାନ କରି ଓ ଭଗବାନଙ୍କର ପ୍ରଶଂସା ଗାଇ ତୁମର ସମସ୍ତ କଟି ଯାଉଥିବ । ମାତ୍ର ଅନ୍ୟ ପକ୍ଷରେ ଏପରି ଆହୁରି କେତେକ ସ୍ୱର୍ଗ ଅଛନ୍ତି, ଯେଉଁଠାରେ କି ତୁମକୁ ସମ୍ଭାବ୍ୟ ସକଳ ସୁଖ ଅନୁଭବ କରିବାକୁ ମିଳିବ, ଜୀବନରେ ଯାହାକିଛି ପାଇବ ବୋଲି ବାସନା ରଖିଥିଲ, ସେଗୁଡ଼ିକ ତୁମକୁ ସେଠାରେ ସବୁଯାକ ମିଳିଯିବ । ଆହୁରି ଏପରି କେତେକ ସ୍ୱର୍ଗ ରହିଛି, ଯେଉଁଠାରେ କି ତୁମେ ଅତ୍ୟନ୍ତ ପ୍ରସନ୍ନ ଭାବରେ ଧ୍ୟାନମଗ୍ନ ହୋଇ ରହିଥିବ;—ମାତ୍ର ଯେଉଁମାନଙ୍କର ଧ୍ୟାନରେ ଖୁବ୍ ବେଶୀ ଆଗ୍ରହ ନଥିବ, ସେମାନଙ୍କ ଲାଗି ତାହା ନିଶ୍ଚୟ ଭାରି ବିରକ୍ତିକର ବୋଧ ହେବ । ଅବଶ୍ୟ, ତୁମେ ନିଶ୍ଚୟ ବୁଝି ପାରୁଥିବ, ତାହା ସ୍ୱର୍ଗର ପ୍ରକାରଟି ଉପରେହିଁ ନିର୍ଭର କରିବ । ତେଣୁ, ସେମାନେ ଯାବତୀୟ ପ୍ରକାରର ସ୍ୱର୍ଗର ଉଦ୍ଭାବନ କରି ରଖିଛନ୍ତି, ଯେପରିକି ଲୋକମାନେ ପ୍ରକୃତରେ ବିବେକଯୁକ୍ତ ହୋଇ ରହିବାକୁ ଇଚ୍ଛା କରିବେ ଏବଂ ସେମାନଙ୍କୁ ପ୍ରଦତ୍ତ ହୋଇଥିବା ନିୟମଗୁଡ଼ିକର ଅବଶ୍ୟ ପାଳନ କରିବେ ।

ଏବଂ ମନୁଷ୍ୟର କଳ୍ପନାଶକ୍ତି ମଧ୍ୟ ଏପରି ଅଧିକ ପରିମାଣରେ ସୃଜନକ୍ଷମ ହୋଇ ଗଢ଼ା ହୋଇଛି ଓ ଏତେ ଏତେ ରୂପ ଗଢ଼ିଦେଇ ପାରୁଛି ଯେ ଏହି ପୃଥିବୀରେ ମଧ୍ୟ ଏହିସବୁ ସ୍ୱର୍ଗ ପରି କେତେକେତେ ସ୍ଥାନ ରହିଛି । ଏହିସବୁ ନର୍କସଦୃଶ ସ୍ଥାନ ମଧ୍ୟ ରହିଛି, ଏହିସବୁ କଷଣଭୋଗର ସ୍ଥାନ ପରି ସ୍ଥାନ ଏଠାରେ ବି ରହିଛି । ମନୁଷ୍ୟ ଯେଉଁ କଥାର କଳ୍ପନା କରେ, ସେ କୋଉଠି କିଛି ନଥିଲେ ବି ତାହାର ଭିତରୁହିଁ କେତେ କ'ଣ ସୃଷ୍ଟି କରି ରଖିଦିଏ । ଯଦି ତୁମର ଚେତନାଟି ସନ୍ଦୀପନ ଲାଭ କରିବ, ତେବେ ତୁମକୁ ଏହିସବୁ ସ୍ଥାନରୁ ନିଶ୍ଚୟ ଟାଣି କରି ବାହାରକୁ ଅଣାଯାଇ ପାରିବ; ତା' ନହେଲେ ତୁମେ ତାହାରି ଭିତରେହିଁ ବନ୍ଦ ହୋଇ ରହିଥିବ; ବଞ୍ଚିଥିବାବେଳେ ଯେଉଁ ବିଶ୍ୱାସଗୁଡ଼ିକ ରହିଥିଲା, ତୁମର ସେହି ବିଶ୍ୱାସଗୁଡ଼ିକ ମଧ୍ୟରେହିଁ ବନ୍ଦୀ ହୋଇ ରହିଥିବ । ତୁମେ ମୋତେ କହିବ ଯେ ଏଇଟି ତ ମଧ୍ୟ ଏକ ଜୀବନର ସମାନ ହୋଇ ରହିବ, ମାତ୍ର ତଥାପି ମନେ ରଖିବାକୁ ହେବ ଯେ ଏହି ଅସ୍ତିତ୍ୱଟି ହେଉଛି ଏକ ସମ୍ପୂର୍ଣ୍ଣ ମାୟାମୟ ଅସ୍ତିତ୍ୱ, ଅତିମାତ୍ରାରେ ଏକ ଅତି ସୀମାବଦ୍ଧ ଅସ୍ତିତ୍ୱ । କେବଳ ଯେଉଁମାନେ ସେହିପରି ଭାବୁଥାନ୍ତି, ସେହିମାନେହିଁ ଏହାକୁ ଏକ ପ୍ରକୃତ ଜୀବନ ବୋଲି ଅନୁଭବ କରନ୍ତି । ମାତ୍ର ଯେଉଁ ମୁହୂର୍ତ୍ତରେ ତୁମେ ଅନ୍ୟପ୍ରକାରେ ଭାବିବାକୁ ଆରମ୍ଭ କରିବ, ତା'ପରେ ତୁମ ଲାଗି ତାହାର

'oaob.nitrkl.ac.in' images reprocessed

ଆଉ ଆଦୌ କୌଣସି ଅସ୍ତିତ୍ୱ ରହିବ ନାହିଁ ଏବଂ ତୁମେ ତାହା ଭିତରୁ ବାହାରି ଆସିପାରିବ । ଏହିସବୁ ସ୍ଥାନରୁ ତୁମେ ଆଉଜଣେ ବ୍ୟକ୍ତିଙ୍କୁ ମଧ୍ୟ ବାହାର କରି ଆଣିପାରିବ ଏବଂ ତା'ପରେ ସେ ତତ୍‌କ୍ଷଣାତ୍ କହିବାକୁ ଆରମ୍ଭ କରିବ ଯେ ସେ ଏପର୍ଯ୍ୟନ୍ତ କେବଳ ନିଜ କଳ୍ପନାମୟ ଭିଆଣିଗୁଡ଼ାକ ଭିତରେହିଁ ବନ୍ଦୀ ହୋଇ ରହିଥିଲା ।

ମଣିଷ ଭିତରେ ଅସାଧାରଣ ସୃଜନଶକ୍ତି ରହିଛି, ନିଜର ପ୍ରତିରୂପଟି ଅନୁସାରେ ସେ କେତେ କେତେ ଦେବତାଙ୍କର ଖିଆଲମତ ଗୋଟିଏ ସାର ଗଢ଼ିକରି ରଖିଛି; ସେହି ଦେବତାମାନଙ୍କ ଭିତରେ ଠିକ୍ ତାହାରି ପରି ନାନା ଦୋଷ ରହିଛି; ତା' ତୁଳନାରେ ସେହି ଦେବତାମାନେ ସବୁ କଥାକୁ କେବଳ ଏକ ବୃହତ୍ତର ମାତ୍ରାରେ ଓ ଅଧିକତର ଶକ୍ତିମତ୍ତା ସହିତ କରି ପାରୁଛନ୍ତି । ଏହି ସତ୍ତାଗୁଡ଼ିକର ଆପେକ୍ଷିକ ଅସ୍ତିତ୍ୱ ରହିଛି, ମାତ୍ର ତଥାପି ତାହାକୁ ନିଶ୍ଚୟ ଏକ ସ୍ୱାଧୀନ ଅସ୍ତିତ୍ୱ ବୋଲିହିଁ କୁହାଯାଇ ପାରିବ, ଠିକ୍ ତୁମ ଭାବନା ପରି ଏକ ସ୍ୱତନ୍ତ୍ର ଅସ୍ତିତ୍ୱ ବୋଲି କୁହାଯାଇ ପାରିବ । ଯେତେବେଳେ ତୁମ ମନରେ ଏକ ଭାବନାର ଉଦୟ ହେଉଛି, ଯେତେବେଳେ ଏକ ମାନସ ରୂପାୟନ ସୁଗଠିତ ହୋଇ ତୁମ ଭିତରୁ ବାହାରକୁ ଯାଉଛି, ସେତେବେଳେ ତାହା ଏକ ସ୍ୱତନ୍ତ୍ର ବସ୍ତୁରେ ପରିଣତ ହୋଇଯାଉଛି, ଆପଣାର ମାର୍ଗରେ ବେଶ୍ ଅଗ୍ରସର ହୋଇଯାଇ ପାରୁଛି, ଏବଂ ଯେଉଁ କାର୍ଯ୍ୟଟିକୁ କରିବା ଲାଗି ତାହା ଗଠିତ ହୋଇ ଆସିଥିଲା, ତାହା ସେହି କାର୍ଯ୍ୟଟିକୁ କରିବାକୁ ଲାଗୁଛି । ତୁମ ଉପରେ କୌଣସି ପ୍ରକାରେ ନିର୍ଭରଶୀଳ ନରହି ତାହା ଆପଣାର କାର୍ଯ୍ୟ କରି ଯାଉଛି । ଏବଂ ସେଇଥି ସକାଶେହିଁ ତୁମକୁ ଅନୁକ୍ଷଣ ସତର୍କ ହୋଇ ରହିବାକୁ ପଡ଼ିବ । ଯଦି ତୁମେ ପ୍ରକୃତରେ ଏହିପରି ଏକ ବସ୍ତୁକୁ ରୂପ ଦେଇଛ ଏବଂ ତାହା ତୁମରି ଭିତରୁ ବାହାରକୁ ଆସିଛି, ତେବେ ଜାଣି ରଖିବାକୁ ହେବ ଯେ ଆପଣାର କାର୍ଯ୍ୟଟିକୁ କରିବା ଲାଗିହିଁ ତାହା ବାହାରକୁ ଯାଇଛି; ଏବଂ କିଛି କାଳପରେ ତୁମେ ନିଜେ ମଧ୍ୟ ଏକଥା ବେଶ୍ ଜାଣିପାରୁଛ ଯେ ସେଭଳି ଭାବନାଟିକୁ ନିଜ ଭିତରେ ପ୍ରଶ୍ରୟ ଦେବା ଦ୍ୱାରା ସମ୍ଭବତଃ ମୋଟେ ଭଲ କଥା ହେଲା ନାହିଁ ଓ ଏହି ରୂପାୟନଟି ଦ୍ୱାରା ପ୍ରକୃତରେ କୌଣସି ଉପକାର ସାଧିତ ହେଲା ନାହିଁ । ଏବଂ ବର୍ତ୍ତମାନ ସେହି ଭାବନାଟି ଯେତେବେଳେ ବାହାରକୁ ବାହାରି ଚାଲିଗଲାଣି, ସେତେବେଳେ ତାହାକୁ ପୁଣି ଆପ୍ୟାୟିକୁ ନେଇ ଅସି ପାରିବା ମଧ୍ୟ ଭାରି କଷ୍ଟକର ହୋଇ ପଡ଼ିବ । ସେଥିଲାଗି ତୁମଠାରେ ଗୁପ୍ତବିଦ୍ୟା ସମ୍ବନ୍ଧରେ ପ୍ରଭୂତ ଜ୍ଞାନ ରହିଥିବା ଆବଶ୍ୟକ । ସେହି ଭାବନାଟି ତୁମ ପାଖରୁ ବାହାରି ଚାଲି ଯାଇଛି ଏବଂ ଆପଣାର ମାର୍ଗରେ ଗତି କରିବାରେ ଲାଗିଛି ।... ମନେ କରାଯାଉ ଯେ, ଅନ୍ତବେଣୀ ଲାଗି ଯାଇଥିବା ସମୟରେ (ତୁମେ ପ୍ରକୃତରେ ଏପରି

'oaob.nitrkl.ac.in' images reprocessed

ଘଟିଯାଏ ବୋଲି ମୁଁ କହୁ ନାହିଁ, ମାତ୍ର ତଥାପି ମନେ କରୁଯାଉ,) ଯେତେବେଳେ ତୁମେ ଆଉ କଣେ କୌଣସି ବ୍ୟକ୍ତି ଉପରେ ଅଗ୍ନିଶର୍ମା ହୋଇ ରହିଥିଲ, ସେତେ-ବେଳେ ତୁମେ କହି ପକାଇଥିଲ, "ତାକୁ କୌଣସି ଦୁର୍ଭାଗ୍ୟ ଆସି ମାଡ଼ି ବସୁ ନାହିଁ !" ସେହି କଥାଟି ତୁମ ଭିତରୁ ବାହାରି ଯାଇଛି ଓ ଆପଣା ମାର୍ଗରେ ଗତି କରିବାରେ ଲାଗିଛି । ସେହି କଥାଟି ତୁମ ଭିତରୁ ବାହାରି ଚାଲିଯାଇଛି ଓ ସେଇଟି ଉପରେ ତୁମର ଆଉ କୌଣସି ନିୟନ୍ତ୍ରଣ ନାହିଁ; ଏବଂ ସେଇଟି ଯାଇ କୌଣସି ନା କୌଣସି ଦୁର୍ଭାଗ୍ୟର ରଚନା କରିବାକୁ ଆରମ୍ଭ କରୁଛି : ସେଇଟି ଆପଣାର କାର୍ଯ୍ୟ କରିବାକୁ ଯାଇଛି । ଏବଂ କିଛି ସମୟ ପରେ ସେହି ଦୁର୍ଭାଗ୍ୟଟି ମଧ୍ୟ ଆସି ପହଞ୍ଚି ଯାଉଛି । ଦୁଃଖର କଥା ଯେ ଯେତେବେଳେ "ଏଇଟି ପାଇଁ ମୁଁହିଁ ପ୍ରକୃତରେ ଦାୟୀ" ବୋଲି କହି ପାରିବା ଲାଗି ତୁମ ପାଖରେ ସାଧାରଣତଃ ଆଉ ଯଥେଷ୍ଟ ଜ୍ଞାନ ମଧ୍ୟ ରହୁ ନାହିଁ । ମାତ୍ର ସେଇଟି ହେଉଛି ପ୍ରକୃତ କଥା ।

ସ୍ମରଣ ରଖିବା ଉଚିତ ଯେ ଏହିଭଳି ରଚନା କରିବାର ସାମର୍ଥ୍ୟଟି ପକ୍ଷରେ ଏକ ବୃହତ୍ ଫାଇଦା ମଧ୍ୟ ରହିଛି । ଏଇଟିକୁ ଉଚିତ ଭାବରେ କାର୍ଯ୍ୟକାରୀ କରିବାର ବାଟଟି ଜଣାଥିଲେ ତାହା ତୁମର ଅନେକ ଫାଇଦା କରିପାରିବ । ତୁମେ ଉତ୍ତମ ବିରଚନାଗୁଡ଼ିକୁ କରିବାକୁ ସମର୍ଥ ହେବ, ଏବଂ ଯଦି ସେଗୁଡ଼ିକୁ ଯଥୋଚିତ ଭାବରେ କରିପାରିବ, ତେବେ ଅନ୍ୟଗୁଡ଼ିକ ପରି ସେଗୁଡ଼ିକ ମଧ୍ୟ କାର୍ଯ୍ୟ କରିପାରିବେ । ଆପଣା ଘରେ ଚୁପ୍ ହୋଇ ବସି ମଧ୍ୟ ତୁମେ ଲୋକମାନଙ୍କର ଅନେକ ଭଲ କରିପାରିବ; ସମ୍ଭବତଃ, ବାହାରେ ଏଣେ ତେଣେ ଗୁଡ଼ାଏ ଦଉଡ଼ି ଓ ଧନ୍ଦିହୋଇ ଯେତିକି କରିପାରନ୍ତ, ତାହାଠାରୁ ଅଧିକ ଭଲ କରିପାରିବ; କିପରି ଯଥୋଚିତ ଭାବରେ ଚିନ୍ତା କରିହୁଏ, ଯଦି ତୁମେ ସେହି କଥାଟି ଜାଣିଥିବ, ଯଦି ତୁମେ ଶକ୍ତି, ବୁଦ୍ଧିମତ୍ତା ଏବଂ ସହାନୁଭୂତି ସହିତ ଚିନ୍ତା କରି ଜାଣିଥିବ, ଯଦି ତୁମେ କାହାକୁ ଭଲ ପାଉଥିବ ଏବଂ ଆପଣାର ସକଳ ହୃଦୟ ଦେଇ ପୂର୍ଣ୍ଣ ନିଷ୍ଠା ଏବଂ ଗମ୍ଭୀରତା ସହିତ ତାହାର ମଙ୍ଗଳକାମନା କରୁଥିବ, ତେବେ ତଦ୍ୱାରା ତା'ର ଅନେକ ମଙ୍ଗଳ ହେବ; ତୁମେ ଯେତିକି ନିଶ୍ଚିତ ବୋଲି ଭାବୁଛ, ତା'ଠାରୁ ଅଧିକ ନିଶ୍ଚିତ ଭାବରେ ମଙ୍ଗଳ ହେବ । ମୁଁ ଏହି କଥାଟିକୁ ଅନେକ ସମୟରେ କହିଛି; ଉଦାହରଣସ୍ୱରୂପ, ଏଠାରେ ଯେଉଁମାନେ ଅଛନ୍ତି, ସେମାନଙ୍କ ପରିବାରରେ କଣେ କେହି ଅତ୍ୟନ୍ତ ଅସୁସ୍ଥ ହୋଇ ପଡ଼ିଛନ୍ତି ବୋଲି ଯିଏ ଖବର ପାଉଛନ୍ତି, ଏବଂ ସଙ୍ଗେ ସଙ୍ଗେ ସେଠାକୁ ଦଉଡ଼ିଯାଇ ରୋଗୀର ଶୁଶ୍ରୂଷା କରିବା ପାଇଁ ସାନ ପିଲାମାନଙ୍କ ପରି ଭାବି ପକାଉଛନ୍ତି, ସେମାନଙ୍କୁ ମୁଁ ଅନେକ ସମୟରେ ଏକଥା କହିଛି । ମୁଁ ବର୍ତ୍ତମାନ ମଧ୍ୟ ଠିକ୍ ସେହି କଥା କହୁଛି, ଯଦି ତାହା ଏକ ସ୍ୱତନ୍ତ୍ର ଘଟଣା ହୋଇଥାଏ, ରୋଗୀଙ୍କର ସେବା କରିବା ଲାଗି ଯଦି ସେଠାରେ ପ୍ରକୃତରେ କେହି

'oaob.nitrkl.ac.in' images reprocessed

ନଥାନ୍ତି (ଏବଂ ବେଳେବେଳେ ସେପରି ହୋଇଥିଲେ ମଧ୍ୟ), ସେହି କ୍ଷେତ୍ରରେ ଯଦି ତୁମକୁ ସମୁଚିତ ଦୃଷ୍ଟିଟିକୁ ରଖିବାର ଉପାୟଟି ଜଣାଥିବ, ରୁଗ୍ଣ ବ୍ୟକ୍ତି ପ୍ରତି ସ୍ନେହ ଓ ସଦିଚ୍ଛା ସହିତ ସକେନ୍ଦ୍ରିତ ହୋଇ ରହିପାରିବ, ତାଙ୍କ ଲାଗି ଯଦି ତୁମେ ପ୍ରାର୍ଥନା କରି ଜାଣିଥିବ ଏବଂ ସହାୟକ ରୂପାୟନଗୁଡ଼ିକୁ ସମ୍ଭବ କରିପାରିବ, ତେବେ, ତାଙ୍କର ଶୁଶ୍ରୂଷା କରିବା ଲାଗି, ଖୁଆଇଦେବା ଓ ଗାଧୋଇଦେବା ଲାଗି ତାଙ୍କ ପାଖକୁ ଯିବା ଅପେକ୍ଷା ତୁମେ ଏହିସବୁ ଦ୍ୱାରାହିଁ ତାଙ୍କର ଅଧିକ ଭଲ କରିପାରିବ । ସେସବୁ କାମ କରିବା ଲାଗି ତ ଆହୁରି ଅନ୍ୟମାନେ ବି ରହିଥିବେ । ଜଣେ ରୋଗୀକୁ ଯେକୌଣସି ବ୍ୟକ୍ତି ଶୁଶ୍ରୂଷା କରିପାରିବ । ମାତ୍ର ସମସ୍ତେ କଦାପି ସହାୟକ ରୂପାୟନଗୁଡ଼ିକୁ ସମ୍ଭବ କରିପାରିବେ ନାହିଁ ଏବଂ ଆରୋଗ୍ୟ କରାଇବାରେ ସହାୟକ ହେଉଥିବା ଶକ୍ତିଗୁଡ଼ିକୁ କଦାପି ପ୍ରେରଣ କରିପାରିବେ ନାହିଁ ।

ମାତ୍ର ସେକଥା ଯାହା ହୋଇଥାଉ ପଛକେ,— ବର୍ତ୍ତମାନ ଆମେ ଆମ ସ୍ୱର୍ଗର ପ୍ରସଙ୍ଗଟିକୁ ଲେଉଟି ଆସିବା,— ଯାହାକୁ ଆମେ ହୁଏତ ଏକ ନିର୍ଦ୍ଦିଷ୍ଟ ଅର୍ଥରେ ସତ ବୋଲି କହିପାରିବା ମାତ୍ର ଯାହାକି ପ୍ରକୃତରେ ଆଦୌ ସତ ନୁହେଁ —ଏହି ମନୋଭାବଟିକୁ ଆମେ ଅଜ୍ଞାନପ୍ରେରିତ ଅଥବା ରାଜନୀତି ଦ୍ୱାରା ପ୍ରଣୋଦିତ ତାହାର ଏକ ବାଳକସୁଲଭ ବିକୃତି ବୋଲିହିଁ କହିବା ।…ତୁମମାନଙ୍କୁ ଏକଥାଟି ମୁଁ ଅନେକ ସମୟରେ କହିଛି ଏବଂ ଆହୁରି ଅଧିକ ଥର ପାଇଁ ତାହାକୁ ମୁଁ କଦାପି କହିପାରି ନଥାନ୍ତି ଯେ ଆମେ କେହି କେବଳ ଗୋଟିଏ ଗଢ଼ ପରି ତିଆରି ହୋଇ ନାହୁଁ । ଆମ ଭିତରେ ସତ୍ତାର ବିଭିନ୍ନ ସ୍ତର ରହିଛି ଏବଂ ସେହି ପ୍ରତ୍ୟେକଟି ସ୍ତରର ନିଜ ନିଜ ଜୀବନ ମଧ୍ୟ ରହିଛି । ଗୋଟିଏ ଶରୀର ମଧ୍ୟରେ ଏହିସବୁ ବିଭିନ୍ନ ସ୍ତରକୁ ଏକାଠି ସମ୍ମିଳିତ କରି ରଖାଯାଇଛି, ଏବଂ ଯେପର୍ଯ୍ୟନ୍ତ ଆମର ଶରୀରଟିଏ ଅଛି, ସେପର୍ଯ୍ୟନ୍ତ ସେଗୁଡ଼ିକ ଗୋଟିଏ ଶରୀରର ମଧ୍ୟଦେଇହିଁ କାର୍ଯ୍ୟ କରିବାରେ ଲାଗିଛନ୍ତି । ସେଇଥିରୁ ଆମେ ସତେ ଅବା ଗୋଟିଏ ବ୍ୟକ୍ତିସତ୍ତା ହୋଇ ବଞ୍ଚିଥିବା ପରି ଅନୁଭବ କରୁଛୁ, ନିଜକୁ ଗୋଟିଏ ସତ୍ତା ପରି ଅନୁଭବ କରୁଛୁ । ମାତ୍ର ବସ୍ତୁତଃ ଅନେକ ସତ୍ତା ରହିଛି ଏବଂ ବିଶେଷତଃ ବିଭିନ୍ନ ସୋପାନରେ ଭିନ୍ନ ଭିନ୍ନ ସକେନ୍ଦ୍ରଣ ମଧ୍ୟ ରହିଛି । ଯେମିତି ତୁମର ଭୌତିକ ସତ୍ତାଟିଏ ରହିଛି, ସେହିପରି ପ୍ରାଣିକ ସତ୍ତା ମଧ୍ୟ ରହିଛି, ଏକ ମାନସିକ ସତ୍ତା ରହିଛି, ଗୋଟିଏ ଚୈତ୍ୟ ସତ୍ତା ମଧ୍ୟ ରହିଛି । ଏହା ବ୍ୟତୀତ ବି ଆହୁରି ଅନେକ ଅନେକ ସତ୍ତା ରହିଛି ଓ ଅନ୍ତର୍ବର୍ତ୍ତୀ କେତେ କ'ଣ ସମ୍ଭାବ୍ୟ ସତ୍ତାମାନ ରହିଛି । ମାତ୍ର ଏସବୁ ଟିକିଏ ଜଟିଳ କଥା, ତୁମେମାନେ ହୁଏତ ବୁଝି ବି ପାରୁ ନଥିବ । ମନେକର ତୁମେ ପ୍ରଧାନତଃ ବାସନା, ଉଗ୍ର ଇଚ୍ଛା ଓ ଆବେଗଗୁଡ଼ିକରହିଁ ଜୀବନ ବଞ୍ଚିବାରେ ଲାଗିଛ, ଅର୍ଥାତ୍ ତୁମର ପ୍ରାଣିକ ସତ୍ତାହିଁ

'oaob.nitrkl.ac.in' images reprocessed

ତୁମ ଭିତରେ ସର୍ବପ୍ରଭାବଶାଳୀ ହୋଇ ରହିଛି; ମାତ୍ର ଅନ୍ୟପକ୍ଷରେ, ଯଦି ତୁମେ ଆଧ୍ୟାତ୍ମିକ ପ୍ରୟାସ ଦ୍ୱାରା ବଢ଼ିଛ, ଯଦି ତୁମ ଭିତରେ ଅନେକ ପରିମାଣରେ ସଦିଚ୍ଛା ରହିଛି, ସବୁ କଥାକୁ ଭଲ ଭାବରେ କରିବାର ଅଭିଳାଷ ଅଛି, ଏବଂ ଯଦି ତୁମେ ନିଃସ୍ୱାର୍ଥପର ଭାବରେ ସବୁ କରୁଛ ଏବଂ ଅଗ୍ରଗତି କରିବା ଲାଗି ତୁମର ଇଚ୍ଛା ରହିଛି, ତେବେ ଜଣାଯାଇ ପାରିବ ଯେ ତୁମର ଜୀବନରେ ଚୈତ୍ୟସତ୍ତାହିଁ ସବୁଠାରୁ ଅଧିକ ଶକ୍ତିଶାଳୀ ହୋଇ ରହିଛି । ଏବଂ, ଯେତେବେଳେ ତୁମେ ଶରୀରଟିକୁ ତ୍ୟାଗ କରିବାକୁ ବସିଛ, ସେତେବେଳେ ଏହିସବୁ ବସ୍ତୁ ତୁମକୁ ଛାଡ଼ି ଚାଲିଯିବାକୁ ଆରମ୍ଭ କରୁଛନ୍ତି । କେବଳ, ଯଦି ତୁମେ ଯୋଗମାର୍ଗରେ ଅନେକ ଅଗ୍ରଗତି କରି ପାରିଥିବ ଏବଂ ଦିବ୍ୟ କେନ୍ଦ୍ରଟିର ଚାରିପାଖରେ ନିଜର ସତ୍ତାଟିକୁ ଯଦି ଏକତ୍ରିତ କରିପାରିଥିବ, ତେବେଯାଇ ଏହିସବୁ ବସ୍ତୁ ପରସ୍ପର ସହିତ ଏକାଠି ବନ୍ଧା ହୋଇ ରହିବ ଓ ଆଉ ନଷ୍ଟ ହୋଇ ଯିବ ନାହିଁ । ମାତ୍ର, ଯଦି ତୁମେ ନିଜକୁ ଏକତ୍ର କରି ଜାଣି ନଥିବ, ତେବେ ମୃତ୍ୟୁ ସମୟକୁ ସେହି ସବୁଯାକ ତୁମଠାରୁ ଛାଡ଼ି ଚାଲିଯିବେ । ପ୍ରତ୍ୟେକ ବସ୍ତୁ ତା'ର ଆପଣାର ରାଜ୍ୟଟିକୁ ଲେଉଟିଯିବ । ଉଦାହରଣସ୍ୱରୂପ, ପ୍ରାଣିକ ସତ୍ତାଟି ବିଷୟରେ ଏପରି ଜଣାଯାଇ ପାରିବ ଯେ ତୁମର ଭିନ୍ନ ଭିନ୍ନ ବାସନାମାନ ପରସ୍ପରଠାରୁ ଅଲଗା ହୋଇଯିବେ ଏବଂ ପ୍ରତ୍ୟେକେ ଆପଣା ଆପଣାର ଉପଲବ୍ଧି ପାଇଁହିଁ ଧାବମାନ ହେବାକୁ ଲାଗିବେ, ସମ୍ପୂର୍ଣ୍ଣ ସ୍ୱାଧୀନ ଭାବରେହିଁ ଧାବମାନ ହେବାକୁ ଲାଗିବେ । କାରଣ ସେଗୁଡ଼ିକୁ ଏକତ୍ର ଧରି ରଖିବା ସକାଶେ ସେତେବେଳେ ଶାରୀର ସତ୍ତାଟି ଆଉ ମହଜୁଦ ନଥିବ । ମାତ୍ର ନିଜର ଚେତନାଟିକୁ ଯଦି ତୁମେ ଚୈତ୍ୟ ଚେତନା ସହିତ ଏକଯୁକ୍ତ କରି ରଖିଥାଅ; ମୃତ୍ୟୁ ଅନ୍ତେ ମଧ୍ୟ ତୁମେ ନିଜର ଚୈତ୍ୟ ସତ୍ତାଟି ସମ୍ବନ୍ଧରେ ସଚେତନ ହୋଇ ରହିପାରିବ ଏବଂ ଚୈତ୍ୟସତ୍ତା ଚୈତ୍ୟ ଜଗତଟି ମଧ୍ୟକୁ ବାହୁଡ଼ି ଆସିପାରିବ । ଚୈତ୍ୟ ଜଗତ ହେଉଛି ଆନନ୍ଦ ଏବଂ ହର୍ଷର ଜଗତ, ପ୍ରଶାନ୍ତି ଏବଂ ସ୍ଥୈର୍ଯ୍ୟର ଜଗତ, ସତତ ଅଭିବୃଦ୍ଧିଶୀଳ ଜ୍ଞାନର ଜଗତ । ତେଣୁ, ଯଦି ତୁମେ ସେହି ଜଗତଟିକୁ ସ୍ୱର୍ଗଲୋକ ବୋଲି କହିବାକୁ ଇଚ୍ଛା କର, ତେବେ ସେଥିରେ ଆଦୌ କୌଣସି ବାଧା ନାହିଁ । କାରଣ, ତୁମେ ବସ୍ତୁତଃ ଯେତିକି ପରିମାଣରେ ଆପଣାର ଚୈତ୍ୟ ସତ୍ତାଟି ସହିତ ଯୁକ୍ତ ହୋଇ ରହିଥିବ, ତୁମେ ସେତିକି ପରିମାଣରେ ସେଇଟି ବିଷୟରେ ସଚେତନ ହୋଇପାରିବ, ସେଇଟି ସହିତ ଏକଯୁକ୍ତ ହୋଇ ରହିଥିବ । ଚୈତ୍ୟ ସତ୍ତାଟି ହେଉଛି ଏକ ମରଣହୀନ ସତ୍ତା ଏବଂ ଏକ ପରିପୂର୍ଣ୍ଣ ସୁଖର ଅର୍ଥାତ୍ ଅବିଚଳତାର ଜୀବନ ଅନୁଭବ କରିବା ସକାଶେ ତାହା ଆପଣାର ଅମର ରାଜ୍ୟଟିକୁହିଁ ଚାଲିଯାଇ-ଥାଏ । ସେହି ରାଜ୍ୟଟିକୁ ଯଦି ତୁମେ ସ୍ୱର୍ଗ ବୋଲି କହୁଛ, ତେବେ ତାହା ଅବଶ୍ୟ କହିପାର । ଯଦି ତୁମେ ଭଲ ହୋଇପାରିଛ, ଯଦି ଚୈତ୍ୟ ଜଗତଟି ସମ୍ବନ୍ଧରେ

'oaob.nitrkl.ac.in' images reprocessed

ସଚେତନ ହୋଇ ତାହାର ଭିତରେ ତୁମେ ବାସ୍ତ ମଧ୍ୟ ପାରୁଛ, ତେବେ, ତୁମର ଏହି ଶରୀରଟି ଯେତେବେଳେ ପଞ୍ଚତ୍ୱପ୍ରାପ୍ତ ହେବ, ସେତେବେଳେ ତୁମେ ଆପଣାର ଚୈତ୍ୟ ସତ୍ତା ସହିତ ଏକ ଆନନ୍ଦମୟ ଅବସ୍ଥାରେ ଚୈତ୍ୟ ଜଗତ ମଧ୍ୟରେହିଁ ବିଶ୍ରାମ ଗ୍ରହଣ କରିବାକୁ ଯାଇପାରିବ ।

ମାତ୍ର, ଯଦି ତୁମେ ପ୍ରାଣମୟ ସ୍ତରର ସକଳ ଆବେଗ ଓ ଇଚ୍ଛାଗୁଡ଼ିକ ସହିତ ସେହି ପ୍ରାଣମୟ ସ୍ତରରେହିଁ ଆପଣାର ଜୀବନଟିକୁ ବଞ୍ଚୁଛ, ତେବେ ସେଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ଆବେଗ ନିଶ୍ଚୟ ଏଠିସେଠି ଆପଣାକୁ ଚରିତାର୍ଥ କରିବା ଲାଗି ଚେଷ୍ଟା କରିବେ···ଉଦାହରଣସ୍ୱରୂପ ଜଣେ କୃପଣ ବ୍ୟକ୍ତି, ଯିଏକି ଆପଣାକୁ ତା'ର ଟଙ୍କାପଇସା ଉପରେ ଅଭିନିବେଶିତ କରି ରଖିଛି, ସିଏ ଯେତେବେଳେ ମରୁଛି, ସେତେବେଳେ, ତା'ର ଟଙ୍କାପଇସାକୁ ନେଇ ଏତେ ଆଗ୍ରହୀ ହୋଇ ରହିଥିବା ପ୍ରାଣିକ ଭାଗଟି ଆଉ କୁଆଡ଼େ ନଯାଇ ସେଇଠାରେହିଁ ଲାଖି ରହିଯିବ ଏବଂ ସେହି ଗଚ୍ଛିତ ଅର୍ଥଟି ଉପରେ ପହରା ଦେବାକୁ ଲାଗିବ, ଯେପରିକି ଆଉ କେହି ତାକୁ ନେଇଯାଇ ପାରିବେ ନାହିଁ । ଲୋକମାନେ ତାକୁ ଦେଖି ପାରୁ ନଥିବେ ସତ, ମାତ୍ର ସିଏ ତଥାପି ସେଠାରେ ରହିଥିବ ଏବଂ ତା'ର ସେହି ମୂଲ୍ୟବାନ୍ ଅର୍ଥଧନଟି ଉପରେ କିଛି ବିପଦ ପଡ଼ିଲେ ସିଏ ଭାରି ଦୁଃଖୀ ହୋଇ ପଡ଼ୁଥିବ । ମୁଁ ଜଣେ ଭଦ୍ରମହିଳାଙ୍କୁ ବେଶ୍ ଭଲଭାବରେ ଜାଣିଥିଲି ଯାହାଙ୍କର ଅନେକ ପଇସା ଥିଲା ଓ ଅନେକ ପିଲାଝିଲା ବି ଥିଲେ; ତାଙ୍କର ପାଞ୍ଚୋଟି ପିଲା ଥିଲେ ଓ ଟଙ୍କା ଖରଚ କରିବାରେ ଜଣେ ଆରେକଠାରୁ ବଳି ଆହୁରି ଧୂରନ୍ଧର ଥିଲେ । ଟଙ୍କା ଗଚ୍ଛିତ କରି ରଖିବାରେ ଭଦ୍ରମହିଳା ଯେତିକି ଯତ୍ନ ନେଉଥିଲେ, ତାଙ୍କ ପିଲାଏ ଟଙ୍କାପଇସା ଉଡ଼ାଇବାରେ ପ୍ରାୟ ସେତିକି ଯତ୍ନ ନେଉଥିଲେ । ସେମାନେ ମନ-ଇଚ୍ଛା ଖରଚ କରିବାରେ ଲାଗିଥିଲେ । ତେଣୁ, ଯେତେବେଳେ ବିଚାରି ବୁଢ଼ୀ ଦେହ ଛାଡ଼ିଲେ, ସେତିକିବେଳେ ସିଏ ମୋ ପାଖକୁ ଆସି ମୋତେ କହିଲେ, "ବାସ୍, ବର୍ତ୍ତମାନ ସେମାନେ ମୁଁ ଗଚ୍ଛିତ କରିଯାଇଥିବା ଟଙ୍କା ପଇସାକୁ ଏକାବେଳେକେ ଉଡ଼ାଇଦେବେ !" ଏବଂ ସେଥିଲାଗି ସେ ଭାରି ଦୁଃଖିତ ହୋଇ ପଡ଼ିଥିଲେ । ମୁଁ ତାଙ୍କୁ କିଞ୍ଚିତ୍ ସାନ୍ତ୍ୱନା ଦେଲି, ମାତ୍ର କାଳେ ତାଙ୍କ ଟଙ୍କାକୁ କିଏ ଅଯଥା ଖର୍ଚ୍ଚ କରି ପକାଇବ, ସେଥିଲାଗି ତାହା ଉପରେ ଆଦୌ କୌଣସି ପହରା ନଦେବାକୁ ପ୍ରବର୍ତ୍ତାଇବାରେ ମୋତେ ପ୍ରକୃତରେ ଅତିଶୟ କଷ୍ଟ କରିବାକୁ ପଡ଼ିଥିଲା ।

ତେବେ, ଯଦି ତୁମେ ସମ୍ପୂର୍ଣ୍ଣ ଭାବରେ କେବଳ ଭୌତିକ ଚେତନାଟି ମଧ୍ୟରେହିଁ ବାସ କରୁଥିବ (ଏଇଟା ପ୍ରକୃତରେ ବଡ଼ କଷ୍ଟକର କଥା, କାରଣ ତୁମର ତ ପୂର୍ଣ୍ଣ ଭାବନା ଅଛି, ଅନୁଭବ କରିବାର ଶକ୍ତି ବି ଅଛି; ମାତ୍ର ଯଦି ତୁମେ

'oaob.nitrkl.ac.in' images reprocessed

ସମ୍ପୂର୍ଣ୍ଣ ଭାବରେ ଭୌତିକ ମଧ୍ୟରେହିଁ ଆପଣାର ଜୀବନଟିକୁ ବଞ୍ଚିଥାଅ,), ତା'ହେଲେ ଯେତେବେଳେ ଭୌତିକ ସତ୍ତାଟି ଏଠାରୁ ଅପସରି ଯିବ, ତେବେ ତୁମେ ମଧ୍ୟ ତାହାର ସଙ୍ଗେସଙ୍ଗେ ଅପସରି ଯିବ, ଆଉ କୋଉଠି କିଛୁହେଲେ ରହିବ ନାହିଁ···ଶରୀରଟିର ମଧ୍ୟ ଏକ ଚିଦ୍‌ଭାବ ରହିଛି : ତୁମ ଶରୀରଟିର ଗୋଟିଏ ଚିଦ୍‌ଭାବ ରହିଛି, ଯାହାକି ତୁମେ ମରିବା ପରେ ସାତଦିନ ପର୍ଯ୍ୟନ୍ତ ଏଇଠି ରହିଥିବ । ତୁମର ମୃତ୍ୟୁ ହୋଇଛି ବୋଲି ଡାକ୍ତରମାନେ ଘୋଷଣା କରି ସାରିଛନ୍ତି ସତ, ମାତ୍ର ତୁମ ଶରୀରର ସେହି ଚିଦ୍‌ଭାବଟି ତଥାପି ବଞ୍ଚି ରହିଛି; ଖାଲି ଯେ ବଞ୍ଚି ରହିଛି ତା' ନୁହେଁ, ମାତ୍ର ଅଧିକାଂଶ କ୍ଷେତ୍ରରେ ତାହା ସଚେତନ ହୋଇ ରହିଛି । ପ୍ରାୟ ସାତ ଆଠଦିନ ପର୍ଯ୍ୟନ୍ତ ଏହିପରି ଅବସ୍ଥାରେ ରହିବା ପରେ ତାହା ବିଲୁପ୍ତ ହୋଇ ଯାଉଛି । ଏଠାରେ ମୁଁ ଯୋଗୀମାନଙ୍କର କଥା କହୁ ନାହିଁ, ସାଧାରଣ ଲୋକଙ୍କର କଥାହିଁ କହୁଛି । ଯୋଗୀମାନଙ୍କର କୌଣସି ନିୟମ ନାହିଁ; ସେମାନଙ୍କର ଗତି ଏକାବେଳେକେ ଅନ୍ୟ ପ୍ରକାରର, ସେମାନଙ୍କ ଲାଗି ଏହି ପୃଥିବୀ ମଧ୍ୟ ଅନ୍ୟ ପ୍ରକାରର । ମୁଁ ବର୍ତ୍ତମାନ ତୁମକୁ ସାଧାରଣ ମଣିଷମାନଙ୍କର କଥା କହୁଛି, ଯେଉଁମାନେ କି ସାଧାରଣ ଭାବରେ ଜୀବନ ବଞ୍ଚୁଛନ୍ତି;—ସେହିମାନଙ୍କ କ୍ଷେତ୍ରରେ ଏହିପରି ଘଟିଥାଏ ।

ତେଣୁ, ନିଷ୍କର୍ଷ ହେଲା ଯେ ଯଦି ତୁମେ ନିଜର ଚେତନାଟିକୁ ସଂରକ୍ଷିତ କରି ରଖିବାକୁ ଇଚ୍ଛା କରୁଛ, ତୁମକୁ ନିଜ ସତ୍ତାର ଏପରି ଏକ ଅଂଶ ଉପରେ ଅଭିନିବେଶିତ ହୋଇ ରହିବାକୁ ପଡ଼ିବ, ଯାହାକି ନ ମରି ଅମର ହୋଇ ରହିଥିବ । ତା' ନହେଲେ ନିଆଁ ନିଭି ତା'ର ଶିଖାଟି ପବନ ଭିତରେ ଅନ୍ତର୍ହିତ ହୋଇ ଗଲାପରି ତୁମ ଚେତନା ମଧ୍ୟ ଅନ୍ତର୍ହିତ ହୋଇଯିବ । ଚେତନାଗୁଡ଼ାକ ଅନ୍ତର୍ହିତ ହୋଇଯିବା ପ୍ରକୃତରେ ସୌଭାଗ୍ୟର କଥା, କାରଣ ଯଦି ତାହା ଅନ୍ୟପ୍ରକାର ହୋଇଥାନ୍ତା, ତେବେ ଏଠାରେ ସମ୍ଭବତଃ କେତେକେତେ ଦେବତା ଓ ବରିଷ୍ଠତର ମାନବାତ୍ମା ଅନ୍ତର୍ହିତ ନହୋଇ ରହି ଯାଇଥାନ୍ତେ, ଯେଉଁମାନେ କି, ସେମାନେ ସଂସାରରେ ରହିଥିବାବେଳେ ଆପଣାର କଳ୍ପନାବଳରେ ଯାହା କରିବାରେ ଲାଗିଥିଲେ, ସଂସାରରୁ ବିଦାୟ ନେବାର ପରେ ମଧ୍ୟ ସେମାନେ ଏଠାରେ କେତେକେତେ ନର୍କ ଓ କେତେକେତେ ସ୍ୱର୍ଗର ସୃଷ୍ଟି କରି ରଖିଥାନ୍ତେ ଏବଂ ସେଗୁଡ଼ିକ ମଧ୍ୟରେ ସେମାନେ ତୁମକୁ ବନ୍ଦୀ କରି ରଖିଥାନ୍ତେ । ତୁମେ ସେମାନଙ୍କୁ ସନ୍ତୁଷ୍ଟ କରି ରଖିଲ ଅଥବା ଅପ୍ରସନ୍ନ କରି ପକାଇଲ, ସେହି ଅନୁସାରେ ତୁମେ ସ୍ୱର୍ଗରେ ଅଥବା ନର୍କରେ ବନ୍ଦୀ ହୋଇ ରହିଥାନ୍ତ । ତାହାହେଲେ ଅବସ୍ଥା ଭାରି ସାଂଘାତିକ ହୋଇ ପଡ଼ନ୍ତା, ଏବଂ ଭାଗ୍ୟର କଥା ଯେ ସଂସାରରେ ସେପରି ଘଟୁ ନାହିଁ ।

'oaob.nitrkl.ac.in' images reprocessed

**କେହି କେହି କହନ୍ତି, ମୃତ୍ୟୁର ଜଣେ ଦେବତା ଅଛନ୍ତି; ସେକଥା ସତ କି ?**

ହଁ ସତ, ମୁଁ ତାକୁ ମୃତ୍ୟୁର ପ୍ରେତାତ୍ମା ବୋଲି କହିଥାଏ । ତାକୁ ମୁଁ ଭଲ କରି ଜାଣେ । ତାହାର ବ୍ୟବସ୍ଥାଟିକୁ ପ୍ରକୃତରେ ଏକ ଅସାଧାରଣ ବ୍ୟବସ୍ଥା ବୋଲିହିଁ କୁହାଯିବ । ସେଇଟି ଯେ କେତେ ସମ୍ପୂର୍ଣ୍ଣ ଭାବରେ ସଗଠିତ ହୋଇ ରହିଛି, ତୁମେ ସେକଥା ଜାଣି ନାହଁ ।

ମୁଁ ଭାବୁଛି, ମୃତ୍ୟୁର ଏହି ପ୍ରେତାତ୍ମାମାନେ ଅନେକ ସଂଖ୍ୟାରେ ରହିଛନ୍ତି, ମୁଁ ଭାବୁଛି ଶହଶହ ସଂଖ୍ୟାରେ ରହିଛନ୍ତି । ସେମାନଙ୍କ ମଧ୍ୟରୁ ଅନ୍ତତଃ ଦୁଇଜଣଙ୍କ ସହିତ ମୋର ସାକ୍ଷାତ ହୋଇଛି । ଜଣକୁ ମୁଁ ଫ୍ରାନ୍ସରେ ଦେଖିଥିଲି ଓ ଆରଜଣକୁ ଜାପାନରେ; ଏବଂ ସେମାନେ ଜଣେ ଆରଜଣକଠାରୁ ଅତ୍ୟନ୍ତ ଭିନ୍ନ ପ୍ରକାରର ହୋଇ ରହିଥିଲେ । ଏଥିରୁ ଆମେ ଅନୁମାନ କରିପାରିବା ଯେ ମାନସିକ ସଂସ୍କାର, ଶିକ୍ଷା, ଦେଶ ଏବଂ ବିଶ୍ୱାସଗୁଡ଼ିକ ଅନୁସାରେହିଁ ସମ୍ଭବତଃ ଏହି ପ୍ରେତାତ୍ମାମାନେ ଭିନ୍ନ ଭିନ୍ନ ହୋଇଥାନ୍ତି । ମାତ୍ର ପ୍ରକୃତିର ଯାବତୀୟ ରୂପାୟନକୁ ବହନ କରୁଥିବା ପ୍ରେତାତ୍ମାମାନେ ରହିଛନ୍ତି : ଅଗ୍ନିର ପ୍ରେତାତ୍ମା ଅଛନ୍ତି, ବାୟୁର ପ୍ରେତାତ୍ମା ଅଛନ୍ତି, ପାଣି, ବରଷା ଏବଂ ପବନର ପ୍ରେତାତ୍ମା ରହିଛନ୍ତି; ଏବଂ ମୃତ୍ୟୁର ବି ପ୍ରେତାତ୍ମାମାନେ ଅଛନ୍ତି ।

ମୃତ୍ୟୁର ପ୍ରତ୍ୟେକଟି ପ୍ରେତାତ୍ମା, ସିଏ ଯାହାର ପ୍ରେତାତ୍ମା ହୋଇଥାଉ ପଛକେ, ପ୍ରତ୍ୟହ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାର ମୃତ୍ୟୁ ଉପରେ ତାହାର ଅଧିକାର ରହିଛି । ଏହି କ୍ଷେତ୍ରରେ ସତେ ଯେପରି ପ୍ରାଣିକ ନାନାବିଧ ଶକ୍ତି ଓ ପ୍ରକୃତିର ନାନା ଶକ୍ତି ମଧ୍ୟରେ ଗୋଟାଏ ପ୍ରକାରର ମେଣ୍ଟ ବନ୍ଧାହୋଇ ରହିଛି । ଉଦାହରଣସ୍ୱରୂପ, ଯଦି ମୃତ୍ୟୁର ପ୍ରେତାତ୍ମା ଏହିପରି ଭାବରେ ଏକ ନିଷ୍ପତ୍ତି କରିଛି : "ଏତେଜଣ ମଣିଷଙ୍କ ଉପରେ ମୋର ଅଧିକାର ରହିଛି," ଆମେ ମନେ କରିନେବା ଯେ ତିନି, ପାଞ୍ଚ ବା ଛଅଜଣଙ୍କ ଉପରେ ତା'ର ଅଧିକାର ରହିଛି ଅଥବା ଜଣେ ଦୁଇଜଣଙ୍କ ଉପରେ ଅଧିକାର ରହିଛି,— ସେକଥାଟି ସେହି ନିର୍ଦ୍ଦିଷ୍ଟ ଦିନଟି ଉପରେହିଁ ନିର୍ଭର କରିବ । ସିଏ ନିଷ୍ପତ୍ତି କରିଛି ଯେ ଆଜି ଏତେଜଣ ମଣିଷଙ୍କର ଆୟୁ ପୂରିବ, ଏବଂ ତା'ପରେ ସେ ସିଧା ଯାଇ ଆସନ୍ନମରଣ ସେହି ବ୍ୟକ୍ତିଟିର ସମୀପବର୍ତ୍ତୀ ହୋଇ ଅବସ୍ଥାନ କରୁଛି । ମାତ୍ର ଯଦି ତୁମେ ସଚେତନ ହୋଇଥାଅ (ମରିବାକୁ ଯାଉଥିବା ସେହି ବ୍ୟକ୍ତି ନୁହେଁ), ପ୍ରେତାତ୍ମା ସେହି ବ୍ୟକ୍ତି ପାଖକୁ ଯାଉଥିବାର ଯଦି ତୁମେ ଦେଖିବାକୁ ପାଅ, ଏବଂ ସେହି ବ୍ୟକ୍ତି ମରିଯାଉ ବୋଲି ଯଦି ତୁମେ ଇଚ୍ଛା କରୁ ନଥାଅ, ତେବେ, ତୁମ ପାଖରେ ଯଦି ଗୁପ୍ତବିଦ୍ୟାର କେତେକ ଶକ୍ତି ରହିଥାଏ, ତୁମେ

'oaob.nitrkl.ac.in' images reprocessed

ପ୍ରେତାତ୍ମାଟିକୁ ଯାଇ କହିବ : "ନାହିଁ, ସେଇ ଲୋକଟିକୁ ନେବା ଲାଗି ମୁଁ ତୁମକୁ ମନା କରୁଛି ।" ଏକଥା ଘଟିଛି; ଥରେ ନୁହେଁ, ଅନେକ ଥର ଘଟିଛି; ଜାପାନରେ ଘଟିଛି, ଏଠାରେ ଘଟିଛି । ସବୁ ସ୍ଥଳରେ ସେହି ଗୋଟିଏ ପ୍ରେତାତ୍ମାକୁ ମନା କରା ଯାଇ ନାହିଁ । ଏବଂ ସେଇଥିପାଇଁ ମୁଁ କହୁଛି ଯେ ସେମାନେ ନିଶ୍ଚୟ ଅନେକ ସଂଖ୍ୟାରେ ରହିଥିବେ ।

—ସେହି ବ୍ୟକ୍ତି ମରିଯାଉ ବୋଲି ମୁଁ ଆଦୌ ଚାହୁଁ ନାହିଁ ।

—ମାତ୍ର ଗୋଟିଏ ମୃତ୍ୟୁ ଉପରେ ତ ମୋର ଅଧିକାର ବି ରହିଛି !

—ତେବେ ଯାଇ ଆଉଜଣେ କାହାକୁ ଦେଖ, ଯିଏକି ମରିବ ବୋଲି ପ୍ରସ୍ତୁତ ହୋଇ ରହିଛି !

ଏହିପରି ମୁଁ ଏକାଧିକ କ୍ଷେତ୍ରରେ ଦେଖିଛି ବେଳେବେଳେ ଜଣେ ପ୍ରତିବେଶୀ ଆଉଜଣକ ସ୍ଥାନରେ ହଠାତ୍ ମରଣର ସମ୍ମୁଖୀନ ହୋଇଛନ୍ତି, ବେଳେବେଳେ ଜଣେ ଚାକର ଲୋକ ଏପରି ଅବସ୍ଥାରେ ପଡ଼ିଛନ୍ତି, ପୁଣି କେତେବେଳେ ଜଣେ ଶତ୍ରୁ ସେହି ଅବସ୍ଥାର ସମ୍ମୁଖୀନ ହୋଇଛି । ସ୍ୱଭାବତଃ, ଏହି କ୍ଷେତ୍ରରେ ଏକ ସମ୍ବନ୍ଧ ଅବଶ୍ୟ ରହିଛି, ଭଲ ବା ମନ୍ଦ କୌଣସି ସମ୍ବନ୍ଧ ରହିଛି, ପ୍ରତିବେଶୀର ସମ୍ବନ୍ଧ ରହିଛି (ବା ଆଉକିଛିର ରହିଛି), ଯାହାକି ବାହାରୁ ଏକ ଆକସ୍ମିକତା ପରି ମନେହୋଇଛି । ମାତ୍ର ପ୍ରତ୍ୟେକ ସ୍ଥଳରେ ପ୍ରେତାତ୍ମାଟି ଆସିଛି ତା'ର ମୃତବ୍ୟକ୍ତିଟିକୁ ନେଇଯାଇଛି । ତା'ର ଗୋଟିଏ ମରଣ ଉପରେ ଅଧିକାର ରହିଛି ଏବଂ ସିଏ ଜଣେ ମୃତବ୍ୟକ୍ତିକୁ ନେବହିଁ ନେବ । "ଏହି ବ୍ୟକ୍ତିକୁ ନେବା ଲାଗି ତୋତେ ମୁଁ ମନା କରୁଛି" ବୋଲି ତୁମେ ତାକୁ ଅବଶ୍ୟ କହିପାର ଏବଂ ତାକୁ ଲେଉଟାଇ ଦେବାର ଶକ୍ତି ମଧ୍ୟ ତୁମ ପାଖରେ ନିଶ୍ଚୟ ଥାଇପାରେ; ଏବଂ ସେପରି ସ୍ଥଳରେ ଫେରିଯିବା ବ୍ୟତୀତ ପ୍ରେତାତ୍ମା ଲାଗି ଆଉ କୌଣସି ବାଟ ନଥାଏ; ମାତ୍ର ସେ ଆପଣାର ପ୍ରାପ୍ୟଟିକୁ କଦାପି ଛାଡ଼ିଯାଏ ନାହିଁ ଏବଂ ତେଣୁ ଆଉ କୌଣସି ଜାଗାକୁ ଚାଲିଯାଏ । ଆଉଜଣେ ମଣିଷର ମୃତ୍ୟୁ ହୁଏ ।

ନିଆଁର ପ୍ରେତାତ୍ମା ବେଳକୁ ମଧ୍ୟ ଠିକ୍ ସେହିପରି । ମୁଁ ନିଆଁର ପ୍ରେତାତ୍ମାକୁ ଦେଖିଛି, ବିଶେଷତଃ ଜାପାନରେ ଦେଖିଛି, କାରଣ ସେହି ଦେଶରେ ନିଆଁ ହେଉଛି ଏକ ଅସାଧାରଣ ଜିନିଷ । ଥରେ କେଉଁଠି ନିଆଁ ଲାଗିଲେ ଅଶୀଯାଏ ଘର ପୋଡ଼ିଯାଏ, ଗୋଟାଏ ଧାଉଡ଼ି ଜଳି ଭସ୍ମ ହୋଇଯାଏ । ତୁମେ ସହଜରେ ତାହାର କଳ୍ପନା କରିପାରିବ ନାହିଁ । ଘରସବୁ କାଠରେ ତିଆରି ହୋଇଥାଏ ଓ ଦିଆସିଲି ପରି ଜଳିଯାଏ । ତୁମେ ଦେଖିବାକୁ ପାଅ ଯେ ହଠାତ୍ କୌଣସି ଜାଗାରେ ନିଆଁ ଲାଗିଲା, ଏବଂ ଦେଖୁଦେଖୁ ସବୁ ଭସ୍ମୀଭୂତ ହୋଇଯାଏ !...ଗୋଟିଏ ଦିଆସିଲିରେ ନିଆଁ ଲାଗିଯିବାର ତୁମେ କେବେ ଦେଖିଛ କି ? ଦିଆସିଲି ଯେମିତି ଫସ୍‌ଫସ୍

'oaob.nitrkl.ac.in' images reprocessed

ହୋଇ ଜଳିଯାଏ, ଠିକ୍ ସେହିପରି । ଗୋଟିଏ, ଦୁଇଟି, ତିନୋଟି, ଦଶଟି,...ମୋ ଆଖି ଆଗରେ ମୁଁ ଏହିପରି କୋଡ଼ିଏଟି ପର୍ଯ୍ୟନ୍ତ ଘର ଜଳି ଭସ୍ମ ହୋଇଯିବାର ଦେଖିଛି ।...ତେବେ, ଏହି ନିଆଁ ର ବି ପ୍ରେତାତ୍ମା ରହିଛନ୍ତି । ଯିଏ ମୁଁ ବିଛଣାରେ ଗଡ଼ପଡ଼ ହେଉଥାଏ, ଲୋକମାନଙ୍କ ଆଡ଼କୁ ଅନାଇ ଅନାଇ ଅନ୍ତର୍ଦର୍ଶିତ ହୋଇ ରହିବାକୁ ଚେଷ୍ଟା କରୁଥାଏ । ହଠାତ୍ ଦେଖିବାକୁ ପାଇଲି ଯେ ହୁରୁହୁରୁ ହୋଇ ଜଳୁଥିବା ନିଆଁ ର ଏକ ମେଘ ଭଳି କ'ଣ ଗୋଟାଏ ଘରଟିର ସମୀପବର୍ତ୍ତୀ ହୋଇ ଆସିଲା । ମୁ ଅନାଇ ଦେଖିଲି, ସେହି ସତ୍ତାଟି ବେଶ୍ ସଚେତନ ରହିଛି ବୋଲି ଦେଖି ପାରିଲି ।

—ଆରେ, ତୁମେ କାହିଁକି ଏଠାକୁ ଆସିଛ ?

—ଏହି ଘରଟିକୁ ପୋଡ଼ି ଭସ୍ମ କରିଦେବା ଲାଗି ମୁଁ ଅଧିକାର ଲାଭ କରିଛି ।

—ହଁ ହୋଇପାରେ, ମାତ୍ର ଏଠାରେ ନୁହେଁ ।

ଏବଂ ତା'ପରେ ସିଏ ଆଉ ଅଧିକ ପ୍ରତିରୋଧ କରିପାରି ନଥିଲା ।

ଦୁହିଁଙ୍କ ମଧ୍ୟରେ କିଏ ବଳୁଆ, କଥାଟି ତାହାରି ଉପରେ ନିର୍ଭର କରିବ । ମୁଁ କହିଲି : "ନା—ଏଠାରେ ତୁମେ ମୋଟେ ନିଆଁ ଲଗାଇ ପାରିବ ନାହିଁ । ବାସ୍, ମୋର ଆଉ ଅଧିକ କିଛି କହିବାର ନାହିଁ ।" ପାଞ୍ଚ ମିନିଟ ପରେ ମୁଁ "ଘର ପୋଡ଼ିଗଲା, ଘର ପୋଡ଼ିଗଲା" ବୋଲି ଚିତ୍କାର ଶୁଣିଲି । ସେଠାରୁ ଦୁଇତିନୋଟି ଘର ଛାଡ଼ି, ଗୋଟିଏ ଘରେ ନିଆଁ ଲାଗି ଯାଇଥିଲା । ମୋ ଘରକୁ ଆସିବା ଲାଗି ମୁଁ ତାକୁ ମନା କରିଥିବାରୁ ସେ ସେଠାକୁ ଚାଲି ଯାଇଥିଲା । ତା'ର ତ ଗୋଟାଏ ଘର ଉପରେ ଅଧିକାର ରହିଥିଲା । ଏଥର ବୁଝିଲ ?

> ଅନେକ ସମୟରେ, ଯେତେବେଳେ ଲୋକେ ମୃତ୍ୟୁ ଅବସ୍ଥାରେ ଆସି ପଡ଼ିଥାନ୍ତି, ସେତେବେଳେ ସେମାନେ ମରିବାକୁ ଯାଉଛନ୍ତି ବୋଲି ଜାଣିଥାନ୍ତି । ତେବେ ସେମାନେ ପ୍ରେତାତ୍ମାକୁ ଚାଲିଯିବା ଲାଗି କାହିଁକି ନକହନ୍ତି ?

ହଁ, ମୁଁ କହିଲି ପରି ତାହା ସେହି ଲୋକମାନଙ୍କ ଉପରେ ନିର୍ଭର କରିବ । ଏଥିପାଇଁ ଦୁଇଟି କଥା ଦରକାର । ପ୍ରଥମ କଥା ହେଉଛି ତୁମ ସତ୍ତାରେ କିଛିହେଲେ, ତୁମ ସତ୍ତାର କୌଣସି ଗୋଟିଏ ହେଲେ ଭାଗ ମଧ୍ୟ ମରିବା ଲାଗି ଇଚ୍ଛା କରୁ ନଥିବ । ମାତ୍ର, ଅନେକ ସମୟରେ ସେଭଳି ଆଦୌ ଘଟିପାରେ ନାହିଁ । ତୁମ ଭିତରେ

'oaob.nitrkl.ac.in' images reprocessed

କୌଣସି ନା କୌଣସି ଗୋଟିଏ ପରାଜୟବାଦୀ ଲୁଚି କରି ବସିଥାଏ, କୌଣସି କିଛି ନା କିଛି କ୍ଳାନ୍ତ ହୋଇ ପଡ଼ିଥାଏ, ବଡ଼ ବିରକ୍ତ ହୋଇ ପଡ଼ିଥାଏ, କୌଣସି କିଛି ନା କିଛି 'ବାସ୍, ଯଥେଷ୍ଟ ହେଲାଣି' ବୋଲି ଅନୁଭବ କରୁଥାଏ, କିଛି ନା କିଛି ଆଳସ୍ୟକୁ ମାନି ନେଇଥାଏ, ଆଉ କୌଣସି ସଂଗ୍ରାମ କରିବାକୁ ଇଚ୍ଛା କରୁ ନଥାଏ ଏବଂ କହିବାକୁ ଲାଗେ: "ନା, ଏଇଥର ଏଇଠି ଶେଷ ହୋଇଯାଉ, ଯେତେ ଶୀଘ୍ର ଶେଷ ହୋଇଯିବ, ସେତେ ଭଲ।" ବାସ୍, ସେତିକି ଯଥେଷ୍ଟ, ଏବଂ ତୁମକୁ ନେବା ଲାଗି ମୃତ୍ୟୁ ଆସି ପହଞ୍ଚିଯାଏ।

ମାତ୍ର ଏଇଟି ପ୍ରକୃତରେ ଏକ ସତକଥା ଯଦି ତୁମ ଭିତରେ ଆଦୌ କିଛି ହେଲେ ମରିବା ଲାଗି ସମ୍ମତି ନଦେଇଥାଏ, ତେବେ ତୁମେ କଦାପି ମରିବ ନାହିଁ। ଜଣେ ବ୍ୟକ୍ତି ମରିବାକୁ ହେଲେ, ସର୍ବଦା ସେହି କ୍ଷେତ୍ରରେ ଏପରି ଗୋଟିଏ ମୁହୂର୍ତ୍ତ, ସମ୍ଭବତଃ ଗୋଟିଏ ମୁହୂର୍ତ୍ତର ଏକଶତାଂଶ ଅବଶ୍ୟ ମହଜୁଦ ରହିଥାଏ, ଯେତେବେଳେ କି ସେ ମରିବା ଲାଗି ସମ୍ମତି ଜଣାଇଥାଏ। ସମ୍ମତି ଜ୍ଞାପନର ଏହି ମୁହୂର୍ତ୍ତଟି ନଥିଲେ ସେହି ବ୍ୟକ୍ତି କଦାପି ମରେ ନାହିଁ।

ମୁଁ ଏପରି ଲୋକଙ୍କୁ ଜାଣିଥିଲି, ଯାବତୀୟ ପ୍ରାଣିକ ଏବଂ ଭୌତିକ ନିୟମ ଅନୁସାରେ ଯେଉଁମାନଙ୍କୁ ପ୍ରକୃତରେ ମରିବାକୁ ହୋଇଥାନ୍ତା। ମାତ୍ର ସେମାନେ ମରିବାକୁ ମନା କରି ଦେଇଥିଲେ। ସେମାନେ କହିଥିଲେ: "ନାଇଁ, ମୁଁ କେବେ ହେଲେ ମରିବି ନାହିଁ,"—ଏବଂ ସେମାନେ ବଞ୍ଚି ରହିଲେ। ଆହୁରି ଏପରି ଲୋକ ଅନେକ ଅଛନ୍ତି, ଯେଉଁମାନଙ୍କର କି ମରିବା ଲାଗି କୌଣସି ପରିସ୍ଥିତି ଆସି ପହଞ୍ଚି ନଥାଏ, ମାତ୍ର ସେମାନେ ସେହିଭଳି ହୋଇଥିବାରୁ କହିବାକୁ ଲାଗନ୍ତି, "ଏଥର ଯଥେଷ୍ଟ ହୋଇଗଲା, ଏଥର ସବୁ ଶେଷ ହୋଇଯିବା ଉଚିତ।" ଏବଂ ପ୍ରକୃତରେ ସବୁ ଶେଷ ହୋଇଯାଏ। ଏପରିକି ସେତିକିହିଁ ଯଥେଷ୍ଟ ହୁଏ, ଆଉ ଅଧିକ କିଛି ଲାଗି ଆଦୌ ଅପେକ୍ଷା ରହେ ନାହିଁ: ଅବିଚ୍ଛିନ୍ନ ଭାବରେ ଅନେକ ସମୟ ପର୍ଯ୍ୟନ୍ତ ଏହିପରି ଇଚ୍ଛା ବ୍ୟକ୍ତ କରିବାର କୌଣସି ପ୍ରୟୋଜନ ନଥାଏ; କେବଳ ଏତିକି ମାତ୍ର କହିବାକୁ ପଡ଼େ: "ଏଥର ଏଇଠି ଥାଉ, ମୋର ଅନେକ ହୋଇଗଲାଣି!" ଏବଂ ତା'ପରେ ସବୁ ସମାପ୍ତ ହୋଇଯାଏ। ଏବଂ ପ୍ରକୃତରେ ଏହିପରି ଘଟେ। ତୁମେ ଯେପରି କହୁଛ, ମୃତ୍ୟୁ ଆସି ତୁମ ବିଛଣା ପାଖରେ ଠିଆ ହୋଇଥିଲେ ମଧ୍ୟ ତୁମେ ତାକୁ "ମୁଁ ଯିବାକୁ ପ୍ରସ୍ତୁତ ନାହିଁ, ତୁମେ ଚାଲିଯାଅ" ବୋଲି କହିଦେଇ ପାରିବ, ଏବଂ ମୃତ୍ୟୁ ଚାଲିଯିବାକୁ ବାଧ୍ୟ ହେବ। ମାତ୍ର ମଣିଷ ସାଧାରଣତଃ ବାଟ ଛାଡ଼ିଦିଏ, କାରଣ ନାହିଁ ବୋଲି କହିବାକୁ ମଣିଷକୁ ସଂଗ୍ରାମ କରିବାକୁ ପଡ଼େ, ସବଳ ହେବାକୁ ପଡ଼େ, ଅନେକ ସାହସୀ ଏବଂ ସହିଷ୍ଣୁ ହେବାକୁ ପଡ଼େ, ଜୀବନର ପ୍ରୟୋଜନୀୟତାରେ ଦୃଢ଼ ବିଶ୍ୱାସ ରଖିବାକୁ ପଡ଼େ। ଉଦାହରଣସ୍ୱରୂପ, ଜଣେ

'oaob.nitrkl.ac.in' images reprocessed

ଏଭଳି ଲୋକପରି, ଯିଏକି ଅତ୍ୟନ୍ତ ପ୍ରବଳ ଭାବରେ ଅନୁଭବ କରୁଥାଏ ଯେ ତା'ର ବର୍ତ୍ତମାନ ମଧ୍ୟ କିଛି କରିବାକୁ ବାକି ରହିଛି ଓ ସେ ଯେକୌଣସି ମତେ ସେଇଟିକୁ କରିବହିଁ କରିବ । ମାତ୍ର କିଏ ଏପରି ସଂପୂର୍ଣ୍ଣ ଭାବରେ ନିଶ୍ଚିତ ହୋଇ ରହିଛି ଯେ ତା' ଭିତରେ କୌଣସି ଜାଗାରେ ଜଣେ ପରାଜୟବାଦୀର ଏତେ ଟିକିଏ ଅଂଶ ମଧ୍ୟ ନାହିଁ, ଯାହାକି ହାର ମାନନେଇ "ଆଚ୍ଛା, ତାହାହିଁ ହେଉ" ବୋଲି କହିବାକୁ ଇଚ୍ଛା କରୁଛି ?···ଏଇଠାରେହିଁ ନିଜକୁ ଏକାଗ୍ର ଓ ଐକ୍ୟବଦ୍ଧ କରି ରଖିବାର ପ୍ରୟୋଜନ ରହିଛି ।

ଆମେସବୁ ଯୋଉ ବାଟରେ ଯାଉ ନା କାହିଁକି, ଯାହାକିଛି ଅଧ୍ୟୟନ କରୁଥାଉ ନା କାହିଁକି, ଆମକୁ ସର୍ବଦା କୌଣସି ନା କୌଣସି ପରିଣାମରେ ଆସି ପହଞ୍ଚିବାକୁହିଁ ହୋଇଥାଏ । ଜଣେ ବ୍ୟକ୍ତି ଲାଗି ଏହି କଥାଟିହିଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଯେ ସିଏ ଆପଣାର ଚୈତ୍ୟ କେନ୍ଦ୍ରଟିର ଚାରିପାଖରେ ଆପଣାକୁ ଏକତ୍ରିବଦ୍ଧ କରି ରଖିବ; ତାହାର ଦ୍ୱାରାହିଁ ସିଏ ଜଣେ ଯଥାର୍ଥ ବ୍ୟକ୍ତି ହୋଇପାରିବ, ସ୍ୱୟଂ ଆପଣାର ଓ ସ୍ୱୀୟ ନିୟତିର ପ୍ରଭୁ ହୋଇପାରିବ । ତା' ନହୋଇ ପାରିଲେ, ସିଏ ବିବିଧ ଶକ୍ତି ହାତରେ କେବଳ ଏକ ଖେଳନା ପରି ହୋଇ ରହିବ, ଯାହାକି ତାକୁ ନଈସୁଅରେ ସୋଲଖଣ୍ଡେ ପରି ଏଣେତେଣେ ଆନ୍ଦୋଳିତ କରିନେବାରେ ଲାଗିଥିବେ । ସିଏ ଯେଉଁଠାକୁ ଯିବା ଲାଗି ଆଦୌ ଇଚ୍ଛା କରୁ ନଥିବ, ସେଇଠାକୁ ଯିବାରେ ଲାଗିଥିବ, ଯାହାସବୁ କରିବାକୁ ଇଚ୍ଛା କରୁ ନଥିବ, ସେହିସବୁ କାର୍ଯ୍ୟ କରିବା ଲାଗି ବାଧ୍ୟ ହେଉଥିବ ଏବଂ ପରିଶେଷରେ ଏପରି ଗୋଟିଏ ଗର୍ତ୍ତରେ ଆପଣାକୁ ଆଣି ହଜାଇଦେବ ଯେ ପୁଣି ଉଦ୍ଧାର ପାଇ ବାହାରି ଆସିବା ଲାଗି ଆଉ ତା'ର କୌଣସି ବଳ ନଥିବ । ମାତ୍ର ତୁମେ ଯଦି ସଚେତନ ଭାବରେ ସଂଗଠିତ ହୋଇ ରହିଥିବ, ଚୈତ୍ୟ କେନ୍ଦ୍ରଟି ଚାରିପାଖରେ ଏକତ୍ରିବଦ୍ଧ ହୋଇ ରହିଥିବ, ତାହାରି ଦ୍ୱାରାହିଁ ଶାସିତ ଏବଂ ପରିଚାଳିତ ହେଉଥିବ, ତେବେ ତୁମେ ନିଜେହିଁ ନିଜ ନିୟତିର ପ୍ରଭୁ ହୋଇ ରହିପାରିବ । ଏହି ଉଦ୍ୟମଟିକୁ ଆରମ୍ଭ କରିବା ପ୍ରକୃତରେ ଉଚିତ ହେବ ନାହିଁ କି ?······ସେକଥା ଯାହାହେଉ ପଛକେ, ଦାସ ହୋଇ ରହିବା ଅପେକ୍ଷା ପ୍ରଭୁ ହୋଇ ରହିବାକୁହିଁ ମୁଁ ଅଧିକ ଭଲ ବୋଲି ମନେକରୁଛି । କେତେଆଡ଼ୁ କେତେ ଦଉଡ଼ି ତୁମକୁ ଏଣିକି ତେଣିକି ଟାଣିବାରେ ଲାଗିଥିବେ, ତୁମେ ଇଚ୍ଛା କର ବା ନକର, ତାହାର କୌଣସି ଖାତିର ନରଖି ତଥାପି ତୁମକୁ କେତେ କାର୍ଯ୍ୟ କରିବା ଲାଗି ବାଧ୍ୟ କରାଯାଉଛି ବୋଲି ତୁମେ ଅନୁଭବ କରୁଥିବ, ମୁଁ ଏଇଟାକୁ ଆଦୌ ଏକ ପ୍ରୀତିକର ଅନୁଭୂତି ବୋଲି କହିବ ନାହିଁ, ତାହା ପ୍ରକୃତରେ ଏକ ଅତ୍ୟନ୍ତ ବିରକ୍ତିକର ଅନୁଭୂତି । ଆଉ କେହି କ'ଣ ଭାବୁଛି କେଜାଣି, ମାତ୍ର ପିଲାଟିବେଳୁହିଁ ମୋତେ ଏହି ଅବସ୍ଥାଟି ବଡ଼ ବିରକ୍ତିକର ବୋଧ ହୋଇଆସିଛି । ମୋର ପାଖ

'oaob.nitrkl.ac.in' images reprocessed

ବର୍ଷବେଳୁ ମଧ୍ୟ ମୋତେ ଏକଥା ବେଶ୍ ଅସହ୍ୟନୀୟ ବୋଲି ମନେ ହୋଇଥିଲା ଏବଂ ଯେପରି ତାହା ବଦଳିଯାଇ ଅନ୍ୟପ୍ରକାର ହୋଇ ପାରିବ, ମୁଁ ସେଥିଲାଗି ବାଟ ଖୋଜିବାକୁ ଆରମ୍ଭ କଲି । ଆଉ ଅନ୍ୟ ଲୋକମାନେ ମୋତେ ଯେପରି ଆଦୌ ଗାଳି ଦେଇ ପାରିବେ ନାହିଁ, ସେଥିଲାଗି ଅନ୍ୟ ଏକ ବାଟ ଖୋଜିବାକୁ ମୁଁ ଚେଷ୍ଟା କଲି । କାରଣ ମୋତେ ସାହାଯ୍ୟ କରିବା ଲାଗି ମୁଁ ଜଣେ କାହାକୁ ହେଲେ ଜାଣି ନଥିଲି; ତୁମମାନଙ୍କର ଏଠାରେ ଯେପରି ସୁଯୋଗ ରହିଛି, "ତୁମକୁ ଏହି କଥାଟିକୁ କରିବାକୁ ହେବ" ବୋଲି କହିବାକୁ ଯେପରି ଜଣେ ଅଛି, ମୋର ସେଭଳି କୌଣସି ସୁଯୋଗ ନଥିଲା । ସେପରି କହିବା ଲାଗି ମୋ ପାଖରେ କେହି ନଥିଲେ । ତେଣୁ ସମ୍ପୂର୍ଣ୍ଣ ନିଜ ଉପରେ ନିର୍ଭର କରିହିଁ ମୁଁ ତାହାର ସନ୍ଧାନ କରିଥିଲି । ଏବଂ ମୋ ବାଟଟି ମୋତେ ମିଳିଯାଇ ଥିଲା । ପାଞ୍ଚବର୍ଷ ବୟସରେ ମୁଁ ତାହା ଆରମ୍ଭ କରିଥିଲି । ଆଉ ତୁମେମାନେ,—ତୁମମାନଙ୍କ ତ କୋଉକାଳେ ଯାଇ ପାଞ୍ଚବର୍ଷ ହୋଇଥିଲା···!

ବୁଝି ପାରିଲ ?

## ୮ ଜୁଲାଇ, ୧୯୫୩

"ମନ ହେଉଛି କର୍ମର ଏକ ସାଧନ, ରୂପାୟନର ସାଧନ, ମାତ୍ର ଜ୍ଞାନର ସାଧନ ନୁହେଁ; ଆମର ମନ ପ୍ରତ୍ୟେକ ମୁହୂର୍ତ୍ତରେହିଁ ରୂପମାନ ଗଢ଼ିଦେବାରେ ଲାଗିଛି, ଭାବନାଗୁଡ଼ିକୁ ଆମେ ଗୋଟିଏ ଗୋଟିଏ ରୂପାୟନ ବୋଲି କହିପାରିବା; ସେଗୁଡ଼ିକର ଏକ ବ୍ୟକ୍ତିଗତ ଜୀବନ ରହିଛି; ସେହି ଭାବନାଟିକୁ ଯିଏ ଭାବୁଛି, ତାହାଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଭାବରେ ସେମାନଙ୍କର ଏହି ଜୀବନ ରହିଛି : ଭାବନାଗୁଡ଼ିକୁ ତାହାର ଲାଗି ଏହି ଜଗତକୁ ପଠାଇ ଦିଆଯାଇଛି, ଏହି ଜଗତରେ ସେମାନେ ଆପଣା ଅସ୍ତିତ୍ୱର ଉଦ୍ଦେଶ୍ୟଟିକୁ ପରିପୂର୍ଣ୍ଣ କରିବା ଲାଗି ବିଚରଣ କରିବାରେ ଲାଗିଛନ୍ତି । ତୁମେ ଯେତେବେଳେ କାହାରି କଥା ଭାବୁଛ, ସେତେବେଳେ ତୁମର ଭାବନାଟି ଗୋଟିଏ ମୂର୍ତ୍ତି ଗ୍ରହଣ କରୁଛି ଏବଂ ତାହାକୁ ଖୋଜି ପାଇବା ଲାଗି ବାହାରି ଚାଲିଯାଉଛି; ଏବଂ ଯଦି ତୁମର ଭାବନାଟି ତାହାର ପଶ୍ଚାତରେ ରହିଥିବା କୌଣସି

'oaob.nitrkl.ac.in' images reprocessed

ଇଚ୍ଛା ସହିତ ଗଅଁଠା ହୋଇ ରହିଛି, ତେବେ ତୁମ ଭିତରୁ ବାହାରକୁ ଯାଇଥିବା ଭାବନା-ରୂପଟି ଆପଣାକୁ ଚରିତାର୍ଥ କରିବା ଲାଗି ଏକ ଚେଷ୍ଟା ମଧ୍ୟ କରୁଛି ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୯ ମେ)

ଭାବନା ପରି ଆମର ପ୍ରାର୍ଥନା ଓ ଅଭୀପ୍‌ସାଗୁଡ଼ିକ କ'ଣ ଏକ ରୂପ ଗ୍ରହଣ କରିଥାନ୍ତି ?

ହଁ, ଅନେକ ସମୟରେ ସେଗୁଡ଼ିକ ସେଇ ବ୍ୟକ୍ତିଟିର ରୂପଟିକୁ ମଧ୍ୟ ଗ୍ରହଣ କରିଥାନ୍ତି, ଯାହାର କି ସେହି ଅଭୀପ୍‌ସାଟି ରହିଛି ବା ଯିଏ ସେହି ପ୍ରାର୍ଥନାଟିକୁ କରୁଛି । —ଅନେକ ସମୟରେ ଠିକ୍ ସେହିପରି ହୋଇଥାଏ । ଅବଶ୍ୟ ତାହା ଆହୁରି କେତେକ କଥା ଉପରେ ସର୍ବଦା ନିର୍ଭର କରୁଥାଏ । ଅଭୀପ୍‌ସାଗୁଡ଼ିକ ବେଳେବେଳେ ଯାହା ଲାଗି ଅଭୀପ୍‌ସା କରାଯାଉଥାଏ, ତାହାର ରୂପ ଗ୍ରହଣ କରନ୍ତି; ମାତ୍ର ଅଧିକାଂଶ ସମୟରେ, ବିଶେଷ କରି ପ୍ରାର୍ଥନାଗୁଡ଼ିକ, ଯିଏ ପ୍ରାର୍ଥନା କରୁଛି, ଅତ୍ୟନ୍ତ ସ୍ପଷ୍ଟ ଭାବରେ ତାହାର ଆକାର ଧାରଣ କରିଥାନ୍ତି ।

ପ୍ରାର୍ଥନା ଏବଂ ଅଭୀପ୍‌ସା ମଧ୍ୟରେ ପ୍ରଭେଦ କ'ଣ ?

ଏହି କଥାଟିକୁ ମୁଁ ଆଉ କୋଉଠି ଲେଖିଛି । ପ୍ରାର୍ଥନା ଅନେକ ପ୍ରକାରର ରହିଛି ।

ଏପରି ପ୍ରାର୍ଥନାମାନ ରହିଛି, ଯେଉଁଗୁଡ଼ିକ କି ସମ୍ପୂର୍ଣ୍ଣ ଯନ୍ତ୍ରବତ୍, ସମ୍ପୂର୍ଣ୍ଣ ଭୌତିକ ସ୍ତରର; ସେଥିରେ କେତୋଟି ଶବ୍ଦକୁ ପଇଠାଇ ରଖା ଯାଇଥାଏ ଏବଂ ଯନ୍ତ୍ରବତ୍ ସେହି ଶବ୍ଦଗୁଡ଼ିକର ପୁନରାବୃତ୍ତି କରିବାକୁ ହୁଏ । ଏପରି ପ୍ରାର୍ଥନାର ଖୁବ୍ ବେଶୀ କିଛି ତାତ୍ପର୍ଯ୍ୟ ନଥାଏ । ଏବଂ ସେଥିରୁ ସାଧାରଣତଃ କେବଳ ଗୋଟିଏ ଫଳହିଁ ପ୍ରାପ୍ତ ହୋଇଥାଏ,—ସେହି ପ୍ରାର୍ଥନା ପ୍ରାର୍ଥନା କରୁଥିବା ବ୍ୟକ୍ତିକୁ ସ୍ଥିର ଓ ଶାନ୍ତ କରିଆଣେ, କାରଣ ଯଦି ବେଶ୍ କେତେକବାର ସକାଶେ ଏକ ପ୍ରାର୍ଥନାର ପୁନରାବୃତ୍ତି କରାଯାଏ, ତେବେ ଶବ୍ଦଗୁଡ଼ିକ ଶେଷରେ ତୁମକୁ ବେଶ୍ ଶାନ୍ତ କରି ଆଣିଥାନ୍ତି ।

ଆଉ ଗୋଟିଏ ପ୍ରାର୍ଥନା ରହିଛି, ଯାହାକି ଏକ ସ୍ୱତଃସ୍ଫୂର୍ତ୍ତି ସୂତ୍ରରୂପେ ପ୍ରାର୍ଥନାକାରୀ ମାଗୁଥିବା ପଦାର୍ଥଟିକୁ ନିଖୁଣ ଭାବରେ ଅଭିବ୍ୟକ୍ତ କରି ଦେଇଥାଏ ।

'oaob.nitrkl.ac.in' images reprocessed

ଜଣେ ଏଇଟା ସକାଶେ କିଂବା ସେଇଟା ସକାଶେ ପ୍ରାର୍ଥନା କରୁଥାଏ, ଏ ଜିନଷଟିକୁ ମାଗୁଥାଏ ଅଥବା ସେ ଜିନଷଟିକୁ ମାଗୁଥାଏ; ହୁଏତ ଆଉ କାହା ଲାଗି ପ୍ରାର୍ଥନା କରୁଥାଏ, ଏକ ନର୍ଦ୍ଦିଷ୍ଟ ଅବସ୍ଥା ଆସୁ ବୋଲି ପ୍ରାର୍ଥନା କରେ, ନଜ ପାଇଁ ବି ପ୍ରାର୍ଥନା କରେ ।

ଏପରି ଗୋଟିଏ ବନ୍ଦୁ ରହିଛୁ, ଯେଉଁଠାରେ କି ଅଭୀପ୍ସା ଏବଂ ପ୍ରାର୍ଥନାର ଏକାନ୍ତ ଭେଟ ହୋଇଯାଏ; କାରଣ ଏପରି ପ୍ରାର୍ଥନାମାନ ରହିଛୁ, ଯାହାକି ପ୍ରକୃତରେ ଅନୁଭୂତ ଏକ ଅନୁଭୂତକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରକାଶ କରିବାର ଚେଷ୍ଟା କରିଥାଏ । ଏହି ପ୍ରାର୍ଥନା ସତ୍ତ୍ୱାର ଅନ୍ତସ୍ଥଳରୁହିଁ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ହୋଇ ବାହାରି ଆସେ, ସତେଅବା ଏକ ଗଭୀର ଅନୁଭୂତର ଅଭିବ୍ୟକ୍ତିରୂପେ ବାହାରି ଆସୁଥାଏ, ଯାହା ସେହି ଅନୁଭୂତଟି ଲାଗି କୃତଜ୍ଞତା ବ୍ୟକ୍ତ କରିବାକୁ ଇଚ୍ଛା କରୁଥାଏ, ସେଇଟି ଅବଚ୍ଛିନ୍ନ ହୋଇ ରହୁ ବୋଲି ଅନୁରୋଧ କରୁଥାଏ ଅଥବା ସେଇଟିର ବ୍ୟାଖ୍ୟା ବି କାମନା କରୁଥାଏ । ଏବଂ ଏଇଟିକୁ ଆମେ ଅଭୀପ୍ସାର ଅତ୍ୟନ୍ତ ନକଟବର୍ତ୍ତୀ ବୋଲି ଜାଣି ରଖିବା । ମାତ୍ର ଅଭୀପ୍ସାକୁ ଯେ ସର୍ବଦା ଶବ୍ଦ ଦ୍ୱାରାହିଁ ସୂତ୍ରବଦ୍ଧ ହୋଇ ରହିବାକୁ ପଡ଼ିବ, ତାହାର ଆଦୌ କୌଣସି କାରଣ ନାହିଁ । କାରଣ, ଯଦି ତାହା ଶବ୍ଦରେହିଁ ସୂତ୍ରବଦ୍ଧ ହୋଇ ରହେ, ତେବେ ତାହା ପ୍ରାୟ ଏକ ଆବାହନର କାର୍ଯ୍ୟରେହିଁ ପରିଣତ ହୋଇଯାଏ । ତୁମେ କୌଣସି ଏକ ଅବସ୍ଥା ଲାଗି ଅଭୀପ୍ସା ରଖ; ଉଦାହରଣସ୍ୱରୂପ, ତୁମେ ଆପଣା ଭିତରେ ଏପରି ଏକ ବସ୍ତୁ ରହିଛୁ ବୋଲି ଜାଣିବାକୁ ପାଅ, ଯାହାର କି ତୁମ ଆଦର୍ଶ ସହିତ କୌଣସି ସଙ୍ଗତି ନଥାଏ, ଅନ୍ଧକାର ତଥା ଅଜ୍ଞାନର କୌଣସି ଏକ ଗତିସ୍ପନ୍ଦନର ସନ୍ଧାନ ପାଇଥାଅ, ସମ୍ଭବତଃ ଏପରିକି ଏକ ଦ୍ୱେଷ-ଇଚ୍ଛାର ସନ୍ଧାନ ପାଇଥାଅ; ତୁମେ ଯାହା ଉପଲବ୍ଧି କରିବାକୁ ଚାହୁଁଛ, ତାହା ସହିତ ସୁଷମ ହୋଇ ରହି ନଥିବା କୌଣସି ଏକ ଉପାଦାନର ଆଭାସ ପାଇଥାଅ । ତେବେ ସେଇଟିକୁ ଆଉ ଶବ୍ଦ ଦେଇ ସୂତ୍ରବଦ୍ଧ କରିବାକୁ ପଡ଼େ ନାହିଁ; ତାହା ସତେଅବା ତେଜିଁ ପଡୁଥିବା ଏକ ଅଗ୍ନିପରି ଅଥବା ଏକ ପ୍ରକୃତ ଅନୁଭୂତର ନୈବେଦ୍ୟ ପରି ତୁମ ଭିତରୁ ନର୍ଗତ ହୋଇଆସେ; ସେଇଟି ବୃହତ୍ତର ହେବାକୁ ଇଚ୍ଛା କରୁଥାଏ, ବୃଦ୍ଧିପ୍ରାପ୍ତ ହେବାକୁ ଚାହୁଁଥାଏ, ଅଧିକରୁ ଅଧିକ ପରିମାଣରେ ସ୍ପଷ୍ଟ ଏବଂ ନର୍ଭୁଲ ହେବାକୁ ଚେଷ୍ଟା କରୁଥାଏ । ପରେ ସେସବୁକୁ ହୁଏତ ଶବ୍ଦ ଦେଇ ବ୍ୟକ୍ତ କରାଯାଇପାରେ; ଯଦି କେହି ନଜର ଅନୁଭୂତଟିକୁ ସ୍ମରଣ କରିବାକୁ ଚାହେଁ ବା ଉଲ୍ଲେଖ କରି ରଖିବାକୁ ଚାହୁଁଥାଏ, ତେବେ ପରେ ତାହାକୁ ଶବ୍ଦ ଦେଇ ବ୍ୟକ୍ତ କରିପାରେ । ମାତ୍ର ଅଭୀପ୍ସା ସବୁବେଳେ ସତେଅବା ଏକ ଅଗ୍ନିଶିଖା ପରି ବାହାରକୁ ତେଜିଁ ପଡୁଥାଏ, ଊର୍ଦ୍ଧ୍ୱକୁ ଉଠିବାରେ ଲାଗିଥାଏ ଏବଂ, ଜଣେ ଯାହା ହେବାକୁ ଇଚ୍ଛା କରୁଛି, ଯାହା କରିବାକୁ

'oaob.nitrkl.ac.in' images reprocessed

ଇଚ୍ଛା କରୁଛ ଅଥବା ଯାହା ଲାଭ କରିବାକୁ ଇଚ୍ଛା କରୁଛ, ସେ ସେହି ବସ୍ତୁଟିକୁହିଁ ଆପଣା ଭିତରେ ବହନ କରୁଥାଏ । ମୁଁ ଏଠାରେ "ଇଚ୍ଛା କରିବା" ବୋଲି କହିଲି, ମାତ୍ର ଏଠାରେ ବସ୍ତୁତଃ "ଅଭୀପ୍ସା କରିବା" ଶବ୍ଦଟିରହିଁ ବ୍ୟବହାର ହେବା ଉଚିତ, କାରଣ ଏହି କ୍ଷେତ୍ରରେ ତାହା ଭିତରେ ଏକ ବାସନାର କୌଣସି ଗୁଣ ନଥାଏ, କୌଣସି ମୂର୍ତ୍ତି ସାଦୃଶ୍ୟ ମଧ୍ୟ ନଥାଏ ।

ଆମେ ଅଭୀପ୍ସାକୁ ଯଥାର୍ଥରେ ଇଚ୍ଛାଶକ୍ତିରହିଁ ଏକ ବିଶୋଧନକାରୀ ଶିଖା ବୋଲି କହିବା ଏବଂ ତାହା ଆପଣାର ହୃଦୟସ୍ଥଳରେ ସିଏ ଚରିତାର୍ଥ କରିବା ଲାଗି ପ୍ରାର୍ଥନା କରୁଥିବା ବସ୍ତୁଟିକୁହିଁ ବହନ କରି ରହିଥାଏ ।

ଉଦାହରଣସ୍ୱରୂପ, ଯଦି ତୁମେ ଏପରି କଥାଟିଏ କରି ପକାଇଛ, ଯାହା କଲି ବୋଲି ତୁମେ ଦୁଃଖ ପ୍ରକାଶ କରୁଛ, ଯଦି ସେହି କାର୍ଯ୍ୟଟିର ଏପରି ନାନା ଅପ୍ରୀତିକର ପରିଣାମମାନ ରହିଛି, ଯାହାକି ସବୁକିଛିକୁ ଅସ୍ତବ୍ୟସ୍ତ କରି ପକାଇବ ଓ ଯେଉଁଥିରେ କି ଅନେକ ଲୋକ ଜଡ଼ିତ ହୋଇ ପଡ଼ିବେ, ଅନ୍ୟମାନେ ସେଥିପ୍ରତି କିଭଳି ପ୍ରତିକ୍ରିୟା ଦେଖାଇବେ, ତୁମେ ସେକଥା ଜାଣି ନଥିଲେ ମଧ୍ୟ ତୁମେ ନିଜେ ଇଚ୍ଛା ପ୍ରକାଶ କରୁଛ ଯେ ଯାହା ଘଟିଯାଇଛି, ତାହା କେବଳ ଯଥାସମ୍ଭବ ସର୍ବୋତ୍ତମ ଆଡ଼କୁହିଁ ଗତି କରୁ, ଏବଂ, ଯଦି ସେହି କ୍ଷେତ୍ରରେ ଏକ ଭୁଲ୍ ରହିଯାଇଛି, ତେବେ ସେଇଟିକୁ ସମସ୍ତେ ବୁଝନ୍ତୁ, ଏବଂ ଭୁଲ୍‌ଟି ଯାହା ହୋଇଥାଉ ପଛକେ, ତାହା ତୁମ ଲାଗି ଅଧିକ ଅଗ୍ରଗତି ପାଇଁ ଏକ ଅବସର ଆଣି ଯୋଗାଇ ଦେଇଯାଉ, ତୁମକୁ ବୃହତ୍ତର ଶୃଙ୍ଖଳା ଲାଗି ବାଟ କଢ଼ାଇନେଉ, ଭଗବାନଙ୍କ ଆଡ଼କୁ ଏକ ନୂତନ ଆରୋହଣ ସମ୍ଭବ କରାଉ ଏବଂ ଏପରି ଏକ ଭବିଷ୍ୟ ଲାଗି ଦ୍ୱାର ଉନ୍ମୋଚିତ କରି ଦେଇଯାଉ, ଯାହାକି ଅଧିକ ସ୍ପଷ୍ଟ ଏବଂ ଅଧିକ ପ୍ରଗାଢ଼ ହେଉ ବୋଲି ତୁମେ ଇଚ୍ଛା କରୁଛ । ତେଣୁ ଏହି ସବୁଯାକ ଏକ ଶକ୍ତିରୂପରେ ଏହିଠାରେ (ହୃଦୟ ଆଡ଼କୁ ଦେଖାଇ) ଆସି ଜମା ହୁଏ, ତା'ପରେ ତାହା ଉପରକୁ ଉଠିବାକୁ ଆରମ୍ଭ କରେ ଏବଂ ଆରୋହଣର ଏକ ବୃହତ୍ ଅଭିଯାନରେ ଉଦ୍ବେଳିତ ହୋଇଯାଏ । ଏବଂ ଅନେକ ସମୟରେ ଏହି କ୍ଷେତ୍ରରେ କୌଣସି ସୂତ୍ରବଦ୍ଧତାର ଗ୍ରନ୍ଥି ସୁଦ୍ଧା ନଥାଏ, ଶବ୍ଦର ଆବଶ୍ୟକତା ନଥାଏ, କୌଣସି ଅଭିବ୍ୟକ୍ତ ରୂପ ନଥାଏ; ମାତ୍ର ଏକ ଲମ୍ୱମାନ ବହ୍ନି ପରି ତାହା ଉଦ୍ବେଳିତ ହୋଇ ଆସୁଥାଏ ।

ବସ୍ତୁତଃ ତାହାହିଁ ଯଥାର୍ଥ ଅଭୀପ୍ସା । ଯେଉଁ ଅବସ୍ଥାଟିରେ ରହି ତୁମେ ଅବିରାମ ଭାବରେ ଅଗ୍ରସର ହେବାକୁ ଇଚ୍ଛା କରୁଛ ଏବଂ ଦିବ୍ୟ ପରମ-ଇଚ୍ଛା ଆମଠାରୁ ଯାହା ଅପେକ୍ଷା କରୁଛି, ଯେଉଁ ଅବସ୍ଥାରେ ତୁମେ ତାହାର ପ୍ରତି ଅଧିକ ଅନୁଗତ ଏବଂ ତାହାର ସହିତ ଅଧିକ ସୌଷମ୍ୟଯୁକ୍ତ ହୋଇ ରହି ପାରୁଛ, ଯଦି

'oaob.nitrkl.ac.in' images reprocessed

ତୁମେ ସେହି ଅବସ୍ଥାଟିରେହିଁ ଅବସ୍ଥାନ କରିପାର, ତେବେ ସେହି ଅଭୀପ୍ସା ତୁମ ଜୀବନରେ ଦିନକୁ ହୁଏତ ଶହେଥର କି ହଜାରଥର ଘଟିପାରିବ ।

ପ୍ରାର୍ଥନା ହେଉଛି ଅପେକ୍ଷାକୃତ ଅଧିକ ପରିମାଣରେ ଏକ ବାହ୍ୟ ବସ୍ତୁ; ସାଧାରଣତଃ କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟରେହିଁ ଆମେ ପ୍ରାର୍ଥନା କରିଥାଉ ଏବଂ ତାହା ସର୍ବଦାହିଁ ଏକ ସୂତ୍ର ଦ୍ୱାରା ଆପଣାକୁ ବ୍ୟକ୍ତ କରୁଥାଏ; କାରଣ ସେହି ସୂତ୍ରଟିହିଁ ପ୍ରାର୍ଥନାଟିକୁ ଗଠନ କରିଥାଏ, ଜଣେ ମନୁଷ୍ୟର ହୁଏତ ପ୍ରଥମେ ଏକ ଅଭୀପ୍ସା ହେବ ଏବଂ ସିଏ ତାହାକୁ ତା'ପରେ ଏକ ପ୍ରାର୍ଥନା ଆକାରରେ ଶବ୍ଦ ଦ୍ୱାରା ବ୍ୟକ୍ତ କରିଦେଇ ପାରିବ, ମାତ୍ର, ଯେକୌଣସି ଦୃଷ୍ଟିରୁ ବିଚାର କରି ଦେଖିଲେ ମଧ୍ୟ, ପ୍ରାର୍ଥନା ଯେତିକି ଦୂର ଯାଇପାରେ, ଅଭୀପ୍ସା ତା'ଠାରୁ ଆହୁରି ଅନେକ ଦୂର ଗତି କରିଥାଏ । ଅଭୀପ୍ସାରେ ଅଧିକ ନିରହଙ୍କାରତା ରହିଥାଏ, ଅଭୀପ୍ସାରେ ଆପଣାକୁ ଅଧିକ ପରିମାଣରେ ଭୁଲି ହୋଇଯାଏ; ଜଣେ ଯାହା ହେବାକୁ ବା ଯାହା କରିବାକୁ ଇଚ୍ଛା କରୁଥାଏ, କେବଳ ସେଇଥିରେହିଁ ବାସ କରୁଥାଏ; ପରମ ଦିବ୍ୟସତ୍ୟଟି ଲାଗି ସେ ଯାହାକିଛି କରିବ ବୋଲି ଇଚ୍ଛା କରୁଥାଏ, କେବଳ ସେଇଟିକୁହିଁ ନିଃଶେଷ କରି ନିବେଦନ କରି ଦେଉଥାଏ । କିଛି ମାଗିବାର ଅଭିପ୍ରାୟ ରଖି ତୁମେ ପ୍ରାର୍ଥନା କରିପାର; ଭଗବାନ ତୁମକୁ ଯାହା ଦେଲେ, ସେଥିଲାଗି କୃତଜ୍ଞତା ଜ୍ଞାପନ କରି ବି ତୁମେ ପ୍ରାର୍ଥନା କରିପାର; ଏବଂ ଏହି ଦ୍ୱିତୀୟ କିସମର ପ୍ରାର୍ଥନାକୁ ଆମେ ଅଧିକ ମହାନ ବୋଲି କହିବା । ଏହାକୁ ଆମେ ହୁଏତ କୃତଜ୍ଞତା ଜ୍ଞାପନରହିଁ ଏକ କାର୍ଯ୍ୟ ବୋଲି କହିପାରିବା । ଭଗବାନ ତୁମ ପ୍ରତି ଯେଉଁ ସଦାଶୟତା ଦେଖାଇଲେ, ତୁମେ ତାଙ୍କ ଦୟାର ସେହି ଦିଗଟି ପ୍ରତି କୃତଜ୍ଞ ହୋଇ ପ୍ରାର୍ଥନା କରିପାର; ସିଏ ତୁମ ଲାଗି ଯାହା କଲେ, ତୁମେ ତାଙ୍କର ମଧ୍ୟରେ ଯାହା ସନ୍ଦର୍ଶନ କଲ ଏବଂ ତାଙ୍କ ପାଖରେ ତୁମେ ଯେଉଁ ପ୍ରଶସ୍ତିଟିକୁ ନିବେଦନ କରିବାକୁ ଇଚ୍ଛା କରୁଛ, ତାହାରି ଲାଗି ତୁମେ ଭଗବାନଙ୍କୁ ପ୍ରାର୍ଥନା କରିପାର । ଏହି ସବୁକିଛି ପ୍ରାର୍ଥନା ରୂପରେ ଆପଣାକୁ ଅବଶ୍ୟ ଅଭିବ୍ୟକ୍ତ କରିପାରେ । ଏଗୁଡ଼ିକୁ ଆମେ ପ୍ରକୃତରେ ସର୍ବୋଚ୍ଚ ପ୍ରାର୍ଥନା ବୋଲି କହିପାରିବା, କାରଣ ଏହି ପ୍ରାର୍ଥନାରେ ପ୍ରାର୍ଥନାକାରୀ କେବଳ ନିଜକୁ ନେଇ ଆଦୌ ବ୍ୟସ୍ତ ହୋଇ ରହି ନାହିଁ, ଏହାକୁ ଏକ ଅହଂପ୍ରେରିତ ପ୍ରାର୍ଥନା ବୋଲି ଆଦୌ କୁହାଯାଇ ପାରିବ ନାହିଁ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଆମେ ଏକ ଅଭୀପ୍ସା ଅବଶ୍ୟ ପୋଷଣ କରି ପାରିବା, ମାତ୍ର ଚୈତ୍ୟ ସତ୍ତା ହେଉଛି ସକଳ ଅଭୀପ୍ସାର ଅସଲ କେନ୍ଦ୍ର । ଆମେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପ୍ରାର୍ଥନା ମଧ୍ୟ କରି ପାରିବା, ଏବଂ, ଜଣେ ଯେଉଁ କ୍ଷେତ୍ର ବା ଯେଉଁ ସୋପାନରେ ରହି

'oaob.nitrkl.ac.in' images reprocessed

ପ୍ରାର୍ଥନା କରୁଥିବ, ତାହାର ପ୍ରାର୍ଥନା ସବୁବେଳେ ସେହି କ୍ଷେତ୍ର ଅଥବା ସେହି ସୋପାନର ହୋଇ ଅବଶ୍ୟ ରହିବ । ଆମେ ଇଚ୍ଛା କଲେ ସମ୍ପୂର୍ଣ୍ଣ ଭୌତିକ ବା ଜଡ଼ସ୍ତରରେ ରହି ପ୍ରାର୍ଥନା କରିପାରିବା, ପ୍ରାଣ ବା ମନର ସ୍ତରରୁ ମଧ୍ୟ ପ୍ରାର୍ଥନା କରି ପାରିବା, ଚୈତ୍ୟ ତଥା ଆଧ୍ୟାତ୍ମିକ ପ୍ରାର୍ଥନା କରିପାରିବା; ଏବଂ ପ୍ରତ୍ୟେକର ସର୍ବଦା ଏକ ସ୍ୱତନ୍ତ୍ର ଧର୍ମ ଅବଶ୍ୟ ରହିଛି । ପ୍ରତ୍ୟେକର ସ୍ୱତନ୍ତ୍ର ମୂଲ୍ୟ ଅବଶ୍ୟ ରହିଛି ।

ଆଉ ଗୋଟିଏ ପ୍ରକାରର ପ୍ରାର୍ଥନା ରହିଛି ଯାହାକୁ କି ଏକାଧାରରେ ସ୍ୱତଃସ୍ଫୂର୍ତ୍ତ ବୋଲି ବୁଝାଯାଇ ପାରିବ, ଏବଂ ନିଃସ୍ୱାର୍ଥପର ବୋଲି ବି ବୁଝାଯାଇ ପାରିବ; ଏହି ପ୍ରାର୍ଥନା ସଚେତଥିବା ଏକ ମହାନ୍ ଆହ୍ୱାନରୂପେ ଆସେ; କୌଣସି ବ୍ୟକ୍ତି ନିଜ ଲାଗି ଏହି ପ୍ରାର୍ଥନାଟି କରେ ନାହିଁ, ମାତ୍ର ତାହା ସଚେତଥିବା ଭଗବାନଙ୍କ ସହିତ ଏକ ମଧ୍ୟସ୍ଥ ବା ମଧ୍ୟବର୍ତ୍ତୀ ସେତୁ ପରି କାର୍ଯ୍ୟ କରୁଥାଏ । ଏହି ପ୍ରାର୍ଥନାର ଅତୁଳ ଶକ୍ତି ରହିଛି । ମୋ ପାଖରେ ଏପରି ଅଗଣିତ ନାନା ବସ୍ତୁର ଦୃଷ୍ଟାନ୍ତ ରହିଛି, ଯେଉଁଗୁଡ଼ିକ କି ଏହିଭଳି ପ୍ରାର୍ଥନା ଦ୍ୱାରା ପ୍ରାପ୍ତ ତତ୍‌କ୍ଷଣାତ୍ ଉପଲବ୍ଧ ହୋଇପାରିଛି । ଏହି ପ୍ରାର୍ଥନାଟିକୁ କରିପାରିବା ଲାଗି ଅଚଳ ବିଶ୍ୱାସ ରହିଥିବା ଦରକାର, ଅଦମ୍ୟ ଉତ୍ସାହ ରହିଥିବା ଦରକାର, ଅବିଚଳ ନିଷ୍ଠା ଏବଂ ହୃଦୟରେ ଏକ ଅତୀବ ସରଳତା ମଧ୍ୟ ରହିଥିବା ଦରକାର । ଏହା ଏପରି ଏକ ସରଳତା ହୋଇ ରହିଥିବ, ଯାହାକି କୌଣସି ବସ୍ତୁର ହିସାବ କରୁ ନଥିବ, ନାହିଁ କୌଣସି ଯୋଜନା କରୁ ନଥିବ, କୌଣସି ବିଷୟରେ ମୂଲାମୂଲି କରିବାକୁ ଯାଉ ନଥିବ, ପ୍ରତିବଦଳରେ କିଛି ପାଇବ ବୋଲି କଦାପି କିଛି ହେଲେ ଦେବାକୁ ଭାବୁ ନଥିବ । କାରଣ, ଅଧିକାଂଶ ମଣିଷହିଁ ଏ ହାତରେ କିଛି ଦେଉଥିବା ବେଳେ ତେଣେ ତା ବଦଳରେ କିଛି ପାଇବେ ବୋଲି ସେ ହାତଟିକୁ ପତାଇ ରଖିଥାନ୍ତି । ଅଧିକାଂଶ ପ୍ରାର୍ଥନା ଏହି ପ୍ରକାରର ହୋଇ ରହିଥାନ୍ତି । ମାତ୍ର ମୁଁ ଯେଉଁ ପ୍ରକାରଟିକୁ ଏଠାରେ ବର୍ଣ୍ଣନା କରି କହିଲି, ସେହି ଅନ୍ୟ ପ୍ରକାରର ପ୍ରାର୍ଥନା ମଧ୍ୟ ଅନେକ ରହିଛି, କୃତଜ୍ଞତାଜ୍ଞାପନର ସେହିପରି ଅନେକ ପ୍ରାର୍ଥନା ରହିଛି, ତାହାକୁ ଆମେ ଗୋଟାଏ ପ୍ରକାରର ସ୍ତବଗାନ ବୋଲିହିଁ କହି ପାରିବା; ଏବଂ ଏହି ପ୍ରାର୍ଥନାଗୁଡ଼ିକୁ ଆମେ ଅତ୍ୟନ୍ତ ଉପାଦେୟ ବୋଲି ଜାଣିବା ।

ବାସ୍ ଏତିକି । ମୁଁ ସବୁ କଥାକୁ ସ୍ପଷ୍ଟ ଭାବରେ ବୁଝାଇ କହିପାରିଲି କି ନାହିଁ କେଜାଣି ? ମାତ୍ର ଏହି ବିଷୟରେ ମୁଁ ଏତିକିହିଁ କହିଥାନ୍ତି ।

ଏହି ବିଷୟରେ ଆହୁରି ଅଧିକ ସ୍ପଷ୍ଟ ହେବାକୁ ଯାଇ ଆମେ ହୁଏତ କହି ପାରିବା ଯେ ପ୍ରାର୍ଥନା ସର୍ବଦାହିଁ ଶବ୍ଦଗୁଡ଼ିକ ଦ୍ୱାରା ସୂତ୍ରବଦ୍ଧ ହୋଇ ରହିଥାଏ, ମାତ୍ର ଯେଉଁଭଳି ସୋପାନର ମନୋଭାବ ଦ୍ୱାରା ସେଗୁଡ଼ିକୁ ସୂତ୍ରବଦ୍ଧ କରା ଯାଇଥାଏ, ସେହି ଅନୁସାରେହିଁ ହୁଏତ ଶବ୍ଦଗୁଡ଼ିକର ନିଜସ୍ୱ ଅଲଗା ଅଲଗା ମୂଲ୍ୟ ରହିବ ।

'oaob.nitrkl.ac.in' images reprocessed

ପ୍ରାର୍ଥନା ହେଉଛି ଏକ ନିର୍ଦ୍ଦିଷ୍ଟ ସୂତ୍ରରେ ପକାହୋଇ ରଖାଯାଇଥିବା ଏକ ବସ୍ତୁ; ଏବଂ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ପ୍ରାର୍ଥନା କଲାବେଳେ ବି, ଜଣେ ତା'ର ଅଭୀପ୍ସାଟିକୁ ନିଶ୍ଚୟ ପ୍ରକଟ କରି ପାରିବ । ମାତ୍ର କାହା ଉଦ୍ଦେଶ୍ୟରେ ପ୍ରାର୍ଥନା ନକରି ଖାଲି ସେହିପରି ପ୍ରାର୍ଥନା କରିବା ପ୍ରକୃତରେ ଭାରି କଷ୍ଟକର । ଉଦାହରଣସ୍ୱରୂପ, ଯେଉଁମାନେ ଏହି ଜଗତ୍-ବ୍ରହ୍ମାଣ୍ଡର ଏପରି ଏକ କଳ୍ପନା କରିଥାନ୍ତି, ଯେଉଁଥିରୁ କି ସେମାନେ ଭଗବାନଙ୍କର ଯାବତୀୟ ସମ୍ଭାବନାକୁ ଅଳ୍ପବହୁତ ବହିଷ୍କୃତ କରି ରଖିଥାନ୍ତି (ଏହି କିସମର ପ୍ରକୃତରେ ବହୁ ଲୋକ ଅଛନ୍ତି; ଏହି ଭାବନାଟିହିଁ ସେମାନଙ୍କୁ ବଡ଼ ଅଡ଼ୁଆରେ ପକାଇ ଦେଇଥାଏ, —ଏହିପରି ଏକ ଭାବନା ଯେ ଏପରି ଜଣେ କର୍ତ୍ତା ଅଛି, ଯିଏ କି ସବୁ ଜାଣିଛି, ସବୁକିଛି କରିବାର ସାମର୍ଥ୍ୟ ରଖିଛି ଏବଂ ସେମାନଙ୍କଠାରୁ ଏପରି ଦୁର୍ଜେୟ ଭାବରେ ବୃହତ୍ତର ହୋଇ ରହିଛି ଯେ ଏହି କ୍ଷେତ୍ରରେ ଆଦୌ କୌଣସି କଳ୍ପନାହିଁ କରାଯାଇ ପାରିବ ନାହିଁ; ସେମାନଙ୍କର ମିଜାଜ୍‌ର ବୁଝିବା ଲାଗି ଏଇଟି ପ୍ରକୃତରେ ଟିକିଏ ଅସ୍ୱସ୍ତିକର ହୋଇ ରହିଥାଏ, ତେଣୁ ସେମାନେ ଏପରି ଏକ ସଂସାରର ବିରଚନା କରି ରଖିବାକୁ ଇଚ୍ଛା କରିଥାନ୍ତି, ଯେଉଁଥିରେ କି ଭଗବାନଙ୍କ ଲାଗି ଆଉ କୌଣସି ସ୍ଥାନ ନଥାଏ ।), ଏହିଭଳି ଲୋକମାନେ ପ୍ରକୃତରେ କୌଣସି ପ୍ରାର୍ଥନା କରି ପାରନ୍ତି ନାହିଁ, କାରଣ ସେମାନେ ପ୍ରାର୍ଥନା କରିବେ ତ କାହା ଲାଗି କରିବେ ? ହୁଏତ ସେମାନେ ନିଜ ଉଦ୍ଦେଶ୍ୟରେ ପ୍ରାର୍ଥନା କରିପାରନ୍ତେ, ମାତ୍ର ସେଇଟା ତ ଆଉ ପ୍ରାର୍ଥନାର ରୀତି ନୁହେଁ ! ମାତ୍ର ଭଗବାନଙ୍କଠାରେ କୌଣସି ବିଶ୍ୱାସ ନଥାଇ ମଧ୍ୟ ଜଣେ କୌଣସି ନା କୌଣସି ବସ୍ତୁ ଲାଗି ଅଭୀପ୍ସା ରଖିପାରିବ । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଭଗବାନ ରହିଛନ୍ତି ବୋଲି ବିଶ୍ୱାସ କରନ୍ତି ନାହିଁ, ମାତ୍ର ତଥାପି ଜୀବନର ଅଗ୍ରଗତି ଉପରେ ବିଶ୍ୱାସ ରଖିଥାନ୍ତି । ସେମାନେ ଭାବିଥାନ୍ତି ଯେ ପୃଥିବୀ ଅନୁକ୍ଷଣ ଆଗକୁ ଆଗକୁ ଯିବାରେ ଲାଗିଛି ଏବଂ ଏହି ଅଗ୍ରଗତି କେଉଁଠି ହେଲେ ଅଟକି ନଯାଇ ଅନିର୍ଦ୍ଦିଷ୍ଟ ଭାବରେ ନିଶ୍ଚୟ ଚାଲିବ ଏବଂ ପୃଥିବୀ କ୍ରମଶଃ ଅଧିକରୁ ଅଧିକ ଭଲ ହେବାରେ ଲାଗିଥିବ । ହଁ, ଏହି ଲୋକମାନଙ୍କର ପ୍ରଗତି ଲାଗି ଏକ ଅତ୍ୟନ୍ତ ବୃହତ୍ ଅଭୀପ୍ସା ଅବଶ୍ୟ ରହିପାରେ ଏବଂ ସେଥିଲାଗି ଏକ ଭଗବତ୍-ଅସ୍ତିତ୍ୱ ଉପରେ ବିଶ୍ୱାସ କରିବା ପାଇଁ ସେମାନଙ୍କର ଆଦୌ କୌଣସି ଆବଶ୍ୟକତା ନଥାଏ । ଅଭୀପ୍ସା ରହିଥିଲେ ଏକ ବିଶ୍ୱାସ ଅବଶ୍ୟ ରହିବ, ମାତ୍ର ସେହି ବିଶ୍ୱାସ ଯେ ଏକ ଭଗବଦ୍ ବିଶ୍ୱାସ ହେବ, ସେଥିରେ ଆଦୌ କୌଣସି କାରଣ ନାହିଁ । ମାତ୍ର, ଯଦି ଏକ ଭଗବତ୍‌ସତ୍ତା ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ହୋଇ ନରହେ, ତେବେ ପ୍ରାର୍ଥନାର ଆଦୌ କୌଣସି ଅସ୍ତିତ୍ୱ ସମ୍ଭବ ହେବ ନାହିଁ । ଏବଂ, ପ୍ରାର୍ଥନା କରିବା ତ ଆମେ କାହାକୁ ପ୍ରାର୍ଥନା କରିବା ? ଯାହାର କୌଣସି ବ୍ୟକ୍ତିକଳ୍ପନା କରାଯାଇ ପାରିବ

'oaob.nitrkl.ac.in' images reprocessed

ନାହିଁ, ତାକୁ କିଏ କପରି ପ୍ରାର୍ଥନା କରିବ ? ଆମେ ଏପରି ଜଣେ ବ୍ୟକ୍ତିଙ୍କୁ ପ୍ରାର୍ଥନା କରିବା, ଯିଏକି ଆମର ପ୍ରାର୍ଥନାକୁ ଶୁଣିବ । ଯଦି ଆମ ପ୍ରାର୍ଥନା ଶୁଣିବାକୁ କେହି ନଥିବେ, ତେବେ ଆମେ ଆଦୌ କୌଣସି ପ୍ରାର୍ଥନା କପରି କରିପାରିବା ? ତେଣୁ, ଯଦି ଜଣେ ପ୍ରାର୍ଥନା କରୁଛି, ତେବେ ତାହାକୁ ଏହିପରି ଅର୍ଥରେ ବୁଝିବାକୁ ହେବ ଯେ ସିଏ ନିଜେ ସେହି କଥାଟି ସ୍ୱୀକାର ନକରୁଥିଲେ ମଧ୍ୟ, ତା'ର ଏପରି ଜଣକ ଉପରେ ବିଶ୍ୱାସ ରହିଛି, ଯିଏ କି ଆମ ସାଧାରଣଙ୍କ ତୁଳନାରେ ଅନେକଗୁଣ ଅଧିକ ଶକ୍ତିଶାଳୀ, ଯିଏକି ଆମ ନିୟତିଟିକୁ ବଦଳାଇ ଦେଇ ପାରିବ, ଆମ ନିଜକୁ ମଧ୍ୟ ବଦଳାଇ ଦେଇ ପାରିବ; ଆମ ପ୍ରାର୍ଥନା ତା' କାନରେ ଯାଇ ବାଜିଲା ପରି ହୋଇ ପାରିଲେ ସିଏ ନିଶ୍ଚୟ ତାହା କରିପାରିବ । ପ୍ରାର୍ଥନା ଓ ଅଭୀପ୍ସା ମଧ୍ୟରେ ମୂଳତଃ ଏହି ପ୍ରଭେଦ ।

ତେଣୁ ଅଧିକତର ମାତ୍ରାରେ ବୁଦ୍ଧି ଦ୍ୱାରା ପରିଚାଳିତ ହେଉଥିବା ବ୍ୟକ୍ତିମାନେ ଅଭୀପ୍ସାକୁ ଅବଶ୍ୟ ସ୍ୱୀକାର କରନ୍ତି ଏବଂ ପ୍ରାର୍ଥନାକୁ ତା' ତୁଳନାରେ କିଞ୍ଚିତ୍ ନୀରସ ବୋଲି କହନ୍ତି । ଏବଂ ତତ୍ତ୍ୱଦ୍ରଷ୍ଟାମାନେ କହନ୍ତି ଯେ ଅଭୀପ୍ସା ନିଶ୍ଚୟ ସମ୍ପୂର୍ଣ୍ଣ ଭାବରେ ଏକ ଭଲ କଥା, ମାତ୍ର ତୁମର କଥା କେହି ଶୁଣୁ ବୋଲି ତୁମେ ଯଦି ପ୍ରକୃତରେ ଇଚ୍ଛା କରୁଥିବ, ଭଗବାନ ତୁମ କଥା ଶୁଣନ୍ତୁ ବୋଲି ତୁମେ ଯଦି ପ୍ରକୃତରେ ଚାହୁଁଥିବ, ତେବେ ତୁମକୁ ଅବଶ୍ୟ ପ୍ରାର୍ଥନା କରିବାକୁ ହେବ, ଏବଂ ଏକ ଶିଶୁର ସରଳତା ସହିତ ପ୍ରାର୍ଥନା କରିବାକୁ ହେବ, ସମ୍ପୂର୍ଣ୍ଣ ନିଷ୍କପଟ ହୋଇ ପ୍ରାର୍ଥନା କରିବାକୁ ହେବ ଅର୍ଥାତ୍ ପରିପୂର୍ଣ୍ଣ ବିଶ୍ୱାସ ସହିତ ପ୍ରାର୍ଥନା କରିବାକୁ ହେବ । ତୁମକୁ କହିବାକୁ ପଡ଼ିବ : "ମୋର ଏଇଟି ଦରକାର ବା ସେଇଟି ଦରକାର (ତାହା ଏକ ନୈତିକ ଆବଶ୍ୟକତା ହୋଇଥାଉ, ଏକ ଭୌତିକ ଅଥବା ଜଡ଼ସ୍ତରୀୟ ଆବଶ୍ୟକତା ହୋଇଥାଉ ପଛକେ), ମୁଁ ସେହି କଥାଟି ଆପଣଙ୍କୁ ମାଗୁଛି, ଆପଣ ମୋତେ ନିଶ୍ଚୟ ସେଇଟିକୁ ଦେବେ ।" କିଂବା, ତା' ନହେଲେ, "ମୁଁ ଯାହା ମାଗିଥିଲି, ଆପଣ ମୋତେ ତାହା ଆଣି ଦେଲେ; ଯେଉଁ ଅନୁଭବଗୁଡ଼ିକ ମୋ ଲାଗି ସମ୍ପୂର୍ଣ୍ଣ ଭାବରେ ଅଜ୍ଞାତ ହୋଇ ରହିଥିଲା, ଆପଣ ମୋତେ ସେଗୁଡ଼ିକୁ ମୂର୍ତ୍ତିରୂପେ ଉପଲବ୍ଧି କରିବାର ବାଟ ବତାଇଦେଲେ । ସେହି ଅନୁଭବମାନ ବର୍ତ୍ତମାନ ଗୋଟିଏ ଗୋଟିଏ ବସ୍ତୁ ହୋଇ ରହିଛି, ଯାହାକୁ କି ମୁଁ ମୋ ଇଚ୍ଛାନୁସାରେ ହାସଲ କରିପାରିବି; ହଁ, ମୁଁ ଆପଣଙ୍କ ପାଖରେ ଯେ କେଡ଼େ କୃତଜ୍ଞ, ସେକଥା କଦାପି ବର୍ଣ୍ଣନା କରି କହି ପାରିବି ନାହିଁ । ଆପଣଙ୍କର ପ୍ରଶଂସା ଗାନ କରିବା ଲାଗି ଏବଂ ଆପଣଙ୍କର ସହାୟତା ସକାଶେ ଆପଣଙ୍କୁ ଧନ୍ୟବାଦ ଦେବା ଲାଗି ଆପଣଙ୍କଠାରେ କୃତଜ୍ଞତା ଜଣାଇ ମୁଁ ଆପଣଙ୍କୁ ପ୍ରାର୍ଥନା କରୁଛି ।" ଏସବୁ ଠିକ୍ ଏହିପରି ହୁଏ । ଅଭୀପ୍ସା କରିବା ଲାଗି ଅଭୀପ୍ସାଟି ଯାହା ଲାଗି ଉଦ୍ଦିଷ୍ଟ ହୋଇ

'oaob.nitrkl.ac.in' images reprocessed

ରହିବ, ଯାହାଙ୍କ ଆଡ଼କୁ ଉଦ୍ଦିଷ୍ଟ ହୋଇ ରହିବ, ସେପରି ଜଣେ କେହି ଆମ ଆଗରେ ରହିଥିବା ଆଦୌ ଆବଶ୍ୟକ ହୁଏ ନାହିଁ । ଜଣେ ସତ୍ତାର ଏକ ନିର୍ଦ୍ଦିଷ୍ଟ ଅବସ୍ଥା ଲାଗି ଅଭୀପ୍ସା ରଖିପାରେ, ଜ୍ଞାନ ଲାଗି, କୌଣସି ଏକ ଉପଲବ୍ଧି ଲାଗି, ଚେତନାର ଏକ ନିର୍ଦ୍ଦିଷ୍ଟ ସ୍ଥିତି ଲାଗି ଅଭୀପ୍ସା ରଖିପାରେ; ଜଣେ କୌଣସି ଏକ ବସ୍ତୁ ଲାଗି ଅଭୀପ୍ସା ରଖିପାରେ; ମାତ୍ର ସେଥିଲାଗି ତାହାକୁ ଯେ ଏକ ପ୍ରାର୍ଥନାରେ ପରିଣତ ହେବାକୁ ପଡ଼ିବ, ତାହାର ଆଦୌ କୌଣସି କାରଣ ନାହିଁ । ପ୍ରାର୍ଥନା କହିଲେ ଆମେ ଆଉକିଛି ଅଧିକ ବୁଝିବା ।

ପ୍ରାର୍ଥନା ହେଉଛି ଏକ ବ୍ୟକ୍ତିଗତ ବିଷୟ; ଏକ ବ୍ୟକ୍ତିସତ୍ତା ଲାଗି ତାହା ଉଦ୍ଦିଷ୍ଟ ହୋଇ ରହିଥାଏ, ଅର୍ଥାତ୍ କୌଣସି ଏକ ନିର୍ଦ୍ଦିଷ୍ଟ ବସ୍ତୁ ଲାଗି ଉଦ୍ଦିଷ୍ଟ ହୋଇ ରହିଥାଏ । କୌଣସି ଏକ ଶକ୍ତି ଅଥବା କୌଣସି ଏକ ସତ୍ତା ଲାଗି ଉଦ୍ଦିଷ୍ଟ ହୋଇ ରହିଥାଏ, ଯିଏ କି ତୁମର ସେହି ପ୍ରାର୍ଥନାକୁ ଶୁଣିପାରିବ ଏବଂ ତାହାର ଉତ୍ତର ଦେଇପାରିବ । ତା' ନହେଲେ ତୁମେ ପ୍ରାର୍ଥନା କରିଆରେ କିଛି ମାଗି ପାରିବ ବା କିପରି ? ବୁଝିଲ ?

> ଯେତେବେଳେ ଜଣେ ଲୋକର ଆଉ ଜଣକ ପ୍ରତି କୌଣସି ଦ୍ୱେଷଭାବ ରହିଥାଏ, ତେବେ ତାହା ସେହି ଲୋକଟି ଉପରେ ଆପଣାକୁ କିପରି ଭାବରେ କାର୍ଯ୍ୟକାରୀ କରେ ?

ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା । ଏଇଟିକୁ ଏକ ରୂପାୟନ ବୋଲି କୁହାଗଲେ ମଧ୍ୟ ଏଇଟି ହେଉଛି ଏକ ମାନସ ରୂପାୟନ । ଯେତେବେଳେ କେହି ତୁମ ପ୍ରତି ତୀବ୍ର ଦ୍ୱେଷଭାବ ରଖିଛି ଓ ତୁମର ଅନିଷ୍ଟ ଘଟାଇବାକୁ ଇଚ୍ଛା କରୁଛି, ତେବେ ତା'ର ଇଚ୍ଛାଟି ତଦ୍ଦ୍ୱାରା ଅଳ୍ପବହୁତ ପରିମାଣରେ ବେଶ୍ ପ୍ରକଟ ହୋଇ ଯାଉଛି । ବେଳେ ବେଳେ ସିଏ ନିଜେ ଏଇଟିକୁ ଠିକ୍ ବୋଲି ସ୍ୱୀକାର କରିନେବାକୁ ସାହସ କରୁ ନାହିଁ, କାରଣ ତଦ୍ଦ୍ୱାରା ତାକୁ ଲାଜ ମାଡ଼ିବ ବୋଲି ଭାବୁଛି; ମାତ୍ର ସେଇଟି ହୁଏତ ସ୍ୱତଃସ୍ଫୂର୍ତ୍ତି ଭାବରେ ଆସିବ । ଅଥବା, ତା ନହେଲେ, ସାଧାରଣତଃ ଦ୍ୱେଷୀ ଲୋକମାନଙ୍କ କ୍ଷେତ୍ରରେ ଯାହା ହୋଇଥାଏ, ସେମାନଙ୍କ ଚେତନାର ଦୀର୍ଘ ଗଭୀର ଭିତରେ ଗୋଟାଏ କିଛି ସତେଅବା କଳା ହୋଇ ରହିଥିବ, ସର୍ବଦା ଠିକ୍ ସେହିଠାରେହିଁ ରହିଥିବ ଏବଂ ସେମାନଙ୍କର ଦ୍ୱେଷଭାବଟିକୁ ଉତ୍ତେଜିତ କରାଇ ଆଣିବାରେ ଲାଗିଥିବ । ଏବଂ ତା ଛଡ଼ା, ଏପରି ହିଂସ୍ର ବ୍ୟକ୍ତିମାନେ ମଧ୍ୟ ଅଛନ୍ତି, ଯେଉଁମାନେ କି ସର୍ବଦା ଇଚ୍ଛା କରୁଥାନ୍ତି ଯେ ଯେଉଁମାନେ ସେମାନଙ୍କ ଲାଗି ତଥାକଥିତ କୌଣସି ଅନିଷ୍ଟର କାରଣ ହୋଇଛନ୍ତି ବା କୌଣସି ନା କୌଣସି

'oaob.nitrkl.ac.in' images reprocessed

କାରଣରୁ ସେମାନଙ୍କୁ ଅସନ୍ତୁଷ୍ଟ କରାଇଛନ୍ତି, ସେମାନଙ୍କ ଉପରକୁ କୌଣସି ବିପଦ ଅବଶ୍ୟ ଆସୁ…। ସେ ଯାହାହେଉ ପଛକେ, ତାହା ଏହିପରି ହୋଇଥାଏ ଓ ତାହାକୁ ଆମେ ମନର ଏକ ବିରଚନା ବୋଲିହିଁ କହିବା; ଏବଂ ସେଇଟି ଏତେ ତୀବ୍ର ହୋଇ ରହିଥାଏ ଯେ ପ୍ରକାଶ୍ୟ ଭାବରେ ଦ୍ୱେଷଭାବ ରହିଥିବା କୌଣସି ଲୋକର ପାଖ ଦେଇ ଚାଲିଗଲେ ମଧ୍ୟ ତୁମକୁ ଭାରି ଅସ୍ୱସ୍ତିକର ବୋଧହେବାକୁ ଲାଗିବ ।

ଏବଂ, ଯଦି ତୁମ ପାଖରେ କିଛିତ୍ ଜ୍ଞାନ ଓ କିଛିତ୍ ସଚେତନତା ରହିଥାଏ, ତେବେ ତୁମେ ନିଷ୍ଚୟ କାରଣଟି ବିଷୟରେ ସଜ୍ଞାନ ହୋଇ ପାରିବ; ଏବଂ ତା'ପରେ, କାରଣଟିକୁ ହୃଦୟଙ୍ଗମ କରିସାରିବା ପରେ କେବଳ ଗୋଟିଏମାତ୍ର କଥା କରିବାକୁ ବାକି ରହିଥିବ, କେବଳ ଏମିତି (ସେହିପରି ଭଙ୍ଗୀ କରି) କରିବାକୁ ପଡ଼ିବ; ଗୋଟାଏ ମାଛିକୁ ହଟାଇ ଦେବାପରି ହଟାଇ ଦେବାକୁ ପଡ଼ିବ । ମାଛିଗୁଡ଼ାକ ଭାରି ବିରକ୍ତ କରନ୍ତି, ଯେତେ ହଟାଇ ଦେଲେ ମଧ୍ୟ ବାରଂବାର ଆସିବାରେ ଲାଗିଥାନ୍ତି; ଏବଂ ଆମର ମନର ବିରଚନାଗୁଡ଼ାକ ମଧ୍ୟ,— ତୁମେ ସବୁବେଳେ ସାବଧାନ ରହିଥିବ— ସେହିପରି ମାଛିଙ୍କର ଅଭ୍ୟାସଟିକୁ ଗ୍ରହଣ କରିଥିବା ପରି ବାରବାର ଆସିବାରେ ଲାଗିଥାନ୍ତି । ତୁମେ ମାଛିମାନଙ୍କୁ ହଟାଇ ଦିଅ, ସେମାନେ ପୁଣି ଆସନ୍ତି; ତୁମେ ପୁଣି ହଟାଇ ଦିଅ ଓ ସେମାନେ ପୁଣି ଆସନ୍ତି । ସେମାନେ ଏଇଟାକୁ ସତେଅବା ଏକ ଖେଳ ବୋଲି ଧରି ନେଇଥାନ୍ତି । ତୁମେ କ'ଣ କେବେହେଲେ ଲକ୍ଷ୍ୟ କରି ନାହଁ ଯେ ମାଛିମାନେ ଏହାକୁ ଏକ ଖେଳ ପରି ଭାବୁଥାନ୍ତି ? ବିଲକୁଲ ସତକଥା ଯେ, ସେମାନଙ୍କୁ ହଟାଇ ଦିଆଯିବା ସଙ୍ଗେ ସଙ୍ଗେ ସେମାନେ ପୁଣି ଆସି ପହଞ୍ଚି ଯାଆନ୍ତି । କେବଳ, ଯଦି କୌଣସି ନିର୍ଦ୍ଦିଷ୍ଟ ସମୟରେ ତୁମର ଭାରି ରାଗ ହୁଏ, ତୁମେ ହଠାତ୍ ରାଗିଯାଇ ଏମିତି କରିଦିଅ (ଭଙ୍ଗୀ ଦ୍ୱାରା ଦେଖାଇଦେଲେ) । ସେଥିଲାଗି ସେମାନଙ୍କୁ ଆଦୌ ଛୁଇଁବାକୁ ପଡ଼େ ନାହିଁ, —ତେବେ ମାଛିଟି ଆଉ ଫେରି ଆସେ ନାହିଁ । ସିଏ ମଜାଟିକୁ ବେଶ୍ ଅନୁଭବ କରିଥାଏ । ଚେଷ୍ଟା କର, ନିଜେ ଦେଖିପାରିବ ।

ମାତ୍ର, କୌଣସି ମନ୍ଦ ଭାବନାକୁ ଆମେ ଏକ ମନ୍ଦ କାର୍ଯ୍ୟ ବୋଲିହିଁ କହିବା । ଅନେକ ଲୋକ ଏ କଥାଟିକୁ ଜାଣି ନଥାନ୍ତି ସତ, ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ମନ୍ଦ ଭାବନାଟିକୁ ପ୍ରକୃତରେ ଏକ ମନ୍ଦ କାର୍ଯ୍ୟ ବୋଲି କୁହାଯିବ, ଏବଂ ଯଦି ଜଣେ ଆଉ ଜଣକର ଅନିଷ୍ଟ ପାଞ୍ଚିଲା ଅଥବା ଅନିଷ୍ଟ ଇଚ୍ଛା କଲା, ତେବେ ସେହି ଅନ୍ୟ ଲୋକଟି ଉପରକୁ ଯେତେ ଯାହା ଦୁର୍ଗତି ଆସିବ, ସେଥିଲାଗି ସିଏ ଅବଶ୍ୟ ଦାୟୀ ହେବ; ଅନିଷ୍ଟ କାର୍ଯ୍ୟଟିଏ କରିଥିଲେ ଯେତିକି ଦାୟୀ ହୋଇଥାନ୍ତା, ଠିକ୍ ସେତିକି ଦାୟୀ ହେବ । ମାତ୍ର ଦୁର୍ଭାଗ୍ୟର ବିଷୟଟି ହେଉଛି ଯେ ଏଇଟିକୁ

ସାଧାରଣତଃ କେହି ସ୍ୱୀକାର କରନ୍ତି ନାହିଁ ଏବଂ ଲୋକମାନଙ୍କର ମନ୍ଦ ଭାବନା ଉପରେ କେହି କୌଣସି ହସ୍ତକ୍ଷେପ କରିବାକୁ ଯାଆନ୍ତି ନାହିଁ ।......ଏବଂ ଏପରି ଲୋକ ମଧ୍ୟ ରହିଛନ୍ତି, ଯେଉଁମାନେ କି ଅନ୍ୟମାନଙ୍କର ମନ୍ଦ ଭାବନାଗୁଡ଼ିକୁ ଉସ୍‌କାଇ ଆଣିବାରେ ଭାରି ସନ୍ତୋଷ ଓ ଆନନ୍ଦ ଅନୁଭବ କରିଥାନ୍ତି । ଏପରି ଲୋକମାନଙ୍କୁ ମୁଁ ଜାଣିଛି (ଦୁର୍ଭାଗ୍ୟବଶତଃ ଏପରି ମଣିଷ ବହୁସଂଖ୍ୟାରେ ଅଛନ୍ତି); ଯେତେବେଳେ ସେମାନଙ୍କର କାହାରିକୁ କୌଣସି ଅପ୍ରୀତିକର କଥା କହିବାର ଥାଏ, ତେବେ ସେମାନେ ସେହି ସୁଯୋଗଟିକୁ କଦାପି ହରାନ୍ତି ନାହିଁ ଓ ଯାଇ କହିବାକୁ ଲାଗନ୍ତି : "ତୁମେ ଜାଣିଛ, ଅମୁକ ମଣିଷ ତୁମ ବିଷୟରେ ଅମୁକ କଥାଟି କହୁଥିଲା"; ପୁନଶ୍ଚ, "ସେହି ଅମୁକ ମଣିଷଟି ତୁମ ନାଆଁରେ ଏହି କଥାଟି କହୁଥିଲା," ଏବଂ ଏହିପରି ଭାବରେ ସେମାନେ ଆପଣାର ମନଇଚ୍ଛା ଅନିଷ୍ଟ ଆଣି ସୃଷ୍ଟି କରିଦିଅନ୍ତି । ଏବଂ ବେଳେବେଳେ କେବଳ ନିର୍ବୋଧତା ହେତୁ ଏବଂ ଅଧିକାଂଶ ସମୟରେ ନିଜର ଦାମ୍ଭିକତା ହେତୁହିଁ ସେମାନେ ଏହି କଥାଟିକୁ କରିଥାନ୍ତି; ସେମାନେ ଯେ ଅବଶ୍ୟ କିଛି ନା କିଛି ଜାଣିଛନ୍ତି, ଏହି କଥାଟିକୁ ଦେଖାଇ ହେବା ଲାଗି ସେପରି କରିଥାନ୍ତି । ମାତ୍ର ସବା ତଳେ, ଚେତନାର ଭୂମିରେ ଏହି କ୍ଷେତ୍ରରେ ଏକ ଅନିଷ୍ଟକାରିତାରହିଁ ପ୍ରବୃତ୍ତି ରହିଥାଏ,—ଯାହାକି ସବୁକିଛିକୁ ବିଗାଡ଼ିଦେଇ ଭାରି ଆନନ୍ଦ ଅନୁଭବ କରେ; ଭୁଲ ବୁଝାମଣା ସୃଷ୍ଟି କରି, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ କଳହ ଲଗାଇ ଦେଇ, ଅପ୍ରୀତିକର ନାନା ପରିସ୍ଥିତିର ସୃଷ୍ଟି କରି ଭାରି ଖୁସୀ ହେଉଥାଏ; ଏବଂ ଏହିସବୁ ଭିତରେହିଁ ଭାରି ଆରାମରେ ରହିଥାଏ । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କର ତୁଣ୍ଡ ଭାରି ଖର, ଫରାସୀ ଭାଷାରେ 'ସାପର ଜିଭ' କହି ସେହି କଥାଟିକୁ ପ୍ରକାଶ କରା ଯାଇଥାଏ,—ପ୍ରକୃତରେ ସାପ ପରି ଜିଭ । ଏହିପରି କରି ସେମାନେ ଭାରି ମଜା ପାଆନ୍ତି । ଏବଂ ସେମାନେ ପ୍ରକୃତରେ ଭାରି, ଭାରି, ଭାରି କ୍ଷତି କରନ୍ତି । ମାତ୍ର, ତୁଣ୍ଡ ଖୋଲି କିଛି ନକହିଲେ ମଧ୍ୟ, ଯଦି କାହାରି ଭାବନା ଶକ୍ତିଶାଳୀ ହୋଇଥାଏ ଓ ଯଦି ସେ ଲୋକମାନଙ୍କର ମନ୍ଦ ପାଞ୍ଚିବାକୁ ଆରମ୍ଭ କରେ, ତେବେ ସେ ତାହାର ଦ୍ୱାରାହିଁ ମନ୍ଦ କାର୍ଯ୍ୟଟିଏ କରିଥାଏ ।

## ସଂସାରରେ ଦ୍ୱେଷ କାହିଁକି ଅଛି ?

ପ୍ରକୃତରେ ଅଚେତନା, ଅଜ୍ଞାନ ଓ ଅନ୍ଧକାର କାହିଁକି ରହିଛି, ଏହି ପ୍ରଶ୍ନଟି ପଚାରିଲେ ଯେପରି ହୁଅନ୍ତା, ତୁମର ଏହି ପ୍ରଶ୍ନଟି ମଧ୍ୟ ଠିକ୍ ସେହିପରି । ଏହି ସଂସାରଟାହିଁ କାହିଁକି ହେଲା, ତୁମେ ମୋତେ ସେହି କଥା ପଚାରୁଛ ! ପୃଥିବୀଟା କାହିଁକି ଏପରି ହେଲା ଓ ଅନ୍ୟ ପ୍ରକାରରେ କାହିଁକି ନହେଲା ? ......କେତେ

'oaob.nitrkl.ac.in' images reprocessed

ଲୋକ ଏ ବିଷୟରେ କେତେ ବହି ଲେଖି ଯାଇଛନ୍ତି । ଏବଂ ପ୍ରତ୍ୟେକେ ତାଙ୍କ ନିଜ ମାର୍ଗରେ ବିଷୟଟିର ବ୍ୟାଖ୍ୟା କରିଛନ୍ତି ଏବଂ ବସ୍ତୁତଃ ତଦ୍ୱାରା କେଉଁଠିହେଲେ କୌଣସି ପରିବର୍ତ୍ତନ ହୋଇ ନାହିଁ । ତୁମେ ହୁଏତ ଏପରି ପ୍ରଶ୍ନ ବି ପଚାରିବ : ସଂସାରରେ ଦ୍ୱେଷ କାହିଁକି ଅଛି ? ଅଜ୍ଞାନ କାହିଁକି ଅଛି ? ନିର୍ବୋଧତା କାହିଁକି ଅଛି ? ଦୁଷ୍ଟତା କାହିଁକି ଅଛି ? ଏସବୁ ମନ୍ଦ କାହିଁକି ଅଛି ? ପୃଥିବୀଟା ଏକ ଚିତ୍ତାକର୍ଷକ ସ୍ଥାନ ହୋଇ ରହି ନାହିଁ କାହିଁକି ? ······ଦାର୍ଶନିକମାନେ ଏହି ବିଷୟରେ କେତେ କ'ଣ ବୁଝାଇ କହିଛନ୍ତି, ପ୍ରତ୍ୟେକେ ଆପଣାର ନିଜ ନିଜ ମାର୍ଗରେ ବୁଝାଇ କହିଛନ୍ତି । ଜଡ଼ବାଦୀମାନେ ସେମାନଙ୍କ ବାଟରେ କହିଛନ୍ତି, ବୈଜ୍ଞାନିକମାନେ ସେମାନଙ୍କ ବାଟରେ ବୁଝାଇ କହିଛନ୍ତି; ମାତ୍ର ଏଇଟି ଭିତରୁ କିପରି ବାହାରିଯାଇ ହେବ, ସେବିଷୟରେ କେହିହେଲେ କିଛି କହି ନାହାନ୍ତି । ଏବଂ, ସେ ଯାହା ହେଉ ପଛକେ, ଏହି କ୍ଷେତ୍ରରେ ପ୍ରକୃତରେ ମହତ୍ତ୍ୱପୂର୍ଣ୍ଣ କଥାଟି ହେଉଛି ଯେ, ଯେପରିକି ସଂସାରରେ ଆଉ କୌଣସି ଦ୍ୱେଷ ନରହିବ, ସେଥିଲାଗି ଆମେ ଯଥାର୍ଥ ପଥଟିକୁ ବାହାର କରିବା (ପୃଥିବୀରେ ଦ୍ୱେଷ କାହିଁକି ଅଛି ବୋଲି ତୁମେ ମୋତେ ପଚାରିଛ ନା ?) । ତେବେଯାଇ ସେହି ଅଧ୍ୟୟନର କୌଣସି ମୂଲ୍ୟ ରହିବ । ଏହି ସଂସାରରେ ଦୁଃଖକ୍ଲେଶ କାହିଁକି ଅଛି, କଷ୍ଟ କାହିଁକି ଅଛି ବୋଲି ଯଦି ତୁମେ ମୋତେ ପଚାରିବ,—ଯଦି ଉତ୍ତରଟି ଦ୍ୱାରା ତୁମକୁ ଏସବୁଥିରୁ ମୁକୁଳି ଯିବାକୁ ବାଟ ନମିଳେ, ତେବେ ସେହି ଉତ୍ତର ଦ୍ୱାରା ତୁମର ଲାଭ ବା କ'ଣ ହେବ ? ମାତ୍ର ଏହା ତୁମକୁ ସେହି ବାଟଟିକୁ ଦେଖାଇ ଦେଇ ପାରିବ ବୋଲି ମୁଁ ଆଦୌ ବିଶ୍ୱାସ କରୁ ନାହିଁ, କାରଣ (ସେବିଷୟରେ ଆମେ ଏଠାରେ ଆଗରୁ କହିଛୁ) ଯଦି ତୁମେ କାହିଁକି ବୋଲି ପଚାରିବ ଏବଂ ତାହାର ସନ୍ଧାନ କରି ବାହାରିବ, ତେବେ ତୁମେ ନିଜ ଭିତରେ ବିବିଧ ପ୍ରକାରର ଏପରି ନାନା ବ୍ୟାଖ୍ୟାର ସମ୍ମୁଖୀନ ହେବ, ଯାହାକି ତୁମର ଆଦୌ କୌଣସି କାମରେ ଲାଗିବେ ନାହିଁ ଏବଂ ତୁମକୁ ଆଦୌ କୌଣସି ସମାଧାନରେ ନେଇ ପହଞ୍ଚାଇ ପାରିବେ ନାହିଁ ।

ଅସଲ କଥା ହେଉଛି, ଜଗତଟା ଏହିପରି **ତ ହୋଇହିଁ** ଚହିଛି, ନୁହେଁ କି ? ଏବଂ ଦ୍ୱିତୀୟ କଥାଟି ହେଉଛି ଯେ ଏପରି ହୋଇ ରହୁ ବୋଲି ଆମେ ଆଦୌ ଇଚ୍ଛା କରୁ ନାହୁଁ ଓ ତୃତୀୟ କଥାଟି ହେଉଛି ଯେ ଏହି ଦୁଃଖ କଷ୍ଟ ଯେପରି ଆଉ ଏଠାରେ ନରହିବ, ସେଥିଲାଗି ଆମେ ଗୋଟିଏ ଉପାୟ ବାହାର କରିବା । ତାହାହିଁ ଆମର ସମସ୍ୟା । ଜଗତ ଯେପରି ହୋଇ ରହିବା ଉଚିତ ବୋଲି ଆମେ ଭାବୁଛୁ, ଜଗତ ବର୍ତ୍ତମାନ ସେପରି ହୋଇ ରହି ନାହିଁ । ଏହି ଜଗତରେ ଏପରି ଅନେକାନେକ କଥା ରହିଛି, ଯାହାକି ଆଦୌ ଆମର ମନୋମତ ନୁହେଁ । ହଁ, ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ସେମାନେ "ଜ୍ଞାନ" ବୋଲି କହୁଥିବା ପଦାର୍ଥଟିକୁ

'oaob.nitrkl.ac.in' images reprocessed

ଖରାପ ଭଲ ପାଆନ୍ତି, ଏବଂ ଜଗତ କାହିଁକି ଏପରି ହୋଇ ରହିଛି, ତାହାର କାରଣ ଜାଣିବାକୁ ଇଚ୍ଛା କରନ୍ତି । ଗୋଟାଏ ଦୃଷ୍ଟିରୁ ବିଚାର କଲେ ଏହାକୁ ଏକ ଖରାପ ଭଲକଥା ବୋଲି ବୁଝାଯିବ; ମାତ୍ର, ଯେପରି ମୁଁ ଆଗରୁ କହିଲି, ଜଗତ ଯେପରି ଅନ୍ୟପ୍ରକାର ହୋଇ ପାରିବ, ସେଥିଲାଗି କ'ଣ କରିବାକୁ ହେବ, ତାହା ଖୋଜି ବାହାର କରିବା ତା'ଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା ହେବ । ବୁଦ୍ଧ ଠିକ୍ ଏହି ପ୍ରଶ୍ନଟିକୁ ନିଜକୁ ପଚାରିଥିଲେ । କଥିତ ଅଛି ଯେ ସିଏ ଗୋଟିଏ ଗଛମୂଳରେ ବସି ତପସ୍ୟା କଲେ ଓ ପରିଶେଷରେ ସମାଧାନଟିକୁ ଲାଭ କରିଥିଲେ । ମାତ୍ର ସେହି ସମାଧାନଟି ଆଦୌ ଏକ ଭଲ ସମାଧାନ ନୁହେଁ; କାରଣ ତୁମେ ମତେ ଯେତେବେଳେ "ଜଗତ ମନ୍ଦ" ବୋଲି କହିବ ସେତେବେଳେ ବୁଦ୍ଧ ସମାଧାନ ଦେବେ : "ତେବେ ଏ ସଂସାରକୁ କାଟି ପକାଅ !"—"କାହାର ଉପକାର ଲାଗି ଆମେ ସଂସାରକୁ କାଟିବା ?" ଶ୍ରୀଅରବିନ୍ଦ କୌଣସି ପ୍ରସଙ୍ଗରେ ଏହିପରି ଏକ ପ୍ରଶ୍ନ କରିଛନ୍ତି । ସେତେବେଳେ ତ ଆଉ କୌଣସି ଜଗତ ନଥିବ, ତେଣୁ ତାହା ଆଉ ଖରାପ ହେବ କିପରି ? ମାତ୍ର ସେହି ଜଗତ ଯେତେବେଳେ ନଥିବ, ସେତେବେଳେ ତାହାର ମନ୍ଦ ହୋଇ ନରହିବା ଦ୍ୱାରା କି ଲାଭ ବା ହେବ ? ଏହି ନ୍ୟାୟଟିକୁ ବୁଝିବା ଆଦୌ କଷ୍ଟକର ନୁହେଁ । ଜଗତ ପୁନର୍ବାର ତା'ର ସତ୍ୟ ମୂଳକୁ ଫେରିଆସୁ ବୋଲି ଯେଉଁମାନେ କହନ୍ତି, ଏହା ଠିକ୍ ସେହିମାନଙ୍କ କଥା ପରି । ଏବଂ ତେଣୁ ଶ୍ରୀଅରବିନ୍ଦ ଉତ୍ତର ଦେଇ କହିଛନ୍ତି : "ଏହା ଫଳରେ ତୁମେ ଏପରି ଏକ ବସ୍ତୁର ସର୍ବଶକ୍ତିଶାଳୀ ଅଧିକାରୀ ହୋଇ ରହିବ, ଯାହାର କି କୌଣସି ଅସ୍ତିତ୍ୱ ନାହିଁ; ତୁମେ ଏପରି ଜଣେ ସମ୍ରାଟ୍ ହୋଇ ରହିବ, ଯାହାରକି କୌଣସି ସାମ୍ରାଜ୍ୟ ନଥିବ; ଏପରି ଜଣେ ରାଜା ହୋଇ ରହିବ, ଯାହାର ରାଜ୍ୟ ନଥିବ ।"…ବାସ୍ ଏତିକି । ଏଇଟି ହେଉଛି ଏହି ପ୍ରଶ୍ନର ଗୋଟିଏ ସମାଧାନ । ମାତ୍ର ଆହୁରି ଅନ୍ୟ ସମାଧାନମାନ ରହିଛି, ଅଧିକ ଉପଯୁକ୍ତ ସମାଧାନମାନ ବି ରହିଛି । ମୁଁ ଭାବୁଛି ଯେ ଆମେ ସେହି ଅଧିକ ଉପଯୁକ୍ତ ଅନ୍ୟ ସମାଧାନଗୁଡ଼ିକୁ ବାହାର କରି ପାରିଛୁ ।

ଅନେକେ କହନ୍ତି ଯେ ଅଜ୍ଞାନରୁହିଁ ଦ୍ୱେଷର ଉଦ୍‌ଗମ ହୋଇଥାଏ (ବୁଦ୍ଧ ଠିକ୍ ତାହାହିଁ ଦାବି କରି କହିଥିଲେ); ଏବଂ ତେଣୁ ଯଦି ଅଜ୍ଞାନ ଦୂର ହୋଇଯାଏ, ତେବେ ଦ୍ୱେଷ ବୋଲି ଆଉକିଛି ରହିବ ନାହିଁ ବୋଲି ସେମାନେ କହନ୍ତି । ଆହୁରି ଅନ୍ୟମାନେ ଅଛନ୍ତି, ଯେଉଁମାନେ କହନ୍ତି ଯେ ବିଭାଜନ ଓ ବିଚ୍ଛିନ୍ନତାରୁହିଁ ଦ୍ୱେଷ ଜନ୍ମେ; ଏବଂ ତେଣୁ, ଏହି ଜଗତ ଯଦି ତାହାର ପ୍ରକୃତ ପରମମୂଳଟିଠାରୁ ଏପରି କାଟି ହୋଇ ରହି ନଥାନ୍ତା, ତେବେ ପ୍ରକୃତରେ କୌଣସି ଦ୍ୱେଷ ମଧ୍ୟ ନଥାନ୍ତା । ତଥାପି ଅନ୍ୟମାନେ କହନ୍ତି ଯେ ଦ୍ୱେଷହିଁ ଆଉ ସବୁକିଛିକୁ ଜନ୍ମ ଦେଇଛି; ବିଚ୍ଛିନ୍ନତାକୁ ଜନ୍ମ ଦେଇଛି, ଅଜ୍ଞାନକୁ ମଧ୍ୟ ଜନ୍ମ ଦେଇଛି, ଏବଂ ତେଣୁ ସେଥିରୁ ଏହି

'oaob.nitrkl.ac.in' images reprocessed

ସମସ୍ୟାଟି ଜନ୍ମଲାଭ କରୁଛି : ସେହି ଦ୍ୱେଷ ପୁଣି କେଉଁଠାରୁ ଆସୁଛି ? ଯଦି ଦ୍ୱେଷ ପ୍ରକୃତରେ ଆଉ ସବୁକିଛିର ମୂଳରେ ରହିଥାନ୍ତା, ତେବେ ପ୍ରତ୍ୟେକ ବସ୍ତୁର ମୂଳଟି ଭିତରେହିଁ ଆମକୁ ତାହାର ସନ୍ଧାନ ମିଳିଯାନ୍ତା । ଏହିପରି ଆମେ ସେଠାରୁ ଆଉ ପ୍ରାପ୍ତ କୌଣସି ବାଟ ପାଉ ନାହିଁ । ଏହି ବିଷୟଟିକୁ ନେଇ ଆମେ ହୁଏତ ବର୍ଷ ବର୍ଷ ଧରି ଯାହା ମନ ତାହା ବିଚାର କରିପାରିବା, ମାତ୍ର ତଥାପି ଅଡ଼ୁଆଟି ମଧ୍ୟରୁ ବାହାରିଯାଇ ପାରିବା ନାହିଁ । ତେଣୁ, ଯେଉଁମାନେ ସମସ୍ୟାଟିକୁ ଉଖାରି ଉଖାରି ଏତେଦୂର ପର୍ଯ୍ୟନ୍ତ ଆସନ୍ତି, ସେମାନେ ଶେଷରେ ତୁମକୁ କହିବାକୁ ଲାଗନ୍ତି : ଦ୍ୱେଷ ବୋଲି ଆଦୌ କୌଣସି କଥା ନାହିଁ, ଦ୍ୱେଷ ହେଉଛି ମାୟା । ସେମାନେ ଏପରି ପରିସ୍ଥିତିରେ ପଡ଼ନ୍ତି, କାରଣ ଆପଣାର ଜିଜ୍ଞାସାରେ ସେମାନେ ଅଧବାଟ ଯାଏ ଆସିହିଁ ଅଟକି ଯାଆନ୍ତି; କାରଣ ଆଉ ଟିକିଏ ଆଗକୁ ଯାଇ ପାରୁଥିଲେ ସେମାନେ ହୁଏତ କହିଥାନ୍ତେ : ଏହି ଦ୍ୱେଷଟାକୁ ହୁଏତ ଏହି ମଣିଷହିଁ ବାହାର କରିଛି......, ଏହି କଥାଟି ବେଶ୍ ସମ୍ଭବ ପରି ମନେ ହେଉଛି ।

## ପଶୁମାନଙ୍କର କୌଣସି ଦ୍ୱେଷ ନାହିଁ, ଅଛି କି ?

ଅଛି ବୋଲି ମୋର ମନେ ହେଉ ନାହିଁ । ମୁଁ ସୁନିଶ୍ଚିତ କରି କହିପାରୁ ନାହିଁ, କାରଣ ସକଳ ପ୍ରକାର ପ୍ରାଣୀଙ୍କ କଥା ମୋତେ ଜଣା ନାହିଁ । ମାତ୍ର ଆମେ ଏପରି କଥାମାନ ଶୁଣିବାକୁ ପାଇଛେ, ଯାହାକି ସତେଅବା ଗୋଟାଏ ଗୋଟାଏ ଅତି ଭୟଙ୍କର କଥା ବୋଲି ମନେ ହୋଇଥାଏ, ମାତ୍ର ତଥାପି ସେଗୁଡ଼ିକ ଦ୍ୱେଷର ଦୃଷ୍ଟାନ୍ତ ବୋଲି କହିବା ଆଦୌ ଯୁକ୍ତିଯୁକ୍ତ ହେବ ନାହିଁ । ଉଦାହରଣସ୍ୱରୂପ, ଆମେ ପତଙ୍ଗମାନଙ୍କର ଜଗତଟିକୁ ବିଚାର କରି ଦେଖିବା; ପ୍ରାଣିଜଗତରେ ଯେତେ ପ୍ରକାର ଅଛନ୍ତି, ତାହା ଭିତରୁ ଏହିମାନଙ୍କ ମଧ୍ୟରେହିଁ ସର୍ବାଧିକ ପରିମାଣରେ ଦୁଷ୍ଟତା ଗୁଣଟି ରହିଛି । ସେଇଟିକୁ ଆମେ ହୁଏତ ଦ୍ୱେଷ ବୋଲି ବି କହିପାରିବା, ମାତ୍ର ଏକଥା ମଧ୍ୟ ସମ୍ଭବ ଯେ ଏହି କ୍ଷେତ୍ରରେ ଆମେ ନିଜର ଚେତନାଟିକୁ ନେଇହିଁ ସେମାନଙ୍କର ଜୀବନ ଉପରେ ପ୍ରୟୋଗ କରୁଛୁ ଏବଂ ସେହି କାରଣରୁହିଁ ସେମାନଙ୍କର କୌଣସି ଆଚରଣରେ କୌଣସି ଦୁଷ୍ଟତା ଅଥବା ଦ୍ୱେଷର ଗନ୍ଧ ପାଇଯାଉଛୁ । ଏପରି ଅନେକ ପତଙ୍ଗ ରହିଛନ୍ତି, ଯେଉଁମାନେ ଶାବକ-ଅବସ୍ଥାରେ କେବଳ କୌଣସି ଜୀବନ୍ତ ପ୍ରାଣୀକୁ ଆହାର କରିହିଁ ବଞ୍ଚିଥାନ୍ତି । ସେମାନେ କେବଳ କୌଣସି ଜୀବନ୍ତ ପ୍ରାଣୀକୁ ଆହାର କରିହିଁ ବଞ୍ଚିପାରନ୍ତି; ମଲା ଜୀବର ମାଂସ ଏମାନଙ୍କର ବୃଦ୍ଧିରେ କୌଣସି ସାହାଯ୍ୟ କରେ ନାହିଁ । ତେଣୁ ଡିମ୍ବ ପାଡ଼ିବାକୁ ଯାଉଥିବା (ଯେଉଁଥିରୁ ଲାର୍ଭା ବା ଶାବକଗୁଡ଼ିକ ବାହାରିବେ) ମାଆପତଙ୍ଗ ସର୍ବପ୍ରଥମେ ଆଉ

'oaob.nitrkl.ac.in' images reprocessed

ଗୋଟିଏ ପତଙ୍ଗ ଅଥବା ଆନ ଜନ୍ମତର ପ୍ରାଣୀର ସ୍ନାୟୁକେନ୍ଦ୍ରକୁ ଯାଇ ଦଂଶନ କରେ ଓ ତାହାକୁ ଅଚଳ କରି ପକାଏ ଏବଂ ତା'ପରେ ତା' ଭିତରେ ଏପରି ଭାବରେ ଡିମ୍ବଗୁଡ଼ିକୁ ଯାଇ ଧୀରେ ପାଡ଼ିଦିଏ ଯେ ଯେତେବେଳେ ଉତ୍ତାପ ପାଇ ଡିମ୍ବଗୁଡ଼ିକ ଲର୍ଭାରେ ପରିଣତ ହୁଅନ୍ତି, ସେତେବେଳେ ଲର୍ଭାଗୁଡ଼ିକ ସେହି ଅଚଳ ହୋଇ ଯାଇଥିବା ଅଥଚ ମରିଯାଇ ନଥିବା ଜୀବଟିକୁ ଖାଇ ପୁଷ୍ଟ ହୁଅନ୍ତି । ଏଇଟା ଭାରି ଅସାଧୁତାର କଥା, ନୁହେଁ କି ? ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି କ୍ଷେତ୍ରରେ କୌଣସି ବିଚାର ଦ୍ୱାରା କିଛି କରା ହୋଇ ନଥାଏ, ଏହା ହେଉଛି ଏକ ଜନ୍ମଜାତ ପ୍ରବୃତ୍ତି । ଏହାକୁ ଆମେ ଦ୍ୱେଷ ବୋଲି କହି ପାରିବା କି ? ଏଇଟା କ'ଣ ଦ୍ୱେଷ ? ···ଏହା ହେଉଛି କେବଳ ପ୍ରଜନନକ୍ଷେତ୍ରର ଗୋଟିଏ ସହଜାତ ମୂଳପ୍ରବୃତ୍ତି ।

ସମ୍ଭବତଃ, ଯଦି ଆମେ କହିବା ଯେ ଏହି ପତଙ୍ଗଗୁଡ଼ିକ ସମଗ୍ର ପତଙ୍ଗ ଜାତିର ଅନ୍ତଃସ୍ୱଭାବଟି ଦ୍ୱାରାହିଁ ପ୍ରେରିତ ହୋଇଥାନ୍ତି ଏବଂ ସେହି ଜାତିଟିର ସମଗ୍ରତଃ ଏକ ଚେତନା ରହିଛି, ଏକ ଚେତନ ଇଚ୍ଛା ରହିଛି, ତେବେ ଆମେ ନିଶ୍ଚୟ କହି ପାରିବା ଯେ ଏହିସବୁ କଳ୍ପନା (ମୁଁ ଏଠାରେ କେବଳ ଏହି ଗୋଟିଏ ମାତ୍ର ଦୃଷ୍ଟାନ୍ତ ଦେଇଛି, ମାତ୍ର ଏହିପରି ଆହୁରି କେତେକେତେ ପତଙ୍ଗ ତଥା ପ୍ରାଣୀ ରହିଛନ୍ତି, ଯେଉଁମାନେ କି ଆମ ମନୁଷ୍ୟ-ଚେତନା ଲାଗି ନିଶ୍ଚୟ ସମାନ ଭାବରେ ଭୟଙ୍କର ଓ ଜଘନ୍ୟ ବୋଲି ମନେ ହେବେ ।), ଏହିସବୁ ସତ୍ତା ଏବଂ ଏହି ପତଙ୍ଗଗୁଡ଼ିକର ଡିଆଣ କରିଥିବା କାରିଗରମାନେ ମଧ୍ୟ ନିଶ୍ଚୟ ଭାରି ଭୟଙ୍କର ହୋଇଥିବେ, ନୁହେଁ କି ? ସେମାନଙ୍କର କଳ୍ପନାଶକ୍ତି ନିଶ୍ଚୟ ବଡ଼ ବିକୃତ ହୋଇଥିବ, ଭାରି ପୈଶାଚିକ ହୋଇଥିବ । ଏହା ବେଶ୍ ସମ୍ଭବ ହୋଇଥିବ, କାରଣ, ବସ୍ତୁତଃ ଏପରି କୁହା ଯାଇଥାଏ ଯେ ଏକ ଜୀବଜାତି ହିସାବରେ ପତଙ୍ଗମାନେ ଏକ ପ୍ରାଣସ୍ତରୀୟ ମୂଳରୁ ଉତ୍ପନ୍ନ ହୋଇଛନ୍ତି; ଅର୍ଥାତ୍ ସେହି ସତ୍ତାଗୁଡ଼ିକ କେବଳ ଯେ ସଂସାରରେ ଦ୍ୱେଷର ପ୍ରତୀକ ହୋଇ ରହିଥାନ୍ତି ତା' ନୁହେଁ, ସେମାନେ ଦ୍ୱେଷରହିଁ ପ୍ରତିନିଧିତ୍ୱ କରିଥାନ୍ତି ଏବଂ ଦ୍ୱେଷ ଦ୍ୱାରାହିଁ ଜୀବନଧାରଣ କରନ୍ତି । ଏମାନେ ଆପଣାର ଦ୍ୱେଷ ବିଷୟରେ ଭାରି ସଚେତନ ହୋଇ ରହିଥାନ୍ତି, ସେମାନେ ଜାଣିଶୁଣି ଦ୍ୱେଷାଭିଳାଷୀ ହୁଅନ୍ତି । ମନୁଷ୍ୟମାନଙ୍କ ମଧ୍ୟରେ ଯେଉଁ ଦ୍ୱେଷ ଦେଖାଯାଏ, ତାହା ସାଧାରଣତଃ ପ୍ରାଣିକ ସ୍ତରର ସତ୍ତାଗୁଡ଼ିକର ଇଚ୍ଛାଟିରହିଁ ଏକ ପ୍ରତିବିମ୍ବ ପରି ହୋଇଥାଏ,—ଏକ ଅନୁକରଣ ବା ଏକ ପ୍ରତିଫଳନରୂପେ ରହିଥାଏ । ସେହି ଇଚ୍ଛା ସ୍ପଷ୍ଟତଃ ସକଳ ସୃଷ୍ଟିର ବିରୋଧୀ ହୋଇ ରହିଥାଏ, ସେହି ଇଚ୍ଛା ବସ୍ତୁଗୁଡ଼ିକୁ ଯଥାସମ୍ଭବ ଅଧିକ ଦୁଃଖଦାୟକ, ଅଧିକ ଅସୁନ୍ଦର, ଅଧିକ ବେଦନାମୟ ଓ ଭୟଙ୍କର କରିବାରେହିଁ ଆଗ୍ରହୀ ହୋଇ ରହିଥାଏ । କୁହାଯାଏ ଯେ ଏହି ସତ୍ତାଗୁଡ଼ିକହିଁ ପତଙ୍ଗମାନଙ୍କୁ ସୃଷ୍ଟି

'oaob.nitrkl.ac.in' images reprocessed

କରିଛନ୍ତି; ଏବଂ ତେଣୁ ଏକ ଜୀବଜାତି ହିସାବରେ ପତଙ୍ଗମାନେ ସମ୍ଭବତଃ ସେହିପରିହିଁ··· । ମାତ୍ର ଏକଥା ଆଦୌ ସତ୍ୟ ନୁହେଁ ଯେ ପତଙ୍ଗମାନେ ଜାଣି ଶୁଣି ମନ୍ଦର ପ୍ରତିନିଧିତ୍ୱ କରିଥାନ୍ତି, ତୁମେ ବୁଝି ରଖିବା ଉଚିତ ଯେ ସେମାନେ କେବଳ ଏକ ଅଚେତନ ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇହିଁ ଯାହାକିଛି କରନ୍ତି । ସେମାନେ ଜାଣିଶୁଣି କୌଣସି ମନ୍ଦ କରନ୍ତି ନାହିଁ । ସେମାନେ ସେପରି କରନ୍ତି, କାରଣ ତାହା ସେମାନଙ୍କର ପ୍ରକୃତି ଭିତରେ ସହଜାତ ହୋଇ ରହିଥାଏ । ମୁଁ ଯାହାକୁ ଦ୍ୱେଷ ବୋଲି କହେ, ସେଇଟି ହେଉଛି ପ୍ରକୃତରେ ମନ୍ଦ କରିବାର ଉଦ୍ଦେଶ୍ୟରେହିଁ ମନ୍ଦ କରିବାର ଇଚ୍ଛା, ଧ୍ୱଂସ କରିବାର ମତଲବରେହିଁ ଧ୍ୱଂସସାଧନ କରିବାର ଇଚ୍ଛା, କ୍ଷତି କରିବାର ମତଲବରେହିଁ କ୍ଷତି କରିବାର ଇଚ୍ଛା ଏବଂ ମନ୍ଦ ଘଟାଇବାରେହିଁ ଆନନ୍ଦ ଅନୁଭବ କରିବାର ଇଚ୍ଛା । ପ୍ରକୃତରେ ତାହାହିଁ ହେଉଛି ଦ୍ୱେଷ । ମୁଁ ବିଶ୍ୱାସ କରେ ଯେ ମନର ସୃଷ୍ଟି ହୋଇସାରିବା ପରେ ଯାଇ ଅହଙ୍କାର ଜନ୍ମଗ୍ରହଣ କରେ । ମୁଁ ସମ୍ପୂର୍ଣ୍ଣ ନିଶ୍ଚିତ ଭାବରେ କିଛି କହି ପାରୁ ନାହିଁ, କାରଣ ସବୁବେଳେ ତ ନୂତନ ତଥ୍ୟଗୁଡ଼ିକର ଆବିଷ୍କାର ହେବାରେ ଲାଗିଛି । ମାତ୍ର ମୁଁ ଇତରପ୍ରାଣୀମାନଙ୍କ ଜଗତରେ ଯାହା ଦେଖିଛି, ବିଶେଷ କରି ଉଚ୍ଚତର ଜୀବମାନଙ୍କ ଜୀବନରେ ଯାହା ଦେଖିବାକୁ ପାଇଛି, ସେଇଟି ହେଉଛି ହୁଏତ ଆପଣାକୁ ବଞ୍ଚାଇ ରଖିବା ଲାଗିହିଁ ଏକ ସହଜାତ ପ୍ରବୃତ୍ତି,—ସେଇଟିକୁ ଆମେ ହିଂସା ବୋଲି ବି କହିପାରିବା, ମୂଢ଼ ଏବଂ ପାଶବିକ ପ୍ରତିହିଂସା ବୋଲି ବି କହିପାରିବା ମାତ୍ର ଦ୍ୱେଷ କହିଲେ ଯାହା ସମସ୍ତେ ବୁଝିଥାନ୍ତି, ଏହାକୁ ଆମେ ସେହି ଦ୍ୱେଷ ବୋଲି କହି ପାରିବା କି ?···ହୁଏତ କହିପାରିବା । ଯଦି ଜଣେ ଲୋକ ମୋତେ ସିଏ ଦେଖିଥିବା କୌଣସି ଏକ କାହାଣୀ ଆସି କହେ ଏବଂ ସେଇଟି ଠିକ୍ ଓଲଟା ବୋଲି ପ୍ରମାଣିତ ହୁଏ, ତେବେ ମୁଁ କେବଳ ସେହି ସମସ୍ତିଟି ସକାଶେହିଁ ତାହାକୁ ସତ ବୋଲି ଗ୍ରହଣ କରିବ,—କାରଣ ମୁଁ ନିଜେ ସେହି ଘଟଣାଟିକୁ ଦେଖି ନାହିଁ । ମୁଁ ଇତର ପ୍ରାଣୀମାନଙ୍କ ବିଷୟରେ ଯାହାକିଛି ଜାଣିଛି, ସେଇଟି ହେଉଛି ସେମାନଙ୍କର ସହଜାତ ପ୍ରବୃତ୍ତି; ସେହି ସହଜାତ ପ୍ରବୃତ୍ତିହିଁ ସେମାନଙ୍କୁ ଯାବତୀୟ କାର୍ଯ୍ୟରେ ପ୍ରବୃତ୍ତ କରାଏ; ମାତ୍ର ମନୁଷ୍ୟର ମନ ଭିତରେ ଯେଉଁସବୁ ବିକୃତି ରହିଛି, ଇତର ଜୀବମାନଙ୍କ ଭିତରେ ସେହି ବିକୃତି କଦାପି ନଥାଏ । ମୋର ବିଶ୍ୱାସ ଯେ, ମାନସିକ କ୍ରିୟାଚରଣର କେବଳ ଏହିପରି ଏକ ସ୍ତରକୁ ଆସିବା ପରେ ଏବଂ ପ୍ରାଣିକ ସ୍ତରର ପ୍ରତ୍ୟକ୍ଷ ପ୍ରଭାବର ବଶବର୍ତ୍ତୀ ହୋଇହିଁ ମନୁଷ୍ୟ କ୍ରମେ ଏକ ଦ୍ୱେଷକ୍ଷମ ଜୀବରେ ପରିଣତ ହୋଇପାରିଛି । ଦାନବ ଓ ଦୈତ୍ୟମାନେ ନିଶ୍ଚୟ ଦ୍ୱେଷାକ୍ରାନ୍ତ ହୋଇଥାନ୍ତି, ମାତ୍ର ସେମାନେ ପ୍ରାଣିକ ଜଗତର ଗୋଟିଏ ଗୋଟିଏ ସତ୍ତା ହିସାବରେହିଁ ପ୍ରକୃତିର ଶକ୍ତିଗୁଡ଼ିକ ମଧ୍ୟରେ ଆସି ପ୍ରକଟ ହୋଇଥାନ୍ତି । ମନ୍ଦ

'oaob.nitrkl.ac.in' images reprocessed

କରିବାକୁ ଆନନ୍ଦ ପାଆନ୍ତି ବୋଲି ସେମାନେ ମନ୍ଦ ଆଚରଣ କରନ୍ତି, ଧ୍ୱଂସ କରିବାକୁ ଆନନ୍ଦ ପାଆନ୍ତି ବୋଲି ଧ୍ୱଂସ କରିବାରେ ଲାଗିଥାନ୍ତି ।

ଲୋକେ ଦୃଷ୍ଟାନ୍ତ ଦେଇ ଅନେକ ସମୟରେ ବିଲେଇର ଦୁଷ୍ଟତା ବିଷୟରେ କହିଥାନ୍ତି । ମୂଷାକୁ ଖାଇବା ପୂର୍ବରୁ ବିଲେଇ ମୂଷା ସହିତ କେତେ ଖେଳେ । ପିଲାମାନଙ୍କ ଆଗରେ ସେହି ଉଦାହରଣଟି ଦିଆ ଯାଇଥାଏ । ମାତ୍ର ମୁଁ ବିଲେଇମାନଙ୍କୁ ଦେଖିଛି । ସେମାନେ କ'ଣସବୁ କରନ୍ତି ମୁଁ ଜାଣିଛି । ଏକଥାଟି ଆମୋଟେ ସତ ନୁହେଁ । କୌଣସି ଦ୍ୱେଷଭାବ ରଖି ସେମାନେ କଦାପି ତାହା କରନ୍ତି ନାହିଁ । ସାଧାରଣତଃ କଥାଟି ଏହିପରି ଘଟିଥାଏ ମାଆ-ବିଲେଇ ତା'ର ଛୁଆମାନଙ୍କ ପାଇଁ ଶିକାର କରିଯାଏ ଓ ମୂଷାଟିଏ ଧରିଆଣେ । ଯଦି ଧରିଆଣିବା ସଙ୍ଗେ ସଙ୍ଗେ ସେ ମୂଷାଟିକୁ ଛୁଆମାନଙ୍କୁ ଖାଇବାକୁ ଦେଉଥାନ୍ତା, ତେବେ ଛୁଆମାନେ ତାହାକୁ ଆଦୌ ଖାଇ ପାରନ୍ତେ ନାହିଁ; କାରଣ ସେତେବେଳେ ମୂଷାଟି ଭାରି ଶକ୍ତ ଥାଏ, ଭାରି କଠିନ ଥାଏ ଏବଂ ସେଭଳି ଶକ୍ତ ଓ କଠିନ ମାଂସ ଖାଇବା ଲାଗି ଛୁଆମାନଙ୍କର ଆଦୌ କୌଣସି ସାମର୍ଥ୍ୟ ନଥାଏ । ଏବଂ, ସେପରି ଖାଉଥିଲେ ତାହା ହାନିକାରକ ବି ହୁଅନ୍ତା । ତେଣୁ ସେମାନେ ମୂଷାଟି ସହିତ ଖେଳନ୍ତି (ସେମାନେ ମୂଷାଟି ସହିତ ଖେଳୁଥିବା ପରି ଦେଖା ଯାଉଥାଏ ।), ସେଇଟିକୁ ଏଣିକି ତେଣିକି ଫୋପାଡ଼ିବାରେ ଲାଗିଥାନ୍ତି, ଗଡ଼ାଇ ନେଉଥାନ୍ତି, ପୁଣି ଧରୁଥାନ୍ତି, ମୂଷାଟିକୁ ଦଉଡ଼ିବାକୁ ଦିଅନ୍ତି, ତା' ପଛରେ ଗୋଡ଼ାଇ ଯାଆନ୍ତି; ଏହିପରି ଭାବରେ ତାହା ବେଶ୍ ଚମତ୍କାର ଭାବରେ ନରମ ହୋଇଯାଏ । ଏବଂ ତା'ପରେ, ସେଇଟି ଭଲ କରି ନରମ ହୋଇ ଖାଇବା ଲାଗି ଉପଯୁକ୍ତ ହୋଇଗଲେ, ମାଂସଟି ଯେତେବେଳେ ପୂର୍ଣ୍ଣରୂପେ ପ୍ରସ୍ତୁତ ହୋଇଯାଏ, ତା'ପରେ ଯାଇ ସେମାନେ ତାହାକୁ ଛୁଆମାନଙ୍କୁ ଖାଇବାକୁ ଦିଅନ୍ତି । ଏବଂ ଛୁଆମାନେ ବର୍ତ୍ତମାନ ସେଇଟିକୁ ବେଶ୍ ଖାଇପାରନ୍ତି । ମାତ୍ର ଏକଥା ଆଦୌ ଠିକ୍ ନୁହେଁ ଯେ ସେମାନେ ଖେଳିବାକୁ ଆନନ୍ଦ ପାଇବା ସକାଶେହିଁ ମୂଷାଟି ସହିତ ଖେଳୁଥାନ୍ତି । ତୁମେ ବେଶ୍ ଦେଖି ପାରୁଥିବ ଯେ ସେମାନେ ପ୍ରଥମେ ଶିକାର କରନ୍ତି, ଏବଂ ତା'ପରେ ଖାଦ୍ୟଟିକୁ ପ୍ରସ୍ତୁତ କରି ରଖନ୍ତି । ସେମାନଙ୍କ ପାଖରେ ଚୁଲି ନଥାଏ କି ନିଆଁ ନଥାଏ, ଯାହା ଦ୍ୱାରା କି ସେମାନେ ରାନ୍ଧି କରି ଖାଦ୍ୟଟିକୁ ନରମ କରିଦେଇ ପାରିବେ । ମାତ୍ର ସେମାନଙ୍କୁ ଖାଦ୍ୟଟିକୁ ତଥାପି ପ୍ରସ୍ତୁତ କରିବାକୁ ପଡ଼ିବ, ଖାଇବା ଲାଗି ଉପଯୁକ୍ତ କରି ରଖିବାକୁ ହେବ ।

ମାତ୍ର ଏକଥାଟି ମଧ୍ୟ କୁହା ଯାଇଥାଏ ଯେ ଗିଳି ପକାଇବାର ଅଭିଳାଷଟିକୁ ବ୍ୟକ୍ତ କରିହିଁ ଜୀବମାନେ ସର୍ବପ୍ରଥମେ ନିଜର ଭଲ ପାଇବାର ଇଚ୍ଛାଟିକୁ ପ୍ରକାଶ କରି ଆସିଛନ୍ତି । ଜଣେ ଆତ୍ମସାତ୍ କରିନେବାକୁ ଚାହେଁ, ଗିଳି ପକାଇବାକୁ ଚାହେଁ ।

'oaob.nitrkl.ac.in' images reprocessed

ମୋ ପାଖରେ ଗୋଟିଏ ଉଦାହରଣ ରହିଛି ଯାହାକି ଏହି ଅନୁମାନଟିକୁ ସମ୍ପୂର୍ଣ୍ଣ ମିଥ୍ୟା ନୁହେଁ ବୋଲି ପ୍ରତିପାଦିତ କରିଦେଉଥିବା ପରି ମନେହେବ । ଯେତେବେଳେ ବାଘ ଯାଇ ଶିକାରକୁ ଧରେ କିଂବା ସାପ ଯାଇ କାହାକୁ କବଳଗତ କରେ, ସେତେବେଳେ ଏପରି ଘଟିଥାଏ ଯେ ବାଘ ଏବଂ ସାପ ଦୁହିଁଙ୍କର ଶିକାର ଭକ୍ଷିତ ହେବାକୁ ଯାଉଥିବାର ପ୍ରାୟ ଏକପ୍ରକାର ଆନନ୍ଦମଗ୍ନତା ଦ୍ୱାରା ପରିଗ୍ରସିତ ହୋଇ ଆପଣାକୁ ଭକ୍ଷକମାନଙ୍କ ପାଖରେ ଆଣି ସମର୍ପିତ କରିଦିଅନ୍ତି । ଏପରି ଜଣେ ବ୍ୟକ୍ତିର କାହାଣୀକୁ ବର୍ଣ୍ଣନା କରି କୁହାଯାଇଥାଏ, ସିଏକି ତା'ର ସାଙ୍ଗମାନଙ୍କ ସହିତ ଜଙ୍ଗଲ ଭିତରେ ଯାଉଯାଉ ଅନେକ ପଛରେ ପଡ଼ିଗଲା ଏବଂ ଗୋଟିଏ ମଣିଷଖିଆ ବାଘର ହାବୁଡ଼ରେ ପଡ଼ିଲା । ସମସ୍ତେ ଫେରିଆସି ଜାଣିପାରିଲେ ଯେ ସେହି ଲୋକଟି ସାଙ୍ଗରେ ନାହିଁ । ସେମାନେ ଖୋଜି ଦେଖିଦେଖି ଗଲେ । ତାକୁ ବାହାର କରିବା ଲାଗି ଦଉଡ଼ିଲେ ଓ ବାଘଟି ତାକୁ ଖାଇବା ପୂର୍ବରୁ ଠିକ୍ ସମୟରେ ତା' ପାଖରେ ଯାଇ ପହଞ୍ଚିଲେ ଓ ତାକୁ ରକ୍ଷା କଲେ । ସିଏ ଟିକିଏ ପ୍ରକୃତିସ୍ଥ ହେବା ପରେ ସମସ୍ତେ ତାକୁ କହିଲେ ଯେ ବାଘ ହାବୁଡ଼ରେ ପଡ଼ି ତା'ର ନିଶ୍ଚୟ ଏକ ଭୟଙ୍କର ଅଭିଜ୍ଞତା ହୋଇଥିବ । ସିଏ ଉତ୍ତର ଦେଇ କହିଲା : "ନା—ତୁମେମାନେ ଚିନ୍ତା କରି ଦେଖିଲ, ମୁଁ କ'ଣ ସବୁ ଘଟୁଥିଲା, ସେତେବେଳେ କିଛିହେଲେ ଜାଣି ପାରୁ ନଥିଲି । ସିଏ ବାଘଟି ଆସି ମୋତେ ଧରିଲା ଓ ମୋତେ ଘୋଷାରି ଘୋଷାରି ନେବାକୁ ଲାଗିଲା; ମୁଁ ସେତେବେଳେ ତା' ପ୍ରତି ସତେଅବା ଏକ ପ୍ରଗାଢ଼ ଆସକ୍ତି ଅନୁଭବ କରୁଥିଲି ଏବଂ ସିଏ ମୋତେ ଖାଇପକାଉ ବୋଲି ଏକ ପ୍ରବଳ ବାସନା ମଧ୍ୟ ଅନୁଭବ କରୁଥିଲି ।"

ଏଇଟି ବେଶ୍ ସମ୍ଭବ, ଏହା ମନଗଢ଼ା କଥା ନୁହେଁ । ଏହା ଏକ ସତ କଥା ।

ମୁଁ ନିଜ ଆଖିରେ ଦେଖିଛି···ମୋର ବିଶ୍ୱାସ ହେଉଛି ମୁଁ ଏହି କଥାଟିକୁ ତୁମମାନଙ୍କୁ ଆଗରୁ ମଧ୍ୟ କହିଛି; ଅଜଗରର ଯନ୍ତା ଭିତରକୁ ଛୁଡ଼ି ଦିଆ ଯାଇଥିବା ସାନ ଠେକୁଆଟିର କଥା ମୁଁ ଖୁବ୍ ସମ୍ଭବ ଆଗରୁ ତୁମମାନଙ୍କୁ କହିଛି । ପାରିସ୍‌ର ଉଦ୍‌ଭିଦ-ଉଦ୍ୟାନରେ ଥିବା ଗୋଟିଏ ପିଞ୍ଜରା ଭିତରେ ଘଟଣାଟି ଘଟିଥିଲା । ଜନ୍ତୁଟିକୁ ପ୍ରାତଃଭୋଜନ ଦିଆ ଯାଉଥାଏ । ମୁଁ ଦୈବାତ୍ ସେତେବେଳେ ସେହିଠାରେ ଥିଲି । ଯନ୍ତାଟି ଖୋଲିଲା, ସାନ ଧଳା ଠେକୁଆଟିକୁ ଭିତରକୁ ପୂରାଇ ଦିଆଗଲା । ସାନ ଧଳା ଠେକୁଆଟି ଖୁବ ସୁନ୍ଦର ଦିଶୁଥାଏ; ଯନ୍ତାରେ ପଶିବା ମାତ୍ରକେ ସେ ତତ୍‌କ୍ଷଣାତ୍ ଯନ୍ତାର ଏକାବେଳେକେ ଅନ୍ୟ ପାଖଟିକୁ ପଳାଇଗଲା ଓ ଗୋଟାସୁଦ୍ଧା ଥରିବାରେ ଲାଗିଲା । ଦେଖିଲା ବେଳକୁ ଖୁବ ଭୟଙ୍କର ଦିଶୁଥାଏ; କାରଣ ଯାହାସବୁ ଘଟିବାରେ ଲାଗିଥାଏ, ଠେକୁଆଟି ସେକଥା ବେଶ୍ ଭଲ

'oaob.nitrkl.ac.in' images reprocessed

ଭାବରେ ଜାଣିଥାଏ । ସିଏ ସାପଟି ବିଷୟରେ ବେଶ୍ ସଚେତନ ହୋଇ ଯାଇଥାଏ, ସବୁକଛୁ ଖୁବ୍ ଭଲଭାବରେ ଜାଣିଥାଏ । ସାପ ଆପଣାର ମସିଣାଟି ଉପରେ ଗୁଡ଼ାଇ ହୋଇ ଶୋଇଥାଏ । ସତେଅବା ଶୋଇଥିଲା ପରି ମନେ ହେଉଥାଏ; ଏବଂ ତା'ପରେ ଅତ୍ୟନ୍ତ ଚୁପ୍ ଭାବରେ ସିଏ ନିଜର ବେକ ଓ ମୁଣ୍ଡଟିକୁ ଆଗକୁ ଆଗକୁ ନେଲା, ଏବଂ ସେଉଠୁ ଠେକୁଆଟି ଆଡ଼କୁ ଅନାଇବାକୁ ଲାଗିଲା । କୌଣସି ପ୍ରକାରେ ହଲଚଲ ନହୋଇ ତାହା ଅନାଇ ରହୁଥାଏ,—ଖାଲି ଠେକୁଆଟି ଆଡ଼କୁ ଚାହିଁଥାଏ । ମୁଁ ଠେକୁଆଟି ଆଡ଼କୁ ଚାହିଁ ଦେଖିଲି; ତାହା ପ୍ରଥମେ କମ୍ପିବା ବନ୍ଦ କରିଦେଲା । ଆଉ ସେ ଭୟ କଲା ନାହିଁ । ଥରେ ପିଠିକୁ କୁଜା କରିଦେଇ ଭୟମୁକ୍ତ ହୋଇଗଲା । ଏବଂ ମୁଁ ଦେଖୁଥାଏ, ସେ ତା'ପରେ ମୁଣ୍ଡଟିକୁ ଉପରକୁ ଟେକିଲା, ବଡ଼ ବଡ଼ ଆଖିରେ ଅନାଇଲା ଏବଂ ସାପଟି ଉପରେ ଦୃଷ୍ଟିପାତ କଲା; ଏବଂ ତା'ପରେ, ଧୀରେ, ଅତ୍ୟନ୍ତ ଧୀରେ ତାହା ସାପଟି ଆଡ଼କୁ ଅଗ୍ରସର ହେବାକୁ ଲାଗିଲା, ଶେଷକୁ ଉପଯୁକ୍ତ ଦୂରତାଟିରେ ଯାଇ ପହଞ୍ଚିଗଲା । ତା'ପରେ ସାପଟି ଗୋଟିଏ ଥର ମୁଣ୍ଡକୁ ଉଠାଇ ତାକୁ ଫଟ୍ କରି ଧରି ପକାଇଲା । ସେଥିଲାଗି ତାକୁ କୌଣସି ପ୍ରକାରେ ବାଧାପ୍ରାପ୍ତ ହେବାକୁ ପଡ଼ିଲା ନାହିଁ; ଏପରିକି ଆଗରୁ ଯେପରି ଗୁଡ଼ାଇ ହୋଇଥିଲା, ଠିକ୍ ସେମିତି ଗୁଡ଼ାଇ ହୋଇ ରହିଥିଲା, ଯେଉଁଠି ଆଗରୁ ଥିଲା ଠିକ୍ ସେହିଠାରେ ରହିଥିଲା, ଏବଂ ଠେକୁଆଟିକୁ ଯାଇ ଧରି ପକାଇଲା । ଏବଂ ତା'ପରେ ସେଇଟିକୁ ସିଏ କେତେ ଏପାଖ ସେପାଖ କରି ଗଡ଼ାଇଲା, ଖାଦ୍ୟଟିକୁ ପ୍ରସ୍ତୁତ କରିବାକୁ ଲାଗିଲା । ଠେକୁଆ ସହିତ ଖେଳିବା ଲାଗି ସେପରି କରି ନଥିଲା । ସେଇଟିକୁ କେବଳ ପ୍ରସ୍ତୁତ କରୁଥିଲା । ତା'ର ହାଡ଼ଗୁଡ଼ିକୁ ଭଲି କରି ଭାଙ୍ଗିଭୁଙ୍ଗି ଦେଲା, ସେଗୁଡ଼ିକ ମଡ଼ମଡ଼ ହୋଇ ଭାଙ୍ଗିଗଲେ, ଏବଂ ତା'ପରେ ସେଇଟିକୁ ବେଶ୍ ଚିକଣିଆ କରିନେବା ଉଦ୍ଦେଶ୍ୟରେ ତା' ଉପରେ ଗୋଟାଏ ନାଲୁଆ ଜିନିଷ ବୋଳି ଦେଲା । ଏବଂ ସେଇଟିକୁ ବେଶ୍ ପ୍ରସ୍ତୁତ ହୋଇଯିବା ପରେ ତାକୁ ଧୀରେ ଧୀରେ ବେଶ୍ ଆରାମର ସହିତ ଗିଳିବାକୁ ଆରମ୍ଭ କଲା ।··· ମାତ୍ର ସେଥିଲାଗି ତାକୁ କୌଣସି ପ୍ରକାରେ ବିଚଳିତ ହେବାକୁ ପଡ଼ିଲା ନାହିଁ, ଏତେଟିକିଏ ହେଲେ ଆଗକୁ ପଛକୁ ଘୁଞ୍ଚିଲା ନାହିଁ; କେବଳ ସବା ଶେଷକୁ ଟିକିଏ ଡେଇଁ ପଡ଼ି ସେଇଟି ଠିକ୍ ଆଗରେ ଆସି ପହଞ୍ଚିଯିବା ପରେ ତାକୁ ଧରି ପକାଇଲା । ଓଲଟି ଅନ୍ୟ ଜନ୍ତୁଟିହିଁ ତାହା ପାଖରେ ଆସି ଆପେ ଆପେ ପହଞ୍ଚି ଯାଇଥିଲା ।

ଏଥର ବୁଝିଲ ? ପ୍ରକୃତି ଭିତରେ ପ୍ରକୃତିରେ ଅନେକ ପ୍ରକାରର କଥା ରହିଛି । ଏହି ଜିନିଷଟି ରହିଛି, ହୁଏତ ଦ୍ୱେଷ ବି ରହିଛି । ମାତ୍ର ଏହି ଦ୍ୱେଷକୁ ମନୁଷ୍ୟର ମାନସିକ କ୍ରିୟାଶକ୍ତିହିଁ ତାକୁ ଏକ ଉପହାରରୂପେ ଆଣି ଦେଇ ନାହିଁ ବୋଲି ମୁଁ ଆଦୌ ସମ୍ପୂର୍ଣ୍ଣ ନିଶ୍ଚିତ ହୋଇ ପାରୁ ନାହିଁ ।··· ମଣିଷ ଯେମିତି ତା'ର

'oaob.nitrkl.ac.in' images reprocessed

ମୂଳପ୍ରବୃତ୍ତିଟିଠାରୁ ଅଲଗା ହୋଇଗଲା ଏବଂ ସ୍ୱାଧୀନ ହୋଇ ସବୁକିଛି କରିବାକୁ ଆରମ୍ଭ କଲା, ହୁଏତ ତା'ର ମାନସିକ ସାମର୍ଥ୍ୟହିଁ ତାହାକୁ ଦ୍ୱେଷ କ'ଣ ଶିଖାଇଦେଲା ।···

## ମୂଳପ୍ରବୃତ୍ତି କହିଲେ ଠିକ୍ କ'ଣ ବୁଝାଏ ?

ସେଇଟି ହେଲା ପ୍ରକୃତିର ଚେତନା । ପ୍ରକୃତି ନିଜର କ୍ରିୟା ବିଷୟରେ ସଚେତନ ରହିଛି, ମାତ୍ର ଆମେ ସେଇଟିକୁ ବ୍ୟକ୍ତିଗତ ଚେତନା ବୋଲି କଦାପି କହିବା ନାହିଁ । ଜୀବଜାତି ମଧ୍ୟରେ ଏକ ମୂଳପ୍ରବୃତ୍ତି ରହିଛି । ଏପରିକି, କେତେକ ମତ ଅନୁସାରେ "ଜୀବଜାତିଗୁଡ଼ିକର ଏକ ଅନ୍ତର୍ଜାତ ଭାବ ମଧ୍ୟ ରହିଛି । ପ୍ରତ୍ୟେକ ଜୀବଜାତିରେ ତା'ର ଅନୁରୂପ ଚେତନାଶୀଳ ସତ୍ତାମାନେ ରହିଛନ୍ତି । ପ୍ରକୃତି ଯେପରି ଭାବରେ କାର୍ଯ୍ୟ କରେ, ସହଜାତ ମୂଳପ୍ରବୃତ୍ତି ତାହାରି ଉପରେ ନିର୍ଭର କରୁଥାଏ । ଏବଂ ପ୍ରକୃତିକୁ ଆମେ ଅବଶ୍ୟ ଏକ ଚେତନାଶୀଳ ଶକ୍ତି ବୋଲି କହିବା; ପ୍ରକୃତି ଯାହାକିଛି ଇଚ୍ଛା କରୁଥାଏ, ତାହା ସେ ଭଲ କରି ଜାଣିଥାଏ, ନିଜର ଆପଣା ରୀତିରେ ସେହି କାର୍ଯ୍ୟଟିକୁ କରେ, ସେ ଯେଉଁ ଆଡ଼କୁ ଯାଉଥାଏ ତାହା ସେ ଖୁବ୍ ଭଲ କରି ଜାଣିଥାଏ, ନିଜର ମାର୍ଗଗୁଡ଼ିକୁ ଭଲ କରି ଚିହ୍ନିଥାଏ । ସିଏ ସ୍ୱୟଂ ସେହି ମାର୍ଗଗୁଡ଼ିକୁ ବାଛୁଥାଏ । ମନୁଷ୍ୟ ଲାଗି ଏସବୁ ଭାରି ଅସଙ୍ଗତ ମନେହୁଏ, କାରଣ ତାହାର ସ୍ୱଚେତନାଟି ଅତ୍ୟନ୍ତ ସଙ୍କୀର୍ଣ୍ଣ ହୋଇ ରହିଥାଏ (ସମଗ୍ରଟିକୁ ସେ ଯଥେଷ୍ଟ ଭଲ ଭାବରେ ଆଦୌ ଦେଖି ପାରୁ ନଥାଏ; ଜଣେ ଯେତେବେଳେ ବସ୍ତୁଗୁଡ଼ିକର ସାନ ଟିକିନିଖିଗୁଡ଼ାକୁ ଦେଖୁଥାଏ ଅଥବା କ୍ଷୁଦ୍ର ଖଣ୍ଡଗୁଡ଼ିକୁ ଦେଖୁଥାଏ, ସେତେବେଳେ ସେ ଆଦୌ କିଛି ହେଲେ ବୁଝି ପାରେ ନାହିଁ ।), ମାତ୍ର ପ୍ରକୃତିର ଏକ ଯୋଜନା ରହିଥାଏ, ଏକ ସଚେତନ ଇଚ୍ଛା ଥାଏ, ତାହା ସଂପୂର୍ଣ୍ଣ ଭାବରେ ଏକ ସଚେତନ ବସ୍ତୁ ହୋଇ ରହିଥାଏ;— ତାହାକୁ ଆମେ ଗୋଟିଏ ସତ୍ତା ବୋଲି ଆଦୌ କହି ପାରିବା ନାହିଁ, କାରଣ ତାହା ସମାନୁପାତ ହୋଇ ଅବସ୍ଥିତ ନଥାଏ । ଆମେ ଯେତେବେଳେ ଆମ ମନୁଷ୍ୟ-ଚେତନା ରହିଥିବା ଏକ ସତ୍ତାର କଥା କହୁ, ସେତେବେଳେ ଆମେ ସଙ୍ଗେସଙ୍ଗେ ଜଣେ ମନୁଷ୍ୟରହିଁ କଳ୍ପନା କରୁ, ସମ୍ଭବତଃ ଅଳ୍ପ ବୃହତ୍ତର ଅଥବା ଅଧିକ ବୃହତ୍ତର ଜଣେ ମନୁଷ୍ୟର କଳ୍ପନା କରୁ, ମାତ୍ର ତଥାପି ସର୍ବଦା ସେହି ଗୋଟିଏ ପ୍ରକାରରେ ଆତଯାତ ହେଉଥିବା ମନୁଷ୍ୟର କଳ୍ପନା କରୁ । ତେଣୁ ପ୍ରକୃତିକୁ ମୁଁ ଏକ ସତ୍ତା ବୋଲି କହୁ ନାହିଁ, ତାହାକୁ ଗୋଟିଏ ଚେତନାଶୀଳ ବସ୍ତୁ ବୋଲି କହୁଛି; ଏକ ସଚେତନ ଇଚ୍ଛା ବୋଲି କହୁଛି, ଯାହାକି ସଚେତନ ଭାବରେ ସବୁକିଛି କରୁଛି,

'oaob.nitrkl.ac.in' images reprocessed

ସୁଅଭ୍ୟସ୍ତ ଭାବରେ କରୁଛୁ, ଏବଂ ଆପଣାର ଅଧୀନରେ ରହିଥିବା ଦୁର୍ଜ୍ଞେୟ ଶକ୍ତିଗୁଡ଼ିକର ସାହାଯ୍ୟରେ ତାହା କରୁଛୁ ।

ପ୍ରକୃତିର ଶକ୍ତିଗୁଡ଼ିକୁ ଅନ୍ଧ ଏବଂ ପ୍ରବଳ ବୋଲି କୁହା ଯାଇଥାଏ । ମାତ୍ର ସତକଥା କହିଲେ କେବଳ ସେତିକି କୁହା ଯିବ ନାହିଁ । ପ୍ରକୃତି ସହିତ ମନୁଷ୍ୟର ଯେଉଁ ଆପେକ୍ଷିକ ଆନୁପାତିକତାଟି ରହିଛି, ତାହାର ବଶବର୍ତ୍ତୀ ହୋଇ ମନୁଷ୍ୟ ଏପରି ବିଚାର କରି ପକାଉଛି । ଏଠାରେ ଟିକିଏ ଅପେକ୍ଷା କରି ଆମେ ଏହି ଉଦାହରଣଟିକୁ ପରୀକ୍ଷା କରି ଦେଖିବା । ଯେତେବେଳେ ଭୂମିକମ୍ପ ହୁଏ, ସେତେବେଳେ ଅନେକ ଦ୍ୱୀପ ତାହାର ପ୍ରକୋପ ଭିତରେ ପଡ଼ନ୍ତି ଏବଂ ଲକ୍ଷ ଲକ୍ଷ ଲୋକଙ୍କର ପ୍ରାଣହାନି ଘଟେ । ଲୋକେ କହନ୍ତି, "ପ୍ରକୃତି ବଡ଼ ଭୀଷଣ, ବଡ଼ ନିର୍ଦ୍ଦୟ !" ମନୁଷ୍ୟର ଦୃଷ୍ଟିରୁ ବିଚାର କରି ଦେଖିଲେ ଏହି ପ୍ରକୃତି ପ୍ରକୃତରେ ଭୀଷଣ ଓ ନିର୍ଦ୍ଦୟ । ଏହା ପ୍ରକୃତରେ କ'ଣ କଲା ? ଏକ ବିରାଟ ବିପର୍ଯ୍ୟୟ ଘଟାଇଲା । ମାତ୍ର ଟିକିଏ ଭାବି ଦେଖ, ଉପର ଡେଇଁଲାବେଳେ, ଦଉଡ଼ିବାବେଳେ ବା କୌଣସି କାର୍ଯ୍ୟ କରିବା ସମୟରେ କୋଉଠି ତୁମେ ଯାଇ ଖାଲି ଜୋର୍‌ରେ ବାଡ଼େଇ ହୋଇ ଯାଉଛ ଏବଂ ଗୋଟାପୁଞ୍ଜା କଳା ଆଉ ନେଳିଆ ପଡ଼ିଯାଉଛ । ଭୂମିକମ୍ପଟିଏ ହେଲେ ଯାହା ହେଉଛି, ଏହା ଦ୍ୱାରା ଆମ ଶରୀରର କୋଷଗୁଡ଼ିକ ଲାଗି ଠିକ୍ ସେହି କଥା ଘଟୁଛି । ତୁମେ ଶରୀରର ବହୁସଂଖ୍ୟକ କୋଷକୁ ନଷ୍ଟ କରି ପକାଉଛ । ଏଇଟି ହେଉଛି ଆନୁପାତିକତାର ପ୍ରଶ୍ନ । ଆମ ସକାଶେ, ଅର୍ଥାତ୍ ଅନୁକ୍ଷଣ କ୍ଷୁଦ୍ର ହୋଇ ରହିଥିବା ଆମ ଚେତନାଟି ସକାଶେ ଏଇଟା ସତେଅବା କେଡ଼େ ବଡ଼ ଗୋଟାଏ କ'ଣ ଘଟିଗଲା ପରି ମନେ ହେଉଛି, ମାତ୍ର ଯାହା କୁହାଯାଉ ପଛକେ, ଏହାକୁ ପୃଥିବୀପୃଷ୍ଠରେ (ବ୍ରହ୍ମାଣ୍ଡପୃଷ୍ଠରେ ନୁହେଁ, କେବଳ ଏହି ପୃଥିବୀର ପୃଷ୍ଠରେ) ଘଟିଥିବା କେବଳ ଏକ କ୍ଷତି ବୋଲିହିଁ କୁହାଯାଇ ପାରିବ । ଏଠାରେ କେବଳ ଏହି ପୃଥିବୀଟି କଥାହିଁ କୁହାଯାଉଛି । ଅର୍ଥାତ୍ ? ପ୍ରାୟ ଆଦୌ କିଛି ନୁହେଁ, ବିଶ୍ୱବ୍ରହ୍ମାଣ୍ଡ ଭିତରେ ରହିଥିବା କେବଳ ଗୋଟିଏ ଅତିକ୍ଷୁଦ୍ର ଖେଳନାର କଥାହିଁ କୁହାଯାଉଛି । ଯେତେବେଳେ ଏହି ବିଶ୍ୱବ୍ରହ୍ମାଣ୍ଡର କଥା କୁହା ଯାଉଥିବ, ସେତେବେଳେ କେତେଟା ପୃଥିବୀର ଅନ୍ତର୍ହିତ ହୋଇଯିବାକୁ କେବଳ ଏକ କ୍ଷତି ବୋଲିହିଁ କୁହାଯିବ । ତାହାକୁ ଆଉ ଖୁବ୍ ବେଶୀ ବୋଲି କାହିଁକି କୁହାଯିବ ?

ଯଦି ପାରିବା, ଆମେ ଆମର ଚେତନାକୁ ଅବଶ୍ୟ ଆହୁରି ପ୍ରଶସ୍ତ କରିଦେବା ।

ମୁଁ ଜଣଙ୍କୁ ଜାଣିଥିଲି, ଯିଏକି ନିଜର ଚେତନାକୁ ଅଧିକ ପ୍ରଶସ୍ତ କରିଦେବାକୁ ଚାହୁଁଥିଲେ । ଏଥିପାଇଁ ତାଙ୍କୁ ଗୋଟିଏ ବାଟ ବି ମିଳିଛି ବୋଲି ସେ କହୁଥିଲେ; ସିଏ ରାତିରେ ଘର ବାହାରେ ଚିତ୍ ହୋଇ ଶୋଉଥିଲେ, ଆକାଶରେ ଥିବା ତାରାମାନଙ୍କୁ ଅନାଉଥିଲେ ଏବଂ ନିଜକୁ ସେହିମାନଙ୍କ ସହିତ ଏକାତ୍ମ ବୋଲି

'oaob.nitrkl.ac.in' images reprocessed

ଅନୁଭବ କରିବାକୁ ଚେଷ୍ଟା କରୁଥିଲେ । ଏହାର ଫଳରେ ସେ ଏକ ବିପୁଳ ଜଗତର କେଉଁ ଗଭୀର ମଧ୍ୟରେ ହଜି ଯାଉଥିଲେ ଏବଂ ତେଣୁ ଆନୁପାତିକତାର ଯାବତୀୟ ବୋଧକୁ କୁଆଡ଼େ ହଜାଇ ପକାଉଥିଲେ; ଏହି ପୃଥିବୀର ଯାବତୀୟ ଶୃଙ୍ଖଳା ଓ ବ୍ୟବସ୍ଥା ଏବଂ ଏହାର ଯାବତୀୟ ସାନସାନ କଥା ବିଷୟରେ ସବୁ କିଛି ବୋଧ ହରାଇ ଦେଇ ସେ ଆକାଶ ପରି ବିସ୍ତୃତ ହୋଇ ଯିବା ଲାଗି ଚେଷ୍ଟା କରୁଥିଲେ । ଏବଂ, ତୁମେ ବୁଝି ପାରୁଥିବ, ଏହିପରି ଭାବରେ ସେହି ସମଷ୍ଟି ଲାଗି ସାନସାନ ଅଶୁଦ୍ଧତାଗୁଡ଼ାକ ସତେଅବା କୁଆଡ଼େ ଖସି ଖସି ଯାଏ ଏବଂ ଏକ ବୃହତ୍ତ ବ୍ୟାପକତା ମଧ୍ୟରେ ବସ୍ତୁଗୁଡ଼ିକୁ ବୁଝି ପାରିବାର ସାମର୍ଥ୍ୟ ଆସେ । ଏହାକୁ ଏକ ବେଶ୍ ଉତ୍ତମ ଅଭ୍ୟାସ ବୋଲି କୁହାଯିବ ।

ଦୁଇଟିଯାକ ଗୋଟିଏ ଗୋଟିଏ ଉପାଦେୟ ଅଭ୍ୟାସ । ଦୁଇଟିକୁ ପରସ୍ପର ସହିତ ତୁଳନା କର, ତୁମେ ତା'ହେଲେ ଦେଖି ପାରିବ : ତୁମେ କୌଣସି ରାସ୍ତାରେ ଚାଲିଚାଲି ଯାଉଛ, ପିମ୍ପୁଡ଼ିମାନଙ୍କର ଏକ ବାହିନୀ ଗୋଟିଏ ଜାଗାରୁ ବସା ବାନ୍ଧି ଆଉଗୋଟିଏ ବସାକୁ ଯିବାରେ ଲାଗିଛି (ତୁମେ କିନ୍ତୁ ତଳକୁ ଅନାଇ ନାହିଁ, ତୁମେ ଆଉଜଣଙ୍କ ସହିତ କଥାବାର୍ତ୍ତା ହେଉଛ); ଭାରି ଆତ୍ମବିସ୍ମୃତ ଭାବରେ ତୁମେ ଗୋଟିଏ ଗୋଡ଼ ନେଇ ସେହିମାନଙ୍କ ଉପରେ ପକାଇଦେଲ, ତା'ପରେ ଆଉ ଗୋଟିଏ ଗୋଡ଼ ଏବଂ ଅଜାଣତରେ ତୁମ ଗୋଡ଼ତଳେ ଶହଶହ ପିମ୍ପୁଡ଼ି ପେଷି ହୋଇ ମରିଗଲେ । ଯଦି ତୁମେ ପିମ୍ପୁଡ଼ିଟିଏ ହୋଇଥାଆନ୍ତ, ତେବେ କହନ୍ତ : "କେଡ଼େ ଦୁଷ୍ଟ ଆଉ ପାଶବିକ ଶକ୍ତିଟାଏ !" ତୁମେ ତ କେବଳ ଚାଲି ଯାଉଥିଲ । ତୁମେ ସେଆଡ଼କୁ ଆଦୌ କୌଣସି ଧ୍ୟାନ ଦେଇ ନାହିଁ । ମାତ୍ର କଳ୍ପନା କରି ଦେଖ ଯେ ଏହିପରି ଆଉ ସତ୍ତାମାନେ ଅଛନ୍ତି, ଯେଉଁମାନଙ୍କ ସକାଶେ ଆମେ ମଧ୍ୟ ଠିକ୍ ଗୋଟିଏ ଗୋଟିଏ ସାନ ପିମ୍ପୁଡ଼ି ପରି । ସେମାନେ ଆଗ ଗୋଟିଏ ପାଦ ରଖନ୍ତି, ତା'ପରେ ଆଉ ଗୋଟିଏ ପାଦ, ଏବଂ ଲକ୍ଷ ଲକ୍ଷ ମନୁଷ୍ୟଙ୍କର ପ୍ରାଣହାନି ଘଟିଥାଏ । ସେମାନେ ଏ ବିଷୟରେ କିଛି ଜାଣି ନଥାନ୍ତି ଜାଣିଶୁଣି ସେମାନେ କଦାପି ଏକଥା କରି ନଥାନ୍ତି । ସେମାନେ କେବଳ ଯାହା ଚାଲି ଯାଉଥାନ୍ତି, କେବଳ ସେତିକି । ଏଠାରେ ତୁମେ ଯେଉଁ ଗୋଟିଏ ମାତ୍ର ପ୍ରଭେଦ ଦେଖାଇ ପାରିବ (ତଥାପି, ସେଇଟି ବିଷୟରେ ମଧ୍ୟ ମୁଁ ତଥାପି ସୁନିଶ୍ଚିତ ନୁହେଁ), ମଣିଷ ଆଉ ପିମ୍ପୁଡ଼ି ମଧ୍ୟରେ ଯେଉଁ ଗୋଟିଏ ମାତ୍ର ପ୍ରଭେଦ ଦେଖାଇହେବ, ସେଇଟି ହେଉଛି ଯେ ମଣିଷର ଜୀବନରେ ଯାହାକିଛି ଘଟୁଛି, ମଣିଷ ସେହି ବିଷୟରେ ସଜ୍ଞାନ ହୋଇ ପାରୁଛି ଏବଂ ସମ୍ଭବତଃ ପିମ୍ପୁଡ଼ି ସଜ୍ଞାନ ହୋଇ ପାରୁ ନାହିଁ । ନୁହେଁ ? ଏବିଷୟରେ ମୁଁ କିଛି ଜାଣି ନାହିଁ । ମୁଁ ନିର୍ଭର କରି ଆଦୌ କିଛିହେଲେ କହି ପାରୁ ନାହିଁ । କଥାଟି ସେଇଆ ।

'oaob.nitrkl.ac.in' images reprocessed

## ୧୫ ଜୁଲାଇ, ୧୯୫୩

"ପ୍ରତ୍ୟେକ ବ୍ୟକ୍ତିର କୌଣସି ଏକ ପ୍ରିୟ ବିଷୟ ରହିଛି, ଗୋଟିଏ ନା ଗୋଟିଏ ସଙ୍କେତ-ଶବ୍ଦ ରହିଛି, ଯାହାକୁ କି ସେ ଅଧିକ ଭଲ ବୋଲି ବିଶ୍ୱାସ କରିଥାଏ । ପ୍ରତ୍ୟେକ ବ୍ୟକ୍ତି ଭାବନ୍ତି ଯେ ଅନ୍ୟମାନେ ଯେଉଁ ପୂର୍ବଗ୍ରହଟିର କବଳରେ ପଡ଼ିଛନ୍ତି, ସେମାନେ ନିଜେ ସେଥିରୁ ମୁକ୍ତ ହୋଇ ରହିଛନ୍ତି; ଏହିସବୁ ପୂର୍ବଗ୍ରହଙ୍କୁ ଭୁଲ ବୋଲି କହିବାକୁ ସେ ସର୍ବଦା ପ୍ରସ୍ତୁତ ଅଛି । ମାତ୍ର ସିଏ ଭାବୁଛି ଯେ ତା'ର ନିଜ ଆଗ୍ରହ କିଂବା ନିଜ ଧାରଣାଟି ଆଦୌ ଅନ୍ୟମାନଙ୍କର ଆଗ୍ରହ ବା ଧାରଣା ପରି ନୁହେଁ । ସିଏତ ସେଇଟିକୁ ସତ୍ୟରୂପେ, ପ୍ରକୃତ ସତ୍ୟରୂପେ ଗ୍ରହଣ କରି ନେଇଛି ! ଯେତେବେଳେ ମଣିଷ ଏହି ମନର କୌଣସି ନିୟମ ସହିତ ଆସକ୍ତ ହୋଇ ରହିଯାଏ, ତାହା ସେତେବେଳେ ଭିତରେ କେଉଁଠି କୌଣସି ଅଜ୍ଞାତ ନିଶ୍ଚୟ ଲୁକ୍‌କାୟିତ ହୋଇ ରହିଛି ବୋଲି ସଙ୍କେତ ଦେଇଥାଏ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୯ ମେ)

### ଅନ୍ଧବିଶ୍ୱାସଗୁଡ଼ିକୁ କ'ଣ ଏହି ମନରହିଁ ନିୟମ ବୋଲି କୁହାଯିବ ?

ନା, ନିୟମ ବୋଲି କୁହା ଯିବ ନାହିଁ, ବିରଚନା ବୋଲି କୁହାଯିବ । ସାଧାରଣତଃ କୌଣସି ଅଭିଜ୍ଞତାରୁହିଁ ଗୋଟିଏ ଅନ୍ଧବିଶ୍ୱାସର ଜନ୍ମ ହୋଇଥାଏ । ଉଦାହରଣସ୍ୱରୂପ, ଇଉରୋପରେ ଗୋଟିଏ ଅନ୍ଧବିଶ୍ୱାସ ରହିଛି ଯେ ଯଦି ତୁମେ ସିଢ଼ି ତଳ ଦେଇ ଚାଲିଯିବ, ତେବେ ତୁମର କୌଣସି ନା କୌଣସି ଅଶୁଭ ନିଶ୍ଚୟ ଘଟିବ । ଏକଥା ବେଶ୍ ସମ୍ଭବ ଯେ କେବେ ଜଣେ ଲୋକ ସିଢ଼ି ତଳ ଦେଇ ଚାଲି ଯାଉଥିଲା, ସେଠିକବେଳେ ସିଢ଼ିଟି ଖସିଗଲା ଓ ସେହି ଲୋକଟି ଉପରେ ଆସି ପଡ଼ିଲା; ଏବଂ ସେହି ଦିନଠାରୁ ତାହା ଗୋଟିଏ କଥା ହୋଇ ରହିଗଲା । ଏପରି ବି ହୋଇପାରେ ଯେ ଏହି ଅଭିଜ୍ଞତାଟି ଏକାଧିକ ବାର ଭୋଗିବାକୁ ପଡ଼ିଛି; କାରଣ, ବସ୍ତୁତଃ, ଯଦି ସିଢ଼ିଟି ଠିକ୍ ଭାବରେ ରଖା ହୋଇ ନଥାଏ ଏବଂ ତୁମେ ତା' ତଳବାଟ ଦେଇ

'oaob.nitrkl.ac.in' images reprocessed

ଖୁଲ ଯାଉଥାଅ, ତେବେ ତାହା ହୁଏତ ଠିକ୍ ସେହି ମୁହୂର୍ତ୍ତରେ ତୁମ ଉପରେ ପଡ଼ି ଯାଇପାରେ; ଅର୍ଥାତ୍ ସେଥିରୁ ଅଶୁଭ ଘଟେ ବୋଲି ସଙ୍କେତ ମିଳିଯାଏ ! ଏହିପରି ଅଗଣିତ କେତେକେତେ ଅନ୍ଧବିଶ୍ୱାସ ରହିଛି । ପୁନଶ୍ଚ, ସେଗୁଡ଼ିକ ଦେଶ ଦେଶ ଉପରେ ମଧ୍ୟ ନିର୍ଭର କରିଥାନ୍ତି; ଏହିସବୁ ସାଧାରଣତଃ ବେଶ୍ ସ୍ଥାନୀୟ ଗୋଟିଏ ଗୋଟିଏ ବ୍ୟାପାର ହୋଇ ରହିଥାନ୍ତି ଏବଂ ବିଭିନ୍ନ ଦେଶରେ ଏପରିକି ପରସ୍ପରବିରୋଧୀ ଅନ୍ଧବିଶ୍ୱାସ ମଧ୍ୟ ଦେଖିବାକୁ ମିଳିପାରେ । କେତେକ ଦେଶରେ ଯଦି ତୁମେ କଳା ବିଲେଇଟିଏ ଦେଖିବାକୁ ପାଇବ, ତେବେ ତାହାର ଅର୍ଥ ହେବ ଯେ କ'ଣ ଗୋଟିଏ ଦୁର୍ବିପାକ ଘଟିବାକୁ ଯାଉଛି; ମାତ୍ର, ଆଉ କେତେକ ଦେଶରେ, ଯଦି ତୁମେ କଳା ବିଲେଇଟିଏ ଦେଖିବ, ତେବେ ତାହାର ଅର୍ଥ ହେବ ଯେ ଗୋଟାଏ କ'ଣ ଖୁବ ଭଲ କଥା ଘଟିବାକୁ ଯାଉଛି ! ସବୁ କଥାଗୁଡ଼ିକୁ ଏକାଠି ମିଶାଇ ବିଗ୍ଭର କରିବାକୁ ଚେଷ୍ଟା କଲେ ତୁମେ ପ୍ରକୃତରେ ଏହିପରି ଏକ ସିଦ୍ଧାନ୍ତରେ ଆସି ପହଞ୍ଚିବ ଯେ ତୁମ ଲାଗି ଆଦୌ କିଛିହେଲେ ଘଟିବାକୁ ଯାଉ ନାହିଁ ! କଥାଟି ଠିକ୍ ଏହିପରି । ସାଧାରଣତଃ ପ୍ରାୟ ସବୁ ଅନ୍ଧବିଶ୍ୱାସ ଏହିପରି କୌଣସି ନା କୌଣସି ଅଭିଜ୍ଞତାରୁ ଜନ୍ମଗ୍ରହଣ କରିଥାଏ; ସେହି ଅଭିଜ୍ଞତାଟି ବଡ଼ସ୍ଥାନୀୟ ହୋଇ ରହିଥାଏ, ଏକ ନିର୍ଦ୍ଦିଷ୍ଟ ଅବସରରେ ଘଟିଯାଏ, ଏକ ବ୍ୟତିକ୍ରମସ୍ୱରୂପ ଘଟିଥାଏ, ଯାହାକୁ ମନର ଏକ ସାଧାରଣ ନିୟମର ସ୍ତରକୁ ଉଠାଇ ନିଆ ଯାଇଥାଏ । ଏହାକୁ ମନର ଏକ ନିୟମ ନୁହେଁ, ଏକ ବିରଚନା ବୋଲି କୁହାଯିବ ।

ପୁଣି, ଏଇଟି ବ୍ୟତୀତ ଅନ୍ୟ ଉଦାହରଣ ମଧ୍ୟ ରହିଛି । ଉଦାହରଣସ୍ୱରୂପ, ବିଭିନ୍ନ ଧର୍ମରେ ଏପରି ଅନେକଗୁଡ଼ିଏ ନିୟମ ରହିଛି, ସ୍ୱାସ୍ଥ୍ୟରକ୍ଷାର ନିୟମ, ଚିକିତ୍ସା-ସମ୍ବନ୍ଧୀୟ ଜ୍ଞାନ ପ୍ରଭୃତି ଉପରେ ଯେଉଁଗୁଡ଼ିକ କି ସମ୍ପୂର୍ଣ୍ଣ ଭାବରେ ଆଧାରିତ ହୋଇ ରହିଛି ଏବଂ ସେଗୁଡ଼ିକୁ ଧର୍ମର ଗୋଟିଏ ଗୋଟିଏ ନିୟମରୂପେ ଉନ୍ନୀତ କରି ଅଣାଯାଇଛି; କାରଣ, ଲୋକମାନେ ଯେପରି ସେଗୁଡ଼ିକୁ ଅବଶ୍ୟ ପାଳନ କରିବେ, ସେଥିଲାଗି ତାହାହିଁ ଏକମାତ୍ର ଉପାୟ ବୋଲି ବିବେଚିତ ହୋଇଥିଲା । "ଭଗବାନଙ୍କ ଇଚ୍ଛା" ଯେ ତୁମେ ଏପରି ବା ସେପରି କରିବ ବୋଲି ଯଦି ତୁମକୁ କୁହା ନଯାନ୍ତା, ତେବେ ତୁମେ ସେଇଟିକୁ ମୋଟେ କରିବାକୁ ଯିବ ନାହିଁ; ଅଧିକାଂଶ ମନୁଷ୍ୟ ସାଧାରଣତଃ ସେହିପରି ଭାବରେହିଁ ପରିଚାଳିତ ହୋଇଥାନ୍ତି । ସେହି ଅତ୍ୟନ୍ତ ସରଳ କଥାଟିର ଦୃଷ୍ଟାନ୍ତ ଦେଇ କହିବାକୁ ଗଲେ, ଖାଇବାକୁ ଯିବା ଆଗରୁ ହାତ ଧୋଇବାର ରୀତିଟିକୁ ବିଗ୍ଭର କରି ଦେଖାଯାଉ । ଯେଉଁସବୁ ଦେଶର ସଭ୍ୟତା ଯଥେଷ୍ଟ ପରିମାଣରେ ବିଜ୍ଞାନର ନିୟମଗୁଡ଼ିକୁ ମାନେ ନାହିଁ, ସେଠାରେ କେତେକ ବ୍ୟକ୍ତି ହୁଏତ ଏକଦା ଆବିଷ୍କାର କଲେ ଯେ ଖାଇବା ପୂର୍ବରୁ ହାତ ଧୋଇବାକୁ ପ୍ରକୃତରେ ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ ହୁଏତ ସର୍ବୋତ୍କୃଷ୍ଟ ବୋଲି କୁହାଯିବ । ଯଦି

'oaob.nitrkl.ac.in' images reprocessed

ସେମାନେ ଏଇଟିକୁ ନେଇ ଧର୍ମର ଏକ ନିୟମରେ ପକାଇ ନଥାନ୍ତେ, ଖାଇବାକୁ ଯିବା ପୂର୍ବରୁ ହାତ ଧୋଇବାକୁ ପଡ଼ିବ ବୋଲି "ଭଗବାନ ଇଚ୍ଛା କରୁଛନ୍ତି" ବୋଲି ଯଦି ସେମାନେ କହି ନଥାନ୍ତେ, ହାତ ନଧୋଇ ଖାଇ ବସିଲେ ତାଙ୍କ ବିରୁଦ୍ଧରେ ଏକ ଅପରାଧ କରାଯିବ ବୋଲି ଘୋଷଣା କରି ନଥାନ୍ତେ, ତେବେ ସେମାନଙ୍କର କଥା ଶୁଣି ଲୋକମାନେ ହୁଏତ କହିଥାନ୍ତେ, "ଏତେ ତରତର କାହିଁକି ? ଆଜି ନହେଲେ କାଲି କରିବା । ଆଜି ମୋର ସେଥିଲାଗି ସମୟ ନାହିଁ, ମୋର ଅନେକ କାମ ରହିଛି !" ମାତ୍ର ଏପରି ଭାବରେ କଥାଟିକୁ କୁହାଯିବା ଫଳରେ ସେମାନଙ୍କର ମନ ଭିତରେ ସତତ ଏହି ଭୟଟି ନିଶ୍ଚୟ ରହିଥିବ ଯେ ଭଗବାନ ରାଗିଗଲେ ସେମାନଙ୍କ ଉପରେ ନିଶ୍ଚୟ କୌଣସି ନା କୌଣସି ଅମଙ୍ଗଳ ଆସି ପଡ଼ିବ । ଏଇଟା ମଧ୍ୟ ଅନ୍ଧବିଶ୍ୱାସ, ଏକ ବଡ଼ ଅନ୍ଧବିଶ୍ୱାସ ।

ଲୋକେ ଏସବୁ କଥା କରନ୍ତି, କାରଣ ସେମାନଙ୍କୁ ସେହି କଥାଟିକୁ କରିବା ଲାଗି କୁହାଯାଏ । ଗୋଟାଏ ପୁରା ଧାଡ଼ିର କେତୋଟି ଧର୍ମ ରହିଛି,— ଉଦାହରଣସ୍ୱରୂପ ଖାଲ୍‌ଡେଆର ଧର୍ମ,— ଯେଉଁଥିରେକି ଘୁଷୁରିମାଂସ ଖାଇବା ବିଷୟରେ ନିଷେଧ ରହିଛି । ସେମାନେ କହନ୍ତି ଯେ ଘୁଷୁରିମାଂସଟି ପୁରାପୂରି ଏକ ଅଶୁଦ୍ଧ ପଦାର୍ଥ ଏବଂ ତାକୁ ଖାଇଲେ ତୁମେ ମଧ୍ୟ ସେହିପରି ଅଶୁଦ୍ଧ ହୋଇ ପଡ଼ିବ । ଅସଲ କଥା ହେଉଛି ଯେ ଏହିସବୁ ଦେଶରେ (ସେଗୁଡ଼ିକ ହେଉଛନ୍ତି ଗ୍ରୀଷ୍ମପ୍ରଧାନ ଦେଶ) ଘୁଷୁରି-ମାଂସରେ ସ୍ଥାନ ସ୍ଥାନ ଅନେକ କୀଟ ଭର୍ତ୍ତି ହୋଇ ରହିଥାଆନ୍ତି ଏବଂ ସେହି ମାଂସ ଖାଇଲାବେଳେ ସେଗୁଡ଼ାକ ମଧ୍ୟ ଆମ ପେଟ ଭିତରକୁ ଯାଆନ୍ତି; ଏପରକି ରନ୍ଧା ହୋଇଥିବା ମାଂସ ଖାଇଲେ ମଧ୍ୟ ସେହି କଥା ଘଟିଥାଏ । କୀଟଗୁଡ଼ାକୁ ମାରିବାକୁ ହେଲେ ମାଂସକୁ ଅନେକ ସମୟ ପର୍ଯ୍ୟନ୍ତ ସିଝାଇବାକୁ ପଡ଼ିବ । ତେଣୁ ସାଧାରଣ ରନ୍ଧାରେ କୀଟମାନେ ନମରି ତଥାପି ବଞ୍ଚି ରହିଥାନ୍ତି ଏବଂ ଖାଇବା ଦ୍ୱାରା ସେମାନେ ତୁମ ପାକସ୍ଥଳୀ ଓ ଅନ୍ତ୍ର ମଧ୍ୟକୁ ଚାଲିଯାଆନ୍ତି । ସେଠାରେ ସେମାନଙ୍କର ବଂଶବୃଦ୍ଧି ହୁଏ ଏବଂ ଶେଷରେ ସେମାନେ ଅନେକ ସମୟରେ ତୁମର ପ୍ରାଣ ନେଇ ତା'ପରେ ଯାଇ ଛାଡ଼ନ୍ତି, ଅଥବା, ଅନ୍ତତଃ ତୁମକୁ ରୋଗରେ ପକାନ୍ତି । ଏହି କୀଟମାନେ ବିଶେଷ କରି ଏହି କିସମର ମାଂସରେ ବଂଶବୃଦ୍ଧି କରନ୍ତି । ବର୍ତ୍ତମାନ, ଯଦି ଏହି ମଗୁଯାକ କଥା ଲୋକମାନଙ୍କୁ ବୁଝାଇ କରି କୁହା ଯାଉଥା'ନ୍ତା, ତେବେ ସେମାନେ କଦାପି ବୁଝନ୍ତେ ନାହିଁ; ସେମାନଙ୍କ ପାଖରେ ଏତେ ଚିକିତ୍ସାଜ୍ଞାନ, ବିଜ୍ଞାନ ଅଥବା ସ୍ୱାସ୍ଥ୍ୟରକ୍ଷାର ଜ୍ଞାନ ନଥାଏ ଯେ ସେମାନେ ସେସବୁ ବୁଝିବେ, ଏସବୁ ସେମାନଙ୍କୁ ମୋଟେ ଉପଯୋଗୀ ବୋଲି ଲାଗେ ନାହିଁ : "କିନ୍ତୁ ଏହି ମାଂସ କେଡ଼େ ଶସ୍ତା,—କେତେ ଶସ୍ତା ଦାମ୍‌ରେ ବିକି ହେଉଛି ! ଯାହା ଖରାପ ହେବ ପରେ ଦେଖାଯିବ ।" ପରେ ଯାହା ଘଟିବ, ତାହା

ହେଉଛି ଯେ କେତେ ଦିନ ଯିବା ପରେ ସେମାନଙ୍କର ଅନ୍ତରେ ଭୀଷଣ ଯନ୍ତ୍ରଣା ଆରମ୍ଭ ହେବ, ତା'ପରେ ସେମାନେ ଝଡ଼ି ଝଡ଼ି ଯିବେ, ପ୍ରାୟ ଆବଶ୍ୟକତା ନଥିଲେ ମଧ୍ୟ ବେଶୀ ବେଶୀ ଖାଇବାରେ ଲାଗିଥିବେ ଏବଂ କ'ଣ ଯେ ପ୍ରକୃତରେ ଘଟିଛି, ସେ ବିଷୟରେ କିଛିହେଲେ ଜାଣି ନଥିବେ । କୀଟଗୁଡ଼ାକ ତାଙ୍କୁ କାଳକ୍ରମେ ଏକାବେଳକେ ଖାଇଯିବେ । ମାତ୍ର ଯଦି ସେମାନଙ୍କୁ ଏପରି କୁହାଯାଏ, "ଘୁଷୁରି ମାଂସ ମୋଟେ ଖାଇବ ନାହିଁ, ଖାଇଲେ ଭଗବାନ ଖୁବ ରାଗିଯିବେ ଏବଂ ତୁମକୁ ନିଶ୍ଚୟ ଦଣ୍ଡ ଦେବେ ।", ସେତିକିହିଁ ଯଥେଷ୍ଟ ହେବ, ସେମାନେ ଆଉ ଘୁଷୁରି ମାଂସ ଖାଇବେ ନାହିଁ ।

ଆଉ ପ୍ରଶ୍ନ ଅଛି ?

"କେହିଜଣେ କହିଛନ୍ତି ଯେ ତୁମେ ଯେତେବେଳେ ଯୋଗ ଆଡ଼କୁ ଆପଣାର ଦ୍ୱାରଟିକୁ ଉନ୍ମୁକ୍ତ କରିଦିଅ, ସେତେବେଳେ ତୁମକୁ କେତେ ନା କେତେ ବାଧାର ସମ୍ମୁଖୀନ ହେବାକୁ ପଡ଼େ ।— ଏହା କ'ଣ ସତ ?

"ଏଇଟା ଗୋଟାଏ ଅକାଟ୍ୟ ନିୟମ ଆଦୌ ନୁହେଁ; ଏବଂ ସଂପୃକ୍ତ ବ୍ୟକ୍ତିଟି ଉପରେହିଁ ସବୁ କଥା ଅନେକ ପରିମାଣରେ ନିର୍ଭର କରୁଥାଏ । ଆପଣା ପ୍ରକୃତି ମଧ୍ୟରେ ରହିଥିବା ନାନା ଦୁର୍ବଳ ବିନ୍ଦୁ ଓ ଅଭାବର ଏକ ପରଖରୂପେ ଅନେକଙ୍କୁ ନାନାବିଧ ପ୍ରତିକୂଳ ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଯାହାକୁ ଆମେ ଯୋଗଜୀବନର ଏକାନ୍ତ ଅପରିହାର୍ଯ୍ୟ ଆଧାର ବୋଲି ଜାଣିରଖିବା ଓ ମୁକ୍ତ ହୋଇ ସେହି ମାର୍ଗରେ ଚାଲିପାରିବା ପୂର୍ବରୁ ଯେଉଁଟି ଅବଶ୍ୟ ସୁପ୍ରତିଷ୍ଠିତ ହୋଇ ରହିଥିବା ଆବଶ୍ୟକ, ସେଇଟି ହେଉଛି ସମତା । ସେହି ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଯାବତୀୟ ବାଧାକୁ ସ୍ୱଭାବତଃ ଗୋଟିଏ ଗୋଟିଏ ପରୀକ୍ଷା ଏବଂ ତୁମକୁ ସେଗୁଡ଼ିକରୁ ଉତ୍ତୀର୍ଣ୍ଣ ହେବାକୁହିଁ ପଡ଼ିବ । ମାତ୍ର, ତୁମ ମନର ବିରଚନାଗୁଡ଼ିକ ତୁମ ଚାରିପାଖରେ ଯେଉଁସବୁ ସୀମାକୁ ଗଢ଼ି ଠିଆ କରାଇ ରଖିଛନ୍ତି ଏବଂ ଯାହା ପରମ ଜ୍ୟୋତି ଏବଂ ପରମ ସତ୍ୟ ଆଡ଼କୁ ତୁମର ଯଥାର୍ଥ ଭାବରେ ଉନ୍ମୋଚିତ ହୋଇ ଯିବାରୁ ତୁମକୁ

'oaob.nitrkl.ac.in' images reprocessed

ନିବୃତ୍ତ କରି ରଖିଛି, ସେହି ସୀମାଗୁଡ଼ିକୁ ଭାଙ୍ଗି ପକାଇବାକୁ ହେଲେ ସେହିସବୁ ଶାନ୍ତଭଙ୍ଗ ଓ ବାଧ୍ୟବାଧକତା ଏକାନ୍ତ ଆବଶ୍ୟକ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୯ ମେ)

ଯେତେବେଳେ ଏକ ଅଭୀପ୍ସା ନେଇ ଆମେ ଆଧ୍ୟାତ୍ମିକ ଜୀବନରେ ପ୍ରବେଶ କରିପାରିବା, ସେତେବେଳେ ମଧ୍ୟ କ'ଣ ପ୍ରତିକୂଳ ଶକ୍ତିମାନେ ଆମକୁ ଆସି ଆକ୍ରମଣ କରି ପାରିବେ ?

ସେମାନେ ସମସ୍ତଙ୍କୁ ଆକ୍ରମଣ କରି ପାରିବେ । ସେଥିରେ ଆଦୌ କୌଣସି ବ୍ୟତିକ୍ରମ ନାହିଁ ।

ଏପରିକି ସେମାନେ ବାହାରକୁ ଖୁବ ସୁନ୍ଦର ଦେଖା ଯାଉଥିଲେ ମଧ୍ୟ ?

ବେଳେବେଳେ । ହଁ, ବେଳେବେଳେ; ବେଳେବେଳେ ସେହିମାନେହିଁ ସବୁଠାରୁ ଅଧିକ ବିପଜ୍ଜନକ ହୋଇ ରହିଥାନ୍ତି ।

କିନ୍ତୁ ଆମେ ସେକଥା କିପରି ଜାଣିପାରିବା ?

ଯଦି ତୁମର ଜଣେ ଗୁରୁ ରହିଥିବେ, ତେବେ ସବୁଠାରୁ ସହଜ ଉପାୟ ହେଉଛି ଯେ ତୁମେ ତାଙ୍କ ପାଖକୁ ଯିବ ଓ ତାଙ୍କୁ ପଚାରିବ । ଏକଥା ପ୍ରତ୍ୟେକ ସାଧକ କରିପାରିବେ । ନିଜ ଗୁରୁଙ୍କଠାରେ ପୂର୍ଣ୍ଣ ବିଶ୍ୱାସ ରଖିବାହିଁ ଏହି କ୍ଷେତ୍ରରେ ଯଥେଷ୍ଟ ହେବ । ତାଙ୍କ ପାଖକୁ ଯାଇ ତାଙ୍କୁ ବାହାର କରିବାକୁ ହେବ ଓ ପଚାରିବାକୁ ପଡ଼ିବ । ସିଏ ତୁମକୁ କହିଦେବେ, କାରଣ ସେଇ ବସ୍ତୁତଃ ସବୁକଥା ଜାଣିଥିବେ ।

ମାତ୍ର, ଯଦି ତୁମର କୌଣସି ଗୁରୁ ନଥାନ୍ତି, ତେବେ ଟିକିଏ କଷ୍ଟକର ନିଶ୍ଚୟ ହେବ; କାରଣ ଏହିସବୁ ପ୍ରତିକୂଳ ଶକ୍ତି ପ୍ରକୃତରେ ଖୁବ ଚତୁର, ସେମାନଙ୍କର ବହିଃରୂପଟିରୁ ସେମାନେ ଗୋଟିଏ ଗୋଟିଏ ବିପର୍ଯ୍ୟୟ, କଷ୍ଟକ୍ଲେଶ ବା ଦୁଷ୍ଟତା ପରି ଆଦୌ ଦେଖା ଯାଆନ୍ତି ନାହିଁ, ଏବଂ ତୁମକୁ ସେହି କଥାଟିକୁ ସଙ୍ଗେସଙ୍ଗେ ଆବିଷ୍କାର କରିବାକୁ ପଡ଼ିବ ଏବଂ ସେମାନଙ୍କ ଦ୍ୱାରା କୌଣସି ପ୍ରକାରେ

'oaob.nitrkl.ac.in' images reprocessed

ପ୍ରତାରିତ ହେବା ପାଇଁ ଆପଣାକୁ ଆଦୌ ଛାଡ଼ିଦେବାକୁ ହେବ ନାହିଁ । ସେମାନେ ସାଧାରଣତଃ ବାହାର ପରିଚ୍ଛଦ ପିନ୍ଧିହିଁ ତୁମ ପାଖକୁ ଆସିଥାନ୍ତି । ଯଦି ତୁମେ ଖୁବ୍ ନିଷ୍ଠାପର ହୋଇଥିବ, ତେବେ ତୁମେ ଅତିରେ କେତେକ ସାନ ସାନ ସଙ୍କେତ ଅବଶ୍ୟ ପାଇପାରିବ; ସାନ ସାନ ସଙ୍କେତ ପାଉଥିବ, ଯାହାକି ତୁମ ଭିତରେ ରହିଥିବା ଦମ୍ଭ ଲାଗି ବେଶ୍ ଖାଦ୍ୟ ଯୋଗାଇ ଦେଉଥିବ ବା ତୁମ ଭିତରେ ନାନା ସନ୍ଦେହର ଉଦ୍ରେକ କରାଉଥିବ ଅଥବା ଯାହା ପ୍ରକୃତରେ କରିବାକୁ ହେବ, ସେ ବିଷୟରେ ତୁମକୁ କିଞ୍ଚିତ୍ ଅଚେତନ କରି ରଖୁଥିବ;— ପ୍ରକୃତରେ ଭାରି ସାନ ସାନ ସଙ୍କେତ । ତୁମେ ଯଦି ଭାରି ନିଷ୍ଠାପର ହୋଇଥିବ, ତେବେ ତୁମେ ସେଗୁଡ଼ିକ ମଧ୍ୟଦେଇ ଅସଲ କଥାଗୁଡ଼ିକୁ ଅବଶ୍ୟ ଦେଖିବାକୁ ପାଇବ; ବିଶେଷ କରି, ପ୍ରଶଂସା ବା ପରିତୋଷଣର ଏହିସବୁ ତୃପ୍ତିବିଧାନରେ ତୁମକୁ ବେଶ୍ ପ୍ରୋତ୍ସାହନ ଦେଉଥିବା ଏହିସବୁ ଉଦ୍ୟମଗୁଡ଼ିକ ବିଷୟରେ ଯଦି ତୁମେ ଯଥେଷ୍ଟ ପରିମାଣରେ ସତର୍କ ହୋଇ ରହିଥିବ, ତେବେ ତୁମେ ଅସଲ କଥାଗୁଡ଼ିକୁ ବେଶ୍ ଦେଖିନେଇ ପାରିବ । ଏହିସବୁ ସଙ୍କେତ, ଯାହା ତୁମର ଦମ୍ଭଗୁଡ଼ାକ ଲାଗି ଟିକିଏ ଟିକିଏ ପ୍ରୋତ୍ସାହନ ଦେଇ ଯାଉଥିବ;—ଏହାହିଁ ହେଉଛି ସେଗୁଡ଼ିକୁ ଚିହ୍ନିପାରିବା ଲାଗି ନିଶ୍ଚିତତମ ସୂଚନା । ଏହାପରେ କେତେକ ସୂଚନା ପାଇ ତୁମେ ଭାବିବାକୁ ଆରମ୍ଭ କରିବ : "ଯାହାହେଉ ପଛକେ ମୁଁ ଆଦୌ ଏତେବେଶୀ ଖରାପ ନୁହେଁ । ମୁଁ ଯାହାକିଛି କରୁଛି, ତାହା ବେଶ୍ ଭଲଭାବରେ କରିପାରୁଛି । ମୋର ଏହି ଉଦ୍ୟମ ପ୍ରକୃତରେ ପ୍ରଶଂସାର ଯୋଗ୍ୟ । ମୋର ନିଷ୍ଠା ବିଷୟରେ ଆଉକିଛି କହିବାର ନାହିଁ । ଇତ୍ୟାଦି, ଇତ୍ୟାଦି ।" ଏହିପରି ଭାବରେ ତୁମେ ନିଜ ଉପରେ ଅଧିକରୁ ଅଧିକ ସନ୍ତୋଷ ପ୍ରକାଶ କରିବାରେ ଲାଗିଥାଅ ଏବଂ ସେତେବେଳେ ତୁମେ ବେଶ୍ ସୁନିଶ୍ଚିତ ହୋଇ ରହିପାରିବ । ମାତ୍ର, ଏପରିକି ସେଠାରେ ମଧ୍ୟ, ତାହା ସର୍ବଦା କଦାପି ଠିକ୍ ସେହିସବୁ ରୂପରେ ପ୍ରକଟ ହୋଇ ନଥାଏ । ଏହି କ୍ଷେତ୍ରରେ ଅନ୍ୟ ଅନେକ କଥା ବି ମହଜୁଦ୍ ରହିଥାଏ; ତାହା ସମ୍ପୃକ୍ତ ବ୍ୟକ୍ତିମାନଙ୍କ ଉପରେହିଁ ନିର୍ଭର କରେ । କେତେକଙ୍କ ପାଇଁ ଏପରି ହୁଏ; ଅନ୍ୟମାନଙ୍କ କ୍ଷେତ୍ରରେ ତାହା ଶ୍ରେଷ୍ଠତା ଓ ବରିଷ୍ଠତାର କେତେ କେତେ ବିଗ୍ରହକୁ ଜାଗ୍ରତ କରିଆଣେ : "ଯଦି ମୁଁ ଏହି ବାଟରେ ଅବିରାମ ଆଗକୁ ଆଗକୁ ଯାଏ, ତେବେ ମୁଁ ନିଶ୍ଚୟ ଜଣେ ବଡ଼ ଯୋଗୀ ହୋଇପାରିବ । ମୋର କେତେକେତେ ସାମର୍ଥ୍ୟ ଆସିଯାଇ ପାରିବ । ମୁଁ ଅନେକ ଭଲ ଭଲ କାମ କରିବ । ମୁଁ ପ୍ରକୃତରେ କେଡ଼େ ଚମତ୍କାର ଭାବରେ ଭଗବାନଙ୍କର ସେବା କରିବାକୁ ନିଯାଉଛି ଏବଂ ମୋର ଏହି ସେବା ଲାଗି ସିଏ ମୋ ଉପରେ କେଡ଼େ ଖୁସି ନହେବେ !" ଏଇଟି ଭାରି ବିପଜ୍ଜନକ । ପୁନଶ୍ଚ, ଠିକ୍ ଓଲଟା କଥାଟି ଘଟିବାର ମଧ୍ୟ ସମ୍ଭାବନା ଥାଇପାରେ । "ଯେତେ ଯାହା କହିଲେ ମଧ୍ୟ,

'oaob.nitrkl.ac.in' images reprocessed

ସମ୍ଭବତଃ ମୋ ଦ୍ୱାରା ଆଦୌ କିଛିହେଲେ ସମ୍ଭବ ନୁହେଁ । ମୁଁ ଯେତେ ଚେଷ୍ଟା କଲେ ମଧ୍ୟ ପ୍ରକୃତରେ କ'ଣ କୌଣସି ଫଳ ଫଳିବ ? ଏହି ଚେଷ୍ଟାରୁ କଦାପି କିଛି ଫଳ ମିଳିବ ନାହିଁ । ଆଧ୍ୟାତ୍ମିକ ଜୀବନ ଲାଗି ମୋର କ'ଣ ପ୍ରକୃତରେ କୌଣସି ସାମର୍ଥ୍ୟ ରହିଛି ? ସମ୍ଭବତଃ ମୁଁ କେବେହେଲେ କିଛି କରି ପାରିବି ନାହିଁ । ଏକ ଅସମ୍ଭବ ସ୍ୱପ୍ନଟା ଲାଗି ମୁଁ ପ୍ରକୃତରେ ହାତର ପାଖ ଅନେକ ଜିନିଷକୁ ଛାଡ଼ି ଛାଡ଼ି ଆସୁ ନାହିଁ ତ ? ଏବଂ, ମୁଁ ପ୍ରକୃତରେ କ'ଣ, ସେକଥା କେବେ ମୁଁ ଭାବିଛି କି ? ମୁଁ ତ କେବଳ ଗୋଟାଏ ଧୂଳିକଣା । ଭଗବାନଙ୍କୁ ଲାଭ କରିବା ସକାଶେ ମୋର କ'ଣ ପ୍ରକୃତରେ କୌଣସି ଉଦ୍ୟମ କରିବା ଉଚିତ ? ଖୁବ୍ ସମ୍ଭବ ମୁଁ କେବେହେଲେ କିଛି ପାଇବି ନାହିଁ ଏବଂ ତେଣୁ ମୋର ସବୁଯାକ ଉଦ୍ୟମ କେବଳ ବୃଥା ଉଦ୍ୟମରେ ପରିଣତ ହେବାକୁ ଯାଉଛି ।" ଏଇଟା ତା'ଠାରୁ ମଧ୍ୟ ଅଧିକ ବିପଜ୍ଜନକ । ମୁଁ ଇଚ୍ଛା କଲେ ସେହିପରି ଶହ ଶହ ଦୃଷ୍ଟାନ୍ତ ଦେଇପାରିବି ।

ଗୋଟିଏ କଥାହିଁ ତୁମକୁ ଯଥାର୍ଥରେ ବାଟ ବତାଇଦେଇ ପାରିବ,—ସେହି ବାଟଟି ହେଉଛି ଯେ ଯେତେ କମ୍ ହେଲେ ମଧ୍ୟ ତୁମକୁ ଚୈତ୍ୟ ସତ୍ତା ସହିତ ସଂସ୍ପର୍ଶ ସ୍ଥାପନ କରିବାକୁ ପଡ଼ିବ ଏବଂ ସେହି ସଂସ୍ପର୍ଶଟିର ସ୍ୱଚ୍ଛନ୍ଦତାକୁ ଦୃଢ଼ ଭାବରେ ଅନୁଭବ କରିବାକୁ ପଡ଼ିବ । ତେବେ, ଏହି ବ୍ୟକ୍ତିଠାରୁ ଅଥବା ସେହି ପରିସ୍ଥିତିଟିରୁ ଯାହାକିଛି ଯେତେବେଳେ ଆସୁଥିବ, ତାକୁ ନେଇ ତୁମେ ସେହି ଚୈତ୍ୟସତ୍ତା ଆଗରେ ରଖି ଦେଉଥିବ ଏବଂ ସେଇଟି ପ୍ରକୃତରେ ଠିକ୍ କି ନୁହେଁ, ସେକଥାଟି ଦେଖି ନେଉଥିବ । ଯଦି ତୁମେ ପ୍ରତ୍ୟେକ ଦୃଷ୍ଟିରୁ ଦେଖିଲେ ସବୁଆଡ଼ୁ ସନ୍ତୁଷ୍ଟ ହୋଇ ରହିଥିବ,—ଏପରିକି, ଯଦି ତୁମେ ନିଜକୁ ଏପରି ମଧ୍ୟ କହି ପାରୁଥିବ "ମୁଁ ଯେଉଁପରି ଜଣେ ବନ୍ଧୁ ପାଇବି ବୋଲି ଇଚ୍ଛା କରୁଥିଲି, ଆଖିର ମୋତେ ସେହିପରି ଜଣେ ବନ୍ଧୁ ମିଳିଗଲା । ମୁଁ ବର୍ତ୍ତମାନ ମୋ ଜୀବନର ସର୍ବୋତ୍ତମ ପରିସ୍ଥିତିରେ ଆସି ରହିପାରିଲି ! ଇତ୍ୟାଦି, ଇତ୍ୟାଦି" ,—ତା'ପରେ ଏହି ସମ୍ପର୍କଟିକୁ ତୁମେ ତୁମ ଚୈତ୍ୟସତ୍ତା ସହିତ ରହିଥିବା ଏହି କ୍ଷୁଦ୍ର ସଂସ୍ପର୍ଶଟିର ଆଗରେ ନେଇ ରଖିବାକୁ ଚେଷ୍ଟା କରିବ; ତା'ପରେ ଦେଖିବ ତାହାର ସେହି ଉଜ୍ଜ୍ୱଳ ରଙ୍ଗଟି ଚୈତ୍ୟସତ୍ତାଟିର ସମ୍ମୁଖରେ ମଧ୍ୟ ସେହିପରି ଉଜ୍ଜ୍ୱଳ ହୋଇ ରହିପାରୁଛି, ବା ହଠାତ୍ ତା ସମ୍ମୁଖକୁ ଆସିବା ମାତ୍ରକେହିଁ ତୁମେ କିଞ୍ଚିତ୍ ପରିମାଣରେ ଅସ୍ୱସ୍ତି ଅନୁଭବ କରିବାକୁ ଲାଗୁଛ; ଖୁବ୍ ବେଶୀ ଅସ୍ୱସ୍ତି ଯେ ଅନୁଭବ କରୁଛ, ସେକଥା ଆଦୌ ନୁହେଁ,— ସେହି କ୍ଷେତ୍ରରେ କେହି ଆଦୌ ଏଡ଼େ ବଡ଼ ପାଟି କରି କିଛି କହିବାକୁ ଚେଷ୍ଟା କରୁ ନଥିବ,— ମାତ୍ର ତଥାପି କିଞ୍ଚିତ୍ ପରିମାଣରେ ଅସ୍ୱସ୍ତିକର ଲାଗିବ । ତୁମେ ଆଗରୁ ଯେପରି ଭାବିବାକୁ ଲାଗିଥିଲ, ତାହା ଠିକ୍ ସେହିପରି ବୋଲି ଏଥର ତୁମେ ଆଦୌ ଏତେବେଶୀ ନିଶ୍ଚିତ ହୋଇ ପାରିବ ନାହିଁ ।

'oaob.nitrkl.ac.in' images reprocessed

ତା'ପରେ ତୁମେ ଜାଣିବ : ହଁ, ସେହି ସାନ ବାଣୀଟିର କଥାଟିକୁହିଁ ସର୍ବଦା ଶୁଣିବାକୁ ପଡ଼ିବ । ସେହି କଥାଟି ହେଉଛି ଅସଲ ସତ୍ୟ ଏବଂ ତା'ପରେ ଆଉ ବାସ୍ତବ ପ୍ରକୃତି ତୁମକୁ ଆଉ କଦାପି କୌଣସି ହରକତରେ ପକାଇବା ଲାଗି ଆସିବ ନାହିଁ ।

ଯଦି ପୂର୍ଣ୍ଣ ନିଷ୍ଠାରେ ଏକ ଅଭୀପ୍ସା ନେଇ ତୁମେ ଆଧ୍ୟାତ୍ମିକ ଜୀବନ ମଧ୍ୟରେ ପ୍ରବେଶ କରିଥିବ, ତେବେ ତୁମ ଜୀବନରେ ଏପରି ବେଳ ବି ଆସିବ, ଯେତେବେଳେ କି କେତେକେତେ ଅପ୍ରୀତିକର କଥାର ଏଡ଼େ ବଡ଼ ପାହାଡ଼ଟାଏ ଆସି ତୁମ ଉପରେ ପଡ଼ିଯାଉଥିବା ପରି ଲାଗିବ : ତୁମର ସବୁଠାରୁ ଘନିଷ୍ଠ ବନ୍ଧୁମାନଙ୍କ ସହିତ ତୁମେ କଳହ କରିବାକୁ ଲାଗିବ, ତୁମର ପରିବାର ତୁମକୁ ଗୋଇଠା ମାରି ଘରୁ ବାହାର କରି ଦେଉଥିବ, ତୁମେ ଯାହାସବୁ ହାସଲ କରିଛ ବୋଲି ଭାବି ଆସିଥିଲ, ସେସବୁ ହରାଇ ପକାଇଲା ପରି ମନେ ହେଉଥିବ···ମୁଁ ଏପରି ଜଣେ ବ୍ୟକ୍ତିଙ୍କୁ ଜାଣିଥିଲି, ସିଏକି କେଡ଼େ ବଡ଼ ଏକ ଅଭୀପ୍ସା ସହିତ ଭାରତବର୍ଷକୁ ଆସିଥିଲେ, ଜ୍ଞାନ ଦିଗରେ ଓ ଏପରିକି ଯୋଗମାର୍ଗରେ ଦୀର୍ଘ କାଳ ନାନା ପ୍ରୟାସ କରିସାରିବା ପରେ ସେ ଭାରତବର୍ଷ ଆସିଥିଲେ । ଏଇଟି ହେଉଛି ଅନେକ ବର୍ଷ ତଳର କଥା । ସେତେବେଳେ ଲୋକମାନେ ଚେନ୍‌ଲଗା ଘଡ଼ି ପିନ୍ଧୁଥିଲେ, ଗହଣାପରି ଗୋଟାଏ ଦୁଇଟା ଜିନିଷକୁ ବି ଦେହରେ ଲଗାଉଥିଲେ । ଏହି ଭଦ୍ରଲୋକଙ୍କ ପାଖରେ ସୁନା-ପୁଟଦିଆ ଗୋଟିଏ ପେନ୍‌ସିଲ୍ ଥିଲା, ତାଙ୍କର ଆଈମାଆ ସେଇଟି ତାଙ୍କୁ ଦେଇଥିଲେ ଏବଂ ସେଇଟିକୁ ସିଏ ଭାରି ଆସକ୍ତି ସହିତ ପୃଥିବୀର ସବୁଠାରୁ ଅଧିକ ମୂଲ୍ୟବାନ୍ ପଦାର୍ଥ ଭଳି ପାଖରେ ରଖିଥିଲେ । ପେନ୍‌ସିଲ୍‌ଟି ତାଙ୍କ ଚେନ୍ ସହିତ ବନ୍ଧା ହୋଇଥିଲା । ସିଏ ଭାରତବର୍ଷର ଏଇଆଡ଼େ ଥିବା କୌଣସି ଏକ ବନ୍ଦରରେ ଆସି ଯେତେବେଳେ ଜାହାଜରୁ ଓହ୍ଲାଇଲେ,—ଏଇଠି ପଣ୍ଡିଚେରୀରେ ଓହ୍ଲାଇଲେ ବା ବୋଧହୁଏ ଭାରତର ଆଉ କେଉଁ ବନ୍ଦରରେ ଓହ୍ଲାଇଲେ ବା କଲମ୍ବୋରେ ଓହ୍ଲାଇଲେ,—ମୋର ଯେତେଦୂର ମନେପଡ଼ୁଛି କଲମ୍ବୋଠାରେହିଁ ଓହ୍ଲାଇଥିଲେ,—ସେଠାରେ ଯାତ୍ରୀମାନେ ଜାହାଜରୁ ଓହ୍ଲାଇ ସାନ ସାନ ନୌକାରେ ବସୁଥିଲେ ଓ ନୌକାଗୁଡ଼ିକ ସେମାନଙ୍କୁ କୂଳଯାଏ ନେଇ ଯାଉଥିଲା । ଏବଂ ସେହି ଭଦ୍ର ଲୋକଙ୍କୁ ଜାହାଜର ନିର୍ଗମନ-ଦ୍ୱାରଟି ଉପରୁ ନୌକା ଉପରକୁ ଡେଇଁପଡ଼ି ଓହ୍ଲାଇ ଆସିବାକୁ ପଡ଼ିଥିଲା । ତାଙ୍କର ଗୋଡ଼ ଖସିଗଲା, ମାତ୍ର ତଥାପି ସେ କୌଣସିମତେ ଆପଣାର ଭାରସାମ୍ୟଟି ଫେରି ପାଇଲେ; ମାତ୍ର ସେତିକି-ବେଳେ ସେ ଟିକିଏ ତରତର ହୋଇ ପଡ଼ିଲେ ଓ ସେହି ଅବସରରେ ତାଙ୍କର ସାନ ସୁନାବସା ପେନ୍‌ସିଲ୍‌ଟି ଗଲି କରି ପାଣି ଭିତରେ ପଡ଼ିଗଲା ଏବଂ କେତେ ଗଭୀରକୁ ଚାଲିଗଲା । ପ୍ରଥମେ ତ ତାଙ୍କ ମନରେ ଭାରି ଦୁଃଖ ହେଲା; ମାତ୍ର ସେ ଆପେ

'oaob.nitrkl.ac.in' images reprocessed

ଆପଣାକୁ କହିବାକୁ ଲାଗିଲେ ଦେଖିଲ, ଏଇଟି ହେଉଛି ଭାରତର ପ୍ରସ୍ତାବ : ଯେତେଠାରେ ମୋର ଆସକ୍ତି ରହିଥିଲା, ବର୍ତ୍ତମାନ ମୁଁ ସେଗୁଡ଼ିକରୁ ମୁକ୍ତ ହୋଇଯିବାରେ ଲାଗିଛି···।" ଖୁବ୍ ବେଶୀ ନିଷ୍ଠା ରହିଥିବା ବ୍ୟକ୍ତିମାନଙ୍କ କ୍ଷେତ୍ରରେହିଁ ଘଟଣାଟି ଏପରି ଏକ ଆକାର ଧାରଣ କରିଥାଏ । ମୂଳତଃ, ଅଭୁଆ ଓ ଅସୁବିଧାର ପର୍ବତଟି ନିଷ୍ଠାବାନ୍ ବ୍ୟକ୍ତିମାନଙ୍କ ଲାଗିହିଁ ଉଦ୍ଦିଷ୍ଟ ହୋଇ ରହିଥାଏ । ଯେଉଁମାନଙ୍କର ନିଷ୍ଠା ନଥାଏ, ସେମାନଙ୍କ ପାଖକୁ ଯାବତୀୟ ବିଷୟ କେତେ ଚକ ଚକ ରଙ୍ଗବିରଙ୍ଗ ହୋଇ ଭାରି ସୁନ୍ଦର ହୋଇ ଆସିଥାଏ, ସେମାନଙ୍କୁ ପ୍ରତାରଣାରେ ପକାଇଦେବାକୁହିଁ ଆସିଥାଏ; ଏବଂ, ସେମାନେ ଯେ ଭୁଲ୍ ଭିତରେ ବନ୍ଧା ହୋଇ ରହିଥିଲେ, ଶେଷରେ ସେହି କଥାଟି ଆବିଷ୍କାର କରିବା ଲାଗି ସେମାନଙ୍କୁ ସମର୍ଥ କରିବା ସକାଶେହିଁ ଆସିଥାଏ । ମାତ୍ର ଯେତେବେଳେ କେହି ବଡ଼ ଧରଣର ନାନା ବିପଦ ଭିତରେ ପଡ଼େ, ସେଥିରୁ ସେତେବେଳେ ଏତିକ ପ୍ରମାଣ ଅବଶ୍ୟ ମିଳେ ଯେ ସିଏ ନିଷ୍ଠାର ମାର୍ଗରେ କେତେକ ପରିମାଣରେ ଏକ ପରିପକ୍ୱତା ଅବଶ୍ୟ ହାସଲ କରିଛି ।

> ଆପଣ ଏଠାରେ କହିଛନ୍ତି : "ଭଗବାନଙ୍କ ପାଖକୁ ଆସିବା ସମୟରେ ମାନସିକ ସ୍ତରର ସବୁକିଛି କଳ୍ପନାକୁ ପରିତ୍ୟାଗ କରିହିଁ ଆସିବାକୁ ପଡ଼ିବ; ମାତ୍ର ସେହି କଥାଟି କରିବା ପରିବର୍ତ୍ତେରେ ଆମେ ଆମ ନିଜ କଳ୍ପନାଗୁଡ଼ାକୁ ନେଇହିଁ ଭଗବାନଙ୍କ ଉପରେ ନିକ୍ଷିପ୍ତ କରି ଦେଇଥାଉ ଏବଂ ଭଗବାନ ସେହିଗୁଡ଼ାକ ଦ୍ୱାରାହିଁ ବାଧ ହୋଇ ରହନ୍ତୁ ବୋଲି ଇଚ୍ଛା କରୁଥାଉ ।"
>
> ପ୍ରଶ୍ନ ଓ ଉତ୍ତର ୧୯୨୯ (୧୯ ମେ)

ହଁ, ସମସ୍ତେ ସେହିପରି କରନ୍ତି । ଅନୁକ୍ଷଣ କରିବାରେ ଲାଗିଥାନ୍ତି । ତୁମେ ଭଗବାନଙ୍କୁ ଯେପରି ଭାବରେ ବୁଝିଛ, ଯଦି ଭଗବାନ ସେପରି ନହୁଅନ୍ତି, ତେବେ ତୁମେ ତାଙ୍କୁ ଆଉ ଭଗବାନ ବୋଲି ସ୍ୱୀକାର କରିବାକୁହିଁ ଇଚ୍ଛା କର ନାହିଁ । ତୁମେ ସିଏ ଯାହା କରନ୍ତୁ ବୋଲି ଇଚ୍ଛା କରୁଛ, ଯଦି ସେ ସେକଥା ନକରନ୍ତି, ସିଏ ଯେପରି କାର୍ଯ୍ୟ କରନ୍ତୁ ବୋଲି ତୁମେ ଚାହୁଁଛ, ଯଦି ସେ ସେହିଭଳି କାମ ନକରନ୍ତି, ତୁମେ ତାଙ୍କୁ ଯେଉଁ ଲକ୍ଷଣଟି ଦେଇ ଚିହ୍ନିବାକୁ ଚାହୁଁଥିଛ, ଯଦି ତାଙ୍କ ପାଖରେ ସେହି ସବୁ ଲକ୍ଷଣ ନଥାଏ, ତେବେ ସିଏ ଆଉ ଭଗବାନ ହୋଇ ରହି

'oaob.nitrkl.ac.in' images reprocessed

ପାରନ୍ତି ନାହିଁ : "ତୁମେ ଯାହାସବୁ କର ବୋଲି ମୁଁ ଇଚ୍ଛା କରୁଛି, ଯଦି ତୁମେ କେବଳ ସେହିସବୁହିଁ କରିବ, ତେବେଯାଇ ତୁମକୁ ମୁଁ ଭଗବାନ ବୋଲି ସ୍ୱୀକାର କରିବି ।" ଅତ୍ୟନ୍ତ ସ୍ୱାଭାବିକ କଥା ଯେ ଏହି କଥାଟିକୁ ସତ ବୋଲି ସ୍ୱୀକାର କରିବା ଲାଗି ଅନେକ ଲୋକଙ୍କ ପାଖରେ ଯଥେଷ୍ଟ ନିଷ୍ଠା ନଥାଏ; ମାତ୍ର ଏହି କଥାଟି ତଥାପି ସତ । ତୁମକୁ ମୁଁ ଏହାର ଲକ୍ଷ ଲକ୍ଷ ଉଦାହରଣ ଦେଇପାରିବି,—ଶହ ଶହ ନୁହେଁ, ଲକ୍ଷ ଲକ୍ଷ ଉଦାହରଣ ଦେଇପାରିବି । ଏବଂ ତୁମମାନଙ୍କ ମଧ୍ୟରୁ ଏପରି ଜଣେ କେହି ନାହିଁ, ଯିଏକି ଅଚେତନ ଭାବରେ ଠିକ୍ ଏହି କଥାଟିକୁ ନକରେ । ଏହା ସତେଯେପରି ଏକ ସାଧାରଣ ନିୟମରେ ପରିଣତ ହୋଇ ରହିଛି; ଜଣେ ହୁଏତ ଏହିପରି କହେ : "ହଁ, ଭଗବାନଙ୍କ ପାଖରେ ଆପଣାକୁ ସମର୍ପିତ କରିଦେଇ ତାଙ୍କର ଇଚ୍ଛାକୁହିଁ ପୂରଣ କରିବା ଲାଗି ମୁଁ ପ୍ରକୃତରେ ବେଶ୍ ପ୍ରସ୍ତୁତ ହୋଇଗଲିଣି, ତାଙ୍କର ଉପସ୍ଥିତି ଓ ତାଙ୍କର ନିଯୁକ୍ତିକୁହିଁ ଗ୍ରହଣ କରିନେବାକୁ ମୁଁ ପ୍ରସ୍ତୁତ ହୋଇ ସାରିଲିଣି; ମାତ୍ର ଏଥିରେ କେବଳ ଗୋଟିଏ ସର୍ତ୍ତ ରହିବ । ଏପରି ହେଲେ ବା ସେପରି ହେଲେ ଯାଇ ତାହା ହୋଇପାରିବ, ସିଏ ସେହିପରି ଭାବି ପାରିଲେ, ଅନୁଭବ କରିପାରିଲେ ଏବଂ କାର୍ଯ୍ୟ କରିପାରିଲେ ଯାଇ ତାହା ହୋଇପାରିବ, ଇତ୍ୟାଦି, ଇତ୍ୟାଦି ।" ଏହି କ୍ଷେତ୍ରରେ ପ୍ରଥମ ଅବସରଟିରେହିଁ ମୁଁ ତୁମକୁ ଏହିପରି ସାନ ଉଦାହରଣଟିଏ ଦେଖାଇଦେଇ ପାରିବି, ଯାହାକି ତୁମର ଆଖି ଆଗରେ ସତେଅବା ଝୁଲି କରି ରହିଥିବ । ତାହା କଦାପି ବ୍ୟର୍ଥ ହେବ ନାହିଁ । ଏହି କେତେଦିନ ମଧ୍ୟରେ ତାହା ନିଶ୍ଚୟ ଆସିବ । ଶୀଘ୍ର ଆସିବ । ବୁଝିଲ ?

"ବର୍ତ୍ତମାନ ଅର୍ଥଶକ୍ତି ପ୍ରାଣିକ ଜଗତର ଶକ୍ତି ଏବଂ ସତ୍ତାମାନଙ୍କର ଅଧୀନରେ ବା ସେହିମାନଙ୍କର ହାତରେ ରହିଛି । ଏହି ପ୍ରଭାବଟି ସକାଶେହିଁ ଅର୍ଥଶକ୍ତି ପ୍ରଭୂତ ପରିମାଣରେ ସତ୍ୟର ଉଦ୍ଦେଶ୍ୟ-ସାଧନ ପାଇଁ ବ୍ୟୟିତ ହେଉଥିବାର ଆଦୌ ଦେଖାଯାଉ ନାହିଁ । ସର୍ବଦା ତାହା ଅପବ୍ୟୟିତ ହେବାରେ ଲାଗିଛି, କାରଣ ତାହା ପ୍ରତିକୂଳ ଶକ୍ତିମାନଙ୍କର କବଳଗତ ହୋଇ ରହିଛି ଏବଂ ଏହି ପ୍ରଧାନ ଉପାୟଟି ଦ୍ୱାରା ସେମାନେ ପୃଥିବୀକୁ ମଧ୍ୟ ଆପଣାର କବଳଗତ କରି ରଖିଛନ୍ତି । ଅର୍ଥଶକ୍ତି ଉପରେ ରହିଥିବା ପ୍ରତିକୂଳ ଶକ୍ତିମାନଙ୍କର ଏହି ଦଖଲଟି ବଡ଼ ଶକ୍ତିଶାଳୀ, ସମ୍ପୂର୍ଣ୍ଣ ଏବଂ ସମ୍ୟକ୍ ଭାବରେ ସଂଗଠିତ ହୋଇ ରହିଛି ଏବଂ ଏହି ଜବରଦସ୍ତ ସଂଗଠନଟି ମଧ୍ୟରୁ କିଛି ଆଦାୟ କରି ନେଇପାରିବା

'oaob.nitrkl.ac.in' images reprocessed

ଏକ ଅତ୍ୟନ୍ତ କଷ୍ଟକର ବ୍ୟାପାର ହୋଇ ରହିଛି । ତୁମେ ଏହି ଅର୍ଥର କିୟଦଂଶକୁ ତା'ର ବର୍ତ୍ତମାନ ମାଲିକମାନଙ୍କ ହାତରୁ ବାହାର କରି ନେବାର ଚେଷ୍ଟା କରିବା ମାତ୍ରକେ ତୁମକୁ ଏକ ଭୟଙ୍କର ଯୁଦ୍ଧରେହିଁ ଅବତୀର୍ଣ୍ଣ ହେବାକୁ ପଡ଼ୁଛି ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୨ ମେ)

ଅର୍ଥଶକ୍ତିର ଅବସ୍ଥାଟି ବର୍ତ୍ତମାନ କିପରି ଅଛି ? ଏହି ସତ୍ତ୍ୱଗୁଡ଼ିକର ଅର୍ଥଶକ୍ତି ଉପରେ ପୂର୍ବ ଅପେକ୍ଷା ଆହୁରି ଅଧିକ ଆଧିପତ୍ୟ ରହିଛି କି ?

ହଁ, ସେହି ଆଧିପତ୍ୟଟି ସେହିପରି ରହିଛି । ସେହିପରି ରହିଛି, ଅବସ୍ଥାରେ କୌଣସି ଉନ୍ନତି ହୋଇ ନାହିଁ । ପୁନଶ୍ଚ, ସେଥିଲାଗି ଯେଉଁ ସର୍ତ୍ତଗୁଡ଼ିକର ପୂରଣ ହେବା ଉଚିତ ଥିଲା, ସେଗୁଡ଼ିକର ବି ପୂରଣ ହୋଇପାରି ନାହିଁ ।* ତେଣୁ ସେହି ଅବସ୍ଥାରେ ଉନ୍ନତି ଘଟିବ ବୋଲି ମଧ୍ୟ ତୁମେ ନ୍ୟାୟତଃ କଦାପି ଆଶା କରିପାରିବ ନାହିଁ । ଏପରିକି, ଆଜି ସକାଳେ ମଧ୍ୟ ମୁଁ ଅଭିଯୋଗ କରି କହୁଥିଲି (କହିବାର ଗୋଟିଏ ଶୈଳୀ ହିସାବରେ ଏଠାରେ ମୁଁ "ଅଭିଯୋଗ କରି କହୁଥିଲି" ବୋଲି କହୁଛି, ମୋ ନିଜ କଥାଟିକୁ ସମସ୍ତେ ବୁଝିନ୍ତୁ, ମୁଁ ସେହି ଉଦ୍ଦେଶ୍ୟରେ ଏପରି କହୁଛି ।), ମୁଁ ନିଜେ ନିଜକୁ କହୁଥିଲି : ଆମେ ଯାହା କରିବାକୁ ଇଚ୍ଛା କରୁଛୁ, ସେହି କଥାଟି କରିବାକୁ ହେଲେ ଆମର ଅନେକ ପଇସା ଦରକାର,—ବୁଝିଲ ତ, ଅନେକ ପଇସା, ମାତ୍ର କିଞ୍ଚିତ୍ ପରିମାଣର ଅଳ୍ପ ପଇସା ନୁହେଁ,—ଏବଂ ତା'ପରେ ମୁଁ ମନେମନେ କହିଲି : ତଥାପି, ଆମ ଲାଗି ଯେ ଟଙ୍କାପଇସାର ଅଭାବ ରହିଛି, ସେକଥା ଆଦୌ ନୁହେଁ;—ଏହି ପୃଥିବୀରେ ତ ଟଙ୍କା ପଇସା ଅଜସ୍ର ପରିମାଣରେ ରହିଛି । ପୃଥିବୀରେ ଏପରି ଲୋକ ଅଛନ୍ତି, ଯେଉଁମାନଙ୍କ ପାଖରେ ଏତେ ବେଶୀ ପଇସା ଅଛି ଯେ ସେହି ପଇସାକୁ ନେଇ ସେମାନେ କ'ଣ କରିବେ, ସେମାନେ ପ୍ରକୃତରେ ସେକଥା ମଧ୍ୟ ଜାଣି ନାହାନ୍ତି । ମାତ୍ର ସେହି ପଇସାକୁ ଭଗବାନଙ୍କ କାର୍ଯ୍ୟ ଲାଗି

* ପୂର୍ବର ଆଉ ଏକ ପ୍ରବଚନରେ (୧୦ ମାର୍ଚ୍ଚ ୧୯୫୧ ର) ମାଆ କହିଥିଲେ ଯେ ଅର୍ଥଶକ୍ତି ଉପରେ ପ୍ରଭୁତ୍ୱ ହାସଲ କରିବା ଲାଗି ଯେଉଁ ସର୍ତ୍ତଟି ପୂରଣ କରିବାକୁ ହେବ, ସେଇଟି ହେଉଛି ଯେ ମନୁଷ୍ୟମାନଙ୍କ ଭିତରେ ରହିଥିବା ଯୌନ-ପ୍ରବୃତ୍ତି ଉପରେ ଆମକୁ ବିଜୟ ହାସଲ କରିବାକୁ ହେବ ।

'oaob.nitrkl.ac.in' images reprocessed

ଦେଇଦେବାର କଥାଟି କସ୍ମିନ୍‌କାଳେ ସେମାନଙ୍କ ବଗ୍ରରକୁ ଆସିବ ନାହିଁ ।
…ସେମାନେ ସେକଥାଟି ଜାଣି ନାହାନ୍ତି ବୋଲି ସେମାନେ କଦାପି କହିପାରିବେ ନାହିଁ, କାରଣ ଯଦି ଜାଣିବା ଲାଗି ଇଚ୍ଛା ରହିଥିବ, ତେବେ ଜାଣିବାର ଉପାୟଟି ମଧ୍ୟ ସର୍ବଦା ମହଜୁଦ ହୋଇ ରହିଥିବ । "ମୁଁ ମୋ ପଇସାକୁ ସର୍ବୋତ୍ତମ ଭାବରେ କାର୍ଯ୍ୟରେ ଲଗାଇବି" ବୋଲି ଯଦି ତୁମ ମନରେ ଭାବନାଟି ଆସୁଛି (ଏଠାରେ ସର୍ବୋତ୍ତମ ଭାବରେ କାର୍ଯ୍ୟରେ ଲଗାଇବାର କଥା କୁହାଯାଉଛି; ଏହି ଭଦ୍ରଲୋକ ବା ଭଦ୍ରମହିଳା ଉପଯୋଗୀ ବୋଲି କହିଲେ ଯାହା ବୁଝୁଛନ୍ତି, ସେହି ଦୃଷ୍ଟିରୁହିଁ ସର୍ବୋତ୍ତମ ଭାବରେ କାର୍ଯ୍ୟରେ ଲଗାଇବା କଥା ଆଦୌ କୁହା ଯାଉ ନାହିଁ), ତୁମେ ସେହି ସର୍ବୋତ୍ତମ ଉପାୟଟିକୁ ନିଶ୍ଚୟ ଖୋଜି ପାଇପାରିବ । ସାଧାରଣତଃ (ବ୍ୟତିକ୍ରମ ଅବଶ୍ୟ ରହିଛି), ଯେଉଁମାନଙ୍କ ପାଖରେ ଅନେକ ପଇସା ଅଛି, ସେମାନେ ଗୋଟିଏ ସର୍ତ୍ତ ରଖିଥାନ୍ତି : ସେହି ପଇସା ଅନ୍ତତଃ କୌଣସି ନା କୌଣସି ପ୍ରକାରରେ ସେମାନଙ୍କର ସନ୍ତୋଷବିଧାନ ଅବଶ୍ୟ କରିବ । ସେହି କ୍ଷେତ୍ରରେ ନିଶ୍ଚୟ କିଛି ନା କିଛି ଉପକାର ହେବ—ସେମାନେ ଦେବେ ସତ, ମାତ୍ର ପ୍ରତିବଦଳରେ କିଛି ଅବଶ୍ୟ ପାଇବେ । ଯଦି ସେମାନେ ବ୍ୟବସାୟୀ ହୋଇ ନଥିବେ ଏବଂ ଅଧିକ ଲାଭ ପାଇବା ପାଇଁ ପଇସା ଦେଉ ନଥିବେ, ଅର୍ଥାତ୍, ଉଦାହରଣସ୍ୱରୂପ, ସେମାନେ ଲୋକହିତୈଷୀ ହୋଇଥିବେ ଏବଂ ମନୁଷ୍ୟସମାଜର ଅଗ୍ରଗତି ଲାଗି ସାହାଯ୍ୟ କରିବାକୁ ପଇସା ଦେବାକୁ ଇଚ୍ଛା କରୁଥିବେ, ସେମାନେ ସବୁବେଳେ ଇଚ୍ଛା କରୁଥିବେ, ଅଳ୍ପ ବା ବହୁତ ପରିମାଣରେ ସଚେତନ ଭାବରେ (ମାତ୍ର ସାଧାରଣତଃ ଅତ୍ୟନ୍ତ ସଚେତନ ଭାବରେ) ସବୁବେଳେ ଏହି ଇଚ୍ଛାଟି ରଖିଥିବେ ଯେ ଏହି କାର୍ଯ୍ୟ ସେମାନଙ୍କ ଲାଗି ଖ୍ୟାତି ଆଣିଦେବ, ସେମାନଙ୍କର ଆତ୍ମ-ଭାବନାଟି ଲାଗି ଏକ ପ୍ରକାରର ପରିତୃପ୍ତି ଆଣିଦେବ । ସେମାନେ ସ୍କୁଲ ବସାଇବାକୁ ପଇସା ଦିଅନ୍ତି : ଏବଂ ସ୍କୁଲର ନାମକରଣ ସେହିମାନଙ୍କର ନାମ ଅନୁସାରେ ହୁଏ । କୌଣସି ସ୍ଥାନରେ ସେମାନେ ସ୍ମାରକଟିଏ ନିର୍ମାଣ କରନ୍ତି : ଏବଂ ସେଠାରେ ଏଇ କଥାଟିକୁ ଅବଶ୍ୟ ଲିପିବଦ୍ଧ କରି ରଖିବାକୁ ପଡ଼େ ଶ୍ରୀଯୁକ୍ତ ଅମୁକ ନା ଅମୁକ ଏହି ସ୍ମାରକଟି ଲାଗି ଅର୍ଥଦାନ କରିଛନ୍ତି, ଇତ୍ୟାଦି, ଇତ୍ୟାଦି… ଏକଦା ଯେତେବେଳେ ମୁଁ ଗୋଲ୍‌କୋଣ୍ଡା (ଆଶ୍ରମସ୍ଥ ଅତିଥିଭବନରୁ ଗୋଟିଏ)ର ନିର୍ମାଣ କରାଉଥିଲି, ସେତେବେଳେ କେତେ ଏପରି ଲୋକ ମୋ ପାଖକୁ ଆସି କହିଥିଲେ ଅଥବା ଅନ୍ୟମାନଙ୍କ ଜରିଆରେ କହି ପଠାଇଥିଲେ : "ମୁଁ ଆପଣଙ୍କୁ ଏତେ ବା ଏତେ ଦେବା ଲାଗି ପ୍ରସ୍ତୁତ ଅଛି, ମାତ୍ର ଅତିଥିଭବନର କୌଣସି ଗୋଟିଏ ପ୍ରକୋଷ୍ଠରେ ଆପଣ ଶଙ୍ଖମର୍ମର ପଥରର ଫଳକଟିଏ ରଖାଇବେ, ଯାହା ଉପରେ କି ଲେଖା ହୋଇଥିବ : "ଶ୍ରୀଯୁକ୍ତ ଅମୁକ ନା ଅମୁକଙ୍କର ଦାନ ଦ୍ୱାରା ଏହି କକ୍ଷଟି

'oaob.nitrkl.ac.in' images reprocessed

ତିଆରି ହୋଇଛୁ ।" ସେକଥା ଶୁଣି ମୁଁ କହୁଥିଲି : "ସେପରି ହୋଇ ପାରିବ ନାହିଁ । ଆପଣଙ୍କ ଲାଗି ମୁଁ ନିଶ୍ଚୟ ଶଙ୍ଖମର୍ମରର ଫଳକମାନ ତିଆରି କରାଇବି ସତ, ମାତ୍ର ସେହିଗୁଡ଼ିକୁ ମୁଁ ଅଟ୍ଟାଳିକାଟିର ସବାତଳ ଚଟାଣଟିରେ ନେଇ ବସାଇଦେବି ।" ଏକଥା ଏହିପରି ।

ସବୁ ନିୟମର କ୍ଷେତ୍ରରେ ଯେପରି ବ୍ୟତିକ୍ରମ ରହିଛି, ଏଠାରେ ମଧ୍ୟ ବ୍ୟତିକ୍ରମ ଅବଶ୍ୟ ରହିଛି; ସେକଥା ଯାହାହେଉ ପଛକେ, ମୁଁ ଏପରି କଦାପି କହି ପାରିବି ନାହିଁ ଯେ ଯେଉଁଠି ସବୁଠାରୁ ଅଧିକ ଉପଯୋଗୀ କଥାଗୁଡ଼ିକ ସର୍ବୋତ୍ତମ ଭାବରେ ସମ୍ଭବ ହୋଇ ପାରୁଥାଏ, ଅର୍ଥ ସ୍ୱତଃସ୍ଫୂର୍ତ୍ତି, ମୁକ୍ତ ଏବଂ ଆତ୍ମସମ୍ମାନ ଭାବରେ କେବଳ ସେହିଠାକୁହିଁ ଯାଇଥାଏ । ସେପରି ହୁଏ ନାହିଁ । ସର୍ବାଧିକ ସଦିଚ୍ଛା ଦେଖାଇବାକୁ ଯାଇ ଆମେ ଅର୍ଥକୁ ଏପରି ନାନା କାର୍ଯ୍ୟରେ ବ୍ୟୟିତ ହେବା ଲାଗି ଦାନ କରିଥାଉ, ଯାହାକୁ କି ସମସ୍ତେ ଭଲଭାବରେ ବୁଝି ପାରୁଥାନ୍ତି (ଯାହାସବୁ ବୁଝିପାରିବା ବେଶ୍ ସହଜ ମଧ୍ୟ ହୋଇଥାଏ), ଉଦାହରଣସ୍ୱରୂପ ଡାକ୍ତରଖାନାଟିଏ ତିଆରି କରିବାକୁ ଦାନ କରୁ, କିଂବା ସାନ ପିଲାଙ୍କ ସକାଶେ କ୍ରୀଡ଼ାସଦନଟିଏ ତିଆରି କରିବାକୁ ଅର୍ଥ ଦାନ କରୁ । ଏଗୁଡ଼ିକ ଗୋଟିଏ ଗୋଟିଏ ସଦିଚ୍ଛାମୂଳକ କାର୍ଯ୍ୟ ଓ ଏଗୁଡ଼ିକୁ ଲୋକେ ବୁଝିପାରନ୍ତି । ମାତ୍ର ସେମାନଙ୍କୁ ଯଦି କୁହାଯାଏ ଯେ ଆମେ ମନୁଷ୍ୟର ଚେତନାରେ ପରିବର୍ତ୍ତନ ଆଣିବା ଲାଗି ଇଚ୍ଛା କରୁଛୁ, ଆମେ ଏକ ନୂତନ ପୃଥିବୀ ସୃଷ୍ଟି କରିବାକୁ ଚାହୁଁଛୁ;—ତେବେ ସେମାନେ ସବୁଆଗ କହିବାକୁ ବାହାରିବେ : "ଆଜ୍ଞା, କ୍ଷମା କରିବେ ! ଆପଣ ଅନୁଗ୍ରହ କରି ଆଉ ଭଗବାନଙ୍କ କଥା କହିବେ ନାହିଁ; କାରଣ ଯଦି ଭଗବାନହିଁ କାର୍ଯ୍ୟଟିକୁ କରୁଛନ୍ତି, ତେବେ ସେଇ ଭଗବାନ ଆପଣଙ୍କୁ ସେହି କାର୍ଯ୍ୟଟି ଲାଗି ଲୋଡ଼ା ହେଉଥିବା ସାଧନଗୁଡ଼ିକୁ ଆଣି ନିଶ୍ଚୟ ଯୋଗାଇଦେବେ ଏବଂ ଆପଣ ଆଉ ଆମ ସାହାଯ୍ୟ କାହିଁକି ଲୋଡ଼ିବାକୁ ଆସିବେ ?" ଅନେକ ଲୋକଙ୍କୁ ମୁଁ ଏକଥା କହିବାର ଶୁଣିଛି : ଯଦି ପୃଥିବୀରେ ଆପଣ ଭଗବାନଙ୍କରହିଁ ପ୍ରତିନିଧିତ୍ୱ କରୁଛନ୍ତି, ତେବେ ଆପଣ ତ ଯାହା ଇଚ୍ଛା କରିବେ ତାହା କରିପାରିବେ; ପୁଣି ଆମେ ଆପଣଙ୍କୁ କିଛି ଦେବାର ଆଉ ପ୍ରୟୋଜନ କେଉଁଠି ରହିଲା ?" ଏବଂ ଏହି ବକ୍ତୃରଟିଠାରୁ (ଏହି ବକ୍ତୃରର ଏକ ପରବର୍ତ୍ତିକାଳୀନ ସ୍ୱାଦଠାରୁ) ତୁମ ଭିତରୁ କେତେଜଣ ପ୍ରକୃତରେ ମୁକ୍ତ ହୋଇ ପାରିଛ କହିଲ : ଭଗବାନ ହେଉଛନ୍ତି ସର୍ବଶକ୍ତିମାନ୍ ଏବଂ ତେଣୁ ସିଏ ତ ଯାହା ଇଚ୍ଛା କରିବେ ତାହା କରିପାରିବେ,— ଏହି ବକ୍ତୃରଟିରୁ ତୁମ ଭିତରୁ କେତେଜଣ ମୁକ୍ତ ହୋଇ ପାରିଛ କହିଲ ?

ସେଇଟି ହେଉଛି ସର୍ବପ୍ରଥମ ଯୁକ୍ତି,—ସେଇଟି ସିଦ୍ଧାନ୍ତ । ଭଗବାନ ସର୍ବଶକ୍ତିମାନ୍, ସିଏ ଯାହା ଇଚ୍ଛା କରିବେ ତାହା କରିପାରିବେ, ତେଣୁ ତାଙ୍କର



'oaob.nitrkl.ac.in' images reprocessed

ଆଉ କାହାର ସାହାଯ୍ୟ ଲୋଡ଼ା ନାହିଁ । ଏବଂ ନିଜର ଏହି ବସ୍ତୁଟିକୁ ଯଥେଷ୍ଟ ଦୂର ପର୍ଯ୍ୟନ୍ତ ବଢ଼ାଇଦେଇ ପାରିଲେ ତୁମେ ନିଶ୍ଚୟ ଏକଥାଟି ଦେଖିବାକୁ ପାଇବ ଯେ ଏହି ସଂସାରରେ ଭଗବାନ ଯଦି ପ୍ରକୃତରେ ସର୍ବଶକ୍ତିମାନ୍ ହୁଅନ୍ତି ଓ ତାଙ୍କର ଯାହାକିଛି ଇଚ୍ଛା ସର୍ବଦା ତାହା କରିପାରନ୍ତି, ତେବେ ମୁଁ କହିବି ଯେ ସିଏ ହେଉଛନ୍ତି ଏହି ବ୍ରହ୍ମାଣ୍ଡରେ ସବୁଠାରୁ ବଡ଼ କ୍ରୂର ବ୍ୟକ୍ତି । କାରଣ, ସିଏ ସର୍ବଶକ୍ତିମାନ୍ ଓ ସିଏ, ବର୍ତ୍ତମାନ ପୃଥିବୀ ଯେପରି ହୋଇ ରହିଛି, ତାହାକୁ ସେହିପରି କରି ଗଢ଼ିଛନ୍ତି, ଦୁଃଖ ଓ କଷ୍ଟରେ ସନ୍ତାପିତ ହେଉଥିବା ମନୁଷ୍ୟମାନଙ୍କ ଆଡ଼କୁ ଅନାଇ ସିଏ ଯଦି କେବଳ ଟିକିଏ ମୁରୁକି ହସି ଦେଉଛନ୍ତି, ଏବଂ ସେଗୁଡ଼ାକୁ ସବୁ ଠିକ୍ ବୋଲି ଭାବୁଛନ୍ତି, ତେବେ ତାଙ୍କୁ ମୁଁ ପ୍ରକୃତରେ ଜଣେ କ୍ରୂର ପିଶାଚ ବୋଲି କହିବି । ପାଞ୍ଚବର୍ଷ ବୟସ ଥିଲାବେଳେ ମୁଁ ପ୍ରାୟ ଏହି ପ୍ରକାରର କଥାସବୁ ଭାବୁଥିଲି । ସେତେବେଳେ ମୁଁ ମନେମନେ କହୁଥିଲି : "ଏକଥା କଦାପି ସମ୍ଭବ ନୁହେଁ, ଏପରି କହି ଯାହାସବୁ ଶିକ୍ଷା ଦିଆଯାଉଛି, ତାହା ଆଦୌ ଠିକ୍ ନୁହେଁ ।" ଏବଂ, ତୁମର ମନ ଦାର୍ଶନିକ କଥାମାନ ବୁଝିବା ଲାଗି ଆଉ ଟିକିଏ ଅଧିକ ସମର୍ଥ ହୋଇ ଆସିଲେ, ଏହି ଅଡ଼ୁଆଟି ଭିତରୁ କିପରି ବାହାରି ଆସିହେବ, ମୁଁ ସେକଥା ତୁମମାନଙ୍କୁ ଶିଖାଇଦେଇ ପାରିବି । ମାତ୍ର ତୁମକୁ ଏହି କଥାଟିକୁ ସର୍ବଦା ବୁଝି ରଖିବାକୁ ହେବ ଯେ ସେଇ ବସ୍ତୁଟି ହେଉଛି ଏକ ବଡ଼ ପିଲାକଥା ବସ୍ତୁ ।

ବର୍ତ୍ତମାନ ମୁଁ ତୁମମାନଙ୍କର ସାଧାରଣ ବୁଦ୍ଧି ବୁଝିଲାଭଳି କେତୋଟି କଥା କହୁଛି । ତୁମେ ଦିବ୍ୟ ସତ୍ୟ ବା ସତ୍ତାକୁ ଏକ ବ୍ୟକ୍ତିରେ ପରିଣତ କରି ପକାଉଛ, କାରଣ ସେପରି କରି ତୁମେ ତାଙ୍କୁ ଅଧିକ ଭଲଭାବରେ ବୁଝିବାକୁ ସମର୍ଥ ହେଉଛ । ତୁମେ ତାଙ୍କୁ ଜଣେ ବ୍ୟକ୍ତିରେ ପରିଣତ କରି ଦେଉଛ । ଏବଂ ତା'ପରେ ତୁମେ କହୁଛ ଯେ ଏହି ବ୍ୟକ୍ତିଜଣକ କୌଣସି ଗୋଟିଏ କଥାକୁ ସଂଗଠନବଦ୍ଧ କରି ରଖିଛନ୍ତି (ଏଠାରେ ପୃଥିବୀଯାକକୁ ସଂଗଠିତ କରି ରଖିବା କଥା ମୁଁ କହୁ ନାହିଁ,—ପୃଥିବୀ କହିଲେ ତ ଏକ ବୃହତ୍ ବ୍ୟାପାରକୁ ବୁଝାଇବ, ବୁଝିବା ବଡ଼ କଷ୍ଟକର ହେବ, ତେଣୁ ଏଇଟିକୁ ଛାଡ଼ି ତୁମେ ଆଉ କୌଣସି କଥାର କଳ୍ପନା କର ।), ଏବଂ ସିଏ ଯାହା ଇଚ୍ଛା କରିବେ ଅର୍ଥାତ୍ ଯାହାକୁ ଭଲ ବୋଲି ଭାବିବେ, ଖାସ୍ ସେହିଗୁଡ଼ିକୁହିଁ ତିଆରି କରିବାର ପରିପୂର୍ଣ୍ଣ କ୍ଷମତା ଖଟାଇ ଭଗବାନ ଏହି କଥାଟିକୁ ସଂଗଠିତ କରି ରଖିଛନ୍ତି ବୋଲି ତୁମେ କହୁଛ । ଏବଂ, ନିଜେ ଯାହା ମନ କରିବେ, ତାହା କରି ପାରିବାର ପରିପୂର୍ଣ୍ଣ କ୍ଷମତା ସହିତ ସିଏ ଏହି ଯେଉଁ ପଦାର୍ଥଟିକୁ ଗଢ଼ିଛନ୍ତି, ସେଥିରେ ଅଜ୍ଞାନ ଅଛି, ନିର୍ବୋଧତା ଅଛି, ଅସତ୍ ଅଭିପ୍ରାୟ ଅଛି, ଭୟ, ଈର୍ଷା, ଦମ୍ଭ, ଗର୍ବ ଓ ଦୁଷ୍ଟତା ସବୁ ରହିଛି; ଏବଂ ତାହା ସହିତ ଦୁଃଖ ଅଛି, ଅସୁସ୍ଥତା ଅଛି, କଷଣ ଅଛି, —ଯାବତୀୟ ଯନ୍ତ୍ରଣାଗୁଡ଼ାକ ମଧ୍ୟ ରହିଛି । ଏବଂ ଏଠାରେ ଗୁଡ଼ିଏ ମଣିଷ ଅଛନ୍ତି,

'oaob.nitrkl.ac.in' images reprocessed

ଯେଉଁମାନେ କି ସମସ୍ତ ଦିନମାନ ମଧ୍ୟରେ ସେମାନଙ୍କ ଜୀବନରେ କେବଳ ଅଳ୍ପ କେତେକ ମୁହୂର୍ତ୍ତରୁ ଅଧିକ ସ୍ଥାୟୀ ସୁଖ ରହିଛି ବୋଲି କଦାପି କହି ପାରିବେ ନାହିଁ; ସେହି ଅଳ୍ପ କେତୋଟି ମୁହୂର୍ତ୍ତକୁ ଛାଡ଼ିଦେଲେ ଦିନଯାକ ସେମାନେ ପ୍ରାୟ ଏକ ସୁଖଦୁଃଖ-ନିରପେକ୍ଷ ଅବସ୍ଥା ଭିତରେହିଁ ରହିଛନ୍ତି,—ସତେଅବା ଏକ ମୃତ ବସ୍ତୁପ୍ରାୟ କାଳାତିପାତ କରୁଛନ୍ତି;—ଏବଂ ଏଇଟାକୁ ତୁମେ ଏକ ସୃଷ୍ଟି ବୋଲି କହୁଛ, ଗୋଟାଏ ସଂସାର ବୋଲି କହୁଛ ! ···ମୁଁ ତାକୁ ଗୋଟାଏ ନରକ ସଦୃଶ କୌଣସି ଏକ ସ୍ଥାନ ବୋଲି କହିବି ! ଏବଂ ଯିଏ ଇଚ୍ଛାକୃତଭାବରେ ଏହିଭଳି ଗୋଟିଏ ପୃଥିବୀକୁ ତିଆରି କରିବ, ଏବଂ କେବଳ ତିଆରି କରିବ ନାହିଁ, ମାତ୍ର, କେତେକ ଧର୍ମଶାସ୍ତ୍ରରେ ଯେପରି ଲେଖାହୋଇ ରହିଛି, ସେହି ପୃଥିବୀଟି ଆଡ଼କୁ ଅନାଇ ଦେଖିବ ଏବଂ "ଆଃ, କେଡ଼େ ସୁନ୍ଦର ପୃଥିବୀଟିଏ !" ବୋଲି କହି ମଧ୍ୟ ପାରିବ,···ମୁଁ ତାକୁ କଦାପି ଭଗବାନ ବୋଲି କହିବି ନାହିଁ ! ଧର୍ମଶାସ୍ତ୍ରରେ ତ ଲେଖାହୋଇ ରହିଛି ଯେ ଏହି ପୃଥିବୀକୁ ତିଆରି କରିସାରି ସପ୍ତମ ଦିବସରେ ଭଗବାନ ସେଇଟି ଆଡ଼କୁ ଅନାଇ ଦେଖିଲେ, ନିଜର କାର୍ଯ୍ୟଟିରେ ଖୁବ ସନ୍ତୋଷ ଅନୁଭବ କଲେ ଏବଂ ତା'ପରେ ବିଶ୍ରାମ ନେବାକୁ ଗଲେ,···ମୁଁ କଦାପି ତାଙ୍କୁ ଭଗବାନ ବୋଲି କହିବି ନାହିଁ । ଅଥବା, ତା' ନହେଲେ ମୁଁ ଆନାତୋଲ୍ ଫ୍ରାଁସ୍‌ଙ୍କର ଅନୁସରଣ କରି କହିବି ଯେ ଯେହି ଭଗବାନ ହୋଇଛନ୍ତି ପ୍ରକୃତରେ ଜଣେ ରାକ୍ଷସ; ଯେତେ ସବୁ ରହିଛନ୍ତି, ସେମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ଭୟଙ୍କର !

ମାତ୍ର ଏହି ଅଡ଼ୁଆ ମଧ୍ୟରୁ ବାହାରି ଯିବା ଲାଗି ଏକ ବାଟ ମଧ୍ୟ ରହିଛି । (ଗୋଟିଏ ପିଲାକୁ ଉଦ୍ଦେଶ୍ୟ କରି) ତୁମେ ସେହି ବାଟଟିକୁ ଜାଣିଛ କି,—ତୁମେ ଜାଣିଛ ? ହିଁ, ହିଁ, ତୁମେ ନିଶ୍ଚୟ ଜାଣିଛ । ତୁମେ ନିଶ୍ଚୟ ବୁଝିପାରିବ ଯେ ତୁମର ଏହି ଯେଉଁସବୁ କଳ୍ପନା ଏବଂ ଯେଉଁ ବିଶ୍ୱରଚି ରହିଛି, ସେଗୁଡ଼ିକ କେବଳ ଗୋଟିଏ କଥା ଉପରେ ଆଧାରିତ ହୋଇ ରହିଛି,—ଯେଉଁ ଅସ୍ତିତ୍ୱଟିକୁ ତୁମେ ଭଗବାନ ବୋଲି କହୁଛ ଏବଂ ଏହି ଯେଉଁ ପୃଥିବୀଟିକୁ ତୁମେ ସେହି ଭଗବାନଙ୍କର ସୃଷ୍ଟି ବୋଲି କହୁଛ, ତାହାରି ଉପରେ ଆଧାରିତ ହୋଇ ରହିଛି । ଏହି ଦୁଇଟିକୁ ତୁମେ ଦୁଇଟି ପୃଥକ୍ ପୃଥକ୍ ବସ୍ତୁ ବୋଲି ଭାବୁଛ, ଗୋଟିଏ ଆରଟିକୁ ତିଆରି କରିଛି, ଗୋଟିଏ ଆରଟିର ଅଧୀନ ହୋଇ ରହିଛି ଏବଂ ଗୋଟିଏ ଯାହା ତିଆରି କରିଛି, ସେଇଟି ତାହାରିହିଁ ଅଭିବ୍ୟକ୍ତ ହୋଇ ରହିଛି ବୋଲି ତୁମେ ଭାବୁଛ । ହିଁ, ସେହିପରି ଭାବିବାଟି ହେଉଛି ସର୍ବପ୍ରଥମ ଭୁଲ । ତୁମେ ଯେଉଁ ବସ୍ତୁଟିକୁ ଭଗବାନ ବୋଲି କହୁଛ ଓ ଆଉ ଯେଉଁଟିକୁ ତାଙ୍କର ଦ୍ୱାରା ତିଆରି ସୃଷ୍ଟି ବୋଲି କହୁଛ, ସେହି ଦୁଇଟି ମଧ୍ୟରେ ଆଦୌ କୌଣସି ପାର୍ଥକ୍ୟ ନାହିଁ ବୋଲି ଯଦି ତୁମେ ଗଭୀରଭାବରେ

'oaob.nitrkl.ac.in' images reprocessed

ଅନୁଭବ କରି ପାରନ୍ତି, "ଏହି ଦୁଇଟିଯାକ ପ୍ରକୃତରେ ସେହି ଗୋଟିଏ ଜିନିଷ" ବୋଲି କହିପାରନ୍ତି, ଏବଂ ଯଦି ତୁମେ ଅନୁଭବ କରିପାରନ୍ତ ଯେ ତୁମେ ଯାହାକୁ ଭଗବାନ ବୋଲି କହୁଛ (ସମ୍ଭବତଃ ଏଇଟି କେବଳ ଗୋଟିଏ ଶବ୍ଦ ବ୍ୟତୀତ ଆଉ ଅଧିକ କିଛି ନୁହେଁ), ଯାହାକୁ ତୁମେ ଭଗବାନ ବୋଲି କହୁଛ, ତୁମେ କଷ୍ଟ ପାଉଥିବା ବେଳେ ସିଏ ମଧ୍ୟ କଷ୍ଟ ପାଉଛନ୍ତି, ତୁମେ ନଜାଣିଥିବା ବେଳେ ସିଏ ମଧ୍ୟ ଜାଣି ନାହାନ୍ତି; ଏବଂ ଏହି ସୃଷ୍ଟିଟି ମଧ୍ୟଦେଇହିଁ ଅଳ୍ପ ଅଳ୍ପ କରି, ପାଦେ ପାଦେ ଅଗ୍ରସର ହୋଇ ସିଏ ନିଜକୁ ପୁନର୍ବାର ଆବିଷ୍କାର କରୁଛନ୍ତି, ଆପଣା ସହିତ ସମ୍ମିଳିତ ହୋଇ ପାରୁଛନ୍ତି, ଆପଣାକୁ ଉପଲବ୍ଧି କରୁଛନ୍ତି, ଅଭିବ୍ୟକ୍ତ କରୁଛନ୍ତି, ସିଏ ସ୍ୱେଚ୍ଛାକୃତ ଭାବରେ କେବେ କୌଣସି କିଛି ଇଚ୍ଛା କରି ନାହାନ୍ତି ବା ଜଣେ ଏକାଧିନାୟକ ଶାସକରୂପେ କଦାପି କିଛି ତିଆରି କରି ନାହାନ୍ତି, ମାତ୍ର ପୃଥିବୀ ବୋଲି ଆମେ ଯାହାକିଛି ଦେଖୁଛୁ, ସେଇଟି ହେଉଛି ଆପଣାକୁ ଆପଣା ଆଗରେ ମୂର୍ତ୍ତ କରି ଦେଖି ପାରିବା ଲାଗି ଚେଷ୍ଟା କରୁଥିବା ଚେତନାରହିଁ ଏକ କ୍ରମବର୍ଦ୍ଧମାନ ଅଭିବ୍ୟକ୍ତି, ସତତ ବିକାଶ ଲାଭ କରିବାରେ ଲାଗିଥିବା ଏକ ଅଭିବ୍ୟକ୍ତି,·· ଯଦି ତୁମେ ଏହି କଥାଟିକୁ ଅନୁଭବ କରି ପାରନ୍ତ, ତେବେ ଏକ ଅଧିକ ସମଗ୍ର ଉପଲବ୍ଧି ଆଡ଼କୁ, ଜ୍ଞାନ-ଚେତନାର ଏକ ଆତ୍ମସଜ୍ଞାନତା ଆଡ଼କୁ ସମ୍ମିଳିତ ଭାବରେ ଅଗ୍ରସର ହୋଇଯିବା ବ୍ୟତୀତ ଏହି କ୍ଷେତ୍ରରେ ପ୍ରକୃତରେ ଆଉ କିଛି ନାହିଁ; ସେହି ଗୋଟିଏ କଥା ବ୍ୟତୀତ ଅନ୍ୟ କିଛିହେଲେ ନାହିଁ । ଏକ ସମଗ୍ର ଏକତା ମଧ୍ୟରେ ଅବସ୍ଥିତ ଓ ଅଧିକରୁ ଅଧିକ ପରିମାଣରେ ଆତ୍ମ-ପରିଚୟ ଲାଭ କରିବାରେ ଲାଗିଥିବା ଏକ ଜ୍ଞାନଚେତନାହିଁ ରହିଛି ଯାହାକି ଦିନେ ନା ଦିନେ ସମଗ୍ର ଭାବରେ ସେହି ପରମ ପ୍ରଥମ ଚେତନାଟିକୁ ଆବର୍ତ୍ତିତ କରାଇ ଆଣିବ ।

ଏହିପରି ଅନୁଭବ କରି ପାରିଲେ ସମସ୍ୟାଟି ସମ୍ପୂର୍ଣ୍ଣ ଭାବରେ ଅନ୍ୟପ୍ରକାର ହୋଇଯିବ ।

ଏଥିରେ କେବଳ ଏତିକିମାତ୍ର କଥା ରହିଛି ଯେ ଏଇଟିକୁ ବୁଝିପାରିବା କିଛିଟା ପରିମାଣରେ କଷ୍ଟକର ହେବ ଏବଂ ନିଜକୁ ମଧ୍ୟ ଟିକିଏ ଅଧିକ ଅଗ୍ରସର ହେବାକୁ ପଡ଼ିବ । ଏପରି ଗୋଟିଏ ସାନ ଅଜ୍ଞାନ ପିଲାଟିଏ ହେବା ପରିବର୍ତ୍ତେରେ, ଯିଏକି ଆଣ୍ଠୁମାଡ଼ି ବସି ହାତ ଦୁଇଟିକୁ ଯୋଡ଼ି "ହେ ଭଗବାନ, ମୁଁ ଆପଣଙ୍କୁ ପ୍ରାର୍ଥନା କରୁଛି, ମୋତେ ଆପଣ ଭଲ ପିଲାଟିଏ କରି ଗଢ଼ନ୍ତୁ, ଯେପରିକି ମୁଁ ମୋ ମାଆଙ୍କ ମନରେ ଆଦୌ କୌଣସି ଆଘାତ ଦେବି ନାହିଁ" ବୋଲି କହୁଛି, ତୁମକୁ ଟିକିଏ ଅଧିକ ଅଗ୍ରସର ହୋଇ ଯିବାକୁ ହେବ । ସେପରି ପ୍ରାର୍ଥନା କରିବା ଭାରି ସହଜ ଏବଂ ସେପରି ପ୍ରାର୍ଥନା କରିବାକୁ ମୁଁ କଦାପି ଖରାପ ବୋଲି କହିବି ନାହିଁ । ଏହିପରି ପ୍ରାର୍ଥନା କରିବା ବେଶ୍ ଭାରି ଭଲ । କେବଳ, ଏପରି ଅନେକ ପିଲା ଅଛନ୍ତି,

'oaob.nitrkl.ac.in' images reprocessed

ଯେଉଁମାନଙ୍କ କ୍ଷେତ୍ରରେ ଏହିସବୁ କଥା ମୋଟେ ଖାପ ଖାଇ ରହିପାରେ ନାହିଁ, କାରଣ ସେମାନେ କହନ୍ତି : "ମୋତେ ଭଲ ପିଲାଟିଏ କରି ଗଢ଼ନ୍ତୁ ବୋଲି ମୁଁ ଆପଣଙ୍କୁ କାହିଁକି ପ୍ରାର୍ଥନା କରିବି ? ଆପଣଙ୍କୁ ଏହି କଥାଟି ମାଗିବାର ଆଦୌ କୌଣସି ଆବଶ୍ୟକତା ନଥିଲେ ମଧ୍ୟ ତ ଆପଣ ମୋତେ ଭଲ ପିଲାଟିଏ କରି ଗଢ଼ିବେ ! ତା' ନହେଲେ ମୁଁ ଆପଣଙ୍କୁ ଆଉ ଭଲ ବୋଲି କପରି କହିପାରିବି ?" ଯେତେବେଳେ ହୃଦୟଟି ସରଳ ଥିବ ଓ ଗୁଡ଼ାଏ ଭାବନା ଭିତରେ ଛନ୍ଦି ହୋଇ ରହିବାକୁ ପଡ଼ୁ ନଥିବ, ସେତେବେଳେ ଏପରି ପ୍ରାର୍ଥନା କରିବା ପ୍ରକୃତରେ ଖୁବ ଭଲ; ମାତ୍ର ଭାବନା ଭିତରେ ପଶି ଅଡ଼ୁଆ ହେବାକୁ ଆରମ୍ଭ କଲେହିଁ ତାହା ଅଧିକ କଷ୍ଟକର ହେବାକୁ ଆରମ୍ଭ କରିବ । ମାତ୍ର ତୁମ ପାଖରେ ଯଦି ଏପରି ଜଣେ ରହିଥିବ ଓ ତୁମକୁ କହିପାରିବ : ସେପରି ନକରି, ଅର୍ଥାତ୍ ଦୀପଟିଏ ନଜଳାଇ ଓ ତା ଆଗରେ ହାତଯୋଡ଼ି ଆଣ୍ଠୁମାଡ଼ି ନବସି ଯଦି ତୁମେ ହୃଦୟ ଭିତରେ ଶିଖାଟିଏ ପ୍ରଜ୍ୱଳିତ କରିଦେଇ ପାରିବ, ଏବଂ ତା'ପରେ "ମୁଁ ଯେତିକି ଜାଣିଛି, ତାହାଠାରୁ ଆହୁରି ଅଧିକ ସୁନ୍ଦର, ଅଧିକ ସତ୍ୟମୟ, ଅଧିକ ଭଦ୍ର ଏବଂ ଆହୁରି ଅଧିକ ଭଲ କରିଛି" ହେବା ଲାଗି ଯଦି ନିଜ ଭିତରେ ଏକ ମହାନ୍ ଅଭୀପ୍ସା ରଖିପାରିବ, ଏବଂ "ମୁଁ ଏତିକି ପ୍ରାର୍ଥନା କରୁଛି ଯେ ମୁଁ କାଲିଠାରୁହିଁ ଏସବୁ ହେବାକୁ ଆରମ୍ଭ କରିବି, ଏସବୁ ଜାଣିବି, ଯାହାକିଛି ମୁଁ ନକରି ପାରୁଛି, ମୁଁ ସେସବୁ କରିବାକୁ ଆରମ୍ଭ କରିବି, ପ୍ରତ୍ୟେକ ଦିନହିଁ ଟିକିଏ ଟିକିଏ ଆହୁରି ଅଧିକ କରି କରିପାରିବି !" ଏବଂ ତା'ପରେ, ଯଦି ତୁମେ ଆପଣାକୁ କିଞ୍ଚିତ୍ ପରିମାଣରେ ବାହାରକୁ ମେଲାଇ ଦେଇ ପାରିବ, ଯଦି, କୌଣସି ନା କୌଣସି କାରଣରୁ, ଏହି ପୃଥିବୀରେ ରହିଥିବା ଅନେକ ଦୁଃଖର ସମ୍ମୁଖରେ ଆଣି ତୁମକୁ ରଖି ଦିଆଯିବ, ଯଦି ତୁମର ଏପରି ଅନେକ ବନ୍ଧୁ ରହିଥିବେ, ଯେଉଁମାନେ ଦୁଃଖୀ ହୋଇ ରହିଥିବେ ବା ଆତ୍ମୀୟସ୍ୱଜନ ଥିବେ, ଯେଉଁମାନେ କି କଷ୍ଟ ପାଉଥିବେ; ଅଥବା ଯଦି ତୁମକୁ କୌଣସି ପ୍ରକାରର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଥିବ, ତେବେ ତୁମେ ଏହି ପ୍ରାର୍ଥନାଟି କରିବ ଯେ ସମଗ୍ର ଚେତନାଟି ଏକତ୍ର ଓ ସମଗ୍ର ଭାବରେ ଉପରକୁ ସେହି ପରିପୂର୍ଣ୍ଣତା ଆଡ଼କୁ ଉତ୍ତୋଳିତ ହୋଇଯାଉ, ଯେପରିକି ସେହି ପରିପୂର୍ଣ୍ଣତାଟିହିଁ ପ୍ରକାଶିତ ହୋଇଆସୁ, ଏବଂ ଏହି ଯେଉଁସବୁ ଅଜ୍ଞାନ ପୃଥିବୀଟାକୁ ଏପରି ନିରାନନ୍ଦମୟ କରି ରଖିଛି, ତାହା ଯେପରି ଏକ ସନ୍ଦୀପିତ ଜ୍ଞାନରେ ପରିଣତ ହୋଇ ବଦଳିଯାଉ, ଏହି ଯାବତୀୟ ମନ୍ଦ ଆଲୋକ ଦ୍ୱାରା ଯଥାର୍ଥରେ ଧୌତ ହୋଇଯାଉ ଏବଂ ଶୁଭକାରୀ ମହାନୁଭବକତାରେ ରୂପାନ୍ତରିତ ହୋଇଯାଉ । ଏବଂ ତା'ପରେ, ଆମର ଯେତେଦୂର ଯାଏ ସାମର୍ଥ୍ୟ ରହିଛି, ଯେତେଦୂର ଯାଏ ବୁଝିବାଶକ୍ତି ରହିଛି, ଆମେ ଆମର ସକଳ ହୃଦୟ ଦେଇହିଁ ଏହାରିହିଁ ଆକାଙ୍‌କ୍ଷା କରିବାରେ ଲାଗିଥିବା; ଏବଂ

'oaob.nitrkl.ac.in' images reprocessed

ଏହି ଆକାଙ୍କ୍ଷା ଏକ ପ୍ରାର୍ଥନାର ରୂପରେ ହିଁ ଆପଣାକୁ ପ୍ରକାଶ କରି ପାରିବ, ଏବଂ ତା'ପରେ ଆମେ ଯାଇ ମାଗିବା, —କାହାକୁ ମାଗିବା ? ଯିଏ ଜାଣିଛି, ତାହାକୁହିଁ ମାଗିବା, ଯାହାର ସାମର୍ଥ୍ୟ ରହିଛି, ଆମେ ତାହାକୁହିଁ ମାଗିବା, ଯାହାକିଛି ଆମଠାରୁ ବୃହତ୍ତର ଏବଂ ଅଧିକ ଶକ୍ତିଶାଳୀ ହୋଇ ରହିଛି, ଆମେ ତାହାକୁହିଁ ମାଗିବା;— ଏସବୁ ଏହିପରି ହେଉ ବୋଲି ସିଏ ଆମକୁ ସାହାଯ୍ୟ କରୁ ବୋଲି ଆମେ ତାକୁ ପ୍ରାର୍ଥନା କରିବା । ଏବଂ ସେହିସବୁ ପ୍ରାର୍ଥନା ପ୍ରକୃତରେ କେଡ଼େ ଅଭାବନୀୟ ଭାବରେ ସୁନ୍ଦର ନହେବ !

ପିଲାଏ, ଏହି ପାଞ୍ଚବର୍ଷ ଗଲେ ଆଧ୍ୟାତ୍ମିକ ଜୀବନ ବିଷୟରେ ମୁଁ ତୁମର ଏକ ଅଧ୍ୟୟନକ୍ରମର ଦାୟିତ୍ୱ ନେବି । ପ୍ରସ୍ତୁତ ହେବା ଲାଗି ତୁମକୁ ମୁଁ ପାଞ୍ଚବର୍ଷ ସମୟ ଦେଉଛି; ବର୍ତ୍ତମାନ ସେହି କଥାଗୁଡ଼ିକରୁ ମୁଁ ମାତ୍ର ଅଳ୍ପ କିଛିହିଁ ତୁମକୁ କହୁଛି; ଆଲୁଅ କ'ଣ, ସେବିଷୟରେ ତୁମକୁ ଏକ ଧାରଣା ଦେବା ଲାଗି ଗୋଟିଏ ସାନ ମହମବତୀ ଆଣି ଜାଳିଦେଲେ ଯାହା କରାହୁଏ, ମୁଁ କେବଳ ତାହାହିଁ କରୁଛି । ମାତ୍ର ମୋର ଇଚ୍ଛା, ତୁମେ ସମସ୍ତେ ଏବିଷୟରେ ସତର୍କ ରହ ଯେ, ଆମର ଏହି ସାଧାରଣ ଜୀବନକ୍ଷେତ୍ରଟିକୁ ଛାଡ଼ି ଆଉ ଅନ୍ୟକିଛି ବିଷୟରେ କହିବାକୁ ଗଲାମାତ୍ରକେହିଁ ଆମକୁ ଅନବରତ ଯେଉଁ ଅର୍ଥହୀନ ମୂର୍ଖ କଥାଗୁଡ଼ାକ କୁହା ହୋଇଥାଏ, ଆମେ ଯେପରି ସେହିଗୁଡ଼ାକର ପୁନରାବୃତ୍ତି ନକରୁ ଏବଂ ବାର ବାର ସତେଅବା ଅନନ୍ତ କାଳ ଲାଗି ସେହିଗୁଡ଼ାକୁହିଁ କହିବାରେ ଲାଗି ନଥାଉ ! ବୈରାଗ୍ୟ ଏବଂ ଆଧ୍ୟାତ୍ମିକ ଜୀବନ ମଧ୍ୟରେ ସାଧାରଣତଃ ଯେଉଁ ଗୋଳମିଶା କରି ଦିଆ ହୋଇଥାଏ,* ଏହି

---

*"ବୈରାଗ୍ୟ ଏବଂ ଆଧ୍ୟାତ୍ମିକତା ମଧ୍ୟରେ ଆଦୌ କୌଣସି ପାର୍ଥକ୍ୟ ନାହିଁ ବୋଲି ପୃଥିବୀଯାକ ଯେଉଁ ସାଧାରଣ ଅନ୍ଧବିଶ୍ୱାସଟି ରହିଛି, ଉଦାହରଣସ୍ୱରୂପ, ସେଇଟି ବିଷୟରେ ଆଲୋଚନା କରିଯାଉ । ଯଦି ତୁମେ କୌଣସି ବ୍ୟକ୍ତିଙ୍କୁ ଜଣେ ଆଧ୍ୟାତ୍ମିକ ପୁରୁଷ ଅଥବା ଆଧ୍ୟାତ୍ମିକ ନାରୀ ବୋଲି ବର୍ଣ୍ଣନା କରି କହ, ତେବେ ଲୋକେ ତତ୍କ୍ଷଣାତ ଏପରି ଏକ ବ୍ୟକ୍ତିର କଳ୍ପନା କରିବାକୁ ଆରମ୍ଭ କରନ୍ତି ଯିଏକି କୌଣସି ଆହାର ଗ୍ରହଣ କରେ ନାହିଁ, ଯିଏ ଗୋଟିଏ ଆସନରେ ସାରା ଦିନ ନିଶ୍ଚଳ ହୋଇ ବସିଯାଏ, ଯିଏ ଅତ୍ୟନ୍ତ ଦରିଦ୍ର ଭାବରେ କୌଣସି ଏକ କୁଟୀରରେ ବାସ କରୁଥାଏ, ନିଜ ପାଖରେ ଯାହା କିଛି ଥିଲା, ସିଏ ସବୁକିଛି ଦେଇ ଦେଇ-ଥାଏ, ନିଜ ଲାଗି ଆଉ କିଛିହେଲେ ରଖି ନଥାଏ । ତୁମେ ଜଣେ ଆଧ୍ୟାତ୍ମିକ ବ୍ୟକ୍ତିଙ୍କ କଥା କହିବା ସମୟରେ ଶହେରୁ ଅନେଶତ ଜଣ ଲୋକଙ୍କର ମନରେ ତତ୍କ୍ଷଣାତ୍ ଏହିପରି ଗୋଟିଏ ଛବି ଉଦିତ ହୋଇ ଆସିଥାଏ, ସେମାନେ କେବଳ ଦାରିଦ୍ର୍ୟକୁ ଏବଂ ସୁଖକର ଅଥବା ଆରାମଦାୟକ ଯାବତୀୟ ପ୍ରକାର ବସ୍ତୁର ବର୍ଜନକୁହିଁ ଆଧ୍ୟାତ୍ମିକତାର ଏକମାତ୍ର ପ୍ରମାଣ ବୋଲି ଜାଣନ୍ତି । ଏହାକୁ ଆମେ ତୁଚ୍ଛା ମନର ହିଁ ଏକ ବିରଚନା ବୋଲି କହିବା, ଏବଂ, ଆଧ୍ୟାତ୍ମିକ ସତ୍ୟକୁ ଆବିଷ୍କାର କରି ସେହି ପଥର ଅନୁସରଣ କରିବା ଲାଗି ଯଥେଷ୍ଟ ପରିମାଣରେ ମୁକ୍ତ ହୋଇ ପାରିବାକୁ ହେଲେ ଆମକୁ ଏହିସବୁ ବିରଚନାକୁ ବାହାର କରି ପକାଇଦେବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ବିଷୟରେ ମୁଁ ଯେପରି ସେହି କଥାଟିର ଆଲୋଚନା କରିଛି, ଏପରିକି, ସେହିପରି ଆହୁରି ଦିନେ ମଧ୍ୟ ମୁଁ ତୁମମାନଙ୍କୁ, ଯାହାକୁ ଲୋକେ ଭଗବାନ ବୋଲି କହନ୍ତି ଏବଂ ଯାହାଙ୍କୁ ମୁଁ ଦିବ୍ୟ ପରମ ସତ୍ତା ବୋଲି କହୁଛି, ଦୁହିଁଙ୍କ ମଧ୍ୟରେ କରି ଦିଆ ଯାଉଥିବା ଗୋଳମିଶାଟି ବିଷୟରେ ମଧ୍ୟ କହିବି। କିନ୍ତୁ ତାହା ପରେ ହେବ।

ନଅଟା ବାଜି କୋଡ଼ିଏ ମିନିଟ୍;— ସାରିବାର ସମୟ ହୋଇଗଲା।

ଆସନ୍ତା ଥରକୁ ଆମେ ସ୍ୱାସ୍ଥ୍ୟ ଏବଂ ଅସୁସ୍ଥତା ବିଷୟରେ ଆଲୋଚନା କରିବା; ଏବଂ ଯେଉଁମାନେ ଆପଣାର ଅସୁସ୍ଥତାକୁ ସତେଅବା ଗୋଟାଏ ଗୋଟାଏ ଲୁହା ଶିକୁଳିରେ ପରିଣତ କରି ତାହାର ଦ୍ୱାରା ବାନ୍ଧିହୋଇ ରହିଛନ୍ତି ଏବଂ ସେହି ଅସୁସ୍ଥତାକୁ ଆଦୌ ଚାଲିଯିବାକୁ ଦେଉ ନାହାନ୍ତି, ମୁଁ ସେଦିନ ସେମାନଙ୍କର ସମସ୍ତଙ୍କର ମୁଣ୍ଡକୁ ଗୋଳମାଳ କରିଦେବାକୁ ଚେଷ୍ଟା କରିବି।

## ୨୨ ଜୁଲାଇ, ୧୯୫୩

"ଏହି ବିଷୟରେ (ରୋଗ ଓ ଅସୁସ୍ଥ ହେବାର କାରଣ ବିଷୟରେ) ଦୁଇଟି କଥା ଉପରେ ବିଚାର କରିବାର କଥା। ଗୋଟିଏ କଥା ବାହାରୁ ତୁମ ଭିତରକୁ ଆସେ ଏବଂ ଆରଟି ତୁମ ଅନ୍ତର୍ଗତ ସ୍ଥିତିଟି ମଧ୍ୟରୁହିଁ ଉତ୍ପନ୍ନ ହୁଏ। ତୁମ ଅନ୍ତର୍ଗତ ସ୍ଥିତିଟି ମଧ୍ୟରେ ଯେତେବେଳେ କୌଣସି ପ୍ରତିରୋଧ ଅଥବା ବିଦ୍ରୋହ ସଂଜାତ ହୁଏ ବା ଯେତେବେଳେ ତୁମ ଭିତରର କୌଣସି ଏକ ଅଂଶ

---

ଏଗୁଡ଼ିକୁ ଫିଙ୍ଗିଦେଇ ପାରିଲେ, ତୁମେ ତୁମର ସେହି ସଙ୍କୀର୍ଣ୍ଣ ବୈରାଗ୍ୟ-ସମ୍ପାଦିତ ନିୟମଗୁଡ଼ିକ ଅପେକ୍ଷା ଅଧିକତର ଉଚ୍ଚତରର ସନ୍ଧାନ ଲାଭ କରିପାରିବ, ଏକ ସମଗ୍ର ଉନ୍ମୁକ୍ତତାର ସନ୍ଦର୍ଶନ କରିବ, ଯାହାକି ତୁମର ସତ୍ତାକୁ ସମ୍ପୂର୍ଣ୍ଣ ଭାବରେ ବନ୍ଧନମୁକ୍ତ କରି ଦେଇପାରେ। ଯଦି ତୁମେ କିଛି ପାଇବ ବୋଲି ଇଚ୍ଛା କରୁଛ, ତେବେ ତାକୁ ଗ୍ରହଣ କରିବ; ଓ ଯଦି ସେହି ବସ୍ତୁଟିକୁ ତୁମକୁ ଛାଡ଼ି ଦେବାକୁ ପଡ଼ୁଛି, ତେବେ ଠିକ୍ ସେହିପରି ଏକ ଇଚ୍ଛୁକତା ସହିତ ତୁମେ ସେଇଟିକୁ ଛାଡ଼ିଦେଇ ଆସ। ବସ୍ତୁଗୁଡ଼ିକ ଆସୁଥିବାବେଳେ ତୁମେ ସେଗୁଡ଼ିକୁ ଗ୍ରହଣ କରିନିଅ ଏବଂ ଚାଲିଗଲାବେଳେ ସେଗୁଡ଼ିକୁ ଚାଲିଯିବାକୁ ଦିଅ, ଏବଂ ଗ୍ରହଣ ଅଥବା ବର୍ଜନ ଯାହା କରୁଥାଅ ପଛକେ, ସମତାଜନିତ ତୁମର ସେହି ସ୍ମିତହାସ୍ୟଟି ତୁମକୁ କେବେହେଲେ ଛାଡ଼ି ନଯାଉ।

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୧ ମେ)

'oaob.nitrkl.ac.in' images reprocessed

ତୁମର ରକ୍ଷାରେ ସହଯୋଗୀ ହେଲାଭଳି ଅନୁସ୍ପନ୍ଦନ ଦିଏ ନାହିଁ, ତୁମର ଅନ୍ତର୍ଗତ ସ୍ଥିତି ସେତିକବେଳେହିଁ ତୁମ ଅସୁସ୍ଥତାର ଏକ କାରଣ ପରି କାର୍ଯ୍ୟ କରେ । ଅଥବା, ସେହି କ୍ଷେତ୍ରରେ ଏପରି କିଛି ମଧ୍ୟ ବିଦ୍ୟମାନ ଥାଇପାରେ ଯାହାକି ପ୍ରାୟ ଅତ୍ୟନ୍ତ ଇଚ୍ଛୁକ ଭାବରେ ଓ ଜାଣିଶୁଣି ପ୍ରତିକୂଳ ଶକ୍ତିଗୁଡ଼ିକୁ ଡାକି କରି ନେଇଆସେ । ତୁମ ଭିତରେ ଏହି ପ୍ରକାରର କିଞ୍ଚିତ୍ ପରିମାଣରେ ମଧ୍ୟ ଏକ ଗତିସ୍ପନ୍ଦନ ଜାତ ହେଲେହିଁ ସେତିକି ଯଥେଷ୍ଟ ହୁଏ; ପ୍ରତିକୂଳ ଶକ୍ତିଗୁଡ଼ିକ ତତ୍‌କ୍ଷଣାତ୍ ତୁମ ଉପରକୁ ମାଡ଼ିଆସନ୍ତି ଏବଂ ସେହିମାନଙ୍କର ଆକ୍ରମଣହିଁ ଅନେକ ସମୟରେ ଅସୁସ୍ଥତାର ଆକାର ଧାରଣ କରେ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୯ ମେ)

"ତୁମ ଭିତରର କୌଣସି ଏକ ଅଂଶ ତୁମର ରକ୍ଷାରେ ସହଯୋଗୀ ହେଲାଭଳି ଅନୁସ୍ପନ୍ଦନ ଦିଏ ନାହିଁ"— ମାଆ, ଏହାର ଅର୍ଥ କ'ଣ ?

ମୁଁ ତ ଆଗରୁ ବୁଝାଇ କହିଦେଇଛି । ତାହା ଭିତରୁ ତୁମେ ଠିକ୍ କେଉଁ କଥାଟିକୁ ବୁଝି ପାରୁ ନାହିଁ ?

ଶବ୍ଦଗୁଡ଼ିକର ମୋଟାମୋଟି ଅର୍ଥ ମୁଁ ବୁଝିପାରୁଛି ସତ, ମାତ୍ର କାହିଁକି ସେପରି ହେବ, ସେକଥା ଆଦୌ ବୁଝି ପାରୁ ନାହିଁ ।

"ସତ୍ତାର କୌଣସି ଏକ ଅଂଶ" ବୋଲି ମୁଁ କହିଲି, ସେଇଥିପାଇଁ ? "ସୁରକ୍ଷାରେ ରହିବା" କହିଲେ କ'ଣ ବୁଝାଏ, ତୁମେ ସେହି କଥାଟିକୁ ଖୁବ୍ ଭଲ ଭାବରେ ବୁଝି ପାରୁଥିବ, ନୁହେଁ ? "ସୁରକ୍ଷାରୁ ବାହାର ହୋଇ ରହିବା"ର ଅର୍ଥଟିକୁ ମଧ୍ୟ ବୁଝି ପାରୁଥିବ । ଯଦି ତୁମେ ବିରୋଧୀ ହେଲାଭଳି କିଛି କରିବାକୁ ଯାଅ, ଉଦାହରଣସ୍ୱରୂପ, ଯଦି ତୁମେ ପରମ ଦିବ୍ୟସତ୍ତାଙ୍କର ସୁରକ୍ଷା ମଧ୍ୟରେ ରହିଛ ଏବଂ ଗୋଟିଏ ମୁହୂର୍ତ୍ତ ଲାଗି ତୁମ ଭିତରେ ସଂଶୟ ବା ଅସଦ୍‌ଭାବ ଅଥବା ବିଦ୍ରୋହର ଭାବନା ଆସି ଜାତ ହେଉଛି, ତେବେ ତୁମେ ତତ୍‌କ୍ଷଣାତ୍ ସେହି ସୁରକ୍ଷାଟି ଭିତରୁ ବାହାରି ଚାଲି ଯାଉଛ । ତେଣୁ ସୁରକ୍ଷାଟି ତୁମର ଚତୁର୍ଦ୍ଦିଗରେ ରହି କାର୍ଯ୍ୟ କରୁଛି,

'oaob.nitrkl.ac.in' images reprocessed

ପ୍ରତିକୂଳ ଶକ୍ତିଗୁଡ଼ିକ ଆସି ତୁମକୁ ଆକ୍ରମଣ କରିବାରୁ ସେଗୁଡ଼ିକୁ ନିବୃତ୍ତ କରି ରଖୁଛି ବା ଏକ ଦୁର୍ଘଟଣା ଘଟିବାରୁ ମଧ୍ୟ ତୁମକୁ ବଞ୍ଚାଇ ରଖୁଛି; ଅର୍ଥାତ୍ ତୁମର ଚେତନା ନଥିଲେ ମଧ୍ୟ, ସେହି ସୁରକ୍ଷାଟି ରହିଥିବାରୁହିଁ ତୁମର ସେହି ଚେତନାହୀନତାରୁ ମଧ୍ୟ ତତ୍କ୍ଷଣାତ୍ ଆଦୌ କୌଣସି କୁପରିଣାମ ଉଦ୍‌ଭୂତ ହେଉ ନାହିଁ । ମାତ୍ର ଯଦି ତୁମେ ସେହି ସୁରକ୍ଷାଟି ମଧ୍ୟରୁ ବାହାରି ଚାଲିଯାଉଛ, ଏବଂ ସମସ୍ତ ସମୟଟି ଲାଗି ସତର୍କ ରହି ପାରୁ ନାହିଁ, ତେବେ ପ୍ରତିକୂଳ ଶକ୍ତିଗୁଡ଼ିକ ଆସି ତୁମକୁ ଆକ୍ରମଣ କରୁଛନ୍ତି ଅଥବା ଏକ ଦୁର୍ଘଟଣା ମଧ୍ୟ ଘଟୁଛି ।

ମାତ୍ର ଯେଉଁମାନଙ୍କର କୌଣସି ଚେତା ନାହିଁ ?

ଯେଉଁମାନଙ୍କର ଚେତା ନାହିଁ ? ମାତ୍ର ସେହି କ୍ଷେତ୍ରରେ ମଧ୍ୟ, ମୁଁ ଆଗରୁ କହିଛି ଯେ ମୁଁ ଆଦୌ ସାଧାରଣ ବ୍ୟକ୍ତିମାନଙ୍କ ବିଷୟରେ କହୁ ନଥିଲି । ମୁଁ ସାଧାରଣ ବ୍ୟକ୍ତିମାନଙ୍କ ବିଷୟରେ କହୁ ନଥିଲି, ସେମାନେ କଦାପି ଏକ ବିଶେଷ ସୁରକ୍ଷା ମଧ୍ୟରେ ରହି ନଥାନ୍ତି । ସାଧାରଣ ବ୍ୟକ୍ତିମାନେ ସାଧାରଣ ସ୍ଥିତିରେ ରହିଥାନ୍ତି । ସେମାନଙ୍କ ଉପରେ କୌଣସି ବିଶେଷ ସୁରକ୍ଷା ସେମାନଙ୍କର ପ୍ରତିଷ୍ଠା ହୋଇ ରହି ନଥାଏ । ଏଠାରେ ମୁଁ ସେମାନଙ୍କ ବିଷୟରେ ଏସବୁ କହୁ ନାହିଁ । ସେମାନେ ଜୀବନର ଯାବତୀୟ ସାଧାରଣ ନିୟମଗୁଡ଼ିକର ଅନୁସରଣ କରୁଥାନ୍ତି ଏବଂ ତୁମେ ସେମାନଙ୍କୁ ଠିକ୍ ସେହିପରି ଭାବରେ ବିଷୟଗୁଡ଼ିକର ବ୍ୟାଖ୍ୟା କରି କହି ପାରିବ ନାହିଁ· ତୁମେ ପ୍ରତ୍ୟେକ ମନୁଷ୍ୟଙ୍କର କଥା ଭାବୁଥିଲ, ପ୍ରତ୍ୟେକ ବ୍ୟକ୍ତିଙ୍କ କ୍ଷେତ୍ରରେ ଏଇଟି ଲାଗୁ ହୋଇପାରିବ ବୋଲି ଭାବୁଥିଲ, ନୁହେଁ ? ନା—ଯେଉଁ ବ୍ୟକ୍ତିମାନେ ଯୋଗମାର୍ଗରେ ରହିଛନ୍ତି, ମୁଁ କେବଳ ସେହିମାନଙ୍କ ବିଷୟରେ କହିଥିଲି । ସମସ୍ତଙ୍କ ବିଷୟରେ ଆଦୌ କହି ନଥିଲି ।

ଭୟ ହେତୁ କି କ'ଣ ଜଣେ ଅସୁସ୍ଥ ହୋଇ ପଡ଼ି ପାରିବ କି ?

ହଁ, ମୁଁ ଜଣେ ବ୍ୟକ୍ତିଙ୍କୁ ଜାଣିଥିଲି, ଯିଏକି ଥରେ ଏତେବେଶୀ ଭୟଗ୍ରସ୍ତ ହୋଇ ପଡ଼ିଥିଲେ ଯେ ବିସୂଚିକା ରୋଗରେ ଆକ୍ରାନ୍ତ ହୋଇ ପଡ଼ିଲେ । ପଡ଼ୋଶୀ ଘରେ ବିସୂଚିକାରୋଗୀ ଥିଲେ ଏବଂ ସେଇଥିରେ ସେ ଏତେବେଶୀ ଡରିବାକୁ ଆରମ୍ଭ କଲେ ଯେ ନିଜେ ମଧ୍ୟ ସେହି ଅସୁସ୍ଥତାରେ ଆକ୍ରାନ୍ତ ହୋଇ ପଡ଼ିଲେ, ଏବଂ ସେହି ରୋଗରେ ତାଙ୍କର ଆକ୍ରାନ୍ତ ହୋଇ ପଡ଼ିବା ଲାଗି ପ୍ରକୃତରେ ଆଉ କୌଣସି କାରଣ ନଥିଲା । କେବଳ ଭୟଗ୍ରସ୍ତ ହୋଇ ସେ ରୋଗରେ ପଡ଼ିଲେ । ଏବଂ

'oaob.nitrkl.ac.in' images reprocessed

ଏହିପରି ପ୍ରାୟ ସାଧାରଣତଃ ଘଟିଥାଏ; କୌଣସି ସଂକ୍ରାମକ ରୋଗ ଲାଗିଥିବା ସମୟରେ ଅଧିକସଂଖ୍ୟକ କ୍ଷେତ୍ରରେ ଠିକ୍ ଏହାହିଁ ଘଟେ । ଭୟ ହେତୁହିଁ ତୁମର ଦୁଆରଟି ମେଲା ହୋଇଯାଏ ଓ ତୁମେ ଅସୁସ୍ଥ ହୋଇପଡ଼ । ଯେଉଁମାନଙ୍କର ଭୟ ନଥାଏ, ସେମାନେ ଅବାଧରେ ସବୁଆଡ଼େ ଯାଉଥିଲେ ମଧ୍ୟ ସାଧାରଣତଃ କଦାପି ରୋଗରେ ପଡ଼ନ୍ତି ନାହିଁ । ମାତ୍ର ତଥାପି, ମୁଁ ସେହି ଅବସରରେ (ପ୍ରଶ୍ନ ଓ ଉତ୍ତର ୧୯୨୯, ୧୯ ମେ) ଯେପରି କହିଥିଲି, ହୁଏତ ତୁମ ମନରେ ଆଦୌ କୌଣସି ଭୟ ନଥିବ, ଏପରିକି ପ୍ରାଣର ସ୍ତରରେ ମଧ୍ୟ କୌଣସି ଭୟ ନଥିବ,—ମାତ୍ର ଶରୀରରେ କାହାର ଭୟ ନାହିଁ କହିଲ ? —ଖୁବ୍ କମ୍ ଲୋକଙ୍କର ନାହିଁ ।

ଶରୀରକୁ ଭୟମୁକ୍ତ କରିବାକୁ ହେଲେ କଠିନ ଶୃଙ୍ଖଳା ରହିଥିବା ଆବଶ୍ୟକ । ଭୟରେ ଦେହର କୋଷଗୁଡ଼ାକ ବି କମ୍ପିବାକୁ ଆରମ୍ଭ କରନ୍ତି । କେବଳ ଶୃଙ୍ଖଳା ଦ୍ୱାରା, ଯୋଗ ଦ୍ୱାରାହିଁ ଏହି ଭୟଟିକୁ ଅତିକ୍ରମ କରାଯାଇ ପାରେ । ମାତ୍ର ଏଇଟା ଏକାବେଳେକେ ସତ କଥା ଯେ ଭୟ ହେତୁ ଆମେ ଯେକୌଣସି ଦ୍ୱାରା ବି ସଂକ୍ରାମିତ ହୋଇ ପଡ଼ିପାରିବା । ଏପରିକି ଏକ ଦୁର୍ଘଟଣାକୁ ମଧ୍ୟ ଡାକି ନେଇଆସି ପାରିବା । ଏବଂ, ଆଉଗୋଟିଏ କଥା ମନେ ରଖିବାକୁ ହେବ ଯେ ଏକ ନିର୍ଦ୍ଦିଷ୍ଟ ଅର୍ଥରେ ସବୁକିଛୁକୁ ମଧ୍ୟ ସଂକ୍ରାମକ ବୋଲି କୁହାଯାଇ ପାରିବ । ଆଉକଣେ ମଣିଷର ଘାଆଟିକୁ ଦେଖି ଜଣେ ବ୍ୟକ୍ତିଙ୍କ ମନରେ ଯେଉଁ ଭୟ ଜାତ ହୋଇଥିଲା, ସେହି ଭୟ ଫଳରେ ତାଙ୍କ ନିଜ ଶରୀରରେ ମଧ୍ୟ ଘାଆଟିଏ ହୋଇ ଯାଇଥିଲା,— ଏପରି ଜଣେ ବ୍ୟକ୍ତିଙ୍କୁ ମୁଁ ଜାଣିଛି । ତାଙ୍କର ଭ୍ରୂକୁଟିରେ ଏକ ଘାଆ ହୋଇ ଯାଇଥିଲା ।

**ମନର ଭୟ, ପ୍ରାଣସ୍ତରର ଭୟ ଏବଂ ଦେହସ୍ତରର ଭୟ;— ଏଗୁଡ଼ିକ ମଧ୍ୟରେ ପ୍ରକୃତରେ କି ଅନ୍ତର ରହିଛି ?**

ଯଦି ତୁମେ ନିଜର ମନ, ନିଜର ପ୍ରାଣ ଏବଂ ନିଜର ଦେହସ୍ତରରେ ହେଉଥିବା ଗତିସ୍ପନ୍ଦନଗୁଡ଼ିକ ବିଷୟରେ ସଚେତନ ହୋଇପାରିବ, ତେବେ ତୁମେ ଏହି ଅନ୍ତରଟିକୁ ମଧ୍ୟ ଜାଣିପାରିବ ।

ମନର ଗତିସ୍ପନ୍ଦନକୁ ଜାଣିବା ଖୁବ ସହଜ : ମନର ଗତିସ୍ପନ୍ଦନ କହିଲେ ମନର ଯାବତୀୟ ଭାବନା । ଉଦାହରଣସ୍ୱରୂପ, ତୁମେ ଭାବିବାକୁ ଆରମ୍ଭ କରୁଛ ଯେ ସେଠି ଏହି ଅସୁସ୍ଥତାଟି ରହିଛି, ସେଇଟି ଏକ ମାରାତ୍ମକ ଅସୁସ୍ଥତା, ସମ୍ଭବତଃ ତୁମ ପାଖକୁ ମଧ୍ୟ ଅସୁସ୍ଥତାଟି ଆସିବ; ଏବଂ ଯଦି ତାହା ତୁମକୁ ବି ଧରେ, ତେବେ ତାହା ନିଶ୍ଚୟ ଏକ ଭୟଙ୍କର କଥା ହୋଇପଡ଼ିବ ଏବଂ ତେଣୁ, ରୋଗଟି ଯେପରି

'oaob.nitrkl.ac.in' images reprocessed

ତୁମକୁ ସଙ୍କୋଚିତ କରି ନପକାଏ, ସେଥିଲାଗି ପ୍ରତିବିଧାନ କ'ଣ କରାଯିବ ? ···
ଏହିପରି ଭାବରେ ମନ ଭୟରେ କମ୍ପିବାକୁ ଆରମ୍ଭ କରେ : କାଲି କ'ଣ ହେବ କେଜାଣି ?, ଇତ୍ୟାଦି, ଇତ୍ୟାଦି ।

ପ୍ରାଣସ୍ତରର ଭୟକୁ ଆମେ ଅନୁଭବ କରିପାରୁ । ନିଜର ଇନ୍ଦ୍ରିୟବୋଧ-ଗୁଡ଼ିକ ଦ୍ୱାରା ଆମେ ତାହାକୁ ଅନୁଭବ କରିଥାଉ । ହଠାତ୍ ଆଏ ଥାଏ, ତୁମକୁ କାହିଁକି ଭାରି ଗରମ ଲାଗେ, ଭାରି ଥଣ୍ଡା ଲାଗେ, ଗୋଟାଏ ଝାଳ ବୋହିଯାଏ ଅଥବା ଯାବତୀୟ ପ୍ରକାରର ଅପ୍ରୀତିକର ଘଟଣା ଘଟିବାକୁ ଲାଗେ । ତା'ପରେ ହୃଦ୍‌ଯନ୍ତ୍ରଟା ଧଡ଼ପଡ଼ ହୋଇ ପଡ଼ୁଥିବାର ତୁମେ ଅନୁଭବ କର ଓ ସଙ୍ଗେସଙ୍ଗେ ଦେହରେ ତାତି ଭର୍ତ୍ତି ହୋଇଯାଏ, ତା'ପରେ ରକ୍ତସଞ୍ଚାଳନ ବନ୍ଦ ହୋଇଯାଏ ଓ ତୁମେ କାଲୁଆ ହୋଇଯାଅ ।

ଆଉ ଦେହଗତ ଭୟ ?···ହଁ, ଯେତେବେଳେ ତୁମେ ଆର ଦୁଇଟି ଭୟରୁ ମୁକ୍ତ ହୋଇଆସିବ, ସେତେବେଳେ ଯାଇ ଏହି ଦେହଗତ ଭୟଟି ବିଷୟରେ ସଜ୍ଞାନ ହୋଇପାରିବ । ସାଧାରଣତଃ ଅନ୍ୟ ଦୁଇଟିଯାକ ଭୟ ଅପେକ୍ଷାକୃତ ଅନେକ ଅଧିକ ପରିମାଣରେ ସଚେତନ ହୋଇ ରହିଥାନ୍ତି । ସେମାନେ ଦେହଗତ ଭୟଟିକୁ ତୁମ ପାଖରୁ ଲୁଚାଇ ରଖିଥାନ୍ତି । ମାତ୍ର ଯେତେବେଳେ ତୁମ ଭିତରେ ଆଉ କୌଣସି ମାନସିକ ଭୟ ନଥାଏ ଅଥବା ପ୍ରାଣଗତ ଭୟ ବି ନଥାଏ, ସେତେବେଳେ ଯାଇ ତୁମେ ଏଇଟି ବିଷୟରେ ସଚେତ ହେବାକୁ ଆରମ୍ଭ କର । ଏକ ବିଚିତ୍ର ତାତ୍ପର୍ଯ୍ୟହୀନ କମ୍ପନ ପରି ତାହା ତୁମର ଦେହକୋଷଗୁଡ଼ିକ ଭିତରେ ଯାଇ ପ୍ରବେଶ କରେ ଏବଂ ସେହି କୋଷଗୁଡ଼ିକ ମଧ୍ୟ ସେହିପରି ଥରିବାକୁ ଆରମ୍ଭ କରନ୍ତି । ମାତ୍ର ହୃଦ୍‌ଯନ୍ତ୍ର ଯେପରି ଧଡ଼ଧଡ଼ ହୋଇ ପଡ଼ିବାରେ ଲାଗିଥାଏ, କୋଷଗୁଡ଼ିକ ସେପରି ଭାବରେ ଆଦୌ ଧଡ଼ଧଡ଼ ହେଉ ନଥାନ୍ତି । କମ୍ପନଟି ସେହି କୋଷଗୁଡ଼ିକ ଭିତରେହିଁ ଅନୁଭୂତ ହେଉଥାଏ : କେବଳ ଏକ ଈଷତ୍ କମ୍ପନ ସହିତ ସେଗୁଡ଼ିକ ଥରିବାରେ ଲାଗିଥାନ୍ତି । ଏବଂ ସେହି କମ୍ପନକୁ ଆୟତ୍ତ କରି ରଖିବା ବଡ଼ କଷ୍ଟକର ହୋଇପଡ଼େ । ତଥାପି ତାହାକୁ ଆୟତ୍ତରେ ରଖିବା ଆଦୌ ଅସମ୍ଭବ ନୁହେଁ ।

ମୁଁ ନିଶ୍ଚିତ ଭାବରେ ବିଶ୍ୱାସ କରୁଛି ଯେ ତୁମମାନଙ୍କ ମଧ୍ୟରୁ ଅଧିକାଂଶ ଏହା ଅନୁଭବ କରିଛନ୍ତି; ଉଦାହରଣସ୍ୱରୂପ, ଯେତେବେଳେ ଜଣେ ଗୋଟିଏ ବ୍ୟାୟାମ କରୁଛି, ଯାହାକୁ କି ସେ ଅଧିକାଂଶ ସମୟରେ କରେ ନାହିଁ ବା ଯାହାକୁ କି ସେ ପ୍ରଥମ ଥରଟି ପାଇଁ କରୁଛି, ସେତେବେଳେ ସାନସାନ କେତେ ସ୍ପନ୍ଦନ ସକଳ ଜୀବକୋଷରେ ଆସି ଅନୁଭୂତ ହୁଅନ୍ତି । ଏବଂ ତା'ପରେ, ଅତି ସ୍ୱାଭାବିକ ଭାବରେ, ସେହି ଗତିସ୍ପନ୍ଦନଟି ଉପରେ ତୁମର ଆଉ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ମୋଟେ ରହେ ନାହିଁ ।

'oaob.nitrkl.ac.in' images reprocessed

ଅସଲ ଶକ୍ତିଟି ଲାଗି ଶରୀରର ଆଉ କୌଣସି ଅନୁସ୍ପନ୍ଦନ ରହେ ନାହିଁ । ଯେତେବେଳେ କୌଣସି କାର୍ଯ୍ୟ କରିବା ଲାଗି ତୁମେ ନିଜର ଇଚ୍ଛାଶକ୍ତିକୁ ଏକାଗ୍ର କରି ରଖିବାକୁ ମନ କରୁଥାଅ, ସେତେବେଳେ ତାହାର ଫଳରେ ଶରୀର ଭିତରେ ଏକ ପ୍ରକାରର ପ୍ରତିରୋଧ ଏବଂ ଅସମର୍ଥତା ଆସି ପଡ଼ୁଅଛି । କେବଳ ଏତିକି ହୁଏ ଯେ ତୁମେ ଏ ବିଷୟରେ ଆଦୌ କିଛିହେଲେ ଜାଣିପାର ନାହିଁ, କାରଣ ତୁମର ଧ୍ୟାନଟି ଅଧିକତର ପରିମାଣରେ ମାନସିକ ଆଶଙ୍କାଟି ଆଡ଼କୁ ଆକର୍ଷିତ ହୋଇ ରହିଥାଏ, ଅଥବା, ଚେତନା ମଧ୍ୟରେ ସାଧାରଣତଃ ଅତ୍ୟନ୍ତ ସ୍ପଷ୍ଟଭାବରେ ଅନୁଭୂତ ହେଉଥିବା ପ୍ରାଣଗତ ପ୍ରତିକ୍ଷେପଟି ଆଡ଼କୁ ଅଧିକ ପରିମାଣରେ ଆକର୍ଷିତ ହୋଇ ରହିଥାଏ । ମାତ୍ର ଅନ୍ୟ ପକ୍ଷରେ, ଶରୀରରେ ଉତ୍ପନ୍ନ ହେଉଥିବା ପ୍ରତିରୋଧଟି ସମ୍ପର୍କରେ ତୁମେ ଆଦୌ ଏତେବେଶୀ ସଚେତନ ହୋଇପାର ନାହିଁ । ସାଧାରଣତଃ ଖେଳକସରତର ଯାବତୀୟ କ୍ଷେତ୍ରରେ (କ୍ରୀଡ଼ାରେ ଏବଂ ଯାବତୀୟ ପ୍ରତିଯୋଗିତାରେ) ହୁଏତ କୌଣସି ଏକ ଘଟଣା ଘଟେ : ତୁମେ ଆପଣାର ବନ୍ଧୁମାନଙ୍କ ବିଷୟରେ ଏକଥାଟି ଅବଶ୍ୟ ଲକ୍ଷ୍ୟ କରିଥିବ ଯେ ସେମାନଙ୍କ ମଧ୍ୟରୁ କେତେଜଣ ସାଧାରଣଙ୍କ ତୁଳନାରେ ଅଧିକ ଭଲ ଫଳ ଦେଖାନ୍ତି, ଏବଂ ଅନ୍ୟମାନେ, ଯେଉଁମାନେ ସାଧାରଣତଃ ଖୁବ ଭଲ କରିଥାନ୍ତି, ଠିକ୍ ସେହି ମୁହୂର୍ତ୍ତରେ ପ୍ରାୟ ଅସମର୍ଥ ହୋଇ ପଡ଼ନ୍ତି । ସେମାନେ ପୂର୍ବ ତୁଳନାରେ ଖୁବ ଖରାପ କରନ୍ତି । ଏବଂ ଏସବୁ ସେହି ସାନସାନ ସ୍ପନ୍ଦନଗୁଡ଼ିକ ଉପରେହିଁ ନିର୍ଭର କରିଥାଏ । ଏପରି ହେବାର କାରଣ ହେଉଛି ଯେ ତୁମେ ଆପଣାକୁ ଆପଣାର ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଆଦୌ ରଖିପାର ନାହିଁ । ତୁମର ଶରୀର ଉପରେ ତୁମ ଇଚ୍ଛାଶକ୍ତିର ଆଉ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିପାରେ ନାହିଁ, କାରଣ ତାହା ଅନ୍ୟ ସ୍ପନ୍ଦନର ବଶବର୍ତ୍ତୀ ହୋଇ ତୁମର ନିଜ ଶକ୍ତି ବ୍ୟତୀତ ଅନ୍ୟ ଶକ୍ତିଗୁଡ଼ିକୁହିଁ ପ୍ରତିବେଦନ ଜଣାଇବାରେ ଲାଗିଥାଏ । ......ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ, ଯେଉଁମାନଙ୍କର ମୁଣ୍ଡ ଚକ୍କର ବୁଲିବାରେ ଲାଗିଥାଏ ବା ଯାହାଙ୍କ ପ୍ରାଣିକ ସ୍ତରଟି ସମ୍ପୂର୍ଣ୍ଣ ଭାବରେ ଅସ୍ତବ୍ୟସ୍ତ ହୋଇ ପଡ଼ିଥାଏ, ଏଠାରେ ମୁଁ ସେମାନଙ୍କର କଥା ଆଦୌ କହୁ ନାହିଁ । ସେମାନଙ୍କ ବିଷୟରେ ମୋଟେ କୌଣସି କଥା କରାଯାଇ ପାରିବ ନାହିଁ; ତେଣୁ ସେମାନେ କୌଣସି ପ୍ରକାର ଉଦ୍ୟମ ନକଲେହିଁ ଭଲ ହେବ । ମାତ୍ର ଯେଉଁମାନଙ୍କର ନିଜ ଉପରେ ନିଶ୍ଚୟ କିଛି ନା କିଛି ନିୟନ୍ତ୍ରଣ ରହିଛି, ଯେଉଁମାନେ ନିଶ୍ଚିତ ଭାବରେ ତାଲିମ ସମୟରେ ସବୁକଥା ଅଭ୍ୟାସ କରିଥାନ୍ତି, ମାତ୍ର ପ୍ରତିଯୋଗିତା ସମୟରେ ସାଧାରଣ ସମୟ ପରି ସେତେ ଭଲ କରି ପାରନ୍ତି ନାହିଁ, ମୁଁ ସେହିମାନଙ୍କ କଥା କହୁଛି । ଶରୀର ମଧ୍ୟରେ ରହିଥିବା ଗ୍ରହଣଶୀଳତାର ଅଭାବ ଉପରେହିଁ ତାହା ନିର୍ଭର କରିଥାଏ, ଏବଂ ତାହାର ଫଳରେହିଁ ଦେହକୋଷଗୁଡ଼ିକରେ ଏହି କ୍ଷୁଦ୍ର କମ୍ପନଟି ଜାତ ହୋଇଥାଏ;

'oaob.nitrkl.ac.in' images reprocessed

ସେଇଟି ବିଷୟରେ ତୁମେ ଆଦୌ ସଚେତନ ନଥାଅ ସତ, ମାତ୍ର ତାହା ତଥାପି ଏକ ଅନ୍ତରାୟ ପରି କାର୍ଯ୍ୟ କରିଥାଏ । ଅସଲ ଶକ୍ତିଟିକୁ ପରିପୂର୍ଣ୍ଣ ଭାବରେ ଲାଭ କରି ପାରିବାରୁ ତାହା ଆମକୁ ପ୍ରକୃତରେ ବଞ୍ଚିତ କରି ରଖେ ।

ଅସୁସ୍ଥତାଗୁଡ଼ିକୁ ଆମେ କ'ଣ ଯୋଗସାଧନାରେ ଗୋଟିଏ ଗୋଟିଏ ପରୀକ୍ଷା ବୋଲି କହିବା ?

ପରୀକ୍ଷା ? ଆଦୌ ନୁହେଁ ।

ତୁମେ କ'ଣ ଭାବୁଛ ଯେ ତୁମେ ଅଗ୍ରଗତି କରିପାରିବ ବୋଲି କେହି ଜାଣିଶୁଣି ତୁମ ଲାଗି ଏକ ଅସୁସ୍ଥତା ଆଣି ଦେଇଥାଏ ? ଏକଥା ସେପରି ମୋଟେ ହୁଏ ନାହିଁ । ଅର୍ଥାତ୍, ତୁମେ ବିଷୟଟିକୁ ବୁଲାଇଦେଇ ହୁଏତ ଏକଥା ମଧ୍ୟ କହି ପାରିବ ଯେ ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କର ଅଭୀପ୍ସା ଏତେବେଶୀ ସତତ ଓ ଯେଉଁମାନଙ୍କର ସଦିଚ୍ଛା ଏତେବେଶୀ ସମଗ୍ର ହୋଇ ରହିଥାଏ ଯେ ସେମାନଙ୍କ ଜୀବନରେ ଯାହାକିଛି ଘଟିଲେ ମଧ୍ୟ, ସେମାନେ ତାହାକୁ ନିଜର ପ୍ରଗତି ପଥରେ ଏକ ପରୀକ୍ଷା ପରି ଗ୍ରହଣ କରନ୍ତି । ଏପରି ଲୋକଙ୍କ ସହିତ ମୋର ପରିଚୟ ଥିଲା, ଯେଉଁମାନେ କି ଅସୁସ୍ଥ ହୋଇ ପଡ଼ିଥିବା ସମୟରେ ତାହାକୁହିଁ ସେମାନଙ୍କର ପ୍ରଗତିମାର୍ଗରେ ଭଗବତ୍ ପରମକରୁଣା ପ୍ରକୃତରେ ସାହାଯ୍ୟ କରୁଥିବାର ଏକ ପ୍ରମାଣରୂପେ ଗ୍ରହଣ କରୁଥିଲେ । ସେମାନେ ନିଜକୁ ଯାଇ କହୁଥିଲେ : ଏଇଟି ବେଶ୍ ଏକ ଶୁଭ ସଙ୍କେତ; ବର୍ତ୍ତମାନ ମୋତେ ମୋ ଅସୁସ୍ଥତାର କାରଣଟିକୁ ବାହାର କରିବାକୁ ହେବ ଏବଂ ଆବଶ୍ୟକ ଅଗ୍ରଗତିଟିକୁ ମଧ୍ୟ ସମ୍ଭବ କରିବାକୁ ହେବ । ଏହିପରି ସ୍ୱଭାବର ମୁଁ ବେଶ୍ କେତେଜଣଙ୍କୁ ଜାଣିଥିଲି ଏବଂ ସେମାନେ ଭାରି ଚମତ୍କାର ଭାବରେ ଅଗ୍ରସର ହେବାରେ ଲାଗିଥିଲେ । ଅନ୍ୟ ପକ୍ଷରେ, ଆହୁରି ଅନ୍ୟମାନେ ମଧ୍ୟ ରହିଛନ୍ତି, ଯେଉଁମାନେ କି ବିଷୟଟିକୁ ପ୍ରକୃତ କାର୍ଯ୍ୟରେ ନଲଗାଇ ମୁହିଁ ମାଡ଼ି ଏକାବେଳେକେ ଲମ୍ବ ହୋଇ ତଳେ ପଡ଼ି ରହିଥାନ୍ତି । ଏହାଦ୍ୱାରା ସେମାନଙ୍କର ଆହୁରି ଅନେକ କ୍ଷତି ହୁଏ । ମାତ୍ର ଅସୁସ୍ଥ ହୋଇ ପଡ଼ିଥିବା ସମୟରେ ଯେତେବେଳେ "ବର୍ତ୍ତମାନ କିଛି ନା କିଛି ଅବଶ୍ୟ ବିଗିଡ଼ି ଯାଇଛି; ସେହି ପଦାର୍ଥଟି ପ୍ରକୃତରେ କ'ଣ ଅନୁସନ୍ଧାନ କରି ବାହାର କରିବାକୁ ପଡ଼ିବ" ବୋଲି କହିପାରନ୍ତି, ସେତିକିବେଳେ ଯାଇ ଏହି କ୍ଷେତ୍ରରେ ସମୁଚିତ ଦୃଷ୍ଟିକୋଣଟିର ନିଦର୍ଶନ ପ୍ରାପ୍ତ ହୋଇଥାଏ । ତୁମେ କେତେବେଳେ ଭାବିବ ନାହିଁ ଯେ ଭଗବାନ ଜାଣିଶୁଣି ତୁମ ଲାଗି ଏକ ଅସୁସ୍ଥତା ପଠାଇଛନ୍ତି; କାରଣ ତାହା ହୋଇଥିଲେ ସିଏ ପ୍ରକୃତରେ ଏକ ବଡ଼ ଅକାମୀ ବିଦ୍ୟାଳୟ...

ଏକଥା ହେଲେ ମଧ୍ୟ, ପାଣି ଭିତରେ ବି କ'ଣ ଜୀବାଣୁ ରହିଛନ୍ତି ?

ଏହି ଲୋକମାନେ ଏପରି ଏକ ଦୈହିକ, ମାନସିକ ଓ ପ୍ରାଣିକ ଅବସ୍ଥାରେ ରହିଥାନ୍ତି ଯେ ସେମାନେ ଅସୁସ୍ଥ ହୋଇ ପଡ଼ିବା ଲାଗି ଉନ୍ମୁକ୍ତ ହୋଇ ରହିଥାନ୍ତି; ମୁଁ ତ ନିର୍ଭର ଭାବରେ କହି ପାରିବି ଯେ ପାଣି ନପିଇ ମଧ୍ୟ ଅସୁସ୍ଥ ହୋଇ ପଡ଼ିବା ଲାଗି ଉନ୍ମୁକ୍ତ ହୋଇ ରହିଥାନ୍ତି। ସେମାନଙ୍କର ସମଗ୍ର ସତ୍ତାଟି ଏକ ସତତ ଅସମତାରେ ପରିଣତ ହୋଇ ରହିଥାଏ, ସେମାନଙ୍କର ସମଗ୍ର ଦେହସତ୍ତାଟି ଠିକ୍ ଏହିପରି ହୋଇ ରହିଥାଏ। ଏଠାରେ ମୁଁ ଅନ୍ତର୍ଗତ ଭୂମିଟି କଥା କହୁ ନାହିଁ, ସେଠାରେ ସେମାନେ ହୁଏତ ସମ୍ପୂର୍ଣ୍ଣ ସୁସ୍ଥ ଥାଆନ୍ତି; ମାତ୍ର ଯେଉଁମାନେ ସୁସ୍ଥ ଥାଆନ୍ତି, ସେହିମାନେହିଁ ସବୁକିଛିର ପ୍ରତିରୋଧ କରନ୍ତି।

ଏବଂ ମୁଁ ଏହାର ଠିକ୍ ଓଲଟା କଥାଟି ମଧ୍ୟ ଦେଖିବାକୁ ପାଇଛି। ମୁଁ ଏଇଠି ଏହି ଦେଶରେ ଗ୍ରାମବାସୀ ଏପରି ଅନେକ ଲୋକଙ୍କୁ ଦେଖିଛି, ଯେଉଁମାନଙ୍କ ପାଖରେ ପାଣି ବୋଲି ଯାହାକିଛି ଉପଲବ୍ଧ ଥିଲା, ତାହାକୁ ଆଉ ପିଇବାପାଣି ବୋଲି କଦାପି କୁହାଯାଇ ପାରିବ ନାହିଁ; ସେଥିରେ କାଦୁଅହିଁ ଅଧିକ ପରିମାଣରେ ଥିଲା; ଏକଥା ମୁଁ ନିଜ ଆଖିରେ ଦେଖିଛି। ଏହି ହଳଦିଆ କାଦୁଅ ପାଣିରେ ଗାଈମାନେ ଗାଧୁଆପାଧୁଆ ଓ ଆଉ ସବୁକିଛି କାର୍ଯ୍ୟ କରି ସାରିଥିଲେ ଏବଂ ରାସ୍ତାରେ ଚାଲିକରି ଆସିବା ପରେ ଲୋକମାନେ ମଧ୍ୟ ତା' ଭିତରେ ପଶି କରି ଯାଇଥିଲେ। ସେମାନେ ପାଣି ଭିତରକୁ ଅସନା ପକାଉଥିଲେ ଓ ସେଥିରେ ପ୍ରକୃତରେ ସବୁକିଛି ରହିଥିଲା। ଏବଂ ତା'ପରେ ମୁଁ ସେହି ଲୋକମାନଙ୍କୁ ଦେଖିଲି। ସେମାନେ ସେହି ପାଣି ଭିତରକୁ ପଶୁଥିଲେ; ମୁଁ ଯାହା କହିଲି, ସେଠାରେ ହଳଦିଆ ରଙ୍ଗର କାଦୁଅ ଗୁଡ଼ାଏ ଥିଲା ଏବଂ ଶେଷ ଧାରକୁ ଯାଇ ମନ୍ଦାଏ ପାଣି ରହିଥିଲା;—ତାକୁ ତ ପାଣି ବୋଲି କୁହାଯିବ ନାହିଁ; ସେହି ପାଣି ଗୋଟାସୁଦ୍ଧା ହଳଦିଆ ଦେଖା ଯାଉଥିଲା। ସେମାନେ ସେହି ପାଣି ଉପରେ ନଇଁ ପଡ଼ୁଥିଲେ, ଅଞ୍ଜୁଳା ଅଞ୍ଜୁଳା କରି ପାଣି ନେଇ ପିଇବାରେ ଲାଗିଥିଲେ। ଏବଂ ଏପରି ଅନେକ ଲୋକ ଥିଲେ, ଯେଉଁମାନେ କି ପାଣି ବସିଯିବା ଯାଏ ବି ଅପେକ୍ଷା କରି ପାରୁ ନଥିଲେ। ଯେଉଁ ପଥର ପକାଇଲେ ପାଣି ବସିଯିବ, ଅନ୍ୟମାନେ ସେକଥା ଜାଣିଥିଲେ,—ଏବଂ ତାହାକୁ ବେଶ୍ କିଛି ସମୟ ପାଇଁ ପାଣିରେ ପକାଇଲେ ପାଣି ବସି ବି ଯାଉଥିଲା, ଟିକିଏ ସଫା ହୋଇ ଯାଉଥିଲା। ମାତ୍ର ଆଉମାନେ ଏବିଷୟରେ ଆଦୌ କିଛି ଜାଣି ନଥିଲେ ଏବଂ ସେହି ପାଣିକୁ ସେହିପରି ଆଣି ପିଇ ଦେଉଥିଲେ। ଏବଂ ମୁଁ ଜାଣିବାକୁ ପାଇଲି ଯେ ଠିକ୍ ସେହି ସମୟରେ

'oaob.nitrkl.ac.in' images reprocessed

ଗୃହଆଡ଼େ ଭୀଷଣ ଭାବରେ ହଇଜା ଲାଗିଥିଲା ଏବଂ ମୁଁ କହିଲି : "ସେହି ପାଣିକୁ ପିଉଥିବା ଏପରି ଲୋକ ସେହି ଗାଆଁରେ ଏବେସୁଦ୍ଧା ରହିଛନ୍ତି ?" ମୋତେ ଉତ୍ତର ମିଳିଲା : "ଆମର ତ ଏଠି ଜଣକୁ ହେଲେ ହଇଜା ଲାଗି ନାହିଁ...... ।" ସେମାନେ ରୋଗଟି ସମ୍ମୁଖରେ ସଂପୂର୍ଣ୍ଣ ଭାବରେ ନିରାପଦ ହୋଇ ରହିଥିଲେ, ସେମାନେ ସେହିପରି ଭାବରେ ଅଭ୍ୟସ୍ତ ହୋଇ ଯାଇଥିଲେ । ମାତ୍ର ଯଦି ସେମାନଙ୍କ ଭିତରୁ ଦୈବାତ୍ ଜଣକୁ କାହାକୁ ହଇଜା ଧରିଥାନ୍ତା, ତେବେ ହୁଏତ ସମସ୍ତେ କୋଉଦିନୁଁ ମୃତ୍ୟୁମୁଖରେ ପଡ଼ି ସାରିଥାନ୍ତେ । କାରଣ, ତା'ହେଲେ ସେମାନଙ୍କ ଭିତରେ ଭୟ ଆସି ପଶି ଯାଇଥାନ୍ତା ଏବଂ ଭୟ ପ୍ରବେଶ କରିବା ପରେ ଆଉ କୌଣସି ପ୍ରତିରୋଧଶକ୍ତି ରହି ନଥାନ୍ତା; କାରଣ ସେମାନେ ବଡ଼ ଶୋଚନୀୟ ଓ ଦରିଦ୍ର ଭାବରେହିଁ ଜୀବନ ଯାପନ କରିବାରେ ଲାଗିଥିଲେ । ମାତ୍ର ଏହି ମଣିଷମାନଙ୍କର ନୈତିକ ଦୁର୍ଦ୍ଦଶାଟିକୁହିଁ ପ୍ରକୃତରେ ବଡ଼ ଭୟଙ୍କର ବୋଲି କୁହାଯିବ, ବାହ୍ୟ ଦୁର୍ଦ୍ଦଶାଟି ଅପେକ୍ଷା ନୈତିକ ଦୁର୍ଦ୍ଦଶାଟିକୁ ଅଧିକ ଭୟଙ୍କର ବୋଲି କୁହାଯିବ ।

ତୁମେ ସବୁ ଜାଣିଥିବ, ଏପରି ଅନେକ ସାଧୁ ଅଛନ୍ତି ଯେଉଁମାନେ କି ସନ୍ନ୍ୟାସୀସୁଲଭ ଜୀବନ ଯାପନ କରିବା ପ୍ରକ୍ରିୟାରେ ଏକ ଅପରିଚ୍ଛନ୍ନ ଜୀବନର ପରିବେଶଗୁଡ଼ିକୁ ସ୍ୱୀକାର କରି ନେଇଥାନ୍ତି । ସେମାନେ କେବେହେଲେ ଗାଧୁଆନ୍ତି ନାହିଁ, ସ୍ୱାସ୍ଥ୍ୟରକ୍ଷା କହିଲେ ଯାହାସବୁ ରହିବା ଅବଶ୍ୟ ବୁଝାଏ, ସେସବୁ କିଛିହେଲେ ସେମାନଙ୍କ ଜୀବନରେ ନଥାଏ । ପ୍ରକୃତରେ ଏକ ବଡ଼ ଅପରିଷ୍କାର ପରିବେଶ ଭିତରେ ସେମାନେ ରହିଥାନ୍ତି,— ଏବଂ ସେମାନେ କେବେହେଲେ କୌଣସି ରୋଗରେ ପଡ଼ନ୍ତି ନାହିଁ । ଏପରି ଘଟେ, କାରଣ ସମ୍ଭବତଃ ସେମାନଙ୍କ ଭିତରେ ଦୃଢ଼ ବିଶ୍ୱାସ ରହିଥାଏ ଏବଂ ସେମାନେ ଜାଣିଶୁଣି ଏହିପରି ପରିବେଶଟିଏ ସ୍ୱୀକାର କରି ନେଇଥାନ୍ତି । ସେମାନଙ୍କର ମନୋବଳର ସ୍ତରଟି ଅନେକ ଉଚ୍ଚରେ ରହିଥାଏ; ...ମୁଁ ଏଠାରେ କେବଳ ନିଷ୍ଠାବାନ୍ ବ୍ୟକ୍ତିମାନଙ୍କର କଥାହିଁ କହୁଛି ଏବଂ ଯେଉଁମାନେ ବାହାନା କରି ସାଧୁ ହୁଅନ୍ତି, ସେମାନଙ୍କ କଥା ଆଦୌ କହୁ ନାହିଁ । ସେମାନଙ୍କ ଭିତରେ ବିଶ୍ୱାସ ଥାଏ । ଆପଣାର ଶରୀର ବିଷୟରେ ସେମାନେ କେବେହେଲେ ଚିନ୍ତିତ ନଥାନ୍ତି, ଆପଣାର ଆତ୍ମାକୁ ନେଇହିଁ ସେମାନଙ୍କର ଯାବତୀୟ ଭାବନା ଏକାଗ୍ର ହୋଇ ରହିଥାଏ । ସେମାନେ କେବେ ରୋଗରେ ପଡ଼ନ୍ତି ନାହିଁ । ସେମାନଙ୍କ ମଧ୍ୟରୁ କେତେଜଣ ବେଳେବେଳେ ଏପରି ଏକ ଅବସ୍ଥାରେ ଆସି ପହଞ୍ଚନ୍ତି, ଯେତେବେଳେ କି ସେମାନଙ୍କର ଗୋଟିଏ ହାତ, ଗୋଟିଏ ଗୋଡ଼ ଅଥବା ଶରୀରର ଆଉ କୌଣସି ଅଙ୍ଗ ସେମାନଙ୍କର ବୈରାଗ୍ୟାସନର ଅଭ୍ୟାସ ଫଳରେ ସମ୍ପୂର୍ଣ୍ଣ ଭାବରେ କଠିନ ଓ ଅଚଳପ୍ରାୟ ହୋଇ ଯାଇଥାଏ । ସେହି ଅଙ୍ଗଗୁଡ଼ିକ ଆଦୌ ଚଳୁ ନଥାଏ ଏବଂ ଏପରି ଅବସ୍ଥାରେ

'oaob.nitrkl.ac.in' images reprocessed

ଆଉ ଯେକୌଣସି ଲୋକର ମୃତ୍ୟୁ ହୋଇ ଯାଉଥାନ୍ତା । ମାତ୍ର ସେମାନେ ବଞ୍ଚି ରହିଥାନ୍ତି, କାରଣ ସେମାନଙ୍କ ଭିତରେ ବିଶ୍ୱାସ ରହିଥାଏ ଏବଂ ସେମାନେ ଇଚ୍ଛାକୃତ ଭାବରେ ଏପରି କରୁଥାନ୍ତି, କାରଣ ଏହିପରି ଏକ ଜୀବନକୁ ସେମାନେ ଆପଣା ଉପରେ ନେଇ ଲଦି ଦେଇଥାନ୍ତି ।

ତେଣୁ ବାହ୍ୟ ଅଥବା ଦୈହିକ ପରିବେଶଟି ଅପେକ୍ଷା ନୈତିକ ପରିବେଶ ଅନେକ ଅଧିକ ମହତ୍ତ୍ୱପୂର୍ଣ୍ଣ । ତୁମେ ଯଦି ଏପରି ଗୋଟିଏ ପରିବେଶ ମଧ୍ୟରେ ରହିନ୍ତ, ଯେଉଁଠାରେ କି ସମସ୍ତେ ପରିଷ୍କାର ପରିଚ୍ଛନ୍ନ ହୋଇ ରହିଥାନ୍ତି, ଏବଂ ଯଦି ସେଠାରେ ତୁମେ ମାତ୍ର ତିନିଟା ଦିନ ଅଗାଧୁଆ ହୋଇ ରହିନ୍ତ, ତେବେ ତୁମେ ଅସୁସ୍ଥ ହୋଇ ପଡ଼ିନ୍ତ । ତୁମର ସ୍ନାନ କରିବା ଆଦୌ ଉଚିତ ନୁହେଁ ବୋଲି ଏହାଦ୍ୱାରା କେହି କହିବାକୁ ଯାଉ ନାହିଁ । କାରଣ ଆମେ ସାଧୁ ହେବାକୁ ଚାହୁଁ ନାହୁଁ, ଆମେ ଯୋଗୀ ହେବାକୁ ଚାହୁଁଛୁ । ସାଧୁ ହେବା ଓ ଯୋଗୀ ହେବା ଆଦୌ ସମାନ କଥା ନୁହେଁ । ଏବଂ ଏହି ଶରୀରର ମଧ୍ୟ ଆମ ଯୋଗସାଧନାରେ ଏକ ଅଂଶ ରହୁ ବୋଲି ଆମେ ଇଚ୍ଛା କରୁଛୁ । ତେଣୁ ଶରୀରକୁ ସମର୍ଥ ଓ ପ୍ରସ୍ତୁତ ରଖିବା ଲାଗି ଯାହାକିଛି ଦରକାର, ଆମକୁ ତାହା ଅବଶ୍ୟ କରିବାକୁ ହେବ । ଦୈହିକ ପରିବେଶଟି ଅପେକ୍ଷା ନୈତିକ ପରିବେଶଟି ଯେ ଅନେକ ଅଧିକ ମହତ୍ତ୍ୱପୂର୍ଣ୍ଣ, ତୁମମାନଙ୍କୁ କେବଳ ଏତିକି ପରିଷ୍କାର କରି କହିଦେବାକୁହିଁ ଅବଶ୍ୟ ମୁଁ ଏଠାରେ ଏସବୁ କହୁଛି ।

ପୁନଶ୍ଚ, ଏକଥା ମଧ୍ୟ ସତ ଯେ ଆପଣାର ବୈରାଗ୍ୟସାଧନା ଦ୍ୱାରା ଏହି ବ୍ୟକ୍ତିମାନେ ଜାଣି ଶୁଣି ଆପଣାର ଶରୀରଟିକୁ ନଷ୍ଟ କରି ଦେଇଥାନ୍ତି । ନିଜ ଶରୀରକୁ ସେମାନେ କେତେ କଷ୍ଟ ଦିଅନ୍ତି; ମାତ୍ର ଯଦି ଆଉ କୌଣସି ମନୁଷ୍ୟ ସେପରି କରୁଥାନ୍ତା, ତେବେ ଲୋକେ କେତେକ'ଣ ପାଟି କରନ୍ତେ, ପ୍ରତିବାଦ କରନ୍ତେ ଏବଂ ସେଇଟା ଗୋଟାଏ ଅତି କ୍ରୂର ବ୍ୟକ୍ତି ବୋଲି ଘୋଷଣା ବି କରନ୍ତେ । ମାତ୍ର ଜଣେ ନିଜର ଇଚ୍ଛା ଅନୁସାରେହିଁ ତାହା କରିଥାଏ । ଏବଂ ତାହାକୁ ସେ ଖୁବ୍ ଉତ୍ତମ ଭାବରେ ସହନ କରିନିଏ, କାରଣ ତାହାକୁ ସେ ନିଜେ ଆଣି ନିଜ ଉପରେ ଲଦି ଦେଇଥାଏ ଏବଂ କିଛିଗୋଟାଏ ଭାରି "ବଡ଼ ଓ ମହତ୍ତ୍ୱପୂର୍ଣ୍ଣ" କାମଟାଏ କରିଛି ବୋଲି ଗୋଟିଏ ପ୍ରକାରର ଗୌରବ ବି ଅନୁଭବ କରୁଥାଏ, ଆଧ୍ୟାତ୍ମିକ ଜୀବନ ଲାଗି ରହିଥିବା ତା'ର ଅଭୀପ୍ସା ବଳରେ ସେ ଏହା କରିଛି ବୋଲି ଭାବୁଥାଏ ।

ଆଉ କୌଣସି ପ୍ରଶ୍ନ ନାହିଁ ?

ହଁ, ସେଦିନ ମୁଁ ତୁମମାନଙ୍କୁ କହୁଥିଲି ଯେ ମୁଁ ତୁମମାନଙ୍କୁ ଅସୁସ୍ଥତା ବିଷୟରେ କହିବି; ଆଜି ଏହି କଥା ଭାବିଥିଲି ଓ ସେଥିଲାଗି କିଛି ଟିପାଟିପି ମଧ୍ୟ

'oaob.nitrkl.ac.in' images reprocessed

କରିଥିଲି···। କାରଣ ତୁମେମାନେ ହୁଏତ ମୋତେ କହିବ ଯେ ରୋଗ ଘଟାଇବା ଲାଗି ରୋଗବାହୀ ଜୀବାଣୁମାନେ ଅଛନ୍ତି, ଏବଂ ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ରୋଗରେ ପଡ଼ିବା କଥା କେବେହେଲେ ଭାବି ନଥାନ୍ତି, ମାତ୍ର ତଥାପି ରୋଗରେ ପଡ଼ିଯାଆନ୍ତି। ମାତ୍ର କେବଳ ଭାବିବାରୁ କ'ଣ ରୋଗରେ ପଡ଼ନ୍ତି,—ଭାବିବାଟାହିଁ କ'ଣ ରୋଗରେ ପଡ଼ିବାର ଗୋଟିଏ ମାତ୍ର କାରଣ? ମୋଟେ ନୁହେଁ। ତଥାପି, ମୁଁ ଯାହାସବୁ ଟିପାଟିପି କରି ଆଣିଛି, ବର୍ତ୍ତମାନ ତୁମମାନଙ୍କୁ ସେଗୁଡ଼ିକୁ ବୁଝାଇ କହିବାକୁ ଚେଷ୍ଟା କରିବି। (ମାଆ ଖଣ୍ଡେ କାଗଜ ଆଡ଼କୁ ଚାହିଁ ଦେଖିଲେ।)

ମୁଁ ସର୍ବପ୍ରଥମେ ତୁମମାନଙ୍କୁ କହୁଛି ଯେ ଯାବତୀୟ ଅସୁସ୍ଥତା,—ଏଥିରେ କୌଣସି ବ୍ୟତିକ୍ରମ ନାହିଁ, ଆଦୌ କୌଣସି ବ୍ୟତିକ୍ରମ ନାହିଁ,—ସମତାବସ୍ଥାଟି ନଷ୍ଟ ହୋଇଯିବାର ଏକ ଦୃଷ୍ଟାନ୍ତ। ମାତ୍ର ସମତାବସ୍ଥା ନଷ୍ଟ ହୋଇଯିବାର ମଧ୍ୟ ଅନେକ ପ୍ରକାର ରହିଛି···ପ୍ରଥମତଃ, ବର୍ତ୍ତମାନ ମୁଁ କେବଳ ଶରୀରର କଥା କହିବି। ପ୍ରାଣିକ ସ୍ତରରେ ଯେଉଁସବୁ ସ୍ନାୟବିକ ଅସୁସ୍ଥତା ଭୋଗିବାକୁ ପଡ଼େ, ସେସବୁ କଥା କିଛି କହୁ ନାହିଁ, ମାନସିକ ଅସୁସ୍ଥତା କଥା ମଧ୍ୟ କହୁ ନାହିଁ। ସେସବୁ ବିଷୟରେ ଆମେ ପରେ ଆଲୋଚନା କରିବା। ବର୍ତ୍ତମାନ କେବଳ ଏହି ବିଚାରି କ୍ଷୁଦ୍ର ଶରୀରଟି ବିଷୟରେ ଯାହାକିଛି କହିବା। ଏବଂ ମୁଁ କହୁଛି ଯେ, ଯାବତୀୟ ଅସୁସ୍ଥତା, ତାହା ଯାହା ହୋଇଥାଉନା କାହିଁକି (ଏଥିରେ ମୁଁ ଦୁର୍ଘଟଣାଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରିବି), ସମତାବସ୍ଥା ନଷ୍ଟ ହୋଇଯିବା ଫଳରେହିଁ ତାହା ଘଟିଥାଏ। ଅର୍ଥାତ୍, ଯଦି ତୁମ ଶରୀରର ସକଳ ଅଙ୍ଗପ୍ରତ୍ୟଙ୍ଗ ପରସ୍ପର ସହିତ ସୁଷମ ହୋଇ ରହିଥାନ୍ତି, ତେବେ ତୁମର ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଅକ୍ଷୁଣ୍ଣ ଭାବରେ ରହିଥାଏ। ମାତ୍ର କୌଣସିଠାରେ ଏତେଟିକିଏ ବିଷମତା ଆସି ପହଞ୍ଚିଯିବା ମାତ୍ରକେ ଓ ଭାରସାମ୍ୟଟି ନଷ୍ଟ ହୋଇଯିବା ମାତ୍ରକେ ତୁମେ ଯେପରି ହେଲେ ଟିକିଏ ଅସୁସ୍ଥ ହୋଇପଡ଼ ଅଥବା ବେଶ୍ ଅସୁସ୍ଥ ହୋଇପଡ଼, ଏବଂ ଏପରିକି ଭାରି ସାଂଘାତିକ ଭାବରେ ମଧ୍ୟ ଅସୁସ୍ଥ ହୋଇପଡ଼,—ବା ତା' ନହେଲେ, ଗୋଟାଏ ଆକସ୍ମିକ ଦୁର୍ଘଟଣା ବି ଆସି ପହଞ୍ଚିଯାଏ। ଭିତରେ ଭାରସାମ୍ୟଟି ଭାଙ୍ଗିଯିବା ମାତ୍ରକେ ସବୁବେଳେ ସେହିପରି ଘଟେ।

ମାତ୍ର ତା'ପରେ, ଶରୀରର ସମତାବସ୍ଥା ସହିତ ଆମକୁ ପ୍ରାଣ ଏବଂ ମନଃସ୍ତରର ସମତାବସ୍ଥାକୁ ମଧ୍ୟ ଏକାଠି ମିଶାଇ ଦେଖିବାକୁ ପଡ଼ିବ। କାରଣ କୌଣସି ପ୍ରକାର ଦୁର୍ଘଟଣା ନଘଟାଇ ପୂର୍ଣ୍ଣ ନିରାପଦ ଭାବରେ ତୁମେ ଯେପରି ସକଳ ପ୍ରକାର କାର୍ଯ୍ୟ କରିପାରିବ, ସେଥିଲାଗି ତୁମକୁ ମାନସିକ, ପ୍ରାଣିକ ଏବଂ ଦୈହିକ ଏହି ତିନୋଟିଯାକ ସମତାବସ୍ଥା ଅର୍ଜନ କରିବାକୁ ହେବ; କେବଳ ସେ

'oaob.nitrkl.ac.in' images reprocessed

ପ୍ରତ୍ୟେକ ଅଂଶରେ ଅଲଗା ଅଲଗା ଅର୍ଜନ କରିବାକୁ ପଡ଼ିବ ତା' ନୁହେଁ, ଏହି ଉନୋଟିଯାକ ସ୍ତରର ପାରସ୍ପରିକ ସମ୍ବନ୍ଧଭୂମିଟି ଉପରେ ମଧ୍ୟ ଉନୋଟିଯାକ ଭାଗରେ ସମତାବସ୍ଥା ଅର୍ଜନ କରିବାକୁ ପଡ଼ିବ···। ଯଦି ତୁମେ କିଛିକୁ ଗଣିତ ଅଧ୍ୟୟନ କରିଥାଅ, ତେବେ ଏଥିରୁ କେତୋଟି ସମ୍ମିଳନ ନିଷ୍ପନ୍ନ ହୋଇ ପାରିବ, ସେହି କଥାଟି ମଧ୍ୟ ତୁମକୁ ନିଶ୍ଚୟ ଶିକ୍ଷା ଦିଆଯାଇଥିବ। ଏବଂ, ଏଇଟି ଯେ କେଡ଼େ କଷ୍ଟକର ବ୍ୟାପାର, ତା'ପରେ ତୁମେ ସେହି କଥାଟିକୁ ମଧ୍ୟ ବୁଝିବାକୁ ଆରମ୍ଭ କରିବ। ଏହିଠାରେହିଁ ସମସ୍ୟାଟିର ସମାଧାନର ସୂତ୍ରଟି ନିହିତ ହୋଇ ରହିଛି। କାରଣ ଏହି କ୍ଷେତ୍ରରେ ଅଗଣିତ ସମ୍ମିଳନ ବାହାରିବ ଏବଂ ତେଣୁ ଅସୁସ୍ଥତାର ମଧ୍ୟ ଅଗଣିତ କାରଣ ରହିବ, ଆକସ୍ମିକ ଦୁର୍ଘଟଣାଗୁଡ଼ିକ ପଛରେ ବି ଅଗଣିତ କାରଣ ରହିଥିବ। ତଥାପି, ଆମେ ବିଷୟଟିକୁ ଯେପରି ଭଲ ଭାବରେ ବୁଝି ପାରିବା, ସେଥିଲାଗି ସେହି କାରଣଗୁଡ଼ିକୁ ଶ୍ରେଣୀବିଭାଗ କରି ଦେଖିବାକୁ ବର୍ତ୍ତମାନ ଏକ ପ୍ରୟାସ କରିବା।

ପ୍ରଥମେ, ଶରୀରର ଦୃଷ୍ଟିକୋଣରୁ—କେବଳ ଶରୀରର ଦୃଷ୍ଟିକୋଣରୁ—ବିଚାର କରି ଦେଖିଲେ ଦୁଇ ପ୍ରକାରର ସମତାବସ୍ଥା ରହିଛି : ଗୋଟିଏ ହେଉଛି କ୍ରିୟାଗତ ଓ ଆରଟି କାୟିକ। ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟଟି ବିଷୟରେ ତୁମକୁ କିଛି ଜଣା ଅଛି କି ନାହିଁ ବୋଲି ମୁଁ ଜାଣି ନାହିଁ। ମାତ୍ର ତୁମର ଇନ୍ଦ୍ରିୟଗୁଡ଼ିକ ରହିଛି ଏବଂ ଶରୀରର ଅଙ୍ଗପ୍ରତ୍ୟଙ୍ଗମାନ ମଧ୍ୟ ରହିଛି : ସ୍ନାୟୁ ରହିଛି, ମାଂସପେଶୀ ରହିଛି, ଅସ୍ଥି ଏବଂ ଆଉ ଯାବତୀୟ ସବୁକିଛି ରହିଛି। ବର୍ତ୍ତମାନ, ଯଦି ଏହି ଇନ୍ଦ୍ରିୟଗୁଡ଼ିକ ମଧ୍ୟରୁହିଁ କୌଣସି ଗୋଟିଏ ଇନ୍ଦ୍ରିୟ ନିଜର ସମତାବସ୍ଥାକୁ ହରାଇବସେ, ତେବେ ତାହାକୁ ଏକ ଇନ୍ଦ୍ରିୟଗତ ଅସମତାବସ୍ଥା ବୋଲି କୁହାଯିବ, ଏବଂ ତୁମକୁ ସେତେବେଳେ କୁହାଯିବ : ତୁମର ସେହି ଇନ୍ଦ୍ରିୟଟିରେ ଅସୁସ୍ଥତା ରହିଛି ବା ସମ୍ଭବତଃ ତାହାର ଗଠନଟି ଉଚିତ ପ୍ରକାରେ ହୋଇ ନାହିଁ ବା ତାହା ସ୍ୱାଭାବିକ ଅବସ୍ଥାରେ ନାହିଁ ଅଥବା ସେଥିରେ କୌଣସି ଦୁର୍ଘଟଣା ଘଟିଛି। ମାତ୍ର ଏହି କ୍ଷେତ୍ରରେ ଇନ୍ଦ୍ରିୟର ଅସୁସ୍ଥତା ରହିଛି। ମାତ୍ର ଅନ୍ୟ ପକ୍ଷରେ ଏପରି ହୋଇପାରେ ଯେ ଇନ୍ଦ୍ରିୟଟି ହୁଏତ ଭାରି ଭଲ ଅବସ୍ଥାରେ ରହିଛି, ତୁମର ସବୁଯାକ ଇନ୍ଦ୍ରିୟ ହୁଏତ ଅତ୍ୟନ୍ତ ଭଲ ଅବସ୍ଥାରେ ଅଛନ୍ତି, ମାତ୍ର ତଥାପି ଏକ ଅସୁସ୍ଥତା ରହିଛି, କାରଣ ସେଗୁଡ଼ିକ ଆଦୌ ଯଥୋଚିତ ଭାବରେ କାର୍ଯ୍ୟ କରୁ ନାହାନ୍ତି, ସେମାନଙ୍କର କ୍ରିୟାଗତ ଭାରସାମ୍ୟରେ କୌଣସି ସ୍ଥାନରେ କୌଣସି ଦୋଷ ରହିଛି। ତୁମର ପାକସ୍ଥଳୀଟି ହୁଏତ ଭାରି ଭଲ ଅବସ୍ଥାରେ ରହିଛି, ମାତ୍ର ହଠାତ୍ ସେଠାରେ କିଛି ଘଟିଯାଉଛି ଏବଂ ତା'ପରେ ତାହା ଆଉ ଯଥୋଚିତ ଭାବରେ କାର୍ଯ୍ୟ କରୁ ନାହିଁ; ଅଥବା ଶରୀର ବି ଚମତ୍କାର ଅବସ୍ଥାରେ ରହିଛି, ମାତ୍ର ତଥାପି ତା'ର

'oaob.nitrkl.ac.in' images reprocessed

କେଉଁଠି କ'ଣ ହୋଇଯାଉଛୁ ଏବଂ ତା'ପରେ ଆଉ ତାହା ଯଥୋଚିତ ଭାବରେ କାର୍ଯ୍ୟ କରୁ ନାହିଁ । ସେତେବେଳେ ନିମ୍ନଗତ କୌଣସି ଭାରସାମ୍ୟହୀନତାରୁ ତୁମର ଅସୁସ୍ଥତାଟି ଉପୁଜୁଛି ବୋଲି କହିବାକୁ ହେବ, କାନ୍ତିକ କୌଣସି ଭାରସାମ୍ୟ-ଦୋଷରୁ ଉପୁଜୁଛି ବୋଲି କୁହାଯିବ ନାହିଁ ।

ସାଧାରଣତଃ, ନିମ୍ନଗତ କୌଣସି ଭାରସାମ୍ୟ-ଦୋଷରୁ ଯେଉଁସବୁ ଅସୁସ୍ଥତା ଘଟିଥାଏ, ଅନ୍ୟ ପ୍ରକାରର ଅସୁସ୍ଥତାଗୁଡ଼ିକର ତୁଳନାରେ ସେସବୁ ଅନେକ ଅଧିକ ଶୀଘ୍ର ଆରୋଗ୍ୟ ହୋଇଯାଏ । ଅନ୍ୟ ପ୍ରକାରର ଅସୁସ୍ଥତାଗୁଡ଼ିକ ଟିକିଏ ଅଧିକ ଗମ୍ଭୀର ହୋଇଥାଏ । ବେଳେ ବେଳେ ସେଗୁଡ଼ିକ ଅତ୍ୟନ୍ତ ସାଂଘାତିକ ହୋଇପଡ଼େ । ତେଣୁ ଏହି କ୍ଷେତ୍ରରେ ଆମେ ଦୁଇଟି ଭିନ୍ନଭିନ୍ନ ଆସ୍ପୃହାକୁ ଦେଖିବାକୁ ଚେଷ୍ଟା କରିବା ଓ ଦୁଇଟିଯାକକୁ ଜାଣିବା; ମାତ୍ର, ଯଦି ନିଜ ଶରୀର ସମ୍ବନ୍ଧରେ ତୁମର କିଞ୍ଚିତ୍ ଜ୍ଞାନ ରହିଥିବ ଏବଂ ତାହାର କାର୍ଯ୍ୟକଳାପଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବାର ଅଭ୍ୟାସ ରହିଥିବ, ତେବେ ତୁମ ଅସମତାବସ୍ଥାର ପ୍ରକାରଟିକୁ ମଧ୍ୟ ଜାଣିବାରେ ତୁମେ ଅବଶ୍ୟ ସମର୍ଥ ହୋଇଯିବ ।

ଅଧିକାଂଶ ସମୟରେ, ଯେତେବେଳେ ତୁମର ବୟସ ଅଳ୍ପ ହୋଇଥାଏ ଓ ତୁମେ ସ୍ୱାଭାବିକ ଜୀବନ ଯାପନ କରୁଥାଅ, ସେତେବେଳେ କୌଣସି ଭାରସାମ୍ୟ-ଦୋଷ ଆସି ପହଞ୍ଚିଲେ ତାହା ସମ୍ପୂର୍ଣ୍ଣ ଭାବରେ ନିମ୍ନଗତ କ୍ଷେତ୍ରରହିଁ ହୋଇଥାଏ । ଅବଶ୍ୟ ଅଳ୍ପ ସଂଖ୍ୟାରେ ଏପରି ଦୁର୍ଭାଗ୍ୟ ମଣିଷ କେତେଜଣ ଥାଆନ୍ତି, ଯେଉଁମାନେ କି କୌଣସି ନା କୌଣସି କାରଣରୁ ଜନ୍ମ ହେବା ପୂର୍ବରୁହିଁ ଏକ ଭାରସାମ୍ୟହୀନତା ଅଥବା ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥାଆନ୍ତି, ଏବଂ ଏହି ଲୋକମାନେ ଆପଣା ମଧ୍ୟରେ ଏପରି ଏକ ଅସୁସ୍ଥତାକୁ ବହନ କରିବାରେ ଲାଗିଥାନ୍ତି, ଯାହାର ଆରୋଗ୍ୟ କରିବା କି ପ୍ରକୃତରେ ଅନେକ ଅଧିକ କଷ୍ଟକର ହୋଇଥାଏ । (ତାହାର ଯେ କୌଣସି ଆରୋଗ୍ୟ ହୋଇ ପାରେ ନାହିଁ, ସେକଥା ଆଦୌ ନୁହେଁ; କାରଣ ସିଦ୍ଧାନ୍ତତଃ, ଆରୋଗ୍ୟ ହୋଇ ନପାରିବା ଭଳି କେଉଁଠି କଛିହେଲେ ବି ନାହିଁ) ମାତ୍ର ଆରୋଗ୍ୟ ଅତ୍ୟନ୍ତ କଷ୍ଟକର ହୋଇପଡ଼େ ।

ଆଚ୍ଛା,— ଏହି ଭାରସାମ୍ୟହୀନତା ଯାହା ହୋଇଥାଉ ପଛକେ, ଏଇଟି ପଛରେ କ'ଣ ସବୁ କାରଣ ଥାଇପାରେ ? ମୁଁ ତୁମମାନଙ୍କୁ ବର୍ତ୍ତମାନ ଯେପରି କହୁଥିଲି, ଏହା ପଛରେ ଅଗଣିତ କେତେ କାରଣ ରହିଛି । କାରଣ, ପ୍ରଥମତଃ, ଅନ୍ତର୍ଗତ ଯାବତୀୟ କାରଣ ରହିଛି, ଅର୍ଥାତ୍, ତୁମ ଲାଗି ଏକାନ୍ତ ବ୍ୟକ୍ତିଗତ ବୋଲି କୁହାଯାଇ ପାରୁଥିବା କାରଣମାନ ରହିଛି, ଏବଂ ତା'ପରେ ଯାବତୀୟ ବାହ୍ୟ କାରଣଗୁଡ଼ିକ ମଧ୍ୟ ରହିଛି, ଅର୍ଥାତ୍, ଯେଉଁ କାରଣଗୁଡ଼ିକ ବାହାରୁ ତୁମ ଭିତରକୁ ଆସୁଛି, ସେଗୁଡ଼ିକ ରହିଛି । ଏଥିରୁ ଆମେ ଦୁଇଟି ପ୍ରଧାନ ପ୍ରକାର ପାଇଯାଉଛୁ ।

'oaob.nitrkl.ac.in' images reprocessed

ଅନ୍ତର୍ଗତ କାରଣଗୁଡ଼ିକ ହେଲା :

ମୁଁ କହୁଥିଲି : ତୁମର ମସ୍ତିଷ୍କଟିଏ ଅଛି, ଫୁସ୍‌ଫୁସ୍ ଅଛି, ଗୋଟିଏ ହୃତ୍‌ପିଣ୍ଡ ରହିଛି, ଏକ ପାକସ୍ଥଳୀ ଅଛି, ଗୋଟିଏ ଯକୃତ୍ ବି ଅଛି, ଇତ୍ୟାଦି, ଇତ୍ୟାଦି । ଯଦି ଏଗୁଡ଼ିକ ପ୍ରତ୍ୟେକେ ନିଜ ନିଜର କର୍ତ୍ତବ୍ୟ କରନ୍ତି, ସ୍ୱାଭାବିକ ଭାବରେ କାର୍ଯ୍ୟ କରନ୍ତି ଏବଂ ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଯଦି ସମସ୍ତେ ପରସ୍ପର ସହିତ ସମତା ରକ୍ଷା କରି ଯଥାର୍ଥ ଭାବରେ ଚାଲନ୍ତି (ତୁମେ ବେଶ୍ ଲକ୍ଷ୍ୟ କରି ପାରୁଥିବ ଯେ, ସେହି ସବୁଯାକ ବିଷୟରେ ତୁମେ ଭାବିବା ଲାଗି ବାଧ ହେଲେ ସବୁକଥା ବଡ଼ ଜଟିଳ ହୋଇ ପଡ଼ିବ, ଏବଂ ସବୁକଥା ଯେ ସବୁବେଳେ ସମ୍ପୂର୍ଣ୍ଣ ଉଚିତ ଭାବରେ ଆଦୌ ଚାଲୁ ନଥିବ, ମୋର ସେହି ଉପଲବ୍ଧି ମଧ୍ୟ ରହିଛି ! ସୌଭାଗ୍ୟବଶତଃ, ଏସବୁ ଚାଲିବା ବିଷୟରେ ଆମେ ସଚେତନ ହୋଇ ସବୁବେଳେ ଭାବୁ ବୋଲି ଆଦୌ କୌଣସି ଆବଶ୍ୟକତା ନାହିଁ ।), ଯଦି ସ୍ୱୀକାର କରି ନିଆଯାଏ ଯେ ସେମାନେ ପରସ୍ପର ସହିତ ବେଶ୍ ସମତା ରକ୍ଷା କରି ଚାଲୁଥାନ୍ତି, ପରସ୍ପରର ବନ୍ଧୁ ହୋଇ ରହିଥାନ୍ତି, ସେମାନଙ୍କର ପରସ୍ପର ମଧ୍ୟରେ ପୂର୍ଣ୍ଣ ସହମତ ରହିଥାଏ ଏବଂ ଯଦି ପ୍ରତ୍ୟେକେ ନିଜର କର୍ତ୍ତବ୍ୟଟି ସମ୍ପନ୍ନ କରିବାରେ ଲାଗିଥାନ୍ତି, ଯଥାର୍ଥ ସମୟରେ, ଅନ୍ୟଗୁଡ଼ିକ ସହିତ ସମତାଳ ରଖି ଯଦି ସେଗୁଡ଼ିକର ଯାବତୀୟ ଗତିସ୍ପନ୍ଦନ ଘଟୁଥାଏ, ଅତିବେଶୀ ଦ୍ରୁତ ହେଉ ନଥାଏ କିଂବା ଅତ୍ୟନ୍ତ ବିଳମ୍ବିତ ବି ହେଉ ନଥାଏ, ଅତି କ୍ଷିପ୍ର ହେଉ ନଥାଏ ଅଥବା ଅତି ମନ୍ଥର ଭାବରେ ହେଉ ନଥାଏ, ବସ୍ତୁତଃ ସବୁଗୁଡ଼ିକ ସୁଚାରୁରୂପେ ଚାଲିଥାନ୍ତି । ତେବେ ତୁମର ସ୍ୱାସ୍ଥ୍ୟ ଭାରି ଚମତ୍କାର ଭାବରେ ଭଲ ହୋଇ ରହିଥାଏ । ବର୍ତ୍ତମାନ ମନେ କରାଯାଉ ଯେ ସେମାନଙ୍କ ମଧ୍ୟରୁ କୌଣସି ଗୋଟିଏ ଅଙ୍ଗ କୌଣସି ନା କୌଣସି କାରଣରୁ ହଠାତ୍ ଏକ ମନ୍ଦ ମିଜାଜ ଭିତରେ ଆସି ପଶିଯାଏ ଯଥାର୍ଥ ଶକ୍ତିଟିକୁ ଲଗାଇ ତାହା ଆପଣାର କାର୍ଯ୍ୟ କରେ ନାହିଁ, ଠିକ୍ ପ୍ରୟୋଜନଟି ସମୟରେ ତାହା କିଛି ସମୟ ସକାଶେ ସତେଅବା ଧର୍ମଘଟ କରିବସେ । ତୁମେ କଦାପି ବିଶ୍ୱାସ କର ନାହିଁ ଯେ କେବଳ ସେଇ ଗୋଟିଏ ଅଙ୍ଗ ତାହା ଫଳରେ ଅସୁସ୍ଥ ହୋଇ ପଡ଼ିବ : ତୁମର ସମସ୍ତ ଶାରୀରିକ ବ୍ୟବସ୍ଥାଟି ବିଗିଡ଼ିଯିବ ଏବଂ ତୁମକୁ ଏକାବେଳେକେ ଭାରି ଖରାପ ଲାଗିବ, ଭାରି ଅସୁସ୍ଥ ଲାଗିବ । ଏବଂ ଦୁର୍ଭାଗ୍ୟବଶତଃ, ଯଦି ପ୍ରାଣିକ କ୍ଷେତ୍ରରେ ଏକ ଭାରସାମ୍ୟହୀନତା ଆସି ପହଞ୍ଚିଯାଏ, ଅର୍ଥାତ୍ ଏପରି ଏକ ନୈରାଶ୍ୟ, ଅତି ତୀବ୍ର ଏକ ସଂବେଗ, ଅତ୍ୟନ୍ତ ପ୍ରବଳ ଏକ ଦୁର୍ଦ୍ଦମ ଇଚ୍ଛା ବା ସେହିପରି ଆଉକିଛି ଯଦି ତୁମର ପ୍ରାଣିକ କ୍ଷେତ୍ରଟିକୁ କୌଣସି ପ୍ରକାରେ ବିଗାଡ଼ିଦେଇ ଯାଏ, ତେବେ ସେଇଟିକୁ ଏକ ଅଧିକ ପ୍ରମାଦ ବୋଲି ମାନିବାକୁ ହେବ । ଏବଂ ଯଦି ତାହା ସଙ୍ଗେସଙ୍ଗେ ତୁମର ଭାବନାଗୁଡ଼ାକ ମଧ୍ୟ ଏଣେତେଣେ ବୁଲିବାରେ ଲାଗିଥାନ୍ତି, ଯଦି ତୁମର ମନକୁ ନୈରାଶ୍ୟଜନକ ନାନା ଭାବନା ଆସି ଆଚ୍ଛନ୍ନ କରି

'oaob.nitrkl.ac.in' images reprocessed

ରହନ୍ତି, ତୁମେ ନିଜ ଭିତରେ କେତେକ'ଣ ଭୟଙ୍କର କଳ୍ପନା ଓ ଧାରଣାମାନଙ୍କୁ ଗୁନ୍ଥିବାରେ ଲାଗିଥାଅ ବା ନାନା ବିପର୍ଯ୍ୟୟପୂର୍ଣ୍ଣ ବିରଚନାଗୁଡ଼ିକ ଭିତରେ ଗୁଡ଼ାଇ ହୋଇ ରହିଥାଅ, ତେବେ ତା'ପରେ ତୁମେ ସମ୍ପୂର୍ଣ୍ଣ ଭାବରେ ଅସୁସ୍ଥ ହୋଇ ପଡ଼ିବାରେ ଆଉ କୌଣସି ସଂଶୟ ରହେ ନାହିଁ...... । ବିଷୟଟି ପ୍ରକୃତରେ କେଡ଼େ ଜଟିଳ, ତୁମେମାନେ ଦେଖି ପାରୁଛ ତ ? ଯଦି ଏଡ଼େଟିକିଏ କୌଣସି କଣ୍ଠରେ ବ୍ୟତିକ୍ରମ ଘଟିବ, ତେବେ ଏହିପରି ଭାବରେ ଏକ ଅନ୍ତର୍ଗତ ସଂକ୍ରାମଣ ଦ୍ୱାରା ଆମକୁ ତାହା ହୁଏତ ଏକ ଅତ୍ୟନ୍ତ ସାଂଘାତିକ ଅବସ୍ଥାରେ ଆଣି ପକାଇ ଦେଇପାରିବ । ତେଣୁ ସଙ୍ଗେ ସଙ୍ଗେ ଅବସ୍ଥାଟିକୁ ନିୟନ୍ତ୍ରଣକୁ ଆଣିବା ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ । ଆମକୁ ଯେକୌଣସି ପ୍ରକାରେ ସଚେତନ ହେବାକୁ ପଡ଼ିବ, ନିଜ ଇନ୍ଦ୍ରିୟଗୁଡ଼ିକର କାର୍ଯ୍ୟ ବିଷୟରେ ସଚେତନ ରହିବାକୁ ପଡ଼ିବ; ଯେଉଁଟି ଯଥୋଚିତ ପ୍ରକାରେ ଆଚରଣ ନକରୁଛି, ସେଇଟି ବିଷୟରେ ପୂର୍ଣ୍ଣ ସଜ୍ଞାନ ରହିବାକୁ ପଡ଼ିବ ଏବଂ ଆପଣାକୁ ସମୁଚିତ ପ୍ରଣାଳୀଟି ମଧ୍ୟକୁ ଆଣିବାକୁ ହେଲେ କ'ଣସବୁ କରିବାକୁ ହେବ, ତାହାକୁ ସେହି କଥାଟି ଅବିଳମ୍ବେ କହିଦେବାକୁ ପଡ଼ିବ । ଠିକ୍ ସାନ ପିଲାଙ୍କୁ ଯେପରି ଶିକ୍ଷା ଦେଇ କହିଦେବାକୁ ପଡ଼େ, ତାକୁ ମଧ୍ୟ ସେହିପରି ଶିକ୍ଷା ଦେଇ କହିଦେବାକୁ ପଡ଼ିବ (ଏବିଷୟରେ ମୁଁ ପରେ ତୁମକୁ ବୁଝାଇ କହିବି) । ସେମାନେ ଯେତେବେଳେ ନାନା ଅସୁସ୍ଥ ଖିଆଲ ଭିତରେ ମାତିକରି ରହିବାକୁ ଆରମ୍ଭ କରିବେ (ପ୍ରକୃତରେ ସେତିକବେଳେ ତ ସେମାନଙ୍କୁ ଚେତାଇ ଦେବାର କଥା), ସେତେବେଳେ ତୁମେ ସେମାନଙ୍କୁ ଯାଇ କହିବ ନାହିଁ, କଦାପି ନୁହେଁ, କାମଟିକୁ ଏପରି ଭାବରେ ନୁହେଁ, ଏହି ଅନ୍ୟ ଭାବରେହିଁ କରିବାକୁ ପଡ଼ିବ । ଉଦାହରଣସ୍ୱରୂପ, ମନେକର ତୁମର ହୃତ୍‌ପିଣ୍ଡଟା ସତେଅବା ଉନ୍ମାଦଗ୍ରସ୍ତ ହେଲାପରି ଦପ୍ ଦପ୍ ହୋଇ ପଡ଼ିବାକୁ ଲାଗିଲା; ତେବେ ସେତେବେଳେ ତୁମକୁ ତାକୁ ଥିର କରିଦେବାକୁ ପଡ଼ିବ, ଏଇଟି ଯେ କାର୍ଯ୍ୟ କରିବାର ପ୍ରଣାଳୀ ନୁହେଁ, ତାକୁ ସେହି କଥାଟି କହିଦେବାକୁ ହେବ; ଏବଂ ଏତିକ କରିବା ସଙ୍ଗେ ସଙ୍ଗେ (କେବଳ ତାକୁ ସାହାଯ୍ୟ କରିବା ପାଇଁ) ତୁମେ ନିୟମିତ ହାରରେ ସହିତ ଧୀର ଓ ଲମ୍ବ କେତୋଟି ନିଃଶ୍ୱାସ ନେବାକୁ ଆରମ୍ଭ କରିବ; ଅର୍ଥାତ୍, ତାହା ଫଳରେ ଫୁସ୍‌ଫୁସ୍ ହୃତ୍‌ପିଣ୍ଡର ପରାମର୍ଶଦାତା ହୋଇ ରହିବ ଏବଂ କିପରି ଯଥୋଚିତ ଭାବରେ କାର୍ଯ୍ୟ କରିବାକୁ ହୁଏ ତାକୁ ତାହା ଶିଖାଇଦେବ । ଏହିପରି ଭାବରେ କାର୍ଯ୍ୟ କରିବାକୁ ହେବ । ଏହି କ୍ଷେତ୍ରରେ ମୁଁ ତୁମକୁ ଅଗଣିତ ଉଦାହରଣ ଦେଇପାରିବି ।

ହଁ, ଆମେ ତେବେ ଜାଣିଲେ ଯେ ଶରୀରର ବିଭିନ୍ନ ଭାଗ ମଧ୍ୟରେ ଏକ ସ୍ୱରସାମ୍ୟହୀନତା ଆସି ଉପସ୍ଥିତ ହୁଏ, ସେମାନଙ୍କର କାର୍ଯ୍ୟରେ ବିଷମତା ଆସି

'oaob.nitrkl.ac.in' images reprocessed

ପହଞ୍ଚେ । ବର୍ତ୍ତମାନ ମୁଁ ଠିକ୍ ଏହି କଥାଟି ତୁମମାନଙ୍କୁ କହୁଛି । ଏତଦ୍‌ବ୍ୟତୀତ ଅନ୍ତର୍ଗତ ନାନା ଦ୍ୱନ୍ଦ୍ୱ ବି ରହିଥାଏ । ଏଗୁଡ଼ିକୁ ଆମେ କଳହ ବୋଲି କହିବା । ତୁମର ବିଭିନ୍ନ ଭାଗଗୁଡ଼ିକ ଭିତରେ ଅନ୍ତର୍ଗତ କେତେ କଳହ ଲାଗିଥାଏ । ମନେକର ଏପରି ଏକ ଇନ୍ଦ୍ରିୟ ରହିଛି, (ଅନେକ ସମୟରେ ଏକଥା ଘଟେ) ଯାହାର କି ବିଶ୍ରାମର ଆବଶ୍ୟକତା ରହିଥାଏ ଏବଂ ଆଉଗୋଟିଏ ଏପରି ଇନ୍ଦ୍ରିୟ ଥାଏ, ଯାହାର କ୍ରିୟାଶୀଳ ହେବାର ଏକାନ୍ତ ପ୍ରୟୋଜନ ରହିଥାଏ; ଏବଂ ଦୁଇଟିଯାକ କଥା ଏକାବେଳେକେ ଦରକାର ଥାଏ । ଏପରି ଅବସ୍ଥାରେ ତୁମେ କି ସମାଧାନ କରିବ ? ଦୁଇଟିଯାକ ଇନ୍ଦ୍ରିୟ କଳହ ଆରମ୍ଭ କରିଦିଅନ୍ତି । ଜଣେ ଯାହା ଦରକାର କରୁଛି, ସେଇଟି କରିବାକୁ ଗଲାମାତ୍ରକେ ଅନ୍ୟଟି ଝଗଡ଼ା କରିବାକୁ ଲାଗେ, ପ୍ରତିବାଦ ଜଣାଏ ! ଏବଂ ତେଣୁ ଦୁହିଁଙ୍କୁ ସମତୁଲ କରି ରଖିବା ଲାଗି ତୁମକୁ କୌଣସି ଏକ ମଧ୍ୟମ ପନ୍ଥା ଗ୍ରହଣ କରିବାକୁ ହୁଏ । ଏବଂ ତା'ପରେ, ବେଳେବେଳେ, ଯଦି ଶରୀର ସହିତ ପ୍ରାଣ ଏବଂ ମନକୁ ଯୁକ୍ତ କରି ରଖ (ଏଠାରେ ମୁଁ ଚିନ୍ତନଶୀଳ ମନ ଅଥବା ସ୍ୱତନ୍ତ୍ର ହୋଇ ରହିଥିବା ପ୍ରାଣଟିର କଥା କହୁ ନାହିଁ, ମୁଁ ଏହି **ଶରୀରଟିରହିଁ** ମାନସିକ ଏବଂ ପ୍ରାଣିକ ଭାଗଗୁଡ଼ିକର କଥା କହୁଛି । କାରଣ ଏକ ଶାରୀରିକ ପ୍ରାଣସ୍ତର ରହିଛି ଓ ଏକ ଶାରୀରିକ ମନଃସ୍ତର ମଧ୍ୟ ରହିଛି; ଏକ ଶାରୀର ମନ ରହିଛି ଏବଂ ଏହି ଶାରୀର ମନକୁ ଆମେ ସବୁଠାରୁ ଅଧିକ ପ୍ରମାଦକାରୀ ବୋଲିହିଁ କହିବା, ଏହି ଶାରୀର ମନଟିହିଁ ନିୟତ ଭୁମିଁ ଭୁଲିବାରେ ଲାଗିଥାଏ ଏବଂ ତାହାକୁ ଅଟକାଇ ରଖିବା ପ୍ରକୃତରେ କାଠିକର ପାଠ ହୋଇ ରହିଥାଏ : ଏଇଟି ସର୍ବଦାହିଁ ଏଣେତେଣେ ବିଚରଣ କରିବାରେ ଲାଗିଥାଏ ।), ହଁ, ଯଦି ଦୁହିଁଙ୍କ ମଧ୍ୟରେ ଏକ ଝଗଡ଼ା ଲାଗିଯାଏ, ଅର୍ଥାତ୍, ମନ, ପ୍ରାଣ ଓ ଶରୀର ମଧ୍ୟରେ ଯଦି କୌଣସି କାରଣରୁ କଳହ ଆରମ୍ଭ ହୋଇଯାଏ, ତେବେ ଏକ ସମ୍ପୂର୍ଣ୍ଣ ରଣକ୍ଷେତ୍ରହିଁ ତିଆରି ହୋଇଯାଏ ଏବଂ ଏହି ରଣକ୍ଷେତ୍ରହିଁ ସମ୍ଭାବ୍ୟ ଯାବତୀୟ ଅସୁସ୍ଥତା ଲାଗି ଏକ କାରଣରୂପେ ବେଶ୍ କାର୍ଯ୍ୟ କରିପାରେ । ସେମାନେ ପରସ୍ପର ସହିତ ପ୍ରଚଣ୍ଡ ଭାବରେ ଲଢ଼ାଇ କରୁଥାନ୍ତି । ଏଇଟି ଏକଥା ଚାହୁଁଥାଏ, ସେଇଟି ଚାହୁଁ ନଥାଏ; ସେମାନେ ଲଢ଼େଇ କରିବାରେ ଲାଗିଥାନ୍ତି ଏବଂ ତୁମେ ସତେଅବା ଏକ ଅନ୍ତର୍ଗତ ଘୂର୍ଣ୍ଣିବାତ୍ୟା ମଧ୍ୟଦେଇ ଗତି କରିବାରେ ଲାଗିଥାଅ । ସେଥିରୁ ତୁମକୁ ଜର ହୋଇ ଯାଇପାରେ—, ସାଧାରଣତଃ ତୁମର ତାହାହିଁ ହୋଇଥାଏ—, ବା, ତୁମ ଭିତରଟା ଯାକ ସତେ ଯେମିତି ଏକାବେଳେକେ କମ୍ପି ଉଠିବାକୁ ଲାଗେ ଏବଂ ନିଜ ଉପରେ ତୁମର ଆଉ କୌଣସି ନିୟନ୍ତ୍ରଣ ରହେ ନାହିଁ । କାରଣ, ଶାରୀରିକ ଅସୁସ୍ଥତାର ଯେତେଯେତେ କାରଣ ରହିଛି, ସେଥିମଧ୍ୟରୁ ସବୁଠାରୁ ବଡ଼ କାରଣଟି ହେଉଛି ଯେ ଶରୀର ସେହି ଅବସ୍ଥାରେ ହଠାତ୍ ଅସ୍ୱସ୍ତି ଅନୁଭବ କରିବାକୁ ଆରମ୍ଭ

'oaob.nitrkl.ac.in' images reprocessed

କରେ; ଶରୀର ଗୋଟାସୁଦ୍ଧା କମ୍ପିବାକୁ ଆରମ୍ଭ କରେ ଓ ସେହି କମ୍ପ କ୍ରମଶଃ ଅଧିକରୁ ଅଧିକ ପ୍ରବଳ ହେବାରେ ଲାଗିଥାଏ; ଅଧିକରୁ ଅଧିକ କମ୍ପ ହେବାରେ ଲାଗିଥାଏ ଏବଂ ତୁମେ ଅନୁଭବ କର ଯେତେବେଳେ ନିଜର ଭାରସାମ୍ୟଟିକୁ ପୁନର୍ବାର ପ୍ରତିଷ୍ଠିତ କରିବା ଲାଗି ତୁମେ ଆଉ କେବେହେଲେ ସମର୍ଥ ହେବ ନାହିଁ, ତାହା ତୁମ ଆୟତ୍ତ ଭିତରୁ ବାହାରି ଚାଲିଯାଏ । ତେଣୁ, ସେହି କ୍ଷେତ୍ରରେ ତୁମକୁ କଳହଟିର ମୂଳଟିକୁ ଜାଣିବାକୁ ପଡ଼ିବ, ବିବାଦଟି କାହିଁକି ଉପୁଜିଲା ସେକଥା ଜାଣିବାକୁ ପଡ଼ିବ ଏବଂ ତୁମ ଭିତରେ ରହିଥିବା ବିବଦମାନ ପକ୍ଷଗୁଡ଼ିକୁ କିପରି ପୁନରାୟ ମିଳାଇ ଆଣିବାକୁ ହେବ, ତାହାର ଉପାୟ ବାହାର କରିବାକୁ ପଡ଼ିବ ।

ଏସବୁକୁ ଆମେ କ୍ରିୟାଗତ ଭାରସାମ୍ୟହୀନତା ବୋଲି ଜାଣିବା ।

ଏହା ବ୍ୟତୀତ ଅନ୍ୟ କେତେ ପ୍ରକାରର ବି ଭାରସାମ୍ୟହୀନତା ରହିଛି, ଏବଂ ତୁମେ ବର୍ତ୍ତମାନ ଯେଉଁଟି ବିଷୟରେ କହୁଥିଲ, ସେଗୁଡ଼ିକ ଅଳ୍ପବହୁତ ତାହାରି ଗୋଟିଏ ଗୋଟିଏ ଅଂଶ ହୋଇ ରହିଥାଏ । ତୁମ ଭିତରେ ଏକ ଅଭୀପ୍ସା ରହିଛି (ଯେଉଁ ବ୍ୟକ୍ତିମାନେ ଯୋଗାଭ୍ୟାସ କରନ୍ତି ବା ଆଧ୍ୟାତ୍ମିକ ଜୀବନ କ'ଣ, ଅନ୍ତତଃ ସେତିକି କଥା ଜାଣନ୍ତି ଏବଂ ସେହି ବାଟରେ ଚାଲିବାର ଉଦ୍ୟମ କରୁଥାନ୍ତି, ଏଠାରେ ମୁଁ ସେହିମାନଙ୍କର କଥା କହୁଛି ।); ତୁମ ଭିତରେ ତୁମ ସତ୍ତାର ଏପରି ଗୋଟିଏ ଅଂଶ ରହିଛି,— ତାହା ଏକ ମାନସିକ ଅଂଶ ହୋଇପାରେ, ପ୍ରାଣିକ ହୋଇପାରେ ଓ ଏପରିକି ଦୈହିକ ମଧ୍ୟ ହୋଇପାରେ,— ତୁମ ସତ୍ତା ମଧ୍ୟରେ ଏପରି ଏକ ଅଂଶ ରହିଛି ଯାହାକି ସବୁ କଥାକୁ ଭଲ ଭାବରେ ବୁଝିଛି, ଯାହାର ଅତୀବ ଅଭୀପ୍ସା ରହିଛି, ଯାହାର ବିଶେଷ ଏକ ମନୋରୁଚି ମଧ୍ୟ ରହିଛି, ଯାହା ଶକ୍ତିଗୁଡ଼ିକୁ ସୁନ୍ଦରରୂପେ ଗ୍ରହଣ କରୁଛି ଓ ସନ୍ତୋଷଜନକ ପ୍ରଗତି ମଧ୍ୟ କରିବାରେ ଲାଗିଛି । ଏବଂ ତା'ପରେ ଆହୁରି ଅନ୍ୟ ଭାଗଗୁଡ଼ିକ ରହିଛି, ଯେଉଁଗୁଡ଼ିକ କି ଏସବୁ କିଛି କରି ପାରୁ ନାହାନ୍ତି । ଆହୁରି ଅନ୍ୟମାନେ ରହିଛନ୍ତି, ଯେଉଁମାନେ କି ଆଦୌ କିଛି କରି ପାରୁ ନାହାନ୍ତି (ତାହା ଯେ ଏକାନ୍ତ ଖରାପ କଥା, ସେଥିରେ ଆଦୌ ସନ୍ଦେହ ନାହିଁ), ଏବଂ ଏମାନଙ୍କ ବ୍ୟତୀତ ତଥାପି ଆଉମାନେ ଅଛନ୍ତି, ଯେଉଁମାନେ ଏସବୁ କରିବାକୁ ଇଚ୍ଛା କରୁଛନ୍ତି, ମାତ୍ର ପାରୁ ନାହାନ୍ତି, ସେମାନଙ୍କଠାରେ ଅନୁରୂପ ସାମର୍ଥ୍ୟଟି ମହିକୁଦ ନାହିଁ, ସେମାନେ ଆଦୌ ପ୍ରସ୍ତୁତ ନାହାନ୍ତି । ତେଣୁ, ଏପରି ଗୋଟିଏ ଉପାଦାନ ରହିଛି ଯାହାକି ଊର୍ଦ୍ଧ୍ୱକୁ ଉଠିବାରେ ଲାଗିଛି, ଏବଂ ଆହୁରି ଏକ ଉପାଦାନ ରହିଛି ଯାହା ଏତେଟିକିଏ ଘୁଞ୍ଚିବାକୁ ମଧ୍ୟ ରାଜି ହେଉ ନାହିଁ । ସେହି କାରଣରୁ ଏକ ଭୟଙ୍କର ଭାରସାମ୍ୟହୀନତା ଆସି ପହଞ୍ଚୁଛି । ଏବଂ ସାଧାରଣତଃ ଏହି ଭାରସାମ୍ୟହୀନତାହିଁ ଆପଣାକୁ କୌଣସି ଏକ ଅସୁସ୍ଥତାରୂପେ ଉଦ୍‌ଭୂତ କରି ଆଣୁଛି; କାରଣ ତୁମରି ଭିତରେ ଗୋଟିଏ ଉପାଦାନ ତୁମଠାରେ ଲାଗି ରହିବାକୁ

'oaob.nitrkl.ac.in' images reprocessed

ଚାହୁଁଛି ଓ ଆଉଗୋଟିଏ ଲାଗି ରହି ପାରୁ ନାହିଁ, ଗୋଟିଏ ଉପାଦାନ ଏତେ ଟିକିଏ ହେଲେ ଘୁଞ୍ଚିବାକୁ ଇଚ୍ଛା କରୁ ନାହିଁ ଓ ଆଉଗୋଟିଏ ଉପାଦାନ ଚଳମାନ ହେବା ଲାଗି ଇଚ୍ଛା କରୁଛି; ଏବଂ ଏହି ଦୁହିଁଙ୍କ ମଧ୍ୟରେ ତୁମେ ଏପରି ଏକ ଅନ୍ତର୍ଗତ ଦ୍ୱିସଙ୍କଟ ଭିତରେ ଆସି ପଡ଼ିଯାଇଛ : ସେଇଥିରୁହିଁ ଏକ ଭୟାନକ ଅସ୍ୱସ୍ତିକରତା ଜାତ ହେଉଛି । ଏବଂ ସାଧାରଣତଃ ତାହାର ଫଳସ୍ୱରୂପ ଅସୁସ୍ଥତାକୁ ଡାକି ଆଣିବାକୁ ପଡ଼ୁଛି ।

ଏବଂ ବର୍ତ୍ତମାନ ଏହାର ଠିକ୍ ବିପରୀତ କଥାଟି,—ଅର୍ଥାତ୍ ସମସ୍ତ ସତ୍ତା ଅଗ୍ରସର ହୋଇ ଯାଉଥିବା କଥାଟିକୁ ବିଚାର କରିବା । ସେତେବେଳେ ସବୁକିଛି ଅଗ୍ରଗତି କରୁଥାଏ, ଅଧିକରୁ ଅଧିକ ସମତା ସହିତ ଅଗ୍ରସର ହୋଇ ଯାଉଥାଏ ଏବଂ ଚମତ୍କାର ପ୍ରଗତି ହାସଲ କରିବାରେ ଲାଗିଥାଏ । ତୁମେ ଏକ ଚମତ୍କାର ଭାବରେ ଅନୁକୂଳ ସ୍ଥିତିରେ ରହିଛ ବୋଲି ଅନୁଭବ କରୁଥାଅ, ସବୁ କଥା ସୁଚାରୁ ଭାବରେ ଚାଲିଥାଏ ବୋଲି ସୁନିଶ୍ଚିତ ହୋଇ ରହିଥାଅ ଏବଂ ନିଜକୁ ଅତ୍ୟନ୍ତ ଗୌରବମୟ ଭାବରେ ଉଚିତ ମାର୍ଗଟି ଉପରେ ସଂସ୍ଥାପିତ ହୋଇ ରହିଥିବାର ପ୍ରତ୍ୟକ୍ଷ କରୁଥାଅ··· । ହଠାତ୍ ତୁମେ ଅସୁସ୍ଥ ହୋଇପଡ଼ । ତା'ପରେ କହ : "ଏହା କିପରି ହେଲା ? ମୁଁ ତ କେତେ଼ ଭଲ ଥିଲି ଏବଂ ବର୍ତ୍ତମାନ କିପରି ବେମାର ପଡ଼ିଗଲି ! ଏହା ଆଦୌ ସୁବିଚାର ହେଲା ନାହିଁ ।" ମାତ୍ର ଏପରି ଘଟେ, କାରଣ ତୁମେ ସଂପୂର୍ଣ୍ଣ ଭାବରେ ସଚେତନ ହୋଇ ରହି ନଥାଅ । ତୁମର ସତ୍ତା ମଧ୍ୟରେ ଏପରି ଏକ କ୍ଷୁଦ୍ର ଭାଗଟିଏ ରହିଥିଲା, ଯାହାକି ମୋଟେ ଆଗକୁ ଯିବାକୁ ଚାହୁଁ ନଥିଲା । ସାଧାରଣତଃ ଏହି କ୍ଷେତ୍ରରେ ପ୍ରାଣର ସ୍ତରରେହିଁ ସେଇଟି ରହିଥାଏ; ଅଥବା ମାନସିକ ସ୍ତରର କୌଣସି ଏକ କ୍ଷୁଦ୍ର ବିରଚନା ତୁମ ସହିତ ସାଙ୍ଗରେ ଯିବା ଲାଗି ଆଦୌ ଇଚ୍ଛା କରୁ ନଥାଏ । ବେଳେବେଳେ ହୁଏତ ଶରୀରଟା ମଧ୍ୟରେହିଁ କେଉଁଠି କିଛି ରହି ଯାଇଥାଏ, ଯାହାକି ବେଶ୍ ଜୀବନହୀନ ହୋଇ ପଡ଼ିଥାଏ, ବା ଆଗକୁ ଯିବା ଲାଗି ଯାହାର କି ଏତେଟିକିଏ ଇଚ୍ଛା ନଥାଏ, ସବୁ କଥା ଯେଉଁପରି ଅଛି, ତାହା ସେହିପରି ରହିଥାଉ ବୋଲି ତାହା ଇଚ୍ଛା କରୁଥାଏ । ସିଏ ତୁମକୁ ପଛକୁ ଟାଣେ, ଜାଣିଶୁଣି ଆପଣାକୁ ଅଲଗା କରିନିଏ, ଏବଂ ଅତ୍ୟନ୍ତ ସ୍ୱାଭାବିକ ଭାବରେ, ଏହା ନିତାନ୍ତ ବିକଟେନାକୁ ହୋଇଥିଲେ ମଧ୍ୟ, ତୁମ ସତ୍ତାରେ ଏପରି ଏକ ଭାରସାମ୍ୟହୀନତା ଆଣିବାରେ ସଫଳ ହୁଏ ଯେ ତୁମେ ବେମାର ପଡ଼ିଯାଅ । ଏବଂ ସେତେବେଳେ ନିଜକୁ କହିବାକୁ ଲାଗ : "ସତେ କେତେ଼ ବଡ଼ ଦୁର୍ଦ୍ଦଶା ନହେଲା ! ମୁଁ କେତେ଼ ଭଲ ଥିଲି, କେତେ଼ ଚମତ୍କାର ଆଗକୁ ଚାଲି ଯାଉଥିଲି, ଏହା କ'ଣ ଏକ ସୁବିଚାର ହେଲା ? ପ୍ରକୃତରେ ଭଗବାନ ମୋଟେ ଦୟାଳୁ ନୁହନ୍ତି ! ଯେତେବେଳେ ମୁଁ ଏତେ ବେଶୀ ଅଗ୍ରଗତି କରିବାରେ ଲାଗିଥିଲି, ମୋର ଏହି

'oaob.nitrkl.ac.in' images reprocessed

ଅସୁସ୍ଥ ହୋଇ ପଡ଼ିବାକୁ ତାଙ୍କର ଅଟକାଇ ରଖିବା ନିତାନ୍ତ ଉଚିତ ଥିଲା !"
...ଏହି କ୍ଷେତ୍ରରେ ଏହିପରି ଘଟେ ।

ପୁନଶ୍ଚ, ଆଉ ଗୋଟିଏ କଥା ବି ରହିଛି । ତୁମେ ନିଜର ସାମର୍ଥ୍ୟ ଅନୁସାରେ ଯୋଗାଭ୍ୟାସ କରୁଛ । ତୁମକୁ କୁହାଯାଇଛି : "ତୁମେ ଆପଣାକୁ ଉନ୍ମୋଚିତ କରିଦିଅ, ତେବେ ତୁମେ ପରମଶକ୍ତିକୁ ଗ୍ରହଣ କରିପାରିବ ।" ତୁମକୁ କୁହାହୋଇଛି : "ବିଶ୍ୱାସ ରଖିଥାଅ, ସଦିଚ୍ଛାର ପ୍ରତିନିଧିତ୍ୱ କର ଏବଂ ତୁମକୁ ଭଗବାନ ରକ୍ଷା କରିବେ ।" ଏବଂ ବସ୍ତୁତଃ ତୁମେ ସେହି ପରମ ଚେତନାରେ ସତେଅବା ଗୋଟାସୁଦ୍ଧା ସ୍ନାତ ହୋଇ ରହିଥାଅ, ସେହି ପରମ ଶକ୍ତିଟି ଦ୍ୱାରା ସ୍ନାତ ହୋଇ ରହିଥାଅ, ସେହି ପରମ ସୁରକ୍ଷାଟି ଦ୍ୱାରା ସ୍ନାତ ହୋଇ ରହିଥାଅ; ଏବଂ ତୁମ ଭିତରେ ଯେତିକି ପରିମାଣରେ ବିଶ୍ୱାସ ରହିଥାଏ ଓ ତୁମେ ନିଜକୁ ଉନ୍ମୋଚିତ କରି ରଖ, ତୁମକୁ ସେତିକି ପରିମାଣରେ ସବୁକିଛି ମିଳିବାରେ ବି ଲାଗିଥାଏ । ତାହା ତୁମକୁ ସୁସ୍ଥ ଓ ସମର୍ଥ ହୋଇ ରହିବାରେ ସାହାଯ୍ୟ କରେ, ସେହି କ୍ଷୁଦ୍ର କ୍ଷୁଦ୍ର ଅନ୍ତର୍ଗତ ବ୍ୟାଘାତ ଆସି ପହଞ୍ଚିଲେ ସେଗୁଡ଼ିକର ପ୍ରତ୍ୟାଖ୍ୟାନ କରି ପାରିବାକୁ ଏବଂ ବ୍ୟବସ୍ଥିତତାର ପୁନଃପ୍ରତିଷ୍ଠା କରିବାକୁ ମଧ୍ୟ ତାହା ତୁମକୁ ସାହାଯ୍ୟ କରେ, ତୁମକୁ ସାନସାନ ଯେଉଁସବୁ ଆକ୍ରମଣ ଅଥବା ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡ଼ିଥାନ୍ତା, ସେଗୁଡ଼ିକରୁ ଆପଣାକୁ ବଞ୍ଚାଇ ରଖିବାରେ ତୁମକୁ ସାହାଯ୍ୟ କରେ । ମାତ୍ର ଯଦି ତୁମ ସତ୍ତାର କୌଣସି ଏକ ସ୍ଥାନରେ— ହୁଏତ ତୁମର ଦେହରେ ଅଥବା ପ୍ରାଣସ୍ତରରେ କିଂବା ମନରେ, ହୁଏତ ତୁମ ସତ୍ତାର ଏକାଧିକ ଭାଗରେ ଅଥବା ଏପରିକି ମାତ୍ର ଗୋଟିଏ ଭାଗରେ ମଧ୍ୟ,—ଅବତରଣ କରୁଥିବା ସେହି ଶକ୍ତିଟିକୁ ଗ୍ରହଣ କରିବା ଲାଗି କୌଣସି ଅସମର୍ଥତା ରହିଥାଏ, ତେବେ ତାହାହିଁ କୌଣସି ଏକ ଯନ୍ତ୍ର ଭିତରେ ସତେଅବା କଣାଏ ବାଲି ପଶି ଯାଇଥିଲା ପରି କାର୍ଯ୍ୟ କରେ । ତୁମେମାନେ ନିଶ୍ଚୟ ଜାଣିଥିବ, କେଉଁଠି ବଢ଼ିଆ ମେସିନ୍‌ଟିଏ ଭାରି ଚମତ୍କାର ଭାବରେ କାର୍ଯ୍ୟ କରୁଥାଏ, ତା'ର ଯାବତୀୟ କାର୍ଯ୍ୟ ସୁରୁଖୁରୁରେ ଚାଲିଥାଏ; ଏତିକିବେଳେ ତୁମେ ତା' ଭିତରେ ନେଇ କିଛି ବାଲି ପୂରାଇଦିଅ (ମୋଟେ ବେଶୀ ବାଲି ନୁହେଁ, କଣାଏ ଦିକଣା ବାଲି), ସଙ୍ଗେସଙ୍ଗେ ସବୁକିଛି ନଷ୍ଟ ହୋଇଯାଏ ଏବଂ ମେସିନ୍‌ଟି ବନ୍ଦ ହୋଇଯାଏ । ହଁ, ସେହିପରି ଯଦି କୌଣସି ଜାଗାରେ ଗ୍ରହଣଶୀଳତାର କିଞ୍ଚିତ୍ ଅଭାବ ରହିଥାଏ, ଯଦି ତୁମ ଭିତରେ କିଛି ନା କିଛି ସେହି ଶକ୍ତିଟିକୁ ଗ୍ରହଣ କରିବା ଲାଗି ଅସମର୍ଥ ହୋଇ ପଡ଼େ, ଯଦି ତୁମ ଭିତରେ କିଛି ଏକାବେଳେକେ କଳାହୋଇ ରହିଥାଏ (ସେଭଳି ଉପରକୁ ଅନାଇ ଦେଖିଲେ ମନେହୁଏ, ସତେଯେପରି କେଉଁଠି କୌଣସି କଳା ହୋଇ କ'ଣ ଜିନିଷଟିଏ ରହିଯାଇଛି, ପଥର ପରି ଟାଣ ହୋଇ କେଉଁଠି କ'ଣ ସାନ ପଦାର୍ଥଟିଏ ରହିଯାଇଛି :

'oaob.nitrkl.ac.in' images reprocessed

ଅସଲ୍ ଶକ୍ତିଟି ସେଇଠି ମୋଟେ ପ୍ରବେଶ କରି ପାରୁ ନାହିଁ, ତାହା ସେହି ଶକ୍ତିକୁ ବାଟ ଛାଡ଼ି ଦେବାକୁ ମନା କରିଦେଉଛି—ହୁଏତ ତାହା ସେହି ଶକ୍ତିକୁ ଭିତରକୁ ବାଟ ଛାଡ଼ିଦେଇ ବା ଗ୍ରହଣ କରି ପାରୁ ନାହିଁ ଅଥବା ଅନିଚ୍ଛୁକ ହୋଇ ରହିଛି), ଏବଂ ସେଇଥିରୁହିଁ ସଙ୍ଗେ ସଙ୍ଗେ ଏକ ବୃହତ୍ ଭାରସାମ୍ୟହୀନତାର ସୃଷ୍ଟି ହୋଇଥାଏ; ଏବଂ ଏହି ବସ୍ତୁଟି, ଯାହାକି ଉପରକୁ ଯିବାରେ ଲାଗିଥିଲା, ଯାହା କେଡ଼େ ଚମତ୍କାର ଭାବରେ ବିକଶିତ ହୋଇ ଉଠୁଥିଲା, ତାହା ରୁଗ୍‌ଣ ଓ ଅସୁସ୍ଥ ହୋଇପଡ଼େ; ଏବଂ ବେଳେବେଳେ ତୁମେ ଠିକ୍ ଯେତେବେଳେ ସ୍ୱାଭାବିକ ସମତାବସ୍ଥାଟିରେ ରହିଥାଅ, ସ୍ୱାସ୍ଥ୍ୟ ଚମତ୍କାର ଥାଏ ଓ ସବୁକିଛି ଭଲଭାବରେ ଚାଲିଥାଏ, ଯେତେବେଳେ ତୁମର କିଛି ହେଲେ ଅଭିଯୋଗ କରିବାର ନଥାଏ, ସେତିକିବେଳେ ତାହା ଆସି ଘଟେ । ଯେଉଁ ଦିନ ତୁମ ଭିତରେ ଏକ ନୂତନ ବିସ୍ତାରର ଉଦୟ ହେଲା, ତୁମେ ଏକ ନୂତନ ଆବେଗକୁ ଗ୍ରହଣ କରି ପାରିଲ, ଯେଉଁ ଦିନ ତୁମ ଭିତରେ ଏକ ମହାନ୍ ଅଭୀପ୍ସା ଜାତ ହେଲା ଏବଂ ତୁମେ ଏକ ମହାନ୍ ଶକ୍ତିକୁ ଗ୍ରହଣ କରିନେଇ ପାରିଲ ଏବଂ ତଦ୍ୱାରା ତୁମର ଏକ ଚମତ୍କାର ଅନୁଭୂତି ମଧ୍ୟ ହେଲା, ଏପରିକି ଏକ ସୁନ୍ଦର ଅନୁଭୂତି ହେଲା ଯାହାକି ତୁମ ଲାଗି ଅନ୍ତର୍ଗତ କେତେ କେତେ ଦ୍ୱାରକୁ ଉନ୍ମୋଚିତ କରିଦେଇ ଗଲା, ତୁମକୁ ଏପରି ଏକ ଜ୍ଞାନ ଦେଇଗଲା ଯାହାକି ଆଗରୁ ତୁମ ପାଖରେ ନଥିଲା; ସେତେବେଳେ ତୁମେ ସଂପୂର୍ଣ୍ଣ ଭାବରେ ନିଶ୍ଚିତ ହୋଇ ରହିଥିଲ ଯେ ଏଥର ସବୁକଥା ନିଶ୍ଚୟ ସମୁଚିତ ଭାବରେ ଗତି କରିବ···ତା' ପରଦିନହିଁ ତୁମେ ଅସୁସ୍ଥ ହୋଇ ପଡ଼ିଲ । ତେଣୁ ତୁମେ କହିବାକୁ ଲାଗିଲ : "ତଥାପି ସେଇଟା କି ଆହୁରି ବାକୀ ଥିଲା ? ଏକଥା କଦାପି ସମ୍ଭବ ନୁହେଁ ! ସେପରି ଘଟିବା ଆଦୌ ଉଚିତ ନୁହେଁ ।" ମାତ୍ର ବର୍ତ୍ତମାନ ମୁଁ ଯେପରି କହିଲି, ତାହା ସେହିପରି ଅତି ସରଳ ଭାବରେ ଘଟିଲା ମେସିନ୍ ଭିତରେ ଦାନାଟିଏ ବାଲି ଆସି ପଶିଗଲା । ତୁମ ଭିତରେ କେଉଁଠି କ'ଣ ରହିଥିଲା ଯାହାକି ଗ୍ରହଣ କରି ପାରିଲା ନାହିଁ; ସଙ୍ଗେ ସଙ୍ଗେ ତାହା ଏକ ଅସମତାବସ୍ଥାକୁ ଡାକି ନେଇ ଆସିଲା । ଖୁବ୍ ସାନଟିଏ ହୋଇଥିଲେ ମଧ୍ୟ ତାହାହିଁ ଯଥେଷ୍ଟ ହେଲା, ଏବଂ ତୁମେ ଅସୁସ୍ଥ ହୋଇ ପଡ଼ିଲ ।

ଏପରି ଘଟିବା ପଛରେ କିପରି କାରଣମାନ ନିଶ୍ଚୟ ରହିଛି ଦେଖିଲ ତ ! —ଅନେକ କାରଣ ରହିଛି, ଅସଂଖ୍ୟ କାରଣ ରହିଛି । କାରଣ ଏହିସବୁ ବସ୍ତୁ ଏକ ଅସାଧାରଣ ଜଟିଳ ଭାବରେ ପରସ୍ପର ସହିତ ଯୁକ୍ତ ହୋଇ ରହିଛନ୍ତି, ଏବଂ କୌଣସି ଅସୁସ୍ଥତାକୁ ଜାଣିବାକୁ ହେଲେ ଓ ତାହାର ଅପନୋଦନ କରିବାକୁ ହେଲେ, ଆମକୁ ତାହାର ଜୀବାଣୁଟିକୁ ନୁହେଁ, ମାତ୍ର କାରଣଟିକୁ ଖୋଜି ବାହାର କରିବାକୁ ପଡ଼ିବ । କାରଣ, ଏହି କ୍ଷେତ୍ରରେ ଏପରି ଘଟିଥାଏ ଯେ (କ୍ଷମା କରିବ, ମୋର

'oaob.nitrkl.ac.in' images reprocessed

ଆଣୀ ଏଠାରେ କେହି ଡାକ୍ତର ନାହାନ୍ତି), ଏହି କ୍ଷେତ୍ରରେ ଏପରି ଘଟିଥାଏ ଯେ ଯେଉଁଠାରେ ଜୀବାଣୁ ଉପସ୍ଥିତ ଥାଆନ୍ତି, ସେଠାରେ ସେହି ଜୀବାଣୁଗୁଡ଼ିକୁ ମାରିବା ଲାଗି ସେମାନେ ଅଦ୍ଭୁତ ଉପାୟମାନ ବାହାର କରନ୍ତି; ମାତ୍ର ଏହିସବୁ ଉପାୟ ଦ୍ୱାରା କେତେକ ବ୍ୟକ୍ତି ଆରୋଗ୍ୟ ଲାଭ କରନ୍ତି ସତ, ମାତ୍ର କେତେକ ବ୍ୟକ୍ତି ଆହୁରି ଅଧିକ ଅସୁସ୍ଥ ବି ହୋଇ ପଡ଼ନ୍ତି । ଏପରି କାହିଁକି ହୁଏ, ସେକଥା କାହାକୁ ଜଣା ନଥାଏ···ସମ୍ଭବତଃ ମୁଁ ତାହାର କାରଣଟିକୁ କହି ଦେଇ ପାରିବି । ଏପରି ହୁଏ, କାରଣ ରୋଗଟି ପଛରେ କୌଣସି ସମ୍ପୂର୍ଣ୍ଣ ଶରୀରଗତ କାରଣ ନଥାଏ, ସେଇଟି ପଛରେ ଅନ୍ୟ ଏକ କାରଣ ରହିଥାଏ; ଶରୀରଗତ କାରଣଟି ଅନ୍ୟ ବିଶୃଙ୍ଖଳା ବା ଗୋଳମାଳଟିରହିଁ ଏକ ବାହ୍ୟ ଅଭିବ୍ୟକ୍ତିମାତ୍ର ହୋଇ ରହିଥାଏ; ଏବଂ ତୁମେ ଯେପର୍ଯ୍ୟନ୍ତ ସେଇଟିକୁ ଖୋଜି ବାହାର କରି ନପାରିଛ, ଅସଲ ଗୋଳମାଳଟିକୁ ଆବିଷ୍କାର ନକରିଛ, ତେବେ ତୁମେ କଦାପି ସେହି ରୋଗଟିକୁ ଆବିର୍ଭୂତ ହେବାକୁ ନବୃତ୍ତ କରି ରଖି ପାରିବ ନାହିଁ । ଏବଂ, ଗୋଳମାଳଟିକୁ ଆବିଷ୍କାର କରି ପାରିବାକୁ ହେଲେ, ତୁମ ପାଖରେ ବ୍ୟାପକ ଗୁପ୍ତବିଦ୍ୟା-ଜ୍ଞାନ ମହଜୁଦ ଥିବା ଦରକାର, ଏବଂ ପ୍ରତ୍ୟେକ ବ୍ୟକ୍ତିର ଭିତରେ ଯେଉଁଠି ଯାହାସବୁ କ୍ରିୟାଶୀଳତା ଲାଗିରହିଛି, ସେଗୁଡ଼ିକ ବିଷୟରେ ମଧ୍ୟ ଏକ ଗଭୀର ଜ୍ଞାନ ରହିଥିବା ଅତ୍ୟନ୍ତ ଆବଶ୍ୟକ ।

ଏହିପରି ଭାବରେ ଆମେ ଅତ୍ୟନ୍ତ ସଂକ୍ଷେପରେ ଯଥାସମ୍ଭବ ଅଧିକ କମ୍ ସମୟରେ ଅନ୍ତଃସ୍ଥ ସବୁଯାକ କାରଣକୁ ପରୀକ୍ଷା କରି ଦେଖିଲେ । ଏହା ବ୍ୟତୀତ ବହିଃସ୍ଥ ଅନେକ କାରଣ ମଧ୍ୟ ରହିଛି, ଯାହାକି ଆବିର୍ଭୂତ ହୋଇଥାନ୍ତି ଏବଂ ନାନା ଜଟିଳତାର ସୃଷ୍ଟି କରିଥାନ୍ତି ।

ଯଦି ତୁମେ ସଂପୂର୍ଣ୍ଣ ଭାବରେ ସୌଷମ୍ୟଯୁକ୍ତ ଏକ ପରିବେଶ ମଧ୍ୟରେ ରହିଥାଆନ୍ତ, ଯେଉଁଠାରେ କି ସବୁକିଛି ଏକ ସମଗ୍ର ତଥା ସଂପୂର୍ଣ୍ଣ ସଦିଚ୍ଛା ଦ୍ୱାରାହିଁ ପରିପୂର୍ଣ୍ଣ ହୋଇ ରହିଥାନ୍ତା, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ କୌଣସି ଅସୁସ୍ଥତା ଆସି ପହଞ୍ଚିଲେ ତୁମେ ସେଥିଲାଗି କେବଳ ନିଜକୁହିଁ ଦୋଷ ଦେଇ ପାରିବ । ମାତ୍ର ତୁମ ଭିତରେ ରହିଥିବା ଅସୁବିଧାଗୁଡ଼ିକ ତୁମ ବାହାରେ ମଧ୍ୟ ରହିଛନ୍ତି । କେତେକ ପରିମାଣରେ ତୁମେ ନିଜ ଭିତରେ ଏକ ସମତାବସ୍ଥାକୁ ସମ୍ଭବ କରି ରଖି ପାରିବ ସତ, ମାତ୍ର ତୁମେ ଏପରି ନାନା ପରିବେଷ୍ଟନୀ ମଧ୍ୟରେ ବାସ କରୁଥିବ, ଯେଉଁଠାରେ କି ନାନା ଭାରସାମ୍ୟହୀନତା ପୂର୍ଣ୍ଣ ହୋଇ ରହିଥିବ । ନିଜକୁ ଏକ ଏକାନ୍ତ ସ୍ଥାନରେ ନେଇ ବନ୍ଦ କରିଖି ପାରିଲେ (ଏପରି ଏକ ଅବସର ପାଇବା ଯେ କେବଳ ଅତ୍ୟନ୍ତ କଷ୍ଟକର ତା' ନୁହେଁ, ମାତ୍ର, ଏହାହିଁ ଭଲ ବୋଲି ମଧ୍ୟ କଦାପି ସର୍ବଦା ଠିକ୍ କରି କହିଦେଇ ହେବ ନାହିଁ), ବାହାରୁ ଯାହାସବୁ ଆସୁଥିବ,

'oaob.nitrkl.ac.in' images reprocessed

ତୁମେ ସେଗୁଡ଼ିକୁ ଗ୍ରହଣ କରିବା ଲାଗି ଅବଶ୍ୟ ବାଧ୍ୟ ହେବ । ତୁମେ ସତତ ଦେବାରେ ଲାଗିଛ, ସତତ ଗ୍ରହଣ କରିବାରେ ବି ଲାଗିଛ । ତୁମେ ବାହାରକୁ ନିଃଶ୍ୱାସ ଛାଡ଼ୁଛ, ଭିତରକୁ ବି ନିଃଶ୍ୱାସ ନେଉଛ । ତେଣୁ ଏହି କ୍ଷେତ୍ରରେ ସର୍ବଦା ଏକ ମିଶ୍ରଣହିଁ ରହିଛି, ଏବଂ ସେହି କାରଣରୁ ଜଣେ ଅବଶ୍ୟ କହିପାରିବ ଯେ ଏଠି ସବୁକିଛି ସନ୍ଦେହାତ୍ମକ ହୋଇ ରହିଛି, କାରଣ ତୁମେ ଅବିଚ୍ଛିନ୍ନ କେତେକେତେ ସ୍ପନ୍ଦନର ଏକ ଅବସ୍ଥା ମଧ୍ୟରେ ବାସ କରିବାରେ ଲାଗିଛ । ତୁମେ ନିଜର ସ୍ପନ୍ଦନଗୁଡ଼ିକୁ ବାହାରକୁ ନିକ୍ଷିପ୍ତ କରିଦେଉଛ ଏବଂ ଅନ୍ୟମାନଙ୍କର ସ୍ପନ୍ଦନଗୁଡ଼ିକୁ ଗ୍ରହଣ ମଧ୍ୟ କରୁଛ; ଏବଂ ଏହି ସ୍ପନ୍ଦନଗୁଡ଼ିକ ସବୁବେଳେହିଁ ଏକ ବହୁମିଶ୍ରିତ ସ୍ୱଭାବର ହୋଇ ରହିଛନ୍ତି । ଏହି କ୍ଷେତ୍ରରେ (ଭାଷାଟିକୁ ସରଳ କରିଦେବା ସକାଶେ ଆମେ ତାହାକୁ ଏହିପରିହିଁ କହିବା) ମାନସିକ ସ୍ପନ୍ଦନମାନ ରହିଛି, ପ୍ରାଣିକ ସ୍ପନ୍ଦନମାନ ରହିଛି, ଦୈହିକ ସ୍ପନ୍ଦନମାନ ରହିଛି ଓ ଅନ୍ୟାନ୍ୟ ଅନେକ ପ୍ରକାରର ବି ସ୍ପନ୍ଦନମାନ ରହିଛି । ତୁମେ ଦେଉଛ ଓ ଗ୍ରହଣ କରୁଛ । ନିରନ୍ତର ଅବିରାମ ଭାବରେ ଏହିପରି ଲାଗିରହିଛି । ଏହି କ୍ଷେତ୍ରରେ ହୁଏତ କୌଣସି ଅସତ୍-ଇଚ୍ଛା ପ୍ରବେଶ କରୁ ନାହିଁ ବୋଲି ସ୍ୱୀକାର କରିନେଲେ ମଧ୍ୟ ସନ୍ଦେହାତ୍ମକ ଅବଶ୍ୟ ଲାଗିରହିଛି । ଏବଂ, ମୁଁ ତୁମମାନଙ୍କୁ ବର୍ତ୍ତମାନ ଯେପରି କହୁଥିଲି, ସବୁକିଛି ହେଉଛି ସନ୍ଦେହାତ୍ମକ, ପ୍ରକୃତରେ ସବୁକିଛି । ଗୋଟିଏ ଦୁର୍ଘଟଣା ଘଟିଲା, ତା'ର ପରବର୍ତ୍ତୀ ପରିଣାମଗୁଡ଼ିକ କ'ଣ ଘଟିଲା, ସେଗୁଡ଼ିକୁ ଜାଣିବାକୁ ତୁମେ ଆଗ୍ରହ ପ୍ରକାଶ କରୁଛ; ତଦ୍ୱାରା ତୁମେ ନିଜ ଭିତରକୁ କେତେଗୁଡ଼ିଏ ସ୍ପନ୍ଦନ ଗ୍ରହଣ କରିନେଉଛ । ଏବଂ ଯଦି ତୁମେ ସାଧାରଣଙ୍କ ତୁଳନାରେ ଅଧିକ ଗ୍ରହଣଶୀଳ ହୋଇଥାଅ, ଏବଂ ସର୍ବୋପରି ତୁମ ଭିତରେ ଯଦି ଭୟ ଅଥବା ବିରକ୍ତିଭାବ ରହିଥାଏ, (ଭୟ ଓ ବିରକ୍ତିଭାବ ଦୁଇଟିଯାକ ଗୋଟିଏ କଥା, ବିରକ୍ତିଭାବକୁ ଆମେ ଏକ ସମ୍ମତି ବିପଦର ଏକ ନୈତିକ ଅଭିବ୍ୟକ୍ତି ବୋଲିହିଁ କହିପାରିବା ।) ତେବେ ସେହି ଦୁର୍ଘଟଣାଟି ଠିକ୍ ସେହିପରି ସମ୍ମତି ଭାବରେ ତୁମ ଶରୀରରେ ମଧ୍ୟ ଅନୁକମ୍ପିତ ହୋଇ ଉଠିପାରେ । ତୁମକୁ ସ୍ୱଭାବତଃ କୁହାଯିବ ଯେ ଯେଉଁ ବ୍ୟକ୍ତିମାନେ ସ୍ନାୟବିକ ଭାରସାମ୍ୟହୀନତାର ଏକ ସ୍ଥିତିରେ ଅବସ୍ଥାନ କରୁଥାନ୍ତି, ସେହିମାନଙ୍କ ଭିତରେହିଁ ଏହିପରି ପ୍ରତିକ୍ରିୟାମାନ ଜାତ ହୋଇଥାଏ । ତାହାକୁ ଆମେ ସମ୍ପୂର୍ଣ୍ଣ ଠିକ୍ ବୋଲି କହିପାରିବା ନାହିଁ । ଏବଂ ତାହା ଯେ ସର୍ବଦା ଏକ ନିମ୍ନତରତାର ପରିଚୟ ଦେଇଥାଏ, ସେକଥା ମଧ୍ୟ ନୁହେଁ । ହୁଏତ ଠିକ୍ ଓଲଟା କଥାହିଁ ସତ କଥା । କାରଣ ତୁମର ଆଧ୍ୟାତ୍ମିକ ଅଗ୍ରଗତି ଘଟୁଥିବା ସଙ୍ଗେସଙ୍ଗେ ତୁମର ସ୍ନାୟବିକ କ୍ଷେତ୍ରରେ ମଧ୍ୟ ସାଧାରଣଙ୍କ ତୁଳନାରେ ଏକ ନିର୍ଦ୍ଦିଷ୍ଟ ଓ ଅଧିକ ଗ୍ରହଣଶୀଳତା ତୁମ ଭିତରେ ଆସି ସଂଘଟିତ ହୋଇଥାଏ, ଏବଂ ତୁମର ଗ୍ରହଣଶୀଳତା ବଢ଼ିବା ସଙ୍ଗେ ସଙ୍ଗେ ତୁମର ଆତ୍ମନିୟନ୍ତ୍ରଣର ଶକ୍ତି ମଧ୍ୟ ବୃଦ୍ଧି

'oaob.nitrkl.ac.in' images reprocessed

ନପାଉଥିଲେ, ତୁମ ଜୀବନରେ ଯାବତୀୟ ପ୍ରକାରର ଅନୁଚିତ କଥା ଘଟିବାର ଆଶଙ୍କାଟି ମଧ୍ୟ ଭାରି ପ୍ରବଳ ହୋଇ ରହିଥିବ ।

ମାତ୍ର ତାହାହିଁ କେବଳ ଏକମାତ୍ର କଥା ନୁହେଁ ।

ଦୁର୍ଭାଗ୍ୟବଶତଃ ଏହି ସଂସାରରେ ଅନେକ ପରିମାଣରେ ମନ୍ଦ ଇଚ୍ଛା ଭର୍ତ୍ତି ହୋଇ ରହିଛି । ଏବଂ ଏହି ବିଭିନ୍ନ ପ୍ରକାରର ମନ୍ଦ ଇଚ୍ଛା ମଧ୍ୟରେ ଏକ ସାନ ପ୍ରକାରର ମନ୍ଦ ଇଚ୍ଛାଟି ମଧ୍ୟ ରହିଛି, ଯାହାକି ଅଜ୍ଞାନ ଏବଂ ନିର୍ବୋଧତାରୁ ନିଷ୍ପନ୍ନ ହୋଇ ଆସିଥାଏ, ଏକ ବୃହତ୍ତର ପ୍ରକାରର ମନ୍ଦ ଇଚ୍ଛାଟି ରହିଛି, ଯାହାକି ଦୁଷ୍ଟତାରୁ ଜନ୍ମଲାଭ କରିଥାଏ ଏବଂ ପୁନଶ୍ଚ, ସେହି ଦୁର୍ଜ୍ଞେୟ ପ୍ରକାରର ମନ୍ଦ ଇଚ୍ଛାଟି ମଧ୍ୟ ରହିଛି, ଯାହାକି ଦିବ୍ୟତାବିରୋଧୀ ଶକ୍ତିଗୁଡ଼ିକର ପରିଣାମରୂପେ ସଂଘଟିତ ହୋଇଥାଏ । ତେଣୁ, ଏହି ସବୁଯାକ ମନ୍ଦ ଇଚ୍ଛା ବାୟୁମଣ୍ଡଳରେ ରହିଥାଏ (ତୁମମାନଙ୍କ ମନରେ ଭୟର ସଂଚାର କରିବାକୁ ମୁଁ ତୁମମାନଙ୍କୁ ଏକଥା କହୁ ନାହିଁ, କାରଣ ଏକଥା ଆମେ ସମସ୍ତେ ଭଲ ଭାବରେ ବୁଝିଛୁ ଯେ ଆମେ କୌଣସି କଥାକୁହିଁ ଡରିବା ନାହିଁ । ତଥାପି, ଏହି ମନ୍ଦ ଇଚ୍ଛା ଅବଶ୍ୟ ଉପସ୍ଥିତ ରହିଛି ।), ସେଗୁଡ଼ିକ ତୁମକୁ ଆସି ଆକ୍ରମଣ କରନ୍ତି, ଅନେକ ସମୟରେ ଜାଣିଶୁଣି କରନ୍ତି ଏବଂ ବେଳେବେଳେ ସଂପୂର୍ଣ୍ଣ ଅନଭିପ୍ରେତ ଭାବରେ ମଧ୍ୟ କରନ୍ତି । ଅନ୍ୟ ବ୍ୟକ୍ତିମାନଙ୍କ ମାଧ୍ୟମରେହିଁ ସେମାନେ ଅନଭିପ୍ରେତ ଭାବରେ ଆକ୍ରମଣ କରନ୍ତି । ଅନ୍ୟମାନଙ୍କ ଉପରେ ଆକ୍ରମଣ ହୁଏ, ସେମାନେ ଏବିଷୟରେ କିଛି ଜାଣନ୍ତି ନାହିଁ, ସେହି ବିଷୟରେ ସଜ୍ଞାନ ହେବା ପୂର୍ବରୁ ମଧ୍ୟ ସେମାନେ ତାହାକୁ ଅନ୍ୟମାନଙ୍କ ଉପରକୁହିଁ ପେଲି ଦେଇଥାନ୍ତି । ସେମାନେ ସେହି ଆକ୍ରମଣର ପ୍ରଥମ ଶିକାର ହୁଅନ୍ତି । ସେମାନେ ଅସୁସ୍ଥତାଟିକୁ ଅନ୍ୟମାନଙ୍କ ଉପରକୁ ପେଲି ଦିଅନ୍ତି । ମାତ୍ର କେତେକ କ୍ଷେତ୍ରରେ ଅଭିପ୍ରେତ ଭାବରେ ବି ଆକ୍ରମଣ ହୋଇଥାଏ । ଆମେ ସେଦିନ ମନର ନାନା ବିରଚନା ବିଷୟରେ ଆଲୋଚନା କରୁଥିଲେ ଏବଂ ଏପରି ନାନା ଦୁଷ୍ଟଲୋକଙ୍କ ବିଷୟରେ ବି ଆଲୋଚନା କରୁଥିଲେ, ଯେଉଁମାନେ କି ତୁମର ଅନିଷ୍ଟ କରିବା ଲାଗି ଏହିସବୁ ମାନସିକ ବିରଚନାଗୁଡ଼ିକୁ ସୃଷ୍ଟି କରିଥାନ୍ତି, ଅନିଷ୍ଟ କରିବାର ମତଲବ ରଖିହିଁ ସେମାନେ ଜାଣିଶୁଣି ସେସବୁ କରିଥାନ୍ତି । ଏବଂ, ଏମାନଙ୍କ ବ୍ୟତୀତ ଆହୁରି ଅନ୍ୟମାନେ ବି ଅଛନ୍ତି, ଯେଉଁମାନେ କି ଆହୁରି ପାଦେ ଆଗକୁ ଚାଲି ଯାଇଥାନ୍ତି ।

ଏପରି ଏକ କୁପରିଚାଳିତ ଓ ବିକୃତ ଗୁପ୍ତବିଦ୍ୟା ରହିଛି, ଯାହାକୁ କି ଲୋକେ ବଶୀକରଣ ବୋଲି କହିଥାନ୍ତି; ଏହା ଏପରି ଏକ ଜିନିଷ, ଯାହାକୁ କି ସ୍ପର୍ଶ ବି କରିବା ଅନୁଚିତ । ମାତ୍ର ତଥାପି ଦୁର୍ଭାଗ୍ୟବଶତଃ ଏପରି ଲୋକ ବି ଅଛନ୍ତି, ଯେଉଁମାନେ ତାହାକୁ ସ୍ପର୍ଶ କରନ୍ତି, କେବଳ ଦୁଷ୍ଟତାପୂର୍ଣ୍ଣ ମତଲବରେହିଁ ତାହାକୁ

'oaob.nitrkl.ac.in' images reprocessed

ସ୍ପର୍ଶ କରିବାକୁ ଯାଆନ୍ତି । ଏହାକୁ ତୁମେ କେବଳ ଏକ ଭ୍ରମ ଅଥବା କେବଳ ଏକ ଅନ୍ଧବିଶ୍ୱାସ ବୋଲି କଦାପି ବିଶ୍ୱାସ କରିବ ନାହିଁ; ଏହା ଏକ ବାସ୍ତବ କଥା, ପ୍ରକୃତ କଥା । ଏପରି କେତେକ ଲୋକ ଅଛନ୍ତି, ଯେଉଁମାନେ ଯାଦୁ କରି ଜାଣନ୍ତି, ଯାଦୁ କରନ୍ତି ଏବଂ ଏହି ଯାଦୁ ଦ୍ୱାରା ସେମାନେ ସମ୍ପୂର୍ଣ୍ଣ ଘୃଣ୍ୟ କେତେ କେତେ ପରିଣାମ ଘଟାଇଥାନ୍ତି···ଅବଶ୍ୟ ଏକଥା ସତ ଯେ ଯଦି ତୁମ ଭିତରେ କୌଣସି ଭୟ ନଥାଏ ଓ ତୁମେ ସୁରକ୍ଷା ଭିତରେ ରହିଥାଅ, ତେବେ ତୁମକୁ ଏହି ଯାଦୁର ହାତରୁ ଅବଶ୍ୟ ରକ୍ଷା ମିଳିଯାଏ । ମାତ୍ର ଯେତେବେଳେ ଏକ 'ଯନ୍ତ୍ର'ର କଥା କୁହାଯାଉଛି, ସେତେବେଳେ ଏକ ସର୍ତ୍ତର କଥାହିଁ କୁହାଯାଉଛି; ଏବଂ ଯଦି ସେହି ସର୍ତ୍ତଟିର ସର୍ବଦା ପରିପୂରଣ ହୋଇ ପାରୁ ନଥିବ, ତେବେ ସେତେବେଳେ ଭାରି ଅପ୍ରୀତିକର କେତେକେତେ କଥା ହୁଏତ ଘଟିବାରେ ଲାଗିଥିବ । ତୁମେ ଯେତେବେଳପର୍ଯ୍ୟନ୍ତ ପୂର୍ଣ୍ଣ ବଳର ସ୍ଥିତିରେ ରହିଥିବ, ସମ୍ପୂର୍ଣ୍ଣ ଭାବରେ ଶୁଦ୍ଧ ହୋଇ ରହିଥିବ,—ଅର୍ଥାତ୍ ତୁମେ ଯେତେବେଳପର୍ଯ୍ୟନ୍ତ ଅକ୍ଷେପ୍ୟ ହୋଇ ରହିଥିବ, ସେତେବେଳପର୍ଯ୍ୟନ୍ତ ଯଦି କେହି ତୁମ ବିରୁଦ୍ଧରେ କିଛି କରିବାକୁ ବାହାରିବ, ତେବେ ତାହା ସ୍ୱତଃ ଲେଉଟିଯାଇ ତା' ନିଜ ଉପରେହିଁ ପଡ଼ିବ; ଗୋଟାଏ ଟେନିସ୍ ବଲ୍‌କୁ ହାତରେ ଧରି କାନ୍ଥ ଉପରକୁ ଫିଙ୍ଗିଲେ ଯେପରି ତାହା ତୁମ ପାଖକୁହିଁ ଲେଉଟି ଆସିଥାଏ, ଠିକ୍ ସେହିପରି । ସେହିପରି ଭାବରେହିଁ ସେମାନେ କରୁଥିବା ଅନିଷ୍ଟଟି ସେମାନଙ୍କ ନିଜ ଉପରକୁହିଁ ଫେରିଆସିବ, ଅନେକ ସମୟରେ ଏକ ବୃହତ୍ତର ଶକ୍ତି ବହନ କରି ଆସିବ; ଏବଂ, ଯେଉଁ ସାଧନଟିକୁ ହାତରେ ଧରି ସେମାନେ ପାପ ଭିତରେ ପ୍ରବେଶ କରିଥିଲେ, ଠିକ୍ ସେଇଟି ଦ୍ୱାରାହିଁ ସେମାନଙ୍କର ଶାସ୍ତିବିଧାନ ହେବ । ମାତ୍ର ଅତ୍ୟନ୍ତ ସ୍ୱାଭାବିକ କଥା ଯେ ଯାହା ବିରୁଦ୍ଧରେ ଯାଦୁଟି ପ୍ରୟୋଗ କରା ହେଉଥିବ, ସବୁକଥା ତାହାର ଉପରେହିଁ ନିର୍ଭର କରିବ, ତାହାର ଅନ୍ତର୍ଗତ ଶକ୍ତି ଓ ଶୁଦ୍ଧତା ଉପରେ ତାହା ନିର୍ଭର କରିବ ।···ଏସବୁ କଥା ମୋତେ ଜଣାଅଛି, ଏପରି ଅନେକ ଦୃଷ୍ଟାନ୍ତ ଜଣା ଅଛି । ଏବଂ, ମୁଁ ଯେପରି କହିଲି, ଏହିସବୁ କ୍ଷେତ୍ରରେ ପ୍ରତିରୋଧ କରି ପାରିବାକୁ ହେଲେ, ଆମକୁ ପ୍ରାଣିକ କ୍ଷେତ୍ରରେ ଜଣେ ଯୋଦ୍ଧା ହୋଇ ରହିବାକୁ ହେବ, ଅର୍ଥାତ୍, ପ୍ରାଣର ସ୍ତରରେ ଜଣେ ଆଧ୍ୟାତ୍ମିକ ଯୋଦ୍ଧା ବନିବାକୁ ହେବ । ଯେଉଁମାନେ ନିଷ୍ଠାର ସହିତ ଯୋଗ କରୁଛନ୍ତି, ସେମାନଙ୍କୁ ସମସ୍ତଙ୍କୁ ତାହା ଅବଶ୍ୟ ହେବାକୁ ପଡ଼ିବ; ଏବଂ ଯେତେବେଳେ ସେମାନେ ତାହା ହୋଇପାରିବେ, ସେତେବେଳେ ସେମାନେ ଅବଶ୍ୟ ସୁଆଶ୍ରିତ ହୋଇ ରହିବେ । ମାତ୍ର ଏହିପରି ସୁଆଶ୍ରିତ ହୋଇ ରହିବାର ଗୋଟିଏ ସର୍ତ୍ତ ହେଉଛି ଯେ ଆମ ନିଜ ଭିତରେ କଦାପି କୌଣସି ମନ୍ଦ ଇଚ୍ଛା ପ୍ରବେଶ କରିବ ନାହିଁ, ଅନ୍ୟମାନଙ୍କ ପ୍ରତି ଆମ ଭିତରେ କେବେହେଲେ କୌଣସି ମନ୍ଦ ଭାବନା ଜାତ ହେବ ନାହିଁ । କାରଣ, ଯଦି ତୁମ ଭିତରେ କୌଣସି

'oaob.nitrkl.ac.in' images reprocessed

ମନ୍ଦ ଇଚ୍ଛା, ମନ୍ଦ ଅନୁଭୂତି ଅଥବା ମନ୍ଦ ଭାବନା ରହିଥାଏ, ତେବେ ତୁମେ ପରିଣାମତଃ ସେହିମାନଙ୍କ ସ୍ତରକୁହିଁ ଖସି ଆସିବାକୁ ବାଧ୍ୟ ହେବ; ଏବଂ ସେହିମାନଙ୍କ ସହିତ ସମସ୍ତର ହୋଇଯିବା ସଙ୍ଗେସଙ୍ଗେ ତୁମକୁ ସେମାନଙ୍କଠାରୁ ହୁଏତ ମାଡ଼ ବି ଖାଇବାକୁ ପଡ଼ିବ ।

ସେତେ ଦୂର ଏକ ଅତିଶଯ୍ୟତା ମଧ୍ୟକୁ ନଯାଇ ମଧ୍ୟ କୁହାଯାଇ ପାରିବ ଯେ ଜଡ଼-ଜଗତର ଏହି ବାତାବରଣଟି ଭିତରେ ଅଗଣିତ କ୍ଷୁଦ୍ର କ୍ଷୁଦ୍ର ଏପରି ସତ୍ତ୍ୱମାନେ ରହିଛନ୍ତି, ଯେଉଁମାନଙ୍କୁ କି ତୁମେମାନେ ଆଖିରେ ଦେଖି ପାରୁ ନାହିଁ, କାରଣ ତୁମ ଆଖିର ଦୃଷ୍ଟିକ୍ଷମତା ଅତ୍ୟନ୍ତ ସୀମାବଦ୍ଧ ହୋଇ ରହିଛି, ମାତ୍ର ଯେଉଁମାନେ ତୁମର ପରିବେଶଟି ମଧ୍ୟରେ ଘୂରି ବୁଲିବାରେ ଲାଗିଛନ୍ତି । ସେମାନଙ୍କ ଭିତରୁ କେତେକଙ୍କର ଧରଣ ବେଶ୍ ଭଲ, ଅନ୍ୟମାନେ ବଡ଼ ଦୁଷ୍ଟ । ସାଧାରଣତଃ ପ୍ରାଣିକ ସତ୍ତ୍ୱଗୁଡ଼ିକର ବିଘଟନ ଫଳରେହିଁ ଏହିସବୁ ସାନସାନ ସତ୍ତ୍ୱ ନିଷ୍ପନ୍ନ ହୋଇ ଆସିଥାନ୍ତି । ସେମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଥାଏ, ଏବଂ ତେଣୁ ସେଥିଲାଗି ସେମାନେ ବଡ଼ ଅପ୍ରୀତିକର ଭାବରେ ସତେଅବା ଗୋଟାଏ ଗଦା ପରି ହୋଇ ରହିଥାନ୍ତି । କେତେକ ସତ୍ତ୍ୱ ଭାରି ଭଲ ଭଲ କାମ କରନ୍ତି । ମୁଁ ଭାବୁଛି ଯେ ମୁଁ ତୁମମାନଙ୍କୁ ସେହି ସାନସାନ ସତ୍ତ୍ୱଗୁଡ଼ିକର କଥା ଥରେ କହିଥିଲି ଯେଉଁମାନେ କି କ୍ଷୀର ଫୁଟିଲିଣି ବୋଲି ମୋର କାନ ଟାଣି ମୋତେ କହି ଦେଇଥିଲେ, ମୁଁ ଯେପରି ଶୀଘ୍ର ଯାଏ ଓ କ୍ଷୀର ଉଛୁଳି ପଡ଼ିବା ପୂର୍ବରୁ ସେଠାରେ ଯାଇ ପହଞ୍ଚେ ବୋଲି ମୋତେ କହି ଦେଇଥିଲେ । ମାତ୍ର ସେମାନଙ୍କ ଭିତରୁ ସମସ୍ତେ ଯେ ଏପରି ଭଲ, ସେକଥା ଆଦୌ ନୁହେଁ । ସେଗୁଡ଼ିକ ମଧ୍ୟରୁ କେତେକ ତୁମ ସହିତ ସବୁବେଳେ ନାନା ଅସୁନ୍ଦର ଖେଳଖି ଖେଳିବାକୁ ସତେଅବା ଭାରି ଭଲ ପାଉଥାନ୍ତି, ଦୁଷ୍ଟାମିର ସାନସାନ କୌତୁକପରିହାସ ଖେଳିବାକୁ ଭାରି ଭଲ ପାଆନ୍ତି । ଏବଂ ଅଧିକାଂଶ ସମୟରେ କୌଣସି ଦୁର୍ଘଟଣା ପଛରେ ସେହିମାନେ ରହିଥାନ୍ତି । ସାନସାନ ଦୁର୍ଘଟଣାକୁ ସେମାନେ ଭାରି ଭଲ ପାଆନ୍ତି, କୌଣସି ଦୁର୍ଘଟଣା ଗୃହପାଖରେ ଜମା ହୋଇ ନାନା ଶବ୍ଦର ଯେଉଁ ସମଗ୍ର ଘୂର୍ଣ୍ଣିଟି ବୁଲିବାରେ ଲାଗିଥାଏ, ସେମାନେ ତାହାକୁ ଭାରି ଭଲ ପାଆନ୍ତି । ପରେ ମଣିଷଙ୍କୁ ଏକତ୍ର ଦେଖିବାକୁ ଭାରି ଭଲ ପାଆନ୍ତି । ଏବଂ ତା'ପରେ, ସେଇଥିରୁହିଁ ସେମାନେ ଖାଦ୍ୟ ଆହରଣ କରନ୍ତି, କାରଣ, ବସ୍ତୁତଃ, ସାବଲୀଳ ସଂବେଗ ଏବଂ ଉତ୍ତେଜନା ଫଳରେ ମନୁଷ୍ୟର ଶରୀର ମଧ୍ୟରୁ ଯେଉଁ ପ୍ରାଣଶକ୍ତି ନିକ୍ଷିପ୍ତ ହେବାରେ ଲାଗିଥାଏ, ସେମାନେ ସେହିଗୁଡ଼ାକୁ ଖାଇ ଜୀବନଧାରଣ କରନ୍ତି । ତେଣୁ ସେମାନେ କହୁଥାନ୍ତି : ଗୋଟିଏ ସାନ ଦୁର୍ଘଟଣା ଘଟିଲେ କ୍ଷତି କ'ଣ ? ଆଉ ଏହି ଦୁର୍ଘଟଣା ଅନେକ ସଂଖ୍ୟାରେ ଘଟିଲେ ତାହା କେଡ଼େ ବଢ଼ିଆ ନହେବ !...

'oaob.nitrkl.ac.in' images reprocessed

ଏବଂ ଯେତେବେଳେ ଏହିସବୁ ସାନସାନ ସତ୍ତା ଗୋଟିଏ ପଲ ହୋଇଯାନ୍ତି, ସେତେବେଳେ ସେମାନେ ହୁଏତ ପରସ୍ପର ସହିତ ଆସି ଧକ୍‌କା ବାଜିପାରନ୍ତି, କାରଣ ସେମାନଙ୍କ ନିଜ ଭିତରେ ମଧ୍ୟ ସେମାନେ ଆଦୌ ଖୁବ୍‌ବେଶୀ ଶାନ୍ତିପୂର୍ଣ୍ଣ ଜୀବନ ଅତିବାହିତ କରୁ ନଥାନ୍ତି । ସେମାନେ ପରସ୍ପର ସହିତ କେତେ ସଂଘାତ କରୁଥାନ୍ତି, ଲଢ଼େଇ କରିବାରେ ଲାଗିଥାନ୍ତି, ପରସ୍ପରକୁ ଧ୍ୱଂସ କରିଦିଅନ୍ତି, ବିନଷ୍ଟ କରିଦିଅନ୍ତି । ଏବଂ ସେଇଥିରୁହିଁ ଜୀବାଣୁଗୁଡ଼ିକର ଜନ୍ମ ହୁଏ । ସେହି ସତ୍ତାଗୁଡ଼ିକୁ ଆମେ ବିଘଟନର ନାନା ଶକ୍ତି ବୋଲି ଜାଣିବା । ମାତ୍ର ଆପଣାର ବିଭକ୍ତ ରୂପରେ ମଧ୍ୟ ସେମାନେ ତଥାପି ବଞ୍ଚିକରି ରହିପାରନ୍ତି ଏବଂ ସେଇଥିରୁହିଁ ଜୀବାଣୁ ଓ ରୋଗବାହୀ କୀଟାଣୁଙ୍କର ଜନ୍ମ ହୋଇଥାଏ । ତେଣୁ ରୋଗବାହୀ ଅନେକ କୀଟାଣୁଙ୍କର ପଛରେ ଏକ ମନ୍ଦ ଇଚ୍ଛା ଲୁକ୍‌କାୟିତ ହୋଇ ରହିଥାଏ ଏବଂ ତାହାହିଁ ସେମାନଙ୍କୁ ଏପରି ଏକ ବିପଜ୍ଜନକ ଜୀବରେ ପରିଣତ କରି ରଖିଥାଏ । ଏବଂ ଆମେ ଯଦି ଏହି ମନ୍ଦ ଇଚ୍ଛାର ଗୁଣ ଏବଂ ପ୍ରକାରଟି ବିଷୟରେ କିଛି ଜାଣି ନଥିବା ଏବଂ ସେଇଟି ଉପରେ କ୍ରିୟା କରିବାକୁ ସମର୍ଥ ହେଉ ନଥିବା, ତେବେ ଶରୀରରେ ଅନେକତ ଭାଗ କ୍ଷେତ୍ରରେ ଆମକୁ ଯଥାର୍ଥ ଏବଂ ସମ୍ପୂର୍ଣ୍ଣ ପ୍ରତିକାରଟି ମିଳିବା କଦାପି ସମ୍ଭବ ହେବ ନାହିଁ । ଏକ ରୋଗବାହୀ କୀଟାଣୁକୁ ଆମେ ସୂକ୍ଷ୍ମ ଭୌତିକ ଜଗତରେ ବାସ କରୁଥିବା ଏକ ବସ୍ତୁର ଏକ ନିତାନ୍ତ ଜଡ଼ାତ୍ମକ ଅଭିବ୍ୟକ୍ତି ବୋଲି କହି ପାରିବା, ଏବଂ ସେହି କାରଣରୁହିଁ ଏହି ଯେଉଁ କୀଟାଣୁମାନେ (ସେହି ପ୍ରକରଣଟିରେ* ମୁଁ ଯେପରି ତୁମକୁ କହିଛି) ସବୁବେଳେ ତୁମର ଚତୁର୍ଦ୍ଦିଗରେ ବେଢ଼ି ରହିଛନ୍ତି, ତୁମ ଭିତରେ ରହିଛନ୍ତି, ସେମାନେ ବର୍ଷ ବର୍ଷ ଧରି ମଧ୍ୟ ତୁମକୁ କୌଣସି ଅସୁସ୍ଥତାରେ ପକାଇ ପାରନ୍ତି ନାହିଁ ଏବଂ ତା'ପରେ ଦିନେ ହଠାତ୍ ତୁମେ ଅସୁସ୍ଥ ହୋଇ ପଡ଼ ।

ଆଉଗୋଟିଏ କାରଣ ବି ରହିଛି । ଏକ ସୌଷମ୍ୟସ୍ଥାନତାରେ ମଧ୍ୟ ରୋଗବାହୀ କୀଟାଣୁ ଓ ସେମାନଙ୍କୁ ମିଳୁଥିବା ପୋଷକତାଟି ନିହିତ ହୋଇ ରହିଛି; ବିରୋଧୀ ଶକ୍ତିଟି ଲାଗି ସତ୍ତାଟି ଭିତରେ ରହିଥିବା ଗ୍ରହଣଶୀଳତାରେହିଁ ନିହିତ ହୋଇ ରହିଛି । ତୁମକୁ କାହାଣୀଟିଏ କହିବି । ଏହି କାହାଣୀଟି ତୁମମାନଙ୍କୁ ମୁଁ ଆଗରୁ କହିଛି କି ନାହିଁ ମନେ ପଡ଼ୁ ନାହିଁ, ମାତ୍ର ବର୍ତ୍ତମାନ ବି ମୁଁ ସେହି କାହାଣୀଟିକୁ କହିବାକୁ ଯାଉଛି, କାରଣ ତାହା ତୁମକୁ ଦୃଷ୍ଟାନ୍ତଟିଏ ଯୋଗାଇଦେଇ ପାରିବ ।

ସେତେବେଳେ ମୁଁ ଜାପାନରେ ଥାଏ । ୧୯୧୯ ମସିହା ଜାନୁଆରୀ ମାସର ଆରମ୍ଭର କଥା । ସେ ଯାହା ହେଉ, ସେହି ସମୟରେ ସମଗ୍ର ଜାପାନରେ ଏକ

* ପ୍ରଶ୍ନ ଓ ଉତ୍ତର ୧୯୨୯ (୧୯ ମେ)

'oaob.nitrkl.ac.in' images reprocessed

ଭୟଙ୍କର ଫ୍ଳୁ ବେମାରି ବ୍ୟାପି ରହିଥିଲା ଏବଂ ସେଥିରେ ଲକ୍ଷ ଲକ୍ଷ ଲୋକଙ୍କର ପ୍ରାଣହାନି ଘଟିଲା । ସେପରି ସଂକ୍ରାମକ ବେମାରି ପ୍ରକୃତରେ ବଡ଼ କ୍ୱଚିତ୍ ଦେଖିବାକୁ ମିଳିଥାଏ । ଟୋକିଓ ସହରରେ ପ୍ରତ୍ୟେକ ଦିନ ଶହ ଶହ ଲୋକ ଏହି ରୋଗରେ ଆକ୍ରାନ୍ତ ହେଉଥିଲେ । ରୋଗଟି ଏହିପରି ଆସି ଆକ୍ରମଣ କରୁଥିବା ପରି ମନେ ହେଉଥିଲା : ଏହା ତିନି ଦିନ ପାଇଁ ରୋଗୀକୁ ଆକ୍ରାନ୍ତ କରି ରଖୁଥିଲା ଓ ତୃତୀୟ ଦିନରେ ରୋଗୀର ମୃତ୍ୟୁ ହେଉଥିଲା । ଏବଂ ଏତେ ଅଧିକ ସଂଖ୍ୟାରେ ଲୋକେ ମରିବାରେ ଲାଗିଥିଲେ ଯେ ସେମାନଙ୍କୁ କବର ବି ଦିଆହୋଇ ପାରୁ ନଥିଲା । କବର ଦେବା ପ୍ରକୃତରେ ଅସମ୍ଭବ ଥିଲା, ସେମାନେ ଅତିବେଶୀ ସଂଖ୍ୟାରେ ମରିବାରେ ଲାଗିଥିଲେ । ବା, ତା' ନହେଲେ, ତୃତୀୟ ଦିନରେ ଯଦି ରୋଗୀର ମୃତ୍ୟୁ ହେଉ ନଥିଲା, ତେବେ ସାତଦିନ ପରେ ସେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରୁଥିଲା । ଟିକିଏ କ୍ଳାନ୍ତ ହୋଇ ପଡ଼ୁଥିଲା ସତ, ମାତ୍ର ତଥାପି ସମ୍ପୂର୍ଣ୍ଣ ଭାବରେ ଆରୋଗ୍ୟ ହୋଇ ଯାଉଥିଲା । ସହରଯାକ ଆତଙ୍କ ଖେଳି ଯାଇଥାଏ, କାରଣ ସଂକ୍ରାମକ ବେମାରି ଜାପାନରେ ଏପରି ଭାବରେ ଖୁବ୍ କ୍ୱଚିତ୍ ବ୍ୟାପିଥାଏ । ଜାପାନୀମାନେ ଭାରି ପରିଷ୍କାର-ପରିଚ୍ଛନ୍ନ ଜାତି, ସବୁ କଥାରେ ଭାରି ସାବଧାନ ଓ ସେମାନଙ୍କର ମନୋବଳ ମଧ୍ୟ ଅନେକ ଅଧିକ । ଖୁବ୍ କ୍ୱଚିତ୍ କେହି ରୋଗରେ ପଡ଼େ । ମାତ୍ର ତଥାପି ସେଥର ଏହି ରୋଗଟି ଆସିଲା, ଏକ ପ୍ରଚଣ୍ଡ ଦୁର୍ବିପାକରୂପେହିଁ ଆସିଲା । ସମସ୍ତେ ଅତି ଭୟଙ୍କର ଭାବରେ ଭୟଭୀତ ହୋଇ ପଡ଼ିଲେ । ଉଦାହରଣ-ସ୍ୱରୂପ, ନାକ ଉପରେ ଗୋଟିଏ ଖୋଳ ଲଗାଇ ଲୋକମାନଙ୍କୁ ରାସ୍ତାରେ ଯାତାୟାତ କରୁଥିବାର ଦେଖା ଯାଉଥିଲା, ନିଶ୍ୱାସରେ ଗ୍ରହଣ କରୁଥିବା ବାୟୁର ବିଶୋଧନ ଲାଗି ସେମାନେ ଏହି ଖୋଳ ଲଗାଉଥିଲେ । ସେହି ବାୟୁକୁ ରୋଗଟିର ଜୀବାଣୁରୁ ମୁକ୍ତ ରଖିବାକୁ ସେମାନେ ଏପରି କରୁଥିଲେ । ଏହି ଭୟଟି ସବୁଠାରେ ଥିଲା···ଏବଂ, ସେତେବେଳେ ମୁଁ ସେଠାରେ ଏପରି ଜଣଙ୍କ ପାଖରେ ରହୁଥିଲି, ଯିଏକି ମୋତେ ସବଦା କହିବାରେ ଲାଗିଥିଲେ : "ଏହି ରୋଗଟା ପ୍ରକୃତରେ କି ରୋଗ କହିଲ ? ଏହି ରୋଗଟିର ପଛରେ ପ୍ରକୃତରେ କ'ଣ ରହିଛି ?" ମୁଁ କ'ଣ କରୁଥିଲି ଜାଣିଛ ?—ମୁଁ ନିଜକୁ କେବଳ ମୋ ନିଜର ଶକ୍ତି ଓ ନିଜର ସୁରକ୍ଷା ଦ୍ୱାରାହିଁ ଘୋଡ଼ାଇ ରଖୁଥିଲି, ଯେପରିକି ମୋତେ ଏହି ରୋଗଟି ଆଦୌ ଆକ୍ରମଣ କରିବ ନାହିଁ; ତା'ପରେ ମୁଁ ଆଉ ସେ ବିଷୟରେ କିଛି ଭାବୁ ନଥିଲି ଓ ମୋର ଯାବତୀୟ କାର୍ଯ୍ୟ କରୁଥିଲି । ମୋର କିଛି ହେଉ ନଥିଲା ଓ ମୁଁ ଏବିଷୟରେ କିଛି ଭାବୁ ନଥିଲି । ମାତ୍ର ମୋତେ ଏହି କଥାଟି ସବଦା ଶୁଣିବାକୁ ମିଳୁଥିଲା : "ଏହି ରୋଗଟି ପ୍ରକୃତରେ କି ରୋଗ ? ଏଇଟି ପଛରେ ପ୍ରକୃତରେ କ'ଣ ଅଛି ? ଏହି ରୋଗଟି ପଛରେ ପ୍ରକୃତରେ କ'ଣ ଅଛି, ମୁଁ ସେହି କଥା



'oaob.nitrkl.ac.in' images reprocessed

ଜାଣିବାକୁ ଚାହୁଁଛୁ । ଏ ରୋଗଟି ପ୍ରକୃତରେ କ'ଣ, ଏହା କାହିଁକି ଲାଗିଲା, ତୁମେ ମୋତେ ଏବିଷୟରେ କ'ଣ କିଛିହେଲେ କହି ପାରିବ ନାହିଁ ?"— ଇତ୍ୟାଦି, ଇତ୍ୟାଦି । ଦିନେ ମୋର ପରିଚିତା ଜଣେ ତରୁଣୀ ମୋତେ ସହରର ଠିକ୍ ଅନ୍ୟ ଶେଷଭାଗଟିକୁ ଡାକି ନେଇଥିଲେ । ସିଏ ମୋତେ କେତେକ ବନ୍ଧୁଙ୍କ ସହିତ ପରିଚିତ କରାଇଦେବାକୁ ଚାହୁଁଥିଲେ ଏବଂ କେତେକ କଥା ଦେଖାଇବା ଲାଗି ଚାହୁଁଥିଲେ । ସିଏ ମୋତେ କାହିଁକି ଡାକିଥିଲେ, ସେ କଥାଟି ମୋର ଠିକ୍ ଠିକ୍ ମନେ ନାହିଁ, ମାତ୍ର ଏତିକି ମନେ ଅଛି ଯେ ମୋତେ ଟ୍ରାମ୍‌ରେ ବସି ସହରର ଏପାଖରୁ ସେପାଖକୁ ଯିବାକୁ ହୋଇଥିଲା । ମୁଁ ଟ୍ରାମ୍‌ରେ ବସି ନାକ ଉପରେ ସେହି ଖୋଳଟିକୁ ପିନ୍ଧିଥିବା ଲୋକମାନଙ୍କୁ ଦେଖିବାରେ ଲାଗିଥାଏ । ସମସ୍ତ ବାତାବରଣରେ ସେହି ସତତ ଭୟଟି ପୂର୍ଣ୍ଣ ହୋଇ ରହିଥାଏ ଏବଂ ସେହି କାରଣରୁ ମୋ ମନରେ ହଠାତ୍ ଗୋଟାଏ ପ୍ରସ୍ତାବ ଆସି ପହଞ୍ଚିଗଲା; ମୁଁ ନିଜକୁ ପଚାରିଲି : ପ୍ରକୃତରେ ଏହି ରୋଗଟି କି ରୋଗ ? ଏହି ରୋଗଟି ପଛରେ ପ୍ରକୃତରେ କ'ଣ ଅଛି ? ଏହି ରୋଗଟି ମଧ୍ୟରେ କେଉଁ କେଉଁ ଶକ୍ତି କାର୍ଯ୍ୟ କରୁଛନ୍ତି ?" ମୁଁ ଯେଉଁଠାକୁ ଯାଉଥିଲି ଗଲି, ସେଠାରେ ଘଣ୍ଟାଏ ରହିଲି ଓ ତା'ପରେ ଫେରିଆସିଲି । ଏବଂ ଫେରିବା ବେଳକୁ ମୋତେ ବି ପ୍ରବଳ ଜ୍ୱର ଆକ୍ରମଣ କଲା । ବାସ୍, ରୋଗଟି ମୋତେ ଧରି ନେଇଥିଲା । ଏହା ଏଇପରି ହଠାତ୍ ଆସୁଥିଲା, କୌଣସି ପ୍ରସ୍ତୁତି ନକରି ଆସୁଥିଲା, ମାଡ଼ି ଆସୁଥିଲା । ସାଧାରଣତଃ, ରୋଗସବୁ ଓ ବିଶେଷ କରି କୀଟାଣୁ ଓ ଜୀବାଣୁରୁ ଜାତ ରୋଗଗୁଡ଼ିକ ଦେହ ଭିତରେ କାର୍ଯ୍ୟ କରିବାକୁ ବେଶ୍ କେତୋଟି ଦିନ ସମୟ ଲାଗେ । ସେମାନେ ଦେହ ଭିତରେ ଆସି ପ୍ରବେଶ କରନ୍ତି, ଭିତରେ ସାନ ଯୁଦ୍ଧଟିଏ ଲାଗେ; ତୁମର ଜୟ ହୁଏ ଅଥବା ପରାଜୟ ହୁଏ; ପରାଜୟ ହେଲେ ତୁମେ ରୋଗରେ ପଡ଼; ଏସବୁ ଆଦୌ ଜଟିଳ କଥା ନୁହେଁ । ମାତ୍ର ଜାପାନରେ ଯେପରି ଘଟୁଥିଲା, ସେଠାରେ ତୁମ ପାଖରେ ସତେ ଯେପରି ଖଣ୍ଡେ ଶଠ ଆସି ପହଞ୍ଚୁଥିଲା, ତୁମେ ଲଫାପାଟି ଖୋଲୁଥିଲ ଓ ପରମୁହୂର୍ତ୍ତରେହିଁ ଜ୍ୱରରେ ଆକ୍ରାନ୍ତ ହେଉଥିଲ । ହଁ, ସେଦିନ ରାତିରେ ମୋତେ ଭୟଙ୍କର ଜ୍ୱର ହେଲା । ଡାକ୍ତର ଆସିଲେ (ମୁଁ ତାଙ୍କୁ ଡକାଇ ନଥିଲି), ଡାକ୍ତର ଆସି ମୋତେ କହିଲେ : "ଆପଣଙ୍କୁ ମୋତେ ଏହି ଔଷଧଟି ଦେବାକୁ ପଡ଼ିବ ।" ଜ୍ୱରଟି ଲାଗି ତାହା ପ୍ରକୃତରେ ଏକ ସର୍ବୋତ୍ତମ ଔଷଧ ଥିଲା । ତାଙ୍କ ପାଖରେ ଏତେ ଟିକିଏ ଔଷଧ ଥିଲା (ସେମାନଙ୍କର ମହଜୁଦ ଔଷଧସବୁ ସରି ଆସିଥିଲା, ସମସ୍ତେ ତ ସେହି ଔଷଧ ବ୍ୟବହାର କରୁଥିଲେ); ସିଏ କହିଲେ : "ମୋ ପାଖରେ ଏବେ ମଧ୍ୟ କେତୋଟି ପୁଡ଼ିଆ ରହିଛି, ମୁଁ ଆପଣଙ୍କୁ ତାହାରି ଭିତରୁ କେତୋଟି ଦେବି ।"— "ମୋର ଅନୁରୋଧ, ଆପଣ ଏହି ଔଷଧ ମୋତେ ନଦେଇ

'oaob.nitrkl.ac.in' images reprocessed

ଯାହାର ଏହା ଉପରେ ବିଶ୍ୱାସ ଅଛି, ସେପରି ଜଣେ ଲୋକ ଲାଗି ତାକୁ ରଖନ୍ତୁ; ଯିଏ ଏହି ଔଷଧଟିକୁ ଖାଇବ, ତା' ପାଇଁ ରଖନ୍ତୁ ।" ସେ ଭାରି ବିରକ୍ତ ହୋଇପଡ଼ିଲେ : "ତେବେ ମୋର ଏଠାକୁ ଆସିବା ମଧ୍ୟ କ'ଣ ଦରକାର ଥିଲା ।" ଏବଂ ମୁଁ କହିଲି : "ବୋଧହୁଏ କିଛି ଦରକାର ନଥିଲା ।" ଏବଂ ମୋ ଜ୍ୱରଟି ସହିତ ମୁଁ ବିଛଣାଟି ଉପରେ ପଡ଼ିରହିଲି । ସବୁ ସମୟରେ ମନେ ମନେ ସେହି ପ୍ରଶ୍ନ ପଚାରୁଥିଲି : "ଏହି ରୋଗଟି ପ୍ରକୃତରେ କ'ଣ ? କାହିଁକି ଏହି ରୋଗ ହେଉଛି ? ଏହା ପଛରେ ପ୍ରକୃତରେ କ'ଣ ଅଛି ?……" ଦୁଇଟି ଦିନ ଯିବାପରେ, ଏକୁଟିଆ ବିଛଣା ଉପରେ ଶୋଇ ରହିଥିବା ସମୟରେ ମୁଁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଗୋଟିଏ ରୂପ ଦେଖିବାକୁ ପାଇଲି, ତା'ର ମସ୍ତକର ଗୋଟିଏ ଅଂଶ ଛିନ୍ନ ଦିଶୁଥିଲା, ସିଏ ସାମରିକ ପରିଚ୍ଛଦ ପିନ୍ଧିଥିଲା (ବା ଏକ ସାମରିକ ପରିଚ୍ଛଦର ଅବଶିଷ୍ଟାଂଶ) । ସିଏ ମୋ ପାଖକୁ ପାଖକୁ ଆସିଲା ଓ ମୋ ଗ୍ରୀବା ଉପରେ ଆସି ପଡ଼ିଗଲା । ସେହି ଅର୍ଦ୍ଧ ଛିନ୍ନ ମସ୍ତକ ଦେଇ ସିଏ ମୋ ଶକ୍ତିକୁ ଶୋଷିନେବାକୁ ଆସିଥିଲା । ମୁଁ ଭଲ କରି ତାକୁ ଥରେ ଅନାଇଲି ଏବଂ ତା'ପରେ ଉପଲବ୍ଧି କଲି ଯେ ଅଚିରେ ମୋର ମରଣ ହେବାକୁ ଯାଉଛି । ସିଏ ମୋ ଭିତରୁ ସବୁଯାକ ଜୀବନ ଶୋଷି ନେବାରେ ଲାଗିଥାଏ । (ଏଠାରେ ଅବଶ୍ୟ କହିରଖେ ଯେ ଲୋକମାନେ ତିନୋଟି ଦିନରେ ନିମୋନିଆରେ ପଡ଼ି ମରି ଯାଉଥିଲେ) । ମୁଁ ସମ୍ପୂର୍ଣ୍ଣ ଭାବରେ ସେହି ବିଛଣାଟି ଉପରେହିଁ ପଡ଼ିଥାଏ । ହଲଚଲ ବି ହେଉ ନଥାଏ, ଏକ ଗଭୀର ଭାବସମାଧି ଭିତରେ ରହିଥାଏ । ତା'ପରେ ମୁଁ ହଠାତ୍ ଆଉ ହଲି ବି ପାରିଲି ନାହିଁ ଓ ସେ ମୋତେ ଟାଣିବାକୁ ଲାଗିଲା । ମୁଁ ଭାବୁଥାଏ : ଏଥର ଶେଷ ବେଳଟି ଆସି ପହଞ୍ଚିଲା । ଏବଂ ତା'ପରେ ମୁଁ ମୋର ଗୁପ୍ତବିଦ୍ୟା ଦ୍ୱାରା ସକଳ ଶକ୍ତିକୁ ଆବାହନ କରି ଆଣିଲି, ତା' ସହିତ ପ୍ରବଳ ଯୁଦ୍ଧ କଲି ଏବଂ ଶେଷରେ ତାକୁ ଲେଉଟାଇ ଦେଇ ପାରିଲି, ଯାହା ଫଳରେ କି ସେ ଆଉ ସେଠାରେ ମୋଟେ ରହି ପାରିଲା ନାହିଁ । ଏବଂ ମୁଁ ତା'ପରେ ଉଠିବସିଲି ।

ମାତ୍ର ମୁଁ ଦେଖି ପାରିଲି । ମୁଁ ଜାଣିପାରିଲି ଓ ବୁଝି ପାରିଲି ଯେ ଅସୁସ୍ଥତାଟି ଏପରି ନାନା ସତ୍ତାରୁ ଉତ୍ପନ୍ନ ହୋଇ ଆସୁଛି, ଯେଉଁମାନଙ୍କୁ କି ସେମାନଙ୍କର ଶରୀର ମଧ୍ୟରୁ ବାହାରକୁ ନିକ୍ଷିପ୍ତ କରି ଦିଆଯାଇଛି । ପ୍ରଥମ ମହାଯୁଦ୍ଧର ଶେଷଆଡ଼କୁ ମୁଁ ସେହି କଥା ଦେଖିଥିଲି; ସେତେବେଳେ ଲୋକମାନେ ଟ୍ରେଞ୍ଚ୍ ଭିତରେ ରହୁଥିଲେ, ଏବଂ ବୋମା ପଡ଼ି ମରିବାରେ ଲାଗିଥିଲେ । ସେମାନେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ, ସେମାନଙ୍କର ଚମତ୍କାର ସ୍ୱାସ୍ଥ୍ୟ ଥିଲା ଏବଂ ଗୋଟାଏ ସେକେଣ୍ଡ ମଧ୍ୟରେ ସେମାନଙ୍କୁ ସତେଅବା କିଏ ଯେପରି ଶରୀର ଭିତରୁ କାଢ଼ି ବାହାରକୁ ଫୋପାଡ଼ି ଦେଉଥିଲା, ସେମାନେ ମଲେ ବୋଲି ସତେଅବା ଆଦୌ

'oaob.nitrkl.ac.in' images reprocessed

ସଂଗଠିତ ହେବାକୁ ବି ସମୟ ପାଉ ନଥିଲେ । ସେମାନଙ୍କର ଆଉ କୌଣସି ଶରୀର ନାହିଁ ବୋଲି ସେମାନେ ଜାଣୁ ନଥିଲେ ଏବଂ ଆପଣା ଭିତରେ ଯେଉଁ ଜୀବନଟିକୁ ପାଉ ନଥିଲେ, ସେଇଟିକୁ ଅନ୍ୟମାନଙ୍କ ଭିତରେ ପାଇବା ସକାଶେ ଚେଷ୍ଟା କରୁଥିଲେ । ଅର୍ଥାତ୍ ସେମାନେ ଅଗଣିତ ଏତେଗୁଡ଼ିଏ ରାକ୍ଷସରେ ପରିଣତ ହୋଇ ଯାଉଥିଲେ । ଏବଂ ତା'ପରେ ଲୋକମାନଙ୍କ ଉପରେ ଭୂତ ପରି ଉପଦ୍ରବ କରିବାରେ ଲାଗୁଥିଲେ । ଏବଂ ସେକଥାଟିକୁ ଛାଡ଼ିଦେଲେ ମଧ୍ୟ, ଯେଉଁ ଲୋକମାନେ ଅସୁସ୍ଥ ହୋଇ ମୃତ୍ୟୁମୁଖରେ ପତିତ ହେଉଥିଲେ, ସେମାନଙ୍କର ପ୍ରାଣିକ ଶକ୍ତିଗୁଡ଼ାକ ବି ସଢ଼ି ପଚି ଯାଉଥିଲା । ଏହି ସବୁଯାକକୁ ନେଇ ଯେଉଁ ଭୀଷଣ ବହଳ ମେଘଟି ତିଆରି ହେଉଥିଲା, ସେତେବେଳେ ସେହିପରି ଏକ ମେଘପଟଳ ଭିତରେହିଁ ଜୀବନଧାରଣ କରିବାକୁ ପଡ଼ୁଥିଲା । ଏବଂ ତେଣୁ, ଯେଉଁମାନେ ଏହି ମେଘଟିର ଘେରରେ ପଡ଼ି ଯାଉଥିଲେ, ସେମାନେ ଅସୁସ୍ଥ ହୋଇ ପଡ଼ୁଥିଲେ ଏବଂ ସାଧାରଣତଃ କିଛିଦିନ ପରେ ଆରୋଗ୍ୟ ବି ଲାଭ କରୁଥିଲେ । ମାତ୍ର ଯେଉଁମାନେ ସେହି ପ୍ରକାରର କୌଣସି ଗୋଟିଏ ସତ୍ତ୍ୱ ଦ୍ୱାରା ଆକ୍ରାନ୍ତ ହେଉଥିଲେ, ସେମାନେ ଆଉ ପ୍ରାଣରକ୍ଷା କରି ପାରୁ ନଥିଲେ, ସେମାନେ ଆଉ ପ୍ରତିରୋଧ କରି ପାରୁ ନଥିଲେ । ସେତେବେଳେ ପ୍ରତିରୋଧ କରିବା ସକାଶେ କେତେ ଜ୍ଞାନ ଏବଂ ବଳର ଯେ ପ୍ରୟୋଜନ ହେଉଥିଲା, ସେକଥା ମୁଁ ଜାଣିଛି । ତାହା ପ୍ରକୃତରେ ଅପ୍ରତିରୋଧ୍ୟହିଁ ଥିଲା । ଅର୍ଥାତ୍, ଏହି ମନ୍ଦଶକ୍ତିଗୁଡ଼ିକର ଏକ ଘୂର୍ଣ୍ଣିକେନ୍ଦ୍ର ପରି ହୋଇ ରହିଥିବା କୌଣସି ସତ୍ତ୍ୱ ଦ୍ୱାରା ଆକ୍ରାନ୍ତ ହୋଇପଡ଼ିଲେ, ସେମାନେ ସୁନିଶ୍ଚିତ ଭାବରେ ମୃତ୍ୟୁମୁଖରେ ପଡ଼ୁଥିଲେ । ଏବଂ ସେତେବେଳେ ସେହି ସତ୍ତ୍ୱମାନେ ନିଶ୍ଚୟ ବହୁସଂଖ୍ୟାରେ ରହିଥିଲେ, ସେମାନଙ୍କର ସଂଖ୍ୟା ଅନେକ ଥିଲା । ମୁଁ ସେହି ସବୁ କଥା ଦର୍ଶନ କରିଥିଲି ଏବଂ ବୁଝି ମଧ୍ୟ ପାରୁଥିଲି ।

ଯେତେବେଳେ ମୋତେ କେହି ଦେଖିବାକୁ ଆସୁଥିଲେ, ସେତେବେଳେ ମୁଁ ଏକାକୀ ରହିବାକୁ ଇଚ୍ଛା କରୁଛି ବୋଲି ଅନୁରୋଧ କରି କହୁଥିଲି; ମୁଁ ନୀରବରେ ମୋ ବିଛଣାଟି ଉପରେ ପଡ଼ି ରହୁଥିଲି ଏବଂ ଦୁଇ ତିନୋଟି ଦିନ ବିଲକୁଲ ଚୁପ୍ ହୋଇ କଟାଇ ଦେଇଥିଲି । ମୋର ଚେତନାକୁ ସବୁବେଳେ ଅଭିନବେଶିତ କରି ରଖୁଥିଲି । କିଛିଦିନ ପରେ, ଆମର ଜଣେ ବନ୍ଧୁ (ଜାପାନୀ ବନ୍ଧୁ, ଜଣେ ଭାରି ଭଲ ବନ୍ଧୁ) ଆସିକରି ମୋତେ କହିଲେ : "ଅଚ୍ଛା ! ଆପଣ ଅସୁସ୍ଥ ହୋଇ ପଡ଼ିଥିଲେ ? ତେବେ ମୁଁ ଯାହା ଭାବିଥିଲି, ତାହା ପ୍ରକୃତରେ ସତ······ଆପଣ ଭାବନ୍ତୁ ତ, ଗତ ଦୁଇ ତିନିଦିନ ହେଲା ସହରରେ ଆଉ ଜଣେ କେହିହେଲେ ନୂଆ କରି ଏହି ରୋଗରେ ପଡ଼ି ନାହାନ୍ତି; ଯେଉଁମାନେ ଆଗରୁ ରୋଗରେ ପଡ଼ିଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି ଆରୋଗ୍ୟ ଲାଭ କରିଛନ୍ତି ଏବଂ ମୃତ

'oaob.nitrkl.ac.in' images reprocessed

ବ୍ୟକ୍ତିମାନଙ୍କର ସଂଖ୍ୟା ପ୍ରାୟ ନଗଣ୍ୟ ହୋଇ ଯାଇଛି, ଏବଂ ବର୍ତ୍ତମାନ ରୋଗର ଆତଙ୍କଟି ଏହିପରି ଭାବରେ ଦୂର ବି ହୋଇଗଲାଣି । ରୋଗଟି ସମ୍ପୂର୍ଣ୍ଣ ଭାବରେ ଆୟତ୍ତକୁ ଆସିଗଲାଣି ।" ତା'ପରେ ମୋର ଯାହାସବୁ ଘଟିଥିଲା, ମୁଁ ତାଙ୍କୁ ଗୋଟି ଗୋଟି କରି କହିଥିଲି ଏବଂ ସିଏ ସେଠାରୁ ଯାଇ ଅନ୍ୟମାନଙ୍କ ଆଗରେ ମଧ୍ୟ କହିଥିଲେ । ଏପରିକି ସେମାନେ ଏହି ବିଷୟରେ ଖବରକାଗଜରେ ଲେଖାମାନ ଛାପିବାକୁ ଦେଇଥିଲେ ।

ତେବେ, ନିଶ୍ଚିତ ଭାବରେ ଜାଣିରଖ ଯେ ଭଲା ଭଲା ଔଷଧ ଅପେକ୍ଷା ଚେତନାହିଁ ଏହି କ୍ଷେତ୍ରରେ ଅଧିକ କାମ ଦିଏ । ···ସେତେବେଳେ ଅବସ୍ଥାଟି ଭାରି ଗମ୍ଭୀର ହୋଇ ପଡ଼ିଥିଲା । ଭାବି ଦେଖିଲ, ଏପରି କେତେକ ଗାଆଁ ଥିଲା, ଯେଉଁଠି କି ସମସ୍ତେ ମରି ଯାଇଥିଲେ, କେହି ଜଣେ ହେଲେ ବଞ୍ଚି ନଥିଲେ । ଜାପାନରେ ଗୋଟିଏ ଗାଆଁ ଥିଲା; ଆଦୌ ଖୁବ୍ ବେଶୀ ବଡ଼ ନୁହେଁ, ତଥାପି ସେଥିରେ ଶହେରୁ ଅଧିକ ଲୋକ ବାସ କରୁଥିଲେ । ଘଟଣା ଏପରି ଘଟିଲା ଯେ ଏକ ଅସାଧାରଣ ସଂଯୋଗ ଫଳରେ ସେହି ଗ୍ରାମର ଜଣେ ଅଧିବାସୀଙ୍କର ଖଣ୍ଡେ ଚିଠି ପାଇବାର ଥିଲା (କାହାର ଚିଠି ପାଇବାକୁ ଥିଲେ ଯାଇ ଡାକବାଲା ସେହି ଗାଆଁକୁ ଯାଉଥିଲା; ଅତ୍ୟନ୍ତ ସ୍ୱାଭାବିକ ଯେ ଗାଆଁଟି ଗ୍ରାମାଞ୍ଚଳରେ ଅନେକ ଦୂରରେ ଅବସ୍ଥିତ ଥିଲା ।); ତେଣୁ ଡାକବାଲା ସେହି ଅଞ୍ଚଳକୁ ଗଲା, ବାଟରେ ବରଫ ବର୍ଷା ହେଲା । ସମସ୍ତ ଗାଆଁଟି ବରଫ ଦ୍ୱାରା ଆବୃତ ହୋଇ ରହିଥିଲା; ଏବଂ ସେହି ଗାଆଁରେ ଜୀଅନ୍ତା ଲୋକ ଜଣେ ହେଲେ କେହି ନଥିଲେ । ପ୍ରକୃତରେ ଠିକ୍ ଏହିପରି ଘଟିଥିଲା । ଅର୍ଥାତ୍ ସଂକ୍ରାମକ ରୋଗଟି ଏତେ ଭୀଷଣ ଭାବରେ ଲାଗିଥିଲା । ଏବଂ ଟୋକିଓ ସହରର ଅବସ୍ଥା ମଧ୍ୟ ଠିକ୍ ସେହିପରି ଥିଲା; ମାତ୍ର ଟୋକିଓ ହେଉଛି ଏଡ଼େବଡ଼ ସହର ଏବଂ ସେଠାରେ ଘଟଣାଗୁଡ଼ିକ କଦାପି ଗାଆଁପରି ଘଟୁ ନଥିଲା । ଏବଂ ଏହିପରି ଭାବରେହିଁ ସଂକ୍ରାମକ ବେମାରିଟିର ଅବସାନ ଘଟିଲା । ମୁଁ ଏହି କାହାଣୀଟି ତୁମକୁ କହିବାକୁ ଚାହୁଁଥିଲି ।

ବର୍ତ୍ତମାନ ଆମେ ସ୍ୱଭାବତଃ ରୋଗର ଆରୋଗ୍ୟ ବିଷୟରେ ଆଲୋଚନା କରିବା । ଏସବୁ ନିଶ୍ଚୟ ଭାରି ଭଲ କଥା ଯେ ବର୍ତ୍ତମାନ ରୋଗଟି ବିଷୟରେ ଆମର ଆବଶ୍ୟକ ଜ୍ଞାନ ରହିଛି । ତେବେ ପ୍ରଥମତଃ ରୋଗଟି ଆସିବା ପୂର୍ବରୁ ତାକୁ କିପରି ନିବୃତ୍ତ କରି ରଖାଯାଇ ପାରିବ ? ଏବଂ ଯଦି ରୋଗଟି ଆସି ତଥାପି ପହଞ୍ଚିଗଲା, ତେବେ ତା'ର ଆରୋଗ୍ୟବିଧାନ କିପରି କରାଯିବ ?

ଆମେ ଏସବୁ କ୍ଷେତ୍ରରେ ସାଧାରଣ ଉପାୟଗୁଡ଼ିକୁ ନେଇ ଚେଷ୍ଟା କରିପାରିବା, ଏବଂ ଅନେକ ସମୟରେ ସେଥିରୁ ହୁଏତ ଫଳ ବି ମିଳିବ । ଯେତେବେଳେ ଶରୀରକୁ ପୂର୍ଣ୍ଣ ପ୍ରତ୍ୟୟ ମିଳିଯିବ ଯେ ଯେଉଁ ପରିବେଶରେ ସେ

'oaob.nitrkl.ac.in' images reprocessed

ଅବଶ୍ୟ ପୂର୍ଣ୍ଣ ସୁସ୍ଥ ହୋଇ ରହିପାରିବ, ସେହି ପରିବେଶଟି ତାହାକୁ ମିଳି ସାରିଲଣି, ସାଧାରଣତଃ ସେତିକବେଳେ ଫଳ ମିଳିବ । ଶରୀର ଦୃଢ଼ପ୍ରତିଜ୍ଞ ହୋଇଯିବ ଯେ ସେ ଅବଶ୍ୟ ଆରୋଗ୍ୟଲାଭ କରିବ, ଏବଂ ତା'ପରେ ସେ ନିଶ୍ଚୟ ଆରୋଗ୍ୟଲାଭ କରିବ । ମାତ୍ର ଯଦି ତୁମ ଶରୀରର ସେହି ଇଚ୍ଛାଶକ୍ତିଟି ନଥାଏ, ନିଶ୍ଚୟ ଆରୋଗ୍ୟଲାଭ କରିବ ବୋଲି ସଂକଳ୍ପଶକ୍ତିଟି ନଥାଏ, ତେବେ ତୁମେ ଯାହା ମନ ତାହା ଚେଷ୍ଟା କର ପଛକେ, ଶରୀର କଦାପି ଆରୋଗ୍ୟ ହେବ ନାହିଁ । ଏଇଟିକୁ ମଧ୍ୟ ମୁଁ ଅଭିଜ୍ଞତାରୁ ଜାଣେ । କାରଣ, ମୁଁ ଏପରି ଅନେକ ଲୋକଙ୍କୁ ଜାଣିଥିଲି, ଯେଉଁମାନେ କି ପାଞ୍ଚ ମିନିଟ ଭିତରେ ରୋଗମୁକ୍ତ ହୋଇପାରିଥିଲେ, ଏପରିକି ସେମାନଙ୍କର ରୋଗକୁ ଅତି ସାଂଘାତିକ ବୋଲି ବିଚାର କରି ଯାଉଥିଲେ ମଧ୍ୟ ସେମାନେ ରୋଗମୁକ୍ତ ହୋଇଥିଲେ । ଏବଂ, ମୁଁ ଆଉରି ଏପରି ଅନେକ ବ୍ୟକ୍ତିଙ୍କୁ ଜାଣିଥିଲି, ଯେଉଁମାନଙ୍କର କୌଣସି ସାଂଘାତିକ ରୋଗ ହୋଇ ନଥିଲା, ମାତ୍ର ସେମାନେ ଏତେବେଶୀ ଆଗ୍ରହରେ ସେଇଟିକୁ ଜାବୁଡ଼ି ଧରିଥିଲେ ଯେ ଶେଷରେ ସେଇଥିରେହିଁ ସେମାନଙ୍କର ମୃତ୍ୟୁ ହୋଇଥିଲା । ରୋଗଟିକୁ ବିଦାୟ ଦେଇ ଝାଡ଼ିଝୁଡ଼ି ହୋଇ ବସିବା ଲାଗି ସେମାନଙ୍କର ଶରୀରକୁ ପ୍ରବର୍ତ୍ତାଇବା ପ୍ରକୃତରେ ଅସମ୍ଭବ ହୋଇ ରହିଥିଲା ।

ଏବଂ ଠିକ୍ ଏହିଠାରେହିଁ ଭାରି ସାବଧାନ ହେବାକୁ ପଡ଼ିବ ଏବଂ ଅତ୍ୟନ୍ତ ବିବେକପୂର୍ଣ୍ଣ ଭାବରେ ଆପଣା ଆଡ଼କୁ ଅବଲୋକନ କରିବାକୁ ହେବ, ଏବଂ ନିଜ ଭିତରେ ଯେଉଁ କ୍ଷୁଦ୍ର ଅଂଶଟି—ଏହାକୁ ଭାଷାରେ କିପରି ପ୍ରକାଶ କରାଯାଇ ପାରିବ ?—ରୋଗରେ ପଡ଼ିବାରେ ଆନନ୍ଦ ପାଇବାରେ ଲାଗିଥାଏ, ସେହି ଭାଗଟିକୁ ଆବିଷ୍କାର କରି ପାରିବାକୁ ହେବ । ହଁ, ଏହା ପଛରେ କେତେକେତେ କାରଣ ରହିଛି । ଅନେକ ଲୋକ ଅଛନ୍ତି, ଯେଉଁମାନେ କି ବାଦ କରି ରୋଗରେ ପଡ଼ନ୍ତି; ଏପରି ଲୋକ ଅଛନ୍ତି, ଯେଉଁମାନେ କି ଘୃଣା ହେତୁ ରୋଗରେ ପଡ଼ନ୍ତି; ଏପରି ଲୋକ ଅଛନ୍ତି, ଯେଉଁମାନେ ହତାଶା ଦ୍ୱାରା ତାଡ଼ିତ ହୋଇ ରୋଗରେ ପଡ଼ନ୍ତି; ଏପରି ଲୋକ ଅଛନ୍ତି···ଏବଂ ଏହିଗୁଡ଼ାକ ଯେ ଏକାବେଳେକେ ଦୁର୍ଜ୍ଞେୟ କଥା, ସେକଥା ଆଦୌ ନୁହେଁ । ସତ୍ତା ଭିତରେ ଏଇଟିକୁ କେବଳ ଏକ କ୍ଷୁଦ୍ର ଗତିସ୍ପନ୍ଦନ ବୋଲି କୁହାଯାଇ ପାରିବ । କେହି ହୁଏତ ବିରକ୍ତ ହୋଇ କହିବାକୁ ଲାଗେ : "ତୁମେ ଦେଖିବ କ'ଣ ହେବ; ସେ ମୋ ପ୍ରତି ଯେଉଁ ବ୍ୟବହାର କଲା, ତୁମେ ତାହାର ଫଳଟିକୁ ଅବଶ୍ୟ ଦେଖିବାକୁ ପାଇବ । ଏଥର ଯାହା ହେବ ହେଉ । ମୁଁ ବର୍ତ୍ତମାନ ରୋଗରେ ପଡ଼ିବାକୁ ଯାଉଛି ।" ଏକଥା କ'ଣ କେହି ପ୍ରକାଶ୍ୟ ଭାବରେ ନିଜ ପାଖରେ କହେ କି ?—କାରଣ ତା'ହେଲେ ତ ନିଜ ପାଖରୁ ଗାଳି ଖାଇବାକୁ ପଡ଼ିବ; ମାତ୍ର ଭିତରେ କେଉଁଠି ହେଲେ କେହି ଜଣେ ରହିଥାଏ, ଯିଏକି ଠିକ୍ ସେହିପରି ଭାବରେ ଚିନ୍ତା କରୁଥାଏ ।

'oaob.nitrkl.ac.in' images reprocessed

ତେଣୁ, ବିଶୃଙ୍ଖଳାଟିକୁ ଅର୍ଥାତ୍ ବୈଷମ୍ୟସ୍ଥାନଟାଟିକୁ,—ତାହା ବଡ଼ ହେଉ ଅଥବା ଛୋଟ ହେଉ ପଛକେ,—ଆବିଷ୍କାର କରି ସାରିବା ପରେ ତୁମକୁ ଦୁଇଟି କଥା କରିବାକୁ ପଡ଼ିବ । ପ୍ରଥମତଃ, ମୁଁ କହିଲି ଯେ ଏହି ବୈଷମ୍ୟସ୍ଥାନଟାରୁ ଆମର ଦେହରେ ଏକପ୍ରକାର କମ୍ପନ ଜାତ ହୁଏ, ଏକ ପ୍ରକାରର ଅଶାନ୍ତତା ଆସି ପହଞ୍ଚିଥାଏ, ଶରୀରରେ ଏହି କମ୍ପନ ଏବଂ ଅଶାନ୍ତତା ଅନୁଭୂତ ହେଉଥାଏ । ଏହାକୁ ଗୋଟାଏ ପ୍ରକାରର ଜ୍ୱର ବୋଲି କୁହାଯାଇ ପାରିବ । ଏହାକୁ ଏକ ସାଧାରଣ ଜ୍ୱର ବୋଲି କୁହା ନଗଲେ ମଧ୍ୟ ଏହା ହେଉଛି କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଅନୁଭୂତ ହେଉଥିବା ଜ୍ୱର; ଏପରି ଲୋକ ଅଛନ୍ତି, ଯେଉଁମାନେ କି ଏକାବେଳେକେ ଅସ୍ଥିର ଓ ଅଶାନ୍ତ ହୋଇ ଉଠନ୍ତି । ତେଣୁ ନିଜକୁ ଶାନ୍ତ ଓ ସ୍ଥିର କରିଆଣିବା, ନିଜକୁ ଏକ ଶାନ୍ତ, ସ୍ଥିର ଏବଂ ହାଲୁକା ଅବସ୍ଥାକୁ ନେଇ ଆସିବା ହେଉଛି ସର୍ବପ୍ରଥମ କର୍ତ୍ତବ୍ୟ; ଏକ ସମଗ୍ର ବିଶ୍ୱାପର ସହିତ ଦେହର ଏହି ସ୍ଥାନ ଅଂଶଟିରେ (ସମସ୍ତ ଶରୀରରେ ଯେ ଏହିପରି ଏକ ଅବସ୍ଥା ଆଣିବାକୁ ପଡ଼ିବ, ତାହାର କୌଣସି କାରଣ ନାହିଁ ।) ଏକ ସ୍ଥିର ଅବସ୍ଥା ଆଣିବା ସର୍ବପ୍ରଥମ କର୍ତ୍ତବ୍ୟ । ଏବଂ ସେକଥାଟି କରିସାରିବା ପରେ ଗୋଳମାଳଟିର କାରଣଟିକୁ ଖୋଜି ବାହାର କରିବାକୁ ପଡ଼ିବ । ନିଜେ ଅବଲୋକନ କରି ସେହି କାରଣଟିକୁ ବାହାର କରିବାକୁ ପଡ଼ିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ କାରଣ ଅନେକ ରହିଥିବ, ମାତ୍ର ତୁମେ ତଥାପି ଯେତେ ନିକଟବର୍ତ୍ତୀ ଭାବରେ ସମ୍ଭବ, ଗୋଳମାଳଟିର କାରଣଟିକୁ ବାହାର କରିବାକୁ ଚେଷ୍ଟା କରିବ ଏବଂ, ଆଲୋକ, ଜ୍ଞାନ ଏବଂ ଆଧ୍ୟାତ୍ମିକ ଶକ୍ତିର ଚାପ ପ୍ରୟୋଗ କରି ତୁମକୁ ବୈଷମ୍ୟଟିର ପୁନଃପ୍ରତିଷ୍ଠା କରିବାକୁ ପଡ଼ିବ, ଯଥାର୍ଥ ଓ ସ୍ୱାଭାବିକ କ୍ରିୟାଶୀଳତା ପ୍ରତିଷ୍ଠା କରିବାକୁ ପଡ଼ିବ । ଏବଂ ଯନ୍ତ୍ରଣା ଭୋଗ କରୁଥିବା ଅଂଶଟି ଯଦି ଗ୍ରହଣଶୀଳ ହୋଇଥିବ, ଯଦି ସେଇଟି ତରଫରୁ କୌଣସି ପ୍ରକାର ଦୁରାଗ୍ରହପୂର୍ଣ୍ଣ ପ୍ରତିରୋଧ ହେଉ ନଥିବ, ତେବେ ମାତ୍ର କେଇଟା ସେକେଣ୍ଡ ମଧ୍ୟରେହିଁ ତୁମେ ଆରୋଗ୍ୟଲାଭ କରିପାରିବ ।

ଅବଶ୍ୟ ଏପରି ସବୁବେଳେ ଆଦୌ ଘଟି ନଥାଏ । ମୁଁ ଯେପରି କହିଲି, ବେଳେବେଳେ ଏହି କ୍ଷେତ୍ରରେ ଏକ ମନ୍ଦ ଇଚ୍ଛାଶକ୍ତି ରହିଥାଏ : ତୁମେ ଅଳ୍ପବହୁତ ପରିମାଣରେ ସଚେତଅବା ଧର୍ମଘଟ କରି ରହିଥାଅ, ସେହି ଅସୁସ୍ଥତାରୁ ତା'ର ଆବଶ୍ୟକ ପରିମାଣଗୁଡ଼ିକ ଫଳୁ ବୋଲି ତୁମେ ଅନ୍ତତଃ ଇଚ୍ଛା କରୁଥାଅ । ତେଣୁ ଆରୋଗ୍ୟ ଲାଭ କରିବାକୁ ଆଉକିଛି ସମୟ ଲାଗେ । ଅବଶ୍ୟ, ଏକଥା ସତ ଯେ, ଯଦି ତୁମ ଭିତରେ ବିଶେଷ କୌଣସି ମନ୍ଦ ଇଚ୍ଛା କାର୍ଯ୍ୟ କରୁ ନଥାଏ, ତେବେ କିଛି ସମୟ ପରେ ଯଥାର୍ଥ ଶକ୍ତିଟି କାର୍ଯ୍ୟ କରିବାକୁ ଲାଗେ : ଅଳ୍ପ କେତେ ମିନିଟ

'oaob.nitrkl.ac.in' images reprocessed

ପରେ ବା କେତେ ଘଣ୍ଟା ପରେ ଅଥବା ଖୁବ୍ ବେଶୀ ହେଲେ ଅଳ୍ପ କେତୋଟି ଦିନରେ ତୁମେ ଆରୋଗ୍ୟ ଲାଭ କରିଥାଅ ।

ପୁନଶ୍ଚ, ପ୍ରତିକୂଳ ଶକ୍ତିଗୁଡ଼ିକ ଯେତେବେଳେ ବିଶେଷ ଭାବରେ ଆକ୍ରମଣ କରିଥାନ୍ତି, ସେହିସବୁ କ୍ଷେତ୍ରରେ ବିଷୟଟି ପ୍ରକୃତରେ ଜଟିଳ ହୋଇଯାଏ, କାରଣ ସେତେବେଳେ କେବଳ ତୁମ ଶରୀରର ଇଚ୍ଛାଟି ବିଷୟରେ ଯେ କିଛି କରିବାକୁ ପଡ଼େ ତା' ଆଦୌ ନୁହେଁ (ଏଠାରେ ସ୍ମରଣ ରଖିବା ଉଚିତ ଯେ ଯେଉଁମାନେ "ମାତ୍ର ମୋ ବିଷୟରେ କହିବାକୁ ଗଲେ, ମୁଁ ଆଦୌ ଅସୁସ୍ଥ ହୋଇ ରହିବାକୁ ଇଚ୍ଛା କରୁ ନାହିଁ" ବୋଲି କହିଥାନ୍ତି, ସେମାନଙ୍କର ଯୁକ୍ତିଟିକୁ ମୁଁ ଆଦୌ ସ୍ୱୀକାର କରୁ ନାହିଁ, କାରଣ, ତୁମର ଚେତନା ତ ସବୁବେଳେ କହୁଥାଏ ଯେ ତାହା କଦାପି ଅସୁସ୍ଥତା ଭୋଗ କରିବାକୁ ଇଚ୍ଛା କରେ ନାହିଁ; ଯଦି ଜଣେ ଅଧାପାଗଳ ହୋଇଥିବ, ତେବେ ଯାଇ "ମୁଁ ଅସୁସ୍ଥ ହେବା ପାଇଁ ଇଚ୍ଛା କରୁଛି" ବୋଲି କହିବ; ମାତ୍ର ତୁମର ଚେତନା କଦାପି ଅସୁସ୍ଥ ହୋଇ ପଡ଼ିବା ଲାଗି ଇଚ୍ଛା କରୁ ନଥାଏ, କିନ୍ତୁ ତୁମ ଶରୀରର କେତେକ ଭାଗ, ଅଥବା ଖୁବ୍ ବେଶୀ ହେଲେ ତୁମ ପ୍ରାଣିକ ଅଂଶଟିର କୌଣସି ଭାଗରେ କିଛି ଗୋଳମାଳ ହୋଇ ଯାଇଥାଏ ଏବଂ ତାହା ରୋଗରେ ପଡ଼ିବାକୁ ଇଚ୍ଛା କରୁଥାଏ; ଏବଂ ଯଥେଷ୍ଟ ପରିମାଣରେ ଏକଦୃଷ୍ଟି ହୋଇ ଅବଲୋକନ କରି ନପାରିବାପର୍ଯ୍ୟନ୍ତ ତୁମେ ସେଇଟିକୁ ପ୍ରକୃତରେ ଦେଖି ପାର ନାହିଁ ।) । ମାତ୍ର ମୁଁ କହୁଛି ଯେ, ଯଦି ଏଇଟି ପଛରେ ତୁମର କୌଣସି କ୍ଷତି କରିବାକୁ ଇଚ୍ଛା କରୁଥିବା ପ୍ରତିକୂଳ ଶକ୍ତିମାନଙ୍କର ତୁମ ଉପରେ ଏକ ଆକ୍ରମଣ କରା ହୋଇଥାଏ ଅଥବା ସେମାନଙ୍କ ତରଫରୁ କୌଣସି ଚାପ ଦିଆ ଯାଇଥାଏ, ତେବେ ଅବସ୍ଥାଟି ଜଟିଳ ହୋଇଯାଏ । କୌଣସି ଆଧ୍ୟାତ୍ମିକ ଭୁଲ୍ ହେତୁ ତୁମେ ହୁଏତ ଦୁଆରଟିକୁ ଖୋଲି ରଖି ଦେଇଥାଅ, ଦମ୍ଭ, କ୍ରୋଧ, ଘୃଣା ବା ହିଂସାର କୌଣସି ଗତିସ୍ପନ୍ଦନ ହେତୁ ତୁମ ଦୁଆରଟି ହୁଏତ ଖୋଲି ଯାଇଥାଏ । ଏପରିକି, ଯଦି ଏହି ଗତିସ୍ପନ୍ଦନଟି କେବଳ ଆସି ପୁଣି ତତ୍କ୍ଷଣାତ୍ ଚାଲିଯାଏ, ସେତିକରେ ମଧ୍ୟ ତୁମର ଦୁଆରଟି ବେଶ୍ ଖୋଲି ଯାଇପାରେ । ଏହି କ୍ଷେତ୍ରରେ ଜୀବାଣୁମାନେ ସର୍ବଦା ଅନାଇ ବସିଛନ୍ତି ଓ ଏକ ଅବସର ଲାଗି କେବଳ ଅପେକ୍ଷା କରିବାରେ ଲାଗିଥାନ୍ତି । ସେହି କାରଣରୁହିଁ ଭାରି ସାବଧାନ ହୋଇ ରହିବାକୁ ପଡ଼େ । ସେକଥା ଯାହା ହୋଇଥାଉ ପଛକେ, ଯେକୌଣସି ଏକ କାରଣରୁ ସୁରକ୍ଷାର ବାଡ଼ଟିକୁ ଭାଙ୍ଗି ବା ଫୁଟାଇ ପ୍ରଭାବଟି ତୁମ ଭିତରକୁ ପଶି ଆସିଥାଏ ଏବଂ ଭିତରେ ରହି ତାହା ଅସୁସ୍ଥତାଟିକୁ ଯଥାସମ୍ଭବ ଅଧିକ ଖରାପ ହେବା ଲାଗି ଉତ୍ସାହ ଦେଉଥାଏ । ସେହି କ୍ଷେତ୍ରରେ ପ୍ରଥମୋକ୍ତ ଉପାୟଟି ଆଦୌ ଯଥେଷ୍ଟ ହୋଇପାରେ ନାହିଁ । ସେତେବେଳେ ତୁମକୁ ଆଉ କିଛି କରିବାକୁ ହୁଏ; ସେତେବେଳେ ଏହା ସହିତ

'oaob.nitrkl.ac.in' images reprocessed

ଆଧ୍ୟାତ୍ମିକ ବିଶୁଦ୍ଧୀକରଣର ଶକ୍ତିଟିକୁ ଆଣି ଯୋଡ଼ିବାକୁ ହୁଏ । ଏହି ଶକ୍ତିଟି ପ୍ରକୃତରେ ଏପରି ଏକ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଗଠନାତ୍ମକ ଶକ୍ତି ପରି କାର୍ଯ୍ୟ କରୁଥାଏ ଯେ ତା' ସମ୍ମୁଖରେ ଏକେବେଳିକିଏ ବିନାଶକାରୀ ଅଥବା ବିଘଟନାତ୍ମକ ଶକ୍ତି ମଧ୍ୟ କଦାପି ତିଷ୍ଠି ରହି ପାରେ ନାହିଁ । ଯଦି ଏହି ଅସଲ ଶକ୍ତିଟିକୁ ତୁମେ କାମରେ ଲଗାଇବାକୁ ସମର୍ଥ ହେବ, ଅଥବା ଯଦି ତୁମେ ସେହି ଶକ୍ତିକୁ ଆବାହନ କରି ଆଣିପାରିବ, ତେବେ ସେହି ଶକ୍ତିଟିକୁହିଁ ତୁମେ ଆକ୍ରାନ୍ତ ସ୍ଥାନଟିକୁ ପରିଚାଳିତ କରିନେବ ଓ ତା'ହେଲେ ପ୍ରତିକୂଳ ଶକ୍ତିଟି ସାଧାରଣତଃ ତତ୍‌କ୍ଷଣାତ୍‌ହିଁ ସେଠାରୁ ପଳାୟନ କରିବ, କାରଣ ଯଦି ତାହା ଏହି ଅସଲ ଶକ୍ତିଟିର ଘେର ଭିତରେ ପଡ଼ିଯିବ, ତେବେ ତାହା ଭାଙ୍ଗିକରି ଚୂନା ହୋଇଯିବ । ତାହା ଅନ୍ତର୍ହିତ ହୋଇଯିବ; କାରଣ ଏହି ପରମ ଶକ୍ତିଟି ମଧ୍ୟରେ ବିଘଟନର କୌଣସି ଶକ୍ତି କଦାପି ତିଷ୍ଠି ରହି ପାରିବ ନାହିଁ । ତେଣୁ ବିଘଟନ ଅନ୍ତର୍ହିତ ହୋଇଯିବ ଏବଂ ତାହା ସହିତ ସେଇଟି ମଧ୍ୟ ଅନ୍ତର୍ହିତ ହୋଇଯିବ । ସେଇଟିକୁ ହୁଏତ ଏକ ଗଠନାତ୍ମକ ଶକ୍ତିରୂପେ ବଦଳାଇ ଦିଆଯାଇ ପାରିବ; ତାହା ଅବଶ୍ୟ ସମ୍ଭବ । ଅଥବା ତାହାକୁ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ଚୂନା କରି ଦିଆଯାଇ ପାରିବ ଓ ତାହାର ଆଉ କୌଣସି ଅବଶେଷ ବି ରହିବ ନାହିଁ । ଏବଂ ସେଇଟି ଘଟିବା ସଙ୍ଗେସଙ୍ଗେ କେବଳ ଯେ ରୋଗଟିର ଆରୋଗ୍ୟ ହୋଇଯିବ ତା' ନୁହେଁ, ମାତ୍ର ସେଇଟି ପୁନର୍ବାର ଫେରି ଆସିବାର ସକଳ ସମ୍ଭାବନା ମଧ୍ୟ ବିଲୁପ୍ତ ହୋଇଯିବ । ତୁମେ ସବୁଦିନ ଲାଗି ରୋଗଟିରୁ ଆରୋଗ୍ୟ ଲାଭ କରିବ, ତାହା ଆଉ କଦାପି ଫେରି ଆସିବ ନାହିଁ;— ବୁଝିଲ ?

ସମସ୍ୟାଟି ଉପରେ ସମଗ୍ର ଭାବରେ ଦୃଷ୍ଟିପାତ କଲେ ଯେପରି କୁହାଯିବା କଥା, ତାହା ଏଠାରେ କୁହାଗଲା । ଏହି ବିଷୟଟିର ଟିକିନିଖି ଉପରେ କେତେ କେତେ ଗ୍ରନ୍ଥ ବି ଲେଖାଯାଇ ପାରିବ । ମୁଁ ତୁମମାନଙ୍କୁ କେବଳ କେତୋଟି ସାଧାରଣ ବ୍ୟାଖ୍ୟାହିଁ ଦେଇଛି ।

**ଆପଣ ଆମକୁ ଯେଉଁ କାରଣଗୁଡ଼ିକର କଥା କହିଲେ, ଯଦି ସେଗୁଡ଼ିକ ତାହାହିଁ ହୁଏ, ତେବେ ସର୍ବଦାହିଁ ଅସୁସ୍ଥ ହେବାକୁ ପଡ଼ିବ ନାହିଁ କି ?**

ମାତ୍ର ସାଧାରଣ ଜୀବନରେ, ଅଧିକାଂଶ କ୍ଷେତ୍ରରେ ଲୋକମାନେ ପ୍ରାୟ ସର୍ବଦାହିଁ ତ ଅସୁସ୍ଥ ଥାଆନ୍ତି;— ଏଠାରେ ଆମେ ଅତି ଅଳ୍ପ କେତେକ ଲୋକଙ୍କୁ ବାଦ୍ ଦେବା ଯେଉଁମାନେ କି ଏକ ଅନ୍ୟ ସ୍ତରର କେତୋଟି କାରଣ ସକାଶେ ରୋଗରୁ ରକ୍ଷା ପାଇ ଯାଇଥାନ୍ତି । ସେହି କାରଣଗୁଡ଼ିକ ବିଷୟରେ ଆମେ ପରେ

'oaob.nitrkl.ac.in' images reprocessed

ବଦନେ ଆଲୋଚନା କରିବା । ଅତି ଅଳ୍ପ ଲୋକ ଅଛନ୍ତି, ଯେଉଁମାନେ କି ଅଳ୍ପବହୁତ ପରିମାଣରେ ନିରନ୍ତର ଅସୁସ୍ଥ ହୋଇ ରହି ନଥାନ୍ତି । ମାତ୍ର, ସେହି ସାଧାରଣ ଜୀବନର କ୍ଷେତ୍ରରେ ମଧ୍ୟ, ଯଦି ତୁମ ଭିତରେ ବିଶ୍ୱାସ ରହିଥାଏ, ସଦିଚ୍ଛା ରହିଥାଏ, ଏକ ପ୍ରକାରର ନିଃସନ୍ଦିଗ୍ଧତା ରହିଥାଏ, ଏହିଭଳି ଏକ ଅନ୍ତର୍ଗତ ବିଶ୍ୱାସ ରହିଥାଏ,— ହଁ, ସମ୍ଭବତଃ ଅଧିକାଂଶ ପିଲାଙ୍କ ଭିତରେ ଯେପରି ଥାଏ, ସେହିପରି; —(ମୁଁ ଠିକ୍ କରି କହି ପାରୁ ନାହିଁ; କାରଣ ଆମେ ଏଠାରେ ଯେଉଁ ପିଲାମାନଙ୍କୁ ଦେଖୁଛୁ, ସେମାନେ ଅନେକ ଦୃଷ୍ଟିରୁ ପ୍ରାୟ ଗୋଟିଏ ଗୋଟିଏ ବ୍ୟତିକ୍ରମ ।) ହଁ, ଏକଥା ସତ ଯେ ସେମାନଙ୍କ କ୍ଷେତ୍ରରେ ଜୀବନ ଉପରେ ଏକ ବିଶ୍ୱାସ ରହିଥାଏ, ସେମାନଙ୍କର ବୟସ ଅଳ୍ପ ଥାଏ ଓ ସେମାନଙ୍କ ଆଗରେ ସମସ୍ତ ଜୀବନଟା ପଡ଼ିରହିଛି ବୋଲି ସେମାନେ ସବୁବେଳେ ଅନୁଭବ କରୁଥାନ୍ତି । ପଛରେ ଅତି ଅଳ୍ପ କେତୋଟି ଜିନିଷ ଥାଏ, ସବୁକିଛି ସମ୍ମୁଖରେହିଁ ରହିଥାଏ । ତେଣୁ ତାହାହିଁ ସେମାନଙ୍କୁ ଗୋଟାଏ ପ୍ରକାରର ଆତ୍ମବିଶ୍ୱାସ ଆଣି ଦେଇଯାଏ, ତାହାହିଁ ସେମାନଙ୍କୁ ଟାଣି ବାହାର କରିଆଣେ ।

ତା' ନହେଲେ, ମୁଁ ହୁଏତ ଠିକ୍ କରି କହି ପାରୁ ନାହିଁ ସତ, ମାତ୍ର ସାଧାରଣ ଜୀବନରେ ମୁଁ ଅତି ଅଳ୍ପସଂଖ୍ୟକ ଲୋକଙ୍କୁ ଦେଖିଛି, ଯେଉଁମାନେ କି କୌଣସି ନା କୌଣସି ଶାରୀରିକ ଅସୁସ୍ଥତା ବିଷୟରେ ମୋ ପାଖରେ ଅଭିଯୋଗ କରି ନାହାନ୍ତି; ଏହି ଅସୁସ୍ଥତାଟିକୁ ସେମାନେ ନିରନ୍ତର ଆପଣା ସହିତ ବହନ କରି ଆସିଛନ୍ତି···ଜୁଲ୍ ରୋମେଁଙ୍କର ସେହି ନାଟକଟି ତୁମେମାନେ ହୁଏତ ନିଶ୍ଚୟ ପଢ଼ିଛ—ସେହି ନାଟକଟିର ନାମ ହେଉଛି ଡକ୍ଟର ନକ୍ । ସେହି ନାଟକଟିରେ ସେ କହିଛନ୍ତି ଯେ ଆମେ ଯାହାକୁ ଜଣେ ସୁସ୍ଥ ମନୁଷ୍ୟ ବୋଲି କହୁଛୁ, ସିଏ ମଧ୍ୟ ଗୋଟିଏ ରୋଗୀ,—ଏଥିରେ କେବଳ ଏତିକି ବ୍ୟତିକ୍ରମ ରହିଛି ଯେ ସେ ଆପଣାକୁ ରୋଗୀ ବୋଲି ଜାଣି ପାରେ ନାହିଁ । ଏହି କଥାଟିହିଁ ସାଧାରଣତଃ ଘଟିଥାଏ । ଯେତେବେଳେ ତୁମେ ଏତେବେଶୀ କାର୍ଯ୍ୟବ୍ୟସ୍ତ ହୋଇ ରହିଥାଅ ଯେ ନିଜକୁ ନେଇ ସର୍ବଦା କୌଣସି ନା କୌଣସିଥିରେ ଲାଗି ରହିବାକୁ ପଡ଼େ, ସେତେବେଳେ ତୁମେ ରୋଗଟିକୁ ଦେଖି ପାର ନାହିଁ ସତ, ମାତ୍ର ରୋଗଟି ତୁମ ଭିତରେ ନିଶ୍ଚିତ ଭାବରେ ରହିଥାଏ ।

'oaob.nitrkl.ac.in' images reprocessed

## ୨୯ ଜୁଲାଇ, ୧୯୫୩

ମା'ଆ, ଥରେ ଆପଣ ଆମକୁ କହିଥିଲେ ଯେ ଆମ ଜୀବନରେ ଯାହାକିଛି ଯେତେବେଳେ ଘଟୁଛି, ତାହା ଘଟିବ ବୋଲି ପୂର୍ବରୁହିଁ ନିଷ୍ପତ୍ତି ହୋଇସାରିଛି । ତାହାର ଅର୍ଥ କ'ଣ ?

ଏଇଟି ହେଉଛି କହିବାର କେବଳ ଏକ ଶୈଳୀ । ଏପରି ଘଟିଥାଏ, କାରଣ କୌଣସି ଏକ କଥାକୁ ପ୍ରକାଶ କରି କହୁଥିବା ସମୟରେ ମୁଁ କଦାପି ଏକାବେଳେକେ ସବୁ ଶବ୍ଦଗୁଡ଼ିକ କହି ପାରୁ ନଥାନ୍ତି,—କହି ପାରୁ ଥାଆନ୍ତି କି ? ତେଣୁ ମୋତେ ଗୋଟିକ ପରେ ଗୋଟିଏ କରି ବାଧ୍ୟ ହୋଇ କହିବାକୁ ପଡ଼େ । ନଚେତ୍, ଯଦି ସବୁଯାକ ଶବ୍ଦକୁ ଏକାଥରେ ଏକାବେଳେକେ କୁହାହେଉଥାନ୍ତା, ତେବେ ତଦ୍ୱାରା କେବଳ ଏଡ଼େ ବଡ଼ କୋଳାହଳଟାଏହିଁ ହୁଅନ୍ତା ଏବଂ କ'ଣ କୁହାଗଲା, ସେକଥା କେହି ବୁଝି ମଧ୍ୟ ପାରନ୍ତେ ନାହିଁ । ଉଦାହରଣସ୍ୱରୂପ, ଯଦି ତୁମେ ବିଶ୍ୱଜଗତ କ'ଣ ବୋଲି ଏକ ବ୍ୟାଖ୍ୟା ସାହାଯ୍ୟରେ କହିବାକୁ ଚେଷ୍ଟା କରୁଛ, କଥା କହୁଥିବା ସମୟରେ ତୁମେ ଯେପରି କରିଥାଅ, ଏହି କ୍ଷେତ୍ରରେ ମଧ୍ୟ ସେହି କଥା କରିବାକୁ ପଡ଼େ । ତୁମକୁ ପ୍ରଥମେ ଗୋଟିଏ କଥା କହି ତା'ପରେ ଯାଇ ଆଉ ଗୋଟିଏ କଥା କହିବାକୁ ପଡ଼େ; ମାତ୍ର ପ୍ରକୃତ କଥାଟି କହିବାକୁ ହେଲେ ତୁମକୁ ଏକାଥରକେହିଁ ସମସ୍ତ କଥାଟିକୁ କହିବାକୁ ପଡ଼ୁଥାନ୍ତା । ତେବେ ପ୍ରଶ୍ନ ହେଉଛି, ସେହି କଥାଟିକୁ କିପରି କରାଯାଇ ପାରିବ ?···ବସ୍ତୁତଃ, ତୁମେ ଯେହେତୁ ମୋତେ ବାରବାର ଏହି କଥାଟି କହୁଛ, ତେବେ ଏକଥାଟି ମଧ୍ୟ ବେଶ୍ ସମ୍ଭବ ଯେ ମୁଁ ସେହି କଥାଟିକୁ ଆଉ କେଉଁଠି ମଧ୍ୟ ଅବଶ୍ୟ କହିଥିବି···ଏବଂ ତାହାର ବିପରୀତ ଅନ୍ୟ କଥାଟି ମଧ୍ୟ କହିଥିବି । ମାତ୍ର ଯଦି ତୁମେ କଥାଟିକୁ ଯେପରି ଭାବରେ କହୁଛ, ଅର୍ଥାତ୍ ଯଦି ତୁମେ ଏପରି ଭାବରେ କହୁଛ ଯେ ଯାହାକିଛି ଯେତେବେଳେ ଘଟୁଛି, ତାହା ଘଟିବ ବୋଲି ଆଗରୁ ମୀମାଂସିତ ହୋଇ ରହିଛି, ତେବେ ଯେଉଁ ଚେତନାସ୍ତରରେ ରହି ତୁମେ ବର୍ତ୍ତମାନ ସମୟର କଳ୍ପନା କରୁଛ, ସେହି ଦୃଷ୍ଟିରୁ ତୁମେ ଯତେଅବା ଏପରି କହୁଥିବା ପରି ମନେହେଉଛି : ଆଜି ଯାହା ଘଟିବ, ତାହା କାଲି ନିଷ୍ପତ୍ତି କରା ହୋଇଥିଲା; ଏବଂ ଆରବର୍ଷକୁ ଯାହାସବୁ ଘଟିବାକୁ ଯାଉଛି, ତାହାର ନିଷ୍ପତ୍ତି ଏବର୍ଷ କରାଯାଉଛି । ତୁମ ଚେତନା ମଧ୍ୟରେ କଥାଟିର ଏହିଭଳି ଏକ ତର୍ଜମା ହୋଇଥିଲା ପରି ମନେହେଉଛି । ଏପରି

'oaob.nitrkl.ac.in' images reprocessed

ହେଉଛି, କାରଣ ଠିକ୍ ଏହିପରି ଭାବରେହିଁ ଆମେ ସବୁକିଛି ଦେଖୁଛୁ, ସବୁକିଛି ଭାବୁଛୁ, ସବୁକିଛି ବୁଝୁଛୁ ଏବଂ ସର୍ବୋପରି ସବୁକିଛି କହୁଛୁ ଓ ଆପଣାକୁ ଅଭିବ୍ୟକ୍ତ କରୁଛୁ । ମାତ୍ର ପ୍ରକୃତ କଥାଟି ଆଦୌ ସେପରି ନୁହେଁ ।

ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଏହି କଥାଟିର ଅବାସ୍ତବତାଟିକୁ ଏତେ ଦୃଢ଼ ଭାବରେ ଦେଖିବାକୁ ସମର୍ଥ ହୋଇଛନ୍ତି ଯେ ସେମାନେ, ଆଗକୁ ଆଗକୁ ନଯାଇ ପଛକୁ ପଛକୁ ଫେରିଯିବାହିଁ କାହିଁକି ଅଧିକ ଯୁକ୍ତିଯୁକ୍ତ ନହେବ, ସେହିପରି ଅନୁଭବ କରିଥାନ୍ତି । କାରଣ, ପଛକୁ କହ, ଆଗକୁ କହ, ବର୍ତ୍ତମାନ କହ ବା ଆଉ ଯାହାକିଛି କହି ପଛକେ, ଆମେ ଯାହାକିଛିକୁ ଏହିପରି ଭାବରେ ବ୍ୟକ୍ତ କରି କହୁଛୁ, ତାହା ପ୍ରକୃତରେ ଏକାବେଳେକେ ସର୍ବଦାହିଁ ବିଦ୍ୟମାନ ରହିଛି । ତାହା ବିଭିନ୍ନ ସ୍ତରରେ ବିଦ୍ୟମାନ ରହିଛି । ଯଦି ମୁଁ ତୁମମାନଙ୍କୁ କହିବି "ତୁମ ଜୀବନରେ ଯାହାକିଛି ଘଟୁଛି, ତାହା ପୂର୍ବରୁହିଁ ମୀମାଂସିତ ଓ ନିର୍ଣ୍ଣୀତ ହୋଇ ରହିଛି," ଏହି କଥାଟିକୁ ମୁଁ ଏପରି ଭାବରେହିଁ କହି ପାରିଥାନ୍ତି : "ବର୍ତ୍ତମାନ ଏଠାରେ ଯାହା ଘଟୁଛି, ତାହା ପୂର୍ବରୁ ଆଉ ଅନ୍ୟ କୌଣସିଠାରେ ମଧ୍ୟ ଘଟିଛି ।" ଏପରି କହିଲେ ମଧ୍ୟ ତାହା ସମାନ ଭାବରେ ସତ ହେବ, ସମାନ ଭାବରେ ମିଥ୍ୟା ହେବ; କାରଣ ଶବ୍ଦଗୁଡ଼ିକର ସାହାଯ୍ୟ ନେଇ ଏକଥାଟିକୁ ଯଥାର୍ଥରେ କହିପାରିବା କଦାପି ସମ୍ଭବ ନୁହେଁ ।

ମୁଁ ଏଠାରେ ତୁମମାନଙ୍କୁ ଗୋଟିଏ ଉଦାହରଣ ଦେଇ କହିବି, ତଦ୍ଦ୍ୱାରା ସମ୍ଭବତଃ କଥାଟିକୁ ବୁଝିବା ଅଧିକ ସହଜ ହେବ । ସେହି କଥାଟି ଠିକ୍ କେବେ ଘଟିଥିଲା, ମୋର ମନେ ନାହିଁ; ସମ୍ଭବତଃ ୧୯୨୦ ମସିହାର କୌଣସି ସମୟରେ ଘଟିଥିଲା (ହୁଏତ ଆହୁରି ଆଗରୁ ଘଟିଥିଲା, ବୋଧହୁଏ ୧୯୧୪-୧୯୧୫ରେ, ମାତ୍ର ମୁଁ ତାହାକୁ ଠିକ୍ ବୋଲି ଭାବୁ ନାହିଁ, ୧୯୨୦ ମସିହାର କୌଣସି ସମୟରେ ତାହା ଘଟିଥିଲା ।) ଦିନେ,—ମୁଁ ପ୍ରତିଦିନ ଶ୍ରୀଅରବିନ୍ଦଙ୍କ ସହିତ ଧ୍ୟାନରେ ବସୁଥିଲି : ସିଏ ବାରଣ୍ଡାରେ ଟେବୁଲର ଗୋଟିଏ ପାଖରେ ବସୁଥିଲେ ଏବଂ ମୁଁ ଅନ୍ୟ ପାଖଟିରେ ବସୁଥିଲି; ଏବଂ ଦିନେ ଏହିପରି ଭାବରେ ଧ୍ୟାନରେ ବସିଥିବା ସମୟରେ ମୁଁ··· (କିପରି ଶବ୍ଦ ଦେଇ ତାକୁ ବର୍ଣ୍ଣନା କରିବି ?···) ମୁଁ ଅନେକ ଉଚ୍ଚକୁ ଉଠିଯିବାକୁ ଲାଗିଲି, ମୋ ନିଜର ଅନେକ ଗଭୀରକୁ ପ୍ରବେଶ କଲି ବା ହୁଏତ ମୋ ନିଜ ଭିତରୁ ମୁଁ ବାହାରି ଆସିଲି (ମାତ୍ର ସେପରି ଭାବରେ କହିଲେ ମଧ୍ୟ, ପ୍ରକୃତରେ ଯାହା ଘଟିଥିଲା, ସେ କଥାଟିକୁ କଦାପି ଠିକ୍ ଭାବରେ କହିହେବ ନାହିଁ; ଏଗୁଡ଼ିକ ହେଉଛି କଥାଟିକୁ ପ୍ରକାଶ କରିବାର ଗୋଟିଏ ଗୋଟିଏ ଭଙ୍ଗୀ ମାତ୍ର ।), ମୁଁ ଏପରି ଏକ ସ୍ଥାନରେ ଅର୍ଥାତ୍ ଚେତନାବସ୍ଥାରେ ଆସି ପହଞ୍ଚିଲି, ଯେଉଁଠାରୁ କି ମୁଁ ପ୍ରସଙ୍ଗକ୍ରମେ ଓ ଅତ୍ୟନ୍ତ ସରଳ ଭାବରେ ଶ୍ରୀଅରବିନ୍ଦଙ୍କୁ କହିବାକୁ ଲାଗିଲି :

'oaob.nitrkl.ac.in' images reprocessed

"ଭାରତ ସ୍ୱାଧୀନ ହୋଇଗଲା ।" ଏକଥାଟି ୧୯୨୦ ମସିହାରେ ଘଟିଥିଲା । ଶୁଣି ସେ ମୋତେ ପଚାରିଲେ : "କିପରି ?" ଏବଂ ମୁଁ ତାଙ୍କୁ ଉତ୍ତର ଦେଇ କହିଲି "ଏଥିପାଇଁ କୌଣସି ଲଢ଼େଇ କରିବାକୁ ପଡ଼ିବ ନାହିଁ, ଯୁଦ୍ଧ ଲଢ଼ିବାକୁ ପଡ଼ିବ ନାହିଁ, ବିପ୍ଳବ କରିବାକୁ ବି ପଡ଼ିବ ନାହିଁ । ଇଂରେଜମାନେ ନିଜେ ନିଜେ ଏହି ଦେଶ ଛାଡ଼ି ଚାଲିଯିବେ, କାରଣ ପୃଥିବୀର ପରିସ୍ଥିତି ଶେଷକୁ ଏପରି ହୋଇ ବସିବ ଯେ ସେତେବେଳେ ସେମାନେ ଭାରତ ଛାଡ଼ି ଚାଲିଯିବା ବ୍ୟତୀତ ଆଉ କିଛିହେଲେ କରିପାରିବେ ନାହିଁ ।"

ତାହାହିଁ ହେଲା । ସେ ଯେତେବେଳେ ମୋତେ ପ୍ରଶ୍ନଟିକୁ ପଚାରିଥିଲେ, ମୁଁ ସେତେବେଳେ ଭବିଷ୍ୟତ କାଳରେ ତାହାର ଉତ୍ତର ଦେଇଥିଲି । ମାତ୍ର ଯେଉଁ କ୍ଷେତ୍ରରେ ମୁଁ ଏହି ଘଟଣାଟିକୁ ଦେଖିବାକୁ ପାଇଥିଲି, ସେଠାରେ ମୁଁ "ଭାରତ ସ୍ୱାଧୀନ ହେଲା" ବୋଲି କହିଥିଲି । ମୁଁ ଏହାକୁ ଏକ ବାସ୍ତବ ସତ୍ୟରୂପେ ପ୍ରତ୍ୟକ୍ଷ କରିଥିଲି । ଆମେ ଜାଣିଛୁ, ଭାରତବର୍ଷ ସେତେବେଳେ ସ୍ୱାଧୀନ ହୋଇ ନଥିଲା, ମୁଁ ୧୯୨୦ ମସିହାରେ ସେକଥାଟି କହିଥିଲି । ତଥାପି ତାହା ସେତେବେଳେ ମଧ୍ୟ ଏକ ଘଟଣାରୂପେ ଦୃଶ୍ୟ ହୋଇ ପାରୁଥିଲା, ଘଟଣାଟି ସମ୍ପନ୍ନ ହୋଇ ସାରିଥିଲା । ଏବଂ ତାହା ୧୯୪୭ ମସିହାରେ ଘଟିଲା । ଅର୍ଥାତ୍, ବାହ୍ୟ ଜଡ଼ଗତ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ମୁଁ ଘଟଣାଟି ଘଟିବାର ସତେଇଶି ବର୍ଷ ଆଗରୁହିଁ ତାହାକୁ ଦେଖି ପାରିଥିଲି । ମାତ୍ର ସେଇଟି ସମ୍ପନ୍ନ ହୋଇ ସାରିଥିଲା ।

ଆପଣ ପାକିସ୍ତାନ ଗଢ଼ା ହେବାର ଦେଖି ପାରିଥିଲେ କି ?

ନା, କାରଣ ପାକିସ୍ତାନ ନହୋଇ ମଧ୍ୟ ସ୍ୱାଧୀନତା ନିଶ୍ଚୟ ଆସି ପାରିଥାନ୍ତା । ବସ୍ତୁତଃ, ସେମାନେ ଯଦି ଶ୍ରୀଅରବିନ୍ଦ ଯାହା କହୁଥିଲେ, ସେଥିରେ କର୍ଣ୍ଣପାତ କରିଥାନ୍ତେ, ତେବେ ପାକିସ୍ତାନର ଜନ୍ମହିଁ ହୋଇ ନଥାନ୍ତା ।

ହଁ, ବାହାରକୁ ସମସ୍ତ ଲାଗୁଥିବା ପରି ବୋଧହୁଏ ସିନା, ମାତ୍ର ପ୍ରକୃତରେ ସବୁ କଥା ସେହିପରି ଘଟିଆଏ ।

ମାଆ, କୌଣସି ଏକ ବିପର୍ଯ୍ୟୟ ଘଟିବାକୁ ଯାଉଛି ବୋଲି ଆପଣ ଯଦି ଦେଖି ପାରୁଥିବେ, ତେବେ ନିଜର ପ୍ରଚେଷ୍ଟା ଦ୍ୱାରା ଆପଣ ତାହାକୁ ବଦଳାଇ ଦେଇ ପାରିବେ କି ?

ତାହା ଘଟଣାଟିର ପ୍ରକୃତି ଉପରେ ନିର୍ଭର କରିବ । ଏହି କ୍ଷେତ୍ରରେ ଅନେକ କିଛି କଥା ରହିଛି···ଆମେ ଯେଉଁ ସ୍ତରରେ ଅବସ୍ଥିତ ରହି ଘଟଣାଟିକୁ

'oaob.nitrkl.ac.in' images reprocessed

ଦେଖୁଥିବା, ସେକଥା ଉପରେ ମଧ୍ୟ ଅନେକ କିଛୁ ନିଶ୍ଚୟ ନିର୍ଭର କରିବ । ଏପରି ଏକ ଭୂମି ଅବଶ୍ୟ ରହିଛି, ଯେଉଁଠାରେ କି ଆମେ ଯାବତୀୟ ସମ୍ଭାବନା ଅବସ୍ଥାନ କରୁଥିବାର ଦେଖିବାକୁ ପାଇବା, ଏବଂ ଯେହେତୁ ସେହି ଭୂମିରେ ଯାବତୀୟ ସମ୍ଭାବନା ଅବସ୍ଥାନ କରୁଥାଏ, ସେଠାରେ ଏହିସବୁ ସମ୍ଭାବନାକୁ ବଦଳାଇ ଦେବାର ସମ୍ଭାବନାଟି ମଧ୍ୟ ନିଶ୍ଚୟ ଅବସ୍ଥାନ କରୁଥାଏ । ସେହି ଭୂମିରେ ଅବସ୍ଥିତ ରହି ଯଦି ଆମେ ଏକ ବିପର୍ଯ୍ୟୟ ଘଟିବାକୁ ଯାଉଛି ବୋଲି ଆଗରୁ ଦେଖିବାକୁ ପାଇବା, ତେବେ ସେଇଟିକୁ ନିରାକୃତ କରି ରଖିବାର ସାମର୍ଥ୍ୟଟିକୁ ମଧ୍ୟ ଆମେ ଅବଶ୍ୟ ଅର୍ଜନ କରି ପାରିବା । ମାତ୍ର ଅନ୍ୟ କ୍ଷେତ୍ରଗୁଡ଼ିକରେ, ବିପର୍ଯ୍ୟୟଟି ବିଷୟରେ ଆଗରୁ ସତର୍କ କରି ଦିଆହୋଇଥିଲେ ମଧ୍ୟ ଆମେ ଘଟଣାଟି ଉପରେ ଆପଣାକୁ ଆଦୌ କୌଣସି ପ୍ରକାରେ କ୍ରିୟାଶୀଳ କରି ପାରିବା ନାହିଁ । ଏବଂ ତଥାପି, ସେଠାରେ ମଧ୍ୟ, ଆମେ ଯେଉଁ ଭୂମିରେ ଦଣ୍ଡାୟମାନ ରହି ଘଟଣାଟିକୁ ଦେଖୁଥିବା, ଏହି କଥାଟି ତାହାରି ଉପରେ ଅବଶ୍ୟ ନିର୍ଭର କରିବ ।

ଏକଦା ଏହିପରି ଏକ ଘଟଣାର ବିବରଣୀ ମୋତେ ମିଳିଥିଲା, ଯେଉଁଠାରେ କି ଗୋଟିଏ ଘଟଣା ଘଟିବାକୁ ଯାଉଛି ବୋଲି ଆଗରୁ ଦେଖି ପାରିବାରୁହିଁ ସେଇଟିକୁ ପ୍ରକୃତରେ ଘଟିବାରୁ ନିବୃତ୍ତ କରି ରଖାଯାଇ ପାରିଲା । ଜଣେ ଆମେରିକାବାସୀ ଭଦ୍ରଲୋକ ଥରେ ଗୋଟିଏ ବଡ଼ ଆମେରିକାନ୍ ହୋଟେଲ୍‌ରେ ଆସି ପହଞ୍ଚିଲେ, ଯେଉଁଠି ଉପରକୁ ଯିବା ଲାଗି ଲିଫ୍‌ଟର ବ୍ୟବସ୍ଥା ରହିଥିଲା (ସେଠାରେ ପାହାଚକୁ ପାହାଚ ଓହ୍ଲାଇ ତଳକୁ ଯିବାକୁ ହୁଏ ନାହିଁ; ଉପରକୁ ଯିବା ଲାଗି ଏବଂ ତଳକୁ ଓହ୍ଲାଇବା ଲାଗି ଲିଫ୍‌ଟର ସାହାଯ୍ୟ ନିଆଯାଏ ।); ଦିନେ ବଡ଼ି ଭୋରରୁ ଶଯ୍ୟାତ୍ୟାଗ କରିବାର ଠିକ୍ ପୂର୍ବରୁ ସିଏ ଏକ ସ୍ୱପ୍ନ ଦେଖିଲେ, ଯାହାକୁ କି ସେ ବଡ଼ ସ୍ପଷ୍ଟ ଭାବରେ ମନେ ରଖିଥିଲେ । ସିଏ ସ୍ୱପ୍ନରେ ଦେଖିଥିଲେ : ସିଏ ଜଣେ ବାଳକକୁ ଲିଫ୍‌ଟବୟ୍ର ପରି ପରିଚ୍ଛଦ ପିନ୍ଧିଥିବାର ଦେଖିଲେ; ଏବଂ ଜଣେ ଲିଫ୍‌ଟବୟ୍ ସାଧାରଣତଃ ଯାହା କରିଥାଏ, ସେହି ବାଳକଟି ମଧ୍ୟ ଠିକ୍ ସେହିପରି ଇସାରା ଦେଇ ଲିଫ୍‌ଟ ଭିତରକୁ ପ୍ରବେଶ କରିବା ଲାଗି ନିର୍ଦ୍ଦେଶ କରୁଥିଲା । ସିଏ ଲିଫ୍‌ଟ ଭିତରକୁ ପ୍ରବେଶ କଲେ । ଏବଂ ତା'ପରେ, ସେଇଟିରେ ଉଠିଯାଇ ସାରିବା ପରେ ସିଏ ଦେଖିଲେ ଯେ ସେଠାରେ ପ୍ରକୃତରେ କୌଣସି ଲିଫ୍‌ଟ ନାହିଁ, ଲିଫ୍‌ଟ ପରିବର୍ତ୍ତେ ଗୋଟିଏ କୋକେଇ ରହିଛି,—ଅର୍ଥାତ୍ ଯେଉଁଥିରେ ବୋହି କରି ନେଇ ଯାଆନ୍ତି, ସେହିପରି ଗୋଟିଏ ବସ୍ତୁ ରହିଛି···। ତୁମେମାନେ ଏଠାରେ ମଝିରେ ମଝିରେ ଏହି ପଦାର୍ଥଟିକୁ ଦେଖିଥିବ, ଯେଉଁଥିରେ ମୃତବ୍ୟକ୍ତିଙ୍କୁ ରଖି ମଶାଣିକୁ ନିଆଯାଏ । ଯେତେବେଳେ ସେମାନଙ୍କୁ ଦାହ କରା ନଯାଏ, ସେତେବେଳେ ସେମାନଙ୍କୁ ଗୋଟିଏ କୋକେଇ ଉପରେ ରଖି ନେଇ ନିଆଯାଏ,

'oaob.nitrkl.ac.in' images reprocessed

ତା' ଉପରେ କଳା ରଙ୍ଗର କନାସବୁ ଘୋଡ଼ାଇ ଦିଆଯାଇଥାଏ, ଇତ୍ୟାଦି, ଇତ୍ୟାଦି । ହଁ, ସିଏ ଏହିପରି ଗୋଟିଏ କୋକେଇ ଦେଖିଲେ; ଯେଉଁଥିରେ ମୃତ ଶରୀରକୁ ମଶାଣିକୁ ବୋହିକରି ନିଅନ୍ତି, ସେ ସେଇଥିରୁ ଗୋଟିଏ ଦେଖିଲେ । ପିଲାଟି ତାଙ୍କୁ ସେଇଟି ଭିତରକୁ ପ୍ରବେଶ କରିବାକୁ ଇଙ୍ଗିତ ଦେଉଥାଏ । ଏହି ସ୍ୱପ୍ନଟି ଦେଖି ସେ ଯେତେବେଳେ ପରେ ନିଜ କୋଠରୀର ବାହାରକୁ ଆସିଲେ, ସେତେବେଳେ ପରିକର-ବାଳକଟି ଯଥାସ୍ଥାନରେ ଠିଆ ହୋଇ ତାଙ୍କୁ ଲିଫ୍‌ଟ ସାହାଯ୍ୟରେ ତଳକୁ ନେଇଯିବ ବୋଲି ଅପେକ୍ଷା କରିଥିଲା, ଠିକ୍ ସେହି ପରିକର ଜଣକ, ସେହି ଚେହେରା, ସେହି ପୋଷାକ ଏବଂ ସେହି ଇଙ୍ଗିତ । କୋକେଇଟିର କଥା ତାଙ୍କର ମନେ ପଡ଼ିଗଲା—ଏବଂ ସେ ଆଉ ଲିଫ୍‌ଟ ଭିତରକୁ ଗଲେ ନାହିଁ । "ନାହିଁ, ମୁଁ ଯିବି ନାହିଁ" ବୋଲି କହି ସେ ପାହାଚଗୁଡ଼ିକ ଦେଇ ତଳକୁ ଓହ୍ଲାଇ ଆସିଲେ । ଏବଂ ସବାତଳ ମହଲାରେ ଆସି ପହଞ୍ଚିବା ପୂର୍ବରୁ ସିଏ ଗୋଟିଏ ଭୟଙ୍କର ଶବ୍ଦ ଶୁଣିବାକୁ ପାଇଲେ । ଲିଫ୍‌ଟରେ କ'ଣ ଗୋଳମାଳ ହୋଇ ସେଇଟି ଭାଙ୍ଗିଭୁଙ୍ଗି ତଳକୁ ଖସିପଡ଼ିଥିଲା ଏବଂ ସେଇଟି ଭିତରେ ଯେଉଁମାନେ ଥିଲେ, ସମସ୍ତଙ୍କର ମୃତ୍ୟୁ ଘଟିଥିଲା । ସ୍ୱପ୍ନଟି ଦେଖିଥିଲେ ବୋଲି ସେ ଲିଫ୍‌ଟ ଭିତରକୁ ଯାଇ ନଥିଲେ, କାରଣ ସିଏ ଅସଲ କଥାଟି ହୃଦୟଙ୍ଗମ କରି ପାରିଥିଲେ ।

ତେଣୁ, ଏହିପରି ଏକ କ୍ଷେତ୍ରରେ, ଯେତେବେଳେ ତୁମେ ସବୁକିଛି ଦେଖି ପାରୁଥିବ, ତୁମେ ସେତେବେଳେ ବିପଦଟିକୁ ଏଡ଼ାଇ ବି ଦେଇପାରିବ ।

ମୁଁ ଯେପରି ବର୍ତ୍ତମାନ କହୁଥିଲି, ଏପରି ଆହୁରି ଅନେକ ଘଟଣା ରହିଛି, ଯେଉଁଥିରେ କି ତୁମକୁ କେବଳ ପୂର୍ବରୁହିଁ ସତର୍କ କରି ଦିଆଯାଏ । ତୁମକୁ ପୂର୍ବରୁ ସାବଧାନ କରି ଦିଆଯାଏ, ଯାହା ଅବଶ୍ୟ ଆସୁଛି, ତାହା ଲାଗି ନିଜ ଭିତରେ ଯଥୋଚିତ ଭାବରେ ପ୍ରସ୍ତୁତ ହୋଇ ରହିବା ପାଇଁ ତୁମକୁ ସାହାଯ୍ୟ କରିବା ସକାଶେହିଁ ତାହା କରାଯାଏ, ଯେପରି କି ଯଥୋଚିତ ଅନ୍ତର୍ଗତ ମନୋବୃତ୍ତିଟି ଦ୍ୱାରା ତୁମେ ଘଟଣାଟିର ସମ୍ମୁଖୀନ ହୋଇ ପାରିବ । ସତେଯେପରି ତୁମକୁ ଏକ ଶିକ୍ଷା ଦିଆଯାଇ କୁହାଯାଉଛି : "ଏଥିରୁ ତୁମକୁ ଅବଶ୍ୟ ଏହି ଶିକ୍ଷାଟି ମିଳିବା ଉଚିତ ।" ତୁମେ ଘଟଣାଟିକୁ ବଦଳାଇ ଦେଇ ପାରିବ ନାହିଁ ସତ, ମାତ୍ର ତୁମେ ଆପଣାର ମନୋବୃତ୍ତିଟିକୁ ନିଶ୍ଚୟ ବଦଳାଇ ପାରିବ, ନିଜ ଭିତରେ ହେଉଥିବା ପ୍ରତିକ୍ରିୟାଟିକୁ ବଦଳାଇ ପାରିବ । ଏକ ଖରାପ ପ୍ରତିକ୍ରିୟା ବ୍ୟକ୍ତ କରିବା ଅଥବା ଘଟୁଥିବା ଅନୁଭୂତିଟି ପ୍ରତି ଏକ ଭୁଲ ମନୋବୃତ୍ତି ପୋଷଣ କରିବା ପରିବର୍ତ୍ତେ ତୁମେ ଏକ ଭଲ ପ୍ରତିକ୍ରିୟା ବ୍ୟକ୍ତ କରିପାରିବ, ଏକ ଉତ୍ତମ ମନୋବୃତ୍ତି ପୋଷଣ କରିପାରିବ, ଏବଂ ଏହିପରି କରି, ଯେଉଁ ଘଟଣାଟି ଘଟିଗଲା, ସେଥିରୁ ଯଥାସମ୍ଭବ ଅଧିକ ପରିମାଣରେ ଉପକାର ପାଇପାରିବ ।

'oaob.nitrkl.ac.in' images reprocessed

ଦୁଇଟିଯାକ କ୍ଷେତ୍ରରେହିଁ, ଯେଉଁ ଭୂମିରେ ଅବସ୍ଥିତ ରହି ତୁମେ ଏଗୁଡ଼ିକ ଦେଖୁଛ, ଏହା ତାହାର ଉପରେ ନିର୍ଭର କରିବ । ଯେତେବେଳେ ତୁମର ଗ୍ରନ୍ଥିଗୁଡ଼ିକ ଉପରେ ତୁମର ନିୟନ୍ତ୍ରଣ ରହିଥିବ, ଅର୍ଥାତ୍ ଯେତେବେଳେ ତୁମର ନିଦ୍ରା, ତୁମର ଯାବତୀୟ ସ୍ୱପ୍ନ ବା ସ୍ୱପ୍ନଦର୍ଶନ ବିଷୟରେ ତୁମର ଚେତନା ଅବଶ୍ୟ ରହିଥିବ, ସେତେବେଳେ ତୁମେ ମଧ୍ୟ ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ପ୍ରତ୍ୟକ୍ଷ କରିପାରିବ, ତୁମେ ଏଇଟିରୁ ସେଇଟିର ପାର୍ଥକ୍ୟକୁ ନିଶ୍ଚୟ ବାରିନେଇ ପାରିବ । ତୁମେ ଯେପରି କୌଣସି ନା କୌଣସି ପ୍ରତିକାର କରିପାରିବ, ସେଥିଲାଗି ଏକ ସତର୍କସୂଚନାରୂପେ ଯାହା ତୁମକୁ ଦିଆଯାଉଛି ଏବଂ ତୁମେ ଯେପରି ଘଟିବାକୁ ଯାଉଥିବା ଘଟଣାଟି ପ୍ରତି ସମୁଚିତ ଦୃଷ୍ଟିକୋଣଟିକୁ ପୋଷଣ କରିପାରିବ, ସେଥିଲାଗି ତୁମକୁ ଏକ ସମ୍ବାଦ ହିସାବରେ ଯାହାର ସରବରାହ କରି ଦିଆଯାଉଛି,—ତୁମେ ଏହି ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ବେଶ୍ ବାରିନେଇ ପାରିବ । ଏହା ସର୍ବଦା ଏକ ଶିକ୍ଷାରୂପେହିଁ ଉଦ୍ଦିଷ୍ଟ ହୋଇ ରହିଥାଏ, ମାତ୍ର ଏହା ସର୍ବଦା ସେହି ଗୋଟିଏ ଶିକ୍ଷାରୂପେ ଯେ ଆପଣାକୁ ସୂଚିତ କରିଥାଏ, ସେକଥା ମୋଟେ ନୁହେଁ । ବେଳେବେଳେ ନିଜର ଇଚ୍ଛା ଅନୁସାରେ କାର୍ଯ୍ୟ କରିବାକୁ ତୁମର ସାମର୍ଥ୍ୟ ରହିଥାଏ, ପୁଣି ଆଉ ବେଳେବେଳେ ଘଟଣାଟି ଅବ୍ୟବହିତ ପରେ ତୁମକୁ ଯେଉଁ ଶିକ୍ଷାଟିକୁ ଦେବାକୁ ଯାଉଛି, ସେଇଟିକୁ ଶିକ୍ଷା କରିବାକୁ ହୁଏ, ଯେପରିକି ସେଥିରୁ ଏକ ସମ୍ପୂର୍ଣ୍ଣ ଅନୁକୂଳ ପରିଣାମ ପାଇ ପାରିବା ଲାଗି ତୁମେ ଆପଣାକୁ ପ୍ରସ୍ତୁତ କରି ରଖିପାରିବ । ତୁମେ ଯାହାକିଛି ଦେଖୁଛ, ସେହି ସବୁଯାକ କ୍ଷେତ୍ରରେ ମଧ୍ୟ ଏହି କଥାଟି ନିଶ୍ଚୟ ପ୍ରଯୁଜ୍ୟ ହୋଇପାରିବ; ଏହିସବୁ ବିଭିନ୍ନ ପ୍ରକାରର ସ୍ୱପ୍ନ ଏବଂ ସ୍ୱପ୍ନଦର୍ଶନ ଶତଶତ ସଂଖ୍ୟାରେ ରହିଛି, ଏବଂ ଏଥିରୁ ପ୍ରତ୍ୟେକଟିର ତୁମ ଲାଗି ଯେଉଁ ଶିକ୍ଷାଟିକୁ ବହନ କରି ଆଣିବାର ଥାଏ, ସେଇଟି ତାହା ତୁମ ପାଖକୁ ବହନ କରି ଆଣିଥାଏ ।

ଉଦାହରଣସ୍ୱରୂପ,—ଯେତେବେଳେ ଲୋକମାନେ ରୋଗରେ ପଡ଼ନ୍ତି ଅଥବା କୌଣସି ଆକସ୍ମିକ ଦୁର୍ଘଟଣାର ସମ୍ମୁଖୀନ ହୁଅନ୍ତି । ହିଁ, ମୁଁ ଏଇଟି ବିଷୟରେ ନିଜେ ଜାଣିଛି ଅଥବା ଆଉ ଜଣେ ଆସି ମୋତେ ଏହି କଥାଟିକୁ କହିବା ଦ୍ୱାରା ମୁଁ ତାହାକୁ ଏହି କଥାଟିକୁ ଜାଣିବାକୁ ପାଇଛି,—ପ୍ରତ୍ୟେକ କ୍ଷେତ୍ରରେ ତାହା କଦାପି ସେହି ଗୋଟିଏ କଥା ହୋଇ ନଥାଏ । ଅନେକ ସମୟରେ ମୋ ପାଖକୁ ଖବର ପଠା ଯାଇଥାଏ ଏବଂ ଏଥିରେ ଯେ ମୋତେ କିଛି କରିବାକୁ ହେବ, ମୁଁ ସେହି କଥାଟି ବେଶ୍ ଦେଖି ପାରୁଥାଏ; ଏବଂ ପରିଣାମଟିକୁ ବଦଳାଇ ଦେବା ଲାଗି ମୋଠାରେ ପୂର୍ଣ୍ଣ ସାମର୍ଥ୍ୟ ରହିଥାଏ, ଅର୍ଥାତ୍ ଅସୁସ୍ଥ ବ୍ୟକ୍ତିଟିକୁ ଭଲ କରିଦେବା ଲାଗି ପୂର୍ଣ୍ଣ ସାମର୍ଥ୍ୟ ରହିଥାଏ । ଆହୁରି ଅନେକ କ୍ଷେତ୍ରରେ ମୁଁ ବେଶ୍

'oaob.nitrkl.ac.in' images reprocessed

ଦେଖି ପାରୁଥାଏ ଯେ ଏଠାରେ ମୋତେ ଆଦୌ କିଛୁ କରିବାକୁ ପଡ଼ିବ ନାହିଁ । ଉଦାହରଣସ୍ୱରୂପ, ସେହି ବ୍ୟକ୍ତି ତାଙ୍କ ଶରୀର ତ୍ୟାଗ କରି ଯିବାର ସମସ୍ତ ଚିହ୍ନ ଆସି ଉପସ୍ଥିତ ହୋଇ ଯାଇଥାଏ, ତାଙ୍କୁ ଶରୀର ଛାଡ଼ି ଯିବାକୁହିଁ ପଡ଼ିବ ବୋଲି ମୁଁ ଜାଣିପାରେ । ମାତ୍ର, ଏକଥା ଜାଣିବା ପରେ ମଧ୍ୟ, ଘଟଣାଟିରୁ ଯେପରି ସର୍ବାଧିକ ଅନୁକୂଳ ପରିଣାମ ବା ସର୍ବନିମ୍ନ ପ୍ରତିକୂଳ ପରିଣାମ ଉପଲବ୍ଧ ହୋଇ ପାରିବ, ସେଥିଲାଗି ଘଟଣାଟି ବିଷୟରେ ଯାହାକିଛି କର୍ତ୍ତବ୍ୟ, ସମ୍ପୃକ୍ତ ବ୍ୟକ୍ତି ଏବଂ ତାଙ୍କର ପରିବେଶଟି ଲାଗି ମୋତେ ତାହା ଅବଶ୍ୟ କରିବାକୁ ପଡ଼େ ।

ଏପରି ଅନେକ ଘଟଣା ଥାଏ, ଯେଉଁଗୁଡ଼ିକ କି ବିଶ୍ୱ-ପ୍ରୟୋଜନ ସହିତ ସମ୍ବନ୍ଧିତ ହୋଇ ରହିଥାଏ ଏବଂ ସେଗୁଡ଼ିକୁ ଆଉ ବଦଳାଇବା ସମ୍ଭବ ହୋଇ ପାରେ ନାହିଁ । ଆଉ କେତେକ ଘଟଣା ସତେଅବା ମଝିରେ ଝୁଲୁଥିବା ଦଣ୍ଡିକଣ୍ଟା ପରି ହୋଇ ରହିଥାଏ, ଯାହାର କି ଏପରି ଅଥବା ସେପରି ମୀମାଂସା କରି ଯାଇପାରେ । ମୋଟ କଥା ହେଉଛି, ଆମେ ଏପରି ଏକ ଦୃଷ୍ଟି ଅର୍ଜନ କରିବାକୁ ସମର୍ଥ ହେବା, ଯାହାକି କେବଳ ଯେ ସ୍ପଷ୍ଟ ହୋଇ ସବୁ ଦେଖି ପାରୁଥିବ ତା' ନୁହେଁ, ମାତ୍ର ବେଶ୍ ଯଥେଷ୍ଟ ପରିମାଣରେ ପକ୍ଷପାତଶୂନ୍ୟ ହୋଇଥିବ, ବ୍ୟକ୍ତି-ପକ୍ଷପାତରୁ ମୁକ୍ତ ହୋଇ ରହିଥିବ, ଏବଂ ଗୋଟିକୁ ହେଳା କରି ଆଉ ଗୋଟିକ ପ୍ରତି କୌଣସି ଅକାରଣ ଅଭିରୁଚି ଦେଖାଇବାର ତ୍ରୁଟିର ତ୍ରୁଟି ମଧ୍ୟ ତା' ଭିତରେ ନଥିବ । ତେବେ, ଯେତେବେଳେ ଆମେ ସେହିପରି ଏକ ନିର୍ଦ୍ଦୋଷ ସ୍ଥିତିରେ ଆସି ଅବସ୍ଥାନ କରିପାରିବା,—ଏହାକୁ ନିରପେକ୍ଷତାର ଏକ ସ୍ଥିତି ବୋଲି କଦାପି କୁହାଯିବ ନାହିଁ, କାରଣ ଏହା ପ୍ରକୃତରେ ମଧ୍ୟ ଏକ ନିରପେକ୍ଷତାର ସ୍ଥିତି ନୁହେଁ । ଏହାକୁ ଆମେ ଚେତନାର ଏପରି ଏକ ସ୍ଥିତି ବୋଲି କହିପାରିବା ଯାହାକି ଏକ ଦର୍ପଣ ପରି ଅକମ୍ପ ହୋଇ ରହିଥିବ—ତେବେଯାଇ, ଯାହା ଘଟଣାରୂପେ ଘଟିଯାଉଛି, ତାହାର ଯଥାର୍ଥ ଗୁଣଟିକୁ ଆମେ ସେହି ଦର୍ପଣ ଭିତରେ ଦେଖିବାକୁ ସମର୍ଥ ହେବା; ଯେଉଁ ଘଟଣାଗୁଡ଼ିକ ଘଟିବ ବୋଲି ନିର୍ଣ୍ଣୀତ ହୋଇ ସାରିଛି, ଆମେ ସେଗୁଡ଼ିକୁ ମଧ୍ୟ ଦେଖିବାକୁ ସମର୍ଥ ହେବା, ଯେପରିକି ସେଗୁଡ଼ିକୁ ଆଉ ବଦଳାଇ ଦିଆଯାଇ ପାରିବ ନାହିଁ; ଏବଂ ଯେଉଁଗୁଡ଼ିକ ତଥାପି ମଝିକଣ୍ଟାରେ ରହି ଝୁଲୁଛି ଏବଂ ଯେଉଁଗୁଡ଼ିକୁ ବଦଳାଇ ଦିଆଯାଇ ପାରିବ, ସେଗୁଡ଼ିକୁ ମଧ୍ୟ ବେଶ୍ ଦେଖିପାରିବା ।

ସତ କଥା କହିବାକୁ ଗଲେ, ପ୍ରତ୍ୟେକ ଘଟଣାର କ୍ଷେତ୍ରରେ ପରିସ୍ଥିତି ଭିନ୍ନ ହୋଇହିଁ ରହିଥାଏ । କେତେଗୁଡ଼ିଏ ଘଟଣାକୁ ସମ୍ପୂର୍ଣ୍ଣରୂପେ ବଦଳାଇ ଦିଆଯାଇ ପାରେ, ସମ୍ପୂର୍ଣ୍ଣରୂପେ ଓଲଟାଇ ଦିଆଯାଇ ପାରେ; ଆଉ କେତେକ ଘଟଣା ଥାଏ, ଯାହା ଭିତରେ କି ପ୍ରଭୂତ ପରିବର୍ତ୍ତନ ଲାଗି ଅନେକ ଅବସର



'oaob.nitrkl.ac.in' images reprocessed

ରହିଥାଏ, ପୁଣି ଆହୁରି ଅନ୍ୟ ଘଟଣାମାନ ରହିଥାଏ, ଯେଉଁଥିରେ କି କେବଳ ସାମାନ୍ୟ କେତୋଟି ମାତ୍ର ପରିବର୍ତ୍ତନ କରାଯାଇ ପାରେ,—ପରିବର୍ତ୍ତନଟି ହୁଏତ ବଡ଼ ସାମାନ୍ୟ ହୋଇଥାଏ, ମାତ୍ର ଯାହାର ପରିଣାମ ପ୍ରଭୂତ ଭାବରେ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇପାରେ । ଏବଂ ତା'ପରେ ଆହୁରି କେତେକ ଘଟଣା ଥାଏ, ଯାହାକୁ କି କଦାପି ଏଡ଼ାଇ ଦେଇ ହୁଏ ନାହିଁ; ସେଗୁଡ଼ିକୁ ଏଡ଼ାଇ ଦେଇ ହୁଏ ନାହିଁ, କାରଣ ସେଗୁଡ଼ିକ ଠିକ୍ ସେହିପରି ହୋଇ ରହିଥାନ୍ତି । ସେଗୁଡ଼ିକର କ୍ଷେତ୍ରରେ କୌଣସି ପ୍ରକାର ବିରୋଧ କରିବାକୁ ଚେଷ୍ଟା କଲେ ତୁମର ମୁଣ୍ଡ ଯାଇ ସତେଅବା କେଉଁ କାନ୍ଥରେ ଚୁ'କରି ବାଡ଼େଇ ହୋଇଯାଏ ଏବଂ ସେଥିରେ ଆଉ କୌଣସି ଲାଭ ହୁଏ ନାହିଁ । ମୋଟ କଥା ହେଉଛି ଯେ ଆମ ପାଖରେ ଏହି ଜାଗରୂକତାଟି ସତତ ରହିଥିବା ଦରକାର, କୌଣସି ନିର୍ଦ୍ଦିଷ୍ଟ ଘଟଣା ପ୍ରକୃତରେ କେଉଁ ଭୂମିର ଘଟଣା, ତାହା ଜାଣିବାର ସାମର୍ଥ୍ୟ ରହିଥିବା ଉଚିତ, ଏବଂ ଯାହା **ଅବଶ୍ୟମ୍ଭାବୀ**, ତାହା ବ୍ୟତୀତ ଆଉ ଅନ୍ୟ କିଛିର ଇଚ୍ଛା କରିବା ଉଚିତ ନୁହେଁ ।

ବିଭିନ୍ନ ଘଟଣାର ଶହ ଶହ ଦୃଷ୍ଟାନ୍ତ ଦିଆଯାଇ ପାରିବ ।

କୌଣସି କଥା ସତେଅବା ଆଗରୁ ନିର୍ଦ୍ଧାରିତ ହୋଇ ରହିଥିବା ପରି ମନେ ହୋଇଥାଏ : ତାହା ଠିକ୍ ସେହିପରି ଘଟିବାକୁ ଯାଉଥାଏ । ମାତ୍ର ତୁମ ପାଖରେ ଏପରି ଏକ ଇଚ୍ଛାଶକ୍ତି ରହିଥାଏ, ଯାହାକି ଉଚ୍ଛ୍ୱସିତ ହୋଇଉଠେ; ଏପରି ଗୋଟିଏ ଶିଖା ରହିଥାଏ, ଯାହାକୁ ଜଳାଇ ଦିଆଯାଏ; ଏକ ବୃହତ୍ ଅଭୀପ୍ସା ରହିଥାଏ ଯାହାକି ଏକ ଉଚ୍ଚତର ପରମଇଚ୍ଛା ସହିତ ସୌଷମ୍ୟବଦ୍ଧ ହୋଇ ରହିଥାଏ, ଏବଂ ତୁମେ ସେଇଟିକୁ ଘଟିବାକୁ ଯାଉଥିବା ଘଟଣାଟି ଉପରେ ଶକ୍ତିର ସହିତ ଆନୟନ କରିବାକୁ ଚେଷ୍ଟା କରିଦିଅ । ଏବଂ ସେଇଥିରୁ ଗୋଟିଏ ପ୍ରକାରର ସଂଯୋଗ ଜାତ ହୁଏ; ଯାହା ଘଟିବାର ଥାଏ, ତାହା ଅବଶ୍ୟ ଘଟେ; ମାତ୍ର ତାହା ଆହୁରି ଅନ୍ୟ ଏକ ବିଷୟ ସହିତ ଯୁଗପତ୍ ଭାବରେ ଘଟେ ଯାହାକି ତାହାର ସହିତହିଁ ଆସି ଉପସ୍ଥିତ ହୁଏ ଏବଂ ପ୍ରଥମଟିର ପ୍ରକୃତିଟିକୁହିଁ ବଦଳାଇ ଦିଏ । ଏହି ପୃଥିବୀ ଲାଗି ତାତ୍ପର୍ଯ୍ୟପୂର୍ଣ୍ଣ ହୋଇ ରହିଥିବା ଘଟଣାଗୁଡ଼ିକର କ୍ଷେତ୍ରରେ ଏହି କଥାଟି ଅନେକ ସମୟରେ ଘଟିଥାଏ । ଉଦାହରଣସ୍ୱରୂପ, ଯେତେବେଳେ ଏକାବେଳେକେ ଅନେକଗୁଡ଼ିଏ ଗତିସ୍ପନ୍ଦନ, ଅନେକଗୁଡ଼ିଏ ପରିସ୍ଥିତି, ଶକ୍ତିଗୁଡ଼ିକର ସମ୍ମିଳନ ଏକ ଯୁଦ୍ଧର ଏକାନ୍ତ ପ୍ରୟୋଜନକୁ ସଂଘଟିତ କରି ଆଣେ, ସେତେବେଳେ ଜଣେ ଇଚ୍ଛା କଲେ ଆଉ ଗୋଟିଏ ଶକ୍ତିର ଆବାହନ କରିଆଣି ସେହି ଘଟଣାଟିର ବ୍ୟାପକତା ଏବଂ ପରିଣାମକୁ ନିଶ୍ଚୟ ବଦଳାଇ ଦେଇପାରେ, ଏବଂ ବେଳେବେଳେ ଯୁଦ୍ଧର ପ୍ରକୃତିଟିକୁ ମଧ୍ୟ ବଦଳାଇ ଦେଇପାରେ, ମାତ୍ର ଯୁଦ୍ଧକୁ ସଂପୂର୍ଣ୍ଣରୂପେ କଦାପି

'oaob.nitrkl.ac.in' images reprocessed

ଏଡ଼ାଇ ରଖିପାରେ ନାହିଁ । ଏଇଟିକୁ ବୁଝାଇ ଦେବାଭଳି ମୁଁ ତୁମମାନଙ୍କୁ ଅତି ସାଧାରଣ ପ୍ରକୃତିର ଏକାଧିକ ଉଦାହରଣ ଦେଇପାରିବି ।

ସେଦିନ ତୁମମାନଙ୍କୁ ମୁଁ ମୃତ୍ୟୁର "ପ୍ରେତ"ଟି ବିଷୟରେ କହୁଥିଲି । ଜଣକ ଘରକୁ ମୃତ୍ୟୁ କପରି ନଆସିବ, ସେଥିଲାଗି ଏକ ଅନ୍ତର୍ଗତ କ୍ରିୟାଶୀଳତା ଦ୍ୱାରା କ'ଣ କରାଯାଇ ପାରିବ, ମୁଁ ସେଦିନ ସେହି କଥା କହୁଥିଲି । ମାତ୍ର ତାକୁ ଏଘରକୁ ଆସିବାରୁ ବନ୍ଦ କରି ରଖାଗଲେ ସିଏ ସେଘରକୁ ଯିବ । ତେଣୁ, ଯାହା ମୃତ୍ୟୁର ପ୍ରାପ୍ୟ, ତୁମେ ତାକୁ ସେଥିରୁ କଦାପି ବଞ୍ଚିତ କରି ପାରିବ ନାହିଁ । ଏହି କଥାଟିକୁ ମୁଁ ତୁମମାନଙ୍କୁ ବୁଝାଇ କହିସାରିଛି । ଏହା ବ୍ୟତୀତ ଆହୁରି କେତେକ ଦୃଷ୍ଟାନ୍ତ ରହିଛି, ଯେଉଁଠାରେ କି ଜଣେ ସତେଅବା ଗୋଟିଏ ପିଲା ପରି ଏକଥା କହିପାରିବ : "ମୃତ୍ୟୁକୁ ଏପର୍ଯ୍ୟନ୍ତ ଖବର ମିଳି ନଥିଲା", ଏବଂ ତେଣୁ ତୁମେ ତା'ଠାରୁ ତା'ର ଧନଟିକୁ ଅବଶ୍ୟ ଛଡ଼ାଇ ନେଇପାରିବ ଏବଂ ତଦ୍ୱାରା ତୁମକୁ କୌଣସି ପରିଣାମ ଭୋଗ କରିବାକୁ ପଡ଼ିବ ନାହିଁ । ମାତ୍ର ଏପରି ଯେ ସବୁବେଳେ ଘଟିବ, ସେକଥା ଆଦୌ ନୁହେଁ । କେତେକ କ୍ଷେତ୍ରରେ କେହି କେହି ଅବଶ୍ୟ ଏପରି କରିବାକୁ ସମର୍ଥ ହୋଇଥାନ୍ତି । ମାତ୍ର କଥାଟିକୁ ଏପରି ଭାବରେ କହିବସିଲେ ତାହା ସତେଅବା ଏକ ପିଲାଳିଆ ପରୀକଥା ପରି ଶୁଣା ଯାଉଥାଏ । ତଥାପି, ପରିସ୍ଥିତି-ଗୁଡ଼ିକର ସଂଗଠନଟି ମଧ୍ୟରେ ଏହାର କୌଣସି ନା କୌଣସିଟି ସହିତ ଅବଶ୍ୟ ଏକ ସାମଞ୍ଜସ୍ୟ ରହିଥାଏ; ପରିସ୍ଥିତିଗୁଡ଼ିକ ଯେଉଁପରି ଭାବରେ ଗଠିତ କରିଥାନ୍ତି, ଏହା ତାହାରି ଉପରେହିଁ ନିର୍ଭର କରିଥାଏ ।

ମୁଁ ତୁମକୁ ଏହି କଥାଟି ବୁଝାଇ କହିବାକୁ ଇଚ୍ଛା କରୁଛି ଯେ ଏହି ସମସ୍ୟାଟି ଆଦୌ ଏକ ସରଳ ସମସ୍ୟା ନୁହେଁ ଓ ଏହାର ଏକାବେଳେକେ ଅନେକ ଦିଗ ରହିଛି । ଏହି ସମସ୍ୟାଟି ଏକ ଅତ୍ୟନ୍ତ ସୂକ୍ଷ୍ମ ସମସ୍ୟା; ଏବଂ ବେଳେବେଳେ ଘଟଣାର ଗତିଟିକୁ ଆମେ ଈଷତ୍ ବଦଳାଇ ଦେଇ ପାରିବା, ଆଉ ବେଳେବେଳେ ତାହାକୁ ସଂପୂର୍ଣ୍ଣ ଭାବରେ ଓଲଟା ବି କରିଦେଇ ପାରିବା ଏବଂ ତଦ୍‌ବ୍ୟତୀତ ଆହୁରି ବେଳେବେଳେ କେବଳ ଅନ୍ତର୍ଗତ ପରିଣାମଗୁଡ଼ିକର କ୍ଷେତ୍ରରେ ଏବଂ ଘଟଣାଟିର ଗତି ସମ୍ବନ୍ଧରେ ରହିଥିବା ଅନ୍ତର୍ଗତ ମନୋଦୃଷ୍ଟିର କ୍ଷେତ୍ରରେହିଁ ଆମେ ଯାହାକିଛି ପରିବର୍ତ୍ତନ ସମ୍ଭବ କରି ପାରିବା । ଏବଂ ଲୋକେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଏହି ସବୁଯାକ କଥାକୁ ଅତ୍ୟନ୍ତ ସରଳ ଭାବରେ ଦେଖିଥାନ୍ତି ଏବଂ ଈଶ୍ୱରଙ୍କଠାରେ ପ୍ରାର୍ଥନା କଲାବେଳେ ଏହିଗୁଡ଼ିକର ଏହିପରି ଭାବରେ ତର୍ଜମା କରିଥାନ୍ତି : ଗୋଟାକ କ୍ଷେତ୍ରରେ ସେମାନେ କହନ୍ତି, "ମୁଁ ଭଗବାନଙ୍କୁ ଯାହା ମାଗିଥିଲି, ଭଗବାନ ମୋତେ ତାହାହିଁ ଦେଲେ;" ଆଉ ଏକ କ୍ଷେତ୍ରରେ "ଭଗବାନ ମୋତେ ନାହିଁ କରିଦେଲେ ।" ତେଣୁ ସେମାନେ ଏହିପରି ଭାବରେ କହିଥାନ୍ତି । ସେମାନେ

'oaob.nitrkl.ac.in' images reprocessed

ସେହିପରି ଭାବରେହିଁ ରହିଥାନ୍ତି ଏବଂ ତାହା ତୁଚ୍ଛା ନବୋଧତା ବ୍ୟତୀତ ଆଉ କିଛି ନୁହେଁ । ଏସବୁ କିଭଳି ଘଟେ, ସେକଥା ଜାଣିବାକୁ ହେଲେ, ତୁମର ଚେତନା ଏକ ସାଧାରଣ ଓ ସାମୂହିକ ଚେତନା ହୋଇଥିବା ଦରକାର; ଅନ୍ତତଃ ଏହି ପୃଥିବୀ ଯେତିକି, ତାହାର ପରିସର ସେତିକି ହୋଇଥିବା ଦରକାର । ଏଇଟି ହେଉଛି ସର୍ବନିମ୍ନ କଥା । ଯଥାର୍ଥ ଭାବରେ ବୁଝି ପାରିବାକୁ ହେଲେ ଆମର ଚେତନା ଅବଶ୍ୟ ବିଶ୍ୱାୟତନ ହୋଇଥିବା ଦରକାର । ତେବେଯାଇ ଆମେ ବୁଝିବାକୁ ସମର୍ଥ ହେବା । କାରଣ, ମୁଁ ଆଜି ଯେଉଁଟି ପଢ଼ୁଥିଲି, ସେଥିରେ କୌଣସି ଜାଗାରେ ମୁଁ ଠିକ୍ ସେହି କଥାଟି କହୁଛି; ମୁଁ କହୁଛି ଯେ ପ୍ରତ୍ୟେକ ବସ୍ତୁ କେବଳ ପରସ୍ପର ଉପରେ ନିର୍ଭରଶୀଳ ହୋଇହିଁ ରହିଥାନ୍ତି ଏବଂ ଏହି କ୍ଷେତ୍ରରେ କୌଣସି "ଆରମ୍ଭ" ନାହିଁ କି କୌଣସି "ଶେଷ" ମଧ୍ୟ ନାହିଁ । ତୁମେ ପ୍ରକୃତରେ ଆରମ୍ଭଟି କେଉଁଠାରୁ ବୋଲି କହିପାରିବ ?*... ସେହି କଥାଟିକୁ ବୁଝିବାକୁ ହେଲେ, ତୁମକୁ ଏହି ପୃଥିବୀ ଭିତରେ ସୀମାବଦ୍ଧ ହୋଇ ରହିଥିବା ଚେତନାଟିର ଆହୁରି ସେପାଖକୁ ଯିବାକୁ ପଡ଼ିବ, ଏକ ବିଶ୍ୱାୟତନ ଚେତନା ମଧ୍ୟରେ ପ୍ରବେଶ କରିବାକୁ ପଡ଼ିବ । ତେବେଯାଇ ବୁଝିବାକୁ ସମର୍ଥ ହେବ ।

---

*"ଯଦି ତୁମେ ଚେତନାର ଗୋଟିଏ ଭୂମି ଉପରେ ଅବସ୍ଥିତ ରହି ଦେଖିବାକୁ ଚେଷ୍ଟା କରିବ, ତେବେ ବ୍ୟକ୍ତି ତୁମକୁ ଏପରି ଦେଖାଯିବ, ଯତେଯେପରି ସିଏ କେବଳ ଏକ ନିମିତ୍ତ ନୁହେଁ ଅଥବା କେବଳ ଜଣେ ଲିପିବଦ୍ଧକାରୀହିଁ ନୁହେଁ, ମାତ୍ର ଯତେଅବା ଜଣେ ସ୍ରଷ୍ଟାରୂପେ ଦେଖାଯିବ । ମାତ୍ର ତା'ପରେ ଆହୁରି ଏକ ଉଚ୍ଚତର ଚେତନାସ୍ତରରୁ ଏକ ଅଧିକ ପ୍ରଶସ୍ତ ଦୃଷ୍ଟିରେ ଅବଲୋକନ କରିବାକୁ ଚେଷ୍ଟା କର, ତେବେ ତୁମେ ଦେଖିବାକୁ ପାଇବ ଯେ ଏହା ହେଉଛି କେବଳ ଏକ ପ୍ରତିଫଳନ ମାତ୍ର । ବିଶ୍ୱଜଗତର ଏହି ଯାବତୀୟ କ୍ରିୟାଶୀଳତା ମଧ୍ୟରେ ଯାହାକିଛି ଘଟୁନାହିଁ, ଯାହାକିଛି ଅଗରୁ ଘଟିଯାଉଛି, ତାହା ହେଉଛି ତାହାର ଏକ ପରିଣାମ ମାତ୍ର । ତେବେ ତୁମେ କୌଣସି ଗୋଟିଏ ସତ୍ତାକୁ କିପରି ଏକ ବିଶ୍ୱପ୍ରକଟନର ସମଗ୍ର ଲୀଳାଟି ମଧ୍ୟରୁ ଅଲଗା କରି ବାହାର କରିବା ପାଇଁ ଇଚ୍ଛା କରୁଛ, ଏହାର ଗୋଟିଏ କୌଣସି ଗତିସ୍ପନ୍ଦନକୁ ସକଳ ଗତିସ୍ପନ୍ଦନର ସମୁଦାୟ ପିଣ୍ଡଟିରୁ ଅଲଗା କରି ଦେଖିବା ଲାଗି କହୁଛ ? କୌଣସି ବସ୍ତୁର ମୂଳ ବା ଆରମ୍ଭକୁ ତୁମେ ପ୍ରକୃତରେ କେଉଁଠି ନେଇ ଥୋଇବାକୁ ଯାଉଛ ? ସମଗ୍ର ନାଟକଟି ଯତେ ଅବା ଏକ କଡ଼ିଟିଏ ପରି ଅବିଚ୍ଛିନ୍ନ ଭାବରେ ଗୁନ୍ଥା ହୋଇ ରହିଛି; ଏହାର ଗୋଟିଏ କଡ଼ା ଆଉ ଗୋଟିଏ କଡ଼ା ସହିତ ଅଦୃଶ୍ୟ ଭାବରେ ଯାଇ ସମ୍ମିଳିତ ହୋଇ ଯାଉଛି । ଏହି ଅବିଚ୍ଛିନ୍ନତାଟି ମଧ୍ୟରୁ ଆମେ କୌଣସିଟିକୁ ଅଲଗା କରିନେଇ ପାରିବା ନାହିଁ, ଏବଂ ସେଇଟି ଯତେଅବା ନିଜେ ନିଜର ମୂଳ ଓ ଆରମ୍ଭ ହୋଇ ରହିଥିବା ପରି ସେଇଟିକୁ କଦାପି ଅଲଗା କରି ବ୍ୟାଖ୍ୟା କରି ପାରିବା ନାହିଁ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୬ ମେ)

'oaob.nitrkl.ac.in' images reprocessed

ମାତ୍ର ଆମେ ଅନେକ ସମୟରେ ବାଧ୍ୟ ହୋଇଥାଉ—ମୁଁ ମୂଳରେ ଯାହା କହିଥିଲି, ତାହାର ପୁନରାବୃତ୍ତି କରି କହୁଛି,—ଆମେ କଥାଗୁଡ଼ିକୁ ଗୋଟିଏ ପରେ ଗୋଟିଏ କରି କହିବାକୁହିଁ ବାଧ୍ୟ ହୋଇଥାଉ । ଆମେ କହିଥାଉ : "ଯେତେବେଳେ ବିଶ୍ୱଜଗତ ଆରମ୍ଭ ହେଲା···ଯେତେବେଳେ ସୃଷ୍ଟି ଆରମ୍ଭ ହେଲା···ଏହି କଥାଟି ଏହିପରି ଭାବରେ ଆରମ୍ଭ ହୋଇଛି···ଏଇଟି ଆଗ ଘଟିଲା, ସେଇଟି ତା'ପରେ ଘଟିଲା, ତା'ପରେ ଏଇଟା ଘଟିଥିଲା ଓ ତା'ପରେ ଯାଇ ସେଇଟା ଘଟିଲା···" ଆମେ ଗୋଟିଏ ବିଷୟ ପରେ ଆଉ ଗୋଟିଏ ବିଷୟ କହୁ; ଏବଂ ପ୍ରକୃତ ସତକଥା କହିବାକୁ ଗଲେ, ତାହା ଆଦୌ ସେପରି ହୋଇ ରହି ନଥାଏ । କେତେକ ଦୃଷ୍ଟିରୁ ବିଚାର କରି ଦେଖିଲେ ଏହା ହେଉଛି ଏକ ନିର୍ବୋଧତା, ମାତ୍ର ଆମେ ଆଉ କିଛିହେଲେ କରି ପାରିବା ନାହିଁ । କାରଣ ମୁଁ ଏକାବେଳେକେ ସବୁଯାକ ଶବ୍ଦ କଦାପି କହିଦେଇ ପାରିବି ନାହିଁ । ତେଣୁ, ଆମର ଚେତନାଟି ପ୍ରକୃତରେ ଯେଉଁ ସ୍ଥିତିରେ ରହିଥାଏ ଓ ଆପଣାର ଅଭିପ୍ରାୟକୁ ବ୍ୟକ୍ତ କରିବା ଲାଗି ଆମ ପାଖରେ ଯେଉଁ ସାଧନମାନ ରହିଥାଏ, ତାହାହିଁ ଆମକୁ ଏପରି କଥାମାନ କହିବା ଲାଗି ପ୍ରେରିତ କରେ, ଯାହାକୁ କି ପରମ ଯଥାର୍ଥ ଜ୍ଞାନର ଦୃଷ୍ଟିରୁ ବିଚାର କରି ଦେଖିଲେ କେବଳ ନିର୍ବୋଧ ବୋଲିହିଁ କହିବାକୁ ପଡ଼ିବ । ମାତ୍ର ଏହାକୁ ସତ୍ୟର କେବଳ ଏକ ସାଦୃଶ୍ୟକଥନ ବୋଲି ବୁଝାଯାଇ ପାରିବ । ଆମର ନିର୍ବୋଧତାକୁ ମଧ୍ୟ କେବଳ ଏକ ସାଦୃଶ୍ୟକଥନ ବୋଲି ବୁଝାଯିବ; ଏବଂ ଯେତେବେଳେ ଆମେ ଆଉ କୌଣସି ଭାବରେ ଆପଣାର ଭାବଟିକୁ ପ୍ରକାଶ କରି ପାରୁ ନାହୁଁ ବୋଲିହିଁ ଏପରି ଘଟୁଛି ବୋଲି ହୃଦୟଙ୍ଗମ କରିଥାଉ, ସେତେବେଳେ ତାହା ପ୍ରକୃତରେ କମ୍ ନିର୍ବୋଧ ହୋଇଆସେ । ଆମେ ଗୋଟିଏ କଥାକୁ ଆଉ ଗୋଟିଏ କଥାର ପଛରେ ଖଞ୍ଜି ଯାହାକିଛି କହିବାକୁ ବାଧ୍ୟ ହୋଇଥାଉ, ମାତ୍ର କଥାଗୁଡ଼ିକ ପ୍ରକୃତରେ ଏକ ଅଖଣ୍ଡ ସମଗ୍ର ହୋଇହିଁ ରହିଥାନ୍ତି ।

ଏବଂ ଅଧିକାଂଶ ଲୋକଙ୍କର କ୍ଷେତ୍ରରେ ତାହା କେବଳ କହିବାର ଏକ ସମସ୍ୟା ହୋଇ ରହି ନଥାଏ, ତାହା ଜାଣିବାର ବି ଏକ ସମସ୍ୟା ହୋଇ ରହିଥାଏ । ସେମାନେ ଗୋଟିକ ପରେ ଆଉ ଗୋଟିକୁ ଖଞ୍ଜି ତା'ପରେ ଯାଇ ସେଗୁଡ଼ିକୁ ଜାଣିବାକୁ ସମର୍ଥ ହୁଅନ୍ତି, ଆହୁରି ଅଧିକ ପରିମାଣରେ ଏହିପରି ଭାବରେ ସେଗୁଡ଼ିକୁ ଅନୁଭବ କରନ୍ତି ଏବଂ ତା'ଠାରୁ ଆହୁରି ଅଧିକ ପରିମାଣରେ ସେହିପରି-ସେଗୁଡ଼ିକୁ ଜୀବନରେ ପ୍ରୟୋଗ କରିଥାନ୍ତି । ମାତ୍ର ଏପରି ଗୋଟିଏ ଚେତନା ମଧ୍ୟ ରହିଛି, ଯେଉଁଥିରେ କି ସବୁକିଛିକୁ ଏକାବେଳେକେ ଜାଣିହୁଏ, ସବୁକିଛିକୁ ଏକାବେଳେକେ ବୁଝିହୁଏ, ସବୁକିଛିକୁ ଏକାବେଳେକେ ବ୍ୟକ୍ତ କରି ହୁଏ ଏବଂ ଏକାବେଳେକେ ସମଗ୍ର ଭାବରେ ସେଗୁଡ଼ିକୁ ନେଇ ଜୀବନ ବଞ୍ଚିହୁଏ । ମାତ୍ର ଏହି

'oaob.nitrkl.ac.in' images reprocessed

କଥାଟିକୁ କିପରି କରାଯାଇ ପାରିବ ? ବର୍ତ୍ତମାନ ଆମେ ଯେଉଁ ଚେତନାଟିର ଆଲୋଚନା କରୁଛୁ, ସେଥିରେ ତାହା ଆଦୌ ସେପରି ହୋଇ ରହି ନାହିଁ ।

ଏବଂ ଏହିପରି ଭାବରେ ତୁମେ ନିଶ୍ଚୟ ଦେଖି ପାରୁଥିବ ଯେ ଆମେ ଏହି କ୍ଷେତ୍ରରେ ଚେତନାର ଦୁଇଟିଯାକ ଭୂମିକୁ ଆମର ଯଥାଶକ୍ତି ଅଧିକରୁ ଅଧିକ ନିକଟବର୍ତ୍ତୀ କରି ଆଣିବାର ଚେଷ୍ଟା କରିଥାଉ, ଯେପରିକି, ଯେପରି ବାହ୍ୟ ଭାବରେ ଆମେ ଜୀବନ ବଞ୍ଚିବାକୁ ବାଧ୍ୟ ହେଉଛୁ (କାରଣ ବାହ୍ୟ ଜଡ଼ବସ୍ତୁସ୍ଥ ପୃଥିବୀଟି ସେହିପରି ହୋଇ ରହିଛି ଏବଂ ଆମର ଜଡ଼ବସ୍ତୁସ୍ଥ ଚେତନାଟି ମଧ୍ୟ ସେହିପରି ହୋଇ ରହିଛି ।), ସେହିପରି ଭାବରେ ଜୀବନଟିକୁ ବଞ୍ଚିବାରେ ଲାଗିଥିଲେ ମଧ୍ୟ ଆମେ ତଥାପି ଯୁଗପତ୍ ଭାବରେ ସେହି ଅନ୍ୟ ଯଥାର୍ଥ ଚେତନାଟିକୁ ଏଇଟି ସହିତ ଏତେ ନିକଟବର୍ତ୍ତୀ ଭାବରେ ସଂଯୁକ୍ତ କରି ରଖିପାରିବା ଯେ ଏହି ଜଡ଼ଭୂମିର ବିଧାନଟି ଅନୁସାରେ ଯାବତୀୟ କାର୍ଯ୍ୟ କରୁଥିଲେ ମଧ୍ୟ, ଆମ ଚେତନାର ଭୂମିରେ ଆମେ କଦାପି ଏହି ପ୍ରକୃତ କଥାଟିକୁ ହୁଏତ ଭୁଲି ଯିବା ନାହିଁ ଯେ ଏହା ହେଉଛି କେବଳ ଏକ ନୈକଟ୍ୟ ମାତ୍ର, କେବଳ ଏକ ଅନୁଲିଖନ ଏବଂ ତାହାକୁ କଦାପି ଅଟଳ ବସ୍ତୁ ବୋଲି କୁହାଯାଇ ପାରିବ ନାହିଁ ।

> ମାଆ, ଏଠାରେ ଯେଉଁ ପ୍ରଶ୍ନଟି ପଚରା ହୋଇଛି, ମୁଁ ସେଇଟିର ଅର୍ଥ ବୁଝିପାରୁ ନାହିଁ "ଆମର ଇଚ୍ଛାଟି ସଦା ବିଶ୍ୱଗତ ପରମଇଚ୍ଛାର କେବଳ ଏକ ଅଭିବ୍ୟକ୍ତି ବା ପ୍ରତିଧ୍ୱନି ମାତ୍ର ହୋଇଥାଏ, ତେବେ ବ୍ୟକ୍ତି ନିଜ ଉଦ୍ୟମରେ କିଛି କରିବା ଲାଗି ଆଉ ଅବକାଶ କେଉଁଠି ରହିଲା ? ବ୍ୟକ୍ତିକୁ କ'ଣ ଆମେ କେବଳ ଏକ ନିମିତ୍ତ ବା ସାଧନ ବୋଲି ଭାବିବା, ବିଶ୍ୱଗତ ଗତିସ୍ପନ୍ଦନଗୁଡ଼ିକୁ ଲିପିବଦ୍ଧ କରିବା ବ୍ୟତୀତ ଯାହାର କି ଅନ୍ୟ କୌଣସି କାର୍ଯ୍ୟ ନଥାଏ ? ନିଜେ କିଛି ସୃଷ୍ଟି କରିବା ଲାଗି ବା ଆରମ୍ଭ କରିବା ଲାଗି କ'ଣ ତା'ର କୌଣସି ସାମର୍ଥ୍ୟ ନାହିଁ ?"
>
> ପ୍ରଶ୍ନ ଓ ଉତ୍ତର ୧୯୨୯ (୨୬ ମେ)

ଆରେ ! ମୁଁ ନିଜେ ବି ବୁଝିପାରୁ ନାହିଁ । ସେହି ପ୍ରଶ୍ନଗୁଡ଼ିକୁ ମୋତେ ଯେତେବେଳେ ପଚରା ଯାଇଥିଲା, ସେତେବେଳେ ସେଗୁଡ଼ିକର ଉତ୍ତର ଦେବା ମୋ ପକ୍ଷରେ ଅତ୍ୟନ୍ତ କଷ୍ଟକର ହୋଇଥିଲା । କାରଣ ସେଗୁଡ଼ିକ ମୋ ବସ୍ତୁବୋଧର ଏକାବେଳକେ ବାହାରେ ରହିଥିଲା । ଏଠାରେ ଯାହା ହେଲା,

'oaob.nitrkl.ac.in' images reprocessed

ତାହାକୁ ନିର୍ଭୁଲ ଭାବରେ କହିବାକୁ ଗଲେ, ଯେତେବେଳେ ମୁଁ ପ୍ରଶ୍ନଟିକୁ ପଢ଼ିଲି, ସେତେବେଳେ ତୁମକୁ ମୁଁ ଏହାହିଁ କହିବି ବୋଲି ଅନୁଭବ କଲି : "ମୁଁ ଏକଥା କହୁଛି ବୋଲି ବଡ଼ ଦୁଃଖିତ, ମାତ୍ର ଯେଉଁ ବ୍ୟକ୍ତି ଏହି ପ୍ରଶ୍ନଟିକୁ ମୋତେ ପଚାରିଥିଲେ, ତାଙ୍କର ଭାବନା ଏବଂ ଚେତନା ବଡ଼ ଭୟଙ୍କର ଭାବରେ ଗୋଳମାଳିଆ ହୋଇ ରହିଥିଲା, ସିଏ ସବୁକଥାକୁ ପରସ୍ପର ସହିତ ଭାରି ଗୋଳଆମିଶା କରି ଦେଉଥିଲେ ।" କାରଣ ଏଠାରେ ତିନୋଟି କଥାକୁ ଏକତ୍ର ଗୋଳଆମିଶା କରି ଦିଆଯାଇଛି ।

ପ୍ରଥମତଃ, ଆମର ଇଚ୍ଛା ଯେ ବିଶ୍ୱଗତ ପରମଇଚ୍ଛାର କେବଳ ଏକ ଅଭିବ୍ୟକ୍ତି ବା ପ୍ରତିଧ୍ୱନି ବ୍ୟତୀତ ଆଉ କିଛି ନୁହେଁ, ଏକଥା ତାଙ୍କୁ କିଏ କହିଲା, ମୋତେ ସେକଥା ଜଣା ନାହିଁ ।......ସମ୍ଭବତଃ ମୁଁ ପୂର୍ବରୁ କୌଣସି ଜାଗାରେ କହିଥିଲି ଯେ ଇଚ୍ଛା କହିଲେ କେବଳ ସେହି ଗୋଟିଏ ପରମଇଚ୍ଛାହିଁ ରହିଛି ଏବଂ ତାହା ବ୍ୟକ୍ତିଚେତନାର ସ୍ତରକୁ ଆସି ଅନୁଲ୍ଲିଖିତ ବା ଆହୁରି ଅଧିକ ଠିକ୍ ଭାବରେ କହିଲେ, ବିକୃତ ହୋଇ ପଡ଼ୁଛି ଏବଂ ସେହି ପରମଇଚ୍ଛାକୁହିଁ ଭୁଲରେ ନିଜର ଇଚ୍ଛା ବୋଲି କୁହାଯାଉଛି । ମୁଁ ଖୁବ୍ ସମ୍ଭବ ସେହିପରି କୌଣସି କଥା ନିଶ୍ଚୟ କହିଥିଲି; ଏବଂ ଏକଥାଟି ମଧ୍ୟ ସମ୍ଭବତଃ କହିଥିଲି ଯେ ଆଦ୍ୟ-ଇଚ୍ଛାରୂପେ ଅବସ୍ଥିତ ରହିଥିବା ସେହି ବିଶ୍ୱଗତ ପରମଇଚ୍ଛାରୁ ଆପଣାକୁ ଅଲଗା କରି ଆଣିହିଁ ଆମର ଇଚ୍ଛା ଯଥାର୍ଥତଃ ଆମରି ଇଚ୍ଛାରେ ପରିଣତ ହୋଇଥାଏ ଏବଂ ସେତେବେଳେ ଏହା ଏପରି ବିକୃତ ଅବସ୍ଥାରେ ଆସି ପହଞ୍ଚିଯାଏ ଯେ ତାହା ସହିତ ସେହି ମୂଳ ପରମଇଚ୍ଛାଟିର ଆଉ କୌଣସି ସାମଞ୍ଜସ୍ୟ ନଥାଏ । ତେଣୁ ମୋର ଏହିସବୁ କଥାହିଁ ବୋଧହୁଏ ତାଙ୍କର ମସ୍ତିଷ୍କ ଭିତରେ ସନ୍ଦିଗ୍ଧ ହୋଇପଡ଼ିଛି ଏବଂ ଆମର ଇଚ୍ଛା ବିଶ୍ୱଗତ ପରମଇଚ୍ଛାର କେବଳ ଏକ ଅଭିବ୍ୟକ୍ତି ବା ପ୍ରତିଧ୍ୱନି କି ନୁହେଁ, ସିଏ ମୋତେ ସେହି ପ୍ରଶ୍ନଟିକୁ ପଚାରିଛନ୍ତି ।

ତେବେ ବ୍ୟକ୍ତି-ଅଭିକ୍ରମ ଲାଗି ଏହି କ୍ଷେତ୍ରରେ ଆଉ କ'ଣ ସ୍ଥାନ ରହିଲା··· ଅର୍ଥାତ୍, ଜଣେ ବ୍ୟକ୍ତି ପ୍ରକୃତରେ କ'ଣ କରିପାରିବ ? "ମୁହିଁ ଏହି କର୍ତ୍ତୃତ୍ୱଟିକୁ କରୁଛି, ମୁଁ—ମୁଁ ଏହି ନିଷ୍ପତ୍ତିଟିକୁ କରୁଛି ।" ବୋଲି ସିଏ କେବେ କହି ପାରିବ କି ? ତା'ପରେ ଯେଉଁ ଦ୍ୱିତୀୟ ପ୍ରଶ୍ନଟି ପଚରା ଯାଇଛି; ମାତ୍ର ଏଠାରେ ମୁଁ ପ୍ରକୃତରେ କିଛିହେଲେ ବୁଝି ପାରୁ ନାହିଁ : "ବିଶ୍ୱଗତ ଗତିସ୍ପନ୍ଦନଗୁଡ଼ିକୁ କେବଳ ଲିପି ବଦ୍ଧ କରି ରଖିବାକୁହିଁ ବ୍ୟକ୍ତି କ'ଣ ଏକ ସାଧନମାତ୍ର ହୋଇ ରହିଛି କି ?" ସେକଥାଟି ଦ୍ୱାରା ସେ ପ୍ରକୃତରେ କ'ଣ କହିବାକୁ ଚାହୁଁଛନ୍ତି ? ତା'ଦ୍ୱାରା ସେ ପ୍ରକୃତରେ କ'ଣ ବୁଝିଥିଲେ, ମୁଁ ବର୍ତ୍ତମାନ ମଧ୍ୟ ସେଇଟିକୁ ସମ୍ପୂର୍ଣ୍ଣ ଭାବରେ ବୁଝି ପାରୁ ନାହିଁ । ଲିପିବଦ୍ଧ କରି ରଖିବାର ଏକ ସାଧନ ? କ'ଣ ଗୋଟାଏ ଗ୍ରାମଫୋନ୍—ହଁ, ବିଶ୍ୱଗତ ଗତିସ୍ପନ୍ଦନଗୁଡ଼ିକୁ ଲିପିବଦ୍ଧ କରି ରଖିବାର ଏକ ଗ୍ରାମଫୋନ୍···ଏପରି

'oaob.nitrkl.ac.in' images reprocessed

ଅତ୍ୟନ୍ତ କମ୍ ସଂଖ୍ୟକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ପ୍ରଥମରୁହିଁ ବିଶ୍ୱଗତ ଗତିସ୍ପନ୍ଦନ-ଗୁଡ଼ିକୁ ପ୍ରକୃତରେ ଲିପିବଦ୍ଧ କରି ରଖିବାକୁ ସମର୍ଥ ହୁଅନ୍ତି । ସାଧାରଣତଃ ସେମାନେ କେବଳ ଆପଣାର କ୍ଷୁଦ୍ର ପରିବେଷ୍ଟନୀଗୁଡ଼ିକୁ, ଅର୍ଥାତ୍ ସ୍ୱୟଂ ଆପଣାକୁ ଓ ଆପଣାର ଚତୁର୍ଦ୍ଦିଗରେ ରହିଥିବା ବସ୍ତୁଗୁଡ଼ିକୁହିଁ ଲିପିବଦ୍ଧ କରିବାରେ ଲାଗିଥାନ୍ତି । ଏବଂ ତା'ପରେ, ସେଥିରେ ପୁଣି ଏକ ତୃତୀୟ କଥାକୁ ମଧ୍ୟ ଯୋଡ଼ି ଦିଆଯାଇଛି : "ମନୁଷ୍ୟର କ'ଣ କୌଣସି ସୃଷ୍ଟି-ଶକ୍ତି ନାହିଁ ?" ଏଇଟି ତଥାପି ଆଉ ଗୋଟିଏ ବିଷୟ । ମାତ୍ର ମୁଁ ସେହି ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲି (ସମ୍ଭବତଃ ସେତେବେଳେ ତାଙ୍କ ପ୍ରଶ୍ନର ତାତ୍ପର୍ଯ୍ୟଟିକୁ ବର୍ତ୍ତମାନ ତୁଳନାରେ ଅଧିକ ଭଲ ଭାବରେ ବୁଝି ପାରୁଥିଲି ।),—ହଁ, ମୁଁ ଉତ୍ତର ଦେଇଥିଲି, କାରଣ ବହିଟିରେ ବି ତା' ପଛକୁ ମୁଁ ସେହି ତିନୋଟି ବିଷୟରେ ଆଲୋଚନା କରିଛି । ମୁଁ କହିଥିଲି ଯେ ବ୍ୟକ୍ତି ଯେତେବେଳେ ଆପଣାର ଚେତନାକ୍ଷେତ୍ରରେ ସକଳ ବସ୍ତୁର ମୂଳ ସେହି ସର୍ବୋଚ୍ଚ ପରମ ଚେତନାର ସ୍ତରକୁ ଉଠିଯାଇପାରେ, କେବଳ ସେତିକବେଳେହିଁ ସେ ଆପଣାକୁ ଜଣେ ସ୍ରଷ୍ଟାରେ ପରିଣତ କରିପାରେ । ଅର୍ଥାତ୍, ସୃଜନଶାଳୀ ପରମ ଚେତନାଟି ସହିତ ଯଦି ସେ ନିଜକୁ ଏକାତ୍ମ କରି ରଖିପାରେ, ତେବେ ସେ ସ୍ୱଭାବତଃ ସୃଜନକାରୀ ପରମ ଚେତନାରେହିଁ **ପରିଣତ ହୋଇଯାଏ** । ଆପଣାକୁ ଏକାତ୍ମ କରି ରଖିପାରିଲେ ସିଏ ଏକାତ୍ମ ହୋଇ ରହିପାରେ ।*

ତେବେ, ସେହି ପ୍ରଶ୍ନଟି ମଧ୍ୟରେ ଥିବା କେଉଁ କଥାଟିକୁ ତୁମେ ବୁଝି ପାରୁ ନଥିଲ ? ତୁମେ ସେଥିରୁ କ'ଣ ବୁଝି ପାରୁ ନଥିଲ ?

ସମସ୍ତ ପ୍ରଶ୍ନଟି ।

ସମସ୍ତ ପ୍ରଶ୍ନଟି ? ଏବଂ ବର୍ତ୍ତମାନ ବୁଝିଲ ? ...ଠିକ୍ ସମ୍ପୂର୍ଣ୍ଣ ଭାବରେ ବୁଝି ପାରିଲ ନାହିଁ, ନୁହେଁ ? ମୁଁ କହିଲି ଯେ ତୁମେ ସେଇଟିକୁ ବୁଝି ପାରିଲ ନାହିଁ, କାରଣ ସେଇଟି ଭାରି ଗୋଳାଆମିଶା ହୋଇ ରହିଥିଲା । ଗୋଟିଏ ପ୍ରଶ୍ନ ଭିତରେ

---

*"ଜଣେ ବ୍ୟକ୍ତି ଯଦି ସେହିପରି ଭାବରେ ଏକ ଭାବନା ବା ଅନୁଭୂତି ବା କିମ୍ବା ବା ଅଉ କୌଣସି ବିଷୟ ସୃଷ୍ଟି କରିବାକୁ ସମର୍ଥ ହୁଅନ୍ତି ତେବେ ସେ ଜଗତର ସ୍ରଷ୍ଟାରୂପେ ପରିଗଣିତ ହୋଇ ପାରନ୍ତି । ...ସକଳ ଗତିସ୍ପନ୍ଦନର ସର୍ବମୂଳ କାରଣ ହୋଇ ରହିଥିବା ସଚେତନ ପରମଶକ୍ତି ସହିତ ଆପଣାକୁ ସଂଯୁକ୍ତ ଓ ଏକାତ୍ମ କରି ରଖିବାରେ ଯାଇ ସେ ସ୍ୱୟଂ ଏକ ଗତିସ୍ପନ୍ଦନର ଅଭିକ୍ରମ କରି ପାରନ୍ତି ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୬ ମେ)

'oaob.nitrkl.ac.in' images reprocessed

ଉପୋଟି ଭିନ୍ନ ଭିନ୍ନ ଧାରଣାକୁ ଏକାଠି ଭର୍ତ୍ତି କରି ରଖା ଯାଇଥିଲା । ତେଣୁ ସ୍ୱଭାବତଃ ଭାରି ଗୋଳମାଳରେ ପକାଇ ଦେଉଥିଲା । ମାତ୍ର ସେହି ଧାରଣାଗୁଡ଼ିକ ଉପରେ ଯଦି ଭିନ୍ନ ଭିନ୍ନ ଭାବରେ ବିଚାର କରାଯାଏ, ତେବେ, ବର୍ତ୍ତମାନ ମୁଁ ତୁମକୁ ଯାହାସବୁ ବୁଝାଇ କହିଲି, ଖୁବ୍ ସମ୍ଭବ ସେଥିରୁ ସେହି ଅର୍ଥସବୁ ବାହାରିବ । ଅର୍ଥାତ୍, ଆମ ଭିତରେ ଏହି ସମ୍ପୂର୍ଣ୍ଣ ଅଜ୍ଞାନମୟ ଏବଂ ବିକୃତ ଚେତନାଟି ରହି କାର୍ଯ୍ୟ କରୁଛି ଏବଂ ତେଣୁ ଆମେ ଏପରି ଏକ ଦୃଢ଼ ବିଶ୍ୱାସ କରି ପକାଉଛୁ ଯେ ଆମେହିଁ ହେଉଛୁ କାରଣ ଓ ଆମେହିଁ ପରିଣାମ; ଆମେ ନିଜେ ନିଜର ମୂଳ ଏବଂ ପରିଣାମ,—ଆମେ ଆଉ ସମସ୍ତଙ୍କଠାରୁ ଅଲଗା ହୋଇ ରହିଛୁ, ଅନ୍ୟମାନଙ୍କ ଉପରେ କ୍ରିୟା କରି ପାରିବାର ଏକ ସୀମାବଦ୍ଧ ଶକ୍ତି ଦ୍ୱାରା ଆମେ ଅଲଗା ହୋଇ ରହିଛୁ ଏବଂ ଅନ୍ୟମାନଙ୍କ ଦ୍ୱାରା ସକ୍ରିୟ ହୋଇ ପାରିବାକୁ ତଥା ଅନ୍ୟମାନଙ୍କର ପ୍ରଭାବ ଉଦ୍ଦେଶ୍ୟରେ ପ୍ରତିକ୍ରିୟା ଜଣାଇବାକୁ ଆମ ଭିତରେ ଆଉ ଟିକିଏ ଅଧିକ ସାମର୍ଥ୍ୟ ରହିଛି । ଲୋକମାନେ ସାଧାରଣତଃ ଏହିପରି ଭାବରେହିଁ ଭାବିଥାନ୍ତି, ସେହିଭଳି କିଛି ଭାବିଥାନ୍ତି,—ନୁହେଁ କି ? ତୁମେ ଏବିଷୟରେ କ'ଣ କିପରି ଅନୁଭବ କରୁଛ,—ତୁମେ ? ତୁମ ନିଜ ଉପରେ ତୁମର କି ପ୍ରଭାବମାନ ପଡ଼ୁଛି କହିଲ ? ଏବଂ ତୁମେ ? ଓ ତୁମେ ?···

ତୁମେ ଏବିଷୟରେ କେବେ କିଛି ଭାବ ନାହିଁ, ନୁହେଁ ? ତୁମେ ନିଜ ଉପରେ ପ୍ରକୃତରେ କି ପ୍ରଭାବ ପକାଇ ପାରୁଛ, ସେହି କଥାଟି ଜାଣିବା ଲାଗି ତୁମେ କେବେହେଲେ ନିଜ ଭିତରକୁ ଚାହିଁ ଦେଖି ନାହିଁ ? ଏବିଷୟରେ କେବେହେଲେ କିଛି ଭାବ ନାହିଁ ? ବର୍ତ୍ତମାନ କ'ଣ କିପରି ଅନୁଭବ କରୁଛ ? କେହି କହି ପାରିବ ନାହିଁ ? ମୋତେ ଏବିଷୟରେ କିଛି କହିବାକୁ ଚେଷ୍ଟାକର । ତୁମେ ଏବିଷୟରେ କ'ଣସବୁ ଅନୁଭବ କରୁଛ, ସେକଥା ବୁଝିବାକୁ କେବେହେଲେ ଚେଷ୍ଟା କରି ନାହିଁ ? ଚେଷ୍ଟା କରି ନାହିଁ ? ଚେଷ୍ଟା କରିଛ ? ଭାରି ଆଶ୍ଚର୍ଯ୍ୟ କଥା ! ତୁମ ଭିତରେ ତୁମେ କିପରି ନିଷ୍ପତ୍ତିମାନ କରିଥାଅ, ଦୃଷ୍ଟାନ୍ତସ୍ୱରୂପ ସେବିଷୟରେ କେବେ ବୁଝିବାକୁ ଚେଷ୍ଟା କରି ନାହିଁ ? ସେହି ନିଷ୍ପତ୍ତିଗୁଡ଼ିକ କେଉଁଠାରୁ ଆସନ୍ତି ? ଗୋଟିଏ କଥା ନିଷ୍ପତ୍ତି ନକରି ତୁମେ ଯେ ଆଉଗୋଟିଏ କଥା ନିଷ୍ପତ୍ତି କର, ସେପରି କାହିଁକି ହୁଏ ? ଏବଂ ତୁମର ନିଷ୍ପତ୍ତି ଓ ତୁମର କାର୍ଯ୍ୟ ମଧ୍ୟରେ ପ୍ରକୃତରେ କିଭଳି ସମ୍ବନ୍ଧ ରହିଥାଏ ? ଏବଂ, ଦୁଇଟି ବିଷୟରୁ ଗୋଟିକୁ ବାଛିନେବାକୁ ତୁମ ଭିତରେ କେତେ ପରିମାଣରେ ସ୍ୱାଧୀନତା ରହିଥାଏ ? ଏଇଟି, ସେଇଟି, ସେହି ଅନ୍ୟଟି କରିବାକୁ ଅଥବା କିଛି ନକରିବାକୁ ମଧ୍ୟ ତୁମର କେତେଦୂର ସାମର୍ଥ୍ୟ ଅଥବା ସ୍ୱାତନ୍ତ୍ର୍ୟ ରହିଛି ବୋଲି ତୁମେ ଅନୁଭବ କରୁଛ ?······ସେବିଷୟରେ କେବେ ଚିନ୍ତା କରିଛ ? ହଁ, କରିଛ; ନାହିଁ ? ଛାତ୍ରମାନଙ୍କ ଭିତରେ ଏପରି ଜଣେ କେହି ରହିଛି ଯିଏକି ଏବିଷୟରେ ଚିନ୍ତା

'oaob.nitrkl.ac.in' images reprocessed

କରିଛ ? କେହି କଣ ନାହାନ୍ତି ? କେହି ନିଜକୁ ଏହି ପ୍ରଶ୍ନଟି ପଚାରି ନାହାନ୍ତି ? ତୁମେ ପଚାରିଛ ? ତୁମେ ପଚାରିଛ ?

ଏହି ବିଷୟରେ ଭାବିଲେ ମଧ୍ୟ, ସମ୍ଭବତଃ କେବେସୁଦ୍ଧା ଉତ୍ତର ଦେଇ ହୁଏ ନାହିଁ !

ବୁଝାଇ କହିହୁଏ ନାହିଁ ?

ନା ।

କ'ଣ ବୁଝାଇବାକୁ କଷ୍ଟ ଲାଗେ ? ବାହାରୁ ଯେଉଁସବୁ ଇଚ୍ଛା ତୁମ ଭିତରକୁ ଆସନ୍ତି, ସେମାନେ ତୁମ ଚେତନା ମଧ୍ୟରେ ତୁମର ଇଚ୍ଛାଟିକୁ କେଉଁଠାରେ ଯାଇ ଭେଟନ୍ତି (ଯେଉଁ ଇଚ୍ଛାଟିକୁ ତୁମେ ନିଜର ବୋଲି କହ, ଯେଉଁଟି ତୁମ ଭିତରୁ ଆସିଥାଏ, ସେଇଟିକୁ), ତାହାକୁ ଜାଣି ସେହି ସହଜ କଥାଟିକୁ ବୁଝାଇ କହିବା କ'ଣ କଷ୍ଟକର ଲାଗେ ? ତୁମ ଭିତରେ କେଉଁଠାରେ ଦୁଇଟିଯାକ ଇଚ୍ଛାର ମିଳନ ଘଟେ ଓ ବାହାରୁ ଆସିଥିବା ଇଚ୍ଛାଟି ଭିତରୁ ନିଷ୍ପନ୍ନ ହୋଇଥିବା ଇଚ୍ଛାଟି ଉପରେ କେତେଦୂର କ'ଣ ପ୍ରଭାବ ପକାଏ ତଥା ଭିତରର ଇଚ୍ଛାଟି ବାହାରୁ ଆସିଥିବା ଇଚ୍ଛାଟି ଉପରେ କେତେଦୂର ପ୍ରଭାବ ପକାଏ, ସେକଥାଟିକୁ ଜାଣି ବୁଝାଇ କହିବା କ'ଣ ଭାରି କଷ୍ଟକର ଲାଗେ ? ଏହି କଥାଟିକୁ ଜାଣିବା ଲାଗି ତୁମେ କ'ଣ କେବେହେଲେ ଚେଷ୍ଟା କର ନାହିଁ ? ବାହାରୁ ଆଉ ଗୋଟାଏ ଇଚ୍ଛା ଆସି ତୁମ ଇଚ୍ଛାଟିକୁ ପ୍ରଭାବିତ କରିବା ଲାଗି ଚେଷ୍ଟା କରୁଥିବ, ଏହି କଥାଟି କ'ଣ କେବେହେଲେ ତୁମକୁ ଅସହ୍ୟ ବୋଧ ହୋଇ ନାହିଁ ? କେବେହେଲେ ହୋଇ ନାହିଁ ?

ମୁଁ ଜାଣିନି ।

ଆରେ, ମୁଁ କ'ଣ ଆଉ ଭାରି କଷ୍ଟ କଷ୍ଟ ପ୍ରଶ୍ନମାନ ପଚାରୁଛି କି ? ମାନେ ପିଲାଏ, ମୁଁ ଯେତେବେଳେ ପାଞ୍ଚ ବର୍ଷର ପିଲାଟିଏ ଥିଲି, ସେତେବେଳେ ଏଇଟି ବିଷୟରେ ସବୁବେଳେ ଚିନ୍ତା କରୁଥିଲି ।......ତେଣୁ ମୁଁ ଭାବୁଥିଲି ଯେ ତୁମେମାନେ ମଧ୍ୟ ଅନେକ ଦିନରୁ ଏହି ବିଷୟରେ ନିଶ୍ଚୟ ଚିନ୍ତା କରୁଥିବ ।

'oaob.nitrkl.ac.in' images reprocessed

**ଜଣେ ଲୋକ ଭିତରେ ମଧ୍ୟ ପରସ୍ପରବିରୋଧୀ ନାନା ଇଚ୍ଛା ଉଠିଥାଏ ।**

ହଁ, ଅନେକ ଇଚ୍ଛା ରହିଥାଏ । ଏଇଟି ପ୍ରାୟ ସର୍ବପ୍ରଥମେହିଁ ଆବିଷ୍କାର କରିବାକୁ ପଡ଼େ । ଗୋଟିଏ ଭାଗ ଥାଏ, ଯିଏକି ବସ୍ତୁଗୁଡ଼ିକୁ ଏପରି ଭାବରେ ଚାହୁଁଥାଏ; ଏବଂ ତା'ପରେ ଆଉ ଗୋଟିଏ ମୁହୂର୍ତ୍ତରେ ଅନ୍ୟପ୍ରକାରେ ଚାହୁଁଥାଏ ଏବଂ ପୁଣି ଏକ ତୃତୀୟ ମୁହୂର୍ତ୍ତରେ, ଏକାବେଳେକେ ଆଉଗୋଟିଏ ଅନ୍ୟ କଥା ଚାହୁଁଥାଏ । ତାହା ଛଡ଼ା, ପୁଣି ଏପରି ମଧ୍ୟ ଘଟିଥାଏ : ଆମରି ଭିତରେ ଗୋଟିଏ ପାଖ ଇଚ୍ଛା କରୁଥାଏ ଓ ଆଉ ଗୋଟିଏ ପାଖ ଇଚ୍ଛା କରୁ ନଥାଏ ? ତେବେ ସେହି କ୍ଷେତ୍ରରେ କ'ଣ କରିବାକୁ ହେବ ? ମାତ୍ର, ଯଦି ତୁମେ ନିଜ ଭିତରେ ସର୍ବାଙ୍ଗସୁନ୍ଦର କୌଣସି ସଂଗଠନ ସମ୍ଭବ କରିବାକୁ ପ୍ରକୃତରେ ଇଚ୍ଛା କରୁଥିବ, ତେବେ ତୁମକୁ ଠିକ୍ ଏହି କଥାଟିର ସମାଧାନ ଖୋଜି ବାହାର କରିବାକୁ ହେବ । ତେବେ ସିନେମାରେ ଯେପରି ହୋଇଥାଏ, ତୁମେ ଆପଣାକୁ ଏକ ପରଦା ଉପରେ କାହିଁକି ପ୍ରକ୍ଷେପିତ କରି ନପାରିବ ଏବଂ ତା'ପରେ ତାହାର ଉପରେ ସଂଘଟିତ ହେବାରେ ଲାଗିଥିବା ନିଜ ଉପରେ ଦୃଷ୍ଟିପାତ କରି ନପାରିବ ? ଏଇଟି ପ୍ରକୃତରେ କେଡ଼େ ଆଗ୍ରହୋଦ୍ଦୀପକ ନ ହେବ ?

ଏଇଟି ହେଉଛି ସର୍ବପ୍ରଥମ ପଦକ୍ଷେପ ।

ଆଗ ଆପଣାକୁ ସେହି ପରଦାଟି ଉପରେ ପ୍ରକ୍ଷେପିତ କରିବ, ଅବଲୋକନ କରିବ, ଏବଂ ତାହାର ଉପରେ ଯାହା ବିଚରଣ କରୁଛି, କିପରି ବିଚରଣ କରୁଛି ଓ ସେଠି କ'ଣସବୁ ଘଟୁଛି, ସେହିସବୁ ଦେଖିବାକୁ ପଡ଼ିବ । ତୁମେ ଏକ ସାନ ଆରେଖଟିଏ ଟାଣି ରଖିବ ଏବଂ ତା'ପରେ ତାହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ହେବାକୁ ଲାଗିବ । ଏବଂ ତା'ପରେ, ଅଳ୍ପ ସମୟ ପରେ, ଯେତେବେଳେ ଏହିପରି ଅବଲୋକନ କରିବା ତୁମର ବେଶ୍ ଅଭ୍ୟାସରେ ପଡ଼ିବ, ତୁମେ ସେତେବେଳେ ଆଉ ପାଦେ ଆଗକୁ ଯାଇପାରିବ ଏବଂ ଏକ ନିଷ୍ପତ୍ତି ଗ୍ରହଣ କରିପାରିବ । ଅଥବା ଆଉ ଏକ ବୃହତ୍ତର ପଦକ୍ଷେପ ମଧ୍ୟ ଗ୍ରହଣ କରିପାରିବ : ତୁମେ ସେହିସବୁ ବିଷୟକୁ ସଂଗଠିତ କରିବ, ସଯୋଜିତ କରିବ,—ସେହି ସବୁଗୁଡ଼ିକୁ ହାତକୁ ନେଇ ପ୍ରତ୍ୟେକ ଜିନିଷକୁ ତା'ର ନିଜ ନିଜ ସ୍ଥାନରେ ରଖିବ, ଏପରି ଭାବରେ ସଂଗଠିତ କରିନେବ ଯେ ତୁମେ ଏକ ଅନ୍ତର୍ଗତ ଅର୍ଥ ସହିତହିଁ ସିଧା ଗତିଶୀଳ ହେବାକୁ ଆରମ୍ଭ କରିବ । ଏବଂ ତା'ପରେ ତୁମେ ନିଜେ ଯେଉଁ ଦିଗରେ ଗତି କରୁଛ, ସେବିଷୟରେ ସଚେତନ ହେବାକୁ ଲାଗିବ ଏବଂ କହିପାରିବ : "ବେଶ୍, ତେବେ ଏହା ଏହିପରି ହେବ; ଏହିପରି ଭାବରେହିଁ ମୋ ଜୀବନର ବିକାଶ ହେବ, କାରଣ ତାହାହିଁ ହେଉଛି ମୋ

'oaob.nitrkl.ac.in' images reprocessed

ସତ୍ତ୍ୱର ନ୍ୟାୟ ଓ ମୋ ସତ୍ତ୍ୱର ସତ୍ୟ । ବର୍ତ୍ତମାନ ମୁଁ ନିଜ ଭିତରେ ସେହି ସବୁଯାକକୁ ସଜାଇ ରଖି ସାରିଲିଣି, ପ୍ରତ୍ୟେକ ବସ୍ତୁ ତା'ର ନିଜ ସ୍ଥାନରେ ଯାଇ ରହିପାରିଲାଣି, ଏବଂ ଏହା ଫଳରେ ଅତ୍ୟନ୍ତ ସ୍ୱାଭାବିକ ଭାବରେ କେନ୍ଦ୍ରରୁ ଏକ ସ୍ଥିତିନିର୍ଦ୍ଧାରଣ ହେବାକୁ ଆରମ୍ଭ କଲାଣି । ମୁଁ ଏହି ସ୍ଥିତିନିର୍ଦ୍ଧାରଣ ଅନୁସାରେହିଁ ଗତି କରୁଛି । ଆଉ ଗୋଟିଏ ପାଦ ଆଗକୁ ଯାଇପାରିଲେହିଁ ମୋ ଜୀବନରେ କ'ଣସବୁ ଘଟିବ, ମୁଁ ସେକଥା ନିଶ୍ଚୟ ଜାଣିପାରିବି, କାରଣ ମୁଁ ନିଜେହିଁ ବର୍ତ୍ତମାନ ଯାବତୀୟ ନିଷ୍ପତ୍ତି କରିପାରୁଛି ।" ମୁଁ ଜାଣେ ନାହିଁ, ମୁଁ କେବଳ ତୁମମାନଙ୍କୁ ଏକଥା କହୁଛି; ମୋତେ ଏହି ବିଷୟଟି ଭାରି ଆଗ୍ରହୋଦ୍ଦୀପକ ବୋଧ ହୋଇଥିଲା, ପୃଥିବୀର ସବୁଠାରୁ ଅଧିକ ଆଗ୍ରହୋଦ୍ଦୀପକ ବିଷୟ ପରି ବୋଧ ହୋଇଥିଲା । ଏହାଠାରୁ ଅଧିକ ଆଗ୍ରହୋଦ୍ଦୀପକ ବିଷୟ ମୋ ଲାଗି ଆଉ କିଛି ହେଲେ ନଥିଲା ।

ଏହା ମୋ ଜୀବନରେ ଘଟିଥିଲା······ସେତେବେଳେ ମୋର ବୟସ ପାଞ୍ଚ, ଛଅ କି ସାତ ହୋଇଥିଲା (ସାତ ବର୍ଷ ବେଳକୁ ବିଷୟଟି ବେଶ୍ ଗମ୍ଭୀର ହୋଇଗଲା) । ମୋ ବାପା ସର୍କସକୁ ଭାରି ଭଲ ପାଉଥିଲେ; ସିଏ ଦିନେ ଆସି ମୋତେ କହିଲେ : "ମୋ ସଙ୍ଗରେ ସର୍କସ ଦେଖିଯିବୁ ଚାଲ, ମୁଁ ରବିବାର ଦିନ ସର୍କସ ଦେଖି ଯାଉଛି ।" ମୁଁ କହିଲି : "ନାଇଁ, ମୁଁ ବର୍ତ୍ତମାନ ସର୍କସ ଦେଖି ଯିବାଠାରୁ ଅଧିକ ଆଗ୍ରହୋଦ୍ଦୀପକ ଏକ ବିଷୟ ନେଇ ବ୍ୟସ୍ତ ଅଛି ।" ବା ପୁଣି, ମୋର ତରୁଣ ବନ୍ଧୁମାନେ ମୋତେ ଏକ ବୈଠକରେ ଯୋଗ ଦେବା ଲାଗି ନିମନ୍ତ୍ରଣ କଲେ, ଯେଉଁଠାରେ କି ଆମେ ଏକାଠି ଖେଳୁଥାଉ, କେତେପ୍ରକାର ଆନନ୍ଦ କରିଥାଉ । ମୁଁ କହିଲି : "ନାଇଁ, ଏହିଠାରେହିଁ ମୁଁ ଅଧିକ ଆନନ୍ଦ ପାଉଛି···।" ଏବଂ ଏସବୁ ମୁଁ ପ୍ରକୃତରେ ନିଷ୍ଠାର ସହିତ କହୁଥିଲି । ଖାଲି ଯେ ଦେଖାଇ ହେବାକୁ କହୁଥିଲି, ସେକଥା ଆଦୌ ନୁହେଁ : ମୁଁ ଠିକ୍ ସେହିପରି ଭାବୁଥିଲି, ତାହାହିଁ ମୋ ଲାଗି ଉଚିତ କଥା ଥିଲା । ମୋ ଲାଗି ପୃଥିବୀରେ ତା'ଠାରୁ ଅଧିକ ଆନନ୍ଦଦାୟକ ଆଉ କିଛି ନଥିଲା ।

ଏବଂ ଏହି ବିଷୟରେ ମୋର ଏତେଦୂର ଦୃଢ଼ ପ୍ରତ୍ୟୟ ରହିଛି ଯେ ଯେକୌଣସି ବ୍ୟକ୍ତି ସେହିପରି ଭାବରେ ଏକଥା କରିବ, ଠିକ୍ ଏହିପରି ଖୁସି ଓ ନିଷ୍ଠାର ସହିତ କରିବ, ତାକୁ ମଧ୍ୟ ଠିକ୍ ସେହିପରି ଆନନ୍ଦଦାୟକ ଫଳମାନ ଅବଶ୍ୟ ମିଳିବ । ···ନିଜ ଆଗରେ ଗୋଟିଏ ପରଦା ଉପରେ ଆମେ ସବୁକିଛି ନେଇ ରଖିଦେବା ଏବଂ କ'ଣ ଘଟୁଛି ନିରୀକ୍ଷଣ କରି ଦେଖିବା । ଏବଂ, ଯାହାସବୁ ଘଟୁଛି, ତାହାକୁ ନିରୀକ୍ଷଣ କରି ଦେଖିବା ହେଉଛି ସର୍ବପ୍ରଥମ ପଦକ୍ଷେପ; ଏବଂ ତା'ପରେ ଆମେ ନିଜକୁ ଏପରି ଭାବରେ ପ୍ରସ୍ତୁତ କରିନେବା ଯେ ଯଦି ଆମକୁ କୌଣସି କଥା ସୁଖକର ହୋଇ ନଦିଶିବ, ଆମେ ସେଇଟି ଲାଗି କଦାପି ଆପଣାର ଆଖିକୁ

'oaob.nitrkl.ac.in' images reprocessed

ବନ୍ଦ କରି ଦେବା ନାହିଁ । ଆମେ ଆଖିକୁ ସମ୍ପୂର୍ଣ୍ଣ ଭାବରେ ମେଲା କରି ରଖିଥିବା ଏବଂ ସେହିପରି ଭାବରେ ସବୁ ଜିନିଷକୁ ଆଣି ପରଦାଟି ଆଗରେ ରଖୁଥିବା । ଏବଂ ତା'ପରେ ଆମେ ବେଶ୍ ଏକ ଆଗ୍ରହୋଦ୍ଦୀପକ ଆବିଷ୍କାର କରିବାକୁ ସମର୍ଥ ହେବା । ଏବଂ, ତତ୍ପରବର୍ତ୍ତୀ ପଦକ୍ଷେପରୂପେ ଆମେ କହିବାକୁ ଆରମ୍ଭ କରିବା : "ଏହି ସବୁଯାକ କଥା ଯେତେବେଳେ ମୋର ଭିତରେ ଘଟିବାରେ ଲାଗିଛି, ତେବେ ମୁଁ ଏଇଟିକୁ କାହିଁକି ଏପରି ଭାବରେ ନରଖିବି ଓ ସେଇଟିକୁ କାହିଁକି ସେପରି ଭାବରେ ନରଖିବି, ଏବଂ ତା'ପରେ ଏହି ଅନ୍ୟ ଜିନିଷଟିକୁ ଏପରି ଭାବରେ ନରଖିବି ଓ ତଦ୍ଦ୍ୱାରା ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ ଓ ତାତ୍ପର୍ଯ୍ୟବିଶିଷ୍ଟ ଏକ କାର୍ଯ୍ୟ କାହିଁକି ନକରିବି ? ସେହି ଯେଉଁ ପଦାର୍ଥଟି ପଥ ଓଗାଳି ରହିଛି, ମୁଁ ସେହିଟିକୁ ବାହାର କରି ନଦେବି କାହିଁକି,—ପରସ୍ପର ସହିତ ନାନା ଦ୍ୱନ୍ଦ୍ୱରେ ମଜ୍ଜି ରହିଥିବା ଏହି ଇଚ୍ଛାଗୁଡ଼ିକୁ ମୁଁ ବାହାର କରି ନପକାଇବି କାହିଁକି ? କାହିଁକି ବାହାର କରି ନପକାଇବି ? ଏବଂ ସେଇଟି ମୋ ସତ୍ତା ମଧ୍ୟରେ ପ୍ରକୃତରେ କେଉଁ ବିଷୟଟିର ପ୍ରତିନିଧିତ୍ୱ କରୁଛି ? ସେଇଟି ସେଠାରେ ରହିଛି ବା କାହିଁକି ? ଯଦି ସେଇଟି ସେଠାରେ ନରହି ଆଉ ଗୋଟିଏ ଜାଗାରେ ଯାଇ ରହନ୍ତା, ତେବେ ମୋର ଅନିଷ୍ଟ କରିବା ପରିବର୍ତ୍ତରେ ତାହା ମୋର ପ୍ରକୃତରେ ଉପକାର କରନ୍ତା ନାହିଁ କି ?" ତୁମେ ଏହିପରି ଭାବରେ ସର୍ବଦା ଭାବୁଥିବ ।

ଏବଂ ଅଳ୍ପ ଅଳ୍ପ କରି, ଏହିପରି ଅଳ୍ପ ଅଳ୍ପ କରି ତୁମେ ଅଧିକ ସ୍ପଷ୍ଟ ଭାବରେ ସବୁ ଦେଖିବାକୁ ପାଇବ; ଏବଂ ତା'ପରେ ତୁମକୁ କାହିଁକି ଏହିପରି ଭାବରେ ତିଆରି କରାଯାଇଛି ଓ ତୁମର ଠିକ୍ କେଉଁ କାର୍ଯ୍ୟଟି କରିବାକୁ ରହିଛି, ତୁମେ ସେହି କଥାଟିକୁ ମଧ୍ୟ ଦେଖିବାକୁ ସମର୍ଥ ହୋଇଯିବ;— ଯେଉଁ କାର୍ଯ୍ୟଟି ଲାଗି ତୁମେ ସଂସାରରେ ଜନ୍ମ ହୋଇଛ, ସେକଥା ଆବିଷ୍କାର କରିପାରିବ । ଏବଂ ତା'ପରେ, ଅତ୍ୟନ୍ତ ସ୍ୱାଭାବିକ ଭାବରେ, ପ୍ରତ୍ୟାଶିତ ଏହି ବସ୍ତୁଟି ଲାଗି ସବୁକିଛି ସଂଗଠିତ ହୋଇ ରହିଥିବାରୁ, ତୁମର ରାସ୍ତାଟି ଆଉ କଦାପି ବନ୍ଦ ହୋଇ ରହିବ ନାହିଁ ଏବଂ ତୁମେ ପୂର୍ବରୁହିଁ ଏହି କଥାଟି କହି ପାରିବ : "ଠିକ୍ ଏହିପରି ଭାବରେହିଁ ଏହି କଥାଟି ଘଟିବ ।" ଏବଂ ସେସବୁକୁ ବିଚଳିତ ଓ ପଣ୍ଡ କରି ଦେବାକୁ ଯେତେବେଳେ ବାହାରୁ ଅନ୍ୟ କଥାଗୁଡ଼ିକ ଆସିବାକୁ ଚେଷ୍ଟା କରିବେ, ସେତେବେଳେ ତୁମେ ନିଷ୍ଟୟ କହିପାରିବ : "ନା—ନା— ମୁଁ ଏଇଟିକୁ ଗ୍ରହଣ କରିଛି, ତାହା ମୋ ଲାଗି ସହାୟକ ହେଉଛି; ଏବଂ ସେଇଟିକୁ ବର୍ଜନ କରୁଛି, କାରଣ ସେଇଟି ଦ୍ୱାରା କ୍ଷତି ହେଉଛି ।" ଏବଂ ତା'ପରେ, ଅଳ୍ପ କେତେବର୍ଷ ପରେ କୌଣସି ଘୋଡ଼ାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିଲା ପରି ତୁମେ ନିଜକୁ ନିୟନ୍ତ୍ରଣରେ

'oaob.nitrkl.ac.in' images reprocessed

ରଖି ପାରିବ; ତୁମେ ଯାହା ଗ୍ରହଣ କରିପାରିବ, ଯେପରି ଗ୍ରହଣ କରିପାରିବ ଏବଂ ଯେଉଁଠାକୁ ଯିବାକୁ ଗ୍ରହଣ ନିଷ୍ଟସ୍ବ ଯାଇପାରିବ ।

ମୁଁ ଭାବୁଛି, ଏହା ସମ୍ଭବ କରିବା ଲାଗି ଯେଉଁ ଚେଷ୍ଟାର ଆବଶ୍ୟକତା ରହିଛି, ସେଇଟିକୁ ନିଷ୍ଟସ୍ବ କରିବା ଉଚିତ । ମୁଁ ଭାବୁଛି ଏହାଠାରୁ ଅଧିକ ଆଗ୍ରହୋଦ୍ଦୀପକ ଜିନିଷ ଆଉ କେଉଁଠି କିଛିହେଲେ ନାହିଁ ।

ମାଆ, ଏହି ସାନ ପରଦାଟି ପୁଣି କ’ଣ ?

ଏହି ପରଦାଟି ? ତାହା ହେଉଛି ଆମର ଚୈତ୍ୟ ଚେତନା ।

ଏବଂ ଏହି ନାଟକଟି ?*

ନାଟକଟି ? ଏଇଟି ହେଉଛି କେନ୍ଦ୍ରସ୍ଥ ଚେତନାଟି ଦ୍ୱାରା ଅଭିନୀତ ନାଟକ । ଠିକ୍ ଏହି ଚେତନାଟିହିଁ ଚୈତ୍ୟସତ୍ତ୍ୱର ଆଧାରସ୍ଥଳରେ ରହିଥାଏ । ଏବଂ, ଏହି ଚୈତ୍ୟ ଚେତନାଟି ଦ୍ୱାରା କିପରି ସେ ଅଦ୍ୱିତୀୟ ସର୍ବୋଚ୍ଚ ଚେତନାଟିର ପ୍ରତିଫଳନ କରିବାକୁ ପଡ଼ିବ, ଏବଂ ଅନୁରୂପାୟନ ସମ୍ଭବ କରିବାକୁ ପଡ଼ିବ, ସେହି କଥାଟିକୁ ଆବିଷ୍କାର କରିବା ଲାଗି ତା’ପରେ ତୁମକୁ କେବଳ ସାନ ପଦକ୍ଷେପଟିଏ ନେବାକୁ ପଡ଼େ । ଏବଂ ସେହିଠାରେହିଁ ସବୁ ଶେଷ ହୁଏ । ଏହି ଶେଷ ପଦକ୍ଷେପଟି ନେବା ଭାରି ସହଜ ହୋଇଯାଏ ।

* “ଏହି ବିଶ୍ୱନାଟକଟି ମଧ୍ୟରେ କେତେକ ଏପରି ଅଛନ୍ତି,—ସେହିମାନେହିଁ ଅଧିକତର ସଂଖ୍ୟାରେ ଥାଆନ୍ତି, ଯେଉଁମାନେ କି ଗୋଟିଏ ଗୋଟିଏ ଅଜ୍ଞାନ ଯନ୍ତ୍ର ପରି ହୋଇ ରହିଥାନ୍ତି । ସେହି ଅଭିନେତାମାନେ କଣ୍ଢେଇ ପରି ଖାଲି ଏପାଖ ସେପାଖ ହେବାରେ ଲାଗିଥାନ୍ତି, କିଛି ଜାଣି ପାରୁ ନଥାନ୍ତି । ଅଧିକନ୍ତୁ ଅନ୍ୟମାନେ ଥାଆନ୍ତି, ଯେଉଁମାନେ ସଚେତନ ଥାଆନ୍ତି, ସେମାନେ ଆପଣାର ଭୂମିକାଟିର ଅଭିନୟ କରୁଥାନ୍ତି, ନାଟକଟିକୁ ନାଟକ ବୋଲି ଜାଣନ୍ତି । ଏବଂ ଏମାନଙ୍କ ଛଡ଼ା ଆଉ କେତେକ ଥାଆନ୍ତି, ବିଶ୍ୱଗତ ଏହି ଗତିସ୍ପନ୍ଦନଟି ବିଷୟରେ ଯେଉଁମାନଙ୍କର ପୂର୍ଣ୍ଣ ଜ୍ଞାନ ରହିଥାଏ; ସେମାନେ ସେହି ଗତିସ୍ପନ୍ଦନଟି ସହିତ ଏବଂ ଅଖଣ୍ଡ ଦିବ୍ୟ ପରମଚେତନା ସହିତ ଏକାତ୍ମ ହୋଇ ରହିଥାନ୍ତି ଏବଂ ତଥାପି, ଯଦ୍ୟପି ସେମାନେ ବିଚ୍ଛିନ୍ନ ହୋଇ ରହିଛନ୍ତି, ସମଗ୍ରଟିର ଏକ ବିଭାଜିତ ଅଂଶ ହୋଇ ରହିଛନ୍ତି, ସେହିପରି ଭାବରେ କାର୍ଯ୍ୟ କରିବାକୁ ସମ୍ମତ ହୋଇଥାନ୍ତି । ସେହି ଅଜ୍ଞାନ ଏବଂ ଏହି ପୂର୍ଣ୍ଣ ଜ୍ଞାନ ମଝିରେ ଅନ୍ତର୍ବର୍ତ୍ତୀ ଅନେକ ସୋପାନ ରହିଛି, ନାଟକଟିରେ ଅଂଶଗ୍ରହଣ କରିବାର ଅନେକ ଅନେକ ଭୂମିକା ରହିଛି ।”

ପ୍ରଶ୍ନ ଓ ଉତ୍ତର ୧୯୫୧ (୧୬ ମେ)

'oaob.nitrkl.ac.in' images reprocessed

ମାତ୍ର ସର୍ବଶେଷରେ ଅସଲ୍ ସତ୍ୟରହସ୍ୟଟିହିଁ ଆବିଷ୍କୃତ ହୋଇଥାଏ । ଏବଂ ସେଇଟିର ଆବିଷ୍କାର ହୋଇଗଲା ପରେ ଆଉ କୌଣସି ସଂଗ୍ରାମ କରିବାକୁ ପଡ଼େ ନାହିଁ; କାରଣ ସଂଗ୍ରାମଟି ଲଢ଼ାହୋଇ ସାରିଥାଏ ଏବଂ ସବୁକିଛୁ ସଂଗଠିତ ହୋଇ ସାରିଥାଏ । ତେଣୁ କେବଳ ଗୋଟିଏ ପଦକ୍ଷେପରେ, ଏବଂ ଯଥାସମ୍ଭବ ଏକ ସରଳ, ସ୍ୱାଭାବିକ ଏବଂ ଅବାଧ ଭାବରେ, କୌଣସି ପ୍ରତିକ୍ରିୟା ବ୍ୟକ୍ତ ନକରି ଅସଲ୍ ଘଟଣାଟି ସଂଘଟିତ ହୁଏ ।

ମୁଁ ଭାବୁଛି, ପ୍ରାଚୀନ କାଳର ଋଷିମାନେ ଯେତେବେଳେ "ଆତ୍ମାନଂ ବିଦ୍ଧି" ବୋଲି କହୁଥିଲେ, ସେତେବେଳେ ସେମାନେ ତାହାହିଁ ବୁଝିଥିଲେ । ଏହା ବ୍ୟତୀତ ସେମାନେ ଆଉ ଅନ୍ୟକିଛୁ ବୁଝି ନଥିଲେ । ମାତ୍ର ତା'ପରେ, ସତେଅବା ଆଖି ଉପରେ ପଟି ବାନ୍ଧି ତା' ଭିତରେ ପ୍ରବେଶ କରିବା ପରିବର୍ତ୍ତେ, ଏବଂ ଏହା ଗୋଟିଏ କାନ୍ଥ, କଳା ହୋଇଥିବା ଗୋଟିଏ କବାଟ ବା ଏକ ପ୍ରତିବନ୍ଧକ ଅଥବା କୌଣସି ଏକ ମନ୍ଦ ଇଚ୍ଛା ବୋଲି ଜାଣିବାକୁହିଁ ଆପଣାର ନାକ ବା ମୁଣ୍ଡକୁ ନେଇ କଠିନ କୌଣସି ଏକ ଜିନିଷ ଉପରେ ଛୁଁ'କରି ବାଡ଼େଇଦେବା ପରିବର୍ତ୍ତେ, ସେଗୁଡ଼ାକ ମଧ୍ୟରୁ କିଛି କରିବା ପରିବର୍ତ୍ତେ,—କାରଣ ଏହି କ୍ଷେତ୍ରରେ ବର୍ଷ ବର୍ଷ ଧରି ଅଭିଜ୍ଞତା ଲାଭ କରିବାର, ଯାବତୀୟ ପ୍ରକାରର ଦୁର୍ଭାଗ୍ୟ ଏବଂ ଅଳ୍ପ ବହୁତ ଅପ୍ରୀତିକର ପରିସ୍ଥିତି ମଧ୍ୟଦେଇ ଗତି କରିବାର ଆଦୌ କୌଣସି ଆବଶ୍ୟକତା ନାହିଁ;—ନିଜକୁ କିପରି ଜାଣିବାକୁ ହୁଏ, ସେହି କଥାଟିକୁ ଶିଖିବାକୁ ହେଲେ, ତୁମକୁ କୌଣସି କୋଳାହଳ ନକରିହିଁ ସେହି କାର୍ଯ୍ୟଟିକୁ କରିବାକୁ ପଡ଼ିବ,—ମୁଁ ଯେପରି କହିଲି, ଠିକ୍ ସେହିପରି ।

ମୁଁ ନିଜେ ଯେତେବେଳେ ସେକଥା କରିଥିଲି, ସେତେବେଳେ ସିନେମା ନଥିଲା; ତେଣୁ ମୁଁ ସିନେମାକୁ ନେଇ କ'ଣ କରୁଥିଲି, ସେଇଟିକୁ ମୁଁ ଆଉ ତୁଳନା କରି ପାରିଲି ନାହିଁ;—ସେତେବେଳକୁ ସିନେମା ଆସି ନଥିଲା । ମାତ୍ର ଏହି କାର୍ଯ୍ୟଟି ଠିକ୍ ସିନେମା ଭଳି; ଯାହା ଭିତରେ ରହିଛି, ସେସବୁକୁ ପରଦା ଉପରେ ଆଣି ପ୍ରତିଫଳିତ କରାଇବାକୁ ହେବ, ତାକୁ ମୂର୍ତ୍ତ କରି ଦେଖିବାକୁ ହେବ । ଏବଂ ଏପରି ଗୋଟିଏ ପରଦା ଉପରେ ସେକଥାଟି କରିବ, ଯାହାକି ସମ୍ପୂର୍ଣ୍ଣ ଧଳା ହୋଇଥିବ, ସମ୍ପୂର୍ଣ୍ଣ ଅବିକୃତ ହୋଇଥିବ, ଯାହା ଉପରେ ପଡ଼ି ପ୍ରତିଫଳନଗୁଡ଼ିକ କୌଣସି ପ୍ରକାରେ ବିକୃତ ହୋଇ ଯାଉ ନଥିବ । ପରଦାଟି ଯଦି ଯଥେଷ୍ଟ ପରିମାଣରେ ନିର୍ମଳ ଓ ଅବିକୃତ ହୋଇ ନଥାଏ, ତେବେ ତା' ଉପରେ ତୁମର ପ୍ରତିଫଳନଟି ଭାରି ଝାପ୍‌ସା ହୋଇ ରହିଯିବ, ତୁମେ ଆଉ କିଛିହେଲେ ଦେଖିବାକୁ ସମର୍ଥ ହେବ ନାହିଁ । ଏବଂ ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେଇଆ । ପରଦାଟି ଅତ୍ୟନ୍ତ ଶୁଭ୍ର ହୋଇଥିବ, ଅତ୍ୟନ୍ତ ଅବିକୃତ ଓ ପରିଷ୍କାର ହୋଇଥିବ, ଯଥେଷ୍ଟ ପରିମାଣରେ

ନିର୍ମଳ ହୋଇଥିବ । ତେବେଯାଇ, ବସ୍ତୁଗୁଡ଼ିକ ପ୍ରକୃତରେ ଯେପରି, ସେଗୁଡ଼ିକୁ ସେହିପରି ଦେଖିବା ସମ୍ଭବ ହେବ ।

ଏଥିଲାଗି ତୁମ ପାଖରେ ଅନେକ ନିଷ୍ଠା ରହିଥିବା ଦରକାର, କର୍ମଠ ସାହସ ଓ ଅଧ୍ୟବସାୟ ରହିଥିବା ଦରକାର ଏବଂ ତାହା ସହିତ ଗୋଟାଏ ପ୍ରକାରର ମାନସିକ ଜିଜ୍ଞାସୁତା ମଧ୍ୟ ରହିଥିବା ଦରକାର । ବୁଝିଲ ତ, ଏକ ଜିଜ୍ଞାସାଭାବ ରହିଥିବା ଦରକାର; ଜାଣିବାର ମନୋଭାବ ରହିଥିବା ଦରକାର, ଆଗ୍ରହ ରହିଥିବା ଦରକାର, ଶିଖିବାର ଇଚ୍ଛା ରହିଥିବା ଦରକାର । ଶିଖିବା ସକାଶେ ଏକ ଶ୍ରଦ୍ଧା ରହିଥିବା ଦରକାର ଏବଂ ସେଇଟି ତୁମ ସ୍ୱଭାବର ଏକ ଅଙ୍ଗ ହୋଇ ରହିଥିବା ଦରକାର । କେବଳ ଧୂସର ଓ ଅସ୍ପଷ୍ଟ ହୋଇ, ଗୋଟାସୁଦ୍ଧା ଝାପସା ହୋଇ ଦିଶୁଥିବା କୌଣସି ବସ୍ତୁ ସମ୍ମୁଖରେ— ଯେଉଁଥିରେ କିଛି ସ୍ପଷ୍ଟ ହୋଇ ଦେଖା ଯାଉ ନଥିବ ଏବଂ ଯାହା ତୁମକୁ ବେଶ୍ ଏକ ଅସ୍ୱସ୍ତିକର ଅନୁଭୂତି ଆଣି ଦେଉଥିବ,— ତା' ଆଗରେ ସେହିପରି ନିଷ୍କ୍ରିୟ ଭାବରେ ଠିଆହୋଇ ରହିବାକୁ ତୁମର ଯେପରି ଆଦୌ କୌଣସି ଧୈର୍ଯ୍ୟ ନଥାଏ । ଅସ୍ପଷ୍ଟ ହୋଇ ଦେଖା ଯାଉଥିବା ବସ୍ତୁ ତୁମକୁ ପ୍ରକୃତରେ ଅସ୍ୱସ୍ତି ଆଣିହିଁ ଦେଉଥିବ, କାରଣ ତୁମେ କେଉଁଠୁ ଆରମ୍ଭ କରିବ ଓ କେଉଁଠି ଆସି ଶେଷ କରିବ, ସେକଥା କିଛି ଜାଣି ପାରୁ ନଥିବ; କୋଉଟା ତୁମର ଓ କୋଉଟା ତୁମର ନୁହେଁ, କିଛି ଜାଣି ପାରୁ ନଥିବ; କୋଉଟା ସ୍ଥାୟୀ ଓ କୋଉଟା ଅସ୍ଥାୟୀ କିଛି ଜାଣି ପାରୁ ନଥିବ; ସତେଅବା ମେଞ୍ଚାଏ ଅଲଅଲ କାଦୁଅ, ଯାହାକୁ ତୁମେ 'ମୁଁ' ବୋଲି କହୁଛ, ଯାହା ମଧ୍ୟରେ କି ସବୁକିଛି କୁଆଡ଼େ ଗୋଳାଆମିଶା ହୋଇ ମିଶିଯାଉଛି ଏବଂ ପରସ୍ପର ଉପରେ କ୍ରିୟାବିକ୍ରିୟା କରିବାରେ ଲାଗିଛି ଏବଂ ତୁମେ ସେହି ବିଷୟରେ ହୁଏତ କୌଣସି ପ୍ରକାରେ ସଜ୍ଞାନ ବି ରହି ପାରୁ ନାହଁ,—ଏହା ତୁମକୁ ଭାରି ଅସ୍ୱସ୍ତିକର ବୋଧ ହେଉଥିବ । ତୁମେ ନିଜକୁ ପଚାରୁଥିବ : "କିନ୍ତୁ ମୁଁ ଏକଥାଟି କାହିଁକି କଲି ?" ଏହି ବିଷୟରେ ତୁମକୁ କିଛି ଜଣା ନଥିବ । "ଏବଂ ମୁଁ ଏପରି ଅନୁଭବ କଲି କାହିଁକି ?" ତୁମେ ସେଇଟି ବିଷୟରେ ମଧ୍ୟ କିଛି ଜାଣି ନଥିବ । ଏବଂ ତା'ପରେ, ବାହାରେ ତୁମେ ଏପରି ଏକ ପୃଥିବୀ ମଧ୍ୟକୁ ନିକ୍ଷିପ୍ତ ହେବାରେ ଲାଗିଥିବ, ଯାହାକି କେବଳ କୁହୁଡ଼ି ଭିତରେହିଁ ବୁଡ଼ି ରହିଥିବ ଏବଂ ଭିତରେ ମଧ୍ୟ ଏପରି ଏକ ପୃଥିବୀ ମଧ୍ୟରେ ନିକ୍ଷିପ୍ତ ହୋଇ ରହିଥିବ, ଯାହା ତୁମ ଲାଗି ଆଉ ଏକ ପ୍ରକାରର କୁହୁଡ଼ି ହୋଇ ରହିଥିବ, ଆହୁରି ଅଧିକ ଦୁର୍ଭେଦ୍ୟ ହୋଇଥିବ; ଏବଂ ତୁମେ ତାହାରି ଭିତରେ ବାସ କରିବାରେ ଲାଗିଥିବ;—ପାଣି ଉପରେ ପକାଇ ଦିଆଯାଇ ଥିବା ଗୋଟିଏ ବୋତଲଠିପି ପରି ଢେଉଗୁଡ଼ାକର ଆଘାତରେ କୁଆଡ଼େ ମନ କୁଆଡ଼େ ଭାସିଯିବାରେ ଲାଗିଥିବ ଅଥବା ଶୂନ୍ୟ ଭିତରକୁ ଫୋପଡ଼ା ହୋଇ ପୁଣି ଆସି ତଳେ ପଡ଼ି ଯାଉଥିବ ଏବଂ ଗଡ଼ି

'oaob.nitrkl.ac.in' images reprocessed

ଯିବାରେ ଲାଗିଥିବ । ଏହି ସ୍ଥିତିଟି ପ୍ରକୃତରେ ଏକ ଅପ୍ରୀତିକର ସ୍ଥିତି । ତୁମ ଲାଗି ଏହା କପରି ଲାଗୁଥିବ କେଜାଣି, ମାତ୍ର ମୋ ଲାଗି ଭାରି ଅପ୍ରୀତିକର ବୋଲି ଦେଖାଯାଉଛି ।

ଆମେ ପରିଷ୍କାର ଭାବରେ ଦେଖିପାରିବା, ମୁଁ ଯେଉଁ ବାଟରେ ଯାଉଛି, ସେଇଟିକୁ ଦେଖିପାରିବା, ମୁଁ ସେହି ବାଟଟିରେ ସେଠାକୁ କାହିଁକି ଯାଉଛି, ସେଠାକୁ ଯିବାର ପ୍ରକୃତ ବାଟଟି କ'ଣ ଓ ସେଥିଲାଗି ମୋତେ କ'ଣ କରିବାକୁ ହେବ, ଅନ୍ୟମାନଙ୍କ ସହିତ ମୋର କେଉଁ ପ୍ରକାରର ସମ୍ବନ୍ଧ ରହିଛି,—ଇତ୍ୟାଦି, ଇତ୍ୟାଦି । ମାତ୍ର ସେହି ସମସ୍ୟାଟି ପ୍ରକୃତରେ ଏକ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ସମସ୍ୟା,—ଏହା ଭାରି ଆଗ୍ରହୋଦ୍ଦୀପକ ସମସ୍ୟା,—ଏବଂ ତୁମେ ପ୍ରତ୍ୟେକ ମୁହୂର୍ତ୍ତରେହିଁ ନୂଆ ନୂଆ କଥା ଆବିଷ୍କାର କରିବାରେ ଲାଗିଥିବ ! ତୁମର ଏହି କାର୍ଯ୍ୟଟି କେତେବେଳେ ହେଲେ ସରୁ ନଥିବ !

ଏପରି ଏକ ସମୟ ରହିଛି, ଚେତନାର ଏପରି ଗୋଟିଏ ଅବସ୍ଥା ରହିଛି, ଯେତେବେଳେ କି ତୁମର ଏହିପରି ଏକ ଅନୁଭୂତି ହେବାରେ ଲାଗେ ଯେ ତୁମେ ଯେ ସେହି ଅବସ୍ଥାଟିରେ ଅଛ, ସେଥିରେ ଜଗତର ସବୁଯାକ ବୋଝ ଯେପରି ତୁମର ମୁଣ୍ଡ ଉପରେ ଆସି ଲଦା ହୋଇଛି ଏବଂ ତା'ଛଡ଼ା ତୁମର ଆଖି ଉପରେ ସତେଅବା ଏକ ପରଦା ଲଗା ହୋଇଥିବା ପରି ତୁମେ ବାଟ ଚାଲୁଛ ଏବଂ ତୁମେ ଯେ କେଉଁଠାକୁ ଯାଉଛ, ତୁମେ ସେବିଷୟରେ କିଛିହେଲେ ଜାଣି ନାହିଁ । ସତେଯେପରି ଆଉଗୋଟାଏ କିଛି ତୁମକୁ ଠେଲି ଠେଲି ନେଇଯିବାରେ ଲାଗିଛି । ଏବଂ ଏହି ସ୍ଥିତିଟି ପ୍ରକୃତରେ ଏକ ଭାରି ଅପ୍ରୀତିକର ସ୍ଥିତି । ଏବଂ ଆଉରି ଏପରି ଗୋଟିଏ ମୁହୂର୍ତ୍ତ ଆସେ, ଯେତେବେଳେ କି ତୁମେ ନିଜକୁ ବେଶ୍ ଏକାଠି କରି ନେଇପାର, ତୁମ ଊର୍ଦ୍ଧ୍ୱରେ କ'ଣ ରହିଛି, ତାହା ଦେଖିବାକୁ ସମର୍ଥ ହୁଅ ଏବଂ ଆପଣାକୁ ସେହି ବସ୍ତୁରେହିଁ ପରିଣତ କରିଦିଅ; ସେତେବେଳେ ସତେଅବା ଏକ ଅତୁଚ୍ଚ ପର୍ବତର ଶିଖର ଉପରୁ ପୃଥିବୀ ଉପରକୁ ଅବଲୋକନ କରିବା ସମ୍ଭବ ହୁଏ; ତଳେ ଯାହାକିଛି ଘଟୁଛି, ସବୁକିଛିକୁ ଦେଖିବା ସମ୍ଭବ ହୁଏ; ଏବଂ ତଦ୍ଦ୍ୱାରା ଆପଣାର ବାଟଟିକୁ ବାଛି ନେଇ ହୁଏ ଏବଂ ସେହି ବାଟରେ ଆଗକୁ ଯାଇହୁଏ । ଏହି ଅବସ୍ଥାଟି ହେଉଛି ଅପେକ୍ଷାକୃତ ଏକ ଅଧିକ ସୁଖକର ଅବସ୍ଥା । ତେଣୁ ଯଥାର୍ଥତଃ ଏହାହିଁ ହେଉଛି ସତ୍ୟ, ତୁମେ ଅତ୍ୟନ୍ତ ନିଶ୍ଚିତ ଭାବରେ ଏହି ପୃଥିବୀରେ ସେଇଥିଲାଗିହିଁ ରହିଛ । ଏହି କାର୍ଯ୍ୟଟିକୁ କରିବା ଲାଗିହିଁ ଯାବତୀୟ ବ୍ୟକ୍ତିସତ୍ତାର ସୃଷ୍ଟି ହୋଇଥିଲା । ଚେତନାର ଏହି ଯାବତୀୟ କ୍ଷୁଦ୍ର କ୍ଷୁଦ୍ର ସଂକେନ୍ଦ୍ରଣଗୁଡ଼ିକର ସୃଷ୍ଟି ହୋଇଥିଲା । ଅସ୍ତିତ୍ୱ ଓ ଜୀବନ ପଛରେ ଏହାହିଁ ଏକମାତ୍ର କାରଣ ଓ ଅଭିପ୍ରାୟରୂପେ ବିଦ୍ୟମାନ ରହିଛି : ଯେଉଁସବୁ ନିର୍ଦ୍ଦିଷ୍ଟ ସ୍ପନ୍ଦନସମଷ୍ଟି ଏକ ବ୍ୟକ୍ତିସତ୍ତାର ପ୍ରତିନିଧିତ୍ୱ



'oaob.nitrkl.ac.in' images reprocessed

କରି ଅବସ୍ଥିତ ରହିଛି, ସେଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ଭାବରେ ସଚେତନ ହେବା, ତାହାର ମଧ୍ୟରେ ଏକ ଶୃଙ୍ଖଳା ସମ୍ଭବ କରିବା ଏବଂ ଆପଣାର ବାଟଟିକୁ ବାହାର କରି ସେହି ବାଟରେ ଅଗ୍ରସର ହେବା ।

ମାତ୍ର, ମନୁଷ୍ୟମାନେ ଏକଥାକୁ ଜାଣି ନଥିବାରୁ ଏବଂ ଏହି କଥାଟିକୁ କରୁ ନଥିବାରୁ ଜୀବନ ସେମାନଙ୍କୁ କେବଳ ଏକ ଆଘାତ ଦେବାକୁହିଁ ସେମାନଙ୍କ ପାଖକୁ ଆସିଥାଏ : "ଓହୋ ! କେଡ଼େ କାଟୁଛି;" ପୁଣି ଏକ ଆଘାତ ଆସି ପଡ଼େ : "ଓଃ, ଭାରି କାଟୁଛି !" ଏବଂ ଏହି କଥାଟି ଏହିପରି ଭାବରେହିଁ ଚାଲିବାରେ ଲାଗିଥାଏ ଏବଂ ସର୍ବଦା ଏହିପରି ହୋଇ ରହିଥାଏ । ଏବଂ ସେମାନେ କୌଣସି ନା କୌଣସି ସ୍ଥାନରେ ଯନ୍ତ୍ରଣା ପାଇବାରେ ଲାଗିଥାନ୍ତି । ସେମାନେ କେତେ କଷ୍ଟ ପାଆନ୍ତି, ଚିତ୍କାର କରନ୍ତି, ଗାଁ ଗାଁ ହୁଅନ୍ତି । ମାତ୍ର କେବଳ ଏହି କାରଣଟି ସକାଶେହିଁ ସେମାନେ ଏସବୁ ହୋଇଥାନ୍ତି; ଏହା ପଛରେ ଆଉ ଅନ୍ୟ କୌଣସି କାରଣ ନଥାଏ । କାରଣଟି ହେଉଛି ଯେ ସେମାନେ ସେହି ସ୍ନାନ କାର୍ଯ୍ୟଟିକୁ କେବେ କରି ନଥାନ୍ତି । ସେମାନେ ବେଶ୍ ସାନ ଥିଲାବେଳେ ଯଦି କେହି ସେମାନଙ୍କୁ ଏହି କାର୍ଯ୍ୟଟିକୁ କରିବାକୁ ଶିଖାଇଦେଇ ପାରିଥାନ୍ତା ଏବଂ ଯଦି କୌଣସି ସମୟ ନଷ୍ଟ ନକରି ସେମାନେ ଏହି କାର୍ଯ୍ୟଟିକୁ କରିଥାନ୍ତେ, ତେବେ ସେମାନେ ପ୍ରକୃତରେ ଗୌରବମୟ ଭାବରେ ଜୀବନ ମଧ୍ୟଦେଇ ଯାଇ ପାରିଥାନ୍ତେ ଏବଂ ଦୁଃଖ ଭିତରେ ଧନ୍ଦହେବା ପରିବର୍ତ୍ତରେ ସେମାନେ ନିଜ ନିୟତିର ସର୍ବଶକ୍ତିମାନ୍ ପରିଚାଳକ ହୋଇ ପାରିଥାନ୍ତେ ।

ଏହାଦ୍ୱାରା ଏପରି କଦାପି ବୁଝାଯାଉ ନାହିଁ ଯେ ଏଇଟିକୁ କରିଦେଲେ ସବୁକିଛି ନିଶ୍ଚୟ ସୁଖକର ହୋଇଯିବ । ମାତ୍ର ଏହା ଫଳରେ ବସ୍ତୁଗୁଡ଼ିକ ପ୍ରତି ତୁମର ପ୍ରତିକ୍ରିୟାଟି ଏକ ଯଥାର୍ଥ ପ୍ରତିକ୍ରିୟାରେ ପରିଣତ ହୋଇ ପାରିବ ଏବଂ ଦୁଃଖ ଭିତରେ ଘାରି ହେବା ପରିବର୍ତ୍ତେ ତୁମେ ପ୍ରକୃତରେ ଶିକ୍ଷାହିଁ କରିପାରିବ; ନିଜ ଜୀବନରେ ଶୋଚନୀୟ ହୋଇ ରହିବା ପରିବର୍ତ୍ତେ ତୁମେ ଆଗକୁ ଯାଇପାରିବ, ପ୍ରଗତି କରିପାରିବ ।

ସେକଥା ଯାହା ହେଉ ପଛକେ, ତୁମେମାନେ ଏଇଥି ସକାଶେହିଁ ଏଠାରେ ରହିଛ ବୋଲି ମୁଁ ବିଶ୍ୱାସ କରୁଛି; ତୁମେସବୁ ଏଠି ଅଛ, ଯେପରିକି ତୁମକୁ ଜଣେ କେହି କହିଦେଇ ପାରିବ : "ହେଇ ସେଇଠି; ତୁମେ ଚେଷ୍ଟା କର ! ଚେଷ୍ଟା କଲେ ନିଶ୍ଚୟ ଫଳ ପାଇବ !" ବସ୍ତୁତଃ ପିଲାମାନଙ୍କର ଅତ୍ୟନ୍ତ ଶ୍ରେଷ୍ଠ ଅବସ୍ଥାରେହିଁ ସେମାନଙ୍କୁ ଏହି କଥାଟି ବୁଝାଯିବା ଉଚିତ । କାରଣ, ସେମାନଙ୍କର ଚେତନା ଭିତରେ ଏଇଟି ଜାଗ୍ରତ କରାଇ ଦିଆ ନଗଲେ ସେମାନେ ସେଇଟିକୁ କଦାପି ବୁଝି ପାରିବେ ନାହିଁ । ତଥାପି ଅତ୍ୟନ୍ତ ଅଳ୍ପ ବୟସର ଜଣେ ପିଲାର ସ୍ନାନ

'oaob.nitrkl.ac.in' images reprocessed

ମସ୍ତିଷ୍କଟିକୁ ନେଇ ମଧ୍ୟ ଏହା ନିଶ୍ଚୟ କରାଯାଇ ପାରିବ । କାରଣ, ପାଞ୍ଚବର୍ଷ ବୟସରେ ଜଣେ ପିଲାର ମସ୍ତିଷ୍କ ଆଦୌ ଖୁବ୍ ବଡ଼ ନଥାଏ । ତୁମର ବିଶେଷଭାବରେ ଏପରି ଏକ ଅନୁଭୂତି ରହିଥାଏ ଯେ ତୁମର ଜାଣିବାରେ ଅନେକ ଶୂନ୍ୟସ୍ଥାନ ରହିଯାଇଛି; ଅର୍ଥାତ୍, ଅନେକ ଜିନିଷ ଜାଣିବାର କଥା, ମାତ୍ର ତୁମେ ସେଗୁଡ଼ିକୁ ଜାଣି ନାହିଁ । ମସ୍ତିଷ୍କ ମଧ୍ୟ ତଥାପି ପାକଳ ହୋଇ ତିଆରି ହୋଇ ନାହିଁ । ଚେତନା ରହିଛି, ପୂର୍ଣ୍ଣ ସଚେତନ ରହିଛି, ଜ୍ୟୋତିର୍ମୟ ଏବଂ ସ୍ୱଚ୍ଛଦୃଷ୍ଟି ହୋଇ ରହିଛି, ସବୁକିଛି ରହିଛି; ତଥାପି କେତେ ଜାଗାରେ ଶୂନ୍ୟସ୍ଥାନ ରହିଯାଇଛି ଏବଂ ଯେତେବେଳେ ତା ଭିତରୁ କିଛି ଆହରଣ କରିବାକୁ ଚେଷ୍ଟା କରୁଛ, ସେତେବେଳେ ତାହା ଆଦୌ ଆସୁ ନାହିଁ । ପିଲା ବୟସରେ ଆମ ଜୀବନରେ ଠିକ୍ ଏହିପରି ଘଟିଥାଏ । ମାତ୍ର ଯଦି ଅଳ୍ପ ଅଳ୍ପ କରି ଉଦ୍ୟମ ଅବିଚ୍ଛିନ୍ନ ରହେ, ତେବେ ବିଷୟଗୁଡ଼ିକ ଆସି ପହଞ୍ଚିବା ମାତ୍ରକେ ସଂଗଠିତ ହୋଇ ଯାଉଥାନ୍ତି, ଏବଂ ଏକ ପରବର୍ତ୍ତୀ କାଳରେ ଅବଶ୍ୟ ଶୃଙ୍ଖଳାବଦ୍ଧ ହେବା ଲାଗି ଅପେକ୍ଷା ରଖିଥିବା ଏକ ଅରାଜକତା ପରବର୍ତ୍ତିରେ ତାହା ଆକାର ଗ୍ରହଣ କରୁଥିବା ସଙ୍ଗେ ସଙ୍ଗେ ସଂଗଠିତ ହେବାରେ ବି ଲାଗିଥାଏ । ଏଇଟାକୁ ଏକ ବଡ଼ ଅନୁକୂଳତା ବୋଲି କୁହାଯିବ ।

ସେକଥା ଯାହା ହେଉ, ତୁମେମାନେ ମଧ୍ୟ ବର୍ତ୍ତମାନ ତଥାପି ପିଲା ଅଛ । ତୁମେ ଚେଷ୍ଟା କରିପାରିବ । ବେଶୀ ନୁହେଁ,—ପ୍ରତିଦିନ ପାଞ୍ଚମିନିଟ ଚେଷ୍ଟା କର, ନିଜ ଆଡ଼କୁ ଅନାଅ, ସେଠାରେ, ସେଇ ଭିତରେ, କ'ଣ ସବୁ ଘଟୁଛି ଦେଖ । ଦେଖିବ, ତାହା କେଡ଼େ ଆଗ୍ରହୋଦ୍ଦୀପକ ହୋଇ ଉଠିବ !

## ୫ ଅଗଷ୍ଟ, ୧୯୫୩

### ଚୈତ୍ୟ ସତ୍ତା କ'ଣ ନିରନ୍ତର ଆଗକୁ ଯିବାରେ ଲାଗିଥାଏ ?

ଚୈତ୍ୟ ସତ୍ତାର କ୍ଷେତ୍ରରେ ଦୁଇଟି ଅତ୍ୟନ୍ତ ଭିନ୍ନ ପ୍ରକାରର ଅଗ୍ରଗତି ହେଉଥାଏ  ଗୋଟିଏ ଅଗ୍ରଗତି ହେଉଛି ଏହାର ବିରଚନା, ନିର୍ମାଣ ଓ ସଂଗଠନରେ ଅଗ୍ରଗତି । କାରଣ, ଏହି ସତ୍ତା ଭିତରେ ରହିଥିବା ଏକ କ୍ଷୁଦ୍ର ଦିବ୍ୟ ସ୍ଫୁଲିଙ୍ଗରୂପେହିଁ ଚୈତ୍ୟ ଅଂଶଟି ଆପଣାର ଯାତ୍ରା ଆରମ୍ଭ କରିଥାଏ ଏବଂ ଏହି ସ୍ଫୁଲିଙ୍ଗଟିରୁହିଁ ଉତ୍ତରୋତ୍ତର ଭାବରେ ଏକ ବନ୍ଧନହୀନ ଚେତନ ସତ୍ତାର ଉନ୍ମେଷ ଘଟିବାକୁ ରହିଥାଏ, ଯାହାରିକି ଆପଣାର ସ୍ୱକୀୟ କାର୍ଯ୍ୟ ରହିଥାଏ, ସ୍ୱକୀୟ ଇଚ୍ଛା

'oaob.nitrkl.ac.in' images reprocessed

ମଧ୍ୟ ରହିଥାଏ । ଆପଣାର ହୃତ୍ସମୂଳରେ ଚୈତ୍ୟସତ୍ତା ଦିବ୍ୟ ଚେତନାର କେବଳ ଏକ ସ୍ଫୁଲିଙ୍ଗରୂପେହିଁ ଅବସ୍ଥାନ କରୁଥାଏ ଏବଂ ଆନୁକ୍ରମିକ କେତେକୋଟି ଜୀବନର ମଧ୍ୟଦେଇ ତାହା ଆପଣା ଲାଗି ଏକ ଚେତନ ବ୍ୟକ୍ତିତ୍ୱ ନିର୍ମାଣ କରି ଆଣିବାକୁ ସମର୍ଥ ହୋଇଥାଏ । ଏହାର ଏହି ବିକାଶ ଓ ଅଗ୍ରଗତିକୁ ଆମେ ବିକଶମାନ ଏକ ଶିଶୁର ବିକାଶ ଓ ଅଗ୍ରଗତି ସହିତ ତୁଳନା କରିପାରିବା । ଏହା ସର୍ବଦା ଏକ ନିର୍ମୀୟମାନ ଅବସ୍ଥାରେହିଁ ରହିଥାଏ । ଦୀର୍ଘ ସମୟ ପର୍ଯ୍ୟନ୍ତ ଏବଂ ଅଧିକାଂଶ ମନୁଷ୍ୟଙ୍କର ଜୀବନରେ ଚୈତ୍ୟ ସତ୍ତା ନିର୍ମୀୟମାନ ଅବସ୍ଥାରେହିଁ ରହିଥାଏ । ସେତେବେଳେ ତାହା ଆଦୌ ସଂପୂର୍ଣ୍ଣ ଭାବରେ ଏକ ବ୍ୟକ୍ତି-ଆକାର ପୂର୍ଣ୍ଣସଚେତନ ସତ୍ତାରେ ପରିଣତ ହୋଇ ନଥାଏ ଓ ସ୍ୱୟଂ ଆପଣାର ସ୍ୱାମୀରୂପେ ପ୍ରତିଷ୍ଠିତ ହୋଇ ନଥାଏ । ଏବଂ ଆପଣାକୁ ସଂପୂର୍ଣ୍ଣ କରି ତିଆରି କରିବା ସକାଶେ ଓ ପୂର୍ଣ୍ଣ ସଚେତନ ହେବା ସକାଶେ ତାହାକୁ ଗୋଟି ଗୋଟି ହୋଇ ଆପଣାର ଯାବତୀୟ ଜନ୍ମଗୁଡ଼ିକୁ ଅତିକ୍ରମ କରିବାକୁ ପଡ଼ିଥାଏ ।

ମାତ୍ର ଏହି ପ୍ରକାରର ଅଗ୍ରଗତିରେ ଏକ ସଂପୂର୍ଣ୍ଣତା ଅବଶ୍ୟ ରହିଛି, ଏକ ଶେଷ ମଧ୍ୟ ରହିଛି । ଏବଂ ଶେଷରେ ଏପରି ଏକ ସମୟ ଆସି ପହଞ୍ଚେ, ଯେତେ-ବେଳେ କି ସତ୍ତା ପୂର୍ଣ୍ଣବିକାଶ ପ୍ରାପ୍ତ ହୁଏ, ପୂର୍ଣ୍ଣ ବ୍ୟକ୍ତି-ଆକାର ହୁଏ ଏବଂ ଆପଣାର ତଥା ଆପଣା ନିୟତିର ପୂର୍ଣ୍ଣଭାବରେ ସ୍ୱାମୀରୂପେ ପ୍ରତିଷ୍ଠିତ ହୁଏ । ଯେତେବେଳେ ଏହି ସତ୍ତାଟି ବା ସେହି ସ୍ଥିତିରେ ଥିବା ଏହି ଚୈତ୍ୟ ସତ୍ତାଗୁଡ଼ିକ ମଧ୍ୟରୁ ଗୋଟିଏ ଏକ ମନୁଷ୍ୟ-ସତ୍ତାରେ ଜନ୍ମଗ୍ରହଣ କରେ, ସେତେବେଳେ ଏକ ପ୍ରଭୂତ ପାର୍ଥକ୍ୟ ସଂଘଟିତ ହୁଏ : ଏପରି କୁହାଯାଇ ପାରିବ ଯେ ସେହି ମନୁଷ୍ୟ ସତ୍ତାଟି ମୁକ୍ତ ହୋଇ ଜନ୍ମଗ୍ରହଣ କରେ । ସିଏ ଆଉ ପରିସ୍ଥିତିଗୁଡ଼ିକ ସହିତ କୌଣସି ପ୍ରକାରେ ବନ୍ଧା ହୋଇ ରହି ନଥାଏ, ପରିବେଷ୍ଟନୀ ସହିତ ବନ୍ଧାହୋଇ ରହି ନଥାଏ, ତା'ର ଉତ୍ପତ୍ତିସ୍ଥଳ ବା ବଂଶଟି ସହିତ ମଧ୍ୟ କୌଣସି ପ୍ରକାରେ ବନ୍ଧା ହୋଇ ରହି ନଥାଏ । ସାଧାରଣ ମନୁଷ୍ୟମାନଙ୍କ ପରି ସିଏ ଏପରି କୌଣସି ବନ୍ଧନ ଭିତରେ ରହି ନଥାଏ । କିଛି ସାଧନ କରିବାର ବ୍ରତ ନେଇ ସେ ଏହି ସଂସାରକୁ ଆସେ, ଏକ କାର୍ଯ୍ୟକୁ ସଂପୂର୍ଣ୍ଣ କରିବାକୁ ଆସେ, ଏକ ବ୍ରତର ପୂରଣ କରିବାକୁ ଆସେ । ଏହି ଦୃଷ୍ଟିରୁ ବିଗ୍ଭର କରି ଦେଖିଲେ ବିକାଶର କ୍ଷେତ୍ରରେ ତା'ର ଯାବତୀୟ ଅଗ୍ରଗତି ସଂପୂର୍ଣ୍ଣ ହୋଇ ସାରିଥାଏ, ଅର୍ଥାତ୍, ଏକ ଶରୀର ମଧ୍ୟରେ ପୁନର୍ବାର ଜନ୍ମଗ୍ରହଣ କରିବା ତା' ଲାଗି ଆଦୌ ଅପରିହାର୍ଯ୍ୟ ହୋଇ ରହି ନଥାଏ । ସେପର୍ଯ୍ୟନ୍ତ ପୁନର୍ଜନ୍ମର ପ୍ରୟୋଜନ ଥାଏ, କାରଣ ପୁନର୍ଜନ୍ମ ଦ୍ୱାରାହିଁ ସେ ଅଗ୍ରସର ହେବାରେ ଲାଗିଥାଏ; ଏକ ଜଡ଼ପ୍ରତିଷ୍ଠ ଜୀବନରେ ଓ ଏକ ଜଡ଼ଶରୀର ମଧ୍ୟରେ ସିଏ କ୍ରମଶଃ ବିକାଶଲାଭ କରୁଥାଏ ଏବଂ ଶେଷରେ ଗୋଟିଏ ପୂର୍ଣ୍ଣସଚେତନ ସତ୍ତାରେ ପରିଣତ

'oaob.nitrkl.ac.in' images reprocessed

ହୁଏ । ମାତ୍ର ଏପରେ ପୂର୍ଣ୍ଣ ପରିପକ୍ୱତା ଲାଭ କରି ସାରିଲେ, ସିଏ ମୁକ୍ତ ହୋଇଯାଏ, ଅର୍ଥାତ୍ ସିଏ ଏହିପରି ଏକ ଅର୍ଥରେ ମୁକ୍ତ ହୋଇଯାଏ ଯେ ସେ ଏଣିକି ଇଚ୍ଛା କଲେ ଜନ୍ମଗ୍ରହଣ କରିପାରେ, ଜନ୍ମଗ୍ରହଣ କରି ବି ନପାରେ । ତେଣୁ ସେ କ୍ଷେତ୍ରରେ ଗୋଟିଏ ପ୍ରକାରର ଅଗ୍ରଗତି ବନ୍ଦ ହୋଇଯାଏ ।

ମାତ୍ର ଏହି ପୂର୍ଣ୍ଣପରିଣତ ସତ୍ତାଟି ଦିବ୍ୟ ପରମସତ୍ତାଙ୍କର କାର୍ଯ୍ୟରେ ଏକ ନିମିତ୍ତ ହୋଇ ରହିବାକୁ ଇଚ୍ଛା କରୁଥାଏ, ଏକ ଚୈତ୍ୟ ଆନନ୍ଦମୟତା ମଧ୍ୟରେ ନିମଗ୍ନ ହୋଇ ରହିବାକୁ ନଯାଇ ଓ ଆପଣାର ରାଜ୍ୟଟିକୁ ଆପଣାକୁ ପ୍ରତ୍ୟାହୃତ କରି ନନେଇ ଯଦି ଦିବ୍ୟ ପରମକାର୍ଯ୍ୟର ପରିପୂରଣରେ ସାହାଯ୍ୟ କରିବା ଲାଗି ସିଏ ଏହି ଜଗତରେ ଜଣେ କର୍ମୀ ହୋଇ ରହିବାର ପଥଟିକୁ ବାଛିନିଏ, ତେବେ ତାକୁ ଏକ ନୂତନ ଅଗ୍ରଗତିର ପଥରେ ପୁଣି ଯାତ୍ରା ଆରମ୍ଭ କରିବାକୁ ହୁଏ, କର୍ମସାମର୍ଥ୍ୟରେ ଅଗ୍ରଗତି ହାସଲ କରିବାକୁ ହୁଏ, ଆପଣା କାର୍ଯ୍ୟଟିକୁ ସଂଗଠିତ କରିବାର ସାମର୍ଥ୍ୟରେ ଅଗ୍ରଗତି ହାସଲ କରିବାକୁ ହୁଏ ଏବଂ ପରମ ଦିବ୍ୟସତ୍ତାଙ୍କର ଇଚ୍ଛାଟିକୁହିଁ ପ୍ରକଟ କରିଦେବାର ସାମର୍ଥ୍ୟରେ ଅଗ୍ରଗତି ହାସଲ କରିବାକୁ ହୁଏ । ଯଦି ସିଏ ତା' ନକରି ଆପଣାକୁ ଚୈତ୍ୟ ଜଗତଟି ମଧ୍ୟକୁ ପ୍ରତ୍ୟାହୃତ କରି ନେଇଯାଏ, ଦିବ୍ୟ ପରମକାର୍ଯ୍ୟ କରି ଚାଲିବାକୁ ଇଚ୍ଛାପ୍ରକାଶ ନକରେ ଓ ସେହି କାର୍ଯ୍ୟଟିରୁ ଅବ୍ୟାହତି ଗ୍ରହଣ କରେ, ତେବେ କେବଳ ସେହି ସ୍ଥିତିରେହିଁ ସକଳ ଅଗ୍ରଗତିର ବାହାରେ ଏକ ସ୍ଥିର ଅବସ୍ଥାରେ ଯାଇ ଅବସ୍ଥାନ କରେ, କାରଣ, ମୁଁ ଯେପରି ତୁମମାନଙ୍କୁ କହିଛି, ଯାହାକିଛି ଅଗ୍ରଗତି ହୁଏ, ତାହା କେବଳ ଏହି ପୃଥିବୀପୃଷ୍ଠରେହିଁ ହୁଏ, କେବଳ ଏହି ଜଡ଼ସ୍ତରୀୟ ପୃଥିବୀରେହିଁ ହୋଇଥାଏ । ପ୍ରତ୍ୟେକ ସ୍ଥାନରେ ଏହି ଅଗ୍ରଗତିଟି କଦାପି ହେଇ ନଥାଏ । ଚୈତ୍ୟ ଜଗତରେ ଏକ ପ୍ରକାରର ଆନନ୍ଦମୟ ବିଶ୍ରାମସ୍ଥିତିହିଁ ଅବସ୍ଥାନ କରୁଥାଏ । ସେଠି ଜଣେ ଯେପରି ଥାଏ, କେବଳ ଠିକ୍ ସେହିପରି ରହିଥାଏ, କୌଣସି ପ୍ରକାରେ ହଲଚଲ ହୁଏ ନାହିଁ ।

ମାଆ, ଯେଉଁମାନେ ଆପଣାର ଚୈତ୍ୟ ସତ୍ତାଟି ବିଷୟରେ ସଚେତନ ନଥାନ୍ତି, ସେମାନଙ୍କର କିପରି କ'ଣସବୁ ହୁଏ ?

ସେମାନେ ଇଚ୍ଛା କରନ୍ତୁ ବା ନକରନ୍ତୁ ସେମାନଙ୍କୁ ଅଗ୍ରଗତି କରିବାକୁହିଁ ପଡ଼େ ।

ସେମାନଙ୍କ ମଧ୍ୟରେ ସ୍ୱୟଂ ଚୈତ୍ୟ ସତ୍ତାଟିହିଁ ଅଗ୍ରଗତି କରିବାରେ ଲାଗିଥାଏ ଏବଂ ସେମାନେ ସେହି ସମ୍ବନ୍ଧରେ ସଚେତନ ନଥାନ୍ତି । ମାତ୍ର ଅଗ୍ରଗତି କରିବା

'oaob.nitrkl.ac.in' images reprocessed

ଲାଗି ବାଧ୍ୟ ହେବାରେ ଲାଗିଥାନ୍ତି । ଅର୍ଥାତ୍, ସେମାନଙ୍କୁ ଅଗ୍ରଗତିର ଏକ ବକ୍ରପଥ ଅନୁସରଣ କରି ଚାଲିବାକୁ ହୋଇଥାଏ । ଜୀବନରେ ଏକ ଆରୋହଣର ଅନୁସରଣ କରିବାକୁ ହୋଇଥାଏ । ଏହି ପ୍ରଗତି ହେଉଛି ଠିକ୍ ଗୋଟିଏ ବିକାଶମାନ ପିଲାର ପ୍ରଗତି ପରି । ଏପରି ଏକ ମୁହୂର୍ତ୍ତ ଆସି ପହଞ୍ଚେ, ଯେତେବେଳେ କି ତାହା ବିକାଶ ଓ ବୃଦ୍ଧିର ଶିଖରଦେଶରେ ଆସି ପହଞ୍ଚେ, ଏବଂ ସେତେବେଳେ, ଯଦି ତାହା ଅଗ୍ରଗତିର ଭୂମିରେ କୌଣସି ପରିବର୍ତ୍ତନ ନଘଟାଏ, ଯଦି କେବଳ ଜଡ଼ସ୍ତରରେ ହେଉଥିବା ଅଗ୍ରଗତି ଏକ ମାନସିକ ଅଗ୍ରଗତି ମଧ୍ୟକୁ ପରିବର୍ତ୍ତିତ ହୋଇ ନଯାଏ, ବା ଏକ ଚୈତ୍ୟ ଅଗ୍ରଗତି ଅଥବା ଆଧ୍ୟାତ୍ମିକ ଅଗ୍ରଗତିରୂପେ ବଦଳି ନଯାଏ, ତେବେ ତା'ର ବକ୍ରରେ ମଧ୍ୟ ଏକ ନିମ୍ନଗମନ ଘଟିଥାଏ, ତା'ପରେ ଏକ କ୍ଷୀଣତା ଆସି ପହଞ୍ଚେ, ପଚନ ଆରମ୍ଭ ହୋଇଯାଏ ଏବଂ ତାହା ଆଉ ଆପଣାର ଅସ୍ତିତ୍ୱଟିକୁ ବଜାୟ ରଖିବାର ସାମର୍ଥ୍ୟ ବି ରଖିପାରେ ନାହିଁ ।

ଜଡ଼ସ୍ତରୀୟ ପୃଥିବୀଟିରେ ଅଗ୍ରଗତି ସତତ ଏବଂ ଚିରନ୍ତନ ହୋଇ ରହୁ ନଥିବାରୁ ଏହି କ୍ଷେତ୍ରରେ ଆମେ ପର୍ଯ୍ୟାୟ ଅନୁସାରେ ଏକ ବୃଦ୍ଧି, ଏକ ଶୀର୍ଷବିନ୍ଦୁ, ଏକ ହ୍ରାସ ଓ କ୍ଷୟ ଏବଂ ଏକ ଅପଘଟନ ବି ଦେଖିବାକୁ ପାଉଥାଉ । କାରଣ ଯଦି କାହାର ଅଗ୍ରଗତି ବନ୍ଦ ହୋଇଯାଏ, ତେବେ ତାହା ଯାହାକିଛି ହୋଇଥାଉ ପଛକେ, ତାହା ନିଶ୍ଚୟ ତଳକୁ ଖସି ଆସିବାକୁ ବାଧ୍ୟ ହୁଏ; ଯାହାକିଛି ଅଗ୍ରଗତି ନକରିପାରେ, ତାହାର ଏକ ଅପକର୍ଷ ଏବଂ ପତନହିଁ ଘଟିଥାଏ ।

ତେଣୁ, ଜଡ଼ସ୍ତରରେ ଠିକ୍ ଏହିପରି ଘଟିଥାଏ । ଜଡ଼ସ୍ତରର ଜଗତଟି ଅବିରାମ ପ୍ରଗତିର ମାର୍ଗଟିକୁ ଏପର୍ଯ୍ୟନ୍ତ ଆୟତ୍ତ କରି ପାରି ନାହିଁ; ତାହା ଆଗକୁ ଯାଇ ଯାଇ ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ଯାଇ ପହଞ୍ଚୁଛି, ତା'ପରେ ଅଗ୍ରଗତି କରିବା ବିଷୟରେ କ୍ଳାନ୍ତ ହୋଇ ପଡ଼ୁଛି ଅଥବା ତା'ର ବର୍ତ୍ତମାନ ଗଠନଟିର କ୍ଷେତ୍ରରେ ଅଗ୍ରଗତି କରିବା ଲାଗି ସଂପୂର୍ଣ୍ଣ ଅକ୍ଷମ ଅନୁଭବ କରୁଛି; ମାତ୍ର, କାରଣ ଯାହା ହେଉ ପଛକେ, ତାହାର ଅଗ୍ରଗତି ବନ୍ଦ ହୋଇ ଯାଉଛି ଏବଂ ତାହାର ଅପଘଟନ ଆରମ୍ଭ ହୋଇ ଯାଉଛି । ଯେଉଁମାନେ ସଂପୂର୍ଣ୍ଣ ଭାବରେ କେବଳ ଏକ ଜଡ଼ସ୍ତରୀୟ ଜୀବନ ଅତିବାହିତ କରିବାରେ ଲାଗିଥାନ୍ତି, ସେମାନେ ଆଗକୁ ଯାଇ ଯାଇ ଗୋଟାଏ ପ୍ରକାରର ଶୀର୍ଷଦେଶରେ ଆସି ପହଞ୍ଚିଥାନ୍ତି ଓ ତା'ପରେ ଭାରି ବେଗର ସହିତ ତଳକୁ ଖସି ଆସନ୍ତି । ମାତ୍ର, ଏକ ସାଧାରଣ ସମୂହରୂପେ ମନୁଷ୍ୟ ଯେତିକି ଅଗ୍ରଗତି କରି ସାରିଲାଣି, ତାହା ଫଳରେ ବର୍ତ୍ତମାନ ଜଡ଼ସ୍ତରୀୟ ଅଗ୍ରଗତି ପଛରେ ଏକ ପ୍ରାଣିକ ଅଗ୍ରଗତି ଓ ଏକ ମାନସିକ ଅଗ୍ରଗତି ମଧ୍ୟ ଅବଶ୍ୟ ନିହିତ ହୋଇ ରହିଛି; ସେଥିଲାଗି, ଜଡ଼ ଭୌତିକ ସ୍ତରର ଅଗ୍ରଗତି ଆଗକୁ ଯାଇ ଯାଇ ଅଟକି ଯିବାର ସମ୍ଭାବନା ରହିଥିଲେ ମଧ୍ୟ ମାନସିକ ଅଗ୍ରଗତି ନିଶ୍ଚୟ ଆହୁରି ଦୀର୍ଘ କାଳ ଲାଗି ଚାଲିପାରିବ

'oaob.nitrkl.ac.in' images reprocessed

ଏବଂ ଏହି ମାନସିକ ଅଗ୍ରଗତିର ମଧ୍ୟଦେଇ, ଭୌତିକ ସ୍ତରରେ ଅଗ୍ରଗତି ବନ୍ଦ ହୋଇଗଲେ ମଧ୍ୟ ଜଣେ ତଥାପି ଏକପ୍ରକାର ଆତ୍ମୋନ୍ନୟନ-ପଥରେ ଗତି କରି ପାରୁଥିବ ।

ଏବଂ ତା'ପରେ ଅନ୍ୟମାନେ ବି ଅଛନ୍ତି, ଯେଉଁମାନେ ଯୋଗସାଧନା କରନ୍ତି, ଯେଉଁମାନେ ନିଜର ଚୈତ୍ୟ ସତ୍ତା ବିଷୟରେ ସଚେତନ ହୁଅନ୍ତି, ତାହାର ସହିତ ସଂଯୁକ୍ତ ହୁଅନ୍ତି, ତାହାର ଜୀବନରେ ଅଂଶଗ୍ରହଣ ବି କରନ୍ତି ଏବଂ ଏମାନେ ବସ୍ତୁତଃ ସେମାନଙ୍କ ଜୀବନର ଶେଷ ନିଃଶ୍ୱାସଟି ପର୍ଯ୍ୟନ୍ତ ଅଗ୍ରଗତି କରିବାରେ ଲାଗିଥାନ୍ତି । ମୃତ୍ୟୁ ପରେ ମଧ୍ୟ ସେମାନଙ୍କର ଅଗ୍ରସର ହେବା ବନ୍ଦ ହୋଇ ଯାଏ ନାହିଁ; ଯେତେବେଳେ ସେମାନେ ଏହି ଶରୀରଟିକୁ ଛାଡ଼ି ଚାଲିଯାଆନ୍ତି, ଶରୀର ଆଉ ବର୍ତ୍ତମାନ ରହିଲା ନାହିଁ ବୋଲି ଆଉ ଦେଖାଇ ସେମାନଙ୍କର ଅଗ୍ରସର ହେବା କଦାପି ବନ୍ଦ ହୋଇ ଯାଏ ନାହିଁ । ସେମାନେ ତଥାପି ଅଗ୍ରସର ହୋଇ ଯାଉଥାନ୍ତି ।

ଆପଣାକୁ ରୂପାନ୍ତର କରିବା ଲାଗି ଏବଂ ଆପଣାର ସତତ ଅଗ୍ରଗତିଟିକୁ ବଜାୟ ରଖିବା ଲାଗି ଶରୀରର ଯେଉଁ ଅସମର୍ଥତା ରହିଛି, ସେଇଥି ସକାଶେହିଁ ଶରୀରର ଆଗକୁ ଯିବା ବନ୍ଦ ହୋଇ ଯାଇଥାଏ, ଶରୀରର ଅପକର୍ଷ ଘଟିଥାଏ ଏବଂ ପରିଶେଷରେ ତାହା ଆପଣାର ଅନ୍ତର୍ଗତ ଅସମତାବସ୍ଥାଟି ଲାଗି ଏପରି ଉନ୍ମୋଚିତ ହୋଇଯିବାକୁ ଲାଗେ; ଶେଷରେ ଏପରି ଏକ ଦିନ ଆସି ପହଞ୍ଚେ, ଯେତେବେଳେ କି ସେହି ଅସମତାବସ୍ଥା ଅଧିକ ଶକ୍ତିଶାଳୀ ହୋଇଯାଏ ଏବଂ ଏକ ସମଗ୍ର ଭାରସାମ୍ୟହୀନତା ଘଟେ ଏବଂ ଆପଣାର ଭାରସାମ୍ୟ ଓ ସ୍ୱାସ୍ଥ୍ୟକୁ ଫେରିପାଇବା ଆଉ ତାହା ପକ୍ଷରେ ସମ୍ଭବ ହୁଏ ନାହିଁ । ଆଗାମୀ ସପ୍ତାହରେ ଆମେ ସେହି ବିଷୟରେ ଆଲୋଚନା କରିବା । କେବଳ ସଂପୂର୍ଣ୍ଣ ଅମିଶ୍ରିତ ହୋଇ ରହିଥିବା ଆଧ୍ୟାତ୍ମିକ ଜୀବନରେହିଁ,— ଯାହା ମନୋମୟସୃଷ୍ଟି ସମେତ ଯାବତୀୟ ଭୌତିକ ତଥା ପାର୍ଥିବ ଜୀବନର ବାହାରେ ରହିଥାଏ,— କେବଳ ସେହି ଆଧ୍ୟାତ୍ମିକ ଜୀବନରେହିଁ ଆଦୌ କୌଣସି ଅଗ୍ରଗତି ହୋଇ ପାରେ ନାହିଁ । ସେଥିରେ ସର୍ବଶେଷରେ ଏକ ସ୍ଥାଣୁ ସ୍ଥିତିରେ ଆସି ପହଞ୍ଚିବାକୁ ହୁଏ ଏବଂ ସେତେବେଳେ ଅଗ୍ରଗତିର ଯାବତୀୟ ଗତିଶୀଳତାର ବାହାରକୁ ଚାଲିଯିବାକୁ ପଡ଼େ । ମାତ୍ର ଯୁଗପତ୍ ଭାବରେ ସେତେବେଳେ ଯାବତୀୟ ରୂପାୟନର ବି ବାହାରେ ରହିବାକୁ ପଡ଼େ । ସେହି ସ୍ଥିତିରେ ଆସି ପହଞ୍ଚି ଆଉ ରୂପାୟନର ଅନ୍ତର୍ଗତ ହୋଇ ରହିବା ସମ୍ଭବ ହୁଏ ନାହିଁ । ରୂପାୟିତ ସଂସାରଟିର ବାହାରକୁ ଚାଲିଯିବାକୁ ହୁଏ । ଯାବତୀୟ ଅଗ୍ରଗତିର ବାହାରକୁ ଚାଲିଯିବାକୁ ହେଲେ ଏହି ରୂପାୟିତ ସଂସାରର ବାହାରକୁ ମଧ୍ୟ ଚାଲିଯିବାକୁ ପଡ଼େ; କାରଣ ଏହି ଦୁଇଟିଯାକ ସର୍ବଦା କେବଳ ସେହି ଗୋଟିଏ

'oaob.nitrkl.ac.in' images reprocessed

କଥାକୁହିଁ ବୁଝାଏ : ରୂପାସ୍ତନ କହିଲେ ଅଗ୍ରଗତିକୁ ବୁଝାଏ ଏବଂ ଅଗ୍ରଗତି କହିଲେ ରୂପାସ୍ତନକୁହିଁ ବୁଝାଏ ।

ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଏକ ପ୍ରେରଣା ଦ୍ୱାରା ଅନୁପ୍ରେରିତ ହୋଇ ଲେଖନ୍ତି । ଏହି ପ୍ରେରଣା କେଉଁଠାରୁ ଆସେ ?

ଅନେକ ବ୍ୟକ୍ତି ? ତେବେ ତାହା ତ ପ୍ରକୃତିରେ ଏକ ଖୁବ୍ ଅଦ୍ଭୁତ କଥା ହୁଅନ୍ତା ! ପ୍ରକୃତିରେ ଅନେକ ବ୍ୟକ୍ତି ଏପରି ଅଛନ୍ତି ବୋଲି ମୁଁ ମୋଟେ ଜାଣି ନଥିଲି । ପ୍ରକୃତିରେ ଅନେକ ବ୍ୟକ୍ତି,—ନା ?

ଯେତେବେଳେ କବିମାନେ କବିତା ଲେଖନ୍ତି······

ହଁ, ଭିନ୍ନ ଭିନ୍ନ ଅନେକ ସ୍ଥାନରୁ ଏହି ପ୍ରେରଣା ଆସିଥାଏ । ଏପରି ପ୍ରେରଣାମାନ ରହିଛି, ଯେଉଁଗୁଡ଼ିକୁ କି ଆମେ ହୁଏତ ଅତ୍ୟନ୍ତ ପରିମାଣରେ ଭୌତିକ ବୋଲି କହିପାରିବା, ଆଉ କେତେକ ପ୍ରେରଣାକୁ ହୁଏତ ଅତ୍ୟନ୍ତ ପରିମାଣରେ ପ୍ରାଣସ୍ତରୀୟ ବୋଲି କହିପାରିବା । ଅନେକ ପ୍ରେରଣା ଯାବତୀୟ ପ୍ରକାରର ମାନସିକ ଭୂମିରୁ ମଧ୍ୟ ଆସିଥାଏ; ଏବଂ ଅତ୍ୟନ୍ତ କ୍ୱଚିତ୍ ଏପରି ପ୍ରେରଣାମାନ ମଧ୍ୟ ରହିଛି, ଯେଉଁଗୁଡ଼ିକ କି ଉଚ୍ଚତର ମନର ଭୂମିରୁ ବା ତଥାପି ଉଚ୍ଚତର ଆଉକୌଣସି ଭୂମିରୁ ମଧ୍ୟ ଆସିଥାଏ । ଯାବତୀୟ ପ୍ରେରଣା କଦାପି ସେହି ଗୋଟିଏ ସ୍ଥାନରୁ ଆସେ ନାହିଁ । ତେଣୁ, ଅନୁପ୍ରେରିତ ହେବାର ଅର୍ଥ କଦାପି ସର୍ବଦା ଏକଥା ନୁହେଁ ଯେ ଅନୁପ୍ରେରିତ ହେଉଥିବା ବ୍ୟକ୍ତି ଏକ ଉଚ୍ଚତର ସତ୍ତାରୂପେ ଉଚ୍ଚତର ଭୂମିରେ ବାସ କରୁଛି ।···ନାନାବିଧ ନିର୍ବୋଧ କାମ କରିବା ଲାଗି ଏବଂ ନିର୍ବୋଧ କଥା କହିବା ଲାଗି ମଧ୍ୟ ଜଣେ ବ୍ୟକ୍ତି ବେଶ୍ ଅନୁପ୍ରେରିତ ହୋଇପାରେ !

"ଅନୁପ୍ରେରିତ ହେବା" କହିଲେ କ'ଣ ବୁଝାଏ ?

ଅନୁପ୍ରେରଣା କହିଲେ ଏପରି କିଛି ଲାଭ କରିବାକୁ ବୁଝାଏ, ଯାହାକି ତୁମ ବାହାରେ ରହିଛି, ଯାହାକି ତୁମ ଭିତରେ ନଥିଲି; ଅନୁପ୍ରେରିତ ହେବା କହିଲେ ଏପରି ଏକ ପ୍ରଭାବ ଲାଗି ଆପଣାକୁ ଉନ୍ମୁକ୍ତ କରିଦେବାକୁ ବୁଝାଏ, ଯାହାକି ତୁମର ସଚେତନ ବ୍ୟକ୍ତିସତ୍ତାର ବାହାରେ ରହିଛି ।

'oaob.nitrkl.ac.in' images reprocessed

ହଁ, କୌଣସି ବ୍ୟକ୍ତି ଭିତରେ କାହାକୁ ହତ୍ୟା କରିବାର ପ୍ରେରଣା ମଧ୍ୟ ଜନ୍ମିପାରେ । ଯେଉଁସବୁ ଦେଶରେ ଖୁନି ଲୋକଙ୍କୁ ଫାଶୀ ଦିଆଯାଏ, ମରିଷ ମାରିଥିବା ଲୋକଙ୍କର ମୁଣ୍ଡକାଟ କରାଯାଏ, ସେଠାରେ ଏହାଦ୍ୱାରା ଏକ ଏପରି ଅତି ନୃଶଂସ ହତ୍ୟାର ଉଦାହରଣ କରାଯାଏ, ଯାହାକି ପ୍ରାଣିକ ସତ୍ତାଟିକୁ ଆଣି ବାହାରେ ଫିଙ୍ଗିଦିଏ ସତ, ମାତ୍ର ଶରୀରଟି ଭିତରୁ ବାହାରି ଆସି ପାରିବା ଲାଗି ଯଥେଷ୍ଟ ପରିମାଣରେ ଅପଘଟିତ ହେବା ଲାଗି ତାହାକୁ ଆଦୌ ସମୁଚିତ ସମୟ ଦିଏ ନାହିଁ; ଅତ୍ୟନ୍ତ ନୃଶଂସ ଭାବରେ ପ୍ରାଣିକ ସତ୍ତାକୁ ଶରୀରରୁ କାଢ଼ି ଅଣାଯାଏ । ସେହି ସତ୍ତାର ତୀବ୍ର ଆବେଗ ଓ ଇଚ୍ଛାଗୁଡ଼ିକ ତା' ଭିତରେ ସେହିପରି ରହିଥାଏ । ଏବଂ ତାହା ଫଳରେ ସାଧାରଣତଃ ଏହାହିଁ ହୁଏ ଯେ ସେହି ସତ୍ତା ମୃତ ଶରୀରଟି ମଧ୍ୟରୁ ବାହାରିଯିବା ପରେ ସେହିଠାରେ ଉପସ୍ଥିତ ଥିବା ଜଣକ କାହାରି ଭିତରେ ଯାଇ ପ୍ରବେଶ କରେ । ସେହି ବ୍ୟକ୍ତିମାନେ ସେତେବେଳେ ଅଧା ଭୟଭୀତ ହୋଇ ରହିଥାନ୍ତି, ଏକ ପ୍ରକାରର ଅସୁସ୍ଥ ଉତ୍କଣ୍ଠା ଓ ଉଦ୍‌ବେଗକୁ ଅଧା ବହନ କରୁଥାନ୍ତି । ସେହିଠାରେହିଁ ଭିତରେ ପଶିବାର ବାଟଟି ମିଳିଯାଏ ଏବଂ ତାହା ସେହି ବାଟ ଦେଇ ଭିତରକୁ ପଶିଯାଏ । ସଂଗୃହୀତ ହିସାବଗୁଡ଼ିକରୁ ଯେପରି ପ୍ରମାଣିତ ହୋଇ ଥାଏ, ଯେଉଁମାନେ ନରହତ୍ୟା କରନ୍ତି, ସେମାନେ ଏହି କଥାଟିକୁ ସ୍ୱୀକାର କରିଥାନ୍ତି ଯେ ଆଉଜଣେ ହତ୍ୟାକାରୀର ମୃତ୍ୟୁବେଳେ ସେହି ସ୍ଥାନରେ ଉପସ୍ଥିତ ରହିଥିବା ସମୟରେହିଁ ହତ୍ୟା କରିବାର ଅଭିଳାଷଟି ବଡ଼ ତୀବ୍ର ହୋଇ ସେମାନଙ୍କ ମଧ୍ୟରେ ପ୍ରବେଶ କରିଥାଏ । ଏହାକୁ ମଧ୍ୟ ଆମେ ଏକ "ପ୍ରେରଣା" ବୋଲି କହିବା, ମାତ୍ର ଏକ ଘୃଣ୍ୟ ପ୍ରକାରର ପ୍ରେରଣା ବୋଲି କହିବା ।

ମୂଳତଃ ପ୍ରେରଣାର ମୁହୂର୍ତ୍ତିଟିକୁ ଆମେ ଏପରି ଏକ ମୁହୂର୍ତ୍ତି ବୋଲି କହିବା ଯେତେବେଳେ କି, ଯାହାକି ଆଗରୁ ତୁମର ବ୍ୟକ୍ତିଚେତନାଟି ମଧ୍ୟରେ ନଥିଲା, ଯାହାକି ବାହାରୁ ଆସି ତୁମକୁ ସ୍ପର୍ଶ କରୁଛି, ତୁମ ଭିତରକୁ ଧାବମାନ ହୋଇ ଆସୁଛି ଓ ତୁମକୁ କୌଣସି ଏକ କାର୍ଯ୍ୟ କରିବା ଲାଗି ପରିଚାଳିତ କରି ନେଉଛି, ସେହିପରି ଗୋଟିଏ ବସ୍ତୁ ଲାଗି ତୁମେ ନିଜକୁ ଉନ୍ମୁକ୍ତ କରି ରଖୁଛ । ପ୍ରେରଣା ବିଷୟରେ ଏହିପରି ସଜ୍ଞାଟିଏ ତିଆରି କରାଯାଇ ପାରିବ ।

ବର୍ତ୍ତମାନ, ସାଧାରଣ ଭାବରେ କହିବାକୁ ଗଲେ, ଯେତେବେଳେ "ଦେଖ, ଏହି କବି ପ୍ରେରଣା ଦ୍ୱାରା ପ୍ରେରିତ ହୋଇ କବିତା ଲେଖୁଛନ୍ତି" ବୋଲି ଲୋକମାନେ କହୁଥାନ୍ତି, ସେତେବେଳେ ଆମେ ତଦ୍ଦ୍ୱାରା ଏତିକି ବୁଝିବା ଯେ ସେହି କବି ଊର୍ଦ୍ଧ୍ୱଦେଶରୁ କିଛି ଭାବ ପ୍ରାପ୍ତ ହୋଇଛନ୍ତି ଏବଂ ଭାରି ଚମତ୍କାର ଭାବରେ ତାହାକୁ ବ୍ୟକ୍ତ କରି ପାରିଛନ୍ତି । ମାତ୍ର, ସେହି କ୍ଷେତ୍ରରେ ବରଂ ଏଭଳି କହିବାକୁ ପଡ଼ିବ ଯେ ଏହି ପ୍ରେରଣାର ଗୁଣାତ୍ମକତା ଅତ୍ୟନ୍ତ ଉଚ୍ଚସ୍ତରର ହୋଇ ରହିଛି ।

'oaob.nitrkl.ac.in' images reprocessed

**ମାଆ, ଆମେ ଯେତେବେଳେ ପ୍ରେରଣା ଆସୁ ବୋଲି ଇଚ୍ଛା କରୁ, ତାହା ଠିକ୍ ସେତିକବେଳେ ଆସି ପହଞ୍ଚିଯାଏ ନାହିଁ କି ?**

ଯେତେବେଳେ ଇଚ୍ଛା କର, ସେତେବେଳେ ? ସାଧାରଣତଃ ଏପରି ହୁଏ ନାହିଁ; କାରଣ ତୁମ ସତ୍ତାଟି ପ୍ରକୃତରେ କିପରି କାର୍ଯ୍ୟ କରୁଛି, ତୁମେ ସେକଥାଟି ମୋଟେ ଜାଣି ନଥାଅ ଏବଂ ତେଣୁ ଇଚ୍ଛା ଅନୁସାରେ ଦୁଆରଟିକୁ ଖୋଲିଦେଇ ପାର ନାହିଁ ।

ମାତ୍ର ତଥାପି ଏହା ଅବଶ୍ୟ କରାଯାଇ ପାରିବ । ଯୋଗାଭ୍ୟାସ ସମସ୍ତରେ ପ୍ରଥମେ ଯାହାସବୁ ଶିକ୍ଷା କରିବାକୁ ପଡ଼େ, ଏଇଟି ହେଉଛି ସେଥିମଧ୍ୟରୁ ଗୋଟିଏ । ଆମେ ଯେତେବେଳେ ମନ କରିବା, ସେତେବେଳେ ମଧ୍ୟ ଦୁଆରଟିକୁ କିପରି ଖୋଲିଦେଇ ପାରିବା, ସେହି କଥାଟିକୁ ଶିକ୍ଷା କରିବାକୁ ପଡ଼େ । ଏଇଟି ଧ୍ୟାନ, ସଂକେନ୍ଦ୍ରଣ ଅର୍ଥାତ୍ ଅଭୀପ୍ସା ଦ୍ୱାରା ସମ୍ଭବ ହୁଏ : କୌଣସି ନା କୌଣସି ସ୍ଥାନରେ ଦୁଆରଟିକୁ ଖୋଲିଦେଇ ପାରିବାକୁ ଏହିସବୁ ପ୍ରକ୍ରିୟା ଅନୁସରଣ କରିବାକୁ ହୋଇଥାଏ ।

ଏବଂ ସାଧାରଣତଃ ତୁମେ ଏଇଟିକୁ ଠିକ୍ ଉଚ୍ଚତମ ବସ୍ତୁଟି ଆଡ଼କୁ ଖୋଲି ଦେବା ଲାଗି ଚେଷ୍ଟା କରିଥାଅ; ଏହା ବ୍ୟତୀତ ଆଉ ଅନ୍ୟକିଛି ଆଡ଼କୁ ଖୋଲି ରଖିବାକୁ କଦାପି ଖୋଲି ରଖ ନାହିଁ । ସେହି ଅନ୍ୟ କିସମର ଗ୍ରହଣଶୀଳତାଟି ପାଇଁ ଦୁର୍ଭାଗ୍ୟବଶତଃ ଲୋକମାନଙ୍କର ସବୁବେଳେ···ଆପଣାର ଏକ ଏକାନ୍ତ ଭବନରେ ଆପଣାକୁ ବନ୍ଦ କରି ରଖିବା ସଂପୂର୍ଣ୍ଣ ରୂପେ ଆଦୌ ସମ୍ଭବ ହୋଇ ପାରେ ନାହିଁ;—ପୁନଶ୍ଚ, ମୁଁ ବିଶ୍ୱାସ କରୁଛି ଯେ ସେପରି କରିବା କଦାପି ଖୁବ୍ ବେଶୀ ଅନୁକୂଳ ହେବ ନାହିଁ । ଆପଣା ଭିତରେ ବନ୍ଦ ହୋଇ ପଡ଼ିଥିବା ପର୍ଯ୍ୟନ୍ତ କୌଣସି ପ୍ରକାର ଅଗ୍ରଗତି କେବଳ ଅସମ୍ଭବ ହୋଇ ରହିଥିବ । ତେଣୁ, ଆପଣା ଭିତରେ ଯାହାକିଛି ରହିଥିଲା, ତୁମେ କେବଳ ତାହାକୁହିଁ ଏକ ନୂତନ ଭାବରେ ସଂଘଟିତ କରିବା ଲାଗି ସମର୍ଥ ହୋଇପାରିବ । ନିଜକୁ ଥରେ ଚାରିଆଡ଼ୁ ବନ୍ଦ ହୋଇଥିବା ଗୋଟାଏ ଗୋଲକ ପରି ତୁଳନା କରି ଦେଖିଲ,—ଚାରିଆଡ଼ୁ ପୁରାପୁରି ବନ୍ଦ ହୋଇ ରହିଥିବ, ବାହାର ସହିତ ଯୋଗାଯୋଗର କୌଣସି ସୂତ୍ର ଲାଗି ନଥିବ,—ତୁମେ କୌଣସି ଉଦ୍ୟମ କରୁ ନଥିବ, ବାହାରୁ କିଛିହେଲେ ଗ୍ରହଣ କରୁ ନଥିବ, ସଂପୂର୍ଣ୍ଣ ଭାବରେ ବନ୍ଦ ହୋଇ ରହିଥିବ,—ତୁମ ପାଖରେ ଚେତନା, ଗତିକ୍ରିୟା ଓ ସ୍ପନ୍ଦନ(ଏହାକୁ ତୁମେ ଯାହା ଇଚ୍ଛା ତାହା କହିପାର)ର ମାତ୍ର କେତୋଟି ଉପାଦାନ ରହିଥିବ, ଯାହାକି ସତେ ଅବା ସେହି ପେଣ୍ଡୁଟି ଭିତରେ ବନ୍ଦ ହୋଇ ରହିଥିବ, ତୁମ ନିଜ ଚେତନାଟି ମଧ୍ୟ ତାହାରି ଭିତରେ ବନ୍ଦ ହୋଇ

'oaob.nitrkl.ac.in' images reprocessed

ରହିଥିବ । ବାହାରର ବସ୍ତୁଗୁଡ଼ିକ ସହିତ କୌଣସି ସମ୍ବନ୍ଧ ନଥିବ, ତୁମେ କେବଳ ନିଜ ବିଷୟରେହିଁ ସଚେତ ହୋଇ ରହିଥିବ । ଏହି ଅବସ୍ଥାରେ ତୁମେ କ'ଣ କରିପାରିବ ?...ତୁମେ ନିଜ ଭିତରେ ରହିଥିବା ସଂଗଠନଟିକୁ ବଦଳାଇ ଦେବ; ତୁମେ ସେହି କଥାଟି କରିପାରିବ, ଏହି ସଂଗଠନଟିକୁ ବଦଳାଇ ଦେଇ ପାରିଲେ ତୁମେ ଅନେକ କଥା କରିପାରିବ । ମାତ୍ର ତାହା କେବଳ ସେତିକ ମଧ୍ୟରେ ସୀମାବଦ୍ଧ ହୋଇ ରହିଥିବ । ଏହାକୁ ଗୋଟାଏ ପ୍ରକାରର ଅନ୍ତର୍ଗତ ପ୍ରଗତି ବୋଲି କୁହାଯିବ ସିନା, ମାତ୍ର ତୁମ ବାହାରେ ଥିବା ଶକ୍ତିଗୁଡ଼ିକର ସମ୍ବନ୍ଧକ୍ଷେତ୍ରରେ ପ୍ରକୃତରେ କୌଣସି ଯଥାର୍ଥ ପ୍ରଗତି ଆଦୌ ସମ୍ଭବ ହେବ ନାହିଁ । କିଛି କାଳ ପରେ ତୁମେ ଆପଣାକୁ ସତେଅବା ଅତିରିକ୍ତ ପରିମାଣରେ କଳହୋଇ ରହିଥିବା ପରି ଅନୁଭବ କରିବ, ନିଜ ଉପରେ ଭାରି ବିରକ୍ତ ଆସିବ । ଭିତରେ ରହିଥିବା ଉପାଦାନଗୁଡ଼ିକୁ କେବଳ ବାରବାର ବୁଲାଇବାରେ ଲାଗିଥିବ ଏବଂ ତାହା ତୁମକୁ ଆଦୌ ସୁଖକର ମନେ ହେଉ ନଥିବ ।

ମାତ୍ର ତୁମେ ସର୍ବଦା ଆପଣାକୁ ବାହାରେ ଅବସ୍ଥାପିତ କରି ରଖିବାରେ ଲାଗିଛ ଏବଂ ସର୍ବଦାହିଁ ଏହି ବହିଃ-ଅବସ୍ଥାପନରୁ କିଛି ନା କିଛି ଆପଣା ଭିତରକୁ ଆଣିବାରେ ଲାଗିଛ । ସତେଯେପରି ଛିଦ୍ରଯୁକ୍ତ ମୃତ୍ତିକା ପରି ଏଠାରେ ସବୁ କାର୍ଯ୍ୟ ଚାଲିଛି : ଗୋଟିଏ ଶକ୍ତି ବାହାରକୁ ଯାଉଛି ଏବଂ ତା'ପରେ ଗୋଟିଏ ଶକ୍ତି ଭିତରକୁ ପ୍ରବେଶ କରୁଛି । ସ୍ପନ୍ଦନଗୁଡ଼ିକ ଏହିପରି ଭାବରେ ଲାଗିରହିଛି । ତେଣୁ, ତୁମେ ଯେଉଁ ପରିବେଷ୍ଟନୀଟିରେ ବାସ କରିବ ସେଇଟିକୁ ସ୍ୱୟଂ ବାଛିନେବା ପ୍ରକୃତରେ ଏତେଦୂର ମହତ୍ତ୍ୱପୂର୍ଣ୍ଣ ହୋଇ ରହିଥାଏ, କାରଣ ତୁମେ ଯାହାକିଛି ଦେଉଛ ଓ ଯାହାକିଛି ଗ୍ରହଣ କରୁଛ ତାହା ମଧ୍ୟରେ ସତତ ଏକ ଆଦାନପ୍ରଦାନ ଲାଗି ରହିଥାଏ । ଯେଉଁ ଲୋକମାନେ ନାନା କ୍ରିୟାଶୀଳତାର ମଧ୍ୟଦେଇ ଆପଣାକୁ ଅନେକ ପରିମାଣରେ ଦେବାକୁ ସମର୍ଥ ହୁଅନ୍ତି, ସେମାନେ ଅଧିକ ଗ୍ରହଣ ବି କରନ୍ତି । ମାତ୍ର ସେମାନେ ଠିକ୍ ସେହି ସ୍ତରରେହିଁ ଯାହାକିଛି ପାଆନ୍ତି, ଅର୍ଥାତ୍, ସେମାନେ ଯେଉଁ ସ୍ତରରେ କ୍ରିୟାଶୀଳ ହୋଇ ରହିଥାନ୍ତି, ଠିକ୍ ସେହି ସ୍ତରରେହିଁ ଯାହାକିଛି ପାଆନ୍ତି । ଉଦାହରଣସ୍ୱରୂପ, ଯେଉଁ ପିଲାମାନଙ୍କର ବୟସ ଅଳ୍ପ, ଯେଉଁମାନେ ସତତ ଏଠି-ସେଠି ହେବାରେ ଲାଗିଥାନ୍ତି, ସବୁବେଳେ ପାଟି କରି ନାଚକୁଦ ବୁଲୁଥାନ୍ତି, (ସେମାନେ ଖୁବ୍ କ୍ୱଚିତ୍ ତୁନି ହୋଇ ବା ସ୍ଥିର ହୋଇ ରହନ୍ତି, କେବଳ ଶୋଇଲାବେଳେ ଯାହା ଚୁପ୍ ରହନ୍ତି ବା ସମ୍ଭବତଃ ସେତେବେଳେ ମଧ୍ୟ ସ୍ଥିର ହୋଇ ନଥାନ୍ତି ।) ଏବଂ ଏହି କିସମର ପିଲାମାନେ ଅଧିକ ଦିଅନ୍ତି ଓ ଅଧିକ ପାଆନ୍ତି ଏବଂ ଏହି କ୍ଷେତ୍ରରେ ଭୌତିକ ଓ ପ୍ରାଣିକ ଶକ୍ତି ଦିଆ ହୋଇଥାଏ ଏବଂ ସେହି ଭୌତିକ ଓ ପ୍ରାଣିକ ଶକ୍ତି ମଧ୍ୟ ଗ୍ରହଣ କରା ହୋଇଥାଏ । ସେମାନେ ଯାହା ଖରଚ କରିଥାନ୍ତି, ତାହାର ଏକ

'oaob.nitrkl.ac.in' images reprocessed

ବୃହତ୍ତ ଅଂଶ ଅସୁଲ କରି ନଅନ୍ତି । ତେଣୁ, ସେମାନଙ୍କ ପକ୍ଷରେ ଏପରି ନାନା ପରିବେଷ୍ଟନୀ ମଧ୍ୟରେ ରହିବା ମହତ୍ତ୍ୱପୂର୍ଣ୍ଣ ହୋଇ ରହିଥାଏ, ଯେଉଁଠାରେ କି ସେମାନେ ଯାହା ଖରଚ କରିବାର କଥା, ତାହା ଖରଚ କରିସାରିବା ପରେ ବା ତାହାକୁ ଖରଚ କରୁଥିଲାବେଳେ ଅନ୍ତତଃ ଏପରି ଏକ ଅଂଶ ଅସୁଲ କରି ନେଇ ପାରୁଥିବେ, ଯାହାକି ସେମାନେ ଖରଚ କରୁଥିବା ପଦାର୍ଥର ସମଗୁଣ ହୋଇଥିବ, ନିକୃଷ୍ଟ ଗୁଣର କଦାପି ହୋଇ ନଥିବ ।

ତୁମର ଗତିକ୍ରିୟାଗୁଡ଼ିକରେ ଏହି ଉଦାରତାଟି ନଥିବା ସମୟରେ ତୁମେ ପ୍ରକୃତରେ ଅତି କମ୍ ପରିମାଣରେ ଗ୍ରହଣ କରିବାକୁ ସମର୍ଥ ହୋଇଥାଅ, ଏବଂ ଏହି ପ୍ରଧାନ କାରଣଟି ହେଉଛି ଭୌତିକ ପ୍ରଗତି ଏକାବେଳେକେ ବନ୍ଦ ହୋଇଯାଏ । କାରଣ ତୁମେ ଖୁବ୍ ଚିନ୍ତା ଖରଚ କରିବାକୁ ଆରମ୍ଭ କର, କୌଣସି ପ୍ରକାରେ କିଛି ନଷ୍ଟ ନକରିବାକୁ ଚେଷ୍ଟା କର; ସେତିକିବେଳେ ମନ ଆସି ପଡ଼ିଛି ଓ କହିବାକୁ ଲାଗେ : "ତୁମେ ସାବଧାନ ହୋଇଯାଅ, ଆପଣାକୁ ଏତେ ଖଟାଅ ନାହିଁ, ଅତିବେଶୀ କାର୍ଯ୍ୟ କର ନାହିଁ, ଇତ୍ୟାଦି, ଇତ୍ୟାଦି ।" ମନର ଏହି ହସ୍ତକ୍ଷେପ ଫଳରେ ଭୌତିକ ସ୍ତରର ଗ୍ରହଣଶୀଳତା ଅନେକ ପରିମାଣରେ ହ୍ରାସ ହୋଇଯାଏ । ପରିଶେଷରେ, ତୁମର ସକଳ ବୃଦ୍ଧି ବନ୍ଦ ହୋଇଯାଏ; ଅଧିକ ବୁଦ୍ଧିଚତୁର ହୋଇ କାର୍ଯ୍ୟ କରିବାକୁ ଯାଇ ତୁମର ବୃଦ୍ଧି ସମ୍ପୂର୍ଣ୍ଣଭାବରେ ବନ୍ଦ ହୋଇଯାଏ ।

ମାତ୍ର ଗ୍ରହଣଶୀଳତା ଅନ୍ୟାନ୍ୟ ସ୍ତରକୁ ମଧ୍ୟ ବାଟ ଖୋଲିଦିଏ । ଯେଉଁମାନେ ବାସନା ଓ କାମନାର ଏକ ଜଗତରେ ବାସ କରୁଥାନ୍ତି, ସେମାନେ ଆପଣାର ପ୍ରାଣିକ ଗ୍ରହଣଶୀଳତାକୁ ଏତେବେଶୀ ବଢ଼ାଇ ଦିଅନ୍ତି ଯେ ତାହା ବେଳେବେଳେ ଏପରି ପରିମାଣର ହୋଇଯାଏ, ଯେତେବେଳେ ତାହା ସେମାନଙ୍କ ଲାଗି ଓ ସେମାନଙ୍କର ପରିବେଷ୍ଟନୀ ଲାଗି ଭାରି ଅପ୍ରୀତିକର ବୋଧ ହୋଇଥାଏ । ଏବଂ ତା'ପରେ ଅନ୍ୟମାନେ ଅଛନ୍ତି, ଯେଉଁମାନେ କି ମନୋଗତ ଚେତନାଟି ମଧ୍ୟରେ ବାସ କରୁଥାନ୍ତି, ସେମାନଙ୍କର ମାନସିକ ଗ୍ରହଣଶୀଳତା ଅତିମାତ୍ରାରେ ବୃଦ୍ଧି ପାଇଥାଏ । ଯେଉଁମାନେ ମନକୁ କାମରେ ଲଗାଇ କିଛି ନା କିଛି ସୃଷ୍ଟି କରନ୍ତି, ମାନସିକ କ୍ରିୟାଶୀଳତାର କ୍ଷେତ୍ରରେହିଁ ଯାହାକିଛି ଅଧ୍ୟୟନ କରୁଥାନ୍ତି ଓ ଜୀବନ ବଞ୍ଚୁଥାନ୍ତି, ସେମାନଙ୍କର ସେହି କ୍ରିୟାଶୀଳତାରେ ସତତତା ରହି ପାରିଲେ ସେମାନେ ଅନିର୍ଦ୍ଦିଷ୍ଟ ଭାବରେ ନିଶ୍ଚୟ ଅଗ୍ରଗତି କରିପାରନ୍ତି । ଶରୀରରୂପୀ ଯନ୍ତ୍ରଟିର କ୍ଷୟ ଆରମ୍ଭ ହୋଇଗଲେ ମଧ୍ୟ ମନୁଷ୍ୟର ମାନସିକ କ୍ରିୟା କଦାପି ବନ୍ଦ ହୋଇଯାଏ ନାହିଁ । ଉଦାହରଣସ୍ୱରୂପ, ମସ୍ତିଷ୍କରେ କୌଣସି କ୍ଷତି ହେଲେ ମନ ଆପଣାର ବୃଦ୍ଧିକୁ ହୁଏତ ମୂର୍ତ୍ତ ଭାବରେ ଅଭିବ୍ୟକ୍ତ କରି ନପାରେ, ମାତ୍ର ସମ୍ପୂର୍ଣ୍ଣ ଯନ୍ତ୍ରଟିରୁ ସ୍ୱତନ୍ତ୍ର ରହିଥିବା ସ୍ୱୟଂ ମନକୁ ଅଗ୍ରଗତି କରିବାକୁ ଓ ବୃଦ୍ଧିଲାଭ କରିବାକୁ କେହି

କଦାପି ନିବୃତ୍ତ କରି ରଖିପାରିବ ନାହିଁ । ତାହାକୁ ଅବିରାମ ବୃଦ୍ଧିଲାଭ କରିବାରୁ ମଧ୍ୟ କେହି ନିବୃତ୍ତ କରି ରଖିପାରିବ ନାହିଁ । ଏକ ସତ୍ତ୍ୱରୂପେ ମନ ଶାରୀର ସତ୍ତ୍ୱଠାରୁ ଅସୁମାରି ଅଧିକ ଦୀର୍ଘକାଳ ସ୍ଥାୟୀ ହୋଇ ରହିଥାଏ । ଶାରୀରିକ ଦୃଷ୍ଟିରୁ ଜଣେ ବୁଢ଼ା ହୋଇଗଲେ ମଧ୍ୟ ମନ ତଥାପି ସତେଜ ଓ ତରୁଣ ହୋଇ ରହିଥାଏ । ଅବଶ୍ୟ, ଏହି ମନକୁ ଏକ ଉତ୍ତମ ସ୍ଥିତିରେ ରଖିବା ଲାଗି ଯେତେବେଳେ ତୁମେ ଯଥେଷ୍ଟ ଯତ୍ନ ନେଇ ପାର ନାହିଁ, ବା ଯଦି କୌଣସି ପ୍ରକାର ଦୁର୍ଘଟଣା ଘଟେ ଓ ମସ୍ତିଷ୍କରେ ନାନା କ୍ଷତ ହୋଇଯାଏ, କେବଳ ସେତିକବେଳେ ଯାଇ ତୁମେ ଆପଣାକୁ ମନଃକ୍ଷେତ୍ରରେ ଅଭିବ୍ୟକ୍ତ କରିବାକୁ ଅସମର୍ଥ ହୋଇପଡ଼ । ମାତ୍ର ସ୍ୱୟଂ ମନ ତଥାପି ଅବ୍ୟାହତ ଭାବରେ ବୃଦ୍ଧିଲାଭ କରିବାରେ ଲାଗିଥାଏ । ଏବଂ, ଯେଉଁ ଲୋକମାନଙ୍କର ଶରୀରକ୍ଷେତ୍ରରେ ଯଥେଷ୍ଟ ପରିମାଣରେ ଭାରସାମ୍ୟ ରହିଛି, ଉଦାହରଣସ୍ୱରୂପ, ଯେଉଁମାନେ କଦାପି କୌଣସି ଅତିଶଯ୍ୟତାର ଆଚରଣ କରି ନାହାନ୍ତି, ଯେଉଁମାନେ ନିଜ ଶରୀର ଉପରେ କୌଣସି ଅତ୍ୟାଚାର କରି ନାହାନ୍ତି, ଅଧିକାଂଶ ଲୋକଙ୍କ ପରି ଯେଉଁମାନେ ଆପଣାର ଶରୀରକୁ ଆଦୌ ବିଷାକ୍ତ କରି ଦେଇ ନାହାନ୍ତି,—ଯେଉଁମାନେ କେବେ ଧୂମପାନ କରି ନାହାନ୍ତି, ସୁରାସେବନ କରି ନାହାନ୍ତି, ଇତ୍ୟାଦି, ଇତ୍ୟାଦି,—ସେମାନେ ନିଜର ମସ୍ତିଷ୍କକୁ ମଧ୍ୟ ଅପେକ୍ଷାକୃତ ଏକ ଅନେକ ଭଲ ଅବସ୍ଥାରେ ରଖିବାକୁ ସମର୍ଥ ହୋଇଥାନ୍ତି ଏବଂ ସେମାନେ ଜୀବନର ଶେଷ-ଅବସ୍ଥା ପର୍ଯ୍ୟନ୍ତ ନିଜକୁ ଅଭିବ୍ୟକ୍ତ କରିବାର କ୍ଷେତ୍ରରେ ମଧ୍ୟ ଅବଶ୍ୟ ଅଗ୍ରଗତି କରି ପାରୁଥିବେ । କେବଳ ଜୀବନର ଶେଷ କେତୋଟି ବର୍ଷ ସେମାନେ ଆପଣା ଭିତରେ ଏକ ପ୍ରକାର ଆପଣାକୁ ପ୍ରତ୍ୟାହାର କରି ଆଣିବେ, ଏବଂ ସେତିକବେଳେ ଯାଇ ଆପଣାର ଭାବ ବ୍ୟକ୍ତ କରିବାର ଶକ୍ତିଟିକୁ ହରାଇ ବସିବେ । ମାତ୍ର ତଥାପି ମନ ସତତ ଅଗ୍ରଗତି କରିବାରେ ଲାଗିଥିବ ।

ମୃତ ହୋଇ ନଯିବା ହେଉଛି ପ୍ରାଣିକ ସ୍ତରର ପ୍ରକୃତି । ମାତ୍ର ସେହି ସ୍ତରଟି ଆଦୌ ସଂଗଠିତ ହୋଇ ରହି ନଥାଏ, ଏବଂ ଆପଣାର ସାଧାରଣ ଅବସ୍ଥାରେ ତାହା ଅତିରିକ୍ତ ମାତ୍ରାରେ ଉତ୍ତେଜିତ ହୋଇ ରହିଥାଏ, ପରସ୍ପର ସହିତ ଦ୍ୱନ୍ଦ୍ୱ ଲଗାଇ ରହିଥିବା ନାନା ଆବେଗ ଏବଂ ଖାବ୍‌ଇଚ୍ଛା ଦ୍ୱାରା ସମାକୁଳ ହୋଇ ରହିଥାଏ । ତେଣୁ, ଆପଣାର ଏହିସବୁ ପ୍ରମାଦ ହେତୁ ତାହା ଆପଣାର ଧ୍ୱଂସ ସାଧନହିଁ କରିଥାଏ । ମାତ୍ର ତା’ ନହେଲେ, ସେହି ସ୍ତରର ଉପାଦାନଗୁଡ଼ିକ ବଞ୍ଚି ରହିଥାନ୍ତି । କୌଣସି ଏକ ବାସନା ଅଥବା ଖାବ୍ ଇଚ୍ଛାକୁ ଆମେ ଏକ ଅତ୍ୟନ୍ତ ଜୀବନ୍ତ ବସ୍ତୁ ବୋଲି ଜାଣିବା ଏବଂ ତାହା ଅଧିକ ଦୀର୍ଘକାଳ ଲାଗି ମରି ନଯାଇ ବଞ୍ଚି ରହିଥାଏ, ଏପରିକି ସମ୍ପୂର୍ଣ୍ଣ ସତ୍ତ୍ୱଟିଠାରୁ ସ୍ୱତନ୍ତ୍ର ରହି ମଧ୍ୟ ବଞ୍ଚି ରହିଥାଏ । ସତ୍ତ୍ୱ ବସ୍ତୁତଃ ସେହି ବାସନାଗୁଡ଼ିକୁ ସୃଷ୍ଟି କରିବା ଅପେକ୍ଷା ସେଗୁଡ଼ିକୁ ମୁଣ୍ଡପାତି ଗ୍ରହଣ

'oaob.nitrkl.ac.in' images reprocessed

କରିଦେବାକୁ ବାଧ୍ୟ ହୋଇଥାଏ । ମାତ୍ର ବାସନାଗୁଡ଼ିକ ପ୍ରକୃତରେ ଏପରି ବସ୍ତୁ, ଯାହାର ଅନୁଗମନ କରିବାକୁ ପଡ଼େ, ସତେଅବା ଏକ ଝଡ଼ପରି ବାହାରୁ ପଶି ଆସି ସେଗୁଡ଼ିକ ତୁମକୁ ଗୋଟାପୁରା ଅଧିକାର କରି ନିଅନ୍ତି ଏବଂ ତୁମକୁ କୁଆଡ଼େ ମନ କୁଆଡ଼େ ଉଡ଼ାଇ ନେଇଯାଆନ୍ତି । ଅବଶ୍ୟ ଯଦି ତୁମେ ସେହିପରି ଦୃଢ଼ ଭାବରେ ନିଜକୁ ଖୁବ୍ ଶାନ୍ତ ଓ ଅବିଚଳିତ କରି ରଖିପାର, ଅତ୍ୟନ୍ତ ସ୍ଥିର ଓ ଅତ୍ୟନ୍ତ ନୀରବ କରି ରଖିପାର, ସତେଯେପରି ତୁମେ କୌଣସି ଅତି ଦୃଢ଼ ପଦାର୍ଥଟିକୁ ଜାବୁଡ଼ି କରି ଧରିଛ ଏବଂ ଆପଣାକୁ ଅବିଚଳିତ କରି ରଖି ଝଡ଼ଟି ବୋହିବା ମାତ୍ରକେ ତାହାକୁ ଅତିକ୍ରମ କରିଯିବାକୁ ଦେଉଛ, ସେତେବେଳେ ସେପରି କିଛି ହୁଏ ନାହିଁ । ଝଡ଼ଟି ବୋହିଯାଉଛି, ମାତ୍ର ତୁମେ ଏତେ ଟିକିଏ ମଧ୍ୟ ଦୋହଲି ଯାଉ ନାହଁ, ତୁମେ ନିଜକୁ ଏତେ ଟିକିଏ ମଧ୍ୟ କମ୍ପିବାକୁ, ଥରିବାକୁ ବା ହଲିବାକୁ ଛାଡ଼ି ଦେଉ ନାହଁ, ତୁମେ ସମ୍ପୂର୍ଣ୍ଣ ଭାବରେ ଅବିଚଳ ହୋଇ ରହୁଛ ଏବଂ ଏହିସବୁ ଝଡ଼ ଅବଶ୍ୟ ଅତିକ୍ରାନ୍ତ ହୋଇଯିବ ବୋଲି ଖୁବ୍ ଭଲ କରି ଜାଣିଛ । ଏବଂ ଏହି ଝଡ଼ ଯେତେବେଳେ ଅତିକ୍ରାନ୍ତ ହୋଇଯାଉଛି, ଯେତେବେଳେ ତାହା ବୋହି ଚାଲିଯାଉଛି, ସେତେବେଳେ ଯାଇ ତୁମେ ଏକ ଗଭୀର ଦୀର୍ଘନିଶ୍ୱାସ ପକାଇ ପାରୁଛ ଏବଂ ଆପଣାର ସାଧାରଣ ଅବସ୍ଥାଟିର ଭାରସାମ୍ୟକୁ ପୁନର୍ବାର ଫେରି ପାଉଛ । ଏବଂ ଏସବୁ ଫଳରେ ଅତି କମ୍‌ରେ ଯେତିକି କ୍ଷତି ହେବା କଥା, ତୁମର କେବଳ ସେତିକିମାତ୍ର କ୍ଷତି ହୋଇପାରୁଛି । ସାଧାରଣତଃ, ଏହିସବୁ କ୍ଷେତ୍ରରେ ସବୁ କଥା ପରିଶେଷରେ ବେଶ୍ ଉପକାରୀ ବୋଲି ପ୍ରତିପାଦିତ ହୋଇ ଯାଇଥାଏ ।

ମାତ୍ର ଯେଉଁମାନେ ପାଣି ଉପରେ ସତେଅବା ଗୋଟିଏ ସୋଲ୍‌ଠିପି ପରି ଭାସି ଯାଉଥାନ୍ତି ଓ ସୁଅ ସେମାନଙ୍କୁ ଯେତେବେଳେ ଯେଉଁଆଡ଼କୁ ନେଇଯାଏ, ସେହିଆଡ଼କୁହିଁ ଚାଲିଯିବାରେ ଲାଗିଥାନ୍ତି ଏବଂ ଆପଣାର ସ୍ୱାଭାବିକ ସ୍ଥିର ଅବସ୍ଥାଟିକୁ କେବେହେଲେ ଫେରି ପାଆନ୍ତି ନାହିଁ ବା ଆପଣାକୁ କଦାପି ନିୟନ୍ତ୍ରଣ କରି ରଖି ପାରନ୍ତି ନାହିଁ, ସେମାନେ ସର୍ବଦା ଯେକୌଣସି ଘଟଣା ପାଖରେ ଶିକାର ପରି ହୋଇ ରହିଥାନ୍ତି । ସେମାନେ ହଠାତ୍ ଆସି ହୁଏତ ଏକ ଘୂର୍ଣ୍ଣି ଭିତରେ ମଧ୍ୟ ପଡ଼ିଯାଇ ପାରନ୍ତି ଏବଂ ତା'ପରେ,—ସେହି ଆବର୍ତ୍ତିଟି ମଧ୍ୟରେ ବୁଲିବାରେ ଲାଗନ୍ତି । ଏବଂ ତା'ପରେ ଆଉ କିଛିହେଲେ ବାକୀ ରହେ ନାହିଁ ।

କ'ଣ ସେତିକି ?

ଅନେକ ଲୋକ ଅଛନ୍ତି, ଯେଉଁମାନେ ନାନା ନିର୍ବୋଧ କାର୍ଯ୍ୟ କରିବାରେ ଲାଗିଥାନ୍ତି···

'oaob.nitrkl.ac.in' images reprocessed

ହୁଁ ।

ଏବଂ ସେମାନେ ଏପରି କରୁଛନ୍ତି ବୋଲି ଭଲ କରି ଜାଣିଥାନ୍ତି । ମାତ୍ର ସେମାନଙ୍କର ମନ ସେମାନଙ୍କୁ ଆଦୌ କୌଣସି ସମର୍ଥନ ଦେଇ ପାରୁ ନଥାଏ, ସେଇମାନଙ୍କୁହିଁ ଉଚିତ ବୋଲି ଦର୍ଶାଇ ପାରୁ ନଥାଏ, ସେମାନଙ୍କୁ କୌଣସି କାରଣ, କୌଣସି ଯୁକ୍ତି ବା କୌଣସି କୈଫିୟତ୍ ଆଣି ଦେଇ ପାରୁ ନଥାଏ । ଏହି ଅବସ୍ଥାଟି ପୁଣି କ'ଣ ?*

ଏହି ଅବସ୍ଥାଟି କ'ଣ ? ଯେଉଁ ଲୋକମାନେ ଭଲ କରି ଜାଣିଥାନ୍ତି ଯେ ସେମାନେ ନିର୍ବୋଧ କାର୍ଯ୍ୟଗୁଡ଼ିକୁ କରୁଛନ୍ତି, ଯେଉଁମାନେ ସଚେତନ ରହିଥାନ୍ତି ମାତ୍ର ତଥାପି ସେଗୁଡ଼ିକରୁ କ୍ଷାନ୍ତ ରହି ପାରନ୍ତି ନାହିଁ, କାରଣ ସେଗୁଡ଼ିକୁ ଅଟକାଇ ରଖିବା ଲାଗି ସେମାନଙ୍କର ମନର ଆଦୌ ଯଥେଷ୍ଟ ବଳ ନଥାଏ, ସେହିମାନଙ୍କ କଥା ?......

ମାତ୍ର ସେଗୁଡ଼ିକର ବାଟ ଓଗାଳି ରଖିବାକୁ ମନର କେତେବେଳେ ହେଲେ ଯଥେଷ୍ଟ ପରିମାଣରେ ବଳ ନଥାଏ ! ମାତ୍ର ମନ ଏପରି ଗୋଟିଏ ଯନ୍ତ୍ରରୂପେ ତିଆରି ହୋଇଛି ଯାହାକି ଯାବତୀୟ ବସ୍ତୁକୁ ଯାବତୀୟ ଦିଗରୁ ଅବଲୋକନ କରି ପାରୁଛି । ତେଣୁ, କୌଣସି ବାସନା ବା ତୀବ୍ର ଇଚ୍ଛାକୁ ମନ ଯେତେବେଳେ ପ୍ରଥମେ ଏହି ଦିଗଟିରୁ ଓ ତା'ପରେ ସେହି ଦିଗଟିରୁ ଦେଖୁଛି, ତେବେ ତୁମେ କିପରି ଆଶା କରୁଛ ଯେ ସେହି ବାସନାଟିର ପ୍ରତିରୋଧ କରି ପାରିବା ଲାଗି ମନ ଭିତରେ ଯଥେଷ୍ଟ ବଳ କି ରହିଥିବ ? ଏବଂ ସେହିପରି ଦେଖୁଥିବା ବେଳେ ମନ କହୁଛି : "ଆରେ,—ଏହି କଥାଟି ତ ସେହିପରି ହୋଇ ରହିଛି ଓ କାହିଁକି ସେହିପରି ହୋଇ

---

*"ଆମର ଭୌତିକ ମନଟି ସାଧାରଣତଃ ନିମ୍ନ ପ୍ରାଣିକ ଚେତନା ଏବଂ ତା'ର ଗତିକ୍ରିୟାଗୁଡ଼ିକ ସହିତ ସତେଅବା ଗୋଟାଏ ପ୍ରକାରର ମେଣ୍ଟ ବାନ୍ଧି ରହିଥାଏ । ଯେତେବେଳେ ସେହି ନିମ୍ନ ପ୍ରାଣିକ ମଧ୍ୟରୁ କୌଣସି ବାସନା ଅଥବା ଆବେଗ ପ୍ରକଟ ହେବାକୁ ଲାଗେ, ସେତେବେଳେ ଅପେକ୍ଷାକୃତ ଅଧିକ ପରିମାଣରେ ଜଡ଼ୀଭୂତ ହୋଇ ରହିଥିବା ମନ ତାହାର ସହାନୁଭୂତି କରିବାକୁ ଆସେ, ସେହି ବାସନାଗୁଡ଼ିକୁ ଉଚିତ ବୋଲି କହି ସମର୍ଥନ କରିବାକୁ ଲାଗେ ଏବଂ ସେଥିଲାଗି କେତେକେତେ ଚମତ୍କାର କାରଣ, କୈଫିୟତ୍ ଓ ଯୁକ୍ତି ଆଣି ବାଢ଼ି ଦେଇଥାଏ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୬ ମେ)

'oaob.nitrkl.ac.in' images reprocessed

ନରହିବ କହିଲ ?" ତେବେ, ଏଠାରେ ତୁମର ଇଚ୍ଛାଟି କେଉଁଠି କପରି ଖବରେ ଆସିବ ?

ମୁଁ ସେଇ ସନ୍ଦର୍ଭଟିରେ* ଯେପରି କହିଛି, ସବୁକିଛିର ଗୋଟାଏ କୈଫିୟତ୍ ଆଣି ଯୋଗାଇ ଦେବାକୁ ମନ ଆଗରେ ସବୁବେଳେ କୌଣସି ନା କୌଣସି ବାଟ ରହିଥାଏ । ସବୁ କଥାକୁ ଉଚିତ ବୋଲି ପ୍ରମାଣ କରିଦେବାକୁ ଏବଂ ସବୁ କଥା ପାଇଁ ଅତି ପ୍ରଶଂସନୀୟ କେତେ କେତେ କାରଣ ଆଣି ଥୋଇଦେବାକୁ ମନ ଲାଗି ଉପାୟ ମହଜୁଦ୍ ହୋଇ ରହିଥାଏ ।

କେବଳ ଚୈତ୍ୟ ସତ୍ତ୍ୱରହିଁ ଏହି କ୍ଷେତ୍ରରେ କିଛି କରି ପାରିବାର ସାମର୍ଥ୍ୟ ରହିଛି । ତୁମର ମନ ଯଦି ଚୈତ୍ୟ ସତ୍ତ୍ୱ ସହିତ ଖିଅ ଲଗାଇ ରଖିଥାଏ, ଯଦି ତାହା ଚୈତ୍ୟ ସତ୍ତ୍ୱର ପ୍ରଭାବଗୁଡ଼ିକୁ ଗ୍ରହଣ କରିବା ଲାଗି ସମର୍ଥ ହେଉଥାଏ, ତେବେ ଏକ ପ୍ରତିରୋଧର ସଂଗଠନ କରି ପାରିବା ଲାଗି ମନ ଯଥେଷ୍ଟ ବଳ ପାଇବାକୁ ସମର୍ଥ ହୁଏ । ସେତେବେଳେ ଯାଇ ମନ କେଉଁଟି ଅସଲ୍ କଥା ଓ କେଉଁଟି ଅସଲ୍ କଥା ନୁହେଁ, ସେହି କଥାଟିକୁ ଜାଣିପାରେ, ଏବଂ ଅସଲ୍ କଥାଟି ଯେ କ'ଣ, ସେକଥା ଜାଣି, ଯଦି ତା' ଭିତରେ ଯଥେଷ୍ଟ ସଦିଚ୍ଛା ରହିଥାଏ, ତେବେ ତାହା ଆବଶ୍ୟକ ପ୍ରତିରୋଧଟିକୁ ସଂଗଠିତ କରିବା ଲାଗି ସମର୍ଥ ହୋଇଯାଏ, ବାସନାଟି ସହିତ ଯୁଦ୍ଧରେ ଅବତୀର୍ଣ୍ଣ ହୁଏ ଏବଂ ବିଜୟ ଲାଭ କରେ । ମାତ୍ର ଏଥିଲାଗି ସେହି ଗୋଟିଏ ସର୍ତ୍ତ ରହିଛି : ତାହାକୁ ଚୈତ୍ୟ ସତ୍ତ୍ୱ ସହିତ ସଂପର୍କରେ ରହିବାକୁ ହୋଇଥାଏ ।

କାରଣ ଉତ୍ତମଠାରୁ ଆହୁରି ଉତ୍ତମ ସିଦ୍ଧାନ୍ତଗୁଡ଼ିକ ମଧ୍ୟ, ମାନସିକ କ୍ଷେତ୍ରରେ ତୁମେ ଅନେକ କିଛି ଜାଣିଥିଲେ ମଧ୍ୟ ଏବଂ ପ୍ରଶଂସନୀୟ କେତେକେତେ ନୀତିର ପୋଷଣ କରୁଥିଲେ ମଧ୍ୟ, ଏକ ବାସନା ବା ଆବେଗର ପ୍ରତିରୋଧ କରିବା ଲାଗି ସମର୍ଥ ହେଉଥିବା ଇଚ୍ଛାଶକ୍ତିଟିକୁ ସୃଷ୍ଟି କରିବା ସକାଶେ ତାହା କଦାପି ଯଥେଷ୍ଟ ବଳ ଆଣି ଦେଇପାରେ ନାହିଁ । ବେଳେବେଳେ ତୁମେ ବେଶ୍ ଦୃଢ଼ସଂକଳ୍ପ ହୋଇ ରହିଥାଅ, ଏକଥାଟି ଏହିପରି ହେବ ବୋଲି ତୁମେ ନିଷ୍ପତ୍ତି କରି ସାରିଥାଅ,— ଉଦାହରଣସ୍ୱରୂପ, ତୁମେ ଅମୁକ କଥାଟିକୁ କରିବ ନାହିଁ ବୋଲି ନିଷ୍ପତ୍ତି କରି ନେଇଥାଅ : ସେଇଟି ସ୍ଥିର ହୋଇ ସାରିଥାଏ ଯେ ତୁମେ ଆଉ କଦାପି ତାହା କରିବ ନାହିଁ;— ମାତ୍ର, ଏକଥା ପୁଣି କପରି ଘଟେ ଯେ ହଠାତ୍ (କପରି, କାହିଁକି, କ'ଣ ଯେ ଘଟିଲା, ତୁମେ କିଛି ଜାଣି ପାରି ନାହିଁ) ତୁମେ ସତେଅବା ଆଦୌ କୌଣସି ନିଷ୍ପତ୍ତି ଗ୍ରହଣ କରି ନଥିବା ପରି ଅନୁଭବ କରିବାରେ ଲାଗ । ଏବଂ

---

*ଦ୍ରଷ୍ଟବ୍ୟ : ୩୧୯ ପୃଷ୍ଠାର ପାଦଟିପ୍ପଣୀ

'oaob.nitrkl.ac.in' images reprocessed

ତା'ପରେ ତୁମକୁ ଆପଣା ଭିତରୁ ସେହି କାର୍ଯ୍ୟଟିକୁ କରିବା ଲାଗି ସଙ୍ଗେ ସଙ୍ଗେ ଏକ ଅତ୍ୟନ୍ତ ଚମତ୍କାର କାରଣ ଆସି ମିଳିଯାଏ······ । ଅନ୍ୟ ନାନା କଥା ମଧ୍ୟରେ, ଏହି କ୍ଷେତ୍ରରେ ସର୍ବଦା ଏକ ପ୍ରକାରର କୈଫିୟତ୍ ବେଶ୍ ଦିଆ ଯାଇଥାଏ : "ହେଲା ଏବେ,— ଯଦି ମୁଁ ଏକଥାଟିକୁ ଏହି ଥରଟି ଲାଗି କରିବ, ତେବେ ଏହି କଥାଟି ଯେ ଭାରି ଖରାପ କଥା ଓ ମୁଁ ଆଉ କେବେହେଲେ ତାହା କରିବି ନାହିଁ, ସେବିଷୟରେ ମୋର ଦୃଢ଼ ପ୍ରତ୍ୟୟ ହୋଇଯିବ ଏବଂ ତେଣୁ ଏହିଥର କରିବାଟା ପ୍ରକୃତରେ ଶେଷଥର ପାଇଁ କରିବା ହୋଇ ରହିବ ।" ଆମେ ସବୁବେଳେ ଆପଣା ପାଖରେ ଏହି ସର୍ବୋତ୍କୃଷ୍ଟ କୈଫିୟତ୍‌ଟିକୁ ଆଣି ବାଢ଼ିଥାଉ : "ଏଥର ମୁଁ ସର୍ବଶେଷ ଥର ପାଇଁ ଏହି କଥାଟିକୁ କରୁଛି । ଏଇଟି ଯେ ଏକ ସମ୍ପୂର୍ଣ୍ଣ ଖରାପ କଥା, ଏଇଟିକୁ ଯେ ଆଦୌ କରିବା ଉଚିତ ନୁହେଁ ଓ ମୁଁ ଏଇଟିକୁ ଆଉ କେବେହେଲେ କରିବି ନାହିଁ, ଏହି କଥାଟିକୁ ସମ୍ପୂର୍ଣ୍ଣ ଭାବରେ ବୁଝିବା ଉଦ୍ଦେଶ୍ୟରେହିଁ ମୁଁ ଏକଥା କରିବାକୁ ଯାଉଛି । ଏଇଟା ହେଉଛି ସର୍ବଶେଷ ଥର ।" ହଁ, ସବୁଥର ଏମିତି ସର୍ବଶେଷ ଥର ! ଏବଂ ତୁମେ ବାରବାର ସେହି କଥାଟିକୁ କରିବାରେ ଲାଗିଥାଅ ।

ଅବଶ୍ୟ ଏପରି ବି ଲୋକ ଅଛନ୍ତି ଯେଉଁମାନଙ୍କ ଭିତରେ କଦାପି ଏତେଦୂର ସ୍ପଷ୍ଟ କୌଣସି ଧାରଣା ନଥାଏ ଏବଂ ଯେଉଁମାନେ ନିଜ ପାଖରେ ଏହିପରି କହିଥାନ୍ତି : "କିନ୍ତୁ ମୁଁ ଏଇଟିକୁ କାହିଁକି ବା ଇଚ୍ଛା କରୁ ନାହିଁ ? ଏଗୁଡ଼ାକ ହେଉଛି କେବଳ ସିଦ୍ଧାନ୍ତ, କେବଳ ଗୋଟାଏ ଗୋଟାଏ ନୀତି ଓ ଏଗୁଡ଼ାକ ହୁଏତ ସତ ବି ହୋଇ ନପାରେ । ଯଦି ମୋ ଭିତରେ ଏହି ତୀବ୍ର ଆବେଗଟି ଆସୁଛି, ତେବେ ଏଇଟି କୌଣସି ଏକ ସିଦ୍ଧାନ୍ତଠାରୁ ଅଧିକ ଭଲ ନୁହେଁ ବୋଲି ମୋତେ ପ୍ରକୃତରେ କିଏ ଆସି କହିବାକୁ ଚେଷ୍ଟା କରୁଛି ?···" ଏଭଳି ଲୋକଙ୍କ ପାଇଁ ତାହା କଦାପି ଶେଷଥର ପାଇଁ ହୁଏ ନାହିଁ । ଏହାକୁ ସେମାନେ ଏକ ସ୍ୱାଭାବିକ କଥା ବୋଲି ଗ୍ରହଣ କରିନଥାନ୍ତି ।

ଏପାଖ ସେପାଖ ଏହି ଦୁଇ ପ୍ରକାରର ଲୋକଙ୍କ ଭିତରେ ମଧ୍ୟବର୍ତ୍ତୀ କେତେ କେତେ ସମ୍ଭାବନା ବିଦ୍ୟମାନ ରହିଥାଏ । ମାତ୍ର ସବୁଠାରୁ ବଡ଼ ବିପଜ୍ଜନକ ହେଉଛି ଏହି କଥାଟିକୁ କହିବା : "ବେଶ୍, ମୁଁ ବର୍ତ୍ତମାନ ଏହି କଥାଟିକୁ ଆଉ ଗୋଟିଏ ଥର ପାଇଁ କରିବାକୁ ଯାଉଛି, ଏହାଦ୍ୱାରା ମୁଁ ସମ୍ପୂର୍ଣ୍ଣ ଭାବରେ ବିଶୁଦ୍ଧ ହୋଇ ବାହାରି ଆସିବି । ଏବଂ ତା'ପରେ ମୁଁ ସେହି କଥାଟିକୁ ଆଉ କେବେହେଲେ କରିବି ନାହିଁ ।" ବିଶୁଦ୍ଧୀକରଣର ଏହି ଉପାୟଟି କେବେହେଲେ ଯଥେଷ୍ଟ ହୋଇପାରେ ନାହିଁ ।



'oaob.nitrkl.ac.in' images reprocessed

ବଶୀଭୂତୀକରଣ କେବଳ ସେତିକିବେଳେ ଘଟେ, ଯେତେବେଳେ ତୁମେ ଏହିପରି ନିଷ୍ପତ୍ତି କରି ସାରିଥାଅ : "ଆଚ୍ଛା, ଏଥର ମୁଁ ଏହି କଥାଟିକୁ କରିବା ଲାଗି ଆଉ କୌଣସି ଚେଷ୍ଟା କରିବି ନାହିଁ, ମୁଁ ଏକଥାଟିକୁ କଦାପି କରିବି ନାହିଁ । ସେଥିଲାଗି ମୁଁ ମୋର ସମୁଦାୟ ଶକ୍ତି ନିୟୋଜିତ କରିବି ଏବଂ ଏହି କଥାଟିକୁ କଦାପି କରିବି ନାହିଁ ।" ଏଥିରେ ତୁମକୁ କେବଳ କିଞ୍ଚିତ୍ ସଫଳତା ମିଳୁଥିଲେ ମଧ୍ୟ, ତଥାପି ଏହାକୁ ଅନେକ କିଛି ବୋଲିନିଶ୍ଚୟ କୁହାଯିବ । ଏହା ଆଦୌ ଏକ ବଡ଼ ସଫଳତା ହେବ ନାହିଁ ସତ, ମାତ୍ର କେବଳ ଏକ ସାନ ସଫଳତା ହିଁ ହେବ, ଏକ ଅତ୍ୟନ୍ତ ଆଂଶିକ ସଫଳତା ହୋଇ ରହିବ : ତୁମେ ଯାହା କରିବ ବୋଲି ଆକାଂକ୍ଷା ରଖିଥାଅ, ତାହାକୁ ପ୍ରକୃତରେ କାର୍ଯ୍ୟକାରୀ କରି ପାରୁ ନାହିଁ । ମାତ୍ର ସେହି ଯେଉଁ ଆକାଂକ୍ଷା, ବାସନା ବା ପ୍ରବଳ ଇଚ୍ଛାଟି ରହିଥାଏ, ସେଇଟି ତୁମ ଭିତରେ ତଥାପି ରହିଥାଏ; ତାହା ତୁମ ଭିତରେ କେତେ କେତେ ଜଳ ଭଉଁରିର ସୃଷ୍ଟି କରୁଥାଏ, ମାତ୍ର ବାହାରେ ତୁମେ ପ୍ରତିରୋଧ କରିବାରେ ଲାଗିଥାଅ, "ମୁଁ ଏହି କଥାଟିକୁ କରିବି ନାହିଁ, ମୁଁ ଏତେ ଟିକିଏ ଟଳିବି ନାହିଁ; ସେଥିଲାଗି ହାତ ଗୋଡ଼କୁ ବାନ୍ଧି ଦେବାକୁ ପଡ଼ିଲେ ମଧ୍ୟ ମୁଁ ଆଦୌ ସେହି କଥାଟିକୁ କରିବି ନାହିଁ ।" ଏହା ହେଉଛି ଏକ ଆଂଶିକ ସଫଳତା,—ମାତ୍ର ତଥାପି ଏହାକୁ ଅବଶ୍ୟ ଏକ ବୃହତ୍ ବିଜୟ ବୋଲି କୁହାଯିବ; କାରଣ ଏଇଥି ଯୋଗୁଁ ହିଁ ପରବର୍ତ୍ତୀ ଥରକୁ ତୁମେ ଆଉଟିକିଏ ଅଧିକ କରିବାକୁ ସମର୍ଥ ହେବ । ଅର୍ଥାତ୍, ତୀବ୍ର ପ୍ରବଳ ଯାବତୀୟ ବାସନା ଓ କାମନାକୁ ଆପଣା ଭିତରେ ଧରିରଖିବା ଅପେକ୍ଷା, ତୁମେ ଏଥର ସେଗୁଡ଼ିକୁ କିଞ୍ଚିତ୍ ପରିମାଣରେ ଶାନ୍ତ କରି ରଖିବାକୁ ସମର୍ଥ ହେବ; ଏବଂ ପ୍ରଥମ ପର୍ଯ୍ୟାୟରେ ତୁମେ କେବଳ ଧୀରେ ଧୀରେ ଓ ଆୟାସର ସହିତ ହିଁ ସେଗୁଡ଼ିକୁ ଶାନ୍ତ କରି ରଖିବାକୁ ସମର୍ଥ ହେବ । ସେହି କାମନା ଓ ବାସନାଗୁଡ଼ିକ ଅନେକ ଦିନ ପର୍ଯ୍ୟନ୍ତ ରହିବେ, ସେଗୁଡ଼ିକ ଫେରି ଆସୁଥିବେ, ସନ୍ତାପିତ ଓ ବିରକ୍ତ କରିବାରେ ଲାଗିଥିବେ, ତୁମ ଭିତରେ ତୀବ୍ର ବିରକ୍ତି ଉତ୍ପନ୍ନ କରୁଥିବେ, ସବୁକିଛି କରୁଥିବେ ସତ, ମାତ୍ର ଯଦି ତୁମେ ସମୁଚିତ ଭାବରେ ପ୍ରତିରୋଧ କରି ପାରୁଥିବ ଓ ଏପରି କହି ପାରୁଥିବ : "ନାଇଁ, ମୁଁ କିଛିହେଲେ କରିବି ନାହିଁ; ସେଥିଲାଗି ମୋତେ ଯାହାକିଛି ମୂଲ୍ୟ ଦେବାକୁ ପଡ଼ିବ ପଛକେ, ମୁଁ ତଥାପି କିଛି କରିବି ନାହିଁ । ମୁଁ ପଥର ପରି ଅଟଳ ହୋଇ ରହିବି", ତେବେ, ଅଳ୍ପ ଅଳ୍ପ କରି, ଅଳ୍ପ ଅଳ୍ପ କରି ତାହା କ୍ଷୀଣରୁ କ୍ଷୀଣତର ହେବାରେ ଲାଗିଥିବ ଏବଂ ତା'ପରେ ତୁମେ ଏହି ଦ୍ୱିତୀୟ ଦୃଷ୍ଟିକୋଣଟିକୁ ବି ପୋଷଣ କରିବାକୁ ଶିଖିଯିବ : "ବର୍ତ୍ତମାନ ମୋର ଚେତନା ଏସବୁଥିରୁ ଊର୍ଦ୍ଧ୍ୱରେ ରହୁ ବୋଲି ମୁଁ ଇଚ୍ଛା କରୁଛି । ଏକଥା ସତ ଯେ ମୋତେ ଆହୁରି ଅନେକ ଯୁଦ୍ଧ ଲଢ଼ିବାକୁ ପଡ଼ିବ, ମାତ୍ର ଯଦି ମୋର

ଚେତନା ସେସବୁଥିରୁ ଊର୍ଦ୍ଧ୍ୱ ହୋଇ ରହିଥିବ, ତେବେ ଅଳ୍ପ ଅଳ୍ପ କରି ଏପରି ଏକ ସମୟ ଆସିଯିବ, ଯେତେବେଳେ କି ଏଗୁଡ଼ାକ କଦାପି ଲେଉଟି ଆସିବ ନାହିଁ ।" ଏବଂ ତା'ପରେ ଏପରି ଆଉ ଗୋଟିଏ ସମୟ ଆସି ପହଞ୍ଚିବ, ଯେତେବେଳେ ତୁମେ ଆପଣାକୁ ଏଗୁଡ଼ିକରୁ ପୂର୍ଣ୍ଣମୁକ୍ତ ଅନୁଭବ କରିପାରିବ ଯେତେବେଳେ ତୁମେ ଏଗୁଡ଼ାକୁ ଅନୁଭବ ବି କରିପାରିବ ନାହିଁ, ଏବଂ ତା'ପରେ ସବୁ ଠିକ୍ ହୋଇଯିବ । ଏଥିଲାଗି ଅନେକ ସମୟ ଲାଗିପାରେ, ଏହା ଅତି ଶୀଘ୍ର ବି ସମ୍ଭବ ହୋଇପାରେ : ସେକଥା ଚରିତ୍ରର ବଳ ଉପରେ ନିର୍ଭର କରିବ, ଅନ୍ତଃପ୍ରକୃତି ମଧ୍ୟରେ କେତେଦୂର ନିଷ୍ଠା ଅଛି, ତାହାରି ଉପରେ ନିର୍ଭର କରିବ । ମାତ୍ର ଯେଉଁ ଲୋକମାନଙ୍କଠାରେ ଅଳ୍ପ ପରିମାଣରେ ବି ନିଷ୍ଠା ରହିଛି, ଯଦି ସେମାନେ ମଧ୍ୟ ଏହି ପ୍ରକ୍ରିୟାଟିକୁ ସ୍ୱୀକାର କରିନେବେ, ତେବେ ସେମାନେ ନିଶ୍ଚୟ ସଫଳତା ପାଇବେ । ଏଥିପାଇଁ ସମୟ ଲାଗିବ । ସେମାନେ ପ୍ରଥମ କଥାଟିରେ, ଅର୍ଥାତ୍ ସେଗୁଡ଼ିକୁ ପ୍ରକାଶ ନକରିବାରେ ସଫଳତା ଲାଭ କରିବେ । ଏହି ପୃଥିବୀର ଯାବତୀୟ ଶକ୍ତି ଆପଣାକୁ ଅଭିବ୍ୟକ୍ତ କରିବାକୁହିଁ ପ୍ରବୃତ୍ତ ହୋଇ ରହିଥାନ୍ତି । ନିଜକୁ ପ୍ରକଟ କରିବାର ମତଲବରେ ଏହି ଶକ୍ତିଗୁଡ଼ିକର ଆଗମନ ହୋଇଥାଏ, ଏବଂ ଯଦି ତୁମେ ଏକ ପ୍ରତିବନ୍ଧକ ସୃଷ୍ଟି କରି ସେହି ଅଭିବ୍ୟକ୍ତିଟି ଲାଗି ମନା କରିଦେଇ ପାରିବ, ତେବେ ସେମାନେ ହୁଏତ ବେଶ୍ କିଛି ସମୟ ଲାଗି ପ୍ରତିବନ୍ଧକଟି ଉପରେ ବାଡ଼େଇ ହେବାରେ ଲାଗିବେ, ମାତ୍ର ପରିଶେଷରେ ପରିଶ୍ରାନ୍ତ ହୋଇ ପଡ଼ିବେ ଏବଂ ନିଜକୁ ପ୍ରକଟ କରାଇ ନପାରି ଅପସରାଇ ନେଇଯିବେ ଓ ତୁମକୁ ଆଉ ବିଚଳିତ କରିବାକୁ ଆସିବେ ନାହିଁ ।

ତେଣୁ ତୁମେ ଏପରି କଦାପି କହିବ ନାହିଁ : "ମୁଁ ପ୍ରଥମେ ମୋ ଭାବନାକୁ ଶୁଦ୍ଧ କରିବ, ମୋ ଶରୀରକୁ ଶୁଦ୍ଧ କରିବ, ପ୍ରାଣିକ ପ୍ରକୃତିକୁ ଶୁଦ୍ଧ କରିବ ଏବଂ ତା'ପରେ ଯାଇ ମୋର କର୍ମଟିକୁ ଶୁଦ୍ଧ କରିବ ।" ଏଇଟି ସାଧାରଣତଃ ସମସ୍ତେ କରନ୍ତି, ମାତ୍ର ତାହା କଦାପି ସଫଳ ହୁଏ ନାହିଁ । ଫଳପ୍ରଦ ଉପାୟଟି ହେଉଛି ଆଗ ବାହାରୁ ଆରମ୍ଭ କରିବା "ସର୍ବପ୍ରଥମ କଥାଟି ହେଉଛି ଯେ ମୁଁ ଏହି କାମଟି କରିବି ନାହିଁ, ଏବଂ ତା'ପରେ, ଏହି ବିଷୟରେ ମୁଁ କୌଣସି ବାସନା ପୋଷଣ କରିବି ନାହିଁ, ଏବଂ ତା'ପରେ ଯାବତୀୟ ପ୍ରକାରର ଆବେଗ ଓ ବାସନା ଲାଗି ମୋର କବାଟଗୁଡ଼ିକୁ କିଳିରଖିବି । ସେତେବେଳେ ମୋ ଲାଗି ସେମାନଙ୍କର ଆଉ କୌଣସି ଅସ୍ତିତ୍ୱ ରହିବ ନାହିଁ; ବର୍ତ୍ତମାନ ମୁଁ ସେଗୁଡ଼ିକ ମଧ୍ୟରୁ ବାହାରକୁ ବାହାରି ଆସିଥିବି ।" ଏଇଟାହିଁ ହେଉଛି ପ୍ରକୃତ କ୍ରମ, ସଫଳ କ୍ରମ । ପ୍ରଥମେ, ଏଇଟିକୁ କରିବ ନାହିଁ । ଏବଂ ତା'ପରେ ସେଇଟିର ଆକାଙ୍କ୍ଷା କରିବ ନାହିଁ,

'oaob.nitrkl.ac.in' images reprocessed

ଏବଂ ତା'ପରେ ତାହା ତୁମର ଚେତନାଟି ମଧ୍ୟରୁହିଁ ସମ୍ପୂର୍ଣ୍ଣ ଭାବରେ ଦୂରୀକୃତ ହୋଇ ଚାଲିଯିବ ।

ଯେତେବେଳେ ଚୈତ୍ୟ ସତ୍ତା ଜଗତରେ ପ୍ରବେଶ କରିବାକୁ ବାହାରେ, ସେତେବେଳେ ତାହା ପ୍ରକୃତରେ କେଉଁ ଆକାରଟି ଗ୍ରହଣ କରିବାକୁ ଯାଉଛି, ତାହା ସେ ଆଗରୁ ଠିକ୍ କରିନଏ କି ?

ଏଇଟି ଭାରି ଆଗ୍ରହୋଦ୍ଦୀପକ ପ୍ରଶ୍ନ । ସେଇଟି ଅନେକକିଛୁ କଥା ଉପରେ ନିର୍ଭର କରେ । ମୁଁ ବର୍ତ୍ତମାନ ତୁମମାନଙ୍କୁ ଯେପରି କହିଲି, ଅନେକ ଚୈତ୍ୟ ସତ୍ତା ଏପରି ଅଛନ୍ତି, ଯେଉଁମାନେ କି ପରିଣତ ହେବାରେ ଲାଗିଥାନ୍ତି, ଅଗ୍ରଗତିର ପଥରେହିଁ ଚାଲିଥାନ୍ତି । ପ୍ରଥମ ପର୍ଯ୍ୟାୟରେ ଏମାନେ ସାଧାରଣତଃ ଖୁବ୍ ବେଶୀ କିଛି ବାଛିନେଇ ପାରନ୍ତି ନାହିଁ; ମାତ୍ର ଯେତେବେଳେ ସେମାନେ ଅଭିବୃଦ୍ଧି ଏବଂ ଚେତନାର ଏକ ନିର୍ଦ୍ଦିଷ୍ଟ ସ୍ତରରେ ଆସି ଉପନୀତ ହୋଇଯିବେ (ସେତେବେଳେ ମଧ୍ୟ ସେମାନେ ସାଧାରଣତଃ ତଥାପି ଭୌତିକ ଶରୀରରେ ରହିଥିବେ ଏବଂ ସେମାନଙ୍କର କେତେକ ପରିମାଣରେ ଏକ ଅଭିଜ୍ଞତା ମଧ୍ୟ ଅବଶ୍ୟ ହୋଇ ଯାଇଥିବ ।), ସେତେବେଳେ, ସେମାନଙ୍କ ଅଭିଜ୍ଞତାର ପରବର୍ତ୍ତୀ କ୍ଷେତ୍ରଟି କ'ଣ ହେବ, ସେମାନେ ସେହି କଥାଟିକୁ ନିଷ୍ପତ୍ତି କରିନେଇ ପାରିବେ ।

ତୁମମାନଙ୍କୁ ମୁଁ କେତୋଟି ବାହ୍ୟ ଦୃଷ୍ଟାନ୍ତ ଦେଉଛି । ଉଦାହରଣସ୍ୱରୂପ, ଏକ ଚୈତ୍ୟ ସତ୍ତା ପ୍ରଭୁତ୍ୱ-ଅର୍ଜନ ଓ କ୍ଷମତାର ଅଭିଜ୍ଞତା ଅର୍ଜନ କରିବା ଲାଗି ଏକ ପ୍ରୟୋଜନୀୟତା ଅନୁଭବ କଲା । ତତ୍ସନ୍ନିତ ପ୍ରତିକ୍ରିୟାଗୁଡ଼ିକୁ ଜାଣିବା ଲାଗି ଏବଂ ଏହିସବୁ ଯାବତୀୟ ଶକ୍ତିକ୍ରିୟାକୁ କିପରି ପରମ ଦିବ୍ୟସତ୍ତାଙ୍କ ଆଡ଼କୁ ଉଦ୍ଦିଷ୍ଟ କରି ରଖିବା ସମ୍ଭବ, ସେହି କଥାଟି ଜାଣିବା ଲାଗି ସେ ଏହିପରି ଏକ ପ୍ରୟୋଜନ ଅନୁଭବ କଲା । କ୍ଷମତାମୟ ଏକ ଜୀବନ ତୁମକୁ ପ୍ରକୃତରେ କ'ଣ ଶିକ୍ଷା ଦେଇ ପାରିବ, ତାହା ଜାଣିବା ଲାଗି ସେହି ପ୍ରୟୋଜନ ଅନୁଭବ କଲା । ତା'ପରେ ତାହା ଜଣେ ରାଜା ବା ଜଣେ ରାଣୀଙ୍କ ଭିତରେ ଆସି ଜନ୍ମ ନେଲା । ଏମାନେ ବେଶ୍ କିଛି କ୍ଷମତାର ଉପଭୋଗ କଲେ ଏବଂ ସେହି ଅବଧିଟି ମଧ୍ୟରେ ସେମାନେ ନିଜର ଅଭିଜ୍ଞତାଗୁଡ଼ିକୁ ଲାଭ କଲେ ଏବଂ ପରିଶେଷରେ ସେହି ଅଭିଜ୍ଞତା-କ୍ଷେତ୍ରର ପ୍ରାନ୍ତରେ ଆସି ପହଞ୍ଚିଲେ । ବର୍ତ୍ତମାନ, ସେମାନେ ଯାହା ଜାଣିବାକୁ ଇଚ୍ଛା କରୁଥିଲେ, ତାହାସବୁ ଜାଣିଲେ ଏବଂ ଯିବାକୁ ବସିଲେ । ଯେଉଁ ଶରୀରଟି ବର୍ତ୍ତମାନ ଆଉ କୌଣସି ପ୍ରକାର କାମରେ ଅସୁ ନାହିଁ, ସେମାନେ ସେହି ଶରୀରଟିକୁ ଛାଡ଼ିବାକୁ

'oaob.nitrkl.ac.in' images reprocessed

ତାହାପରେ ଓ ପରବର୍ତ୍ତୀ ଅଭିଜ୍ଞତା ଲାଗି ପ୍ରସ୍ତୁତ ହେଉଛନ୍ତି । ଏବଂ, ଠିକ୍ ସେହି ସମୟରେ, ଯେତେବେଳେ ଚୈତ୍ୟସତ୍ତାଟି ଶରୀର ଭିତରେ ତଥାପି ରହିଛି ଏବଂ ଆପଣାର ଲବ୍ଧ ଯାବତୀୟ ଶିକ୍ଷାକୁ ଉଲ୍ଲେଖ କରି ରଖିଛି, ସେତିକବେଳେ ତାହା ପରବର୍ତ୍ତୀ ଅବସରଟି ଲାଗି ନିଷ୍ପତ୍ତି ଗ୍ରହଣ କରୁଛି । ଏବଂ ବେଳେବେଳେ କ୍ରିୟା ଏବଂ ପ୍ରତିକ୍ରିୟାର ଏକ ଗତିଷ୍ପନ୍ଦନ ମାଧ୍ୟମରେ ତାହା ଆପଣାକୁ ବ୍ୟକ୍ତ କରୁଛି : କାରଣ ତାହା ଗୋଟିଏ ସମ୍ପୂର୍ଣ୍ଣ କ୍ଷେତ୍ରର ଅଧ୍ୟୟନ ସମାପ୍ତ କରିଛି, ବର୍ତ୍ତମାନ ତାହା ବିପରୀତ କ୍ଷେତ୍ରଟିର ଅଧ୍ୟୟନ ଆବଶ୍ୟକ ମନେ କରୁଛି । ଏବଂ ଅନେକ ସମୟରେ ଏହିପରି ହୋଇଥାଏ ଯେ, ବର୍ତ୍ତମାନ ଯେଉଁ ଜୀବନଟିକୁ ବଞ୍ଚି ଆସିଲା, ଏଥର ତାହା ତା'ଠାରୁ ଅତ୍ୟନ୍ତ ଅନ୍ୟ ରକମର ଏକ ଜୀବନ ଗ୍ରହଣ କରିବ ବୋଲି ନିଷ୍ପତ୍ତି କରୁଛି । ତେଣୁ ଏହି ଶରୀରଟିକୁ ଛାଡ଼ି ଚାଲି ଯିବା ପୂର୍ବରୁ ତାହା କହୁଛି : "ପରବର୍ତ୍ତୀ ଥର ମୁଁ ଅମୁକ ରାଜ୍ୟଟିରେ ଯାଇ ଜନ୍ମ ଗ୍ରହଣ କରିବି···" ଉଦାହରଣସ୍ୱରୂପ, ମନେ କରାଯାଉ ଯେ ଚୈତ୍ୟସତ୍ତାଟି ଅଭିବୃଦ୍ଧିର ଏପରି ଏକ ପର୍ଯ୍ୟାୟରେ ଯାଇ ପହଞ୍ଚିଛି, ଯେତେବେଳେ କି ତାହା ଭୌତିକ ଶରୀର ଉପରେ ଏପରି ଭାବରେ କ୍ରିୟା କରିବାକୁ ଇଚ୍ଛା କରିବ, ଯେପରିକି ସେହି ଶରୀର ସଚେତନ ଭାବରେ ପରମ ଦିବ୍ୟସତ୍ତାର ସଂସ୍ପର୍ଶରେ ଆସିବ ଓ ରୂପାନ୍ତରିତ ହୋଇଯିବ । ବର୍ତ୍ତମାନ, ତାହା ଏପରି ଏକ ଶରୀରକୁ ଛାଡ଼ି ଅନ୍ୟତ୍ର ଯାଉଛି ଯାହା ଉପରେ କି ତା'ର କର୍ତ୍ତୃତ୍ୱ ରହିଥିଲା, କ୍ଷମତା ରହିଥିଲା, ଯାହା ଉପରେ ସେ କ୍ରିୟା କରି ପାରୁଥିଲା, ଆପଣାର ବୃଦ୍ଧି ଲାଗି ଯେଉଁ ଶରୀରଟିକୁ ସେ କାମରେ ଲଗାଇଥିଲା । ସିଏ କହିବାକୁ ଆରମ୍ଭ କରୁଛି : "ଆରଥରକୁ ମୁଁ ଏକ ମଧ୍ୟମ ପରିବେଷ୍ଟନୀରେ ଜନ୍ମଗ୍ରହଣ କରିବି, ଯାହାକି ନୀଚ ହୋଇ ନଥିବ କି ଉଚ୍ଚ ହୋଇ ନଥିବ, ଯେଉଁଠାରେ କି ଏତେ ଅଧିକ ପରିମାଣରେ ଏକ ବାହ୍ୟ ଜୀବନ ଯାପନ କରିବା ଲାଗି ଆଦୌ ପ୍ରୟୋଜନ (ଏହି କଥାଟିକୁ ଆଉ କିପରି ବ୍ୟକ୍ତ କରାଯାଇ ପାରିବ ?) ନଥିବ, ଯେଉଁଠାରେ କି ଅତ୍ୟଧିକ କ୍ଷମତା ନଥିବ ଅଥବା ଅତ୍ୟଧିକ ଦୁଃଖଭୋଗ ବି ନଥିବ,—ଏଇଟି ସମ୍ପୂର୍ଣ୍ଣ ଭାବରେ ମଧ୍ୟମ ହୋଇ ରହିଥିବ, ଦୁଇ ପ୍ରାନ୍ତର ମଝିମଝିଆ ଏକ ଜୀବନ ହୋଇଥିବ ।" ତାହା ଏହିପରି ଏକ ଜୀବନ ଗ୍ରହଣ କରିବାକୁ ଠିକ୍ କରେ । ଆବଶ୍ୟକ ବିଶ୍ରାମକାଳଟି କଟାଇବା ପାଇଁ ତାହା ନିଜର ଚୈତ୍ୟ ଜଗତଟିକୁ ଫେରି ଆସେ, ଲବ୍ଧ ଅଭିଜ୍ଞତାଟିକୁ ନିଜସ୍ୱ କରିବା ଲାଗି ଏବଂ ଭବିଷ୍ୟତର ଅଭିଜ୍ଞତାଟିକୁ ପ୍ରସ୍ତୁତ କରିବା ଲାଗି ଫେରିଆସେ । ଆପଣାର ନିଷ୍ପତ୍ତିଟିକୁ ସେ ସ୍ୱଭାବତଃ ଅବଶ୍ୟ ସ୍ମରଣ ରଖିଥାଏ; ଏବଂ ପୁନର୍ବାର ଅବତରଣ କରିବା ପୂର୍ବରୁ, ଯେତେବେଳେ ନିଜସ୍ୱୀକରଣର ପ୍ରକ୍ରିୟାଟି ସରିଯାଏ, ଯେତେବେଳେ ଫେରିବାର ସମୟ ହୁଏ, ପୃଥିବୀପୃଷ୍ଠକୁ ଓହ୍ଲାଇ ଆସିବାର ସମୟ ଆସେ, ସେତେବେଳେ ସେହି ରାଜ୍ୟରେ ଥାଇ, ଏଠି

'oaob.nitrkl.ac.in' images reprocessed

ଆମେ ଭୌତିକ ବସ୍ତୁଗୁଡ଼ିକୁ ଯେପରି ଭାବରେ ଦେଖୁଛୁ, ସେ ସେଗୁଡ଼ିକୁ ଆଦୌ ସେପରି ଭାବରେ ଦେଖିପାରେ ନାହିଁ । ସେଗୁଡ଼ିକ ତାକୁ ଅନ୍ୟ ପ୍ରକାରର ଦେଖା ଯାଉଥାନ୍ତି । ତଥାପି ପାର୍ଥକ୍ୟଗୁଡ଼ିକ ବିଷୟରେ ଏକ ପୂର୍ବଜ୍ଞାନ ଅବଶ୍ୟ ଅର୍ଜନ କରାଯାଇପାରେ : ପରିବେଷ୍ଟନୀଗତ ପାର୍ଥକ୍ୟ, ଏବଂ ସେହି ପରିବେଷ୍ଟନୀରେ ସମ୍ପନ୍ନ ହେଉଥିବା ଯାବତୀୟ କ୍ରିୟାର ପାର୍ଥକ୍ୟଗୁଡ଼ିକ ବଡ଼ ସ୍ପଷ୍ଟ ଭାବରେ ଦେଖିହୁଏ; ବେଶ୍ ସ୍ପଷ୍ଟ ହୋଇ ଦେଖାଯାଉଥାଏ । ସେତେବେଳେ ସେ ସମଗ୍ରଟିକୁ ଦେଖିବା ଲାଗି ବେଶ୍ ସମର୍ଥ ହୋଇପାରେ ଏବଂ ତାହାର ଭିତରୁ ଗୋଟିକୁ ବାଛି ନେଇପାରେ । ବେଳେବେଳେ ଦେଶଟିକୁ ବାଛିନିଏ; ଯେତେବେଳେ ତାହା ଏକ ନିର୍ଦ୍ଦିଷ୍ଟ ପ୍ରକାରର ଶିକ୍ଷା ଲାଭ କରିବ ବୋଲି ଇଚ୍ଛା କରୁଥାଏ, ନିର୍ଦ୍ଦିଷ୍ଟ ପ୍ରକାର ସଭ୍ୟତା ଓ ପ୍ରଭାବ ଇଚ୍ଛା କରୁଥାଏ, ସେତେବେଳେ ସେ ତା'ର ଦେଶଟିକୁ ଆଗରୁ ବାଛି ନେଇପାରେ । ଅନେକ ସମୟରେ ତାହା ସେପରି କରିପାରେ ନାହିଁ; ଅନେକ ସମୟରେ କେବଳ ପରିବେଷ୍ଟନୀଟିକୁହିଁ ବାଛି ନେଇପାରେ, ଯେଉଁ ପ୍ରକାରର ଜୀବନ ଅତିବାହିତ କରିବ, ତାହା ବାଛି ନେଇପାରେ । ଏବଂ ତଳକୁ ଓହ୍ଲାଇ ଆସିବା ପୂର୍ବରୁ ସେହି ଊର୍ଦ୍ଧ୍ୱରେ ଥାଇ ତାହା ଆପଣାର ଅଭିଳଷିତ ସ୍ପନ୍ଦନଗୁଡ଼ିକର ସନ୍ଧାନ କରିବାକୁ ଲାଗେ; ସେଗୁଡ଼ିକୁ ତାହା ଅତ୍ୟନ୍ତ ସ୍ପଷ୍ଟଭାବରେ ଦେଖି ପାରୁଥାଏ । ମନେହୁଏ, ସତେଯେପରି, ତାହା ଯେଉଁ ସ୍ଥାନରେ ଆସି ଓହ୍ଲାଇବାକୁ ଯାଉଛି, ଠିକ୍ ସେହି ସ୍ଥାନଟିକୁ ଲକ୍ଷ୍ୟ କରିହିଁ ଓହ୍ଲାଇବାରେ ଲାଗିଛି । ମାତ୍ର ତାହାକୁ ତଥାପି କେବଳ ଏକ ନୈକଟ୍ୟ ବୋଲି କୁହାଯାଇ ପାରିବ, କାରଣ ଏହି କ୍ଷେତ୍ରରେ ଆଉ ଗୋଟିଏ ସର୍ତ୍ତର ପରିପୂରଣ ମଧ୍ୟ ଆବଶ୍ୟକ ହୋଇ ରହିଥାଏ । କେବଳ ସିଏ କ'ଣ ନିର୍ବାଚନ କଲା, ସେଇଟିହିଁ ଯଥେଷ୍ଟ ହୁଏ ନାହିଁ; ନିମ୍ନ ଦେଶରୁ ମଧ୍ୟ ଏକ ଗ୍ରହଣଶୀଳତା ଏବଂ ଏକ ଅଭୀପ୍ସାର ଅପେକ୍ଷା ରହିଥାଏ । ତାହା ଯେଉଁ ପରିବେଶଟିକୁ ବାଛିଛି, ତାହା ମଧ୍ୟରେ ଏପରି ଜଣେ କେହି ରହିବା ଅବଶ୍ୟ ଦରକାର ହୁଏ, ସାଧାରଣତଃ ଏପରି ଜଣେ ଜନନୀ ରହିଥିବା ଦରକାର ହୁଏ । (ବେଳେ ବେଳେ ବାପମାଆ ଦୁଇଜଣ ଯାକ ଦରକାର ହୁଅନ୍ତି, ମାତ୍ର ଜନନୀ ହେଉଛି ସବୁଠାରୁ ଅଧିକ ଅପରିହାର୍ଯ୍ୟ), ଯାହାର କି ଏପରି ଏକ ଅଭୀପ୍ସା ବା ଏକ ଗ୍ରହଣଶୀଳତା ରହିଥିବା ଦରକାର, ଯାହାକି ଯଥେଷ୍ଟ ପରିମାଣରେ ଗ୍ରହଣସକ୍ଷମ ହୋଇ ରହିଥିବ ଏବଂ ଉଚ୍ଚତର କୌଣସି ବସ୍ତୁ ଲାଗି ଉନ୍ମୁକ୍ତ ହୋଇ ରହିଥିବ, ସେଥିଲାଗି ଯାହାର ଏକ ସଚେତନ ଅଭୀପ୍ସା ନିଶ୍ଚୟ ରହିଥିବ । ଏବଂ ସେଇ ଚୈତ୍ୟସତ୍ତାଟି ଲାଗି ଗୋଟିଏ ଆଲୋକ ପ୍ରଜ୍ୱଳିତ କରିଦିଏ । ଯେଉଁ ପରିବେଶଟିରେ ତାହା ଜନ୍ମନେବାକୁ ଇଚ୍ଛା କରୁଛି, ତାହା ଲାଗି ସେହି ପରିବେଶଟିର ପ୍ରତିନିଧିତ୍ୱ କରୁଥିବା ପିଣ୍ଡଟି ମଧ୍ୟରେ ଯଦି ତାହାର ନିଜର ପ୍ରକ୍ଷେପିତ ଇଚ୍ଛାଶକ୍ତି

'oaob.nitrkl.ac.in' images reprocessed

ଦ୍ୱାରା ପ୍ରବର୍ତ୍ତିତ ହୋଇ ଏକ କ୍ଷୁଦ୍ର ଆଲୋକ ପ୍ରଜ୍ୱଳିତ ହୋଇଉଠେ, ତେବେ ଚୈତ୍ୟସତ୍ତା ସେଇଥିରୁ ଜାଣିବାକୁ ପାଏ ଯେ ତାହାକୁ ସେହି ଆଧାରଟି ମଧ୍ୟକୁ ହିଁ ଯିବାକୁ ହେବ ।

ଏଇଟି ଏକାନ୍ତ ଆବଶ୍ୟକ; ଏହାହିଁ କେତେ ଦିନର ବା କେତେ ମାସର ଏକ ପାର୍ଥକ୍ୟ ଘଟାଇବାରେ କାରଣ ପରି କାର୍ଯ୍ୟ କରିଥାଏ; ହୁଏତ ଏତେ ବିଳମ୍ବ କଦାପି ହୁଏ ନାହିଁ ଯେ କେତେ ବର୍ଷର ପାର୍ଥକ୍ୟ ମଧ୍ୟ ଘଟିପାରେ । ମାତ୍ର ଏଥିରୁ ଏକ ଅନିଶ୍ଚିତତା ଉପୁଜେ, ଏବଂ ସେହି କାରଣରୁହିଁ ତାହା ଆଗରୁ ନିର୍ଦ୍ଦିଷ୍ଟ ଦିନଟିକୁ ଠିକ୍ କରି ଆଦୌ କହିଦେଇ ପାରେ ନାହିଁ : "ସେହି ତାରିଖ, ସେହି ତିଥି ଓ ସେହି ମାସରେ ମୁଁ ଜନ୍ମ ଗ୍ରହଣ କରିବାକୁ ଯାଉଛି" ବୋଲି ଆଦୌ କହିପାରେ ନାହିଁ । କାରଣ ଏଥିରେ ଆଉ ଏକ ଗ୍ରହଣଶୀଳ ଆଧାରକୁ ଖୋଜି ପାଇବା ଆବଶ୍ୟକ ହୋଇ ରହିଥାଏ । ସେହି ଆଧାରଟି ମିଳିଗଲା ମାତ୍ରକେ ତାହା ତତ୍‌କ୍ଷଣାତ୍ ଅବତରଣ କରିଆସେ । ମାତ୍ର ଏହି କ୍ଷେତ୍ରରେ ଯାହା ଘଟେ, ଆମେ ତାହାକୁ ଏକ ପ୍ରତିରୂପ ପରି କଳ୍ପନା କରିପାରିବା : ଏହା ଠିକ୍ ଏକ ପ୍ରତିରୂପ ପରି ଘଟେ ନାହିଁ, ତଥାପି ଏକ ପ୍ରତିରୂପ ସହିତ ତାହାର ଅତ୍ୟନ୍ତ ସାଦୃଶ୍ୟ ରହିଥାଏ । ଚୈତ୍ୟସତ୍ତାଟି ନିଜକୁ ଏକ ଅଚେତନା ମଧ୍ୟକୁ ନିକ୍ଷିପ୍ତ କରିଦିଏ, କାରଣ ଚୈତ୍ୟସତ୍ତାଟିର ତୁଳନାରେ ଜଡ଼ପୃଥିବୀ ଓ ଏପରିକି ମନୁଷ୍ୟର ଚେତନା ମଧ୍ୟ ପ୍ରକୃତରେ ବଡ଼ ଅଚେତନାଗ୍ରସ୍ତ ହୋଇ ରହିଥାଏ । ତେଣୁ ତାହା ଏକ ଅଚେତନା ମଧ୍ୟକୁ ଧାବମାନ ହୋଇଆସେ । ସତେଯେପରି ତାହା ମୁଣ୍ଡକୁ ତଳ ଆଡ଼କୁ ଅର୍ଥାତ୍ ସବା ଆଗକୁ ରଖି ଡୁବ୍ କରି ଖସିପଡ଼େ । ତଦ୍ୱାରା ସେ ସତେଅବା ଏକ ଧକ୍କା ପାଇଲା ପରି ଅନୁଭବ କରେ । ଏବଂ ତେଣୁ ସାଧାରଣତଃ,—ଏଥିରେ ଯେଉଁ କ୍ୱଚିତ୍ ଅଳ୍ପକେତୋଟି ବ୍ୟତିକ୍ରମ ରହିଥାଏ, ସେଗୁଡ଼ିକୁ ବାଦ୍ ଦେଇ,—ଦୀର୍ଘ ସମୟ ପର୍ଯ୍ୟନ୍ତ ତାହା କିଛିହେଲେ ଜାଣିପାରେ ନାହିଁ । ସେ କେଉଁଠାରେ ରହିଛି, କ'ଣ କରୁଛି, କାହିଁକି ଅଛି, ସେ ଏସବୁ ଆଉ କିଛିହେଲେ ଜାଣିପାରେ ନାହିଁ । ଆପଣାକୁ ଅଭିବ୍ୟକ୍ତ କରିବାରେ ତାହାର ଭାରି କଷ୍ଟ ହୁଏ; ବିଶେଷ କରି ଏକ ସଦ୍ୟଜାତ ଶିଶୁର ମାଧ୍ୟମରେ, ଯାହାରକି ପ୍ରକୃତରେ ମସ୍ତିଷ୍କ ବୋଲି କିଛି ନଥାଏ, ତା ମାଧ୍ୟମରେ ବ୍ୟକ୍ତ କରିବା ଭାରି କଷ୍ଟକର ହୋଇପଡ଼େ । ସେହି କ୍ଷେତ୍ରରେ ଏକ ମସ୍ତିଷ୍କର କେବଳ ଭ୍ରୂଣମାତ୍ର କ୍ୱଚିତ୍ ଗଠିତ ହୋଇଥାଏ ଏବଂ ଆପଣାକୁ ପ୍ରକଟ କରିବା ପାଇଁ ତା ପାଖରେ ଉପାଦାନଗୁଡ଼ିକର ଅଭାବ ରହିଥାଏ । ତେଣୁ ସଦ୍ୟଜାତ ଶିଶୁଟି ଯେଉଁ ଅଦ୍ଭୁତ ସତ୍ତାଟିକୁ ଆପଣା ଭିତରେ ବହନ କରିଥାଏ, ତାହାକୁ ସଙ୍ଗେ ସଙ୍ଗେ ପ୍ରକଟ କରିପାରିବାକୁ ତା' ଭିତରେ କ୍ୱଚିତ୍ ସାମର୍ଥ୍ୟ ଥାଏ ।......ହଁ, ଏହିପରିହିଁ ଘଟିଥାଏ । ଆମେ ଏହିସବୁ କଥା

'oaob.nitrkl.ac.in' images reprocessed

କୁହାହେବାର ଅନେକଥର ଶୁଣିଛୁ । ଏହା ଘଟିଥାଏ, ମାତ୍ର ଏଥିଲାଗି କେତେ ସମୟ ଦରକାର ହୁଏ । କେବଳ ଅତ୍ୟନ୍ତ ଧୀର ଭାବରେ ତାହା ଆପଣାର ନିଦ୍ରା ଭଙ୍ଗ କରି ଉଠି ପାରିଥାଏ ଏବଂ କୌଣସି କାରଣରୁ ଅଥବା ନିଜ ଇଚ୍ଛାରେ ତାହା ସେଠାରେ ଅଛି ବୋଲି ଏକ ସଜ୍ଞାନତା ଲାଭ କରେ । ଏବଂ ସାଧାରଣତଃ ଯୁଗପତ୍ ଭାବରେ ତେଣେ ସଘନ ଭାବରେ ମାନସସ୍ତରର ଶିକ୍ଷା ମଧ୍ୟ ହେବାରେ ଲାଗିଥାଏ, ଯାହାକି ତୁମକୁ ସଂପୂର୍ଣ୍ଣ ଭାବରେ ଚୈତ୍ୟ ଚେତନାଟିଠାରୁ ଅନ୍ତରାଳ କରି ରଖିଦିଏ । ତେଣୁ, ଭିତରେ ରହିଥିବା ଦୁଆରଗୁଡ଼ିକୁ ଖୋଲିବାକୁ ହେଲେ, ଯେପରିକି ଜଣେ ଏକଥା ସ୍ମରଣ କରିବାକୁ ଆରମ୍ଭ କରିବ ଯେ ସେ ପ୍ରକୃତରେ ଆଉ ଏକ ପୃଥିବୀରୁ ଏଠାକୁ ଆସିଛି ଏବଂ ଏକ ନିର୍ଦ୍ଦିଷ୍ଟ କାରଣ ସକାଶେହିଁ ଏଠାକୁ ଆସିଛି, ସେଥିଲାଗି କେତେକେତେ ପରିବେଶ, ଯାବତୀୟ ପ୍ରକାରର ଘଟଣା, କେତେକେତେ ସଂବେଗ ଏବଂ ଆଉ ଯାବତୀୟ ପ୍ରକାରର ନାନା କଥାର ଆବଶ୍ୟକତା ରହିଥିବ ।

ତା' ନହେଲେ, ଯଦି ସବୁକିଛି ସାଧାରଣ ଭାବରେ ଘଟି ଯାଉଥାନ୍ତା, ତେବେ ଖୁବ୍ ଶୀଘ୍ର ତାହା ଏକ ସଂଯୋଗ ସ୍ଥାପନ କରି ପାରୁଥାନ୍ତା, ପ୍ରକୃତରେ ଖୁବ୍ ଶୀଘ୍ର ପାରୁଥାନ୍ତା । ଯଦି ସୌଭାଗ୍ୟବଶତଃ ତାହା ଏପରି ଏକ ଆଧାର ପାଉଥାନ୍ତା ଯାହାର କି କିଛିତ୍ ପରିମାଣରେ ଜ୍ଞାନ ରହିଥାନ୍ତା, ଏବଂ ଅଜ୍ଞାନମୟ ଏକ ପୃଥିବୀରେ ପତିତ ନହୋଇ ଯଦି ତାହା କିଛିଟା ପରିମାଣରେ ଜ୍ଞାନ ମଧ୍ୟକୁ ନିକ୍ଷିପ୍ତ ହେଉଥାନ୍ତା, ତେବେ ସବୁକିଛି ବେଶ୍ ସତ୍ୱର ସମ୍ଭବ ହୋଇ ଯାଉଥାନ୍ତା ।

ମାତ୍ର ନ୍ୟାୟ ବିଷୟରେ ସାଧାରଣତଃ ଯେଉଁସବୁ ଧାରଣା ରହିଛି, ପୁରସ୍କାର ଏବଂ ଶାସ୍ତି କହିଲେ ମନୁଷ୍ୟମାନେ ଯାହା ବୁଝିଥାନ୍ତି, ଚୈତ୍ୟ ଇଚ୍ଛାଶକ୍ତି ତଥା ଚୈତ୍ୟ ଅଭିବୃଦ୍ଧି ସଂପୂର୍ଣ୍ଣ ଭାବରେ ତାହାଠାରୁ ଭିନ୍ନ କଥାହିଁ ବୁଝେ । କେତେ କେତେ ଧର୍ମ ଅଛନ୍ତି, କେତେ କେତେ ଦର୍ଶନ ବି ରହିଛନ୍ତି, ଯେଉଁମାନେ ତୁମକୁ ଯାବତୀୟ ପ୍ରକାରର କାହାଣୀ ଆଣି କହିଥାନ୍ତି; ନ୍ୟାୟ ବିଷୟରେ ମନୁଷ୍ୟର ଯେଉଁ ଧାରଣାମାନ ରହିଛି, ଅଦୃଶ୍ୟ ପୃଥିବୀଟିର କ୍ଷେତ୍ରରେ ସେହିଗୁଡ଼ିକୁ ନେଇ ଲାଗୁ କରିବାର ଚେଷ୍ଟା କରିହିଁ ସେହି କାହାଣୀଗୁଡ଼ିକର ଉଦ୍ଭାବନ କରା ହୋଇଥାଏ । ତେଣୁ ଏଗୁଡ଼ାକୁ କେବଳ ଗୁଡ଼ାଏ ନିର୍ବୋଧତା ବୋଲିହିଁ କୁହାଯିବ । କାରଣ, ପ୍ରକୃତରେ ସେପରି କିଛିହେଲେ ନଥାଏ; ପୁରସ୍କାର ଓ ଦଣ୍ଡ ବିଷୟରେ ମନୁଷ୍ୟର ଯେଉଁସବୁ ଧାରଣା ରହିଛି, ତାହା କେବଳ ଏକ ଅସମ୍ବଦ୍ଧତା ବ୍ୟତୀତ ଆଉ କିଛି ନୁହେଁ, ସେଗୁଡ଼ିକୁ ଆମେ ଆଦୌ ଲାଗୁ କରିପାରିବା ନାହିଁ, ଏବଂ ଅନ୍ତର୍ଗତ ସତ୍ୟଗୁଡ଼ିକର କ୍ଷେତ୍ରରେ କେବେହେଲେ ଲାଗୁ କରିପାରିବା ନାହିଁ । ତେଣୁ ତୁମେ ଥରେ ଯଥାର୍ଥ ଆଧ୍ୟାତ୍ମିକ ଜଗତଟି ଭିତରକୁ ପ୍ରବେଶ କରିପାରିଲେ, ସେଗୁଡ଼ାକ

'oaob.nitrkl.ac.in' images reprocessed

ସବୁଯାକ କେବଳ ଗୁଡ଼ାଏ ନିର୍ବୋଧତାରେହିଁ ପରିଣତ ହୋଇଯାଏ । କାରଣ ବସ୍ତୁଗୁଡ଼ିକ ଆଦୌ ସେପରି ନୁହନ୍ତି ।

ଅନେକ ସଂଖ୍ୟାରେ ଲୋକମାନେ ଆସି ମୋତେ କହନ୍ତି : "ମୋର ପୂର୍ବ ଜନ୍ମରେ ମୁଁ କ'ଣ କରିଥିଲି ଯେ ବର୍ତ୍ତମାନ ଏପରି ଦୁର୍ଗତି ଭିତରେ ଆସି ପଡ଼ିଲି, ମୋତେ ଏତେ ଏତେ ଦୁର୍ଭାଗ୍ୟର ସମ୍ମୁଖୀନ ହେବାକୁ ପଡ଼ିଲା ?" ଏବଂ ଅଧିକାଂଶ ସମୟରେ ସେମାନଙ୍କୁ ମୁଁ ବାଧ୍ୟହୋଇ ଏହିପରି ଭାବରେ ଉତ୍ତର ଦେଇଥାଏ : "ମାତ୍ର ତୁମେ କ'ଣ ଦେଖିପାରୁ ନାହିଁ ଯେ ଏହା ତୁମ ଉପରେ ଏକ ଆଶୀର୍ବାଦ ସଦୃଶ ହୋଇ ଆସିଛି, ଏକ କରୁଣା ସଦୃଶ ହୋଇ ଆସିଛି ? ଏବଂ ସମ୍ଭବତଃ ତୁମର ପୂର୍ବବର୍ତ୍ତୀ ଜନ୍ମଟିରେ ତୁମେ ନିଜେ ପ୍ରକୃତରେ ଏଥିଲାଗି ପ୍ରାର୍ଥନା କରିଥିଲ, ଯେପରିକି ତୁମ ଜୀବନରେ ଏକ ବୃହତ୍ତର ପ୍ରଗତି ସମ୍ଭବ ହୋଇ ପାରିବ······!" ଏହିପରି ଧାରଣାମାନ ସାଧାରଣତଃ ସମସ୍ତଙ୍କଠାରେ ଥାଏ : "ହେ ଭଗବାନ୍ ! ମୁଁ ପୁଣି ଏହି ରୋଗରେ ପଡ଼ିଲି ! ମୋର ଶରୀରକୁ ପୁଣି ଏତେ କଷ୍ଟ ଭୋଗିବାକୁ ପଡ଼ିଲା ! ମୁଁ ପ୍ରକୃତରେ କ'ଣ କରିଛି ଯେ ମୋତେ ଏସବୁର ସମ୍ମୁଖୀନ ହେବାକୁ ପଡ଼ୁଛି ? ପୂର୍ବ ଜନ୍ମରେ ମୁଁ କି ଅପରାଧ କରିଥିଲି ଯେ ଏହି······" ଏଗୁଡ଼ାକ କେବଳ ପିଲାଳିଆମି ।

ଏହି କଥା ହେଉଛି ଏହିପରି । ପିଲାମାନେ, ପୁଣି ଆରଥରକୁ ବସିବା ।

## ୧୨ ଅଗଷ୍ଟ, ୧୯୫୩

ଜଣେ ମଣିଷର ଆଖିକୁ ଅନାଇ ଆପଣ ତା'ର ଚରିତ୍ରକୁ କିପରି ଜାଣିପାରନ୍ତି ?

କେବଳ ତା'ର ଆଖିକୁ ଅନାଇ ନୁହେଁ । ଜଣେ ମନୁଷ୍ୟ ସହିତ ଆପଣାକୁ ଏକାତ୍ମକ କରିଦେଇ ମୁଁ ତା'ର ଚରିତ୍ରଟିକୁ ଜାଣିପାରେ । ଏବଂ ତୁମେ ଯଦି ସେପରି କରିବାକୁ ବସିବ, ବାହାରୁ ଦେଖିଲେ ମଧ୍ୟ ଜଣେ ମଣିଷର ଆଖିଗୁଡ଼ିକ ହେଉଛନ୍ତି ତା'ର କବାଟ ଓ ଝରକା ପରି : କେତେକ କବାଟ ଓ ଝରକା ଅଛନ୍ତି, ଯେଉଁଗୁଡ଼ିକ କି ଖୋଲା ହୋଇ ରହିଥାନ୍ତି, ତେଣୁ ଜଣେ ସେହି ବାଟଦେଇ ଭିତରକୁ ପ୍ରବେଶ କରିପାରେ, ସେହି ଭିତରେ ଅନେକ ଗଭୀରକୁ ଯାଏ ଯାଇପାରେ ଏବଂ ସେଠାରେ ଯାହାକିଛି ଘଟିବାରେ ଲାଗିଛି, ସବୁକିଛି ଦେଖିବାକୁ ସମର୍ଥ

'oaob.nitrkl.ac.in' images reprocessed

ହୋଇପାରେ । ଆଉ କେତେ ମଣିଷଙ୍କର କବାଟ ଓ ଝରକାଗୁଡ଼ାକ ଆଂଶିକ ଭାବରେ ଖୋଲା ହୋଇ ରହିଥାଏ, ଆଂଶିକ ବନ୍ଦ ହୋଇ ରହିଥାଏ; ଆହୁରି କେତେକ ଉପରେ ତଥାପି ଏକ ପରଦା ପଡ଼ିଥାଏ, ସତେଅବା ଗୋଟାଏ ଆବରଣ ଦେଇ ଘୋଡ଼ାହୋଇ ରହିଥାଏ ଏବଂ ଆହୁରି କେତେକ କବାଟ ଓ ଝରକା ରହିଛି, ଯେଉଁଗୁଡ଼ାକ କି ପୂରା ବନ୍ଦ ହୋଇ ରହିଥାଏ, ଖୁବ ଦୃଢ଼ ରହିଥାଏ; କବାଟଗୁଡ଼ାକ ଏପରି ଚମତ୍କାର ଭାବରେ ବନ୍ଦ ହୋଇଥାଏ ଯେ ସେଗୁଡ଼ାକୁ ଆଉ ମୋଟେ ଖୋଲି ହୁଏ ନାହିଁ । ବସ୍ତୁତଃ, ଏଇଟା ବେଶ୍ ଏକ ସଙ୍କେତକ ପରି କାର୍ଯ୍ୟ କରେ, ତାହା ଅନ୍ତର୍ଗତ ଜୀବନରେ ପ୍ରକୃତରେ କେତେ ବଳ ରହିଛି, ତାହାର ସଙ୍କେତକ ପରି କାର୍ଯ୍ୟ କରେ, ସତ୍ତାର ନିଷ୍ଠା ଏବଂ ସ୍ୱଚ୍ଛତା ବିଷୟରେ ସଙ୍କେତକ ପରି କାର୍ଯ୍ୟ କରେ । ତେଣୁ, ଯେଉଁସବୁ କବାଟ ଖୋଲା ହୋଇ ରହିଥାଏ, ମୁଁ ସେଗୁଡ଼ିକ ବାଟ ଦେଇ ଭିତରକୁ ପ୍ରବେଶ କରେ ଏବଂ ଭିତରେ ରହିଥିବା ବ୍ୟକ୍ତି ସହିତ ଏକାତ୍ମକ ହୋଇଯାଏ । ଏବଂ ସେ ଯାହା ଦେଖୁଛି, ମୁଁ ତାହା ଦେଖିପାରେ; ସିଏ ଯାହା ବୁଝୁଛି, ମୁଁ ତାହା ବୁଝିପାରେ; ସିଏ ଯାହା ଭାବୁଛି, ମୁଁ ତାହା ଭାବିପାରେ; ଏବଂ ସିଏ ଯାହାକିଛି କରୁଛି, ମୁଁ ମଧ୍ୟ ତାହା କରି ପାରିବାର ଶକ୍ତି ଅର୍ଜନ କରେ (ମାତ୍ର ସାଧାରଣତଃ ତାହା କରିବାରୁ ମୁଁ କ୍ଷାନ୍ତ ହୋଇ ରହିଥାଏ !); ଏବଂ ଏହିପରି ଭାବରେ ମୁଁ କିଏ କିପରି ମଣିଷ, ସେକଥା ଜାଣିବାକୁ ସମର୍ଥ ହୁଏ । ଏବଂ ଏଥିଲାଗି ଆଦୌ ବେଶୀ ସମୟ ଲାଗେ ନାହିଁ; ଭାରି ଚଞ୍ଚଳ ସବୁକଥା ହୋଇଯାଏ । ଏପରିକି ଗୋଟାଏ ଫଟୋ ମାଧ୍ୟମରେ ବି ସେକଥା କରାଯାଇପାରେ, ମାତ୍ର ଅବଶ୍ୟ ସେତେ ଭଲଭାବରେ କରିହୁଏ ନାହିଁ । ଫଟୋ ତ କେବଳ ଗୋଟାଏ ମୁହୂର୍ତ୍ତର ମଣିଷକୁ ପ୍ରଦର୍ଶନ କରୁଥାଏ, କୌଣସି ମଣିଷର ଗୋଟାଏ ମୁହୂର୍ତ୍ତକୁହିଁ ଦେଖାଇ ଦେଉଥାଏ; ହଁ, ଯଦି ଏକାବେଳେକେ ଅନେକ ଫଟୋ ଆଆନ୍ତା····· ମାତ୍ର ତଥାପି, ଗୋଟିଏ ଫଟୋ ସାହାଯ୍ୟରେ ମଧ୍ୟ, ଟିକିଏ ଅଧିକ ଗଭୀରକୁ ଯାଇ ଆମେ ଜଣେ ମଣିଷ ବିଷୟରେ ଏକ ବେଶ୍ ସ୍ପଷ୍ଟ ପରିଚୟ ନିଶ୍ଚୟ ପାଇପାରିବା । ମାତ୍ର ସକଳ ଜ୍ଞାନ ହେଉଛି ଏକାତ୍ମକତା ଦ୍ୱାରା ପ୍ରାପ୍ତ ଜ୍ଞାନ । ଅର୍ଥାତ୍, ଆମେ ଯାହାକିଛି ଜାଣିବାକୁ ଇଚ୍ଛା କରୁଛୁ, ଆମକୁ ସେହି ବସ୍ତୁଟିରେହିଁ ପରିଣତ ହେବାକୁ ପଡ଼ିବ । ତା' ନହୋଇଥିବା ପର୍ଯ୍ୟନ୍ତ, ଆମେ ଅନେକ କିଛି ଅନୁମାନ କରିପାରିବା, କଳ୍ପନା କରି ପାରିବା, ନିର୍ଣ୍ଣୟ ବାହାର କରିପାରିବା, ଆମେ କେତେ ଯୁକ୍ତି ଦର୍ଶାଇ କେତେ କ'ଣ କହିପାରିବା, ମାତ୍ର ତଥାପି ଜାଣିପାରିବା ନାହିଁ ।

ତେଣୁ ମନୁଷ୍ୟମାନଙ୍କ ପକ୍ଷରେ ଜାଣିବାଟା ବେଶ୍ ଏକ କଷ୍ଟକର ବ୍ୟାପାର ?

'oaob.nitrkl.ac.in' images reprocessed

ନା,—ନିଷ୍ଫଳର କାହିଁକି ହେବ ?

ଆମକୁ ଏକାତ୍ମକ ହୋଇ ଶିଖିବାକୁ ପଡ଼ିବ । ଏହି କଥାଟିକୁ ଅବଶ୍ୟ ଶିଖିବାକୁ ପଡ଼ିବ । ଆପଣା ଅହଂଟି ଭିତରୁ ମୁକୁଳିଯାଇ ପାରିବାକୁ ହେଲେ ଏହି କଥାଟି ପ୍ରକୃତରେ ଅପରିହାର୍ଯ୍ୟ । କାରଣ ଆପଣାର ଅହଂ ଭିତରେ ବନ୍ଦୀହୋଇ ରହିଥିବା ପର୍ଯ୍ୟନ୍ତ ଆମେ କଦାପି କୌଣସି ଅଗ୍ରଗତି କରିପାରିବା ନାହିଁ ।

ଏକଥାଟି କିପରି କରିହେବ ?

ସେଥିଲାଗି ଅନେକ ରୀତି ରହିଛି । ମୁଁ ତୁମମାନଙ୍କୁ ଗୋଟିକ ବିଷୟରେ କହିବି ।

ପ୍ୟାରିସ୍‌ରେ ଥିଲାବେଳେ ମୁଁ କେତେ କେତେ ଜାଗାକୁ ଯାଉଥିଲି, ସେଠାରେ କେତେ କେତେ ରକମର ଲୋକସମାବେଶ ହେଉଥିଲା; ଲୋକମାନେ କେତେ କ'ଣ ପ୍ରକାରର ଅନୁସନ୍ଧାନ ଓ ଗବେଷଣା କରୁଥିଲେ । ଆଧ୍ୟାତ୍ମିକ (ହଁ, ତଥାକଥିତ ଅର୍ଥରେ ଆଧ୍ୟାତ୍ମିକ) ଗବେଷଣା କରୁଥିଲେ, ଗୁପ୍ତବିଦ୍ୟା ବିଷୟରେ ଗବେଷଣା କରୁଥିଲେ, ଇତ୍ୟାଦି, ଇତ୍ୟାଦି । ଥରେ ଜଣେ ତରୁଣୀ ଭଦ୍ରମହିଳାଙ୍କୁ ଦେଖିବା ଲାଗି ମୋତେ ନିମନ୍ତ୍ରଣ କରି ଯାଇଥିଲା (ମୋର ଯେତେଦୂର ମନେ ପଡ଼ୁଛି, ସେ ସୁଇଡେନର ଅଧିବାସୀ ଥିଲେ ।) । ସିଏ ଜାଣିବାର ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ବାହାର କରିଥିଲେ, ଶିଖିବାର ଏକ ଖାସ୍ ପ୍ରକ୍ରିୟା ବାହାର କରିଥିଲେ । ଏବଂ ସିଏ ଆମକୁ ସେହି କଥାଟି ବୁଝାଇ ଦେଇଥିଲେ । ଆମେ ପ୍ରାୟ ତିନି ଚାରିଜଣ ତାଙ୍କ ପାଖକୁ ଯାଇଥିଲୁ (ସେ ଫ୍ରେଞ୍ଚ୍ ଭାଷାରେ ଭଲ କଥା କହି ପାରୁ ନଥିଲେ, ମାତ୍ର ଯାହା କହୁଛନ୍ତି, ତାହା ସ୍ପଷ୍ଟ ଭାବରେ କହୁଛନ୍ତି ବୋଲି ତାଙ୍କ ମନରେ କୌଣସି ସନ୍ଦେହ ନଥିଲା !); ସେ କହିଲେ "ଉପାୟଟି ହେଉଛି ଏହିପରି, ତୁମେ କୌଣସି ଗୋଟିଏ ପଦାର୍ଥ ରଖ, ବା ବ୍ଲାକ୍‌ବୋର୍ଡ଼ ଉପରେ ଚିହ୍ନଟିଏ ଆଙ୍କିଦିଅ ଅଥବା କୌଣସି ଚିତ୍ରକୁ ବି ନେଇପାର;—ସେଇଟା ଆଦୌ ମହତ୍ତ୍ୱପୂର୍ଣ୍ଣ ନୁହେଁ,—ଯାହା ତୁମ ଲାଗି ସବୁଠାରୁ ଅଧିକ ସୁବିଧାଜନକ, ସେହିପରି ଗୋଟିଏ ଜିନିଷ ନିଅ । ମନେକର ମୁଁ ଏଠାରେ ତୁମ ଲାଗି ସେହି ବସ୍ତୁଟିକୁ ଆଙ୍କି ଦେଉଛି······(ସେଠି ତାଙ୍କର ଗୋଟିଏ ବ୍ଲାକ୍‌ବୋର୍ଡ଼ ଥିଲା), ମୁଁ ଏଠାରେ ଚିତ୍ରଟିଏ ଆଙ୍କିଦେଉଛି ।" ସେ ଗୋଟାଏ ପ୍ରକାର ଅର୍ଦ୍ଧ-ଜ୍ୟାମିତିକ ଛବିଟିଏ ଆଙ୍କିଦେଲେ । "ବର୍ତ୍ତମାନ ତୁମେସବୁ ଏହି ଅଙ୍କନଟିର ସମ୍ମୁଖରେ ବସ ଏବଂ ନିଜର ସମସ୍ତ ଧ୍ୟାନକୁ ଏହାରି ଉପରେ ସଂକେନ୍ଦ୍ରିତ କରି ରଖିବାକୁ ଚେଷ୍ଟା କର—ସେଠାରେ ଥିବା ସେହି ଅଙ୍କନଟି ଉପରେ ସଂକେନ୍ଦ୍ରିତ କରି ରଖ । ତୁମେ ନିଜକୁ ସଂକେନ୍ଦ୍ରିତ କରି ରଖ, ତୁମର ଚେତନା ଭିତରେ ଅନ୍ୟ

'oaob.nitrkl.ac.in' images reprocessed

କୌଣସି ବସ୍ତୁକୁ ପ୍ରବେଶ କରିବାକୁ ନଦେଇ ତୁମେ ନିଜକୁ ସକେନ୍ଦ୍ରିତ କରି ରଖ—କେବଳ ସେଇ ଗୋଟିଏ ବସ୍ତୁହିଁ ତୁମ ଚେତନା ଭିତରେ ରହିଥିବ । ତୁମର ଆଖି ସେହି ଅଙ୍କନଟି ଉପରେ ନିବଦ୍ଧ ହୋଇ ରହିଥିବ ଏବଂ ତୁମେ ଆଦୌ ହଲଚଲ ହେବ ନାହିଁ । ସତେ ଯେପରି ସେହି ଅଙ୍କନଟି ଦ୍ୱାରା ଗୋଟାସୁଦ୍ଧା ସମ୍ମୋହିତ ହୋଇ ରହିଯିବ । ତୁମେ ସେଇଟି ଆଡ଼କୁ ଅନାଅ (ଏପରି କହି ସିଏ ବି ସେଇଠି ବସିଲେ, ଅନାଇବାକୁ ଲଗିଲେ), ଅନାଅ, ଅନାଅ, ଅନାଅ,—ମୁଁ ଠିକ୍ କରି କହିପାରୁ ନାହିଁ, ଏଥିରେ ଅଧିକ ସମୟ ଲାଗିପାରେ, କମ୍ ସମୟ ବି ଲାଗିପାରେ; ମାତ୍ର ଯାହାର ଏବିଷୟରେ ଆଗରୁ ଅଭ୍ୟାସ ଅଛି, ସେ ଖୁବ୍ ଅଳ୍ପ ସମୟରେ ଏହି କଥାଟି କରିଦେଇ ପାରିବ । ତୁମେ ଅନାଇଥାଅ, ଅନାଇଥାଅ,—ତୁମେ ଯେଉଁ ଅଙ୍କନଟି ଆଡ଼କୁ ଅନାଇଛ, ପରିଶେଷରେ ସେହି ଅଙ୍କନଟିରେହିଁ ପରିଣତ ହୋଇଯିବ । ସେହି ଅଙ୍କନଟି ବ୍ୟତୀତ ତୁମ ଲାଗି ପୃଥିବୀରେ ଆଉ କୌଣସି ବସ୍ତୁର କୌଣସି ଅସ୍ତିତ୍ୱ ରହିବ ନାହିଁ । ଏବଂ ହଠାତ୍, ତୁମେ ଅନ୍ୟ ପାଖଟିକୁ ଅତିକ୍ରମ କରି ଚାଲିଯିବ; ଏବଂ ସେପାଖକୁ ଅତିକ୍ରମ କରି ଚାଲିଯିବା ମାତ୍ରକେ ତୁମେ ଏକ ଅନ୍ୟ ନୂତନ ଚେତନାରେ ପ୍ରବେଶ କରିବ ଏବଂ ଜାଣିବାକୁ ସମର୍ଥ ହେବ ।"

ଆମେ ସମସ୍ତେ ଖୁବ୍ ଜୋର୍‌ରେ ହସିଲୁ, କାରଣ କଥାଗୁଡ଼ିକ ଭାରି ହାସ୍ୟକର ମନେ ହେଉଥିଲା । ମାତ୍ର ସିଏ ଯାହା କହିଲେ, ତାହା ପ୍ରକୃତରେ ସତ, ଅଭ୍ୟାସ କରିବା ଲାଗି ସେଇଟି ହେଉଛି ଏକ ଚମତ୍କାର ପ୍ରଣାଳୀ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଗୋଟାଏ ନିର୍ଦ୍ଦିଷ୍ଟ ଅଙ୍କନ କିଂବା, ଅନ୍ୟ କୌଣସି ବସ୍ତୁ ନନେଇ ତୁମେ ଉଦାହରଣସ୍ୱରୂପ କୌଣସି ବାକ୍ୟରୁ ବା କେତୋଟି ଶବ୍ଦକୁ ମଧ୍ୟ ଗ୍ରହଣ କରିପାରିବ । ମନେକର ତୁମେ ଗୋଟିଏ ସମସ୍ୟା ବିଷୟରେ ସମ୍ପୂର୍ଣ୍ଣ ଭାବରେ ଚିନ୍ତା କରୁଛ, ସମସ୍ୟାଟିର ସମାଧାନ ତୁମକୁ ଜଣା ନାହିଁ; ତେବେ, ସେହି ସମସ୍ୟାଟିକୁ ତୁମେ ନିଜ ମନ ଭିତରେ ଏକ ମୂର୍ତ୍ତି ରୂପରେ ପରିଣତ କରିଦେବ, ସେଇଟିକୁ ଯଥାସମ୍ଭବ ଅଧିକ ନିର୍ଦ୍ଦିଷ୍ଟ, ସଂକ୍ଷିପ୍ତ ଓ ସୁନିଶ୍ଚିତ ଭାବରେ ସମ୍ମୁଖରେ ଧରି ରଖିବ; ଏବଂ ତା'ପରେ ତାହାରି ଉପରେ ନିଜକୁ ସକେନ୍ଦ୍ରିତ କରି ଆଣିବାକୁ ଚେଷ୍ଟା କରିବ; ତୁମେ କେବଳ ଶବ୍ଦଗୁଡ଼ିକ ଉପରେହିଁ ନିଜକୁ ସକେନ୍ଦ୍ରିତ କରି ରଖିବ, ଏବଂ ସମ୍ଭବ ହେଲେ ସେଗୁଡ଼ିକ ଯେଉଁ ବାକ୍ୟରଟିର ପ୍ରତିନିଧିତ୍ୱ କରୁଛନ୍ତି, ସେହି ବାକ୍ୟରଟି ଉପରେ ମଧ୍ୟ ନିଜକୁ ସକେନ୍ଦ୍ରିତ କରି ରଖିବ । ଅର୍ଥାତ୍ ନିଜର ସେହି ସମସ୍ୟାଟି ସହିତ ସକେନ୍ଦ୍ରିତ ହୋଇ ରହିବ; ସକେନ୍ଦ୍ରିତ ହୋଇ ରହିବ, ଆହୁରି, ଅହୁରି ସକେନ୍ଦ୍ରିତ ହୋଇ ରହିବ ଯେପର୍ଯ୍ୟନ୍ତ କେବଳ ସେଇଟି ବ୍ୟତୀତ ଆଉ କୌଣସି ପଦାର୍ଥର କୌଣସି ଅସ୍ତିତ୍ୱହିଁ ରହିବ ନାହିଁ । ଏବଂ ଏକଥା

'oaob.nitrkl.ac.in' images reprocessed

ପ୍ରକୃତରେ ସତ ଯେ, ହଠାତ୍ ତୁମେ କୋଉଠି କ'ଣ ଗୋଟାଏ ଖୋଲି ଯାଉଥିବା ପରି ଅନୁଭବ କରିବ ଏବଂ ତୁମେ ନିଜେ ସତେଅବା ଅନ୍ୟ ପାଖଟିକୁ ଚାଲି ଯାଇଥିବା ପରି ଲାଗିବ । କାହାର ଅନ୍ୟ ପାଖକୁ ? ···ଏହାର ଅର୍ଥ ହେଉଛି ଯେ ତୁମେ ତୁମ ଚେତନାର ଗୋଟିଏ ଦ୍ୱାର ଖୋଲିଦେଇ ପାରିଛ, ଏବଂ ତା'ପରେ ସଙ୍ଗେ ସଙ୍ଗେ ତୁମକୁ ତୁମ ସମସ୍ୟାଟିର ସମାଧାନଟି ଆସି ମିଳିଯିବ ।

ନିଜକୁ "କପରି" ଏକାତ୍ମକ କରିବାକୁ ହୁଏ, ତାହା ଶିକ୍ଷା କରିବା ସକାଶେ ଏଇଟି ହେଉଛି ଏକ ଚମତ୍କାର ଉପାୟ ।

ଉଦାହରଣସ୍ୱରୂପ, ତୁମେ ଆଉଜଣକ ସହିତ ଏକାଠି ଅଛ । ସେହି ବ୍ୟକ୍ତି ତୁମକୁ କ'ଣ ଗୋଟିଏ କଥା କହିଲେ, ତୁମେ ତାଙ୍କୁ ଠିକ୍ ଓଲଟା କଥାଟି କହିଲ (ଯେପରି ଅନେକ ସମୟରେ ଘଟିଥାଏ, କେବଳ ଅନ୍ୟ କଥା ଓ ଅନ୍ୟ ମତଟିକୁ ବ୍ୟକ୍ତ କରିବାର ମନୋଭାବ ଦ୍ୱାରାହିଁ ଓଲଟା କଥାଟି କହି ହୋଇଯାଏ) ଏବଂ ତୁମେ ତାଙ୍କ ସହିତ ଯୁକ୍ତି କରିବାକୁ ଆରମ୍ଭ କଲ । କୌଣସି ସନ୍ଦେହ ନାହିଁ ଯେ ତୁମେ ଏହାଦ୍ୱାରା ଆଦୌ କୌଣସି ସ୍ଥାନରେ ଆସି ପହଞ୍ଚି ପାରିବ ନାହିଁ ଏବଂ ତୁମେ ବଦମିଜାଜର ଲୋକ ହୋଇଥିଲେ କେବଳ ଗୋଟାଏ ଝଗଡ଼ାହିଁ ଆରମ୍ଭ ହୋଇଯିବ । ମାତ୍ର, ଯଦି ସେପରି ନକରି, ଯଦି ନିଜର ବିଚାରଗୁଡ଼ାକୁ ଅଥବା ନିଜର କଥାଗୁଡ଼ାକୁ କାମୁଡ଼ି ନରହି ତୁମେ ନିଜକୁ ଏପରି କହିବାକୁ ଲାଗିବ : "ବର୍ତ୍ତମାନ ମୁଁ ଟିକିଏ ଅପେକ୍ଷା କରିବି, ସିଏ ମୋତେ କାହିଁକି ସେପରି କଥା କହିଲେ, ତାହାକୁ ଚେଷ୍ଟା କରି ବୁଝିବି । ହଁ, ମୋତେ ସିଏ ପ୍ରକୃତରେ କାହିଁକି ଏପରି କହିଲେ ?" ତା'ପରେ ତୁମେ ନିଜକୁ ସଂକେନ୍ଦ୍ରିତ କରି ଆଣିବ : "କାହିଁକି, କାହିଁକି, କାହିଁକି ?" ତୁମେ ସେଇଠି ଠିକ୍ ସେହିପରି ରହି ଚେଷ୍ଟା କରୁଥିବ । ଏବଂ ଅନ୍ୟ ଜଣକ ସେହିପରି କଥା କହିବାରେ ଲାଗିଥିବେ, ନୁହେଁ କି ?—ଏବଂ ଏଥିରେ ସେ ଭାରି ଖୁସୀ ବି ହେଉଥିବେ, କାରଣ ବର୍ତ୍ତମାନ ତୁମେ ତାଙ୍କ କଥାର ଆଉ କୌଣସି ପ୍ରତିବାଦ କରୁ ନଥିବ । ସିଏ ତ ଅନର୍ଗଳ କଥା କହି ଚାଲିଥିବେ ଏବଂ ତୁମକୁ ଗୋଟାପୁରା ତାଙ୍କର କଥାରେ ସମ୍ମତ କରିନେଇ ପାରିଲେ ବୋଲି ସେ ନିଶ୍ଚିତ ହୋଇ ଯାଉଥିବେ । ତା'ପରେ, ସେ ଯାହାସବୁ କରୁଛନ୍ତି, ତୁମେ ତାହାରି ଉପରେ ଅଧିକରୁ ଅଧିକ ପରିମାଣରେ ସଂକେନ୍ଦ୍ରିତ କରି ରଖିଥିବ ଏବଂ ଏପରି ଅନୁଭବ କରିବାରେ ଲାଗିଥିବ ଯେ ତାଙ୍କର ଶବ୍ଦଗୁଡ଼ିକର ମଧ୍ୟଦେଇ ତୁମେ ତାଙ୍କର ମନ ଭିତରେ ଯାଇ ପ୍ରବେଶ କରିବାକୁ ଆରମ୍ଭ କରୁଛ । ଯେତେବେଳେ ତାଙ୍କର ମୁଣ୍ଡଟି ଭିତରେ ଯାଇ ପ୍ରବେଶ କରିପାରିବ, ସେତେବେଳେ ତାଙ୍କର ଭାବନାର ଯନ୍ତ୍ରଟି ମଧ୍ୟରେ ବି ହଠାତ୍ ଯାଇ ପ୍ରବେଶ କରିଯିବ; ଏବଂ ତା'ପରେ, ତୁମେ କଳ୍ପନା କରିପାରୁଛ ? ସିଏ, ତୁମକୁ କାହିଁକି ସେପରି କହୁଛନ୍ତି,

'oaob.nitrkl.ac.in' images reprocessed

ସେକଥାଟିକୁ ମଧ୍ୟ ତୁମେ ବୁଝିପାରିବ ! ଏବଂ ତା'ପରେ, ଯଦି ତୁମର ବୁଦ୍ଧି ବେଶ୍ ତୀକ୍ଷ୍ଣ ହୋଇଥାଏ ଏବଂ ତୁମେ ଆଗରୁ ଯାହା ଜାଣିଥିଲ, ଯଦି ତାହା ସହିତ ତୁମେ ବର୍ତ୍ତମାନ ଯାହା ବୁଝିବାକୁ ସମର୍ଥ ହେଲ, ସେଇଟିକୁ ପାର୍ଶ୍ୱବର୍ତ୍ତୀ କରି ରଖିବାକୁ ଚେଷ୍ଟା କର, ଯଦି ଦୁଇଟିଯାକ ସ୍ଥିତିକୁ ଏକତ୍ର ମିଳାଇଦେଖ, ତେବେ ଦୁଇଟିଯାକକୁ ଏକତ୍ର ମିଳାଇ ଦେଉଥିବା ସତ୍ୟଟିକୁ ମଧ୍ୟ ଉପଲବ୍ଧି କରିପାରିବ । ଏବଂ ବର୍ତ୍ତମାନ ତୁମେ ପ୍ରକୃତରେ ଏକ ଅଗ୍ରଗତି କରିପାରିଲ ବୋଲି ନିଶ୍ଚିତ କୁହାଯାଇ ପାରିବ । ଆପଣାର ଭାବନାକୁ ଅଧିକ ପ୍ରଶସ୍ତ କରିବା ଲାଗି ଏହାହିଁ ସର୍ବୋତ୍ତମ ଉପାୟ ।

ତୁମେ ଯଦି କୌଣସି ଯୁକ୍ତି ଆରମ୍ଭ କରିବାକୁ ଯାଉଛ, ତେବେ ସଙ୍ଗେସଙ୍ଗେ ଚୁପ୍ ହୋଇଯିବ, ଏକାବେଳେକେ ସଙ୍ଗେସଙ୍ଗେ । ତୁମକୁ କିଛି ନକହି ବିଲକୁଲ୍ ଚୁପ୍ ହୋଇଯିବାକୁ ପଡ଼ିବ ଏବଂ ତା'ପରେ, ଆଉଜଣକ କଥାଟିକୁ ଯେପରି ଭାବରେ ଦେଖୁଛନ୍ତି, ନିଜେ ମଧ୍ୟ ଠିକ୍ ସେହିପରି ଭାବରେ କଥାଟିକୁ ଦେଖିବା ଲାଗି ଚେଷ୍ଟା କରିବାକୁ ପଡ଼ିବ । ଅବଶ୍ୟ ସେଥିପାଇଁ ଯେ ତୁମକୁ ନିଜର ଦେଖିବା ସ୍ଥିତିଟିକୁ ଭୁଲିଯିବାକୁ ପଡ଼ିବ, ସେକଥା ଆଦୌ ନୁହେଁ; ତୁମକୁ ସେକଥା ଆଦୌ ଭୁଲିଯିବାକୁ ପଡ଼ିବ ନାହିଁ । ମାତ୍ର ତୁମେ ଦୁଇଟିଯାକକୁ ଏକାଠି ଉପସ୍ଥାପିତ କରି ରଖିବାକୁ ସମର୍ଥ ହେବ । ଏବଂ ଏହା ଦ୍ୱାରା ତୁମେ ଯଥାର୍ଥ ଅଗ୍ରଗତି କରିପାରିବ, ଏକ ଯଥାର୍ଥ ପ୍ରଗତି କରିବାରେ ସମର୍ଥ ହୋଇଯିବ ।

ସବୁ କ୍ଷେତ୍ରରେ ମଧ୍ୟ ଆମେ ଏହି ଗୋଟିଏ କଥାକୁ ଲାଗୁ କରିପାରିବା । ଅନ୍ୟମାନଙ୍କ ସହିତ ଏକାଠି ମିଶି ତୁମେ ଯେତେବେଳେ ଯାହାକିଛି କରୁଛ, ଯଦି କୌଣସି ବିଷୟରେ ତୁମେ କାହା ସହିତ ସହମତ ହୋଇପାରୁ ନାହିଁ, ତେବେ ତାହାକୁ ଭଗବାନଙ୍କର ତୁମ ଉପରେ କରୁଣା ବୋଲି ଗ୍ରହଣ କରିନିଅ, ଅଗ୍ରଗତି କରିବା ଲାଗି ତୁମକୁ ଦିଆ ହୋଇଥିବା ଏକ ଅପୂର୍ବ ସୁଯୋଗ ବୋଲି ସ୍ୱୀକାର କରି ନିଅ । ଏବଂ ଏପରି କରିବା ପ୍ରକୃତରେ ଭାରି ସହଜ ଏପାଖରେ ରହିବା ପରିବର୍ତ୍ତରେ ତୁମେ ସେପାଖଟିକୁ ଚାଲିଯିବା ଲାଗି ଚେଷ୍ଟା କରୁଥିବ; ନିଜ ଆଡ଼କୁ ଅବଲୋକନ ନକରି ତୁମେ ଅନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ପ୍ରବେଶ କରିବ ଏବଂ ଅବଲୋକନ କରିବ । ସେଥିଲାଗି ତୁମ ପାଖରେ କିଞ୍ଚିତ୍ କଳ୍ପନାଶକ୍ତି ଅବଶ୍ୟ ରହିଥିବା ଦରକାର, ଆପଣାର ଭାବନାଗୁଡ଼ିକ ଉପରେ କିଞ୍ଚିତ୍ ପରିମାଣରେ ଅଧିକ ନିୟନ୍ତ୍ରଣ ରହିଥିବା ଦରକାର, ନିଜର ଗତିବିଧିଗୁଡ଼ିକ ଉପରେ ବି ଅଧିକ ନିୟନ୍ତ୍ରଣ ରହିଥିବା ଦରକାର । ମାତ୍ର ସେପରି କରିପାରିବା ମୋଟେ କଷ୍ଟକର ନୁହେଁ । ଏହି ଦିଗରେ କିଞ୍ଚିତ୍ ଚେଷ୍ଟା କରିପାରିଲେ, କିଛି ସମୟ ପରେ ତୁମେ ଏହାକୁ ଭାରି ସହଜ ବୋଲି ଅନୁଭବ କରିବ ।

'oaob.nitrkl.ac.in' images reprocessed

ହଁ, ତୁମେ ଏହି କ୍ଷେତ୍ରରେ ଆଗ କଦାପି ଅନାଇ ଦେଖିବ ନାହିଁ ଓ ତା'ପରେ ଯାଇ ମନ ଭିତରେ ଏକ ଚେଷ୍ଟା କରିବ ନାହିଁ; ତୁମେ ନିଜକୁ କହିବ ନାହିଁ "ଏହି କଥାଟି ଏପରି କାହିଁକି ହେଲା ଓ ସେପରି କାହିଁକି ହେଲା ? ସିଏ କାହିଁକି ସେପରି କରୁଛି ? ସିଏ କାହିଁକି ସେକଥା କହୁଛି ?" ଏପରି କରୁଥିବା ପର୍ଯ୍ୟନ୍ତ ତୁମେ କେଉଁଠି କେବେହେଲେ ବି ଆସି ପହଞ୍ଚି ପାରିବ ନାହିଁ । ତୁମେ କିଛିହେଲେ ବୁଝି ପାରିବ ନାହିଁ; କେବଳ ଯାବତୀୟ ପ୍ରକାରର ଗୁଡ଼ାଏ କୈଫିୟତ୍‌ରହିଁ କଳ୍ପନା କରିବାରେ ଲାଗିଥିବ, ଯାହାର କି ଆଦୌ କୌଣସି ମୂଲ୍ୟ ନଥିବ ଏବଂ କେବଳ ନିଜକୁ ଏତିକି କହିବା ବ୍ୟତୀତ ତୁମକୁ ଆଉ କିଛିହେଲେ ଶିକ୍ଷା ଦେଇ ପାରୁ ନଥିବ "ସେ ଲୋକଟା ଭାରି ବୋକା, ନହେଲେ ଭାରି ଦୁଷ୍ଟ ।" ଏବଂ ଏସବୁ କଥା ତୁମକୁ କୌଣସି ସମାଧାନରେ ନେଇ କଦାପି ପହଞ୍ଚାଇବ ନାହିଁ । ମାତ୍ର ଅନ୍ୟ ପକ୍ଷରେ, ତୁମେ ଯଦି କେବଳ ସେହି ସାନ କଥାଟିକୁ କରିପାରିବ, ଏବଂ ତୁମଠାରୁ ବେଶ୍ ବିଚ୍ଛିନ୍ନ ହୋଇ ରହିଥିବା ସଚେତଥିବା ଗୋଟାଏ ବସ୍ତୁରୂପେ ସେହି ଅନ୍ୟ ଲୋକଟିକୁ ଦେଖିବା ପରିବର୍ତ୍ତେ ତୁମେ ଭିତରେ ପ୍ରବେଶ କରିବାକୁ ଚେଷ୍ଟା କରିବ, ତେବେ ପ୍ରକୃତରେ ଭିତରେ ପ୍ରବେଶ କରିବ, ତୁମ ସମ୍ମୁଖରେ ରହିଥିବା ସେହି ସାନ ମୂର୍ତ୍ତିଟି ଭିତରେ ଯାଇ ପ୍ରବେଶ କରିବ, ଏବଂ ତା'ପରେ ହଠାତ୍ ନିଜକୁ ଅନ୍ୟ ପାଖରେ ଯାଇ ରହିଥିବାର ପ୍ରତ୍ୟକ୍ଷ କରିବ; ତୁମେ ନିଜ ଆଡ଼କୁ ଅବଲୋକନ କରୁଥିବ ଏବଂ ସିଏ କ'ଣ କହୁଛି, ସେହି କଥାଟିକୁ ବେଶ୍ ଭଲଭାବରେ ବୁଝି ପାରୁଥିବ;—ସବୁ ପରିଷ୍କାର ହୋଇ ଯାଉଥିବ, କାହିଁକି, କିପରି, ଯଥାର୍ଥ କାରଣଟି ଏବଂ ସମସ୍ତ ବିପର୍ଯ୍ୟୟଟିର ପଛରେ ରହିଥିବା ଭାବଟି ମଧ୍ୟ ପରିଷ୍କାର ହୋଇଯିବ । ···ଏହି ପ୍ରୟୋଗଟିକୁ ତୁମେ ଦିନକୁ ପ୍ରାୟ ଶହେଥର ମଧ୍ୟ କରିପାରିବ ।

ପ୍ରଥମେ ପ୍ରଥମେ ତୁମେ ଏଥିରେ ଭଲ ଭାବରେ ସଫଳ ହେବ ନାହିଁ ସତ, ମାତ୍ର ଯଦି ସତତ ସେହି ଉଦ୍ୟମଟି କରୁଥିବ, ତେବେ ଶେଷରେ ତୁମକୁ ପ୍ରଶଂସନୀୟ ସଫଳତା ମିଳିପାରିବ । ଏହାଦ୍ୱାରା ତୁମ ଜୀବନର ଆଗ୍ରହକ୍ଷେତ୍ରରେ ଅନେକ ବୃଦ୍ଧି ହେବ । ଏବଂ, ତଦ୍‌ବ୍ୟତୀତ, ଏହି କାର୍ଯ୍ୟଟି ଦ୍ୱାରା ତୁମେ ଯଥାର୍ଥରେ ଅଗ୍ରଗତି କରିପାରିବ; କାରଣ ଯେଉଁ ସାଞ୍ଚିଟି ଭିତରେ ତୁମେ କେଡ଼େ ସୁନ୍ଦର ଭାବରେ ବନ୍ଦ ହୋଇ ରହିଛ, ଏହାଦ୍ୱାରା ତୁମେ ତାହାର ବାହାରକୁ ବାହାରିଆସି ପାରିବ; ତୁମେ ଏପର୍ଯ୍ୟନ୍ତ ସେହି ବର୍ମଟିକୁ ନେଇହିଁ ଯାବତୀୟ ବସ୍ତୁ ସହିତ ଧକ୍କା ଲଗାଇବାରେ ଲାଗିଥିଲ । ପୋକମାନେ ଯେପରି ଆସି ଆଲୁଅ ଉପରେ ବାଡ଼େଇ ହୋଇ ଯାଆନ୍ତି, ତୁମେ ସେକଥା ନିଶ୍ଚୟ ଦେଖିଥିବ, ନୁହେଁ କି ? ସମସ୍ତଙ୍କର ଚେତନା ଠିକ୍ ସେହିପରି ହୋଇ ରହିଥାଏ; ତାହା ସତତ କେତେବେଳେ ଏଠାରେ ଓ କେତେ-

'oaob.nitrkl.ac.in' images reprocessed

ବେଳେ ସେଠାରେ ବାଡ଼େଇ ହେବାରେ ଲାଗିଥାଏ, କାରଣ ଏହିସବୁ ବସ୍ତୁ ତା' ଲାଗି ସମ୍ପୂର୍ଣ୍ଣ ଭିନ୍ନଦେଶୀୟ ହୋଇ ରହିଥାଏ । ମାତ୍ର ଏହିପରି ବାଡ଼େଇ ହୋଇ ନବୁଲି ଯଦି ତୁମେ ଭିତରକୁ ପ୍ରବେଶ କରିପାରିବ, ତେବେ ସେହି ବସ୍ତୁଟି ତୁମ ନିଜରହିଁ ଏକ ଅଂଶରେ ପରିଣତ ହୋଇଯିବାକୁ ଆରମ୍ଭ କରିବ । ତୁମେ ନିଜକୁ ପ୍ରସାରିତ କରିଦେଇ ପାରିବ, ମୁକ୍ତ ଭାବରେ ନିଶ୍ୱାସ ନେଇପାରିବ, ବିଚରଣ କରିବା ଲାଗି ଯଥେଷ୍ଟ ସ୍ଥାନ ପାଇଯିବ ଏବଂ କେବେହେଲେ କାହାରି ଉପରେ ଯାଇ ବାଡ଼େଇ ହେବାକୁ ପଡ଼ିବ ନାହିଁ । ତୁମେ ପ୍ରବେଶ କରିବ, ଭେଦ କରିଯିବ, ବୁଝିବ । ଏବଂ ଏକା ସମୟରେ ତୁମେ ଅନେକ ସ୍ଥାନରେ ବାସ କରିପାରିବ । ଏହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ, ଏବଂ ଜଣେ ଏହାକୁ ସ୍ୱତଃପ୍ରେରିତ ଭାବରେ କରିବାକୁ ବେଶ୍ ସମର୍ଥ ହୋଇଥାଏ ।

ଉଦାହରଣସ୍ୱରୂପ, ତୁମେ ଏପରି ଗୋଟିଏ ବହି ପଢ଼ୁଛ, ଯାହା ତୁମକୁ ଭାରି ଭଲ ଲାଗୁଛି, ହୁଏତ ଗୋଟାଏ ବଢ଼ିଆ ଉପନ୍ୟାସ ବହି ପଢ଼ୁଛ, ଯେଉଁଥିରେ କି କେତେକେତେ ରୋମାଞ୍ଚକାରୀ ଦୁଃସାହସିକତା ଭର୍ତ୍ତି ହୋଇ ରହିଛି । ତୁମେ କାହାଣୀଟି ଭିତରେ ସମ୍ପୂର୍ଣ୍ଣ ଭାବରେ ନିମଗ୍ନ ହୋଇ ରହିଛ, ଏବଂ ଏପରିକି ବେଳେବେଳେ ତୁମର କ୍ଲାସ-ସମୟକୁ ଭୁଲିଯାଉଛ, ଖାଇବା ସମୟ ଓ ଶୋଇବା ସମୟକୁ ମଧ୍ୟ ଭୁଲିଯାଉଛ । ତୁମେ ଯାହା ପଢ଼ୁଛ, ସେଇଥିରେ ଗୋଟାସୁଦ୍ଧା ନିମଗ୍ନ ହୋଇ ରହିଛ । ଆମେ ଏଇଟିକୁ ନିଜକୁ ଏକାତ୍ମକ କରି ରଖିବାର ଗୋଟିଏ ବିଷୟ ବୋଲି କହିପାରିବା । ଏବଂ କେତେକ ପରିମାଣରେ ଏକ ପରିପୂର୍ଣ୍ଣତା ସହିତ ଯଦି ତୁମେ ଏଇଟିକୁ କରିପାରିବ, ତେବେ, ଏହାପରେ କ'ଣ ଘଟିବାକୁ ଯାଉଛି, ତୁମେ ଆଗରୁ ମଧ୍ୟ ସେଇଟିକୁ ବୁଝିବାରେ ସମର୍ଥ ହୋଇଯିବ । ଏବଂ ଏପରି ଏକ ମୁହୂର୍ତ୍ତ ଆସି ପହଞ୍ଚିବ, ଯେତେବେଳେ କି କାହାଣୀଟି ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ନିମଗ୍ନ ରହି, ଲେଖକ ତୁମକୁ କିଭଳି ଏକ ପରିସମାପ୍ତି ଆଡ଼କୁ ନେଇ ଯାଉଛନ୍ତି, ତୁମେ ସେକଥାଟିକୁ ମଧ୍ୟ ଜାଣିବାକୁ ସମର୍ଥ ହୁଅ (ସେହି ବିଷୟଟିକୁ ଖୋଜି ବାହାର କରିବାର ଚେଷ୍ଟା ନକରି ମଧ୍ୟ), ସିଏ ତାଙ୍କର କାହାଣୀଟିକୁ କିପରି ଭାବରେ ବିକଶିତ କରାଇ ନେବାକୁ ଯାଉଛନ୍ତି ଏବଂ ନିଜର ଏକ ଉପସଂହାରକୁ ଆସିବାକୁ ଯାଉଛନ୍ତି, ତୁମେ ସେକଥାଟିକୁ ଜାଣିବାରେ ସମର୍ଥ ହୋଇଯାଅ । କାରଣ ଲେଖକଙ୍କର ସୃଜନାତ୍ମକ ଭାବନାଟି ସହିତ ତୁମେ ଏକାତ୍ମକ ହୋଇ ରହିଥାଅ । ଏହି କଥାଟିକୁ ତୁମେ ଅଳ୍ପବହୁତ ପରିପୂର୍ଣ୍ଣତାର ସହିତ କରିବାକୁ ସମର୍ଥ ହୁଅ, ତୁମେ ଏହି କଥାଟିକୁ କରୁଛ ବୋଲି ତୁମର ହୁଏତ କୌଣସି ସଜ୍ଞାନତା ନଥାଏ; ମାତ୍ର ଏହିସବୁ କଥାକୁ ଆମେ ଏକାତ୍ମକତା ଅର୍ଜନ କରିବାର ଗୋଟିଏ ଗୋଟିଏ ବିଷୟ ବୋଲି କହିପାରିବା ।

'oaob.nitrkl.ac.in' images reprocessed

ପ୍ୟାରିସ୍ର ସହରରେ ତୃତୀୟ ବା ଚତୁର୍ଥ ସ୍ତରର ଏପରି ଅନେକ ପ୍ରେକ୍ଷାଗୃହ ରହିଛି, ଯେଉଁଠାରେ କି ବେଶ୍ ଉତ୍ତେଜନାଦାୟକ ନାଟକଗୁଡ଼ିକର ଅଭିନୟ ହୋଇଥାଏ । ସାଧାରଣତଃ ସହରତଳି ଅଞ୍ଚଳରେ ଏହିସବୁ ପ୍ରେକ୍ଷାଗୃହ ରହିଥାଏ । ବୁଦ୍ଧିଜୀବୀମାନେ ଏସବୁ ଦେଖିବାକୁ ଯାଆନ୍ତି ନାହିଁ, ସାଧାରଣ ଲୋକମାନେହିଁ ଯାଆନ୍ତି; ଏବଂ ସେହିସବୁ ଅଭିନୟରେ ଯାବତୀୟ ଉପାଦାନ ସର୍ବଦା ଅତିମାତ୍ରାରେ ନାଟକୀୟ ହୋଇ ରହିଥାଏ, ସର୍ବଦା ଅତିମାତ୍ରାରେ ଗତିଶୀଳ ହୋଇ ରହିଥାଏ । ଏବଂ, ସାଧାରଣତଃ ଅତି ସରଳ ଲୋକମାନେ ଏହିସବୁ ନାଟକ ଦେଖିବାକୁ ଯାଇଥାନ୍ତି ଏବଂ ସେମାନେ ଯେ ଏକ ପ୍ରେକ୍ଷାଗୃହରେ ବସିଛନ୍ତି, ନାଟକ ଦେଖୁଥିବା ସମୟରେ ସେକଥା ସମ୍ପୂର୍ଣ୍ଣ ଭାବରେ ଭୁଲି ଯାଇଥାନ୍ତି । ସେମାନେ ନାଟକଟି ସହିତ ଆପଣାକୁ ଏକାତ୍ମ କରି ନେଇଥାନ୍ତି । ଏବଂ ତେଣୁ, ସେଠାରେ ଏହିପରି ଘଟଣାମାନ ବି ବେଶ୍ ଘଟିଥାଏ : ମଞ୍ଚ ଉପରେ ବିଶ୍ୱାସଘାତକ ଦୁଆର ପଛରେ ଲୁଚି କରି ରହିଥାଏ ଏବଂ ଏଣେ ନାୟକ ମଞ୍ଚ ଉପରକୁ ଆସେ; ବିଶ୍ୱାସଘାତକ ଯେଉଁଠି ଛକିକରି ରହିଛି ବୋଲି ସେ ଜାଣି ନଥାଏ ଏବଂ ସେ ତାକୁ ହତ୍ୟା କରିବାକୁ ବସିଛି ବୋଲି ମଧ୍ୟ ସେ ଜାଣି ନଥାଏ । ଏବଂ ସମ୍ମୁଖରେ ଦର୍ଶକମାନେ ବସିଥାନ୍ତି (ଯାହାକୁ ଗ୍ୟାଲେରି ବୋଲି କୁହାଯାଏ, ସେହିଠାରେ), ସେମାନେ ପ୍ରେକ୍ଷାଗୃହ ଭିତରେ ବସିଥାନ୍ତି । ସେମାନେ ଚିତ୍କାର କରି କହନ୍ତି : "ସାବଧାନ, ସିଏ ସେଇଠି ଲୁଚିକରି ବସିଛି !" (ସମସ୍ତେ ହସି ଉଠିଲେ) ଏକଥା ଯେ ମୋଟେ ଥରେ ଘଟିଛି, ତା' ନୁହେଁ; ଏକଥା ଶତ ଶତ ବାର ଘଟିଛି ଏବଂ ସ୍ୱତଃପ୍ରେରିତ ଭାବରେ ଘଟିଛି । ମୁଁ ଥରେ ଏହି ଧରଣର ଗୋଟିଏ ନାଟକ ଦେଖିବାକୁ ଯାଇଥିଲି; ମୋର ଯେତେଦୂର ମନେ ପଡ଼ୁଛି, ନାଟକଟିର ନାମ Le Bossu; ସେ ଯାହାହେଉ ଏଇଟି ଏକ ବେଶ୍ ଉତ୍ତେଜନାକାରୀ ନାଟକ ଥିଲା ଏବଂ ପୋର୍ତ୍ତ ସାଁ-ମାର୍ତ୍ତାଁ । ପ୍ରେକ୍ଷାଗୃହରେ ପ୍ରଦର୍ଶିତ ହେଉଥିଲା । ଏହି ନାଟକଟିରେ ଗୋଟିଏ କୋଠରୀ ଥିଲା । ମଞ୍ଚ ଉପରେ ଗୋଟିଏ ବଡ଼ କୋଠରୀ ରହିଥିବାର ଦେଖା ଯାଉଥିଲା ଏବଂ ଏହାର କଡ଼କୁ ଆଉ ଗୋଟିଏ ସାନ ଘର ଏବଂ······ନାଟକର କାହାଣୀଟିକୁ ମୁଁ ବର୍ତ୍ତମାନ ଠିକ୍ ମନେ କରି ପାରୁ ନାହିଁ; ମାତ୍ର ସେହି ସାନ କୋଠରୀଟିରେ ଗୋଟିଏ ବଟନ୍ ଲଗା ହୋଇଥିଲା, ଯାହାକୁ ଟିପିଦେଲା ମାତ୍ରକେ ବଡ଼ ଘରଟିର ଛାତଟି ସେହି ଘରେ ବସିଥିବା ଲୋକମାନଙ୍କ ଉପରେ ଅଜାଡ଼ି ହୋଇ ପଡ଼ିବାର ଏବଂ ସେମାନଙ୍କୁ ଗୋଟାସୁଦ୍ଧା ଗୁଣ୍ଡା କରିଦେବାର ବ୍ୟବସ୍ଥା ହୋଇଥିଲା । ଏବଂ ଏହି ବିଷୟରେ ଏକ ସତର୍କବାଣୀ ଦିଆହୋଇ ସାରିଥିଲା, ଲୋକମାନେ ଏକଥା ବିଷୟରେ ଆଗରୁ କଥାବାର୍ତ୍ତା ହୋଇଥିଲେ ଏବଂ ପରସ୍ପରକୁ ସମ୍ବାଦଟି ଦେଇ ସାରିଥିଲେ । ଏବଂ ଜଣେ ବିଶ୍ୱାସଘାତକ ସେହି ସାନ ଘରଟି ଭିତରେ ଲୁଚିକରି

'oaob.nitrkl.ac.in' images reprocessed

ରହିଥିଲା ଏବଂ ବଟନ୍‌ଟିର କୌଶଳଟିକୁ ମଧ୍ୟ ଜାଣିଥିଲା । ତା'ପରେ ନାଟକର ନାୟକ ଅନ୍ୟ ଆଉକେତେ ଜଣଙ୍କ ସହିତ ମଞ୍ଚ ଉପରକୁ ଆସିଲା ଏବଂ ସେମାନେ କ'ଣ ଗୋଟାଏ ବିଷୟରେ ଯୁକ୍ତି କରିବାକୁ ଆରମ୍ଭ କଲେ । ଏବଂ ସମସ୍ତେ ଜାଣିଥିଲେ ଯେ ଏଥର ଘରର ଛାତଟି ସେମାନଙ୍କ ଉପରେ ଭୁଷୁଡ଼ି ପଡ଼ିବ...... ମୁଁ କାହୁଁ ଚିନ୍ତିତ ନଥିଲି, ମୁଁ ଯେ ଏକ ପ୍ରେକ୍ଷାଳୟରେ ବସିଛି, ସେକଥା ମୋର ବେଶ୍ ମନେ ଥିଲା । ନାୟକର ପ୍ରାଣରକ୍ଷା କରିବା ପାଇଁ ଲେଖକ ବର୍ତ୍ତମାନ ଏହି ସ୍ଥିତିଟି ମଧ୍ୟରୁ କିପରି ବାହାରି ଆସିବାକୁ ଯାଉଛନ୍ତି, ମୁଁ ତାହାହିଁ ଦେଖିବା ଲାଗି ଅପେକ୍ଷା କରୁଥିଲି । (କାରଣ, ଏକଥାଟି ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଥିଲା ଯେ ନାୟକ କଦାପି ସେପରି ଭାବରେ ସମସ୍ତଙ୍କ ସାମନାରେ ନିଜର ପ୍ରାଣନାଶ ଘଟାଇବାକୁ ଯାଉ ନଥିଲା !) ମାତ୍ର ଅନ୍ୟମାନେ ଏପରି ଅବସ୍ଥାରେ ଆଦୌ ନଥିଲେ । ଏପରି ଅନେକ ଦର୍ଶକ ଥିଲେ, ଯେଉଁମାନେ ପାଟି କରିବାରେ ଲାଗିଥିଲେ, ପ୍ରକୃତରେ ପାଟି କରୁଥିଲେ : "ସାବଧାନ ! ଛାତଟି କଥା ଭୁଲି ଯିବ ନାହିଁ !" ହଁ, ସେହିପରି ଶୁଣିବାକୁ ମିଳୁଥିଲା ।

ଏଗୁଡ଼ିକୁ ଆମେ ଆପଣାକୁ ଏକାତ୍ମକ କରି ରଖିବାର ବିଷୟ ବୋଲି କହିବା । କେବଳ ଏତିକି ମନେ ରଖିବାକୁ ହେବ ଯେ ଏସବୁ ଅନିଚ୍ଛାକୃତ ଭାବରେ ହୋଇଥାଏ । ଏବଂ ବର୍ତ୍ତମାନ ଏଇଟିକୁ ସ୍ନାୟୁଗତ ରୋଗର ଚିକିତ୍ସାରେ ମଧ୍ୟ ଏକ ପଦ୍ଧତିରୂପେ ବ୍ୟବହାର କରାଯାଉଛି । ଯେତେବେଳେ କାହାକୁ ନିଦ ହେଉ ନାହିଁ, ସିଏ ଏତେ ବେଶୀ ଉତ୍ତେଜିତ ଏବଂ ଉଦ୍‌ବିଗ୍ନ ହୋଇ ରହୁଛି ଯେ ଆଦୌ ଏକ ଶାନ୍ତ ଅବସ୍ଥାକୁ ଆସି ପାରୁ ନାହିଁ, ଅତିରିକ୍ତ ଉତ୍ତେଜନାବଶତଃ ତାହାର ସ୍ନାୟୁସବୁ ରୋଗାକ୍ରାନ୍ତ ଏବଂ ଦୁର୍ବଳ ହୋଇ ପଡ଼ିଛନ୍ତି, ସେତେବେଳେ, ଗୋଟିଏ ଉଦାହରଣ ଦେଇ କହିଲେ, ମନେକର ତାହାକୁ ଏକ ମତ୍ସ୍ୟଘର ଆଗରେ ନେଇ ବସାଇ ଦିଆଯାଉଛି । ମତ୍ସ୍ୟଘରଗୁଡ଼ିକ ଦେଖିବାକୁ ପ୍ରକୃତରେ କେଡ଼େ ସୁନ୍ଦର କହିଲ ! —ସେହି ମତ୍ସ୍ୟଘରଟି ଭିତରେ ସୁନ୍ଦର ସାନସାନ ମାଛ ଅଛନ୍ତି, ସୁନାରଙ୍ଗର ମାଛ ରହିଛନ୍ତି ସେଠାରେ ତାକୁ କେବଳ ବସି ରହିବାକୁ କୁହାଯାଉଛି, ଗୋଟିଏ ଆରାମଚଉକୀ ଉପରେ ଖାଲି ବସି ରହିବାକୁ ଓ କୌଣସି ପ୍ରକାର ବିଷୟରେ (ବିଶେଷ କରି ତା' ନିଜ ସମସ୍ୟାଗୁଡ଼ିକ ବିଷୟରେ) କିଛି ହେଲେ ନଭାବିବାକୁ କୁହାଯାଉଛି ଏବଂ ମାଛମାନଙ୍କ ଆଡ଼କୁ ଅନାଇବାକୁ କୁହାଯାଉଛି । ଏହିପରି ଭାବରେ ସେ ମାଛଗୁଡ଼ିକ ଆଡ଼କୁ ଅନାଇ ଦେଖୁଛି,—ମାଛଗୁଡ଼ିକ ପହଁରିବାରେ ଲାଗିଛନ୍ତି, ଆସୁଛନ୍ତି ପୁଣି ଚାଲି ଯାଉଛନ୍ତି, ପହଁରୁଛନ୍ତି, ସର୍ କରି ଖସି ଯାଉଛନ୍ତି, ବୁଲି ପଡ଼ୁଛନ୍ତି, ଭେଟାଭେଟି ହେଉଛନ୍ତି, ଜଣେ ଆଉ ଜଣକର ବାଟକୁ କାଟି ଚାଲି ଯାଉଛନ୍ତି, ଗୋଡ଼ାଆଗୋଡ଼ା ହେଉଛନ୍ତି,—ଏହିପରି ଅସରନ୍ତି

'oaob.nitrkl.ac.in' images reprocessed

ଭାବରେ କେତେ କ'ଣ କରିବାରେ ଲଗିଛନ୍ତି । ପାଣି ଧୀରେ ଧୀରେ ବହିବାରେ ଲଗିଛି ଓ ତାହାର ଉପର ଦେଇ ମାଛଗୁଡ଼ିକ ଆସୁଛନ୍ତି ଯାଉଛନ୍ତି । ଏହିପରି ଦେଖୁଦେଖୁ କିଛି ସମୟ ପରେ ସେ ନିଜେ ମାଛମାନଙ୍କର ଜୀବନଟିକୁ ବଞ୍ଚିବା ଆରମ୍ଭ କରିଦେଉଛି : ସିଏ ବି ଆସୁଛି ଓ ଚାଲିଯାଉଛି, ପହଁରୁଛି, ସର୍ କରି ଚାଲିଯାଉଛି ଓ ଖେଳୁଛି । ଏବଂ ଏହିପରି ଗୋଟିଏ ଘଣ୍ଟା ତାହାରି ମଧ୍ୟରେ ରହିବା ପରେ ତା'ର ସ୍ନାୟୁଗୁଡ଼ିକ ପୂର୍ଣ୍ଣ ସୁସ୍ଥ ଅବସ୍ଥାକୁ ଆସି ଯାଉଛନ୍ତି ଓ ସେ ସମ୍ପୂର୍ଣ୍ଣଭାବରେ ଶାନ୍ତ ହୋଇ ଯାଉଛି !

ମାତ୍ର ଏଥିରେ ଏହି ଗୋଟିଏ ସର୍ତ୍ତ ରହୁଛି ଯେ ତୁମେ ନିଜର କୌଣସି କଷ୍ଟ ବା କୌଣସି ବ୍ୟକ୍ତିଗତ ବିଷୟରେ କିଛିହେଲେ ଭାବିବ ନାହିଁ ଏବଂ କେବଳ ମାଛମାନଙ୍କୁ ଦେଖିବାରେ ଲଗିଥିବ ।

### ଏହିପରି କରି କ'ଣ ଆମେ ଭଗବାନଙ୍କୁ ବି ପାଇପାରିବା ?

ତୁମେ କ'ଣ ପ୍ରକୃତରେ ବୁଝିପାରୁଛ ଯେ ଭଗବାନଙ୍କୁ ଜାଣିବା ଲଗି କେବଳ ଗୋଟିଏ ପନ୍ଥା ରହିଛି ଏବଂ ସେଇଟି ହେଉଛି, ଆମେ ତାଙ୍କ ସହିତ ଏକାତ୍ମକତା ଅର୍ଜନ କରିବା । ଏହା ବ୍ୟତୀତ ଅନ୍ୟ ପନ୍ଥା ନାହିଁ, କେବଳ ଏହି ଗୋଟିଏ ପନ୍ଥା ରହିଛି । ତେଣୁ, ନିଜକୁ ଏକାତ୍ମକ କରି ରଖିବାର ଏହି ଉପାୟଟିକୁ ସମ୍ପୂର୍ଣ୍ଣ ଭାବରେ ଆୟତ୍ତ କରିପାରିଲେ ତୁମେ ଆପଣାକୁ ଏକାତ୍ମକ କରିବାରେ ନିଶ୍ଚୟ ସମର୍ଥ ହୋଇଯିବ । ତୁମେ ଏହିପରି ଭାବରେ ଏକାତ୍ମକ ହେବାର ବସ୍ତୁଟିକୁ ମଧ୍ୟ ଠିକ୍ କରିନେବ, ତୁମେ ଭଗବାନଙ୍କ ସହିତ ଏକାତ୍ମକତା ଅର୍ଜନ କରିବାକୁ ଇଚ୍ଛା କରିବ । ମାତ୍ର ଆପଣାକୁ ଏକାତ୍ମକ କରି ରଖିବାର କଳାଟିକୁ ନଜାଣିଥିଲା ପର୍ଯ୍ୟନ୍ତ ତୁମର ବାଟଟି ଦେଇ ସତତ ବିଶାରିହେ ପ୍ରକାରର କଥା ଆସିବାରେ ଲଗିଥିବ, ତୁମକୁ ଏଠିକି ଟାଣି ନେଉଥିବ ଓ ସେଠିକି ଟାଣି ନେଉଥିବ, ତୁମକୁ ଏଠିସେଠି ବିକ୍ଷିପ୍ତ କରି ପକାଉଥିବ ଏବଂ ଏପରି ଅବସ୍ଥାରେ ତୁମେ କଦାପି ଭଗବାନଙ୍କ ସହିତ ଏକାତ୍ମକତା ଅର୍ଜନ କରି ପାରିବ ନାହିଁ । ମାତ୍ର ଯଦି ନିଜକୁ ଏକାତ୍ମକ କରି ଜାଣିଥିବ, ତେବେ ତୁମକୁ ସେହି ଏକାତ୍ମକତା ଅର୍ଜନ କରିବାର ସାମର୍ଥ୍ୟଟିକୁ କେବଳ ଏକ ନିର୍ଦ୍ଦିଷ୍ଟ ଅଭିମୁଖ୍ୟ ଦେବାକୁ ପଡ଼ିବ, ଯେଉଁଠି ତୁମେ ଇଚ୍ଛା କରୁଛ, ତାହାକୁ ସେହିଠାରେ ନେଇ ଅବସ୍ଥାପିତ କରିବାକୁ ହେବ ଏବଂ ଏକ ଫଳ ପାଇବା ପର୍ଯ୍ୟନ୍ତ ସେଇଥିରେ ଅବିଚଳ ହୋଇ ରହିବାକୁ ପଡ଼ିବ । ଯଦି ଏକାତ୍ମକତା ଅର୍ଜନ କରିବାର ଶକ୍ତିରେ ତୁମେ ପୂର୍ଣ୍ଣ ନୈପୁଣ୍ୟ ଲଭ କରିଥିବ, ତେବେ ତୁମେ ଅତିଶୀଘ୍ର ସେହି ଫଳଟିକୁ ପାଇପାରିବ । ହଁ, ପ୍ରକୃତରେ ଖୁବ ଚଞ୍ଚଳ ପାଇପାରିବ ।

'oaob.nitrkl.ac.in' images reprocessed

ଶ୍ରୀରାମକୃଷ୍ଣ କହୁଥିଲେ ଯେ ଏହି ସମୟଟି ତିନି ଦିନ, ତିନି ଘଣ୍ଟା ବା ତିନି ମିନିଟ୍ ମଧ୍ଯ ହୋଇପାରେ । ଯେଉଁମାନେ ଖୁବ ମନ୍ଥର, ସେମାନଙ୍କ ଲାଗି ତିନି ଦିନ ଲାଗିବ; ତା'ଠାରୁ ଯେଉଁମାନେ ଟିକିଏ ଅଧିକ ଚଞ୍ଚଳ, ସେମାନଙ୍କ ଲାଗି ତିନି ଘଣ୍ଟା ଲାଗିବ; ଏବଂ ଯେଉଁମାନେ ଏଥିରେ ସମ୍ପୂର୍ଣ୍ଣ ଭାବରେ ଅଭ୍ୟସ୍ତ, ସେମାନଙ୍କ ସକାଶେ ତିନି ମିନିଟ୍ ଲାଗିବ ।

ଅତି ମନ୍ଥରମାନଙ୍କ ପାଇଁ ତିନି ଦିନ ମାତ୍ର ?

ହଁ, ଯେଉଁମାନେ ଅତି ମନ୍ଥର, ସେମାନଙ୍କ ପାଇଁ । ଶ୍ରୀରାମକୃଷ୍ଣଙ୍କୁ ପଚରା ହୋଇଥିଲା : "ଭଗବାନଙ୍କ ସହିତ ଏକାତ୍ମକତା ଅର୍ଜନ କରିବା ଲାଗି ପ୍ରକୃତରେ କେତେ ସମୟ ଲାଗିବ ?"—ଏବଂ ସେ ଏହିପରି ଉତ୍ତର ଦେଇଥିଲେ ।

ଏବଂ ତାହାର ଅର୍ଥ କ'ଣ ହେବ, ଆଉ କିଛି ନକରି ତିନି ଦିନ ?

ନାଇଁ,—କିଛି ନକରି ନୁହେଁ । ଭଗବାନଙ୍କ ସହିତ ଏକାତ୍ମକତା ଅର୍ଜନ କରିବା ଲାଗି କିଛି ନକରିବାର ଆଦୌ କୌଣସି ପ୍ରୟୋଜନ ନାହିଁ । ଏବଂ ଏଥିରେ ମଧ୍ଯ କୌଣସି ସନ୍ଦେହ ନାହିଁ ଯେ ତିନି ଦିନ କାଳ କିଛି ନକରି ତୁମେ କଦାପି ସ୍ଥିର ହୋଇ ବସିପାରିବ ନାହିଁ । ଯଦି ପ୍ରକୃତରେ ସେପରି କରି ପାରୁଥିବ, ତେବେ ତାହାର ଅର୍ଥ ହେବ ଯେ ତୁମେ ଆଗରୁ ନିଶ୍ଚୟ ଏହି ଦିଗରେ ଏକ ଅସାଧାରଣ ପରିପୂର୍ଣ୍ଣତା ହାସଲ କରି ପାରିଛ; ହୁଏତ ତାହାରି ଫଳରେହିଁ ତୁମେ ଆପଣାର ଯାବତୀୟ ପ୍ରୟୋଜନ ଭୁଲିଯାଇ ପାରୁଛ ଏବଂ ନିଶ୍ଚଳ ହୋଇ ତିନି ଦିନଯାଏ ବସିରହି ପାରୁଛ । ନା—ଶ୍ରୀରାମକୃଷ୍ଣ ସେକଥା କହି ନାହାନ୍ତି । ସିଏ କହୁଛନ୍ତି ଯେ ଆମର ଭାବନା ସମ୍ପୂର୍ଣ୍ଣ ଭାବରେ ସେହି ଭଗବାନଙ୍କ ପାଖରେହିଁ ସକେନ୍ଦ୍ରିତ ହୋଇ ରହିଥିବ । ଏବଂ ଯାହା ଆଗରେ ସେ ଏକଥାଟି କହିଥିଲେ, ତାକୁ ଦେଖାଇ ଦେବାକୁ ସେ ତାହାରି ଆଗରେ ସେହି କଥାଟି କରିଥିଲେ; ସିଏ ଯାହା କହୁଛନ୍ତି ସତ ବୋଲି ପ୍ରମାଣ କରି ଦେଖାଇ ଦେଇଥିଲେ । ଏବଂ ସେହି ଅବସ୍ଥାଟି ପ୍ରାପ୍ତ ହେବାକୁ ତାଙ୍କୁ ଆଦୌ ତିନି ମିନିଟରୁ ଅଧିକ ସମୟ ଲାଗି ନଥିଲା ।

ମାତ୍ର ଏଇଟି ଠିକ୍ ସେହିପରି କଥା; ଏହି କ୍ଷେତ୍ରରେ ଯାହା ଆମ ଅନୁଭୂତିରେ ବାଧା ସୃଷ୍ଟି କରିବାରେ ଲାଗିଥାଏ, ତାହା ହେଉଛି ଯେ ଆମର ସକେନ୍ଦ୍ରଣରେ କୌଣସି ଅଭ୍ୟାସ ନଥାଏ; ଆମ ଭିତରେ ଏକାଗ୍ରତାର ଅଭାବ ରହିଥାଏ, ଆମ ଉଦ୍ଦେଶ୍ୟ ଏବଂ ଇଚ୍ଛାଶକ୍ତି ନାନା ଆଡ଼େ ବିକ୍ଷିପ୍ତ ହୋଇ

'oaob.nitrkl.ac.in' images reprocessed

ରହିଥାଏ । ଆମେ ଏହାକୁ ମିନିଟକ ଲାଗି "ଗ୍ରହଣ"; ଦୁଇ ମିନିଟ, ଦଶ ମିନିଟ, ପନ୍ଦର ମିନିଟ ବା ଘଣ୍ଟାଏ ଲାଗି ଗ୍ରହଣ, ମାତ୍ର ତା ପରେ ଆମେ ଅଦ୍ଭୁତ କେତେ କ'ଣ କଥା ଗ୍ରହିବାରେ ଲାଗିଥାଉ ।···ଆମେ ଏଇଟି ବିଷୟରେ ଅଳ୍ପ କେତେ କ୍ଷଣ ଲାଗି "ଭାବୁ", ମାତ୍ର ତା'ପରେ ହଠାତ୍ ଅନ୍ୟ କୌଣସି ବିଷୟରେ ମଧ୍ୟ ଭାବିବାରେ ଲାଗିଯାଉ । ତେଣୁ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହିପରି ଭାବରେ ତୁମର ହୁଏତ କାଳ କାଳ ଗ୍ରହଣ ଯିବ । କାରଣ, ଅସଲ କଥା ହେଉଛି, ଏହିସବୁ ବିଷୟର କ୍ଷେତ୍ରରେ ତୁମେ କଦାପି ଆଜି ଟିକିଏ, କାଲି ଆଉଟିକିଏ କରି କିଛି ସଞ୍ଚୟ କରି ପାରିବ ନାହିଁ । ଯଦି ଆମେ ବାଲି ଜମା କଲାପରି ଏହାକୁ ଜମା କରି ପାରୁଥାନ୍ତେ, ଯଦି ଭଗବାନଙ୍କ ବିଷୟରେ ଗୋଟିଏ ଗୋଟିଏ ଅରି ଭାବନା ମାତ୍ରକେ କେଉଁଠାରେ ସାନ ବାଲିକଣାଟିଏ ଜମାକରି ରଖିଦେଇ ପାରୁଥାନ୍ତେ, ତେବେ କିଛିକାଳ ପରେ ତାହା ବଢ଼ିବଢ଼ି ନିଶ୍ଚୟ ଗୋଟିଏ ପର୍ବତରେ ପରିଣତ ହୋଇ ପାରନ୍ତା । ମାତ୍ର ଏହି କ୍ଷେତ୍ରରେ ଆଦୌ ସେପରି ହୁଏ ନାହିଁ, ଏହି କ୍ଷେତ୍ରରେ ସେପରି ଭାବରେ କିଛି ରହି ପାରେ ନାହିଁ । ଏଥିରୁ କୌଣସି ଫଳ ଫଳେ ନାହିଁ । ଏହା କଣାଏ କଣାଏ କରି ଆଦୌ ସଞ୍ଚିତ ହୁଏ ନାହିଁ, କଣାଏ କଣାଏ ମିଶାଇ ଏଥିରେ କୌଣସି ବୃଦ୍ଧି ସମ୍ଭବ କରି ହୁଏ ନାହିଁ, ପରିମାଣାତ୍ମକ ଭାବରେ ଏଥିରେ କୌଣସି ଅଗ୍ରଗତି କରି ହୁଏ ନାହିଁ । ପ୍ରଗାଢ଼ତା ଦ୍ୱାରା ଅଗ୍ରଗତି କରିହୁଏ, ପରିମାଣାତ୍ମକ ଭାବରେ ଏଥିରେ କୌଣସି ଅଗ୍ରଗତି କରି ହୁଏ ନାହିଁ । ହଁ, ଏକଥାଟି କିପରି କରିବାକୁ ହୁଏ, ତୁମେ ସେକଥା ନିଜ ଭିତରେ ନିଶ୍ଚୟ ଶିକ୍ଷା କରିପାରିବ; ମାତ୍ର ତୁମେ ଯାହାକିଛି କରିବ, ତାହାର କଳନା କେବଳ ଏହିପରି ଭାବରେ କରିଯାଇ ପାରିବ । କଣାଏ କଣାଏ ବାଲି ମିଶି ଯେପରି ବାଲିଗଦାଟିଏ ତିଆରି ହୁଏ, ସେହିପରି ଏହି କ୍ଷେତ୍ରରେ କୌଣସି ସଂଚୟ ବା ଅର୍ଜନ ହୋଇ ପାରେ ନାହିଁ । ତା' ନହେଲେ ଏହି କ୍ଷେତ୍ରରେ ଚତୁର ହୋଇ ନିଜକୁ ବେଶ୍ କୁହାଯାଇ ପାରୁଥାନ୍ତା : "ଆଚ୍ଛା, ତେବେ ମୁଁ ଭଗବାନଙ୍କ ବିଷୟରେ ଦିନକୁ ବାରଥର ଲେଖାଏଁ ଭାବିବି," ଏବଂ ତା'ପରେ, ସେହିପରି ଅଳ୍ପ ଅଳ୍ପ କରି ତାହା କେତେଦିନ ପରେ ବେଶ୍ ଏକ ସାନ ପାହାଡ଼ରେ ପରିଣତ ହୋଇ ଯାଉଥାନ୍ତା ।···

ପିଲାମାନେ, ପ୍ରାୟ ଦଶଟା ଆସି ବାଜିଲାଣି, ମାତ୍ର ଯଦି କାହାର ଭଲ ପ୍ରଶ୍ନଟିଏ ପଚାରିବାର ଥାଏ,···ତୁମର ଅଛି, ନା ? ତେବେ ପଚାର ।

ମୋର ଗୋଟିଏ ପ୍ରଶ୍ନ ଅଛି ।

ଭାରି ଭଲ ପ୍ରଶ୍ନ ?

'oaob.nitrkl.ac.in' images reprocessed

ମୋ ପାଇଁ ଗୋଟିଏ ଆଗ୍ରହୋଦ୍ଦୀପକ ପ୍ରଶ୍ନ । ଦେଖାଯାଇଥାଏ, ଅନେକ ଲୋକ ଅଛନ୍ତି, ଯେଉଁମାନେ ଖୁବ୍ ବୁଦ୍ଧିଆ, ଆଉ ଅନ୍ୟମାନେ ବୋକା । ଏପରି କାହିଁକି ହୋଇଥାଏ ?

କାହିଁକି ? ମାନେ ବାବୁ, ଏହି ପ୍ରକୃତି ଭିତରେ ତ ଯାବତୀୟ ଅନେକ ପ୍ରକାରର ଜିନିଷ ରହିଛି ! ଏପରି ଦୁଇଟି ଜିନିଷ ମଧ୍ୟ ନାହିଁ, ଯାହାକି ସଂପୂର୍ଣ୍ଣ ଭାବରେ ଏକାଭଳି । ପ୍ରକୃତି ଭିତରେ ସବୁ ପ୍ରକାରର ସମ୍ଭାବନା ରହିଛି : ତୁମେ ଯେତେ ଯାହା କଳ୍ପନା କରିପାରିବ, ସବୁ ରହିଛି ଏବଂ ତା'ଠାରୁ ଲକ୍ଷ ଲକ୍ଷ କୋଟି କୋଟି ଗୁଣ ଅଧିକା ବି ରହିଛି । ତେଣୁ ତୁମେ ଏଠି ଦେଖିପାରୁଛ ଯେ ପୃଥିବୀରେ ବୁଦ୍ଧିଆ ଲୋକେ ଅଛନ୍ତି, ବୁଦ୍ଧି ନଥିବା ଲୋକମାନେ ବି ରହିଛନ୍ତି । ଏବଂ, ତା'ପରେ ଏପରି ଲୋକମାନେ ବି ଅଛନ୍ତି, ଯେଉଁମାନଙ୍କ ଜୀବନରେ କି ଆଦୌ କୌଣସି ଭାରସାମ୍ୟ ନାହିଁ । ଏବଂ ତଥାପି ତୁମେ କେବଳ ଅତି କ୍ଷୁଦ୍ର ଆୟତନ ଭିତରେହିଁ ଯାହାକିଛି ଦେଖିପାରୁଛ । ମାନେ ତୁମେ ଏହି କଥାଟିକୁ ବେଶ୍ ବୁଝିରଖିବ ଯେ ଏହି ସବୁଯାକ କଥା ଏଠାରେ ଅଛି, ଆହୁରି କୋଟି କୋଟି ଅନ୍ୟ କଥା ବି ଅଛି, ଏବଂ ଏହି ସଂସାରରେ ଏପରି ଦୁଇଟି ଜିନିଷ ବି କେଉଁଠାରେ ନାହିଁ, ଯାହାକି ସଂପୂର୍ଣ୍ଣ ଭାବରେ ଏକାଭଳି । ଏବଂ ମୁଁ ଆଦୌ ଭାବିପାରୁ ନାହିଁ ଯେ କେହି ଏପରି କୌଣସି ଜିନିଷର କଳ୍ପନା କରିପାରିବ, ଯାହାକି କୌଣସି ନା କୌଣସି ସ୍ଥାନରେ ପ୍ରକୃତରେ ବିଦ୍ୟମାନ ରହି ନାହିଁ । ଠିକ୍ ଏହି କଥାଟିହିଁ ପ୍ରକୃତି ଲାଗି ସବୁଠାରୁ ଅଧିକ ମନୋରଞ୍ଜକ ହୋଇଥାଏ—ପ୍ରକୃତି ସବୁ କଥା ନେଇ ପ୍ରୟୋଗ କରୁଥାଏ, ସବୁ କିଛି କରୁଥାଏ, ସବୁ କଥା ତିଆରି କରେ, ସବୁ କଥା ଭାଙ୍ଗେ, ଏବଂ ସମ୍ଭାବ୍ୟ ଯାବତୀୟ ପ୍ରକାରର ସଂଯୋଗ ଓ ସମ୍ମିଳନ କରିବାରେ ଲାଗିଥାଏ ଏବଂ ସେଗୁଡ଼ିକୁ ବଦଳାଇବାରେ ଲାଗିଥାଏ, ପୁଣିଥରେ ହାତକୁ ନେଇ ପୁଣିଥରେ ଗଢ଼ିବାରେ ଲାଗିଥାଏ; ଏବଂ ଏହିପରି ଭାବରେ ପ୍ରକୃତି ଭିତରେ ଯାବତୀୟ ପ୍ରକାରର ସମ୍ଭାବନାର ଏକ ଅବିରାମ ଗତିନିୟମ ଲାଗିହିଁ ରହିଥାଏ । ଏହି ସମ୍ଭାବନାଗୁଡ଼ିକ ଗୋଟିଏ ପରେ ଗୋଟିଏ ହୋଇ ଆସିବାରେ ଲାଗିଥାନ୍ତି, ପରସ୍ପର ସହିତ ଧକ୍କା ବାଜୁଥାନ୍ତି, ସମ୍ମିଳିତ ହୋଇ ଯାଉଥାନ୍ତି, ଯୋଡ଼ି ହୋଇ ଯାଉଥାନ୍ତି ଓ ପୁଣି ଅଲଗା ହୋଇ ଯାଉଥାନ୍ତି । ପାର୍ଥିବ ଜୀବନର କୌଣସି ଦୁଇଟି ମୁହୂର୍ତ୍ତ ମଧ୍ୟ କଦାପି ସେହି ଏକାଭଳି ହୋଇ ରହି ନଥାଏ; ଏବଂ ଏହି ପୃଥିବୀ ପ୍ରକୃତରେ କେତେକାଳ ହେଲା ସୃଷ୍ଟି ହେଲାଣି କହିଲ ?···ଯେଉଁମାନଙ୍କୁ ଏହି ବିଷୟରେ ସବୁକଥା ଭଲ ଭାବରେ ଜଣାଅଛି, ସେମାନେ ହୁଏତ ଏହାର ଏକ ପାଖାପାଖି ହିସାବ ଦେଇପାରିବେ । ଏବଂ ପୃଥିବୀ ଆଉ କେତେଦିନ ଏହିପରି ରହିବ ?

'oaob.nitrkl.ac.in' images reprocessed

ସେମାନେ ହୁଏତ ସେକଥା ବି ତୁମକୁ କହିଦେଇ ପାରିବେ : କେତେ କେତେ ସଂଖ୍ୟା ଦେଇ କହିବେ, ଯେଉଁଥିରେ କି ଗୁଡ଼ାଏ ଶୂନ ରହିଥିବ, ଏତେ ବେଶୀ ଶୂନ ରହିଥିବ ଯେ ତୁମେ ତାକୁ ପଢ଼ି ବି ପାରିବ ନାହିଁ । ମାତ୍ର ତଥାପି ଏହି ପୃଥିବୀ ଦୁଇଥର ଲାଗି ମଧ୍ୟ କଦାପି ସେହି ଏକାଭଳି ହେବ ନାହିଁ ଏବଂ ଏଥିରେ ଦୁଇଟି ମୁହୂର୍ତ୍ତ ମଧ୍ୟ କଦାପି ଆସିବ ନାହିଁ, ଯାହାକି ସଂପୂର୍ଣ୍ଣ ଭାବରେ ଏକାଭଳି ହୋଇଥିବ । ଯଦି ତୁମେ କେବେ କେତୋଟି ଜିନିଷକୁ ଏକାଭଳି ଦେଖିଥିବ, ତେବେ ତାହାକୁ କେବଳ ଏକ ପ୍ରତିଭାସ ବୋଲି ବୁଝାଯିବ, ତାହା କେବଳ ସେହିପରି ଦେଖାଯାଉଥିବ । କାରଣ, ଏପରି ଦୁଇଟି ଜିନିଷ ନାହାନ୍ତି, ଯାହାକି ସଂପୂର୍ଣ୍ଣ ଭାବରେ ଏକାପରି ଏବଂ ଏପରି ଦୁଇଟି ମୁହୂର୍ତ୍ତ ମଧ୍ୟ ନାହିଁ ଯାହାକି ସଂପୂର୍ଣ୍ଣ ଭାବରେ ଏକାପରି । ଏବଂ ଏସବୁ ଏତେବେଶୀ ଏହିପରି ଭାବରେ ଲାଗି ରହିଛି ଯେ ତୁମେ ତାହାର କୌଣସି ଗଣନା ବି କରିପାରିବ ନାହିଁ । ଏବଂ ଭବିଷ୍ୟତ ମଧ୍ୟକୁ ମଧ୍ୟ ତାହା ଏପରି ପ୍ରଲମ୍ବିତ ହୋଇ ରହିଛି ଯେ, ତୁମେ ତାହାର କୌଣସି ଗଣନା କରିପାରିବ ନାହିଁ । ଏବଂ ଏସବୁ ଦୁଇଥର ଲାଗି ମଧ୍ୟ କଦାପି ସେହି ଏକାଭଳି ହେବ ନାହିଁ । ତେଣୁ, ଏଇଟା କାହିଁକି ଅଛି ଅଥବା ସେଇଟା କାହିଁକି ଅଛି, ତୁମେ ମୋତେ ସେକଥା ଆଦୌ ପଚାରି ପାରିବ ନାହିଁ ।...ତୁମେ ମୋତେ କାହିଁକି ବୋଲି ପଚାରିଥିଲ ନା ? ତୁମେ ଜାଣିଛ, ପ୍ରକୃତିର ତୁମଠାରୁ ଅନେକ ଅଧିକ କଳ୍ପନାଶକ୍ତି ରହିଛି । ସିଏ ନିରନ୍ତର ନାନା ନୂତନ ବିଷୟର କଳ୍ପନା କରିବାରେ ଲାଗିଛି । ଏହା ନିଶ୍ଚୟ ଏହିପରିହିଁ ହୋଇଥିବ, କାରଣ ପ୍ରକୃତି ସବୁବେଳେ ବଦଳିଯିବାରେ ଲାଗିଛି ଏବଂ ଏହାର ଯାବତୀୟ ସମ୍ମିଳନ ସର୍ବଦା ନୂଆ ନୂଆହିଁ ହେବାରେ ଲାଗିଛି । ସଂସାରରେ ଦୁଇଟି ମୁହୂର୍ତ୍ତ ମଧ୍ୟ ଏକାଭଳି ଆସୁ ନାହିଁ । ପ୍ରକୃତିର ପ୍ରକୃତରେ ଅନେକ ପରିମାଣରେ କଳ୍ପନାଶକ୍ତି ରହିଛି । ତୁମେ ସେ ବିଷୟରେ କେବେ ଭାବି ଦେଖିଛ କି ?...ତୁମେ କେବେ ଦୁଇଟି ଏପରି ମୁହୂର୍ତ୍ତ ଆସିଥିବାର ଦେଖିଛ, ଯେଉଁଗୁଡ଼ିକ କି ସଂପୂର୍ଣ୍ଣ ଭାବରେ ଏକାପରି ? ନା— କେବେହେଲେ ଦେଖି ନଥିବ । ତୁମେ ଏକଥାଟିକୁ ମଧ୍ୟ ଭଲ କରି ଜାଣିଛ ଯେ ତୁମେ କାଲି ଯେପରି ଥିଲ, ଆଜି କଦାପି ସେପରି ହୋଇ ରହି ନାହଁ ଏବଂ ଆଜି ଯେପରି ଅଛ, ଆସନ୍ତା କାଲି ମଧ୍ୟ କଦାପି ସେପରି ହୋଇ ରହିବ ନାହିଁ ।... ଏବଂ ଯଦି ତୁମେ କେବଳ ପଛକୁ ଫେରିଯାଇ ପାରନ୍ତ...ଧର, ଦଶବର୍ଷ ପଛକୁ ଫେରିଯାଇ ପାରନ୍ତ, ତେବେ ତୁମେ ଆପଣାକୁ ଆଦୌ ଚିହ୍ନି ପାରିବ ନାହିଁ ! ତୁମେ ସେତେବେଳେ ପ୍ରକୃତରେ କ'ଣସବୁ ଭାବୁଥିଲ,—ଯଦି ପ୍ରକୃତରେ କୌଣସି ବିଷୟରେ ଭାବୁଥିଲ,—ସେକଥାଟିକୁ ମଧ୍ୟ ତୁମେ କଦାପି ଜାଣି ପାରିବ ନାହିଁ !

ତେଣୁ, ଏହି କ୍ଷେତ୍ରରେ କୌଣସି ସମସ୍ୟା ରହିବା ଉଚିତ ନୁହେଁ । ତୁମେ

'oaob.nitrkl.ac.in' images reprocessed

କେବଳ ଏତିକି କରିପାରିବ ଯେ, ତୁମକୁ ଅତ୍ୟନ୍ତ ସୀମାବଦ୍ଧ ଭାବରେ ଅଭିଜ୍ଞତାର ଯେଉଁ କ୍ଷେତ୍ରଟି ଉପଲବ୍ଧ ହୋଇପାରିଛି, ତୁମେ ଚେଷ୍ଟା କରି ସେଇଟି ମଧ୍ୟରେହିଁ ପ୍ରବେଶ କରିପାରିବ ଏବଂ ଯାବତୀୟ ସମ୍ଭାବନାକୁ ଦେଖିବାକୁ ଚେଷ୍ଟା କରିବ। ଏବଂ ସେଗୁଡ଼ିକୁ ଉଲ୍ଲେଖ କରି ରଖିବା ପାଇଁ ବି ତୁମେ ଚେଷ୍ଟା କରିପାରିବ; ତେବେ ତୁମେ ନିଶ୍ଚୟ ଦେଖିବାକୁ ପାଇବ ଯେ ସେଥିରୁ ସଙ୍ଗେ ସଙ୍ଗେ ଏତେବଡ଼ ଗୋଟାଏ ଗ୍ରନ୍ଥ ହୋଇଯିବ; ତୁମ ଅଭିଜ୍ଞତାର ସେହି ବିକଟ ମାତ୍ର କ୍ଷେତ୍ରରେହିଁ ଏତେବଡ଼ ଗ୍ରନ୍ଥଟାଏ ହୋଇଯିବ !

ଏବଂ ତୁମେ ପ୍ରକୃତରେ କ'ଣ, କହିଲ ?···ସନାତନ କାଳ ଭିତରେ ଗୋଟାଏ ମାତ୍ର କ୍ଷଣ !

ସେତିକି ଥାଉ।

## ୧୯ ଅଗଷ୍ଟ, ୧୯୬୩

"ପ୍ରେମର ଶକ୍ତିସ୍ଫୂର୍ତ୍ତି କେବଳ ମନୁଷ୍ୟ-ସଂସାର ଭିତରେହିଁ ସୀମାବଦ୍ଧ ହୋଇ ରହିନାହିଁ ଏବଂ ସମ୍ଭବତଃ ମନୁଷ୍ୟେତର ଅନ୍ୟ ସଂସାରଗୁଡ଼ିକରେ ତାହା ଅପେକ୍ଷାକୃତ କମ୍ ବିକୃତ ଅବସ୍ଥାରେ ରହିଛି। ଫୁଲଗୁଡ଼ିକୁ ଚାହିଁଦେଖ, ଗଛଗୁଡ଼ିକ ଆଡ଼କୁ ଅନାଅ। ଯେତେବେଳେ ସୂର୍ଯ୍ୟ ଅସ୍ତ ହୋଇ ଯାଉଛନ୍ତି, ସବୁକିଛି ନୀରବ ହୋଇ ଆସୁଛି, ତୁମେ ସେତେବେଳେ କ୍ଷଣକ ପାଇଁ କେଉଁଠି ଯାଇ ବସିବ ଏବଂ ନିଜକୁ ପ୍ରକୃତି ସହିତ ସମ୍ମିଳିତ କରି ରଖିବ। ସେତେବେଳେ ତୁମେ ଅନୁଭବ କରିବ ଯେ ପୃଥିବୀ ଉପରୁ, ଗଛଗୁଡ଼ିକର ଚେର ତଳୁ, ଏକ ପ୍ରଗାଢ଼ ପ୍ରେମ ଏବଂ ମିଳନା-କାଙ୍‌କ୍ଷା'ର ଅଭୀପ୍‌ସା ଉତ୍‌ଥିତ ହୋଇ ଆସିବାରେ ଲାଗିଛି; ସେହି ଅଭୀପ୍‌ସା ଊର୍ଦ୍ଧ୍ୱାଭିମୁଖୀ ହେବାରେ ଲାଗିଛି, ସେଗୁଡ଼ିକର ତନ୍ତୁଗୁଡ଼ିକ ଦେଇ ଉଠି ଉଠି ଯାଉଛି, ସବା ଉପରେ ଚତୁର୍ଦ୍ଦିଗକୁ ବିସ୍ତୃତ ହୋଇ ରହିଥିବା ଶାଖାଗୁଡ଼ିକ ଆଡ଼କୁ ଗତି କରିବାରେ ଲାଗିଛି। ଯେଉଁ ଉତ୍ସଟିରୁ ଆଲୋକ କ୍ଷରିତ

'oaob.nitrkl.ac.in' images reprocessed

ହୋଇ ଆସୁଛି ଓ ଯେଉଁଥିରୁ ଆମକୁ ଏତେ ସୁଖ ପ୍ରାପ୍ତ ହୋଇ ପାରୁଛି, ଯେଉଁ ଆଲୋକଟି ବିଦାୟ ନେଇ ଚାଲିଯାଇଛି ଏବଂ ଏମାନେ ସମସ୍ତେ ପୁନର୍ବାର ଫେରି ପାଇବାକୁ ଇଚ୍ଛା କରୁଛନ୍ତି, ଏହି ଆକାଙ୍‌କ୍ଷା ତାହାରି ଉଦ୍ଦେଶ୍ୟରେହିଁ ଉତ୍‌ଥିତ ହୋଇ ଆସୁଛି । ଏହି ଆକାଙ୍‌କ୍ଷା ପ୍ରକୃତିରେ ଏତେ ଶୁଦ୍ଧ ଏବଂ ପ୍ରଗାଢ଼ ହୋଇ ରହିଛି ଯେ, ଯଦି ତୁମେ ବୃକ୍ଷଗୁଡ଼ିକ ମଧ୍ୟରେ ଚାଲିଥିବା ସେହି ଗତିସ୍ପନ୍ଦନଟିକୁ ଅନୁଭବ କରିପାରିବ, ତେବେ, ତୁମରି ନିଜ ସତ୍ତାଟି ମଧ୍ୟ ଏଠାରେ ଅପ୍ରକଟ ହୋଇ ରହିଥିବା ଶାନ୍ତି, ଆଲୋକ ଏବଂ ପ୍ରେମ ଲାଗି ଏକ ଉଦ୍ଦୀପ୍ତ ପ୍ରାର୍ଥନାର ରୂପ ଧାରଣ କରି ଉତ୍‌ଥିତ ହୋଇ ଯିବାକୁ ଆରମ୍ଭ କରିବ ।”

ପ୍ରଶ୍ନ ଓ ଉତ୍ତର ୧୯୨୯ (୨ ଜୁନ୍)

ଗଛମାନେ ଆଲୋକ ପାଇଁ ଅଭୀପ୍‌ସା ରଖିଥାନ୍ତି । ଏହି ଆଲୋକଟି ପ୍ରକୃତିରେ କ’ଣ ?

ସେହି ଆଲୋକଟି ହେଉଛି ସୂର୍ଯ୍ୟ । ତୁମେ କ’ଣ କେବେ ଦେଖି ନାହିଁ ଯେ ରାତି ହେବାମାତ୍ରକେ, ଯେତେବେଳେ ସୂର୍ଯ୍ୟ ଦିଗ୍‌ବଳୟର ତଳକୁ ଚାଲିଯାଆନ୍ତି, ସେତେବେଳେ ପତ୍ରଗୁଡ଼ିକ ଆପେ ଆପେ ବୁଜିହୋଇ ଆସନ୍ତି ?

ଗଛମାନଙ୍କର ଆଉ କୌଣସି ବସ୍ତୁ ଲାଗି ଅଭୀପ୍‌ସା ରହିପାରେ କି ?

ଆଉ କୌଣସି ବସ୍ତୁ ବୋଇଲେ କ’ଣ ? ଗଛ ଲାଗି ଆଉ କେଉଁ କେଉଁ ଉନ୍ମୋଚନ ସମ୍ଭବ ହୋଇପାରେ ?

ସେମାନେ ମଣିଷ ହେବାକୁ ଇଚ୍ଛା କରି ପାରନ୍ତି ?

ମଣିଷ ହେବାକୁ ? କିନ୍ତୁ ସେମାନେ ମଣିଷ ବିଷୟରେ ଆଦୌ କିଛି ଜାଣନ୍ତି ନାହିଁ ! ମଣିଷ ଯେପରି ଦେବତା ହେବାକୁ ଇଚ୍ଛା କରୁଛି, ସେହିପରି ?···

'oaob.nitrkl.ac.in' images reprocessed

ମୁଁ ଏପରି କେତେକ ପ୍ରାଣୀଙ୍କୁ ଜାଣିବାର ସୁଯୋଗ ପାଇଛି, ଯେଉଁମାନେ କି ମଣିଷ ହେବାର ଅଭୀପ୍ସା ପୋଷଣ କରୁଥିଲେ; ମାତ୍ର ସେମାନେ ମଣିଷମାନଙ୍କ ପାଖରେହିଁ ବାସ କରୁଥିଲେ । ଉଦାହରଣସ୍ୱରୂପ, ଯେଉଁ ବିଲେଇ ଓ କୁକୁରମାନେ ମଣିଷମାନଙ୍କ ସହିତ ଅତ୍ୟନ୍ତ ଘନିଷ୍ଠ ଓ ଅନ୍ତରଙ୍ଗ ଭାବରେ ବାସ କରୁଥିଲେ, ସେମାନଙ୍କ ଭିତରେ ପ୍ରକୃତରେ ଏକ ଅଭୀପ୍ସା ରହିଥିଲା । ମୋ ପାଖରେ ଗୋଟିଏ ବିଲେଇ ଥିଲା, ସିଏ କି ବିଲେଇ ହୋଇଥିବାରୁ ଅତ୍ୟନ୍ତ ଅସୁଖ ଅନୁଭବ କରୁଥିଲା, ସିଏ ମଣିଷଟିଏ ହେବା ଲାଗି ଇଚ୍ଛା କରୁଥିଲା । ସିଏ ବେଶ୍ ଅଳ୍ପ ବୟସରେ ମରିଗଲା । ସିଏ ଧ୍ୟାନ ବି କରୁଥିଲା, ଆପଣା ଢଙ୍ଗରେ ଗୋଟାଏ ପ୍ରକାରର ସାଧନା ନିଷ୍ଠପୂର୍ବକ କରୁଥିଲା, ଏବଂ ଯେତେବେଳେ ସେ ଦେହ ଛାଡ଼ିଲା, ତା'ର ପ୍ରାଣିକ ସତ୍ତାର ଗୋଟିଏ ଅଂଶ ଜଣେ ମଣିଷ ରୂପରେ ପୁନରାବିର୍ଭୂତ ହୋଇଥିଲା । ସତ୍ତାଟିର କେନ୍ଦ୍ରଭାଗରେ ଯେଉଁ କ୍ଷୁଦ୍ର ଚୈତ୍ୟ ଉପାଦାନଟି ରହିଥିଲା, ତାହା ସିଧା ଯାଇ ଜଣେ ମନୁଷ୍ୟ ଭିତରେ ପ୍ରବେଶ କଲା; ମାତ୍ର ଯାହା ସେହି ବିଲେଇଟି ମଧ୍ୟରେ ପ୍ରାଣସ୍ତରରେ ମଧ୍ୟ ସଚେତନ ହୋଇ ରହିଥିଲା, ତାହା ଜଣେ ମନୁଷ୍ୟ ଭିତରକୁ ଯାଇଥିଲା । ମାତ୍ର ଏସବୁ କଥା ସାଧାରଣତଃ ସବୁବେଳେ ଘଟେ ନାହିଁ ।

ଆପଣ କହୁଛନ୍ତି, ପଥରମାନେ ବି ସମ୍ଭବତଃ ପ୍ରେମଭାବର ଅନୁଭବ କରନ୍ତି ।*

ହଁ, ତାହା ସମ୍ଭବ ।

ସେକଥା ଜାଣିହେବ କି ?

*"ପ୍ରେମ ବିଶ୍ୱଜନୀନ, ପ୍ରେମ ଶାଶ୍ୱତ; ପ୍ରେମ ଅହରହ ଆପଣାକୁ ପ୍ରକାଶ କରିଦେବାରେ ଲାଗିଛି, ଆପଣାର ସାରମର୍ମରେ ସର୍ବଦା ଏକାପରି ହୋଇ ରହିଛି । ପ୍ରେମ ଭଗବାନଙ୍କର ଏକ ଶକ୍ତି; କାରଣ ପ୍ରେମ କାର୍ଯ୍ୟକାରୀ ହେଲାବେଳେ ଆମେ ସେଥିରେ ଯେଉଁସବୁ ବିକୃତି ଦେଖୁଛୁ, ସେଗୁଡ଼ିକ ପ୍ରେମର ବିକୃତି ନୁହେଁ, ସେଗୁଡ଼ିକ ଦର୍ପଣଗୁଡ଼ିକର ବିକୃତି । ପ୍ରେମ କେବଳ ମନୁଷ୍ୟମାନଙ୍କ ଭିତରେହିଁ ଆପଣାକୁ ପ୍ରକାଶ କରୁ ନାହିଁ; ପ୍ରେମ ସର୍ବତ୍ର ରହିଛି । ଉଦ୍ଭିଦଗୁଡ଼ିକ ମଧ୍ୟରେ, ଏପରିକି ସମ୍ଭବତଃ ପଥର ମଧ୍ୟରେ ବି ଏହାର ଗତିସ୍ପନ୍ଦନ ବିଦ୍ୟମାନ ରହିଛି; ଇତରପ୍ରାଣୀମାନଙ୍କ ଭିତରେ ପ୍ରେମର ଉପସ୍ଥିତିକୁ ବେଶ୍ ସହଜରେ ଲକ୍ଷ୍ୟ କରାଯାଇ ପାରିବ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨ ଜୁନ)

'oaob.nitrkl.ac.in' images reprocessed

ହଁ, ଅନୁଭବ କରିହେବ । ଚେତନାର ଏପରି ଗୋଟିଏ ଅବସ୍ଥା ରହିଛି, ଯେତେବେଳେ କି ଜଣେ ଦିବ୍ୟ ପରମପ୍ରେମ ଯେଉଁଠାରେ ଥାଉନା କାହିଁକି, ତାହାକୁ ଅନୁଭବ କରିପାରିବ । ଏବଂ ଇତରପ୍ରାଣୀମାନେ ବାହାରୁ ପରସ୍ପରଠାରୁ ଯେତେ ପୃଥକ୍ ବୋଲି ମନେ ହୋଇଥା'ନ୍ତି, ସିଏ ସେମାନଙ୍କ ମଧ୍ୟରେ ପ୍ରକୃତରେ ଏତେଗୁଡ଼ାଏ ଫରକ ରହିଛି ବୋଲି ଆଦୌ ଅନୁଭବ କରିବ ନାହିଁ । ଆମେ ଯେଉଁସବୁ ପଦାର୍ଥକୁ ଜୀବନହୀନ ବୋଲି କହିଥାଉ, ସେଗୁଡ଼ିକ ମଧ୍ୟରେ, ଆମେ ଯେତିକି ଭାବୁଛୁ, ତା'ଠାରୁ ଅନେକ ଅଧିକ ଅଭୀପ୍‌ସା ରହିଛି । ପ୍ରକୃତରେ ଅନେକ ଅଧିକ । ଯାହା ଅଧିକ ଉଚ୍ଚ, ଅଧିକ ଉଦାର ଓ ଅଧିକ ଶୁଦ୍ଧ, ପଥରମାନଙ୍କ ଭିତରେ ମଧ୍ୟ ସେଗୁଡ଼ିକ ବିଷୟରେ ଏକ ସ୍ୱତଃପ୍ରେରିତ ବୋଧ ବର୍ତ୍ତମାନ ରହିଛି । ଏବଂ ସେମାନେ ଏହି ବୋଧଟିକୁ ପ୍ରକାଶ କରି ପାରୁ ନଥିଲେ ମଧ୍ୟ ସେମାନେ ତାହାକୁ ନିଶ୍ଚୟ ଅନୁଭବ କରି ପାରୁଛନ୍ତି ଏବଂ ଏହା ସେମାନଙ୍କୁ ଭିନ୍ନ ଭାବରେ ପ୍ରଭାବିତ ବି କରୁଛି ।

ତଥାକଥିତ ବସ୍ତୁଗୁଡ଼ିକ ଭିତରେ, ପଦାର୍ଥଗୁଡ଼ାକରେ ଓ ଏପରିକି ପଥର ଭିତରେ ମଧ୍ୟ ଏପରି ଏକ ବିଚିତ୍ର ଗ୍ରହଣଶୀଳତା ରହିଛି, ଯାହାକି ଏହି ଭଗବତ୍ ଉପସ୍ଥିତିରୁହିଁ ଉଦ୍‌ଭୂତ ହୋଇ ଆସୁଛି । ଏପରି କେତେକ ପଥର ଅଛନ୍ତି,—ଯଦି ତୁମକୁ ତାହା କରିବାର ଉପାୟଟି ଜଣାଥିବ,—ଯେଉଁମାନେ କି କେତେକେତେ ଶକ୍ତିକୁ ସଂଗୃହୀତ କରି ଆଣିପାରନ୍ତି । ସେମାନେ ନାନା ଶକ୍ତିର ସଂଗ୍ରହ କରନ୍ତି, ତାହାକୁ ଧାରଣ କରି ରଖିପାରନ୍ତି ଏବଂ ସଞ୍ଚାରିତ ବି କରି ପାରନ୍ତି । ଜଣେ ଇଚ୍ଛା କଲେ କେତେକ ପଥରକୁ (ଯାହାକୁ ମୂଲ୍ୟବାନ୍ ପଥର ବୋଲି କୁହାଯାଇଥାଏ) ନେଇ ସେଗୁଡ଼ିକ ମଧ୍ୟକୁ ନାନାବିଧ ଶକ୍ତିକୁ ସଂକେନ୍ଦ୍ରିତ କରି ଆଣିପାରିବ ଏବଂ ସେହି ଶକ୍ତିକୁ ସେଗୁଡ଼ିକ ଅବଶ୍ୟ ଧାରଣ କରି ରଖିପାରିବେ । ଏବଂ ଏହି ଶକ୍ତିଗୁଡ଼ିକର ବିକିରଣ ଅତ୍ୟନ୍ତ ଧୀର ଗତିରେ, ଅତ୍ୟନ୍ତ ମନ୍ଥର ଭାବରେ ହେବାରେ ଲାଗିଥିବ । ମାତ୍ର ଜଣେ ଯଦି ଏପରି କରିବାର ଉପାୟଟିକୁ ଜାଣିଥିବ, ତେବେ ଜଣେ ଏହି ଶକ୍ତିଗୁଡ଼ିକୁ ଏତେ ଅଧିକ ପରିମାଣରେ ସଂଗୃହୀତ କରି ଆଣିପାରିବ, ଯାହାକି ସ୍ଥାୟୀ ହୋଇ ପାରିବ, ଅର୍ଥାତ୍ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥାୟୀ ହୋଇ ରହିପାରିବ ।

ପଥର ଭିତରୁ ଉଦ୍‌ଗତ ହୋଇ ଆସିଲାବେଳେ ଏହି ଶକ୍ତିଗୁଡ଼ିକ ପ୍ରକୃତରେ କୌଣସି କାମରେ ଲାଗନ୍ତି କି ?

ନିଶ୍ଚୟ ଲାଗନ୍ତି ! ପ୍ରାୟ ଏକ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପଥର ସେହି ଶକ୍ତିଟିକୁ ସଂରକ୍ଷିତ କରି ରଖିପାରେ । କେତେକ ପଥର ଅଛନ୍ତି, ଯେଉଁମାନେ ଏକ

'oaob.nitrkl.ac.in' images reprocessed

ସଂଯୋଜକରୂପେ କାର୍ଯ୍ୟ କରୁଥାନ୍ତି; ଆଉ କେତେକ ପଥର ଅଛନ୍ତି ଯେଉଁମାନେ କି ସଂରକ୍ଷକର କାର୍ଯ୍ୟ ମଧ୍ୟ କରିପାରନ୍ତି । ଏପରି କେତେକ ପଥର ଅଛନ୍ତି, ଯେଉଁମାନେ କି ସଂରକ୍ଷଣ ଲାଗି କୌଣସି ଏକ ଶକ୍ତିକୁ ଧାରଣ କରି ରଖିପାରନ୍ତି । ଏକଥା ପ୍ରକୃତରେ ଅଦ୍‌ଭୁତ ! ଜଣେ ଇଚ୍ଛା କଲେ ପଥର ଭିତରେ (ବିଶେଷ କରି ଏକ ଜମ୍ଭୁମଣି ଭିତରେ) ସଂରକ୍ଷଣ ପାଇଁ କୌଣସି ଏକ ଶକ୍ତିକୁ ସଂଗୃହୀତ କରି ରଖିପାରିବ । ଏବଂ ଯିଏ ସେହି ପଥରଟିକୁ ପିନ୍ଧେ, ସେହି ଶକ୍ତି ତାହାଙ୍କୁ ପ୍ରକୃତରେ ସୁରକ୍ଷିତ କରି ରଖେ । ଏହା ପ୍ରକୃତରେ ଏକ ବିଚିତ୍ର କଥା, ମୁଁ ନିଜେ ଏକଥାଟି ଅନୁଭବ କରିଛି । ମୁଁ ଏପରି ଜଣେ ବ୍ୟକ୍ତିଙ୍କୁ ଜାଣିଥିଲି, ଯାହାଙ୍କ ପାଖରେ ଏହିପରି ପଥରଟିଏ ଥିଲା, ସେହି ପଥରଖଣ୍ଡିକ ସୁରକ୍ଷାଶକ୍ତି ଦ୍ୱାରା ସଞ୍ଚାରିତ ହୋଇ ରହିଥିଲା ଏବଂ ଯେତେବେଳେ ସେ ପଥରଟିକୁ ପିନ୍ଧୁଥିଲେ, ସେତେବେଳେ ତାହା ପ୍ରକୃତରେ ବିସ୍ମୟକର ଫଳ ଦେଉଥିଲା । ···ଏପରି କେତେକ ପଥର ଅଛି, ଆଗରୁ ଭବିଷ୍ୟତର କୌଣସି ଘଟଣାକୁ କହିଦେଇ ପାରିବା ଲାଗି ସେଗୁଡ଼ିକର ବ୍ୟବହାର ହୋଇ ପାରିବ । ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ କି ପଥରଟିକୁ ଦେଖି ଘଟିବାକୁ ଯାଉଥିବା ଘଟଣାଗୁଡ଼ିକୁ ଅଧ୍ୟୟନ କରିନେଇ ପାରନ୍ତି । ପଥର କେତେକେତେ ସନ୍ଦେଶକୁ ବି ବହନ କରି ଆଣିପାରେ । ଅବଶ୍ୟ ଏକଥା ସତ ଯେ ଏଥିଲାଗି ଉଭୟ ପକ୍ଷରେହିଁ ଏକ ସାମର୍ଥ୍ୟ ରହିଥିବା ଉଚିତ; ଗୋଟିଏ ପାଖରେ ସଂକେନ୍ଦ୍ରଣ ଲାଗି ଯଥେଷ୍ଟ ଭାବରେ ଶକ୍ତିଶାଳୀ ସାମର୍ଥ୍ୟ ରହିଥିବା ଉଚିତ; ଏବଂ ଅନ୍ୟ ପାଖରେ, ପ୍ରତ୍ୟକ୍ଷ ଭାବରେ ଦେଖି ପାରିବାର ଓ ଅଧ୍ୟୟନ କରି ପାରିବାର ସାମର୍ଥ୍ୟ ବି ରହିଥିବା ଉଚିତ, ଏପରିକି ଠିକ୍ ଠିକ୍ ଶବ୍ଦଗୁଡ଼ିକୁ ବ୍ୟବହାର ନକରି ମଧ୍ୟ ତାହା କରି ପାରିବାର ସାମର୍ଥ୍ୟ ରହିପାରେ । ପରିଣାମସ୍ୱରୂପ, ସେଗୁଡ଼ିକ ସଂରକ୍ଷକରୂପେ କାର୍ଯ୍ୟ କରୁଥିବାରୁ ମଧ୍ୟ, ସେଗୁଡ଼ିକ ଆପଣା ମଧ୍ୟରେ ସ୍ୱୟଂ ଶକ୍ତିଟିର ଉତ୍ସକୁ ମଧ୍ୟ ବହନ କରୁଥାନ୍ତି, କାରଣ, ତା' ନହେଲେ ସେମାନେ ଆଦୌ ଗ୍ରହଣଶୀଳ ହୋଇ ପାରନ୍ତେ ନାହିଁ । କ୍ରିଷ୍ଟାଲ୍‌ରେ ପରିଣତ କରିବାର ଯାବତୀୟ ମୂଳରେ ମଧ୍ୟ ଏହି ପ୍ରକାରର ଏକ ଶକ୍ତି କାର୍ଯ୍ୟ କରୁଥାଏ, ଉଦାହରଣସ୍ୱରୂପ ପ୍ରସ୍ତର-କ୍ରିଷ୍ଟାଲ୍‌ଗୁଡ଼ିକର କ୍ଷେତ୍ରରେ କାର୍ଯ୍ୟ କରୁଥାଏ, ଯେଉଁଗୁଡ଼ିକ ଏପରି ଚମତ୍କାର ଗୋଟିଏ ଗୋଟିଏ ନମୁନା ହୋଇ ରହିଥାନ୍ତି, ଏତେ ପରିପୂର୍ଣ୍ଣ ଭାବରେ ସୌଷମ୍ୟଯୁକ୍ତ ହୋଇ ରହିଥାନ୍ତି; ଏବଂ ଏସବୁ କେବଳ ଗୋଟିଏ କାରଣରୁହିଁ ସମ୍ଭବ ହୁଏ, ଅର୍ଥାତ୍ କେନ୍ଦ୍ରରେ ପରମ ଉପସ୍ଥିତିଟି ରହିଥିବାରୁହିଁ ତାହା ସମ୍ଭବ ହୁଏ, ମାତ୍ର ଏକଥା କେହି ଆଖିରେ ଦେଖି ପାରନ୍ତି ନାହିଁ, କାରଣ ଆମ ପାଖରେ ସେଥିଲାଗି କୌଣସି ଅନ୍ତର୍ଗତ ଗ୍ରହଣଶୀଳତା ନଥାଏ; ମାତ୍ର ବସ୍ତୁଗୁଡ଼ିକର ପଶ୍ଚାତରେ ରହିଥିବା ପ୍ରେମଶକ୍ତିଟିର ପ୍ରତ୍ୟକ୍ଷ ବୋଧକୁ ଥରେ ସମ୍ଭବ କରିପାରିଲେ,

'oaob.nitrkl.ac.in' images reprocessed

ସେମାନେ ଯେ ସର୍ବତ୍ର ବିଦ୍ୟମାନ ରହିଛନ୍ତି, ସେହି କଥାଟି ଦେଖାଯିବାକୁ ଆରମ୍ଭ କରେ । ଏପରିକି ବିରଚିତ ହୋଇ ରହିଥିବା ବସ୍ତୁଗୁଡ଼ିକରେ ମଧ୍ୟ, ସେଗୁଡ଼ିକ ପ୍ରକୃତରେ କ'ଣ ବ୍ୟକ୍ତ କରୁଛନ୍ତି, ଆମେ ସେକଥା ବୁଝିବା ଲାଗି ଅବଶ୍ୟ ସମର୍ଥ ହୋଇ ପାରିବା ।

ଆଉ କିଛି ଅଛି ?

> ମାଆ, ଯେତେବେଳେ ଆପଣଙ୍କ ପାଖକୁ ଫୁଲ ଅଣାଯାଏ, ସେତେବେଳେ ଆପଣ ସେଗୁଡ଼ିକୁ କିପରି ଭାବରେ ଗୋଟିଏ ତାତ୍ପର୍ଯ୍ୟ ଆଣି ଦିଅନ୍ତି ?

ଫୁଲଗୁଡ଼ିକୁ ? ମାତ୍ର ଏଇଟି ମଧ୍ୟ ସେହି ସମାନ ଉପାୟରେ ହୁଏ, ଫୁଲର ପ୍ରକୃତିଟି ସହିତ, ତା'ର ଅନ୍ତର୍ଗତ ସତ୍ୟଟି ସହିତ ସମ୍ପର୍କ ସ୍ଥାପନ କରି ଏକଥା ହୁଏ । ତା'ପରେ, ସେହି ଫୁଲଟି ପ୍ରକୃତରେ କ'ଣ ବ୍ୟକ୍ତ କରୁଛି, ସେଇଟି କହି ହୋଇଯାଏ ।

> ମାଆ, ଆପଣ ଦିନେ କହିଥିଲେ ଯେ ଆପଣ ଯାହାକୁ "ପରମ ଦିବ୍ୟସତ୍ତା" ବୋଲି କହୁଛନ୍ତି ଓ ଆମେ ଯାହାଙ୍କୁ "ଭଗବାନ" ବୋଲି କହୁଛୁ, ଦିନେ ଆପଣ ଆମକୁ ଦୁହିଁଙ୍କ ମଧ୍ୟରେ ରହିଥିବା ଫରକଟିକୁ ବତାଇ ଦେବେ ।

ହଁ, ମାତ୍ର ମୁଁ ତ କହିଥିଲି ଯେ ତାହା ପରେ ହେବ, କେତେ ବର୍ଷ ପରେ ହେବ । ମୁଁ କହିଥିଲି ଯେ ସେଥିଲାଗି ତୁମେ ଯଥେଷ୍ଟ ଭାବରେ ବଡ଼ ହୋଇଥିବା ଦରକାର । ଏପରିକି, କେତେ ବୟସରେ ତାହା ହେବ, ମୁଁ କହିଥିଲି । ଠିକ୍ କେତେ ବୟସ ବୋଲି ମୁଁ କହିଥିଲି, ମୋର ସେକଥା ମନେ ନାହିଁ, ମାତ୍ର ଏକଥା ସତ ଯେ ସେସବୁ କଥା ବୁଝିପାରିବା ସକାଶେ ମସ୍ତିଷ୍କକୁ ଆଉ ଟିକିଏ ବଡ଼ ହେବାକୁ ପଡ଼ିବ ।

> "ଏହି ବିରାଟ ଏବଂ ଦିବ୍ୟ ସାମର୍ଥ୍ୟଟିରେ 'ଯେତେ ଯାହା ବିକୃତି ଘଟିଥାଏ, ତାହା ପ୍ରକୃତରେ ଆପଣା ଶକ୍ତିରେ ଅତ୍ୟନ୍ତ ସୀମାବଦ୍ଧ ହୋଇ ରହିଥିବା ଏହି ଯନ୍ତ୍ରଟିର ଅସ୍ପଷ୍ଟତା, ଅଜ୍ଞାନ ଏବଂ

'oaob.nitrkl.ac.in' images reprocessed

ସ୍ୱାର୍ଥକାମିତାରୁହିଁ ସମ୍ଭବ ହୁଏ । ଏକ ଶାଶ୍ୱତ ଶକ୍ତିରୂପେ ପ୍ରେମ କେଉଁଠି ହେଲେ ଲୁପ୍ତ ହୋଇ ରହେ ନାହିଁ, ତାହାର କୌଣସି ଲାଳସା ନଥାଏ, ଅଧିକୃତ କରି ରଖିବାର କୌଣସି କ୍ଷୁଧା ନଥାଏ, ଆପଣାକୁହିଁ ବଡ଼ କରି ଦେଖୁଥିବା କୌଣସି ଆସକ୍ତି ନଥାଏ । ଆପଣାର ଶୁଦ୍ଧ ଗତିସ୍ପନ୍ଦନର କ୍ଷେତ୍ରରେ ତାହା ଆତ୍ମାଟି ସହିତ ପରମ ଦିବ୍ୟସତ୍ତାର ସମ୍ମିଳନ ଲୋଡ଼ୁଥାଏ ଏବଂ ଏହି ଲୋଡ଼ିବାରେ କୌଣସି ବିଚ୍ୟୁତି ନଥାଏ, ଅନ୍ୟ କୌଣସି ପ୍ରକାର ବସ୍ତୁ ଲାଗି ଆଦୌ କୌଣସି ଅପେକ୍ଷା ନଥାଏ । ଦିବ୍ୟ ପ୍ରେମ ଆପଣାକୁ ଦେଇ ଦେଉଥାଏ ଏବଂ କିଛି ହେଲେ ମାଗେ ନାହିଁ । ମନୁଷ୍ୟମାନେ ଏହି ପ୍ରେମକୁ ଯେ କିପରି ଏକ ବସ୍ତୁରେ ପରିଣତ କରି ଦେଇଛନ୍ତି, ସେବିଷୟରେ ଏଠାରେ ବର୍ଣ୍ଣନା କରି କହିବାର କୌଣସି ପ୍ରୟୋଜନ ନାହିଁ । ମନୁଷ୍ୟମାନେ ତାହାକୁ ଏକ କୁତ୍ସିତ ଏବଂ ଘୃଣ୍ୟ ବସ୍ତୁରେ ପରିଣତ କରି ଦେଇଛନ୍ତି । ମାତ୍ର, ସେହି ମନୁଷ୍ୟମାନଙ୍କର କ୍ଷେତ୍ରରେହିଁ ପ୍ରେମ ସହିତ ପ୍ରଥମ ସଂସ୍ପର୍ଶ ଲାଭ ଆପଣାର ସେହି ଶୁଦ୍ଧ ଉପାଦାନଟିର କିଛି ନା କିଛି ଅଂଶକୁ ଅବଶ୍ୟ ଅବତରଣ କରାଇ ନେଇଆସେ; ସେମାନେ ଗୋଟାଏ ମୁହୂର୍ତ୍ତ ସକାଶେ ଆପଣାକୁ ସମ୍ପୂର୍ଣ୍ଣରୂପେ ଭୁଲିଯାଇ ପାରନ୍ତି, ଗୋଟାଏ ମୁହୂର୍ତ୍ତ ସକାଶେ ହେଲେ ମଧ୍ୟ ପ୍ରେମର ଦିବ୍ୟ ସ୍ପର୍ଶଟି ଲାଗି, ଯାହାକିଛି କମନୀୟ ଓ ସୁନ୍ଦର ହୋଇ ରହିଥାଏ, ତାହାକୁ ଜାଗ୍ରତ କରିଆଣେ, ସମୃଦ୍ଧ କରିଆଣେ । ମାତ୍ର ତା'ପରେ ମନୁଷ୍ୟର ପ୍ରକୃତିଟି ଉପରି ଭାଗରେ ଆସି ପହଞ୍ଚିଯାଏ, ତା' ଭିତରେ ଆପଣାର କେତେକେତେ ଅଶୁଦ୍ଧ ଦାବି ଭର୍ତ୍ତି ହୋଇ ରହିଥାଏ, ତାହା ଯାହାକିଛି ଦିଏ ତା'ର ପ୍ରତିଦାନ ମାଗୁଥାଏ, ନଜେ ଦେଲେ ତା' ବଦଳରେ ଆଉକିଛି ପାଇବ ବୋଲି ଭାବୁଥାଏ, ଆପଣାର ନୀଚ ପରିତୃପ୍ତିଗୁଡ଼ିକ ଲାଗି ଆପତ୍ତି କରିବାରେ ଲାଗିଥାଏ, ଏବଂ ଯାହା ଦିବ୍ୟତାଯୁକ୍ତ ହୋଇ ରହିଥିଲା, ତାହାକୁ ବିକୃତ ଏବଂ କଳୁଷିତ କରି ଦେଇଯାଏ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨ ଜୁନ୍)

'oaob.nitrkl.ac.in' images reprocessed

ଏପରି କାହିଁକି ହୁଏ ଯେ ମଣିଷମାନେ ଯେତେବେଳେ ଯାହାକିଛି ଦିଅନ୍ତି, ସେମାନେ ସର୍ବଦା ତା' ବଦଳରେ କିଛି ନା କିଛି ପାଇବେ ବୋଲି ଇଚ୍ଛା କରୁଥାନ୍ତି ?

କାରଣ ସେମାନେ ନିଜ ଭିତରେହିଁ ବନ୍ଦହୋଇ ରହିଥାନ୍ତି ।

ସେମାନେ ଆପଣାର ସୀମାବଦ୍ଧତାଗୁଡ଼ିକୁ ବେଶ୍ ବାରିକେଇ ପାରୁଥାନ୍ତି ଏବଂ ଭାବିବାରେ ଲାଗିଥାନ୍ତି ଯେ ବିକାଶ ଓ ବୃଦ୍ଧିଲାଭ କରିବାକୁ ହେଲେ ଓ ଏପରିକି ତିଷ୍ଠି ରହି ପାରିବାକୁ ହେଲେ ସେମାନଙ୍କୁ ବାହାରୁ ଅବଶ୍ୟ ନାନା ବସ୍ତୁ ନେବାକୁହିଁ ପଡ଼ିବ । ସେମାନେ ଏପରି ଭାବନ୍ତି, କାରଣ ସେମାନେ ଆପଣା ବ୍ୟକ୍ତିଗତ ସୀମାବଦ୍ଧତାର ଚେତନାଟି ମଧ୍ୟରେ ଜୀବନଧାରଣ କରୁଥାନ୍ତି । ତେଣୁ, ସେମାନେ ଯେତେବେଳେ ଯାହାକିଛି ଦିଅନ୍ତି, ସେତେବେଳେ ତାହାଦ୍ୱାରା ସେମାନଙ୍କ ଭିତରେ ଗୋଟାଏ ଜାଗା ଖାଲି ହୋଇଯାଏ ଏବଂ ସେମାନେ ଭାବନ୍ତି ଯେ ଆଉ କୋଉଠାରୁ କିଛି ପାଇଲେ ଯାଇ ସେମାନେ ଏହି ଖାଲି ଜାଗାଟିକୁ ପୂର୍ଣ୍ଣ କରି ପାରିବେ ।……ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏପରି ଭାବି ସେମାନେ ଭୁଲ୍ କରନ୍ତି । ଏହି କ୍ଷେତ୍ରରେ ସତ କଥାଟି ହେଉଛି ଯେ ଆପଣା କ୍ଷୁଦ୍ର ବ୍ୟକ୍ତିଜଗତଟିର ସଂକୀର୍ଣ୍ଣ ସୀମାଗୁଡ଼ିକ ମଧ୍ୟରେ ବନ୍ଦହୋଇ ରହିବା ପରିବର୍ତ୍ତେ, ଯଦି ସେମାନେ ଆପଣାର ଚେତନାଟିକୁ ଏପରି ଭାବରେ ପ୍ରଶସ୍ତ କରିଦେଇ ପାରୁଥାନ୍ତେ ଯେ ତଦ୍ୱାରା ସେମାନେ କେବଳ ଆପଣା ସଂକୀର୍ଣ୍ଣ ସୀମାଗୁଡ଼ିକ ମଧ୍ୟରେ ରହିଥିବା ଅନ୍ୟ କେତେକଙ୍କ ସହିତ ଯେ ଏକାତ୍ମକ ହୋଇ ପାରୁଥାନ୍ତେ ତା' ନୁହେଁ, ମାତ୍ର ସେମାନେ ଏହି ଯାବତୀୟ ସୀମାଗୁଡ଼ିକ ମଧ୍ୟରୁ ଯଦି ବାହାରିଆସି ପାରନ୍ତେ, ଗାର ଡେଇଁ ଚାଲିଯାଆନ୍ତେ, ସର୍ବତ୍ର ବ୍ୟାପ୍ତ ହୋଇ ଯାଇ ପାରନ୍ତେ, ପରମ ଚେତନା ସହିତ ନିଜକୁ ସଂଯୁକ୍ତ କରି ରଖିପାରନ୍ତେ ଏବଂ ସକଳ ବସ୍ତୁରେ ପରିଣତ ହୋଇ ପାରନ୍ତେ, ତେବେ ସେହି ସଂକୀର୍ଣ୍ଣ ବାଡ଼ଗୁଡ଼ାକ କୁଅଡ଼େ ଅନ୍ତର୍ହିତ ହୋଇଯାଇ ପାରନ୍ତା । କିନ୍ତୁ ଏସବୁ ହେବା ପୂର୍ବରୁ କଦାପି ଅନ୍ତର୍ହିତ ହୋଇ ପାରନ୍ତା ନାହିଁ, ମାତ୍ର ସଂକୀର୍ଣ୍ଣ ସୀମାଗୁଡ଼ିକର ବୋଧ ରହିଥିବା ପର୍ଯ୍ୟନ୍ତ ଆମେ ଅନ୍ୟମାନଙ୍କଠାରୁ ନେବା ଲାଗି ଇଚ୍ଛା କରୁଥାଉ, କାରଣ ସେତେବେଳଯାଏ ହରାଇ ବସିବାର ଭୟ ରହିଥାଏ । ଆମେ ଖର୍ଚ୍ଚ କରୁ ଏବଂ ସେହି ଖରଚର ପୂରଣ କରିବାକୁ ଇଚ୍ଛା କରୁଥାଉ । ଏସବୁ ସେଇଥିପାଇଁ ହୁଏ । କାରଣ, ଯଦି ଜଣେ ସକଳ ବସ୍ତୁଗୁଡ଼ିକ ମଧ୍ୟରେ ବ୍ୟାପ୍ତ ହୋଇ ରହିଥାନ୍ତା, ଯଦି ଯାତାୟାତ କରୁଥିବା ଯାବତୀୟ ସ୍ପନ୍ଦନ ସକଳ ବସ୍ତୁରେ ସଂଯୁକ୍ତ ହୋଇ ଥିବାର ଆବଶ୍ୟକତାଟିକୁହିଁ ବ୍ୟକ୍ତ କରୁଥାନ୍ତା, ଆପଣାକୁ ପ୍ରସାରିତ କରିଦେବାର,

'oaob.nitrkl.ac.in' images reprocessed

ବିକାଶ ଲାଭ କରିବାର, ନିଜର ସୀମାଗୁଡ଼ିକ ମଧ୍ୟରେ ନିଜକୁ ଆବଦ୍ଧ କରି ରଖି ନୁହେଁ, ମାତ୍ର ଏସବୁଥିରୁ ବାହାରି ଆସି ଏସବୁ କରିବାର ଆବଶ୍ୟକତାଟିକୁ, ଏବଂ ପରିଶେଷରେ ବସ୍ତୁମାନଙ୍କେ ସବୁରି ସହିତ ଆପଣାକୁ ଏକାତ୍ମ କରି ରଖିବାର ଆବଶ୍ୟକତାକୁ ବ୍ୟକ୍ତ କରୁଥାନ୍ତି. ତେବେ ଆଉ କିଛିହେଲେ ହରାଇବାକୁ ପଡ଼ନ୍ତା ନାହିଁ, କାରଣ ସେତେବେଳେ ସବୁକିଛି ତା'ର ପାଖରେହିଁ ରହିଥାନ୍ତା । କେବଳ ଏପରି ହୁଏ ଯେ ଆମେ ଏସବୁକୁ ଆଦୌ ଜାଣି ନଥାଉ । ଏବଂ ତେଣୁ, ଆମେ ଏବିଷୟରେ କିଛି ଜାଣି ନଥିବାରୁ, ଆମେ ଏକଥାଟିକୁ କରି ମଧ୍ୟ ପାରୁ ନାହିଁ । ଆମେ ନେବା ଲାଗି ଚେଷ୍ଟା କରୁଥାଉ, ଜମା କରି ରଖିବାର ଓ ଆହୁରି, ଆହୁରି ଜମା କରି ରଖିବାର ଚେଷ୍ଟା କରିବାରେ ଲାଗିଥାଉ, ମାତ୍ର ତାହା ଆଦୌ ସମ୍ଭବ ହୁଏ ନାହିଁ; ଆମେ ଇଚ୍ଛା କଲେ ବି କଦାପି ଜମା କରି ରଖିପାରିବା ନାହିଁ । ଆମକୁ ଏକାତ୍ମକ ହେବାକୁହିଁ ପଡ଼ିବ । ଏବଂ ତା'ପରେ ଆମେ ଟିକିଏ କିଛି ଦେଲେ ତାକୁ ପୁଣି ଫେରି ପାଇବା ଲାଗି ଇଚ୍ଛା କରୁଥାଉ· ଆମେ ଉତ୍ତମ ବସ୍ତୁର ଦେଉ, ତା ବଦଳରେ ସ୍ୱୀକୃତି ପାଇବାକୁ ଆଶା କରୁ; ଏତେଟିକିଏ ସ୍ନେହ କାହାକୁ ଦେଉ, ଏବଂ ଅନ୍ୟମାନଙ୍କଠାରୁ ସେହି ସ୍ନେହର ଆଶା କରି ବସୁ···କାରଣ ସକଳ ବସ୍ତୁ ଭିତରେ ଆପଣାକୁ ସେହି ଉତ୍ତମ ବସ୍ତୁରଟିରେ ପରିଣତ କରି ରଖିବା ପାଇଁ ଆମର କୌଣସି କ୍ଷମତା ନଥାଏ, ଆପଣାକୁ ସ୍ନେହରେହିଁ ପରିଣତ କରିଦେଇ ପାରିବା ଲାଗି ସାମର୍ଥ୍ୟ ନଥାଏ, ସକଳ ବସ୍ତୁରେହିଁ ସେହି ସମ୍ବେଦନଶୀଳ ପ୍ରେମରେ ପରିଣତ ହୋଇ ରହିବାକୁ ଆମର ଆଦୌ କୌଣସି ସାମର୍ଥ୍ୟ ନଥାଏ । ଆମେ ଆପଣାକୁ ଠିକ୍ ସେହିପରି ଅନୁଭବ କରୁଥାଉ, ସବୁଆଡ଼ୁ ଖିଅ-କଣା ହୋଇ ରହିଥିବା ପରି ଏବଂ ବାଡ଼ ଭିତରେ ଆବଦ୍ଧ ରହିଥିବା ପରି ଅନୁଭବ କରୁଥାଉ; କାଳେ ସବୁକିଛି ହରାଇ ବସିବା, ସେଥିଲାଗି ଭୟ କରିବାରେ ଲାଗିଥାଉ; ଆମର ଯାହା ଅଛି, ଆମେ ହୁଏତ ତାହାକୁ ହରାଇ ବସିବା ଓ ତାହା ଫଳରେ ନିଃସ୍ୱ ହୋଇଯିବା ବୋଲି ଭୟ କରିବାରେ ଲାଗିଥାଉ । ମାତ୍ର ଅନ୍ୟ ପକ୍ଷରେ, ଯଦି ଆମେ ଆପଣାକୁ ଏକାତ୍ମ କରି ରଖି ପାରୁଥାନ୍ତେ, ତେବେ ଟାଣିଆଣି ନିଜ ଭିତରେ ଭର୍ତ୍ତି କରିବା ଲାଗି ଆଉ କୌଣସି ପ୍ରୟୋଜନ ରହନ୍ତା ନାହିଁ । ତେବେ, ଆମେ ଯେତିକି ବିସ୍ତାରିତ ହୋଇଯାଇ ପାରନ୍ତେ, ଆମର ସମ୍ପଦ ସେତିକି ପରିମାଣରେ ବୃଦ୍ଧି ପାଇବାରେ ଲାଗିଥାନ୍ତା । ଆମର ଏକାତ୍ମକତା ଯେତିକି ଅଧିକ ହୁଏ, ଆମର ଅଭିବୃଦ୍ଧି ମଧ୍ୟ ଠିକ୍ ସେହି ପରିମାଣରେ ଅଧିକ ହୋଇଥାଏ । ଏବଂ ସେତେବେଳେ, ଅନ୍ୟମାନଙ୍କଠାରୁ ନେବା ପରିବର୍ତ୍ତିରେ, ଆମେ ଦେବାରେହିଁ ଲାଗିଥାଉ । ଏବଂ ଯେତିକି ଅଧିକ ପରିମାଣରେ ଦେଉଥାଉ, ସେତିକି ଅଧିକ ପରିମାଣରେ ବୃଦ୍ଧିପ୍ରାପ୍ତ ହେଉଥାଉ, ବିକାଶଲାଭ କରୁଥାଉ ।

'oaob.nitrkl.ac.in' images reprocessed

ମାତ୍ର, ଏଭଳି କରିପାରିବା ଲାଗି ଆମକୁ ଆମ କ୍ଷୁଦ୍ର ଅହଂଟିର ସୀମାଗୁଡ଼ିକ ଭିତରୁ ବାହାରି ଚାଲିଆସିବାକୁ ପଡ଼ିବ । ଆମକୁ ସେହି ସର୍ବକେନ୍ଦ୍ରସ୍ଥ ପରମ ଶକ୍ତି ସହିତ ଏକାତ୍ମକ ହୋଇ ରହିବାକୁ ପଡ଼ିବ; ଆମ ନିଜର ଅହଂଟି ସହିତ ଏକାତ୍ମକ ହୋଇ ନରହି ଏହି ପରମ ସ୍ପନ୍ଦନଟି ସହିତ ଏକାତ୍ମକତା ଅର୍ଜନ କରିବାକୁ ପଡ଼ିବ ।

ଏକଥା ଭାରି ଆୟାସସାଧ୍ୟ, ତଥାପି ସାଧ୍ୟ ।

**ଭଲ କାମ ତୁଳନାରେ ଖରାପ କାମ କରିବା ଅଧିକ ସହଜ ବୋଲି ଲୋକେ କାହିଁକି କହନ୍ତି ?**

ଲୋକେ କହନ୍ତି ସତ, ମାତ୍ର ଏକଥାଟି ସବୁବେଳେ ଆଦୌ ସତ ନୁହେଁ; ଏବଂ ଏହା ଅନେକ ପରିମାଣରେ ଲୋକମାନଙ୍କ ଉପରେହିଁ ନିର୍ଭର କରିଥାଏ । ମୁଁ ଏପରି ଲୋକଙ୍କୁ ଜାଣିଥିଲି (ସେମାନଙ୍କ ସଂଖ୍ୟା ଖୁବ୍ ବେଶୀ ନୁହେଁ, ମାତ୍ର ତଥାପି···), ଯେଉଁମାନଙ୍କ ଲାଗି କି କୌଣସି ଖରାପ କାର୍ଯ୍ୟ କରିବା ଆଦୌ ସମ୍ଭବ ହେଉ ନଥିଲା । କାହାରି କୌଣସି କ୍ଷତି କରିବାର ଭାବନା ଆସି ପହଞ୍ଚିଲେହିଁ ସେମାନଙ୍କର ପ୍ରକୃତି ବିଦ୍ରୋହ କରି ଉଠୁଥିଲା, ସେମାନଙ୍କର ଗତିସ୍ପନ୍ଦନଟି ସ୍ୱତଃ-ପ୍ରେରିତ ଭାବରେ ଏହାର ବିରୋଧୀ ହୋଇ ରହୁଥିଲା । ମାତ୍ର, ଏପରି ଲୋକ ଅତ୍ୟନ୍ତ ବିରଳ, ତଥାପି ଏପରି ଲୋକ ବି ଅବଶ୍ୟ ରହିଛନ୍ତି ।

ଏପରି ହେଉଛି, କାରଣ ପୃଥିବୀ ବର୍ତ୍ତମାନ ଯେପରି ସ୍ଥିତିରେ ରହିଛି, ସେଥିରେ ତାହା ପ୍ରଧାନତଃ ପ୍ରତିକୂଳ ଶକ୍ତିଗୁଡ଼ିକ ଦ୍ୱାରାହିଁ ପ୍ରଭାବିତ ହୋଇ ରହିଛି; ବିଶେଷତଃ, ଯେଉଁ ସଦାଗତିଶୀଳ ପ୍ରାଣିକ ଶକ୍ତିଟି ମନୁଷ୍ୟକୁ ସାଧାରଣତଃ ସକ୍ରିୟ କରି ରଖିଥାଏ, ତାହାରି ଦ୍ୱାରାହିଁ ପ୍ରଭାବିତ ହୋଇ ରହିଛି; ଏହି ଶକ୍ତି ଅଧିକାଂଶ ସମୟରେ ପ୍ରତିକୂଳ ପ୍ରାଣିକ ଅଂଶଟିରହିଁ ଅଧୀନ ହୋଇ ରହିଥାଏ; ଅର୍ଥାତ୍ ଯେଉଁସବୁ ଶକ୍ତି ଆଘାତ କରିବାକୁ, ନଷ୍ଟ କରିଦେବାକୁ ଏବଂ କ୍ଷତି କରିବାକୁହିଁ ସୁଖ ପାଆନ୍ତି, ସେହି ଶକ୍ତିଗୁଡ଼ିକର ଅଧୀନ ହୋଇ ରହିଥାଏ । ତାହାକୁ ଆମେ ସବୁକିଛିକୁ ନଷ୍ଟ କରି ଦେବା ପାଇଁ ଗୋଟାଏ ପ୍ରକାରର ଇଚ୍ଛା ବୋଲି କହିବା : ଯେତେବେଳେ ଜଣେ ସୁନ୍ଦର ଜିନିଷଟିଏ ଦେଖିଲା, ତେବେ ସେଇଟିର ପ୍ରଶଂସା କରିବା, ଶ୍ରଦ୍ଧା କରିବା ଏବଂ ତଦ୍ୱାରା ଆନନ୍ଦ ଅନୁଭବ କରିବା ପରିବର୍ତ୍ତେ, ସେଇଟିର ବିକାଶ ଓ ଅଭିବୃଦ୍ଧି ହେଉଥାଉ (ଏହାହିଁ ହେଉଛି ଯଥାର୍ଥରେ ସେହି ଜିନିଷଟିର ଦିବ୍ୟ ଗତିସ୍ପନ୍ଦନ) ବୋଲି କାମନା କରିବା ପରିବର୍ତ୍ତିରେ, ଜଣେ ସେଇଟି ପ୍ରତି ଏକ ପ୍ରକାରର ରୋଷ ବା କ୍ରୋଧ ଅନୁଭବ କରୁଛି, ସେ ଭାଙ୍ଗିଦେବାକୁ ଇଚ୍ଛା କରୁଛି, ନଷ୍ଟ କରିବାକୁ ଇଚ୍ଛା କରୁଛି । ଆମେ ଏହାକୁହିଁ ପ୍ରତିକୂଳ ଶକ୍ତିଗୁଡ଼ିକର ଗତିବିଧି



'oaob.nitrkl.ac.in' images reprocessed

ବୋଲି କହିବା । ବଡ଼ ଦୁର୍ଭାଗ୍ୟର ବିଷୟ ଯେ ଅନେକ ଲୋକଙ୍କ ମଧ୍ୟରେ, ଏପରିକି ପିଲାମାନଙ୍କ ମଧ୍ୟରେ ଏହି ପ୍ରବୃତ୍ତିଟି ବେଶ୍ ସ୍ୱତଃପ୍ରେରିତ ହୋଇ ରହିଥିଲା ପରି ରହିଥାଏ···ନଷ୍ଟ କରିଦେବାର ଓ ଭାଙ୍ଗି ପକାଇବାର ଏହି ପ୍ରବୃତ୍ତିଟି ପ୍ରାୟ ସହଜାତ ହେଲାପରି ହୋଇ ରହିଥାଏ । ଏବଂ, ପ୍ରତିକୂଳ ଶକ୍ତିଗୁଡ଼ିକ ବିଦ୍ୟମାନ ରହିଥିବାରୁହିଁ ସେହିସବୁ କ୍ଷେତ୍ରରେ ଏପରି ହୋଇଥାଏ । ଏବଂ ଏହି ଶକ୍ତିଗୁଡ଼ିକ ସିଧା ପ୍ରାଣିକ ଜଗତରୁ ଆସି ଆମର ଏହି ପୃଥିବୀରେ ମନୁଷ୍ୟ-ଚେତନା ଭିତରେ ଅବତୀର୍ଣ୍ଣ ହୋଇଥାନ୍ତି । ବେଳେବେଳେ ଇତରପ୍ରାଣୀମାନଙ୍କର ଚେତନାରେ ମଧ୍ୟ ଅବତରଣ କରିଥାନ୍ତି । ଯାହାସବୁ ସୁନ୍ଦର, ସେଗୁଡ଼ିକ ପ୍ରତି ଘୃଣା, ଯାହାସବୁ ବିଶୁଦ୍ଧ, ଯାହାସବୁ ଭଲ ଓ ଯାହାସବୁ ସତ୍ୟ, ସେଗୁଡ଼ିକ ପ୍ରତି ଏକ ଘୃଣା,—ଏହି ଘୃଣାର ମାଧ୍ୟମରେହିଁ ସେହି ପ୍ରବୃତ୍ତିଟିର ପ୍ରକାଶ ହୋଇଥାଏ । ଏହି ଘୃଣାଟିକୁ ଆମେ ଦିବ୍ୟ ପରମ ଉପସ୍ଥିତିଟି ଲାଗି ଏକ ଘୃଣା ବୋଲିହିଁ କହିବା । ଏବଂ ସ୍ୱଭାବତଃ ଏହି ଘୃଣାରୁହିଁ ଭାଙ୍ଗିଦେବାର ଏବଂ ନଷ୍ଟ କରିଦେବାର ଏକ ଇଚ୍ଛା ଜନ୍ମଗ୍ରହଣ କରେ, ଖରାପ କରିଦେବାର, ବିଗାଡ଼ି ଦେବାର, ବିକୃତ ଏବଂ ଅସୁନ୍ଦର କରି ପକାଇବାର ଏକ ଇଚ୍ଛା ଜାତ ହୋଇଥାଏ । ଏଥିରୁ ଆଉଗୋଟିଏ ପାଦ ଆଗକୁ ଯାଇ ତାହା ଅନ୍ୟକୁ ଦୁଃଖ ଦେବାର ଇଚ୍ଛାଟି ରୂପେ ଆତ୍ମପ୍ରକାଶ କରେ । ଏବଂ ଏହି ସବୁଯାକ କଥା ପ୍ରତିକୂଳ ଶକ୍ତିଗୁଡ଼ିକର ପ୍ରଭାବରୁହିଁ ଘଟେ; ଆମର ଅଚେତନା, ଅବଚେତନା ଏବଂ ଅର୍ଦ୍ଧଚେତନା ମଧ୍ୟରେହିଁ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେ ସେହି ପ୍ରଭାବଟି କାର୍ଯ୍ୟ କରିଥାଏ । କେବଳ ଆମ ଭିତରେ ରହିଥିବା ସେହି ଶୁଦ୍ଧ ଏବଂ ଜ୍ୟୋତିର୍ମୟ ଚେତନାଟିହିଁ ଏହାର ବିରୋଧ କରିବାକୁ ସମର୍ଥ ଏବଂ ତାହାକୁ କାର୍ଯ୍ୟକାରୀ ହେବାରୁ ନିବୃତ୍ତ କରି ରଖିପାରିବ । ମାତ୍ର ପୃଥିବୀର ସ୍ଥିତିଟି ଏପରି ହୋଇ ରହିଥାଏ ଯେ ସେଥିରେ ସତତ ସଂଗ୍ରାମହିଁ କରିବାକୁ ପଡ଼ିଥାଏ । ଖୁବ୍ କମ୍ ଲୋକ ଅଛନ୍ତି, ଯେଉଁମାନେ କି ଏହି ପ୍ରଭାବଟିର କବଳରୁ ପ୍ରକୃତରେ ରକ୍ଷା ପାଇ ପାରନ୍ତି । ସାଧାରଣତଃ ପ୍ରତ୍ୟେକ ଲୋକ ଭିତରେ ଏପରି ଗୋଟିଏ ସାନ ଅଞ୍ଚଳଟିଏ ଗୋଟିଏ କଣକୁ ହୋଇ ରହିଥାଏ, ଯାହାକି ଭାଙ୍ଗିଦେବାରେ ସୁଖ ପାଏ ଓ ନଷ୍ଟ କରିଦେବାରେ ସୁଖ ପାଏ । ସେହି ଅଂଶଟି ବେଳେବେଳେ ଅତି ସାନ ହୋଇ ରହିଥାଏ, ବେଳେବେଳେ ବେଶ୍ ବଡ଼ ବି ହୋଇ ରହିଥାଏ; ବେଳେବେଳେ ପ୍ରାୟ ଅଚେତନ ହୋଇ ରହିଥାଏ, ବେଳେବେଳେ କିଛିଟା ସଚେତନ ବି ହୋଇପଡ଼େ ଏବଂ ପୁଣି କେତେବେଳେ ଭାରି ପ୍ରଭାବଶାଳୀ ଭାବରେ ପ୍ରାୟ ସମ୍ପୂର୍ଣ୍ଣ ଭାବରେହିଁ ସଚେତନ ହେବାକୁ ଆରମ୍ଭ କରିଥାଏ । ଏବଂ ଆମ ପୃଥିବୀଟିର ସ୍ଥିତି ଏପରି ରହିଛି ଯେ ଯେତେବେଳେ କୌଣସି ବ୍ୟକ୍ତି ସେଇଟିକୁ ବାଟ ଛାଡ଼ିଦିଏ, ସେତେବେଳେ ଆସୁର କେତେକେତେ ଶକ୍ତି ସାହାଯ୍ୟ ତାହାକୁ

'oaob.nitrkl.ac.in' images reprocessed

କରିବା ଲାଗି ମଧ୍ୟ ଦଉଡ଼ି ଆସନ୍ତି, ଯେଉଁମାନେ କି ଠିକ୍ ସୁଯୋଗଟି ସକାଶେ ଅପେକ୍ଷା କରି ରହିଥାନ୍ତି, ଆତ୍ମପ୍ରକାଶ କରିବା ଲାଗି ଅନୁକୂଳ ସମସ୍ଥିତିର ଅପେକ୍ଷା କରୁଥାନ୍ତି ଏବଂ ଯେଉଁମାନେ କି ଆତ୍ମପ୍ରକାଶ କରିପାରିବା ଲାଗି ମନୁଷ୍ୟର ସହଯୋଗ ଆବଶ୍ୟକ କରୁଥାନ୍ତି ଓ ତାହାର ସନ୍ଧାନରେ ଥାଆନ୍ତି । ଏବଂ, ସେହି ସୁଯୋଗଟି ଆସି ପହଞ୍ଚିଗଲା ମାତ୍ରକେ ସେମାନେ ହୁ' କରି ମାଡ଼ିଆସନ୍ତି ଏବଂ ଏକ ଦୁର୍ଜେୟ ଶକ୍ତିକୁ ବହନ କରି ମାଡ଼ିଆସନ୍ତି । ତେଣୁ ଖରାପ କାର୍ଯ୍ୟ କରିବା ଲାଗି ଆରମ୍ଭ କଲା ମାତ୍ରକେହିଁ ଜଣେ ଆପଣାକୁ ଶକ୍ତିଶାଳୀ ହୋଇଗଲା ପରି ଅନୁଭବ କରିଥାଏ । ଏବଂ ସେଇଥି ଲାଗିହିଁ ତାହା ଅପେକ୍ଷାକୃତ ଅଧିକ ସହଜ ହୋଇ ରହିଥାଏ; ମାତ୍ର ଅନ୍ୟ ପକ୍ଷରେ, ଯଦି କେହି ଅନ୍ୟପ୍ରକାର ପ୍ରତିକ୍ରିୟା ଦେଖାଇବାକୁ ଇଚ୍ଛା କରେ, ଏହିସବୁ ଶକ୍ତି ହାତରେ ଯନ୍ତ୍ରପରି ବ୍ୟବହୃତ ହେବାକୁ ନାସ୍ତି କରିଦିଏ, ତେବେ ତାକୁ ଶକ୍ତିଶାଳୀ ଭାବରେ ଯୁଦ୍ଧ କରିବାକୁ ପଡ଼େ, ଅନେକ ବଳଯୁକ୍ତ, ଅନେକ ସିଧା, ଅନେକ ବିଶୁଦ୍ଧ ଓ ଅନେକ ନିଷ୍ଠାପର ହୋଇ ରହିବାକୁ ପଡ଼େ; ଏବଂ ସବୁଠାରୁ ବଡ଼ କଥା ହେଉଛି ଯେ ତାକୁ ଆପଣାର ଅହଂଟି ଦ୍ୱାରା ପରିଚାଳିତ ହେବାକୁ ସଂପୂର୍ଣ୍ଣ ଭାବରେ ନାସ୍ତି କରିଦେବାକୁ ପଡ଼େ । ସେତେବେଳେ ମୁହଁକୁ ପଛ କରି ପଳାଇଗଲେ ଚଳେ ନାହିଁ, ଭୟ କଲେ ବି ଚଳେ ନାହିଁ । ମାତ୍ର ଏପରି କରିବା ଆଦୌ ସହଜ ନୁହେଁ । ଅର୍ଥାତ୍, ବର୍ତ୍ତମାନ ଆମର ପୃଥିବୀଟି ଏପରି ହୋଇ ରହିଛି ଯେ ପ୍ରତିକୂଳ ଶକ୍ତିଗୁଡ଼ିକ ଦ୍ୱାରା,—ଅନ୍ଧକାର, ବିନାଶ, ଦୁଷ୍ଟତା ଏବଂ ଘୃଣାର ଶକ୍ତିଗୁଡ଼ିକ ଦ୍ୱାରା—ଆଦୌ କୌଣସି ପ୍ରକାରେ କବଳିତ ଓ ଚାଳିତ ହୋଇ ନରହିବାକୁ ହେଲେ ମନୁଷ୍ୟକୁ ଜଣେ ବୀର ହେବାକୁ ପଡ଼ିବ, ଯଥାର୍ଥରେ ବୀର ହେବାକୁ ପଡ଼ିବ, ଯିଏ କି କୌଣସି ଆଘାତକୁ ଭୟ କରିବ ନାହିଁ, ଆଦୌ କୌଣସି କଥାକୁ ଡରିବ ନାହିଁ, ଯିଏ କି କଦାପି ମୁହଁ ପଛକରି ପଳାଇ ଯିବ ନାହିଁ ଏବଂ କେତେବେଳେ ମଧ୍ୟ ଆପଣାକୁ ଏକ ହୀନମନ୍ୟତା ସହିତ ଦେଖିବାକୁ ଇଚ୍ଛା କରିବ ନାହିଁ । ଆପଣା ପ୍ରତି ଏହି ହୀନତା ଓ କୃପାର ଭାବଟି ରଖିବା ପ୍ରକୃତରେ ଏକ ଅତ୍ୟନ୍ତ ଘୃଣାର ବିଷୟ । ସେହି କାରଣରୁ, …ଯଦି କୌଣସି ପରିସ୍ଥିତିରେ ମଧ୍ୟ ମନ୍ଦ କାର୍ଯ୍ୟ କରିବାକୁ ନାହିଁ, ମନ୍ଦ ଭାବନା ଭାବିବାକୁ ନାହିଁ ଏବଂ ମନ୍ଦ ଇଚ୍ଛାର କବଳରେ ବି ପଡ଼ିବାକୁ ନାହିଁ, ତେବେ ଆମକୁ ଜଣେ ବୀରହିଁ ହେବାକୁ ପଡ଼ିବ…ଏବଂ ଜଣେ ବୀର ହୋଇ ପାରିବା ସବୁବେଳେ ଆଦୌ ସହଜ କଥା ନୁହେଁ । ଯେଉଁସବୁ ଦିନଗୁଡ଼ିକରେ ସତେଅବା ଭାରି ପରିଶ୍ରାନ୍ତ ଲାଗୁଥାଏ, ବିଶ୍ରାମ ନେବାକୁ ମନ ହେଉଥାଏ ଏବଂ କୌଣସି ପ୍ରକାର ଉଦ୍ୟମ କରିବାକୁ ଇଚ୍ଛା ନଥାଏ, ସେହିସବୁ ଦିନରେହିଁ ଗୋଡ଼ ଖସିଯାଏ, କେତେ ମନ କେତେ ତଳକୁ ଖସିଯିବାର ଦୁର୍ଯୋଗ ଭୋଗିବାକୁ ହୁଏ । ଏହା ପ୍ରକୃତରେ ଏକ ଭୟଙ୍କର ଭାବରେ ଖସଡ଼ା ବାଟ; ପିଲାମାନେ ବରଫରେ ଖସିବାକୁ ଯେଉଁ ଗାଡ଼ିଟି

'oaob.nitrkl.ac.in' images reprocessed

ନେଇ ଖେଳନ୍ତ, ତା'ଠାରୁ ଅଧିକ ଖସଡ଼ା । ସେତେବେଳେ କୁଆଡ଼େ ଖସି ଗୁଳିଯିବାକୁ ପଡ଼େ, କିଛି ଜାଣି ହୁଏ ନାହିଁ, ଯେତେ ଅବା ଗୋଟାଏ ଖଣ୍ଡିଆଭୂତ ତଳକୁ ଖସାଇ ନେଉଥିଲା ପରି ଖସି ଗୁଳିଯିବାକୁ ପଡ଼େ । ଏବଂ, ଏକାବେଳେକେ ତଳେ ଯାଇ ପହଞ୍ଚିଲା ପରେ ଆମେ ପ୍ରକୃତରେ ତଳକୁ ଖସିପଡ଼ିଲୁ ବୋଲି ହୋସ୍ ହୁଏ । ତା'ପରେ ପୁଣି ଉପରକୁ ଉଠିବାକୁ ପଡ଼େ । ଏବଂ ତାହା କରିବାଟା ସବୁବେଳେ ଆଦୌ ସୁଖକର ଲାଗେ ନାହିଁ ।

ମାତ୍ର ଯାହାର ଭଗବାନ୍ଙ୍କ ପରମକରୁଣା ଉପରେ ଆସ୍ଥା ରହିଥାଏ, ଆଲୋକଟି ମଧ୍ୟକୁ ପୁନର୍ବାର ବାହୁଡ଼ି ଆସିବା ତା' ପକ୍ଷରେ ପ୍ରକୃତରେ ସହଜ ହୋଇଯାଏ ।*

## ୨୭ ଅଗଷ୍ଟ, ୧୯୫୩

"ଭଲ ପାଇବା ହେଉଛି ଏକ ସର୍ବୋଚ୍ଚ ଶକ୍ତି, ଯାହାକୁ କି ସେହି ଶାଶ୍ୱତ ପରମ ଚେତନା ଆପଣା ଭିତରୁହିଁ ଏକ ଅସ୍ପଷ୍ଟ ଏବଂ ଅନ୍ଧକାରମୟ ଜଗତ ମଧ୍ୟକୁ ପ୍ରେରଣ କରିଛନ୍ତି, ଯେପରିକି ସେହି ଶକ୍ତି ଜଗତ ଏବଂ ସେଥିରେ ବାସ କରୁଥିବା ସତ୍ତାଗୁଡ଼ିକୁ ଭଗବାନଙ୍କ ପାଖକୁ ଉତ୍ତୋଳିତ କରି ଆଣିପାରିବ । ଆପଣାର ଅନ୍ଧକାର ଏବଂ ଅଜ୍ଞାନ ମଧ୍ୟରେ ସମାଚ୍ଛନ୍ନ ରହି ଜଡ଼ ଜଗତ ଭଗବତ୍ ସତ୍ତାକୁ ପାସୋରି ପକାଇଥିଲା । ଭଲ ପାଇବାର ସେହି ଶକ୍ତିଟି ଅନ୍ଧାର ମଧ୍ୟରେ ପ୍ରବେଶ କଲା; ସେହି ଜଗତରେ ଯାହା କିଛି ସୁପ୍ତ ହୋଇ ରହିଥିଲା, ତାହା ସେଗୁଡ଼ିକୁ ଜାଗ୍ରତ କରିଦେଲା; ତାହା ଏହି ଜଗତର କାନ ପାଖରେ ଆପଣାର କଥାଟି ଫୁସ୍ ଫୁସ୍ କରି କହିଲା, ଯେଉଁସବୁ କର୍ଣ୍ଣକୁହର ଅବରୁଦ୍ଧ ହୋଇ ରହିଥିଲେ, ସେଗୁଡ଼ିକୁ ଫିଟାଇ ଦେଇ ଗଲା : 'ପ୍ରକୃତରେ ଗୋଟିଏ କଥା ଲାଗିହିଁ ନିଦ୍ରା ଭାଙ୍ଗି ଜାଗ୍ରତ ହୋଇ ହେବ, ଗୋଟିଏ କଥା ଲାଗିହିଁ ବଞ୍ଚିହେବ,—ଏବଂ ତାହା ହେଉଛି

---

* ୧୯୬୯ ମସିହା ସେପ୍ଟେମ୍ବର ମାସରେ, ଯେତେବେଳେ ଏହି ପ୍ରବଚନଟି ସର୍ବପ୍ରଥମେ ପ୍ରକାଶିତ ହେଲା, ମାଆ ସେତେବେଳେ ଏହି ଶେଷ ବାକ୍ୟଟିକୁ ଏଠାରେ ଯୋଡ଼ି ଦେଇଥିଲେ ।

'oaob.nitrkl.ac.in' images reprocessed

ଏହି ଭଲ ପାଇବାର ଶକ୍ତି ।' ଏବଂ ଭଲ ପାଇବାର ଶକ୍ତି ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଭଗବତ୍ ପରମ ସତ୍ୟ ପାଖକୁ ଫେରିଆସିବାର ସମ୍ଭାବନାଟି ଜଗତ ମଧ୍ୟରେ ଆସି ପ୍ରବେଶ କରିପାରିଲା । ଏହି ପ୍ରେମଶକ୍ତିଟିର ବଳରେହିଁ ଏହି ସୃଷ୍ଟି ଭଗବାନଙ୍କ ଆଡ଼କୁ ଊର୍ଦ୍ଧ୍ୱଗତ ହୋଇ ଯିବାରେ ଲାଗିଛି, ଏବଂ ତାହାର ଜବାବସ୍ୱରୂପ ଭଗବତ୍ର ପରମ ପ୍ରେମ ଏବଂ ଭଗବତ୍ର ପରମ କରୁଣା ସୃଷ୍ଟି ସହିତ ସମ୍ମିଳିତ ହେବା ଲାଗି ତଳକୁ ନଇଁ ଆସିବାରେ ଲାଗିଛି ।”

ପ୍ରଶ୍ନ ଓ ଉତ୍ତର ୧୯୨୯ (୨ ଜୁନ୍)

ଭଲ ପାଇବାର ଏହି ଶକ୍ତିଟି ପ୍ରକୃତରେ କେଉଁଠାରୁ ଆସେ ?

ଭଲ ପାଇବାର ଏହି ଶକ୍ତିଟି କେଉଁଠାରୁ ଆସେ ? ଏହି ବିଶ୍ୱଜଗତର ଉତ୍ପତ୍ତିକେନ୍ଦ୍ରରୁ ।

ଏହି କଥାଟି ମୁଁ ସେଠାରେ ମଧ୍ୟ କହୁଛି । ସେଠାରେ ମୁଁ ତାହାହିଁ କହୁଛି । ମୁଁ କହୁଛି ଯେ ପ୍ରେମ ହେଉଛି ଏକ ସର୍ବୋଚ୍ଚ ଶକ୍ତି ଯାହାକୁ କି ଶାଶ୍ୱତ ପରମଚେତନା ଆପଣା ମଧ୍ୟରୁହିଁ ସମ୍ଭୂତ କରାଇଛନ୍ତି ଏବଂ ଏହି ଜଗତକୁ ପ୍ରେରଣ କରାଇବା ସକାଶେହିଁ ସେ ଏହାକୁ ସମ୍ଭୂତ କରାଇଛନ୍ତି । ଭଲ ପାଇବାର ଶକ୍ତି ସେଇଠାରୁ ଆସୁଛି । (ମାଆ ୧୯୫୩ ଅଗଷ୍ଟ ମାସର ବୁଲେଟିନ୍‌କୁ ହାତରେ ନେଇ “ଚତୁର୍ବିଧ ତପସ୍ୟା ଓ ଚତୁର୍ବିଧ ମୁକ୍ତି”ରୁ ଗୋଟିଏ ଅଂଶ ପଢ଼ିଲେ ।) ଏହାହିଁ ପ୍ରଶ୍ନଟିର ଉତ୍ତର ଦେଇପାରିବ :

“ପ୍ରେମ କହିଲେ ମୂଳତଃ ଏକାତ୍ମକ ହେବାର ଆନନ୍ଦକୁହିଁ ବୁଝାଏ । ସମ୍ମିଳିତ ହୋଇଯିବାର ପରମ ଆନନ୍ଦଟି ମଧ୍ୟରେହିଁ ତାହା ନିଜକୁ ସର୍ବୋଚ୍ଚ ଭାବରେ ବ୍ୟକ୍ତ କରିଥାଏ । ଏବଂ ଏହି ଉଭୟ ପ୍ରାନ୍ତଟି ମଝିରେହିଁ ଏହାର ବିଶ୍ୱଗତ ଅଭିବ୍ୟକ୍ତିର ଯାବତୀୟ ପର୍ଯ୍ୟାୟ ଅବସ୍ଥିତ ରହିଛି ।”

ପ୍ରଥମେ ଏକାତ୍ମକ ହେବାର ଆନନ୍ଦ । ଏହି କ୍ଷେତ୍ରରେ ଏପରି ଏକ ବସ୍ତୁ ଅବଶ୍ୟ ରହିଥିବା ଦରକାର ଯାହାକି ଏହି ଏକାତ୍ମକତା ବିଷୟରେ ସଚେତନ

'oaob.nitrkl.ac.in' images reprocessed

ହୋଇପାରିବ ଏବଂ ଖାସ୍ ସେହି ବସ୍ତୁଟିକୁହିଁ ଆମେ ପ୍ରେମ ବୋଲି କହିପାରିବା । ଦ୍ୱିତୀୟ ପର୍ଯ୍ୟାୟଟି ହେଉଛି ସେହି ପ୍ରେମର ପରିପ୍ରକାଶ । ଏବଂ ଏହାର ସର୍ବୋଚ୍ଚ ପର୍ଯ୍ୟାୟଟିରେ, ଅର୍ଥାତ୍, ଯେତେବେଳେ ତାହା ଆପଣା ଅଭିବ୍ୟକ୍ତିର ଯାବତୀୟ ସୋପାନକୁ ଅତିକ୍ରମ କରି ଆପଣାର ମୂଳ ଉତ୍ପତ୍ତିକୁହିଁ ବାହୁଡ଼ିଆସେ, ସେତେବେଳେ ତାହା ସମ୍ମିଳନଜନିତ ଏକ ପରମ ଆନନ୍ଦରେ ପରିଣତ ହୋଇଥାଏ । କାରଣ, ବିଚ୍ଛିନ୍ନ ହୋଇଥିବାର ଏକ ଅନୁଭୂତିରୁହିଁ ସମ୍ମିଳିତ ହୋଇଯିବାର ଏକ ଅନୁଭୂତିର ଜନ୍ମ ହୋଇଥାଏ । ରୂପାୟିତ ଏହି ବିଶ୍ୱସଂସାର ମଧ୍ୟଦେଇ ଅତିକ୍ରମ କରି ଯାଉଥିବାର ପଥଟି ପରମ ଉତ୍ପତ୍ତିଠାରୁ ସତେଅବା ବିଚ୍ଛିନ୍ନ ହୋଇ ପଡ଼ିଥିବାର ଅନୁଭୂତି ଦେଉଥାଏ । ଏବଂ ସେହି ପରମ ଉତ୍ସକୁ ଫେରି ଆସିଲେହିଁ ସମ୍ମିଳିତ ହେବାର ପରମ ଆନନ୍ଦଟି ଉପଲବ୍ଧ ହୋଇଥାଏ । ଅର୍ଥାତ୍, ଯେଉଁ ଦୁଇଟି ବସ୍ତୁ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହିଥାନ୍ତି, ସେମାନେ ପରସ୍ପର ସହିତ ପୁଣି ମିଳିତ ହୋଇ ଯାଆନ୍ତି । ଏବଂ ଏସବୁ ତଥାପି ସେହି ପରମପ୍ରେମ ହୋଇହିଁ ରହିଥାଏ । ରୂପାୟନର ସମସ୍ତ ବୃତ୍ତିଟିକୁ ଅତିକ୍ରମ କରିବା ପରେ ଯେଉଁ ପ୍ରେମ ଉପଲବ୍ଧ ହୁଏ, ଏହା ହେଉଛି ସେହି ପ୍ରେମ । ଯେତେବେଳେ ଏହା ଆପଣାର ଅସଲ ମୂଳକୁ ଲେଉଟି ଆସେ, ସେତେବେଳେ ତାହା ସମ୍ମିଳିତ ହୋଇଯିବାର ପରମ ଆନନ୍ଦରେ ପରିଣତ ହୁଏ । (ମାଆ ପୁଣି ସେହି "ଚତୁର୍ବିଧ ତପସ୍ୟା"ରୁ ପଢ଼ିବାକୁ ଆରମ୍ଭ କଲେ ।) :

> "ଆପଣା ରୂପାୟନର ଆରମ୍ଭ କାଳରେ, ଆପଣା ଉତ୍ପତ୍ତିର ଏହି ବିଶୁଦ୍ଧ ଅବସ୍ଥାରେ ପ୍ରେମ ଦୁଇଟି ଗତିସ୍ପନ୍ଦନ ଦ୍ୱାରା ଗଠିତ ହୋଇ ରହିଥାଏ; ପୂର୍ଣ୍ଣ ସମ୍ମିଳନ ଦିଗରେ ଧାବିତ ହୋଇ ଯିବାର ଏହି ଦୁଇଟି ଅନୁପୂରକ ପ୍ରାନ୍ତର ସମାହାର ହୋଇ ରହିଥାଏ । ଗୋଟିଏ ପାଖରେ ଆକର୍ଷଣର ସର୍ବୋଚ୍ଚ ଶକ୍ତିଟି ଅବସ୍ଥିତ ଥାଏ, ଏବଂ ଅନ୍ୟ ପାଖରେ ପରମ ଆତ୍ମଦାନର ଅପ୍ରତିରୋଧ୍ୟ ଆବଶ୍ୟକତାଟି ରହିଥାଏ । ବ୍ୟକ୍ତିର ଚେତନା ତା'ର ମୂଳଟିଠାରୁ ବିଚ୍ଛିନ୍ନ ହୋଇ ଅଚେତନାରେ ପରିଣତ ହୋଇଯିବା ସମୟରେ ସେହି କ୍ଷେତ୍ରରେ ଯେଉଁ ଖାଇର ଦୂରତାଟି ସୃଷ୍ଟି ହୋଇ ଯାଇଥିଲା, ତାହା ଉପରେ ଏକ ସେତୁ ସମ୍ଭବ କରି ପାରିବାକୁ ହେଲେ ଏଇଟି ବ୍ୟତୀତ ଆଉ କୌଣସି ଗତିସ୍ପନ୍ଦନ କଦାପି ଅଧିକ ସହାୟକ ହେବ ନାହିଁ ।

'oaob.nitrkl.ac.in' images reprocessed

"ଯାହାକୁ ବହିର୍ଦେଶ ମଧ୍ୟକୁ ପ୍ରକ୍ଷେପିତ କରା ଯାଇଥିଲା, ତାହାକୁ ପୁଣି ଆପଣା ପାଖକୁ ଫେରାଇ ଆଣିବାକୁ ହେଲା, ମାତ୍ର ସେଥିଲାଗି ତଥାସୃଜିତ ବିଶ୍ୱଜଗତଟିକୁ ଯେପରି ଧ୍ୱଂସ କରିଦେବାକୁ ନହୁଏ, ସେଥିଲାଗି ମଧ୍ୟ ଦୃଷ୍ଟି ରଖାଗଲା । ଏବଂ, ସେହି କାରଣରୁହିଁ, ପ୍ରେମର ସ୍ରୋତ ଛୁଟି ଆସିଲା, ସମ୍ମିଳିତ ହେବାର ସେହି ଅପ୍ରତିରୋଧ ଶକ୍ତିଟି ଉନ୍ମେଷ ଲାଭ କଲା ।

"ଏହି ଶକ୍ତି ଅନ୍ଧକାର ଏବଂ ଅଚେତନା ଉପରେ ଉଡ଼ିବାରେ ଲାଗିଛି; ତାହା ଆପଣାକୁ ବିଚ୍ଛୁରିତ କରି ଦେଇଛି, ଏକ ଅତଳ ରାତ୍ରିର ବକ୍ଷ ଉପରେ ତାହା ଆପଣାକୁ ବିଚୂର୍ଣ୍ଣ କରି ଦେଇଛି । ଏବଂ ଠିକ୍ ସେହି ମୁହୂର୍ତ୍ତରୁହିଁ ଜାଗରଣ ଏବଂ ଆରୋହଣର କ୍ଷଣଟି ଆରମ୍ଭ ହୋଇଛି, ଜଡ଼ର ଧୀର ରୂପାୟନ ଏବଂ ତାହାର ଅନନ୍ତ ଉତ୍ତରୋତ୍ତର ଗତି ଆରମ୍ଭ ହୋଇଯାଇଛି ।"

ତାହାହିଁ ହେଉଛି ତୁମ ପ୍ରଶ୍ନର ଉତ୍ତର । ତାହାର ଅର୍ଥ ହେଉଛି ଯେ, ତୁମେ ପ୍ରତ୍ୟାବର୍ତ୍ତନର ପଥରେ ଯେତେ ଉଚ୍ଚ ଯାଏ ଆରୋହଣ କରି ଗଲେ ମଧ୍ୟ, ପରମ ମୂଳରେ ତୁମେ ନିଶ୍ଚୟ ସେହି ପ୍ରେମହିଁ ଦେଖିବାକୁ ପାଇବ । ମାତ୍ର ଲୋକେ ସାଧାରଣତଃ ଯାହାକୁ ପ୍ରେମ ବୋଲି କହନ୍ତି, ଏଠାରେ ତାହାର କଥା ଆଦୌ କୁହାଯାଉ ନାହିଁ ।

ମାଆ, ଯେଉଁ ପ୍ରେମ "ଯଦି ତୁମେ ମୋତେ ଭଲ ପାଅ, ତେବେ ମୁଁ ମଧ୍ୟ ତୁମକୁ ଭଲ ପାଇବି" ବୋଲି କହେ, ତାହା ପ୍ରକୃତରେ କେଉଁ ପ୍ରକାରର ପ୍ରେମ ?

ଯଦି ତୁମେ ମୋତେ ଭଲ ପାଅ, ତେବେ ମୁଁ ମଧ୍ୟ ତୁମକୁ ଭଲ ପାଇବି ? ଲୋକେ ସାଧାରଣତଃ ଠିକ୍ ଏହିପରି ଭାବରେହିଁ କହିଥାନ୍ତି "ଯଦି ତୁମେ ମୋତେ ଭଲ ପାଅ, ତେବେ ମୁଁ ବି ତୁମକୁ ଭଲ ପାଇବି, ଯଦି ତୁମେ ମୋତେ ଭଲ ନପାଇବ, ତେବେ ମୁଁ ବି ତୁମକୁ ଭଲ ପାଇବି ନାହିଁ ।" ଅଧିକାଂଶ ମନୁଷ୍ୟ ଏହିପରି ଭାବରେହିଁ ପ୍ରେମର ଅଭିବ୍ୟକ୍ତି କରିଥାନ୍ତି । ଏବଂ ଏହି ପ୍ରକାରଟି ଆହୁରି ପାଦେ ବି ଆଗକୁ ଚାଲି ଯାଇଥାଏ,— ଏବଂ ଲୋକେ ଏହି କଥାଟିକୁ ଭଗବାନଙ୍କ

'oaob.nitrkl.ac.in' images reprocessed

ସହି ସେମାନଙ୍କର ରହିଥିବା ସମ୍ବନ୍ଧଟି ସହିତ ବି ନେଇ ଯୋଡ଼ିଥାନ୍ତି । ସେମାନେ ଭଗବାନଙ୍କ ପାଖରେ ଯାଇ କହନ୍ତି : "ମୁଁ ଯାହା ଇଚ୍ଛା କରୁଛି, ଯଦି ଆପଣ ସେତିକ ପୂରଣ କରିଦେବେ, ତେବେଯାଇ ଆପଣ ମୋତେ ଭଲ ପାଆନ୍ତି ବୋଲି ମୁଁ କହିପାରିବି ଏବଂ ତା'ପରେ ମୁଁ ଆପଣଙ୍କୁ ଭଲ ପାଇପାରିବି । ମାତ୍ର, ମୁଁ ଯାହା ଇଚ୍ଛା କରୁଛି, ଯଦି ଆପଣ ସେତିକ ପୂରଣ କରି ନଦିଅନ୍ତି, ତେବେ ଆପଣ ମୋତେ ଭଲ ପାଉଛନ୍ତି ବୋଲି ମୁଁ ଆଉ କଦାପି ଭାବି ପାରିବି ନାହିଁ ଏବଂ ତା'ପରେ ମୁଁ ଆପଣଙ୍କୁ ଆଉ କଦାପି ଭଲ ପାଇବି ନାହିଁ ।"

ସେହି କଥାଟି ଠିକ୍ ଏହିପରି । ତାହାର ଅର୍ଥ ହେଉଛି ଯେ ଏହି କ୍ଷେତ୍ରରେ ସମ୍ବନ୍ଧଟି ଏକାବେଳେକେ ଏକ ସଉଦା କରିବାର ସମ୍ବନ୍ଧରେ ପରିଣତ ହୋଇଯାଏ ।

ମାତ୍ର, "ଯଦି ଆପଣ ମୋତେ ଭଲ ନପାଇବେ, ତେବେ ମଧ୍ୟ ମୁଁ ତୁମକୁ ଭଲ ପାଇବି,"— ଏକଥାଟି ?

ସେଇଟି ପ୍ରଥମଟି ଅପେକ୍ଷା ଅଧିକ ଭଲ !

ଏବଂ ତା'ଠାରୁ ଆହୁରି ଅଧିକ ଭଲ ହେଉଛି ଯେ, ମୋତେ କିଏ ପ୍ରକୃତରେ ଭଲ ପାଉଛି କି ନାହିଁ, ସେବିଷୟରେ ଆମେ ଆପଣାକୁ ଆଦୌ କୌଣସି ପ୍ରଶ୍ନ ପଚାରିବା ନାହିଁ, ସେହି ବିଷୟରେ ଆମେ ସମ୍ପୂର୍ଣ୍ଣ ଉଦାସ ରହିବା । ଏବଂ ତାହାହିଁ ଯଥାର୍ଥ ଭଲ ପାଇବାରେ ପରିଣତ ହେବାକୁ ଆରମ୍ଭ କରିବ : ଆମେ ଭଲ ପାଇବା, କାରଣ ଆମେ ଭଲ ପାଉଥିବା; ଆମ ଭଲ ପାଇବାର ପ୍ରତ୍ୟୁତ୍ତରଟି ଆଉଜଣକଠାରୁ ଆମକୁ ମିଳୁଛି ଅଥବା ଅନ୍ୟଜଣେ ଆମକୁ ଭଲ ପାଉଛି ବୋଲି ଯେ ଆମେ ତାକୁ ଭଲ ପାଇବା, ସେକଥା ଆଦୌ ନୁହେଁ । ସେହିସବୁ ଯାବତୀୟ ସର୍ତ୍ତ,— ସେଗୁଡ଼ାକ ପ୍ରେମ ନୁହେଁ । ଆମେ ଭଲ ପାଇବା କାରଣ ଭଲ ପାଇବା ବ୍ୟତୀତ ଆମେ ଆଉ କିଛିହେଲେ କରି ପାରିବା ନାହିଁ । ଆମେ ଭଲ ପାଉ ବୋଲି ଭଲ ପାଇବା । ତାହାର ଫଳ କ'ଣ ହେବ ବା ନହେବ, ସେବିଷୟରେ ଆମେ କିଛି ହେଲେ ଚିନ୍ତା କରିବା ନାହିଁ । ଆମେ ଯେ ଭଲ ପାଉଛୁ, ସେହି ଅନୁଭବଟି ଦ୍ୱାରାହିଁ ଆମେ ସମ୍ପୂର୍ଣ୍ଣ ଭାବରେ ସନ୍ତୋଷ ଲାଭ କରି ପାରୁଥିବା । ଆମେ ଭଲ ପାଉ ବୋଲିହିଁ ଭଲ ପାଉଥିବା ।

ଏହା ବ୍ୟତୀତ ଆଉ ଯେତେ ଯାହା ରହିଲା, ସବୁକିଛି ହେଉଛି ସଉଦା କରିବାର ବୃତ୍ତି; ତାହା ଭଲ ପାଇବା ନୁହେଁ ।

ଏବଂ, ପୁନଶ୍ଚ, ଆଉଗୋଟିଏ କଥାକୁ ମଧ୍ୟ ଆମେ ସୁନିଶ୍ଚିତ ବୋଲି ଜାଣି ରଖିବା ଯେଉଁ ମୁହୂର୍ତ୍ତରେ ଆମେ ପ୍ରକୃତ ଭଲ ପାଇବାର କ୍ଷେତ୍ରଟି ମଧ୍ୟରେ

'oaob.nitrkl.ac.in' images reprocessed

ପ୍ରବେଶ କରିବା, ଆମେ ଆଉ ସେହି ପ୍ରଶ୍ନଟି ପଚାରିବାକୁହିଁ ଯିବା ନାହିଁ । ଏହି ପ୍ରଶ୍ନଟିକୁ ପଚାରିବାହିଁ ପ୍ରକୃତରେ କେଡ଼େ ପିଲାଳିଆ, ହାସ୍ୟକର ଏବଂ ତାତ୍ପର୍ଯ୍ୟହୀନ ବୋଲି ବୋଧ ନହେବ ! ଯଥାର୍ଥ ଭଲ ପାଇବା ମଧ୍ୟରେ ପ୍ରବେଶ କରିବା ସଙ୍ଗେସଙ୍ଗେହିଁ ଆମକୁ ସେଇଥିରୁହିଁ ପରିପୂର୍ଣ୍ଣ ଆନନ୍ଦ ଏବଂ ଚରିତାର୍ଥତାର ଅନୁଭୂତି ପ୍ରାପ୍ତ ହେବାକୁ ଲାଗିବ ଏବଂ ତା'ପରେ ଅନ୍ୟ ତରଫରୁ କୌଣସି ପ୍ରତ୍ୟୁତ୍ତର ବା ଅନୁମୋଦନ ପାଇବା ଲାଗି ଆଉ କୌଣସି ପ୍ରୟୋଜନହିଁ ନଥିବ । ସଦ୍‌ଗୁଣ ପ୍ରତିଦାନର ଅଭିଳାଷ ରଖିବା ଲାଗି କୌଣସି ଆବଶ୍ୟକତା ନଥିବ ।

ତେଣୁ ମୁଁ କହୁଛି, ଆମର ମନ, ଅନୁଭୂତି ଅଥବା ବାହ୍ୟବୋଧଗୁଡ଼ିକ ମଧ୍ୟରେ ଯେପର୍ଯ୍ୟନ୍ତ ଗଣି ମାପି ତୁଳନା କରିବାର ପ୍ରବୃତ୍ତି ରହିଥିବ, ଯେପର୍ଯ୍ୟନ୍ତ କୌଣସି ନା କୌଣସି ପ୍ରକାରର ଗଣନା କରିବାର ପ୍ରବୃତ୍ତି ରହିଥିବ ଏବଂ ତାହାକୁ ଆମେ ଆମ ଜୀବନରେ ଅଳ୍ପ ଅଥବା ବହୁତ ସ୍ୱୀକୃତି ଦେବାରେ ଲାଗିଥିବା, ସେପର୍ଯ୍ୟନ୍ତ ତାହା ସବୁଦା କରିବାର ଏକ ପ୍ରବୃତ୍ତି ହୋଇ ରହିଥିବ, ତାହାକୁ କଦାପି ଭଲ ପାଇବା ବୋଲି କୁହାଯିବ ନାହିଁ ।

ତୁମେ ବୋଧହୁଏ ଏହି କଥାଗୁଡ଼ିକୁ ବୁଝି ପାରିଲ ନାହିଁ ?...... ଏହି ବୁଝିବାଶକ୍ତି ତୁମର ଦିନେ ନା ଦିନେ ଆସିବ ବୋଲି ମୁଁ ଆଶା କରୁଛି ।

ଏସବୁକୁ ବାଦ୍ ଦେଇ ଆଉ ଯାହାକଛି ରହିଲା, ସେସବୁ ହେଉଛି ମନୁଷ୍ୟ ତା'ର ଭଲ ପାଇବାକୁ ନେଇ କେଉଁଠି ଆଣି ଥୋଇଲାଣି, ତାହାର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ । ଏବଂ, ଏତଦ୍‌ବ୍ୟତୀତ, ସେଗୁଡ଼ିକ ଆଦୌ ଖୁବ୍ ବେଶୀ ସୁନ୍ଦର କଥା ନୁହେଁ, ଏବଂ ଏଥିରୁ ଆହୁରି ଯାବତୀୟ ନାନା ପ୍ରକାରର କଥା ଉତ୍ପନ୍ନ ହୋଇଥାଏ, ଯାହାକି ଆହୁରି କମ୍ ସୁନ୍ଦର ବୋଲି କୁହାଯାଇ ପାରିବ । ଉଦାହରଣସ୍ୱରୂପ ଏଠାରେ ଈର୍ଷା ବା ବିଦ୍ୱେଷର ଆଲୋଚନା କରି ଯାଇପାରେ; ଏବଂ ତୀବ୍ର ହିଂସ୍ର ପ୍ରକୃତିର ଲୋକମାନଙ୍କ ଭିତରେ ତାହା ଅଗ୍ରସର ହୋଇ ଘୃଣାରେ ଯାଇ ପହଞ୍ଚିଥାଏ । ଏହି ସାନ କଥାଟିରୁହିଁ ତାହାର ଆରମ୍ଭ ହୋଇଥାଏ : ଯେତେବେଳେ ଆମେ ଯାହାକୁ ଭଲ ପାଉଛୁ, ଯେଉଁ ବସ୍ତୁଟିକୁ ଅଥବା ଯେଉଁ ବ୍ୟକ୍ତିକୁ ଭଲ ପାଉଛୁ, ଆମେ ତାକୁ ଭଲ ପାଉଛୁ ବୋଲି ସିଏ ଅବଶ୍ୟ ଜାଣୁ, ତାହାର ଆବଶ୍ୟକତାରୁହିଁ ସେହି କଥାଟି ଆରମ୍ଭ ହୋଇଥାଏ । ମାତ୍ର ଭଗବାନଙ୍କ ସହିତ ଆମର ଯେଉଁ ସମ୍ବନ୍ଧଟି ରହିଛି, ସେଥିରେ : ଆମେ ଭଗବାନଙ୍କୁ ଭଲ ପାଉ ଏବଂ ଜିଦ୍ ଧରି ବସିଥାଉ ଯେ ଆମେ ତାଙ୍କୁ ଭଲ ପାଉଛୁ ବୋଲି ଭଗବାନ ଅବଶ୍ୟ ଜାଣନ୍ତୁ । ଏହିଠାରୁ ପତନର ଆରମ୍ଭ ହୋଇଥାଏ । ଯେତେବେଳେ ଅସଲ କଥାଟି ବିଷୟରେ ଆଉ ଭାବିବାକୁ ବି ସମୟ ନଥାଏ । ସେହି କଥାଟି ଆମ ମନକୁ ହୁଏତ କିଞ୍ଚିତ୍ ପରିମାଣରେ ବି ସ୍ପର୍ଶ କରୁ ନଥାଏ ।

'oaob.nitrkl.ac.in' images reprocessed

ସେତେବେଳେ ଆମେ କଦାପି ଏପରି ଭାବୁ ନାହିଁ : ମୁଁ ଯେ ଭଲ ପାଉଛି, ତାହାହିଁ ଯଥେଷ୍ଟ । ମୁଁ ଭଲ ପାଉଛି, ତାହାହିଁ ହେଉଛି ଭଲ ପାଇବାର ପରିପୂର୍ଣ୍ଣତା, ଭଲ ପାଇବାରୁ ମିଳୁଥିବା ପ୍ରଗାଢ଼ ଆନନ୍ଦ; ଏବଂ ତାହାହିଁ ଯଥେଷ୍ଟ ।

ଲୋକେ ସାଧାରଣତଃ ଯାହାକୁ "ଭଲ ପାଇବା" ବୋଲି କହନ୍ତି, ସେଠାରୁ ପ୍ରକୃତ "ଭଲ ପାଇବା" ଯାଏ ଯିବାକୁ ଅନେକ ଦୀର୍ଘ, ଦୀର୍ଘ, ଦୀର୍ଘ ପଥ ଅତିକ୍ରମ କରିବାକୁ ହୁଏ,—ହଁ, ଏକ ଦୀର୍ଘ ପଥ ପାର ହୋଇ ଯିବାକୁ ହୁଏ ।

ସାଧାରଣ ମନୁଷ୍ୟ-ଚେତନାର ସ୍ତରକୁ ଆସି ଏହି ଭଲ ପାଇବା ଯେଉଁସବୁ ବିରକ୍ତିକର ଆକାର ଧାରଣ କରିଥାଏ, ମୁଁ ଏଠାରେ ସେଗୁଡ଼ିକ ବିଷୟରେ କି ଆଦୌ କିଛି କହୁ ନାହିଁ । ତୁମମାନଙ୍କୁ ମୁଁ ପ୍ରକୃଷ୍ଟତମ ଅବସ୍ଥାଗୁଡ଼ିକ ବିଷୟରେ କହୁଛି; ଆପଣାର ସର୍ବୋତ୍ତମ ରୂପାୟନରେ ପ୍ରେମ ଯାହା ହୋଇଥାଏ, ମୁଁ ତାହାରି ବିଷୟରେ କହୁଛି, ସବୁଠାରୁ ଅଧିକ ପରିମାଣରେ ଯାବତୀୟ ଆସକ୍ତିରୁ ମୁକ୍ତ ହୋଇ ରହିଥିବା ଭଲ ପାଇବା ବିଷୟରେ ହିଁ କହୁଛି । ମୁଁ ଏବିଷୟରେ କିଛି କହି ପାରିବି ନାହିଁ; ମାତ୍ର, ଯଦି ତୁମେ ମନୁଷ୍ୟମାନଙ୍କୁ ଯାଇ ପଚାରିବ, ତେବେ, ଯେଉଁମାନେ ସଦୃଶ ପ୍ରତିବଦଳ ବିଷୟରେ ହିଁ କିଛିହେଲେ ଚିନ୍ତା କରୁ ନଥିବେ, ସେମାନଙ୍କର ଶତକଡ଼ା ଭାଗଟି ପ୍ରକୃତରେ କେତେ ହେବ, ମୁଁ ସେହି କଥାଟି ଜାଣିବା ଲାଗି ନିଶ୍ଚୟ ଅତ୍ୟନ୍ତ ଆଗ୍ରହୀ ହୋଇ ରହିବି । କେବଳ ସେତିକିମାତ୍ର ଜାଣିବାକୁ ଇଚ୍ଛା କରିବି । ଯେଉଁମାନେ "ତୁମେ ମୋତେ ଭଲ ପାଇଲେ ମୁଁ ତୁମକୁ ଭଲ ପାଇବି" ବୋଲି କହନ୍ତି, ସେମାନଙ୍କ ବିଷୟରେ ମୁଁ କିଛିହେଲେ ଜାଣିବାକୁ ଇଚ୍ଛା କରୁ ନାହିଁ । ସେମାନେ ତ ବସ୍ତୁତଃ ଶିଡ଼ିର ସବାତଳ କାଠିଟି ପାଖରେ ଯାଇ ରହିଛନ୍ତି, ସଦା ତଳ କାଠି ପାଖରେ, ପ୍ରାୟ ଗାତ ଭିତରେ ଯାଇ ରହିଛନ୍ତି··· ମାତ୍ର ଏହାଠାରୁ ଆହୁରି ତଳକୁ ବି ଗୋଟାଏ ପାହିଆ ଅଛି "ମୋତେ ଆଗ ଭଲ ପାଅ, ଏବଂ ତୁମକୁ ମୁଁ ଭଲପାଇ ପାରିବି କି ନାହିଁ, ତା'ପରେ ମୁଁ ଯାଇ ସେକଥା ଚେଷ୍ଟା କରି ଦେଖିବି ।" ଯେଉଁମାନେ ଏପରି ଭାବନ୍ତି, ସେମାନଙ୍କୁ କେବଳ ବିରକ୍ତିକର ମଣିଷ ବୋଲିହିଁ କୁହାଯାଇ ପାରିବ । ଏଠାରେ ମୁଁ କେବଳ ସେହିମାନଙ୍କ କଥା କହୁଛି, ଯେଉଁମାନେ ଏକ ସଦୃଶ ପ୍ରତିବଦଳକୁ ଆବଶ୍ୟକ ବୋଲି ଭାବିଥାନ୍ତି । ତଳକୁ ତଳକୁ ଖସି ଆସିବାର ମାର୍ଗରେ ଏଇଟି ହେଉଛି ପ୍ରଥମ ପାହାଚ ।

ସେ ଯାହାହେଉ, ତୁମେ ଏକଥାକୁ ଦିନେ ନିଶ୍ଚୟ ବୁଝିବାକୁ ସମର୍ଥ ହେବ । ବର୍ତ୍ତମାନ ତ ତୁମେମାନେ ଅତି ପିଲା ।

**ଇତରପ୍ରାଣୀମାନଙ୍କର ମଣିଷମାନଙ୍କ ପ୍ରତି ଯେଉଁ ଭଲ ପାଇବା ରହିଛି, ସେଇଟି ପୁଣି କେଉଁ ପ୍ରକାରର ?**

'oaob.nitrkl.ac.in' images reprocessed

ପ୍ରାପ୍ତ ବୁଦ୍ଧିମାନ ଲୋକମାନଙ୍କର ଭଗବାନଙ୍କ ପ୍ରତି ଯେଉଁ ଭଲ ପାଇବା ରହିଥାଏ, ଇତରପ୍ରାଣୀମାନଙ୍କର ମଣିଷମାନଙ୍କ ପ୍ରତି ପ୍ରାପ୍ତ ସେହିପରି ଏକ ଭଲ ପାଇବା ରହିଥାଏ । ସେହି ଭଲ ପାଇବା ଭିତରେ ଶ୍ଳାଘାଭାବ ଥାଏ, ଆସ୍ଥା ଥାଏ ଏବଂ ଏକ ନିରାପଦତା-ବୋଧ ମଧ୍ୟ ରହିଥାଏ । ଶ୍ଳାଘାଭାବ ଶବ୍ଦଟା ତୁମମାନଙ୍କୁ ସତେଅବା ଗୋଟାଏ ଭାରି ଭଲ ଶବ୍ଦ ପରି ଶୁଣା ଯାଉଥିବ । ଏବଂ ସେହି ଶ୍ଳାଘା ପଛରେ କୌଣସି କାରଣ ନଥିବ : ଏହି ଶ୍ଳାଘାଭାବ ହୃଦୟ ଭିତରୁ ବ୍ୟକ୍ତ ହୋଇ ଆସୁଥାଏ, ଅର୍ଥାତ୍ ସ୍ୱତଃପ୍ରେରିତ ହୋଇ ଆସୁଥାଏ । ଉଦାହରଣସ୍ୱରୂପ, କୁକୁରମାନଙ୍କ ଭିତରେ ଏହି ଗୁଣଟି ଅତିମାତ୍ରାରେ ଦେଖିବାକୁ ମିଳେ । ଏବଂ ତା'ପରେ ଆସ୍ଥା—ଏହି ଗୁଣଟି ସ୍ୱଭାବତଃ ଅନେକ ସମୟରେ ଆହୁରି ଅନେକ ପଦାର୍ଥ ସହିତ ମିଶ୍ରିତ ହୋଇ ରହିଥାଏ କେତେକ ଆବଶ୍ୟକତା ଏବଂ ନିର୍ଭରଶୀଳତାର ବୋଧ ଦ୍ୱାରା ମିଶ୍ରିତ ହୋଇଥାଏ;—କାରଣ ମୋତେ ଯେତେବେଳେ ଭୋକ ହେବ, ସେତେବେଳେ ଏହି ବ୍ୟକ୍ତିହିଁ ମୋତେ ଖାଇବାକୁ ଦେବ, ଶୀତ ବର୍ଷା ଖରାରେ ଏହି ଲୋକଟି ମୋତେ ଆଶ୍ରୟ ଦେବ, ସେଇ ମୋର ଯତ୍ନ ନେବ । ଏଇଟା ଏହି ଗୁଣଟିର ସର୍ବୋତ୍ତମ ଦିଗଟି ଆଦୌ ନୁହେଁ । ଏବଂ ତା'ପରେ, ଦୁର୍ଭାଗ୍ୟବଶତଃ ଏହା ଏକ ପ୍ରକାରର ଭୟ ସହିତ ମଧ୍ୟ ମିଶ୍ରିତ ହୋଇ ରହିଥାଏ (ଏବଂ ମୁଁ ଭାବୁଛି, ଏଇଟା ସମ୍ପୂର୍ଣ୍ଣ ଭାବରେ ମନୁଷ୍ୟର ଦୋଷରୁହିଁ ହୁଏ ।); ନିର୍ଭରଶୀଳତାର ଏକ ବୋଧ ଏଥିରେ ମିଶି କରି ରହିଥାଏ; ଯିଏ ତୁଳନାତ୍ମକ ଭାବରେ ମୋଠାରୁ ଅନେକ ଅଧିକ ବଳବାନ୍, ଅନେକ ଅଧିକ ଚେତନାଶୀଳ, ଅନେକ ଅଧିକ···ତାହାରି ପ୍ରତି ରହିଥିବା ଏକ ଭୟ ସହିତ ମିଶି ରହିଥାଏ । ସେହି ବସ୍ତୁଟି ବା ମଣିଷଟି ଇଚ୍ଛା କଲେ ମୋର କ୍ଷତି ଘଟାଇ ପାରିବ ଏବଂ ସେଇଥିରୁ ନିଜକୁ ରକ୍ଷା କରିବା ଲାଗି ମୋର ଆଉ କୌଣସି ବଳ ନଥିବ,—ଏହିପରି ଗୋଟିଏ ଭାବ ସହିତ ମିଶି ରହିଥାଏ । ଏହା ପ୍ରକୃତରେ ଏକ ନିନ୍ଦାର କଥା, ମାତ୍ର ମୁଁ ଭାବୁଛି ଯେ ପୂର୍ଣ୍ଣତଃ ମନୁଷ୍ୟର ଦୋଷରୁହିଁ ଏହିପରି ହୋଇଥାଏ ।

ମାତ୍ର ଯେଉଁ ମଣିଷ ଇତରପ୍ରାଣୀମାନଙ୍କର ଭଲ ପାଇବା ଲାଗି ପ୍ରକୃତରେ ଯୋଗ୍ୟ ହୋଇଥିବ, ସେହି କ୍ଷେତ୍ରରେ ତାହା ଏକ ବିସ୍ମୟର ଅନୁଭବ ଓ ଏକ ନିରାପଦତାବୋଧ ଦେଇହିଁ ତିଆରି ହୋଇଥିବ । ଏହି ନିରାପଦତାର ବୋଧ, ଏଇଟି ହେଉଛି ଗୋଟିଏ ଭାରି ଭଲ ଜିନିଷ; ଏହା ଏପରି ଏକ ବସ୍ତୁର ବୋଧ, ଯାହାକି ତୁମକୁ ରକ୍ଷା କରିପାରିବ, ତୁମର ଯାହାକିଛି ଦରକାର, ତୁମକୁ ସେହି ସବୁକଥା ଆଣି ଦେଇପାରିବ ଏବଂ ଯାହା ପାଖରେ କି ତୁମେ ସର୍ବଦା ଆଶ୍ରୟ ପାଇପାରିବ ।

'oaob.nitrkl.ac.in' images reprocessed

ଇତରପ୍ରାଣୀମାନଙ୍କ ମନ ସମ୍ପୂର୍ଣ୍ଣ ଭାବରେ ଅଳ୍ପ ବିକଶିତ ଅବସ୍ଥାରେ ରହିଥାଏ । ମଣିଷମାନଙ୍କ ପରି ସେମାନେ ଅନବରତ ନାନା ଚିନ୍ତା ଓ ଭାବନା ଭିତରେ ପଶି ମୋଟେ ଧନ୍ଦି ହୁଅନ୍ତି ନାହିଁ । ଉଦାହରଣସ୍ୱରୂପ, ସେମାନଙ୍କ ପ୍ରତି କେହି ଦୟାପରବଶ ହୋଇ କିଛି କଲେ ସେମାନେ ସେଥିପ୍ରତି ବଡ଼ ସ୍ୱତଃପ୍ରେରିତ ଭାବରେ କୃତଜ୍ଞତା ପ୍ରକାଶ କରିଥାନ୍ତି; ମାତ୍ର ଶତକଡ଼ା ଅଠାନବେ ଭାଗ କ୍ଷେତ୍ରରେ, ଜଣେ ଯେ ମୋତେ ଏପରି ଭଲ ବ୍ୟବହାର ଦେଖାଇଲା, ତାହା ପଛରେ ପ୍ରକୃତରେ କ'ଣ କାରଣ ଥାଇପାରେ ଓ ତା'ର କେଉଁ ସ୍ୱାର୍ଥ ଅଛି ବୋଲି ସେ ଏପରି କଲା, ମଣିଷମାନେ ଏହିସବୁ ବିଷୟରେ ଚିନ୍ତା କରିବାକୁ ଆରମ୍ଭ କରିଦିଅନ୍ତି । ଏହାକୁ ଆମେ ମାନସିକ କ୍ରିୟାଶୀଳତାର ଏକ ବଡ଼ ଦୁର୍ଦ୍ଦଶା ବୋଲି କହିପାରିବା । ମାତ୍ର ଇତରପ୍ରାଣୀମାନେ ଏଥିରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇ ରହିଥାନ୍ତି ଏବଂ ତୁମେ ସେମାନଙ୍କ ପ୍ରତି ଦାକ୍ଷିଣ୍ୟଭାବ ଦେଖାଇଲେ ସେମାନେ ଅତ୍ୟନ୍ତ ସ୍ୱତଃପ୍ରେରିତ ଭାବରେ ତୁମ ପ୍ରତି କୃତଜ୍ଞତା ପ୍ରକାଶ କରିଥାଆନ୍ତି । ଏବଂ ସେମାନଙ୍କ ମଧ୍ୟରେ ଆସ୍ଥାଭାବଟି ମଧ୍ୟ ରହିଥାଏ । ତେଣୁ ସେମାନଙ୍କର ଭଲ ପାଇବା ସେଇଟି ଦ୍ୱାରା ତିଆରି ହୋଇଥାଏ ଏବଂ ତାହା କାଳକ୍ରମେ ଏକ ଦୃଢ଼ ମମତାଭାବରେ ବି ପରିଣତ ହୁଏ, ତୁମର ପାଖେ ପାଖେ ରହିବା ଲାଗି ଏକ ଅପ୍ରତିରୋଧ୍ୟ ଆବଶ୍ୟକତାରେ ପରିଣତ ହୋଇଯାଏ ।

ଏହି କ୍ଷେତ୍ରରେ ଆଉ କିଛି କଥା ବି ଥାଏ । ଯଦି ମାଲିକ ପ୍ରକୃତରେ ଭଲ ହୋଇଥାଏ ଏବଂ ଇତରପ୍ରାଣୀଟି ମଧ୍ୟ ବିଶ୍ୱସ୍ତ ଥାଏ, ତେବେ ସେହି କ୍ଷେତ୍ରରେ ଚୈତ୍ୟ ଓ ପ୍ରାଣିକ ନାନାବିଧ ଶକ୍ତିର ଏକ ଆଦାନପ୍ରଦାନ ମଧ୍ୟ ସମ୍ଭବ ହୋଇପାରେ; ଏହି ଆଦାନପ୍ରଦାନଟି ପ୍ରାଣୀଟି ଲାଗି ପ୍ରକୃତରେ ଏକ ବିସ୍ମୟକର ଘଟଣାରୂପେ କାର୍ଯ୍ୟ କରେ ଏବଂ ସେଥିରୁ ତାକୁ ପ୍ରଭୂତ ଆନନ୍ଦ ମଧ୍ୟ ମିଳେ । ସେହି ପ୍ରାଣୀମାନେ ଯେତେବେଳେ ସେହିପରି ଭାବରେ ତୁମର ଅତି ନିକଟକୁ ଆସିବାକୁ ଭଲ ପାଉଥିବେ, ତୁମେ ଯେତେବେଳେ ସେମାନଙ୍କୁ ଭଲ ପାଉଥିବ, ସେତେବେଳେ ସେମାନଙ୍କ ଭିତରୁ ସେହିସବୁ ସକାଶେ ଅନୁସ୍ପନ୍ଦନ ବି ଜାତ ହେଉଥିବ । ଆମେ ସେମାନଙ୍କୁ ଯେଉଁ ଶକ୍ତି,— ସ୍ନେହର ଶକ୍ତି, କୋମଳତାର ଶକ୍ତି, ରକ୍ଷା କରିବାର ଶକ୍ତି, ଇତ୍ୟାଦି, ଇତ୍ୟାଦି,— ପ୍ରଦାନ କରୁଥିବା, ସେମାନେ ତାହାକୁ ଅନୁଭବ କରି ପାରୁଥିବେ ଏବଂ ତାହା ସେମାନଙ୍କ ଭିତରେ ଏକ ଗଭୀର ମମତାଭାବ ବି ସୃଷ୍ଟି କରୁଥିବ । ଏପରିକି, କୁକୁର, ହାତୀ ଓ ଘୋଡ଼ା ପ୍ରଭୃତି କେତେକ ଉଚ୍ଚତର ଇତରପ୍ରାଣୀଙ୍କ ଭିତରେ ମଧ୍ୟ ତାହା ବେଶ୍ ସହଜ ଭାବରେ ଶ୍ରଦ୍ଧାର ଏକ ବେଶ୍ ଅସାଧାରଣ ପ୍ରସ୍ଫୋଟନ ବି ସୃଷ୍ଟି କରି ପାରୁଥିବ (ବସ୍ତୁତଃ ଯାହାକି ମନ ଦ୍ୱାରା ରଚିତ କୌଣସି ଯୁକ୍ତି ଏବଂ କାରଣ ପ୍ରଦର୍ଶନର ପ୍ରବୃତ୍ତି ଦ୍ୱାରା ଆଦୌ ବ୍ୟାହତ ହୋଇ ପଡ଼ୁନଥିବ ।);

'oaob.nitrkl.ac.in' images reprocessed

ସେହି ଶ୍ରଦ୍ଧା ବଡ଼ ସ୍ୱତଃପ୍ରେରିତ ଭାବରେ ଜାତ ହେଉଥିବ ଏବଂ ତାହା ମର୍ମତଃ ଖାଣ୍ଟି ବିଶୁଦ୍ଧ ଓ ସୁନ୍ଦର ହୋଇ ରହିଥିବ ।

ଆପଣାର ଅଲ୍ପବିକଶିତ ସ୍ତରରେ ଯେତେବେଳେ ମଣିଷ ଭିତରେ ମନ କାର୍ଯ୍ୟ କରିବାକୁ ଆରମ୍ଭ କରେ, ସେତେବେଳେ ତାହାର ପ୍ରଥମ ରୂପାୟନଟିହିଁ ଏପରି ଅନେକ ବସ୍ତୁର ବିଶୁଦ୍ଧତାକୁ ନଷ୍ଟ କରିଦିଏ, ଯାହାକି ପୂର୍ବରୁ ପ୍ରକୃତରେ ଅନେକ ଅଧିକ ପରିଷ୍କୃତ ଅବସ୍ଥାରେ ରହିଥିଲା ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯଦି ମନୁଷ୍ୟ ଏକ ଉଚ୍ଚତର ସୋପାନ ଲାଗି ଅଭିଳାଷ ଓ ପ୍ରୟାସ କରିବ ଏବଂ ଆପଣାର ବୁଦ୍ଧିକୁ ଉତ୍ତମରୂପେ କାର୍ଯ୍ୟରେ ଲଗାଇ ପାରିବ, ତେବେ ସବୁକଥା ପ୍ରକୃତରେ ଅନେକ ଅଧିକ ମୂଲ୍ୟବାନ୍ ହୋଇଯାଇ ପାରିବ । ମାତ୍ର ଏହି ଦୁଇଟି ସ୍ତରର ମଝିରେ ଏକ ମଧ୍ୟବର୍ତ୍ତୀ ପର୍ଯ୍ୟାୟ ଅତିକ୍ରମ କରିବାକୁ ରହିଛି, ଯେଉଁଠାରେ କି ମନୁଷ୍ୟ ତା'ର ବୁଦ୍ଧିଶକ୍ତିକୁ ଅତ୍ୟନ୍ତ ରୁଚିହୀନ ଏବଂ ଅସୁନ୍ଦର ଭାବରେ କାମରେ ଆଣି ଲଗାଇଥାଏ । ସିଏ ବୁଦ୍ଧିକୁ ଗଣନା କରିବାର, ଆଧିପତ୍ୟ ଜମାଇବାର ଓ ପ୍ରବଞ୍ଚନା କରିବାର ଏକ ଆୟୁଧରୂପେ ବ୍ୟବହାର କରେ ଏବଂ ସେହି କ୍ଷେତ୍ରରେ ତାହା ପ୍ରକୃତରେ ଖାଲି କୁତ୍ସିତ ହୋଇଯାଏ । ମୋ ଅଭିଜ୍ଞତାରେ ମୁଁ ଏପରି ଏକାଧିକ ଇତରପ୍ରାଣୀଙ୍କୁ ଜାଣିଥିଲି, ଯେଉଁମାନଙ୍କୁ କି ମୁଁ କେତେ କେତେ ମଣିଷଙ୍କଠାରୁ ଏକ ଅନେକ ଉଚ୍ଚତର ସ୍ତରରେ ରହିଥିବା ପରି ବିଚାର କରୁଥିଲି, କାରଣ ସେହି ପ୍ରାଣୀମାନଙ୍କ ଭିତରେ ସେହି ଗନ୍ଧିଆ ହିସାବପ୍ରବୃତ୍ତି, ପ୍ରବଞ୍ଚନା କରି କିଛି ଲାଭବାନ୍ ହେବାର ଇଚ୍ଛା, ଏସବୁ ଆଦୌ ଦେଖିବାକୁ ମିଳୁ ନଥିଲା । ଆଉ ଏପରି ପ୍ରାଣୀ ରହିଛନ୍ତି, ଯେଉଁମାନେ କି ଏହିସବୁ ଦୁର୍ଗୁଣ ଦ୍ୱାରା ବେଶ୍ ସଂକ୍ରାମିତ ହୋଇ ପଡ଼ିଥାନ୍ତି,— ମଣିଷମାନଙ୍କର ସମ୍ପର୍କରେ ଆସିହିଁ ସେମାନେ ସେଗୁଡ଼ାକୁ ଶିଖନ୍ତି,—ମାତ୍ର ଏପରି ଇତରପ୍ରାଣୀ ଅନେକ ଅଛନ୍ତି, ଯେଉଁମାନଙ୍କୁ କି ଏହିସବୁ ବ୍ୟାଧି ମୋଟେ ସ୍ପର୍ଶ କରି ନଥାଏ ।

ଆମର ଯାବତୀୟ କ୍ରିୟା ଓ ଗତିକୁ ସ୍ୱାର୍ଥମୁକ୍ତ କରି ରଖିବା ଏବଂ କୌଣସିଥିରେ ଲାଭକ୍ଷତିର ହିସାବ କରି ନବସିବା,—ପୃଥିବୀରେ ଏହିଗୁଡ଼ିକୁହିଁ ଚୈତ୍ୟ ଚେତନାର ଗୋଟିଏ ଗୋଟିଏ ପ୍ରକୃଷ୍ଟତମ ଅଭିବ୍ୟକ୍ତି ବୋଲି କୁହାଯାଇ ପାରିବ । ମାତ୍ର ମନର କ୍ରିୟାଶୀଳତାରେ ଅଧିକରୁ ଅଧିକ ଉପରକୁ ଯାଉଥିବା ସଙ୍ଗେସଙ୍ଗେ ଏହି ଗୁଣଗୁଡ଼ିକ ଅଧିକରୁ ଅଧିକ ବିରଳହିଁ ହେବାରେ ଲାଗିଥାଏ । କାରଣ ବୁଦ୍ଧି ବଢ଼ିବା ସଙ୍ଗେସଙ୍ଗେ ଯାବତୀୟ ପ୍ରକାରର କୌଶଳ ଏବଂ ଚତୁରତା ଆସି ପହଞ୍ଚେ, ଦୂଷିତତା ଏବଂ ହିସାବଶୀଳତା ବି ଆସି ପହଞ୍ଚିଯାଏ । ଉଦାହରଣ-ସ୍ୱରୂପ, ଗୋଟିଏ ଗୋଲାପ ଫୁଲ ଫୁଟିଲାବେଳେ ସମ୍ପୂର୍ଣ୍ଣ ସ୍ୱତଃପ୍ରେରିତ ଭାବରେହିଁ

'oaob.nitrkl.ac.in' images reprocessed

ଫୁଟିଉଠିଥାଏ; ସୁନ୍ଦର ଦିଶିବାର, ସୁଗନ୍ଧ ବିତରଣ କରିବାର ଏବଂ ଆପଣା ଜୀବନର ଆନନ୍ଦଟିକୁ ବ୍ୟକ୍ତ କରିପାରିବାର ଆନନ୍ଦରେହିଁ ତାହା ଫୁଟିଉଠିଥାଏ; ଏବଂ ତାହା ଆଦୌ କୌଣସି ହିସାବ କରେ ନାହିଁ, ଏଥିରୁ ତାକୁ କିଛିହେଲେ ଲାଭ ମିଳିବାର ନଥାଏ । ତାହା ସ୍ୱତଃପ୍ରେରିତ ଭାବରେହିଁ ଫୁଟିଉଠେ, ହେବାର ଏବଂ ବଞ୍ଚିବାର ଆନନ୍ଦରେହିଁ ଫୁଟିଉଠେ । ମାତ୍ର ଅନ୍ୟପକ୍ଷରେ ଜଣେ ମନୁଷ୍ୟର ଉଦାହରଣ ନିଆଯାଉ,—ଏହି କ୍ଷେତ୍ରରେ ନିଶ୍ଚୟ କେତେକ ବ୍ୟତିକ୍ରମ ରହିଛି ଏବଂ ସେମାନଙ୍କୁ ଅବଶ୍ୟ ବାଦ୍ ଦେବାକୁ ପଡ଼ିବ,—ତା'ର ମନଟି ଯଥେଷ୍ଟ ପରିମାଣରେ କ୍ରିୟାଶୀଳ ହୋଇ ଆସୁଥିବା ସଙ୍ଗେସଙ୍ଗେ ସିଏ ଆପଣାର ସୁନ୍ଦରପଣିଆ ଏବଂ ଆପଣାର ଚତୁରତାଗୁଣରୁ ନିଶ୍ଚୟ କିଛି ନା କିଛି ସୁବିଧା ହାସଲ କରିବାର ଚେଷ୍ଟା ଆରମ୍ଭ କରିଦିଏ; ତା'ର ଏହିସବୁ ଗୁଣ ତା' ଲାଗି କିଛି ହାସଲ କରୁ ବୋଲି ସେ ସର୍ବଦା ଇଚ୍ଛା କରୁଥାଏ; ଅନ୍ୟମାନଙ୍କର ପ୍ରଶଂସା ଇଚ୍ଛା କରୁଥାଏ ବା ତା'ଠାରୁ ଅଧିକ ମଇଳା ଆଉକିଛି ଲାଭ ମଧ୍ୟ ଇଚ୍ଛା କରୁଥାଏ । ଏହିସବୁ କାରଣରୁ, ଚୈତ୍ୟ ଦୃଷ୍ଟିକୋଣଟିରୁ ବିଚାର କରି ଦେଖିଲେ, ଗୋଲାପଫୁଲକୁ ମଣିଷମାନଙ୍କଠାରୁ ନିଶ୍ଚୟ ଅଧିକ ସୁନ୍ଦର ସତ୍ତା ବୋଲି କୁହାଯାଇ ପାରିବ ।

ମାତ୍ର, କେବଳ ଆଉ ଗୋଟିଏ କାଠି ଉପରକୁ ଉଠିଯାଇ ପାରିଲେ ଏବଂ, ଗୋଲାପଫୁଲ ଅଚେତନ ଭାବରେ ଯାହା କରୁଛି, ତାହାକୁ ସଚେତନଭାବରେ କରିପାରିଲେ, ସେତେବେଳେ ତାହା ନିଶ୍ଚୟ ଅଧିକ ସୁନ୍ଦର ହୋଇପାରିବ । ମାତ୍ର ଯେକୌଣସି ପରିସ୍ଥିତିରେ ମଧ୍ୟ ତାହାକୁ ଠିକ୍ ସେହି କଥାଟି ହେବାକୁ ପଡ଼ିବ : ଆପଣାର ସୌନ୍ଦର୍ଯ୍ୟରେ ସ୍ୱତଃପ୍ରେରିତ ଭାବରେ ଫୁଟି ଉଠିବାକୁ ହେବ, ସେଥିମଧ୍ୟରେ କୌଣସିପ୍ରକାର ହିସାବ-ବୁଦ୍ଧି ରହିବ ନାହିଁ, କେବଳ ସତ୍ୟରୂପଟିକୁ ପ୍ରକାଶ କରିବାର ଆନନ୍ଦରେହିଁ ଫୁଟିଉଠିବାକୁ ପଡ଼ିବ । ଅନେକ ସମୟରେ (ହଁ, ଅନେକ ସମୟରେ, ସବୁବେଳେ ନୁହେଁ) ସାନ ପିଲାମାନଙ୍କଠାରେ ଏହି ଗୁଣଟି ବିଦ୍ୟମାନ ରହିଥାଏ । ମାତ୍ର ଦୁର୍ଭାଗ୍ୟବଶତଃ, ବାପମାଆଙ୍କର ଏବଂ ପରିବେଶର କୁପ୍ରଭାବରେ ପଡ଼ି ସେମାନେ ସେହି ପିଲା ବୟସରୁ ମଧ୍ୟ ବେଶ୍ ହିସାବସଚେତନ ହେବାକୁ ଆରମ୍ଭ କରିଦିଅନ୍ତି ।

ମାତ୍ର, ଜଣକ ପାଖରେ ଯାହା ଅଛି ବା ଜଣେ ଯାହାକିଛି କରୁଛି, ସେଥିରୁ କିଛି ଲାଭ ହାସଲ କରିବାର ଏହିପ୍ରକାର ଇଚ୍ଛାଟିକୁ ଏହି ପୃଥିବୀର କୁତ୍ସିତତମ କଥାଗୁଡ଼ିକ ମଧ୍ୟରୁ ନିଶ୍ଚୟ ଗୋଟିଏ ବୋଲି କୁହାଯିବ । ଏହା ପୃଥିବୀର ସବୁଠାରୁ ଅଧିକ ବ୍ୟାପକ ହୋଇ ରହିଥିବା ପଦାର୍ଥଗୁଡ଼ିକ ମଧ୍ୟରୁ ଗୋଟିଏ, ଏବଂ ଏଇଟି ପ୍ରକୃତିରେ ଏପରି ବ୍ୟାପକ ହୋଇ ରହିଛି ଯେ ତାହା ମନୁଷ୍ୟର ଜୀବନରେ ସତେଅବା ଏକ ସ୍ୱତଃପ୍ରେରିତ କଥାରେହିଁ ପରିଣତ ହୋଇ

'oaob.nitrkl.ac.in' images reprocessed

ଗଲଣି । ସବୁକିଛିକୁ ହିସାବ କରି ଦେଖିବାର ଓ ସବୁକିଛିରୁ ଲାଭ ହାସଲ କରିବାର ଏହି ଆକାଙ୍‌କ୍ଷା, ଏଇଟି ତୁଳନାରେ ଆମେ ଆଉ କାହାକୁ ଭଗବତ୍‌ପ୍ରେମ ପ୍ରତି ଅଧିକ ସମ୍ପୂର୍ଣ୍ଣ ଭାବରେ ପରାଙ୍‌ମୁଖ ହୋଇ ରହିଛି ବୋଲି ପ୍ରକୃତରେ କହିପାରିବା ?

## ଫୁଲମାନେ କ'ଣ ଭଲପାଇ ପାରନ୍ତି ?

ଏହି ଫୁଟିଉଠିବାହିଁ ହେଉଛି ଫୁଲର ଭଲ ପାଇବା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯେତେବେଳେ ଗୋଟିଏ ଗୋଲାପଫୁଲ ସୂର୍ଯ୍ୟମୁହାଁ ହୋଇ ଉନ୍ମୋଚିତ ହୋଇଉଠେ, ସେତେବେଳେ ମନେହୁଏ, ସତେଯେପରି ଆପଣାର ସୌନ୍ଦର୍ଯ୍ୟକୁ ଦେଇଦେବାର ଏକ ପ୍ରୟୋଜନ ଅନୁଭବ କରୁଛି ବୋଲି ତାହା ଏପରି ଉନ୍ମୋଚିତ ହୋଇ ଉଠୁଛି । ଏଠାରେ କେବଳ ଏତିକି କଥା ରହିଛି ଯେ ତାହା ଆମ ଲାଗିନିତାନ୍ତ ଅବୋଧ ହୋଇ ରହିଯାଉଛି, କାରଣ ଫୁଲମାନେ ଯାହା କରୁଛନ୍ତି, ସେଇଟି ବିଷୟରେ ସେମାନେ ଆଗରୁ କିଛିହେଲେ ଭାବୁ ନାହାନ୍ତି । ଜଣେ ମନୁଷ୍ୟ ଯେତେବେଳେ ଯାହାକିଛି କରେ, ସେତେବେଳେ ସେ ସେଇଟି ସହିତ ସିଏ ଏହି କାର୍ଯ୍ୟଟିକୁ କରୁଛି ବୋଲି ଦେଖି ପାରିବାର ସାମର୍ଥ୍ୟଟିକୁ ଆଣି ସର୍ବଦା ଯୋଡ଼ି ଦେଇଥାଏ; ଅର୍ଥାତ୍ ସିଏ ନିଜ ବିଷୟରେ ଭାବିବାରେ ଲାଗିଥାଏ, ସିଏ ନିଜେ କାର୍ଯ୍ୟଟିଏ କରୁଛି ବୋଲି ଭାବିବାରେ ଲାଗିଥାଏ । ମଣିଷ ଭଲ କରି ଜାଣିଥାଏ ଯେ ସେ ଗୋଟିଏ କାର୍ଯ୍ୟ କରୁଛି । ଇତରପ୍ରାଣୀମାନେ ଭାବି ପାରନ୍ତି ନାହିଁ । ଏହାକୁ ଆମେ କଦାପି ସେହି ଗୋଟିଏ ପ୍ରକାରର ଭଲପାଇବା ବୋଲି କହିପାରିବା ନାହିଁ । ଏବଂ ସେହିପରି ଭାବରେ ଫୁଲମାନଙ୍କୁ ମଧ୍ୟ ସଚେତନ ବୋଲି କୁହାଯିବ ନାହିଁ । ଫୁଲ ଯାହାକିଛି କରେ, ତାହାକୁ ସ୍ୱତଃପ୍ରେରିତ ଭାବରେ କରେ; ଏହି କ୍ଷେତ୍ରରେ ଏହାକୁ ଆମେ ତାହାର ସଚେତନତା ବୋଲି କହିପାରିବା ନାହିଁ, ଯାହାକି ଆପଣା ସମ୍ବନ୍ଧରେ ସଚେତନ ହୋଇ ରହିଥାଏ; ଏପରି ମୋଟେ ହୁଏ ନାହିଁ । ମାତ୍ର ଏହିସବୁ କ୍ଷେତ୍ରରେ ଏକ ବିରାଟ ଶକ୍ତି ସକ୍ରିୟ ହୋଇ ରହିଥାଏ, ଏହି କ୍ଷେତ୍ରରେ ସେହି ବିରାଟ ବିଶ୍ୱଗତ ଚେତନାହିଁ କାର୍ଯ୍ୟ କରୁଥାଏ ଓ ବିଶ୍ୱଗତ ଶକ୍ତିର ବି ସେହି ବିରାଟ ଶକ୍ତି ସକ୍ରିୟ ହୋଇ ରହିଥାଏ, ଯାହାକି ଯାବତୀୟ ବସ୍ତୁକୁ ତା'ର ଆପଣା ସୌନ୍ଦର୍ଯ୍ୟରେ ବିକଶିତ କରାଇଆଣେ ।

ମୁଁ ସେହି ଅନ୍ୟ ସ୍ଥାନଟିରେ ମଧ୍ୟ ସେହି କଥାଟିକୁ ଲେଖିଛି (ମାଆ ପୁଣି "ଚତୁର୍ବିଧ ତପସ୍ୟା" ବିଷୟଟିରୁ ପଢ଼ିବାକୁ ଆରମ୍ଭ କଲେ :

'oaob.nitrkl.ac.in' images reprocessed

"ଯେତେ ପ୍ରମାଦପୂର୍ଣ୍ଣ ଏବଂ ଅନନ୍ତସ୍ପଷ୍ଟ ଏକ ଆକାରରେ ହେଉ ପଛକେ, ସେହି ଭଲ ପାଇବାର ପ୍ରବୃତ୍ତିଟିହିଁ କ'ଣ ଯାବତୀୟ ଗତିସ୍ପନ୍ଦନ ଏବଂ ଯାବତୀୟ ସମ୍ମିଳନର ପଛରେ କାର୍ଯ୍ୟ କରୁଥିବା ପ୍ରେରଣାରୂପେ ଏହି ଭୌତିକ ତଥା ପ୍ରାଣିକ ପ୍ରକୃତିର ସକଳ ସଞ୍ଚରଣ ସହିତ ସଂଯୁକ୍ତ ହୋଇ ରହି ନାହିଁ କି, ଏବଂ ତାହାହିଁ ଉଦ୍ଭିଦ-ଜଗତର ସ୍ତରକୁ ଆସି ପ୍ରକୃତରେ ଅନେକ ପରିମାଣରେ ଦୃଶ୍ୟମାନ ହୋଇପାରି ନାହିଁ କି ?"

ତୁମେମାନେ ଜାଣିଥିବ, ଜଡ଼ପଦାର୍ଥ ଦେଇ ଗଢ଼ା ହୋଇଥିବା ଆକାର-ଗୁଡ଼ିକ ମଧ୍ୟ ସେହି ଭଲ ପାଇବାର ଏକ ଗତିସ୍ପନ୍ଦନକୁ ମାନିବାରେ ଲାଗିଥାନ୍ତି; ମାତ୍ର ଉଦ୍ଭିଦ-ରାଜ୍ୟକୁ ଆସି, ବୃକ୍ଷଲତାମାନଙ୍କର ସୋପାନକୁ ଆସି ତାହା ବେଶ୍ ଦୃଷ୍ଟିଗୋଚର ହୋଇ ଆସିବାକୁ ଲାଗେ । ଏଇଟିକୁ ଆମେ ଆଲୋକ ଲାଭ କରି ପାରିବା ନିମିତ୍ତ ଅଧିକରୁ ଅଧିକ ଉଚ୍ଚ ହୋଇ ବଢ଼ିବା ବୋଲି କହିବା । ଏହି ଯେଉଁସବୁ ବୃକ୍ଷ ଅନୁକ୍ଷଣ ବୃଦ୍ଧି ପାଇବାରେ ଲାଗିଛନ୍ତି;—ସେମାନେ ଅନୁକ୍ଷଣ ବଢ଼ିବାରେ ଲାଗିଛନ୍ତି, ସାନଗୁଡ଼ିକ ଅଧିକ ବଡ଼ଗୁଡ଼ିକର ସମକକ୍ଷ ହେବା ଲାଗି ଅନୁକ୍ଷଣ ଚେଷ୍ଟା କରୁଛନ୍ତି, ବଡ଼ଗୁଡ଼ିକ ଆହୁରି ବଡ଼ ହେବାରେ ଲାଗିଛନ୍ତି । ତୁମେ ଦୁଇଟି ଗଛକୁ ପାଖାପାଖି କରି ଲଗାଅ, ସେମାନେ ଦୁଇଟିଯାକ ଏପରି ଏକ ଅନୁକୂଳତା ଲାଭ କରିବାକୁ ଚେଷ୍ଟା କରୁଥାନ୍ତି, ଯେପରିକି ସେମାନଙ୍କୁ ଯଥାସମ୍ଭବ ଅଧିକ ଆଲୋକ ମିଳିଯାଇ ପାରିବ,—ଅଧିକ ବାୟୁ ପାଇପାରିବା ଲାଗି ତାହାକୁହିଁ ଆମେ ସେମାନଙ୍କର ଆବଶ୍ୟକତା ବୋଲି କହିବା,—ଅଧିକ ଆଲୋକ ଓ ଅଧିକ ବ୍ୟାପ୍ତି ଲାଭ କରିବାର ଆବଶ୍ୟକତା ବୋଲି କହିବା (ମାଆ ସେହି ବହିଟିରୁ ପୁନର୍ବାର ପଢ଼ିଲେ) :

"ଫୁଲଟିଏ ଯେତେବେଳେ କମନୀୟ ହୋଇ ଫୁଟି ଉଠୁଥାଏ, ସେତେବେଳେ ଆମେ ଏହାକୁ ସୌନ୍ଦର୍ଯ୍ୟ ଏବଂ ସୁଗନ୍ଧରହିଁ ଏକ ଦାନ ବୋଲି କହିପାରିବା । ଏବଂ, ଇତରପ୍ରାଣୀର କ୍ଷୁଧା ଓ ପିପାସା, ଆତ୍ମସାତ୍ କରିବାର, ପ୍ରସାରିତ ହେବାର, ପ୍ରଜନନ କରାଇବାର ଏହିସବୁ ଯାବତୀୟ ଆବଶ୍ୟକତା ବା ବାସନା ପଛରେ, ସଚେତନ ଭାବରେ ହେଉ ଅଥବା ଅସଚେତନ

'oaob.nitrkl.ac.in' images reprocessed

> ଭାବରେ ହେଉ, ଠିକ୍ ଏହି ପ୍ରବୃତ୍ତିଟି ବିଦ୍ୟମାନ ହୋଇ ରହି ନଥାଏ କି ? ଏବଂ, ଆହୁରି ଟିକିଏ ଉପର ସୋପାନରେ, ମା'ଆର ତା'ର ଶାବକମାନଙ୍କ ପ୍ରତି ଆତ୍ମଦାନ ଦ୍ୱାରା ପ୍ରେରିତ ଯେଉଁ ଶ୍ରଦ୍ଧାଟି ରହିଥାଏ, ସେଥିରେ ମଧ୍ୟ ସେହି ପ୍ରବୃତ୍ତିଟି କାର୍ଯ୍ୟ କରୁ ନଥାଏ କି ?"

······ମନୁଷ୍ୟର ସ୍ତରକୁ ଆସି ତାହାହିଁ ମାତୃସ୍ନେହରେ ପରିଣତ ହୁଏ । ଏହି କ୍ଷେତ୍ରରେ ଏହି ଗୋଟିଏ ଫରକ ରହିଥାଏ ଯେ ତାହା ନିଜ ବିଷୟରେ ସଚେତନ ଅବସ୍ଥାରେ ଥାଏ । ଏବଂ ଇତରପ୍ରାଣୀମାନଙ୍କର ଜୀବନରେ ତାହା ମନୁଷ୍ୟମାନଙ୍କ ଅପେକ୍ଷା ଅଧିକ ବିଶୁଦ୍ଧ ହୋଇ ରହିଥାଏ । ଇତରପ୍ରାଣୀମାନେ ଆପଣାର ଶାବକମାନଙ୍କ ପ୍ରତି କିପରି ଭାବରେ ଯତ୍ନଶୀଳ, ସ୍ନେହମୟ ଓ ଆତ୍ମବିସ୍ମୃତ ହୋଇ ରହିଥାନ୍ତି, ତାହା ପ୍ରକୃତରେ ଅତ୍ୟନ୍ତ ବିସ୍ମୟକର ଏବଂ ତାହାର ଅନେକ ଉଦାହରଣ ରହିଛି । କେବଳ ଏତିକି ମନେ ରଖିବାକୁ ହେବ ଯେ ତାହା ସ୍ୱତଃପ୍ରେରିତ ଭାବରେ ଘଟିଥାଏ, ସେଠାରେ କୌଣସି ଭାବନା ବା ଆଲୋଚନା କାର୍ଯ୍ୟ କରୁ ନଥାଏ । କୌଣସି ଇତରପ୍ରାଣୀ ସେ କ'ଣ କରୁଥାଏ, ସେହି ବିଷୟରେ କେବେହେଲେ କିଛି ଭାବେ ନାହିଁ । ମାତ୍ର ମଣିଷ ଭାବେ । ଅନେକ ସମୟରେ ଏହିଟିହିଁ ସକଳ ଗତିସ୍ପନ୍ଦନଟିକୁ ନଷ୍ଟ କରିଦିଏ (ଅନେକ ସମୟରେ—ଅଧିକାଂଶ ସମୟରେ), ସମୟ ସମୟରେ ସେହି ଭାବନା ଗତିସ୍ପନ୍ଦନଟିକୁ ଏକ ନୂତନ ମୂଲ୍ୟବତ୍ତା ବି ଦେଇ ଯାଇପାରେ, ମାତ୍ର ଏହି କଥାଟି ଅତି କ୍ୱଚିତ୍ ହୋଇଥାଏ । ଇତରପ୍ରାଣୀମାନଙ୍କର ତୁଳନାରେ ମନୁଷ୍ୟର ଗତିସ୍ପନ୍ଦନଗୁଡ଼ିକ ଭିତରେ ଅପେକ୍ଷାକୃତ କମ୍ ସ୍ୱତଃପ୍ରେରିତତା ରହିଥାଏ ।

ମୋର ଗୋଟିଏ ପୁଷିବିଲେଇ ଥିଲା; ଯେତେବେଳେ ତା'ର ପ୍ରଥମ କରି ଛୁଆ ହେଲା, ସେତେବେଳେ ସେ ସେହି ଜାଗାଟିକୁ ଛାଡ଼ି ଆଉ ଅନ୍ୟ କୁଆଡ଼େ କେତେବେଳେ ହେଲେ ଯାଉ ନଥିଲା । ତା'ର ଖିଆପିଆ ଛାଡ଼ି ହୋଇଗଲା, ମଳମୂତ୍ରତ୍ୟାଗ ବି ବନ୍ଦ ହୋଇଗଲା । ସିଏ ସେଇଠି ସେଇ ଗୋଟିଏ ଜାଗାରେ ଛୁଆମାନଙ୍କ ସହିତ ପଡ଼ି ରହୁଥିଲା, ସେମାନଙ୍କୁ ଆବୋରି ରଖୁଥିଲା, ଖାଇବାକୁ ଦେଉଥିଲା । ଛୁଆମାନଙ୍କ ଉପରେ କାଳେ କୌଣସି ବିପଦ ପଡ଼ିବ ବୋଲି ସିଏ ସର୍ବଦା ଶଙ୍କିତ ହୋଇ ରହୁଥିଲା । ଏବଂ ଏହି କାର୍ଯ୍ୟଗୁଡ଼ିକ ପଛରେ କୌଣସି ଭାବନା ନଥିଲା, ସବୁକିଛି ସ୍ୱତଃପ୍ରେରିତ ଭାବରେ ହେଉଥିଲା । ସିଏ ସେଠୁ ଛାଡ଼ି ଯିବାକୁ ମୋଟେ ରାଜି ହେଉ ନଥିଲା, କାଳେ ଛୁଆମାନଙ୍କ ଉପରେ କୌଣସି ବିପଦ

'oaob.nitrkl.ac.in' images reprocessed

ପଡ଼ିବ ବୋଲି ସର୍ବଦା ଭୟଭୀତ ହୋଇ ରହୁଥିଲା । ହଁ, କେବଳ ଏକ ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇହିଁ ଏସବୁ ହେଉଥିଲା । ଏବଂ ତା'ପରେ, ଛୁଆଗୁଡ଼ିକ ଯେତେବେଳେ ବଡ଼ ହୋଇ ଆସିଲେ, ସେମାନଙ୍କୁ ସବୁକିଛି ଶିଖାଇବା ଲାଗି ସିଏ ଯେଉଁସବୁ ପ୍ରୟାସ କଲା, ସେଗୁଡ଼ିକୁ ପ୍ରକୃତରେ ଅଦ୍ଭୁତ ବୋଲି କହିବାକୁ ହେବ । ଏବଂ କେଡ଼େ ଧୈର୍ଯ୍ୟର ସହିତ ତାହା ଯେସବୁ କରୁ ନଥିଲା ! ଏବଂ ତାହା ସେମାନଙ୍କୁ ଡାଳ ଉପରୁ ଡାଳକୁ ଡେଇଁ ସେମାନଙ୍କର ଖାଦ୍ୟ ସଂଗ୍ରହ କରିବାକୁ ଶିଖାଉ ଥିଲା । କେଡ଼େ ଯତ୍ନର ସହିତ ତାହା ପ୍ରକ୍ରିୟାଗୁଡ଼ିକୁ ଆଉଥରେ, ଦଶଥର ଓ ଏପରିକି ଆବଶ୍ୟକ ହେଲେ ଶହେଥର ମଧ୍ୟ ପୁନରାବୃତ୍ତି କରି ଦେଖାଇ ଦେଉଥିଲା ! ଏବଂ ଛୁଆଟି ଯାହା ଶିଖୁ ବୋଲି ସେ ଇଚ୍ଛା କରୁଥିଲା, ଛୁଆ ସେହି କାର୍ଯ୍ୟଟିକୁ ପ୍ରକୃତରେ କରିପାରିବା ପର୍ଯ୍ୟନ୍ତ ସିଏ କଦାପି କ୍ଳାନ୍ତ ହୋଇ ପଡ଼ୁ ନଥିଲା । ଏହି ଶିକ୍ଷାକୁ ପ୍ରକୃତରେ ଅସାଧାରଣ ବୋଲି କହିବାକୁ ହେବ । ଡାଳର ଦାଢ଼େ ଦାଢ଼େ ଚାଲି କପରି ଘର ଚାରିପଟେ ଘେରି ବୁଲି ଆସିବାକୁ ହୁଏ, ଆଦୌ କେଉଁଠି ହେଲେ ପଡ଼ି ନଯାଇ କପରି ଚାଲିବାକୁ ହୁଏ, ଗୋଟିଏ ଡାଳ ଓ ଆଉଗୋଟାଏ ଡାଳ ମଧ୍ୟରେ ଗୁଡ଼ାଏ ଫାଙ୍କ ରହିଥିଲେ ସେହି ପରିସ୍ଥିତିରେ ତାହାକୁ ଡେଇଁବାକୁ ହେଲେ କ'ଣ କରିବାକୁ ହୁଏ, ବଲେଇ ଛୁଆମାନଙ୍କୁ ଗୋଟି ଗୋଟି କରି ସବୁ ଶିଖାଇ ଦେଉଥିଲା । ଫାଙ୍କଟିକୁ ଦେଖିବା ମାତ୍ରକେ ଛୁଆମାନେ ବେଶ୍ ଭୟଭୀତ ହୋଇ ପଡ଼ୁଥିଲେ ଏବଂ ଭୟଭୀତ ହୋଇ ପଡ଼ିଥିବାରୁ ଏପାଖରୁ ସେପାଖରୁ ଡେଇଁବା ସକାଶେ ଏକାବେଳେକେ ଅମଙ୍ଗ ହୋଇ ବସୁଥିଲେ (ଏହି ଫାଙ୍କଟା ଯେ ସେମାନଙ୍କ ଲାଗି ଖୁବ୍ ବଡ଼ ଥିଲା, ସେକଥା ଆଦୌ ନୁହେଁ, ମାତ୍ର ଫାଙ୍କଟିଏ ଅବଶ୍ୟ ରହିଥିଲା ଓ ସେଇଟିକୁ ଡେଇଁବା ଲାଗି ସେମାନଙ୍କର ସାହସ ହେଉ ନଥିଲା ।); ଏହିପରି ଏକ ସ୍ଥିତିରେ ମାଆବଲେଇ ଆଗ ଡେଉଁଥିଲା, ଅନ୍ୟ ପାଖରେ ପହଞ୍ଚିଥିଲା, ଏବଂ ଛୁଆମାନଙ୍କୁ ସେଇଠୁ ଥାଇ ଡାକୁଥିଲା : ଆସ ପିଲାଏ, ତୁମେମାନେ ବି ଡେଇଁ କରି ଚାଲିଆସ । ଛୁଆମାନେ ହଲ କି ଚଲ କିଛି ହେଉ ନଥିଲେ, କେବଳ ଅଶରବାରେ ଲାଗିଥିଲେ । ମାଆବଲେଇ ପୁଣି ଡେଇଁପଡ଼ି ଏପାଖକୁ ଆସୁଥିଲା ଏବଂ ସେମାନଙ୍କୁ କ'ଣସବୁ ଭାଷଣ ଦେଉଥିଲା, ଗୋଡ଼ର ଥାବାରେ ସେମାନଙ୍କୁ ମୁଥେ ଦି' ମୁଥ ବି ପକାଉଥିଲା ଓ ସେମାନଙ୍କୁ ଗୃଟିବାରେ ଲାଗିଥିଲା । ଏବଂ ତଥାପି ସେମାନେ ହଲଚଲ ହେଉ ନଥିଲେ । ମାଆବଲେଇ ପୁଣିଥରେ ଡେଇଁ ସେପାଖକୁ ଯାଉଥିଲା । ମୁଁ ଦେଖିଲି, ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ସିଏ କେବଳ ଏହିପରିହିଁ କଲା । ମାତ୍ର, ଅଧଘଣ୍ଟାକ ପରେ ସେ ଦେଖିବାକୁ ପାଇଲା ଛୁଆମାନେ ଇତିମଧ୍ୟରେ ଯଥେଷ୍ଟ ଶିକ୍ଷା କଲେଣି, ଏବଂ ଯାହାକୁ ସେ ନିଶ୍ଚିତ ଭାବରେ ସମସ୍ତଙ୍କଠାରୁ ଅଧିକ ଆଗୁଆ ଓ ଅଧିକ ସମର୍ଥ ବୋଲି ଭାବୁଥିଲା, ତା'ପରେ ସେ ସେହି ଛୁଆଟିର ପଛକୁ ଚାଲି

'oaob.nitrkl.ac.in' images reprocessed

ଯାଉଥିଲା ଏବଂ ତା' ପଛରୁ କରି ଖୁବ ଜୋର୍‌ରେ ମୁଣ୍ଡିଆଟାଏ ଦେଉଥିଲା । ଏବଂ ସତେଅବା ଏକ ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହେଲା ପରି ସେହି ଛୁଆଟି ଡେଇଁ ପଡ଼ୁଥିଲା । ଏବଂ ଥରେ ଡେଇଁପାରିବା ପରେ ପୁନର୍ବାର ଓ ପୁନର୍ବାର ଡେଇଁବାରେ ଲାଗୁଥିଲା ।

ଖୁବ୍ କମ୍ ମାଆ ଅଛନ୍ତି, ଯେଉଁମାନଙ୍କର କି ଏତେବେଶୀ ଧୈର୍ଯ୍ୟ ରହିଥିବ ।

ତା'ହେଲେ ବୁଝିଲ ତ, ପିଲାଏ ? ଆଜି କ'ଣ ସେତିକି, ଆଉ କିଛି ନାହିଁ ?...ଶୁଭରାତ୍ରି !

## ୨ ସେପ୍‌ଟେମ୍ବର, ୧୯୫୩

"ଯାବତୀୟ ଧର୍ମ ପଛରେ ସେହି ଗୋଟିଏ କାହାଣୀ ରହିଛି । ଜଣେ ବଡ଼ ଗୁରୁ ସଂସାରକୁ ଆସିବା ଫଳରେ ସେହି ଅବସରରେହିଁ ପ୍ରତ୍ୟେକ ଧର୍ମ ଜନ୍ମ ଗ୍ରହଣ କରିଛି । ସେହି ମହାପୁରୁଷ ସଂସାରକୁ ଆସନ୍ତି, ପରମ ଦିବ୍ୟସତ୍ୟର ପରିଚୟ ଘଟାନ୍ତି ଓ ନିଜେ ତାହାର ଅବତାର ହୋଇ ରହନ୍ତି । ମାତ୍ର ମଣିଷମାନେ ସେହି ଅବସରଟିକୁ ଆତ୍ମସାତ୍ କରି ନିଅନ୍ତି, ତାକୁ ନେଇ ବେପାର କରନ୍ତି । ସେଇଟିକୁ ନେଇ ପ୍ରାୟ ଏକ ରାଜନୀତିକ ସଂଗଠନ ଗଢ଼ି ଥୋଇ ଦିଅନ୍ତି । ସେମାନେ ସେହି ଧର୍ମଟି ଲାଗି ଏକ ଶାସନର ଉଦ୍ଭାବନ କରନ୍ତି, ଏକ ନୀତିର ନିର୍ଦ୍ଧାରଣ କରି ଦିଅନ୍ତି ଓ କେତୋଟି ବିଧାନର ଏକ ସୂତ୍ରକୁ ଆଣି ଖଞ୍ଜି ଦିଅନ୍ତି । ତା'ପରେ ବିଶ୍ୱାସ ଓ ନିୟମର ଏକ ସୂତ୍ରକୁ ଆଣି ବାନ୍ଧି ଦିଆଯାଏ, ନାନା ବିଧି ଓ ବିଧାନର ସୃଷ୍ଟି ହୁଏ । ସେଥିରୁ ଆଚାର ଓ ସଂସ୍କାରଗୁଡ଼ାକ ବି ଆସେ, ଧର୍ମର ଅନୁଗାମୀମାନଙ୍କୁ ସେଗୁଡ଼ାକର ପାଳନ କରିବାକୁ ପଡ଼େ, ଏବଂ ସେଗୁଡ଼ିକ ଏପରି ନିରଙ୍କୁଶ ହୋଇ ରହିଥାଏ ଯେ ଭାଙ୍ଗିବାର ବା ଖିଲାପ କରିବାର ଆଉ କୌଣସି ବାଟ ନଥାଏ । ଠିକ୍ ଯେକୌଣସି ରାଷ୍ଟ୍ର ପରି, ଧର୍ମରେ ମଧ୍ୟ

'oaob.nitrkl.ac.in' images reprocessed

ଅନୁଗତମାନଙ୍କ ପ୍ରତି ପୁରସ୍କାରର ବ୍ୟବସ୍ଥା ହୋଇଥାଏ; ଏବଂ ଯେଉଁମାନେ ବିଦ୍ରୋହ କରନ୍ତି ବା ବାଟରୁ ହୁଡ଼ିଯାଆନ୍ତି, ସେହି ଦ୍ରୋହୀ ଏବଂ ଅବିଶ୍ୱାସୀମାନଙ୍କ ଲାଗି ଶାସ୍ତିର ବି ବିଧି ଥାଏ ।

"ଏହି ପ୍ରତିଷ୍ଠିତ ଏବଂ ଔପଚାରିକ ଧର୍ମଗୁଡ଼ିକରେ ଏହାହିଁ ସର୍ବଦା ସର୍ବପ୍ରଥମ ଓ ସର୍ବପ୍ରଧାନ ବିଧେୟରୂପେ ସ୍ୱୀକୃତ ହୋଇ ରହିଥାଏ, 'ମୋର ସତ୍ୟ ହେଉଛି ସର୍ବୋଚ୍ଚ ସତ୍ୟ, ଏକମାତ୍ର ସତ୍ୟ; ଅନ୍ୟ ସବୁଯାକ ଧର୍ମ କେବଳ ମିଥ୍ୟା ଧର୍ମ ବା ମୋ ଧର୍ମଠାରୁ ନିକୃଷ୍ଟତର ଧର୍ମ ।'...

"ଧର୍ମାନୁଗତ ମନଟି ଲାଗି ଏହି ଦୃଷ୍ଟିକୋଣଟି ଏକ ଅତ୍ୟନ୍ତ ସ୍ୱାଭାବିକ ଦୃଷ୍ଟିକୋଣ; ମାତ୍ର ଠିକ୍ ସେହି କାରଣରୁହିଁ ଏହିସବୁ ଧର୍ମ ଆଧ୍ୟାତ୍ମିକ ଜୀବନର ପଥରେ ଅନ୍ତରାୟ ହୋଇ ଠିଆ ହୋଇଥାଏ । ଯେକୌଣସି ଧର୍ମର ବିଧେୟ ଏବଂ ବିଶ୍ୱାସସୂତ୍ରଗୁଡ଼ିକ ମନ ଦ୍ୱାରାହିଁ ତିଆରି ହୋଇଥାଏ ଏବଂ, ଯଦି ତୁମେ ସେହିଗୁଡ଼ିକ ପ୍ରତି ଏକାନ୍ତ ଅନୁଗତ ହୋଇ ରହ ଏବଂ ତୁମ ପାଇଁ ତିଆରି ହୋଇଥିବା ଜୀବନଯାପନର ଏକ ନିୟମାବଳୀ ଭିତରେ ନିଜକୁ କଳି କରି ରଖିଦିଅ, ତେବେ ଯେଉଁ ଅଧ୍ୟାତ୍ମସତ୍ୟଟି ସକଳ ନିୟମ ଗ୍ରନ୍ଥ ଓ ସକଳ ବିଶ୍ୱାସସୂତ୍ରକୁ ଅତିକ୍ରମ କରି ପ୍ରଶସ୍ତ, ବୃହତ୍ ଏବଂ ମୁକ୍ତ ହୋଇ ଅବସ୍ଥିତ ରହିଛି, ତୁମେ ସେହି ସତ୍ୟଟିକୁ ଜାଣିବାରୁ ପ୍ରକୃତରେ ବଞ୍ଚିତ ହୋଇ ରହ, ଅସମର୍ଥ ହୋଇ ବି ରହିଯାଅ । ତୁମେ ଯେତେବେଳେ କୌଣସି ଏକ ଧର୍ମଗତ ବିଶ୍ୱାସସୂତ୍ର ପାଖରେ ଅଟକି ରହିଯାଅ ଏବଂ ତାହାକୁହିଁ ପୃଥିବୀର ଏକମାତ୍ର ସତ୍ୟ ବୋଲି ଭ୍ରମ କରିବାକୁ ଲାଗ, ସେତେବେଳେ ତୁମେ ତୁମ ଆତ୍ମାର ସକଳ ଅଗ୍ରଗତିକୁହିଁ ବନ୍ଦ କରି ରଖିଦିଅ, ତାହାକୁ ପ୍ରଶସ୍ତ ହେବା ଲାଗି ଆଉ କୌଣସି ଅବକାଶ ଦିଅ ନାହିଁ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୯ ଜୁନ୍)

'oaob.nitrkl.ac.in' images reprocessed

ଜଣେ ବ୍ୟକ୍ତି ଯଦି କୌଣସି ଧର୍ମର ଅନୁସରଣ କରୁଛି ଓ ଯଦି ତା' ଭିତରେ ଉତ୍ତମ ସାମର୍ଥ୍ୟ ରହିଛି, ତେବେ ସେ ଆହୁରି ଅଧିକ ଅଗ୍ରସର ହୋଇ ଭଗବତ୍ ସତ୍ୟ ସହିତ ଏକାତ୍ମକତା ଅର୍ଜନ କରି ପାରିବ କି ?

ତାହା ଅସମ୍ଭବ ।

ଧର୍ମ ସବୁ କ୍ଷେତ୍ରରେହିଁ ଆଧ୍ୟାତ୍ମିକ ବିକାଶ ଲାଗି ଏକ ସୀମା ଓ ବନ୍ଧନରୂପେ କାର୍ଯ୍ୟ କରିଥାଏ ।

ଜଣେ ବ୍ୟକ୍ତି ଯେଉଁସବୁ ମାନସିକ ବିରଚନା ଏବଂ ପ୍ରତିଷ୍ଠିତ ନିର୍ଦ୍ଦିଷ୍ଟ ସୀମାଗୁଡ଼ିକ ଭିତରେ ଜୀବନ ବଞ୍ଚୁଛି, ଯଦି ସେଗୁଡ଼ିକରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଭାବରେ ତାହାର ପ୍ରକୃତିରେ ଏକ ଆଧ୍ୟାତ୍ମିକ ଜୀବନ ମଧ୍ୟ ରହିଥାଏ, ତେବେ କହିବାକୁ ହେବ ଯେ ତାହାର ଏହି ଆଧ୍ୟାତ୍ମିକ ଜୀବନହିଁ ତାକୁ ତା'ର ଯାବତୀୟ ଧର୍ମଗତ ନୀତିବନ୍ଧନ ଭିତରୁ ଟାଣିଆଣି ବାହାର କରିନିଏ ଓ ତାକୁ ଆଣି ଏକ ବୃହତ୍ତର କ୍ଷେତ୍ରରେ ପ୍ରବିଷ୍ଟ କରାଏ । ମାତ୍ର ଏହି ନିବେଦନଟି ତା'ର ଭିତରୁହିଁ ଆସିବା ଦରକାର ଏବଂ ଏଥିରେ ଆଦୌ କୌଣସି ଔପଚାରିକତା ରହିବା ଉଚିତ ନୁହେଁ । ଯଦି ଏହା ସମ୍ପୂର୍ଣ୍ଣ ଭାବରେ ବାହାରର ଆକାରଗୁଡ଼ାକ ମଧ୍ୟରୁ ଆସୁଥାଏ, ତେବେ ସେହି କ୍ଷେତ୍ରରେ ସେ ଏତେବେଶୀ ପ୍ରତିବନ୍ଧକର ସମ୍ମୁଖୀନ ହେବ ଯେ ଏତେ ଟିକିଏହେଲେ ମଧ୍ୟ ଅଗ୍ରସର ହୋଇ ପାରିବ ନାହିଁ ।

ଯେଉଁ ବ୍ୟକ୍ତିମାନେ ଆପଣାର ଅଗ୍ରଗତିରେ ଆଦୌ ଅଟକି ରହିବା ଲାଗି ଇଚ୍ଛା କରନ୍ତି ନାହିଁ, ତେବେ ସେମାନଙ୍କୁ ଅନିବାର୍ଯ୍ୟ ଭାବରେହିଁ ସେମାନଙ୍କର ଧର୍ମ ଭିତରୁ ବାହାରକୁ ବାହାରି ଆସିବାକୁ ପଡ଼ିବ । ମାତ୍ର ଯେଉଁ ଲୋକମାନଙ୍କର ବିଶେଷ କୌଣସି ମାନସିକ ସକ୍ରିୟତା ନାହିଁ, ଯେଉଁମାନେ ନିଜକୁ କେବେହେଲେ କୌଣସି ପ୍ରଶ୍ନ ପଚାରନ୍ତି ନାହିଁ, ଯେଉଁମାନଙ୍କର ହୃଦୟ ଭିତରେ କେବଳ ଏକ ପ୍ରଗାଢ଼ ଶ୍ରଦ୍ଧା ରହିଛି ଏବଂ ସେମାନଙ୍କଠାରୁ ଅନନ୍ତ ଗୁଣରେ ଅଧିକ ବଡ଼ ଗୋଟିଏ କୌଣସି ବସ୍ତୁ ପାଖରେ ଆପଣାକୁ ନେଇ ସମର୍ପଣ କରିଦେବାର ବଳବତ୍ତା ପ୍ରେରଣା ରହିଛି, ସେମାନଙ୍କର ପ୍ରକୃତିରେ ନିଜର ବୋଲି କୌଣସି ଧର୍ମ ଅଛି କି ନାହିଁ, ସେମାନଙ୍କ ଲାଗି ସେହି କଥାର ଆଦୌ କୌଣସି ମହତ୍ତ୍ୱ ନାହିଁ । ସେମାନଙ୍କ ଲାଗି ସେଥିରେ ଆଦୌ କୌଣସି ଅନ୍ତର ଘଟିବ ନାହିଁ । ମାତ୍ର ଯଦି ଜଣକ ମନରେ ବାହ୍ୟ ରୂପଗୁଡ଼ିକ ପ୍ରତି ଏକ ମୋହ ରହିଛି, ତେବେ ସେ କଦାପି ଆଗକୁ ଯାଇ ପାରିବ ନାହିଁ ।

'oaob.nitrkl.ac.in' images reprocessed

ଯଦି ମନ ମୁକ୍ତ ହୋଇ ନପାରୁଛି ଏବଂ ଆଲୋକ ମଧ୍ୟରେ ଅବସ୍ଥାନ ନକରୁଛି, ତେବେ ଏତେ ଦୂର ଯାଇ ପାରିବା ପ୍ରକୃତରେ କଷ୍ଟକର । ତେଣୁ ଏହାକୁ ଆମେ ପ୍ରାୟ ଏକ ଅପରିହାର୍ଯ୍ୟ ସର୍ତ୍ତ ବୋଲି କହି ପାରିବା (ଅବଶ୍ୟ ଏହା ଏକାନ୍ତ ଭାବରେ ଅପରିହାର୍ଯ୍ୟ କଦାପି ନୁହେଁ ।) । ଅବଶ୍ୟ ଏକଥା ସତ ଯେ, ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କର କି ଆଦୌ କୌଣସି ମାନସିକ ସାମର୍ଥ୍ୟ ନାହିଁ ଓ ଯେଉଁମାନେକି କୌଣସି ପ୍ରକାର ଆଲୋଚନା ବା ପର୍ଯ୍ୟାଲୋଚନା ନକରି ଯେକୌଣସି ବିଶ୍ୱାସସୂତ୍ରକୁ ଗ୍ରହଣ କରିନେଇ ପାରିବେ; ସେମାନେ ଅନୁଭବ କରୁଥାନ୍ତି ଯେ ଭଗବାନଙ୍କ ସହିତ ସଂଯୁକ୍ତ କରି ରଖିଥିବା ଏହି ଅନ୍ତର୍ଗତ ପ୍ରେରଣାଟିକୁ ପୋଷଣ କରି ରଖିବାରୁ ସେମାନଙ୍କୁ କେହି ବଞ୍ଚିତ କରି ରଖିବ ନାହିଁ । ମାତ୍ର ସେମାନଙ୍କର ଏକ ମାନସିକ ଜୀବନ ବୋଲି ପ୍ରକୃତରେ କିଛିହେଲେ ନଥାଏ । ବା ସେହି ମାନସିକ ଜୀବନ ଅତିମାତ୍ରାରେ ସୀମାବଦ୍ଧ ହୋଇ ରହିଥାଏ ।

**ଆଧ୍ୟାତ୍ମିକ ଜୀବନରେ ଏହିସବୁ ଜାତିଭେଦର ଆଦୌ କୌଣସି ମହତ୍ତ୍ୱ ଅଛି କି ?**

ଜାତିଭେଦର ? ଆଧ୍ୟାତ୍ମିକ ଜୀବନରେ ସେଗୁଡ଼ାକର ପୁଣି କି ମହତ୍ତ୍ୱ ରହିବ ? ମୋଟେ କୌଣସି ମହତ୍ତ୍ୱ ନାହିଁ । ଜାତିପ୍ରଥା ହେଉଛି ଏକ ସାମାଜିକ ସଂଗଠନ, ବାସ୍ ସେତିକି ।

**ଏପରି କୁହାଯାଇ ଥାଏ ଯେ ଭଗବାନଙ୍କର ସେବା କରିବା ଲାଗି ବ୍ରାହ୍ମଣମାନେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଅଗ୍ରଗତି କରିଥାନ୍ତି ?**

ଏମିତି ଅନେକ କଥା ତ କୁହା ଯାଇଥାଏ ।

ଏସବୁ ବସ୍ତୁର ଉପରେ ଆଧ୍ୟାତ୍ମିକ ଜୀବନ କେବେହେଲେ ନିର୍ଭର କରେ ନାହିଁ, ଏତେ ଟିକିଏ ହେଲେ ନୁହେଁ । କେତେକ ନିର୍ଦ୍ଦିଷ୍ଟ ସାମାଜିକ ଲାଭ ସେଗୁଡ଼ିକ ଉପରେ ଅବଶ୍ୟ ନିର୍ଭର କରିଥାଏ, ଏବଂ କେତେକ ପରିବେଷ୍ଟନୀରେ ଶିକ୍ଷାର ବିଶେଷ ପରମ୍ପରାମାନ ରହିଥାଏ ବୋଲିହିଁ ଏଗୁଡ଼ିକ ମଧ୍ୟ ରହିଥାଏ । ଏବଂ ଏକ ନିର୍ଦ୍ଦିଷ୍ଟ ପ୍ରକାରର ଶିକ୍ଷାକୁ ଆଉ ଅନ୍ୟ କେତେକ ପ୍ରକାରର ଶିକ୍ଷାଠାରୁ ନିଶ୍ଚୟ ଅଧିକ ଉପାଦେୟ ବୋଲି କୁହାଯିବ । ମାତ୍ର, ଏବିଷୟରେ ଆମେ କେବଳ ଏତିକିହିଁ ଜାଣି ରଖିବା ।

'oaob.nitrkl.ac.in' images reprocessed

ରକ୍ତର ମିଶ୍ରଣ ଘଟିବାର ଅନୁଚିତତା ସମ୍ବନ୍ଧରେ ଯେଉଁ ପ୍ରଶ୍ନଟି ରହିଛି, ଆମେ ସେହି ବିଷୟରେ ନିଷ୍ଚୟ ଆଲୋଚନା କରିପାରିବା । କାରଣ, ଗୋଟିଏ ଉଦାହରଣ ଦେଇ କହିବାକୁ ଗଲେ, ଆମେ ଯଦି ବିଭିନ୍ନ କିସମର କୁକୁରଙ୍କ ବିଷୟରେ ଆଲୋଚନା କରିବା (ତୁମେମାନେ କିଛି ଖରାପ ଭାବିବ ନାହିଁ, ଏହି ସ୍ଥଳରେ ମୁଁ କଦାପି ଏକ ଅନୁଚିତ ତୁଳନା କରିବାକୁ ଯାଉ ନାହିଁ ।), ଗୋଟିଏ କୁକୁର ଯଦି ତା' ଆପଣା କିସମର କୁକୁରଠାରୁ ଜନ୍ମ ହୋଇଥାଏ, ତେବେ, କିସମଟିକୁ ଶୁଦ୍ଧ କରି ରଖିବା ଲାଗି ସବୁପ୍ରକାର ଯତ୍ନ ନିଆଗଲେ ମଧ୍ୟ ଏବଂ କୌଣସି ପ୍ରକାର ମିଶ୍ରଣ ନଘଟାଇବାକୁ ସତର୍କ ରହିଲେ ମଧ୍ୟ, ତାହା କ୍ରମେ ଅଧିକରୁ ଅଧିକ ବୋକା ଏବଂ ମାନ୍ଦା ହୋଇଯିବାରେ ଲାଗିଥିବ; ମାତ୍ର ଅନ୍ୟ ପକ୍ଷରେ, ଏକ ସମ୍ମିଶ୍ରଣ ଫଳରେ ଜନ୍ମ ହୋଇଥିବା ଏବଂ ଅନେକ ସମୟରେ ଶାରୀରିକ ଦୃଷ୍ଟିରୁ ବିଚାର କରି ଦେଖିଲେ ଏକ ଆତଙ୍କ ପରି ହୋଇ ରହିଥିବା ରାସ୍ତାର ବୁଲାକୁକୁର ବୁଦ୍ଧି ଦୃଷ୍ଟିରୁ ସାଧାରଣତଃ ଅନେକ ଉଚ୍ଚତର ସ୍ତରର ହୋଇଥାଏ । ସେହି କୁକୁର ଦେଖିବାକୁ ବଡ଼ କୁତ୍ସିତ ହୋଇଥାଏ ଏବଂ ଦୁଇ ପ୍ରକାରର ବାପା ମାଆଙ୍କ-ଠାରୁ ଜନ୍ମ ହୋଇଥାଏ । ଏଣୁ, ଏହିସବୁ କ୍ଷେତ୍ରରେ ମଧ୍ୟ ଜଣେ କଦାପି ସଠିକ୍ କରି କହି ପାରିବ ନାହିଁ...... ଯେଉଁଠି ସାନସାନ ଗୋଷ୍ଠୀ ଭିତରେ ବିବାହସବୁ ସେହି ଗୋଟିଏ ଜାତି ଭିତରେହିଁ ଅନୁଷ୍ଠିତ ହୋଇଥାଏ, ଯେଉଁଠି କୌଣସି ପ୍ରକାର ମିଶ୍ରଣକୁ ପ୍ରବେଶ କରିବାକୁ ଦିଆ ନଯାଏ, ତାହାର ପରିଣାମସ୍ୱରୂପ ଗୋଷ୍ଠୀର ବୁଦ୍ଧିସାମର୍ଥ୍ୟ ଧୀରେ ଧୀରେ ଅଥଚ ଉତ୍ତରୋତ୍ତର ଭାବରେ ପୁରୁଷାନୁକ୍ରମେ କମି କମି ଆସିଥାଏ । ଏହାକୁ ଆମେ ଏକ ନିର୍ବାଚନ ବୋଲି କଦାପି କହିବା ନାହିଁ, ବରଂ ବିପରୀତ ପ୍ରକାରର ବୋଲିହିଁ କହିବା । ପ୍ରଗତିର ପରିଚୟ ଦେଇ ପାରିବାର ସାମର୍ଥ୍ୟ ରଖିଥିବା ନୂଆ ନୂଆ କିସମ ସମ୍ଭବ କରିବାକୁ ହେଲେ ନୂଆ ନୂଆ ମିଶ୍ରଣର ମଧ୍ୟ ସର୍ବଦା ଆବଶ୍ୟକତା ରହିଥାଏ ।... ସାମାଜିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଏହାର ବେଶ୍ ପକ୍ଷ ସମର୍ଥନ କରାଯାଇ ପାରିବ, ଏବଂ ଏହି ପ୍ରଣାଳୀଟି ବେଶ୍ ସୁବିଧାଜନକ ଓ ଅତି ସହଜ : ଏଥିରୁ ଏପରିସବୁ ପ୍ରକାରର ସୃଷ୍ଟି ହୁଏ ଯେଉଁଥିରୁକି ଏକ ଅପେକ୍ଷାକୃତ ଅଧିକ ସହଜ ସଙ୍ଗଠନ ସମ୍ଭବ ହୋଇଥାଏ; ମାତ୍ର ସେଇଟିର ଯୋଗ୍ୟତା ବିଷୟରେ ଆମେ କେବଳ ଏତିକିମାତ୍ରହିଁ କହି ପାରିବା ।

ମାତ୍ର ମୋର ବିଶ୍ୱାସ, ଏହି କ୍ଷେତ୍ରରେ ଦେଶ ପାଇଁ ଯେଉଁ କଥା, ଜାତି ପାଇଁ ମଧ୍ୟ ଠିକ୍ ସେହି କଥା । ପ୍ରତ୍ୟେକ ଜାତିର ଏହିପରି ଏକ ଦୃଢ଼ ବିଶ୍ୱାସ ରହିଥାଏ ଯେ କେବଳ ସେଇ ସବୁଠାରୁ ଅଧିକ ସମ୍ଭବ ପ୍ରଗତି କରି ପାରିବ ! ଏବଂ ଯେତେବେଳେ ତୁମେ ଲୋକମାନଙ୍କୁ ଏହିସବୁ କଥା କହୁଥିବାର ଶୁଣୁଥିବ, ଏପରିକି

ଯେଉଁମାନେ ସମାଜରେ ପତିତ ଜାତି ହୋଇ ରହିଛନ୍ତି, ସେମାନେ ମଧ୍ୟ ଅନ୍ୟମାନଙ୍କୁ ଶ୍ରେଷ୍ଠ ବୋଲି ବିଶ୍ୱରବାର ଏକ ଅବଜ୍ଞାଭାବ ରଖିଥିବେ ଏବଂ ଅନ୍ୟମାନଙ୍କଠାରୁ ନିଜକୁହିଁ ବଡ଼ ବୋଲି ବିଶ୍ୱାସ କରୁଥିବେ ।

"ଯିଏ କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମରେ ବିଶ୍ୱାସ କରୁଛି ବା ଯିଏ କୌଣସି ନା କୌଣସି ସତ୍ୟର ପରିଚୟ ପାଇଛି, ସିଏ ସାଧାରଣତଃ ଏହିପରି ଭାବରେ ଭାବିବା ଲାଗି ପ୍ରବୃତ୍ତ ହୋଇଥାଏ ଯେ ଅସଲ ସତ୍ୟକୁ ସମଗ୍ର ଓ ସଂପୂର୍ଣ୍ଣ କରି କେବଳ ସେଇ ଏକୁଟିଆ ଲାଭ କରିପାରିଛି । ଏହିପରି ହେଉଛି ମଣିଷର ସ୍ୱଭାବ । ନିଜ ଗୋଡ଼ ଉପରେ ଠିଆ ହେବାକୁ ହେଲେ ଏବଂ ନିଜ ବାଟରେ ଅଗ୍ରସର ହେବାକୁ ହେଲେ ମନୁଷ୍ୟମାନଙ୍କ ସକାଶେ ଟିକିଏ ମିଛକୁ ଆଣି ମିଶାଇଦେବା ସତେଅବା ଏକ ପ୍ରୟୋଜନ ବୋଲି ମନେ ହୋଇଥାଏ । ଯଦି କେହି ହଠାତ୍ ସେମାନଙ୍କୁ ପରମ ସତ୍ୟର ଦୃଷ୍ଟିଟିକୁ ଆଣି ଦେବାକୁ ସମର୍ଥ ହୁଏ, ତେବେ ସେମାନେ ତାହାର ଭାରରେ କୁଆଡ଼େ ଦଳି ହୋଇ ଚୂର୍ଣ୍ଣବିଚୂର୍ଣ୍ଣ ହୋଇ ଯାଆନ୍ତେ ।"

ପ୍ରଶ୍ନ ଓ ଉତ୍ତର ୧୯୫୩ (୯ ଜୁନ୍)

ମନୁଷ୍ୟମାନେ କ'ଣ ସତରେ ପରମ ଦିବ୍ୟସତ୍ୟଟି ଅଭିମୁଖରେ ଅଧିକରୁ ଅଧିକ ଅଗ୍ରସର ହେଉଛନ୍ତି ?

ଏହି ପ୍ରଶ୍ନର ଉତ୍ତର ଦେବା ଆଦୌ ସହଜ ନୁହେଁ । ନ୍ୟାୟତଃ, ସମଗ୍ର ସୃଷ୍ଟିକୁହିଁ ଅଧିକରୁ ଅଧିକ ପରିମାଣରେ ସେହି ପରମ ଦିବ୍ୟସତ୍ୟଟି ଆଡ଼କୁ ଅଗ୍ରସର ହୋଇ ଯିବାକୁ ପଡ଼ିବ, କାରଣ ତାହାହିଁ ହେଉଛି ତା'ର ଚରମ ଲକ୍ଷ୍ୟ । ମାତ୍ର ଏହି ଅଗ୍ରସର ହେବାର ଗତିଟି ପ୍ରକୃତରେ ଏକ ବିଚିତ୍ର ଗତି, କାରଣ ଏଥିରେ କେହି ତିନିପାଦ ଆଗକୁ ଯାଏ ତ ତା'ପରେ ଦୁଇଟି ପାଦ ପୁଣି ପଛକୁ ପକାଏ; ଆଉକେହି ଦୁଇପାଦ ଆଗକୁ ପକାଏ ତ ତା'ପରେ ଆଉଗୋଟିଏ ପାଦ କଡ଼କୁ ପକାଇ ଦିଏ ! ତେଣୁ ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିବାକୁ ନିଶ୍ଚୟ ଅନେକ ସମୟ ଲାଗିବ । ଦେଖିଲି ବେଳକୁ ଠିକ୍ ସେହିପରି ମନେ ହେଉଛି ।

'oaob.nitrkl.ac.in' images reprocessed

ଗତ ଲକ୍ଷ ଲକ୍ଷ ବର୍ଷ ଧରି ଯାହା ଘଟିଛି, କେତେ ବର୍ଷ ଲାଗିଛି, ତାହାର କୌଣସି ହିସାବ ନରଖି (ମୁଁ ଏଠାରେ ପ୍ରକୃତରେ ବର୍ଷ ବୋଲି କହୁ ନାହିଁ, ମୁଁ ଲକ୍ଷ ଲକ୍ଷ ବର୍ଷ କଥା କହୁଛି, ହଜାର ହଜାର ଶତାବ୍ଦୀ କଥା କହୁଛି ।) ଏହି ସାଧାରଣ ସିଦ୍ଧାନ୍ତଟି ଉପରେ ସମଗ୍ର ଭାବରେ ଦୃଷ୍ଟିପାତ କଲେ ଆମେ ଏହି ସାଧାରଣ ସିଦ୍ଧାନ୍ତ ଏବଂ ପ୍ରକୃତରେ ଘଟିଯାଇଥିବା ଘଟଣାଗୁଡ଼ିକ ଭିତରେ ନିଶ୍ଚୟ ଅନେକ ଫରକ ରହିଥିବାର ଦେଖିବାକୁ ପାଇବା । ଏପରି ଅବଶ୍ୟ କୁହାଯାଇ ପାରିବ ଯେ ସମଗ୍ର ସୃଷ୍ଟିଟି ତା'ର ପରମ ସ୍ରଷ୍ଟିକର୍ତ୍ତାଙ୍କ ସହିତ ସଂଯୁକ୍ତ ହେବା ଲାଗି ସତତ ଅଗ୍ରସର ହୋଇ ଚାଲିଛି, ମାତ୍ର ତଥାପି ଆମ ଆଗରେ ଏହି ବାସ୍ତବ ଘଟଣା-ସତ୍ୟଟି ମଧ୍ୟ ରହିଛି ଯେ ବିବର୍ତ୍ତନଗତ ସମଗ୍ର ଗତିବିଧିଟି ସତେ ଅବା ଏକ କୁଣ୍ଡଳିତ ବା ସର୍ପିଳ ଗତିରେ ହେବାରେ ଲାଗିଛି । ଏହି କୁଣ୍ଡଳଟି ମଧ୍ୟରେ ଅଗଣିତ କେତେକେତେ ବିନ୍ଦୁ ରହିଛି ଏବଂ ପ୍ରତ୍ୟେକ ବିନ୍ଦୁରେ ଏକ ସ୍ୱତନ୍ତ୍ରୀୟ ଅଗ୍ରଗତି ମଧ୍ୟ ସମ୍ଭବ ହେଉଛି । ମାତ୍ର ଜଣେ ଯେଉଁଠାରୁ ବାହାରିଥିଲା, ପୁଣି ସେହି ସ୍ଥାନକୁ ଫେରି ଆସିବାକୁ ହେଲେ ଆମକୁ ଏକ ସଂପୂର୍ଣ୍ଣ ପରିକ୍ରମା କରି ଆସିବାକୁ ପଡ଼ିବ, ମାତ୍ର ଏକ କିଞ୍ଚିତ୍ ଉଚ୍ଚତର ସ୍ତରରେହିଁ ତାହା କରିବାକୁ ପଡ଼ିବ···ଏବଂ ଏହିପରି ଭାବରେ, ତୁମେ ଅନୁକ୍ଷଣ ଅନ୍ୟ ନାନା କଥା କରିବାରେ ଲାଗିଥିବ, ଅନ୍ୟ ନାନା ବିନ୍ଦୁରେ ଯାଇ ଉପନୀତ ହେବାରେ ଲାଗିଥିବ ଏବଂ ସର୍ବପ୍ରଥମ ବିନ୍ଦୁଟି ସତେଅବା ବିସ୍ମୃତ ହୋଇ ରହି ଯାଉଥିବ । ମନୁଷ୍ୟର ଇତିହାସରେ ତାହା ଏହିପରି ଏକ ଆକାର ଧାରଣ କରିଥାଏ :

ଆମ ସମକ୍ଷରେ ଆମର ଏକ ବିସ୍ମୟକାରୀ ସଭ୍ୟତା ରହିଛି, ଯେଉଁଥିରେ କି, ବୈଜ୍ଞାନିକ ଦୃଷ୍ଟିକୋଣରୁ, କଳାତ୍ମକ କୃତିର ଦୃଷ୍ଟିକୋଣରୁ ଓ ଏପରିକି ରାଜନୀତିକ, ସଂଗଠନଗତ ଏବଂ ସାମାଜିକ ଦୃଷ୍ଟିକୋଣଗୁଡ଼ିକରୁ ବିଚାର କରି ଦେଖିଲେ, କେତେକେତେ ଅସାଧାରଣ ନିଷ୍ପନ୍ନ ପରିଣାମ ଭର୍ତ୍ତି ହୋଇ ରହିଛି । ଆମ ଆଗରେ ଏପରି କେତେକ ଚମତ୍କାର ସଭ୍ୟତା ରହିଛି, ଯାହାକି, ଉଦାହରଣସ୍ୱରୂପ ଭାରତବର୍ଷକୁ ଆଫ୍ରିକା ସହିତ ସଂଯୁକ୍ତ କରି ରଖିଥିବା ଏକ ମହାଦେଶର ଗୋଟାଏ ପ୍ରକାରର ଗୂଢ଼ ସ୍ମୃତିକୁ ଆମ ଲାଗି ବହନ କରି ରହିଛି । ବର୍ତ୍ତମାନ ସେହି ମହାଦେଶର କୌଣସି ସନ୍ଧାନହିଁ ନାହିଁ (ସେହି ସଭ୍ୟତାର ଅବଶେଷରୂପେ ଯଦି କୌଣସି ମନୁଷ୍ୟ-ପ୍ରଜାତି ରହିଛନ୍ତି ବୋଲି ପ୍ରମାଣ ମିଳେ, ତେବେ ତାହା ଅବଶ୍ୟ ଅନ୍ୟ କଥା ହେବ ।) । ଏହି ଇତିହାସରେ ଏପରି ଆହୁରି କେତେକ ସଭ୍ୟତା ରହିଛି, ଯେଉଁଗୁଡ଼ିକ କି ହଠାତ୍ କୁଆଡ଼େ ଅନ୍ତର୍ହିତ ହୋଇ ଯାଇଛନ୍ତି, ଏବଂ ତା'ପରେ ଏପରି ଏକ ସମଗ୍ର ଇତିହାସର କାଳ ଆସି ପହଞ୍ଚିଛି, ଯାହାକି ଅନ୍ଧକାର, ଅଚେତନା ଏବଂ ଅଜ୍ଞାନ ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଛି; ସେତେବେଳେ ବାସ

'oaob.nitrkl.ac.in' images reprocessed

କରୁଥିବା ଅତ୍ୟନ୍ତ ଆଦିମ ଜାତିଗୁଡ଼ିକ ଇତରପ୍ରାଣୀମାନଙ୍କର ଏପରି ନିକଟବର୍ତ୍ତୀ ହୋଇ ରହିଛନ୍ତି ଯେ ଦୁହିଁଙ୍କ ମଧ୍ୟରେ ପ୍ରକୃତରେ କେଉଁଠି କୌଣସି ପାର୍ଥକ୍ୟ ଅଛି କି ବୋଲି ଭାବି ଆଶ୍ଚର୍ଯ୍ୟ ହେବାକୁ ପଡ଼ୁଛି । ଏହିପରି ଭାବରେ ସେହି ଅନ୍ଧକାର ମଧ୍ୟରେ ଏକ ବୃହତ୍ ଗର୍ତ୍ତ ରହିଛି ଏବଂ ତାହା ଯାବତୀୟ ପ୍ରକାରର ବିଶୃଙ୍ଖଳା ମଧ୍ୟଦେଇ ଗତି କରି ଆସିଛି । ତା'ପରେ ପୁଣି ସେହିପରି ହଠାତ୍ ଭାବରେ ଏକ ବୃହତ୍ତର ଉପଲବ୍ଧି ଉପରକୁ ବାହାରି ଆସୁଛି, ତାହା ଶିଖରଠାରୁ ଆହୁରି ଉପରକୁ ଗତି କରୁଛି ଓ ତାହା ଭିତରେ ବୃହତ୍ତର ନାନା ଗୁଣର ପ୍ରକାଶ ଘଟୁଛି । ମନେ ହେଉଛି ଯେପରି ସେହି ଅନ୍ଧକାର ଭିତରେ ଘଣ୍ଟିକା ପରେ ଘଣ୍ଟିକା କାର୍ଯ୍ୟ କରି ପ୍ରକୃତି କେବଳ ଜଡ଼କୁ ପ୍ରସ୍ତୁତ କରାଇ ଆଣିବାରେହିଁ ଲାଗିଥିଲା, ଯେପରିକି ତାହାର ମଧ୍ୟରୁ ଉଚ୍ଚତର ଆଉ କୌଣସି ସମ୍ପଦର ପ୍ରକାଶ ସମ୍ଭବ ହୋଇ ପାରିବ । ଏହାପରେ ପୁଣି ଏକ ଅନ୍ଧକାରର ପର୍ଯ୍ୟାୟ ଆସି ପହଞ୍ଚିଛି, ଏକ ବିସ୍ମରଣ ଆସି ପହଞ୍ଚି ଯାଉଛି : ପୃଥିବୀ ପୁନର୍ବାର ବର୍ବର ହୋଇ ବସୁଛି, ଅସ୍ପଷ୍ଟ ଅଜ୍ଞାନଜର୍ଜର ଏବଂ ଯନ୍ତ୍ରଣାମୟ ହୋଇ ପଡ଼ୁଛି । ଏବଂ ତାପରେ ହଠାତ୍, ପୁଣି କେତେ ହଜାର ବର୍ଷ ଅତିକ୍ରାନ୍ତ ହୋଇଯିବା ପରେ, ଏକ ନୂତନ ସଭ୍ୟତାର ଆବିର୍ଭାବ ଘଟୁଛି···

ତେଣୁ, ଏହି ତଳ ଆଉ ସେଇଟି ଉପରେ ଦୃଷ୍ଟିପାତ କଲାବେଳେ ତୁମେ ଆପଣାକୁ ପଚାରିବାକୁ ଆରମ୍ଭ କରୁଛ : "ତେବେ ଅଗ୍ରଗତି ଆଉ କେଉଁଠାରେ ହେଲା ?" କାରଣ ଏହି ଅଗ୍ରଗତି ତ ସବୁବେଳେ ଅନ୍ତର୍ହିତ ହୋଇ ଯାଉଛି, ଭୂପୃଷ୍ଠ ପଡ଼ୁଛି ବା ତାହା ପଚସଢ଼ି ଯାଉଛି, ସମ୍ପୂର୍ଣ୍ଣ ଭାବରେ ଭାଙ୍ଗିରୁଜି ଯାଉଛି,—ଏବଂ ବିସ୍ମୃତ ହୋଇ ରହୁଛି । ଏବଂ ମନୁଷ୍ୟଜାତି ପୁନର୍ବାର ପୂର୍ବପରି ସେହି ଅତି ସାଧାରଣ ସ୍ତରକୁ ଖସିଆସୁଛି, ତାହାର ଆଉ କୌଣସି ନିର୍ଦ୍ଦିଷ୍ଟ ପରିଚୟ ରହୁ ନାହିଁ ଓ ସେ ଏକ ଅର୍ଦ୍ଧ-ଅସ୍ପଷ୍ଟତା ମଧ୍ୟରେ ଅଣ୍ଡାଳି ଘୁଷୁରି ହେବାରେ ଲାଗିଛି । ଏବଂ ତା'ପରେ, ପୁଣିଥରେ ସେହିପରି ହଠାତ୍ ଭାବରେ ଆଉ ଏକ ସନ୍ଦୀପନ ସଙ୍ଘଟିତ ହେଉଛି । ଏବଂ ସେହି ସନ୍ଦୀପନଟି ମଧ୍ୟରେ ଠିଆ ହୋଇ କେହି ହୁଏତ କହିବାକୁ ଲାଗୁଛି, "ହଁ, ବର୍ତ୍ତମାନ ପ୍ରକୃତରେ ଠିକ୍ କଥାହିଁ ଘଟିଛି ଏବଂ ଆମେ ଯେପରି ଆଉଥରେ ତଳକୁ ଖସି ନପଡ଼ୁ, ସେଥିଲାଗି ସାବଧାନ ରହିବାକୁ ପଡ଼ିବ ।······"

ଏପର୍ଯ୍ୟନ୍ତ ଏହିଭଳି ଆବର୍ତ୍ତନମାନ ସବୁବେଳେ ଘଟିଆସିଛି ।

ଦେଖିବା, ଏଥର କ'ଣ ହେଉଛି ।

କ'ଣ ପୁଣିଥରେ ପତନ ଘଟିବ ?

ପତନ ଘଟିବ ବୋଲି ତ ମୁଁ ଆଦୌ କହି ନାହିଁ । ମୁଁ କହିଛହେଲେ କହି ନାହିଁ । ମୁଁ କହୁଛି : "ଏଥର ଦେଖିବା କ'ଣ ଘଟିବାକୁ ଯାଉଛି ।"

'oaob.nitrkl.ac.in' images reprocessed

ବସ୍ତୁତଃ, ମୁଁ ବିଶ୍ୱାସ କରୁଛି ଯେ ଏହି କଥାଟି ଆଖିର ଆମରି ଉପରେ ଓ ଆମ ଅଭୀପ୍‌ସା ଉପରେ ନିର୍ଭର କରୁଛି । ଯାହା କରିବା ଆବଶ୍ୟକ, ଯଦି ପ୍ରତ୍ୟେକ ବ୍ୟକ୍ତି ତାହା କରିପାରେ ଓ ଯଥାସମ୍ଭବ ଅଧିକ ପରିମାଣରେ ତାହା କରେ, ତେବେ ଆମେ ଏପରି ଏକ ସ୍ଥିର ଓ ଦୃଢ଼ ଅବସ୍ଥାରେ ଯାଇ ହୁଏତ ପହଞ୍ଚି ପାରିବା, ଯେଉଁଠାରୁ କି ଆମେ କେବଳ ଆହୁରି ଉପରକୁ ଉପରକୁ ଚାଲିଯାଇ ପାରିବା ଏବଂ ସେତେବେଳେ ପୁନର୍ବାର ଆରମ୍ଭ କରିବା ଲାଗି ଆଉ କଦାପି କିଛିହେଲେ ନଷ୍ଟ କରିଦେବାକୁ ପଡ଼ିବ ନାହିଁ ।

ଏହି ବିନାଶ ଯେ ଅପରିହାର୍ଯ୍ୟ ସେକଥା ଆଦୌ ନୁହେଁ; ମାତ୍ର ଏପର୍ଯ୍ୟନ୍ତ ତାହା କେବଳ ଏହିପରିହିଁ ହୋଇ ଆସିଛି । ଏପରି କରି ପ୍ରକୃତି ପ୍ରକୃତରେ ହୁଏତ ଏକ ଆନନ୍ଦ ବି ପାଉଛି କି ନାହିଁ କେଜାଣି ?……

ଘଟଣାଚକ୍ର ଏପରି ହୋଇ ରହିଛି ଯେ, ପ୍ରକୃତି ଯାହାକିଛି କରିଛି, ଆମକୁ ତାହାରି ଉପରେହିଁ ନିର୍ଭର କରି ଠିଆ ହେବାକୁ ପଡ଼ୁଛି, କାରଣ ପ୍ରକୃତିହିଁ ଏପର୍ଯ୍ୟନ୍ତ ଯାହାକିଛି କରିଆସିଛି । ମାତ୍ର ଏଣେ ଆମେ ତାହାର କାର୍ଯ୍ୟ କରିବାର ପ୍ରଣାଳୀଟିକୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ପ୍ରକୃଷ୍ଟ ବୋଲି କହିପାରୁ ନାହୁଁ । ତେଣୁ ସେଇଥିରୁ ଏକ ଅନ୍ତର୍ଗତ ଦ୍ୱନ୍ଦ୍ୱ ଆସି ପହଞ୍ଚୁଛି (ମୁଁ ହୁଏତ କହି ପାରିବି ଯେ ପରିବାର ମଧ୍ୟରେ ବି ଏହି ଦ୍ୱନ୍ଦ୍ୱଟି ଉପୁଜୁଛି ।) । ମାତ୍ର ଏହା ଦ୍ୱାରା ସବୁ କଥା ଟିକିଏ ଅଧିକ ଆୟାସକର ହୋଇଯାଉଛି, କାରଣ ତା'ର ଆପଣା ପ୍ରଣାଳୀଟିରେ କୌଣସି ବ୍ୟାଘାତ ଆସି ପହଞ୍ଚୁ ବୋଲି ପ୍ରକୃତି ଆଦୌ ଇଚ୍ଛା କରୁ ନାହିଁ । ଏବଂ ତଥାପି, ପ୍ରକୃତି ଯେଉଁଭଳି ଇଚ୍ଛା କରୁଛି, ଆମେ ଯଦି ଠିକ୍ ସେହିପରି କରିବାରେ ଲାଗିଥିବା, ତେବେ ସର୍ବଦା ସେହି ଗୋଟିଏ କାହାଣୀରହିଁ ପୁନରାବୃତ୍ତି ହେଉଥିବ, ସଭ୍ୟତା ଏହିପରି ଅନ୍ତର୍ହିତ ହୋଇ ଯାଉଥିବ ଓ ପୁନର୍ବାର ଆରମ୍ଭ ହେବାକୁ ଆସୁଥିବ; କାରଣ ଏହାହିଁ ହେଉଛି ପ୍ରକୃତିର ଖେଳ । ତେଣୁ ପ୍ରକୃତିକୁ ତାହାର ଏହି ବିନାଶନରୁ ଅବଶ୍ୟ ନିବୃତ୍ତ କରି ରଖିବାକୁ ହେବ । ମାତ୍ର ଯଦି ଦୈବାତ୍ ଏକ ଉତ୍ତମ ପଦ୍ଧତି ମିଳିଯାଏ, ଯେଉଁଥିରେ କି ପ୍ରକୃତିର ଆଗ୍ରହ ରହିଥିବ ଏବଂ ସେ ସହଯୋଗ କରିବା ପାଇଁ ରାଜି ହୋଇଯିବ, ତେବେ ତାହାର ସହଯୋଗ ସହିତ ସଫଳତା ହାସଲ କରିବା ମଧ୍ୟ ହୁଏତ ସମ୍ଭବ ହେବ ।

ବସ୍ତୁତଃ, ପ୍ରକୃତ ଆବଶ୍ୟକତାଟି ହେଉଛି ଯେ ପ୍ରକୃତି ଯେଉଁ ମାର୍ଗଟିକୁ ଅବଲମ୍ବନ କରି ଗତି କରୁଛି, ତା'ଠାରୁ ଭିନ୍ନ ଆଉଗୋଟିଏ ମାର୍ଗରେ ଯେ ସବୁ କଥା ସମ୍ପନ୍ନ କରାଯାଇ ପାରିବ, ପ୍ରକୃତିକୁ ସେହି କଥାଟିକୁ ବୁଝାଇ ଦେବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ଏବଂ, ଯେହେତୁ ପ୍ରକୃତି ମଧ୍ୟରେ ଏକ ଅତି ଚମତ୍କାର କର୍ମପାରଙ୍ଗମତା ରହିଛି ଏବଂ ପ୍ରକୃତିରେ ବସ୍ତୁ ସୃଷ୍ଟି କରିପାରିବା ଏକ କଳ୍ପନାଶକ୍ତି ମଧ୍ୟ ରହିଛି (ତୁମେମାନେ ନିଶ୍ଚୟ ତାହାର ଅନେକ ପ୍ରମାଣ ପାଉଥିବ),···ଏହି କଥାଟିକୁ ଜାଣିବା ଲାଗି ତୁମକୁ କେବଳ ଇତରପ୍ରାଣୀମାନଙ୍କର ଗଠନବିଧିକୁ ଲକ୍ଷ୍ୟ କରିବାକୁ ହେବ ବା ସେମାନଙ୍କର ଫଟୋଗ୍ରାଫ୍ ନେବାକୁ ପଡ଼ିବ । ଯଦି ତୁମେମାନେ ସେହି ଫଟୋଗ୍ରାଫ୍‌କୁ ଦେଖିବ ଓ ଜିରାଫ୍ ସହିତ ସାନ ମୂଷାଟିର ଏବଂ ହାତୀ ସହିତ ବିରାଡ଼ିର ତୁଳନା କରି ପାରିବ, ଯେଉଁସବୁ ପ୍ରାଣୀ ଏକଦା ଏହି ପୃଥିବୀପୃଷ୍ଠରେ ରହିଥିଲେ ଏବଂ ଏବେ ମଧ୍ୟ ଯେଉଁସବୁ ପ୍ରାଣୀଙ୍କର ଅସାଧାରଣ ଓ ବିରାଟ ବିରାଟ ଆକାରମାନ ରହିଛି, ଯଦି ତୁମେ ଦୁହିଁଙ୍କ ମଧ୍ୟରେ ଏକ ତୁଳନା କରିବାକୁ ଯିବ, —ତେବେ ଏହି କ୍ଷେତ୍ରରେ ଯେ କିପରି କଳ୍ପନାଶକ୍ତିର, କେତେ ଅଦ୍ଭୁତ କଳ୍ପନାଶକ୍ତିର ପ୍ରୟୋଗ କରାଯାଇଛି, ତୁମେ ତାହାର ପ୍ରମାଣ ପାଇପାରିବ । ପୃଥିବୀ ଉପରେ ଯେତେଯେତେ ପ୍ରାଣୀ ବାସ କରୁଛନ୍ତି, ଯଦି ତୁମକୁ ସେହି ସମସ୍ତଙ୍କୁ ସୃଷ୍ଟି କରିବାକୁ ପଡ଼ିଆନ୍ତା, ତେବେ ତୁମେ ନିଶ୍ଚୟ ତାହାକୁ ଏକ ଅତି କଷ୍ଟକର ବ୍ୟାପାର ବୋଲି ଆବିଷ୍କାର କରିଥାନ୍ତ । ମାତ୍ର ବର୍ତ୍ତମାନ ତୁମେ ସେମାନଙ୍କୁ ଆଖି ଆଗରେ ଦେଖୁଛ ବୋଲି ତାହା ତୁମକୁ ବେଶ୍ ସ୍ୱାଭାବିକ ବୋଲି ମନେହେଉଛି । ···ଗୋଟାଏ ଅତ୍ୟନ୍ତ ଉଚ୍ଚ ଗଛରୁ ଜିରାଫ୍‌ଟିଏ ମୁହଁ ବଢ଼ାଇ ଫଳ ଛିଣ୍ଡାଇ ଖାଉଥିବାର ସାଧାରଣ ଚିତ୍ରଟିଏ ସେଦିନ ମୋ ଆଖିରେ ପଡ଼ିଥିଲା । ମୁଁ କହିଲି : "ଗଛ ଉପରକୁ ମୁହଁ ବଢ଼ାଇ ଫଳ ଛିଣ୍ଡାଇ ଖାଇ ପାରିବା ଲାଗି ଏପରି ଏକ ଲମ୍ବା ବେକ ରହିଥିବା ପ୍ରାଣୀଟିର ଧାରଣା କରିପାରିବା ନିମିତ୍ତ ନିଶ୍ଚୟ ସେହିପରି ଏକ କଳ୍ପନାଶକ୍ତି ରହିଥିବା ଦରକାର !" ଏହା ପ୍ରକୃତରେ ଅତି ଆଶ୍ଚର୍ଯ୍ୟଜନକ । ଏବଂ ପ୍ରକୃତି ଭିତରେ ସବୁ ଠିକ୍ ସେହିପରି ଆଶ୍ଚର୍ଯ୍ୟଜନକ, ଠିକ୍ ସେହିପରି ଚମତ୍କାର । ଏଗୁଡ଼ାକ ଦେଖିଲାବେଳେ ଆମକୁ ଭାରି ସ୍ୱାଭାବିକ ବୋଲି ମନେ ହୋଇଥାଏ, କାରଣ ଆମେ ତ ସବୁଦିନେ ଏସବୁ ଦେଖୁଛୁ; ମାତ୍ର ଆମ ପାଖରେ ପ୍ରକୃତରେ ଅଦ୍ଭୁତ ପ୍ରତିଭା ରହିଥିବା ଏକାନ୍ତ ଆବଶ୍ୟକ ।···

ତେଣୁ, ଯେଉଁ ବ୍ୟକ୍ତି ପାଖରେ ସେହି ପ୍ରତିଭାଟି ରହିଛି ଏବଂ ତାହା ସଙ୍ଗେ ସଙ୍ଗେ ପ୍ରକୃତିର କଳ୍ପନାଶକ୍ତିଟିକୁ ହୃଦୟଙ୍ଗମ କରିବାର ଶକ୍ତି ମଧ୍ୟ ରହିଛି, ସିଏ କେବେହେଲେ ଏକଥା ଇଚ୍ଛା କରିବ ନାହିଁ ଯେ ଲୋକମାନେ ପ୍ରକୃତିର ବ୍ୟାପାରରେ ଯାଇ କୌଣସି ପ୍ରକାର ହସ୍ତକ୍ଷେପ କରନ୍ତୁ । ପ୍ରକୃତି ତ କହୁଥିବ : "ମୁଁ ଯାହା କରୁଛି, ତୁମେ ସେହି କଥା କରି ପାରିବ କି ?"

ପ୍ରକୃତିର ହୃଦ୍‌ବୋଧ କରାଇବାକୁ ପଡ଼ିବ ଯେ ସିଏ ଯାହାକିଛି କରୁଛି, ତୁମେ ତାହାକୁ କୌଣସି ପ୍ରକାରେ ଆଦୌ ବିଗାଡ଼ି ଦେବାକୁ ଇଚ୍ଛା କରୁ ନାହଁ;

'oaob.nitrkl.ac.in' images reprocessed

ତୁମେ କେବଳ ଆଉକିଛି ଅଧିକ ସମ୍ଭବ କରିବାକୁ ଇଚ୍ଛା କରୁଛ । ପ୍ରକୃତିର ହୃଦ୍‌ବୋଧ କରାଇବା ଲାଗି କେବଳ ଗୋଟିଏ ବାଟ ରହିଛି; ତୁମେ ସେହି କାର୍ଯ୍ୟଟିକୁ ନିଜେ କରିବ । ଯେପର୍ଯ୍ୟନ୍ତ ତାହା କେବଳ ଏକ ଅଭିପ୍ରାୟରେହିଁ ସୀମାବଦ୍ଧ ହୋଇ ରହିଥିବ, ସେପର୍ଯ୍ୟନ୍ତ ପ୍ରକୃତି କେବଳ ହସିବାରେ ଲାଗିଥିବ, ସିଏ କେବଳ ଦେଖିବାରେ ଲାଗିଥିବ ଓ କହୁଥିବ : "ଆଚ୍ଛା ଦେଖିବା, ଆଚ୍ଛା ଦେଖିବା, ତୁମେ ପ୍ରକୃତରେ କ'ଣ କରିବାକୁ ଯାଉଛ କହିଲ ?"

ମାତ୍ର ତୁମେ ଯେତେବେଳେ କାର୍ଯ୍ୟଟିକୁ କରି ଦେଖାଇଦେବ, ମୁଁ ବିଶ୍ୱାସ କରୁଛି, ପ୍ରକୃତି ସେତେବେଳେ କହିବାକୁ ବସିବ : "ହିଁ, ତୁମେ ଭଲ କାମଟିଏ କଲ ।"

ତେଣୁ କେବଳ ଗୋଟିଏ ବାଟ ରହିଛି; ନିଜେ କରି ଦେଖାଇ ଦେବାକୁ ପଡ଼ିବ ।

## ୯ ସେପ୍‌ଟେମ୍ବର, ୧୯୫୩

"ପ୍ରତ୍ୟେକ ଥର, ଯେତେବେଳେ ଦିବ୍ୟ ପରମସତ୍ୟ ଏବଂ ପରମଶକ୍ତିର କୌଣସି ଅଂଶ ଏହି ପୃଥିବୀପୃଷ୍ଠରେ ପ୍ରକାଶିତ ହେବା ଲାଗି ଅବତୀର୍ଣ୍ଣ ହୋଇଆସେ, ସେତେବେଳେ ପୃଥିବୀର ପରିବେଶରେ କେତେକ ପରିବର୍ତ୍ତନ ସଂଘଟିତ ହୋଇଥାଏ । ସେହି ଅବତରଣଟି ସମୟରେ ଯେଉଁମାନେ ଗ୍ରହଣଶୀଳ ହୋଇ ରହିଥାନ୍ତି, ସେମାନେ ସେଥିରୁ ପ୍ରେରଣା ପାଇବା ଲାଗି ଜାଗ୍ରତ ହୋଇ ଉଠନ୍ତି, ସେମାନେ କିଛିତ ସ୍ପର୍ଶ ଲାଭ କରନ୍ତି; କିଛି ଦେଖିବାକୁ ଆରମ୍ଭ କରନ୍ତି । ସେମାନେ ଯାହାକିଛି ଗ୍ରହଣ କଲେ, ଯଦି ସେଇଟିକୁ ଧାରଣ କରିବାକୁ ଏବଂ ବ୍ୟକ୍ତ କରିବାକୁ ସେମାନେ ସମର୍ଥ ହେଉଥାନ୍ତେ, ତେବେ ସେମାନେ ହୁଏତ କହି ପାରୁଥାନ୍ତେ, 'ଏକ ବିପୁଳ ଶକ୍ତି ଜଗତକୁ ଅବତୀର୍ଣ୍ଣ ହୋଇ ଆସିଛି; ମୁଁ ସେହି ଶକ୍ତିଟି ସହିତ ସମ୍ପର୍କ ଲାଭ କରିଛି ଏବଂ ତାହା ବିଷୟରେ ମୁଁ ଯାହାକିଛି ବୁଝିଛି, ତାହା ତୁମକୁ ନିଶ୍ଚୟ କହିଦେଇ ପାରିବ ।' ମାତ୍ର ଅଧିକାଂଶ ଲୋକ ସେଥିପାଇଁ ସମର୍ଥ

'oaob.nitrkl.ac.in' images reprocessed

ହୁଅନ୍ତି ନାହିଁ, କାରଣ ସେମାନଙ୍କର ମନ ତଥାପି କ୍ଷୁଦ୍ର ହୋଇ ରହିଛି । ସେମାନେ ସନ୍ଦୀପିତ ହେଉଛନ୍ତି, ସତେଅବା ତାହାଦ୍ୱାରା ଅଧିକୃତ ହୋଇ ପଡ଼ୁଛନ୍ତି ଓ ଚିତ୍କାର କରି କହୁଛନ୍ତି, 'ମୁଁ ସେହି ଦିବ୍ୟ ପରମସତ୍ତାକୁ ପାଇଛି, ମୁଁ ତାହାକୁ ସମଗ୍ର ଓ ସମ୍ପୂର୍ଣ୍ଣ ଭାବରେ ପାଇପାରିଛି ।'......

"ଏହି ସକଳ ବସ୍ତୁର ମଧ୍ୟଦେଇ କାର୍ଯ୍ୟ କରୁଥିବା ଗୋଟିଏ ଦିବ୍ୟ ପରମ ଚେତନା ଏଠାରେ ବିଦ୍ୟମାନ ରହିଛି, ଏହି ଯାବତୀୟ ରୂପାୟନର ମଧ୍ୟଦେଇ ଆପଣାର ମାର୍ଗଟିକୁ ପ୍ରସ୍ତୁତ କରିବାରେ ଲାଗିଛି । ବର୍ତ୍ତମାନ ତାହା ଏଠାରେ ଏହି ପୃଥିବୀ ଉପରେ ପୂର୍ବବର୍ତ୍ତୀ ଯେକୌଣସି କାଳର ତୁଳନାରେ ଅଧିକ ଶକ୍ତିଶାଳୀ ଭାବରେ କାର୍ଯ୍ୟ କରିବାରେ ଲାଗିଛି । ଏଠାରେ କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି କୌଣସି ପ୍ରକାରେ ତାହାର ସ୍ପର୍ଶଟିକୁ ଲାଭ କରୁଛନ୍ତି, ଅଥବା କେତେକ ପରିମାଣରେ ତାହା ଲାଭ କରୁଛନ୍ତି; ମାତ୍ର ସେମାନେ ଯାହାକିଛି ଲାଭ କରୁଛନ୍ତି, ତାହାକୁ ବିକୃତ କରି ପକାଉଛନ୍ତି, ସେମାନେ ଏଇଟି ଭିତରୁ ଆପଣାର ବସ୍ତୁଗୁଡ଼ିକୁ ଗଢ଼ି ଥୋଇ ଦେଉଛନ୍ତି । ଆଉ ଅନ୍ୟମାନେ ସ୍ପର୍ଶଟିକୁ ଅନୁଭବ କରୁଛନ୍ତି ସତ, ମାତ୍ର ଶକ୍ତିଟିକୁ ପ୍ରକୃତରେ ସହ୍ୟ କରି ପାରୁ ନାହାନ୍ତି ଏବଂ ତାହାରି ଗୃହଣ ଫଳରେ ପାଗଳ ହୋଇ ଯାଉଛନ୍ତି । ମାତ୍ର ତଥାପି କେତେଜଣଙ୍କର ତାହାକୁ ଗ୍ରହଣ କରିବା ଲାଗି ସାମର୍ଥ୍ୟ ରହିଛି, ତାହାକୁ ସହ୍ୟ କରିପାରିବା ଲାଗି ଆବଶ୍ୟକୀୟ ବଳ ବି ରହିଛି; ଏବଂ ସେହିମାନେହିଁ ପୂର୍ଣ୍ଣଜ୍ଞାନର ପାତ୍ର ହୋଇ ରହିବାକୁ ଯାଉଛନ୍ତି, ସେହିମାନେହିଁ ନିର୍ବାଚିତ ନିମିତ୍ତ ଏବଂ ବାହକରୂପେ କାର୍ଯ୍ୟ କରିବାକୁ ଯାଉଛନ୍ତି ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୯ ଜୁନ୍)

ଦିବ୍ୟ ପରମଶକ୍ତି ଯେଉଁ ନିମିତ୍ତଟି ମଧ୍ୟରେ ଆପଣାକୁ ପ୍ରକାଶିତ କରନ୍ତି, ତାହାକୁ ସେ କିପରି ନିର୍ବାଚିତ କରିଥାନ୍ତି ?

'oaob.nitrkl.ac.in' images reprocessed

ଘନିଷ୍ଠ ସମ୍ବନ୍ଧ ଦ୍ୱାରହିଁ ସେ ତାହା କରିଥାନ୍ତି । ଅସଲ ଗୁଣଟିକୁ ଜାଣିବା ପାଇଁ, ଚେତନାର ପ୍ରକୃତିଟି ଦିବ୍ୟ ପ୍ରଭାବକ୍ଷେତ୍ରଟି ମଧ୍ୟରେ ସ୍ପଷ୍ଟ ଦୃଶ୍ୟମାନ ହେଉଥାଏ । ତାହାର ଏକ ବିଶେଷ ସ୍ପନ୍ଦନ ରହିଥାଏ, ଏକ ବିଶେଷ ଆଲୋକ ରହିଥାଏ, ଏବଂ ସେଇଟିକୁ ଦେଖିହୁଏ । ଏବଂ ସେହି କାରଣରୁ, ଯେତେବେଳେ ଏକ ଘନିଷ୍ଠ ସମ୍ବନ୍ଧ ରହିଥାଏ (ବେଳେବେଳେ ପ୍ରାୟ ଏକ ଘନିଷ୍ଠ ସମ୍ବନ୍ଧ ରହିଥାଏ, ଆଉ ବେଳେବେଳେ ଏକ ଏକାତ୍ମତା ରହିଥାଏ;—ସତ୍ତାଟି କେଉଁ ମାତ୍ରାରେ ପରିପୂର୍ଣ୍ଣତା ଲାଭ କରିଛି, ତାହା ତାହାର ଉପରେ ନିର୍ଭର କରୁଥାଏ ।), ସେତେବେଳେ ପରମଶକ୍ତି ତାହାର ମଧ୍ୟକୁହିଁ ଗତି କରିଥାଏ । ଯେଉଁମାନଙ୍କର ରୂପାୟନ ତଥାପି ହେବାରେ ଲାଗିଥାଏ, ମାତ୍ର ଯେଉଁମାନଙ୍କର ଚୈତ୍ୟସତ୍ତା ଯଥେଷ୍ଟ ପରିମାଣରେ ବିକାଶଲାଭ କରିଥାଏ, ସେମାନଙ୍କୁ ପ୍ରକୃତରେ ସ୍ପଷ୍ଟ ଦେଖିହୁଏ, ସେମାନଙ୍କର ସ୍ପନ୍ଦନଗୁଡ଼ିକୁ ଦେଖିହୁଏ, ସେଠାରେ ଅବସ୍ଥିତ ସତ୍ତାଟିକୁ ଦେଖିହୁଏ ଏବଂ ସେହି ଅନୁସାରେ ପ୍ରକାଶିତ ହେବାର ମାତ୍ରାଟି ମଧ୍ୟ ନିର୍ଦ୍ଧାରିତ ହୋଇଯାଏ, ରୂପାୟନର ନିର୍ଦ୍ଦିଷ୍ଟ ଧାରାଟି ଏବଂ ରୂପାୟନର ମହତ୍ତ୍ୱ ଏବଂ ପରିବେଶଗୁଡ଼ିକ ମଧ୍ୟ ନିର୍ଦ୍ଧାରିତ ହୋଇଯାଏ । ଏହି ସବୁକିଛି ଅନ୍ତର୍ଗତ ଦୃଷ୍ଟିରହିଁ ଅଂଶଗତ ହୋଇ ରହିଥାଏ ।

ମାତ୍ର ହୁଏତ ଏପରି ଘଟିପାରେ ଯେ କମିଉଟି ଏସବୁ କଥା କିଛି ବୁଝିପାରେ ନାହିଁ; କାରଣ ଯେଉଁ ବ୍ୟକ୍ତିଟି ମଧ୍ୟରେ ପରମ ଶକ୍ତି ପ୍ରକାଶ ଲାଭ କରେ, ତାହାର ମୁଣ୍ଡ ଅନେକ ସମୟରେ ଠିକ୍ ରହେ ନାହିଁ ଓ ପରମଶକ୍ତିକୁ ଧାରଣ କରି ରଖିବାକୁ ସେ ଏକାନ୍ତ ଅସମର୍ଥ ହୋଇପଡ଼େ ?

ହଁ, ସେପରି କିଛିସୁଦ୍ଧା ଘଟିପାରେ । ଏହି କ୍ଷେତ୍ରରେ ସବୁକିଛି ସମ୍ଭବ । ମାତ୍ର ସାଧାରଣତଃ...... ସେଦିନ ବି ମୁଁ ତୁମକୁ ଏହି କଥାଟି କହୁଥିଲି; ଚୈତ୍ୟସତ୍ତା-ମାନଙ୍କର ପୁନର୍ଜନ୍ମ ବିଷୟରେ କହିବା ସମୟରେ ମୁଁ କହୁଥିଲି ଯେ ଆପଣାର ଜନ୍ମସ୍ଥିତିରୁ ସେମାନେ ଏକ ନିର୍ଦ୍ଦିଷ୍ଟ ସ୍ପନ୍ଦନକୁ ଦେଖିବାକୁ ପାଆନ୍ତି, ଏକ ନିର୍ଦ୍ଦିଷ୍ଟ ଆଲୋକ ମଧ୍ୟ ଦେଖନ୍ତି ଏବଂ ସେଇଥିରୁ ସେମାନେ ଜାଣିବାକୁ ପାଆନ୍ତି ଯେ ସେମାନେ ତାହାର ମଧ୍ୟରେହିଁ ଅବତରଣ କରିବେ । ମାତ୍ର ଅବତରଣ କରି ଆସୁଥିବା ସମୟରେ ସେମାନେ ଅଧିକାଂଶ ସମୟରେ ଅଚେତନା ମଧ୍ୟକୁହିଁ ଅବତରଣ କରିଥାନ୍ତି ଏବଂ ଅନ୍ତତଃ ସେହି ସମୟଟି ଲାଗି ଆପଣାର ସାମର୍ଥ୍ୟଗୁଡ଼ିକୁ

'oaob.nitrkl.ac.in' images reprocessed

ହୁଏଇ ବସନ୍ତି । ସର୍ବଶେଷରେ ସେମାନେ ଆପଣାର ସ୍ୱପ୍ରକୃତିକୁ ଅବଶ୍ୟ ଫେରି ଆସିଥାନ୍ତି । ମାତ୍ର ଏହି ଫେରି ଆସିବା ଲାଗି କିଛି ସମୟ ଲାଗେ; ଆମର ଅଗ୍ରଗତି ଚାଲୁଥିବା ସମୟରେ ପରସ୍ପରର ପରବର୍ତ୍ତୀ ଏକାଧିକ ସନ୍ଦୀପନ ଦ୍ୱାରା ଏହା ସଂଘଟିତ ହୋଇଥାଏ ।

ପ୍ରାଣିକ ସତ୍ତା ଏବଂ ମାନସ ସତ୍ତା,— ଦୁଇଟି ମଧ୍ୟରୁ ସାଧାରଣତଃ କେଉଁଟି ଅଧିକ ବେଗରେ ଅଗ୍ରଗତି କରିଥାଏ ?

ସେହି କଥାଟି ଲୋକମାନଙ୍କ ଉପରେ ନିର୍ଭର କରେ । ଯେଉଁମାନଙ୍କର ପ୍ରାଣିକ ଅଂଶଟି ଅଧିକ ଶକ୍ତିଶାଳୀ ହୋଇ ରହିଥାଏ, ସେମାନଙ୍କ କ୍ଷେତ୍ରରେ ପ୍ରାଣିକ ସତ୍ତା ଅଧିକ ବେଗରେ ଗତି କରେ, ଏବଂ, ଯେଉଁମାନଙ୍କର ମାନସ ଅଂଶଟି ଅପେକ୍ଷାକୃତ ଅଧିକ ଶକ୍ତିଶାଳୀ ଥାଏ, ସେମାନଙ୍କ କ୍ଷେତ୍ରରେ ମାନସ ସତ୍ତାହିଁ ଅଧିକ କ୍ଷିପ୍ର ହୋଇ ଗତି କରିଥାଏ । ଜଣେ ବ୍ୟକ୍ତି ପ୍ରକୃତରେ କେଉଁ କ୍ଷେତ୍ରରେ ଅଧିକ ସକ୍ରିୟ ଓ ଅଧିକ ବଳଶାଳୀ, ଏଠାରେ ତାହାରି ଉପରେହିଁ ସବୁ କଥା ପୂର୍ଣ୍ଣ ଭାବରେହିଁ ନିର୍ଭର କରିବ । କେଉଁ ପ୍ରକାରେ ଅଧିକ ସକ୍ରିୟ ଓ ଅଧିକ ଶକ୍ତିଶାଳୀ ? ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଦୁହିଁଙ୍କ ଭିତରେ ଏହି ମିଶ୍ରଣଟି ବିଭିନ୍ନ ପ୍ରକାରେ ହୋଇ ରହିଥାଏ, ତେଣୁ ଏହି କ୍ଷେତ୍ରରେ ଆମେ କୌଣସି ସାଧାରଣ ନିୟମ ରଖିବା ନାହିଁ ଓ ତାହା କିପରି ଯେ ହେବ, ସେ ବିଷୟରେ ଆଗରୁ କିଛି ହେଲେ କହିବା ନାହିଁ । ଆମେ ଏତିକି କହି ପାରିବା ଯେ, କେତେକ ନିର୍ଦ୍ଦିଷ୍ଟ ପ୍ରକାରର କ୍ଷେତ୍ରରେ ଏହା ଏପରି ହେବ, ଏବଂ ଆଉ କେତେକ କ୍ଷେତ୍ରରେ ଏହା ସେପରି ହେବ ।

ମାତ୍ର, ତୁମକୁ ସତକଥା କହିବାକୁ ଗଲେ, ଯଦି ଦୁହିଁଙ୍କ ମଧ୍ୟରେ ସମ୍ମତି ନଥାଏ, ଯଦି ଗୋଟିଏ ଏପଟେ ଟାଣୁଥାଏ ତ ଅନ୍ୟଟି ଆରପଟେ ଟାଣୁଥାଏ, ତେବେ ସେହି ଅବସ୍ଥାରେ ଖୁବ୍ ବେଶୀ ଅଗ୍ରଗତି ସମ୍ଭବ ହେବ ବୋଲି ମୁଁ ଆଦୌ ବିଶ୍ୱାସ କରୁ ନାହିଁ । ସେହି ସ୍ଥଳରେ ତାହା ସର୍ବଦା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇ ରହିବ । ଏବଂ ମନକୁ ଯଦି ପ୍ରଥମେ ଶିକ୍ଷିତ କରି ନିଆଯାଏ, ତେବେ ତାହାହିଁ ସାଧାରଣତଃ ଅଧିକ ଭଲ ହେବ, କାରଣ ଏହି ମନରହିଁ ସତ୍ତାର ଅନ୍ୟ ଅଂଶଗୁଡ଼ିକୁ ସଂଗଠିତ କରିନେବାର କ୍ଷମତା ରହିଥିବା ଦରକାର ।

(ଏଠାରେ ମାଆ ଅଟକିଗଲେ ଓ ହଠାତ୍ ସାଧକମାନଙ୍କ ଆଡ଼କୁ ଅନାଇଲେ ।) ଏଠି ଉପସ୍ଥିତ ଥିବା ଜଣେ ବର୍ତ୍ତମାନ ଏହିପରି ଏକ କଥା ମନରେ ପାଞ୍ଚୁଛି ଯେ···ଅଥବା, ତୁମେମାନେ ଯଦି ଏହିପରି ଭାବରେ କହିବାକୁ ଚାହୁଁଛ, ସିଏ ଏକ ନୀଳ ରଙ୍ଗ କାଗଜର ଆକାର ଗ୍ରହଣ କରିଛି, ଯାହା ଉପରେ କି କ'ଣସବୁ

'oaob.nitrkl.ac.in' images reprocessed

ଲେଖାହୋଇ ରହିଛି । କାଗଜଟି ପବନରେ ବୁଲିବୁଲି ତଳକୁ ଆସି ପଡ଼ିଲା ଓ ତୁମମାନଙ୍କ ଭିତରୁ ଜଣକ ଉପରେ ଆସି ପଡ଼ିଲା । ତେଣୁ, ତୁମମାନଙ୍କ ମଧ୍ୟରୁ କେହି ହଠାତ୍ କୌଣସି ଶୃଙ୍ଖଳାକର ଉତ୍ତର ପାଇଛ କି ନାହିଁ, ମୁଁ ସେହି କଥା ଜାଣିବାକୁ ଇଚ୍ଛା କରୁଛି ?…କେହି ପାଇ ନାହଁ ?…ତୁମମାନଙ୍କ ଭିତରୁ କିଏ ଏପରି କଲା, ମୁଁ ଠିକ୍ ଠଉରାଇ ପାରିଲି ନାହିଁ, ମାତ୍ର କାଗଜଟି ଉପରେ ବୁଲି ବୁଲି ଆସି ତଳେ ପଡ଼ିଲା ।…ଏବଂ ତା'ଠାରୁ ଆହୁରି ଖରାପ କିଛି ଘଟିଲା । ତାହା ତୁମମାନଙ୍କ ମଧ୍ୟରୁ ଜଣକ ଉପରେ ଆସି ପଡ଼ିଲା । ହଁ, ଖଣ୍ଡେ ନୀଳବର୍ଣ୍ଣ କାଗଜ, ତାହା ଖଣ୍ଡେ ନୀଳବର୍ଣ୍ଣ କାଗଜର ଆକାର ଗ୍ରହଣ କଲା ଏବଂ ତାହା ଉପରେ ଭାରି ଆଗ୍ରହୋଦ୍ଦୀପକ ଉତ୍ତରଟିଏ ଲେଖାହୋଇ ରହିଥିଲା । କେହି କିଛି ପାଇ ନାହଁ ? କାହାରି ମୁଣ୍ଡ ଭିତରେ ହଠାତ୍ କୌଣସି ଏକ ଧାରଣା ଆସି ପ୍ରବେଶ କରି ନାହିଁ ? କରି ନାହିଁ ?

(କେହି ଉତ୍ତର ଦେଲେ ନାହିଁ ।)

ଯଦି ପ୍ରାଣିକ ଅଂଶଟି ଶିକ୍ଷିତ ହୋଇ ନଥାଏ ଏବଂ ମନ ଦୃଢ଼ ଭାବରେ ବିଶ୍ୱାସ କରୁଥାଏ ?

ହଁ, ନିଜ ସହିତ ବିବାଦ କରିହିଁ ତୁମର ସମୟ ଏହିପରି କଟି ଯାଇଥାଏ । ଗୋଟିଏ ତୁମକୁ ଏପଟକୁ ଟାଣେ ଏବଂ ଆରଟି ତୁମକୁ କୌଣସି ଉତ୍ତମ ଉପଦେଶ ଦେବାକୁ ଇଚ୍ଛା କରୁଥାଏ, ମାତ୍ର ତୁମେ ତା' କଥାକୁ କାନ ଦେଉ ନଥାଅ । ତେଣୁ ତୁମକୁ ସତେ ଅବା କେତେ କିଏ ଚାରିଆଡ଼ୁ ଟାଣୁଥିବା ପରି ତୁମେ ଅନୁଭବ କର । ତୁମର କ'ଣ କରିବା ଉଚିତ, ସେହି କଥାଟି ତୁମେ ଜାଣିଥାଅ, ମାତ୍ର ସେହି ଅନୁସାରେ କାର୍ଯ୍ୟ କର ନାହିଁ । ଯାହା କରିବା ଆଦୌ ଉଚିତ ନୁହେଁ, ତୁମେ ସେହି କଥାଟିକୁ ମଧ୍ୟ ଜାଣିଥାଅ, ମାତ୍ର ସେଇଟିକୁହିଁ କରିପକାଅ । ଏବଂ ଏହିପରି ନିର୍ବୋଧ କାର୍ଯ୍ୟଗୁଡ଼ିକୁ କରୁଥିବାରୁ ତୁମେ ଦୁଃଖିତ ହୁଅ । ଏହିପରି ଭାବରେ ଏଠି ଦୁଇଟି କଥା ରହିଛି, ଦୁଇଟି କାରଣ ସକାଶେ ତୁମେ ଦୁଃଖିତ ହୁଅ : ପ୍ରଥମତଃ, ତୁମେ ଯେଉଁ ନିର୍ବୋଧ କାର୍ଯ୍ୟଗୁଡ଼ିକ କରିଛ, ସେଥିଲାଗି, ଏବଂ ଦ୍ୱିତୀୟତଃ, ସେସବୁ ଫଳରେ ଯେଉଁ ପଶ୍ଚାତ୍ତାପ ଭୋଗିବାକୁ ହୁଏ, ସେଥିଲାଗି । ଏହି ଅବସ୍ଥାଟି ପ୍ରକୃତରେ ଭାରି ଯନ୍ତ୍ରଣାଦାୟକ ।…

ପ୍ରାଣିକ ଅଂଶଟିକୁ କ'ଣ ଶିକ୍ଷିତ କରାଯାଇ ପାରିବ ନାହିଁ ?

'oaob.nitrkl.ac.in' images reprocessed

ପ୍ରାଣିକ ଅଂଶଟିକୁ ଦୀକ୍ଷିତ କରାଯିବ ? ହଁ, ହଁ, ତାହା ନିଶ୍ଚୟ କରାଯାଇ ପାରିବ । ଏହା କରିବା ଭାରି କଷ୍ଟସାଧ୍ୟ, ମାତ୍ର ଏହା ଅବଶ୍ୟ କରାଯାଇ ପାରିବ । ଯଦି ସେହି କଥାଟି କରାଯାଇ ପାରୁ ନଥାନ୍ତା, ତେବେ ପ୍ରକୃତରେ ଆଉ କୌଣସି ଆଶାହିଁ ନଥାନ୍ତା । ମାତ୍ର ସାଧାରଣତଃ ଆମର ମନ ଏଥିଲାଗି ଆଦୌ ଯଥେଷ୍ଟ ଶକ୍ତିଶାଳୀ ହୋଇ ପାରେ ନାହିଁ । ମୁଁ ଏଭଳି ଅନେକ, ଅନେକ ଲୋକଙ୍କୁ ଜାଣିଥିଲି, ଯେଉଁମାନେ କି ଅତ୍ୟନ୍ତ ସ୍ପଷ୍ଟଭାବରେ ସବୁକିଛି ଦେଖି ପାରୁଥିଲେ, ଖୁବ୍ ଭଲଭାବରେ ସବୁକିଛି ବୁଝିପାରୁଥିଲେ, ସେମାନଙ୍କର ମନରେ ସେମାନଙ୍କର ପୂର୍ଣ୍ଣ ହୃଦ୍‌ବୋଧ ହୋଇ ଯାଇଥିଲା, ଏପରିକି ସେମାନେ ତୁମକୁ ଆସି ଅନେକ ଅନେକ ଅସାଧାରଣ କଥା ବର୍ଣ୍ଣନା କରି କହି ପାରୁଥିଲେ, ଅନ୍ୟମାନଙ୍କୁ ଭାରି ଚମତ୍କାର ଭାବରେ କେତେକେ'ଣ ଶିକ୍ଷା ଦେଇ ପାରୁଥିଲେ, ମାତ୍ର ସେମାନଙ୍କର ପ୍ରାଣିକ ଅଂଶଟି ଯାବତୀୟ ପ୍ରକାରର କୌଶଳ ଖେଳିବାରେ ଭାରି ଧୁରନ୍ଧର ହୋଇ ରହିଥିଲା ଏବଂ ସେହିସବୁ କୌଣସି କଥାକୁ କାନ ଦେବା ଲାଗି ଆଦୌ ପ୍ରସ୍ତୁତ ନଥିଲା । ସେମାନଙ୍କର ପ୍ରାଣିକ ଅଂଶଟି କହିବାରେ ଲାଗିଥିଲା "ତୁମେ ଯାହା ମନ ତାହା କହୁଥାଅ ପଛକେ, ସେଥିରେ ମୋର କିଛି ଯାଏ ଆସେ ନାହିଁ; ମୁଁ ମୋ ନିଜ ବାଟଟିରେ ଯେମିତି ଚାଲିଛି, ସେମିତି ନିଶ୍ଚୟ ଚାଲିବି ।"

କେବଳ ଚୈତ୍ୟ ଅଂଶଟି ସହିତ ସମ୍ପର୍କ ସ୍ଥାପନ ସମ୍ଭବ ହୋଇ ପାରିଲେ ଯାଇ ତାହାଦ୍ୱାରା ଆଉ ସାହାକିଛିକୁ ଦୀକ୍ଷିତ କରି ନିଆଯାଇ ପାରିବ,—ଏପରିକି ଗୋଟିଏ ମୁହୂର୍ତ୍ତରେ ମଧ୍ୟ ତାହା ସବୁଠାରୁ ବଡ଼ ଅପରାଧୀଟିକୁ ଦୀକ୍ଷିତ କରିନେଇ ପାରିବ । ଏଗୁଡ଼ିକୁ ଆମେ ସେହିସବୁ ଗୋଟିଏ ଗୋଟିଏ "ସନ୍ଦୀପନ" ବୋଲି କହିବା, ଯାହାକି ତୁମକୁ ଆସି ଅଧିକାର କରିନିଅନ୍ତି ଓ ତୁମକୁ ସେହି ଭିତରୁହିଁ ବାହାରଯାଏ ଗୋଟାସୁଦ୍ଧା ବଦଳାଇ ଦିଅନ୍ତି । ଏବଂ ତା'ପରେ ସବୁକିଛି ନିର୍ବିଘ୍ନ ଭାବରେ ଚାଲେ । ହଁ, କେବଳ ଅନୁକୂଳନର କ୍ଷେତ୍ରରେ ସାନ ସାନ ଅସୁବିଧାମାନ ଆସି ପଡ଼ିଥିପାରେ, ମାତ୍ର ତଥାପି ସବୁକିଛି ନିର୍ବିଘ୍ନ ହୋଇ ଚାଲିଥାଏ ।

ମାତ୍ର ମନ ହେଉଛି ଗୋଟାଏ ପକ୍‌କା ପ୍ରଚାରକ, ସେଇଟା ତା'ର ସ୍ୱଭାବ : ମନ କେତେ ଭାଷଣ ଦିଏ, ଉପଦେଶ ଦିଏ, ଗୀର୍ଜାରେ ଯେମିତି ଭାଷଣ ଓ ଉପଦେଶମାନ ଦିଆଯାଏ, ଠିକ୍ ସେମିତି । ତେଣୁ ପ୍ରାଣିକ ଅଂଶଟି ଏଥିରେ ଭାରି ଧୈର୍ଯ୍ୟଚ୍ୟୁତ ହୋଇପଡ଼େ ଓ ତାହା ବେଶ୍ ଅଭଦ୍ର ଭାବରେ ମନକୁ ଆସି କହିବାକୁ ଲାଗେ : ତୁମେ ପ୍ରକୃତରେ ଭାରି ଉପଦ୍ରବ କରିବାରେ ଲାଗିଛ ! ତୁମେ ଯାହାସବୁ କହୁଛ, ସେଗୁଡ଼ାକ ତୁମ ପାଇଁ ସିନା ଭଲ, ମାତ୍ର ଏସବୁ କଥା ମୋ ପାଇଁ ଆଦୌ ଚଳିବ ନାହିଁ ।" ଅଥବା, ଖୁବ୍ ବେଶୀ ହେଲେ, ଯେତେବେଳେ ମନ ପାଖରେ ବିଶେଷ ଭାବରେ କେତେକ ଉଲ୍ଲେଖଯୋଗ୍ୟ ସାମର୍ଥ୍ୟ ରହିଥାଏ ଏବଂ ପ୍ରାଣିକ

'oaob.nitrkl.ac.in' images reprocessed

ସ୍ତରଟା ମଧ୍ୟ କିଛିଟା ଉଚ୍ଚତର ପ୍ରକାରର ହୋଇଥାଏ, ସେତେବେଳେ ପ୍ରାଣ ଯାଇ ମନ ପାଖରେ ଏପରି କହିପାରେ : "ଆ-ହା ! ତୁମେ ମତେ ଯେଉଁସବୁ କଥା କହୁଛ, ସେଗୁଡ଼ାକ ପ୍ରକୃତରେ କେଡ଼େ ସୁନ୍ଦର କଥା (ବେଳେ ବେଳେ ଏପରି ମଧ୍ୟ ଘଟେ), କିନ୍ତୁ ତୁମେ ତ ନିଶ୍ଚୟ ଦେଖି ପାରୁଥିବ ଯେ ଏସବୁ କରିବା ଲାଗି ମୋ ପାଖରେ ଆଦୌ ଶକ୍ତି ନାହିଁ; ଏସବୁ ଯେ ଖୁବ୍ ସୁନ୍ଦର କଥା, ସେଥିରେ କୌଣସି ସନ୍ଦେହ ନାହିଁ; ମାତ୍ର ସେସବୁ ହେଉଛି ମୋ ଶକ୍ତିର ବାହାରେ ।"

ମାତ୍ର ଏହି ପ୍ରାଣିକ ଅଂଶଟି ପ୍ରକୃତରେ ଏକ ବିଚିତ୍ର ଜୀବ । ଏହି ପ୍ରାଣଟି ଭିତରେ କେତେକେତେ ପ୍ରବଳ ଅଭିଳାଷ ରହିଥାଏ, କେତେ ଉତ୍ସାହ ରହିଥାଏ ଓ ସ୍ୱଭାବତଃ କେତେ ବାସନା ମଧ୍ୟ ରହିଥାଏ । ମାତ୍ର, ଉଦାହରଣସ୍ୱରୂପ, କୌଣସି ସୁନ୍ଦର ବସ୍ତୁର ସମ୍ମୁଖରେ ଆସି ହାଜିର୍ ହୋଇଗଲେ ସେଥିରେ ପୁଲକିତ ଅନୁଭବ କରିବା ଲାଗି ପ୍ରାଣର ବେଶ୍ ସାମର୍ଥ୍ୟ ବି ଥାଏ, ପ୍ରଶଂସା କରିବାର ସାମର୍ଥ୍ୟ ରହିଥାଏ ଏବଂ ତା' ନିଜଠାରୁ ଅଧିକ ବୃହତ୍ତ ଓ ଅଧିକ ଉଦାର ଆଉ କୌଣସି ବସ୍ତୁର ଉପସ୍ଥିତିକୁ ଅନୁଭବ କରିବାର ଶକ୍ତି ମଧ୍ୟ ପ୍ରାଣର ରହିଥାଏ । ଏବଂ, ଯଦି ସତ୍ତା ମଧ୍ୟରେ ପ୍ରକୃତରେ ସୁନ୍ଦର କୌଣସି କଥା ଘଟେ, ଯଦି ବିଶେଷ ମୂଲ୍ୟବାନ୍ କୌଣସି ଘଟଣା ସଂଘଟିତ ହୁଏ, ତେବେ ତା' ଫଳରେ ପ୍ରାଣିକ ଅଂଶଟି ମଧ୍ୟ ସେଥିରୁ ଖୁବ୍ ଉତ୍ସାହ ପାଏ ଏବଂ ସେଇଟିର ଉଦ୍ଦେଶ୍ୟରେ ପୂର୍ଣ୍ଣ ଶ୍ରଦ୍ଧାର ସହିତ ଆପଣାକୁ ଦେଇଦେବା ଲାଗି ମଧ୍ୟ ତା'ର ସାମର୍ଥ୍ୟ ଥାଏ,—ଉଦାହରଣସ୍ୱରୂପ, ତାହା ଏପରି ଏକ ମହାନୁଭବତା ସହିତ ଆପଣାକୁ ଆଣି ଦେଇ ଦେଇପାରେ ଯାହାକି ମନର ଅଥବା ଶରୀରର ଆସ୍ପୃହଣଟିରେ ହୁଏତ କଦାପି ସମ୍ଭବ ହୁଏ ନାହିଁ । ପ୍ରାଣିକ ଅଂଶଟି ଆପଣାକୁ ପରିପୂର୍ଣ୍ଣ ଭାବରେ ସମର୍ପି କରି ଦେଇପାରେ; ସିଏ କ'ଣ କରୁଛି, ସେହି ବିଷୟରେ କୌଣସି କାର୍ପଣ୍ୟ ଅଥବା ସଙ୍କୋଚ ନରଖି ଉତ୍ସାହ ଦ୍ୱାରା ପ୍ରେରିତ ହୋଇ ପାରିବାର ଏବଂ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଦେଇ ପାରିବାର ଯେଉଁ ସାମର୍ଥ୍ୟଟି ତାହା ପାଖରେ ରହିଥାଏ, ସେଇଥିଯୋଗୁହିଁ ଏକଥାଟି ସମ୍ଭବ ହୁଏ । ବୀରମାନଙ୍କର ପ୍ରାଣିକ ଅଂଶଟି ସବୁବେଳେ ଖୁବ୍ ଶକ୍ତିଶାଳୀ ହୋଇ ରହିଥାଏ, ଏବଂ ଯେତେବେଳେ କୌଣସି ବିଷୟରେ ପ୍ରାଣର ଉତ୍ସାହଟି ଜାଗ୍ରତ ହୋଇଆସେ, ସେତେବେଳେ ତାହା ଆଉ କୌଣସି ପ୍ରକାର ଯୁକ୍ତି ବା ଆଲୋଚନା ଲାଗି ଅପେକ୍ଷା କରି ବସେ ନାହିଁ, ତାହା ଜଣେ ଯୋଦ୍ଧାରୂପେ ବାହାରକୁ ବାହାରିଆସେ । ସିଏ କୌଣସି ଏକ କାର୍ଯ୍ୟରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପି କରି ଦେଇପାରେ ଏବଂ ଅନେକ ଅସାଧାରଣ କାର୍ଯ୍ୟକୁ ସମ୍ପନ୍ନ କରିପାରେ, କାରଣ ସିଏ କେବେ କୌଣସି କଥାର ଲାଭକ୍ଷତିକୁ ହିସାବ କରେ ନାହିଁ, ଯୁକ୍ତିମାନ ବାହାର କରି ଆଲୋଚନା କରିବାକୁ ଯାଏ ନାହିଁ କିଂବା "ଏଥିରେ ମୋତେ ସାବଧାନ ହୋଇ ଯାହାକିଛି

'oaob.nitrkl.ac.in' images reprocessed

କରିବାକୁ ହେବ, ଏକଥା କରିବା ମୋଟେ ଉଚିତ ହେବ ନାହିଁ, ସେକଥାଟି କରିବା ମଧ୍ୟ ଆଦୌ ଉଚିତ ହେବ ନାହିଁ" ବୋଲି ସିଏ କେବେହେଲେ କହିବାକୁ ଯାଏ ନାହିଁ । ପ୍ରାଣ କଦାପି ସତର୍କବୁଦ୍ଧି ଦ୍ୱାରା ପରିଚାଳିତ ହୁଏ ନାହିଁ, ଲୋକେ ଯେପରି କହିଥାନ୍ତି, ତାହା କେବଳ ହୁ' କରି ଜଳି ଉଠିପାରେ, ଆପଣାକୁ ସଂପୂର୍ଣ୍ଣ ଭାବରେ ଦେଇ ଦେଇପାରେ । ତେଣୁ, ଯଦି ତାହାକୁ ଉଚିତ ମାର୍ଗରେ ପରିଚାଳିତ କରାଯାଇପାରେ, ତେବେ ତାହା ଅନେକ ଅଦ୍‌ଭୁତ କାର୍ଯ୍ୟର ସାଧନ କରିପାରେ ।

ଏହିପରି ଭାବରେ ଦୀକ୍ଷିତ ଓ ସମ୍ମତ କରି ନିଆଯାଇଥିବା ପ୍ରାଣ ଏକ ଅତୀବ ଶକ୍ତିମାନ୍ ସାଧନରୂପେ କାର୍ଯ୍ୟ କରିପାରେ । ଏବଂ ଅନେକ ସମୟରେ, ନୈତିକ ଅଥବା ଭୌତିକ ଦୃଷ୍ଟିରୁ ଅତ୍ୟନ୍ତ ସୁନ୍ଦର କୌଣସି ଏକ ବିଷୟ ଦ୍ୱାରା ତାହା ପ୍ରକୃତରେ ଦୀକ୍ଷିତ ହୋଇଯାଏ । ଉଦାହରଣସ୍ୱରୂପ, ଯେତେବେଳେ ତାହା ସମଗ୍ର ଆତ୍ମୋତ୍ସର୍ଗ ବା କୌଣସି ଅକୁଣ୍ଠ ଆତ୍ମ-ନିବେଦନର ଏକ ଦୃଶ୍ୟର ପ୍ରତ୍ୟକ୍ଷ କରେ,— ଯାହା ସଚରାଚର ଅତି ବିରଳ ହୋଇ ରହିଥାଏ, ମାତ୍ର ଯାହା ଅତି ଚମତ୍କାର ଭାବରେ ବଡ଼ ସୁନ୍ଦର ହୋଇ ରହିଥାଏ,— ତେବେ ପ୍ରାଣ ସ୍ୱୟଂ ତାହାରି ଦ୍ୱାରା ପ୍ରେରିତ ହୋଇଯାଇ ପାରେ, ଠିକ୍ ସେହି କଥାଟି ସ୍ୱୟଂ କରିବା ଲାଗି ଏକ ମହାଦାକାଙ୍‌କ୍ଷା ଆସି ତାକୁ ଗୋଟାସୁଦ୍ଧା ଅଧିକାର କରି ନେଇପାରେ । ପ୍ରାଣ ଏକ ମହାଦାକାଙ୍‌କ୍ଷା ଦ୍ୱାରା ପ୍ରେରିତ ହୋଇ କୌଣସି ଏକ କାର୍ଯ୍ୟ ଆରମ୍ଭ କରେ ଏବଂ ଏକ ନିବେଦନ ଦ୍ୱାରାହିଁ ତାହାକୁ ପରିପୂର୍ଣ୍ଣ କରି ଦେଇଥାଏ ।

ପ୍ରାଣ କେବଳ ଗୋଟିଏ ମାତ୍ର କଥାକୁ ସର୍ବଦା ଘୃଣା କରୁଥାଏ; ଯେଉଁ ଜୀବନରେ ଆଦୌ କୌଣସି ସରସତା ନଥାଏ, କୌଣସି ବୈଚିତ୍ର୍ୟ ନଥାଏ, ବର୍ଣ୍ଣାଢ୍ୟତା, ରୁଚିକରତା ଏବଂ ପ୍ରାଣବନ୍ତତା ନଥିବା ସେହି ଯାବତୀୟ ବିଷୟ ପ୍ରତି ପ୍ରାଣର କେବେହେଲେ କୌଣସି ସ୍ପୃହା ନଥାଏ । ସେହିଭଳି କୌଣସି ବିଷୟର ସମ୍ମୁଖୀନ ହେଲେ ପ୍ରାଣ ଶୋଇବାକୁ ଚାଲିଯାଏ, ଜାଡ୍ୟ ଭିତରକୁ ସ୍ଖଳିତ ହୋଇଆସେ । ପ୍ରଚଣ୍ଡତା ଓ ତୀବ୍ରତା ରହିଥିବା ସବୁକଥା ପ୍ରାଣକୁ ଯେ ଖୁବ ଭଲ ଲାଗେ, ଏଥିରେ କୌଣସି ସନ୍ଦେହ ନାହିଁ । ପ୍ରାଣ ଅତିମାତ୍ରାରେ ଦୁଷ୍ଟ ହୋଇପାରେ, ଅତିମାତ୍ରାରେ ନୃଶଂସ ହୋଇପାରେ, ଅତିମାତ୍ରାରେ ଉଦାର ବି ହୋଇପାରେ, ଅତିମାତ୍ରାରେ ଭଲ ହୋଇପାରେ, ଅତିମାତ୍ରାରେ ବୀରୋଚିତ କେତେ କାର୍ଯ୍ୟ କରି ଦେଖାଇ ଦେଇପାରେ । ତାହା ସର୍ବଦା ସବୁ କଥାରେ ସେଗୁଡ଼ିକର ଶେଷ ମାତ୍ରା ପର୍ଯ୍ୟନ୍ତ ଯିବାକୁ ଭଲପାଏ, ଏବଂ ଇଚ୍ଛା କଲେ ଏପଟରେ ରହିପାରେ ନଚେତ୍ ସେପଟେ ବି ରହିପାରେ; ହଁ, ସୁଅ ଯେତେବେଳେ ଯେଉଁ ପଟକୁ ବହେ, ପ୍ରାଣ ସେହି ପଟରେ ବେଶ୍ ଯାଇ ରହିପାରେ ।

'oaob.nitrkl.ac.in' images reprocessed

ଏବଂ, ଏହି ପ୍ରାଣକୁ ତୁମେ ଯଦି ଏକ ଖରାପ ବାତାବରଣ ଭିତରେ ନେଇ ରଖିଥିବ, ତେବେ ସେ ନିଶ୍ଚୟ ସେହି ଖରାପ ବାତାବରଣଟିର ଅନୁକରଣ କରିବାକୁ ଆରମ୍ଭ କରିବ, କେତେ ପ୍ରଚଣ୍ଡତା ସହିତ ଖରାପ କଥାଗୁଡ଼ିକୁ କରୁଥିବ ଏବଂ ସେଗୁଡ଼ିକୁ ଅତିମାତ୍ରାରେହିଁ କରୁଥିବ। ମାତ୍ର ଯାହା ଖୁବ ସୁନ୍ଦର, ଖୁବ ଉଦାର, ବୃହତ୍, ଉଦାତ୍ତ ଓ ଦିବ୍ୟ ହୋଇ ରହିଥିବ, ଯଦି ତୁମେ ପ୍ରାଣକୁ ନେଇ ତାହାର ସମ୍ମୁଖରେ ରଖିଦେଇ ପାରିବ, ତେବେ ତାହା ସେଗୁଡ଼ିକ ଦ୍ୱାରା ମଧ୍ୟ ସମ୍ପୂର୍ଣ୍ଣ ଭାବରେ ପ୍ରେରିତ ହୋଇ ପାରିବ। ଆଉ ସବୁ କଥା ଭୁଲିଯାଇ ଆପଣାକୁ ସେହିଗୁଡ଼ିକ ଲାଗି ଦେଇ ଦେଇପାରିବ। ସତ୍ତାର ଆଉ ଯେକୌଣସି ଅଂଶ ଅପେକ୍ଷା ପ୍ରାଣ ଆପଣାକୁ ଅଧିକ ସମ୍ପୂର୍ଣ୍ଣ ଭାବରେ ଦେଇ ଦେଇପାରିବ, କାରଣ ପ୍ରାଣ କେବେହେଲେ କୌଣସି ଲାଭ କ୍ଷତିର ହିସାବ କରେ ନାହିଁ। ସିଏ କେବଳ ଆପଣାର ତୀବ୍ର ଇଚ୍ଛା ଏବଂ ଉତ୍ସାହଟିର ବୋଲକୁହିଁ ମାନିଥାଏ, ତାହାରି ଅନୁସରଣ କରୁଥାଏ। ଯେତେବେଳେ ତାହା ଭିତରେ ବାସନାମାନ ରହିଥାଏ, ତେବେ ସେହି ବାସନାଗୁଡ଼ିକ ବଡ଼ ତୀବ୍ର ହୋଇ ରହିଥାଏ, ଅନ୍ଧ ହୋଇ ରହିଥାଏ, ଏବଂ ଅନ୍ୟମାନଙ୍କର ତଦ୍ଦ୍ୱାରା କେଉଁଠି କି ଭଲ ହେବ ଅଥବା ମନ୍ଦ ହେବ, ସିଏ ସେସବୁର କୌଣସି ହିସାବହିଁ ରଖେ ନାହିଁ। ସିଏ କୌଣସିଟି ଲାଗି ବି ଏତେଟିକିଏ ଖାତିର କରେ ନାହିଁ। ମାତ୍ର ଯେତେବେଳେ ଅତ୍ୟନ୍ତ ସୁନ୍ଦର କୌଣସି ଏକ କଥା ଲାଗି ତାହା ଆପଣାକୁ ଉତ୍ସର୍ଗ କରିଦିଏ, ସେତେବେଳେ ମଧ୍ୟ, ତାହା ତଦ୍ଦ୍ୱାରା ତା'ର ଭଲ ହେବ କି ଅନିଷ୍ଟ ହେବ, ସେବିଷୟରେ କୌଣସି ବିଚାର ନକରି ଆପଣାକୁ ତାହାର ପାଖରେ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରି ଦେଇଥାଏ।

ପ୍ରାଣକୁ ଆମେ ଅସଲ ଜାତିର ଗୋଟିଏ ଘୋଡ଼ା ସହିତ ତୁଳନା କରିପାରିବା : ଯଦି ସିଏ କାହାରି ପରିଚାଳନା ଅନୁସାରେ ଚାଳିତ ହେବାକୁ ମନ କରିବ, ତେବେ ତାହା ସବୁଯାକ ଦଉଡ଼ ଜିତିନେଇ ପାରିବ, ସବୁଠାରେ ପ୍ରଥମ ହେବ। ମାତ୍ର ମଣ ହୋଇ ନପାରିଥିବା ପର୍ଯ୍ୟନ୍ତ ତାହା ହୁଏତ କେତେ ମଣିଷଙ୍କୁ ଦଳିଦେଇ ଚାଲିଯିବ, କେତେ କ'ଣ ଅନିଷ୍ଟ ଓ ଉତ୍ପାତ ଘଟାଇବ ଅଥବା ଆପଣାର ଗୋଡ଼ ବା ପିଠି ଭାଙ୍ଗି ପକାଇବ ! ହଁ, ଠିକ୍ ସେହି କଥାହିଁ କରିବ। ତେଣୁ ପ୍ରାଣ ପ୍ରକୃତରେ କେଉଁ ପଟକୁ ଯିବ, ଆମକୁ ସେହି ବିଷୟଟିକୁହିଁ ଜାଣିବାକୁ ପଡ଼ିବ। ପ୍ରାଣ ସର୍ବଦା ଅସାଧାରଣକୁହିଁ ଭଲ ପାଇଥାଏ; ଅସାଧାରଣ ଭଲକୁ ଭଲ ପାଏ, ଅସାଧାରଣ ମନ୍ଦକୁ ବି ଭଲ ପାଏ,— ସବୁବେଳେ ସେହି ଅସାଧାରଣକୁହିଁ ଭଲ ପାଏ। ସାଧାରଣ ଜୀବନଟା ତାକୁ ମୋଟେ ଭଲ ଲାଗେ ନାହିଁ। ସେତେବେଳେ ତାହା ଖୁବ ନୀରସ ଅନୁଭବ କରେ, ପ୍ରାୟ ଅଧାଜଡ଼ ହୋଇଗଲା

'oaob.nitrkl.ac.in' images reprocessed

ପରି ଅନୁଭବ କରେ । ଏବଂ ଯଦି ତାକୁ କେହି ଗୋଟାଏ କଣରେ ବନ୍ଦ କରିଦେଇ "ସେଇଠି ଚୁପ୍ ହୋଇ ବସିରହ" ବୋଲି କହେ, ତେବେ ତାହା ସେହିଠାରେହିଁ ପଡ଼ି ରହିଥାଏ; ସତେଯେପରି କି'ଣ ଗୋଟାଏ ଖଣ୍ଡଖଣ୍ଡ ହୋଇ ଭୁଷୁଡ଼ି ପଡ଼ୁଛି, ଅଧିକାଂଶତଃ ସେହିପରି ହୋଇ ରହିଥାଏ ଓ ଶେଷରେ ଗୋଟାଏ 'ମମି'ରେ ପରିଣତ ହୋଇଯାଏ । ତା' ଭିତରେ ସେତେବେଳେ ଆଉ କୌଣସି ଜୀବନ ନଥାଏ, ଜୀବନ ଗୋଟାପୁଣି ଶୁଷ୍କ ହୋଇ ମରି ଯାଇଥାଏ । ଏବଂ, ସେତେବେଳେ ଯାହା କରିବାକୁ ଇଚ୍ଛା ହେଉଥାଏ, ସେହି କଥାଟି କରିବା ଲାଗି ଆଦୌ ଶକ୍ତି ରହେ ନାହିଁ । ବିଚାରଗୁଡ଼ାକ ଭାରି ଚମତ୍କାର ହୋଇ ରହିଥାଏ, ଅଭିପ୍ରାୟଗୁଡ଼ାକ ବି ବଢ଼ିଆ ଥାଏ, ମାତ୍ର ସେଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବା ଲାଗି ଶକ୍ତି ନଥାଏ ।

ତେଣୁ ତୁମର ପ୍ରାଣଟି ଏପରି ଶକ୍ତିଶାଳୀ ହୋଇ ରହିଛି ବୋଲି କ୍ରନ୍ଦନ କରିବାର କୌଣସି ଆବଶ୍ୟକତା ନାହିଁ; ମାତ୍ର ତୁମର ଲଗାମଗୁଡ଼ାକ ଶକ୍ତ ହୋଇଥିବା ଦରକାର ଏବଂ ସେଗୁଡ଼ାକ ଅତି ଦୃଢ଼ଭାବରେ ତୁମର ହାତରେ ରହିଥିବା ଦରକାର । ତେବେ ସବୁକିଛି ସମୁଚିତ ଭାବରେ ଚାଲିପାରିବ ।

### ଆମର ନିରାଶାଭାବ କି'ଣ ଏହି ପ୍ରାଣରୁ ଆସିଥାଏ ?

ହଁ, ପ୍ରକୃତରେ ତାହାହିଁ ହୁଏ । ତୁମର ସବୁକିଛି କ୍ଲେଶ, ସବୁଯାକ ନୈରାଶ୍ୟ, ନିରୁତ୍ସାହ, ବିରକ୍ତି ଏବଂ କ୍ରୋଧ ସବୁକିଛି ସେହି ପ୍ରାଣିକ ସ୍ତରରୁହିଁ ଆସିଥାଏ । ଏହି ପ୍ରାଣହିଁ ପ୍ରେମକୁ ଘୃଣାରେ ପରିଣତ କରିଦିଏ, ତାହାହିଁ ପ୍ରତିଶୋଧ, ବିଦ୍ୱେଷ, ଅସତ୍ ଇଚ୍ଛା ଏବଂ ଧ୍ୱଂସ କରିବାର ଓ ଅନିଷ୍ଟ ଘଟାଇବାର ଯାବତୀୟ ମନୋଭାବକୁ ଉତ୍ତେଜିତ କରି ଆଣିଥାଏ । ଯେତେବେଳେ ସବୁକିଛି କଷ୍ଟକର ହୋଇପଡ଼େ ଓ ତାହାର ମନୋମତ ହେଉ ନଥାଏ, ସେତେବେଳେ ତାହା ତୁମକୁ ନିରୁତ୍ସାହିତ କରି ରଖେ । ଏବଂ କିଛି ନକରି ଚୁପ୍ ହୋଇ ବସିଯିବା ଲାଗି ତାହାର ଏକ ଅସାଧାରଣ ସାମର୍ଥ୍ୟ ରହିଥାଏ ! ଯେତେବେଳେ ସେ ସନ୍ତୁଷ୍ଟ ରହିପାରୁ ନଥାଏ, ସେତେବେଳେ କୋଉ କଣରେ ଯାଇ ଲୁଚି ରହିବାକୁ ଧାଇଁଯାଏ ଏବଂ ସେଠାରୁ ଏତେଟିକିଏ ହେଲେ ଘୁଞ୍ଚେ ନାହିଁ । ଏବଂ ସେତେବେଳେ ତୁମର ଆଉ କୌଣସି ଶକ୍ତି ରହେ ନାହିଁ, କୌଣସି ବଳ ରହେ ନାହିଁ, କୌଣସି ସାହସ ବି ରହେ ନାହିଁ । 'ତୁମର ଯାବତୀୟ ଇଚ୍ଛାଶକ୍ତି ସତେଅବା···ସତେଅବା କୌଣସି ଝାଉଁଳି ଝାଉଁଳି ଯାଉଥିବା ଗଛଟି ପରି ହୋଇ ରହିଥାଏ । ଯାବତୀୟ ପ୍ରକାରର ଆପତ୍ତି, ବିରକ୍ତି, କ୍ରୋଧ, ନୈରାଶ୍ୟ, ଯାବତୀୟ ଦୁଃଖ ଓ ଯାବତୀୟ ଦ୍ୱେଷ,—ସବୁକିଛି ଏହି ଭଦ୍ରଲୋକଙ୍କ ପାଖରୁହିଁ ଉତ୍ପନ୍ନ ହୋଇଥାଏ । କାରଣ ଶକ୍ତି ଯେତେବେଳେ ସକ୍ରିୟ ହୁଏ, ସେଇଥିରୁହିଁ ସେତେବେଳେ ପ୍ରାଣ ଉତ୍ପନ୍ନ ହୋଇ ଆସେ ।

'oaob.nitrkl.ac.in' images reprocessed

ତେଣୁ ପ୍ରାଣ ପ୍ରକୃତରେ କେଉଁ ପଟରେ ଅବସ୍ଥିତ ରହିବାକୁ ଇଚ୍ଛା କରୁଛି, ସବୁ କଥା ତାହାର ଉପରେ ନିର୍ଭର କରୁଛି । ଏବଂ ମୁଁ ପୂର୍ବଥରେ କହିରଖିଛି, ଧର୍ମଘଟ କରିବା ଲାଗି ପ୍ରାଣ ଭିତରେ ଏକ ଅତ୍ୟନ୍ତ ଶକ୍ତିଶାଳୀ ଅଭ୍ୟାସ ରହିଛି । ତାହାହିଁ ହେଉଛି ତାହାର ସବୁଠାରୁ ଅଧିକ ଶକ୍ତିଶାଳୀ ଅସ୍ତ୍ର : "ମୁଁ ଯାହା ଇଚ୍ଛା କରୁଛି, ତୁ ସେସବୁ ମୋଟେ କରୁ ନାହୁଁ; ତେବେ ମୁଁ ଆଉ କାହା କଥା ମାନିବି ନାହିଁ କି କିଛିହେଲେ କରିବି ନାହିଁ, ଏଥର ମୁଁ ସତେଅବା ମରି ସାରିଲିଣି ବୋଲି ଅଭିନୟ କରିବି ।" ଏବଂ ଏତେ ଟିକିଏ କାରଣରେ ମଧ୍ୟ ତାହା ଠିକ୍ ସେହି କଥା କରିବସେ । ତାହାର ସ୍ୱଭାବଟି ପ୍ରକୃତରେ ଭାରି ଖରାପ; ଟିକିକ କଥାରେ ଆଘାତ ପାଏ ଓ ଘୃଣାରେ ପୂରି କରି ରହିଥାଏ ।—ହଁ, ଏହାର ସ୍ୱଭାବ ଭାରି ଖରାପ । କାରଣ ମୁଁ ଭାବୁଛି ଯେ ତାହା ଆପଣାର ସାମର୍ଥ୍ୟଗୁଡ଼ାକ ବିଷୟରେ ଭାରି ସଚେତନ ହୋଇ ରହିଥାଏ ଏବଂ ଭାରି ସ୍ପଷ୍ଟ ଭାବରେ ଏକଥାଟିକୁ ଅନୁଭବ କରୁଥାଏ ଯେ ଯଦି ସେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଆଣି କାର୍ଯ୍ୟରେ ଲଗାଇ ଦେଇ ପାରିବ, ତେବେ ତା ଶକ୍ତିର ଗତିମାନତାଟିର ପ୍ରତିରୋଧ କରିବା ଲାଗି ଆଉ କାହାରି ହେଲେ ବଳ ପାଇବ ନାହିଁ । ଏବଂ, ନିକଟ ଉପରେ ଅଧିକ ଭାରି ହୋଇ ରହିଥିବା ସମସ୍ତଙ୍କ ପରି ଏହି ପ୍ରାଣ ମଧ୍ୟ କହିବାରେ ଲାଗିଥାଏ : "ମୁଁ ମୋ ଶକ୍ତିକୁ ତୋ ଲାଗି ଅବଶ୍ୟ ଖଟାଇବି ସତ, ମାତ୍ର ମୁଁ ଯାହା ଇଚ୍ଛା କରୁଛି ତୋତେ ତାହାହିଁ କରିବାକୁ ପଡ଼ିବ । ଏବଂ ମୁଁ ଯାହା ମାଗୁଛି, ଯଦି ମୋତେ ତୁ ସେକଥାଟି ନଦେଉ, ତେବେ, ଭଲ କଥା, ମୋ ଶକ୍ତିଟିକୁ ମୁଁ ପ୍ରତ୍ୟାହାର କରି ନେଇଯିବି ।" ଏବଂ ଏକଥା ଶୁଣି ତୁମର ତା' କଥା ନମାନି ଆଉକିଛି କରିବା ଲାଗି ଆଦୌ କୌଣସି ଜୋ' ନଥିବ । ହଁ, ଏକଥା ପ୍ରକୃତରେ ଏହିପରି ଏବଂ ସଚରାଚର ଏହାହିଁ ଘଟିଥାଏ ।

ପ୍ରାଣିକ ଅଂଶଟିକୁ ଆୟତ୍ତରେ ରଖିବା ପ୍ରକୃତରେ ଭାରି କଷ୍ଟକର । ମାତ୍ର ତଥାପି, ସେହି ଅଂଶଟିକୁ ଆୟତ୍ତକୁ ଆଣିବାରେ ସଫଳ ହୋଇ ପାରିଲେ ତୁମ ପକ୍ଷରେ ସ୍ୱଭାବତଃ ତୁମ ଉପଲବ୍ଧି ଲାଗି ଏକ ଅତ୍ୟନ୍ତ ଶକ୍ତିଶାଳୀ ଜିନିଷ ଆସି ପ୍ରାପ୍ତ ହୋଇଯାଏ । ଏବଂ ତାହାର ମଧ୍ୟରେହିଁ ବୃହତ୍ତମ ବାଧାଗୁଡ଼ିକୁ ମଧ୍ୟ ଝଡ଼ର ପବନ ପରି ଉଡ଼ାଇ ନେବାର ଶକ୍ତି ନିହିତ ହୋଇ ରହିଛି । ସେହି ପ୍ରାଣହିଁ ଜଣେ ନିର୍ବୋଧକୁ ବୁଦ୍ଧିମାନ୍‌ରେ ପରିଣତ କରିଦେଇ ପାରିବ; କେବଳ ସେଇ ପାରିବ । କାରଣ ଯଦି ଅଗ୍ରଗତି ଲାଗି ପ୍ରକୃତରେ ଏକ ବଳବତୀ ଇଚ୍ଛା ରହିଥାଏ, ଅଗ୍ରଗତି କରିବାକୁହିଁ ହେବ ବୋଲି ଯଦି ପ୍ରାଣିକ ଅଂଶଟି ଥରେ ସ୍ଥିର କରିନିଏ, ତେବେ ପୃଥିବୀର ସବୁଠାରୁ ବଡ଼ ନିର୍ବୋଧ ମଧ୍ୟ ବୁଦ୍ଧିମାନ୍ ହୋଇଯାଇ ପାରିବ । ଏକଥା ମୁଁ ଖାଲି ଶୁଣିଛି ବୋଲି କହୁ ନାହିଁ, ଏକଥା ମୁଁ ଦେଖିଛି । ମୁଁ ଏକଥା ସ୍ୱୟଂ ଦେଖିଛି; ଦେଖିଛି, ଯେଉଁ ଲୋକମାନେ ଅତ୍ୟନ୍ତ ନିର୍ବୋଧ ଓ ବୁଦ୍ଧିହୀନ ହୋଇ

'oaob.nitrkl.ac.in' images reprocessed

ରହିଥିଲେ, ଯେଉଁମାନଙ୍କର କିଛି ବୁଝିବା ଲାଗି ଶକ୍ତି ନ ଥିଲା, ଯେଉଁମାନେ କିଛି ବୁଝି ନ ଥିଲେ,—ତୁମେ ହୁଏତ ମାସ ମାସ ଧରି ସେମାନଙ୍କୁ କୌଣସି କଥା ବୁଝାଇବାରେ ଲାଗିଥିଲ, ମାତ୍ର ତାହା ସେମାନଙ୍କ ଭିତରେ ଆଦୌ ପ୍ରବେଶ କରୁ ନ ଥିଲା, ଯତେଯେପରି ଗୋଟାଏ ମୁଣ୍ଡା କାଠକୁ ତୁମେ କଥାଗୁଡ଼ାକ କହିବାରେ ଲାଗିଥିଲ,—ତା'ପରେ ଏବେ ହଠାତ୍ ସେମାନଙ୍କର ପ୍ରାଣିକ ଅଂଶରେ ପ୍ରବଳ ଗତିସଞ୍ଚାର ଆରମ୍ଭ ହୋଇ ଯାଉଥିଲା; ସେମାନେ ହୁଏତ କାହାରି ମନକୁ ଖୁସୀ କରିବାକୁ ଚାହୁଁଥିଲେ ଅଥବା କ'ଣ ଗୋଟାଏ ଜିନିଷ ଲାଭ କରିବାକୁ ଇଚ୍ଛା କରୁଥିଲେ,—ଏବଂ ସେଥିଲାଗି ବୁଝିବା ଦରକାର ହେଉଥିଲା, ଜାଣିବା ଦରକାର ହେଉଥିଲା,—ଏଗୁଡ଼ାକ ଦରକାର ବୋଲି ଅନୁଭୂତ ହେଉଥିଲା । ହଁ,—ତା'ପରେ ଏହିଗୁଡ଼ାକହିଁ ସବୁକିଛିରେ ଗତିସଞ୍ଚାର କରି ଦେଉଥିଲା, ଶୋଇଥିବା ମନକୁ ହଲାଇ କରି ଉଠାଇ ଦେଉଥିଲା; ଯେଉଁଠି କିଛି ହେଲେ ଶକ୍ତି ନ ଥିଲା, ସେମାନେ ସେହିଠାରେ କେତେକେତେ ଶକ୍ତି ଆଣି ଅଜାଡ଼ି ଦେଉଥିଲେ; ଏବଂ ତା'ପରେ ସେମାନେ ବୁଝିବାକୁ ସମର୍ଥ ହେଉଥିଲେ, ବୁଦ୍ଧିମାନ୍ ହୋଇ ପାରୁଥିଲେ । ମୁଁ ଏପରି ଜଣକୁ ଜାଣିଥିଲି ଯିଏକି ବସ୍ତୁତଃ ଆଦୌ କିଛି ଜାଣି ନ ଥିଲେ, କିଛି ବୁଝି ପାରୁ ନ ଥିଲେ; ଏବଂ ଯିଏକି, ଯେତେବେଳେ ମନ ଗତିଶୀଳ ହେଲା ଏବଂ ଅଗ୍ରଗତି କରିବାର ଏକ ବଳବତୀ ଇଚ୍ଛା ସମସ୍ତ କ୍ଷେତ୍ରଟିକୁ ଅଧିକାର କରିନେଲା, ସିଏ ଅଦ୍ଭୁତ ଅଦ୍ଭୁତ ଲେଖାମାନ ଲେଖିବାକୁ ସମର୍ଥ ହେଲେ । ସେହି ଲେଖାମାନ ମୋ ପାଖରେ ରହିଛି । ଏବଂ ଯେତେବେଳେ ସେହି ଗତିସ୍ପନ୍ଦନଟି ଆପଣାକୁ ପ୍ରତ୍ୟାହୃତ କରିନେଲା, ଯେତେବେଳେ ପ୍ରାଣିକ ଅଂଶଟି ଧର୍ମଘଟ ଆରମ୍ଭ କରିଦେଲା (କାରଣ ବେଳେବେଳେ ତାହା ଧର୍ମଘଟ କରି ବସୁଥିଲା, ଆପଣାକୁ ପ୍ରତ୍ୟାହୃତ କରି ନେଉଥିଲା), ସେହି ବ୍ୟକ୍ତିଜଣକ ପୂର୍ବପରି ପୁଣି ନିର୍ବୋଧ ହୋଇ ରହୁଥିଲେ ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଆମର ବାହ୍ୟତମ ଭୌତିକ ଚେତନା ଏବଂ ଚୈତ୍ୟ ଚେତନା ମଧ୍ୟରେ ଏକ ସତତ ସଂଯୋଗର ପ୍ରତିଷ୍ଠା କରିବା ଭାରି କଷ୍ଟକର । ଏକଥା ସତ୍ୟ ଯେ ଭୌତିକ ଚେତନାଟି ମର୍ମରେ ପ୍ରଭୁତ ସଦିଚ୍ଛା ରହିଛି; ଏହି ଚେତନା ଅତ୍ୟନ୍ତ ନିୟମାନୁବର୍ତ୍ତୀ ହୋଇ ରହିଥାଏ, ତାହା ସର୍ବଦା ଅନେକ ପ୍ରୟାସ କରିବାରେ ଲାଗିଥାଏ; ମାତ୍ର ତାହାର ଗତି ଭାରି ମନ୍ଥର ଏବଂ ଭାରି କଠିନ, ଏହାକୁ ଗତିଶୀଳ କରିବା ପ୍ରକୃତରେ ବଡ଼ କଷ୍ଟକର । ଏହା କ୍ଲାନ୍ତ ହୋଇ ଯାଏ ନାହିଁ ସତ, ମାତ୍ର ଏହା କୌଣସି ଚେଷ୍ଟା କରୁ ନ ଥାଏ; ଆପଣା ମାର୍ଗରେହିଁ ଚାଲିବାରେ ଲାଗିଥାଏ, ଚୁପ୍‌ଚାପ୍ ସେହିପରି ଯିବାରେ ଲାଗିଥାଏ । ଏହି ବାହ୍ୟ ଚେତନାଟିକୁ ଚୈତ୍ୟ ଚେତନାର ସମ୍ପର୍କରେ ଆଣି ପାରିବା ଲାଗି ହୁଏତ ଶତାବ୍ଦୀ ଶତାବ୍ଦୀ ସମୟ ବି ଲାଗିପାରେ । ମାତ୍ର କୌଣସି ନା କୌଣସି

'oaob.nitrkl.ac.in' images reprocessed

କାରଣରୁ ପ୍ରାଣ ମଧ୍ୟ ଏହି କ୍ଷେତ୍ରରେ ଆପଣାକୁ କାର୍ଯ୍ୟକାରୀ କରାଇବାକୁ ଆସି ପହଞ୍ଚିଯାଏ । ତା'ପରେ ଏକ ପ୍ରବଳ ଇଚ୍ଛା ଆସି ତାହାକୁ ଅଧିକାର କରିନିଏ । ତାହା ସେହି ଜିନିଷଟି ଲାଗି ଇଚ୍ଛା କରିବାକୁ ଆରମ୍ଭ କରେ (କୌଣସି ନା କୌଣସି କାରଣରୁ; ଏହି କାରଣଟି ଯେ ସର୍ବଦା ଏକ ଆଧ୍ୟାତ୍ମିକ କାରଣ ହୋଇଥାଏ, ସେପରି ଆଦୌ ନୁହେଁ ।), ମାତ୍ର ସେହି ଜିନିଷଟି ଲାଗି ତା'ର ଇଚ୍ଛା ଜାଗ୍ରତ ହୋଇଆସେ । ଆପଣାର ସକଳ ଶକ୍ତି ଓ ସକଳ ବଳ ଦେଇ, ଆପଣାର ସକଳ ଆକାଙ୍‌କ୍ଷା ଓ ସକଳ ଉତ୍ସାହ ଦେଇ ତାହା ସେହି ଜିନିଷଟିକୁ ଇଚ୍ଛା କରିବାକୁ ଲାଗେ : ଯେଉଁ କଥାଟିକୁ ସମ୍ପନ୍ନ କରିବାକୁ ଥିଲା, ତାହା ଦିନମାସରେ ସମ୍ଭବ ହୋଇଯାଏ ।

ତେଣୁ, ଏହି ପ୍ରାଣର ପ୍ରଭୂତ ଯତ୍ନ ନେବାକୁହିଁ ପଡ଼ିବ । ଅନେକ ବିଚାର ଓ ସହାନୁଭୂତି ନେଇ ତାହାର ସମ୍ମୁଖୀନ ହେବାକୁ ପଡ଼ିବ, ମାତ୍ର ତା' ଆଗରେ କଦାପି ମୁଣ୍ଡ ନୁଆଁଇ କିଛି ମାନିନେବାକୁ ପଡ଼ିବ ନାହିଁ । କାରଣ, ତା'ହେଲେ ତାହା ତୁମକୁ ଯାବତୀୟ ପ୍ରକାରର ପ୍ରମାଦଦାୟକ ଏବଂ ଅସୁନ୍ଦର ପ୍ରୟୋଗ ମଧ୍ୟକୁ ଆକର୍ଷିତ କରି ନେଇଯିବ; ଏବଂ କୌଣସି ପ୍ରକାରେ ତୁମେ ଯଦି କୌଣସି ବିଷୟରେ ତାହାର ହୃଦ୍‌ବୋଧ କରାଇ ପାରିବ, ତେବେ ତୁମେ ଆପଣାର ମାର୍ଗରେ ଅସୁର ପରି ପାଦ ପକାଇ କେତେ ନା କେତେ ଆଗକୁ ଚାଲିଯାଇ ପାରିବ ।

## ୧୬ ସେପ୍ଟେମ୍ବର, ୧୯୫୩

"ଯୋଗସାଧନା କରୁଥିବା କୌଣସି ବ୍ୟକ୍ତି ମଧ୍ୟରେ ଯେଉଁ ଶକ୍ତିଟି ଅବତରଣ କରି ପ୍ରବେଶ କରିଥାଏ ଓ ତାହାର ରୂପାନ୍ତରରେ ସହାୟତା କରିଥାଏ, ତାହା ଅନେକ ବିଭିନ୍ନ ମାର୍ଗରେ ବିବିଧ ଭାବରେ କାର୍ଯ୍ୟ କରିଥାଏ ଏବଂ ଆଧାରସ୍ଥ ଯେଉଁ ସ୍ୱଭାବଟି ତାହାକୁ ଗ୍ରହଣ କରେ ଏବଂ ସଂପୃକ୍ତ ସାଧନାଟିରେ ଯେଉଁ କାର୍ଯ୍ୟଟି ସାଧନ କରିବାକୁ ରହିଥାଏ, ସେହି ଶକ୍ତି ଦ୍ୱାରା ସଂଘଟିତ ପରିଣାମଗୁଡ଼ାକ ସେହି ଅନୁସାରେ ବିବିଧ ମଧ୍ୟ ହୋଇଥାଏ । ପ୍ରଥମତଃ, ସତ୍ତାଟି ମଧ୍ୟରେ ଯାହାକିଛି ରୂପାନ୍ତର ଲାଗି ପ୍ରସ୍ତୁତ ଥାଏ, ସେହି ଶକ୍ତି ସେହି ସବୁଗୁଡ଼ିକର

'oaob.nitrkl.ac.in' images reprocessed

ରୂପାନ୍ତରକୁ ତ୍ୱରାନ୍ୱିତ କରିଆଣେ । ଯଦି ସାଧକ ତା'ର ମନର କ୍ଷେତ୍ରରେ ଉନ୍ମୁକ୍ତ ଏବଂ ଗ୍ରହଣକ୍ଷମ ହୋଇ ରହିଥାଏ, ତେବେ, ଯୋଗଶକ୍ତିର ସ୍ପର୍ଶ ଲାଭ କରି ସେହି ମନ ଅତ୍ୟନ୍ତ ସତ୍ୱର ଗତିରେ ବଦଳିଯିବାକୁ ଏବଂ ଅଗ୍ରସର ହେବାକୁ ଆରମ୍ଭ କରେ । ଯଦି ପ୍ରାଣିକ ଚେତନାଟି ପ୍ରସ୍ତୁତ ରହିଥାଏ, ତେବେ ସେହି କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନର ସେହି ସତ୍ୱରତା ଘଟିପାରେ; ଏପରିକି, ଶରୀର ପ୍ରସ୍ତୁତ ହୋଇ ରହିଥିଲେ, ଶରୀରରେ ବି ସେହି କ୍ଷିପ୍ରତା ଆସି ପ୍ରବେଶ କରିପାରେ । ମାତ୍ର ଶରୀରର କ୍ଷେତ୍ରରେ ଯୋଗର ରୂପାନ୍ତରକାରିଣୀ ଶକ୍ତିଟି କେବଳ ଏକ ନିର୍ଦ୍ଦିଷ୍ଟ ମାତ୍ରାରେହିଁ ଆପଣାକୁ କାର୍ଯ୍ୟକାରୀ କରିଥାଏ; କାରଣ ଶରୀରର ଗ୍ରହଣକ୍ଷମତା ମଧ୍ୟ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ରହିଥାଏ । ଏହି ବିଶ୍ୱଜଗତରେ ସବୁଠାରୁ ଅଧିକ ଭୌତିକ ହୋଇ ରହିଥିବା ଭୂମିଟି ଏବେସୁଦ୍ଧା ଏପରି ଏକ ଅବସ୍ଥାରେ ରହିଛି, ଯେଉଁଥିରେ ବି ଗ୍ରହଣଶୀଳତା ଅନେକ ପରିମାଣରେ ଏକ ପ୍ରତିରୋଧପ୍ରବଣତା ସହିତ ସମ୍ମିଶ୍ରିତ ହୋଇ ରହିଯାଇଛି । ମାତ୍ର ଯଦି ସତ୍ତାର ଗୋଟିଏ ଅଂଶରେ ଅତ୍ୟନ୍ତ ତ୍ୱରିତ ସହିତ ଅଗ୍ରଗତି ହେଉଥିବ ଏବଂ ଅନ୍ୟ ଅଂଶଗୁଡ଼ିକରେ ତତ୍ତୁଲ୍ୟ ଅଗ୍ରଗତି ହୋଇ ପାରୁ ନଥିବ, ତେବେ ତାହା ଫଳରେ ପ୍ରକୃତି ମଧ୍ୟରେ ଏକ ଅସମଞ୍ଜସତା ଆସି ପହଞ୍ଚିବ, କେଉଁଠି ନା କେଉଁଠି ଏକ ଅବ୍ୟବସ୍ଥା ଆସି ପହଞ୍ଚିଯିବ । ଏବଂ ଯେତେବେଳେ କୌଣସି ନା କୌଣସିଠାରେ ଏକ ଅବ୍ୟବସ୍ଥା ଘଟିବାକୁ ଆରମ୍ଭ କରିବ, ସେତେବେଳେ ତାହା ହୁଏତ ଆପଣାକୁ ଏକ ଅସୁସ୍ଥତାରୂପେ ପ୍ରକଟ କରିଦେବାକୁ ବାହାରିବ । ଅସୁସ୍ଥତାର ପ୍ରକୃତିଟି ଏହି ଅବ୍ୟବସ୍ଥାଟିର ପ୍ରକୃତି ଉପରେ ସର୍ବଦା ନିର୍ଭର କରିବ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୬ ଜୁନ୍)

ଶରୀରର ଗ୍ରହଣଶୀଳତା ସୀମାବଦ୍ଧ ହୋଇ ରହିଥାଏ କାହିଁକି ?

'oaob.nitrkl.ac.in' images reprocessed

କାରଣ, ଯେପରି ବିଭିନ୍ନ ବସ୍ତୁ ପରସ୍ପର ସହିତ ଗୋଳାଆମିଶା ହୋଇ ନଯିବେ, ସେଥିଲାଗି ଶରୀରର ଜଗତରେ ସବୁକିଛିକୁ କୌଣସି ନା କୌଣସି ପ୍ରକାରେ ନିୟମବଦ୍ଧ ବା ନିର୍ଦ୍ଦେଶିତ କରି ରଖାଯାଇଥାଏ । ଉଦାହରଣସ୍ୱରୂପ, ଯଦି ତୁମର ଶରୀର ଏପରି ଅତିରିକ୍ତ ଭାବରେ ସୂକ୍ଷ୍ମ ଏବଂ ନମନୀୟ ହୋଇ ରହିଥାଏ ଯେ ତାହା ଆଉ ଜଣେ ବ୍ୟକ୍ତିଙ୍କର ଉପସ୍ଥିତିରେ ସତେଅବା ତରଳିବାକୁ ଆରମ୍ଭ କରେ, ତେବେ ତାହା ନିଶ୍ଚୟ ଏକ ବିରକ୍ତିକର ଅବସ୍ଥାର ସୃଷ୍ଟି କରିବ । ବା, ଯଦି ତୁମେ କାହାରି ଆହୁରି ଅଧିକ ନିକଟ ହୋଇ ଆସ, ଯଦି ଦୁହିଁଙ୍କୁ ଏକାଠି ହୋଇ ମିଶିଯିବାକୁ ଥାଏ, ତେବେ ତାହା ନିଶ୍ଚୟ ଭାରି ଅପ୍ରୀତିକର ହେବାକୁ ଆରମ୍ଭ କରିବ । ତେଣୁ ଏହି କାରଣରୁହିଁ, ଗୋଟିଏ ବ୍ୟକ୍ତିସତ୍ତାକୁ ଆଉଗୋଟିଏ ବ୍ୟକ୍ତିସତ୍ତା-ଠାରୁ ଅଲଗା କରି ରଖିବାକୁ ଶକ୍ତିର କ୍ଷେତ୍ରରେ ଏକ ବୃହତ୍ତର ସଂକେନ୍ଦ୍ରଣ ବା ଏକ ପ୍ରକାରର ଅପରିବର୍ତ୍ତନୀୟତାର ପ୍ରୟୋଜନ ହୋଇଥିଲା (ପ୍ରକୃତରେ ଏହିପରି ଅଲଗା କରି ରଖିବାର ଆବଶ୍ୟକତାରୁହିଁ ସେପରି କରିବା ଦରକାର ହୋଇଥିଲା ।) ଏବଂ ଏହିପରି ଏକ ନିୟମସ୍ଥିରତାହିଁ ଶରୀର ଯେପରି ବେଗର ସହିତ ବୃଦ୍ଧିପ୍ରାପ୍ତ ହୋଇପାରନ୍ତା ଓ ତାହାର ଯେତେ ଶୀଘ୍ର ବୃଦ୍ଧିପ୍ରାପ୍ତ ହେବା ଉଚିତ, ଶରୀରକୁ ସେତିକି ବେଗର ସହିତ ବୃଦ୍ଧିପ୍ରାପ୍ତ ହେବାକୁ ନିବୃତ୍ତ କରି ରଖିଥାଏ । ବୟସବୃଦ୍ଧି ସଙ୍ଗେସଙ୍ଗେ ଜଣେ ଯେମିତି ଆପଣାର ସାଧାରଣ ଉଚ୍ଚତା ଏବଂ ଶରୀରଗଠନ ହାସଲ କରିନିଏ, ସିଏ ସେତିକି ପରିମାଣରେ ଦୁର୍ନମ୍ୟ ହେବାରେ ବି ଲାଗିଥାଏ । କାରଣ ପିଲାମାନଙ୍କ ଭିତରେ ବୃଦ୍ଧିର ଏହି ନମନଶୀଳତା ରହିଥାଏ, ସେମାନେ ସତତ ବଦଳିଯିବାରେ ଲାଗିଥାନ୍ତି, ସେମାନଙ୍କର ପରିବର୍ତ୍ତନକୁ ଆଖିରେ ମଧ୍ୟ ଦେଖିହୁଏ । ତେଣୁ ସେମାନେ ଯେପର୍ଯ୍ୟନ୍ତ ସାନ ଥାଆନ୍ତି, ବଢୁଥାନ୍ତି ଓ ବିକାଶ ଲାଭ କରୁଥାନ୍ତି, ସେପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ନମନୀୟତା ରହିଥାଏ; ମାତ୍ର ଯେତେ-ବେଳେ ତୁମର ବୟସ ତ୍ରିଶକୁ ଅଧିକ ହୁଏ, ଏବଂ, ଜୀବନରେ ସାଧାରଣତଃ ଯେପରି ହୋଇଥାଏ, ଯେତେବେଳେ ତୁମେ ଆଉ ଆଗକୁ ନଯାଇ ସ୍ଥିର କରି ବସିଯାଅ ଏବଂ ତୁମେ ତୁମର ଲକ୍ଷ୍ୟସ୍ଥଳରେ ଆସି ପହଞ୍ଚି ଯାଇଛ ବୋଲି ଭାବିବାକୁ ଆରମ୍ଭ କର, ଏଥର ତୁମ ପରିଶ୍ରମର ଫଳଟିକୁ ପାଇବାର ବେଳ ଆସି ପହଞ୍ଚିଗଲା ବୋଲି ଭାବ, ସେତେବେଳେ ତୁମେ ଶୁଷ୍କ ହୋଇଆସ, କାଠପରି କଠିନ ହେବାକୁ ଆରମ୍ଭ କର ଏବଂ ଶେଷକୁ ପଥର ପରି ଟାଣ ହୋଇଯାଅ । ଏବଂ ଅନ୍ତର୍ଗତ ରୂପାନ୍ତରର ଗତିକ୍ରିୟାଟି ଅନୁସାରେ ଶରୀର ଆପଣାକୁ ଅନୁକୂଳିତ କରି ପାରିବା ଲାଗି ଅତି ସମର୍ଥ ହେଉ ନଥିବାରୁ, ସେଇଟା ମଧ୍ୟ ଏଣିକି ସତେଅବା କେବଳ ଦୋଷାରି ହେବାକୁ ଲାଗେ, ବୁଢ଼ା ହେବାକୁ ଲାଗେ, ଆଉ ତାଳ ସହିତ ତାଳ ଦେଇ ଚାଲି ପାରେ ନାହିଁ; ତାହା ଗୋଟାସୁଦ୍ଧା ଶୁଷ୍କ ହୋଇପଡ଼େ ।

'oaob.nitrkl.ac.in' images reprocessed

**ମୃତ୍ୟୁ ପରେ ବି କ'ଣ ଅନ୍ତର୍ଗତ ସତ୍ତ୍ୱର ଅଗ୍ରଗତି ତଥାପି ଅବ୍ୟାହତ ରହେ ?**

ତାହା ସମ୍ପୂର୍ଣ୍ଣ ଭାବରେ ସମ୍ପୃକ୍ତ ବ୍ୟକ୍ତିଟି ଉପରେ ନିର୍ଭର କରେ । ଏହା ବ୍ୟକ୍ତି ବ୍ୟକ୍ତିରେ ଭିନ୍ନ ଭିନ୍ନ ପ୍ରକାରର ହୋଇଥାଏ । ଉଦାହରଣସ୍ୱରୂପ, ଏଭଳି ବ୍ୟକ୍ତିମାନେ ରହିଛନ୍ତି,—ଲେଖକ, ସଂଗୀତଜ୍ଞ, କଳାବିତ୍, ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେକି ଆପଣା ବୁଦ୍ଧିଗମ୍ୟତାର ଶୀର୍ଷଗୁଡ଼ିକରେ ଯାଇ ଉପନୀତ ହୋଇଛନ୍ତି, ସେମାନଙ୍କର ତଥାପି ଆଉକିଛି କରିବାକୁ ରହିଛି ବୋଲି ଯେଉଁମାନେ ଅନୁଭବ କରୁଛନ୍ତି, ସେମାନେ ଯାହାକିଛି କରିବାକୁ ଲକ୍ଷ୍ୟ ରଖିଥିଲେ, ସେଗୁଡ଼ିକୁ ଏପର୍ଯ୍ୟନ୍ତ ସମାପ୍ତ କରି ନାହାନ୍ତି ଓ ଆପଣାର ପୂର୍ବନିର୍ଦ୍ଧାରିତ ଲକ୍ଷ୍ୟଗୁଡ଼ିକରେ ଏପର୍ଯ୍ୟନ୍ତ ଆସି ପହଞ୍ଚି ନାହାନ୍ତି ବୋଲି ଯେଉଁମାନେ ଅନୁଭବ କରୁଛନ୍ତି, ସେହି କାରଣରୁ ସେମାନେ ଯେତେ ଦୀର୍ଘକାଳ ସମ୍ଭବ ଏହି ବିଶ୍ୱ-ପରିବେଶଟି ମଧ୍ୟରେ ରହିବାକୁ ପ୍ରସ୍ତୁତ ବି ରହୁଛନ୍ତି; ଯଥାସମ୍ଭବ ଅଧିକ ସଂସକ୍ତଶୀଳ ହୋଇ ସେମାନେ ଏଇଠି ରହିବାକୁ ପ୍ରସ୍ତୁତ ରହୁଛନ୍ତି ଏବଂ ଅନ୍ୟ ମନୁଷ୍ୟ-ଶରୀର ଧାରଣ କରି ସେମାନେ ପୁନର୍ବାର ଆବିର୍ଭୂତ ହେବାକୁ ଏବଂ ଅଗ୍ରଗତିଟିକୁ ଅବ୍ୟାହତ ରଖିବାକୁ ଚେଷ୍ଟା କରୁଛନ୍ତି । ଏପରି ଦୃଷ୍ଟାନ୍ତ ମୁଁ ଅନେକ ଦେଖିଛି । ଜଣେ ସଂଗୀତଜ୍ଞଙ୍କର ଭାରି ଚମତ୍କାର ଦୃଷ୍ଟାନ୍ତଟିଏ ମୋ ସମ୍ମୁଖରେ ରହିଛି, ସିଏ କି ପିଆନୋ ବଜାଉଥିଲେ (ଅଦ୍ଭୁତ ଦକ୍ଷତା ସହିତ ପିଆନୋ ବଜାଉଥିଲେ), ଯାହାଙ୍କର ହାତରେ କୌଶଳ, ଯଥାର୍ଥତା, ସୁସ୍ପଷ୍ଟତା, ଶକ୍ତିମତ୍ତା ଓ ଗତିଚଞ୍ଚଳତା ସବୁକିଛି ଅତ୍ୟନ୍ତ ବିସ୍ମୟକର ଭାବରେ ଭରି ରହିଥିଲା;—ପ୍ରକୃତରେ ଅତ୍ୟନ୍ତ ଅସାଧାରଣ ଭାବରେ ତାହା ଭରି ରହିଥିଲା । ଏହି ସଂଗୀତଜ୍ଞ ଖୁବ୍ ଅଳ୍ପ ବୟସରେ ପ୍ରାଣତ୍ୟାଗ କରିଥିଲେ, ଏବଂ ସେତେବେଳେ ଏହାହିଁ ଅନୁଭବ କରିଥିଲେ ଯେ ଯଦି ସେ ଆଉ କିଛିଦିନ ବଞ୍ଚିଥାନ୍ତେ, ତେବେ ସଂଗୀତର ଅଭିବ୍ୟକ୍ତି-କ୍ଷେତ୍ରରେ ନିଶ୍ଚୟ ଆହୁରି ଅନେକ ଅଗ୍ରଗତି କରି ପାରିଥାନ୍ତେ । ଏବଂ ତାଙ୍କର ଏହି ଅଭୀପ୍ସାଟି ତାଙ୍କ ଭିତରେ ଏତେବେଶୀ ପ୍ରବଳ ହୋଇ ରହିଥିଲା ଯେ ତାଙ୍କର ନିପୁଣ ହସ୍ତଗୁଡ଼ିକ ବିଘଟିତ ହୋଇ ନଯାଇ ଆପଣାର ଆକାରଟିକୁ ସଂରକ୍ଷିତ ରଖି ପାରିଥିଲେ, ଏବଂ ଯେତେବେଳେ କିଞ୍ଚିତ୍ ମାତ୍ରାରେ ଗ୍ରହଣଶୀଳ, ଗ୍ରହଣସମ୍ମତ ଓ ଉତ୍ତମ ଆଉ କୌଣସି ସଂଗୀତଜ୍ଞଙ୍କ ସହିତ ତାଙ୍କର ଭେଟ ହୋଇ ଯାଉଥିଲା, ସେତେବେଳେ ତାଙ୍କର ହାତଗୁଡ଼ିକ ସଂଗୀତରତ ଅନ୍ୟ ହାତଗୁଡ଼ିକ ମଧ୍ୟରେ ପ୍ରବିଷ୍ଟ ହୋଇ ଯାଉଥିଲା; ସେହି ସମୟରେ ସିଏ ପିଆନୋ ବଜାଉଥିଲେ, ସିଏ ଯେତେ ଭଲ ହେଲେ ମଧ୍ୟ କେବଳ ଅତି ସାଧାରଣ ଭାବରେହିଁ ତାହା ବଜାଇ ପାରୁଥିଲେ; ମାତ୍ର ସେହି

'oaob.nitrkl.ac.in' images reprocessed

ମୁହୂର୍ତ୍ତିଟିରେ ସିଏ ଯେ କେବଳ ଜଣେ ପ୍ରବୀଣ ବାଦକରେ ପରିଣତ ହୋଇ ଯାଉଥିଲେ ତା’ ନୁହେଁ, ମାତ୍ର ଯେତିକ ସମସ୍ତ ବାଦ୍ୟଟିକୁ ବଜାଉଥିଲେ, ସେହି ଅବଧିଟି ଲାଗି ଜଣେ ଅତିଚମତ୍କାର କଳାକାରରୂପେ ଆପଣାର ପରିଚୟ ଦେଇ ପାରୁଥିଲେ । ସେହି ଅନ୍ୟ ବାଦକଙ୍କର ହାତଗୁଡ଼ିକହିଁ ସେତେବେଳେ ତାଙ୍କୁ ନିମିତ୍ତରୂପେ ବ୍ୟବହାର କରିବାରେ ଲାଗିଥିଲା । ଏହି ଘଟଣାଟିକୁ ମୁଁ ନିଜେ ଜାଣେ । ଜଣେ ଚିତ୍ରକରଙ୍କ ଜୀବନରେ ମଧ୍ୟ ମୁଁ ଠିକ୍ ସେହି କଥା ଦେଖିଛି; ସେଠାରେ ମଧ୍ୟ ଆମେ ସେହି ହାତଗୁଡ଼ିକର ପ୍ରସଙ୍ଗଟିକୁହିଁ ଦେଖିବାକୁ ପାଇବା । କେତେକ ଲେଖକଙ୍କ ଜୀବନରେ ମଧ୍ୟ ସେହିଭଳି କଥା ଘଟିଛି ଏବଂ ସେହି କ୍ଷେତ୍ରରେ ସଂପୃକ୍ତ ଲେଖକଙ୍କର ମସ୍ତିଷ୍କଟି ଆପଣାର ଆକାରଟିକୁ ବେଶ୍ ନିଖୁଣ ଭାବରେ ବଜାୟ ରଖିପାରିଛି, ଯଥେଷ୍ଟ ପରିମାଣରେ ଗ୍ରହଣଶୀଳ ଆଉଜଣଙ୍କ ମସ୍ତିଷ୍କ ମଧ୍ୟରେ ପ୍ରବେଶ କରିଛି ଏବଂ ତାହାର ଫଳରେ ସେହି ଦ୍ୱିତୀୟ ଲେଖକ ହଠାତ୍ ଅସାଧାରଣ ଦକ୍ଷତା ସହିତ ଲେଖିବାକୁ ଆରମ୍ଭ କରିଛନ୍ତି; ଆଗରୁ ସେ ଯାହାକିଛି ଲେଖିଥିଲେ, ତାହାଠାରୁ ଅନେକ ଗୁଣରେ ଅଧିକ ସୁନ୍ଦର କଥାମାନ ଲେଖି ପାରିଛନ୍ତି । ଏହିପରି ଏକ ପ୍ରବୃତ୍ତି ଆଉଜଣଙ୍କ ଭିତରେ ପ୍ରବେଶ କରିବାର ମୁଁ ଦେଖିଛି, ଆଉଜଣେ ସଙ୍ଗୀତକାରଙ୍କର ଜୀବନରେ,— ଯେଉଁମାନେ ସଙ୍ଗୀତ ବଜାଇ ପାରନ୍ତି ସେମାନେ ନୁହନ୍ତି, ମାତ୍ର ଯେଉଁମାନେ ସଙ୍ଗୀତଗୁଡ଼ିକର ରଚନା କରନ୍ତି, ଉଦାହରଣସ୍ୱରୂପ ବାଖ୍, ସେଜାର୍ ଫ୍ରାଙ୍କ୍ (କିନ୍ତୁ ଫ୍ରାଙ୍କ୍ ସଙ୍ଗୀତ ବଜାଇବ ପାରୁଥିଲେ ।)— ତାଙ୍କ ଜୀବନରେ ମଧ୍ୟ ସେହିପରି ଘଟଣା ଘଟିଥିଲା । ସଙ୍ଗୀତ ରଚନା କରିବା ହେଉଛି ଅତିମାତ୍ରାରେ ମସ୍ତିଷ୍କ ଦ୍ୱାରା କରାଯାଉଥିବା ଏକ କାର୍ଯ୍ୟ । ହଁ, ଏଠାରେ ମଧ୍ୟ ଜଣେ ପ୍ରସିଦ୍ଧ ସଙ୍ଗୀତକାରଙ୍କର ମସ୍ତିଷ୍କ ଗୋଟିଏ ଅପେରା ବା ଗୀତିନାଟ୍ୟ ଲେଖୁଥିବା ଆଉ ଜଣକର ସମ୍ପର୍କରେ ଆସିଥିଲା, ତାକୁ ଅଦ୍‌ଭୁତ ନାଟକଟିଏ ରଚନା କରିବାରେ ନିମିତ୍ତରୂପେ ବ୍ୟବହାର କରିଥିଲା ଏବଂ କାଗଜ ଉପରେ ନାଟକଟିର ସକଳ ଭାଗଗୁଡ଼ିକୁ ସଜାଡ଼ି ଦେଇ ଯାଇଥିଲା । ସିଏ ତ କେବଳ ନାଟକଟିକୁହିଁ ଲେଖୁଥିଲେ, ଏବଂ ଯେଉଁମାନେ ନାଟକଟିକୁ ପ୍ରକୃତରେ ମଞ୍ଚସ୍ଥ କରନ୍ତି, ସେମାନଙ୍କ ପକ୍ଷରେ ନାଟ୍ୟକାରର ଭାବନାଗୁଡ଼ିକୁ ସଙ୍ଗୀତାକାର ଦେବା ପ୍ରକୃତରେ ଏକ ଅତିମାତ୍ରାରେ ଜଟିଳ କାର୍ଯ୍ୟ ହୋଇ ରହିଥାଏ । ଏବଂ ସେହି ବ୍ୟକ୍ତିଜଣକ (ତାଙ୍କୁ ମୁଁ ଜାଣିଥିଲି) ଯେତେବେଳେ ଏହି ନାଟ୍ୟରୂପଟିକୁ ଗ୍ରହଣ କରୁଥିଲେ, ସେତେବେଳେ ତାଙ୍କ ଆଗରେ ଖଣ୍ଡେ ଖାଲି କାଗଜ ପଡ଼ିଥିଲା ଓ ସେ ତାହାର ଉପରେ ଲେଖିବାକୁ ଆରମ୍ଭ କଲେ । ସିଏ କେମିତି ଲେଖୁଥିଲେ ମୁଁ ନିଜେ ଦେଖିଛି; ଗାର ପକାଇଲେ, ତା’ପରେ ଗୋଟିଏ ବଡ଼, ଭାରି ବଡ଼, ପୃଷ୍ଠାଏ କାଗଜ ଉପରେ କେତୋଟି ଚିହ୍ନ ମଧ୍ୟ ଆଙ୍କିଲେ । ଏବଂ ଲେଖି ଲେଖି

ଯେତେବେଳେ ସେ ତଳଯାଏ ଆସି ପହଞ୍ଚିଲେ, ସେତେବେଳେ ଅଙ୍କଟିର ବାଦ୍ୟବୃନ୍ଦକରଣ ପ୍ରକୃତରେ ସଂପୂର୍ଣ୍ଣ ହୋଇ ଯାଇଥିଲା (ପ୍ରତ୍ୟେକ ବାଦ୍ୟଯନ୍ତ୍ର ଲାଗି କେତୋଟି ନିର୍ଦ୍ଦିଷ୍ଟ ସଂଗୀତଧାଡ଼ିର ବିତରଣ କରିଦେବାକୁ ବାଦ୍ୟବୃନ୍ଦକରଣ କୁହାଯାଏ ।) । ଏବଂ ଏହି କାର୍ଯ୍ୟଟିକୁ ସିଏ କେବଳ ଖଣ୍ଡେ କାଗଜ ଉପରେହିଁ କରୁଥିଲେ, କେବଳ ଏହି ଅଦ୍‌ଭୁତ ମାନସିକ ଶକ୍ତିଟି ଦ୍ୱାରା ପ୍ରେରିତ ହୋଇହିଁ ସେ ଏହା କରି ପାରୁଥିଲେ । ଏବଂ ଏହା କେବଳ ତାଙ୍କ ନିଜର ଏକ ସୃଜନ ଥିଲା, ଏହା ଏପରି ଏକ ସଂଗୀତସମର୍ଥ ମାନସ ପାଖରୁ ତାଙ୍କ ପାଖକୁ ଆସୁଥିଲା, ଯିଏକି ତାଙ୍କ ଭିତରେ ଆସି ଅବତରଣ କରୁଥିଲେ ।······ ଯେତେବେଳେ ମୁଁ ସେଠାରେ ଥିଲି, ସେତେବେଳେ ମୁଁ ମୋର ଆଗରେ ତାଙ୍କୁ ସେହିପରି ଗୋଟିଏ ପୃଷ୍ଠା ଲେଖୁଥିବାର ଦେଖିଥିଲି : ଏଥିପାଇଁ ତାଙ୍କୁ ଅଧଘଣ୍ଟାଏ ବା ପଇଁତିରିଶ ମିନିଟ୍ ସମୟ ଲାଗିଥିଲା । ଏବଂ ଏଥିରେ ତାଙ୍କର ଏପରି ପ୍ରସିଦ୍ଧି ହୋଇଗଲା ଯେ ଅନେକ ବଡ଼ ଓ ସୁପରିଚିତ ସଂଗୀତକାର ମଧ୍ୟ ବାଦ୍ୟ ବୃନ୍ଦକରଣ ଲାଗି ଆପଣାର ରଚନାଗୁଡ଼ିକୁ ନେଇ ତାଙ୍କ ପାଖକୁ ଆସିଲେ । ଏହି କାର୍ଯ୍ୟଟିକୁ ସେ ଅନ୍ୟ ସମସ୍ତଙ୍କଠାରୁ ଅଧିକ ଦକ୍ଷତାର ସହିତ କରି ପାରୁଥିଲେ ଏବଂ ଠିକ୍ ସେହିପରି ଭାବରେ ଆପଣାର କାଗଜ ଉପରେ କରି ପାରୁଥିଲେ । ଶୁଣିବା ଲାଗି ବା ଆଉକିଛି କରିବା ଲାଗି ତାଙ୍କର ଆଦୌ କୌଣସି ପ୍ରୟୋଜନ ହେଉ ନଥିଲା । ପରେ ମଧ୍ୟ ଏହାକୁ କାର୍ଯ୍ୟରେ ଲଗାଇ ଦେଖାଗଲା ଏବଂ ସର୍ବଦା ଏଥିରୁ ଅନେକ ଭଲ ଫଳ ମିଳୁଥିଲା । ବାଦ୍ୟବୃନ୍ଦଟି ଭିତରେ କେତେ ବେହେଲା ଥିଲା, ଯାବତୀୟ ପ୍ରକାରର ବାଦ୍ୟଯନ୍ତ୍ର ରହିଥିଲା; କେହି ବାଦକ ଏଇଟିକୁ ବଜାଉଥିଲେ ତ ଅନ୍ୟମାନେ ଆଉ କୌଣସିଟିକୁ ବଜାଉଥିଲେ, ଆହୁରି ଅନ୍ୟମାନେ ଅନ୍ୟ ବାଦ୍ୟଗୁଡ଼ିକୁ ବଜାଉଥିଲେ; ବେଳେବେଳେ ସେମାନେ ସବୁ ବାଦ୍ୟଗୁଡ଼ିକୁ ଏକାଠି ବଜାଉଥିଲେ, ପୁଣି ବେଳେବେଳେ ଜଣକ ପରେ ଜଣେ ଗୋଟିଏ ଗୋଟିଏ ଯନ୍ତ୍ରକୁ ବଜାଉଥିଲେ (ଏଇଟା ପ୍ରକୃତରେ ବଡ଼ ଜଟିଳ ବ୍ୟାପାର, ଆଦୌ ସରଳ ବ୍ୟାପାର ନୁହେଁ ।); କେଉଁ ସ୍ୱରଟିକୁ କେଉଁ ଯନ୍ତ୍ରଟି ଲାଗି ବିତରଣ କରାଯିବ, ନିଜେ ବଜାଉଥିବାବେଳେ, ବା ଅନ୍ୟର ବାଦନ ଶୁଣୁଥିବାବେଳେ ବା ଏପରିକି ପଢୁଥିବାବେଳେ ମଧ୍ୟ (ବେଳେବେଳେ ସେ ସ୍ୱରଲିପିଗୁଡ଼ିକୁ ନେଇ ପାଠ କରୁଥିଲେ), ସିଏ ସେକଥା ଜାଣି ପାରୁଥିଲେ; କେଉଁ ସ୍ୱରଟିକୁ ଅନ୍ୟମାନେ ବଜାଇବେ, ସେକଥା ମଧ୍ୟ ଜାଣି ପାରୁଥିଲେ । ଏବଂ, ତାଙ୍କ ଭିତରେ ଯେପରି ଏକ ଅନ୍ୟ ଶକ୍ତି ପ୍ରବେଶ କରୁଛି ଓ ତାଙ୍କୁ ସାହାଯ୍ୟ କରିବାରେ ଲାଗିଛି, ଅତ୍ୟନ୍ତ ସ୍ପଷ୍ଟ ଭାବରେ ସେ ସେହି କଥାଟିକୁ ଅନୁଭବ କରି ପାରୁଥିଲେ ।

'oaob.nitrkl.ac.in' images reprocessed

ଆପଣାକୁ ପୁନର୍ବାର ପ୍ରକଟ କରିବାକୁ ଇଚ୍ଛା କରୁଥିବା ସତ୍ତାମାନେ ଯେତେବେଳେ ଏ ଜଗତରେ ଜନ୍ମଗ୍ରହଣ କରନ୍ତି, ସେତେବେଳେ ସେମାନଙ୍କ ଭିତରେ କ'ଣ ସେହି ପୂର୍ବ ବାସନା-ଗୁଡ଼ିକହିଁ ରହିଥାଏ ?

ନା—ଠିକ୍ ସେହି ବାସନାଗୁଡ଼ିକ ଆଦୌ ରହି ନଥାଏ । କାରଣ ପୂର୍ବର ସେହି ସମ୍ପୂର୍ଣ୍ଣ ସତ୍ତାଟି ନୁହେଁ, ମାତ୍ର ସେହି ସତ୍ତାର କୌଣସି ଏକ ବିଶେଷ ସାମର୍ଥ୍ୟହିଁ ଏହି ବିଶ୍ୱପରିବେଶ ମଧ୍ୟରେ ରହି ଯାଇଥାଏ ଏବଂ ଆପଣାର ପ୍ରକଟଣଟିକୁ ଅବ୍ୟାହତ ରଖିବ ବୋଲି ଇଚ୍ଛା କରୁଥାଏ । ମାତ୍ର ଚୈତ୍ୟସତ୍ତାଟି ବେଶ୍ ଚୈତ୍ୟଜଗତ ମଧ୍ୟକୁ ଫେରି ଯାଇପାରେ ଏବଂ ଏହି ଚୈତ୍ୟ ସତ୍ତାହିଁ ପୁନର୍ବାର ଏକ ଶରୀର ଗ୍ରହଣ କରିଥାଏ । ସେଦିନ ତୁମମାନଙ୍କୁ ମୁଁ ବୁଝାଇ ଦେଇଥିଲି ଯେ, ମରଣଶରୀରଟିକୁ ଛାଡ଼ିକରି ଯିବା ପୂର୍ବରୁ, ତା'ର ପରବର୍ତ୍ତୀ ଜନ୍ମଟି କ'ଣ ହେବ, ତାହା କିପରି ପରିବେଶରେ ଜନ୍ମଗ୍ରହଣ କରିବ ଏବଂ ଆଉ ଜନ୍ମରେ ତାହା'ର ଧନ୍ଦା କ'ଣ ହେବ, ଅଧିକାଂଶ ସମୟରେ ଚୈତ୍ୟ ସତ୍ତା ଏଗୁଡ଼ିକ ବିଷୟରେ ଏକ ନିଷ୍ପତ୍ତି ଗ୍ରହଣ କରି ସାରିଥାଏ, କାରଣ ଆପଣାର ଅନୁଭୂତିଲାଭ ସକାଶେ ତାହା ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ଆବଶ୍ୟକ କରୁଥାଏ । ତେଣୁ, ହୁଏତ ଏପରି ବି ଘଟିପାରେ ଯେ ଖୁବ୍ ବଡ଼ ବଡ଼ ଲେଖକ ଓ ବଡ଼ ବଡ଼ ସଙ୍ଗୀତକାରମାନେ ଦ୍ୱିତୀୟବାର ସକାଶେ ଜଣେ ନିତାନ୍ତ ଅଳ୍ପବୁଦ୍ଧି ବ୍ୟକ୍ତି ମଧ୍ୟରେ ଯାଇ ଜନ୍ମଗ୍ରହଣ କରନ୍ତି । ଏକଥା ଶୁଣି ତୁମେ କହିବ : "କ'ଣ ହେଲା ? ଏକଥା ଆଦୌ ସମ୍ଭବ ନୁହେଁ !" ଏକଥା ସତ ଯେ ଏକଥା ସବୁବେଳେ କଦାପି ଘଟେ ନାହିଁ, ମାତ୍ର ଏପରି ଅବଶ୍ୟ ଘଟିପାରେ । ଗୋଟିଏ କ୍ଷେତ୍ରରେ ଠିକ୍ ବିପରୀତ କଥାଟିହିଁ ଘଟିଥିଲା : ଏଠି ମୁଁ ଜଣେ ବେହେଲା ବାଦକଙ୍କ କଥା କହୁଛି, ସେହି ଶତାବ୍ଦୀର ସେ ସୁଦକ୍ଷତମ ବେହେଲାବାଦକ ଥିଲେ···(ମାଆ ମନେ ପକାଇବାକୁ ଚେଷ୍ଟା କଲେ) ଟିକିଏ ରହିଥା,—ମୁଁ ତାଙ୍କର ନାମଟିକୁ ମଧ୍ୟ ଜାଣିଥିଲି, ମାତ୍ର ସାଙ୍ଗେସାଙ୍ଗେ ଭୁଲିଗଲି—ଏଇ ବର୍ତ୍ତମାନ ମନେ ପଡ଼ିଥିଲା ଏବଂ ପୁଣି କୁଆଡ଼େ ପାସୋର ହୋଇଗଲା । ତାଙ୍କର ନାଆଁ କ'ଣ ଥିଲାଟି ?···ହଁ, ହଁ, ଇସାଇ ! ତାଙ୍କ ଘର ବେଲ୍‌ଜିଅମ୍ ଦେଶରେ ଥିଲା ଓ ସେ ଜଣେ ବେହେଲାବାଦକ ଥିଲେ, ପ୍ରକୃତରେ ତାଙ୍କ ସମୟର ସବୁଠାରୁ ଅଦ୍ଭୁତ ଓ ବିଚକ୍ଷଣ ବେହେଲା-ବାଦକ ଥିଲେ । ହଁ, ଏକଥା ପ୍ରାୟ ସୁନିଶ୍ଚିତ ଯେ ସେହି ବ୍ୟକ୍ତିଙ୍କ ମଧ୍ୟରେ ବିଥୋଭେନ୍‌ଙ୍କର ପୁନରବତରଣ ଘଟିଥିଲା । ସମ୍ଭବତଃ ତାଙ୍କ ସମଗ୍ର ଚୈତ୍ୟ ସତ୍ତାଟିର ହୁଏତ ଅବତରଣ ଘଟି ନଥିଲା, ମାତ୍ର ନିଃସନ୍ଦେହ ଭାବରେ ତାଙ୍କ ସଙ୍ଗୀତକାରୀ ସାମର୍ଥ୍ୟଟିର ଅବତରଣ ଘଟିଥିଲା । ଠିକ୍ ବିଥୋଭେନ୍‌ଙ୍କ ଚେହେରା,

'oaob.nitrkl.ac.in' images reprocessed

ତାଙ୍କର ମୂର୍ତ୍ତି ପରି ମୂର୍ତ୍ତି; ମୁଁ ତାଙ୍କୁ ନଜେ ଦେଖିଛି, ତାଙ୍କର ସଙ୍ଗୀତ ମଧ୍ୟ ଶୁଣିଛି (ମୁଁ ତାଙ୍କୁ ଚହ୍ନି ନଥିଲି, ତାଙ୍କ ବିଷୟରେ କିଛି ଜାଣି ନଥିଲି, ଥରେ ପାରସ୍‌ରେ ମୁଁ ଏକ ସଙ୍ଗୀତଗୋଷ୍ଠୀରେ ଉପସ୍ଥିତ ଥିଲି, ସେମାନେ ସେଦନ ଡି ମେଜର୍‌ରେ ସଙ୍ଗୀତ ପରିବେଷଣଟିକୁ ଉପସ୍ଥାପିତ କରିବାକୁ ଯାଉଥିଲେ)। ସେଇଠି ମୁଁ ତାଙ୍କୁ ସଙ୍ଗୀତର ଉପସ୍ଥାପନା ଲାଗି ମଞ୍ଚ ଉପରକୁ ଆସୁଥିବାର ଦେଖିଲି ଓ ମନେମନେ କହିଲି : "କେଡ଼େ ଅଦ୍‌ଭୁତ କଥା, ଇଏ କେତେ ଅଧିକ ପରିମାଣରେ ଠିକ୍ ବିଥୋଭେନ୍‌ଙ୍କ ପରି ଦେଖା ଯାଉଛନ୍ତି, ଅବିକଳ ତାଙ୍କର ପ୍ରତିକୃତି ପରି ଦିଶୁଛନ୍ତି !" ତା'ପରେ ବେହେଲା ଉପରେ ସେ ଢନ ଗୁରଥର ବାଡ଼ିଟିକୁ ବୁଲାଇ ଆଣିଲେ ଏବଂ ସଙ୍ଗୀତ ଆରମ୍ଭ କଲେ···ସେଇଥିରେ ସବୁ ବଦଳିଗଲା, ସମସ୍ତ ବାୟୁମଣ୍ଡଳହିଁ ବଦଳିଗଲା। ସବୁକିଛି ସତେଅବା ଅତ୍ୟନ୍ତ ଅଦ୍‌ଭୁତ ହୋଇଗଲା। ଢନୋଟିମାନ ସ୍ୱର ଏପରି ଶକ୍ତିଶାଳୀତା ଏବଂ ବୈଭବ ସହିତ ଆରମ୍ଭ ହେଲା, ଏପରି ଅଦ୍‌ଭୁତ ଲାଗିଲା ଯେ ଆଉ ଯେପରି କିଛି କେଉଁଠି ହେଲେ ହଲଚଲ ବି ହେଲା ନାହିଁ, ସମସ୍ତେ କେବଳ ଅପେକ୍ଷା କରିବାକୁ ଲାଗିଲେ। ଏବଂ ଏକ ସମ୍ପୂର୍ଣ୍ଣ ଅସାଧାରଣ ଦକ୍ଷତାର ସହିତ ସମସ୍ତ ସଙ୍ଗୀତକ୍ରମଟିକୁ ସେ ଆରମ୍ଭରୁ ଶେଷଯାଏ ପରିବେଷଣ କରିଗଲେ, ଏବଂ ଏପରି ଏକ ପୂର୍ଣ୍ଣ ଦଖଲ ସହିତ ତାହା ପରିବେଷଣ କଲେ ଯାହାକି ମୁଁ ଆଗରୁ କୌଣସି ସଙ୍ଗୀତକାରଙ୍କ ପାଖରେ କେବେହେଲେ ଦେଖି ନଥିଲି। ତା'ପରେ ମୁଁ ଦେଖିଥିଲି ଯେ ବିଥୋଭେନ୍‌ଙ୍କର ସଙ୍ଗୀତ-ପ୍ରତିଭା ତାଙ୍କର ଭିତରେ ଅବତରଣ କରିଥିଲା···ମାତ୍ର ବିଥୋଭେନ୍‌ଙ୍କର ଚୈତ୍ୟସତ୍ତ୍ୱଟି ହୁଏତ ଆଉ କେଉଁଠି ଯେ ଜଣେ ମୋଚି ବା ଆଉ କାହାର ଭିତରେ ଯାଇ ଶରୀର ଗ୍ରହଣ କରିଥିଲା, ସେକଥା କେହି କହି ପାରିବ ନାହିଁ। ତାହା ହୁଏତ ଆଉ ଏକ ଅଭିଜ୍ଞତା ଲାଭ କରିବାକୁ ଚାହୁଁଥିଲା !

କାରଣ ଏହି ବ୍ୟକ୍ତିଙ୍କ ଭିତରେ ମୁଁ ଯେଉଁ ରୂପାୟନଟିକୁ ଦେଖିଲି, ସେଇଟି ହେଉଛି ଏକ ପାର୍ଥିବ ଭୂମିର, ଏହା ଏକ ମାନସିକ-ପ୍ରାଣିକ ରୂପାୟନ; ଏବଂ ବିଥୋଭେନ୍ ଯେପରି ତାଙ୍କର ସମସ୍ତ ମାନସିକ, ପ୍ରାଣିକ ଏବଂ ଭୌତିକ ସତ୍ତାକୁ ତାଙ୍କର ସଙ୍ଗୀତକାରୀ ଶକ୍ତିଟିର ଚତୁଃପାର୍ଶ୍ୱରେ ଶୃଙ୍ଖଳିତ କରି ରଖିଥିଲେ, ତାହାହିଁ ସତେଅବା ଗୋଟିଏ ସମଗ୍ର ରୂପରେ ରହି ଯାଇଥିଲା, ସତେଅବା ଏକ ଜୀବନ୍ତ ବସ୍ତୁରେ ପରିଣତ ହୋଇ ଯାଇଥିଲା, ଏବଂ ତାହାହିଁ ଠିକ୍ ସେହିପରି ସମ୍ପୂର୍ଣ୍ଣ ଭାବରେ ସେହି ବ୍ୟକ୍ତିଙ୍କ ମଧ୍ୟରେ ଅବତୀର୍ଣ୍ଣ ହୋଇଥିଲା। ମାତ୍ର ତା' ବୋଲି ବିଥୋଭେନ୍‌ଙ୍କର ଚୈତ୍ୟସତ୍ତ୍ୱଟି ଯେ ଅବଶ୍ୟ ଏହିଠାରେହିଁ ରହିଥିଲା, ସେକଥା ଆଦୌ ନୁହେଁ। ତାଙ୍କର ସେହି ପ୍ରଥମ ଜୀବନକାଳରେ ବିଥୋଭେନ୍‌ଙ୍କର ଚୈତ୍ୟ ସତ୍ତ୍ୱଟିହିଁ ତାଙ୍କର ସେହି ଅନ୍ୟ ସବୁଯାକ ସତ୍ତାକୁ ରୂପାୟିତ କରିଥିଲା, ସେହି ଚୈତ୍ୟ

ସତ୍ତାହିଁ ସେଗୁଡ଼ିକୁ ତାଙ୍କ ସଙ୍ଗୀତସୃଷ୍ଟିଟିର ଚତୁର୍ଦ୍ଦିଗରେ ସଙ୍ଗଠିତ କରି ରଖିଥିଲା; ମାତ୍ର ତାଙ୍କର ମୃତ୍ୟୁପରେ, ତାଙ୍କର ଚୈତ୍ୟସତ୍ତା ବି ପ୍ରକୃତରେ ସେହିଠାରେ ଆସି ରହିଲା କି ନାହିଁ, ସେକଥା ମୋଟେ କୁହାଯାଇ ପାରିବ ନାହିଁ; କାରଣ ସାଧାରଣତଃ ଯେପରି ହୋଇଥାଏ, ତାହା ନିଶ୍ଚୟ ଚୈତ୍ୟଜଗତକୁ ପ୍ରତ୍ୟାବର୍ତ୍ତନ କରିଥିବ । ମାତ୍ର ସଙ୍ଗୀତସୃଷ୍ଟିର ସାମର୍ଥ୍ୟଟି ଏକ ନିର୍ଦ୍ଦିଷ୍ଟ ଆକାର ଧାରଣ କରି ନେଇଥିଲା, ତାହାର ଏକ ଆପଣାର ଜୀବନ ରହିଥିଲା, ସ୍ୱତନ୍ତ୍ର ଭାବରେ ରହିଥିଲା, ଆପଣାର ଜୀବନଟିକୁହିଁ ବଞ୍ଚି ଥିଲା । ଏକ ନିର୍ଦ୍ଦିଷ୍ଟ ରୂପାୟନ ଲାଗି ତାହାର ଗଠନ ହୋଇଥିଲା ଏବଂ ଆପଣାକୁ ରୂପାୟିତ କରିବା ଲାଗି ତାହା ଏହିଠାରେହିଁ ରହିଗଲା । ଏବଂ ଏକ ଉପଯୁକ୍ତ ନିମିତ୍ତ ପାଇଯିବା ସଙ୍ଗେସଙ୍ଗେ ତାହା ରୂପାୟିତ ହେବା ଲାଗି ତାହାର ମଧ୍ୟରେ ପ୍ରବିଷ୍ଟ ହେଲା ।

## ଗୋଟିଏ ଚୈତ୍ୟସତ୍ତା ଏକାବେଳେକେ ଦୁଇଟି ଶରୀର ମଧ୍ୟରେ ଜନ୍ମଗ୍ରହଣ କରିପାରିବ କି ?

ଏହି ବିଷୟଟି ଆଦୌ ସେପରି ସରଳ ନୁହେଁ······ଚୈତ୍ୟସତ୍ତା ହେଉଛି ବିବର୍ତ୍ତନରହିଁ ଏକ ପରିଣାମ, ଅର୍ଥାତ୍, ଯେଉଁ ଦିବ୍ୟ ପରମଚେତନା ଜଡ଼ ମଧ୍ୟକୁ ବ୍ୟାପ୍ତ ହୋଇ ଆସିଥିଲା, ଜଡ଼କୁ କ୍ରମଶଃ ଉନ୍ମୋଳିତ କରି ଆଣିଲା ଏବଂ ସେହି ପରମ ଦିବ୍ୟସତ୍ୟଟି ପାଖକୁହିଁ ବାହୁଡ଼ି ଯିବା ଲାଗି ତାହାକୁ ବିକଶିତ କରାଇବାରେ ଲାଗିଲା, ଚୈତ୍ୟସତ୍ତା ସେହି ବିବର୍ତ୍ତନର ଗୋଟିଏ ଅଂଶ । ଏହି ଦିବ୍ୟ କେନ୍ଦ୍ରଟି ଦ୍ୱାରା ଯାବତୀୟ ଜନ୍ମଗୁଡ଼ିକର ମଧ୍ୟଦେଇ କ୍ରମୋତ୍ତର ଭାବରେ ଚୈତ୍ୟସତ୍ତାଟିର ନିର୍ମାଣ ହୋଇଥିଲା । ଏହି ପ୍ରକ୍ରିୟାଟି ମଧ୍ୟରେ ଏପରି ଏକ ପର୍ଯ୍ୟାୟ ଆସି ଉପସ୍ଥିତ ହୁଏ, ଯେତେବେଳେ ତାହା ଗୋଟାଏ ପ୍ରକାର ପରିପୂର୍ଣ୍ଣତା ଲାଭ କରେ, ଆପଣାର ଅଭିବୃଦ୍ଧି ଏବଂ ଗଠନରୂପରେ ପରିପୂର୍ଣ୍ଣତା ଲାଭ କରେ । ତା'ପରେ, ଅଧିକାଂଶ ସମୟରେ, ତାହା ମଧ୍ୟରେ ଉପଲବ୍ଧି ଲାଗି ଏକ ଅଭୀପ୍ସା ରହିଥିବାରୁ, ପରମ ଦିବ୍ୟସତ୍ୟକୁ ଆହୁରି ଅଧିକ ଭଲଭାବରେ ପ୍ରକାଶ କରି ପାରିବାକୁ ଏକ ବୃହତ୍ତର ପରିପୂର୍ଣ୍ଣତା ଲାଗି ଅଭୀପ୍ସା ରହିଥିବାରୁ, ତାହା ସାଧାରଣତଃ ସଂବୃତ ମଧ୍ୟରୁ ଏକ ସତ୍ତାକୁ ଆପଣା ଆଡ଼କୁ ଆକର୍ଷିତ କରିଆଣେ, ଅର୍ଥାତ୍, ଶ୍ରୀଅରବିନ୍ଦ ଯାହାକୁ ଅଧିମାନସ ବୋଲି କହିଛନ୍ତି, ତାହାର ମଧ୍ୟରୁ ଗୋଟିଏ ସତ୍ତାକୁ ଆକର୍ଷିତ କରି ନେଇଆସେ । ସେହି ସତ୍ତାଟିହିଁ ତା'ପରେ ଏହି ଚୈତ୍ୟସତ୍ତାଟି ମଧ୍ୟରେ ଅବତୀର୍ଣ୍ଣ ହେବାକୁ ଆସିଥାଏ । ଲୋକେ ସାଧାରଣତଃ ଯେଉଁ ସତ୍ତାଗୁଡ଼ିକୁ ଦେବତା ବୋଲି କହିଥାନ୍ତି, କୌଣସି ନା କୌଣସି ପ୍ରକାରର ଏକ ଦେବମୂର୍ତ୍ତି ବୋଲି କହିଥାନ୍ତି, ଏହା ତାହାର

ଭିତରୁ ବି ଗୋଟିଏ ହୋଇପାରେ । ଏବଂ ଏହି ସମ୍ମିଳନଟି ଯେତେବେଳେ ଘଟେ, ସେତେବେଳେ ଚୈତ୍ୟସତ୍ତାଟି ମଧ୍ୟରେ ଏକ ଆବର୍ତ୍ତନ ଘଟିଥାଏ, ଏବଂ ତା' ଭିତରେ ଯେଉଁ ସତ୍ତାଟିର ଅବତରଣ ଘଟିଥାଏ, ତାହା ତାହାର ସ୍ୱଭାବଟିରେ ମଧ୍ୟ ଅଂଶଗ୍ରହଣ କରିଥାଏ । ଏବଂ ସେଥି ସଙ୍ଗେସଙ୍ଗେ ତାହା ନିଜ ଭିତରୁ ନାନା ପ୍ରସର୍ଜନ ନିଷ୍ପନ୍ନ କରିବାର ସାମର୍ଥ୍ୟ ମଧ୍ୟ ଅର୍ଜନ କରିଥାଏ । ଏହି ସତ୍ତାଗୁଡ଼ିକରେ ଆପଣା ଭିତରୁ ପ୍ରସର୍ଜନ ନିଷ୍ପନ୍ନ କରିବାର ଶକ୍ତି ରହିଥାଏ, ଅର୍ଥାତ୍, ସେମାନେ ଆପଣା ଭିତରୁ ଆପଣାର କୌଣସି ଏକ ଅଂଶକୁ ପ୍ରକ୍ଷେପିତ କରିଦିଅନ୍ତି, ଯାହାକି ଏକ ସ୍ୱତନ୍ତ୍ର ସତ୍ତାରେ ପରିଣତ ହୁଏ ଏବଂ ଆପଣାକୁ ଅବତୀର୍ଣ୍ଣ କରାଇବା ଲାଗି ଅନ୍ୟମାନଙ୍କ ଭିତରକୁ ଚାଲି ଯାଇଥାଏ । ତେଣୁ, ଏହିପରି ଭାବରେ, କେବଳ ଦୁଇଟି ନୁହେଁ, ମାତ୍ର ତିନୋଟି, ଚାରୋଟି ଅଥବା ପାଞ୍ଚୋଟି ପ୍ରସର୍ଜନ ମଧ୍ୟ ସମ୍ଭବ ହୋଇପାରେ । ତାହା ସମ୍ପୃକ୍ତ ଦୃଷ୍ଟାନ୍ତଟି ଉପରେ ନିର୍ଭର କରେ ଏବଂ ସେହି ପ୍ରସର୍ଜନ ଏହିପରି ଭାବରେ ଘଟେ । ଅର୍ଥାତ୍, ଆମେ ହୁଏତ କହିପାରିବା ଯେ ଜଣେ ବ୍ୟକ୍ତିର ସେହି ଚୈତ୍ୟ-ଦ୍ରବ୍ୟ ଉତ୍ପତ୍ତିକାରଣଟି ଅବଶ୍ୟ ସମ୍ଭବ ହୋଇପାରେ । ଏବଂ ସାଧାରଣତଃ, ଏକାଧିକ ପ୍ରସର୍ଜନ ସମ୍ଭବ ହେଉଥିବା ସମୟରେ, ସେହି ବିଭିନ୍ନ ବ୍ୟକ୍ତିମାନେ ନ୍ୟାଯ୍ୟତଃ ଆପଣାକୁ ସେହି ଗୋଟିଏ ସତ୍ତାରୁ ଉଦ୍ଭୂତ ବୋଲି ବା ସେହି ଗୋଟିଏ ସତ୍ତା ବୋଲି ଅନୁଭବ କରିଥାନ୍ତି, କାରଣ ସେମାନେ ସମସ୍ତେ ସେହି ଗୋଟିଏ ଦେବଅଂଶର କିଞ୍ଚିତ୍ କଳାକୁ ଆପଣା ମଧ୍ୟରେ ବହନ କରୁଥାନ୍ତି । ସତେଯେପରି, ସେହି ଦେବତାଙ୍କର ଗୋଟିଏ ଅଂଶହିଁ ଆପଣା ମଧ୍ୟରୁ ବାହାରକୁ ନିକ୍ଷିପ୍ତ ହୋଇ ଆସିଥାଏ ଏବଂ ଆଉଗୋଟିଏ ସତ୍ତା ମଧ୍ୟରେ ସ୍ୱତନ୍ତ୍ର ହୋଇ ଅବସ୍ଥାନ କରୁଥାଏ । ଆମେ ଏହାକୁ ଆଦୌ ଏକ ଦୁଇଟା ହୋଇଯିବା ବୋଲି କହିବା ନାହିଁ, ମାତ୍ର ଏକ ଆତ୍ମ-ପ୍ରକ୍ଷେପଣ ବୋଲିହିଁ କହିବା । ଦୁଇଟା ହୋଇଯିବା ବୋଲି କହିଲେ ଆମକୁ ସେଥିରୁ ଏହି ଧାରଣାଟି ମିଳିବ ଯେ ଯାହା ଏହି କ୍ଷେତ୍ରରେ ଦୁଇଟା ହୋଇଯାଇଛି, ତାହା ଆପଣା ସାମର୍ଥ୍ୟର ଏକ ଅଂଶକୁ ହରାଇ ପକାଇଛି; ଯଦି ତୁମେ ନିଜର ଶରୀରକୁ ଦୁଇଖଣ୍ଡ କରି କାଟିଦେବ, ତେବେ ଶରୀରର କେବଳ ଗୋଟିଏ ଅଧହିଁ ତୁମ ପାଖରେ ରହିବ; ମାତ୍ର ଆପଣା ଭିତରୁ କୌଣସି ପ୍ରସର୍ଜନ କରିବାର ସାମର୍ଥ୍ୟ ଯଦି ତୁମ ପାଖରେ ଥିବ, ତେବେ ତୁମେ ଯେପରି ଅଛ, ଠିକ୍ ସେହିପରି ସମଗ୍ର ହୋଇ ରହିଥିବ; ଏବଂ ଯୁଗପତ୍ ଭାବରେ, ଆଉ ଗୋଟିଏ ଶିଖା ଯାଇ ଆଉଜଣକ ମଧ୍ୟରେ ଅବସ୍ଥାନ କରୁଥିବ···ବୁଝିପାରିଲ ? ଏହି କଥାଟି ଠିକ୍ ସେହିପରି ।

**ଯେତେବେଳେ ଜଣେ ବେହେଲାବାଦକର ହାତ ଆଉଜଣେ ବେହେଲାବାଦକଙ୍କ ମଧ୍ୟରେ ପ୍ରବେଶ କଲା, ସେତେବେଳେ**

'oaob.nitrkl.ac.in' images reprocessed

ଯିଏ ନିଜର ହାତକୁ ଆଉଜଣଙ୍କୁ ଦେଇଦେଲେ, ସିଏ ଆଉ ବେହେଲା ବଜାଇ ପାରିବେ କି ?

ମୁଁ ବୁଝି ପାରିଲି ନାହିଁ ! ମୃତ ବେହେଲା ବାଦକଙ୍କର ମୃତ୍ୟୁ ପରେ ଏହି ବସ୍ତୁ-ପରିବେଶରେ ତାଙ୍କର ଯେଉଁ ଅଂଶଟି ନଯାଇ ରହି ଯାଇଥିଲା, ଏଠାରେ ତାହାକୁହିଁ "ହାତ" ବୋଲି କୁହାଯାଇଛି । ତେଣୁ ଏହି ହାତଗୁଡ଼ିକ, ଯେଉଁଗୁଡ଼ିକର କି ସଂପୂର୍ଣ୍ଣ ଗଠନ ହୋଇ ଯାଇଥିଲା, ଯାହା ସଚେଅବା ଚେତନ, ଜୀବନ୍ତ ଓ ସ୍ୱତନ୍ତ୍ର ସତ୍ତାରେ ପରିଣତ ହୋଇ ଯାଇଥିଲା, ସେହିଗୁଡ଼ିକ ଯାଇ ଆଉ ଜଣଙ୍କର ଭୌତିକ ହାତ ମଧ୍ୟରେ ପ୍ରବେଶ କଲେ, କାରଣ ସେଗୁଡ଼ିକ ପ୍ରକୃତରେ ଏକ ବେହେଲା ଉପରେ ସଞ୍ଚାଳିତ ହେବାକୁ ଇଚ୍ଛା କରୁଥିଲେ । ମାତ୍ର ଯେତେବେଳେ ସଞ୍ଚାଳିତ ହେଲେ, ସେଗୁଡ଼ିକ ଆଉଜଣେ ବ୍ୟକ୍ତିଙ୍କର ହାତ ଜରିଆରେହିଁ ସଞ୍ଚାଳିତ ହେଲେ । ଏହି ଦ୍ୱିତୀୟ ଜଣକ ହୁଏତ ଆଗରୁ ଜଣେ ଭଲ ବେହେଲାବାଦକ ଥିଲେ, ମାତ୍ର ସେହି ହାତଗୁଡ଼ିକ ଆସି ପ୍ରବେଶ କରିବା ପରେ ଏକ ସୁକୁଶଳୀ ପ୍ରତିଭାରେ ପରିଣତ ହୋଇଯାଇ ପାରିଲେ ।

ମୁଁ ଭାବିଥିଲି ଯେ ସେହି ପ୍ରଥମ ଜଣକ ମଧ୍ୟ ବଞ୍ଚି ରହିଥିଲେ !

ଅନ୍ୟ ଜଣକ ବଞ୍ଚି ରହିଥିଲେ ? କେଉଁ ଅନ୍ୟ ଜଣକ ? ପ୍ରଥମ ଜଣକ··· ନାହିଁ, ନାହିଁ, ସେପରି ମୋଟେ ନୁହେଁ । (ସମସ୍ତେ ହସି ଉଠିଲେ ।)

ଆପଣ କହିଛନ୍ତି : "ସମଗ୍ର ପୃଥିବୀ ଏକ କ୍ରମୋନ୍ନତିର ରୂପାନ୍ତରୀକରଣର ପ୍ରକ୍ରିୟା ମଧ୍ୟଦେଇ ଗତି କରୁଛି" ।* ତେବେ ଲୋକମାନେ ଆଜିକାଲି ଭିତରେ ଏପରି ଲଢ଼ାଲଢ଼ି ହେଉଛନ୍ତି କାହିଁକି ?

---

* "ଯୋଗଶକ୍ତିର କ୍ରିୟାଶକ୍ତି ଦ୍ୱାରା, ସତ୍ତାର ଯେଉଁ ଅଂଶଗୁଡ଼ିକ ସତ୍ତାଟି ଉପରେ କାର୍ଯ୍ୟ କରୁଥିବା ଶକ୍ତିଗୁଡ଼ିକୁ ଗ୍ରହଣ କରିବା ଲାଗି ଓ ତାହା ଉଦ୍ଦେଶ୍ୟରେ ଅନୁମୋଦନ ଜଣାଇବା ଲାଗି ପ୍ରସ୍ତୁତ ହୋଇ ଯାଇଥାନ୍ତି, ସେହି ଅଂଶଗୁଡ଼ିକରେ ସତ୍ତାର ରୂପାନ୍ତରୀକରଣ ତ୍ୱରାନ୍ୱିତ ହୋଇ ଯାଇଥାଏ । ଏହି ପ୍ରକାରେ ଯୋଗ ଆମର ଅନେକ ସମୟ ବଞ୍ଚାଏ । ସମଗ୍ର ପୃଥିବୀ ଏକ କ୍ରମୋନ୍ନତିର ରୂପାନ୍ତରୀକରଣର ପ୍ରକ୍ରିୟା ମଧ୍ୟଦେଇ ଗତି କରୁଛି । ଯଦି ତୁମେ ଯୋଗର ମାର୍ଗଟିକୁ

'oaob.nitrkl.ac.in' images reprocessed

ଖୁବ୍ ସମ୍ଭବ ସେମାନେ ସେହିପରି ଭାବରେହିଁ ଅଗ୍ରଗତି କରୁଥାନ୍ତି ! (ସମସ୍ତେ ହସି ଉଠିଲେ ।) ମନୁଷ୍ୟ ଯେ ସର୍ବଦା ବାହାରକୁ ଦେଖିବାକୁ ଏକ ସୌଷମ୍ୟଯୁକ୍ତ ଧାରାରେ ଅଗ୍ରଗତି କରୁଥାଏ, ସେ କଥା ଆଦୌ ନୁହେଁ । ଯେଉଁମାନେ ଯୋଗର ଅଭ୍ୟାସ କରନ୍ତି, ସେମାନେ ସମସ୍ତେ ଜାଣିଛନ୍ତି ଯେ ଏହି କଥାଟି କଦାପି ସର୍ବଦା ଶାନ୍ତ ଓ ସୌଷମ୍ୟ ସହିତ ଆଦୌ ଚାଲେ ନାହିଁ; ଅନେକ ସମୟରେ ଭିତରେ କେତେକେତେ ସଂଗ୍ରାମ ଲାଗି ରହିଥାଏ, ଯେଉଁ ଶତ୍ରୁମାନେ ତୁମକୁ ଅଗ୍ରସର ହେବାରୁ ନିବୃତ୍ତ କରି ରଖିବାକୁ ଇଚ୍ଛା କରୁଛନ୍ତି, ସେମାନଙ୍କ ସହିତ କେତେ ଯୁଦ୍ଧ ଲଢ଼ିବାକୁ ହୁଏ । ଭିତରେ ଆହୁରି କେତେପ୍ରକାର ବସ୍ତୁ ରହିଥାନ୍ତି, ଯାହାକି ପ୍ରତିରୋଧ କରିବାରେ ଲାଗିଥାନ୍ତି ଏବଂ ଏତେଟିକିଏ ହେଲେ ଆଗକୁ ଯିବାକୁ ଚାହୁଁ ନଥାନ୍ତି; ଅନେକ ସମୟରେ ସେମାନଙ୍କ ସହିତ ଯୁଝିବାକୁ ପଡ଼େ, ଅର୍ଥାତ୍ ଯୁଦ୍ଧ କରିବାକୁ ହୁଏ । ତୁମେ କଦାପି ବିଶ୍ୱାସ କରିବ ନାହିଁ ଯେ ଖାଲି ବସି ବସି ଧ୍ୟାନ କଲେହିଁ ଅଗ୍ରଗତି ହୋଇଯାଏ !··· ଏହି କ୍ଷେତ୍ରରେ ଅନେକ ବାଧା ଓ ଅସୁବିଧା ଉପରେ ବିଜୟ ହାସଲ କରିବାକୁ ପଡ଼େ । ବିଜୟ ହାସଲ କରିବାକୁ ପଡ଼େ ?— ଅର୍ଥାତ୍ ?— ଅର୍ଥାତ୍ ଜଣକ ବିରୁଦ୍ଧରେ ଯୁଦ୍ଧ କରିବାକୁ ପଡ଼େ । ଯେତେବେଳେ ତୁମେ ଯୁଦ୍ଧ କରୁଥାଅ, ତାହାକୁହିଁ ଏକ ଯୁଦ୍ଧ କୁହାଯାଏ । ଏହିପରି ସାନ ଯୁଦ୍ଧ ଥାଏ, ବଡ଼ ବଡ଼ ଯୁଦ୍ଧ ବି ଥାଏ । ମାତ୍ର ଯେଉଁ ଦୈତ୍ୟ ଓ ରାକ୍ଷସଙ୍କ ଆଖିରେ ମଣିଷମାନେ କେତୋଟି କ୍ଷୁଦ୍ର କ୍ଷୁଦ୍ର ପିମ୍ପୁଡ଼ି ଛଡ଼ା ଆଉ କିଛି ପରି ଆଦୌ ଦିଶନ୍ତି ନାହିଁ, ଉଦାହରଣସ୍ୱରୂପ ଯଦି ସେହିମାନେ ପୃଥିବୀ ଉପରେ ମଣିଷମାନେ ଆପଣା ଭିତରେ କରୁଥିବା ଏହି ଯୁଦ୍ଧଟିକୁ ଦେଖିବାକୁ ପାଆନ୍ତି, ତେବେ ସେମାନେ ତାହାକୁ ପ୍ରକୃତରେ କ'ଣ ବୋଲି କହିବେ ?···ତୁମେ ଯେତେବେଳେ ପିମ୍ପୁଡ଼ିମାନଙ୍କ ଭିତରେ ଲାଗିଥିବା ଯୁଦ୍ଧକୁ ଦେଖିବାକୁ ପାଅ, ତୁମେ ସେହି ଯୁଦ୍ଧକୁ ଅତ୍ୟନ୍ତ ସ୍ୱାଭାବିକ ବୋଲି ମନେ କରିଥାଅ । ଏପରିକି ତୁମେ ଏହି ଯୁଦ୍ଧକୁ ବେଶ୍ ଆଗ୍ରହର ସହିତ ବି ଯାଇ ଦେଖିପାର ଏବଂ ଈଷତ୍ ହସି କହିପାର : "ଦେଖ ଦେଖ, ପିମ୍ପୁଡ଼ିମାନେ କିପରି ଯୁଦ୍ଧ କରୁଛନ୍ତି ଦେଖ !" ଠିକ୍ ସେହିପରି ବିଶ୍ୱଜଗତର ରାକ୍ଷସିକ ଶକ୍ତିଗୁଡ଼ିକ ଆଗରେ ପୃଥିବୀ ଉପରେ ଲାଗିଥିବା ମଣିଷମାନଙ୍କର ଏହି ଯୁଦ୍ଧ ବି ପିମ୍ପୁଡ଼ିମାନଙ୍କର ଯୁଦ୍ଧ ପରି ପ୍ରତୀତ ହେଉଥିବ । ତାହାକୁ ସେମାନେ

---

ଚାହାଁଣ କରିବ, ତୁମେ ଆପଣା ମଧ୍ୟରେ ଏହି ପ୍ରକ୍ରିୟାଟିକୁ ତ୍ୱରାନ୍ୱିତ କରିଦେଇ ପାରିବ । ସାଧାରଣ ଗତିପଥରେ ଯାଇ ଯେଉଁ କାର୍ଯ୍ୟଟିକୁ ଅନେକ ବର୍ଷ ଲାଗିବ, ତାହା ଯୋଗ ଦ୍ୱାରା ମାତ୍ର କେତୋଟି ଦିନରେ, ଏପରିକି ମାତ୍ର କେତୋଟି ଘଣ୍ଟା ମଧ୍ୟରେ ସମ୍ଭବ ହୋଇପାରିବ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୬ ଜୁନ୍)

ଗୁଡ଼ିକ ଅଥବା ଆଦୌ କିଛି ନୁହେଁ ବୋଲି ହେୟଜ୍ଞାନ କରୁଥିବେ । ମନୁଷ୍ୟ-ଚେତନାର ମାପକାଠି ଦେଇ ତୁମେ କଦାପି କୌଣସି ବିଷୟର ବିଚାର କରିବ ନାହିଁ ।·· ···ମନୁଷ୍ୟ ଲାଗି ପ୍ରକୃତି ହେଉଛି ଏକ ଭ୍ରମଶକ୍ତି ବସ୍ତୁ । ତା' ଲାଗି ପ୍ରକୃତି ପ୍ରକୃତରେ ଏକ ଦୁର୍ଜ୍ଞେୟ ବସ୍ତୁ; ପ୍ରକୃତି ଅଧୀନରେ ଯେତେଯେତେ ଶକ୍ତି ରହିଛି ଓ ସିଏ ଯେଉଁସବୁ ଗତିସ୍ପନ୍ଦନର ସୃଷ୍ଟି କରିବାରେ ଲାଗିଛି, ମନୁଷ୍ୟ ଲାଗି ସେସବୁ ଗୋଟିଏ ଗୋଟିଏ ଦୁର୍ଜ୍ଞେୟ ବସ୍ତୁ । ଏବଂ ଏହି ପୃଥିବୀରେ ଯେତିକି ଘଟୁଛି, କେବଳ ସେତିକି ବିଷୟରେହିଁ ଆମର ଯାହାକିଛି ଜ୍ଞାନ ରହିଛି । ବିଶ୍ୱଜଗତର ଅବଶିଷ୍ଟ ଭାଗଗୁଡ଼ିକରେ କ'ଣସବୁ ଯେ ଘଟିବାରେ ଲାଗିଛି, ଆମେ ସେସବୁ ବିଷୟରେ, ଏକ ପ୍ରକାରର ଜ୍ଞାନାନୁମାନ ସାହାଯ୍ୟରେ ପରୋକ୍ଷ ଅଥବା ପ୍ରତ୍ୟକ୍ଷ ଭାବରେ ନିଶ୍ଚୟ କିଛି କିଛି ଜାଣୁଥିବା । ମାତ୍ର ଏହି ଘଟଣାଗୁଡ଼ିକ ହେଉଛନ୍ତି ନାନାବିଧ ଶକ୍ତି ମଧ୍ୟରେ ଲାଗିଥିବା ନାନାବିଧ ଦ୍ୱନ୍ଦ୍ୱ ଓ ନାନାବିଧ ଲୀଳା, ମନୁଷ୍ୟ-ଚେତନାର ଅନୁପାତରେ ଯାହାକୁ କି କେବଳ ଦୁର୍ଜ୍ଞେୟ ବୋଲିହିଁ କୁହାଯାଇ ପାରିବ । କାଳ ଓ ଅବଧି ବିଷୟରେ ମନୁଷ୍ୟର ଯେତିକିଯାଏ କଳ୍ପନା ରହିଛି, ତାହାର ତୁଳନାରେ ହିସାବ କରି ଦେଖିଲେ ଏହିସବୁ ବସ୍ତୁ ପ୍ରାୟ ଶାଶ୍ୱତତା ମଧ୍ୟକୁହିଁ ବ୍ୟାପ୍ତ ହୋଇ ଅବସ୍ଥାନ କରୁଛନ୍ତି । ତେଣୁ କାଳର ଭୂମି ଉପରେ ଆମେ ଏହାକୁ ଏକ ବୈପୁଲ୍ୟ ବୋଲି କହିବା, ଦେଶର ଭୂମି ଉପରେ ମଧ୍ୟ ବୈପୁଲ୍ୟ ବୋଲି କହିବା; ମନୁଷ୍ୟର ଚେତନା ସମ୍ମୁଖରେ ଏହାକୁ ପ୍ରାୟ ଏକ ଅବୋଧ୍ୟ ଏବଂ ଅଗମ୍ୟ ବସ୍ତୁ ବୋଲିହିଁ କହିବା । ମାତ୍ର, ମନ୍ଦା ମନ୍ଦା ହୋଇ ରହିଥିବା ପିମ୍ପୁଡ଼ି-ସଂସାରଟିର ଚେତନା ଆମ ଲାଗି ଯେଉଁପରି କ୍ଷୁଦ୍ର ହୋଇ ରହିଛି, ଏହିସବୁ ବିଶ୍ୱଶକ୍ତି ଲାଗି ମନୁଷ୍ୟର ଯାବତୀୟ ପ୍ରଚ୍ଛ ଓ ଯାବତୀୟ ଗତିସ୍ପନ୍ଦନ ଯଥାର୍ଥତଃ ପ୍ରାୟ ସେହିପରି ପରିମାଣରେହିଁ କ୍ଷୁଦ୍ର ହୋଇ ରହିଛି । ଠିକ୍ ସେହିପରି କ୍ଷୁଦ୍ର ହୋଇ ରହିଛି । ଏହିପରି ବିରାଟକାୟ ହୋଇ ରହିଥିବା ଅତିପରାକ୍ରମଶାଳୀ ଏହି ବିଶ୍ୱ-ରାକ୍ଷସମାନଙ୍କ ବିଷୟରେ ନର୍ଡିକ୍ ଗାଥା,—ସୁଇଡେନ୍ ଓ ନରୱେରେ—ନାନାପ୍ରକାର କାହାଣୀ ରହିଛି । ଏବଂ ପିଲାମାନେ ସହଜରେ ବୁଝିପାରିବାଭଳି ଏହିସବୁ କାହାଣୀକୁ ଅତ୍ୟନ୍ତ ସ୍ୱାଭାବିକ କରି ସେମାନଙ୍କ ଆଗରେ କୁହା ହୋଇଥାଏ । ଗୋଟିଏ କାହାଣୀରେ ରହିଛି ଯେ ଏହି ବ୍ରହ୍ମାଣ୍ଡର କୌଣସି ଏକ ପର୍ବତ-ଶିଖର ଉପରେ ଦୁଇଜଣ ରାକ୍ଷସ ବସିଥିଲେ; ଏହି ପୃଥିବୀର କୌଣସି ପର୍ବତ ଶିଖରରେ ନୁହେଁ, ବ୍ରହ୍ମାଣ୍ଡର ଏକ ପର୍ବତ ଶିଖର ଉପରେ ବସିଥିଲେ । ସେତିକିବେଳେ ଗୋଟିଏ ରାକ୍ଷସ ନିଃଶ୍ୱାସଟିଏ ମାରିଲା । ତା'ପରେ ହଜାର ବର୍ଷ ବିତିଗଲା ଓ ତା'ପରେ ଯାଇ ଆର ରାକ୍ଷସଟି ପଚାରିଲା, "ତୁ ଏପରି ଦୀର୍ଘନିଃଶ୍ୱାସଟାଏ ପକାଇଲୁ କାହିଁକି ?" ତା'ପରେ ପୁଣି ହଜାରେ ବର୍ଷ ଅତିବାହିତ ହୋଇଗଲା ଓ ସେଇଠୁ ପ୍ରଥମ ଜଣକ ଉତ୍ତର ଦେଇ କହିଲା :- "ମୋତେ ଭାରି ମନେ ପଡ଼ୁ

ଲାଗୁଛି ।" ପୁଣି ପ୍ରକାରେ ବର୍ଷ ଗଲା···ତା'ପରେ ଯାଇ ସେମାନେ ଆଉ ଗୋଟାଏ କ'ଣ କହିବାକୁ ଚେଷ୍ଟା କଲେ । "ମୋତେ ଖୁବ ନୀରସ ଲାଗୁଛି" ବୋଲି କହିବାକୁ ଗଛସମାନଙ୍କୁ ସମ୍ଭବତଃ କେତେ ଶହ ବର୍ଷ ଲାଗି ଯାଉଥିଲା । ତେଣୁ ଏହା ହେଉଛି ଆନୁପାତିକତାର ଏକ ସମସ୍ୟା !

ଶରୀର ଯେପରି ଆଦୌ ଶକ୍ତ ଓ ଅନମନୀୟ ନହେବ, ଯୋଗଶକ୍ତି ଦ୍ୱାରା କ'ଣ ସେପରି କରିବା ସମ୍ଭବ ହେବ ନାହିଁ ?

ହଁ, ସମ୍ଭବ । ଶରୀରକୁ କମ୍ ଅନମନୀୟ କରିବା ଲାଗି ତୁମେ ପ୍ରକୃତରେ ଜିମ୍ନାଷ୍ଟିକ୍ସ କରୁ ନାହଁ କି ? ଏବଂ ଏଥିରେ କ୍ରମାଗ୍ରସର ହୋଇ ଯାଉଥିବାର ଏକ ପ୍ରକ୍ରିୟା କାର୍ଯ୍ୟ କରୁଛି । ତୁମେ ପ୍ରଥମ ବର୍ଷ ଯାହା କରି ପାରୁ ନାହଁ, ଅଳ୍ପ କେତେବର୍ଷ ପରେ ସେହି କଥାଟିକୁ ବେଶ୍ କରିପାରୁଛ । ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଆପଣାର ଶରୀରକୁ ସମ୍ପୂର୍ଣ୍ଣ ଭାବରେ ନମନୀୟ କରିଦେଇ ପାରିଆନ୍ତି; ଉଦାହରଣସ୍ୱରୂପ, ଯେଉଁମାନେ ଆସନ କରନ୍ତି, ସେମାନେ । ହଁ, ଜଣେ ଇଚ୍ଛା କଲେ ଶରୀରକୁ ପ୍ରାୟ ସମ୍ପୂର୍ଣ୍ଣରୂପେ ନମନୀୟ କରିଦେଇ ପାରିବ । ମାତ୍ର, ଯଦି ଜଣେ ସାଧାରଣ ଲୋକ ଏହିସବୁ ବ୍ୟାୟାମ କରିବାକୁ ଚେଷ୍ଟା କରେ, ଆପଣା ଭିତରେ ସେ ନିଶ୍ଚୟ କ'ଣ ନା କ'ଣ ଗୋଟାଏ ଭାଙ୍ଗି ପକାଇ ବସିବ । ହଁ, ଏହି କ୍ଷେତ୍ରରେ ଏହିପରି ଘଟଣାହିଁ ଘଟେ । ମନର କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି ହୋଇଥାଏ । ଜିମ୍ନାଷ୍ଟିକ୍ ବ୍ୟାୟାମ ଦ୍ୱାରା ତୁମେ ଆପଣାକୁ ନମନୀୟ କରିଆଣ । ତେଣୁ ଏହା ହେଉଛି ଏକ ଶୃଙ୍ଖଳାର ପ୍ରଶ୍ନ, ବିକଶିତ ହେବାର ପ୍ରଶ୍ନ ।

ମନେ କରନ୍ତୁ, ଜଣେ ବ୍ୟକ୍ତି ଏହି ଜୀବନରେ ଖୁବ୍ ବୁଦ୍ଧିମାନ୍ ହେବା ଲାଗି ଉଦ୍ୟମ କରୁଛି; ମାତ୍ର ଯଦି ପରବର୍ତ୍ତୀ ଜୀବନରେ ସିଏ ଜଣେ ନିର୍ବୋଧ ହୋଇ ଜନ୍ମ ହୁଏ, ତେବେ ଏହିସବୁ ଉଦ୍ୟମରୁ ଆଉ କ'ଣ ଲାଭ ହେଲା ?

ନାହିଁ, ନାହିଁ,—ମୁଁ ଟିକିଏ ଅଧିକ ସଂକ୍ଷିପ୍ତ କରି କହିଦେଲି, କଥାଟି ଆଦୌ ସେପରି ନୁହେଁ । ତା'ର ଚୈତ୍ୟସତ୍ତା କଦାପି ନିର୍ବୋଧ ହୋଇ ରହି ନଥାଏ । ଉଦାହରଣସ୍ୱରୂପ, ମନେ କରାଯାଉ ଯେ ତା'ର ଚୈତ୍ୟସତ୍ତା ଏପରି ଜଣେ ମନୁଷ୍ୟର ଅଭିଜ୍ଞତା ଲାଭ କରିଛି, ଯିଏକି ଜଣେ ଲେଖକ ଥିଲା ଏବଂ ପୁସ୍ତକ

'oaob.nitrkl.ac.in' images reprocessed

ଓ ଭ୍ରମଣ ମାଧ୍ୟମରେ ଆପଣାର ଅନୁଭୂତିଗୁଡ଼ିକୁ ବ୍ୟକ୍ତ କରି ପାରୁଥିଲା । ତେଣୁ, ତା'ର ସତ୍ତାଟି ଯେଉଁସବୁ ସଂସର୍ଗ ଏବଂ ପରିସ୍ଥିତି ଭିତରେ ବାସ କରୁଥିଲା, ସେହିଗୁଡ଼ିକ ହେତୁ ସିଏ ଅନୁଭୂତିର ଏକ ବିଶେଷ କ୍ଷେତ୍ର ସହିତ ପରିଚୟ ଲାଭ କରି ପାରିଥିଲା । ମାତ୍ର, ଏହା ଦ୍ୱାରା ସେ ଅନୁଭୂତିର ଆଉ ଗୋଟିଏ କ୍ଷେତ୍ର ସହିତ ମଧ୍ୟ ପରିଚିତ ହୋଇ ପାରିଲା ନାହିଁ । ଉଦାହରଣସ୍ୱରୂପ, ସେ ହୁଏତ କହିବ : "ମୁଁ ମୋର ମସ୍ତିଷ୍କ ଦେଇ ବଞ୍ଚିଲି, ଜୀବନ ପ୍ରତି ଜଣେ ବୁଦ୍ଧିଜୀବୀ ହିସାବରେ ଆପଣାର ପ୍ରତିକ୍ରିୟାଗୁଡ଼ିକୁ ବ୍ୟକ୍ତ କରି ଆସିଲି; ଏଥର ମୁଁ ମୋର ସଂବେଗଗୁଡ଼ିକୁ ସକ୍ରିୟ କରି ବଞ୍ଚିବାକୁ ଇଚ୍ଛା କରୁଛି ।" କାରଣ, ସାଧାରଣ ଜୀବନରେ କେବଳ ବୁଦ୍ଧିଟାକୁହିଁ ଏପରି ଅତିରିକ୍ତ ଭାବରେ ସକ୍ରିୟ ରଖିବା ଦ୍ୱାରା ସଂବେଗର ସାମର୍ଥ୍ୟଟି ଅନେକ ପରିମାଣରେ କମ୍ ହୋଇ ଯାଇଥାଏ । ତେଣୁ, ଅନୁଭୂତି ଓ ବିକାଶଲାଭର ଆଉ ଗୋଟିଏ କ୍ଷେତ୍ରରେ ବିଚରଣ କରିବାକୁ ସେ ତା'ର ବୁଦ୍ଧି ଦ୍ୱାରା ପ୍ରାପ୍ତ ହୋଇଥିବା ଉଚ୍ଚତାଟିକୁ ବର୍ଜନ କରିଆସେ; ସିଏ ଆଉ ଆଗପରି ଜଣେ ପ୍ରତିଭାଶୀଳ ବିଚକ୍ଷଣ ବ୍ୟକ୍ତି ହୋଇ ରହେ ନାହିଁ, ଜଣେ ପ୍ରତିଭାସମ୍ପନ୍ନ ସାହିତ୍ୟିକ ହୋଇ ରହେ ନାହିଁ, ସିଏ ଜଣେ ସାଧାରଣ ମଣିଷ ହୋଇ ଜନ୍ମଗ୍ରହଣ କରେ; ମାତ୍ର ଏକ ସୁନ୍ଦର, ଦୟାବାନ୍ ଏବଂ ଉଦାର ହୃଦୟ ନେଇ ଜନ୍ମଗ୍ରହଣ କରେ । ମୁଁ "ନିର୍ବୋଧ" ବୋଲି ସିନା କହିଲି, ମାତ୍ର କେବଳ ଏକ ତୁଳନା ଉଦ୍ଦେଶ୍ୟରେହିଁ ତାହା କହିଲି । ଉଦାହରଣସ୍ୱରୂପ, ଏପରି ହେବା ଆଦୌ ବିରଳ ନୁହେଁ ଯେ, ଆପଣାର ସର୍ବୋଚ୍ଚ ଅଭିବୃଦ୍ଧି ହାସଲ କରି ସାରିଥିବା ଗୋଟିଏ ଚୈତ୍ୟସତ୍ତା, ଜଣେ ଶାସନକର୍ତ୍ତାର ଅନୁଭୂତିଗୁଡ଼ିକୁ ଉପଭୋଗ କରି ସାରିବା ପରେ (ଅର୍ଥାତ୍, ଜଣେ ରାଜା ଅଥବା ସମ୍ରାଟ୍ଙ୍କର ଜୀବନ ଯାହାକିଛି ଅନୁଭୂତିକୁ ବହନ କରି ଆଣିଥାଏ, ସବୁଯାକ), ହୁଏତ ଏକ ଅଜ୍ଞାତ ଜୀବନ ମଧ୍ୟରେ ରହି କାର୍ଯ୍ୟ କରିବାକୁ ଇଚ୍ଛା ପ୍ରକାଶ କରେ, ରାଜକୀୟ ବିଳାସ ଆଡ଼ମ୍ବର ମଧ୍ୟରେ ଆଉ ଅନୁକ୍ଷଣ ବନ୍ଧାହୋଇ ରହିବାକୁ ଚାହେ ନାହିଁ; ସିଏ ହୁଏତ ବେଶ୍ ଏକ ସାଧାରଣ ପରିବେଶରେ ଯାଇ ଜନ୍ମଗ୍ରହଣ କରିବାକୁ ଇଚ୍ଛା କରିପାରେ, ଏକ ସାଧାରଣ ମଧ୍ୟବର୍ଗୀୟ ପରିବାରରେ, ଏକ ଅତ୍ୟନ୍ତ ମଧ୍ୟସ୍ତରୀୟ ପରିବେଶରେ ଜନ୍ମଗ୍ରହଣ କରିବାକୁ ମନ କରିପାରେ, ଯେପରିକି ସେ ସେହିପରି ଭାବରେ ଅଜ୍ଞାତ ରହି ନିଜର ଜୀବନଟିକୁ ଯାପନ କରିପାରିବ, ଏବଂ ଗୋଟିଏ ଦେଶର ସର୍ବୋଚ୍ଚ ଶାସକ ହୋଇ ରହିଲେ ଶାସକୀୟ ପ୍ରଦର୍ଶନର ଯେଉଁସବୁ ପ୍ରୟୋଜନ ଭିତରେ ବାନ୍ଧି ହୋଇ ରହିବାକୁ ପଡ଼େ, ସେଗୁଡ଼ିକ ଦ୍ୱାରା ଆଦୌ କୌଣସି ପ୍ରକାରେ ବାଧାପ୍ରାପ୍ତ ନହୋଇ ସେ କାର୍ଯ୍ୟ କରିବାର ଅବସର ଲାଭ କରିପାରିବ । ତେଣୁ ବିଷୟଟି ଉପରେ ଗୋଟିଏ ଦୃଷ୍ଟିକୋଣରୁ ବିଚାର କରି ଦେଖୁଥିଲେ ତୁମେ କହିବ : "ଏକଥା କିପରି ହେଲା, ଏପରି ଏକ ପତନ ଘଟିଲା କାହିଁକି ?" ଏହା ପ୍ରକୃତରେ

'oaob.nitrkl.ac.in' images reprocessed

ଏକ ପତନ ନୁହେଁ । ଏଠାରେ କେବଳ ଆଉ ଗୋଟିଏ ଦୃଷ୍ଟିକୋଣରୁହିଁ ସମସ୍ୟାଟିର ସମ୍ମୁଖୀନ ହେବାର ପ୍ରୟାସ ହୋଇଛି, ଆଉ ଗୋଟିଏ ଦିଗରୁ ସମସ୍ୟାଟିର ସମାଧାନ କରାଯାଇଛି । ଚେତନା ଲାଗି (ଏଠାରେ ମୁଁ ଯଥାର୍ଥ ଚେତନାଟିର କଥା କହୁଛି, ମୁଁ ଦିବ୍ୟ ଚେତନାର କଥା କହୁଛି ।) ସଫଳତା ଏବଂ ବିଫଳତା ମଧ୍ୟରେ କଦାପି କୌଣସି ପାର୍ଥକ୍ୟ ନଥାଏ, ଗୌରବ ଅଥବା ଗୌରବହୀନତା ମଧ୍ୟରେ ବି କୌଣସି ପାର୍ଥକ୍ୟ ନଥାଏ । ଚେତନାର ଅଭିବୃଦ୍ଧିହିଁ ଏକମାତ୍ର ମହତ୍ତ୍ୱପୂର୍ଣ୍ଣ ବିଷୟ ହୋଇ ରହିଥାଏ । ଏବଂ, ମନୁଷ୍ୟମାନଙ୍କ ଆଖିକୁ ଅତ୍ୟନ୍ତ ଅନୁକୂଳ ପରି ଦେଖାଯାଉଥିବା ଏପରି କେତେକ ଅବସ୍ଥା ବା ପରିବେଶ ଅବଶ୍ୟ ସମ୍ଭବ ହୋଇପାରେ, ଯାହାକି ଚେତନାର ଅଭିବୃଦ୍ଧି ଦୃଷ୍ଟିରୁ ହୁଏତ ଅତ୍ୟନ୍ତ ଅନନୁକୂଳ ହୋଇ ରହିଥାଏ···ତୁମେ ଏହି କ୍ଷେତ୍ରରେ ନିଜ ଆଡ଼କୁ ବି ଅନାଇ ଦେଖିପାର । ଅତ୍ୟନ୍ତ ସ୍ୱାଭାବିକ କଥା ଯେ ଯଦି ଆପଣା ସତ୍ତାର ଉଚ୍ଚ ସୋପାନଟିରେ ବାସ କରିବା ଲାଗି ତୁମେ ସର୍ବଦା ଯତ୍ନଶୀଳ ଓ ସତର୍କ ହୋଇ ରହିଥିବ, ତେବେ ତୁମେ ଏହି ପ୍ରମାଦଟି ଭିତରେ କେବେହେଲେ ପଡ଼ିବ ନାହିଁ । ମାତ୍ର ସାଧାରଣ ଭାବନା ଏବଂ ସାଧାରଣ ପ୍ରତିକ୍ରିୟାଶୀଳତାର ସ୍ତରରେ ରହି ତୁମେ ସବୁ କଥାକୁ କେବଳ ସଫଳତା ବା ବିଫଳତା ଦ୍ୱାରାହିଁ ବିଚାର କରିବାରେ ଲାଗିଥାଅ; ମାତ୍ର ସେଇଟି ହେଉଛି ବିଚାର କରିବାର ସର୍ବଶେଷ ଉପାୟ । କାରଣ ଏଇଟି ହେଉଛି ସବୁଠାରୁ ଅଧିକ କୃତ୍ରିମ ଉପାୟ, ସବୁଠାରୁ ଅଧିକ ବାହ୍ୟ ଉପାୟ, ଏବଂ ପ୍ରକୃତ ସତ୍ୟର ଏକାନ୍ତ ବିପରୀତ । ମନୁଷ୍ୟର ଜୀବନ ବର୍ତ୍ତମାନ ଯେଉଁଭଳି ଏକ ସଂଗଠନ-ସ୍ତରରେ ରହିଛି, ଆମକୁ ଲକ୍ଷେ ଥରରେ ମାତ୍ର ଥରେ ମଧ୍ୟ ଯଥାର୍ଥ ମୂଲ୍ୟଟି ଆମ ସମ୍ମୁଖରେ ସ୍ୱୀକୃତ ହୋଇ ରହିଥିବାର କଦାପି ଦେଖିବାକୁ ମିଳିବ ନାହିଁ । ସାଧାରଣତଃ, ଏହି କ୍ଷେତ୍ରରେ ସର୍ବଦା କିଞ୍ଚିତ୍ ଦେଖାଇ ପାରୁଥିବାର ପ୍ରୟୋଜନ ରହିଥିବ । ଯେତେବେଳେ କୌଣସି ବ୍ୟକ୍ତି ସଫଳତା ଲାଭ କରୁଥିବ, ଖୁବ୍ ସଫଳତା ଲାଭ କରୁଥିବ ସେହି ସଫଳତା ଯାହା ହୋଇଥାଉ ଅଥବା ଯେଉଁ ସୋପାନ ବା ସ୍ତରର ହୋଇଥାଉ ପଛକେ, ତୁମେ ସେତେବେଳେ ନିଶ୍ଚୟ ଏହି କଥାଟିକୁ ସ୍ୱୀକାର କରିନେଇ ପାରିବ ଯେ ତା' ମଧ୍ୟରେ ନିଶ୍ଚୟ କେଉଁଠି କିଞ୍ଚିତ୍ ପରିମାଣରେ ଏକ ଅଭିନୟକୁ ମଧ୍ୟ ସ୍ଥାନ ଦିଆଯାଇଛି ।

"ଦେଖାଇ ପାରୁଥିବାର" ଅର୍ଥ କ'ଣ ?

କୌଣସି ମିଳନାତ୍ମକ ନାଟକରେ ଯେଉଁ ଅଭିନେତାମାନେ ଗୁଡ଼ାଏ ଦେଖାଇ ହେବାକୁ ଚେଷ୍ଟା କରନ୍ତି, ସେହିମାନଙ୍କ ବିଷୟରେ ଏହି କଥାଟି କୁହା

'oaob.nitrkl.ac.in' images reprocessed

ଯାଇଥାଏ । ମାତ୍ର, ଯଦି କୌଣସି ବ୍ୟକ୍ତି ନିଜର ମୂଲ୍ୟଗୁଡ଼ାକ ବିଷୟରେ ଅତି ବେଶୀ କରି ଭାବୁଥାଏ ଏବଂ ସେହିପରି ବଢ଼ାଇ କରି କହୁଥାଏ, ତା' ବିଷୟରେ କହିବା ସମୟରେ ବି ଏହି ଶବ୍ଦଟିକୁ ବ୍ୟବହାର କରା ଯାଇଥାଏ । ତା'ର ପ୍ରକୃତରେ ଯେତିକି ମୂଲ୍ୟ ଅଛି, ସେ ତା'ଠାରୁ ଅଧିକ ଥିବାଭଳି ଦେଖାଇ ହୋଇଥାଏ; ଯାହା ପ୍ରକୃତରେ ତା' ପାଖରେ ନାହିଁ, ସେହିଗୁଡ଼ାକୁ ଦେଖାଇବାକୁ ଚେଷ୍ଟା କରୁଥାଏ, ଏବଂ ସର୍ବୋପରି ଅନ୍ୟମାନେ ତା' ପଦ୍ଧତିଗୁଡ଼ିକ ବିଷୟରେ ତାକୁ ପ୍ରଶଂସା କରନ୍ତୁ ବୋଲି ଭାବିବାରେ ଲାଗିଥାଏ । ଏଇଟା ହିଁ, ଅର୍ଥାତ୍ ଅନ୍ୟମାନଙ୍କର ପ୍ରଶଂସା ଲାଭ କରିବା ହିଁ ତା' ଲାଗି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବିଷୟ ହୋଇ ରହିଥାଏ ।

ଆମର ସ୍ମୃତିଭଣ୍ଡାରଟିକୁ ଆହୁରି ବଡ଼ କରାଯାଇ ପାରିବ କିପରି ?

ତୁମେ ନିଜର ଚେତନାକୁ ଅଧିକ ପ୍ରଶସ୍ତ କର, ତେବେ ସ୍ମୃତିଶକ୍ତି ମଧ୍ୟ ବୃଦ୍ଧି ପାଇବ ।

ଆମ ମସ୍ତିଷ୍କ ଭିତରେ ଯନ୍ତ୍ରବତ୍ ଯେଉଁ ସ୍ମୃତିଶକ୍ତି ରହିଛି, ଚେତନା ହେଉଛି ସେଇଟି ତୁଳନାରେ ଏକ ଅନେକ ଅଧିକ ଉଚ୍ଚସ୍ତରର ସ୍ମୃତିଶକ୍ତି । ଏଇ ଅଳ୍ପଦିନ ତଳେ ମୁଁ ତୁମମାନଙ୍କୁ ଏହି କଥାଟି ବୁଝାଇ କହିଥିଲି । ମୁଁ ତୁମମାନଙ୍କୁ କହିଥିଲି ଯେ ମସ୍ତିଷ୍କ ମଧ୍ୟରେ ରହିଥିବା ଯନ୍ତ୍ରବତ୍ ସ୍ମୃତିଶକ୍ତିଟି ଅନେକ ସମୟରେ ଭୁଲି ବି ଯାଇପାରେ,— ନାନା କଥାକୁ ଏକାଠି ମିଶାଇ ଗୋଳମାଳିଆ କରି ଦେଇପାରେ, ବିକୃତ ବି କରି ଦେଇପାରେ । ମାତ୍ର, ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ତୁମେ ଯେଉଁ ଚେତନା-ସ୍ଥିତିରେ ରହିଥିଲ, ଯଦି ଆପଣାକୁ ପୁନର୍ବାର ସେହି ସ୍ଥିତିଟିରେ ପ୍ରତିଷ୍ଠିତ କରି ରଖିପାର, ତେବେ ତୁମେ ସେତେବେଳର ଅନୁଭୂତିଟିକୁ ମଧ୍ୟ ପୁନର୍ବାର ଅନୁଭବ କରିବାକୁ ସମର୍ଥ ହେବ । ଏବଂ ଯଥାର୍ଥ ସ୍ମୃତି କହିଲେ ସର୍ବଦା କେବଳ ତାହାକୁହିଁ ବୁଝାଇବ । ଏବଂ ତାହା ସମ୍ପୂର୍ଣ୍ଣ ଭାବରେ ତୁମ ଚେତନାର ବିକାଶ ଉପରେହିଁ ନିର୍ଭର କରିଥାଏ ।

ଆପଣ କହିଛନ୍ତି ଯେ ଶରୀରର ଭୂମିରେ "ଆମର ଗ୍ରହଣଶୀଳତା ଅନେକ ପରିମାଣରେ ଏକ ପ୍ରତିରୋଧ-ପ୍ରବୃତ୍ତି ସହିତ ମିଶ୍ରିତ ହୋଇ ରହିଥାଏ ।"* ଏହି ପ୍ରତିରୋଧ କହିଲେ ଆପଣ କ'ଣ ବୁଝନ୍ତି ?

* ପ୍ରଶ୍ନ ଓ ଉତ୍ତର ୧୯୨୯ (୧୬ ଜୁନ୍)

'oaob.nitrkl.ac.in' images reprocessed

ତୁମର ଶରୀର ଭିତରେ କେତେ ପ୍ରକାରର ପ୍ରତିରୋଧ-ପ୍ରବୃତ୍ତି ରହିଛି, ଜାଣିଛ କି ? ତୁମେ ଯେତେବେଳେ ଏକ ବ୍ୟାୟାମ କରିବାକୁ ଇଚ୍ଛା କରୁଛ, ସେତେବେଳେ କ'ଣ ତୁମେ ଶରୀରକୁ ନେଇ ଯାହା ଇଚ୍ଛା ତାହା କରି ପାରିବ ? ଏବଂ ଯେତେବେଳେ ତୁମେ ସୁସ୍ଥ ହୋଇ ରହିବ ବୋଲି ଇଚ୍ଛା କରୁଥାଅ, ସେତେବେଳେ ବି କ'ଣ ତୁମର ଶରୀର ସର୍ବଦା ତୁମର ବୋଲ ମାନିବାକୁ ପ୍ରସ୍ତୁତ ଥାଏ ? ଯେତେବେଳେ ତୁମେ ପଠିତ ପାଠଟିକୁ ଆୟତ୍ତ କରିବାକୁ ଇଚ୍ଛା କରୁଛ, ସେତେବେଳେ ତୁମର ମସ୍ତିଷ୍କ ଅନାୟାସରେ ତୁମର ସାଙ୍ଗେସାଙ୍ଗେ ରହି ପାରେ କି ?...... ପ୍ରତିରୋଧ କହିଲେ ତାହାକୁହିଁ ବୁଝାଏ; ଅଗ୍ରଗତି କରିବା ଲାଗି ଯାହାକିଛି ଅସମ୍ମତ ହୁଏ, ତାହାହିଁ ପ୍ରତିରୋଧ । ଏବଂ ମୋର ବିଶ୍ୱାସ ଯେ ଏହି ପ୍ରତିରୋଧର ପରିମାଣଟି ଦୁର୍ଭାଗ୍ୟବଶତଃ ଗ୍ରହଣଶୀଳତାର ପରିମାଣ ଅପେକ୍ଷା ପ୍ରକୃତରେ ଅନେକ ଅଧିକ ହୋଇ ରହିଥାଏ । ଗ୍ରହଣଶୀଳ ହେବାକୁ ହେଲେ ଅନେକ କଠିନ ପରିଶ୍ରମ କରିବାକୁ ପଡ଼େ ।

ଆମେ ଅନେକେ ଜାଣି ନଥାଉ,— ସମ୍ଭବତଃ ତୁମେମାନେ ଦିନେ ସେହି କଥାଟିକୁ ଜାଣିବାକୁ ପାଇବ, ହୁଏତ ତୁମକୁ ସେହି କଥାଟି କହି ଦିଆଯିବ, ସମ୍ଭବତଃ କେହି ତୁମକୁ ଏହି କଥାଟିକୁ ଯଥାର୍ଥ ଭାବରେ ବୁଝାଇଦେଇ ପାରିବ,— ତୁମ ଭିତରେ କେତେ ଅମିତ ପରିମାଣରେ ଯେ ଶକ୍ତି ରହିଛି, ତୁମେ ସେକଥା କଳ୍ପନା ବି କରିପାରିବ ନାହିଁ । ଏବଂ ତୁମେମାନେ ଏହି କଥାଟିକୁ ସାଧାରଣତଃ ଅନୁଭବ ବି କରି ପାର ନାହିଁ । ଯେତେବେଳେ ଅନୁଭବ କର, ସେତେବେଳେ ମଧ୍ୟ ତୁମ ଭିତରେ ଥିବା କୌଣସି ଏକ ଉପାଦାନ ତଥାପି ସଙ୍କୁଚିତ ହୋଇ ରହିଥାଏ, କାରଣ ତାହା ତୁମ ଲାଗି ଅତିରିକ୍ତ ହୋଇଯାଏ ଏବଂ ତୁମର ଦେହକୋଷଗୁଡ଼ିକ ମଧ୍ୟରେ ଏକ ପ୍ରକାରର ସହଜାତ ପ୍ରବୃତ୍ତିଗତ ଭୟ ଉତ୍ପନ୍ନ କରାଇ ଦେଇଥାଏ । ଏବଂ ତୁମେ ଯେତେବେଳେ ତାହାକୁ ଗ୍ରହଣ କରୁଥାଅ, ସେତେବେଳେ ତାହାର ଗୁରୁଭାଗରୁ ଅନେକଭାଗକୁ ତୁମେ ବାହାରକୁ ଫିଙ୍ଗିଦେବାରେ ଲାଗ; କୌଣସି ପାତ୍ର ପୂର୍ଣ୍ଣ ହୋଇଗଲେ ତାହା ଭିତରେ ରହିଥିବା ସାମଗ୍ରୀ ଯେପରି ବାହାରକୁ ବାହାରିଯାଏ, ଠିକ୍ ସେହିପରି । ଏହା ବାହାରକୁ ବାହାରିଯାଏ, ଉଡ଼ି ହୋଇଯାଏ, କାରଣ ତୁମେ ତାହାକୁ ଧାରଣ କରି ରଖିବା ଲାଗି ସମର୍ଥ ହୋଇ ପାର ନାହିଁ । ମୁଁ ଏପରି ଅନେକସଂଖ୍ୟକ ଲୋକଙ୍କୁ ଦେଖିଛି, ଯେଉଁମାନେ କି ସେମାନଙ୍କୁ କିଛିହେଲେ ମିଳୁ ନାହିଁ ବୋଲି ଅଭିଯୋଗ କରିବାରେ ଲାଗିଥିଲେ । ଅର୍ଥାତ୍, ସେମାନେ କହିବାକୁ ଚାହୁଁଥିଲେ ଯେ ସେମାନଙ୍କ ପାଖରେ ସେମାନଙ୍କର ଆବଶ୍ୟକ ଶକ୍ତି ଆଦୌ ଉପଲବ୍ଧ ହୋଇ ପାରୁ ନଥିଲା । ଏପରି ହେଉଥିଲା, କାରଣ ସେମାନେ ସେହି ଶକ୍ତିଟିକୁ ଗ୍ରହଣ କରିବା ଲାଗି ଏକାନ୍ତ ଅସମର୍ଥ ହୋଇ

'oaob.nitrkl.ac.in' images reprocessed

ରହିଥିଲେ, ଏବଂ, ସେମାନେ ଯେତିକି ଶକ୍ତିକୁ ପ୍ରକୃତରେ ଗ୍ରହଣ କରି ପାରୁଥିଲେ, ତାହାଠାରୁ ଲକ୍ଷେଗୁଣ ଅଧିକ ଶକ୍ତି ମହଜୁଦ ହୋଇ ରହିଥିଲା । ହଁ, ଏସବୁ ଠିକ୍ ସେହିପରି ଘଟିଥାଏ । ତୁମେମାନେ ସମସ୍ତେ ବିପୁଳ କେତେକେତେ ସ୍ପନ୍ଦନର ଏକ ସମୁଦ୍ର ମଧ୍ୟରେ ଅବସ୍ଥିତ ରହିଛ, ମାତ୍ର ତୁମେ ସେହି ବିଷୟରେ ସଚେତନ ହୋଇ ପାରୁ ନାହଁ, କାରଣ ତୁମ ଭିତରେ ତଦନୁରୂପ ଗ୍ରହଣଶୀଳତା ନାହିଁ । ଏବଂ ତୁମ ଭିତରେ ଏପରି ଏକ ପ୍ରତିରୋଧ-ପ୍ରବୃତ୍ତି ରହିଛି ଯେ, ଯଦି ସେହି ଶକ୍ତି ମଧ୍ୟରୁ କିଛିହେଲେ ତୁମ ଭିତରେ ପ୍ରବେଶ କରିବା ଲାଗି ସଫଳ ବି ହୋଇପାରୁଛି, ତେବେ, ଯାହା ପଶୁଛି, ତାହାର ସ୍ପନ୍ଦନଗୁଡ଼ିକୁ ତନଗୁଡ଼ିକୁ ଅତ୍ୟନ୍ତ ପ୍ରଚଣ୍ଡ ଭାବରେ ବାହାରକୁ ଫୋପାଡ଼ି ଦିଆଯାଉଛି, କାରଣ ତାହାକୁ ଧାରଣ କରି ରଖିବା ଲାଗି ତୁମ ଭିତରେ ଯଥେଷ୍ଟ ସାମର୍ଥ୍ୟ ନାହିଁ ।······ଏଇଟି ବିଷୟରେ ମୁଁ ସାଧାରଣତଃ କିଛି କହେ ନାହିଁ; ମାତ୍ର ଯେହେତୁ ଆମେ ବିଷୟଟି ସମ୍ବନ୍ଧରେ ବର୍ତ୍ତମାନ କଥାବାର୍ତ୍ତା କରୁଛେଁ, ମୁଁ ସେଇଥିଲାଗି ତୁମମାନଙ୍କୁ ଏକଥା କହୁଛି । ଏବଂ ସମ୍ଭବତଃ ଦିନେ ମୁଁ ସେବିଷୟରେ ତୁମମାନଙ୍କୁ କେତେକ ଦୃଷ୍ଟାନ୍ତ ବି ଦେଇ ପାରିବି । ଏହା ଶୁଣିଲେ ପ୍ରକୃତରେ ଅବିଶ୍ୱାସ୍ୟ ପରି ମନେ ହେଉଥିବ । ଉଦାହରଣସ୍ୱରୂପ, ଏହି ମହାନ୍ ଶକ୍ତିଗୁଡ଼ିକର ଚେତନା ବିଷୟରେ ଆଲୋଚନା କରି ଦେଖାଯାଉ; ଭଲ ପାଇବାର ଶକ୍ତି, ବୁଝିବାର ଶକ୍ତି ଅଥବା ସୃଷ୍ଟି କରିବାର ଶକ୍ତିଟି ବିଷୟରେ ଆଲୋଚନା କରି ଦେଖାଯାଉ (ସବୁ କ୍ଷେତ୍ରରେ ଆମେ ସେହି ଗୋଟିଏ କଥାରହିଁ ପରିଚୟ ପାଇବା : ସୁରକ୍ଷାର ଶକ୍ତି, ଅଭିବୃଦ୍ଧି ଲାଭ କରିବାର ଶକ୍ତି, ପୁନଶ୍ଚ ତା'ପରେ, ଅଗ୍ରଗତି କରି ପାରିବାର ଶକ୍ତି ଏବଂ ସବୁକିଛିର ଶକ୍ତି); ଅଥବା ଚେତନା ବିଷୟରେ, ଯେଉଁ ପରମ ଚେତନା ଏହି ସବୁଟିକୁ ବେଷ୍ଟନ କରି ରହିଛି, ସବୁରି ମଧ୍ୟରେ ପ୍ରବେଶ କରୁଛି, ସର୍ବତ୍ର ବିଦ୍ୟମାନ ଅଛି, ସକଳ ବସ୍ତୁରେ ମଧ୍ୟ ରହିଛି, ସେହି ପରମ ଚେତନାଟି ବିଷୟରେ ଆଲୋଚନା କରି ଦେଖାଯାଉ ।······ଏକଥା ସତ ଯେ, ଯେତେବେଳେ ସତ୍ତା ସେହି ଶକ୍ତିଟିକୁ ଗ୍ରହଣ କରିପାରିବା ଲାଗି ବା ସହ୍ୟ କରିପାରିବା ଲାଗି ଏକାନ୍ତ ଅସମର୍ଥ ହୋଇ ରହିଥାଏ, ସେତେବେଳେ ସେହି ଶକ୍ତି ସତ୍ତାଟି ଉପରେ ଆପଣାକୁ ଆଣି ଲଦି ଦେବାକୁ ଚାହିଁଲେ, ତାହା ପ୍ରକୃତରେ ଏକ ପ୍ରବଳତା ପରିହିଁ ଅନୁଭୂତ ହୋଇଥାଏ । ଏବଂ ଏଠାରେ ତ ମୁଁ ସର୍ବୋତ୍ତମମାନଙ୍କର କଥା କହୁଛି; ମାତ୍ର ସର୍ବତ୍ର ସମସ୍ତଙ୍କ ଭିତରେହିଁ ଏପରି ଏକ ଅଳ୍ପବହୁତ ବୃହତ୍ତ ଭାଗ ରହିଥାଏ, ଅଳ୍ପବହୁତ ମହତ୍ତ୍ୱପୂର୍ଣ୍ଣ ଏପରି ଗୋଟିଏ ଭାଗ ରହିଥାଏ, ଯାହା ଭିତରେ କି ତଥାପି ଆବଶ୍ୟକ ସଦିଚ୍ଛାଟି ନଥାଏ, ଯାହାକି ମନ୍ଦ-ଇଚ୍ଛାର ଠିକ୍ ଧାରପାଖରେ ଯାଇ ରହିଥାଏ, ଏବଂ ଯାହାକିଛି ମହଜୁଦ ରହିଥାଏ, ତାହାକୁ କୌଣସି ପ୍ରକାରେ ଗ୍ରହଣ କରିବାକୁ ଚାହେଁ ନାହିଁ ଏବଂ ତାହାକୁ ପ୍ରତ୍ୟାଖ୍ୟାନ

'oaob.nitrkl.ac.in' images reprocessed

କରିବାରେ ଲାଗିଥାଏ । ମାତ୍ର ଯଦି ଜଣେ ଉନ୍ମୋଚିତ ହୋଇ ରହିଥାଏ ଏବଂ ସହଜ ଭାବରେ ଆପଣା ଭିତରକୁ ଗ୍ରହଣ କରି ନେଇପାରେ,— ଆଉ କିଛି ନୁହେଁ, ଯଦି କେବଳ ସେତିକି କରିପାରେ,— ତେବେ ଜଣେ ନିଜ ଭିତରକୁ ସେହି ପରମ ଚେତନାରହିଁ ପ୍ରବେଶ ଘଟାଇ ପାରିବ, ସେହି ପରମ ଆଲୋକ, ପରମ ବୋଧଶକ୍ତି, ପରମ ଶକ୍ତିମତ୍ତା, ପରମ ଶ୍ରଦ୍ଧା ଏବଂ ଆଉ ଯାହାକିଛି ରହିଲା, ସବୁଯାକର ପ୍ରବେଶ ଘଟାଇ ପାରିବ । ମାତ୍ର ସେହି ସବୁକିଛି ଏଠି ପୃଥିବୀପୃଷ୍ଠରେ କେବଳ ନଷ୍ଟହିଁ ହେବାରେ ଲାଗିଛି, କାରଣ ଏହି ପୃଥିବୀ ତାହାକୁ ଗ୍ରହଣ କରି ନେବା ଲାଗି ପ୍ରସ୍ତୁତ ହୋଇ ପାରି ନାହିଁ । ଏଥର ବୁଝି ପାରୁଥିବ ।

## ୨୩ ସେପ୍‌ଟେମ୍ବର, ୧୯୫୩

ଆମ ଶରୀରସ୍ଥ ପ୍ରତ୍ୟେକ ସ୍ଥାନ ଏକ ଅନ୍ତର୍ଗତ ଗତିସ୍ପନ୍ଦନର ପ୍ରତୀକ ହୋଇ ରହିଛି; ସେଠାରେ ଏକ ସୂକ୍ଷ୍ମ ଅନୁରୂପତାର ଜଗତ ବିଦ୍ୟମାନ ରହିଛି । ମାତ୍ର ଏଇଟା ହେଉଛି ଏକ ଦୀର୍ଘ ଏବଂ ଅତ୍ୟନ୍ତ ଜଟିଳ ବିଷୟ ଏବଂ ଆମେ ବର୍ତ୍ତମାନ ତା’ର ଠିକଣିଖିଗୁଡ଼ିକୁ ଆଦୌ ଆଲୋଚନା କରିପାରିବା ନାହିଁ । ଶରୀରସ୍ଥ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ଯଦି ଏକ ଅସୁସ୍ଥତା ଦ୍ୱାରା ଆକ୍ରାନ୍ତ ହୋଇପଡ଼େ, ତେବେ ଶରୀର ଭିତରେ କେଉଁଠାରେ କିପ୍ରକାର ସୌଷମ୍ୟହୀନତା ଘଟିଛି, ତାହା ସେହି କଥାଟିକୁହିଁ ସୂଚିତ କରାଇ ଦେଇଥାଏ । ଏହା ତା’ର ଉତ୍ପତ୍ତିସ୍ଥଳଟିକୁ ସୂଚିତ କରି ଦେଖାଇଦିଏ, ଅସୁସ୍ଥତାର କାରଣ ବିଷୟରେ ଏକ ସଙ୍କେତରୂପେ କାର୍ଯ୍ୟ କରେ । ଆମର ସତ୍ତାକୁ ଏକାଭଳି ସତ୍ୟର ଗତିରେ ଅଗ୍ରଗତି କରିବା ଲାଗି ଆମ ଭିତରର ଯେଉଁ ପ୍ରତିରୋଧ ଏକ ପ୍ରତିବନ୍ଧକ ସୃଷ୍ଟି କରି ରଖୁଛି, ଏହା ତାହାର ବିଶେଷ ସ୍ୱଭାବଟିକୁ ଆମ ଆଗରେ ସ୍ପଷ୍ଟ କରିଦେଇ ଯାଏ । ଏହି ଅସୁସ୍ଥତା ଲାଗି କିଭଳି ଚିକିତ୍ସା ହେବ ଓ ସେଥିରୁ ଆମେ କିପରି ଆରୋଗ୍ୟଲାଭ କରି ପାରିବା, ତାହା ସେକଥାଟିକୁ ମଧ୍ୟ ସୂଚିତ

'oaob.nitrkl.ac.in' images reprocessed

କରାଇଦିଏ । ଯଦି, ଭୁଲ୍‌ଟି ପ୍ରକୃତରେ କେଉଁଠାରେ ରହିଛି, ଜଣେ ସେହି କଥାଟିକୁ ସମ୍ପୂର୍ଣ୍ଣ ଭାବରେ ବୁଝି ପାରୁଥାନ୍ତା, ଆମ ଭିତରେ ପ୍ରକୃତରେ କେଉଁଟି ଗ୍ରହଣଶୀଳ ହୋଇ ନପାରୁଛି, ସେଇଟିକୁ ଯଦି ଆବିଷ୍କାର କରି ପାରୁଥାନ୍ତା, ସେହି ଅଂଶଟିକୁ ଉନ୍ମୋଚିତ କରିଦେଇ ପାରୁଥାନ୍ତା ଏବଂ ଶକ୍ତି ଓ ଆଲୋକକୁ ନେଇ ସେଠାରେ ପହଞ୍ଚାଇ ପାରୁଥାନ୍ତା, ତେବେ, ଯେଉଁ ସୌଷମ୍ୟଟି ବ୍ୟାହତ ହୋଇ ପଡ଼ିଛି, ସେଇଟିକୁ ଗୋଟିଏ ମୁହୂର୍ତ୍ତରେହିଁ ପୁନଃପ୍ରତିଷ୍ଠିତ କରିବା ସମ୍ଭବ ହୋଇ ଯାଆନ୍ତା ଏବଂ ତା'ପରେ ଅସୁସ୍ଥତାଟି ସଙ୍ଗେ ସଙ୍ଗେ ନିରାକୃତ ହୋଇ ପାରନ୍ତା ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୬ ଜୁନ୍)

"ଶରୀରସ୍ଥ ପ୍ରତ୍ୟେକ ଅଂଶ ଏକ ଅନ୍ତର୍ଗତ ଗତିସ୍ପନ୍ଦନର ପ୍ରତୀକ ହୋଇ ରହିଛି" କାହିଁକି ?

କାରଣ, ଏହି ସମସ୍ତ ଜଡ଼ଜଗତହିଁ ବିଶ୍ୱଗତ କେତେକେତେ ଗତିସ୍ପନ୍ଦନର ପ୍ରତୀକରୂପେ କାର୍ଯ୍ୟ କରୁଛି । ତେଣୁ ଆମର ଶରୀର ମଧ୍ୟ ଆମର ଯାବତୀୟ ଅନ୍ତର୍ଗତ ଗତିସ୍ପନ୍ଦନର ପ୍ରତୀକ ହୋଇ ରହିଛି । ବିଶ୍ୱଜଗତର ଅନ୍ୟସବୁ ଭୂମିରେ ଯେଉଁ ଗତିସ୍ପନ୍ଦନମାନ ରହିଛି, ଏହି ସମଗ୍ର ପୃଥିବୀ ଅର୍ଥାତ୍ ଜଡ଼ଜଗତ ତାହାର ଏକ ମୂର୍ତ୍ତିରୂପ ଅର୍ଥାତ୍ ବାସ୍ତବ ରୂପ ହୋଇ ରହିଛି । ଏହା ଏକ ଅନ୍ତିମ ରୂପ ପରି ହୋଇ ରହିଛି, ସତେଯେପରି ପ୍ରତିରୂପଟିକୁ ଧାରଣ କରି ରଖିଥିବା ଏବଂ ପ୍ରତିରୂପଟିକୁ ନିର୍ଦ୍ଦିଷ୍ଟ କରି ଦେଉଥିବା କୌଣସି ବସ୍ତୁ ଉପରେ ଏକ ପ୍ରକ୍ଷେପଣ ପରି କାର୍ଯ୍ୟ କରୁଛି । ତେଣୁ ଜଡ଼ଜଗତ ପରି ଆମ ଶରୀରର ପ୍ରତ୍ୟେକ ସ୍ଥାନରେ ମଧ୍ୟ ଠିକ୍ ସେହିପରି ନିୟମ କାର୍ଯ୍ୟକାରୀ ହେଉଛି ।

ଜଡ଼କୁ ମଧ୍ୟ ଆମେ ଗୋଟିଏ ଭୂମି ବୋଲି କହିବା, ନୁହେଁ କି ?

ହଁ, କହିବା । ଏଇଟି ହେଉଛି ଏକ ଅନ୍ତିମ ପରିଣାମ । କ୍ରମବର୍ଦ୍ଧମାନ ଜଡ଼ଗତତାର ଏକ ପର୍ଯ୍ୟାୟ ରହିଛି, ପୁଣି କ୍ରମହ୍ରାସମାନ ଜଡ଼ଗତତାର ବି ଏକ ପର୍ଯ୍ୟାୟ ରହିଛି; ଏବଂ ଜଡ଼ର ଭୂମିଟି ଠିକ୍ କେନ୍ଦ୍ରସ୍ଥଳରେ ରହିଛି । ଏହା ସତେଅବା ଗୋଟିଏ ପରଦା ପରି କାର୍ଯ୍ୟ କରୁଛି, ଯାହା ଉପରେ କି ମଧ୍ୟବର୍ତ୍ତୀ ସକଳ

'oaob.nitrkl.ac.in' images reprocessed

ଗତିସ୍ପନ୍ଦନ ପ୍ରକ୍ଷେପିତ ହେବାରେ ଲାଗିଛନ୍ତି ଓ ବର୍ଦ୍ଧିତ ହୋଇ ରହିଛନ୍ତି; ଠିକ୍ ଯେକୌଣସି ପରଦା ଉପରେ ଯେପରି ହୁଏ, ସେହିପରି । ଏହା ଏକ ପ୍ରତିରୂପ ହୋଇ ରହିଛି; ଯାହାକିଛି ଘଟୁଛି, ସବୁଯାକର ପ୍ରତିରୂପ ହୋଇ ରହିଛି । ଆମେ ଏଇଟିକୁ ଦେଖିପାରୁଛୁ, କାରଣ ତାହା ଏକ ସମ୍ପନ୍ନ କାର୍ଯ୍ୟରୂପେ ଅବସ୍ଥିତ ରହିଛି, ଏକ ମୂର୍ତ୍ତ ବସ୍ତୁରୂପେ ଅବସ୍ଥିତ ରହିଛି । ସତେଯେପରି କେହି ଏହି ସକଳ ବିଶ୍ୱଜଗତକୁ ଶକ୍ତିରହିଁ ଏକ ଗତିସ୍ପନ୍ଦନରୂପେ ପ୍ରତ୍ୟକ୍ଷ କରୁଛି, ଶକ୍ତିର ଏହି ଗତିସ୍ପନ୍ଦନଟି ପ୍ରକ୍ଷେପିତ ହୋଇ ଶେଷକୁ ଏକ ପରଦାରେ ଆସି ବାଜୁଛି ଏବଂ ସେଇଠି ଏକ ପ୍ରତିରୂପ ସୃଷ୍ଟି କରୁଛି; ଏବଂ ପରଦା ଉପରେ ଏହି ପ୍ରତିରୂପଟିହିଁ ଜଡ଼ଜଗତରୂପେ ପ୍ରତିଭାତ ହୋଇ ଉଠୁଛି । ଏବଂ ଏହାକୁ ଆମେ କେବଳ ଏକ ପ୍ରତିରୂପରୂପେହିଁ ଜାଣି ରଖିବା । ଯେଉଁ ଜଡ଼ଜଗତକୁ ସମସ୍ତେ ଏକମାତ୍ର ବାସ୍ତବ ସତ୍ୟରୂପେ ଗ୍ରହଣ କରୁଛନ୍ତି, ସେଇଟି ପ୍ରକୃତରେ ଗୋଟିଏ ପ୍ରତିରୂପ । ଆମେ ଯାହାକୁ ଅଦୃଶ୍ୟ ଜଗତ ବୋଲି କହୁଛୁ, ସେଠାରେ ଯାହାସବୁ ଘଟିବାରେ ଲାଗିଛି, ଜଡ଼ଜଗତ ସେହିସବୁରହିଁ ପ୍ରତିରୂପରୂପେ କାର୍ଯ୍ୟ କରୁଛି । ଆମେ ଜଡ଼ଜଗତକୁ ଦେଖିପାରୁଛୁ, କାରଣ, ମଝିରେ ଗୋଟିଏ ପରଦା ଅବସ୍ଥିତ ରହିଛି ଓ ସେହି ପରଦାହିଁ ଗତିସ୍ପନ୍ଦନଗୁଡ଼ିକୁ ଅଟକାଇ ରଖୁଛି ଓ ସେଇଥିରୁ ଏକ ପ୍ରତିରୂପ ଉତ୍ପନ୍ନ ହେଉଛି । ଯଦି ଏପରି କୌଣସି ପରଦା ରହି ନଥାନ୍ତା, ତେବେ ଗତିସ୍ପନ୍ଦନମାନ ଅବ୍ୟାହତ ଭାବରେ ଚାଲିଯାଇ ପାରନ୍ତେ ଏବଂ ଆଉ କିଛିହେଲେ ଦୃଶ୍ୟମାନ ହୁଅନ୍ତା ନାହିଁ । ମାତ୍ର ତଥାପି ଯାବତୀୟ ଗତିସ୍ପନ୍ଦନ ଅବଶ୍ୟ ରହିଥାନ୍ତେ । ମାତ୍ର ଆମେ ସେଗୁଡ଼ିକୁ ଆଉ ଦେଖି ପାରନ୍ତେ ନାହିଁ, କାରଣ ଗତିସ୍ପନ୍ଦନଗୁଡ଼ିକୁ ଅଟକାଇ ରଖିବା ଲାଗି ମଝିରେ ଆଉ କୌଣସି ପରଦା ନଥାନ୍ତା ।

ସାଧାରଣ ଚେତନା ଏହି ପ୍ରତିରୂପଟିକୁହିଁ ଏକମାତ୍ର ସତ୍ୟ ବୋଲି ଗ୍ରହଣ କରିଥାଏ ଏବଂ ଏହା ପଛରେ ଯାହାକିଛି ଘଟୁଛି, ତାହା ସେହି ଚେତନା ଲାଗି ସନ୍ଦେହାସ୍ପଦ ଓ ଅନିଶ୍ଚିତ ହୋଇ ରହିଥାଏ । ମାତ୍ର ଯଥାର୍ଥ ଚେତନାର ଭୂମିରେ ଯାହାକିଛି ପଶ୍ଚାତରେ ଘଟେ, ଏବଂ ସମ୍ମୁଖରେ ଘଟେ, ତାହାହିଁ ଯଥାର୍ଥ ସତ୍ୟରୂପେ ଅନୁଭୂତ ହୁଏ; ଏବଂ ଯାହା ବାହ୍ୟ ଚକ୍ଷୁକୁ ଦେଖାଯାଏ, ତାହାକୁ ଏକ ପ୍ରତିରୂପ ବୋଲି କୁହାଯାଏ, ଅର୍ଥାତ୍, ତାହା ପରଦା ଉପରେ ଏପରି ଏକ ବସ୍ତୁର ପ୍ରକ୍ଷେପଣ ହୋଇ ରହିଥାଏ ଯାହାରିକି ସମ୍ପୂର୍ଣ୍ଣ ଭାବରେ ଏକ ସ୍ୱତନ୍ତ୍ର ଅସ୍ତିତ୍ୱ ରହିଛି । ତେଣୁ, ଏହି ଯେଉଁସବୁ ବସ୍ତୁ ଏହିପରି ଭାବରେ ପ୍ରକ୍ଷେପିତ ହୋଇ ରହିଛି, ଆମର ଶରୀର ତାହାର ଭିତରୁହିଁ ଏକ କ୍ଷୁଦ୍ର ଖଣ୍ଡ ମାତ୍ର ହୋଇ ରହିଛି; ଏବଂ, ଶରୀରରୂପୀ ଏହି କ୍ଷୁଦ୍ର ବିନ୍ଦୁଟିର ଅନୁରୂପ ହୋଇ ସଂଘଟିତ ହେଉଥିବା ଅନ୍ତର୍ଗତ ସ୍ଥିତିଟିର ଯାବତୀୟ ଗତିସ୍ପନ୍ଦନ ଏହି ଖଣ୍ଡଟି ଦ୍ୱାରାହିଁ ଅଭିବ୍ୟକ୍ତ ହେବାରେ ଲାଗିଛି ।

'oaob.nitrkl.ac.in' images reprocessed

# ଇତର ପ୍ରାଣୀମାନଙ୍କର କାହିଁକି ଦେହ ଖରାପ ହୁଏ ?

ମୁଁ ଭାବୁଛି, ମଣିଷମାନଙ୍କ ପରି ଇତର ପ୍ରାଣୀମାନଙ୍କର କ୍ଷେତ୍ରରେ ମଧ୍ୟ ଯେତେ ପ୍ରକାରର ରୋଗ ରହିଥାଏ, ତାହାର ସେତେ ପ୍ରକାରର କାରଣ ମଧ୍ୟ ରହିଥାଏ । ଏଗୁଡ଼ିକୁ ଆମେ ସମ୍ଭବତଃ ମନଃସ୍ତରର କେତୋଟି ଗଢସ୍ପନ୍ଦନ ବୋଲି କହିପାରିବା, କାରଣ ଇତର ପ୍ରାଣୀମାନଙ୍କର ବି ମନଃସ୍ତରରେ ନାନା ଗଢସ୍ପନ୍ଦନ ରହିଥାଏ । ସେଗୁଡ଼ିକୁ ହୁଏତ ଆକସ୍ମିକ ଦୁର୍ଘଟଣା ବୋଲି କୁହାଯିବ, କାରଣ ଆକସ୍ମିକ ଦୁର୍ଘଟଣାଗୁଡ଼ିକର ମଧ୍ୟ ଏକ ସମଗ୍ର ରାଜ୍ୟ ରହିଛି । ବସ୍ତୁତଃ, ବିଦ୍ୱାନ୍‌ମାନେ କହିଥାନ୍ତି ଯେ ଆମର ଯାବତୀୟ ରୋଗ ହେଉଛି ଗୋଟିଏ ଗୋଟିଏ ଆକସ୍ମିକ ଦୁର୍ଘଟଣା, ଏପରିକି ମୃତ୍ୟୁ ମଧ୍ୟ ସର୍ବଦା ଏକ ଆକସ୍ମିକ ଦୁର୍ଘଟଣା । ଏହା ଆଦୌ ଏକ ସ୍ୱାଭାବିକ ଅବସ୍ଥା ନୁହେଁ । ତେଣୁ, ଇତର ପ୍ରାଣୀମାନଙ୍କ କ୍ଷେତ୍ରରେ ମଧ୍ୟ ହୁଏତ ଏହିପରି ହୋଇପାରେ ଏବଂ ଏହାକୁ ଖୁବ୍ ସମ୍ଭବ ମନଃସ୍ତରର ଏକ ଅବସ୍ଥା ବୋଲି ବି କୁହାଯାଇ ପାରିବ ।

ଯେଉଁ ପ୍ରାଣୀମାନେ ମନୁଷ୍ୟ ସହିତ ବାସ କରନ୍ତି, ସେମାନଙ୍କ କ୍ଷେତ୍ରରେ ଏହି କଥାଟି ଅତ୍ୟନ୍ତ ନିଶ୍ଚିତ ଭାବରେ ଘଟେ । ମନୁଷ୍ୟମାନଙ୍କ ସହିତ ଏକତ୍ର ରହି ଏହି ବିଚାରି ପ୍ରାଣୀମାନଙ୍କର ଏତିକି ଲାଭ ହୋଇଥାଏ ଯେ ସେମାନେ ମଧ୍ୟ ମଣିଷମାନଙ୍କ ପରି ସମାନ ଭାବରେ ଅତିସଂବେଦନଶୀଳ ଏବଂ ଭାରସାମ୍ୟହୀନ ହୋଇ ପଡ଼ିଥାନ୍ତି, ଏବଂ ତେଣେ ସେମାନଙ୍କ ମଧ୍ୟରେ ମଣିଷର ବୁଦ୍ଧିଟି ଆଦୌ ହୋଇ ନଥାଏ । ଉଦାହରଣସ୍ୱରୂପ, ଇତର ପ୍ରାଣୀମାନଙ୍କର ଗୋଟିଏ ଅତିସୁନିଶ୍ଚିତ ସହଜାତ ପ୍ରବୃତ୍ତି ରହିଛି; ଯଦି ତୁମେ ଗୋଟିଏ ଗାଈକୁ, ଭଲ, ମନ୍ଦ ଓ ଏପରି କି କେତେକ ବିଷାକ୍ତ ଘାସ ରହିଥିବା ଗୋଟିଏ ପଡ଼ିଆରେ ନେଇ ଛାଡ଼ିଦେବ, ତେବେ ଗାଈ ଖରାପ ଓ ବିଷାକ୍ତ ଘାସଗୁଡ଼ିକୁ କଦାପି ସ୍ପର୍ଶହିଁ କରିବ ନାହିଁ । କେବେହେଲେ ସ୍ପର୍ଶ କରିବ ନାହିଁ । ନିଜ ଜିଭଟିର ଅଗ୍ରଭାଗ ଦେଇ ଗାଈ ଅତ୍ୟନ୍ତ ନିର୍ଭୁଲ ଭାବରେ କେବଳ ଭଲ ଘାସଗୁଡ଼ିକୁହିଁ ବାଛି ନେଇଥାଏ ଏବଂ ଆଉ ଯେତେଯାହା ରହିଲା, ସବୁଗୁଡ଼ିକୁ ଛାଡ଼ିଯାଏ । ମାତ୍ର ଯଦି ତୁମେ ଘାସକୁ କାଟିବ ଏବଂ ଭଲମନ୍ଦ ଏକାଠି ମିଶାଇ ଦେଇ ଗାଈ ଆଗରେ ନେଇ ପକାଇବ, ତେବେ ଗାଈ ସବୁପ୍ରକାର ଘାସକୁ ଖାଇନେବ, ଆପଣା ଭିତରେ ବିଷର ପ୍ରବେଶ କରାଇବ; କାରଣ ତା' ଭିତରେ ତୁମ ଲାଗି ଗୋଟାଏ ପ୍ରକାରର ଆସ୍ଥା ରହିଥିବ; ଅର୍ଥାତ୍ ତାହା ଆଗରେ ଯାହାକିଛି ପକାଯାଉଛି, ତାହା ତାହାର ଖାଇବା ଲାଗି ପଡ଼ୁଛି ବୋଲି ଏକ ଅଜ୍ଞାନପ୍ରେରିତ ଆସ୍ଥା ରହିଥିବ ଏବଂ ତାହାରି ଫଳରେହିଁ ତା'ର ସେହି ସହଜାତ ପ୍ରବୃତ୍ତିଟିକୁ ସିଏ ହରାଇ ବସିବ । ପ୍ରକୃତି ମଧ୍ୟରେ ରହିଥିବା ସମସ୍ତରେ ଇତର

'oaob.nitrkl.ac.in' images reprocessed

ପ୍ରାଣୀମାନେ ଆବଶ୍ୟକତାରୁ କଦାପି ଅଧିକ ଖାଆନ୍ତି ନାହିଁ, ଯେତକ ଭୋକ କରୁଥାଏ ସେତକ ଖାଆନ୍ତି, ଏବଂ ଯଦି କିଛି ଖାଇବା ଜିନିଷ ବାକୀ ରହିଯାଏ ଓ ତାହାକୁ ଆଉ କେହି ଖାଇ ନଯାଉ ବୋଲି ଯଦି ସେମାନେ ଇଚ୍ଛା କରୁଥାନ୍ତି, ତେବେ ସେମାନେ ତାହାକୁ ଲୁଚାଇ ଦିଅନ୍ତି, ମାଟିତଳେ ପୋତି ଦିଅନ୍ତି । ସେମାନେ ଅତି ଯତ୍ନର ସହିତ ଲୁଚାଇ ରଖିଥାନ୍ତି ଯେପରିକି ପୁଣି ଭୋକ କଲାବେଳେ ସେମାନେ ତାହାକୁ ଖୋଜି କରି ପାଇପାରିବେ । ମାତ୍ର ମନୁଷ୍ୟ ସହିତ ବାସ କରୁଥିବା ଇତର ପ୍ରାଣୀ' ଏହି ସହଜାତ ପ୍ରବୃତ୍ତିଟିକୁ ହରାଇ ବସେ ଏବଂ ତାକୁ ଯାହାକିଛି ଖାଇବାକୁ ଦିଆଯାଏ, ସିଏ ଯେ କେବଳ ସେତକକୁ ଖାଏ ତାହା ନୁହେଁ, ମାତ୍ର ତା' ପହଞ୍ଚ ଭିତରେ ଯେଉଁଠି ଯାହାକିଛି ରହି ଯାଇଥାଏ, ସେସବୁକୁ ମଧ୍ୟ ଖାଇ ପକାଏ । ଦକ୍ଷିଣ ଫ୍ରାନ୍ସରେ ଏକଦା ମୁଁ ଗୋଟିଏ ସାନ ସହରରେ ବାସ କରୁଥିଲି । ସେଠି ଜଣକର ଗୋଟିଏ ମୁଦି ଦୋକାନ ଥିଲା, ଓ ସିଏ ଛେଳି ରଖିଥିଲା । ସେଗୁଡ଼ିକ ଭିତରୁ ଗୋଟିଏ ଛେଳି କମେ ଭାରି ଲୋଭୀ ହୋଇ ପଡ଼ିଥିଲା । ଥରେ ଦୋକାନକୁ କୁଆଡ଼ୁ ଗୁଡ଼ ଟିଣେ ଆସିଥାଏ,—ତୁମେ ସବୁ ଗୁଡ଼ କ'ଣ ନିଶ୍ଚୟ ଜାଣିଥିବ, ଗୁଡ଼ ହେଉଛି ଅଶୋଧିତ ଚିନି । ଦୋକାନୀ ସେହି ଗୁଡ଼ ଟିଣଟି ପାଇବା ପରେ ତାକୁ ଖୋଲିଲା; ଡାଙ୍କୁଣି ଖୋଲିଲା, ମାତ୍ର ପୁଣି ଲଗାଇବାକୁ ଭୁଲିଗଲା । ଗୁଡ଼ ସେହିପରି ଖୋଲା ପଡ଼ି ରହିଲା ଏବଂ ସେତକବେଳେ ସେହି ଛେଳିଟି ପାଖରେ ବୁଲୁଥିଲା । ଛେଳି ଭାବିଲା, ଏଇଟି ନିଶ୍ଚୟ ଭାରି ଭଲ କଥା ହେଲା, କାରଣ ସେହି ଗୁଡ଼ ତା'ର ପହଞ୍ଚ ଭିତରେହିଁ ରହିଥିଲା । ସିଏ ଯାଇ ଗୁଡ଼କୁ ଖାଇବାକୁ ଲାଗିଲା ଏବଂ ଗୁଡ଼ ପ୍ରକୃତରେ ଭାରି ବଢ଼ିଆ ଗୁଡ଼ ଥିଲା । ତା'ର ସହଜାତ ପ୍ରବୃତ୍ତିଟିକୁ ତ ସେ କେଉଁ ଦିନୁ ହରାଇ ବସିଥିଲା; ତେଣୁ ଖାଇବାରେ ଲାଗିଗଲା,—ଖାଇଖାଇ ଏପରି ହେଲା ଯେ ଅତିରିକ୍ତ ଖାଇବା ହେତୁ ପ୍ରକୃତରେ ଦୁଲି କରି ପଡ଼ିଗଲା ଓ ମରିଗଲା । ମାତ୍ର ବଣରେ ଥିବା କୌଣସି ପ୍ରାଣୀ ଏକଥା କଦାପି କରି ନଥାନ୍ତା । ମଣିଷ ସହିତ ଏକାଠି ବାସ କରିବାରେ ଏତେ ଲାଭ !

ଆଉକିଛି ପ୍ରଶ୍ନ ନାହିଁ ?

ତେବେ ବିଷୟଟାକୁ ଏଇଠାରେ ସାରିଦେବା । ମନେ ହେଉଛି ସେହି ଭଦ୍ରମହିଳା (ପ୍ରଶ୍ନ ଓ ଉତ୍ତର ୧୯୬୯ରେ ଯିଏ ପ୍ରଶ୍ନଟିକୁ ପଚାରିଥିଲେ ।) ରୋଗଗୁଡ଼ାକ ବିଷୟରେହିଁ ସବୁବେଳେ ଗୁଡ଼ାଏ ଚିନ୍ତା କରୁଥିଲେ ।

**ଆପଣ ଏହି ଭୌତିକ ଜଗତକୁ ଅଦୃଶ୍ୟ କେତେକେତେ ଜଗତର ଏକ ପ୍ରକ୍ଷେପଣ ବୋଲି କହିଲେ । ତେବେ ଏହି ଜଗତଟିର ରୂପାନ୍ତର-ସାଧନ କରିବା ଲାଗି ଭଗବାନଙ୍କ**

'oaob.nitrkl.ac.in' images reprocessed

ଶକ୍ତିଗୁଡ଼ିକ କାହିଁକି ଏହି ଜଗତକୁ ଆସି ପ୍ରକଟ ହେବେ ? ସେହି ଶକ୍ତିଗୁଡ଼ିକ ତ ସେହି ଅଦୃଶ୍ୟ ଭୂମିଗୁଡ଼ିକରେ ରହି ଆପଣାର କାର୍ଯ୍ୟ କରିପାରିବେ ! ତେବେ ପ୍ରକ୍ଷେପଣଗୁଡ଼ିକ ମଧ୍ୟ ଉତ୍ତମରୂପେ ସମ୍ଭବ ହେବ ।

ଏଇଟି ପ୍ରକୃତରେ ଏକ ଗମ୍ଭୀର ପ୍ରଶ୍ନ !......ବିଶ୍ୱଜଗତ ଲାଗି ଯେଉଁ ପ୍ରତିରୂପଟିର ବ୍ୟବହାର ହୋଇଥାଏ, ତୁମେମାନେ ସେକଥା ଜାଣିଛ । ଆପଣା ଲାଙ୍ଗୁଡ଼କୁ କାମୁଡ଼ି କରି ରହିଥିବା ଗୋଟିଏ ସାପର ପ୍ରତିରୂପର ବ୍ୟବହାର ହୋଇଥାଏ । ଏବଂ ଅନନ୍ତର, ଅନନ୍ତ ବିଶ୍ୱଜଗତର ପ୍ରତୀକରୂପେ ଏହି ପ୍ରତିରୂପର ବ୍ୟବହାର କରାଯାଇଥାଏ । ହଁ, ଏହା ଏକ ବାସ୍ତବ ସତ୍ୟ । ସୃଷ୍ଟି ଅର୍ଥାତ୍ କ୍ରମୋତ୍ତର ଭାବରେ ବୃଦ୍ଧି ପାଉଥିବା ଏକ ବାସ୍ତବୀକରଣ । ମାତ୍ର ଆମେ ହୁଏତ ଆଉଗୋଟିଏ ପ୍ରତିରୂପର ଦୃଷ୍ଟାନ୍ତ ନେଇ ପାରିବା (ଏକାବେଳେକେ ସମ୍ପୂର୍ଣ୍ଣ ନିର୍ଭୁଲ ଦୃଷ୍ଟାନ୍ତ ନୁହେଁ, ପାଖାପାଖି ଗୋଟିଏ ଦୃଷ୍ଟାନ୍ତ ।) ; ବିଶ୍ୱଜଗତ ହେଉଛି ବୃତ୍ତାକାର, ବା ଆହୁରି ଅଧିକ ଠିକ୍ ଭାବରେ କହିଲେ ଏହା ଗୋଟିଏ ପେଣ୍ଡୁପରି (ମାତ୍ର ବୁଝାଇବା ଲାଗି ସହଜ ହେବା ଦୃଷ୍ଟିରୁ ଆମେ ବୃତ୍ତ ବୋଲିହିଁ କହିବା) । ଏଠାରେ ସୂକ୍ଷ୍ମତମ ସ୍ତରରୁ ଜଡ଼ତମ ସ୍ତରକୁ ଏକ କ୍ରମୋତ୍ତର ଅବତରଣ ସଂଘଟିତ ହୋଇଛି । ମାତ୍ର ଜଡ଼ତମ ସ୍ତରଟି ସୂକ୍ଷ୍ମତମ ସ୍ତରର ଉତ୍ସଟିକୁ ମଧ୍ୟ ସ୍ପର୍ଶ କରି ରହିଛି । ଯଦି ତୁମେ ଏହି ପ୍ରତିରୂପଟିକୁ ବୁଝି ପାରୁଥିବ, ତେବେ ଜଡ଼ରେ ଏକ ପରିବର୍ତ୍ତନ ସମ୍ଭବ କରିବା ଲାଗି ପୂରା ବୃତ୍ତଟିକୁ ନବୁଲି ସିଧା ଭାବରେ କାର୍ଯ୍ୟଟିକୁ ସମ୍ପାଦନ କରିବା ନିଶ୍ଚୟ ଅଧିକ ସହଜ ହେବ । କାରଣ ଦୁଇଟିଯାକ ପ୍ରାନ୍ତବିନ୍ଦୁ ତ ଏକାଠି ଆସି ମିଶିଛନ୍ତି, ବିଶ୍ୱଜଗତ ଗୋଲାକାର ହୋଇଥିବାରୁ ସୂକ୍ଷ୍ମତମ ଓ ଜଡ଼ତମ ପରସ୍ପରକୁ ସ୍ପର୍ଶ କରି ରହିଛନ୍ତି । ତେଣୁ ପୂରା ଘେରଟାଏ ନବୁଲି (ମାଆ ଗୋଟିଏ ବୃତ୍ତ କାଟି ଦେଖାଇଦେଲେ) ଏଭଳି କରିବା ଅନେକ ପରିମାଣରେ ଅଧିକ ସହଜ (ମାଆ ବୃତ୍ତଟିର ଭୌତିକ ପ୍ରାନ୍ତବିନ୍ଦୁଟିକୁ ସ୍ପର୍ଶ କଲେ) । ବସ୍ତୁତଃ, ମନଃସ୍ତରର ଦୃଷ୍ଟିକୋଣରୁ ଭାବି ଦେଖିଲେ ମଧ୍ୟ ଠିକ୍ ସେହି କଥା । ଏବଂ ଏହାପରେ ଆଉ ଯାହାକିଛି ରହିଲା, ତାହା ବଡ଼ ସ୍ୱାଭାବିକ ଭାବରେ ବୁଝି ହୋଇଯିବ । ଯଦି ସେପରି କରାଯାଇ ପାରେ (ମାଆ ଠିକ୍ ସେହି ଭୌତିକ ପ୍ରାନ୍ତବିନ୍ଦୁଟିକୁ ସ୍ପର୍ଶ କଲେ), ତେବେ ଅନ୍ୟ ସବୁଯାକ ସମସ୍ୟାର କ୍ରମଶଃ ସମାଧାନ ହୋଇଯିବ । ଏବଂ ଏହା ପ୍ରକୃତରେ ସେପରି ବି ନୁହେଁ । କାର୍ଯ୍ୟାନ୍ୱିତ କରିବାର ସୁବିଧା ଦୃଷ୍ଟିରୁହିଁ ପ୍ରକୃତରେ ସବୁକିଛିକୁ ଏପରି ଗୋଟିଏ ବିନ୍ଦୁରେ ଆଣି ସଂକେନ୍ଦ୍ରିତ ଓ ମୂର୍ତ୍ତ କରି ରଖାଯାଇଛି, ଯେପରିକି, ବିଷୟଗୁଡ଼ିକର

ପରିବର୍ତ୍ତନ କରିବାକୁ ଯାଇ ଆପଣାକୁ ଅନନ୍ତ ମଧ୍ୟରେ ଲମ୍ବାଇ ରଖିବା ପରିବର୍ତ୍ତେ ସମଗ୍ର ବିଶ୍ୱଜଗତର ପ୍ରତୀକରୂପେ କାର୍ଯ୍ୟ କରୁଥିବା ସେହି ଗୋଟିଏ ବିନ୍ଦୁଟିରେହିଁ ଯାବତୀୟ କାର୍ଯ୍ୟ କରାଯାଇ ପାରିବ । ଏବଂ ଗୁହ୍ୟବିଦ୍ୟାର ଦୃଷ୍ଟିକୋଣରୁ ବିଚାର କରି କହିଲେ ଏହି ପୃଥିବୀ (ଗଣିତ-ଜ୍ୟୋତିଷର ଦୃଷ୍ଟିକୋଣରୁ ବିଚାର କଲେ ଏହି ପୃଥିବୀ ପ୍ରକୃତରେ କିଛି ନୁହେଁ; ଖଗୋଳଶାସ୍ତ୍ରୀୟ ଆକାଶଗୁଡ଼ିକର ବିପୁଳତା ମଝିରେ ପୃଥିବୀର ଆଦୌ କୌଣସି ବିଶେଷ ତାତ୍ପର୍ଯ୍ୟ ନାହିଁ ବା ମହତ୍ତ୍ୱ ନାହିଁ), ମାତ୍ର ଗୁହ୍ୟବିଦ୍ୟା ତଥା ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ପୃଥିବୀ ହେଉଛି ସମଗ୍ର ବିଶ୍ୱଜଗତର ସକେନ୍ଦ୍ରିତ ପ୍ରତୀକ । କାରଣ ଏକ ଅନେକମିଶ୍ରିତ ଅତିପ୍ରସାର ଭିତରେ କାର୍ଯ୍ୟ କରିବା ଅପେକ୍ଷା କୌଣସି ଗୋଟିଏ ବିନ୍ଦୁ ଉପରେ କାର୍ଯ୍ୟ କରିବା ଅନେକ ଅଧିକ ସହଜ । ଯେଉଁମାନେ ଯେଉଁ କାର୍ଯ୍ୟ କରୁଥାନ୍ତି ନା କାହିଁକି, ସେମାନେ ସମସ୍ତେ ଏକଥା ଭଲକରି ଜାଣିଥିବେ । ତେଣୁ, କାର୍ଯ୍ୟର ସହଜତା ଏବଂ ପ୍ରୟୋଜନ ଦୃଷ୍ଟିରୁହିଁ ସମଗ୍ର ବିଶ୍ୱଜଗତକୁ ପୃଥିବୀ ବୋଲି ଅଭିହିତ ହେଉଥିବା ଏକ କ୍ଷୁଦ୍ର ମୃତ୍ତିକାକଣାରେ ଏକ ପ୍ରତୀକରୂପେ ସକେନ୍ଦ୍ରିତ ଓ ସଘନୀକୃତ କରି ରଖାଯାଇଛି । ଏବଂ ତେଣୁ ଏହି ପୃଥିବୀହିଁ ସବୁଯାକର ପ୍ରତୀକ ହୋଇ ରହିଛି; ଯାହା କିଛିର ପରିବର୍ତ୍ତନ କରିବାକୁ ରହିଛି, ରୂପାନ୍ତରିତ ହେବାକୁ ରହିଛି ଓ ଯାହାକିଛିକୁ ଏକ ନବଦୀକ୍ଷା ଦେବାକୁ ରହିଛି, ସେସବୁ ସେହି ପୃଥିବୀ ଭିତରେହିଁ ପ୍ରତୀକୀଭୂତ ହୋଇ ରହିଛି । ତାହାର ଅର୍ଥ ହେଉଛି ଯେ ଯଦି ଏହି କାର୍ଯ୍ୟଟି ଉପରେ ସକେନ୍ଦ୍ରଣ କରାଯାଏ ଏବଂ ସେଇଟିକୁ ସେହିଠାରେହିଁ ସମ୍ପନ୍ନ କରାଯାଏ, ତେବେ ଅବଶିଷ୍ଟ ସବୁକିଛି ଆପଣାଛୁଏଁ ସମ୍ପନ୍ନ ହୋଇଯାଇ ପାରିବ; ତା' ନହେଲେ ଆଉ କେଉଁଠିହେଲେ କୌଣସି କଥାର ଅନ୍ତ ରହିବ ନାହିଁ,—ଏବଂ କୌଣସି ଆଶା ମଧ୍ୟ ରହିବ ନାହିଁ ।

ମାତ୍ର, ପୁଣି ସେହି କାରଣରୁହିଁ ଏହି ବିନ୍ଦୁଟି ଏପରି ବିଶେଷ ଭାବରେ ମନ୍ଦ ହୋଇ ରହିଥିବା ପରି ପ୍ରତୀତ ହେଉଛି ! କାରଣ ସବୁ ଏଇଟି ସକେନ୍ଦ୍ରିତ ହୋଇ ରହିଛି । ଏବଂ ତାହା ବିଶେଷ ଭାବରେ ଭଲ ମଧ୍ୟ ହୋଇପାରେ । କାରଣ ଏହି ଦୁଇଟିଯାକ ସର୍ବଦା ଏକାଠି ସହାବସ୍ଥିତ ଭାବରେ ରହିଛନ୍ତି, ଦୁଇଟିଯାକ ବିପରୀତ ତଥା ଏକତ୍ର ରହିଛନ୍ତି । ଯାହା ସବୁଠାରୁ ଭଲ, ତାହା ସବୁଠାରୁ ଖରାପଟିର ପ୍ରାନ୍ତକୁ ଲାଗି କରି ରହିଛି । ବା, ଯାହା ସବୁଠାରୁ ଖରାପ, ତାହା ସବୁଠାରୁ ଭଲଟିର ପ୍ରାନ୍ତକୁ ଲାଗି କରି ରହିଛି । (ତୁମେ ପ୍ରକୃତରେ କେଉଁ ପାଖଟିରୁ ଅବଲୋକନ କରୁଛ, ଏହା ତାହାର ଉପରେହିଁ ନିର୍ଭର କରୁଛି ।) ମାତ୍ର ସବୁଠାରୁ ଖରାପଟି ସକାଶେହିଁ ତୁମେ ସବୁଠାରୁ ଭଲଟିକୁ ପାଇବା ପାଇଁ ସମର୍ଥ ହେଉଛ ଏବଂ ସବୁଠାରୁ ଭଲଟି ରହିଛି ବୋଲି ତୁମେ ସବୁଠାରୁ ଖରାପଟିକୁ ମଧ୍ୟ ରୂପାନ୍ତରିତ କରିଦେଇ

'oaob.nitrkl.ac.in' images reprocessed

ପାରୁଛି;—ଦୁଇଟିଯାକ ପରସ୍ପର ଉପରେ କ୍ରିୟା ଓ ପ୍ରତିକ୍ରିୟା କରିବାରେ ଲାଗିଛନ୍ତି ।......"ଅନର୍ଥକାରୀ ପୁରୁଷ"ର ଶିରୋନାମାରେ* ତାହା ବୁଲେଟିନ୍‌ରେ ପ୍ରକାଶିତ ହୋଇଥିଲା । ସର୍ବଦା ଏପରି କୁହାଯାଇ ଥାଏ ଯେ ସବୁ ତାରାଙ୍କର ଏକ ଅନ୍ଧକାରମୟ ଦ୍ୱିତୀୟରୂପ ରହିଛି ଓ ସବୁ ଗ୍ରହଙ୍କର ଏକ ଜ୍ୟୋତିର୍ମୟ ଦ୍ୱିତୀୟ ଗଠନ ମଧ୍ୟ ରହିଛି । ସେହି ଗୂଢ଼ବିଦ୍ୟାର ସୂତ୍ରାନୁସାରେ ଏକଥା ବି କୁହାଯାଇଥାଏ ଯେ ଏକ ଜ୍ୟୋତିର୍ମୟ ପୃଥିବୀ ମଧ୍ୟ ବିଦ୍ୟମାନ ରହିଛି । ଏହିସବୁ ଅଭିଜ୍ଞତା ହେଉଛି ସେହି ଜ୍ୟୋତିର୍ମୟ ପୃଥିବୀରହିଁ ଅଭିଜ୍ଞତା । ସେହି ଅଭିଜ୍ଞତାକୁହିଁ ଶ୍ରୀଅରବିନ୍ଦ ବର୍ଣ୍ଣନା କରି କହିଛନ୍ତି ।

ମୋର ଏହିପରି ଏକ ଅଭିଜ୍ଞତା ହୋଇଥିଲା ଓ ମୁଁ ଶ୍ରୀଅରବିନ୍ଦଙ୍କ ପାଖକୁ ଏହି ବିଷୟରେ ଲେଖିଥିଲି । ସିଏ ଉତ୍ତର ଦେଇ ମୋ ପାଖକୁ ଲେଖିଲେ ଯେ

---

*"ଅନର୍ଥକାରୀ ପୁରୁଷ"

" 'ଅନର୍ଥକାରୀ ପୁରୁଷ' ବୋଲି ତୁମେ ଯାହା କହୁଛ, ସେଇଟି ମୋତେ ଅତୀବ ଅଗ୍ରହୋଦ୍ଦୀପକ ଲାଗୁଛି, କାରଣ ଏହା ଏକାଧିକ ବାର ଅନୁଭୂତ ହେଉଥିବା ସେହି ଅନୁଭୂତିଟିକୁ ସ୍ପଷ୍ଟ କରିଦେଉଛି ଯେ, କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ଲାଗି ସବୁ ପ୍ରକାର ଯୋଗ୍ୟତାକୁ ବହନ କରିଥିବା ଜଣେ ବ୍ୟକ୍ତିର ସର୍ବଦା ବା ପ୍ରାୟ ସର୍ବଦା,—ଏସବୁ କ୍ଷେତ୍ରରେ ସମ୍ଭବତଃ ସେପରି କୌଣସି ସୂତ୍ରଟିଏ ବାଢ଼ି ଦେବା ଆଦୌ ଉଚିତ ହେବ ନାହିଁ,—ତାହାର ସହିତ ସଂଲଗ୍ନ ହୋଇ ରହିଥିବା ଏପରି ଏକ ସତ୍ତା ରହିଛି ଏବଂ ଅନେକ ସମୟରେ ତାହାର ଗୋଟିଏ ଅଂଶ ହୋଇ ରହିଥିବା ପରି ପ୍ରତୀତ ହେଉଛି, କରିବାକୁ ରହିଥିବା କାର୍ଯ୍ୟଟିରେ ସିଏ ସର୍ବପ୍ରଧାନ ଭାବରେ ପ୍ରତିନିଧିତ୍ୱ କରୁଥିବା ଉପାଦାନଟିର ଯାହାକି ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି । ବା, ଯଦି ସେହି ଅଂଶଟି ପ୍ରଥମେ ସେଠାରେ ଉପସ୍ଥିତ ନାହିଁ, ତାର ବ୍ୟକ୍ତିତ୍ୱଟି ସହିତ ଏକାଠି ଯୋଡ଼ାହୋଇ ରହି ନାହିଁ, ତଥାପି, ଉପଲବ୍ଧି ଲାଗି ସେ ଅଗ୍ରସର ହେବା ସଙ୍ଗେ ସଙ୍ଗେ ଏହି ପ୍ରକାରର ଏକ ଶକ୍ତି ତା'ର ପରିବେଶ ମଧ୍ୟରେ ଆସି ପ୍ରବିଷ୍ଟ ହୋଇଯାଉଛି । ବିରୋଧ କରିବା, ବାଧା ସୃଷ୍ଟି କରିବା ଏବଂ ଭୁଲ ଅବସ୍ଥାଗୁଡ଼ିକୁ ଆଣି ଉପୁଜାଇବା ସତେଯେପରି ତାହାର କାର୍ଯ୍ୟ ହୋଇ ରହିଥିଲା ପରି ମନେହେଉଛି; ଅର୍ଥାତ୍, ଯେଉଁ କାର୍ଯ୍ୟଟିକୁ କରିବା ଲାଗି ସେ ବାହାରିଛି, ଗୋଟିଏ କଥାରେ କହିଲେ ସେହି କାର୍ଯ୍ୟଟିର ସମଗ୍ର ସମସ୍ୟାଟିକୁ ଆଣି ତା' ଆଗରେ ଥୋଇ ଦେବାକୁହିଁ ସେ ଚେଷ୍ଟା କରୁଛି । ହୁଏତ ଏପରି ବି ବୋଧ ହେବ ଯେ, ଅଭିପ୍ରେତ ଜୟ ନିମିତ୍ତ ସମସ୍ୟାଗୁଡ଼ିକୁ ନିଜର ସମସ୍ୟାରେ ପରିଣତ କରି ନନେଲା ପର୍ଯ୍ୟନ୍ତ, ଯାବତୀୟ ବସ୍ତୁର ଗୂଢ଼ବିଦ୍ୟାଗତ ବିଧାନଟି ଅନୁସାରେ ସେହି ସମସ୍ୟାଟିର ସମାଧାନ କରିବା ଲାଗି ପ୍ରକୃତରେ ଅନ୍ୟ ଉପାୟହିଁ ନାହିଁ । ଏହି କଥାଟିକୁ ଗ୍ରହଣ କରିନେଇ ପାରିଲେ, ଉପରକୁ ବହୁ ବିସମ୍ବାଦପୂର୍ଣ୍ଣ ବୋଧ ହେଉଥିବା ଅନେକ ବିଷୟର ସମାଧାନ ଓ ବ୍ୟାଖ୍ୟା ମିଳିଯାଇ ପାରିବ ।"

ଶ୍ରୀଅରବିନ୍ଦ : ଯୋଗ-ପତ୍ରାବଳୀ, ଶତବାର୍ଷିକୀ ରଚନାମାଳା, ୨୪ଶ ଖଣ୍ଡ,
ପୃଷ୍ଠା-୧୬୬୦, ଏବଂ ବୁଲେଟିନ୍, ଅଗଷ୍ଟ ୧୯୫୩

'oaob.nitrkl.ac.in' images reprocessed

ଏଇଟି ହେଉଛି ବୈଦିକ ଯୁଗର ଅଭିଜ୍ଞତା, ଏବଂ ପୃଥିବୀର ସେହି ଜ୍ୟୋତିର୍ମୟ ତ୍ରିକୋଣୀୟ ଗଠନଟି ମଧ୍ୟରେହିଁ ତାହା ଘଟିଥିଲା···କୌଣସି ନା କୌଣସିଠାରେ ତାହା ପୁନେ ନିଶ୍ଚୟ ପ୍ରକଟ ହେବ ।*

## ୩୦ ସେପ୍ଟେମ୍ବର, ୧୯୫୩

"ଆମର ମନୋରାଜ୍ୟରେ ଏକ ଭୂମି ରହିଛି, ଯେଉଁଠାରେ କି ଯାବତୀୟ ବିଷୟର ସ୍ମୃତି ସଞ୍ଚିତ ହୋଇ ରହିଛି, ସେଗୁଡ଼ିକ ସର୍ବଦା ଅସ୍ତିତ୍ୱରେ ରହିଛି । ଏହି ପାର୍ଥିବ ଜୀବନରେ ଯାହାକିଛି ମନଃସ୍ତରୀୟ ଗତିସ୍ପନ୍ଦନ ଘଟୁଛି, ତାହା ଏହି ଭୂମିରେହିଁ ସଞ୍ଚିତ ଓ ଲିପିବଦ୍ଧ ହୋଇ ରହୁଛି । ଏବଂ ଯେଉଁ ବ୍ୟକ୍ତିମାନେ ସେହି ଭୂମି ପର୍ଯ୍ୟନ୍ତ ଯାଇ ପାରୁଛନ୍ତି, ଏବଂ ଆବଶ୍ୟକ ଶ୍ରମଟି କରି ପାରୁଛନ୍ତି, ସେମାନେ ଯାହାକିଛି ଜାଣିବାକୁ ଚାହିଁବେ, ତାହାକୁ ଅବଶ୍ୟ ସେଠାରୁ ପାଠ କରି ପାରିବେ ଓ ଶିକ୍ଷା କରିପାରିବେ । ମାତ୍ର ଆମେ ଏହି କ୍ଷେତ୍ରଟିକୁ ଅତିମାନସ ସ୍ତରଗୁଡ଼ିକ ସହିତ କଦାପି ଗୋଳମିଶା କରି ପକାଇବା ନାହିଁ । ମାତ୍ର, ସେଠାରେ ବି ଯାଇ ପହଞ୍ଚି ପାରିବାକୁ ହେଲେ ତୁମକୁ ଭୌତିକ ଅର୍ଥାତ୍ ଜଡ଼ସ୍ଥ ମନର ଗତିସ୍ପନ୍ଦନଗୁଡ଼ିକୁ ସମ୍ପୂର୍ଣ୍ଣରୂପେ ଶାନ୍ତ କରି ଆଣିବାକୁ ପଡ଼ିବ; ଆପଣାର ଯାବତୀୟ ଇନ୍ଦ୍ରିୟବୋଧକୁ ପଛରେ ପକାଇ ରଖି ଆପଣାର ସାଧାରଣ ମନଃସ୍ତରୀୟ ଗତିସ୍ପନ୍ଦନଗୁଡ଼ିକ ଯାହା ହୋଇଥାନ୍ତୁ ପଛକେ, ସେଗୁଡ଼ିକରେ ଏକ ପୂର୍ଣ୍ଣଚ୍ଛେଦ ପକାଇବାକୁ ପଡ଼ିବ । ପ୍ରାଣିକ ସ୍ତରଟି ମଧ୍ୟରୁ ବାହାରକୁ ବାହାରି ଆସିବାକୁ

* ଏଠାରେ ଯେଉଁ ଅଭିଜ୍ଞତାର ସୂଚନା ଦିଆଯାଇଛି, ସେହି ଅଭିଜ୍ଞତାଟି ମାଆଙ୍କର ୧୯୧୫ ମସିହା ନଭେମ୍ବର ୨୬ ତାରିଖରେ ହୋଇଥିଲା । ମାଆଙ୍କ ଲିଖିତ 'ଧ୍ୟାନ ଓ ପ୍ରାର୍ଥନା' ପୁସ୍ତକରେ ଏହାର ବର୍ଣ୍ଣନା ଦିଆଯାଇଛି । ସେହି ବର୍ଷ ଡିସେମ୍ବର ୩୧ ତାରିଖ ଦିନ ଶ୍ରୀଅରବିନ୍ଦ ମାଆଙ୍କୁ ଏହାର ଯେଉଁ ଉତ୍ତର ଦେଇଥିଲେ, ତାହା 'ମା' ବହିରେ (ଶତବାର୍ଷିକୀ ରଚନାମାଳା, ୨୫ଶ ଖଣ୍ଡ, ପୃଷ୍ଠା ୩୮୪) ପ୍ରକାଶିତ ହୋଇଛି ।

'oaob.nitrkl.ac.in' images reprocessed

ପଡ଼ିବ, ଶରୀରର ଦାସତ୍ୱରୁ ନିଜକୁ ମୁକ୍ତ ରଖିବାକୁ ପଡ଼ିବ। ତେବେ ଯାଇ ତୁମେ ସେହି ରାଜ୍ୟଟି ମଧ୍ୟରେ ପ୍ରବେଶ କରିପାରିବ ଏବଂ ଦେଖିବାକୁ ସମର୍ଥ ହେବ। ମାତ୍ର, ଏହି ଉଦ୍ୟମଟି କରିବା ଲାଗି ଯଦି ତୁମ ଭିତରେ ଯଥେଷ୍ଟ ଆଗ୍ରହ ରହିଥାଏ, ତେବେ ତୁମେ ସେଠାରେ ନିଶ୍ଚୟ ପହଞ୍ଚି ପାରିବ ଏବଂ ପୃଥିବୀର ସ୍ମୃତିପଟରେ ଯାହାକିଛି ଲିଖିତ ହୋଇ ରହିଛି, ତାହା ପଢ଼ିବାକୁ ସାମର୍ଥ୍ୟ ଲାଭ କରିବ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୩ ଜୁନ୍)

ପୃଥିବୀଜୀବନର ଯାବତୀୟ ମନ୍ତଃସ୍ତରୀୟ ଗତିସ୍ପନ୍ଦନ ଯେଉଁଠାରେ ଲିପିବଦ୍ଧ ଓ ସଂରକ୍ଷିତ ହୋଇ ରହିଛି, ସେହିଠାରେ ଯାଇ ପହଞ୍ଚି ପାରିବାକୁ ହେଲେ ଆମକୁ ଜଡ଼ସ୍ଥ ଏବଂ ଭୌତିକ ମନର ସକଳ ଗତିସ୍ପନ୍ଦନକୁ ଶାନ୍ତ କରି ଆଣିବାକୁ ହେବ ବୋଲି ଆପଣ କହିଛନ୍ତି,·····ଆମର ଏହି ସାଧାରଣ ମନଃସ୍ତରୀୟ ଯାବତୀୟ ଗତିସ୍ପନ୍ଦନରେ ପୂର୍ଣ୍ଣଚ୍ଛେଦ ପକାଇବା ଲାଗି କହିଛନ୍ତି। ମାତ୍ର, ସେସବୁ ଗତିସ୍ପନ୍ଦନ ବନ୍ଦ ହୋଇଗଲେ ତା'ପରେ କ'ଣସବୁ ଘଟିବ? ଆମକୁ ତ ପୁଣି ଦିନମାନ କୌଣସି ନା କୌଣସି କାର୍ଯ୍ୟ କରିବାକୁ ପଡ଼ିବ!

ନାହିଁ, ଖାଲି ସେହି ସମୟଟି ଲାଗି। ସବୁ ସମୟ ଲାଗି ନୁହେଁ।

ମାଆ, କିନ୍ତୁ ଯଦି ଜଣେ ପାସୋରି ପକାଏ? କିଛି ଗୋଟାଏ କାର୍ଯ୍ୟ କରିବାକୁ ଅଛି: ଦୁଇଟା ବେଳେ ଏହି କାର୍ଯ୍ୟଟିକୁ କରିବାକୁ ପଡ଼ିବ, ଏବଂ ସାଢ଼େ ଦଶଟା ବେଳେ ସେହି କାର୍ଯ୍ୟଟିକୁ କରିବାକୁ ପଡ଼ିବ। ମାତ୍ର ଯଦି ଜଣେ ତାହା କରିବାକୁ ଭୁଲିଯାଏ?·····

ନା— ତୁମେ ତଥାପି ବୁଝି ପାରିଲ ନାହିଁ। ସେହି ରାଜ୍ୟଟିରେ ଯାଇ ପହଞ୍ଚି ପାରିବାକୁ ହେଲେ, ସେଠାକୁ ଯାଉଥିବା ସମୟରେ ତୁମକୁ ତୁମର ମନକୁ

'oaob.nitrkl.ac.in' images reprocessed

ଏକାବେଳେକେ ଶାନ୍ତ କରଦେଇ ପାରବାକୁ ହେବ (ଏବଂ ଆଉ ଯାହାସବୁ କରବାକୁ ହେବ, ମୁଁ ସବୁଯାକ ଉଲ୍ଲେଖ କରଉଛି), ମାତ୍ର କେବଳ ସେହି ସ୍ଥାନକୁ ଯିବା ଲାଗି ହିଁ ଏକଥା କରବାକୁ ହେବ। ଉଦାହରଣସ୍ୱରୂପ, ତୁମେ ଠିକ୍ କଲ : "ବର୍ତ୍ତମାନ ମୁଁ ପୃଥିବୀର ଇତହାସରୁ ଅମୁକ ବା ଅମୁକ ଅଧ୍ୟାୟଟି ପଢ଼ିବାକୁ ଯାଉଛି!" ତା'ପରେ ତୁମେ ଗୋଟିଏ ଆରାମଚଉକ ଉପରେ ଆରାମଦାୟକ ଭାବରେ ବସି ପଡ଼ବ, ଲୋକମାନେ ତୁମକୁ କୌଣସି ପ୍ରକାରେ ଆସି ଅନ୍ୟମନସ୍କ କରବେ ନାହିଁ ବୋଲି ସେମାନଙ୍କୁ କହଦେବ, ତୁମେ ଆପଣା ଭିତରକୁ ଚାଲିଯିବ ଓ ଆପଣାର ମାନସିକ ସକଳ କ୍ରିୟାକୁ ଏକାବେଳେକେ ବନ୍ଦ କରଦେବ ଏବଂ ମନର ବାର୍ତ୍ତାବହଟିକୁ ସେହି ସ୍ଥାନକୁ ପଠାଇଦେବ...... ଏହାଠାରୁ ଆହୁରି ଭଲ ହେବ, ଯଦି ସେଠାରେ ତୁମର ପଥପ୍ରଦର୍ଶନ କରବା ଲାଗି ତୁମ ସହିତ ଆଉଜଣେ ମଧ୍ୟ ରହିଥିବ, କାରଣ, ତା' ନହେଲେ ତୁମେ ହୁଏତ ବାଟବଣା ହୋଇଯିବ ଓ ଆଉ କୌଣସି ଜାଗାକୁ ଚାଲିଯିବ। ହଁ, ତା'ପରେ ଏହିପରି ଯିବାକୁ ଲାଗିବ। ତାହା ସତେଯେପରି ଗୋଟାଏ ଅତି ବଡ଼ ଗ୍ରନ୍ଥାଗାର ପରି ହୋଇ ରହିଥିବ, ଯେଉଁଥିରେ କି ଅନେକସଂଖ୍ୟକ ସାନ ସାନ ଖୋପ ରହିଥିବ। ଏବଂ ତୁମେ ଯେଉଁ କଥାଟିକୁ ଜାଣିବାକୁ ଇଚ୍ଛା କରୁଥିବ, ଠିକ୍ ସେହି କଥାଟି ରହିଥିବା ଖୋପଟିକୁ ତୁମେ ଯାଇ ଖୋଜି ବାହାର କରବ। ସେଠି ପହଞ୍ଚି ଗୋଟିଏ ବୋତାମ ଟିପିଦେବ ଓ ତାହା ତତ୍କ୍ଷଣାତ୍ ଖୋଲିଯିବ। ଏବଂ ସେଇଟି ଭିତରେ ପଶି ତୁମେ ସତେଅବା ଗୁଡ଼ା ହୋଇ ରହିଥିବା ଲେଖାଟିଏ ଦେଖିବାକୁ ପାଇବ; ସେଠାରେ ମନ ଦ୍ୱାରା ରଚିତ ଏପରି ଏକ ବସ୍ତୁ ରହିଥିବ, ଯାହାକି ଭୂର୍ଜପତ୍ରର ପୋଥିଟିଏ ପରି ତୁମ ଆଗରେ ଖୋଲିଖୋଲି ଯିବାରେ ଲାଗିବ। ତୁମେ ସେଇଟିକୁ ପଢ଼ିବାକୁ ଆରମ୍ଭ କରବ। ତା'ପରେ ଯାହା ପଢ଼ିଥିବ, ତାହାକୁ ଟିପି କରି ରଖିବ; ଏବଂ ତା'ପରେ ସେହି ନୂତନ ଜ୍ଞାନଟିକୁ ବହନ କରି ନୀରବ ଭାବରେ ନିଜର ଶରୀରଟି ମଧ୍ୟକୁ ଲେଉଟି ଆସିବ ଏବଂ ଯଦି ସମ୍ଭବ ହେବ, ତେବେ ତୁମେ ଯାହାସବୁ ଦେଖିଲ, ତାହାକୁ କାଗଜ ଉପରେ ଆଉଥରେ ଲେଖି ରଖିବ। ତା'ପରେ ସେସବୁ ସମାପନ କରି ପୂର୍ବପରି ଆପଣାର ଜୀବନଟିକୁ ଆରମ୍ଭ କରବ। ...ଏପରି କରବା ଲାଗି ତୁମକୁ ଦଶମିନିଟ ସମୟ ଲାଗିପାରେ, ଘଣ୍ଟାଏ ଲାଗିପାରେ ବା ଅଧଘଣ୍ଟାଏ ବି ଲାଗିପାରେ;— ସେଇଟା ତୁମର ନିଜ ସାମର୍ଥ୍ୟ ଉପରେ ନିର୍ଭର କରେ। ମାତ୍ର ମୁଁ ଯେପରି କହିଲି, ତୁମେ ଯେପରି କୌଣସି ଭୁଲ କରି ନବସିବ, ସେଥିଲାଗି ବାଟଟିକୁ ଜାଣିଥିବା ଏକାନ୍ତ ମହତ୍ତ୍ୱପୂର୍ଣ୍ଣ।

ତେବେ ବହି ନପଢ଼ି ଆମେ ସେସବୁ ନକରୁଛୁ କାହିଁକି ?

'oaob.nitrkl.ac.in' images reprocessed

କାରଣ ଖୁବ୍ କମ୍‌ସଂଖ୍ୟକ ବ୍ୟକ୍ତିହିଁ ତାହା କରିବାକୁ ସମର୍ଥ ହେବେ, ମାତ୍ର ଅନେକସଂଖ୍ୟକ ବ୍ୟକ୍ତି ନିଶ୍ଚୟ ବହି ପଢ଼ିପାରିବେ (ବହି ପଢ଼ୁଥିବା ଅନେକସଂଖ୍ୟକ ବ୍ୟକ୍ତି ଯେ ସେହି ବହିଗୁଡ଼ିକୁ ବୁଝି ପାରନ୍ତି ନାହିଁ, ସେକଥା ମଧ୍ୟ ସତ; ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେମାନେ ତଥାପି ସେଗୁଡ଼ିକୁ ବୁଝି ପାରିବେ !) । ଏବଂ ବହିଟିଏ ପଢ଼ି ବୁଝିବା ଅପେକ୍ଷା ଏହା ଅନେକ ଅଧିକ କଷ୍ଟକର ।

ଏବଂ, ପିଲମାନଙ୍କର ଗ୍ଲେଟବେଲ୍ଟ ଯଦି ସେମାନଙ୍କୁ ଏକଥା ଶିଖାଇ ଦିଆ ଯାଉଥାନ୍ତା ?

ଏକଥା ସମ୍ଭବ ଯେ ବହିସବୁ ପଢ଼ିବା ପରିବର୍ତ୍ତିରେ ଏପରି କ୍ଷୁଏତ କରାଯାଇ ପାରନ୍ତା ଓ ତଦ୍ଦ୍ୱାରା ଅଧିକ ଲଭ ବି ହୁଅନ୍ତା !

ପୃଥିବୀପୃଷ୍ଠରେ ଯାହାସବୁ ଘଟିଛି,— ପୃଥିବୀର ଆରମ୍ଭ କାଳରୁ ବର୍ତ୍ତମାନ ଯାଏ, ମନଃସ୍ତରର ଯାବତୀୟ ଗତିସ୍ପନ୍ଦନ ଅବିକୃତ ଭାବରେ ଲିପିବଦ୍ଧ ହୋଇ ରହିଛି । ସବୁଯାକହିଁ ଲିପିବଦ୍ଧ ହୋଇ ରହିଛି । ତେଣୁ କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟରେ ତୁମର ଯଦି ନିର୍ଭୁଲ ସମ୍ବାଦ ପାଇବାକୁ ରହିଥାଏ, ତେବେ ତୁମକୁ କେବଳ ସେଠାକୁ ଯାଇ ପାରିବାକୁ ହେବ, କେବଳ ସେପର୍ଯ୍ୟନ୍ତ ବାଟଟିକୁ ଯାଇବାକୁ ହେବ । ଏଇଟି ପ୍ରକୃତରେ ଅତି ଅଦ୍ଭୁତ ସ୍ଥାନ, ସତେଅବା ସାନ ସାନ କେତେ କୋଷ ବା କୋଠରୀରେ ତିଆରି ହୋଇ ରହିଛି । ସତେଯେପରି ସାନ ସାନ ପାଗ୍‌ଭଡ଼ି ପରି ହୋଇ ରହିଛି; ଏବଂ ତେଣୁ, ସେହି ଆକଗୁଡ଼ିକୁ ଅନୁସରଣ କରି ଓ ଗୋଟିଏ ପ୍ରକାରର କେତେକ······ ତାହାକୁ ଭାଷାରେ ପ୍ରକୃତରେ କିପରି ପ୍ରକାଶ କରାଯାଇ ପାରିବ ? ହଁ — ସେଠାରେ ସେହି ପ୍ରକାରର କେତେଗୁଡ଼ିଏ ଗ୍ରନ୍ଥାଗାରହିଁ ରହିଛି । ହଁ, ହଁ— ସେଦିନ ସିନେମାରେ ଆମକୁ ନିଉୟର୍କର ଯେଉଁ ଲାଇବ୍ରେରୀଟି ଦେଖା ହୋଇଥିଲା, ମୁଁ ସେଇଟିକୁ ଦେଖିଥିଲି । ହଁ, ସେଠି ମଧ୍ୟ ସବୁକିଛି ପ୍ରାୟ ସେହିପରି ଖଞ୍ଜା ହୋଇ ରହିଛି । ବ୍ୟବସ୍ଥାଟି ପ୍ରାୟ ତାହାରି ପରି । ସେଇଥିଲାଗି ଏଇଟି ମଧ୍ୟ ଦେଖିବାକୁ ମୋତେ ଏତେ ଭଲ ଲାଗିଲା । ମାତ୍ର ବହି ପରିବର୍ତ୍ତିରେ ସେଠାରେ ସାନସାନ ବର୍ଗାକାର କ୍ଷେତ୍ରମାନ ରହିଛି । ସବୁଗୁଡ଼ିକ ବନ୍ଦ ହୋଇ ରହିଛି । ତୁମେ ତା' ଉପରେ ହାତଟିକୁ ନେଇ ରଖିବ, ବୋତାମଟିଏ ଟିପିଦେବ ଏବଂ ସେଇଟି ତା'ପରେ ଖୋଲିଯିବ । ତା'ପରେ ଗୁଡ଼ା'ଇ ହୋଇ ରହିଥିବା ଗୋଟିଏ ପୋଥି ତୁମ ପାଖକୁ ବାହାରି ଆସିବ; ତୁମେ ତାକୁ ଫିଟାଇ ଦେଖିବ ଏବଂ ପଢ଼ି ପାରିବ— ସବୁଯାକ ଗୋଟିଏ ବିଷୟରେହିଁ ଲେଖା ହୋଇଥିବ ।

'oaob.nitrkl.ac.in' images reprocessed

ଏହିପରି ସେଠାରେ ଲକ୍ଷ ଲକ୍ଷ, ଲକ୍ଷ ଲକ୍ଷ ପୋଥି ଥିଆ ହୋଇଥିବ । ଏବଂ ବଡ଼ ସୁଖର କଥା ଯେ ମନୋରାଜ୍ୟରେ ତୁମେ ତଳକୁ ଯାଇପାରିବ, ଉପରକୁ ବି ଯାଇ ପାରିବ । ତୁମେ ଇଚ୍ଛା କଲେ ସବା ଉପରେ ଯାଇ ବି ପହଞ୍ଚି ପାରିବ । କୌଣସି ସିଡ଼ିର ଦରକାର ନଥିବ !

ସେଠି କପରି ଭାବରେ ପଢ଼ିବାକୁ ହେବ ? ଠିକ୍ ବହି ପଢ଼ିଲା ପରି ?

ହଁ, ଏହାକୁ ଗୋଟାଏ ପ୍ରକାରର ମାନସିକ ବୋଧ ବୋଲି କୁହାଯାଇ ପାରିବ, ତାହାର ସହିତ ଏହାର ସାଦୃଶ୍ୟ ରହିଛି । ତୁମେ ବେଶ୍ ଭଲ ଭାବରେ ସବୁଯାକ ବର୍ଣ୍ଣନା ବା ସମ୍ବାଦ ପାଇପାରିବ (ତୁମେ ପ୍ରକୃତରେ କ'ଣ ଜାଣିବାକୁ ଚାହୁଁଛ, ସବୁ ତାହାରି ଉପରେ ନିର୍ଭର କରେ ।) । ବେଳେବେଳେ କେବଳ ଛବିଗୁଡ଼ିଏ ଦେଖିବାକୁ ମିଳିବ : ସତେଯେପରି ଗୋଟିଏ ଛବି ସାଇତା ହୋଇ ରହିଛି । ବେଳେବେଳେ ତୁମକୁ ଗଳ୍ପଟିଏ ମିଳିଯିବ । ପୁଣି ବେଳେବେଳେ ତୁମେ ଖୋଜୁଥିବା ପ୍ରଶ୍ନର ଉତ୍ତରଟିହିଁ ମିଳିଯିବ । ମନୋରାଜ୍ୟରେ ସମ୍ଭବ ଓ କଳ୍ପନୀୟ ଯାହାକିଛି ଲିପିବଦ୍ଧ କରାଯାଇ ପାରେ, ତୁମକୁ ସବୁ ମିଳିଯିବ । ସେଠାରେ ତୁମକୁ ଅନେକ ସଂଶୋଧନ ବି ମିଳିଯାଇ ପାରିବ (ଯେଉଁସବୁ କଥା ବହିରେ ଲେଖାଯାଇଛି ଓ ତଥାପି ଠିକ୍ ନୁହନ୍ତି, ସେହିଗୁଡ଼ିକର ସଂଶୋଧନ ମିଳିଯିବ) । ଏବଂ ତୁମକୁ ବୁଲିବୁଲି ଯିବାକୁ ପଡ଼ିବ ନାହିଁ ଅଥବା କାହା ଉପରେ ଚଢ଼ିବାକୁ ବି ପଡ଼ିବ ନାହିଁ : ତୁମେ ଏକ ସଂକେନ୍ଦ୍ରିତ ମାନସିକ ଚେତନା ଭଳି କୌଣସି ପଦାର୍ଥକୁ ସେଠାକୁ ପ୍ରେରଣ କରିଦେବ ଏବଂ ସେଇଟି ଯାଇ କାମ୍ୟ ଜ୍ଞାନଟିକୁ ସ୍ପର୍ଶ କରିବ । କେବଳ ଗୋଟିଏ ଭୟ ରହିଛି ଯେ ନିଜର ମାନସିକ କ୍ରିୟାଶୀଳତାଠାରୁ ନିଜକୁ ସଂପୂର୍ଣ୍ଣ ଭାବରେ ନିର୍ଲିପ୍ତ ଓ ବିଚ୍ଛିନ୍ନ କରି ନରଖି ଯଦି ତୁମେ ଏହି କଥାଟିକୁ କରୁଥିବ, ତେବେ, ତୁମର ନିଜ ମୁଣ୍ଡଟା ଭିତରେ ଯାହା ରହିଛି, ତୁମେ କେବଳ ତାହାହିଁ ଦେଖିବାକୁ ପାଇବ । କଥାଟି ପ୍ରକୃତରେ ଯାହା, ତାହାକୁ ଠିକ୍ ସେହିପରି ଭାବରେ ନଦେଖି ସମ୍ଭବତଃ ତୁମେ ନିଜ ମସ୍ତିଷ୍କଟି ମଧ୍ୟରେହିଁ କୁଆଡ଼େ ବିଚରଣ କରି ଆସିବ ଏବଂ କେବଳ ସେଇଠି ଯାହା ରହିଛି, ସେହିଗୁଡ଼ାକୁହିଁ ଦେଖିବ;— ଏଇଟା ଏକ ବିପଦ । ତେଣୁ ନିଜର ମସ୍ତିଷ୍କଟିକୁ ଏକାବେଳେକେ ନୀରବ କରି ଆଣିବାକୁ ପଡ଼ିବ, ନିଜକୁ ସଂପୂର୍ଣ୍ଣ ଭାବରେ ବିଚ୍ଛିନ୍ନ କରି ରଖିବାକୁ ହେବ, ଯେଉଁ ସମାଧାନଟି ତୁମକୁ ଠିକ୍ ବୋଲି ମନେ ହେଉଛି, ସର୍ବୋତ୍ତମ ମନେ ହେଉଛି ଅଥବା ସର୍ବାପେକ୍ଷା ଅଧିକ ଲାଭଜନକ ବୋଲି ମନେ ହେଉଛି, ସେଇଟିକୁ କଦାପି ଆଗରୁ ମୁଣ୍ଡ ଭିତରେ

'oaob.nitrkl.ac.in' images reprocessed

ଧାରଣ କରି ରଖିବ ନାହିଁ (ଯେତେବେଳେ ତୁମେ କୌଣସି ସମସ୍ୟାର ସମାଧାନ ଖୋଜୁଛ, ଏଠାରେ ସେତିକବେଳର କଥା କୁହାଯାଉଛି।) । ଏପରି କଦାପି ହେବା ଉଚିତ ନୁହେଁ, ତୁମେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଖଣ୍ଡେ ଅଲେଖା କଗଜ ପରି କରି ରଖିବ, ତା' ଉପରେ ଆଗରୁ ଆଦୌ କିଛିହେଲେ ଲେଖା ହୋଇ ନଥିବ । ଏବଂ ତୁମକୁ ଠିକ୍ ସେହିପରି ଭାବରେ ଅଗ୍ରସର ହେବାକୁ ପଡ଼ିବ, ସତ୍ୟଟିକୁ ଜାଣିବା ଲାଗି ଏକ ନିଷ୍ଠାପର ଅଭୀପ୍ସା ସହିତ ଯିବାକୁ ପଡ଼ିବ, ସମାଧାନଟି ଏପରି ବା ସେପରି ହୋଇଥିବ ବୋଲି ଆଗରୁ କୌଣସି କଥା ଗ୍ରହଣ କରି ନନେଇ ଯିବାକୁ ପଡ଼ିବ । କାରଣ ସେପରି କରୁଥିଲେ କେବଳ ଆପଣା ବିରଚନାଗୁଡ଼ାକୁହିଁ ଦେଖିବାରେ ଲାଗିଥିବ । ପର୍ଯ୍ୟବେକ୍ଷଣଟି କରୁଥିବା ସମୟରେ ମୁଣ୍ଡ ସମ୍ପୂର୍ଣ୍ଣ ଭାବରେ ନୀରବ ହୋଇ ରହିଥିବ, ଏଇଟି ହେଲା ସର୍ବପ୍ରଧାନ ସର୍ତ୍ତ ।

ଏହି କ୍ଷେତ୍ରରେ ଅଧିକ ନିଶ୍ଚିତ ହେବାକୁ ହେଲେ (ମାତ୍ର ଏଥିଲାଗି ସମ୍ପୂର୍ଣ୍ଣ ତାଲିମ ରହିଥିବା ଦରକାର, ଏକ ଅତ୍ୟନ୍ତ ଭଲ ଶିକ୍ଷା ରହିଥିବା ଦରକାର), ଲବ୍ଧ ଜ୍ଞାନଟିକୁ କୌଣସି ପ୍ରକାରେ ବିକୃତ ନକରି ତାହାର ଏକ ସ୍ପଷ୍ଟ ସମ୍ବାଦ ଦେଇ ପାରିବାକୁ ହେଲେ, ତୁମେ କ'ଣ ଦେଖୁଛ ଏବଂ କ'ଣ ପଢ଼ୁଛ (ଏଠାରେ ଆମେ "ପଢ଼ୁଛ" ବୋଲି କହିଲୁ, ମାତ୍ର ବରଂ କହିବା ଉଚିତ, କ'ଣ ବୋଧ କରୁଛ), ସେହି କଥାଟିକୁହିଁ କହିଦେବା ଅଧିକ ଭଲ; ତୁମକୁ ତାହା ଯେପରି ଭାବରେ ବୋଧଗୋଚର ହେଉଛି, ସେହିପରି ଭାବରେହିଁ କହିଦେବା ଭଲ ଏବଂ ତାହାକୁ ଆଉ ଜଣେ ବ୍ୟକ୍ତି ଟିପି ରଖୁଥିବା ଉଚିତ ... ମୁଁ ପୁଣିଥରେ କହୁଛି : ତୁମେ ନିଜର ଆରାମ ଚଉକିଟି ଉପରେ ବେଶ୍ ଲମ୍ବିଯାଇ ପଡ଼ିରହିବ, ଆଦୌ ହଲଚଲ ହେବ ନାହିଁ, ସମ୍ପୂର୍ଣ୍ଣ ନୀରବ ରହିବ ଏବଂ ନିଜର ମୁଣ୍ଡ ଭିତରୁ ଜଣେ ବାର୍ତ୍ତାବହକୁ ପଠାଇଦେବ । ସେତେବେଳେ ତୁମ ପାଖରେ ଆଉଜଣେ ବ୍ୟକ୍ତି ବସିଥିବେ; ଏବଂ ତୁମେ ଯେତେବେଳେ ପ୍ରକୃତ ସ୍ଥାନଟିରେ ଯାଇ ପହଞ୍ଚି କବାଟଟିକୁ ଖୋଲିବ ଓ ପୋଥିଟିକୁ ବାହାର କରି ଆଣିବ (ବା, ତୁମେ ଏହାକୁ ଯାହା ବୋଲି କହିବାକୁ ଇଚ୍ଛା କରୁଛ ), ଏବଂ ତା'ପରେ, ସେଠାରେ ଉପସ୍ଥିତ ନଥିବା କେବଳ ଆଖିଗୁଡ଼ିକ ଦ୍ୱାରାହିଁ କିଛି ପଢ଼ିବାକୁ ଚେଷ୍ଟା ନକରି, ଯାହାକିଛି ଦେଖିବ, ତାହା ବର୍ଣ୍ଣନା କରି କହିବାକୁ ଆରମ୍ଭ କରିବ । ବଡ଼ ପାଟିରେ କହିବାର ଅଭ୍ୟାସଟି କ୍ରମେ ଆୟତ୍ତ ହୋଇଯିବ ଏବଂ ସେଠାରେ ସବୁକିଛି ପର୍ଯ୍ୟବେକ୍ଷଣ କରିବାରେ ଲାଗିଥିବା ସଙ୍ଗେ ସଙ୍ଗେ ତୁମେ ଏଠାରେ କହି କହି ବି ଚାଲିଥିବ । ସେହିସବୁ ବୃହତ୍ କକ୍ଷ ମଧ୍ୟଦେଇ ଗତି କଲାବେଳେ ତୁମେ ଯାହା କିଛି ଦେଖୁଥିବ, ତାହାକୁ ଅବିକଳ ଭାବରେ କହି ଯାଉଥିବ; ତୁମେ ସ୍ଥାନଟିରେ କିପରି ଯାଇ ପହଞ୍ଚିଲ, ଏବଂ, ତୁମେ ଯାହା ଦେଖିବାକୁ ଇଚ୍ଛା କରୁଛ, ସେଇଟି ସେହିଠାରେ ରହିଛି ବୋଲି ସୂଚାଇ ଦେଇ କିପରି ସେଠାରେ

'oaob.nitrkl.ac.in' images reprocessed

ଏକ ଗ୍ରେଟିଆ ଚନ୍ଦ୍ର ଦ୍ୱାଆନ୍ଦୋଳିତଥିଲା, ସବୁକଥା ବର୍ଣ୍ଣନା କରି କହିବ । ତା'ପରେ ସେହି ଗ୍ରେଟିଆ ସ୍ଥାନଟିକୁ ଯାଇ ଫିଟାଇବ, ପୋଥିଟିକୁ ବାହାର କରି ଆଣିବ ଏବଂ ପଢ଼ିବାକୁ ଆରମ୍ଭ କରିବ । ଏବଂ ବଡ଼ପାଟିରେ ପଢ଼ିବାକୁ ଆରମ୍ଭ କରିବ । ଏବଂ ତୁମ ପାଖରେ ଆଉଜଣେ ଯିଏ ବସିଥିବେ, ତୁମେ ଯାହାକିଛି ପଢ଼ୁଥିବ, ତାହାକୁ ଟିପି ଯିବାରେ ଲାଗିଥିବେ । ତେବେ, ଏପରି କ୍ଷେତ୍ରରେ, ତୁମେ ଫେରିଆସିବା ବେଳକୁ କଥାଗୁଡ଼ିକ ବଦଳିଯିବାର ଆଉ କୌଣସି ଆଶଙ୍କା ନଥିବ । କାରଣ, ସେହି ମୁହୂର୍ତ୍ତରେ ତୁମ ସତ୍ତାର ଯେଉଁ ଅଂଶଟି ସେଠାରେ ଉପସ୍ଥିତ ଥିବ, ତାହାର ଅଭିଜ୍ଞତାରେ କଦାପି କୌଣସି ଅସ୍ପଷ୍ଟତା ଅଥବା ଭୁଲ ହେବ ନାହିଁ; ମାତ୍ର ଏହି ଭୌତିକ ଜଗତର ପରିବେଶଟି ମଧ୍ୟକୁ ଯେତେବେଳେ ତୁମେ ଲେଉଟି ଆସିବ, ପ୍ରାୟ ସବୁଦାହିଁ ଏପରି ଘଟିବ ଯେ ତୁମେ ଦେଖିଥିବା କଥାର କିଛି ନା କିଛି ଅଂଶ ତୁମଠାରୁ ଖସି ଚାଲି ଯାଇଥିବ; ମାତ୍ର ପର୍ଯ୍ୟବେକ୍ଷଣର କାର୍ଯ୍ୟଟି କରୁଥିବା ସମୟରେହିଁ ଅନୁଭୂତିଗୁଡ଼ିକୁ ସିଧା କହି ଦେଉଥିଲେ ଆଉ କିଛି ଖସି ଚାଲିଯିବାର କୌଣସି ଆଶଙ୍କା ନଥିବ । ଏହିପରି ଭାବରେ, ସେଇଟି ପାଇଁ ଅନେକଗୁଡ଼ିଏ ସର୍ତ୍ତର ପୂରଣ କରିବାକୁ ପଡ଼ିବ : ଲାଇବ୍ରେରୀ ଭିତରୁ ଖଣ୍ଡେ ବହି ଉଠାଇ ନେଇ ପଢ଼ିବା ଭଳି ଏହା ଆଦୌ ସେତେ ସହଜ କଥା ନୁହେଁ । ମାତ୍ର ଏକଥାଟି ସମସ୍ତେ ଚେଷ୍ଟା କରିପାରିବେ । କେବଳ କରିପାରିବା ଯାହା ଟିକିଏ କଷ୍ଟକର ହେବ ।

## ଆପେକ୍ଷିକତାର ସିଦ୍ଧାନ୍ତ* କହିଲେ କ'ଣ ବୁଝାଏ ?

---

"* ଯୋଗୀ ସବୁ କିଛି ଜାଣିପାରିବ ଓ ଆପଣାର ଦୃଷ୍ଟି ଏବଂ ଚେତନାର କ୍ଷେତ୍ରରୁ ସକଳ ପ୍ରଶ୍ନର ହିଁ ଉତ୍ତର ଦେଇ ପାରିବ, ଏହି କଥାଟି ସାଧାରଣ ଭାବରେ ଏବଂ ଏକ ବିଶେଷ ଅର୍ଥରେ ହୁଏତ ଠିକ୍ ହୋଇଥିଲେ ମଧ୍ୟ, ଏଥିରୁ କଦାପି ଏପରି ଧରିନେବା ଉଚିତ ହେବ ନାହିଁ ଯେ ଏଭଳି କୌଣସି ପ୍ରକାରର ଆଦୌ କୌଣସି ପ୍ରଶ୍ନ ନାହିଁ ଯାହାର କି ସେ ଉତ୍ତର ଦେବାକୁ ଇଚ୍ଛା କରିବ ନାହିଁ ଅଥବା ଉତ୍ତର ଦେଇ ପାରିବ ନାହିଁ । ଯେଉଁ ଯୋଗୀର ଅପରୋକ୍ଷ ଜ୍ଞାନ ରହିଛି ଅର୍ଥାତ୍ ବସ୍ତୁଗୁଡ଼ିକର ପ୍ରକୃତ ସତ୍ୟଟିକୁ ଯିଏ ଜାଣିଛି, ସମ୍ପୂର୍ଣ୍ଣ ଭାବରେ ମନୁଷ୍ୟର ଏହି ମାନସ ଚେତନାର ଆୟତନ ମଧ୍ୟରେ ଗଠିତ ହୋଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାଲାଗି ସିଏ ହୁଏତ କୌଣସି ଆପତ୍ତି କରିବ ନାହିଁ କିଂବା ସେହି ଉତ୍ତରଗୁଡ଼ିକୁ ଦେବା ତା' ପକ୍ଷରେ ଆଦୌ କଷ୍ଟକର ହେବ ନାହିଁ । ଅବଶ୍ୟ ଏପରି ହୋଇପାରେ ଯେ, ତୁମେ ଯଦି ବସ୍ତୁଗୁଡ଼ିକର ଭ୍ରମଗୁଡ଼ିକୁ ଅଥବା କେବଳ ପ୍ରତିଭାସଗୁଡ଼ିକୁହିଁ ସ୍ପର୍ଶ କରୁଥିବା ଆପଣାର କୌଣସି ସମସ୍ୟା ଅଥବା ଅଡ଼ୁଆକୁ ନେଇ ତା' ଆଗରେ ଉପସ୍ଥାପିତ କରିବାକୁ ଯିବ, ତେବେ ସିଏ ସେଗୁଡ଼ିକର ସମାଧାନ କରିପାରିବ ନାହିଁ କିଂବା ସେଗୁଡ଼ିକର ସମାଧାନ କରିବାକୁ ଇଚ୍ଛା କରିବ ନାହିଁ । କାରଣ ତା'ର କୌଣସି ଜ୍ଞାନ ମନର କ୍ଷେତ୍ରରେ କ୍ରିୟାଶୀଳ ହୋଇ ରହି ନଥାଏ; ତେଣୁ ତୁମେ ଯଦି ତାକୁ ସେହିପରି

'oaob.nitrkl.ac.in' images reprocessed

(ଗଣିତ ଜାଣିଥିବା ଜଣେ ସାଧକଙ୍କ ଆଡ଼କୁ ଦୃଷ୍ଟି) ପବିତ୍ର ! ତୁମେ ପିଲମାନଙ୍କୁ ସେହି ବିଷୟଟିକୁ ବୁଝାଇଦେଇ ପାରିବ କି ?

> ପବିତ୍ର : ଏହାର ଅର୍ଥ ହେଉଛି ଯେ ପ୍ରତ୍ୟେକ ପର୍ଯ୍ୟବେକ୍ଷଣକାରୀ ଏହି ବିଶ୍ୱଜଗତକୁ ଭିନ୍ନ ପ୍ରକାରେ ବର୍ଣ୍ଣନା କରିବ;—ଗୋଟିଏ ବାକ୍ୟରେ ଏତିକି କୁହାଯାଇ ପାରିବ ।

ବାସ୍ ସେତିକି ? ତେବେ ଏହି ଆବିଷ୍କାରଟି ବିଷୟରେ ପୁଣି ଏତେ କୋଳାହଳ କାହିଁକି ହେଉଛି ?

> ପବିତ୍ର : ମାଆ, ଏହା ପ୍ରକୃତରେ ଏକ ବିପ୍ଳବ !

ଏହା ପ୍ରକୃତରେ ଏକ ବିପ୍ଳବ ? କିଏ ପର୍ଯ୍ୟବେକ୍ଷଣ କରୁଛି, ତାହାର ଉପରେହିଁ ସିଏ କ'ଣ ପର୍ଯ୍ୟବେକ୍ଷଣ କରୁଛି, ତାହା ନିର୍ଭର କରୁଛି,—ଏହି କଥାଟି ଏକ ବିପ୍ଳବ ? ହଁ, ହୋଇଥିବ,—କିନ୍ତୁ……

> ପବିତ୍ର ଜଣେ ଯାହା ମାପିବାକୁ ଯାଉଛି, ତାହା ଭୌତିକ ଜଗତଟି ଉପରେହିଁ ନିର୍ଭର କରେ; ଭୌତିକ ବିଜ୍ଞାନଗୁଡ଼ିକ ଆପଣା ଦୃଷ୍ଟିରୁ ଏହାକୁହିଁ ସତ୍ୟ ବୋଲି କହିବେ ।

---

କୌଣସି ଜବୋଧ ମାନସିକ ସ୍ତରର ପ୍ରଶ୍ନ ପଚାରିବ, ତେବେ ସମ୍ଭବତଃ ସେ ସେଗୁଡ଼ିକର ଉତ୍ତର ଦେବାକୁ ସ୍ୱୀକାର କରିବ ନାହିଁ । ସଭା ଉପରେ କୌଣସି ସ୍କୁଲମାଷ୍ଟର ବସି ଏହି ସବୁ ଚଳାଉଛନ୍ତି କି ନାହିଁ, ତୁମେ ଯଦି ତାକୁ ଏହିପରି କୌଣସି ମୂର୍ଖ ପ୍ରଶ୍ନ ଯାଇ ପଚାରିବ ଅଥବା, ଅତୀତ, ବର୍ତ୍ତମାନ ବା ଭବିଷ୍ୟତର କୌଣସି କଥା ସେ କହି ଦେଇପାରୁ ବୋଲି ତା'ଠାରୁ ଦାବି କରିବ, ତେବେ ସିଏ ଯେ ସେଗୁଡ଼ିକର ଉତ୍ତର ଦେବାକୁ ଅବଶ୍ୟ ବାଧ ହେବ, ଏପରି ଭାବିବାହିଁ ଏକ ମୂର୍ଖତା । ଯେଉଁ ସବୁ ଅସାଧ୍ୟ-ସାଧନ ଏବଂ ଅଲୌକିକ-ପ୍ରଦର୍ଶନ ଆମର ଏହି ସାଧାରଣ ବାହ୍ୟ ମନଟିକୁ କେତେ ନା କେତେ ସନ୍ତୋଷ ଦେଇଥାଏ ଏବଂ ତାହାକୁ ପଚଟିଅବା କାବା କରିଦେଇପାରେ, ସେହିପରି କଥାଗୁଡ଼ିକୁ ଜଣେ ଅଧ୍ୟାତ୍ମ ବ୍ୟକ୍ତିଙ୍କଠାରୁ ପ୍ରତ୍ୟାଶା କରିବା ଯେପରି ଅକୁଶଳ କଳା ହେବ, ଏଇଟି ମଧ୍ୟ ଠିକ୍ ସେହିପରି ଏକ ଅକୁଶଳ କଥା ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୩ ଜୁନ୍)

'oaob.nitrkl.ac.in' images reprocessed

ହୁଁ, ହୁଁ,— ଭୌତିକ ବିଜ୍ଞାନଗୁଡ଼ିକ । ଜଗତଟିକୁ ମାପି ନିର୍ଦ୍ଧାରଣ କଲାବେଳେ ପ୍ରତ୍ୟେକ ମନୀଷୀ ତା' ନିଜ ମାର୍ଗରେହିଁ ତାହା କରିବାକୁ ଚେଷ୍ଟା କରିଥାଏ ।

> ପବିତ୍ର : ମାତ୍ର, ତାହାର ଏକ ଅନୁପୂରକ ଜ୍ଞାନ ହିସାବରେ ଏକଥାଟି ମଧ୍ୟ ଜଣାଯାଇଛି ଯେ ଏସବୁ ଦୃଷ୍ଟାନ୍ତରେ ଏପରି ଏକ ବସ୍ତୁ ରହିଛି, ଯାହାକି, ଜଣେ ପର୍ଯ୍ୟବେକ୍ଷକ କ'ଣ ଦେଖୁଛି, ତାହାଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ହୋଇ ଅବସ୍ଥିତ ରହିଛି ।

ଆଚ୍ଛା ! ସେମାନେ ସେକଥାଟିକୁ ମଧ୍ୟ "ଆବିଷ୍କାର" କରିଛନ୍ତି ? (ସମସ୍ତେ ହସି ଉଠିଲେ) ଇଏତ ଆହୁରି ବଡ଼ ଗୋଟାଏ ବିପ୍ଳବ ! (ସମସ୍ତେ ହୋ' ହୋ' କରି ହସି ଉଠିଲେ ।) ଖୁବ୍ ଭଲ କଥା ।

> ମାଆ, ଆପଣ କହିଛନ୍ତି* ଯେ ମାନସ ଏବଂ ଅତିମାନସ ମଧ୍ୟରେ ମଧ୍ୟବର୍ତ୍ତୀ ଅନେକ ସୋପାନ ରହିଛି; ଏବଂ, ଯଦି ଜଣେ ସାଧାରଣ ବ୍ୟକ୍ତି ଏହି ମଧ୍ୟବର୍ତ୍ତୀ କୌଣସି ଗୋଟିଏ ସୋପାନର ସଂସ୍ପର୍ଶରେ ଆସିବ, ତେବେ ତା'ର ଆଖି ପ୍ରକୃତରେ ଝଲକା ହୋଇଯିବ । ତେବେ, ଯଦି ମନୁଷ୍ୟ ତଥାପି ଏପରି ଏକ ଅବିକଶିତ ଅବସ୍ଥାରେ ରହିଛି, ଅନ୍ତର୍ବର୍ତ୍ତୀ ଏହି ସୋପାନଗୁଡ଼ିକର

*"ଲୋକେ ଅତ୍ୟନ୍ତ ସହଜରେ ଏକଥା ବିଶ୍ୱାସ କରି ପକାଇବାକୁ ଏକ ପ୍ରବୃତ୍ତି ଦେଖାଇଥାନ୍ତି ଯେ ସେମାନେ ଯେତେବେଳେ କେବଳ ଏହି ସାଧାରଣ ସ୍ତରଟିର ଉପରକୁ ଉଠିଯାଆନ୍ତି, ସେତେବେଳେ ସେମାନେ ସତେଅବା ଦିବ୍ୟ ଅନୃତନଗୁଡ଼ିକ ମଧ୍ୟକୁ ଅବେହଣ କରିବା ଲାଗି ସମର୍ଥ ହୋଇଯାଆନ୍ତି । ଏହି ସାଧାରଣ ମନୁଷ୍ୟମନର ସ୍ତର ଏବଂ ଅତିମାନସ ମଧ୍ୟରେ ଆହୁରି କେତେ କେତେ ସ୍ତର ରହିଛି, କେତେ ମାତ୍ରା ରହିଛି, ମଧ୍ୟବର୍ତ୍ତୀ ଅନେକ ଅନେକ ଭୂମି ରହିଛି । କୌଣସି ସାଧାରଣ ବ୍ୟକ୍ତିକୁ ଯଦି ଏହି ମଧ୍ୟବର୍ତ୍ତୀ ସୋପାନଗୁଡ଼ିକ ମଧ୍ୟରୁ କୌଣସିଟି ସହିତ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିବାକୁ ହୁଏ, ତେବେ ତା'ର ଆଖି ସେଠାରେ ପହଞ୍ଚି ପ୍ରକୃତରେ ଝଲକା ହୋଇଯିବ, ସତେଅବା ଅନ୍ଧ ହୋଇଗଲା ପରି ଲାଗିବ; ସେହି ବିପୁଳତା-ବୋଧର ଭାରରେ ସିଏ ସତେଅବା ଚୂନା ହୋଇଯିବ ଅଥବା ଆପଣାର ଭାରସାମ୍ୟଟିକୁ ହରେଇ ବସିବ; ଏବଂ ତଥାପି ସେ ସେଠାରେ ମଧ୍ୟ କଦାପି ଅତିମାନସ ସ୍ତରରେ ଆସି ଉପନୀତ ହୋଇ ନଥିବ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୩ ଜୁନ୍)

'oaob.nitrkl.ac.in' images reprocessed

ଅବତରଣ ବିଷୟରେ ନକହି ଆମେ ଅତିମାନସ ଭୂମିର ଅବତରଣ ବିଷୟରେ କାହିଁକି କହିବାରେ ଲାଗିଛୁ ?

ତାହାର କାରଣ ଅତ୍ୟନ୍ତ ସରଳ । ତାହା ହେଉଛି ଯେ ବର୍ତ୍ତମାନ ପର୍ଯ୍ୟନ୍ତ ସମଗ୍ର ଭୌତିକ ବା ଜଡ଼ ପୃଥିବୀଟି, ଏହି ସମଗ୍ର ପୃଥିବୀଟି, (ଆମେ ଏହି ପୃଥିବୀଟିକୁହିଁ ଦୃଷ୍ଟାନ୍ତରୂପେ ଗ୍ରହଣ କରିବା) ଶ୍ରୀଅରବିନ୍ଦ ଯାହାକୁ ଅଧିମାନସ ବୋଲି କହିଛନ୍ତି, ସେହିଠାରୁ ଆସୁଥିବା ଚେତନାଟିର ଶକ୍ତିଗୁଡ଼ିକ ଦ୍ୱାରାହିଁ ଶାସିତ ହେଉଥିଲା, ଏପରିକି ଲୋକେ ଯାହାକୁ ଭଗବାନ ବୋଲି କହନ୍ତି, ସିଏ ମଧ୍ୟ ସେହିପରି ଗୋଟିଏ ଶକ୍ତି, ସେହି ଶକ୍ତି ଅଧିମାନସରୁ ଆସିଛି । ସମସ୍ତ ବିଶ୍ୱବ୍ରହ୍ମାଣ୍ଡ ଏହିପରି ଭାବରେ ସେହି ଅଧିମାନସର ଶାସନରେହିଁ ରହିଥିଲା । ସେଠାରେ ପହଞ୍ଚିବାକୁ ହେଲେ ଆମକୁ ଅନେକ ମଧ୍ୟବର୍ତ୍ତୀ ସୋପାନ ଦେଇ ଗତି କରିବାକୁ ହେବ ଏବଂ ଆଖି ଝଲକା ନହୋଇ ଅତ୍ୟନ୍ତ କମ୍ ସଂଖ୍ୟକ ମନୁଷ୍ୟ ପ୍ରକୃତରେ ସେଠାରେ ଯାଇ ପହଞ୍ଚି ପାରିବେ । ମାତ୍ର, ଶ୍ରୀଅରବିନ୍ଦ ଯାହା କହିଛନ୍ତି, ତାହା ହେଉଛି ଯେ, ଅଧିମାନସର "ଶାସନ" ବର୍ତ୍ତମାନ ସମାପ୍ତ ହୋଇ ଆସୁଛି ଏବଂ ତାହାର ସ୍ଥାନରେ ଅତିମାନସର ଶାସନ ପ୍ରତିଷ୍ଠିତ ହେବାକୁ ଯାଉଛି । ଯେଉଁମାନଙ୍କର ଆଧ୍ୟାତ୍ମିକ ଅନୁଭୂତିମାନ ହୋଇଛି, ଯେଉଁମାନେ ପରମ ଭଗବତ୍ସତ୍ତାକୁ ଆବିଷ୍କାର କରିଛନ୍ତି ଓ ତାଙ୍କ ସହିତ ସମ୍ମିଳିତ ହୋଇ ପାରିଛନ୍ତି, ସେମାନେ ସମସ୍ତେ ଏହି ଅଧିମାନସ କ'ଣ, ସେକଥାଟିକୁ ଭଲ କରି ଜାଣିଛନ୍ତି । ମାତ୍ର, ଶ୍ରୀଅରବିନ୍ଦ କହିଛନ୍ତି ଯେ ଅଧିମାନସର ସେପାଖରେ ମଧ୍ୟ ଆହୁରି ଏକ ସମ୍ପଦ ରହିଛି; ବର୍ତ୍ତମାନ ସମୟ ଆସିଛି, ଯେତେବେଳେ କି ଏହି ସମ୍ପଦଟି ଏହି ପୃଥିବୀ ଉପରକୁ ଆସିବ ଓ ପୃଥିବୀର ଶାସନ କରିବ; ତାହା ପୃଥିବୀ ଉପରେ ପ୍ରକଟ ହେବ ଏବଂ ପୃଥିବୀକୁ ପରିଚାଳିତ କରିବ । ତେଣୁ, ଅଧିମାନସ ବିଷୟରେ କହିବା ଲାଗି ଆଉ କୌଣସି ଆବଶ୍ୟକତା ନାହିଁ, କାରଣ ତା' ବିଷୟରେ ପୂର୍ବରୁ ଅନେକ ବ୍ୟକ୍ତି ଅନେକ କଥା କହି ସାରିଛନ୍ତି, ସେଇଟି ବିଷୟରେ ଅଭିଜ୍ଞତା ମଧ୍ୟ ଲାଭ କରିଛନ୍ତି । ମାତ୍ର ଅନ୍ୟ ପକ୍ଷରେ, ଏହି ଅନ୍ୟ ସମ୍ପଦଟି, ଯାହାକି ଏକ ନୂତନ ଧାରାରେ ପ୍ରକଟ ହେବାକୁ ଯାଉଛି, ତାହା ହେଉଛି ଏକ ନୂତନ ବସ୍ତୁ ଏବଂ ଏଇଟି ବିଷୟରେ ଆଗରୁ କାହାରି କୌଣସି ଅନୁଭୂତି ମଧ୍ୟ ନାହିଁ । ସେଇଥିପାଇଁ ଆମେ ଅତିମାନସ ବିଷୟରେହିଁ ବର୍ତ୍ତମାନ ଆଲୋଚନା କରୁଛୁ । ଆଉ ସେହି ପୁରୁଣା ବିବରଣଗୁଡ଼ାକ,— ସେଗୁଡ଼ିକୁ ଅନୁଭବ କରିଥିବା, ବର୍ଣ୍ଣନା କରି କହି ଯାଇଥିବା ବ୍ୟକ୍ତିଙ୍କର ଆଦୌ କୌଣସି ଅଭାବ ନାହିଁ ବା ସେହି ବିଷୟରେ ଲେଖା ଯାଇଥିବା ଗ୍ରନ୍ଥର ମଧ୍ୟ କୌଣସି ଅଭାବ ନାହିଁ । ଅନ୍ୟମାନେ ଯାହାସବୁ କହି ସାରିଛନ୍ତି, ସେଗୁଡ଼ାକର ପୁନରାବୃତ୍ତି

'oaob.nitrkl.ac.in' images reprocessed

କରିବା ଲାଗି ଆଦୌ କୌଣସି ପ୍ରୟୋଜନ ନାହିଁ । ଶ୍ରୀଅରବିନ୍ଦ ଏକ ନୂତନ କଥା କହିବାକୁ ଆସିଥିଲେ । ଏବଂ, ଲୋକମାନେ ଯେଉଁସବୁ ଅଭିଜ୍ଞତା ସହିତ ପରିଚିତ ଥିଲେ ବା ଯେଉଁଗୁଡ଼ିକୁ ଅନ୍ୟମାନଙ୍କ ତୁଣ୍ଡରୁ ଶୁଣିଥିଲେ, ସେମାନେ ସେହିଗୁଡ଼ିକ ମଧ୍ୟରୁ ବାହାରି ଚାଲି ଆସିବାକୁ ଅସମର୍ଥ ହୋଇ ରହିଥିବାରୁହିଁ, ଶ୍ରୀଅରବିନ୍ଦ ଏହି ଯେଉଁ ମହାନ୍ ଶକ୍ତିଟିକୁ ଅତିମାନସ ବୋଲି କହିଥିଲେ, ସେଇଟିକୁ, ଅଧିମାନସ ସମେତ ମଧ୍ୟବର୍ତ୍ତୀ ନାନା ଜଗତ ସମ୍ବନ୍ଧରେ ସେମାନଙ୍କର ଯେଉଁ ଅଭିଜ୍ଞତାଟି ରହିଛି, ସେଇଟି ସହିତହିଁ ସନ୍ତୁଳ କରି ଚଳାଇବା ଲାଗି ଚେଷ୍ଟା କରୁଛନ୍ତି । କାରଣ ସେଗୁଡ଼ିକ ବ୍ୟତୀତ ଆଉକିଛି ରହିପାରେ ବୋଲି ସେମାନେ କଳ୍ପନାହିଁ କରି ପାରୁ ନାହାନ୍ତି...... ଶ୍ରୀଅରବିନ୍ଦ ସବୁବେଳେ କହୁଥିଲେ ଯେ, ପୂର୍ବର ଯାବତୀୟ ଯୋଗ ଯେଉଁଠାରୁ ସରିଛନ୍ତି, ତାଙ୍କର ଯୋଗଟି ଠିକ୍ ସେହିଠାରୁ ଆରମ୍ଭ ହୋଇଛି, ଏବଂ ତେଣୁ ତାଙ୍କର ଯୋଗଟିକୁ ଉପଲବ୍ଧି କରିବାକୁ ହେଲେ ସର୍ବପ୍ରଥମେ ପୂର୍ବତନ ଯୋଗଗୁଡ଼ିକ ଯେଉଁପର୍ଯ୍ୟନ୍ତ ଉପଲବ୍ଧି କରିଥିଲେ, ତାହାର ସର୍ବଶେଷ ପ୍ରାନ୍ତଟି ଯାଏ ପହଞ୍ଚି ପାରିବା ଏକାନ୍ତ ଆବଶ୍ୟକ; ଅର୍ଥାତ୍, ପରମେଶ୍ୱରଙ୍କର ବୋଧ, ତାଙ୍କର ସହିତ ସମ୍ମିଳନ ଓ ସେହି ପରମେଶ୍ୱରଙ୍କ ସହିତ ଏକାତ୍ମକତା ଅର୍ଜନ,— ଏସବୁ ଅତ୍ୟନ୍ତ ଆବଶ୍ୟକ । ମାତ୍ର ଶ୍ରୀଅରବିନ୍ଦ କହୁଛନ୍ତି ଯେ ସେହି ପରମେଶ୍ୱର ହେଉଛନ୍ତି ଅଧିମାନସ ସୋପାନର ପରମେଶ୍ୱର; ଏବଂ ମନୁଷ୍ୟ-ଚେତନା ସହିତ ତୁଳନା କରି ଦେଖିବା ବେଳକୁ ସେତକ ମଧ୍ୟ ପ୍ରକୃତରେ ଅକଳ୍ପନୀୟ ହୋଇ ରହିଛି, କାରଣ ସେଇଠାରେ ବି ପହଞ୍ଚି ପାରିବାକୁ ହେଲେ ଆମକୁ ଏକାଧିକ ସୋପାନର ମଧ୍ୟଦେଇ ଗତି କରିବାକୁ ହେବ ଏବଂ ଏହିସବୁ ସୋପାନରେହିଁ ଆଖି ଝଲସିଗଲା ପରି ଲାଗିବ ।

ପ୍ରାଣିକ ସୋପାନରେ ମଧ୍ୟ କେତେକ ସତ୍ତା ରହିଛନ୍ତି, ଏବଂ ସେମାନେ ଯେତେବେଳେ ମନୁଷ୍ୟର ଦୃଷ୍ଟିଗୋଚର ହେଉଛନ୍ତି, ଅର୍ଥାତ୍, ଆହୁରି ଅଧିକ ନିର୍ଭୁଲ ଭାବରେ କହିଲେ, ସେଗୁଡ଼ିକ ଯେତେବେଳେହିଁ ମନୁଷ୍ୟଙ୍କୁ ଆସି ଦେଖା ଦେଉଛନ୍ତି, ସେତେବେଳେ ସେହି ପ୍ରାଣିକ ମୂର୍ତ୍ତିସତ୍ତାଗୁଡ଼ିକୁହିଁ ଲୋକେ ପରମେଶ୍ୱର ବୋଲି ଭ୍ରମ କରିଛନ୍ତି । ତୁମେ ଯଦି ସେହିପରି ଚାହୁଥାଅ, ତେବେ ଆମେ ତାହାକୁ ଏକ ଛଦ୍ମମୂର୍ତ୍ତି ବୋଲି କହିପାରିବା, ମାତ୍ର ତାହାକୁ ପ୍ରକୃତରେ ଏକ ଅତି ସଫଳ ଛଦ୍ମମୂର୍ତ୍ତି ବୋଲିହିଁ କୁହାଯିବ, କାରଣ, ଯେଉଁମାନଙ୍କୁ ତାହା ଦୃଷ୍ଟିଗୋଚର ହୋଇଥିଲା, ସେମାନେ ସମ୍ପୂର୍ଣ୍ଣ ଭାବରେ ଦୃଢ଼ପ୍ରତ୍ୟୟ ହୋଇ ଯାଇଥିଲେ ଯେ ସେମାନେ ପ୍ରକୃତରେ ସର୍ବୋଚ୍ଚ ଈଶ୍ୱରଙ୍କରହିଁ ଦର୍ଶନଲାଭ କରିଛନ୍ତି । ମାତ୍ର ସତ କଥା ହେଉଛି ଯେ ସେମାନେ କେବଳ ଏହି ପ୍ରାଣରହିଁ ଗୋଟିଏ ଗୋଟିଏ ସତ୍ତା । ଏବଂ, ଅଧିମାନସ ସ୍ତରର ଏହିସବୁ ସତ୍ତା, ଏହି ଅଧିମାନସିକ ଦେବତାମାନେ ଆମର

'oaob.nitrkl.ac.in' images reprocessed

ମାନବସତ୍ତ୍ୱ ଏବଂ ମାନବଶକ୍ତିର ତୁଳନାରେ ପ୍ରକୃତରେ ଗୋଟିଏ ଗୋଟିଏ ଅତି କ୍ଷମତାଶାଳୀ ସତ୍ତ୍ୱ । ଯେତେବେଳେ ମନୁଷ୍ୟମାନେ ସେମାନଙ୍କ ସହିତ କୌଣସି ସମ୍ବନ୍ଧ ସ୍ଥାପନ କରନ୍ତି, ସେତେବେଳେ ସେମାନେ ପ୍ରକୃତରେ ବଶୀ ହୋଇ ଗଲାପରି ହୋଇଯାନ୍ତି ।

ଅବଶ୍ୟ, ଏପରି ଗୋଟିଏ ପ୍ରକାରର ପରମ କରୁଣା ରହିଛି, ଯାହାଫଳରେ କି ଆମ ପକ୍ଷରେ ଅନ୍ୟମାନଙ୍କର ଅଭିଜ୍ଞତାରୁ ମଧ୍ୟ ଉପକୃତ ହେବା ସମ୍ଭବ ହୋଇ-ଥାଏ । ବିଜ୍ଞାନ ପଢ଼ାହେଲାବେଳେ ଯେଉଁ ପଦ୍ଧତିର ଅନୁସରଣ କରାଯାଏ, ଏହି ପଦ୍ଧତିଟି ପ୍ରାୟ ସେହିପରି । ଆପଣାର ଏକ ନୂତନ ଆବିଷ୍କାରରେ ଆସି ପହଞ୍ଚିବାକୁ ଯଦି ପ୍ରତ୍ୟେକ ବୈଜ୍ଞାନିକକୁ ଅତୀତର ସବୁଗୁଡ଼ିକ ପ୍ରୟୋଗକୁ ମୂଳରୁ ପୁନର୍ବାର କରିବାକୁ ପଡ଼ୁଥାନ୍ତା, ଅନ୍ୟମାନେ ଯାହା ବାହାର କରି ସାରିଛନ୍ତି, ଯଦି ସେହିଗୁଡ଼ିକୁ ଆଉଥରେ ଦୋହରାଇବାକୁ ହେଉଥାନ୍ତା, ତେବେ ସେଇଥିରେହିଁ ତାହାର ସାରା ଜୀବନ କଟିଯାଆନ୍ତା ଏବଂ ଆପଣାର ନୂତନ ଆବିଷ୍କାରଟିକୁ କରିପାରିବା ଲାଗି ତାକୁ ଆଉ ମୋଟେ ସମୟ ମିଳନ୍ତା ନାହିଁ । ମାତ୍ର ତାହାକୁ ଆଦୌ ସେପରି ପୁନରାବୃତ୍ତି କରିବାକୁ ପଡ଼େ ନାହିଁ; ଜଣେ ବହିଟିଏ ଖୋଲିବା ମାତ୍ରକେ ପୂର୍ବର ଯାବତୀୟ ଫଳକୁ ଦେଖିବାକୁ ପାଏ; ଏବଂ ସେହିଠାରୁ ଆରମ୍ଭ କରି ସିଏ ଆହୁରି ଆଗକୁ ଚାଲିଯାଏ । ଏହି କ୍ଷେତ୍ରରେ ମଧ୍ୟ ଶ୍ରୀଅରବିନ୍ଦ ଠିକ୍ ସେହି କଥା କରିବା ଲାଗି ଚାହିଁଥିଲେ । ତାଙ୍କ ପୂର୍ବରୁ ଅନ୍ୟମାନେ ଯାହାକିଛି ସନ୍ଧାନ କରି ପାରିଛନ୍ତି, ସେହିସବୁ ପରିଣାମ ତୁମକୁ କେଉଁଠାରୁ ମିଳିବ, ସେ ତୁମକୁ ସେହି କଥାଟିକୁ କହି ଦେଉଛନ୍ତି; ସେମାନେ ଯେଉଁସବୁ ଅନୁଭୂତିର ସମ୍ମୁଖୀନ ହୋଇଛନ୍ତି ଓ ଯେପରି ଫଳଲାଭ କରିଛନ୍ତି, ଶ୍ରୀଅରବିନ୍ଦ ତୁମକୁ ସେଗୁଡ଼ିକ କେଉଁଠି ମିଳିବ ତାହା କହି ଦେଉଛନ୍ତି,—ଏବଂ ଏହିପରି ଭାବରେ ତୁମେ କେଉଁ ଅବସ୍ଥାରେ ଅଛ, ସେକଥା ମଧ୍ୟ କହି ଦେଉଛନ୍ତି; ପୃଥିବୀର ଆଧ୍ୟାତ୍ମିକ ଇତିହାସରେ ଐତିହାସିକ ପରିପ୍ରେକ୍ଷୀରେ ତୁମେ କେଉଁଠି ରହିଛ, ସେହି କଥାଟି କହି ଦେଉଛନ୍ତି । ଏବଂ ତା'ପରେ ସେ ତୁମକୁ ସେଠାରୁ ବି ଆଗକୁ ନେଇ ଯାଉଛନ୍ତି ଓ ତୁମର ମୂଳଦୁଆଟି ଦୃଢ଼ ହୋଇ ପଡ଼ିସାରିଲେ ସିଏ ତୁମକୁ ପର୍ବତରେ ଆହୁରି ଉଚ୍ଚକୁ ଆରୋହଣ କରାଇ ନେଉଛନ୍ତି ।

**ତେବେ, ଆମ ଆଶ୍ରମରେ କେବଳ ଏହିପରି ବ୍ୟକ୍ତି ରହିଛନ୍ତି, ଯେଉଁମାନେ କି ଅଧିମାନସ ସ୍ତରରେ ଉପନୀତ ହୋଇଛନ୍ତି ? ତା' ନହୋଇ ଯଦି…**

ଯେଉଁମାନେ ପ୍ରଥମେ ଆଶ୍ରମରେ ଥିଲେ, ମୁଁ ସେମାନଙ୍କ ବିଷୟରେ କୌଣସି କଥା କହିବାକୁ ଚାହୁଁ ନାହିଁ; ସେମାନେ କ'ଣ ଜାଣିଥିଲେ ବା ଜାଣି ନଥିଲେ ଏବଂ କିଭଳି ଅନୁଭୂତିମାନ ଲାଭ କରିଥିଲେ, ସେବିଷୟରେ ମୁଁ କିଛି କହିବାକୁ ଇଚ୍ଛା କରୁ ନାହିଁ । ମାତ୍ର ତୁମେ ସମସ୍ତେ, ପିଲାଏ, ଏଠାକୁ ଆସିବା ସମୟରେ ତୁମମାନଙ୍କୁ କେତେ ବର୍ଷ ହୋଇଥିଲା ? ଅଧିମାନସର ଉପଲବ୍ଧି କରିଥିବା ଭଳି ବୟସ ନିଶ୍ଚୟ ହୋଇ ନଥିଲା ? !

ଉଦାହରଣସ୍ୱରୂପ, ଯଦି ବିବେକାନନ୍ଦଙ୍କ ପରି ବ୍ୟକ୍ତି ଆପଣଙ୍କ ସହିତ ରହିଥାନ୍ତେ, ତେବେ ଏସବୁ କଥା ଅନେକ ଅଧିକ ସହଜ ହୋଇଥାନ୍ତା, ନୁହେଁ କି ? ଆମ ଭଳିଆ ଅମାର୍ଜିତଗୁଡ଼ାଙ୍କ ପଛରେ ଲାଗିବା ପରିବର୍ତ୍ତେ···(ସମସ୍ତେ ହସି ଉଠିଲେ)

ସେମାନେ ହୁଏତ ଅଧିକ ଦୁର୍ଦ୍ଦମ ଓ ଦୁର୍ଜ୍ଜେୟ ହୋଇଥାନ୍ତେ !···କାରଣ ଯାହାର ପୂର୍ବରୁ ଏକ ଉପଲବ୍ଧି ହୋଇ ସାରିଛି, ସେହିପରି ଜଣେ ବ୍ୟକ୍ତିର ହୃଦ୍‌ବୋଧ କରାଇ ପାରିବା ହେଉଛି ସବୁଠାରୁ ଅଧିକ କଷ୍ଟକର ବ୍ୟାପାର । କାରଣ ସିଏ ହୁଏତ ବିଶ୍ୱାସ କରୁଥାଏ ଯେ ତାହାର ଆଉ କୌଣସି ଅଗ୍ରଗତି କରିବାକୁ ବାକି ନାହିଁ ।

ଏବଂ ସେକଥାଟା ବି ସବୁବେଳେ ଆଦୌ ସତ ନୁହେଁ । ଯାହାର କିଛି ଅଭିଜ୍ଞତା ରହିଛି, ସେଇ ଯେ ସବୁଠାରୁ ଅଧିକ ଅଗ୍ରଗତି କରିଛି, ସେକଥା ଆଦୌ ନୁହେଁ । ତା' ପାଖରେ ସରଳତା, ନମ୍ରତା ଓ ନମନୀୟତା ପ୍ରଭୃତି ଉପାଦାନର ଅଭାବ ରହିଛି । ଏପର୍ଯ୍ୟନ୍ତ ତଥାପି ସମ୍ପୂର୍ଣ୍ଣ ବିକାଶ ସମ୍ଭବ ହୋଇ ନାହିଁ ବୋଲି ଉପଲବ୍ଧି କରିବା ଦ୍ୱାରା ଯେଉଁ ନମନୀୟତା ଆସିଥାଏ, ସେଇଟିର ଅଭାବ ରହିଛି । ଅଭିବୃଦ୍ଧି ଲାଭ କରୁଥିବା ସଙ୍ଗେ ସଙ୍ଗେ ମୁଣ୍ଡ ଭିତରେ କୌଣସି ଏକ ସାମଗ୍ରୀ ଦାନା ବାନ୍ଧିହୋଇ ଯାଉଥାଏ, ତାହା ଅଧିକରୁ ଅଧିକ କଠିନ ହୋଇ ରହି ଯାଉଥାଏ ଏବଂ ସେତିକିବେଳେ ଖୁବ୍‌ବେଶୀ ଚେଷ୍ଟା ନକରି ପାରିଲେ ପରିଣାମତଃ ପୁରୁଣା ହୋଇଯିବା ବା ଅଶ୍ମୀଭୂତ ହୋଇଯିବାହିଁ ସାର ହୁଏ । ଲୋକମାନଙ୍କର ଜୀବନରେ ସାଧାରଣତଃ ଏହିପରି ଘଟିଥାଏ; ବିଶେଷ କରି ଯେଉଁମାନେ କୌଣସି ନା କୌଣସି ଉପଲବ୍ଧି ଲାଗି ଉଦ୍ୟମ କରିଛନ୍ତି ଓ ସେଥିରେ ସଫଳତା ଲାଭ କରିଛନ୍ତି ବା ଯେଉଁମାନେ ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚି ଗଲେଣି ବୋଲି ବିଶ୍ୱାସ କରୁଛନ୍ତି, ସେମାନଙ୍କ ଜୀବନରେ ଠିକ୍ ଏହିପରି ଘଟିଥାଏ । ସିଏ ଯାହା ହେଉ ପଛକେ, ସେହି ଲକ୍ଷ୍ୟଟି ସେମାନଙ୍କର ଏକ ବ୍ୟକ୍ତିଗତ ଲକ୍ଷ୍ୟ ଥିଲା ବୋଲିହିଁ କହିବାକୁ ହେବ ।

'oaob.nitrkl.ac.in' images reprocessed

ସେମାନେ ସେହି ବ୍ୟକ୍ତିଗତ ଲକ୍ଷ୍ୟଟିରେ ଯାଇ ପହଞ୍ଚିଛନ୍ତି, ସେଇଟିକୁ ହାସଲ କରିଛନ୍ତି । ସେଇଟି ହୋଇଯାଇଛି ଓ ସେମାନେ ସେହିଠାରେହିଁ ରହିଛନ୍ତି । ସେମାନେ ସେଠାରେ ସ୍ଥାୟୀ ଭାବରେ ରହି ଯାଇଛନ୍ତି, 'ମୁଁ ଯାହା ଖୋଜୁଥିଲି, ସେଇଟିକୁ ପାଇଲି' ବୋଲି କହୁଛନ୍ତି । ଏବଂ ତା'ପରେ ସେମାନେ ଆଉ କିଛିହେଲେ କରୁ ନାହାନ୍ତି । ଏହିପରି ଭାବରେ, ସେମାନେ ତା'ପରେ ହୁଏତ ଦଶ ବର୍ଷ ବଞ୍ଚୁଛନ୍ତି, କୋଡ଼ିଏ ବର୍ଷ ବଞ୍ଚୁଛନ୍ତି ବା ତିରିଶ ବର୍ଷ ବଞ୍ଚୁଛନ୍ତି, ମାତ୍ର ଯେଉଁଠି ଥିଲେ, ସେହିଠାରେହିଁ ରହିଛନ୍ତି । ସେମାନେ ସେହିଠାରେ ଅଛନ୍ତି, ସେହିଠାରେହିଁ ରହିବେ । ଆହୁରି ଅଧିକ ଯିବା ଲାଗି ଓ ଅଗ୍ରଗତି କରି ପାରିବା ଲାଗି ଉପାଦାନଗତ ଯେଉଁସବୁ ନମନୀୟତାର ଆବଶ୍ୟକତା ରହିଛି, ଏଭଳି ଲୋକମାନଙ୍କଠାରେ ତାହାର ଅଭାବ ରହିଛି । ସେମାନେ ଲାଖି ରହି ଯାଇଛନ୍ତି । ଆମେ ସେମାନଙ୍କୁ ଭାରି ଯତ୍ନର ଭାବରେ ହୁଏତ କୌଣସି ମିଉଜିଅମ୍‌ରେ ନେଇ ରଖିପାରିବା, ମାତ୍ର ସେମାନଙ୍କୁ ଆଉ ଅଧିକ କୌଣସି କାର୍ଯ୍ୟରେ ଲଗାଇ ପାରିବା ନାହିଁ । କ'ଣ କେତେଦୂର କରିବା ସମ୍ଭବ, ତାହା ଦର୍ଶାଇବା ଲାଗି ସେମାନଙ୍କୁ ହୁଏତ ଗୋଟିଏ ଗୋଟିଏ ନମୁନାରୂପେ ବେଶ୍ ବ୍ୟବହାର କରିହେବ, ମାତ୍ର ସେମାନଙ୍କୁ ଆହୁରି ଅଧିକ କିଛି କରିବାରେ ଉପାଦାନରୂପେ ଆଦୌ ବ୍ୟବହାର କରିଯାଇ ପାରିବ ନାହିଁ । ବ୍ୟକ୍ତିଗତ ଭାବରେ ମୋ ନିଜ କଥା କହିବାକୁ ଗଲେ, ମୁଁ ଅବଶ୍ୟ ସ୍ୱୀକାର କରିବି ଯେ, ମୋ କାମ ଲାଗି ମୁଁ ଏପରି ଲୋକଙ୍କୁ ଅଧିକ ଉପଯୁକ୍ତ ବୋଲି ଗ୍ରହଣ କରିବି, ଯିଏକି ଅତ୍ୟନ୍ତ କମ୍ ଜାଣିଛି, ଯିଏ ଅତିଗୁଡ଼ାଏ ଶ୍ରମ କରି ନାହିଁ ସତ, ମାତ୍ର ଯାହାର ଅନେକ ପରିମାଣରେ ଅଭୀପ୍ସା ରହିଛି, ଏକ ବୃହତ୍ ସଦିଚ୍ଛା ରହିଛି ଏବଂ ଯିଏକି ଆପଣା ଭିତରେ ଏହି ଅଗ୍ନିଟି ପ୍ରଜ୍ୱଳିତ ରହିଥିବାର, ଅଗ୍ରଗତି କରିଯିବାର ଏହି ପ୍ରୟୋଜନଟିକୁ ଅନୁଭବ କରି ପାରୁଛି । ସିଏ ହୁଏତ ଅତ୍ୟନ୍ତ କମ୍ ଜାଣିଛି, ହୁଏତ ଆହୁରି କମ୍ ଉପଲବ୍ଧି କରିଛି, ମାତ୍ର ଯଦି ତା' ଭିତରେ ସେହି କଥାଟି ଅବଶ୍ୟ ରହିଛି, ତେବେ ସେହି ଯଥାର୍ଥ ଉପାଦାନଟିକୁ ନେଇ ସେ ନିଶ୍ଚୟ ଅନେକ ଦୂର ଯାଏ ଯାଇପାରିବ, ଅନେକ ଅଧିକ ଦୂର ଯାଏ ଯାଇପାରିବ । କାରଣ ବାଟଟି ମାଲୁମ ଥିବା ଦରକାର (ତୁମ ଲାଇବ୍ରେରୀ ବେଲକୁ ଯାହା, ଏଠାରେ ମଧ୍ୟ ସେଇଆ), ଯିବାର ବାଟଟି ଅବଶ୍ୟ ମାଲୁମ ଥିବା ଦରକାର । ପୁନଶ୍ଚ, ଜୀବନରେ ସାଧାରଣତଃ ଏହିଭଳି ଘଟିଥାଏ ଯେ, ଯେତେବେଳେ ତୁମେ କୌଣସି ପର୍ବତ ଉପରେ ଆରୋହଣ କର ଅଥବା କୌଣସି ଅଜ୍ଞାତ ଦେଶକୁ ଯାଅ, ସେତେବେଳେ ତୁମେ ଏପରି ଜଣେ ବ୍ୟକ୍ତିର ସନ୍ଧାନ କରୁଥାଅ, ଯିଏକି ଆଗରୁ ସେହିସବୁ ସ୍ଥାନକୁ ଯାଇଛି, ଯିଏ ପଥପ୍ରଦର୍ଶନ କରିପାରିବ, ଏବଂ ସିଏ ତୁମକୁ ବାଟ ଦେଖାଇ ନେଇ ବୋଲି ତାକୁ କହୁଥାଅ ।

ଏଠାରେ ମଧ୍ୟ ସେହି ଏକା କଥା । ଯଦି ତୁମେ ପଥପ୍ରଦର୍ଶକଙ୍କର ଅନୁସରଣ କର, ତେବେ, ଆଉଜଣକଠାରୁ, ଯିଏକି ଅନେକ ପ୍ରୟାସ କରିଛି, ନିଜର ବାଟଟିକୁ ପାଇଛି ଏବଂ ସାଧାରଣତଃ ନିଜ ବିଷୟରେ ଯାହାର ବେଶ୍ ଏକ ଗର୍ବ ରହିଛି ଓ ସର୍ବୋପରି, ଶେଷ ଯାଏ ଆସି ପାରିଛି ବୋଲି, ଆପଣାର ଈପ୍‌ସିତ ଲକ୍ଷ୍ୟଟି ପାଖରେ ଆସି ସର୍ବଶେଷରେ ପହଞ୍ଚି ପାରିଛି ବୋଲି ଯିଏ ଅନୁଭବ କରୁଛି, ତୁମେ ତା'ଠାରୁ ଅନେକ ଅଧିକ ବେଗରେ ଆଗେଇ ଯାଇ ପାରିବ । କାରଣ ସେହି ଆରଜଣକ ତ ଅଟକି ଯାଇଛି, ଗୋଟାଏ ଜାଗାରେ ସ୍ଥିର ହୋଇ ବସିଯାଇଛି । ସିଏ ଆଉ ଆପଣାକୁ ସଞ୍ଚାଳିତ କରି ପାରୁ ନାହିଁ ।

ଅତ୍ୟନ୍ତ ସ୍ୱାଭାବିକ କଥା ଯେ ଆରମ୍ଭବେଳେ ଏଠାରେ ପିଲମାନେ ନଥିଲେ, ସେତେବେଳେ ପିଲମାନଙ୍କୁ ଗ୍ରହଣ କରି ଯାଉ ନଥିଲା, ପିଲମାନଙ୍କୁ ମନା କରି ଦିଆ ଯାଉଥିଲା । କେବଳ ମହାଯୁଦ୍ଧ ପରେ ଯାଇ ପିଲଙ୍କୁ ଗ୍ରହଣ କରାଗଲା । ମାତ୍ର ସେମାନଙ୍କୁ ଗ୍ରହଣ କରାଗଲା ବୋଲି ମୋ ମନରେ ଆଦୌ କୌଣସି ଦୁଃଖ ନାହିଁ । କାରଣ, ମୁଁ ବିଶ୍ୱାସ କରୁଛି ଯେ ସବୁ ଜାଣିଛନ୍ତି ବୋଲି ମନେମନେ ଭାବୁଥିବା ବୟସ୍କମାନଙ୍କ ଅପେକ୍ଷା କିଛି ଜାଣି ନଥିବା ପିଲମାନଙ୍କ ଭିତରେହିଁ ଭବିଷ୍ୟତ ଲାଗି ପ୍ରକୃତରେ ଅଧିକ ଉପାଦାନ ରହିଛି······ ତୁମମାନଙ୍କ ଭିତରେ ସ୍ଥପତି ବିଷୟରେ କେତେଦୂର ଜ୍ଞାନ ଅଛି କି ନାହିଁ ମୋତେ ଜଣା ନାହିଁ । ମାତ୍ର, କୌଣସି ପ୍ରକାର ମୂର୍ତ୍ତିଟିଏ ଗଢ଼ିବାକୁ ହେଲେ ଆଗ କିଛି ମାଟି ନେବାକୁ ହୁଏ, ସେଥିରେ ପାଣି ମିଶାଇବାକୁ ହୁଏ ଏବଂ କାଦୁଅ ତିଆରି କରିବାକୁ ହୁଏ । ସେହି ଚକଟା ମାଟିକୁ ସବୁବେଳେ ଓଦା ରଖିବାକୁ ପଡ଼େ ଏବଂ ସେଇଥିରୁହିଁ ମୂର୍ତ୍ତିଟିଏ ଅଥବା ତୁମେ ସେଥିରୁ ଯାହାକିଛି ଗଢ଼ିବା ଲାଗି ଇଚ୍ଛା କରୁଛ, ତାହା ଗଢ଼ିନେବାକୁ ହୁଏ । ମୂର୍ତ୍ତିଗଢ଼ା ସରଲେ ତାହାକୁ ଭାଟିରେ ପୋଡ଼ାଇ ନେବାକୁ ହୁଏ ଯେପରିକି ସେଇଟି ଆଉ ଲେସଡ଼ି ପଡ଼େ ନାହିଁ । ତା'ପରେ ସେଥିରେ କିଛି ପରିବର୍ତ୍ତନ କରିବାକୁ ଇଚ୍ଛା କଲେ, ତାକୁ ଭାଙ୍ଗି ଆଉଗୋଟିଏ ମୂର୍ତ୍ତି ଗଢ଼ିବା ବ୍ୟତୀତ ଆଉ କୌଣସି ଉପାୟ ନଥାଏ । କାରଣ, ତା' ନହେଲେ, ମୂର୍ତ୍ତିଟି ସେତେବେଳେ ଯେପରି ଅବସ୍ଥାରେ ଥାଏ, ସେତେବେଳେ ତାକୁ ଆଉ ବଦଳାଇବା ସମ୍ଭବ ହୁଏ ନାହିଁ । ତାହା ପଥର ପରି ଟାଣ ଓ ଶକ୍ତ ହୋଇ ଯାଇଥାଏ······ ଜୀବନର କ୍ଷେତ୍ରରେ ମଧ୍ୟ କେତେକ ପରିମାଣରେ ସେହି କଥାହିଁ ଘଟିଥାଏ । କିଛି ଉପଲବ୍ଧି ହୋଇଯିବା ପରେ ଏକାବେଳେକେ ଗୋଟା ହୋଇଗଲେ, ଦାନା ବାନ୍ଧିଗଲେ ବା ଅଚଳ କିଂବା ଅଶ୍ମୀଭୂତ ହୋଇଗଲେ ମୋଟେ ଚଳେ ନାହିଁ । କାରଣ, ତା' ହେଲେ ତାହାକୁ ପୁରାପୁରି ଭାଙ୍ଗିବାକୁ ପଡ଼େ, ଖଣ୍ଡ ଖଣ୍ଡ କରି ଦେବାକୁ ପଡ଼େ, ନହେଲେ ଆଉ ସେଇଟିକୁ ନେଇ କିଛିହେଲେ କରି ହୁଏ ନାହିଁ ।

'oaob.nitrkl.ac.in' images reprocessed

ଆମେ ଯେପର୍ଯ୍ୟନ୍ତ ଏହିପରି କଞ୍ଚା ମାଟିପରି ନରମ ହୋଇ ରହିଥିବା, ଗଢ଼ିହେବା ଅବସ୍ଥାରେ ରହିଥିବା, ତଥାପି ଟାଣ ହୋଇଯାଇ ନଥିବା, ଆମକୁ ନେଇ କେହି କିଛି ଗଢ଼ୁଛି ବୋଲି ସଚେତନ ବି ନଥିବା, ତେବେ ନିଶ୍ଚୟ କିଛି କରିବା ସମ୍ଭବ ହେବ । ଏବଂ ଯେପର୍ଯ୍ୟନ୍ତ ଆମର ମନ ପିଲାର ମନ ହୋଇ ରହିଥିବ···ତାହାକୁ ପ୍ରକୃତରେ ଏକ ଆନନ୍ଦମୟ ଅବସ୍ଥା ବୋଲି କୁହାଯିବ । କାଲି ମଧ୍ୟ ମୁଁ ଏହି କଥାଟି କହୁଥିଲି ଯେ, ପିଲାମାନଙ୍କ ଭିତରେ କେବଳ ଗୋଟିଏ ଭାବନାହିଁ ରହିଥାଏ, ସେମାନେ କିପରି ବଡ଼ ହେବେ, କେବଳ ସେହି ଭାବନାହିଁ ରହିଥାଏ; ଏବଂ ସେମାନେ ଏକଥା ମଧ୍ୟ ଜାଣି ନଥାନ୍ତି ଯେ ସେମାନେ ଯେତେବେଳେ ବଡ଼ ହୋଇଯିବେ, ସେତେବେଳେ ସେମାନେ ନିଜ ସମ୍ପଦର ଊନଚହଠ ଭାଗ ହରାଇ ବସିଥିବେ । ଯେଉଁ ସମ୍ପଦଟି ଥିବାରୁ ସେମାନେ ଏପରି ଏକ ଅବସ୍ଥାରେ ଅଛନ୍ତି, ଯେଉଁଥିରେ କି ତଥାପି କୌଣସି ବିକାଶ ସମ୍ଭବ ହେଉଛି, ଯାହାକି କିଛି ଗଢ଼ି ହେବା ଲାଗି ଉପଯୁକ୍ତ ହୋଇ ରହିଛି, କ୍ରମୋନ୍ନତ ଭାବରେ ଅଗ୍ରସର ହେଉଛି, ଅଗ୍ରସର ହେବା ଲାଗି ଯାହାକୁ କି ଖଣ୍ଡ ଖଣ୍ଡ କରି ଆଦୌ ଭାଙ୍ଗିଦେବାକୁ ପଡ଼ୁନାହିଁ,—ସେତେବେଳେ ସେମାନେ ତାହାର ଊନଚହଠ ହରାଇ ବସିଥିବେ । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି କୌଣସି ପାହାଡ଼ର ପାଦଦେଶରୁ ଶିଖର ପର୍ଯ୍ୟନ୍ତ ଯିବା ଲାଗି ପାହାଡ଼ଟିକୁ ପୂରା ଘେରି ବୁଲି ଆସିବାକୁ ବାଧ୍ୟ ହୋଇଥାନ୍ତି ଏବଂ ଏହିପରି ଭାବରେ ଉପର ପର୍ଯ୍ୟନ୍ତ ଯିବାକୁ ସେମାନଙ୍କର ସାରା ଜୀବନଟାହିଁ ବ୍ୟୟିତ ହୋଇଯାଏ । ଆଉ ଅନ୍ୟମାନେ ଅଛନ୍ତି, ଯେଉଁମାନଙ୍କୁ ବାଟ ଜଣାଥାଏ, ସବୁଠାରୁ କମ୍ ବାଟଟି ଜଣାଥାଏ, ଯାହାଦ୍ୱାରା କି ଜଣେ ସିଧା ଶିଖର ପର୍ଯ୍ୟନ୍ତ ଉଠିଯାଇ ପାରିବ । ଏବଂ ଶିଖରଦେଶରେ ପହଞ୍ଚିସାରିବା ପରେ ମଧ୍ୟ ସେମାନଙ୍କ ମଧ୍ୟରେ ତାରୁଣ୍ୟଭାବ ଓ ଶକ୍ତି ଭରି ରହିଥାଏ, ସେମାନେ ଦିଗ୍‌ବଳୟଟିକୁ ଦେଖି ପାରୁଥାନ୍ତି, ସେହି ପର୍ବତଟିର ସେପାଖକୁ ରହିଥିବା ପର୍ବତଟିକୁ ବି ଦେଖିପାରୁଥାନ୍ତି । ମାତ୍ର ଅନ୍ୟପକ୍ଷରେ ଅନ୍ୟମାନେ ଘେରି ବୁଲି ବୁଲି ପାହାଡ଼ ଉପରକୁ ଆସି ପହଞ୍ଚିବାରେ ସେମାନଙ୍କର ସାରା ଜୀବନ କଟିଯାଇଛି ବୋଲି ସତେ ଅବା କେଡ଼େବଡ଼ ଗୋଟାଏ କାର୍ଯ୍ୟକୁ ସାଧି କରିଛନ୍ତି ବୋଲି ଭାରି ସଚେତନ ହୋଇ ରହିଥାନ୍ତି । ମାତ୍ର ପିଲାଏ, ଏଠାରେ ତୁମମାନଙ୍କୁ ଠିକ୍ ପର୍ବତର ପାଦଦେଶରେ ନେଇ ପହଞ୍ଚାଇ ଦେବାକୁ ଏବଂ ତୁମେମାନେ ଯେପରି ରଜ୍ଜୁପଥର ରେଲଗାଡ଼ିଟି ଧରି ସବୁଠାରୁ ଅଳପ ବାଟରେ ସିଧା ଶିଖର ପର୍ଯ୍ୟନ୍ତ ଯାଇ ପହଞ୍ଚି ପାରିବ, ସେହି କଥାଟିହିଁ ଚେଷ୍ଟା କରାଯାଉଛି । ଏବଂ ଯେତେବେଳେ ତୁମେମାନେ ସେହି ଶିଖରକୁ ଉଠିଯାଇ ପାରିବ, ସେତେବେଳେ ନିଜ ସମ୍ମୁଖରେ ତୁମେ ଏକ ସମଗ୍ର ଦୃଷ୍ଟିରେ ଏହି ପୃଥିବୀର ବ୍ୟାପ୍ତିଗୁଡ଼ିକୁ ଦେଖିପାରିବ ଓ ତୁମେ ନିଜେ ଯେଉଁ ପାହାଡ଼ଟିକୁ ଚଢ଼ିବ, ସେଇଟିକୁ ବାଛିନେଇ ପାରିବ ।

'oaob.nitrkl.ac.in' images reprocessed

ସର୍ବୋପରି, ତୁମର ପିଲାପଣ ଓ ପିଲାମନ କିପରି ଚଞ୍ଚଳରୁ ଚଞ୍ଚଳ ହୋଇ କଟିଯିବ, ତୁମେମାନେ ସେବିଷୟରେ ମୋଟେ ତତ୍ପର ହେବ ନାହିଁ । ସାରା ଜୀବନଟା ପାଇଁ ପିଲା ହୋଇ ରହିବାକୁ ପଡ଼ିବ; ଯେତେ ଅଧିକ ପରିମାଣରେ ସମ୍ଭବ ଓ ଯେତେ ଅଧିକ କାଳ ସମ୍ଭବ, ପିଲା ହୋଇ ରହିବାକୁ ପଡ଼ିବ । ତୁମେମାନେ ଖୁସି ହୋଇ ରହିବ, କେତେବେଳେ ମନକୁ ମାରିଦେବ ନାହିଁ, ପିଲାଟିଏ ହୋଇ ରହିଛ ବୋଲି ସନ୍ତୁଷ୍ଟ ହୋଇ ରହିଥିବ,—ଠିକ୍ ପିଲାଟିଏ ହୋଇ ରହିଥିବ, ଗଢ଼ିହୋଇ ପାରିବା ଲାଗି ନମନୀୟ ହୋଇ ରହିଥିବ । ତେବେ ଯାଇ ହେବ ।

ଯିଏ ଆଗରୁ କିଛିବାଟ ଆଗକୁ ଯାଇ ସାରିଛି, ଆପଣ କ'ଣ ତାକୁ ମୋଟେ ବଦଳାଇ ପାରିବେ ନାହିଁ ? ଯେଉଁମାନେ ବଡ଼ ହୋଇ ଗଲେଣି, ସେମାନଙ୍କୁ କ'ଣ ଆଦୌ ବଦଳାଇ ହେବ ନାହିଁ ?

ହଁ, ହୋଇ ପାରିବ, ନିଶ୍ଚୟ ହୋଇ ପାରିବ । ବର୍ତ୍ତମାନ ତାହାହିଁ ହେଉଛି । ଏକଥାଟି ନିଶ୍ଚୟ ହୋଇ ପାରିବ, ମାତ୍ର ତାହା କରିବା ଅଧିକ କଷ୍ଟକର; ଏବଂ ଅବଶ୍ୟ କିଛି ସିଦ୍ଧି ଲାଭ କରିଛନ୍ତି ବୋଲି ସେମାନଙ୍କ ମନରେ ଯେତିକି ଦୃଢ଼ ପ୍ରତ୍ୟୟ ରହିଥିବ, ସେମାନଙ୍କୁ ବଦଳାଇବା ପ୍ରକୃତରେ ସେତିକି ଅଧିକ କଷ୍ଟକର ହେବ ।

ତାହା ନିଶ୍ଚୟ କରାଯାଇ ପାରିବ, ଏହା ପ୍ରକୃତରେ କରାଯାଇଛି । ମାତ୍ର ଏହା କରିବା ଅନେକ ଅଧିକ କଷ୍ଟକର । ଏବଂ ଅନେକ ସମୟରେ ଅଧିକ ସମୟସାପେକ୍ଷ ।

ଯୁଦ୍ଧ ପୂର୍ବରୁ ଏଠାରେ ପିଲାମାନଙ୍କୁ କାହିଁକି ନିଆ ଯାଉ ନଥିଲା ?

ହଁ, ନିଆଯାଉ ନଥିଲା । ତାହାର କାରଣ ଅତି ସହଜ । କାରଣ, ଯେଉଁଠି ପିଲାମାନେ ଥିବେ, ସେଠାରେ ଅଧିକାଂଶ ସମୟ କେବଳ ସେହିମାନଙ୍କୁ ନେଇହିଁ ବ୍ୟସ୍ତ ରହିବାକୁ ପଡ଼ିବ ! ପିଲାମାନେ ଏପରି ପ୍ରାଣୀ, ଯୋଉମାନେ କି ପ୍ରକୃତରେ ଅନେକ ସମୟ ନେଇ ଯାଆନ୍ତି । ସେମାନଙ୍କ ଲାଗି ସବୁକିଛି ସୁସଂଗଠିତ ରଖିବାକୁ ପଡ଼େ, ସେମାନଙ୍କର ସୁବିଧା ଲାଗି ସବୁକିଛି ସଜାଡ଼ି ରଖିବାକୁ ପଡ଼େ, ଏବଂ ଜୀବନର ସମସ୍ତ ଆଭିମୁଖ୍ୟଟିହିଁ ବଦଳିଯାଏ । ପିଲାମାନେ ଯେଉଁଠି ଥାଆନ୍ତି, ସେଠାରେ ସେହିମାନେହିଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ଧ୍ୟାନଯୋଗ୍ୟ ବ୍ୟକ୍ତି ହୋଇ

'oaob.nitrkl.ac.in' images reprocessed

ରହିଥାନ୍ତି । ଯେତେବେଳେ ପିଲାଏ ଆଆନ୍ତି, ସେତେବେଳେ ସେହିମାନଙ୍କୁ କେନ୍ଦ୍ର କରି ସେହିମାନଙ୍କ ଚାରି ପାଖରେହିଁ ସବୁକିଛି ଚଳାଇବାକୁ ହୁଏ । ଏବଂ ପିଲାଏ ଆସିବା ପରେ ଆଶ୍ରମର ସମଗ୍ର ସଂଗଠନଟିହିଁ ସମ୍ପୂର୍ଣ୍ଣ ଭାବରେ ବଦଳିଯାଇଛି । ଆଗେ ଏସବୁ ଅନ୍ୟ ପ୍ରକାରର ଥିଲା । ପ୍ରଥମତଃ ଏଠାରେ ଏପରି ଏକ ଆତ୍ମସ୍ୱାଧୀନତା ଓ ସଂଯମର ପରିବେଶ ରହିଥିଲା, ଯାହାକୁ କି ପିଲାମାନଙ୍କ ଉପରେ କଦାପି ଲଦି ଦିଆଯାଇ ପାରିବ ନାହିଁ । ଜୀବନରେ ଏପରି ଅନେକ ସରଳତା ଓ ସଂଯମମାନ ରହିଛି, ଯାହାକୁ କି କେବଳ ବୟସ୍କ ଲୋକମାନଙ୍କ ଉପରେ ଲାଗୁ କରାଯାଇ ପାରିବ; କାରଣ ସେମାନଙ୍କୁ ତ କୁହାଯାଇ ପାରିବ : "ଏହି କଥାଟିକୁ କର ନଚେତ୍ ଏହି ସ୍ଥାନଟି ଛାଡ଼ି ଚାଲିଯାଅ : ଯଦି ଏହି କଥାଟିକୁ ଗ୍ରହଣ କରି ନପାରୁଛ, ଯଦି ସେଥିଲାଗି ତୁମର ମନ ହେଉ ନାହିଁ, ତେବେ ତୁମେ ଅନ୍ୟତ୍ର ଚାଲି ଯାଇପାର । ଏଠାରେ ତୁମକୁ କେହି ରହିବାକୁ କହୁ ନାହିଁ ।" ମାତ୍ର ଜଣେ ପିଲାକୁ··· ପିଲାର ଅଭିବୃଦ୍ଧି ସହିତ ଯେଉଁସବୁ କଥାର କୌଣସି ସ୍ୱାଭାବିକ ସମ୍ବନ୍ଧ ନାହିଁ, କୌଣସି ପିଲାଠାରୁ ତାହା ଦାବି କରିବା ଲାଗି ତୁମର ପ୍ରକୃତରେ କି ଅଧିକାର ରହିଛି ? ଆଗ ପିଲାମାନଙ୍କ ଭିତରେ ଏକ ନିର୍ଦ୍ଦିଷ୍ଟ ପରିପକ୍ୱତା ଅବଶ୍ୟ ଆସିବ ଏବଂ ତା'ପରେ ଯାଇ ସେମାନେ ଏଇଟାକୁ ବା ସେଇଟାକୁ ବାଛିନେଇ ପାରିବେ । ଏବଂ ସେମାନଙ୍କ ଭିତରେ ବାଛିନେଇ ପାରିବାର ସାମର୍ଥ୍ୟଟି ଆସିବା ପୂର୍ବରୁ ତୁମେ ସେମାନଙ୍କୁ କୌଣସି କାର୍ଯ୍ୟ କରିବା ଲାଗି କଦାପି ବାଧ୍ୟ କରି ପାରିବ ନାହିଁ । ସେମାନଙ୍କର ଯାହାକିଛି ଆବଶ୍ୟକ, ତୁମେ ଅତି ସ୍ୱାଭାବିକ ଭାବରେ ସେମାନଙ୍କୁ ତାହା ଦେଇ ପାରୁଥିବ । ଏବଂ ତାହାହିଁ ଜୀବନକୁ ସମ୍ପୂର୍ଣ୍ଣ ଭାବରେ ବଦଳାଇ ଦେବ । ଏବଂ ଏହି କଥାଟିକୁ ମୁଁ ଖୁବ୍ ଭଲ ଭାବରେ ଜାଣିଛି । ଯେଉଁମାନେ ଏକାନ୍ତରେ ବାସ କରନ୍ତି ବା ଯେଉଁମାନେ ଗୋଟିଏ ଗୋଷ୍ଠୀ ଗଢ଼ି ଏକାନ୍ତ ଜୀବନ ଯାପନ କରନ୍ତି, ସେମାନଙ୍କ ଜୀବନ ବିଷୟରେ ଆଗରୁ ମୋର ଅଭିଜ୍ଞତା ହୋଇଛି; ଏବଂ ଯେଉଁଠି ପିଲାମାନଙ୍କୁ ବି ରହିବାର ଅନୁମତି ଦିଆଯାଏ, ମୋର ସେପରି ଜୀବନର ବି ଅଭିଜ୍ଞତା ରହିଛି । ଦୁଇଟି ପ୍ରକାରର ଜୀବନ ପରସ୍ପରଠାରୁ ଅତ୍ୟନ୍ତ, ଏକାନ୍ତ ପୃଥକ୍ । ଯେତେବେଳେ କୌଣସି ମନୁଷ୍ୟର ବାଛିବା ଲାଗି କୌଣସି ସ୍ୱାଧୀନତା ନାହିଁ, ସେତେବେଳେ ତା' ପାଖରୁ କିଛି ବିଷୟର ଦାବି କରିବା ଲାଗି ତୁମର ଆଦୌ କୌଣସି ଅଧିକାର ନାହିଁ । ଏବଂ, ଯେପର୍ଯ୍ୟନ୍ତ କୌଣସି ମନୁଷ୍ୟ ନିର୍ଦ୍ଦିଷ୍ଟ ଭାବରେ କିଛି ହୋଇ ଗଢ଼ି ହୋଇ ନାହିଁ, ଏକ ନିର୍ଦ୍ଦିଷ୍ଟ ପରିପକ୍ୱତା ହାସଲ କରି ପାରି ନାହିଁ, ସେପର୍ଯ୍ୟନ୍ତ ତୁମେ କଦାପି ଏଇଟା ବା ସେଇଟା ବାଛି ନେବା ଲାଗି ବାଧ୍ୟ କରି ପାରିବ ନାହିଁ । ଯେତେବେଳେ ତା' ଭିତରେ ସେହି ପରିପକ୍ୱତା ଆସିଯିବ, ସେତେବେଳେ ଯାଇ ସିଏ ବାଛି ପାରିବ । ଏବଂ ଏଠାରେ ଯେଉଁ ପିଲାମାନେ ଅଛନ୍ତି, ସେମାନେ ନିଜ ଇଚ୍ଛାରେ ଏଠାକୁ ଆସି

'oaob.nitrkl.ac.in' images reprocessed

ନାହାନ୍ତି । ତୁମମାନଙ୍କ ଭିତରୁ ଅନେକେ ଯେତେବେଳେ ଏଠାକୁ ଆସିଲ, ସେତେବେଳେ ତୁମେମାନେ ମୁଠିଏ ଉଚ୍ଚ ବି ନଥିଲ,...ସେତେବେଳେ ତୁମର ବୟସ ବା କେତେ ଥିଲା କହିଲ ? ଆମେ ସେମାନଙ୍କୁ କଦାପି କହି ପାରିବା ନାହିଁ : "ତୁମେ ଆପଣା ମନକୁ ଏଠାକୁ ଆସିଛ, ତେଣୁ ଏହି କଥାଟିକୁ ଗ୍ରହଣ କର ନହେଲେ ଏଠା ଛାଡ଼ି ଚାଲିଯାଅ; ଏହି କାମଟିକୁ କର ନଚେତ୍ ଆଉ କେଉଁଠାକୁ ଯାଅ ।" ସେମାନଙ୍କୁ ଏଠାକୁ ଅଣାଯାଇଛି; ତେଣୁ ସେମାନଙ୍କର ଯାହାକିଛି ଲୋଡ଼ା, ତାହା ଯୋଗାଇଦେବା ହେଉଛି ଆମର କର୍ତ୍ତବ୍ୟ । ଏବଂ ବଡ଼ମାନଙ୍କର ଯାହା ଆବଶ୍ୟକ, ପିଲାମାନଙ୍କର ଯେ ତାହାହିଁ ଆବଶ୍ୟକ, ଏପରି ମୋଟେ ନୁହେଁ । ତେଣୁ ଏହି ସମସ୍ୟାଟି ପ୍ରକୃତରେ ବଡ଼ ଜଟିଳ ।

ବର୍ତ୍ତମାନ ସବୁ କଥା ଅନ୍ୟପ୍ରକାର ହୋଇଗଲାଣି, କାରଣ ବର୍ତ୍ତମାନ ଏଠାରେ ଲୋକମାନଙ୍କୁ ଆଉ ଏକଥା ମୋଟେ କୁହାଯାଉ ନାହିଁ : "ଯୋଗ କରିବା ଲାଗିହିଁ ତୁମକୁ ଏଠାକୁ ଆସିବାକୁ ହେବ ।" ବରଂ କୁହାଯାଉଛି "ଯେଉଁସବୁ ପରିବେଶରେ ପାର୍ଥିବ ଜୀବନକୁ ଉନ୍ନତତର କରାଯାଇ ପାରିବ, ତୁମକୁ ଏଠାରେ ତାହାହିଁ ଶିକ୍ଷା କରିବା ଲାଗି ଚେଷ୍ଟା କରିବାକୁ ହେବ ।" ତେଣୁ ଲୋକେ ଏଠାକୁ ଆସୁଛନ୍ତି, ଅଧ୍ୟୟନ କରୁଛନ୍ତି । ଜଣେ ଯାହା ଶିକ୍ଷା କରିବାକୁ ଚାହୁଁଛି, ଯେତେବେଳେ ସେ ସେଇଟି ଶିଖିଗଲା ବା ଜାଣିଲା ବୋଲି ଭାବୁଛି, ସେତେବେଳେ ସେ ଏଠା ଛାଡ଼ି ଚାଲିଯାଉଛି । ଏହା ଆଦୌ ଏକା କଥା ନୁହେଁ । ଏବଂ ଯେତେବେଳେ କୌଣସି ବ୍ୟକ୍ତି ଭଗବତ୍‌ସତ୍ୟର ଉପଲବ୍ଧି ଅଥବା ସେହିପରି କୌଣସି ନିର୍ଦ୍ଦିଷ୍ଟ ଓ ଐକାନ୍ତିକ ଲକ୍ଷ୍ୟ ନେଇ ଏଠାକୁ ଆସୁଛି ଏବଂ ସେଇଟିକୁ ଛାଡ଼ିଦେଲେ ସଂସାରରେ ଆଉ କୌଣସି ବସ୍ତୁରହିଁ ତା' ପାଇଁ ଆଉ କୌଣସି ମୂଲ୍ୟ ରହି ନାହିଁ,—ସେହି ପରିବେଶଟି ସହିତ ଆମେ ଏଇଟିକୁ କଦାପି ସମାନ ବୋଲି କହିବା ନାହିଁ । ନିଜ ପାଇଁ କିଛି ବାଛି ନେବାକୁ ହେଲେ, ଯେଉଁସବୁ ଉପାଦାନ ମଧ୍ୟରୁ ଆମକୁ ବାଛିନେବାକୁ ପଡ଼ିବ, ସେ ବିଷୟରେ ଆମର ଅନ୍ତତଃ କିଞ୍ଚିତ୍ ପରିମାଣରେ ହେଲେ ମଧ୍ୟ ଜ୍ଞାନ ରହିଥିବା ଦରକାର । ଭିତରେ ଗୋଟିଏ ନିର୍ଦ୍ଦିଷ୍ଟ ଆକାର ଗଢ଼ିହୋଇ ଆସିଥିବା ଦରକାର, ଏକ ନିର୍ଦ୍ଦିଷ୍ଟ ଦୃଷ୍ଟି ରହିଥିବା ଦରକାର । ଏବଂ ଏକଥା ସତ ଯେ ପାଞ୍ଚବର୍ଷ ବୟସରେ ତୁମର ସେକଥାଟି କଦାପି ହୋଇ ନଥାଏ । ହଁ—କେତେଜଣଙ୍କର ହୋଇଥାଏ; ତୁମମାନଙ୍କ ଭିତରୁ କେତେଜଣ (ଆମେ ଯେତେ ବୋଲି ସାଧାରଣତଃ ବିଶ୍ୱାସ କରିବା, ତା'ଠାରୁ ନିଶ୍ଚୟ ବେଶୀ) ଏଠାକୁ କାହିଁକି ଆସିଥିଲେ, ସେହି କଥାଟିକୁ ସେମାନେ ଖୁବ୍ ଭଲ କରି ଜାଣିଥିଲେ । ଅବଶ୍ୟ ଏକଥା ସତ ଯେ ସେମାନେ ଭାଷାଦେଇ ସେକଥାଟିକୁ କହି ପାରୁ ନଥିଲେ । ସେମାନେ ତାହାକୁ ଅତ୍ୟନ୍ତ ପ୍ରଗାଢ଼ ଭାବରେ ଅନୁଭବ

'oaob.nitrkl.ac.in' images reprocessed

କରୁଥିଲେ । ଏବଂ ଯେତେବେଳେ ସେମାନଙ୍କର ପିତାମାତା ସେମାନଙ୍କୁ ଏଠାରୁ ନେଇଯିବାକୁ ବସିଲେ, ସେତେବେଳେ ସେମାନେ ଦୃଢ଼ଭାବରେ ମନା କରିଦେଲେ; କହିଲେ : "ନା—କଦାପି ନୁହେଁ; ମୁଁ ଏହିଠାରେହିଁ ରହିବାକୁ ଚାହୁଁଛି ।" ଏପରିକି ପାଞ୍ଚବର୍ଷ ବୟସରେ ମଧ୍ୟ, ଯେତେବେଳେ ସେମାନେ ମୁଣ୍ଡ ଭିତରେ ତାହାର କୌଣସି କାରଣ ଜାଣି ନଥିଲେ, କାରଣ ମସ୍ତିଷ୍କଟି ସେତେବେଳେ କୌଣସି ନିର୍ଦ୍ଦିଷ୍ଟ ଆକାରହିଁ ନେଇ ନଥିଲା, ସେତେବେଳେ ମଧ୍ୟ ସେମାନେ ସେପରି କହି ପାରିଥିଲେ । ମାତ୍ର ସେମାନଙ୍କର ଚୈତ୍ୟ ଚେତନାଟି ଉପସ୍ଥିତ ଥିଲା ଏବଂ ସେମାନେ ସବୁକିଛି ଅନୁଭବ କରି ପାରୁଥିଲେ । ଏବଂ, ଯେଉଁସବୁ ଲୋକଙ୍କର ମୁଣ୍ଡର ତିନିଚତୁର୍ଥ ଭାଗ ସାଧାରଣ ସ୍କୁଲମାନଙ୍କରେ ସେମାନଙ୍କୁ ଦିଆଯାଇଥିବା ଶିକ୍ଷା ଦ୍ୱାରା ଆଗରୁ ଦଳକୁଡ଼ା ହୋଇସାରିଛି, ଏବଂ ସେମାନେ ପ୍ରକୃତରେ ଅନେକ କିଛି ଜାଣିଛନ୍ତି ଓ ଜୀବନ ସହିତ ସେମାନଙ୍କର ଖୁବ୍ ଭଲ ପରିଚୟ ରହିଛି ବୋଲି ବେଶ୍ ଏକ ଦୃଢ଼ ବିଶ୍ୱାସ ନେଇ ଏଠାକୁ ଆସନ୍ତି, ସେମାନଙ୍କ ତୁଳନାରେ ଏହି ପିଲାମାନଙ୍କ ଭିତରେ ରହିଥିବା ଉପାଦାନଟିକୁ ଯଥେଷ୍ଟ ଉଚ୍ଚତର ବୋଲି ନିଶ୍ଚୟ କୁହାଯାଇ ପାରିବ । ସେମାନଙ୍କର ତ ସ୍ୱଭାବଟି ଟାଣ ହୋଇ ଏକ ନିର୍ଦ୍ଦିଷ୍ଟ ଆକାରରେ ତିଆରି ହୋଇଯାଇଛି ଓ ସେମାନେ ଅନେକ ଖରାପ ଅଭ୍ୟାସ ବି ଶିଖିନେଇ ପାରିଛନ୍ତି । କଥାଟି ଠିକ୍ ଏହିପରି ।

ସ୍ମରଣ କରିବା ଓ ସ୍ମୃତି ଶକ୍ତି,— ଏ ଦୁଇଟି ପ୍ରକୃତରେ ଗୋଟିଏ କଥା କି ?

ନା— ସବୁବେଳେ ଆଦୌ ନୁହେଁ । ସ୍ମୃତି ଶକ୍ତି ହେଉଛି ମନର ଏକ ସାମର୍ଥ୍ୟ, ସମ୍ପୂର୍ଣ୍ଣ ଭାବରେ ଏହି ମନର । ମାତ୍ର ସ୍ମରଣ କରିବା ଚେତନାର ବି ଏକ ସାମର୍ଥ୍ୟ ହୋଇପାରେ । ଆମ ସତ୍ତାର ଯାବତୀୟ କ୍ଷେତ୍ରରେ ଆମେ ସ୍ମରଣ କରିପାରିବା ପ୍ରାଣିକ କ୍ଷେତ୍ରରେ ସ୍ମରଣ କରିପାରିବା, ଦେହର କ୍ଷେତ୍ରରେ ସ୍ମରଣ କରିପାରିବା, ଚୈତ୍ୟ କ୍ଷେତ୍ରରେ ସ୍ମରଣ କରିପାରିବା ଓ ମାନସ କ୍ଷେତ୍ରରେ ମଧ୍ୟ ସ୍ମରଣ କରିପାରିବା । ମାତ୍ର ସ୍ମୃତିଶକ୍ତି ହେଉଛି ବିଶୁଦ୍ଧ ଭାବରେ ଏକ ମାନସିକ ବ୍ୟାପାର । ପ୍ରଥମତଃ, ସ୍ମୃତିଶକ୍ତି ବିକୃତ ହୋଇଯାଇ ପାରିବ, ବିଲୁପ୍ତ ବି ହୋଇ ଯାଇପାରିବ, ଆମେ କୌଣସି କଥାକୁ ବେଶ୍ ଭୁଲି ଯାଇପାରିବା । ମାତ୍ର ଚେତନାର ବ୍ୟାପାରଟି ଏକ ଅତ୍ୟନ୍ତ ସୁନିଶ୍ଚିତ ବ୍ୟାପାର । ଚେତନା ପୂର୍ବତନ କୌଣସି ସମୟରେ ଯେଉଁଠାରେ ଥିଲା, ଯଦି ତୁମେ ତାହାକୁ ପୁନର୍ବାର ସେହିଠାକୁ ନେଇଯାଇ ପାରିବ, ତେବେ ସେତେବେଳେ ଘଟଣାଗୁଡ଼ିକ ଯେଉଁଠି ଯେପରି ଥିଲା, ତାହା ସେହିପରି

'oaob.nitrkl.ac.in' images reprocessed

ଭାବରେ ଅବିକଳ ହୋଇ ପୁଣି ଫେରିଆସି ପାରିବ । ସତେଯେପରି ତୁମେ ଅନ୍ତରର ସେହି ମୁହୂର୍ତ୍ତିଟିକୁ ପୁନର୍ବାର ବଞ୍ଚିବାକୁ ଆରମ୍ଭ କରିବ । ତୁମେ ସେଇଟିକୁ ପୁନର୍ବାର ଥରେ ବଞ୍ଚିପାରିବ, ଦୁଇଥର ବା ଦଶଥର ମଧ୍ୟ ବଞ୍ଚିପାରିବ,—ଶହେଥର ବଞ୍ଚିପାରିବ, ମାତ୍ର ଚେତନାର ଏକ ବ୍ୟାପାର ହିସାବରେହିଁ ତାହାକୁ ବଞ୍ଚିପାରିବ । ଏକଥାଟି ସ୍ମୃତିଶକ୍ତି ଦ୍ୱାରା କୌଣସି କଥାକୁ ମନେ ପକାଇବାଠାରୁ ଅତ୍ୟନ୍ତ ଅନ୍ୟ ପ୍ରକାରର, ସେଇଟିକୁ ତ ତୁମେ ତୁମ ମସ୍ତିଷ୍କର କୌଣସି ଏକ ସ୍ଥାନରେ ଖୋଦିତ କରି ରଖିଥାଅ । ଏବଂ ମସ୍ତିଷ୍କଗତ ସଂଯୋଜନଗୁଡ଼ିକରେ କୋଉଠି ଏତେଟିକିଏ ବ୍ୟାଘାତ ଉପସ୍ଥିତ ହେଲେ (କାରଣ ତୁମର ମସ୍ତିଷ୍କ ଭିତରେ ଆହୁରି ଅନେକ କଥା ରହିଛି ଓ ମସ୍ତିଷ୍କ ହେଉଛି ଗୋଟିଏ ଅତ୍ୟନ୍ତ ପରିମାଣରେ ସୂକ୍ଷ୍ମ ଯନ୍ତ୍ର), ଏତେଟିକିଏ ବାଧା ଆସି ପହଞ୍ଚିଲେ, ତୁମର ସ୍ମୃତିଶକ୍ତି ଆଉ କୌଣସି କାମ କରିବ ନାହିଁ । ସେତେବେଳେ ସତେଅବା କେତେକେତେ କଣା ହୋଇଯିବ ଓ ତୁମେ ପାସୋରି ପକାଇବ । ମାତ୍ର ଅନ୍ୟ ପକ୍ଷରେ, ଯଦି ତୁମେ ନିଜ ଭିତରେ ଚେତନାର ଏକ ନିର୍ଦ୍ଦିଷ୍ଟ ସ୍ଥିତିକୁ ପୁନର୍ବାର ଜାଗ୍ରତ କରି ଆଣିବାର ବାଟଟିକୁ ଜାଣିଥିବ, ତେବେ ତାହା ଯେପରି ଥିଲା ଅବିକଳ ସେହିପରି ଭାବରେହିଁ ଫେରିଆସି ପାରିବ । ହଁ, ଏହି ସ୍ମରଣ କରିବା ମଧ୍ୟ ବିଶୁଦ୍ଧ ଭାବରେ ବେଶ୍ ଏକ ମାନସିକ ବ୍ୟାପାର ହୋଇ ରହିପାରେ, ମସ୍ତିଷ୍କଗତ କ୍ରିୟାଗୁଡ଼ିକର ଏକ ଅବିଚ୍ଛିନ୍ନତା ହୋଇ ମଧ୍ୟ ରହିପାରେ । ମାତ୍ର ଆମେ ତାହାକୁ ମାନସିକ ସ୍ମରଣ ବୋଲି କହିବା । ଏବଂ ସେହିପରି ଆମର ସଂବେଗ କ୍ଷେତ୍ରରେ ମଧ୍ୟ ସ୍ମରଣ ରହିଛି, ଇନ୍ଦ୍ରିୟବୋଧର କ୍ଷେତ୍ରରେ ସ୍ମରଣ ରହିଛି ···

ସେଦିନ ଆପଣ କହୁଥିଲେ : ନିଜର ସ୍ମୃତିଶକ୍ତିକୁ ବଢ଼ାଇବାକୁ ହେଲେ ଚେତନାକୁ ଅଧିକ ପ୍ରଶସ୍ତ କରିବାକୁ ପଡ଼ିବ । ସ୍ମରଣ କରିବାର କ୍ଷେତ୍ରରେ ମଧ୍ୟ କ'ଣ ଠିକ୍ ସେହି କଥା ?

ତଦ୍ୱାରା ମୁଁ କହିବାକୁ ଚାହୁଁଥିଲି ଯେ ସ୍ମୃତିଶକ୍ତିର ସାମର୍ଥ୍ୟଟିର ଏକ ବିକଳ୍ପ ହିସାବରେ ଆମେ ଚେତନାର ସାମର୍ଥ୍ୟଟିକୁ ଆଣି ପ୍ରତିଷ୍ଠିତ କରି ରଖିବା । ସେଦିନ ଠିକ୍ କେଉଁ ଅର୍ଥରେ ମୁଁ ସ୍ମୃତିଶକ୍ତି ଶବ୍ଦଟିକୁ ବ୍ୟବହାର କରିଥିଲି ମୋର ମନେ ନାହିଁ । ହୁଏତ କେବଳ ଏହି ଅର୍ଥରେହିଁ ବ୍ୟବହାର କରିଥିଲି ।

ଅଧ୍ୟୟନ ସମୟର ସ୍ମୃତିଶକ୍ତି ।

'oaob.nitrkl.ac.in' images reprocessed

ଆଚ୍ଛା, ତେବେ ସେଇ କଥା । ମୁଁ ସେଇଆ କହିବାକୁ ଚାହୁଁଥିଲି : ବିଶୁଦ୍ଧ ଭାବରେ କେବଳ ମାନସିକ ହୋଇ ରହିଥିବା ସ୍ମୃତିଶକ୍ତିର ସ୍ଥାନରେ ତୁମେ ଚେତନାର ନାନା ସ୍ଥିତିକୁ ନେଇ ପ୍ରତିଷ୍ଠା କରିଦିଅ । ମୁଁ ଠିକ୍ ସେହି କଥାହିଁ କହିବାକୁ ଚାହୁଁଥିଲି । କାରଣ, ଯଦି ତୁମେ କୌଣସି କଥାକୁ ମୁଖସ୍ଥ କରି ମନେ ରଖିବାକୁ ଚାହିଁବ, ତେବେ କିଛି କାଳ ପରେ ସେଇଟିକୁ ନିଶ୍ଚୟ ଭୁଲିଯିବ । ବା, ତା' ନହେଲେ କୋଉଠି କେତେ ଜାଗାରେ କଣାସବୁ ହୋଇଯିବ : ତୁମେ ଗୋଟିଏ କଥା ମନେ ରଖି ପାରୁ ଥିବ, ଆଉ ଗୋଟିଏ କଥା ମନେ ରଖି ପାରୁ ନଥିବ । ମାତ୍ର କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଜ୍ଞାନକୁ ଯଦି ଚେତନାର ଏକ ବ୍ୟାପାର ସହିତ ସଂଯୁକ୍ତ କରି ରଖିପାରିବ, ତେବେ ତୁମେ ସବୁବେଳେ ଚାହିଁଲା ମାତ୍ରକେ ସେଇଟିକୁ ପୁନର୍ବାର ମନେକରି ପାରିବ, ଏବଂ ସେହି ଜ୍ଞାନଟି ଆଗରୁ ଯେପରି ଥିଲା, ଠିକ୍ ସେହିପରି ଭାବରେହିଁ ତୁମ ପାଖକୁ ଫେରିଆସି ପାରିବ ।

ବାସ୍, ପିଲାଏ, ଆଜି ଏତିକି ଥାଉ । ପୁଣି ଆରଥରକୁ ।

## ୭ ଅକ୍ଟୋବର, ୧୯୫୩

"ଯେଉଁ ପଦ୍ଧତିଟିର ଅନୁସରଣ କରି ତୁମେ ସବୁଠାରୁ ଅଧିକ ସଫଳତା ଅର୍ଜନ କରିପାରିବ, ତାହା ତୁମେ ବିକାଶ କରି ଆଣି ପାରିଥିବା ଚେତନା ଏବଂ ତୁମେ କାର୍ଯ୍ୟରେ ଆଣି ଲଗାଇ ପାରୁଥିବା ଶକ୍ତିଗୁଡ଼ିକର ସ୍ୱଭାବ ଉପରେହିଁ ନିର୍ଭର କରୁଛି । ତୁମେ ସଂପୂର୍ଣ୍ଣ ଆତ୍ମୋପଲବ୍ଧି ଅଥବା ସଂପୂର୍ଣ୍ଣ ପରିବର୍ତ୍ତନର ଚେତନା ମଧ୍ୟରେ ଜୀବନ ବଞ୍ଚିପାରିବ ଏବଂ ତୁମ ଅନ୍ତର୍ଗତ ବିରଚନାର ଏହି ଶକ୍ତିଟି ଦ୍ୱାରା ତୁମେ କ୍ରମଶଃ ବହିଃକ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ସମ୍ଭବ କରିପାରିବ । ଅଥବା, ଏହିସବୁ କଥାକୁ ସମ୍ଭବ କରି ପାରୁଥିବା ଶକ୍ତିଟିକୁ ଯଦି ତୁମେ ଜାଣିଥିବ, ଆପଣାର ଦୃଷ୍ଟି ନିକ୍ଷେପ କରି ଯଦି ତୁମେ ତାହାର ସ୍ପର୍ଶ ଲାଭ କରି ପାରୁଥିବ, ଏବଂ ଯଦି ତାହାକୁ କାର୍ଯ୍ୟରେ ଲଗାଇ ପାରିବା ଭଳି ଶକ୍ତି ତୁମ ଭିତରେ ଥିବ, ତେବେ ତୁମେ ତାକୁ ନିମ୍ନକୁ ଆବାହନ କରି ଆଣିପାରିବ ଏବଂ ତାହାର କ୍ରିୟାଶୀଳତାର

'oaob.nitrkl.ac.in' images reprocessed

ପ୍ରୟୋଜନ ରହିଥିବା ଅଂଶଗୁଡ଼ିକରେ ସେଗୁଡ଼ିକୁ ପ୍ରୟୋଗ କରିପାରିବ; ଏବଂ ତା'ହେଲେ ସିଏ ଈପ୍‌ସିତ ପରିବର୍ତ୍ତନଟିକୁ ସମ୍ଭବ କରାଇନେବ, ବା, ତା' ନହେଲେ ତୁମେ ଭଗବାନଙ୍କ ସମ୍ମୁଖରେ ଆପଣାର ସମସ୍ୟାଟିକୁ ନେଇ ଉପସ୍ଥାପିତ କରିଦେଇ ପାରିବ ଏବଂ ଆରୋଗ୍ୟ ଲାଗି ପ୍ରାର୍ଥନା କରିବ;— ତାଙ୍କର ପରମଶକ୍ତି ଉପରେହିଁ ପୂର୍ଣ୍ଣ ବିଶ୍ୱାସର ସହିତ ଆପଣାର ଆସ୍ଥା ରଖିଥିବ ।"

ପ୍ରଶ୍ନ ଓ ଉତ୍ତର ୧୯୬୯ (୨୩ ଜୁନ୍)

"ପୂର୍ଣ୍ଣ ଆରୋଗ୍ୟଲାଭର ଚେତନା" ବୋଲି ଆପଣ ଯେଉଁ କଥାଟି କହିଛନ୍ତି, ତାହାର ଅର୍ଥ କଣ ?

ଏହାର ଅର୍ଥ ନୁହେଁ ଯେ ପୂର୍ଣ୍ଣ ଆରୋଗ୍ୟଲାଭର କୌଣସି ଏକ ସ୍ୱତନ୍ତ୍ର ବା ବିଶେଷ ଚେତନା ରହିଛି । ଏହାର ଅର୍ଥ ହେଉଛି : "ଏପରି ଏକ ଚେତନାର ସ୍ଥିତିରେ ବାସ କରିବା, ଯାହାକି ପୂର୍ଣ୍ଣ ଆରୋଗ୍ୟ ଲାଭ ଲାଗି ଅନୁକୂଳ ଓ ସହାୟକ ହୋଇ ରହିଥିବ ।"...... ଏଇଟିକୁ ମୁଁ ପ୍ରକୃତରେ ଆଉ କପରି ଭାବରେ ବୁଝାଇ କହିପାରିବ ?... ତୁମ ମନରେ ଏପରି ଗୋଟିଏ ଛାଞ୍ଚ, ଏକ ପ୍ରତିରୂପ ଅଥବା ଏପରି ଗୋଟିଏ ରଚନା ରହିଥିବ, ଯାହାକି ଆରୋଗ୍ୟଲାଭ ସମ୍ଭବ ହେବା ଲାଗି ଏବଂ ସମ୍ପୂର୍ଣ୍ଣ ହେବା ଲାଗି ଆବଶ୍ୟକ ଯାବତୀୟ ସମ୍ବନ୍ଧ ଏବଂ ଉପାଦାନକୁ ଆପଣା ଭିତରେ ଉପଲବ୍ଧି କରି ପାରୁଥିବ । ଏହାକୁହିଁ "ଏକ ପୂର୍ଣ୍ଣ ଆରୋଗ୍ୟଲାଭର ଚେତନାକୁ ବହନ କରିବା" ବୋଲି କୁହାଯାଏ । ଏହାର ଅର୍ଥ ନୁହେଁ ଯେ ଚେତନାର ଏପରି ଏକ ସ୍ଥିତି ରହିଛି, ସ୍ୱୟଂ ଯାହାକୁହିଁ ସମ୍ପୂର୍ଣ୍ଣ ଆରୋଗ୍ୟଲାଭ ବୋଲି କୁହାଯାଇ ପାରିବ, ଏବଂ ଏହି ଚେତନାଟିକୁ ଲାଭ କରିପାରିବା ମାତ୍ରକେହିଁ ତୁମେ ଆରୋଗ୍ୟଲାଭ କରିବ । ନାହିଁ,— କଥାଟି ସେପରି ନୁହେଁ । ପାର୍ଥକ୍ୟଟିକୁ ବୁଝି ପାରିଲ ତ ?

"ଅନେକ ଲୋକଙ୍କ ଭିତରେ ମାନସିକ ସ୍ତରଗୁଡ଼ିକରେହିଁ ଅଭୀପ୍‌ସା ଗତି କରିବାରେ ଲାଗିଥାଏ ବା ପ୍ରାଣିକ କ୍ଷେତ୍ରରେ ମଧ୍ୟ ଗତିଶୀଳ ହୋଇ ରହିଥାଏ । କେତେକଙ୍କ ଭିତରେ ଏକ ଆଧ୍ୟାତ୍ମିକ ଅଭୀପ୍‌ସା ରହିଥାଏ । ଅଭୀପ୍‌ସାର ଗୁଣାତ୍ମକ ସ୍ତରଟି

'oaob.nitrkl.ac.in' images reprocessed

ଉପରେହିଁ ଉତ୍ତର ଦେବାକୁ ଆସୁଥିବା ଶକ୍ତି ଏବଂ ସିଏ କରିବାକୁ ଆସୁଥିବା କାର୍ଯ୍ୟଟି ନିର୍ଭର କରୁଥାଏ । ଧ୍ୟାନାବସ୍ଥାରେ ଆପଣାକୁ ସଂପୂର୍ଣ୍ଣ ଭାବରେ ଶୂନ୍ୟ କରିଦେଇ ପାରିଲେ ତଦ୍ୱାରା ଏକ ଅନ୍ତର୍ଗତ ଶାନ୍ତିର ସୃଷ୍ଟି ହୁଏ । ତା'ର ଅର୍ଥ ନୁହେଁ ଯେ ତୁମେ ସଚେତଅବା କୌଣସି ଅବସ୍ତୁରେ ପରିଣତ ହୋଇ ଯାଇଛ, ଅଥବା ଏକ ମୃତ ଏବଂ ଜୀବନହୀନ ପିଣ୍ଡ ପାଲଟି ଯାଇଛ । ଆପଣାକୁ ଏକ ଶୂନ୍ୟ ପାତ୍ରରେ ପରିଣତ କରିଦେଇ ପାରିଲେ, ଯାହା ସେହି ପାତ୍ରଟିକୁ ଭରିଦେଇ ପାରିବ, ତୁମେ ତାହାକୁହିଁ ଆମନ୍ତ୍ରିତ କରି ନେଇଆସ । ଏହାର ଅର୍ଥ ହେଉଛି ଯେ ତୁମେ ଆପଣାର ଅନ୍ତର୍ଗତ ଚେତନାର ଦ୍ୱାରଟିକୁ ଉପଲବ୍ଧି ଉଦ୍ଦେଶ୍ୟରେ ଉନ୍ମୋଚିତ କରିଦିଅ । ତୁମର ଚେତନା ଯେଉଁ ସ୍ୱଭାବର ହୋଇ ରହିଥାଏ ଓ ତାହାର ଦ୍ୱାରଟି ଯେଉଁ ମାତ୍ରାରେ ଅବସ୍ଥିତ ଥାଏ, ତାହାହିଁ ତୁମେ କାର୍ଯ୍ୟରେ ଲଗାଇବାକୁ ଯାଉଥିବା ଶକ୍ତିଗୁଡ଼ିକୁ ନିର୍ଦ୍ଧାରିତ କରିଦିଏ; ସେମାନେ ପ୍ରକୃତରେ ସାହାଯ୍ୟ ଓ ପରିପୂରଣ କରିବେ ବା ବିଫଳ କରି ପକାଇବେ କିଂବା ଏପରିକି ଅନିଷ୍ଟ କରିବେ ବା ପ୍ରତିବନ୍ଧକ ହୋଇ ଠିଆ ହେବେ, ସେଇଟି ଏସବୁ କଥାକୁ ମଧ୍ୟ ନିର୍ଦ୍ଧାରିତ କରି ଦେଇଥାଏ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୩ ଜୁନ୍)

ମାନସିକ ଅଭୀପ୍ସା, ପ୍ରାଣିକ ଅଭୀପ୍ସା ଏବଂ ଆଧ୍ୟାତ୍ମିକ ଅଭୀପ୍ସା ମଧ୍ୟରେ କି ପାର୍ଥକ୍ୟ ରହିଛି ?

ତୁମେ ମନର କ୍ଷେତ୍ରରେ କିପରି ଅଭୀପ୍ସା କର, ପ୍ରାଣର କ୍ଷେତ୍ରରେ କିପରି ଅଭୀପ୍ସା କର ଓ ଆଧ୍ୟାତ୍ମିକ ଭାବରେ କିପରି ଅଭୀପ୍ସା କର, ତୁମେ ସେହି କଥା ଜାଣିବାକୁ ଚାହୁଁଛ ନା ?

ଏକ ମାନସିକ ଅଭୀପ୍ସାର ଅର୍ଥ ହେଉଛି ଯେ ଭାବନାଶକ୍ତି, ଉଦାହରଣ-ସ୍ୱରୂପ, ଜ୍ଞାନଲାଭ ଲାଗି ଆକାଂକ୍ଷା ରଖିଛି, ଅଥବା ଆପଣାର ଭାବକୁ ଉତ୍ତମରୂପେ ପ୍ରକାଶ କରିବା ପାଇଁ, ଭାବନାଗୁଡ଼ିକରେ ସ୍ପଷ୍ଟତା ହାସଲ କରିବା ପାଇଁ, ଏକ ତର୍କାନୁମୋଦିତ ବିଚାରଶକ୍ତି ଅର୍ଜନ କରିବା ପାଇଁ ଆକାଂକ୍ଷା ରଖିଛି । ଜଣେ

'oaob.nitrkl.ac.in' images reprocessed

ଅନେକ ଅନେକ ବସ୍ତୁର ଅଭୀପ୍‌ସା ରଖିପାରେ; ମନର ଯାବତୀୟ ସାମର୍ଥ୍ୟ ଓ ଶକ୍ତି ବିକାଶଲାଭ କରି ଭଗବାନଙ୍କର ସେବାରେ ନିୟୋଜିତ ହେଉ ବୋଲି ଅଭୀପ୍‌ସା ରଖିପାରେ । ଆମେ ଏହାକୁ ମାନସିକ ଅଭୀପ୍‌ସା ବୋଲି କହିବା ।

ଅଥବା, ପ୍ରାଣିକ କ୍ଷେତ୍ରରେ ମଧ୍ୟ ତୁମର ଏକ ଅଭୀପ୍‌ସା ଥାଇପାରେ; ଯଦି ତୁମର ନାନା ବାସନା ଥାଏ, ନାନା ସଙ୍କଳ୍ପ ଥାଏ, କେତେକେତେ ଅନ୍ତର୍ଗତ ଅସୁବିଧାର ବାତ୍ୟା ମଧ୍ୟଦେଇ ଯଦି ତୁମକୁ ଯିବାକୁ ହେଉଥାଏ, ତେବେ ତୁମେ ସେହି କ୍ଷେତ୍ରରେ ହୁଏତ ଶାନ୍ତି ଲାଗି ଅଭୀପ୍‌ସା ରଖିବ, ପକ୍ଷପାତଶୂନ୍ୟ ହୋଇ ପାରିବାକୁ, କୌଣସି ବାସନା ଅଥବା ଅଗ୍ରରୁଚି ଦ୍ୱାରା ତାଡ଼ିତ ନହେବାକୁ, ଆପଣାର ଯାବତୀୟ ବ୍ୟକ୍ତିଗତ ଖିଆଲଗୁଡ଼ାକୁ ଦୂର କରି ଏକ ଉତ୍ତମ ଓ ଶାନ୍ତ ନିର୍ମିତି ହୋଇ ପାରିବାକୁ ଓ ସର୍ବଦା ସେହି ଭଗବାନଙ୍କର ଇଚ୍ଛା ଦ୍ୱାରା ଚାଳିତ ହେବାକୁହିଁ ଅଭୀପ୍‌ସା ରଖିପାର । ଏଇଟି ହେଉଛି ପ୍ରାଣସ୍ତରର ଅଭୀପ୍‌ସା ।

ତୁମର ଦେହସ୍ତରରେ ମଧ୍ୟ ଏକ ଅଭୀପ୍‌ସା ବା ଆକାଙ୍‌କ୍ଷା ଥାଇପାରେ । ତୁମର ଶରୀର ହୁଏତ ଏପରି ଏକ ସମତାବସ୍ଥାରେ ଅବସ୍ଥାନ କରିବାର ଆବଶ୍ୟକତାକୁ ଅନୁଭବ କରୁଥିବ, ଯେଉଁଥିରେ ଶରୀର ସକଳ ଭାଗ ସୁଷ୍ଠୁ ଭାବରେ ଭାରସାମ୍ୟଯୁକ୍ତ ହୋଇ ରହିପାରିବେ, ତୁମେ ଯେକୌଣସି ଅସୁସ୍ଥତାକୁ ନିଜଠାରୁ ଦୂରବର୍ତ୍ତୀ କରି ରଖିବାର କ୍ଷମତା ଅର୍ଜନ କରିପାରିବ ବା କୌଣସି କୌଶଳରେ ତାହା ତୁମ ଦେହ ଭିତରେ ଆସି ପଶିଗଲେ ମଧ୍ୟ ତୁମେ ତାହାକୁ ଯଥାଶୀଘ୍ର ଜୟ କରିନେଇ ପାରିବାର ଶକ୍ତିଟିକୁ ମଧ୍ୟ ହାସଲ କରିବ; ତୁମର ଶରୀର ଯେପରି ସର୍ବଦା ସ୍ୱାଭାବିକ, ସୌଷମ୍ୟଯୁକ୍ତ ଏବଂ ସମ୍ପୂର୍ଣ୍ଣ ସୁସ୍ଥ ଭାବରେ କ୍ରିୟାଶୀଳ ହୋଇ ରହିବ, ତୁମେ ସେହି ସାମର୍ଥ୍ୟଟିକୁ ଅର୍ଜନ କରି ପାରିବ । ତାହାକୁ ଆମେ ଦେହସ୍ତରର ଏକ ଅଭୀପ୍‌ସା ବୋଲି କହିବା ।

ଏକ ଆଧ୍ୟାତ୍ମିକ ଅଭୀପ୍‌ସାର ଅର୍ଥ ହେଉଛି ଯେ ପରମ ଭାଗବତ ସତ୍ତା ସହିତ ସମ୍ମିଳିତ ହେବା ଲାଗି ତୁମ ଭିତରେ ଏକ ଗଭୀର ପ୍ରୟୋଜନ ଅନୁଭୂତ ହେଉଥିବ; ସେହି ଭାଗବତ ସତ୍ତା ପାଖରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପି ରଖିବା, ତୁମର ସମଗ୍ର ସତ୍ତାଟି ମଧ୍ୟରେ ସେହି ଭଗବତ୍‌ସତ୍ତାହିଁ ତୁମ ଲାଗି ଯାହାକିଛି ସବୁ ହୋଇ ରହିଥିବ ଓ ତୁମେ ଯାହାକିଛି କରୁଛ, ସେଥିରେ ତୁମେ ଯେପରି ତାଙ୍କରି ସାନ୍ନିଧ୍ୟ ଓ ତାଙ୍କର ମାର୍ଗଦର୍ଶନକୁ ଅନୁଭବ କରିପାରିବ ଏବଂ ତୁମ ଜୀବନର ଯାବତୀୟ ଗତିସ୍ପନ୍ଦନକୁ ଯେପରି ସେଇ ସୌଷମ୍ୟଯୁକ୍ତ କରି ରଖି ପାରିବେ, ସେଥିଲାଗି ଦିବ୍ୟ ପରମ ଚେତନାର ବାହାରେ କଦାପି ଆପଣାର ଜୀବନଟିକୁ ନବଞ୍ଚିବା,— ତାହାକୁହିଁ ଏକ ଆଧ୍ୟାତ୍ମିକ ଅଭୀପ୍‌ସା ବୋଲି କୁହାଯିବ ।

'oaob.nitrkl.ac.in' images reprocessed

ମାଆ, ଏହି ଅଭୀପ୍ସା କ'ଣ ଚୈତ୍ୟ ସ୍ତରରୁ ଆସିଥାଏ ?

ନା,— ତାହା ଯେ ସବୁବେଳେ ସେହି ସ୍ତରରୁ ଆସେ, ସେକଥା କଦାପି ନୁହେଁ । ଆମ ସତ୍ତାର ପ୍ରତ୍ୟେକ ଭାଗରେ ତା'ର ସ୍ୱକୀୟ ଅଭୀପ୍ସା ଅବଶ୍ୟ ରହିପାରିବ ।

ମନଟି ଯେତେବେଳେ ଯାହାକିଛି ଭାବିବା କଥା ଭାବିପାରୁଛି, ସେତେବେଳେ ଦେହ ପକ୍ଷରେ କପରି କୌଣସି ଅଭୀପ୍ସା ରଖିବା ସମ୍ଭବ ହେବ ?

ଯେତେବେଳ ଯାଏ କେବଳ ମନହିଁ ସବୁକିଛି ଭାବୁଥିବ, ସେତେବେଳ ଯାଏ ଦେହର ଭୂମିଟି ତିନିଚଉଠ ଭାଗ ଜୀବନବର୍ଜିତ ହୋଇ ରହିଥିବ, ସେତେବେଳ ଯାଏ ତାହାର ନିଜର କୌଣସି ଚେତନା ନଥିବ । ଦେହସ୍ତରର ଚେତନା ବୋଲି ଏକ ସ୍ୱତନ୍ତ୍ର ଚେତନା ରହିଛି, ଏହି ଶରୀରର ଏକ ସ୍ୱତନ୍ତ୍ର ଚେତନା ରହିଛି । ଶରୀର ବି ଆପଣା ବିଷୟରେ ଚେତନାଯୁକ୍ତ ହୋଇ ରହିଥାଏ ଓ ତା'ର ଏକ ଅଭୀପ୍ସା ମଧ୍ୟ ରହିଥାଏ । ଆମେ ଯେପର୍ଯ୍ୟନ୍ତ ଆମ ଶରୀରଟି ବିଷୟରେ ଭାବିବାରେ ଲାଗିଥିବା, ସେତେବେଳ ଯାଏ ଆମେ କଦାପି ଆମ ଶରୀର-ଚେତନାରେ ଅବସ୍ଥାନ କରି ପାରିବା ନାହିଁ । ଶରୀରର ଏକ ଚେତନା ରହିଛି, ଯାହାକୁ କି ତାହାର ଏକ ସ୍ୱକୀୟ ଚେତନା ବୋଲି କୁହାଯିବ ଏବଂ ଯାହାକି ମନର ଚେତନାଠାରୁ ସମ୍ପୂର୍ଣ୍ଣ ଭାବରେ ସ୍ୱତନ୍ତ୍ର ହୋଇ ରହିଥାଏ । ଶରୀର ଆପଣାର ଯାବତୀୟ କ୍ରିୟାଶୀଳତା ବିଷୟରେ ସମ୍ପୂର୍ଣ୍ଣ ସଚେତନ ଥାଏ, ବା ଆପଣାର ସମତାବସ୍ଥା ତଥା ଅସମତାବସ୍ଥା ବିଷୟରେ ମଧ୍ୟ ପୂର୍ଣ୍ଣ ସଚେତନ ରହିଥାଏ, ଏବଂ ଯଦି ତା' ଭିତରେ ଏଠି ବା ସେଠି କୌଣସି ବିଶୃଙ୍ଖଳା ଆସି ଘଟେ, ତେବେ ଅତ୍ୟନ୍ତ ନିର୍ଭୁଲ୍ ଭାବରେ ଶରୀର ସେଇଟି ବିଷୟରେ ପୂର୍ଣ୍ଣ ସଚେତନ ହୋଇଥାଏ; ଏବଂ, (ମୁଁ ଏହାକୁ କପରି କଥାରେ ପ୍ରକାଶ କରିବି ?) ସେହି ବିଶୃଙ୍ଖଳାଟି ସହିତ ଶରୀରର ସମ୍ପର୍କ ରହିଥାଏ ଏବଂ ବାହାରେ କୌଣସି ପ୍ରକାର ଲକ୍ଷଣ ଦେଖିବାକୁ ମିଳୁ ନଥିଲେହେଁ ଶରୀର ଅତ୍ୟନ୍ତ ସ୍ପଷ୍ଟ ଭାବରେ ସେଇଟିକୁ ଅନୁଭବ କରି ପାରୁଥାଏ । ତାହାର ସମସ୍ତ କାର୍ଯ୍ୟ ସୌଷମ୍ୟ ଓ ଭାରସାମ୍ୟଯୁକ୍ତ ତଥା ସୁନିୟମିତ ହୋଇ ଚାଲୁଥିବା ବେଳେ, ଯାହା ଯେପରି ଚାଲିବାର କଥା, ତାହାସବୁ ଚାଲୁଥିବା ସମୟରେ ଶରୀର ସେହି ବିଷୟରେ ସଜ୍ଞାନ ହୋଇ ରହିଥାଏ; ଶରୀର ଭିତରେ ଗୋଟାଏ ପ୍ରକାରର ବିପୁଳତା ରହିଥାଏ, ବିପୁଳତାର ଏକ ବୋଧ ରହିଥାଏ, ଏକ ଆନନ୍ଦ ଏବଂ ଶକ୍ତିର ବୋଧ ରହିଥାଏ;—

'oaob.nitrkl.ac.in' images reprocessed

ସେହି ଆନନ୍ଦକୁ ଆମେ ବଞ୍ଚିବାର ଆନନ୍ଦ, କର୍ମ କରିଯିବାର ଆନନ୍ଦ ଓ ଜୀବନ ତଥା ଶକ୍ତିରେ ପୂର୍ଣ୍ଣ ହୋଇ ରହିଥିବା ଏକ ସମତାବସ୍ଥା ମଧ୍ୟରେ ଅଗ୍ରସର ହୋଇ ଯାଉଥିବାର ଆନନ୍ଦ ସହିତ ସମବାଚୀ ବୋଲି ଗ୍ରହଣ କରି ପାରିବା, ଏବଂ ପ୍ରାଣ ଓ ମନ ଶରୀର ପ୍ରତି ଦୁର୍ବ୍ୟବହାର କରୁଥିବା ସମୟରେ ମଧ୍ୟ ଶରୀର ସେହି ବିଷୟରେ ସଜ୍ଞାନ ହୋଇପାରେ । ଏହି ଦୁର୍ବ୍ୟବହାର ଯେ ତା' ଆପଣାର ସମତାବସ୍ଥାଟିକୁ ବ୍ୟାହତ କରି ପକାଉଛି ଏବଂ ସିଏ ଯେ ଏହାଦ୍ୱାରା ଅନେକ ଦୁଃଖଭୋଗ କରୁଛି, ଶରୀର ସେହି କଥାଟିକୁ ମଧ୍ୟ ଜାଣିପାରେ । ଏହାଦ୍ୱାରା ଶରୀର ମଧ୍ୟରେ ଏକ ସମ୍ପୂର୍ଣ୍ଣ ଅସମତାବସ୍ଥା ଆସି ଉପୁଜିବାର ବି ସମ୍ଭାବନା ରହିଥାଏ । ଏହିପରି ଭାବରେ କେତେ କଥା କୁହାଯାଇ ପାରିବ ।

ଆମେ ଆମର ଶରୀର-ଚେତନାକୁ ଏପରି ଉତ୍ତମ ଭାବରେ ବିକଶିତ କରି ଆଣିପାରିବା ଯେ, ଆମେ ଗୋଟାପୁରା ବହିଃସ୍ଥ ହୋଇ ରହି ଥିବାବେଳେ ଓ ଆମର ପ୍ରାଣିକ ଉପାଦାନଟି ସମ୍ପୂର୍ଣ୍ଣ ଭାବରେ ଶରୀରକୁ ଛାଡ଼ି ଚାଲି ଯାଇଥିବାବେଳେ ମଧ୍ୟ ଶରୀରର ତଥାପି ଏକ ସ୍ୱକୀୟ ଓ ସ୍ୱତନ୍ତ୍ର ଚେତନା ଅବଶ୍ୟ ରହିଥିବ, ଯାହାକି ତାହାକୁ ବିଚରଣସମର୍ଥ କରି ରଖିଥିବ, ପ୍ରାଣ ହୁଏତ ଉପସ୍ଥିତ ନଥିଲେ ମଧ୍ୟ ଯାବତୀୟ ପ୍ରକାରର ସରଳ କାର୍ଯ୍ୟକୁ ସ୍ୱୟଂ କରି ପାରୁଥିବ, ବେଶ୍ ସ୍ୱତନ୍ତ୍ର ଭାବରେ ସେଗୁଡ଼ିକୁ କରି ପାରୁଥିବ । ଶରୀର ଆପଣାର କଥାଟିକୁ କହି ପାରିବାର ରୀତିଟିକୁ ମଧ୍ୟ ଶିକ୍ଷା କରିପାରିବ : ମନ୍ ଆଉ ପ୍ରାଣ ହୁଏତ ଶରୀରର ବାହାରେ ରହିଥିବେ, ଅନେକ ଦୂରରେ ହୁଏତ ଆଉ କେଉଁଠି ବ୍ୟସ୍ତ ହୋଇ ରହିଥିବେ, ମାତ୍ର ଯେଉଁ ଖିଅଟି ସେମାନଙ୍କୁ ଜଡ଼ ସହିତ ସଂଯୁକ୍ତ କରି ରଖିଥିବ, ସେମାନେ ତଥାପି ଏପରି ଏକ ଶରୀର ମଧ୍ୟଦେଇ ଆପଣାକୁ ଅଭିବ୍ୟକ୍ତ କରି ପାରୁଥିବେ, ଯାହା ଭିତରେ କି ମନ ଓ ପ୍ରାଣ ଆଦୌ ରହି ନଥିବେ ଏବଂ ଯାହାକି ତଥାପି କଥା କହି ପାରୁଥିବ ଓ ଅନ୍ୟମାନେ ଯାହା କହୁଛନ୍ତି, ତାହାର ପୁନରାବୃତ୍ତି କରି ପାରୁଥିବ । ଶରୀର ଅବଶ୍ୟ ସଚଳ ହୋଇ ପାରିବ; ତାହା ଗୁଡ଼ାଏ କିଛି କରି ପକାଇବ ବୋଲି ମୁଁ ଅବଶ୍ୟ କହୁ ନାହିଁ, ମାତ୍ର ତାହା ତଥାପି ସଚଳ ହୋଇ ରହିପାରିବ । ଶରୀର ସାନ ସାନ ଓ ସରଳ ଅନେକ କଥା କରିଦେଇ ପାରିବ । କଥା କହି ପାରୁଥିବା ଭଳି ତାହା ଲେଖି ବି ପାରିବ, ଲେଖି ଶିଖିପାରିବ । ଶରୀର ଅବଶ୍ୟ କଥା କହେ : ଟିକିଏ (କିପରି ପ୍ରକାଶ କରାଯାଇ ପାରିବ) ଧୀରଭାବରେ କଥା କହେ, କିଞ୍ଚିତ୍ ଆୟାସର ସହିତ କହେ ସତ, ମାତ୍ର ତଥାପି ସ୍ପଷ୍ଟ ଭାବରେ (ଯଥେଷ୍ଟ ସ୍ପଷ୍ଟ ଭାବରେ) କଥା କହିପାରେ, ଯେପରିକି ଆମେ ତାକୁ ପରିଷ୍କାର ବୁଝିପାରିବା । ଏବଂ ତଥାପି ଏଣେ ମନ ଓ ପ୍ରାଣ ହୁଏତ ବାହାରକୁ ଚାଲି ଯାଇଥାନ୍ତି, ହୁଏତ ଗୋଟାପୁରା ବାହାରେ ଥାଆନ୍ତି । ଶରୀରଚେତନା ବୋଲି ଏକ ବସ୍ତୁ ଅବଶ୍ୟ ରହିଛି ।

'oaob.nitrkl.ac.in' images reprocessed

ଏବଂ ତେଣୁ, ଯେତେବେଳେ ଆମେ ଏହି ଶରୀର ଚେତନାକୁ ବିକଶିତ କରାଇ ଆଣି ପାରିବା, ସେତେବେଳେ ଆମେ ବିଭିନ୍ନ ପ୍ରକାରର ଚେତନା ମଧ୍ୟରେ ରହିଥିବା ବିରୋଧଟିକୁ ମଧ୍ୟ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଜାଣିବାକୁ ସମର୍ଥ ହୋଇଯିବା । ଯେତେବେଳେ ଶରୀର ଲାଗି କୌଣସି କିଛିର ଆବଶ୍ୟକତା ରହିଥାଏ ଓ ଆପେ କ'ଣ ଘଟୁଛି, ଶରୀର ସେବିଷୟରେ ସଜ୍ଞାନ ଥାଏ, ଏବଂ ଯେତେବେଳେ ପ୍ରାଣ ଆଉ କିଛି ଓ ମନ ବି ତୃତୀୟ ଆଉ କିଛି ଲୋଡ଼ୁଥାଏ, ତେବେ ସେମାନଙ୍କ ଭିତରେ ଏହି ବିଷୟଟିକୁ ନେଇ ବେଶ୍ ଏକ ଆଲୋଚନା ବି ହୋଇପାରେ, ବିରୋଧ ଉପୁଜିପାରେ, ଦ୍ୱନ୍ଦ୍ୱ ଉପସ୍ଥିତ ହୋଇପାରେ । ଏବଂ, ଶରୀରର ସ୍ଥିରାବସ୍ଥାଟି ପ୍ରକୃତରେ କ'ଣ, ଖାସ୍ ଶରୀର ପ୍ରକୃତରେ କ'ଣ ଆବଶ୍ୟକ କରୁଛି, ସେତେବେଳେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ତାହାକୁ ନିର୍ଣ୍ଣୟ କରା ଯାଇପାରେ; ଏହି କ୍ଷେତ୍ରରେ ପ୍ରାଣ ଆସି ଉପରି ନିୟତ ହସ୍ତକ୍ଷେପ କରିବାରେ ଲାଗିଛି ଏବଂ ଅନେକ ସମୟରେ ଶରୀରର ଏହି ସ୍ଥିରାବସ୍ଥାଟିକୁ ନଷ୍ଟ କରିଦେଇ ଯାଉଛି ଏବଂ ଆପଣାର ଅଜ୍ଞାନତା ହେତୁ ବିକାଶଟିକୁ ବାଧାପ୍ରାପ୍ତ ଓ କ୍ଷତିଗ୍ରସ୍ତ କରି ରଖୁଛି, ସେକଥାଟି ମଧ୍ୟ ବେଶ୍ ଜାଣି ହୋଇପାରେ । ଏବଂ ଯେତେବେଳେ ମନ ଆସି ପହଞ୍ଚି ଯାଉଛି, ସେତେବେଳେ ତାହା ତଥାପି ଆହୁରି ଏକ ବିଶୃଙ୍ଖଳାକୁ ସୃଷ୍ଟି କରି ପକାଉଛି, ପ୍ରାଣ ଆଉ ଶରୀର ମଧ୍ୟରେ ଉପୁଜିଥିବା ବିବାଦଟି ସହିତ ଏହା ଆହୁରି ଏକ ବିବାଦରୂପେ ଆସି ଯୋଡ଼ି ହୋଇ ଯାଉଛି । ମନ ଏହି କ୍ଷେତ୍ରରେ ଆପଣାର ଭାବନା ଓ ସ୍ୱୀକୃତ ମାନଗୁଡ଼ାକୁ ଆଣି ପହଞ୍ଚି ଯାଉଛି, ଆପଣାର ନୀତିନିୟମଗୁଡ଼ାକୁ ଆଣି ପହଞ୍ଚି ଯାଉଛି, ବିଧାନ ଓ ଆଉସବୁ ଯାବତୀୟ ପଦାର୍ଥକୁ ନେଇ ଆସି ପହଞ୍ଚୁଛି, ଏବଂ, ଅନ୍ୟଟି ପ୍ରକୃତରେ କ'ଣ ଆବଶ୍ୟକ କରୁଛି, ସେହି ବିଷୟରେ ଆଦୌ କିଛି ବିଚାର କରୁ ନଥିବାରୁ, ପ୍ରତ୍ୟେକ ଯେଉଁଭଳି କରିଥାନ୍ତି, ମନ ମଧ୍ୟ ଠିକ୍ ତାହାହିଁ କରିବାକୁ ଇଚ୍ଛା କରୁଛି । ଇତର ପ୍ରାଣୀମାନଙ୍କ ତୁଳନାରେ ମନୁଷ୍ୟମାନଙ୍କର ସ୍ୱାସ୍ଥ୍ୟ ସାଧାରଣତଃ ଅଧିକ ଦୁର୍ବଳ ଓ ଅନିଶ୍ଚିତ ହୋଇ ରହିଥାଏ, କାରଣ ମନୁଷ୍ୟମାନଙ୍କର ମନ ଆସି ହସ୍ତକ୍ଷେପ କରିବାରେ ଲାଗିଥାଏ ଓ ସମତାବସ୍ଥାଟିକୁ ନଷ୍ଟ କରି ଦେଉଥାଏ । ଯଦି ଶରୀରକୁ ଏକାକୀ ଛାଡ଼ି ଦିଆଯାଏ, ତାହା ଉପରେ କୌଣସି ହସ୍ତକ୍ଷେପ କରା ନଯାଏ, ତେବେ ଶରୀର ଏକ ଅତି ସୁନିଶ୍ଚିତ ସହଜାତ ପ୍ରବୃତ୍ତିକୁ କାର୍ଯ୍ୟରେ ଲଗାଇପାରେ । ଉଦାହରଣସ୍ୱରୂପ, ଯଦି ଶରୀରକୁ ତା' ସ୍ୱାଧୀନ ଇଚ୍ଛାରେ ପରିଚାଳିତ ହେବାକୁ ଛାଡ଼ି ଦିଆଯାଏ, ତେବେ ଶରୀର ଆବଶ୍ୟକତା ନଥିବା ବେଳେ କଦାପି ଆହାର ଗ୍ରହଣ କରିବ ନାହିଁ, ବା ତା' ଲାଗି ଯାହା କ୍ଷତିକାରକ, ତାହା ସେଗୁଡ଼ାକ ଛୁଇଁବାକୁ ବି ଯିବ ନାହିଁ । ଯେତେବେଳେ ନିଦର ଦରକାର ଥିବ, ସେତେବେଳେ ଶୋଇବାକୁ ଯିବ; ଯେତେବେଳେ କର୍ମର ଆବଶ୍ୟକତା ରହିଥିବ, ସେତେବେଳେ

'oaob.nitrkl.ac.in' images reprocessed

କର୍ମ କରି ଯାଉଥିବ । ଶରୀରର ଏହି ସହଜାତ ପ୍ରବୃତ୍ତିଟି ଏକ ଅତ୍ୟନ୍ତ ନିଶ୍ଚିତ ପ୍ରବୃତ୍ତି । କେବଳ ପ୍ରାଣ ଓ ମନହିଁ ତାହାର ଏହି ପ୍ରବୃତ୍ତିଟିକୁ ଆସି ବ୍ୟାହତ କରି ପକାଇଥାନ୍ତି; ପ୍ରାଣ ଆପଣାର ବାସନା ଏବଂ ଖିଆଲଗୁଡ଼ାକ ଦ୍ୱାରା ବ୍ୟାହତ କରିପକାଏ, ମନ ତା'ର ମିଥ୍ୟା, ଅନମନୀୟ ସୂତ୍ର, ବୋଧ ଏବଂ ଭାବନାଗୁଡ଼ିକ ଦ୍ୱାରା ବ୍ୟାହତ କରିପକାଏ । ଏବଂ ଦୁର୍ଭାଗ୍ୟବଶତଃ, ସଭ୍ୟତା କହିଲେ ଆମେ ସାଧାରଣତଃ ଯାହା ବୁଝିଥାଉ, ସେଥିରେ ଆମ ପିଲାମାନଙ୍କୁ ଯେଉଁ ପ୍ରକାରର ଶିକ୍ଷା ଦିଆଯାଏ, ତଦ୍ୱାରା ଶରୀରର ଏହି ସୁନିଶ୍ଚିତ ସହଜାତ ପ୍ରବୃତ୍ତିଟିକୁ ଏକାବେଳେକେ ନଷ୍ଟ କରି ଦିଆଯାଏ : ଏବଂ ଏଇଟି ବ୍ୟତୀତ ଆଉ ସବୁକିଛୁ ଆଧିପତ୍ୟ ବିସ୍ତାର କରି ରହିଥାନ୍ତି । ଏବଂ ତେଣୁ, ଅତ୍ୟନ୍ତ ସ୍ୱାଭାବିକ ଭାବରେ, ଯାହା ଘଟିବା କଥା ତାହାହିଁ ଘଟେ : ଯାହା ଅନିଷ୍ଟକାରକ, ଆମେ ସେଇଗୁଡ଼ାକୁ ଖାଉ, ଯେତେବେଳେ ବିଶ୍ରାମର ପ୍ରୟୋଜନ ଥାଏ, ସେତିକବେଳେ ବିଶ୍ରାମ ନେବା ବ୍ୟତୀତ ଆଉ ସବୁକିଛୁ କରୁଥାଉ, ଆଦୌ ଆବଶ୍ୟକତା ନଥିବାବେଳେ ଗୁଡ଼ାଏ ଶୋଉ, ଅଥବା ଯାହା ନକରିବାର କଥା, ତାହାହିଁ କରିବାରେ ଲାଗିଥାଉ, ଏବଂ ଫଳରେ ସ୍ୱାସ୍ଥ୍ୟଟିକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରିଦେଉ ।

> ମାଆ, ବେଳେବେଳେ ପିଲାମାନେ ଭାରି ଆଗ୍ରହରେ କ'ଣ ଗୋଟାଏ କରୁଥାନ୍ତି ଓ ଯେତେବେଳେ ମୋଟେ ଶୋଇବାକୁ ଯିବାକୁ ଚାହାନ୍ତି ନାହିଁ; ସେତେବେଳେ କ'ଣ କରାଯିବ ? ସେମାନେ ଟିକଏ ଆଗରୁ ହୁଏତ ନିଦ ମାଡ଼ିଲାଣି ବୋଲି କହିଥାନ୍ତି, ମାତ୍ର ତା'ପରେ ପୁଣି ଖେଳ ଆରମ୍ଭ ହୋଇଯାଏ ଓ ଆଉ ଶୋଇବାକୁ ଯିବେ ନାହିଁ ବୋଲି କହିବାକୁ ଆରମ୍ଭ କରନ୍ତି ।

ସେମାନଙ୍କୁ ନିଦ ମାଡ଼ୁଥିଲା ବେଳେ ସେମାନଙ୍କୁ କଦାପି ଖେଳିବା ଲାଗି ଅନୁମତି ଦିଆ ଯିବ ନାହିଁ । ଏହି କ୍ଷେତ୍ରରେ ପ୍ରାଣିକ ଗତିସ୍ପନ୍ଦନଗୁଡ଼ିକହିଁ ଆସି ହସ୍ତକ୍ଷେପ କରିବାରେ ଲାଗିଥାନ୍ତି । ଯେଉଁ ପିଲାକୁ ତା'ଠାରୁ ବୟସରେ ବଡ଼ ଅନ୍ୟମାନଙ୍କ ସହିତ ଗୁଡ଼ାଏ ସମୟ ଏକାଠି ରହିବାକୁ ପଡ଼େ ନାହିଁ (ବୟସରେ ବଡ଼ ମଣିଷମାନଙ୍କ ସହିତ ଗୁଡ଼ାଏ ସମୟ ଏକାଠି ରହିବା ପିଲାମାନଙ୍କ ପକ୍ଷରେ ପ୍ରକୃତରେ ଖରାପ), ଯେଉଁ ପିଲା ଉପରେ କୌଣସି ପ୍ରକାର ହସ୍ତକ୍ଷେପ ନଥାଏ, ସିଏ ଯାହାକିଛୁ କରୁଥାଉ ପଛକେ, ଆବଶ୍ୟକ ହେବା ମାତ୍ରକେହିଁ ସେ ଆପେ ଆପେ ନିଶ୍ଚୟ ଶୋଇବାକୁ ଚାଲିଯିବ । କେବଳ, ପିଲାଏ ଯେତେବେଳେ ବଡ଼ମାନଙ୍କ ସହିତ ଏକାଠି ରହି ଅଭ୍ୟସ୍ତ ହୋଇଯାଇଥାନ୍ତି, ସେତେବେଳେ ସେମାନେ

'oaob.nitrkl.ac.in' images reprocessed

ବଡ଼ମାନଙ୍କର ସବୁଯାକ ଅଭ୍ୟାସକୁ ଗ୍ରହଣ କରି ନଥାନ୍ତି । ବିଶେଷ କରି ଯେତେବେଳେ ସେମାନଙ୍କୁ କୁହାଯାଏ : "ତୁ ପିଲାଟାଏ, ତୁ କିପରି ଏକଥା କରିବୁ ? ଯେତେବେଳେ ବଡ଼ ହେବୁ, ସେତେବେଳେ ଯିନା କରିପାରିବୁ ! ତୁ ପିଲାଟାଏ, ଏକଥାଟା କିପରି ଖାଇପାରିବୁ କହିଲୁ ? ଯେତେବେଳେ ବଡ଼ ହେବୁ ସେତେବେଳେ ଯିନା ଖାଇପାରିବୁ ! ତୋତେ ଅମୁକ ସମୟରେ ନିଶ୍ଚୟ ଶୋଇବାକୁ ଯିବାକୁ ପଡ଼ିବ, କାରଣ ତୁ ପରା ପିଲାଟାଏ !···" ଏବଂ ଏହିପରି ଅତ୍ୟନ୍ତ ସ୍ୱାଭାବିକ ଭାବରେ ପିଲାମାନଙ୍କର ଏହି ଧାରଣାଟି ହୋଇଯାଏ ଯେ ସେମାନଙ୍କୁ ଯେକୌଣସି ପ୍ରକାରେ ବଡ଼ ହେବାକୁ ପଡ଼ିବ ବା ଅନ୍ତତଃ ବାହାରୁ ବଡ଼ ବୋଲି ଜଣା ପଡ଼ିବାକୁ ହେବ !

> "ତୁମର ବିଶ୍ୱାସ ଅଟଳ ଓ ପ୍ରଗାଢ଼ ହୋଇଥିବାର ହୁଏତ ଏହି ଅର୍ଥ ହେବ ଯେ, ଯିଏ ଯେଉଁ କାର୍ଯ୍ୟଟି ହେଉ ବୋଲି ଇଚ୍ଛା କରୁଛନ୍ତି, ସେଇଟିହିଁ କାର୍ଯ୍ୟକାରୀ ହେବ ବୋଲି ଭଗବାନ୍ ସ୍ଥିର କରିସାରିଲେଣି । ଆମ ଭିତରେ ଏକ ଅଟଳ ଅବିଚଳ ବିଶ୍ୱାସ ସେହି ଦିବ୍ୟ ପରମ ଇଚ୍ଛାର ଉପସ୍ଥିତିରହିଁ ସଙ୍କେତ ଦେଇଯାଇଥାଏ; ଯାହା ଅବଶ୍ୟ ହେବ ବୋଲି ଅଭିପ୍ରେତ ହୋଇ ରହିଛି, ତାହାର ପ୍ରମାଣ ଦେଇଥାଏ ।"
>
> ପ୍ରଶ୍ନ ଓ ଉତ୍ତର ୧୯୨୯ (୨୩ ଜୁନ୍)

> ଏକ ଅଟଳ ବିଶ୍ୱାସ ଏବଂ ଏକ ମହାନ୍ ନିର୍ଭର,— ଦୁଇଟିଯାକ ଗୋଟିଏ କଥା ନୁହେଁ କି ?

ଦୁଇଟିଯାକ ସବୁବେଳେ ଗୋଟିଏ କଥା ନହୋଇ ପାରନ୍ତି । ଆମର ବିଶ୍ୱାସ ଏବଂ ଆମର ଆସ୍ଥା କେଉଁଭଳି ଉପାଦାନରେ ତିଆରି ହୋଇଛି, ଆମର ସେକଥାଟିକୁ ଅବଶ୍ୟ ଜାଣିଥିବା ଉଚିତ । କାରଣ, ଉଦାହରଣସ୍ୱରୂପ, ଯଦି ତୁମେ ସାଧାରଣ ଭାବରେ ଅର୍ଥାତ୍ ସାଧାରଣ ପରିବେଶ ମଧ୍ୟରେ ଜୀବନଯାପନ କରୁଛ,— ଯଦି ତୁମ ଭିତରେ କୌଣସି ଅମିତାଭିଳାଷୀ ବିକାର ନାହିଁ ବା ତୁମକୁ ଦବାଇ ରଖିଲାଭଳି କୌଣସି ଶିକ୍ଷା ତୁମକୁ ନିଆଯାଇ ନାହିଁ,— ତୁମର ତରୁଣାବସ୍ଥାରେ ଓ ସାଧାରଣତଃ ତୁମକୁ ତିରିଶବର୍ଷ ହେବାଯାଏ ଯଦି ତୁମେ ଏହିପରି ଭାବରେ ଜୀବନ କଟାଇଛ, ତେବେ ଜୀବନ ଉପରେ ତୁମର ନିଶ୍ଚୟ ଏକ ସମ୍ପୂର୍ଣ୍ଣ ଆସ୍ଥା ବା ନିର୍ଭର



'oaob.nitrkl.ac.in' images reprocessed

ରହିଥିବ । ଉଦାହରଣସ୍ୱରୂପ, ଯଦି ତୁମ ଘରପାଖରେ ଏପରି ଅନେକ ମନୁଷ୍ୟ ତୁମକୁ ଘେରିକରି ରହି ନଥାନ୍ତି, ଯେଉଁମାନେ କି ତୁମ ମୁଣ୍ଡରେ ଏତେଟିକିଏ ସର୍ଦ୍ଦି ଜମିବା ସଙ୍ଗେ ସଙ୍ଗେ ଏକାବେଳେକେ ବ୍ୟସ୍ତ ହୋଇ ପଡ଼ନ୍ତି, ଏବଂ ଡାକ୍ତର ପାଖକୁ ଦଉଡ଼ିଯାଆନ୍ତି ଓ ଔଷଧ ଆଣି ଖାଇବାକୁ ଦିଅନ୍ତି, ଯଦି ତୁମେ ଏକ ସ୍ୱାଭାବିକ ପରିବେଷ୍ଟନୀ ମଧ୍ୟରେ ବାସ କରୁଅଛ ଏବଂ ତୁମର କିଛି ହୁଏ,—ଏକ ଆକସ୍ମିକ ଦୁର୍ଘଟଣା ଘଟେ ଅଥବା ଟିକିଏ ଦେହ ଖରାପ ହୁଏ, ତେବେ ଶରୀର ଭିତରେ ଏତକ ନିଶ୍ଚୟତା ଏବଂ ଏତକ ସମ୍ପୂର୍ଣ୍ଣ ଆସ୍ଥା ରହିଥାଏ ଯେ ଏଇଟି ନିଶ୍ଚୟ ଠିକ୍ ହୋଇଯିବ । "ଏଇଟା କିଛି ନୁହେଁ, ଏଇଟା ଆପେ ଆପେ ଚାଲିଯିବ । କାଲି କିଂବା ଅଳ୍ପ କେଇଟା ଦିନରେ ମୋର ଦେହ ନିଶ୍ଚୟ ଭଲ ହୋଇଯିବ ।" ତୁମର ଯାହାକିଛି ହୋଇଥାଉ ନା କାହିଁକି, ତୁମ ଭିତରେ ଏହିପରି ଏକ ଆସ୍ଥା ରହିଥିବ । ଏହାହିଁ ହେଲା ଶରୀରର ସ୍ୱାଭାବିକ ଅବସ୍ଥା । ଏକ ପରମ ଆସ୍ଥାପୂର୍ଣ୍ଣ ନିର୍ଭର ଯେ ସମ୍ମୁଖରେ ସମସ୍ତ ଜୀବନ ପଡ଼ିରହିଛି ଏବଂ ସବୁକିଛି ନିଶ୍ଚୟ ଭଲ ହୋଇଯିବ । ଏବଂ ଏହାଦ୍ୱାରା ପ୍ରକୃତରେ ପ୍ରଭୂତ ସାହାଯ୍ୟ ମିଳିଥାଏ । ଦଶ ଥର ଭିତରେ ନଅ ଥର ଦେହ କୁଆଡ଼େ ଭଲ ହୋଇଯାଏ, ଏହିପରି ଏକ ବିଶ୍ୱାସର ସହିତ ଖାଲି ଶୀଘ୍ର ଆମେ ସୁସ୍ଥ ହୋଇଯାଉ "ଏଇଟା କିଛି ନୁହେଁ; ଏଇଟା ପୁଣି କାହିଁକି ଏଡ଼େ ବଡ଼ କଥା ହେବ ? ଏଇଟା କେବଳ ଏକ ସାମାନ୍ୟ ଦୁର୍ଘଟଣା ମାତ୍ର, ଏଇଟା କୁଆଡ଼େ ଚାଲିଯିବ, ଏଇଟା କିଛି ନୁହେଁ ।" ଏବଂ ଏଭଳି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଦୀର୍ଘକାଳ ଲାଗି ଏପରି ଏକ ବିଶ୍ୱାସକୁ ବଜାୟ ରଖିଥାନ୍ତି; ସେମାନେ ବିଶ୍ୱାସ କରୁଥାନ୍ତି ଯେ ସେମାନଙ୍କର ଆଦୌ କିଛି ହେବ ନାହିଁ । ସେମାନଙ୍କର ଜୀବନ ଗୋଟାସୁଦ୍ଧା ସେମାନଙ୍କ ଆଗରେ ପଡ଼ିଛି ଏବଂ ସେମାନଙ୍କର ଆଦୌ କିଛି ହେବ ନାହିଁ । ଏବଂ, ଯାହା କିଛି ହୁଏତ ହେବ, ତାହାର ପ୍ରକୃତରେ ଆଦୌ କୌଣସି ମହତ୍ତ୍ୱ ନାହିଁ : ସବୁକିଛି ଅବଶ୍ୟ ଭଲ ହୋଇଯିବ; ସେମାନଙ୍କ ଆଗରେ ସାରା ଜୀବନଟାହିଁ ପଡ଼ିରହିଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯଦି ତୁମେ ଏପରି ଏକ ପରିବେଶ ମଧ୍ୟରେ ବାସ କରୁଥିବ, ଯେଉଁଠାରେ କି କେତେ କ'ଣ ବିକୃତ ଓ ବ୍ୟାଧିତ ଭାବନା ଭର୍ତ୍ତି ହୋଇ ରହିଥିବ, ଏବଂ ଲୋକମାନେ ଆପଣା ଭିତରେ କେବଳ ଅନିଷ୍ଟକାରକ ଏବଂ ଦୁର୍ବିପାକମୟ ଘଟଣାଗୁଡ଼ିକରହିଁ ସ୍ମରଣ କରିବାରେ ଲାଗିଥିବେ, ତେବେ ତୁମେ ବି ହୁଏତ ଭୁଲ ଭାବରେ ଭାବିବାକୁ ଆରମ୍ଭ କରିବ । ଏବଂ ଭୁଲ ଭାବନାର ପ୍ରତିକ୍ରିୟା ତୁମର ଶରୀର ଉପରେ ପଡ଼ିବ । ତା' ନହେଲେ ଶରୀର ସ୍ୱାଭାବିକ ଅବସ୍ଥାରେ ଚାଳିଶି ପଚାଶବର୍ଷ ପର୍ଯ୍ୟନ୍ତ ଏହି ଆତ୍ମବିଶ୍ୱାସଟିକୁ ଅତୁଟ ରଖିପାରିବ । ହଁ, ଏହା ଅବଶ୍ୟ ସମ୍ପୃକ୍ତ ମନୁଷ୍ୟମାନଙ୍କ ଉପରେ ନିର୍ଭର କରିବ । କିପରି ଏକ ସ୍ୱାଭାବିକ ଓ ଭାରସାମ୍ୟଯୁକ୍ତ ଜୀବନ ଯାପନ କରିବାକୁ ହୁଏ, ଅନେକ

'oaob.nitrkl.ac.in' images reprocessed

ଲୋକ ସେହି କଥା ବେଶ୍ ଜାଣିଥାନ୍ତି । ମାତ୍ର ଶରୀର ଆପଣାର ଜୀବନ ବିଷୟରେ ବେଶ୍ ଆସ୍ଥାବାନ୍ ହୋଇ ରହିଥାଏ । କେବଳ ଯେତେବେଳେ ଭାବନା ଆସି ହସ୍ତକ୍ଷେପ କରେ ଏବଂ ତାହା ଆପଣା ସାଙ୍ଗରେ ଯାବତୀୟ ପ୍ରକାରର ବିକୃତ ଏବଂ ଅସ୍ୱାସ୍ଥ୍ୟକର ଭାବନାକୁ ବହନ କରି ଆସିଥାଏ, ତେବେ, ମୁଁ ଯେପରି କହିଲି, ତଦ୍ୱାରା ସେ ଆସି ସବୁକିଛିକୁ ଓଲଟପାଲଟ କରିଦେବ । ମୁଁ ସେପରି ଅନେକ ଦୃଷ୍ଟାନ୍ତ ଦେଖିଛି : ଦଉଡ଼ଧାପଡ଼ ଓ ଖେଳବୁଲ କଲାବେଳେ ସାଧାରଣତଃ ଯେଉଁ ସାନସାନ ଦୁର୍ଘଟଣା ଘଟିଥାଏ, ପିଲାମାନଙ୍କର ସେହିସବୁ ଘଟିଲାବେଳେ ମୁଁ ତାହା ଦେଖିଛି ସେମାନେ ଏବିଷୟରେ କୌଣସି ଚିନ୍ତାହିଁ କରନ୍ତି ନାହିଁ । ଏବଂ ତାହା ପ୍ରାୟ ସଙ୍ଗେ ସଙ୍ଗେ କୁଆଡ଼େ ଭଲ ହୋଇଯାଏ । ଏପରି ଅନ୍ୟ ପିଲାଙ୍କୁ ମଧ୍ୟ ଦେଖିଛି ଯେଉଁମାନଙ୍କର ନେରୁ ହେବା ଦିନଠାରୁହିଁ ସେମାନଙ୍କର ବାପମାଆ ସେମାନଙ୍କ କାନରେ ଆସି ଘଣ୍ଟା ବାଜେଇଲାପରି କହିଛନ୍ତି ଯେ ସବୁଥିରେ କ'ଣ ନା କ'ଣ ବିପଦ ରହିଛି, ଘୂରିଆଡ଼େ କେତେ ନା କେତେ ରୋଗର ଜୀବାଣୁ ଭର୍ତ୍ତି ହୋଇ ରହିଛନ୍ତି, ତେଣୁ ସବୁବେଳେ ସାବଧାନ ରହିବାକୁ ପଡ଼ିବ, ଏପରିକି ଟିକିଏ ଘାଆ ମଧ୍ୟ ସାଂଘାତିକ ହୋଇଯିବାର ଭୟ ରହିଛି ଏବଂ ତେଣୁ ସବୁବେଳେ ହୁସିଆର ହୋଇ ଚଳିବାକୁ ପଡ଼ିବ ଏବଂ ଯେପରି କୌଣସି ସାଂଘାତିକ କଥା ନଘଟେ, ସେଥିଲାଗି ସତର୍କ ହୋଇ ରହିବାକୁ ପଡ଼ିବ ।...... ତେଣୁ କୋଉଠି କଟି ବା ଛିଣ୍ଡି ଗଲାମାତ୍ରକେ ସେମାନେ ସାଙ୍ଗେ ସାଙ୍ଗେ ଔଷଧ ଦେଇ ପଟି ବାନ୍ଧିଦିଅନ୍ତି, ରୋଗାଣୁନାଶକ କୌଣସି ପଦାର୍ଥ ଦ୍ୱାରା ଆହତ ସ୍ଥାନଟିକୁ ଧୋଇ ଦିଅନ୍ତି ଏବଂ କାତର ପରି ହୋଇ ଭାବୁଥାନ୍ତି : "ମୋର ପ୍ରକୃତରେ କ'ଣ ହେବ କେଜାଣି ? ଧନୁଷ୍ଟଙ୍କାର ହେବ ନାହିଁ ତ ? ଘାଆ ପଚି ବିଷାକ୍ତ ହୋଇଯିବା ହେତୁ ଜ୍ୱର ହେବ ନାହିଁ ତ......" ? ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହିସବୁ କ୍ଷେତ୍ରରେ ଆମେ ଜୀବନ ଉପରୁ ବିଶ୍ୱାସ ହରାଇ ପକାଉ, ଏବଂ ଶରୀର ଅତି ତୀବ୍ର ଭାବରେ ପରିଣାମଗୁଡ଼ିକୁ ଅନୁଭବ କରିବାକୁ ଆରମ୍ଭ କରେ । ଏହାର ଦିନଚଉଠ ପ୍ରତିରୋଧଶକ୍ତି ଅନ୍ତର୍ହିତ ହୋଇଯାଏ । ମାତ୍ର, ସ୍ୱଭାବତଃ ଏବଂ ସାଧାରଣତଃ ଏହି ଶରୀରହିଁ ଜାଣିଥାଏ ଯେ ତାହାକୁ ସୁସ୍ଥ ହୋଇ ରହିବାକୁ ହେବ, ଏହା ଭଲ କରି ଜାଣିଥାଏ ଯେ ତାହା ଭିତରେ ଉପଯୁକ୍ତ ପ୍ରତିକ୍ରିୟା ଦେଖାଇବାର କ୍ଷମତାଟି ମଧ୍ୟ ଅବଶ୍ୟ ରହିଛି । ଏବଂ, ଯଦି ପ୍ରକୃତରେ କେବେ କିଛି ଘଟେ, ତାହା ହୁଏତ ଏହିଭଳି କିଛି କହେ : "ଏଇଟା ଆଦୌ କିଛି ନୁହେଁ, ଏଇଟା କୁଆଡ଼େ ଦୂର ହୋଇଯିବ । ଏବିଷୟରେ ଆଦୌ କିଛି ଭାବିବା ଦରକାର ନାହିଁ, ଏଇଟା ତ ଗଲା ବୋଲି ଜାଣ ।" ଏବଂ ତାହା ପ୍ରକୃତରେ କୁଆଡ଼େ ଚାଲିଯାଏ ।

ବସ୍ତୁତଃ ତାହାକୁହିଁ ଅବିଚଳ ନିର୍ଭର ବା ଆସ୍ଥା ବୋଲି କୁହାଯିବ ।

'oaob.nitrkl.ac.in' images reprocessed

ତା'ପରେ, ତୁମେ "ସଚଳ ବିଶ୍ୱାସ"ର କଥା ବି କହୁଛ । ସଚଳ ବିଶ୍ୱାସ ଏକ ଭିନ୍ନ କଥା । ଯଦି ଅନ୍ତର ମଧ୍ୟରେ ଭଗବତ୍କରୁଣା ଉପରେ ବିଶ୍ୱାସ ରହିଥାଏ, ଭଗବତ୍କରୁଣାର ଦୃଷ୍ଟି ନିତ୍ୟ ବଳବତ୍ତର ରହିଛି ଓ ରକ୍ଷା କରିବାରେ ଲାଗିଛି ଏବଂ ଯାହାକିଛି ଘଟିଲେ ମଧ୍ୟ ଭଗବତ୍କରୁଣା ତାହାର ପ୍ରତିବିଧାନ ଲାଗି ଅବଶ୍ୟ ବିଦ୍ୟମାନ ରହିଛି, ଉପରେ ଥାଇ ସେହି ରକ୍ଷା କରୁଛି,—ଏହିପରି ଏକ ବିଶ୍ୱାସକୁ ଜୀବନବ୍ୟାପୀ ସର୍ବଦା ଅତୁଟ ରଖାଯାଇ ପାରିବ; ଏବଂ ଏହି ବିଶ୍ୱାସର ବଳରେ ଆମେ ସବୁ ବିପଦକୁ ଅତିକ୍ରମ କରିଯାଇ ପାରିବା, ସବୁ ବାଧାର ସମ୍ମୁଖୀନ ହୋଇ ପାରିବା ଏବଂ କିଛିହେଲେ ଆମକୁ ଆଉ ଟଳାଇ ପାରିବ ନାହିଁ, କାରଣ ତୁମ ଭିତରେ ଅନୁରୂପ ବିଶ୍ୱାସଟି ରହିଥିବ ଏବଂ ଭଗବତ୍କରୁଣା ମଧ୍ୟ ତୁମ ସାଥିରେ ଥିବ । ଏହା ଆରଟି ଅପେକ୍ଷା ଅନନ୍ତ ଗୁଣରେ ଅଧିକ ଶକ୍ତିଶାଳୀ, ଅଧିକ ସଚେତନ ଓ ଅଧିକ ସ୍ଥାୟୀ, ତୁମ ଶରୀରଗଠନର ପରିବେଶ ଉପରେ ତାହା ଆଦୌ ନିର୍ଭର କରେ ନାହିଁ, କେବଳ ଭଗବତ୍କରୁଣା ବ୍ୟତୀତ ଆଉ କାହାରି ଉପରେ ନିର୍ଭର କରେ ନାହିଁ, ତେଣୁ ସେହି ପରମ ସତ୍ୟ ଉପରେହିଁ ନିର୍ଭର କରି ରହି ଶିଖେ ଏବଂ କୌଣସି ଶକ୍ତି ତାହାକୁ ଟଳାଇ ପାରେ ନାହିଁ । ଏଇଟି ଏକ ଅତି ଅନ୍ୟପ୍ରକାରର ଜିନିଷ ।

**ଆମେ ଏବୁ ଏଠାରେ କାହିଁକି ଅଛୁ, ଅନେକ ସମୟରେ ପିଲାମାନେ ଏହିପରି ପ୍ରଶ୍ନ କରିଥାନ୍ତି । ସେମାନଙ୍କୁ ଆମର କ'ଣ କହିବା ଉଚିତ ?**

ସେହି କଥାଟି ସେମାନଙ୍କ ବୟସ ଉପରେହିଁ ନିର୍ଭର କରିବ, ଏବଂ ସେମାନେ ପ୍ରକୃତରେ କେତେଦୂର କ'ଣ ହୋଇ ପାରିଲେଣି, ତାହାରି ଉପରେ ନିର୍ଭର କରିବ । ସେମାନଙ୍କର ଆନ୍ତରିକତା ଉପରେ ମଧ୍ୟ ନିର୍ଭର କରିବ । ତୁମେ ସମସ୍ତଙ୍କୁ କଦାପି ସେହି ଗୋଟିଏ ଉତ୍ତର ଦେଇ ପାରିବ ନାହିଁ ।

କିନ୍ତୁ ସେହି କୁନି କୁନି ପିଲାଗୁଡ଼ିକ କ'ଣ ବେଳେବେଳେ ପ୍ରକୃତରେ ପ୍ରଶ୍ନ ପଚାରିଥାନ୍ତି ?... ସେମାନେ କାହିଁକି ଏଠାରେ ଅଛନ୍ତି, ସବୁଠାରୁ ସାନ ପିଲାମାନେ କ'ଣ ସେପରି ପଚାରନ୍ତି ?

**ଏକାବେଳେକେ ସବୁଠାରୁ ଛୋଟମାନେ ନୁହନ୍ତି—ପୂର୍ଣ୍ଣିମା, ଚନ୍ଦ୍ରଲତା ।**

ସେମାନଙ୍କ ବୟସରେ, ପ୍ରଶ୍ନ କରିବାର ଓ ସନ୍ଦେହ କରିବାର ବୟସଟି ସେତେବେଳକୁ ବେଶ୍ ଆରମ୍ଭ ହୋଇ ଯାଇଥାଏ ।

'oaob.nitrkl.ac.in' images reprocessed

ଯଦି ସବୁଠାରୁ ସାନମାନେ ଏହି ପ୍ରଶ୍ନଟି ପଚାରୁଥାନ୍ତି, ତାହାହେଲେ ତାହା ପ୍ରକୃତରେ ଏକ ଚମତ୍କାର କଥା । ସେମାନଙ୍କୁ ଏହି ପ୍ରଶ୍ନର କେବଳ ଗୋଟିଏ ଉତ୍ତର ଦିଆଯାଇ ପାରିବ । ଆମେ କହିବା : "ପିଲାଏ ! ଆମେସବୁ ଏଠାରେ ଅଛୁ, କାରଣ ତାହାହିଁ ଭଗବାନଙ୍କର ଇଚ୍ଛା । ଭଗବାନଙ୍କ କରୁଣାରୁହିଁ ତୁ ଏଠାରେ ଅଛୁ । ଖୁସୀ ରହିଥା, ସ୍ଥିର ହୋଇ ରହିଥା, ଶାନ୍ତ ହୋଇ ରହିଥା ଏବଂ କୌଣସି ପ୍ରକାର ସନ୍ଦେହ ପ୍ରକାଶ କରନା;—ଯାହା ଭଲ, କେବଳ ତାହାହିଁ ହେବ ।" ଏବଂ ତା'ପରେ, ଯେତେବେଳେ ସେମାନେ ବଡ଼ ହୋଇଯିବେ ଏବଂ ନିଜେ ସବୁ କଥା ବିଚାର କରି ଶିଖିବେ, ତା'ପରେ ଆଉସବୁ କଥା କଦାପି ଏତେ ସୁରୁଖୁରୁରେ ଚଳାଇଦେଇ ହେବ ନାହିଁ, ଆଉ ଏତେ ସହଜ ହେବ ନାହିଁ । ମାତ୍ର, ମୁଁ ଯେପରି କହିଲି, ସେମାନଙ୍କ ବୁଦ୍ଧିର କେତେ ବିକାଶ ହେଲାଣି ଏବଂ ସେମାନଙ୍କ ମଧ୍ୟରେ କେତେଦୂର ଉନ୍ମୋଚନ ସମ୍ଭବ ହେଲାଣି, ସବୁକିଛୁ ତାହାର ଉପରେହିଁ ନିର୍ଭର କରିବ । ଏପରି କେତେଜଣ ଅଛନ୍ତି, ଯେଉଁମାନେ କି ପୂର୍ବରୁ ଅଭିପ୍ରେତ ହୋଇ ରହିଛନ୍ତି, ସେମାନଙ୍କର ଏଠାରେ ରହିବାର କଥା ଥିଲା ବୋଲି ସେମାନେ ଏଠାରେ ଅଛନ୍ତି । ସେମାନଙ୍କ କ୍ଷେତ୍ରରେ ସବୁ କଥା ଖୁବ୍ ସହଜ ହୋଇଯିବ । ତାଙ୍କୁ କେବଳ ଏତିକି କହିଲେ ଯଥେଷ୍ଟ ହେବ : "ପିଲାଏ, ତୁମେମାନେ ଏଠାରେ ରହିଛ, କାରଣ ଯେଉଁ ଭବିଷ୍ୟତଟି ଗଢ଼ାହେବାରେ ଲାଗିଛି, ତୁମେସବୁ ସେହି ଭବିଷ୍ୟତର ମଞ୍ଜିସ, ଏବଂ ଏହିଠାରେହିଁ ସେହି ଭବିଷ୍ୟତଟି ଗଢ଼ା ହେଉଛି ।" ଏହି କଥାଟି କହିବା ଖୁବ୍ ସହଜ, ତେଣୁ ଖୁବ୍ ଭଲ । ଅନେକ ପିଲା ଏଠାରେ ଅଛନ୍ତି, କାରଣ ସେମାନଙ୍କର ବାପମାଆ ଏଠାରେ ଅଛନ୍ତି, ସେମାନଙ୍କର ଏଠି ରହିବା ପଛରେ ଆଉ କୌଣସି କାରଣ ନାହିଁ । ତେଣୁ, "ତୁମମାନଙ୍କର ବାପମାଆ ଏଠାରେ ଅଛନ୍ତି ବୋଲି ତୁମେମାନେ ବି ଏଠାରେ ଅଛ,"—ଏହି କଥାଟି ଅତି ସହଜ ହୋଇ କହିଦେବା ବ୍ୟତୀତ ସେମାନଙ୍କୁ ଆଉକିଛି କହିବା ପ୍ରକୃତରେ ଖୁବ୍ କଷ୍ଟକର ହେବ ।

## ମାତ୍ର ଆମେ ବୁଝିପାରିବା କିପରି ?

ବୁଝିପାରିବ କିପରି ? ତାହା ତୁମ ନିଜ ଉପରେ ନିର୍ଭର କରିବ ।

ସାରୂପ୍ୟ ବା ଏକାତ୍ମତା ଦ୍ୱାରା ଜାଣିବାକୁ ଶିକ୍ଷା କରିବା ହେଉଛି ସର୍ବପ୍ରଥମ କଥା । ଯେତେବେଳେ ଅନ୍ୟମାନଙ୍କ ପ୍ରତି ମଧ୍ୟ ଦାୟିତ୍ୱ ରହିଥାଏ, ସେତେବେଳେ ଏହା ଏକାନ୍ତ ଅପରିହାର୍ଯ୍ୟ । ଅନ୍ୟମାନଙ୍କୁ ବାଟ ଦେଖାଇ ଜାଣିବାକୁ ହେଲେ, ସେମାନଙ୍କୁ ଜାଣିପାରିବା ଲାଗି ସେମାନଙ୍କ ମନରେ କିପରି

ପ୍ରବେଶ କରିବାକୁ ହୁଏ, ସେହି କଥାଟି ହେଉଛି ଏକାନ୍ତ ଅପରିହାର୍ଯ୍ୟ ସର୍ବପ୍ରଥମ କଥା । ଆମେ ଆପଣାର ଭାବନାଗୁଡ଼ାକୁ ନେଇ ସେମାନଙ୍କ ଉପରେ ଲଦି ଦେବା ନାହିଁ, ସେମାନେ ପ୍ରକୃତରେ ଯାହା, ମନ ଭିତରେ ତାହାର କଳ୍ପନା କରି ପାରୁଥିବା, ମାତ୍ର ନିଜ ଭିତରୁ ବାହାରି ଯାଇ ସେମାନଙ୍କ ଭିତରେ ପ୍ରବେଶ କରିବା ଏବଂ ସେଠାରେ ଯାହାସବୁ ଘଟୁଛି, ତାହା ଜାଣିବାକୁ ଚେଷ୍ଟା କରିବା,—ଏହା ଅପରିହାର୍ଯ୍ୟ । ତେବେ, ଏହିପରି ଭାବରେହିଁ ସେମାନଙ୍କୁ ଜାଣିହେବ, କାରଣ ସେମାନଙ୍କ ସହିତ ଏକ ଅଭିନ୍ନତା ସ୍ଥାପିତ ହୋଇ ଯାଇଥିବ । ଆମେ ଯେତେବେଳେ ଅନ୍ୟମାନଙ୍କ ଭିତରେ କେବଳ ନିଜଟାକୁହିଁ ଜାଣୁ, ସେତେବେଳେ ଆମେ ପ୍ରକୃତରେ କିଛିହେଲେ ଜାଣୁ ନାହିଁ । ହୁଏତ ଜଣେ ସମ୍ପୂର୍ଣ୍ଣ ଭୁଲ ଧାରଣା ଭିତରେ ବୁଡ଼ି ରହିଥିବ । ଏଇଟା ଏପରି ବା ଏଇଟା ସେପରି ବୋଲି କଳ୍ପନା କରିବାରେ ଲାଗିଥିବ; କେବଳ ବାହାରୁ ଦେଖି ଅଥବା ମାନସିକ ଅଗ୍ରରୁଚି କିଂବା ପୂର୍ବକଳ୍ପିତ ଧାରଣାଗୁଡ଼ାକ ଦ୍ୱାରା ବିଚାର କରୁଥିବ; ଅର୍ଥାତ୍‌, ପ୍ରକୃତରେ କିଛି ଜାଣୁ ନଥିବ । ମାତ୍ର ଆଉରି ଏପରି ଏକ ଅବସ୍ଥା ରହିଛି, ଯେତେବେଳେ ଜାଣିବା ପାଇଁ ମଧ୍ୟ ଆଦୌ କୌଣସି ପ୍ରୟୋଜନ ନଥିବ; ଆଉଜଣେ ପ୍ରକୃତରେ କିପରି ହୋଇଥିବ, ସେକଥା ଜାଣିବା ଲାଗି ଚେଷ୍ଟା କରିବାର ବି ପ୍ରୟୋଜନ ନଥିବ : ସିଏ ପ୍ରକୃତରେ କ'ଣ, ସେହି କଥାଟି ଅନୁଭବ କରିବା ବ୍ୟତୀତ ଆଉ କିଛି କରି ହେଉ ନଥିବ, କାରଣ ସିଏ ତା' ନିଜର କେବଳ ଏକ ସମ୍ପ୍ରସାରଣ ମାତ୍ର ହୋଇ ରହିଥିବ । ଏବଂ, ସେଇଟି କରି ନଜାଣିବା ପର୍ଯ୍ୟନ୍ତ, ଲୋକମାନଙ୍କ ସକାଶେ ପ୍ରକୃତରେ କ'ଣ ଦରକାର, ଆମେ ସେବିଷୟରେ ଆଦୌ କିଛିହେଲେ କରି ପାରିବା ନାହିଁ । ତେଣୁ, ସେମାନେ ଯେପରି ଅନୁଭବ କରୁଛନ୍ତି, ସେହିପରି ଅନୁଭବ କରି ପାରିବାକୁ ହେବ; ସେମାନେ ଯେପରି ଭାବୁଛନ୍ତି, ନିଜେ ମଧ୍ୟ ସେହିପରି ଭାବି ପାରିବ; ସତେଯେପରି ସେମାନଙ୍କ ସହିତ ନିଜର ଆଦୌ କୌଣସି ଭିନ୍ନତା ନାହିଁ, ସେହିପରି ଭାବରେହିଁ ସେମାନଙ୍କ ଭିତରେ ଯାଇ ପ୍ରବେଶ କରିବାକୁ ପଡ଼ିବ । ଏହାହିଁ ପନ୍ଥା, ଏକମାତ୍ର ପନ୍ଥା । ଏକ କ୍ଷୁଦ୍ର ଓ କ୍ରିୟାଶୀଳ ମନ ଦ୍ୱାରା ଜାଣିବାକୁ ଚେଷ୍ଟା କରୁଥିଲେ ତୁମେ କେବେହେଲେ କିଛି ଜାଣି ପାରିବ ନାହିଁ;—ଅଥବା, ଲୋକମାନଙ୍କ ଆଡ଼କୁ ଦୃଷ୍ଟିପାତ କରି ଏବଂ "ଦେଖନ୍ତୁ, ସିଏ କିପରି ଏହି କଥାଟିକୁ ଏପରି ବା ସେପରି କରୁଛି, ତେଣୁ ସେ ନିଶ୍ଚୟ ସେହିପରି ହୋଇଥିବ" ବୋଲି ଆପଣାକୁ କହିବାରେ ଲାଗିଥିଲେ ମଧ୍ୟ ତୁମେ କିଛି ଜାଣି ପାରିବ ନାହିଁ, ଏସବୁ ଦ୍ୱାରା ତାହା କଦାପି ସମ୍ଭବ ହେବ ନାହିଁ ।

ତେଣୁ ଯେଉଁମାନଙ୍କର ଦାୟିତ୍ୱ ରହିଛି,—ଉଦାହରଣସ୍ୱରୂପ, ଯେଉଁମାନଙ୍କୁ ଅନ୍ୟ ପିଲାମାନଙ୍କୁ ପାଠ ପଢ଼ାଇବାର ଭାର ଦିଆଯାଇଛି, ଅଧିଶାସକଠାରୁ ଶିକ୍ଷକ ଓ

'oaob.nitrkl.ac.in' images reprocessed

ମନଟର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଯେଉଁମାନେ ଅନ୍ୟମାନଙ୍କର ଦେଖାଶୁଣା କରିବାର ଦାୟିତ୍ୱ ନେଇଛନ୍ତି, ଅନ୍ୟମାନଙ୍କ ସହିତ ଏକାତ୍ମକତା ଅର୍ଜନ କରିବା ଓ ସେମାନେ ଯେପରି ଅନୁଭବ କରୁଛନ୍ତି, ସେହିପରି ଅନୁଭବ କରିପାରିବା ହେଉଛି ସେମାନଙ୍କର ସର୍ବପ୍ରଥମ କର୍ତ୍ତବ୍ୟ । ତା'ପରେ, ଆମର କ'ଣ କରିବା ଉଚିତ, ଆମେ ତାହା ନିଶ୍ଚୟ ଜାଣିବା । ଆମ ଅନ୍ତରସ୍ଥ ଆଲୋକଟି ଏବଂ ଚେତନାଟି ଯେଉଁଠାରେ ରହିବା ଉଚିତ ଅବଶ୍ୟ ରହିଥିବ, ଅନେକ ଉଚ୍ଚ ହୋଇ ରହିଥିବ, ଆଲୋକ ମଧ୍ୟରେହିଁ ରହିଥିବ; ଏବଂ ତଥାପି ତାହା ସଙ୍ଗେ ସଙ୍ଗେ ଆମେ ନିଜକୁ ଏକାତ୍ମକ କରି ରଖିପାରୁଥିବା । ଏବଂ, ଏହିପରି ଭାବରେହିଁ, ସେମାନେ ପ୍ରକୃତରେ କ'ଣ, ସେମାନଙ୍କ ମଧ୍ୟରେ କ'ଣସବୁ ପ୍ରତିକ୍ରିୟା ରହିଛି, କ'ଣସବୁ ଭାବନା ରହିଛି, ଆମେ ସେଗୁଡ଼ିକୁ ଅନୁଭବ ଦ୍ୱାରା ଠଉରାଇ ନେଇ ପାରିବା । ତାହାକୁ ଆଣି ଆମେ ଆମ ଆଲୋକଟିର ସମ୍ମୁଖରେ ରଖିଦେବା ତେବେ, ସେମାନଙ୍କ ଲାଗି ପ୍ରକୃତରେ କ'ଣ କରିବାକୁ ହେବ, ଅତ୍ୟନ୍ତ ନିଖୁଣ ଭାବରେ ଆମେ ସେସବୁକୁ ଭାବିବା ଲାଗି ସଫଳ ହୋଇଯିବା । ଯାହାର ଯେଉଁ କଥାଟି ଶୁଣିବାର ପ୍ରୟୋଜନ ରହିଛି, ତା'ପରେ ତୁମେ ତାକୁ ସେହି କଥାଟି ଯାଇ କହିବ, ଜଣକୁ ସବୁକଥା ସ୍ପଷ୍ଟ ଭାବରେ ବୁଝାଇ ଦେବାକୁ ହେଲେ ଯେପରି କାର୍ଯ୍ୟ କରିବା ଦରକାର, ତୁମେ ପ୍ରତ୍ୟେକର କ୍ଷେତ୍ରରେ ଠିକ୍ ସେହି କଥାଟିକୁ ଯାଇ କରିବ । ତେଣୁ, ଆମକୁ ଯେ କେତେକ ଲୋକଙ୍କର ଦାୟିତ୍ୱରେ ରଖାଯାଇଛି, ଆମେ ତାହାକୁ ମଧ୍ୟ ଏକ ଅଦ୍ଭୁତ କରୁଣା ବୋଲି ଜାଣିବା, କାରଣ ତାହା ଆମକୁ ମଧ୍ୟ ସର୍ବୋତ୍ତମ ପ୍ରକୃତ ଅଗ୍ରଗତି କରିବା ଲାଗି ପ୍ରେରିତ କରିନେଇ ପାରିବ । ଏବଂ ଆଦୌ କୌଣସି ବିଳମ୍ବ ନକରି ମୁଁ ଏକଥାଟି ମଧ୍ୟ ନିଶ୍ଚୟ କହିରଖିବି ଯେ ଲୋକମାନେ ଶହେ ଥର ମଧ୍ୟରୁ ଅନେଶତ ଥରହିଁ ଏପରି ଆଦୌ କରନ୍ତି ନାହିଁ । ମାତ୍ର, ଠିକ୍ ସେହି କାରଣରୁହିଁ ତ ବର୍ତ୍ତମାନ ସବୁ କଥା ଏପରି ଖରାପ ହୋଇ ରହିଛି । ବିଶେଷତଃ, ଯେଉଁମାନଙ୍କ ହାତରେ ଗୋଟାଏ ଦେଶକୁ ଶାସନ କରିବାର ଦାୟିତ୍ୱ ରହିଛି, ସେମାନେ ଏହି କଥାଟି ବିଷୟରେ ସବୁଠାରୁ କମ୍ ଭାବିଥାନ୍ତି ! ଆପଣାର ଦେଖିବା ଓ ଅନୁଭବ କରିବାର ଶୈଳୀଟିକୁ ବଜାୟ ରଖିବାକୁହିଁ ସେମାନେ ଭାରି ଉତ୍ସାହ ଦେଖାଇବାରେ ଲାଗିଥାନ୍ତି, ଏବଂ ଯେଉଁମାନଙ୍କ ଉପରେ ସେମାନେ ଶାସନ କରୁଥାନ୍ତି, ସେମାନଙ୍କର ଆବଶ୍ୟକତା-ଗୁଡ଼ିକୁ ଉପଲବ୍ଧି କରିବାରୁ ଆପଣାକୁ ନିବୃତ୍ତ କରି ରଖିଥାନ୍ତି । ମାତ୍ର ବାସ୍ତବ କ୍ଷେତ୍ରରେ ଆମେ ବେଶ୍ ଦେଖିପାରିବା ଯେ ଏହାଦ୍ୱାରା ଆଦୌ ଖୁବ୍ ବେଶୀ ଫଳ ଫଳେ ନାହିଁ; ରାଷ୍ଟ୍ର ବା ସରକାରମାନେ ପ୍ରକୃତରେ ଗୋଟିଏ ଗୋଟିଏ ଆଦର୍ଶସ୍ଥାନୀୟ ଅନୁଷ୍ଠାନରୂପେ କାର୍ଯ୍ୟ କରିଛନ୍ତି ବୋଲି ଯେ ଆଦୌ କୁହାଯାଇ ପାରିବ ନାହିଁ, ଆମ ପାଖରେ ତାହା ଅତ୍ୟନ୍ତ ସ୍ପଷ୍ଟ ହୋଇ ରହିଛି । ଯାବତୀୟ ସ୍ତରରେ ଠିକ୍ ସେହି

'oaob.nitrkl.ac.in' images reprocessed

ଗୋଟିଏ କଥା : ସଂସାରରେ ସାନ ସାନ ସରକାର ଅଛନ୍ତି, ବଡ଼ ବଡ଼ ସରକାରମାନେ ବି ଅଛନ୍ତି । ମାତ୍ର ଆଇନ୍‌ଗୁଡ଼ାକ ସବୁଠାରେ ସେହି ଏକାପରି ହୋଇ ରହିଛି, ଏବଂ, ପାଠ ପଢ଼ାଇବା ସମୟରେ ତୁମେ ଯେପର୍ଯ୍ୟନ୍ତ ଠିକ୍ ସେହିଠାରେ ଏବଂ ସେହିକବେଳେ ସମସ୍ତ ବାତାବରଣଟିକୁ ନିଜ ହାତକୁ ନନେଇ ପାରିବ, ଲୋକମାନଙ୍କ ଚତୁର୍ଦ୍ଦିଗରେ ହେଉଥିବା ସ୍ପନ୍ଦନଗୁଡ଼ିକୁ ଏକତ୍ର କରି ନଆଣି ପାରିବ, ତୁମ ସମ୍ମୁଖରେ ଥିବା ସବୁକିଛିକୁ ତୁମେ ଯେପର୍ଯ୍ୟନ୍ତ ଗ୍ରହଣ କରିନେଇ ନପାରିବ, ଏବଂ ଏହି ଉପାଦାନଟିକୁ ତୁମେ କପରି କ'ଣ କରି ଗଢ଼ିପାରିବ, ଏହି ବିଷୟରେ ଯେପର୍ଯ୍ୟନ୍ତ ତୁମେ କୌଣସି ପ୍ରକାରରେ ସଜ୍ଞାନ ନଥିବ (ଯେଉଁସବୁ ସ୍ପନ୍ଦନକୁ ତୁମେ ପରିବ୍ୟାପ୍ତ କରିଦେଇ ପାରିବ, ତୁମେ ଯେଉଁସବୁ ଶକ୍ତିର ବିକିରଣ କରିପାରିବ, ଯେଉଁସବୁ ସ୍ପନ୍ଦନକୁ ଗ୍ରହଣ କରିବ ଓ ଯେଉଁଗୁଡ଼ିକୁ ନିଜସ୍ୱରେ ପରିଣତ କରିବ), ଏସବୁ କରିବା ଲାଗି ସମର୍ଥ ନହେବା ପର୍ଯ୍ୟନ୍ତ, ତୁମେ ଅଧିକାଂଶତଃ ନିଜର ସମୟକୁହିଁ ନଷ୍ଟ କରିବାରେ ଲାଗିଛ ବୋଲି ବୁଝାଯିବ, ନିଜକୁ ବି ନଷ୍ଟ କରିବାରେ ଲାଗିଛ ବୋଲି ବୁଝାଯିବ । ଏତେଟିକିଏ ବି କାର୍ଯ୍ୟ କରି ପାରିବାକୁ ହେଲେ ଆମକୁ ପ୍ରଭୂତ ଅଗ୍ରଗତି କରିବାକୁ ପଡ଼ିବ ।

"ମନ ପରି ଅନ୍ତର୍ମାନସ ମାନସିକ ବସ୍ତୁଗୁଡ଼ିକଠାରେ ଆଦୌ କୌଣସି ଆଗ୍ରହ ପ୍ରକାଶ କରେ ନାହିଁ । ବିଶ୍ୱଜଗତର ଯାବତୀୟ ଗତିସ୍ପନ୍ଦନ ବିଷୟରେ ଅନ୍ତର୍ମାନସର ଏକ ସ୍ୱକୀୟ ଆଗ୍ରହ ରହିଥାଏ ସତ, ମାତ୍ର ଏକ ଭିନ୍ନ ଦୃଷ୍ଟିକୋଣରୁହିଁ ଏହି ଆଗ୍ରହ ରହିଥାଏ ଏବଂ ଏକ ଭିନ୍ନ ଦୃଷ୍ଟି ଓ ଅଭିପ୍ରାୟ ସହିତ ରହିଥାଏ । ବିଶ୍ୱଜଗତକୁ ସିଏ ଏକ ଭିନ୍ନ ଓ ଅନ୍ୟପ୍ରକାର ରୂପାୟନରୂପେ ଦେଖିଥାଏ । ଏହି କ୍ଷେତ୍ରରେ ଦୃଷ୍ଟିରେ ଏକ ବୈପରୀତ୍ୟ ଘଟିଥାଏ ଓ ଏସବୁ ମନ ଲାଗି ଯେପରି ପ୍ରତୀତ ହୋଇଥାଏ, ସେହି ସ୍ତରରୁ ପ୍ରତ୍ୟେକ ବସ୍ତୁ ଏକାବେଳେକେ ଅଲଗା ପ୍ରକାରର, ଏବଂ ଅନେକ ସମୟରେ ଏପରିକି ଠିକ୍ ଓଲଟା ପରିହିଁ ଦେଖା ଯାଇଥାଏ । ସେଠି ବସ୍ତୁଗୁଡ଼ିକର ତାତ୍ପର୍ଯ୍ୟହିଁ ବଦଳିଯାଏ; ସେଗୁଡ଼ିକର ବିଭାବ, ଗତି ଓ ପ୍ରକ୍ରିୟା, ସେଗୁଡ଼ିକ ସମ୍ବନ୍ଧରେ ସବୁକିଛି ଏକ ଭିନ୍ନ ଚକ୍ଷୁରେ ପରିଲକ୍ଷିତ ହୁଏ । ସେଠାରେ ଅନ୍ତର୍ମାନସହିଁ ସବୁକିଛି ଦେଖିଥାଏ; ମନର ଯାବତୀୟ ଗତିସ୍ପନ୍ଦନ ଏବଂ ଠିକ୍ ସେହିପରି ପ୍ରାଣ ଓ ଜଡ଼ସ୍ତରର ଯାବତୀୟ ଗତିସ୍ପନ୍ଦନ,

'oaob.nitrkl.ac.in' images reprocessed

— ବିଶ୍ୱଜଗତର ଏହି ସବୁଯାକ ଲୀଳାରେ ତାହାର ଅତ୍ୟନ୍ତ ଆଗ୍ରହ ରହିଥାଏ ସତ, ମାତ୍ର ଏକ ଅନ୍ୟ ପ୍ରକାରର ଆଗ୍ରହ ରହିଥାଏ ।”

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୩ ଜୁନ୍)

ଅତିମାନସ ପ୍ରକୃତିରେ କେଉଁଥିରେ ଆଗ୍ରହ ପ୍ରକାଶ କରୁଥାଏ ?

ତାହା ଜଗତର ରୂପାନ୍ତରୀକରଣରେ ଆଗ୍ରହ ରଖିଥାଏ,— ଆତ୍ମାର ଅନ୍ୟ ଶକ୍ତିମାନେ ଆସି ଏହି ଭୌତିକ ଜଗତର ରୂପାନ୍ତର-ସାଧନ କରିବେ ବୋଲି ଆଗ୍ରହ ରଖିଥାଏ; ଏହି ଭୌତିକ ଜଗତକୁ ଅନୁରୂପ କରି ପ୍ରସ୍ତୁତ କରିବାରେ ଆଗ୍ରହ ରଖିଥାଏ, ଯେପରିକି ତାହା ଅତିମାନସ ଶକ୍ତିଗୁଡ଼ିକୁ ଗ୍ରହଣ କରିବା ଲାଗି ସମର୍ଥ ହୋଇ ପାରିବ । ଏବଂ, ଏହି ଜଗତ ବର୍ତ୍ତମାନ ଯେପରି ଅଛି ଓ ଭବିଷ୍ୟତରେ ଯେପରି ହେବାକୁ ଯାଉଛି, ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟ ସମ୍ବନ୍ଧରେ ତାହା ସଚେତନ ହୋଇ ରହିଥାଏ । କ'ଣ ଅଛି ଓ କ'ଣ ହେବା ଉଚିତ, ତାହା ପ୍ରତ୍ୟେକ ମୁହୂର୍ତ୍ତରେହିଁ ଉଭୟ ମଧ୍ୟରେ ରହିଥିବା ବ୍ୟବଧାନଟିକୁ ଦେଖି ପାରୁଥାଏ; ଅସଲ ସତ୍ୟ ଓ ଯେଉଁ ମିଥ୍ୟାଟି ଏଠାରେ ଆପଣାକୁ ରୂପାୟିତ କରି ରଖିଛି, ଦୁହିଁଙ୍କ ମଧ୍ୟରେ ରହିଥିବା ବ୍ୟବଧାନଟିକୁ ଦେଖୁଥାଏ । ଏବଂ, ତାହା ଅନୁକ୍ଷଣ ଏହି ଜଗତକୁ ନେଇ ଧ୍ୟାନମଗ୍ନ ହୋଇ ରହିଥିବା ପରମ ସତ୍ୟକୁ ଆପଣାର ଦୃଷ୍ଟି ସମ୍ମୁଖରେ ଉପସ୍ଥାପିତ କରି ରଖିଥାଏ, ଯେପରି କେଉଁଠି ଏତେଟିକିଏ ବି ଉନ୍ମୋଚନ ଘଟିବା ମାତ୍ରକେହିଁ ତାହା ଦ୍ରୁତ ଏଠାରେ ଅବତୀର୍ଣ୍ଣ ହୋଇ ଆପଣାକୁ ପ୍ରକାଶିତ କରିଦେଇ ପାରିବ । ଏବଂ, ଆମ ସାଧାରଣ ସଜ୍ଞାନତା ଲାଗି ଯାହାକିଛି ବେଶ୍ ସ୍ୱାଭାବିକ ବୋଲି ମନେ ହେଉଥାଏ, ତାହା ଅତିମାନସ ଲାଗି ସାଧାରଣତଃ ନାନା ଅସ୍ପଷ୍ଟ, ଅଜ୍ଞାନତାମସ୍ତ ଓ ସମ୍ପୂର୍ଣ୍ଣ ଅଚେତନ ନାନା ଲୀଳାରହିଁ ଏକ ବ୍ୟାପାର ବୋଲି ପ୍ରତୀତ ହୋଇ ରହୁଥାଏ । ଏବଂ ସେଇଟିକୁ ତାହା କେବେହେଲେ ସ୍ୱାଭାବିକ ବୋଲି ଗ୍ରହଣ କରିନଏ ନାହିଁ । ଏହା ତାହାକୁ ସତେଅବା ଏକ କଦାକାର ଆକସ୍ମିକତାରୂପେ ପ୍ରତ୍ୟକ୍ଷ କରେ ଏବଂ ଆପଣାର ସକଳ ଶକ୍ତି ଦେଇ ତାହାର ପ୍ରତିବିଧାନ କରିବା ଲାଗି ଚେଷ୍ଟା କରୁଥାଏ । ତାହା ଖୋଜିବାରେ ଲାଗିଥାଏ, ଦେଖିବାରେ ଲାଗିଥାଏ, ଏବଂ ଯଦି କୌଣସିଠାରେହିଁ ଏକ ଗ୍ରହଣଶୀଳତା ଦେଖିବାକୁ ପାଇଯାଏ, ତେବେ ସେହିଠାରେହିଁ ତାହା ଆପଣାର କାର୍ଯ୍ୟକୁ ପ୍ରଗାଢ଼ କରି ଆଣିବାରେ ଲାଗିଯାଏ । ମଣିଷମାନଙ୍କୁ ତାହା ସେମାନଙ୍କର ବାହ୍ୟ ପ୍ରତିଚ୍ଛବିଟି ଦେଇ କଦାପି ଦେଖେ ନାହିଁ; ସେମାନଙ୍କୁ ଅଳ୍ପବହୁତ ପରିମାଣରେ ଗ୍ରହଣଶୀଳ ଓ ଅଳ୍ପବହୁତ ପରିମାଣରେ

'oaob.nitrkl.ac.in' images reprocessed

ତମସାବୃତ ଅଥବା ଆଲୋକିତ ନାନା ଗତିସ୍ପନ୍ଦନରୂପେ ଦେଖିବାକୁ ପାଏ, ଏବଂ କୌଣସି ସ୍ଥାନରେ କୌଣସି ଆଲୋକ ଦେଖିବା ମାତ୍ରକେ ତାହା ଆପଣାର ଶକ୍ତିଟିକୁ ନେଇ ସେଠାରେ ପ୍ରକ୍ଷେପିତ କରିବାକୁ ଲାଗେ, ଯେପରିକି ସେହି ବସ୍ତୁଟି ବା ସ୍ଥାନଟି ତାହାର ପୂର୍ଣ୍ଣ ପ୍ରଭାବଟିକୁ ଲାଭ କରିପାରିବ । ଏବଂ, ପ୍ରତ୍ୟେକ ସତ୍ତାକୁ କୌଣସି ଟେବୁଲ୍ ଉପରେ ଥିବା ନଗଣ୍ୟ କେତେଟା ସୈନିକ ପରି ଅର୍ଥାତ୍ ଏକ କ୍ଷୁଦ୍ର ଓ ସୁନିରୂପିତ ଏକ ଏକକରୂପେ ଗ୍ରହଣ ନକରି ତାହା ଉପରି ତାହା ମଧ୍ୟରେ ନାନାବିଧ ଶକ୍ତି ପ୍ରବେଶ କରିବାରେ ଲାଗିଛନ୍ତି, ପୁଣି ବାହାରି ଯାଉଛନ୍ତି, ତାହାକୁ ଦୋହଲାଇ ଦେଇ ସଚଳ କରି ଦେଉଛନ୍ତି ଓ ଯାବତୀୟ ବସ୍ତୁକୁହିଁ ସଚଳ କରୁଛନ୍ତି, ଗତିସ୍ପନ୍ଦନଗୁଡ଼ିକ ତାହା ଭିତରେ କିପରି କାର୍ଯ୍ୟ କରୁଛନ୍ତି, ତାହା ସେହି କଥାଟିକୁହିଁ ଦେଖିବାରେ ଲାଗିଥାଏ । ଏବଂ, ଯେଉଁ ଗତିସ୍ପନ୍ଦନଗୁଡ଼ିକ ଆରୋହଣ କରିବାରେ ଲାଗିଛନ୍ତି, ଅଗ୍ରଗତି-ପଥରେ ପରିଚାଳିତ କରି ନେଉଛନ୍ତି, ତଥା ଯେଉଁ ଗତିସ୍ପନ୍ଦନମାନ ତୁମକୁ ଅଧିକରୁ ଅଧିକ ପରିମାଣରେ ଅନ୍ଧକାର ମଧ୍ୟରେ ନେଇ ନିକ୍ଷିପ୍ତ କରି ଦେଉଛନ୍ତି ଓ ତୁମର ସ୍ଖଳନ ଘଟାଉଛନ୍ତି, ସିଏ ସେହି ସବୁଗୁଡ଼ିକୁ ଦେଖିବାରେ ଲାଗିଥାଏ । ଏବଂ ବେଳେବେଳେ କେହି ଏପରି ଜଣେ ହୁଏତ ତୁମ ପାଖରେ ଆସି ପହଞ୍ଚେ, ସାଧାରଣତଃ ବହିରୁ ପଇଟାଇ ଆଣିଥିବା କେତେଟା ପୂର୍ବରୁ ପ୍ରସ୍ତୁତ କଥା ତୁମକୁ କହିବାରେ ଲାଗିଥାଏ, ଅବଶ୍ୟ ଏକଥା ସତ ଯେ ସେହିସବୁ ଶବ୍ଦ କେତେକେତେ ଆକାଙ୍‌କ୍ଷା ଓ ସଦିଚ୍ଛାରେ ପୂର୍ଣ୍ଣ ହୋଇ ରହିଥାଏ;— ମାତ୍ର ତୁମେ ତାକୁ ସିଧା ଅସ୍ୱୀକାର କରି ଜବାବ ଦିଅ, ତାହାକୁ ନିଷ୍ଠାବାନ୍ ହେବା ଲାଗି ଚେଷ୍ଟା କରିବାକୁ କହ;— ମାତ୍ର ସିଏ ତୁମ କଥାଗୁଡ଼ାକୁ ମୋଟେ ବୁଝି ପାରୁ ନଥାଏ । ଏପରି ଘଟେ, କାରଣ ସେହି କ୍ଷେତ୍ରରେ କୌଣସି ନିଷ୍ଠା ଅଛି ବୋଲି ସେହି ଶକ୍ତିଟି ଆଦୌ ଦେଖି ପାରେ ନାହିଁ;— ସେହି ଶକ୍ତିଟି ଶବ୍ଦଗୁଡ଼ାକୁ କଦାପି ଦେଖେ ନାହିଁ, ଶବ୍ଦଗୁଡ଼ାକୁ କେବେହେଲେ ଶୁଣେ ନାହିଁ, ଏପରିକି ମୁଣ୍ଡ ଭିତରେ ରହିଥିବା ଭାବନାଗୁଡ଼ାକୁ ବି ଦେଖେ ନାହିଁ । ତାହା କେବଳ ଚେତନାର ସ୍ଥିତିଟିକୁ ଦେଖିଥାଏ, ଚେତନାର ସ୍ଥିତିଟି ନିଷ୍ଠାପର ହୋଇ ରହିଛି କି ନାହିଁ, କେବଳ ସେହି କଥାଟିକୁ ଦେଖେ । ଆଉ କେତେକ ଲୋକଙ୍କର ଏପରି ଅନ୍ୟ ଦୃଷ୍ଟାନ୍ତମାନ ବି ରହିଛି, ଯେଉଁମାନେ କି ଭାରି ଅସାର ଓ ନିର୍ବୋଧ ହୋଇ ରହିଥାନ୍ତି, ନିରର୍ଥକ ନାନା ବସ୍ତୁ ଭିତରେ ବ୍ୟସ୍ତ ରହିଥାନ୍ତି; ଏବଂ ହଠାତ୍ କେହିଜଣେ ଆସି ସେମାନଙ୍କର ସହାୟତା କରେ, ସେମାନଙ୍କୁ ଉତ୍ସାହ ଦିଏ, ସେମାନଙ୍କ ସହିତ ବନ୍ଧୁ ଓ ସାଥୀ ପରି ବ୍ୟବହାର କରେ; କାରଣ ଉପରର ସେହି ସବୁକିଛି ଭିତରେହିଁ ସେ ଏକ ନିଷ୍ଠା ଟକଟକ ହୋଇ ଜଳୁଥିବାର ପ୍ରତ୍ୟକ୍ଷ କରେ, ଏପରି ଏକ ଅଭୀପ୍ସା ପ୍ରତ୍ୟକ୍ଷ କରେ, ଯାହାର କି ବାହାକୁ ଦେଖିବାକୁ ଏକ

'oaob.nitrkl.ac.in' images reprocessed

ପିଲଲଆ ରୂପ ରହିଥାଏ ସତ, ମାତ୍ର ଯାହାକ ସେଠାରେ ଅବଶ୍ୟ ରହିଥାଏ ଓ ଅନେକ ସମୟରେ ଅତ୍ୟନ୍ତ ବିଶୁଦ୍ଧ ହୋଇ ରହିଥାଏ । ଏବଂ ଏହିପରି ଭାବରେ ସେହି ବ୍ୟକ୍ତି ସେମାନଙ୍କ ସକାଶେ ଅନେକକିଛି କରେ, ଯାହାକୁ କି ଲୋକମାନେ ଆଦୌ ବୁଝି ପାରନ୍ତି ନାହିଁ, କାରଣ ଉପରର ପ୍ରତିଭାସଗୁଡ଼ାକର ଭିତରକୁ ଯାଇ ସେମାନେ ପ୍ରକୃତ ସତ୍ୟଟିକୁ ମୋଟେ ଦେଖି ପାରନ୍ତି ନାହିଁ । ସେଇଥି ସକାଶେ ମୁଁ କହୁଛି ଯେ ଏକ ସଂପୂର୍ଣ୍ଣ ଭିନ୍ନ ପ୍ରକାରେହିଁ ଅନ୍ତମାନସ ଆଗ୍ରସ୍ତ ହୋଇ ରହିଥାଏ, ଏକ ସଂପୂର୍ଣ୍ଣ ଭିନ୍ନ ପ୍ରକାରେହିଁ ଦେଖୁଥାଏ, ଏବଂ ସଂପୂର୍ଣ୍ଣ ଭିନ୍ନ ପ୍ରକାରେହିଁ ସବୁକିଛି ଜାଣିଥାଏ ।

ଅନ୍ୟମାନଙ୍କୁ ଜାଣିବା ଲାଗି ଚେଷ୍ଟା କରିବା ଅପେକ୍ଷା ଆପଣାକୁ ଜାଣିବା ପ୍ରକୃତରେ ଅଧିକ ମହତ୍ତ୍ୱପୂର୍ଣ୍ଣ ନୁହେଁ କି ?

ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ, ସର୍ବାପେକ୍ଷା ଅଧିକ ମହତ୍ତ୍ୱପୂର୍ଣ୍ଣ । ପୁନଶ୍ଚ, ପ୍ରତ୍ୟେକ ବ୍ୟକ୍ତି ଲାଗି କର୍ମର ସେହି କ୍ଷେତ୍ରଟିହିଁ ପ୍ରଦତ୍ତ ହୋଇ ରହିଛି । ମନୁଷ୍ୟ ପ୍ରକୃତରେ ତାହାକୁହିଁ ବୁଝିବ, ଅର୍ଥାତ୍, ଆମେ ପ୍ରତ୍ୟେକେ ଗୋଟିଏ ଗୋଟିଏ କାର୍ଯ୍ୟକ୍ଷେତ୍ର ବୋଲି ଅବଶ୍ୟ ବୁଝିବ; ଆମର ଅନ୍ତଃଶରୀର ଓ ବହିଃଶରୀରକୁ ଗଠନ କରି ରଖିଥିବା ଏହି ଯାବତୀୟ ଉପାଦାନ, ଯେଉଁ ସମଗ୍ର ଉପାଦାନଟି ଦେଇ ବହିଃସ୍ଥତମ ଭାଗଟିଠାରୁ ଆରମ୍ଭ କରି ତୁମର ଅନ୍ତରତମ ଭାଗଟି ନିର୍ମିତ ହୋଇ ରହିଛି, ତାହାକୁ ପ୍ରତ୍ୟେକ ମନୁଷ୍ୟ ଏକ କାର୍ଯ୍ୟକ୍ଷେତ୍ରରୂପେହିଁ ବୁଝିବ । ସତେଯେପରି କେହିଜଣେ ଅତ୍ୟନ୍ତ ଯତ୍ନ ସହକାରେ କେତେଗୁଡ଼ାଏ ଗତିସ୍ପନ୍ଦନକୁ ଏକାଠି ସଂଗୃହୀତ କରି ଆଣିଛି ଏବଂ ସେଗୁଡ଼ିକୁ ନେଇ ସଂପୂର୍ଣ୍ଣ ଭାବରେ କାର୍ଯ୍ୟ କରି ପାରିବାକୁ ତାହାକୁ ତୁମ ଅଧୀନରେ ଆଣି ରଖିଦେଇଛି ! ସତେଯେପରି କାର୍ଯ୍ୟର ଏହି କ୍ଷେତ୍ରଟି ସତତ ତୁମର ଅଧୀନରେ ରହିଛି : ଦିନ ରାତି, ତୁମର ଜାଗ୍ରତାବସ୍ଥା ତଥା ନିଦ୍ରିତାବସ୍ଥା, ସବୁବେଳେହିଁ ତାହା ତୁମର ଅଧୀନ ହୋଇ ରହିଛି । ତାହାକୁ କେହି ତୁମଠାରୁ ଛଡ଼ାଇ ନେଇଯାଇ ପାରିବ ନାହିଁ,—ତାହା ପ୍ରକୃତରେ ଏକ ଭାରି ଚମତ୍କାର ବ୍ୟବସ୍ଥା ହୋଇ ରହିଛି । ହଁ, ଏହାକୁ କାମରେ ଲଗାଇବାକୁ ତୁମେ ମନା କରି ଦେଇପାର (ଅଧିକାଂଶ ମନୁଷ୍ୟ ତାହାହିଁ କରିଥାନ୍ତି; ମାତ୍ର ଏକ ପିଣ୍ଡରେ ରୂପାନ୍ତର ସମ୍ଭବ କରିବା ପାଇଁହିଁ ତାହାକୁ ତୁମ ହାତରେ ଆଣି ଦିଆଯାଇଛି, ସଂପୂର୍ଣ୍ଣ ଭାବରେ ତୁମରି ଅଧୀନ କରି ରଖାଯାଇଛି; ତୁମେ ଯେପରି ସେଇଟିକୁ ନେଇ କାର୍ଯ୍ୟ କରି ଶିଖିବ, ସେଇଥିଲାଗି ତୁମକୁ ପ୍ରଦତ୍ତ ହୋଇ ରହିଛି । ତେଣୁ ସେଇଟିକୁ କାର୍ଯ୍ୟକାରୀ କରିବାକୁ ଆରମ୍ଭ କରିବା ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ । ଏବଂ ନିଜକୁ

'oaob.nitrkl.ac.in' images reprocessed

ନେଇ ଏଇଟିକୁ କାର୍ଯ୍ୟକାରୀ କରି ନପାରିବା ପର୍ଯ୍ୟନ୍ତ ତୁମେ ଅନ୍ୟମାନଙ୍କ ବିଷୟରେ କଦାପି କିଛିହେଲେ କରି ପାରିବ ନାହିଁ । ଆଗ ଆପଣାକୁ ଯେଉଁ ଉପଦେଶଟି ଦେଇ ନପାରୁଥିବ, ତୁମେ ତାହାକୁ କଦାପି ଆଉଜଣକୁ ଦେଇ ପାରିବ ନାହିଁ, ନିଜେ ସେହି ଉପଦେଶଟିକୁ ନମାନୁଥିବା ଯାଏ ତାହା କଦାପି କରି ପାରିବ ନାହିଁ । ଏବଂ ଯଦି ତୁମେ କୌଣସି ଅସୁବିଧା ଦେଖିବାକୁ ପାଇବ, ତେବେ ସେଇଟିକୁ ଆଗ ନିଜ ଭିତରେ ବଦଳାଇ ଦେଇ ପାରିବା ହେଉଛି ସେଇଟିକୁ ବଦଳାଇବାର ସର୍ବୋତ୍କୃଷ୍ଟ ଉପାୟ । ଯଦି କାହାରିଠାରେ ଦୋଷଟିଏ ଦେଖିବାକୁ ପାଅ, ତେବେ ତୁମର ସମ୍ପୂର୍ଣ୍ଣଭାବେ ନିଶ୍ଚିତ ହୋଇଯିବା ଉଚିତ ଯେ ସେହି ଦୋଷଟି ତୁମ ପାଖରେ ମଧ୍ୟ ରହିଛି ଏବଂ ତା'ପରେ ତୁମେ ସେଇଟିକୁ ନିଜ ଭିତରେହିଁ ବଦଳାଇବାକୁ ଆରମ୍ଭ କରିବ । ଏବଂ ସେଇଟିକୁ ନିଜ ଭିତରେ ବଦଳାଇ ଦେଇ ସାରିବା ପରେହିଁ ଅନ୍ୟମାନଙ୍କ ମଧ୍ୟରେ ବି ସେଇଟିକୁ ବଦଳାଇ ପାରିବା ଲାଗି ତୁମେ ଯଥେଷ୍ଟ ଶକ୍ତି ଲାଭ କରିବ । ଏବଂ, ଏଇଟି ପ୍ରକୃତରେ ଏକ ଅଦ୍‌ଭୁତ କଥା; ଏଇଟି ଯେ କେଡ଼େ ବଡ଼ କରୁଣାର କଥା, ସେଇଟିକୁ ଲୋକମାନେ ଆଦୌ ବୁଝନ୍ତି ନାହିଁ ଯେ ଏହି ବିଶ୍ୱଜଗତ ଏପରି ଭାବରେ ତିଆରି ହୋଇ ରହିଛି, ଯେଉଁଠାରେ କି ସବୁଠାରୁ ଅଧିକ ପରିମାଣରେ ଜଡ଼ସ୍ଥଠାରୁ ଆରମ୍ଭ କରି ସର୍ବୋଚ୍ଚ ଆଧ୍ୟାତ୍ମିକ ପର୍ଯ୍ୟନ୍ତ ସକଳ ଉପାଦାନ ସଂଗୃହୀତ ହୋଇ ରହିଛି, ଜଣେ କ୍ଷୁଦ୍ର ବ୍ୟକ୍ତି ମଧ୍ୟରେହିଁ ସେଗୁଡ଼ିକ ସବୁଯାକ ଠୁଳ ହୋଇ ରହିଛି, ମାତ୍ର କେନ୍ଦ୍ରରେ ଅବସ୍ଥିତ ରହିଥିବା ଏକ ପରମ ଇଚ୍ଛାଶକ୍ତିରହିଁ ଅଧୀନ ହୋଇ ରହିଛି । ଏବଂ ସେଇଟି ପ୍ରକୃତରେ ତୁମର ଏକ ଧନ, ତୁମ କାର୍ଯ୍ୟକ୍ଷେତ୍ରଟି ହେଉଛି ତୁମର ସମ୍ପତ୍ତି; କୌଣସି ବ୍ୟକ୍ତି ତାହାକୁ ତୁମଠାରୁ ଛଡ଼ାଇ ନେଇ ପାରିବ ନାହିଁ, ସେଇଟି ହେଉଛି ତୁମ ନିଜର ସମ୍ପତ୍ତି । ଏବଂ ତୁମେ ଯେତେ ଅଧିକ ପରିମାଣରେ ଏଇଟିକୁ ନେଇ କାର୍ଯ୍ୟ କରି ପାରିବ, ଏହି ଜଗତ ଉପରେ ଏକ ପ୍ରଭାବକ୍ଷମ କ୍ରିୟା କରିବାକୁ ତୁମେ ଠିକ୍ ସେହି ପରିମାଣରେହିଁ ସମର୍ଥ ହେବ । ମାତ୍ର କେବଳ ସେତିକି ପରିମାଣରେ । ପୁନଶ୍ଚ, ଆମେ ଅନ୍ୟମାନଙ୍କ ଲାଗି ଯାହାକିଛି କରୁଛୁ, ପ୍ରକୃତରେ ନିଜ ଲାଗିହିଁ ତା'ଠାରୁ ଅନେକ ଅଧିକ କରିବା ଲାଗି ସମର୍ଥ ହେବା ।

### ଆପଣାକୁ ଜାଣିବା ପୂର୍ବରୁ ଅନ୍ୟମାନଙ୍କୁ ଜାଣିବା ସମ୍ଭବ କି ?

କୌଣସି କଥା ଅସମ୍ଭବ ନୁହେଁ । ତେଣୁ ଏଇଟି ବି ଅସମ୍ଭବ ବୋଲି କେବେହେଲେ କହି ହେବ ନାହିଁ । ମାତ୍ର ଯଦି ଆମେ ନିଜ ଭିତରେ ରହିଥିବା କୌଣସି ଗତିସ୍ପନ୍ଦନ ବିଷୟରେ ଅସଜ୍ଞାନ ହୋଇ ରହିଥିବା, ତେବେ ଅନ୍ୟମାନଙ୍କ

'oaob.nitrkl.ac.in' images reprocessed

ଭିତରେ ପ୍ରଥମେ ଏଗୁଡ଼ିକ ବିଷୟରେ ସଚେତନ ହେବାକୁ ପ୍ରକୃତରେ ଏକ ଅସଙ୍ଗତ ବୋଲି କୁହାଯାଇ ପାରିବ । ଏଇଟି ଏକ ଅସଙ୍ଗତ । ହୁଏତ ଏହା ସମ୍ଭବ ହୋଇପାରେ । କେତେକ ଲୋକ ହୁଏତ ଏପରି ବିକେନ୍ଦ୍ରିତ ହୋଇ ରହିପାରନ୍ତି ଯେ ସେମାନେ ନିଜ ତୁଳନାରେ ଅନ୍ୟମାନଙ୍କ ବିଷୟରେ ଅଧିକ ଗ୍ରହଣଶୀଳ ହୋଇ ରହିଥିବେ । ମାତ୍ର ତଥାପି, ସେମାନଙ୍କୁ ସାଧାରଣତଃ କିଞ୍ଚିତ୍ ପରିମାଣରେ ବ୍ୟାଧିତ ଓ ବିକାରଗ୍ରସ୍ତ ବି କୁହାଯାଇଥାଏ । ଏହାଦ୍ୱାରା ସେମାନଙ୍କୁ ଆପଣା ଭିତରେ ଆଦୌ ସେପରି ଅଧିକ ପରିମାଣରେ କୌଣସି ସମତାବସ୍ଥା ପ୍ରାପ୍ତ ହୋଇ ନଥାଏ, ସେମାନେ ବଡ଼ ଭାରସାମ୍ୟହୀନ ହୋଇ ରହିଥାନ୍ତି । ଏପରି ଲୋକ ଅଛନ୍ତି, ଯେଉଁମାନେକି ସର୍ବଦା ଏଣେତେଣେ ହେବାରେ ଲାଗିଥାନ୍ତି, ସତେଅବା ଗୋଟିଏ ଠିପି ପରି ତରଙ୍ଗ ଉପରେ ଭାସି ବୁଲିବାରେ ଲାଗିଥାନ୍ତି : ତରଙ୍ଗ ଉପରେ ଭାସି ବୁଲୁଥିବା ଠିପି ଏଣିକି ଆସୁଥାଏ, ପୁଣି ତେଣିକି ଯାଉଥାଏ, ଏଣେ ଡେଉଁଥାଏ, ତେଣେ ଡେଉଁଥାଏ । ସେମାନଙ୍କର ଚେତନାର କୌଣସି ନିର୍ଦ୍ଦିଷ୍ଟ ଗତିପଥ ନଥାଏ···ଏଇଟା ଯେ ଗୋଟାଏ ପ୍ରଶଂସନୀୟ ଅବସ୍ଥା, ସେକଥା ମୋଟେ ନୁହେଁ । ପ୍ରକୃତରେ ମୁଁ ଏକଥା ଆଦୌ ଭାବି ପାରୁ ନାହିଁ ଯେ ଆପଣାକୁ ପ୍ରଥମେ ସାହାଯ୍ୟ କରିପାରିବା ପୂର୍ବରୁ କେହି ଆଉଜଣକୁ ଯଥାର୍ଥରେ କୌଣସି ସାହାଯ୍ୟ କରିପାରିବ । ଯଦି ତୁମେ ନିଜେ ଅସଚେତନ ହୋଇ ରହିଛ, ତେବେ ଅନ୍ୟ କାହା ଭିତରେ ଚେତନା ଆଣି ପାରିବ ବୋଲି ତୁମେ କିପରି ଆଶା କରି ପାରିବ ? ଏହି ସମସ୍ୟାଟିର ଆଉ କୌଣସି ସମାଧାନ ରହିଛି ବୋଲି ମୋର ଆଦୌ ମନେ ହେଉ ନାହିଁ । ମାତ୍ର ଅଧିକାଂଶ ଲୋକ ସାଧାରଣତଃ ସେହି କଥାଟି କରନ୍ତି; ମାତ୍ର ତା' ବୋଲି ଆମେ ଯେ ସେଇଟିକୁ ସମର୍ଥନ କରିବା, ତାହାର ଆଦୌ କୌଣସି କାରଣ ନାହିଁ । ମୁଁ ଭାବୁଛି ଯେ ଖାସ୍ ଏହି କାରଣରୁହିଁ ସବୁ କଥା ଏପରି ଅଡୁଆ ହୋଇ ଯାଇଥାଏ । ଅନ୍ୟମାନଙ୍କୁ କଜିଆ କରୁଥିବାର ଦେଖି ଯେଉଁମାନେ ସେଠାକୁ ଦଉଡ଼ି ଯାଆନ୍ତି ଓ ସେମାନଙ୍କୁ "ପାଟି ବନ୍ଦ କର" ବୋଲି କହିବାକୁ ସେମାନଙ୍କଠାରୁ ଆହୁରି ବଡ଼ ପାଟି କରିବାକୁ ଆରମ୍ଭ କରି ଦଅନ୍ତି, ଏକଥାଟି ଠିକ୍ ତାହାରି ପରି ହୁଏ ।

**ଆପଣ କହୁଥିଲେ ଯେ ପ୍ରତ୍ୟେକ ବ୍ୟକ୍ତିକୁ ଏକ ନିର୍ଦ୍ଦିଷ୍ଟ ସମସ୍ୟାର ସମାଧାନ କରିବା ଲାଗି ଦିଆଯାଇଛି । ତେଣୁ, ଜଗତରେ ପ୍ରତ୍ୟେକ ମନୁଷ୍ୟକୁ ଜଣେ ବ୍ୟକ୍ତି ହିସାବରେହିଁ ବାସ କରିବାକୁ ପଡ଼ିବ; କାରଣ, ସାମୂହିକ ଭାବରେ ବାସ କରିବାକୁ ଆରମ୍ଭ କଲେ ସମୂହର ସମସ୍ୟାଗୁଡ଼ିକ ବି ନିଜର**

'oaob.nitrkl.ac.in' images reprocessed

ସମସ୍ୟାରେ ଆସି ପରିଣତ ହେବ : ନିଜ ବ୍ୟକ୍ତିଗତ ସମସ୍ୟାଗୁଡ଼ିକ ସହିତ ଏଗୁଡ଼ିକର ବି ସମ୍ମୁଖୀନ ହେବାକୁ ପଡ଼ିବ ।

ହଁ, ସତକଥା; ମାତ୍ର ମନୁଷ୍ୟ ହେଉଛି ଗୋଟିଏ ସାମାଜିକ ଜୀବ, ଏବଂ ତେଣୁ ସେ ପ୍ରାୟ ଏକ ସହଜାତ ପ୍ରବୃତ୍ତି ଦ୍ୱାରାହିଁ ପ୍ରେରିତ ହୋଇ ଗୋଷ୍ଠୀମାନ ବାନ୍ଧେ । ମାତ୍ର ଠିକ୍ ସେହି କାରଣରୁ ବି, ଯେଉଁମାନେ ଅଧିକ ଶୀଘ୍ର ଯିବାକୁ ଇଚ୍ଛା କରିଛନ୍ତି ଓ ଆପଣାକୁ ଯଥେଷ୍ଟ ଶକ୍ତିଶାଳୀ ବୋଲି ଅନୁଭବ କରି ପାରି ନାହାନ୍ତି, ସେମାନେ ଆପଣାକୁ ନିର୍ଜନତା ମଧ୍ୟକୁ ପ୍ରତ୍ୟାହାର କରି ନେଇଥାନ୍ତି । ଏହି କାରଣ ହେତୁ ଅର୍ଥାତ୍ ଏହି କାରଣଟି ଦେଖାଇହିଁ ବୈରାଗୀ ସଂସାର ତ୍ୟାଗ କରି ନିର୍ଜନତା ଭିତରକୁ ଚାଲିଯାଏ, କାରଣ ସିଏ ସଂସାର ସହିତ ତା'ର ଯାବତୀୟ ସମ୍ବନ୍ଧକୁ ଛିନ୍ନ କରି ରଖିବାକୁ ଚେଷ୍ଟା କରିଥାଏ । କେବଳ······ହଁ, ଏହି କ୍ଷେତ୍ରରେ ଏକ "କେବଳ" ରହିଛି । ଶାରୀରିକ ଦୃଷ୍ଟିରୁ ଜଣେ କେତେକ ପରିମାଣରେ ଓ ଏକ ନିର୍ଦ୍ଦିଷ୍ଟ ବିନ୍ଦୁ ପର୍ଯ୍ୟନ୍ତ ସେହି କଥାଟିକୁ ନିଶ୍ଚୟ କରି ପାରିବ, ଏହି ଜଡ଼ ପ୍ରକୃତିରୁ ଆପଣାକୁ କାଟି ନେଇ ପାରିବ । ମାତ୍ର ସଂପୂର୍ଣ୍ଣ ଭାବରେ କଦାପି କରି ପାରିବ ନାହିଁ । ଉଦାହରଣସ୍ୱରୂପ, ଏକଥାଟି ଅନେକ ସମୟରେ ଦେଖିବାକୁ ମିଳିଛି ଯେ ଯେଉଁ ବୈରାଗୀମାନେ ବଣରେ କୌଣସି ଗଛମୂଳେ ବସି ତପସ୍ୟା କରିବେ ବୋଲି ସଂସାର ଛାଡ଼ିଛନ୍ତି, ସେମାନେ ମାତ୍ର ଅଳ୍ପଦିନ ପରେ ସେହି ବଣରେ ବାସ କରୁଥିବା ଜୀବଜନ୍ତୁମାନଙ୍କ ବିଷୟରେ ପ୍ରାୟ ଅସାଧାରଣ ପରିମାଣରେ ଆଗ୍ରହୀ ହୋଇ ପଡ଼ନ୍ତି । ଅନ୍ୟ ଜୀବଙ୍କ ସହିତ ଦୈହିକ ସମ୍ପର୍କ ରଖିବାର ଆବଶ୍ୟକତା ହେତୁହିଁ ତାହା ଘଟିଥାଏ । ଏକଥା ସମ୍ଭବ ଯେ କେହି କେହି ଏହି କଥାଟିର ଆବଶ୍ୟକତା ଆଦୌ ଅନୁଭବ କରି ନଥାନ୍ତି, ମାତ୍ର ତଥାପି ଏଇଟିକୁ ବେଶ୍ ଏକ ସାଧାରଣ ନିୟମ ବୋଲି ଅବଶ୍ୟ କୁହାଯାଇ ପାରିବ ।

ମାତ୍ର ଏହି ସଂହତି କେବଳ ଏହିଠାକୁ ଆସି ଅଟକି ଯାଏ ନାହିଁ । ପ୍ରାଣ ସ୍ତରର ଏକ ସଂହତି ରହିଛି, ମନଃସ୍ତରର ବି ସଂହତି ରହିଛି ଏବଂ ତୁମେ ସେଗୁଡ଼ିକୁ କଦାପି ନିରୁଦ୍ଧ କରି ରଖିପାରିବ ନାହିଁ । ସବୁକିଛି ସତ୍ତ୍ୱେ (ଅନ୍ୟ ପ୍ରାଣୀମାନଙ୍କ ତୁଳନାରେ ମନୁଷ୍ୟମାନେ ଅଧିକ ବ୍ୟକ୍ତିକେନ୍ଦ୍ରିତ ହୋଇଥିଲେ ମଧ୍ୟ) ପ୍ରତ୍ୟେକ ଜୀବଜାତି ମଧ୍ୟରେ ତାହାର ଏକ ଅନ୍ତର୍ଭାବ ଅବଶ୍ୟ ରହିଛି । ସାମୂହିକ ଜୀବନ ମଧ୍ୟରେ ଏପରି ଅନେକ ଇଙ୍ଗିତ ରହିଛି, ଯାହାକୁ କି ଶବ୍ଦ ଦ୍ୱାରା ପ୍ରକାଶ କରିବାର ଆଦୌ କୌଣସି ଆବଶ୍ୟକତା ନଥାଏ । ଏପରି ଅନେକ ବାତାବରଣ ରହିଛି, ଯାହାକୁ କି କଦାପି ଏଡ଼ି ଦିଆଯାଇ ପାରିବ ନାହିଁ । ଏହା ଏକ ସୁନିଶ୍ଚିତ କଥା ଯେ (କାରଣ ଅଭିଜ୍ଞତାରୁ ମୁଁ ଏହି କଥାଟିକୁ ଜାଣେ), ବ୍ୟକ୍ତିଗତ ପରିପୂର୍ଣ୍ଣତା

'oaob.nitrkl.ac.in' images reprocessed

ଏବଂ ବ୍ୟକ୍ତିଗତ ରୂପାନ୍ତରର ଏପରି ଗୋଟିଏ ମାତ୍ରା ରହିଛି, ସକଳ ମାନବଜାତି ଅନ୍ତତଃ ଏକ ନିର୍ଦ୍ଦିଷ୍ଟ ସୀମାଯାଏ ଅଗ୍ରଗତି କରି ନଥିବା ପର୍ଯ୍ୟନ୍ତ ଯାହାକୁ କି କଦାପି ଉପଲବ୍ଧି କରାଯାଇ ପାରିବ ନାହିଁ । ଏବଂ ସାନୁକ୍ରମ କେତୋଟି ପଦକ୍ଷେପ ଗ୍ରହଣ କରିବା ଦ୍ୱାରହିଁ ତାହା ସମ୍ଭବ ହେବ । ଜଡ଼ ଭିତରେ ଏପରି ଅନେକ ବସ୍ତୁ ରହିଛି, ସମଗ୍ର ଜଡ଼ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ପରିମାଣରେ ରୂପାନ୍ତର ସଙ୍ଘଟିତ ନହେବା ପର୍ଯ୍ୟନ୍ତ ଯାହାର କି ଆଦୌ କୌଣସି ରୂପାନ୍ତର ସମ୍ଭବ ହେବ ନାହିଁ । ଜଣେ ଆପଣାକୁ କଦାପି ସଂପୂର୍ଣ୍ଣରୂପେ ବିଚ୍ଛିନ୍ନ କରି ରଖି ପାରିବ ନାହିଁ । ଏହା କଦାପି ସମ୍ଭବ ନୁହେଁ । ଜଣେ କାର୍ଯ୍ୟ କରିପାରିବ, ଜଣେ ବାଛିନେଇ ପାରିବ,—ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ଏକାନ୍ତତା ମଧ୍ୟକୁ ଅପସରି ଯିବାର ବାଟଟିକୁ ବାଛି ନେଇଛନ୍ତି ଏବଂ ସେମାନେ ଦେଖିଥିବା ଆଦର୍ଶଟିକୁ ଆପଣା ଭିତରେ ଉପଲବ୍ଧି କରିବା ଲାଗି ଚେଷ୍ଟା କରିଛନ୍ତି । ସାଧାରଣତଃ ସେମାନେ ଏହି ମାର୍ଗରେ କେତେକ ଦୂର ପର୍ଯ୍ୟନ୍ତ ଅବଶ୍ୟ ଯାଇଛନ୍ତି, ତା'ପରେ ସେଇଠି ଅଟକି ରହିଛନ୍ତି, ଆଉ ଅଧିକ ଅଗ୍ରସର ହୋଇପାରି ନାହାନ୍ତି । ଇତିହାସରେ ଠିକ୍ ଏହିପରି ଘଟିଛି । ସେଦିନ ମୁଁ କହୁଥିଲି "ସମ୍ଭବତଃ ଏହି ପୃଥିବୀରେ ମୁଁ ଜାଣି ନଥିବା ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ କି ଅସାଧାରଣ ଅନେକ ବସ୍ତୁର ଉପଲବ୍ଧି କରିଛନ୍ତି ।" ମାତ୍ର ସେମାନେ କେବଳ ଏଇଥିପାଇଁ ତାହା କରି ପାରିଛନ୍ତି ଯେ ସେମାନେ ଆପଣାକୁ ପୃଥିବୀଠାରୁ ବିଚ୍ଛିନ୍ନ କରି ରଖିଛନ୍ତି, ପୃଥିବୀ ସେମାନଙ୍କୁ ଆଦୌ ଜାଣି ନାହିଁ । ପୃଥିବୀରେ କୌଣସି କଥା ଯେ ଆଦୌ ଅସମ୍ଭବ ନୁହେଁ, ମୁଁ ଏକଥାସବୁ କେବଳ ଏଇଥି ସକାଶେ କହୁଛି । ଏହିବିଷୟରେ ମୁଁ କେବଳ ଏତିକି କହିପାରିବି ଯେ ଏସବୁ ପ୍ରକୃତରେ ଖୁବ ସନ୍ଦେହାସ୍ପଦ ବୋଲି ମନେ ହେଉଛି । ମାତ୍ର ପ୍ରାଣ ଓ ମନର ସ୍ତରରେ ଏପରି କରିବା ଆଦୌ ସମ୍ଭବ ହେବ ନାହିଁ, ଏବଂ ଆମେ ଶାରୀରିକ ଦୃଷ୍ଟିରୁ ଆପଣାକୁ ବିଚ୍ଛିନ୍ନ କରି ରଖିଲେ ମଧ୍ୟ ତାହା ସମ୍ଭବ ହେବ ନାହିଁ । ଆମ ସମ୍ମୁଖରେ ଏହି ବିଶାଳ ପୃଥିବୀ-ପରିବେଶଟି ପଡ଼ି ରହିଛି, ଯେଉଁଠାରେ ଆମର ଜନ୍ମ ହୋଇଛି, ଏବଂ ଏକ ସମଗ୍ର ହିସାବରେ ମନୁଷ୍ୟଜାତିର ମଧ୍ୟ ଏକ ଅନ୍ତର୍ଭାବ ଏବଂ ଅନ୍ତଃପ୍ରତିଭା ରହିଛି । ଏବଂ ଏହି ଯେଉଁ ଅନ୍ତର୍ଭାବ ଓ ପ୍ରତିଭାଟିର କଥା ମୁଁ କହିଲି, ଯେକୌଣସି ମନୁଷ୍ୟର ଜୀବନରେ ତାହା ପରିପୂର୍ଣ୍ଣତାର ଏକ ନିର୍ଦ୍ଦିଷ୍ଟ ସ୍ତରରେ ଉପନୀତ ହେଲେ ଯାଇ ତା'ର ଆହୁରି ଅଧିକ ଆଗକୁ ଯିବା ସମ୍ଭବ ହେବ । ଏକଥା କେହି କହିବ ନାହିଁ ଯେ ସମସ୍ତେ ସେହି ବାଟଟିକୁ ସମାପ୍ତ ନକରିଥିବା ପର୍ଯ୍ୟନ୍ତ ଜଣକୁ ସେଥିଲାଗି ଅପେକ୍ଷା କରି ରହିବାକୁ ପଡ଼ିବ; ମାତ୍ର, ଜଣକୁ ଏକ ବୃହତ୍ ଲମ୍ଫପ୍ରଦାନ କରି ଆହୁରି ଆଗକୁ ଯିବାକୁ ହେଲେ ସତେଅବା ସମସ୍ତେ ଏକ ନିର୍ଦ୍ଦିଷ୍ଟ ସ୍ତରରେ ଯାଇ ପହଞ୍ଚିଥିବା ଏକାନ୍ତ ଆବଶ୍ୟକ ହେବ ।

'oaob.nitrkl.ac.in' images reprocessed

ଏଥିରେ କୌଣସି ସନ୍ଦେହ ନାହିଁ ଯେ ବ୍ୟକ୍ତି ସର୍ବଦା ସମୂହଠାରୁ ଆଗରେ ରହିଥିବ,—ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ; ମାତ୍ର ତଥାପି ଏକ ଆନୁପାତିକତା ଅବଶ୍ୟ ରହିଥିବ, ସର୍ବଦା ଏକ ଆପେକ୍ଷିକ ସମ୍ବନ୍ଧ ମଧ୍ୟ ରହିଥିବ ।

କେଉଁ ଭୂମିରେ ମନୁଷ୍ୟମାନଙ୍କ ଭିତରେ ସବୁଠାରୁ ଅଧିକ ଏକତା ରହିଥାଏ ?

ଅର୍ଥାତ୍, କେଉଁଠି ସବୁଠାରୁ ଅଧିକ ପରିମାଣରେ "ପରସ୍ପର-ନିର୍ଭରଶୀଳତା" ରହିଥାଏ ?

ନାଇଁ, ଏକ ସାଧାରଣ ସାମୂହିକ ଇଚ୍ଛା ବିଷୟରେ ମୁଁ କହୁଛି ।

ଏକ ସାଧାରଣ ସାମୂହିକ ଇଚ୍ଛା ? ତୁମେ ସବୁ କଥାକୁ ଏକାଠି ଗୋଳାଇ ମିଶାଇ ଦିଅ ନାହିଁ । ଯଦି ତୁମେ ମୋତେ ମନୁଷ୍ୟମାନଙ୍କ ମଧ୍ୟରେ ରହିଥିବା ସଦିଚ୍ଛା ବିଷୟରେ ପଚାରୁଛ, ତେବେ ମୁଁ କହିବି ଯେ ତାହା ଚୈତ୍ୟ ସ୍ତରରେହିଁ ବିଦ୍ୟମାନ ଥାଏ, ଏବଂ ସେଥିରେ ଏତେଟିକିଏ ବି ସନ୍ଦେହ କରିବାକୁ କିଛି ନାହିଁ । ମାତ୍ର ପ୍ରାଣିକ ସ୍ତରରେ ମଧ୍ୟ ଏକ ପ୍ରକାର ପରସ୍ପର-ନିର୍ଭରଶୀଳତା ରହିଛି, ବେଶ୍ ପ୍ରଭୂତ ପରିମାଣରେ ରହିଛି,—ମୁଁ ଭାବୁଛି ଭୌତିକ ସ୍ତରରେ ଯେତେ ଅଛି, ତା'ଠାରୁ ଅଧିକ ପରିମାଣରେ ରହିଛି । ଉଦାହରଣସ୍ୱରୂପ, ଆମର ଏହି ଭୌତିକ ଜଗତ ମଧ୍ୟକୁ ପ୍ରାଣିକ ଜଗତ ମଧ୍ୟରୁ ନାନାବିଧ ଶକ୍ତି ବଡ଼ ପରାକ୍ରମଶାଳୀ ଭାବରେ ଓହ୍ଲାଇ ଆସିଥିବା ହେତୁହିଁ ପ୍ରଥମ ବିଶ୍ୱଯୁଦ୍ଧଟି ଘଟିଥିଲା । ଏପରିକି, ଯେଉଁମାନେ ଏହି ଅବତରଣ ବିଷୟରେ ସଚେତନ ଥିଲେ ଏବଂ ପରିଣାମସ୍ୱରୂପ, ତା' ବିରୁଦ୍ଧରେ ଆପଣାର ସୁରକ୍ଷା ଲାଗି ଅସ୍ତ୍ରର ଶରଣ ନେଇଥିଲେ, ସେମାନଙ୍କୁ ମଧ୍ୟ ତାହାର କୁଫଳମାନ ଭୋଗ କରିବାକୁ ପଡ଼ିଥିଲା । ପୃଥିବୀଯାକ, ସମସ୍ତ ପୃଥିବୀକୁହିଁ ସେହି କୁଫଳମାନ ଭୋଗିବାକୁ ପଡ଼ିଲା । ପ୍ରାଣିକ ଦୃଷ୍ଟିରୁ ଏକ ସମଗ୍ର ଅବନତି ଘଟିଥିଲା; ମୁଁ ତ କହିବି ଯେ, ଶକ୍ତିଗୁଡ଼ିକ କେଉଁଠାରୁ ଆସିଥିଲେ, ଅବନତିଟି କେଉଁଠାରୁ ଆସିଥିଲା, ଏକଥାଟିକୁ ଯେଉଁମାନେ ସଚେତନ ଭାବରେ ଜାଣିଥିଲେ ଓ ତେଣୁ ସେଗୁଡ଼ିକ ବିରୁଦ୍ଧରେ ସଚେତନ ଭାବରେ ସଂଗ୍ରାମ କରିବାକୁ ବି ସମର୍ଥ ହୋଇଥିଲେ, ସେମାନେ ମଧ୍ୟ ଏହି ପାର୍ଥିବ ବାତାବରଣଟିରେ ସେହି ଅବତରଣଟିର କେତେକ ନିର୍ଦ୍ଦିଷ୍ଟ ପରିଣାମ ସଙ୍ଘଟିତ ହେବାକୁ ନିବୃତ୍ତ କରି ରଖିପାରିଲେ ନାହିଁ । ସେମାନଙ୍କ ଜୀବନରେ ଯେ କ'ଣ ସବୁ ଘଟିଲା, ଲୋକେ ସ୍ୱଭାବତଃ ସେହି ବିଷୟରେ କିଛି

'oaob.nitrkl.ac.in' images reprocessed

ଜାଣନ୍ତି ନାହିଁ । ସେମାନେ କେବଳ ଏତିକି କହୁଛନ୍ତି ଯେ ଯୁଦ୍ଧ ପରେ ସବୁକିଛି ପୂର୍ବଅପେକ୍ଷା ଅଧିକ ଖରାପ ହୋଇଯାଇଛି । ସେମାନେ କେବଳ ଏତିକି କଥାହିଁ ନିଶ୍ଚିତ ଭାବରେ କହିପାରିଲେ । ଉଦାହରଣସ୍ୱରୂପ, ଯୁଦ୍ଧ ପରେ ନୈତିକ ପ୍ରକୃତି ଅନେକ ତଳକୁ ଖସି ପଡ଼ିଥିଲା । ପ୍ରାଣିକ ଜଗତର ଏକ ଅତି ପରାକ୍ରମଶାଳୀ ଅବତରଣ ଫଳରେହିଁ ଏପରି ଘଟିଥିଲା : ଧନସମ୍ପଦର କେତେ ଶକ୍ତି, ଦୁର୍ନୀତିର କେତେ ଶକ୍ତି, ଅବନତିର କେତେ କେତେ ଶକ୍ତି ଏବଂ ଧ୍ୱଂସ, ହିଂସା ଓ ନୃଶଂସତାର କେତେ ଶକ୍ତିର ଅବତରଣ ହେବା ଫଳରେ ତାହା ସଙ୍ଘଟିତ ହେଲା ।

ଏହି ଅବତରଣ କାହିଁକି ଘଟିଲା ?

ସମ୍ଭବତଃ ଏକ ପ୍ରତିକ୍ରିୟାସ୍ୱରୂପ ଏପରି ହେଲା, କାରଣ ସେହି ସମୟରେ ଆଉଗୋଟିଏ ବୃହତ୍ ଶକ୍ତି ମଧ୍ୟ ଅବତରଣ କରୁଥିଲା, ଯାହାକି ଆପଣାର କାର୍ଯ୍ୟ କରିବାକୁ ଇଚ୍ଛା କରୁଥିଲା । ଏବଂ ସେହି ଅନ୍ୟଶକ୍ତିଗୁଡ଼ିକ ସମ୍ଭବତଃ ତାହା ଇଚ୍ଛା କରୁ ନଥିଲେ,—ଏହା ଫଳରେ ସେମାନଙ୍କର ନିତ୍ୟ ଅଭ୍ୟସ୍ତତାଗୁଡ଼ିକ ବ୍ୟାହତ ହେଲା । ଏହା ଠିକ୍ ସେହି ରାଷ୍ଟ୍ରଟିର ଆଚରଣ ପରି ହେଲା ଯିଏ କି ସ୍ୱୟଂ କ୍ଷମତାଚ୍ୟୁତ ହେବାର ଭୟରେ ହିଂସ୍ରତାର ସହିତ ହସ୍ତକ୍ଷେପ କରିବା ଲାଗି ଅଗ୍ରସର ହୋଇଆସେ, କାରଣ ସିଏ ନିଜେ କ୍ଷମତାରେ ରହିବାକୁ ଇଚ୍ଛା କରୁଥାଏ ।

## ୧୪ ଅକ୍ଟୋବର, ୧୯୫୩

ପ୍ରଶ୍ନ : "ସକଳ ପ୍ରେମର ଉତ୍ସସ୍ୱରୂପ ସେହି ପରମ ଦିବ୍ୟତାହିଁ ଯଦି ସୃଷ୍ଟିର ଉତ୍ପତ୍ତିସ୍ଥାନ ହୋଇଥାନ୍ତି, ତେବେ ଏହି ପୃଥିବୀରେ ଏପରି ଭାବରେ ଭର୍ତ୍ତି ହୋଇ ରହିଥିବା ଏହି ଯାବତୀୟ ମନ୍ଦଗୁଡ଼ାକ ପୁଣି ଆସିଲା କୁଆଡ଼ୁ ?"

"ସେହି ପରମ ଦିବ୍ୟତାଙ୍କଠାରୁହିଁ ସବୁକିଛିର ସମ୍ଭୂତି ହୋଇଛି । ମାତ୍ର ସେହି ଅଦ୍ୱିତୀୟ ପରମ ଚେତନା ଓ ସର୍ବୋଚ୍ଚ ସତ୍ତା ସିଧା ନିଜ ମଧ୍ୟରୁହିଁ ଏହି ପୃଥିବୀର ସୃଷ୍ଟି କରି ନାହାନ୍ତି । ତାଙ୍କ ମଧ୍ୟରୁ ଏକ ଶକ୍ତି ବାହାରି ଚାଲି ଆସିଥିଲା ଓ ତାଙ୍କ କ୍ରିୟାଶୀଳତାର ଅନେକ ସୋପାନକୁ ଅବତରଣ କରି

'oaob.nitrkl.ac.in' images reprocessed

ଆସିବାର ଏକ ପ୍ରକ୍ରିୟା ମଧ୍ୟଦେଇ ଅନେକ କାରଣକ୍ଷେତ୍ରକୁ ଅତିକ୍ରମ କରିଥିଲା । ସୃଷ୍ଟିକର୍ତ୍ତା ପ୍ରକୃତରେ ଅନେକ ଅଛନ୍ତି; ଅଥବା, ଅଧିକ ଉଚିତ ଭାବରେ କହିଲେ, ଅନେକ 'ରଚୟିତା' ଅଛନ୍ତି, ଯେଉଁମାନେ ରୂପଗୁଡ଼ିକର ରଚନା କରନ୍ତି; ଓ ସେହିମାନେହିଁ ବିଶ୍ୱସୃଷ୍ଟିର ପ୍ରଧାନ କର୍ତ୍ତା ହୋଇ ରହିଛନ୍ତି । ସେମାନେ ହେଉଛନ୍ତି ମଧ୍ୟବର୍ତ୍ତୀ ନିମିତ୍ତ, ଏବଂ ମୁଁ ସେମାନଙ୍କୁ 'ସ୍ରଷ୍ଟା' ବୋଲି ନକହି ଅଧିକ ଯୁକ୍ତିଯୁକ୍ତ ଭାବରେ 'ରଚୟିତା' ବୋଲିହିଁ କହୁଛି । କାରଣ ସେମାନେ ଜଡ଼କୁ କେବଳ ଏକ ନିର୍ଦ୍ଦିଷ୍ଟ ରୂପ ଦେଇଛନ୍ତି, ଏକ ନିର୍ଦ୍ଦିଷ୍ଟ ମୋଡ଼ ଓ ସ୍ୱଭାବ ଦେଇଛନ୍ତି । ଏହି ରଚୟିତା ଅନେକ ସଂଖ୍ୟାରେ ରହିଆସିଛନ୍ତି; ସେମାନଙ୍କ ମଧ୍ୟରୁ କେତେକ ଯାବତୀୟ ବସ୍ତୁକୁ ବଡ଼ ସୌଷମ୍ୟଯୁକ୍ତ ଓ ଶୁଭଙ୍କର କରି ଗଢ଼ିଛନ୍ତି ଓ ଆହୁରି କେତେକ ବସ୍ତୁଗୁଡ଼ିକୁ ଅନିଷ୍ଟକାରୀ ଓ ଅଶୁଭଙ୍କର କରି ଗଢ଼ିଛନ୍ତି । ଏବଂ ଅନେକେ ନିର୍ମାଣ ନକରି ସବୁ କଥାକୁ ଖାଲି ବିକୃତ ବି କରି ପକାଇଛନ୍ତି; କାରଣ ଯେଉଁଗୁଡ଼ିକୁ ଅନ୍ୟମାନେ ଭଲ ଭାବରେ ଆରମ୍ଭ କରିଥିଲେ, ସେମାନେ ତାହାକୁ ନାନା ଅନୁଚିତ ହସ୍ତକ୍ଷେପ ଫଳରେ ନଷ୍ଟକରି ପକାଇଛନ୍ତି ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୩୦ ଜୁନ୍)

ଆପଣ କହିଛନ୍ତି, "ଅନେକ ସୃଷ୍ଟିକର୍ତ୍ତା, ବା ଅଧିକ ଉଚିତ ଭାବରେ କହିଲେ, 'ରଚୟିତା' ବା ରୂପଗୁଡ଼ିକର ନିର୍ମାତାମାନେହିଁ ଜଗତ୍‌ସୃଷ୍ଟିର ପ୍ରକ୍ରିୟାରେ ଅଧିଷ୍ଠାତାରୂପେ କାର୍ଯ୍ୟ କରିଛନ୍ତି ।" ଏହି 'ରଚୟିତା'ମାନେ କିଏ ?

ଏହାର ଉତ୍ତର ଏକ ଆପେକ୍ଷିକ ଉତ୍ତର । ସେମାନଙ୍କୁ ଅନେକ ନାମରେ ଅଭିହିତ କରାଯାଇଛି । ଏହି ସବୁକିଛି କଥାକୁ ନାନା ସୋପାନକ୍ରମ ଏବଂ ଯାବତୀୟ ପ୍ରକାରର ବ୍ୟକ୍ତିସତ୍ତାର ମାଧ୍ୟମରେ କରାଯାଇଛି । ସତ୍ତାର ପ୍ରତ୍ୟେକ ଅବସ୍ଥାରେ ବିଗ୍ରହମାନ ରହିଛି, ବ୍ୟକ୍ତି-କଳ୍ପନା ଏବଂ ବ୍ୟକ୍ତିରୂପମାନ ରହିଛନ୍ତି; ପ୍ରତ୍ୟେକେ ଆପଣାର ଚତୁର୍ଦ୍ଦିଗରେ ଗୋଟିଏ ସୃଷ୍ଟିକୁ ଗଢ଼ି ରଖି ଦେଇଛନ୍ତି ଏବଂ ଏହିପରି

'oaob.nitrkl.ac.in' images reprocessed

ଭାବରେ ପୃଥିବୀପୃଷ୍ଠରେ କୌଣସି ନା କୌଣସି ସତ୍ତାର ରଚନାରେ ପ୍ରତ୍ୟେକର ଏକ ଅବଦାନ ରହିଛି । ସର୍ବଶ୍ରେଷ୍ଠ ରଚୟିତାମାନେ ହେଉଛନ୍ତି ପ୍ରାଣିକ ଜଗତର ସତ, ମାତ୍ର ଅଧିମାନସ ସ୍ତରର ସତ୍ତାମାନେ ମଧ୍ୟ ରହିଛନ୍ତି (ଏହି ଭୂମିଟିକୁ ଶ୍ରୀଅରବିନ୍ଦ ଅଧିମାନସର ଭୂମି ବୋଲି କହିଛନ୍ତି) । ଏହି ସତ୍ତାମାନେ ବି ସୃଷ୍ଟି କରିଛନ୍ତି, ରୂପ ଦେଇଛନ୍ତି, ଆପଣା ମଧ୍ୟରୁ ପ୍ରସର୍ଜନମାନ ବାହାର କରିଛନ୍ତି, ଏହି ପ୍ରସର୍ଜନଗୁଡ଼ିକରୁ ସେମାନଙ୍କର ପ୍ରସର୍ଜନ ବି ବାହାରିଛନ୍ତି, ଇତ୍ୟାଦି ଇତ୍ୟାଦି । ମୋର କହିବାର ଅଭିପ୍ରାୟ ଥିଲି ଯେ ପରମ ଦିବ୍ୟସତ୍ତା ଜଡ଼ ଉପରେ ଆପଣାକୁ ପ୍ରତ୍ୟକ୍ଷ ଭାବରେ କ୍ରିୟାଶୀଳ କରାଇ ଏହି ପୃଥିବୀକୁ ତା'ର ଅଭିପ୍ରେତ ରୂପଟିକୁ ଆଣି ଦେଇ ନାହାନ୍ତି; ମାତ୍ର ସେ କେତେକେତେ ସ୍ତର ଦେଇ ଗତି କରିଛନ୍ତି, ଅର୍ଥାତ୍ ଜଗତର କେତେ କେତେ ଭୂମି ଦେଇ ଯାଇଛନ୍ତି,—ଉଦାହରଣସ୍ୱରୂପ, ମନର ଭୂମି ମଧ୍ୟଦେଇ ବି ଯାଇଛନ୍ତି;—ମନର ଭୂମିରେ ମଧ୍ୟ ଏପରି ଅନେକ ସତ୍ତା ଅଛନ୍ତି, ଯେଉଁମାନେ କି ରୂପଗୁଡ଼ିକୁ ଗଢ଼ିଛନ୍ତି, ପୃଥିବୀପୃଷ୍ଠରେ ଅବତୀର୍ଣ୍ଣ ହୋଇଥିବା କେତେକ ସତ୍ତାର ରୂପାୟନରେ ସେମାନେ ମଧ୍ୟ ଅଂଶଗ୍ରହଣ କରିଛନ୍ତି । ପ୍ରାଣର ଭୂମି ଉପରେ ମଧ୍ୟ ଠିକ୍ ଏହି କଥାଟି ଘଟିଛି ।

ଉଦାହରଣସ୍ୱରୂପ, ଏପରି ଏକ ପରମ୍ପରା ରହିଛି ଯାହା କହିଥାଏ ଯେ ପତଙ୍ଗମାନଙ୍କର ସମସ୍ତ ପୃଥିବୀଟି ପ୍ରାଣିକ ଜଗତର ରୂପାୟନକାରୀମାନଙ୍କ ଦ୍ୱାରାହିଁ ତିଆରି ହୋଇଛି ଏବଂ ସେହି କାରଣରୁହିଁ ପତଙ୍ଗମାନେ ଏପରି ନାନା ବୀଭତ୍ସ ଆକାର ଧାରଣ କରି ଜନ୍ମ ହୋଇଥାନ୍ତି ଓ ଅଣୁବୀକ୍ଷଣ ଯନ୍ତ୍ରରେ ଦେଖିଲାବେଳେ ଏପରି ବୀଭତ୍ସ ରୂପରେ ଦେଖାଯାଇଥାନ୍ତି । ସେଦିନ ପାଣିରେ ରହିଥିବା ଜୀବାଣୁଗୁଡ଼ିକୁ ଅଣୁବୀକ୍ଷଣରେ ଦେଖିଲାବେଳେ ତୁମେସବୁ ସେହି କଥା ଦେଖିଲ ନା ? ଏଥିରେ କୌଣସି ସନ୍ଦେହ ନାହିଁ ଯେ ତୁମକୁ ଆମୋଦ ଦେବା ଲାଗି ଓ ତୁମର କଳ୍ପନାଶକ୍ତିକୁ ଜାଗ୍ରତ କରାଇ ପାରିବା ଲାଗି ସେହି ଚିତ୍ରଗୁଡ଼ିକୁ ଏପରି ଭାବରେ ତିଆରି କରାଯାଇଥିଲା; ମାତ୍ର ତଥାପି ପ୍ରକୃତ ଆକାରଗୁଡ଼ିକର ଭିତ୍ତିରେହିଁ ସେଗୁଡ଼ିକୁ ତିଆରି କରା ଯାଇଥିଲା, ଅବଶ୍ୟ ଅଣୁବୀକ୍ଷଣରେ ସେଗୁଡ଼ିକର ଆକାରକୁ ଏତେ ଅଧିକ ଗୁଣରେ ବଢ଼ାଇ ଦିଆ ଯାଇଥିଲା ଯେ ସେଗୁଡ଼ାକ ସତେଅବା ଗୋଟାଏ ଗୋଟାଏ ବୀଭତ୍ସ ରାକ୍ଷସ ପରି ଦେଖା ଯାଉଥିଲେ । ପୃଥିବୀରେ ଯେତେ ଯେତେ ପତଙ୍ଗ ରହିଛନ୍ତି, ଅଣୁବୀକ୍ଷଣ ଯନ୍ତ୍ରରେ ସେମାନେ ପ୍ରାୟ ସମସ୍ତେ ଏହିପରି ଗୋଟିଏ ଗୋଟିଏ ବୀଭତ୍ସ ରାକ୍ଷସ ପରି ଦେଖାଯିବେ ଏବଂ ବାସ୍ତବ ଜୀବନରେ ସେଗୁଡ଼ାକ ପ୍ରକୃତରେ ଏତେଦୂର ବଡ଼ ବଡ଼ ହୋଇଥିଲେ ସେଗୁଡ଼ାକୁ ଦେଖି ଆମ ମନରେ ଘୋର ଭୟ ଜାତ ହେଉଥାନ୍ତା । ଏଇଥିଲାଗି ଏମାନଙ୍କୁ ପ୍ରାଣିକ ଜଗତର ଗୋଟିଏ ଗୋଟିଏ ରୂପସତ୍ତା ବୋଲି କୁହାଯାଏ, ପ୍ରାଣିକ ଜଗତର ସତ୍ତାମାନେହିଁ ନିଜର

ଆନନ୍ଦ ଲାଗି ସେଗୁଡ଼ାକୁ ତିଆରି କରିଛନ୍ତି ଏବଂ ମନୁଷ୍ୟର ଜୀବନକୁ ଏପରି ଅସୁଖଦାୟକ କରି ରଖିଥିବା ଏହି ଯାବତୀୟ ଅସମ୍ଭବ ଢଙ୍ଗର ପ୍ରାଣୀଗୁଡ଼ାକୁ ତିଆରି କରି ପ୍ରାଣିକ ସତ୍ତାମାନେ ଭାରି ଆମୋଦ ଅନୁଭବ କରିଥିବେ ବୋଲି କୁହାଯାଇଥାଏ ।

**ଏହି ମଧ୍ୟବର୍ତ୍ତୀ ଶକ୍ତିମାନେ ବି କ'ଣ ସେହି ଦିବ୍ୟ ପରମ-ଶକ୍ତିଙ୍କଠାରୁହିଁ ଉଦ୍‌ଭୂତ ହୋଇ ଆସିଛନ୍ତି ?**

ହଁ, ଆଉରି ଅନ୍ୟ ମଧ୍ୟବର୍ତ୍ତୀମାନଙ୍କ ଜରିଆରେ, ସିଧାଭାବରେ ନୁହେଁ । ଏହିସବୁ ସତ୍ତାଙ୍କର ଦିବ୍ୟ ପରମସତ୍ତାଙ୍କ ସହିତ କୌଣସି ଅପରୋକ୍ଷ ସଂପର୍କ ନାହିଁ (ଅବଶ୍ୟ ବ୍ୟତିକ୍ରମମାନ ରହିଛି, ମୁଁ ଏଠାରେ କେବଳ ସାଧାରଣ ନିୟମଟି ବିଷୟରେ କହୁଛି), ସେହି ସତ୍ତାଗୁଡ଼ିକ ଅନ୍ୟ ସତ୍ତାମାନଙ୍କର ସମ୍ପର୍କରେ ରହିଛନ୍ତି । ସେମାନେ ପୁଣି ଆଉରି ଅନ୍ୟମାନଙ୍କ ସହିତ ସମ୍ବନ୍ଧିତ ହୋଇ ରହିଛନ୍ତି, ସେମାନେ ଆଉମାନଙ୍କ ସହିତ ସମ୍ବନ୍ଧିତ ହୋଇ ଅଛନ୍ତି ଓ ଏହିପରି ଭାବରେ, ଏକ ସୋପାନକ୍ରମରେ ସର୍ବୋଚ୍ଚ ପରମସତ୍ତାଙ୍କ ଯାଏ ଶିଆଡ଼ି ଲାଗିରହିଛି ।

**ଯଦି ସେମାନେ ବି ଦିବ୍ୟ ପରମଶକ୍ତିଙ୍କଠାରୁ ଉଦ୍‌ଭୂତ ହୋଇ ଆସୁଛନ୍ତି, ତେବେ ସେମାନେ ଅନିଷ୍ଟକାରୀ ହୋଇ ପାରୁଛନ୍ତି କିପରି ?**

ଅନିଷ୍ଟକାରୀ ? ମୁଁ ଭାବୁଛି, ମୁଁ ଆଗରୁ ବି ଥରେ ସେହି କଥାଟିକୁ ବୁଝାଇ ଦେଇଛି । ଦିବ୍ୟ ପରମ ସତ୍ତାଙ୍କର ପ୍ରତ୍ୟକ୍ଷ ପ୍ରଭାବ ଭିତରେ ନରହିବା ଓ ଦିବ୍ୟ ପରମସତ୍ତାଙ୍କ ଦ୍ୱାରା ଅଭିପ୍ରେତ ସୃଷ୍ଟିର ଏହି ଗତିସ୍ପନ୍ଦନ ଅର୍ଥାତ୍ ପ୍ରସାରଣଟିର ଆଦୌ ଅନୁସରଣ ନକରିବା,—ଏହି କ୍ଷେତ୍ରରେ ଏତିକିହିଁ ଯଥେଷ୍ଟ । ପରମ ସତ୍ତାଙ୍କ ସହିତ ଏହି ଯେ ସଂପର୍କ ଛିନ୍ନ ହୋଇ ଯାଉଛି, ତାହାହିଁ ବଡ଼ରୁ ବଡ଼ ବିସମ୍ବାଦ ଏବଂ ବିଭ୍ରାନ୍ତିମାନ ସୃଷ୍ଟି କରିବାକୁ ନିଶ୍ଚୟ ଯଥେଷ୍ଟ ହେଉଛି । ହଁ, ଏକଥା ମଧ୍ୟ ହୋଇପାରେ ଯେ, ସବୁଠାରୁ ଅଧିକ ସନ୍ଦୀପିତ ଓ ଅଧିକ ଶକ୍ତିଶାଳୀ ସତ୍ତାମାନେ ମଧ୍ୟ ଦିବ୍ୟ ଗତିସ୍ପନ୍ଦନଟିର ଅନୁସରଣ ନକରି ଆପଣାର ସ୍ୱତନ୍ତ୍ର ଗତିସ୍ପନ୍ଦନଟିକୁ ଅନୁସରଣ କରିବା ଲାଗି ହୁଏତ ରୁଚି ଦେଖାଇ ପାରନ୍ତି । ଏବଂ କେବଳ ସେହିମାନଙ୍କର ଆୟତ୍ତନଟି ମଧ୍ୟରେ ସେମାନଙ୍କର ବିଚାର କଲେ ସେମାନେ ବେଶ୍ ବଢ଼ିଆ ବୋଲି ମନେହୋଇ ପାରନ୍ତି ଏବଂ ସେମାନଙ୍କୁ ଦେଖିଲେ ମନୁଷ୍ୟମାନେ

'oaob.nitrkl.ac.in' images reprocessed

ହୁଏତ ସେମାନଙ୍କୁ ପରମେଶ୍ୱର ବ୍ୟତୀତ ଆଉ କିଛିହେଲେ କହିବାକୁ ମନ କରିବେ ନାହିଁ; ମାତ୍ର ବିଶ୍ୱଜଗତ ସହିତ ସୌଷମ୍ୟ ରକ୍ଷା କରି କାର୍ଯ୍ୟ କରିବା ପରିବର୍ତ୍ତରେ ସେମାନେ ନିଜ ସ୍ୱତନ୍ତ୍ର ଇଚ୍ଛାଟିର ଅନୁଧାବନ କରୁଥିବାରୁହିଁ, ସେମାନେ ନିଶ୍ଚୟ ବଡ଼ ବଡ଼ ଅନିଷ୍ଟ, ବଡ଼ ବଡ଼ ବିଶୃଙ୍ଖଳା ଓ ଅତ୍ୟନ୍ତ ବୃହତ୍ତ କେତେକେତେ ପ୍ରତିବନ୍ଧକର ଉତ୍ପତ୍ତିସ୍ଥଳରୂପେ ଅବଶ୍ୟ କାର୍ଯ୍ୟ କରି ପାରିବେ । ମାତ୍ର ପ୍ରଶ୍ନଟି ଆଦୌ ଠିକଣା ଭାବରେ ଯେ ପଚରା ଯାଇ ନାହିଁ, ତୁମେ କ'ଣ ସେକଥା ଜାଣି ପାରୁ ନାହଁ ? ପ୍ରଶ୍ନଟି* ପଢ଼ୁଥିଲି ବେଳେ ମୁଁ ହସି ଦେଇଥିଲି ନା ? ଭାରି ପିଲାଳିଆ ଭାବରେ ପ୍ରଶ୍ନଟି ପଚରା ଯାଇଛି । ଏହି ବ୍ୟକ୍ତି ପଚାରିଛନ୍ତି : "ଭଗବାନ ଯଦି ପୃଥିବୀରେ ସବୁକିଛିର କାରଣ ହୁଅନ୍ତି, ତେବେ ଏହି ପୃଥିବୀରେ ମନ୍ଦଗୁଡ଼ାକ ପୁଣି ଆସିଲା କୁଆଡ଼ୁ ?" ହଁ, ଯଦି ସିଏ ମୋତେ ସେତିକି ପଚାରିଥାନ୍ତେ, ତେବେ ମୁଁ ତାହାର ଉତ୍ତର ଦେଇ କେବଳ ଏତିକି କହି ଦେଇଥାନ୍ତି : ଭଗବାନ ନୁହେଁ, ଏପରି ବସ୍ତୁ ଏଠାରେ କିଛି ନାହିଁ; କେବଳ ତାହା ଏକ ବିସମ୍ବାଦ ଓ ବିଶୃଙ୍ଖଳା ମଧ୍ୟରେ ରହିଛି । ଆମକୁ ଏହାର ପ୍ରତିବିଧାନ ଲାଗି ଅବଶ୍ୟ ଚେଷ୍ଟା କରିବାକୁ ହେବ । —ଭଗବାନ କେବଳ ପ୍ରେମ ନୁହନ୍ତି, ସିଏ ସବୁକିଛି; ଏବଂ ଏହି କଥାଟା ଆମକୁ ଯେ ଗୋଟାସୁଦ୍ଧା ଭୁଲ ବୋଲି ପ୍ରତୀତ ହେଉଛି, ତାହାର କାରଣ ହେଉଛି ତାହା ସମୁଚିତ ଭାବରେ ସଂଗଠିତ ହୋଇ ରହି ନାହିଁ । ମୁଁ ତୁମମାନଙ୍କୁ ଠିକ୍ ଯେଉଁଭଳି ଗତିସ୍ପନ୍ଦନଗୁଡ଼ିକ ବିଷୟରେ କହିଲି, ଜଗତରେ ସେଭଳି ଗତିସ୍ପନ୍ଦନମାନ ମଧ୍ୟ ସଂଘଟିତ ହୋଇଛି ।

ଏପରି କାହିଁକି ଘଟିଲା ବୋଲି ହୁଏତ ତୁମେ ପଚାରିବ । ଏଥିରେ କୌଣସି ସନ୍ଦେହ ନାହିଁ, ଏପରି କାହିଁକି ଘଟିଲା, ସେବିଷୟରେ ମନ ଆଦୌ କିଛିହେଲେ କହି ପାରିବ ନାହିଁ । ଏପରି ଘଟିଲା, ଆମେ ତାହାକୁହିଁ ଯଥେଷ୍ଟ ବୋଲି ଜାଣିବା । ବାସ୍ତବିକ, ଆମ ଲାଗି ଏହି କ୍ଷେତ୍ରରେ ଗୋଟିଏ ମାତ୍ର ଜ୍ଞାତବ୍ୟ ସତ୍ୟ ରହିଛି ଯେ ଏପରି ଘଟିଛି । ହୁଏତ ପ୍ରଥମ ପର୍ଯ୍ୟାୟରେ ତାହା ଏକ ଆକସ୍ମିକତା ହୋଇ ରହିଥିଲା···ଯଦି ଏକ ଦାର୍ଶନିକ ଦୃଷ୍ଟିକୋଣରୁ ତୁମେ କଥାଟିର ବିଚାର କରିବ, ତେବେ ତୁମ ଲାଗି ଏକଥା ଅତ୍ୟନ୍ତ ସ୍ପଷ୍ଟ ହୋଇଯିବ ଯେ ଆମେ ଯେଉଁ ବିଶ୍ୱଜଗତଟିରେ ବାସ କରୁଛୁ, ତାହା ହେଉଛି ଅନେକ ଗତିସ୍ପନ୍ଦନ ମଧ୍ୟରେ କେବଳ ଗୋଟିଏ ମାତ୍ର ଗତିସ୍ପନ୍ଦନ ଏବଂ ସେହି ଗତିସ୍ପନ୍ଦନଟି ତାହାର ଏକ

---

* ସକଳ ଭଲ ଜାଇବାର ଈଶ୍ୱର ସେହି ପରମ ଦିବ୍ୟସତ୍ତା ଯଦି ସୃଷ୍ଟିର କାରଣ ହୋଇଥାନ୍ତି, ତେବେ ଆମ ପୃଥିବୀରେ ଭର୍ତ୍ତି ହୋଇ ରହିଥିବା ଏହି ଯାବତୀୟ ମନ୍ଦସବୁ ପୁଣି କେଉଁଠୁ ଆସିଲା ?

'oaob.nitrkl.ac.in' images reprocessed

ସ୍ୱତନ୍ତ୍ର ବିଧାନକୁ ଅନୁସରଣ କରି ଚାଲିଛି (ଏହି ସ୍ୱତନ୍ତ୍ର ବିଧାନଟି ଅନ୍ୟ ଏକ ଜଗତରେ ସମ୍ଭବତଃ ଅନ୍ୟପ୍ରକାର ହୋଇ ରହିଛି), ଏବଂ ବିଶ୍ୱଜଗତଟି ସ୍ୱନିର୍ବାଚିତ ଭାବରେ ତିଆରି ହେବ ବୋଲି ଯଦି ଭଗବାନଙ୍କ ଦ୍ୱାରା ଅଭିପ୍ରେତ ହୋଇ ରହିଥିଲା, ଯଦି ଆପଣାର ବାଟଟିକୁ ବାଛି ନେବା ଲାଗି ସମସ୍ତଙ୍କର ସ୍ୱାଧୀନତା ରହିଥିଲା, ତେବେ ଜ୍ଞାନର ଆବିର୍ଭାବ ହେବା ପର୍ଯ୍ୟନ୍ତ ଓ ନିର୍ବାଚନଗୁଡ଼ିକ ଯଥେଷ୍ଟ ଭାବରେ ସନ୍ଦୀପିତ ହୋଇ ପାରିବା ପର୍ଯ୍ୟନ୍ତ, ବିଶୃଙ୍ଖଳାପୂର୍ଣ୍ଣ ଗଡସ୍ପନ୍ଦନ-ଗୁଡ଼ିକୁ ଘଟିବାରୁ ଆମେ କଦାପି ଅଟକାଇ ରଖି ପାରିବା ନାହିଁ । ଯଦି ନିର୍ବାଚନରେ ସ୍ୱାଧୀନତା ରହିଲା, ତେବେ ମନ୍ଦ କଥାଗୁଡ଼ିକୁ ମଧ୍ୟ ନିର୍ବାଚନ କରାଯାଇ ପାରିବ, ସବୁବେଳେ ଯେ ଭଲ କଥାଗୁଡ଼ିକ ନିର୍ବାଚିତ ହେବେ, ସେକଥା ଆଦୌ ନୁହେଁ; କାରଣ ଯଦି ଏଇଟି ବିଷୟରେ ପୂର୍ବରୁ ନିଷ୍ପତ୍ତି ହୋଇ ସାରିଥିବ, ତେବେ ତାହାକୁ ଆଉ ସ୍ୱାଧୀନ ନିର୍ବାଚନ ବୋଲି କଦାପି କୁହାଯାଇ ପାରିବ ନାହିଁ । ତୁମେ ବେଶ୍ ବୁଝି ପାରୁଥିବ ଯେ, ଏଭଳି ପ୍ରଶ୍ନମାନ ପଚରା ହେଉଥିବା ବେଳେ କେବଳ ମନଟାହିଁ ତା'ର ଉତ୍ତର ଦେବା ଲାଗି ବାହାରି ପଡ଼ିଥାଏ ଏବଂ ସେତେବେଳେ ତାହା ସମସ୍ୟାଟିକୁ ଅଳ୍ପବହୁତ ପରିମାଣରେ ନିତାନ୍ତ ଏକ ମାନସିକ ସ୍ତରରେହିଁ ନେଇ ପରିଣତ କରି ରଖିଦିଏ; ମାତ୍ର କେବଳ ଅତ୍ୟନ୍ତ ଅସ୍ପଷ୍ଟ, ଉପରଠାଉରିଆ ଓ ଅସମ୍ପୂର୍ଣ୍ଣ ଭାବରେହିଁ ବସ୍ତୁଗୁଡ଼ିକର ପ୍ରକୃତ ସତ୍ୟଟି ସହିତ ତାହାର କୌଣସି ସାଦୃଶ୍ୟ ଥାଏ ।

ତେଣୁ, ବୁଝି ପାରିବାକୁ ହେଲେ ଆମକୁ ଅବିରତ ସମୂଢ ମଧ୍ୟରେ ଗଢ କରିବାକୁ ପଡ଼ିବ । ବିଶ୍ୱଜଗତର ଯାବତୀୟ କାହିଁକି ଓ କିପରିକୁ ବୁଝିବାର ଇଚ୍ଛା ରହିଥିଲେ ଆମକୁ ବିଶ୍ୱଜଗତ ସହିତ ଏକାତ୍ମକତା ଅର୍ଜନ କରିବାକୁ ପଡ଼ିବ । ଏହି ଏକାତ୍ମକତା ଅର୍ଜନ କରିବା ମୋଟେ ଅସମ୍ଭବ ନୁହେଁ, ମାତ୍ର ତାହା ମୋଟେ ସହଜ ବି ନୁହେଁ; ବିଶେଷ କରି ପିଲାମାନଙ୍କ ଲାଗି ଆଦୌ ସହଜ ନୁହେଁ ।

ପିଏ ଯେତେଗୁଡ଼ିଏ ପ୍ରଶ୍ନ ପଚାରିଥିଲେ, ଏଇଟି ହେଉଛି ସେଥିମଧ୍ୟରୁ ସବୁଠାରୁ ଅଧିକ ପିଲାଳିଆ, ଗୋଟାସୁଦ୍ଧା ପିଲାଳିଆ : "ଯଦି ଭଗବାନ ନ୍ୟାୟମୂର୍ତ୍ତି ହୋଇଥାନ୍ତି, ତେବେ ସଂସାରରେ ଅନ୍ୟାୟ ରହିଛି କାହିଁକି ? ପିଏ ଯଦି ଭଲ ହୋଇଥାନ୍ତି, ତେବେ ସଂସାରରେ ମନ୍ଦ ଓ ଦୁଷ୍ଟତାମାନ କାହିଁକି ରହିଛି ? ଯଦି ସେ ଭଲ ପାଇବା ହୋଇଥାନ୍ତି, ତେବେ ଏଠାରେ ଘୃଣା କାହିଁକି ରହିଛି ?"— ମାତ୍ର ଭଗବାନ ତ ସବୁ ! ତେଣୁ ପିଏ କେବଳ ଏଇଟା ନୁହନ୍ତି ଅଥବା ସେଇଟା ନୁହନ୍ତି, ବା କେବଳ ଐକାନ୍ତିକ ଭାବରେ ଏହାହିଁ ନୁହନ୍ତି; ପିଏ ହେଉଛନ୍ତି ସବୁ । ଅର୍ଥାତ୍, ଅଧିକ ନିର୍ଭୁଲ ଭାବରେ କହିବାକୁ ବସିଲେ, ବରଂ ଏପରି କୁହାଯାଇ ପାରିବ ଯେ ସବୁକିଛି ହେଉଛି କେବଳ ସେଇ । ଏହି ପୃଥିବୀର ସୃଷ୍ଟି ବିଷୟରେ ଏପରି କେତେକ

'oaob.nitrkl.ac.in' images reprocessed

ଧାରଣା ପୃଥିବୀରେ ବେଶ୍ ପରିବ୍ୟାପ୍ତ ହୋଇ ରହିଛି, ଯାହାକୁ କି ମନୁଷ୍ୟ ତା'ର ଭାବନା ଦ୍ୱାରା ବେଶ୍ ଅନେକ ଦିନରୁ ଠିକ୍ ବୋଲି ଗ୍ରହଣ କରି ନେଇଛି । ମାତ୍ର ସେହି ଧାରଣାଗୁଡ଼ାକୁ ଆମେ କେବଳ ଅତ୍ୟନ୍ତ ଏକତରଫା ବୋଲି କହିବା । ପ୍ରଥମେ "ଗୋଟାଏ କିଛି ବସ୍ତୁ" ରହିଛି (ସତ କଥା ହେଉଛି, ଏହି ବସ୍ତୁଟି ଯେ ପ୍ରକୃତରେ କ'ଣ, ସେବିଷୟରେ ମଣିଷ କିଛି ଜାଣି ନାହିଁ ।); ଏବଂ ତା'ପରେ ଜଣେ ଭଗବାନ ଆସି ଉପସ୍ଥିତ ହେଉଛନ୍ତି ଯିଏକି ସେହି ବସ୍ତୁଟିକୁ ଏକ ରୂପ ଦେଉଛନ୍ତି ଏବଂ ସେଇଥିରୁ ପୃଥିବୀଟିକୁ ସୃଷ୍ଟି କରୁଛନ୍ତି । ତେଣୁ, ଯଦି ତୁମର ମନ ଭିତରେ ଏହିଭଳି ଧାରଣାମାନ ରହିଥାଏ, ତେବେ, ସେହି ଭଗବାନଙ୍କ ଆଗରେ ଏକଥା କହି ପାରିବା ଲାଗି ତୁମର ନିଶ୍ଚୟ ଏକ ଯୁକ୍ତିଯୁକ୍ତ ଅଧିକାର ରହିଛି : "ହଁ, ହଁ, ଆପଣ ସତକୁ ସତ ଗୋଟିଏ ସଂସାର ସୃଷ୍ଟି କରିଛନ୍ତି, ଆପଣଙ୍କର ଏହି ସଂସାରଟି ପ୍ରକୃତରେ ଏକ ସୁନ୍ଦର ସଂସାର !" କାହାଣୀଟିରେ ଯେପରି ରହିଛି, ସାତଦିନ ଲାଗି ଲାଗି ଜଗତଟିକୁ ତିଆରି କରି ସାରିବା ପରେ ଭଗବାନ ଯେ ଏହି ଜଗତଟି ପ୍ରକୃତରେ ଭାରି ସୁନ୍ଦର ହୋଇଛି ବୋଲି ଘୋଷଣା କରି କହିଲେ, ତଥାପି କହିବାକୁ ହେବ ଯେ ଜଗତଟି ପ୍ରକୃତରେ ତାଙ୍କ ଲାଗିହିଁ ସୁନ୍ଦର ହୋଇ ରହିଥିଲା । ଏହି ଜଗତଟି ତାଙ୍କୁ ନିଏତ ଭାରି ଆନନ୍ଦ ଆଣି ଦେଇଥିଲା; ମାତ୍ର, ଆମେ ଯେଉଁମାନେ ଏହି ଜଗତଟି ମଧ୍ୟରେ ବାସ କରୁଛୁ, ଆମକୁ ଏହା ଆଦୌ ଭଲ ବୋଲି ଦେଖା ଯାଉ ନାହିଁ । ତୁମେ କ'ଣ ଦେଖି ପାରୁ ନାହଁ ଯେ ଅତ୍ୟନ୍ତ ପିଲାଳିଆ ଭାବରେ ଏହି କ୍ଷେତ୍ରରେ ସମସ୍ତ ବିଷୟଟିର କଳ୍ପନା କରାଯାଇଛି ଓ ବଡ଼ ପିଲାଳିଆ ଭାବରେ ସେଇଟିକୁ ବ୍ୟକ୍ତ କରାଯାଇଛି ! ହାଣ୍ଡିଟିଏ ଗଢ଼ୁଥିବା ଠିକ୍ ସେହି କୁମ୍ଭାରର କାହାଣୀଟି ପରି ଏଇଟି ହୋଇଛି;— ଏଠାରେ ଭଗବାନଙ୍କୁ ଜଣେ ମଣିଷ ପରି କଳ୍ପନା କରାଯାଇଛି, ତାଙ୍କୁ ମନୁଷ୍ୟର ତୁଳନାରେ ଅନେକ ଅଧିକ ଦୁର୍ଜେୟ ଓ ଶକ୍ତିଶାଳୀ ବୋଲି କଳ୍ପନା କରାଯାଇଛି ସତ, ମାତ୍ର ତଥାପି ସେ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ଠିକ୍ ଗୋଟିଏ ମଣିଷ ପରିହିଁ ଦିଶୁଛନ୍ତି । ମଣିଷହିଁ ଏଠାରେ ତା'ର ନିଜ ପ୍ରତିରୂପଟି ଅନୁସାରେ ଭଗବାନଙ୍କୁ ଗଢ଼ୁଛି, ଭଗବାନ ତାଙ୍କ ପ୍ରତିରୂପଟି ଅନୁସାରେ ମନୁଷ୍ୟକୁ ଗଢ଼ୁ ନାହାନ୍ତି । ତେଣୁ, ଏପରି ଅସମ୍ପୂର୍ଣ୍ଣ ଓ ପିଲାଳିଆ ଭାବରେ କୌଣସି ପ୍ରଶ୍ନ ପଚରା ଯାଉଥିବା ସମୟରେ ତାହାର କୌଣସି ପ୍ରକୃତ ଉତ୍ତର ଦେଇପାରିବା ଆଦୌ ସମ୍ଭବ ନୁହେଁ, କାରଣ ପ୍ରଶ୍ନଟିକୁହିଁ ସମୁଚିତ ଭାବରେ ଆଦୌ ପଚରା ଯାଇ ନାହିଁ । ତୁମେ କିଛି କହିଲ, ସେଇଟିକୁ ସତ ବୋଲି ଘୋଷଣା କଲ; ମାତ୍ର ସେଇଟିକୁହିଁ ସତ ବୋଲି ଦାବି କରିବା ଲାଗି ତୁମର ଆଉ କି ଅଧିକାର ରହିଛି ? ତୁମେ ସେହି କଥାଟିକୁ ଠିକ୍ ବୋଲି କହୁଛ, ତେଣୁ ସେଥିରୁ ଏହିପରି ଏକ ସିଦ୍ଧାନ୍ତ କରି ପକାଉଛ : "ଯଦି ସେକଥା ଏହିପରି ହୁଏ, ତେବେ ଏଇଟି ଏପରି

'oaob.nitrkl.ac.in' images reprocessed

କିପରି ହୋଇ ପାରିଲା ?" ମାତ୍ର "ସେଇଟି ଏପରି" ବୋଲି ତ କେବଳ ତୁମେହିଁ ମାନୁଛ । ତା' ବୋଲି ଯେ ସେଇଟା ନିଶ୍ଚୟ ଠିକ୍ ହେବ, ସେକଥା ତୁମକୁ କିଏ କହିଲା ?

ଏହି ସମସ୍ୟାର କେବଳ ଗୋଟିଏ ମାତ୍ର ସମାଧାନ ରହିଛି; ସେହି ସମାଧାନଟି ହେଉଛି ଯେ ଉପଲବ୍ଧିସ୍ଥଳରେ ଆମେ ଭଗବାନ ଏବଂ ବିଶ୍ୱଜଗତ ମଧ୍ୟରେ ଆମ ଭାବନାରେ ଆଦୌ କୌଣସି ପ୍ରଭେଦ ରଖିବା ନାହିଁ । ଏହି ବିଶ୍ୱଜଗତକୁ ଆମେ ସ୍ଥାନର ଭୂମି ଉପରେ ଆପଣାକୁ ପ୍ରକ୍ଷେପିତ କରି ରଖିଥିବା ସେହି ପରମ ଦିବ୍ୟସତ୍ୟ ବୋଲିହିଁ ଅବଶ୍ୟ ଜାଣିବା । ଏବଂ ଭଗବାନଙ୍କୁହିଁ ଉପଲବ୍ଧିସ୍ଥଳରେ ଏହି ଜଗତ ବୋଲି ଅବଶ୍ୟ ଜାଣିବା । ଏହି ସ୍ୱଭାବ ଅଥବା ସେହି ସ୍ୱଭାବ ଅନୁସାରେ ହେଉ ପଛକେ, ଏହା କେବଳ ସେହି ଗୋଟିଏ ବସ୍ତୁ । ଏବଂ ଆମେ ସେମାନଙ୍କୁ କଦାପି ଦୁଇ ଖଣ୍ଡ କରି ଦେଇ ପାରିବା ନାହିଁ । "ସୃଷ୍ଟିକର୍ତ୍ତା" ଓ ତାଙ୍କର "ସୃଷ୍ଟି" ବୋଲି କହୁଥିବା ଯେଉଁ କଳ୍ପନାଟି ରହିଛି, ଏହି କଳ୍ପନାଟି ତାହାର ସମ୍ପୂର୍ଣ୍ଣ ବିପରୀତ । କେବଳ ଏତକ କଥା ବେଶ୍ ବୁଝି ହେଉଛି ଯେ ସୃଷ୍ଟିକର୍ତ୍ତା ଓ ତାଙ୍କର ସୃଷ୍ଟିକୁ ଏପରି ଭାବରେ ବର୍ଣ୍ଣନା କରି କହିବା ପ୍ରକୃତରେ ଭାରି ସୁବିଧାଜନକ; ଏହା ଫଳରେ ଆମ ବ୍ୟାଖ୍ୟାଗୁଡ଼ାକ ପ୍ରକୃତରେ ଭାରି ସହଜ ହୋଇଯାଉଛି ଏବଂ ତତ୍ତ୍ୱଶିକ୍ଷାଟି ବେଶ୍ ସୁଗମ ହୋଇ ପାରୁଛି । ମାତ୍ର ଏଇଟି ଆଦୌ ସତ୍ୟ ନୁହେଁ । ଏବଂ ତା'ପରେ ତୁମେ କହୁଛ : "ଏପରି କିପରି ହେଉଛି ଯେ ଭଗବାନ୍ ସର୍ବଶକ୍ତିମାନ୍ ହୋଇ ମଧ୍ୟ ତଥାପି ସଂସାରଟାକୁ ଏପରି ହେବାକୁ ଦେଉଛନ୍ତି ?" ମାତ୍ର ଏଇଟା ହେଉଛି କେବଳ ତୁମରହିଁ କଳ୍ପନା ! ଏପରି ହେଉଛି, କାରଣ ତୁମେ ନିଜେ ଏପରି ଗୁଡ଼ିଏ ପରିସ୍ଥିତି ମଧ୍ୟରେ ରହୁଛ, ଯାହାକି ତୁମକୁ ଅସୁଖକର ବୋଧ ହେଉଛି; ଏବଂ ତୁମେ ସେଇଟାକୁ ଭଗବାନଙ୍କ ଉପରେ ନେଇ ଲଦି ଦେଉଛ ଏବଂ ତାଙ୍କୁ ଯାଇ କହୁଛ "ଆପଣ ଏପରି ଏକ ସଂସାର କାହିଁକି ତିଆରି କଲେ ?" "ମୁଁ ଏହି ସଂସାରକୁ ତିଆରି କରି ନାହିଁ । ତୁମେ ନିଜେ ତାହାକୁ ତିଆରି କରିଛ । ଏବଂ ଯଦି ତୁମେ ପୁନର୍ବାର ମୋଠାରୁ ଅଭିନ୍ନ ହୋଇ ରହିପାରିବ, ତେବେ ବର୍ତ୍ତମାନ ଯେପରି ଅନୁଭବ କରୁଛ, ସେପରି ମୋଟେ ଅନୁଭବ କରିବ ନାହିଁ । ତୁମେ ମୋଠାରୁ ଅଲଗା ହୋଇ ରହିଛ ଓ ସେହି କାରଣରୁ ସଂସାରଟା ଏପରି ବୋଲି ଅନୁଭବ କରୁଛ ।" ଭଗବାନ ତୁମକୁ ଠିକ୍ ଏହିପରି ଉତ୍ତର ଦେବେ । ଏବଂ, ପ୍ରକୃତ କଥା ହେଉଛି ଯେ ଯେତେବେଳେ ତୁମେ ଭଗବତ୍ ଚେତନା ସହିତ ନିଜର ଚେତନାଟିକୁ ସଂଯୁକ୍ତ କରି ରଖିବାରେ ସଫଳ ହୋଇଯିବ, ସେତେବେଳେ ଆଉ କୌଣସି ସମସ୍ୟା ରହିବ ନାହିଁ । ସବୁ ଅତ୍ୟନ୍ତ ସ୍ୱାଭାବିକ ବୋଧ ହେବ, ସହଜ ଓ ସମୁଚିତ ବୋଧ ହେବ, ଯାହା ହେବା ଉଚିତ ଥିଲା, ତାହା ଠିକ୍

'oaob.nitrkl.ac.in' images reprocessed

ସେହିପରି ହୋଇ ରହିଛୁ ବୋଲି ବୋଧ ହେବ । ମାତ୍ର ଯେତେବେଳେ ତୁମେ ଆପଣାକୁ ଉପସ୍ଥିତିସ୍ଥଳଟି ସହିତ ଖିଅ ଛିଣ୍ଡାଇ ରଖିଥିବ ଏବଂ ଭଗବାନଙ୍କ ସମ୍ମୁଖରେ ସତେଅବା ଅଲଗା ହୋଇ ଠିଆ ହେବାକୁ ଇଚ୍ଛା କରିବ, ତେବେ ସବୁକଥା ପ୍ରକୃତରେ ବିଗିଡ଼ିଯିବ, ଆଉ କିଛିହେଲେ ଠିକ୍ ହୋଇ ରହିବ ନାହିଁ ।

ମାତ୍ର ଯଦି ତୁମେ ଆପଣାର ଯୁକ୍ତିଗୁଡ଼ିକୁ ଅତିଶୟତାର ପ୍ରାନ୍ତଯାଏ ଚାଳିତ କରି ନେଉଥିବା ଏକ ତର୍କନ୍ୟାୟର ଅନୁସରଣ କରିବାକୁ ଇଚ୍ଛା କରୁଥିବ, ତେବେ ତୁମେ ନିଶ୍ଚୟ ପଚାରିବ ଯେ ଆପଣାର ସମଗ୍ରଟି ମଧ୍ୟରୁ ଭଗବାନ କିପରି ତାଙ୍କର ଗୋଟିଏ ଅଂଶକୁ ଏପରି ଭିନ୍ନ ହୋଇ ରହିବାକୁ ଦେଲେ ଓ ଏହିସବୁ ଯାବତୀୟ ବିଶୃଙ୍ଖଳାକୁ ସମ୍ଭବ ହେବାକୁ ଦେଲେ । ତୁମେ ହୁଏତ ସେହି ପ୍ରଶ୍ନଟି ନିଶ୍ଚୟ ପଚାରିବ । ତେବେ ମୁଁ ତାହାର ଉତ୍ତର ଦେଇ କହିବି "ତୁମେ ଯଦି ପ୍ରକୃତ ଉତ୍ତରଟିକୁ ଜାଣିବାକୁ ଇଚ୍ଛା କରୁଛ, ତେବେ ସେହି ଭଗବାନଙ୍କ ସହିତ ଏକାତ୍ମକ ହୋଇ ରହି ପାରିବା ଦ୍ୱାରାହିଁ ତୁମକୁ ଅଧିକ ଫଳ ମିଳିବ; କାରଣ ସିଏ ପ୍ରକୃତରେ କାହିଁକି ଏସବୁ ବସ୍ତୁର ସୃଷ୍ଟି କରିଛନ୍ତି, ସେହି କଥାଟିକୁ ଜାଣିବାକୁ ତାହାହିଁ ହେଉଛି ସବୁଠାରୁ ଉତ୍କୃଷ୍ଟ ପନ୍ଥା ।" ମନ ଦ୍ୱାରା ତାଙ୍କର କରଣୀଗୁଡ଼ିକ ଉପରେ ସଂଶୟ ପ୍ରକାଶ କରି କଦାପି ନୁହେଁ, କାରଣ ତୁମର ମନ ଏହି ବିଷୟରେ ଆଦୌ କିଛିହେଲେ ବୁଝି ପାରିବ ନାହିଁ । ମୁଁ ପୁନର୍ବାର କହୁଛି, ଏହିପରି ଏକ ଏକାତ୍ମକତା ଅର୍ଜନ କରି ପାରିଲେ ଯାଇ ସବୁ ସମସ୍ୟାର ସମାଧାନ ପାଇବା ସମ୍ଭବ ହୋଇଯିବ । ଏଠି ବସ୍ତୁଗୁଡ଼ିକ ଆଦୌ ସମୁଚିତ ଭାବରେ ନାହିଁ ଏବଂ ସେଗୁଡ଼ିକ ଅନ୍ୟ ପ୍ରକାରରେ ହେବା ଉଚିତ ଥିଲା ବୋଲି ଏହି ଯେଉଁ ଅନୁଭୂତି ତୁମର ମନ ଭିତରେ ଆସୁଛି, କାରଣ, ଏକ ଦିବ୍ୟ ପରମ ଇଚ୍ଛାହିଁ ନିରନ୍ତର ଅଗ୍ରଗତିର ପଥରେ ଯାବତୀୟ ବସ୍ତୁକୁ ସତତ ଉନ୍ମୋଚିତ କରି ଦେବାରେ ଲାଗିଛି; ସେହି କାରଣରୁ, ଯେଉଁ ବସ୍ତୁଗୁଡ଼ିକ ଆଗରୁ ରହିଥିଲେ, ସେଗୁଡ଼ିକୁ, ଯାହାସବୁ ସମ୍ଭବ ହେବାକୁ ଯାଉଛି, ସେଗୁଡ଼ିକ ଲାଗି ବାଟ ଛାଡ଼ିଦେବାକୁ ପଡ଼ିବ,— ଯାହାସବୁ ରହିଥିଲେ, ସେସବୁ ଅପେକ୍ଷା ସେଗୁଡ଼ିକୁ ଅଧିକ ଭଲ ହେବାକୁ ପଡ଼ିବ । ଏବଂ ଯେଉଁ ପୃଥିବୀଟି କାଲି ଭଲ ହୋଇ ରହିଥିଲା, ତାହା ଆଗାମୀ କାଲିକୁ ହୁଏତ ଆଦୌ ଭଲ ହୋଇ ରହିବ ନାହିଁ । ଯେଉଁ ପୃଥିବୀ ଏକଦା ସମ୍ପୂର୍ଣ୍ଣ ସୌଷମ୍ୟଯୁକ୍ତ ଏବଂ ପରିପୂର୍ଣ୍ଣ ବୋଲି ଦୃଷ୍ଟିଗୋଚର ହେଉଥିଲା, ତାହା ହୁଏତ ବର୍ତ୍ତମାନ ବିଶୃଙ୍ଖଳାରେ ପୂର୍ଣ୍ଣ ହୋଇ ରହିଛି, ସେଥିରେ ଆଉ କୌଣସି ସୌଷମ୍ୟ ନାହିଁ, କାରଣ ଆମେ ବର୍ତ୍ତମାନ ଏକ ଆହୁରି ଭଲ ପୃଥିବୀର କଳ୍ପନା କରିପାରୁଛୁ, ତାହାର ସମ୍ଭାବନାଟିକୁ ଆଖି ଆଗରେ ଦେଖି ବି ପାରୁଛୁ । ଏବଂ ଯଦି ପୃଥିବୀଟିରେ ସବୁ ସମୁଚିତ ଭାବରେ ଚାଲିଛି ବୋଲି ଆମେ ଦେଖୁଥିବା, ତେବେ ଆମର ଯାହାସବୁ

'oaob.nitrkl.ac.in' images reprocessed

କରିବା ଉଚିତ, ଆମେ ତାହା କରିବା ଲାଗି ଆଉ କଦାପି ମନ କରିବା ନାହିଁ, ଅର୍ଥାତ୍, ଅଧିକ ଭଲ ହେବା ଲାଗି ଯେଉଁ ଉଦ୍ୟମଟି ଆବଶ୍ୟକ, ସେହି ଉଦ୍ୟମଟିକୁ ଆଦୌ କରିବାକୁ ଯିବା ନାହିଁ ।

ହଁ, ମାତ୍ର ଏପରି ଗୋଟିଏ ସମୟ ଆସିବ, ଯେତେବେଳେ କି ଏହିସବୁ ଧାରଣା ଅତି ପିଲାଳିଆ ବୋଲି ମନେହେବ । ଏବଂ ଏହା ଘଟୁଛି, କାରଣ ଆମେ କେବଳ ନିଜ ଭିତରଟିରେହିଁ ବନ୍ଦ ହୋଇ ରହୁଛୁ । ତୁମର ଏହି ଯେଉଁ ନିଜ ଚେତନାଟି ଅନନ୍ତ ପରିବ୍ୟାପ୍ତି ମଧ୍ୟରେ ସତେଅବା ଗୋଟାଏ ଧୂଳିକଣା ପରି ହୋଇ ରହିଛି, ସେହି ଚେତନାର ସାହାଯ୍ୟରେ ତୁମେ ଅନନ୍ତକୁ ଜାଣିବାକୁ ବାହାରିଛ, ଅନନ୍ତର ବିଚାର କରି ବାହାରିଛ ? ତାହା କଦାପି ସମ୍ଭବ ନୁହେଁ । ସର୍ବପ୍ରଥମେ ତୁମକୁ ଆପଣା ଭିତରୁ ବାହାରି ଆସିବାକୁ ପଡ଼ିବ, ଅନନ୍ତ ସହିତ ନିଜକୁ ସଂଯୁକ୍ତ କରିବାକୁ ପଡ଼ିବ ଏବଂ କେବଳ ତା'ପରେ ଯାଇ ତୁମେ ଅସଲ ସତ୍ୟଟିକୁ ବୁଝିବାକୁ ଆରମ୍ଭ କରିବ; ତା' ପୂର୍ବରୁ କଦାପି ନୁହେଁ । ତୁମେ ନିଜର ଚେତନାଟିକୁହିଁ ପ୍ରକ୍ଷେପିତ କରି ଦେଉଛ,—ତୁମେ ଯାହା ହୋଇ ଅଛ, ତୁମର ଯେଉଁସବୁ ଭାବନା ରହିଛି ଏବଂ ବୁଝିବା ଲାଗି ତୁମର ଯେଉଁ ଶକ୍ତି ରହିଛି, ତୁମେ ଏହିଗୁଡ଼ାକୁହିଁ ପ୍ରକ୍ଷେପିତ କରି ରଖୁଛ; ସେଗୁଡ଼ାକୁ ଭଗବାନଙ୍କ ଉପରେ ପ୍ରକ୍ଷେପିତ କରି କହୁଛ : "ଏଗୁଡ଼ାକ ସବୁ ଭୁଲ ।" ମୁଁ ବେଶ୍ ବୁଝିପାରୁଛି । ମାତ୍ର ନିଜକୁ ଏକାତ୍ମକ ନକଲା ପର୍ଯ୍ୟନ୍ତ ଜାଣିବାର ଆଉ କୌଣସି ସମ୍ଭାବନା ନାହିଁ । ଉଦାହରଣସ୍ୱରୂପ, ବିନ୍ଦୁଏ ପାଣି କପରି ସାଗରର ସତ୍ୟରୂପକୁ ତୁମ ଆଗରେ କହିଦେଇ ପାରିବ, ମୁଁ ସେକଥା ଆଦୌ ବୁଝି ପାରୁ ନାହିଁ । ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା ।

> "ଆମେ ଯେତେବେଳେ ମନୁଷ୍ୟର ଦେହ ଧାରଣ କରୁ, ସେତେବେଳେ ଆମକୁ ତା' ସହିତ ଏହିସବୁ ସାଧାରଣ ବିଚାରକୁ ମଧ୍ୟ ଗ୍ରହଣ କରିବାକୁ ପଡ଼ିଥାଏ; ମନୁଷ୍ୟଜାତି ବିଷୟରେ ଯାବତୀୟ ଧାରଣା, ମନୁଷ୍ୟଜାତି ବିଷୟରେ ମନୁଷ୍ୟ ଭିତରେ ରହିଥିବା ଯାବତୀୟ ଅନୁଭୂତି, ସମ୍ବନ୍ଧତତା, ଆକର୍ଷଣ ଓ ବିକର୍ଷଣ ପ୍ରଭୃତି କେତେ କଥାକୁ ଗ୍ରହଣ କରିବାକୁ ପଡ଼ିଥାଏ ।"
>
> ପ୍ରଶ୍ନ ଓ ଉତ୍ତର ୧୯୨୯ (୩୦ ଜୁନ୍)

ମନୁଷ୍ୟର ଦେହକୁ ଧାରଣ କଲାବେଳେ ଭପ୍ତର ଯାବତୀୟ ଧାରଣାକୁ ଗ୍ରହଣ କରିବା କ'ଣ ପ୍ରକୃତରେ ଦରକାର ?

'oaob.nitrkl.ac.in' images reprocessed

ଆବଶ୍ୟକ ଯେତେ ନୁହେଁ, ତାହା ଅପେକ୍ଷା ଅଧିକ ଅନିବାର୍ଯ୍ୟ !...ଆମେ ସେଗୁଡ଼ିକୁ ଗ୍ରହଣ କରୁଛୁ ବୋଲି ଆମର ପ୍ରକୃତରେ କୌଣସି ଅନୁଭୂତିହିଁ ହୁଏ ନାହିଁ । ସେଦିନ କଥା ପଡ଼ିଥିଲା ଯେ ଯେତେବେଳେ ଏକ ଚୈତ୍ୟ ସତ୍ତା କୌଣସି ଶରୀର ଭିତରେ୍ ଆସି ପ୍ରବେଶ କରେ, ସତେଯେପରି ତାହା ଆସି ମୁଣ୍ଡ ଉପରେ ଚି଼' କରି ପଡ଼େ, କିଛିକାଳ ଲାଗି ସିଏ କିଛିଟା କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ । ଏହିପରି ଭାବରେ ଏହି ପର୍ଯ୍ୟାୟଟିରେ ସେ ଅଜାଣତରେ ମଧ୍ୟ ଏହିସବୁ ସଙ୍କେତ ଦ୍ୱାରା ପ୍ରଭାବିତ ହୁଏ । ମାତ୍ର ଜାଗ୍ରତ ହୋଇଯିବା ପରେ ତାହା ସେହି ପ୍ରଭାବ ମଧ୍ୟରୁ ବାହାରି ମଧ୍ୟ ଆସିପାରେ; ଏବଂ ସେହି ସଙ୍କେତଗୁଡ଼ିକୁ ସ୍ୱୀକାର କରି ନେବା ଲାଗି ଆଦୌ କୌଣସି ପ୍ରୟୋଜନ ନଥାଏ । ସେଗୁଡ଼ିକ ଯେ ଗୋଟିଏ ଗୋଟିଏ ସଙ୍କେତ, କେବଳ ଏତିକମାତ୍ର ଜାଣିବାକୁ ହୁଏ । କେବଳ ମନୁଷ୍ୟ-ଚେତନାଠାରୁ ଆପଣାକୁ ଅଲଗା କରି ରଖି ପାରିବାକୁ ହୁଏ, ଦେହ-ଚେତନାରୁ ଅଲଗା କରି ରଖିବାକୁ ହୁଏ । ଏବଂ, ଥରେ ଊର୍ଦ୍ଧ୍ୱରେ ଥାଇ ତାହା ଉପରେ ଦୃଷ୍ଟିପାତ କରିବା ଲାଗି ସମର୍ଥ ହୋଇଗଲେ, ତୁମେ ଏହି ସଙ୍କେତଗୁଡ଼ିକରୁ ମଧ୍ୟ ଆପଣାକୁ ବେଶ୍ ମୁକ୍ତ କରି ରଖିପାରିବ । ତୁମେ ଯାବତୀୟ ସଙ୍କେତରୁ ଆପଣାକୁ ମୁକ୍ତ କରି ରଖିପାରିବ, ମାତ୍ର ସେଥିଲାଗି ତୁମକୁ ସେଗୁଡ଼ିକଠାରୁ ଊର୍ଦ୍ଧ୍ୱକୁ ଉଠିଯିବାକୁ ପଡ଼ିବ । ସେହି କଥାଟି ଯଦି ସମ୍ଭବ ହେଉ ନଥାନ୍ତା, ତେବେ ଯୋଗସାଧନା ମଧ୍ୟ ଅସମ୍ଭବ ହୋଇ ରହିଥାନ୍ତା ।

ମାତ୍ର ତୁମେ ଏହା ବିଷୟରେ ଆଦୌ ସଜ୍ଞାନ ହୋଇ ପାର ନାହିଁ, ଏହା ସତତହିଁ ମହାଜୁଦ ରହିଥାଏ । ଉଦାହରଣସ୍ୱରୂପ, ଏଠାରେ ସେହି ଅତିଶକ୍ତିଶାଳୀ ସାମୂହିକ ସଙ୍କେତ ମୃତ୍ୟୁ ବିଷୟରେ ଆଲୋଚନା କରାଯାଇପାରେ । ନିଜ ଭିତରେ ଅମରତ୍ୱର ଏକ ଚେତନା ସୃଷ୍ଟି ନକରି ପାରିଥିବା ପର୍ଯ୍ୟନ୍ତ ତୁମେ ଆପଣାକୁ କିପରି ସେହି ଧାରଣାଟିର କବଳରୁ ମୁକ୍ତ ରଖି ପାରିବ ? ଅମରତ୍ୱର ଚେତନାଟିକୁ ନିଜ ଭିତରେ ଥରେ ସମ୍ଭବ କରି ପାରିଲେ ତୁମେ ନିଜକୁ ସଙ୍କେତଟିର ପ୍ରଭାବରୁ ମଧ୍ୟ ମୁକ୍ତ ରଖି ପାରିବ । ତା' ନହେଲେ ସେକଥା ଆଉ ସମ୍ଭବ ହେବ ନାହିଁ । ତୁମେ ତାହାରି ମଧ୍ୟରେ ବେଶ୍ ସ୍ୱାଭାବିକ ଭାବରେ ରହି ପାରୁଛ ବୋଲି ତୁମେ ସେଥିରୁ ଆଦୌ ମୁକ୍ତ ହୋଇ ପାରୁ ନାହଁ,—ମନୁଷ୍ୟସମୂହ ଭିତରେ ଯେଉଁ ଧାରଣା ଓ ଗତିସ୍ପନ୍ଦନଗୁଡ଼ିକ ପରିପୂର୍ଣ୍ଣ ହୋଇ ରହିଛି, ତୁମେ ତାହାରି ଦ୍ୱାରାହିଁ ପୂରିକରି ରହିଛ; ସେଗୁଡ଼ାକ ପ୍ରକୃତରେ ତୁମର ବ୍ୟକ୍ତିଗତ ବସ୍ତୁରେ ଆଦୌ ପରିଣତ ହୋଇ ନାହିଁ । ତୁମେ ସେଗୁଡ଼ିକ ବିଷୟରେ ସଜ୍ଞାନ ହୋଇ ପାରୁ ନାହଁ, କାରଣ ସେଗୁଡ଼ାକ ତୁମ ଚେତନା ସହିତ ଅତ୍ୟନ୍ତ ନିବିଡ଼ ଭାବରେ ବାନ୍ଧି ହୋଇ ରହିଛି । ମାତ୍ର ଯେଉଁ ମୁହୂର୍ତ୍ତରେ ତୁମେ ମନୁଷ୍ୟ-ଚେତନାର ଏହି ବାଡ଼ଟି ମଧ୍ୟରୁ

'oaob.nitrkl.ac.in' images reprocessed

ମୁକ୍ତ ହୋଇ ବାହାରିଆସି ପାରିବ ଓ ଏପରି ରାଜ୍ୟରେ ପ୍ରବେଶ କରି ପାରିବ, ଯେଉଁଠାରେ କି ଉଦାହରଣସ୍ୱରୂପ, ଏହି ଦେହ ମଧ୍ୟରେ ରହିଥିବା ପ୍ରାଣଟି ପ୍ରାୟ ଏକ ଆକସ୍ମିକ ଘଟଣା ପରି ହୋଇ ରହିବ,—ଏକଥାଟି ଏଠାରେ ହୋଇପାରିବ, ସେଠାରେ ହୋଇପାରିବ, ସେହି ଊର୍ଦ୍ଧ୍ୱରେ ମଧ୍ୟ ହୋଇପାରିବ,—ତେବେ ତୁମେ ଆଉ କଦାପି ଦେହଟି ସହିତ ବାନ୍ଧି ହୋଇ ରହିବ ନାହିଁ । ଦେହଟିକୁ ଅବଲୋକନ କରି ତୁମେ କହିପାରିବ : ଏଇଟା ତ ପ୍ରାୟ ଏକ ଆକସ୍ମିକ ଘଟଣା ପରି (ଏହା ଏକ ସ୍ୱନିର୍ବାଚନ ବି ହୋଇପାରେ, ମାତ୍ର ଅଧିକାଂଶ କ୍ଷେତ୍ରରେ ଏକ ଆକସ୍ମିକତା)'। ତେବେ, ସେହି କ୍ଷଣଟିଠାରୁ ତୁମେ ଆଉ କଦାପି ବାନ୍ଧି ହୋଇ ରହିବ ନାହିଁ । କାରଣ ତୁମେ ସେତେବେଳେ ଏପରି ଗୋଟିଏ ସତ୍ତା ମଧ୍ୟରେ ଚେତନାଯୁକ୍ତ ହୋଇ ରହିଥିବ, ଯାହାକି କେବଳ ବା ଐକାନ୍ତିକ ଭାବରେ ଆଦୌ ଏକ ମନୁଷ୍ୟସତ୍ତା ହୋଇ ରହି ନଥିବ । ମାତ୍ର ସେହି କ୍ଷଣଟି ଆସିବା ପର୍ଯ୍ୟନ୍ତ ତୁମେ ଏବିଷୟରେ ସଜ୍ଞାନହିଁ ନଥିବ । ସଜ୍ଞାନ ହେବା ଲାଗି ତୁମ ପାଖରେ କୌଣସି ବାଟ ମଧ୍ୟ ନଥିବ । ଏବଂ, ବିଶୁଦ୍ଧ ଭାବରେ ମାନସିକ ହୋଇ ରହିଥିବା କ୍ଷେତ୍ରଟି ମଧ୍ୟରେ ପ୍ରବେଶ କଲେ, ତୁମେ ଏହିସବୁ ଧାରଣା ଭାରି ଶକ୍ତିଶାଳୀ ହୋଇ ରହିଥିବାର ଦେଖିବାକୁ ପାଇବ; ଉଦାହରଣସ୍ୱରୂପ, ଯାହା ଅନନ୍ତ, ତାହା କଦାପି ଅନ୍ତବିଶିଷ୍ଟ ହୋଇ ପାରିବ ନାହିଁ, ଯାହାର ଆରମ୍ଭ ଅଛି, ତାହାର ଏକ ଶେଷ ମଧ୍ୟ ଅବଶ୍ୟ ରହିବ,—ଏହିସବୁ ନାନା ଧାରଣା ତୁମର ଦୃଷ୍ଟିଗୋଚର ହେବ, ଯାହାକି ଅତ୍ୟନ୍ତ ଚମତ୍କାର ଭାବରେ ସନ୍ଦୀପିତ ହୋଇ ରହିଥିବା ପରି ମନେହେବ, ଏବଂ ତଥାପି ଗୋଟିଏ ଗୋଟିଏ ନିର୍ବୋଧତା ହୋଇହିଁ ରହିଥିବ । ମାତ୍ର ଏଗୁଡ଼ାକ ହେଉଛି ସାମୂହିକ ମନୁଷ୍ୟ-ମାନସର ବ୍ୟାପାର; ଏବଂ ଯେଉଁ ମନୁଷ୍ୟମାନେ ଆପଣାକୁ ଭାରି ଚତୁର ବୋଲି ଭାବନ୍ତି, ସେମାନଙ୍କର ମନ ଭିତରୁ ଏଗୁଡ଼ିକୁ ତଡ଼ିଦେବାଠାରୁ ଅଧିକ ଆୟାସସାଧ୍ୟ କାର୍ଯ୍ୟ ଆଉ ପ୍ରକୃତରେ କେଉଁଠି ହେଲେ ନାହିଁ । ···ହୁଏତ ତୁମେ ଏହିସବୁ ସମସ୍ୟା ବିଷୟରେ ଆପଣାକୁ ଏପର୍ଯ୍ୟନ୍ତ କେବେ ପ୍ରଶ୍ନ କରି ନାହିଁ, କାରଣ ତୁମେ ଏପର୍ଯ୍ୟନ୍ତ ଦର୍ଶନ ଅଧ୍ୟୟନ କରି ନାହଁ, ମାତ୍ର ଯେତେବେଳେ ଦର୍ଶନ ଅଧ୍ୟୟନ କରିବ, ସେତେବେଳେ ନିଶ୍ଚୟ ବୁଝିବ । ଏବଂ ଏହା ସେତେବେଳେ ତୁମକୁ ଗୋଟିଏ ଗୋଟିଏ ଅବିନାଶୀ ସତ୍ୟରୂପେ ପ୍ରତିଭାତ ହୋଇ ରହିବ, ଯାହାକୁ କି କେହି ସ୍ପର୍ଶ ବି କରି ପାରିବେ ନାହିଁ । ଢନେ ମୁଁ···(ନଳିନୀଙ୍କୁ ଉଦ୍ଦେଶ୍ୟ କରି) ଆପଣଙ୍କ ପାଖରେ Advent ପତ୍ରିକାର ସେହି ଲେଖାଟି ଅଛି କି ? ଏହି ବିଷୟଟି Advent ପତ୍ରିକାରେ ବାହାରିଛି, ଶ୍ରୀଅରବିନ୍ଦଙ୍କର ସେହି ଲେଖାଟି ବାହାରିଛି । ଢନେ ଆମେ ସମସ୍ତେ ମିଶି ସେଇଟିକୁ ଇଂରାଜୀରୁ ଫରାସୀଭାଷାକୁ ଅନୁବାଦ କରିନେବା । ସେଥିରେ ସେ ନ୍ୟାୟଶାସ୍ତ୍ର ଓ ବୁଦ୍ଧିସାମର୍ଥ୍ୟ ଉପରେ ଏକ ଚମତ୍କାର

'oaob.nitrkl.ac.in' images reprocessed

ମନ୍ତବ୍ୟ ଦେଇଛନ୍ତି ।* ...ଏବଂ ସେହିସବୁ କଥା ତୁମମାନଙ୍କ ମୁଣ୍ଡରେ କେବେହେଲେ ଉଦୟ ବି ହୋଇ ନଥିବ : ଏଗୁଡ଼ାକ ହେଉଛି ଗୋଟିଏ ଗୋଟିଏ ସାମୂହିକ ଇଙ୍ଗିତ ଏବଂ ଆମକୁ ସେଗୁଡ଼ିକ ଭିତରୁ ବାହାରି ଚାଲି ଆସିବାକୁ ପଡ଼ିବ । ଏଇଟା ଯେ ତୁମକୁ ଏକ ବାସ୍ତବରୂପେ କେବଳ ପ୍ରତୀତ ହେଉ ନାହିଁ, ତା' ନୁହେଁ, ମାତ୍ର ସତେଅବା ଏକ ସନ୍ଦୀପିତ ସତ୍ୟ ବୋଲିହିଁ ପ୍ରତୀତ ହେଉଛି । ମାତ୍ର ଏଇଟି ସେକଥା ଆଦୌ ନୁହେଁ !

ମା'ଆ, ଆମେ କେବେକେବେ ଅତ୍ୟନ୍ତ ଭୟଙ୍କର ଭାବରେ ଭୀତସନ୍ତ୍ରସ୍ତ ହୋଇପଡ଼ୁ । ଏଭଳି ଅବସ୍ଥାରେ ଆମର କ'ଣ କରିବା ଉଚିତ ?

ସେଇଟା ଭୟଟିର ପ୍ରକୃତି ଉପରେ ନିର୍ଭର କରିବ । କୌଣସି କାରଣ ନଥାଇ ଏହି ଭୟଟି ହେଉଛି ନା କୌଣସି କାରଣକୁ ଭିତ୍ତି କରି ତାହା ହେଉଛି ? କାରଣ, ସେହି ଅନୁସାରେ ପ୍ରତିକାର ମଧ୍ୟ ଅଲଗା ଅଲଗା ରହିଛି ।

ଗୋଟାଏ କାରଣକୁ ଭିତ୍ତି କରି ଭୟ ।

ହଁ; ଉଦାହରଣସ୍ୱରୂପ, ଆଉ କାହାର କୌଣସି ରୋଗ ହୋଇଛି ଓ ସିଏ କାଲେ ତା'କୁ ଡେଇଁବ ବୋଲି ଜଣେ ଭୟ କରୁଛି ।...

ନାହିଁ, ଜଣକର ମୃତ୍ୟୁ ହୋଇଛି ।

ଏବଂ ମରିବା ବିଷୟରେ ଆମ ଭିତରେ ଭୟ ଜନ୍ମୁଛି ।

---

* Advent ପତ୍ରିକାର ଅଗଷ୍ଟ ୧୯୫୭ ସଂଖ୍ୟାରେ ଶ୍ରୀଅରବିନ୍ଦଙ୍କର କେତୋଟି ଲିଖିତ ଯେଉଁ ସୂକ୍ତି ଉଦ୍ଧୃତ ହୋଇଥିଲା, ସମ୍ଭବତଃ ଏଠାରେ ତାହାରି କଥା କୁହାଯାଉଛି :

"ତର୍କଯୁକ୍ତି ହେଉଛି ପରମସତ୍ୟର ସବୁଠାରୁ ବଳି ଖରାପ ଶତ୍ରୁ; ଠିକ୍ ଆପଣାକୁ ଭଲ ବୋଲି ଦେଖାଇହେବା ଯେପରି ପ୍ରକୃତ ଗୁଣ ଅର୍ଜନ କରିବାର ସବୁଠାରୁ ବଳି ଖରାପ ଶତ୍ରୁ । କାରଣ ଦ୍ୱିତୀୟ କ୍ଷେତ୍ରରେ ଆପଣାର ତ୍ରୁଟିକୁ ଆଦୌ ଦେଖି ହୁଏ ନାହିଁ ଏବଂ ପ୍ରଥମ କ୍ଷେତ୍ରରେ ଅପୂର୍ଣ୍ଣତା ବା ଅଭାବଗୁଡ଼ାକୁ ମଧ୍ୟ ଆଦୌ ଦେଖି ହୁଏ ନାହିଁ ।"

'oaob.nitrkl.ac.in' images reprocessed

ଏହାର ଦୁଇଟି ପ୍ରକାର ରହିଛି । ପ୍ରକାର ଅନେକ ଅଛି, ମାତ୍ର ଅନ୍ତତଃ ଦୁଇଟି ପ୍ରକାର ରହିଛି । ଯେକୌଣସି କ୍ଷେତ୍ରରେ ହେଉ ପଛକେ, ଏକ ଗଭୀରତର ଚେତନାକୁ ଆଣି କାମରେ ଲଗାଇ ପାରିବା ହେଉଛି ଏଠାରେ ସର୍ବମୂଳ କଥା । ପ୍ରଥମ ପ୍ରକାରଟି ସ୍ୱରୂପ ଆମେ କହିବା ଯେ ମୃତ୍ୟୁ ତ ସମସ୍ତଙ୍କ ଜୀବନରେ ଘଟିବହିଁ ଘଟିବ (ବର୍ତ୍ତମାନ ଆମେ ସେହି ସ୍ତରରେହିଁ କଥାଟିର ବିଚାର କରିବା); ହଁ, ଏହା ଏପରି ଗୋଟିଏ କଥା, ଯାହାକି ସମସ୍ତଙ୍କର ଜୀବନରେ ଘଟିବ । ଏବଂ, ତେଣୁ, ଶୀଘ୍ର ହେଉ ଅଥବା ବିଳମ୍ବରେ ହେଉ, ମୃତ୍ୟୁ ଆସିବହିଁ ଆସିବ, ଏପରି ଏକ ସ୍ୱାଭାବିକ ଘଟଣା ଲାଗି ଆମେ କାହିଁକି ଯେ ଭୟଭୀତ ହେବା, ତାହାର ଆଦୌ କୌଣସି କାରଣ ନାହିଁ । ଏଥି ସହିତ ତୁମେ ଆଉ ଗୋଟିଏ କଥା ମଧ୍ୟ ଯୋଡ଼ି ଦେଇପାରିବ;—ଆମ ଅଭିଜ୍ଞତାରୁ ଆମେ ଜାଣିଛୁ ଯେ (ଆମ ନିଜ ଅଭିଜ୍ଞତାରୁ ନୁହେଁ, ମାତ୍ର ସବୁ ମଣିଷଙ୍କର ସାମୂହିକ ଅଭିଜ୍ଞତାରୁ), ପରିସ୍ଥିତି ସମାନ ଓ ଏପରିକି ସମ୍ପୂର୍ଣ୍ଣ ଭାବରେ ଏକାଭଳି ହୋଇଥିଲେ ମଧ୍ୟ, ଗୋଟିଏ କ୍ଷେତ୍ରରେ ତାହା ଫଳରେ ଲୋକମାନଙ୍କର ମୃତ୍ୟୁ ଘଟୁଛି ଓ ଆଉ ଗୋଟିଏ କ୍ଷେତ୍ରରେ ମୃତ୍ୟୁ ଘଟୁ ନାହିଁ,— ଏପରି କାହିଁକି ହେଉଛି ? ଏବଂ କଥାଟିକୁ ତଥାପି ଆହୁରି ଟିକିଏ ଲମ୍ବାଇ ଦେଇ ବିଚାର କଲେ, ତୁମେ ନିଜକୁ ବୁଝାଇବାକୁ ଚେଷ୍ଟା କରିବ ଯେ ଆମେ ଯେତେ ଯାହା କରିବା ପଛକେ, ମୃତ୍ୟୁ ଅନିବାର୍ଯ୍ୟତଃ ଏପରି ଏକ କାରଣ ଉପରେ ନିର୍ଭର କରିବ, ଯାହାକି ସମ୍ପୂର୍ଣ୍ଣ ଭାବରେ ଆମ ଚେତନାର ବାହାରେହିଁ ରହିଛି । ଏବଂ ଶେଷରେ, ଯେତେବେଳେ ଆମର ମରିବାର କଥା, ସେତେବେଳେ ଆମେ ସମସ୍ତେହିଁ ମରିବା । ଏହି ବିଷୟଟି ଉପରେ କେବଳ ଏତିକିହିଁ କୁହାଯାଇ ପାରିବ । ଯେତେବେଳେ ଜଣକର ମରିବା କଥା, ସେତେବେଳେ ଜଣେ ମରିବହିଁ ମରିବ, ଏବଂ ଯେତେବେଳେ ମରିବାର କଥା ନୁହେଁ, ସେତେବେଳେ କଦାପି ମରିବ ନାହିଁ । ଏପରିକି ତୁମେ ଯେତେବେଳେ ପ୍ରାୟ ପ୍ରାଣାନ୍ତକ କୌଣସି ବିପଦ ଭିତରେ ପଡ଼ିଥିବ, ସେତେବେଳେ ମଧ୍ୟ, ଯଦି ତୁମର ସମୟ ଆସି ପହଞ୍ଚି ନାହିଁ, ତେବେ ତୁମେ କଦାପି ମରିବ ନାହିଁ; ଏବଂ ଯଦି ତୁମେ ସକଳ ପ୍ରକାର ବିପଦ ମଧ୍ୟରୁ ବାହାରି ହୋଇ ରହିଥିବ, ତଥାପି ପାଦରେ କେଉଁଠି ଟିକିଏ ଆଞ୍ଚୁଡ଼ି ହୋଇଗଲେ ମଧ୍ୟ ତୁମର ମୃତ୍ୟୁ ଲାଗି ତାହାହିଁ ଯଥେଷ୍ଟ ହେବ; କାରଣ ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ସାଧାରଣ ଗୋଟାଏ ପିନ୍‌କଣ୍ଟା ଫୋଡ଼ି ହୋଇଯିବା ଫଳରେ ମଧ୍ୟ ମୃତ୍ୟୁମୁଖରେ ପଡ଼ିଛନ୍ତି,— କାରଣ ସେମାନଙ୍କର ମରିବାର ସମୟଟି ଆସି ଉପସ୍ଥିତ ହୋଇଯାଇଛି । ତେଣୁ, ଭୟ କରିବା ପଛରେ ଆଦୌ କୌଣସି କାରଣ ନାହିଁ । ଏହି କ୍ଷେତ୍ରରେ ତୁମେ ଚେତନାର ଏପରି ଏକ ସ୍ଥିତିକୁ ଉଠିଯାଇ ପାରିବ, ଯେଉଁଠାରେ କି ତୁମେ କହି ପାରିବ, "ଏହା ସେହିପରି ଏକ ବାସ୍ତବ କଥା, ଆମେ

'oaob.nitrkl.ac.in' images reprocessed

ସେଇଟିକୁ ଗ୍ରହଣ କରୁଛୁ, କାରଣ ତାହାକୁ ଏକ ଅନିବାର୍ଯ୍ୟ ଅବଶ୍ୟମ୍ଭାବ୍ୟରୂପେ ସ୍ୱୀକାର କରାଯାଉଛି । ମାତ୍ର ଏଥିରେ ଚିନ୍ତିତ ହେବାର ମୋଟେ କୌଣସି କାରଣ ନାହିଁ, କାରଣ ଯେତେବେଳେ କେବଳ ସମୟ ହେବ, ତାହା ସେତିକବେଳେ ଯାଇ ଆସିବ । ତେଣୁ ଏଥିରେ ମୋର ଭୟ କରିବାର ଆଦୌ କୌଣସି କାରଣ ନାହିଁ : ଯେତେବେଳ ଯାଏ ସମୟ ହୋଇ ନଥିବ, ସେତେବେଳ ଯାଏ ତାହା କଦାପି ମୋ ପାଖକୁ ଆସିବ ନାହିଁ; ମାତ୍ର ଯେତେବେଳେ ଆସିବାର ସମୟ ହେବ, ସେତେବେଳେ ଯାଇ ଆସିବ, ଏବଂ ଏହା ଯେହେତୁ ମୋ ଜୀବନରେ ଅନିବାର୍ଯ୍ୟ ଭାବରେ ଆସିବ, ତେଣୁ ମୋର ବରଂ ସେଥିଲାଗି ଆଦୌ କୌଣସି ଭୟ ନକରିବାହିଁ ଅଧିକ ଉଚିତ ହେବ; ବରଂ ଯାହା ଏକାନ୍ତ ସ୍ୱାଭାବିକ, ସେଇଟାକୁ ଓଲଟି ଗ୍ରହଣ କରି ନେବାକୁହିଁ ପଡ଼ିବ ।” ଏହି ପ୍ରତିକାରଟିକୁ ସମସ୍ତେ ଭଲକରି ଜାଣନ୍ତି; ଅର୍ଥାତ୍, ଏଇଟି ଅନେକ ସ୍ଥଳରେ ବ୍ୟବହୃତ ହୋଇଥାଏ ।

ଆଉଗୋଟିଏ ପ୍ରତିକାର ରହିଛି, ଟିକିଏ ଅଧିକ କଷ୍ଟସାଧ୍ୟ, ମାତ୍ର ମୁଁ ଭାବୁଛି, ଅଧିକ ଭଲ । ଏଥିରେ ନିଜକୁ କହିବାକୁ ପଡ଼ିବ : “ମୋ ଶରୀରଟା କଦାପି ମୁଁ ନୁହେଁ ।” ଏବଂ ତେଣୁ, ଯେଉଁ ଅଂଶଟିକୁ ପ୍ରକୃତରେ ମୁଁ ବୋଲି କୁହାଯାଇ ପାରିବ, ନିଜ ଭିତରେ ସେଇଟିର ସନ୍ଧାନ ପାଇବା ଲାଗି ଚେଷ୍ଟା କରିବାକୁ ପଡ଼ିବ । ଏହିପରି ଭାବରେ ନିଜର ଚୈତ୍ୟ ସତ୍ତାଟିକୁ ଆବିଷ୍କାର କରାଯାଇ ପାରିବ । ଏବଂ, ଚୈତ୍ୟ ସତ୍ତାଟିକୁ ଆବିଷ୍କାର କରିପାରିଲେ,— ପ୍ରାୟ ତାହାର ଅବ୍ୟବହିତ ପରିଣାମସ୍ୱରୂପ, ନିଜ ଭିତରେ ଅମରତ୍ୱର ଭାବଟି ମଧ୍ୟ ଆସିଯିବ । ଏବଂ ସେତେବେଳେ ବେଶ୍ ଜାଣିହେବ ଯେ ଯାହା ବାହାରି ଚାଲି ଯାଉଛି ବା ଯାହା ଆସୁଛି, ସେଇଟା କେବଳ କାଳ ଦ୍ୱାରା ନିର୍ଦ୍ଦେଶିତ ଏକ ସୁବିଧା ଅନୁସାରେ ଘଟୁଛି : “ମୋ ଜୋତାରେ ଯେତେବେଳେ ଗୁଡ଼ାଏ କଣା ହୋଇଯାଉଛି, ସେତେବେଳେ ମୁଁ ତାହାକୁ ଆଉ ବ୍ୟବହାର ନକରି ରଖିଦେଉଛି ବୋଲି ସେଥିପାଇଁ ମୁଁ କାନ୍ଦିବାକୁ ଯିବି କାହିଁକି ? ଯେତେବେଳେ ମୋର ଜୋତାହଳକଟି ଛିଣ୍ଡିଗୁଣ୍ଡି ଯାଉଛି, ସେତେବେଳେ ତ ମୁଁ ତାକୁ ନିପିନ୍ଧି ଫୋପାଡ଼ି ଦେଉଛି ଓ ସେଥିଲାଗି ତ ମୋତେ କେବେହେଲେ କାନ୍ଦିବାକୁ ପଡ଼ୁ ନାହିଁ !” ଅସଲ କଥା ହେଉଛି ଯେ ଚୈତ୍ୟସତ୍ତା ଏହି ଶରୀରଟିକୁ ଗ୍ରହଣ କରିଛି, କାରଣ ଆପଣାର କାର୍ଯ୍ୟଟି ପାଇଁ ବ୍ୟବହାର କରିବା ଲାଗି ତାହା ଏହି ଶରୀରଟିକୁ ଆବଶ୍ୟକ କରୁଥିଲା; ଏବଂ ଯେତେବେଳେ ଶରୀର ଛାଡ଼ି ବାହାରି ଯିବାର ସମୟଟି ଆସୁଛି, ଅର୍ଥାତ୍, କୌଣସି ନା କୌଣସି କାରଣ ହେତୁ ଏହି ଶରୀରଟି ଆଉ କୌଣସି କାମରେ ନଲାଗି ପାରିବାରୁ ଯେତେବେଳେ ଏଇଟିକୁ ଛାଡ଼ିଯିବା ଦରକାର ହେଉଛି, ସେତେବେଳେ ତାହାକୁ ଛାଡ଼ି ଚାଲିଯିବାକୁହିଁ ପଡ଼ୁଛି ଏବଂ ସେଥିଲାଗି କୌଣସି ପ୍ରକାରେ ଆଦୌ ଭୀତ

'oaob.nitrkl.ac.in' images reprocessed

ହେବାକୁ ପଡ଼ୁ ନାହିଁ । ଏହି କାର୍ଯ୍ୟଟି ଅତ୍ୟନ୍ତ ସ୍ୱାଭାବିକ ଭାବରେ କରାଯାଇ ପାରିବ,— ଏବଂ ସେଥିଲାଗି ଏତେ ଟିକିଏ ହେଲେ ବି ଶୋଚନା କରିବାକୁ ପଡ଼ିବ ନାହିଁ । ଆମେ ଏତିକି କଥା ଅବଶ୍ୟ ଜାଣିବା ।

ଏବଂ ତୁମେ ଯେତେବେଳେ ସେହି ଚୈତ୍ୟ ସତ୍ତାର ସୋପାନକୁ ଆସି ପହଞ୍ଚି ଯାଉଛ, ସେତେବେଳେ ଅତ୍ୟନ୍ତ ସ୍ୱତଃପ୍ରେରିତ ଓ ଅନାୟାସ ଭାବରେ ତୁମ ଭିତରକୁ ସେହି ଭାବଟି ଆସିଯାଉଛି । ତୁମେ ସଚେତନ ଜଡ଼ସ୍ଥ ଏହି ଜୀବନର କେତେ ଉପରେ ଯାଇ ଉଡ଼ିବାରେ ଲାଗୁଛ ଏବଂ ଅମରତ୍ୱର ବୋଧଟିକୁ ଲାଭ କରୁଛ । ବ୍ୟକ୍ତିଗତ ଭାବରେ ମୁଁ ଏଇଟିକୁହିଁ ସର୍ବୋତ୍କୃଷ୍ଟ ପ୍ରତିକାର ବୋଲି ଭାବୁଛି । ଅନ୍ୟ ପ୍ରତିକାରଟି ଆମ ମୁଣ୍ଡରୁ ବାହାରିଛି, ଆମ ସାଧାରଣ ବୁଦ୍ଧିରୁ ଜାତ ହୋଇଛି; ତାହା ଏକ ବୁଦ୍ଧିଜାତ ପ୍ରତିକାର । ଏହି ଅନୁଭୂତି ଏକ ଗଭୀର ଅନୁଭୂତି, ଏବଂ ଆପଣାର ଚୈତ୍ୟ ସତ୍ତାଟି ସହିତ ଥରେ ଯୋଡ଼ି ହୋଇଗଲେ ମାତ୍ରକେହିଁ ତୁମେ ସେହି ଅନୁଭୂତିଟିକୁ ଅବଶ୍ୟ ଫେରି ପାଉଥିବ । ଏହି ବ୍ୟାପାରଟି ପ୍ରକୃତରେ ଏକ ଭାରି ଚମତ୍କାର ବ୍ୟାପାର, କାରଣ ଏହା ସଚେତନ ସ୍ୱୟଂକ୍ରିୟ ହୋଇ କାର୍ଯ୍ୟ କରିଥାଏ । ଆପଣାର ଚୈତ୍ୟସତ୍ତାଟି ସହିତ ଥରେ ଯୋଡ଼ି ହୋଇଗଲେ ମାତ୍ରକେହିଁ ଆପଣାକୁ ଅମର ବୋଲି ଲାଗେ, ଆମେ ଯେପରି ସବୁବେଳେ ରହିଆସିଛୁ, ଶାଶ୍ୱତ କାଳ ଲାଗି ସବୁବେଳେ ଅଛୁ, ଠିକ୍ ସେହିପରି ଲାଗେ । ଏବଂ, ସେହି ଦୃଷ୍ଟିରୁ, ଯାହା ଆସୁଛି ଓ ଚାଲିଯାଉଛି, ସେଗୁଡ଼ାକୁ ତ ଜୀବନର ଗୋଟାଏ ଗୋଟାଏ ଆକସ୍ମିକ କଥା ବୋଲି ବୁଝାଯିବ, ସେମାନଙ୍କର ପ୍ରକୃତରେ କୌଣସି ମହତ୍ତ୍ୱ ନାହିଁ । ହଁ, ଏହାହିଁ ସର୍ବୋତ୍ତମ ଉପାୟ । ଆରଟି ମତେ ଯେପରି ଜଣେ ବନ୍ଦୀ ତା'ର ବନ୍ଦୀଶାଳାଟିକୁ ସ୍ୱୀକାର କରି ନେଇଥିବା ସକାଶେ କେତୋଟି ସୁଯୌକ୍ତିକ କାରଣ ଖୋଜି ବାହାର କରୁଥିବା ପରି ମନେ ହେଉଛି । ଏବଂ ଏହି ଦ୍ୱିତୀୟ ପ୍ରତିକାରଟିକୁ ଆମେ ଏପରି ଜଣେ ମନୁଷ୍ୟ ସହିତ ତୁଳନା କରି ପାରିବା, ଯାହା ଲାଗି କି ଆଉ କୌଣସିଠାରେ ଆଦୌ କୌଣସି ବନ୍ଦୀଶାଳା ରହି ନାହିଁ !

ପୁନଶ୍ଚ, ଆମକୁ ଏକ ତୃତୀୟ କଥା ମଧ୍ୟ ଜାଣି ରଖିବାକୁ ହେବ, ମାତ୍ର ସେଥିଲାଗି ଆମକୁ ଜଣେ ଜଣେ ଶକ୍ତିମନ୍ତ ଯୋଗୀ ବି ହେବାକୁ ପଡ଼ିବ । କାରଣ ଏହି କଥାଟି ଅନୁସାରେ ମୃତ୍ୟୁ ଆଦୌ ଏକ ଅପରିହାର୍ଯ୍ୟ ଘଟଣା ନୁହେଁ ବୋଲି ଜାଣି ରଖିବାକୁ ହେବ । ଏହା ହେଉଛି ଏକ ଆକସ୍ମିକତା, ଏପର୍ଯ୍ୟନ୍ତ ତାହା ଘଟି ଆସିଛି (ଯାହାକି ତଥାପି ସଚେତନ ସବୁବେଳେ ଘଟି ଆସିଥିବା ପରି ଆମକୁ ଲାଗୁଛି), ଏହି ଆକସ୍ମିକତାଟି ଉପରେ ବିଜୟଲାଭ କରିବାକୁ ଓ ଏହାକୁ ଅତିକ୍ରମ କରିଯିବାକୁ ବର୍ତ୍ତମାନ ଆମେ ବିଚାର କରୁଛୁ, ଆମ ଇଚ୍ଛାଶକ୍ତି ମଧ୍ୟରେ ସେହି ଅଭିପ୍ରାୟଟିକୁ ପ୍ରବିଷ୍ଟ କରାଇ ରଖିଛୁ । ମାତ୍ର, ପ୍ରକୃତିର ଯାବତୀୟ ବିଧାନ, ଆମ ସାମୂହିକ ଜୀବନର ଯାବତୀୟ

'oaob.nitrkl.ac.in' images reprocessed

ଇଙ୍ଗିତ ଓ ପୃଥ୍ୱୀର ଯାବତୀୟ ଅଭ୍ୟସ୍ତତା ବିରୁଦ୍ଧରେ ଏହି ଯୁଦ୍ଧଟି ଏପରି ଏକ ଭୟଙ୍କର ଓ ଦୁର୍ଜେୟ ଯୁଦ୍ଧ ଯେ, ମୁଁ ଯେପରି କହିଲି, ଆମେ ଯେପର୍ଯ୍ୟନ୍ତ ଆଦୌ କୌଣସି କିଛିକୁ ଭୟ ନକରୁଥିବା ଜଣେ ଜଣେ ପ୍ରଥମଶ୍ରେଣୀୟ ଯୋଦ୍ଧା ହୋଇ ନବାହାରିଛୁ, ତେବେ ସେହି ଯୁଦ୍ଧଟିକୁ ନଲଢ଼ିବାହିଁ ହୁଏତ ଅଧିକ ଶ୍ରେୟସ୍କର ହେବ। ଆମକୁ ଜଣେ ଜଣେ ଏକାନ୍ତ ଭୟଶୂନ୍ୟ ଯୋଦ୍ଧା ହୋଇ ପ୍ରସ୍ତୁତ ହେବାକୁ ପଡ଼ିବ, ଆମକୁ ପ୍ରତ୍ୟେକ ପଦକ୍ଷେପରେ ଏବଂ ପ୍ରତ୍ୟେକ ମୁହୂର୍ତ୍ତରେ ଏପରି ଗୋଟିଏ ଯୁଦ୍ଧ ଲଢ଼ିବାକୁ ପଡ଼ିବ ଯାହାକି ପ୍ରତିଷ୍ଠିତ ସକଳ ବିଷୟର ବିରୁଦ୍ଧରେ ଉଦ୍ଦିଷ୍ଟ ହୋଇ ରହିଥିବ। ତେଣୁ, ଆମେ ଏହାକୁ କଦାପି ଏକ ସହଜ ବ୍ୟାପାର ବୋଲି କହିବା ନାହିଁ। ଏବଂ ଜଣେ ଜଣେ ବ୍ୟକ୍ତି ହିସାବରେ ଏହି ଯୁଦ୍ଧଟି ଆମକୁ ନିଜ ବିରୁଦ୍ଧରେହିଁ ଲଢ଼ିବାକୁ ହେବ, କାରଣ (ମୋର ମନେ ହେଉଛି, ଏବିଷୟରେ ମୁଁ ତୁମମାନଙ୍କୁ ଆଗରୁ ବି ଥରେ କହିଛି), ଯଦି ଆମେ ଆମର ଦେହଚେତନାକୁ ଏପରି ଏକ ଅବସ୍ଥାରେ ଅବସ୍ଥିତ ହୋଇ ରହିବାକୁ ଇଚ୍ଛା କରୁଛୁ, ଯେପରିକି ତାହା ଶରୀରର ଅମରତ୍ୱକୁ ମଧ୍ୟ ସ୍ୱୀକାର କରିନେଇ ପାରିବ, ତେବେ ବର୍ତ୍ତମାନ ଦୈହିକ ଚେତନା ବୋଲିଉଥିବା ଯାବତୀୟ ବ୍ୟାପାରରୁ ଆମକୁ ଏତେଦୂର ମୁକ୍ତ ହୋଇ ରହିବାକୁ ପଡ଼ିବ ଯେ ତାହା ପ୍ରତ୍ୟେକ ମୁହୂର୍ତ୍ତରେ ଏକ ଯୁଦ୍ଧହିଁ ହୋଇ ରହିବ। ଆମର ଯାବତୀୟ ଅନୁଭୂତି, ଯାବତୀୟ ବୋଧସାମର୍ଥ୍ୟ, ଯାବତୀୟ ଭାବନା ଓ ପ୍ରତିକ୍ରିୟା, ଯାବତୀୟ ଆକର୍ଷଣ ଓ ବିକର୍ଷଣ, ଆମର ଭୌତିକ ଜୀବନର ଗଠନ କରି ରଖିଥିବା ଯାବତୀୟ ବ୍ୟାପାରକୁ ଅତିକ୍ରମ କରି ଯାଇ ପାରିବାକୁ ହେବ, ସେଗୁଡ଼ିକରେ ଏକ ରୂପାନ୍ତର ସମ୍ଭବ କରିବାକୁ ହେବ ଏବଂ ସେଗୁଡ଼ିକର ନାନା ଅଭ୍ୟସ୍ତତା ମଧ୍ୟରୁ ସେଗୁଡ଼ିକୁ ମୁକ୍ତ କରି ଆଣିବାକୁ ପଡ଼ିବ। ଅର୍ଥାତ୍, ଆମକୁ ପ୍ରତ୍ୟେକ ମୁହୂର୍ତ୍ତରେହିଁ ହଜାର ହଜାର ଲକ୍ଷ ଲକ୍ଷ ଶତ୍ରୁଙ୍କ ସହିତ ସଂଗ୍ରାମ କରିବାକୁ ପଡ଼ିବ। ତେଣୁ ନିଜକୁ ଜଣେ ବୀର ପରି ଅନୁଭବ କରି ପାରୁ ନଥିଲେ, ଏହି ସଂଗ୍ରାମଟିକୁ ଆରମ୍ଭ ନକରିବାହିଁ ଶ୍ରେୟସ୍କର ହେବ। କାରଣ, ଏହି ସମାଧାନଟି, ହୁଁ...ମୋର ଠିକ୍ ମନେ ନାହିଁ, ମାତ୍ର ମୋର ବିଶ୍ୱାସ ହେଉଛି ଯେ ଆଗରୁ ମଧ୍ୟ ମୋତେ ଥରେ ଏହି ପ୍ରଶ୍ନଟି ପଚରା ଯାଇଥିଲା : "ଏହି ସଂଗ୍ରାମରେ ଏପର୍ଯ୍ୟନ୍ତ କେହି ସଫଳ ହେଲେଣି ?" ମୁଁ ସତ କହୁଛି, ଏ ପ୍ରଶ୍ନଟିର ଉତ୍ତର ମୋତେ ଜଣା ନାହିଁ, କାରଣ ମୁଁ ଏପର୍ଯ୍ୟନ୍ତ ଏଭଳି ଜଣେ ବ୍ୟକ୍ତିର ପରିଚୟରେ ଆସି ନାହିଁ।...ଏପର୍ଯ୍ୟନ୍ତ ଏଥିରେ କେହି ସଫଳ ହୋଇଛନ୍ତି ବୋଲି ମୋର ମୋଟେ ମନେ ହେଉ ନାହିଁ। ମାତ୍ର ତାହା ତଥାପି ସମ୍ଭବ। କେବଳ, ଯିଏ ଏହି କଥାଟିକୁ ସମ୍ଭବ କରି ପାରିଛନ୍ତି, ସିଏ ସେହି କଥାଟିକୁ ଘୋଷଣା କରି କହି ନାହାନ୍ତି, ଅନ୍ତତଃ ବର୍ତ୍ତମାନ ଯାଏ କହି ନାହାନ୍ତି।

'oaob.nitrkl.ac.in' images reprocessed

ପ୍ରଥମ ଦୁଇଟି ସମାଧାନ ବେଶ୍ ନିରାପଦ, ସେଥିରେ ନିଶ୍ଚିତ ଫଳ ମିଳିବ ଏବଂ ତୁମେ ତାହା କରି ବି ପାରିବ । ବର୍ତ୍ତମାନ ମୁଁ ଆଉଗୋଟିଏ ଉପାୟ ବତାଇଦେବି, ଯାହାକୁ କି ଅତ୍ୟନ୍ତ, ଅତ୍ୟନ୍ତ ସହଜ ବୋଲି କୁହାଯାଇ ପାରିବ । କାରଣ ଆମ ସାଧାରଣ ବୁଦ୍ଧିର ଏକ ଅତି ସରଳ ବ୍ୟକ୍ତିଗତ ପ୍ରଶ୍ନ ଉପରେହିଁ ଏହା ଆଧାରିତ ହୋଇ ରହିଛି ।···ତୁମେ ଆପଣା ପ୍ରତି କିଞ୍ଚିତ୍ ଦୃଷ୍ଟିପାତ କରିବାକୁ ଚେଷ୍ଟା କରିବ ଏବଂ କହିବ ଯେ, ଯେତେବେଳେ ତୁମ ଭିତରେ ଭୟ ଜାତ ହେଉଛି, ସେତେବେଳେ ସତେଅବା ତୁମର ଭୟ, ତୁମେ ଯେଉଁ ବସ୍ତୁଟିକୁ ଭୟ କରୁଛ, ସେଇଟିକୁହିଁ ଆକର୍ଷଣ କରି ତୁମ ପାଖକୁ ନେଇ ଆସୁଛି । ଯଦି ତୁମେ ରୋଗକୁ ଭୟ କରୁଛ, ତେବେ ତୁମେ ସତେଅବା ସେହି ରୋଗକୁହିଁ ଆକର୍ଷଣ କରି ଆଣୁଛ । ଯଦି କୌଣସି ଦୁର୍ଘଟଣା ଘଟିବ ବୋଲି ଭୟ କରୁଛ, ତୁମେ ତଦ୍ଦ୍ୱାରା ସେହି ଦୁର୍ଘଟଣାଟିକୁହିଁ ଆପଣା ପାଖକୁ ଡାକି ନେଇ ଆସୁଛ । ଏବଂ ଯଦି ତୁମେ ନିଜ ଭିତରକୁ ଓ ନିଜର ଚତୁର୍ଦ୍ଦିଗକୁ ଟିକିଏ ଅନାଇ ଦେଖିବାକୁ ଚେଷ୍ଟା କରିବ, ତେବେ ତୁମେ ସେହି କଥାଟିର ସତ୍ୟତାକୁ ଅବଶ୍ୟ ଉପଲବ୍ଧି କରିବ । ଏହି କଥାଟି ପ୍ରାୟ ସବୁବେଳେ ଘଟିବାରେ ଲାଗିଥାଏ । ତେଣୁ, ଯଦି ତୁମ ପାଖରେ କିଞ୍ଚିତ୍ ସାଧାରଣ ଜ୍ଞାନ ରହିଥିବ, ତେବେ ତୁମେ କହିବ : "କୌଣସି ବସ୍ତୁକୁ ଭୟ କରିବା ପ୍ରକୃତରେ ଏକ ନିର୍ବୋଧତା, କାରଣ ତଦ୍ଦ୍ୱାରା ମୁଁ ଯେପରି ତାକୁ ମୋ ପାଖକୁ ଆସିବା ଲାଗିହିଁ ଏକ ସଙ୍କେତ ଦେବାରେ ଲାଗିଛି । ଯଦି ମୋର କେହି ଶତ୍ରୁ ଅଛନ୍ତି, ଯିଏକି ମୋତେ ହତ୍ୟା କରିବାକୁ ଇଚ୍ଛା କରୁଥାନ୍ତି, ତେବେ ମୁଁ କଦାପି ତା' ପାଖକୁ ଯାଇ କହନ୍ତି ନାହିଁ : 'ତୁମେ ଜାଣିଚ, ତୁମେ ପରା ମୋତେ ହତ୍ୟା କରିବାକୁ ଇଚ୍ଛା କରୁଛ !'" ଏହା ଠିକ୍ ସେହିପରି ଏକ କଥା । ତେଣୁ, ଭୟ ଦ୍ୱାରା ଯେତେବେଳେ ଏତେ କୁଫଳ ଫଳୁଛି, ସେତେବେଳେ ଆମର କୌଣସି ଭୟ ଦରକାର ନାହିଁ । ଏବଂ ନିଜର ବୁଦ୍ଧିଯୁକ୍ତ ପ୍ରୟୋଗ କରି ତୁମେ ଏହାକୁ ନିବୃତ୍ତ କରି ରଖି ପାରୁ ନାହଁ ବୋଲି ଯଦି ତୁମେ କହିବ, ତେବେ ସେଥିରୁ ଜଣାପଡ଼ିବ ଯେ ତୁମ ନିଜ ଉପରେ ତୁମର ଆଦୌ କୌଣସି ନିୟନ୍ତ୍ରଣ ଶକ୍ତି ନାହିଁ ଏବଂ ତେଣୁ ଆପଣାକୁ ନିୟନ୍ତ୍ରଣରେ ରଖିବା ଲାଗି ତୁମକୁ ଟିକିଏ ଉଦ୍ୟମ ବି କରିବାକୁ ହେବ । ବାସ୍, ଏତିକି କଥା ।

ହଁ, ଆପଣାକୁ ଭୟମୁକ୍ତ କରିବାକୁ ଅନେକ ଉପାୟ ରହିଛି । ମାତ୍ର ସତ କଥା ହେଉଛି ଯେ ପ୍ରତ୍ୟେକ ମଣିଷକୁ ତା'ର ନିଜ ଉପାୟଟିକୁ ବାହାର କରିବାକୁ ହୋଇଥାଏ. ତା' ଲାଗି ଯେଉଁଟି ଭଲ, ସେହି ଉପାୟଟିକୁ ବାହାର କରିବାକୁ ହୋଇଥାଏ । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କୁ କେବଳ ଏତିକିମାତ୍ର କହିବାକୁ ହୋଇଥାଏ : "ତୁମର ଭୟ ତୁମର ଏକ ଦୁର୍ବଳତା,"— ଏବଂ ଏତିକି ଶୁଣିବା ମାତ୍ରକେ ସେମାନେ ସେହି ଭୟକୁ ଏକ ତିରସ୍କାର-ଦୃଷ୍ଟିରେ ଦେଖିବାକୁ

'oaob.nitrkl.ac.in' images reprocessed

ଉପସ୍ଥିତିକୁ ପାଇଯାଆନ୍ତି, କାରଣ ଦୁର୍ବଳତାକୁ ସେମାନେ ଏକ ଭୟଙ୍କର କଥା ବୋଲି ଅନୁଭବ କରୁଥାନ୍ତି । ଆହୁରି କେତେ ଲୋକ ଅଛନ୍ତି, ଯେଉଁମାନଙ୍କୁ ତୁମେ ଯାଇ ଏତିକିମାତ୍ର କହ : "ଭୟ ହେଉଛି ପ୍ରତିକୂଳ ଶକ୍ତିମାନଙ୍କର ଏକ ସଙ୍କେତ, ଏବଂ ପ୍ରତିକୂଳ ଶକ୍ତିମାନଙ୍କୁ ତଡ଼ି ବାହାର କରି ଦେଲା ପରି ତୁମକୁ ଭୟକୁ ମଧ୍ୟ କାଢ଼ି ବାହାର କରିଦେବାକୁ ହେବ ।"—ଏବଂ ଏହି କଥାଟିର ଅନେକ ଫଳ ଫଳେ । ପ୍ରତ୍ୟେକ ବ୍ୟକ୍ତିଙ୍କ ଲାଗି ଉପାୟ ଭିନ୍ନ ଭିନ୍ନ ହୋଇଥାଏ । ମାତ୍ର, ସର୍ବପ୍ରଥମେ ତୁମକୁ ଅବଶ୍ୟ ଜାଣି ରଖିବାକୁ ହେବ ଯେ, ଭୟ ହେଉଛି ଏକ ଅତ୍ୟନ୍ତ ଖରାପ ଜିନିଷ, ଅତ୍ୟନ୍ତ ଖରାପ ଜିନିଷ, ଯେକୌଣସି ଅମ୍ଳ ପରି ତାହା ଏକ ଦ୍ରାବକରୂପେହିଁ କାର୍ଯ୍ୟ କରିଥାଏ । ଏଥିରୁ ଗୋଟିଏ ମାତ୍ର ବିନ୍ଦୁ ନେଇ କୌଣସି ବସ୍ତୁ ଉପରେ ରଖିଲେ, ଏହା ସେହି ବସ୍ତୁଟିକୁ ଗୋଟାସୁଦ୍ଧା ଖାଇଯିବାକୁ ଲାଗେ । ଭୟର କୌଣସି ସମ୍ଭାବନାକୁହିଁ ସ୍ୱୀକାର ନକରିବା ହେଉଛି ସର୍ବପ୍ରଥମ ସୋପାନ । ହଁ, ସେଇଟି ସର୍ବପ୍ରଥମ ସୋପାନ । ମୁଁ ଏପରି ଅନେକ ଲୋକଙ୍କୁ ଜାଣିଥିଲି, ଯେଉଁମାନେ କି ସେମାନଙ୍କର ଭୟ ବିଷୟରେ ଭାରି ଗର୍ବ ପ୍ରକାଶ କରୁଥିଲେ । ଏପରି ମଣିଷଙ୍କର ଆଦୌ କୌଣସି ଆରୋଗ୍ୟ ନାହିଁ । ଅର୍ଥାତ୍, ସେମାନେ ହୁଏତ ବେଶ୍ ସ୍ୱାଭାବିକ ଭାବରେ ଏପରି କହିବେ, "ଟିକିଏ କଳ୍ପନା କରି ଦେଖ ତ ମୁଁ କେତେ ଭୟଭୀତ ହୋଇ ପଡ଼ିଥିଲି !" କ'ଣ ହେଲା ସେଇଠୁ ? ସେଥିରେ ପୁଣି ଗର୍ବ କରିବାର କ'ଣ ଅଛି ? ଏପରି ଲୋକମାନଙ୍କ ବିଷୟରେ ତୁମେ ଆଦୌ କିଛିହେଲେ କରି ପାରିବ ନାହିଁ ।

ମାତ୍ର, ଭୟ କରିବା ଆଦୌ ଏକ ଭଲ କଥା ନୁହେଁ ଓ ଏଥିରେ ତୁମର ଆଦୌ କୌଣସି ଲାଭ ହେବ ନାହିଁ ବୋଲି ଏବଂ ଏତେ ଟିକିଏ ପରିମାଣରେ ସନ୍ଦୀପିତ ହୋଇପାରିଥିବା ଏକ ଚେତନା ଲାଗି ଭୟ ଆଦୌ ଶୋଭନୀୟ ନୁହେଁ ବୋଲି ଥରେ ହୃଦୟଙ୍ଗମ କରିବାକୁ ଆରମ୍ଭ କଲେହିଁ ତୁମେ ତାହା ବିରୁଦ୍ଧରେ ଯୁଦ୍ଧ କରିବାକୁ ବି ଆରମ୍ଭ କରିଦେବ । ଏବଂ ମୁଁ ପୁଣି କହୁଛି, ଜଣକର ବାଟ ଯେ ଆଉ ଜଣକର ବି ବାଟ ହେବ, ସେ କଥା ଆଦୌ ନୁହେଁ । ଆମକୁ ନିଜ ନିଜର ଉପାୟଟିକୁ ବାହାର କରିବାକୁ ପଡ଼ିବ । ଏହା ଆମରି ଉପରେହିଁ ନିର୍ଭରଶୀଳ ହୋଇ ରହିଛି । ସାମୂହିକ କ୍ଷେତ୍ରରେ ଭୟକୁ ଏକ ଅତ୍ୟନ୍ତ ଭୟଙ୍କର ଭାବରେ ସଂକ୍ରାମକ ପଦାର୍ଥ ବୋଲି କୁହାଯାଇପାରିବ । —ହଁ ସଂକ୍ରାମକ, ସବୁଠାରୁ ଅଧିକ ସଂକ୍ରାମକ ରୋଗଠାରୁ ମଧ୍ୟ ଅଧିକ ସଂକ୍ରାମକ । ଭୟର ଏକ ପରିବେଶକୁ ଆଘ୍ରାଣ କଲା ମାତ୍ରକେ ତୁମେ ମଧ୍ୟ ସଙ୍ଗେ ସଙ୍ଗେ ଆପଣାକୁ ଭୀତ ଅନୁଭବ କରିବ, କାହିଁକି ବା କିପରି ଏପରି ହେଉଛି, ତାହାର ହୁଏତ କୌଣସି ପତ୍ତା ପାଇ ନଥିବ; କେବଳ ଭୟର ଏକ ପରିସ୍ଥିତି ରହିଛି ବୋଲି ତୁମେ ମଧ୍ୟ ଭୟ କରିବାକୁ ଆରମ୍ଭ କରିବ ।

'oaob.nitrkl.ac.in' images reprocessed

କୌଣସି ଦୁର୍ଘଟଣା ଘଟିଲାବେଳେ ସାଧାରଣତଃ ଯେଉଁ ଆତଙ୍କ ଖେଳି ଯାଇଥାଏ, ତାହାକୁ ଆମେ ସମସ୍ତଙ୍କ ମଧ୍ୟକୁ ବ୍ୟାପ୍ତ ହୋଇ ଯାଉଥିବା ଭୟର ଏକ ପରିବେଶ ବୋଲିହିଁ କହିବା । ସେଇଟିର ଆରୋଗ୍ୟ ବେଶ୍ ସମ୍ଭବ । କେବଳ କେତେକ ବ୍ୟକ୍ତି ସଙ୍କେତଟିକୁ ଗ୍ରହଣ କରିବାକୁ ଅସ୍ୱୀକାର କରିବାରୁ ଏବଂ ଏକ ବିପରୀତ ସଙ୍କେତ ଦ୍ୱାରା ତାହାର ନିରାକରଣ କରି ପାରିବାରୁ ଯେକୌଣସି ସ୍ଥାନରେ ଖେଳି ଯାଇଥିବା ଆତଙ୍କ ତତ୍‌କ୍ଷଣାତ୍ ଦୂର ହୋଇ ଯାଇଥିଲା, ଏପରି ଅନେକ ଦୃଷ୍ଟାନ୍ତ ଘଟିଛି । କୌଣସି ବସ୍ତୁ ପ୍ରତି ଭୟ ଜାତ ହେବା ସଙ୍ଗେ ସଙ୍ଗେ ଭଗବାନଙ୍କର ସ୍ମରଣ କରିବା ଓ ତାଙ୍କରି ବାହୁ ଭିତରେ ଅଥବା ଚରଣ ତଳେ ଶରଣ ଯିବା ଏବଂ ଭିତରେ, ବାହାରେ ଏବଂ ଯେକୌଣସି ସ୍ଥାନରେ ଘଟିବାକୁ ଯାଉଥିବା ଯାବତୀୟ ପରିମାଣକୁ କେବଳ ତାଙ୍କରି ଦାୟିତ୍ୱରେ ଛାଡ଼ିଦେବା,—ତତ୍ତ୍ୱଦ୍ରଷ୍ଟାମାନେ ଏହାକୁହିଁ ସର୍ବୋତ୍ତମ ଆରୋଗ୍ୟ ବୋଲି ଗ୍ରହଣ କରନ୍ତି ଓ ତା'ହେଲେ ସେହି ଭୟ ତତ୍‌କ୍ଷଣାତ୍ ଅନ୍ତର୍ହିତ ହୋଇଯାଏ । ସେଇଟି ହେଲା ତତ୍ତ୍ୱଦ୍ରଷ୍ଟା ଲାଗି ଆରୋଗ୍ୟ ଲାଭ କରିବାର ପନ୍ଥା । ଏଇଟି ସହଜତମ ପନ୍ଥା । ମାତ୍ର ସମସ୍ତେ ତତ୍ତ୍ୱଦ୍ରଷ୍ଟା ହେବାର ସୌଭାଗ୍ୟଟିକୁ କଦାପି ଅର୍ଜନ କରି ନଥାନ୍ତି ।

ବେଳେବେଳେ ଆମ ଭିତରେ ଏପରି ଅନେକ ଶକ୍ତି ପ୍ରଚ୍ଛନ୍ନ ହୋଇ ରହିଥାଏ ଏବଂ ସେଗୁଡ଼ିକ ବିଷୟରେ ଆମେ ମଧ୍ୟ ଅସଜ୍ଞାନ ଥାଉ । କୌଣସି କାର୍ଯ୍ୟ କରିବାକୁ ଯାଉଥିବା ସମୟରେ, ଆମ ଭିତରେ ସେଇଟିକୁ କରିବାର ଶକ୍ତି ପ୍ରକୃତରେ ଅଛି କି ନାହିଁ, ଆମେ ସେକଥା କିପରି ଜାଣିବା ?

ଆମ ଭିତରେ କାମଟିକୁ କରିବାର ଶକ୍ତି ପ୍ରକୃତରେ ଅଛି କି ନାହିଁ କିପରି ଜାଣିବା ? ଆମେ **ଚେଷ୍ଟାକରି** ଜାଣିବା । ତାହାହିଁ ସର୍ବୋତ୍ତମ ପନ୍ଥା । ଏବଂ ଯଦି ସଙ୍ଗେ ସଙ୍ଗେ ସଫଳତା ନମିଳୁଛି, ତେବେ ବାରବାର ଚେଷ୍ଟା କରିବାକୁ ପଡ଼ିବ । ଏବଂ ତୁମେ ଏକଥା ନିଶ୍ଚିତ ଭାବରେ ଜାଣିରଖିବ ଯେ ଯଦି କୌଣସି କାର୍ଯ୍ୟ କରିବା ଲାଗି ତୁମ ଭିତରେ ଏକ ଅତ୍ୟନ୍ତ ଶକ୍ତିଶାଳୀ ଇଚ୍ଛା ଓ ପ୍ରେରଣା ଜାଗ୍ରତ ହୋଇଆସୁଛି, ତାହାର ଅର୍ଥ ହେଉଛି ଯେ କାର୍ଯ୍ୟଟିର ତୁମ ସହିତ ନିଶ୍ଚୟ ଏକ ସମ୍ପର୍କ ରହିଛି ଏବଂ ତୁମ ଭିତରେ ସେହି କାର୍ଯ୍ୟଟିକୁ କରିବାର ସାମର୍ଥ୍ୟ ମଧ୍ୟ ମହଜୁଦ ରହିଛି । ମାତ୍ର ଅନେକ ସମୟରେ ତୁମ ଭିତରର ଶକ୍ତିଗୁଡ଼ିକ ଏପରି ସୁପ୍ରଚ୍ଛନ୍ନ ହୋଇ ରହିଥାଆନ୍ତି ଯେ ସେଗୁଡ଼ିକୁ ଆବିଷ୍କାର କରିବା ପୂର୍ବରୁ ପ୍ରଥମେ

'oaob.nitrkl.ac.in' images reprocessed

ଅନେକ ଦୂର ପର୍ଯ୍ୟନ୍ତ ଖୋଳ ବାଟ ତିଆରି କରିବାକୁ ହୁଏ । ତେଣୁ ପ୍ରଥମ ବିଫଳତାରେହିଁ ତୁମେ କଦାପି ନିରାଶ ହେବ ନାହିଁ, ତୁମକୁ ବାରବାର ଚେଷ୍ଟା କରିବାକୁ ପଡ଼ିବ ।

## ୨୧ ଅକ୍ଟୋବର, ୧୯୫୩

ଜଣେ କଳାକାର ଯେତେବେଳେ ସଂକେନ୍ଦ୍ରଣ ଦ୍ୱାରା ଆପଣା ମଧ୍ୟରେ ପରମ ଦିବ୍ୟ ସତ୍ୟର ପ୍ରତ୍ୟକ୍ଷ କରେ, ସେତେବେଳେ ସେହି ସତ୍ୟକୁ ଅଭିବ୍ୟକ୍ତ କରିବା ଲାଗି ସେ କଳାକୁ ବ୍ୟବହାର କରି ପାରିବ କି ?

ନିଶ୍ଚୟ କରିପାରିବ । ମାତ୍ର ପ୍ରଥମ କଥା ହେଉଛି, ଜଣେ କଳାକାର କହିଲେ ତୁମେ ପ୍ରକୃତରେ କାହାକୁ ବୁଝୁଛ ? ଜଣେ ଚିତ୍ରକାର, ଜଣେ ମୂର୍ତ୍ତିକାର,—ତୁମେ କ'ଣ କଳାକାର କହିଲେ ଏତିକିମାତ୍ର ବୁଝ ? ବା ଅନ୍ୟକିଛୁ ଅଧିକ ବୁଝ ? 'କଳାକାର' ଶବ୍ଦଟିକୁ ତୁମେ ପ୍ରକୃତରେ କେଉଁ ତାତ୍ପର୍ଯ୍ୟ ଦେଇଥାଅ ? ଜଣେ କଳାକାର ବିଷୟରେ କହିଲାବେଳେ ତୁମେ କାହା କଥା ଭାବ ? ଜଣେ ଚିତ୍ରକାର କଥା ଭାବ ନା ଜଣେ ମୂର୍ତ୍ତିକାରର କଥା ଭାବ ?

ଯେଉଁ ବ୍ୟକ୍ତି ଆଙ୍କି ପାରୁଛି, ତାହାର କଥା ।

ହଁ, ଜଣେ ଚିତ୍ରକାର, ଜଣେ ଆଙ୍କିଲାବାଲା,—ଯାହା କହ, ସବୁ ସେଇ ଗୋଟିଏ କଥା । ଜଣେ ଚିତ୍ରକାରର କଥା, ଜଣେ ମୂର୍ତ୍ତିକାରର କଥା,—ବାସ୍, ଏତିକି ? ଜଣେ ସଙ୍ଗୀତକାରର ବା ଲେଖକର କଥା ନୁହେଁ ?…… ମୁଁ ତୁମକୁ ଏସବୁ ପଚାରୁଛି, କାରଣ ତୁମେ ଯେଉଁଭଳି ଦୃଷ୍ଟାନ୍ତ ମୋତେ ଦେବ, ଉତ୍ତରଟି ମଧ୍ୟ ସେହି ଅନୁସାରେ ଭିନ୍ନ ଭିନ୍ନ ହେବ ।……

ମୁଁ ଜଣେ ଆଙ୍କିଲାବାଲାଙ୍କ କଥା ଭାବଥିଲି ।

'oaob.nitrkl.ac.in' images reprocessed

ଉଦାହରଣସ୍ୱରୂପ, ମଧ୍ୟଯୁଗରେ······ବର୍ତ୍ତମାନ ମଧ୍ୟ ଅଛନ୍ତି, ମାତ୍ର ମଧ୍ୟଯୁଗରେ ମଧ୍ୟ ସେମାନଙ୍କର ଆବିର୍ଭାବ ହୋଇ ସାରିଥିଲା—ଏପରି ଅନେକ କାରିଗର ଥିଲେ ଯେଉଁମାନେ କି ରଙ୍ଗିନ୍ କାଚଝରକାମାନ ତିଆରି କରୁଥିଲେ, ରଙ୍ଗିନ୍ କାଚ ଉପରେ କେତେପ୍ରକାର ଚିତ୍ର ଆଙ୍କି ପାରୁଥିଲେ ଏବଂ ବିଭିନ୍ନ ଆକାରର ଚିତ୍ର ଆଙ୍କି ପାରୁଥିଲେ । ଗୀର୍ଜା ଓ ଧର୍ମପୀଠମାନଙ୍କରେ ଏହିସବୁ ରଙ୍ଗିନ୍ କାଚଝରକା ସର୍ବଦା ଦେଖିବାକୁ ମିଳୁଥିଲା । ସାଧାରଣ ଝରକା ସ୍ଥାନରେ ଏହି ରଙ୍ଗ କାଚଗୁଡ଼ିକୁ ଲଗାଯାଇ ଥିଲା ଓ ତା' ଉପରେ ଚିତ୍ର କଟା ଯାଇଥିଲା । ଏହା ପ୍ରକୃତରେ ଏକ ଭାରି ଚମତ୍କାର କଥା;—କାରଣ ଏହାର ପୃଷ୍ଠଭୂମିରେ ସୂର୍ଯ୍ୟ ରହିଥିବ (ଅନ୍ତତଃ ମୁକ୍ତ ପୂର୍ଣ୍ଣ ଆଲୋକ ରହିଥିବ), ଏବଂ ଏହି କାଚଗୁଡ଼ିକ ମଧ୍ୟ ସ୍ୱଚ୍ଛ ହୋଇ ରହିଥିବ; ତେଣୁ ଏପରି ରଙ୍ଗମାନ ଫୁଟି ବାହାରି ଆସୁଥିବ, ଯେଉଁଗୁଡ଼ାକ ସତେଅବା ସ୍ୱୟଂଦୀପ୍ତ ପରି ମନେ ହେଉଥିବ । ଏବଂ ଏଗୁଡ଼ିକୁ ତିଆରି କରୁଥିବା ଲୋକମାନେ ଝରକାଗୁଡ଼ିକ ଉପରେ ଚିତ୍ର କାଟି ଦେଉଥିଲେ, କଟା ହୋଇଥିବା ରଙ୍ଗକାଚଗୁଡ଼ିକ ସାହାଯ୍ୟରେ ଛବି କାଟି ଦେଉଥିଲେ,—ସେହି ଛବିଗୁଡ଼ିକ ବିଶେଷ ବିଶେଷ ଆକାର ଏବଂ ନାନାବିଧ ରଙ୍ଗରେ ତିଆରି କରି ହେଉଥିଲା । ଏବଂ ସେହି କାରିଗରୀକୁ ନିଶ୍ଚୟ ଏକ କଳା ବୋଲି କୁହାଯାଇ ପାରିବ । ସବୁ ଧର୍ମପୀଠରେ ଓ ବଡ଼ ବଡ଼ ଗୀର୍ଜାମାନଙ୍କରେ ଏହି ରଙ୍ଗକାଚ ବସାହୋଇ ଚିତ୍ର ତିଆରି ହୋଇଥିବା ଝରକାମାନ ରହିଥିଲା. ସେଗୁଡ଼ିକ ମଧ୍ୟରୁ କେତେକ ପ୍ରକୃତରେ ଅଦ୍ଭୁତ ସୁନ୍ଦର ଭାବରେ ତିଆରି ହୋଇଥିଲା । ଏବଂ ସେଗୁଡ଼ିକ ଉପରେ, ଦୃଷ୍ଟାନ୍ତସ୍ୱରୂପ, କୌଣସି ଜଣେ ସନ୍ଥଙ୍କର ଜୀବନ ଚିତ୍ର ଜରିଆରେ ବର୍ଣ୍ଣିତ ହୋଇଥିଲା ଅଥବା ଖ୍ରୀଷ୍ଟଙ୍କର ଜୀବନଚରିତରୁ ମଧ୍ୟ ଉପାଖ୍ୟାନମାନ ରହିଥିଲା । ଅଥବା ସେହିପରି ଯାବତୀୟ ଅଡ଼ୁଆ କଥା ରହିଥିଲା ।

ତେଣୁ ତୁମେ ପ୍ରକୃତରେ କ'ଣ ପଚାରୁଛ ? ସ୍ପଷ୍ଟ ଭାବରେ ପଚାର ।

> ଜଣେ କଳାକାର ଭଗବାନରୂପୀ ପରମ ଦିବ୍ୟ ସତ୍ୟଙ୍କୁ ପ୍ରକାଶ କରିଦେଇ ପାରିବ କି ନାହିଁ ?······

ଜଣେ କଳାକାର ତା'ର କଳାର ମାଧ୍ୟମରେ ଭଗବାନଙ୍କୁ ପ୍ରକାଶ କରି ପାରିବ କି ନାହିଁ ? ମାତ୍ର କେଉଁଥିରେ ପ୍ରକାଶ କରିଦେଇ ପାରିବ ? ଅର୍ଥାତ୍, "ଭଗବାନଙ୍କୁ ପ୍ରକାଶ କରିଦେବା" ବୋଲି କହିବା ଦ୍ୱାରା ତୁମେ ପ୍ରକୃତରେ କ'ଣ ବୁଝୁଛ ? ଛବି ଦେଇ ପ୍ରକାଶ କରିବ ? ଶିକ୍ଷାବାକ୍ୟ ଦେଇ ପ୍ରକାଶ କରିବ ? ଅର୍ଥାତ୍,—ବହି ଲେଖି ପ୍ରକାଶ କରିବ ? ବା, ଆଉ କେଉଁପରି ଭାବରେ ପ୍ରକାଶ

'oaob.nitrkl.ac.in' images reprocessed

କରିବ ? ଏହି ଜଡ଼ସ୍ଥ ଜଗତରେ ଭଗବାନଙ୍କୁ କିଏ ସମ୍ପୂର୍ଣ୍ଣ ଭାବରେ ପ୍ରକାଶ କରି ପାରିଛି ?······ଏହି ଜଡ଼ଜଗତଟିରେ ଯେତେବେଳେ ଏକ ରୂପାନ୍ତର ଘଟିବ, କେବଳ ସେତିକିବେଳେ ଯାଇ ଏଠାରେ ଭଗବାନଙ୍କର ବିଶୁଦ୍ଧ ଅଭିବ୍ୟକ୍ତି ସମ୍ଭବ ହୋଇ ପାରିବ । ଏବଂ କଳା ଓ ଅନ୍ୟ ଯେକୌଣସି ପ୍ରକାର କ୍ରିୟାଶୀଳତା ମଧ୍ୟରେ ପ୍ରକୃତରେ କି ପ୍ରକାରର ପାର୍ଥକ୍ୟ କାହିଁକି ରହିବ, ମୁଁ ସେଥିଲାଗି ଆଦୌ କୌଣସି କାରଣ ଦେଖି ପାରୁ ନାହିଁ । କଳା ଏପରି ଗୋଟିଏ ବସ୍ତୁ, ଯାହା ମଧ୍ୟରେ କି ଆପଣାକୁ ବିଲୀନ କରିଦେବାର ଏକ ସାମର୍ଥ୍ୟ ଅବଶ୍ୟ ରହିଛି, ମାତ୍ର ତଥାପି ସମ୍ପୂର୍ଣ୍ଣ ସାମର୍ଥ୍ୟ ରହି ନାହିଁ; ଏବଂ ତାହା (ଶବ୍ଦ ସାହାଯ୍ୟରେ ମୁଁ କିପରି ପ୍ରକାଶ କରିବି ?) ଏକ ରୂପ ଦେବାର ଏକ ନିମିତ୍ତ ହୋଇ ରହିଛି । ଏବଂ, ଏହି ପ୍ରକାଶରୂପଟି ଯାହା ହୋଇଥାଉ ପଛକେ, ସେହି କ୍ଷେତ୍ରରେ କାହିଁକି କୌଣସି ପାର୍ଥକ୍ୟ ଘଟିବ, ସେକଥାର ମୁଁ କୌଣସି କାରଣ ଦେଖି ପାରୁ ନାହିଁ । ଯଦି ଜଣେ ଶବ୍ଦର ମାଧ୍ୟମରେ ଭଗବନ୍ତ ପରମସତ୍ତାର ଅଭିବ୍ୟକ୍ତ କରାଇ ପାରିବ, ସିଏ ରଙ୍ଗର ମାଧ୍ୟମରେ ବି ତାହା ଅବଶ୍ୟ କରି ପାରିବ, ସ୍ୱର ଦେଇ ଓ ରୂପ ଦେଇ ମଧ୍ୟ ତାହାର ଅଭିବ୍ୟକ୍ତି ସମ୍ଭବ କରି ପାରିବ । ମାତ୍ର ଏଥିରୁ କୌଣସି ମାଧ୍ୟମଟି ଦ୍ୱାରା ବି ସମ୍ପୂର୍ଣ୍ଣ ଅଭିବ୍ୟକ୍ତି ଆଦୌ ସମ୍ଭବ ହେବ ନାହିଁ, କାରଣ ଏହି ସମ୍ମିଳନଟି ମଧ୍ୟ ସମ୍ପୂର୍ଣ୍ଣ ହୋଇ ନଥିବ । ମାତ୍ର ଯେତେବେଳେ ଏହି ପୃଥିବୀରେ ରୂପାନ୍ତର ଘଟିବ ଏବଂ କୌଣସି ପ୍ରକାର ବିକୃତି ନଘଟି ଭଗବାନ ନିଜକୁ ଏଠାରେ ପ୍ରକାଶ କରିଦେଇ ପାରିବେ, ସେତେବେଳେ ଯାଇ ଅଭିବ୍ୟକ୍ତିଟି ପରିପୂର୍ଣ୍ଣତା ଲାଭ କରିବ । ମାତ୍ର ବର୍ତ୍ତମାନ ଅବସ୍ଥାରେ ଯାବତୀୟ ଅଭିବ୍ୟକ୍ତି ସେହି ଗୋଟିଏ ଭୂମିରେହିଁ ରହିଛି । ଗୋଟିକୁ ଆଉଗୋଟିକଠାରୁ ଅଧିକ ଭଲ ବୋଲି କହିବାକୁ ମଧ୍ୟ କୌଣସି କାରଣ ନାହିଁ । ଅଭିବ୍ୟକ୍ତିର ଗୋଟିଏ ରୀତି(ସମ୍ପୂର୍ଣ୍ଣ ସେହି ଗୋଟିଏ ରୀତିକୁହିଁ ଅବଲମ୍ବନ କରି)କୁ ଆଉଗୋଟିଏ ରୀତିଠାରୁ ଆଦୌ ଅଧିକ ଭଲ ବୋଲି କୁହାଯିବ ନାହିଁ । କାରଣ ଏହି କ୍ଷେତ୍ରରେ ମନୁଷ୍ୟର ବ୍ୟକ୍ତିତ୍ୱ ବା ରୂପଧାରୀ ସତ୍ତା ମଧ୍ୟରେ ସବଦା ଏପରି ଏକ ଉପାଦାନ ତଥାପି ରହିଯାଉଛି, ଯାହାକି, ଆମେ ଯାହାକୁ ଅଭିବ୍ୟକ୍ତ କରି ଆଣିବା ଲାଗି ମନସ୍ଥ କରିଥିଲେ, ସେଥିରେ କୌଣସି ନା କୌଣସି ସୀମାବଦ୍ଧତା ବା ବିକୃତି ଆଣି ଦେଉଛି ।

ଆମର କେତେ ରକମର କ୍ରିୟାଶୀଳତା ରହିଛି; ସେଥିରୁ କଳା ହେଉଛି ଗୋଟିଏ । ପ୍ରକୃତ କଥା କହିଲେ ମୁଁ ଅତି ଭଦ୍ର ଭାବରେ ସେହି ଭଦ୍ରମହିଳାଙ୍କୁ*

* ୨୮ ଜୁଲାଇ ଦିନ ସିଏ କଥାବାର୍ତ୍ତା ସମ୍ବନ୍ଧରେ ପ୍ରଶ୍ନଟିକୁ ପଚାରିଥିଲେ : ଦ୍ରଷ୍ଟବ୍ୟ, ପ୍ରଶ୍ନ ଓ ଉତ୍ତର ୧୯୨୯ ।

'oaob.nitrkl.ac.in' images reprocessed

ଏକଥା କହୁଥିଲି, ମାତ୍ର ମୁଁ ଭାବିଲି : "ମାତ୍ର ଏପରି ତାରତମ୍ୟ ରଖିବାର ପ୍ରୟୋଜନ କ'ଣ,—ଏହି ସବୁଯାକ ତ ସେହି ଗୋଟିଏ କଥା ।" ମୁଁ କ'ଣ କହୁଛି, ବୁଝିଲି କି ?

ଭଗବାନଙ୍କ ସହିତ ଏକାତ୍ମକତା ଅର୍ଜନ କରିବା ପରେ, ତାଙ୍କର ଯେଉଁ ରୂପ ଅଛି ବୋଲି ଆମେ ଭାବୁଥାଉ, ତାଙ୍କୁ ସେହି ରୂପରେହିଁ ଦେଖିବାକୁ ପାଉ କି ?

ସାଧାରଣତଃ ସେହିପରି ଘଟିଥାଏ । ମାତ୍ର ତାହା ଅତ୍ୟନ୍ତ ବିରଳ ଭାବରେ ଘଟିଥାଏ,—ସଂପୂର୍ଣ୍ଣ ଭାବରେ ମନୋଭୂମିର ରୂପାୟନଗୁଡ଼ିକ ମଧ୍ୟରୁ ମୁକ୍ତ ହୋଇ ରହିଥିଲେ ତାହା ଅବଶ୍ୟ ଭିନ୍ନ କଥା ହେବ;—ସିଏ ଯାହା, ତାଙ୍କୁ ଠିକ୍ ସେହି ରୂପରେ ଦେଖିବା ଅତ୍ୟନ୍ତ ବିରଳ । ପୁନଶ୍ଚ, ଶ୍ରୀଅରବିନ୍ଦ ସର୍ବଦା ଏହିପରି କହୁଥିଲେ ଯେ ଆମେ ପରମ ଦିବ୍ୟସତ୍ତାଙ୍କୁ ଯେପରି ରୂପରେ ଦେଖିବାକୁ ଇଚ୍ଛା କରିବା, ତାଙ୍କ ସହିତ ଆମର ସମ୍ବନ୍ଧଟି ମଧ୍ୟ ଠିକ୍ ସେହିପରି ହୋଇ ରହିବ । ପ୍ରତ୍ୟେକ ବ୍ୟକ୍ତି ସମ୍ବନ୍ଧର ଏକ ନିର୍ଦ୍ଦିଷ୍ଟ ରୂପ ଲାଗି ଆକାଙ୍କ୍ଷା ରଖିଥାଏ, ଏବଂ ସେହି ବ୍ୟକ୍ତି ସକାଶେ ସମ୍ବନ୍ଧଟି ଠିକ୍ ସେହି ରୂପ ଧାରଣ କରିଥାଏ ।

ତେବେ, ଭଗବାନଙ୍କ ପ୍ରକୃତ ରୂପଟି ପୁଣି କ'ଣ ?

ସେହି ରୂପଟି ସମ୍ଭବତଃ ଏପରି ଯେ ତାହା ସଂପୂର୍ଣ୍ଣ ଭାବରେ ସକଳ ରୂପର ଅତୀତ ହୋଇ ରହିଥାଏ । ବା ସେହି ରୂପଟି ଯାବତୀୟ ପ୍ରକାରର ରୂପ ଧାରଣ କରିବା ଲାଗି ସମର୍ଥ ହୋଇ ରହିଥାଏ । ଭଗବାନଙ୍କର ରୂପପ୍ରକାଶର କ୍ଷେତ୍ରରେ ଆଦୌ କୌଣସି ସୀମାବଦ୍ଧତା ନାହିଁ । ସିଏ କୌଣସି ରୂପର ସାହାଯ୍ୟ ନନେଇ ମଧ୍ୟ ଆପଣାକୁ ଅଭିବ୍ୟକ୍ତ କରିପାରିବେ, ସେ ଆପଣାକୁ ଯେକୌଣସି ରୂପରେ ମଧ୍ୟ ଅଭିବ୍ୟକ୍ତ କରିଦେଇ ପାରିବେ । ଏବଂ ଆମ ପ୍ରତ୍ୟେକଙ୍କର ଆବଶ୍ୟକତା ଅନୁସାରେ ସିଏ ଆମ ପ୍ରତ୍ୟେକଙ୍କ ମଧ୍ୟରେ ହିଁ ଅଭିବ୍ୟକ୍ତି ଲାଭ କରିଥାନ୍ତି । କାରଣ, କୌଣସି ବ୍ୟକ୍ତି ଏପରିକି ଯଥେଷ୍ଟ ପରିମାଣରେ ବ୍ୟକ୍ତିସତ୍ତାର ଆସ୍ପୃହାରୁ ମୁକ୍ତ ହୋଇ ରହି ଭଗବାନଙ୍କ ସହିତ ସଂପୂର୍ଣ୍ଣ ଏକାତ୍ମକତା ଅର୍ଜନ କରିବା ଲାଗି ସମର୍ଥ ହେଲେ ମଧ୍ୟ, ଏକାତ୍ମକତାର ସେହି ମୁହୂର୍ତ୍ତରେ ସେ କଦାପି ତାହାକୁ ଅଭିବ୍ୟକ୍ତ କରି ପାରିବ ନାହିଁ । ଏବଂ, ତାହାକୁ ଅଭିବ୍ୟକ୍ତ କରି ପାରିବାର ଅବସ୍ଥାକୁ ଆସିଯିବା ମାତ୍ରକେହିଁ, ତତ୍‌କ୍ଷଣାତ୍ ତା' ସୀମାବଦ୍ଧ ବ୍ୟକ୍ତିତ୍ୱର କୌଣସି

'oaob.nitrkl.ac.in' images reprocessed

ନା କୌଣସି ଉପାଦାନ ଏକ ବାଧା ପରି ଆସି ଠିଆ ହୋଇଯିବ ଏବଂ ଅଭିଜ୍ଞତାଟି କେବଳ ତାହାର ମଧ୍ୟଦେଇ ଯିବାକୁହିଁ ବାଧ୍ୟ ହେବ । ଅନୁଭୂତର ମୁହୂର୍ତ୍ତିଟି ହେଉଛି ଗୋଟିଏ କଥା ଏବଂ ସେହି ଅନୁଭୂତିଟିକୁ ପ୍ରକାଶ କରିବା ହେଉଛି ଆଉଗୋଟିଏ କଥା । ଦୁଇଟିଯାକ ଅନୁଭୂତି ହୁଏତ ଯୁଗପତ୍ ଭାବରେ ବି ଘଟିପାରେ : ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଅନୁଭୂତିଟିକୁ ଲାଭ କରୁଥିବା ସମୟରେହିଁ କୌଣସି ନା କୌଣସି ଆକାର ଦେଇ ସେମାନେ ଯାହାକିଛି ଅନୁଭବ କରୁଛନ୍ତି, ତାହାକୁ ପ୍ରକାଶ ମଧ୍ୟ କରି ଦେଉଥାନ୍ତି । ଏହା ଯୁଗପତ୍ ଭାବରେ ଘଟିଥାଏ । ମାତ୍ର ତା' ବୋଲି ଯେ, ସତ୍ତାର ଯେଉଁ ବିଭାବଟି ଶୁଦ୍ଧ ଭାବରେ ଅଭିଜ୍ଞତାଟିକୁ ଲାଭ କରୁଥାଏ ଏବଂ ଆଉ ଯେଉଁ ବିଭାବଟି ତାହାକୁ ପ୍ରକାଶ କରୁଥାଏ, ଦୁଇଟିଯାକ ଯେ ସତ୍ତାର ଦୁଇଟି ଅଲଗା ଅଲଗା ବିଭାବ ହୋଇ ନରହିବେ ତାହାର ଆଦୌ କୌଣସି କାରଣ ନାହିଁ । ଏବଂ ଏହି ପାର୍ଥକ୍ୟଟିହିଁ ପ୍ରକୃତରେ ଏହି କଥାଟିକୁ କହି ପାରିବା ଲାଗି ଯଥେଷ୍ଟ ହେବ ଯେ ନକେ ଭଗବତ୍ ସତ୍ୟରେ ପରିଣତ ହୋଇ ନପାରିଲେ ପରମ ଭଗବତ୍ ସତ୍ତାକୁ ଜାଣିବା କଦାପି ସମ୍ଭବ ହେବ ନାହିଁ ।

ଏବଂ ତାଙ୍କୁ ଅଭିବ୍ୟକ୍ତ କରିବା ବିଷୟରେ ଏକଥାଟିକୁ ମଧ୍ୟ ସ୍ମରଣ ରଖିବାକୁ ହେବ ଯେ ଏହି କ୍ଷେତ୍ରରେ ସର୍ବଦା ଏକ ବଦଳିଯିବାର ପ୍ରକ୍ରିୟା ଲାଗି ରହିଥାଏ । ଏଥିରେ ସବୁବେଳେ ଏହିପରି ଗୋଟାଏ ପ୍ରକ୍ରିୟା ଲାଗିଥାଏ (ହାତର ସଞ୍ଚାଳନ ଦ୍ୱାରା ଭିନ୍ନଭିନ୍ନ ସ୍ତରକୁ ଦେଖାଇ); ଅଭିବ୍ୟକ୍ତିର ସ୍ଥିତିଟି ଯାହା ହୋଇଥିଲେ ମଧ୍ୟ ଅଦଳବଦଳ ଲାଗି ରହିଥାଏ ।

ଏତଦ୍ ବ୍ୟତୀତ, ଆଉ ଗୋଟିଏମାତ୍ର କ୍ଷେତ୍ର ରହିଲା, ଯେଉଁଥିରେ କି ଏପର୍ଯ୍ୟନ୍ତ ଅନୁଭବଟିକୁ ସମ୍ପୂର୍ଣ୍ଣ ଭାବରେ ଉପଲବ୍ଧ କରିଯାଇ ପାରି ନାହିଁ;—ଏଠାରେ ମୁଁ ଶୁଦ୍ଧ ଜଡ଼ଭୂମିଟିର କଥା କହୁଛି । ଏବଂ ସେହି କ୍ଷେତ୍ରରେ ମଧ୍ୟ ଏହି ଯଥାର୍ଥ ପ୍ରଶ୍ନଟି ପଚରି ଯାଇପାରେ ଯେ, ଯେତେବେଳେ ଦିବ୍ୟ ପରମଚେତନା ଶରୀର ମଧ୍ୟକୁ ଅବତରଣ କରିବ, ସେତେବେଳେ ଏକ ସମ୍ପୂର୍ଣ୍ଣ ଅଭିବ୍ୟକ୍ତି ସମ୍ଭବ କରିବା ଲାଗି ସଂଘଟିତ ଯାବତୀୟ ରୂପାନ୍ତର ସମ୍ଭବତଃ ଆଦୌ ଯଥେଷ୍ଟ ହେବ ନାହିଁ ।··· ମାତ୍ର ସେହି କଥାଟି ଆସିବାକୁ ଏବେ ମଧ୍ୟ ବାକି ରହିଛି, ତାହା ଏପର୍ଯ୍ୟନ୍ତ ସମ୍ଭବ ହୋଇ ନାହିଁ । ଏବଂ ତାହା ଯେପର୍ଯ୍ୟନ୍ତ ହୋଇ ନପାରିଛି, ସେହି ବିଷୟରେ କିଏ କିପରି କ'ଣ ଜାଣିପାରିବ ? କାରଣ, ଏପରିକି ଆମର ଉଚ୍ଚତମ ମାନସିକ ଅଭିବ୍ୟକ୍ତି ଭିତରେ ମଧ୍ୟ ଏଭଳି କିଛି ରହି ଯାଇଥାଏ, ଯାହାକି ହସ୍ତକ୍ଷେପ କରେ, ବାଧା ପରି କାର୍ଯ୍ୟ କରେ ଏବଂ ଏହି ଜଡ଼ ଶରୀରଟି ସକାଶେ ତାହା ଘଟିଥାଏ । କାରଣ ଅନ୍ତଃପ୍ରେରଣାଟିକୁ ଅବତରଣ କରି ସିଧା କାଗଜ ଉପରେ ଆସି ପହଞ୍ଚି ପାରିବାଯାଏ,

'oaob.nitrkl.ac.in' images reprocessed

ଉଦାହରଣସ୍ୱରୂପ, ସବୁକିଛି ସତ୍ତ୍ୱେ, ତାହାକୁ ଜଡ଼ସ୍ଥ ପ୍ରତ୍ୟେକ ସ୍ପନ୍ଦନ ମଧ୍ୟଦେଇ ଗତି କରିବାକୁ ହୋଇଥାଏ ଏବଂ ସେହିଗୁଡ଼ିକ ତାହାକୁ ବେଶ୍ ବଦଳାଇ ଦେଇ ପାରନ୍ତି । ମାତ୍ର ଯଦି ଏହି ସ୍ପନ୍ଦନଗୁଡ଼ିକରେହିଁ ରୂପାନ୍ତର ସମ୍ଭବ କରାଯାଏ, ତେବେ ସେହି କ୍ଷେତ୍ରରେ ଏକଆଟି ମଧ୍ୟ ସମ୍ଭବ ହୁଏ ଯେ ବାହାରର ଅଭିବ୍ୟକ୍ତି ଅବିକଳ ଭାବରେ ଅନ୍ତରସ୍ଥ ଅଭିବ୍ୟକ୍ତିଟିର ସଦୃଶ ହୋଇ ରହେ; ଅର୍ଥାତ୍ ଶାସ୍ତ୍ରର ରୂପାୟନଟି ଯଥାର୍ଥ ଭାବରେ ଦିବ୍ୟ ସାରସତ୍ୟର ଏକ ରୂପାୟନରେ ପରିଣତ ହୋଇଯାଏ ।

ଆଜି କ'ଣ ସେତିକି ?

> ରାମାୟଣ ଓ ମହାଭାରତରେ ଯେଉଁ ଘଟଣାସବୁ ଘଟିଥିଲା ବୋଲି ବର୍ଣ୍ଣନା ଅଛି, ସେଗୁଡ଼ାକ କ'ଣ ସତ ଘଟଣା ନୁହେଁ ?

ସତ ? କେଉଁ ଅର୍ଥରେ ସତ ? ଏଗୁଡ଼ାକ ପ୍ରକୃତରେ ଏହି ପୃଥିବୀ ଉପରେ ଘଟିଥିଲା କି ନାହିଁ, ସେହିପରି ସତ ? ହନୁମାନ, ସବୁଯାକ ମାଙ୍କଡ଼ ଆଦି ?··· (ସମସ୍ତେ ହସି ଉଠିଲେ) ସେକଥା ମୁଁ କହି ପାରିବି ନାହିଁ । ମୁଁ ଭାବୁଛି ଏଗୁଡ଼ିକ ହେଉଛି ପ୍ରତୀକାତ୍ମକ; ଅର୍ଥାତ୍ ଆମେ ଯେତେବେଳେ ହନୁମାନ ବିଷୟରେ କହୁଛୁ, ସେତେବେଳେ ତାହା ବିବର୍ତ୍ତନଶୀଳ ମନୁଷ୍ୟକୁ ବୁଝାଉଛି; ରାମଚନ୍ଦ୍ର ଅବତାର ସତ୍ତାକୁ ବୁଝାଉଛନ୍ତି, ଅର୍ଥାତ୍ ଯେଉଁ ସତ୍ତା ଉପରୁ ଆସେ, ତାହାକୁ ବୁଝାଉଛନ୍ତି । ମାତ୍ର···

> ଅବତାର ଆଉ ବିବର୍ତ୍ତନଶୀଳ ସତ୍ତା କହିଲେ ଆପଣ କ'ଣ ବୁଝୁଛନ୍ତି ?

ବିବର୍ତ୍ତନଶୀଳ ସତ୍ତାର ଅର୍ଥ ହେଉଛି, ଯାହାକୁ କି ଆମେ ଇତରପ୍ରାଣୀ-ମାନଙ୍କର କ୍ରମରେ ଏକ ପରବର୍ତ୍ତୀ ସୋପାନ ବୋଲି କହିପାରିବା; ଏବଂ ଅନ୍ୟଟିକୁ ଏପରି ଏକ ସତ୍ତା ବୋଲି କହିବା ଯିଏକି ଊର୍ଦ୍ଧ୍ୱସ୍ଥ ପୃଥିବୀରୁ ଏଠାକୁ ଆସିଛନ୍ତି । ଅର୍ଥାତ୍, ଯେତେବେଳେ ଏହି ପୃଥିବୀର ଗଠନ ହେଲା, ସିଏ ଏହି ଧରାପୃଷ୍ଠରେ ମୂର୍ତ୍ତି ହୋଇ ଅବତୀର୍ଣ୍ଣ ହେଲେ; ସିଏ ତଳୁ ବିବର୍ତ୍ତିତ ହୋଇ ଆସନ୍ତି ନାହିଁ, ସିଏ ଊର୍ଦ୍ଧ୍ୱରୁ ଆସିଛନ୍ତି । ମାତ୍ର ବିବର୍ତ୍ତନଶୀଳ ସତ୍ତାଟି ମଧ୍ୟରେ କେନ୍ଦ୍ରରେ ସେହି ଆଲୋକଟି ରହିଛି, ଯାହାକୁ କି ଚୈତ୍ୟସତ୍ତାର ଉତ୍ସ ବୋଲି କୁହାଯିବ, ଯାହାକି ଚୈତ୍ୟ ସତ୍ତାରୂପେ ବିକଶିତ ହୋଇ ଉଠିବ; ଏବଂ ଯେତେବେଳେ ଚୈତ୍ୟସତ୍ତାର ଗଠନ ସମ୍ପୂର୍ଣ୍ଣ ଭାବରେ ହୋଇଯିବ, ସେତେବେଳେ ଏପରି ଏକ ମୁହୂର୍ତ୍ତ ଆସି ପହଞ୍ଚିବ,

'oaob.nitrkl.ac.in' images reprocessed

ଯେତେବେଳେକ ତାହା ଊର୍ଦ୍ଧ୍ୱରୁ ଆସିଥିବା ଆଉ ଏକ ସତ୍ତା ସହିତ ସମ୍ମିଳିତ ହୋଇଯାଇ ପାରିବ, ଯିଏକ ସେଇଟି ମଧ୍ୟରେ ଅବତୀର୍ଣ୍ଣ ହୋଇ ପାରୁଥିବ । ତେଣୁ, ଏହି ଯେଉଁ ସତ୍ତାଟି ଊର୍ଦ୍ଧ୍ୱରୁ ଏକ ଚୈତ୍ୟସତ୍ତା ମଧ୍ୟକୁ ଅବତରଣ କରିଥାଏ, ସେଇଟି ହେଉଛି ଗୋଟିଏ ସଂବୃତ ସତ୍ତା,—ଅଧିମାନସ ଭୂମି ଅର୍ଥାତ୍ ଆଉ କୌଣସି ଅନ୍ୟ ଭୂମିର ସତ୍ତା ।

ବାସ୍, ସେତିକି ?

ଆନାତୋଲ୍ ଫ୍ରାଁସ୍‌ଙ୍କର "ବାଜିଗର"କୁ କ'ଣ ଜଣେ କଳାକାର ବୋଲି କୁହାଯିବ ?

ମୁଁ କହି ପାରିବି ନାହିଁ । ସେହି କଥାଟି (ମୁଁ ପାରୁଲ୍‌କୁ ଠିକ୍ ସେହି କଥାଟି ପଚାରୁଥିଲି),—ତାହା ତୁମେ କଳାକାର ଶବ୍ଦଟିକୁ ଦେଉଥିବା ସଂଜ୍ଞାଟି ଉପରେହିଁ ନିର୍ଭର କରିବ ।

ଯଦି ମୋତେ ପଚାରିବ, ତେବେ ମୁଁ କହିବି ଯେ, ଯେଉଁମାନେ କଳାତ୍ମକ କରି କିଛି ସୃଷ୍ଟି କରନ୍ତି, ସେମାନେ ସମସ୍ତେ ହେଉଛନ୍ତି କଳାକାର ! ଗୋଟିଏ ଶବ୍ଦର ବ୍ୟବହାର ଯେପରି ହୁଏ, ଆମେ ସେଥିରେ ଯେଉଁଭଳି ଅର୍ଥ ଆଣି ଆରୋପ କରୁ, ଶବ୍ଦଟିର ତାତ୍ପର୍ଯ୍ୟ ତାହାର ଉପରେହିଁ ନିର୍ଭର କରୁଥାଏ । ଗୋଟିଏ ଶବ୍ଦଠାରୁ ଆମେ ଯାହା ଇଚ୍ଛା କରୁଥିବା, ତା' ଉପରେ ସେଇଟିକୁ ନେଇ ନିଶ୍ଚୟ ଆରୋପ କରିଦେଇ ପାରିବା । ଉଦାହରଣସ୍ୱରୂପ, ଜାପାନ ଦେଶରେ ଏପରି ଅନେକ ମାଳି ରହିଛନ୍ତି, ଯେଉଁମାନେ କି ଗଛଗୁଡ଼ିକର ଆକାର ବଦଳାଇବାରେହିଁ ନିଜର ସମସ୍ତ ସମୟ ଦିଅନ୍ତି; ଗଛଗୁଡ଼ିକ ସଂପୂର୍ଣ୍ଣ ଦୃଶ୍ୟଟିକୁ ଯେପରି ଏକ ସୁନ୍ଦର ଛବିରେ ପରିଣତ କରି ରଖିବ, ସେମାନେ ସେହି ଅନୁସାରେ ସେଗୁଡ଼ିକର ଆକାର ବଦଳାଇ ଦିଅନ୍ତି । କେତେପ୍ରକାରେ ଅଗ କାଟି ଓ କେତେପ୍ରକାରେ ଚିପ୍ସ ଲଗାଇ ସେମାନେ ଗଛଗୁଡ଼ିକର ଆକାରକୁ ଯେଉଁପରି ଚାହୁଁଥାନ୍ତି, ସେହିପରି ଭାବରେ ଅନୁକୂଳିତ କରି ରଖନ୍ତି । ସେମାନେ ଗଛଗୁଡ଼ିକୁ ବିଶେଷ ବିଶେଷ ଆକାର ଦିଅନ୍ତି, ଯେପରିକି, ଦୃଶ୍ୟଟିରେ ଯେଉଁପରି ଆକାର ଯେଉଁଠି ଦରକାର, ପ୍ରତ୍ୟେକ ଗଛ ଠିକ୍ ସେହିପରି ଆକାର ଗ୍ରହଣ କରି ପାରିବେ । ଉଦ୍ୟାନ ଭିତରେ ଯେଉଁଠାରେ ଗଛଟିଏ ରହୁ ବୋଲି ଆବଶ୍ୟକତା ରହିଥାଏ, କେବଳ ସେହିଠାରେହିଁ ଗଛଟିଏ ଲଗାଯାଏ; ଏବଂ ତା'ଛଡ଼ା, ସମଗ୍ର ପୃଷ୍ଠଭୂମି ସହିତ ଖାପ ଖାଇବା ଲାଗି ଗଛଟିର ଯେଉଁଭଳି ଆକାର ଦରକାର ହୁଏ, ତାହାକୁ ଠିକ୍ ସେହି ଆକାରଟି ଦିଆଯାଏ । ଏବଂ ଏହି ମାଳୀମାନେ ବଡ଼ ସଫଳ ଭାବରେ ଅଦ୍‌ଭୁତ ଅଦ୍‌ଭୁତ କଥା

'oaob.nitrkl.ac.in' images reprocessed

ସମ୍ଭବ କରିପାରନ୍ତି । ବଗିଚାଟିର ଫଟୋ ଉଠାଗଲେ ତାହା ଏଡ଼େ ସୁନ୍ଦର ହୋଇ-ଆଏ ଯେ ପ୍ରକୃତରେ ଗୋଟିଏ ଛବି ପରି ଦେଖାଯାଏ । ହଁ, ଯେଉଁ ବ୍ୟକ୍ତି ଏପରି କରିଥାଏ, ମୁଁ ତାକୁ ଜଣେ କଳାକାର ବୋଲି ନିଶ୍ଚୟ କହିବି । ଆଉ କିଏ ତାକୁ ଜଣେ ମାଳୀ ବୋଲି କହିପାରେ, ମାତ୍ର ସିଏ ହେଉଛି ପ୍ରକୃତରେ ଜଣେ କଳାକାର··· ଯେଉଁ ବ୍ୟକ୍ତିମାନଙ୍କ ମଧ୍ୟରେ ସୌଷମ୍ୟର ବିଭିନ୍ନ କ୍ଷେତ୍ରରେ ସେହି ବିଷୟରେ ଏକ ନିଶ୍ଚିତ ଏବଂ ସୁବିକଶିତ ବୋଧ ରହିଛି ଏବଂ ସେମାନଙ୍କ ଆପଣା ଭିତରେ ମଧ୍ୟ ସୌଷମ୍ୟର ଯାବତୀୟ ପ୍ରକାର ନିହିତ ହୋଇ ରହିଛି, ସେମାନେ ଯାହାକିଛି ତିଆରି କରୁଥାନ୍ତୁ ପଛକେ, ସେମାନଙ୍କୁ ଅବଶ୍ୟ ଜଣେ ଜଣେ କଳାକାର ବୋଲି କୁହାଯିବ ।

ରାମ ଆଉ ହନୁମାନ ବିଷୟରେ ଆପଣ ଯାହା କହୁଥିଲେ, ସେକଥା ପୂରା କରିବ ନାହାନ୍ତି । (ସମସ୍ତେ ହସି ଉଠିଲେ)

ପୂରା କରି ନାହିଁ ? ମାତ୍ର ହଁ, ମୁଁ କହୁଥିଲି··· ହଁ, ହଁ,— ଏକ ବିବର୍ତ୍ତନଶୀଳ ଏବଂ ଏକ ସଂବୃତ ସତ୍ତା ମଧ୍ୟରେ କ'ଣ ପାର୍ଥକ୍ୟ ଅଛି, ସିଏ ମୋତେ ସେହି କଥାଟି ପଚାରିଥିଲା । ମାତ୍ର ସେତିକି ଜାଣିଲେହିଁ ନିଶ୍ଚୟ ଯଥେଷ୍ଟ ହୋଇଯିବ । ପରେ ସେତିକି ଜାଣିନେଇ ପାରିଲେ ତୁମ ପାଖରେ ସମସ୍ତ କାହାଣୀଟିର ଅର୍ଥ ସ୍ପଷ୍ଟ ହୋଇଯିବ । ପୁନଶ୍ଚ, ରାମାୟଣ ବୋଲି କୌଣସି ଗୋଟିଏ ମାତ୍ର ପ୍ରାମାଣିକ ଗ୍ରନ୍ଥ ଅଛି ଅଥବା ଏହାର ଅନେକ ପୋଥି ରହିଛି, ମୁଁ ସେକଥା ଜାଣେ ନାହିଁ । କାରଣ ମୁଁ ନିଜେ କାହାଣୀଟିକୁ ବିଭିନ୍ନ ଭାବରେ ଶୁଣିଛି । ଏହାର ବିଭିନ୍ନ ସଂସ୍କରଣ ରହିଛି, ନୁହେଁ କି ? ସର୍ବୋପରି, କାହାଣୀଟିର ଶେଷ ବିଷୟରେ ଯେଉଁ ଦୁଇଟିଯାକ ମହତ୍ତ୍ୱପୂର୍ଣ୍ଣ ଘଟଣା ରହିଛି (ମାଆ ନଳିନୀଙ୍କ ଆଡ଼କୁ ଅନାଇଲେ), ଅର୍ଥାତ୍ ରାବଣର ପରାଜୟ ଓ ମୃତ୍ୟୁ ବିଷୟରେ ଓ ସୀତାଙ୍କର ମୃତ୍ୟୁ ବିଷୟରେ କେତେ ପ୍ରକାରର ବର୍ଣ୍ଣନା ରହିଛି । ଏକଥାଗୁଡ଼ିକୁ ଭିନ୍ନ ଭିନ୍ନ ଲୋକେ ଭିନ୍ନ ଭିନ୍ନ ପ୍ରକାରେ ବର୍ଣ୍ଣନା କରିବାର ମୁଁ ଶୁଣିଛି, ଭିନ୍ନ ଭିନ୍ନ ତାତ୍ପର୍ଯ୍ୟ ଦେଇ ଭିନ୍ନ ଭିନ୍ନ ପଣ୍ଡିତମାନେ ସେହି ବର୍ଣ୍ଣନାମାନ କରିଛନ୍ତି । ମୁଁ ହୁଏତ ଏପରି କହିପାରିବି ଯେ, ସେମାନଙ୍କ ମନର ବିଶେଷ ରୁଚି ଅନୁସାରେ, ଯେଉଁ ପଣ୍ଡିତମାନେ ଅଳ୍ପ, ଅଳ୍ପ, ଅଳ୍ପମାତ୍ରାରେ ରକ୍ଷଣଶୀଳ ଥିଲେ ସେମାନେ ମୋତେ ଯେଉଁ ବର୍ଣ୍ଣନାମାନ ଦେଇ କହିଛନ୍ତି, ଯେଉଁମାନେ ରକ୍ଷଣଶୀଳ ନୁହନ୍ତି, ସେମାନେ ମୋତେ ତା'ଠାରୁ ଅତ୍ୟନ୍ତ ଭିନ୍ନ କଥାମାନ କହିଛନ୍ତି । ତେଣୁ ରାମାୟଣର ଭିନ୍ନ ଭିନ୍ନ ପୋଥି ରହିଛି ବା ସେମାନେ ନିଜ ନିଜର ଅର୍ଥ ଲଗାଇ ଦେଇ ସେଭଳି କହିଛନ୍ତି, ମୁଁ ସେକଥା କହି ପାରିବି ନାହିଁ ।

'oaob.nitrkl.ac.in' images reprocessed

(ନକଲମ) ଭିନ୍ନ ଭିନ୍ନ ପୋଥି ରହିଛି । ଉତ୍ତର ଭାରତରେ ଗୋଟିଏ ପ୍ରକାରର ପାଠ ରହିଛି, ଦକ୍ଷିଣ ଭାରତରେ ଆଉଗୋଟିଏ ପ୍ରକାରର ରହିଛି ।

ହଁ, ବୌଦ୍ଧଧର୍ମ ବିଷୟରେ ମଧ୍ୟ ସେଇଆ । ଦକ୍ଷିଣ ଓ ଉତ୍ତର ଭାରତୀୟ ଲୋକମାନଙ୍କର ଏହି ବିଷୟରେ ଭିନ୍ନ ଭିନ୍ନ ପ୍ରକାରର କଳ୍ପନା ରହିଛି । ଦକ୍ଷିଣ ଭାରତର ଲୋକମାନେ ଟିକିଏ ଅଧିକ ରକ୍ଷଣଶୀଳ, ନୁହେଁ କି ?···ମୁଁ ହୁଏତ ଠିକ୍ କହି ପାରୁ ନାହିଁ । ମାତ୍ର ବୌଦ୍ଧଧର୍ମର କ୍ଷେତ୍ରରେ, ଦକ୍ଷିଣ ଭାରତର ବୌଦ୍ଧଧର୍ମକୁ ବେଶ୍ ରକ୍ଷଣଶୀଳ ବୋଲି କୁହାଯାଇ ପାରିବ, ଏବଂ ଗ୍ରନ୍ଥଟିର ଅର୍ଥ କଲାବେଳେ ତାହା ଆଦୌ କୌଣସି ନମନୀୟତା ଲାଗି ମୋଟେ ଅନୁମତି ଦିଏ ନାହିଁ । ଏବଂ ଅତ୍ୟନ୍ତ ଭୟଙ୍କର ଭାବରେ ରକ୍ଷଣଶୀଳ ହୋଇ ରହିଥିବା ଏହି ବୌଦ୍ଧଧର୍ମରେ ଯେକୌଣସି ପ୍ରକାରର ଈଶ୍ୱରକଳ୍ପନାକୁ ମଧ୍ୟ ବହିଷ୍କୃତ କରି ରଖା ହୋଇଥାଏ । ଅନ୍ୟପକ୍ଷରେ, ଉତ୍ତର ଭାରତର ବୌଦ୍ଧଧର୍ମରେ ସେହି କଳ୍ପନାଗୁଡ଼ାକ ସତେଅବା ମେଳା ମେଳା ହେଉଥାନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ବୁଦ୍ଧମାନେ ହେଉଛନ୍ତି ପୂର୍ବବର୍ତ୍ତୀ ଯୁଗଗୁଡ଼ିକର ବୁଦ୍ଧ, ମାତ୍ର ସେମାନଙ୍କୁ ତଥାପି ଗୋଟିଏ ଗୋଟିଏ ଦେବତାରେ ପରିଣତ କରାଇ ଦିଆ ଯାଇଥାଏ । ଏବଂ ଏହି ଦ୍ୱିତୀୟ ପ୍ରକାର ବୌଦ୍ଧଧର୍ମଟି ଚୀନ୍‌କୁ ପ୍ରସାରିତ ହୋଇ ଯାଇଛି ଓ ଚୀନ୍‌ରୁ ଜାପାନକୁ ଯାଇଛି । ସେଥିଲାଗି ଜାପାନରେ ଥିବା କୌଣସି ବୌଦ୍ଧମନ୍ଦିର ଭିତରେ ପଶିଲେ ଆମେ···ଏପରି ଗୋଟିଏ ମନ୍ଦିର ଅଛି, ଯେଉଁଥିରେ କି ହଜାରକରୁ ବେଶୀ ବୁଦ୍ଧ ରହିଥିଲେ ଏବଂ ସବୁଗୁଡ଼ିକ ଉପରେ ନାନା କାରୁକାର୍ଯ୍ୟ କରି ଯାଇଥିଲା,—କେନ୍ଦ୍ରସ୍ଥ ବୁଦ୍ଧଙ୍କ ଚାରିପାଖରେ ଆହୁରି ପ୍ରାୟ ହଜାରେ ବୁଦ୍ଧ ତାଙ୍କୁ ବେଢ଼ିକରି ବସିଥିଲେ । ଯୁଆଡ଼େ ଦେଖିବ ଖାଲି ବୁଦ୍ଧ,—ମନ୍ଦିରର ପଛପାଖ ପାଟେସ୍ୱାଟା ଏହିସବୁ ମୂର୍ତ୍ତି ଦ୍ୱାରା ପୂରିକରି ରହିଥିଲା; ସାନ ବୁଦ୍ଧ, ବଡ଼ ବୁଦ୍ଧ, ସ୍ଥୂଳକାୟ ବୁଦ୍ଧ, କୃଶକାୟ ବୁଦ୍ଧ, ନାରୀ, ନର,—ସେଠାରେ ସବୁକିଛି ରହିଥିଲେ, ସତେଅବା ସମସ୍ତ ଦେବକୁଳ ସେଠାରେ ସ୍ଥାପନା ହୋଇ ରହିଥିଲେ । କୋଉଠି କହିହେଲେ ଖାଲି ଜାଗା ନଥିଲା, ଏବଂ ସେମାନେ ସମସ୍ତେ ଦେବତାରୂପେ ସ୍ଥାପିତ ହୋଇଥିଲେ । ଏବଂ ତା’ପରେ, ସେଗୁଡ଼ିକ ତଳକୁ ସାନସାନ ଆହୁରି ଅନେକ ପ୍ରତିମା ଖଞ୍ଜାହୋଇ ରହିଥିଲେ,—ସେଗୁଡ଼ିକ ଭିତରେ ଜୀବଜନ୍ତୁଙ୍କର ବି ପ୍ରତିମା ଥିଲା; ଏବଂ ସେମାନଙ୍କୁ ଉପାସକ ଭାବରେ ଉପସ୍ଥାପିତ କରି ରଖା ଯାଇଥିଲା । ପ୍ରକୃତରେ ଦେବତା ଓ ପ୍ରତିମାମାନଙ୍କର ମେଳା ଲାଗିଥିଲା ! ମାତ୍ର ଦକ୍ଷିଣ ଭାରତର ବୌଦ୍ଧଧର୍ମରେ ଆମେ ପ୍ରୋଟେଷ୍ଟାଣ୍ଟ ଧର୍ମର ଆଡ଼ମ୍ବରହୀନତାକୁ ବେଶ୍ ବାରିନେଇ

'oaob.nitrkl.ac.in' images reprocessed

ପାରିବା; ସେଠାରେ କଦାପି କୌଣସି ପ୍ରତିମାର ପ୍ରବେଶ ସମ୍ଭବ ହେବ ନାହିଁ । ତା' ସଙ୍ଗେ ସଙ୍ଗେ, ଦିବ୍ୟ ଚେତନା ଅର୍ଥାତ୍ ଈଶ୍ୱର ଚେତନାର ମଧ୍ୟ କୌଣସି ପ୍ରବେଶ ହୋଇ ପାରିବ ନାହିଁ । ସେଥିରେ କେବଳ ଏତିକ କହି ଦିଆଯାଉଥିବ ଯେ ବାସନା ହେତୁହିଁ ମନୁଷ୍ୟ ସଂସାରକୁ ଆସୁଛି, ଏହି ବାସନାମୟ ସଂସାରକୁ ଆସୁଛି; ବାସନାକୁ କାଟିପାରିଲେ ଯାଇ ସେ ସଂସାର ଓ ସୃଷ୍ଟି ଭିତରୁ ମୁକୁଳି ପାରୁଛି ଓ ନିର୍ବାଣଅବସ୍ଥାକୁ ଫେରି ଯାଉଛି । ସେହି ନାସ୍ତିତ୍ୱକୁ ମଧ୍ୟ ସତେ ଅବା ଅତି ପରିମାଣରେ ଏକ ଅତ୍ୟନ୍ତ ମୂର୍ତ୍ତି ବସ୍ତୁରୂପେ ଆଣି ଉପସ୍ଥାପିତ କରାଯାଇଛି । ବୌଦ୍ଧଧର୍ମରେ ସ୍ରଷ୍ଟା ବୋଲି କୌଣସି କଳ୍ପନା ନାହିଁ । ତେଣୁ, ମୁଁ ଏବିଷୟରେ ଖୁବ୍ ବେଶୀ ଜାଣି ନାହିଁ । ଦକ୍ଷିଣ ଭାରତର ବୌଦ୍ଧଶାସ୍ତ୍ରମାନ ପାଲିରେ ଲେଖାହୋଇଛି, ଉତ୍ତର ଭାରତର ସଂସ୍କୃତ ଭାଷାରେ ଲେଖାହୋଇଛି । ଏବଂ, ଅତ୍ୟନ୍ତ ସ୍ୱାଭାବିକ କଥା ଯେ ତିବ୍ବତର ବୌଦ୍ଧ ଗ୍ରନ୍ଥସବୁ ତିବ୍ବତୀର ଭାଷାରେ ଲେଖା ହୋଇଛି, ଚୀନ ଦେଶର ବୌଦ୍ଧଶାସ୍ତ୍ର ଚୀନ୍ ଭାଷାରେ ଲେଖାହୋଇଛି। ଏବଂ ଜାପାନରେ ବୌଦ୍ଧଶାସ୍ତ୍ରଗୁଡ଼ିକ ଜାପାନୀ ଭାଷାରେ ଲେଖାହୋଇଛି । ଏବଂ ମୋର ବିଶ୍ୱାସ, ପ୍ରତ୍ୟେକଟି ଅନ୍ୟଗୁଡ଼ିକଠାରୁ ଅତ୍ୟନ୍ତ ଭିନ୍ନ । ତେଣୁ, ରାମାୟଣ ଗ୍ରନ୍ଥର ମଧ୍ୟ ସମ୍ଭବତଃ ଅନେକ ପାଠ ଓ ଅନେକ ସଂସ୍କରଣ ରହିଛି । ଏବଂ ମହାଭାରତର ଆହୁରି ଅଧିକସଂଖ୍ୟକ ସଂସ୍କରଣ ରହିଛି । ଏହା ପ୍ରକୃତରେ ଏକ ବଡ଼ କଠିନ କଥା ।

(ନଳିନୀ) ରାମାୟଣର ମଧ୍ୟ ଅନେକଗୁଡ଼ିଏ ସଂସ୍କରଣ ରହିଛି ।

ତା'ପରେ ମଧ୍ୟ ଅନେକ ପାଠକୁ ଆଣି ଯୋଡ଼ି ଦିଆଯାଇଛି ।

ମାଆ, ମହାଭାରତ କ'ଣ ପ୍ରକୃତରେ ଘଟିଥିଲା ?

ମୁଁ ଭାବୁଛି, କିଛି ନା କିଛି ଅବଶ୍ୟ ଘଟିଥିଲା । ଏହିସବୁ କ୍ଷେତ୍ରରେ, ନିଶ୍ଚୟ "କିଛି ନା କିଛି" ରହିଛି, ଯାହା ପ୍ରକୃତରେ ସତ ଓ ତା'ପରେ ଏପରି ଅଂଶମାନ ମଧ୍ୟ ରହିଛି, ଯାହାକୁ କି ସେଇଥିରୁ ବାନ୍ଧିକରି ଯୋଡ଼ି ଦିଆଯାଇଛି, ଏହି ଦୁଇଟିଯାକ ହେଉଛନ୍ତି ଭିନ୍ନ ଭିନ୍ନ କଥା । ମାତ୍ର, ସବୁଠାରେ ଓ ସବୁଧର୍ମରେ, ଆମେ ଠିକ୍ ସେହି କଥା ଦେଖିବାକୁ ପାଇବା । ସବୁ ଧର୍ମରେ କେତେକ କଥା ପ୍ରକୃତରେ ଥାଏ ଏବଂ ତା'ପରେ ସେଥିରୁ ସମ୍ପୂର୍ଣ୍ଣ ଭିନ୍ନ ଆଉକିଛି ବାହାର କରି ଅଣାଯାଏ । ଇତିହାସ ଏବଂ କିଂବଦନ୍ତୀ ମଧ୍ୟରେ ସର୍ବଦା ଏହି ପାର୍ଥକ୍ୟଟି ରହି ଆସିଛି । ମାତ୍ର ଇତିହାସ ବି ତ ଗୋଟିଏ ପ୍ରକାର କିଂବଦନ୍ତୀ !

'oaob.nitrkl.ac.in' images reprocessed

ଯେତେ ପ୍ରାମାଣିକ ଭାବରେ ଗ୍ରହଣ କଲେ ମଧ୍ୟ, ବାର ବାର ପୁନରାବୃତ୍ତିର ଫଳରେ ସେହି ଏକା କାହାଣୀଟି କ୍ରମେ ଅନେକ ପ୍ରକାରେ ପରିବର୍ତ୍ତିତ ହୋଇଯାଏ । ଏବଂ ହଜାର ହଜାର ବର୍ଷ ଅନ୍ତେ ତାହା ଗୋଟାପୁରା ବିକୃତ ହୋଇ ପଡ଼ିଯାଏ । ମହାଭାରତର ମୂଳ ଗ୍ରନ୍ଥଟିରେ ପ୍ରକୃତରେ କ'ଣସବୁ ଲେଖା ହୋଇଥିଲା; ମୋର କହିବାର ଅର୍ଥ ହେଉଛି, ସ୍ୱୀକୃତ ସବାମୂଳ ଗ୍ରନ୍ଥଟିରେ କ'ଣସବୁ ଲେଖାହୋଇଥିଲା ? ଅନେକ ସମୟ ପର୍ଯ୍ୟନ୍ତ ଏହା କେବଳ ମୁହଁକୁ ମୁହଁ କୁହା ହୋଇଆସିଥିଲା, ନୁହେଁ କି ? ଏଇଟି ଯେ କେତେଦୂର ବଦଳି ଯାଇଥିବ, ତୁମେମାନେ ସେକଥା ନିଶ୍ଚୟ କଳ୍ପନା କରିପାରୁଥିବ । ଦୀର୍ଘ ଅନେକ ବର୍ଷଯାଏ ଏହା ମୁହଁକୁ ମୁହଁ କୁହାହୋଇ ଆସିଥିଲା । ଏବଂ ପ୍ରଥମ ଗ୍ରନ୍ଥଟି କିଏ ରଚନା କରିଥିଲେ ?

(ନଳିନୀ) ବ୍ୟାସ ।

ହଁ, ହଁ, ବ୍ୟାସ !

(ନଳିନୀ) ସର୍ବ ପ୍ରଥମେ ସେହି ଗ୍ରନ୍ଥରେ ୩୬,୦୦୦ ଶ୍ଳୋକ ଥିଲା । ବର୍ତ୍ତମାନ ଲକ୍ଷେ ଦୁଇ ଲକ୍ଷରୁ ଅଧିକ ହେବ ।

ହଁ, ହଁ, ଏହାର ବୃଦ୍ଧିହିଁ ହୋଇଛି । ୩୬,୦୦୦ ବଢ଼ି ବଢ଼ି ଏହାର ବେଶ୍ ସ୍ଫୀତ ଘଟିଛି । ମାତ୍ର ଗୀତାର,— ଗୀତାର ଏକାଧିକ ସଂସ୍କରଣ ଅଛି କି ?

(ନଳିନୀ) ନାହିଁ ।

ମାତ୍ର ଗୀତା ତ ମହାଭାରତର ଏକ ଅଂଶ ।

(ନଳିନୀ) ହଁ ।

ରାମାୟଣ କ'ଣ ମହାଭାରତର ପରବର୍ତ୍ତୀ ?

(ନଳିନୀ) ନା ।

'oaob.nitrkl.ac.in' images reprocessed

ଦୁଇଟିଯାକ ଗ୍ରନ୍ଥ କ'ଣ ଗୋଟିଏ ସମୟର ? ଏବଂ ରାମାୟଣର ରଚୟିତା ?

(ନଳିନୀ) ବାଲ୍ମୀକି ।

ହଁ, ଏବଂ ରାମାୟଣ ଗ୍ରନ୍ଥରେ ଖୁବ୍ ବେଶୀ ପରିବର୍ତ୍ତନ ହୋଇ ନାହିଁ ।

(ନଳିନୀ) ମହାଭାରତ ପରି ଏତେ ବେଶୀ ହୋଇ ନାହିଁ । ଆଉଟି ପରି ଆଦୌ ଏତେ ପରିମାଣରେ ହୋଇ ନାହିଁ ।

ମାତ୍ର ତଥାପି ପାର୍ଥକ୍ୟ ରହିଛି । ଗୋଟିଏ କାହାଣୀ ଅନୁସାରେ ରାବଣ ଜାଣି ଶୁଣି ମୃତ୍ୟୁବରଣ କରିଥିଲା ବୋଲି କୁହାଯାଇଛି, ସିଏ ଜାଣିଶୁଣି ଅସୁରର ଭୂମିକା ଗ୍ରହଣ କରିଥିଲା ଏବଂ ଭଗବାନଙ୍କଠାରୁ ବାହାର ହୋଇ "ରହିବାର" ଅବଧିଟିକୁ ଯଥାସମ୍ଭବ କମ୍ କରିବା ଉଦ୍ଦେଶ୍ୟରେ ଜାଣିଶୁଣି ମୃତ୍ୟୁବରଣ କଲା । ମୃତ୍ୟୁପରେ ସେ ରାମଙ୍କ ଭିତରେ ଲୀନ ହୋଇଗଲା, ଏହିପରି ଭାବରେ ରାମଙ୍କ ସହିତ ନିଶ୍ଚିତ ଭାବରେ ସମ୍ମିଳିତ ହେବାରେ ସଫଳ ହେଲା ବୋଲି ରାମଚନ୍ଦ୍ରଙ୍କୁ କହିଥିଲା । ଏଇଟି କେଉଁ ଗ୍ରନ୍ଥର କଥା ? ରକ୍ଷଣଶୀଳ ଗ୍ରନ୍ଥର ନା ଆଉ କେଉଁଟିର ?

(ନଳିନୀ) ସବୁକିଛି ରକ୍ଷଣଶୀଳ ।

ହଁ, ପ୍ରକୃତରେ ରକ୍ଷଣଶୀଳ । ଭାବଟି ହେଉଛି (ଏହା ପ୍ରକୃତରେ ଏକ ଭାବ ନୁହେଁ କି ?) ଯେ ଅସୁରମାନେ ଜାଣିଶୁଣି ଅସୁର ହୋଇ ଜନ୍ମ ହୋଇଥିଲେ, ଯେପରି କି ସେମାନେ ଭଗବାନଙ୍କ ମଧ୍ୟରେ ଲୀନ ହୋଇଯାଇପାରିବେ ଏବଂ ଅଳ୍ପ ବହୁତ ଶୀଘ୍ର ତାଙ୍କ ପାଖକୁ ଫେରିଯାଇ ପାରିବେ ଏବଂ ଯେଉଁ ଦେବତା ଓ ଋଷିମାନେ ଭଗବାନଙ୍କ ପାଖକୁ ଫେରିଆସି ପାରିବା ଲାଗି ଦୀର୍ଘ ଦିନ ତପସ୍ୟା କରିବାରେ ଲାଗିଥାନ୍ତି, ସେମାନଙ୍କଠାରୁ ଅପେକ୍ଷାକୃତ ଅଧିକ କମ୍ ସମୟରେ ଭଗବତ୍ ସତ୍ତା ସହିତ ସଂଯୁକ୍ତ ହୋଇଯାଇପାରିବେ । ପୁନଶ୍ଚ ଅସୁରମାନେ ଅତ୍ୟନ୍ତ ଦୁଷ୍ଟ ହେବାର ମାର୍ଗଟିକୁ ବାଛି ନେଇଥିବାରୁ ଅଧିକ ଶୀଘ୍ର ବିନଷ୍ଟ ହେବେ ଏବଂ ତେଣୁ ଅଧିକ ଶୀଘ୍ର ଫେରି ବି ଆସିପାରିବେ । ପ୍ରକୃତରେ ଏକ ଚମତ୍କାର କଳ୍ପନା ! (ସମସ୍ତେ ହସି ଉଠିଲେ)

'oaob.nitrkl.ac.in' images reprocessed

ଠିକ୍ ସେହିପରି ସ୍ଥବରେ ମୁଁ ସୀତାଙ୍କର ନିଧନ ବିଷୟରେ ମଧ୍ୟ ଦୁଇ ପ୍ରକାରର (ମାତ୍ର, ମୁଁ ଯେପରି କହିଲି, ଗୋଟିଏ ଉଦାର ଓ ଆଉଗୋଟିଏ ଅତିମାତ୍ରାରେ ରକ୍ଷଣଶୀଳ) କାହାଣୀ ଶୁଣିଛି; ଗୋଟିକରେ କୁହାଯାଇଛି ଯେ ଆପଣାର ନିର୍ଦ୍ଦୋଷତାକୁ ପ୍ରମାଣ କରିବା ଲାଗି ସୀତା ପାତାଳ ଭିତରେ ପ୍ରବେଶ କରିଥିଲେ, ଏବଂ ଅନ୍ୟ ପକ୍ଷରେ ଅତ୍ୟନ୍ତ ରକ୍ଷଣଶୀଳ ଅନ୍ୟ କାହାଣୀଟିରେ କୁହାଯାଇଛି ଯେ, ସିଏ ପ୍ରକୃତରେ ନିର୍ଦ୍ଦୋଷ ନଥିଲେ ବୋଲିହିଁ ପାତାଳ ତାଙ୍କୁ ଆପଣା ଗର୍ଭକୁ ଟାଣି ନେଇଥିଲା ! (ସମସ୍ତେ ହସି ଉଠିଲେ)

ଏବଂ ସ୍ୱର୍ଗରୁ ପୁଷ୍ପ ବୃଷ୍ଟି ହେଲା, ନୁହେଁ ?*

ହଁ, ହଁ, ମାତ୍ର ସେଇଟି ତ ଆଉ ଗୋଟିଏ ଗପ ।··· ମୁଁ ପଣ୍ଡିତ ନାମକ ଜଣେ ବ୍ୟକ୍ତିଙ୍କଠାରୁ ରାମାୟଣ ଶୁଣିଥିଲି; ସିଏ ଜଣେ ପଣ୍ଡିତଙ୍କ ପୁଅ ଥିଲେ ଓ ଆଇନ୍ ପଢ଼ିବା ଲାଗି ପାରିସ୍ ଆସିଥିଲେ । ତଥାପି ପାରୁପର୍ଯ୍ୟନ୍ତ ରକ୍ଷଣଶୀଳ ହୋଇ ରହି ଯାଇଥିଲେ, ଏକେ ଟିକିଏ ହେଲେ ବଦଳି ନଥିଲେ, । ଏବଂ ତାଙ୍କ ପାଖରେ ଇଂରାଜୀକୁ ଅନୁବାଦ କରାହୋଇଥିବା ଖଣ୍ଡେ ରାମାୟଣ ଥିଲା, ସେଥିରେ ଅନେକ ଛବି ବି ଥିଲା । ବହିଟିକୁ ସିଏ ଆଣି ମୋତେ ଦେଖାଇଲେ । ତା'ପରେ କାହାଣୀଟିକୁ କହିଲେ । ଏବଂ, ତା'ପରେ, ଶେଷଯାଏ ଆସି ସିଏ ମୋତେ ସେହି କଥାଟିକୁ କହିଥିଲେ । ମୁଁ ଉତ୍ତର ଦେଇ କହିଲି "ଆପଣ କ'ଣ କହିବାକୁ ଚାହୁଁଛନ୍ତି ?" ସିଏ ମୋତେ କହିଲେ : "ତୁମେ ଜାଣିଛ, ଜଣେ ଭାରତୀୟ ସକାଶେ, ଯଦି ଜଣେ ସ୍ତ୍ରୀଲୋକ ମାତ୍ର କେତେଘଣ୍ଟା ପାଇଁ ମଧ୍ୟ ଆଉଜଣେ ପୁରୁଷର ଘରେ ଯାଇ ରହିଥିବ, ତେବେ ତାହାର ଶୁଦ୍ଧତା ନିଶ୍ଚୟ ନଷ୍ଟହୋଇ ଯାଇଥିବ······" ଏକଥା ପ୍ରକୃତରେ ଏକ ଭୟଙ୍କର କଥା···ତେଣୁ ସୀତା ଅଶୁଦ୍ଧ ହୋଇ ଯାଇଥିଲେ ବୋଲି ବସୁନ୍ଧରା ତାଙ୍କୁ ଆପଣା ଗର୍ଭକୁ ଟାଣିନେଲା,···ମୋର ବେଶ୍ ମନେ ଅଛି, ଦେଖିବାକୁ ଖୁବ୍ ଭଲ ନୁହନ୍ତି, ବମ୍ବେର କୌଣସି ପରିବାରରେ ତାଙ୍କର ଘର ଥିଲା । ଠିକ୍ ବମ୍ବେରେ ନୁହେଁ, ବମ୍ବେ ଆଡ଼େ କୌଣସି ଜାଗାରେ ! ସିଏ ଗୁଜରାଟୀ ଥିଲେ, ବୋଧହୁଏ ଗୁଜରାଟୀ ଭାଷା କହୁଥିଲେ ।

ଏବଂ ଅନ୍ୟ ସଂସ୍କରଣଟିକୁ ମୁଁ······ଶାସ୍ତ୍ରୀ ନାମକ ଜଣେ ବ୍ୟକ୍ତିଠାରୁ ଶୁଣିଲି । ସିଏ ଆଉଜଣେ ପଣ୍ଡିତ ଥିଲେ । ସିଏ ଜାପାନରେ ରହୁଥିଲେ । ଏଥର ବୁଝିଲ ?

---

* ଶାସ୍ତ୍ରରେ କୁହାହୋଇଛି ଯେ ସୀତା ମାଟି ଭିତରେ ପଶିଗଲା ପରେ, ତାଙ୍କର ନିର୍ଦ୍ଦୋଷତା ପ୍ରମାଣ କରି ସ୍ୱର୍ଗରୁ ପୁଷ୍ପବୃଷ୍ଟି କରାଯାଇଥିଲା ।



'oaob.nitrkl.ac.in' images reprocessed

ଏତିକି ନା ଆହୁରି କିଛି ଅଛି ? ତୁମେ କିଛି ପଚାରିବ ? ତେବେ ଶୀଘ୍ର ପଚାର । ଅନେକ ବିଳମ୍ବ ହୋଇଗଲାଣି ।

> ଆପଣଙ୍କର ଗୋଟିଏ ଲେଖାରେ ଆପଣ କହିଛନ୍ତି ଯେ ସୌନ୍ଦର୍ଯ୍ୟ ହେଉଛି ଏକ ବିଶ୍ୱଜନୀନ ବ୍ୟାପାର ଏବଂ ତାହାକୁ ଦେଖି ପାରିବାକୁ ଏବଂ ସ୍ୱୀକୃତି ଜଣାଇ ପାରିବାକୁ ହେଲେ ଆମକୁ ମଧ୍ୟ ବିଶ୍ୱଜନୀନ ହେବାକୁ ପଡ଼ିବ ।

ହଁ, ମୁଁ ସେହି କଥାଟିକୁ ଏହି ଅର୍ଥରେ କହିଛି ଯେ ସୌନ୍ଦର୍ଯ୍ୟକୁ ଦେଖି ପାରିବାକୁ ଓ ସ୍ୱୀକୃତି ଜଣାଇ ପାରିବାକୁ ହେଲେ ଆମର ଚେତନାଟି ବିଶ୍ୱଗତ ହୋଇ ରହିଥିବା ଆବଶ୍ୟକ । ଉଦାହରଣସ୍ୱରୂପ, ତୁମର ଚେତନା ଯଦି ଗୋଟିଏ ସ୍ଥାନରେ ସୀମାବଦ୍ଧ ହୋଇ ରହିଥାଏ, ଅର୍ଥାତ୍, ଯଦି ଏହା ଏକ ଜାତୀୟ ଚେତନା (କେବଳ ଗୋଟିଏ ଦେଶ ବିଷୟରେ ସଚେତନତା) ହୋଇ ରହିଥାଏ, ତେବେ ଯାହା ଗୋଟିଏ ଦେଶ ଲାଗି ସୁନ୍ଦର, ତାହା ହୁଏତ ଆଉଗୋଟିଏ ଦେଶ ଲାଗି ଆଦୌ ସୁନ୍ଦର ନହୋଇପାରେ । ସୌନ୍ଦର୍ଯ୍ୟର ବୋଧ ହେଉଛି ଏକ ଅଲଗା କଥା । ଉଦାହରଣସ୍ୱରୂପ (ଗୋଟିଏ ଗପ କହି ମୁଁ ବର୍ତ୍ତମାନ ତୁମମାନଙ୍କୁ ହସାଇ ଦେଇପାରେ), ପ୍ୟାରିସ୍‌ରେ ମୁଁ ଡାହୋମିର ରାଜକୁମାରଙ୍କୁ ଜାଣିଥିଲି (ସିଏ ଜଣେ ନିଗ୍ରୋ ଥିଲେ, ଡାହୋମିର ରାଜା ଜଣେ ନିଗ୍ରୋ ଥିଲେ) ଏବଂ ଏହି ଯୁବକଜଣକ ଆଇନ୍ ପଢ଼ିବା ଲାଗି ପ୍ୟାରିସ୍ ଆସିଥିଲେ । ଠିକ୍ ଫ୍ରାନ୍‌ସର ଜଣେ ଲୋକ ପରି ସେ ଗଳଗଳ କରି ଫରାସୀଭାଷା କହି ପାରୁଥିଲେ । ମାତ୍ର ତଥାପି ଜଣେ ନିଗ୍ରୋ ହୋଇହିଁ ରହିଥିଲେ । ଏବଂ ଜଣେ ଥରେ ତାଙ୍କୁ ପଚାରିଥିଲେ (ଜଣେ ଛାତ୍ର ହିସାବରେ ତାଙ୍କର ଜୀବନ ବିଷୟରେ ସିଏ ଆମକୁ ନାନାବିଧ କେତେକ'ଣ କହୁଥିଲେ), ଥରେ ଜଣେ ମୋ ଆଗରେ ତାଙ୍କୁ ପ୍ରଶ୍ନ କରିଥିଲେ : "କହିଲ ଦେଖି, ଯେତେବେଳେ ତୁମେ ବିବାହ କରିବ, ସେତେବେଳେ କାହାକୁ ବିବାହ କରିବ ?" "ମୁଁ ଆମ ଦେଶରୁହିଁ ଗୋଟିଏ ଝିଅ ଦେଖି ବିବାହ କରିବି । କାରଣ ସେଇଠାରେହିଁ ମୋତେ ସୁନ୍ଦର ଝିଅଟିଏ ମିଳିପାରିବ......" (ସମସ୍ତେ ହସିଉଠିଲେ) ହଁ, ଯେଉଁମାନେ ନିଗ୍ରୋ ନୁହନ୍ତି, ନିଗ୍ରୋମାନଙ୍କ ଭିତରେ କୌଣସି ସୌନ୍ଦର୍ଯ୍ୟ ଅଛି ବୋଲି ସେମାନେ ହୁଏତ ମୋଟେ ଦେଖି ପାରିବେ ନାହିଁ । ମାତ୍ର ତଥାପି, ସିଏ ଯେପରି ଉତ୍ତର ଦେଇଥିଲେ, ଅତ୍ୟନ୍ତ ସ୍ୱତଃପ୍ରେରିତ ଭାବରେହିଁ ଦେଇଥିଲେ । ତାଙ୍କ ମନରେ ଏହି ପ୍ରତ୍ୟୟଟି ଦୃଢ଼ ହୋଇ ରହିଥିଲା ଯେ ଆଉ କେହିହେଲେ

'oaob.nitrkl.ac.in' images reprocessed

ଏହି ବିଷୟରେ କଦାପି ଅନ୍ୟପ୍ରକାର ଚିନ୍ତା କରିହିଁ ପାରିବ ନାହିଁ ।······
"କେବଳ ମୋର ଦେଶର ଝିଅ ହେଉଛନ୍ତି ସୁନ୍ଦର !"

ଯୁଆଡ଼େ ଯାଅ, ସବୁଠାରେ ସେହି ଏକା କଥା । କେବଳ ଯେଉଁମାନେ ନିଜ ଭିତରେ କିଞ୍ଚିତ୍ ପରିମାଣରେ ଏକ କଳାତ୍ମକ ରୁଚିର ବିକାଶ କରି ପାରିଛନ୍ତି, ଅନେକ ଜାଗା ବୁଲି ଅନେକ କଥା ଦେଖିଛନ୍ତି, ସେହିମାନେହିଁ ଆପଣାର ଚେତନାକୁ ପ୍ରସାରିତ କରି ପାରିଛନ୍ତି ଏବଂ ସେମାନେ ଆଉ ଏପରି ସ୍ଥାନୀୟ ଓ ସଙ୍କୀର୍ଣ୍ଣ ହୋଇ ମୋଟେ ରହି ପାରି ନାହାନ୍ତି । ମାତ୍ର କୌଣସି ବ୍ୟକ୍ତିକୁ ତା' ନିଜ ଜାତି ବା ସମୂହର ବିଶେଷ ରୁଚିଟି ମଧ୍ୟରୁ ଟାଣି ବାହାର କରି ଆଣିପାରିବା ପ୍ରକୃତରେ ଭାରି କଷ୍ଟକର;—ବର୍ତ୍ତମାନ ମୁଁ ଦେଶ ସ୍ତରର କଥା ବି କହୁ ନାହିଁ, ମୁଁ ଗୋଷ୍ଠୀ ବା ପ୍ରଜାତି ସ୍ତରର କଥା କହୁଛି । ଏଇଟି ପ୍ରକୃତରେ ଭାରି କଷ୍ଟକର । ତୁମେ ତ ଜାଣିଛ, ଏଇଟି ଅବଚେତନ ଭିତରେହିଁ ସେଇଠି କୋଉଠି ଲୁକ୍‌କାୟିତ ହୋଇ ରହିଥାଏ, ଏବଂ ଯେତେବେଳେ ବାହାରକୁ ଆସେ, ସେତେବେଳେ ତୁମର ସମ୍ପୂର୍ଣ୍ଣ ଅଜାଣତରେହିଁ ବାହାରିଆସେ । ଅତ୍ୟନ୍ତ ସ୍ୱତଃପ୍ରେରିତ ଓ ସ୍ୱାଭାବିକ ଭାବରେ ବାହାରି ଆସେ । ଏପରିକି, ଠିକ୍ ଏହି ବିଷୟଟି ଉପରେ କହିବାକୁ ଗଲେ ମଧ୍ୟ, ତୁମ ଜାତିର ସ୍ତ୍ରୀଲୋକମାନେ ସର୍ବଦା ଅନ୍ୟ ଯେକୌଣସି ଜାତିର ସ୍ତ୍ରୀଲୋକମାନଙ୍କଠାରୁ ଅଧିକ ସୁନ୍ଦର ହୋଇଥାନ୍ତି । ଏବଂ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଓ ଅତ୍ୟନ୍ତ ସ୍ୱତଃପ୍ରେରିତ ଏକ ରୁଚି ଅନୁସାରେ ତାହା ହୋଇଥାନ୍ତି । ମୁଁ ଏହି କଥାହିଁ କହିବାକୁ ଇଚ୍ଛା କରିଥିଲି । ତେଣୁ ତୁମକୁ ତା'ର ଆହୁରି ଉପରକୁ ଉଠି ଆସିବାକୁ ପଡ଼ିବ । ଯେଉଁମାନେ ଆପଣାର ପରିବାର ବା ଜାତିର ବାହାରେ ରହିଥିବା ପ୍ରତ୍ୟେକ କଥାକୁ କେବଳ ଭାରି ଅସୁନ୍ଦର ଓ ଖରାପ ବୋଲି ଅନୁଭବ କରନ୍ତି, ମୁଁ ଏଠାରେ ସେମାନଙ୍କ ବିଷୟରେ ବି କହୁ ନାହିଁ । ମୁଁ ସେହିସବୁ ବ୍ୟକ୍ତିଙ୍କ ବିଷୟରେ ମୋଟେ କହୁ ନାହିଁ । ଯେଉଁମାନଙ୍କ ଲାଗି ଗୋଟିଏ ଦେଶ ଆଉଗୋଟିଏ ଦେଶ ଅପେକ୍ଷା ଅଧିକ ସୁନ୍ଦର ହୋଇ ରହିଥାଏ, ମୁଁ ସେମାନଙ୍କର କଥା କହୁ ନାହିଁ । ମାତ୍ର ତଥାପି, ଏହି ଲୋକମାନେ ସମ୍ପୂର୍ଣ୍ଣ ଭାବରେ ସାଧାରଣ ହୋଇ ରହିଥିବା ଚିନ୍ତାସ୍ତରଟିଠାରୁ ଊର୍ଦ୍ଧ୍ୱକୁ ଉଠିଯାଇ ସାରିଥାନ୍ତି । ମୁଁ ପ୍ରଜାତିଗତ କୌଣସି ପ୍ରଶ୍ନ ବିଷୟରେ ବି କିଛି କହୁ ନାହିଁ,······ଏହି କଥାଟି ପ୍ରକୃତରେ ବଡ଼ କଷ୍ଟକର କଥା; ଏଥିଲାଗି ନିଜ ଭିତରେ ସିଧା ଅବଚେତନାର ସ୍ତରକୁ ଓହ୍ଲାଇ ଯାଇ ପାରିବାକୁ ହେବ; ଏହିସବୁ କଥାର ଅସଲ ମୂଳଗୁଡ଼ିକୁ ଆବିଷ୍କାର କରି ପାରିବା ଲାଗି ହୁଏତ ଆହୁରି ଅଧିକ ଦୂରକୁ ଯିବାକୁ ହେବ । ତେଣୁ, ଯଦି ତୁମେ ଯଥାର୍ଥରେ ସୌନ୍ଦର୍ଯ୍ୟର ବୋଧଟିକୁ ସମ୍ଭବ କରିବାକୁ ଚାହଁ, ପ୍ରଜାତିଗତ ଓ ଏହିସବୁ ଯାବତୀୟ ରୁଚିର ବହିର୍ଭୂତ ହୋଇ ରହିଥିବା ସେହି ସ୍ୱତନ୍ତ୍ର ସୌନ୍ଦର୍ଯ୍ୟ-ବୋଧଟିକୁ ଯଦି ଉପଲବ୍ଧି

'oaob.nitrkl.ac.in' images reprocessed

କରିବାକୁ ଅଛି ତେବେ ତୁମକୁ ଏକ ବିଶ୍ୱଗତ ଚେତନାର ଯୋଗ୍ୟ ହେବାକୁ ପଡ଼ିବ । ତା' ନହେଲେ ସେହି ଉପଲବ୍ଧି କିପରି ସମ୍ଭବ ହେବ ? ତୁମର ସବୁବେଳେ ଏଇଟା ବା ସେଇଟା ପ୍ରତି ନାନା ଅଗ୍ରରୁଚି ରହିଥିବ । ଏହି ଅଗ୍ରରୁଚିଗୁଡ଼ିକ ସକ୍ରିୟ ଓ ସଚେତନ ହୋଇ ରହି ନଥିଲେ ମଧ୍ୟ, ସେଗୁଡ଼ିକ ଅବଚେତନ ଅଗ୍ରରୁଚି ହୋଇ ରହିଥିବ, ଅତେଅବା ସହଜାତ ପ୍ରବୃତ୍ତି ପରି ହୋଇ ରହିଥିବ । ତେଣୁ, ସକଳ ରୂପାଧୀନତାରୁ ମୁକ୍ତ ରହି ଯଥାର୍ଥ ସୌନ୍ଦର୍ଯ୍ୟର ପରିଚୟ ଲାଭ କରିବାକୁ ହେଲେ ଆମକୁ ସକଳ ରୂପର ଊର୍ଦ୍ଧ୍ୱକୁ ଉଠିବାକୁ ପଡ଼ିବ । ଏବଂ ରୂପାତୀତ ସ୍ତରରେ ଥରେ ସୌନ୍ଦର୍ଯ୍ୟ ସହିତ ପରିଚୟ ଘଟିସାରିବା ପରେ ତୁମେ ଯେକୌଣସି ରୂପ ମଧ୍ୟରେ ବି ସୌନ୍ଦର୍ଯ୍ୟକୁ ଚିହ୍ନିନେଇ ପାରିବ, କୌଣସି ତାରତମ୍ୟ ନରଖି ଚିହ୍ନିନେଇ ପାରିବ । ଏବଂ ସେହି ଉପଲବ୍ଧି ପ୍ରକୃତରେ ଖୁବ ଉତ୍ସାହଜନକ ହୋଇ ରହିଥିବ ।

ତେବେ ଏହାହିଁ ଅସଲ୍ କଥା । ଆଜି ଏଇଠାରେ ଥାଉ ।

## ୨୮ ଅକ୍ଟୋବର, ୧୯୫୩

"ଯଥାର୍ଥ କଳା ହେଉଛି ଏକ ସମସ୍ତ ପଦାର୍ଥ, ଏକ ସମଗ୍ର । ଜୀବନ ସହିତ ତାହାର ଏକ ଅଖଣ୍ଡ ସମ୍ପର୍କ ରହିଥାଏ । କଳା ଅଖଣ୍ଡ । ପ୍ରାଚୀନ ଗ୍ରୀସ୍ ଓ ପ୍ରାଚୀନ ମିଶରରେ ଆମକୁ ଏହି ଅନ୍ତର୍ଗତ ସମଗ୍ରତାର ନିଦର୍ଶନ ଦେଖିବାକୁ ମିଳିଥାଏ । କାରଣ ସେହିସବୁ ସ୍ଥାନରେ ଯାହାକିଛି ଚିତ୍ର, ମୂର୍ତ୍ତି ବା କଳାବସ୍ତୁ ତିଆରି ହୋଇଥିଲା, କୌଣସି ଗୋଟିଏ ସୌଧ ବା ଅଟ୍ଟାଳିକାର ସମଗ୍ର ସ୍ଥପତିଯୋଜନାର ଏକ ଅଙ୍ଗରୂପେହିଁ ତାହା ତିଆରି ହୋଇଥିଲା, ଆଗିକି ସବୁକିଛି ସମଗ୍ରଟିରହିଁ ଏକ ଅଂଶ ହୋଇ ରହିଥିଲା । ଜାପାନରେ ମଧ୍ୟ ଠିକ୍ ସେହିପରି; ଅନ୍ତତଃ, ଏକ ପ୍ରୟୋଜନ ସଚେତ ବ୍ୟାବହାରିକତାବାଦୀ ଆଧୁନିକତା ଆସି ଜାପାନକୁ ଆକ୍ରମଣ କରିବାଯାଏ ତାହା ଠିକ୍ ସେହିପରି ହୋଇ ରହିଥିଲା । ଜାପାନୀ ଘରକୁ ଆମେ ଏକ ଅଦ୍ଭୁତ ସମଗ୍ର-ସ୍ଥପତି ବୋଲି କହିପାରିବା । ସେଠାରେ ସବୁକିଛି ସର୍ବଦା ତା'ର ଯଥାର୍ଥ

'oaob.nitrkl.ac.in' images reprocessed

ସ୍ଥାନରେହିଁ ରହିଥାଏ, କେଉଁଠି ଗୋଟିଏ ହେଲେ ଜିନିଷ ଭୁଲ ସ୍ଥାନରେ ରହି ନଥାଏ, କିଛି ହେଲେ ଅତ୍ୟଧିକ ଅଥବା ଅତ୍ୟଳ୍ପ ହୋଇ ରହି ନଥାଏ । କେବଳ ପ୍ରତ୍ୟେକ ଜିନିଷର ଯେତିକି ଆବଶ୍ୟକତା ଥିଲା, ତାହା କେବଳ ସେତିକି ପରିମାଣରେ ରହିଥାଏ, ଏବଂ ଘରଟି ମଧ୍ୟ ପରିବେଷ୍ଟନ କରି ରହିଥିବା ପ୍ରକୃତି ସହିତ ଅତି ଚମତ୍କାର ଭାବରେ ମେଳ ଖାଇ ରହିଥାଏ । ଭାରତବର୍ଷରେ ମଧ୍ୟ, ଚିତ୍ରକଳା ଓ ମୂର୍ତ୍ତିକଳା ଓ ବାସ୍ତୁବିଦ୍ୟା ଏକାଠି ଗୋଟିଏ ସମଗ୍ର ଏକତ୍ୱ ହୋଇ ରହିଥିଲା, ଭଗବତ୍‌ସତ୍ତା ଉଦ୍ଦେଶ୍ୟରେ ଆପଣାର ଶ୍ରଦ୍ଧା ପ୍ରକଟ କରିବାର ଏକ ଅଭଙ୍ଗ ଗତିସ୍ପନ୍ଦନ ହୋଇ ରହିଥିଲା ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୮ ଜୁଲାଇ)

ମାଆ, ଆପଣ ଯାହା କହିଛନ୍ତି, ମୁଁ ଭଲ କରି ବୁଝି ପାରୁ ନାହିଁ : "ଯଥାର୍ଥ କଳା ହେଉଛି ଏକ ସମସ୍ତ ପଦାର୍ଥ, ଏକ ସମଗ୍ର । କଳା ଅଖଣ୍ଡ, ଜୀବନ ସହିତ ତାହାର ଅଖଣ୍ଡ ସମ୍ପର୍କହିଁ ରହିଥାଏ ।"

ମୁଁ କ'ଣ କହିଛି ? ସେଠାରେ ମୁଁ କେବଳ ଏତିକି କହିଛି ଯେ ଜଡ଼ଜଗତ ମଧ୍ୟରେ ଆମେ ସୌନ୍ଦର୍ଯ୍ୟର ଅଭିବ୍ୟକ୍ତିକୁହିଁ ଯଥାର୍ଥ କଳା ବୋଲି କହିବା; ଏବଂ ଯେଉଁ ପୃଥିବୀ ଆଧ୍ୟାତ୍ମିକ ଦୃଷ୍ଟିରୁ ସମ୍ପୂର୍ଣ୍ଣଭାବେ ବଦଳି ଯାଇଛି, ଅର୍ଥାତ୍ ଯେଉଁ ପୃଥିବୀ ଦିବ୍ୟ ସତ୍ୟର ସମ୍ପୂର୍ଣ୍ଣ ଅଭିବ୍ୟକ୍ତିକୁ ସମ୍ଭବ କରି ପାରୁଛି, ସେଠାରେ କଳା ଏକ ଉନ୍ମୋଚନକାରୀ ହୋଇ ଅବସ୍ଥିତ ରହିଥିବ, ଜୀବନରେ ଏହି ଦିବ୍ୟ ସୌନ୍ଦର୍ଯ୍ୟ ବିଷୟରେ ପ୍ରେରଣା ଦେଇ ଯାଉଥିବ । ଅର୍ଥାତ୍, ଜଣେ କଳାବିତ୍ ଦିବ୍ୟ ପରମ ସତ୍ତାଙ୍କ ସହିତ ସଂଯୁକ୍ତ ହୋଇ ରହି ପାରୁଥିବ ଏବଂ ଜଡ଼ରେ ଦିବ୍ୟ ସୌନ୍ଦର୍ଯ୍ୟକୁ ଫୁଟାଇ ଦେବା ଲାଗି କେଉଁସବୁ ରୂପର ବ୍ୟବହାର କରିବାକୁ ହେବ, ସିଏ ତାଙ୍କଠାରୁହିଁ ସେହି ବିଷୟରେ ସକଳ ପ୍ରେରଣା ଲାଭ କରି ପାରୁଥିବ । ଏବଂ ଏହିପରି ଭାବରେ, ଯଦି କଳା ସେହି କଥାଟିକୁ କରିବା ଲାଗି ସମର୍ଥ ହୁଏ, ତେବେ ତାହା ସୌନ୍ଦର୍ଯ୍ୟୋପଲବ୍ଧିର ଏକ ସାଧନ ହୋଇ ରହିପାରିବ, ଏବଂ ଯୁଗପତ୍ ଭାବରେ, ସୌନ୍ଦର୍ଯ୍ୟ ପ୍ରକୃତିରେ କେଉଁଭଳି ହେବା ଉଚିତ, ଆମକୁ

'oaob.nitrkl.ac.in' images reprocessed

ସେ ବିଷୟରେ ଶିକ୍ଷା ମଧ୍ୟ ଦେଇ ପାରିବ; ଅର୍ଥାତ୍, ମନୁଷ୍ୟର ରୁଚିକୁ ମାର୍ଜିତ ଓ ପ୍ରଶିକ୍ଷିତ କରିବାରେ କଳା ମଧ୍ୟ ଏକ ଉପାଦାନରୂପେ କାର୍ଯ୍ୟ କରିପାରିବ । ସାନ ଓ ବଡ଼ ସମସ୍ତଙ୍କର ରୁଚିକୁ ମାର୍ଜିତ କରିବାର ଏକ ଉପାଦାନ ହୋଇ ରହିବ, ଏବଂ ଯଥାର୍ଥ ସୌନ୍ଦର୍ଯ୍ୟ ଅର୍ଥାତ୍ ଅସଲ ସୌନ୍ଦର୍ଯ୍ୟର ଏହି ଶିକ୍ଷାହିଁ ଦିବ୍ୟ ସତ୍ୟକୁ ଅଭିବ୍ୟକ୍ତ କରାଇ ଆଣିବ । ଏହାହିଁ ହେଉଛି କଳାର ଅସଲ ଉଦ୍ଦେଶ୍ୟ । ଏବଂ, ଏହି କଳା ଏବଂ ସେଠାରେ ଯାହା କରା ହେଉଛି, ସେହି କଳା ଭିତରେ ଏକ ବଡ଼ ଫରକ ରହିଛି । ମାତ୍ର ଏଇଟି ହେଉଛି କଳାର ଯଥାର୍ଥ ଉଦ୍ଦେଶ୍ୟ ।

ତୁମେ ବୁଝି ପାରିଲ ? କିଛି ପରିମାଣରେ ବି ବୁଝି ପାରିଲ ?

> ଲେଓନାର୍ଦୋ ଦ ଭିଁସିଁ ଅମଳରେ କଳାକାରମାନେ ଯେପରି ଥିଲେ, ବର୍ତ୍ତମାନର କଳାକାରମାନେ ସେତେବେଶୀ ନିପୁଣ ହୋଇ ପାରି ନାହାନ୍ତି କାହିଁକି ?

କାରଣ ମନୁଷ୍ୟର ବିବର୍ତ୍ତନ କୁଣ୍ଡଳୀକୃତ ଭାବରେ ଗତି କରିଥାଏ । ଆଗରୁ ମୁଁ ଏହି କଥାଟିକୁ ବୁଝାଇ କହିଛି (ପ୍ରଶ୍ନ ଓ ଉତ୍ତର ୧୯୬୯, ୬୮ ଜୁଲାଇ) । ମୁଁ ସେଠାରେ କହିଛି ଯେ କଳା କ୍ରମଶଃ ଏକାବେଳେକେ ଏକ ବୃତ୍ତିଶ୍ରେଣୀ ବ୍ୟାପାରରେ ପରିଣତ ହୋଇ ଯାଇଥିଲା; ଗତ ଶତାବ୍ଦୀର ଆରମ୍ଭରୁ ସେହି ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ତାହା ନାନାଭାବେ ଅସ୍ପଷ୍ଟ ଓ ଅଜ୍ଞାନତାଚ୍ଛନ୍ନ ହୋଇ ରହିଥିଲା । ଏହା ଅତିରିକ୍ତ ଭାବରେ ସତେଅବା ଏକ ବାଣିଜ୍ୟରେ ପରିଣତ ହୋଇ ରହିଥିଲା, କଳାର ଅସଲ ଭାବଟିଠାରୁ ଅନେକ ଦୂରକୁ ଚାଲି ଯାଇଥିଲା । ତେଣୁ ଏପରି ଅବସ୍ଥାରେ କଳାତ୍ମକ ଭାବଟି ମଧ୍ୟ ଯେ ରହିବ ନାହିଁ, ତାହା ଅତ୍ୟନ୍ତ ସ୍ୱାଭାବିକ । କଳା ସେତେବେଳେ ନିକୃଷ୍ଟ ନାନା ଆଙ୍ଗିକର ଅନୁସରଣ କରୁଥିଲା, ତଥାପି ସେତେବେଳେ ପ୍ରବର୍ତ୍ତିତ ହୋଇ ରହିଥିବା ରୁଚିଗତ ଅବନତିର ନିରାକରଣ ଉଦ୍ଦେଶ୍ୟରେ ତାହା ଆପଣାକୁ ପ୍ରକଟ କରିବାର ପ୍ରୟାସ କରୁଥିଲା । ମାତ୍ର, ଅତି ସ୍ୱାଭାବିକ ଭାବରେ, ମନୁଷ୍ୟପ୍ରକୃତିର ପ୍ରତ୍ୟେକ ଗତିସ୍ପନ୍ଦନରେ ଯାହା ଘଟିଥାଏ, ସେତେବେଳେ କେତେକ କଳାକାର ଗୋଟିଏ ଅତିଶଯ୍ୟତା ଆଡ଼କୁ ଯିବାର ପ୍ରବୃତ୍ତି ଦେଖାଇଲେ, ଆଉ କେତେକ ଅନ୍ୟ ଅତିଶଯ୍ୟତାଟି ଆଡ଼କୁ ଯିବାର ପ୍ରବୃତ୍ତି ଦେଖାଇଥିଲେ । ଏବଂ ଏମାନେ ଦାସଙ୍କ ପରି କେବଳ ଜୀବନର ଏକ ନକଲହିଁ କରିବାରୁ,—ଏପରିକି ତାହା ମଧ୍ୟ କଲେ ନାହିଁ, ସେହି ପର୍ଯ୍ୟାୟରେ ତାହାକୁ ବସ୍ତୁଗୁଡ଼ିକୁ "ଫଟୋଗ୍ରାଫ୍ ପରି ଅବଲୋକନ କରିବା" ବୋଲି କୁହା ଯାଉଥିଲା । ମାତ୍ର ବର୍ତ୍ତମାନ କୌଣସି କଳାକାର ଆଉ

'oaob.nitrkl.ac.in' images reprocessed

ସେପରି କଥା କହି ପାରିବ ନାହିଁ; କାରଣ ଫଟୋଗ୍ରାଫ୍‌ର କଳାଟି ଏହା ଭିତରେ ଏତେଦୂର ଅଗ୍ରସର ହୋଇ ଯାଇଛି ଯେ ଏପରି କହିବାଟା ପ୍ରକୃତରେ ଏକ ଅନ୍ୟାୟ ହେବ, ନୁହେଁ କି ? ଫଟୋଗ୍ରାଫ୍ କରିବା ମଧ୍ୟ କ୍ରମେ ଏକ କଳାତ୍ମକତାରେ ପରିଣତ ହୋଇଗଲାଣି, ତେଣୁ କୌଣସି ଛବିକୁ ଏକ ଫଟୋଗ୍ରାଫ୍ ପରି ହୋଇଛି ବୋଲି କହି ତାହାର ଆଉ କୌଣସି ସମାଲୋଚନା କରି ହେବ ନାହିଁ । ଏହାକୁ ଆଉ "ବାସ୍ତବବାଦୀ" ବୋଲି ବି କହି ହେବ ନାହିଁ; କାରଣ ବାସ୍ତବବାଦୀ ଚିତ୍ରକାରିତା ବୋଲି ଗୋଟିଏ ସ୍ୱତନ୍ତ୍ର କଥା ରହିଛି, ଯାହାର କି ଏଇଟି ସହିତ ଆଦୌ କୌଣସି ସାଦୃଶ୍ୟ ନାହିଁ । ତେଣୁ ସେହି କଳାକୁ ଆମେ ରୂଢ଼ିଗତ ବୋଲି କହିବା, କୃତ୍ରିମ ବୋଲି ବି କହିବା; ସେଥିରେ ପ୍ରକୃତ ଜୀବନର କିଛି ନଥିଲା ବୋଲି ବି କହିବା । ତେଣୁ ଠିକ୍ ବିପରୀତ ପ୍ରବୃତ୍ତିଟିର ଅବତାରଣା କରି ଏହା ବିରୁଦ୍ଧରେ ଏକ ପ୍ରତିକ୍ରିୟା ଜାତ ହୋଇଥିଲା, ସ୍ୱାଭାବିକତଃ ଆଉ ଏକ ଅସମ୍ଭବତା ଆଡ଼କୁ ଚାଲିଯାଇ ଏହି ପ୍ରତିକ୍ରିୟା ଆପଣାକୁ ବ୍ୟକ୍ତ କରିଥିଲା । "କଳା" ଆଉ ଭୌତିକ ଜୀବନର ଅଭିବ୍ୟକ୍ତ କରିବାକୁ ଚେଷ୍ଟା ନକରି ମାନସିକ ଅଥବା ପ୍ରାଣିକ ଜୀବନକୁ ଅଭିବ୍ୟକ୍ତ କରିବା ଲାଗି ଚେଷ୍ଟା କଲା । ଏବଂ ସେଇଥିରୁ କଳାକୁ ନେଇ ନାନା "ବାଦ"ର ଆବିର୍ଭାବ ହେଲା, କ୍ୟୁବିଷ୍ଟ୍ ଓ ଅନ୍ୟମାନେ ଆସିଲେ, ସେମାନେ ମସ୍ତିଷ୍କରୁହିଁ କଳାର କର୍ଷଣ କଲେ । ମାତ୍ର କଳାର କ୍ଷେତ୍ରରେ ମସ୍ତିଷ୍କ କଦାପି ସର୍ବପ୍ରଧାନ ହୋଇ ରହି ନଥାଏ, ସୌନ୍ଦର୍ଯ୍ୟ ଲାଗି ବୋଧହିଁ ପ୍ରଧାନ ସଞ୍ଚାଳକରୂପେ କାର୍ଯ୍ୟ କରେ । ସେମାନେ ଏହିପରି ଭାବରେ କେତେକେତେ ଅସମ୍ଭବ, ହାସ୍ୟାସ୍ପଦ ଓ ଭୟଙ୍କର କଥାମାନ ସୃଷ୍ଟି କଲେ । ବର୍ତ୍ତମାନ ତ ସେମାନେ ଆହୁରି ଆଗକୁ ଚାଲି ଯାଇଛନ୍ତି; ମାତ୍ର ଯୁଦ୍ଧ ସକାଶେହିଁ ଏପରି ଘଟିଛି । ପୃଥିବୀରେ ଯେତେଥର ଯୁଦ୍ଧ ଲାଗେ, ସବୁଥର ଏପରି ଏକ ବିପତନ ଧରଣୀପୃଷ୍ଠରେ ଅବତରଣ କରିଥାଏ, ଯେଉଁଥିରୁ କି ଏକପ୍ରକାର ଅରାଜକତାହିଁ ଜନ୍ମଲାଭ କରିଥାଏ । ଅବଶ୍ୟ, ଏପରି କେତେକ ଲୋକ ଅଛନ୍ତି, ଯେଉଁମାନେକି ଏସବୁକୁ ଭାରି ସୁନ୍ଦର ବୋଲି ଅନୁଭବ କରନ୍ତି ଏବଂ ଏହାର ଭୂରି ଭୂରି ପ୍ରଶଂସା କରୁଥାନ୍ତି ।

ସେମାନେ ଏହାଦ୍ୱାରା ଯାହା କରିବାକୁ ଇଚ୍ଛା କରନ୍ତି, ମୁଁ ସେକଥାଟିକୁ ବୁଝିଛି, ଖୁବ୍ ଭଲ କରି ବୁଝିଛି । ମାତ୍ର ସେମାନେ ସେହି କଥାଟିକୁ ସୁନ୍ଦର କରି କରି ପାରୁଛନ୍ତି ବୋଲି ମୋତେ ଯେ ପ୍ରମାଣ ମିଳୁଛି, ମୁଁ ସେକଥା ଆଦୌ କହି ପାରିବ ନାହିଁ । ସେମାନେ ଯେ କେବଳ ଏକ ପ୍ରୟାସ କରୁଛନ୍ତି, ମୁଁ କେବଳ ଏତିକମାତ୍ର କହିପାରିବ ।

ମାତ୍ର, ସମ୍ଭବତଃ (କେତେକ ଦୃଷ୍ଟିରୁ ବିଚାର କରି ଦେଖିଲେ, ସେହି ଯୁଗଟିର ଯାବତୀୟ ଭୟାବହତା ସହିତ), ଅତିଶକ୍ତତା ଓ ବ୍ୟାବହାରିକତାବାଦର

'oaob.nitrkl.ac.in' images reprocessed

ସେହି ବିଷୟାସକ୍ତ ଯୁଗରେ ଯାହାକିଛି ସୃଷ୍ଟି ହୋଇଥିଲା, ଏହା ସମ୍ଭବତଃ ତା'ଠାରୁ ପ୍ରକୃତରେ ଅଧିକ ଭଲ ଥିଲା, ଅର୍ଥାତ୍ ଭିକ୍ଟୋରିଆ ଯୁଗ ଏବଂ ଫ୍ରାନ୍ସର ଦ୍ୱିତୀୟ ସାମ୍ରାଜ୍ୟର ଯାବତୀୟ ଯୁଗର ଉତ୍ପାଦନ ତୁଳନାରେ ଏହା ନିଶ୍ଚୟ ଅନେକ ଭଲ ଥିଲା । ତେଣୁ, ଆମେ ଏହି କ୍ଷେତ୍ରରେ ସାଧାରଣତଃ ଏପରି ଗୋଟିଏ ବିନ୍ଦୁରୁ ଆରମ୍ଭ କରିଥାଉ, ଯେଉଁଠାରେକି ଏକ ସୌନ୍ଦର୍ଯ୍ୟ ବିଦ୍ୟମାନ ରହିଥିଲା; ସେଇଠୁ ଆମେ ଗୋଟିଏ ବକ୍ରର ଅଙ୍କନ ଦ୍ୱାରା କ୍ରମଶଃ ସେହି ସୌନ୍ଦର୍ଯ୍ୟର ସମ୍ପୂର୍ଣ୍ଣ ବାହାରକୁ ଚାଲିଯାଉ ଓ ପରିଶେଷରେ ଏକ ସମ୍ପୂର୍ଣ୍ଣ ଅନ୍ଧକାର ଭିତରେ ଆସି ପ୍ରବେଶ କରିବାର ଏକ ଆଶଙ୍କା ମଧ୍ୟ ରହିଥାଏ, ଏବଂ ତା'ପରେ ବକ୍ରଟି ପୁନର୍ବାର ଉପରକୁ ଉଠିବାକୁ ଆରମ୍ଭ କରେ । ତା'ପରେ କଳାର ସେହି ପୁରାତନ ଉପଲବ୍ଧିର ଅବସ୍ଥାଟି ପୁଣି ଆସି ପହଞ୍ଚିଗଲା ପରି ଦେଖାଯାଏ ଏବଂ ସେହି ଉପଲବ୍ଧି ମଧ୍ୟରେ ନିହିତ ହୋଇ ରହିଥିବା ସତ୍ୟଟି ବିଷୟରେ ଆମେ ମଧ୍ୟ ସଜ୍ଞାନ ବି ହୋଇଉଠୁ, ମାତ୍ର ଆହୁରି ଅଧିକ ସମ୍ପୂର୍ଣ୍ଣ ଓ ଅଧିକ ସଚେତନ କରି ଆଉକିଛି ଅଭିବ୍ୟକ୍ତ କରି ଆଣିବାର ଆବଶ୍ୟକତା ବିଷୟରେ ମଧ୍ୟ ସଜ୍ଞାନ ହୋଇଉଠୁ । ମାତ୍ର ବୃତ୍ତଟିକୁ ଏହିପରି ଭାବରେ ବର୍ଣ୍ଣନା କରୁ କରୁ ଆମେ ବେଶ୍ ଭୁଲି ଯାଇଥାଉ ଯେ କଳା ହେଉଛି ନାନା ଆଙ୍ଗିକର ଏକ ଅଭିବ୍ୟକ୍ତି ଏବଂ ତେଣୁ ଯଥାସମ୍ଭବ କମ୍ ଆଙ୍ଗିକର ସାହାଯ୍ୟ ନେଇ ଆମେ ଭାବନା ଓ ଅନୁଭୂତିଗୁଡ଼ିକୁ ଅଭିବ୍ୟକ୍ତ କରି ଆଣିବାର ଚେଷ୍ଟା କରିଥାଉ । ବର୍ତ୍ତମାନ ଆମର ଯାହାକିଛି ଅଛି ଓ ଯାହାକିଛି ତୁମକୁ ହୁଏତ ଦେଖିବାକୁ ମିଳପାରେ, ସେସବୁ ହେଉଛି ଏହାରି ଅବଦାନ (ମୁଁ ଭାବୁଛି, ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଗାରରେ ଆମ ଅତ୍ୟାଧୁନିକ ଚିତ୍ରକାରମାନଙ୍କର କୃତିଗୁଡ଼ିକର ବି ନକଲ ରହିଛି) । ମାତ୍ର ଯଦି ଆମେ ତଥାପି ଆଉଟିକିଏ ଆଗକୁ ଯାଇପାରିବା,—ବଡ଼ ଅକୁଶଳ ଭାବରେହିଁ ସେମାନେ ଏହିସବୁ ଭାବନା ଓ ଅନୁଭୂତିକୁ ପ୍ରକାଶ କରିବାକୁ ଇଚ୍ଛା କରିଥାନ୍ତି,—ଯଦି ଆମେ କୁଣ୍ଡଳଟିର ସେହି ବିନ୍ଦୁଟିକୁ ପୁନର୍ବାର ଫେରି ଆସି ପାରିବା (କେବଳ କିଞ୍ଚିତ୍ ପରିମାଣରେ ଏକ ଅଧିକ ଉଚ୍ଚ ବିନ୍ଦୁକୁ), ତେବେ ଆମେ ନିଶ୍ଚୟ ଆବିଷ୍କାର କରିବାକୁ ସମର୍ଥ ହେବା ଯେ ଏଇଥିରେହିଁ ଏକ ନୂତନ କଳାର ସମ୍ଭାବନା ପ୍ରଚ୍ଛନ୍ନ ହୋଇ ରହିଛି, ଯାହାକି ସୌନ୍ଦର୍ଯ୍ୟରେହିଁ ଏକ କଳାରେ ପରିଣତ ହୋଇ ପାରିବ ଏବଂ, କେବଳ ଜଡ଼ଜୀବନକୁ ନୁହେଁ, ମାତ୍ର ତାହାର ଆତ୍ମାଟିକୁ ମଧ୍ୟ ଅଭିବ୍ୟକ୍ତ କରିଦେଇ ପାରିବ ।

ସେକଥା ଯାହାହେଉ ପଛକେ, ସେହି ପର୍ଯ୍ୟାୟଟିରେ ଆମେ ଏପର୍ଯ୍ୟନ୍ତ ପହଞ୍ଚି ପାରି ନାହୁଁ, ତଥାପି ଆଶା କରିବା ଉଚିତ ଯେ ଆମେ ଶୀଘ୍ର ଯାଇ ସେଠାରେ ପହଞ୍ଚିଯାଇ ପାରିବା । ବାସ୍, ଏ ବିଷୟରେ ଏତିକି ।

'oaob.nitrkl.ac.in' images reprocessed

ସତତ ଆଗକୁ ଆଗକୁ ନଯାଇ ବିବର୍ତ୍ତନର ଧାରାଟି ଏପରି ଗୋଟିଏ କୁଣ୍ଡଳରେ କାହିଁକି ଗତି କରିଥାଏ ?

ନା—ତାହା ପ୍ରକୃତରେ ସତତ ଅଗ୍ରସର ହେବାରେହିଁ ଲାଗିଥାଏ । ମାତ୍ର ଯଦି ତୁମେ ଗୋଟିଏ ସରଳ ରେଖାରେହିଁ ତାହାକୁ ହାସଲ କରୁଥାଅ, ତେବେ ତାହାର କେବଳ ଗୋଟିଏ ଅଂଶକୁହିଁ ସ୍ପର୍ଶ କରି ପାରୁଥାଅ । ଆମ ପୃଥିବୀ ଗୋଟିଏ ସରଳରେଖା ନୁହେଁ, ଏହା ହେଉଛି ଗୋଟିଏ ଗୋଲକ ।

ଯଦି ତାହା ସିଲିଣ୍ଡରର ପରି ହୋଇଥାନ୍ତା ?

ଗୋଟିଏ ସିଲିଣ୍ଡରର କ୍ଷେତ୍ରରେ ମଧ୍ୟ, ଯଦି ତୁମେ କେବଳ ଗୋଟିଏ ଗାର ଟାଣନ୍ତ, ତେବେ ସିଲିଣ୍ଡରର ଗୋଟିଏ ଅଂଶ ଗୋଟାସୁଦ୍ଧା ତୁମ ପହୁଞ୍ଚର ବାହାରେ ରହିଯାଆନ୍ତା । ତେଣୁ, ଏକ କୁଣ୍ଡଳର ଆକାରରେ ଯେ ବିବର୍ତ୍ତନର ଗତି ହେବାରେ ଲାଗିଛି, ତଦ୍ଦ୍ୱାରା ବିବର୍ତ୍ତନର କ୍ଷେତ୍ରଟି ମଧ୍ୟରେ ସବୁକିଛିକୁ ଆଣି ଅନ୍ତର୍ଗତ କରି ରଖିବା ଲାଗି ତଦ୍ଦ୍ୱାରା ଏକ ପ୍ରୟାସ କରାଯାଉଛି । ଏପରି ପ୍ରୟାସ କରାଯାଉଛି, ଯେପରିକି ଅନ୍ୟ ସବୁଯାକ ପଛରେ ପଡ଼ି ରହିଥିବାବେଳେ କେବଳ ଗୋଟିଏ ବିଷୟହିଁ ଅଗ୍ରଗତି କରିବାରେ ଲାଗି ନଥିବ । ଏବଂ ସେହି କାରଣରୁ, ଯେଉଁ କେନ୍ଦ୍ରଟିରେ ଅଗ୍ରଗତିଟି ସକେନ୍ଦ୍ରିତ ହୋଇ ରହିଛି, ତାହାର ଅନୁସାରେହିଁ ଆମେ ସତେଅବା ଗୋଟିଏ ବସ୍ତୁଠାରୁ ଦୂରବର୍ତ୍ତୀ ହୋଇ ଚାଲିଯିବା ପରି ଓ ଆଉଗୋଟିଏ ବସ୍ତୁ ମଧ୍ୟରେ ପ୍ରବେଶ କରୁଥିବା ପରିହିଁ ବୋଧ ହେବାରେ ଲାଗିଛୁ । ମାତ୍ର ଏହିପରି ପରିଶେଷରେ, ଯେତେବେଳେ ଆମେ ପୂର୍ଣ୍ଣ ସଚେତନ ଭାବରେ ବିବର୍ତ୍ତିତ ହେବାକୁ ଲାଗିବା, ସେତେବେଳେ ଗୋଟିଏ ବସ୍ତୁକୁ ହାସଲ କରିବାକୁ ଯାଇ ଆଉ ଗୋଟିଏ ବସ୍ତୁକୁ ଆଉ କଦାପି ପାଶୋରି ଯିବାକୁ ପଡ଼ିବ ନାହିଁ । ବର୍ତ୍ତମାନ ଏହି ପାଶୋରି ପକାଇବାକୁହିଁ ଆମେ ଖରାପ କଥା ବୋଲି କହିବା; ଏହାର ତାତ୍ପର୍ଯ୍ୟ ହେଉଛି ଯେ, ଉପଲବ୍ଧି ନିମିତ୍ତ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ କ୍ରିୟାଶୀଳତାର ଅନୁଧାବନ କରୁଥିବା ସମୟରେ ଆମେ ଅନ୍ୟ ସବୁଗୁଡ଼ିକୁ କେବଳ ଭୁଲିକରି ରହିଥାଉ, ଅଥବା ସେମାନେ ପଛକୁ ବା ଅନ୍ତରାଳକୁ ଯାଇ ପଡ଼ି ରହିଥାନ୍ତି ଏବଂ ସେମାନଙ୍କ ମଧ୍ୟରେ ଆଉ କୌଣସି ପ୍ରଗାଢ଼ତା ନଥାଏ । ମାତ୍ର ଏଇଟା ହେଉଛି ମନୁଷ୍ୟ ହିସାବରେ ଆମର ଏକ ଅପୂର୍ଣ୍ଣତା ଏବଂ ଏଇଟିର ସଂଶୋଧନ ବି କରାଯାଇ ପାରିବ;—ଏହାର ସଂଶୋଧନ ଅବଶ୍ୟ ହେବା ଉଚିତ ।

'oaob.nitrkl.ac.in' images reprocessed

**ସମସ୍ତେ କ'ଣ ସେହି କୁଣ୍ଡଳ ଆକାରରେହିଁ ଅଗ୍ରଗତି କରନ୍ତି, ଏବଂ ସମସ୍ତେ ଏକାଠି ଅଗ୍ରଗତି କରନ୍ତି ନା ଅଲଗା ଅଲଗା ?**

ମୁଁ ଭାବୁଛି ଯେ ଏହି ଅଗ୍ରଗତିରେ ଆଦୌ ଖୁବ୍ ବେଶୀ ସୁସମତା ନଥାଏ, କାରଣ ମୋତେ ଏହି ପୃଥିବୀଟି ଅଧିକତର ପରିମାଣରେ ଘଟୁଥିବା ଏକ ଅରାଜକତା ମଧ୍ୟରେ ଯାଇ ପଡ଼ି ଯାଇଥିବା ପରି ବୋଧ ହେଉଛି ! ଅବଶ୍ୟ, ଯଦି ଏହି ଅଗ୍ରଗତିକୁ ସମ୍ପୂର୍ଣ୍ଣ ଭାବରେ ସଂଗଠିତ କରାଯାଇ ପାରନ୍ତା, ତେବେ ଏହା ଏକ ସୌଷମ୍ୟଯୁକ୍ତ ବିକାଶରେ ନିଶ୍ଚୟ ପରିଣତ ହୋଇପାରନ୍ତା; ଏବଂ ଜଣେ ପ୍ରକୃତରେ କୁଆଡ଼କୁ ଯାଉଛି, ସେକଥା ଜାଣିବାକୁ ସେ ଯଦି ସମର୍ଥ ହୁଅନ୍ତା,— ତେବେ ଯାହା ହାସଲ ହୋଇ ସାରିଲାଣି, ତାହାର ଗାରଟିକୁ କାଟିନେଇ ଜଣେ ସେହି ଗାରଟିକୁ ଆହୁରି ଅଧିକ ଲମ୍ବାଇଦେଇ ପାରନ୍ତା ଏବଂ ଯାହା ଆସିବାକୁ ଯାଉଛି, ସେକଥାଟିକୁ ମଧ୍ୟ ଦେଖି ପାରନ୍ତା । ମାତ୍ର ବର୍ତ୍ତମାନ ଏହି ସମ୍ଭାବନାଟି କେବଳ ଏକ ବିଶିଷ୍ଟ ବର୍ଗ ଲାଗିହିଁ ଉନ୍ମୁକ୍ତ ହୋଇ ରହିଛି । ସାଧାରଣ ଲୋକସମୂହ ସେହିସବୁ ଗତିସ୍ପନ୍ଦନକୁ କେବଳ ଅନୁସରଣ କରିବାକୁହିଁ ଲାଗିଛନ୍ତି ଏବଂ ସବୁଯାକ ଗତିସ୍ପନ୍ଦନ ଯେ ଗୋଟିଏ ପ୍ରକାରର ହୋଇପାରୁଛି ଏବଂ ଯୁଗପତ୍ ଭାବରେ ହୋଇପାରୁଛି, ସେକଥା ଆଦୌ ନୁହେଁ । କେତେକ କଥା ଅନ୍ୟଗୁଡ଼ିକ ତୁଳନାରେ ଅପେକ୍ଷାକୃତ ଅଧିକ ମନ୍ଥର ଭାବରେ ସମଗ୍ର ଧାରା ଏବଂ ଗତିସ୍ପନ୍ଦନଟି ମଧ୍ୟରେ ଆସି ପ୍ରବେଶ କରୁଛନ୍ତି । ଏବଂ, ଏହା ଫଳରେ ଏତେଟିକିଏ ପାର୍ଥକ୍ୟ ଆସି ଉପସ୍ଥିତ ହେଲେ ମଧ୍ୟ ସମସ୍ତ ଗତିସ୍ପନ୍ଦନଟି ମଧ୍ୟରେ ଏକ ବିପୁଳ ପାର୍ଥକ୍ୟ ସୃଷ୍ଟି କରିଦେବାକୁ ତାହାହିଁ ଯଥେଷ୍ଟ ହୋଇ ପ'ରୁଛି ।

ଏହି କ୍ଷେତ୍ରରେ ଅନେକସଂଖ୍ୟକ କୁଣ୍ଡଳ ପରସ୍ପରକୁ ଛେଦ ବି କରୁଛନ୍ତି ଓ ଘଟୁଥିବା ଏକ ବିରୋଧ ଘଟୁଥିବାର ଆଭାସ ଆଣି ଦେଉଛନ୍ତି । ମାତ୍ର ଯଦି ଆମେ ବିଶ୍ୱ-ପ୍ରଗତିର ସମଗ୍ର ଗତିସ୍ପନ୍ଦନଟିକୁ ବୁଝିବାକୁ ସମର୍ଥ ହୁଅନ୍ତେ, ତେବେ ଆମେ ଅବଶ୍ୟ ଏହି କଥାଟିକୁ ବି ଦେଖିପାରନ୍ତେ ଯେ ପ୍ରକୃତରେ ଅନେକସଂଖ୍ୟକ କୁଣ୍ଡଳହିଁ ପରସ୍ପରକୁ ଛେଦ କରି ଗତି କରୁଛନ୍ତି ଏବଂ ଫଳରେ, ଆମେ ପ୍ରକୃତରେ ଆଗକୁ ଯାଉଛୁ ବା ପଛକୁ ଯାଉଛୁ ସେହି କଥାଟି ଆଦୌ ଧରି ହେଉ ନାହିଁ । କାରଣ, ସେହି ଗୋଟିଏ ମୁହୂର୍ତ୍ତରେହିଁ କେତେକ କଥା ଉପରକୁ ଗତି କରୁଛି ଓ ଆହୁରି ଅନ୍ୟ କେତେକ କଥା ଅନ୍ଧକାର ମଧ୍ୟକୁ ଖସି ପଡ଼ିବାରେ ଲାଗିଛି; ଏବଂ ଏମାନେ ସମସ୍ତେ ପରସ୍ପରଠାରୁ ଆଦୌ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ହୋଇ ରହି ନାହାନ୍ତି । ଏହି କ୍ଷେତ୍ରରେ ଏକପ୍ରକାର ସମନ୍ୱୟନ ଅବଶ୍ୟ ଉପସ୍ଥିତ ରହିଛି, ଯାହାଫଳରେ କି ସେଭଳି ଗୋଟିଏ କୁଣ୍ଡଳର କଳ୍ପନା ନକରି କେତେଗୁଡ଼ିଏ ଗୋଲକାର

'oaob.nitrkl.ac.in' images reprocessed

କୁଣ୍ଡଳର କଳ୍ପନା କରିବା ଆମ ପକ୍ଷରେ ପ୍ରକୃତରେ ଅଧିକ ଉଚିତ ହୁଅନ୍ତା । ଯଦି ଏହିସବୁ କୁଣ୍ଡଳୀକୁ ଆଙ୍କି ଦିଆଯାଇ ପାରନ୍ତା, ତେବେ ଏଗୁଡ଼ିକର ସମଷ୍ଟିରୁ ଏକ ବିରାଟ ଗୋଲକ ଉପଲବ୍ଧ ହୋଇ ଯାଆନ୍ତା । ଏବଂ କୁଣ୍ଡଳଗୁଡ଼ିକ ଯେଉଁଠାରେ ପରସ୍ପରକୁ ଛେଦ କରନ୍ତି, ସେହିଠାରେହିଁ ଅଗ୍ରଗତିର ମୁହୂର୍ତ୍ତିଗୁଡ଼ିକ ସଂଘଟିତ ହୋଇଥାଏ । ମାତ୍ର ସେହି ଅଗ୍ରଗତିଟି ସଂବଦ୍ଧ ଏବଂ ସମଗ୍ର ହେବା ପୂର୍ବରୁ, ଜୀବନର ଏପରି ଏକ ସୁସଂଗଠନ ସମ୍ଭବ ହେବା ଦରକାର, ଯାହାକି ପ୍ରକୃତିର ସଂଗଠନଠାରୁ ଅଲଗା ହୋଇଥିବ, ଯାହାକି ଏକ ନିର୍ଦ୍ଦିଷ୍ଟ ଯୋଜନା ଅନୁସାରେ ତିଆରି ହୋଇଥିବ । କାରଣ, ପ୍ରକୃତିର ଯୋଜନାଟି କେବଳ ଏକ ଆକାଙ୍କ୍ଷା ସହିତହିଁ ତିଆରି ହୋଇଥାଏ, ଏକ ନିଷ୍ପତ୍ତି ଏବଂ ଲକ୍ଷ୍ୟ ସହିତ ତିଆରି ହୋଇଥାଏ । ଏବଂ ତାହାର ଗତିପଥଟି 'ପ୍ରକୃତରେ ଅକଳ୍ପନୀୟ ବୋଲି ମନେ ହୋଇଥାଏ, ତାହା ପ୍ରତ୍ୟେକ ମୁହୂର୍ତ୍ତିର ପ୍ରେରଣାଗୁଡ଼ିକୁହିଁ ଅନୁସରଣ କରି ଚାଲିଥାଏ; କେତେ ପ୍ରୟୋଗ ହେଉଥାଏ, ପଶ୍ଚାଦ୍‌ଗତି ଘଟୁଥାଏ, ବିରୋଧ ଏବଂ ଅଗ୍ରଗତି ହେବାରେ ଲାଗିଥାଏ, ଏବଂ ଯାହା ଆଗରୁ ତିଆରି ହୋଇ ରହିଛି, ତାହାକୁ କେତେପ୍ରକାରେ ଭାଙ୍ଗି ଚୂନା କରି ଦିଆ ଯାଉଥାଏ । ଏବଂ ସବୁ ମିଶି ଏପରି ଏକ ଅରାଜକତାର ସୃଷ୍ଟି କରି ରଖିଥାଏ ଯେ ସେହି କ୍ଷେତ୍ରରେ ଆଦୌ କିଛିହେଲେ ବୁଝି ପାରିବାକୁ ଆମର ସାମର୍ଥ୍ୟ ନଥାଏ । ପ୍ରକୃତିକୁ ଅବଲୋକନ କଲେ ମନେହୁଏ, ସତେଯେପରି କେହି ତାହା ଭିତରେ ଉପସ୍ଥିତ ରହି କେବଳ ନାନା ପ୍ରବଳ ଆବେଗ ଦ୍ୱାରାହିଁ ପ୍ରେରିତ ହୋଇ ସବୁ କଥା କରିବାରେ ଲାଗିଛି; ତାହା ଆପଣାର କେତେକ ଆବେଗକୁ ମୁକ୍ତ କରି ଦେଉଛି ଏବଂ ସେଗୁଡ଼ିକୁ ଧ୍ୱଂସ କରି ଦେଉଛି, ପୁନର୍ବାର ଅନ୍ୟ ଆବେଗଗୁଡ଼ିକୁ ମୁକ୍ତ କରି ଆଣିବାକୁ ଚେଷ୍ଟା କରୁଛି; ଏବଂ ସେହି ଗତିରେ ତାହାର କ୍ରିୟା ଅଶେଷ ଭାବରେ ଲାଗି ରହିଛି । ପ୍ରକୃତି ଗଢ଼ୁଛି ଓ ଭାଙ୍ଗୁଛି, ପୁଣିଥରେ ଗଢ଼ୁଛି ଓ ପୁନର୍ବାର ଭାଙ୍ଗି ଚୂନା କରି ଦେଉଛି, କାହାକୁ ଆଣି କାହା ସହିତ ମିଶାଇ ଦେଉଛି, ଧ୍ୱଂସ କରୁଛି, ପୁଣି ଗଢ଼ୁଛି; ଏବଂ ଏହି ସବୁଯାକ କାର୍ଯ୍ୟକୁ ସେ ଏକା ସମୟରେ କରିବାରେ ଲାଗିଛି । ଏହା ପ୍ରକୃତରେ ଅଦ୍ଭୁତନୀୟ । ମାତ୍ର ତଥାପି, ପ୍ରକୃତି ମଧ୍ୟରେ ଏକ ଯୋଜନା ଅବଶ୍ୟ ରହିଛି ଏବଂ ସିଏ ସର୍ବଦା ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟର ସାଧନ ଦିଗରେ ଅଗ୍ରସର ହେବାରେ ଲାଗିଛି, ଯାହାକି ତା' ନିଜ ଲାଗି ଅତ୍ୟନ୍ତ ସ୍ପଷ୍ଟ ହୋଇ ରହିଛି, ମାତ୍ର ମନୁଷ୍ୟର ଚେତନା ଲାଗି ପରଦାର ଅନ୍ତରାଳରେ ରହିଛି । ···ଏଇଟା ପ୍ରକୃତରେ ବଡ଼ ଆଗ୍ରହୋଦ୍ଦୀପକ ବିଷୟ । ଯଦି ଆମେ ସେହିପରି କିଛି ଗଢ଼ିବାରେ ସମର୍ଥ ହୁଅନ୍ତୁ, ତେବେ ହୁଏତ ସେଇଟି ବିଷୟରେ କୌଣସି ଧାରଣା ବା ଅନ୍ଦାଜ କରି ପାରନ୍ତୁ : ଗୋଟିଏ ଗୋଲକ ଯାହାକି କେତେ ରଙ୍ଗର କେତେ ଚମତ୍କାର କୁଣ୍ଡଳଗୁଡ଼ିକ ଦେଇ ତିଆରି ହୋଇଛି ଏବଂ ପ୍ରତ୍ୟେକଟି

'oaob.nitrkl.ac.in' images reprocessed

କୁଣ୍ଡଳୀ ପ୍ରକୃତିର ସୃଷ୍ଟି ମଧ୍ୟରେ ଅନ୍ତର୍ଗତ ଗୋଟିଏ ଗୋଟିଏ ବିଷୟର ପ୍ରତିନିଧିତ୍ୱ କରୁଛି । ଏବଂ ସମସ୍ତେ ମିଶି ଗୋଟିଏ ସମଗ୍ରର ସୃଷ୍ଟି କରିବା ଭଳି ଏହି ବିଷୟଗୁଡ଼ିକର ସର୍ଜନା ହୋଇଛି, ପରସ୍ପରର ପରିପୂରଣ କରି ପାରିବା ଲାଗି ସେଗୁଡ଼ିକ ତିଆରି ହୋଇଛି । ମାତ୍ର ଏପର୍ଯ୍ୟନ୍ତ ସେହି ବିଷୟଗୁଡ଼ିକ ପରସ୍ପର ସହିତ ସହଯୋଗ କରିବା ଅପେକ୍ଷା ଅଧିକ ପରିମାଣରେ ପରସ୍ପର ସହିତ ପ୍ରତିଦ୍ୱନ୍ଦ୍ୱିତା ହିଁ କରି ଆସିଛନ୍ତି; ଏବଂ ଯେପରି ବୋଧ ହୋଇ ଆସିଛି, ଗୋଟିଏ ବସ୍ତୁର ଗଠନ କରିବା ସକାଶେ ପ୍ରକୃତି ଆଉ କୌଣସି ବସ୍ତୁକୁ ନଷ୍ଟ କରି ଦେବାକୁହିଁ ବାଧ୍ୟ ହୋଇଛି, ତାହା ଫଳରେ ଅନେକ ବୃଥା କ୍ଷତି ହୋଇଛି ଓ ତାହାଠାରୁ ଆହୁରି ଅଧିକ ବଡ଼ ଏକ ବିଶୃଙ୍ଖଳାର ସୃଷ୍ଟି ହୋଇଛି । ମାତ୍ର, ଯଦି ଆମେ ଏଗୁଡ଼ିକୁ ଏକାଠି ଗୋଟିଏ ସମଗ୍ର ଭିତରେ ରଖି ଅବଲୋକନ କରିବାକୁ ସମର୍ଥ ହେବା, ତେବେ ତାହା ନିଶ୍ଚୟ ଏକ ଖୁବ ଆଗ୍ରହୋଦ୍ଦୀପକ ବିଷୟ ହୋଇ ଉଠିବ । କାରଣ ଏଥିରେ ଅତ୍ୟନ୍ତ ଜଟିଳତାଯୁକ୍ତ କେତେ ପରସ୍ପର-ଅତିକ୍ରମଣ ଲାଗି ରହିଥିବାର ପରିଦୃଷ୍ଟ ହେବ, ଯାବତୀୟ ଦିଗରେ ଏହି ଅତିକ୍ରମଣ ଲାଗି ରହିଥିବ, କୁଣ୍ଡଳୀଗୁଡ଼ିକର ମଧ୍ୟ-ଦେଇ ଏକ ଆରୋହଣ ସମ୍ଭବ ହୋଇ ଯାଉଥିବାର ପ୍ରତ୍ୟକ୍ଷ ହେବ ।

ମାତ୍ର ତୁମ ପ୍ରଶ୍ନଟିର ହୁଏତ ଆଉଗୋଟିଏ ଉତ୍ତର ଦିଆଯାଇ ପାରିବ । ବର୍ତ୍ତମାନ ମୁଁ ଯାହାସବୁ କହିଲି, କଳା ବିଷୟରେ ମଧ୍ୟ ଠିକ୍ ସେହି କଥାଟି କୁହାଯାଇ ପାରିବ; କଳା ମଧ୍ୟ ଏକ ବିବର୍ତ୍ତନ-ଧାରାର ଅନୁସରଣ କରିଥାଏ ଏବଂ ବେଳେବେଳେ ଆପଣାର ଲକ୍ଷ୍ୟପଥରୁ ବାହାରକୁ ଚାଲିଯାଇ ସତେଅବା ଆଉ କୁଆଡ଼େ ଚାଲିଯାଉଥିବା ପରି ମନେ ହୁଏ, ଏବଂ ଆଉ ବେଳେବେଳେ ତାହା ଏକ ବୃହତ୍ତର ଉଚ୍ଚତାର ସମୀପବର୍ତ୍ତୀ ବି ହୋଇ ଆସିଥାଏ । ମାତ୍ର ଏହାର ଏକ ସାମାଜିକ ଦୃଷ୍ଟିକୋଣ ବି ରହିଛି । ଏପରି ଗୋଟିଏ ଗୋଟିଏ ପର୍ଯ୍ୟାୟ ଆସେ ଯେତେବେଳେ କି କଳାତ୍ମକ ସୃଜନଶୀଳତାର ଏକ ବୋଧ ସର୍ବପ୍ରଭାବଶାଳୀ ହୋଇ ରହିଥାଏ ଏବଂ ଏହି ବୋଧଟି ସେହି ଅବଧିଟିରେ ସୌନ୍ଦର୍ଯ୍ୟର ଏକ ନିର୍ଦ୍ଦିଷ୍ଟ ବୋଧ ମଧ୍ୟ ଆଣି ଦେଉଥିବା ପରି ମନେ ହୋଇଥାଏ; ମାତ୍ର ତା'ପରେ କିଛିଦିନ ଉତ୍ତାରେ ସାମାଜିକ ବିବର୍ତ୍ତନ ଅନ୍ୟ ନାନାବିଧ ଆବଶ୍ୟକତାକୁ ଆଣି ପହଞ୍ଚାଇ ଦିଏ, ଅନ୍ୟ ବିଚାରମାନ ଆଣିଦିଏ । ଦୃଷ୍ଟାନ୍ତସ୍ୱରୂପ, ଚତୁର୍ଦ୍ଦଶ ଲୁଇଙ୍କ ରାଜତ୍ୱ କାଳରେ ସେହିଭଳି ଏକ ପର୍ଯ୍ୟାୟ ଆସିଥିଲା । ଏବଂ ବର୍ତ୍ତମାନ, ପ୍ରାୟ ଗୋଟାଏ ଶତାବ୍ଦୀରୁ ଅଧିକ ହେବ, ବାଣିଜ୍ୟକତାର ପ୍ରବୃତ୍ତିଟାହିଁ ପୃଥିବୀରେ ସବୁଠାରୁ ଅଧିକ ମାତ୍ରାରେ ପ୍ରତିପତ୍ତିଶାଳୀ ହୋଇ ରହିଛି ଏବଂ ଏହି ବାଣିଜ୍ୟକତା ବ୍ୟକ୍ତିଗତ କଳାର ଏତେ ବେଶୀ ବିରୋଧୀ ହୋଇ ରହିଥିବା ଆଉ କାହାକୁ ଆମେ ଆଦୌ ଦେଖି ପାରୁନାହୁଁ । କାରଣ ଯେତେବେଳେ କୌଣସି ବିଷୟ ଅଥବା ମୂଲ୍ୟକୁ ତଳକୁ ଖସାଇ ଆଣି ଏକ

'oaob.nitrkl.ac.in' images reprocessed

ଅଶିଷ୍ଟ ସ୍ତରରେ ପହଞ୍ଚାଇ ଦିଆଯାଏ, ସେହି ପର୍ଯ୍ୟାୟଟିକୁହିଁ ଏକ ବ୍ୟତିକ୍ରମ ଓ ବିଶେଷ ପର୍ଯ୍ୟାୟ ବୋଲି କୁହାଯିବ । ଯାହାକୁ କେବଳ ଏକ ବିଶିଷ୍ଟ ବର୍ଗ ବୁଝି ପାରୁଥାନ୍ତେ, ସେତେବେଳେ ତାହାକୁ ପ୍ରତ୍ୟେକର ହାତପାଆନ୍ତାରେ ଆଣି ରଖି ଦିଆଯାଏ । ଏବଂ, ଆମର ଏହି ଯାନ୍ତ୍ରିକତା ଏବଂ ବାଣିଜ୍ୟକତାର ଯୁଗରେ ଅବସ୍ଥାଗୁଡ଼ିକ ଯେ କଳାର ବିକଶନ ଲାଗି ଆଦୌ ଅନୁକୂଳ ନୁହେଁ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ ! ଏବଂ, ସମ୍ଭବତଃ ସେହି କାରଣରୁହିଁ ଆପଣାର ପୂର୍ଣ୍ଣ କୁସୁମନ ଲାଗି ଉପଯୁକ୍ତ ପରିବେଶଗୁଡ଼ିକୁ ନପାଇ କଳା ନିଜ ଲାଗି ହୁଏତ ଏକ ଅନ୍ୟ ନିର୍ଗମନ-ଦ୍ୱାର ଖୋଜିବାରେ ଲାଗିଛି ଏବଂ ଅଭିବ୍ୟକ୍ତି ଉଦ୍ଦେଶ୍ୟରେ ମାନସିକ ଓ ପ୍ରାଣିକ କ୍ଷେତ୍ରଗୁଡ଼ିକରେ ଯାଇ ପ୍ରବେଶ କରୁଛି । ହଁ, ତାହାହିଁ କାରଣ । ଯେତେବେଳେ ଏସବୁକୁ ତଳେଇ ଫିଙ୍ଗିଦେବାର ବେଳ ଆସିବ, ଅର୍ଥାତ୍, ଯେତେବେଳେ ଏହି ବାଣିଜ୍ୟକତାକୁ ପ୍ରତ୍ୟାଖ୍ୟାନ କରି ଆସିବାର ଏବଂ ଏକ ସୁନ୍ଦରତର ବାସ୍ତବ ମଧ୍ୟକୁ ଜାଗ୍ରତ ହୋଇ ଆସିବାର ସମୟ ଆସି ଉପସ୍ଥିତ ହେବ, ସେତେବେଳେ କଳା ମଧ୍ୟ ସୌନ୍ଦର୍ଯ୍ୟର ଏକ ବୃହତ୍ତର ଚେତନା ମଧ୍ୟରେ ପୁନର୍ଜନ୍ମ ଲାଭ କରି ପାରିବ ।

**ଏକ ଆତ୍ମ-ସନ୍ତୋଷର ଭାବ କଳାର ବିକାଶରେ ପ୍ରତିବନ୍ଧକ ପରି କାର୍ଯ୍ୟ କରିଥାଏ କି ?**

ହଁ, ଆତ୍ମସନ୍ତୋଷ ବୃଦ୍ଧିର ବିକାଶ ଲାଗି ମଧ୍ୟ ଏକ ପ୍ରତିବନ୍ଧକ । ମନୁଷ୍ୟ ଜୀବନରେ ତା'ର ନିର୍ବୋଧତା ହେଉଛି ଏକ ସବୁଠାରୁ ବଡ଼ ପ୍ରମାଦ । କ'ଣ କରିପାରିବା ସମ୍ଭବ, ତାହାକୁ କାର୍ଯ୍ୟରେ ପରିଣତ କରିବାର ଇଚ୍ଛା, ସୃଜନର କ୍ଷେତ୍ରରେ ଉନ୍ମୋଚିତ ହୋଇ ରହିଥିବା ସମ୍ଭାବନାଗୁଡ଼ିକ ବିଷୟରେ ଦୃଢ଼ନିଶ୍ଚୟତା, —ଏସବୁ ଗୋଟିଏ ଜିନିଷ; ଏବଂ ଆତ୍ମସନ୍ତୋଷ ଆଉଗୋଟିଏ ଜିନିଷ । ଦୁଇଟିଯାକ ଦୁଇଟି ଅଲଗା ଜିନିଷ ଏବଂ ଦୁହେଁ ପରସ୍ପର ଆଡ଼କୁ ସମ୍ପୂର୍ଣ୍ଣ ଭାବରେ ପିଠି କରି ରହିଥାନ୍ତି । ସଂସାରରେ କୌଣସି କଥା ଅସମ୍ଭବ ନୁହେଁ, ନିଜର ସମସ୍ତ, ଶକ୍ତି, ଇଚ୍ଛା, ବିଶ୍ୱାସ ଓ ଆଉ ଆବଶ୍ୟକ ସବୁକିଛିକୁ କାମରେ ଲଗାଇ ପାରୁଥିଲେ କେବେ କିଛିହେଲେ ଅସମ୍ଭବ ନୁହେଁ,—ଏହି କଥାଟି ଉପରେ ଦୃଢ଼ ପ୍ରତ୍ୟୟ ରଖିବା ହେଉଛି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ; ମାତ୍ର ଯାହାକିଛି ଯେପରି ଭାବରେ ହେଉଥାଉ ପଛକେ, ସେଥିରେ ମନେମନେ ସନ୍ତୁଷ୍ଟ ହୋଇ ରହିଥିବା ହେଉଛି ସର୍ବଦା ଏକ ଭୁଲ କଥା, ଏବଂ ଏଥିରେ ଆଦୌ କୌଣସି ବ୍ୟତିକ୍ରମ ରହିବା ଉଚିତ ନୁହେଁ । ଏବଂ ଏହା ଏହିପରି ଗୋଟିଏ ଜିନିଷ, ଯାହାକି ତୁମକୁ ଦିବ୍ୟ ଉପଲବ୍ଧିରୁ କେତେ ନା କେତେ ଦୂରବର୍ତ୍ତୀ କରି ନେଇଯାଏ, କାରଣ ତାହା ତୁମକୁ ଏକ ନିର୍ବୋଧ

'oaob.nitrkl.ac.in' images reprocessed

ବ୍ୟକ୍ତିରେହିଁ ପରିଣତ କରିଦିଏ । ଏବଂ ତାହା ସଙ୍ଗେସଙ୍ଗେ ଏହା ପ୍ରକୃତିର ସଦିଚ୍ଛା ଲାଗି ବିରୁଦ୍ଧାଚରଣ କରିବାରେ ବି ଲାଗିଥାଏ, କାରଣ ପ୍ରକୃତି ଏହି ଜବୋଧତାକୁ ତତ୍‌କ୍ଷଣାତ୍‌ହିଁ ଉପହାସ କରିବାକୁ ଲାଗେ । ତୁମେ ସଙ୍ଗେ ସଙ୍ଗେହିଁ ଏକ ହାସ୍ୟାସ୍ପଦ ବସ୍ତୁରେ ପରିଣତ ହୋଇଯାଅ । କାରଣ, ପ୍ରକୃତ କଥା କହିବାକୁ ଗଲେ, ଏପରି ଜଣେହେଲେ କେହି ମନୁଷ୍ୟ ନାହିଁ, ଯିଏକି ଆପଣାଛାଏଁ ହିଁ କିଛି ନା କିଛି ହୋଇ କରି ରହିଥାଏ । ସିଏ ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟ ହୋଇଥିବା କେବଳ ଏକ ସମ୍ଭାବନା ହୋଇହିଁ ରହିଥାଏ, ଯାହାକି କେବଳ ସେହି ପରମେଶ୍ୱରଙ୍କ ଦ୍ୱାରାହିଁ ବିକଶିତ ହୋଇପାରିବ, ଯାହାକି କେବଳ ସେହି ପରମେଶ୍ୱରଙ୍କ ଲାଗି ଅସ୍ତିତ୍ୱରେ ରହିଥାଏ ଏବଂ ଯାହାକୁ କେବଳ ସେହି ପରମେଶ୍ୱରଙ୍କ ଲାଗିହିଁ ବଞ୍ଚି ରହିବାକୁ ହେବ । ଏବଂ ତେଣୁ, ମୁଁ ଏହି କ୍ଷେତ୍ରରେ ଆତ୍ମସନ୍ତୋଷ ଲାଗି ଆଦୌ କୌଣସି ଅବକାଶହିଁ ଦେଖି ପାରୁ ନାହିଁ । କାରଣ, ଆମେ ପରମେଶ୍ୱରଙ୍କଠାରୁ ବିଚ୍ଛିନ୍ନ ଭାବରେ ଆଦୌ କିଛି ହୋଇ ନଥିବାରୁ ଏବଂ ପରମେଶ୍ୱର ଆମକୁ ଯେପରି ଭାବରେ ଗଢ଼ିବେ, ଆମେ କେବଳ ତାହାହିଁ ହୋଇଥିବାରୁ, ଏବଂ ଆମକୁ ନିମିତ୍ତ କରି ପରମେଶ୍ୱର ଯାହାକିଛି କରିବାକୁ ଇଚ୍ଛା କରୁଛନ୍ତି, ସେତିକି ବ୍ୟତୀତ ଆମେ ତାଙ୍କଠାରୁ ବିଚ୍ଛିନ୍ନ ଭାବରେ ଆଉ କିଛିହେଲେ କରିବାକୁ ସମର୍ଥ ହେଉ ନଥିବାରୁ, ଆତ୍ମସନ୍ତୋଷରୁ ଆମର ଯେ ପ୍ରକୃତରେ କି ସନ୍ତୋଷ ମିଳିପାରିବ, ମୁଁ ସେକଥା ଆଦୌ ଜାଣି ପାରୁ ନାହିଁ । ଆମେ କେବଳ ଆମ ନିଜର ସମ୍ପୂର୍ଣ୍ଣ ଶକ୍ତିହୀନତାଟିକୁହିଁ ଅନୁଭବ କରି ପାରିବା । ଏଥିରେ କେବଳ ଏତିକି ସାବଧାନତା ରହିଥିବ ଯେ ଆମେ ଭୁଲ ଦୃଷ୍ଟିକୋଣରୁ ତାହା କଦାପି ଅନୁଭବ କରୁ ନଥିବା; କାରଣ ସବୁକିଛିର ଅର୍ଥାତ୍‌ ଚେତନାର ଯାବତୀୟ ସ୍ଥିତିର ଗୋଟିଏ ସିଧାପାଖ ରହିଛି, ଏବଂ ଗୋଟିଏ ଓଲଟା ପାଖ ମଧ୍ୟ ରହିଛି । ଏବଂ ମୂଳତଃ ସେହି ଗୋଟିଏ ପ୍ରକାରର ବୃଥା ଦାମ୍ଭିକତାହିଁ ତୁମକୁ ଏହିପରି କହିବା ଲାଗି ପ୍ରରୋଚନା ଦେଉଥାଏ : “ମୁଁ ପ୍ରକୃତରେ କିଛି କରି ପାରିବି ନାହିଁ, ମୋ ଦ୍ୱାରା ଆଦୌ କିଛି ହେବ ନାହିଁ, ଯାହାକିଛି ହେଉ ପଛକେ, ସେଇଟିକୁ କରି ପାରିବା ଲାଗି ମୋର ଆଦୌ କୌଣସି ସାମର୍ଥ୍ୟ ନାହିଁ;—ସେଇଟି, ସେଇଟି ହେଉଛି ସିଧା ପାଖ, “ମୁଁ ସବୁକିଛି କରି ପାରିବି, ମୋଠାରୁ ବଡ଼ ଆଉ କିଏ ଅଛି । ଏଡ଼େ ସାମର୍ଥ୍ୟଶାଳୀ ବି ଆଉ କିଏ ଅଛି ?”—ଏପରି କହିବାରି ଓଲଟା ପାଖ । ମାତ୍ର ଦୁଇଟିଯାକହିଁ ସେହି ଗୋଟିଏ କଥା । ଗୋଟିଏ ଗୁଇ ହେଲେ ଆଉଗୋଟିଏ ଆଳୁଅ; ମାତ୍ର ଦୁଇଟିଯାକ ଅବିକଳ ଏକାଭଳି । ଗୋଟିଏ ଆଉଗୋଟିକଠାରୁ ଆଦୌ କୌଣସି ଗୁଣରେ ଅଧିକ ଭଲ ବା କମ୍ ମନ୍ଦ ନୁହେଁ । ଏବଂ ମୁଁ ଆଦୌ କିଛି ନୁହେଁ ବୋଲି ଯଦି ମୋ ଭିତରେ ଯଥାର୍ଥରେ ଏକ ସଜ୍ଞାନତା ରହି ଆସନ୍ତା, ତେବେ ମୁଁ ପ୍ରକୃତରେ କେଉଁଭଳି,

'oaob.nitrkl.ac.in' images reprocessed

ସେକଥା ଜାଣିବା ଲାଗି ବି ମୋର ଆଦୌ କୌଣସି ଚିନ୍ତା ନଥାନ୍ତା । କାରଣ, ତା'ହେଲେ ମୁଁ ନିଜକୁ ନିଶ୍ଚୟ କୌଣସି ଏକ ବସ୍ତୁ ବୋଲି ଭାବୁଛି ବୋଲି ପ୍ରମାଣ କରି ଦିଅନ୍ତା । ମାତ୍ର ମୁଁ ତୁମକୁ ସକଳ ନିଷ୍ଠାର ସହିତ ଯଥାର୍ଥରେ କହୁଛି—ଏବଂ ଜୀବନ ବିଷୟରେ ମୋର ନିଶ୍ଚୟ ଯଥେଷ୍ଟ ଦୀର୍ଘ ଅଭିଜ୍ଞତା ମଧ୍ୟ ରହିଛି,—ଯେ, ଯେଉଁ ଲୋକମାନେ ଆପଣାକୁ ନେଇ ଚମତ୍କାର ଭାବରେ ସନ୍ତୁଷ୍ଟ ହୋଇ ରହିଥାନ୍ତି, ସେମାନଙ୍କ ଭଳି ଏତେ ଅଦ୍‌ଭୁତ ବସ୍ତୁ ମୁଁ ପ୍ରକୃତରେ କେଉଁଠିହେଲେ ଦେଖି ନାହିଁ । ଏହି କଥାଟାକୁ ହାସ୍ୟାସ୍ପଦ ବ୍ୟତୀତ ଆଉ କ'ଣ କୁହାଯାଇ ପାରିବ ? ମାତ୍ର ଏପରି ଲୋକ ତଥାପି ରହିଛନ୍ତି; ସେହିଭଳି କେତେଜଣ ଶ୍ରୀଅରବିନ୍ଦଙ୍କ ପାଖକୁ ମଧ୍ୟ ଆସିଛନ୍ତି ଏବଂ ସେମାନେ କ'ଣ ସବୁ କରିବାକୁ ସମର୍ଥ, ତାହା ଗୋଟିଗୋଟି କରି କହିଛନ୍ତି; ସେମାନେ ଯାହାସବୁ କରିଛନ୍ତି ଏବଂ ଯାହାକିଛି କରିପାରିବେ, ଓ ଯାହାକିଛି ଉପଲବ୍ଧି ସେମାନଙ୍କର ହୋଇସାରିଛି, ଗୋଟିଗୋଟି କରି ସବୁ ବର୍ଣ୍ଣନା କରିଛନ୍ତି । ଏବଂ ଶ୍ରୀଅରବିନ୍ଦ ଭାରି ଗମ୍ଭୀର ଭାବରେ ସେମାନଙ୍କ ଆଡ଼କୁ ଅନାଇ ଏତିକି ଉତ୍ତର ଦେଇଛନ୍ତି : "ଓହୋ ! ଆପଣ ତ ଏତେ ପରିପୂର୍ଣ୍ଣତା ଲାଭ କରିଛନ୍ତି, ତେବେ ଆପଣଙ୍କର ଏଠାରେ ରହିବା ଲାଗି ଆଉ କୌଣସି ପ୍ରୟୋଜନ ନାହିଁ । ଆପଣ ଏଠାରୁ ଅନ୍ୟତ୍ର ଚାଲିଗଲେ ବୋଧହୁଏ ଭାରି ଭଲ ହୁଅନ୍ତା ।"

"ସଂଗୀତ ମଧ୍ୟ ମୂଳତଃ ଗୋଟିଏ ଆଧ୍ୟାତ୍ମିକ କଳା, ତାହା ସର୍ବଦା ଧର୍ମାନୁଭବ ଏବଂ ଏକ ଅନ୍ତର୍ଗତ ଜୀବନର ଆବେଦନ ସହିତ ସମ୍ବନ୍ଧିତ ହୋଇ ରହିଆସିଛି । ମାତ୍ର, ଏହି କ୍ଷେତ୍ରରେ ମଧ୍ୟ ଆମେ ଏହାକୁ ଏକ ସ୍ୱତନ୍ତ୍ର ଏବଂ ସ୍ୱୟଂସର୍ବସ୍ୱ ବସ୍ତୁରେ ପରିଣତ କରି ପକାଇଛୁ, ଏକ ନିରର୍ଥକ କଳାରେ ପରିଣତ କରି ରଖିଛୁ । ଦୃଷ୍ଟାନ୍ତସ୍ୱରୂପ ଅପେରା-ସଂଗୀତର କଥା ଏଠାରେ କୁହାଯାଇ ପାରିବ । ଆମେ ଆଜିକାଲି କଳାତ୍ମକ ସୃଜନର ଯେତେଯେତେ ପ୍ରକରଣ ଦେଖିବାକୁ ପାଉଥାଉ, ସେଗୁଡ଼ାକ ହେଉଛନ୍ତି କେବଳ ଏହି ପ୍ରକାରର, ଏବଂ ଖୁବ୍ ବେଶୀ ହେଲେ ଟେକ୍‌ନିକ୍‌ର ଦୃଷ୍ଟିକୋଣରୁ ସେଗୁଡ଼ିକୁ ବେଶ୍ ଆଗ୍ରହୋଦ୍ଦୀପକ ବୋଲି କୁହାଯାଇ ପାରିବ । ମୁଁ ଏକଥା ଆଦୌ କହୁ ନାହିଁ ଯେ ଅପେରା-ସଂଗୀତକୁ ମଧ୍ୟ କଦାପି ଏକ ଉଚ୍ଚତର କଳାତ୍ମକ ଅଭିବ୍ୟକ୍ତିର ମାଧ୍ୟମରୂପେ ବ୍ୟବହାର କରାଯାଇ ପାରିବ ନାହିଁ ।

'oaob.nitrkl.ac.in' images reprocessed

କାରଣ, ଗଠନ ବା ଆଙ୍ଗିକଟି ଯାହା ହୋଇଥାଉ ପଛକେ, ତଦ୍ଵାରା ଏକ ଗମ୍ଭୀରତର ଉଦ୍ଦେଶ୍ୟର ସାଧନା ଅବଶ୍ୟ କରାଯାଇ ପାରିବ । ସେହି ବସ୍ତୁଟି ଉପରେହିଁ ସବୁକିଛି ନିର୍ଭର କରୁଛି; ଆମେ ତାହାକୁ କିପରି କାମରେ ଲଗାଉଛୁ, ତାହା ପଛରେ ଆଉ କ'ଣସବୁ ପ୍ରଚ୍ଛନ୍ନ ହୋଇ ରହିଛି, ତାହାର ଉପରେ ସବୁ ନିର୍ଭର କରୁଛି । ଏପରି କୌଣସି କଥା ନାହିଁ ଯାହାକୁ କି ଭଗବାନଙ୍କ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇ ନପାରିବ; ଠିକ୍ ଯେପରି ଯେକୌଣସି ବସ୍ତୁ ସ୍ଵୟଂ ଦିବ୍ୟ ପରମସତ୍ୟ ଓ ଭଗବାନ୍ ବୋଲି ଛଳନା କରି ପାରିବ ଏବଂ ତଥାପି ବଡ଼ ଚମତ୍କାର ଭାବରେ ଛତୁପରି ସେହି ନିକୃଷ୍ଟ ପର୍ଯ୍ୟାୟର ହୋଇ ରହିଥିବ, ସେହିପରି ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୮-ଜୁଲାଇ)

"ଛତୁପରି ନିକୃଷ୍ଟ ପର୍ଯ୍ୟାୟ" କହିବା ଦ୍ଵାରା ଆପଣ କ'ଣ ବୁଝୁଛନ୍ତି ?

ତୁମେ ଛତୁ କ'ଣ ଜାଣି ନାହଁ ? ଛତୁମାନେ କିପରି ହୁଅନ୍ତି କହିଲ ? ଛତୁ ଯେକୌଣସି ସ୍ଥାନରେ ଫୁଟି ଉଠିପାରେ ଏବଂ ସେଗୁଡ଼ାକ ଲାଗି ସତେଅବା ଆଦୌ କର୍ଷଣ ହୋଇ ନଥିବା ପରି ବୋଧ ହେଉଥାଏ । ଏହାଦ୍ଵାରା ଏପରି ଏକ ସ୍ଵୟଂକୃତ ବିକଶନର କଥା ବୁଝାଯାଉଛି, ସୃଷ୍ଟିର ସମଗ୍ରତା ଭିତରେ ଯାହାର କି ଆଦୌ କୌଣସି ମୂଳ ନାହିଁ । ଏପରି ଅନେକ ବସ୍ତୁ ଅଛନ୍ତି, ଯେଉଁମାନେ କି ସମଗ୍ର ଭିତରେ ଆଦୌ କୌଣସି ଅଙ୍ଗ ହୋଇ ରହି ନାହାନ୍ତି, ସତେଯେପରି ବାହାରେ ବାହାରେହିଁ ରହିଛନ୍ତି । ଛତୁର ଦୃଷ୍ଟାନ୍ତ ନଦେଇ ମୁଁ ଗଛ ଉପରେ ବଢ଼ୁଥିବା ମଲାଙ୍ଗଗୁଡ଼ାକର ଦୃଷ୍ଟାନ୍ତ ବି ଦେଇ ପାରିଥାନ୍ତି । ଗଛ ଉପରେ ମଲାଙ୍ଗ ହୁଏ ବୋଲି ତୁମେ ନିଶ୍ଚୟ ଜାଣିଥିବ, ଓକ୍ 'ଗଛରେ ମଲାଙ୍ଗ ହୁଏ, ଆହୁରି ଅନେକ ଗଛରେ ମଲାଙ୍ଗ ହୁଏ । ଏଠାରେ ମଧ୍ୟ କେତେକ ଗଛରେ ମୁଁ ମଲାଙ୍ଗ ଦେଖିଛି । ଗଛ ଉପରେ ଲାଗି ରହିଥିବା ପରି ମୁଁ ଏହିପରି ଉଦ୍ଭିଦମାନଙ୍କୁ ବଢ଼ିଥିବାର ଦେଖିଛି, ସେଗୁଡ଼ାକ ମୂଳ ଗଛଟିରୁ ସାର ଶୋଷି ବଢ଼ୁଥିବାର ଦେଖିଛି, ସେମାନଙ୍କର ନିଜର ଆଦୌ କୌଣସି ସ୍ଵତନ୍ତ୍ର ଜୀବନ ନଥିବାର ଦେଖିଛି । ସେମାନଙ୍କର ଆଦୌ କୌଣସି ଚେର ନଥିବାର ଏବଂ ସେମାନେ ମାଟିରୁ ସିଧା କୌଣସି ଖାଦ୍ୟ ନେଇ

'oaob.nitrkl.ac.in' images reprocessed

ବଞ୍ଚି ନଥିବାର ଦେଖିଛୁ । ସେମାନେ ଆଉ ଏକ ଉଦ୍ଭିଦକୁ ଜାବୁଡ଼ି ରହିଥାନ୍ତି, ଯତ୍ରେ ଯେପରି ଅନ୍ୟର ଅର୍ଜନକୁହିଁ ନିଜର କାମରେ ଆଣି ଲଗାଉଥାନ୍ତି । ଖାଦ୍ୟ-ଆହରଣ ଲାଗି ଅନ୍ୟମାନେ କାର୍ଯ୍ୟ କରନ୍ତି ଓ ଏହିସବୁ ମଲଙ୍ଗ ସେମାନଙ୍କ ଉପରେ ଲାଗି ରହିଥାନ୍ତି ଓ ସେମାନଙ୍କର ଖାଦ୍ୟ ଦ୍ୱାରାହିଁ ବଞ୍ଚନ୍ତି । ପ୍ରକୃତରେ ଅନେକ ପରଭୋଜୀ ପଶୁମାନଙ୍କ ଉପରେ ବି କିପରି ନିର୍ଭର କରି ରହିଥାନ୍ତି !

ଏତେସବୁ କଥା କହି ମୁଁ ଅନେକ ଟିକିନିଖି ଭିତରକୁ ଚାଲି ଯାଉଛି କି ? ମାତ୍ର ଯେଉଁମାନେ ଏବିଷୟରେ କିଛିହେଲେ ଜାଣନ୍ତି, ସେମାନଙ୍କ ପାଇଁ ଏବିଷୟରେ ମୁଁ ନିଶ୍ଚୟ ଯଥେଷ୍ଟ କହିସାରିଲିଣି । ପୂର୍ବ କାଳରେ, ଅର୍ଥାତ୍ କଳାତ୍ମକ ଯୁଗଗୁଡ଼ିକରେ, ଉଦାହରଣସ୍ୱରୂପ ଗ୍ରୀସ୍‌ରେ ଓ ଏପରିକି ଇଟାଲୀୟ ରେନେସାଁର ଯୁଗରେ (ମାତ୍ର ଗ୍ରୀସ୍ ଓ ମିଶରରେ ଅନେକ ଅଧିକ ପରିମାଣରେ) ସାଧାରଣ କାର୍ଯ୍ୟରେ ଲାଗିବ ବୋଲି ଅଟ୍ଟାଳିକାଗୁଡ଼ିକ ତିଆରି ହେଉଥିଲା । ଅଧିକାଂଶତଃ ସେହି ଗ୍ରୀସ୍ ଓ ମିଶରରେ ମଧ୍ୟ, ସେମାନଙ୍କର ଠାକୁରମାନଙ୍କୁ ଥାପି ରଖିବା ଲାଗି ଗୋଟାଏ ପ୍ରକାରର ଦେବସ୍ଥାନ ତିଆରି କରାଯାଉଥିଲା । ହଁ, ସେମାନେ ଯାହାକିଛି କରିବାର ପ୍ରୟାସ କରୁଥିଲେ, ସେଥିରେ ସର୍ବଦା ଏକ ସମଗ୍ରତା ରହିଥିଲା, ଏକ ସମଗ୍ର ସୁନ୍ଦରତା ଓ ପରିପୂର୍ଣ୍ଣତା ମଧ୍ୟ ରହିଥିଲା । ଏବଂ ସେଥିରେ ସେମାନେ ବାସ୍ତୁବିଦ୍ୟା ଅର୍ଥାତ୍ ରେଖାର ସୌଷମ୍ୟଭାବଟିକୁ ସୁସଂରକ୍ଷିତ କରି ରଖିବାର କଳାଟିକୁ ବ୍ୟବହାର କରୁଥିଲେ, ବାସ୍ତୁବିଦ୍ୟା ସହିତ ଅଭିବ୍ୟକ୍ତିର ଟିକିନିଖିକୁ ମିଶାଇ ରଖିବା ଉଦ୍ଦେଶ୍ୟରେ ତା' ସହିତ ସ୍ଥପତି ବିଦ୍ୟାର ପ୍ରୟୋଗ କରୁଥିଲେ ଏବଂ ଏହି ଅଭିବ୍ୟକ୍ତିଟିକୁ ସମ୍ପୂର୍ଣ୍ଣ କରିବା ଲାଗି ସେଥିରେ ଚିତ୍ରକଳାକୁ ମଧ୍ୟ ବ୍ୟବହାର କରୁଥିଲେ; ମାତ୍ର ଏହି ସବୁକିଛି ଏକ ସୁସମନ୍ୱିତ ଏକତ୍ୱ ମଧ୍ୟରେହିଁ ବଧିତ ହୋଇ ରହି ପାରୁଥିଲା ଏବଂ ସ୍ପଷ୍ଟ ଅଟ୍ଟାଳିକାଟି ସେହି ଏକତ୍ୱକୁ ମୂର୍ତ୍ତିମନ୍ତ କରି ରଖୁଥିଲା । ସ୍ଥପତି ସେହି ଅଟ୍ଟାଳିକାର ଗୋଟିଏ ଅଂଶ ହୋଇ ରହିଥିଲା, ଚିତ୍ରକଳା ବି ତାହାର ଅଂଶ ହୋଇ ରହିଥିଲା । ଏଗୁଡ଼ିକ ପରସ୍ପରଠାରୁ କୌଣସି ପ୍ରକାରେ ବିଚ୍ଛିନ୍ନ ହୋଇ ରହି ନଥିଲେ, କାହାରି ଖିଆଲରେ କୌଣସିଟିକୁ ସେଠାରେ ଆଣି ଭର୍ତ୍ତି କରି ଦିଆଯାଇ ନଥିଲା; ମାତ୍ର ସବୁକିଛି ସାଧାରଣ ଯୋଜନାଟିର ଅନ୍ତର୍ଗତ ହୋଇ ରହିଥିଲା । ଏବଂ, ଏହିପରି ଭାବରେ, ଯେତେବେଳେ ଏହି ଲୋକମାନେ ଉଦାହରଣସ୍ୱରୂପ, ମନ୍ଦିରଟିଏ ନିର୍ମାଣ କରୁଥିଲେ, ସେତେବେଳେ ମଧ୍ୟ ତାହାକୁ ଏକ ସମଗ୍ରରୂପେହିଁ ଗଢ଼ୁଥିଲେ, ଯାହା ମଧ୍ୟରେ କି କଳାର ପ୍ରାୟ ଯାବତୀୟ ରୂପାୟନ ପରିଦୃଷ୍ଟ ହେଉଥିଲା; ସେମାନେ ଯେଉଁ ସୌନ୍ଦର୍ଯ୍ୟଟିକୁ ରୂପ ଦେବା ଲାଗି ଇଚ୍ଛା କରୁଥିଲେ, ତାହାକୁ ଅଭିବ୍ୟକ୍ତ କରି ଦେବାର ଏକକ ଇଚ୍ଛାଟି ମଧ୍ୟରେହିଁ ତାହା ସମ୍ମିଳିତ ହୋଇ ରହିଥିଲା, ଅର୍ଥାତ୍, ସେମାନେ ଯେଉଁ ଦେବତାଙ୍କର

'oaob.nitrkl.ac.in' images reprocessed

ଉପାସନା କରିବାକୁ ଇଚ୍ଛା କରୁଥିଲେ, ତାଙ୍କର ଲାଗିନ୍ତି ଏକ ପରିଚ୍ଛଦ ହୋଇ ରହିଥିଲା । କଳା-ଇତିହାସର ସୌନ୍ଦର୍ଯ୍ୟମୟ ଯାବତୀୟ ପର୍ଯ୍ୟାୟ ଠିକ୍ ଏହିପରି ହେଉଥିଲା । ମାତ୍ର ଏହି ବର୍ତ୍ତମାନ ଯୁଗକୁ ଆସି,—ଏକାବେଳକେ ଆଧୁନିକ କାଳରେ ନୁହେଁ, ମାତ୍ର ଗତ ଶତାବ୍ଦୀର ଶେଷ ବେଳକୁ କଳା ବାଣିଜ୍ୟିକ ହୋଇଗଲା, ଭଗ୍ନବେଗୀ ହେବାକୁ ଲାଗିଲା ଏବଂ ବଜାରରେ ବିକିବା ଲାଗିନ୍ତି କଳାକାରମାନେ ଛବି ତିଆରି କଲେ । ସେଗୁଡ଼ିକୁ କାନ୍‌ଭାସ୍ ଉପରେ ଅଙ୍କାଗଲା, ତା' ଉପରେ ଫ୍ରେମ୍ ବାନ୍ଧି ଦିଆଗଲା; ଏବଂ ତାପରେ, କୌଣସି ଖାସ୍ କାରଣ ନଥାଇ, ଏଠାରେ ଗୋଟାଏ ଛବିକୁ ଆଣି ରଖି ଦିଆଗଲା ତ ସେଠାରେ ଆଉଗୋଟାକୁ ନେଇ ରଖି ଦିଆଗଲା । ଅଥବା, କୌଣସି ଏକ ସ୍ଥପତି ଏଇଟିକୁ ବା ଆଉ କୌଣସି ଏକ କଥାର ପ୍ରତିନିଧିତ୍ୱ କଲା ଏବଂ ସେଗୁଡ଼ାକୁ ନେଇ ଯେଉଁଠି ଇଚ୍ଛା ସେଠି ରଖି ଦିଆଗଲା । ଯେଉଁ ଘରେ ଏଗୁଡ଼ାକୁ ନେଇ ରଖାଗଲା, ସେଇଟି ସହିତ ଏଗୁଡ଼ିକର ଆଦୌ କୌଣସି ସମ୍ବନ୍ଧ ନଥିଲା । ସେଗୁଡ଼ାକ ସେଠି ଆଦୌ ଖାପ ଖାଇଲା ନାହିଁ । ପ୍ରତ୍ୟେକ ଏକକ କଳାବସ୍ତୁ ହୁଏତ ଭାରି ସୁନ୍ଦର କରି ତିଆରି ହୋଇଥିଲା ମାତ୍ର ସେଗୁଡ଼ିକ ଯେଉଁଠି ଯାଇ ରହୁଥିଲେ, ସେଠାରେ ସେଗୁଡ଼ିକର ଆଦୌ କୌଣସି ଅର୍ଥହିଁ ନଥିଲା । ଏହାକୁ ସଂଗଠିତ ଓ ସଂହତ ରହିଥିବା ଏକ ସମଗ୍ର ବୋଲି ଆଦୌ କୁହାଯାଇ ପାରୁ ନଥିଲା, ସେଗୁଡ଼ିକ ପ୍ରକୃତରେ କିଛି ଅଭିବ୍ୟକ୍ତ କରିବାକୁ ପ୍ରୟାସ କରୁଛନ୍ତି ବୋଲି କୁହାଯାଇ ପାରୁ ନଥିଲା । ଏଥିରେ ନିଃସନ୍ଦେହ ଭାବରେ ପ୍ରତିଭାର ଅନେକ ପ୍ରଦର୍ଶନ ହୋଇ ପାରୁଥିଲା, ଚତୁରତାର ପ୍ରଦର୍ଶନ ହେଉ-ଥିଲା, ଗୋଟାଏ ଛବି ଅଥବା ଗୋଟିଏ ମୂର୍ତ୍ତି ତିଆରି କରିଦେବାର ଦକ୍ଷତା ବି ପ୍ରଦର୍ଶନ କରାଯାଇ ପାରୁଥିଲା ସତ, ମାତ୍ର ସେଗୁଡ଼ିକ କିଛିହେଲେ ଅଭିବ୍ୟକ୍ତ କରି ପାରୁ ନଥିଲେ । ସେହି ଯୁଗର ବାସ୍ତୁକଳା ମଧ୍ୟ ଠିକ୍ ସେହିପରି ହୋଇ ରହିଥିଲା, ତାହାର ଆଦୌ କୌଣସି ନିର୍ଦ୍ଦିଷ୍ଟ ଅର୍ଥ-ଆବେଦନ ନଥିଲା । ଜଣେ ସେହି ଅଟ୍ଟାଳିକାଟିରେ ପ୍ରକୃତରେ ଯେଉଁ ଶକ୍ତିମନ୍ତତାର ଅଭିବ୍ୟକ୍ତି ଘଟାଇବାକୁ ଇଚ୍ଛା କରୁଛି, ସେହି ଶକ୍ତିକୁହିଁ ଏକ ପ୍ରକାଶରୂପ ଦେବାର ଅଭିପ୍ରାୟରେ ଜଣେ ସେତେ-ବେଳେ କିଛି ତିଆରି କରୁ ନଥିଲା, ନିର୍ମିତ ସୌଧଟି କୌଣସି ଅଭୀପ୍ସାକୁ ପ୍ରକାଶ କରି ଆଣୁ ନଥିଲା, ଆମର ଭାବ-ଆତ୍ମାଟିକୁ ଉଦ୍ବେଳିତ କରି ଆଣିଲାଭଳି ସେଥିରେ ଆଦୌ କିଛି ନଥିଲା ବା ସେହି ସୌଧରେ ଜଣେ ଯେଉଁ ଦେବତାଙ୍କର ଏକ ଆଳୟ ଯୋଗାଇ ଦେବାକୁ ଇଚ୍ଛା କରୁଥିଲା, ସୌଧଟି ସେହି ଦେବତାଙ୍କର ମହାନତାକୁ କୌଣସି ପ୍ରକାରେ ବ୍ୟକ୍ତ କରି ପାରୁ ନଥିଲା । ଏହା କେବଳ ଛବିଗୁଡ଼ାଏ ପରି ନିରର୍ଥକ ଓ ଆବେଦନଶୂନ୍ୟ ହୋଇ ରହିଥିଲା । ସେମାନେ ଏଠାରେ ଗୋଟାଏ ସୌଧ ଗଢି ଥୋଇ ଦେଉଥିଲେ, ସେଠାରେ ଆଉ ଗୋଟାଏ ସୌଧ ଗଢ଼ି ଥୋଇ

'oaob.nitrkl.ac.in' images reprocessed

ଦେଉଥିଲେ, ଏଇଟାକୁ ବା ସେଇଟାକୁ ତିଆରି କରି ପକାଉଥିଲେ, କେତେ ଚିତ୍ର, କେତେକେତେ ମୂର୍ତ୍ତି ଏବଂ ଯାବତୀୟ ପ୍ରକାରର ପଦାର୍ଥ ତିଆରି କରି ପକାଉଥିଲେ । ତେଣୁ, ବର୍ତ୍ତମାନ ମୁଁ ତୁମମାନଙ୍କୁ ଠିକ୍ ଯେପରି କହୁଥିଲି, ଯେକୌଣସି ସୌଧ ଭିତରେ ପ୍ରବେଶ କରି ସେତେବେଳେ ଆମକୁ କେବଳ ଏଠି ଟିକିଏ ସ୍ଥପତି, ସେଠି ଆଉଟିକିଏ ଚିତ୍ର,—ଏହିପରି ଦେଖିବାକୁ ପଡ଼ୁଥିଲା, ପରସ୍ପର ସହିତ ଆଦୌ କୌଣସି ସଙ୍ଗତି ରହି ନଥିବା ଗଦାଗଦା ନାନା ନିରର୍ଥକ ଗୁଡ଼ାଏ ଜିନିଷର ଏକ ପ୍ରଦର୍ଶନକୁହିଁ ଦେଖିବାକୁ ପଡ଼ୁଥିଲା । ଏବଂ, ଏଗୁଡ଼ାକ କାହିଁକି ତିଆରି ହୋଇଥିଲା ? ଗୋଟାଏ ପ୍ରକାରର ପ୍ରଦର୍ଶନୀ ମେଲାଇ ରଖିବାକୁ ଓ କେତେଟା କଳାଦ୍ରବ୍ୟକୁ ନେଇ ଗୋଟିଏ ପ୍ରଦର୍ଶନ କରିବାକୁ ଏଗୁଡ଼ାକ କରା ହେଉଥିଲା ଏବଂ କଳା ତଥା ସୌନ୍ଦର୍ଯ୍ୟ ସହିତ ଏସବୁର ଆଦୌ କିଛିହେଲେ ସମ୍ବନ୍ଧ ନଥିଲା । ମାତ୍ର,—ଏଗୁଡ଼ାକ ପ୍ରକୃତରେ କେତେବେଶୀ ବୀଭତ୍ସ ହୋଇ ରହିଥିଲା, ତାହା ଅନୁଭବ କରି ପାରିବା ଲାଗି ଆମକୁ କଳାର ଗଭୀର ତାତ୍ପର୍ଯ୍ୟଟିକୁ ବୁଝିବାକୁ ପଡ଼ିବ । କାରଣ, ତା' ନହେଲେ, ଆମେ ଯେତେବେଳେ ସେହିଗୁଡ଼ାକୁହିଁ ଦେଖିବାରେ ଅଭ୍ୟସ୍ତ ହୋଇଯିବା, ଯେତେବେଳେ ଆମେ ସେହି ଯୁଗ ଏବଂ ସେହି ପ୍ରାଣପରିବେଶଟି ମଧ୍ୟରେ ବାସ କରିବାକୁ ଆରମ୍ଭ କରିବା, ସେତେବେଳେ ତାହା ବେଶ୍ ସ୍ୱାଭାବିକ ବୋଲି ମନେ ହେବାକୁ ଲାଗିବ;—ମାତ୍ର ତାହା ପ୍ରକୃତରେ ଆଦୌ ସ୍ୱାଭାବିକ ନୁହେଁ । ଏହାକୁ କେବଳ ବାଣିଜ୍ୟକତା ଦ୍ୱାରା ଅନୁପ୍ରେରିତ ଏକ ବିକୃତି ବୋଲିହିଁ କୁହାଯାଇ ପାରିବ ।

ଏହା ପଛରେ ବା ଏହା ପକ୍ଷରେ କେବଳ ଗୋଟିଏ ମାତ୍ର ଔଚିତ୍ୟ ରହିଛି; ଆମେ ଏଗୁଡ଼ିକୁ ଶିକ୍ଷାର ଗୋଟିଏ ଗୋଟିଏ ସାଧନରୂପେ ବ୍ୟବହାର କରି ପାରିବା । ତେବେ ତାହା ଏକ ସଂଗ୍ରହାଳୟ ହୋଇ ରହିବ । ଯଦି ଆମେ ଗୋଟିଏ ସଂଗ୍ରହାଳୟ ତିଆରି କରି ରଖିବାକୁ ଇଚ୍ଛା କରୁଥିବା, ତେବେ ଆଗରୁ ଯାହାକିଛି ହୋଇଛି, ଆମକୁ ଇତିହାସ ଦୃଷ୍ଟିରୁ ସେଗୁଡ଼ିକର ଗୋଟିଏ ଗୋଟିଏ ନମୁନା ଅବଶ୍ୟ ରଖିବାକୁ ପଡ଼ିବ । ବିଭିନ୍ନ ବସ୍ତୁର ଐତିହାସିକ ଜ୍ଞାନ ଯୋଗାଇ ଦେବାରେ ତାହା ଆମକୁ ନିଶ୍ଚୟ ସାହାଯ୍ୟ କରିବ । ମାତ୍ର ଖାସ୍ କୌଣସି ସଂଗ୍ରହାଳୟକୁ ଆମେ କେବେହେଲେ ସୁନ୍ଦର ବୋଲି କହିପାରିବା ନାହିଁ, ବରଂ ତାହାଠାରୁ ଅନେକ ଭିନ୍ନ ଆଉକିଛି ବୋଲି କହିବା । ଜଣେ କଳାକାର ଲାଗି ତାହା ଅନେକ ସମୟରେ ବେଶ୍ ବୀଭତ୍ସ ଏକ ସ୍ଥାନ ବୋଲି ମଧ୍ୟ ପ୍ରତୀତ ହୋଇପାରେ । ଶିକ୍ଷା ଦୃଷ୍ଟିରୁ ଏହାକୁ ଅବଶ୍ୟ ଖୁବ ଉପାଦେୟ ବୋଲି କୁହାଯିବ, କାରଣ ସେଠାରେ ଗୋଟିଏ ସ୍ଥାନରେ ଯାବତୀୟ ବସ୍ତୁର ନମୁନାଗୁଡ଼ିକ ସଂଗୃହୀତ ହୋଇ ରହିଥିବ; ଏବଂ ଏହିପରି ଭାବରେ ତୁମେ ଏଥିରୁ ଅନେକ କିଛି ଶିକ୍ଷା କରିପାରିବ, ପାଣ୍ଡିତ୍ୟ

'oaob.nitrkl.ac.in' images reprocessed

ଅର୍ଜନ କରିବ । ମାତ୍ର, ସୌନ୍ଦର୍ଯ୍ୟର ଦୃଷ୍ଟିକୋଣରୁ ତାହା ଏକ ଭୟଙ୍କର ସ୍ଥାନ ହୋଇ ରହିଥିବ ।

ତେଣୁ, ପରବର୍ତ୍ତିକାଳରେ ସେହି ଅବସ୍ଥାରୁ ନେଉଟି ଆସିବା ଲାଗି ଏକ ପ୍ରୟାସ କରାହୋଇଥିଲା (ଉଦାହରଣସ୍ୱରୂପ, ଏହି ଶତାବ୍ଦୀର ଆରମ୍ଭରେ,— ମୁଁ ଏହି ଶତାବ୍ଦୀର ପ୍ରଥମ କେତୋଟି ବର୍ଷର କଥା କହୁଛି ।), ଯାହାକୁ ସାଧାରଣତଃ "ଆଲଙ୍କାରିକ କଳା" ବୋଲି କୁହାଯାଏ, ତାହାର ସୃଷ୍ଟି ଲାଗି ଏକ ପ୍ରୟାସ ହୋଇଥିଲା । ଅର୍ଥାତ୍, ସମଷ୍ଟିର ଏକ ଦୃଷ୍ଟି ଭିତରକୁ ଫେରିଆସିବାକୁ ଏବଂ କୌଣସି ଗୃହର ସଜ୍ଜା ବିଷୟରେ ବ୍ୟବସ୍ଥା କରିବାକୁ ଗଲାବେଳେ ଏକ ସମନ୍ୱିତ ସମଗ୍ରତା ସମ୍ଭବ କରିବାକୁ ଏକ ଚେଷ୍ଟା କରା ହୋଇଥିଲା । ଯେଉଁ ଗୃହରେ ବସ୍ତୁଗୁଡ଼ିକୁ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଜାଗାରେ ରଖା ଯାଉଥିଲା, କାରଣ ସେଗୁଡ଼ିକ ସେହିଠାରେହିଁ ରଖାଯିବେ ବୋଲି ଅଭିପ୍ରେତ ହୋଇ ରହିଥିଲେ, ଯେଉଁଠାରେ ପ୍ରତ୍ୟେକ ବସ୍ତୁର ରହିବା ପଛରେ କେବଳ ଯେ ଏକ ଉଦ୍ଦେଶ୍ୟ ରହିଥିଲା ତା' ନୁହେଁ, ମାତ୍ର ତାହାର ଏକ ନିର୍ଦ୍ଦିଷ୍ଟ ସ୍ଥାନ ରହିଥିଲା ଓ ତାହାକୁ ଆଉ କେଉଁଠାରେ ରଖିବା ଆଦୌ ସମ୍ଭବ ନଥିଲା, ସେହିପରି ଗୃହଗୁଡ଼ିକୁ ସଜାଇ ରଖିବାର ଏକ ପ୍ରଚେଷ୍ଟା ହୋଇଥିଲା । ଏକ ସମଷ୍ଟି ବା ସମଗ୍ରର ସୃଷ୍ଟି କରାଗଲା । ଏହିପରି ଭାବରେ ଅବସ୍ଥାରେ କିଞ୍ଚିତ୍ ଉନ୍ନତି ଘଟିଲା । ସେଥିଲାଗି ଏକ ପ୍ରଚେଷ୍ଟା ହେଉଥିଲା ।

ଏଠି ଭାରତବର୍ଷରେ ଆମେ ସମ୍ପୂର୍ଣ୍ଣ ଭାବରେ ଭିନ୍ନ କଥା ଦେଖିବାକୁ ପାଇବା । କାରଣ, ଏଠାରେ କଳାର ଏକ ପରମ୍ପରା ଏପର୍ଯ୍ୟନ୍ତ ମଧ୍ୟ ବଞ୍ଚିରହିଛି, ସମସ୍ତ ଦେଶ ଏପରି ଗୁଡ଼ିଏ ବସ୍ତୁରେ ଭରପୂର ହୋଇ ରହିଛି, ଯେଉଁଗୁଡ଼ିକ କି ଏହି ଦେଶର କଳାତ୍ମକ ଇତିହାସର ଏକ ମନୋହର ମୁହୂର୍ତ୍ତରେ ନିର୍ମିତ ହୋଇଥିଲା । ଏଠାରେ ସେହି ବସ୍ତୁଗୁଡ଼ିକ ମଧ୍ୟରେହିଁ ସମସ୍ତେ ବାସ କରିଆସୁଛନ୍ତି । ଅବଶିଷ୍ଟ ପୃଥିବୀରେ, ବିଶେଷତଃ ଇଉରୋପରେ ଯାହାସବୁ ଘଟିଥିଲା, ତାହାର ଉପସର୍ଗଗୁଡ଼ିକ ଏହି ଦେଶରେ କ୍ୱଚିତ୍ ଅନୁଭୂତ ହୋଇଛି । ଭାରତବର୍ଷର କେବଳ ଯେଉଁ ଅଂଶଗୁଡ଼ିକ କିଞ୍ଚିତ୍ ଅଧିକ ପରିମାଣରେ ଇଂରେଜୀ ସଭ୍ୟତାର ଫାନ୍ଦରେ ପଡ଼ିଯାଇଛି, ସେହି ଅଂଶଗୁଡ଼ିକୁହିଁ ସେହି ସୌନ୍ଦର୍ଯ୍ୟର ବୋଧଟିକୁ ହରାଇବାକୁ ପଡ଼ିଛି । ବମ୍ବେର କଳାକାରମାନଙ୍କର କେତେକ ଗୋଷ୍ଠୀ ଓ ଅନୁଷ୍ଠାନ ରହିଛି, ଯେଉଁଗୁଡ଼ିକୁ କି ପ୍ରକୃତରେ ଭୟଙ୍କର ବୋଲି କୁହାଯିବ । ଏବଂ ତାପରେ କଲିକତାର ସେହି କଳାକାର ଗୋଷ୍ଠୀ ଭାରତୀୟ କଳାର ପୁନରୁଜ୍ଜୀବନ ଲାଗି ମଧ୍ୟ ଏକ ପ୍ରୟାସ କରିଛନ୍ତି ସତ, ମାତ୍ର ତାହା ଏକ କ୍ଷୁଦ୍ର ପରିସର ମଧ୍ୟରେହିଁ କରାଯାଇଛି । କଳାର ଦୃଷ୍ଟିରୁ ବିଚାର କରି ଦେଖିଲେ ଏଠାରେ ଯାହା ଅଧିକତର

'oaob.nitrkl.ac.in' images reprocessed

ପରିମାଣରେ ଆମର ପଶ୍ଚାତ୍‌ ଭିତରେ ରହିଛି, ସେଗୁଡ଼ିକ ହେଉଛି ସେହି ପୁରାତନ ଯୁଗରହିଁ ନାନା ସୃଷ୍ଟି, ସେହି ପୁରାତନ ଯୁଗର ନାନା ମନ୍ଦିର ଓ ନାନା ଚିତ୍ର । ସେଗୁଡ଼ିକ ପ୍ରକୃତିରେ ଖୁବ ସୁନ୍ଦର । ଏବଂ ଏକ ବିଶ୍ୱାସକୁ ଅଭିବ୍ୟକ୍ତ କରିବା ଲାଗି ସେଗୁଡ଼ିକର ନିର୍ମାଣ ହୋଇଥିଲା । ଏବଂ କୌଣସି ପ୍ରକାର ବିଶୃଙ୍ଖଳା ବା ବିସମ୍ବାଦ ଭିତରେ ନୁହେଁ, ଏକ ସମଗ୍ରତା-ବୋଧ ଦ୍ୱାରା ପ୍ରେରିତ ହୋଇହିଁ ସେହି ଯୁଗରେ ଏଗୁଡ଼ିକର ନିର୍ମାଣ ହୋଇଥିଲା ।

ବର୍ତ୍ତମାନ ମୁଁ ଯେଉଁ କଳା-ଆନ୍ଦୋଳନଟି ବିଷୟରେ କହୁଥିଲି, ସେଇଟି ଇଉରୋପୀୟ ସଭ୍ୟତା ସହିତହିଁ ସମ୍ବନ୍ଧିତ ହୋଇ ରହିଛି, ତେଣୁ ତୁମେ ମୋ କଥାର କେବଳ ଅଳ୍ପ କେତେକ ଅଂଶକୁହିଁ ହୁଏତ ବୁଝି ପାରିଥିବ । ଏହି ଦେଶରେ ସେହି ଆନ୍ଦୋଳନଗୁଡ଼ିକର ଖୁବ୍‌ ବେଶୀ ପ୍ରଭାବ ପଡ଼ି ନାହିଁ, ଯାହା ପଡ଼ିଛି ଖୁବ୍‌ କମ୍‌ ପଡ଼ିଛି, ମାତ୍ର ଗଭୀର ଭାବରେ ଆଦୌ ପଡ଼ି ନାହିଁ । ଏଠାରେ ଅଧିକାଂଶ ସୃଷ୍ଟି (ଏଇଟି ଏକ ଖୁବ ଭଲ ଦୃଷ୍ଟାନ୍ତ), ଅଧିକାଂଶ କୃତି, ଏବଂ ମୋର ବିଶ୍ୱାସ ଏହି ଦେଶର ଯାବତୀୟ ସୁନ୍ଦର ସର୍ଜନା କେଉଁମାନେ କରିଛନ୍ତି, ସେ ବିଷୟରେ କାହାକୁ କିଛିହେଲେ ଜଣା ନାହିଁ, ସେଗୁଡ଼ିକ ଉପରେ କାହାରି ସ୍ୱାକ୍ଷର ନାହିଁ । ସେଗୁଡ଼ିକୁ କିଏ ତିଆରି କଲେ, ଆମେ ସେବିଷୟରେ କିଛି ଜାଣି ନାହୁଁ ଏବଂ ବର୍ତ୍ତମାନ ଯେପରି ହେଉଛି, ନିଜ ପାଇଁ ଗୋଟାଏ ନାମ ଅର୍ଜନ କରିବାକୁ ସେହିସବୁ କିଛି-ହେଲେ କରାହୋଇ ନଥିଲା । କୌଣସି ବ୍ୟକ୍ତି ଜଣେ ଭଲ ସ୍ଥପତି ଥିଲା, ବଡ଼ ଚିତ୍ରକାର ଥିଲା, ବଡ଼ ସୌଧନିର୍ମାତା ଥିଲା; ଏବଂ ତାହାହିଁ ଯଥେଷ୍ଟ ଥିଲା । ଯେପରିକି କେହି କଦାପି ପାସୋରି ପକାଇବେ ନାହିଁ, ସେଥିଲାଗି ସକଳ ବସ୍ତୁ ଉପରେ ନିଜର ନାଆଁଟାକୁ ଲେଖି ରଖିବାର ଏବଂ ଖବରକାଗଜରେ ସେଇଟାକୁ ଏଡ଼େ ବଡ଼ ପାଟିରେ ଘୋଷଣା କରି କହିବାର ଆଦୌ କୌଣସି ପ୍ରଶ୍ନ ନଥିଲା । ଭବିଷ୍ୟତ ଯାଏ ତା'ର ନାଆଁଟିକୁ ସମସ୍ତେ ମନେ ରଖିବେ କି ନାହିଁ, ସେବିଷୟରେ କୌଣସି ଚିନ୍ତାହିଁ ନକରି ସେତେବେଳେ କଳାକାର ଯାହାକିଛି କରୁଥିଲା । ଏକ ଉଚ୍ଚତର ସୌନ୍ଦର୍ଯ୍ୟକୁ ପ୍ରକାଶରୂପ ଦେବାର ଆକାଙ୍‌କ୍ଷାରେହିଁ ସେତେବେଳେ ସବୁକିଛି କରା ହେଉଥିଲା । ଏବଂ ସର୍ବୋପରି, ଯେଉଁ ଦେବତାଙ୍କର ଆବାହନ କରା ହେଉଛି, ତାଙ୍କ ପାଇଁ ଏକ ଉପଯୁକ୍ତ ଆସ୍ଥାନ ଯୋଗାଇ ଦେବାକୁହିଁ ତାହା କରା ହେଉଥିଲା । ମଧ୍ୟଯୁଗର ଗୀର୍ଜା ଓ ଦେବାଳୟମାନଙ୍କରେ ଠିକ୍‌ ସେହି କଥା ହେଉଥିଲା ଏବଂ ମୋର ବିଶ୍ୱାସ ହେଉ ନାହିଁ ଯେ ସେଗୁଡ଼ିକୁ ନିର୍ମାଣ କରୁଥିବା କଳାକାରମାନଙ୍କର ନାମ ସେଠାରେ ଲେଖାହୋଇ ରହିଛି । ରହିଥିଲେ ହୁଏତ କେତୋଟି ବ୍ୟତିକ୍ରମ ପରି ହୋଇ ରହିଛି ଏବଂ ହୁଏତ ଅତ୍ୟନ୍ତ ଆକସ୍ମିକ ଭାବରେହିଁ ନାମଟି ଆଜି ପର୍ଯ୍ୟନ୍ତ ସଂରକ୍ଷିତ ହୋଇ ରହିଛି । ମାତ୍ର ବର୍ତ୍ତମାନ

'oaob.nitrkl.ac.in' images reprocessed

ହୁଏତ ଏପରି ଗୋଟିଏ ହେଲେ ଚିତ୍ରପଟ ଦେଖିବାକୁ ମିଳିବ ନାହିଁ, ଯେଉଁଠାରେ କି, ତା' ଉପରେ ଚିତ୍ରଟିଏ ହୋଇଥାଉ ବା କେବଳ ରଙ୍ଗଗୁଡ଼ାଏ ଲେଖା ହୋଇଥାଉ ପଛକେ, କଳାକାର ତା'ର ନାଆଁଟିକୁ ଅବଶ୍ୟ ଲେଖି ନରଖିଛି ଏବଂ ଶ୍ରୀଯୁକ୍ତ ଅମୁକ କୁମାର ବା ଅମୁକ ଚନ୍ଦ୍ର ଛବିଟିକୁ ଆଙ୍କିଛନ୍ତି ବୋଲି ତୁମକୁ ବତାଇ ଦେବାକୁ ଇଚ୍ଛା ନକରୁଛି !

ଅନେକେ କହନ୍ତି ଯେ ପାଶ୍ଚାତ୍ୟ ଏବଂ ପ୍ରାଚ୍ୟର କଳା ମଧ୍ୟରେ ଏକ ସମନ୍ୱୟ ସମ୍ଭବ ହୋଇ ପାରିବ ।

ହଁ, ହୋଇପାରିବ । ଯଥେଷ୍ଟ ପରିମାଣରେ ନିଜକୁ ଉନ୍ମୋଚିତ କରିନେଇ ପାରିଲେ ପ୍ରତ୍ୟେକ କ୍ଷେତ୍ରରେ ଏକ ସମନ୍ୱୟ ସମ୍ଭବ ହୋଇପାରିବ ।

ସେହି ସମନ୍ୱୟରୁ କ'ଣ ହେବ ?

ଯଦି ତାହାର ପ୍ରୟୋଜନ ଥାଏ, ତେବେ ତାହା ନିଶ୍ଚୟ ହେବ । ମାତ୍ର ମୂଳତଃ, ଏହିସବୁ ବସ୍ତୁର କ୍ଷେତ୍ରରେ ଏକ ସମ୍ମିଳନ ଓ ସମନ୍ୱୟ ବେଶ୍ ଗଢ଼ି ଉଠିବାରେ ଲାଗିଛି । କାରଣ, ଆଧୁନିକ ଯୁଗ ଏବଂ ବିଶେଷ କରି ଏହି ବିକଶିତ ବାଣିଜ୍ୟିକତାର ଏକ ବରଦାନସ୍ୱରୂପ ବର୍ତ୍ତମାନ ସବୁକିଛି ପରସ୍ପର ସହିତ ମିଶିଯାଇ ପାରୁଛି; ପ୍ରାଚ୍ୟର ବସ୍ତୁଗୁଡ଼ିକ ପାଶ୍ଚାତ୍ୟକୁ ଯାଇପାରୁଛି, ପାଶ୍ଚାତ୍ୟର ବସ୍ତୁମାନ ପ୍ରାଚ୍ୟକୁ ମଧ୍ୟ ଯାଇ ପାରୁଛି; ଏବଂ ସେମାନେ ପରସ୍ପର ଉପରେ ପ୍ରଭାବ ପକାଉଛନ୍ତି । ବର୍ତ୍ତମାନ ମୁହୂର୍ତ୍ତରେ ଏଥିରୁ ଏକ ଗଣ୍ଡଗୋଳିଆ ଅବସ୍ଥାର ସୃଷ୍ଟି ହୋଇଛି, ଗୋଟାଏ ପ୍ରକାର ଗୋଳିଆ ଘଣ୍ଟା ହୋଇଯାଇଛି । ମାତ୍ର ଏଥିମଧ୍ୟରୁ ନିଶ୍ଚୟ ଏକ ନୂତନ ଅଭିବ୍ୟକ୍ତି ଜନ୍ମ ନେବାକୁ ଯାଉଛି,—ସେଇଟିର ଉପଲବ୍ଧି ହେବାକୁ ଆଉ ଆଦୌ ଅଧିକ ଦୂର ନାହିଁ । ଲୋକେ ବର୍ତ୍ତମାନ ପରସ୍ପର ସହିତ ଯେପରି ମିଶି ପାରିଲେଣି, ତାହାର ଏକ ସଦ୍‌ଗୁଣ ପ୍ରଭାବ ନପକାଇ ଲୋକେ ସେପରି କଦାପି ମିଶି ପାରୁ ନଥାନ୍ତେ । ଉଦାହରଣସ୍ୱରୂପ, ରାଜ୍ୟଜୟ କରିବାର ଉନ୍ମତ୍ତତା ନେଇ ପାଶ୍ଚାତ୍ୟ ଜଗତର ଯେଉଁ ଦେଶମାନେ ପୃଥିବୀର ଯାବତୀୟ ପ୍ରକାରର ଦେଶଗୁଡ଼ାକୁ ଯାଇ ଜୟ କରିଥିଲେ, ବିଜିତ ଦେଶଗୁଡ଼ିକର ଏକ ନିଶ୍ଚିତ ପ୍ରଭାବ ସେମାନଙ୍କ ଉପରେ ମଧ୍ୟ ପଡ଼ିଛି । ପ୍ରାଚୀନ କାଳରେ ଯେତେବେଳେ ରୋମ୍ ଗ୍ରୀସ୍ ଉପରେ ବିଜୟ ହାସଲ କରିଥିଲା, ତାହା ଫଳରେ ତାହା ଯେତେ ଅଧିକ ପରିମାଣରେ ଗ୍ରୀସ୍‌ର ପ୍ରଭାବରେ ଆସିଲା, ଏହି ବିଜୟକୃତି ବ୍ୟତୀତ ତାହା ସେତେ ପରିମାଣରେ ହୁଏତ

'oaob.nitrkl.ac.in' images reprocessed

କଦାପି ସମ୍ଭବ ହୋଇ ନଥାନ୍ତା । ଏବଂ ଆମେରିକାର ଅଧିବାସୀମାନେ,—ସେମାନେ ବର୍ତ୍ତମାନ ଯାହାକିଛି ଢଆରି କରୁଛନ୍ତି, ସେଗୁଡ଼ାକ ଖାଲି ଜାପାନୀ ବସ୍ତୁରେ ଭରପୂର ହୋଇ ରହୁଛି, ଏବଂ ସେମାନେ ହୁଏତ ସେହି ବିଷୟରେ ଆଦୌ ସଜ୍ଞାନହିଁ ନାହାନ୍ତି । ମାତ୍ର ଯେଉଁ ଦିନଠାରୁ ସେମାନେ ଜାପାନ ଉପରେ ବିଜୟ ହାସଲ କରିଛନ୍ତି, ସେଦିନଠାରୁ ମୁଁ ଦେଖିବାକୁ ପାଉଛି ଯେ ଆମେରିକାରୁ ଆସୁଥିବା ପତ୍ରିକାଗୁଡ଼ାକ ଖାଲି ଜାପାନୀ ଜିନିଷରେ ପୂର୍ଣ୍ଣ ହୋଇ ରହୁଛି । ଏବଂ ଆମେରିକାରୁ ଆସୁଥିବା କେତେକ ଜିନିଷର କେତେକ ଟିକିନିଖି କ୍ଷେତ୍ରରେ ମଧ୍ୟ ଜାପାନୀ ପ୍ରଭାବଟିକୁ ବେଶ୍ ଅନୁଭବ କରି ହେଉଛି । ଏସବୁ ବଡ଼ ସ୍ୱତଃପ୍ରେରିତ ଭାବରେ ଘଟୁଛି । ଏଇଟା ପ୍ରକୃତରେ ଏକ ବିଚିତ୍ର କଥା ଯେ ଏହି କ୍ଷେତ୍ରରେ ଏକ ପ୍ରକାରର ସମତାବସ୍ଥା ଆପେ ଆପେ ଆସି ସମ୍ଭବ ହୋଇ ଯାଉଛି; ଏବଂ ଯିଏ ବାହାରୁ ଦେଖିବାକୁ ଏକ ବିଜୟ ହାସଲ କରିଥିଲା, ସିଏ ବିଜିତର ଆତ୍ମାଟି ଦ୍ୱାରା ସ୍ୱୟଂ ପରାଭୂତ ହୋଇ ରହୁଛି, ଏକ ପାରସ୍ପରିକ ଆଦାନପ୍ରଦାନ ଘଟୁଛି । ଗୋଟିଏ ଦେଶ ବାହାରକୁ ଦେଖିବାକୁ ଆଉଗୋଟିଏ ଦେଶକୁ ଆସି ଜୟ କରୁଛି, ବାହାରକୁ ଦେଖିବାକୁ ତାହା ଉପରେ ମାଲିକ ହୋଇ ବସୁଛି, ମାତ୍ର ପରାଜିତ ଦେଶର ଆତ୍ମା ବିଜେତା ଦେଶର ମନଟିକୁ ଅଧିକାର କରିନେଉଛି ।

ତେଣୁ, ଏହି ସମ୍ମିଶ୍ରଣର ମଧ୍ୟଦେଇ······ପ୍ରକୃତିର ଉପାୟଗୁଡ଼ିକ ବଡ଼ ମନ୍ଥର, ବଡ଼ ଅସ୍ପଷ୍ଟ ଏବଂ ବଡ଼ ଜଟିଳ । ଯେଉଁଟିକୁ ସମ୍ପନ୍ନ କରିବା ଲାଗି ହୁଏତ ଅନେକ କମ୍ ସମୟ ଲାଗିଥାନ୍ତା, ଆତ୍ମବଳରେ ଯାହା ଅତ୍ୟନ୍ତ ସହଜରେ ଓ କୌଣସି ପ୍ରକାର କ୍ଷତିସାଧନ ବ୍ୟତୀତ ସମ୍ପନ୍ନ ହୋଇ ପାରିଥାନ୍ତା, ସେଇଟିକୁ ସମ୍ପନ୍ନ କରିବାକୁ ପ୍ରକୃତି ଅନେକ ସମୟ ନେଇଥାଏ । ବର୍ତ୍ତମାନ ପୃଥିବୀରେ ସବୁ କ୍ଷେତ୍ରରେ କେବଳ ଭୟଙ୍କର ବରବାଦହିଁ ହେବାରେ ଲାଗିଛି, ମାତ୍ର ତାହାହିଁ ହେବାରେ ଲାଗିଛି । ଲୋକସମୂହଗୁଡ଼ିକୁ ଆଣି ପରସ୍ପର ସହିତ ସମ୍ମିଳିତ କରିଦେବା ଲାଗି ପ୍ରକୃତିର ଏକ ନିଜସ୍ୱ ପଦ୍ଧତି ରହିଛି ।

### ଏହା କ'ଣ ଅଭିପ୍ରେତ ଭାବରେ ହେଉଛି ?

"ଅଭିପ୍ରେତ" କହିଲେ ଲୋକେ ଯେଉଁ ଅର୍ଥରେ ବୁଝିଥାନ୍ତି, ଅବଶ୍ୟ ସେପରି ଅର୍ଥରେ ଆଦୌ ନୁହେଁ । ମାତ୍ର ତାହା ଯେ ଏକ ନିଶ୍ଚିତ ଅଭିପ୍ରାୟ ଏବଂ ଆମେ ଯେଉଁ ଆଡ଼କୁ ଯାଉଛୁ, ସେହି ଲକ୍ଷ୍ୟସ୍ଥଳଟିକୁହିଁ ଅଭିବ୍ୟକ୍ତ କରୁଛି, ଏଥିରେ କୌଣସି ସନ୍ଦେହ ନାହିଁ । ଅବଶ୍ୟ ଏକଥା ସତ ଯେ ତାହା ଚେତନାର ମାତ୍ରା ଉପରେହିଁ ସର୍ବାଧିକ ପରିମାଣରେ ନିର୍ଭର କରୁଛି । ଜଣେ ମନୁଷ୍ୟ ଲାଗି ଏଗୁଡ଼ାକ

'oaob.nitrkl.ac.in' images reprocessed

ସତେ ଅବା ଗୋଳମାଳିଆ ଗୋଟାଏ କିଛି ପରି ପ୍ରତୀତ ହେଉଛି, କାରଣ ସିଏ କେବଳ ଟିକିନିଖିଗୁଡ଼ାକୁ ଦେଖୁଛି ଏବଂ ଏହାଦ୍ୱାରା ଅତି ଭୟଙ୍କର ଭାବରେ ସମସ୍ତଗୁଡ଼ାକ ନଷ୍ଟ ହେଉଥିବା ପରି ଲାଗୁଛି; କାରଣ ଏହି ସଂସାରକୁ ସେ ଯେତିକି ଦିନ ପାଇଁ ଆସିଛି, ସମସ୍ତ ସମ୍ବନ୍ଧରେ ତା'ର ଧାରଣା କେବଳ ସେହି ଅବଧିଟିର ସୀମା ଭିତରେ ଆବଦ୍ଧ ହୋଇ ରହିଛି । ମାତ୍ର ପ୍ରକୃତି ସମ୍ମୁଖରେ ଶାଶ୍ୱତ କାଳ ପଡ଼ିରହିଛି । ଏବଂ ବରବାଦଗୁଡ଼ାକ ପ୍ରକୃତିକୁ ଆଦୌ ବିଚଳିତ କରୁ ନାହିଁ, କାରଣ ପ୍ରକୃତିକୁ ଆମେ ଏପରି ଜଣେ ବ୍ୟକ୍ତି ପରି କଳ୍ପନା କରିବା, ଯାହା ପାଖରେ କି ଗୋଟାଏ ପ୍ରକାଣ୍ଡ କଡ଼େଇ ରହିଛି । ସିଏ ସବୁକିଛିକୁ ନେଇ ସେହି କଡ଼ାଇ ଭିତରେ ପକାଇ ଦେଉଛି ଓ ଘାଣ୍ଟିବାରେ ଲାଗିଛି; ଏବଂ ଯଦି ସେଥିରୁ କିଛି ସମ୍ଭବ ନହେଉଛି, ତେବେ ସେ ସବୁଗୁଡ଼ାକୁ ନେଇ ବାହାରେ ଅଜାଡ଼ିଦେଇ ଆସୁଛି, କାରଣ ସିଏ ଭଲ କରି ଜାଣିଛି ଯେ ସେହି ଜିନିଷଗୁଡ଼ାକୁ ନେଇହିଁ ତାକୁ ପୁଣି ଆଉଗୋଟାଏ ମିଶ୍ରଣର ସୃଷ୍ଟି କରିବାକୁ ପଡ଼ିବ । ଏହିପରି ପଦ୍ଧତିରେ ପ୍ରକୃତି ମଧ୍ୟରେ ସବୁକିଛି ଚାଲିଛି । କିଛି ନଷ୍ଟ ହେଉ ନାହିଁ, କିଛି ହଜି ଯାଉ ନାହିଁ, କାରଣ ତାହା ସର୍ବଦା ପୁନର୍ବାର ବ୍ୟବହୃତ ହେବାରେ ଲାଗିଛି । କେତେ ରୂପ ଓ ଗଠନକୁ ଭାଙ୍ଗି ଦିଆଯାଉଛି ଏବଂ ଉପାଦାନଟିକୁ ପ୍ରତ୍ୟାହୃତ କରି ନିଆଯାଉଛି ଏବଂ ଏହିପରି ଭାବରେ ପ୍ରକ୍ରିୟାଟି ସତତ ଲାଗି ରହିଛି । ଗଢ଼ା ହେଉଛି, ଭଙ୍ଗା ହେଉଛି, ଭିତରପଟ ବାହାରକୁ କରି ଦିଆହେଉଛି; ସେଇଥିରେ ଯଦି ତାକୁ ଭଲ ଲାଗୁଛି, ତେବେ ଲକ୍ଷେ ଥର ପ୍ରୟାସ କଲେ ମଧ୍ୟ ତା'ର ପ୍ରକୃତିରେ କି କ୍ଷତି ହୋଇଯାଉଛି ? କାରଣ, କେଉଁଠି କିଛିହେଲେ ବରବାଦ ହୋଇ ଯାଉ ନାହିଁ, କିଛି ବୃଥା ହେଉ ନାହିଁ, କେବଳ ପ୍ରକୃତିର କାର୍ଯ୍ୟଟି ଯାହା ବୃଥା ହୋଇ ଯାଉଛି । ମାତ୍ର ତା'ର କାମ ହେଉଛି ତା'ର ଖିଆଲ; ତା'ର ମନ । କାମ ନକରି ସିଏ କଦାପି ତିଷ୍ଠି ରହି ପାରନ୍ତା ନାହିଁ ।

ଏଇଟା ତା' ପାଇଁ ସିନା ଗୋଟାଏ ଖିଆଲ, କିନ୍ତୁ ମଣିଷଙ୍କ ପାଇଁ ନୁହେଁ ।

ଆଦୌ ନୁହେଁ । ମୋର ଆଦୌ ଦ୍ୱିମତ ନାହିଁ । ମୁଁ ଭାବୁଛି ପ୍ରକୃତିର ଏହି ଖୁସି ଓ ଖିଆଲଖେଳଟା ଟିକିଏ ଅତିରିକ୍ତ ପରିମାଣରେ ନୃଶଂସ ହୋଇଯାଉଛି । ବାସ୍, ଆଜି ସେତିକି ଥାଉ ।

'oaob.nitrkl.ac.in' images reprocessed

# ୪ ନଭେମ୍ବର, ୧୯୫୩

କ୍ଲାସ ଆରମ୍ଭ କରିବା ଆଗରୁ ଆଜି ମାଆ କେତେ ମିନିଟ ଲାଗି "କୁଣ୍ଡଳବିଶିଷ୍ଟ ଗୋଲକ" ବିଷୟରେ କହିଥିଲେ । ପୂର୍ବ ସପ୍ତାହରେ ମାଆ ଯେଉଁଟି ବିଷୟରେ ବୁଝାଇଥିଲେ, ତାହାର ସ୍ପଷ୍ଟ ଧାରଣା ଦେଇ ପାରିବା ଲାଗି ପିଲମାନେ ଏହି ଗୋଲକଟିକୁ ତିଆରି କରି ଆଣିଥିଲେ :

...ବଳୟଟିର କେବଳ ଗୋଟିଏ ଅଂଶହିଁ ଗୋଲକଟିକୁ ସ୍ପର୍ଶ କରିଥାଏ ଏବଂ ତାହାର ଅବଶିଷ୍ଟାଂଶ ଭିତରେହିଁ ବିବର୍ତ୍ତିତ ହୋଇ ରହିଥାଏ । ତାହାକୁ ଆମେ ତିଆରି କରି ଦେଖାଇ ଦେଇ ପାରିବା ନାହିଁ । ଏଇଟି ଯାହା ତିଆରି ହୋଇଛି, ଏଇଟି ହେଉଛି ଅଭେଦ୍ୟ । ମାତ୍ର ଏଇଟି,—ଗୋଲକଟିର କେନ୍ଦ୍ରସ୍ଥଳରେ ସମସ୍ତ କୁଣ୍ଡଳୀ ପରସ୍ପରକୁ ଛେଦ କରି ଅତିକ୍ରମ କରିଥିଲେ ।

ତୁମେମାନେ ଏଇଟିରେ ଯାହା କରିଛ, ଯେପରି କରିଛ, ସେଇଟି ତଦ୍ଦ୍ୱାରା ଚେପଟା ହୋଇ ଯାଇଛି । ଏଇଟି ଚେପଟା ହୋଇ ଯାଇଛି । ମୁଁ ଦେଖିଲାବେଳେ ମନେହେଲା ସତେଯେପରି ବଳୟଟିର କେତେକ ଅଂଶ ଗୋଲକଟିର ଧାରକୁ ଆସି ସ୍ପର୍ଶ କରିଛି । ଧାରର କୌଣସି ନା କୌଣସି ଅଂଶ ବଳୟଟିର ଗୋଟିଏ ଭାଗ ହୋଇ ରହିଛି । ଏବଂ ରଙ୍ଗଗୁଡ଼ିକ ଭାରି ସୁସ୍ପଷ୍ଟଭାବରେ ଦେଖା ଯାଉଥିଲା ଏବଂ ସମୁଦାୟ ଗୋଲକଟି ସତେଅବା ସ୍ୱଚ୍ଛ ହୋଇ ରହିଥିଲା ।...ମୁଁ ଭାବୁଛି, ତୁମେ ଜ୍ୟାମିତିକ ଭଗମାପରେ ଏଇଟିକୁ କରି ପାରିଥାନ୍ତ । କୁଣ୍ଡଳୀର ବଳୟଟିର ଗୋଟିଏ ଅଂଶହିଁ ସମସ୍ତ ଉପରିଭାଗଟିକୁ ଅଧିକାର କରିନେଇଛି ।

ପବିତ୍ର : ଏହିସବୁ କୁଣ୍ଡଳୀ ଗୋଲକଟିର ଉପରିଭାଗରେ ଅଛି ନା ଭିତରେ ?

ନାଇଁ, କୁଣ୍ଡଳୀଗୁଡ଼ିକ ଭିତରେ ଅଛି ।

ତେଣୁ କେନ୍ଦ୍ରଟି ଆଡ଼କୁ ଉଠିଛି ?

ସେଗୁଡ଼ିକ ପରସ୍ପରକୁ ଛେଦ କରୁଛନ୍ତି, ସେଗୁଡ଼ିକର ଢଙ୍ଗଟି ଏପରି ହୋଇ ରହିଛି ଯେ ସମସ୍ତ ଗୋଲକଟି ପ୍ରତ୍ୟେକ କୁଣ୍ଡଳୀର ଅଂଶଗୁଡ଼ିକ ଦ୍ୱାରା ତିଆରି ହୋଇଛି ।

'oaob.nitrkl.ac.in' images reprocessed

ଗୋଲକଟିର ଭିତରଟା ଯାକ କ'ଣ କୁଣ୍ଡଳୀ ଦ୍ୱାରା ପୂର୍ଣ୍ଣ ହୋଇ ରହିଛି ?

ଭିତରଟା ଯାକ ସ୍ୱଭାବତଃହିଁ କୁଣ୍ଡଳୀଗୁଡ଼ାକ ଦ୍ୱାରା ପୂର୍ଣ୍ଣ ହୋଇ ରହିଛି । ମାତ୍ର ସେହି କ୍ଷେତ୍ରରେ କୌଣସି ଉପାଦାନ ନଥିବାରୁ (ସେଠାରେ କେବଳ କୁଣ୍ଡଳୀ-ଗୁଡ଼ିକ ରହିଥିଲେ) ଆମେ ସ୍ୱଚ୍ଛ ଭାବରେ ସବୁକିଛି ଦେଖି ପାରୁଥିଲୁ । ଏକ ଅଭେଦ୍ୟ ପିଣ୍ଡ ତିଆରି କରି ଦେବାଭଳି ସେଗୁଡ଼ିକ ପରସ୍ପର ସହିତ ଯୋଡ଼ା ହୋଇ ରହି ନଥିଲେ । ଏବଂ ଦେଖିଲେ ବେଶ୍ ତ୍ରୁଟି ବି ହେଉଥିଲା : ରଙ୍ଗଗୁଡ଼ାକ ଭାରି ଉଜ୍ଜ୍ୱଳ ଦିଶୁଥିଲା, ଆଲୋକିତ ହୋଇ ରହିଥିଲା । ରେଖାଟିକୁ ଭିତରେ ମଧ୍ୟ ଅନୁସରଣ କରି ହେଉଥିଲା । ତେଣୁ ଅନୁମାନ କରିନେବା ଉଚିତ ଯେ ସେଗୁଡ଼ିକ ଅଗଣିତ ସଂଖ୍ୟାରେ ରହିଥିଲେ ।

କ୍ରମେ ଅଧିକରୁ ଅଧିକ କ୍ଷୁଦ୍ର ହୋଇ ଆସୁଥିବା ବଳୟମାନ ତିଆରି କରି ସେଗୁଡ଼ିକ କ'ଣ ଭିତରି ଆଡ଼କୁ ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ ଆସୁଥିଲେ କି ?

କେନ୍ଦ୍ରସ୍ଥ ଯାବତୀୟ ପ୍ରଥମ ଗୋଲ୍‌ଗୁଡ଼ିକୁ ଅଧିକାର କରିବା ଲାଗି ସେଗୁଡ଼ିକ ନିୟମିତ ଭାବରେ ତାହା କଦାପି କରୁ ନଥିଲେ । ଏହାକୁ ଆମେ କ୍ରମରେ ରହିଥିବା କେତୋଟି କୁଣ୍ଡଳୀ ବୋଲି ଆଦୌ କହି ପାରିବା ନାହିଁ, ଯାହାକି ପ୍ରଥମ ବୃତ୍ତଟି ପାଖରେ ଆରମ୍ଭ ହୋଇ କେନ୍ଦ୍ର ଆଡ଼କୁ ଗୁଳିତ ହୋଇ ଯାଉଥିଲେ ।

ଏବଂ ବାହାର ଆଡ଼କୁ ପୁଣି ବୃତ୍ତଟିଠାରୁହିଁ ପୁନରାୟ ଆରମ୍ଭ ହେଉଥିଲେ ?

ନା—ମୋଟେ ନୁହେଁ । ଏଗୁଡ଼ିକର ଆରମ୍ଭ ଆଉ ଶେଷ ଆଦୌ ଏକାପରି ନଥିଲେ । ତଥାପି, ଏହିପରି ଭାବରେ ଦୂରରେ ଥାଇ ଦେଖିଲେ ତାହା କିଞ୍ଚିତ୍ ପରିମାଣରେ ଆମକୁ ସେହିପରି ଏକ ଆଭାସ ଦେଇ ଯାଉଥିଲା । ମାତ୍ର ବସ୍ତୁତଃ ତାହା ଆଦୌ ଏତେବେଶୀ ସରଳ ନଥିଲା । ଏବଂ ତା'ପରେ, ସେଠାରେ ଏହି ନୀରସ ବସ୍ତୁଗୁଡ଼ାକ ମଧ୍ୟ ଆଦୌ ବିଦ୍ୟମାନ ନଥିଲେ ।

ମାଆ, ରଙ୍ଗଗୁଡ଼ାକରୁ କି ଇଙ୍ଗିତ ମିଳୁଛି ?

'oaob.nitrkl.ac.in' images reprocessed

ଏଠାରେ ତୁମେ ତିନି ଜାଗାରେ ସବୁଜ ରଙ୍ଗ ଦେଖୁଛ ଓ ଗୋଟିଏ ଜାଗାରେ ନୀଳ ଦେଖୁଛ । ସେଇଟି ମଧ୍ୟ ନୀଳ, କିନ୍ତୁ ସବୁଜମିଶ୍ରିତ ନୀଳ । ତା'ପରେ ଦୁଇ ଜାଗାରେ ମାଟିଆରଙ୍ଗ ରହିଛି, ଗୋଟିଏ କଳା, ଗୋଟିଏ ଧୂସର ଏବଂ ଦୁଇଟି ଲାଲ ରହିଛି···ରଙ୍ଗଗୁଡ଼ାକ ଖାଲି ନିର୍ଜୀବ, ନୁହେଁ ? ସେମାନଙ୍କୁ ବେଶ୍ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଅର୍ଥବ୍ୟଞ୍ଜନା ଦିଆଯାଇ ପାରିବ ।

ମାତ୍ର ସେହି ଅନ୍ୟଟି ମଧ୍ୟରେ କୌଣସି କଳାରଙ୍ଗ ନଥିଲା ।

**୧୯୬୧ ମସିହା ଅଗଷ୍ଟ ୪ ତାରିଖର କଥୋପକଥନରୁ ଯଜ୍ଞ ଓ ଆତ୍ମଦାନ ବିଷୟରେ କିଛି ଅଂଶ ପଢ଼ି ସାରି ମାଆ ଆରମ୍ଭ କଲେ :**

"ଆଧ୍ୟାତ୍ମିକ ଜୀବନ ଆମ ସମ୍ମୁଖରେ ସକଳ ମଧ୍ୟରେ ରହିଥିବା ସେହି ଗୋଟିଏ ସାରସତ୍ତାର ଉଦ୍‌ଘାଟନ କରି ଦେଇଥାଏ, ମାତ୍ର ତାହା -ସେଥିରେ ନିହିତ ହୋଇ ରହିଥିବା ଅନନ୍ତ ବୈଚିତ୍ର୍ୟକୁ ମଧ୍ୟ ଆମ ଆଗରେ ମୁକ୍ତ କରି ଦେଇଯାଏ । ଆଧ୍ୟାତ୍ମିକତା ଐକ୍ୟରେ ବୈଚିତ୍ର୍ୟ ଲାଗି କାର୍ଯ୍ୟ କରେ ଏବଂ ସେହି ବୈଚିତ୍ର୍ୟ ମଧ୍ୟରେ ପରିପୂର୍ଣ୍ଣତା ଲାଗି ମଧ୍ୟ କାର୍ଯ୍ୟ କରିଥାଏ । ଜୀବନର ନାନାବିଧତାକୁ ଅବଜ୍ଞା କରି ଓ ଆତ୍ମାର ମୁକ୍ତିକୁ ବିରୋଧ ପ୍ରକଟ କରି ନୈତିକତା କେବଳ ବଡ଼ କୃତ୍ରିମ ଭାବରେ ଗୋଟିଏ ସ୍ୱୀକାର୍ଯ୍ୟ ମାନର ଉତ୍ଥାପନ କରିବାକୁ ଇଚ୍ଛା କରେ । ମନର ଭୂମି ଉପରେ ଅକାଟ୍ୟ ଓ ସୀମାବଦ୍ଧରୂପେ କିଛିଗୋଟାଏ ସୃଷ୍ଟି କରି ତାହା ସମସ୍ତଙ୍କୁ ତାହାକୁହିଁ ମାନି ଚଳିବା ଲାଗି ଆଦେଶ ଦିଏ । ସେହି ଏକା ଗୁଣ ଏବଂ ଏକା ଆଦର୍ଶ ପ୍ରକୃତିକୁ ଅର୍ଜନ କରିବା ଲାଗି ସମସ୍ତଙ୍କୁହିଁ ପରିଶ୍ରମ କରିବାକୁ ବାଧ୍ୟ କରେ । ନୈତିକତା କଦାପି ଏକ ଦିବ୍ୟ ବିଷୟ ନୁହେଁ, ତାହା ଆଦୌ ଦିବ୍ୟ ପରମ ସତ୍ତାର ଏକ ସମ୍ପଦ ନୁହେଁ । ନୈତିକତା ମଣିଷର ସମ୍ପଦ, ମାନବୀୟ ସୃଷ୍ଟି । ଆପଣାର ସର୍ବମୂଳ ଉପାଦାନଟିରୂପେ ତାହା ସବୁକିଛିକୁ ବଡ଼ ଅନମନୀୟ ଭାବରେ ଭଲ ଓ ମନ୍ଦ ଏହିପରି ଦୁଇ ଭାଗରେ ବିଭକ୍ତ କରି ରଖିଥାଏ; ମାତ୍ର ଏହି ଧାରଣାକୁ କେବଳ ଏକ ସ୍ୱେଚ୍ଛାପ୍ରଣୋଦିତ

'oaob.nitrkl.ac.in' images reprocessed

ଧାରଣା ବୋଲିହିଁ ବୁଝାଯିବ । ତୁଚ୍ଛା ଆପେକ୍ଷିକ ବସ୍ତୁଗୁଡ଼ିକୁ ହାତକୁ ନେଇ ନୈତିକତା ସେଗୁଡ଼ାକୁ ସତେଅବା ଗୋଟାଏ ଗୋଟାଏ ଚରମ ବସ୍ତୁରୂପେ ଲଦିଦେବାକୁ ପ୍ରୟାସ କରୁଥାଏ । କାରଣ ଏହି ଭଲ ଓ ମନ୍ଦ ବିଭିନ୍ନ ଜଳବାୟୁ, ବିଭିନ୍ନ କାଳ, ପର୍ଯ୍ୟାୟ ଏବଂ ଦେଶରେ ଏକାନ୍ତ ଭିନ୍ନ ହୋଇ ରହିଥାନ୍ତି ।”

ପ୍ରଶ୍ନ ଓ ଉତ୍ତର ୧୯୨୯ (୪ ଅଗଷ୍ଟ)

ଆଗକାଳରେ ଲୋକେ ମନ୍ଦିରମାନଙ୍କରେ ମଣିଷବଳି କାହିଁକି ଦେଉଥିଲେ ?

ମୁଁ ପ୍ରଶ୍ନଟିକୁ ଠିକ୍ ଠିକ୍ ବୁଝି ପାରିଲି ନାହିଁ । ସେମାନଙ୍କର ଏକଥା କରିବା କାହିଁକି ଅନୁଚିତ ? ଗୋଟାଏ ଛେଳିକୁ ମାରିବା ଓ ଗୋଟାଏ ମଣିଷକୁ ମାରିବା ଭିତରେ ଖୁବ୍ ଗୁଡ଼ାଏ ପାର୍ଥକ୍ୟ ଯେ ରହିଛି, ସେକଥା ଆଦୌ ନୁହେଁ । ହୁଏତ ପାର୍ଥକ୍ୟ ଥିବ ! ଏବଂ, ସେକଥା ଯାହା ହୋଇଥାଉ ପଛକେ, ଯାହା ଭବିଷ୍ୟତକୁ ଆସି ଏକ ପରମ୍ପରାରେ ପରିଣତ ହୋଇଛି ଓ ଯାହା ସେତେବେଳେ ପ୍ରକୃତରେ ଘଟିଥିଲା, ଦୁଇଟି ଭିତରେ ହୁଏତ ବହୁ ପାର୍ଥକ୍ୟ ରହିଛି । ଯେତେବେଳେ ସେମାନେ ଯଜ୍ଞର କଥା କହୁଥିଲେ, ସେମାନେ ହୁଏତ କେବଳ ପ୍ରତୀକାତ୍ମକ ଅର୍ଥରେହିଁ ତାହାକୁ ବୁଝୁଥିଲେ । ଆମକୁ କୁହା ହୋଇଥାଏ ଯେ କେତେକ ଧର୍ମରେ ହଜାର ହଜାର ମଣିଷଙ୍କର ହତ୍ୟା ହୋଇଛି । ହୋଇପାରେ,—କାରଣ ଯେଉଁ ସହଜାତ ପ୍ରବୃତ୍ତି ଦ୍ୱାରା ଚାଳିତ ହୋଇ ମଣିଷମାନେ ବସ୍ତୁଗୁଡ଼ିକୁ ନଷ୍ଟ କରି ଦିଅନ୍ତି, ଏଠାରେ ମଧ୍ୟ ଠିକ୍ ସେହି ପ୍ରବୃତ୍ତି କାର୍ଯ୍ୟ କରୁଥାଏ । ଏବଂ ଏହି ଧର୍ମଗୁଡ଼ିକୁ ଆମେ ନିଶ୍ଚିତ ଭାବରେ ସେହିପରି ଗୋଟିଏ ଗୋଟିଏ ଧର୍ମ ବୋଲି କହିପାରିବା, ଯେଉଁମାନଙ୍କ ଭିତରେ ନଷ୍ଟ କରିବାର ଏହି ପ୍ରବୃତ୍ତିଟି ବିଦ୍ୟମାନ ରହିଥିଲା । ହଁ, ଏହି କ୍ଷେତ୍ରରେ ଭିନ୍ନ ଭିନ୍ନ ଅନେକ ଦୃଷ୍ଟାନ୍ତ ରହିଛି, ଏବଂ ମନୁଷ୍ୟମାନେ କାହିଁକି କୌଣସି ଏକ ପଦାର୍ଥକୁହିଁ ବଳିରୂପେ ବ୍ୟବହାର କରୁଥିଲେ ବୋଲି ଯଦି କେହି ପ୍ରଶ୍ନ କରେ, ତେବେ ଆମକୁ ଏବିଷୟରେ ସର୍ବପ୍ରଥମେ ନିଶ୍ଚିତ ହେବାକୁ ପଡ଼ିବ । ମୋ ବିଷୟରେ ମୁଁ ଏତିକି କହିବି ଯେ ମୁଁ ଏଗୁଡ଼ିକ ସମ୍ବନ୍ଧରେ ଆଦୌ ନିଶ୍ଚିତ ନୁହେଁ । ହୁଏତ ଏପରି ସମ୍ଭବ ହୋଇପାରେ, ଆମେ କିପରି ଦୃଷ୍ଟିରେ ଜୀବନକୁ ଦେଖୁ, ଏହି କଥାଟି ତାହାରି ଉପରେ ନିର୍ଭର କରୁଛି । ଏବଂ, ସେକଥା ଯାହା ହୋଇଥାଉ ପଛକେ, ଯଦି

'oaob.nitrkl.ac.in' images reprocessed

ଜଣେ ବ୍ୟକ୍ତି ଭଗବାନଙ୍କୁ ଏକ ବଳି ଦେବ ବୋଲି ଆଉଜଣେ ବ୍ୟକ୍ତିର ଜୀବନକୁ ବ୍ୟବହାର କରିବାଟାକୁ ନିଜର ଏକ ଅଧିକାର ବୋଲି ବିଚାର କରିବାକୁ ଲାଗେ, ଅଥବା, ଯଦି ଜଣେ କୌଣସି ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିରେ ଏହି କଥାଟିକୁ ଦେଖୁଥାଏ, ତେବେ ତାହାକୁ ନିଶ୍ଚିତ୍ତ ବେଶ୍ ଏକ ମନ୍ଦ ଦୃଷ୍ଟିକୋଣ ବୋଲି କୁହାଯିବ । ମୁଁ ଯେପରି ଆରମ୍ଭରେ କହିଥିଲି, ଆମେ ମନୁଷ୍ୟପ୍ରାଣୀ ଓ ଅନ୍ୟ କୌଣସି ପ୍ରାଣୀ ମଧ୍ୟରେ କାହିଁକି କୌଣସି ଅନ୍ତର ରଖିବା, ମୁଁ ତାହାର ଆଦୌ କୌଣସି କାରଣ ଦେଖୁ ନାହିଁ । ଏପରି କରିବା ପ୍ରକୃତରେ ଏକ ବିଚିତ୍ର ଜିନିଷ ।

ମୋର ବିଶ୍ୱାସ ଯେ ଅଧିକାଂଶ ଧର୍ମରେ, ବର୍ତ୍ତମାନ ଏଠାରେ ଯେଉଁପରି ହେଉଛି, ଏକଦା ସେହିପରି କିଛି ହେଉଥିଲା । ଏଠାରେ କାଳୀଙ୍କର* ଗୋଟିଏ ମନ୍ଦିର ଅଛି;—ଏହି ବ୍ୟାପାରଟା ପ୍ରକୃତରେ ଏକ କାଳିମା ଏବଂ ଅଜ୍ଞାନତାପୂର୍ଣ୍ଣ ବ୍ୟାପାର । ଯେତେବେଳେ କୌଣସି ଏକ ବିକରାଳ ଦେବତାଙ୍କର କଳ୍ପନା କରାଯାଏ, ଯିଏକି ସନ୍ତୁଷ୍ଟ ହୋଇ ରହିବା ଲାଗି ଓ କୌଣସି ଅନିଷ୍ଟ ନଘଟାଇବା ଲାଗି, ରକ୍ତ, ବଳି ବା ଆହୁରି କିଛି ଦରକାର କରୁଥାନ୍ତି, ତାଙ୍କରି ଉଦ୍ଦେଶ୍ୟରେ ଗୋଟାଏ ପ୍ରକାରର ଅସୁସ୍ଥ ଭୟଭାବ ପୋଷଣ କରିବାରୁହିଁ ଏହି କଥାଟି ଜନ୍ମଲାଭ କରିଥାଏ । ଏବଂ ଏହି ସବୁକିଛି ଏକ ଭୟଭାବନାରୁ ଜାତ ହୁଏ, ପରମ ଦିବ୍ୟ ସତ୍ତା ବିଷୟରେ ଏକ ବୀଭତ୍ସ କଳ୍ପନାରୁହିଁ ଜାତ ହୁଏ । ମାତ୍ର ଯଦି ସେହି କଳ୍ପନାଟିକୁ ସ୍ୱୀକାର ନ କରାଯାଏ, ତେବେ ସେହି କ୍ଷେତ୍ରରେ ମାର୍ଜନୀୟ ଗୋଟିଏ ମାତ୍ର ବଳିହିଁ ଦିଆଯାଇ ପାରିବ, କେବଳ ନିଜକୁହିଁ ବଳି ଦିଆଯାଇ ପାରିବ । ଯଦି ପରମ ଭଗବତ୍ ସତ୍ତାକୁ କେହି କୌଣସି ବଳି ଦେବାକୁ ଇଚ୍ଛା କରିବ, ତେବେ, ମନୁଷ୍ୟ ହେଉ ବା ଇତରପ୍ରାଣୀ ହେଉ, ନିଜ ପରିବର୍ତ୍ତିରେ ଆଉ ଜଣକର ଜୀବନକୁ ବଳି ଦେବା ଲାଗି ଜଣକର ଯେ ପ୍ରକୃତରେ କି ଅଧିକାର ରହିଛି, ମୁଁ ସେକଥାଟିକୁ ମୋଟେ ବୁଝି ପାରେ ନାହିଁ । ଯଦି ଜଣେ ବଳି ଦେବାକୁ ଚାହୁଁଛି, ତେବେ ସେ କେବଳ ଆପଣାକୁହିଁ ବଳି ଦେଇ ପାରିବ, ଅନ୍ୟମାନଙ୍କୁ କଦାପି ବଳି ଦେଇ ପାରିବ ନାହିଁ । ଏବଂ ଏହିପରି ଏକ ପ୍ରବୃତ୍ତି ସର୍ବଥା ଯଥେଷ୍ଟ ପରିମାଣରେ ଅସୁନ୍ଦର, ଅସ୍ପଷ୍ଟ ଓ ଅଚେତନାଯୁକ୍ତ ହୋଇ ରହିଥିବାରୁ, ଗୋଟିଏ ଛେଳିକୁ ଆଣି ବଳି ଦେବା ଓ ଜଣେ ମଣିଷକୁ ବଳି ଦେବା ମଧ୍ୟରେ କାହିଁକି ଏପରି ଗୋଟିଏ ଅନ୍ତର ରହିବ, ମୁଁ ସେକଥାର ଆଦୌ କୌଣସି କାରଣ ଦେଖି ପାରୁ ନାହିଁ । ଛେଳିର ଦୃଷ୍ଟିରେ ମଧ୍ୟ ଏହି ଧାରଣାଟିକୁ ପ୍ରକୃତରେ ଅସହନୀୟ ବୋଲି କୁହାଯିବ—ଯଦି ଆମେ କୌଣସି ଛେଳିକୁ ଏହି ବିଷୟରେ ପ୍ରଶ୍ନ କରି ପାରନ୍ତେ···

---

*ଯାହାଙ୍କ ପୂଜା ଲାଗି ପ୍ରତିବର୍ଷ କେତେ ନା କେତେ ଛୁଛୁଡ଼ାଙ୍କର ବେକ ମୋଡ଼ା ହୁଏ ।

'oaob.nitrkl.ac.in' images reprocessed

ଏହି ପୃଥିବୀରେ ଆପଣାର ଗୁରୁତ୍ୱ ଓ ମହତ୍ତ୍ୱ ବିଷୟରେ ମନୁଷ୍ୟମାନଙ୍କର ଅଦ୍ଭୁତ କେତେ କେତେ ଧାରଣା ରହିଛି । ଆପଣାର ମୂଲ୍ୟଯୋଗ୍ୟତା ସମ୍ବନ୍ଧରେ ମଧ୍ୟ ତୁଳନାତ୍ମକ କ୍ଷେତ୍ରରେ ବିଚିତ୍ର ଧାରଣାମାନ ରହିଛି । ଯଦି ସେମାନଙ୍କୁ କୁହାଯାଏ, "ଆଉ ଜଣକର ଜୀବନ ନେବା ଲାଗି ତୁମର ଆଦୌ କୌଣସି ଅଧିକାର ନାହିଁ,"—ତେବେ ତାହା ସପକ୍ଷରେ ଅବଶ୍ୟ କେତେକ ଯୁକ୍ତି ଦର୍ଶାଯାଇ ପାରିବ । ମାତ୍ର, ତା'ହେଲେ ତୁମର ବଳି ଦେବା ମଧ୍ୟ ଆଦୌ ଉଚିତ ନୁହେଁ; ଅଥବା, ଯଦି ତୁମେ ବଳି ଦେବାକୁ ମନ କରୁଛ, ତେବେ ନିଜକୁହିଁ ବଳି ଦିଅ । ଯଦି ତୁମେ ବିଶ୍ୱାସ କରୁଛ ଯେ ଏପରି ଜଣେ ଭୟଙ୍କର ଭଗବାନ କୋଉଠି ରହିଛନ୍ତି, ଯିଏକି ରକ୍ତ ପିଇବାକୁ ସ୍ପୃହୁଛନ୍ତି ବା ଆଉ କ'ଣ ଲାଗି ଲୋଭ ରଖିଛନ୍ତି, ତାଙ୍କୁ ପରିତୁଷ୍ଟ କରି ରଖିବା ଲାଗି ପ୍ରାଣିକ ନାନା ଶକ୍ତି ଦରକାର କରୁଛନ୍ତି, ତେବେ ତୁମେ ତାହାହିଁ କର । ମାତ୍ର ସେହି ଦେବତାଙ୍କୁ ଦେବା ଲାଗି ଅନ୍ୟମାନଙ୍କର ଜୀବନ ନେବା ପାଇଁ ତୁମେ କେଉଁ ଅଧିକାରରେ ଉଦ୍ୟତ ହୋଇ ପାରୁଛ ? ଏହା ହେଉଛି ଏକ ଦୌରାତ୍ମ୍ୟ, ଏକ ଅକ୍ଷମଣୀୟ ଦୌରାତ୍ମ୍ୟ । ଯଦି ବଳି ଦେବାକୁ ଯାଇ କେବଳ ସେହି କେତୋଟି କୁକୁଡ଼ାଛୁଆଙ୍କୁହିଁ ମାରିବାକୁ ପଡ଼ୁଆ'ନ୍ତା ! ମାତ୍ର ମୁଁ ଭାବୁଛି ଯେ ସେଥିଲାଗି ଆଉ ଗୋଟିଏ କାରଣ ମଧ୍ୟ ରହିଛି; ମଣିଷ ଦେବତା ପାଖରେ ବଳି ଦେଉଛି, କାରଣ ତଦ୍ୱାରା ମଣିଷକୁ ଚମତ୍କାର ଭୋଜ୍ୟଟିଏ ମିଳିଯାଉଛି । ଏକାବେଳେକେ ଗୁଡ଼ାଏ ଗର୍ଭସାତ୍ କରି ପାରିବା ଲାଗି ତାକୁ ଏହା ଦ୍ୱାରା ଏକ ସୁଯୋଗ ମିଳିଯାଉଛି ।

କେଜାଣି କ'ଣ ହୋଇଥିବ, ମାତ୍ର ମୁଁ ଏଥିରେ ଆଦୌ କୌଣସି ଖୁବ୍ ବଡ଼ ପାର୍ଥକ୍ୟ ଅଛି ବୋଲି ଦେଖିପାରୁ ନାହିଁ ।

**ଏକ ମନ୍ଦ ବାତାବରଣ ଭିତରେ ରହିଥିବା ବେଳେ, ଏକ ମାନସିକ ଓ ପ୍ରାଣିକ ବିକ୍ଷୁବ୍ଧତା ମଧ୍ୟରେ ଗତି କରୁଥିଲା ବେଳେ ଭଗବତ୍‌ସାନ୍ନିଧ୍ୟ ଅନୁଭବ କରିବା ସମ୍ଭବ କି ?**

ପରିବେଶଟି ଯଦି ଆପଣା ଭିତରେ ନଥାଏ, ତେବେ ନିଶ୍ଚୟ ସମ୍ଭବ । କାରଣ ଆପଣା ଭିତରେ ମଧ୍ୟ ସେହି ପରିବେଶଟି ବଜାୟ ରହିଥିବାବେଳେ ତାହା ବଡ଼ କଷ୍ଟକର ହୋଇପଡ଼ିବ । ଏବଂ ତଥାପି ! ଆମ ପାଖରେ ଅନେକ ଲୋକଙ୍କର ଦୃଷ୍ଟାନ୍ତ ରହିଛି, ଯେଉଁମାନେ କି ଏକ ଅତ୍ୟନ୍ତ ସନ୍ଦେହପୂର୍ଣ୍ଣ ଜୀବନଯାପନ କରୁଥିଲେ, ମାତ୍ର ଯେଉଁମାନଙ୍କ ଜୀବନରେ ତଥାପି ସତ୍ୟୋଦ୍‌ଭାସର ଅନୁଭୂତି ମଧ୍ୟ ରହିଥିଲା । ଆମ ଆଗରେ ଜଣେ ମଦ୍ୟପଙ୍କର ଉଦାହରଣ ରହିଛି, ଯିଏକି ସୁରାମତ୍ତ

'oaob.nitrkl.ac.in' images reprocessed

ଅବସ୍ଥାରେ ରହିଥିବା ସମୟରେ ମଧ୍ୟ ହଠାତ୍ ପରମ ଦିବ୍ୟ ପୁରୁଷଙ୍କର ସଂସ୍ପର୍ଶ ଲାଭ କରିପାରିଥିଲେ । ପୁନଶ୍ଚ, ସେହି ସଂସ୍ପର୍ଶ ତାଙ୍କର ଜୀବନକୁ ବଦଳାଇ ବି ଦେଇ ପାରିଥିଲା ଏବଂ, ମୁଁ ଆହୁରି କହିରଖେ ଯେ ସେ ଭବିଷ୍ୟତରେ ଆଦୌ ସୁରାପାନ କରି ନଥିଲେ । ମାତ୍ର ତଥାପି, ଯେତେବେଳେ ସେ ତାଙ୍କ ଆଗରେ ଭଗବତ୍ ସାନ୍ନିଧ୍ୟର ଆଭାସ ଲାଭ କରିଥିଲେ, ସେତେବେଳେ ସେ ପ୍ରକୃତରେ ସୁରାମତ୍ତ ଅବସ୍ଥାରେ ରହିଥିଲେ । ମୁଁ କଦାପି ଏପରି ଭାବୁ ନାହିଁ,—ଏଠାରେ ମଧ୍ୟ ଆମେ ପୁନର୍ବାର ସେହି ପୁରୁଣା ଜିନିଷଗୁଡ଼ିକର ଫାନ୍ଦରେହିଁ ପଡ଼ିଯାଉଛୁ,—ମୁଁ କଦାପି ଭାବୁ ନାହିଁ ଯେ ଭଗବାନ ବା ପରମ ଦିବ୍ୟସତ୍ତା ପ୍ରକୃତରେ ଜଣେ ନୀତିବାଦୀ ହୋଇଥିବେ । ମଣିଷ ହେଉଛି ନୀତିବାଦୀ, ଭଗବାନ୍ ନୁହନ୍ତି । ଯଦି ଏପରି ଘଟେ ଯେ, ଠିକ୍ ସେତିକବେଳେ, ସେହି ମୁହୂର୍ତ୍ତରେ, ଘଟଣାଗୁଡ଼ିକର ଏକ ସଂଯୋଗ ଫଳରେ ଯଦି ସମ୍ଭବତଃ ଏକ ଉନ୍ମୋଚନ ବି ସମ୍ଭବ ହୋଇଯାଏ, ତେବେ ସର୍ବଦା ବିଦ୍ୟମାନ ରହିଥିବା ଭଗବାନ୍ ଆପଣାକୁ ଆଣି ପ୍ରକାଶିତ କରି ଦିଅନ୍ତି । ଅନ୍ୟ ପକ୍ଷରେ, ଯେଉଁ ମୁନି ବା ଯେଉଁ ସନ୍ଥ ସିଏକ ନିଜର ବରିଷ୍ଠତା ଏବଂ ନିଜର ମହତ୍ତ୍ୱ ନେଇ ଅତିରିକ୍ତ ପରିମାଣରେ ଆସକ୍ତ ହୋଇ ରହିଥାନ୍ତି, ଗର୍ବ ଏବଂ ଦମ୍ଭରେ ବେଶ୍ ପରିପୂର୍ଣ୍ଣ ହୋଇ ରହିଥାନ୍ତି, ତାଙ୍କ ଜୀବନରେ ଭଗବାନଙ୍କର ପ୍ରକାଶ ଘଟିବା ଲାଗି ହୁଏତ ଖୁବ୍ ବେଶୀ ସମ୍ଭାବନା ଆଦୌ ନଥାଏ । ସେହି ଜ୍ଞାନଗୁରୁ ବ୍ୟକ୍ତିଙ୍କର ଅତି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ଏବଂ ତାଙ୍କର ନୈତିକ ଧନାଢ୍ୟତା ବ୍ୟତୀତ ଆଉ ସେଠାରେ କୌଣସି କିଛି ଲାଗିହିଁ ଜାଗା ନଥାଏ ।

ଏହା ଏକାନ୍ତ ସ୍ୱାଭାବିକ ଯେ ଏପରି ଏକ ଅବସ୍ଥା ନିଶ୍ଚୟ ରହିଛି, ଯେତେବେଳେ କି ଜଣେ ସଂପୂର୍ଣ୍ଣ ଭାବରେ ଶୁଦ୍ଧ ହୋଇପାରେ, ଜ୍ଞାନବାନ୍ ହୋଇପାରେ ଏବଂ ଭଗବାନଙ୍କ ସହିତ ସମ୍ପର୍କ ସ୍ଥାପନ କରି ବି ରହିପାରେ । ମାତ୍ର ତା'ହେଲେ, ସେତେବେଳେ ତାହାର ଏହି ଅର୍ଥ ହେବ ଯେ ସିଏ ପରିପୂର୍ଣ୍ଣତାର ଏକ ନିର୍ଦ୍ଦିଷ୍ଟ ସୋପାନରେ ନିଶ୍ଚୟ ଯାଇ ପହଞ୍ଚି ପାରିଛି ଏବଂ ନିଜ ବ୍ୟକ୍ତିଗତ ବରିଷ୍ଠତା ଏବଂ ବ୍ୟକ୍ତିଗତ ବହୁମୂଲ୍ୟତା ବିଷୟରେ ତା'ର ପ୍ରକୃତରେ ଆଦୌ କୌଣସି ସଚେତନତା ନାହିଁ । ମୁଁ ତାହାକୁହିଁ ସବୁଠାରୁ ଅଧିକ ଆବଶ୍ୟକ ଓ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବୁଛି । ଗର୍ବ, ଜଣେ ବ୍ୟକ୍ତି ହିସାବରେ ଆପଣାର ଯୋଗ୍ୟତାକୁ ଏତେବଡ଼ ବୋଲି ମନେ କରିବା, ନିଜର ବ୍ୟକ୍ତିଗତ ଯାବତୀୟ ସାମର୍ଥ୍ୟ ଏବଂ କ୍ଷମତାଗୁଡ଼ାକ ବିଷୟରେ ଅତ୍ୟନ୍ତ ସଚେତନ ହୋଇ ରହିବା,—ଭଗବାନଙ୍କ ସହିତ ସଂସ୍ପର୍ଶଲାଭ କରିବା ସକାଶେ ମୁଁ ଏହିଗୁଡ଼ାକୁହିଁ ସବୁଠାରୁ ବଡ଼ କେତେଗୁଡ଼ିଏ ପ୍ରତିବନ୍ଧକ ବୋଲି କହିବି । ସେହି କ୍ଷେତ୍ରରେ ବ୍ୟକ୍ତିଟିହିଁ ଭାରି ବଡ଼ ହୋଇ

'oaob.nitrkl.ac.in' images reprocessed

ରହିଥିବ, ଏତେ ବଡ଼ ହୋଇ ରହିଥିବ ଯେ ଭଗବାନଙ୍କ ଲାଗି ଆଉ ଏତେଟିକିଏ ହେଲେ ମଧ୍ୟ ଜାଗା ନଥିବ ।

ନାହିଁ—ଏକମାତ୍ର ଯଥାର୍ଥ ଓ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଯେ ଆମ ଭିତରର ଅଭୀପ୍ସା ପ୍ରଗାଢ଼ ହୋଇ ପାରିଥିବ । ଏବଂ ଅଭୀପ୍ସାର କ୍ଷେତ୍ରରେ ଏହି ପ୍ରଗାଢ଼ତା ଯେକୌଣସି ପରିସ୍ଥିତିରେ ମଧ୍ୟ ସମ୍ଭବ ହୋଇ ପାରିବ ।

ଏଠାରେ ଆମେ ଦୁଇଟି କଥାକୁ କଦାପି ଗୋଳାଆମିଶା କରି ଦେବା ନାହିଁ; କେତୋଟି ଆବଶ୍ୟକତା (ଭୌତିକ ଜଡ଼ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହାସଲ କରିବାକୁ ହେଲେ ଯେଉଁଗୁଡ଼ିକୁ ଆମେ ବିଶୁଦ୍ଧ ଭାବରେ ଗୋଟିଏ ଗୋଟିଏ ଆବଶ୍ୟକତା ବୋଲି କହିପାରିବା) ଏବଂ ନୀତିଗତ ଧାରଣା,—ଏହି ଦୁଇଟିକୁ ଆଦୌ ଗୋଳାଆମିଶା କରି ଦେବା ନାହିଁ । ଦୁଇଟିଯାକ ସମ୍ପୂର୍ଣ୍ଣ ଭାବରେ ଭିନ୍ନ ଭିନ୍ନ କଥା । ଉଦାହରଣସ୍ୱରୂପ, ଜଣେ ଆପଣାର ଶରୀରକୁ ବିଷାକ୍ତ କରି ଦେବାକୁ, ନିଜର ମସ୍ତିଷ୍କକୁ ପ୍ରାୟ ଅଚେତନ କରି ରଖିବାକୁ ଅଥବା ନିଜର ଇଚ୍ଛାଶକ୍ତିକୁ ସମ୍ପୂର୍ଣ୍ଣରୂପେ ବିଲୁପ୍ତ କରି ପକାଇବାକୁ ଆପଣାକୁ ନିଶ୍ଚିତ ବେଶ୍ ନିବୃତ୍ତ କରି ରଖିପାରେ, କାରଣ ସେ ଆପଣାର ଭୌତିକ ଚେତନାର କ୍ଷେତ୍ରରେ ଆପେ ଆପଣାର ପ୍ରଭୁ ହୋଇ ରହିବାକୁ ଇଚ୍ଛା କରିପାରେ ଓ ଆପଣାର ଶରୀରରେ ଏକ ରୂପାନ୍ତର ଆଣିବାକୁ ମଧ୍ୟ ଇଚ୍ଛା କରିପାରେ । ମାତ୍ର, ଏସବୁ କରିପାରିଲେ ତାକୁ ନୈତିକ ପ୍ରତିଷ୍ଠା ମିଳିବ ବୋଲିହିଁ ଯଦି ସେ ଏହିସବୁ କଥା କରୁଥାଏ, ତେବେ ତଦ୍ଦ୍ୱାରା କୌଣସି ଲାଭ ହେବ ନାହିଁ, ତାହା କେବଳ ନିରର୍ଥକ ହୋଇହିଁ ରହିବ । କାରଣ ଏଗୁଡ଼ିକ କଦାପି ସେଥିସକାଶେ ଅଭିପ୍ରେତ ନୁହନ୍ତି । ଯିଏ ଯେ ତଥାପି ସେଗୁଡ଼ାକୁ କରେ, ତାହା କେବଳ କେତେଟା ବ୍ୟାବହାରିକ କାରଣରୁହିଁ କରିଥାଏ । ଉଦାହରଣସ୍ୱରୂପ, ନିଜର ଦେହରେ ବିଷ ଚରିଯିବ ବୋଲି ଜାଣିଥିବାରୁ ଜଣେ ଯେତେବେଳେ ବିଷ ଖାଏ ନାହିଁ, ଏହାକୁ ଆମେ ଠିକ୍ ସେହିପରି ଏକ କଥା ବୋଲି କହିପାରିବା । ଏବଂ ଏପରି ଅନେକ ମନ୍ଥର ଭାବରେ କାର୍ଯ୍ୟ କରୁଥିବା ବିଷ ରହିଛି, ଯାହାକୁ କି ଲୋକମାନେ ସେବନ କରିଥାନ୍ତି (ସେମାନେ ବେଶ୍ ନିଶ୍ଚିନ୍ତ ହୋଇ ଏପରି ଭାବବାରେ ଲାଗିଥାନ୍ତି ଯେ, ବିଷଟିର ପ୍ରଭାବ ସେମାନଙ୍କ ଦେହରେ ଏତେ ଧୀର ଭାବରେ କାର୍ଯ୍ୟ କରିବ ଯେ ସେମାନେ ଏଇଟିକୁ ଆଦୌ ସହଜରେ ବାରିନେଇ ପାରିବେ ନାହିଁ ।); ମାତ୍ର, ଆମର ଭୌତିକ କ୍ରିୟାକଳାପର କ୍ଷେତ୍ରରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଲାଭ କରିବାରେ ଯଦି କେହି ସଫଳ ହେବାକୁ ଇଚ୍ଛା କରୁଥାଏ, ଆପଣାର ଶରୀରର ସ୍ୱାଭାବିକ କ୍ରିୟାଗୁଡ଼ିକ ମଧ୍ୟରେ ଆଲୋକର ସମ୍ପାତ ଘଟାଇବାରେ ଯଦି କେହି ସମର୍ଥ ହେବାକୁ ଚାହୁଁଥାଏ, ତେବେ ତାକୁ ଏହିସବୁ କଥାରୁ ଅବଶ୍ୟ ନିବୃତ୍ତ ହୋଇ ରହିବାକୁ ପଡ଼ିବ; ମାତ୍ର

'oaob.nitrkl.ac.in' images reprocessed

କୌଣସି ପ୍ରକାର ନୈତିକ କାରଣରୁ ସେ ଏସବୁ କଦାପି କରିବ ନାହିଁ ଅଥବା ବ୍ୟାବହାରିକ କେତେଟା କାରଣରୁ ଓ ଯୋଗରେ ସିଦ୍ଧିଲାଭ କରିବାର ମତଲବ ରଖି ସେ କଦାପି ଏସବୁ କରିବାକୁ ଯିବ ନାହିଁ । ପ୍ରତିଷ୍ଠା ଅଥବା ପ୍ରଶଂସା ଅର୍ଜନ କରିବାର କୌଣସି ଧାରଣା ପୋଷଣ କରି ବା, ମୋର ଏହି ପ୍ରତିଷ୍ଠାଲାଭ ଫଳରେ ଭଗବାନ ମୋ ଉପରେ ପ୍ରସନ୍ନ ହେବେ ଏବଂ ଆସି ମୋ ମଧ୍ୟରେ ପ୍ରକାଶିତ ହେବେ, ଏପରି କୌଣସି ଧାରଣା ଦ୍ୱାରା ପ୍ରେରିତ ହୋଇ ସେ କଦାପି ତାହା କରିବ ନାହିଁ । ଏଗୁଡ଼ାକ ସେସବୁ କଥା ଆଦୌ ନୁହେଁ, ସେସବୁ କିଛି ନୁହେଁ ! ସମ୍ଭବତଃ ବରଂ ଏକଥା ଘଟିପାରେ ଯେ, ସ୍ୱୟଂ ଭଗବାନ ହୁଏତ ଆପଣାକୁ ଏପରି ଜଣେ ବ୍ୟକ୍ତିର ଅଧିକ ନିକଟବର୍ତ୍ତୀ ବୋଲି ଅନୁଭବ କରିବେ, ଯିଏ କି ଏକାଧିକ ଭୁଲ୍ କରିଛି, ନିଜର ଦୋଷ ଓ ଅଭାବଗୁଡ଼ିକ ବିଷୟରେ ସଚେତନ ରହିଛି, ନିଜର ଦୁର୍ବଳତା ବିଷୟରେ ଯାହାର ଏକ ବୋଧ ରହିଛି ଏବଂ ସେହି ସବୁଗୁଡ଼ାକ ଭିତରୁ ବାହାରି ଆସିବା ଲାଗି ଯିଏ ନିଷ୍ଠାପର ଭାବରେ ଅଭୀପ୍‌ସା ରଖିଛି । ଏବଂ, ଯିଏ କେବେହେଲେ କୌଣସି ଭୁଲ୍ କରି ନାହିଁ, ଏବଂ ବାହ୍ୟ କ୍ଷେତ୍ରରେ ଅନ୍ୟ ମଣିଷମାନଙ୍କ ଅପେକ୍ଷା ତା'ର ବିଶୁଦ୍ଧତାକୁ ନେଇ ବେଶ୍ ସନ୍ତୁଷ୍ଟ ହୋଇ ରହିଛି, ଭଗବାନ ତା'ଠାରୁ ସେହି ପ୍ରଥମ ବ୍ୟକ୍ତିଟିରହିଁ ହୁଏତ ଅଧିକ ନିକଟବର୍ତ୍ତୀ ହୋଇ ରହିଥାନ୍ତି । ଯିଏ ଯାହାହେଉ ପଛକେ, ଏହି ବିଶୁଦ୍ଧତା ଫଳରେ ଖୁବ୍‌ବେଶୀ ଗୋଟାଏ ପାର୍ଥକ୍ୟ କଦାପି ହୋଇ ଯାଏ ନାହିଁ । ଯାହା ପ୍ରକୃତରେ ଏକ ବଡ଼ ପାର୍ଥକ୍ୟ ଘଟାଇଥାଏ, ତାହା ହେଉଛି ନିଷ୍ଠା, ଆନ୍ତରିକତା, ସ୍ୱତଃସ୍ଫୂର୍ତ୍ତିତା ଏବଂ ଅଭୀପ୍‌ସାରେ ପ୍ରଗାଢ଼ତା; ଏବଂ ଏକ ଆବଶ୍ୟକତା, ଯାହାକି ତୁମକୁ ଗୋଟାସୁଦ୍ଧା ଅଧିକାର କରି ନେଇଥାଏ ଏବଂ ତାହା ଏତେବେଶୀ ଶକ୍ତିଶାଳୀ ହୋଇ ରହିଥାଏ ଯେ ତଦ୍‌ବ୍ୟତୀତ ପୃଥିବୀରେ ଆଉ କୌଣସି କଥାର ମୂଲ୍ୟ ନଥାଏ ।

ସମର୍ପଣ ଓ ଆତ୍ମତ୍ୟାଗ ବିଷୟରେ ଅନ୍ୟତ୍ର ମୁଁ ଯେପରି କହିଛି, ଯଦି ଆମେ କୌଣସି ପଦାର୍ଥ ବା ବସ୍ତୁ ଆମ ପାଖରେ ନାହିଁ ବୋଲି ଅନୁଶୋଚନା କରିବା, ତେବେ ତାହାର ଅର୍ଥ ହେବ ଯେ ଆମର ଚେତନା ଏକ ଆଧ୍ୟାତ୍ମିକ ସ୍ଥିତିରେ ଆଦୌ ଅବସ୍ଥିତ ହୋଇ ରହି ନାହିଁ । ଯଦି ଆମେ ଅନୁଶୋଚନା କରିବାକୁ ଲାଗିବା ଯେ ଆମେ ଆମର ବାସନାଗୁଡ଼ିକୁ ଆଉ ଆଦୌ ଚରିତାର୍ଥ କରି ପାରୁ ନାହୁଁ, ତେବେ ତାହାର ଅର୍ଥ ଏହାହିଁ ହେବ ଯେ ଆମ ଜୀବନରେ ଆମର ବାସନାଗୁଡ଼ାକ ଅଧିକ ନହେଲେ ମଧ୍ୟ ଅନ୍ତତଃ ସମାନ ପରିମାଣରେ ଆମେ ଅଭୀପ୍‌ସା କରୁଥିବା ବସ୍ତୁଟି ପରି ମହତ୍ତ୍ୱପୂର୍ଣ୍ଣ ହୋଇ ରହିଛି । ତୁମେ ହୁଏତ ଏହି କ୍ଷେତ୍ରରେ ବେଶ୍ କହିପାରିବ, "ମୋ ବାସନାଗୁଡ଼ିକ ବିଷୟରେ ମୁଁ ବେଶ୍ ସଚେତନ ହୋଇ ରହିଛି, ମାତ୍ର ଭଗବାନଙ୍କୁ ଲାଭ କରିବାର ଧାରଣାରେ ଯଦି ମୁଁ ସେହି

ବାସନାଗୁଡ଼ିକୁ ଛାଡ଼ିଦିଏ, ତେବେ ତାଙ୍କୁ ଯେ ମୁଁ ଅବଶ୍ୟ ଲାଭ କରିବି, ସେହି ବିଷୟରେ ତଥାପି ନିଶ୍ଚିତ ହୋଇ ପାରୁ ନାହିଁ । ତେଣୁ ମୁଁ ଏହାକୁ ପ୍ରକୃତରେ ଏକ ତ୍ୟାଗ ବୋଲିହିଁ କହିବି ।" ମାତ୍ର ମୁଁ, ମୁଁ ତାକୁ ଭୁଚ୍ଛା ସଉଦା କରିବା ବୋଲି କହୁଥାଏ । ଏଇଟାକୁ ମୁଁ ଭଗବାନଙ୍କ ସହିତ ଦରଦାମ କରିବା ବୋଲି କହିବି । ଜଣେ ଯାଇ ହୁଏତ ତାଙ୍କୁ କହିବାକୁ ଲାଗିବ, "ଆପଣ ନିଅନ୍ତୁ ଏବଂ ମୋତେ ଦିଅନ୍ତୁ । ମୋ ବାସନାଗୁଡ଼ିକୁ ତୃପ୍ତ କରିଥିଲେ ମୋର ଯେଉଁ ଆନନ୍ଦ ହୋଇଥାନ୍ତା, ମୁଁ ସେହି ଆନନ୍ଦଟିକୁ ଆପଣଙ୍କୁ ଦେଇଦେଉଛି ଏବଂ ତା' ବଦଳରେ ଆପଣ ମୋତେ ଆପଣଙ୍କୁ ମୋ ନିଜ ଭିତରେ ଅନୁଭବ କରିବାର ଆନନ୍ଦଟି ଦେବେ, ତା' ନହେଲେ ତାହାକୁ ଆଦୌ ନ୍ୟାଯ୍ୟ ବୋଲି କୁହା ଯିବ ନାହିଁ ।"— ଏଇଟା ଆତ୍ମଦାନ ନୁହେଁ, ଏଇଟା ହେଉଛି ସଉଦାଗିରି ।

ଏହିପରି କଥାଟିଏ ମୁଁ ଅନେକ ସମୟରେ, ଅନେକ ସମୟରେ ଶୁଣିଛି "ମୁଁ କେତେ କ'ଣ ତ୍ୟାଗ କରିଛି । ମୁଁ ଏତେ ଉଦ୍ୟମ କରିଛି, ଏତେ କଷ୍ଟ ବରଣ କରିଛି, ଏବଂ ବର୍ତ୍ତମାନ ଦେଖିଲ, ତା' ବଦଳରେ ମୁଁ କିଛିହେଲେ ପାଇଲି ନାହିଁ ।" ଏହି କ୍ଷେତ୍ରରେ ମୁଁ ଏତିକି ଉତ୍ତର ଦେଇ କହିପାରିବି ଯେ, ତୁମେ ଯେ ଆଦୌ କିଛି ପାଇଲ ନାହିଁ, ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ଜଣେ ଖୁବ୍ ଗର୍ବୀ ଲୋକର ମଧ୍ୟ ଅଭୀପ୍ସା ଥାଇପାରେ କି ?

ନପାରିବ କାହିଁକି ? ଗର୍ବୀ ଲୋକ ମଧ୍ୟ ଆଘାତ ପାଇପାରେ ଏବଂ ତାହାର ଫଳରେ ବୁଝିବାକୁ ସମର୍ଥ ହୋଇପାରେ । ଏବଂ, ଯେତେବେଳେ ସେ ଆଘାତ-ଗୁଡ଼ାକୁ ଅଙ୍ଗେ ନିଭାଉଛି, ସେତେବେଳେ ତା'ର କଞ୍ଚିତ୍ ଜାଗୃତି ମଧ୍ୟ ଘଟିପାରେ । ସେତିକିବେଳେହିଁ ତା'ର ଏକ ଅଭୀପ୍ସା ଜନ୍ମଲାଭ କରିବ । ଏବଂ ଯଦି ସେହି ବ୍ୟକ୍ତିର ପ୍ରକୃତିରେ ପ୍ରଗାଢ଼ତା ରହିଥିବ ଓ କିଞ୍ଚିତ୍ ଶକ୍ତି ମଧ୍ୟ ଥିବ, ତେବେ ତା'ର ଅଭୀପ୍ସା ମଧ୍ୟ ଶକ୍ତିଶାଳୀ ହୋଇ ଉଠିବ ।

ଏବଂ, ଆଘାତ ନପାଇ ମଧ୍ୟ ?

ହଁ, ସେକଥା ବି ଘଟିପାରେ । କେବଳ, ସେହି କ୍ଷେତ୍ରରେ ତାହା ଅତି ପରିମାଣରେ ମିଶ୍ରିତ ହୋଇ ରହିଥିବ । ସକଳ କ୍ଷେତ୍ରରେ ତାହା ଖୁବ୍ ମିଶ୍ରିତ ହୋଇ ପଡ଼ିବ,—ମାତ୍ର ସବୁ କଥା ତ ସବୁଠାରେ କେବଳ ମିଶ୍ରିତ ହୋଇହିଁ ରହିଛି । ଯାବତୀୟ ବିଷୟ ସ୍ପଷ୍ଟ ହୋଇ ଯିବା ଲାଗି ଏକ ଦୀର୍ଘ ସମୟ ଆବଶ୍ୟକ ।

'oaob.nitrkl.ac.in' images reprocessed

ତେଣୁ, ଯେକୌଣସି ସ୍ଥାନରେ ଆରମ୍ଭ କରାଯାଇ ପାରିବ, ଯେକୌଣସି ସ୍ଥିତି ଏବଂ ଯେକୌଣସି ଅବସ୍ଥାରେ ମଧ୍ୟ ଆରମ୍ଭ କରାଯାଇ ପାରିବ । ଯେକୌଣସି ସମୟରେ ଆରମ୍ଭ କରାଯାଇ ପାରିବ । କେବଳ, କେତେକ କ୍ଷେତ୍ରରେ ତାହା ଦୀର୍ଘ ସମୟ ନେବ । କାରଣ, ମିଶ୍ରଣଟି ଏପରି ହୋଇ ରହିଥିବ ଯେ ଗୋଟିଏ ପଦକ୍ଷେପ ଆଗକୁ ପକାଇବା ସଙ୍ଗେ ସଙ୍ଗେ ପଛକୁ ପୁଣି ଅଧପଦକ୍ଷେପ ଘୁଞ୍ଚି ଆସିବାକୁ ପଡ଼ୁଥିବ । ମାତ୍ର ଏପରି ଯେ ଅବଶ୍ୟ ହେବ, ତାହାର କୌଣସି କାରଣ ନାହିଁ । ମୂଳତଃ, ଦିବ୍ୟ ପରମ ସତ୍ତା ବିଷୟରେ ସଜ୍ଞାନ ହେବାହିଁ ଜୀବନର ତଥା ବ୍ୟକ୍ତି-ଅସ୍ତିତ୍ୱର ଯଥାର୍ଥ ଉଦ୍ଦେଶ୍ୟ ହୋଇଥିବାରୁ, ଯେକୌଣସିଠାରେ ତାହାର ଉନ୍ମେଷ ସମ୍ଭବ ହେବ, ଯେକୌଣସି ମୁହୂର୍ତ୍ତରେ ମଧ୍ୟ ସମ୍ଭବ ହେବ । ଅନ୍ତତଃ ଏକ ସମ୍ଭାବନା ରହିଥିଲେ ତାହା ଫୁଟି ବାହାରି ଆସିବ । ଅବଶ୍ୟ ଏଥିରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ ଯେ ଯଦି ଜଣେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ହୋଇ ରହିଥିବ, ତେବେ ତାହା ପ୍ରକୃତରେ ଗୋଟାଏ ବାଧାପରି କାର୍ଯ୍ୟ କରିବ, କାରଣ ସେତେବେଳେ ସେ ଏକ ଆତ୍ମସନ୍ତୋଷ ଭିତରେହିଁ ଆପଣାକୁ ଶୁଆଇ ରଖିଥିବ । ମାତ୍ର ସେହି ଆତ୍ମସନ୍ତୋଷ କଦାପି ବେଶୀ ଦିନ ସ୍ଥାୟୀ ହେବ ନାହିଁ । ଆମ ଜୀବନର କ୍ଷେତ୍ରରେ ତଥା ଉପସ୍ଥିତ ପୃଥିବୀରେ ଏକ ଅହଂକେନ୍ଦ୍ରିତ ସନ୍ତୋଷ ବା ଏକ ବ୍ୟକ୍ତିଗତ ସନ୍ତୋଷ କଦାପି ସ୍ଥାୟୀ ହୋଇ ପାରିବ ନାହିଁ; ଏବଂ,—ଯେପର୍ଯ୍ୟନ୍ତ ତାହା ଆମ ଭିତରେ ରହିଥିବ, ଆମେ ସେପର୍ଯ୍ୟନ୍ତ ହୁଏତ ଖୁବ କଠିନ ହୋଇଯିବାରେ ଲାଗିଥିବା ଏବଂ ହୁଏତ ଅଗ୍ରପ୍ରଗତି ଆଡ଼କୁ ଆଦୌ ମନ କରିବା ନାହିଁ । ମାତ୍ର ତାହା କଦାପି ସ୍ଥାୟୀ ହେବ ନାହିଁ ।

ଆଉକିଛି ଅଛି ?

ଆଉ କାହାର କିଛି କହିବାକୁ ନାହିଁ ?

ତା'ହେଲେ, ପିଲାମାନେ, ପୁଣି ଦେଖାହେବ, ଶୁଭରାତ୍ରି !

'oaob.nitrkl.ac.in' images reprocessed

## ୧୧ ନଭେମ୍ବର, ୧୯୫୩

ମାଆ Quelques Paroles, Quelques Prières ପୁସ୍ତକରୁ ପ୍ରଥମ କେତେ ପୃଷ୍ଠା ପଢ଼ିବେ ବୋଲି ଆରମ୍ଭ କରିବାକୁ ଯାଉଥିଲେ ।

ପ୍ରଥମ ଅଂଶଟି ୧୯୧୨ ମସିହାରେ ଲେଖା ହୋଇଥିଲା । ସେତେବେଳକୁ ତୁମମାନଙ୍କ ମଧ୍ୟରୁ ଅନେକ ଜନ୍ମ ବି ହୋଇ ନଥିଲ । ଗୋଟିଏ ବାରଜଣିଆ ସାନ ଗୋଷ୍ଠୀ ସପ୍ତାହକୁ ଥରେ ଏକାଠି ହେଉଥିଲେ । ଗୋଟିଏ ବିଷୟ ଦିଆ ହେଉଥିଲା; ପରବର୍ତ୍ତୀ ସପ୍ତାହଟି ଲାଗି ଏକ ଉତ୍ତର ପ୍ରସ୍ତୁତ କରିବାକୁ ପଡୁଥିଲା । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଉତ୍ତର ସାଙ୍ଗରେ ନେଇ ଆସୁଥିଲେ । ସାଧାରଣତଃ ମୁଁ ମଧ୍ୟ ଗୋଟିଏ ସାନ ପ୍ରବନ୍ଧ ପ୍ରସ୍ତୁତ କରି ରଖୁଥିଲି, ଏବଂ ସମସ୍ତଙ୍କ ଶେଷରେ ସେଇଟିକୁ ପଢ଼ିଦେଉଥିଲି । ଏହି ବହିରେ ସେହିଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି,— ସବୁଗୁଡ଼ିକୁ ନୁହେଁ, କେବଳ ଏହି ଦୁଇଟିକୁ । ଏହି ପ୍ରଥମ ଦୁଇଟିକୁ ଅନ୍ତର୍ଭୁକ୍ତ କରାଯାଇଛି । ପରବର୍ତ୍ତୀ ପୃଷ୍ଠାଗୁଡ଼ିକରେ ଅନ୍ୟ ବିଷୟ ରହିଛି । ଅନ୍ୟଗୁଡ଼ିକ "ଅନେକ ଦିନ ତଳର କଥା"ରେ ବାହାରିଛି ।

ଏହାପରେ ବାରୋଟି ବୈଠକ ହୋଇଥିଲା । ପ୍ରଥମ ବୈଠକର ବିଷୟ ଥିଲା : ଆମକୁ କେଉଁ ଲକ୍ଷ୍ୟ ହାସଲ କରିବାକୁ ହେବ, କେଉଁ କାର୍ଯ୍ୟଟିର ସାଧନ କରିବାକୁ ହେବ ଏବଂ କେଉଁ ବାଟରେ ସେଗୁଡ଼ିକୁ ହାସଲ କରିବାକୁ ବା ସେଗୁଡ଼ିକର ସାଧନ କରିବାକୁ ହେବ ? ଏବଂ ମୁଁ ଯାହା ଉତ୍ତର ଦେଇଥିଲି ସେଇଟି ହେଉଛି :

> ମାଆ ୭ମଇ ୧୯୧୨ର ଲିଖିତାଂଶଟି ପଢ଼ିଲେ : "ଉତ୍ତରୋତ୍ତର ଅଗ୍ରସର ହେବାରେ ଲାଗିଥିବା ଏକ ବିଶ୍ୱସୌଷମ୍ୟ ହାସଲ କରିବା ହେଉଛି ଆମର ସାଧାରଣ ଲକ୍ଷ୍ୟ ।"

ଅର୍ଥାତ୍ ଅତିମାନସ ।

ସେହି ସମୟରେ ଶ୍ରୀଅରବିନ୍ଦଙ୍କ ସହିତ ମୋର ପରିଚୟ ହୋଇ ନଥିଲା ଏବଂ ସିଏ ମଧ୍ୟ ସେତେବେଳକୁ କିଛି ଲେଖି ନଥିଲେ ।

> "ତାଙ୍କର ତିନି ଚର୍ଯ୍ୟା, ସପ୍ତ ଲକ୍ଷଣ ଏବଂ ବାରୋଟି ଗୁଣରେ ସେହି ପରମ ଅକଳ୍ପନୀୟଙ୍କର ଯେଉଁ ପ୍ରଥମ ପ୍ରକାଶ ଘଟିବ,

'oaob.nitrkl.ac.in' images reprocessed

ପୃଥିବୀରେ ତାହାର ଜଣେ ଜଣେ ସକଳାଙ୍ଗ ପ୍ରତିନିଧି ହୋଇ ରହିବା...”

“ତିନି ଚର୍ଯ୍ୟା, ସପ୍ତ ଲକ୍ଷଣ ଏବଂ ବାରୋଟି ଗୁଣ” କହିଲେ ଆପଣ କାହାକୁ ବୁଝୁଛନ୍ତି ?

ମୋର ଆଉ ମନେ ନାହିଁ । ତିନୋଟି ସୂକ୍ଷ୍ମଗତ ଚର୍ଯ୍ୟା ହେଉଛି,—ପ୍ରେମ, ଆଲୋକ ଏବଂ ଜୀବନ,—ସେଗୁଡ଼ିକୁ ଆମେ ସତ୍-ଚିତ୍-ଆନନ୍ଦର ଅନୁରୂପ ବୋଲି ଗ୍ରହଣ କରି ପାରିବା । ହଁ,—ସାତୋଟି ଲକ୍ଷଣର ତାଲିକା ମୋ ପାଖରେ କୋଉଠି ଅଛି । ଏକ ପୁରାତନ ପରମ୍ପରା ଅନୁସାରେ ଏହି ପୃଥିବୀକୁ ସାତଥର ସୃଷ୍ଟି କରି ଯାଇଥିଲା, ଅର୍ଥାତ୍ ପ୍ରଥମ ଛଅଥର ଏହି ସୃଷ୍ଟି ପରମ ସ୍ରଷ୍ଟାଙ୍କ ମଧ୍ୟକୁ ଲେଉଟି ଯାଇଥିଲା । ଏହି ଲେଉଟି ଯିବାକୁହିଁ ପ୍ରଳୟ ବୋଲି କୁହାଯାଏ । ଏପରି ଛଅଥର ପ୍ରଳୟ ଘଟିଛି ବୋଲି କୁହାଯାଏ ଏବଂ କୁହାଯାଏ ଯେ ବର୍ତ୍ତମାନ ଶେଷ ସୃଷ୍ଟିଟି ଚାଲିଛି ଏବଂ ଏଇଟି ହେଉଛି ସର୍ବଶେଷ ସୃଷ୍ଟି । ଏହି ସୃଷ୍ଟିଟି ସ୍ଥାୟୀ ହୋଇ ରହିବ ଏବଂ ଏଇଟି ହେଉଛି “ସମତାବସ୍ଥାର ସର୍ଜନା” । ଏହି ସୃଷ୍ଟିଗୁଡ଼ିକୁ ମଧ୍ୟ ମୁଁ କୌଣସି ଜାଗାରେ ଟିପି ରଖିଛି, ସେସବୁ ଲେଖା ହୋଇ ରହିଛି । ସେଗୁଡ଼ିକର କ୍ରମଟି ଆଉ ମୋର ମନେ ନାହିଁ । ଗୋଟିକ ପରେ ଗୋଟିଏ ହୋଇ ଛଅଗୋଟି ସୃଷ୍ଟି ରହିଛି, ଏହି ବିଶେଷ ପଦ୍ଧତିଟି ଅନୁସାରେ ସେଗୁଡ଼ିକର ସୃଷ୍ଟି ହୋଇଛି, ଅପୂର୍ଣ୍ଣ ବୋଲି ପ୍ରମାଣିତ ହୋଇଛି ଓ ମୂଳ ଉତ୍ପତ୍ତି ମଧ୍ୟକୁ ପ୍ରତ୍ୟାହୃତ ହୋଇ ଯାଇଛି । ଏହିପରି ଛଅଥର ଯାଏ ପୁନର୍ବାର ସୃଷ୍ଟି ହୋଇଛି ଓ ମୂଳ ପରମ ଉତ୍ପତ୍ତି ମଧ୍ୟକୁ ତାହାକୁ ପ୍ରତ୍ୟାହୃତ କରି ନିଆଯାଇଛି । ଏବଂ ଏହି କ୍ରମଟି ଉତ୍ତରୋତ୍ତର ଅଗ୍ରସର ହେଉଥିବାର ଏକ କ୍ରମ ହୋଇ ରହିଛି । ସେହି କ୍ରମଟିକୁ ଜାଣିଲେ ଆମକୁ ପ୍ରତ୍ୟେକ ସୃଷ୍ଟିର ମୂଳନୀତିଟି ମଧ୍ୟ ବୋଧଗମ୍ୟ ହୋଇଯିବ । ଏହି ପରମ୍ପରାଟିରୁ ଜାଣିବାକୁ ମିଳିଥାଏ ଯେ ସର୍ବଶେଷ ସୃଷ୍ଟିଟିର ଅର୍ଥାତ୍ ଏହି ବର୍ତ୍ତମାନ ସୃଷ୍ଟିର ଆଧାରନୀତି ହେଉଛି ଏକ ପରମ ସମତାବସ୍ଥାର ନୀତି, ଏବଂ ଏହି ସୃଷ୍ଟିଟି ହେଉଛି ସର୍ବଶେଷ ସୃଷ୍ଟି । ତାହାର ଅର୍ଥ ହେଉଛି ଯେ ଏହି ପୃଥିବୀକୁ ଆଉ ପ୍ରଳୟ ମଧ୍ୟକୁ ଲେଉଟି ଯିବାକୁ ପଡ଼ିବ ନାହିଁ ଏବଂ ଏଥର ଏକ ନିରନ୍ତର ଅଗ୍ରଗତି ସମ୍ଭବ ହେବ । ସମତାବସ୍ଥାହିଁ ଏହି ଅଗ୍ରଗତିକୁ ସମ୍ଭବ କରିବ ।

ତେଣୁ, ବର୍ତ୍ତମାନ ଆଉ ଭଲ ବୋଲି କିଛି ନାହିଁ, ମନ୍ଦ ବୋଲି ମଧ୍ୟ କିଛି ନାହିଁ । କେବଳ, ଯାହା ଏକ ସମତାବସ୍ଥାରେ ରହିଛି ଓ ଯାହା ସମତାବସ୍ଥାରେ ନାହିଁ,—କେବଳ ଏହି ଦୁଇଟି କଥାହିଁ ରହିଛି । କେବଳ

'oaob.nitrkl.ac.in' images reprocessed

ସ୍ୱରସାମ୍ୟସ୍ୱାଧୀନତା ରହିଛି ଓ ସ୍ୱରସାମ୍ୟଯୁକ୍ତତା ରହିଛି । ବାସ୍, ସେତିକି । ଏବଂ ସେହି ପ୍ରସଙ୍ଗରେ ମୁଁ ଯାହା ଲେଖିଥିଲି, ତାହା ଏହାର ଉପରେ ଆଧାରିତ ଥିଲା ।

ଆଉ ବାରେଟି ଗୁଣ,—ତାହା ତଥାପି ଆହୁରି ଏକ କଥା । ସେଇଟି ମଧ୍ୟ କେଉଁଠାରେ ଚିପା ହୋଇ ରହିଛି । ଏହି ଜଗତ୍‌ସୃଷ୍ଟି ଯେପରି ସ୍ଥାୟୀ ହୋଇ ରହିପାରିବ, ସେଥିଲାଗି ଏହି ବାରେଟି ଗୁଣର ସାହାଯ୍ୟ ନେଇ ତାକୁ ଆପଣାର ଉପାଦାନଗୁଡ଼ିକରେ ଏକ ସମ୍ପୂର୍ଣ୍ଣ ସମତାବସ୍ଥାର ଉପଲବ୍ଧି କରିବାକୁ ପଡ଼ିବ । ଏହି ବାରେଟିଯାକ ଗୁଣ ସେହି ସୃଷ୍ଟି ଭିତରେ ରହିଛି । ଏବଂ, ତା'ହେଲେ, ତାହା ଏପରି ଏକ ପୃଥିବୀ ହୋଇ ରହିବ, ଯାହାକି ଅନୁସ୍ୱାନ ଅଗ୍ରଗତି କରୁଥିବା ସଙ୍ଗେସଙ୍ଗେ ସତତ ସୌଷମ୍ୟ ମଧ୍ୟରେହିଁ ରହୁଥିବ ଏବଂ ତେଣୁ କୌଣସି ବିନାଶ ଅଥବା ଧ୍ୱଂସ ଲାଗି ଆଉ ମୋଟେ ଉନ୍ମୁକ୍ତ ହୋଇ ରହି ନଥିବ ।

> "···ଏହି ପୃଥିବୀର ବର୍ତ୍ତମାନ ମନୋଗତ ଅବସ୍ଥାଟି ସହିତ ଅନୁକୂଳିତ ହୋଇ ରହି ପାରୁଥିବା ଏକ ନୂତନ ଆକାର ମଧ୍ୟରେ ପୃଥିବୀକୁ ପୁନର୍ବାର ସେହି ଶାଶ୍ୱତ ଶବ୍ଦଟି ଆଣି ଦେବାକୁ ପଡ଼ିବ । ତାହାହିଁ ଯାବତୀୟ ମାନବ-ଜ୍ଞାନର ସମନ୍ୱୟ ହୋଇ ରହିବ ···।"
>
> ଆପଣ ଏଠାରେ "ଶାଶ୍ୱତ ଶବ୍ଦ" କଥାଟି ବ୍ୟବହାର କରିଛନ୍ତି !

ମୁଁ ସତ୍ୟ ଅର୍ଥରେ ଏଠାରେ "ଶବ୍ଦ"ର ବ୍ୟବହାର କରିଛି । ଏକ ଶାଶ୍ୱତ ପରମ ସତ୍ୟ ରହିଛି ଯାହାକି ଶାଶ୍ୱତ ଭାବରେହିଁ ସତ୍ୟ, ମାତ୍ର ଯାହା ନିର୍ଦ୍ଦିଷ୍ଟ କେତେକ ଆକାରରେ ନିଜକୁ ପ୍ରକାଶିତ କରିଥାଏ; ଏବଂ ଏହି ନିର୍ଦ୍ଦିଷ୍ଟ ଆକାରଗୁଡ଼ିକ ବଦଳି ଯାଉଥାଏ, ବଢ଼ୁଥାଏ ପୁଣି କମି ଯାଉଥାଏ । ସେଗୁଡ଼ିକ ବିକୃତ ହୋଇ ପଡ଼ିବାର ବି ଆଶଙ୍କା ରହିଥାଏ । ଏବଂ ସତ୍ୟଟିକୁ ଲାଭ କରିବାକୁ ହେଲେ ଆମକୁ ଉତ୍ସସ୍ଥାନକୁହିଁ ଫେରିଯିବାକୁ ପଡ଼ିବ, ଏବଂ ଏହି ଉତ୍ସସ୍ଥାନ ହେଉଛି···ସେଇଟିକୁ ଆମେ ଶାଶ୍ୱତ ଶବ୍ଦ ବୋଲି କହି ପାରିବା, ଅର୍ଥାତ୍ ସୃଜନକାରୀ ପରମ ଶବ୍ଦ ବୋଲି କହିପାରିବା । ଏହା ହେଉଛି ଏକ ଶାଶ୍ୱତ ସତ୍ୟ ଯାହାକି ସମ୍ଭାବ୍ୟ ଯାବତୀୟ ଶବ୍ଦ ଏବଂ ଭାବନା ମଧ୍ୟଦେଇ ଆପଣାକୁ ପ୍ରକାଶ କରିଥାଏ । ଏଠାରେ ମୁଁ ଆକ୍ଷରିକ ଅର୍ଥରେହିଁ "ଶବ୍ଦ"ର ବ୍ୟବହାର କରିଛି । —ଅନ୍ୟ ସ୍ଥାନରେ ଏହାକୁହିଁ ସୃଜନକାରୀ ପରମଶବ୍ଦ ବୋଲି କୁହାଯାଇଛି, ତାହାହିଁ ହେଉଛି ସକଳ ବାଣୀ ଓ ସକଳ ଭାବନାର ମୂଳ ।

'oaob.nitrkl.ac.in' images reprocessed

"ଯେଉଁ ଲକ୍ଷ୍ୟଟିକୁ ହାସଲ କରିବାକୁ ହେବ," —ଆପଣଙ୍କର ଏହି କଥାଟିକୁ ବୁଝିପାରିଲି ନାହିଁ ।

ଯେଉଁ ଲକ୍ଷ୍ୟଟିକୁ ହାସଲ କରିବାକୁ ହେବ ? ତଦ୍ଦ୍ୱାରା ମୁଁ କ'ଣ କହୁଛି ? ମୁଁ ଭାବୁଛି ତାହା ହେଲା ଏହି ପୃଥିବୀରେ ସୌଷମ୍ୟର ପ୍ରତିଷ୍ଠା କରିବା । ନୁହେଁ କି ?

"ଏହି ପୃଥିବୀ ସମ୍ବନ୍ଧରେ କହିବାକୁ ଗଲେ, ଏହି ଲକ୍ଷ୍ୟଟିକୁ ହାସଲ କରିବାର ଉପାୟ ହେଉଛି ଯେ ସମସ୍ତଙ୍କ ଭିତରେ ଆବଶ୍ୟକ ଜାଗୃତିଟିକୁ ସମ୍ଭବ କରି ଏବଂ ସମସ୍ତଙ୍କ ଜୀବନରେ ସେହି ଅଖଣ୍ଡ ଅନ୍ତର୍ଗତ ପରମ ଭଗବାନଙ୍କୁ ପ୍ରକଟ କରିଆଣି ମନୁଷ୍ୟଏକତାର ଉପଲବ୍ଧି କରିବାକୁ ପଡ଼ିବ ।

ଅନ୍ୟ ଭାଷାରେ କହିବାକୁ ଗଲେ, ସମସ୍ତଙ୍କ ମଧ୍ୟରେ ବିରାଜିତ ରହିଥିବା ସେହି ପରମ ଭଗବାନଙ୍କରିହିଁ ସାମ୍ରାଜ୍ୟଟିକୁ ପ୍ରତିଷ୍ଠିତ କରି ସେହି ଏକତାଟିକୁ ସୃଷ୍ଟି କରିବାକୁ ହେବ ।

ତେଣୁ ସବୁଠାରୁ ଅଧିକ ପ୍ରୟୋଜନୀୟ କର୍ତ୍ତବ୍ୟ ହେଉଛି :

୧) ବ୍ୟକ୍ତିଗତ ଭାବରେ ପ୍ରତ୍ୟେକ ମନୁଷ୍ୟ ଆପଣା ଭିତରେ ସେହି ପରମ ଦିବ୍ୟ ସାନ୍ନିଧ୍ୟଟି ବିଷୟରେ ସଚେତନ ହୋଇ ରହିବ, ତାହାର ସହିତ ଆପଣାର ଏକାତ୍ମକତା ବିଷୟରେ ବି ସଚେତନ ହୋଇ ରହିବ ।"

ହଁ, ତୁମେ ସେହି କଥାଟି ବୁଝି ପାରୁ ନାହଁ ? ମୁଁ ଆଗରୁ ଏହି କଥାଟିକୁ ପଚିଶ ହଜାର ଥର କହିଥିବି, ନୁହେଁ କି ?... ...ବାଃ, ବର୍ତ୍ତମାନ ବୁଝି ପାରିଲ, ନୁହେଁ ? (ସମସ୍ତେ ହସି ଉଠିଲେ)

"୨) ସତ୍ତାର ଯେଉଁସବୁ ସ୍ଥିତି ଏପର୍ଯ୍ୟନ୍ତ ମନୁଷ୍ୟ ମଧ୍ୟରେ ସଚେତନ ହୋଇ ପାରି ନାହାନ୍ତି, ସେଗୁଡ଼ିକୁ ବ୍ୟକ୍ତିଜୀବନର ଉପଲବ୍ଧ ସତ୍ୟରେ ପରିଣତ କରିବାକୁ ହେବ; ଯେଉଁସବୁ

'oaob.nitrkl.ac.in' images reprocessed

ବିଶ୍ୱଗତ ଶକ୍ତି ଏପର୍ଯ୍ୟନ୍ତ ମନୁଷ୍ୟ ଲାଗି ବାରିତ ହୋଇ ରହିଛନ୍ତି, ସେଥିରୁ ଗୋଟିଏ ଅଥବା ତତୋଽଧିକ ଉଚ୍ଚ ସହିତ ପୃଥିବୀର ସଂସ୍ପର୍ଶ ସ୍ଥାପନ କରାଇବାକୁ ପଡ଼ିବ ।"

"ସତ୍ତାର ଯେଉଁସବୁ ସ୍ଥିତି ଏପର୍ଯ୍ୟନ୍ତ ମନୁଷ୍ୟ ମଧ୍ୟରେ ସଚେତନ ହୋଇ ପାରି ନାହାନ୍ତି, ସେଗୁଡ଼ିକୁ ବ୍ୟକ୍ତିଜୀବନର ଉପଲବ୍ଧ ସତ୍ୟରେ ପରିଣତ କରିବାକୁ ହେବ," ଅର୍ଥାତ୍, ଆମ୍ଭର ଉପରେ ଅବସ୍ଥିତ ଚେତନାର ସୋପାନମାନ ରହିଛି ଓ ଏପରି ଅନେକ ନୂତନ ଭୂମି ରହିଛି, ଯେଉଁଗୁଡ଼ିକର କି ଧରଣୀ ଉପରେ ଏପର୍ଯ୍ୟନ୍ତ ପ୍ରକାଶ ଘଟି ନାହିଁ; ଶ୍ରୀଅରବିନ୍ଦ ସେଗୁଡ଼ିକୁ ଅତିମାନସ ବୋଲି କହିଛନ୍ତି । ଉକ୍ତିଟିରେ ସେହି କଥାଟିହିଁ କୁହା ଯାଇଥିଲା । ଅର୍ଥାତ୍, ଆମକୁ ସେହି ଗଭୀର ବିସ୍ତାରଗୁଡ଼ିକ ମଧ୍ୟକୁ ଯିବାକୁ ପଡ଼ିବ ଅଥବା ସୃଷ୍ଟିର ସେହି ଊର୍ଦ୍ଧ୍ୱ ସ୍ତରଗୁଡ଼ିକୁ ଯିବାକୁ ପଡ଼ିବ, ଯେଉଁଗୁଡ଼ିକ କି ମନୁଷ୍ୟ ଭିତରେ ଏପର୍ଯ୍ୟନ୍ତ ସଚେତନ ହୋଇ ପାରି ନଥିଲେ । (ଅର୍ଥାତ୍, ମନୁଷ୍ୟ ଏପର୍ଯ୍ୟନ୍ତ ସେଗୁଡ଼ିକ ସମ୍ବନ୍ଧରେ ସଜ୍ଞାନ ହୋଇ ପାରି ନାହିଁ ।) ଆମକୁ ସେଗୁଡ଼ିକ ସହିତ ଏକାତ୍ମକତା ଅର୍ଜନ କରିବାକୁ ପଡ଼ିବ, ତା'ପରେ ସେଗୁଡ଼ିକୁ ବାହ୍ୟ ଚେତନାର ଭୂମିକୁ ଆଣିବାକୁ ପଡ଼ିବ, ଏବଂ କାର୍ଯ୍ୟର ମାଧ୍ୟମରେ ସେଗୁଡ଼ିକୁ ପ୍ରକଟ କରିବାକୁ ହେବ । ଏବଂ, ତା'ପରେ ମୁଁ ପୁଣି କହୁଛି (ମୋର ପୂର୍ବଦୃଷ୍ଟିରେ ମୁଁ ଯେପରି ଦେଖିଥିଲି, ଠିକ୍ ସେହିପରି କହୁଛି;—ଶ୍ରୀଅରବିନ୍ଦ ଏଇଟିକୁ କରିବେ ବୋଲି ମୁଁ ଆଦୌ ଜାଣି ନଥିଲି, ମାତ୍ର ମୁଁ ଏହିଟିକୁହିଁ ଅବଶ୍ୟ କରଣୀୟ ବୋଲି ଆଗରୁ ଦେଖି ପାରିଥିଲି)

"୩) ଏହି ପୃଥିବୀର ବର୍ତ୍ତମାନ ମନୋଗତ ଅବସ୍ଥାଟି ସହିତ ଅନୁକୂଳିତ ହୋଇ ରହି ପାରୁଥିବା ଏକ ନୂତନ ଆକାର ମଧ୍ୟରେ ପୃଥିବୀକୁ ସେହି ଶାଶ୍ୱତ ଶବ୍ଦଟି ବିଷୟରେ କହିବାକୁ ପଡ଼ିବ ।"

ଅର୍ଥାତ୍, ସର୍ବୋଚ୍ଚ ପରମ ସତ୍ୟ, ପରମ ସୌଷମ୍ୟ ବିଷୟରେ କହିବାକୁ ପଡ଼ିବ । ଶ୍ରୀଅରବିନ୍ଦ ଯାହା କରିଛନ୍ତି, ଏଇଟି ହେଉଛି ତାହାର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ । ପୃଥିବୀରେ କେଉଁ ପ୍ରଣାଳୀରେ ତାହା କରିବାକୁ ହେବ, ଏଥିରେ ସେକଥାଟି ମଧ୍ୟ କୁହାଯାଇଛି । ଏବଂ ମୁଁ ଏହାକୁ ୧୯୧୨ ମସିହାରେ ଦେଖି ପାରିଥିଲି । ଶ୍ରୀଅରବିନ୍ଦଙ୍କ ସହିତ ୧୯୧୪ ମସିହାରେ ମୋର ପ୍ରଥମ ସାକ୍ଷାତ ହେଲା, ଅର୍ଥାତ୍, ତାହାର

'oaob.nitrkl.ac.in' images reprocessed

ଦୁଇବର୍ଷ ପରେ ସାକ୍ଷାତ ହେଲା, ଏବଂ ସେତେବେଳକୁ ମୁଁ ସମସ୍ତ କାର୍ଯ୍ୟକ୍ରମଟି ତିଆରି କରି ସାରିଥିଲି ।

"୪) ସାମୂହିକ ଭାବରେ, ଏପରି ଏକ ସ୍ଥାନରେ ଆଦର୍ଶ ସମାଜର ପ୍ରତିଷ୍ଠା କରିବାକୁ ହେବ, ଯାହାକି ନୂତନ ମାନବଜାତି ଅର୍ଥାତ୍ 'ଭଗବତ୍ ସନ୍ତାନ'ମାନଙ୍କର କୁସୁମନ ଲାଗି ଅନୁକୂଳ ହୋଇ ରହିଥିବ ।"

ଆପଣ କେଉଁଠାରେ ଆଶ୍ରମର ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି କରିଥିଲେ ?

ଏହା କେଉଁଠି କରିବା ଲାଗି ନିଷ୍ପତ୍ତି କରିଥିଲି ?...ମୁଁ ଆଦୌ କିଛି ନିଷ୍ପତ୍ତି କରି ନଥିଲି ! ମୁଁ କେବଳ ଏତିକି କହିଥିଲି ଯେ ଏହି କଥାଟିକୁ କରିବାକୁ ହେବ । କେବଳ ଭାରତବର୍ଷକୁ ଆସିବା ଲାଗି ଏକ ପ୍ରବଳ ବାସନା ରହିଥିଲା ସତ ମାତ୍ର ଏସବୁ ବିଷୟରେ ମୋର ଆଦୌ କିଛିହେଲେ ଧାରଣା ନଥିଲା । ମାତ୍ର ତଥାପି ମୁଁ ସେତେବେଳେ ଏତିକି ମଧ୍ୟ ଜାଣି ନଥିଲି ଯେ ଭାରତବର୍ଷକୁ ଆସିବାର ବାସନାଟି ସହିତ ଏହାର ପ୍ରକୃତରେ କୌଣସି ଅନୁରୂପତା ଓ ସଂଗତି ରହିଥିଲା । ମୁଁ ଆଦୌ କିଛିହେଲେ ନିଷ୍ପତ୍ତି କରି ନଥିଲି । କେବଳ, କ'ଣ କରିବାକୁ ହେବ, ମୁଁ ସେହି ସ୍ଥିତିଟିକୁ ଦେଖିପାରିଥିଲି ।

**ତାପରେ ପିଲମାନେ ଅଗଷ୍ଟ ୪, ୧୯୬୧ର କଥୋପକଥନକୁ ଫେରିଅସିଲେ :**

"ଆମର ସାଧାରଣ ସାମାଜିକ ଧାରଣାଗୁଡ଼ିକ ଉଦାର ଏବଂ ଲୋଭସକ୍ତ, ଏହିପରି ଦୁଇ ଶ୍ରେଣୀର ମଣିଷଙ୍କୁ ଅଲଗା ଅଲଗା କରି ଦେଖାଇଥାନ୍ତି । ଲୋଭସକ୍ତ ଲୋକଙ୍କୁ ସମସ୍ତେ ଘୃଣା କରନ୍ତି, ସେମାନଙ୍କ ଉପରେ ଦୋଷ ଢାଳି ଦିଅନ୍ତି, ଏବଂ ଉଦାର ଲୋକମାନଙ୍କୁ ନିଃସ୍ୱାର୍ଥପର ଓ ସମାଜ ଲାଗି ଉପଯୋଗୀ ବୋଲି ବିଚାର କରା ଯାଇଥାଏ ଓ ସେମାନଙ୍କର ଭଲଗୁଣଗୁଡ଼ିକ ସକାଶେ ସେମାନଙ୍କୁ ଭରି ପ୍ରଶଂସା କରାଯାଏ । ମାତ୍ର ଆଧ୍ୟାତ୍ମିକ ଦୃଷ୍ଟିରେ ଦେଖିଲେ ସେମାନେ ଉଭୟେ ସେହି ଗୋଟିଏ

'oaob.nitrkl.ac.in' images reprocessed

ସୋପାନରେହିଁ ଦଣ୍ଡାୟମାନ ଥାଆନ୍ତି । ଜଣକର ଉଦାରତା ଓ ଅନ୍ୟଜଣକର ଲୋଭାସକ୍ତତା ଦୁଇଟିଯାକହିଁ ଏକ ଉଚ୍ଚତର ସତ୍ୟର ତଥା ଏକ ବୃହତ୍ତର ଦ୍ରବ୍ୟ ଶକ୍ତିମତ୍ତାର ବିକୃତ ହୋଇ ରହିଥାନ୍ତି । ଏକ ଶକ୍ତି ରହିଛି, ଏକ ଦ୍ରବ୍ୟ ଗତିଶୀଳତା ରହିଛି, ଯାହା କି ପରିବ୍ୟାପ୍ତ ହୁଏ, ବିଚ୍ଛୁରିତ ହେଉଥାଏ, ତାହା ପାଖରେ ଯେତେ ଯାହା ଶକ୍ତି ଏବଂ ବସ୍ତୁ ବା ଆଉ ଯାହାକିଛି ରହିଥାଏ, ତାହାକୁ ସବୁଠାରୁ ଅଧିକ ଜଡ଼ ହୋଇ ରହିଥିବା ଭୂମିଠାରୁ ଆରମ୍ଭ କରି ସବୁଠାରୁ ଅଧିକ ଆଧ୍ୟାତ୍ମିକ ହୋଇ ରହିଥିବା ଭୂମି ପର୍ଯ୍ୟନ୍ତ ସକଳ ସ୍ତରରେ ନେଇ ମୁକ୍ତ ଭାବରେ ନିକ୍ଷେପ କରିଦେବାରେ ଲାଗିଥାଏ । ଜଣେ ଉଦାର ବ୍ୟକ୍ତି ଓ ତା'ର ଉଦାରତା ପଛରେ ଏକ ଅନ୍ତରାତ୍ମ ଶୈଳୀ ରହିଥାଏ, ଯାହାକି ସେହି ଗତିଶୀଳତାକୁ ବ୍ୟକ୍ତ କରି ଦେଉଥାଏ; ସିଏ ବିଚ୍ଛୁରଣର ଏକ ଶକ୍ତି ହୋଇ ରହିଥାଏ, ବ୍ୟାପକ ବିତରଣର ଏକ ଶକ୍ତି ହୋଇ ରହିଥାଏ । ପୁଣି, ଆଉ ଗୋଟିଏ ଶକ୍ତି ବା ଦ୍ରବ୍ୟ ଗତିଶୀଳତା ରହିଛି, ଯାହାକି ସଂଗୃହୀତ କରିଆଣେ, ଜମା କରି ରଖେ; ଶକ୍ତିଚୟକୁ, ବସ୍ତୁଚୟକୁ ତଥା ସମ୍ଭାବ୍ୟ ସକଳ ସମ୍ପଦକୁ ଏକତ୍ର ସଂଗୃହୀତ କରି ଆଣୁଥାଏ; ନିମ୍ନତର ଅଥବା ଉଚ୍ଚତର ଯେଉଁ ଭୂମିର ହୋଇଥାଉ ପଛକେ, ସେଗୁଡ଼ିକୁ ସଂଗୃହୀତ କରି ଆଣିବାରେ ଲାଗିଥାଏ । ତୁମେ ଯେଉଁ ବ୍ୟକ୍ତିଟିକୁ ଲୋଭାସକ୍ତ ବୋଲି କହି ଅପବାଦ ଦେଉଛ, ସେଇ ଏହି ଗତିଶୀଳତାର ଏକ ନିମିତ୍ତ ହୋଇ ରହିବା ପାଇଁ ଅଭିପ୍ରେତ ହୋଇ ରହିଥିଲା । ଦୁଇଟିଯାକ ମହତ୍ତ୍ୱପୂର୍ଣ୍ଣ, ସମଗ୍ର ଯୋଜନାଟିରେ ଦୁଇଟିଯାକର ପ୍ରୟୋଜନ ରହିଛି; ଯେଉଁ ଗତିଶୀଳତାଟି ସବୁକିଛିକୁ ସଂଚୟ କରି ରଖୁଛି, ଯାହା ସବୁକିଛିକୁ ଏକତ୍ର ଠୁଳ କରି ରଖୁଛି, ବ୍ୟାପ୍ତ ଏବଂ ବିଚ୍ଛୁରିତ ହେବାରେ ଲାଗିଥିବା ଗତିଶୀଳତାଠାରୁ ତାହା କୌଣସି ଗୁଣରେ ଆଦୌ କମ୍ ଉପଯୋଗୀ ନୁହେଁ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୪ ଅଗଷ୍ଟ)

'oaob.nitrkl.ac.in' images reprocessed

## "ଅନ୍ତରାତ୍ମ ଶୈଳୀ" କହିଲେ ଆପଣ କ'ଣ ବୁଝନ୍ତି ?

ବାକ୍ୟଟି କ'ଣ ଥିଲା ? (ମାଆ ଗ୍ରନ୍ଥର ସେହି ଅଂଶଟିକୁ ଅନାଇ ଦେଖିଲେ) ହଁ—ଏଇଟି ହେଉଛି ଶୈଳୀର ଅନ୍ତର୍ଭାବଟି । ପ୍ରତ୍ୟେକ ପ୍ରକାରର ଇତରପ୍ରାଣୀ ପଛରେ ଯେମିତି ଅନ୍ତର୍ଭାବଗତ ଏକ ଶୈଳୀ ରହିଛି, ଠିକ୍ ସେହିପରି ପ୍ରତ୍ୟେକ ପ୍ରକାରର ମନୁଷ୍ୟ ପଛରେ ମଧ୍ୟ ତା'ର ପ୍ରକାରଗତ ଏକ ଅନ୍ତର୍ଭାବ ରହିଛି । ତାହାକୁହିଁ ମୁଁ ଅନ୍ତରାତ୍ମ-ଶୈଳୀ ବୋଲି କହିଥିଲି । ଏହି ଅନ୍ତରାତ୍ମ-ଶୈଳୀ ମଧ୍ୟରେ ହୁଏତ ଉତ୍ତରୋତ୍ତର ଅଗ୍ରଗତି କରିବାର ଏକ ପ୍ରବୃତ୍ତି ଆଇପାରେ, ମାତ୍ର ଏହି ଶୈଳୀକୁ ନଷ୍ଟ କରି ଦିଆଯାଇ ପାରିବ ନାହିଁ ।

## ଉଦାରତାକୁ କ'ଣ ସତ୍ୟର ଏକ ବିକୃତି ବୋଲି ବୁଝାଯିବ ?

ହଁ, ମନୁଷ୍ୟର ଯାବତୀୟ ଗୁଣକୁ ଆମେ ସେହି ଗୁଣଗୁଡ଼ିକର ପଛରେ ରହିଥିବା ଏକ ସତ୍ୟର ବିକୃତି ବୋଲିହିଁ କହିବା । ତୁମେମାନେ ଯାହାକିଛିକୁ ଏକ ଗୁଣ ଅଥବା ଏକ ଦୋଷ ବୋଲି କହୁଛ, ସେଗୁଡ଼ିକ ସର୍ବଦା ସେଗୁଡ଼ିକର ପଛରେ ଥିବା ଆଉ ଏକ ବସ୍ତୁର ଏକ ବିକୃତି ହୋଇ ରହିଥାଏ; ସେହି ବସ୍ତୁ ଏଇଟି ନୁହେଁ, ବା ସେଇଟି ନୁହେଁ, ସେଇଟି ଆଉଗୋଟିଏ କିଛି । ପୁନଶ୍ଚ, ଉଦାରତା ପଛରେ କେଉଁ ସତ୍ୟଟି ବିଦ୍ୟମାନ ରହିଥାଏ, ମୁଁ ସେଇଟିକୁ ମଧ୍ୟ ତୁମମାନଙ୍କୁ କହିବି : ଏଇଟି ହେଉଛି ବ୍ୟାପ୍ତ ହେବାରେ ଲାଗିଥିବା ଶକ୍ତିଗୁଡ଼ିକର ଏକ ଗତିଶୀଳତା । ମାତ୍ର, ଏହି ଶକ୍ତିଗୁଡ଼ିକ ବ୍ୟାପ୍ତ ହୋଇ ପାରିବା ପୂର୍ବରୁ ସେଗୁଡ଼ିକୁ ପ୍ରଥମେ ସଂକେନ୍ଦ୍ରିତ ହେବାକୁ ପଡ଼ିବ । ତେଣୁ, ଏହି କ୍ଷେତ୍ରରେ ଏକ ସ୍ପନ୍ଦନପ୍ରାୟ ଗତିଶୀଳତା ଦେଖିବାକୁ ମିଳିଥାଏ ଶକ୍ତିଗୁଡ଼ିକ ଆଗ ସଂକେନ୍ଦ୍ରିତ ହୋଇ ଆସନ୍ତି, ତା'ପରେ ବିସ୍ତୃତ ହୋଇ ଯାଆନ୍ତି; ତା'ପରେ ପୁନର୍ବାର ସଂକେନ୍ଦ୍ରିତ ହୁଅନ୍ତି ଓ ପୁନର୍ବାର ବିସ୍ତୃତ ହେବାରେ ଲାଗିଥାନ୍ତି ।···ମାତ୍ର କୌଣସି ପ୍ରକାର ସଂକେନ୍ଦ୍ରଣ ସମ୍ଭବ ନ କରାଇ ଯଦି ତୁମେ ସର୍ବଦାହିଁ ବ୍ୟାପ୍ତ ହୋଇ-ଯିବାକୁ ଇଚ୍ଛା କରୁଥାଅ, ତେବେ ଅଳ୍ପକାଳ ପରେ ବିସ୍ତୃତ କରି ଦେବା ଲାଗି ତୁମ ପାଖରେ ହୁଏତ କିଛିହେଲେ ଅବଶିଷ୍ଟ ରହିବ ନାହିଁ । ଶକ୍ତିଗୁଡ଼ିକର କ୍ଷେତ୍ରରେ, ସକଳ ଶକ୍ତିର କ୍ଷେତ୍ରରେ, ଠିକ୍ ଏହି ନିୟମଟିହିଁ କାର୍ଯ୍ୟକାରୀ ହୁଏ । ପୁନଶ୍ଚ, ମୁଁ ଏକଥା ମଧ୍ୟ ଲେଖିଛି (ବା ହୁଏତ ପରେ କେବେ ଲେଖିବି) ଯେ, ଅର୍ଥ ମଧ୍ୟ ହେଉଛି ଏକ ଶକ୍ତି, ଶକ୍ତି ବ୍ୟତୀତ ଆଦୌ କିଛି ନୁହେଁ ।

'oaob.nitrkl.ac.in' images reprocessed

ଏବଂ ତେଣୁ, ବ୍ୟକ୍ତିଗତ ଭାବରେ ଅର୍ଥର ମାଲିକ ହେବା ଲାଗି ଆଦୌ କାହାରି ଅଧିକାର ନାହିଁ । କାରଣ, ପ୍ରକୃତି ଏବଂ ବିଶ୍ୱର ଅନ୍ୟ ଯେକୌଣସି ଶକ୍ତି ପରି ଅର୍ଥ ମଧ୍ୟ ଗୋଟିଏ ଶକ୍ତି । ଯଦି ତୁମେ ଆଲୋକକୁ ଏକ ଶକ୍ତିରୂପେ ସ୍ୱୀକାର କରିବ, ତେବେ "ଏହି ଆଲୋକ ମୋର ସମ୍ପତ୍ତି" ବୋଲି କେହି କଦାପି କହିବାକୁ ଯିବ ନାହିଁ । ସେହି ଆଲୋକକୁ ସେ କଦାପି ନିଜର ପ୍ରକୋଷ୍ଠଟି ମଧ୍ୟରେ କଳି ରଖିବ ନାହିଁ ଏବଂ ଅନ୍ୟକୁ କଦାପି ଦେବ ନାହିଁ ବୋଲି କହିବ ନାହିଁ । ମାତ୍ର, ଅର୍ଥର କ୍ଷେତ୍ରରେ ଲୋକେ ଏପରି ଜଡ଼ ଓ ସମ୍ବେଦନଶୂନ୍ୟ ହୋଇ ରହିଛନ୍ତି ଯେ ସେମାନେ ଅର୍ଥକୁ ନିଜେ ଦଖଲ କରି ରଖି ପାରିବାର ଓ ସତେ ଯେପରି ତାହା କେବଳ ସେହିମାନଙ୍କର ସମ୍ପତ୍ତି, ସେହିଭଳି ପ୍ରେରିତ ହୋଇ ସେଥିରୁ କିଛି ବ୍ୟକ୍ତିଗତ ସମ୍ପନ୍ନତା ହାସଲ କରିବାର ଏକ ବସ୍ତୁରୂପେ କଳ୍ପନା କରିବାରେ ଲାଗିଛନ୍ତି । ତାହା ପ୍ରକୃତରେ ଅବିକଳ ସେହି ଏକା କଥା । ଯେଉଁ ଅର୍ଥକୁ ଆମେ କାଗଜ ଆକାରରେ ଦେଖୁ, ଏଠାରେ ମୁଁ ସେହି ଅର୍ଥର କଥା କହୁ ନାହିଁ; କାରଣ ସିଏ ତ ଆଲୋକକୁ ଆଣି ଏକ ଲ୍ୟାମ୍ପ୍ ଭିତରେ ଭରି ରଖିଲାପରି ହେବ ଏବଂ ହୁଏତ ଲ୍ୟାମ୍ପଟି ତୁମ ନିଜର ସମ୍ପତ୍ତି ହୋଇ ରହିବ, ଏବଂ ତା'ପରେ ତୁମେ "ଏଇଟା ମୋର ଲ୍ୟାମ୍ପ" ବୋଲି କହିବ । ଯେଉଁ ଅର୍ଥ ତୁମ ପାଖରେ ନୋଟ୍ ଏବଂ ରୌପ୍ୟମୁଦ୍ରା ଆକାରରେ ରହିଛି, ତାହା ହେଉଛି ତୁମର ଅର୍ଥ । ମାତ୍ର ତାହା ପ୍ରକୃତରେ ଅର୍ଥ ନୁହେଁ । ପ୍ରକୃତ ଅର୍ଥ ହେଉଛି ଏକ ଶକ୍ତି ଯାହାକି ଏସବୁର ପଶ୍ଚାତରେ ରହିଛି, ଅର୍ଥଶକ୍ତି ହେଉଛି ଦ୍ରବ୍ୟବିନିମୟର ଏକ ଶକ୍ତି । ଏହି ଅର୍ଥଶକ୍ତିବିଶେଷ କାହାରି ସମ୍ପତ୍ତି ନୁହେଁ । ଏହା ସମସ୍ତଙ୍କର ସମ୍ପତ୍ତି । ଯେତେବେଳେ ତାହା ଗତିଶୀଳ ହୋଇ ରହିଥାଏ, କେବଳ ସେତିକିବେଳେହିଁ ଏହା ଜୀବନ୍ତ ହୋଇ ରହିଥାଏ ଏବଂ ତୁମେ ତାକୁ ଜମା କରି ରଖିବା ଲାଗି ଇଚ୍ଛା କରିବା ମାତ୍ରକେ ତାହାର ଅବକ୍ଷୟ ଆରମ୍ଭ ହୋଇଯାଏ । ସତେଯେପରି ତୁମେ କୌଣସି ଏକ ପାତ୍ରରେ ପାଣି ଭର୍ତ୍ତିକରି ରଖିବାକୁ ଇଚ୍ଛା କରିଥିଲ, ଏବଂ ସବୁଦିନ ଲାଗି ତାହାକୁ ସେହିପରି ଭାବରେ ରଖିବାକୁ ଇଚ୍ଛା କରିଥିଲ; ତେବେ ଦିନାକେତେ ଗଲାପରେ ତୁମର ସେହି ପାଣିରୁ କେବଳ ଦୁର୍ଗନ୍ଧହିଁ ବାହାରିବ । ଅର୍ଥଶକ୍ତିର କ୍ଷେତ୍ରରେ ମଧ୍ୟ ଠିକ୍ ତାହାହିଁ ଘଟିଥାଏ । ଏବଂ ଲୋକେ ସେହି କଥାଟିକୁ ଏବେ ସୁଦ୍ଧା ବୁଝି ନାହାନ୍ତି । ପରେ ମୁଁ ଏହି ବିଷୟରେ କିଛି ଲେଖିବାକୁ ମନ କରିଛି ।

ସେହି ଅର୍ଥ ସର୍ବଦା କଦାପି ସ୍ଥାୟୀ ହୋଇ ରହିବ ନାହିଁ ।

ଯେତେବେଳେ ଭୌତିକ ସାମଗ୍ରୀଗୁଡ଼ିକ ବିଷୟରେ କୃପଣତା ରହିଥାଏ···

'oaob.nitrkl.ac.in' images reprocessed

ହଁ, ହଁ, ସବୁ ପ୍ରକାରର ବସ୍ତୁର କ୍ଷେତ୍ରରେ କୃପଣତା—ଆଧ୍ୟାତ୍ମିକ ବସ୍ତୁଗୁଡ଼ିକ କ୍ଷେତ୍ରରେ ମଧ୍ୟ ଏକ କୃପଣତା ରହିଥାଏ । ଏପରି ଅନେକ କୃପଣ ଲୋକ ଅଛନ୍ତି, ଯେଉଁମାନେ କି କେବଳ ନିଜ ପାଇଁ ସବୁକିଛି ସାଇତି ରଖିବାକୁ ଚାହୁଁଥାନ୍ତି ଓ ସେଗୁଡ଼ିକୁ ଦେବା ଲାଗି ଆଦୌ ଇଚ୍ଛା କରନ୍ତି ନାହିଁ । ମାତ୍ର ମୁଁ ବର୍ତ୍ତମାନହିଁ ତ ତୁମମାନଙ୍କୁ ସେହି ବିଷୟରେ ଅସଲ କଥାଟି କହିଲି : ବ୍ୟାପ୍ତ ଓ ବିତରିତ କରିଦେବାର କ୍ଷମତା ଅର୍ଜନ କରିବା ସକାଶେହିଁ ସଂଗ୍ରହ ଓ ଠୁଳ କରିବାର କ୍ଷମତାଟି ଅବଶ୍ୟ ରହିଥିବା ଦରକାର । ଯଦି ଦୁଇ କ୍ଷମତାରୁ ତୁମ ପାଖରେ କେବଳ ଗୋଟିଏମାତ୍ର କ୍ଷମତା ଥାଏ, ତେବେ ତଦ୍ଦ୍ୱାରା ଏକ ଭାରସାମ୍ୟହୀନତା ଆସି ପହଞ୍ଚେ । ଏବଂ ସେତିକବେଳେହିଁ ତାହାକୁ କୃପଣତା ବୋଲି କୁହାଯାଏ, ନଷ୍ଟ କରିବା ବୋଲି କୁହାଯାଏ । ଆମ ପାଖରେ ଉଭୟ କ୍ଷମତା ରହିଥିବା ଦରକାର, ଏକ ଭାରସାମ୍ୟଯୁକ୍ତ ଓ ଛନ୍ଦୋମୟ ଗତିଶୀଳତାରୂପେ ରହିଥିବା ଦରକାର । ଆମେ ବର୍ତ୍ତମାନ ଯେଉଁ ସମତାବସ୍ଥା ବିଷୟରେ କଥାବାର୍ତ୍ତା ହେଉଥିଲୁ, ତାହାହିଁ ରହିଥିବା ଦରକାର । କାରଣ, ଏହି କଥାଟି ଅତି ସହଜରେ ବୁଝାଇ କହି ଦେଇ ହେବ ଯେ ବର୍ତ୍ତମାନ ବସ୍ତୁତଃ ଏହି ସମତାବସ୍ଥାହିଁ ହେଉଛି ଅସଲ କଥା । ଆମେ କେବଳ ଏଠି ରହୁ ନଥିବା କି କେବଳ ସେଠି ମଧ୍ୟ ରହୁ ନଥିବା; ବୁଦ୍ଧ ତାହାକୁହିଁ "ମଧ୍ୟମ ପଥ" ବୋଲି କହିଥିଲେ । ମଧ୍ୟମ ପଥ ହେଉଛି ସମତାବସ୍ଥାର ପଥ । ଖଣ୍ଡେ ବାଡ଼ିରେ ନିଜର ଭାରସାମ୍ୟ ରକ୍ଷା କରି ଯେପରି ଖେଳାଳିମାନେ ଦଉଡ଼ି ଉପରେ ଚାଲି ଚାଲି ଯାଆନ୍ତି, ଆମକୁ ମଧ୍ୟ ସେହି କଳାଟିକୁ ଶିଖିବାକୁ ହେବ ।

ମାତ୍ର ଦେବାକୁ ଯଦି ଆଦୌ କୌଣସି ମୂଳ ବା ସଞ୍ଚୟ ନଥିବ, ତେବେ ପୃଥିବୀର ସବୁଠାରୁ ଅଧିକ ଉଦାର ବ୍ୟକ୍ତି ମଧ୍ୟ ତଥାପି କିଛିହେଲେ ଦେବାକୁ ସମର୍ଥ ହେବ ନାହିଁ । ତେଣୁ, ସିଏ ନିଜେ ସଂଗ୍ରହ କରି ନଥିଲେ, ତା'ପାଇଁ ଦୁଏତ ଆଉଜଣେ ସଞ୍ଚୟ କରି ରଖିଥିବ । ମାତ୍ର ଯଦି ତା'ର ପକେଟ୍‌ରେ ଆଦୌ କିଛି ନଥିବ, ତେବେ ସେ କିଛିହେଲେ ଦେଇ ପାରିବ ନାହିଁ । ଏକଥାଟା ଅତ୍ୟନ୍ତ ସ୍ପଷ୍ଟ । ଏବଂ ଦେବାର ଶକ୍ତି ଯେତିକ ମହତ୍ତ୍ୱପୂର୍ଣ୍ଣ, ସଂଗ୍ରହ କରିବାର ଶକ୍ତି ମଧ୍ୟ ଠିକ୍ ସେତିକ ମହତ୍ତ୍ୱପୂର୍ଣ୍ଣ । ଏହି ଦୁଇଟିଯାକ ଭିତରେ ଏକ ଅହଂଭାବ ଆସି ପଶି ଗଲାବେଳେ ସିନା ଏଗୁଡ଼ିକରେ ବିକୃତି ଆସି ପଶିଯାଏ, ସେଗୁଡ଼ିକ ଗୋଟାସୁଦ୍ଧା ବିକୃତ ହୋଇଯାଏ । ସେତେବେଳେ ସେଗୁଡ଼ିକରେ ଆଦୌ କୌଣସି ମୂଲ୍ୟ ରହେ ନାହିଁ ।

ତେଣୁ ଆମେ ଏହି କଥାଟି ମନେ ରଖିଥିବା ।

## ୧୮ ନଭେମ୍ବର, ୧୯୫୩

"ଯେତେବେଳେ ପୁନର୍ଜନ୍ମ ଘଟେ, ସେତେବେଳେ ବାହ୍ୟ ସତ୍ତାଟି ଆଉଥରେ କଦାପି ଜନ୍ମଲାଭ କରେ ନାହିଁ; ଅର୍ଥାତ୍, ଆମ ବାପମାଆଙ୍କଠାରୁ ଯାହା ତିଆରି ହୋଇ ଆସିଥାଏ, ପରିବେଶ ଓ ପରିସ୍ଥିତିଗୁଡ଼ିକରୁ ଯାହା ତିଆରି ହୋଇଥାଏ,—ଅର୍ଥାତ୍ ମାନସ, ପ୍ରାଣିକ ଏବଂ ଶାରୀରିକ ସତ୍ତାଟିର ପ୍ରକୃତିରେ କୌଣସି ପୁନର୍ଜନ୍ମ ଘଟେ ନାହିଁ । କେବଳ ଚୈତ୍ୟ ସତ୍ତାହିଁ ଘଟରୁ ଘଟାନ୍ତର ହୁଏ । ତେଣୁ ନ୍ୟାୟତଃ, ଆମର ମାନସ ଅଥବା ପ୍ରାଣଗତ ସତ୍ତା କଦାପି ଆମ ପୂର୍ବତନ ଜୀବନଗୁଡ଼ିକର ସ୍ମରଣ କରି ପାରିବ ନାହିଁ ବା ଆଉଜଣେ କୌଣସି ବ୍ୟକ୍ତିଙ୍କର ସ୍ୱଭାବ ଅଥବା ଜୀବନର ସ୍ମୃତିଟି ମଧ୍ୟରେ ଆପଣାକୁ କଦାପି ଯାଇ ଚିହ୍ନି ପାରିବ ନାହିଁ । କେବଳ ଚୈତ୍ୟ ସତ୍ତାହିଁ ଯାହାକିଛି ସ୍ମରଣ କରି ପାରିବ । ଏବଂ କେବଳ ସେହି ଚୈତ୍ୟ ସତ୍ତାଟି ବିଷୟରେ ସଚେତନ ହୋଇହିଁ ଆମେ ଯୁଗପତ୍ ଭାବରେ ଆମର ପୂର୍ବତନ ଜୀବନଗୁଡ଼ିକ ବିଷୟରେ ନିର୍ଭୁଲ ଭାବରେ କୌଣସି ଆଭାସ ପାଇ ପାରିବା ।

ପୁନଶ୍ଚ, ଆମେ ଯେଉଁସବୁ ଜୀବନ ଦେଇ ଗତି କରିଆସିଛୁ, ସେଗୁଡ଼ାକ ଉପରେ ଧ୍ୟାନ ନିବେଶିତ କରିବା ଅପେକ୍ଷା ଆମେ ଯାହା ହେବାକୁ ଇଚ୍ଛା କରୁଛୁ, ସେହି ବିଷୟରେ ଅଧିକ ମନୋଯୋଗୀ ହେବା ହେଉଛି ଆମ ଲାଗି ଅତ୍ୟନ୍ତ ଅଧିକ ମହତ୍ତ୍ୱପୂର୍ଣ୍ଣ ।"

୨ ଏପ୍ରିଲ ୧୯୫୩; ମାଆଙ୍କ ବାଣୀ, ୧୯୪୯ ସଂସ୍କରଣ, ପୃ-୧୮୫

ଯଦି ମାନସ, ପ୍ରାଣିକ ଅଥବା ଶାରୀରିକ,—ଏଗୁଡ଼ାକର କୌଣସି ପୁନର୍ଜନ୍ମ ଘଟେ ନାହିଁ, ଯଦି କେବଳ ଚୈତ୍ୟ ସତ୍ତାହିଁ ପୁନର୍ବାର ଜନ୍ମ ନିଏ, ତେବେ ପ୍ରାଣିକ ବା ମାନସ କ୍ଷେତ୍ରରେ ଆଗରୁ ଯେତେ ଅଗ୍ରଗତି ହାସଲ ହୋଇଥାଏ, ପରବର୍ତ୍ତୀ

'oaob.nitrkl.ac.in' images reprocessed

ଆଉଗୋଟିଏ ଜୀବନ ଲାଗି ତା'ର ତ ଆଉ କୌଣସି ମୂଲ୍ୟ ହ ରହେ ନାହିଁ ?

ଏହିସବୁ ଅଂଶର ଅଗ୍ରଗତି ସେଗୁଡ଼ିକୁ ଚୈତ୍ୟ ଅଂଶଟିର ଯେତିକି ନିକଟବର୍ତ୍ତୀ କରାଇ ଆଣି ପାରିଥାଏ, ଅର୍ଥାତ୍, ସତ୍ତାର ସବୁ ଅଂଶଗୁଡ଼ିକୁ ଆନୁକ୍ରମିକ ଭାବରେ ଯେତିକି ପରିମାଣରେ ଚୈତ୍ୟ ପ୍ରଭାବଟି ଦ୍ୱାରା ପ୍ରଭାବିତ କରି ରଖିବା ସମ୍ଭବ ହୋଇଥାଏ, ସେକଥାଟି ଠିକ୍ ସେତିକି ପରିମାଣରେ ଘଟିଥାଏ । କାରଣ, ଯାହାକିଛି ଏହି ଚୈତ୍ୟ ପ୍ରଭାବଟି ମଧ୍ୟକୁ ଆସିଥାଏ ଏବଂ ଚୈତ୍ୟ ଭୂମିଟି ସହିତ ଏକାତ୍ମତା ଅର୍ଜନ କରିଥାଏ, ତାହାହିଁ ଅବିଚ୍ଛିନ୍ନ ରହେ, କେବଳ ସେତିକି ଅବିନାଶୀ ହୋଇ ରହେ । ମାତ୍ର ଯଦି ଚୈତ୍ୟ ସତ୍ତାଟିକୁହିଁ ଆମ ଜୀବନ ଏବଂ ଚେତନାର କେନ୍ଦ୍ରରେ ପରିଣତ କରିବା ସମ୍ଭବ ହୋଇଥାଏ, ଏବଂ ଯଦି ସେଇଟିକୁହିଁ କେନ୍ଦ୍ର କରି ସମୁଦାୟ ସତ୍ତାଟିର ସଂଗଠନ ହୋଇ ପାରିଥାଏ, ତେବେ ସେହି ସମୁଦାୟ ସତ୍ତାହିଁ ଚୈତ୍ୟର ପ୍ରଭାବ ଲାଭ କରିପାରେ, ସେଇଟି ସହିତ ଏକତ୍ରୀଭୂତ ହୁଏ ଏବଂ ତେଣୁ ଅବଶ୍ୟ ଅବିଚ୍ଛିନ୍ନ ହୋଇ ରହିପାରେ; ଯଦି ଅବିଚ୍ଛିନ୍ନ ହୋଇ ରହିବା ଦରକାର ହୁଏ, ତେବେ ତାହା ନିଶ୍ଚୟ ଅବିଚ୍ଛିନ୍ନ ରହିପାରେ । ବସ୍ତୁତଃ, ଚୈତ୍ୟ ସତ୍ତାର କ୍ଷେତ୍ରରେ ଅଗ୍ରଗତିର ଯେଉଁ ଗତିସ୍ପନ୍ଦନମାନ ରହିଛି ଓ ଆବେଦନର ଯେଉଁ ସାମର୍ଥ୍ୟ ରହିଛି, ଯଦି ଭୌତିକ ଶରୀରଟି ଲାଗି ମଧ୍ୟ ସେହି ଗତିସ୍ପନ୍ଦନ ଉପଲବ୍ଧ ହୋଇପାରେ, ତେବେ ଗଳିତ ହୋଇ ଯିବା ଲାଗି ତା'ର ଆଉ କୌଣସି ଆବଶ୍ୟକତା ରହିବ ନାହିଁ । ମାତ୍ର ପ୍ରକୃତରେ ସେଇଟିହିଁ ତ କଷ୍ଟକର ବ୍ୟାପାର ।

ଯାହାକିଛି ଚୈତ୍ୟର ସଂସ୍ପର୍ଶରେ ରହିଥାଏ, ତାହାହିଁ ଅବିଚ୍ଛିନ୍ନ ରହେ; ଏବଂ ଯାହାକିଛି ଅବିଚ୍ଛିନ୍ନ ରହେ, ତାହାହିଁ ସ୍ମରଣ କରିପାରେ । କାରଣ ବାକୀ ଆଉସବୁ କୁଆଡ଼େ ହଟିଯାଏ, ସାନ ସାନ ଖଣ୍ଡରେ ଚୂନା ହୋଇଯାଏ ଏବଂ ପୁଣି ଆଉ କୌଣସି ସ୍ଥଳରେ ଯାଇ କାମରେ ଲାଗେ; ଆମର ଏହି ଶରୀରଟି ଯେପରି ଖଣ୍ଡଖଣ୍ଡ ହୋଇ ଧୂଳି ହୋଇଯାଏ ଓ ଆଉକୌଣସି ସ୍ଥଳରେ କାମରେ ଲାଗେ, ଠିକ୍ ସେହିପରି । ତାହା ପୁନର୍ବାର ସେହି ମାଟିକୁ ଫେରିଯାଏ, ଉଦ୍ଭିଦମାନେ ସେହି ମାଟିକୁ ବ୍ୟବହାର କରନ୍ତି, ମନୁଷ୍ୟମାନେ ସେହିସବୁ ଉଦ୍ଭିଦକୁ ଖାଆନ୍ତି । ଏବଂ ଏହିପରି ଭାବରେ ପ୍ରକ୍ରିୟାଟି ଲାଗି ରହିଥାଏ । ତା'ହେଲେ ତାହା ପୃଥିବୀକୁ ଫେରିଆସେ ଏବଂ ପୁଣିଥରେ ଯାତ୍ରା ଆରମ୍ଭ କରେ । ଏହିପରି ଭାବରେ ପ୍ରକୃତିର ଅଗ୍ରଗତି ଲାଗି ରହିଥାଏ । ଅଗ୍ରଗତି କରିପାରିବା ଲାଗି ପ୍ରକୃତି ରୂପଗୁଡ଼ିକୁ ସ୍ତୂପାକାର କରି ରଖେ ଏବଂ ତା'ପରେ, ସେଇଟି ଯେତେବେଳେ ତା'ର କାର୍ଯ୍ୟ ଲାଗି ଆଉ

ମହତ୍ତ୍ୱପୂର୍ଣ୍ଣ ବା ଆବଶ୍ୟକ ବୋଲ୍ ପ୍ରତୀତ ନହୁଏ, ସେତେବେଳେ ପ୍ରକୃତି ସେଗୁଡ଼ିକୁ ନଷ୍ଟ କରିଦିଏ, ରାସାୟନିକ ତଥା ଅନ୍ୟ ଉପାଦାନଗୁଡ଼ିକୁ ପୁଣିଥରେ ହାତକୁ ନିଏ ଏବଂ ସେଗୁଡ଼ିକରୁ ଆଉ ଅନ୍ୟକିଛି ଗଠନ କରିବାକୁ ଲାଗେ । ଏହିପରି ଭାବରେ ପ୍ରକୃତି ନିରନ୍ତରହିଁ ବଦଳାଇବାରେ ଲାଗିଥାଏ, ଏହିପରି ଭାବରେହିଁ ଉପାଦାନମାନ ଆସୁଥାଏ ଓ ଯାଉଥାଏ । ଏବଂ ତାହାକୁହିଁ ପ୍ରକୃତି ଖୁବ୍ ଭଲ ବୋଲି ଦେଖେ, କାରଣ ସିଏ ଅନେକ ଦୂରକୁ ଦେଖେ, ତା'ର କାର୍ଯ୍ୟ ଶତାବ୍ଦୀ ଶତାବ୍ଦୀ ଯାବତ୍ ବିସ୍ତୃତ ହୋଇ ରହିଥାଏ, ଏବଂ ଏକ ଅତି କ୍ଷୁଦ୍ର ମାନବଜୀବନକୁ ସିଏ ପ୍ରାୟ ଆଦୌ କିଛି ବୋଲି ବିଚାର କରେ ନାହିଁ । ତାହାକୁ ପ୍ରକୃତି ଶାଶ୍ୱତକାଳ ମଧ୍ୟରେ ସତେଅବା ଗୋଟିଏଥର ନିଶ୍ୱାସ ପକାଇବା ପରି ଭାବୁଥାଏ । ତେଣୁ ସେ ହାତକୁ ନିଏ, କୌଣସି ଏକ ଆକାର ଦିଏ; ସେଥିଲାଗି କିଛି ସମୟ ନିଏ, ସବୁକିଛି ତାକୁ ସତେଅବା ଏକ କଉତୁକଖେଳ ପରି ଲାଗୁଥାଏ, ବେଶ୍ ଭଲ ବି ଲାଗୁଥାଏ; ଏବଂ ତା'ପରେ, ଯେତେବେଳେ ତାହା ଆଉ ସେତେ ଭଲ ନଲାଗେ, ସେତେବେଳେ ସେ ତାହାକୁ ନଷ୍ଟ କରିଦିଏ । ପୁଣି ହାତକୁ ନିଏ, ସବୁକିଛିକୁ ଏକାଠି ମିଶାଇ ପକାଏ, ଆଉ ଗୋଟିଏ ଆକାର ଦିଏ, ଆଉକିଛି ଗଢ଼େ । ଏବଂ ସ୍ପଷ୍ଟତଃ ବଡ଼ ଧୀର ହୋଇ ରହିଥିବା ଏହିଭଳି ଗୋଟିଏ ପ୍ରକ୍ରିୟା ମଧ୍ୟଦେଇ ସମ୍ଭବତଃ ଶେଷକୁ ସମୁଦାୟ ଜଡ଼ର ଅଗ୍ରଗତି ହେବାରେ ଲାଗିଥାଏ । ହଁ, ଏହା ସମ୍ଭବ,—ସର୍ବଦା ଏହିପରି ଭାବରେ ସମ୍ଭବ; — ଏହିପରି ପରସ୍ପରକୁ ପରସ୍ପର ସହିତ ମିଶାଇ, ଭାଙ୍ଗି, ପୁଣି ମିଶାଇ ଓ ପୁଣି ଭାଙ୍ଗି ସମ୍ଭବତଃ ସେହି ଅଗ୍ରଗତି ସମ୍ଭବ ହୁଏ । ସାରତଃ, ଏହି କ୍ଷେତ୍ରରେ କେହି ଯେପରି ସାନସାନ କେତୋଟି ଦ୍ରବ୍ୟକୁ ନେଇ ସତେଅବା ଗଦାଟିଏ ତିଆରି କରେ ଏବଂ ତା'ପରେ ଗଦାଟିକୁ ଭାଙ୍ଗିଦିଏ; ଚୂନାଚୂନା ଭିତରୁ ପୁନର୍ବାର ଆଉକିଛି ତିଆରି କରେ । ଅନ୍ୟ କେତୋଟି ଖେଳନା ଗଢ଼ିଦିଏ, ଓ ତା'ପରେ ଭାଙ୍ଗିଦିଏ; ପୁଣି ତିଆରି କରେ ଓ ସେଥିରୁ ପୁନର୍ବାର ଆଉକିଛି ତିଆରି କରୁଥାଏ । ପ୍ରତ୍ୟେକ ଥର ସିଏ ସମଷ୍ଟିଟି ସହିତ ନୂଆକିଛି ଆଣି ମିଶାଇ ଦେଉଥାଏ, ଯେପରି କି ସେହି ମିଶ୍ରଣଟି ଆହୁରି ଭଲ ଭାବରେ ସମ୍ଭବ ହୋଇ ପାରିବ । ଏବଂ ତା'ପରେ, ଦିନେ ନା ଦିନେ ଏପରି ହୁଏ ଯେ ସେହି ସବୁକିଛି ମଧ୍ୟରୁ କିଛି ନା କିଛି ସମ୍ଭବ ହୋଇଯାଏ । ମାତ୍ର ସେକଥା ଯାହା ହେଉ ବା ନହେଉ ପଛକେ, ପ୍ରକୃତି କେବେହେଲେ ତରତର ହୋଇ କିଛି କରେ ନାହିଁ । ଏବଂ ଯେତେବେଳେ ଆମେ ତରତର ହୋଇପଡ଼ୁ, ସେତେବେଳେ ସିଏ ଆମକୁ ଆସି କହେ, "ତୁମେ ଏଡ଼େ ତରତର କାହିଁକି ହେଉଛ ? ଏକଥାଟି ଦିନେ ନା ଦିନେ ନିଶ୍ଚୟ ଘଟିବ । ତୁମର ବ୍ୟସ୍ତ ହେବା ଆଦୌ ଦରକାର ନାହିଁ, ଏହି କଥାଟି ସୁନିଶ୍ଚିତ ଭାବରେ ଘଟିବ । ତେଣୁ ବିଚଳିତ ହୁଅନା, କୋଳାହଳ କରନା, ଅପେକ୍ଷା କର ।"

'oaob.nitrkl.ac.in' images reprocessed

ସେତେବେଳେ ଆମେ ପ୍ରକୃତିକୁ ଯାଇ କହୁ : "କିନ୍ତୁ ମୁଁ କେବେହେଲେ ଅପେକ୍ଷା କରିପାରିବି ନାହିଁ ।"—"ଆଚ୍ଛା, ତୁମେ ପ୍ରକୃତରେ ଅପେକ୍ଷା କରିପାରିବ ନାହିଁ ? କାରଣ ଯୋଉ ବସ୍ତୁଟି ଆସୁଛି ଓ ଆସିକରି ପୁଣି ଚାଲିଯାଉଛି, ତୁମେ ସେଇଟାକୁହିଁ 'ମୁଁ' ବୋଲି କହୁଛ ? ଯଦି ତୁମେ ଚେତନାକୁହିଁ, ସେହି ଏକ ଅନନ୍ତ ଏବଂ ଦିବ୍ୟ ଚେତନାକୁହିଁ 'ମୁଁ' ବୋଲି କହିପାରୁଥାନ୍ତ, ତେବେ ତୁମେ ନିଶ୍ଚୟ ସବୁକିଛି ଦେଖିପାରୁଥାନ୍ତ, ତୁମେ ସବୁକିଛି ମଧ୍ୟରେ ବିଦ୍ୟମାନ ରହି ପାରୁଥାନ୍ତ । ଏବଂ ସେହି କଥାଟିକୁ କରିବାରୁ ତୁମକୁ କେହି କଦାପି ନିବୃତ୍ତ କରି ରଖି ନାହିଁ । ତୁମେ କେବଳ ଏଇଟି ସହିତ (ଶରୀର ଆଡ଼କୁ ଇଙ୍ଗିତ କରିଦେଇ) ଆପଣାକୁ ଏକାତ୍ମକ କରି ରଖିଛ ବୋଲି ତାହା କରିପାରୁ ନାହଁ । ସେଇଟି ସହିତ ନିଜକୁ ଏକାତ୍ମକ କରି ପକାଇବାର ଅଭ୍ୟାସଟିକୁ ଛାଡ଼ିଦେଇ ପାରିଲେହିଁ ତୁମେ ସେଥିଲାଗି ସମର୍ଥ ହୋଇଯିବ ।"

"ବିଶ୍ୱପ୍ରକୃତି ମଧ୍ୟରେ ଯେତେଯାହା ଗତିସ୍ପନ୍ଦନ ହେଉଛି, ଆମେ ନ୍ୟାୟପରାୟଣତାକୁହିଁ ନ୍ୟାୟତଃ ତାହାର ଅପରିବର୍ତ୍ତନୀୟ ନିୟତି ବୋଲି କହିପାରିବା ।

"ଏହି ନିୟତିଟିକୁ ଯେତେବେଳେ ଜଡ଼ ଶରୀରର କ୍ଷେତ୍ରରେ ଆଣି ପ୍ରୟୋଗ କରାଯାଉଛି, ସେତିକିବେଳେ ଯାବତୀୟ ଅସୁସ୍ଥତା ଆସି ଘଟୁଛି । ଆପଣାକୁ ସେହି ଅପରିହାର୍ଯ୍ୟ ନ୍ୟାୟପରାୟଣତା ଉପରେ ଆଧାରିତ କରି ରଖି ଚିକିତ୍ସା-ବିଜ୍ଞାନର ମନ ନ୍ୟାୟତଃ ଉତ୍ତମ ସ୍ୱାସ୍ଥ୍ୟ ସଂଘଟିତ କରାଇ ପାରିବାଭଳି ପରିବେଶଗୁଡ଼ିକୁ ସମ୍ଭବ କରିବା ଲାଗି ଚେଷ୍ଟା କରୁଛି ।

"ସାମାଜିକ ଜୀବନକ୍ଷେତ୍ରରେ ନୈତିକ ଚେତନା ମଧ୍ୟ ଠିକ୍ ସେହିପରି ଭାବରେ କାର୍ଯ୍ୟ କରୁଛି ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ ତପସ୍ୟା ମଧ୍ୟ ତାହାହିଁ କରୁଛି ।

"ଏଥିରେ ହସ୍ତକ୍ଷେପ କରି ବିଶ୍ୱ-ନ୍ୟାୟର ଗତିପଥଟିକୁ ବଦଳାଇ ପାରିବା ଲାଗି କେବଳ ଦିବ୍ୟ ପରମ-କରୁଣାରହିଁ ସାମର୍ଥ୍ୟ ରହିଛି ।

"ପୃଥିବୀ ଉପରେ ସେହି ପରମ କରୁଣାକୁ ପ୍ରକଟିତ କରିଦେବା ହେଉଛି ଅବତାରର ମହାନ୍ କାର୍ଯ୍ୟ । ସେହି



'oaob.nitrkl.ac.in' images reprocessed

ଅବତାରର ଶିକ୍ଷ୍ୟଭିଗ୍ରହଣ ହେଉଛି ଆପଣାକୁ ଭଗବତ୍ କରୁଣାର ଏକ ନିମିତ୍ତରୂପେ ପ୍ରସ୍ତୁତ କରିବା । ବିଶ୍ୱ-ନ୍ୟାୟର ପରମ ପ୍ରକ୍ରିୟାଟି ବିଷୟରେ ପୂର୍ଣ୍ଣ ଜ୍ଞାନ ଲାଭ କରି ଓ ଏକାତ୍ମକତା ଦ୍ୱାରହିଁ ତାହାକୁ ଆପଣାର ଆୟୁଧରୂପେ ବ୍ୟବହାର କରି, ଦିବ୍ୟଜନନୀ ସେହି ଏକାତ୍ମତା ଦ୍ୱାରହିଁ ସେହି ଭଗବତ୍ କରୁଣାର ପରମା ବିଧାତ୍ରୀରୂପେ କାର୍ଯ୍ୟ କରୁଛନ୍ତି ।

"ଏବଂ ତାଙ୍କରି ଏହି ସହାୟତା ଫଳରେ ଭଗବତ୍-ପରମସତ୍ତା ଆଡ଼କୁ ଉଦ୍ଦିଷ୍ଟ ନିଷ୍ଠାପର ଏବଂ ବିଶ୍ୱାସଯୁକ୍ତ ପ୍ରତ୍ୟେକ ଗତିସ୍ପନ୍ଦନ ତା'ର ପ୍ରତିସ୍ପନ୍ଦନସ୍ୱରୂପ ସେହି ପରମ କରୁଣାର ସହାୟତାକୁହିଁ ଅବତୀର୍ଣ୍ଣ କରାଇ ଆଣୁଛି ।

"ହେ ପରମ ଦେବତା, କିଏ ଆପଣଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ 'ମୁଁ କେବେହେଲେ କୌଣସି ଭୁଲ କରି ନାହିଁ' ବୋଲି ପ୍ରକୃତରେ କହିପାରିବ ? ଆପଣଙ୍କର ବିଧାନ ଓ କାର୍ଯ୍ୟଟି ବିରୁଦ୍ଧରେ ଆମେ ପ୍ରତ୍ୟହ କେତେ ନା କେତେ ଥର ଭୁଲ କରିବାରେ ଲାଗି ନାହୁଁ ଏବଂ ସେହି ଭୁଲଗୁଡ଼ିକର ମାର୍ଜନା ସକାଶେ ଆପଣଙ୍କର ପରମ କରୁଣା ନିରନ୍ତର କେତେଥର ଆମ ପାଖକୁ ଆନତ ହୋଇ ନଆସୁଛି ?

"ଆପଣଙ୍କର ସେହି ଅବିରାମ ପରମ କରୁଣାର ସହାୟତା ଲାଭ କରୁ ନଥିଲେ, ଆମ ଭିତରୁ କାହାକୁ ପ୍ରକୃତରେ ବିଶ୍ୱ-ନ୍ୟାୟର ପରମ ବିଧାନରୂପୀ ସେହି ତରବାରିର ସମ୍ମୁଖରେ ଆସି ପଡ଼ିବାକୁ ହେଉ ନଥାନ୍ତା ?

"ଏଠାରେ ଯେଉଁମାନେ ରହିଛନ୍ତି, ସେମାନେ ପ୍ରତ୍ୟେକେ ସମାହିତ ହେବାକୁ ରହିଥିବା ଗୋଟିଏ ଗୋଟିଏ ଅସମ୍ଭବତାରହିଁ ପ୍ରତିନିଧିତ୍ୱ କରୁଛନ୍ତି । ମାତ୍ର ଆପଣଙ୍କର ଦିବ୍ୟ କରୁଣା ସମକ୍ଷରେ ଅସମ୍ଭବ ବୋଲି ବା ପୁଣି କ'ଣ ରହିଛି ? ସମଷ୍ଟିର କ୍ଷେତ୍ରରେ ତଥା ଗୋଟି ଗୋଟି ପ୍ରତ୍ୟେକର କ୍ଷେତ୍ରରେ ଆପଣ ନିଜର କାର୍ଯ୍ୟ ଦ୍ୱାରହିଁ ଯାବତୀୟ ଅସମ୍ଭବତାକୁ 'ଗୋଟିଏ

'oaob.nitrkl.ac.in' images reprocessed

ଗୋଟିଏ ଦ୍ରବ୍ୟ ଉପଲବ୍ଧିରେ ରୂପାନ୍ତରିତ କରିଦେଇ ପାରିବେ ।"

୧୫ ଜାନୁଆରୀ ୧୯୫୩; ମାଆଙ୍କ ବାଣୀ, ୧୯୪୯ ସଂସ୍କରଣ, ପୃଷ୍ଠା-୧୮୩-୮୪

"ନ୍ୟାୟପରାୟଣତାହିଁ ବିଶ୍ୱ-ପ୍ରକୃତିସ୍ଥ ଯାବତୀୟ ଗତିସ୍ପନ୍ଦନର ଅପରିବର୍ତ୍ତିନୀୟ ନିୟତି" ବୋଲି ଯେ ଆପଣ କହିଛନ୍ତି, ତାହାର ଅର୍ଥ କ'ଣ ?

ନିୟତିବାଦର ବିଧାନ କହିଲେ କ'ଣ ବୁଝାଏ ତୁମେ ନିଶ୍ଚୟ ଜାଣିଛ, ନୁହେଁ କି ? ତୁମେ କ'ଣ ଦର୍ଶନଶାସ୍ତ୍ର ମୋଟେ ପଢ଼ି ନାହଁ ? (ଜଣେ ଅଧ୍ୟାପକଙ୍କ ଆଡ଼କୁ ଚାହିଁ) ପବିତ୍ର, ନିୟତିବାଦ କହିଲେ କ'ଣ ବୁଝାଏ, ତୁମେ ସେମାନଙ୍କୁ ବୁଝାଇ କରି କହିଦିଅ । ମାତ୍ର ସଂକ୍ଷିପ୍ତ ହେବାକୁ ଚେଷ୍ଟା କରିବ ଓ ସରଳ ଭାଷାରେ କହିଦେବ ।

ପବିତ୍ର : ନିୟତିବାଦ କହିଲେ ଏହିପରି ବୁଝାଇବ ବୋଲି ମୁଁ ଭାବୁଛି : ଯେତେବେଳେ କୌଣସି ଘଟଣା ଘଟୁଛି, ସେତେବେଳେ ସର୍ବଦାହିଁ ସେଥିରୁ ସମାନ ପରିଣାମ ମଧ୍ୟ ଉପଲବ୍ଧ ହେଉଛି ।

ଯଦି ସମାନ ପରିଣାମ ଘଟୁଥାଏ, ତେବେ ଏହି ସର୍ତ୍ତରେ ଘଟୁଥିବ ଯେ ଦୁଇଟିଯାକ କ୍ଷେତ୍ରରେ ସେହି ଗୋଟିଏ କଥାହିଁ ବିଦ୍ୟମାନ ରହିଥିବ । ମାତ୍ର, ବ୍ରହ୍ମାଣ୍ଡ ଭିତରେ ଏପରି ଦୁଇଟି କୌଣସି କଥା ରହିଛି, ଯାହା ପରସ୍ପର ସହିତ ଏକାବେଳେକେ ସମାନ ? ଆଦୌ ନାହିଁ ।

ନଳିନୀ : ଗୋଟିଏ ପ୍ରକାର କାରଣରୁ ଗୋଟିଏ ପ୍ରକାରର ପରିଣାମ ଉତ୍ପନ୍ନ ହେଉଛି ।

ହଁ, ଗୋଟିଏ ପ୍ରକାର କାରଣରୁ ଗୋଟିଏ ପ୍ରକାରର ପରିଣାମ ଉତ୍ପନ୍ନ ହେଉଛି । ବିଜ୍ଞାନ ସେହି ନିୟମଟି ଉପରେ ଆଧାରିତ ହୋଇ ରହିଛି । ମାତ୍ର ଏଠାରେ ମୁଁ ଏକାଧାରରେ ଅପେକ୍ଷାକୃତ ଅଧିକ ସାଧାରଣ ଅଥଚ ଅଧିକ ନିର୍ଦ୍ଦିଷ୍ଟ

'oaob.nitrkl.ac.in' images reprocessed

ଭାବରେ ଏହି ଶବ୍ଦଟିକୁ ବ୍ୟବହାର କରିଛୁ । ମୁଁ ଏହି ଅର୍ଥରେ ଶବ୍ଦଟିକୁ ବ୍ୟବହାର କରିଛୁ ଯେ ପ୍ରତ୍ୟେକ ବସ୍ତୁ (ଗୋଟିଏ ପ୍ରକାରର ହୋଇଥାଉ ଅଥବା ନହୋଇଥାଉ) ସର୍ବଦା ଏକ ପରିଣାମକୁ ଉତ୍ପନ୍ନ କରି ଆସୁଛି, ସେହି ପରିଣାମରୁ ଆଉଗୋଟିଏ ପରିଣାମ ଜାତ ହେଉଛି, ସେହି ଅନ୍ୟଟିରୁ ଆଉଗୋଟିଏ ପରିଣାମ ନିଷ୍ପନ୍ନ ହେଉଛି,—ଏହିପରି ଭାବରେ ନିୟତ ଲାଗିରହିଛି । ତେଣୁ, ନଳିନୀ ଯେପରି କହିଲେ, ନ୍ୟାୟପରାୟଣତାର ଅର୍ଥ ହେଉଛି ଯେ ଗୋଟିଏ ବସ୍ତୁର, ଅର୍ଥାତ୍ ଗୋଟିଏ କାରଣରୁ ସ୍ୱତଃ ସେହି ଗୋଟିଏ ପରିଣାମହିଁ ନିଷ୍ପନ୍ନ ହୋଇ ଆସିଥାଏ । ଏବଂ ତେଣୁ, ଆମେ ଏପରି ଗୋଟିଏ ଶବ୍ଦ ବି ଉଚ୍ଚାରଣ କରି ପାରିବା ନାହିଁ ବା ଏପରି ଗୋଟିଏ ଗତିସ୍ପନ୍ଦନ ବି ସମ୍ଭବ କରି ପାରିବା ନାହିଁ, ଯାହାକି ଆଉ ଏକ ବିଷୟର କାରଣରୂପେ ପ୍ରତିଷ୍ଠିତ ହୋଇଯାଉ ନଥିବ, ଏବଂ ଏହି ଅନ୍ୟ କିଛିଟି ତଥାପି ଆଉକିଛିର କାରଣ ହେବାରେ ଲାଗିଥିବ । ଏବଂ ଏହି ସମୁଦାୟ ପ୍ରକ୍ରିୟାଟି ସ୍ୱତଃ ହେଉଥିବ, ଅପରିବର୍ତ୍ତନୀୟ ଭାବରେ ହେଉଥିବ; ଏବଂ ଆମେ ତାହାକୁହିଁ ବିଶ୍ୱ-ନ୍ୟାୟ ବୋଲି କହୁଛୁ ।

ଯେତେବେଳେ ଯେଉଁ କାର୍ଯ୍ୟଟି ହେଉଛି, ତାହାର ସର୍ବଦା ଏକ ପରିଣାମ ରହିଛି, ଏବଂ ସେହି ପରିଣାମରୁ ଆଉଗୋଟିଏ ପରିଣାମ ଉପୁଜୁଛି,—ଏହିପରି ଭାବରେ ଲାଗି ରହିଛି । ଏବଂ ଏହା ସମ୍ପୂର୍ଣ୍ଣ ଭାବରେ ଅନିବାର୍ଯ୍ୟ ହୋଇ ରହିଛି । ଆମେ ଏହାକୁ ବିଶ୍ୱ-ନ୍ୟାୟ ବୋଲି କହୁଛୁ । ତୁମ ଭିତରେ କୌଣସି ମନ୍ଦ ଭାବନା ଆସିଲା, ତେବେ ତାହାର ନିଶ୍ଚୟ ଏକ ପରିଣାମ ବି ରହିବ । ସେହି ପରିଣାମରୁ ପୁଣି ଆଉଗୋଟିଏ ପରିଣାମ ଉପୁଜିବ । ଏବଂ ପରମ କରୁଣାର ସହାୟତା ବ୍ୟତୀତ ଆମେ ଏହି ଅନିବାର୍ଯ୍ୟତାଟିକୁ କଦାପି ଏଡ଼ିଦେଇ ପାରିବା ନାହିଁ । ଏହି ପରମ କରୁଣାହିଁ ଏପରି ଏକ ବସ୍ତୁ, ଯାହାକି ସେସବୁକୁ ବଦଳାଇ ଦେଇ ପାରିବ । ମାତ୍ର କେବଳ ପରମ କରୁଣାହିଁ ଏଇଟିକୁ ବଦଳାଇ ପାରିବ । ଏହି ବିଧାନଟି ଏପରି କଠୋର ଏବଂ ଏପରି ଭୟଙ୍କର ଯେ ଏହା ଭିତରେ ଥରେ ପ୍ରବେଶ କରି ସାରିବା ପରେ ଏହା ଭିତରୁ ବାହାରି ଆସିବା ଲାଗି ପ୍ରକୃତରେ କୌଣସି ଉପାୟ ନଥାଏ । ଏବଂ ଏହି ପୃଥିବୀପୃଷ୍ଠରେ ଅବତୀର୍ଣ୍ଣ ହେବା ମାତ୍ରକେହିଁ ସମସ୍ତଙ୍କୁ ତାହାର ଭିତରେ ପ୍ରବେଶ କରିବାକୁ ପଡ଼େ । ସମୁଦାୟ ପାର୍ଥିବ ଅଭିବ୍ୟକ୍ତି ଠିକ୍ ସେହିପରି, ଠିକ୍ ସେହିପରି ଭାବରେହିଁ ତିଆରି ହୋଇ ରହିଛି । ଏବଂ ଆମେ ଏଠାରେ ଯାହାକିଛି କରୁଛୁ, ଯାହାକିଛି କହୁଛୁ, ଯାହାକିଛି ଚିନ୍ତା କରୁଛୁ ଏବଂ ଯାହାକିଛି ଅନୁଭବ କରୁଛୁ, ତାହାର କୌଣସି ନା କୌଣସି ପରିଣାମ ନିଶ୍ଚୟ ରହିଛି । ଏବଂ ଏହି ପରିଣାମରୁ ଆଉଗୋଟିଏ ପରିଣାମ ଉପୁଜୁଛି, ସେଥିରୁ ଆଉଗୋଟିଏ ଉପୁଜୁଛି, ଏହିପରି ଭାବରେ ଚାଲିଛି । ପୁନଶ୍ଚ, ଯଦି ଆମେ ଅଧିକ ବ୍ୟାବହାରିକ ଦୃଷ୍ଟିରୁ ଏହି

'oaob.nitrkl.ac.in' images reprocessed

କଥାଟିର ବିସ୍ତାର କରିବାକୁ ଚାହୁଁଥିବା, ତେବେ ଆମେ ହୁଏତ କେତୋଟି ଦୃଷ୍ଟାନ୍ତ ନେଇ ପାରିବା ଓ କହି ପାରିବା : "ଯଦି ତୁମେ ଏକଥାଟି କରିବ, ତେବେ ସେଥିରୁ ସ୍ୱତଃ ଏହି ଅନ୍ୟ କଥାଟି ନିଷ୍ପନ୍ନ ହୋଇ ଆସିବ ।" ଉଦାହରଣସ୍ୱରୂପ, ମନୁଷ୍ୟମାନେ ଯେଉଁ ସମାଜଟିର ଗଠନ କରିଥାନ୍ତି, ସେଥିରେ ଏପରି ଘଟିଥାଏ ଯେ, ଯଦି ତୁମେ କୌଣସି ଏକ ଅପରାଧ କରିପକାଅ, ତେବେ ତୁମକୁ ସେହି ଅପରାଧଟି ପାଇଁ ଦଣ୍ଡ ଭୋଗିବାକୁ ପଡ଼େ । ନୀତି ବିବେକଟିର କ୍ଷେତ୍ରରେ ମଧ୍ୟ, ଯଦି ଆମେ ଗୋଟିଏ ଭୁଲ୍ କରି ପକାଉ, ଆମେ କରିଥିବା ସେହି ଭୁଲଟି ଲାଗି ଆମକୁ କଷ୍ଟ ପାଇବା'କୁ ପଡ଼େ । ଏବଂ, ମଣିଷ ଯେପରି ଭାବରେ ଏହି ବିଧାନଟିର ଗଠନ କରିଛି, ସେଥିରେ ସର୍ବଦା କୁହା ଯାଇଥାଏ ଯେ ବିଧାନଟିଏ ରହିଛି ବୋଲି ଆମକୁ ଜଣା ନଥିଲା ବୋଲି କହିଲେ ମଧ୍ୟ ଶାସ୍ତି ପାଇବାରୁ କୌଣସି ନିଷ୍କୃତି କଦାପି ମିଳିବ ନାହିଁ । ବିଧାନଟି ରହିଛି ବୋଲି ଆମକୁ ଜଣା ନଥିଲା, ସେଇଟି ଲାଗିହିଁ ଶାସ୍ତି ଭୋଗ କରିବାକୁ ପଡ଼େ । ମୁଁ ଗୋଟିଏ ଭୁଲ କରିବାକୁ ଯାଉଛି ବୋଲି ନଜାଣି ବି ଯଦି ମୁଁ କୌଣସି ଭୁଲ୍ କରେ, ମୋତେ ତଦ୍ୱାରା ଆଦୌ କୌଣସି ରକ୍ଷା ମିଳେ ନାହିଁ ଏବଂ ଶାସ୍ତି ଭୋଗିବାକୁହିଁ ହୁଏ । ଏବଂ ପ୍ରକୃତି ଭିତରେ ମଧ୍ୟ ଠିକ୍ ସେହିପରି ହୁଏ । ମୁଁ ବିଷ ଖାଉଛି ବୋଲି ନଜାଣି ମଧ୍ୟ ଯଦି ମୁଁ ବିଷ ଖାଇଦିଏ, ତେବେ ମୋତେ ତଥାପି ବିଷ ଖାଇବାର ପରିଣାମଟିକୁ ଭୋଗିବାକୁ ହୋଇଥାଏ । ମୋ କଥାଟିକୁ ବୁଝିଛ ତ ?···ପରମ କରୁଣା ମଝିରେ ଆସି ସହାୟତା ନକଲା ପର୍ଯ୍ୟନ୍ତ ଠିକ୍ ଏହିପରି ହୁଏ । ଏବଂ ସେହି କରୁଣା ସର୍ବଶକ୍ତିମତୀ ହୋଇଥିବାରୁ, ତାହା ସବୁକିଛିକୁ ବଦଳାଇ ଦେଇପାରେ । ମୁଁ ସେହି କଥାଟିକୁ ବୁଝାଇ କହିବାକୁ ଚେଷ୍ଟା କରିଛି । ମାତ୍ର କରୁଣା ବିନା ଆଉ କୌଣସି ଗତି ନାହିଁ, କୌଣସି ଆଶା ନାହିଁ । କାରଣ, ଏହି ଅଜ୍ଞାନତାକୁହିଁ ଆମେ ମନୁଷ୍ୟସମୂହର ଜୀବନରେ ଅନୁକ୍ଷଣ ବିଦ୍ୟମାନ ରହିଥିବା ଏକ କାରଣ ବୋଲି କହିପାରିବା ।

ପ୍ରକୃତିର ବସ୍ତୁଗୁଡ଼ିକୁ ବ୍ୟବହାର କରି ଜାଣିବା ପୂର୍ବରୁ ମନୁଷ୍ୟକୁ ଯେ କେତେ କେତେ ବିସ୍ମୟ ଏବଂ ଭୟାନକ ଅନୁଭୂତି ମଧ୍ୟଦେଇ ଗତି କରିବାକୁ ହୋଇଛି, ଆଜି ମୁଁ ଠିକ୍ ସେହି କଥା ଭାବିଥିଲି । ସମ୍ଭବତଃ ଏହି ପରମ କରୁଣାର ପ୍ରସାଦରୁହିଁ ମନୁଷ୍ୟ ପ୍ରାୟ ସ୍ୱତଃପ୍ରବୃତ୍ତ ଭାବରେ ପ୍ରକୃତିର ବସ୍ତୁଗୁଡ଼ିକୁ ଆବିଷ୍କାର କରିବାକୁ ସମର୍ଥ ହେଲା । ମାତ୍ର ସିଏ ତା'ର ଅସଲ ବିଷୟଟିକୁ ଶିଖି ବୋଲି ଯଦି ଉଦ୍ଦିଷ୍ଟ ହୋଇ ରହିଥାନ୍ତା···ମୁଁ ସେବିଷୟରେ ଭାବିଲି, କାରଣ···ଗଛମାନଙ୍କରେ କେତେ କେତେ ଫଳ ରହିଛି : ଭଲ ଫଳ ରହିଛି, ବିଷାକ୍ତ ଫଳ ରହିଛି—ମାତ୍ର ସେଗୁଡ଼ାକ ତ ଗଛ ଉପରେ ଲେଖି ଦିଆ ହୋଇ ନାହିଁ । ମାତ୍ର ଏପରି ଜଣେ ନା ଜଣେ ବ୍ୟକ୍ତି ରହିଛନ୍ତି, ଯିଏକି ତୁମକୁ ଆସି କହିପାରୁଛନ୍ତି : "ନା—ଏଫଳ ଆପଣ

'oaob.nitrkl.ac.in' images reprocessed

ଖାଆନ୍ତୁ ନାହିଁ, ଏଥିରେ ତୁମ ଦେହ ବିଷାକ୍ତ ହୋଇଯିବ।" କିନ୍ତୁ ତୁମକୁ ସେହି କଥାଟିକୁ କହି ଦେବା ଲାଗି ଯଦି କେହିହେଲେ ନଥାନ୍ତେ, ତେବେ ତୁମେ କିପରି କ'ଣ ଜାଣିପାରନ୍ତ କହିଲ? ସେହି ଫଳଟିକୁ ଖାଇ ଓ ବିଷଗୁଡ଼ାକୁ ଉଦରସ୍ଥ କରି ଯାଇ ଜାଣିପାରନ୍ତ। ଏବଂ ସେହିପରି କ୍ଷେତ୍ରରେ କେବଳ ଆଉଜଣେହିଁ ତୁମର ସେହି ଅଭିଜ୍ଞତାଟି ଦ୍ୱାରା ଉପକୃତ ହୋଇ ପାରନ୍ତା।

ମୁଁ ସେପରି ଭାବିଲି, କାରଣ ଏପରି କେତେଗୁଡ଼ିଏ ଫଳ ଅଛି, ଯେଉଁଗୁଡ଼ିକ କି ପାଚିଲେ ଭାରି ବଢ଼ିଆ ଫଳରେ ପରିଣତ ହୋଇଯାଏ, କେଡ଼େ ଭଲ ଲାଗେ ଓ କେତେ ପୌଷ୍ଟିକତା ଆଣିଦିଏ, ଆମର ଭାରି ଉପକାରରେ ଆସେ। କିନ୍ତୁ ପାଚି ନଥିଲେ ତାହା ଠିକ୍ ବିପରୀତ କାର୍ଯ୍ୟ କରେ। ସେହି ଗୋଟିଏ ଫଳ ଏହିପରି ଦୁଇପ୍ରକାର କାମ ଦିଏ। ବର୍ତ୍ତମାନ ଆମେ ଆଭୋକାଡ଼ୋ, ଯାହାକୁ ବୋଧହୁଏ ବଟରଫ୍ରୁଟ ବୋଲି କୁହାଯାଏ, ତାହାରି ଉଦାହରଣ ନେଇ ଦେଖିବା। ତୁମେ ଯଦି କଞ୍ଚା ଅବସ୍ଥାରେ ଏହି ଫଳଟିକୁ ଖାଅ (ତୁମେ କେବେହେଲେ ଖାଇବ ନାହିଁ, କାରଣ ସେତେବେଳେ ତା'ର ସୁଆଦ ବି ଭାରି ଅବଜିଆ ଲାଗେ), ତେବେ ତୁମ ଦେହରେ ତତ୍‌କ୍ଷଣାତ୍ ବିଷ ଚରିଯିବ; ମାତ୍ର ସେହି ଫଳଟି ପାଚିବା ଅବସ୍ଥାରେ ଖାଇଲେ ତାହା କେଡ଼େ ଅନ୍ୟପ୍ରକାର ହେବ, କେଡ଼େ ବଢ଼ିଆ କାମ ଦେବ! ଦକ୍ଷିଣ ଆମେରିକାରେ ବା ଆଫ୍ରିକାର କେତେକ ଅଞ୍ଚଳରେ ଏହିସବୁ ଗଛ ବଡ଼ ବଡ଼ ଆମ୍ବ ଗଛପରି ଡେଙ୍ଗା ହୋଇ ବଢ଼ିଥାଏ ଏବଂ ସବୁ ଫଳଗୁଡ଼ିକ ଏକାଭଳି ତଳକୁ ଲଟକି କରି ରହିଥାଏ। ଯଦି ସେହି ବାଟ ଦେଇ ଏପରି ଜଣେ ଲୋକ ଯାଉଥାଏ, ଯିଏକି ଗଛଟିକୁ ଚିହ୍ନି ନଥାଏ, ଗଛଟି ବିଷୟରେ କିଛି ଜାଣି ନଥାଏ ବା କେହି ସତର୍କ କରିଦେଇ ତାକୁ ଆଗରୁ କିଛି କହି ନଥାନ୍ତି, ଯଦି ସିଏ ଗଛରୁ ଫଳଟିଏ ନେଇ କାଟି କରି ଖାଏ, ତେବେ ସେଇଥିରେ ତା'ର ମୃତ୍ୟୁ ହୁଏ। ତା'ପରେ ମାସକ ପରେ ଆଉଜଣେ ଲୋକ ସେହି ବାଟ ଦେଇ ଆସେ, ସେତେବେଳକୁ ସବୁଯାକ ଫଳ ପାଚି ଯାଇଥାଏ; ସିଏ ଫଳଗୁଡ଼ିକୁ ତୋଳି ନିଏ, ଖାଏ ଏବଂ ଫଳଗୁଡ଼ିକ ତାକୁ କେଡ଼େ ଭଲ ବୋଲି ମନେହୁଏ—ଭାରି ଭଲ ଲାଗେ, ଭାରି ବଢ଼ିଆ ଲାଗେ। ବର୍ତ୍ତମାନ ତାକୁ ହୁଏତ କେହି ଆସିକରି କହେ: "ତୁମେ ଫଳଟିକୁ ପୁଣି କିପରି ଖାଇଲ କହିଲ? ତୁମେ ଜାଣିଛ, ସେହି ଫଳଟି ଖାଇ ଆଉ ଜଣେ ଲୋକର ପ୍ରାଣ ଯାଇଛି···?" ବର୍ତ୍ତମାନ କୁହ, ଜଣେ ଫଳଟିକୁ କଞ୍ଚା ଖାଇଲା ଓ ଆଉଜଣେ ପାଚିଲା ଅବସ୍ଥାରେ ଖାଇଲା, ଏବଂ ତେଣୁ ଦୁଇଜଣଙ୍କୁ ଦୁଇପ୍ରକାର ଫଳ ଭୋଗିବାକୁ ପଡ଼ିଲା,—ଏତିକି ଜାଣିବା ଲାଗି ଆମର କେତୋଟି ଅଭିଜ୍ଞତା ଲାଭ କରିବା ଦରକାର, କହିଲ? ଯେତେବେଳେ ଫଳଟି ପାଚି ନାହିଁ,

'oaob.nitrkl.ac.in' images reprocessed

ସେତେବେଳେ ବିଷପରି କାମ ଦେଉଛି ଓ ସେତେବେଳେ ପାଚି ଯାଉଛି, ସେତେବେଳେ କେଡ଼େ ଭଲ କାମ ଦେଉଛି !

ଏହିପରି ଭାବରେ, ଯେଉଁମାନେ ଆମ ପୂର୍ବରୁ ଏହି ପୃଥିବୀକୁ ଆସିଛନ୍ତି, ସେମାନଙ୍କର ଅଭିଜ୍ଞତା ଦ୍ୱାରା ଆମେ ଉପକୃତ ହେବାରେ ଲାଗିଛୁ । ମାତ୍ର ଯଦି ଆମକୁ ଏପରି ଏକ ଦେଶକୁ ଆସିବାକୁ ପଡ଼ୁଆନ୍ତା ଯାହା ବିଷୟରେ କି ଆମେ ଆଦୌ କିଛି ହେଲେ ଜାଣି ନାହୁଁ, ଏବଂ ଯଦି କେବଳ ନିଜ ଉପରେହିଁ ନିର୍ଭର କରି ଆମକୁ ସବୁକିଛି ଜାଣିବାକୁ ପଡ଼ୁଆନ୍ତା, ତେବେ ଆମକୁ କେତେ କେତେ ଅସୁବିଧାର ଅଭିଜ୍ଞତାର ସମ୍ମୁଖୀନ ହେବାକୁ ପଡ଼ୁଆନ୍ତା । କେବଳ ସେହି ଗୋଟିଏ ଫଳ ଯେ ଏହିପରି, ସେକଥା ନୁହେଁ, ଏହିପରି କେତେ କେତେ ଫଳ ରହିଛି । ଉଦାହରଣସ୍ୱରୂପ ଡିମିରି ଫଳ, କଞ୍ଚା ଡିମିରି ଫଳ । କଞ୍ଚା ଡିମିରି ଫଳରୁ ଯେଉଁ କ୍ଷୀର ବାହାରେ, ଯଦି ତାହା କେବେହେଲେ ତୁମ ମୁହଁରେ ଲାଗେ—ଏଇଟା ପ୍ରକୃତରେ ଭାରି ସାଂଘାତିକ କଥା—ତେବେ ତୁମର ପାଟି ଚାରିପାଖେ ଏଡ଼େ ଏଡ଼େ ଘା ହୋଇଯାଏ ଏବଂ ତୁମେ ପ୍ରକୃତରେ ଅସୁସ୍ଥ ହୋଇଯାଅ । ପେଟ ଭିତରେ ମଧ୍ୟ ଘାଆ ହୋଇଯାଏ । ମାତ୍ର ସେହି ଡିମିରି ଫଳ ପାଚିଯାଏ ଏବଂ ଡିମିରିକ୍ଷୀର ନଛୁଇଁବା ବିଷୟରେ ତୁମେ ଯଥେଷ୍ଟ ସାବଧାନ ହୋଇ ରହିଥାଅ, ତେବେ ସେଥିରୁ ଏକ ଚମତ୍କାର ଖାଦ୍ୟରହିଁ ଉପକାର ମିଳିଥାଏ । ଏହିପରି ଭାବରେ ତୁମମାନଙ୍କୁ ମୁଁ କେତେ ଉଦାହରଣ ଦେଇ ପାରିବି । ମାତ୍ର ବର୍ତ୍ତମାନ ଆମେ ଏହି କଥାଟି ଜାଣିଲୁ, କାରଣ ଏହି କଥାଟି ବିଷୟରେ ଆମକୁ ଜଣେ ଆସି କହିଦେଲା । ଯିଏ କହିଲା ବା ଯେଉଁମାନେ କହିଲେ, ସେମାନେ ଅନ୍ୟମାନଙ୍କଠାରୁ କଥାଟିକୁ ଜାଣିଥିଲେ । ମାତ୍ର ସର୍ବପ୍ରଥମ ପ୍ରୟୋଗଟି କିଏ କରିଥିଲା, ଏସବୁ କଥା ସର୍ବପ୍ରଥମେ କିଏ ଜାଣିଲା, ପ୍ରକୃତିରେ ଥିବା ଯାବତୀୟ ବିଷୟଗୁଡ଼ିକୁ ସର୍ବପ୍ରଥମେ କିଏ ଜାଣିଲା ?··· ପ୍ରକୃତି ଭିତରେ ତ ଅଗଣିତ କେତେ କେତେ ବିଷୟ ରହିଛି । ଉଦାହରଣସ୍ୱରୂପ ପ୍ରକୃତିରେ ଥିବା ଉଦ୍‌ଭିଦ-ଜୀବନର କଥା ବିଚାର କରାଯାଉ । ବର୍ତ୍ତମାନ ମଧ୍ୟ ଆମକୁ ସେବିଷୟରେ ସବୁଯାକ ସତ୍ୟ ଜଣା ନାହିଁ । ଉଦାହରଣସ୍ୱରୂପ କେତେକ ଲୋକ ଆସି ତୁମକୁ କହିବେ : "ପ୍ରକୃତି ଭିତରେ ରୋଗ ଯେପରି ଅଛି, ତା' ସହିତ ସେହି ରୋଗର ଔଷଧଟି ବି ରହିଛି; ପ୍ରକୃତି ସବୁ କଥାକୁ ଏହିପରି ଭାବରେ ତିଆରି କରି ରଖିଛି ।" ଏହି କଥାଟି ସମ୍ପୂର୍ଣ୍ଣଭାବରେ ଏହିପରି ହୋଇ ରହିଛି ଓ ଏଥିରେ କୌଣସି ବ୍ୟତିକ୍ରମ ନାହିଁ ବୋଲି ମୋତେ ଜଣା ନାହିଁ, ମାତ୍ର ଗୋଟାଏ ଅର୍ଥରେ ପ୍ରକୃତିରେ ଏହିପରି ହେଉଛି, ଏହା ଏକ ସତ୍ୟ ହୋଇ ରହିଛି । ଉଦାହରଣସ୍ୱରୂପ ଏପରି କୁହାଯାଏ ଯେ, ଯଦି ତୁମେ କୌଣସି ଜାଗାରେ ସାପଗାତଟିଏ ଥିବାର ଦେଖିବ, ତେବେ ସେହି ଗାତ ପାଖରେ ତୁମକୁ ଏପରି

'oaob.nitrkl.ac.in' images reprocessed

ଗୋଟିଏ ଗଛ ବି ଦେଖିବାକୁ ମିଳିବ, ଯାହାକି ତୁମକୁ ସାପକାମୁଡ଼ାରୁ ଭଲ କରିଦେଇ ପାରିବ । ମାତ୍ର କେଉଁ ଗଛଟି ? ସେଠି ତ କେତେ ନା କେତେ ଗଛ ଥିବ ଓ ଠିକ୍ କେଉଁ ଗଛଟି ବୋଲି ତୁମକୁ କିଏ ଆସି କହିବ ? କେତେକ ଲୋକ ଅଛନ୍ତି, ଯେଉଁମାନେକି ଜଙ୍ଗଲପଥରେ ପାହାଡ଼ ଉପରକୁ ଯାଆନ୍ତି ଓ ଦୁରାରୋଗ୍ୟ ବୋଲି କୁହା ଯାଉଥିବା ଅନେକ ରୋଗର ଔଷଧି ସଂଗ୍ରହ କରି ଆଣନ୍ତି । ସେମାନେ ସେହିସବୁ କଥା କାହାଠାରୁ ଶିଖିଛନ୍ତି ? ଏହି ବିଷୟରେ ପ୍ରଥମ ପ୍ରୟୋଗଟି କିଏ କରିଛି ?

ଆଉ ଛତୁ ?......

ହଁ, ହଁ, ଛତୁ ବି । ସେଥିରେ ବି ଠିକ୍ ସେହି କଥା । ଆମେ ପାଖକୁ ପାଖ ଲାଗି ଲାଗି କରି ଏପରି ଦୁଇପ୍ରକାରର ଛତୁ ଫୁଟିଥିବାର ଦେଖିବାକୁ ପାଇବା, ଯେଉଁଥିରୁ କି ଗୋଟିଏ ଖାଇଲେ ତାହାକୁ ଏକ ଚମତ୍କାର ଖାଦ୍ୟ ବୋଲି କୁହାଯିବ ଏବଂ ଆଉଗୋଟିକୁ ଖାଇଲେ ତତ୍‌କ୍ଷଣାତ୍ ପରଲୋକ ଗମନ କରିବାକୁ ପଡ଼ିବ । ସଂଗୃହୀତ ଜ୍ଞାନ ଦ୍ୱାରା ଆମେ ସର୍ବଦା ଉପକୃତ ହୋଇଥାଉ । ଏବଂ ମୁଁ ତ ଭାବୁଛି ଯେ ଏହିପରି କେତେକେତେ ଜ୍ଞାନକୁ ଆମକୁ ନିଶ୍ଚିତ ଭାବରେ ହରାଇବାକୁ ପଡ଼ୁଛି, କାରଣ ଯେଉଁମାନେ ଏହିଭଳି ଅନେକ ପଦାର୍ଥର ଆବିଷ୍କାର କରିଛନ୍ତି, ସେମାନଙ୍କ ଭିତରୁ ଅନେକ ସେଗୁଡ଼ିକୁ ଆଦୌ ଲେଖି ରଖି ନାହାନ୍ତି । ଏବଂ ଆମେ ମଧ୍ୟ ହୁଏତ ଅନେକ କିଛି ଆବିଷ୍କାର କରୁଥିବା, ମାତ୍ର ସେଗୁଡ଼ିକୁ କଦାପି ସବୁବେଳେ ଟିପି ରଖୁ ନଥିବା ଓ ତଦ୍ୱାରା ସେଗୁଡ଼ିକୁ ଅନ୍ୟମାନଙ୍କର ପହଞ୍ଚ ଭିତରକୁ ଆଣି ପାରୁ ନଥିବା । ଏବଂ ଏହି ପ୍ରକୃତି ପ୍ରାୟ ଅସରନ୍ତି ଭାବରେହିଁ ଅଧ୍ୟୟନ ତଥା ଆବିଷ୍କାରର ଏକ କ୍ଷେତ୍ରରୂପେ ମହଜୁଦ ହୋଇ ରହିଛି ।

ପବନ : ଯେଉଁମାନେ ବାରୁଦ ଓ ବିସ୍ଫୋରକଗୁଡ଼ିକର ଆବିଷ୍କାର କରିଛନ୍ତି, ସେମାନଙ୍କ ଭିତରୁ କେତେ ବ୍ୟକ୍ତିଙ୍କୁ ମରିବାକୁ ପଡ଼ିଛି ଓ ଆହୁରି କେତେ ନାନା ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି !

ହଁ, ଏଥିପାଇଁ ମଣିଷ ଦାୟୀ; ସେସବୁ ସେହି ମଣିଷର ଦୋଷ । ଯଦି ସେ ସେଗୁଡ଼ାକ ନେଇ ଖେଳିବାକୁ ଯାଇ ନଥାନ୍ତା, ତେବେ ସେପରି କଦାପି ଘଟି ନଥାନ୍ତା ।

'oaob.nitrkl.ac.in' images reprocessed

> ଅନେକ ସମୟରେ ମଣିଷ ନଜାଣି କରି ମଧ୍ୟ ହୁଏତ ସେଥିରେ ବଡ଼ ଆକସ୍ମିକ ଭାବରେ ଆସି ହାତ ଲଗାଇ ଦେଇଥିବ,— ଇଚ୍ଛାକୃତ ଭାବରେ ନକରି ମଧ୍ୟ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବ ।

ମାତ୍ର ତଥାପି ବିସ୍ଫୋଟକ ହେଉଛି ଏକ ବିସ୍ଫୋଟକ । ତାହା ହେଉଛି ସର୍ବଦା ଆଉଜଣଙ୍କର ଦୋଷ, ନୁହେଁ କି ?

> ଯେଉଁମାନେ ରସାୟନର ଅଧ୍ୟୟନ କରୁଥିଲେ ଓ ବିସ୍ଫୋଟନର ସମ୍ମୁଖୀନ ହୋଇଥିଲେ,···

ହଁ, ଯଦି ସେମାନେ ବିସ୍ଫୋଟକ ବୋଲି ଜାଣି ନଥିଲେ, ତେବେ । ଉଦାହରଣସ୍ୱରୂପ, ତୁମେ ପୋଟାସିଅମ୍ କ୍ଲୋରେଟ୍ ହାତରେ ନେବ, ସେଥିରେ ସେତେବେଳେ ଆଦୌ କୌଣସି ଅନିଷ୍ଟର ଆଶଙ୍କା ନଥିବ, ଦାନାଗୁଡ଼ିକ କେତେ ସୁନ୍ଦର ଧଳା ହୋଇ ଦେଖା ଯାଉଥିବ, ଦେଖିଲା ବେଳକୁ ମନ ଖୁସୀ ହୋଇ ଯାଉଥିବ । ମାତ୍ର ତୁମେ ଯଦି ତା'ପରେ ମୁଦ୍‌ଗରଟିଏ ଧରି ନିଜର ସମ୍ପୂର୍ଣ୍ଣ ଶକ୍ତି ପ୍ରୟୋଗ କରି ତାକୁ ପିଟିବାକୁ ଆରମ୍ଭ କରିବ, ତେବେ ତାହା ସଙ୍ଗେ ସଙ୍ଗେ ଠୋ' କରି ଫାଟିବ । ହଁ, ପ୍ରକୃତରେ ସେହିପରି ହେବ··· ।

ମାତ୍ର ସଂସାରରେ କେତେ ପ୍ରକାରର ଗଛ ରହିଛି,—ସେଗୁଡ଼ିକର ସଂଖ୍ୟାକୁ କେହି କେବେହେଲେ ଜାଣି ପାରି ନାହିଁ ବା ଭିନ୍ନ ଭିନ୍ନ ଗଛର ସଂଖ୍ୟାକୁ କେହି କେବେହେଲେ ହୁଏତ ଗଣନା କରି କହି ବି ପାରିବ ନାହିଁ । ତଥାପି, ମଣିଷମାନେ ଯେତିକି ଗଛପତ୍ରର ନାମ ଜାଣନ୍ତି ଓ ଯେତିକି ଗଛପତ୍ର ବ୍ୟବହାର କରନ୍ତି, ଯଦି ସେହିଗୁଡ଼ିକରହିଁ ଗୋଟିଏ ତାଲିକା ପ୍ରସ୍ତୁତ କରାଯାଏ ତେବେ ତାହା ସମୁଦାୟ ଗଛପତ୍ରଗୁଡ଼ିକର ସଂଖ୍ୟା ତୁଳନାରେ ବଡ଼ ହାସ୍ୟାସ୍ପଦ ଭାବରେ କେବଳ ଅଳ୍ପସଂଖ୍ୟକହିଁ ହେବ । ମୋର ମନେ ପଡ଼ୁଛି, ମୁଁ ଯେତେବେଳେ ଜାପାନରେ ଥିଲି, ସେତେବେଳେ ସେଠିକା ଲୋକେ ମୋତେ କହୁଥିଲେ ଯେ ଇଉରୋପବାସୀ କେବଳ ୩୫୦ ପ୍ରକାରର ଭିନ୍ନ ଭିନ୍ନ ଉଦ୍‌ଭିଦକୁ ଖାଦ୍ୟରୂପେ ବ୍ୟବହାର କରନ୍ତି ଏବଂ ଜାପାନର ଲୋକମାନେ ଛଅଶହରୁ ଅଧିକ ପ୍ରକାରର ଉଦ୍‌ଭିଦକୁ ଖାଦ୍ୟରୂପେ ବ୍ୟବହାର କରନ୍ତି । ଏଠାରେ ପାର୍ଥକ୍ୟଟି ଆଦୌ କମ୍ ନୁହେଁ । ଜାପାନୀମାନେ ମୋତେ କହୁଥିଲେ : "ତୁମେ ତୁମ ଖାଦ୍ୟପଦାର୍ଥଗୁଡ଼ାକୁ କପରି ନଷ୍ଟ କରିଦେଉଛ

'oaob.nitrkl.ac.in' images reprocessed

କହିଲ ! ତୁମେ ଯେତିକି ଗଛପତ୍ର ଜାଣିଛ, ପ୍ରକୃତରେ ତାହାଠାରୁ ଅନେକ ଅଧିକ ଓ ଅଗଣିତ ସଂଖ୍ୟାରେ ଉଦ୍‌ଭିଦ ଜନ୍ମ ହେଉଛି; ଏବଂ ତୁମେ ସେହିଗୁଡ଼ିକୁ ମଧ୍ୟ ବ୍ୟବହାର ନକରି ନଷ୍ଟ କରିବାରେ ଲାଗିଛ ।" ତୁମେମାନେ କେବେ ବାଉଁଶ ଗଜା ଖାଇଛ (ଏଠାରେ ନୁହେଁ, ଇଉରୋପରେ) ? ...ବାଉଁଶଗଜା କେବେ ଖାଇଛ ? କେବେ କଦଳୀଭଣ୍ଡା ଖାଇଛ ? ନଡ଼ିଆ ଫୁଲ ଖାଇଛ ?— ନଡ଼ିଆ ଫୁଲରୁ ପ୍ରକୃତରେ ଏକ ଖୁବ ଚମତ୍କାର ସାଲାଡ଼୍ ପ୍ରସ୍ତୁତ କରାଯାଇ ପାରେ । ଅବଶ୍ୟ ଏତିକି ଅସୁବିଧା ଯେ ନଡ଼ିଆଫୁଲ ନେଇ ଆସିଲେ ନଡ଼ିଆଗଛଟି ମରିଯାଏ । ଅର୍ଥାତ୍, ସାଲାଡ଼୍ ଖାଇବା ସକାଶେ ଗଛଟିକୁ ମାରିଦେବାକୁ ପଡ଼େ । ମାତ୍ର, ଉଦାହରଣସ୍ୱରୂପ, ଯେତେବେଳେ ଝଡ଼ତୋଫାନ ହୁଏ ଓ ଶହ ଶହ ନଡ଼ିଆଗଛ ଭାଙ୍ଗିକରି ତଳେ ପଡ଼ିଯାଆନ୍ତି, ସେତେବେଳେ କେବଳ ନଡ଼ିଆ ଫୁଲଗୁଡ଼ିକୁ ତୋଳି ଆଣି ନିଜ ପାଇଁ ଏକ ଚମତ୍କାର ସାଲାଡ଼୍ ତିଆରି କରିବା ଦ୍ୱାରାହିଁ ସେହି ଦୁର୍ବିପାକରୁ କୌଣସି ଲାଭ ଉଠାଯାଇ ପାରେ । ତୁମେମାନେ କେବେହେଲେ ନଡ଼ିଆଫୁଲ ଓ ନଡ଼ିଆକଢ଼ ଖାଇ ନାହଁ ? ମୋତେ ଏସବୁ କଥା ଶୁଣି ଆଦୌ କୌଣସି ଆଶ୍ଚର୍ଯ୍ୟ ଲାଗି ନଥିଲା, କାରଣ ମାଟି ଭିତରୁ ବାହାରିବା ପୂର୍ବରୁହିଁ ମୁଁ ବାଉଁଶଗଜା ଖାଇଥିଲି । ତାହାକୁ ଆମେ ପ୍ରାୟ ଶତାବକ୍ଷ ସଦୃଶ ଏକ ଉଦ୍‌ଭିଦ ବୋଲି କଳ୍ପନା କରି ପାରିବା । ଜାପାନ ଦେଶରେ ଏହା ହେଉଛି ବେଶ ଅନେକ ଦିନରୁ ସୁପରିଚିତ ଗୋଟିଏ ଖାଇବା ପଦାର୍ଥ । ଏବଂ ଏଠିକାର ବାଉଁଶଗଛଠାରୁ ଜାପାନର ବାଉଁଶ-ଗଛ ଅଧିକ କଅଁଳ । ବାଉଁଶଗଛଗୁଡ଼ିକ ଖୁବ କଅଁଳ ଓ ତା'ର ଗଜାଗୁଡ଼ିକ ପ୍ରକୃତରେ ଅଦ୍‌ଭୁତ ।

ତଥାପି, କଥାଟିକୁ ଆମେ ଏହିପରି ବୋଲି ଜାଣିବା । ଏଥିରୁ ବୋଧ ହେଉଛି ଯେ ଇଉରୋପ ମହାଦେଶରେ ଲୋକମାନେ ଉଦ୍ଭିଦ-ଜଗତରୁ ମୋଟେ ୩୫୦ ବିଭିନ୍ନ ପ୍ରକାରର ଉଦ୍ଭିଦକୁ ଖାଦ୍ୟରୂପେ ବ୍ୟବହାର କରନ୍ତି ଏବଂ ଜାପାନରେ ଛଅଶହ ପ୍ରକାରର ଉଦ୍ଭିଦ ବ୍ୟବହାର କରନ୍ତି, ଛଅଶହରୁ ଅଧିକ ପ୍ରକାରର ଉଦ୍ଭିଦ ବ୍ୟବହାର କରନ୍ତି । ମାତ୍ର, ଯଦି ଲୋକମାନଙ୍କୁ ଜଣା ଥାଆନ୍ତା, ତେବେ ସେମାନେ କଦାପି ଅନାହାରରେ ମରନ୍ତେ ନାହିଁ, ଅନ୍ତତଃ ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କ ବିଷୟରେ ଏହି କଥାଟି କୁହାଯାଇ ପାରିବ । ବୁଝିଲ ?

ସେହି କଥାଟି ଯାହାହେଉ ପଛକେ, ଆମେ ତାହାକୁ ସେହିପରି ବୁଝିବା । ଯଦି ଜଗତରେ କେବଳ ନ୍ୟାୟହିଁ ବିଧାନ ଚାଲିଥାନ୍ତା, ତେବେ ଜଗତର ଅବସ୍ଥା କିପରି ହୁଅନ୍ତା, ଆମେ ସେକଥା କଦାପି କହି ପାରିବା ନାହିଁ । କିନ୍ତୁ ଖୁବ ଗୋଟାଏ ସୁଖର କଥା ହୁଅନ୍ତା ବୋଲି ମୁଁ ଆଦୌ ବିଶ୍ୱାସ କରୁ ନାହିଁ । କାରଣ, ମୁଁ ଯେପରି କହୁଛି, ଏପରି କରିବେହେଲେ ବ୍ୟକ୍ତି କେହି ନାହିଁ, ଯିଏକି ଭଗବାନଙ୍କ

'oaob.nitrkl.ac.in' images reprocessed

ସମ୍ମୁଖରେ ଯାଇ ଠିଆହୋଇ ପାରିବ ଓ ତାଙ୍କୁ କହିପାରିବ : "ମୁଁ କେବେହେଲେ କୌଣସି ଗୋଟିଏ ଭୁଲ୍ ବି କରି ନାହିଁ ।" ଏବଂ, ମୁଁ ଯେତେବେଳେ ଭୁଲ୍‌ଟିଏ କରିବା ବିଷୟରେ କହୁଛି, ସେତେବେଳେ ତୁମକୁ ଗୋଟାଏ କଥା ଜଣା ନାହିଁ ବୋଲି ତୁମେ ଆଦୌ କୌଣସି କାରଣ ଦେଖାଇ ପାରିବ ନାହିଁ । କାରଣ, ଅଜାଣତରେ ହେଉ ଅଥବା ଜାଣିକରି ହେଉ, ଯଦି ତୁମେ ନିଆଁକୁ ଯାଇ ଛୁଇଁବ, ଜାଣିକରି ମଧ୍ୟ ତୁମେ ଅତ୍ୟନ୍ତ ନିର୍ବୋଧ ଭାବରେ ଯେତେବେଳେ ତାହାକୁ ଛୁଇଁବାକୁ ଯାଉଛ, ଅସଲ ପାର୍ଥକ୍ୟଟି ତାହାରି ଆଡ଼କୁହିଁ ଟଳିକରି ରହିବ । କାରଣ, ଯଦି ଆମେ ଜାଣିଥିବା, ତେବେ ଆଗରୁ ସାବଧାନ ହୋଇ ନପାରିବା କାହିଁକି ? ମାତ୍ର ଯେତେବେଳେ ଜଣେ ଅଜାଣତରେ ନିଆଁକୁ ଯାଇ ଛୁଇଁ ପକାଇବ, ନିଆଁ ଛୁଇଁଲେ ହାତ ପୋଡ଼ିଯିବ ବୋଲି ଜାଣି ନଥିବ, ସେତେବେଳେ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ହାତଟି ପୋଡ଼ିଯିବ । ଏବଂ ସେତେବେଳେ ତୁମେ କଦାପି ପ୍ରକୃତି ପାଖରେ ଯାଇ ଏକଥା କହି ପାରିବ ନାହିଁ : "ନିଆଁରେ ହାତ ଦେଲେ ହାତ ପୋଡ଼ିଯାଏ ବୋଲି ମୁଁ ଜାଣି ନଥିଲି, ତେଣୁ ମୋର ପୋଡ଼ିଯିବାଟା ଆଦୌ ଠିକ୍ ହେଲା ନାହିଁ ।" ତଥାପି ହାତ ପୋଡ଼ିଯିବ ଏବଂ ତୁମ କଥା ଶୁଣିବାକୁ କେହି ନଥିବେ ।

ଡାକିଲେ ଯାଇ କ'ଣ କରୁଣା ସହାୟତା କରିବାକୁ ଆସେ ?

ଡାକିଲେ ଯାଇ ? ହଁ, ଡାକିଲେ ଯାଇ । ମାତ୍ର, ଏକଥା ସବୁବେଳେ ସତ ଯେ କେବଳ ଡାକିଲେ ଯାଇ ଆସେ ନାହିଁ ବା ସମ୍ପୂର୍ଣ୍ଣ ଭାବରେ ଡାକିଲେ ଯାଇ ଆସେ ନାହିଁ । ମାତ୍ର, ଯଦି ସେହି ପରମ କରୁଣା ଉପରେ ବିଶ୍ୱାସ ଥାଏ, ଏବଂ ଏକ ଅଭୀପ୍ସା ରହିଥାଏ, ସାନ ପିଲାଟିଏ ତା'ର ମାଆ ପାଖକୁ ଦଉଡ଼ି ଯାଇ "ମାଆ, ମୋତେ ଏହି କଥାଟିକୁ ଦିଅ" ବୋଲି କହିଲା ପରି ଯଦି କହିହୁଏ ଓ କରିହୁଏ, ଯଦି ସେହିପରି ସରଳତା ସହିତ ଡକା ଯାଇପାରେ, ଯଦି ପରମ କରୁଣା ଆଡ଼କୁ ମୁହଁ କରି "ମୋତେ ଏହି କଥାଟିକୁ ଦିଅ" ବୋଲି କୁହାଯାଇ ପାରେ, ତେବେ ଡାକିଲେ ତାହା ନିଶ୍ଚିତ ଭାବରେ ଆସେ, ନିଶ୍ଚିତ ଭାବରେ ଶୁଣେ । ମୋ ପାଇଁ ଯାହା ପ୍ରକୃତରେ ହିତକାରକ, ଯେପର୍ଯ୍ୟନ୍ତ ମୁଁ ସେହିପରି ଗୋଟିଏ କଥା ନମାଗିଛି, ତେବେ ସିଏ କେବେହେଲେ ଶୁଣିବ ନାହିଁ । ଯାହା ମୋର କ୍ଷତି କରିବ ଓ ଯାହା ମୋ ଲାଗି ଆଦୌ ଅନୁକୂଳ ହେବ ନାହିଁ, ଯଦି ମୁଁ ସେହିପରି କୌଣସି କଥା ମାଗିବାକୁ ଯିବି, ତେବେ ସିଏ କେବେହେଲେ ଶୁଣିବ ନାହିଁ ।

ଏହି ଫଳଟିରୁ, ଅର୍ଥାତ୍ ଏହି ଡାକିବା'ରୁ ଯେ ଫଳ ମିଳୁଛି, ତାହାର କାରଣ କ'ଣ ?

'oaob.nitrkl.ac.in' images reprocessed

ସମ୍ଭବତଃ ଜଣେ ଡାକିବା ଲାଗି ଅଭିପ୍ରେତ ହୋଇ ରହିଛି ବୋଲି ଡାକୁଛି । ଅର୍ଥାତ୍ : କୁକୁଡ଼ା ଭିତରୁ ଅଣ୍ଡା ବାହାରିଲା ନା ଅଣ୍ଡା ଭିତରୁ କୁକୁଡ଼ା ବାହାରିଲା ? ସେହି ପରମ କରୁଣାହିଁ ଆମକୁ ତାହାକୁ ଡାକିବା ଲାଗି ପ୍ରେରିତ କଲା ଅଥବା ପରମ କରୁଣାକୁ ଡାକିବାରୁ ଯାଇ ତାହା ଆସିଲା, ମୁଁ ସେକଥା କହି ପାରିବି ନାହିଁ । ଏକଥା କହିବା ଖୁବ୍ କଷ୍ଟକର ।

ସାରତଃ, ଏହି କ୍ଷେତ୍ରରେ ଏହି କଥାଟି ବେଶ୍ ସମ୍ଭବ ଯେ ଆମ ଭିତରେ ବିଶ୍ୱାସରହିଁ ସବୁଠାରୁ ଅଧିକ ଅଭାବ ରହିଥାଏ । ଆମର ଭାବନା ଭିତରେ ଏପରି ଅତି ସାନ ହୋଇ କିଏଟିଏ ରହିଥାଏ, ଯିଏ କି ସଂଶୟ କରୁଥାଏ; ପକ୍ଷବିପକ୍ଷ ବିଚାର କରୁଥାଏ । ତେଣୁ ତାହାହିଁ ସବୁକିଛିକୁ ବିଗାଡ଼ିଦିଏ । କେବଳ ଯେତେବେଳେ ଜଣେ ଭାରି ଗୋଟାଏ ସଙ୍କଟର ଅବସ୍ଥାରେ ପଡ଼ିଥାଏ, ମନର ଆଉ କିଛି କରିବାର ସାମର୍ଥ୍ୟ ନାହିଁ ବୋଲି ଯେତେବେଳେ ମନ ହୃଦୟଙ୍ଗମ କରୁଥାଏ, ମୋଟେ କିଛି କରି ପାରିବ ନାହିଁ ବୋଲି ଭଲ କରି ଜାଣିପାରେ, ଯେତେବେଳେ ବିମୂଢ଼ ଏବଂ ଅସମର୍ଥ ହୋଇ ଠିଆ ହେବା ବ୍ୟତୀତ ଆଉ କିଛି କରିବାର ନଥାଏ, କେବଳ ସେତିକିବେଳେ, ଯଦି ଏକ ଉଚ୍ଚତର ସହାୟତା ପାଇବା ଲାଗି ଆମେ ଅଭୀପ୍ସା ପ୍ରକଟ କରିପାରୁ, ସବୁଆଡ଼ୁ ସବୁ ଆଶା ବ୍ୟର୍ଥ ହୋଇ ଯାଇଥିବା ବେଳେ ଯେଉଁ ପ୍ରଗାଢ଼ତା ସମ୍ଭବ ହୁଏ, ଯଦି ସେହି ଅଭୀପ୍ସାଟି ମଧ୍ୟରେ ସେହିଭଳି ଏକ ପ୍ରଗାଢ଼ତା ରହିଥାଏ, ତେବେଯାଇ ସେଥିରୁ ଫଳ ଫଳେ । ମାତ୍ର ଯଦି ତୁମର ଭାବନା ତର୍କ କରିବାରେ ଲାଗିଥାଏ, ଯଦି ଏହିପରି କହିବାରେ ଲାଗିଥାଏ : ହଁ, ହଁ, ମୁଁ ଅଭୀପ୍ସା କରୁଛି, ପ୍ରାର୍ଥନା ବି କରୁଛି; ମାତ୍ର, ପ୍ରକୃତ ମୁହୂର୍ତ୍ତଟି ଆସି ପହଞ୍ଚିଲାଣି କି ନାହିଁ, ବର୍ତ୍ତମାନ ସେହି କରୁଣା ପ୍ରକୃତରେ ଆସିବ କି ନାହିଁ ଓ ତାହାର ଆସିବା ବର୍ତ୍ତମାନ ସମ୍ଭବ କି ନୁହେଁ, ସେକଥା ସେହି ଭଗବାନଙ୍କୁହିଁ ଜଣା ।" ତେବେ ସେଇଠାରେହିଁ ସବୁ କଥା ସରିଯାଏ, ତା'ପରେ ଆଉ କିଛି କାର୍ଯ୍ୟକାରୀ ହୋଇ ପାରେ ନାହିଁ । ଏଇଟା ପ୍ରାୟ ସବୁଠାରୁ ଅଧିକ ସଚରାଚର ଭାବରେ ଘଟିଥାଏ । ଲୋକମାନଙ୍କୁ କୁହା ଯାଇଥାଏ : "ଯଦି ଯୋଗମାର୍ଗରେ ଆଗକୁ ଯିବା ଲାଗି ଇଚ୍ଛା ଥାଏ, ତେବେ ତୁମ ଭିତରେ ଆଦୌ କୌଣସି ବାସନା ରହିବା ଉଚିତ ନୁହେଁ ।" ହୁଏତ କେହି କେହି ଆହୁରି ପାଦେ ଆଗକୁ ଯାଇ କହନ୍ତି : "ତୁମ ଭିତରେ ଆଦୌ କୌଣସି ଆବଶ୍ୟକତା ରହିବା ବି ଉଚିତ ନୁହେଁ ।" ତଥାପି ଆହୁରି ଆଗକୁ ଯାଇ ବି କୁହାଯାଏ : "ତୁମେ ଭଗବାନଙ୍କଠାରୁ କଦାପି କିଛିହେଲେ ମାଗିବ ନାହିଁ ।" ପ୍ରକୃତ କଥା କ'ଣ, ମୁଁ ସେକଥା କହି ପାରୁ ନାହିଁ; ମାତ୍ର ଶହେରେ ଅନେଶତରୁ ଅଧିକ ମଣିଷ ଏହିପରି ପ୍ରତିକ୍ରିୟା ଦେଖାଇ ଆଆନ୍ତି : "ମାତ୍ର ଯଦି ମୁଁ ନମାଗିବି, ତେବେ ମୁଁ ଆବଶ୍ୟକ କରୁଥିବା ପଦାର୍ଥଟି ମୋତେ ପୁଣି ମିଳିବ କିପରି ?"

'oaob.nitrkl.ac.in' images reprocessed

ସେମାନେ ଯେ ଏପରି କରି ସମୁଦାୟ ଗତିସ୍ପନ୍ଦନଟିକୁ ମୂଳରୁହିଁ କାଟି ଦେଉଛନ୍ତି, ସେମାନେ ଏହି କଥାଟିକୁ ଆଦୌ ଦେଖି ପାରନ୍ତି ନାହିଁ । ସେମାନଙ୍କ ଭିତରେ ବିଶ୍ୱାସ ନଥାଏ । "ମୋର ଏଇଟା ଦରକାର......"

ଏଠାରେ ମୁଁ ଆବଶ୍ୟକତାର ଭାବନାଟି ବିଷୟରେ ଆଦୌ କୌଣସି ଆଲୋଚନା କରୁ ନାହିଁ, କାରଣ ଏହି ବିଷୟଟି ବେଶ୍ ଏକ ସ୍ୱେଚ୍ଛାପ୍ରଣୋଦିତ ବିଷୟ । ହଲାଣ୍ଡର ଜଣେ ଚିତ୍ରଶିଳ୍ପୀଙ୍କୁ ମୁଁ ଜାଣିଛି, ଯିଏ କି ଏଠାକୁ ଆସିଥିଲେ ଓ ଶ୍ରୀଅରବିନ୍ଦଙ୍କର ଗୋଟିଏ ଚିତ୍ର ତିଆରି କରିଥିଲେ (ମନେ ହେଉଛି ଚିତ୍ରଟି ବର୍ତ୍ତମାନ ମଧ୍ୟ ରହିଛି) । ହଲାଣ୍ଡରୁ ଆସିଥିବା ସେହି ଚିତ୍ରଶିଳ୍ପୀ ଏକ ଯୋଗର ସାଧନା ବି କରୁଥିଲେ । ଏବଂ ସେତିକିବେଳେ ସେ ମୋତେ ଦିନେ ଆସି କହିଲେ : "ମୋ ନିଜ ବିଷୟରେ ମୁଁ ନିଶ୍ଚୟ କହିବି ଯେ ଯେକୌଣସି ପଦାର୍ଥ ବ୍ୟତୀତ ମଧ୍ୟ ମୁଁ ବେଶ୍ ଚଳିଯିବି । ମୁଁ ପ୍ରକୃତରେ ବିଶ୍ୱାସ କରେ ଯେ ଜଣେ ଇଚ୍ଛା କଲେ ତା'ର ଆବଶ୍ୟକତାଗୁଡ଼ିକୁ ଏକାନ୍ତ ସର୍ବନିମ୍ନ ମାତ୍ରାକୁ କମାଇ ଆଣି ପାରିବ । ମାତ୍ର ତଥାପି, ଦାନ୍ତ ଘଷିବାର ଗୋଟାଏ ବ୍ରଶ୍ ଅବଶ୍ୟ ରହିଥିବା ଦରକାର ।" ସେତେବେଳେ ମୁଁ ଭାରତରେ ତଥାପି ସ୍ଥାୟୀ ହୋଇ ରହିବାକୁ ଆରମ୍ଭ କରି ନଥିଲି, ତା' ନହେଲେ ମୁଁ ତାଙ୍କୁ ଉତ୍ତର ଦେଇ କହିଥାନ୍ତି : "ଭାରତବର୍ଷରେ ତ ଲକ୍ଷ ଲକ୍ଷ ମଣିଷ ଅଛନ୍ତି, ଯେଉଁମାନେ କି କେବେହେଲେ କୌଣସି ବ୍ରଶ୍ ବ୍ୟବହାର କରି ନାହାନ୍ତି ଓ ଯେଉଁମାନଙ୍କର ଦାନ୍ତ ତଥାପି ପରିଷ୍କାର ଅଛି । କାରଣ, ବ୍ରଶ୍ ଦ୍ୱାରା ଦାନ୍ତ ଘଷିବାହିଁ ଦାନ୍ତକୁ ପରିଷ୍କାର ରଖିବାର ଏକମାତ୍ର ଉପାୟ ନୁହେଁ ।" ମାତ୍ର, ସେତେବେଳେ ସେହି ବ୍ୟକ୍ତିଜଣକ ଏବିଷୟରେ ଅତ୍ୟନ୍ତ ଦୃଢ଼ ଭାବରେ ବିଶ୍ୱାସ କରୁଥିଲେ ଯେ କେବଳ ପାଟି ଭିତରଟାକୁ ସଫା ରଖିବାକୁ ଛାଡ଼ିଦେଲେ ଆଉ ଯାହାକିଛି ନକଲେ ମଧ୍ୟ ବେଶ୍ ଚଳିଯାଇ ହେବ । ଏବଂ ତାଙ୍କ ଲାଗି ଦାନ୍ତ ଘଷିବାର ବ୍ରଶ୍‌ଟିଏ ପାଖରେ ଥିବାହିଁ ମୁହଁ ଭିତରଟାକୁ ପରିଷ୍କାର କରିବା ବୋଲି ବୁଝାଉଥିଲା । ବିଭିନ୍ନ ମଣିଷଙ୍କ ମୁଣ୍ଡ ଭିତରେ କ'ଣ ସବୁ ଧାରଣା ରହିଥାଏ, ସେଇଥିରୁହିଁ ଏହାର ଏକ ସ୍ପଷ୍ଟ ଦୃଷ୍ଟାନ୍ତ ମିଳି ଯାଉଥିବ । ସେମାନେ ଗୋଟିଏ କଥାକୁ ଜାବୁଡ଼ି ରହନ୍ତି ଓ ଭାବନ୍ତି ଯେ ସେଇଟି ନହେଲେ ସେମାନେ ଆଦୌ ଚଳିପାରିବେ ନାହିଁ । ଏବଂ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଏହା ସମ୍ପୂର୍ଣ୍ଣତଃ ଏକ ଅଜ୍ଞାନ ବ୍ୟତୀତ ଆଉ କଦାପି କିଛିହେଲେ ନୁହେଁ, କାରଣ, ଏକଥା ହୁଏତ ସମ୍ଭବ ଯେ ପାଟି ଭିତର ସଫା ରଖିବା ଲାଗି ଏକ ଯଥାର୍ଥ ଆବଶ୍ୟକତା ରହିଛି (ସକଳ କ୍ଷେତ୍ରରେ ତାହା ଏକ ଆବଶ୍ୟକତା ବୋଲି ନିଶ୍ଚୟ ବୁଝିହେବ), ମାତ୍ର ପାଟି ଭିତରଟିକୁ ପରିଷ୍କାର ରଖିବାର ଆବଶ୍ୟକତା ସହିତ ଦାନ୍ତଘଷା

'oaob.nitrkl.ac.in' images reprocessed

ବ୍ରଶ୍‌କୁ ଆଣି ଏକାଠି ଯୋଡ଼ିଦେବା ପଛରେ ଆଦୌ କୌଣସି ଯୁକ୍ତି ନାହିଁ । କାରଣ, ମାତ୍ର ଅଳ୍ପ କେତେ ବର୍ଷ ପୂର୍ବରୁହିଁ ଦାନ୍ତଘଷା ବ୍ରଶ୍‌ର ଉଦ୍ଭାବନ ହୋଇଛି ।

ହଁ, ମତେ ଆଉଜଣେ ବ୍ୟକ୍ତି ବି ଥରେ ଆସି କହୁଥିଲେ : "ଯେକୌଣସି ଜିନିଷ ନଥିଲେ ମଧ୍ୟ ମୋର ଚମତ୍କାର ଚଳିଯାଇ ପାରିବ ।"—ଆମେ ସେତେବେଳେ ଘୂରି ଘୂରି କୁଆଡ଼େ ବୁଲିଯିବା ବିଷୟରେ କଥାବାର୍ତ୍ତା ହେଉଥିଲୁ । କଥା ହେଲା ଯେ ପିଠି ଉପରେ ବୋହିକରି ନେବା ଲାଗି ଆମ ପାଖରେ ଯଥାସମ୍ଭବ କମ୍ ଜିନିଷପତ୍ର ରହିବ (ଯେତେବେଳେ ଦିନକୁ ପ୍ରାୟ ପାଞ୍ଚ କିଲୋମିଟର କରି ଲଗାତାର ଅନେକ ଦିନ ପାଇଁ ନିଜର ଜିନିଷକୁ ନିଜେ ବୋହିକରି ନେବା ଲାଗି ବାଧ୍ୟ ହେବାକୁ ପଡ଼େ, ସେତେବେଳେ ସାଙ୍ଗରେ ନେଉଥିବା ମୁଣାଟିକୁ ଯଥାସମ୍ଭବ ଛୋଟ କରିବା ପାଇଁ ସମସ୍ତେ ଚେଷ୍ଟା କରନ୍ତି !); ତେଣୁ କ'ଣସବୁ ନନେଲେ ମୋଟେ ଚଳିବ ନାହିଁ ଓ ତେଣୁ ଅବଶ୍ୟ ମୁଣିରେ ରଖିବାକୁ ହେବ, ଆମର ସେହି ବିଷୟରେ ଆଲୋଚନା ହେଉଥିଲା । ସିଏ କହିଲେ ଯେ ଦାନ୍ତଘଷା ବ୍ରଶ୍‌ଟି ନହେଲେ ଆଦୌ ଚଳିବ ନାହିଁ । ଆଉଜଣେ ମୋତେ କହିଲେ ଯେ ତାଙ୍କର ଖଣ୍ଡେ ସାବୁନ୍ ନିହାତି ଦରକାର ହେବ (ସାଧାରଣତଃ ଏହି କ୍ଷେତ୍ରରେ ସାନ ସାନ ଏହିପରି କେତୋଟି ବସ୍ତୁ ବିଷୟରେହିଁ ପ୍ରସଙ୍ଗ ଉଠିଥାଏ) । ମାତ୍ର ଏହି ଦେଶରେ ତ କେତେ ନା କେତେ ଲୋକ ରହିଛନ୍ତି, ଯେଉଁମାନେ କି କେବେହେଲେ ସାବୁନ୍ ବ୍ୟବହାର କରି ନାହାନ୍ତି, ମାତ୍ର ସେଇଥି ସକାଶେହିଁ ଅପରିଷ୍କାର ହୋଇ ରହିବାକୁ ସେମାନେ ବାଧ୍ୟ ହୋଇ ନାହାନ୍ତି ! ନିଜକୁ ପରିଷ୍କାର ରଖିବା ପାଇଁ ଅନ୍ୟ ଉପାୟମାନ ବି ରହିଛି । ତେଣୁ ଅଧିକାଂଶତଃ ଏହିପରି ହୋଇଥାଏ, ଆମେ ଯାବତୀୟ ପ୍ରକାରର ସାନ ସାନ କେତୋଟି ଧାରଣାରେ ଛନ୍ଦିହୋଇ ରହିଯାଇଥାଉ ଏବଂ ସେଗୁଡ଼ାକ ନହେଲେ ମୋଟେ ଚଳିବ ନାହିଁ ବୋଲି ବିଶ୍ୱାସ କରୁଥାଉ । ପୁନଶ୍ଚ, ଯଦି ତୁମେ ପୃଥିବୀର ଘୂରିଆଡ଼େ ଟିକିଏ ବୁଲାବୁଲି କରିଆସି ପାରିବ, ତେବେ ଅବଶ୍ୟ ଜାଣିବାକୁ ପାଇବ ଯେ ଯାହା ତୁମ ଲାଗି ଗୋଟିଏ ଆବଶ୍ୟକତା ହୋଇ ରହିଛି, ଅନ୍ୟମାନେ ସେଇଟିକୁ ହୁଏତ ଜାଣି ବି ନାହାନ୍ତି, ନିଜ ଜୀବନରେ କେବେହେଲେ ଦେଖି ମଧ୍ୟ ନାହାନ୍ତି,—ସେମାନଙ୍କର ଜୀବନରେ ସେଗୁଡ଼ିକର ଅସ୍ତିତ୍ୱହିଁ ନାହିଁ ଓ କୌଣସି ପ୍ରକାରର ଏତେ ଟିକିଏ ମହତ୍ତ୍ୱ ବି ନାହିଁ । ତେଣୁ ସେଇଟାକୁ କଦାପି ଅପରିହାର୍ଯ୍ୟ ବୋଲି କୁହାଯିବ ନାହିଁ । ଏକ ନିର୍ଦ୍ଦିଷ୍ଟ ବାତାବରଣ ମଧ୍ୟରେ ଶିକ୍ଷା ପାଇଥିବାରୁ ଓ ଜୀବନ କଟାଇ ଆସିଥିବାରୁହିଁ ସେପରି ହେଉଛି ଏବଂ ଆମେ ପ୍ରକୃତରେ ଏହିସବୁ ଜିନିଷକୁ କେବଳ ଆପେକ୍ଷିକ ବୋଲିହିଁ ଜାଣିବା; କେବଳ ଆପେକ୍ଷିକ ନୁହେଁ, ସାମୟିକ ଓ ପରିବର୍ତ୍ତନୀୟ ବୋଲି ମଧ୍ୟ ଜାଣିରଖିବା ।

ଏଥର ବୁଝିଲ ?

## ୨୫ ନଭେମ୍ବର, ୧୯୫୩

> ଆପଣ କହିଛନ୍ତି : "ଭଗବାନଙ୍କ ଉପରେ ଆମର ଯେତିକି ବିଶ୍ୱାସ ରହିଥିବ, ଠିକ୍ ସେହି ଅନୁପାତରେହିଁ ଭଗବତ୍ କରୁଣା ଆମ ଲାଗି କାର୍ଯ୍ୟ କରିପାରିବ ଓ ଆମକୁ ସାହାଯ୍ୟ କରିପାରିବ।" (ମାଆଙ୍କ ବାଣୀ, ୧୯୪୯ ସଂସ୍କରଣ, ପୃଷ୍ଠା-୨୧୬) ଯଦି ଜଣେ ବ୍ୟକ୍ତିର ଭଗବାନଙ୍କଠାରେ କୌଣସି ବିଶ୍ୱାସ ନଥାଏ, ମାତ୍ର ଅସୁବିଧାରେ ଅର୍ଥାତ୍ ବିପଦରେ ପଡ଼ିଥିବା ସମୟରେ ଯଦି ସେ ଅତ୍ୟନ୍ତ ନିଷ୍ଠାର ସହିତ ଭଗବାନଙ୍କୁ ଡାକିପାରୁଛି, ତେବେ ସେହି କ୍ଷେତ୍ରରେ ତାକୁ କ'ଣ କିପରି ଫଳ ମିଳିପାରିବ ?

କିନ୍ତୁ ସେ ଡାକି ପାରିବହିଁ କିପରି ? ଦୁଇଟାଯାକ କଥା ପରସ୍ପରର ବିରୋଧୀ ନୁହନ୍ତି କି ? ଯଦି ତା' ଭିତରେ ବିଶ୍ୱାସ ନଥାଏ, ତେବେ ସେ ଭଗବାନଙ୍କ କଥା ଚିନ୍ତା ବି କରି ପାରିବ ନାହିଁ । ଡାକିବା କଥା ବି ଚିନ୍ତା କରିପାରିବ ନାହିଁ । ଦୁଇଟି କଥା ପରସ୍ପରବିରୋଧୀ ହୋଇ ରହିବ । ତା' ଭିତରେ ଯେତିକି ବିଶ୍ୱାସ ଥିବ, ସିଏ କେବଳ ସେହି ଅନୁପାତରେହିଁ ଡାକିବାକୁ ଚିନ୍ତା କରିପାରିବ ।······ତେବେ ?

> ଆପଣ ଏଠାରେ କହିଛନ୍ତି : "ଜଣେ ଶତ୍ରୁକୁ ଦେଖି ଈଷତ୍ ହାସ୍ୟ କରିବାର ଅର୍ଥ ହେଉଛି ତା'ର ଯାବତୀୟ ଅସ୍ତ୍ରକୁ ତା'ଠାରୁ କାଢ଼ିନେଇ ଆସିବା ।" (ତତ୍ରୈବ, ପୃଷ୍ଠା-୨୧୦) ଏଠାରେ ଈଷତ୍ ହାସ୍ୟ କରିବାର ଅର୍ଥ କ'ଣ ? ଜଣେ ଶତ୍ରୁକୁ ଦେଖି ତ ମୋଟେ ହସିବା ଉଚିତ ନୁହେଁ !

ହଁ, ମୋଟେ ଉଚିତ ନୁହେଁ !······ମୁଁ ଏଠାରେ ଯାହା କହୁଛି, ଏକ ଅନୁଭୂତି ହିସାବରେହିଁ ତାହା କହୁଛି । ଏକ ସାଧାରଣ ଅର୍ଥରେ ମୁଁ ଯେଉଁ ଅନୁଭୂତିଟିକୁ ପ୍ରକଟ କରିଥିଲି, ଏଠାରେ ତାହାର ଉଲ୍ଲେଖହିଁ କରାଯାଇଛି । ମାତ୍ର, କୌଣସି ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ, ଯଦି ଯଥାସମ୍ଭବ ଅଧିକ ମନ୍ଦ ଗୁଡ଼ାଏ ଅଭିପ୍ରାୟ ନେଇ କେହି ଆସୁଥାଏ, ଏବଂ ଯଦି ସେତିକବେଳେ ତା' ଆଗରେ କେହି ମୁରୁକି

'oaob.nitrkl.ac.in' images reprocessed

କରି ହସିଦିଏ, ତେବେ ତା'ର ସବୁଯାକ ଅସ୍ତ୍ର ସତେଅବା ତଳକୁ ଖସିପଡ଼େ । ତା'ପରେ ସିଏ ଆଉ କିଛିହେଲେ କରିପାରେ ନାହିଁ । ମାତ୍ର ପ୍ରକୃତ ଆନ୍ତରିକତା ସହିତ ହସିପାରିଲେ ଯାଇ ଏକଥା ସମ୍ଭବ ହେବ । କେବଳ ଦାନ୍ତ ନିକୁଟିଦେଲେ, ଦାନ୍ତଗୁଡ଼ିକୁ କାଢ଼ି ଦେଖାଇଲେ ବା······(ସମସ୍ତେ ହସିଉଠିଲେ) ମୋଟେ ହେବ ନାହିଁ । ଏଠାରେ ମୁଁ ଅଧିକତର ପରିମାଣରେ ଏକ ସଂପୂର୍ଣ୍ଣ ଅର୍ଥରେ "ହସିବା" ଶବ୍ଦଟିକୁ ବ୍ୟବହାର କରୁଛି । ଅର୍ଥାତ୍, ଯଦି ଜଣେ ନିଜର ସଂପୂର୍ଣ୍ଣ ଅନ୍ତରରେ ରହିଥିବ ଏବଂ ଯାବତୀୟ ବିଷୟରୁ ଊର୍ଦ୍ଧ୍ୱକୁ ଉଠିଯାଇ ଊର୍ଦ୍ଧ୍ୱରୁ ଥାଇ ଅବଲୋକନ କରିପାରୁଥିବା ଏକ ଉଚ୍ଚତର ଚେତନାରେ ଅବସ୍ଥିତ ଥିବ, ତେବେ, ଯାହା ଆମର ସାଧାରଣ ମନୁଷ୍ୟ-ଚେତନାକୁ ଅତ୍ୟନ୍ତ ଭୟଙ୍କର ଏବଂ ଅତ୍ୟନ୍ତ ପ୍ରତାପଶାଳୀ ବୋଲି ମନେହେଉଛି, ତେବେ ସତେଅବା କାହାର କୌଣସି ପିଲାଳିଆମି ଦେଖି ହସିଦେବା ପରି ସେତେବେଳେ ମଧ୍ୟ ହସିବାକୁ ମନହେବ । ଏବଂ ତେଣୁ, ଯଦି ତୁମେ ଏପରି ଏକ ଚେତନାସ୍ତରରେ ରହିପାରିବ, ଯେଉଁଠି କି ତୁମେ ପ୍ରତ୍ୟେକ କଥାକୁ ହସିଦେଇ ପାରିବ (କାରଣ ତୁମେ ସେତେବେଳେ ପ୍ରତ୍ୟେକ ବିଷୟର କାରଣଗୁଡ଼ିକୁ ବୁଝି ପାରୁଥିବ, ସକଳ ବିଷୟ ମଧ୍ୟରେ କାର୍ଯ୍ୟ କରୁଥିବା ଶକ୍ତିଗୁଡ଼ିକୁ ମଧ୍ୟ ତୁମେ ଦେଖି ପାରୁଥିବ), ଯଦି ତୁମେ ସେହି ଚେତନାଟି ମଧ୍ୟରେ ଅବସ୍ଥାନ କରିପାରିବ ଓ ଯାହାକିଛି ଘଟୁଥିବ, ସେଥିରେ ହସିଦେଇ ପାରୁଥିବ, ତେବେ ସବୁ କଥା ସଙ୍ଗେ ସଙ୍ଗେ ନିଶ୍ଚୟ ବଦଳିଯିବ । କେବଳ, ମନେ ରଖିବାକୁ ହେବ ଯେ ଆମେ ଏହାକୁ କିଞ୍ଚିତ୍ ପରିମାଣରେ ଏକ ବାହ୍ୟ ବା ସାମାଜିକ ପ୍ରୟୋଜନ ଦ୍ୱାରା ପ୍ରେରିତ ଏକ ହସ ବୋଲି କଦାପି ଜାଣିବା ନାହିଁ ଏହି କ୍ଷେତ୍ରରେ ଆମର ଚୈତ୍ୟ ସତ୍ତାରୁହିଁ ସେହି ହସ ନିର୍ଗତ ହୋଇ ଆସୁଥିବ ।

## ନଡାକିଲେ ମଧ୍ୟ କ'ଣ ଭଗବାନ ସାହାଯ୍ୟ କରନ୍ତି ନାହିଁ ?

କଥାଟି ଆଦୌ ସେପରି ନୁହେଁ···ଦିବ୍ୟ ପରମଚେତନା ସର୍ବଦା କାର୍ଯ୍ୟ କରିବାରେ ଲାଗିଥାଏ, ସର୍ବତ୍ର ଓ ସମାନ ଭାବରେ କାର୍ଯ୍ୟ କରୁଥାଏ । ଭଗବତ୍ କରୁଣା ସବୁଠାରେ ସକ୍ରିୟ ହୋଇ ରହିଥାଏ, ସକଳ ପରିସ୍ଥିତିରେ ସମାନ ପ୍ରକାରେ ସକ୍ରିୟ ହୋଇ ରହିଥାଏ । ଏହି କଥାଟିକୁ ଏହିପରି ଭାବରେହିଁ ବୁଝିବାକୁ ହେବ । ମାତ୍ର ତୁମର ବ୍ୟକ୍ତିଗତ ଦୃଷ୍ଟିକୋଣଟି ଯେପରି ହୋଇ ରହିଥିବ, ତୁମେ ତାହାର ଦ୍ୱାରାହିଁ, ଯାହା କ୍ରିୟାନ୍ୱିତ ହେଉଛି, ନିଜ ଭିତରେ ସେଇଟିକୁ ଗ୍ରହଣ କରିବାର ଅଥବା ନକରିବାର ଅବସ୍ଥାଗୁଡ଼ିକୁ ସୃଷ୍ଟି କରିଦେବାରେ ଲାଗିଥିବ । ଏବଂ ତୁମର ବିଶ୍ୱାସ—ବସ୍ତୁତଃ ପରମ ସତ୍ୟ ଉପରେ ବିଶ୍ୱାସ, ପରମ କରୁଣା ଉପରେ ବିଶ୍ୱାସ

'oaob.nitrkl.ac.in' images reprocessed

ଓ ଉଚ୍ଚ ପରମଜ୍ଞାନ ଉପରେ ବିଶ୍ୱାସହିଁ ତୁମକୁ ଗ୍ରହଣଶୀଳତାର ସେହି ଅବସ୍ଥାଟିରେ ଆଣି ରଖିଦେଇ ପାରୁଥିବ, ଯେଉଁଟି ମଧ୍ୟରେ ରହି ତୁମେ ଏହିସବୁ ବିଷୟକୁ ଗ୍ରହଣ କରି ପାରିବ । ଅନ୍ୟ ପକ୍ଷରେ, ଯଦି ତୁମ ଭିତରେ କୌଣସି ବିଶ୍ୱାସ ନଥାଏ, …ତୁମେ ସେତେବେଳେ କିଛି ଗ୍ରହଣ କରିବା ଲାଗି ତଥାପି ଉଦ୍ୟମ କରିପାର,— ଉଦାହରଣସ୍ୱରୂପ, ଏପରି ଅନେକ ମନୁଷ୍ୟ ଅଛନ୍ତି, ଯେଉଁମାନେକି ଗୋଟିଏ ପ୍ରକାରର ଆହ୍ୱାନ ଦେବାରେ ଲାଗିଥାନ୍ତି । ଭଗବାନଙ୍କୁ ଆହ୍ୱାନ ଦେଇ କହନ୍ତି : "ଅବସ୍ଥାଟି ବର୍ତ୍ତମାନ ଏହିପରି ଭାବରେ ରହିଛି । ମୁଁ ବର୍ତ୍ତମାନ ଏହିସବୁ ବିକଟ ଅବସ୍ଥାରେ ପଡ଼ିଛି, ଯାହାକି ମୋତେ ଅନ୍ତତଃ ଅଲଂଘନୀୟ ବୋଲି ବୋଧ ହେଉଛି । ସେଗୁଡ଼ାକ ମଧ୍ୟରୁ ମୁଁ ବାହାରି ଆସି ପାରିବି ବୋଲି ମୋତେ ସମ୍ଭବ ଲାଗୁ ନାହିଁ । ମାତ୍ର ଯଦି ଭଗବାନ ମୋତେ ଏହି ବିପଦଟି ମଧ୍ୟରୁ ଉଦ୍ଧାର କରି ନେଇଯିବେ, ତେବେ ମୁଁ ନିଶ୍ଚୟ ଖାସ୍ ତାଙ୍କରି ଉପରେହିଁ ଆସ୍ଥା ରଖିବି ।" ଏପରି ଅନେକ ଲୋକ ଅଛନ୍ତି,—ସେମାନେ କଥାଟିକୁ ଏପରି ଭାବରେ ସୂତ୍ରବଦ୍ଧ କରି କହନ୍ତି ନାହିଁ ସତ, ମାତ୍ର ସେମାନଙ୍କ ଭିତରୁ ଅନେକେ ଠିକ୍ ଏହିପରି ଅନୁଭବ କରନ୍ତି ଓ ଭାବୁଥାନ୍ତି । ହଁ, ଏହି ଅବସ୍ଥାଟି ହେଉଛି ସମ୍ଭାବ୍ୟ ସବୁଠାରୁ ଖରାପ ଅବସ୍ଥା । ଏହା ସାଧାରଣତଃ ମଣିଷକୁ ନେଇ ସମ୍ପୂର୍ଣ୍ଣ ଭାବରେ ଗୋଟାଏ ଗାତ ଭିତରେ ପକାଇଦିଏ, ଏବଂ ଏହି ଅବସ୍ଥାଟିକୁହିଁ ବିଶ୍ୱାସ ଓ ଭରସା ରଖି ପାରିବାର ସବୁଠାରୁ ଅଧିକ ବିରୋଧୀ ବୋଲି କୁହାଯିବ । ପୁନଶ୍ଚ, ଏହାକୁ ଖାଉମତ ଏକ ଅଶିଷ୍ଟ ସଉଦାଗିରି ବୋଲି ମଧ୍ୟ କୁହାଯିବ । "ଯଦି ଆପଣ ମୋ ସକାଶେ ଏହି କାର୍ଯ୍ୟଟିକୁ କରିଦେବେ, ତେବେ ଆପଣ ପ୍ରକୃତରେ ରହିଛନ୍ତି ବୋଲି ମୁଁ ବିଶ୍ୱାସ କରିପାରିବି । ଆପଣ ଯେ ପ୍ରକୃତରେ ଅଛନ୍ତି ଓ ଲୋକମାନେ ଯେପରି କହନ୍ତି, ଆପଣ ଯେ ପ୍ରକୃତରେ ସେଇଆ, ବର୍ତ୍ତମାନ ମୁଁ ସେହି କଥାଟିକୁ ଟିକେ ପରୀକ୍ଷା କରି ଦେଖିବାକୁ ଯାଉଛି । ଆପଣ ଏହି କଥାଟି କରିଦିଅନ୍ତୁ ଏବଂ ଯଦି ଆପଣ ଏଥିରେ ସଫଳ ହେବେ, ତେବେ ଆମକୁ ପରିଷ୍କାର ଭାବରେ ସବୁ କଥାର ପ୍ରମାଣ ମିଳିଯିବ । ଏବଂ ତା'ପରେ ଆପଣଙ୍କୁ ମୁଁ ନିଶ୍ଚୟ ବିଶ୍ୱାସ କରିବି ।" ଏବଂ, ଏବିଷୟରେ କୌଣସି ପ୍ରକାର ସଜ୍ଞାନତା ନଥାଇ ମଧ୍ୟ ଅନେକ ଲୋକ ଏକଥା କରନ୍ତି । କେତେ କେତେ ଲୋକ ଏପରି କହନ୍ତି : "ଭଗବାନଙ୍କ ଉପରେ ମୁଁ କିପରି ବିଶ୍ୱାସ କରିପାରିବି କହିଲ ? ମୋ ଜୀବନଟା ତ ଏଣେ ବଡ଼ ଦୟନୀୟ ଭାବରେ ଓ ବଡ଼ ଦୁଃଖରେ କଟି ଯିବାରେ ଲାଗିଛି !" ତାହାର ଅର୍ଥ ହେଉଛି ଯେ ସେମାନେ ଭଗବତ୍ ପରମଚେତନାକୁ ସେମାନଙ୍କର ସାନସାନ ବ୍ୟକ୍ତିଗତ ଆବଶ୍ୟକତାଗୁଡ଼ିକର ସୀମା ଭିତରେହିଁ ଆବଦ୍ଧ କରି ରଖନ୍ତି ।

'oaob.nitrkl.ac.in' images reprocessed

ଯଦି ଜଣଙ୍କ ମଧ୍ୟରେ ବିଶ୍ୱାସ ରହିଛି, ତେବେ ଭଗବତ୍ ସହାୟତା ଆପେ ଆପେ ଆସି ପହଞ୍ଚିଯାଏ କି ?

ଏତେଟିକିଏ ନିଷ୍ଠା ରହିଥିଲେ ତାହାହିଁ ବି ଯଥେଷ୍ଟ ହେବ, ଏବଂ ସହାୟତା ଆସିବ । ଏବଂ ଯଦି, ଆମେ ଯଥାର୍ଥ ନିଷ୍ଠାର ସହିତ ଡାକୁଥିବା (ଏପରି ନୁହେଁ ଯେ ଏଣେ ଡାକୁଥିବା ଓ ତେଣେ "ଏହି କଥାଟି କେତେଦୂର କାମ ଦେଇ ପାରିବ, ବର୍ତ୍ତମାନ ଆମେ ତାହାହିଁ ଦେଖିବାକୁ ଯାଉଛୁ" ବୋଲି କହିବାରେ ଲାଗିଥିବା,—ସେଇଟା ଯେ ଆଦୌ ଏକ ଭଲ ଅବସ୍ଥା ନୁହେଁ, ସେକଥା ନିଶ୍ଚୟ ସ୍ପଷ୍ଟ ହୋଇ ଯାଉଥିବ ।), ମାତ୍ର ଯଦି ଆମେ ଅତ୍ୟନ୍ତ ଆନ୍ତରିକତା ସହିତ ଡାକିବା ଏବଂ ଆନ୍ତରିକତା ସହିତହିଁ ଏକ ଉତ୍ତର ଲୋଡ଼ୁଥିବା, ତେବେ ଆମେ ଅପେକ୍ଷା କରିବା ଓ ତାହା **ଅବଶ୍ୟ** ଆସି ପହଞ୍ଚିବ । ଏବଂ ଯଦି ଆମେ ଆମ ମନଟିକୁ ନୀରବ କରିଦେଇ ପାରିବା ଓ ଟିକିଏ ସ୍ଥିର ହୋଇଯାଇ ପାରିବା, ତେବେ ଆମେ ଲୋଡ଼ୁଥିବା ସହାୟତା ଯେ ଆସୁଛି, ଆମେ ସେହି କଥାଟିକୁ ମଧ୍ୟ ଜାଣି ପାରିବା; ଏବଂ ଯେଉଁ ଆକାରରେ ସହାୟତାଟି ଆସୁଛି, ସେକଥା ମଧ୍ୟ ଜାଣି ପାରିବା ।

ଦେବତାମାନେ କେଉଁଠାରୁ ଆସନ୍ତି ?

ଅର୍ଥାତ୍ ?…"କୋଉଠାରୁ" ବୋଲି କହିଲେ ତୁମେ କ'ଣ ବୁଝୁଛ ? ସେମାନଙ୍କର ଉତ୍ପତ୍ତି କେଉଁଠାରୁ ହୁଏ ବୋଲି ପଚାରୁଛ ? ସେମାନଙ୍କୁ କିଏ ଗଢ଼ିଛି ବୋଲି ପଚାରୁଛ…ମାତ୍ର, ସବୁକିଛିର କେବଳ ଗୋଟିଏ ମୂଳ ଏବଂ ଉତ୍ପତ୍ତିସ୍ଥଳ ରହିଛି । ପରମେଶ୍ୱର ସର୍ବୋଚ୍ଚ ସତ୍ତା ହେଉଛନ୍ତି ସେହି ଉତ୍ପତ୍ତିସ୍ଥଳ,—ଦେବତାମାନେ ବି ସେଇଠାରୁ ଆସନ୍ତି ।

ଏକ ଅତି ପ୍ରାଚୀନ ପରମ୍ପରା ରହିଛି, ଯେଉଁଥିରେ କି ଏହି କଥାଟିର ବର୍ଣ୍ଣନା କରାଯାଇଛି । ପିଲାମାନଙ୍କୁ ଯେପରି ଗପ କୁହାଯାଏ, ମୁଁ ବର୍ତ୍ତମାନ ଠିକ୍ ସେହିପରି ଭାବରେ ସେହି ଗପଟିକୁ କହିବାକୁ ଯାଉଛି; କାରଣ ସେହିପରି ଭାବରେ ତୁମେ କଥାଟିକୁ ବୁଝିପାରିବ ।

ଥରେ "ଭଗବାନ" ଆପଣାକୁ ପ୍ରକଟ କରି ଆଣିବା ଲାଗି ସ୍ଥିର କଲେ, ଆପଣାକୁ ସମ୍ପୂର୍ଣ୍ଣ କରି ଜାଣିବାର ଆନନ୍ଦଲାଭ କରିବାକୁ ସିଏ ଆପଣାକୁ ମୁକ୍ତ କରି ଆଣିବାକୁ ନିଷ୍ପତ୍ତି କଲେ । ତେଣୁ, ସିଏ ସର୍ବପ୍ରଥମେ ଏକ ବିଶ୍ୱର ଉପଲବ୍ଧି କରିବା ଲାଗି ଚେତନାକୁ ଆଦେଶ ଦେଇ ସେହି ଚେତନାକୁ ଆପଣା ମଧ୍ୟରୁ

'oaob.nitrkl.ac.in' images reprocessed

ବାହାର କରି ଆଣିଲେ (ଅର୍ଥାତ୍, ଆପଣାର ଚେତନାଟିକୁ ପ୍ରକଟ କରି ଆଣିଲେ)। ଚେତନାରୁ ଘୃଣ୍ଟିଏ ସତ୍ତାର ଆବିର୍ଭାବ ହେଲା, ଏପରି ଘୃଣ୍ଟିଏ ବ୍ୟକ୍ତିସତ୍ତାର ଆବିର୍ଭାବ ହେଲା, ଯାହାଙ୍କୁ କି ବସ୍ତୁତଃ ସେହି ସର୍ବୋଚ୍ଚ ପରମସତ୍ୟର ଗୋଟିଏ ଗୋଟିଏ ଅତ୍ୟନ୍ତ ଉଚ୍ଚସ୍ତରୀୟ ସତ୍ତା ବୋଲି କୁହାଯାଇ ପାରିବ। ସେଗୁଡ଼ିକ ହେଉଛନ୍ତି ଚେତନାର ସତ୍ତା, ଆନନ୍ଦର ସତ୍ତା, ପ୍ରାଣର ସତ୍ତା ଏବଂ ଆଲୋକ ତଥା ଜ୍ଞାନର ସତ୍ତା;—ମାତ୍ର ଚେତନା ଓ ଆଲୋକ ତ ପ୍ରକୃତରେ ସେହି ଗୋଟିଏ ବସ୍ତୁ। ତେଣୁ ଆମେ ଏଗୁଡ଼ିକୁ ବର୍ତ୍ତମାନ ଚେତନା, ପ୍ରେମ ଓ ଆନନ୍ଦ ଏବଂ ପ୍ରାଣ ଓ ସତ୍ୟ ବୋଲି କହିପାରିବା। ହଁ, ଏହି ସତ୍ୟ ହେଉଛି ତାହାକୁ ବର୍ଣ୍ଣନା କରିବାର ଯଥାର୍ଥ ଶବ୍ଦ। ଏବଂ ତୁମେମାନେ ବୁଝି ପାରୁଥିବ ଯେ ଗୋଟିଏ ଗୋଟିଏ ଅତ୍ୟନ୍ତ ଶକ୍ତିଶାଳୀ ସତ୍ତାରୂପେହିଁ ସ୍ୱଭାବତଃ ସେମାନଙ୍କର ଆବିର୍ଭାବ ହୋଇଥିଲା। ସେହି ପରମସୃଷ୍ଟି ମଧ୍ୟରେ ସେଗୁଡ଼ିକୁ ସର୍ବପ୍ରଥମ ଘୃଣ୍ଟିଏ କଳା ବୋଲି କୁହା ଯାଉଥିଲା, ସର୍ବପ୍ରଥମ ଘୃଣ୍ଟିଏ ଗଠନ ବୋଲି କୁହା ଯାଉଥିଲା। ଏବଂ ଏହି ସତ୍ତାଗୁଡ଼ିକ ମଧ୍ୟରୁ ପ୍ରତ୍ୟେକେ ଆପଣାର ଯାବତୀୟ ଗୁଣ, ଶକ୍ତି, ସାମର୍ଥ୍ୟ ତଥା ସମ୍ଭାବନା ବିଷୟରେ ଅତ୍ୟନ୍ତ ସଚେତନ ହୋଇଉଠିଲେ ଏବଂ ଆପଣା ଆପଣାର ସ୍ୱାଧରେ କ୍ରମଶଃ ଏକଥାଟିକୁ ବି ଭୁଲିଗଲେ ଯେ ଏମାନେ ହେଉଛନ୍ତି କେବଳ ଗୋଟିଏ ଗୋଟିଏ କଳା, ସର୍ବୋଚ୍ଚ ପରମ ସତ୍ୟଙ୍କରହିଁ ଗୋଟିଏ ଗୋଟିଏ ରୂପପ୍ରକାଶ। ଏବଂ ତେଣୁ ସେଥିରୁ ଏହିପରି ବି ଘଟିଲା : ଯେତେବେଳେ ଆଲୋକ ଅର୍ଥାତ୍ ଚେତନା ଦିବ୍ୟ ପରମଚେତନାରୁ ବିଚ୍ଛିନ୍ନ ହୋଇ ପଡ଼ିଲା, ଅର୍ଥାତ୍, ଯେତେବେଳେ ତାହା ଆପଣାକୁହିଁ ଦିବ୍ୟ ଚେତନା ବୋଲି ଭାବିବାକୁ ଲାଗିଲା ଏବଂ ତା' ବ୍ୟତୀତ ଆଉ କେଉଁଠାରେ କିଛିହେଲେ ନାହିଁ ବୋଲି ଭ୍ରମ କଲା, ସେତେବେଳେ ତାହା ତତ୍‌କ୍ଷଣାତ୍ ଏକ ଅପ୍ରତିଷ୍ଠା ଏବଂ ଅଚେତନତାରେ ପରିଣତ ହୋଇଗଲା। ଏବଂ, ଯେତେବେଳେ ପ୍ରାଣ ଭାବିବାକୁ ଆରମ୍ଭ କଲା ଯେ ଯାବତୀୟ ଜୀବନ କେବଳ ତାହାରି ଭିତରେ ରହିଛି ଏବଂ କେବଳ ତାହାରି ଜୀବନଟି ବ୍ୟତୀତ କେଉଁଠି କିଛିହେଲେ ନାହିଁ, ସର୍ବୋଚ୍ଚ ପରମ ସତ୍ୟ ଉପରେ ସିଏ ଆଦୌ ନିର୍ଭର କରୁ ନାହିଁ ବୋଲି ଯେତେବେଳେ ସିଏ ଭାବିବାକୁ ଆରମ୍ଭ କଲା, ସେତେବେଳେ ସେହି ପ୍ରାଣ ମୃତ୍ୟୁରେହିଁ ପରିଣତ ହେଲା। ଏବଂ ଯେତେବେଳେ ସତ୍ୟ ଭାବିଲା ଯେ ତାହାରି ମଧ୍ୟରେହିଁ ସକଳ ସତ୍ୟ ନିହିତ ହୋଇ ରହିଛି ଓ ତା' ନିଜ ବ୍ୟତୀତ ଆଉ କେଉଁଠି କୌଣସି ସତ୍ୟ ନାହିଁ, ସେତେବେଳେ ସେହି ସତ୍ୟ ମିଥ୍ୟାରେ ପରିଣତ ହେଲା। ଏବଂ ଯେତେବେଳେ ପ୍ରେମ ବା ଆନନ୍ଦ ଆପଣାକୁ ନିଃସନ୍ଦେହ ଭାବରେ ସେହି ସର୍ବୋଚ୍ଚ ପରମ ଆନନ୍ଦ ବୋଲିହିଁ ଭାବିବାକୁ ଲାଗିଲା ଏବଂ କେବଳ ତାହାରି ବ୍ୟତୀତ ଆଉ କେଉଁଠି ଅନ୍ୟକିଛି ନାହିଁ ବୋଲି ଭାବିବାକୁ ଲାଗିଲା, ସେତେବେଳେ

'oaob.nitrkl.ac.in' images reprocessed

ତାହା ଦୁଃଖରେ ପରିଣତ ହେଲା । ଏବଂ ଠିକ୍ ସେହିପରି ଭାବରେ, ଯେଉଁ ପୃଥିବୀ ପ୍ରକୃତରେ କେତେ ସୁନ୍ଦର ହୋଇଥାନ୍ତା, ତାହା ପ୍ରକୃତରେ ଏତେ କୁତ୍ସିତ ହୋଇଗଲା । ଏବଂ ବର୍ତ୍ତମାନ, ଯେତେବେଳେ ସେହି ଚେତନା (ତୁମେ ଏହାକୁ ଦିବ୍ୟ ଜନନୀ ବୋଲି କହିପାର ବା ସର୍ବୋଚ୍ଚ ପରମ ଚେତନା ବୋଲି ବି କହିପାର) ଏସବୁ ବ୍ୟାପାର ଦେଖିଲେ, ସେତେବେଳେ ସେ ପ୍ରକୃତରେ ଅତ୍ୟନ୍ତ ଚିନ୍ତିତ ହୋଇ ପଡ଼ିଲେ ଏବଂ ଭାବିବାକୁ ଲାଗିଲେ : "ଏଇଟି ପ୍ରକୃତରେ ବିଫଳହିଁ ହେଲା ।" ସେତେବେଳେ ସେ ଦିବ୍ୟ ପରମସତ୍ୟ, ଭଗବାନ ବା ପରମେଶ୍ୱରଙ୍କ ଆଡ଼କୁ ମୁହାଁଇଲେ ଓ ସାହାଯ୍ୟର ପ୍ରାର୍ଥନା କଲେ । ଦିବ୍ୟଜନନୀ ତାଙ୍କୁ କହିଲେ : "ଶେଷକୁ ଏହାହିଁ ଘଟିଲା । ବର୍ତ୍ତମାନ ଆଉ କ'ଣ କରାଯିବ ?" ପରମେଶ୍ୱର କହିଲେ, "ତୁମେ ଆଉଥରେ ଆରମ୍ଭ କର, ମାତ୍ର ଏଥର ଏପରି ଭାବରେ ସବୁକିଛି ବ୍ୟବସ୍ଥା କରି ରଖିବାକୁ ଚେଷ୍ଟା କର ଯେପରିକି ସତ୍ତ୍ୱଗୁଡ଼ିକ ଆଉ ମୋଟେ ସେତେବେଶୀ ସ୍ୱାଧୀନ ହୋଇ ପାରିବେ ନାହିଁ ! ସେମାନେ ଯେପରି ତୁମ ସହିତ ସଂଯୁକ୍ତ ହୋଇ ରହିଥିବେ ଏବଂ ତୁମରି ମଧ୍ୟ ଦେଇ ମୋ ସହିତ ସଂଯୁକ୍ତ ହୋଇ ରହିଥିବେ ।" ଏବଂ ଏହିପରି ଭାବରେ ଦିବ୍ୟଜନନୀ ଦେବତାମାନଙ୍କୁ ଛିଆରି କଲେ; ଦେବତାମାନେ ବେଶ୍ ଆଜ୍ଞାପରାୟଣ ହୋଇ ରହିଲେ ଓ ଆଦୌ ଏତେବେଶୀ ଗର୍ବ ପ୍ରକାଶ କଲେ ନାହିଁ । ଏହି ଦେବତାମାନେହିଁ ବିଶ୍ୱର ସୃଷ୍ଟି କରିବାକୁ ଆରମ୍ଭ କଲେ । ମାତ୍ର, ଅନ୍ୟମାନେ ଏହି ଦେବତାମାନଙ୍କ ପୂର୍ବରୁ ଆସିଥିବାରୁ, ପ୍ରତ୍ୟେକ ପଦରେହିଁ ସେହି ଦେବତାମାନଙ୍କର ସେମାନଙ୍କ ସହିତ ସାକ୍ଷାତ ହେଲା । ଏବଂ ଏହିପରି ଭାବରେହିଁ ପୃଥିବୀ ଏକ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଗଲା, ଏଠାରେ ସର୍ବଦା ଯୁଦ୍ଧ ଲାଗି ରହିଲା, ସଂଘର୍ଷ ହେଲା; ପୃଥିବୀ ଦୁଃଖ, ଅନ୍ଧକାର ଓ ଉଚ୍ଛୃଙ୍ଖଳ ଆଉ ସବୁକିଛିର ଏକ ସ୍ଥାନ ହୋଇ ରହିଲା । ଏବଂ ପ୍ରତ୍ୟେକ ଥର ପୃଥିବୀର ସୃଷ୍ଟି ହେଲାବେଳେ ଯେଉଁମାନେ ଏଠାରେ ଆଗରୁ ରହିଥିଲେ, ଦେବତାମାନଙ୍କର ସେମାନଙ୍କ ସହିତ ଯୁଦ୍ଧ ହେବାରେ ଲାଗିଲା : ସେମାନେ ଆଗରୁ ଥିଲେ, ସେମାନେ ଗାଢ଼ଭାବରେ ଜଡ଼ ଭିତରେ ନିମଗ୍ନ ହୋଇ ରହିଥିଲେ; ଏବଂ ସେହିମାନେହିଁ ଏହିସବୁ ଅବ୍ୟବସ୍ଥା ସୃଷ୍ଟି କରି ରଖିଥିଲେ ଏବଂ ଦେବତାମାନଙ୍କୁ ଏହିସବୁ ଅବ୍ୟବସ୍ଥାକୁ ପୁନର୍ବାର ସଜାଡ଼ିବାକୁ ପଡ଼ୁଥିଲା । ଏହିପରି ଭାବରେ ଦେବତାମାନଙ୍କର ଉତ୍ପତ୍ତି ହେଲା । ଦେବତାମାନେ ହେଉଛନ୍ତି ଦ୍ୱିତୀୟ ପର୍ଯ୍ୟାୟର ସୃଷ୍ଟି ।

ମାଆ, ପ୍ରଥମ ଯେଉଁ ଚାରୋଟି ସତ୍ତ୍ୱ ବଦଳିଗଲେ, ସେମାନେ ଦୈବତ୍ୱ ବଦଳିଗଲେ ନା ବଦଳାଇବେ ବୋଲି ଅଭିପ୍ରେତ ହୋଇ ଆସିଥିଲେ ?

'oaob.nitrkl.ac.in' images reprocessed

ନାହିଁ, କହୁ ଦେବାକୁ କହିଲେ ତୁମେ କ'ଣ ବୁଝୁଛ ?

ଏପରି ମଧ୍ୟ କୁହାଯାଏ ଯେ,—ସେହି ପୁରୁଣା ଗଳ୍ପଟିର ଆଗକୁ ଏପରି କୁହାଯାଇଛି, ଅଥବା ଏହାକୁ ବରଂ ଗଳ୍ପଟିର ଆରମ୍ଭ ବୋଲି କୁହାଯାଇ ପାରିବ,— କୁହାଯାଏ ଯେ ପରମେଶ୍ୱର ତାଙ୍କର ସୃଷ୍ଟିକୁ ଏକ ମୁକ୍ତ ସୃଷ୍ଟି ହେବା ଲାଗି ଇଚ୍ଛା କରିଥିଲେ । ତାଙ୍କଠାରୁ ସୃଷ୍ଟ ହୋଇ ବାହାରି ଆସୁଥିବା ସବୁକିଛିକୁ ସେ ସମ୍ପୂର୍ଣ୍ଣ ମୁକ୍ତ ହୋଇ ରହିବାକୁ ଇଚ୍ଛା କରୁଥିଲେ; କୌଣସି ପ୍ରକାରେ ବାଧ୍ୟ ହୋଇ ନୁହେଁ, ମାତ୍ର ମୁକ୍ତ ଭାବରେ ସେଗୁଡ଼ିକ ଯେପରି ତାଙ୍କ ସହିତ ଆସି ସଂଯୁକ୍ତ ହୋଇ ପାରିବେ, ସେଥିଲାଗି ସେ ସେଗୁଡ଼ିକ ସମ୍ପୂର୍ଣ୍ଣ ମୁକ୍ତ ଓ ସ୍ୱାଧୀନ ହୋଇ ରହନ୍ତୁ ବୋଲି ଇଚ୍ଛା କରୁଥିଲେ । ସେଗୁଡ଼ିକ ବାଧ୍ୟ ହୋଇ ବିଶ୍ୱାସ କରନ୍ତୁ, ବାଧ୍ୟ ହୋଇ ଚେତନାବନ୍ତ ହୁଅନ୍ତୁ, ବାଧ୍ୟ ହୋଇ ଆଜ୍ଞାପାଳନ କରନ୍ତୁ ବୋଲି ସେ ଆଦୌ ଇଚ୍ଛା କରୁ ନଥିଲେ । ସିଏ ଚାହୁଁଥିଲେ ଯେ ସେଗୁଡ଼ିକ ସ୍ୱତଃସ୍ଫୂର୍ତ୍ତି ହୋଇ ତାହା କରିବେ, ତାହାହିଁ ଅଧିକ ଉପାଦେୟ ବୋଲି ନିଶ୍ଚିତ ଭାବରେ ଜାଣିହିଁ ତାହା କରିବେ । ତେଣୁ ଏହି ଜଗତ ସମ୍ପୂର୍ଣ୍ଣ ସ୍ୱାଧୀନତାର ଏକ ଜଗତ ହୋଇ ଆରମ୍ଭ ହେଲା, ଏଠାରେ ନିର୍ବାଚନର ପରିପୂର୍ଣ୍ଣ ସ୍ୱାଧୀନତା ରହିଥିଲା । ଏବଂ, ଠିକ୍ ଏହିପରି ଭାବରେହିଁ ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରତ୍ୟେକ ବ୍ୟକ୍ତିର ନିର୍ବାଚନର ଏକ ସ୍ୱାଧୀନତା ରହିଛି,—ମାତ୍ର ସେଥିରୁ ଯେଉଁ ପରିଣାମଗୁଡ଼ିକ ଉପୁଜୁଛି, ସେଗୁଡ଼ିକୁ ମଧ୍ୟ ଆମକୁ ଭୋଗ କରିବାକୁ ପଡ଼ୁଛି । ଯଦି ଆମେ ଠିକ୍ ଉଚିତ ଭାବରେ ଏହି ନିର୍ବାଚନଟିକୁ କରିପାରିବା, ତେବେ ସବୁକିଛି ଠିକ୍ ହୋଇ ରହିବ; ମାତ୍ର ଯଦି ଆମର ନିର୍ବାଚନଟି ସମୁଚିତ ଭାବରେ ନହୁଏ, ତେବେ ସେଥିରୁ ଯାହା ଘଟିବା କଥା ତାହାହିଁ ଘଟିବ;—ଏବଂ ବସ୍ତୁତଃ ତାହାହିଁ ଘଟିଛି !

ଆହୁରି ଅଧିକ ଗୁପ୍ତବିଦ୍ୟା ପ୍ରେରିତ ଏବଂ ଆଧ୍ୟାତ୍ମିକ ଅର୍ଥରେ ଆମେ ହୁଏତ ଏହି କାହାଣୀଟିକୁ ବୁଝିବାକୁ ଚେଷ୍ଟା କରିପାରିବା । ମାତ୍ର ପୃଥିବୀର ସବୁ କାହାଣୀର କ୍ଷେତ୍ରରେ ଯାହା, ଏହି କ୍ଷେତ୍ରରେ ମଧ୍ୟ ସେଇଆ; ଲୋକେ ବୁଝିପାରିବା ଭଳି ଯଦି ତୁମକୁ କାହାଣୀଟିକୁ କହିବାକୁ ହୁଏ, ତେବେ ତାହା ସତେଅବା ପିଲାଙ୍କ ଆଗରେ କହୁଥିବା ଏକ କାହାଣୀରେ ପରିଣତ ହୋଇଯିବ । ମାତ୍ର ପ୍ରତୀକଗୁଡ଼ିକର ପଛରେ ନିହିତ ହୋଇଥିବା ସତ୍ୟଟିକୁ ଦେଖି ପାରିବାର ବିଦ୍ୟାଟି ଯଦି ଆମକୁ ଜଣାଥିବ, ତେବେ ସବୁ କଥା ବୁଝିବା ସହଜ ହୋଇଯିବ । ଏପରିକି, ବର୍ତ୍ତମାନ ମୁଁ ତୁମମାନଙ୍କୁ ଯାହାସବୁ କହିଲି, ତାହା ସତେଅବା ପିଲାମାନଙ୍କୁ କୁହାଯାଉଥିବା ଏକ ସାନ ଗପଟି ପରି ବୋଧ ହେଉଥିଲେ ମଧ୍ୟ, ଯଦି ମୁଁ ଯାହାସବୁ କହିଲି, ତୁମେମାନେ ସେଇଟିକୁ ଓ ତା'ର ଅର୍ଥଟିକୁ ବୁଝିପାରୁଥିବ, ତେବେ ବିଷୟଗୁଡ଼ିକର ଗୁପ୍ତ ସତ୍ୟଟିକୁ ତୁମେମାନେ ବି ଜାଣିବାକୁ ସମର୍ଥ ହେବ ।

'oaob.nitrkl.ac.in' images reprocessed

ଏପରି ଅନେକ ପରମ୍ପରା ରହିଛି, ଯେଉଁମାନେ କି ଏହାକୁ ଏକ "ଆକସ୍ମିକ ଘଟଣା" ବୋଲି କହନ୍ତି; ଏଇଟି ହୁଏତ ଅନ୍ୟ ପ୍ରକାରରେ ବି ଘଟି ପାରିଥାନ୍ତା, ଏହି ଅର୍ଥରେହିଁ ସେମାନେ ତାହାକୁ ଗୋଟିଏ ଆକସ୍ମିକ ଘଟଣା ବୋଲି କହନ୍ତି । ମାତ୍ର ତାହା ଠିକ୍ ସେହିପରିହିଁ ଘଟିଥିଲା । ଏହା ସତ ଯେ ତାହା ସେହିପରି ଘଟିଥିଲା । କେବଳ, ଆମେ ଏହି କଥାଟିକୁ ମଧ୍ୟ ବେଶ୍ ବୁଝି ପାରୁଥିବା ଯେ ଏହି ପ୍ରତ୍ୟେକଟି ଉପାଦାନ ସର୍ବୋଚ୍ଚ ପରମସତ୍ତାରୁହିଁ ଉତ୍ପନ୍ନ ହୋଇ ଆସିଥିବାରୁ ଓ ସେହି ମୁହୂର୍ତ୍ତରେ ଉଦ୍‌ଭୂତ ପରମରୂପଟିର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଥିବାରୁ; ତା' ଭିତରେ ଆପଣାର ଦିବ୍ୟତା ଓ ବିଶିଷ୍ଟତାଟି ବିଷୟରେ ମଧ୍ୟ ସେ ବେଶ୍ ସଚେତନ ହୋଇ ରହିଥିଲା, କାରଣ ପରମ ଦିବ୍ୟତାଠାରୁ ଭିନ୍ନ କୌଣସି ବସ୍ତୁ ଦ୍ୱାରା କଦାପି ତାହାର ସୃଷ୍ଟି ହୋଇ ନଥିଲା । ସେହି କ୍ଷେତ୍ରରେ ସ୍ୱୟଂ ଭଗବାନହିଁ ଆପଣା ଭିତରୁ ରୂପାୟିତ ହୋଇ ଆସିଥିଲେ, ସତେ ଯେପରି ସେ ଆପଣାକୁ ଅବଲୋକନ କରିବାରେହିଁ ଲାଗିଥିଲେ; ଆପଣାର ଅସ୍ତିତ୍ୱ ବିଷୟରେ ସଜ୍ଞାନ ହୋଇ ପାରିବା ଲାଗି ସେ ମୂର୍ତ୍ତିରୂପ ଧାରଣ କରିଥିଲେ । ଯେକେନ୍ଦ୍ରଣର ଯେଉଁ ଅନ୍ତର୍ଗତ ପରିବର୍ତ୍ତିନହୀନ ଅବସ୍ଥାରେ ସବୁକିଛି ଅରୂପାୟିତ ହୋଇ ରହିଥାଏ, ସେହି ଅବସ୍ଥାରେ ବିଦ୍ୟମାନ ନରହି ସେ ଆପଣାର ବାହାରେହିଁ ସେହି ଅବସ୍ଥାଟିକୁ ପ୍ରକ୍ଷେପିତ କରି ଦେଇଥିଲେ; ତାଙ୍କ ଭିତରେ ଯାହାକିଛି ରହିଛି, ଅର୍ଥାତ୍, ତାଙ୍କ ଭିତରେ ଯେଉଁ ଅନନ୍ତ ସମ୍ଭାବନାମାନ ରହିଛି, ସତେଅବା ସେହିଗୁଡ଼ିକୁ ଦେଖିବେ ବୋଲି ଇଚ୍ଛା କରୁଥିବା ପରି ସେହିଗୁଡ଼ିକୁ "ଦେଖିବା ଲାଗି"ହିଁ ସେ ଆପଣାକୁ ବାହାର କରି ଆଣିଲେ । ଏହିପରି ଭାବରେ ସବୁକିଛି ସମ୍ଭବ ହେଲା । ଏହିସବୁ କଥା ସେହିପରି ଭାବରେ ଘଟିଲା,—ମାତ୍ର ଏହା ଅନ୍ୟପ୍ରକାରରେ ବି ବେଶ୍ ଘଟି ପାରିଥାନ୍ତା । ଏବଂ ଆମ ଆଗରେ ସେପରି କୌଣସି ପ୍ରମାଣ ନାହିଁ ଯେ, ଆମର ଏହି ଜଗତଟି ଯେପରି ଭାବରେ ଅଛି, ତାହାର ପାର୍ଶ୍ୱବର୍ତ୍ତୀ ହୋଇ ଆଉ ଅନ୍ୟ କୌଣସି ଜଗତ ନାହିଁ, ଯେଉଁଗୁଡ଼ିକ କି ପରସ୍ପରଠାରୁ ଏପରି ଭିନ୍ନ ଯେ ଗୋଟିଏ ଜଗତର ଅନ୍ୟ ଏକ ଜଗତ ମଧ୍ୟରେ କୌଣସିପ୍ରକାର ସମ୍ବନ୍ଧ ସ୍ଥାପନ ସମ୍ଭବ ହୋଇ ପାରିବ ନାହିଁ । ଏପରି ବି ବେଶ୍ ସମ୍ଭବ ହୋଇପାରେ ଯେ କେବଳ ଆମରି ଏହି ଗୋଟିଏ ବିଶ୍ୱଜଗତ ମଧ୍ୟଦେଇ ଭଗବାନ୍ ଆପଣାକୁ ମୂର୍ତ୍ତିମନ୍ତ କରି ନାହାନ୍ତି । ଆମ ଜଗତଟିକୁ ଆମେ ଯେଉଁଭଳି ବୋଲି ଜାଣିଛୁ, ତାହା ସେହିପରି ହୋଇ ରହିଛି; ଏବଂ ଏଇଟି ବ୍ୟତୀତ ଆହୁରି ଅନ୍ୟ ଜଗତମାନ ହୁଏତ ରହିଛି, ଯେଉଁଗୁଡ଼ିକ କି ଆମର ଏହି ଜଗତଟି ତୁଳନାରେ ଅନେକ କମ୍ ଦୁଃଖଦ ଅବସ୍ଥାରେ ରହିଛି । ପୁନଶ୍ଚ, କେବଳ ବାହାରକୁ ଦେଖିବାକୁହିଁ ଆମର ଏହି ଜଗତଟି ଏକ ଶୋଚନୀୟ ଅବସ୍ଥାରେ ରହିଛି । ମାତ୍ର ଉପରିସ୍ତରଟିରୁ ଆହୁରି ସେପାଖକୁ ଯାଇ ପାରିଲେ ତୁମେ

'oaob.nitrkl.ac.in' images reprocessed

ନିଷ୍ଟସ୍ଥ ସଞ୍ଚାଳ ହେବାକୁ ଆରମ୍ଭ କରିବ ଯେ ଏହାକୁ ଆଦୌ ଶୋଚନୀୟ ବୋଲି କୁହାଯାଇ ପାରିବ ନାହିଁ । ଆମେ ଏହାକୁ କେବଳ ଗୋଟାଏ ନିର୍ଦ୍ଦିଷ୍ଟ ଦୃଷ୍ଟିରେ ଦେଖୁଛୁ ବୋଲି ତାହା ଏହିପରି ଶୋଚନୀୟ ବୋଲି ପ୍ରତୀତ ହେଉଛି ।

> "ଆମେ ଏକ ମୀମାଂସାତ୍ମକ ଆଧ୍ୟାତ୍ମିକ ଅଗ୍ରଗତି କରିସାରିବା ପରେ ହିଁ ପରମସତ୍ତାଙ୍କର ଅଦୃଶ୍ୟ ଶତ୍ରୁମାନେ ସର୍ବଦା ଏକ ପ୍ରତିଶୋଧ ନେବାକୁ ଚେଷ୍ଟା କରୁଥାନ୍ତି; ଏବଂ ଆତ୍ମାର କିଛି କ୍ଷତି କରି ପାରନ୍ତି ନାହିଁ ବୋଲି ସେମାନେ ଆମ ଶରୀରକୁହିଁ ଆଘାତ କରନ୍ତି । ମାତ୍ର ସେମାନଙ୍କର ସକଳ ପ୍ରଚେଷ୍ଟା କେବଳ ବିଫଳହିଁ ହୋଇଯାଏ, ଏବଂ ଭଗବତ୍ ପରମ କରୁଣା ଆମ ସହିତ ଆସି ଅବସ୍ଥାନ କରୁଥିବା ସଙ୍ଗେସଙ୍ଗେ ପରିଶେଷରେ ସେମାନଙ୍କର ପରାଭବହିଁ ଘଟିବ ।"
>
> ମାଆଙ୍କ ବାଣୀ, ୧୯୪୯ ସଂସ୍କରଣ, ପୃଷ୍ଠା-୨୧୫

ପରମସତ୍ତାଙ୍କର ଅଦୃଶ୍ୟ ଶତ୍ରୁ ବୋଲି ଆପଣ କେଉଁମାନଙ୍କୁ କହୁଛନ୍ତି ?

ସେମାନେ ହେଉଛନ୍ତି ପ୍ରକୃତରେ ସେହି ସୃଷ୍ଟି ବ୍ୟକ୍ତି, ଯେଉଁମାନେ କି ସ୍ୱଭାବତଃ ଅଗଣିତ ରୂପାୟନକୁ ଜନ୍ମ ଦେଇଛନ୍ତି, ଯେଉଁଥିରୁ ପୁଣି ଅନ୍ୟଗୁଡ଼ିକ ବାହାରି ଆସିଛନ୍ତି, ଯେଉଁଥିରୁ କେତେ କେତେ ଗଠନ ସମ୍ଭବ ହୋଇଛି । ଏହିପରି ଭାବରେ ସେମାନେ ଲକ୍ଷ ଓ ଅନେକ ଲକ୍ଷର ସଂଖ୍ୟାରେ ରହିଛନ୍ତି । ଏହିମାନେହିଁ ଆପଣା ମଧ୍ୟରେ ଏକ ଅଭ୍ୟସ୍ତତାକୁ ଜନ୍ମ ଦେଇଛନ୍ତି, ଆପଣାର ଏକ ତଦନୁରୂପ ନ୍ୟାୟର ବଳରେ ସେହି ଅଭ୍ୟାସକୁ ବଜାୟ ରଖିଛନ୍ତି ଏବଂ କେବଳ ସେହିମାନଙ୍କର ଶାସନ ବ୍ୟତୀତ ସେମାନେ ଆଉ କାହାରି ଶାସନ ଚଳାଇଦେବେ ନାହିଁ ବୋଲି ନିଷ୍ପତ୍ତି କରି ରଖିଛନ୍ତି । ଭାରତବର୍ଷରେ ଏହିମାନଙ୍କୁ ଅସୁର ବୋଲି କୁହାଯାଇଛି । ଗୋଟାଏ ପ୍ରକାରର ନ୍ୟାୟର ବଳରେହିଁ ସେମାନେ ସେହିପରି ହୋଇ ରହିଛନ୍ତି । ସେମାନେ ଭୁଲ୍ ବାଟରେ ଯାଇ ଆପଣାର ଯାତ୍ରା ଆରମ୍ଭ କରିଥିଲେ, ବର୍ତ୍ତମାନ ମଧ୍ୟ ଭୁଲ୍ ବାଟରେ ଯିବାରେ ଲାଗିଛନ୍ତି । ଏବଂ, ମୁଁ ଅବଶ୍ୟ କହିବି ଯେ, ସେମାନଙ୍କ ମଧ୍ୟରେ ଏପରି କେତେଜଣ ବି ଅଛନ୍ତି, ଯେଉଁମାନେ କି ଆପଣାର ମନକୁ ବଦଳାଇ ଦେଇ ପାରନ୍ତି । ଏକଥା ବିଷୟରେ ଗୀତାରେ ମଧ୍ୟ କୁହାଯାଇଛି; ମୁଁ ଭାବୁଛି,

'oaob.nitrkl.ac.in' images reprocessed

ଯେଉଁମାନଙ୍କୁ ଦୀକ୍ଷିତ କରି ଅଣାଯିବ, ଗୀତାରେ ସେହିମାନଙ୍କ କଥା କୁହାଯାଇଛି । ଯେଉଁମାନେ ଆଦୌ କୌଣସି ନୂତନଦୀକ୍ଷା ଲାଗି ପ୍ରସ୍ତୁତ ନୁହନ୍ତି, ଯେଉଁମାନେ ଲୁପ୍ତ ହୋଇଯିବାକୁହିଁ ଶ୍ରେୟସ୍କର ବୋଲି ଭାବୁଛନ୍ତି, ଦୀକ୍ଷିତ ହେବା ଅପେକ୍ଷା ବିନଷ୍ଟ ହୋଇ ଯିବାକୁହିଁ ଅଧିକ ପସନ୍ଦ କରୁଛନ୍ତି, ସେମାନଙ୍କ କଥା ବି କୁହାଯାଇଛି । ହଁ, ସ୍ଥିତିଟି ଏହିପରି ହୋଇ ରହିଛି । କେତେକ ଏପ୍ରକାରର ହୋଇ ଅଛନ୍ତି, ଆଉକେତେକ ଅନ୍ୟ ଏକ ପ୍ରକାରର ହୋଇ ରହିଛନ୍ତି ।

ନୂତନ ଦୀକ୍ଷିତ ଏବଂ "ଅନ୍ୟମାନେ" କିଏ ?

ତୁମେ ସେକଥା ବି ମନେ ରଖିଛ ? ତୁମର ସ୍ମରଣଶକ୍ତି ଖୁବ୍ ଭଲ । ସେଥିମଧ୍ୟରୁ ଗୋଟିକୁ ନୂତନ ଭାବରେ ଦୀକ୍ଷିତ କରାଯାଇ ସାରିଛି ଏବଂ ସିଏ ବର୍ତ୍ତମାନ ସହଯୋଗ କରି ବି ଶିଖିଲାଣି । ସିଏ ହେଉଛି ଚେତନାର ଓ ଆଲୋକର ସତ୍ତା ।

ଯଦି ତାହାର ନୂତନଦୀକ୍ଷା ହୋଇ ସାରିଲାଣି, ତେବେ ଅସୁବିଧାଟି ମଧ୍ୟ ଆପଣାଛାଏଁ ଦୂର ହୋଇଯିବା ଉଚିତ ।

ହଁ, ନିଶ୍ଚୟ ସେହିପରି ହେବା ଉଚିତ । ମାତ୍ର ତା'ର ସେହି ଶକ୍ତି ତଥାପି ରହିଛି । ଏହା ଏକ ଦୁର୍ଜେୟ ସତ୍ତା ହୋଇ ଅବସ୍ଥିତ ରହିଛି ।

ଚେତନା ଏକଦା ଅଚେତନାରୂପେ ବଦଳି ଯାଇଥିଲା ବୋଲି ଆପଣ କହିଲେ । ମାତ୍ର ଯେତେବେଳେ ଚେତନାର ନବଦୀକ୍ଷା ହେଲା, ତେବେ ସେତେବେଳେ ଅଚେତନା ମଧ୍ୟ ଅବଶ୍ୟ ଅପସରି ଯିବ ନାହିଁ କି ?

ଏହା ପୁନର୍ବାର ଚେତନା ଏବଂ ଆଲୋକରେ ପରିଣତ ହୋଇଯିବ; ଏକଦା ଯାହା ଥିଲା, ପୁନର୍ବାର ତାହାହିଁ ହେବ ।

ଏହା କ'ଣ ପୁନର୍ବାର ତାହା ହୋଇ ପାରି ନାହିଁ ?

'oaob.nitrkl.ac.in' images reprocessed

ମାତ୍ର, ମୁଁ ଏହି ଅଳ୍ପ ସମୟ ପୂର୍ବରୁ କହିଛି ଯେ ଯେତେବେଳେ ତାହା ଅଚେତନା ଓ ଅନ୍ଧକାରରେ ପରିଣତ ହେଲା, ସେତେବେଳେ ତାହା ଆପଣା ଭିତରୁ ଅଗଣିତ ଆଦ୍ଭୁତ ଅନେକ ଗଠନକୁ ଜନ୍ମ ଦେଇଥିଲା;—ଅନେକ ରୂପ, ଅନେକ ଗଠନ ଓ ଅନେକ ସର୍ଜନାକୁ ସମ୍ଭବ କରାଇ ଆଣିଥିଲା । ଏବଂ ଏଇଟିର ଏକ ନୂତନ ଦୀକ୍ଷା ଯେ ହେଲା, ତାହାର ଅର୍ଥ ନୁହେଁ ଯେ ସେଇଟିଠାରୁ ଉତ୍ପନ୍ନ ହୋଇଥିବା ସବୁଗୁଡ଼ିକର ମଧ୍ୟ ସେହିପରି ଏକ ନବଦୀକ୍ଷା ହୋଇଯିବ । ସେମାନେ ସ୍ୱାଧୀନତା ଏବଂ ନିର୍ବାଚନର ସେହି ପୁରାତନ ବିଧାନଟିକୁହିଁ ମାନିବାରେ ଲାଗିଥିବେ । ସେମାନଙ୍କର ହୁଏତ ନବଦୀକ୍ଷା ହୋଇପାରେ, ହୋଇ ବି ନପାରେ । ସେମାନଙ୍କ ମଧ୍ୟରୁ କେତେକଙ୍କର ନବଦୀକ୍ଷା ହୋଇଯାଏ, ଆଉ କେତେକ ସେଥିଲାଗି ଆଦୌ ସମ୍ମତ ହୁଅନ୍ତି ନାହିଁ । ଏବଂ ମୋର ଧାରଣା ଯେ ଅଧିକାଂଶ ଅସମ୍ମତହିଁ ହୋଇଥାନ୍ତି ।

ମାତ୍ର "ମିଥ୍ୟାର ଈଶ୍ୱର"ହିଁ ଏହି କ୍ଷେତ୍ରରେ ସବୁଠାରୁ ଅଧିକ ଅନିଷ୍ଟ ଘଟାଇଥାଏ । ଏହି ବିଶ୍ୱଜଗତ ମଧ୍ୟରେ ସେଇ ସବୁଠାରୁ ବଡ଼ ପ୍ରତିବନ୍ଧକ ହୋଇ ରହିଥାଏ, ସତ୍ୟକୁ ଅହରହ ବାରିତ କରି ରଖିବାରେ ସର୍ବପ୍ରଧାନ କାରଣ ହୋଇ ରହିଥାଏ । ଏବଂ, ଏହି ପାର୍ଥିବ ଅର୍ଥାତ୍ ଜଡ଼ସ୍ଥ ଜଗତ ଉପରେ ତାହାର ପ୍ରକୃତରେ ଅନେକ ପ୍ରତିପତ୍ତି ରହିଥାଏ । ପୁନଶ୍ଚ, ଏହି ପୃଥିବୀରେ ତାକୁ ଯେଉଁମାନେ ଦେଖନ୍ତି, ସେମାନେ ତାକୁ ଏକ ଅତ୍ୟନ୍ତ ଚମତ୍କାର ଓ ସୁନ୍ଦର ସତ୍ତାରୂପେ ଦେଖିବାରେ ଲାଗିଥାନ୍ତି । ଆପଣାକୁ ସିଏ "ଜାତିମାନଙ୍କର ଈଶ୍ୱର" ବୋଲି ଘୋଷଣା କରେ ଏବଂ ସତେଅବା ଖୁବ ଦୁର୍ଜେୟ, ଦୀପ୍ତିମାନ୍, ଶକ୍ତିଶାଳୀ ହୋଇ ରହିଥିବା ପରି ଦେଖା ଯାଉଥାଏ, ସତ୍ୟର ଏକ ଚମତ୍କାର ପ୍ରତୀତି ସୃଷ୍ଟି କରିବାରେ ଲାଗିଥାଏ ।··· ଇତିହାସ ମଧ୍ୟରେ ସେଇ କେତେଜଣ ବିଶିଷ୍ଟ ରାଷ୍ଟ୍ରମୁଖ୍ୟଙ୍କୁ ଅନୁପ୍ରେରିତ କରି ଆଣିଥିଲା; ଆପଣାକୁ ସିଏ "ଜାତିମାନଙ୍କର ଈଶ୍ୱର" ବୋଲି ଘୋଷଣା କରେ, କାରଣ ସେଇ ଜନଗଣଙ୍କର ଶାସନ କରିବାରେ ଲାଗିଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ମୂଳତଃ ଗତ ଦୁଇଟିଯାକ ଯୁଦ୍ଧରେ କେବଳ ସେଇ ସର୍ବୋଚ୍ଚ ସଂଗଠକର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲା । ସେହି ଅବସରରେହିଁ ସେ ଆପଣାକୁ "ସକଳ ଜାତିର ଈଶ୍ୱର" ବୋଲି ପ୍ରକଟ କରି ଦେଇଥିଲା । ଏବଂ, ସିଏ ଏକଥା ମଧ୍ୟ ଘୋଷଣା କରିଦେଇଥିଲା ଯେ ସିଏ କଦାପି କୌଣସି ପ୍ରକାର ଦୀକ୍ଷା ଆଗରେ ମସ୍ତକ ନତ କରିବ ନାହିଁ । ଏବଂ ତାହାର ଶେଷ ସମୟଟି ଯେ ଅବଶ୍ୟ ଆସିବ, ସେହିକ୍ଷଣଟିକୁ ମଧ୍ୟ ସିଏ ଭଲ କରି ଜାଣିଛି;—ଏବଂ ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ ସେହି ମୁହୂର୍ତ୍ତିଟିକୁ ସେ ଯଥାସମ୍ଭବ ଅଧିକ ପଛକୁ ଗଡ଼ାଇ ଦେବାର ଚେଷ୍ଟା କରୁଥିବ । ଏବଂ ସିଏ ଘୋଷଣା ବି କରିଥିଲା ଯେ ଆପେ ବିଧ୍ୱସ୍ତ ହେବା ପୂର୍ବରୁ ସିଏ ଯାହାକୁ ପାରିବ, ସମସ୍ତଙ୍କୁ ନିଶ୍ଚୟ ଧ୍ୱଂସ କରି ଦେଇଯିବ । ···ତେଣୁ

'oaob.nitrkl.ac.in' images reprocessed

ଏହା ଫଳରେ ଯେକୌଣସି ଦୁର୍ବିପାକ ହୁଏତ ଘଟିବ ବୋଲି ବି ଆମେ ସମ୍ଭବତଃ ସବୁବେଳେ ଆଶଙ୍କା କରି ପାରିବା ।

> ଫେବୃୟାରି ମାସରେ ପ୍ରଦତ୍ତ ଗୋଟିଏ ସନ୍ଦେଶରେ ଆପଣ "ପୃଥିବୀ ଉପରେ ଏକ ନୂତନ ଆଲୋକର ଆବିର୍ଭାବ ଘଟିବ" ବୋଲି କହିଥିଲେ,* ଏବଂ ଠିକ୍ ତାହାର ପରେ ପରେ ଷ୍ଟାଲିନ୍ ପରଲୋକ ଗମନ କଲେ (୫ ମାର୍ଚ୍ଚ ୧୯୫୩ ଦିନ) । ଏହାର କୌଣସି ତାତ୍ପର୍ଯ୍ୟ ରହିଛି କି ?

ସେଇ ଘଟଣାକୁ ପ୍ରକୃତରେ କେବଳ ଏକ କ୍ଷୁଦ୍ର ପରିଣାମ ବୋଲିହିଁ କୁହାଯିବ । ଷ୍ଟାଲିନ୍‌ଙ୍କର ମୃତ୍ୟୁ ଦ୍ୱାରା ପୃଥିବୀର ବର୍ତ୍ତମାନ ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନାହିଁ । (ହିଟ୍‌ଲର୍‌ର ମୃତ୍ୟୁରେ ଯେପରି ହୋଇ ନାହିଁ, ଏଇଟି ଦ୍ୱାରା ମଧ୍ୟ ସେହିପରି ହୋଇ ନାହିଁ ।) । ପରିବର୍ତ୍ତନ ସକାଶେ ଆହୁରି ଅନେକ କିଛିର ଆବଶ୍ୟକତା ରହିଛି । ମାତ୍ର ଏହି ଘଟଣାଟି ତ କେବଳ ଜଣେ ଆତତାୟୀକୁ ପ୍ରାଣଦଣ୍ଡ ଦେଲାପରିହିଁ ଘଟିଛି; ଯେତେବେଳେ ମୁଣ୍ଡଟିକୁ କାଟିଦିଆ ଯାଇଛି, ସେତେବେଳେ ପ୍ରେତଟା ନଯାଇ ରହିଯାଇଛି ଏବଂ ତା' ବାହାରକୁ ମଧ୍ୟ ପ୍ରକ୍ଷେପିତ ହୋଇ ରହିଛି । ଏହି ଘଟନାଟିକୁ ପ୍ରାଣସ୍ତରର ଏକ ଘଟନ ବୋଲି କୁହାଯିବ, ଏବଂ ତାହା ବର୍ତ୍ତମାନ ଯାଇ ଆପଣା ଭିତରେ ଏକ ଅପରାଧପ୍ରବଣତା ଅନୁଭବ କରୁଥିବା ଜଣେ ଶୁଭକାମୀ ଦର୍ଶକ ମଧ୍ୟରେହିଁ ଆଶ୍ରୟ ଗ୍ରହଣ କରିଛି । ଏପରି ଅନେକ ଲୋକ ଅଛନ୍ତି, ବିଶେଷତଃ ଅଳ୍ପବୟସ୍କ ଏପରି ଅନେକ ଅପରାଧୀ ଅଛନ୍ତି, ଯେଉଁମାନେ କି ପ୍ରଶ୍ନର ଉତ୍ତର ଦେଇ ତାହା ସ୍ୱୀକାର ମଧ୍ୟ କରିଛନ୍ତି । ସେମାନଙ୍କୁ ପଚରାଯାଇଛି : "ତୁମ ଭିତରେ ଆଉଜଣକର ପ୍ରାଣନେବାର ଏହି ପ୍ରବୃତ୍ତିଟି କେତେବେଳେ ଆସେ ?"—ଏବଂ ଅନେକ ସମୟରେ ଉତ୍ତର ମିଳିଆଏ : "ଯେତେବେଳେ ମୁଁ ଅମୁକକୁ ପ୍ରାଣଦଣ୍ଡ ଦିଆହେଉଥିବାର ଦେଖୁଥିଲି, ମୋ ଭିତରେ ପ୍ରବୃତ୍ତିଟି ସେଠିକବେଳେହିଁ ପ୍ରବେଶ କଲା ।"

ତେଣୁ, ଜଣେ ମରିଗଲେ ବା ଆଉଜଣେ କିଏ ମରିଗଲେ କୌଣସି ଲାଭ ହୁଏ ନାହିଁ । ତାହା ଦ୍ୱାରା ଆଦୌ କୌଣସି ସହାୟତା ମିଳେ ନାହିଁ । ଅସଲ କଥାଟା

---

* ବଙ୍ଗଳା ପତ୍ରିକା ଶ୍ରୀଅରବିନ୍ଦଙ୍କୁ ଦିଆ ଯାଇଥିବା ଏକ ବାଣୀ ପ୍ରତି ଏଠାରେ ସୂଚନା ଦିଆହୋଇଛି : "ଅନ୍ଧକାରୁ ଏହି ପୃଥିବୀରେ ସେହି ପରମ ସତ୍ୟର ଅଲୋକଟିହିଁ ଜନ୍ମଲାଭ କରୁ ଏବଂ ଅନୁକ୍ଷଣ ଜନ୍ମଲାଭ କରୁଥାଉ ।" (୨୧ ଫେବୃଆରୀ ୧୯୫୩)

'oaob.nitrkl.ac.in' images reprocessed

ଆଉ ଏକ ଅନ୍ୟ ଜାଗାକୁ ଗ୍ଭଲିଯାଏ । ଏଇଟି ହେଉଛି ତାହାର କେବଳ ଗୋଟିଏମାତ୍ର ରୂପ । ସତେଯେପରି ତୁମେ ଗୋଟିଏ ନିର୍ଦ୍ଦିଷ୍ଟ ଜାମା ପିନ୍ଧିଥିଲା ବେଳେ କୌଣସି ଏକ ଅତ୍ୟନ୍ତ ଜଘନ୍ୟ କାର୍ଯ୍ୟଟିଏ କଲ ଏବଂ ତା'ପରେ ଜାମାଟିକୁ ଦେହରୁ ଓହ୍ଲାଇ ଫୋପାଡ଼ିଦେଲ ଓ କହିଲ : "ହିଁ, ଏଥର ଆଉ ମୁଁ ସେହି ମନ୍ଦକାର୍ଯ୍ୟ କଦାପି କରିବି ନାହିଁ ।" ଏହି କଥାଟା ଠିକ୍ ସେହିପରି । କାରଣ ତୁମେ ଆଉଗୋଟାଏ ଜାମା ପିନ୍ଧି ଠିକ୍ ସେହି କାର୍ଯ୍ୟଟିକୁ ବେଶ୍ କରିପାରିବ !

> ଯଦି ଜୀବନ ମୃତ୍ୟୁରେ ପରିଣତ ହୋଇପାଇ ପାରୁଛି, ତେବେ ତାହା ସ୍ୱୟଂ ମରୁ ନାହିଁ କାହିଁକି ?

କାରଣ ତାହା ଆପଣାକୁ ବେଶ୍ ସୁରକ୍ଷିତ କରି ରଖିପାରୁଛି । ତୁମେ ଯାହା କହୁଛ, ତାହା ବେଶ୍ ସତ; ମାତ୍ର ତାହା ପୃଥିବୀରେ ଅବତୀର୍ଣ୍ଣ ନହେବା ଲାଗିହିଁ ସବୁପ୍ରକାର ସାବଧାନତା ଅବଲମ୍ବନ କରିଥାଏ । ଏବଂ, ପ୍ରାଣିକ ଜଗତରେ କେଉଁଠାରେ ହେଲେ ଆଦୌ କୌଣସି ମୃତ୍ୟୁ ଘଟେ ନାହିଁ, ସେଠାରେ ମୃତ୍ୟୁର କୌଣସି ଅସ୍ତିତ୍ୱ ନାହିଁ । କେବଳ ଏହି ଜଡ଼ଜଗତରେହିଁ ମୃତ୍ୟୁ ରହିଛି ଏବଂ ତାହା ଅବତାର ଗ୍ରହଣ ନକରିବାକୁହିଁ ସବୁପ୍ରକାର ସତର୍କତା ଅବଲମ୍ବନ କରିଥାଏ ।

> ଷ୍ଟାଲିନ୍ ତାଙ୍କ ଜୀବନରେ ଯାହା ହେଲେ, ତାହାହିଁ ହେବେ ବୋଲି କ'ଣ ଆଗରୁ ଅଭିପ୍ରେତ ହୋଇ ରହିଥିଲେ ?

ଷ୍ଟାଲିନ୍ ? ସିଏ ଯେ ଜଣେ ମନୁଷ୍ୟ ଥିଲେ, ମୁଁ ସେବିଷୟରେ ମଧ୍ୟ ନିଶ୍ଚିତ କରି କିଛି କହିପାରିବି ନାହିଁ ।······ପ୍ରତ୍ୟେକ ମନୁଷ୍ୟ ଭିତରେ ଯେ ଏକ ଚୈତ୍ୟ ସତ୍ତା ରହିଛି, ଏହି ଅର୍ଥରେ ସିଏ ଜଣେ ମନୁଷ୍ୟ ଥିଲେ ବୋଲି ମୁଁ କଦାପି କହି ପାରିବି ନାହିଁ । ଅଥବା, ତାଙ୍କର ବି ସମ୍ଭବତଃ ଏକ ଚୈତ୍ୟ ସତ୍ତା ରହିଥିଲା;—ବସ୍ତୁମାନଙ୍କେ ସବୁଥିରେ, ପ୍ରତ୍ୟେକ ଅଣୁରେ ବି ତ ଏକ ଚୈତ୍ୟ କେନ୍ଦ୍ର ରହିଛି ! ମାତ୍ର ଏଠାରେ ମୁଁ ଏକ ସଚେତନ ଚୈତ୍ୟ ସତ୍ତା କଥା ଭାବୁଛି, ଯାହାକି ସୁଗଠିତ ହୋଇଥିବ ଓ ଏକ ବ୍ୟକ୍ତିସତ୍ତାରୂପେ ପ୍ରକଟ ହୋଇ ପାରିଥିବ । ଷ୍ଟାଲିନଙ୍କ ଭିତରେ ତାହା ହୋଇଥିଲା ବୋଲି ମୁଁ ଆଦୌ ଭାବୁ ନାହିଁ । ମୁଁ ବିଶ୍ୱାସ କରୁଛି ଯେ ପ୍ରାଣିକ ଲୋକର କୌଣସି ସତ୍ତା ସିଧା ଆସି ଷ୍ଟାଲିନ୍ ରୂପରେ ଅବତୀର୍ଣ୍ଣ ହୋଇଥିଲା । ଏବଂ ଷ୍ଟାଲିନ୍ ଓ ହିଟ୍‌ଲର୍ ମଧ୍ୟରେ ତାହାକୁହିଁ ଏକ ବଡ଼ ପାର୍ଥକ୍ୟ ବୋଲି ବୁଝାଯିବ । ହିଟ୍‌ଲର୍ କେବଳ ଜଣେ ମନୁଷ୍ୟ ଥିଲେ, ଏବଂ ଜଣେ ମଣିଷ

'oaob.nitrkl.ac.in' images reprocessed

ହିସାବରେ ଖୁବ ଦୁର୍ବଳମନା ଥିଲେ, ବଡ଼ ଭାବପ୍ରବଣ ଥିଲେ; ତାଙ୍କର ବିବେକ ଜଣେ ସାନସ୍ତରର ଶ୍ରମିକର ବିବେକ ପରି ହୋଇ ରହିଥିଲା (ଅନେକେ ତାଙ୍କ ବିବେକକୁ ଜଣେ ସାନ ପାଦ୍ରିଆର ମୋଟର ବିବେକ ବୋଲି କହିଛନ୍ତି); ସେକଥା ଯାହା ହେଉ ପଛକେ, ତାଙ୍କର ବିବେକ ଜଣେ ସାନ ଶ୍ରମିକ, ସାନ ସ୍କୁଲ-ମାଷ୍ଟର ବା ସେହିପରି ଜଣେ ମଣିଷର ବିବେକ ହୋଇ ରହିଥିଲା, ଏକ ଅତି କ୍ଷୁଦ୍ର ବିବେକ ହୋଇ ରହିଥିଲା । ଅତିମାତ୍ରାରେ ଭାବପ୍ରବଣ ହୋଇ ରହିଥିଲା, ଫରାସୀ ଭାଷାରେ ଯାହାକୁ "fleur bleue" ବୋଲି କହନ୍ତି, ସେହିପରି ଅତ୍ୟନ୍ତ ଦୁର୍ବଳ ହୋଇ ରହିଥିଲା ।

ମାତ୍ର ତାଙ୍କୁ ସତେଅବା କୌଣସି ପ୍ରେତ ମାଡ଼ିବସି ରହିଥିଲା । ତାଙ୍କର ସ୍ୱଭାବକୁ ବରଂ ଏକ ସାମାନ୍ୟ ବା ସାଧାରଣ ମଣିଷର ସ୍ୱଭାବ ବୋଲି କୁହାଯାଇ ପାରିବ, ଅତ୍ୟନ୍ତ ମାମୁଲି ଧରଣର ସ୍ୱଭାବ ବୋଲି କୁହାଯିବ । ସିଏ ମଧ୍ୟବର୍ତ୍ତୀ ଏକ ସାଧନ ପରି ହୋଇ ରହିଥିଲେ, ଏକ ଚମତ୍କାର ସାଧନରୂପେ କାର୍ଯ୍ୟ କରୁଥିଲେ । ଏବଂ, ପ୍ରେତବିଦ୍ୟାର ବୈଠକମାନଙ୍କରେ ପ୍ରେତ ଆସି ତାଙ୍କୁ ଖୁବ ସହଜରେ ଅଧିକାର କରିନେଉଥିଲା । ଏହିଭଳି ମୁହୂର୍ତ୍ତଗୁଡ଼ିକରେ ସିଏ ଏପରି ଏକ ବାତ ଦ୍ୱାରା କବଳିତ ହୋଇ ପଡ଼ୁଥିଲେ, ଯାହାକୁ ଅପସ୍ମାର ବୋଲି ବର୍ଣ୍ଣନା କରା ଯାଉଥିଲା । ସେହି ବାତ ପ୍ରକୃତରେ ଅପସ୍ମାର ନଥିଲା; କାହାରି କବଳ ଭିତରେ ପଡ଼ିଗଲେ ଯେଉଁ ଆକ୍ରମଣମାନ ଭୋଗିବାକୁ ହୁଏ, ଆମେ ତାହାକୁ ସେହିଭଳି କିଛିଗୋଟାଏ ବୋଲି କହିପାରିବା । ଏହିପରି ଭାବରେ ତାଙ୍କୁ ଏକ ପ୍ରକାରର କ୍ଷମତା ବି ପ୍ରାପ୍ତ ହୋଇଥିଲା, ମାତ୍ର ତାହାକୁ କଦାପି ଏକ ବଡ଼ କ୍ଷମତା ବୋଲି କୁହାଯାଇ ପାରିବ ନାହିଁ । ମାତ୍ର, ସେହି ଶକ୍ତିଟି ପାଖରୁ ଯେତେବେଳେ ସେ କିଛି ଜାଣିବେ ବୋଲି ଇଚ୍ଛା କରୁଥିଲେ, ସେତେବେଳେ ସେ ନିଜର ଦୁର୍ଗକୁ ଚାଲି ଯାଉଥିଲେ, ଏବଂ ସେଠାରେ "ଏକମଗ୍ନ" ହୋଇ ଅତ୍ୟନ୍ତ ଗୁରୁଭାବରେ ଯାହାର ଆବାହନ କରି ଆଣୁଥିଲେ, ସେ ତାହାକୁହିଁ ଆପଣାର ଭଗବାନ ବୋଲି କହୁଥିଲେ, ସର୍ବୋଚ୍ଚ ଭଗବାନ ବୋଲି କହୁଥିଲେ,—ସେଇ ହେଉଛନ୍ତି ସକଳ ଜାତିର ପରମେଶ୍ୱର । ଏବଂ ତାଙ୍କୁ ସବୁକିଛି ଖୁବ ଭବ୍ୟ ଓ ଚମତ୍କାର ହୋଇ ଦେଖା ଯାଉଥିଲା । ଏହା ପ୍ରକୃତରେ ଏକ ସତ୍ତା ଥିଲା, ଏକ କ୍ଷୁଦ୍ରାକୃତି ସତ୍ତା ଥିଲା, ରଜତନିର୍ମିତ ବର୍ମ ପିନ୍ଧି ତାହା ତାଙ୍କ ଆଗରେ ଆସି ଆବିର୍ଭୂତ ହେଉଥିଲା, ମୁଣ୍ଡରେ ରୌପ୍ୟର ଶିରସ୍ତ୍ରାଣ ପିନ୍ଧିଥିଲା ଓ ସୁନାର ଡେଣା ବି ଲଗାଇଥିଲା । ଦେଖିବାକୁ ପ୍ରକୃତରେ କେଡ଼େ ଭବ୍ୟ ଓ ଚମତ୍କାର ଦେଖା ଯାଉଥିଲା ! ଏବଂ ଗୋଟାଏ ଆଲୁଅ ଏପରି ଝଲଝଲ ହେଉଥିଲା ଯେ ଆଖି ଦୁଇଟାକୁ ସତେଅବା ଜଳକା କରି ଦେଉଥିଲା, ସତେଅବା ଆଦୌ ଅନାଇ ହେଉ ନଥିଲା । ଏଇଟା ଅତ୍ୟନ୍ତ ସ୍ପଷ୍ଟ କଥା ଯେ

'oaob.nitrkl.ac.in' images reprocessed

ଏଗୁଡ଼ାକର ଆବିର୍ଭାବ କଦାପି ଭୌତିକ ସ୍ତରରେ ହେଉ ନଥିଲା—ହିଟଲର୍ ଏକ ମାଧ୍ୟମ ପରି କାର୍ଯ୍ୟ କରୁଥିଲେ, ସିଏ ଏସବୁକୁ ଦେଖୁଥିଲେ । ତାଙ୍କଠାରେ ଗୋଟାଏ ପ୍ରକାର ଅତୀନ୍ଦ୍ରିୟ-ଦୃଷ୍ଟିର ଶକ୍ତି ରହିଥିଲା । ଏବଂ ଏହିସବୁ ସମୟରେହିଁ ତାଙ୍କର ବାତ ମାରିବାର ଯାବତୀୟ କର୍ମମଣ୍ଡି ଆରମ୍ଭ ହୋଇ ଯାଉଥିଲା । ସିଏ ମାଟି ଉପରେ ଗଡ଼ିବାକୁ ଲାଗୁଥିଲେ, ତାଙ୍କ ପାଟିରୁ ଲାଳ ବୋହି ଯାଉଥିଲା ଓ ସିଏ ତଳେ ପଡ଼ିଥିବା ଗାଲିଚାକୁ ଦାନ୍ତରେ କାମୁଡ଼ିବାକୁ ଲାଗୁଥିଲେ; ସିଏ ଯେଉଁ ଅବସ୍ଥାରେ ଆସି ରହୁଥିଲେ, ତାହା ପ୍ରକୃତରେ ବଡ଼ ଭୟପ୍ରଦ ଥିଲା । ତାଙ୍କ ଘରପାଖରେ ଥିବା ଲୋକମାନେ ସେହି କଥା ଜାଣୁଥିଲେ । ହଁ, ସେହି ସତ୍ତାଟିକୁହିଁ ଆମେ "ସକଳ ଜାତିର ଈଶ୍ୱର" ବୋଲି ଜାଣିବା । ମାତ୍ର ଏହାକୁ ଏପରିକି ତା'ର ଉତ୍ସକ୍ଷେତ୍ରରେ ଜାତିସମୂହର ଈଶ୍ୱର ବୋଲି କୁହାଯିବ ନାହିଁ, ଜାତିସମୂହର ଈଶ୍ୱରଙ୍କଠାରୁ ପ୍ରକଟ ହୋଇଥିବା ଗୋଟାଏ ରୂପ ବୋଲି କୁହାଯିବ, ଏକ ଅତ୍ୟନ୍ତ ଶକ୍ତିଶାଳୀ ରୂପ ବୋଲି କୁହାଯିବ ।

ଯଦି ସେହି ରୂପଟି ଅନ୍ତର୍ହିତ ହୋଇଯିବାକୁ ମନକରିବ, ତେବେ ତାହା କ'ଣ ପରମେଶ୍ୱରଙ୍କ ଲାଗି ଏକ ଶକ୍ତିର ଅଭାବ ଘଟିବା ପରି ହେବ କି ?

କ'ଣ ହେଲା ? ତୁମେ କ'ଣ କହିଲ ? କେଉଁଠାକୁ ଅନ୍ତର୍ହିତ ହୋଇଯିବ ? ଅନ୍ତର୍ହିତ ହୋଇଯିବା କହିଲେ ତୁମେ କ'ଣ ବୁଝୁଛ ?—କୁଆଡ଼େ ଅନ୍ତର୍ହିତ ହୋଇଯିବ ? ତୁମେ ତ ରାମାୟଣର କଥାଟିକୁ ଜାଣିଥିବ ? ରାବଣ ପ୍ରକୃତରେ କଣ ମନ କରିଥିଲା କି ? ତୁମେ ଜାଣିଛ ? ହଁ, ଏହାକୁହିଁ ଆମେ ଅନ୍ତର୍ହିତ ହୋଇଯିବା ଲାଗି ମନ କରିବା ବୋଲି କହିବା : ଅର୍ଥାତ୍, ତା'ର ଆଉ ସ୍ୱତନ୍ତ୍ର ଭାବରେ କୌଣସି ବ୍ୟକ୍ତି-ଅସ୍ତିତ୍ୱ ରହିଲା ନାହିଁ ବୋଲି କହିବା ।

ମଲାପରେ ରାବଣର କ'ଣ ହେଲା, ଏବିଷୟରେ କିଛି କୁହାହୋଇ ନାହିଁ ।

କୁହାହୋଇ ନାହିଁ ? ମୋତେ କୁହା ହୋଇଛି । କୁହା ହୋଇଛି ଯେ ରାବଣ ସର୍ବୋଚ୍ଚ ପରମସତ୍ତାଙ୍କ ମଧ୍ୟରେହିଁ ଅନ୍ତର୍ହିତ ହୋଇଯିବାକୁ ମନ କଲା । ଏବଂ ସିଏ ତାଙ୍କରି ମଧ୍ୟରେହିଁ ସମ୍ପୂର୍ଣ୍ଣ ଭାବରେ ଲୀନ ହୋଇଗଲା, ଅର୍ଥାତ୍ ତା'ର ଆଉ

'oaob.nitrkl.ac.in' images reprocessed

କୌଣସି ସ୍ୱତନ୍ତ୍ର ବ୍ୟକ୍ତି-ଅସ୍ତିତ୍ୱ ରହିଲା ନାହିଁ, ସିଏ ଆଉ ଅଲଗା ଏକ ସତ୍ତା ହୋଇ ରହିଲା ନାହିଁ, ପରମ ଉତ୍ପତ୍ତିସ୍ଥଳ ମଧ୍ୟରେହିଁ ଲୀନ ହୋଇଗଲା । ପରମ ସର୍ବୋଚ୍ଚ ସତ୍ତାଙ୍କ ମଧ୍ୟକୁ ଫେରିଗଲା । ଏବଂ ଏପରି କରିବା ପୂର୍ବରୁ ମଧ୍ୟ ସିଏ ସେହି ଭୂମିକାଟିକୁ ଗ୍ରହଣ କରିବାକୁ ମନ କରିଥିଲା, ଏକ ପ୍ରତିକୂଳ ସତ୍ତା ହିସାବରେ ଆପଣାର ଭୂମିକାଟିକୁ ଗ୍ରହଣ କରିଥିଲା; କାରଣ, ଯେଉଁମାନେ ଭକ୍ତ ହୋଇ ରହନ୍ତି ଓ ଆଜ୍ଞାପାଳନ କରନ୍ତି, ସେମାନଙ୍କର ଯାତ୍ରା ତୁଳନାରେ ଏହି ଭୂମିକାର ଯାତ୍ରାଟି ଅନେକ ପରିମାଣରେ କମ୍ ହୋଇଯାଏ । ଏହି ବାଟଟିରେ ଅତ୍ୟନ୍ତ ସତ୍ୱର ଭାବରେ ଚାଲିଯାଇ ହୁଏ; କାରଣ ଏହା ପ୍ରକୃତରେ ଯଥେଷ୍ଟ ହୋଇଗଲାଣି ବୋଲି ପରମେଶ୍ୱର ନିଜେ ନିଷ୍ପତ୍ତି କରନ୍ତି ଓ ସେମାନଙ୍କର ବିନାଶହିଁ ଘଟାନ୍ତି । ସିଏ ତ ଆଉ ପରମେଶ୍ୱରଙ୍କ ବାହାରକୁ ଯାଇପାରିବ ନାହିଁ, କାରଣ ସବୁକିଛି ତ ତାଙ୍କରି ମଧ୍ୟରେ ଅନ୍ତର୍ଗତ ହୋଇ ରହିଛି । ତେଣୁ ଏକ ସ୍ୱତନ୍ତ୍ର ବ୍ୟକ୍ତି-ଅସ୍ତିତ୍ୱ ହିସାବରେ ତା'ର ବିଲୟ ଘଟିପାରେ, ଅର୍ଥାତ୍, ସିଏ ସେହି ପରମେଶ୍ୱରଙ୍କ ମଧ୍ୟରେହିଁ ଲୀନ ହୋଇ ଯାଇପାରେ ।

ପୁଣି, କିଛି କୁଆଡ଼େ ଅନ୍ତର୍ହିତ ହୋଇଯାଏ ବୋଲି ବି ଆଦୌ କୁହାଯାଇ ପାରିବ ନାହିଁ । କେବଳ ବାହ୍ୟ ରୂପଟି ଅନ୍ତର୍ହିତ ହୋଇଯାଏ, ମାତ୍ର ସେହି ରୂପଟିକୁ ଗଠନ କରିଥିବା ଉପାଦାନଗୁଡ଼ିକ ରହିଯାଏ । ସବୁକିଛି ତ ଶାଶ୍ୱତ, କାରଣ ସବୁକିଛି ସେହି ଦିବ୍ୟ ସତ୍ତାଟି ମଧ୍ୟରେହିଁ ଅବସ୍ଥାନ କରୁଛି ଏବଂ ତେଣୁ ତାଙ୍କ ଭିତରୁ ବାହାରି ଆଉ ଅନ୍ୟ କୁଆଡ଼େ ଚାଲିଯିବାର ପ୍ରଶ୍ନହିଁ ଉଠୁ ନାହିଁ । କାରଣ ଯାହାକିଛି ଅଛି, ତାଙ୍କରି ଭିତରେହିଁ ଅଛି । ମାତ୍ର ବାହାରର ରୂପଗୁଡ଼ାକ ଚାଲିଯାଉଛି । ଏହି ସେହି ରୂପଟି ସହିତ ଏହିପରି ଏକ ଏକାତ୍ମକତା ଘଟିଥିବାରୁହିଁ ଆମ ଭିତରେ ମୃତ୍ୟୁର ପ୍ରତୀତି ଜାତ ହେଉଛି । ମାତ୍ର, ସେହି ରୂପଟିକୁ ଗଠନ କରିଥିବା ଉପାଦାନଗୁଡ଼ିକ ହେଉଛି ଶାଶ୍ୱତ, କାରଣ ସବୁକିଛି ହେଉଛି ଶାଶ୍ୱତ । କେବଳ ବାହ୍ୟ ରୂପଟିହିଁ ଯାହା ଅନ୍ତର୍ହିତ ହୋଇ ଯାଉଥାଏ ।

ତେଣୁ, ସେହି ସତ୍ତାଗୁଡ଼ିକ ମଧ୍ୟରୁ କେତେକ ସମ୍ପୂର୍ଣ୍ଣ ଭାବରେ ଲୀନ ହୋଇଯିବାକୁ ଏବଂ ସେହିପରି ସମ୍ପୂର୍ଣ୍ଣ ଭାବରେ ଅନନ୍ତ ଅଖଣ୍ଡତା ମଧ୍ୟକୁହିଁ ଅନ୍ତର୍ହିତ ହେବା ଲାଗି ମନ କରିଥାନ୍ତି (ଅର୍ଥାତ୍, ସେମାନେ ଆପଣାର ବ୍ୟକ୍ତିଗତ ଚେତନାଟିକୁ ହରାଇ ପକାନ୍ତି ଏବଂ ଏକ ବ୍ୟକ୍ତିଗତ ଚେତନାରୂପେ ସେମାନଙ୍କର ଆଉ କୌଣସି ଅବସ୍ଥିତି ରହେ ନାହିଁ ।); ସେମାନେ ସେହିପରି ଏକ ଗତି ଲାଗିହିଁ ଇଚ୍ଛା କରିଥାନ୍ତି, ଆପଣାକୁ ପରମେଶ୍ୱରଙ୍କ ପାଖରେ ସମର୍ପିତ କରିଦେଇ ତାହାରି ଫଳରେହିଁ ସଚେତନ ତଥା ବ୍ୟକ୍ତିଗତ ଭାବରେ ଅମର ହୋଇ ରହି ପାରିବାର ସାମର୍ଥ୍ୟ ଆଣି ଦେଉଥିବା ଏକ ବ୍ୟକ୍ତି-ଚେତନାକୁ ଧାରଣ କରି ରହିବା ଅପେକ୍ଷା ସେମାନେ ସେହି

'oaob.nitrkl.ac.in' images reprocessed

ଅନ୍ୟଟିକୁ ମନ କରନ୍ତି । ଆପଣାକୁ ଦୀକ୍ଷିତ କରିବା ଅପେକ୍ଷା, ଅର୍ଥାତ୍ ଆପଣାକୁ ଦେଇଦେବା ଅପେକ୍ଷା ସେମାନେ ବିଲୀନ ହୋଇଯିବାକୁ ଏବଂ ଆପଣାର ବ୍ୟକ୍ତି-ଅସ୍ତିତ୍ୱକୁ ଲୋପ କରିଦେବାକୁ ଅଧିକ ପସନ୍ଦ କରିଥାନ୍ତି ।

କାହିଁକି ?

ମୁଁ ଭାବୁଛି, ଏକ ଆତ୍ମଗର୍ବ ଦ୍ୱାରା ପ୍ରେରିତ ହୋଇ ସେମାନେ ତାହା କରନ୍ତି । ହଁ, ସର୍ବଦା ସେହି ଆତ୍ମଗର୍ବଟି ସକାଶେ । ମର୍ମତଃ, ଆଦ୍ୟରୁହିଁ ତାହା କେବଳ ଆତ୍ମଗର୍ବହିଁ ହୋଇ ରହିଥାଏ,—ମାତ୍ର ପ୍ରାୟ ସବୁଯାକ ଧର୍ମରେ ସେହି କଥା କୁହାଯାଇଛି । ଏଇଟା ହେଉଛି ଆତ୍ମଗର୍ବ, ଅର୍ଥାତ୍, ନିଜର ଶକ୍ତି ଏବଂ ମହତ୍ତ୍ୱ ବିଷୟରେ ଗୋଟାଏ ପ୍ରକାରର ସଚେତନତା ।

> ପ୍ରକଟ ହୋଇଥିବା ଏହି ଗୃହେଶ୍ୱଟି ରୂପ ସର୍ବୋଚ୍ଚ ପରମ ସତ୍ତାଙ୍କରହିଁ ଗୋଟିଏ ଗୋଟିଏ ଅଂଶ ଥିଲେ ବୋଲି ଆପଣ କହିଛନ୍ତି । ତେଣୁ, ସେହି ପରମେଶ୍ୱରଙ୍କ ଚେତନା ବ୍ୟତୀତ ସେମାନଙ୍କର ଆଉ ଅନ୍ୟଗୋଟିଏ ଚେତନା କିପରି ସମ୍ଭବ ହେବ ?

ଅନ୍ୟ ଗୋଟିଏ ଚେତନା ? ମାତ୍ର ଅନ୍ୟ ଗୋଟିଏ ଚେତନାହିଁ କୁଆଡୁ ଆସିବ ? ପ୍ରକଟ ହେବାର ନିଯ୍ମଟି ଦ୍ୱାରାହିଁ ତାଙ୍କର ଗୋଟିଏ ଅଂଶ ମୂର୍ତ୍ତିରୂପ ଧାରଣ କରେ, ଯାହାମଧ୍ୟରେ କି ଆପଣାକୁ ପ୍ରକଟ କରି ଦେଇଥିବା ସତ୍ତାଙ୍କର ଗୁଣଗୁଡ଼ିକ ପ୍ରଚ୍ଛନ୍ନ ହୋଇ ରହିଥାଏ, ମାତ୍ର, ନିର୍ବାଚନର ଏକ ସ୍ୱାଧୀନତା ଦେବା ଲାଗି ଏକ ଇଚ୍ଛା ଦ୍ୱାରାହିଁ ଏହି ପ୍ରକଟଣ ନିର୍ମିତ ହୋଇଥାଏ, (ସେଗୁଡ଼ିକ ସେହିପରିହିଁ ନିର୍ମିତ ହୋଇଥିଲା), ତେବେ, ମୁଁ ଯେପରି କହିଲି, ପ୍ରକଟିତ ହୋଇଥିବା ସେହି ରୂପଗୁଡ଼ିକ ଇଚ୍ଛା କଲେ ସେହି ସ୍ୱାଧୀନତା ଓ ସ୍ୱାଧୀନ ଇଚ୍ଛାର ଅନୁଧାବନ କରି ପାରିବେ ଅଥବା ଆପଣାକୁ ପ୍ରକଟ କରିଥିବା ସତ୍ତାଟି ସହିତ ସମ୍ବନ୍ଧସୂତ୍ରଟିକୁ ବି ବଜାୟ ରଖି ପାରିବେ । କାରଣ, ଏହି କ୍ଷେତ୍ରରେ ନିର୍ବାଚନର ଏକ ସ୍ୱାଧୀନତା ରହିଥିବ । ସେମାନେ ନିଜ ଭିତରେ ଯେଉଁ ବଳ ଓ ଶକ୍ତିକୁ ଧାରଣ କରି ରଖିଥିବେ, ତାହାହିଁ ସେମାନଙ୍କୁ ସେମାନଙ୍କର ନିଜ ମହତ୍ତ୍ୱ ଏବଂ ଶକ୍ତିଶାଳିତା ବିଷୟରେ ଏକ ପ୍ରତୀତି ଆଣି ଦେବାକୁହିଁ ବେଶ୍ ଯଥେଷ୍ଟ ହେବ । ଯଦି ସେମାନେ ଇଚ୍ଛାକୃତ

'oaob.nitrkl.ac.in' images reprocessed

ଭାବରେ ଏକ ସମ୍ବନ୍ଧସ୍ଥାପନ କରି ନରହିବାକୁ ଇଚ୍ଛା କରିବେ, ଯଦି ପରମ ସତ୍ତାଙ୍କ ସହିତ ସମର୍ପିତ ହୋଇ ରହିବାର ଏକ ସମ୍ବନ୍ଧରେ ରହିବା ଲାଗି ଇଚ୍ଛା ନକରିବେ, ସେମାନଙ୍କ ମଧ୍ୟରେ ଯେତିକି ପରିମାଣରେ ଶକ୍ତି, ଚେତନା ଓ ବଳ ରହିଛି, ଯଦି ସେମାନେ ସମ୍ପୂର୍ଣ୍ଣ ସ୍ୱାଧୀନ ଓ ଅସଂଲଗ୍ନ ରହି ତାହାର ବିନିଯୋଗ କରିବାକୁ ମନ କରିବେ, ଆପଣାର ସେହି କାର୍ଯ୍ୟଟି ଦ୍ୱାରାହିଁ ସେମାନେ ଆପଣାର ମୂଳଟିଠାରୁ ଆପଣାର ଖିଅଟିକୁ କାଟିଦେବେ; ମାତ୍ର ସେମାନେ ସେପରି କଲେ ମଧ୍ୟ ସେମାନଙ୍କର ସତ୍ତାଟିକୁ ଗଠନ କରିଥିବା ଉପାଦାନଗୁଡ଼ିକ ସେହି ସର୍ବୋଚ୍ଚ ପରମସତ୍ତାରହିଁ ଅଂଶ ହୋଇ ରହିଥିବ । ଏବଂ ଏଇଥି ସକାଶେହିଁ, ଆପଣାକୁ ସେମାନେ ଏପରି ସ୍ୱେଚ୍ଛାକୃତ ଭାବରେ କାଟି ଆଣିଥିଲେ ମଧ୍ୟ, ଚେତନାର ଗଭୀର ସ୍ତରରେ ଏପରି ଏକ ସୂତ୍ର ରହିଥିବ, ଯାହାକୁ କି କଦାପି ବିଲୁପ୍ତ କରି ହେବ ନାହିଁ । ଏହି ସୂତ୍ରଟି ହେଉଛି ଏକାତ୍ମକତାର ସୂତ୍ର । ମାତ୍ର ବାହ୍ୟରୂପେ ପ୍ରକଟ ହେବାର ପ୍ରକ୍ରିୟାଟିରେ ସେମାନେ ନିର୍ବାଚନ-ସ୍ୱାଧୀନତାର ଏହି ଅସଲ ଗୁଣଟିକୁ ସାଙ୍ଗରେ ଧରି ପ୍ରକଟ ହୋଇ ଆସିଥିବାରୁ, ଏଇଟା ଅଥବା ସେଇଟା କରିବା ଲାଗି ସେମାନଙ୍କର ଅବଶ୍ୟ ସ୍ୱାଧୀନତା ରହିଥିବ । ଅର୍ଥାତ୍, ସବୁଠାରୁ ଅଧିକ ଖରାପ ଜଣେ ଅପରାଧୀ ଭିତରେ ମଧ୍ୟ ଭିତରେ କେଉଁ ଅତଗଭୀର ତଳରେ ଦିବ୍ୟ ଆଲୋକଟି ଅବଶ୍ୟ ଅବସ୍ଥାନ କରୁଥିବ । ମୋର ବିଶ୍ୱାସ, ତୁମେମାନେ ବିବେକାନନ୍ଦଙ୍କ ଦ୍ୱାରା ଲିଖିତ ସେହି ଅଂଶଟିକୁ ନିଶ୍ଚୟ ପଢ଼ିଛ (ଠିକ୍ ଠିକ୍ ଶବ୍ଦଗୁଡ଼ିକ ମୋର ମନେ ନାହିଁ), ଯେଉଁଠାରେ ସେ କହିଛନ୍ତି ଯେ, "ଉଠ, ଉଠ, ତୁମେ ହେଉଛ ଆଲୋକର ସତ୍ତା, ତୁମେ ଆପଣାର ଆଲୋକର ବିକିରଣ କର ।" ବୋଲି ଆମକୁ ଜଣେ ଅପରାଧୀ ପାଖରେ ଯାଇ କହିବାକୁ ହେବ ।

ଅଳ୍ପ ସମୟ ପୂର୍ବରୁ ମୁଁ ତୁମମାନଙ୍କୁ କହୁଥିଲି ଯେ ପିଲାମାନଙ୍କୁ ଯେପରି ଗପ କୁହାଯାଏ, ମୁଁ ମଧ୍ୟ ତୁମମାନଙ୍କୁ ଏହି କଥାଟିକୁ କହିବି, ଏବଂ ଠିକ୍ ସେହି କାରଣରୁହିଁ ସତେଅବା ଏହି ଜଡ଼ଜଗତରେ ଘଟୁଥିବା ଗୋଟିଏ କାହାଣୀ ପରି ମୁଁ ତୁମମାନଙ୍କୁ ଏହି କଥାଟିକୁ କହିଲି । ଏବଂ ଏହିପରି ଭାବରେ କହିଲାବେଳେ ଏହା ସତେଅବା ଗୋଟିଏ ପିଲାଙ୍କ ଗପ ବୋଲି ଶୁଭୁଛି । ମାତ୍ର ଏହିସବୁ କଥାକୁ ସେଗୁଡ଼ିକର ଆପଣା କ୍ଷେତ୍ରରେ ମଧ୍ୟ ବିସ୍ତାର କରି ଦେଖିବାକୁ ହେବ । ଏଗୁଡ଼ିକର କ୍ଷେତ୍ର ହେଉଛି ଏକ ଆଧ୍ୟାତ୍ମିକ କ୍ଷେତ୍ର, ଏକ ଭୌତିକ କ୍ଷେତ୍ର ନୁହେଁ । ଏହି ଜଡ଼ଜଗତରେ ଘଟଣାଗୁଡ଼ିକ ଯେପରି ଘଟନ୍ତି, ଏସବୁ ଘଟଣା ଆଦୌ ସେପରି ଭାବରେ ଘଟେ ନାହିଁ ।

କିନ୍ତୁ ତଥାପି, ହଁ ! ଏଠି ଯାହାସବୁ ଘଟୁଛି, ପ୍ରତୀକାତ୍ମକ ଭାବରେ ଦେଖିଲେ ଏଗୁଡ଼ିକ ମଧ୍ୟ ସେହି ଗୋଟିଏ କଥା । କାରଣ ଏହି ଭାବରେ ଦେଖିଲେ ଜନ୍ମ

'oaob.nitrkl.ac.in' images reprocessed

ହେଉଥିବା ଯେକୌଣସି ପିଲାକୁ ମଧ୍ୟ ତା'ର ମାଆରହିଁ ଏକ କ୍ଷୁଦ୍ର ଅଂଶଟି ବ୍ୟତୀତ ଆଉ କିଛିହେଲେ କୁହାଯାଇ ପାରିବ ନାହିଁ; ସମ୍ପୂର୍ଣ୍ଣ ଭୌତିକ ଅର୍ଥରେ ମଧ୍ୟ ଆମେ ଏହି କଥାଟିକୁ ନିଶ୍ଚିନ୍ତ କହିପାରିବା । ଜନ୍ମ ହେବାର ପ୍ରଥମ କେତେ ଘଣ୍ଟା ସମୟରେ, ପ୍ରାୟ ଦୁଇଦିନ ପର୍ଯ୍ୟନ୍ତ ଏହି ଅଭିନ୍ନତା ସମ୍ପୂର୍ଣ୍ଣ ଭାବରେ ରହିଥାଏ, ଏବଂ ଦୁଇମାସ ପର୍ଯ୍ୟନ୍ତ ପୂର୍ବାପେକ୍ଷା ଟିକିଏ କମ୍ ପରିମାଣରେ ହେଲେ ମଧ୍ୟ ତଥାପି ଅତ୍ୟନ୍ତ ଦୃଶ୍ୟମାନ ଭାବରେ ରହିଥାଏ । ଉପାଦାନଗତ ଏହି ସମ୍ବନ୍ଧଟି ଏତେ ବେଶୀ ହୋଇ ରହିଥାଏ ଯେ ଶିଶୁ ବସ୍ତୁତଃ ଆପଣାକୁ ମାଆର ଏକ ପ୍ରଲମ୍ବିତ ମୂର୍ତ୍ତିରୂପ ପରିହିଁ ଅନୁଭବ କରୁଥାଏ । ପ୍ରକଟୀକରଣର ଉପାଦାନଟି ହେଉଛି ଠିକ୍ ସେହିପରି । ମାତ୍ର ତା' ବୋଲି ଯେ ପିଲାମାନେ ବଡ଼ ହୋଇଯିବା ପରେ ବାପାମାଆଙ୍କଠାରୁ ସ୍ୱତନ୍ତ୍ର ହୋଇ ରହି ପାରନ୍ତି ନାହିଁ, ସେକଥା ଆଦୌ ନୁହେଁ; ଅନେକ ସମୟରେ ସେମାନେ ସମ୍ପୂର୍ଣ୍ଣ ଅଲଗା ପ୍ରକାରର ହୋଇ ଯାଆନ୍ତି । ମାତ୍ର ଉତ୍ସ ଓ ମୂଳଟିର କ୍ଷେତ୍ରରେ ସେମାନେ ସେହି ଗୋଟିଏ ଉପାଦାନ ହୋଇ ରହିଥାନ୍ତି । ଏକାନ୍ତ ଭାବରେ ସେହି ଗୋଟିଏ ବସ୍ତୁ ହୋଇ ରହିଥାନ୍ତି, କେବଳ ବାହାରକୁ ଯାହା ଏକ ଅଲଗା ସତ୍ତା ହୋଇ ଅବସ୍ଥାନ କରୁଥାନ୍ତି ।

ସର୍ବୋଚ୍ଚ ସତ୍ତା ଆପଣାକୁ ପ୍ରକଟ କରିବାର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା ଘଟେ; ମାତ୍ର ଜଡ଼ର ଭୂମି ଉପରେ ନଘଟି ତାହା ଉଚ୍ଚତମ ଆଧ୍ୟାତ୍ମିକ କ୍ଷେତ୍ରରେ ଘଟିଥାଏ । ଏବଂ ଏଠାରେ ଯାହାକିଛି ଘଟେ, ତାହା, ସେହି ଊର୍ଦ୍ଧ୍ୱରେ ଯାହାକିଛି ଘଟୁଛି, ତାହାରି ଏକ ପ୍ରତୀକ ହୋଇ ରହିଥାଏ ।

ଅନେକ ସମୟରେ କୌଣସି ଘଟଣାରେ ତୁମେ ଏପରି କେବେ କହିଛ କି : "ଏପରି କିଭଳି ହେଲା ଯେ ଏହି ପିଲାଟିର ବାପାମାଆ ଏତେ ଭଲ, ଏତେ ସଚ୍ଚୋଟ, ଏତେ ଉଦାର ଓ ଏତେ ସତ୍ୟନିଷ୍ଠ; ଅଥଚ ସେହି ପିଲାଟି ଏପରି ବଦମାସ୍ ?" ଏଥିରେ ତୁମେ ବେଶ୍ ଆଶ୍ଚର୍ଯ୍ୟ ହୋଇପାର, ମାତ୍ର ଏହା ଘଟିବା ଆଦୌ ଅସମ୍ଭବ ବୋଲି ବୋଧ ହେଉ ନାହିଁ । ତେଣୁ, ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି କଥା । ସାରତଃ, ସବୁକିଛି ସତ୍ତାର ଅନ୍ତର୍ଗତ ଗଠନଟି ଉପରେହିଁ ନିର୍ଭର କରୁଥାଏ । ଏପରି ଦୁଇଟି ସତ୍ତା ମଧ୍ୟ ନାହାନ୍ତି, ଯେଉଁମାନଙ୍କୁ କି ଆମେ ଅବିକଳ ଗୋଟିଏ ଭଳି ବୋଲି କହିପାରିବା; ଏପରି ଦୁଇଟି ସତ୍ତା ନାହାନ୍ତି, ଯେଉଁମାନେ କି ଅବିକଳ ଗୋଟିଏ ପ୍ରକାରରେ ଗଢ଼ା ହୋଇଛନ୍ତି । ଏବଂ ସବୁକିଛି ଅନ୍ତର୍ଗତ ସଂଗଠନଟି ଉପରେ ନିର୍ଭର କରୁଛି, ସତ୍ତାର ସମଗ୍ର ସଂଗଠନଟି ଉପରେ ନିର୍ଭର କରୁଛି, ଯେଉଁ ଧାରା ଓ କ୍ରମରେ ସତ୍ତାର ଉପାଦାନଗୁଡ଼ିକ ସଂଗଠିତ ହୋଇ ରହିଛି ଏବଂ ସେଗୁଡ଼ିକର ମଧ୍ୟ ଯେଉଁଭଳି ଅନ୍ତର୍ଗତ ସମ୍ବନ୍ଧମାନ ରହିଛି, ତାହାରି ଉପରେ ନିର୍ଭର କରୁଛି । ଏପରିକି, ଶରୀରର କୋଷଗୁଡ଼ିକ ଏକାଭଳି ସଂଗଠିତ ହୋଇ ନଥିବାରୁ ବାହ୍ୟ



'oaob.nitrkl.ac.in' images reprocessed

ଆକାରଟିରେ ଯେପରି ପାର୍ଥକ୍ୟ ରହିଯାଉଛି, ଠିକ୍ ସେହିପରି। ମାତ୍ର ଏହି ବ୍ୟାପାରଟିକୁ ତୁମେ ସବୁବେଳେ ଦେଖୁଛ, ଏହାରି ମଧ୍ୟରେ ତୁମେ ଜନ୍ମଗ୍ରହଣ କରିଛ, ସବୁଦିନେ ଦେଖୁଛ; ସେଥିଲାଗି ଏହା ତୁମକୁ ଅତ୍ୟନ୍ତ ସ୍ୱାଭାବିକ ବୋଲି ବୋଧ ହେଉଛି। ମାତ୍ର ଏହା ହେଉଛି ସେହି ଗୋଟିଏ କଥା। ଏକଥାଟି ତୁମକୁ ଅତ୍ୟନ୍ତ ସ୍ୱାଭାବିକ ବୋଲି ଲାଗୁଛି ଯେ ପିଲା ତା'ର ବାପାମାଆଙ୍କଠାରୁ ଅଲଗା ଧରଣର ହୋଇଯାଉଛି, ମାତ୍ର ତଥାପି ତାହା ହେଉଛି ସେମାନଙ୍କଠାରୁ ପ୍ରକୃତରେ ଅଭିନ୍ନ। ସେହିପରି, ସର୍ବୋଚ୍ଚ ପରମସତ୍ତାଙ୍କଠାରୁ ବାହାରି ଆସିବା ସମୟରେ ପ୍ରତ୍ୟେକ ସତ୍ତାଂଶ ପ୍ରଥମେ ଅବଶ୍ୟ ସମଗ୍ରଟିଠାରୁ ପୃଥକ୍ ହୋଇ ରହିଥାଏ ଏବଂ ତେଣେ ହୁଏତ ତାହା ପ୍ରଚ୍ଛନ୍ନ ଭାବରେ ସମଗ୍ରଟିକୁ ବହନ ବି କରୁଥାଏ। ମାତ୍ର ସମଗ୍ରଟି ତଥାପି ଅଭିବ୍ୟକ୍ତ ହୋଇ ନଥାଏ। ଏବଂ ସମଗ୍ରଟି ଅଭିବ୍ୟକ୍ତ ହୋଇ ନଥିବାରୁ ଏହି ପ୍ରକଟରୂପଟି ଅଗତ୍ୟା ସମଗ୍ରଟିଠାରୁ ପୃଥକ୍ ହୋଇ ରହିଥାଏ, କାରଣ ତାହାର ଅନ୍ତର୍ଗତ ସଂଗଠନ ମଧ୍ୟ ଅଲଗା ପ୍ରକାରର ହୋଇଥାଏ। ଏବିଷୟରେ ମୁଁ ଏତିକି କହିଲି।

ପ୍ରାୟ ଦର୍ଶନର କ୍ଷେତ୍ରକୁ ଯାଇ ଛୁଇଁ ଆସିଲାପରି ହୋଇଗଲା।

ଆଜି ଏତିକି ଥାଉ।

## ୯ ଡିସେମ୍ବର, ୧୯୫୩

"ଆମେ ଯେଉଁସବୁ ବସ୍ତୁଗୁଡ଼ିକ ବିଷୟରେ ଚିନ୍ତା କରୁଥାଉ, ସେହିସବୁ ବସ୍ତୁ ଦ୍ୱାରାହିଁ ସର୍ବଦା ପରିବେଷ୍ଟିତ ହୋଇ ରହିଥାଉ।"

ମାଆଙ୍କ ବାଣୀ, ୧୯୪୯ ସଂସ୍କରଣ, ପୃଷ୍ଠା-୨୨୧

ଏହା ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କଥା।

ଯଦି ତୁମେ କୁତ୍ସିତ ଓ ଅସୁନ୍ଦର ବସ୍ତୁଗୁଡ଼ିକ ବିଷୟରେ ଚିନ୍ତା କରୁଥିବ; ତେବେ ଠିକ୍ ସେହିଗୁଡ଼ିକ ଦ୍ୱାରାହିଁ ପରିବେଷ୍ଟିତ ହୋଇ ରହିଥିବ।

"ଆମର ଅହଂତା ଭିତରୁ ମୁକ୍ତ ହୋଇ ପାରିବା ଆଦୌ ସହଜ କଥା ନୁହେଁ।

'oaob.nitrkl.ac.in' images reprocessed

"ଭୌତିକ ଚେତନାର ସ୍ତରରେ ଅହଂମୁକ୍ତ ହୋଇ ଆସିବା ପରେ ମଧ୍ୟ ଆମେ ଆହୁରି ବୃହଦାକୃତି ଭାବରେ ଆଧ୍ୟାତ୍ମିକ ଚେତନାର ସ୍ତରରେ ତାହାର ପୁନର୍ବାର ସମ୍ମୁଖୀନ ହୋଇଥାଉ ।"

ତତ୍ରୈବ, ପୃଷ୍ଠା-୨୨୦

**ଆଧ୍ୟାତ୍ମିକ ଚେତନାର ସ୍ତରରେ ମଧ୍ୟ ଆପଣାର ଅହଂ ସହିତ ଭେଟ ହୁଏ କିପରି ?**

ଭୌତିକ, ପ୍ରାଣିକ ଏବଂ ମାନସ ସ୍ତରରେ ଯେପରି ଗୋଟିଏ ଗୋଟିଏ ଅହଂ ରହିଛି, ଆଧ୍ୟାତ୍ମିକ ସ୍ତରରେ ମଧ୍ୟ ସେହିପରି ଅହଂ ରହିଛି । ଏକ ଆଧ୍ୟାତ୍ମିକ ଅହଂ ଅବଶ୍ୟ ରହିଛି । ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଆପଣାର ଯାବତୀୟ ଅହଂବାଦ ଓ ଯାବତୀୟ ସୀମାବଦ୍ଧତାକୁ ଡେଇଁଯିବେ ବୋଲି ଅନେକ ଚେଷ୍ଟା କରିଛନ୍ତି ଓ ଏକ ଆଧ୍ୟାତ୍ମିକ ଚେତନା ହାସଲ କରି ପାରିଛନ୍ତି । ଏବଂ ସେହି କ୍ଷେତ୍ରରେ ସେମାନଙ୍କ ଭିତରେ ଯାବତୀୟ ପ୍ରକାରର ମିଥ୍ୟାଭିମାନ ଓ ଗର୍ବଗୁଡ଼ାକ ଭର୍ତ୍ତି ହୋଇ ରହିଛି, ଆପଣାକୁ ଭାରି ମହତ୍ତ୍ୱପୂର୍ଣ୍ଣ ବୋଲି ଭାବିବାର ଏକ ଦମ୍ଭ ଭର୍ତ୍ତି ହୋଇ ରହିଛି, ଏବଂ ଯେଉଁମାନେ ସେମାନଙ୍କର ସ୍ଥିତିଟିରେ ଆସି ପହଞ୍ଚି ପାରି ନାହାନ୍ତି, ସେମାନଙ୍କ ପ୍ରତି ଏକ ଅବଜ୍ଞାଭାବ ମଧ୍ୟ ଭର୍ତ୍ତି ହୋଇ ରହିଛି । ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଅହଂର ସ୍ତରରେ ଆମେ ଯାହାକିଛିକୁ ହାସ୍ୟାସ୍ପଦ ଓ ମନ୍ଦ ବୋଲି କହୁଥିବା, ସେମାନେ ଏଠାକୁ ଆସି ମଧ୍ୟ ଠିକ୍ ସେହିସବୁର ସାକ୍ଷାତ୍ ଲାଭ କରିଛନ୍ତି । ଏପରି ମଣିଷ ଅନେକ ଅଛନ୍ତି, ଅନେକ ସଂଖ୍ୟାରେ ଅଛନ୍ତି । ଭୌତିକ ବା ପ୍ରାଣିକ ଚେତନାର ସ୍ତରରେ ଯାହା ଥିଲା, ସେମାନେ ତାହାକୁ ଅତିକ୍ରମ କରି ଆସିଛନ୍ତି ସତ, ମାତ୍ର ଆପଣା ଉପରେ ଏହି କର୍ତ୍ତୃତ୍ୱ ଏବଂ ପ୍ରାପ୍ତ ବଳସ୍ଫୂର୍ତ୍ତିକୁ ହାସଲ କରିବାରେ ସେମାନେ ଯେଉଁ ଚେଷ୍ଟାଟି କରିଛନ୍ତି, ତାହା ସେମାନଙ୍କ ମଧ୍ୟରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣତାର ଏକ ବୋଧକୁ ଆଣି ଜନ୍ମ ଦେଇଛି । ସେମାନେ ତାହାର ଦ୍ୱାରାହିଁ ସ୍ଫୀତ ହୋଇ ରହିଛନ୍ତି ଏବଂ ଆପଣାର କର୍ତ୍ତୃତ୍ୱ ଜାରି କରିବାରେ ଲାଗିଛନ୍ତି ।

ଏହି ଘଟଣାଟି ଏତେ ଅଧିକ କ୍ଷେତ୍ରରେ ଘଟିଥାଏ ଯେ ଏଇଟି ଉପରେ ହୁଏତ କାହାରି ଆଖି ମଧ୍ୟ ପଡ଼େ ନାହିଁ ।

**ମୁଁ ଆପଣଙ୍କର ଏହି କଥାଟିକୁ ବୁଝିପାରି ନାହିଁ : "ଆମେ ଯାହାକୁ ପ୍ରକୃତିର ତଥାକଥିତ ଶକ୍ତି ବୋଲି କହୁଥାଉ,**

'oaob.nitrkl.ac.in' images reprocessed

> ସେଗୁଡ଼ିକ ପ୍ରକୃତରେ କେତେକ ସତ୍ତାର ବାହ୍ୟ ନାନା କାର୍ଯ୍ୟ-କଳାପ ବ୍ୟତୀତ ଅନ୍ୟ କିଛି ନୁହେଁ; ସେମାନଙ୍କର ଆକାର ଓ ସେମାନଙ୍କ ପାଖରେ ରହିଥିବା ନାନା ଶକ୍ତି ହେତୁହିଁ ସେମାନଙ୍କର ଏହି କାର୍ଯ୍ୟକଳାପଗୁଡ଼ିକ ମନୁଷ୍ୟର ତୁଳନାରେ ଏତେବେଶୀ ଅନୁପାତ-ବାହାର ହୋଇ ରହିଥାଏ ।”

ମାଆଙ୍କ ବାଣୀ, ୧୯୪୯ ସଂସ୍କରଣ, ପୃଷ୍ଠା-୨୨୦

ବୁଝି ପାରି ନାହିଁ ? ···ଉଦାହରଣସ୍ୱରୂପ, ବହୁଯାଉଥିବା ଏହି ପବନର କଥା ବିଚାର କରାଯାଉ । ଏବିଷୟରେ ବୈଜ୍ଞାନିକମାନେ ତୁମକୁ କହିବେ : “ଏଗୁଡ଼ିକ ହେଉଛି ପ୍ରକୃତିରେ ରହିଥିବା ନାନା ଶକ୍ତିଗୁଡ଼ିକର ଅଭିବ୍ୟକ୍ତି, ଏବଂ ଏପରି ଏପରି ବ୍ୟାପାର ଘଟିଥିବାରୁ ପବନ ବହୁଛି ।” ସେମାନେ ତୁମକୁ ଉତ୍ତାପ ଓ ଉତ୍ତାପହୀନତା ବିଷୟରେ କହିବେ, ଉଚ୍ଚ ଓ ନୀଚ ଇତ୍ୟାଦି ବିଷୟରେ କହିବେ; ଏବଂ ତୁମକୁ କହିବେ : “ଏହି କାରଣରୁହିଁ ପବନ ବହୁଛି, ବାୟୁମଣ୍ଡଳରେ ପବନର ସ୍ରୋତମାନ ଉତ୍ପନ୍ନ ହେଉଛି ।” ମାତ୍ର ଏଇଟା ପ୍ରକୃତ କଥା ନୁହେଁ । ପଶ୍ଚାତ୍ ଦେଶରେ ଅସ୍ତିତ୍ୱମାନ ରହିଛନ୍ତି, କେବଳ ସେମାନେ ଏଡ଼େ ବିଶାଳକାୟ ହୋଇ ରହିଛନ୍ତି ଯେ ସେମାନଙ୍କର ରୂପ ଆମ ପାଖରେ ଆସି ଧରା ଦେଇ ପାରୁ ନାହିଁ । ମନୁଷ୍ୟର ଆକୃତିକୁ ବର୍ଣ୍ଣନା କରିବା ଲାଗି ଯଦି ଗୋଟାଏ ପିମ୍ପୁଡ଼ିକୁ କୁହାଯାଏ, ତେବେ ଏହା ଠିକ୍ ତାହାରି ପରି ହେବ । ପିମ୍ପୁଡ଼ି ତାହା ବର୍ଣ୍ଣନା କରି ପାରିବ କି ? ପିମ୍ପୁଡ଼ି ଖୁବ୍ ବେଶୀ ହେଲେ ମଣିଷର କାଣି ଆଙ୍ଗୁଠିର ଅଗଟିକୁହିଁ ଦେଖିପାରିବ ବା ମଣିଷର ପାଦ ଉପରେ ହୁଏତ ଚାଲିବାକୁ ଆରମ୍ଭ କରିବ,—ସେଇଟା ମଧ୍ୟ ତା’ ପାଇଁ ପ୍ରକୃତରେ କେଡ଼େ ବଡ଼ ଯାତ୍ରା ହେବ ! ଏବଂ ମନୁଷ୍ୟର ଆକୃତି ଯେ ପ୍ରକୃତରେ କିପରି, ପିମ୍ପୁଡ଼ି ସେକଥା ମୋଟେ ଜାଣି ପାରିବ ନାହିଁ । ଏହି କ୍ଷେତ୍ରରେ ମଧ୍ୟ ପ୍ରାୟ ସେହି ଏକା କଥା । ଯେଉଁସବୁ ଶକ୍ତି ପୃଥିବୀକୁ ପବନ ଆଣୁଛନ୍ତି, ବର୍ଷା ଆଣୁଛନ୍ତି ଓ ଭୂମିକମ୍ପ ଆଣୁଛନ୍ତି, ସେଗୁଡ଼ିକୁ ଆମେ କେତେକ ନିର୍ଦ୍ଦିଷ୍ଟ ସତ୍ତାଙ୍କର ମୂର୍ତ୍ତି ରୂପ ବୋଲିହିଁ ଜାଣିବା, ତୁମେ ଇଚ୍ଛାକଲେ ସେଗୁଡ଼ିକୁ ଗୋଟିଏ ଗୋଟିଏ ଇଙ୍ଗିତ ବୋଲି ବି କହି ପାରିବ । ଏହି ରୂପଗୁଡ଼ିକ ଏତେବେଶୀ ପ୍ରକାଣ୍ଡକାୟ ହୋଇ ରହିଛନ୍ତି ଯେ ଆମେ ସେମାନଙ୍କର ପାଦର ଅଗଟାକୁ ମଧ୍ୟ କ୍ୱଚିତ୍ ଦେଖି ପାରୁଛୁ ଏବଂ ସେମାନଙ୍କର ଆକାର ଯେ ପ୍ରକୃତରେ କେଡ଼େ ବଡ଼ ହୋଇଥିବ, ଆମେ ସେକଥା ଆଦୌ ଉପଲବ୍ଧି କରି ପାରୁ ନାହୁଁ ।

'oaob.nitrkl.ac.in' images reprocessed

**ଆଧ୍ୟାତ୍ମିକ ଅହଂ ସାଧାରଣ ଅହଂଟାଠାରୁ ତଥାପି ଅନେକ ଭଲ, ନୁହେଁ କି ?**

ସାଧାରଣ ଅହଂଟି ଅପେକ୍ଷା ତାହା ଅନେକ ଅଧିକ ବିପଜ୍ଜନକ ! କାରଣ ତାହା ଯେ ଗୋଟାଏ ଅହଂ, ଆମର ସେବିଷୟରେ ଖିଆଲହିଁ ରହେ ନାହିଁ । ଜୀବନର ବାହ୍ୟକ୍ଷେତ୍ରମାନଙ୍କରେ ଆମେ ଯେତେବେଳେ ଅହଂ ଦ୍ୱାରା ଚାଳିତ ହେଉଥାଉ ସେତେବେଳେ ଆମେ ନିଜେ ଯେ ସେହି କଥାଟିକୁ ଜାଣିଥାଉ, କେବଳ ତାହା ନୁହେଁ; ଅନ୍ୟମାନେ ମଧ୍ୟ ଆମକୁ ସେହି ବିଷୟରେ ଆହୁରି ଅଧିକ ପରିମାଣରେ ହୃଦୟଙ୍ଗମ କରାଇ ଦେଉଥାନ୍ତି; ଏବଂ ପରିସ୍ଥିତିଗୁଡ଼ିକ ବି ପ୍ରାୟ ପ୍ରତ୍ୟେକ ମୁହୂର୍ତ୍ତରେ ତାହା ପ୍ରମାଣ କରିଦେଇ ଯାଉଥାନ୍ତି । ମାତ୍ର ଅନ୍ୟ କ୍ଷେତ୍ରଟିରେ ଦୁର୍ଭାଗ୍ୟବଶତଃ ଏପରି ଅନେକ ଲୋକଙ୍କ ସହିତ ତୁମର ଭେଟ ହୁଏ, ଯେଉଁମାନେକି ତୁମକୁ ଉଚ୍ଚ ସମ୍ମାନ ଦେବାରେ ଲାଗିଥାନ୍ତି; ଏବଂ ସେତେବେଳେ ତୁମର ଆଦୌ କୌଣସି ସଜ୍ଞାନତା ବି ରହେ ନାହିଁ ଯେ ତୁମେ ପ୍ରକୃତରେ ଅତ୍ୟନ୍ତ ଖରାପ ଭାବରେ ଅହଂଟାରହିଁ ବଶବର୍ତ୍ତୀ ହୋଇ ରହିଛ ।

ତେଣୁ ତାହା ଭାରି ବିପଜ୍ଜନକ । ଭୌତିକ ଗର୍ବ ଓ ଅଭିମାନ ଅପେକ୍ଷା ଆଧ୍ୟାତ୍ମିକ ଗର୍ବ ଓ ଅଭିମାନ ପ୍ରକୃତରେ ଏକ ଅଧିକ ଗମ୍ଭୀର କଥା ।

**ମାଆ, ତେବେ ଏହି ଅହଂଟାକୁ ନେଇ କ'ଣ ଭଗବାନଙ୍କୁ ଉପଲବ୍ଧି କରିବା ତଥାପି ସମ୍ଭବ ହେବ ?**

ପରମେଶ୍ୱରଙ୍କ ସହିତ ସଂଯୁକ୍ତ ହୋଇ ରହିଥିବା ସମୟରେ ନୁହେଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେହି ସମୟରେ ଆମର ଅହଂ କୁଆଡ଼େ ଅନ୍ତର୍ହିତ ହୋଇ ରହିଥିବ । ମାତ୍ର ସେହି ଅବସ୍ଥାଟି ପ୍ରକୃତରେ ସ୍ଥାୟୀ ହୋଇ ପାରେ ନାହିଁ । ବା, ଆମେ ଏହି କଥାଟିକୁ ଅନ୍ୟ ପ୍ରକାରରେ ବି କହିପାରିବା : ଯେଉଁମାନେ ଆପଣା ସହିତ ଆପଣାର ଅହଂଟିକୁ ବି ନେଇକରି ଆସିଥିବେ, ସେମାନେ କଦାପି ଚେତନାଟିକୁ ଦୀର୍ଘକାଳ ପର୍ଯ୍ୟନ୍ତ ଧରି ରଖି ପାରିବେ ନାହିଁ । ସେମାନେ ଅନୁଭୂତିଟିକୁ ଲାଭ କରୁଥିବା ସମୟରେ ପୁଣି ନିଜ ବିଷୟରେହିଁ ସଚେତନ ହୋଇ ପଡ଼ୁଥିବେ । ସେଇଟା ହେଉଛି ସବୁଠାରୁ ଅଧିକ ଭୟାନକ କଥା । ସେମାନେ ନିଜେ ଏହି ଅନୁଭୂତିଟିକୁ ଲାଭ କରୁଛନ୍ତି ବୋଲି ଭାବୁଥିବେ ଓ ନିଜର ପ୍ରଶଂସା କରିବାରେ ଲାଗିଥିବେ । ଏବଂ ନିଜକୁ ସତେଅବା ଜଣେ ଜଣେ ବିଶିଷ୍ଟ ବ୍ୟକ୍ତି ବା କ'ଣ ନା କ'ଣ ବୋଲି ମନେ କରୁଥିବେ, ଅନ୍ୟମାନଙ୍କ

'oaob.nitrkl.ac.in' images reprocessed

ତୁଳନାରେ ଅନେକ ଭଲରେ ରହିଛନ୍ତି ବୋଲି ଭାବୁଥିବେ । ଏବଂ ତାହାହିଁ କ୍ରମେ ଖୁବ ଶୋଚନୀୟ ହୋଇ ପଡ଼ିବ ।

> ଆପଣ ଏଠାରେ କହିଛନ୍ତି : "ହେ ପରମ ପ୍ରଭୁ, ଆପଣ ମୋ ଲାଗି ଯାହା ବରାଦ କରିଦେବେ, ଜୀବନ ଅଥବା ମୃତ୍ୟୁ, ସୁଖ ଅଥବା ଦୁଃଖ, ଖୁସି ଅଥବା କଷ୍ଟଭୋଗ ଯାହା ବାଛିଦିଅନ୍ତୁ ପଛକେ, ଆପଣଙ୍କଠାରୁ ଯାହା ମୋ ପାଇଁ ବରାଦ ହୋଇ ଆସିବ, ମୁଁ ତାକୁ ଖୁସୀ ହୋଇ ଗ୍ରହଣ କରିନେବି ।"
>
> ଭଗବାନ କ'ଣ ଦୁଃଖ ବି ଦିଅନ୍ତି, କଷ୍ଟଭୋଗ ବି ଦିଅନ୍ତି ?

ହଁ, ମାତ୍ର ସେହି ଅଂଶଟି କ'ଣ, ସେକଥା ତୁମେ ଭଲକରି ଜାଣିଛ : ଏଇଟି ହେଉଛି କୃଷ୍ଣଙ୍କ ପ୍ରତି ରାଧାଙ୍କର ପ୍ରାର୍ଥନା । ଏବଂ ତେଣୁ, ଏଠାରେ ଦିବ୍ୟ ପରମ ପୁରୁଷଙ୍କୁ ଏପରି ନିବିଡ଼ତାର ସହିତ ଏକ ବ୍ୟକ୍ତିଭାବ ନେଇ ଗ୍ରହଣ କରାଯାଇଛି ଯେ, ଆପଣାକୁ ଅଭିବ୍ୟକ୍ତ କରି ପାରିବା ଲାଗି ମାନବୀୟ ଅନୁଭୂତିଗୁଡ଼ିକୁ ପ୍ରସାରିତ କରାଇ ଭଗବାନଙ୍କ ପର୍ଯ୍ୟନ୍ତ ନେଇ ପହଞ୍ଚାଇ ଦିଆଯାଇଛି । ଏହି ଅଂଶଟିକୁ ତା'ର ଯଥାର୍ଥ ଅର୍ଥ ଓ ପରିସର ଦେଇ ବୁଝିବା ସକାଶେ ଏକ ସମଗ୍ର ଓ ଦୀର୍ଘ ବ୍ୟାଖ୍ୟା ଦେବା ନିତାନ୍ତ ଆବଶ୍ୟକ ହେବ, ଏବଂ ଏହିପରି ଲମ୍ବାଇ ବସିଲେ ସେଥିରେ ଥିବା କଳାତ୍ମକ ସୌନ୍ଦର୍ଯ୍ୟଟି ନଷ୍ଟ ହୋଇଯିବ । ତା'ପରେ ସେଇଟା ସତେଅବା କୌଣସି ଗୋଟାଏ ମତ ବା ସ୍ୱନର ପ୍ରଚାର କରୁଥିବା ଭଳି ଶୁଭିବ, ଅଥବା ଅନ୍ତତଃ କାହାକୁ ପାଠ ପଢ଼ାଉଥିଲା ପରି ମନେହେବ । ଯାହାକିଛି ଅଛି, ସବୁ ସେହି ପରମେଶ୍ୱରଙ୍କ ମଧ୍ୟରେହିଁ ରହିଛି ଏବଂ ସବୁକିଛି କେବଳ ଦିବ୍ୟ ହୋଇ ରହିଛି, ଏହି ଅନୁଭୂତିଟିକୁ ଆଣି ଦେବା ଲାଗି ଏଠାରେ ଏପରି କୁହାଯାଇଛି । ଏବଂ, ଏଥିରେ ମଧ୍ୟ ଆଦୌ କୌଣସି ସନ୍ଦେହ ନାହିଁ ଯେ ଯଦି ଆପଣାର ଚେତନା-ସ୍ଥିତିଟିକୁ ବଦଳାଇ ଦେଇ ଜଣେ ପରମେଶ୍ୱରଙ୍କ ସହିତ ଏକାତ୍ମକତା ଅର୍ଜନ କରି ପାରୁଛି, ତଦ୍ୱାରା ତା' ଲାଗି ଯାବତୀୟ ବସ୍ତୁର ପ୍ରକୃତିହିଁ ବଦଳି ଯାଉଛି । ଉଦାହରଣସ୍ୱରୂପ, ଯାହା ଆଗରୁ ଯନ୍ତ୍ରଣା, ଦୁଃଖ ଅଥବା କଷ୍ଟ ବୋଲି ଲାଗୁଥିଲା, ସେହି କ୍ଷେତ୍ରରେ ଜଣେ ବର୍ତ୍ତମାନ ଠିକ୍ ଓଲଟା କଥାଟିକୁ ଅନୁଭବ କରିବାକୁ ଆରମ୍ଭ କରୁଛି ଯେ ଏଗୁଡ଼ିକ ପ୍ରକୃତରେ ତାକୁ ଏପରି ଗୋଟିଏ ଗୋଟିଏ ଅବସର ଆଣି ଯୋଗାଇ ଦେଉଛି, ଯାହାଦ୍ୱାରା କି ଭଗବାନ ତା'ର ଆହୁରି ନିକଟବର୍ତ୍ତୀ ହୋଇ ଆସୁଛନ୍ତି, ଏବଂ ବେଶ୍ ସନ୍ତୋଷଦାୟକ ହୋଇ ରହିଥିବା

'oaob.nitrkl.ac.in' images reprocessed

କୌଣସି ବିଷୟରୁ ତାକୁ ଆଗରୁ ଯେତକ ଆନନ୍ଦ ମିଳୁଥିଲା, ସମ୍ଭବତଃ ଏହି ଘଟଣାଟିରୁ ତାକୁ ଅପେକ୍ଷାକୃତ ଅଧିକ ଆନନ୍ଦ ଉପଲବ୍ଧ ହେବାର ଏକ ସୁଯୋଗ ଆସି ପହଞ୍ଚି ଯାଉଛି । କେବଳ ଏତକ ଆବଶ୍ୟକତା ରହିଛି ଯେ, ଆମକୁ ତାହାକୁ ଠିକ୍ ସେହିଭଳି ବୁଝି ପାରିବାକୁ ହେବ, ଠିକ୍ ସେହି ଭାବରେ ଏବଂ ସେହି ଚେତନାରେ ବୁଝି ପାରିବାକୁ ହେବ; କାରଣ ତା' ନହେଲେ, ଯଦି ଆମେ ତାହାକୁ ସାଧାରଣ ଅର୍ଥବୋଧ ଦ୍ୱାରା ବୁଝିବାକୁ ଚେଷ୍ଟା କରିବା, ତେବେ ସବୁ ଯେ କେବଳ ଦୁର୍ବ୍ୟତା ବ୍ୟତୀତ ଆଉ କିଛି ନୁହେଁ, ତାହା ଏହି ମୂଳନୀତିଟିରହିଁ ବିରୁଦ୍ଧାଚରଣ କରିବ ।

କୌଣସି ବିଷୟ ଅଥବା କୌଣସି ସ୍ପନ୍ଦନକୁ ଆମେ ଯେଉଁପରି ଭାବରେ ଗ୍ରହଣ କରିବା ବା ତାହା ପ୍ରତି ଆପଣାର ଅନୁସ୍ପନ୍ଦନ ଜଣାଇବା, ଆମେ ପ୍ରକୃତରେ ଚେତନାର ଯେଉଁ ସ୍ଥିତିଟିରେ ଅବସ୍ଥିତ ରହିଥିବା, ତେବେ, ସେହି ଗୋଟିଏ ବିଷୟ ବା ଗୋଟିଏ ସ୍ପନ୍ଦନହିଁ ଆମକୁ ଏକ ପକ୍ଷରେ ପ୍ରଗାଢ଼ ଆନନ୍ଦ ଆଣି ଦେଉଥିବ ଅଥବା ଅନ୍ୟ ପକ୍ଷରେ ପ୍ରଭୂତ ନୈରାଶ୍ୟ ବି ଦେଇ ଯାଉଥିବ । ତେଣୁ ଆମେ କେବେହେଲେ କୌଣସି ବସ୍ତୁ ବା ଘଟଣାଟିକୁ ଏକ ଦୁର୍ଭାଗ୍ୟ ବୋଲି କହିପାରିବା ନାହିଁ । କୌଣସି ଘଟଣା ବା ଦଶାକୁ ଦୁଃଖ ବା କଷ୍ଟଭୋଗ ବୋଲି ବି କହିପାରିବା ନାହିଁ । ଏହି କ୍ଷେତ୍ରରେ କେବଳ ଆପଣା ଚେତନାଟିରେହିଁ ଏକ ପରିବର୍ତ୍ତନର ଆବଶ୍ୟକତା ରହିଛି । ବାସ୍, କେବଳ ସେତକ ଆବଶ୍ୟକତା ରହିଛି । କେବଳ, (ଏକଥା ମୁଁ ଆଉ କୌଣସିଠାରେ ବି ଲେଖିଛି; ଠିକ୍ କେଉଁଠାରେ ଲେଖିଛି, ବର୍ତ୍ତମାନ ମନେ ପଡ଼ୁ ନାହିଁ ।) ଯଦି ତୁମେ ନିଜର ଚେତନାରେ ଏକ ପରିବର୍ତ୍ତନ ଘଟାଇବାରେ ସଫଳ ହୋଇ ପାରିବ ଏବଂ ଏହି ଆନନ୍ଦମୟ ଅବସ୍ଥାଟି ମଧ୍ୟରେ ଆସି ପ୍ରବିଷ୍ଟ ହେବ, ତେବେ ତୁମେ ଅନ୍ୟମାନଙ୍କୁ କଳହ କରୁଥିବାର, ଲଢ଼େଇ କରୁଥିବାର, ଦୁଃଖୀ ହୋଇ ରହିଥିବାର, କଷ୍ଟ ପାଉଥିବାର ଏବଂ ନିଜକୁ ଭାରି ବିକଳ ଅବସ୍ଥାରେ ପଡ଼ିଥିବା ପରି ଅନୁଭବ କରୁଥିବାର ବେଶ୍ ଦେଖି ପାରୁଥିବ ସତ, ମାତ୍ର ନିଜେ ସବୁକିଛି ଭାରି ଚମତ୍କାର, ସୌଷମ୍ୟଯୁକ୍ତ, ମଧୁମୟ ଓ ସୁଖକର ହୋଇ ରହିଥିବାର ଅନୁଭବ କରୁଥିବ । ସେତେବେଳେ ତୁମେ କହିବ : "ଆଚ୍ଛା, ମୁଁ ଯେପରି କରିପାରୁଛି, ସେମାନେ ସେପରି କରିପାରୁ ନାହାନ୍ତି କାହିଁକି ?" ମାତ୍ର ଅସଲ ଅସୁବିଧାଟି ହେଉଛି ଯେ ସମସ୍ତେ ସେହି କଥାଟିକୁ କରିବା ଲାଗି ପ୍ରସ୍ତୁତ ହୋଇପାରୁ ନାହାନ୍ତି । ଏବଂ ଯେଉଁମାନେ ସେହି ସାଧାରଣ ଚେତନାଟି ମଧ୍ୟରେ ରହିଛନ୍ତି, ସେମାନଙ୍କ ଲାଗି କଷ୍ଟଭୋଗହିଁ ସବୁଠାରୁ ଏକ ଏକାନ୍ତ ବାସ୍ତବ ପଦାର୍ଥରେ ପରିଣତ ହୋଇଗଲାଣି ।

'oaob.nitrkl.ac.in' images reprocessed

ପୁନଶ୍ଚ, ଏପରି କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି କେବଳ ନିଜେ ଏକାକୀ ସୁଖୀ ହୋଇ ରହିବା ଉପରେ କୌଣସି ଗୁରୁତ୍ୱ ଦିଅନ୍ତି ନାହିଁ, ଏବଂ ଅନ୍ୟମାନେ ଯେପରି ଏହି ପଥରେ କିଛିଦୂର ଅଧିକ ଅଗ୍ରସର ହୋଇ ପାରିବେ, ସେଥିଲାଗି ସେମାନଙ୍କର ସହାୟତା କରିପାରିବା ସକାଶେ ଏହି ପରିପୂର୍ଣ୍ଣ ଆନନ୍ଦମୟ ଅବସ୍ଥାଟିକୁ ତ୍ୟାଗ କରିବା ସକାଶେ ମଧ୍ୟ ଇଚ୍ଛା କରୁଥାନ୍ତି ।

ଏହି ପୃଥିବୀରେ ବିଭିନ୍ନ ଲୋକଙ୍କର ଯେଉଁସବୁ ଦୃଷ୍ଟିକୋଣ ରହିଛି, ଅର୍ଥାତ୍ ସଦ୍‌ଗୁଣ ଅର୍ଜନ ଲାଗି ଯେଉଁସବୁ ଭିନ୍ନଭିନ୍ନ ଦୃଷ୍ଟିକୋଣ ରହିଛି, ତାହା ଅତ୍ୟନ୍ତ ପରିମାଣରେ ସେହି ସେହି ବ୍ୟକ୍ତିଙ୍କ ଉପରେହିଁ ନିର୍ଭର କରୁଥାଏ । ଏବଂ ଜଣକର କ୍ଷେତ୍ରରେ ଯାହା ଏକ ସଫଳତା ବୋଲି ପ୍ରମାଣିତ ହେଉଛି, ହୁଏତ ଆଉ ଜଣେ ବ୍ୟକ୍ତିର କ୍ଷେତ୍ରରେ ତାହା ଯେ ଠିକ୍ ସେହିପରି ହେବ, ତାହାର ଆଦୌ କୌଣସି କାରଣ ନାହିଁ । ସେହି କାରଣରୁହିଁ ଲୋକମାନଙ୍କୁ ଏହିପରି କହିବା ସର୍ବଦା ଭାରି କଷ୍ଟକର ହୋଇ ରହିଥାଏ : "ମୁଁ ଯାହା କରୁଛି, ତୁମେ ଠିକ୍ ତାହାହିଁ କର ।" ସବୁ ଗୁରୁ ସାଧାରଣତଃ ଏହିପରି କହିଥାନ୍ତି : "ମୁଁ ଯାହା କରୁଛି, ତୁମେ ଠିକ୍ ସେହିପରି କର ଏବଂ ତା'ହେଲେ ତୁମେ ଲକ୍ଷ୍ୟରେ ଯାଇ ପହଞ୍ଚି ପାରିବ ।" ଜଣେ ହୁଏତ କେବଳ ଏତିକିମାତ୍ର କହିପାରିବ : "ମୁଁ ଯାହା କରୁଛି, ତୁମେ ସେଇଆ କର ଏବଂ ତା'ହେଲେ ତୁମେ ବି ମୋରି ପରି ହୋଇପାରିବ ।"

(ନୀରବତା)

ହଁ, ହଁ, ତୁମମାନଙ୍କୁ ମୁଁ ଗୋଟିଏ ପ୍ରଶ୍ନ ପଚାରିବି ବୋଲି ଭାବିଥିଲି । ଆଜି ଆରମ୍ଭ କଲାବେଳେ ଆମର କଥା ପଡ଼ିଥିଲା : ଆମେ ଯେଉଁ ବିଷୟଗୁଡ଼ିକ ବିଷୟରେ ଭାବିବା, ଆମେ ଠିକ୍ ସେହି ବିଷୟଗୁଡ଼ିକ ଦ୍ୱାରାହିଁ ପରିବେଷ୍ଟିତ ହୋଇ ରହିଥିବା । ଏହି କଥାଟିର ଅର୍ଥ କ'ଣ, ତୁମେମାନେ ସେକଥା ଭଲକରି ବୁଝିଛ ତ ? (ଗୋଟିଏ ପିଲାକୁ ଉଦ୍ଦେଶ୍ୟ କରି) ଯେତେବେଳେ ତୁମେ କୌଣସି ଗୋଟିଏ ବିଷୟରେ ଭାବୁଛ, ସେତେବେଳେ ସତେଅବା ତୁମ ହାତରେ ଗୋଟିଏ ଚୁମ୍ବକ ପଥର ରହିଛି ଓ ତାହାର ସାହାଯ୍ୟରେ ତୁମେ ସେହି ବିଷୟଟିକୁ ଆପଣା ଆଡ଼କୁ ଆକର୍ଷିତ କରି ନେଇଆସୁଛ । କ'ଣ ବୁଝିପାରୁଛ ? ହଁ, ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କର କି ସଂସାରଯାକର ଦୁର୍ଯୋଗ ଓ ବିପର୍ଯ୍ୟୟଗୁଡ଼ିକ ବିଷୟରେ ଭାବିବାର ଏକ ଅତ୍ୟନ୍ତ, ଅତ୍ୟନ୍ତ କୁଅଭ୍ୟାସ ରହିଛି । ପରବର୍ତ୍ତୀ ମୁହୂର୍ତ୍ତିରେହିଁ ସତେଅବା କୌଣସି ଘୋର ଦୁର୍ବିପାକ ଘଟିବାକୁ ଯାଉଛି, ସେମାନେ ସର୍ବଦା ସେହି କଥାଟିରହିଁ ଆଶଙ୍କା କରିବାରେ ଲାଗିଥାନ୍ତି । ମୁଁ ଏହିଭଳି ଅନେକ ଲୋକଙ୍କୁ ଜାଣିଛି; ଏଠାରେ ମଧ୍ୟ ସେହି ସ୍ୱଭାବର କେତେକ ଲୋକ ଅଛନ୍ତି । ଏବଂ ଏହିପରି ଭାବରେ, ହାତରେ

'oaob.nitrkl.ac.in' images reprocessed

ସତେଅବା ଚୁମ୍ବକ ପଥର ଧରିଥିବା ପରି ଏମାନେ ଦୁର୍ଯୋଗଗୁଡ଼ାକୁ ଟାଣି ଆଣିବାରେ ଲାଗିଆ'ନ୍ତି, କେବଳ ନିଜ ଉପରକୁ ଯେ ଟାଣି ଆଣୁଥାନ୍ତି ତା' ନୁହେଁ, ଅନ୍ୟମାନଙ୍କ ଉପରକୁ ମଧ୍ୟ ଟାଣି ଆଣିବାରେ ଲାଗିଥାନ୍ତି । ଏହା ଫଳରେ ସେମାନଙ୍କ ଉପରେ ଏକ ବିରାଟ ଦାୟିତ୍ୱ ନ୍ୟସ୍ତ ହୋଇ ରହିଥାଏ । ଏବଂ, ଯଦି ସବୁବେଳେ କିଛି ନା କିଛି ଭାବିବାରେ ଲାଗିଥିବାରୁ ଜଣେ ଆପଣାକୁ ନିବୃତ୍ତ କରି ରଖି ନପାରୁଛି,—କେତେକ ବ୍ୟକ୍ତିଙ୍କର ଏପରି ଗୋଟିଏ ଗୋଟିଏ ମଥା ରହିଛି, ଯାହାକି ଅନୁକ୍ଷଣହିଁ ଏହିସବୁ କଥା ଭାବିବାରେ ଲାଗିଥାଏ ଏବଂ କେତେବେଳେ ହେଲେ ଟିକିଏ ବନ୍ଦ ହୋଇ ରହିବାର କୌଣସି ପନ୍ଥା ସେମାନଙ୍କୁ ଦେଖାଯାଏ ନାହିଁ,—ତେବେ, ଅନ୍ୟମାନଙ୍କ ଉପରେ ସେଇଟିକୁ ଦଉଡ଼ିବାକୁ ନଦେଇ ତାହା ଯେଉଁଠାରେ ଦଉଡ଼ିବାର କଥା, ତାକୁ ନ୍ୟାୟତଃ କେବଳ ସେଇଠାରେହିଁ ଦଉଡ଼ିବାକୁ ଦିଆଯାଉ ନାହିଁ କାହିଁକି ? ଯଦି ତୁମର ମୁଣ୍ଡ ଥରେ ଏହିପରି ଭାବରେ ଦଉଡ଼ିବାକୁ ଆରମ୍ଭ କରୁଛି, ତେବେ ଘଟିବାର ସମ୍ଭାବନା ରହିଥିବା ଯାବତୀୟ ଭଲକଥା ଉପରେ ଏବେ ସିଏ ଦଉଡ଼ୁ ! ଯଦି ତାହା ଅବିଶ୍ରାନ୍ତ ଭାବରେ କେବଳ ଘୂରି ବୁଲିବାକୁହିଁ ବାଧ୍ୟ ହେଉଛି, ତେବେ ତାକୁ ତୁମେ ଭଲ ପାଖଟାରେ ବୁଲାଇ ପାରୁ ନାହଁ କାହିଁକି ? ଅର୍ଥାତ୍, ଯଦି କାହାର ଦେହ ଖରାପ ହୋଇଛି, ତେବେ, "କ'ଣସବୁ ପ୍ରକୃତରେ ଘଟିବାକୁ ଯାଉଛି କେଜାଣି, ବୋଧହୁଏ ଏଇଟା କ୍ରମେ ଭାରି ଗମ୍ଭୀର ଅବସ୍ଥା ଧାରଣ କରିବାକୁ ଯାଉଛି, ଏବଂ ଯଦି ଏଇଟି ପ୍ରକୃତରେ ସେଇ ରୋଗ ହୋଇଥାଏ, ତେବେ ଏକ ଦୁର୍ବିପାକ ହଠାତ୍ ଆସି ଘଟିବାର ସମ୍ଭାବନା ମଧ୍ୟ ରହିଛି" ବୋଲି ନକହି, ଯଦି ତୁମେ "ଏଇଟା ଆଦୌ କିଛି ନୁହେଁ; ଦେହ ଖରାପ ହେବାକୁ ଆମେ ବହିଃକ୍ଷେତ୍ରର କେତେକ ଭ୍ରମ ବୋଲିହିଁ କହି ପାରିବା ଯାହାକି ଅଦୃଶ୍ୟ କେତେଗୁଡ଼ାଏ ଗଭୀରତର ସ୍ପନ୍ଦନକୁ ପ୍ରକଟ କରି ଆଣିବାରେ ଲାଗିଥାଏ । ତେଣୁ ଆମେ ସେବିଷୟରେ କିଛି କହୁ ନାହୁଁ ସିନା, ମାତ୍ର ତାହା ହେଉଛି ପ୍ରକୃତରେ ସେଇଆ । ଏବଂ ଏହିସବୁ ଗଭୀରତର ସ୍ପନ୍ଦନ ବାହାରକୁ ଆସି ବାହାରେ ଯାହା ବ୍ୟାହତ ହୋଇପଡ଼ିଛି, ତାହାକୁ ହୁଏତ ପୁଣି ଠିକ୍ କରିଦେବ । ଏବଂ ଏହି ଯେଉଁ ଭାରସାମ୍ୟହୀନତା ଘଟିଛି, ଏହି ଯେଉଁ ଅସୁସ୍ଥତା ବା ମନ୍ଦ କଥାଟି ଆସି ପହଞ୍ଚିଛି, ଏଇଟିକୁ କ୍ରମେ ଭଗବାନ୍ଙ୍କ ପରମ କରୁଣା ଆପଣା ଭିତରକୁ ମିଳାଇନେବ ଏବଂ ଏଇଟି କୁଆଡ଼େ ଅନ୍ତର୍ହିତ ହୋଇଯିବ, ଏହାର କୌଣସି ଚିହ୍ନହିଁ ରହିବ ନାହିଁ; କେବଳ ଭଲ ଲାଗୁଥିବା ସୁଖକର କଥାଗୁଡ଼ାକର ଚିହ୍ନହିଁ ରହିଯିବ ।" ବୋଲି କହିପାର, ତେବେ ତାହା କେଡ଼େ ଭିନ୍ନ କଥା ନହେବ ? ଆମେ ଅବ୍ୟାହତ ଓ ଅବିଚ୍ଛିନ୍ନ ଭାବରେ ଏହିପରି ଚିନ୍ତା କରିପାରୁ… ମୁଣ୍ଡଟା ଏହିପରି ଭାବରେ ଭଉଁରି ବୁଲୁଥିଲେ କେତେକ ଲୋକ ସତେଯେପରି ଆଦୌ ସୁସ୍ଥ ହୋଇ ରହିପାରନ୍ତି ନାହିଁ;

'oaob.nitrkl.ac.in' images reprocessed

ମାତ୍ର ତୁମେ ତାକୁ ଉପଯୁକ୍ତ ମାର୍ଗରେ ଦଉଡ଼ାଇବାକୁ ଚେଷ୍ଟା କର, ତେବେ ତାହାର ନିଶ୍ଚୟ ଏକ ଫଳ ଫଳିବ । ଉଦାହରଣସ୍ୱରୂପ ତୁମେ ମୁଣ୍ଡ ଭିତରେ ଏହିପରି ଚିନ୍ତାକର : ମୁଁ ଆହୁରି ଅଧିକରୁ ଅଧିକ ଭଲଭାବରେ ଶିଖିବି, ଅଧିକରୁ ଅଧିକ ଭଲଭାବରେ ଜାଣିବି, ଅଧିକରୁ ଅଧିକ ସୁସ୍ଥ ହେବି;—ତେବେ ତୁମର ସବୁଯାକ ଅଡ଼ୁଆ କୁଆଡ଼େ ଉଭେଇ ଯିବ, ଦୁଷ୍ଟ ଲୋକମାନେ ତୁମ ପାଖରେ ମଧୁର ହେବେ, ଭଲ ହେବେ, ଅସୁସ୍ଥ ବ୍ୟକ୍ତିମାନେ ସୁସ୍ଥ ହୋଇଯିବେ; ଏବଂ ଯେଉଁସବୁ ଘର ତିଆରି ହେବାର କଥା, ସେଗୁଡ଼ିକ ନିଶ୍ଚୟ ତିଆରି ହେବ, ଯେଉଁସବୁ ବିଷୟ ଅନ୍ତର୍ହିତ ହୋଇଯିବାର କଥା, ସେଗୁଡ଼ିକ ନିଶ୍ଚୟ ଅନ୍ତର୍ହିତ ହୋଇଯିବ ଏବଂ ସେଗୁଡ଼ିକର ସ୍ଥାନରେ ଅଧିକ ଭଲ ବିଷୟଗୁଡ଼ିକ ଆସିବ, ପୃଥିବୀ ଅବିଚଳିତ ଭାବରେ ପ୍ରଗତିର ପଥରେ ଚାଲିପାରିବ ଏବଂ ସେହି ପ୍ରଗତିର ଶେଷରେ ଏକ ସମଗ୍ର ସୌଷମ୍ୟ ମଧ୍ୟ ସମ୍ଭବ ହେବ,—ଏହିପରି ଅବ୍ୟାହତ ଭାବରେ ଚାଲିଥିବ ।...ତୁମେ ଅବିଶ୍ରାନ୍ତ ଭାବରେ ଏହିପରି କଥାମାନ ଚିନ୍ତା କରିପାରିବ । ଏବଂ ତାହାହେଲେ ତୁମ ଘର ପାଖରେ ଓ ତୁମର ମଥା ଘର ପାଖରେ ତୁମେ ଯାବତୀୟ ପ୍ରକାରର ସୁନ୍ଦର କଥାମାନ ଦେଖିବାକୁ ପାଇବ । ଯେଉଁମାନେ ବାତାବରଣଟିକୁ ଦେଖିପାରନ୍ତି, ସେମାନେ ସତେଅବା କେତେକ ବିକଟାଳ କଳା ଦାଗ ଦେଖିବାରେ ଲାଗିଥାନ୍ତି,—ସେଠାରେ ସତେଅବା ଗୋଟାଏ ଅଷ୍ଟପଦୀ ଭୀଷଣ ଜନ୍ତୁକୁ ଦେଖିବାରେ ଲାଗିଥାନ୍ତି, ସେହି ଅଷ୍ଟପଦୀର ଗୋଡ଼ଗୁଡ଼ାକ ସତେଅବା ତୁମର ମଥାକୁ ଆସି ଆବୋରି ପକାଉଥିବା ପରି ଲାଗୁଥାନ୍ତି । ମାତ୍ର ତତ୍ପରିବର୍ତ୍ତିରେ ତୁମେ ଏଠାରେ ସୁଖଦାୟକ କେତେକେତେ କଥାର କଳ୍ପନା କରି ପାରିବ, ଆଲୋକର ରୂପମାନ ଦେଖିବ, ସୂର୍ଯ୍ୟକିରଣ ଦେଖିବ, ବା ସମ୍ଭବତଃ ସୁନ୍ଦର ସୁନ୍ଦର ଛବିମାନ ଦେଖିବ । ତୁମେ କେତେ ସୁନ୍ଦର ସୁନ୍ଦର ଛବି ଦେଖିବାକୁ ପାଇବ,—ଅନେକ ଚିତ୍ରଶିଳ୍ପୀ ଅଛନ୍ତି, ଯେଉଁମାନେ ଠିକ୍ ସେହିପରି କରିଥାନ୍ତି ଏବଂ ସେମାନଙ୍କୁ ସବୁବେଳେ କେତେକେତେ ଭାବନା ଉପଲବ୍ଧ ହେବାରେ ଲାଗିଥାଏ ।

ମାଆ, ଆପଣ କହିଛନ୍ତି : "ପ୍ରତ୍ୟେକ ଧ୍ୟାନ ଆମ ଆଗରେ ଗୋଟିଏ ଗୋଟିଏ ନୂତନ ସତ୍ୟକୁ ଉନ୍ମୋଚିତ କରି ଦେଉଥିବ, କାରଣ ପ୍ରତ୍ୟେକ ଧ୍ୟାନରେ ଏକ ନୂତନ କଥାହିଁ ସଂଘଟିତ ହେବାରେ ଲାଗିଥିବ ।" (ମାଆଙ୍କ ବାଣୀ, ୧୯୭୯ ସଂସ୍କରଣ, ପୃଷ୍ଠା-୨୨୧) ଧ୍ୟାନ ବେଳେ କ'ଣ ଘଟିଲା, ଧ୍ୟାନ ପରେ ମଧ୍ୟ ଜଣେ କ'ଣ ସେହି ବିଷୟରେ ସଚେତ ରହିଥାଏ ?

'oaob.nitrkl.ac.in' images reprocessed

ମାତ୍ର ବିଷୟବସ୍ତୁଟିରେ ତ ଠିକ୍ ସେହି କଥାହିଁ କୁହାଯାଇଛି; ମୁଁ କହୁଛି : ମନୋଯୋଗ କର ଏବଂ ସଚେତନ ହୁଅ । ଯଦି ଆମେ ଅତ୍ୟନ୍ତ ମନୋଯୋଗୀ ହୋଇ ପାରିବା, ତେବେ ସଚେତନ ବି ହୋଇ ପାରିବା । ଆପଣାକୁ ଅତ୍ୟନ୍ତ ଅଭିନିବେଶିତ କରି ରଖିବାକୁ ପଡ଼ିବ, ଅତ୍ୟନ୍ତ ମନୋଯୋଗ ଦେବାକୁ ହେବ, ତେବେଯାଇ ସଚେତନ ହୋଇ ପାରିବ ।

ମାଆ, କଷ୍ଟଭୋଗ ଅଜ୍ଞାନରୁ ଆସେ, ଦୁଃଖ ମଧ୍ୟ ସେଇଥିରୁ ଆସେ; ମାତ୍ର ଦିବ୍ୟ ଜନନୀ ତାଙ୍କର ସନ୍ତାନମାନଙ୍କ ଲାଗି ଯେଉଁ କଷ୍ଟ ଓ ଦୁଃଖ ଅନୁଭବ କରନ୍ତି, ସେଇଟି ପୁଣି କେଉଁ ସ୍ୱଭାବର ? ଏଠାରେ ମୁଁ ସାବିତ୍ରୀ କାବ୍ୟରେ ବର୍ଣ୍ଣିତ ଦିବ୍ୟଜନନୀଙ୍କର କଥା କହୁଛି ।

ଦିବ୍ୟ ଜନନୀ ତାଙ୍କର ସନ୍ତାନମାନଙ୍କର ପ୍ରକୃତିଟି ମଧ୍ୟରେହିଁ ସହଭାଗୀ ହୋଇ ରହିଥାନ୍ତି । ସେହିମାନଙ୍କର ପ୍ରକୃତିରେ ସହଭାଗୀ ହୋଇପାରିବା ଲାଗିହିଁ ସେ ଧରିତ୍ରୀପୃଷ୍ଠକୁ ଅବତରଣ କରି ଆସିଛନ୍ତି । କାରଣ, ସେ ଯଦି ସେମାନଙ୍କର ପ୍ରକୃତିରେ କୌଣସି ଅଂଶ ଗ୍ରହଣ କରୁ ନଥାନ୍ତେ, ତେବେ ସେମାନଙ୍କୁ ସେ ଆଦୌ ଅଗ୍ରସର କରାଇ ନେଇ ପାରନ୍ତେ ନାହିଁ । ତାଙ୍କର ସର୍ବୋଚ୍ଚ ଚେତନାଟିର ସ୍ତରରେ ତ କଷ୍ଟଭୋଗ ବୋଲି କୌଣସି ଅନୁଭୂତିହିଁ ନାହିଁ, ଏବଂ ଯଦି ସେ ଆପଣାର ସେହି ସ୍ତରରେହିଁ ଅବସ୍ଥାନ କରି ରହିଥାନ୍ତେ, ଯଦି ସେ ଆପଣାର ସର୍ବୋଚ୍ଚ ଜ୍ଞାନ ଓ ସର୍ବୋଚ୍ଚ ଚେତନାର ସ୍ଥିତିରେହିଁ ଅବସ୍ଥାନ କରୁଥାନ୍ତେ, ତେବେ ମନୁଷ୍ୟମାନଙ୍କ ସହିତ ତାଙ୍କର ଆଉ କୌଣସି ସମ୍ପର୍କ ରହି ପାରନ୍ତା ନାହିଁ । ଏବଂ ପ୍ରକୃତରେ ସେହି କାରଣରୁହିଁ ସିଏ ମନୁଷ୍ୟର ଚେତନାକୁ ଓ ମନୁଷ୍ୟର ରୂପକୁ ଗ୍ରହଣ କରିବା ଲାଗି ବାଧ୍ୟ ହୋଇଛନ୍ତି, ମନୁଷ୍ୟମାନଙ୍କ ସହିତ ସମ୍ପର୍କକ୍ଷେତ୍ରରେ ପ୍ରବେଶ କରିବା ଲାଗି ସେ ଏପରି କରୁଛନ୍ତି । କେବଳ ଏତିକି କଥା ଯେ ସିଏ କଦାପି ବିସ୍ମୃତ ହୋଇ ପଡ଼ୁ ନାହାନ୍ତି । ସିଏ ସେମାନଙ୍କର ଚେତନାକୁ ଗ୍ରହଣ କରିଛନ୍ତି ସତ, ମାତ୍ର ତଥାପି ଆପଣାର ପ୍ରକୃତ ଓ ସର୍ବୋଚ୍ଚ ଚେତନାଟି ସହିତ ଖିଅ ଲଗାଇ ରହିଛନ୍ତି । ଏବଂ, ଏହିପରି ଭାବରେ, ଉଭୟ ଚେତନାକୁ ଯୋଡ଼ିଦେଇ ସେ ସେହି ଅନ୍ୟ ଚେତନାଟିରେ ରହିଥିବା ବ୍ୟକ୍ତିମାନଙ୍କର ଅଗ୍ରଗତିକୁ ସମ୍ଭବ କରି ପାରିବେ । ମାତ୍ର ଯଦି ସେ ସେମାନଙ୍କର ଚେତନାକୁ ଗ୍ରହଣ କରି ନଥାନ୍ତେ, ସେମାନଙ୍କର ଦୁଃଖ ସହିତ ଯଦି ସେ ସ୍ୱୟଂ ଦୁଃଖଭୋଗ କରୁ ନଥାନ୍ତେ । ତେବେ ସେ ସେମାନଙ୍କର ଆଦୌ କୌଣସି ସହାୟତା କରି ପାରୁ ନଥାନ୍ତେ । ତାଙ୍କର କଷ୍ଟ ପାଇବା

'oaob.nitrkl.ac.in' images reprocessed

ଅଜ୍ଞାନଜନିତ କଷ୍ଟ ପାଇବା ନୁହେଁ, ଆପଣାର ଏକାତ୍ମକତାରୁହିଁ ସେ ସେହି କଷ୍ଟକୁ ବରଣ କରି ନେଉଛନ୍ତି । ଏପରି ହେଉଛି, କାରଣ ସିଏ ମଣିଷମାନଙ୍କ ସ୍ପନ୍ଦନକୁ ଅବିକଳ ଭାବରେ ଗ୍ରହଣ କରିବାକୁ ନିଷ୍ପତ୍ତି କରିଛନ୍ତି; ତାହାର ଦ୍ୱାରାହିଁ ସେ ସେମାନଙ୍କର ସଂସ୍ପର୍ଶରେ ପ୍ରବିଷ୍ଟ ହୋଇ ପାରୁଛନ୍ତି ଏବଂ ସେମାନେ ଯେଉଁ ସ୍ଥିତିରେ ରହିଛନ୍ତି, ସେଥିରୁ ସେମାନଙ୍କୁ ଟାଣି ବାହାର କରି ନେଉଛନ୍ତି । ଯଦି ସେ ସେମାନଙ୍କର ସଂସ୍ପର୍ଶରେ ପ୍ରବିଷ୍ଟ ହେଉ ନଥାନ୍ତେ, ତେବେ ତାଙ୍କୁ କେହି ଅନୁଭବହିଁ କରି ପାରୁ ନଥାନ୍ତେ ବା କେହି ତାଙ୍କର ଦୀପ୍ତିକୁ ସହ୍ୟ ବି କରି ପାରୁ ନଥାନ୍ତେ । ନାନା ପ୍ରକାରେ, ସବୁପ୍ରକାର ଧର୍ମରେ ଏହି କଥାଟିର ଉଲ୍ଲେଖ କରାଯାଇଛି ଏବଂ ସେହିସବୁ ସ୍ଥାନରେ ଅନେକ ସମୟରେ ଭଗବାନ ସ୍ୱୟଂ କରୁଥିବା ଯଜ୍ଞଟି ବିଷୟରେ କୁହାଯାଇଛି । ମାତ୍ର ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣରେ ଏଇଟିକୁ ମଧ୍ୟ ସତ ବୋଲି କୁହାଯାଇ ପାରିବ । ଏହି ଯଜ୍ଞ ହେଉଛି ଏକ ସ୍ୱେଚ୍ଛାକୃତ ଯଜ୍ଞ, ମାତ୍ର ଏହା ତଥାପି ସତ : ଏକ ପରିପୂର୍ଣ୍ଣ ଚେତନାବସ୍ଥାକୁ ପରିତ୍ୟାଗ କରି, ବାହ୍ୟ ପୃଥିବୀକୁ ଯେପରି ଅଜ୍ଞାନ ଭିତରୁ ଟାଣି ବାହାର କରି ନେଇହେବ, ସେଥିଲାଗି ଅଜ୍ଞାନର ଅବସ୍ଥାକୁ ସ୍ୱୟଂ ସ୍ୱୀକାର କରିନେଇ ପରିପୂର୍ଣ୍ଣ ଆନନ୍ଦ ଏବଂ ପରିପୂର୍ଣ୍ଣ କ୍ଷମତାର ଏକ ଅବସ୍ଥାକୁ ପରିତ୍ୟାଗ କରି ଆସିବା, —ଏହା ପ୍ରକୃତରେ ଏକ ଯଜ୍ଞ । ଏହି ଅବସ୍ଥାଟିକୁ ଯଦି ସେ ସ୍ୱୀକାର କରି ନେଉ ନଥାନ୍ତେ, ତେବେ ଏହି ପୃଥିବୀ ସହିତ ତାଙ୍କର ଆଉ କୌଣସି ସଂସ୍ପର୍ଶ ସମ୍ଭବ ହେଉ ନଥାନ୍ତା । କୌଣସି ପ୍ରକାର ସମ୍ବନ୍ଧହିଁ ସମ୍ଭବ ହେଉ ନଥାନ୍ତା । ଏବଂ, ଭଗବାନ ଯେ ବାରମ୍ବାର ଅବତାର ଗ୍ରହଣ କରନ୍ତି, ଏହାହିଁ ହେଉଛି ତା'ର କାରଣ । ତା' ନହେଲେ ଅବତାର ଗ୍ରହଣ କରିବାର ମଧ୍ୟ କୌଣସି ପ୍ରୟୋଜନ ନଥାନ୍ତା । ଦିବ୍ୟ ଚେତନା ଏବଂ ଦିବ୍ୟ ଶକ୍ତି ଯଦି ସେମାନଙ୍କର ପରିପୂର୍ଣ୍ଣତାର ସ୍ଥାନ ବା ଅବସ୍ଥାଟିରେ ରହି ସେଇଠୁ ସିଧା କାମ କରି ପାରୁଥାନ୍ତେ, ଯଦି ଜଡ଼ ଉପରେ ସିଧା କ୍ରିୟା କରି ସେମାନେ ତାହାକୁ ରୂପାନ୍ତରିତ କରିଦେଇ ପାରୁଥାନ୍ତେ, ତେବେ ମଣିଷର ଶରୀର ପରି ଗୋଟାଏ ଶରୀର ଗ୍ରହଣ କରିବା ଲାଗି ଆଉ କୌଣସି ଆବଶ୍ୟକତା ରହନ୍ତା ନାହିଁ । ପରିପୂର୍ଣ୍ଣ ଚେତନାଟିକୁ କାର୍ଯ୍ୟରେ ଲଗାଇ ପରମସତ୍ୟର ସେହି ରାଜ୍ୟରୁହିଁ ଚେତନା ଉପରେ କାର୍ଯ୍ୟ କରିବା ଯଥେଷ୍ଟ ହୋଇ ପାରିଥାନ୍ତା । ବସ୍ତୁତଃ ସେଇଟି ମଧ୍ୟ ବୋଧହୁଏ କାର୍ଯ୍ୟ କରିବାରେ ବି ଲାଗିଥାଏ, ମାତ୍ର ତାହା ପ୍ରକୃତରେ ଏତେ ମନ୍ଥର ଭାବରେ କାର୍ଯ୍ୟ କରେ ଯେ, ଯେତେବେଳେ ପୃଥିବୀର ଅଗ୍ରଗତି ସାଧନ କରାଇବା ଲାଗି ଏହି ଉଦ୍ୟମଟିର ପ୍ରୟୋଜନ ହୁଏ ଓ ଯେତେବେଳେ ଅଧିକ ବେଗର ସହିତ ପୃଥିବୀକୁ ଅଗ୍ରସର କରାଇ ନେବାକୁ ପଡ଼େ, ସେତେବେଳେ ମନୁଷ୍ୟର ସ୍ୱଭାବ ଗ୍ରହଣ କରିବା ଦରକାର ହୋଇଥାଏ । ମନୁଷ୍ୟର ଶରୀରକୁ ଗ୍ରହଣ କରିବା ଦ୍ୱାରା ଆଂଶିକ

'oaob.nitrkl.ac.in' images reprocessed

ଭାବରେ ମନୁଷ୍ୟର ସ୍ୱଭାବଟିକୁ ମଧ୍ୟ ଗ୍ରହଣ କରି ନେବା ଲାଗି ବାଧ୍ୟ ହେବାକୁ ପଡ଼େ । କେବଳ, ଆପଣାର ଚେତନାଟିକୁ ହରାଇ ନଦେଇ ଓ ପରମ ସତ୍ୟଟି ସହିତ ମଧ୍ୟ ସଂଯୋଗସୂତ୍ରଟିକୁ ଛିଣ୍ଡାଇ ନଦେଇ ସେହି ଚେତନା ଓ ସେହି ପରମ ସତ୍ୟକୁ ଅବାରିତ ରଖିବା ତଥାପି ସମ୍ଭବ ହୁଏ ଏବଂ କେବଳ ଦୁଇଟିଯାକକୁ ସଂଯୁକ୍ତ କରିଦେବା ଦ୍ୱାରାହିଁ ଠିକ୍ ଏହି ପ୍ରକାରର ରୂପାନ୍ତରର କମିଆଟିକୁ ସୃଷ୍ଟି କରିବାର ସାମର୍ଥ୍ୟ ବି ସମ୍ଭବ ହୁଏ । ମାତ୍ର ଯଦି ଜଡ଼କୁ ଛୁଇଁପାରିବା ସମ୍ଭବ ହେଉ ନଥାନ୍ତା, ତେବେ ଜଡ଼ ବିଷୟରେ କିଛି ବି କରାଯାଇ ପାରନ୍ତା ନାହିଁ ।

ସାବିତ୍ରୀ କ'ଣ କରିବାକୁ ଯାଉଥିଲେ, ସେକଥା ସେ ନିଜେ ଆଗରୁ ଜାଣିଥିଲେ କି ?

ସିଏ ତାହା ଜାଣିଥିଲେ ବୋଲି କହୁଥିଲେ । ତୁମେ କ'ଣ ପଢ଼ି ନାହଁ ? ତାଙ୍କୁ ଏକଥା ମଧ୍ୟ ଆଗରୁ କୁହାଯାଇଥିଲା ଯେ ତାଙ୍କୁ ଏକୁଟିଆ ରହିବାକୁ ପଡ଼ିବ । ଏବଂ ସେ କହୁଥିଲେ : ମୁଁ ଏକୁଟିଆ ରହିବାକୁ ପ୍ରସ୍ତୁତ ଅଛି । ତୁମେ ପଢ଼ି ନାହଁ ? ଗତବର୍ଷ ସେହି ସର୍ଗଟିର ଆବୃତ୍ତି କରା ଯାଇଥିଲା ।*

"ପରମ ଦୁଃଖତମସ୍ର ଜନନୀ"ଙ୍କୁ ଏବଂ "ପରମ ଶକ୍ତିମତ୍ତାର ଜନନୀ"ଙ୍କୁ ଭେଟିବେ ବୋଲି ସେ କ'ଣ ପ୍ରକୃତରେ ଜାଣିଥିଲେ ?

ହଁ, ପ୍ରକୃତରେ ଜାଣିଥିଲେ । ଗ୍ରନ୍ଥଯାକ ସବୁଠାରେ କୁହାଯାଇଛି ଯେ ଯାହାକିଛି ଘଟିବାକୁ ଯାଉଥିଲା, ସିଏ ସବୁଯାକ କଥା ଜାଣିଥିଲେ । ଏକଥା ସ୍ପଷ୍ଟଭାବରେ ଲେଖାହୋଇଛି । ବସ୍ତୁତଃ ସିଏ ବଡ଼ ସ୍ପଷ୍ଟ ଭାବରେ ସେଗୁଡ଼ିକୁ ପ୍ରତ୍ୟେକକୁ ଉଦ୍ଦେଶ୍ୟ କରି କହୁଛନ୍ତି : ତୁମ ଲାଗି ଯାହା ଆବଶ୍ୟକ, ମୁଁ ତୁମ ଲାଗି ତାହାହିଁ ଆଣି ଆସିବି । ତେଣୁ, ସିଏ ଅବଶ୍ୟ ଏକଥା ଜାଣିଥିଲେ । ତା' ନହେଲେ ସିଏ କଦାପି ସେକଥା କହି ନଥାନ୍ତେ । ଯଦି ଜାଣି ନଥାନ୍ତେ, ତେବେ କିପରି କହି ପାରିଥାନ୍ତେ ?

---

*ଶ୍ରୀଅରବିନ୍ଦ : ସାବିତ୍ରୀ, ଶତବାର୍ଷିକୀ ରଚନାବଳୀ–୨୯, ପୃଷ୍ଠା-୫୦୩ରୁ ୫୬୧, ୧୯୫୭ ଡିସେମ୍ବର ପହିଲା ଦିନ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ତାହାର ଆବୃତ୍ତି କରା ଯାଇଥିଲା ।

'oaob.nitrkl.ac.in' images reprocessed

'ସାବିତ୍ରୀ' କାବ୍ୟରେ "ପରମ ଦୁଃଖଚାପ୍ସର ଜନନୀ" କହୁଛନ୍ତି :

"ସମ୍ଭବତଃ,
ଯେତେବେଳେ ପୃଥିବୀ ଏକ ଶେଷ ନିଦ୍ରାରେ
ନିମଗ୍ନ ହୋଇ ରହିବ,
ହୁଏତ ମୁଁ ମଧ୍ୟ
ଶବସ୍ଥାନ ଶାଶ୍ୱତ ଶାନ୍ତିର ନିଦ୍ରାରେ
ମଗ୍ନ ହୋଇ ରହିଥିବ ।"

ଶ୍ରୀଅରବିନ୍ଦ : ସାବିତ୍ରୀ, ଶତବାର୍ଷିକୀ ରଚନାବଳୀ-୨୯, ପୃଷ୍ଠା-୬୦୬

ହଁ, ଏହିଠାରେହିଁ ମନୁଷ୍ୟର ଚେତନା କଥା କୁହାଯାଇଛି । ଏହା ହେଉଛି ମନୁଷ୍ୟ-ଚେତନା । ଏଇଟି ହେଉଛି ମନୁଷ୍ୟ-ଚେତନାର ଏକ ଧାରଣା ଯେ, ଯେତେବେଳେ ସକଳ ଦୁଃଖଭୋଗର ସମାପ୍ତି ଘଟିବ, ସେତେବେଳେ "ମୁଁ ନିଦ୍ରାମଗ୍ନ ହୋଇଯିବ ।" ଶ୍ରୀଅରବିନ୍ଦ ବସ୍ତୁତଃ ଏଇଟି ବିଷୟରେହିଁ କହିଛନ୍ତି । ଏକ ସର୍ବୋଚ୍ଚ ଶାନ୍ତି ଲାଗି ଯେଉଁଠାରେ ଏହି ଅଭୀପ୍ସା ରହିଥାଏ, ସେତେବେଳେ ଜଣେ ଅନୁଭବ କରେ ଯେ ଯଦି ହୁଏତ ଏକ ପ୍ରଳୟ ଘଟିବ ଏବଂ ପୃଥିବୀ ବିଲୁପ୍ତ ହୋଇଯିବ, ତେବେ ଅନ୍ତତଃ ଶାନ୍ତି ଉପଲବ୍ଧ ହୋଇ ପାରିବ । ମାତ୍ର ଏଠାରେ ବାକ୍ୟାଂଶଟିକୁହିଁ ପରସ୍ପରବିରୋଧୀ ଭାବରେ ପ୍ରୟୋଗ କରା ଯାଇଛି; କାରଣ, ଯଦି ପ୍ରଳୟହିଁ ଘଟିବ, ତେବେ ତା'ପରେ ଉପଲବ୍ଧ ଶାନ୍ତିଟିକୁ ଅନୁଭବ କରିବା ଲାଗି ଆଉ କେହି ନଥିବେ,—ତା'ପରେ ଆଉ କେଉଁଠିହେଲେ କିଛିହିଁ ବାକୀ ରହିବ ନାହିଁ ।

ମାତ୍ର ଏଠାରେ ମନୁଷ୍ୟ-ଚେତନାରେ ରହିଥିବା କେବଳ ଗୋଟିଏ ଆତ୍ମ-ବିରୋଧର କଥାହିଁ କୁହାଯାଇଛି : "ଯେତେବେଳ ପର୍ଯ୍ୟନ୍ତ ଏହି ପୃଥିବୀ ରହିଛି ଓ ଦୁଃଖଭୋଗ ମଧ୍ୟ ରହିଛି, ମୁଁ ସେତେବେଳ ପର୍ଯ୍ୟନ୍ତ ପୃଥିବୀ ସହିତ ନିଜେ ମଧ୍ୟ ଦୁଃଖଭୋଗ କରିବ । ମାତ୍ର ଯଦି ଏହି ପୃଥିବୀ କେବେହେଲେ ଶାନ୍ତି ମଧ୍ୟରେ ପ୍ରବିଷ୍ଟ ହୁଏ, ପରମ ଅ-ସତ୍ତାର ଶାନ୍ତି ମଧ୍ୟରେ ବିଲୁପ୍ତ ହୋଇଯାଏ, ତେବେ ମୁଁ ମଧ୍ୟ ବିଶ୍ରାମ କରିବାକୁ ଯିବ ।" ଏଠାରେ କାବ୍ୟିକ ଭାବରେ ଏହି କଥାଟି କୁହାଯାଇଛି ଯେ ପୃଥିବୀରେ ଯେତେଦିନ ଯାଏ ଦୁଃଖଭୋଗ ରହିଛି, ମୁଁ ବି ସେତେଦିନ ଯାଏ ପୃଥିବୀ ସହିତ ଦୁଃଖଭୋଗ କରୁଥିବି । ଯେତେବେଳେ ଦୁଃଖର ଅବସାନ ହେବ, ମୋ ଦୁଃଖର ମଧ୍ୟ କେବଳ ସେତିକିବେଳେ ଯାଇ ଅବସାନ ଘଟିବ ।

'oaob.nitrkl.ac.in' images reprocessed

ତେବେ ସେତେବେଳେ "ପରମ ଦୁଃଖର ଜନନୀ" ପୁଣି ଆଉ କ'ଣ କରିବେ ? ଆଉ ସେ କ'ଣ କରି ପାରିବେ ?

ସେତେବେଳେ ସିଏ "ପରମ-ହର୍ଷର ଜନନୀ" ହୋଇ ରହିବେ ।

ଏଠାରେ ସାବିତ୍ରୀ ପରମ-ଜନନୀଙ୍କର ଚେତନାରହିଁ ପ୍ରତିନିଧିତ୍ୱ କରୁଛନ୍ତି, ନୁହେଁ କି ?

ହଁ ।

ଏବଂ ସତ୍ୟବାନ ପୁଣି କାହାର ପ୍ରତିନିଧିତ୍ୱ କରୁଛନ୍ତି ?

ସିଏ ହେଉଛନ୍ତି ଅବତାର, ନୁହେଁ ? ସିଏ ହେଉଛନ୍ତି ସର୍ବୋଚ୍ଚ ପରମ-ସତ୍ତାଙ୍କରହିଁ ଅବତାର ।

## ୧୬ ଡିସେମ୍ବର, ୧୯୫୩

ମା'ଆ, ଆପଣ କହିଛନ୍ତି : "ଏହି ବୋଧଟିକୁ (ଆମ ଭିତରେ ଚୈତ୍ୟ ସତ୍ତା ରହିଛି ବୋଲି) ଲାଭ କରିବା ସକାଶେ ନାନାବିଧ ପ୍ରଣାଳୀର ସୂତ୍ରପାତ କରାଯାଇଛି । ଏବଂ ପରିଶେଷରେ ଏହି ଏକାତ୍ମକତାଟିକୁ (ଚୈତ୍ୟ ସତ୍ତା ସହିତ) ଅର୍ଜନ କରିବା ପାଇଁ ବି କେତେ ପଦ୍ଧତି ବତାଇ ଦିଆଯାଇଛି । କେତେକ ମନୋ-ବୈଜ୍ଞାନିକ ପ୍ରଣାଳୀ, କେତେକ ଧର୍ମସୂତ୍ରର ଓ କେତେକ ଏପରିକି କେତୋଟି ବାହ୍ୟ ଉପାୟମାତ୍ର ।"

"ଜୀବନର ବିଜ୍ଞାନ," ଶିକ୍ଷା ସମ୍ବନ୍ଧରେ ।

ଆପଣ ଏହାର କେତୋଟି ଉଦାହରଣ ଦେଇ ପାରିବେ କି ?

ବାହ୍ୟ ଉପାୟଗୁଡ଼ିକର ଉଦାହରଣ ? ଏଗୁଡ଼ିକ ହେଉଛି ଆସନ, ହଠଯୋଗ । ଏହିପରି ଏକ ଅଭିପ୍ରାୟ ରଖି ସେଗୁଡ଼ିକୁ କରି ଯାଇଥାଏ ।

'oaob.nitrkl.ac.in' images reprocessed

ଯେଉଁମାନେ କୌଣସି ଏକ ବିଶେଷ ଧର୍ମରେ ବିଶ୍ୱାସ କରନ୍ତି, ପ୍ରାର୍ଥନା କରନ୍ତି ଓ ଧର୍ମାନୁଷ୍ଠାନଗୁଡ଼ିକର ପାଳନ କରନ୍ତି, ସେମାନଙ୍କ ଲାଗି ଧର୍ମପ୍ରଚାର କେତୋଟି ପଢନ୍ତି । ଯେକୌଣସି ଧର୍ମ ହେଉ ପଛକେ, ଯେତେବେଳେ ଜଣେ କୌଣସି ନିର୍ଦ୍ଦିଷ୍ଟ ଧର୍ମରେ ବିଶ୍ୱାସ କରୁଥାଏ, ସିଏ ସେହି ଧର୍ମର ବିଧିଶୃଙ୍ଖଳାଗୁଡ଼ିକର ପାଳନ ବି କରେ, ପ୍ରାର୍ଥନା କରେ ଓ ବର ମାଗେ; ସେହି ଧର୍ମର ଶିକ୍ଷା ମଧ୍ୟରେ ରହିଥିବା ଶୃଙ୍ଖଳାଟିକୁ ମାନେ ଓ ସେହି ଧର୍ମର ବିଶ୍ୱାସଗୁଡ଼ିକୁ ପାଳନ କରୁଥାଏ । ଯୋଗ ହେଉଛି ମନୋବୈଜ୍ଞାନିକ ପ୍ରଣାଳୀ । ଯାହା ପ୍ରକୃତରେ ସ୍ଥାୟୀ, ଯାହା ଚାଲି ଯିବ ନାହିଁ, ଆତ୍ମ-ଅନୁସନ୍ଧାନ ଦ୍ୱାରା ନିଜ ଭିତରେ ତାହାର ଅନ୍ୱେଷଣ କରିବା,— ଏଠାରେ ତାହାରି କଥା କୁହାଯାଇଛି ।

"ତୁମର ଉଦ୍ଦେଶ୍ୟ ଉଚ୍ଚ ହେବ, ପ୍ରଶସ୍ତ ହେବ, ଉଦାର ହେବ ଏବଂ ନିଃସ୍ୱାର୍ଥପର ବି ହେବ ।"

ତତ୍ରୈବ ।

## ଏଗୁଡ଼ିକର ଅର୍ଥ କ'ଣ ?

ଏଗୁଡ଼ିକର ଅର୍ଥ କ'ଣ ବୋଲି ତୁମେ ପଚାରୁଛ ? ଉଚ୍ଚର ଅର୍ଥ ?...... ଉଦାହରଣସ୍ୱରୂପ ଏପରି ଲୋକ ଅଛନ୍ତି, ବିତ୍ତଶାଳୀ ହେବା ଓ ବଡ଼ଲୋକ ହୋଇପାରିବା ହେଉଛି ସେମାନଙ୍କର ଲକ୍ଷ୍ୟ; ଏବଂ ଏପରି ଲୋକ ବି ଅଛନ୍ତି, ଯେଉଁମାନେ କି କୌଣସି ଏକ ରୋଗର ଆରୋଗ୍ୟ-ଉପାୟ ବାହାର କରିବାକୁହିଁ ଜୀବନର ଲକ୍ଷ୍ୟ କରି ଧରିଥାନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ନିଜ ଲାଗି ଧନ କମାଇବାକୁ ଆମେ ଏକ ରୋଗର ଔଷଧ ଖୋଜିବାଠାରୁ ଅନେକ ଅଧିକ ସ୍ୱାର୍ଥପରାୟଣ ବୋଲି କହିବା । ଆହୁରି ଅନ୍ୟମାନେ ବି ଅଛନ୍ତି, ଯେଉଁମାନେ କି ଆରାମ ଓ ଶାନ୍ତିରେ ରହିବାକୁହିଁ ନିଜ ଜୀବନର ଲକ୍ଷ୍ୟ ବୋଲି ଗ୍ରହଣ କରିଥାନ୍ତି । ସେମାନେ ପରିବାର ଚାହାନ୍ତି, ସନ୍ତାନ ଚାହାନ୍ତି, ସର୍ବୋତ୍ତମ ନାନା ପରିବେଷ୍ଟନୀ ମଧ୍ୟରେ ସର୍ବୋତ୍ତମର ବାସନା ରଖିଥାନ୍ତି । ସେଇଟିକୁ ମଧ୍ୟ ବେଶ୍ ଏକ ଅଲପ ଲକ୍ଷ୍ୟ ବୋଲି କୁହାଯିବ,—ଅନ୍ତତଃ ଏକ ଅତ୍ୟନ୍ତ ସାଧାରଣ ଲକ୍ଷ୍ୟ ବୋଲି କୁହାଯିବ । ଆଉ ଅନେକ ଅଛନ୍ତି, ଯେଉଁମାନେ ସମଗ୍ର ସମାଜର ଉନ୍ନତି କାମନା କରନ୍ତି ଅଥବା କୌଣସି ନୂତନ ଉଦ୍‌ଭାବନର ଉଦ୍ଦେଶ୍ୟ ରଖି ଅଧ୍ୟୟନ କରୁଥାନ୍ତି । ଏଠାରେ ଶ୍ରୀଯୁକ୍ତ ଏବଂ ଶ୍ରୀମତୀ କ୍ୟୁରିଙ୍କୁ ଦୃଷ୍ଟାନ୍ତରୂପେ ନିଆଯାଇ ପାରିବ; ସେମାନେ ରେଡ଼ିଅମ୍ ଆବିଷ୍କାର କରିଥିଲେ । ସେଇଟି ହେଉଛି ଏକ ଅଧିକ ଉଚ୍ଚ ଲକ୍ଷ୍ୟ ।

'oaob.nitrkl.ac.in' images reprocessed

"ନିଃସ୍ୱାର୍ଥପର"ର ଅର୍ଥ ହେଉଛି ଯେ ଆମେ ଯାହା କରିବା, ତାହା କେବଳ ଆମର କ୍ଷୁଦ୍ର ବ୍ୟକ୍ତିଗତ ଲାଭ ପାଇଁ ହୋଇ ନଥିବ, କେବଳ ନିଜ ବ୍ୟକ୍ତିଗତ ସୁଖ ଲାଗି ହୋଇ ନଥିବ, ମାତ୍ର ସଂପୂର୍ଣ୍ଣ ଭାବରେ ଅନ୍ୟମାନଙ୍କୁ ସାହାଯ୍ୟ କରିବା ଲାଗି ଉଦ୍ଦିଷ୍ଟ ହୋଇ ରହିଥିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ପରମେଶ୍ୱରଙ୍କ ସହିତ ସମ୍ମିଳିତ ହୋଇ ତାଙ୍କର କାର୍ଯ୍ୟ କରିବା ହେଉଛି ଉଚ୍ଚତମ ଲକ୍ଷ୍ୟ; ମାତ୍ର ସେଇଟି ପ୍ରକୃତରେ ଶିଡ଼ିର ସବା ଉପରେ ଯାଇ ରହିଛି । ଏହି ପ୍ରଥମ ଅଧ୍ୟାୟଟିରେ ମୁଁ ଏହି ଧରଣର କୌଣସି କଥା କହିବି ନାହିଁ ବୋଲି ସବୁପ୍ରକାରର ସାବଧାନତା ଅବଲମ୍ବନ କରିଥିଲି, କାରଣ ମୁଁ ସେସବୁ ଜାଣିଶୁଣି ସମସ୍ତଙ୍କ ପାଇଁ ଉଦ୍ଦେଶ୍ୟ କରି ଲେଖିଥିଲି । ଯେଉଁମାନଙ୍କର ଈଶ୍ୱର-ସନ୍ନିଧାନ ବିଷୟରେ ଆଦୌ କୌଣସି ବୋଧ ନାହିଁ, ଏପରିକି ସେମାନଙ୍କ ପାଇଁ ବି ଲେଖିଥିଲି । ମାତ୍ର ତଥାପି ଏହା କହିବା ଲାଗି କୌଣସି ଆବଶ୍ୟକତା ନାହିଁ ଯେ ନିଜ ଭିତରେ ପରମ ଦିବ୍ୟସତ୍ତାଙ୍କୁ ଆବିଷ୍କାର କରି ତାଙ୍କର ସହିତ ସମ୍ମିଳିତ ହେବା ଏବଂ ତାଙ୍କର କାର୍ଯ୍ୟକୁହିଁ ସମ୍ପନ୍ନ କରିବା ହେଉଛି ସବୁଠାରୁ ଉଚ୍ଚ ଲକ୍ଷ୍ୟ, ସବୁଠାରୁ ଅଧିକ କାମନାମୁକ୍ତ ଲକ୍ଷ୍ୟ ଓ ସବୁଠାରୁ କମ୍ ସ୍ୱାର୍ଥଜଡ଼ିତ ଲକ୍ଷ୍ୟ ।

ଉଚ୍ଚ ଏବଂ ପ୍ରଶସ୍ତ, ଉଦାର ଏବଂ ନିଃସ୍ୱାର୍ଥପର ।

ହଁ, ପ୍ରଶସ୍ତ । ଏଇଟି ଆଦୌ କେବଳ କୌଣସି ସଂକୀର୍ଣ୍ଣ ଓ କ୍ଷୁଦ୍ର ଚେତନା ମଧ୍ୟରେ ସୀମିତ ହୋଇ ରହିବ ନାହିଁ, ସେଥିରୁ ପ୍ରାପ୍ତ କ୍ଷୁଦ୍ର ଓ ସ୍ୱାର୍ଥଜଡ଼ିତ ସୁବିଧା ଓ ଲାଭଗୁଡ଼ିକ ମଧ୍ୟରେ ବି ସୀମାବଦ୍ଧ ହୋଇ ରହିବ ନାହିଁ । ତାହା ଏକ ସମଗ୍ର ମଧ୍ୟରେ ବ୍ୟାପ୍ତ ହୋଇ ପାରୁଥିବ । ଏହି ସମଗ୍ର ଗୋଟିଏ ଗୋଷ୍ଠୀ ହୋଇପାରେ, ଜାତି ହୋଇପାରେ, ମହାଦେଶ ବା ସମଗ୍ର ପୃଥିବୀ ମଧ୍ୟ ହୋଇପାରେ । ମନୁଷ୍ୟ ଲାଗି ଯେଉଁ କାର୍ଯ୍ୟଟି ସମୁଦାୟ ପୃଥିବୀରେ କାର୍ଯ୍ୟକାରୀ ହୋଇ ପାରୁଛି, ତାହାକୁ ନିଶ୍ଚୟ ଏକ ପ୍ରଶସ୍ତ କାର୍ଯ୍ୟ ବୋଲି କୁହାଯିବ ।

ଆପଣ ତା'ପରେ କହିଛନ୍ତି : "ଏହା ତୁମର ଜୀବନକୁ ତୁମ ନିଜ ଲାଗି ଏବଂ ସମସ୍ତଙ୍କ ଲାଗି ମୂଲ୍ୟବାନ୍ କରିଦେଇ ପାରିବ ।"

ହଁ; ଯଦି ତୁମେ ଅନୁପଯୋଗୀ ହୋଇ ରହିଥିବ, ତେବେ ତାହାକୁ କଦାପି ମୂଲ୍ୟବାନ୍ ବୋଲି କୁହା ଯିବ ନାହିଁ । ଯଦି ଉପଯୋଗୀ ହୋଇ ପାରୁଥିବ, ତେବେ ଯାଇ ମୂଲ୍ୟବାନ୍ ବି ହୋଇ ପାରିବ । ଏକ ଅତି ସଂକୀର୍ଣ୍ଣ ଓ ବ୍ୟକ୍ତିଗତ ଜୀବନଧାରଣାର



'oaob.nitrkl.ac.in' images reprocessed

ସାନସାନ ଜିନିଷଗୁଡ଼ାକୁ ନେଇ ବ୍ୟସ୍ତ ହୋଇ ରହିବାଠାରୁ ଆଉ ପ୍ରକୃତରେ ଅଧିକ ବିରକ୍ତିଜନକ ପୁଣି କ'ଣ ଅଛି ? ସେତେବେଳେ ଭିତରଟା ଖାଲି ଫମ୍ପା ଲାଗୁଥାଏ, ନିଜର ସତେଅବା କୌଣସି ପ୍ରୟୋଜନ ନଥିବା ପରି ଲାଗୁଥାଏ । ଜୀବନ ବଞ୍ଚିବାରେ କୌଣସି ଆଗ୍ରହ ନଥାଏ । ଏପରି ଲୋକ ଅଛନ୍ତି, ଯେଉଁମାନେ ନିଜ ଆପଣାର କ୍ଷୁଦ୍ର ପରିବାରଟି ମଧ୍ୟରେ ଆପଣାକୁ ବନ୍ଦୀ ରଖିଥାନ୍ତି; ଏବଂ ଯଦି ପିଲା ଟିକିଏ କାଶିଦେଲା, ତେବେ ସେମାନେ ଘଣ୍ଟାଏ କାଳ ଚିନ୍ତିବାରେ ଲାଗିଥାନ୍ତି; ରନ୍ଧାବଢ଼ାରେ କେଉଁଠି କ'ଣ ଟିକିଏ ଗଲତି ରହି ଯାଇଥିଲେ କଜିଆ କରିବାରେ ଲାଗିଥାନ୍ତି । ଅଥବା ଯଦି ଭଦ୍ରଲୋକଙ୍କର ଚାକିରି ଚାଲି ଯାଇଥାଏ ଅଥବା ସିଏ ଆଉ ଗୋଟିଏ ଚାକିରି ଖୋଜୁଥାନ୍ତି, ତେବେ ସେ ବିମର୍ଷ ହୋଇ କହୁଥାନ୍ତି : "ଏଥର ମୋ ପିଲାଛୁଆଙ୍କୁ ମୁଁ ପ୍ରକୃତରେ କ'ଣ ଖାଇବାକୁ ଦେବି ?"...ଏହି ଜୀବନକୁ ଗୋଟାଏ ଜୀଆ ଗୋଟିଏ ଗାତ ଭିତରେ ରହି କଟାଉଥିବା ଜୀବନ ବୋଲି କୁହାଯିବ ।

### ସମସ୍ତଙ୍କ ଭିତରେ ଚୈତ୍ୟ ଅଂଶଟି ସବୁବେଳେ ଶୁଦ୍ଧ ହୋଇ ରହିଥାଏ ନା ତାହାକୁ ଶୁଦ୍ଧ କରିବାକୁ ପଡ଼େ ?

ତାହା ସବୁବେଳେ ଶୁଦ୍ଧ ହୋଇ ରହିଥାଏ । ମାତ୍ର ଆପଣାର କାର୍ଯ୍ୟରେ ତାହା ଅଳ୍ପବହୁତ ବ୍ୟକ୍ତିତ୍ୱାପନ୍ନ ହୋଇ ରହିଥାଏ ଓ ସ୍ୱାଧୀନ ହୋଇ ରହିଥାଏ । ସତ୍ତ୍ୱା ମଧ୍ୟରେ ଆମେ ଯାହାକୁ ଚୈତ୍ୟ ବୋଲି କହିବା, ଆପଣାର ସଂଜ୍ଞାଟି ଅନୁସାରେ ତାହା ସର୍ବଦା ଶୁଦ୍ଧ ହୋଇ ରହିଥାଏ, କାରଣ ସତ୍ତ୍ୱାର ସେହି ଅଂଶଟିହିଁ ପରମ ଦିବ୍ୟସତ୍ତ୍ୱା ସହିତ ସଂଯୁକ୍ତ ହୋଇ ରହିଥାଏ ଏବଂ ସତ୍ତ୍ୱାର ଅସଲ ସତ୍ୟଟିକୁ ଅଭିବ୍ୟକ୍ତ କରିଥାଏ । ମାତ୍ର ସତ୍ତ୍ୱାକୁ ଆବୃତ କରି ରହିଥିବା ଅନ୍ଧକାର ମଧ୍ୟରେ ତାହା କେବଳ ଗୋଟିଏ ସ୍ଫୁଲିଙ୍ଗ ମାତ୍ର ହୋଇ ରହିପାରେ, କିଂବା, ଆଲୋକର ବି ଏକ ସତ୍ତ୍ୱା ହୋଇ ରହିପାରେ, ସଚେତନ, ପୂର୍ଣ୍ଣଗଠିତ ଏବଂ ସ୍ୱାଧୀନ ହୋଇ ରହିପାରେ । ଏବଂ ଏହି ଦୁଇଟି ଅବସ୍ଥା ମଧ୍ୟରେ ମାତ୍ରାଭେଦରେ ସବୁଯାକ ସୋପାନ ଅବସ୍ଥିତ ରହିଛି ।

### ଏଇଟି କ'ଣ ସାଧାରଣତଃ ଆବରଣ ତଳେ ରହିଥାଏ ?

ବାହ୍ୟ ଚେତନାଟିର ତାହା ସହିତ କୌଣସି ସମ୍ପର୍କ ନଥାଏ; କାରଣ ତାହାର ମୁହଁଟି ଭିତର ଆଡ଼କୁ ନହୋଇ ବାହାର ଆଡ଼କୁ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

କାରଣ, ତାହା ଯାବତୀୟ ବାହ୍ୟ କୋଳାହଳ ଓ ହୁଡ଼ହୁଡ଼ ଧାପଡ଼ ଭିତରେହିଁ ଜୀବନ ବଞ୍ଚିଥାଏ; ତାହା ଯାହାକିଛି ଦେଖୁଥାଏ, ଯାହାକିଛି କରୁଥାଏ ବା କହୁଥାଏ, ଆପଣା ଭିତରକୁ ଅବଲୋକନ ନକରି ଅର୍ଥାତ୍ ସତ୍ତାର ଗଭୀର ପ୍ରଦେଶଗୁଡ଼ିକ ଆଡ଼କୁ ନଦେଖି ଏବଂ ଅନ୍ତର୍ଗତ ପ୍ରେରଣାଗୁଡ଼ିକର ଇଙ୍ଗିତକୁ ନଶୁଣି, ତାହା ସେହିଗୁଡ଼ିକ ମଧ୍ୟରେହିଁ ଘୁରାଇ ଘୁରାଇ ହୋଇ ରହିଥାଏ ।

## ଚୈତ୍ୟର ପ୍ରକୃତରେ କୌଣସି ଶକ୍ତି ରହିଛି କି ?

ହଁ, ନିଶ୍ଚୟ ! ସାଧାରଣତଃ ଚୈତ୍ୟହିଁ ସତ୍ତାକୁ ବାଟ ଦେଖାଇ ଆଗକୁ ନେଇ ଯାଉଥାଏ । ବ୍ୟକ୍ତି ଏବିଷୟରେ କିଛି ଜାଣେ ନାହିଁ, କାରଣ ସେ ଏହି ବିଷୟରେ ସଚେତନହିଁ ନଥାଏ । ମାତ୍ର ସାଧାରଣତଃ ଚୈତ୍ୟହିଁ ସତ୍ତାର ପରିଚାଳନା କରେ । ଖୁବ୍ବେଶୀ ମନୋଯୋଗୀ ହୋଇପାରିଲେ ଯାଇ ସେବିଷୟରେ ସଜ୍ଞାନ ହେବା ସମ୍ଭବ ହୁଏ । ମାତ୍ର ଅଧିକାଂଶ ମଣିଷଙ୍କର ସେହି କଥାଟି ସମ୍ବନ୍ଧରେ ଏତେଟିକିଏ ମଧ୍ୟ ଧାରଣା ନଥାଏ । ଉଦାହରଣସ୍ୱରୂପ, ଆପଣାର ବାହ୍ୟ ଅଜ୍ଞାନଟି ଦ୍ୱାରା ପ୍ରେରିତ ହୋଇ ସେମାନେ ଯେତେବେଳେ କିଛି କରିବାକୁ ଯାଉଥାନ୍ତି, ସେତେବେଳେ ସେମାନେ ସେଇଟିକୁ କରିବା ଲାଗି ସମର୍ଥ ହେବା ପରିବର୍ତ୍ତେ ଯାବତୀୟ ପରିସ୍ଥିତି ଏପରି ଅନ୍ୟଭାବରେ ସଂଗଠିତ ହୋଇଯାଏ ଯେ ସେମାନେ ହୁଏତ ଆଉ ଅନ୍ୟକିଛି କରିବସନ୍ତି; ସେଥିରେ ସେମାନେ କେତେ ପାଟି କରନ୍ତି, କେତେ ଗର୍ଜନତର୍ଜନ କରନ୍ତି ଓ ଭାଗ୍ୟ ଉଦ୍ଦେଶ୍ୟରେ କେତେ କ୍ରୋଧ ପ୍ରକଟ କରିବାରେ ଲାଗିଥାନ୍ତି । ସେମାନେ (ସେମାନେ ଯେଉଁସବୁ ଉପରେ ଆସ୍ଥା ରଖିଥାନ୍ତି, ସେମାନଙ୍କର ସେହିସବୁ ବିଶ୍ୱାସ ଉପରେହିଁ ତାହା ନିର୍ଭର କରୁଥାଏ) ପ୍ରକୃତିକୁ ଦୁଷ୍ଟ ବୋଲି କହନ୍ତି ବା ନିଜର ଭାଗ୍ୟକୁ ମନ୍ଦ ବୋଲି କହୁଥାନ୍ତି, ଅଥବା ଭଗବାନ ଅନ୍ୟାୟ କଲେ ବୋଲି କହନ୍ତି······ଅଥବା, କ'ଣ ମନ କ'ଣ କହିବାରେ ଲାଗିଥାନ୍ତି (ତାହା ସେମାନଙ୍କର ବିଶ୍ୱାସ ଉପରେ ନିର୍ଭର କରୁଥାଏ) । ଏବଂ ଅଧିକାଂଶ ସମୟରେ ସେହି ପରିବେଶଟିହିଁ ସେମାନଙ୍କର ଅନ୍ତର୍ଗତ ବିକାଶ ଲାଗି ପ୍ରକୃତରେ ସବୁଠାରୁ ଅଧିକ ଅନୁକୂଳ ହୋଇ ରହିଥାଏ । ଏବଂ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତୁମ ଲାଗି ଏକ ସୁଖ ଓ ଆରାମମୟ ଜୀବନର ସମ୍ଭବ କରିବାରେ ତୁମକୁ ସାହାଯ୍ୟ କରିବାକୁ ଯଦି ତୁମେ ତୁମ ଚୈତ୍ୟପୁରୁଷକୁ ଯାଇ ନିବେଦନ କରିବସିବ, ଅଧିକ ପଇସା ରୋଜଗାର କରିବାରେ, ପରିବାର ଲାଗି ଗର୍ବ ହୋଇ ରହି ପାରିବା ଭଳି ସନ୍ତାନର ପିତାମାତା ହୋଇ ପାରିବାରେ ଓ ସେହିପରି ଆହୁରି ନାନାବିଧ କଥାରେ ତୁମକୁ ସାହାଯ୍ୟ କରିବା ପାଇଁ ଯଦି ତୁମେ ଚୈତ୍ୟକୁ ଯାଇ କହିବ, ତେବେ ଏଇଟା ଧରିବନ୍ଧା କଥା

'oaob.nitrkl.ac.in' images reprocessed

ଯେ ଚୈତ୍ୟ ତୁମକୁ ସେଥିରେ କୌଣସି ସାହାଯ୍ୟ କରିବ ନାହିଁ । ମାତ୍ର, ତୁମର ଚେତନା ମଧ୍ୟରେ ପରମ ଦିବ୍ୟସତ୍ତାଙ୍କ ସହିତ ସମ୍ମିଳିତ ହେବା ଲାଗି ଯେପରି ଏକ ପ୍ରୟୋଜନ ଉନ୍ମେଷିତ ହୋଇ ଆସିପାରିବ, ସେଥିଲାଗି ତୁମ ପାଇଁ ଯାବତୀୟ ପରିବେଶର ସୃଷ୍ଟି କରି ଆଣିବାରେ ଚୈତ୍ୟ ତୁମକୁ ନିଶ୍ଚୟ ସାହାଯ୍ୟ କରିବ । ଅନେକ ସମୟରେ ଏପରି ହୋଇଥାଏ ଯେ ତୁମେ କେତେ କେତେ ଚମତ୍କାର ଯୋଜନା ତିଆରି କରି ରଖିଥାଅ, ଏବଂ ଯଦି ସେହି ଯୋଜନାଗୁଡ଼ିକ ସଫଳ ହୋଇଥାନ୍ତେ, ତେବେ ତାହା ଫଳରେ ତୁମେ ଆପଣାର ବାହ୍ୟ ଅଜ୍ଞାନମୟ ପରପ୍ରକୃତି ମଧ୍ୟରେ ଆହୁରି ଅଧିକ ବହଳ ହୋଇ ଲାଖିରହି ଯାଇଥାନ୍ତ, ନିଜର ନିର୍ବୋଧ ସାନ ସାନ ଉଚ୍ଚସ୍ୱପ୍ନଗୁଡ଼ିକରେ ଏବଂ ଉଦ୍ଦେଶ୍ୟହୀନ କ୍ରିୟାଶୀଳତାଟି ମଧ୍ୟରେ ଲାଖିରହି ଯାଇଥାନ୍ତ । ମାତ୍ର ଯଦି ତୁମେ ପ୍ରକୃତରେ ବେଶ୍ କରି ଏକ ଆଘାତ ପାଅ, ତୁମେ ଯେଉଁ ପ୍ରାପ୍ତିଟି ଲାଗି ଲୋଭାନ୍ୱିତ ହୋଇ ରହିଥିଲ, ଯଦି ସେଇଟି ତୁମ ଲାଗି ପ୍ରତ୍ୟାହୃତ ହୋଇ ରହିଯାଏ, ଯଦି ତୁମର କରିଥିବା ଯୋଜନାଟି ଚୂନା ହୋଇଯାଏ, ଏବଂ ତୁମେ ଆପଣାର କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବରେ ବ୍ୟର୍ଥ ହୋଇ ରହ, ତେବେ, ଅନେକ ସମୟରେ ଏହି ବିରୋଧଟି ଦ୍ୱାରାହିଁ ତୁମ ଭିତରେ ଅଧିକ ସତ୍ୟ ଓ ଅଧିକ ଗଭୀର କୌଣସି ବସ୍ତୁ ଲାଗି ଏକ ଦ୍ୱାର ସତେଅବା ଉନ୍ମୋଚିତ ହୋଇଯାଏ । ଏବଂ ଯେତେବେଳେ କିଞ୍ଚିତ୍ ଚେତା ହୋଇ ତୁମେ ପଛକୁ ଅନାଇ ଦେଖ, ଯଦି ତୁମ ମଧ୍ୟରେ ଏତେଟିକିଏ ଆନ୍ତରିକତାର ବି ଉଦୟ ସମ୍ଭବ ହୁଏ, ସେତେବେଳେ ତୁମେ କହିବାକୁ ଆରମ୍ଭ କର : "ପ୍ରକୃତରେ ମୁଁ ଭୁଲ ଭିତରେ ପଡ଼ିଥିଲି, ଏବଂ ପ୍ରକୃତି ବା ଭଗବତ୍ କରୁଣା ବା ମୋର ଚୈତ୍ୟ ସତ୍ତାହିଁ ମୋତେ ପୁଣି ଯଥାର୍ଥ ପଥକୁ ନେଇଆସି ପାରିଲେ ।" ପ୍ରକୃତରେ ଚୈତ୍ୟ ସତ୍ତାହିଁ ତାହାକୁ ସେହିପରି ଭାବରେ ସଂଗଠିତ କରିଆଣିଲା ।

**ଆମର ଚୈତ୍ୟ ଇଚ୍ଛାହିଁ କ'ଣ ଆମର ସତ୍ତାଟି ପରମେଶ୍ୱରଙ୍କ ସହିତ ଏକାତ୍ମକତା ଅର୍ଜନ କରୁ ବୋଲି ଇଚ୍ଛା କରୁଥାଏ ?**

ହଁ, ବିଲ୍‌କୁଲ୍ ଠିକ୍ କଥା । ଚୈତ୍ୟ ଇଚ୍ଛାହିଁ ତାହା ଚାହୁଥାଏ । ଠିକ୍ ସେହି କାରଣରୁହିଁ ତାହା ଆମ ଭିତରେ ଅବସ୍ଥିତ ରହିଥାଏ । ଠିକ୍ ସେଇଥିପାଇଁ, ଉଦାହରଣସ୍ୱରୂପ, ଆମର ମନ ଭିତରେ (ଅନେକ ସମୟରେ ଏପରିକି ଦେହ ଓ ପ୍ରାଣର ସ୍ତରରେ ମଧ୍ୟ) ଆମର କେତୋଟି କାର୍ଯ୍ୟ ଅଜାଣତରେ ବି ଚୈତ୍ୟର ପ୍ରଭାବଟିକୁ ଜାଗ୍ରତ କରି ଆଣିଥାଏ । ତେଣୁ ସେହିସବୁ ଅଂଶ ସେହି ପ୍ରଭାବଟିକୁ ଧାରଣ କରି ରହିଥାଏ ଏବଂ ଦିବ୍ୟ ଜ୍ଞାନ, ଦିବ୍ୟ ସାଯୁଜ୍ୟ ଏବଂ ପରମ ଦିବ୍ୟସତ୍ତା

'oaob.nitrkl.ac.in' images reprocessed

ସହିତ ସମ୍ବନ୍ଧ ସ୍ଥାପନ କରିବା ଲାଗି ଏକ ଅଭୀପ୍ସା ବି ପୋଷଣ କରିବାକୁ ଆରମ୍ଭ କରେ ।

## ଚୈତ୍ୟ କପରି ଭାବରେ ସତ୍ୟର ପ୍ରକାଶନ ଘଟାଏ ?

ମୁଁ ତ କହୁଛି ଯେ ଚୈତ୍ୟହିଁ ସତ୍ୟର ପ୍ରକାଶନ ଘଟାଏ ।

> "ଆମ ଭିତରେ ଯେଉଁ ଅନ୍ତଃପ୍ରେରଣାମୟ କେନ୍ଦ୍ରଟି ରହିଛି, ଆମ ଭିତରେ ଆମ ଅସ୍ତିତ୍ୱର ସର୍ବୋଚ୍ଚ ସତ୍ୟଟିର ଯେଉଁ ଆସ୍ଥାନ ରହିଛି, ଆମ ଭିତରେ ଯାହାର ଜ୍ଞାନ ଲାଗି ଓ ସତ୍ୟର ପ୍ରକାଶନ ଲାଗି ସାମର୍ଥ୍ୟ ରହିଛି, ସେହି କେନ୍ଦ୍ରଟିକୁହିଁ ଆମେ 'ଚୈତ୍ୟ' ବୋଲି ଅଭିହିତ କରିଥାଉ ।"
>
> "ଜୀବନର ବିଜ୍ଞାନ"—ଶିକ୍ଷା ସମ୍ବନ୍ଧରେ ।

ହଁ, ହଁ, ଆମ ଅସ୍ତିତ୍ୱର ସତ୍ୟ,—କେବଳ ପରମ ସତ୍ୟଟିହିଁ ନୁହେଁ । ଆମ ସତ୍ତାର ସତ୍ୟ, ଏକ ଜୀବନର ଅସଲ ଉଦ୍ଦେଶ୍ୟ । ବସ୍ତୁତଃ ତାହାହିଁ ପରିବେଶ-ଗୁଡ଼ିକୁ ଏପରି ଭାବରେ ସଂଗଠିତ କରି ଆଣୁଥାଏ ଯେ ତଦ୍ୱାରା ସତ୍ତାର ଅସଲ ସତ୍ୟଟି ଅଭିବ୍ୟକ୍ତ ହୋଇ ଆସିପାରେ ଅଥବା ଏହି ଉପରିଭାଗର ବାହ୍ୟ ସତ୍ତାଟି ଆବର୍ତ୍ତିତ ହୋଇ ଅନ୍ତର୍ମୁଖୀ ହୋଇଯାଏ;—ଅର୍ଥାତ୍ ବାହାରେ ସିଏ ଆଉ କୌଣସି ଆଶ୍ରୟ ବା ସମର୍ଥନ ପାଏ ନାହିଁ ଏବଂ ଆଶ୍ରୟ ଲାଗି ଭିତରକୁହିଁ ଚାଲିଯାଏ; ତା'ପରେ ତାକୁ ଚୈତ୍ୟ ସମର୍ଥନଟି ଉପଲବ୍ଧ ହୋଇଥାଏ ।

> "ଶରୀର ମଧ୍ୟରେ ଅନୁକୂଳନର ଏବଂ ସହନଶୀଳତାର ଏକ ଚମତ୍କାର ସାମର୍ଥ୍ୟ ରହିଛି । ଆମେ ସାଧାରଣତଃ ଯେତିକି କଳ୍ପନା କରିପାରୁ, ତାହାଠାରୁ ଅନେକ ଅଧିକ କାର୍ଯ୍ୟ ସମ୍ପନ୍ନ କରିବାର ସାମର୍ଥ୍ୟ ଏହି ଶରୀରର ରହିଛି । ବର୍ତ୍ତମାନ ଯେଉଁ ଅଜ୍ଞାନବଶ ଏବଂ ସ୍ୱେଚ୍ଛାଚାରୀ ପ୍ରଭୁମାନେ ତାହା ଉପରେ ସ୍ୱାମିତ୍ୱ କରିବାରେ ଲାଗିଛନ୍ତି, ଯଦି ତାହା ବଦଳରେ ତାହା ସତ୍ତାର କେନ୍ଦ୍ରସତ୍ୟଟି ଦ୍ୱାରାହିଁ ଶାସିତ ହେବାକୁ ଆରମ୍ଭ କରେ, ତେବେ ଏହି ଶରୀର ଯେ ପ୍ରକୃତରେ କେତେ ଯେ କ'ଣ କାର୍ଯ୍ୟର

'oaob.nitrkl.ac.in' images reprocessed

ସାଧନ କରିପାରିବ, ସେଥିରେ ଆମେ କେବଳ ବିସ୍ମିତହିଁ ହେବାକୁ ଆରମ୍ଭ କରିବା । ସେତେବେଳେ ଆମର ଶରୀର ସ୍ଥିର ହୋଇ ଆସିବ, ଅବିଚଳିତ ହୋଇ ରହିବ, ଶକ୍ତିମାନ୍ ହେବ, ଆପେ ଆପଣାର ଠାବ ପାଇପାରିବ, ତା'ଠାରୁ ଯେଉଁ ପ୍ରୟାସର ପ୍ରତ୍ୟାଶା କରା ଯାଉଥିବ, ତାହା ପ୍ରତ୍ୟେକ ମୁହୂର୍ତ୍ତରେ ସେହି ପ୍ରୟାସଟିକୁ କରି ପାରୁଥିବ; କାରଣ ସେତେବେଳେ ତାହା କ୍ରିୟାଶୀଳତା ମଧ୍ୟରେ ବି ବିଶ୍ରାମ ଅନୁଭବ କରିବାର କଳାଟିକୁ ଶିଖି ଯାଇଥିବ, ସଚେତନ ଭାବରେ ଓ ଉପଯୋଗୀ ମାର୍ଗରେ ସିଏ ଯେଉଁସବୁ ଶକ୍ତି ବ୍ୟୟ କରୁଛି, ବିଶ୍ୱଗତ ଶକ୍ତିଗୁଡ଼ିକ ସହିତ ସମ୍ପର୍କ ସ୍ଥାପନ କରିବା ଦ୍ୱାରା ତାହା ସେହିସବୁ ଶକ୍ତିର ଭରଣା କରିନେଇ ପାରିବାର ବିଦ୍ୟାଟିକୁ ମଧ୍ୟ ହାସଲ କରି ନେଇଥିବ ।"

ତତ୍ରୈବ ।

କ୍ରିୟାଶୀଳତା ମଧ୍ୟରେ ବି କିପରି ବିଶ୍ରାମର ଅନୁଭୂତି ସମ୍ଭବ ହେବ ?

ଗୋଟିଏ ପ୍ରକାରର ଅନ୍ତର୍ଗତ ନିର୍ବାଚନର ନିଶ୍ଚିତତାରୁହିଁ ତାହା ସମ୍ଭବ ହୁଏ । ଜଣେ ଯେତେବେଳେ କୌଣସି ବସ୍ତୁ ଲାଗି ଆକାଂକ୍ଷା କରେ, ଯଦି, ଯଥାସମ୍ଭବ ସର୍ବୋତ୍ତମ ଭାବରେ ସେହି ଆକାଂକ୍ଷାଟି ଯଥାସ୍ଥାନରେ ଯାଇ ପହଞ୍ଚିବ ଓ ପରିପୂର୍ଣ୍ଣ ହେବ ବୋଲି ଜଣେ ଯୁଗପତ୍ ଭାବରେ ଜାଣିଥାଏ, ତେବେ ତାହାରି ଦ୍ୱାରାହିଁ ସତ୍ତା ଭିତରେ ଏକ ଶାନ୍ତ ଅବସ୍ଥା ଉପଲବ୍ଧ ହୋଇଥାଏ, ସନ୍ତ୍ତାର ସ୍ପନ୍ଦନକ୍ଷେତ୍ରରେ ଏକ ନିଷ୍କମ୍ପତା ସମ୍ଭବ ହୋଇଥାଏ । ମାତ୍ର, ଅନ୍ୟ ପକ୍ଷରେ, ଯଦି କେଉଁଠି କୌଣସି ସନ୍ଦେହ ଛପି ରହିଥାଏ, ଅନିଶ୍ଚିତତା ରହିଥାଏ, କ'ଣ କଲେ ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚି ହେବ ବୋଲି ଯଦି ଆମକୁ ଜଣା ନଥାଏ, କିଂବା, ଆମେ ଆଦୌ ଆମର ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚି ପାରିବା ଅଥବା ସେଠାରେ ଯାଇ ପହଞ୍ଚିବା ଲାଗି ଆଦୌ ଏକ ବାଟ ବି ରହିଛି ବୋଲି ଯଦି ଆମର ଯଥେଷ୍ଟ ସଜ୍ଞାନତା ନଥାଏ, ତେବେ ସେଇଥିରୁହିଁ ଅଶାନ୍ତ ଆସି ପହଞ୍ଚେ, ଅସ୍ଥିର ହେବାକୁ ପଡ଼େ ଏବଂ ତାହା ସାଧାରଣତଃ ଆମ ସତ୍ତାର ଚତୁର୍ଦ୍ଦିଗରେ ବେଶ୍ ଏକ ସ୍ନାନ ଘୂର୍ଣ୍ଣିବାତ୍ୟା ଆଣି

'oaob.nitrkl.ac.in' images reprocessed

ସୃଷ୍ଟି କରିଦିଏ, ଏବଂ ତାହାରି ଫଳରେହିଁ ସିଏ ଅସଲ ବସ୍ତୁଟିକୁ ଗ୍ରହଣ କରିବାରୁ ବଞ୍ଚିତ ହୋଇ ରହିଯାଏ । ମାତ୍ର, ତା' ନହୋଇ ଯଦି ଆମ ଭିତରେ ଏକ କୋଳାହଳଶୂନ୍ୟ ବିଶ୍ୱାସ ଦୃଢ଼ ହୋଇ ରହିଥାଏ, ଯଦି, ଅଭୀପ୍ସା କଲାବେଳେ ଆମେ ଭଲ କରି ଜାଣିଥାଉ ଯେ କୌଣସି ଅଭୀପ୍ସା (ଏଥିରେ କୌଣସି ସନ୍ଦେହ ନାହିଁ ଯେ କେବଳ ନିଷ୍ଠାପର ଓ ଆନ୍ତରିକ ଅଭୀପ୍ସା) କଦାପି କର୍ଣ୍ଣଗୋଚର ନହୋଇ ରହି ପାରେ ନାହିଁ, ସେତେବେଳେ ଆମେ ଆପେ ଆପେ ତୃପ୍ତ ହୋଇଯାଉ । ଯଥାସମ୍ଭବ ଅଧିକ ଉତ୍ସାହ ଓ ଶ୍ରଦ୍ଧା ସହିତ ଆମେ ଅଭୀପ୍ସା କରୁ ସତ, ମାତ୍ର, ଆମେ ଯାହା ମାଗିଥିଲୁ, ତାହା ଆମକୁ ଶୀଘ୍ର କାହିଁକି ମିଳି ଯାଉ ନାହିଁ ବୋଲି ଆପଣାକୁ ପଚାରି ପଚାରି ଆମେ କୌଣସି ପ୍ରକାର ଆଶଙ୍କା ଓ ଉତ୍ତେଜନାରେ କଦାପି ସମୟ ବିତାଇବାରେ ଲାଗୁ ନାହିଁ । ସେତେବେଳେ ଅପେକ୍ଷା କରିବାର କଳାଟି ଶିଖି ହୋଇଯାଏ । ମୁଁ ଅନ୍ୟ ଗୋଟିଏ ସ୍ଥାନରେ କହିଛୁ : "ଯିଏ ଅପେକ୍ଷା କରି ଜାଣେ, କାଳ ସର୍ବଦା ତାହାରି ପକ୍ଷରେହିଁ ରହିଥାଏ ।" ସେକଥାଟି ପ୍ରକୃତରେ ସତ । କାରଣ, ଉତ୍ତେଜିତ ହୋଇ ପଡ଼ିଲେ କେବଳ ସମୟ ହରାଇବାହିଁ ସାର ହୁଏ । ସେଥିରେ ସମୟ ଯାଏ, ଶକ୍ତି ଯାଏ,—ଆମର କାର୍ଯ୍ୟଗୁଡ଼ାକ ମଧ୍ୟ ବୃଥା ହୋଇଯାଏ । ଆମେ ଅତ୍ୟନ୍ତ ସ୍ଥିର ହୋଇଯିବା, ଅତ୍ୟନ୍ତ ଶାନ୍ତ ହୋଇଯିବା; ଯାହା ସତ୍ୟ, ତାହା ଅବଶ୍ୟ ଘଟିବ ବୋଲି ଆମ ଭିତରେ ଅଟଳ ବିଶ୍ୱାସ ରହିଥିବ; ଏବଂ ଯଦି ଆମେ ତାହାକୁ ତା' ଆପଣା ରୀତିରେହିଁ ଘଟିବାକୁ ବାଟ ଛାଡ଼ିଦେବା, ତେବେ ତାହା ପ୍ରକୃତରେ ବରଂ ଅଧିକ ସତ୍ୱର ଭାବରେହିଁ ଘଟିବ । ତା'ପରେ, ସେହି ଶାନ୍ତମୟତା ମଧ୍ୟରେ ସବୁକିଛି ଅନେକ ଅଧିକ ଭଲ ଭାବରେ ନିର୍ବାହିତ ହେବାରେ ଲାଗିଥିବ ।

'oaob.nitrkl.ac.in' images reprocessed

## ୨୩ ଡିସେମ୍ବର, ୧୯୫୩

ଯଦି ମନ "ଯଥାର୍ଥ ଜ୍ଞାନରେ ଉପନୀତ ହେବା ଲାଗି ଅସମର୍ଥ" ହୋଇ ରହିଥାଏ ("ଜୀବନର ବିଜ୍ଞାନ", ଶିକ୍ଷା ସମ୍ବନ୍ଧରେ), ତେବେ ସତ୍ତାର କେଉଁ ଅଂଶଟି ଜ୍ଞାନଲାଭରେ ସମର୍ଥ ହୁଏ ?

ସେଥିଲାଗି ଆମକୁ ଅଧିମାନସ ରାଜ୍ୟରେ ରହିଥିବା ଜ୍ଞାନ ମଧ୍ୟରେ ପ୍ରବେଶ କରିବାକୁ ପଡ଼ିବ ।

ମାତ୍ର, ସେହି ଜ୍ଞାନକୁ ତଳକୁ ଅବତୀର୍ଣ୍ଣ କରାଇ ଆଣିବା ଲାଗି କ'ଣ ତାହା ମଧ୍ୟରେ ପ୍ରବେଶ କରିବାକୁ ପଡ଼ିବ ?

ଯଦି କେତେବେଳେ ଏପାଖରୁ କିଛି ସେହି ଜ୍ଞାନକୁ ଆକର୍ଷିତ କରିବାକୁ ଲାଗେ (ଯାହାକି ତାହାକୁ ଗ୍ରହଣ କରିବା ଲାଗି ସ୍ପଷ୍ଟତଃ ପ୍ରସ୍ତୁତ ହୋଇ ରହିଥାଏ), ତେବେ ସେତିକିବେଳେହିଁ ସେହି ଜ୍ଞାନ ଉପଲବ୍ଧ ହୁଏ ।

ମାଆ, ତେବେ ସେହି ଜ୍ଞାନ ଆଉ ମନର କ୍ଷେତ୍ରକୁ ଆସେ ନାହିଁ ?

ହଁ, ତାହା ମନର କ୍ଷେତ୍ରରେହିଁ ଅବତରଣ କରେ । ମନର ଏକ ଉଚ୍ଚତର ଅଂଶ ବା ବରଂ ଚୈତ୍ୟ ମଧ୍ୟକୁ ଅବତରଣ କରେ । ଆମକୁ ଚୈତ୍ୟକ୍ଷେତ୍ରରୁ ମଧ୍ୟ ଜ୍ଞାନ ପ୍ରାପ୍ତ ହୋଇପାରେ;—ଅବଶ୍ୟ ଏକଥା ସତ ଯେ ସେହି ଜ୍ଞାନ ଅନ୍ୟ ଏକ ପ୍ରକାରର ହୋଇ ରହିଥାଏ ଓ ମନକ୍ଷେତ୍ରର ସଜାତ୍ତାସ୍ଥ କୌଣସି ସ୍ରୋତ ଅନୁସରଣ କରି ତାହା ସୂତ୍ରବଦ୍ଧ ହୋଇ ନଥାଏ । ଆମେ ତାହାକୁ ଗୋଟାଏ ପ୍ରକାରର ଅନ୍ତର୍ଗତ ନିଷ୍ଟସ୍ଫୁର୍ତ୍ତା ବୋଲି କହିପାରିବା, ଯାହାକି ଆମକୁ ଉଚିତ ସମୟରେ ଓ ଉଚିତ ମାର୍ଗରେ ଉଚିତ କଥାଟିକୁ କରିବା ଲାଗି ପ୍ରେରିତ କରାଇନିଏ ଏବଂ ସେତେବେଳେ ତାକୁ ଆଉ ବାଧ୍ୟ ହୋଇ ଆମର ଯୁକ୍ତିବୁଦ୍ଧି ଓ ମାନସିକ ସଂଗଠନଟିର ମଧ୍ୟଦେଇ ଯିବାକୁ ପଡ଼େ ନାହିଁ ।

ଉଦାହରଣସ୍ୱରୂପ, ତର୍କବୁଦ୍ଧି ଦ୍ୱାରା ପରିଚାଳିତ ମନର କୌଣସି ପ୍ରକାର ହସ୍ତକ୍ଷେପ ବିନା, ଏପରିକି ଏତେଟିକିଏ ହସ୍ତକ୍ଷେପ ବିନା ମଧ୍ୟ, ଯାହା କରିବା

'oaob.nitrkl.ac.in' images reprocessed

ଉଚିତ, ସେହି ବିଷୟରେ ଏକ ସମ୍ପୂର୍ଣ୍ଣ ଜ୍ଞାନ ସହିତ ଆମେ ଆପଣାକୁ ବେଶ୍ ସଜ୍ଜିତ ରଖିପାରୁ । ସେତେବେଳେ ମନ ଚୁପ୍ ହୋଇ ରହିଥାଏ ମନ କେବଳ ଅବଲୋକନ କରୁଥାଏ ଏବଂ ଲିପିବଦ୍ଧ କରି ରଖିବା ଲାଗି ସବୁ କଥାକୁ ଶୁଣିବାରେ ଲାଗିଥାଏ । ତାହା କଦାପି କାର୍ଯ୍ୟ କରେ ନାହିଁ ।

> ଏଠାରେ ଆପଣ କହୁଛନ୍ତି "ଜ୍ଞାନ ହେଉଛି ମନୁଷ୍ୟମନର ସ୍ତରଠାରୁ ଆହୁରି ଉଚ୍ଚରେ ରହିଥିବା ଆଉଗୋଟିଏ ସ୍ତରର ବ୍ୟାପାର; ଏପରିକି ତାହା ବିଶୁଦ୍ଧ ଭାବନାଗୁଡ଼ିକର ଆହୁରି ସେପାଖରେ ଅବସ୍ଥାନ କରୁଥାଏ ।"
>
> "ଜୀବନର ବିଜ୍ଞାନ", ଶିକ୍ଷା ସମ୍ବନ୍ଧରେ ।

ମାଆ, "ବିଶୁଦ୍ଧ ଭାବନା" ବୋଇଲେ ଆପଣ କ'ଣ କହୁଛନ୍ତି ?

ଆଗରୁ ମଧ୍ୟ ଆମେ ଏହିବିଷୟରେ ଥରେ କଥାବାର୍ତ୍ତା କରିଛୁ, ଏହି ଅଳ୍ପଦିନ ପୂର୍ବରୁହିଁ କରିଛୁ । ବିଶୁଦ୍ଧ ଭାବନାଗୁଡ଼ିକ ଅଗଣିତ ନାନା ଭାବନାରେ ଆପଣାକୁ ଫୁଟାଇ ଦେଇଥାନ୍ତି । ଗୋଟିଏ ବିଶୁଦ୍ଧ ଭାବନାରୁ ହୁଏତ ଅନେକ ଭାବନା ଜନ୍ମଲାଭ କରିପାରେ, ଏବଂ ସେଗୁଡ଼ିକୁ ଆମେ ନାନା ବିଭିନ୍ନ ପ୍ରକାରେ ଅଭିବ୍ୟକ୍ତ ବି କରିପାରୁ; ମାତ୍ର ତଥାପି ତାହା ସେହି ବିଶୁଦ୍ଧ ଭାବନାହିଁ ହୋଇ ରହିଥାଏ ।

> ଯେତେବେଳେ ଆମେ ଅବିଚଳିତ ହୋଇ ଗୋଟିଏ ନିର୍ଦ୍ଦିଷ୍ଟ ବିନ୍ଦୁ ଆଡ଼କୁ ଅନାଇବାରେ ଲାଗୁ; ସେହି ମୁହୂର୍ତ୍ତରେ ଆଉ ସବୁକିଛି ଭୁଲି ହୋଇଯାଏ ଏବଂ ଯଦି ସେତେବେଳେ କୌଣସି ଗୋଳମାଳଟିଏ ହୁଏ, ତେବେ ଭାରି ବାଧା ପାଇଲାପରି ଲାଗେ । ଏହି ଅବସ୍ଥାଟିକୁ ଆମେ କ'ଣ ବୋଲି କହିବା ?

ଆମେ ତାହାକୁ ଅଭିନିବେଶ ବୋଲି କହିବା । ଏହାହିଁ ହେଉଛି ଅଭିନିବେଶର ମାତ୍ରା । ତୁମେ ସ୍ୱତଃସ୍ଫୂର୍ତ୍ତ ଭାବରେ ତାହା କରି ପାରିବ କି ?

ହଁ, ଅନେକ ଥର କରିପାରିଛି ।

'oaob.nitrkl.ac.in' images reprocessed

ଆଚ୍ଛା, ତେବେ ତାହା ପ୍ରକୃତରେ ଖୁବ ଭଲ କଥା ।

ମାଆ, ମୁଁ କରିପାରିବି ସତ, ମାତ୍ର ସେତେବେଳେ ଯେଉଁସବୁ ଭାବନା ଭାବିଥିବି, ଆଉ ସେଗୁଡ଼ିକୁ ଧାରଣ କରି ରଖି ପାରିବି ନାହିଁ ।

ଆଚ୍ଛା !···ଯଦି ତୁମେ କୌଣସି କାରଣରୁ ହଠାତ୍ ସେହି ଅବସ୍ଥାଟିରୁ ଟାଣି ହୋଇ ବାହାରକୁ ଚାଲିଆସିବ, ତେବେ ସେଇଟି ଅନ୍ତର୍ହିତ ହୋଇଯିବ ?

ହଁ ।

ସେପରି ହେଉଛି, କାରଣ ତୁମେ ସେତେବେଳେ ଏପରି ଏକ ଚେତନାସ୍ଥିତି ମଧ୍ୟରେ ପ୍ରବେଶ କରୁଛ, ଯାହାକି ତୁମର ସାଧାରଣ ଚେତନାସ୍ଥିତିଠାରୁ ଭିନ୍ନ ଏବଂ ସମ୍ଭବତଃ, ଏହି ଦୁଇଟି ଚେତନାସ୍ଥିତି ମଧ୍ୟରେ ତୁମର ଯେଉଁ ସଂଯୋଗଟି ରହିଛି, ତାହା ଖୁବ୍ ଭଲ ଭାବରେ ପ୍ରତିଷ୍ଠିତ ହୋଇ ପାରି ନାହିଁ । ସେଥିପାଇଁ ସମୟ ଲାଗେ । ସତେଯେପରି ଦୁଇଟି ମଧ୍ୟରେ ଗୋଟିଏ ପୋଲ୍ ତିଆରି କରିବାକୁ ପଡ଼େ । ତା' ନହେଲେ ଏପାଖରୁ ନହେଲେ ସେପାଖକୁ ଥିବ ଥିବ ହଠାତ୍ ଗୋଟାଏ ଲମ୍ଫ ଦେବାକୁହିଁ ପଡ଼ିଥାଏ ଏବଂ ଲମ୍ଫ ଦେଲାବେଳକୁ, ସେଠାରେ ଯାହାକିଛି ରହିଥିଲା, ତାହା ଏକାବେଳେକେ ଭୁଲି ହୋଇଯାଏ । ଆଗରୁ ଯାହାକିଛି ଅନୁଭୂତି ରହିଥିଲା, ତାହାକୁ ପଛରେ ପକାଇ ଚାଲିଯିବାକୁ ହୁଏ । ମାତ୍ର, ଯଦି ଗୋଟିଏ କଥାକୁ ସମୁଚିତ ପଦ୍ଧତି ଅନୁସାରେ କରାଯାଏ, ଅର୍ଥାତ୍, ଯଦି ପ୍ରତ୍ୟେକ ଦିନ ସେଥିଲାଗି ଗୋଟିଏ ନିର୍ଦ୍ଦିଷ୍ଟ ସମୟ ରଖାଯାଏ ଏବଂ ସେତେବେଳେ ସେହି ଜୀବନ ତଥା ଏହି ବାହ୍ୟ ଜୀବନ ମଧ୍ୟରେ ଏକ ସମ୍ପର୍କ ପ୍ରତିଷ୍ଠା କରି ରଖିବା ସକାଶେ ଦଶ ବା ପନ୍ଦର ମିନିଟ ଧ୍ୟାନ କରାଯାଇ ପାରେ, ତେବେ, କିଛି କାଳ ପରେ ଏଥିରେ ଏକ ସଫଳତା ମିଳିଯାଏ ଏବଂ ତା'ପରେ ସବୁ ମନେ ରହିବା ମଧ୍ୟ ସମ୍ଭବ ହୁଏ, ଏବଂ ତାହା କ୍ରମେ ଖୁବ ଉପଯୋଗୀ ହୋଇଉଠେ । ଏହା ପ୍ରକୃତରେ ଖୁବ ଉପଯୋଗୀ । ଏବଂ ଯଦି ତୁମର ଅଭିନିବେଶ-ଶକ୍ତି ପ୍ରକୃତରେ ପରିପୂର୍ଣ୍ଣତା ହାସଲ କରିଥାଏ, ତେବେ ତୁମ ଆଗରେ ଆଉ ଏପରି କୌଣସି ସମସ୍ୟା ରହେ ନାହିଁ, ଯାହାର ସମାଧାନ ଲାଗି ତୁମେ କୌଣସି ବାଟ ନପାଅ;—ଏଠାରେ ମୁଁ ପାଟୀଗଣିତର ସମସ୍ୟାଗୁଡ଼ାକ କଥା କହୁ ନାହିଁ (ସମସ୍ତେ ହସି ଉଠିଲେ), ମୁଁ ନିଜ ଜୀବନର

ପରିସ୍ଥଳନା କରିବାର ସମସ୍ୟାଗୁଡ଼ିକ ବିଷୟରେ କହୁଛି, ଜୀବନରେ ଯେଉଁସବୁ ନିଷ୍ପତ୍ତି ଗ୍ରହଣ କରିବାକୁ ହୁଏ, ମନସ୍ତାତ୍ତ୍ୱିକ ଯେଉଁସବୁ ସମସ୍ୟାର ସମାଧାନ କରିବା ଦରକାର ହେଉଥାଏ, ମୁଁ ସେହି ସମସ୍ୟାଗୁଡ଼ିକର କଥା କହୁଛି । ଏପରି କୌଣସି ସମସ୍ୟା ନଥାଏ, ଯାହାକି ତୁମର ଏହି ଅଭିନିବେଶ-ଶକ୍ତିର ପ୍ରତିରୋଧ କରୁଥାଏ ।

ଏବଂ ବସ୍ତୁତଃ ଗୋଟିଏ ବିନ୍ଦୁ ନେଇ ଅଭିନିବେଶ କରିବା ବହୁ ସୁବିଧାଜନକ : ତୁମେ ଅବିଚଳିତ ଭାବରେ ସେହି ବିନ୍ଦୁଟି ଉପରେ ଦୃଷ୍ଟି ନିବଦ୍ଧ କରିଥିବ, ଏବଂ ଏପରି ଅବିଚଳିତ ଭାବରେ ତାହା କରୁଥିବ ଯେ, କ୍ରମେ ଏପରି ଗୋଟିଏ ମୁହୂର୍ତ୍ତ ଆସି ପହଞ୍ଚିବ, ଯେତେବେଳେ କି ତୁମେ ସେହି ବିନ୍ଦୁରେ ପରିଣତ ହୋଇଯିବ । ସେତେବେଳେ ଆଉ ଜଣେ ବ୍ୟକ୍ତି ଗୋଟିଏ ବିନ୍ଦୁ ଉପରେ ଦୃଷ୍ଟି ନିବଦ୍ଧ କରି ରଖିଥିବାର ସ୍ଥିତି ରହିବ ନାହିଁ; ସେହି ବ୍ୟକ୍ତି ସେହି ବିନ୍ଦୁରେହିଁ ପରିଣତ ହୋଇଯିବ । ଏବଂ ତା'ପରେ, ଯଦି ଯଥେଷ୍ଟ ବଳ ଏବଂ ସ୍ଥିରତା ସହିତ ତୁମେ ତଥାପି ଆଗକୁ ଯାଇ ପାରିବ, ଯେପରିକି କୌଣସି କଥାରେ ମଧ୍ୟ ତୁମର ଚିତ୍ତ ବିଚଳିତ ହେବ ନାହିଁ, ତେବେ ତୁମେ ହଠାତ୍ ହୁଏତ ଏପରି ଏକ ଦ୍ୱାର ସମ୍ମୁଖରେ ଆସି ପହଞ୍ଚିଯିବ, ଯାହାକି ତୁମେ ପହଞ୍ଚିବା କ୍ଷଣିହିଁ ଉନ୍ମୁକ୍ତ ହୋଇଯିବ ଓ ତୁମେ ତାହାର ମଧ୍ୟଦେଇ ଆର ପାଖକୁ ଚାଲିଯାଇ ପାରିବ । ଏବଂ ତା'ପରେ ଅସଲ ଅଭିଜ୍ଞତାଟିର ଉଦ୍‌ଘାଟନ ହେବ ।

ତୁମେ କେତେ ଦିନ ହେଲା ଏପରି କରୁଛ ? ଏପରି କ'ଣ ସବୁବେଳେ ଘଟିଛି ? ବା ଏଇ ଅଳ୍ପ କେତେ ଦିନ ହେଲା ?

ମୁଁ ଜାଣି ନାହିଁ ।

ଜାଣି ନାହିଁ ? ବୋଧହୁଏ ତୁମେ ତାହା କରୁଥିଲ ଓ କିଛି ଜାଣିପାରୁ ନଥିଲ !

ମୁଁ ଜାଣି ନଥିଲି ।

ମାତ୍ର ତୁମେ ଇଚ୍ଛାକୃତ ଭାବରେ କେବେ ତାହା କରି ନଥିଲ ? ତାହା ହଠାତ୍ ଆସି ପହଞ୍ଚି ଯାଉଥିଲା ଓ ତୁମକୁ ଅଧିକାର କରି ନେଉଥିଲା ?

ହଁ ।

'oaob.nitrkl.ac.in' images reprocessed

ବୁଝିଲ । ତେବେ, ସେକଥା ଯେ ତୁମର ଆଦୌ ମନେ ରହୁ ନାହିଁ, ବୋଧହୁଏ ଏଇଟି ତା'ର ଗୋଟିଏ କାରଣ ।

(ଆଉଗୋଟିଏ ପିଲା) ମାଆ, ଯେତେବେଳେ ଆମେ ଜ୍ଞାନର ରାଜ୍ୟ ଭିତରକୁ ପ୍ରବେଶ କରିବା, ସେତେବେଳେ ମଧ୍ୟବର୍ତ୍ତୀ ରାଜ୍ୟ-ଗୁଡ଼ିକର ମଧ୍ୟଦେଇ ଯିବା କ'ଣ ପ୍ରକୃତରେ ଆବଶ୍ୟକ ହେବ ?

ମଧ୍ୟବର୍ତ୍ତୀ ରାଜ୍ୟ ? କିନ୍ତୁ ମନେ ରଖିବା ଉଚିତ ଯେ ଯଦି ଆମେ ଏକ ପଦ୍ଧତିବଦ୍ଧ ଶୃଙ୍ଖଳା ଦ୍ୱାରା ତାହା କରୁଥିବା, ତେବେ ସାଧାରଣତଃ ଗୋଟିଏ ସୋପାନରୁ ଆଉଗୋଟିଏ ସୋପାନକୁ ଯିବାର ରୀତିରେ ଯିବା ଲାଗି ଆମକୁ ବାଧ୍ୟ ହେବାକୁ ପଡ଼ିବ । ଆମେ ଏକ ନିର୍ଦ୍ଦିଷ୍ଟ ସୋପାନରେ ପ୍ରବେଶ କରି ସେଇଟି ବିଷୟରେ ସଚେତନ ହୋଇ ଉଠିବା, ଏବଂ ତା'ପରେ ଗୋଟିଏ ପ୍ରକାରର ନିଦ୍ରାବସ୍ଥାରେ ପ୍ରବେଶ କରି ପୁଣି ଆଉଗୋଟିଏ ସୋପାନରେ ଜାଗ୍ରତ ହୋଇ ଉଠିବା । ଏହିପରି ଭାବରେ ହେବାରେ ଲାଗିଥିବ । ଏବଂ, ଏହିପରି ରୀତିରେ ଅଗ୍ରସର ହେଲେ ଆମେ ନିଶ୍ଚୟ ମନେରଖି ପାରିବା, କାରଣ ଆମେ ଆମର ସଚେତନ ଇଚ୍ଛାଶକ୍ତି ଦ୍ୱାରା ଏହା କରୁଥିବା ଏବଂ କାର୍ଯ୍ୟଟିକୁ ଦେଖି ପାରୁଥିବା,—କୌଣସି ଗୋଟିଏ କ୍ଷେତ୍ରରେ ଯାଇ ପ୍ରବେଶ କରିବା ଲାଗି ଆପଣାର ସତ୍ତାଟିକୁ ନିଶ୍ଚଳ କରି ଆଣିବାର ଏହିସବୁ ଗତିସ୍ପନ୍ଦନକୁ ଆମେ ଅବିକଳ ଭାବରେ ଦେଖି ପାରୁଥିବା, ସେହି କ୍ଷେତ୍ରରେ କ'ଣସବୁ ଘଟୁଛି, ତାହା ମଧ୍ୟ ଦେଖୁଥିବା । ଯାହାସବୁ ଘଟୁଛି, ଆମର ମନ ସେଗୁଡ଼ିକୁ କିପରି ଲିପିବଦ୍ଧ କରି ରଖୁଛି, ଆମର ସତ୍ତା ଆପଣାକୁ କିପରି ଆଉ ଏକ ଅଧିକ ଉଚ୍ଚ ଉନ୍ମୋଚନ ଲାଗି ପ୍ରସ୍ତୁତ କରିବାରେ ଲାଗିଛି, ଆମେ ସେହି ଯାବତୀୟ କଥାକୁ ଦେଖି ପାରୁଥିବା ଏବଂ ଏହି ସବୁକିଛି ଆମ ସତ୍ତାର ବିଭିନ୍ନ ଅଂଶଗୁଡ଼ିକ ମଧ୍ୟରେ ସଚେତନ ସମ୍ପର୍କର ପ୍ରତିଷ୍ଠା ବି କରିଦେଉଥିବ । ତା'ପରେ ଆପଣାର ଲବ୍ଧ ଅଭିଜ୍ଞତାଗୁଡ଼ିକୁ ବେଶ୍ ମନେ ରଖିହେବ, ଏବଂ ଏପରିକି ଆମର ନିଜ ଇଚ୍ଛା ଅନୁସାରେ ମଧ୍ୟ ଆମେ ସେହି ଅଭିଜ୍ଞତାଗୁଡ଼ିକୁ ଲାଭ କରିପାରିବା ।

ମାତ୍ର ଆହୁରି ଅନେକ ଲୋକ ଏପରି ଅଛନ୍ତି, ଆମେ ଯେଉଁମାନଙ୍କୁ ହୁଏତ ଅପ୍ରଶିକ୍ଷିତ ବୋଲି କହିପାରିବା; ଉଦାହରଣସ୍ୱରୂପ ଏପରି ଲୋକ ଅଛନ୍ତି, ଯେଉଁମାନଙ୍କ ମଧ୍ୟରେ ହଠାତ୍ ଏକ ସାମର୍ଥ୍ୟର ବିକାଶ ହୋଇଯିବ ଓ ସେମାନେ ଉଚ୍ଚତର ମନ, ଚୈତ୍ୟ ସତ୍ତା ଅଥବା ସେମାନଙ୍କ ସତ୍ତାର ଆଉ କୌଣସିଠାରେ ଏକ ଅପରୋକ୍ଷ ଅନୁଭୂତି ଲାଭ କରିବାକୁ ଆରମ୍ଭ କରିବେ । ଏପରି ଘଟିବା ପଛରେ ଅନେକ କାରଣ ରହିଛି; ଏହା ସେମାନଙ୍କର ପୂର୍ବଜନ୍ମଗୁଡ଼ିକର ଫଳ ହୋଇପାରେ,

'oaob.nitrkl.ac.in' images reprocessed

ତାହା ଏହି ଜନ୍ମର ଚେତନାକ୍ଷେତ୍ରର ଏକ ବ୍ୟାପାର ହୋଇପାରେ, ଏହା ହୁଏତ ଆହୁରି କେତେ କ'ଣ ହୋଇପାରେ । ମାତ୍ର ତାହା ଯେଉଁ କାରଣରୁ ହୋଇଥାଉ ପଛକେ, ସମ୍ପୂର୍ଣ୍ଣ ଭାବରେ ଉପଯୋଗୀ ହୋଇ ପାରିବାକୁ ହେଲେ, ଆପଣାର ଅଗ୍ରଗତି ପାଇଁ ଏହାକୁ ବ୍ୟବହାର କରି ପାରିବାର ଏକ ଇଚ୍ଛା ସହିତହିଁ ଏହାକୁ କରାଯିବା ଉଚିତ ଏବଂ, ଆପଣାର ସର୍ବୋତ୍ତମ ସାମର୍ଥ୍ୟ ଅନୁସାରେ ଯାହାକିଛି କରିବା ଉଚିତ ତାହା କରିପାରିବା ସକାଶେ ତାହା ସତ୍ତାର ବିଭିନ୍ନ ଅଂଶଗୁଡ଼ିକ ବିଷୟରେ ସଚେତନ ହୋଇ ରହିଥିବା ଉଚିତ । ଉଦାହରଣସ୍ୱରୂପ, ମୁଁ ଏପରି ଲୋକଙ୍କୁ ଜାଣିଛି, ଯେଉଁମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ଅଜ୍ଞାନ ଏବଂ ଅପ୍ରଶିକ୍ଷିତ ବୋଲି କୁହାଯାଇ ପାରିବ ସତ, ମାତ୍ର ସେମାନଙ୍କ ଭିତରେ ଏହି ଦୃଷ୍ଟିଟି ଲାଗି ଏକ ସାମର୍ଥ୍ୟ ମଧ୍ୟ ରହିଥିଲା, ଏହି ସାମର୍ଥ୍ୟଟି ବଡ଼ ପ୍ରଶଂସନୀୟ ଭାବରେ ସେମାନଙ୍କ ଭିତରେ ରହିଥିଲା । ସେମାନଙ୍କୁ ଏକ ଭାବସମାଧି ଭିତରେ ନେଇ ରଖିଦିଆ ଯାଉଥିଲା ଏବଂ ସେହି ଅବସ୍ଥାରେ ସେମାନେ କେଡ଼େ ଚମତ୍କାର ଭାବରେ କେତେ କଥା ଦେଖୁଥିଲେ ଓ କେତେ କ'ଣ ବର୍ଣ୍ଣନା କରି କହୁଥିଲେ । କପରି ଦେଖିବାକୁ ହୁଏ, ସେମାନେ ସେହି କଥାଟି ଜାଣିଥିଲେ; ଏବଂ ଦେଖୁଥିବା ସମୟରେ ଦୃଷ୍ଟ ଯାବତୀୟ ପଦାର୍ଥକୁ ବର୍ଣ୍ଣନା ବି କରି ଜାଣିଥିଲେ । ମାତ୍ର ସେହି ଅବସ୍ଥାଟି ମଧ୍ୟରୁ ବାହାରି ଚାଲିଆସିବା ପରେ ସେମାନେ ପୂର୍ବପରି ସମ୍ପୂର୍ଣ୍ଣ ସାଧାରଣ ମନୁଷ୍ୟ ହୋଇ ଯାଉଥିଲେ, ଠିକ୍ ଆଗପରି ଅଶିକ୍ଷିତ ଓ ବୁଦ୍ଧିହୀନ ହୋଇ ରହୁଥିଲେ । ତଥାପି ଏଇଟିକୁ ଏକ ଚମତ୍କାର ସାମର୍ଥ୍ୟ ବୋଲି କୁହାଯିବ । ଏହାର ଅର୍ଥ ହେଉଛି, ଏପରି ଅନେକ ସତ୍ତା ରହିଛନ୍ତି, ଯେଉଁମାନେ କି ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ସବୁଠାରୁ ଅଧିକ ଅଗ୍ରଗତି କରିପାରିବେ, ଏପରିକି ବୁଦ୍ଧିର ଦୃଷ୍ଟିକୋଣରୁ ଦେଖିଲେ ମଧ୍ୟ ସେହିଭଳି ଅଗ୍ରଗତି କରିପାରିବେ, ମାତ୍ର ତଥାପି ଆପାତତଃ ଓ ଆପଣାର ବାହ୍ୟ ଜୀବନରେ ବେଶ୍ ସାଧାରଣ ହୋଇ ରହିଥିବେ । ଆହୁରି ଅନେକେ ବି ଅଛନ୍ତି,—ମୁଁ ଏପରି କେତେକ ଲୋକଙ୍କୁ ଜାଣିଛି, ଯେଉଁମାନଙ୍କର ଏକ ଚମତ୍କାର ଆଧ୍ୟାତ୍ମିକ ଉପଲବ୍ଧି ରହିଥିଲା, ଯେଉଁମାନେ ସତତ ଦିବ୍ୟ ପରମସାନ୍ନିଧ୍ୟ ମଧ୍ୟରେ ବାସ କରୁଥିଲେ, ମାତ୍ର ତଥାପି ଜୀବନଯାକ କେବେହେଲେ ସେମାନେ କୌଣସି କିଛି ଦିବ୍ୟ ଦର୍ଶନର ସାମର୍ଥ୍ୟ ଲାଭ କରି ନଥିଲେ । ଏବଂ ସେମାନେ ଏହି ଅସାମର୍ଥ୍ୟଟି ସକାଶେ ଭାରି ଆପତ୍ତି କରୁଥିଲେ ।... ଏଇଟି ହେଉଛି ଅନ୍ତରବସ୍ଥାର ଏକ ପ୍ରଶ୍ନ, ନିୟତିର ମଧ୍ୟ ଏକ ପ୍ରଶ୍ନ; ଏବଂ ଯାହାର ଯେଉଁ କାର୍ଯ୍ୟଟି କରିବାକୁ ରହିଛି, ସମ୍ଭବତଃ ତାହାର ଏକ ପ୍ରଶ୍ନ, କାରଣ ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ କେହି କଦାପି ସବୁ କାର୍ଯ୍ୟକୁ କରିପାରିବ ନାହିଁ,—ଶାରୀରିକ ଦୃଷ୍ଟିରୁ ତାହା କଦାପି ସମ୍ଭବ ହେବ ନାହିଁ । ତେଣୁ ବାଛିନେବାକୁ ପଡ଼ିବ ।

'oaob.nitrkl.ac.in' images reprocessed

**ଯେତେବେଳେ ଦେହ ଅସୁସ୍ଥ ହୋଇ ପଡ଼ୁଛି, ସେତେବେଳେ ମନ ଓ ପ୍ରାଣିକ ସ୍ତର ବି କ'ଣ ଅସୁସ୍ଥ ହୋଇ ପଡ଼ୁଛନ୍ତି ?**

ଦେହ ଅସୁସ୍ଥ ହେଲେ ଯେ ମନ ଓ ପ୍ରାଣ ଅବଶ୍ୟ ଅସୁସ୍ଥ ହେବେ, ସେକଥା ଆଦୌ ନୁହେଁ : ସତ୍ତାର ବିଭିନ୍ନ ଅଂଶ ମଧ୍ୟରେ ଯେତେବେଳେ ଏକ ଅବ୍ୟବସ୍ଥା ବା ଅସଙ୍ଗତତା ଆସି ଉପସ୍ଥିତ ହୁଏ, ଆମେ ସେତିକବେଳେ ଅସୁସ୍ଥ ହେଉ (ଏକଥା ମୁଁ ଆଗରୁ ତୁମମାନଙ୍କୁ ବୁଝାଇ କହିଛି), ଅର୍ଥାତ୍ ଗୋଟାଏ ପ୍ରକାରର ଅସମଞ୍ଜସତାରୁହିଁ ଅସୁସ୍ଥତା ଆସି ପହଞ୍ଚେ । ଏପରି ବେଶ୍ ଘଟିପାରେ ଯେ, ଆମର ଦେହ କୌଣସି ଏକ ନିର୍ଦ୍ଦିଷ୍ଟ ଅଗ୍ରଗତି କରିବାରେ ସମର୍ଥ ହୋଇ ପାରି ନାହିଁ, ପଛରେ ପଡ଼ିଯାଇଛି ଏବଂ, ଅନ୍ୟ ପକ୍ଷରେ, ସତ୍ତାର ଅନ୍ୟାନ୍ୟ ଅଂଶ ଅଗ୍ରଗତି କରିଛନ୍ତି; ଏବଂ ଏଥିରୁ ଯେଉଁ ଅସମତାବସ୍ଥା ଅର୍ଥାତ୍ ଅସମଞ୍ଜସତା ଉତ୍ପନ୍ନ ହେଉଛି, ତାହାହିଁ ଅସୁସ୍ଥତା ଘଟାଉଛି, ଏବଂ ସେତେବେଳେ ମନ ଓ ପ୍ରାଣ ଉଭୟେ ହୁଏତ ଭାରି ସୁସ୍ଥ ଓ ଉତ୍ତମ ଅବସ୍ଥାରେ ରହିଛନ୍ତି । ଅନେକ ଲୋକ ଅଛନ୍ତି, ଯେଉଁମାନେ କି ବର୍ଷ ବର୍ଷ ଧରି ଅସୁସ୍ଥତା ଭୋଗ କରିଛନ୍ତି; କୌଣସି ଅତି ସାଂଘାତିକ ଦୁରାରୋଗ୍ୟ ରୋଗରେ ପଡ଼ିଛନ୍ତି,—ମାତ୍ର ତଥାପି ଆପଣାର ମାନସିକ ସାମର୍ଥ୍ୟକୁ ଅତି ଚମତ୍କାର ଭାବରେ ନିର୍ମଳ ରଖି ପାରିଛନ୍ତି, ମନର କ୍ଷେତ୍ରରେ ଅଗ୍ରଗତି କରିଛନ୍ତି । ସଲି ପ୍ରୁଦମ୍ ନାମକ ଜଣେ ଫରାସୀ କବି ଅଛନ୍ତି (ଜଣେ ଅତ୍ୟନ୍ତ ଭଲ କବି); ସିଏ ମରଣାନ୍ତକ ଅସୁସ୍ଥତା ଭୋଗ କରୁଥିଲେ ଏବଂ ସେହି ଅବସ୍ଥାରେହିଁ ସେ ତାଙ୍କର ସର୍ବୋତ୍ତମ କବିତାଗୁଡ଼ିକୁ ଲେଖିଥିଲେ । ସିଏ ସବୁବେଳେ ଖୁସୀ ରହୁଥିଲେ, ମେଳାପୀ ଥିଲେ, ସମସ୍ତଙ୍କୁ ମୁଗ୍ଧ କରିଦେଉଥିଲେ; ସମସ୍ତଙ୍କ ପାଖରେ ସରସ ହୋଇ ପାରୁଥିଲେ; ମାତ୍ର ତେଣେ ତାଙ୍କର ଶରୀରଟି ରୋଗର ପ୍ରାଦୁର୍ଭାବରେ ଚୂନା ହେବାରେ ଲାଗିଥିଲା । ତେଣୁ ଏସବୁ କଥା ସେହି ଲୋକମାନଙ୍କ ଉପରେହିଁ ନିର୍ଭର କରିବ । ହିଁ, ଏହାଛଡ଼ା ଆହୁରି ଅନ୍ୟମାନେ ବି ଅଛନ୍ତି,—ଆପଣାକୁ କୋଉଠି ଏତେଟିକିଏ ଅସୁସ୍ଥ ବୋଲି ଅନୁଭବ କରିବା ମାତ୍ରକେହିଁ ସେମାନଙ୍କର ଚୂଳରୁ ମୂଳଯାଏ ସବୁକିଛି ଏକାବେଳକେ ବିଗିଡ଼ିଯାଏ, ସେମାନେ ଏକାବେଳକେ ଅସମର୍ଥ ଓ ଅକର୍ମଣ୍ୟ ହୋଇ ପଡ଼ିରହନ୍ତି । ତେଣୁ ପ୍ରତ୍ୟେକ ଲୋକ ଅନୁସାରେ ତା'ର ଅବସ୍ଥା ମଧ୍ୟ ଭିନ୍ନ ହୋଇଥାଏ ।

**ଦେହ ଆଉ ମନ ମଧ୍ୟରେ ଏକ ପରସ୍ପର-ସମ୍ବନ୍ଧ ରହିଛି ବୋଲି ଜଣା ଯାଇଥାଏ । ମନ ଯଦି କେତେବେଳେ ସଂପୂର୍ଣ୍ଣ ଭଲ ଭାବରେ କାମ ନକଲା, ତେବେ ?**

'oaob.nitrkl.ac.in' images reprocessed

କିନ୍ତୁ ଦେହ ଆଉ ମନ ଭିତରେ ନିଶ୍ଚୟ ଏକ ପରସ୍ପର-ସମ୍ବନ୍ଧ ରହିଛି ! ଏକ ସମ୍ବନ୍ଧ ବ୍ୟତୀତ ହୁଏତ ଆହୁରି ଅଧିକ କିଛି ରହିଛି । ଦେହ ଓ ମନ ପରସ୍ପର ସହିତ ଅତ୍ୟନ୍ତ ଘନିଷ୍ଠ ଭାବରେ ବନ୍ଧା ହୋଇ ରହିଛନ୍ତି, କାରଣ ଅଧିକାଂଶ ସମୟରେ ମନହିଁ ଶରୀରକୁ ଅସୁସ୍ଥତାରେ ଆଣି ପକାଇ ଦେଇଥାଏ । ଅନ୍ତତଃ, ମନହିଁ ସର୍ବପ୍ରଧାନ କାରଣ ହୋଇ ରହିଥାଏ ।

ଏବଂ ଯଦି ଶରୀର ସୁସ୍ଥ ନରହେ ?

ମୁଁ କହିଲି ପରି, ତାହା ସେହି ମଣିଷଙ୍କ ଉପରେ ନିର୍ଭର କରେ । ଅନେକ ମଣିଷ ଅଛନ୍ତି,—ଯେଉଁମାନଙ୍କର ଶରୀରରେ ଏତେ ଟିକିଏ କ'ଣ ଘଟିବା ମାତ୍ରକେ ସେମାନଙ୍କର ମନ ଗୋଟାସୁଦ୍ଧା ବିବଶ ହୋଇ ପଡ଼େ ଓ ବିଗିଡ଼ିଯାଏ । ଆହୁରି ଅନ୍ୟମାନେ ଥାଆନ୍ତି ଯେଉଁମାନଙ୍କର ଦେହ ହୁଏତ ଭାରି ଖରାପ ଥାଏ, ମାତ୍ର ତଥାପି ସେମାନଙ୍କର ମନ ନିର୍ମଳ ଓ ଅପରିମିତ ରହିଥାଏ । ଅବଶ୍ୟ ଆମେ ଏପରି ଏକ ମନ ଅପେକ୍ଷାକୃତ ଅଧିକ ବିରଳ ଭାବରେ ଦେଖିବାକୁ ପାଇବା ଯେ ମନ ଅସୁସ୍ଥ ହୋଇ ପଡ଼ିବ, ଅଥଚ ତେଣେ ଶରୀର ଠିକ୍ ରହିଥିବ । ଏହା ଅସମ୍ଭବ ନୁହେଁ, ମାତ୍ର ଅତ୍ୟନ୍ତ ବିରଳ କ୍ଷେତ୍ରରେହିଁ ତାହା ଦେଖିବାକୁ ମିଳିଥାଏ । କାରଣ, ମନର ଅବସ୍ଥା ଉପରେହିଁ ଶରୀରକୁ ଅନେକ ପରିମାଣରେ ନିର୍ଭର କରି ରହିବାକୁ ହୋଇଥାଏ । ମନ ହେଉଛି (ସେହି ବହିରେ ମଧ୍ୟ ମୁଁ ସେକଥା ଲେଖିଛି) ଶାରୀରିକ ସତ୍ତାର ପରିଚାଳକ । ଏବଂ ମୁଁ କହୁଛି ଯେ ଶାରୀରିକ ସତ୍ତା ସର୍ବଦା ଏକ ବାଧ୍ୟ ଏବଂ ଅନୁଗତ ଭୃତ୍ୟରୂପେହିଁ କାର୍ଯ୍ୟ କରୁଥାଏ । କେବଳ ଏତିକି କଥା ମନେ ରଖିବାକୁ ହେବ ଯେ ଆମେ ଆମର ମନକୁ ଯଥାର୍ଥରୂପେ ବ୍ୟବହାର କରି ଜାଣୁ ନାହିଁ, ଅନେକ ସମୟରେ ବରଂ ଭୁଲ୍ ଭାବରେହିଁ ତାହା ବ୍ୟବହାର କରୁ, ଯଥାସମ୍ଭବ ଅଧିକ ଅନୁଚିତ ଭାବରେହିଁ ବ୍ୟବହାର କରିଥାଉ । ଶରୀରର କ୍ଷେତ୍ରଟିକୁ ନେଇ ମନ କେତେ ନା କ'ଣ ଗଠନ କରିବାରେ ଲାଗିଥାଏ, ଦେହ ଉପରେ ପ୍ରତ୍ୟକ୍ଷ ଭାବରେ କ୍ରିୟା ବି କରୁଥାଏ । ଏବଂ ଆମେ ସାଧାରଣତଃ ଆମକୁ ଅସୁସ୍ଥ କରି ପକାଇବା ଲାଗିହିଁ ମନର ଏହି ଶକ୍ତିଟିକୁ ବ୍ୟବହାର କରିଥାଉ । କାରଣ, କେଉଁଠି ଏତେଟିକିଏ ବିଗିଡ଼ିଗଲା ମାତ୍ରକେ ମନ ସଙ୍ଗେସଙ୍ଗେ ସମ୍ଭାବ୍ୟ ଯାବତୀୟ ପ୍ରକାରର ଦୁର୍ବିପାକ ଓ ଦୁର୍ଘଟଣାମାନ କଳ୍ପନା କରିବାରେ ଓ ଗଢ଼ିବାରେ ଲାଗିଯାଏ, ଏଇଟା ହୁଏତ ଏପରି ହୋଇପାରେ ବା ସେପରି ହୋଇପାରେ ବୋଲି ନିଜକୁ ପ୍ରଶ୍ନ କରିବାକୁ ଆରମ୍ଭ କରେ, ଏସବୁ କିପରି ଯିବ, ସେହି ବିଷୟରେ ଘାରି ହୋଇ ରହେ । ମାତ୍ର, ମନକୁ ଏହିସବୁ ଅନିଷ୍ଟକାରୀ ଧନ୍ଦା ଭିତରେ ପଡ଼ି ରହିବାକୁ

'oaob.nitrkl.ac.in' images reprocessed

ନଦେଇ ଯଦି ଆମେ ଅନୁକୂଳ ଭାବନାମାନ ଗଠନ କରିବାରେ ମନକୁ ବ୍ୟବହାର କରି ପାରୁଥାନ୍ତୁ, ଉଦାହରଣସ୍ୱରୂପ, ଯଦି ଆମେ ଶରୀର ଭିତରେ କେବଳ ଏକ ଆତ୍ମବିଶ୍ୱାସ ଆଣି ଦେଉଥାନ୍ତୁ, ବର୍ତ୍ତମାନ ଯେଉଁ ବ୍ୟାଘାତ ଘଟିଛି, ତାହା କେବଳ ସାମୟିକ ଓ ତେଣୁ ତାହା ଆଦୌ କିଛି ନୁହେଁ ବୋଲି ଯଦି ଆମେ ଆମର ଶରୀରକୁ କହି ପାରୁଥାନ୍ତୁ, ଏବଂ ଯଦି ଶରୀର ଏକ ଯଥାର୍ଥ ଗ୍ରହଣଶୀଳତାର ଅବସ୍ଥା ମଧ୍ୟରେ ପ୍ରବିଷ୍ଟ ହୋଇପାରେ, ତେବେ ଅସୁସ୍ଥତାଟି ଯେତିକି ସହଜରେ ଆସିଥିଲା, ଠିକ୍ ସେତିକି ସହଜରେ ଚାଲି ମଧ୍ୟ ଯାଇପାରିବ ଏବଂ ଆମେ ମାତ୍ର କେତୋଟି ସେକେଣ୍ଡ୍ ମଧ୍ୟରେ ବି ନିଜର ରୋଗକୁ ଭଲ କରିଦେଇ ପାରିବା । ଯଦି ଏଇଟିକୁ କରିବାର ବାଟଟିକୁ ଜାଣିଥିବା, ତେବେ ଆମକୁ ଚମତ୍କାର ଫଳମାନ ଅବଶ୍ୟ ମିଳିପାରିବ ।

ନିର୍ବାଚନ ଲାଗି ସର୍ବଦା ଏକ ମୁହୂର୍ତ୍ତ ରହିଥାଏ, ଏପରିକି କୌଣସି ଦୁର୍ଘଟଣାର କ୍ଷେତ୍ରରେ ମଧ୍ୟ ଏହିଭଳି ଏକ ନିର୍ବାଚନ ଲାଗି ଅବକାଶ ରହିଥାଏ । ଉଦାହରଣସ୍ୱରୂପ, ଆମର ଗୋଡ଼ ଖସିଗଲା ଓ ଆମେ ପଡ଼ିଗଲୁ । ଯେଉଁ ମୁହୂର୍ତ୍ତରେ ଆମର ଗୋଡ଼ ଖସିଗଲା ଓ ଯେଉଁ ମୁହୂର୍ତ୍ତରେ ଆମେ ପଡ଼ିଗଲୁ, ତା' ମଝିରେ ହୁଏତ ମୋଟେ ଗୋଟିଏ ସେକେଣ୍ଡର କେବଳ ଏକ ଅଂଶମାତ୍ର ବ୍ୟତୀତ ହେଉଛି । ଏବଂ ଠିକ୍ ସେହି କ୍ଷଣରେହିଁ ଆମକୁ ଏକ ନିର୍ବାଚନ କରିବାକୁ ପଡ଼ୁଛି : ଆମ ପଡ଼ିଯିବାଟା ଖୁବ୍ ବେଶୀ ସାଂଘାତିକ ହେବ ନାହିଁ ଅଥବା ତାହା ହୁଏତ ଅତ୍ୟନ୍ତ ସାଂଘାତିକ ହେବ । କେବଳ ଏତିକି ହେବା ଅତ୍ୟନ୍ତ ଆବଶ୍ୟକ ଯେ ଆମର ଚେତନା ଅବଶ୍ୟ ସଂପୂର୍ଣ୍ଣ ଭାବରେ ଜାଗ୍ରତ ହୋଇ ରହିଥିବ ଏବଂ ଆମେ ଅନୁକ୍ଷଣ ଆମ ଚୈତ୍ୟ ସତ୍ତାଟି ସହିତ ଖିଅ ଲଗାଇ ମଧ୍ୟ ରହିଥିବା । ଖିଅ ଲଗାଇବାକୁ ଆଉ ସମୟ ନଥିବ, ତେଣୁ ଖିଅ ଲଗାଇ ରହିଥିବାକୁହିଁ ହେବ । ଯେଉଁ ମୁହୂର୍ତ୍ତରେ ଗୋଡ଼ ଖସିଗଲା ଓ ଯେଉଁ ମୁହୂର୍ତ୍ତରେ ଆମେ ତଳେ ପଡ଼ିଲୁ, ତାହାରି ମଝି କ୍ଷଣଟିରେ ଯଦି ମାନସିକ ଓ ଚୈତ୍ୟ ଭାବନାମାନ ଯଥେଷ୍ଟ ପରିମାଣରେ ସବଳ ହୋଇ ରହିଥାନ୍ତି, ତେବେ ଆମର କିଛି ହେବ ନାହିଁ, ଆଦୌ କିଛିହେଲେ ଘଟିବ ନାହିଁ । ଏବଂ କିଛି ଘଟେ ବି ନାହିଁ । ମାତ୍ର ସେହି ମୁହୂର୍ତ୍ତଟିରେ ଆପଣାର ଅଭ୍ୟାସ ଅନୁସାରେ ମନ ଗୋଟିଏ ନିରାଶାବାଦୀ ପରି ହୁଏତ ଆପଣାକୁ କହି ବସିବ : "ସତ୍ୟାନାଶ ! ମୋ ଗୋଡ଼ ଖସିଗଲା ।" ତେବେ ସେଇଟି ଗୋଟିଏ ସେକେଣ୍ଡଠାରୁ ଆହୁରି କମ୍ ସମୟରେ ଘଟିବ ସତ, ତାହା ଗୋଟିଏ ମିନିଟ୍ ସମୟ ବି ନେବ ନାହିଁ, ଗୋଟିଏ ସେକେଣ୍ଡଠାରୁ ଆହୁରି କମ୍ ସମୟ ନେବ, ଏବଂ ଗୋଟିଏ ସେକେଣ୍ଡଠାରୁ ସେହି କମ୍ ସମୟ ଭିତରେ ଆମେ ଏଇଟି ନଚେତ୍ ସେଇଟି ବାଛି ନେଇ ପାରିବା । ମାତ୍ର ଆମକୁ ସେହିଭଳିହିଁ ଜାଗ୍ରତ ରହିବାକୁ ପଡ଼ିବ, ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଜାଗ୍ରତ ରହିବାକୁ

'oaob.nitrkl.ac.in' images reprocessed

ପଡ଼ିବ । ସେକେଣ୍ଡଟିଏଠାରୁ କମ୍ ସମୟ ମଧ୍ୟରେ ଆମକୁ ବାଛି ନେବାକୁ ପଡ଼ିବ, ସେହି ସେକେଣ୍ଡକରୁ କମ୍ ସମୟ ଭିତରେହିଁ ଆମେ ଦୁର୍ଘଟଣାଟି ଗମ୍ଭୀର ହୋଇ ଯିବାରୁ ଅଟକାଇ ରଖି ପାରିବା, ଅସୁସ୍ଥତାଟିକୁ ଆମ ଭିତରେ ଆସି ପ୍ରବେଶ କରିବାରୁ କ୍ଷାନ୍ତ କରି ରଖିପାରିବା । ଆମ ଆଗରେ ସର୍ବଦା ଏହି ବାଛି-ନେବାର ଅବକାଶ ରହିଥିବ । ମାତ୍ର ସେହି ଅବକାଶ ସେକେଣ୍ଡକରୁ ମଧ୍ୟ ଆହୁରି କମ୍ ସମୟ ଲାଗି ଆସିବ ଏବଂ ସେଇଟିକୁ ହରାଇ ପକାଇଲେ ଆଉ କିଛି ହୋଇ ପାରିବ ନାହିଁ । ହରାଇ ବସିଲେ ସବୁ ହାତ ବାହାର ହୋଇଯିବ ।

ଏଇଟିକୁ କ'ଣ ପରେ ବି କରିହେବ ? (ସମସ୍ତେ ହସି ଉଠିଲେ)

ନାହିଁ, କାରଣ ତାହା ଆଉଗୋଟିଏ ମୁହୂର୍ତ୍ତରେ ପରିଣତ ହୋଇ ଯାଇଥିବ ।...ସେତେବେଳକୁ ତୁମେ ପଡ଼ି ଯାଇଥିବ ଓ ଯାହାକିଛି ଆଘାତ ପାଇବା କଥା, ତାହା ତୁମେ ପାଇ ସାରିଥିବ । ମାତ୍ର ତଥାପି ଏପରି ଗୋଟିଏ ମୁହୂର୍ତ୍ତ ରହିଛି, ଯେତେବେଳେ କି ଆମେ କୌଣସି ବିଷୟଟିକୁ ବଦଳାଇ ଅଧିକ ଖରାପ କରିଦେଇ ପାରିବା ଅଥବା ତାହାର ଅନିଷ୍ଟକାରିତାରେ ହ୍ରାସ ବି ଘଟାଇ ପାରିବା, ଯେପରିକି ତାହା ଅଳପକରେ କଟିଯିବ ଏବଂ ତାହାର ଖରାପ ପରିଣାମଗୁଡ଼ିକ ସତ୍ୱର ଦୂର ହୋଇଯିବ, ଅଥବା ତାହା ହୁଏତ ଏକ ଅତ୍ୟନ୍ତ ଗମ୍ଭୀର ଏକ ଘଟଣାରେ ବି ପରିଣତ ହୋଇଯିବ, ଅତ୍ୟନ୍ତ ସାଂଘାତିକ ହୋଇପଡ଼ିବ । ତୁମେମାନେ ଏହି କଥାଟିକୁ ଲକ୍ଷ୍ୟ କରିଥିବ କି ନାହିଁ ମୁଁ ଜାଣି ନାହିଁ, ମାତ୍ର ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି କେବେହେଲେ ଏକ ଦୁର୍ଘଟଣାର ସୁଯୋଗ ହରାଇ ବସନ୍ତି ନାହିଁ । ଯେତେବେଳେ ଏକ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଥାଏ, ସେମାନେ ସେଇଟିର ଅବଶ୍ୟ ସମ୍ମୁଖୀନ ହୋଇଥାନ୍ତି । ଏବଂ ସେମାନେ ସମ୍ମୁଖୀନ ହେଉଥିବା ଦୁର୍ଘଟଣାଗୁଡ଼ିକ କଦାପି ମାମୁଲି ହୋଇ ରହି ନଥାଏ । ପ୍ରତ୍ୟେକ ବାରହିଁ ସେହି ଦୁର୍ଘଟଣା ଏକ ଗମ୍ଭୀର ଦୁର୍ଘଟଣାରେ ପରିଣତ ହୋଇଯାଏ, ପ୍ରକୃତରେ ଗମ୍ଭୀର ହୋଇଥାଏ । ଜୀବନର କ୍ଷେତ୍ରରେ ସାଧାରଣତଃ କୁହା ହୋଇଥାଏ : "ଆରେ, ତା'ର ଭାଗ୍ୟଟା କେଡ଼େ ଖରାପ ଦେଖିଲ, ତା'ର ପ୍ରକୃତରେ ଭାଗ୍ୟ ବୋଲି କିଛି ନାହିଁ !" ମାତ୍ର ସେସବୁ କେବଳ ଅଜ୍ଞାନତା ବ୍ୟତୀତ ଆଉ କିଛି ନୁହେଁ । ଯାହାକିଛି ଘଟୁଛି, ସବୁ କେବଳ ତା'ର ଚେତନାର କ୍ରିୟା ଉପରେହିଁ ନିର୍ଭର କରୁଛି । ଏହି ବିଷୟରେ ମୁଁ ତୁମକୁ କେତେକେତେ ଦୃଷ୍ଟାନ୍ତ ଦେଇପାରିବ,—ମାତ୍ର ତା'ହେଲେ ମୋତେ କେତେକ ବ୍ୟକ୍ତିଙ୍କ ବିଷୟରେ କହିବାକୁହିଁ ପଡ଼ିବ, ଏବଂ ତାହା କରିବା ଲାଗି ମୁଁ ଆଦୌ ଇଚ୍ଛା କରୁ ନାହିଁ । ମାତ୍ର ମୁଁ ତୁମମାନଙ୍କୁ ପ୍ରକୃତରେ ଅଦ୍ଭୁତ



'oaob.nitrkl.ac.in' images reprocessed

ଦୃଷ୍ଟାନ୍ତମାନ ଦେଇପାରିବ । ଏବଂ ଏଭଳି ଦୃଷ୍ଟାନ୍ତମାନ ଆମେ ସବୁବେଳେହିଁ ଦେଖିବାକୁ ପାଇଥାଉ, ଏଠାରେ ସବୁବେଳେ ଦେଖିବାକୁ ପାଇଥାଉ ! ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କର ପ୍ରାଣହିଁ ଚାଲିଯାଇ ପାରିଥାନ୍ତା, ମାତ୍ର ଯେଉଁମାନେ ନିରାପଦ ଭାବରେ ଦୁର୍ଘଟଣାଟିରୁ ବାହାରି ଚାଲିଆସି ପାରିଛନ୍ତି । ଆଉ ଅନ୍ୟମାନେବି ଅଛନ୍ତି, ଯେଉଁମାନଙ୍କ ଲାଗି ଦୁର୍ଘଟଣାଟି ଆଦୌ ସାଂଘାତିକ ନଥିଲା, ମାତ୍ର ତଥାପି ସାଂଘାତିକ ହୋଇପଡ଼ିଲା ।

ମାତ୍ର ତାହା ଭାବନା ଉପରେ, ଆମର ସାଧାରଣ ଭାବନାର କିମ୍ବା ଉପରେ ଆଦୌ ନିର୍ଭର କରେ ନାହିଁ । ସେହି ଲୋକମାନଙ୍କ ଭିତରେ ଅନ୍ୟମାନଙ୍କ ପରି ଆପାତତଃ ସମାନ ପ୍ରକାରର ସୁଭାବନାମାନ ଥାଇପାରେ,—ତେଣୁ ସେଇଟା ଆଦୌ କୌଣସି କାରଣ ନୁହେଁ । କାରଣ ହେଉଛି ସେହି ସେକେଣ୍ଡଟି, ଯେତେବେଳେ କି ଆମକୁ ବାଛିନେବାକୁ ପଡ଼ିଥାଏ । ଉଚିତ କ୍ଷଣଟିରେ ଉଚିତ ପ୍ରକାରେ କିପରି ପ୍ରତିକ୍ରିୟାଗୁଡ଼ିକୁ ବ୍ୟକ୍ତ କରିବାକୁ ପଡ଼ିବ, ସେହି କଥାଟିକୁ ଜାଣିଥିବା ଉପରେହିଁ ସବୁ ନିର୍ଭର କରେ । ଏହାପାଇଁ ମୁଁ ତୁମମାନଙ୍କୁ ଶହ ଶହ ଉଦାହରଣ ଦେଇ-ପାରିବି । ଏହା ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ।

ଏହା ସମ୍ପୂର୍ଣ୍ଣ ଭାବରେ ଆମର ସ୍ୱଭାବ ଉପରେହିଁ ନିର୍ଭର କରିଥାଏ । କେତେକଙ୍କର ଚେତନା ଏପରି ଜାଗରୁକ ଏବଂ ସକ୍ରିୟ ହୋଇ ରହିଥାଏ ଯେ, ସେମାନେ କେତେବେଳେ ହେଲେ ଶୋଇ ରହି ନଥାନ୍ତି, ଭିତରେ ସବୁବେଳେ ଚେଇଁଥାନ୍ତି । ଯେଉଁ ମୁହୂର୍ତ୍ତରେ ସହାୟତାର ଆବଶ୍ୟକତା ପଡ଼େ, ସେମାନେ ସେହି ମୁହୂର୍ତ୍ତରେହିଁ ସହାୟତା ଲାଗି ଆବେଦନ କରି ପାରନ୍ତି । ଅର୍ଥାତ୍ ସେମାନେ ଦିବ୍ୟ ପରମଶକ୍ତିର ଆବାହନ କରନ୍ତି । ମାତ୍ର, କେବଳ ସେହି ନିର୍ଦ୍ଦିଷ୍ଟ ସେକେଣ୍ଡଟିରେହିଁ ତା'ର ଆବଶ୍ୟକତା ରହିଥାଏ । ତେଣୁ, ଏହିପରି ଭାବରେ, ବିପଦଟି କଟିଯାଏ, ଆଉ କିଛିହେଲେ ଘଟେ ନାହିଁ । ହୁଏତ ସେମାନଙ୍କର ପ୍ରାଣ ଚାଲି ଯାଇଥାନ୍ତା; ମାତ୍ର ସେମାନେ ଆଦୌ କୌଣସି ଆଘାତ ନପାଇ ଦୁର୍ଘଟଣାଟି ଭିତରୁ ମୁକୁଳି ଆସନ୍ତି, ଅନ୍ୟ ପକ୍ଷରେ, ଅନ୍ୟମାନେ ବି ଥାଆନ୍ତି, ଯେଉଁମାନେ କି ହୁଏତ କେଉଁଠାରେ ଏତେଟିକିଏ ବି ଅଝୁଡ଼ି ହୋଇ ଯିବା କ୍ଷଣିହିଁ ଭିତରେ ସତେଅବା ଗୋଟାସୁଦ୍ଧା ଅବ୍ୟବସ୍ଥିତ ହୋଇ ପଡ଼ନ୍ତି, ଗୋଟାସୁଦ୍ଧା ଟଳି ପଡ଼ନ୍ତି : ସେମାନଙ୍କର ଚେତନା ଭିତରେ ଗୋଟାଏ ପ୍ରକାରର ଭୟ, ନୈରାଶ୍ୟ ଅଥବା ପରାଜୟଭାବ ସତେଅବା ବଡ଼ ସ୍ୱାଭାବିକ ଓ ଅହେତୁକ ଭାବରେ ଆସି ପହଞ୍ଚିଯାଏ । ପ୍ରକୃତରେ କିଛି ହୋଇ ନଥାଏ, କେଉଁଠି ଗୋଡ଼ ହୁଏତ ଟିକିଏ ମୋଡ଼ି ହୋଇ ଯାଇଥାଏ ଓ ପରବର୍ତ୍ତୀ ମୁହୂର୍ତ୍ତରେ ସେମାନେ ଗୋଡ଼କୁ ଗୋଟାସୁଦ୍ଧା ଭାଙ୍ଗିଦେଇ ବସନ୍ତି । ଏପରି ହେବାର ଆଦୌ କୌଣସି କାରଣ ନଥାଏ । ଗୋଡ଼ ନଭାଙ୍ଗିବାର ମଧ୍ୟ

'oaob.nitrkl.ac.in' images reprocessed

ଯେ ଏକ ସମ୍ଭାବନା ଅବଶ୍ୟ ରହିଥିଲା, ସେମାନଙ୍କ କ୍ଷେତ୍ରରେ ଏହି କଥାଟିକୁ ନିଶ୍ଚୟ ବୁଝିହୋଇ ପାରିବ ।

ଆଉ ଅନ୍ୟମାନେ ଏପରି ଅଛନ୍ତି, ଯେଉଁମାନେ କି ଗୋଟିଏ ସିଡ଼ି ଦେଇ ଉପର ମହଲାକୁ ଯାଉଥାନ୍ତି ଓ ସିଡ଼ିଟି ତଳୁ ମଡ଼ମଡ଼ ହୋଇ ଭାଙ୍ଗିଯାଏ । ସେମାନେ ହୁଏତ ଏକାବେଳେକେ ଖତମ ହୋଇ ଯାଇଥାନ୍ତେ, ମାତ୍ର ସେମାନଙ୍କର ପ୍ରକୃତରେ କିଛି ହୁଏ ନାହିଁ, ଏତେଟିକିଏ ହେଲେ ଆଘାତ ଲାଗେ ନାହିଁ । ସେମାନେ ଏପରି କିପରି କରିପାରିଲେ ? ବାହାରକୁ ଦେଖିବାକୁ ପ୍ରକୃତରେ ବଡ଼ ଅଦ୍ଭୁତ ଲାଗେ, ମାତ୍ର ସେମାନଙ୍କ କ୍ଷେତ୍ରରେ ତଥାପି ଏହିପରି ଘଟଣାମାନ ଘଟିଥାଏ । ସେମାନେ ହଠାତ୍ ଆବିଷ୍କାର କରନ୍ତି ଯେ ସେମାନେ ଆସି ତଳେ ପଡ଼ି ଯାଇଛନ୍ତି, ଏବଂ ସେମାନଙ୍କର ଆଦୌ କିଛି ହୋଇ ନାହିଁ । କୋଉଠି ଏତେଟିକିଏ ଆଘାତ ବାଜି ନାହିଁ । ଏସବୁ ଦୃଷ୍ଟାନ୍ତରେ ମୁଁ ତୁମମାନଙ୍କୁ ନାଆଁ ସବୁ ବି କହିଦେଇ ପାରିବି, ତୁମମାନଙ୍କୁ ମୁଁ ପ୍ରକୃତରେ ଘଟିଥିବା ଘଟଣାଗୁଡ଼ିକ ବିଷୟରେ କହୁଛି ।

ତେବେ, ଏସବୁ କିପରି ହୁଏ, କେଉଁ କାରଣରୁ ହୁଏ ? ନବୀଚେତନର ମୁହୂର୍ତ୍ତିଟିରେ କିଏ କେତେ ପରିମାଣରେ ଜାଗରୂକ ହୋଇ ରହୁଛି, ଏହା ତାହାର ଉପରେହିଁ ନିର୍ଭର କରେ, ଏବଂ, ଜାଣି ରଖିବା ଉଚିତ ଯେ ଏହାକୁ ଆଦୌ ଏକ ମାନସିକ କ୍ରିୟା ବୋଲି ବୁଝା ଯିବ ନାହିଁ, ଏହା ଆଦୌ ମାନସିକ ନୁହେଁ । ଏହା ହେଉଛି ସତ୍ତାର ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ, ଏଇଟି ହେଉଛି ସମୁଚିତ ପ୍ରକାରେ ଆପଣାକୁ କାର୍ଯ୍ୟକାରୀ କରୁଥିବା ଚେତନାର ଏକ ବ୍ୟାପାର । ଏହାର କାର୍ଯ୍ୟକାରିତା ସୁଦୂରପ୍ରସାରୀ, ଅତ୍ୟନ୍ତ ସୁଦୂରପ୍ରସାରୀ । ଏହା ପ୍ରକୃତରେ ଦୁର୍ଜ୍ଞେୟ, ମୁଁ ଏହି ନିର୍ଦ୍ଦିଷ୍ଟ ଦୃଷ୍ଟିଭଙ୍ଗୀଟିର ଶକ୍ତି ବିଷୟରେହିଁ ଏହା କହୁଛି । ମାତ୍ର ଯାହା ଘଟୁଛି, ତାହା ଗୋଟିଏ ସେକେଣ୍ଡରୁ ବି କମ୍ ସମୟରେ ଘଟୁଥିବାରୁହିଁ ଏଠାରେ ସମ୍ପୂର୍ଣ୍ଣ ଭାବରେ ଜାଗରୂକ ହୋଇ ରହିଥିବା ଏକ ଚେତନାର ପ୍ରଶ୍ନ ଉଠୁଛି, ଯେଉଁ ଚେତନା କି କେତେବେଳେ ହେଲେ ଶୋଇ ରହି ନଥାଏ, କେବେହେଲେ ଅଚେତନା ଭିତରେ ଯାଇ ପଶି ନଥାଏ । କାରଣ, ଏହିସବୁ କଥା ଯେ ପ୍ରକୃତରେ କେତେବେଳେ ଘଟିବାକୁ ଯାଉଛି, ସେବିଷୟରେ ଆଦୌ କିଛି ଜଣା ନଥାଏ । ନୁହେଁ କି ? ତେଣୁ ନିଦ ଭାଙ୍ଗି ଉଠିବାକୁ ଆଉ ବେଳ ନଥାଏ । ଏବଂ ସର୍ବଦାହିଁ ଜାଗରୂକ ହୋଇ ରହିବାକୁ ପଡ଼େ ।

ମୁଁ ଏପରି ଜଣେ ବ୍ୟକ୍ତିଙ୍କୁ ଜାଣିଥିଲି, ଯିଏକି ପ୍ରକୃତରେ ପ୍ରାଣ ହରାଇଥାନ୍ତେ, ମାତ୍ର ଖାସ୍ ଏହି କାରଣରୁହିଁ ମୃତ୍ୟୁମୁଖରୁ ବଞ୍ଚିଗଲେ । କାରଣ ତାଙ୍କର ଚେତନା ସତ୍ବର କାର୍ଯ୍ୟକାରୀ ହୋଇ ପାରିଲା । ଭୁଲବଶତଃ ସେ ବିଷ ଖାଇ ପକାଇଥିଲେ : କୌଣସି ଔଷଧକୁ ପାନେ ନଖାଇ ସେ ଏକାବେଳେକେ ବାରପାନ ଖାଇ

'oaob.nitrkl.ac.in' images reprocessed

ଦେଇଥିଲେ ଏବଂ ତାହା ଶେଷ ପରି କାର୍ଯ୍ୟ କଲା; ଏଥିରେ ତାଙ୍କର ପ୍ରାଣ ସ୍ପନ୍ଦନ ଯାଇଥାନ୍ତା, ହୃତ୍ପିଣ୍ଡ-କ୍ରିୟା ବନ୍ଦ ହୋଇ ଯାଇଥାନ୍ତା (ଏକଥା ଅନେକ ବର୍ଷ ପୂର୍ବେ ଘଟିଥିଲା), ଏବଂ ସିଏ ବର୍ତ୍ତମାନ ମଧ୍ୟ ଜୀବିତ ଅଛନ୍ତି । ସିଏ ସମୁଚିତ ପ୍ରକାରେ ଆପଣାର ପ୍ରତିକ୍ରିୟା ବ୍ୟକ୍ତ କରି ପାରିଥିଲେ ।

ଏଗୁଡ଼ିକୁ ବର୍ଣ୍ଣନା କରି କହିଲେ ସମସ୍ତେ ତାକୁ ଗୋଟିଏ ଗୋଟିଏ ଅଲୌକିକ ଘଟଣା ବୋଲି ଭାବିବେ । ଏଗୁଡ଼ିକ ଆଦୌ ଅଲୌକିକ ଘଟଣା ନୁହେଁ : ଏହା ହେଉଛି ଏକ ଜାଗରୂକ ଚେତନାର ବ୍ୟାପାର ।

ସେଦିନ କ୍ରେନ୍‌ରେ କାମ କରୁଥିବା ବେଳେ ତଳକୁ ଖସୁ ଖସୁ ଆମେ କପରି ବିପଦଟିରୁ ରକ୍ଷା ନପାଇଲୁ ?*

ତୁମେ ଅସଲ କଥାଟିକୁ ନିଶ୍ଚୟ ଜାଣିଥିବ ବୋଲି ମୁଁ ଭାବୁଛି ।

ଆମେ କେବଳ ଆଂଶିକ ଭାବରେ ଜାଣିଛୁ ।

ହଁ, ଖୁବ୍ ଆଂଶିକ ଭାବରେ, ଖୁବ୍ ଅସ୍ପଷ୍ଟ ଭାବରେ, "ହଁ, ସେହିପରି ଘଟିଲା" ବୋଲି ଏକପ୍ରକାରର ଗୋଟାଏ ଆଭାସ ବା ଧାରଣା ଭାବରେ;—ଗୋଟାଏ ଧାରଣା, ପ୍ରାୟ ଏକ ଦୃଷ୍ଟିଭଙ୍ଗୀ, ମାତ୍ର ତାହାକୁ ଏକ ଜ୍ଞାନ ବୋଲି ଆଦୌ କୁହାଯାଇ ପାରିବ ନାହିଁ । ସେଇଟି ଯେ ପ୍ରକୃତରେ କପରି କାର୍ଯ୍ୟକାରୀ ହୁଏ, ସେକଥା କେହି କହି ପାରିବ ନାହିଁ !

ଏହା କରୁଣା ବଳରେ ଘଟିଲା ।

---

*ଆଶ୍ରମର କେତେଜଣ ତରୁଣ ସାଧକ କ୍ରେନ୍ ସାହାଯ୍ୟରେ ଗୋଟିଏ ବଡ଼ ଗଛର ଗଣ୍ଡିକୁ ଟ୍ରକ୍ ଉପରକୁ ଉଠାଇବାକୁ ଚେଷ୍ଟା କରୁଥିଲେ । ହଠାତ୍ କ୍ରେନ୍‌ଟି ଭାଙ୍ଗି ଅଲଗା ହୋଇଗଲା, ସବୁ ଅଂଶକୁ ଖଣ୍ଡଖଣ୍ଡ ହୋଇ ଛଡ଼ିକି ପଡ଼ିଲା । ମାତ୍ର ସେଥିରେ କାହାରିକୁ କୌଣସି ଆଘାତ ହୋଇ ନଥିଲା । ତା'ପରେ, ଟ୍ରକ୍ ଭିତରକୁ ଅଧେ ଉଠା ହୋଇଥିବା ଗଛ-ଗଣ୍ଡିଟି ଧୀରେଧୀରେ ଗଡ଼ିବାକୁ ଆରମ୍ଭ କଲା, ଯାହା ଫଳରେ କି ଟ୍ରକ୍ ଗୋଟାଏ ପଟକୁ ଅଣାଇ ହୋଇ ପଡ଼ିଲା । ତଦ୍ଭାବ ଦେଖି କେତେଜଣ ବାଳକ ତାହାର ତଳେ ଦଳି ହୋଇଯିବାର ଆଶଙ୍କା କରିଥିଲେ । ହଠାତ୍ ଏତିକିବେଳେ, ବ୍ୟାଖ୍ୟା କରି ହେଉନଥିବା କୌଣସି କାରଣ ନଥାଇ ଓ ଅଣାଇ ହୋଇ ପଡ଼ୁଥିବା ଟ୍ରକ୍‌ଟିକୁ ଠେସ ଦେଇ ଧରି ରଖିବା ପାଇଁ କୌଣସି ବସ୍ତୁ ନଥିଲେ ମଧ୍ୟ ଟ୍ରକ୍‌ଟି ଅଧାଯାଏ ଆସି ପ୍ରକୃତରେ ଅଟକି ରହିଗଲା ।

'oaob.nitrkl.ac.in' images reprocessed

ମାତ୍ର, ସେକଥାଟି କପଣ ଘଟିଲା, ଯଦି ତୁମେ ମୋତେ ସେଇଟିକୁ ବୁଝାଇ କହିଦେଇ ପାରିବ, ତେବେ ତାହା ସମସ୍ତଙ୍କ ସକାଶେ ନିଶ୍ଚୟ ଆଗ୍ରହୋଦ୍ଦୀପକ ହୋଇ ରହିବ । ଠିକ୍ କାହାର ଚେତନାଟି ଜାଗରୂକ ହୋଇ ରହିଥିଲା ଓ କାହାର ବିଶ୍ୱାସ ରହିଥିଲା ଓ ଏପରି ଗୋଟିଏ କଥା ଥିଲା, ଯାହାକି ସଚେତଅବା ସ୍ୱୟଂଶୃଙ୍ଖଳିତ ଭାବରେ ପ୍ରତ୍ୟୁତ୍ତର ଦେଇପାରିଲା, ଓ ସମ୍ଭବତଃ ସଚେତନ ଭାବରେ କେହି କିଛି କରି ନଥିଲା, ସେକଥା ଜାଣିବା ଲାଗି ନିଶ୍ଚୟ ଭାରି ଆଗ୍ରହ ଜାତ ହେବ ।

ଏହି କ୍ଷେତ୍ରରେ ବିଭିନ୍ନ ମାତ୍ରା ରହିଛି, ଅନେକ ମାତ୍ରା ରହିଛି । ମନୁଷ୍ୟର ବୁଦ୍ଧି ଏପରି ଭାବରେ ଗଠିତ ହୋଇଛି ଯେ ବିପରୀତ ଦୃଷ୍ଟାନ୍ତଟି ନଦେଖିଲା ପର୍ଯ୍ୟନ୍ତ ତାହା ଆଦୌ କିଛି ହେଲେ ବୁଝି ପାରେ ନାହିଁ । ତୁମେ ଜାଣିଚ, ମୋତେ ଧନ୍ୟବାଦ ଜଣାଇ ଶହ ଶହ ଲୋକ ମୋ ପାଖକୁ ଚିଠି ଲେଖିଛନ୍ତି, କାରଣ ସେମାନଙ୍କର ପ୍ରାଣରକ୍ଷା ହୋଇ ପାରିଛି । ମାତ୍ର, ଏପରି କଥା ଅତ୍ୟନ୍ତ, ଅତ୍ୟନ୍ତ କ୍ୱଚିତ୍ ଘଟିଛି ଯେ ଆଦୌ କିଛି ଘଟି ନାହିଁ ବୋଲି ମୋତେ ଧନ୍ୟବାଦ ଜଣାଇ କେହି ମୋ ପାଖକୁ ଚିଠି ଲେଖିଛି । ବୁଝି ପାରୁଛ ତ ? ବର୍ତ୍ତମାନ ଏକ ଦୁର୍ଘଟଣା ଉପରେ ବିଚାର କରାଯାଉ; ଦୁର୍ଘଟଣାଟିଏ ଘଟିବାକୁ ଯାଉଛି, ଅର୍ଥାତ୍ ଏକ ବିଶୃଙ୍ଖଳା କେଉଁଠି ନା କେଉଁଠି ଘଟି ସାରିଲାଣି । ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ ଯେତେବେଳେ ଏକ ସାଧାରଣ ଅର୍ଥାତ୍ ସାମୂହିକ ଦୁର୍ଘଟଣାର ପ୍ରଶ୍ନ ଉଠୁଛି, ସେତେବେଳେ ସମଗ୍ର ବ୍ୟାପାରଟିରେ ପ୍ରତ୍ୟେକ ବ୍ୟକ୍ତିର ପରିବେଶଟିର ନିଶ୍ଚୟ ଏକ ଅଂଶ ରହିଛି; ସେମାନଙ୍କ ମଧ୍ୟରେ କେତେ ଅନୁପାତରେ ପରାଜୟବାଦୀମାନେ ରହିଛନ୍ତି ଓ ଅନ୍ୟ ପକ୍ଷରେ, କେତେଜଣ ଆଉ ପଟଟିରେ ଅର୍ଥାତ୍ ଠିକ୍ ପଟରେ ରହିଛନ୍ତି, କଥାଟି ତାହାରି ଉପରେ ନିର୍ଭର କରୁଛି । ଏବିଷୟରେ ମୁଁ ଆଗରୁ କିଛି ଲେଖିଛି କି ନାହିଁ ମୋର ମନେ ପଡ଼ୁ ନାହିଁ,—ଏହା ନିଶ୍ଚୟ କୌଣସି ଗୋଟିଏ ସ୍ଥାନରେ ଲେଖା ହୋଇଛି,—ମାତ୍ର ଏଇଟି ପ୍ରକୃତରେ ଏକ ବଡ଼ ଆଗ୍ରହୋଦ୍ଦୀପକ କଥା । ବର୍ତ୍ତମାନ ମୁଁ ତୁମମାନଙ୍କୁ ସେହି କଥାଟି କହିବି ।...କେବଳ ଯେତେବେଳେ କୌଣସି ବିପଦ ପଡ଼ିଥାଏ, ଲୋକମାନେ ସେତିକବେଳେ ଯାଇ କରୁଣାର କାର୍ଯ୍ୟକାରିତା ବିଷୟରେ ସଜ୍ଞାନ ହୋଇ ପାରନ୍ତି; ଅର୍ଥାତ୍, ଯେଉଁଠି କୌଣସି ଦୁର୍ଘଟଣା ଘଟିବା ଆରମ୍ଭ ହୋଇ ଯାଇଥାଏ ବା ଦୁର୍ଘଟଣାଟି ଘଟି ଯାଇଥାଏ ଏବଂ ସେମାନେ ସେଥିରୁ ଉଦ୍ଧାର ପାଇ ଯାଇଥାନ୍ତି, ସେମାନେ କେବଳ ସେହିସବୁ କ୍ଷେତ୍ରରେହିଁ କରୁଣାର କାର୍ଯ୍ୟକାରିତାକୁ ଅନୁଭବ କରନ୍ତି । ସେତିକବେଳେ ଯାଇ ସେବିଷୟରେ ସଜ୍ଞାନ ହୁଅନ୍ତି । ମାତ୍ର, ଉଦାହରଣସ୍ୱରୂପ, ଯଦି କୌଣସି ଯାତ୍ରାମାର୍ଗରେ କିଂବା ଆଉ କୌଣସିଥିରେ ଆଦୌ କୌଣସି ବିଘ୍ନ ଘଟେ ନାହିଁ, ସେହି କ୍ଷେତ୍ରରେ ତ ସେ ସର୍ବଦା ଅନନ୍ତ ଗୁଣରେ ଅଧିକ ଏକ ବୃହତ୍ତର କରୁଣା

'oaob.nitrkl.ac.in' images reprocessed

ଆପଣାକୁ ପ୍ରକଟିତ କରି ରଖିଥାଏ, ସେମାନେ ସେହି ବିଷୟରେ କେବେହେଲେ ସଜ୍ଞାନ ହୋଇ ପାରନ୍ତି ନାହିଁ । ଅର୍ଥାତ୍, ସେହିସବୁ କ୍ଷେତ୍ରରେ ଏପରି ଭାବରେ ସମନ୍ତ୍ରସତାଟିକୁ ପ୍ରତିଷ୍ଠିତ କରି ରଖାଯାଏ ଯେ, ତଦ୍ଦ୍ୱାରା କୌଣସି ଅନିଷ୍ଟ ବା ଦୁର୍ଘଟଣାକୁ ଘଟିବା ଲାଗି ଅବକାଶ ମିଳେ ନାହିଁ । ମାତ୍ର ସେତକଥାଟା ଲୋକମାନଙ୍କୁ ଖାଲି ସ୍ୱାଭାବିକ ପରି ବୋଧ ହୁଏ । ଯେତେବେଳେ ଲୋକମାନେ ଅସୁସ୍ଥ ହୁଅନ୍ତି ଓ ଖୁବ୍ ଶୀଘ୍ର ଆରୋଗ୍ୟଲାଭ କରନ୍ତି, ସେତେବେଳେ ସେମାନେ କୃତଜ୍ଞତାରେ ପରିପୂର୍ଣ୍ଣ ହୋଇ ଉଠନ୍ତି । ମାତ୍ର ଯେତେବେଳେ ସୁସ୍ଥ ହୋଇ ରହିଥାନ୍ତି, କୌଣସି ରୋଗ ଭୋଗନ୍ତି ନାହିଁ, ସେତେବେଳେ କୃତଜ୍ଞ ରହିବା ବିଷୟରେ ଚିନ୍ତା କରି ବି ପାରନ୍ତି ନାହିଁ । ଏବଂ ତଥାପି ଏହି କ୍ଷେତ୍ରରେ ପ୍ରକୃତରେ ଏକ ଅନେକ ବଡ଼ ଅଲୌକିକ କଥା ପ୍ରକଟିତ ହୋଇ ରହିଥାଏ । ସାମୂହିକ ଦୁର୍ଘଟଣାଗୁଡ଼ିକର କ୍ଷେତ୍ରରେ, ବିଭିନ୍ନ ବ୍ୟକ୍ତିଙ୍କର ପରିବେଶଗୁଡ଼ିକ ଦ୍ୱାରା ଯେଉଁ ଅନୁପାତର ଅଥବା ଯେଉଁ ପ୍ରକାରର ସମତାବସ୍ଥା ବା ଅସମଞ୍ଜସତା କିଂବା ସମୁଚ୍ଚୟ ବା ସଂଯୋଗଟି ଗଠିତ ହୋଇ ରହିଥାଏ, ତାହାକୁହିଁ ସବୁଠାରୁ ଅଧିକ ଆଗ୍ରହୋଦ୍ଦୀପକ ବୋଲି କୁହାଯାଇ ପାରିବ ।

ଜଣେ ବାୟୁଯାନଚାଳକ ଥିଲେ; ପ୍ରଥମ ବିଶ୍ୱ-ଯୁଦ୍ଧରେ ଯେଉଁମାନଙ୍କୁ "Ace" ବା ପ୍ରଥମ ଶ୍ରେଣୀର ବାୟୁଯାନଚାଳକ ବୋଲି କୁହା ହେଉଥିଲା, ସେ ସେହିପରି ଜଣେ ଅପୂର୍ବକୌଶଳଯୁକ୍ତ ବାୟୁଯାନ ଚାଳକ ଥିଲେ । ସିଏ କେତେ କେତେ ବିଜୟ ହାସଲ କରି ସାରିଥିଲେ, ତାଙ୍କ ଜୀବନରେ କେବେହେଲେ କିଛୁ ଘଟି ନଥିଲା । ମାତ୍ର ହଠାତ୍ ତାଙ୍କୁ ଅନୁଭବ ହେବାକୁ ଲାଗିଲା ଯେ ନିଶ୍ଚୟ ଗୋଟାଏ କିଛୁ ଦୁର୍ଘଟଣା ଘଟିବାକୁ ଯାଉଥିଲା, ମାତ୍ର ତାହା କୌଣସି କାରଣରୁ ନଘଟି ରହିଗଲା । ସେମାନେ ଯାହାକୁ ସେମାନଙ୍କର "ସୌଭାଗ୍ୟ" ବୋଲି କହୁଥିଲେ, ତାହା ଅନ୍ତର୍ହିତ ହୋଇ ଯାଇଥିଲା । ସାମରିକ ପଦ ଛାଡ଼ି ଏହି ବ୍ୟକ୍ତିଜଣକ ଅସାମରିକ ବାୟୁଯାନଚାଳନାରେ ଯାଇ ଯୋଗ ଦେଲେ ଏବଂ ସିଏ ଏହିପରି ଗୋଟିଏ ମାର୍ଗରେ ଅଫିସ ଚାଳକରୂପେ କାର୍ଯ୍ୟ କଲେ । ନା, ନା,— ଅସାମରିକ ବାୟୁଯାନ ଚାଳନାରେ ନୁହେଁ, ଯୁଦ୍ଧରୁ ବାହାରି ଆସି ସେ ସାମରିକ ଉଡ଼ାଜାହାଜଚାଳନା ବିଭାଗରେ ନିଯୁକ୍ତ ହୋଇ ରହିଲେ । ତା'ପରେ ସେ ଥରେ ଫ୍ରାନ୍ସରୁ ଦକ୍ଷିଣ ଆଫ୍ରିକା ଯାଏ ଉଡ଼ିକରି ଯିବାକୁ ଇଚ୍ଛା କଲେ । ନିଃସନ୍ଦେହ ଭାବରେ ତାଙ୍କର ଚେତନା ମଧ୍ୟରେ ନିଶ୍ଚୟ କେଉଁଠାରେ କିଛୁ ଗୋଳମାଳିଆ ହୋଇ ଯାଇଥିଲା (ମୁଁ ତାଙ୍କୁ ବ୍ୟକ୍ତିଗତ ଭାବରେ ଜାଣି ନଥିଲି, ତେଣୁ ପ୍ରକୃତରେ କ'ଣ ଘଟିଥିଲା ମୋତେ ଜଣା ନାହିଁ ।) । ଫ୍ରାନ୍ସର କୌଣସି ଗୋଟିଏ ସହରରୁ ବାହାରି ସେ ବୋଧହୁଏ ମାଡ଼ାଗାସ୍କର ଯାତ୍ରା କଲେ (ମୁଁ ଠିକ୍ କହି ପାରୁ ନାହିଁ, ବୋଧହୁଏ ମାଡ଼ାଗାସ୍କର) । ଏବଂ ସେଠାରୁ ଫ୍ରାନ୍ସ ଫେରି ଆସିବାକୁ ଇଚ୍ଛା

'oaob.nitrkl.ac.in' images reprocessed

କରିଥିଲେ । ସେତେବେଳେ ମୋ ଭାଇ କଙ୍ଗୋର ଗଭର୍ଣ୍ଣର ଥିଲେ ଏବଂ ସେ ଶୀଘ୍ର ତାଙ୍କ ନୌକରିଜାଗାକୁ ଫେରିଯିବାକୁ ଚାହୁଁଥାନ୍ତି । ଉଡ଼ାଜାହାଜରେ ତାଙ୍କୁ ଜଣେ ଯାତ୍ରୀ ଭାବେ ନିଆଯାଉ ବୋଲି ସେ ଅନୁରୋଧ କରିଥିଲେ (ଉଡ଼ାଜାହାଜଟି ସେଥର ଏକ ବ୍ୟାବସାୟିକ ଯାତ୍ରାରେ ବାହାରିଥିଲା; ଏହି ଉଡ଼ାଜାହାଜମାନେ ପ୍ରକୃତରେ କ'ଣ କରି ପାରୁଛନ୍ତି, ତାହା ଦେଖାଇ ଦେବାକୁ ବାହାରିଥିଲା) । ଅନେକ ଲୋକ ମୋ ଭାଇଙ୍କୁ ଏହି ଉଡ଼ାଜାହାଜରେ ନଯିବା ସକାଶେ ପ୍ରବର୍ତ୍ତାଇଥିଲେ; ସେମାନେ ତାଙ୍କୁ କହିଲେ : "ଏହିସବୁ ଯାତ୍ରା ସର୍ବଦା ଭାରି ବିପଜ୍ଜନକ ହୋଇଥାଏ, ଆପଣ ସେସବୁ ଉଡ଼ାଜାହାଜରେ କଦାପି ଯାଆନ୍ତୁ ନାହିଁ ।" ମାତ୍ର ତଥାପି ଭାଇ ଶେଷରେ ସେହି ଉଡ଼ାଜାହାଜରେ ଗଲେ । ମଝିରେ କେଉଠି ଉଡ଼ାଜାହାଜ ଖରାପ ହେଲା ଓ ସେମାନଙ୍କୁ ସାହାରା ମରୁଭୂମିରେ କେଉଁଠି ଏକ ସ୍ଥାନରେ ଅଟକିବାକୁ ପଡ଼ିଥିଲା । ଏହି ସ୍ଥିତିକୁ କଦାପି ଏକ ସୁଖକର ସ୍ଥିତି ବୋଲି କୁହା ଯିବ ନାହିଁ । ତଥାପି ସତେଅବା ଏକ ଅଲୌକିକ ଘଟଣା ଘଟିବା ପରି ସବୁ ଠିକ୍ ହୋଇଗଲା, ଉଡ଼ାଜାହାଜ ପୁଣି ଯାତ୍ରା ଆରମ୍ଭ କଲା ଓ ମୋ ଭାଇଙ୍କୁ ନେଇ କଙ୍ଗୋରେ ଓହ୍ଲାଇ ଦେଇଥିଲା । ଭାଇ ଯେଉଁଠାରେ ଓହ୍ଲାଇବାକୁ ଇଚ୍ଛା କରିଥିଲେ, ତାଙ୍କୁ ଠିକ୍ ସେହିଠାରେ ଓହ୍ଲାଇ ଦେଇ ଉଡ଼ାଜାହାଜଟି ଆହୁରି ଦକ୍ଷିଣ ଆଡ଼କୁ ଚାଲି ଯାଇଥିଲା । ଏବଂ, ତା'ର ଅବ୍ୟବହିତ ପରେ ଉଡ଼ାଜାହାଜଟି ଅଧବାଟରେ ତଳକୁ ଖସିପଡ଼ି ଧ୍ୱଂସ ହୋଇ ଯାଇଥିଲା ଏବଂ ଅନ୍ୟ ଯାତ୍ରୀ ଜଣକ ସେଇଥିରେ ନିହତ ହୋଇଥିଲେ । ...ଏପରି ଯେ ଘଟିବ, ଏଥିରେ ଆଦୌ କୌଣସି ସନ୍ଦେହ ନଥିଲା । ମାତ୍ର ମୋ ଭାଇଙ୍କର ଆପଣାର ଅଦୃଷ୍ଟ ଉପରେ ଅଟଳ ବିଶ୍ୱାସ ରହିଥିଲା, ଏକ ନିଶ୍ଚିତ ବିଶ୍ୱାସ ରହିଥିଲା ଯେ ତାଙ୍କର କେବେହେଲେ କିଛି ହେବ ନାହିଁ । ଏବଂ ତାହା ଫଳରେ ଘଟଣାଟି ଏହିପରି ଘଟିଲା; ଦୁଇଟି ପରିବେଶ ଏକାଠି ମିଶି ଉଡ଼ାଜାହାଜଟିର ବିଗିଡ଼ିଯିବାକୁ ଅନିବାର୍ଯ୍ୟ କରି ଦେଇଥିଲେ, କାରଣ ସାହାରା ମରୁଭୂମିରେ ଯାନଟି ଖରାପ ହୋଇ ଯାଇଥିଲା ଓ ଉଡ଼ାଜାହାଜକୁ ଅଗତ୍ୟା ତଳକୁ ଓହ୍ଲାଇବାକୁ ପଡ଼ିଲା; ମାତ୍ର ଶେଷରେ ସବୁ ପୁଣି ଠିକ୍ ହୋଇଗଲା ଏବଂ ଆଉ ପ୍ରକୃତରେ କୌଣସି ଘଟଣା ଘଟିଲା ନାହିଁ । ମାତ୍ର ସିଏ ଉଡ଼ାଜାହାଜଟିରୁ ଓହ୍ଲାଇଯିବା ପରେ, ଅନ୍ୟ ବ୍ୟକ୍ତି ଜଣଙ୍କର ତାଙ୍କ "ଦୁର୍ଭାଗ୍ୟର" (ଯଦି ତୁମେ ତାହାକୁ ତାହାହିଁ ବୋଲି କହିବ) ସବୁଯାକ ଶକ୍ତି ତାଙ୍କୁ ଆବୋରି ଆସିଲା, ଦୁର୍ଘଟଣାଟି ଘଟିଲା ଏବଂ ସେ ସେଥିରେ ନିହତ ହେଲେ ।

ଆଉଥରେ ଗୋଟିଏ ଜାହାଜରେ ସେହିପରି ଘଟଣାଟିଏ ଘଟିଥିଲା । ଦୁଇଜଣ ମଣିଷ ସେହି ଜାହାଜରେ ଥିଲେ, ସେମାନେ ଉଡ଼ାଜାହାଜରେ ଆଗରୁ ଇଣ୍ଡୋଚୀନକୁ ଯାଇଥିଲେ (ସେମାନେ ବେଶ୍ ଜଣାଶୁଣା ଦୁଇଜଣ ବ୍ୟକ୍ତି ଥିଲେ,

'oaob.nitrkl.ac.in' images reprocessed

ମାତ୍ର ସେମାନଙ୍କର ନାମ ମୋର ବର୍ତ୍ତମାନ ମନେ ପଡ଼ୁ ନାହିଁ) । ବାଟରେ ଦୁର୍ଘଟଣା ହେଲା, କେବଳ ସେହି ଦୁଇଜଣଙ୍କର ପ୍ରାଣରକ୍ଷା ହେଲା, ଆଉ ସମସ୍ତେ ମୃତ୍ୟୁମୁଖରେ ପତିତ ହେଲେ । ସବୁ କଥା ବସ୍ତୁତଃ ସତେଅବା ଗୋଟିଏ ନାଟକ ପରି ଘଟିଲା । ମାତ୍ର ଏହି ଦୁଇଜଣ ବ୍ୟକ୍ତି(ସ୍ୱାମୀ ସ୍ତ୍ରୀ)ଙ୍କୁ ହୁଏତ ଦୁର୍ଭାଗ୍ୟକୁ ବହନ କରି ଆଣିଥିବା ଲୋକ ବୋଲି କୁହାଯାଇ ପାରିବ,—ସେମାନେ ଆପଣା ସହିତ ଗୋଟାଏ ନିର୍ଦ୍ଦିଷ୍ଟ ପ୍ରକାରର ପରିବେଶକୁ ବହନ କରି ଆଣିଥିଲେ । ଏହି ଦୁଇଜଣ ଲୋକ ଫ୍ରାନ୍‌ସକୁ ଫେରିଯିବାକୁ ଚାହୁଁଥିଲେ (କାରଣ, ସେମାନେ ଫ୍ରାନ୍‌ସକୁ ଫେରି ଯାଉଥିବା ସମୟରେହିଁ ଦୁର୍ଘଟଣାଟି ଘଟିଲା) । ସେହି ଦୁଇଜଣ ବ୍ୟକ୍ତି ଜାହାଜରେ ଫ୍ରାନ୍‌ସ ଫେରୁଥିଲେ । ଏବଂ ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଭାବରେ, ଯାହା ସାଧାରଣତଃ ଘଟେ ନାହିଁ ତାହାହିଁ ଘଟିଲା ଏବଂ ଠିକ୍ ଲୋହିତ ସାଗରର ମଝିରେ ଜାହାଜର ଏକ ଜଳଶୈଳ ସହିତ ଧକ୍‌କା ଲାଗିଲା, (ଲକ୍ଷେ ଜାହାଜ ଯାତ୍ରାରେ ଏପରି ଘଟଣା ହୁଏତ ଥରେହେଲେ ବି ଘଟେ ନାହିଁ) ଏବଂ ଜାହାଜଟି ବୁଡ଼ିଗଲା । ଅନ୍ୟ ସମସ୍ତେ ବୁଡ଼ିମଲେ, କେବଳ ଏହି ଦୁଇଜଣ ବଞ୍ଚିଗଲେ । ଏବଂ ମୁଁ ପ୍ରକୃତରେ କିଛି କରି ପାରିଲି ନାହିଁ; ମୁଁ କହିବାକୁ ଚାହୁଁଥିଲି : "ସାବଧାନ, ଏଇ ଦୁଇଜଣଙ୍କ ସହିତ ମୋଟେ ଏକାଠି ଯାଅ ନାହିଁ) !"...ଏହି ପ୍ରକାରର ଲୋକ ପ୍ରକୃତରେ ଥାଆନ୍ତି ଏବଂ ଏମାନେ ଯେଉଁଠି ଥାଆନ୍ତି, ସେଠାରେ ଭାରି ଚମତ୍କାର ଭାବରେ ବିପଦରୁ ରକ୍ଷା ପାଇଯାନ୍ତି : ମାତ୍ର ଯେଉଁ ଦୁର୍ବିପାକମାନ ଘଟେ, ଅନ୍ୟମାନଙ୍କୁହିଁ ତାହାର କବଳରେ ପଡ଼ିବାକୁ ହୁଏ ।

ସାଧାରଣ ଦୃଷ୍ଟିକୋଣରୁ କଥାଗୁଡ଼ିକର ବିଚାର କରି ଦେଖିଲେ, ହଠାତ୍ ଏସବୁ ବିଷୟ ଆଖିରେ ପଡ଼େ ନାହିଁ । ମାତ୍ର ପରିବେଶରେ ରହିଥିବା ଉପାଦାନ-ଗୁଡ଼ିକ ଯେପରି ଭାବରେ ପରସ୍ପର ସହିତ ସମ୍ବନ୍ଧିତ ହୋଇ ରହିଥାନ୍ତି,—ସେହି ବିଷୟରେ ସାବଧାନ ହେବାକୁହିଁ ପଡ଼ିଥାଏ । ତେଣୁ, ଯେତେବେଳେ ଅନ୍ୟ ଅନେକଙ୍କ ସହିତ ଏକତ୍ର ଯାତ୍ରା କରିବାକୁ ପଡ଼େ, ସେତେବେଳେ ଆମେ କେଉଁ-ମାନଙ୍କ ସହିତ ଯାଉଛେଁ, ସେକଥା ଜାଣିନେବାକୁ ହୁଏ । ଏକଥାକୁ ଅନ୍ତର୍ଜ୍ଞାନରେ ଜାଣିବାକୁ ହୁଏ, ଅନ୍ତର୍ଦୃଷ୍ଟି ଦ୍ୱାରା ଦେଖିବାକୁ ହୋଇଥାଏ । ଏବଂ ସେତେବେଳେ; ଯଦି ଏପରି ଜଣେ ବ୍ୟକ୍ତି ଆଖି ଆଗରେ ପଡ଼ନ୍ତି, ଯାହାଙ୍କ ଚତୁର୍ଦ୍ଦିଗରେ ଏକ ସାନ କଳା ମେଘଟିଏ ବେଷ୍ଟନ କରି ରହିଥାଏ, ତେବେ ସାବଧାନ ହୋଇ ଯିବାକୁ ହୁଏ ଏବଂ ତାଙ୍କ ସହିତ ଏକାଠି ଯାତ୍ରା କରିବାକୁ, ବନ୍ଦ କରିଦେବାକୁ ହୁଏ । କାରଣ, ସେହି କ୍ଷେତ୍ରରେ ଏକ ଦୁର୍ଘଟଣା ଘଟିବା ଅନିବାର୍ଯ୍ୟ ହୋଇ ରହିଥାଏ । ଏବଂ ହୁଏତ ସେହି ବ୍ୟକ୍ତିଙ୍କର ଦୁର୍ଘଟଣା ଦ୍ୱାରା କିଛି କ୍ଷତି ହୁଏ ନାହିଁ । ତେଣୁ ସମ୍ପୂର୍ଣ୍ଣ

'oaob.nitrkl.ac.in' images reprocessed

ଉପରଠାଉରିଆ ଭାବରେ ନଜାଣି ସବୁକଥାକୁ ଟିକିଏ ଅଧିକ ଗଭୀର ଭାବରେ ଜାଣିବା ବେଶ୍ ଲାଭଦାୟକ ବୋଲି ପ୍ରମାଣିତ ହୋଇଥାଏ ।

(ପିଲାଟି ଆଡ଼କୁ ଅନାଇ) ଜୀବନଟା ଏହିପରି ଭାବରେ ପ୍ରକୃତରେ କେତେ ବିପଦପୂର୍ଣ୍ଣ ହୋଇ ପଡ଼ିବାକୁ ଯାଉଛି, ତା' ମୁହଁରୁ ସିଏ ଠିକ୍ ସେହି କଥା ଶୁଣୁଥିଲା ପରି ମନେ ହେଉଛି !

## ୩୦ ଡିସେମ୍ବର, ୧୯୫୩

ପିଲାଙ୍କ ଭିତରେ ଧ୍ୱଂସ କରିବାର ଏକ ପ୍ରବୃତ୍ତି ଅଛି ବୋଲି ଯାହା କୁହାଯାଇଥାଏ, ତଦ୍ୱାରା ଆପଣ କ'ଣ ବୁଝନ୍ତି ?

ସବୁ ପିଲାଙ୍କଠାରେ ସେହି ପ୍ରବୃତ୍ତିଟି ଆଦୌ ନଥାଏ । ମୁଁ ଅନେକ ପିଲାଙ୍କୁ ଜାଣିଛି, ଯେଉଁମାନେ କି ବରଂ ଖୁବ ସୁବିନ୍ୟସ୍ତ ଭାବରେ ସବୁ କରୁଥିଲେ ।

ପିଲାମାନେ ସେମାନଙ୍କର ଭୌତିକ ଚେତନାରେ ବଡ଼ମାନଙ୍କ ପରି ଆଦୌ ଏତେଦୂର "ପ୍ରତ୍ୟକ୍ଷବାଦୀ" ବା ବସ୍ତୁ-ଅଭିମୁଖ ହୋଇ ନଥାନ୍ତି । ବୟସ ବଢ଼ିବା ସଙ୍ଗେ ସଙ୍ଗେ ମଣିଷ ସହଜେ ଅବା କ୍ରମଶଃ ଘନ ହୋଇ ଆସେ ଓ ଆପଣାର ଚେତନା କ୍ଷେତ୍ରରେ ଅଧିକ ସ୍ଥୂଳ ହେବାକୁ ଆରମ୍ଭ କରେ; ଅବଶ୍ୟ ଏକଥା ସତ ଯେ ଏକ ଇଚ୍ଛାକୃତ କ୍ରିୟା ଦ୍ୱାରା ତାହାର ବିକାଶ ନିଶ୍ଚୟ ଅନ୍ୟ ପ୍ରକାର ମଧ୍ୟ ହୋଇଥାଏ । ଉଦାହରଣସ୍ୱରୂପ, ଅଧିକାଂଶ ପିଲା ସେମାନଙ୍କର କଳ୍ପନା, ସ୍ୱପ୍ନ ଓ ସେମାନେ ଆପଣା ଭିତରେ ଯାହାସବୁ ଦେଖୁଥାନ୍ତି, ସେସବୁକୁ ବହିଃସ୍ଥ ବସ୍ତୁଗୁଡ଼ିକଠାରୁ ଅଲଗା ବୋଲି ଜାଣିବାରେ ଖୁବ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଯେତେବେଳେ ବୟସ ବଢ଼ିଯାଏ ଓ ଅଧିକ ନିର୍ଦ୍ଦିଷ୍ଟ ଭାବରେ ସବୁ କଥାକୁ ଜାଣିହୁଏ, ସେତେବେଳ ପରି ପିଲାମାନଙ୍କର ସଂସାର ଆଦୌ ଏତେଦୂର ସୀମାବଦ୍ଧ ହୋଇ ରହି ନଥାଏ । ପିଲାମାନେ ଭିତରେ ଖୁବ କୋମଳ ଏବଂ ଅତି ସଂବେଦନଶୀଳ ହୋଇ ରହିଥାନ୍ତି; ସେମାନଙ୍କର ବୟସ୍କ ବୟସ ତୁଳନାରେ ସେମାନେ ସେତେବେଳେ ଆପଣା ଚୈତ୍ୟ-କେନ୍ଦ୍ରଟିର ଅଧିକ ନିକଟବର୍ତ୍ତୀ ହୋଇ ଥାଆନ୍ତି । ସେମାନେ ସେତେବେଳେ ଏପରି ନାନା ଶକ୍ତିର କ୍ଷେତ୍ରରେ ସଂବେଦନଶୀଳ ହୋଇ ରହିଥାନ୍ତି, ଯାହାକି ପରେ ସେମାନଙ୍କ ଲାଗି ଏକାବେଳେକେ ଅଦୃଶ୍ୟ ହୋଇଯାଏ । ମାତ୍ର ପିଲା ବୟସରେ ସେଗୁଡ଼ିକ ଆଦୌ ଅଦୃଶ୍ୟ ନଥାନ୍ତି । ସାଧାରଣତଃ



'oaob.nitrkl.ac.in' images reprocessed

ଦେଖା ଯାଇଥାଏ ଯେ, ପିଲମାନେ ଶୋଇଲବେଳେ ଯେଉଁ ସ୍ୱପ୍ନ ଦେଖନ୍ତି, ସେଗୁଡ଼ିକରୁ ସେମାନେ ବେଳେବେଳେ ଭାରି ଭୟାକୁଳ ହୋଇ ଉଠନ୍ତି, ପୁଣି ବେଳେବେଳେ ଭାରି ଉତ୍ଫୁଲ୍ଲ ହୋଇ ଉଠନ୍ତି । ପିଲମାନେ ଯେଉଁ କେତେ ନା କେତେ କଥାକୁ ଭୟ କରିବାରେ ଲଗିଥାନ୍ତି, ବଡ଼ ବେଳକୁ ସେଗୁଡ଼ାକର ଆଉ କୌଣସି ଅସ୍ତିତ୍ୱହିଁ ରହେ ନାହିଁ । ପିଲମାନଙ୍କର ଦୃଷ୍ଟି କଦାପି କେବଳ ବସ୍ତୁ-ଅଭିମୁଖ ହୋଇ ରହି ନଥାଏ । ଅନ୍ତରାଳରେ ସକ୍ରିୟ ହୋଇ ରହିଥିବା ନାନା ଶକ୍ତି ବିଷୟରେ ସେମାନଙ୍କର ଏକ ପ୍ରକାର ଗୋଚରଜ୍ଞାନ ରହିଥାଏ, ଯାହାକି ଅଳ୍ପବହୁତ ପରିମାଣରେ ନିର୍ଦ୍ଦିଷ୍ଟ ଓ ସୁସ୍ପଷ୍ଟ ହୋଇ ରହିଥାଏ । ଏହିପରି ଭାବରେ, ସେହିଭଳି ଗୋଟିଏ ସ୍ଥିତିରେ ରହିଥିବାରୁ, ସେମାନେ ଏପରି ଅନେକ ଶକ୍ତି ଦ୍ୱାରା ପ୍ରଭାବିତ ହେବାରେ ଲଗିଥାନ୍ତି, ଆପଣା ମଧ୍ୟରେହିଁ ବନ୍ଦ ହୋଇ ଅଧିକ ସ୍ଥୂଳ ଭାବରେ ଜୀବନ ବଞ୍ଚୁଥିବା ଲେକମାନଙ୍କ ଉପରେ ଯେଉଁଗୁଡ଼ିକର କି ଆଦୌ କୌଣସି ପ୍ରଭାବ ନଥାଏ । ଏବଂ ସେହିସବୁ ଶକ୍ତି—ଉଦାହରଣସ୍ୱରୂପ, ଧ୍ୱଂସ କରିବାର ଶକ୍ତି, ବା ନୃଶଂସ ହେବାର ଶକ୍ତି, ଦୁଷ୍ଟତା-ଶକ୍ତି ବା ଅନିଷ୍ଟ-ଇଚ୍ଛାର ଶକ୍ତି,—ଏହି ସବୁଯାକ ପରିବେଷ୍ଟନୀଟି ମଧ୍ୟରେହିଁ ରହିଥାଏ । ଯେତେବେଳେ ଚେତନାର ବୃଦ୍ଧି ହୁଏ ଏବଂ ଭିତରେ ଅପେକ୍ଷାକୃତ ଅଧିକ ପରିମାଣରେ ଏକ ସୁଗଠିତତା ଆସିଯାଏ, ସେତେବେଳେ ସେହି ଶକ୍ତିଗୁଡ଼ିକୁ ଆପଣାର ବାହାରେ ଦେଖିବାର ସାମର୍ଥ୍ୟ ଆସିଯାଏ, ସେଗୁଡ଼ିକର ଅଭିବ୍ୟକ୍ତି ଲଗି କୌଣସି ଅବସର ସୃଷ୍ଟି ନକରିବାର ସାମର୍ଥ୍ୟ ମଧ୍ୟ ଆସିଯାଏ । ମାତ୍ର ଯେତେବେଳେ ବୟସ ଅଳ୍ପ ଥାଏ ଓ ଅର୍ଦ୍ଧ-ସ୍ୱପ୍ନର ଏକ ପରିବେଶ ମଧ୍ୟରେ ଜୀବନ ଆତଯାତ ହେଉଥାଏ, ସେତେବେଳେ ଏହିସବୁ ବସ୍ତୁ ପ୍ରକୃତରେ ଅନେକ ପ୍ରଭାବ ଆଣି ପକାଇଥାନ୍ତି ଏବଂ ପିଲମାନଙ୍କୁ ଏପରି ଅନେକ କିଛି କରିବା ଲଗି ପ୍ରେରିତ କରନ୍ତି, ଯାହାକୁ କି ସେମାନେ ସ୍ୱାଭାବିକ ଅବସ୍ଥାରେ କଦାପି କରନ୍ତେ ନାହିଁ । ମୁଁ ଭାବୁଛି, ସେସବୁ ସର୍ବୋପରି ଏହି କାରଣଗୁଡ଼ିକ ସକାଶେ ହୁଏ ।

ତା'ପରେ, ଅଚେତନତାର ବ୍ୟାପାରଟି ମଧ୍ୟ ରହିଛି । ସିଏ ପ୍ରକୃତରେ କୌଣସି ଅନିଷ୍ଟ ବା କ୍ଷତି କରୁଛି ବୋଲି ନଜାଣି ମଧ୍ୟ ପିଲା ଅନେକ ସମୟରେ ତାହା କରୁଥାଏ । ପିଲମାନେ ଅସଚେତନ ଥାଆନ୍ତି, ନିଜର ଗତିଛନ୍ଦଟି ମଧ୍ୟରେ ବନ୍ଦ ହୋଇ ରହିଥାନ୍ତି, ଏବଂ ସେମାନେ କରୁଥିବା କାର୍ଯ୍ୟଗୁଡ଼ିକର ପରିଣାମ ବିଷୟରେ ସେମାନେ ଆଦୌ ସଜ୍ଞାନ ନଥାନ୍ତି । ଏପରି ଅନେକ ସମୟରେହିଁ ଘଟିଥାଏ ।

ତାହାର ଅର୍ଥ ହେଉଛି ଯେ, ଯଦି ଗୋଟିଏ ପିଲାକୁ ଉଚିତ ଶିକ୍ଷା ମିଳେ, ଏବଂ ଯଦି ଜଣେ ତା'ର ସର୍ବୋତ୍ତମ ଅନୁଭବ-ଶକ୍ତିଗୁଡ଼ିକୁ ପ୍ରେରିତ କରି ଆଣିପାରେ

'oaob.nitrkl.ac.in' images reprocessed

ଏବଂ ଏପରି ଭାବରେ କାର୍ଯ୍ୟ କରିବା ଦ୍ୱାରା ଅନ୍ୟମାନଙ୍କର କ୍ଷତି ହେଉଛି ବୋଲି ତାଙ୍କୁ ବୁଝାଇ ଦେଇପାରେ (ଏବଂ, ସିଏ ବୁଝିପାରିବା ଭଳି ପ୍ରମାଣମାନ ଦେଖାଇ ସେମାନଙ୍କ ଲାଗି ଏଇଟିକୁ ବେଶ୍ ମୂର୍ତ୍ତିରୂପେ ବି ଉପସ୍ଥାପିତ କରି ଦାଇପାରେ), ତେବେ, ଅଧିକାଂଶ ସମୟରେ, ସେମାନେ ଅନିଷ୍ଟ କରିବାର ଏହି ଅଭ୍ୟାସଟିକୁ ପ୍ରକୃତରେ ଛାଡ଼ିଦିଅନ୍ତି ।

ସର୍ବୋପରି, ଏହା ହେଉଛି ଏକ ଶିକ୍ଷାର ସମସ୍ୟା । ନୃଶଂସ କାର୍ଯ୍ୟମାନ କରିବା ଲାଗି ଏହି ଅର୍ଦ୍ଧ-ଚେତନ ପ୍ରବୃତ୍ତିଟି,—ବାପାମାଆମାନେ ମଧ୍ୟ କ୍ୱଚିତ୍ ଏଥିରୁ ମୁକ୍ତ ହୋଇ ରହିଥାନ୍ତି । ଏବଂ ପିଲାର ଚେତନା ଉପରେ ଏହାର ପ୍ରଭାବ ପକାଇବା ପାଇଁ ତାହାହିଁ ଯଥେଷ୍ଟ ହୋଇଥାଏ । ଆଉ କେତେକ ପିଲା ଥାଆନ୍ତି,—ଏମାନଙ୍କର ସଂଖ୍ୟା ଅତ୍ୟନ୍ତ ଅଳ୍ପ,—ଯେଉଁମାନଙ୍କର ଭିତର ଗଠନଟିହିଁ ଭାରି ପ୍ରତିକୂଳ ହୋଇ ରହିଥାଏ । ଏହି ପିଲାମାନଙ୍କୁ ସଂଶୋଧନର ଅସାଧ୍ୟ ଦୁଷ୍ଟ ପିଲା ବୋଲି ହୁଏତ କୁହାଯାଇ ପାରିବ । ମାତ୍ର ସେମାନେ ଅତ୍ୟନ୍ତ ବିରଳ । ସୁଖର କଥା, ସେମାନଙ୍କ ମଧ୍ୟରୁ ଏଠାରେ ଜଣେହେଲେ ନାହାନ୍ତି ।

"କାରଣ ଏହା ଏକ ନିଶ୍ଚିତ କଥା ଯେ, ଗୋଟିଏ ପିଲାର ପ୍ରକୃତି ତାକୁ ଗର୍ଭରେ ଧାରଣ କରିଥିବା ମାଆ ଉପରେ ମଧ୍ୟ ଅନେକ ପରିମାଣରେ ନିର୍ଭର କରିବ । ତା'ର ଆକାଂକ୍ଷା ଓ ଇଚ୍ଛା ଉପରେ ନିର୍ଭର କରିବ ଏବଂ, ମାଆ ଯେଉଁ ବାହ୍ୟ ପରିବେଶଟି ମଧ୍ୟରେ ରହିଛି, ସେଇଟି ଉପରେ ମଧ୍ୟ ନିର୍ଭର କରିବ । ତେଣୁ, ଏହି କ୍ଷେତ୍ରରେ ମାଆର ଯେଉଁ ଶିକ୍ଷାଟିକୁ ଲାଭ କରିବା ଉଚିତ, ସେଇଟି ହେଉଛି ଯେ ତା'ର ସକଳ ଭାବନା ଯେପରି ସର୍ବଦା ସୁନ୍ଦର ଓ ଶୁଦ୍ଧ ହୋଇ ରହିବ, ସେ ସେଥିପ୍ରତି ଯଥେଷ୍ଟ ଦୃଷ୍ଟି ଦେବ । ତା'ର ଅନୁଭୂତିଗୁଡ଼ିକ ସର୍ବଦା ଭଲ ଏବଂ ସୁନ୍ଦର ହୋଇ ରହିଥିବ, ତା'ର ବାହ୍ୟ ପରିବେଷ୍ଟନୀଗୁଡ଼ିକ ଯଥାସମ୍ଭବ ସୌଷମ୍ୟଯୁକ୍ତ ହୋଇ ରହିଥିବ, ଏବଂ ଏକ ମହାନ୍ ସରଳତା ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥିବ । ଏବଂ, ତା' ସଙ୍ଗେ ସଙ୍ଗେ ଯଦି ଆପଣାର କଳ୍ପନାସ୍ଥ ସର୍ବୋଚ୍ଚ ଆଦର୍ଶଟି ଅନୁସାରେ ପିଲାଟିକୁ ଗଢ଼ିବା ଲାଗି ତା'ର ଏକ ସଚେତନ ଏବଂ ନିର୍ଦ୍ଦିଷ୍ଟ ଇଚ୍ଛା ମଧ୍ୟ ରହିଥିବ, ତେବେ ସେହି କ୍ଷେତ୍ରରେ ପ୍ରକୃତରେ

'oaob.nitrkl.ac.in' images reprocessed

ସର୍ବୋତ୍ତମ ପରିବେଶ ମଧ୍ୟରେହିଁ ପିଲାଟି ପୃଥିବୀରେ ଜନ୍ମଗ୍ରହଣ କରିପାରିବ ଏବଂ ସର୍ବାଧିକ ସମ୍ଭାବନାକୁ ବହନ ବି କରିଥିବ ।”

"ଶିକ୍ଷା", ଶିକ୍ଷା ସମ୍ବନ୍ଧରେ ।

ଯେତେବେଳେ ମହାନ୍ ଆତ୍ମାମାନେ ସଂସାରରେ ଜନ୍ମଗ୍ରହଣ କରିବାକୁ ଇଚ୍ଛା କରନ୍ତି, ସେତେବେଳେ ସେମାନେ ଆପଣାର ପିତାମାତାଙ୍କୁ ସ୍ୱୟଂ ନିର୍ବାଚନ କରିଥାନ୍ତି କି ?

ହଁ, ତାହା ସେମାନଙ୍କର ଚେତନାର ସ୍ଥିତିଟି ଉପରେ ନିର୍ଭର କରିଥାଏ, ତାହା ସେମାନଙ୍କର ଚୈତ୍ୟ ସଂଗଠନଟି ଉପରେ ନିର୍ଭର କରେ । ଯଦି ଚୈତ୍ୟସତ୍ତାଟି ସଂପୂର୍ଣ୍ଣ ଭାବରେ ଗଠିତ ହୋଇ ରହିଥାଏ, ଯଦି ତାହା ଆପଣା ସତ୍ତାର ପରିପୂର୍ଣ୍ଣତାଟିକୁ ହାସଲ କରି ସାରିଥାଏ ଏବଂ ପୁନରବତରଣ କରିବା ଅଥବା ନକରିବା ବିଷୟରେ ତାହାର ସଂପୂର୍ଣ୍ଣ ସ୍ୱାଧୀନତା ରହିଥାଏ, ତେବେ ତାହାର ନିର୍ବାଚନ କରିବାର ସ୍ୱାଧୀନତା ମଧ୍ୟ ଅବଶ୍ୟ ରହିଥାଏ । କିନ୍ତୁ ମୁଁ ଭାବୁଛି, ମୁଁ ଆଗରୁ ଏହି କଥାଟିକୁ ବୁଝାଇ କହିସାରିଛି । ଶରୀରଧାରଣ ନକରିଥିବା ପର୍ଯ୍ୟନ୍ତ ସେମାନଙ୍କ ପାଖରେ ଆମ ପରି କୌଣସି ଭୌତିକ ଦୃଷ୍ଟିସାମର୍ଥ୍ୟ ନଥାଏ । ତେଣୁ, ସ୍ପଷ୍ଟତଃ, ସେମାନେ ଏପରି ଏକ ଶରୀରର ଅନ୍ୱେଷଣ କରୁଥାନ୍ତି, ଯାହାକି ସେମାନଙ୍କୁ ଅଭିବ୍ୟକ୍ତ କରି ପାରିବା ଲାଗି ଅନୁକୂଳିତ ଏବଂ ଉପଯୁକ୍ତ ହୋଇ ରହିଥାଏ । ମାତ୍ର ସେମାନଙ୍କୁ ସେହି ଜଡ଼ସ୍ଥ ଅଚେତନାଟିକୁ ମଧ୍ୟ ଅବଶ୍ୟ ତାହାର ଭାଗଟିକୁ ଦେବାକୁ ପଡ଼େ (ଯଦି ଏହିପରି ଭାବରେ କଥାଟିକୁ ବ୍ୟକ୍ତ କରିହୁ ଯାଇପାରେ); ଏବଂ ଶରୀରର ଅଧିକାଂଶ ଜଡ଼ବିଧାନଗୁଡ଼ିକ ସହିତ ଆପଣାକୁ ଖାପ ଖୁଆଇ ନେବାର ଆବଶ୍ୟକତାଟିକୁ ମଧ୍ୟ ତାହାର ଉଚିତ ଭାଗ ଦେବାକୁ ପଡ଼େ । ତେଣୁ, ଚୈତ୍ୟର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଜଣେ ପ୍ରଥମରେ କେଉଁଠାରେ ଜନ୍ମଗ୍ରହଣ କରିବ, ସେଇଟିର ନିର୍ବାଚନ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କଥା, ଏହାକୁ ସେପରି କୌଣସି ମହତ୍ତ୍ୱ ନଥିବା ଟିକିନିଖି କେତେଟା ବିଷୟଠାରୁ ନିଶ୍ଚୟ ଅନେକ ଅଧିକ ବୋଲି କହିବାକୁ ହେବ । ମାତ୍ର, ତଥାପି ଆହୁରି ଏପରି ଅନେକ କଥା ରହିଛି, ଯାହାକୁ କି ଆଗରୁ କଦାପି ଦେଖି ହେବ ନାହିଁ । ଉଦାହରଣସ୍ୱରୂପ, ଜଣେ ଆପଣା ଲାଗି ଗୋଟିଏ ପରିବେଶ ବାଛି ନେଉଛି, ଗୋଟିଏ ଦେଶ ବାଛି ଦେଉଛି, ଏକ ନିର୍ଦ୍ଦିଷ୍ଟ ପ୍ରକାରର ପରିବାର ବାଛି ନେଉଛି, ସମ୍ଭାବ୍ୟ ପିତାମାତାଙ୍କର ସ୍ୱଭାବଟିକୁ ପରୀକ୍ଷା କରି ଦେଖିବାକୁ ଚେଷ୍ଟା କରୁଛି, ସେମାନଙ୍କ ମଧ୍ୟରେ କେତେକ ଗୁଣ ଆଗରୁ

'oaob.nitrkl.ac.in' images reprocessed

ସୁବିକଶିତ ହୋଇ ରହିଥିବ ଏବଂ ସେମାନଙ୍କଠାରେ ଯଥେଷ୍ଟ ପରିମାଣରେ ଆତ୍ମ-ସ୍ଥାୟିତ୍ୱ ରହିଥିବ ବୋଲି ମଧ୍ୟ ଇଚ୍ଛା କରୁଛୁ । ମାତ୍ର ଯଦି ନିଜ ଭିତରେ ପ୍ରତିବନ୍ଧକଗୁଡ଼ିକୁ ଅତିକ୍ରମ କରିବା ଲାଗି ଏକ ଯଥେଷ୍ଟ ସଚଳତା ନଥାଏ, ତେବେ ଏତିକକୁ କଦାପି ଯଥେଷ୍ଟ ବୋଲି କୁହାଯିବ ନାହିଁ । ତେଣୁ ସବୁ କଥାକୁ ବିଚାର କରି ଦେଖିଲେ, ଏହି କଥାଟିର ପ୍ରକୃତରେ ଖୁବ୍‌ବେଶୀ ମହତ୍ତ୍ୱ ରହିଛି ବୋଲି ମୋଟେ କୁହାଯିବ ନାହିଁ । ଏବଂ, ସେସବୁ କଥା ଯାହା ହେଉ ପଛକେ, ଏହିସବୁ ପରିବେଶ ସର୍ବୋତ୍ତମ ହୋଇ ରହିଥାଉ ପଛକେ ଓ ଏପରିକି ପିତାମାତା ସଚେତନ ଭାବରେ ସହଯୋଗ କରିଥାଆନ୍ତୁ ପଛକେ, ଅବଚେତନ ଓ ତଥାପି ନିମ୍ନତର ଅଚେତନ ହୋଇ ରହିଥିବା ଏକ ପ୍ରକାଣ୍ଡ ପିଣ୍ଡ ତେବେସୁଦ୍ଧା ରହି ଯାଇଥାଏ, ଯାହାକି ବାରବାର ମସ୍ତକ ଉତ୍ତୋଳନ କରିବାରେ ଲାଗିଥାଏ, ଆପଣାକୁ ପ୍ରକାଶିତ କରିବାରେ ଲାଗେ, କାର୍ଯ୍ୟଟିକୁ କ୍ଷତିଗ୍ରସ୍ତ କରିପକାଏ ଏବଂ ସ୍ଥିରତା ଓ ନୀରବତାକୁ ଅପରିହାର୍ଯ୍ୟ କରି ରଖେ । ତେଣୁ, ସର୍ବଦା ଏକ ପ୍ରସ୍ତୁତିର ଆବଶ୍ୟକତା ରହିଥାଏ; ସ୍ୱୟଂ ନିର୍ବାଚନଟିକୁ କରିଥିଲେ ମଧ୍ୟ ତଥାପି ଏକ ଦୀର୍ଘ ପ୍ରସ୍ତୁତିର ପ୍ରୟୋଜନ ରହିଥାଏ । ଶରୀର ମଧ୍ୟକୁ ଅବତରି ଆସିବା ସମୟରେ, ଅର୍ଥାତ୍ ଜନ୍ମର ମୁହୂର୍ତ୍ତରେ ଯେଉଁ ଅର୍ଦ୍ଧ-ଅଚେତ ଅବସ୍ଥାଟିର ସମ୍ମୁଖୀନ ହେବାକୁ ହୁଏ ଏବଂ ଯାହା ଅନେକ ସମୟରେ ଦୀର୍ଘକାଳ ସ୍ଥାୟୀ ହୋଇ ରହିବା ପରେ ଯାଇ ଯେଉଁଥିରୁ ନିଷ୍କୃତି ପାଇବା ସମ୍ଭବ ହୁଏ, ଏଠାରେ ସେହି ବିଷୟରେ କିଛି କୁହାଯାଉ ନାହିଁ ।

**ଅନେକ ପିଲା ଭାରି ଦୁଷ୍ଟ ହୁଅନ୍ତି । ସେମାନଙ୍କର ବାପମାଆ ସେମାନଙ୍କୁ ଆକାଙ୍‌କ୍ଷା କରି ନଥିଲେ ବୋଲି କ'ଣ ଏହା ହୋଇଥାଏ ?**

ଆମେ ଏହାକୁ ସମ୍ଭବତଃ ବାପମାଆଙ୍କ ମଧ୍ୟରେ ରହିଥିବା ଏକ ଅବଚେତନ ଦୁଷ୍ଟସ୍ୱଭାବ ବୋଲି କହି ପାରିବା । କୁହାଯାଇଥାଏ ଯେ ଲୋକେ ସେମାନଙ୍କ ପିଲାମାନଙ୍କ ଜନ୍ମ ସମୟରେ ସେମାନଙ୍କ ମଧ୍ୟରେ ନିଜର ଦୁଷ୍ଟ ସ୍ୱଭାବଟିକୁ ଆଣି ଭରି ଦେଇଥାନ୍ତି । ତେଣୁ ନିଜ ଭିତରେ ସମସ୍ତଙ୍କୁ ଏକ ଗ୍ରନ୍ଥି ବହନ କରି ରହିବାକୁ ପଡ଼ିଥାଏ । ଅନେକ ଲୋକ ତାହାକୁ ବାହାର ଆଡ଼କୁ ପ୍ରକ୍ଷେପିତ କରିଦିଅନ୍ତି;—ତଦ୍ୱାରା ସେମାନେ ଯେ ସେହି ଦୁଷ୍ଟ-ପ୍ରକୃତିରୁ ସର୍ବଦା ମୁକ୍ତ ହୋଇ ଯାଆନ୍ତି, ସେକଥା ଆଦୌ ନୁହେଁ, ମାତ୍ର ସେପରି କରିବା ଦ୍ୱାରା ସେମାନଙ୍କୁ ସମ୍ଭବତଃ ଭାରି ଆରାମ ମିଳିଥାଏ । ମାତ୍ର ପିଲାକୁହିଁ ସେହିଟିକୁ "ଲାଭ" କରିଥିବାର ପରିଣାମ ଭୋଗ

'oaob.nitrkl.ac.in' images reprocessed

କରିବାକୁ ପଡ଼େ, ନୁହେଁ କି ? ଏକଥାଟି ବେଶ୍ ସ୍ପଷ୍ଟ ହୋଇଯାଉଛି ଯେ ସେହି ମୁହୂର୍ତ୍ତରେ ପିତାମାତା ଚେତନାର ଯେଉଁ ସ୍ଥିତିରେ ରହିଥାନ୍ତି, ତାହା ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରିଥାଏ । ଯଦି ସେମାନଙ୍କର ଭାବନାଗୁଡ଼ିକ ଅତି ନିମ୍ନ ସ୍ତରର ହୋଇଥାଏ, ଅଶିଷ୍ଟ ହୋଇଥାଏ, ଏକଥା ବେଶ୍ ନିଶ୍ଚିତ ଭାବରେ କୁହାଯାଇପାରେ ଯେ ସେମାନଙ୍କର ପିଲାମାନେ ମଧ୍ୟ ସେଗୁଡ଼ିକୁ ନିଜ ଜୀବନରେ ପ୍ରତିଫଳିତ କରିବେ । ଏବଂ, ଏହି ଯେଉଁ ପିଲାମାନେ ସୁଗଠିତ ହୋଇ ନଥାନ୍ତି, ଭଲ ପରିବେଶରେ ଜନ୍ମ ହୋଇ ନାହାନ୍ତି ଓ ଅସମ୍ପୂର୍ଣ୍ଣ ରହି ଯାଇଛନ୍ତି (ବିଶେଷତଃ ବୁଦ୍ଧିର ଦୃଷ୍ଟିରୁ ବିଚାର କରି ଦେଖିଲେ : ସେମାନଙ୍କ ଭିତରେ କେତେ ଛିଦ୍ର ରହିଯାଇଛି, କେତେ କ'ଣର ଅଭାବ ରହିଛି ।), ଯେଉଁ ପିଲାମାନେ କେବଳ ଅର୍ଦ୍ଧଚେତନ ଏବଂ ଅର୍ଦ୍ଧଗଠିତ ହୋଇ ରହିଛନ୍ତି;—ପିଲାଟିକୁ ଗର୍ଭରେ ସ୍ଥାପନ କରିବା ସମୟରେ ବାପମାଆ ଚେତନାର ଯେଉଁ ସ୍ଥିତିରେ ରହିଥିଲେ, ଏସବୁ ସର୍ବଦା ତାହାର ଦୋଷରୁହିଁ ହୋଇଥାଏ । ସଂସାରରୁ ବିଦାୟ ନେଇ ଯାଉଥିବା ଜଣେ ବ୍ୟକ୍ତିର ଭବିଷ୍ୟତ ଦୃଷ୍ଟିରୁ ବିଚାର କରି ଦେଖିଲେ ଜୀବନର ସର୍ବଶେଷ ମୁହୂର୍ତ୍ତଗୁଡ଼ିକର ଚେତନା ଯେପରି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ସାବ୍ୟସ୍ତ ହୋଇଥାଏ, ଠିକ୍ ସେହିପରି ପିଲାଟିକୁ ଗର୍ଭରେ ସ୍ଥାପନ କରିବା ସମୟରେ ପିତାମାତା ଚେତନାର ଯେଉଁ ସ୍ଥିତିରେ ରହିଥାନ୍ତି, ତାହା ପିଲାଟିର ଜୀବନ ଉପରେ ଏପରି ଗୋଟିଏ ମୋହର ବାଡ଼େଇ ଦେଇଥାଏ, ଯାହାକି ତାହାର ସମଗ୍ର ଜୀବନକାଳଟି ଉପରେ ପ୍ରତିଫଳିତ ହେବାରେ ଲାଗିଥାଏ । ତେଣୁ, ସେହି ମୁହୂର୍ତ୍ତଟିରେ ମନର ଅବସ୍ଥା, ସେହି ମୁହୂର୍ତ୍ତଟିର ଆକାଙ୍କ୍ଷା ଅଥବା ସ୍ଖଳନ, ଅର୍ଥାତ୍, ଗୋଟିଏ ବିଶେଷ ମୁହୂର୍ତ୍ତରେ ଘଟୁଥିବା ନାନାବିଧ ସବୁକିଛି, ବାହାରୁ ଦେଖିଲା ବେଳକୁ ଏସବୁ ଏତେ ଛୋଟିଆ ଛୋଟିଆ ଜିନିଷ ବୋଲି ଲାଗେ, କିନ୍ତୁ ଏଥିରୁ ଏପରି ବିରାଟ ପରିଣାମମାନ ଘଟିଥାଏ ! ଏହା ଫଳରେ ପୃଥିବୀରେ ଏପରି ଗୋଟିଏ ଶିଶୁର ଜନ୍ମ ହୁଏ, ଯିଏକି ଅସମ୍ପୂର୍ଣ୍ଣ ହୋଇ ରହିଥାଏ, ବା ଦୁଷ୍ଟ ହୁଏ ବା ତାହାର ଜୀବନ ହୁଏତ ଏକ ବିଫଳତାରେହିଁ ପରିଣତ ହୁଏ । ଏବଂ ଲୋକମାନେ ସେହି ବିଷୟରେ ମୋଟେ ସଜ୍ଞାନ ହୋଇ ରହି ନଥାନ୍ତି ।

ପରେ, ଯେତେବେଳେ ପିଲାଟି କୁତ୍ସିତ ଭାବରେ ବ୍ୟବହାର କରେ, ସେତେବେଳେ ସେମାନେ ତାକୁ ଗାଳି ଦେବାରେ ଲାଗନ୍ତି । ମାତ୍ର ସେମାନଙ୍କର ଆଗ ଆପଣାକୁ ହିଁ ଗାଳି ଦେବା ଦରକାର, ଆଗ ଆପଣାକୁହିଁ ଏପରି କହିବା ଦରକାର : "ଏହି ପିଲାଟିକୁ ସଂସାରକୁ ଆଣିବା ସମୟରେ ମୁଁ ପ୍ରକୃତରେ କେଡ଼େ ଭୟଙ୍କର ଚେତନାସ୍ଥିତିରେ ରହି ନଥିବି !" କାରଣ, ତାହାହିଁ ପ୍ରକୃତରେ ସତ କଥା ।

'oaob.nitrkl.ac.in' images reprocessed

ଅନେକ ସମୟରେ ଏପରି ହୋଇଥାଏ ଯେ ଜଣେ ମାଆ ତା'ର ପିଲାଟିକୁ ଭଲ ଭାବରେ ସବୁ ଶିକ୍ଷା ଦିଏ, ମାତ୍ର ପରିବେଶରେ ରହିଥିବା ଲୋକମାନେ ତାକୁ ନଷ୍ଟ କରିଦିଅନ୍ତି । ସେତେବେଳେ ମାଆର ପୁଣି କ'ଣ କରିବା ଉଚିତ ?

ହଁ, ହଁ, ସମ୍ପୂର୍ଣ୍ଣ ସତ କଥା । ସବୁଠାରୁ ଅଧିକ ଖରାପ (ଯାହା ମନୁଷ୍ୟମାନେ ସାଧାରଣତଃ କରିଥାନ୍ତି) ହେଉଛି ଯେ ଅନେକ ବାପମାଆ ପିଲାମାନଙ୍କୁ ଚାକରଙ୍କ ପାଖରେ ଛାଡ଼ି ଦେଇଥାନ୍ତି । ଇଏ ହେଉଛି ଏକ ଅପରାଧ । କାରଣ, ଏହି ଲୋକମାନଙ୍କର ଚେତନା ସମ୍ପୂର୍ଣ୍ଣ ଭାବରେ ଏକ ଅମାର୍ଜିତ ସ୍ତରରେ ରହିଥାଏ, ଏକାବେଳେକେ ଏକ ନିମ୍ନ ଓ ଅନ୍ଧକାରାଚ୍ଛନ୍ନ ସ୍ତରରେ ରହିଥାଏ, ଏବଂ ଅତ୍ୟନ୍ତ ସ୍ୱତଃପ୍ରେରିତ ଭାବରେ ଓ ଆପଣାର ଅଜାଣତରେ ମଧ୍ୟ ସେମାନେ ପିଲାମାନଙ୍କ ଭିତରେହିଁ ସେହି ଚେତନାଟିକୁ ପ୍ରବେଶ କରିବାକୁ ଦେଇଥାନ୍ତି । ସ୍ୱଭାବତଃ, ତା'ପରେ ଯେଉଁ ବୟସଟି ଆସେ, ସେତେବେଳେ ପିଲାଙ୍କୁ ନେଇ ସ୍କୁଲରେ ଛଡ଼ାଯାଏ ଓ ସେଠାରେ ସେମାନେ ଏପରି ଅନେକ ପିଲାଙ୍କର ସଂସର୍ଗରେ ଆସିବାକୁ ଆରମ୍ଭ କରନ୍ତି, ଯେଉଁମାନଙ୍କୁ କି କଦାପି ଖୁବ୍ ବେଶୀ ଭଲ ବୋଲି କୁହାଯିବ ନାହିଁ । ଏହିସବୁ ସଂସର୍ଗ ଓ ସମ୍ବନ୍ଧକୁ ଏଡ଼ି ଦୂରରେ ରହିବା ଅତ୍ୟନ୍ତ କଷ୍ଟକର । ମାତ୍ର, ତଥାପି, ଯଦି କଣ୍ଟାକ୍ତ ଚେତନା ଏବଂ ଅନେକ ସଦିଚ୍ଛା ସହିତ ଜଣକର ଜୀବନ ଆରମ୍ଭ ହୋଇ ପାରିଛି, ତେବେ ଆଦୌ ଉଚିତ ସଖ୍ୟ ଦେଉ ନଥିବା ଲୋକଙ୍କ ସହିତ ମିଶିବା ସମୟରେ ସିଏ ନିଶ୍ଚୟ ତାହାକୁ ବାରିନେଇ ପାରିବ । ଏବଂ ଯଦି ଜଣକର ଇଚ୍ଛା ଶୁଭ ଦ୍ୱାରା ପ୍ରେରିତ ହୋଇ ରହିଥିବ, ତେବେ ସେପରି ଲୋକମାନଙ୍କୁ ନଦେଖିବା ଲାଗିହିଁ ସେ ସଙ୍ଗେ ସଙ୍ଗେ ଉଦ୍ୟମ କରିବ, ସେମାନଙ୍କର ସଂସର୍ଗରେ ନଆସିବା ପାଇଁ ବି ଉଦ୍ୟମ କରିବ ।

ମାତ୍ର, ସେଇ୍ଵ ଅନ୍ୟ ଲୋକଟିର ସଦିଚ୍ଛାଠାରୁ ଯଦି ଅସତ୍ ଇଚ୍ଛାର ଶକ୍ତି ଅଧିକ ହୋଇଥିବ ?

ହଁ, ହଁ, ସେକଥା ସତ; ସେକଥା ବି ଘଟିପାରେ । ମୂଳତଃ ଏହି କାରଣରୁହିଁ ଆମେ ସର୍ବଦା ସେହି ଗୋଟିଏ କଥାକୁହିଁ ଫେରି ଆସିବାରେ ଲାଗିଥାଉ । ତେଣୁ ଯଥାସମ୍ଭବ ସବୁକିଛି କରିବାକୁ ହେବ ଓ ଯଥାସମ୍ଭବ ଅଧିକ ଭଲ ଭାବରେ ତାହା କରିବାକୁ ହେବ ଏବଂ ଭଗବାନଙ୍କ ପ୍ରତି ଏକ ନିବେଦନରୂପେହିଁ ତାହା

'oaob.nitrkl.ac.in' images reprocessed

କରିବାକୁ ହେବ । ଏବଂ ତା'ପରେ, ଯଦି ସତ୍ତା ମଧ୍ୟରେ ପ୍ରକୃତରେ ଏକ ଅଭୀପ୍ସା ରହିଥାଏ ଏବଂ ସତ୍ତାଟି ଯଦି ଆଲୋକରହିଁ ଏକ ସତ୍ତା ହୋଇଥାଏ; ତେବେ ତାହା ଯାବତୀୟ କୁପ୍ରଭାବକୁ କାଟି ବାହାରି ଯାଇ ପାରିବ । ମାତ୍ର, ଥରେ ଏହି ଧରଣୀପୃଷ୍ଠରେ ପାଦ ଦେଇ ସାରିବା ପରେ, ଜଣେ ଯେ ପ୍ରକୃତରେ ଖୁବ୍ ବେଶୀ ଶୁଦ୍ଧ ହୋଇଥିବ ଓ କୁପ୍ରଭାବରୁ ମୁକ୍ତ ହୋଇଥିବ, ସେ କଦାପି ଗୁଡ଼ାଏ ଆଶା କରି ପାରିବ ନାହିଁ । ପ୍ରତ୍ୟେକ ଥର ଆହାର ଗ୍ରହଣ କରୁଥିବା ସମୟରେହିଁ ସେହି କୁପ୍ରଭାବଗୁଡ଼ିକ ଆମ ଭିତରକୁ ଯାଉଥିବ; ପ୍ରତ୍ୟେକ ଥର ନିଶ୍ୱାସ ଗ୍ରହଣ କରୁଥିବା ସମୟରେହିଁ ସେଗୁଡ଼ିକ ଆମ ଭିତରକୁ ଯାଉଥିବ । ଏବଂ ତା'ପରେ ମୂଳତଃ ପରିଷ୍କାର କରିବାର କାର୍ଯ୍ୟଟିହିଁ ବାକି ରହିଯିବ, ଆପଣାର ଯଥାଶକ୍ତି ଓ ଯଥାସମ୍ଭବ ଅଧିକରୁ ଅଧିକ ଭାବରେ କେବଳ ସେଇଟିହିଁ କରିବାକୁ ରହିଯିବ ।

**କେବଳ ଉତ୍ତେଜକ ଦେହଲଭଳି କିଛି ରହିଥିଲେ ଯାଇ କେତେକ ପିଲା କାହିଁକି କୌଣସି ବିଷୟରେ ଆଗ୍ରହ ପ୍ରକାଶ କରିଥାନ୍ତି ?**

ସେହି ପିଲାମାନଙ୍କୁ ଆମେ ତାମସିକ ବୋଲି କହିବା । ସେମାନଙ୍କର ପ୍ରକୃତିରେ ଅତ୍ୟଧିକ ଅନୁପାତରେ ତମୋଗୁଣ ରହିଥାଏ ବୋଲି ସେପରି ହୁଏ । ଜଣେ ଯେତିକି ଅଧିକ ତାମସିକ ପ୍ରକୃତିର ହୋଇଥିବ, ତା'ର ସେତିକି ପରିମାଣରେ ପ୍ରଚଣ୍ଡତାପୂର୍ଣ୍ଣ ଘଟଣାଗୁଡ଼ିକ ଲାଗି ଓ ଉତ୍ତେଜନାମୟ ପରିବେଶ ଲାଗି ଆବଶ୍ୟକତା ରହିଥିବ । ଯେତେବେଳେ ଦୈହିକ ଭୂମିଟି ତାମସିକ ହୋଇ ରହିଥିବ, ସେତେବେଳେ ଗୁଡ଼ାଏ ମସଲା ଓ ଅତିଶକ୍ତ ପରିମାଣରେ ମସଲା ଦିଆ ଖାଦ୍ୟ ନଖାଇଲେ ଆଦୌ ଖାଇଲାପରି ଲାଗିବ ନାହିଁ । ମାତ୍ର ତଥାପି ଏଗୁଡ଼ାକ ହେଉଛି କେବଳ ବିଷ । ଶରୀରର ସ୍ୱାସ୍ଥ୍ୟ ଉପରେ ଠିକ୍ ବିଷ ପରି କାର୍ଯ୍ୟ କରୁଥିବ । ଏମାନେ ଆଦୌ କୌଣସି ଖାଦ୍ୟସାର ଯୋଗାନ୍ତି ନାହିଁ । ମାତ୍ର, ଲୋକମାନେ ତାମସିକ ହୋଇଥିବାରୁ, ସେମାନଙ୍କର ଶରୀର ମଧ୍ୟରେ ଯଥେଷ୍ଟ ଚେତନା ରହି ନଥିବାରୁ, ସେମାନେ ସେହିଗୁଡ଼ାକୁହିଁ ଖାଇବାକୁ ଇଚ୍ଛା କରୁଥିବେ । ଏବଂ, ମାନସିକ ତଥା ପ୍ରାଣିକ ସ୍ତରରେ ମଧ୍ୟ ସେହି ଗୋଟିଏ କଥା ଘଟିଥାଏ । ଯଦି ଲୋକମାନେ ତାମସିକ ହୋଇଥାନ୍ତି, ତେବେ ସେମାନଙ୍କର ସର୍ବଦା ନୂଆ ନୂଆ ଉତ୍ତେଜନାର ପ୍ରୟୋଜନ ଥାଏ; ନାଟକର ପ୍ରୟୋଜନ ଥାଏ, ହତ୍ୟା ଓ ଆତ୍ମହତ୍ୟା ପ୍ରଭୃତି ଦେଖିବାର ପ୍ରୟୋଜନ ମଧ୍ୟ ରହିଥାଏ । ତେବେଯାଇ ସେମାନେ କୌଣସି କିଛିକୁ ପ୍ରକୃତରେ ଅନୁଭବ କରିଥାନ୍ତି । ତା' ନହେଲେ ସେମାନେ ଆଦୌ କିଛି ଅନୁଭବ କରି ପାରନ୍ତି ନାହିଁ ।······ଏବଂ ତମଃ ତୁଳନାରେ ଆଉ କୌଣସି କଥା ମଣିଷକୁ ଅଧିକ

'oaob.nitrkl.ac.in' images reprocessed

ଦୁଷ୍ଟ ଓ ନୃଶଂସ କରି ତିଆରି କରେ ନାହିଁ । କାରଣ, ଉତ୍ତେଜିତ ହେବା ଲାଗି ଏହି ଯେଉଁ ଆବଶ୍ୟକତା ରହିଥାଏ, ତାହାହିଁ ଆମକୁ ଟିକିଏ ଦୋହଲାଇ ଦେଇ ଯାଉଥାଏ, ଆମକୁ ଆପଣା ଭିତରୁ ବାହାର କରାଇ ଆଣୁଥାଏ । ଯେଉଁମାନେ କେବଳ ତାମସିକ ହୋଇ ତିଆରି ହୋଇଥାନ୍ତି ଓ ଯେଉଁମାନେ ଏକ ମିଶ୍ରିତ ପ୍ରକାରର ହୋଇ ରହିଥାଆନ୍ତି ଏବଂ ଆପଣା ଭିତରେ ଆପଣାର ବିଭିନ୍ନ ଅଂଶଗୁଡ଼ିକ ସହିତ ସର୍ବଦା ସଂଗ୍ରାମ କରିବାରେ ଲାଗିଥାନ୍ତି, ଏହି କ୍ଷେତ୍ରରେ ଆମକୁ ଏହି ଦୁଇ ଶ୍ରେଣୀର ଲୋକଙ୍କ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ବି ଜାଣି ରଖିବାକୁ ହେବ । ଆମର ପ୍ରକୃତିଟି କେଉଁ ଅନୁପାତରେ କପରି ତିଆରି ହୋଇଛି, ଆମେ ସେକଥା ନିଶ୍ଚୟ ଜାଣି ପାରିବା ଏବଂ ଆମକୁ ସେହି କଥାଟିକୁ ଜାଣିବାକୁହିଁ ପଡ଼ିବ, ଯେପରିକି ଆମେ ପ୍ରୟୋଜନ ଅନୁସାରେ ଏଇଟି ଅଥବା ସେଇଟି ଉପରେ ମହତ୍ତ୍ୱ ଦେଇ ପାରୁଥିବା । ଆଗକୁ ଯାଇପାରିବା ସକାଶେ କେତେକ ମଣିଷ ସର୍ବଦା ଜୀବନରୁ ପାହାର ଖାଇବା ଦରକାର କରୁଥାନ୍ତି, ପାହାର ନଖାଉଥିଲେ ସେମାନେ ହୁଏତ ଶୋଇ ଶୋଇହିଁ ଆପଣାର ସମସ୍ତ କଟାଇ ଦିଅନ୍ତେ । ଅନ୍ୟ ପକ୍ଷରେ, ଅନ୍ୟମାନେ ବି ଅଛନ୍ତି, ଯେଉଁମାନେ କି ପ୍ରଶମନକାରୀ କୌଣସି ପଦାର୍ଥ ଦରକାର କରନ୍ତି, ନୀରବତା ଲୋଡ଼ୁଥାନ୍ତି, ସଂଘର୍ଷଠାରୁ ଦୂରରେ ଶାନ୍ତ ପରିବେଶରେ ଆପଣାକୁ ପ୍ରତ୍ୟାହୃତ କରି ରଖିବାକୁ ଚାହାନ୍ତି । ଏହି ସବୁଯାକ କଥା ମଣିଷର ଅନେକ ଉପକାର କରନ୍ତି ସତ, ମାତ୍ର ଜୀବନରେ ଅଗ୍ରଗତି କରିବା ଲାଗି ଏକ ପ୍ରଚେଷ୍ଟାର ପ୍ରୟୋଜନ ଆସି ପଡ଼ୁଥିବା ମାତ୍ରକେହିଁ, କିଛି ଉପଲବ୍ଧି କରିବା ଓ ନିଜର କୌଣସି ଅଭାବ ବିରୁଦ୍ଧରେ ସଂଗ୍ରାମ କରିବା ଅଥବା କୌଣସି ବାଧା ଉପରେ ବିଜୟ ଲାଭ କରିବାର ପ୍ରୟୋଜନ ଆସି ପଡ଼ୁଥିବା ମାତ୍ରକେ ଏଗୁଡ଼ାକୁ ଏକାବେଳକେ ବିଦାୟ ନେଇ ଚାଲି ଯିବାକୁହିଁ ପଡ଼ିବ ।······କଥାଟି ଭାରି ଜଟିଳ ମନେହେଉଛି, ନୁହେଁ କି ?

ତେଣୁ ଅନୁପାତର କଥାଟି ଭାରି ମହତ୍ତ୍ୱପୂର୍ଣ୍ଣ; ଏହି ତିନୋଟି "ଗୁଣ" (ତୁମେ ତିନୋଟିଯାକ ଗୁଣ* ବିଷୟରେ ଜାଣିଛ ତ ?) ମଧ୍ୟରେ ରହିଥିବା ଏହି ଅନୁପାତଟି ବଡ଼ ମହତ୍ତ୍ୱପୂର୍ଣ୍ଣ । ପ୍ରକୃତି ମଧ୍ୟରେ ଥିବା ଏହି ତିନି ଗୁଣର ଅନୁପାତଟି ପ୍ରକୃତରେ ବଡ଼ ମହତ୍ତ୍ୱପୂର୍ଣ୍ଣ । ଆମ ଭିତରେ ଏହି ତିନୋଟିଯାକ ଗୁଣ ଠିକ୍ କେଉଁ ଅନୁପାତରେ ରହିଛନ୍ତି ଏବଂ ଗୋଟିଏ ଗୁଣ ସହିତ ଲଢ଼ିବା ଲାଗି ଆଉ ଗୋଟିଏ

---

*ଭାରତୀୟ ମନୋବିଜ୍ଞାନର ତିନୋଟି ତତ୍ତ୍ୱ : ତମଃ, ରଜଃ ଓ ସତ୍ତ୍ୱ । ତମସ୍ ହେଉଛି ଜଡ଼ତା ଏବଂ ତାମସିକତାର ତତ୍ତ୍ୱ, ରଜଃ ହେଉଛି ଆବେଗପ୍ରବଣତା, ବାସନା ଏବଂ ଗତିଶୀଳତାର ତତ୍ତ୍ୱ ଓ ସତ୍ତ୍ୱ ହେଉଛି ଆଲୋକର ତତ୍ତ୍ୱ, ସମତାବସ୍ଥାର ତତ୍ତ୍ୱ ।

'oaob.nitrkl.ac.in' images reprocessed

ଗୁଣକୁ କିପରି କାମରେ ଲଗାଇବାକୁ ହୁଏ, ଏହି ବିଷୟରେ ଆମର ଅବଶ୍ୟ ଜ୍ଞାନ ରହିଥିବା ଉଚିତ । ମାତ୍ର ଏପରି ଏକ ମୁହୂର୍ତ୍ତ ରହିଛି, ଯେତେବେଳେ କି ଆମକୁ ଏହି କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ସମତାବସ୍ଥା ମଧ୍ୟ ହାସଲ କରିବାକୁ ପଡ଼ିବ ଏବଂ ତା'ପରେ ଟିକିଏ ଅଧିକ ସ୍ଥାୟୀ ଭାବରେ ଆମକୁ ନିଜ ଭିତରେ ଏହାର ପ୍ରତିଷ୍ଠା କରି ପାରିବାକୁ ହେବ, ଏବଂ ନାନାପ୍ରକାର ଘୂର୍ଣ୍ଣିରେ ପଡ଼ି ନଯାଇ ଓ ଭୟଙ୍କର ନାନା ପଦାର୍ଥ ବିରୁଦ୍ଧରେ ସଂଗ୍ରାମ କରିବାକୁ ବାଧ୍ୟ ନହୋଇ ଜୀବନର ସମ୍ମୁଖୀନ ହେବାକୁ ବି ଶିଖିବାକୁ ପଡ଼ିବ । ଏବଂ ସେହି ମୁହୂର୍ତ୍ତରୁ ସବୁକିଛି ଉଚିତ ଭାବରେ ଚାଲିପାରିବ ।

ଏପରି ଗୋଟିଏ ପ୍ରସ୍ତାବ ହୋଇଛି ଯେ ଆମ ବିଦ୍ୟାଳୟରେ ଏବଂ ଆମର ଏହି ବିଶ୍ୱବିଦ୍ୟାଳୟ-କେନ୍ଦ୍ରରେ ଶ୍ରୀଅରବିନ୍ଦଙ୍କ ଆଦର୍ଶଗୁଡ଼ିକ ଅନୁସାରେ ଶିକ୍ଷା ଦିଆଯିବ । ମାତ୍ର ଏପର୍ଯ୍ୟନ୍ତ, ବାହାରେ ଯେପରି ଶିକ୍ଷା ଦିଆଯାଉଛି, ଏଠାରେ ମଧ୍ୟ ଠିକ୍ ସେହିପରି ଶିକ୍ଷା ଦିଆଯାଉଛି; ଆମକୁ ସେହି ଗୋଟିଏ କାର୍ଯ୍ୟକ୍ରମକୁହିଁ ଅନୁସରଣ କରିବାକୁ ପଡ଼ୁଛି ।

ହଁ, ପଡ଼ୁଛି । ଏବଂ ଦୀର୍ଘ କେତେ ବର୍ଷ ଧରି ମୁଁ ଏହା ଅନ୍ୟପ୍ରକାର ହେଉ ବୋଲି ଲଢ଼ାଇ କରି ଆସୁଛି । ଯେତେବେଳେ ତୁମେମାନେ,—ତୁମେ ଯେଉଁ ପିଲମାନେ ଏଠାରେ ବସିଛ,—ଯେତେବେଳେ ତୁମେମାନେ ବଡ଼ ହୋଇଯିବ ଓ ସ୍ୱୟଂ ଅଧ୍ୟାପକ ହେବାକୁ ପ୍ରସ୍ତୁତ ହୋଇଯିବ, ସେତେବେଳେ ନବାଗତମାନଙ୍କୁ ଯଥାର୍ଥ ରୀତିରେ ଯଥାର୍ଥ ବିଷୟଗୁଡ଼ିକର ଶିକ୍ଷା ଦେବାର କାର୍ଯ୍ୟଟି ତୁମମାନଙ୍କ ଉପରେହିଁ ନ୍ୟସ୍ତ ହୋଇ ରହିବ । ପ୍ରକୃତ ଦୃଷ୍ଟିରୁ ଦେଖିଲେ, ବର୍ତ୍ତମାନ ଏଠି ଛାତ୍ରମାନଙ୍କର ବିଦ୍ୟାଳୟ ଅପେକ୍ଷା ଅଧ୍ୟାପକମାନଙ୍କରହିଁ ଏକ ବିଦ୍ୟାଳୟକୁ ଚାଲୁ ରଖାଯାଇଛି । ତେଣୁ ପ୍ରକୃତ ଆବଶ୍ୟକତା ହେଉଛି ଯେ, ଯାହାକିଛି ସମସ୍ତେ ଜାଣିଛନ୍ତି, ତୁମେମାନେ ସେହିଗୁଡ଼ିକୁ ଶିକ୍ଷା କରିନିଅ ଓ ପ୍ରସ୍ତୁତ ହୋଇଯାଅ;—କାରଣ ସବୁଥିରେ ଏକ ଅପରିହାର୍ଯ୍ୟ ମୂଳଦୁଆ ତ ଅବଶ୍ୟ ରହିବ ଏହି ମୂଳଦୁଆଟିକୁ ଆଦୌ ଗୁଡ଼ାଏ କିଛି ବେଶୀ ବୋଲି କୁହାଯିବ ନାହିଁ, ଅତ୍ୟନ୍ତ ପୁଙ୍ଖାନୁପୁଙ୍ଖ ଭାବରେ ଓ ଗଭୀର ଭାବରେ ପ୍ରତିଷ୍ଠିତ ହୋଇଥିବା ମୂଳଦୁଆ ବୋଲି ଆଦୌ କୁହାଯିବ ନାହିଁ; ମାତ୍ର ତଥାପି ସବୁଥିରେ, ମନୁଷ୍ୟ ଲାଗି ଯେତିକି ଜ୍ଞାନର ପ୍ରୟୋଜନ, ତାହାର ଏକ ମୂଳଦୁଆ ଅବଶ୍ୟ ରହିଛି । ମାତ୍ର, ଯେତେବେଳେ

'oaob.nitrkl.ac.in' images reprocessed

ତୁମେମାନେ ସେହି ମୂଳନୀତିଗୁଡ଼ିକୁ ହାସଲ କରିନେଇ ପାରିବ ଓ ଏଠାରେ ବିରାଜିତ ରହିଥିବା ପ୍ରଭାବଟି ଦ୍ୱାରା ମଧ୍ୟ ଲାଭବାନ୍ ହୋଇ ପାରିବ, ଏବଂ ସେହି ଦୃଷ୍ଟିକୋଣରୁ ଅର୍ଥାତ୍ ଯଥାର୍ଥ ଜୀବନର ଦୃଷ୍ଟିକୋଣରୁ ସବୁ କଥା ଦେଖିବା ଲାଗି ସମର୍ଥ ହେବା ଲାଗି ଯେତେବେଳେ ତୁମେ ଯଥେଷ୍ଟ ପରିମାଣରେ ଉତ୍ତମରୂପେ ଅଧ୍ୟୟନ କରି ସାରିବ ଓ ବୁଝିବାର ସାମର୍ଥ୍ୟ ମଧ୍ୟ ଅର୍ଜନ କରିବ,—ଯେତେବେଳେ ତୁମେମାନେ ଏସବୁ ଜାଣିବା ଲାଗି ସମର୍ଥ ହୋଇଯିବ, ସେତେବେଳେ ତୁମେମାନେହିଁ ବାହାରୁ ଆସୁଥିବା ପିଲାମାନଙ୍କୁ ନିଜର ଅଧୀତ ବିଷୟଗୁଡ଼ିକୁ ପଢ଼ାଇବ । ତାହାହିଁ ତୁମ କାର୍ଯ୍ୟର ଗୋଟିଏ ଅଂଶ ହୋଇ ରହିବ ।

ଏକଥା ସତ ଯେ ଅତିବିରଳ ଅଳ୍ପକେତୋଟି ବ୍ୟତିକ୍ରମକୁ ବାଦ୍ ଦେଲେ, ଏଠାରେ ଅତ୍ୟନ୍ତ ସାଧାରଣ ସିଦ୍ଧାନ୍ତଗୁଡ଼ିକୁ ଅନୁସରଣ କରିହିଁ ଶିକ୍ଷା ଦିଆଯାଉଛି । ଏକଥାଟି ମୁଁ ଜାଣିଛି । ମାତ୍ର, ଉଦାହରଣସ୍ୱରୂପ, ଯେପରି ଏହା ଏହି ପ୍ରକାରର ଶିକ୍ଷା ନହୋଇ ଅନ୍ୟ ପ୍ରକାରର ହୋଇପାରିବ, ସେଥିଲାଗି, ଏଠାରେ ବ୍ୟବହୃତ ପୁସ୍ତକଗୁଡ଼ିକ ଏହିଠାରେହିଁ ତିଆରି ହେବା ଉଚିତ, ପାଠାଂଶଗୁଡ଼ିକର ନିର୍ବାଚନ ଏହିଠାରେ କରାଯିବା ଉଚିତ; ଏପରିକି, ଆମେ କେଉଁ ପଦ୍ଧତିରେ ଶିକ୍ଷା ଦେବା, ସେଇଟି ମଧ୍ୟ ଏହିଠାରେହିଁ ଏକ କାର୍ଯ୍ୟକାରୀ ରୂପରେ ନିର୍ଦ୍ଧାରିତ ହୋଇଯିବ । ମୁଁ ଅନେକ ବ୍ୟକ୍ତିଙ୍କୁ ଏକଥା କରିବା ଲାଗି କହିଛି । ମାତ୍ର ଏଇଟି ହେଉଛି ଏକ ଅତ୍ୟନ୍ତ ଲମ୍ବା କାର୍ଯ୍ୟ; ଏବଂ ଅତୀତର ଅଭ୍ୟସ୍ତ ଗୁଳାଗୁଡ଼ାକୁ ଅନୁସରଣ ନକରି ନୂଆ ପ୍ରକାରେ ପିଲାଙ୍କୁ ପାଠ ପଢ଼ାଇବାର ସମ୍ଭାବନାଟି ସର୍ବଦା ଆର ବର୍ଷକୁ କରିବା ଓ ଆର ବର୍ଷକୁ କରିବା ହୋଇ ଗଡ଼ି ଗଡ଼ି ଯାଇଛି । ଉଦାହରଣସ୍ୱରୂପ, ପିଲାମାନେ ଯେପରି ପ୍ରତ୍ୟେକ ବିଷୟକୁ ଯଥାର୍ଥ ଭାବରେ ଗ୍ରହଣ କରି ପାରିବେ, ସେଥିଲାଗି ଉପଯୁକ୍ତ ସାମଗ୍ରୀ ପ୍ରସ୍ତୁତ କରି ପାରିବା ଅବଶ୍ୟ ସମୟସାପେକ୍ଷ । ଏଥିରେ ଅନେକ ବାସ୍ତବ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ । ପିଲାମାନଙ୍କର ପଢ଼ିବା ଲାଗି ଉପଯୁକ୍ତ ବହି ନଥିବା ପର୍ଯ୍ୟନ୍ତ ସେମାନଙ୍କୁ ପଢ଼ାଇବା ମଧ୍ୟ କଷ୍ଟକର ହେବ । ମାତ୍ର, ବାହାରେ ଯେଉଁସବୁ ବହି ମିଳୁଛି, ଆମକୁ ଆଖିର ବାଧ୍ୟ ହୋଇ ସେହିଗୁଡ଼ିକ ମଧ୍ୟରୁହିଁ ମଗାଇବାକୁ ପଡ଼ିବ । ଏବଂ ଏହି କ୍ଷେତ୍ରରେ ବାଛିବା ଲାଗି ଖୁବ୍ ବେଶୀ ଅବକାଶ ମଧ୍ୟ ନଥିବ । ଯେତିକି ବହି ମିଳୁଛି, ତାହାରି ଭିତରୁ ଭଲ ଭଲ ଦେଖି ବାହାର କରିବାକୁ ଚେଷ୍ଟା କରାଯିବ; ଏବଂ ବାହାରେ ପ୍ରାପ୍ତ ହେଉଥିବା ସେହି ସର୍ବୋତ୍କୃଷ୍ଟକୁ ମଧ୍ୟ ତଥାପି ଖୁବ୍ ବେଶୀ ଭଲ ବୋଲି ଆଦୌ କୁହାଯାଇ ପାରିବ ନାହିଁ । ତେଣୁ, ଏହି କ୍ଷେତ୍ରରେ ମଧ୍ୟ ମୁଁ ଏପରି ବ୍ୟକ୍ତିମାନଙ୍କୁ ଦରକାର କରୁଛି, ଯେଉଁମାନେ କି ଏହିସବୁ ପୁସ୍ତକ ପ୍ରସ୍ତୁତ କରି ପାରିବେ । ମାତ୍ର, ମୋର ବିଶ୍ୱାସ ହେଉଛି ଯେ ଯିଏ ଏଠାରେ ପିଲାଟି ଦିନରୁ ବଢ଼ି ଆସିଥିବ ଓ ପିଲା

'oaob.nitrkl.ac.in' images reprocessed

ବୟସରେହିଁ ବେଶି ଅବଚେତନ ଭାବରେ ଯାବତୀୟ କଥାକୁ ଅନୁଭବ କରିଥିବ, ଠିକ୍ ସେହିପରି ଜଣେ ମଣିଷ ଦ୍ୱାରା ସେକଥା ହୋଇ ପାରିବ । ତାହା ଭିତରେ ଅନ୍ୟ ଯାହାକିଛି ଏକ ଛାପ ପକାଇଦେଇ ଯାଇଥାଉ ପଛକେ, ସେଇଟିର ମଧ୍ୟ ଏକ ପରିଣାମ ଅବଶ୍ୟ ରହିଥିବ । ଯେଉଁ ପିଲାମାନେ ବାହାରୁ ଏଠାକୁ ଆସିଛନ୍ତି, ଏଠାରେ ପିଲାଟି ଦିନରୁ ବଢ଼ି ଆସୁଥିବା ପିଲାମାନଙ୍କୁ ଆମେ ଯେତେବେଳେ ସେମାନଙ୍କ ସହିତ ତୁଳନା କରି ଦେଖିବା, ଆମେ ଅବଶ୍ୟ ଦୁହିଁଙ୍କ ମଧ୍ୟରେ ଯଥାର୍ଥରେ ଅନେକ ପାର୍ଥକ୍ୟ ଦେଖିବାକୁ ପାଇବା (ସମ୍ଭବତଃ, ଶିକ୍ଷା ଲାଭ କରିବାର ଯାନ୍ତ୍ରିକ ଅଂଶଗୁଡ଼ିକରେ ବାହ୍ୟ କ୍ଷେତ୍ରରେ କୌଣସି ପାର୍ଥକ୍ୟ ଦେଖିବା ନାହିଁ; ମାତ୍ର ଗ୍ରହଣ କରିବାର କ୍ଷେତ୍ରରେ, ବୁଦ୍ଧିର କ୍ଷେତ୍ରରେ, ଅନ୍ତର୍ଜାଗୃତିର କ୍ଷେତ୍ରରେ ପାର୍ଥକ୍ୟ ଦେଖିବାକୁ ପାଇବା), ପ୍ରକୃତରେ ପ୍ରଭୂତ ପରିମାଣରେ ଏକ ପାର୍ଥକ୍ୟ ଦେଖିପାରିବା । ଏବଂ, ଯେଉଁମାନେ ନୂଆ ଆସିଛନ୍ତି, ସମକକ୍ଷ ହୋଇ ସେହି ସ୍ତରକୁ ଆସିବା ଲାଗି ସେମାନଙ୍କୁ ନିଶ୍ଚୟ ବେଶି କିଛି ସମୟ ଲାଗିବ । କାରଣ ଏହିସବୁ ଯୋଗ୍ୟତା ବହିଗୁଡ଼ାକର ସୀମା ବାହାରେ ରହିଛି, ନୁହେଁ କି ? ଠିକ୍ ଯେପରି ଜଣେ ଗୋଟିଏ ବିଶୁଦ୍ଧ ବାୟୁମଣ୍ଡଳ ଭିତରେ ରହିଛି, ପ୍ରଥମଥର ନିଶ୍ୱାସ ନେବା ସମୟରେ ତା'ର ଫୁସ୍‌ଫୁସ୍ ବିଶୁଦ୍ଧ ବାୟୁରେ ପୂର୍ଣ୍ଣ ହୋଇ ଯାଉଛି; ଏବଂ ଆଉଜଣେ ଗୋଟିଏ ଦୂଷିତ ବାୟୁମଣ୍ଡଳରେ ବାସ କରୁଛି, ଏବଂ ପ୍ରଥମଥର ନିଶ୍ୱାସ ଗ୍ରହଣ କରିବା ସଙ୍ଗେ ସଙ୍ଗେ କେତେକେତେ ବିଷ ଦ୍ୱାରା ସେ ଆପଣାକୁ ବିଷାକ୍ତ କରିଦେଉଛି । ଚେତନାର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ମଧ୍ୟ ଆମେ ଠିକ୍ ସେହି ପ୍ରଭେଦଟି ଦେଖିବାକୁ ପାଇବା ଏବଂ ତାହାହିଁ ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା । ଏବଂ ଏହି କଥାଟିହିଁ ଉପର ସ୍ତରର ପଲ୍ଲବଗ୍ରାହୀ ଚେତନାଟି ପାଖରେ ଆଦୌ ଧରା ଦେଇ ପାରେ ନାହିଁ । ତୁମେମାନେ ଏଠାରେ ଏକ ଚେତନାର ସମୁଦ୍ର ଭିତରେ ପ୍ରବିଷ୍ଟ ହୋଇ ରହିଛ; ସେହି ସମୁଦ୍ରଟି ଆଲୋକ ଦ୍ୱାରା ପୂର୍ଣ୍ଣ ହୋଇ ରହିଛି, ଅଭୀପ୍ସା ଦ୍ୱାରା ପୂର୍ଣ୍ଣ ହୋଇ ରହିଛି, ଯଥାର୍ଥ ବୋଧ ଏବଂ ଅସଲ ଶୃଙ୍ଖଳାଟି ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଛି । ଏବଂ, ତୁମେ ଚାହଁ ବା ନଚାହଁ, ତାହା ତୁମ ଭିତରେ ପ୍ରବେଶ କରିବାରେ ଲାଗିଛି । ଏପରିକି, ଯେଉଁମାନେ ସେମାନଙ୍କର ବାହ୍ୟ ଚେତନାର କ୍ଷେତ୍ରରେ କାଳା ହୋଇ ରହିଛନ୍ତି, ସେମାନେ ମଧ୍ୟ କେବଳ ବୃଥା କଦାପି ଶୋଇ ରହି ପାରିବେ ନାହିଁ । ନିଦ୍ରା ସମୟରେ ମଧ୍ୟ ଏଠାରେ ଏକ କ୍ରିୟା ଚାଲିଛି, ଏକ ଅତ୍ୟନ୍ତ ପ୍ରଭୂତ, ପ୍ରଭୂତ କ୍ରିୟା ଚାଲିଛି । ତେଣୁ ତାହାର ଏକ ପରିଣାମ ମଧ୍ୟ ଘଟୁଛି, ଦୃଶ୍ୟମାନ ଭାବରେ ଘଟୁଛି । ମୁଁ ଏପରି ଲୋକଙ୍କୁ ଦେଖିଛି, ଯେଉଁମାନେ କି ସମ୍ପୂର୍ଣ୍ଣ ଭାବରେ ବାହାରୁହିଁ ଏଠାକୁ ଆସିଥିଲେ, ଆସିଲାବେଳେ କିଛିହେଲେ ଜାଣି ନଥିଲେ (କେବଳ ନିଜ ପିଲାଙ୍କର ଯତ୍ନ ନେଇହିଁ

'oaob.nitrkl.ac.in' images reprocessed

ସେମାନଙ୍କର ଜୀବନ ଅତିବାହିତ ହୋଇଥିଲା); ସେହିସବୁ ପରିଦର୍ଶକ ଏବଂ ଯେଉଁମାନେ କେବଳ ଏହି ବାଟ ଦେଇ ବୁଲିଯିବାକୁ ଆସିଥିଲେ, ସେମାନଙ୍କର ମନରେ କି ପ୍ରତିକ୍ରିୟା ହୋଇଥିଲା ଜାଣିଛ ? ସେମାନେ ଏସବୁ ଦେଖି ଏକାବେଳେକେ ବିସ୍ମିତ ହୋଇ ଯାଇଥିଲେ; ସତେଅବା କିଛି ବୁଝି ନପାରିବା ଭଳି ପଚାରିଲେ : "କିନ୍ତୁ ଆପଣଙ୍କର ଏଠାରେ ଏଭଳି ପିଲା ଅଛନ୍ତି, ଯେଉଁମାନଙ୍କ ପରି ପିଲା କି ମୁଁ ଆଉ କେଉଁଠିହେଲେ ଦେଖି ନାହିଁ ?" କିନ୍ତୁ ଆମେ କ'ଣ ଏପରି କେବେ ଭାବୁ କି ?—ଆମେ ତ ଏହିପରି ଏକ ପରିବେଶ ସହିତ ଅଭ୍ୟସ୍ତ ହୋଇ ରହିଛୁ । ଏଠି ଯେଉଁ ପିଲାଏ ଅଛନ୍ତି, ସେମାନେ ଖୁବ ସ୍ୱତଃପ୍ରେରିତ ଏବଂ ସ୍ୱାଭାବିକ ଭାବରେ ସେହିଭଳି ହୋଇଛନ୍ତି । ମାତ୍ର ଚେତନାର ଭୂମିରେ ଏକ ଜାଗରଣ ଅବଶ୍ୟ ଘଟିଛି । ଏକପ୍ରକାରର ଅନ୍ତର୍ଗତ ଅନୁସ୍ପନ୍ଦନ ସମ୍ଭବ ହୋଇ ପାରିଛି ଏବଂ ସତେଅବା କୁସୁମିତ ହୋଇ ଉଠୁଥିବା ପରି ଏକ ଅନୁଭୂତି ମଧ୍ୟ ହୋଇଛି; ଏପରିକି ଏକ ଅନ୍ତଃପ୍ଲାବିତ ମୁକ୍ତିର ଅନୁଭୂତି ସମ୍ଭବ ହୋଇଛି, ଯାହାକି ଆଉ କେଉଁଠାରେ ହେଲେ ଦେଖିବାକୁ ମିଳେ ନାହିଁ । ଯେଉଁ ପିଲାମାନେ ଏଠାକୁ ଆସନ୍ତି, ସେମାନଙ୍କର ପରିପାଳନ ଅତ୍ୟନ୍ତ ଭଲଭାବରେ ହୋଇଥାଏ;—ସେମାନେ ଏଡ଼େ ଭଦ୍ର, ଏଡ଼େ ସୁଶୀଳ ହୋଇ ଗଢ଼ିଉଠନ୍ତି, ସେହିପରି ଭାବରେ ତୁମ କଥାର ଉତ୍ତର ଦିଅନ୍ତି,······ସେମାନଙ୍କର ସଂସ୍ପର୍ଶରେ ଆସିଲେ ସେମାନେ ସତେଅବା ଗୋଟିଏ ଗୋଟିଏ ସାନ ସାନ କଣ୍ଢେଇ ପରି ମନେ ହୁଅନ୍ତି, ସତେଯେପରି କେବଳ ଅଧେ ଜୀବନ ଥିଲାପରିହିଁ ମନେହୁଅନ୍ତି,—ଯେଉଁମାନଙ୍କ ଆଚରଣ ଅତ୍ୟନ୍ତ ସୁମାର୍ଜିତ ଭାବରେ ବିକଶିତ ହୋଇ ଆସିଛି, ସୁପରିଷ୍କୃତ ହୋଇ ରହିଛି, ବାହାରେ ଅତ୍ୟନ୍ତ ସୁସ୍ପଷ୍ଟରୂପେ ଅନୁକୂଳିତ ହୋଇ ରହିଛି; ମାତ୍ର ଭିତରେ ସତେଯେପରି ଆଦୌ କୌଣସି ଅନୁସ୍ପନ୍ଦନ ନାହିଁ । ଏହି ବିଷୟରେ ମୁଁ ଏକଥା କେବେହେଲେ କହି ପାରିବି ନାହିଁ ଯେ ଆମେ ଏଠାରେ କେବଳ ଏକ ଅତିରିକ୍ତ ଭଦ୍ରତା ଓ ଶିଷ୍ଟତାର ଦୃଷ୍ଟାନ୍ତହିଁ ଦେବାକୁ ଇଚ୍ଛା କରୁଥାଉ (!), ଜଣେ ହୁଏତ ସଂପୂର୍ଣ୍ଣ ମାର୍ଜିତ ହୋଇ ଗଢ଼ା ହୋଇ ନଥାଏ ସତ, ସୁଶୀଳତାର ଟିକିଏ ଅଭାବ ରହି ଯାଇଥାଏ ସତ, ମାତ୍ର ସେହିପରି ହୋଇ ମଧ୍ୟ ସେ କେଡ଼େ ଜୀବନ୍ତ ହୋଇ ରହି ନଥାଏ ! ଏଠାରେ ସତେଅବା ଏକ ଚେତନା ସ୍ପନ୍ଦିତ ହୋଇ ରହିଥିବାର ଅନୁଭୂତ ହୁଏ । ଏବଂ ସେଇଟି ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବିଷୟ । ଏବଂ ଚେତନାର ଏହି ସ୍ପନ୍ଦନଟି ବିଷୟରେ ପ୍ରକୃତରେ କିଛି କହି ହୁଏ ନାହିଁ; କାରଣ ଏସବୁ କଥା ଆମ କ୍ରିୟା ଭିତରେ ପରିସ୍ଫୁଟ ହେଉଥାଏ ସିନା, ମାତ୍ର ଏଗୁଡ଼ାକ କେହି କଦାପି କହିବାକୁ ଯାଏ ନାହିଁ । ଏହି ବିଷୟରେ ତୁମମାନଙ୍କୁ କିଛି କହିବା ଲାଗି ଆଜି ପରି ଗୋଟିଏ ଅବସରର ପ୍ରୟୋଜନ ରହିଥାଏ । ତୁମେମାନେ ବସ୍ତୁତଃ ଏଠାରେ

'oaob.nitrkl.ac.in' images reprocessed

ଅନେକ ବର୍ଷ ହେଲାଣି, ଏବଂ ଏହି ପ୍ରଥମଥର ପାଇଁ ମୋତେ ଏହିପରି ଗୋଟିଏ ଅବସର ମିଳିଲା । ହଁ, ପ୍ରକୃତରେ ପ୍ରଥମଥର ପାଇଁ ।

ତୁମର ସବୁଯାକ ପ୍ରଶ୍ନ କ'ଣ ସରିଲାଣି ନା ଆହୁରି ଅଛି ?

ମୋ ପ୍ରଶ୍ନଟି ଭବିଷ୍ୟତର ବହିର୍ଭୂତ ଏକ ପ୍ରଶ୍ନ । ମାଆ, ଆପଣ ପ୍ରତ୍ୟେକ ବର୍ଷ ଜାନୁଆରୀ ପହିଲାକୁ ଗୋଟିଏ ବାଣୀ ଦିଅନ୍ତି । ସେଥିରୁ ପ୍ରକୃତରେ ଆପଣ ଠିକ୍ କ'ଣ ସୂଚାଇ ଦେବାକୁ ଚାହାନ୍ତି ?

ହଁ, ପ୍ରତି ବର୍ଷ···ଯୁଦ୍ଧ ଲାଗିଥିବା ସମୟରେ ପ୍ରକୃତରେ ଖୁବ ଚମତ୍କାର ହେଉଥିଲା; ଯାହା ପ୍ରକୃତରେ ଘଟିବାକୁ ଯାଉଛି, ବାଣୀଟିରେ ପ୍ରାୟ ତାହାକୁହିଁ ଏକ ଭବିଷ୍ୟ-କଥନ ପରି କହି ଦିଆ ଯାଉଥିଲା । ମାତ୍ର, ଆମକୁ ଯେଉଁ ଅଗ୍ରଗତିଟିକୁ ହାସଲ କରିବାକୁ ହେବ, ବାଣୀର ମଧ୍ୟଦେଇ ସର୍ବଦା ତାହାକୁହିଁ ସୂଚିତ କରି ଦିଆଯାଏ । କାଲି ସକାଳେ ତୁମେ ଏହିପରି ଗୋଟିଏ ବାଣୀ ପାଇବ, ପ୍ରାର୍ଥନାଟିଏ* ପାଇବ । କିନ୍ତୁ ମୁଁ ଅବଶ୍ୟ କହିରଖିବି ଯେ ତୁମେମାନେ ଏଇଟି ବିଷୟରେ ଗମ୍ଭୀର ଭାବରେ ଚିନ୍ତା କରିବ । କାରଣ ଏହି ବାଣୀଟି ତାଙ୍କରଠାରୁ ପ୍ରକୃତରେ ନିଃସୃତ ହୋଇ ଆସିଥିଲା ଏବଂ ଏହାର ପ୍ରକୃତରେ ସର୍ବାଧିକ ମହତ୍ତ୍ୱ ରହିଛି ବୋଲି ସିଏ ସ୍ୱୀକାର କରିଥିଲେ । ବର୍ତ୍ତମାନ ଆମେ କ୍ରମଶଃ ସାଧାରଣଙ୍କ ସକାଶେ ପ୍ରାୟ ଏକ କୌତୂହଳର ବସ୍ତୁ ହେବାରେ ଆରମ୍ଭ କଲୁଣି । ଏହାକୁ ମୁଁ ଏହି ଅର୍ଥରେ କହୁଛି ଯେ ଏଠାକୁ ବର୍ତ୍ତମାନ ପରିଦର୍ଶକମାନେ ଅନେକ ସଂଖ୍ୟାରେ ଆସିବାକୁ ଲାଗିଲେଣି, ଏବଂ ଆମେ ଏଠାରେ କ'ଣସବୁ କରୁଛୁ, ସେହି ବିଷୟରେ ଅନେକସଂଖ୍ୟକ ମନୁଷ୍ୟ ଆଗ୍ରହ ପ୍ରକାଶ କରିଲେଣି । ଆମେ ସେମାନଙ୍କୁ ଏଠାରେ ଚାରିଆଡ଼େ ବୁଲାଇ ନେଉଛୁ ଏବଂ ଆମେ ଏଠାରେ ଯାହାସବୁ କରିଛୁ ବୋଲି କଳ୍ପନା କରୁଛୁ, ଆମେ ଆହୁ କ'ଣସବୁ କରିବାକୁ ଯାଉଛୁ, ଇତ୍ୟାଦି କେତେକେତେ କଥା ଆମେ ସେମାନଙ୍କ ଆଗରେ କହିଲୁଣି । ଏବଂ ତେଣୁ ଯଥାର୍ଥରେ ଏହିପରି ଗୋଟିଏ କଥା କହିବାର ପ୍ରୟୋଜନ ରହିଥିଲା : "ମୋର ଏକାନ୍ତ ଅନୁରୋଧ, ଆମେ କ'ଣସବୁ

---

*୧୯୬୪ ମସିହାର ନୂତନ ବର୍ଷର ପ୍ରାର୍ଥନା

"ହେ ମୋର ପ୍ରଭୁ, ଏହି ବର୍ଷଟି ଲାଗି ଏହାହିଁ ଆପଣଙ୍କର ଆଦେଶ : କୌଣସି କଥାକୁ ନେଇ ଗର୍ବ କର ନାହିଁ କିମ୍ବା ତୁମେ କ'ଣ ଦେଖାଇ ନାହିଁ । ତୁମମାନଙ୍କର କାର୍ଯ୍ୟହିଁ ତୁମର ସବୁକଥା କହିବା ଲାଗି ସମର୍ଥ ହେଉ ।"

'oaob.nitrkl.ac.in' images reprocessed

କରୁଛୁ, ସେବିଷୟରେ ଏତେଗୁଡ଼ାଏ କଥା ତୁମେ ମୋତେ କହିବ ନାହିଁ, କେବଳ କାମ କରିଯିବ ।" ବାସ୍ ସେତିକ ।

କହିବା ଅପେକ୍ଷା କରିବାହିଁ ସର୍ବଦା ଅଧିକ ଭଲ; ଏବଂ ଯେତେବେଳେ ଆଦୌ କିଛି କହିବା କଥା, ସେତେବେଳେ ଯଥାସମ୍ଭବ ସଂକ୍ଷିପ୍ତ ଭାବରେ ତାହା କହିବା ଉଚିତ ।

ଏହାର ଆଉଗୋଟିଏ ଅର୍ଥ ବି ରହିଛି, ଏକ ଗଭୀରତର ଅର୍ଥ । ମାତ୍ର ଆଉଥରକୁ ମୁଁ ତୁମମାନଙ୍କୁ ସେ ବିଷୟରେ କହିବି ।

ଆଚ୍ଛା, ପିଲାମାନେ,—ପୁନର୍ଦର୍ଶନାୟ !

'oaob.nitrkl.ac.in' images reprocessed

Rs. 200/-

'oaob.nitrkl.ac.in' images reprocessed